କିବା ଅନୁରାଗ ଭରେ
କିବା ଦୁଃଖ ଦିଅ ମୋତେ
ମୋର ପ୍ରାଣେଶ କୃଷ୍ଣ ଅନ୍ୟ ନୁହଁ ।

କିନ୍ତୁ ତାଙ୍କର କୀର୍ତ୍ତନ ଅବେଦନ କେହି ଶୁଣିଲେ ନାହିଁ ।

\+ + ×

---

## କୁତୁକୁତୁ

ହିଟଲର ଯେତେବେଳେ ହାରି ପଳାଇ ଗଲେ, ତାଙ୍କ ସମ୍ବନ୍ଧରେ ବହୁତ ଗପ ବାହାରିଲା । ସେଥିରୁ ଗୋଟାଏ ଏହିପରି— ହିଟଲର ଓ ଗୋଏରିଂ ଦୁହେଁ ଛଦ୍ମ ବେଶରେ ପଳାଇ ଯାଉଥିଲେ । ହିଟଲର ଗୋଟାଏ ପାକଲା ବାଲିଆ ବୁଢ଼ା ବେଶରେ ଓ ଗୋଏରିଂ ଗୋଟିଏ ନାରୀ ବେଶରେ । ଦୁହେଁ ଯାଇ ଗୋଟାଏ ବାଟ ପାଖ ହୋଟେଲରେ ପହଞ୍ଚିଲେ । ହୋଟେଲରେ ଜଣେ ଯୁବତୀ କାମ କରୁଥାଏ ।

ହିଟଲର ଏକଗ୍ଲାସ ମଦ ମାଗିଲେ । ଯୁବତୀଟି ଗ୍ଲାସେ ମଦ ଦେଇ କହିଲା "ନିଅନ୍ତୁ ଫ୍ୟୁରର ।" ଫ୍ୟୁରର ଡାକ ଶୁଣି ହିଟଲର ଧରା ପଡ଼ିଗଲେ ବୋଲି ଡରିଗଲେ । ତହୁଁ ଗୋଏରିଂ କହିଲେ, "ଭୟ କରନ୍ତୁ ନାହିଁ— ସେ ଯୁବତୀଟି ଅତି ମାନ୍ୟ କରି ଫ୍ୟୁରର କହୁଛି । ଚିହ୍ନି ପାରି ନାହିଁ ।"

ତହୁଁ ଗୋଏରିଂ ଏକଗ୍ଲାସ ମଦ ମାଗିଲେ । ଯୁବତୀଟି ଗ୍ଲାସେ ମଦ ଦେଇ କହିଲା "ନିଅନ୍ତୁ ପ୍ରଧାନ ସେନାପତି" ତହୁଁ ଗୋଏରିଂ ଅବାକ୍ ହୋଇଗଲେ । ସେ ଯୁବତୀଟିକୁ ଅନ୍ତରାଳକୁ ଡାକିନେଇ ପଚାରିଲେ, "ତୁମେ ଚିହ୍ନି ପାରିଲ କେମିତି ?" ଯୁବତୀ ହସି ହସି କହିଲା, "ମୋତେ କି ଚିହ୍ନି ପାରୁ ନାହାନ୍ତି— ମୁଁ ପରା ଗୋବେଲସ !"

\+ + +

Digitized by srujanika@gmail.com

# ଅମର ଜନ୍ମଭୂଇଁ

( ଧନ ଧାନ୍ୟେ ବଙ୍ଗଳା ଗୀତର ଅନୁକରଣ )

[ ୧ ]

ଭଲା ଗୋଲକ ନାହିଁଟି ଶେଷ, ଅମର ଏଇ ଭାରତ ଦେଶ
ତା ଭିତରେ ଦେଶଟି ଅଛି ସବୁ ଦେଶର ସେରା,
ଅଧିକ ଲୋକ ପଢ଼ିଁଟି ନାହିଁ, ବାକି ଅଧିକ ବୋକା;
ଏମିତି ଦେଶ ଖୋଜିଲେ କାହିଁ ପାଇବୁ ନାହିଁ ତୁହି ।
ସବୁ ଦେଶର ରାଣୀ ସେ ଯେ ଅମର ଜନ୍ମ ଭୂଇଁ ।
(ସେ ଯେ) ଅମର ଜନ୍ମଭୂଇଁ, (ସେ ଯେ) ଅମର ଜନ୍ମ ଭୂଇଁ
(କୋରସ)

[ ୨ ]

ମହିମା ଯହିଁ ଧାଡ଼ ଧାଇଁ ବାହାର ଯାନ୍ତି ଶୋଷି ଖାଇ
ମହାନ୍ତଙ୍କର ଅନ୍ତଃ ଘେଞ୍ଚ ଭିତରେ ପଶେ ମନ୍ତ୍ର,
ଠାକୁର ଗୁଡ଼ା ଯଦୁଭୋଗିରେ ହୁଅନ୍ତି ପାଳ ଛନ୍ତ୍ର,
ଏମିତି ଦେଶ·· ··· × × ×
······ଅମର ଜନ୍ମଭୂଇଁ (କୋରସ)

[ ୩ ]

ଯହିଁ ଦେଶର ଅଜବ କାଣ୍ଡ, ବାନ୍ଧୁଣୀ ବଡ଼ ହୁଅନ୍ତି ଷଣ୍ଡ,
ଜାତଅଙ୍କର ପିଠି ଉପରେ ଅଛବ ଚଢ଼େ ଘୋଡ଼ା,
ପଧଙ୍କା ମାନେ ଜମିଦାରଙ୍କୁ ଦଅନ୍ତି କାନ ମୋଡ଼ା;
ଏମିତି ଦେଶ······
······ଅମର ଜନ୍ମଭୂଇଁ (କୋରସ)

[ ୪ ]

ଯଉ ଦେଶର ମୁଖିଆ ଗଣ, ଦେଖେଇ ହୋଇ ସତିଆ ଜଣ
'ସତ୍ୟ' ଅଉ 'ଅହିଂସା'ର ଉଡ଼ାଇ ଦେଇ ବାନା,
ଗଢ଼ି ପକାନ୍ତି ଗାନ୍ଧି ବୁଢ଼ାର ଜବର କବର-ଖାନା,
ଏମିତି ଦେଶ······
······ଅମର ଜନ୍ମଭୂଇଁ (କୋରସ)

[ ୫ ]

ଯେଉଁ ଭୂଇଁର ସୁଜଳ ଧାନ, ଅପଣା ଘରେ ନପାଇ ଥାନ
ଆନ ଦେଶକୁ ଯାଏ ମେଜଉଡ଼ ପର ପୋଷିବା ଲାଗି
ଘରର ଲୋକ ପର ଦୁଆରେ ବୁଲଇ ଭିକ ମାଗି,
ଏମିତି ଦେଶ······
······ଅମର ଜନ୍ମଭୂଇଁ (କୋରସ)

[ ୬ ]

ଯେଉଁ ଦେଶର ମାଇପେଟାଙ୍କ ମିଶିପଙ୍କର ପକଡ଼ ନାକ
ଘୋଡ଼ ଦଉଡ଼ କରାଇ ଥାନ୍ତି ପିନ୍ଧିଲେ ଷ୍ଟବୁକ୍ ମାରି,
ମଉଦ ଯହିଁ ମଣିଷ ଧନ୍ୟ ପାଇ ସେ ଇନାମ୍ ଦାରି,
ଏମିତି ଦେଶ······
······ଅମର ଜନ୍ମଭୂଇଁ (କୋରସ)

[ ୭ ]

ଲୋକ ଗୁଡ଼ାକ ଯହିଁ ହୁଣ୍ଡା ଗୁଜବ ଶୁଣି ଖାନ୍ତି କୁଣ୍ଡା,
ପର ଦେଶରୁ ବୁଦ୍ଧିଆ ଅସି ପଢ଼ାଇ ଦିଏ ପାଠ,
ସୁଅଦ ଲାଗେ ପିଠେଇବାକୁ ପର ଦେଶର ଘାଟ,
ଏମିତି ଦେଶ······
······ଅମର ଜନ୍ମଭୂଇଁ (କୋରସ)

[ ୮ ]

ତାକୁ ଠାରୁ ତଳପା ଯାଏ ଛୁଆଁ ଗୁନକୁ ଯୋଗା ନଥାଏ,
ଲାଞ୍ଚ, ମିଛ, ଦଗା ବାଜିରେ ଭରିଛି ଦେଶ ପୂରି,
"ରାମ-ରାଜ୍ୟ" ଗଢ଼ିଲୁ ବୋଲି ପଡ଼ୁଛି ଏବେ ହୁରି !
ଏମିତି ଦେଶ······
······ଅମର ଜନ୍ମଭୂଇଁ (କୋରସ)

[ ୯ ]

ସବୁଆଡ଼େ ଲାଗିଛି ଗୋଳ, ତହିଁକି ପୁଣି 'କଣ୍ଟ୍ରୋଲ' !
ବୋଟ ଉପରେ ନଳଥା ବାଡ଼ା ନାହିଁଟି ତାର ଶେଷ,
ଯା'ର ନାଆଁଟି 'ସ୍ୱାଧୀନତା' । ସ୍ୱାଧୀନ ଏଇ ଦେଶ !
ଏମିତି ଦେଶ······
······ଅମର ଜନ୍ମଭୂଇଁ (କୋରସ)

[ ୧୦ ]

ଅମଲାଙ୍କର କଲମ ଚଳେ, ତହିଁକି ପୁଲିସ ଜୁଲୁମ ଯନ୍ତ୍ର,
'ରାଜ୍ୟରକ୍ଷା' ଅଇନ ମନ୍ତ୍ର ପଛକୁ ଅଛି ଲାଗି,
ଧନ୍ୟ ଅମରୁ ସ୍ୱାଧୀନ ଦେଶ, ମୁକ୍ତ ସୁଧା ଗୁଣି;
ଏମିତି ଦେଶ······
······ଅମର ଜନ୍ମଭୂଇଁ (କୋରସ)

ଲେଖକ—**କପିବର ହନୁମନ୍ତ**



Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା କଳ୍ପନାର କୋଷ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା। ୨। 'ଜହର'ର ମଧ୍ୟସ୍ଥତାରେ ପତ୍ର ବନ୍ଧୁତା ଦ୍ୱାରା ତରୁଣମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ, ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ସାହାସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

(୧୮ବର୍ଷରୁ ନ୍ୟୁନ ବୟସ୍କ ବାଳକ ବାଳିକା ମାନଙ୍କ ପାଇଁ)

## ସହୀଦ୍ ଜୀବନୀ

### ରାସବିହାରୀ ୧୨

ସତ୍ୟାଗ୍ରହ ଆନ୍ଦୋଳନ ଯେଉଁବେଳେ ପ୍ରଥମ ହୋଇ ଆରମ୍ଭ ହେଲା, ସେତେବେଳେ ଭାରତର ଅନେକ ଲୋକ ତାହାକୁ ଘୃଣା କରୁଥିଲେ। ସେ ସମୟରେ ପିତାପୁତ୍ରଙ୍କୁ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେବାପାଇଁ ସହଜରେ ଛାଡ଼ି ଦେଉନଥିଲେ। ଯେ ଜେଲ ଯାଉଥିଲା, ତାର ପରିବାର ବର୍ଗଙ୍କୁ ଓ ତାକୁ ସମସ୍ତେ ଘୃଣା କରୁଥିଲେ।

ସେହି ସମୟରେ ଶ୍ରୀ ମଥୁରାମୋହନ ବେହେରା ନାମକ ବାଲେଶ୍ୱର ବରୁଣସିଂହ ଗ୍ରାମର ଜଣେ ସତ୍ୟାଗ୍ରହୀ ଓ ତାଙ୍କର ପୁତ୍ର ଶ୍ରୀ ରାସବିହାରୀ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଇଥିଲେ। ୧୯୧୮ ସାଲର ଆନ୍ଦୋଳନରେ ମଥୁରା ବାବୁ ଯୋଗ ଦେଲେ। ସେ ତାଙ୍କ ପୁତ୍ରଙ୍କୁ ବାଲ୍ୟକାଳରୁ ଜାତୀୟତାବାଦୀ କରିବାପାଇଁ ଯତ୍ନ କରିଥିଲେ। ସେ ତାଙ୍କ ପୁତ୍ର ରାସ ବାବୁଙ୍କୁ ସୋର ଜାତୀୟ ବିଦ୍ୟାଳୟରେ ପଢିବାପାଇଁ ପଠାଇଲେ। ସେତେବେଳେ ରାସ ବିହାରୀଙ୍କୁ ପ୍ରାୟ ୭ବର୍ଷ। ଏହି ସମୟରେ ତାଙ୍କ ବାପାଙ୍କୁ ଏକ ସପ୍ତାହ ପାଇଁ ଜେଲଦଣ୍ଡ ଦିଆଗଲା। ଏହି ଖବର ପାଇ ତାଙ୍କ ମା ଦୁଃଖରେ ସଂସାର ତ୍ୟାଗ କଲେ। ଜେଲରୁ ଆସି ମଥୁରବାବୁ ଏକ ନୂତନ ଆନ୍ଦୋଳନରେ ଯୋଗ ଦେଲେ। ସେସମୟରେ ବାଲେଶ୍ୱରରେ ଜମି ବିଷୟ ନେଇ ଏକ ବନ୍ଦୋବସ୍ତ ହେଉଥିଲା। ସେତେବେଳେ ଧାନ ପାଚିବା ସମୟ। ତେଣୁ ଏପରି ବନ୍ଦୋବସ୍ତ କରାଯିବା ଦ୍ୱାରା ଜନସାଧାରଣଙ୍କର ଅନେକ କ୍ଷତି ହେଲା। ଏହା ବନ୍ଦ କରିବା ପାଇଁ ମଥୁରାବାବୁ ଆନ୍ଦୋଳନ କଲେ। ଏହି ଅପରାଧରେ ତାଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗ କରିବାକୁ ପଡ଼ିଥିଲା। ସେତେବେଳେ ରାସବାବୁଙ୍କୁ ଆଉ କେହି ଆଶ୍ରୟ ଦେବାପାଇଁ ରାଜି ହେଲେନାହିଁ। ଜଣେ କି ତେଲଗୁ ଭଦ୍ରଲୋକ— ନାମ ଜି, ଏସ୍, ପି, ରାଓ ତାଙ୍କ ଘରେ ଆଶ୍ରୟ ଦେଲେ। ମଥୁରାବାବୁ ଜେଲଦଣ୍ଡ ଭୋଗ କରିସାରି ଫେରି ଆସି ତାଙ୍କ ପୁତ୍ରଙ୍କୁ ଭଦ୍ରକର ଗୁଆମାଳ ଜାତୀୟ ବିଦ୍ୟାଳୟକୁ ପଠାଇଲେ।

ଯୁବକାବସ୍ଥାରେ ରାସବାବୁ ୧୯୩୨ସାଲ ଲବଣ ସତ୍ୟାଗ୍ରହରେ ଯୋଗଦେଲେ। ଏହି ଅପରାଧ ଯୋଗୁଁ ୬ମାସ କାରାଦଣ୍ଡ ଭୋଗ କଲେ। ବାଲେଶ୍ୱରରୁ ଫେରି ପୁନର୍ବାର ଆନ୍ଦୋଳନରେ ଯୋଗଦେଲେ ଓ ବାଲେଶ୍ୱରରେ ଗଠନମୂଳକ କାର୍ଯ୍ୟ କରିବାପାଇଁ ସଚେଷ୍ଟ ହେଲେ। ୧୯୩୪ସାଲରେ ଭୀମପୁର ଆଶ୍ରମ ପୋଲିସ ଅଧିକୃତ ହେଲା। ସେ ସମୟରେ ବାଲେଶ୍ୱରର ନେତା ଶ୍ରୀ ସୁରେନ୍ଦ୍ରନାଥ ଦାସ ୧୨ଜଣ ସବଳ ସ୍ୱେଚ୍ଛାକର୍ମୀ ବାଛି ଭୀମପୁରକୁ ପଠାଇଲେ। ସେମାନେ ଆଶ୍ରମକୁ ଅହିଂସା ଉପାୟରେ ଦଖଲ କରିବାପାଇ ଆଦିଷ୍ଟ ହୋଇଥିଲେ। ପୋଲିସ ସେମାନଙ୍କୁ ସେଠାରେ ମାଡ ମାରି ମାରି ଦରମରା କରି ପକାଇଲା। ସେମାନଙ୍କ ଛାତି ଉପରେ ଜୋତାମାଡ଼ି ନାଚିବାକୁ ମଧ୍ୟ ଛାଡ଼ି ନଥିଲା। ରାସବାବୁଙ୍କ ଛାତି ଉପରେ ନାଚିବା ବେଳେ ସେ ରକ୍ତ ବାନ୍ତି କଲେ ଏବଂ ମୂର୍ଚ୍ଛା ଗଲେ। ସେ ସମୟ ଠାରୁ ତାଙ୍କ ହୃଦ୍‌ଯନ୍ତ୍ରର ଅବସ୍ଥା କ୍ରମଶଃ ଖରାପ ହେବାକୁ ଲାଗିଲା ଓ ସେ ଯକ୍ଷ୍ମା ରୋଗାକ୍ରାନ୍ତ ହେଲେ। ଏହା ପରେ ତାଙ୍କୁ ପୁଣି ୬ମାସ ଜେଲ ଦିଆହେଲା। ପାଟନା ଜେଲରେ ସେ ପୁନଶ୍ଚ ରକ୍ତ ବାନ୍ତି କଲେ। ଜେଲରୁ ଆସି ସେ ଦେଶକାମ କରିବା ସଙ୍ଗେ ସଙ୍ଗେ 'ହୋମିଓପ୍ୟାଥିକ' ପଢିଲେ। ୧୯୩୭ସାଲ ଦଶହରା ବାସୀ ଦିନ ସେ ଆଉ ଏକ ରକ୍ତ ବାନ୍ତିକଲେ। ଏହାହିଁ ତାଙ୍କର ଶେଷ। ତାଙ୍କ ପିତା ବର୍ତ୍ତମାନ ସୁଦ୍ଧା ଜୀବିତ ଅଛନ୍ତି।

ସେହି ଅମର ସହୀଦଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବାକୁ ମୁଁ ଆଜି ମୋର ଭାଇ ଓ ଭଉଣୀମାନଙ୍କୁ ଆହ୍ୱାନ କରୁଛି।

ଶୈଳେଶ ଚନ୍ଦ୍ର ପତି
ନଂ ୦ ମ୍ବର

—•—

## ସତ୍ୟ

(ପ୍ରବନ୍ଧ ପ୍ରତିଯୋଗୀତାରେ ଶ୍ରେଷ୍ଠ ଲେଖାରୂପେ ମନୋନୀତ)

If observance of truth was a bed of roses, if truth cost one nothing and was all happiness and ease, there would be no beauty about it. We must adhere to truth, if the heavens should fall.——Gandhiji.

ସତ୍ୟ ଏକ ସୁନ୍ଦର ଦେବତା ସମ। ତାର ଆରାଧନା ହିଁ ମାନବ ଜୀବନର ସର୍ବଶ୍ରେଷ୍ଠ କର୍ତ୍ତବ୍ୟ। ସତ୍ୟର ପୂଜା ମାନବକୁ ଈଶ୍ୱର ଉପଲବ୍ଧିରେ (God-realisation) ସାହାଯ୍ୟ କରେ। କାରଣ ସେ ସୁନ୍ଦର ଓ ସତ୍ୟ।...ସତ୍ୟହିଁ ସୌନ୍ଦର୍ଯ୍ୟ।

Digitized by srujanika@gmail.com

ଜୀବନର ସୌନ୍ଦର୍ଯ୍ୟ ଉପଲବ୍ଧି କରିବାକୁ ହେଲେ ସତ୍ୟ-ବ୍ରତ-ପାଳନ ମଧ୍ୟ ସର୍ବାଦୌ କର୍ତ୍ତବ୍ୟ ।

ସତ୍ୟ ଆଉ ଅହିଂସା ଉଭୟ ସମ ଧର୍ମାବଲମ୍ବୀ । ଅହିଂସା ବିନା ସତ୍ୟର ଉପଲବ୍ଧି ଦୁଷ୍କର । ...... ବିଶ୍ୱବ୍ୟାପୀ ସତ୍ୟକୁ ପ୍ରତ୍ୟକ୍ଷ ଭାବରେ ଦେଖିବାକୁ ହେଲେ ଈଶ୍ୱର ସୃଷ୍ଟିର ହୀନତମ ପଦାର୍ଥକୁ ମଧ୍ୟ ନିଜଭଳି ଭଲପାଇବା ଉଚିତ । ମୋଟ ଉପରେ ସତ୍ୟାରାଧନା ମାନବକୁ ବିଶ୍ୱ ପ୍ରେମରେ ଦୀକ୍ଷିତ କରାଏ ଏବଂ ହୃଦୟକୁ ଉଦାର, ଏକ ଦେବ ଭାବରେ ଗଢ଼ିଦିଏ ।...... ମହନୀୟ ତ୍ୟାଗ କହ, ଅସାଧାରଣ ନୈତିକ ସାହସ କହ, ସମସ୍ତ ଏହି ସତ୍ୟବ୍ରତ ପାଳନ ପ୍ରସୂତ । ମୂଳତଃ ସତ୍ୟର ପୂଜା ମଣିଷକୁ ଏକା ମଣିଷ କରି ଗଢେ ।

ଲେଖକ:—ଦୁର୍ଗାଚରଣ ପରିଡା ନଂ୨୮୫

ନାଗ ଶ୍ରୀ ଅନିଳକୁମାର ଦାସ ଏକେଙ୍କୀ ପୁରସ୍କାର ଦେଉଛନ୍ତି ।

## ଅଜାଙ୍କ ଉତ୍ତର

ମୁରଲୀ (           )—ମୋର ଉଦ୍ଦେଶ୍ୟ ହେଉଛି ମୁଁ ଜଣେ ଉନ୍ନତ ସ୍ୱାବଲମ୍ବୀ । ଛାତ୍ରର କର୍ତ୍ତବ୍ୟ ପଢ଼ିବା ଏବଂ ତଦନୁସାରେ କାର୍ଯ୍ୟ କରିବା ପାଇଁ ଯତ୍ନବାନ ହେବା

ଧବଳ (୭୮୧) ପ୍ରତ୍ୟହ ଡାଏରୀ ଲେଖିବାର ଅନ୍ୟ ଲାଭ ଥାଉ ନଥାଉ ଗୋଟିଏ ନିୟମାନୁବର୍ତ୍ତିତା ଶିକ୍ଷା ହେବ । ମୁଁ ବାରମ୍ବାର ଚେଷ୍ଟା କରି ପାରି ନାହିଁ । ତମଠାରୁ ଉତ୍ସାହ ପାଇଁ ଅଛୁଁ ମୁଁ ଚେଷ୍ଟା କରିବ । ସବୁ ନାଗ ଡାଏରୀ ରଖନ୍ତୁ । ଲେଖିବାର ଅଭ୍ୟାସ ମଧ୍ୟ ହେବ । ନିଜର ପୁରୁଣା ଦିନ ଗୁଡ଼ିକ ମନେ ପକାଇଲେ ଯେମିତି ସୁଖ ଲାଗେ, ପୁରୁଣା ଡାଏରୀ ପଢ଼ିଲେ ସେମିତି ଭାରି ଆନନ୍ଦ ମିଳିବ ।

ଶାରଳା (୮୩୫)—ଶୈଳୀର ଅର୍ଥ ଲେଖିବାର ଢଙ୍ଗ ବା କାଇଦା—a mode of expression— ଶାସ୍ତ୍ର ଅନୁସାରେ ଯାହା ସ୍ୱାଭପ୍ରାୟ ବା ପରୋକ୍ଷ ଦେଶ ବର୍ଣ୍ଣନା କରେ ତାହା ଶୈଳୀ

ଅଗଷ୍ଟରେ ନାଗ ଅଉ କେହି ନାହାନ୍ତି ଅଗଷ୍ଟର ସ୍ଥଳେ ସ୍ଥାୟୀ ନାମ ରହୁଛି । ସ୍ଥାୟୀ ଅର୍ଥ ୧୮ ବର୍ଷପାକେ ।

ନିରଞ୍ଜନ (୭୪୩) ଶାସ୍ତ୍ରରେ ପଦ ଓ ପୂର୍ଣ୍ଣାଙ୍ଗ ସାହିତ୍ୟର ବର୍ଣ୍ଣନା ଅଛି—ମୋମତରେ କୌଣସି ସାହିତ୍ୟ ପୂର୍ଣ୍ଣାଙ୍ଗ ନୁହେ । ରଚନାରେ କେବଳ. ଲକ୍ଷଣ ନିବନ୍ଧନ, ଶୈଳୀ ଭାବ, ରସ, ଅଳଙ୍କାର ଅଛିଦେଲେ ପୂର୍ଣ୍ଣାଙ୍ଗ ହୁଏ ନାହିଁ । ସାହିତ୍ୟ ଏକ ଅଦର୍ଶ ଦିଗରେ ଗତି କରେ । ତାର ଶେଷ ସୀମା ନାହିଁ । ଉନ୍ନତି ପଥରେ ଗତି ଯେମିତି ମନୁଷ୍ୟ ଧର୍ମ ସାହିତ୍ୟର ମଧ୍ୟ ସେଇ ଧର୍ମ ।

ଜାତି ହିସାବରେ ବଞ୍ଚି ରହିବାକୁ ହେଲେ ଓଡ଼ିଆ ସତ୍ୟ, ସେବା ଓ ସାହସକୁ ଧରିବା ଉଚିତ ।

ରାଧାକୃଷ୍ଣ (୮୯୭) ସତ୍ୟ ସେବା ଓ ସାହସ ପଥରେ ବାଧା ଆସିବ । ସେଇ ଦୁଃଖକୁ ତମେ ଆନନ୍ଦରେ ବରଣ କରି ନିଅ ।

ଭବାନୀ (୪୪୮) ଅଜା ଅଛନ୍ତି ଫଟ ତମ ହୃଦୟରେ ଅଛି ଦେଖ । ନଗରରେ କାହାରିକେ ନାହିଁ ।

ରାମଚନ୍ଦ୍ର (୫୧୨) ନାଗ ଚିଠିରେ ମୋର ଅସାବଧାନତା ବଶତଃ ଅନେକ ତ୍ରୁଟି ରହିଛି । ତମେ ସେ ସବୁ ଦେଖାଇ ଦେଇ ଠିକ କରିଛ: ସମ୍ବାଦ ୯ ଲକ୍ଷ୍ମଣ ନାୟକଙ୍କ ସଂବନ୍ଧରେ ପୂର୍ବରୁ ବାହାରି ଯାଇ ଥିବାରୁ ତମ ଲେଖା ବାହାରି ନାହିଁ । ସମ୍ବାଦ ଜୀବନୀ ନ ପଠାଇ ଯାଏ ଅନ୍ୟ ଲେଖା ମୁଦ୍ରିତ ହେବ ନାହିଁ

—ଃ—

## ଅବସର ବିନୋଦନ

୪ ନମ୍ବର ଅବସର ବିନୋଦନର ଉତ୍ତର—ଦୁଅତ । ଯତୀନ୍ଦ୍ର (୯୪୪) ଅର୍ଜ୍ଜୁନ (୮୫୫) ବିଜୟ, ତୁଳସୀ (୮୬୮), ରାମ ନାରାୟଣ (୮୦୬) ମୁରଲୀ ଓ ଭୁବନ (୯୨୨) ଘନଶ୍ୟାମ (୮୯୭) ନିତ୍ୟାନନ୍ଦ, ବୃଧାକଲ୍ପବ୍, ଶାରଳା (୮୩୫) ମଧୁସୂଦନ (୯୬୮) ଧୀରେନ୍ଦ୍ର, ସୂର୍ଯ୍ୟମଣି (୮୬୮) ଓ ବ୍ରହ୍ମାନନ୍ଦ [୯୪୩] ଜଗନ୍ନାଥ ପ୍ରସାଦ, ଲମ୍ବୋଦର [୯୪୯] ନିତ୍ୟାନନ୍ଦ (୮୨୮) ମନୋରଞ୍ଜନଙ୍କ [୮୬୮] ଉତ୍ତର ଠିକ୍ ।

—✱—

## ପାଠାଗାର ଆନ୍ଦୋଳନ

A. B. C. Club ପାଠାଗାର—ସୁନାଲ କିଲ୍ଲା—ମୁଣ୍ଡପଡ଼ା, ପୋ: ସମ୍ବଲପୁର । ପ୍ରତିଷ୍ଠା ୧୯୫୭ । ପରିଚାଳକ ଶ୍ରୀ ଦୁର୍ଗା ନାୟକ । ପୁସ୍ତକ ସଂଖ୍ୟା ୫୦ । ଅମୃତ ବଜାର, ମାର୍ଦ୍ଦୋଳା, ଷ୍ଟୁଡେଣ୍ଟ ମୁକ୍ତମୁଖ ପିପଲସ ଏଡ୍. ଶଙ୍ଖ, ସହକାର, ନିଅଖୁଣ୍ଟା ଓ ଡଗର ଆସେ । [ଅର୍ଜ୍ଜୁନ]

ଅମୃତ ମଣୋହି ଲାଇବ୍ରେରୀ ସା: ।ଅମୃତ ମହୋଦ୍ଧି, ପୋ: ନୂଆପଡ଼ା । ସ୍ଥାପନା ୧୯୪୨—ସଭ୍ୟ ସଂଖ୍ୟା ୪୫—ସଂପାଦକ ନକୁଳ ଚରଣ ପଣ୍ଡା ପୁସ୍ତକ ସଂଖ୍ୟା ୫୦୦ରୁ ଊର୍ଦ୍ଧ୍ୱ [ମନୋରଞ୍ଜନ]

କାଟସପଡ଼ା ସରସ୍ୱତୀ ପାଠାଗାର ପୋ: ଚଉଦ କୁଲଟ, କଟକ, ସ୍ଥାପନା ୧୯୪୫—ପରିଚାଳକ—ଗୋବିନ୍ଦଚନ୍ଦ୍ର ନାୟକ ଓଗେର ସଭ୍ୟ ସଂଖ୍ୟା ୨୫ । ପୁସ୍ତକ ୨୫୨ ଖଣ୍ଡ । ସମାଜ, ପ୍ରଜାତନ୍ତ୍ର. 'ଡଗର' ଓ ଅନ୍ୟାନ୍ୟ ଆସେ ।

## ନୂଆ ନାଗଙ୍କ ନାମ

୯୪୭ । ଶ୍ରୀ ନଟସ୍ୱାଶେଖର ରାୟ [ସ୍ଥାୟୀ] ରାଇରଙ୍ଗପୁର ଉ. ଇ. ବିଦ୍ୟାଳୟ ନବମଶ୍ରେଣୀ ଛାତ୍ର ଖ. ବିଭାଗ, ମୟୂରଭଞ୍ଜଷ୍ଟେଟ

୯୪୮ । ସୁକଦେବ ସେନାପତି [ସ୍ଥାୟୀ] ସହକାରୀ ସମ୍ପାଦକ ବାର୍ଜ୍ଜଣବାଡ଼ିଆ ଉତ୍କଳ ସମାଜ ପୋଃ ବାର୍ଜ୍ଜଣବାଡ଼ିଆ ଜିଃ ହୁଗୁଳି ।

୯୪୯ । ଶ୍ରୀ ଲମ୍ବୋଦର ଦାଶ (ସ୍ଥାୟୀ) ଗ୍ରାଃ ଗୌରଦେଇପୁର ପୋଃ ବୋଦଲା ଜିଃ ଗଞ୍ଜାମ

୯୫୦ । ଶ୍ରୀ ଅନିଲକୁମାର ଗୁପ୍ତ [ସ୍ଥାୟୀ] ଷ୍ଟୁଆର୍ଟ ବିଜ୍ଞାନକଲେଜ ପୋଃବକ୍ସି ବଜାର କଟକ ।

୯୫୧ । ଶ୍ରୀବିନୟକୁମାର ପଣ୍ଡା ଦଶମ ଶ୍ରେଣୀ ହିଞ୍ଜିଳିକାଟୁ ହାଇସ୍କୁଲ ପୋଃ ହିଞ୍ଜିଳିକାଟୁ ଜିଃ ଗଞ୍ଜାମ ।

୯୫୨ । ଶ୍ରୀ ଉଦୟନାଥ ଦାଶ ଦଶମ ଶ୍ରେଣୀ, ହିଞ୍ଜିଳିକାଟୁ ହାଇସ୍କୁଲ ପୋଃ ହିଞ୍ଜିଳିକାଟୁ, ଜିଃ ଗଞ୍ଜାମ ।

Digitized by srujanika@gmail.com

ନିବନ୍ଧ ..

# ଖାଦ୍ୟ ନିୟନ୍ତ୍ରଣ ନୀତି

ଦ. ର୍ଗାମାଧବ ମିଶ୍ର

ବର୍ତ୍ତମାନ ସମୟରେ ସରକାରଙ୍କର ଖାଦ୍ୟ—ନିୟନ୍ତ୍ରଣ ନୀତି ନେଇ ନାନା ପ୍ରକାର ଅସନ୍ତୋଷ ସୃଷ୍ଟି ହେବା ଦେଖା ଦେଉଛି । ୧୯୪୬ ମସିହାଠାରୁ ଆରମ୍ଭ କଣ୍ଟ୍ରୋଲର ଫଳ ସ୍ୱରୂପ ଭାରତର ସର୍ବ ସାଧାରଣ ଲୋକ ଦୁର୍ଭିକ୍ଷ ଅଭାବରେ ମୁକ୍ତ ହୋଇଛନ୍ତି, କେତେକ କଣ୍ଟ୍ରୋଲ ଓ ମୁକ୍ତ ବଜାରର ଅବହେଳା ସମ୍ପର୍କ ସ୍ଥାପନ ଦ୍ୱାରା ଅସମର୍ଥତା ଅନ୍ୟାନ୍ୟ ଉନ୍ନତ ଦେଶ ମାନଙ୍କରେ ହୋଇଥିବା ଖାଦ୍ୟ ସମସ୍ୟାର କଣ୍ଟ୍ରୋଲକୁ ଆଦର କରୁଅଛନ୍ତି । ପୁଞ୍ଜିପତି, ସାମ୍ୟବାଦୀ, ଶ୍ରୀକ. ମଜୁମଦାର, ରଜତ, ... ଏବଂ କେତେକ ସମ୍ବାଦ ପତ୍ର ଏହି ପ୍ରକାରରେ କଣ୍ଟ୍ରୋଲ ଉଠିଯିବା ପାଇଁ ଦାବି କରି ଦେଇ ଅଛନ୍ତି । ମହାତ୍ମାଗାନ୍ଧୀ ମଧ୍ୟ ତା ୨୮ । ୧୧ । ୪୭ ପ୍ରାର୍ଥନା ସଭାରେ କହିଥିଲେ—

would that our ministers, who are drawn from the people listened to the voice of the people rather than of the controllers of the red-tape x x x? will not have the people any opportunity of committing mistakes and learning by them?

'ଲୋକମାନଙ୍କ ଭିତରୁ ଆସିଥିବା ଆମର ମନ୍ତ୍ରୀମାନେ ଲାଲଫିତା କଣ୍ଟ୍ରୋଲ ବାଲାଙ୍କ କଥା ନ ଶୁଣି ବରଂ ଲୋକ ମାନଙ୍କ କଥା ଶୁଣିବେ କି? ଲୋକେ ନିଜେ ଭୁଲ କରି ତାହାଦ୍ୱାରା ଶିଖିବାର ସୁଯୋଗ ପାଇବେ ନାହିଁ କି ?"

ଲୋକ ପ୍ରତିନିଧି ମାନଙ୍କର ଖାଦ୍ୟମନ୍ତ୍ରୀ ମହାତ୍ମା ଗାନ୍ଧୀଙ୍କର ଏ ପ୍ରକାର କଥା ଶୁଣି ନାହାନ୍ତି । ତେଣୁ ସେ ନ ଥିବା ନ ଥିଲେ ଅବସ୍ଥାରେ ଉନ୍ନତି ହୋଇ ନାହିଁ ।

ଭାରତରେ ଦେଶ ବିଭାଗ ଜଣାଯାଏ ଦ୍ୱିତୀୟ ମହାଯୁଦ୍ଧ ସମୟରେ ଏକ ପ୍ରକାର ମହାସଙ୍କଟ ଉପସ୍ଥିତ ହୋଇଥିଲା । ଯୁଦ୍ଧକାଳୀନ ଓ ଯୁଦ୍ଧପର ପରିସ୍ଥିତି, ବୈଦେଶିକ ବଜାରରେ ସରକାରଙ୍କର ଦରଦାମ ଅନିୟନ୍ତ୍ରିତ ଥିବା, କଳା ବଜାର ଜଣା ପଡ଼ି ମଜୁରୀ ବୃଦ୍ଧିପାଇଁ ଆନ୍ଦୋଳନ କରି ପାରୁ ନଥିବାରୁ ସବୁ କ୍ଷେତ୍ରରେ ଦରଦାମ ଶୃଙ୍ଖଳା ପଡ଼ି ବଢ଼ିଯାଇ ଯୋଗାଣ ଅଭାବ ଓ କଳା ବେପାରୀଙ୍କର ଏମନ୍ଧ କର୍ମ ପ୍ରାଦୁର୍ଭାବ, ସରକାରଙ୍କର ଏ ପ୍ରକାର ଅନାସ୍ଥାର ସବୁର ଫଳ, କାରବାରର ଅସ୍ଥିରତା, ଏ ସମସ୍ତ ଓ ସମର୍ଥିତ ପ୍ରତିକ୍ରିୟା । ଅତଏବ ମହାଯୁଦ୍ଧ ସମୟରେ ଏହିଠ ପ୍ରକୃତରେ ଦେଶ ପାଇଁ କଣ୍ଟ୍ରୋଲ ନୀତି ସୃଷ୍ଟିକଲେ ସେ ଉତ୍ତମ ଉପାୟ ହୋଇ ଉଠିଲା ।

ଲୋକ ମାନଙ୍କର ଏ ପ୍ରକାର ମନୋଭାବ ନ୍ୟାୟ ସଂଗତ—ଏଥିରେ ସନ୍ଦେହ ନାହିଁ । କିନ୍ତୁ ଯେଉଁ ପ୍ରତିନିଧି ବ୍ୟବସ୍ଥା ସେମାନେ ଦାବି କରୁଛନ୍ତି, ତାହା ବ୍ୟବହାରରେ ଅଣାଯିବା ଉଚିତ, ସରକାରଙ୍କୁ ଯାହ କାର୍ଯ୍ୟରେ ପରିଣତ କରିବା ଅସମ୍ଭବ ନାହିଁ ।

କଣ୍ଟ୍ରୋଲ ବିରୋଧୀ ଦଳର କେତେ ଯୁକ୍ତି ଓ ମତାମତ ପ୍ରଥମେ ପରୀକ୍ଷା କରିବା ଦରକାର । ସେମାନେ କହନ୍ତି ଯେ ଆମ ଦେଶରେ ଖାଦ୍ୟ ଅଭାବ ନାହିଁ, ବରଂ ଖାଦ୍ୟ ଅପେକ୍ଷାକୃତ ବେଶୀ ଅଛି ବୋଲିଲେ ଅତ୍ୟୁକ୍ତି ହେବ ନାହିଁ । କେବଳ କଣ୍ଟ୍ରୋଲର କୃତ୍ରିମ ବାଧା ଯୋଗୁ ଯେତେ ପ୍ରକାର ଗୋଳମାଳ ହେଉଛି । କିନ୍ତୁ ଏ ପ୍ରକାର ଯୁକ୍ତି କେତେଦୂର ଠିକ୍ ତାହା ଜଣା ପଡ଼ି ପାରୁ ନାହିଁ । ଯୁଦ୍ଧ ପୂର୍ବରୁ ଆମ୍ଭମାନେ ବ୍ରହ୍ମ ଓ ଅନ୍ୟାନ୍ୟ ଦେଶ ମାନଙ୍କରୁ ୧୫ଲକ୍ଷ ଟନ୍ ବା ୪୧୯୬ ଲକ୍ଷମଣ ଚାଉଳ ବାହାରରୁ ଆମଦାନି କରୁଥିଲୁ । ଯୁଦ୍ଧ ପରେ ବଢ଼ି ନାହିଁ । ଯୁଦ୍ଧ ପରେ, ଅଧିକ ଖାଦ୍ୟ ଉତ୍ପାଦନ (grow more food) ଦ୍ୱାରା ଆଉ କୌଣସି ବାହାରୁ ଦ୍ୱାରା ଖାଦ୍ୟ ଦ୍ରବ୍ୟ ଉତ୍ପାଦନ କରଯାଇ ନାହିଁ । ଅଧିକ ଖାଦ୍ୟ ଉତ୍ପାଦନ ଯୋଜନା ଓ ବର୍ତ୍ତମାନ ଅବସ୍ଥା ସମ୍ପର୍କରେ ଅଧିକ କହିବା ନିଷ୍ପ୍ରୟୋଜନ । ସରକାର 'ଅଧିକ ଖାଦ୍ୟ ଫଳାଅ' ଯୋଜନାରେ ଯାହା ଟଙ୍କା ଖରଚ କରିଥିଲେ, ସେଥିର ପରିମାଣର—ବେଶୀ ଜାଗାରେ କେତେ—ଖରଚ ପାଇ ନାହାନ୍ତି । ତାହା ଛଡ଼ା ଆମର ଲୋକ ସଂଖ୍ୟା ବୃଦ୍ଧି, ଲୋକ ମାନଙ୍କର ଆର୍ଥିକ ସ୍ୱଚ୍ଛଳତା ବୃଦ୍ଧିରୁ ଖାଦ୍ୟ ବେଶୀ ଦରକାର ପଡ଼ିଛି । ସର୍ବୋପରି ସରକାରୀ ରିପୋର୍ଟରୁ ସ୍ପଷ୍ଟ ଜଣା ଯାଉଛି ଯେ, ଆମର ଏବର୍ଷ ୪୦ ଲକ୍ଷ ଟନ୍ରୁ ଅଧିକ ଖାଦ୍ୟ କମ ହ ଉଛି ।

କେତେକ କହନ୍ତି ଯେ, କ୍ଷେତ୍ରକାରୀଙ୍କ ହାତ ପାଖରେ ବେଶୀ ଖାଦ୍ୟ ଦ୍ରବ୍ୟ ଥିବାରୁ ଏବଂ କଣ୍ଟ୍ରୋଲ ଉଠିଗଲେ ସେମାନଙ୍କୁ ଉଚିତ ମୂଲ୍ୟ ଓ ସୁବିଧା ମିଳ ପାରିବ । ମାତ୍ର ସେମାନଙ୍କ ଉଚିତ ଦର ଓ କଣ୍ଟ୍ରୋଲ ଦର ଭିତରେ ତାର ତମ୍ୟ ଯୋଗୁ ସ୍ପଷ୍ଟ ଜଣାଯାଏ ଯେ ଏ ପ୍ରକାର କଳ୍ପନା ମିଥ୍ୟା ଯାହ ସେମାନେ ବଜାରରେ ବେଶୀ ଟଙ୍କା ଆଶାରେ ଯୋଗାଣ (supply) ର ଅଭାବ ହେବ ବୋଲି ଆଶଙ୍କା କରାଯାଉଛି—ଏହା ଜଣା ଯେ, ସେମାନଙ୍କ ଦର ସବୁବେଳେ ଉଚିତ ନୁହେଁ । କେବଳ ଯୋଗାଣ (supply) ଓ ଲୋକ ମାନଙ୍କର ଚାହିଦା (demand) ଦେଖି ହୋଇ ସେମାନଙ୍କ ଦର ଠିକ୍ ହେଉଛି—ତା କାରଣରେ କେତେ କେତେ ସ୍ଥାନରେ ଅଧିକ ହେଉଛି ।

ଅନ୍ୟମାନଙ୍କ ମତରେ କେତେକ ଯୁକ୍ତି କହନ୍ତି ଯେ ଲୋକ ମାନଙ୍କର ଆବଶ୍ୟକତାନୁଯାୟୀ ଯୋଗାଣ ହୋଇ ନାହିଁ । କେବଳ କଣ୍ଟ୍ରୋଲ ହେବା ଦ୍ୱାରା ଏହି ଯୋଗାଣ କମି ଯାଇଛି ? ବରଂ କଣ୍ଟ୍ରୋଲ ଦର ଥାଇ ଏତ ହୋଇ ଥିବାରୁ, କୃଷି ଅଧିକ ଉତ୍ପାଦନ ଆଶା ନ କରି ବେଶୀ ଖାଦ୍ୟ ଉତ୍ପାଦନରେ ମନ ଦେଉ ନାହିଁ । ତାହା ଛଡ଼ା ଖାଦ୍ୟ ଦ୍ରବ୍ୟ ମଧ୍ୟ କେତେରେ ଉଚିତ ଦରରେ ଭିନ୍ନ ଭିନ୍ନ ସ୍ଥାନରେ ନିର୍ଦ୍ଧିଷ୍ଟ କର (equilibrium price) ହେବା ଉଚିତ । ପ୍ରଥମ ସେହି ଯୁକ୍ତି ପ୍ରଧାନ ଦେଖା ଯାଉଛି । ଖାଦ୍ୟଶସ୍ୟ ଚଳାଚଳ ହୋଇପାରିଲେ, କଣ୍ଟ୍ରୋଲର ବାଧା ନ ଥିବାରୁ ଓ ବିଭିନ୍ନ ସ୍ଥାନରେ ଖାଦ୍ୟଶସ୍ୟ ମିଳିବ ନାହିଁ ଏ କଥାରେ ଜନ ସାଧାରଣଙ୍କର ମତ ସମର୍ଥନ ଥିବାରୁ ଏବଂ ଏ ପ୍ରାନ୍ତ କୌଣସି କଣ୍ଟ୍ରୋଲ ନିୟନ୍ତ୍ରଣର ସ୍ୱାଧୀନ ବ୍ୟବହାର କରି ପାରୁ ନ ଥିବାରୁ ସାଧାରଣ ଲୋକଙ୍କର ଖାଦ୍ୟ ଶସ୍ୟ ପାଇ ପାରିବା ଏହା ବଢ଼ିଛି ଯେ, ଖାଦ୍ୟର ଦର ସ୍ଥିର ହେବ, Equilibrium ଠିକ୍ ଜଣା ହେବ ଅବସ୍ଥାନ କରିବ । ଏ ... ଅନେକ ଲୋକ ମାନେ ବେଶୀ ଟଙ୍କା ଦେବା ପାଇଁ ଓ ରେଶନ ସହିତ ପାଇ ଜନ ଦଶ ହେବେ ଓ ଶ୍ରମିକ ଶ୍ରେଣୀରେ ଖାଦ୍ୟ ଶସ୍ୟ ସାଧାରଣ ଲୋକଙ୍କର ହାତ ଅବଶ୍ୟ ପହଞ୍ଚିବ ମିଳ । ଫଳରେ ଯେଉଁ ଅଞ୍ଚଳ ଲୋକ କାଙ୍ଗାଳ ହୋଇ ଯାଉଛନ୍ତି ସେ ଅଞ୍ଚଳରେ ଦର ଶସ୍ତା ହେବ ସମସ୍ତ ଅଞ୍ଚଳରେ । ସୁଁଥରେ ସାଧାରଣ ଲୋକଙ୍କର ଦୁର୍ଦ୍ଦଶା ପାଇଁ ଅନ୍ତତଃ ଦୁଇ ତିନି ବର୍ଷରୁ କମ ଲାଗିବ ନାହିଁ ଯେ ଏ ଦର ରୋଗ ରୋଗରେ ଅନେକାରୁ ନାମ ଅନନ୍ତ ହେବ । ଏହା ବ୍ୟତୀତ ୧୯୪୩ ବଙ୍ଗଳା ଦୁର୍ଭିକ୍ଷ ପର ଯେ ଦୁର୍ଭିକ୍ଷ ଏ ପ୍ରକାର ଦୂରତର ଅବସ୍ଥା ସୃଷ୍ଟି ହୋଇଥିବାରୁ ସରକାର ନିଜ ଆଡ଼ୁ ଦୃଷ୍ଟି ଦେଇଥିଲେ ।

ବର୍ତ୍ତମାନ ଉତ୍ପାଦନ ଚାଷୀ । ଚାଷୀ ମାନଙ୍କର ପ୍ରଧାନ ଅଭିଯୋଗ ଯେ, କଣ୍ଟ୍ରୋଲ ଦର ସ୍ଥିର କମ୍ ଥିବାରୁ ସେମାନେ ବେଶୀ ଉପରେ ସ୍ୱଳ୍ପ ଦର ପାଇ ପାରନ୍ତି । କିନ୍ତୁ ଖାଦ୍ୟ ଶସ୍ୟ ଦର ବୃଦ୍ଧି ସହିତ ଲୋକ ମାନଙ୍କର ଚଳାଚଳ ଖର୍ଚ୍ଚ (cost of living) ମଜୁରି ଏବଂ ଅନ୍ୟାନ୍ୟ ଜିନିଷ ଦରଦାମ ମଧ୍ୟ ସେହି ଅନୁପାତରେ ବଢ଼ିଯିବ । କାରଣ ଖାଦ୍ୟର ମୂଲ୍ୟରେ ମଜୁରିର ସବୁପ୍ରକାର ବାର୍ଦ୍ଧକ୍ୟ ଘଟିବ । ତେବେ ଚାଷୀ ଯେଉଁ ବାବଦରେ ଅଧିକ ଟଙ୍କା ଦର (ଧାନ) ଦୁଇଗୁଣ ଟଙ୍କା ବେଶି ପାଇବେ ତେଣୁ ସେ ଅନ୍ୟ ଖର୍ଚ୍ଚ ଟଙ୍କା ଦେଇ ଯାହା କିଣିବେ, ସେ ସବୁର ଦାମ ମଧ୍ୟ ଦୁଇଗୁଣ ହୋଇ ଯାଇଥିବ । ତେବେ ତାର ଦୁଇଗୁଣ ଟଙ୍କା ପାଇବାର ମୂଲ୍ୟ ରହିଲା କେଉଁଠି ? ତେଣୁ ପୂର୍ବ ଅବସ୍ଥା ହିଁ ରହିଲା । ଏତଦ୍ବ୍ୟତୀତ ଟଙ୍କାର...

Digitized by srujanika@gmail.com

ଟଙ୍କା (demand for money) ପାଖରେ ଯୋଗ ନ ହେଲେ ସରକାର ସରକାରଙ୍କୁ ପୁଣି ଥରେ ମୁଦ୍ରାସ୍ଫୀତି (inflation) କବଳରେ ପକାଇବ । ମୁଦ୍ରାସ୍ଫୀତିର ପରିଣାମ ଆମ ଦେଶରେ ଦେଖାଦେବ ।

ଏ ... ଗାନ୍ଧିଜୀଙ୍କର ଅଭିଯୋଗ ଏ ସମ୍ବନ୍ଧରେ ଲକ୍ଷ୍ୟ । ତାଙ୍କ ମତରେ କଣ୍ଟ୍ରୋଲ ହେଉଛି ଲୋକମାନଙ୍କର ପରାଧୀନତାର ସୃଷ୍ଟି ଚାଲିଛି ନାହିଁ । ବରଂ ଲୋକମାନେ ଅନୁଭବ କରିବା ଉଚିତ । କଣ୍ଟ୍ରୋଲ ଉଠି ସ୍ୱାଧୀନ ଭାବରେ ଚଳିବା ଓ ଅନ୍ୟମାନଙ୍କ ଶାସନରୁ ଅବ୍ୟାହତି ପାଇବା ଠିକ୍ ନୁହେଁ । ମହାତ୍ମାଜୀ ତାଙ୍କ ପ୍ରାର୍ଥନାସଭାରେ ଯେ କହିଥିଲେ, "If there was some shortage, the people would automaticaly exercise self control so that no one need starve.... In democracy, peoples' will must rule." ଅର୍ଥାତ୍ "ଯଦି ଅଭାବ ପଡ଼େ, ଲୋକେ ତାଙ୍କ ମନରୁ ଆତ୍ମସଂଯମ ଶିକ୍ଷା କରିବେ । କେହି ଉପବାସ ରହିବେ ନାହିଁ । ଗଣତନ୍ତ୍ରରେ ଲୋକମତ ନିଶ୍ଚୟ ଶାସନ କରିବ ।" ସେ କହିଥିଲେ ଯେ ଗ୍ରାମ୍ୟ ସ୍ୱାବଲମ୍ବନଶୀଳତା (village self sufficiency) ଏ ଦୋଷର ଦୂର କରିପାରିବ । ଗାନ୍ଧିଜୀଙ୍କର ପ୍ରତ୍ୟେକ ସମସ୍ୟା ପ୍ରତି ଏ ପ୍ରକାର ନୈତିକ ଦୃଷ୍ଟିକୋଣ (moralistic approach) ଥିଲା ଦୃଷ୍ଟ ହୁଏ । କିନ୍ତୁ ଖାଦ୍ୟ କଣ୍ଟ୍ରୋଲ ସ୍ୱାବଲମ୍ବନ ନୀତିରେ ଯେତେବେଳେ କାର୍ଯ୍ୟରେ ପରିଣତ ହେବ, ସେତେବେଳେ ଦେଖାଯିବ ଏହା ତାଙ୍କ ମତର ସମର୍ଥନ କରୁଥିବ କି ନାହିଁ,— ବର୍ତ୍ତମାନ ନୁହେଁ ।

ମାତ୍ର ମାନିବାକୁ ହେବ ଯେ, ଆମର ଦେଶୀ ଖାଦ୍ୟ ଶସ୍ୟ ଉତ୍ପାଦନରୁ ଆସିବା ଉଚିତ । ଅନ୍ୟ ଅନେକ ଦେଶମାନଙ୍କ ମଧ୍ୟ ଭାରତର ବର୍ତ୍ତମାନ ଅବସ୍ଥାକୁ ଦେଖି ଯାହା ଦର ଦାବୀ କରୁଛନ୍ତି, ତାହା ଦେବାକୁ ବାଧ୍ୟ ହେଉଛୁ । ତେଣୁ ପୂର୍ବରୁ ଯାହା ଖାଦ୍ୟଦ୍ରବ୍ୟ ଆମେ ବାହାରୁ ଆଣୁଥିଲୁ, ସେଥିରୁ କିଛି ଅଧିକ ଦେଶୀ ଖାଦ୍ୟ ଆମର ଆଉ ଦରକାର ହେବ । ଆନ୍ତର୍ଜାତୀୟ ଏ କ୍ଷେତ୍ରରେ ଆନ୍ତର୍ଜାତିକ ବାଣିଜ୍ୟ ବଜାରରେ ସୀମା ଅତିକ୍ରମ କରିଯାଇଛି । ତେଣୁ ଆମ୍ଭମାନେ ଯଦି ଜୋରରେ କିଛି କରିପାରିବା, ତେବେ କଣ୍ଟ୍ରୋଲ ଉଠାଇଦେବା ଦ୍ୱାରା କୌଣସି ଲାଭ ହେବ ନାହିଁ ବରଂ ବର୍ତ୍ତମାନ ସ୍ଥଳରେ ଭାରତ ସରକାର ଅନ୍ୟାନ୍ୟ ଦେଶମାନଙ୍କ ଦର ବଢ଼ାଇବାର ଅନୁମୋଦନ କରିବା ଉଚିତ ହେବ ନାହିଁ । ଏହା ଅର୍ଥନୈତିକ ମତ ଅଟେ । ସେଠାରେ ଆମ ଦେଶର ପରିମାଣ କମିଲେ ଦେଶରେ ଦୁର୍ଭିକ୍ଷ ପଡ଼ିବାର ଆଶଙ୍କା ।

ଖାଦ୍ୟନୀତି ସମିତି ( Food policy committee. ) ସରକାରଙ୍କୁ ଅଧ୍ୟ ଅନ୍ତତଃ କଣ୍ଟ୍ରୋଲ ଉଠାଇବାର ଯେଉଁ ମତ ଦେଇଛନ୍ତି ତାହା ସମ୍ପୂର୍ଣ୍ଣ ସମର୍ଥ । କଣ୍ଟ୍ରୋଲର ମୂଳ ଉଦ୍ଦେଶ୍ୟ ଦେଶରୁ ଦୁର୍ଭିକ୍ଷଠାରୁ ରକ୍ଷା କରି ହେବ ନାହିଁ । କଣ୍ଟ୍ରୋଲ ଥିବା ଯୋଗୁଁ ତାହା ସବୁ ସବୁ ସମୟରେ ମୁକ୍ତ ସ୍ୱାଧୀନ ନୁହେଁ; କିନ୍ତୁ କଣ୍ଟ୍ରୋଲ ଉଠିବା ପାଇଁ ଆବଶ୍ୟକ ଅନୁକୂଳ ପରିବର୍ତ୍ତନ ନ ଘଟିଲେ, ସେଥିରେ ହାତ ଦେବା, ନିଆଁ ସହିତ ଖେଳିବା ପରି ହେବ, ତେଣୁ ଭାରତ ସରକାର କେବଳ ପରୀକ୍ଷାମୂଳକ ଭାବରେ କେତେକ ସ୍ଥାନରେ ଓ କେତେକ ଜିନିଷରୁ କଣ୍ଟ୍ରୋଲ ଉଠାଇ ଆମର ନଜର ରଖିବା ଦରକାର ଯେ, ଅବସ୍ଥା ଖରାପ ଆଡ଼କୁ ଗଡ଼ିଲେ ପୁଣି କଣ୍ଟ୍ରୋଲ ଦେଇ ଦିଆଯିବ । ତାହା ପ୍ରକୃତରେ ଉତ୍ତମ ଉପାୟ । କେବଳ ଭାତ ପ୍ରଚଳିତ ଦେଶରେ କଣ୍ଟ୍ରୋଲ ଉଠାଇବା ଉଚିତ ନୁହେଁ । ଏ ବିଷୟ ଭାରତ ସରକାର ସହିତ ଭାରତ ପ୍ରଜାସାଧାରଣ ସମସ୍ତେ ଅନୁଭବ କରିବା ଦରକାର । ଆମମାନଙ୍କ ଏହାଷ୍ଟି ଖାଦ୍ୟ ଶସ୍ୟ ଉତ୍ପନ୍ନ—ଆମକୁ ଅଧିକ ଶିଖିବାକୁ । ଖାଦ୍ୟ ପାଇଁ ଖେଳା ଅଭାବରେ ଦେଶ ଓ ଦଶର କୌଣସି ଲାଭ ହେବ ନାହିଁ, ଆମର କଣ୍ଟ୍ରୋଲ ଉଠାଇବା ଦରକାର ।" ସୁଖିତାର କଥା ଯେ, ଭାରତ ସରକାର ତାହା ଅନୁଭବ କରି ଯଥେଷ୍ଟ ଯତ୍ନବାନ ହୋଇଛନ୍ତି ।

—※—

( ମତାମତ ଶେଷ ପୃଷ୍ଠା ଉତ୍ତରରୁ )

ନେ, ତୃତୀୟ କରିବାକୁ କହୁଛି ଆସନ୍ତା ଦିନରେ କିଛି କହିବ...... । ଭଗବାନଙ୍କୁ ଓ କଲ୍ୟାଣକାମନାରେ ଉଚ୍ଚାରଣ କରନ୍ତୁ... ...ଜାଣିଥିବେ ଉଦ୍ଦେଶ୍ୟ ଅନ୍ତର ସଙ୍କେତ...

"ଅବ ଏ·····ଏବ ଉଠିବାର ସମୟ...ଦୋଷରୁ ଉଦ୍ଧାର ଭାବେ, ଭାବୁଛ ଅଛି" ଜାଣେ ସେ କଣ୍ଠସ୍ୱର ବାହାରିଲା, ଦର୍ଶକ କଥା ଶୁଣି ମୋର ଭଗବାନଙ୍କ ଦୟା ହୋଇଥିଲା । ଦୀର୍ଘ ଦିନ ଧରି ଭାବନା କରି ଏବଂ ମୋ ଧୀରେ ଧୀରେ ଅତି ଭକ୍ତି ଭାବରେ ଯାଇ ସୁଖ ଅଛି...ଏହା ପାଖରେ ଥିବା ସୁନ୍ଦର ଓ ହୀରକ ଯୋଗ ଦେଖିବୁ । ମାନେ ତାଙ୍କ ଅଦ୍ଭୁତ ରୂପ ଜଗତ ଦେଖିବୁ ଯାହା ଶୁଣିଲେ ମୋ ଭାବନାରେ ଶାନ୍ତ ହେବ ।

'ଚନ୍ଦ୍ରଜ'

"ପଶୁର ମୁଁ ତ" ସଙ୍ଗେ ସଙ୍ଗେ ଉତ୍ତର ଆସିଲା । ଯାହା ଉପରେ ବିଶ୍ୱାସ ଥିଲା ମନୁଷ୍ୟ ତେବେ କହିଲା "ତୁମେ କେବେକି ଦେଖ ।

"ପାର୍ଥିବ ଉତ୍ତର ଅଛି କି ।

ସେ ହୃଦୟରେ ଅନ୍ତରେ ହେଲା । ତା ପୂର୍ବରୁ ମୁଁ କେବେ ଯୋଗରେ ଦର୍ଶନ ଦେଇ ନ ଥାଏ ।

"କେବେ କେବେକି ଶିକ୍ଷା ଦ୍ୱାରା ଉଠାଇ କହି ପାରିଲେ ଉଚିତ ସହିତ । ଏହା ଏବ ଉଠାଇ ଅଛି ନାହିଁ । ତାହା ଥିଲାଥାଏ...

ଉଚ୍ଚାରଣ ଭାବ ଥାଏ ପାଖରେ ଧରିଥାଏ...

"ଏବ ଅପଣ" ଶବ୍ଦ ସମ୍ମାନ ଅଛି ଧୀର ସ୍ୱରରେ ଶୁଣିଲି । "ମୁଁ...ମୁଁ...ଦ···ନୁ···ମୁହୂର୍ତ୍ତ ନହାନ୍ତି । ମୋ ପାଖକୁ ଅନ୍ତ ଉଠିଲି ।

"ତାହାର ଦୀପ ଛିନ୍ନ" ଏହ ସମ୍ବନ୍ଧରେ—.

"ମିତ୍ର...ଇ...ଜାଣିବ ଅଛନ୍ତି କି ?" ମୁଁ ଅସ୍ପଷ୍ଟ ଅସ୍ପଷ୍ଟ କହିଲି ।

"ଓ—ଅପଣ ଜାଣନ୍ତି ସ୍କୁଳର ମନୁଷ୍ୟ—ମୁହୂର୍ତ୍ତ ନହାନ୍ତି ନା—ଯୋଗର ବସ୍ତୁ ତାହାନ୍ତି । ନମସ୍କାର— ମୁହୂର୍ତ୍ତ ନହାନ୍ତି ! ଅପଣ ଶିକ୍ଷିତମାନେ ଶିକ୍ଷିତ ସ୍ତରର ଯେ ଏପରି କେବେ···ତାହାଙ୍କର ଅନେକେହି-ମାନେ ଏଠ ନ ଦେଖୁ ? ଯାହାଙ୍କର ସ୍ୱର୍ଗର ଅନୁଭବ ଏବେ ଏକାକୀ ଯୋଗରେ ଭାବରେ...ଏଣ ସ୍ୱର୍ଗ-କରେ ଅଣ୍ଡା ଲାଗିଛ ଯେ ମୋର ପୁଣି ଉଦ୍ଧରନର ଶୁଣୁଛ" ।

ମିତ୍ର ଉଠାଇ କେଉଁ ମୋର ଅନେକ ଉପ-ଲକ୍ଷ—ଯେଉଁ ସାକ୍ଷାତରେ ଉଲ୍ଲେଖରେ ଅସମ୍ଭବ ନେଇ ସ୍ୱ 'ମୁଁ ଏଠ ମନେ ନ କରେ,ତାହାଙ୍କ ଅତି ଗଭୀର ଦେଖେ ଯାଇ—ଅପଣଙ୍କ ସଂକଳ୍ପ ଦୋଷ ନେଇ ଅଛି" ।

"ଏହ କଥା କହିବାକୁ ଏବେ ସଙ୍କୋଚ କରୁ-ଛନ୍ତି ନା—ଅଛ ! ଶୀଘ୍ର ଅସିବେ" କହ ସେ ଗ୍ରନ୍ଥ-ରେ । ମୁଁ ଅଧ ଜର୍ଜ୍ଜରିତ ଚରଣରେ ଏହ ବିଶ୍ୱ ଧର ସ୍ୱପ୍ନରେ ରହି···  + + +

ଦେବ ଦେବ କହି ହେଲ ସ୍ୱପ୍ନରେ ସାରା ଜାଣିଲି । ମୁଁ ମୋର ଶିଶ୍ୟ ଉଦ୍ଧାର ଅବ ଗାଳ୍ପ ପୂର୍ବ ଯୋଗ ଶିକ୍ଷ ମୁହୂର୍ତ୍ତ ଥରେ ବିଶ୍ୱାସରେ ସାରଦେବଳ ଧର ଉଚ୍ଚାରିଲି ପଡ଼ିଲ କାଠଯୋ ଉ ଲଗର ଉଚ୍ଚାର ଏକ ପୂଜାଭୂମିରେ—... ...

ତାଙ୍କ ବେଦପାଠରେ ସାରଦେବଳରୁ ଉଦ୍ଧାରଣକୁ ଯାଇ...ଓତେ ଗ୍ରନ୍ଥ ସହିତ ଶବ୍ଦ ଭୋଗରେ ଧଡ଼ ଉଠିଲି । ସେକେଣ୍ଡ ଉଠାଇ ପାଖ ଜଣା ଯାଉଛେ ଦେଇ ବେଦେରଣ ଉଚ୍ଚାରଣଙ୍କ ଚରଣରେ ସାରଦେବଳ ନେ, ଅଭଙ୍ଗ ଅଛି । କେଉଁ ଅପଣ ଅନ୍ତରରେ ମନ୍ଦିର ଗାଥ ଆଏ...

'ପୂଜାର..."ଖ୍ର ଧୀର ସ୍ୱରରେ କହିଲି ।

ଉଠଣ ପଞ୍ଚାଶ ପଠ ଣ ଅତି ଉଚ୍ଚ ଡୋଳିଲ । ତା ହାତରେ ଉଚ୍ଚାରଣ ଦେଇଙ୍କୁ ନମ ଧାମର ଲେଖି ଉଠାଇଲି । ସବେ ଦର୍ଶନ ତେଜ୍ୱାର ଦେବ ମେ ସ୍ୱପ୍ନରେ ।

ପ୍ରଥ ମୁହୂର୍ତ୍ତରେ ଉଚ୍ଚାରଣଙ୍କ ଅନ୍ତରର ମୁଁ ଭଣ୍ଡ ସତ ଜଣ ଭାବୁଥାଏ । ଭାବୁଥାଏ...କେବେ ତାଙ୍କ ସମ୍ମୁଖରେ ଦର୍ଶନ...ଇତ୍ୟାଦି...

ଭାବୁଥାଏ...ଉଠାଇ ସ୍ୱର୍ଗ ଅଧ ହେଲା । ପରେ ଅଭାବ ହୋଇଗଲେ...ଏବଂ ପରେ ଓ ସେହିପରି ଉପରେ ଓମ ହୋଇଗଲେ... ଦୁଇଥର ଭାଙ୍ଗି ଲେଖ ମୋତେ ସେବକର ସ୍ୱପ୍ନର ଦର୍ଶନରେ ଯୋଗାଣ ହେଲେ...

"ଅଉ...ଉଠ,ଲେଖ ତିଆ ସତେ···" ଅନ ଉଣ ରେଖାର କହିଲ ଶୁଣି ପାରିଲି ନାହିଁ । ତା ପରେ ଦଶ ହେଲ—ମୁଁ ଜାଗେ ନ । ଅତ ମୁଁ ପେଷଢାଲର ପାଗଳ ବୋଠରରେ । ଜଗତରେ ଏଠାରୁ ଅଛିଲ, ଶୁଣିଲେ ଷ ମନେ ପଡ଼ୁ...... ।

—※—

Digitized by srujanika@gmail.com



# ମାମୁଁ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

ବନ୍ଧୁ—ଅଉ ପୁଣି କେମିତି ସନ୍ୟାସୀ ହୁଲୁଡ଼େଇ ଦେଲା ? ସଙ୍ଗୀତରେ ଗୋଟାଏ ହୁଲୁଡ଼ା ରାଗ ଅଛି ନା ମାମୁଁ ?

ମାମୁଁ—ସେଇତ ମଜା ! ସଙ୍ଗୀତରେ ହୁଲୁଡ଼ା ରାଗ ନାହିଁ । ରାଗ ରାଗିଣୀ ମାତ୍ରେହିଁ ମନ ମୋହେ ।

ବନ୍ଧୁ—ଏତେବେ ପୁଣି—

ମାମୁଁ—ଏହି ସେଇ କଥା ବୁଝେଇ ଦଉଚି । ଗୋଟାଏ ରାଗ ଯେତେବେଳେ ଠିକ ତାର ରାହା ଧରି ଗୁଡ଼େ, ତାର ଅସଲ ରୂପ ପ୍ରକଟ ହୁଏ, ଆଉ ତାର ଗୁଣ ବଢ଼ାଏ । କିନ୍ତୁ ଅଡ଼ୁଆ ହୋଇଗଲେ, ଅର୍ଥାତ ଅବାଟରେ ଗଲେ ସାଙ୍ଗେ ସାଙ୍ଗେ ଓଲଟା ଫଳ ଫଳେ । ବାବାଜୀ ଜଣେ କଳ୍କି, ବଇଁଶୀ ସାଙ୍ଗରେ ସୁର ମିଳାଇ ସେହି ମୋହନା ଧଇଲା । ଗାପରେ ହଠାତ୍ ଗ୍ରାମ ଗୁଡ଼ାକ ଉଲ୍ଲେମ ବିଲ୍ଲେମ କରିଦେଲା ଯେମିତି, ରାଗ ଗଲା ବିଗିଡ଼ି । ଆଉ ତାର ଗୁଣ ରହିବ କାହୁଁ । ଯଉଁ ଜନ୍ତୁ ମୋହି ଆସିଥିଲେ ଘଣ୍ଟାଏ ମାରିଲା ପରେ ସେ ମୋହ ତାଙ୍କର କାଟି ଯାଇଗଲା ଏକାବେଳେ ।

ଆମେ ସମସ୍ତେ ମୁଗ୍ଧ ହୋଇ ଶୁଣିଥିଲୁଁ ମାମୁଙ୍କ କଥା ।

ମାମୁଁ କହିଲେ, "ଏତିକିରେ କଣ ସରିଲା !"

"ଆଉ କଣ ହେଲା ?" ବନ୍ଧୁ କହିଲା ।

"ଶୁଣ ତେବେ ମନେଦେଇ ଶୁଣ । ଦକ୍ଷିଣୀ ଓସ୍ତାଦର ତ ବଢ଼ିଲା ରାଗ । ସନ୍ୟାସୀକୁ କିମିତି ପଟାଏ ଚଟାଇ ଅପମାନ ଦବ, ଏହି ଅନିସାରେ ରହିଲା । କଣ କଲା କି ଦିନେ ଆମ ହାତୀଶାଳ ପିଲ ଗୋଖିଏ ଗୁଟାକୁ ବସି ଦିନ ଦ୍ୱିପହରଟାରେ ବଜେଇ ଦେଲା ପୀଳଙ୍କ ରାଗ । ବୈଶାଖ ମାସ, ଉହୁ-ଉଦିଅ ଖରା । ଝାଞ୍ଜି ପିଟୁଛି । ଲାଗିଗଲା ନିଆଁ ହାତୀଶାଳରେ ମୁଖ ଗୁଳାରେ । ଲୋକ ଜମାହୋଇ ପଡ଼ିଲେ ହଜାର ହଜାର । ମାତ୍ର ନିଆଁ ପାଖରେ ପଶିବ ସାଧ କାହାର ! ଜେଜେଙ୍କ ବାପା ରଡ଼ି ଧଇଲେ "ମୋ ହାତୀ" 'ଭ୍ରମର ଗଜ' ତାଙ୍କ ପାଟହାତୀ କିନା । ପୁଅଟିଏ ବଳି ଶନିଧା ତା' ଉପରେ ବାପାଙ୍କର । ଭାଗ୍ୟ ଭଳିଆ ଯେ ଭ୍ରମର ଗଜ ଶିକୁଳି ଛିଣ୍ଡେଇ ଫାଟକ ଭାଙ୍ଗି ବାହାରି ଆଇଲା, ଆଉ ବାକି ହାତୀ ଗୁଡ଼ାକ ବି ତା ପିଛାଧରି ଛୁଟିଲେ । ଏତେ ଗୁଡ଼ାଏ ହାତୀ ବନା ମାହୁନ୍ତରେ ସେତେବେଳେ ଅନ୍ଧମଳାଣି ହୋଇ ଧାଇଁ ଲାଗିଲେ ଲୋକେ କି ଆଉ ଥୟ ଧରନ୍ତି ! ଗୋଟାଏ ଉପରେ ଆଉ ଗୋଟାଏ ପଡି ଦେ ଛୁଟ୍ ! ହାତୀଙ୍କି ସମ୍ଭାଳିବ ନା ନିଆଁକୁ ସମ୍ଭାଳିବ । ଜେଜେ ବାପା କହିଲେ—ଆରେ ଦେଖୁଛ କଣ—ହାତୀ ତ ପୋଷା ହାତୀ, ଫିରେଇ କୁଆଡେ । ବଳେ ବଳେ ଲେଉଟି ଆସିବେ । ଆଗ ନିଆଁ ଲିଭା, ଡେରିରେ ଲାଗିଲେ ପୁଣି ଅସମ୍ଭାଳ ହୋଇ ପଡ଼ିବ । ପାଣିତ ପାଖରେ । କେତେଲେ ସେ ଅକାଶିଆ ହାତୀଶାଳ ଉପରକୁ ଚଢ଼ିବାକୁ ବହପ କାହାର ସମସ୍ତେ ଅବାକା । ହୋଇ ଏପାଖ ସେପାଖ ହୋଇ ଧାଇଁ ଥାଆନ୍ତି ଆଉ ହଉଥାନ୍ତି ହାଇଁ ହାଇଁ । ଯାହାକୁ କହନ୍ତି ଦରପୋଡ଼ ହୁଏ ଆଉ କଣ ! ଜେଜେ ତେଲ ଗୁହଁ ରହିଥାନ୍ତି ବେଲଦା ମାରି ବଲ ବଲ କରି । ହୁ-ହୁ କରି ଜଳୁଥାଏ ହାତୀଶାଳ ! ଖରା ଜହ୍ନୁଛି ମୋଟେ ଦେଖ୍ ତ ନିଆଁ ଜଳୁଛି ମୋଟେ ଦେଖ୍ ।

ଏତିକି ବେଳେ କେଉଁ ଠୁଁ ଆଉ ସେଇ ସନ୍ୟାସୀ, ସେ ତାର ବୀଣା ଧରି ସେଇଠି ହାଜର । ଧୀର, ଗମ୍ଭୀର, କାହାରି ସାଙ୍ଗରେ କଥାଟିଏ ନାହିଁ ; ଆସିଲା କି ପୋଖରୀ ଘାଟରେ ବସି ଯାଇ ଲଗେଇ ଦେଲା ବୀଣା । ଦକ୍ଷିଣୀଯା ସେତେବେଳକୁ ଖସି ବୁଲିଲଣି । ସନ୍ୟାସୀର କାଣ୍ଡ ଦେଖି ଲୋକେ ଅବାକ୍ । ଇଏ କଣ ! ଆମର ଘର ପୋଡ଼ି ପାଣି ଆଣ, ଏ ବାବାଜୀ ଝାର ଲଗିଛି ମଜଲିସ ! କିନ୍ତୁ ବାବାଜୀଙ୍କୁ ସମସ୍ତେ ମାନୁଥିଲେ । କେହି କିଛି କହିବାକୁ ସାହାସ କଲେ ନାହିଁ ଏଣେ କେଜେଙ୍କର ହାତଟେକି ଡାକିଦେଇ କରି କହିଲା ଷଣି ସମସ୍ତେ ଚୁପ୍ ଚୁପ୍ । ବାବାଜୀ ଅସ୍ଥାୟୀରୁ ଅନ୍ତରାକୁ ଯାଇନଥିବ ନାହିଁ ତେଣୁ ଆସିଲା ଦୁମ୍-ଦୁମେଇ କଳାହାଣ୍ଡିଆ ମେଘ । ଅନ୍ତରା ସରିବା ବେଳକୁ ଆକାଶ ଛାଇ ଗଲାଣି । ଯିମିତ ସମ୍ ଛୁଇଁଛି, ଢ଼ାଳିଲା ତ ଢ଼ାଳିଲା ! ଉଃ ସେ କି ବରଷା ! କଳସୀରୁ ଯେମିତ ପାଣି ଗଡ଼ାନ୍ତି । ଦଫାଲ ହେଇ ମେଘ ଆଉ ଫାଟି ପଡ଼ିଲାକି ସତେ !

ବାବାଜୀ ନ ଉଠେ କି ବୀଣା ନହୁଏ ବନ୍ଦ । ବାବାଜୀ ଗୋଟାସାରା ଭିଜି, ସର ସର । ଆଉ ସମସ୍ତେ ବି ସେଇ ବରଷାରେ ଛୁଡ଼ା ହୋଇ ଥାଅନ୍ତି କାଠ ମାରି । ଆଉ କି ଥାଏ ନିଆଁ ଜେଜେ ବାପାଙ୍କର ହୁସ୍ ପଶିଲେଟ୍ ସେ ସନ୍ୟାସିଙ୍କ ହାତ ଧରି ପକେଇଲେ । ବାଜଣା ବନ୍ଦ ହେଲା ସନ୍ୟାସି ଗଲେ ଘରକୁ ଜେଜେଙ୍କ ହାତରେ ହାତଦେଇ । ଲଣ୍ଡା ପଚାରିଲା "କଣ ହେଲା ମାମୁଁ, ଠିକ୍ ଏ ଫିଟେଇ କୁହ ଭଲା ବାବାଜୀ କଣ କମିଆ ଜାଣେ ?

ମାମୁଁ—ଅରେ ଦୂର ! କମିଆ କଣ ରେ ?

( କ୍ରମଶଃ )

Digitized by srujanika@gmail.com

ମହତାବ ନିଜେ ଷଡ଼ଯନ୍ତ୍ର ହୋଇ ଗଡ଼ଜାତ ରାଜାଙ୍କ ଉଚ୍ଛେଦ ସାଧନ କରି ସର୍ଦ୍ଦାରଙ୍କୁ ନିଯୁକ୍ତ କରିବାରୁ ତାଙ୍କ ମନ ଭଲ ନାହିଁ ହୋଇ ନଥିଲା । ମୟୂରଭଞ୍ଜର ମହାରାଜା ତାଙ୍କ ଭାଇ ସାର ପଥ ଅପ୍ତା ରଖିବା ପାଇଁ ଏବେ ତେବେ ଶିଳ୍ପ "ମହାରାଜଙ୍କ ରାଜ ଶୈଳ" ଗଠନ କରି ଦେଇ ଅଛନ୍ତି ।

\+ + +

ଶ୍ରୀ ଜୈତିକ ମହଲରୁ ପ୍ରକାଶ ଯେ ମହତାବ ପଟେଲଙ୍କ ସହିତ ଗୁପ୍ତ ପରାମର୍ଶରେ ଠିକ ହୋଇଛନ୍ତି ଯେ ପ୍ରେମହା ଭୂମିକୁ ଓଡ଼ିଶା ପାଇଲେ କୋରାପୁଟରୁ ଅର୍ଦ୍ଧେକ ବା ଚତୁର୍ଥ କଳ୍ପିତ ଆନ୍ଧ୍ର ପ୍ରଦେଶକୁ ଛାଡ଼ି ଦେଇ ପାରିବେ । ଅଜ ମଧ୍ୟ ସେ ବସ୍ତର ଓ ଖାରସୁଆଁକୁ ଓଡ଼ିଆ ବହୁଳ ଅଞ୍ଚଳ ବୋଲି ଦାବି କରିବେ ନାହିଁ ।

\+ × +

ଓଡ଼ିଶା ବେସରକାରୀ ଇସ୍ତାହାରରୁ ପ୍ରକାଶ ଯେ ବୀରେନ୍ ମିତ୍ର ସମଗ୍ର ଭୂତ-ପୂର୍ବ ଗଡ଼ଜାତ ଅଞ୍ଚଳ ( Ex-states area ) ର ଅଣ୍ଟି କରପସନ ଅଫିସର ହୋଇଯିବେ ।

\+ + +

( ଏ ଥରର ସ୍ୱାଧୀନ ଦେଶର ଭୂତିଆ ମାର୍ଯ୍ୟାଦା ସଂରକ୍ଷିତ ନିଜ ଭ ସରକାରଙ୍କ ରୋଗ ଲାଗିଲା— ଯାଠବ ଆନନ ଏମାନଙ୍କୁ ମାର୍ଯ୍ୟାଦା ଦାନରେ ପ୍ରବନ୍ଧ କରି ମାର୍ଯ୍ୟାଦା ସତର ପ୍ରସ୍ତାବନା ଦେଉଛନ୍ତି )



ଅନ୍ୟ ଏକ ବେ-ସରକାରୀ ଇସ୍ତାହାରରୁ ପ୍ରକାଶ ଯେ ନଳିନୀ ଏରସମା ମିତ୍ର 'ବଙ୍ଗୋତ୍କଳ— ମିଲିଙ୍ଗର ସାମ୍ପ୍ରତିକ ମିଶ୍ରଣ ପାଇଁ ଗବେଷଣା । ରତ ଥିବାରୁ ତାଙ୍କୁ ଉତ୍କଳ ବିଶ୍ୱ ବିଦ୍ୟାଳୟ ରିସାର୍ଚ୍ଚ ସ୍କଲାର ପଦ ଦେଇ ଛନ୍ତି ।

× × ×

ମୋତି ପଣ୍ଡିତଙ୍କ ସଙ୍ଗେ ମହତାବଙ୍କ ଘନିଷ୍ଠତା ବଢ଼ିଥିବାରୁ ନିତ୍ୟାନନ୍ଦ କାନନଗୋ ଚିନ୍ତିତ ହୋଇ ପୀଡ଼ିତ ହୋଇ ପଡ଼ିଛନ୍ତି । × + +

ଦେଶଗାମୀ ମହଲରୁ ପ୍ରକାଶ ଯେ ସାରଙ୍ଗଧର ବାବୁ ଶେଷ ମୁହୂର୍ତ୍ତରେ ଗଡ଼ଜାତ ମନ୍ତ୍ରୀଙ୍କ ଉପଦେଷ୍ଟା ଥାଇଥିଲେ । ସେହି ଯୋଗୁଁ ତାଙ୍କୁ ମନ୍ତ୍ରୀ ପଦ ଯାଇଛି ।

× + +

କଟକର 'ହରାଗାଁର' ନାମ ପରିବର୍ତ୍ତନ ହୋଇ 'ମିଳନଗାର୍ଡ' ନାମ ରଖା ଯାଇଛି । ଏଠାରେ ଅବାଧରେ ପିଲା ପିଲି, ଛାତ୍ର ଛାତ୍ରୀ, ନେତା ନେତ୍ରୀ, ଭଦ୍ରବ୍ୟକ୍ତି-ଭଦ୍ରମହିଳା ମିଳାମିଶା କରି ପାରିବେ । ଆଲୋଚନା ସମାଲୋଚନା, ସଭା ସମିତି, ଆହାର, ବିହାର କରି ପାରିବେ ।

× × ×

ଓଡ଼ିଶା ସରକାରରେ ଏକ ଗୁପ୍ତ ସାର କୁଲାର ଦ୍ୱାରା ସମସ୍ତ ଅଫିସରଙ୍କୁ ଜଣାଇ ଦେଇ ଅଛନ୍ତି ଯେ ବୀରେନ୍ ମିତ୍ର ଯେତେବେଳେ ଯେକୌଣସି ବିଷୟରେ ଯେ କୌଣସି ଅଫିସରଙ୍କ ପାଖରେ ଯାହା କରିବାକୁ କହିବେ ତାହା ପ୍ରଧାନ ମନ୍ତ୍ରୀଙ୍କ ଦ୍ୱାରା ଅନୁମୋଦିତ ବୋଲି ଧରିନେବାକୁ ହେବ ।

× × ×

---

# ନବ ବର୍ଷର ଉପାଧି

ଭାରତରୁ ବ୍ରିଟିଶ ରାଜତ୍ୱ ଲୋପ ପାଇବାରୁ ଉପାଧି ବଣ୍ଟନ ବନ୍ଦ ହୋଇ ଯାଇଛି । କିନ୍ତୁ 'ଡଗର'ର ଅଲ୍‌ଅ ସଭା ନିମ୍ନ ଲିଖିତ ଉପାଧି ମାନ ନବବର୍ଷର ଯୋଗ୍ୟ ବ୍ୟକ୍ତିଙ୍କୁ ପ୍ରଦାନ କରି ଅଛନ୍ତି ।

ପଟେଲ— ରାଜ ନିସୂଦନ
ଡାକ୍ତର କାଟଜୁ— ଶଂକରସର୍ପ
ମହତାବ— ନେତା ନିକୃନ୍ତନ
ନବକୃଷ୍ଣ ଚୌଧୁରୀ— ଅର୍ଦ୍ଧନାରୀଶ୍ୱର
ନିତ୍ୟାନନ୍ଦ କାନନଗୋ—ଅଥର୍ବ ବେଦୀ
ଲିଙ୍ଗରାଜ— ଦାରୁଭୂତ
ରାଧାକୃଷ୍ଣ— ବାନପ୍ରସ୍ଥୀ
ସାରଙ୍ଗଧର ଦାସ— ଦାରୁକ
କୈଳାସ ମହାନ୍ତି— ଜାଳଜମ୍ବୁକ
ଶରତ ଚନ୍ଦ୍ର ଦାସ— ଭଗ୍ନଭୈରବ
ପବନ ମୋହନ ପ୍ରଧାନ—ଭଗ୍ନଧନ୍ୱା
ରାଧାନାଥ ରଥ— ଶବ୍ଦଭେଦୀ
ମାଳତୀ ଚୌଧୁରୀ— ଚର୍ଚ୍ଚରୀକା
ସୁଧୀର ଘୋଷ— ନନ୍ଦଘୋଷ ।
ବିଶ୍ୱନାଥ ଦାସ— ପୁଚ୍ଛଧାରୀ ।
ବିଜୟ ପଟ୍ଟନାୟକ— ଉଡ଼ନ୍ ହୁ ।
ଚିନ୍ତାମଣି ଆଚାର୍ଯ୍ୟ— ସବ୍ୟସାଚୀ
ସ୍ୱାମୀ ବିଚିତ୍ରାନନ୍ଦ— ଅଶ୍ୱାରୋହ
ସୁରେନ୍ଦ୍ର ଦ୍ୱିବେଦୀ— ଚଣ୍ଡାଶୋକ
ଲକ୍ଷ୍ମୀନାରାୟଣ ସାହୁ— ଷଣ୍ଡ-ଶ୍ୱାନ (Bull dog)
ଲକ୍ଷ୍ମୀନାରାୟଣ ମିଶ୍ର— ରଣଛୋଡ଼ଲାଲ
ବୋଧରାମ ଦୁବେ— ଅବର୍ଦ୍ଧକ
ଭଗୀରଥ ମହାପାତ୍ର } ନିରଞ୍ଜନ
ଜଗନ୍ନାଥ ଦାସ } ନିର୍ବ୍ୟଞ୍ଜନ
ଭୈରବ ମହାନ୍ତି— ସପ୍ତକଣ୍ଠ (His Master's Voice)
ବୀରେନ ମିତ୍ର— ଚାଣୁର ।
ମଦନ ପଟ୍ଟନାୟକ— ଯୋଗ ସୂକ୍ଷ୍ମୀ
ମୋତିଲାଲ ପଣ୍ଡିତ— ଘଣ୍ଟାରବ
ବ୍ରଜମୋହନ ପଟ୍ଟନାୟକ—ସୂତ୍ରଧର ।

—ǂ—

Digitized by srujanika@gmail.com



ପ୍ରତି ସଂଖ୍ୟା 'ଡଗର' ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ମୂଳକ ( Suggestions ) ପ୍ରଭୃତି 'ଚିଠିରେ' ପ୍ରକାଶ ପାଇବ । ଅତି ସରଳ ଓ ସଂକ୍ଷିପ୍ତ ଭାବରେ ଲେଖିବେ । କୌଣସି ଚିଠିରେ ପ୍ରକୃତ ବକ୍ତବ୍ୟ ଓ ... ନ ଥିଲେ ତାହା ଅଗ୍ରାହ୍ୟ ହେବ । ଚିଠିର ସଂଶୋଧନ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିବ । କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ସମାଲୋଚନାର ସ୍ଥାନ ହେବ ନାହିଁ । ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି—ସମ୍ପାଦକ ।

### ଚିଲିକା

ପ୍ରିୟ ସଂପାଦକ ମହାଶୟ,

ଜୟପୁରର ମହାରାଜା ୧୧ଶ ବର୍ଷ ୧୮ଶ ସଂଖ୍ୟା ଡଗରରେ "ଚିଲିକା" ନାମକ ଅଗ୍ରଲେଖା ଦେଇ ସେଥିରେ ଅଜ୍ଞ ବୋଲି ପ୍ରମାଣିତ କରିବସି କହୁଛନ୍ତି କି— "ତେଲଗୁ କୋଷମାନଙ୍କରେ ଚିଲିକା ଶବ୍ଦର ଅର୍ଥ ଭଗ ଏବଂ ଫଡ଼ା ବୋଲି ଦତ୍ତ" ତାହା ପ୍ରଥମେ ସମୁଦ୍ର ପୃଚିଲିକା ନାମରେ ବ୍ୟବହୃତ ହୋଇ ସମୁଦ୍ର ସମ୍ବନ୍ଧ ଦୂରହେବା ପରେ "ଚିଲିକା-ସମୁଦ୍ର ମ୍" ନାମରୁ ବହୁ ନାମର୍ଦ୍ଧ ଗ୍ରହଣରୁ ଚିଲିକା ବୋଲାଉ ଅଛି । ଚିଲିକା ଶବ୍ଦର ଅର୍ଥ ଯଦି ଫଡ଼ା, ସେବେ କି ସମୁଦ୍ର ସହିତ ସଂମିଶ୍ରଣ ଥିଲା ତେବେ ସମୁଦ୍ରପୃଚିଲିକା ନାମରେ ଅଭିହିତ ହେଉ ଥିଲା କପରି ? ତେଣୁ ବୋଧହୁଏ ଏ ସବୁ ସମୁଦ୍ର ସମ୍ବନ୍ଧ ଦୂର ହେବାକଥା ହେବେ ବି ସମୁଦ୍ର ପୃଚିଲିକା ନକହି ସମୁଦ୍ର ପୃ: ଚିଲିକା କହିଲେ ଅଶୁଦ୍ଧ ହେବ ନାହିଁ । ସମୁଦ୍ରରେ ବିଳାସ ସ୍ଥାନ, ନଚେତ ସମୁଦ୍ରର ବିଳାସ ସ୍ଥାନ । ସମୁଦ୍ରରୁ ଏହି ଅଂଶଟି ଭିନ୍ନ ହେବା ପରେ ସମୁଦ୍ର ଶବ୍ଦଟି ପୁଂଲିଙ୍ଗ ଥିବାର ଦେଖି କବିମାନେ ବର୍ଣ୍ଣନେଚ୍ଛା ପ୍ରାଚ୍ୟମୁଖ ହୋଇ "ଚିଲ୍ଲ" ବିଳାସ କରିବା ଧାତୁରୁ ନେଇ ଚିଲିକା ଶବ୍ଦକୁ ସ୍ତ୍ରୀଲିଙ୍ଗ କରିଛନ୍ତି । ଅଥବା ଚିଲ୍ଲିକାର ଅର୍ଥ ଭ୍ରୂଲତା, ଏହାର ଆକୃତି ମଧ୍ୟ ଠିକ୍ ସେହିପରି ଥିବାରୁ ଏହାକୁ କି ଚିଲିକା କୁହାଗଲା । ଅଥବା ନାନାବିଧ ପ୍ରାକୃତିକ ବିଳାସ ସାମଗ୍ରୀ ଥିବା ଯୋଗୁଁ ଏହାର ନାମ ଚିଲିକା ଅଥବା ନାନା ରକମର ପକ୍ଷୀ ପଶୁ ପ୍ରଭୃତି ବିଳାସ କରୁଥିବା ହେତୁ ଏହାର ନାମ ଚିଲିକା । ସେ କୌଣସି ମତରେ ଚିଲିକା ଶବ୍ଦ ଯେ ଓଡ଼ିଆ ଏଥିରେ ସେ କୌଣସି ବାଙ୍ଗ ବ୍ୟକ୍ତି ନିରପେକ୍ଷ ଭାବରେ କହିଲେ ଭୁଲ ହେବ ନପାରେ ।

ଦ୍ୱିତୀୟତଃ ମହାରାଜା "ଲଧଙ୍କ ଶବ୍ଦକୋଷର ୪୭୮ ପୃଷ୍ଠା ଚିଲ୍ଲି, ଚିଲ୍ଲୀ, ଚିଲି, ଚୀଲି, ଏହି ସବୁର ଶବ୍ଦର ଅର୍ଥ ଭ୍ରୂଲତା ବୋଲି ଦତ୍ତ" ଯାହା ଲେଖିଛନ୍ତି ୪୭୮ ପୃଷ୍ଠାରେ ଚିଲ୍ଲିଶବ୍ଦ ଆଦୌ ନାହିଁ. ବାର୍ଦ୍ଧକ୍ୟ ଦୋଷରୁ ଚିଲ୍ଲିକା ଶବ୍ଦଟି ଚିଲ୍ଲି-ଶବ୍ଦପରି ମହାରାଜାଙ୍କ ଦୃଷ୍ଟିଗୋଚର ହୋଇଥିବ । ନଚେତ୍ ନିଜ ମତକୁ ସମର୍ଥନ କରିବା ଲାଗି "କା"ଟିକୁ ବାଦ ଦେଇଥିବେ ।

କବିରାଜ ଶ୍ରୀ ହରିବନ୍ଧୁ ରଥ ଶର୍ମା

### 'ଅନ୍ଧ୍ର'ଶବ୍ଦର ଉତ୍ପତ୍ତି ।

ପ୍ରିୟ ସମ୍ପାଦକ ମହାଶୟ

ଗତ କେତେକ ସଂଖ୍ୟା 'ଡଗର'ରେ, ଆନ୍ଧ୍ରମାନଙ୍କର ଚିଲିକା, ଖୋର୍ଦ୍ଧା ପ୍ରଭୃତି ଦାବି ନେଇ ବେଶ ତର୍କ ବିତର୍କ ହୋଇଗଲାଣି । କିନ୍ତୁ ତା ପୂର୍ବରୁ ଥରେ ଆନ୍ଧ୍ର ଭାଇମାନଙ୍କୁ ଚେତାଇ ଦେବାକୁ ଚାହେଁ ଯେ, ସେମାନେ ଯେଉଁ ଆନ୍ଧ୍ର ପ୍ରଦେଶ ଗଢ଼ିବାକୁ ଯାଉଛନ୍ତି ସେହି ଆନ୍ଧ୍ର କେଉଁଟି କେଉଁ ଭାଷାର ? ଆନ୍ଧ୍ର ଶବ୍ଦର ଉତ୍ପତ୍ତି ଅନ୍ଧାରରୁ ହୋଇଛି ! ଓଡ଼ିଆରେ ଅନ୍ଧାର ବା ଅନ୍ଧକାରରୁ ଅନ୍ଧ୍ର ଶବ୍ଦର ଉତ୍ପତ୍ତି । ଆନ୍ଧ୍ରମାନଙ୍କର ଦେହର ବର୍ଣ୍ଣ ଅନାରୁଆ କଳା ବୋଲି ସେମାନଙ୍କୁ ଅନ୍ଧାର ବା ଆନ୍ଧ୍ର ବୋଲି ଡକା ଯାଉଥିଲା । କାଳକ୍ରମେ ସେମାନେ ନିଜର ଭାଷା, ସଂସ୍କୃତି ଅଲଗା କଲେ ଏବଂ ଓଡ଼ିଆରୁ ଅଲଗା ହୋଇଗଲେ । କିନ୍ତୁ ସେଇ ମୂଳ ଆନ୍ଧ୍ର ଶବ୍ଦ ଏବେ ମଧ୍ୟ ରହିଛି । ସୁତରାଂ ଆମର ପ୍ରାଦେଶିକ ସରକାର ଏବଂ ଓଡ଼ିଆ ନେତାମାନଙ୍କର ଉଚିତ କର୍ତ୍ତବ୍ୟ ଯେ, ଆନ୍ଧ୍ର ପ୍ରଦେଶକୁ ଓଡ଼ିଶାରେ ମିଶାଇ ଓଡ଼ିଶାର ଭାଷା, ଓଡ଼ିଆ ଶାସନ ଚଳାଇ ପ୍ରାଚୀନ ଉତ୍କଳର ପୂର୍ବଗୌରବ ଫେରାଇ ଆଣିବା ।

କୁମାରୀ ପଣ୍ଡାଣୀ

### ହରିଜନ ଛାତ୍ରଙ୍କ ଦୁଃଖ

ମହାଶୟ,

ମୁଁ ଜଣେ ହରିଜନ ଛାତ୍ର । ମୁଁ ଏବଂ ମୋର ଆଉ କେତେକ ହରିଜନ ଛାତ୍ର ଭାଇମାନେ ମଧ୍ୟ ନିଜ ନିଜର ଷ୍ଟାଇପେଣ୍ଡ ଏ ପର୍ଯ୍ୟନ୍ତ ପାଇ ପାରି ନାହାନ୍ତି । ଇନ୍‌ସପେକ୍ଟରଙ୍କ ଅଫିସକୁ ଦୌଡ଼ି ଦୌଡ଼ି ହାରନ୍ତି ହୋଇ ଫେରୁ । ମହତାପ ବାବୁଙ୍କ ଭବନକୁ ଗଲେ ଦେଲକୁ ପିଅନ କଥା ବାନ୍ତି ନାହାନ୍ତି । ବର୍ତ୍ତମାନ ନିରାଶ ହୋଇ ପଡ଼ି ରହିଛି । 'ସମାଜ'ରେ ଦେଲୁଣି କିନ୍ତୁ ଏହା ବିଷୟରେ କେହି ହେଲେ ଟିକେ କରୁ ନାହାନ୍ତି । ବହି ପତ୍ର ନାହିଁ ବୋଲି ଆମେ ହତାଶ ହୋଇ ପଡ଼ି ରହିଛୁ । ପରୀକ୍ଷା ଆସି ମୁଣ୍ଡ ଉପରେ କିନ୍ତୁ ସାହାଯ୍ୟ ପାଇଁ ଟଙ୍କା ଦେବେ ବୋଲି ଆମ ସରକାର ଭୁଲି ଗଲେଣି । ଆଉ କିଛି ଦିନ ପରେ ଏହି ଅରକ୍ଷିତ ହରିଜନଙ୍କ କଥା ମଧ୍ୟ ଭୁଲିଯିବେ ।

ହରେକୃଷ୍ଣ ଦାସ

### ପ୍ରତ୍ନତତ୍ତ୍ୱ

ମାନନୀୟ ଡଗର ସମ୍ପାଦକ ମହାଶୟ,

ଆଜିକାଲି ଯୁଗରେ ପ୍ରାଚୀନ ଇତିହାସ ଜାଣିବା ପାଇଁ ଐତିହାସିକ ମାନେ ନାନା ଚେଷ୍ଟା କରୁଅଛନ୍ତି ଓ ସବୁଠାରୁ ଶ୍ରେଷ୍ଠ ହେଉଛି ଖନନକ୍ରିୟା ଯାହାଦ୍ୱାରା ମହେଞ୍ଜୋଦାରୋ, ହରପା ରୁ ନାନା ଐତିହାସିକ ତଥ୍ୟ ମିଳିଛି । ସେହିପରି ଆମ ଓଡ଼ିଶାରେ ଇତିହାସ ଚର୍ଚ୍ଚା ପାଇଁ ପ୍ରଧାନ କ୍ଷେତ୍ର ଅଛି ମାତ୍ର ଦୁଃଖର ବିଷୟ ଏଥିପାଇଁ ଚେଷ୍ଟା କରୁଛନ୍ତି । ମୋ ମତରେ ଆମ ଯଦି ଓଡ଼ିଶା ବିଷୟରେ ଦୃଷ୍ଟି ଜାଣ୍ ଚଥାପି ଭାରବାହିର ଯେଉଁ ସ୍ତୂପ ଅଛି ତାକୁ ଯଦି ଓଡ଼ିଶା ସରକାର ଖୋଳନ୍ତେ ତାହେଲେ ଆମ୍ଭେମାନେ ଅନେକ ବିଷୟ ସେହି ଲିପି ଉଦ୍ଧାର କରି ଜାଣି ପାରନ୍ତୁ । ମୋର ଆଶା ଆମ ଇତିହାସ ପ୍ରେମୀ ପ୍ରଧାନ ମନ୍ତ୍ରୀ ଏ ବିଷୟରେ ଚେଷ୍ଟା କରିବେ । ଇତି;

ଅମରେନ୍ଦ୍ରନାଥ ମହାନ୍ତି

—*—

Digitized by srujanika@gmail.com




ଜାଣନ୍ତି କି

**ଓଡ଼ିଶାର ଧନ ।**

**ଓଡ଼ିଶାର ଗୌରବ**

ସୁବିଖ୍ୟାତ କୋଣାର୍କ କେମି-
କ୍ୟାଲର ଅଭିନବ ଆବିଷ୍କାର ବିଶୁଦ୍ଧ
ନାରିକେଳ ତୈଳରେ ପ୍ରସ୍ତୁତ
ସୁବାସିତ କେଶତୈଳ

"କାମିନୀ"

ଏହାର ମୃଦୁ ମଧୁର ସୁରଭି ବହୁକ୍ଷଣ
ସ୍ଥାୟୀ ଓ ଅତ୍ୟନ୍ତ ଆମୋଦ
ଦାୟକ । କୁନ୍ତଳର ସ୍ନିଗ୍ଧତା
ରକ୍ଷଣରେ ଏହା ଶ୍ରେଷ୍ଠତମ ।

ନିକଟସ୍ଥ ଯେ କୌଣସି
ଦୋକାନରେ ଅନୁସନ୍ଧାନ କରନ୍ତୁ
କିମ୍ବା ନିମ୍ନ ଠିକଣାକୁ ଚିଠି ଲେଖନ୍ତୁ

କୋଣାର୍କ କେମିକ୍ୟାଲ
ଏଣ୍ଡ ଭେଜିଟି ପ୍ରଡକ୍ସ
କଣ୍ଡିଆ

୧, ୮ ପ୍ରେମଚାନ୍ଦ ବଡ଼ାଲ୍ ଷ୍ଟ୍ରିଟ, କଲିକତା ।

---

## ହାଓଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

ବାତରକ୍ତ ସର୍ବାଙ୍ଗ ଫୁଲିବା, ଗଳିତ ବା ଅଂଶିକ ଘାଆ ଏକ୍‌ଜିମା, ସୋରାଇସିସ୍ ପ୍ରଭୃତି ଓ ଅନ୍ୟାନ୍ୟ ଚର୍ମରୋଗର ଅଦ୍ୱିତୀୟ ଏକମାତ୍ର ଯୋଗ୍ୟ ପ୍ରତିଷ୍ଠାନ ।

ଔଷଧ ସେବନ ଶ୍ୱେତ ଧଳା ଦାଗ ଦାଗ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ଲଗା ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚାଲିଯାଇ ଦୂର ହୁଏ ।

ବିଶେଷ ବିବରଣ ପାଇଁ ବିନା ମୂଲ୍ୟରେ ପୁସ୍ତିକା ସଂଗ୍ରହ କରନ୍ତୁ ।

**ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୬ ନଂ ହାରିସନ ରୋଡ଼, କଲିକତା

---

ନୂତନ ଶୈଳୀ ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀନେଇ

# ଦୃଷ୍ଟିକୋଣ

ବାହାରିଲା

ଲେଖକ—'ଡଗର'ର ସୁପରିଚିତ ପ୍ରିୟ

**ଶ୍ରୀ ଦେବ ମହାପାତ୍ର**

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ଶ୍ଳୋକ ଭରଣା ନେଇ ଗଳ୍ପ ନାୟକର ଚିତ୍ର ସହ ମୂ ୫ ୦ ୧ ମାତ୍ର

ଛାପା ଓ ବନ୍ଧେଇର ବିଶେଷତ୍ୱ

ପ୍ରାପ୍ତିସ୍ଥାନ:—**ଉତ୍କଳ ଲେଖକ ସହଯୋଗ ସମିତି ଲିମିଟେଡ**
ବାଲୁବଜାର କଟକ

---

Printed & Published by G. C. Mahapatra at the Gopinathpress, Bhadrak 1946.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>୨୮ ପୌଷ ୧୩୫୫ ସାଲ | ୨୨ଶ ସଂଖ୍ୟା |
| --- | --- | --- |

—ସୂଚି—

ମଜା କଥାରେ
ଭୁଲ ପରୀକ୍ଷାର୍ଥୀ
କାହାଣୀରେ
ଅନ୍ତିମ ବାଣୀ
ଧାରାବାହିକ ଉପନ୍ୟାସ
'କଣାମାମୁଁ'
ମଜା କବିତାରେ
୧୯୪୭ ମସିହା—ବର୍ଷ ତଉଡ଼ଣା
କଥା ଓ ନଥା, ଚିଠାଉ,
ବାଲ ଅବସ୍ଥାର ପ୍ରଭୃତି ।

# "DAGARO"

**ORISSA'S MOST POPULAR WEEKLY**
of
Light, Lead & Laughter

| Vol XI | Monday, Jan. 12. 1948. | No. 22 |
| --- | --- | --- |

**ବାର୍ଷିକ ମୂଲ୍ୟ ଟ ୬୲ ଷାଣ୍ମାସିକ ଟ ୩୲**
**ରାଜ ସଂସ୍କରଣ ବାର୍ଷିକ ଟ ୧୦୲**

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୨ ୲ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୴ ଅଗ୍ରୀମ ଦେବାକୁ ପଡ଼େ ।

୩ । ଚନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡ଼ର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶିଷ୍ଟ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାରୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ, ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରକ (B. N. Ry.)


ଦୁର୍ଗ୍ରୁ ପ୍ରତୋଗ ଧନ୍ବନ୍ତରିନାଦ୍ଧ

**ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।**

ଆମ ଦେଶର ବିଦ୍ଵାନ ଓ ଅନୁଭବୀ ଯୋଗ୍ୟ ଛାତ୍ର କମ୍ ନାହାନ୍ତି । ବର୍ତ୍ତମାନ ଆୟୁର୍ବେଦ ରାଷ୍ଟ୍ରୀୟ ଚିକିତ୍ସାରେ ଗଣ୍ୟ । ଗାନ୍ଧିଜୀ ଓ ନେହେରୁଙ୍କ ମତ ସ୍ୱଦେଶୀ ଔଷଧ ବ୍ୟବହାର କର ଓ ଚିକିତ୍ସା କର । ଯେଉଁମାନେ କଲେଜରେ ନ ପଢ଼ି ପାରିବେ ସେମାନେ ଘରେ ଥାଇ କାର୍ଯ୍ୟକର ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ଦେଇ ପାରିବେ ଓ ଗଭର୍ଣ୍ଣମେଣ୍ଟ ରେଜିଷ୍ଟାର୍ଡ କଲେଜରୁ ଡିପ୍ଲୋମା ପାଇପାରିବେ । ଆଜି ଚିଠି ଲେଖନ୍ତୁ । ଔଷଧ ବାକ୍ସର ମୂଲ୍ୟ ଟ୧୫ ଏଡ଼ଭାନ୍ସ ଟ୫୯ ପଠାଇଲେ ଭି: ପି: ରେ ପଠାଯିବ ।

ଠିକଣା—କବିରାଜ, **ଶ୍ରୀ ନାରାୟଣଚନ୍ଦ୍ର ବେହେରା**
ବୈଦ୍ୟରତ୍ନ ଆୟୁର୍ବେଦ ବିଶାରଦ

**ବିରଜା ଔଷଧାଳୟ, ପୋଃ ବଣାଇଗଡ଼ (ଓଡ଼ିଶା)**



ଓଡ଼ିଆର ଉପନ୍ୟାସ ଜଗତରେ ନୂଆ ଯୁଗ ଆରମ୍ଭ କରୁଛି

**ନିତ୍ୟାନନ୍ଦ ବାବୁଙ୍କର**

**ଭୁଲ୍**

**ଜୀଅନ୍ତା ମଣିଷ ଓ ଜୀବନର ଲକ୍ଷ୍ୟ**

ବିଚିତ୍ର ମନର ବିଚିତ୍ର କାହାଣୀ କହୁଛି
**"ଏଗାରଟା" ଓ "କ୍ଷଣିକା",**
ଜାତୀୟ ଜୀବନର ଜୀବନ୍ତ ଗୀତାବଳି

**"ପାଞ୍ଚଜନ୍ୟ"**
ଭାରତର ପ୍ରତି କଣ୍ଠରେ ମୁଖରିତ ହେଉ

—✽—

( କଟକର ସବୁ ବହି ଦୋକାନରେ ପାଇବେ )



ସଂପାଦକ—**ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,** ପରିଚାଳନା ସଂପାଦକ—**ଶ୍ରୀ ବ୍ରଜମୋହନଦାସ**



Digitized by srujanika@gmail.com

ଗତକ ବିଜ୍ଞାନ ଏକାଡେମି ଓ ପାଟନାରେ ବିଜ୍ଞାନ କଂଗ୍ରେସର ଅଧିବେଶନ ହୋଇଗଲା। ଆଲୋଚନାରୁ ଜଣାଯାଏ; ଯନ୍ତ୍ରେ ଦାରିଦ୍ର୍ୟ ବିରୁଦ୍ଧରେ ବିଜ୍ଞାନର ଯୁଦ୍ଧ ଘୋଷଣା କରିବାକୁ ଚାହାନ୍ତି। ଏହା ମୂଳରେ ଗୋଟିଏ ମୌଳିକ ନୀତି ଅଛି— ଆବଶ୍ୟକତାହିଁ ଆବିଷ୍କାରର ଜନନୀ। କିନ୍ତୁ ବିଜ୍ଞାନ ପ୍ରକୃତରେ ଏହି ନୀତି ଉପରେ ଆଉ ଠିଆ ହୋଇ ନାହିଁ। ଦାରିଦ୍ର୍ୟ ବିରୁଦ୍ଧରେ ଯୁଦ୍ଧ କରିବାକୁ ଗଲାବେଳେ ଆମେ ଗ୍ରହଣ କରି ନେଉଁ ଭୋଗ ଓ ବିଳାସର ଦାସତ୍ୱ। ମନୁଷ୍ୟର ବୃଦ୍ଧି ଦାରିଦ୍ର୍ୟ ଏବଂ ଭୋଗ ମଝିରେ ଗୋଟିଏ ମାଧ୍ୟମିକ ରେଖା ଟାଣି ଦେଇ ପାରି ନାହିଁ। ତେଣୁ ଭୋଗର ଅଭାବ ଏପରିକି ଭୋଗର ଗୋଟିଏ ନିଦ୍ଦିଷ୍ଟ ଅବସ୍ଥାକୁ ଆମେ ଦାରିଦ୍ର୍ୟ ବୋଲି ଧରି ନେଇ ଅଧିକ ଭୋଗ ନିକଟରେ ଆମର ନିଜସ୍ୱ ଓ ତତ୍ ସଙ୍ଗେ ସଙ୍ଗେ ନୈତିକତାକୁ ବିକି ଦେଉଁ।

ବୈଜ୍ଞାନିକମାନେ ଯଦି ମନୁଷ୍ୟକୁ ସଂଭୋଗର ପନ୍ଥା ଦେଖାନ୍ତି ତେବେ ସେ ମନୁଷ୍ୟ ସମାଜକୁ କ୍ରମେ ପଶୁତ୍ୱ ଆଡ଼କୁ ଟାଣି ନେବେ। ସେମାନେ ଯେତେ ଇଚ୍ଛା କଲେ ମଧ୍ୟ ପୃଥିବୀରୁ ଯୁଦ୍ଧ ହିଂସା ଲୋପ କରି ପାରିବେ ନାହିଁ। କାରଣ ଭୋଗହିଁ ସଭ୍ୟତାର ମାପକାଠି ବୋଲି ଧରି ନେଲେ ସେମାନଙ୍କର ଧର୍ମ ମଧ୍ୟ ଭୋଗ ହେବ ଏବଂ ଏହି ଭୋଗ ପାଇଁ ସେମାନେ ଶାସକ ମାନଙ୍କର ଶରଣାପନ୍ନ ହେବେ। କାରଣ ଭୋଗଶୀଳ ପୃଥିବୀରେ ଶାସନ ଦଣ୍ଡଧାରୀ ହାତରେହିଁ ଭୋଗର ନିୟାମକ ଅର୍ଥର ଚାବି ରହିବା ସ୍ୱାଭାବିକ। ଏବଂ ବୈଜ୍ଞାନିକ ମାନେ ବାଧ୍ୟ ହୋଇ ଶାସକ ମାନଙ୍କର ନିର୍ଦ୍ଦେଶ ଶିରପାତି ଗ୍ରହଣ କରିବେ।

## ସମ୍ପାଦକୀୟ

ଶାସକର ଅନ୍ୟାୟ ବିରୁଦ୍ଧରେ ଠିଆ ହେବାର ନୈତିକବଳ ତାଙ୍କର ନଥିବ। ସେମାନେ ବୁଦ୍ଧିରେ ବିଶ୍ୱାଳକୁ ଲାଭ କରିପାରନ୍ତି କିନ୍ତୁ ନୈତିକତାରେ ଦୃଢ଼ତା ନଥିଲେ ମାରାତ୍ମକ ପରିସ୍ଥିତି ସୃଷ୍ଟି ହେବହିଁ ହେବ।

ଉତ୍କଳର ମେଘନାଦ ଓ ସାର ଚନ୍ଦ୍ରା ମଣିଙ୍କ ଭିତରେ 'ଅଣୁବିକ ଶକ୍ତି ସଂକ୍ରାନ୍ତରେ ଯେଉଁ ବିଭେଦ ଅଛି—ସେଇ ସାମାନ୍ୟ ବିଭେଦ ମଧ୍ୟ ରହିବ ନାହିଁ। ସେଣୁ ପୃଥିବୀରୁ ଦାରିଦ୍ର୍ୟ ଅପସାରିତ କରିବା ପାଇଁ ବିଜ୍ଞାନର ଅତିସାରିକ ଆବଶ୍ୟକତା ଯେତେ ନୁହେଁ—ତାଠାରୁ ନୈତିକତାର ଆବଶ୍ୟକତା ବେଶି।

### ଖରସୁଆଁ ଗୁଳି

ଖରସୁଆଁରେ ଓଡ଼ିଶା ସରକାର ଗୋଟି ନହୋଇ ଗୁଳି ଚଳାଇଲେ। ସେଭଳି ପରିସ୍ଥିତିରେ ଆତ୍ମରକ୍ଷା ମୂଳକ ଅସ୍ତ୍ର ବ୍ୟବହାର ନକରି ଉପାୟାନ୍ତର ନଥିଲା। ତଂର ଓଡ଼ିଆ ଅଫିସର ମାନେ ଯେଉଁ ଧୈର୍ଯ୍ୟ ସାହାଯ୍ୟର ପରାକାଷ୍ଠା ଦେଖାଇଛନ୍ତି ତାହା ପ୍ରଂଶସନୀୟ। ବିଶେଷତଃ ଜିଲ୍ଲା ମାଜିଷ୍ଟ୍ରେଟ୍ ପୁଲିସ ସୁପରିଣ୍ଟେଣ୍ଡେଣ୍ଟ ଓ ସୁର୍ଜେଣ୍ଟ ମେଜରର ପ୍ରସଂଶା ପାଇବାର ଯୋଗ୍ୟ। କିନ୍ତୁ ସରକାରଙ୍କୁ ଯେ ଆଦିବାସୀ ମାନଙ୍କ ଉପରେ ଗୁଳି ଚଳାଇବାକୁ ପଡ଼ିଲା ତାହା ଅତି ଦୁର୍ଭାଗ୍ୟର କଥା।

ମାତ୍ର ଏ ପରିସ୍ଥିତି ପାଇଁ ଆମର ଦାୟିତ୍ୱ କେତେ ତାହା ନ ବୁଝିଲେ ହୁଏତ ଭବିଷ୍ୟତରେ ଅଧିକ ଅପ୍ରୀତିକର ପରିସ୍ଥିତି ସମ୍ଭବ ହୋଇପାରେ।

ବିହାରୀମାନେ ଆଦିବାସୀ ମାନଙ୍କୁ ଉତ୍ତେଜିତ କଲେବୋଲି କହିଦେଲେ ଆମର କର୍ତ୍ତବ୍ୟ ଶେଷ ହେବ ବୋଲି ଭାବିବା ଠିକ୍ ନୁହେ। କାହାର ନେତୃତ୍ୱ ପାକିସ୍ଥାନ ସୃଷ୍ଟି କଲେବୋଲି କହିଦେଲେ ପରି ତାହା ମୂର୍ଖତା ହେବ। ଆଦିବାସୀ ମାନଙ୍କୁ ଆମର କରିବା ପାଇଁ ଚେଷ୍ଟା ନ କରି ଯଦି ତାଙ୍କୁ ଦୂର କରିବାର ନୀତି ଓଡ଼ିଶା ନେତୃତ୍ୱର ବାହାଦୁରୀ ହୁଏ ତେବେ ସତେ କଣ ଖରସୁଆଁର ଅବସ୍ଥାକୁ ଆମେ ଆହ୍ୱାନ କରୁଛୁଁ ବୋଲି କହିବାକୁ ହେବ।

ଆଦିବାସୀ ନେତା ଜୟପାଳ ସିଂହ ସମୟରେ ଓଡ଼ିଶା ସହ ମିଶିବା ପକ୍ଷରେ ଥିଲେ। ଆଜି ଓଡ଼ିଶାର ନେତୃତ୍ୱ ଓଡ଼ିଶା ସଂସ୍କୃତି ବିରୁଦ୍ଧରେ ଏହା ଆଦିବାସୀଙ୍କ ରହିବାନ୍ତି ବୋଲି ଶଙ୍କା କଲେ। ଅନ୍ୟ ଆଡ଼ରୁ ସମ୍ବାଦ ଆସିଲା ଜୟପାଳ ସିଂହଙ୍କୁ ବିହାର ମନ୍ତ୍ରୀ ମଣ୍ଡଳରେ ସ୍ଥାନ ଦିଆଯିବ। ଓଡ଼ିଶା ଓ ବିହାରର ଉଭୟ ନେତୃତ୍ୱର ଗତିକୁ ଦୃଷ୍ଟି ଦେଲେ ଦେଖାଯିବ, କିଏ ଅଧିକ ଉଦାର। ଆଜି ଯଦି ଆଦିବାସୀ ମାନେ—ଛୋଟନାଗପୁର ସନ୍ଥାଲ ସିଂହ ଭୂମିର ପ୍ରକୃତ ବାସିନ୍ଦା ମାନେ ବିହାରର ବ୍ୟବହାରରେ ଆପଣାକୁ ଅଧିକ ନିରାପଦ ମନେ କରି ବିହାରରେ ରହିବାକୁ ଚାହାନ୍ତି ତେବେ ତାଙ୍କୁ ଦୋଷ ଦେଲେ କୌଣସି ଲାଭ ହେବ ନାହିଁ।

ତେଣୁ ଆମ ମତରେ ଓଡ଼ିଶାର ନେତା ମାନଙ୍କର ମନୋବୃତ୍ତି ବଦଳିବା ଦରକାର କିମ୍ବା ଏ ନେତୃତ୍ୱ ବଦଳି ଯିବା ଦରକାର। ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ଏ ବ୍ୟାପାରକୁ ଖୁବ୍ ସାବଧାନ ତାର ସହିତ ବିଚାର କରି ଓଡ଼ିଶାର ସରକାରୀ ନୀତି ଉପରେ ପ୍ରଭାବ ପକାନ୍ତୁ କିମ୍ବା ସରକାରରେ ପରିବର୍ତ୍ତନ ଆଣିବାକୁ ଚେଷ୍ଟା କରନ୍ତୁ ତା ନହେଲେ ଗୋଟାଏ ଗୋଷ୍ଠୀର ଉଦ୍ଦେଶ୍ୟ ନେତୃତ୍ୱ ହୀନ କଂଗ୍ରେସ କମିଟି ହିସାବରେ ବହି କଂଗ୍ରେସର ସମାଧି ସଜ୍ଜା କରିବାର କୌଣସି ଅର୍ଥ ହୁଏ ନାହିଁ।

Digitized by srujanika@gmail.com

# କଥା ଓ ନଥା

କେଶରୀ ବାହ୍ମିନୀ ଶିକ୍ଷା କେନ୍ଦ୍ର—ନାୟକଙ୍କ ପ୍ରଶଂସା ଦର୍ଶୀ ।

…ଜଙ୍ଗଲ କେଶରୀ ଡରକକେଷି ।

× + ×

କେଷ୍ଟି ସମ୍ବାଦ ନାୟକର ହେଉ ଲହନ ।

…ଭାଣୀ କୁଙ୍କାଙ୍କ ସମ୍ବାଦ ହେଉ ।

+ + +

ଘଟଣାର ଭଡ଼ ନଥିଲେ ମାଇପ ଲୁଡ଼ମଡ଼ ମାରେ—ଇଡ ପ୍ରଜାବାଣୀ ।

…ନଥିଲ ବେଳକୁ ନାଚୁଣୀ ଯୋଉଁ ।

× × ÷

ପାକିସ୍ତାନ ଓ ଭାରତ ଭାଙ୍ଗି ଏକ ଅଖଣ୍ଡ ଭାରତ ଗଢ଼ା ନହେଲା ଯାଏ ଚଡ଼କାଢ ମାନେ କୌଣସି ଡୋମିନିୟନ ସଙ୍ଗେ ସହଯୋଗ କରିବେ ନାହିଁ ।—ପ୍ରଜାମିତ୍ର ।

…ଆଠିଏ ମହଣ ଘିଅ ନହେବା ଯାଏଁ—

+ × +

ଅଚ୍ଛା ଦେଶ ମିତ୍ରଣୀ ପାଲ୍ଲା ଲଗିଲେରେ-- ପାଟଣୀ ରଜାଙ୍କ ପ୍ରଜାମିତ୍ର ।

…ରଜା ଲଙ୍ଗୁଡ଼ ଟେକି ବସେଣି ଭଟିଲେରେ ।

+ + +

ଭାରତୀୟ ଜନ୍ମୁନ୍ୟୁନ ମୁସଲମ, ଲିଗ୍ ପୁରାପୁରି ଅସାମ୍ପ୍ରଦାୟିକ ଅନୁଷ୍ଠାନ ହେବ—ଇଡ ନୁରୁଲ ହକ୍ ।

…ଗରମ ଗରମ ବରଫ ସରବତ୍ ।

× + +

ଅଯଥା ଅବିଶ୍ୱାସ ଭୀରୁତାର ପର ଲୁଚ୍ଛକ—ଗାନ୍ଧିଜୀ ।

…ଅଯଥା ବିଶ୍ୱାସ ମଧ୍ୟ ଦୁର୍ବଳର ବାହାନା ।

+ × +

ରାଜାମାନେ ପ୍ରଜାଙ୍କ ସ୍ତରକୁ ଖସି ଆସିବା ଦରକାର—ଇଡ ଦେଶୀୟ ରାଜା ସମ୍ମେଳନୀ ସଂପାଦକ ।

…ଜବଦେ ଖର୍ଚ୍ଚ କଷ୍ଟ ପଡ଼ିବେ ଯେ ।

× × ×

ଅଣବିକ ଶକ୍ତି ଗବେଷଣା ହେଉ—ମେଘନାଦ । ଅଣବିକ ଗବେଷଣାରେ ଅଧିଲେ ଖର୍ଚ୍ଚ ନହେଉ—ଚନ୍ଦ୍ରାମଣି ।

…ମୁଣ୍ଡନାଂଚ ମଣ୍ଡଭ୍ରମଃ ।

× × ×

ସମାଜବାଦ କିମ୍ବା ଅନ୍ୟ କୌଣସି ବାଦକୁ ସ୍ୱଅପର ଦୋଷ 'ନାହିଁ'—ଅସାମରେ ପଟେଲ ।

ବୁଢ଼ାଣୁଆ କଠର କଠର ।

÷ × +

ଅଳସ୍ୟ ଅମର ଶତ୍ରୁ—ଅଠେଗ ତାକୁ ଦୂରକର—ପଟେଲ ।

…କମଲ ଘୋଡ଼ାଙ୍କ ଶୋଇପଡ଼ିଲେ ସେ ବଳେ ପଟେଲଛନ୍ତି ।

× × ×

"ପାକିସ୍ତାନ ସବୁ ସମ୍ପ୍ରଦାୟ ପାଇ ଦ୍ୱାର ଖୋଲି ରଖିଛି"—ଇଡ ସ୍ୱରାବର୍ଦ୍ଦୀ ।

…ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟରେ ?

+ + +

ଅଗ ଧନ ଅର୍ଜନ କର ତାପରେ ତାକୁ କଣ କରିବ ସେ କଥା ଚିନ୍ତା କରିବ—ସର୍ଦ୍ଦାର ପଟେଲ; ସାମ୍ୟବାଦକୁ

ଦୂଲରୁ ମାଇବ ନାହିଁ ପୂଅ ନାଁ—ଗୋପାଳିଆ ।

+ × ×

ବାହାରରୁ ଅମଦାନୀ ଉପରେ ଭାରତ ନିର୍ଭର ନ କରୁ—ଇଡ ସମ୍ପାଦକ ଚେଟ୍ଟୀ ।

…ଭ ରଡ ଭତର ବାହାର ସବୁକୁ ଖାଇ ବସିଲଣି ।

× + +

ଦେଶୀ ଆୟୁର୍ବେଦ ଓ ବିଦେଶୀ ଚିକିତ୍ସାକୁ ମିଶାଇ ନୂଆ ଚିକିତ୍ସା କରିବାକୁ ହେବ—ବିଜ୍ଞାନ କଂଗ୍ରେସର ସଭାପତି ଘୋଷ୍ଟା ।

…ଖେଚଡ଼ର ପାଥି ?

× + +

ଛୋଟ ନାଗପୁର ଓଡ଼ିଶା ମିଶି ଯେଉଁ ପ୍ରଦେଶ ହେବ ସେଥିରେ ଶିଳ୍ପ ଖୁବ୍ ଉନ୍ନତ ହେବ—ଲକ୍ଷ୍ମୀ ନାରାୟଣ ସାହୁ ।

…କୁକୁଡ଼ା ପାଳିବା କଥିରେ ?

+ × ×

ମୟୂରଭଞ୍ଜବାସୀ କଣ ଲୁହାନ୍ତି ? ଦ୍ୱିବେଦୀ ।

…କାଶୀବାସ ।

+ + ×

ଆଜ ଶୋଇ ରହିବାର ବେଳ ନାହିଁ. ଲିଙ୍ଗରାଜ ।

…ତେବେ ଶୋଇବାର ବେଳ ବୋଧହୁଏ ।

+ + +

ମୁଁ ଖାଦ୍ୟ ମନ୍ତ୍ରୀରୁ ଛାଡ଼ିଲେ ମଧ୍ୟ ଖାଦ୍ୟ ବିଷୟରେ ମନଯୋଗୀ ହେବି—ରାଜେନ୍ଦ୍ର ପ୍ରସାଦ ।

…ଅପଣା ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅନ୍ତତଃ ।

× + ×

ନୂଆ ଏକ ମନ୍ତ୍ରତନ୍ତ୍ର ରଚନା କରିବା ଅବଶ୍ୟକ—ନାରୀ ସମ୍ମେଳନୀ ସଭାପତି ଶ୍ରୀମତୀ ଭାଲେ ।

…ବୈବସ୍ୱତଙ୍କ ପରେ ବୈବସ୍ୱତ ମନୁ ଆସିବେ ।

× × ×

ଯେଉଁମାନେ ସ୍ୱେଚ୍ଛାବିକାର କରୁଛନ୍ତି ସେମାନେ ଆଜ ସମାଜରେ ନିନ୍ଦା ପାଇବା ପରିବର୍ତ୍ତେ ପ୍ରଶଂସାର ପାତ୍ର ହୋଇ ହୋଇଛନ୍ତି—ପୂର୍ବରେ ଜଗଜୀବନ ରାମ ।

…ସମାଜରେ--ନା ପ୍ରଜାତନ୍ତ୍ରରେ ?

× × +

ସରକାର ତରଫରୁ ଆଇନ କରି ମନ୍ଦିର ପ୍ରବେଶ ଅଧିକାର ହାସଲ କଲେ ତାହା ବାସ୍ତବତାରେ ପରିଣତ ହେବ ନାହିଁ—ଜଗଜୀବନ ।

…ଆଇନ ଗୁଡ଼ାକ ଅବାସ୍ତବ ।

+ × +

Digitized by srujanika@gmail.com

# ଭୁଲ ପ୍ରଣୟ ପ୍ରାର୍ଥୀ

ଲେଖକ— ଯତୀନ୍ଦ୍ର କୁମାର ଦାସ

୧୧, ନଭେମ୍ବର ୪୭ ।

ସକାଳୁ ତାହାଙ୍କ ଅପେକ୍ଷା କରିଥାଏ । କେତେଦିନ ଧରି ମୋ ଉପରେ ବହୁ ଯାଉଛି ଅମଙ୍ଗଳର ବାତ୍ୟା । ଏତେଦିନ ପରେ ଆଜି ମଙ୍ଗଳ ହେବ ହୁଏତ ।

ସେଫ୍ଟି ରେଜରରେ ଦାଢ଼ି ଖିଅର କରୁଥାଏ । ବନ୍ଧୁ ସତ ଓ ରୁଚି ଆସି ପହଞ୍ଚିଗଲେ । ସେମାନେ ହୁଏତ ନେଇ ଆସିଛନ୍ତି କିଛି ଯୋଜନା ଓ ପରିକଳ୍ପନା ।

## ମଜାକଥା

ଅନୁମାନ ମୋର ଭୁଲ ହୋଇ ପାରେନା ।

ସେମାନେ ନେଇ ଆସିଥିଲେ ଗୋଟିଏ ଯୋଜନା—ଓଡ଼ିଶା ଥିଏଟର୍ସରେ ଆଜି ସଂଧ୍ୟାବେଳେ 'ଲାଭ୍ ଫର୍ ଲାଭ୍' ଦେଖା । ପ୍ରତ୍ୟେକ ଜଣ ଏମିତି ଗୋଟିଏ ଗୋଟିଏ ଯୋଜନା ଆଣନ୍ତି ଆଉ କାର୍ଯ୍ୟ କାଣ୍ଡ କରିବା ପାଇଁ ବାଧ୍ୟ କରନ୍ତି ।

ସେଦିନ ସଂଧ୍ୟାରେ ଛକିଜଣଯାକ ବାହାରିଲୁ । ସତ ପକେଟରେ ଭାଇକୋ ରୁମାଲରୁ ଶୁଙ୍ଘି ଆସୁଥାଏ ଇଭନିଂ ଇନ୍ ପ୍ୟାରିସ୍ ସୁମିଷ୍ଟ ଗଂଧ, ଆଉ ରୁଚିର ଜାମା ଲେମ୍ବୁରଙ୍ଗ—ନା,ନା ଭୁଲ ହେଲା—ଲଂଫ୍—ବ୍ଲାକ ଜାଲ ରଙ୍ଗ ଓଠ ଉପରେ ଜଳି ଉଠୁଥାଏ 'ମେନ୍ ଓନ୍ଲି' (Men only) ସିଗାରେଟ ।

'ମେନ୍ ଓନ୍ଲି' ସିଗାରେଟ ବାହାରିବା ଦିନଠାରୁ ରୁଚି ଅନ୍ୟ କିଛି ସିଗାରେଟ ଖାଏନାହିଁ । କାରଣ ବନ୍ଧୁବର ନାରୀ-ବିଦ୍ୱେଷୀ ସେ । ଯେଉଁ ଜିନିଷ ସବୁ ନାରୀମାନେ ବ୍ୟବହାର କରନ୍ତି ନାହିଁ ବା କରିପାରିବେ ନାହିଁ, ସେ ଜିନିଷ ସବୁ ତାର ଅତି ଆଦରଣୀୟ ।

× — ×

ଓଡ଼ିଶା ଥିଏଟର୍ସରେ ଆଠଣିଆ ଟିକେଟ କାଟିଲୁ । ଅଠଣାର ସବୁ ବେଞ୍ଚ ଶୂନ୍ୟ ।

ସତ କହିଲା, 'ପଇସା ଫିଙ୍ଗିଦେବା ଏଠା ଗୁଡ଼ନାଇଟ୍ ରେଷ୍ଟୁରାଣ୍ଟକୁ ଯାଇଥିଲେ ଭଲ ହୋଇଥାନ୍ତା ।'

ରୁଚି କହିଲା 'ବରଂ ଏନାଟମି ରେଷ୍ଟୁରାଣ୍ଟରେ କଟ୍ଲେଟ୍ ଓ ମାଂସ ଚପର ପ୍ରଣୟ ଏହି ଭଙ୍ଗୀ ନାଚ ଦେଖିବା ପ୍ରଣୟ ଠାରୁ ଅଦ୍ଭୁତ ମଧୁର ବନ୍ଧୁ ।'



ନାଟ୍ୟାରମ୍ଭ ହୋଇଥାଏ ମାତ୍ର । ବିଦ୍ୟୁତ ଆଲୋକ ସାଜସଜ୍ଜାର ବାତାବରଣ ନର୍ତ୍ତକ ନର୍ତ୍ତକୀଙ୍କ ଦେହରେ ଲଗାଇ ଦେଇ ଯାଇଥାଏ ଅନିର୍ବଚନୀୟ ସୁଷମା । ନୂତନ ଅଙ୍କୁରର ପଲ୍ଲବ କଳସ ଠାରୁ ଏମାନଙ୍କ ସୌନ୍ଦର୍ଯ୍ୟର ଐଶ୍ୱର୍ଯ୍ୟ ହୁଏତ ଅଦ୍ଭୁତ ମଧୁର ।

ପ୍ରଥମ ଦୃଶ୍ୟ ପରେ—

ଆଗଲାଇନରେ ଆମଠାରୁ କେତୋଟି ସିଟ୍ ଛାଡ଼ି କେତେଜଣ ତରୁଣୀ ବସିଥାଆନ୍ତି ।

ସତ ହଠାତ୍ କହିଲା, 'ଏମାନେ ଗାର୍ଲସ୍ ସ୍କୁଲରେ ପଢ଼ନ୍ତି ।

## ମାଙ୍କଡ଼ ହାତରେ

କିଛି ସମୟରେ କହିଲା, 'ବନ୍ଧୁ, କିଛି ରୋମାନ୍ସ ସୃଷ୍ଟି କରିବ । ତା ନହେଲେ ଶୁଷ୍କ ନୀରସ ସମୟଗୁଡ଼ା କଟିବ କେମିତି ?' ରୁଚି ଆମ ଉପରେ ବିରକ୍ତ ହେଲା, 'ତମେ ଥିଏଟର୍ ଦେଖି ଆସିଚ ନା, ରୋମାନ୍ସ କରିବାକୁ ଆସିଚ ?'

'ଇସ୍ କି ଛକପୋଳ ଗୁଡ଼ାକ !' କହି ଆମ ଆଡ଼କୁ ବସିଥିବା ତରୁଣୀଙ୍କ ପଛସିଟ୍‌କୁ ଘୁଞ୍ଚିଗଲି ।

ତରୁଣୀ ଜଣକ ହାତକୁ ପଛକୁ ରଖି ବସିଥାନ୍ତି । ହାତଟାକୁ ଥରେ ଛୁଇଁ ଦେଲି । ତଥାପି ସେ ତାଙ୍କ ହାତ ସେ ସ୍ଥାନରୁ ନେଲେ ନାହିଁ ; ଭାବିଲି ତାହାଙ୍କ ଆଡ଼ୁ ବି ଗୋଟାଏ ଶୁଭ ଫଳ ବାହାରୁଛି । ମନ ମୋର କଳ୍ପନା କରିଗଲା । ଅସଂଖ୍ୟ ରଙ୍ଗୀନ ସ୍ୱପ୍ନର ବିଳାସ । ହୃଦୟର କନ୍ଦରା କୋଣରେ ଖେଳିଗଲା ପ୍ରଥମ ଅଭିସାରର ଉତ୍ତେଜନା ।

ତାଙ୍କ ହାତଟାକୁ ଟିକିଏ ଟିପିଦେଲି ।

ତଥାପି ସେ ଅବିଚଳିତ !

କିଛି ସମୟପରେ ଏହିପରି ଅଭିନୟ ସରିଲା ପରେ ମନେ ହେଲା ଏଇ ଟିକିଏ ସ୍ପର୍ଶ, ଏଇଥିରୁ ମୁଁ କଣ ପାଇବି ? ନା ସବୁ ଜାଣିଥାନ୍ତି ! ଆଉ ଟିକିଏ ପରେ ତରୁଣୀ ଜଣକ ହୁଏତ ଖୁସିହେବେ । ଆଉ ଚିରଦିନ ପାଇଁ ମୁଁ ତାଙ୍କ ପାଖରେ ରହିଯିବି ଅପରି-ଚିତ ଅଜଣା ! ଏହି ମୋର ଗୌରବର ମୂଲ୍ୟ କଣ ? ମୁଣ୍ଡକୁ ଗୋଟାଏ ପ୍ଲାନ ଛୁଇଁଲା । ଖଣ୍ଡେ କାଗଜରେ ମୋ ନାମ ଓ ଠିକଣା ଲେଖି ତାଙ୍କ ହାତରେ ଗୁଞ୍ଜି ଦେବି । ତା ହେଲେ ହୁଏତ ଭବିଷ୍ୟତରେ ମୋର କଳ୍ପନା ବାସ୍ତବତାର ସୀମା ସ୍ପର୍ଶ କରନ୍ତା ।

ପକେଟ ଖୋଜିଲି କାଗଜ ନାହିଁ । ସତ ଓ ରୁଚିକୁ ମାଗିଲି । ତାହାପାଖରେ କିଛି ନାହିଁ । ରୁଚି ବିରକ୍ତ ହେଲା । କହିଲା ବଲସିନ ଛାରେ ଷ୍ଟେଟ୍ସ୍ କଲ୍ଚର ବୋଲି । ସତକୁ କାରଣ କହିବା-କହିଲା, 'ଟିକେଟ, ଥିଏଟର ଟିକେଟଟା ଚଳିଯାଇ ପାରେ ।' ଘର ଅଂଧାର—ଥିଏଟର ଗୃହଟି ।

ସିଟ୍‌ରୁ ଉଠି ବାହାରିଲି ଅସୁ. ଅସୁ. ପାହାଚ ! ଝୁଣ୍ଟି ପଡ଼ୁ ପଡ଼ୁ ବେଞ୍ଚଟାଏ ଧରି ରକ୍ଷା ପାଇଗଲି । ଡାହାଣ ଆଖି ଉପରର କସ୍ମେତ କଷ୍ଟସ୍ଥ !

ବାହାରେ ଆସି ଆଲୁଅରେ ଅଧାଚିରା ଟିକେଟ୍‌ର ପଛପାଖ ଦେଖିଲି । ଭାଗ୍ୟ ଖରାପ ! ଟିକେଟଟା ଗୋଟାଏ ଦେଶୀ ହ୍ୟାଣ୍ଡବିଲ ଉପରେ ଛପାଯାଇଛି ।

ପାନ ଦୋକାନରେ କାଗଜ ଖୋଜିଲି । ଦୋକାନୀ ମନା କଲା । ହଠାତ୍ ସିଗାରେଟ ପ୍ୟାକେଟ୍ ଉପରେ ନଜର ପଡ଼ିଗଲା । ସିଗାରେଟ୍ ଖୋଳର ଭିତର ପାଖ ବେଶ୍ ଚଳିବ । ଖାଲି ସିଗାରେଟ ଖୋଳ ମାଗିଲି । ଦାଳେ ଦବ ନଦେବ ସେଥିପାଇଁ ଗଣ୍ଡେ ସିଗାରେଟ୍ କିଣିଲି ମଧ୍ୟ । ହୋପ୍‌ଲେସ୍ ନଅଣ୍ଡିଆ ଦୋକାନୀ ମନାକଲା । ବାଧ୍ୟ ହୋଇ 'ମେନ୍ ଓନ୍ଲି' ପ୍ୟାକେଟ୍ ଟାଏ କିଣିଲି । ଏଇ ଉଦ୍ଦେଶ୍ୟରେ— ପରେ ରୁଚିକୁ ଦେଇ ପଇସାଟା ପାଇପାରେ ।

ତାପରେ ପେନ୍ସିଲ୍ ପ୍ରବ୍ଲେମ୍ ! ଦୋକାନରେ ନଥିଲା ।

ସେଣ୍ଟରରୁ ଦର୍ଶକ ମାନେ ଆସିଲେ । ତାହାଠାରୁ ମିଳିଗଲା । ହଠାତ୍ ପାଖରେ ଥିବା ଶିବ ଶଂକର ରେଷ୍ଟୁରାଣ୍ଟକୁ ଦଉଡ଼ି ଗଲି । ଏଇ ପେନ୍ସିଲ ଟା କଲମ ମାଗିବ କଣ ? ଚପେ ଚପି ଭାବିଲି ।

[ ୮ମ ପୃଷ୍ଠା ଦେଖନ୍ତୁ ]

Digitized by srujanika@gmail.com

# ଅନ୍ତିମ ବାଣୀ

ଅରଟ ଘୂରି ଚାଲିଛି—ଘରର୍—ଘର୍—ଘର୍ । ଠିକ୍ ଏ ସମୟରେ କେତୋଟି ମାଛି ଓ ଗୋଟିଏ ନଚେଇ ଥାଆ । ମଳିଆ ଛିଣ୍ଡା ଖଦଡ଼ ଶାଢ଼ୀର ଆବରଣ ଭିତରୁ ଝଲସି ଉଠୁଛି ଷୋଡ଼ଶୀ 'ସୁନା' ର ଚହଟ ରୂପ । ତରଳ ସୁନା ରଙ୍ଗର କୋମଳ ନରମ ହାତ ଯୋଡ଼ିକ ଅନବରତ ତାର କାର୍ଯ୍ୟ ବ୍ୟସ୍ତ । ଅଜ ଶାନ୍ତ ସ୍ନିଗ୍ଧ ମୁହଁ ଝଣ୍ଡିକରେ

## କାହାଣୀ

ଅନାଦର ଭରା ଅଥଚ ନାହିଁ କି ବିଷାଦର କାଳିମାମୟ ଛାୟା ନାହିଁ ।

ନାମଟି ମଫସଲ ଗାଁ । ଗାଁ ମୁଣ୍ଡରୁ ଲାଗି ସେଇଠାରୁ ବିସ୍ତୃତ ଶସ୍ୟ କ୍ଷେତର ଦୂର ଶେଷରୁ ଗାଁ ପାଖେ ବ୍ୟାପି ରହିଛି ସେଇଠି ଏକ ଉଚ୍ଚ ଢିପ ଉପରେ ବାଉଁଶ ମାଟି ଓ ନଡ଼ା ସାହାଯ୍ୟରେ ତିଆରି ଅନୁଚ୍ଚ କୁଡ଼ିଆ ଟିଏ । ଏହି କୁଡ଼ିଆଟିର ଦାଣ୍ଡ ମେଲା ଘରେ ବସି ସୁନା ସୂତା କାଟିବାରେ ବ୍ୟସ୍ତ । ପାଖରେ ଆଉ ଛୋଟିଆ ଅରଟ ପଡ଼ି ରହିଛି । ଦୁଇ ମାଇଲ କାଳରୁ ତା' ଭଉଣୀ ଘରକୁ ଯାଇଚି, ଏଯାଏଁ ଫେରି ନାହିଁ । ଚମ୍ପା ମାଉସୀ ଇରମ ଯାଇଚି ଖଦି କେନ୍ଦ୍ରରେ ସୂତା ମଧ୍ୟରେ ଦେଇ ଆସିବାକୁ । ରେମି ବଉ ବୁଢ଼ୀର ଦେହ ଅସୁଖ । ତେଣୁ କେହି ସୂତା କାଟିବାକୁ ଆସି ନାହାନ୍ତି ସୁନା ଆଜି ଏକୁଟିଆ— ନାମଟି ଏକୁଟିଆ ।

+ × +

ସଂଧ୍ୟା ଆଗତ ପ୍ରାୟ । ଆଖି ଆଗରେ ଦିଗନ୍ତ ବିସ୍ତୃତ ସବୁଜ ଧାନ କ୍ଷେତ ଉପରେ ସୁନାର ଢଳଢଳ ଆଖି ଦୁଇଟିର ନିର୍ନିମେଷ ଦୃଷ୍ଟି ନିବଧ । ତା ମନର ସୁଦୃଢ ସେତୁ ବନ୍ଧ ଆଜି ଯେମିତି ତା ଆଗରେ ଟଳି ହୋଇ ତା ହୃଦୟକୁ ଭରାଇ ପକାଉଚି ।

× × ×



'ତେରୋଟି ବୟସ ଉପରେ ନୂଆ ହୋଇ ଏଘରର ବଧୂ ପାଦ ଦେଇଥିଲା । ଏଇ ଘର—ଏଇ ମାଟି—ହସି ଉଠୁଥିଲା ସେଦିନ । ମାତୃ ରୂପିଣୀ ଦେବୀ ପରି ଶାଶୁର ସ୍ନେହ । ରାମଚନ୍ଦ୍ର ପରି ସ୍ୱାମୀର ଅସରନ୍ତି ପ୍ରେମ । ତା ଲାଗି ଝରି ପଡ଼ୁଥିଲା ଅବିରତ— ଠିକ ଦେବତାର ଆଶୀର୍ବାଦ ପରି ।

ସେ ମନେ ପକାଉଥାଏ— ଅବିକଳ ଏହିପରି ଶରତର କମନୀୟ ସଂଧ୍ୟାରେ ସ୍ୱାମୀ ତାର କ୍ଷେତରୁ ଫେରନ୍ତି । ମଥାର ଝାଳ ଝାଳ ଆସି ତାଙ୍କର କର୍ମ-

## କଥାଟିଏ କହେଁ

କ୍ଳାନ୍ତ ଶୀତଳ ହାତ ଦୁଇଟିରେ ଦୁଇ ଆଖିକୁ ତାର ଜାବୁଡ଼ି ଧରନ୍ତି । ପଚାରନ୍ତି, 'କିଏ କୁହତ ଦେଖି' ? ପ୍ରିୟର ପରିଚିତ ସ୍ୱର ଶୁଣି ସେ ଉତ୍ତର ଦିଏ, ''ଚୋର'' ସ୍ୱାମୀ ସକୌତୁକରେ କୁହନ୍ତି, 'ତେବେ ତ ଭ୍ରମର ସବୁ ଲୁଟି ନେବ ।' ସେ କହେ, 'ମୋର ସବୁତ ଲୁଟି ନେଇଚ । ଆଉ କଣ ବାକି ଅଛି କି ?'' ସ୍ୱାମୀ ତାର ବାହୁ ମେଲାଇ ତାକୁ କୋଳରେ ଜାକି ଧରନ୍ତି—ତାପରେ— ସେ ଆଉ ଭାବି ପାରେନା ।

ସୁନାର ସୁନା ମଥାରୁ ଆଜି ସିନ୍ଦୂର ଟୋପା ଲିଭିଚି । ତାର ଏ ଉଦ୍‌ଭିନ୍ନ ଯୌବନ ଓ ଚହଟ ରୂପ ପ୍ରତି ଟିକିଏ ହେଲେ-ମାୟା ମମତା ନାହିଁ । ପ୍ରଫୁଲ୍ଲ ପରି ରୂପବନ୍ତ ଯୌବନ ମଧୁ ଅଙ୍ଗକୁ କେଉଁ 'ସ୍ୱର୍ଗୀୟ ଦେବତା' ଉଦ୍ଦେଶ୍ୟରେ ଉତ୍ସର୍ଗ କରି ତାର କର୍ତ୍ତବ୍ୟ କରି ଚାଲିଛି । ସଦ୍ୟ ବୈଧବ୍ୟର ଗ୍ଲାନିଭରା ଦୁଃଖକୁ ବୁକୁ ଭିତରେ ଚାପି ରଖି ସେ ଦିନ-ଦିନ ରାତି ରାତି କଟାଇ ଦେଉଛି—ତାର ଏହି ପୂତ ନୀଳାଚଳ କ୍ଷେତ୍ର—ସ୍ୱାମୀର କୁଡ଼ିଆ ଖଣ୍ଡିକରେ । ମନ ଭିତରେ ଏଡ଼େ ବଡ଼ ପ୍ରଚ୍ଛନ୍ନ ଦୁଃଖର ଘନୀଭୂତ ଅଂଧକାର ଥାଇବି-ଏହି ଅସହାୟ ନିରୀହ କୃଷକ ଘରଣୀ ତାର ବୈଧବ୍ୟ ପାଇଁ ଗର୍ବ କରିଥାଏ ।

ସେ ବର୍ଷର କଥା ମାତ୍ର— ହଠାତ୍ ଶୁଣାଗଲା ଗାନ୍ଧି, ଜବାହାର ଲାଲ, ପଟେଲ, ମହତାବ ଆଦି ଦେଶର ବଡ଼ ବଡ଼ ଜନ ନେତା ମାନେ ସରକାରର ଗୁପ୍ତ କାରାଗାରକୁ ନିଆ-ଗଲେ । ଦେଶର ଗୁରୁଅଡ଼ ଆନ୍ଦୋଳନର ତେଜ ଖେଳିଗଲା । କେଉଁଠି ଥାନା ପୋଡ଼ାଗଲା— କେଉଁଠି କଚେରୀ ଉପରେ ଚଢାଉ ହେଲା—କେଉଁଠି ରେଲ ଲାଇନ ଉଠିଲା—ଏମିତି କେତେ କଣ । ଏଣେ ତାର ଜବାବ ଦେଲା ସରକାରର ତୀବ୍ର ଅତ୍ୟାଚାର ଓ ଦମନ ନୀତି । ଶହ ଶହ ଲୋକ ବନ୍ଧାହୋଇ କାରାଗାରର ସୁଦୃଢ଼ ପ୍ରାଚୀରର ଅନ୍ତରାଳକୁ ନିଆଗଲେ । ପୋଲିସର ଲାଠି ହେଲା ରକ୍ତ ରଞ୍ଜିତ—ଧରାର ଧୂଳି ହେଲା ଉଷ୍ମ ଶୋଣିତରେ ସିକ୍ତ ।

ଏତିକି ବେଳେ ଜନ୍ମ ମାଟିର ଡାକରା ଶୁଣି ସୁନାର ସ୍ୱାମୀ ଗୌର

ଲେଖକ—ମୁକ୍ତିକାନ୍ତ ରାୟ

ସାମିଲ ଗଲା ସଭାକୁ । ଏମିତି ଗୀତ ଯାଏ ଗୀତି ଅବେ ।

ସେଦିନ ମାଢ଼ାସି, ଚୂଡ଼ାମଣୀ ଓ ଇରମ ଗାଁରେ ଶଙ୍ଖର ଧ୍ୱନି ଉଚ୍ଛୁଳି ପଡ଼ିଲା । ଏହି ଧ୍ୱନି ତାର ପ୍ରତିଧ୍ୱନି ସହ ଭେଦି ଚାଲିଲା ଗ୍ରାମରୁ ଗ୍ରାମକୁ । ବାଳକ ବାଳିକା, ଯୁବକ ଯୁବତୀ, ବୃଦ୍ଧ ବୃଦ୍ଧା ସବୁ ଛୁଟିଲେ ଇରମ ଗାଁକୁ ।

( ୮ମ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଓଡ଼ିଆ ଲିପି ସଂସ୍କାର

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

'ଡଗର'ର ସଂପାଦକ ମହାଶୟ,

ଗତ କେତେ ଦିନ ହେଲା ଆପଣ ଓଡ଼ିଆ ଲିପି ସଂସ୍କାର ସଂପର୍କରେ ଆଲୋଚନା ଚଳାଇଛନ୍ତି । ଅନେକ ସମୟରେ ଏହା 'ଡଗର'ର ସ୍ତମ୍ଭରେ ଆଲୋଚିତ ହୋଇ ଥିବାରୁ ଅବଶ୍ୟ ଠିକ୍ ଏ ଗୁରୁତ୍ୱ କମି ଯାଉଛି—ତଥାପି ବଡ ସାଧୁ ଉଦ୍ୟମ । ଏ ସଂପର୍କରେ ବହୁ ଦିନୁ କେତେକଙ୍କ ମନରେ ନାନା ପ୍ରକାର ଭାବନା ଖେଳୁଛି ଓ ଓଡ଼ିଆ ଲିପିର ସଂସ୍କାର ଯେ ନିତାନ୍ତ ଦରକାର । ତାହା ଆଜି କେହି ଅନୁଭବ କରନ୍ତୁ ନ କରନ୍ତୁ ଛାପାଖାନା ବାଲା ମାନେ ମର୍ମେ ମର୍ମେ ବୁଝୁଛନ୍ତି ଓ ଯେଉଁ ଶିକ୍ଷକଙ୍କର ଆନ୍ତରିକତା ଅଛି, ସେମାନେ ମଧ୍ୟ ଅନୁଭବ କରୁଛନ୍ତି । ବହୁ ବର୍ଷ ତଳେ 'ସତ୍ୟବାଦୀ' ଦଳ ପଣ୍ଡିତ ନୀଳକଣ୍ଠ ଓ ଗୋଦାବରୀଶଙ୍କ ନେତୃତ୍ୱରେ ଏହା ଆରମ୍ଭ କରିଥିଲେ । କିଛୁଦିନ ତଳେ ସୁଲେଖକ ଶ୍ରୀଯୁକ୍ତ ହରଚନ୍ଦ୍ର ବଡାଲ ବଙ୍ଗଳା ଲିପି ସଂସ୍କାର ଆନ୍ଦୋଳନରୁ ପ୍ରେରଣା ପାଇ ଏ ବିଷୟରେ କେତେକ ଆଲୋଚନା କରିଥିଲେ । ସେ ସମୟରେ ଆଉ କେତେକ ଲେଖକ ସେମାନଙ୍କ ମତାମତ ସଂକ୍ଷେପରେ ପ୍ରକାଶ କରିଥିଲେ । ଛାପାଖାନା କର୍ମଚାରୀ ହିସାବରେ ମୁଁ ପ୍ରତ୍ୟହ ଲିପି ସଂପର୍କୀୟ ଅସୁବିଧା ଭୋଗ କରୁ ଥିବାରୁ ଧାରାବାହିକ ତିନୋଟି ପ୍ରବନ୍ଧ 'ଝଙ୍କାର'ରେ ଲେଖିଥିଲି । ମାତ୍ର ସେ ଆନ୍ଦୋଳନ ସେତିକରେ ଇତି ହୋଇଥିଲା । ଏବେ ଆପଣ ସେ ଦିଗରେ ଅଗ୍ରଣୀ ହୋଇଥିବା ସୁଖର କଥା ।

ଓଡ଼ିଆ କୁଳବଧୂ ପରି ଓଡ଼ିଆ ଲିପି ସବୁର ସର୍ବାଙ୍ଗରେ ନାନା ଗହଣା ଗଣ୍ଠି ପୂର୍ଣ୍ଣ । ଆଜି କାଲିର ସଭ୍ୟତା କୁଳବଧୂର ଦେହରୁ ଗହଣା ଗଣ୍ଠି ଖସାଇ ପକାଇଛନ୍ତି, ଲିପିର ଗହଣା ଗଣ୍ଠି ଖସାଇ ପକାଇବା ଏ ଯୁଗର ନିତାନ୍ତ ଦରକାର ଅନୁଭୂତ ହେଉଛି । [ଏଇଟା ବୋଧହୁଏ ଆପଣ ଅନୁଭବ କରିପାରିବେ ନାହିଁ କାରଣ ମୁଁ ଶୁଣିଛି, ଆପଣ ବଧୂ [illegible] (ପାଉନାହେଁ) ଏ ପର୍ଯ୍ୟନ୍ତ [illegible] ନାହାନ୍ତି ।]

କେହି କେହି ଓଡ଼ିଆ ଭାଷାକୁ ରୋମାନ ଲିପିରେ ଲେଖିବାକୁ ମତ ଦେଇଛନ୍ତି । ଦିନେ ମଧ୍ୟ ଏଇ ମତରେ ଭାରତର ସବୁ ଆଡ଼େ ଅନେକ ମତ ଦେଇଥିଲେ—ପଣ୍ଡିତ ଜବାହାରଲାଲ ମଧ୍ୟ ଏହାର ପକ୍ଷପାତୀ ଥିଲେ । ମାତ୍ର ପରେ କେତେକାଂଶରେ ମହାତ୍ମାଙ୍କ 'ସ୍ୱେଦନା'ରେ ସେ ଏ ମତ ଛାଡ଼ିଥିଲେ । ବର୍ତ୍ତମାନ ଯୁଗରେ କୌଣସି ବାଙ୍କ ପଣ୍ଡିତ ଏ ମତର ଆଉ ପକ୍ଷପାତୀ ନୁହନ୍ତି । ରୋମାନ ଲିପି ସହଜ ସୁନ୍ଦର ଓ ବିଜ୍ଞାନ ସମ୍ମତ ହୋଇଥିଲେ ମଧ୍ୟ ଭାରତୀୟ ସଂସ୍କୃତିକୁ ଖାପ ଖାଇ ପାରିବ ନାହିଁ ।

କେତେକ ଅନୁସାର, ହଲନ୍ତ ଆଦି ଦେଇ ଯୁକ୍ତାକ୍ଷର କରିବାକୁ ସୁପାରିଶ କରିଛନ୍ତି । ତଦ୍ୱାରା ସୁବିଧା ତ କିଛି ହେବ ନାହିଁ, ଅସୁବିଧା ବହୁତ ବଢ଼ିଯିବ । 'ସ୍ୱସ୍ଥ୍ୟ'ର 'ସତ୍‌ସ୍ୟ' ଲେଖିଲେ ଛାପାଖାନାର [କମ୍ପୋଜିଟରର ମ, ସ୍ତ ଓ ୟ ଏହି ତିନୋଟି ଅକ୍ଷର ପରିବର୍ତ୍ତରେ ମ, ତ, ୍, ସ, ୟ ଏହି ପାଞ୍ଚୋଟି ଅକ୍ଷର ଆଣି ଖଞ୍ଜିବ । ଏହା ଦ୍ୱାରା ସମୟ ବେଶି ନଷ୍ଟ ଓ କାଗଜରେ ସ୍ଥାନ ବେଶି ଯିବ । ପୁଣି ହଲନ୍ତଟି ଭାଙ୍ଗିଗଲେ ବା ନ ଉଠିଲେ (ଓଡ଼ିଆ ଛାପାଖାନାର ଯାହା ପ୍ରତିଦିନର ଦୁର୍ଭାଗ୍ୟଲିପି) ଶବ୍ଦଟି କିମ୍ଭୂତ କିମାକାର ହୋଇଯିବ ।

ହିନ୍ଦୀ ଓ ବଙ୍ଗଳାରେ ଲିପିର ସଂସ୍କାର କରି ଲାଇନୋ ମେସିନ ପ୍ରସ୍ତୁତ କରିଛନ୍ତି । ଅଳ୍ପ ବହୁତେ ସେହି ଗତି ଆମକୁ ଅନୁସରଣ କରିବାକୁ ପଡ଼ିବ । ଯୁକ୍ତାକ୍ଷର କମାଇବାକୁ ହେବ ଓ ମାତ୍ରାସବୁ ତଳ, ଉପର, ପଛ ଉପରର ଡାହାଣ ବଡ଼ ଇତ୍ୟାଦିରେ ଯେତେ ଦୂର ସମ୍ଭବ କମ୍ ଯୋଡ଼ାଯିବାକୁ ହେବ । ବଙ୍ଗଳା ଓ ହିନ୍ଦୀରେ ପ୍ରତ୍ୟେକ ଯୁକ୍ତାକ୍ଷରର ପ୍ରଥମ ଅକ୍ଷର ଅଧେ ଲେଖି ଦ୍ୱିତୀୟ ଅକ୍ଷରଟି ତା ପଛରେ ପୂରା ଲେଖିବା ଦ୍ୱାରା ଏ ସମସ୍ୟା ସମାଧାନ ହୋଇଛି । "ମଦ ମତ୍ତ ଗୁଣ୍ଡାମାନେ [illegible] ଆକ୍ରମଣ କଲେ ।" ନ୍ଦକୁ ନରୁ ଫାଳେ ଓ ତା ପଛରେ ଦ ସାହାଯ୍ୟରେ, ଣ୍ଡକୁ ଣରୁ ଫାଳେ ଓ ତା ପଛରେ ଡ ସାହାଯ୍ୟରେ, [illegible] କୁ ସରୁ ଫାଳେ ଓ ତା ପଛରେ ତ୍ର ସାହାଯ୍ୟରେ ରୂପାନ୍ତରିତ କରାଯାଇଛି ।

ଛାପାଖାନାରେ ଗୋଟା ଅକ୍ଷର ସହିତ କେତେକ ଅଧା ଅକ୍ଷର ଥାଏ ଯାହାକୁ କଟା ଅକ୍ଷର କହନ୍ତି । ସେଥିରେ ମାତ୍ରା ସବୁ ଯୋଡ଼ା ହୋଇଥାଏ । ଯେଉଁ ଯେଉଁ ମୂଳ ଅକ୍ଷର ସଂଯୋଗରେ ବେଶି ଯୁକ୍ତାକ୍ଷର ହୁଏ, ସେହି ସେହି ମୂଳ ଅକ୍ଷର ଟିକିଏ ବଦଳାଇ ଦେଲେ ଏହା ସୁଗମ ହୋଇ ପାରନ୍ତା, ଆମ ଠାକୁରଙ୍କର ଯେପରି ଚଳନ୍ତି ପ୍ରତିମା ଥାଆନ୍ତି ସେହିପରି ପ୍ରତ୍ୟେକ ଅକ୍ଷରର ଗୋଟିଏ ଲେଖାଏଁ ଚଳନ୍ତି ପ୍ରତିମା କରିବାକୁ ହେବ । ହିନ୍ଦୀ ଓ ବଙ୍ଗଳା ଅକ୍ଷର ମୁଣ୍ଡ ଉପରେ ଗାର ଥିବାରୁ ଏହା ଯେତେ ଦୂର ସହଜରେ ହୋଇଛି, ଓଡ଼ିଆ ଅକ୍ଷର ମୁଣ୍ଡ ଗୋଲ ଥିବାରୁ (ଓଡ଼ିଆଙ୍କ ମୁଣ୍ଡ ମଧ୍ୟ ଗୋଲ) ତାହା ସେତେ ସହଜ ନ ହୋଇ ପାରେ । ମାତ୍ର ଏହି ଗୋଟିକୁ ଆଦର୍ଶ ରଖି ଓଡ଼ିଶାର ଲିପିକାରେ, ଛାପାଖାନା ବିଶେଷଜ୍ଞ, ଅଧ୍ୟାପକ ପ୍ରମୁଖଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟ କରାଗଲେ ନିଶ୍ଚୟ କିଛି ଉପାୟ ଉଦ୍ଭାବନ କରାଯାଇ ପାରନ୍ତା । (ଏହା ଲେଖିବା ପାଇଁ ସହଜ ନୁହେ କିନ୍ତୁ ଲାଇନୋ, ଟାଇପରାଇଟର ଆଦି ପାଇଁ ସହଜ ହେବ) । ଏହା ଜଣ ଅଧିକର କାମ ନୁହେ କି ଜଣ ଅଧିକ ଦ୍ୱାରା ଏହା ହୋଇ ପାରିବ ନାହିଁ । ଓଡ଼ିଶା ସରକାର, ଉତ୍କଳ ବିଶ୍ୱ-ବିଦ୍ୟାଳୟ କର୍ତ୍ତୃପକ୍ଷ ଏ ବିଷୟରେ ଟଙ୍କା ଖର୍ଚ୍ଚ କରି ଓଡ଼ିଆ ଲିପିକୁ ଯୁଗୋପଯୋଗୀ କରିବାରେ ଉଦ୍ୟମ କରିବେ କି ?

—*—

Digitized by srujanika@gmail.com

ଓଡ଼ିଶାରେ ଧାନ ବଡ଼ ବେଶ ଯେଉଁ ବହୁତ ସ୍ୱଳ୍ପ ସେଥିରୁ ଜଣା ଯାଉଛି ଯେଉଁମାନେ ଧାନ ବଢ଼ କରାଉଥିବା ପକ୍ଷରେ ସେମାନେ quantity ଦେଖନ୍ତି—ଅର୍ଥାତ ସଂଖ୍ୟାଧିକ ଦେଖନ୍ତି । ଅଥଚ ସେମାନେ quality—ଅର୍ଥାତ୍ ସେମାନେ ଗୁଣ, ଗୁଣବତ୍ତ୍ୱ, ବୁଣନ୍ତି ନେଇ ଅଳ୍ପ ସଂଖ୍ୟକ । ମୋଟ ବୁଦ୍ଧି ଅଛି କଥା ଓଡ଼ିଶାରେ ସେମାନେ ଅପଣାକୁ ଚୋଳୁଅଛନ୍ତି ଧାନ ଭାଉଣ ତାଙ୍କ ବଡ଼ ବେଶି—ଅନ୍ତ ଓ ବେଳ । ବଢ଼ାଇବେ ଅପେ ଅପେ ବଢ଼ ନ ବଢ଼ ପଛରେ—ସ୍ୱର୍ଗ ଦା ନ ସ୍ୱର୍ଗ ପଛରେ—ଅପେ ଅପଣାକୁ ବଢ଼ କରାଇବାକୁ ଚେଷ୍ଟା ସ୍ୱଳ୍ପ! ବର୍ତ୍ତମାନ ସରକାରଙ୍କର ଉପରଜ୍ଞ କଥା ଯେଉଁ ଦେଶର ନେତାମାନେ ଧାନ ଲଗାଇ ଭଳି ଏକା ଗଛରେ ବଢ଼ାଇ ବଢ଼ାଇ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରି ନେଲେ ସେମାନେ ତଥା ଉପଯୁକ୍ତ ମଧ୍ୟରେ ଯୋଗ ସ୍ଥାପନ ଓ ମୋଷାହେବ ମାନେ ହିଁ ଉଦ୍ୟତନ୍ତି । ସେତେବେଳେ ସେମାନେ ଧାନ ଅନ୍ୟମାନେ ବୋଧହୁଏ ଭାବୁଛନ୍ତି ।

÷ + ÷

ଧାନ ମନ୍ତ୍ରୀ ନଗରୀରୁ ଏକ ଭାଷଣରେ କହିଛନ୍ତି—ସ୍ତ୍ରୀ ମାନଙ୍କ ଅନେକ ଉଚିତ ପାରିଶ୍ରମିକ ବେଳ—ଅସ୍ତ୍ରୀ ଚକ୍ଷିଣ ମାନେ ଅବହେଳନ କଲେ ତାଙ୍କ ପାରିଶ୍ରମିକ ସେମିତି କହିବ । ଏ କଥା ଶୁଣି ସରକାରୀ କର୍ମଚାରୀ ମାନେ ବଡ଼ ଉଦ୍ବାହିତ ହୋଇଛନ୍ତି, ଏବଂ ଶୀଘ୍ରରେ 'ଅଧିକ ଅନ୍ନ ଫଳାଅ' ଆନ୍ଦୋଳନ ହେବ । ସରକାର 'ଅଧିକ ଶାକ ଫଳାଅ' ଯୋଜନା ଏବଂ 'ଅଧିକ ଅନ୍ନ ଫଳାଅ' ଯୋଜନା କରୁଛନ୍ତି ବୋଲି ଶୁଣିବା ଅନ୍ୟାୟ ନୁହେଁ । ଏହାପରେ 'ଅଧିକ ସନ୍ତାନ ଫଳାଅ ଅଧିକ ସ୍ତ୍ରୀ ଫଳାଅ ଅଧିକ ଶଳା ଶାଳୀ ଫଳାଅ' ଆନ୍ଦୋଳନ ଓ ଯୋଜନା ମାନ ପ୍ରସ୍ତୁତ କରିବାର ଦୁଇ ତିନି ଦିନ ଭାବରେ ଶ୍ରବଣ କରୁଛି ।

÷ ÷ ÷

ଜଣେ ପ୍ରତିବଚନ ଦଳର ସଭ୍ୟରେ ପ୍ରଶ୍ନ କରିଛନ୍ତି ସରକାରଙ୍କର ଧାନ ସ୍ୱଳ୍ପ ଦର ହୋଇଥିବା ପୁଣି ଶସ୍ତାରେ ସତ ହିସାବରେ ଧାନ ସ୍ୱଳ୍ପ ହେବା ପଛରେ କାରଣ କଣ । ଧାନ ସ୍ୱଳ୍ପ ଶସ୍ତା ନ ହେଲେ କେବେ ବଢ଼ିବ ହେବ କା ହେଉଛନ୍ତି ଏଇ ନଷ୍ଟ ଉପରେଇ ସରକାର ଷଷ୍ଠ ସହ ଶସ୍ତା ସ୍ୱଳ୍ପ ହେଉଛନ୍ତି ? କେତେ ଦର ପୁଣି ହୋଇ ଦେଇଛନ୍ତି କାହିଁକି ? ତାଙ୍କ ସଙ୍ଗ ବୋଲନ—ଗୀତରେ ଅଛି—

ଘର ମାରଣ ଘର ପୋଷେ
ସେ ଘର ବୈକୁଣ୍ଠର ଭଳି ।
ଥୋଡ଼ାଏ ଘରକୁ ମାରି ଥୋଡ଼ାଏ ଘରକୁ
ନ ପୋଷିଲେ ବୈକୁଣ୍ଠର ସ୍ଥାନ ନାହିଁ ଯେ ।

÷ + ÷

ଚନ୍ଦ୍ର ପ୍ରକାଶରେ ଏଥିରେ ଶସ୍ତାରେ ଯୋଗି ହୋଇଛନ୍ତି ନା—ଅର କେହ ? ଯେଉଁ ହେବେ




ଅନ୍ୟ ସ୍ତ୍ରୀଙ୍କର ଧାନ ବଳବା ଉଚିତ ବେବଳ ଯେ ତାହାର ଉଚ୍ଚାରଣ କରିବା ପାଇଁ ସରକାର ଏ କଥା କଲେ ତା ନୁହେଁ । ସେମାନେ ଯିବା ଅପଣା କଣ୍ଢାରୁ ଏକ ଟାଉରେ—ଅପର ପକ୍ଷ ନେଲେ ଧାନ ମିଳ ମାଲିକ ଯେ ଏ ଧାନ ଭଗେଇ ଥିଲେ । ସେମାନେ ବଢ଼ାଇ ବଢ଼ାଇ ଟଙ୍କା ଏକା ଗଛରେ ରୋଜଗାର କରି ନେଲେ । ଏଇ ଟଙ୍କାରୁ ଅନ୍ତତଃ ଏକ ଅଂଶ ସେମାନେ ଯଦି ସରକାରଙ୍କ ପ୍ରଚାର ଚନ୍ଦ୍ର ପାଇଁ ଦଅନ୍ତି ନେତେ ପାପ ଧନର ଏକ ପ୍ରାୟଶ୍ଚିତ୍ତ ହେବ । ଗୋଟାଏ ପାପ ଧନ ସ୍ୱର୍ଣ୍ଣ ବାଟରେ ବାହାରିବ । ନଚେତ ଉଲଟ ସଗୁର ଉପାଦ ।

÷ + ÷

ପଶ କହିଲେ, ଶୁଣ ମାଉସୀ ସ୍ତ୍ରୀକୁ ଦବା କଥା ଉଠ- ଉଚ ? ଯୋଗି ପାରିବନି ? ନିଅ ଅନୁଭବ ହୋଇ ଚଳାଇବାକୁ ଅନେକ ବାହା ଦେଇଥିଲ, ତାର ଅର୍ଥ ନୁହେଁ ଯେ ଅନେକ ନିଅକୁ ଉପ ପାଖରେ ପଠେଇବୁ । ମୁଁ କହିଲ ମୁଁ ଯୋଗ ନ ପାରିଲ ଆମ ବାଗା ଅଛନ୍ତି ଯୋଗେଇବାକୁ । ଦ୍ୱା ତୋର ମୁଁ ମୋ ସ୍ତ୍ରୀକୁ ଛାଡ଼ିଦେଇ ଯାଇ ପାରିବନି—ମୁଁ ବ ହା ହେଇ ସେତେ ବୋଲିଥି ପାଇ ? ତାପରେ ଅନେକ ବାଦ ବିବାଦ ସୁଜନ-- ମୋ ଦାମ୍ କହିଲେ ଏଠା ବଡ଼ଆ କାହିଁକ, ନିଅ ତାଙ୍କ ପାଖରେ ଥାଉ ସୁଜ ଅନେକଗିଡ଼ା । ମୁଁ ବଳ୍ଳ ଏକ ଜଡ଼ କର—ସୁରେଶାଦନ କଥିବ ବୋଲି ଉପରର କାଳୁ ଦ ପଞ୍ଚ ଯାଦ ସୁଖ ହେଉଲ—ମାନେ ନିଅ ଅଧିକ ଅମ ପାଖରେ । ତାହାଙ୍କର ବର ବଡ଼ଅକୁ ପାଖରେ ଅର୍ଥଦା ଏଠା ସଜ୍ଜ କଥା ନ ହେ, କାରଣ ଅଖଣା ପଇସା ଯେଉଁବା ପର୍ଯ୍ୟନ୍ତ ଗର୍ବଠାଳ ଅହଙ୍କ ଦେହରେ ପଡ଼ିଥିବ, ସେଥିଯୋଗୁଁ ଅଲଗା ଅଲଗା ଚଳି ଯାଇ ପାରିବନି, ମାନେ— ଝୁଲାରେ ପାଇଖାନାକୁ ଗିବା ଏଠା ମୁନ୍ଦ୍ରା ଲଗବ ନହେଁ—ଯାହାଙ୍କ ବାଳ ପକ୍ଷୀ ସେଠି ଲୋଭ ପୋଷିରେ ବେରାଃ ଦନ ମଳାରେ ଦନ୍ଦ ଯର ଓ, ସୁକ୍ଷ୍ମ ଅଙ୍କୁଳା କାଢ଼ି ଖେଳା ସ୍ତ୍ରୀଜନ ବସୁଥାଏ ତାପରେ ହେଲ ମଧ୍ୟଶଯ୍ୟା—ସେ ଭଲ କଥା ମୁଁ ଜେତେ ଭୁଲ ପାରିବନି କାରଣ ସେଦନ ମୋ ପାଖ ମାନେ ଲଗି ରହିଥିଲେ, ମୁଁ ଦ ଛନ ବାଳ ପିର ଦେଇଥିଲ । ସକାଳେ ଏଠା ବନ୍ଧିଅନାବ ହେଲ ଯେ ମୁଁ ମଧ୍ୟଶଯ୍ୟା କେମିତି ହେଲ ଜାଣି ପାରିଲନ ସୋଉ ପଡ଼ିଥିଲି । କୁନ୍ତି ଯାହା ଦେଖୁଚ ସେଇ ବୋଧହୁଏ ଘୋଡ଼ାଏ ଘର ମୁଁ ଭଲ କରି ଶୋଇଚ, କାରଣ ତା ପଛରୁ ଉଠାରେ ମୋର ନବ ଜୀବନ—ତାଛଡ଼ା ନାମ ହୋଲି ନାମ ଏଠା ନାମ । ସବାଙ୍କୁ ସବୁ ଯାଏ ଲଗିଗଲ ନାମ ଛଡ଼ନ, ମାନେ ଉଣଦନ କଥା ଠ ନ ହେ । ବ ଁ ଘୋଡ଼ାଏ କଥା ମନେ ପଡ଼ୁଚ ମୋ ବାହାଘର ବେଳେ ମୋ ଶଳୀ ମୁଁ ମନେ ଘୋଡ଼ାଏ ମାନସାଙ୍କ ପଚାରିଥିଲ, "ଦେବାକୁ ଏକରେ ଏକ ମିଶିଲେ କେତେ ?" ସହଜ ପ୍ରଶ୍ନଃ ବୋଲି ମୁଁ କହିଦେଲି "ଦୁଇ" ସେ କହିଲ ଏଉ- ଶିଣା ଗିନା ଦୂର ଅନ୍ତର୍ଯ୍ୟକୁ ଦେଖିବ ଏଉ ବିଚାର ଛାଡ଼ ହୋଇଗଲ । ମୁଁ ସେତେବେଳେ ବୁଝି ନଥିଲି ବର୍ତ୍ତମାନ ଦେଖୁଚ ଏକରେ ଏକ ମିଶିଲେ ଦୁଇ ନ ହେ ବ ତନ ନ ହେଁ—ସ୍ତ୍ରୀ ଏବଂ ଅନ୍ୟ କେତେ ମାଷଙ୍କ ପାଖ ହେବା ସମ୍ଭାବନା । ସେଥିଯୋଗୁଁ ମୁଁ ପର୍ଯ୍ୟନ୍ତ ସେଇଁ ଅଙ୍କ ଶାସ୍ତ୍ର ଲେଖିଲ ବାଲ ମାନେ ଅଙ୍କକୁ ଭୁଲ ମିଶାଣ ଶିଖେଇଛନ୍ତି ତାଙ୍କ ବାଳରେ ଦେଶ କର ହେବ ନ ନାହିଁ ?

—*—

Digitized by srujanika@gmail.com



"ତୁମେ ଅଉ ମୁଁ…ମୁଁ ଅଉ ତୁମେ, କେତେ ଚମତ୍କାର କବିତା ଶାନ୍ତା !"

ଫିକା ଗୋଧୂଳିର ନାଲି ଆଲୁଅ ଆସି ଝରୁଥାଏ ଦମ୍ପତ୍ତିଙ୍କ ଉପରେ। ଅଜ ସୁରେଶ ମୁଗ୍ଧ ଦୃଷ୍ଟିରେ ଚାହିଁ ଚାହିଁ କହି ଚାଲିଥାଏ, "ମୋର କଣ ମନେ ହୁଏ ଜାଣ ଶାନ୍ତା ? ତୁମକୁ ନେଇ ମୁଁ ଗଢ଼ିବି ଅନନ୍ତ ଦୁନିଆ ଖାଲି ଦୁହିଙ୍କୁ। ସେଠି କଥା ନା ସମାର ବନ୍ଧନ । ସ୍ୱାର୍ଥପର ଲୋକର ପରର

## କାହାଣୀ

କୁହ ଅଟିର ଗୃହ । ହୁଅନ୍ତ ତୁମେ । ତୁମର ସ୍ନେହିଅ ହାତରେ କଅଁଳ ପରଶ ରେ ସିଏ ହୋଇ ଉଠନ୍ତା ସ୍ୱପ୍ନ ସ୍ୱର୍ଗ… ସେ ଦୁନିଆରେ ଆଜ ଜାହାର ସ୍ଥାନ ନାହିଁ…ଖାଲି ତୁମେ ଅଉ ମୁଁ…ତୁମର ସୁନ୍ଦର ମୁହଁଟିକୁ ମୁଁ ଖାଲି ଚାହିଁ ରହନ୍ତି ଅନନ୍ତ କାଳ ଧରି ।"

ଏତେ ଗୁଡ଼ା ଏକଥା ଏକାବେଳେକେ କହି ପକାଇ ଉଚ୍ଛ୍ୱାସ ଅବେଗ ଭରା ଦୃଷ୍ଟି ନେଇ ପାଇଁ ଶାନ୍ତା ଆଡ଼କୁ ଚାହିଁଲ ସୁରେଶ ।

ଶାନ୍ତା ମୁହଁରେ ଭାଷା ନାହିଁ । ଦୁଇ ଆଖି ସଜଳ ।

"କଣ, କଣ ହେଲା ଶାନ୍ତା ? ସୁରେଶ ଟେକି ଧରିଲା ଶାନ୍ତାର ସ୍ନେହିଅ ମୁହଁଟିକୁ ।

ଶାନ୍ତା ଆଖି ନୁଆଁଇଲା । "ନା" କେଶିବକୁ ସେ ଯେତେବେଳେ ସୁରେଶ ହାତରେ ପଡ଼ିଲା ଦୁଇଟି ମୁକ୍ତା ବିନ୍ଦୁ ।

ଅଶ୍ଚର୍ଯ୍ୟ ହେଲା ସୁରେଶ । "ତାହେଲେ ତୁମେ ମତେ ଭଲ ପାଅନା ।" ଅଭିମାନ ଭରା ସୁରେଶ କହିଲା ।

କିଛିକ୍ଷଣ ଦୁହେଁ ଚୁପ୍ ଚାପ୍ । ବାଚାଳ ସୁରେଶ…କେଶି ସମୟ ଚୁପ୍ କରି ରହି ପାରିଲାନି ।

"ଅଉ ତାହାକୁ ଉତ୍ତର ଦେବନି ?" ଅବେଶ ଭରା ତାର କଣ୍ଠ ।

ଶାନ୍ତାର ମୁହଁ ନାଲି ପଡ଼ିଗଲା । ସ୍ନେହ ମୁହଁଟିକୁ ସୁରେଶ ନେଲା ସେ । କିଛି ଦିନ ହେବ ଶାନ୍ତାର କୋଳଟିଏ ପୁଅ ହୋଇଛି । କିନ୍ତୁ ଭାରି ରୋଗା… ଶାନ୍ତାର ଅବସ୍ଥା ବି ଭାରି ଖରାପ, କିନ୍ତୁ ତାର କୋଡ଼ ହାତ ଛାଡ଼ିଲେ ନାହିଁ—

ସୁରେଶ ଅଫିସରୁ ଆସି ପହଞ୍ଚିଲା, ଶାନ୍ତା ପୁଅକୁ ନେଇ ତା ପାଖରେ ଦେଇ ସୁରେଶର ଖାଇବା କଥା ଯେମିତି ତାର ମନେ ବି ନାହିଁ । ସୁରେଶ ପୁଅ ଆଡ଼କୁ ନଚାହିଁ ବୁଲି ଚାଲିଗଲା । ଶାନ୍ତାର ମାତୃତ୍ୱ ଉପରେ ଲାଗିଲା ଆଘାତ । ଅଭି-ମାନରେ ସେ ଦୁଇଦିନ ସୁରେଶ ସାଥିରେ କଥା ବି କହିଲାନି ।

## କଥାଟିଏ କହୁଁ

ଶାନ୍ତାର ଭାରି ଡର କିନ୍ତୁ କାଳେ ପୁଅର ଅପକ୍ ଅନିଷ୍ଟ ହେବ ବୋଲି ସେ ନିଜ ହାତରେ ତାର ପ୍ରତ୍ୟେକଟି କାମ କରୁଛି । ଅଜ କେହୁ ତା ପୁଅକୁ ଛୁଇଁବେ ବି ନାହିଁ ।

ସେଦିନ ଶାନ୍ତାକୁ ଜର ଛାଡ଼ିଥାଏ ଅଠ ଦଶ ଦିନ ପରେ । କ୍ଳାନ୍ତ ଅବସନ୍ନ ଦେହଟିକୁ ମେଲି ଦେଇ ଥାଏ ସେ ବଛଣା ଉପରେ, ପାଖରେ ପୁଅକୁ ଧରି । ସୁରେଶ ଆସିଲା, ଦେହ ଭଲ ହୋଇ ଗଲଣି ବୋଲି ତାକୁ ଉପହାର ଦେବାକୁ ଆଣିଛି ଚକୋଲେଟ ଟିଣଟିଏ । ଅଗ ପରି ଟିଣ ଖୋଲି ଗୋଟାଏ ଆଣି ଶାନ୍ତା ତାର ପାଟିରେ ପୂରାଇ ଦେବ ବୋଲି ସେ ଭାବିଥିଲା ସିନା ଫଳ ହେଲା କିନ୍ତୁ ଓଲଟା । ଶାନ୍ତାର ଚକୋଲେଟ ନେବ ଯେତିକି ଏ କେଇଟା ଦିନରେ ଜୁଅଡ଼େ ଜମିଛି ଯେ ଛୁଆ । ଟିଣଟା ଖୋଲା ନହୋଇ ସେମିତି ସେମିତି ରହିଲା । ପୁଅ ବଡ଼ ହେଲେ ଖାଇବ ।

କିନ୍ତୁ କଥାଟା ବଦଳିଲା…

ମାସଟା ପାଏ ପରେ ରୋଗ ଖାଇ କରି ପୁଅ ଚାଲିଗଲା, ଯୋଉଠୁ ଅସିଥିଲା ସେଇଠିକି । ସନ୍ତାନ ହରା ମାଙ୍କୁ ଶାନ୍ତ୍ୱନା ଦେବାକୁ ସୁରେଶ ଭାଷା ପାଏନା ।…

ସେଦିନ ବର୍ଷା ଝିପି ଝିପି ହେଉଥାଏ । ଟିଣଟାରେ ଟିଁ ଟିଁ କରୁଥାଏ ! ଝିଙ୍କା ଯାଗେ ପୁଅର ସ୍ନେହ ଖେଳାର ଖାଲି ଡାଏରୀକୁ ଅଉଁସୁଥାଏ ଶାନ୍ତା । ଧୀରେ…ଅତି ଧୀରେ । ଯେତେ ଯେମିତି ପୁଅର ପରଶ ଅନୁଭବ କରିବା ପାଇଁ । ଆଖି ଦିଟା ଲୁହରେ କେଉଁ ବାହାରର ବର୍ଷା ଧୂଆଁ ପଥର ଗଢ଼ରେ ଉପରେ ପଡ଼ୁଥାଏ । କିନ୍ତୁ ସେଠି ତାର ନଜର ନାହିଁ ।

ପଛଆଡ଼ୁ ସୁରେଶ ଅସ୍ତେ ଅସ୍ତେ ତା କାନ୍ଧରେ ହାତ ରଖିଲା । ଅସହାୟ ଭାବରେ ଅଉଜିଗଲା ଶାନ୍ତା ତା କୋଳକୁ । ସୁରେଶ ଯେତେ ମନେ ମନେ ଯେମିତି ପୁଅ ମର-ବାରେ ଟିକେ ଖୁସି ହେଉଛି । ଶାନ୍ତାକୁ ସେ ପାଉଛି । ଏତେଦିନ ଭାବରେ ସିଏ ଶାନ୍ତାର ମନକୁ ଅଧିକାର କରି ବସିଥିଲା ସିଏ ଅଉ ନାହିଁ । ଅନେକ ଦିନ…ସତେ ଯେମିତି ବହୁ ଯୁଗ ପରେ ଶାନ୍ତା ଅଜେ ଆସି ଧରା ଦେଇଛି ତା ପାଖେ…

ସୁରେଶ ନଇଁ ପଡ଼ି ଦେଖିଲା ଶାନ୍ତାର ନିର୍ଜୀବ ଆଖି ଦୁଇଟି ଜଳ ଭରା । "ଛି ଶାନ୍ତା କାନ୍ଦୁଛ ।" ସେ କହୁଥିଲା ଏବେ ଯେ ତୁମେ ମୋ ପାଖକୁ ଫେରି ଆସିଛ । ସୁରେଶ ଭାବୁଥିଲା ଶାନ୍ତା ତାର ବଡ଼ ସୁଖୀ, ହେବ…ହୋଇ ପାରିବ…

ଲେ— ଶ୍ରୀମତୀ ପଦ୍ମାବତୀ ନନ୍ଦିନୀ ଦାସ

କପାଳରେ ଝାଳ ହୋଇ ପଡ଼ୁଥିବା ବାଳ ଗୁଡ଼ାକୁ ସଜାଡ଼ି ଦେଇ ମୁଗ୍ଧ ଦୃଷ୍ଟିରେ ଶାନ୍ତାର ମୁହଁକୁ ଚାହିଁ ସେ ହତାଶ ହେଲା । ଶାନ୍ତାର ଦୃଷ୍ଟିରେ ନିଜର ଅସ୍ତିତ୍ୱ ସମ୍ବନ୍ଧରେ ଜ୍ଞାନ ଥିବା ପରି ଜଣା ପଡ଼ୁ ନାହିଁ । ଏ ଫେରି ପାଇବାରେ କିଛି ମୂଲ୍ୟ ନାହିଁ । ସୁରେଶ ଦୀର୍ଘଶ୍ୱାସ ଛାଡ଼ିଲା ।

—†—

Digitized by srujanika@gmail.com

ପୁଣି ଗାନ୍ଧୀଜୀ ଅନଶନ ଆରମ୍ଭ କରି ଦେଲେ । ଛୁଆ ଛୁଟିଲେ କେତେ ଖିଳା ଭାଙ୍ଗିଲାଣି, ବଡ ଛୁଟିଲେ ବାହାଲେବେ କ'ଣ ! ଗାନ୍ଧୀଙ୍କ ଏ ପଣ ଦେଖି ବାଲ୍ୟ ସବୁ ହସି ପାରୁ ନାହୁଁ—ପରିହାସ କରିପାରୁ ନାହୁଁ ତାହାକୁ । କାରଣ ଗାନ୍ଧୀଜୀ କହନ୍ତି—ଏହା ଆତ୍ମଶୋଧନ—ନିଜକୁ ଶୋଧନ କରିବାର ଉପାୟ—ଶୋଧନ ଅର୍ଥ ଇଂରାଜୀରେ ଯାହା Self purification ମାନେ ଓଡ଼ିଆରେ ଦୁଇ ଅର୍ଥ ପାଏ—ଶୋଧନ ବୋଧନ ସବୁ ମିଶା ମିଶି ।

+ × +

ବାସ୍ତବିକ ବାଲ୍ୟ ସ୍ତମ୍ଭରେ ବାଲ୍ୟ ମାନଙ୍କ ବିରୁଦ୍ଧ କେବଳ ଅପଣାକୁ ଗାଳି ଦେବାହିଁ ସାର । କାରଣ ବ୍ରିଟିଶ ସରକାର ତ ଆଉ ନାହିଁ । ଏବେ କଂଗ୍ରେସ ଅମଳ । ଏବେ ବାଲ୍ୟଅପଣ ନିଜେ ତ ଜଣେ କଂଗ୍ରେସ କର୍ମୀ । ଆଜି ଯେତେବେଳେ ଗାନ୍ଧୀଙ୍କ ଅନଶନରେ ଶୁଦ୍ଧଅର୍ଥ ଚିତ୍କାର ଉଠୁଛି—ହୃଦୟ ଅନୁସନ୍ଧାନ କର !—Search your heart—ସେତେବେଳେ ବାଲ୍ୟ ସବୁ ଅନ୍ତର୍ନିହାର ରୁହିଁ ଦେଖୁଛି—ନିର୍ବୋ-ନାସ୍ତି—ଶିର ପୀଡ଼ା ? ଯାହାର ହୃଦୟ ନାହିଁ ସେ ପୁଣି ହୃଦୟ ଆଲୋଡ଼ନ କେମିତି?

× × +

ହୃଦୟ ଯେ କଂଗ୍ରେସ ପ୍ରଧାନ ମାନଙ୍କର ନଥିଲା ଏ କଥା କହିବା ଅନ୍ୟାୟ । ଥିଲା । ଏବଂ ସେତେବେଳେ ଦେଶ ପ୍ରେମ ହିଁ ତାକୁ ଘେରି ରହି ନେଇ ଯାଇ ଥିଲା । ସେଥି ପାଇଁ ଘରେ ସେତେବେଳେ ଗୃହିଣୀ ପଚାରେ—ହୃଦୟ ଖୋଜ ! ସେତେବେଳେ ସେ ହୃଦୟ ନଖୋଜି ଦେଖେଇ ଦେଉଥିଲେ ବାକସ ଅରଟକୁ । ଗୃହିଣୀ ବାକସ ଅରଟର ଘର୍ଣ୍ଣି ଓ ଟାକୁଡ଼ିର ମୁନଦେଖି ଶଙ୍କି ଯାଉଥିଲା । ଆଜି ବାକସ ଅରଟ ପଚାରୁଛି—ହୃଦୟ ଖୋଜ ! ସେତେବେଳେ




ହୃଦୟଟା ପାଇଁ ଆମ ନେତାମାନଙ୍କର ଉଠିଲାଣି କାଳର ଚମକ ଅଗରେ ।

+ × +

ଦିଲ୍ଲୀରେ ବାହାରକୁ କୌଣସି ସାଂପ୍ରଦାୟିକ ଗୋଳର ଲକ୍ଷଣ ଦେଖା ନଗଲେ ମଧ୍ୟ ଭିତରେ ହିନ୍ଦୁ ମୁସଲମାନ ହୃଦୟ ପଲିତର ଅଙ୍କୁର ଦେଖା ଯାଉଛି । ସେଥିପାଇଁ ଗାନ୍ଧୀଜୀ ଉପବାସ କରୁଛନ୍ତି । ବାଲ୍ୟ ସବୁର ବିଶ୍ୱାସ ଏ ହୃଦୟ ମନ୍ଥନ ସମ୍ଭବ ହୁଅନ୍ତା ସମସ୍ତ ହିଂସା ଉଦ୍ଭୂତ ହୁଅନ୍ତା—ସଂପ୍ରଦାୟ ଗୋଷ୍ଠୀ, ଦଳଗତ ଭାବ ଲୋପ ପାଅନ୍ତା ଯଦି ଆମର ନେତା ମାନେ ପଦଟାର ପାଇଁ ତାଙ୍କ ହୃଦୟ ନଖୋଜି ପକେଟ ଖୋଜନ୍ତେ ।

× × +

ଯେଉଁ ପାଗଳ ମୁସଲମାନ ବିଦ୍ୱେଷୀ ମାନେ ଗାନ୍ଧୀ ମରୁ ଗାନ୍ଧୀ ମରୁ ବୋଲି ଚିତ୍କାର କରୁଥିଲେ ପଣ୍ଡିତ ନେହେରୁ ବାହାରିର ସିଧା ତାଙ୍କୁ କହିଲେ ମୋତେ ଆଗେ ମାର ଦିଅ । କିନ୍ତୁ ପଣ୍ଡିତ ଜୀ ବୁଝିଲେ ନାହିଁ ଯେ ଏମାନେ ଖିଲା ଖାଇ କଥାରେ ବା ମୁହଁରେ ଗାଳି ଦେଲେଣି । କିନ୍ତୁ ଆମ କଂଗ୍ରେସ ବାଲାଏ ଯେ ଗାନ୍ଧୀଜୀଙ୍କ ଜୀବନ୍ତା କବର ଦେଇ ଦେଇଛନ୍ତି । ସେମାନେ ତମକୁ ମାରିବାକୁ ସାହାସ କରିବେ ନାହିଁ ନେହେରୁଜୀ ! କାରଣ ତମ ନା କବର ଦେଇଲେ ନଚଳେ ।

+ + +

ଏହାପରର ନାଟ— ଦୌଲତରାମ ବିହାରର ଦୌଲତ ସମାନ ନପାଇ ହଟିଗଲେ । ସେ ମନ୍ତ୍ରୀମଣ୍ଡଳ ବଡ଼ ବେଶି ଦୌଲତ୍‌ବାଦୀ ହୋଇ ଉଠିଲେ ବୋଧହୁଏ । ଗାନ୍ଧୀବାଦୀ ଦୌଲତରାମ କେତେବ ରାମଙ୍କୁ ଦୌଲତ କଲେ କ'ଣ ! ମାତ୍ର ଦୌଲତ କେବଳ ରାମଙ୍କ ଠାରେ ନାହିଁ ଦୌଲତ ନାମ ଓ ନାମରେ ହିଁ ଅଛି ।

+ + +

ବଙ୍ଗର ପ୍ରଧାନ ମନ୍ତ୍ରୀ ପ୍ରଫୁଲ୍ଲ ଘୋଷ ମନ୍ତ୍ରୀତ୍ୱ ଛାଡ଼ିବାରୁ ଡାକ୍ତର ବିଧାନ ରାୟ ହୋଇ ବର୍ତ୍ତମାନ ସିଧା ମନ୍ତ୍ରୀତ୍ୱ ଚଳାଇବେ । ଉଭୟେ ଡାକ୍ତର । ଜଣେ ପାଠ ଡାକ୍ତର ଆଉ ଜଣେ ଡାଃ ଡାକ୍ତର । ଡାଃ ଡାକ୍ତରଙ୍କ ଡାକ ବେଶି । ରାଜନୀତି କ୍ଷେତ୍ରରେ ହାତ ଲଗେଇ ଦେଲେ ଓ ବିଷ ପ୍ରୟୋଗ କରିଦେଲେ । ମାତ୍ର ପ୍ରଫୁଲ୍ଲ କେବଳ ସତ୍ୟ, ଅହିଂସା, ଉଦ୍ୟୋଗୀ କରଣ ଶିଳ୍ପ ଓ ଯୋଗବଳାର ଯେତିକି ଯେତିକି ଦୋଷ ବଳବ ପାଲଟି ଗଲେ । ସେ ଯାହା ହେଉ, ମନ୍ତ୍ରୀ ଯିଏ ହେଉ ପଶ୍ଚିମ ବଙ୍ଗ ଭାଗ୍ୟରେ ସର୍ବଦା ଚନ୍ଦ୍ରୋଦୟ ଲେଖା ଅଛି । ପ୍ରଫୁଲ୍ଲ ଚନ୍ଦ୍ର ନହେଲେ ବିଧାନଚନ୍ଦ୍ର ଅଛନ୍ତି । ପ୍ରଫୁଲ୍ଲ ବାବୁ ଯିନା ପୂର୍ବ ବଙ୍ଗର ଲୋକ । ବିଧାନଚନ୍ଦ୍ର ଏହି ପଶ୍ଚିମ ବଙ୍ଗର ଭୂଲ ଚନ୍ଦ୍ରମା ।

+ × +

ଅନ୍ଦ୍ରୁ ଜଣେ ମତ ପ୍ରେରକ ଗାନ୍ଧୀଜୀଙ୍କ ଠାରୁ ଯେଉଁ ଯେଉଁ କଥା କଂଗ୍ରେସ ନେତା ଓ ମନ୍ତ୍ରୀଙ୍କ ସଂବନ୍ଧରେ ଲେଖିଛନ୍ତି ସେସବୁ କହିଲେ ଭୁଲ ବୁଝାମଣା ଛଡ଼ା ନକହିଲେ ଭୁଲ ଭଙ୍ଗି ଯାଉଛି । ସେ ସବୁ ଯଦି ସତ ହୋଇ ଥାଏ ତେବେ ଲୋକ ଆଜି ସେଇ ସଙ୍ଗେ କଂଗ୍ରେସ ଦଳଭୁକ୍ତ ହେବାପାଇଁ ରାଜି ଅଛି । ପୂର୍ବେ ଅନେକ ଏଇଥିପାଇଁ ବୈଷ୍ଣବ ହେଉଥିଲେ । ଆଜି କାଲି କଂଗ୍ରେସ ବାଲା ମହର୍ଗ ଯୁଗରେ ହେଲେ ବଞ୍ଚି ଯାଆନ୍ତେ ବାଲ୍ୟ ଗୁଡ଼ାକ । ମାତ୍ର ଯେତେ ଯାହା ହେଉ—ଗାନ୍ଧୀ ବୁଢ଼ା ଯଦି ମରୁ ଆମ ମନ୍ତ୍ରୀଏ କଣ ଏ ମିଠା ଛାଡି ପାରିବେ ? ପାପ ଧନ କେତେ ରହିଥାଏ ଅଉ କ୍ଷମତା କଣ ତା ସାଙ୍ଗକୁ ଗୌରୀ ଶୃଙ୍ଗ ଉପରୁ ଥାଇ ଅପମାନ କରେ ।

+ × +

ଧାନ ଗୁହଳ ଦର ବଢ଼ିଲା ବୋଲି ରଡ଼ି ହୁଡ଼ି କଲାରୁ ପ୍ରଧାନ ମନ୍ତ୍ରୀ ମହତାବ ତାଙ୍କ ଅଫିସ ହନୁମାନ କରିଅରେ ଯେଉଁ ନାଟ ସେଦିନ ଦେଖ ହାମବଜାର ବଟକ ପାର୍ଶ୍ୱରେ ରହିଥିଲେ ତାକୁ ନଦେଖିଲା ପୁଣ ଦେଖି ଆଶ୍ଚର୍ଯ୍ୟ ହେଉଥିବ । ମାତ୍ର କଳାହାଣ୍ଡି କହିବା ନାଁଅ ଅଗଷ୍ଟା ନଗର ସଂପାଦକଙ୍କୁ, ସେ ତାଙ୍କ ବିଶ୍ୱର ଧାରରେ କହି ପୂର୍ବରୁ ଏ ଗୁଣ୍ଡାଙ୍କର ଗୁଣ୍ଡାମିର କଳନା କରି ସାଧୁ ସାବଧାନବାଣୀ ଶୁଣାଇ ସରକାରଙ୍କୁ ଜାଗିତ କରିଥିଲେ । ସେ ସେଦିନ କହିଲେ 'ଗୁଣ୍ଡାରାଜ ବନ୍ଦ କର !' ମାତ୍ର ଆମ ମହତାବ କହିବେ

Digitized by srujanika@gmail.com

ମୋର ଗଣ୍ଡର ମୂର୍ତ୍ତି ବୀଭତ୍ସ କନ୍ଧା ଥାଉ ଥାଉଁ ମୋର ବିରୁଦ୍ଧ ଚରଣ କରିବ କେଉଁ ବାପୁଡ଼ା ମୁଁ ଦେଖେଁ ! ଆମ ଏଠାର କଂଗ୍ରେସ କର୍ମୀ ଓ ମହତାବଙ୍କ ପ୍ରେମିକମାନଙ୍କୁ ପଚାରୁଛୁଁ. ସେମାନେ ଟିକିଏ ଦେଖନ୍ତୁ—ଓଡ଼ିଶାର କଂଗ୍ରେସ ରାଜ ସ୍ଥାପନା ପାଇଁ ସେମାନେ ଲଢିଥିଲେ—ନା ଗୁଣ୍ଡା ରାଜ ସ୍ଥାପନା ପାଇଁ ?

\+ × +

ଶ୍ରୀଯୁକ୍ତ ମହତାବେ ଏକଦା ପ୍ରଭାତରେ—ତାଙ୍କ ପ୍ରଚାର ପତ୍ରରେ ପ୍ରଚାର କରିଦେଲେ—କ୍ରମ୍ପୀର ନେଇ ମନ୍ତ୍ରିମଣ୍ଡଳରେ କଳଣିହେଲା—ଓଡ଼ିଶାକୁ ରକ୍ଷାକର ! —ନଚେତ୍ ଛୋଟ ନାଗପୁର ଓଡ଼ିଶାକୁ ଗ୍ରାସ କରିବ—ଆଦିବାସୀମାନେ ଓଡ଼ିଆ ସଭ୍ୟତାକୁ ସାଫ୍ କରିଦେବେ । ଓଡ଼ିଶାରେ ଆଦିବାସୀ ପ୍ରବଳ ହୋଇଯିବେ । ସେତେବେଳେ ନଗର ଧ୍ୱଂସ ହେବ ତାଙ୍କ ବିଚାର ଲେଖିଲେ—ହେଲାତ ଭସିଗଲା କଣ ? ଓଡ଼ିଆ ଆଦିବାସୀ ମିଶି ଯାନ୍ତୁ—ଜଗନ୍ନାଥେ ଆଦିବାସୀଙ୍କ ଦେବତା । ଏବେ ଓଡ଼ିଆ ସରକାର (ଯେଉଁଥିରେ ମହତାବେ ପ୍ରଧାନ ଅଛନ୍ତି) ଠିକ୍ ସେଇକଥା ଇସ୍ତାହାର ଦେଲେଣି । ମାତ୍ର ଛୋଟନାଗପୁର ଓଡ଼ିଶାରେ ମିଶିଗଲେ କ୍ଷତି ନାହିଁ, ଏକଥା କହିବାକୁ ସାହାସ କରୁ ନାହାନ୍ତି କିବା ଓଲଟି ନାହିଁ । ହନ୍ତୁ ଅସ୍ତେ ଅସ୍ତେ ସବୁକହିବ—ମଲ୍ଲବେଲକୁ ସବୁ ସହିବ । ସରାଇକେଲା ଖରସୁଆଁ ସିଂହଭୂମ ସବୁ ବାଦ୍ ଗଲେ ସବୁ ଉପୃଙ୍ଖଳ ସବୁରକୁ । ସେତେବେଳକୁ ନେହରୁଙ୍କ ଉଠିବେଣି କହୁଣିରେ ।

× + +

ଅବଶ୍ୟ ଏକଳ ଅଗତ ଭବିଷ୍ୟ କହିବା ଫଳରେ ବିଲୁଆ ସଭା ଉପର ସଂପାଦକଙ୍କୁ 'ପାଙ୍କଡ ଡଅସୀ' କହିବ ନାହିଁ—ଯଦି ସଂପାଦକେ ମାଙ୍କଡ଼ ହାତରେ ଶାଳଗ୍ରାମ ଦିଅନ୍ତି—ଯଦି ଓ ସଂପାଦକେ ହନୁକରଣରେ ଦର୍ପଣ ଦେଖନ୍ତି ଏବଂ ଯଦି ଓ ସଂପାଦକଙ୍କ ପୂର୍ବ ପୁରୁଷ ଡାରଉଇନଙ୍କ ମତରେ ମାଙ୍କଡ଼ ଥିଲେ ।

× + ×

ଚାଉଳ-ଉଁର ଦେଶ ବାଦ ବିବାଦ ଏ ଯାଏ ଛାଡ଼ିନାହିଁ । ଛାଡ଼ିବାର କାରଣ ହେଉଛି ଚାଉଳ ଦୁଇ ପ୍ରକାର । ଗୋଟାଏ ଉଆ ଆଉ ଗୋଟାଏ ଉସୁନା । ଯେଉଁମାନଙ୍କ କଥାରେ ଉଆ ଉସୁନା ଉଭୟ ପ୍ରକାର ଥାଏ ତାଙ୍କ କଥାକୁ ବିଶ୍ୱାସ କରିବା କଠିନ । ଆମ ଓଡ଼ିଶା ସରକାରଙ୍କ କଥା ଓ କାମ ଠିକ୍ ସେମିତି । ଖାଲି ଅଦିବାସୀ ଦେଶ ଯେ ଓଡ଼ିଆ ସରକାର ଉଆ ଉସୁନା କଲେ ତା ନୁହେଁ—ଧାନ ଚାଉଳ ସଂକ୍ରାନ୍ତରେ ମଧ୍ୟ ସେଇ ଉଆ ଉସୁନା ।

\+ × +

ଗୋଟିଏ ଇସ୍ତାହାରରେ ଓଡ଼ିଶା ସରକାର ବା ମହତାବଙ୍କ ମହତ ସରକାର କହୁଛନ୍ତି—ପ୍ରତିବେଶୀ ପ୍ରଦେଶ ମାନଙ୍କ ଦର ସଙ୍ଗେ ଧାନ ଚାଉଳ ଦର ସମାନ ରଖିଲେ କୃଷକଙ୍କ ପ୍ରତି ନ୍ୟାୟ କରାଯିବ । ପୁଣି ଆଉ ଏକ ଇସ୍ତାହାରରେ କହୁଛନ୍ତି—ଧାନଦର ବୃଦ୍ଧି ଫଳରେ ବଡ଼ ବଡ଼ ଚାଷୀଙ୍କର ଲାଭ ହେଲା ମାତ୍ର ଛୋଟ ଚାଷୀଙ୍କର ଅବସ୍ଥା ଭଲ ଆଡ଼କୁ ଗତି କରିବା ବଦଳରେ ଖରାପ ହେଲା । ଏଥିରୁ ବିଲୁଆ ସଭା ବୁଝୁଛନ୍ତି ଯେ ଆମ ସରକାରଙ୍କ ଦୋମୁହାଁ ନୀତି । ତାଙ୍କର ଆଗ ଅଡ଼େ ଓ ପଛ ଅଡ଼େ ଉଭୟ ପାଖରେ ମୁହଁ ଥିବାରୁ ସେ ନା ଆଗକୁ ଯାଉଛନ୍ତି ନା ପଛକୁ ?

\+ + +

ଶ୍ରୀଯୁକ୍ତ ଦୁବେ କଂଗ୍ରେସ ନିର୍ଦ୍ଦେଶ ମାନି ଛୋଟ ସଭାର ସଭ୍ୟପଦରୁ ଇସ୍ତଫା ଦେଲେ । କାରଣ ସେ ଝାଡ଼ଖଣ୍ଡ ବଳ ବିରୋଧୀ ଆନ୍ଦୋଳନର ନେତା ଥିଲେ । ତାଙ୍କ ସ୍ଥାନରେ ନୂଆ ନିର୍ବାଚନ ହେଲାବେଳେ ଦୁବେଙ୍କ ପୁଣି କଂଗ୍ରେସ ପ୍ରାର୍ଥୀ ହେଲେ । କଂଗ୍ରେସ ପୁଣି ତାଙ୍କୁ ମନୋନୀତ କଲା । କଂଗ୍ରେସ କସ କହଲେ ଦୁବେଙ୍କ କ୍ଷମା ମାଗିବାକୁ ତାଙ୍କୁ ନ୍ୟାୟ ଗଲା । ଦୁବେ କହିଲେ ସେ ମାଗିବେ ନାହାନ୍ତି । କଂଗ୍ରେସ ସେକ୍ରେଟେରି ଦୁବେଙ୍କ ଚିଠି ଛପାଇ ଦେଲେ ; ସେଥିରେ ଦୁବେଙ୍କ ଓକିଲ ବୁଦ୍ଧିରେ ଲେଖିଛନ୍ତି ଯଦି ସେ ଦୋଷ କରିଥାନ୍ତି ତେବେ କ୍ଷମା ଯୋଗ୍ୟ । ଏବଂ ସେ ପୂର୍ବରୁ କଂଗ୍ରେସ ନୀତି ବିରୁଦ୍ଧରେ କିଛି କରି ନାହାନ୍ତି ।

× × ×

ଏ ପତ୍ରକୁ କଂଗ୍ରେସ କମିଟି କ୍ଷମା ପ୍ରାର୍ଥନା ବୋଲି ବୁଝିବା ଯେପରି ଠିକ୍—ଦୁବେଙ୍କ କ୍ଷମାମାଗି ନାହାନ୍ତି ବୋଲି କହିବା ମଧ୍ୟ ସେହିପରି ଠିକ୍ । କାରଣ, କଂଗ୍ରେସ କମିଟି ଦୁବେଙ୍କ ନେତୃତ୍ୱରେ ଭୋଟ ପାଇବା ଯେତିକି କଷ୍ଟକର, ଦୁବେ କଂଗ୍ରେସକୁ ଗାଳି ଉଠିବା ତାଠୁଁ ଅଧିକ ଚେଷ୍ଟା କରେ । ତେଣୁ ଉଭୟଙ୍କ ଦୁର୍ବଳତାକୁ ଉଭୟେ ଘୋଡ଼ାଇବା ଭଲ । ଦୁଃଖ ଯେ ଉଭୟଙ୍କ କଥା ପଦାକୁ ବାହାରିପଡ଼ିଲା । ଲୋକଙ୍କ ମତରେ କଂଗ୍ରେସ ନ୍ୟାୟ ପାଇଁ ଯଦି ନିର୍ବାଚନରେ ହାରିଯାଇଥାନ୍ତା ତାହା ଶ୍ରେୟସ୍କର କିନ୍ତୁ ଏକଳ ଦୁର୍ବଳତାକୁ ଘୋଡ଼ାଇବା ଫଳରେ କଂଗ୍ରେସ ମୁହଁରେ ଚୂନକାଳି ଦେବା ହେଲା ସିନା ।

× + +

ଅମେରିକା ସରକାର ନିଶ୍ଚିତ ହେବା ବିଦେଶକୁ ଦାନଦେଉଛନ୍ତି । ଏ ଧାନ କମ ବଡ ବଦାନ୍ୟତା ନୁହେଁ । ଛେଳି କୁକୁଡ଼ାଙ୍କୁ ପାଳି ସେମାନଙ୍କୁ ଆହାର ଦେବା ପାଇଁ—ଅମେରିକା ଇଂରେଜଙ୍କୁ ଦାନ ଦେବା ସେଇଥି । ତଥାପି ଏଠିକି ଛେଳି କୁକୁଡ଼ା ମଣିଷ ପେଟରେ ଯାନ୍ତି—ଇଂରେଜ, ଅମେରିକାର ପଶୁ ପେଟରେ ଯିବ ।

\+ +

## କୁତୁକୁତୁ

ପୂର୍ଣ୍ଣ—ମନ ଆଜି କ୍ଲାସରେ ମୋ ଆଡ଼କୁ ଅନାଇଥିଲା ।

ବିଶ୍ୱନାଥ—ନାଇଁ ତୋ ଭୁଲ୍ । ସେହି ତେଣେ । ତୋ ଆଡ଼େ ଅନାଇ ଥିଲା ମାନେ ମୋତେ ଦେଖୁଥିଲା ।

(ପ୍ରମୋଦ)

× + ×

ରାମ ବିବାହ ବିଜ୍ଞାନ ପଢୁଥିଲା । ତାର ବାପା ପଚାରିଲେ, ତାଠୁଁ ବହି ଖଣ୍ଡିକ ଛଡ଼ାଇ ନେଇ କହିଲେ, ଏରକମ ବାଛି ବହି କୁଆଡ଼ୁ ଆଣିଲୁ ?

ରାମ—ବାବା ! ଆପଣଙ୍କ ଡେସ୍କରୁ ଅଛି—

(ଗଙ୍ଗାଧର ଦାସ)

× × +

Digitized by srujanika@gmail.com




ସିନେମା ବିଷୟରେ ଧାରାବାହିକ ଭାବରେ ଲେଖା ପ୍ରକାଶ କରିବା ବିଷୟରେ 'ଡଗର' ଓଡ଼ିଶାର ସବୁ ପତ୍ରିକା ମାନଙ୍କ ମଧ୍ୟରେ ଅଗ୍ରେସର ହୋଇପଡ଼ିଛି. ବଡ଼ ସୁଖର କଥା । ଡଗରର ସମ୍ପାଦକ ମହାଶୟ ଏଥିପାଇଁ ମୋତେ ମନୋନୀତ କରିଛନ୍ତି ସେଥିପାଇଁ ଧନ୍ୟବାଦ ଜଣାଉଛି । ଓଡ଼ିଶାରେ ସିନେମା ନଥିବା ହେତୁ ଓଡ଼ିଶାର ଅଧିକାଂଶ ପାଠକପାଠିକା ମାନଙ୍କର ଯେ ଏ ବିଷୟରେ ଜ୍ଞାନ ଖୁବ୍ କମ୍ ଏହା କହିବା ବାହୁଲ୍ୟ ମାତ୍ର । ପାଠକପାଠିକାଙ୍କ ପାଇଁ ମୁଁ ଯଥେଷ୍ଟ ଉପାଦାନ ଯୋଗାଇବି ବୋଲି ମୋର ପୂର୍ଣ୍ଣ ବିଶ୍ୱାସ ।

ଏସଂଖ୍ୟାରେ ମୋଟାମୋଟି ସିନେମା ଶିଳ୍ପର କଥା କିଛି ଲେଖେ ।

ଚଳନ୍ତା ଚିତ୍ର ? ୧୮୦୨ ଖ୍ରୀଷ୍ଟାବ୍ଦରେ Photographic Artର ଉନ୍ନତି ସଙ୍ଗେ ସଙ୍ଗେ ପାଶ୍ଚାତ୍ୟ ଦେଶର ବୈଜ୍ଞାନିକମାନଙ୍କ ମନରେ ଏ ଧାରଣା ପ୍ରବେଶ କଲା । ଏହିଦିନଠୁ ଅଜିର 'ଚଳଚ୍ଚିତ୍ର'ର ଇତିହାସ ଆରମ୍ଭ ହୁଏ । ଏହାର ବହୁ ପୂର୍ବରୁ ପୂର୍ବ ଦେଶମାନଙ୍କରେ ଚଳଚ୍ଚିତ୍ର ଅନ୍ୟ ପ୍ରକାରରେ ଦେଖା ଦେଇଥିଲା । ଖ୍ରୀଷ୍ଟପୂର୍ବ ୫୦୦୦ରେ ଚୀନ, ଜାପାନ ଓ ଶ୍ୟାମଦେଶ ମାନଙ୍କରେ ଛାୟା ଚିତ୍ରମାନ ପ୍ରଦର୍ଶିତ ହେଉଥିଲା । ଭାରତରେ ମଧ୍ୟ ଏ ପ୍ରକାର ଅଭିନୟ ବହୁ ପ୍ରାଚୀନ କାଳରୁ ଥିଲା । ଚୀନ ଦେଶମାନଙ୍କର ଛାୟାଚିତ୍ର ବାଦ୍ୟ-ବାଜଣା ଥିଲାବେଳେ ଭାରତରେ ତାହା ସହିତ ନୃତ୍ୟର ସଂଯୋଗ କରାଯାଉଥିଲା । ରଙ୍ଗମଞ୍ଚର ଆଗରେ ଗୋଟିଏ ପର୍ଦ୍ଦା ବାନ୍ଧି ଓ ପଛଆଡ଼େ ନିଆଁ ହୁଳା ମାନ ରଖି ପୌରାଣିକ ଅଭିନୟ ପ୍ରଦର୍ଶିତ ହେଉଥିଲା । ଭାରତରେ ଅନେକ ସ୍ଥାନରେ ଏ ପର୍ଯ୍ୟନ୍ତ ମଧ୍ୟ ଏ ପ୍ରକାର ଅଭିନୟ କରାଯାଉଅଛି । ଦକ୍ଷିଣ ଭାରତର 'କଥାକାଲି' ନୃତ୍ୟ ଏପ୍ରକାର ଛାୟାଚିତ୍ର ପାଇଁ ଖୁବ୍ ଉପଯୋଗୀ ଥିଲା ଯେ ହେତୁ ଶରୀରର ଅଙ୍ଗଭଙ୍ଗୀ ଦ୍ୱାରା ପ୍ରତ୍ୟେକପ୍ରକାର ମନୋଭାବ ପ୍ରକାଶ କରିପାରି ପାରୁଥିଲା । ଯାହେଉ ପୂର୍ବ ଦେଶର ଏ ପ୍ରକାର ଛାୟାଚିତ୍ର, ପାଶ୍ଚାତ୍ୟ ବୈଜ୍ଞାନିକମାନଙ୍କ ମନରେ ଯେଉଁ ପ୍ରେରଣା ଆଣିଦେଇଥିଲା, ସେଥିରୁ ଆଜି 'ଚଳଚ୍ଚିତ୍ର'ର ସୃଷ୍ଟି ।

୧୮୫୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ବୈଜ୍ଞାନିକ ମାନଙ୍କର ଖୁବ୍ ଚେଷ୍ଟା ଚାଲିଲା ସେମାନଙ୍କ ମଧ୍ୟରୁ ଅନେକଜଣ Edward J. Maybridge [୧୮୭୭] Thomas Alva Edison [୧୮୯୦], ଫ୍ରାନ୍ସର Dr. E. J. Marey (୧୮୮୨) ଇଂଲଣ୍ଡର Wiliam Friese Greene [୧୮୮୯] ଓ ଜର୍ମାନୀରୁ Eberhadt Schieder [୧୮୯୦] ପ୍ରଭୃତି ବୈଜ୍ଞାନିକ ମାନେ ପ୍ରଥମେ ଚଳଚ୍ଚିତ୍ର ଆବିଷ୍କାର କଲେ । ତାପରେ ୧୮୯୫ ଖ୍ରୀଷ୍ଟାବ୍ଦରେ ଫ୍ରାନ୍ସର 'Lumiere Brothers'ଙ୍କ ଦ୍ୱାରା ପ୍ରଥମ ଚଳଚ୍ଚିତ୍ର 'The charge of the Dragoons' ଛବିଟି ପ୍ରକାଶ କରାଗଲା — ଏହି ଚିତ୍ରଟି ପ୍ରଥମ ହେଲେ ମଧ୍ୟ ଆଜିକାର ଅନୁପାତରେ ଏହା ଖୁବ୍ ଉନ୍ନତ ଧରଣର ଥିଲା ବୋଲି ନିଶ୍ଚୟ କୁହାଯିବ ।

ତା ପରେ ଆମ କଥା — ଭାରତରେ ସିନେମା ପ୍ରତିଷ୍ଠା —

୧୯୧୧ ମସିହାର ଡ଼ିସେମ୍ବର ମାସ । ବମ୍ବେକୁ Mr. Manek D. Sethna ଙ୍କର Touring Cinema Co ଆସିଥାଏ ଓ ସେଥିରେ ଗୋଟିଏ ତମ୍ବୁରେ ଦେଖାହେଉଥାଏ । ସେତେବେଳର ସିନେମା ଗୋଟିଏ ଆଶ୍ଚର୍ଯ୍ୟ ଜନକ ଓ ନୂତନ ଜିନିଷ । ସେଥିପାଇଁ ସବୁବେଳେ ଖୁବ୍ ଭିଡ଼ ହେଉଥାଏ । ଆଜିକାଲି ନିହାତି ମଫସଲମାନଙ୍କୁ ସିନେମା ଗଲେ ଲୋକଙ୍କର ଯେପରି କୌତୂହଳ ଦେଖାଯାଏ, ସେ ସମୟରେ ବମ୍ବେ ସହରର ସବୁଠାରୁ ଶିକ୍ଷିତ, ଧନୀକମାନଙ୍କର ସେଥିରୁ କୌଣସି ପ୍ରକାରେ କମ୍ ନ ଥିଲା । ଦିନକର ସଂଧ୍ୟା, House Full ହଠାତ ଆଲୁଅ ଲିଭିଗଲା । ଦର୍ଶକଙ୍କ ସାମନାରେ ଥିବା ମେସିନ୍ଟି ଯନ୍ତ୍ରଟିରୁ ଛବି ପାଇ ପଡ଼ିଲା ଆଗର ପର୍ଦ୍ଦା ଉପରେ । 'Life of Christ' ବିଷୟଟିର ନାଁ । ସମସ୍ତେ ନୀରବ-ଆଶ୍ଚର୍ଯ୍ୟ ଭାବରେ ଉପଭୋଗ କରୁଥାନ୍ତି ଚିତ୍ରଟିକୁ । ହଠାତ ଜଣେ ଦର୍ଶକଙ୍କ ମନ ଭିତର ଆନ୍ଦୋଳନ କରି ଉଠିଲା- "Why not Krishna ?" "କୃଷ୍ଣ ନ ହେବ କାହିଁକି ?" । ଏହି ଦର୍ଶକ

Digitized by srujanika@gmail.com

ଭାରତୀୟ ସିନେମା ଶିଳ୍ପର ପ୍ରତିଷ୍ଠାତା । ଯାଙ୍କ ନାଁ Mr. Dhundiraj Gobind Phulke. ।

ଶ୍ରୀଯୁକ୍ତ ଫଲକେଙ୍କର ଜନ୍ମ ୧୮୭୦ ଖ୍ରୀଷ୍ଟାବ୍ଦ ଏପ୍ରିଲ ୩୦ ତାରିଖରେ 'ନାସିକ' ଠାରୁ ୨୦ ମାଇଲ ଦୂର ସ୍ଥିତ 'ତ୍ରିମ୍ବକ' ନାମକ ଗୋଟିଏ ଗ୍ରାମରେ । ପିଲାଦିନରୁ ମି. ଫାଲକେ କଳାପ୍ରତି ଆକୃଷ୍ଟ ହୋଇ ପଡ଼ିଥିଲେ । ମାଟ୍ରିକ ପରେ ସେ ବମ୍ବେସ୍ଥ J. J. School of Art ଓ ତା ପରେ ବରୋଦାର 'କଳାଭୁବନ'ରେ ପାଠ ପଢ଼ିଲେ । ତାପରେ କିଛିଦିନ ଫଟୋଗ୍ରାଫୀ ଶିଖିଲେ-ତାପରେ ସ୍ୱର୍ଗୀୟ ରେଭ. ପୁରୁଷୋତ୍ତମ ବଜ୍ଞା'ମ ତାଙ୍କୁ Photo engraving, Photo lithography ପଢ଼ାଇବା ପାଇଁ ଇଂଲଣ୍ଡ ପଠାଇଲେ । ବିଲାତରୁ ଫେରି ସେ 'Phalke Art Printing Press' ପ୍ରତିଷ୍ଠା କଲେ । ସେ ସମୟରେ ସେ Magic, Mechanical & Electrical Engineering and Chemical Science ବିଷୟରେ ଖୁବ୍ ଚର୍ଚ୍ଚା ଚଳାଇଥିଲେ ।

'Life of Christ' ଚିତ୍ରଟି ଦେଖିସାରି ମି, ଫାଲକେ ଆଉ ସ୍ଥିର ହୋଇ ବସି ପାରିଲେ ନାହିଁ । ତାଙ୍କର ଧ୍ୟାନ କେବଳ ସିନେମା ଉପରେ ରହିଲା । ପ୍ରଥମେ ସିନେମା ବିଷୟରେ ସେ ଅନେକ ପ୍ରକାର ବହି (ଯଦିଓ ସେ ସମୟରେ ଖୁବ୍ କମ୍ ଥିଲା) ପଢ଼ି ଜ୍ଞାନ ଅର୍ଜନ କଲେ । ତା ପରେ ଇଂଲଣ୍ଡ ଯାଇଥିଲେ ଓ ୬୦ଟି ଦିନ ମଧ୍ୟରେ ସେଠାରୁ ସିନେମା କରିବାର ପ୍ରତ୍ୟେକ ପ୍ରକାରର ଯନ୍ତ୍ର ଓ ଆବଶ୍ୟକୀୟ ଜିନିଷ ସବୁ ଧରି ଫେରିଲେ । ଭାରତରେ ପହଞ୍ଚି ସିନେମା ଉପରେ ଲାଗିପଡ଼ିଲେ । ଅଠଟି ମାସ ପରେ ୧୯୧୨ ଖ୍ରୀଷ୍ଟାବ୍ଦ ଡିସେମ୍ବର ମାସରେ ମି, ଫାଲକେଙ୍କ ଅସୀମ ଚେଷ୍ଟା ଫଳରେ ଭାରତର ପ୍ରଥମ ଚଳଚ୍ଚିତ୍ର 'ହରିଶ୍ଚନ୍ଦ୍ର' ପ୍ରକାଶ କରାଗଲା । ତା ପରେ ପରେ ଅନ୍ୟ କେତେକ ଚିତ୍ର ମଧ୍ୟ ପ୍ରକାଶିତ ହେଲା ।

ମିଷ୍ଟର ଫାଲକେ ତାଙ୍କର ତୃତୀୟ-ବାର ଇଂଲଣ୍ଡ ଯାତ୍ରାବେଳେ ଇଂଲଣ୍ଡକୁ ତାଙ୍କ କୃତ ତିନୋଟି ଚିତ୍ର 'ହରିଶ୍ଚନ୍ଦ୍ର, ଭସ୍ମାସୁର ମୋହିନୀ, ଓ ସାବିତ୍ରୀ' ନେଇ ଯାଇଥିଲେ ଏହା ଇଂଲଣ୍ଡରେ ଦେଖା ହୋଇଥିଲା । ଇଂଲଣ୍ଡର ଦର୍ଶକ ଓ ସିନେମା କର୍ତ୍ତାମାନେ ଖୁବ ପ୍ରଶଂସା କରିଥିଲେ ଓ ଭାରତୀୟ କୌଶଳ ମାନ ଦେଖି ଖୁବ୍ ଆଶ୍ଚର୍ଯ୍ୟ ମଧ୍ୟ ହୋଇ ଯାଇଥିଲେ ।

୧୯୧୭ ଖ୍ରୀଷ୍ଟାବ୍ଦ ମଧ୍ୟରେ ମି: ଫାଲକେ ୨୩ଟି ଚିତ୍ର କରି ସାରିଥିଲେ- ଶେଷଟି ଲଙ୍କା ଦହନ ଅଟେ । ତା ପରେ ମି, ଫାଲକେଙ୍କ କମ୍ପାନୀର ନାଁ "ହିନ୍ଦୁସ୍ଥାନ ସିନେମା ଫିଲ୍ମ କମ୍ପାନୀ" ହେଲା—ସେଥିରୁ ଦୁଇଟି ଚିତ୍ର 'କୃଷ୍ଣ ଜନ୍ମ' ଓ 'କାଳୀୟ ମର୍ଦ୍ଦନ' ପ୍ରକାଶିତ ହେଲା । କାଳୀୟ ମର୍ଦ୍ଦନ (୧୯୧୮) ରେ । ମି, ଫାଲକେଙ୍କ ଝିଅ ଶ୍ରୀମତୀ ମନ୍ଦାକିନୀ ବାଈ କୃଷ୍ଣଙ୍କର ଅଭିନୟ କରିଥିଲେ— ମନ୍ଦାକିନୀ ଭାରତୀୟ ଅଭିନେତ୍ରୀଙ୍କ ମଧ୍ୟରେ ପ୍ରଥମ ଅଟନ୍ତି । ହିନ୍ଦୁସ୍ଥାନ ସିନେମା ଫିଲ୍ମ କମ୍ପାନୀ ପରସ୍ପର ବିବାଦ ଯୋଗୁଁ ବେଶୀ ଦିନ ସ୍ଥାୟୀ ହେଲା ନାହିଁ । ତାପରେ ମିଷ୍ଟର ଫାଲକେଙ୍କ ଟଙ୍କା ମଧ୍ୟ କମିଗଲା । ଫାଲକେଙ୍କ ମୃତ୍ୟୁ ୧୯୪୪ ମସିହା ଫେବୃଆରୀ ମାସରେ ହୋଇଥିଲା ।

ମି, ଫାଲକେଙ୍କ ସିନେମା ଶିଳ୍ପ ପ୍ରତିଷ୍ଠା ସଙ୍ଗେ ସଙ୍ଗେ ତାହା ଭାରତର ସବୁଆଡ଼େ ବ୍ୟାପିଗଲା । ଆଜିକାଲି ଦିନକୁ ଦିନ ଏହା ମଧ୍ୟ ବଢ଼ିଚାଲିଛି । ଇଂଲଣ୍ଡର ସିନେମାଶିଳ୍ପ ସହିତ ଭାରତର ତୁଳନା କଲେ ଜଣାଯାଏ ପରସ୍ପର ନିହାତ ସମସାମୟିକ ଅଟନ୍ତି କାରଣ ଇଂଲଣ୍ଡର ପ୍ରଥମ ଲମ୍ବା ଚିତ୍ର queen Elizabeth ୧୯୧୨ ଖ୍ରୀଷ୍ଟାବ୍ଦରେ ତିଆରି ହୋଇଥିଲା । କିନ୍ତୁ ଆଜି ଇଂଲଣ୍ଡୀୟ ସିନେମା ଭାରତ ଅପେକ୍ଷା ଯେ ଖୁବ୍ ଉନ୍ନତ ଧରଣର ଏଥିରେ ଟିକିଏ ମାତ୍ର ଭୁଲ ନାହିଁ— ଅନେକ କହନ୍ତି ଯେ ଭାରତର ପ୍ରଥମ ସିନେମା ନିର୍ମାତାମାନେ କେବଳ ପୌରାଣିକ ବିଷୟ ନେଇ ଚଳଚ୍ଚିତ୍ର କରିବାରୁ ଭାରତ ପଛରେ ପଡ଼ିଯାଇଛି— ଏହା କିନ୍ତୁ ପୂରା ଭୁଲ ଅଟେ ବରଂ ସେ ସମୟରେ ଲୋକଙ୍କୁ ସିନେମା ଦିଗରେ ମଜାଇବା ପାଇଁ ପୌରାଣିକ ଚିତ୍ର ଗୁଡ଼ିକ ଆଦର୍ଶ ଉପାୟ ଥିଲା । ଆମର ଅବନତି କେବଳ କେତେଟି ସିନେମା ନିର୍ମାତାଙ୍କ ପାଇଁ ଯେଉଁମାନେ ପାଶ୍ଚାତ୍ୟ ଦେଶକୁ ଅନୁକରଣ କରିବାକୁ ଯାଇ ଆମର ସମାଜରେ ପ୍ରତ୍ୟେକ ପ୍ରକାର ବିଶୃଙ୍ଖଳତା ଆଣିବାର ଚେଷ୍ଟା କରୁଛନ୍ତି ଓ କରୁଛନ୍ତି ମଧ୍ୟ ।

( ଏ ସଂଖ୍ୟାରେ ଭାରତୀୟ ସିନେମା ଶିଳ୍ପ ବିଷୟ ଫୁଲଡୁଅ ଧାଉଁଥିଲା— ପର ସଂଖ୍ୟାରେ 'ଭାରତରେ ସିନେମା-ଶିଳ୍ପର କ୍ରମୋନ୍ନତି' ବିଷୟ ପ୍ରକାଶ ପାଇବ । )

---

## କୁତୁକୁତୁ

ଗୋଟିଏ ମେସରେ ଜଣେ କଲେଜ student ତାଙ୍କ ଚାକରକୁ ଡାକି କହିଲେ —ରଘିଆ ! ସହରର ଡାକ ଚାଲି ଗଲାଣି । ଏ ଚିଠିଟା ଖୁବ ଦରକାରୀ ନେଇଯା ତ । ଅଚ, ଏମ, ଏଥିରେ ପକାଇ ଦେଇ ଆସିବୁ ।

ରଘିଆ—କାହିଁକି ଆଜ୍ଞା । ଆମ ମେସକୁ ନପାଇ ଆମର ମେସରେ ପକାଇ ଦେଲେ ହେବନାହିଁ ।

(ପ୍ରେମୋଦ)

× + ×

Digitized by srujanika@gmail.com

# ଛୁରି ଓ ଚୁଟକି

ବ୍ରହ୍ମ ସ୍ୱାଧୀନତା ପ୍ରାପ୍ତ ହେଲ—'ନବୀନ ସଂବାଦ'

...ବ୍ରହ୍ମ ମୟମିଦଂ ଜଗତ୍ ।

× × ×

ଭକ୍ତ ପ୍ରେମର ପୂତ ପ୍ରବାହ—'ନବୀନ' ଦୃଷ୍ଟିପତ୍ର

...ପୂତି ପ୍ରବାହ ନୁହେଁ ତ ?

× + ×

'ବନାରସୀ ...'—ପ୍ରମିଳାଙ୍କ ଗଳ୍ପ

...ଇଙ୍ଗେଜ ଲୁଅଡ଼େ ଗଲ ?

+ × +

ଛାତ୍ରଙ୍କର ଅନୁରୋଧ...ନିବୀନରେ

...ପାଠ ପରୀକ୍ଷା ବଦଳ ... ପ୍ରେମ ପରୀକ୍ଷା ହୁଅନ୍ତା ।

× × ×

ନବଦ୍ୱାର ପଣ୍ଡାମୃତ ପତ୍ରୋମ୍—'ନାୟକ'

ନବଦ୍ୱାର ପଞ୍ଜରୁ ବାହାର ?

+ + +

ସତେ କଣ ଏମାନେ କଳା ପାହାଡ଼ ?—ଗୋଷ୍ଠୀ ବାଦ ବିରୋଧୀ ନେତ୍ରୀବୃନ୍ଦଙ୍କୁ 'ନାୟକ'ର ଅପେକ୍ଷା,

.. କଳା ପାହାଡ଼, ଭାଙ୍ଗନ୍ତି ଦେବାର ବାଡ଼ ।

+ + +

ଏଥି ଅନନ୍ତେ—'ଜନତା'ର ସ୍ତମ୍ଭ

...ଏଥି ଅନନ୍ତେ ଶୁଣ ଅହେ ସୁଜନେ, ଯଥା ନାନ୍ଦଣୀ ଭୋଗି ଅରଜନେ ।

× + ×

ସାଧାରଣ ସୁଶିକ୍ଷିତ—ଜନତା ସ୍ତମ୍ଭ

...ଲିଖିବୁ ନା ଗରଜୁ ?

× + ×

ଧାନ ଦର ବୃଦ୍ଧିରେ ପ୍ରବାସୀ ଓଡ଼ିଆ—'ଅଲ୍ଲଅ'

...ଭେଜ ଦେଜ ହେଉଛନ୍ତି—ମାତ୍ର ହାତୀ ଗୁଳିଛି ।

+ × +

ପ୍ରଧାନ ମନ୍ତ୍ରୀଙ୍କ ଅବତାର—ମାତୃଭୂମି ।

...ଗୋଟିଏ ନୁହେଁ— ଦଶଟି ନୁହେଁ—ଦଶଦଶାଁ ।

× × ×

୩୦ ବର୍ଷର ବୁଦ୍ଧିଅ ଛ ଶ ନୂଆ ନଗରେ ବସାଇଛୁ—ମାତୃଭୂମି ସଂବାଦ

...କେଉଁଠି ନାଗରେ ଓ ନାଗସା ଥିବେ ?

+ + +

...ମୟୂର ଭଞ୍ଜ ଜାଗରଣୀ—ସଂବାଦ ପତ୍ରର ନାମ ।

...ସୁପ୍ତ ଶୋଇ ନାହାନ୍ତି ?

× × ×

ବୁଦ୍ଧିବ ତନ୍ତ୍ରଶାସ୍ତ୍ରରେ—ସମାଜ ସଂପାଦକୀୟ ।

...ବୁଦ୍ଧି ମନୁଷ୍ୟଙ୍କୁ ତରଣ ମଧ୍ୟ କରେ ।

+ × +

ମନ୍ତ୍ରିଙ୍କ ସର୍ ଓ ସର୍ ଗ୍ରହଣ କ୍ଷେତ୍ରରେ ପ୍ରତି ସରକାରଙ୍କର ଏ କୃପା କାହିଁକି ?—ସମାଜର ପ୍ରଶ୍ନ

...ସରକାରଙ୍କ ବୁଦ୍ଧି ସରୁ—ଆପଣଙ୍କର ମୋଟ ।

× + ×

'ପ୍ରାପ୍ତିପଥ'ରେ ଅନୁଭବୀ...ସମାଜ

...ଅନୁଭବୀ ବିନା କିଏ ମରମ ଜାଣେ ?

× × ×

ଦେଶକୁ ବୃଷ୍ଟି ବିରୋଧୀ ଶତ୍ରୁରୁ ମୁକ୍ତ କରିବା ଦ୍ୱାରା ହିଁ ଗାନ୍ଧୀଜୀଙ୍କ ଅନଶନର ସୁଫଳ ହୋଇପାରେ, ଅନ୍ୟଥା କଳ୍ପନା କର ହେଉ ନାହିଁ—ପ୍ରଜାତନ୍ତ୍ର ସଂପାଦକୀୟ ।

ଭ୍ରମ ସଂଶୋଧନ କରିବାପାଇଁ ପରୀକ୍ଷାରେ ପ୍ରଶ୍ନ ପଡ଼ ନାହିଁ ।

× + +

ଅନ୍ୟଥା ସଂବାଦପତ୍ର ନବାହାରଲେ ଦେଶର କୌଣସି କ୍ଷତି ନାହିଁ—ପ୍ରଜାତନ୍ତ୍ର ଟିପ୍ପଣୀ

...ମୁଦ୍ରା (ଯନ୍ତ୍ର) ଦୋଷ ନୁହେଁ—ଅନ୍ୟଥା ମହତାବଙ୍କ ମୁଦ୍ରାଦୋଷ ।

+ + +

କମ୍ୟୁନିଷ୍ଟଙ୍କ ଷଡଯନ୍ତ୍ର—ପ୍ରଜାତନ୍ତ୍ର ସଂବାଦ

...ଅଷ୍ଟ ଯନ୍ତ୍ର କହୁଲେ ଷଡ଼ଯନ୍ତ୍ର ଭଲ ହେ—ତମ ଘର କେଉଁଠି ?

× × ×

( ସମ୍ପାଦକୀୟ ୨ୟ ପୃଷ୍ଠା ଉତ୍ତାରୁ )

ସାଧାରଣ ଭକ୍ତ କୃତଜ୍ଞତାରେ ମସ୍ତକ ଅବନତ କରୁଥିଲେ ଆଜି ଘୃଣାରେ ନାକ ଟେକୁଛନ୍ତି । କଂଗ୍ରେସର ଏ ଅସମ୍ମାନ ଏ ଅନାଦରକୁ ଆଖି ବୁଜି ଅସ୍ୱୀକାର କଲେ ଚଳିବ ନାହିଁ । ଆଜି ମଧ୍ୟବିତ୍ତ କଂଗ୍ରେସ ନେତୃତ୍ୱର ଅଧଃପତନ ଓ ପରାଜୟ ହୋଇଛି । ସେମାନେ କଂଗ୍ରେସର ନୀତିକୁ ଓ କଂଗ୍ରେସକୁ ହତ୍ୟା କରିଛନ୍ତି । ଆଜି "ଗାନ୍ଧୀ କଂଗ୍ରେସ ଓ କଂଗ୍ରେସହିଁ ଗାନ୍ଧୀ"—ଏକଥା କହିବାର ସ୍ପର୍ଦ୍ଧା କାହାର ନାହିଁ । ସେଥିପାଇଁ ଗାନ୍ଧୀଜୀ ଆଜି ମରୁଛନ୍ତି । ଗାନ୍ଧୀଜୀଙ୍କର ପ୍ରାଣଠାରୁ ପ୍ରିୟତର କଂଗ୍ରେସର ସଂପୂର୍ଣ୍ଣ ମୃତ୍ୟୁ ଦେଖିବା ପୂର୍ବରୁ ଗାନ୍ଧୀଜୀ ଏ ସଂସାର ତ୍ୟାଗ କରିବାକୁ ଚାହାନ୍ତି ।

ସେଥିପାଇଁ ଆଜି କଂଗ୍ରେସକୁ ରକ୍ଷା କରିବା, ଦୁର୍ନୀତିରୁ କଂଗ୍ରେସକୁ ଉଦ୍ଧାର କରିବାହିଁ ନିମ୍ନତମ କଂଗ୍ରେସ କର୍ମୀମାନଙ୍କର ଅପରିହାର୍ଯ୍ୟ କର୍ତ୍ତବ୍ୟ । କଂଗ୍ରେସର ଯଦି ନୈତିକ ମୃତ୍ୟୁ ହୁଏ ତେବେ ଗାନ୍ଧୀଜୀ କଦାପି ବଞ୍ଚି ପାରିବେ ନାହିଁ । କଂଗ୍ରେସକୁ ଯଦି ତାର ନୀତି ଉପରେ ଦୃଢ଼ଭାବରେ ପ୍ରତିଷ୍ଠା କରାଯାଏ ତେବେ ଗାନ୍ଧୀଜୀ ଦେହତ୍ୟାଗ କଲେ ମଧ୍ୟ ଚିରଞ୍ଜୀବୀ ହୋଇ ରହିବେ । ସେଥିପାଇଁ ଉତ୍କଳ ଆଜି ବିନୀତ ଭାବରେ କଂଗ୍ରେସରୁ ଦୁର୍ନୀତି ଓ ଦୁର୍ନୀତିର ପ୍ରବର୍ତ୍ତକ ନେତୃତ୍ୱକୁ ମୂଳପାତ କରି କଂଗ୍ରେସକୁ ପୁନର୍ଜୀବନ ଦେବାପାଇଁ ତ୍ୟାଗୀ କଂଗ୍ରେସ କର୍ମୀ ମାନଙ୍କୁ ଆହ୍ୱାନ କରୁଛି ।

ଏ ଆହ୍ୱାନ ଯୁଦ୍ଧର ଆହ୍ୱାନ । ବ୍ରିଟିଶ ସରକାର ବିରୁଦ୍ଧରେ ଯୁଦ୍ଧର ଅବସାନ ହୋଇଛି । ବର୍ତ୍ତମାନ ଆପଣା ବିରୁଦ୍ଧରେ—ଆପଣାର ଦୁର୍ନୀତି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିବାର ବେଳ । ଆମର ମନ୍ତ୍ର ଆଜି—ମହାତ୍ମାଗାନ୍ଧୀଜୀ ଜୟ ।

—•—

Digitized by srujanika@gmail.com

ନିବନ୍ଧ...

# ଦ୍ୱିତୀୟ ନିଖିଳ ଭାରତ ଲେଖକ ସମ୍ମିଳନୀ

**ଶ୍ରୀମତୀ ସରଳା ଦେବୀ**

ଅନ୍ତର୍ଜାତିକ P. E. N. ଅନୁଷ୍ଠାନର ଆନୁକୂଲ୍ୟରେ ଦ୍ୱିତୀୟ ନିଖିଳ ଭାରତ ଲେଖକ ସମ୍ମିଳନୀର ଅଧିବେଶନ ଏ ବର୍ଷ ହିନ୍ଦୁ ବିଶ୍ୱବିଦ୍ୟାଳୟର ଗାୟକୱାଡ଼ ଲାଇବ୍ରେରୀ ହଲରେ ଅନୁଷ୍ଠିତ ହୋଇଥିଲା । ଭାରତର ବିଭିନ୍ନ ପ୍ରଦେଶରୁ P. E. N.ର ପ୍ରତିନିଧି-ମାନେ ଓ ବହୁ ସଂଖ୍ୟକ ମହିଳା ଓ ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ହଲ ପୂର୍ଣ୍ଣ ହୋଇଥିଲା । ବନାରସର ମହାରାଜା ବିଜୟ ନଗରର ମହାରାଜା ରାଜମାତା ଓ ଇଟାଲି ଡେନମାର୍କ ସ୍ପେନ ଫ୍ରାନ୍ସର ରାଜଦୂତମାନେ ଧନଲକ୍ଷ୍ମୀର ପ୍ରତିନିଧି ସଭାରେ ଯୋଗ ଦେଇଥିଲେ । P.E.N.ର ଉପସଭାପତି ପଣ୍ଡିତ ଜହରଲାଲ ନେହେରୁ ଅସୁସ୍ଥତା ବଶତଃ ଯୋଗଦେଇ ନପାରିବାରୁ ସ୍ଥାୟୀ ସଭାପତି ସରୋଜିନୀ ନାଇଡୁ ସଭାପତିର ଆସନ ଅଳଙ୍କୃତ କରି-ଥିଲେ । ପଣ୍ଡିତ ଜହରଲାଲ ନେହେରୁଙ୍କ ସମ୍ବନ୍ଧେ ଉଲ୍ଲେଖ କରି ଆବେଗପୂର୍ଣ୍ଣ ଭାବରେ ସରୋଜିନୀ ନାଇଡୁ କହିଥିଲେ ଯେ, ଭାରତକୁ ବହୁ ପ୍ରଧାନ ମନ୍ତ୍ରୀ ମିଳିପାରନ୍ତି ଓ ଅନ୍ୟ ସ୍ଥାନରୁ ବିଦାୟ ନେଇ ପାରନ୍ତି । କିନ୍ତୁ ଜଣେ ଦ୍ୱିତୀୟ ଜହରଲାଲ ମିଳିବେ ନାହିଁ । ପଣ୍ଡିତଜୀଙ୍କ ପ୍ରଧାନ ଦୋଷ ଯେ ତାଙ୍କ ସ୍ୱାସ୍ଥ୍ୟ ପ୍ରତି ଆଦୌ ଦୃଷ୍ଟି ନିକ୍ଷେପ କରନ୍ତି ନାହିଁ ଓ ସେଥିପାଇଁ ତାଙ୍କ ପାଇଁ ଜଣେ ଧର୍ମମାତା ବା ଧାଈ ଆବଶ୍ୟକ । ଗତବର୍ଷ ଜୟପୁର ସମ୍ମିଳନୀ, ବନାରସର ଐତିହ୍ୟ ଓ ସଂସ୍କୃତିଗତ ବୈଶିଷ୍ଟ୍ୟ ସମ୍ବନ୍ଧେ ଅନେକ କଥା କହିଥିଲେ । ଭାରତୀୟ ଲେଖକ ସଂପାଦକ ଓ ସାମ୍ବାଦିକ ମାନଙ୍କୁ ଉଦ୍ଦେଶ୍ୟକରି ସେ କହିଥିଲେ ଯେ ଜାତୀୟ ମିଳନ କ୍ଷେତ୍ରରେ ଲେଖକମାନଙ୍କ ଦାୟିତ୍ୱ ଅତି ଗୁରୁତର । ଭାରତରେ ଆଜି ଯେଉଁ କ୍ଷୁଦ୍ର ପ୍ରତିଦ୍ୱନ୍ଦ୍ୱିତା କ୍ଷୁଦ୍ରତା ଦେଖା-ଯାଉଅଛି ତାହା ବିରୁଦ୍ଧରେ ଲେଖନୀ ଚାଳନ କରିବାକୁ ଆବଶ୍ୟକ ବାସ୍ତବ ଓ ସତ୍ ସାହିତ୍ୟର ସୃଷ୍ଟି ସାର୍ବଜନୀନ ମୈତ୍ରୀ ପ୍ରତିଷ୍ଠା ଦିଗରେ ବ୍ରତୀ ହେବା ଉଚିତ ବୋଲି ସେ କହିଥିଲେ । ଆଜିକାଲି ଅଧିକାଂଶ ବ୍ୟକ୍ତି ଓ ସେ ମଧ୍ୟ ଜଣେ ରାଜନୀତିରେ ରହି ଦେଶର ସେବା ଓ ଦେଶର ଉନ୍ନତି ପାଇଁ ପ୍ରାଥମିକ କର୍ତ୍ତବ୍ୟ ମାଣୋର କେବଳ ନେତୃତ୍ୱ କରିବାକୁ ଓ ନେତା ହୋଇ ବସିରହିବାକୁ ବୁଦ୍ଧି ବସିବାରୁ ଦେଶର ଆଜି ଏ ଶୋଚନୀୟ ଦୁରବସ୍ଥା ହୋଇ-ଅଛି । ଭାରତୀୟ ଶାଖା P. E. N.ର ପ୍ରତିଷ୍ଠାତ୍ରୀ ସୋଫିଆ ଓ୍ୱାଡିଆ ମଧ୍ୟ ଶାନ୍ତି, ମୈତ୍ରୀ, ସାମାଜିକ ଓ ରାଷ୍ଟ୍ରୀୟ ମୁକ୍ତିର ତଥା ପରସ୍ପର ସୌହାର୍ଦ୍ଦ୍ୟ ଉପରେ ଜୋର ଦେଇ କହିଥିଲେ ଓ ବର୍ତ୍ତମାନ ସାମ୍ପ୍ରଦାୟିକ ଗଣ୍ଡ-ଗୋଳ ହେତୁ ଅନେକ ସଭ୍ୟ ନଆସି ପାରିବାରୁ ଦୁଃଖ ପ୍ରକାଶ କରିଥିଲେ । ହିନ୍ଦୁ ବିଶ୍ୱବିଦ୍ୟାଳୟର ଭାଇସ୍‌ଚାନ୍‌ସେଲର ଓ ଲେଖକ ସମ୍ମିଳନୀର ଅଭ୍ୟର୍ଥନା ସଭାପତି ଇକ୍ବାଲ ନାରାୟଣ ଗୁର୍ଟୁ ତାଙ୍କ ଭାଷଣରେ କାଶୀର ସାଂସ୍କୃତିକ ପ୍ରାଧାନ୍ୟ ପ୍ରତିପାଦନ କରି ଯାହା କଥ୍ୟ ସତ୍ୟ, ସନାତନ ଓ ଯେ ସତ୍ୟ ମାନବ ତାର ଅନ୍ତରରୁ ପ୍ରଭାବିତ କରି ଆସିଛି ଓ ମହାକବି ଲେଖକଙ୍କର ଓ ମହାତ୍ମା ପୁରୁଷଙ୍କର ସାଧନାର ବସ୍ତୁ ହୋଇ ଆସିଛି ତାହାହିଁ ବର୍ତ୍ତମାନ—ଲେଖକ ସମାଜର ପ୍ରଧାନ କାମ୍ୟ ହେବା ଆବଶ୍ୟକ । ଶେଷରେ ସେ ଶିଶୁ ଶିକ୍ଷା ଓ ଶିଶୁ ସାହିତ୍ୟର ଅଭାବ ଓ ତାର ପରି ପୂରଣ ଲାଗି ମଧ୍ୟ ଲେଖକ ମାନେ ଚେଷ୍ଟିତ ହେବା ଆବଶ୍ୟକ ବୋଲି କହି-ଥିଲେ । ବୈଦେଶିକ ରାଜଦୂତ ମାନେ ମଧ୍ୟ ସଭାପତିଙ୍କ ଦ୍ୱାରା ଆହୂତ ହୋଇ ପ୍ରତ୍ୟେକେ ନିଜ ନିଜ ଦେଶର ସାଂସ୍କୃତିକ ଓ ଭାରତୀୟ ସଂସ୍କୃତି ସହିତ ତାହାର ସହଯୋଗ ସମ୍ବନ୍ଧେ ଭାଷଣ ଦେଇଥିଲେ । ଭାରତ ଓ ବାହାରୁ ବହୁ ବିଶିଷ୍ଟ ବ୍ୟକ୍ତି ଓ ସାହିତ୍ୟ ସଂସ୍ଥାମାନେ ଶୁଭ ବାର୍ତ୍ତାମାନ ପଠାଇଥିଲେ । ପଣ୍ଡିତ ମଦନ ମୋହନ ମାଳବ୍ୟ ଡାକ୍ତର ଥବନ ସ୍ୱାମୀ ଓ ରାଷ୍ଟ୍ରଭାଷାର ବିଶିଷ୍ଟ ସାହିତ୍ୟିକ ଓ ନେତା ଶ୍ରୀ ଏନ୍, ସି, କେଳକରଙ୍କ ମୃତ୍ୟୁରେ ଶୋକ ପ୍ରସ୍ତାବମାନ ଗୃହୀତ ହୋଇଥିଲା । ବନାରସର ମହାରାଜା ଶ୍ରୀ ବିଭୂତି ନାରାୟଣ ସିଂହ ବାହାଦୁର P. E. N. ପ୍ରତିନିଧି ଓ ବହୁ ବିଶିଷ୍ଟ ମହିଳା ଓ ଭଦ୍ରବ୍ୟକ୍ତି-ଗଣଙ୍କୁ ପ୍ରୀତି ଭୋଜରେ ଆପ୍ୟାୟିତ କରିଥିଲେ । ଗତ ଜୟପୁର ସମ୍ମିଳନୀ ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଦୁଇ ବର୍ଷ ମଧ୍ୟରେ ବିଭିନ୍ନ ପ୍ରାଦେଶିକ ସାହିତ୍ୟ… ଯାହା କେତେ ଅଗ୍ରସର ହୋଇଛି । ସେ ସମ୍ବନ୍ଧେ ବିଭିନ୍ନ ଭାଷଣ ଦେବେ ବୋଲି ସ୍ଥିର ହୋଇଅଛି । ପ୍ରଥମଦିନ ବଙ୍ଗଳା ସାହିତ୍ୟ… ଭାଷଣ ହୋଇଥିଲା । ଓଡ଼ିଶାରୁ P. E. N. ପ୍ରତିନିଧିରୂପେ ଶ୍ରୀମତୀ ସରଳା ଦେବୀ, ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ ଶ୍ରୀ ଗୋଦାବରୀଶ ନାୟକ, ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ଶ୍ରୀ କାଳି… ପ୍ରସନ୍ନ କବି ସଭାରେ ଯୋଗ ଦେଇଥିଲେ ଦ୍ୱିତୀୟଦିନ ଉତ୍କଳସାହିତ୍ୟସମାଜ ତରଫ… କାଳନ୍ଦୀ ବାବୁ ଭାରତୀୟ ସଂସ୍କୃତିର ମିଳ… ସମ୍ବନ୍ଧେ ଭାଷଣ ଦେଲେ । ପୁଣି ଗତ … ବର୍ଷର ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ ଏକ… କହିଲେ । ଶ୍ରୀମତୀ ସରଳା ଦେବୀ ସାହିତ୍ୟ ସମାଲୋଚନା ଧାରା ବିଷୟ ଭାଷଣ ଦେଲେ ଶ୍ରୀ ଅନନ୍ତ ପ୍ରସାଦ ପଣ୍ଡା ଲେଖକ—ମାଲି… ପୁସ୍ତକ ପ୍ରକାଶକ ବର୍ଗଙ୍କ ଶୋଷଣ—ନୀତି ଲେଖକ ମାନଙ୍କ ଉଦ୍ଧାର କରିବାର ଉପାୟ ସମ୍ବନ୍ଧେ ଭାଷଣ ଦେଲେ । ୧୦ ତାରିଖ ସମ୍ମିଳନୀ ଶେଷ ହେଲା ।

ଦ୍ୱିତୀୟ ଦିନ ଭାରତର ସାଂସ୍କୃତିକ ମିଳନ ସମ୍ବନ୍ଧେ ଡାକ୍ତର ତାରାପୁରବାଲା, କାଳନ୍ଦୀ ଚରଣ ପାଣିଗ୍ରାହୀ, ଡାକ୍ତର ନାରାୟଣ ରାଓଙ୍କ ପ୍ରବନ୍ଧ ମାନ ପଠିତ ଓ ଆଲୋଚିତ ହୋଇଥିଲା । ଡାକ୍ତର ତାରାପୁରବାଲା ଓ ଡାକ୍ତର ନାରାୟଣ ରାଓ ଭାରତର ଆଧୁନିକ ବିଚ୍ଛେଦ ସମସ୍ୟା ସମାଧାନ କ… ଉପରେ ସାଂସ୍କୃତିକ ମିଳନ ପ୍ରଚେଷ୍ଟା କରିବାକୁ ହେବ ଓ ପ୍ରାଚୀନ ଭାରତର ସାଂସ୍କୃତିକ ମିଳନ ସଂସ୍ଥା ଉପରେ ଧ୍ୟାନ ତାହାର … ବ୍ୟାଖ୍ୟା ଦେଇଥିଲେ । ଶ୍ରୀ କାଳନ୍ଦୀ ଚରଣ ପାଣିଗ୍ରାହୀ ପ୍ରାଚୀନ ଉତ୍କଳ ଓ କଳିଙ୍ଗ ସହିତ ଆଧୁନିକ ଓଡ଼ିଶାର ମୁଖ୍ୟ ଜଗନ୍ନାଥ ଧର୍ମର ମହାତ୍ମ୍ୟ ଓ ସାଂସ୍କୃତିକ ମିଳନ କ୍ଷେତ୍ରରେ ପୁରୀର ଅପୂର୍ବ ଅବଦାନ 'ଉତ୍କଳ…' ବିଷୟରେ ଉତ୍କଳର ଗୌରବ ପ୍ରତିପାଦନ କରିଥିଲେ । ସୁନ୍ଦର କଥା ଏ ପ୍ରବନ୍ଧଟି ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଓ ସଭାପତି ଏହାର ପାଠ ସରିବା ପରେ ମାଗିନେଇ ଥିଲେ । ଅପରାହ୍ଣରେ ଭାରତୀୟ ଭାଷାମାନଙ୍କ

( ଅବଶିଷ୍ଟାଂଶ ୧୭ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ଶୀତ ଅଭିସାର

ଲେ—ଗୌ: ମ:

ସେଦିନ ସକାଳେ କାମଚ୍ଛଣୀ ଦେଇ ହସା
ଶୀତ ନଈଟାକୁ ବସିଥିବ ଭରି ଅଶା,
ପୋଖରୀ କୂଳରେ ହୋଇବ ମୃଦୁଳ ଭେଟ
ମିଳନ- ମଦୁରେ ପୂରିବ ଦୁହିଁଙ୍କ ପେଟ ।
ମୋ'ପ୍ରାଣ ସ୍ୱରେଶ, କେତେ କାହିଁକି ହେଲା,
ଶୀତ ନଈଟାର ଜାରବ ବହୁତ ବେଳା ।
ପଡ଼ିଥାଏଁ ଖାଲି ଏ ଶର୍ଟିକୁ ବାର ବାର,
ଶରୀରେ ଚଞ୍ଚଳା କରୁଥାଏ ମୋ ଅନ୍ତର ।
ଶହେ ଭଙ୍ଗି ଦିଶ ଶହେ ମାଯ୍ୟାଧର କହିଲେ,
ପାରିବେ ନାହିଁତ ଏରସ ପ୍ରକାଶ ହେବେଲେ ।
ମୂର୍ଖତାକୁ ନିନ୍ଦ ଅକ୍ଷର ଗୋଟିକି ଗୋଟି
ଟୋକକାନର ସମ ନ ହୋଇବ ମୂର୍ଖ, ରେଟି ।
ଗ୍ରହୁଁ ଗ୍ରହୁଁ ଦିନ ବାଇଟା ବାଜିଲୁ ଅସି,
ଜବୁଃ । କେବଳ କାଳ କଟାଇବା ଏଠି ବସି ?
ଘଡ଼ି ଘଣ୍ଟାଟାକୁ ଠେଲି ଦେବା ପାଇଁ ମନ,
ନଈଟାକୁ ଖାଲି କହୁଥାଏ ଛନ ଛନ ।
ହଠାଃ ଚଳିତକୁ ଯେମନ୍ତ ଜବର ଗାଡ଼ି
ସେହିମତେ ଧୀରେ ଧୀରେ ଗୁଲୁଥାଏ ଘଡ଼ି ।
ସ୍ନୋଟେ, ଭମିତ୍ର, ମଫଲର ଭରି ସଜ,
ଚହୁଥାଏଁ ଏବେ ଭଲ କି ନଈଟା ବାଜ!
କେତେବେଳେ ପରେ ସାତଟା ପାଖକୁ କଣ୍ଟା
ଅସିଲୁ, ଠିକେ ସଙ୍କେଗ ବଦଳି ଅଣ୍ଟା ।
ସାତଟାରେ ଅଜ ନଈଟା ହୁଅନ୍ତା ଯେବେ,
ଦି'ଘଣ୍ଟା ବିରହ ଜଣେ ପଜ ସାନ୍ତା ତେବେ ।
ଅଭିସାର ଲଗି ଅକୁଳିତ ମୋର ଚିତ୍ତ,
ମେଦୂଅ ପାଗରେ ଘନେଇ ଅସିଲା ଶୀତ ।
ପୃଷମାସ ଦିନ ହାଲୁପା ପିଠିକୁ ବାଅ
ବାହାରକୁ ଗଲେ ଜଡ଼ ଯିବ ପଗ ସାହୁ !
ପୀରତ ଅନଳ ଏଥିରେ କି ଯିବ ଲିଭି,
ସଞ୍ଜ ହୋଇଲୁ ଅସିଲତ ବେଣି ଜମି ।
କେତେ ବରଷରେ (?) ଅଠଟା ବାଜିଲୁ ଅସି
ପ୍ରେମ-ଲତାଟିରେ ଧରିଲୁ ବା ଫୁଲ ହସି ?
ମିଳନ-ରସାଳ ପାଇବାକୁ ଅଜ ଘଣ୍ଟେ,
ଜାମା ଯୋଡ଼ା ହୋଇ ବସି ଗଲି ବଡ ଅଣ୍ଟେ ।
ଅଇନାକୁ ଏକ ଧିଆନରେ ଗୃହିଁ ଗୃହିଁ,
ଦେଖିଥାଏଁ ବେଶ ବାଗ ହୋଇଲାକି ନାହିଁ ।
ଜବାଟ କଲିକ ଭଲ ଭଲ ଭଲ ଟେରି,
ଚାହିଁରେ ତ ମନ ନ ମାନିଲୁ ମୁଗ ହେରି ।
ମନେ ମଣ୍ଡଗଲି କରିଛି ଟା କଳାଗତ,
ପ୍ରେୟସୀ କେମନ୍ତେ ଦେଖିବ ମୋହର କାନ୍ତ ?
ଘଡ଼ି ଉପରକୁ ପଡ଼ିଗଲା କ୍ଷଣି ଆଖି,
ଦେଖିଲି ବହୁତ ପାଞ୍ଚଟା ମିନିଟି ବାକି ।
ତର ତର ହୋଇ ସାଇକଲ ନେଲି କାଢ଼ି
ସଙ୍କେତ ଥାନକୁ ସଜୋରରେ ଦେଲି ଛାଡ଼ି ।
ଆଖି ପିଛୁଡ଼ାକେ ପହୁଁଚ ଗଲି ମୁଁ ତହିଁ
ପାଚେରୀରେ ଦେଲି ଗାଡ଼ିଟିକୁ ଅଉଜାଇ ।
ଦୂରୁ ଦିଶୁଥାଏ ଧୋବ ଧୋବିଳିଆ ଶାଢ଼ୀ,
ପ୍ରେମ ନିଶା ମୋର ଦୁଇଗୁଣ ଗଲା ବଢ଼ି ।
ପାଖକୁ ଯାଇଛ ମୁରଲି ନାହିଁ ମୋ ଅଗ,
ଭୁଠରେ ପଡ଼ିଚ ଭ୍ରମର ପାଲଟା ବାସ ।
କଲା ମତ ମନ ସିମେଣ୍ଟ ପାଜିଛ ପଟେ
ମାଲା ଚାନେଶ ସେ କି ଚନ୍ଦ୍ରମାର କାନ୍ତ ଧରେ
ଅତର ମହକ ତା'ଦେହରୁ ଧୀରେ ଉଠି,
ନାକ ବାଟେ ଗଲି କଲିଜାକୁ ମୋର ଛୁଟି ।
ପିରତି ମୋହର ଉଛୁଳି ପଡ଼ିଲା ଯଣେ,
ଚୁମ୍ବନ ଦେବିକି ? ଭାବୁଥାଏ ମନେ ମନେ ।
ଅଧର ଗାଢ଼ରେ ବାସନା ପୁରିବା ପାଇଁ,
ଶାଢ଼ୀ ନିକଟକୁ ସଜୋରରେ ଗଲି ଧାଇଁ ।
ଚାବୁକି ସେଣ୍ଡେଲ୍ ଚଟ୍ ପଟ୍ ଗଲା ଖସି
ଗୋଟାପଟେ ହେଲି ପୋଖରୀ ମଝିରେ ଅସି ।
ଅଧରରେ ହେଲି ସ୍ନେର ଅଡ଼କୁ ମୁଁ ଗୃହିଁ
ଏ ଗୁଡ଼ିକ ମୋର କିଏ ବା ଦେଖିଲ ଚାହିଁ !
ଏତେ ଦିନ ବିନା ଅଖି ମୋର ଗଲା ଖୋଲି,
ପୀରତ ପଥଟି ଏଡ଼କ ଖସଡ଼ା ବୋଲି ।
ଶୀତ ରାତିଟାରେ ଦଳୁଆ ପୋଖରୀ ପାଣି
ପଞ୍ଚଶର ଦେଲା ମରମକୁ ମୋର ହାଣି ।
ଥାତୃଠ୍ ଉଲପା ପ୍ରେମ ଏସେ କଡ଼ ସଡ଼ ( ! )
ଥରେ ଅପଘନ—ହାଡ ଜାକେ କଡ଼ ମଡ଼ ।
ଏ ପୀତକୁ ମୋର କୋଟି କୋଟି ନମସ୍କାର ।
ଭୁଲିବାର ନୁହେଁ ଜୀବନେ ଏ ଅଭିସାର ।

Digitized by srujanika@gmail.com



### ଉଦ୍ଦେଶ୍ୟ

୧ । ଉତ୍କଳର ଦେଶୋଦ୍ଧାର ପ୍ରାଣରେ ଜନଜାଗରଣ ସୃଷ୍ଟି କରି, ଛାତ୍ରର ଚରିତ୍ରର ଉନ୍ନତି ଶାରୀରିକ ମାନସିକ ଓ ସର୍ବାଙ୍ଗୀନ ସମ୍ପୂର୍ଣ୍ଣ ସାଧନା କରିବା । ୨ । 'ଉଜଳ'ର ମାଧ୍ୟମରେ ପତ୍ର ବିନିମୟ ଦ୍ୱାରା ତରୁଣମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି ତରୁଣମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହାସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

(୧୮ ବର୍ଷରୁ କମ୍ ବୟସର ବାଳକ ବାଳିକା ମାନଙ୍କ ପାଇଁ)

## ନାରୀ ସହୀଦ
## ଗୁରୁବାରୀ ମେହେର ୧୫

ଅନ୍ଧାର ମୁକ୍ତ ଗଡ଼ଜାତ ଆଜି ମୁକ୍ତ—ଅତ୍ୟାଚାର ଜୋର ଜୁଲମର ଖୁବ୍ ଦୂରରେ । ଆଜି ମନେପଡ଼େ ଗଡ଼ଜାତର ଅମରବୀର ସହୀଦଙ୍କ କଥା । ଯାର ଫଳରେ ଆମେ ପାଇଛୁ—ସ୍ୱାଧୀନତା । କେତେ ପ୍ରଜା ସେବକ ସଙ୍ଗୀନ ତଳେ, ଫାସି ମଞ୍ଚରେ; ଜେଲର ଅନ୍ଧାର କୋଠରୀ ମଧ୍ୟରେ ପ୍ରାଣ ବଳି ଦେଇଛନ୍ତି—ଦେଶ ପାଇଁ, ଦଳିତ ପ୍ରଜା ଭାଇଙ୍କ ପାଇଁ । ଗୁରୁବାରୀ ମେହେର ସେ ମଧ୍ୟରୁ ଜଣେ । ତାଙ୍କ କାହାଣୀ ଆଜି ମନେ ପଡ଼ିଲେ ମନ ବିଦ୍ରୋହୀ ହୋଇ ଉଠେ ।

ସନ ୧୯୪୭ । ଜାନୁୟାରୀ ୫:୦ ତାରିଖ । ସୋନପୁର ଗଡ଼ଜାତ ଆକାଶ ଫାଟିଲା ବିଦ୍ରୋହୀ ପ୍ରଜା ଡାକ ଦେଇଥିଲା—"ଇନ କ୍ୱିଲବ—ଜିନ୍ଦାବାଦ୍, ପ୍ରଜା ରାଜ—ଜରୁର୍ କରେଂଗେ, ଧାନ ଗଦା—ତୋଡ଼୍ ଦେଙ୍ଗେ ।" ତ୍ରିରଙ୍ଗା ଝଣ୍ଡାର ଛାଇ ତଳେ ବିଦ୍ରୋହୀ ଭାଇ ଭଉଣୀ ନାଚି ଉଠିଥିଲେ । ଗୁରୁବାରୀ ତ୍ରିରଙ୍ଗା ଝଣ୍ଡାର ଡାକ୍, ଦଳିତ ଅବହେଳିତ ପ୍ରଜା, ମଜୁର ଡାକ୍ ଏଡ଼ି ପାରିଲେନି । ତାଙ୍କ ପ୍ରତି ଶିରା ପ୍ରଶିରାରେ ଗରମ୍ ଲାଲ୍ ରକ୍ତ ବହିଗଲା । ଦେହର ୧୦୦ ଡିଗ୍ରୀ ଜରକୁ ଭୁଲି, ମଣି ଅନ୍ୟାୟ ଅତ୍ୟାଚାରର ବିରୁଦ୍ଧରେ ବାହାରି ପଡ଼ିଲେ ।

ସମସ୍ତ ପୋଲିସ ଫୌଜ ସୋନପୁର ଠାରୁ ବିନିକା ଅଭିମୁଖରେ ଯାତ୍ରା କଲେ । ହୁକୁମ ଆସିଥାଏ ଲାଠି, ମାଡ଼, ଗୁଳି ଆଦିର ଜନତା ଉପରେ ପ୍ରୟୋଗ କରି ଡର ଦେଖାଇବ । ନିର୍ଦ୍ଦୋଷର ପର୍ ମର୍ ଶରୀରରେ ଧୂଳି ଉଡ଼ାଇ ଚୌକି ଗୁଳିଚଲେ ।

ପଡ଼ିଥାଏ ଗୁଳିଆଏ । ପୋଲିସ ପଡ଼ିଥିବ ଗୁଳି ଚଳାଇବାକୁ ଆଦେଶ ଦେଲେ । ପ୍ରଜା ବାହିନୀ ଆଦେଶକୁ ପଦଦଳି ଆଗେଇ ଗଲେ । ଆଦେଶ ହେଲ ଫେର୍ ଗୁଳି । ଗୁଳି ଚାଲିଲା । ଗୁରୁବାରୀ ଜନତାକୁ ନେଇ ଆଗକୁ ମାଡ଼ି ଆସିଲେ—ସଙ୍ଗୀନ ତଳେ ପ୍ରାଣ ବଳି ଦେଲେ । କିନ୍ତୁ ଜନତା ଏଥିରେ ଦବି ନଯାଇ ଅଧିକ ବିଦ୍ରୋହୀ ହେଲେ । ପୋଲିସ ଘର ଗୁଳି ଦେଇଥିଲା—ଧାନ ଗଦା ଲୁଣ୍ଠନ କରିଗଲା । ଅନେକ ପ୍ରଜା କାରାବରଣ କଲେ ।

ଗୁରୁବାରୀ ଜାତରେ ତନ୍ତୀ । ଲୁଗା ବୁଣା ତାଙ୍କର କାମ—ସେଥିରୁ ହିଁ ତାଙ୍କର ବେଉସା । ସୋନପୁର ଷ୍ଟେଟ୍‌ର ବର୍ତ୍ତମାନ ପାଟଣା ଜିଲ୍ଲା ଅନ୍ତର୍ଗତ ବିନିକା ଗ୍ରାମରେ ଜନ୍ମ ଗ୍ରହଣ କରିଥିଲେ । ମୃତ୍ୟୁ ସମୟକୁ ବାର୍ଦ୍ଧକ୍ୟ ଅବସ୍ଥା ପ୍ରାପ୍ତ ଅଟି ହୋଇ ଥିଲା ।

ସେ ଗଡ଼ଜାତର ବୋଧହୁଏ ପ୍ରଥମ ନାରୀ ସହୀଦ । ହେ ସହୀଦ ଗୁରୁବାରୀ । ଆଜି ଆଜାଦ୍ ଗଡ଼ଜାତ ତୁମକୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ।

**ଶଙ୍କର ପ୍ରସାଦ ପୁରୋହିତ ନଂ ୫୫୨**

## ସତ୍ୟ

ଅଜା,

ଆଜି ସାତ ବରଷ ତଳର କଥା ମୋର ମନେ ପଡ଼ୁଛି ସେ ଦିନଟି ମୋର ଦୀକ୍ଷା ଦିବସ । ସତ୍ୟ, ଅହିଂସା ବା ସାହସ ଓ ସେବା ବାଟରେ ଚାଲିବି, ଏହି ବାଟରେ ଜୀବନ ଗଢ଼ିବି ବୋଲି ଈଶ୍ୱରଙ୍କୁ ସାକ୍ଷୀ ରଖି ଶପଥ ନେଲି । ଶପଥଟି ଆପଣଙ୍କ ପାଖକୁ ପଠାଇ ଦେଲି । ଶପଥ କରିବା ଦିନ ଠାରୁ ଏ ପର୍ଯ୍ୟନ୍ତ ଆପଣଙ୍କର ନାତି ଜୀବନରେ କେତେ ଯେ କଣ ଘଟି ଗଲାଣି ତାହା ଆପଣଙ୍କୁ ଜଣାଇବା ଅତି ଦରକାର ପଡ଼ୁଛି ।

ସତ୍ୟ, ସେବା ଓ ସାହାସର ବାଟ ବଡ଼ ଜଟିଳ କିନ୍ତୁ ବଡ଼ ସୁନ୍ଦର । ଥରେ ଚାଲିଲେ ସେ ବାଟ ଛାଡ଼ିବାକୁ ଆଉ ମନ ହେବ ନାହିଁ । ଏ ବାଟ ଚାଲିବାରେ ତ ଅଭ ବିଶ୍ରାମ ନାହିଁ, ବାଟ ଚାଲିବାରେ ବଡ଼ ଆନନ୍ଦ । ଯେ ନିଜେ ଏ ବାଟ ଚାଲି ରସ ପାଇଥିବ ସେ ମୋତେ ବୁଝିବ । ଆପଣଙ୍କ ସହିତ ଅଳ୍ପ କିଛି ଦିନେ ପତ୍ର ବିନିମୟ । ପ୍ରଥମେ ମୁଁ ଆପଣଙ୍କୁ ସତ୍ୟ, ସାହସ ଓ ସେବାକୁ କିପରି ଚିହ୍ନିଛି ତାହା ଆପଣଙ୍କୁ ଏବେ ଜଣାଏଁ ।

ମୁଁ ଦେଖୁଛି—ସତ୍ୟ ସେବା ଓ ସାହସ ଏ ତିନିଗୋଟି ଗୋଟିଏ ଜିନିଷ ମାତ୍ର । ସତ୍ୟ ବିଜେତା ଗୋଟିଏ ସ୍ୱତନ୍ତ୍ର ଜିନିଷ । ସତ୍ୟ ମଧ୍ୟରେ ନାହିଁ ବା କଣ ? ସତ୍ୟ ମଧ୍ୟରେ ଯାହା ନାହିଁ ତାହା ତ ଅସତ୍ୟ । ସଂସାରରେ କେଉଁ ଜିନିଷ ସ୍ଥାୟୀ ? ସବୁ ଜିନିଷ ତ ଆଜି ଅଛି, କାଲି ନାହିଁ । କିନ୍ତୁ ଭଗବାନ ଚିରଦିନ ପାଇଁ ରହିଛନ୍ତି ଓ ରହିବେ । ସେହିତ କେବଳ ସତ୍ୟ ।

ଏପରି ସତ ବାଟରେ କଣ ଭୀରୁ ଲୋକ ଚାଲି ପାରିବ ? ସେଥିପାଇଁ ତ ସାହସ ଦରକାର ! ସାଧାରଣ ପଥିକର ତ

Digitized by srujanika@gmail.com

ପାଥେୟ ଦରକାର । ସେବା ହିଁ କେବଳ ମାନବ ପାଇଁ ପାଥେୟ ହୋଇ ପାରିବ ।

ଦେଶ ଓ ଜାତିର ସେବା ନ କରି କିଏ ସତ ବାଟରେ ଚାଲି ପାରିବ । ମୁଁ ସତ କହୁଛି ବୋଲି ମୋ ପାଖରେ ଲୋକଙ୍କର ଶୋଷିତ ଲୋକ ଆସି ପଡ଼ନ୍ତି-ଲେ ସେମାନଙ୍କୁ ଖାଇବାକୁ ପିଇବାକୁ ଦେବି ନାହିଁ ?

ମୋ ଦେଶ ଓ ଜାତି ଜନ୍ମରେ ଯୋଉ ସତ୍ୟ ଦେଖିଛି ମୁଁ ସତ କଥା କହି ଏବେ ଜାଣି ହେବ ଏହା ଯେପରି ମୋ ପକ୍ଷରେ ଏକ ଭଲ ଜିନିଷ ।

ଯେ ସତ ବାଟରେ ଚାଲିବ ସେହି ସଦା ସର୍ବଦା ପ୍ରତ୍ୟେକ ପ୍ରକାର ଅସତ୍ୟର ପ୍ରତିରୋଧ କରିବ ।

ଅଚ୍ଛା, ଆଜି ଏତିକିରେ ଲେଖି ବନ୍ଦ କରୁଛି । ଇତି

ମହେନ୍ଦ୍ର ନାଥ ମହାନ୍ତି
ପୂର୍ଣ୍ଣିମା ନାଗ

### ସତ୍ୟ

ଯାହା ଅସତ୍ ବା ମିଥ୍ୟା ନୁହେଁ ତାହା ସତ୍ୟ । ସତ ଏବଂ ସତ୍ୟ ଏକା କଥା । ସତ୍ୟ ନିତ୍ୟ ଓ ଶାଶ୍ୱତ । ଅନ୍ଧକାରମୟ ଜଗତକୁ ସତ୍ୟହିଁ ବାଟ ଦେଖାଏ । ସତ୍ୟ ଉଜ୍ଜ୍ୱଳ-ମଣି-ସ୍ୱରୂପ । ଯେ ଏହା ଧାରଣ କରେ ସେ ନାମରେ ଦୀପ୍ତିମୟ ହୁଏ ଏବଂ ଅନ୍ୟର ହୃଦୟର ଅନ୍ଧକାର ନାଶ କରେ । ସତ୍ୟ ଶାନ୍ତି, ବୀର୍ଯ୍ୟ ଓ ସୁଖର ପ୍ରତୀକ । ସୃଷ୍ଟିର ଆଦିରୁ ଅନନ୍ତକାଳ ଏହି ସତ୍ୟ ରାଜତ୍ୱ କରିଆସୁଛି । ସୃଷ୍ଟିର ଶେଷରେ ମଧ୍ୟ ରହିଥିବ । ସତ୍ୟର ପ୍ରଭାବରୁ ସୂର୍ଯ୍ୟ-ଚନ୍ଦ୍ର-ଗ୍ରହ ନକ୍ଷତ୍ର ସ୍ୱକକ୍ଷରେ ଯାତାୟତ । ସତ୍ୟ-ଚ୍ୟୁତ ହୋଇ ଜଗତ ମୁହୂର୍ତ୍ତେ ମାତ୍ର ଚଳି ନପାରେ ।

ଏ ଭଳି ମୂଲ୍ୟବାନ ରତ୍ନକୁ ଜୀବନରେ ଯେ ପାଳନ କରେ ସେହି ହୁଏ ବୀର, ସାଧୁ, ସୁଖୀ । ଜଗତର ସମସ୍ତ ଭୟ, ଅଶାନ୍ତି ଦୁର୍ଯୋଗତାକୁ ଦୂରରୁ ନମସ୍କାର କରେ । ଆମର ପୂଜ୍ୟ ମହାତ୍ମା ଗାନ୍ଧି ଏହି ସତ୍ୟ ବଳରେ ସାରା ଜଗତରେ ଯଶସ୍ୱୀ ହୋଇଛନ୍ତି । ତାଙ୍କ ଜୀବନର ପ୍ରତ୍ୟେକ କାର୍ଯ୍ୟଧାରାରେ ସେ ସତ୍ୟକୁ ପୂର୍ଣ୍ଣରୂପେ ପାଳନ କରୁଛନ୍ତି । ଏ ଭଳି ଅମୂଲ୍ୟ ସମ୍ପଦକୁ ଛାଡ଼ିଦେଇ ଥିବାରୁ ଆଜି ଜଗତରେ ଏତେ ଭୟ ଅଶାନ୍ତିର ଉପଦ୍ରବ ବଢ଼ି ଚାଲିଛି ।

ଶ୍ରୀ ସୁବୋଧଚନ୍ଦ୍ରଦାସ (୮୫୩)

### ପାଠାଗାର ଆନ୍ଦୋଳନ

୮୧ । ପୂର୍ଣ୍ଣିମା ପାଠାଗାର, ମଞ୍ଜୁଶ୍ରୀ, ଉତ୍ତର ବଟାଙ୍ଗ ପାଟଣା ଜିଲ୍ଲା । ୧୯୪୭ ଅକ୍ଟୋବର ୨ ତାରିଖ ଗୁରୁବାର ଅର୍ଥାତ୍ ଶ୍ରୀ ଗାନ୍ଧୀ ଜୟନ୍ତୀ ଦିନ ନିଖିଳ ଉତ୍କଳ ଶିଶୁ କର୍ମୀ ସମିତିର ସମ୍ପାଦକ ଶିଳ୍ପୀ ଶ୍ରୀ କେଶବ ମହାରଣା ଏମ୍ ଏ, ଏଚ୍‌ଙ୍କ ଦ୍ୱାରା ପ୍ରତିଷ୍ଠିତ । ସଭାପତି ବର୍ତ୍ତମାନ ଅଖିଳ ଓଡ଼ିଆ ଛାତ୍ର ସମାଜର କୋଷାଧ୍ୟକ୍ଷ ଗଣପତି ମହାରଣା, ସମ୍ପାଦକ—ବଂଶୀଧର ମହାରଣା, ଯୁଗ୍ମ ସମ୍ପାଦକ—ଅବିନାଶ ମହାରଣା, କୋଷାଧ୍ୟକ୍ଷ—ନବୀନ ମହାରଣା । ଆମେ ବିନାମୂଲ୍ୟରେ ଜନତା, ପୂର୍ଣ୍ଣିମା ଛାତ୍ର କଥା, ବିଶାଳ ଆନ୍ଧ୍ରବାଣୀ ଉଗର, ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଫୁଡ୍ ଏଣ୍ଡ ନାଉରିସମେଣ୍ଟ ପାଇଁ । ଓଡ଼ିଶା ଗଭର୍ଣ୍ଣମେଣ୍ଟ ପବ୍ଲିସିଟି ଅଫିସରଙ୍କ ପର୍ସନାଲ ଆସିଷ୍ଟାଣ୍ଟ ଓଡ଼ିଶା ରିଭ୍ୟୁ ଓ ଉତ୍କଳ ପ୍ରସଙ୍ଗ ଦେବା ପାଇଁ ଲେଖି ଅଛନ୍ତି । ଦୈନିକ ଅଣା ଅଧା ମୂଲ୍ୟରେ ଦେବେ ବୋଲି ପତ୍ର ଆସିଛି । ପାଠାଗାରଟି ଛାତ୍ର ମାନଙ୍କ ଦ୍ୱାରା ପରିଚାଳିତ ।

### ନୂଆ ନାଗଙ୍କ ନାମ

୧୭୪ । କାଶିନାଥ ହୋତା ଗ୍ରାମ—କମୁଲ ପୋଃ ନାରଗ୍ରାମ କୋରାପୁଟ । ୧୭୫ । ଶ୍ରୀ କାର୍ତ୍ତିକ ଚନ୍ଦ୍ର ଦତ୍ତ, ବାଲେଶ୍ୱର କଲେଜ ୧ମ ବାର୍ଷିକ କଳା ପୋଃ ବାଲେଶ୍ୱର । ୧୭୬ । ଜଗନ୍ନାଥ ପ୍ରସାଦ ଦାସ ଅଷ୍ଟମ ଶ୍ରେଣୀ ବାଣପୁର ହାଇ ସ୍କୁଲ ପୋଃ ବାଣପୁର ଜିଃ ପୁରୀ । ୧୭୭ । ଶ୍ରୀମତୀ ଗାୟତ୍ରୀ ଦେବୀ C/o ଚୌଧୁରୀ ଗୋପୀନାଥ ଶରଣ ଗୋଲ ବଜାର, ସିନେମା ରୋଡ଼, ପୋଃ ସମ୍ବଲପୁର ୧୭୮ । ସାମନ୍ତ ଶ୍ରୀ ମଧୁସୂଦନ ଦାସ ପଟ୍ଟନାୟକ, ସାଃ ପଦାଗାଁ ପୋଃ ଖନ୍ତାପଡ଼ା ବାଲେଶ୍ୱର (ଷ୍ଟାମ୍ପ) ୧୭୯ । ମୁରଲୀଧର ଶତପଥୀ ୟ ବାଣପୁର ହାଇ ସ୍କୁଲ ପୋଃ ବାଣପୁର ଜିଃ ପୁରୀ । ୧୮୦ । ଲମ୍ବୋଦର ସାହୁ ଚଣ୍ଡୀ ନଂ ୨ ମାଇନର ସ୍କୁଲ (୭ମ ଶ୍ରେଣୀ ୟ) ପୋଃ ଚଣ୍ଡୀଗୋବର୍ଦ୍ଧନ ପୁର ଜିଃ କଟକ—

(ଶେଷ ୧୩ ପୃଷ୍ଠା ପରେ)

ମଧ୍ୟରେ ଭାଷାନ୍ତରିତ କରାଯିବାର ବ୍ୟବସ୍ଥା ସମ୍ବନ୍ଧରେ ପ୍ରବନ୍ଧ ପାଠ ହୋଇଥିଲା ଓ ଆଧୁନିକ ଲେଖକ ଜୀବନର ମୌଳିକ ମୂଲ୍ୟରେ ଗଳ୍ପର ସମ୍ବନ୍ଧରେ ଓ ସାହିତ୍ୟ ସମାଲୋଚନା ସମ୍ବନ୍ଧରେ ପ୍ରବନ୍ଧ ପାଠ ଆଲୋଚନା ହୋଇଥିଲା । ଶ୍ରୀ ମତୀ ସରଳା ଦେବୀଙ୍କର ସାହିତ୍ୟ ସମାଲୋଚନା ପ୍ରବନ୍ଧଟି ସୁଚିନ୍ତିତ, ସୁଲିଖିତ ଓ ସମାଦୃତ ହୋଇଥିଲା । ତତ୍ପରଦିନ ସ୍ୱାଧୀନ ଅଭିଜ୍ଞ ଓ ସ୍ୱାଧୀନ ଭାରତରେ ଇଂରେଜୀ ଭାଷାର ସ୍ଥାନ ସମ୍ବନ୍ଧରେ ପ୍ରବନ୍ଧ ପାଠ ଓ ଆଲୋଚନା ହୋଇଥିଲା ପୁଣି ପ୍ରେମର ଲିପି ପର୍ଯ୍ୟଟକ ସମ୍ବନ୍ଧରେ ପ୍ରବନ୍ଧ ପରେ ଓ ଆଲୋଚନା ହୋଇଥିଲା । ଶେଷଦିନ ଲେଖକମାନଙ୍କର ଅଧିକାର ଓ ଆଧୁନିକ ଭାରତର ଲେଖକମାନଙ୍କର ଦାୟିତ୍ୱ ? ଲେଖକ, ପ୍ରକାଶକ ଓ କପିରାଇଟ୍ ଓ ଲେଖକଙ୍କୁ କପରି ଶୋଷଣରୁ ରକ୍ଷା କରିବାକୁ ହେବ ଏ ତିନୋଟି ବିଷୟରେ ପ୍ରବନ୍ଧ ପାଠ ଓ ସମାଲୋଚନା ହୋଇଥିଲା । ଶେଷୋକ୍ତ ପ୍ରବନ୍ଧଟି ଶ୍ରୀ ଅନନ୍ତପ୍ରସାଦ ପଣ୍ଡା ପାଠକର ସାଧାରଣଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏହାଛଡ଼ା ପ୍ରତ୍ୟହ ଆସାମୀ ବଙ୍ଗ, ଗୁଜରାଟୀ, କର୍ଣ୍ଣାଟ, ମୈଥିଲ, ମାଲୟଲମ୍, ମାଲୟମ୍, ମହାରାଷ୍ଟ୍ର, ନେପାଳ, ଓଡ଼ିଆ, ସଂସ୍କୃତ, ସିନ୍ଧି, ତାମିଲ, ତେଲଗୁ, ଉର୍ଦ୍ଦୁ ପ୍ରଭୃତି ବିଭିନ୍ନ ଭାରତୀୟ ସାହିତ୍ୟର ଗତ ଦୁଇବର୍ଷ ବିବରଣ ପାଠ ବିଭିନ୍ନ ପ୍ରତିନିଧିଙ୍କ ଦ୍ୱାରା କରା ଯାଇଥିଲା । ପ୍ରତ୍ୟେକ ମଜଲିସର ଅଧିବେଶନ ଶେଷରେ ବନାରସର ଡାଲମିଆ, ଜଳନ୍ଧରର ମହାରାଜକୁମାର ଅଭ୍ୟର୍ଥନାକମିଟି, ସମସ୍ତଙ୍କ ଭୋଜର ସୁନ୍ଦର ବ୍ୟବସ୍ଥା କରିଥିଲେ । ହିନ୍ଦୁ ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ତରଫରୁ ଧନରାଜଗିର ବୋର୍ଡିଂରେ ପ୍ରତିଦିନ ସବୁ ସଭ୍ୟ ଏକତ୍ର ମଧ୍ୟାହ୍ନ ଭୋଜନ କରିଥିଲେ । ଥିଓସଫିକାଲ ସୋସାଇଟିରେ ଶ୍ରୀମତୀ ରାଧା ନାମ୍ନୀ ବାଳିକା ଦ୍ୱାରା ଭାରତ ନାଟ୍ୟ ପ୍ରଦର୍ଶନ ଓ ଭାରତ ବିଖ୍ୟାତ ସାହାନେଇ ବାଦକମାନଙ୍କ ସାହାନେଇ ବାଦ୍ୟଶ୍ରବଣ ଭାରତମାତା ମନ୍ଦିର ଓ ସାରନାଥ ପରିଦର୍ଶନ, ରାମକୃଷ୍ଣ ମିଶନରେ ବାର୍ଷିକ ଉତ୍ସବରେ ନାଗରୀ ପ୍ରଚାରିଣୀ ସଭାରେ ଯୋଗଦାନ ଓ କଳାଭବନ ପରିଦର୍ଶନ । ଗଙ୍ଗା ବକ୍ଷରେ ନୌକା ବିହାର ଓ ବିଶ୍ୱନାଥ ଦର୍ଶନ ପ୍ରଭୃତି ବିଭିନ୍ନ ଆମୋଦର ଆୟୋଜନ ପ୍ରତିନିଧିଙ୍କ କମିଟି ହୋଇଥିଲା ।

—ନ—

Digitized by srujanika@gmail.com

# ଚିଠିପତ୍ର

ପ୍ରତି ସଂଖ୍ୟା 'ଝଙ୍କାର'ରେ ପାଠକ ପାଠିକା ମାନଙ୍କର ମତାମତ, ଆଲୋଚନା, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠି'ରେ ପ୍ରକାଶ ପାଇବ। ଚିଠିଗୁଡ଼ିକ ଖୁବ ସଂକ୍ଷିପ୍ତ ହେବା ଦରକାର। କୌଣସି ଚିଠିରେ ଠିକ ଦସ୍ତଖତ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ। ଚିଠିର ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିଲା। କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ସମାଲୋଚନାର ସ୍ଥାନ ଏଥିରେ ନାହିଁ। ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି—ସଂପାଦକ

## ବିଚ୍ଛିନ୍ନ ଅଞ୍ଚଳ

ମହାଶୟ,

ପାଣି ପିଟିଲେ ଦୁଇଖଣ୍ଡ ହୁଏ ନାହିଁ। କୋଇଲା କାଠରୁ ଜନ୍ମ ହେଉଥିଲେହେଁ କୋଇଲା କେବଳ ପରିଣତ ହୁଏ। ବୀର ଉତ୍କଳକୁ ଖଣ୍ଡିତ କରିବାକୁ ସ୍ୱାର୍ଥୀ ବ୍ରିଟିଶ ନାନା ଦଗରେ ବାଣ୍ଟି ଦେଇଥିଲା, ଆଜି ଭାରତ ଉନ୍ମୁକ୍ତ ସଙ୍ଗେ ସଙ୍ଗେ ଗଡ଼ଜାତ ମାନେ ମଧ୍ୟ ରାଜା ମାନଙ୍କ କବଳରୁ ଉନ୍ମୁକ୍ତ। ସ୍ୱାଧୀନ ସ୍ଥାନରେ ନିଜ ନିଜ ସୀମା ଅନୁସାରେ ଅନ୍ୟାନ୍ୟ ପ୍ରଦେଶ ମାନେ ଜାଗ୍ରତ, ଓଡ଼ିଶା ମନ୍ତ୍ରୀ ମଣ୍ଡଳରେ ବୋଧହୁଏ ନିଦ ମାଡ଼ିଛି କି ? ରାୟଗଡ଼, ସାରଙ୍ଗଗଡ଼, ଚନ୍ଦ୍ରପୁର, ଫୁଲଝର, ମଧ୍ୟ ପ୍ରଦେଶ ଭିତରେ ରହିଲା। ଏ ଦେଶ ବହୁକାଳ ଓଡ଼ିଶା ସମ୍ବଲପୁର ମଧ୍ୟବର୍ତ୍ତୀ ଥିବେ ଉନ୍ମୁକ୍ତ ଦେଶରେ ନିଜ ମାତୃଭୂମି ଏକତ୍ରୀତ ହୋଇ ରହିବା ଉଚିତ। ମନୁଷ୍ୟର ବିପଦ ପଡ଼ିଲେ ହରେକୃଷ୍ଣ ଡାକ ପଡ଼ନ୍ତି, ଏବେ ଆମ୍ଭ ମାନଙ୍କୁ, ସି. ପି. ଗଭର୍ଣ୍ଣମେଣ୍ଟ ନିଜ କବଳରୁ ଛାଡ଼ୁ ନାହିଁ। ସର୍ପ ମୁଖରେ ଭେକ ରହିଲା ଭଳି ଆମ୍ଭେ ରାୟଗଡ଼, ସାରଙ୍ଗଗଡ଼, ଚନ୍ଦ୍ରପୁର ଫୁଲଝର, ବାସୀ ଡାକୁଅଛୁଁ, କର୍ଣ୍ଣଧାର ହୁଅନ୍ତି ହରେକୃଷ୍ଣ ମହତାବ, ବିଶ୍ୱନାଥେ ତ ଗଲେଣି, ନିତ୍ୟାନନ୍ଦ ମଧ୍ୟ ତାଙ୍କ ପଥ ଧରିଲେ ଏବେ ମାଳା ଜପୁଅଛୁଁ ହରେକୃଷ୍ଣ ହରେ କୃଷ୍ଣ, ଥରେ କ୍ଷେତ୍ରକୁ ତାଙ୍କ ଉଦ୍ଧାର କର। ଆପଣଙ୍କର

ଓଡ଼ିଶି ଭାଇ. ରାୟଗଡ଼ ସାରଙ୍ଗଗଡ଼,
ଚନ୍ଦର ପୁର ଓ ଫୁଲଝର

## ନାରୀ ସମସ୍ୟା

ମହାଶୟ,

ଉପରରେ 'ହଂସପୁର' ଶବ୍ଦଗତି ବରାବର ପଢ଼େ, ସେଥିରେ ନାରୀନେତ୍ରୀ ମାନେ ବହୁତ କଥା ଲେଖିଛନ୍ତି। କିନ୍ତୁ ତାଙ୍କୁ ବୁଝେ କିଏ ମଫସଲରେ ଆଜି ସୁଦ୍ଧା ଶତକଡ଼ା ୯୫ ନାରୀ ନିରକ୍ଷର ଅଶିକ୍ଷିତା. ସେ ଯେଉଁ ଗୋଟି ଶିକ୍ଷିତା ଅଛନ୍ତି ସେମାନେ ଖଣ୍ଡ ଭଣ୍ଡରେ ଥିବା ଅମୃତ କଣିକା ସେମାନଙ୍କ ଶିଖରେ ଗର୍ବ ହୁଏ, ସେହିପରି ମଣ୍ଡଳ ହେଉଛନ୍ତି, ଆଜିର ପଲ୍ଲୀର ନାରୀକୁ କୌଣସି ହିତାକାଂକ୍ଷୀ ବ୍ୟକ୍ତି 'ସ୍ୱାଧୀନତା' ବିଷୟ ବୁଝାଇ ବସିଲେ ସେ ତାହା ହସରେ ଉଡ଼ାଇ ଦିଏ, ଆଜିର ଓଡ଼ିଶାର ମା ମାନେ ଝିଅଙ୍କୁ ନିର୍ମଳ, ନିଷ୍କଳଙ୍କ, ପରିତ୍ରାଣ ଜାଣି ସୁଦ୍ଧା ଏପର୍ଯ୍ୟନ୍ତ ବଣ ଦେଇ ଦେଇନ୍ତି ନାହିଁ।

ତା ମନର ମନନ ମଣ୍ଡଳରୁ ନାରୀ 'ସ୍ୱାଧୀନତା' ହାସଲ କରି ସାରିଲେ ତାର ଉପାୟ କଣ ହେବ ? ପ୍ରଥମତଃ ତାର ଖାଦ୍ୟର କଥା ଭାବନ୍ତୁ, ବାପର ସମ୍ପତ୍ତିରେ ପୁଅ ଦାୟୀ। ଏପରି ସ୍ଥଳରେ ନାରୀର ଉପାୟ କଣ ? ସେ ଖାଇବାକୁ ନ ପାଇଲେ ପୁରୁଷର ଅଧୀନତା ସ୍ୱୀକାର କରିବାକୁ ହେବ।

ଉତ୍କଳର ନାରୀ ନେତ୍ରୀ ମାନେ ସମସ୍ତେ ପ୍ରାୟ ସହର ଗୃହିଣୀ, ମଫସଲରେ କାହାରି ପାଦ ପଡ଼େନି ଥରେ ହେଲେ। କିନ୍ତୁ ଉତ୍କଳରେ ସହରର ନାରୀ ସଂଖ୍ୟା କେତେ ? ନିତାନ୍ତ ମୁଷ୍ଟିମେୟ ନୁହେଁ କି ? ନାରୀମାନେ ଅଧିକାଂଶ ପଲ୍ଲୀବାସିନୀ। ତେଣୁ ହିତାକାଂକ୍ଷୀ, ଅଗ୍ରଗାମିନୀ, ନାରୀ ନେତ୍ରୀ ମାନେ ଅନୁଗ୍ରହ କରି ମଫସଲକୁ ଆସି ଏହି ଅଶିକ୍ଷିତା ମାନଙ୍କୁ ଶିକ୍ଷିତା କରନ୍ତୁ, ଏମାନେ ଶିକ୍ଷିତ ହେଲେ ରାମ ରାଜ୍ୟ ନିଶ୍ଚୟ ଫେରି ଆସିବ।

ନୂଆଖାଳିର, ବିହାରର ଓ ନୀଳ ଗିରିର ନାରୀ ଧର୍ଷଣ କଥା ମନେହେଲେ ଆଜି ଆଖିର ଲୁହ ଅସମ୍ଭାଳ। ତେବେ ଏଇ ହାଣ୍ଡି ଟେକୁ ଧାରଣୀ ଗୃହିଣୀ କି ଉପାୟରେ ଏଇ ନୃଶଂସ ପୁରୁଷର ଅତ୍ୟାଚାରରୁ ଆତ୍ମରକ୍ଷା କରିବେ ?

ଏହାର ଉତ୍ତର କୌଣସି ନାରୀ ନେତ୍ରୀ ବା ମୋର ନାରୀ ଭଉଣୀ ଦେଇ ପାରିଲେ ଅତ୍ୟନ୍ତ ଖୁସି ହେବି। ଇତି।

କୁମାରୀ ଶାରଳା

## ସହୀଦ ସ୍ମୃତି

ମହାଶୟ, ୧୯୪୨ ସ୍ୱାଧୀନତାରେ ସ୍ୱରାଜ୍ୟ ଆନ୍ଦୋଳନେ ଶହ ଶହ ଲୋକ ମଲେ। ସେମାନଙ୍କ ସ୍ମୃତି ଚିହ୍ନ ରଖିବା ପାଇଁ ବହୁ ଠିକ ପାଟନା ସ୍ତୂପ ଉଠିଲା। ଲୋକଙ୍କୁ ସ୍ମୃତି କରେଇ ପିଲାଏ ଟେକୁଛନ୍ତି ନଖାଇ ଏ ପଶ୍ଚିମକୁ ସାହାଯ୍ୟ କରିଲି। ଏ ଚଇବାରେ ବର୍ତ୍ତମାନ ହେବ କଣି ନା କଟକରେ ଏକ ମନ୍ତ୍ରୀବର କୋଠା। ସେଥିରେ ସବୁ ସଭା ସମିତି ବସିବ। ତାର ନାମ ହେବ ସହୀଦ ସ୍ମୃତି ଭବନ। ଆଜ୍ଞା ମୁଁ ଆପଣଙ୍କୁ ପଚାରିବାକୁ ଚାହେଁ ଯେ ଓଡ଼ିଶାର ବିଭିନ୍ନ ସ୍ଥାନରେ କେତେକ ଦେଶପ୍ରେମୀ ବନ୍ଧୁଙ୍କ ମାଡରେ ଜୀବନ ଦେଲେ। ସେ ସ୍ଥାନମାନଙ୍କରେ ସହୀଦମାନଙ୍କର କୌଣସି ପ୍ରକାର ସ୍ମୃତି ଚିହ୍ନ ରଖାଯିବା ଉଚିତ ନୁହେଁ କି ? ଆପଣ କହିପାରନ୍ତି ଯେ ଓଡ଼ିଶାର ରାଜଧାନୀ କଟକରେ ଅନ୍ତତଃ ସେଠାରେ ଗୋଟିଏ ସହୀଦ ସ୍ମୃତି ଭବନ ହେବା ଆବଶ୍ୟକ। ତାହା ହେଉ, ସେଥିପାଇଁ ଆମର ଆପତ୍ତି କରିବା କୌଣସି କାରଣ ନାହିଁ। ତେବେ ମୋର କହିବାର କଥା ଏହି ଯେ ଯେଉଁ ସ୍ଥାନ ଗୁଡ଼ିକ ଭବିଷ୍ୟତରେ ଗୋଟିଏ ଗୋଟିଏ ତୀର୍ଥ ଭୂମି ବୋଲି ପରିଗଣିତ ହୋଇପାରନ୍ତା ସେମାନଙ୍କରେ କୌଣସି ପ୍ରକାର ସ୍ମୃତି ଚିହ୍ନ ରହୁ। କଟକରେ ବଡ଼ . . ମାନେ ସଭା ସମିତି କରିବା ପାଇଁ ସାହେବୀ ଧରଣର ବଡ଼ କୋଠା ତିଆରି ହେବ। ସେଥିପାଇ ବେଶୀ ଟଙ୍କାର ଦରକାର ହେଲେ ଆମ ସରକାରଙ୍କ ହାତରେ କମ୍ ସେଠ ଓ ମିଲ ମାଲିକ ଲୋକ ନାହାନ୍ତି। ତେବେ ତା ପୂର୍ବରୁ ମଫସଲର ଗରିବଗୁରୁବା ମାନେ ଏକାଠି ବସି ନିଜ ନିଜର ଦୁଃଖ ସୁଖ କଥାବାର୍ତ୍ତା କରିବା ପାଇଁ ବା ଅବଶୋଷ ହେଲେ ସଭା ସମିତି କରିବା ପାଇଁ ସେ ସବୁ ସ୍ଥାନ ମାନଙ୍କରେ ଗୋଟିଏ ଗୋଟିଏ ଦଦରା ମଦରା କୋଠା କରି ସହୀଦମାନଙ୍କର ପୂଜା ପାଇଁ ଗୋଟିଏ ଗୋଟିଏ ମନ୍ଦିର ନିର୍ମାଣ ହେବାର ବ୍ୟବସ୍ଥା ହେଉ। ଏହା ନ ହେଲେ ଜନତାର ମନର ଦୁଃଖ ମେଣ୍ଟିବ ନାହିଁ। ମୁଁ ଭାବୁଛି, ମୋର ଏ ପ୍ରକାର ମତରେ ଦେଶବାସୀଙ୍କର ସମର୍ଥନ ଅଛି। ତେବେ ଆପଣଙ୍କ 'ଝଙ୍କାର'ରୁ ଆମ ସରକାରଙ୍କ ନିକଟରୁ ପଚାରି ତାଙ୍କର ମତ ଜାଣ ପାରିବେ କି ?

ବାବାଜୀ ଚରଣ ନାୟକ

Digitized by srujanika@gmail.com

## ଉଚ କୋଟିର ଆମେରିକାନ ଘଡ଼ି



ସୁନ୍ଦର ଡିଅର, ମଜବୁତ୍ କଳକବ୍ଜା—ସୁନ୍ଦର ଫିନିସିଂ ୩ ବର୍ଷ ପାଇଁ ଗ୍ୟାରେଣ୍ଟି । ଗୋଲ୍ଡ କମ୍ପାଉଣ୍ଡ ଗୋଲ୍ଡ କ୍ରୋମିଅମ କେଶ୍ ଟ ୧୯୲ ଡିଲ୍-କ୍ସ ଟ ୨୯୲ ଚଉଡ଼ା ଷ୍ଟାଇଲ ଟ ୨୪୲ ଏଲିନ୍ ମଝିରେ ସେକେଣ୍ଡ କ୍ୟାଣ୍ଡ ଟ ୨୮୲ ୧୫ ଜୁଏଲ ଯୁକ୍ତ ଟ ୩୨୲ ଲମ୍ବା ସାଇଜ ୫ ଜୁଏଲ ଯୁକ୍ତ ଟ ୩୮୲ ରୋଲ୍ଡ ଗୋଲ୍ଡ ୧୦ ବର୍ଷ ପାଇଁ ଗ୍ୟାରେଣ୍ଟି । ଏଲଜିନ ଟ ୫୦୲ ୧୭ ଜୁଏଲ ସହ ଟ ୮୫୲ ଡାକଖର୍ଚ୍ଚା ଟ ୦।୫ ଦୁଇଟି ଘଡ଼ି ଏକ ସାଙ୍ଗରେ ନେଲେ ଡାକ ଖର୍ଚ୍ଚା ପଡ଼େ ନାହିଁ । ଗୋଟିଏ ପ୍ଲାଷ୍ଟିକ ହାତବନ୍ଧା ଫିତା ପ୍ରତ୍ୟେକ ଘଡ଼ି ସହିତ ବିନା ମୂଲ୍ୟରେ ଦିଆଯାଏ ।

### ଆମେରିକାନ

## ଫାଉଣ୍ଟେନପେନ ।



ସୁନ୍ଦର ଓ ସ୍ୱାଚ୍ଛନ୍ଦରେ ଲେଖି ହେବ, ଭିନ୍ନ ଭିନ୍ନ ରଙ୍ଗରେ—ସୁନା ପ୍ଲେଟିଂକରା ନିବ୍ କ୍ଲିପ ସହିତ ଟ ୨।୫ ଡିଲକ୍ସ ଟ ୯୲ ନ୍ୟାସନାଲ ଟ ୬୲ । ୧୪ କ୍ୟାରେଟ ସୁନା ନିବ୍ ସହ ଟ ୬୲ ଡିଲକ୍ସ ଟ ୮୲ ଡାକ ଟିକଟ ଟ ୦।୫, ତିନିଟା କଲମ ଏକ ସାଙ୍ଗରେ ନେଲେ ଡାକ ଖର୍ଚ୍ଚା ଲାଗେ ନାହିଁ ଚାରିଟି କଲମ ଏକ ସାଙ୍ଗରେ କିଣିଲେ ଶତକଡ଼ା ଟ ୧୨୲ ହାରରେ କମିଶନ ଦିଆଯାଏ ।

AMERICAN TRADING Co [D]
Po. Box No 12204 CALCUTTA—5

## ହାଉଡ଼ା କୁଷ୍ଠ କୁଟୀର

## କୁଷ୍ଠ    ଧବଳ

ବାତରକ୍ତ ସର୍ବାଙ୍ଗ ଫୁଟିବା, ସ୍ପର୍ଶଶକ୍ତି ହୀନ ଓ ଫୁଲ ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ଅବ୍ୟର୍ଥ ଏକମାତ୍ର ଚିକିତ୍ସା ଯୋଗ୍ୟ ପ୍ରତିଷ୍ଠାନ ।

୫୦ ବର୍ଷରେ ... ଶରୀରର ଧଳା ଦାଗ ଆଦି ଅସାଧ୍ୟ ସେବନୀୟ ଓ ତାହା ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୋପ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ
(H. K. K.)
୧ ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା ।
ଶାଖା—୩୬ ନଂ ହରିସନ ରୋଡ଼, କଲିକତା ।

ନୂତନ ଶୈଳୀ ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀରେ

## ଦୃଷ୍ଟିକୋଣ

ଲେଖକ—'ଡଗର'ର ସୁପରିଚିତ ପ୍ରିୟ
**ଶ୍ରୀ ଦେବ ମହାପାତ୍ର**

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ବିଶ୍ଳେଷଣ ତରୁଣ କବି ଗଡ଼ନାୟକଙ୍କର ପ୍ରଶସ୍ତି ସହ ମୂଲ୍ୟ ଟ ୦।୫ ମାତ୍ର

ଛପା ଓ ବନ୍ଧେଇର ବିଶେଷତ୍ୱ
ପ୍ରାପ୍ତିସ୍ଥାନ:—ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ

Printed & Published by G. C. Mahapatra at the Gopinathpress, Bhadrak 1948.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ମକର ୧୩ ଦିନ ୧୩୫୫ ସାଲ | ୨୪ଶ ସଂଖ୍ୟା |
|---|---|---|

—ସୂଚି—

ମଜା କଥାରେ
ହିଟଲ ଠାଇଁ

ଧାରାବାହିକ ଉପନ୍ୟାସ
'ଭଣାମାମୁଁ'

ଡାହାଣୀରେ

ଅମାବାସ୍ୟାରେ ପୂର୍ଣ୍ଣିମା

ମଜା ଡବାଡାରେ

ବ୍ରିଟିଶ ବରହେ

କଥା ଓ ନଥା, ଟଠାଜ,

ବାଲ୍ଅବସ୍ଥାର ଦୃଢ଼ତା ।

"DAGARO"

ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday, Jan. 26. 1948. | No. 24. |
|---|---|---|

ବାର୍ଷିକ ମୂଲ୍ୟ ଟ ୬୲   ଷାଣ୍ମାସିକ ଟ ୩୳
ରାଜ ସଂସ୍କରଣ ବାର୍ଷିକ ଟ ୧୦୲

Digitized by srujanika@gmail.com

ଅମୂଲ୍ୟ ସୁଯୋଗ          ସୁବର୍ଣ୍ଣ ସୁଯୋଗ

**ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।**

ଆମ ଦେଶର ବିଦ୍ୱାନ ଓ ଅନୁଭବୀ ଯୋଗ୍ୟ ଶିକ୍ଷକ ନାହାନ୍ତି । ବର୍ତ୍ତମାନ ଆୟୁର୍ବେଦ ରାଷ୍ଟ୍ରୀୟ ଚିକିତ୍ସାରେ ଗଣ୍ୟ । ଗାନ୍ଧିଜୀ ଓ ନେହେରୁଙ୍କ ମତ ସ୍ୱଦେଶୀ ଔଷଧ ବ୍ୟବହାର କର ଓ ଚିକିତ୍ସା କର । ଯେଉଁମାନେ କଲେଜରେ ନ ପଢ଼ି ପାରିବେ ସେମାନେ ଘରେ ଥାଇ ବାର୍ଷିକରେ ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ଦେଇ ସରକାର ଓ ଗଭର୍ଣ୍ଣମେଣ୍ଟ ରେଜିଷ୍ଟାର୍ଡ କଲେଜରୁ ଡିପ୍ଲୋମା ପାଇପାରିବେ । ଆଜି ଚିଠି ଲେଖନ୍ତୁ । ଔଷଧ ତାଲିକାର ମୂଲ୍ୟ ୫୧୫୦/ ।   ଏଡଭାନ୍ସ ୫୧୯ ପଠାଇଲେ ଡାଃ ମିଃ ରେ ପଠାଯିବ ।

ଠିକଣା—କବିରାଜ, **ଶ୍ରୀ ନାରାୟଣଚନ୍ଦ୍ର ବେହେରା**
ବୈଦ୍ୟରତ୍ନ ଆୟୁର୍ବେଦ ବିଶାରଦ
**ବରଜା ଔଷଧାଳୟ, ପୋଃ ବଣାଇଗଡ଼ (ଓଡ଼ିଶା)**

ଓଡ଼ିଆର ଉପନ୍ୟାସ ଜଗତରେ ନୂଆ ଯୁଗ ଆରମ୍ଭ କରିଛି
**ନିତ୍ୟାନନ୍ଦ ବାବୁଙ୍କର**

**ଭୁଲ୍**

**ଜୀଅନ୍ତା ମଣିଷ ଓ ଜୀବନର ଲକ୍ଷ୍ୟ**

ଶହେ ଘରର ଶହେ କାହାଣୀ କହୁଛି
**"ଏଗାରଟା" ଓ "କ୍ଷଣିକା"**
ଜାତୀୟ ଜୀବନର ଜୀବନ୍ତ ଗୀତାବଳୀ

**"ପାଞ୍ଚଜନ୍ୟ"**
ଭାରତର ପ୍ରତି କନ୍ଦରର ମୁଖରିତ ଧ୍ୱନି

—:—

( କଟକର ବଡ଼ ବଡ଼ ଦୋକାନରେ ପାଇବେ )

**ମାତ୍ର କେତେ ଖଣ୍ଡ ଜୟହିନ୍ଦ ସଂଖ୍ୟା**
**'ଡଗର'**
ବଳକା ଅଛି—ତାହା ଅର୍ଦ୍ଧ ମୂଲ୍ୟରେ ପାଇ ପାରିବେ ।
**୫୦ୟ ମନିଅର୍ଡର କରି ପଠାନ୍ତୁ ।**
ମାନେଜର ଡଗର ।

**ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର**          **ପରିଚାଳନା ସଂପାଦକ—ଶ୍ରୀ ବ୍ରଜମୋହନଦାସ**

Digitized by srujanika@gmail.com

ଗାନ୍ଧୀଜୀଙ୍କ ଉପରେ ବୋମା ପଡ଼ିଲା । ଜଣେ ହିନ୍ଦୁ ଯୁବକ ସେ ବୋମା ଫିଙ୍ଗାଇଥିଲା । ହୁଏତ ହିନ୍ଦୁ ଯୁବକଟି ଫାଶି ପାଇଯାଇପାରେ । କିନ୍ତୁ ସେ ହିନ୍ଦୁ ଯୁବକଟି ଯେ କେବଳ ଅପରାଧୀ ତାହା ନୁହେଁ । ଗାନ୍ଧୀଜୀଙ୍କ ଉପରେ ବୋମା ପକାଇବା ବା ଗାନ୍ଧୀଙ୍କୁ ହତ୍ୟା କରିବା ପାଇଁ ଯେତେ ଦୁଃସାହସ ଜଣେ ଯୁବକ ପକ୍ଷରେ ଆବଶ୍ୟକ ସେ ତାହା ସଂଗ୍ରହ କଲା କେଉଁଠୁ ? ସାଧାରଣ ଲୋକଙ୍କୁ ହତ୍ୟା କରିବା କଠିନ । କାରଣ ଦଣ୍ଡ ଭୟ ଅଛି । କିନ୍ତୁ ଜଣେ ଦେଶର ଶତ୍ରୁଙ୍କୁ ହତ୍ୟା କରିବା ସହଜ ହୋଇପଡ଼େ କାରଣ ହତ୍ୟାକାରୀ ସାଧାରଣ ସମର୍ଥନ ପାଏ । ମାତ୍ର ଦେଶରେ ଆଜି ଯିଏ ଦେବତା ଭଳି ପୂଜା ପାଉଛନ୍ତି ତାଙ୍କୁ ହତ୍ୟା କରିବାର ସାହସ ଜଣେ ଯୁବକ ପକ୍ଷରେ ଗୋଟିଏ ଅତି ଅଶ୍ଚର୍ଯ୍ୟକର ଘଟଣା ।

ସାମାନ୍ୟ ଚିନ୍ତା କରି ଦେଖିଲେ ବୁଝାଯିବ ଯେ ଏ ହତ୍ୟା ପାଇଁ ସେ ଯୁବକ ଏକମାତ୍ର ଦାୟୀ ନୁହେଁ । ଗାନ୍ଧୀଜୀଙ୍କୁ ହତ୍ୟା କରିବାର ସାହସ ନଥିଲେ ମଧ୍ୟ ଗାନ୍ଧୀଜୀଙ୍କର ଉପବାସ ଓ ମୁସଲମାନ ସଂଖ୍ୟା ଲଘିଷ୍ଠଙ୍କ ପ୍ରତି ସହାନୁଭୂତିକୁ ଆଜି ଦେଶର ବହୁ ଶିକ୍ଷିତ ହିନ୍ଦୁ ଭାବପ୍ରବଣ ହୋଇ ସମର୍ଥନ କରୁ ନାହାନ୍ତି । ସେମାନେ ଭାରତର ମୁସଲମାନ ଅସ୍ତିତ୍ୱକୁ ଭୁଲି ଯାଉଛନ୍ତି । ପାଗଳଙ୍କ ପରି ଭାବୁଛନ୍ତି ମୁସଲମାନ ସଂଖ୍ୟା ଲଘିଷ୍ଠ ଶ୍ରେଣୀକୁ ଭାରତରୁ ମୂଳ ପୋଛ କରି ଦେବହେବ । ଏବଂ ସେପରି କଲେ ସେମାନେ ସ୍ୱଚ୍ଛନ୍ଦରେ ରହିବେ । ଗାନ୍ଧୀଜୀ ସେଭଳି ଏକ ନର୍କର କଳ୍ପନା ମଧ୍ୟ କରିପାରୁ ନାହାନ୍ତି । ସେଥିପାଇଁ ସେ ଏହି ପାଗଳ ଜନତାର

## ସମ୍ପାଦକୀୟ

ପ୍ରିୟପାତ୍ର ନୁହନ୍ତି । ସେହି ପାଗଳମାନେ ଆଜି ମୁସଲମାନ ବିରୋଧୀ ମନୋଭାବ ପୋଷଣ କରୁଛନ୍ତି ମୁଖ୍ୟତଃ ସେହିମାନେହିଁ ଆଜି ଏହି ବୋମା ବିସ୍ଫୋରଣ ପାଇଁ ଦାୟୀ । ଆଜି ଏହିପରି ଭାନ୍ତ ହିନ୍ଦୁମାନେ ଲଜ୍ଜାରେ ଶିର ନତ କରିବା ଉଚିତ ।

### ସିଂହଭୂମି

ପ୍ରାୟଶ୍ଚିତ୍ତ କରିବାର ବେଳ ଆସିଛି । ଖରସୁଆଁ ସରେଇକଳା ଓଡ଼ିଶାନ୍ତର୍ଗତ ହେବା ପରେ ସିଂହଭୂମି ବାକିରେ ପ୍ରଦେଶ ସହିତ ମିଶିବାର କଳ୍ପନା ସୁଦୂର ପରାହତ ହେଲାଣି । ଖରସୁଆଁ ସରେଇକଳା ମଧ୍ୟ ଆଜି ନିଶ୍ଚିତ ରୂପେ ଓଡ଼ିଶାର ନୁହେଁ । ବିହାରୀ ମାନଙ୍କର ନିଷ୍ଠୁର ଓଡ଼ିଶାର ଭାଗ୍ୟ ଉପରେ ଖଣ୍ଡା ସମାନ ଝୁଲୁଛି । ଏ ବିପର୍ଯ୍ୟୟ ଆସେ କିଣିଛୁ— ଆମର ନେତୃତ୍ୱ କିଣିଛି । ପୂର୍ବରୁ ଯଦି ଆଦିବାସୀ ମାନଙ୍କର ପ୍ରାଧାନ୍ୟକୁ ଉପେକ୍ଷା କରି ଶ୍ରୀଯୁକ୍ତ ମହତାବ ଚିନ୍ତା କରି ନଥାନ୍ତେ—ଏବଂ ଛୋଟ ନାଗପୁରର ଆଦିମ ଅଧିବାସୀ ମାନଙ୍କର ଓଡ଼ିଶା ପ୍ରଦେଶରେ ରହିବାର ସଦିଚ୍ଛାକୁ ଷଡ଼ଯନ୍ତ୍ର ମନେ ନ କରି ସୌହାର୍ଦ୍ଦ୍ୟର ସୂଚନା ସ୍ୱରୂପ ସ୍ୱାଗତ କରିଥାନ୍ତେ ତେବେ ଆଜି ସମଗ୍ର ସିଂହଭୂମି ଓଡ଼ିଶା ସହିତ ମିଶିବାରେ ବାଧା ନଥାନ୍ତା । ଆମ ନେତୃତ୍ୱର କ୍ଷମତା-ଦର୍ପ ଓ ନାମଲିପ୍ସା ହୁଏତ ଆମକୁ ଏ ଖାଲରେ ପକାଇଛି । ଏକଥା ବିବେଚ୍ୟତ ନିଶ୍ଚୟ ବିସ୍ତର କରିବ ।

କିନ୍ତୁ ଏହି ଭ୍ରମ ସତ୍ତ୍ୱେ ଆମକୁ ନିଶ୍ଚେଷ୍ଟ ହୋଇ ବସି ରହିଲେ ଚଳିବ ନାହିଁ । ଓଡ଼ିଶାର ଯୁବକ ଆଜି ଦେଶର ଡାକରେ ପ୍ରସ୍ତୁତ ହେବାକୁ ହେବ । ଓଡ଼ିଶା ଯୁବକ ଆଜି ଖରସୁଆଁ ଓ ସରେଇକଳା ଅଞ୍ଚଳରେ ଆଦିବାସୀ ମାନଙ୍କର ସେବା ପାଇଁ ତତ୍ପର ହୋଇଯାନ୍ତୁ । କେବଳ ହିନ୍ଦୁ ବିରୋଧୀ ବସ୍ତୃତା ବୋଲି ଯାଇଁ ସେଠାରେ ବକ୍ତୃତା ଦେବା ବା ଆଦିବାସୀ ମାନଙ୍କୁ ଭାଇ ଭାଇ ବୋଲି ଡାକି କୋଳ କରିବା ବା ଲୁଗା ଭାତ ବାଣ୍ଟିବାରେ କାର୍ଯ୍ୟ ସିଦ୍ଧି ହେବ ନାହିଁ । ବରଂ ଏହାକୁ ସ୍ୱାର୍ଥ ଓ ଅଭିସନ୍ଧି ମୂଳକ ବୋଲି ଆଦିବାସୀ ମାନେ ବିଚାରିବା ସ୍ୱାଭାବିକ ଏବଂ ଉଚିତ ମଧ୍ୟ । ଆମ ବିଶ୍ୱାସରେ କେତେ ଜଣ ଯୁବକ ସେହି ଅଞ୍ଚଳରେ ଆଦିବାସୀ ମାନଙ୍କର ସେବା ପାଇଁ ଆଜିଠାରୁ ବ୍ରତୀ ହୋଇ ସାରା ଜୀବନ ଓଡ଼ିଆ ଓ ଆଦିବାସୀ ସମ୍ମିଳନୀ ଦିଗରେ କାର୍ଯ୍ୟ କରନ୍ତୁ । ସତ୍ୟ ଅଛି—ଆଦିବାସୀ ଓ ଓଡ଼ିଆ ସଭ୍ୟତା ତଥା ସମାଜ ଯଦି ଏକ ନ ହୋଇ ଯାଏ ତେବେ ଓଡ଼ିଶା ଆଉ ଓଡ଼ିଆର ହୋଇ ରହି ପାରିବ ନାହିଁ— ଓଡ଼ିଶା ଶ୍ମଶାନରେ ପରିଣତ ହୋଇ ପାରେ ।

ସରେଇକଳା ଖରସୁଆଁ ସିଂହଭୂମି ଓଡ଼ିଶାକୁ ଆଜି ନ ଆସି ପାରେ । ସେଥିପାଇଁ ଦୁଃଖ ହେବ ନାହିଁ—ଯଦି ଓଡ଼ିଆର ଉଦାର ସଂସ୍କୃତି ଆଦିବାସୀ ସଂସ୍କୃତିକୁ କୋଳାଗ୍ରତ କରି ଏକ ବିରାଟ ଜଗନ୍ନାଥ ସଂସ୍କୃତିର ପ୍ରତିଷ୍ଠାପକ ହେବା ଦିଗରେ କାର୍ଯ୍ୟକାରୀ ହୁଏ । ଦିନେ ନା ଦିନେ ସିଂହଭୂମି କାହିଁକି ସମଗ୍ର ଆଦିବାସୀ ଅଞ୍ଚଳ ପ୍ରାକୃତିକ ଉତ୍କଳର ମହିମାମଣ୍ଡି ରୂପେ ଜାଜ୍ଜ୍ୱଲ୍ୟମାନ ହେବ । ସେ ଆଶା ନିଃସନ୍ଦେହରେ କରାଯାଇ ପାରେ । କେବଳ ଆବଶ୍ୟକ ତ୍ୟାଗୀ ଯୁବକ—କର୍ମୀ ।

—❀—

Digitized by srujanika@gmail.com

# କଥା ଓ ନଥା

"ଯେ କୌଣସି ମୂଲ୍ୟ ଦେଇ ଗାନ୍ଧୀଜୀଙ୍କ ଜୀବନ ରକ୍ଷା କରିବାକୁ ହେବ" ଜିନ୍ନାଙ୍କ ଜବାବ ।

...ପାକିସ୍ତାନକୁ ମାତ୍ର ୫୦ କୋଟି ଟଙ୍କା ଦେଇ ଗାନ୍ଧୀ ଜୀବନ ରକ୍ଷିତ ହେଲା ।

\+ + +

"ସମସ୍ତେ ଅକ୍ଳାନ୍ତ ପରିଶ୍ରମ କର ।" —ନେହେରୁ

...ଆମେ ଅକ୍ଳାନ୍ତ ବିଶ୍ରାମ କରୁଥାଉଁ ।

× × ×

ଉତ୍ପାଦନର ଅର୍ଥ—ଅର୍ଥ—ନେହେରୁ

...ଅର୍ଥ କେବଳ ଦେହର ରୂପାନ୍ତର

\+ × +

ମନ୍ଦଲପାନ ତାଡନ କରୁଛନ୍ତି ମୁଁ ଲଢିଛି, ଲଢିବି—ନେହେରୁ ।

...ଜିନ୍ନାଙ୍କ ପିଣ୍ଡରେ ପ୍ରାଣ ରହିବ ତ ? !

× + ×

ପାକିସ୍ତାନ ପ୍ରତି ଭାରତ ଉଦାରତା ଦେଖାଇଛି—ପଟେଲ

...କିନ୍ତୁ ପାକିସ୍ତାନ ଶତଧୌତେନ ମଳ ତତ୍ତ୍ୱଂ ନଜାୟତେ ।

× × ×

ଦେଶକୁ ଭାଗ କରିବାରେ ଆମେ ରାଜିହେଲୁ—କାରଣ ତାହା ଅଳ୍ପ ମନ୍ଦ —ପଟେଲ

...ତେଣୁ ମନ୍ଦ ମନ୍ଦ ଚଳନ୍ତୁ ପବନଃ

× + ×

ଭ୍ରାନ୍ତ ଯୁବକଙ୍କୁ ( ହେମା ପଟାଳି ) ଘୃଣା ଚକ୍ଷୁରେ ଦେଖ ନାହିଁ—ଗାନ୍ଧୀଜୀ ।

...ଚକ୍ଷୁରେ ଆଦୌ ନ ଦେଖିବା ଭଲ ।

\+ × +

ଦଳୀ ଏକ ସ୍ୱାର୍ଥ କାର୍ଯ୍ୟ ସାଧନ କରୁଛି—ଗାନ୍ଧୀଜୀ

...ଗୀତର ବାହୁବଳରେ,

× + ×

ଦେହେର ସ୍ୱାର୍ଥକୁ ଖେଳନା ଖେଳ ଯେଉଁ ନେତାମାନେ ଖେଳୁଛନ୍ତି ତାଙ୍କୁ ସତର୍କ ଥିବ—ସର୍ଦ୍ଦାର

...ଯିଏ ଖେଳନାଙ୍କର ଚଳୁଛନ୍ତି ତାଙ୍କୁ ସେ ଡରନାହିଁ ।

× × ×

ରୁସିଆ ଓ ଆମେରିକାର ଦୁଇ ଶିବିର ଛଡା ପୃଥିବୀରେ ସୋସାଲିଷ୍ଟଙ୍କର ଏକ ତୃତୀୟ ଶିବିର ହେଉ—ଲୋହିଆ !

...ତା ନାମ ଥୁବର ଶିବିର ହେବ କି ?

× × ×

ସମସ୍ତେ ଜୀବିକାର୍ଜନ ପାଇଁ କାର୍ଯ୍ୟ କରିବା ଉଚିତ—ଜୟପ୍ରକାଶ

...କିନ୍ତୁ ଜୀବିକାର୍ଜନ ନକଲେ ତ ନେତା ହୋଇ ହେବ ନାହିଁ ।

× × +

ଧନୀମାନେ ଅକାତରେ ଦାନକର—ପଟେଲ

ନିର୍ଦ୍ଧନ ହେବାପାଇଁ ?

\+ + +

ଗଫୁର ଖାଁଙ୍କୁ ୨ଟଙ୍କା ଜରିମାନା—ସଂବାଦ

...ପାକିସ୍ତାନର ମୂଲ୍ୟ ଦଣ୍ଡେ ଦଉଡ଼ା ।

\+ + +

ସରଳାଙ୍କ ଖାଦ୍ୟନୀତି—ମୁକ୍ତଯୁଦ୍ଧ

...ସରଳାଙ୍କ ବଚ୍ଚ କିଏ ?

× + ×

ଦଗାବାଜ କିଏ ?—ମୁକ୍ତଯୁଦ୍ଧ ।

...୧୯୪୨ରେ ଦଗାବାଜ୍ ଯିଏ । ଅଧିକା ଗୋଟିଏ ଅନୁସ୍ୱାର ।

× + ×

ଦୋ ମୁହଁ ବନ୍ଦ ଶୀଘ୍ର ପକାଅ—ମୁକ୍ତଯୁଦ୍ଧ ।

...ଆପଣଙ୍କର କେତୋଟି ମୁହଁରେ ବନ୍ଦ ?

\+ × +

ବେଡଣ୍ଡା କୃଷୀଙ୍କ ଜଟାପଃ—କୃଷକ

...ବଡଣ୍ଡାରେ ନା ବସ୍ମତରେ ?

× × ×

ଜଟଣୀଙ୍କ ଜୁଲମ...କୃଷକ

...ଇରାନୀଙ୍କ ଭାଗ ଅଛିଲେ କି ?

\+ × +

କଂଗ୍ରେସର ଗଛ କୁଅଡ଼େ—କୃଷକ

...ଭାରିଅଚେ ।

\+ + +

ଓଡ଼ିଶା ସରକାର—ହୁସିଆର—କୃଷକ ।

..."ହମ୍ ଲଡେଙ୍ଗେ—ହୁସିଆର ଲଡକେ ଲେଙ୍ଗେ—ହୁସିଆର"

× + +

ନବ ଜୀବନ ମଣ୍ଡଳ—ସାରଙ୍ଗଧର ।

...ବରଂ ମାଲତୀ ଜୀବନ ହୋଇ ଥିଲେ ଭଲ ହୋଇଥାନ୍ତା ।

\+ × +

ଗାନ୍ଧୀଜୀଙ୍କ ଆଜାଦକୁ କମଳା ଉପହାର—ନବୀନ

...ଲେମ୍ବୁ ନା ନାସ୍ପି ?

\+ × +

ପଶ୍ଚିମ ବଙ୍ଗର ବାହାର ଓ ଭିତର ଅସୁସ୍ଥ...ସଂବାଦ ପତ୍ରରୁ

...ଡାକ୍ତର ବିଧାନ ବିଧାନ ଦେବେ ।

\+ × +

ଜଣେ ଶରଣାର୍ଥୀ ପରିବାର ନେହରୁଙ୍କ ଘରେ ରହିଲେ—ସଂବାଦ

...ଶରଣ ରକ୍ଷଣୀ ବାନା—

\+ × +

ସିଂହଭୂମ ବଙ୍ଗାଳୀଙ୍କର—ବଙ୍ଗଳାର ପତ୍ର ପତ୍ରିକା ।

...ସ୍ୱର୍ଗବାସ ଓ ନର୍କବାସ ମଧ୍ୟ ତାଙ୍କର

× + ×

ଗାନ୍ଧୀଙ୍କ ସାତ ସର୍ତ୍ତ ମହାସଭା ସ୍ୱାକ୍ଷର ଦେଇନାହିଁ—ଲହୁଡ଼ି

...ନିରକ୍ଷର ବସ୍ତୁ ।

\+ × +

ଡାକ୍ତର ବିଧାନଚନ୍ଦ୍ର ବଙ୍ଗର ପ୍ରଧାନ ମନ୍ତ୍ରୀ—ସଂବାଦ

...ବିଧିର ବିଧାନ କେ କରିବ ଆନ

\+ × +

Digitized by srujanika@gmail.com

# ହୃନେ ଚଟି

ଟେଷ୍ଟରେ ହେଲନାହିଁ ।

ଏଣେ କରଣ ହେଲନାହିଁ ଭାଇଣେ ହେବାର ଆଶା ମଧ୍ୟ ନଥିଲା । ଏଠଣା ପନ ବନ୍ଧାବନ୍ଧି କରି ବସିଛି ପିଢ ବୋଲି । ଏଡାଯ୍ୱ ରେଳ ପାଇବୋଲି ଅଟୁଛି—ଆଉ ଅଳ୍ପ କେତେଘଣ୍ଟା ମାତ୍ର । ବେଗବଗ୍ର ଡ଼ଇଣୀ ପାଖରୁ ତାଙ୍କ ବନ୍ଧୁମାନେ ଯା ଥ ଶେଷ ଚୁମା ଗୁଚ୍ଛତକ ନୈଷଧଚରିତରେ ଅବଲ୍ଲୀଳଗରି ଦେବାକେ ସହାନଭୂତି ଦେଖାଉଛନ୍ତି ଆଉ ବନ୍ଧୁମାନେ

## ମଜାକଥା

ଖଣ୍ଡେ ଖଣ୍ଡେ ସଂଭାରେ଼ ଆଣି ଉଡାଯ୍ୱ ନେଉଛନ୍ତି । ସେଇଥିରେ ବି ସେମାନେ ସନ୍ତୁଷ୍ଟ ନୁହନ୍ତି ।

ଏପ ବଜୁଛି—ହଁରେ ଭାଇ ମୁଁ ତ ବଣ୍ଣାସ କରେ ନାହିଁ ଏ ବଶ୍ୱବିଦ୍ୟାଳୟ ବିଦ୍ୟାବୁଦ୍ଧିର ମାପ କାଠି ବୋଲି । ଆଜ ଏବ ଏଇ ଘଣ୍ଟାଏ ତଳେ ଅମୁକ ସାଥିରେ ଦେଖାହେଲା ଯେ କହୁଥିଲା ପସ ତୋ' ଗପ ଗୁଡ଼ାକ ଚମତ୍କାର ସତେ । ଅଉ ଏପ—ଅମେ ସଖା ଖାଲି ପଡ଼ ରହିଲ ଭଜନଭର୍ତ୍ତିରେ ଦାବାନୀ ହେବାପାଇଁ ହବାର ଆଶା ଭଣ ଅଛି ?—ରୁ ହେଲେ ଅଗରୁ ମୁକ୍ତ ପାଇଗଲ ।

ତୁଛି ପଣ ଗଳିଯାଉଥାଏ କଥାଗୁଡ଼ା—ଖାଲି ମୁଣ୍ଡ ହଲେଇ ନୀଖୁଲ ସମର୍ଥନ କରୁଥାଏ ବିନା ।

ଶାରଦୀୟ ଅବକାଶରେ ବନ୍ଦ ପଣ ସବୁ ବନ୍ଧୁ ଅପସର ଗଲେ । ମୋର ମଧ୍ୟ ସମୟ ଯାଖ ହୋଇ ଅସିଲ । ସବୁ ବନ୍ଧାବନ୍ଧି ସର ଲଣି । ଥରେ ମୋର ସିଟଆଡ଼େ ନେହ-ପାତ କଲି । ସବୁ ବସର ଖାଲି ଖାଲି ମନେ ହେଉଛି । ବଇଣା—ମୋଟା ମୋଟା ବହି-ମଶାରୀ-ବେଣୁବାଳାର ଛବି ଥାଇ ଦାମୀ କାଲେଣ୍ଡର ଅଉ ଧୂସର ଅସବୁ ସବୁ ଯେପର କାସ୍ତଭର ହୁଏ ଭଙ୍ଗିରେ ବଞ୍ଚିତ ।

ଟେବୁଲ ତଳେ ପଡ଼ିଥିଲା ହଳେ ଛଣା ଚପଲ । ନଜର ପଡ଼ିଗଲ । ବଜ ମୁଁ, ମତେ ବଶ୍ୱର ପ୍ରତ୍ୟେକ ଧୂଳିକଣା କଥା କହେ । ମୋ ଅଖିରେ ସବୁ ସୁନ୍ଦର ।

କଲେଜ୍ ବମନ୍ ରୁମ୍ ଦୁଆର ପାଖେ ପର୍ଦ୍ଦା ବି ସୁନ୍ଦର । ଯୋଡ଼ି ଗୋଟି ବର ପ୍ରତ୍ୟେକ ଝିଅ ମଧ୍ୟ ସୁନ୍ଦର । ସେମାନଙ୍କର ଫେ୍ଲକ୍ସ ଚଟି ମଧ୍ୟ ସୁନ୍ଦର—ଯାହାର ଚଟି ନାହିଁ ତାର ଅଳତା ଲଗା ଚମ୍ପା ରଙ୍ଗର



ଆଙ୍ଗୁଠି ଗୁଡ଼ିକ ମଧ୍ୟ ସୁନ୍ଦର । ଅଉ ସୁନ୍ଦର ମଧ୍ୟ ଏଇ ପରବର୍ତ୍ତ୍ୟକ—ସ୍ଥାଣୁ—ନିର୍ଜୀବ ଚଟି ହଳକ ।

ତା' ପରେ ସମାଲୋଚନା ।

କି ସୁନ୍ଦର ଶୈଳୀ । ସରବାଷ ଚର୍ମାଣ ଉପରେ ବ୍ୟବହାର ସମ୍ମତିର ଏହ ପରିବର୍ତ୍ତ୍ୟକ ଚଟି ହଳକ ।

ଚଟି—

ଚଳେ ଧରଣୀ—ଉପରେ ଅପମାନ । ଭୁଲ କହିଲି । ଉପରେ ବୃଷ୍ଟିଧଣୀ ଜାଲ ବୁଣା ସିଳ୍ଂ—ଗୃହପଟେ ଦୁଃଖର ହାର୍ଦ୍ଦ୍ୟ । ତପସ୍ୱିନୀରେ ପଡ଼ିଥିବା ସୀତାଙ୍କ ଦୁଃଖରେ ଗଛମାନ ଫୁଲ ଝାଡ଼-ଦେଲେ—ନଦୀ ସବୁ ଶୁଖିଗଲେ ଅଉ

## ମାଙ୍କଡ଼ ହାତରେ

କେଶଂଛି ମୋ ଦୁଃଖରେ ଜାତ୍ ଜ୍ୟୋତିର ସିଂଟା ଲଙ୍ଗଳା ଦଶୁଛି—ଦଶୁଛି ଗୈରିକ ବସନଧାରୀ ସନ୍ୟାସୀ ପରି ।

ଫେର ସେଇ ଚଟିହଳକ କଥା କହିଲ "ମୋତେ ନେଇଯାଅ ।" ଥରେ ସଚେତ ସବୁନେଇ ଅଉ ଏହ ଚଟିହଳକ ଛଡ଼ିବାରେ ମୋର କି ଅଧିକାର ଅଛି ଓ ମୋର କ ମନୁଷ୍ୟତ୍ୱ ପ୍ରକାଶ ପାଇବ । ନାଁ ନେଇପିବି । ଉଠିବାକୁ ବସିଥିଲି ହଠାତ୍ ମନେ ପଡ଼ିଗଲା ସେ ଚଟି ହଳକ ମୋର ନୁହିଁ । ଏକଦା ଜଣେ ଅନ୍ତରଙ୍ଗ ବନ୍ଧୁଙ୍କଠାରୁ ମାଗି ଅଣି-ଥିଲି । ଅଉ ବର୍ତ୍ତମାନ ତା' ରୂପାନ୍ତର ହୋଇ ଗଲଣି ଯଦିଓ, ମୋର କ ଅଧିକାର ଅଛି ତା' ଉପରେ !

ମନଟାକୁ ବାଥିରେଇ ଦେଇ ବସି ରହିଲି । ମୁଁ ଅନ୍ୟାୟ ତଥାପି ମୁଁ ତୁମକୁ ଭଲପାଏ । ତୁମ ସହିତ ମୋର ଚଳାଚଳ ବେଶୀ ଦିନ । ସେ' କେବଳ ମତେ ବାଟା ଦୋକାନରୁ ଦିନେ ଅଣିଥିଲେ । ସତ୍ତ୍ୱାଧିକାର ତୁମେ କଣ ଏ ପର୍ଯ୍ୟନ୍ତ ପାଇନାହିଁ ?"

ନାଁ । ଅସମ୍ଭବ ମୁଁ ନେଇ ପାରେ ନା ମନେ ମନେ ଭାବିଲି ।

ଶୁଣ, ପରା ଭୂମିରେ ସତ୍ତ୍ୱ ମାଇଲ । ବହୁଦିନ ଉପଭୋଗ କରୁଥିବାରୁ—ଛଡ଼ାଇଥ ଘରେ ସତ୍ତ୍ୱପାଇଲ ବିନା ଉତ୍ତରରେ ସାମ୍ରାଜ୍ୟ ରହିବାରୁ । ଅଉ ତାଙ୍କ ଜୀବନ ସହିତ ମୋ ଜୀବନ ବନ୍ଧା ଅଥଚ ତୁମର ସତ୍ତ୍ୱ ହୋଇ ନାହିଁ ?

ସତେ ! ହେବାର କଥା । ମୁଁ ପୁଣି ଭାବିଲି ।

ଅସ୍ତେ ଅସ୍ତେ ମୋର ଚକ୍ଷୁ ଉପରେ କପର ଏକ୍ରୋଧ ଅସିଗଲା ! ଶୁଣିଲି—ଅଭି ମନୋଯୋଗ ସହକାରେ । ଜନ୍ମାନ୍ଧର ଚକ୍ଷୁ ଖୋଲିଗଲା ପରି ମୋ' ଆଗରେ ଖୋଲିଗଲା ଏ ଚଟିହଳକର ବିଗ୍ରହ ଇତି-ହାସ । ସେ' ଚଟିର ଠିକ୍ ନୁହିଁ । ସେହିପରି ହଳେ ଚଟିର ।

ବର୍ତ୍ତମାନ ଚଟିର ମୁଁ ଦାଉଳ ପାଏ ନଭେମ୍ବର ବାର ତାରିଖ ୧୯୪୭ମସିହାରେ । ତା ପୂର୍ବରୁ

ଏକଦା—୧୯୪୨ ହେବ ଠିକ୍ ସେହି ସମୟରେ କଣିଥିଲି ହଳେ ଉଦ୍ଭୋଗ୍ୟ ଚଟି । ଚମତ୍କାର ରଙ୍ଗ ତା'ର । ସେହି ଚଟି ପିନ୍ଧି ମୋର ଦିନ କଟିଗଲା । ବରହମ୍ପୁର ଜେଲ୍ ଭିତରେ ।

ତା' ପରେ ମୁଁ ଖଲାସ ହେଲି ।

ଚଟି ପୁରୁଣା ହୋଇ ଯାଇଛି । ତା'ର ଅଉ ବମ୍ପୁଣୀ ଶକ୍ତ ନାହିଁ । ଜଣେ ବନ୍ଧୁଙ୍କ ଘରକୁ ଯାଇଥିଲି ସେଠାରେ ଭୁଲ୍‌ର ଛଳନା ତଳେ ଜାଣିଶୁଣି ଚଟି ବଦଳ କଲି । ତା' ଅବଶ୍ୟ ବଦଳ ଶେଷରେ ଜଣାଇ ଦେଇ-ଥିଲି ଓ ଦୁଃଖ ପ୍ରକାଶ କରିଥିଲି । ସେ ଚଟିରେ ବହୁଦିନ ଚଳିଗଲା ବେଶ୍ । ଖିବ୍ କାମଦେଲା କଲୁ । ମତେ ସେ ନେଇ ଯାଉଛି ବର୍ଷାସିକ୍ତ ପଙ୍କିଳ ଧରଣୀ ଉପରେ ।

ମଳିଗଞ୍ଜ—ଅଖିଳ ମୋହନ ପଟ୍ଟନାୟକ

ମତେ ସେ ନେଇଯାଉଛି ବାସ୍ଥ ପର୍ଯ୍ୟନ୍ତ ସଡ଼କର ନୀଳଧୂଳି ଉପରେ । ପାର୍କର ବହୁଳ କେଳ ଘାସ ଉପରେ ମୁଁ ତାକୁ ନେଇ ଯାଉଛି । ତାକୁନେଇ ମୁଁ ସେସନ କୁଲକୁ ଡରେଇବାର ଚେଷ୍ଟା କରଛି ତା' ପରବର୍ତ୍ତେ ପାଉଛି ମନବୋଧ କରି ଗଲି । ତାକୁ ନେଇ ମୁଁ ଛନ୍ଦମଳ ତରୁଣୀଙ୍କର ଅଞ୍ଚଳ ଗୃହ ଦେଖିଛି ଓ ଶୁଣିଛି ପୁରସ୍କାର ସ୍ୱରୂପ "ନନ୍‌ସେନ୍‌ସ୍" । ତା

[ ୫ମ ପୃଷ୍ଠା ଦେଖନ୍ତୁ ]

Digitized by srujanika@gmail.com

# ଅମାବାସ୍ୟାରେ ପୂର୍ଣ୍ଣିମା

[ ୧୭ଶ ସଂଖ୍ୟା 'ଜଗତ'ରେ ପ୍ରକାଶ ପାଇଥିବା "ଅମାବାସ୍ୟାର କଳ୍ୟାଣ"ର ଚାଲୁକର ପରବର୍ତ୍ତୀ ଅଧ୍ୟାୟ ]

ରାତ ବାରଟାବେଳେ ଚଢ଼େଇ ଉଡ଼ିଯାଉ । ବାହାରେ "ହେମ-ଘଣ୍ଟା" ଶ୍ରୀମନ୍ତ ଜମା ବେଶଙ୍କର ଶବ୍ଦ ।···ଜମା, ଶତ ସହସ୍ର ସୌଧର ସ୍ତୁପ ମାଡସ୍ଥି ଶତ ସହସ୍ର ପ୍ରକାଶିତ ।ଅପ୍ରକାଶିତ ଦଳ ବଡ଼ଠାରୁ ଠାହ୍ଲିବା କୋଠାରୀ ବେଦନୀ, ଅଟଳ ।··"ସତରେ ତାର ସ୍ୱତନ୍ତ୍ରତା ଚ୍ଛାଃ···ଲୀଳାଦ୍ରିତ ବସ୍‌ରେ ଜମାଦାରଙ୍କ ଭାଗ୍ୟ ଦୁଷ୍ଟ, ଦେଶରୂପାରେ ପାଶ୍ଚାତ୍ୟ ମୁହୂ ସନ୍, ଅନ ବର୍ଣ୍ଣ ଦ୍ରିତ୍ୟ ସପ୍ତ ଶ୍ୟାମ··· ଶିବ ବୌଦ୍ଧ କଳଙ୍କ ଦରସିଂହଙ୍କ ଉର୍ଗଣରେ ଏଣି ମହାଶ୍ରଣାର ଅଶ୍ରୁତ ବସ୍ତ୍ରରେ ସତା ସମ, ମନମଣି ମୂର୍ତ୍ତି ପଣ ଅସେ ଅସେ ତାର ଶ୍ୟାମାଦ୍ରମାତ ଶୋଭ ।"

## କାହାଣୀ

ଶତ ବର୍ଷ ପୂର୍ବର ସ୍ମୃତି ଡଗର ବଣ ସେ ବରୁଣ ଶବ୍ଦ । ପୁଣି ଯାହାର ସିଅର ଦୃଷ୍ଟି··· ବଡ଼ଲୋକ ଓଡ଼ିଆଙ୍କ ପର ଘରେ ବାଟରେ ମୁଣ୍ଡର କ୍ଷମତା ଥିବା କୃତମର୍ତ୍ତ୍ୟ—ଦେଓ୍ୱାନ ବାହାଦୁର (ex-Dewan Bahadur) ଟିମଥି ( Timothy ) ପଟ୍ଟନାଏକଙ୍କ ଏକମାତ୍ର ଝିଅ ପୂଜା ସୁଶାନ୍ତ ପଟ୍ଟନାଏକଙ୍କୁ । ବଡ଼ଲୋକରେ ସବୁର ମନରେ ଅଶିକ୍ଷ ଅବୋଧ...ଗୋଟାଏ ଧକ୍କା । ସମସ୍ତେ ବ୍ୟଥିତ ଦୃଷ୍ଟିରେ ଜମାର ଅବଦା ହୃଦୟ ମୁହଁଟିକୁ ସ୍ୱଚ୍ଛନ୍ଦ ବନ୍ଧୁ ଜମା ଦେଖୁଥିଲାଟି ଶବ...ତାର ଭାବ ଉଗିଳେ ପରିବର୍ତ୍ତନ ନାହିଁ । ବଡ଼ବଡ଼ ଦେବଚନ୍ଦ୍ର ସମସ୍ତେ ।

ଅନିଲ୍, ଅଜୟ, ନିର୍ମଳ ଅଭ ହୋଟେଲ କମନ୍‌ରୁମ୍‌ରେ ବସି ସେଇ ବିଷୟରେ କଥାବାର୍ତ୍ତା ହେଉଥିଲେ । ଶେଷ ବ' ପିଲାଟିଏ ଲଗାଇ । ଫିଗର ପିଲାଟିକୁ ବ ଯାଉନ, ଦୂଆର ମୁହଁରେ ଦେଖାଦେଲା ଜ୍ଞାନ । ସମସ୍ତ ଅସ୍ପୃଷ୍ଟ ହୋଇ ତାକୁ ଚାହିଁଲେ ।

"ଆରେ ଜ୍ଞାନ, ତୋର ଏସ ପ୍ରାକ୍‌ଟିକାଲ୍ ଥିଲା ! ? କଣ ସବୁକଲ ହେଲେ ?·ଫିଗର ଫିଲ୍ଡ ବ ଓଲଟ ହେଉନ ।" ନିର୍ମଳ କହିଲା ।

ଜ୍ଞାନ୍ ଅଭ୍ୟଗତା ଗୋଟାଏ ଚେୟାର ଉପରେ ବସି ପଡ଼ିଲା 'ଓଃ ଏମିତ ଛନ୍ଦାମନ୍ଦୀ ତାସ ଖାଇଟା !"

"ଓଃ ଏଇ ଜମା କଥା !" ଜ୍ଞାନ୍ ବହାବର ମୁହଁ ବଦଳାଇଲା ।

ଅମିୟ ଖଟା ସା'ରେ ଚଢ଼ି ବୋଇଲା ଉଠି କହିଲା, "ବିଡେ ତୁ ଯେମିତ କଣ୍ଠା ଦେଉଥିଲୁ ମୁଁ ତ ଭାବୁଥିଲି ତୋ ମାଥରେ * ପିପୁଟ * ଉଠେ * ପାଇବ ନ ବ ବଣ ଗ୍ରୁପ୍‌ର ଜମାର ପ୍ରତ୍ୟାଗମନ ଖବର ଶୁଣିଲ ପ୍ରତୀୟମାନ ଅବଶ ସାଗରରେ ବୁଡ଼ାଇ ମାରନ୍ତ ବଣ !"

ଅଜୟ ତାକୁ ଥମାଇଲା କହିଲା, "ରହ, ରେ ; ଆଗେ ବାହାରିଲି ପୁରୁଷ ଗୋଷ୍ଠୀ...କଣ ହେଲା କହିଲ ଜ୍ଞାନ୍।"



"କେତେ ଥର କଣ ? ଜମାର ବରଣ ପାଇଁ ଅଗି କୁଣ୍ଡ ଦେଲ ଦେବ ଲକ୍ଷ୍ମୀର ଥିବା ଦେଉଳ ଅଗ ଗୋଲ ଦେଖେ ଜମା ଅନ୍ୟ ଅନ୍ଧୁରେ ଅସେମ୍ବ ।" ଅମିୟ କହିଲା ।

ତା' କଥାକୁ ଉପେକ୍ଷା କରନ୍ତୁ ଜ୍ଞାନ୍ କହିଲା, "ଏଥିର ବଡ଼ ସଂଶୋଧ ବଳ ଯିବା ପରେ ବ ସହଜ ସ୍ୱରରେ ଜମା ମନେ ସବୁଦିନ ପର କହିଲା, "ସତରେ ଏକ୍ସ ପେରିମେଣ୍ଟ ଅପଣଙ୍କର କେମିତ ହେଉଥିଲା" ମୁଁ ବନ୍ଧୁ ତା ମୁହଁକୁ ଚାହିଁ ପାରିଲି ନ । ଟେବୁଲ ପାଖରେ ବ ଠିଆ ହୋଇ ପାରିଲି ନ । ଚାଲି ଆସିଲି ।

## କଥାଟିଏ କହୁଁ

ଅଲକ ହୋଟେଲ ମୁହଁ ବୁଲାଇ ସିଗାରେଟ୍ ପିଉଥିଲା । ମୁହଁରୁ ସିଗାରେଟ୍ଟ କାଢି ଜ୍ଞାନ୍ ଆଡ଼କୁ ଚାହିଁ ଦେଇ କହିଲା "ଦେ ଦନ୍ତ, ଏଇଥିରେ ବେ ଗୋଟିଏ ନୂଆ···ଘଏ ଥରେ କେତେ ଭଣ୍ଡି କଲାଣି ।"

"ଅଃ" କହି ଥା ବାଡ଼ିଟା ଜ୍ଞାନ ଆଡ଼କୁ ଦୂରେଇ ଦେଇ ଅବଜ୍ଞା ଭଙ୍ଗୀ ହେଇ କହିଲା "ଅଲ ସେ ?"

"ସେ···" କୀଥା ଫିଟ ଉଠିଲା ଜ୍ଞାନ୍ ମୁହଁରେ । "ମୁହଁରେ ଜୁମାର ଦେଇ ଦୁଃଖିଲ ।"

ବହାବର ହସିଲ "ଓଃ ଏତେ ସେଣ୍ଟିମେଣ୍ଟାଲ୍ ତୁ ଜ୍ଞାନ୍ ? ଭୋଲ ଭୁଲ । ତୁ ତାକୁ ଭଲପାଇବେ ଲଇ ଖାଇ ତାର ବ୍ୟବହାରରେ ସ୍ପଷ୍ଟ ଭୁଲ ଅର୍ଥ ଦେଖିଛୁ ତ ହେଲେ ସାଧାରଣତଃ ଯାହା ଦେଖାଯାଏ ସବୁ ଝିଅଙ୍କ ଭଳି ଜମା ବ ଗୋଟାଏ ମାୟାବିନୀ ।"

ନିର୍ମଳ ଏତେବେଳଯାଏ ଚୁପ୍ ଥିଲା । କହିଲା "ମୁଁ ତାକୁ ଜାଣେ ! ତାଙ୍କ ମୁହଁଟାକୁ ଦେଖି ମୁଁ ତାକୁ ଚିହ୍ନିଛି । ଭଲପାଇବାର ମାପକାଠି ତା ପାଖରେ ନାହିଁ । ଭଲପାଇବାର ମୂଲ୍ୟ ସେ ଜାଣିବ କେମିତି ? ଅଜସ୍ର ଐଶ୍ୱର୍ଯ୍ୟରେ ପ୍ରତିପାଳିତା··· ସ୍ୱପ୍ନରେ କଳ୍ପନା କରିବାରେ ଅଭ୍ୟସ୍ତା ସେ । ବାସ୍ତବ ଜୀବନରେ ବଞ୍ଚିବାର ସମସ୍ୟା କଥା ସେ ବା ଜାଣେ କଣ ? ଭଲପାଇବା ପାଇଁ ଦୁଃଖ ଦୁର୍ବିପାକରେ ଦୁଃଖ ଅନୁଭବର ଅଭାବ ତାର । ଭଲପାଇବା ତା ପାଖରେ ରୂପ ବଦ ଗୋଟାଏ ଐଶ୍ୱର୍ଯ୍ୟ

ବିଳାସ ଭରା ସ୍ୱପ୍ନମୟ ଜୀବନ ଭିତରେ । ବୋଲା ଚାହୁ, ମଟରଗାଡ଼ୀ, ଦାମୀ ଶାଢ଼ୀ ସୁନା ପାଉଡର ଅଭ ସୋନା—ସବୁ ଯୋଗାରେ ଅଭାବ ତାର ସବୁ ।"

"ତେବେ ତାର ସବୁ ଦେଇ ଦେଲ ଦେଖାଇବାର ପ୍ରୟୋଜନ କଣ ଥିଲା ?" ଜ୍ଞାନ୍ ସନ୍ଦେହର ସହି ଉଠି କହିଲା ।

ନିର୍ମଳ କହିଲା, ଏଇଠି ବନ୍ଧୁ ମୁଁ ପ୍ରଶ୍ନବାଦ କରିବ । ସ୍ପଷ୍ଟ ଜମାର ହୃଦୟର ଦାମ୍ ଦେବାର କ୍ଷମତା ନାହିଁ । ଭଲପାଇବାକୁ ଅନୁଭବ କରିବାର ଶକ୍ତିର ଅଭାବ ତଥାପି ଚିତ୍ ଏଇ ଜାଗଣ ଯୋଗ୍ୟ ସେ ବଡ଼ ସିଅସ୍ ଭିଲେନ (conscious vilain) ହେଇ ପାରେ ନା ।"

"ହଁ ହେଇ ପାରେ" ସମସ୍ତେ ବହାବର ଅଡ଼କୁ ଚାହିଁଲେ । "ଯେତେବେଳେ ଗୋଟାଏ ଲୋକ ଅଭ ଗୋଟାଏ ଲୋକଠାରୁ ଅଭ ଗୋଟାଏ ଲୋକର ବେଶୀ ଧନ ଦେଖେ ସେ ସେଇ ଅଡ଼କୁ ଢଳି ପଡ଼େ ।"

ନିର୍ମଳ ବଡ଼ ଦୃଢ଼ ସ୍ୱରରେ କହିଲା, "ବନ୍ଧୁ ଜମା କ୍ଷେତ୍ରରେ ସେ କଥା ଲଗା ହେଇ ପାରିବ ନ । ତାର ବାପ ମା ନିହାତି ଉଦାର ଶୀଳ । ସବୁଦିନେ ଭଲ ପାଇବାର ସୁଯୋଗ ଦେବାର ସେ ଭଲପାଇବାର ଶକ୍ତିକୁ ବ ବଢ଼ାଇ । ଶିଶୁର ପ୍ରତି କରୁଣା ସ୍ପଷ୍ଟ ମୋର ।"

"ବନ୍ଧୁ...ସେ ମୁଣ୍ଡାଣ୍ଡୁ ଶବ୍ଦ କରିବାକୁ ମନେ କାହିଁ ନ ?" ଜ୍ଞାନ କହିଲା ।

"କାରଣ କଥା ମାନବାରେ ସେ ଅଭ୍ୟସ୍ତା, ପିତାମାତାଙ୍କ ବାଟରେ ଶେଷତା···ନିଜର କଥା କହିବାକୁ ସୁଯୋଗ ଦିଆଯାଉନ ତାକୁ । ତେଣୁ ନିଜକଥା କହିବାରେ ଅନଭ୍ୟସ୍ତା···ବ୍ୟକ୍ତିତ୍ୱର ଅଭାବ ।"

ଅମିୟ ଏତେ ବେଳେ ହିମଣୀ ବାଟ କହିଲା, "ବନ୍ଧୁ ଦାସ୍, ସତ ଜମାର ଦେହ ଯୋଗ କବିତା ଲେଖିଥିଲୁ ଯେ ଭଲ, ବ୍ୟର୍ଥ ହେଲା ମୋର ମନର ଦେଲ, ମୋର ମନର ଦେଲ ।" ମୁହଁ କରି ସେ ଯୋଡ଼ିଦେଲା, ଜନ୍ମର ନାଟକରୁ ପଦେ । "ହାୟ, ପାଷାଣୀ...ପାଷାଣୀ, ସେ ସବୁ କବିତା, ତୁମ,

## ଲେ— ଶ୍ରୀମତୀ ଚିତ୍ରଲେଖା

ଯୌବନର ପ୍ରଭାବେଶ ଘଟେ ଯେଉଁ ପ୍ରଭାସ ବାଟିଲ ଅର୍ଘ୍ୟ, ତା'ର ପ୍ରାଣର ଅବେଗରସ କବିତା ଝୁଣ୍ଟିଲବ ଅନୁଭବ ଉମର ! ହାଏ···ହାଏ···"

ଏଇବ ବେଳେ ଫିଗର ଫିଲ୍ଡ ଓଭର ହେଲା, ସାଙ୍ଗେ ସାଙ୍ଗେ ସୁରେଶ ଅସି କମନ୍‌ରୁମ୍ ଦୁଆରେ ହାଜର । ଲେଖାଲେଖି କରେ । ଜମାର ପ୍ରଭାପାଇଁ ବ ବେଟେଥର ସମ୍ମାନ ସଭାପତି । ଏହି ମଜଲିସରେ 'କବ୍ୟବାହାତ' ବୋଲି ପରିଚିତ ସେ ।

ତାକୁ ଦେଖି ଦେଖି ଅମିୟର ଭଲ ଜୁଆର ମୋହିଲ ସେଇଥିରେ "କଣ ହେଲ କବିବାହନ

...ସ୍ୱୀକାର ଯେ ଏକ ନୂଆ ଦୃଶ୍ୟ ନୂଆ କଥା କହିବାକୁ ଯୋଗ୍ୟ ପାଇବନି...ଅପ୍ରାସଙ୍ଗିକ ଉପସଂହାର !!"

କଟା ବାହାନାର ସବୁ ପ୍ରଫୁଲ୍ଲ ମୁହଁରେ ସାମ୍ନାର ଛାୟା । ଉମାକୁ ସେ "ଅମାବାସ୍ୟାର ଚୋର"ରେ ଯେଉଁ ଶ୍ରଦ୍ଧାଞ୍ଜଳି (tribute) ଦେଇଥିଲି ସେଥିରେ ସେ ଏତେ ଉମାକୁ ଚେଷ୍ଟା କରି ପାଇବ ବୋଲି କଳ୍ପନା କରିଥିଲି । କିନ୍ତୁ... ଏଣ୍ଣା ମଜାଦାର ।

ତାର ଜାଗତ ଚେଷ୍ଟ ସମସ୍ତେ ଜାଣନ୍ତି । ଅମିୟ ସ୍ୱତଃ ଧରା ଗଳା କହିଲା, "ସତରେ ତ ରାତ୍-ନଳିନୀ ମୁଣ୍ଡିଏ... ମୁହଁରେ ତ ସେମିତି କିଛି ଚିହ୍ନ ଦେଖୁନି ଅଳଙ୍କାର ଟିଏ ପର ଲଗେଇଛି..."

ହେଲେ ଏତ ବଡ଼ ପଥର । ଅନ୍ତର ତୋର ଜାଣେ ନାହିଁ ।

ଅଜିତ କହିଲା, "ତୁ ଭାଲ, କି ଯେଉଁ ତୋଷାର୍ଦ୍ଦ ଅଲ୍ୟୁଜନ୍ (allusion) ଦେଇଥିଲୁ ଏକ 'ଉପାସନା'ଙ୍କୁ refer କରିଥିଲୁ ତାର ମନେ ସେ ବୁଝିଥିବ ବୋଲି ବିଶ୍ୱାସ ହୁଏ ନା...ଅଧିକନ୍ତୁ ଅଧିକ ପରଚାରରେ କହିବ ଧର୍ମର ଯେଉଁଠି ପଦ୍ମଶ୍ୟ ନ ଥାଏ..."

ଉହାଦର ଏକ ଟୋକାଏ ସିଗାରେଟ ଧରାଇ ଧରାଇ କହିଲା "ହଁ...ତା ପଢ଼ିଥିଲି ପୁଣି କହିଲେଣ୍ଟି ପୂରୁଣର, ଠିକ ଯିଏ ଠିକ ପଡ଼ି ଅସେ ନ ଜାଣିବା ସେ କହେ । ଠିକ ଶବ୍ଦ ବାଂଲା ପରି ଉଚ୍ଚାରଣ କରେ । ସେ ସାତବର୍ଣ୍ଣ ତପସ୍ୟା କରେ ଏକ ଠିକ ସଂସ୍କୃତର ଅକ୍ଷର ପାଇବ ନା ?...ସଂସ୍କୃତର ଶିକ୍ଷା ପାଏ ମଣିଷ ସବୁ ଦେଶ ଭଲ ।"

କଥାରେ ସତ ଯେ ନଥିଲା ତା ନୁହେଁ । ତଥାପି ଏକ ଅତୀତ ଉଦ୍ଧାରକୁ ଯାଇଛି ବୋଲି ମାନସୀ ଦେବୀଙ୍କ ପ୍ରାଣରୁ ଉମା ସହିତ ସରକାରୀ ମନ୍ତ୍ରୀ ମାନ୍ୟବର ଉପାଧି ପାଇ । ସମସ୍ତଙ୍କର କଥାବାର୍ତ୍ତା ଦେଖେ ଧର୍ମକୁ ଚିନ୍ତି ଏତେ ଉତ୍ସୁକ ।

ଛୁଟି ହେଲା ପଡ଼ିଆରୁ ସମସ୍ତେ ବାହାରି ବାହାର ଅତି ଅଦ୍ଭୁତ ପାଖ ଛକ ଦୁଆର ମୁହଁରେ ଠିଆ ହେଲେ । ଏତେ ବଡ଼ ବଡ଼ ସାନ ପୁଣି ଉମାର ଶେଷ ଦେଖାଇବା ପାଇଁ ସମସ୍ତେ ଉତ୍କଣ୍ଠିତ ।

ଉମା...ପରଦା ଟେକି ଆସିଲା । ମୁହଁରେ ସାରା ଦିନଟିର ପରିଶ୍ରମ ଉଦ୍‌ଘ କ୍ଳାନ୍ତିର ଛାପ କପାଳରେ ମୁକ୍ତା ପରି ସ୍ୱେଦବିନ୍ଦୁ ଝଲମଲ ହୋଇଥିବାର ଦେଖା ଯାଉଛନ୍ତି । ତାହାଣ ହାତରେ କପଡ଼ା । ପରିଚିତ ମହଲ ଚୋଖପାଖେ ଦେଖି ସେ ବାହାର ପଡ଼ିଲା । ଶାଢ଼ୀର କୋଣଟି ତାପାରେ ଟିକେ ତ ଅଯଥା ଲଗ ପଡ଼ନ । ଦୂରରୁ ବଡ଼ ହେବ ଥିବ ହେଉଛି । ଯେମିତି 'ପାଦ ପାଖର ଲୟା ଦର୍ପଣର ବାସ୍ତବରେ କ୍ଷୁଦ୍ର କୁହୁଁ ହୋଇ ସେବାଟି । ସନ୍ଧରେ ଉହେ ଲାଳାଦ୍ରିତ ରଙ୍ଗୀ... ନଚ୍ୟର ଚନ୍ଦ୍ରମୁଖ କାଲଟି ରୋଷ... ଶାନ୍ତୀର ଅତରଣ ନାହିଁ । ଉପକୁ ସ୍ମିତାର

କୋମଳତା ଅଙ୍ଗକୁ ପ୍ରତ୍ୟେକ ଭଙ୍ଗୀର ଲଜ୍ଜା ଦୃଷ୍ଟି ! ଦେଖିବ ଟୋକାଏ କରକୁ ଲଜ୍ଜା ଯୋଗାଇଦିଏ । ସର୍ବ କଥାର ପରିଶ୍ରମ ଭାବୁଛି କରିବ ଅତଏବ...ଡାକ୍ତରେ ହଠ ଯାଉଛି ସେ ଉମାର ଦେଖିପାରି ଅଙ୍ଗକୁ । ପାଖ ହେବ ସ୍ୱଭାବ ତେବେ ପରନ୍ତୁ ପରମ ସୀମାର ମନମତାଣିଆ ମୃଦୁ ହସଟିଏ ଫାଙ୍କରେ ଅମିୟ କହି ଉଠିଲା, "ଆ"

ଉମା ସ୍ୱଭାବ । ପୋଷ ସ୍ୱଚ୍ଛନ୍ଦ, ତା' ମୁହଁ ହେଲ ଉଠିଲା ଉଜ୍ଜ୍ୱଳ ।

ମଃଘର୍କୁ ଓହ୍ଲାଇଲା ଟୋକାଏ ଚକ୍ଷୁଣ । ତାକୁ ସ୍ୱର୍ଣ୍ଣ ଉମାର ସାରା ମୁଖମଣ୍ଡଳ ଦୀପ୍ତିରେ ମ୍ଳାନ ହେଲା । ତା' ହାତରୁ କହିଥିବ ହେଲ ପଛ ଦିଗରେ ଯଦାପି ମୁଖାନ୍ତ ହାତ ଧରି ଅପରିଚିତରେ ଉଠାଇ ଦେଲା ଉମାକୁ । ରୂଢ଼ଯାଇ ଜ୍ୱାଳାଇଲା ଶିଖରେ ଦୃଷ୍ଟି ପଡ଼ିଦେଲ ମଃର । ଉଠିଲା ଉମାର ସନ୍ଧ୍ୟା ଦୃଷ୍ଟି ମୁଖାନ୍ତ ମୁହଁଟି ଉଭା ହେଲେ ଅର ଦେଖି ଅଙ୍ଗକୁ ଲୁହ ଦେଖି କହିବାକୁ ଅବସର ପାଇ ନ ଥିଲା ।

ତଦ୍ଦର ହୋଇ ସମସ୍ତେ ସ୍ତବ୍ଧ ହେଲେ । ଅମିୟ ଭୂଗୋଳ ସବୁ ପ୍ରଶସ୍ତ କଲଗଟା ଉଚ୍ଚ ତା' ପାଖରୁ ଦରବୋଳା ସିଗାରେଟ୍‌ଟା କାଢ଼ି ଥରେ ଶୋଷି ଦେଇ କହିଲା, "ବନ୍ଧୁ ପ୍ରଣାମ, ଏହି ଟୋକା ଅମାବାସ୍ୟାରେ ଯେ କେବଳ ଚୋର୍ । ଠ ହେବ ଏକାଦଶରେ ପୂର୍ଣ୍ଣିମାର ଚାନ୍ଦ ହେଲ ତାର ରୌଦ୍ରୋଜ୍ଜଳ ବରଣ କିଏ ?"

—*—

[ମଜାକଥା ୫୩ ପୃଷ୍ଠା ଉତରୁ]

ପରେ ସେଠାରୁ ସେହି ମୋତେ ଏକା ନେଇ ଯାଇଛୁ ଦୁଇଜଣ ଦୃଢପଦରେ । ଶୃଙ୍ଖଳାଞ୍ଚି ବନ୍ଧ ଯୋଗ—ଅଦ୍ଭୁତ ହେଉଛୁ ଅଙ୍ଗ ଢଙ୍ଗ-ଇଛ—ତଥାପି ପ୍ରତ୍ୟକ୍ଷ ମତେ ଛଡ଼ଯାଇ ନାହିଁ । ଥରକୁଥର ମତେ ଗ୍ରସ୍ତା କରଉ ମୋତ ହସ୍ତ ସ୍ପର୍ଶରେ ସେ ପାଇଛୁ ନୂତନ ଜୀବନ ।

ଅସ୍ତ୍ର ଜର୍ଜ୍ଜରିତ ହୋଇ ଯାଇଛି । ସାମୟିକ ଠିକ୍ ଦେଇ ଅଭ ଜୀବନ ଧାରଣ ସମ୍ଭବ ନୁହେଁ । ଠିକ ଏହି ସମୟରେ ଗୋଟାଏ ଘଟଣା ଘଟିଥିଲା ନ କହି ହେଉ ପରୁନାହିଁ ।

ଜଣେ ଘରକୁ ବୁଲି ଯାଇଥିଲି । ଚଟି ରହି ଯାଇଛୁ ବାହାରେ । ଫେରି ଅସିଲି । ଅନ୍ତର୍ଦ୍ଧାନ ହୋଇଲେ ସେ ଚଟିଯାଖରେ ଥିଆ ହୋଇଛୁ ଅଜ ଦୁଇଲେ ବାରଙ୍ଗଣୀ ରଙ୍ଗର ଚଟି । ଜଳକାମ ହୋଇଛୁ । ନାସିପାଦ ପାଇଁ ଯାଏ ଚଳିଯିବ । ଖୁବ୍ ଧାପିକା—ସୁନ୍ଦର । ତା' ପରେ ପରେ ଦେଖିଲି ।

ହଠାତ୍ ପର୍ଦ୍ଦା ଠେଲି ଫସ୍ ଫସ୍ ବାହାରି ଅସିଲେ ସୁନ୍ଦରୀ ତରୁଣୀଟିଏ । ଗୃହ କର୍ତ୍ତ୍ରୀଙ୍କ ସହ ଗପ କରୁ କରୁ । ମୁଁ ସେତେବେଳକୁ ପ୍ରାୟ ଗୋଡ ପୁରେଇ ସାରିଥାଏ ।

ଅଜ ତରୁଣୀଟି କହିଲେ "ଦେଖନ୍ତୁ ବୋଧହୁଏ ସେଟା ଅପଣଙ୍କର ନୁହେଁ ।" ତଳକୁ ଅନାଇ କହିଲି—"ଓଃ ଅଜି ଏମ୍ ସର୍ଭୀ—କେବଳ ଭୁଲ ସମସ୍ତ ସମସ୍ତଙ୍କର ହୋଇଥାଏ ।" କହି ପୁନରାୟ ଫେରି ଅସିଲି ପ୍ରିୟ ତମଙ୍କ ପାଖକୁ । ତରୁଣୀଟି କପର ସନ୍ଧାନ ଚାହୁଁରେ କଟାକ୍ଷ ପାତ କଲେ । ଅଲଗଦସି ଫେରି ଅସିଲେ । ହସର ଉଦ୍ଦେଶ୍ୟ, "ନା ଅପଣ ଯାଆ ଭୁଲୁଛନ୍ତି ତା ନୁହିଁ ।"

ସେହି ଚଟି ଯାହାକୁ ପରିବର୍ତ୍ତନ କରି-ବାକୁ ଯାଇ ମୋ ଉପରେ ଏପରି ଅକାଳ ଚଢ଼ାଉ ପଡ଼ିଥିଲା ଦଳେ ଶୀଘ୍ରରେ ଶୃଖଳ ନେଉଛି । ବୃଦ୍ଧ ଥିଲ ଗୋଟାଏ ଖାର-ବୁଲି ବୁଦ୍ଧିର ସେଥିରୁ ପଟେ ନେଇ ଚମ୍ପଟ । ତାକୁ ଧରିବା ମୋର ଶକ୍ତିର ବାହାରେ । ଫେରି ଅସି କେବଳ କବିତା ରଚନା କଲି ।

"ଦେଖ ଦେଖ କରେ ଶ୍ୱାନ ପଳାୟନ
ଦାନ୍ତେ ଧରି ବାମ ଚଟି ମମ ।"

ଆଜ ହେଲା, ନାହିଁ 'ସେହି ପ୍ରଥମ ଧାକ୍କାଟି ଢେବନ ।

ରୁମରେ ସେହି ଅସଂଖ୍ୟ ଧୂଳ ଗୁଡ଼ାକ ବୋଡ଼ାଇ ନକ୍ଷା ଦେଲେ । ବୃଦ୍ଧ ଅପଦ ଘରର ପୁଅ ମୁଁ, ଗାଁରେ ଏବେବି ଲୋକେ ଜମିଦାର କହନ୍ତି ।

ମୁଁ ଅଜ ଖାଲି ଗୋଡ । ଅସମ୍ଭବ ।

ହଠାତ୍ ଆକ୍ରମଣ କଲି ମୋର ପିଠିରେ ଥିବା ସାର୍ଟ ଚଟି ଉପରେ । ସେ ଠିକଏ ମୋଡକେଇ ରଖିବା ଠିକ । ଥରେ ଦୁଇଥର ଛୁଟେଇ କହିଲି—ମାରିଲି । ତା'ପରେ ଦେଖିଲି ମୁଁ ଖୁବ ତତପର । ସେ ବେଳେ ଠନ ଉଠିବା ମର୍ତ୍ତରୁ ମୁଁ ତଳେଇ ସହ ରହିଗଲେଣି । ଦେଖି ଅଳ ଯେ ଚଟି ଉପରେ ଥାଉଥିଲି ତ ମୁଁ ଚଟିଲେ ଭୁଲ ରହିଗଲେଣି ।

ତା' ପରେ ସେ ଅଳ ମାଡିଲା । ଅଣା ମଧ୍ୟ ଉଠିଲା । ସେ ହେଲ ମୋର ବଦଳରେ ।

ସମାବର୍ତ୍ତନ ଅନୁଯାୟୀ ସେ ଚଟିହଳକ ଚର୍ବା-ବସ୍ଥା ପ୍ରାପ୍ତ ହେଲେ । ତଥାପି ମୋର ପ୍ରଣୟ ଅତ୍ୟନ୍ତ ଦୃଢ଼ ।

ଏତ ମୋ' ଅତି ଅପରେ ସେହ ନାଁ କଥା କହୁଛ । ଫେର ଚେତପର ଦେଲ "ସ"ରୁ ଯାଉଛ ଗାଳ ଗୋଡ଼ରେ ଫେରତ । ଏକଦଯାଅ ମୋତେ । ଉଦର ମଟେକ ସ୍ୱଭାବିକ ବୋଲି । ତା' ପରେ ଦେଖିଲ ମଜ ଚେଷ୍ଟା କରଯାଏ ଉପକ ଠ ହୁଏ ଯେପରି । ଗୋଡରେ ମାଉଗୋଳ କାଳେ ଏଏ ଦେଖିଛ । ଶେଷରେ ଗଡ଼ି "ପ୍ରଚାରକ"ରେ ସୂଚନା ତାକୁ ବହୁଣାସ୍ତ କଲ । କେଡ ଦେଖିବ ନାହିଁ ।

କସି ସିଗାରେଟ ଟାଣ ଚ । ଧୋତା ଅସିତାକର୍ "ଅଜ୍ଞ ଯେଉଁ ବନ୍ଧୁଣା ସ୍ୱଦର୍ଶା ଅର୍ଜ୍ଜିଥିଲେ ଦେଖପରେ ନାହିଁ ?" ଅଟେ ସତେଇ ! ମୋର ମନେ ନଥିଲ ଅନ୍ଦୋ—ଠିକଦେଲେ ମନେ ପଡ଼ାଇଛୁ ଯାହାକେଲ ।

ଅନନ୍ତା ସହ୍ୟ ବନ୍ଧୁଣା ଟୋଲକୁ ବାଧ୍ୟହୋଇ ପଲମଧ୍ୟରେ ଦୁଇଟେ ଜଣ ସାଙ୍ଗ ଅତି ଉଦାର ସମ୍ମାନ ଦେବାକୁ ଠିକ ହୋଇ ସାରଲେଣି । ବନ୍ଧୁଣା ଶୋକ ସ୍ୱଦର କାଟିଦେଲ ।

ହଠାତ୍ ତପ୍ ଚତ୍ପାଳ କରି ଉଠିଲ "ଅଟେ ମୋ ଚଟି ହଳକ ଏତେ ଦାଃ ଅର୍ଦ୍ଧିଲଣି—ଦୁଇ ଯାହା ଗଲଛ ବଲଛ—ଦେଇଯାଅ ସେ ହଳକ ।

ସବୁ ମାଟି କରିଦେଲ । ଏତେ ନେଇ—ଶେଷକୁ ଧୋବା ସାମ୍ନାରେ ମୋର ନୂଆନ୍ଦ୍ରାଦ ତଳେ ପକାଇ ଦେଲ ।

ଦଣ୍ଡି କହିଲ 'ଅଟେ କେମିତ ଦୁନ୍ଦରେ ଘଟ ଯାଉଛ—ଏଟା ବନ୍ଧୁଣା ନଟୋଲେ ବୁ ନଗାଇ ।"

ସେ ଅଳ ତୁସ ଉପଟେଲ ଜରଟା ଅଚ୍ଚୁଳରେ ନ ଥିଲ । ବନ୍ଧେଇ କହିଲ—ସେ ପ୍ରବଳ ତେତେ ଲେବଙ୍କର ଥାଏ ଦେ—ଏଠାରୁ ଏ ଡଭ ଡଭ ମାଟତ୍ତ୍ୱ ମାନଙ୍କ ପାଖରେ ଥୋଇ ଦେଖାଅନ୍ତ । ବାସ୍ତବତ ସେ ଏକରକମ ସ୍ୱେପ ବୁ ବଣ କରିବୁ ?

ମୁଁ ବନ୍ଧୁଣା ବାଣ୍ଡ ଥାଏ ସତ, ତାର ଦୁଇଟାରେ ଶୁଣୁଥାଏ ସବୁ । ଶେଷକୁ ହ୍ୟା ତ ଶୁଣିବାକୁ ହେଲ ! ତେତେ ଅବଶୋଷ ରହିଲ ମୋ ଦୁଇ ଅଳଙ୍କାର ନର୍ଗ ଚଟିର ସ୍ୱପ୍ନ ଭୁଲିବ ନାହିଁ । ଚିର ମୁଁ !

—*—

Digitized by srujanika@gmail.com

ଗାନ୍ଧୀଜୀଙ୍କୁ ମାରିବା ପାଇଁ ଜଣେ ହିନ୍ଦୁ ଯୁବକ ବୋମା ପକାଇ ଦେଲେ । ଏଥିରେ ଦୁଃଖ କଏ କରୁ ନ କରୁ ଥୋଡେ ଗାନ୍ଧୀବାଦୀ ବଡ ଦୁଃଖ କଲେ । ତାର କାରଣ ଗାନ୍ଧୀ ଚାଲିଗଲେ ଅଉ କାହା ନାଁରେ ସେମାନେ ଟଙ୍କା କାଟିବେ । ଆମ ଓଡ଼ିଶା ସରକାର ଦୁଃଖ କରିଥିବେ—ଅଉ କାହା ନାଁରେ ଓଡ଼ିଶା ଲୋକଙ୍କୁ ୧୫ ଲକ୍ଷ, ପୁଣି ୨୫ ଲକ୍ଷ ଟଙ୍କା ଦେଇ ଗାନ୍ଧୀଙ୍କର ଶ୍ରମ ବିଦ୍ୟା ପ୍ରତିଷ୍ଠା କରିଥାନ୍ତେ—ଜଙ୍ଗଲ ଭୂଇଁରେ ।

\+ × ×

ଆମ ଓଡ଼ିଶାର କଂଗ୍ରେସ ନେତାଙ୍କୁ ଓ କଂଗ୍ରେସ ସରକାରଙ୍କ ପର ଅଛିର ଅନେକ ଲୋକ ପ୍ରତିବାଦ କରିଥିବେ—ଅଟେ ବୋକା ହିନ୍ଦୁ, ସେ ହଡ଼ା ବଳଦ ଗାନ୍ଧୀଟାକୁ ମାରିବାକୁ ଗଲୁ କାହିଁ ! ସେ ଦହ—ସେ ଦଉଡ଼ିଟାରୁ କଣ ଯିବ । ଅସଲ ବିପଦ ଗାନ୍ଧୀବାଦ—ଚରଖା ବାଦ । ଆମେ ସେହି ଗାନ୍ଧୀ ଆଗରେ ଗାନ୍ଧୀବାଦକୁ ମାରି ଗାନ୍ଧୀର ଲାଶଟା କବର ଚଢ଼ାଇ ଥୋଇ ଦେଇଛୁଁ— ଟିକିଏ ସବୁର କରିଥିଲେ ଦେଖି ଥାନ୍ତେ—ଆମେ ଏହି ସମ୍ବନ୍ଧରେ ଅହିଂସ ଭାବରେ ଯେଉଁ ଗାନ୍ଧୀମାରଣ କରୁଥିଲୁ, ତୁ ମୂର୍ଖ, ସେଇଟାକୁ ହାତରେ ପକାଇ ଦେଲୁ ?

× + +

ଗାନ୍ଧୀଜୀ ଉପାସ ଭାଙ୍ଗିଲେ । ଆଜାଦ ତାଙ୍କୁ ମିଠା ଲେମ୍ବୁରସ ଦେଇ ଦେଲେ । ଭଗବାନ କରନ୍ତୁ ହିନ୍ଦୁ ମୁସଲ ମାନଙ୍କ ଭିତରେ ସେହିପରି ମିଠା ସମ୍ପର୍କ ରହୁ । ପାକିସ୍ଥାନରେ ବହୁ ମୁସଲମାନ ଓ ଅନେକ ମୌଲାନା ମୌଲବୀ ମଧ୍ୟ ଗାନ୍ଧୀଜୀଙ୍କୁ ମିଠା ଲେମ୍ବୁ ଖୋଇଛନ୍ତି କଥାରେ । କିନ୍ତୁ ଏ ବିଷୟରେ ଜଣେ ବଡ଼ ନୀରବ । ତାଙ୍କ ମୁହଁଟା ଗାନ୍ଧୀଙ୍କ ମିଠା ଖିଅରେ ପିତା ହୋଇ ଯାଉଛି କି କଣ ! ବିଚିତ୍ର ନୁହେଁ, ଗାନ୍ଧୀ ଯାହା କହନ୍ତି ସେ ତାର ଓଲଟା କହନ୍ତି ଓ କରନ୍ତି ବୋଲି ନିକଟରେ ସେ ଦିନରେ




୯ଥର ସ୍ଥାନରେ ୮ ଥର ଖାଉଥାଉ ପଣ କରିବେ । ଏବଂ ହିନ୍ଦୁ ମୁସଲମାନ ଦୁଇ ଭାଇ ଭାଇ ନ ହେଲେ ବିଷ ଖାଇ ଖାଇ ପ୍ରାଣ ଦେଇଦେବା ପାଇଁ ଭୀଷ୍ମ ପ୍ରତିଜ୍ଞା କରି ବସିବେ । ଖଲଅ ଏଣ୍ଡ ସେହିଦିନ ଅବପଷାଟର ଗାଉଛି—ମହମ୍ମଦାଲି ଜିନ୍ନା—ଜିନ୍ଦାବାଦ !

\+ × +

ଶ୍ରୀଯୁକ୍ତ ଲିଆକତ ଅଲି କହୁଛନ୍ତି—ଯେ ପର୍ଯ୍ୟନ୍ତ ଗୋଟିଏ ମୁସଲମାନ ସୈନ୍ୟ ପାକିସ୍ଥାନରେ ଥିବ ସେ ପର୍ଯ୍ୟନ୍ତ ପାକିସ୍ଥାନକୁ କେହି ଭାରତ ସାଙ୍ଗରେ ମିଶାଇ ଦେଇ ପାରିବ ନାହିଁ । ଏଟା ଅତି ସତ୍ୟ କଥା ଭାରତ ସହିତ ମିଶିବାର ଆଉ ସମ୍ଭାବନା ନାହିଁ । ଯେ ପର୍ଯ୍ୟନ୍ତ ଗୋଟିଏ ହେଲେ ସୈନ୍ୟ ପାକିସ୍ଥାନରେ ଥିବ ସେ ପର୍ଯ୍ୟନ୍ତ ପାକିସ୍ଥାନ ଅହିସ୍ତେ ଅହିସ୍ତେ--ଧୀର ରଫ୍ତାରରେ ଆରବ ସାଗରରେ ଯାଇ ମିଶିବ । ନଚେତ୍ ସେଇବାଟେ ଯାହାନ୍ନମକୁ ପଛଟେ ଯିବ—କିନ୍ତୁ ଭାରତ ହିନ୍ଦୁ ମୁସଲମାନ ଭାଇଙ୍କୁ ଆଉ ସେ ଭାଇ ବୋଲି ଡ଼ାକିବ ନାହିଁ ।

× + +

ପଣ୍ଡିତ ନେହେରୁ ତାର ଜବାବ୍ ମଧ୍ୟ ଦେଇ ଦେଇଛନ୍ତି—ପାକିସ୍ଥାନ ନେହୁରା କଲେ ବି ଆମେ ପାକିସ୍ଥାନକୁ ଆଉ ଭାରତରେ ମିଶାଇବୁ ନାହିଁ । କାରଣ ପାକିସ୍ଥାନର ଯେଉଁ ଅଭାବ ଅଶାନ୍ତି—କସ୍ମକସ୍, ଭାରତ ସଙ୍ଗରେ ଯଦି ଆମେ ମିଶାଉ—ତେବେ ଆ ବଳଦ ମୋତେ ବିନ୍ଧ୍ ବଳା କଥା ହେବ । ଜୁହାର ବାବା, ସେ ମହାର୍ଘ ବହୁଦର୍ଶିତାରେ ଅମର ଲୋଡ଼ାନାହୁଁ । ତମେ ତେଜରେ ଚାଲ କଳସି ବାନ୍ଧି ପହଁରୁ ଥାଅ ସିନ୍ଧୁ ନଦୀରେ ।

÷ ÷ ÷

ନିଜାମର ପୋଲିସ ଭାରତୀୟ ଗୃହୀଙ୍କୁ ତାଙ୍କ ସୀମାନ୍ତରେ ଗୁଳି ମାରୁଛନ୍ତି । ଭାରତ ସହିତ ନିଜାମଙ୍କର ଯେଉଁ ସ୍ଥିତି ସ୍ଥାପକ ସନ୍ଧି ହୋଇଛି ଏ ତାର ନମୁନା । କାରଣ ଭାରତ ଲୋକେ ଏମିତି ଚଳବୁଲ କଲେ ସ୍ଥିତି ସ୍ଥାପକ ଅବସ୍ଥା ଆସିବ ନାହିଁ—ଭାରତ ଲୋକେ ଯଦି ମରିଯାନ୍ତି କିମ୍ବା ଅନ୍ତତଃ ମଲାପରି ହୋଇ ପଡ଼ିଯାନ୍ତି ତେବେ ସ୍ଥିତିସ୍ଥାପକାବସ୍ଥା ଜାରି ରହିବ ।

÷ ÷ ÷

ପାକିସ୍ଥାନକୁ ନିଜାମ ବହୁତ ଟଙ୍କା ଧାର ଦେଇ କହିଛନ୍ତି ଯେ ଏଟା ମଧ୍ୟ ଚୁକ୍ତି ଭଙ୍ଗ ନୁହେଁ । ହାଇଦ୍ରାବାଦର ସବୁ ଯାକ ସମ୍ପତ୍ତି ଯଦି ପାକିସ୍ଥାନକୁ ଦେଇ ଦିଆଯାଏ ତଥାପି ଭାରତ ସହିତ ସ୍ଥିତି ସ୍ଥାପକ ଚୁକ୍ତି କାଏମ ରହିବ । କାରଣ ଏହାଦ୍ୱାରା କ୍ରମେ ସବୁ ଟଙ୍କା ଶେଷ ହୋଇ ନିଜାମ ସରକାର ପ୍ରକୃତ ସ୍ଥିତିସ୍ଥାପକ ବା Stand still ଅବସ୍ଥାକୁ ଆସିଯିବେ ।

× + ×

ପୂର୍ବ ପାକିସ୍ଥାନର ପୁଲିସ ମଧ୍ୟ ଭାରତ ସୀମାରେ ଗୋଡ଼ ଦେଲେଣି । କିନ୍ତୁ ସେଟା ଶତ୍ରୁର କାର୍ଯ୍ୟ ନୁହେଁ । ସେ ବର୍ତ୍ତମାନ ଭାରତ ଭୂମିରେ ଆଶ୍ରୟ ମାଗୁଛନ୍ତି—ଇସପ ଗଳ୍ପର ଓଟ ପରି—କ୍ରମେ କ୍ରମେ ଭାରତରୁ ଭାରତୀୟଙ୍କୁ ବାହାର କରି ଦେବା ଯାଏ କଥା ଯିବ । କୌଣସି ସଂବାଦରୁ ମଧ୍ୟ ପ୍ରକାଶ ପାଇଲାଣି ଯେ ସାରା ଭାରତକୁ ଜୟ କରିବାର ଷଡ଼ଯନ୍ତ୍ର ପାକିସ୍ଥାନରେ ଚାଲିଛି । ସନ୍ଦେହ ହେଉଛି ପାକିସ୍ଥାନ ଭାରତର ହିନ୍ଦୁ-ମୁସଲମାନଙ୍କ ମିଳିତ ଶକ୍ତିକୁ ହଟେଇବାର ଆଗରୁ ଶାହାନଶାହା ଜିନ୍ନା ଜୀବନରେ ଥିବେକି 'ନାହିଁ' । ନହେଲେ ଏତେ ଶ୍ରମ ପଣ୍ଡ ହେବ । ତଥାପି ମନେ ହେଉଛି ଜହାନ୍ନମକୁ ଗଲେ ମଧ୍ୟ ଆମ ଗାଁର ଠାକୁରର ମଲ ବେଳକୁ ତା ମଡ଼ାକୁ କିଲ୍ଲାରେ ଚଢ଼ାଇ ଦେବା ପାଇଁ,

Digitized by srujanika@gmail.com

ମୁଁ ଅକୁ କହିଗଲି ଭଲା ଭଲା ଯେ ଗୋଟାଏ କିଛି କାଣ ଘଟିଛି ମିଟିବ ଏଥିରେ ସନ୍ଦେହ କରିବାର କିଛି ନାହିଁ ।

ସର୍ପରେ ଛାଡ଼ି ଚାଲ୍ ମୋତେ
ସ୍ୱଭାବ ଛାଡ଼ିବ କେମନ୍ତେ ।

× + ×

ସୋସାଲିଷ୍ଟ ମାନେ କଂଗ୍ରେସ ଭିତରେ କି ବାହାରେ ଏ ପ୍ରଶ୍ନ ବହୁ ଆଲୋଡ଼ନ ହେଲାଣି । ସର୍ଦ୍ଦାର ପଟେଲ ତ ଖୁଲ୍ଲମ୍ ଖୁଲ୍ଲା ନିକଳିଯିବାକୁ ବୋଲି କହି ଦେଲେଣି । ବମ୍ବେରେ ୧୭ ଜଣ ସୋସାଲିଷ୍ଟଙ୍କୁ ଶୃଙ୍ଖଳା ନ ମାନିବାରୁ କଂଗ୍ରେସ ଭିତରୁ ତଡ଼ି ଦିଆ ଗଲେଣି । ତଥାପି ସୋସାଲିଷ୍ଟ ମାନେ କହୁଛନ୍ତି— ନଗଲେ ନରହେ ଜୀବନ, ଗଲେଟି ଖସି-ଯାଏ ମାନ । ଏଥକୁ ଏବେ ଉପାୟ କାହାର ଅଛି । ସରକାରଙ୍କୁ ସବୁ ମତେ ସମର୍ଥନ କର ପୁଣି ସରକାର ବିରୋଧୀ ବୋଲି ନାମ ମାରିବାର ଉପାୟଟି ସବୁ ଦିନେ ଚଳିବ ନାହିଁ । ଦିନେ ନା ଦିନେ ଖୋଲା ମଇଦାନରେ ଉତରିବାକୁ ହେବ । ବିଲୁଅ ସଙ୍ଘ ମତରେ ସୋସାଲିଷ୍ଟ ପାର୍ଟି ଯଦି ଗୋଟାଏ କିଛି ନିଷ୍ପତ୍ତି କରି ନ ପାରୁଛି ତେବେ ଗୋଟିଏ ଓଢ଼ଣା କିଛି-ଦିନ ପାଇଁ ପକାଇ ଦେଲେ ଭଲ ହୁଅନ୍ତା । ତାହେଲେ କଂଗ୍ରେସ ବାଲା ମାନେ ଓଢ଼ଣା ଖୋଲ ଖୋଲ ବୋଲି ରସିକତା କରୁଥାନ୍ତେ ଓ ସୋସାଲିଷ୍ଟ ମାନେ ମହତକୁ ଜଗି ମାନେ ମାନେ କିଛି ଦିନ ରହି ବି ଯାନ୍ତେ । ସମ୍ପର୍କଟା କଟୁ ନ ହୋଇ ମଧୁର ବି ହୁଅନ୍ତା । କାରଣ ବାସ୍ତବରେ ଉଭୟଙ୍କ ଲକ୍ଷ୍ୟ ଏକ ଓ କାମ ଏକ —କେବଳ ନେତୃତ୍ୱ ନେଇ ଝଗଡ଼ା

÷ ÷ ÷

ଓଡ଼ିଶାର ମନ୍ତ୍ରୀମଣ୍ଡଳର ଆକାର ବଢ଼ିଲା । ଛମାସ ତଳେ ଡଗର ବିଲୁଅ ସଙ୍ଘ ଆଗତ ଭବିଷ୍ୟ କହିଥିଲା ଯେ ଜଣେ ସମ୍ବଲପୁରିଆ ମନ୍ତ୍ରୀ ହେବେ, ତାହା ଏବେ ସତ୍ୟ ହେଲା । ଏହାଦ୍ୱାରା ଗ୍ରାମ୍ୟବାଦ ବଢ଼ ବା ବିରୋଧ ବଢ଼ ହେବ କି ନାହିଁ ସେ ବିଷୟରେ ସନ୍ଦେହ ରହିବାର ଥାଉ ବା ନ ଥାଉ, ପ୍ରତିପାଦନ ହେଲା ଯେ ଏ ଯୁଗ ରେ ରୋଗେ ବଡ଼ ନୁହେଁ ତପେ ବଡ଼ । ବୋଧଗୟ ରୋଗ କରି ଗଲେ । ଲକ୍ଷ୍ମୀ ନାରାୟଣ ଭୋଗରୁ ତପକୁ ଅଧି ପଥ୍ୟ ଫାଗ ପ୍ରତିପାଳନ କରି ପାରିଲେ ନାହିଁ । ଶେଷରେ ଆରମ୍ଭରୁ ଯିଏ ତପ କରି ଥିଲା ସେହି ପାଇଲା । ଏକାଗ୍ରତାର ଫଳ ଏହି । ଏହି କଷ୍ଟର ପୁରସ୍କାର ଏହି । ସେ ଭଗବତ୍ କଷ୍ଟ ହେଉ ବା ମନୁଷ୍ୟ କଷ୍ଟ ହେଉ ।

÷ ÷ ÷

ଯାହା ହେଉ ଜଣେ ଯୁଦ୍ଧ ବିଶାରଦ ମନ୍ତ୍ରୀ ଏଥର ଏ ଯୋଦ୍ଧା ଯାଉ ରହିଥିଲେ । ବିଶେଷତଃ ମହତାବ ନିଜେ ଜଣେ ଯୋଦ୍ଧା ଏବଂ ଯୁଦ୍ଧ ପ୍ରିୟ । ଯୁଦ୍ଧ କୌଶଳ ଓ ଯୁଦ୍ଧ-କାଳୀନ ସମସ୍ତ ଗୁଣ ତାଙ୍କ ମଧ୍ୟରେ ବିରାଜ-ମାନ । ଏପରି ସ୍ଥଳେ ଓଡ଼ିଶାକୁ ଲଲ କାଳବା-ପାଇଁ—ଜଣେ ଲଲ ରଣଜିତଙ୍କୁ ଯୋଗ ଫାଇଲା । ଜୟହିନ୍ଦ୍ ।

÷ ÷ ÷

[illegible]

+ + ÷ × +

[illegible]

ପୁଣି, [illegible] ?

× × ×

[illegible]

+ + +

[illegible]

÷ ÷ ÷

[illegible]

÷ ÷ ÷

Digitized by srujanika@gmail.com

ନିବନ୍ଧ

# ଭାରତରେ ବିଗ୍ରହ ପୂଜାର ପରମ୍ପରା

ଇତିହାସ କହେ ଯେ, ଅଧ୍ୟାତ୍ମ ଜଗତ ଭାବରେ ଭାରତର ଶୀର୍ଷସ୍ଥାନ ଅଧିକାର କରିଛି, ଏହା ନୂଆ କଥା ! ଅନେକ ଚିନ୍ତାଧାରା ସହିତ ଯେଉଁ ଗଭୀର ଦୃଷ୍ଟି ଦେଲେ ସେ, ଅନେକ ସତ୍ୟର ଏକ ପରମ୍ପରା ପରି ପ୍ରତୀୟମାନ ହୁଏ ।

ମୂର୍ତ୍ତି ପୂଜା ପୁରାଣ କାଳରୁ ପ୍ରଚଳିତ ହୋଇ ଆସୁଥିଲେ ମଧ୍ୟ, ସମାଜରେ ତାହା କେବେ କେଉଁ ଆକାରରେ ପ୍ରବେଶ କରିଥିଲା ଏ ପର୍ଯ୍ୟନ୍ତ ତାହା ନିର୍ଣ୍ଣୀତ ହୋଇନାହିଁ ।

ଭାରତ ଖଣ୍ଡରେ, ଜଗନ୍ନାଥ ତଥା ଶିବଙ୍କ ମୂର୍ତ୍ତିରୁ ତଥା ନାନା ଦେବଙ୍କୁ, ଏହିଠାରୁ ହିଁ ଏହି ପ୍ରକାର ପ୍ରଚଳିତ ହୋଇଥିବା ପରି ଅନୁମାନ ହୁଏ ।

“ବ୍ରହ୍ମାଣ୍ଡ ପୁରାଣ”ରେ ଏକସ୍ଥାନରେ ଉଲ୍ଲେଖ ଅଛି “ମହାବାହୁ ରାଜା ନିର୍ମିତ କରିଥିଲେ ଏ ରାଜା ପରମ ଧର୍ମ ମୂଳ ସନ୍ନିଧାନରେ ।” ଏ ଅଂଶ ମହାଭାରତର ଯଯାତିଙ୍କ ଉଦ୍ଦେଶ୍ୟରେ ଲିଖିତ ହୋଇ ଏହି ଭାବ ପ୍ରକାଶ କରୁଅଛି ଯେ ମହାବାହୁ ରାଜା ମୂର୍ତ୍ତି ନିର୍ମାଣ ବା ଜଗନ୍ନାଥଙ୍କ ଅଙ୍ଗ ବିଶେଷ ଦେଇଥିଲେ ଓ ଯଯାତି ତାଙ୍କ ମନ୍ଦିରରେ ସ୍ଥାପିତ କଲେ ।

“ମହାବାହୁ ଶ” ଶବ୍ଦ ଦ୍ୱାରା ବୁଝାଉଛି, ସୋମବଂଶ “ଭାବଗୁପ୍ତ ଗୁପ୍ତ” ଓ “ଭାବଗୁପ୍ତ ବଂଶ ।” ଏଥିମଧ୍ୟରୁ ଭାବଗୁପ୍ତ ବଂଶ ପ୍ରତି ଏହା ପ୍ରଯୁଜ୍ୟ ପରି ମନେହୁଏ । କାରଣ ଭାବଗୁପ୍ତ ମହାଶିବ ରାଜା ବୋଲି କହିବାର ସମ୍ଭାବନା ଅଧିକ ନୁହେଁ ତେଣୁ ଭାବଗୁପ୍ତ ବଂଶ ସମ୍ବନ୍ଧରେ ଆଲୋଚନା କରାଗଲା ।

ଆଧୁନିକ ମନୀଷୀ (Count Byornst) ବିୟୋର୍ଣ୍ଣଷ୍ଟର୍ଣ୍ଣ ମହୋଦୟ ତାଙ୍କର The[illegible]ny of the Hindus ଗ୍ରନ୍ଥର ୧୩୪ ପୃଷ୍ଠାରେ, କାଶ୍ମୀରରୁ ମିଳିଥିବା “ତ୍ରିବିକ୍ରମ” ନାମକ ପ୍ରାଚୀନ ଶୋଧର ଅବଲମ୍ବନରେ ନାନା ଭାବରେ ଆଲୋଚନା କରି ଲେଖିଛନ୍ତି “ମହାଭାରତୀୟ ନାମକ ଏକ ଜାତି ବା ସମ୍ପ୍ରଦାୟ ଭାରତ ବର୍ଷରେ ବସତି କରୁଥିଲେ । ଓ ସେମାନେ ବୈଦିକ ଜାତି ଭାବରେ ଖ୍ରୀଃ ପୂଃ ୫୦୦୦ ବର୍ଷ ତଳେ ବସ୍ତି ସ୍ଥାପନ କରିଥିଲେ । ଭାରତ ସଙ୍ଗେ ଆଧ୍ୟାତ୍ମିକ ଭାବରେ ସମସ୍ତ ପ୍ରଗତିଶୀଳ ଜାତିମାନଙ୍କର ସମ୍ପର୍କ ପ୍ରତ୍ୟକ୍ଷ ଥିବାର ଜଣା ପଡ଼େ ।

“ଋଗ୍‌ବେଦ ସଂହିତା” ନାମକ ଗ୍ରନ୍ଥ ଅନ୍ତର୍ଗତ ଭାରତର ମୂର୍ତ୍ତି ପୂଜା ସମ୍ବନ୍ଧରେ ନାନା ଭାବରେ ଆଲୋଚନା କରି ପ୍ରମାଣ କରିଅଛନ୍ତି ଯେ ହିନ୍ଦୁମାନଙ୍କ ଠାରୁ ମାନବ ସମାଜରେ ମୂର୍ତ୍ତି ପୂଜା ମସ୍ତକରେ ସର୍ବପ୍ରଥମେ ପ୍ରତିଷ୍ଠିତ ଥିଲେ । ଓ ତାଙ୍କର ପରମ୍ପରାର ଫଳରେ, ଭାରତର ଆଧ୍ୟାତ୍ମିକ ଜଗତରେ ମୂର୍ତ୍ତି ସୃଷ୍ଟି ହେଲେ । ସେ ମୂର୍ତ୍ତିର ଆକାର ‘ସମାଧି’ ପରି ଥିଲା । ତାହା ରୂପା ମୁଦ୍ରା ପ୍ରଭୃତିରେ ଚିତ୍ରିତ ହୋଇଥିଲା । ପରେ ଜଗନ୍ନାଥ ଙ୍କ ମହାଶୟ ଉକ୍ତ ପଦାର୍ଥ ଗବେଷଣା କରି ଦ୍ରଷ୍ଟବ୍ୟ ହିଁ ସ୍ୱୀକାର କରିଅଛନ୍ତି ଓ ଐତିହାସିକ ଡେବିଡ୍ ଓ ଟେଲରଙ୍କ ମତାନୁସାରୀ ଖ୍ରୀଃ ପୂଃ ୨୦୦୦ ବର୍ଷ ବୋଲି ସ୍ଥିରକରିଛନ୍ତି । ତେଣୁ ଅନୁମାନ ହୁଏ ପ୍ରାଚୀନ ତମ ଭାବଗୁପ୍ତ ସୋମବଂଶ ଦ୍ୱାରା ଉକ୍ତ ପୂଜାର ଧାରା ଉଦ୍‌ଘାଟିତ ହୋଇଥିଲା ।

ତାଙ୍କ ଭାବଗୁପ୍ତ ସୋମବଂଶର, ପରବର୍ତ୍ତୀରେ ଉକ୍ତ ସମସ୍ୟା ସମାଧାନ ହେବା ସମ୍ଭବ ନୁହେଁ । ତେଣୁ ଉତ୍କଳ ଖଣ୍ଡର “ନିମ୍ବଶ” ଶବ୍ଦର ଭେଦ, ଉତ୍କଳ ମନ୍ଦିର ମୂର୍ତ୍ତିର ପ୍ରଥମ ଉତ୍ପତ୍ତି ସମ୍ବନ୍ଧରେ ଆଲୋଚନା କଲେ ସନ୍ଦେହ ମୋଚନ ହେବା ପରି ମନେ ହୁଏ ।

‘ନିମ୍ବଶ’ ! ଜଗନ୍ନାଥ ଙ୍କ ଚତୁର୍ଦ୍ଧାମୂର୍ତ୍ତିଙ୍କର ମସ୍ତକ ଦେଖିଲେ ଆକାର ସମାଧିପରି ନିରୂପଣ ଓ ତାହା ନିମ୍ବଶ ଭାବରେ ପରିଚିତ । ନିର୍ମାଣ ସମୟରେ, ଉକ୍ତ ଅଂଶ ଅତି ସାବଧାନତାର ସହିତ ପରମ୍ପରା ନିର୍ମାଣ ହୋଇ ଆସୁଅଛି । ଅନୁମାନ ହୁଏ ଅତି ପ୍ରାଚୀନ କାଳରେ, ସେହିଅଂଶଟି ହିଁ ମୂର୍ତ୍ତି ଭାବରେ ପୂଜା ହେଉଥିଲା । କାରଣ ଓଡ଼ିଶାର ପ୍ରାୟ ପ୍ରତ୍ୟେକ ପ୍ରାଚୀନ ଗ୍ରାମରେ ‘ଗାଦି’ ବୋଲି ଯେଉଁ ଦେବ ବିଗ୍ରହ ପରମ୍ପରା ପୂଜା ପାଇ ଆସୁଛନ୍ତି, ସେ ସବୁର ସମସ୍ତ ଏକ ନିମ୍ବଶ ପରି ଅଟେ । ଏହା ବ୍ୟତୀତ ଭାରତରେ ମଧ୍ୟ ମୁଣ୍ଡ ପ୍ରାଚୀନ ପୂଜାର ସୂତ୍ର, ପ୍ରାଚୀନତମ ପୀଠ ମାନଙ୍କରେ ବର୍ତ୍ତମାନ ଅଛି, ତା ମଧ୍ୟରୁ ବାଙ୍ଗଲାର ଧର୍ମ ଠାକୁର, କଲିକତାର କାଳୀ, ଆସାମର କାମାକ୍ଷା, ସିଂହାଚଳମ୍‌ର ନୃସିଂହ ପ୍ରଭୃତି ଅସଂଖ୍ୟ ଦେବା ଦେବୀ ଭାରତର ପୁରପଲ୍ଲୀରେ ଥିବା ଜଣା ପଡୁଅଛି ଓ ଅତି ପ୍ରାଚୀନ ମୂର୍ତ୍ତି ପରି ଅନୁମାନ ହେଉଅଛି । ଅନ୍ତର ମଧ୍ୟ ବିଶେଷ ଭାବରେ ଲକ୍ଷ୍ୟ କଲେ ଜଣା ପଡ଼େ, ଯେ ଜଙ୍ଗଲରେ ବର୍ତ୍ତମାନ ଉକ୍ତ ପୂଜାପଦ୍ଧତିର ପ୍ରସାର ଅଧିକ ପରିମାଣରେ ପ୍ରଚଳିତ ଅଛି ।

ଏହି ପ୍ରାଚୀନ ପୂଜାପଦ୍ଧତି ନବକାର ପୂଜାର ପ୍ରଥମ ସନ୍ତାନ ଭାବରେ ଯେ ଜଗନ୍ନାଥ ମନ୍ଦିରକୁ ପ୍ରସାରି ଲାଭ କରିଛି, ଏହାହିଁ ଦେଖିବାର କଥା ।

ଜଗନ୍ନାଥ ପୂଜା ପଦ୍ଧତିରୁ ତଥା ପ୍ରଥମ ପୂଜା ଯେଉଁ ପଦ୍ମା ଦ୍ୱାର ହୋଇ ଅନ୍ୟତମ ପୂଜା ହୁଏ, ସେ ସମାଧି ଆକାରର ପ୍ରତିମା କୋଉଥିବାରୁ ଏ ଅନୁମାନ ସତ୍ୟ ପରି ଜଣା ପଡ଼େ । ସେ ପୂଜାପଦ୍ଧତିର କେହି କ୍ଷେତ୍ରପାଳ ପୂଜା, କେହି ଭୈରବ ପୂଜା, କେହି କେହି ଦୁର୍ଗା ବୋଲି କହନ୍ତି । ମାତ୍ର ସେହି ପ୍ରଥମ ପୂଜିତ ବିଗ୍ରହ ହିଁ ଜଗନ୍ନାଥଙ୍କର ମୌଳିକ ବିଗ୍ରହ ପରି ଅନୁମାନ ହୁଏ । ପରବର୍ତ୍ତୀ କାଳରେ ମହାରାଜା ଯଯାତିଙ୍କ ସମୟରୁ ଉକ୍ତ “ସମାଧି” ଆକାରର ବିଗ୍ରହ, ନିମ୍ବଶ ନାମରେ ଜଗନ୍ନାଥ ବିଗ୍ରହର ମୁଖ୍ୟ ପୂର୍ଣ୍ଣ ଅଂଶ ଭାବରେ ପରିଣତ ହୋଇ ଆସୁଅଛି ଓ କ୍ରମେ ତାହା ଅଣାକାର ଭାବ ଓ ଶୂନ୍ୟ ଭାବର ପ୍ରତୀକ ହୋଇ ଉଠିଲା ।

ଅଣାକାର ଭାବ ବା ଶୂନ୍ୟ ଭାବର ଚିହ୍ନ, ଏହାନ୍ତ ନୂଆ ନୁହେଁ । ଉପନିଷଦ୍ ଯୁଗରେ ତାହାର ବିଶଦ୍ ବର୍ଣ୍ଣନା ହୋଇ ନଥିଲେ ମଧ୍ୟ ତାହା ଆଧ୍ୟାତ୍ମିକ ଧାରଣା ମଧ୍ୟରେ ସ୍ଥାନ ପାଇଥିଲା । ବିଶେଷତଃ ଅଣାକାର ଭାବ ‘ସମାଧି ପୂଜା’ ସଙ୍ଗେ ଅନୁକୂଳ ଭାବରେ ସ୍ୱୀକୃତ ପାଇ, ଉତ୍କଳରେ ପଞ୍ଚଦଶ ଶତକରେ ସ୍ୱତନ୍ତ୍ର ଧର୍ମ ଭାବରେ ପ୍ରାଧାନ୍ୟ ଲାଭ କରିଅଛି । ଯାହାକି ସାଧାରଣ ମହିମା ଧର୍ମ ବା ଅଲେଖଧର୍ମ ବୋଲି କହନ୍ତି ।

ପଞ୍ଚଦଶ ଶତକରେ ଭକ୍ତକବି ଅଚ୍ୟୁତାନନ୍ଦ, ତାଙ୍କର ରଚିତ ଗ୍ରନ୍ଥ “ବ୍ରହ୍ମାଣ୍ଡ”ରେ କହିଛନ୍ତି ପୂର୍ବୋକ୍ତ ବିଗ୍ରହର ଚିହ୍ନ ପ୍ରକାଶ କରିଛନ୍ତି ଏହା ଦେଖିଲେ ଜଣାପଡ଼େ ଓଡ଼ିଶାରେ ଉକ୍ତ ବିଗ୍ରହର ପ୍ରାଧାନ୍ୟ ଯଥେଷ୍ଟ ।

ସେ ଅଟନ୍ତି ବ୍ରହ୍ମ ନ ଲଭିବ ।
ସ୍ୱର୍ଗରେ ମୁକ୍ତ ଯାତ ଦେବ ॥
ଭକ୍ତମା ଯେ ଜାଣନ୍ତି ତାକୁ ।
ତା ଉପ୍ପ ମ ଥାଏ ଉପକୁ ॥
କହିବା ଶୁଣ ଦେହୁ ମୁଖ ।
ସେ ପଦ ଚନ୍ଦ୍ର ଅଙ୍କିତ ॥
ବସ୍ତୁ ସ୍ୱରୂପୀ କାନ୍ତିଯାର ।
ହୋଇଛି ସ୍ଥୀରଙ୍ଗ ଆକାର ॥

ମୂଳତଃ ଏଥିରେ ଯେଉଁ ଦେବ ବିଗ୍ରହର ପରମ ଶକ୍ତି ବର୍ଣ୍ଣନା କରିଛନ୍ତି ତାହା “ସ୍ଥୀରଙ୍ଗ” ଆକାର ବା ନିରୂପା ଭାବ ତଥା ତାଙ୍କ ଦେହରେ “ଅବିଚଳ” ( ଦ୍ୱିରୂପାତ୍ମକ ) ଲକ୍ଷ୍ୟମାନ ଅଛନ୍ତି ବୋଲି ତାଙ୍କର ଅଭିମତ ।

(କ୍ରମଶଃ)

Digitized by srujanika@gmail.com

# ସିନେମା

ଶ୍ରୀ ଧୀରେନ୍ ଦାଶ

ଗତ ସଂଖ୍ୟାରେ ଭାରତୀୟ ଚଳଚ୍ଚିତ୍ର ଜଗତର ପ୍ରତିଷ୍ଠାତା ଶ୍ରୀଯୁକ୍ତ ଫାଲକେଙ୍କ ବିଷୟ କହିଥିଲି । ମି ଫାଲ୍‌କେଙ୍କ ପରେ ପରେ ଚଳଚ୍ଚିତ୍ର ଭୀଷଣ ଭାବେ ପ୍ରଗତି ହୋଇ ଗଲା ଓ ତାହା କ୍ରମେ ବମ୍ବେ, କଲିକତା, ମାଡ୍ରାସ୍ ତଥା ସାରା ଭାରତର ଅନେକ ସ୍ଥଳକୁ ବ୍ୟାପିଗଲା । ଗୋଟି ଗୋଟି କରି ଯଦି ଇତିହାସ ଲେଖିବାକୁ ବସେ ଗୋଟାଏ ବଡ଼ ଗ୍ରନ୍ଥ ହେବ, ତାଛଡ଼ା ଚଳଚ୍ଚିତ୍ରର ଗତି ଭାରତରେ ଏତେ ଶୀଘ୍ର ଓ ଏପରି ଭାବରେ ବ୍ୟାପିଛି ଯେ ତାର ପ୍ରକୃତ ବର୍ଣ୍ଣନା କରିବା ସୁବିଧା ଜନକ ହେବ ନାହିଁ । ଏ ସଂଖ୍ୟାରେ କେବଳ ପ୍ରଧାନ କେତେ ଟି ବିଷୟ ଲେଖିଲି ।

**ବମ୍ବେ –**

ଶ୍ରୀଯୁକ୍ତ ଫାଲ୍‌କେଙ୍କ ପରେ ପରେ ବମ୍ବେରେ ଏସ୍ ଏନ୍ ପାଟନ୍‌କର୍ ଓ ଦ୍ୱାରକା ଦାସ ନାରାୟଣ ଦାସ ପ୍ରମୁଖ ମିଳି ୧୯୧୮ ରେ "ଦି ପାଟନ୍‌କର୍ ଫ୍ରେଣ୍ଡ୍‌ସ୍ ଏଣ୍ଡ କୋ" ନାମକ କମ୍ପାନୀ ଛିଅର କଲେ । ଏହି କମ୍ପାନୀରୁ ଅନେକ ଗୁଡ଼ିଏ ପୌରାଣିକ ଚିତ୍ର ପ୍ରକାଶ କରସାରିବା ପରେ ଶ୍ରୀଯୁକ୍ତ ନାରାୟଣ ଦାସ ଅଲଗା ହୋଇ ଯାଇଥିଲେ ଓ ନିଜେ "କୋହିନୁର ଫିଲ୍ମ କୋ" ଆରମ୍ଭ କରିଥିଲେ । ଏହି କମ୍ପାନୀକୁ ପ୍ରଥମ କରି ସାମାଜିକ ଚିତ୍ର ମାନ ପ୍ରକାଶ କରାଗଲା । ଏହାଙ୍କର ଶ୍ରେଷ୍ଠ ଚିତ୍ର "ଗୁଲ୍‌ବକ୍ ଓ୍ୱାଲ୍ଲୀ" । ଏହି ଚିତ୍ରରେ ଅଭିନୟ କରି ଶ୍ରୀମତୀ ସୁଲୋଚନା (ପ୍ରକୃତ ନାମ Miss Rudy Mader ଯେ କି ଗୋଟିଏ telephone girlର କାମ କରୁଥିଲେ) ଖୁବ୍ ଖ୍ୟାତି ଅର୍ଜନ କରିଛନ୍ତି ।

ଶ୍ରୀଯୁକ୍ତ ସୁଚେତ୍ ସିଂହ—

ଏ ହେଉଛନ୍ତି ଭାରତୀୟ ପ୍ରଥମ Holley wood ଅଧ୍ୟାୟୀ । Holleywoodରେ ସିନେମା ବିଷୟ ଶିକ୍ଷା କରୁଥିଲେ ଓ ପୃଥିବୀର ସର୍ବଶ୍ରେଷ୍ଠ ବ୍ୟଙ୍ଗାଭିନେତା 'ଗ୍ରିଲ ଗ୍ରିପ ଲିନ୍'ଙ୍କର ଜଣେ ସହକର୍ମୀ ରୂପେ କାମ କରୁଥିଲେ । ନିଜର ମାତୃଭୂମିର ଚଳଚ୍ଚିତ୍ରର ଉନ୍ନତି କରିବା ପାଇଁ ୧୯୧୮ ଖ୍ରୀଷ୍ଟାବ୍ଦରେ ସେ ଭାରତକୁ ଫେରି Oriental Film Manufactures Co Ltd. ଛିଅର କଲେ । ଏ କମ୍ପାନୀ କିନ୍ତୁ ବେଶିଦିନ ସ୍ଥାୟୀ ହୋଇ ପାରି ନଥିଲା । ୪ଟି ଚିତ୍ର ପ୍ରକାଶ କରିବା ପରେ ଶ୍ରୀଯୁକ୍ତ ସୁଚେତ୍ ସିଂହ ଜନ ଗୋଟିଏ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା । ସିଂହଙ୍କର ଶ୍ରେଷ୍ଠ ଚିତ୍ର 'ଶକୁନ୍ତଳା' ଅଟେ । ଭାରତରେ Topical film ପ୍ରକାଶ କରିବାରେ ଶ୍ରୀଯୁକ୍ତ ସିଂ ପ୍ରଥମ ଅଟନ୍ତି । ୧୯୨୦ ଖ୍ରୀଷ୍ଟାବ୍ଦ ଅଗଷ୍ଟମାସରେ ସେ ଲୋକମାନ୍ୟ ତିଳକଙ୍କର ଶବସଂସ୍କାରର ଫଟୋ ଉଠାଇଥିଲେ ।

ମି, ଅର ଦେଶର ଏମ ଇରାନୀ—

ଭାରତୀୟ ଚଳଚ୍ଚିତ୍ର ଉନ୍ନତକାରୀଙ୍କ ମଧ୍ୟରେ ଏ ଅନ୍ୟ ତମ । ୧୯୧୪ ଖ୍ରୀଷ୍ଟାବ୍ଦରେ ସେ ଅବଦୁଲ୍ଲା ଅଲ୍ଲୀଙ୍କ ସହ ମିଶି Alexa-udria Cenema ଆରମ୍ଭ କରିଥିଲେ । ତାପରେ ୧୯୨୦ ଖ୍ରୀଷ୍ଟାବ୍ଦରେ Mr. B. K. M. Daneଙ୍କ ସହିତ ମିଳି 'The Star films Ltd' ଗଢ଼ିଲେ "ଅଭିମନ୍ୟୁ" ଏହାର ପ୍ରଥମଚିତ୍ର । ତାପରେ ୧୯୨୬ ଖ୍ରୀଷ୍ଟାବ୍ଦରେ The Imperial film Co ଗଢ଼ି 'The Scion of Mewar' ଚିତ୍ର ପ୍ରକାଶ କଲେ । ଏହି କମ୍ପାନୀରୁ ୧୯୩୦ ଖ୍ରୀଷ୍ଟାବ୍ଦରେ ଭାରତରେ ପ୍ରଥମ ସବାକ ଚିତ୍ର 'Alamara ଶ୍ରୀଯୁକ୍ତ ମୋତି ଗିଦ୍‌ୱାଣୀଙ୍କ ତତ୍ତ୍ୱାବଧାନରେ ପ୍ରକାଶ କରା ଯାଇଥିଲା । ଏଥିରେ ଶ୍ରୀମତୀ ଯୁବେଦା ଏବଂ D. Billimoria ଅଭିନୟ କରିଥିଲେ ।

ଶ୍ରୀ ବାବୁରାଓ ପେଣ୍ଟର—

ମି, ଫାଲକେ ଓ ଶ୍ରୀଯୁକ୍ତ ସୁଚେତ୍ ସିଂଙ୍କୁ ଛାଡ଼ିଦେଲେ ଭାରତୀୟ ଚଳଚ୍ଚିତ୍ର ନିର୍ମାତାଙ୍କ ମଧ୍ୟରେ ଏ ପ୍ରଥମ ଅଟନ୍ତି । ମି, ଫାଲକେଙ୍କର ନାସିକ ଠାରେ ଚିତ୍ର ନିର୍ମାଣ ଚାଲିଥିବା ସମୟରେ ଶ୍ରୀଯୁକ୍ତ ବାବୁରାଓ କୋହ୍ଲାପୁରରେ ତାଙ୍କ ଚିତ୍ର ନିର୍ମାଣରେ ଲାଗି ପଡ଼ିଥିଲେ । କୋହ୍ଲାପୁରରେ ଶିବାଜୀ ଥିଏଟରକୁ ସ୍ଥାପିତ କରି ୧୯୧୯ରେ ସେ "ମହାରାଷ୍ଟ୍ର ଫିଲ୍ମ୍ କୋ" ଆରମ୍ଭ କରିଥିଲେ । ଉକ୍ତ ସଂସ୍ଥାରେ ଅଭିନୟ କରାଇ ଓ ତାଙ୍କର ଆପଣାର ନେଇ ସେ ତାଙ୍କର ପ୍ରଥମ ଚଳଚ୍ଚିତ୍ର ପ୍ରକାଶ କରିଥିଲେ । ବାବୁରାଓଙ୍କ ଅଦମ୍ୟ ଉତ୍ସାହ ଓ ଚେଷ୍ଟାରେ କ୍ରମେ ଏହି କମ୍ପାନୀର ଖୁବ୍ ଉନ୍ନତି ହୋଇଥିଲା । Sinhagad, ସତୀ ପଦ୍ମିନୀ 'କର୍ଣ୍ଣ' The True Battle ନାମକ ବାବୁରାଓଙ୍କ ଅବଦାନ ।

ବାବୁରାଓ ପେଣ୍ଟରଙ୍କ ପରେ ପରେ ପୁନାରେ ଦାଣ୍ଡେକର ଓ ଡାଲ୍‌ଗିରଙ୍କ ତତ୍ତ୍ୱାବଧାନରେ United pictures Syndicate ଦ୍ୱାରା ଅନେକ ଗୁଡ଼ିଏ ମରହଟ୍ଟୀ ଐତିହାସିକ ଚିତ୍ର ପ୍ରକାଶ କରା ଯାଇ ଥିଲା ଓ ତା ସଙ୍ଗେ ସଙ୍ଗେ ୧୯୨୭ ଖ୍ରୀଷ୍ଟାବ୍ଦରେ ମି, ଏମ୍ ଡି. ସାର ପୋଟ୍‌ଦାର ଓ ଶ୍ରୀଯୁକ୍ତ ହରି ଭାଇ ଦେଶାଇଙ୍କ ତତ୍ତ୍ୱାବଧାନରେ ଯଥାକ୍ରମେ Aryan Film Co ଓ ସୁବର୍ଣ୍ଣ ପିକ୍‌ଚର୍ସ ପ୍ରଭୃତି ଦୁଇଟି କମ୍ପାନୀ ଅନେକ ଗୁଡ଼ିଏ ଚିତ୍ର ପ୍ରକାଶିତ କରିଥିଲେ ।

ମଧ୍ୟ ଭାରତରେ ସେ ସମୟରେ କେବଳ ମେଶାର୍ସ ଏସିଅନ ଫିଲ୍ମ୍ କୋ' (ଇନ୍ଦୋର) ଏକମାତ୍ର ଥିଲା । ଏହି କୋମ୍ପାନୀ ଘୋଡ଼ାର ଅଭିନୟ ଦେଖାଇବାରେ ଭାରତରେ ପ୍ରଥମ ଅଟେ ।

୧୯୨୯ରେ ବାବୁରାଓ ପେଣ୍ଟରଙ୍କର ଶିଷ୍ୟ ମାନଙ୍କ ଦ୍ୱାରା 'ପ୍ରଭାତ ଫିଲ୍ମ କୋ' ଗଠିତ ହେଲା । ଏହି କମ୍ପାନୀ ଦ୍ୱାରା ଭାରତୀୟ ଚଳଚ୍ଚିତ୍ର ଜଗତର ଖୁବ୍ ଉନ୍ନତି କରା ଯାଇଅଛି । (କ୍ରମଶଃ)

—•—

Digitized by srujanika@gmail.com

ମହାକବିତା

# ବ୍ରିଟିଶ ବିରହେ

ଏତେ କଷ୍ଟ ଥିଲା ମନରେ ତୁମ
ହେ ପ୍ରିୟ ତମ,
ବଗାଗ୍ର ହାତରେ ସାତ ହୀନମାନ
ଭରିବାକୁ ତୁମ ବଳିଲ ମନ
ହେ ପ୍ରିୟ ତମ ।

ଠକର ଖାଇଲ , ଭାରତ ଛାଡ଼ିଲ
ବର୍ଷେ ଅମକୁ ବୁଡ଼ାଇ ମାରିଲ
ଦେଢ଼ଶ ବରଷ କଟିଛ ପୀରତ
ଛଡ଼ାଇଲ କ୍ଷଣେ ଚରଣ ସମ ।
ହେ ପ୍ରିୟ ତମ ।

ସେ ପ୍ରେମର ହେଲା ଏହି ପରିଣତ
"ନଇ ସେପାରିଅ ଡେଇଁ-"ପୀରତ ।।
ଏତେ ଟୀ ପାର୍ଟି , ଡାନ୍ସି ଛୁଟୀ ଛୁଟି,,
ଏହା ସତ୍ତ୍ୱେ ତୁମେ ହେଲ ନିର୍ମମ ।
ହେପ୍ରିୟ ତମ ।

ବେ, ସି , ଅଇ, ଇ, ଢ଼ଙ୍ଗ୍ ହାଇ ନେଶ
ଲଭ୍ ଟୋକନ୍ କି ହେବ ମିଳନ ଲେଶ୍ ?
ଏ ସବୁକି ତୁମ କପଟ ଛଳନା ?
ପରତେ ନଯାଏ ଅମର ମନ ।
ହେ ପ୍ରିୟ ତମ ।

କଳା ଗୋରା କରୁ ବର୍ଣ୍ଣର ଜବର
ବସ୍ତ୍ର-ଭୂଷଣକୁ ନେଲୁ ଅମେ ବର
ବଳିବ ହୋଇଣ ହସାଏ ବଗାଗ୍ର
ତାଥିରେ କହନ୍ତୁ ଲାଗେ ଶରମ ।
ହେ ପ୍ରିୟ ତମ ।

ନୀଚ ଲୋକ ସଙ୍ଗେ କରିଲ ସୁହୃଦ୍
ଦାଣ୍ଡରେ ପଡ଼ିଲ ଜଗତ୍ ମହତ୍
ଶେଷେ ଏ ଖୋଲିକ ପୋଷାକକୁ ନେଇ
କାଟିବାକୁ ହେବ ସାରାଜୀବନ ?
ହେ ପ୍ରିୟ ତମ ।

ସାର୍ବଭୌମପଣି ଗଲା କେଉଁଣେ ଉଠି
ମୁଦପତ୍ରରେ ଗଲା ସେତେ ଟେବଠି ତୁଟି,
ଗଲା 'ହର୍ଫବେସ୍' ଫାଙ୍କା 'ଏକସ ମାସ୍'
ନଦେଖିଲ୍ ଥରେ ଅମ କଷଣ

ହେ ପ୍ରିୟ ତମ ।

ଶ୍ରୀ ଭୀମ ଚରଣ ମଲ୍ଲିକ,

କବିତା

# ଶୁଣ

ଶୁଣ ତମେ ସଖୀ,
ବନ୍ଧୁ ତୁମ, କନ୍ତୁ ଓଷ୍ଠେ, ଓଷ୍ଠ ଅଜ ପାରୁ ନାଇଁ ରଖି ।
ଜନ୍ମନତ ଭଗେଲେ ତୁମର
ଇଚ୍ଛା ଅଜ ହେଉ ନାଇଁ ଧୀରେ ଧୀରେ ଖୋଲିବାକୁ କର ।
ମନେହୁଏ ଜରାଜୀର୍ଣ୍ଣ ଏହି କଳେବର
ହୋଇ ଯେବେ ଖଣ୍ଡିତ, ଲୋଳିତ ଚୁମ୍ବିଲ
ତୁମର ଓ ମୋର,
ଶୁଖିଯିବ ଓଷ୍ଠ, ତବ ମଦିରାର ହ୍ରଦ
ତୁଟିଯିବ ଯେତେ ମୋର ସ୍ୱାସ୍ଥ୍ୟ ଅହଂକାର ।
ମନେ ପଡ଼େ, ମନେ ପଡ଼େ ସାଥୀ ?
ଏ ତୁମ ଉନ୍ନତ ବକ୍ଷ, ଅକସ୍ମାତେ ଯିବ ଯେବେ ଲୁଟି ?
ହୋଇଥିବ ପଦ୍ମକୋଶ ବିଗଳିତ ଚମ
କୋମଳ ମୋ ହୃଦୟେ ପଶିବ, ହାତୁଡ଼ୀ ନିହାଣ
ବାର୍ଦ୍ଧକ୍ୟ ନିର୍ମମ ।
ସେତେବେଳେ ଭାବିବନି ତମେ ?
"ଅତୀତର ଯେତେ ଥିଲା ପୁଞ୍ଜି
ହୁଏ ନାଇଁ ତା'ର କିଛି ମାନେ ।"
ଜୀବନର ସୁଦୀର୍ଘ ଫରଦ
ସବୁ 'ଫାଙ୍କି', 'ଜାଲ' ସବୁ, ଦଲାଲର ସମ୍ପୂର୍ଣ୍ଣ ମିଅଦ ।
ବସି ବସି ଜୀବନ ବେଳାରେ, ଖୁଣ୍ଟିବା ତୋ ଯଦ ଅତୀତରେ
ମନେ ହବ ଭର ଅଛି ଥଳି, ଖାଲି ମୃତ ସିପ ଶାମୁକାରେ ।
ତେଣୁ ସଖୀ ଭାଙ୍ଗ ଏ ସପନ ।
ଖୋଲ ଖୋଲ ତନ୍ଦ୍ରା ପୁଣି ଚକ୍ଷୁ; 'ଶାଶ୍ୱତରେ' ପକାଅ ନୟନ
ତାହାହେବ ଲେଖା ସେତେବେଳେ
"ଡଏସିସ" ହେବ ପୁଣି ଯିଏ ଅନାଗତ ଶ୍ୱେତ ବାଲୁକାରେ ।

ମହାପାତ୍ର ନୀଳମଣି ସାହୁ

# ବୈଫଲ୍ୟ

ତୁମେ ରଖିଥିଲ ଅତି ଯତନରେ ବାସର ପ୍ରଦୀପ ଜଳାଇ,
ସେ କାଳେ ମଳୟ ଝଡ଼ବଉଳରେ ଦେଉଥିଲ ଧୀରେ ଓଲାଇ ।
ନିଭିଗଲା ଦୀପ ଲିଭିଗଲା ଶିଖା ବିଫଳ ହୋଇଲା ଜାଗର,
ଦାଗ ରହିଗଲା ଶରଦନ ପାଇଁ ଉଠାଇ ଲୋତକ ସାଗର ।
ଏତେ ଆଦରରେ ଫୁଟିଥିଲା ଫୁଲ ଉଛୁଳାଇ ଘନସୌରଭ,
ମଉଳିଲା ଫୁଲ ଗୋପନେ ମରମେ ରହିଗଲା ସ୍ମୃତି ଗୌରବ ।
ନଇପାଣି ତୀର ଶୁଖି ଶୁଖି ଗଲା ନୟନରୁ ନୀର ଝରିଲା,
ଛୁଣ୍ଡିଗଲା ତାର ଶରଦନ ପାଇଁ ନୂପୁରରୁ ସ୍ୱର ହଜିଲା ।

ଲେଖକ—ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର ।

Digitized by srujanika@gmail.com



# ଝାଷାମାମୁଁ

**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

(ପୂର୍ବ ପ୍ରକାଶିତ ପରରୁ)

କୌଣସି କିଛି ଉତ୍ତର ଦେଲେ ନାହିଁ । କୁସୁମନିଆ ଭାଇ କେତେ ବେଳେ କହିଲା "ମଜଜ" ।

ମାମୁ –ହିଁ ମଜଜ ।...କିନ୍ତୁ ସେ ମଜାର ନବଲ ଏବେ ଆଉ ଅଛି କି ? ବାସ୍ତବ କହ ।

ମୁଁ କହିଲି, ତେବେ ସର୍କସ କଲେ ହୁଅନ୍ତା ନାହିଁ ?

ମାମୁଁ—ସର୍କସକୁ ତ ମୁଁ ମନା କରୁନାହିଁ । ବରଂ ସର୍କସ ଶିଖେଇବାରେ ବାଧା ନାହିଁ ମୋର । କାରଣ ସେ ବଦ୍‌ଯାତି ମୋର ହାସିଲ ଅଛି ବହୁତ ।

କୁସୁମନିଆ ଭାଇ କହିଲା ମାମୁଙ୍କର ହାସଲ ନାଇ ତେବେ କଉଁ ବଦ୍ୟାତି ?

ମାମୁଁ ରାଗିଉଠି କହିଲେ, ଓହୋ ଦେଖ ! ଟୋକାକୁ ଠାପର ଲାଗିଛି । ଜାଣିଛ ! ସଙ୍ଗୀତଟା ସିନା ଖଣ୍ଡିଆ ହୋଇ ରହିଲେ ଯଉ କଥା କହିଲେ ସେଇଥିଲୁ । ମାତ୍ର ସର୍କସଟା ଯେ ଆମ ଘରର ପାଠ । ପିଲାବେଳେ କେତେ କସରତ ହୋଇଛି, କେତେ ତାଲିମ୍ ନିଆ ଯାଇଛି !

କିମିତ ବହିଲ ମାମୁଁ ? ମୁଁ କହିଲି ।

ମାମୁଁ ସଳଖି ଉଠି ଅରମ୍ଭ କଲେ—

"ସେଇ ବାବାଙ୍କ ଓସ୍ତାଦ ଗଲ ବାଦେ କେଇକେବାପାଙ୍କ ମନ ଗୋଟାଏ କେମିତକା ହୋଇଗଲ । ସଙ୍ଗୀତକୁ ଉଆସରୁ ବାସନ୍ଦ କର ଦେଲେ ସତ, ହେଲେ ତାଙ୍କର ବୁଢ଼ା ବୟସରେ ଅରାମ ଫୁର୍ତି ମଜଜର ଏକମାତ୍ର ଉପାୟଟି ଗ୍ଲଲ-ଗଲ । କିନ୍ତୁ ରଜାର ହୁକୁମ । ହାକିମି ଯାଏ । ହୁକୁମ ଯା: ନାହିଁ । ଅଟଳ ପ୍ରତିଜ୍ଞା ! ସେ ସବୁବେଳେ ମୁହଁ କୁଣ୍ଡା କର ଥାଆନ୍ତି । ତାଙ୍କ :ଠା ଠୋ ହସ, ତାଙ୍କ ରସଭରିଆ କଥା, ସବୁବେଳେ ହସ ଝରି, ଥଟ୍ଟା ତାମସା, ସବୁ ଗଲା ଉଭେଇ । ଠିକ୍ ନିଶି କଥାରେ ଚିଡ଼ି ଯାଆନ୍ତି ! ଅଳ୍ପକେ ଯାଆନ୍ତି ରାଗି । ରାଗି ଗଲେ ଉପାସ । ଏଥିରେ ଅଉ କେତେ ଦିନ କାଏ ଟେକିବ । କ୍ରମେ ତାଙ୍କର ଦେହ ଭାଙ୍ଗି ପଡ଼ିଲା, ଏତେବଡ ଗୋଗ୍ର ତକତକିଆ ଦେହଟା ପଡିଗଲା କଳା-କାଠ । ଧୀରେ ଧୀରେ ସେ ନହରି ପଡ଼ିଲେ । ଘଡ଼ିକି ଘଡ଼ି ତାଙ୍କର ଜୀବନୀ-ଶକ୍ତି କ୍ଷୀଣ ହୋଇ ଆସିଲା । ଦିନେ ସେ ଗ୍ଲଲିଗଲେ ବୈକୁଣ୍ଠ ପୁରକୁ ।

ବାପାଉ ଠିକାଏତ, ସେ ଗାଦି ପାଇଲେ । ବାପାଙ୍କର ପ୍ରକୃତଟା ଥିଲା ମର୍ଦାନା । ଶୀକାର, କୁସ୍ତି ଏହିବକାରେ ତାଙ୍କର ସଉକ । ସେ ମାଲିକ ହେଲା ମାତ୍ରେ ଗ୍ଲଲିଲା ବେଦମ୍ ଶୀକାର ଜଙ୍ଗଲ ଯେଉଁକ୍ କର । ତାଙ୍କର ଠଉଁ ମୋର ବଡ଼ୁଙ୍କ ଶିଖା । ସଙ୍ଗୀତ ଓସ୍ତାଦଙ୍କ ବଦଳରେ ଆମ ଉଆସକୁ ଆସିବାକୁ ଲାଗିଲେ ସବୁ ବଡ କୁସ୍ତିଗିର, ଗ୍ଲଳା ପହିଲ-ମାନ ଲଟେଇ । ବାପା ବ କିଛି ଦଣା ପହିଲମାନ ନୁହନ୍ତି । ତେବେ ସେ ଯେ ସେ ପହିଲ ମାନଙ୍କ ସାଙ୍ଗରେ ଲଢ଼ୁ ନଥିଲେ । ମାନ୍ ମାନ୍—ରାଜୁଅଡା ଇଜ୍ଜତ ! କିନ୍ତୁ ଆମକୁ ସବୁଦଣ୍ଡ ବୈଠକ କରିବାକୁ ପଡ଼ୁଥିଲା ପ୍ରତଦିନ । ଦେଖୁନା ହେଇଟି ମସଲ୍ !" ଏହା କହି ମାମୁଁ ତାଙ୍କର ବାହା ମସଲ ଅଜ ଗ୍ଲତ ମସଲ୍ ଠାକି ଦେଖାଇ ଦେଲେ ।

କହିଲେ—'ହେଁ ! ରଗିଲ ଭଲା ' ଅପେ ରାଜି ଦେଖିବ ସତରେ ତାଙ୍କ ଫୁଲ ପେଶି ଗ୍ଲତାଏ ଲହା ଗୋଟି ଭଲି ଟାଣ ।

ମାମୁଁ କହିଲେ—ହବତ ଦୁଅ ମର୍ଦ—ଚେତେ ସବୁ ମାଇକିନାଙ୍କ କାମ ମୋର ମସନ ନୁହେଁ ।

ଆମ ଭିତରୁ ଜଣେ କହି ଉଠିଲ, ତେବେ ସର୍କସଟାତ ମର୍ଦାନା କାମ !

ମାମୁଁ—ଅଲବତ ମର୍ଦାନା କାମ । ତେବେ କହିଲି ପର, ସର୍କସ କରିବା ସହଜ ନୁହେଁ । ବାପାଙ୍କ ଭଳି ଲୋକ ଯେଉଁଥିରେ ହାତି ପକାଇଲେ, ତମେ କରିବ ସେ କାମ ! ଅରେ ଖାମ, ରାମ—[illegible] ବକିବ କୁଚ୍ଛା ବକିବ !

"ତମ ବାପା କଣ ସର୍କସ କର ଥିଲେକି ?" ରମା କହିଲ ।

ମାମୁ--ସେଇଆ ତ କହୁଥିଲି, ବାପା କଣ ଇମିତ ସିମିତ ସର୍କସ ଗଢ଼ିଥିଲେ ! ଅନେ ବାପ୍‌ରେ ବାପ୍ ! ସେଥିରେ ଥିଲେ ପାଞ୍ଚ ଭାଲୁ, ସାତ ହାତୀ, ଏଗାର ମହାବଳ ବାଘ, ଡଜନ ଚିତା ଘୋଡା, ମାଙ୍କଡ଼ କଥା ଛାଡ଼ । ପଚ୍ଛିକୁ ଅଧ ଥିଲେ ଯୋଡ଼ାଏ ଓଟ, କିନ୍ତୁ ଖେଲି ପାରୁ ନାହାନ୍ତି ବଚରା । ସର୍କସ ଗଲ ଭାଙ୍ଗି ।"

"କାହିଁକି ଭାଙ୍ଗିଲ ?" ମୁଁ ପଚାରିଲି ।

ମାମୁ—"ସେ ଢେର କଥା । ଆଗକରେ କହି ଯାଉଛି ଶୁଣ । ବାଘ, ଭାଲୁ ଗୁଡ଼ାକ ଅନର କଣା ନୁହେଁ—ସବୁ ଜଙ୍ଗଲରୁ ଧରା । ବାପା ନାଜେ ଧରନ୍ତି ଅଉ ତାଲିମ୍ କରନ୍ତି । ହାତୀତ ଘରର, ଜାଣିଛ । ସିଏବି ଖେଦାରୁ ଧରା ।

ଏତେ ସୁବିଧା ଥାଉ ବାପାଙ୍କ ଭଳି ବ୍ୟକ୍ତି ସାହା ସମ୍ଭାଳି ନ ପାରିଲେ, ତୁମେ ଭାବୁଚ କରିବ ବୋଲି !

(କ୍ରମଶଃ)

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ଜାତୀୟ ଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା । ସେମାନଙ୍କ ଚରିତ୍ର ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନ କରିବା । ୨ । 'ଡଗର'ର ମାଧ୍ୟମରେ ପତ୍ର ବିନିମୟ ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ତ୍ୟାଗ ଦ୍ୱାରା ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ଊଣା ବାଳକ ବାଳିକା ମାନଙ୍କ ପାଇଁ)

## ଅଜାଙ୍କ ଜବାବ

(ପ୍ରତ୍ୟେକ ନାମ ନମ୍ବର ଦେବେ ଓ ଏକାଥରେ ଗୋଟିଏ ପ୍ରଶ୍ନ ପଚାରିବେ ।)

ମାଣିକ (୯୦୭)—ତମେ କହୁଁ ମୁହଁରେ କହୁଛ ଯେ ଗାନ୍ଧିକଥା ସମସ୍ତେ ମାନୁଛନ୍ତି; କେବଳ ଲାଟ ଓ ମନ୍ତ୍ରୀମାନେ ମାନୁ ନାହାନ୍ତି । ତମେ ନିଜେ ସୂତା କାଟ ? ଦେଶଯାକ ସମସ୍ତେ କାଟନ୍ତି ? ତାହେଲେ ଲାଟ ଓ ମନ୍ତ୍ରୀମାନେ ଗାନ୍ଧୀ-କଥା ମାନି ଲୁଙ୍ଗୁଅରେ ନ ରହିଲେ ବୋଲି ତମେ ଦୋଷ ଦେବା ଅସୁନ୍ଦର ।

ରାଧାମଣି [୧୨୧]—ସଂଭବତ ଭୁଲରେ ତମନାମ ୪ ନମ୍ବର ଅଃ ବାଃ ଲିଷ୍ଟରେ ବାହାରି ନାହିଁ ।

ଗାଁ ଏରୁଢ ୭-୬ ଗଡ଼ଜାତ ପ୍ରଜା ସାଧାରଣଙ୍କୁ ନେଇ ଗଡ଼ଜାତ ରାଜାମାନେ ଗୋଳମାଳ ସୃଷ୍ଟି କରିବାର ବସ୍ତୁ ଅବଶ୍ୟ ଅଛି । ତମେ ଠିକ୍ ଭାବିଛ । ସେଥି-ପାଇଁ ଆମ ନେତୃତ୍ୱ ଦାୟୀ । ଆମେ ଏକ ଦାଗରେ ପ୍ରଜା ତନ୍ତ୍ରକୁ ସ୍ୱୀକାର କରି ଅନ୍ୟ ଦାଗରେ ରାଜା ମାନଙ୍କୁ ସହ ଚୁକ୍ତି ସ୍ୱାକ୍ଷର କଲୁ ଓ ରାଜ ଶାସନ ପରବର୍ତ୍ତି ନୌକର ସାହି ଶାସନ ଚଳା-ଇଲୁ । ସୁତରାଂ ରାଜା ମାନଙ୍କ ପାଇଁ ଭବିଷ୍ୟତ ଗଣ୍ଡଗୋଳର ବାଟ ରହିଛି । ଏହାର ପ୍ରତିକାର ଗଡ଼ଜାତର ଜନ ଶକ୍ତିକୁ ଜାଗ୍ରତ କରିବା ।

୧୬୮—ଡଗର ର ଜନ୍ମ—୧୨୭୩୭ 'ଡଗର'ର ଅର୍ଥ ବାର୍ତ୍ତାବହ । ରାଷ୍ଟ୍ରର ହିତ ଦୃଷ୍ଟିରୁ ଜନ ସାଧାରଣଙ୍କର ସୁବିଧା ଓ ମତକୁ ନେଇ ରାଜା ବା ଶାସକଙ୍କ ଦୃଷ୍ଟିରେ ପକାଇବା ଡଗର ର ପ୍ରଧାନ କାର୍ଯ୍ୟ । ତା ସଙ୍ଗେ ସଙ୍ଗେ ଆମ ଓଡ଼ିଶି ଯାତ୍ରା ମାନଙ୍କରେ ଡଗର ଏ କାର୍ଯ୍ୟ କରିବା ସଙ୍ଗେ ସଙ୍ଗେ ବିଦୂଷକର କାର୍ଯ୍ୟ ମଧ୍ୟ କରୁଥାଏ । ତେଣୁ ହାସ୍ୟରସ ପ୍ରଧାନ ପତ୍ରିର ନାମ ଡଗର ହେଲ ।

ଶରତ (୮୨୭) ମୟୂର ଭଞ୍ଜ ଓଡ଼ିଶାରେ ମିଶିବା ସମଗ୍ର ଉତ୍କଳର ସ୍ୱାର୍ଥ ଦୃଷ୍ଟିରୁ ନିତାନ୍ତ ଉଚିତ । ମୟୂରଭଞ୍ଜ ନ ମିଶିଲେ ତାର ଲାଭ ହୋଇପାରେ । ମିଶିଲେ କିଛି କ୍ଷତି ହୋଇପାରେ । କିନ୍ତୁ ସମଗ୍ର ଓଡ଼ିଆ ଜାତିର କଲ୍ୟାଣ ଦୃଷ୍ଟିରୁ ତାର ସାମାନ୍ୟ ସ୍ୱାର୍ଥ ତ୍ୟାଗ କରିବା ଉଚିତ । ଖରସୁଆଁ ସରାଇକଲା ଓ ସିଂହ-ଭୂମି ସମସ୍ୟା ଅଧିକ ସହଜ ହୋଇ-ଯାନ୍ତା—ମୟୂରଭଞ୍ଜ ଓଡ଼ିଶାରେ ମିଶି-ଗଲେ ।

ତାଛଡ଼ା ମୟୂରଭଞ୍ଜ ଓଡ଼ିଶାର ନୌକର ସାହି ଶାସନ ଢାଞ୍ଚାରେ ଶାସନ ଚଳାଇଛି । ସେଥିରେ କିଛି ନୂତନତ୍ୱ ନାହିଁ । ଓଡ଼ିଶା ସରକାର ଗାନ୍ଧୀଜୀଙ୍କର ନୀତିକୁ କବର ଦେଇ ଯେପରି ମିଲ୍ ନୀତି ଚଳାଇ-ଛନ୍ତି ଓ ନୌକରସାହିର କବଜା ଦୃଢ଼ କରିଛନ୍ତି ମୟୂରଭଞ୍ଜ ସେ ସ୍ରୋତରୁ ଅଲଗା ନହେଲେ ଓଡ଼ିଶା ଠାରୁ ସ୍ୱତନ୍ତ୍ର ରହି-ବାର କୋଣସି ଅର୍ଥ ହୁଏ ନାହିଁ—ବରଂ ଅନର୍ଥ ।

ହଟକେଶୋର— ଧାନ ଚାଉଳ ଦର ବଢ଼ାଇବା କଥା ଛାଡ଼, ଜବରଦସ୍ତି ଧାନ ଚାଉଳ ଦର ନିର୍ଦ୍ଧାର୍ଯ୍ୟ କରିବା ମଧ୍ୟ ପାପ । ସରକାର ଯଦି କୃଷୀଙ୍କି ଉଚିତ ମୂଲ୍ୟ ଦେବାକୁ ଚାହାନ୍ତି ତେବେ ମୁକ୍ତ ବଜାରରେ ଧାନ ତାର ନିଜ ଭିତ୍ତି ଠିକ୍ କରି ନେଉ ଏବଂ କୃଷୀକୁ ଉଚିତ ମୂଲ ଦେଉ । କୃଷୀ କୃଷ କରି ଯଦି ତାର ଉଚିତ ମୂଲ ନପାଏ ତେବେ ସେ ଧାନ ବୁଣିବ କାହିଁକି ? ଯଦି ବୁଣେ ତେବେ ଜାଣିବ ଯେ ସରକାରଙ୍କ ଲେଭୀ ଅର୍ଥନୀତିର ତାଡ଼ନାରେ ବୁଣୁଛି— କଳକତା କାଶାଲୀ ସହରକୁ ପୋଷିବା ପାଇଁ, ସହରର ଜବରଦସ୍ତିରେ ବୁଣୁଛି । ସେ ଶୋଷଣ ବନ୍ଦ ନ ହେବାପାଏଁ ଲୋକ ହା ଅନ୍ନ ହା ଅନ୍ନ କରିବେଇ କରିବେ । ବର୍ତ୍ତମାନ ସରକାର ଧାନ ଦର ନ ବଢ଼ା-ଇଲେ ଧାନର ବଜାକର୍ତ୍ତା ଏଜେଣ୍ଟ-ମାନେ ସରକାରଙ୍କର ପୁରୋଧା, ବା ପୁରୋଧାଙ୍କର ଅମଲା, ବା ତାଙ୍କ ଅନୁଷ୍ଠାନ ଓ ଖବର କାଗଜକୁ ପୋଷି ପାରିବେ ନାହିଁ । ଧାନ ଚାଉଳ ଦର ମୂଳରେ ସରକାରଙ୍କର ଏକ ଜଘନ୍ୟ ନୀତି ବୃତ୍ତି ଓ ଅପକର୍ମ ରହିଛି । ଦେଶ ଦିନେ ତାହା ବୁଦ୍ଧି ବଳରେ ବୁଝିବ ।

ରମାନାଥ [୮୦୭] ହାତଲେଖା ପତ୍ରିକାଟିର ନାମଦିଅ—'ସାଧନା' । ତମ ସାହିତ୍ୟ ସାଧନାରେ ପ୍ରଥମ ସୋପାନ ସେ ହେବ । ତମେ ତାର ସଂପାଦନା କର । ଗଳ୍ପ କବିତା ପ୍ରବନ୍ଧ ଯାହା ପାଇବ ତାହା ପ୍ରଥମେ ଶୁଦ୍ଧ ଭାବରେ ଲେଖାଇବାର ଯୋଗାଡ଼ କର । କୌଣସି ଶିକ୍ଷକଙ୍କ ନିର୍ଦ୍ଦେଶରେ ପରି-ଚାଳନା କଲେ ଭଲ ହେବ । ପ୍ରଥମ ଖଣ୍ଡ ମୋ ପାଖକୁ ପଠାଇ ଦେଲେ ମୁଁ କେତେକ ସୂଚନା ଦେଇ ତାହା ଫେରାଇ ଦେବି ।

ରମହରି—[୯୩୭] ଅସ୍ଥାୟୀ ମାନେ ସେମାନଙ୍କ ନାମ ପ୍ରକାଶ ତାରିଖର ଠିକ ବର୍ଷେକରେ ପୁଣି ବାର୍ଷିକ ଚାନ୍ଦା ୫ ୦ ୪ ଦେବା କଥା ।

କାଶୀନାଥ—'କୁତୁକୁତୁ' ନାନାଦି ପତ୍ର ପତ୍ରିକାରୁ ସଂଗୃହୀତ ହୁଏ । ଏହା ସ୍ୱାଭାବିକ ଏବଂ ଜଣାଶୁଣା କଥା ।

ଲକ୍ଷ୍ମିପ୍ରିୟା [୯୦୦]—ନାରୀଜାତି ସେବା କ୍ଷେତ୍ରରେ ଡିଷ୍ଟିଛି । କିନ୍ତୁ ପୁରୁଷ ତାର ସେବାର ମର୍ଯ୍ୟାଦା ଦେଇ ପାରି ନାହିଁ । ନାରୀ ଜାତିର ଦୋଷ, ସେ ପ୍ରକୃତିଗତ ଭାବରେ ସେବା କରେ—ସେବାର ମହତ୍ତ୍ୱ ଉପଲବ୍ଧି କରେ ନାହିଁ । ନାରୀ ମାନଙ୍କୁ ସେବାର ମହତ୍ତ୍ୱ ପ୍ରତି ସଜାଗ କରିବାରେ ହିଁ ଜାତିର କଲ୍ୟାଣ ।

Digitized by srujanika@gmail.com

# ଟିପ୍ପଣୀ

ପୂର୍ବ ସଂଖ୍ୟା 'ଡଗର' ରେ ପାଠକ ପାଠିକା-ମାନଙ୍କର ମତାମତ, ସମାଲୋଚନା, ସମାବେଶନା ସୂଚନା ( Suggestions ) ଏହି 'ଟିପ୍ପଣୀ'ରେ ପ୍ରକାଶ ପାଇବ। ଏଠି ସ୍ଥାନ ଅଳ୍ପ ସଂକ୍ଷିପ୍ତ ହେବା ଦରକାର। କୌଣସି ଲେଖାରେ ବ୍ୟକ୍ତିଗତ ଓ ନିନ୍ଦା ଥିଲେ ତାହା ଅଗ୍ରାହ୍ୟ ହେବ। ଲେଖିବା ସଂଶୋଧନ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିଲା। କୌଣସି ଅମନୋନୀତ ରଚନା ଫେରସ୍ତ ଦେବାର ବନ୍ଦୋବସ୍ତ ନାହିଁ। ସଂପାଦକ ପତ୍ରିକାରେ ମତାମତ ପାଇଁ ଦାୟୀ ନୁହନ୍ତି—ସମ୍ପାଦକ।

## ମିଶ୍ରଣ-ଧୂଆଁ

ମୟୂରଭଞ୍ଜ ଯୋଗଦେଇଥିବା ଦିନଠାରୁ ଏହି ମିଶ୍ରଣ ଧୂଆଁ ତାର ଅଭ୍ୟନ୍ତରରେ ବହୁଳ ବହୁଳ ବହୁତର ଧୂଆଁରେ ଯେ ମଳିନ ତଥା ବଙ୍ଗ ମଣ୍ଡଳଠୁଁ ଅବଶ୍ୟ ଏହି ବଙ୍ଗ ମଣ୍ଡଳକୁ ଅଲଗା କରିଦେଲେଣି। ତେବେ ବଙ୍ଗ ମଣ୍ଡଳରେ ଏ ଧୂଆଁଟା ଯେତେ ବାଧା ଦେଇ ପାରିଛି ଅଙ୍ଗ ମଣ୍ଡଳରେ ସେତେ ନୁହେଁ।

ମହାମାନ୍ୟ ଭଞ୍ଜଦେବ ତାଙ୍କର ମୃତ୍ୟୁ ପୂର୍ବ ଶେଷ ଏକଥାରେ ବଦଳାଇ ଦେଇ ଭବିଷ୍ୟ ଦୃଷ୍ଟିର ପାଇଁ ଏଭଳି ଅବସ୍ଥାରେ ଛାଡ଼ି ଗଲେ ଯେ ଆଜି ଏତେ କଷ୍ଟ ଓ ନାନା ଅସୁବିଧାର ଆରମ୍ଭ ମଧ୍ୟ ହେଲାଣି। ତେବେ ଏ ବୈଷମ୍ୟ ଭାବଟା ମିଶ୍ରଣ ସପକ୍ଷରେ ସନ୍ତୋଷରେ ଯିମ୍ବା ସଭ୍ୟତା ନେଇ ଦୃଢ଼ ଉଠିଛି। ତାଙ୍କ ମାତୃଭୂମିର ସ୍ୱାଧୀନ ସ୍ୱାତନ୍ତ୍ର୍ୟ ବଜାୟ ରଖିବା ଉପରେ ବାହାରି ରାଜତ୍ୱର ଭଞ୍ଜ ଜନନୀ ତାଙ୍କର ପର-କଳ୍ପନା—ରାଜତ୍ୱର ଉଜ୍ଜ୍ୱଳ ନୁହେଁ। କେବଳ ରାଜତ୍ୱର ଉଜ୍ଜ୍ୱଳ ପର କଳ୍ପନା ବା ଚଳନା ତାଙ୍କର ଲକ୍ଷ୍ୟ ନ ହେଲେ, ତେବେ ଆମେ ଭଞ୍ଜବାସୀ ସମ ସ୍ୱରରେ କହୁଁ ଯେ ମାନନୀୟ ଗୋପବନ୍ଧୁ ସୋଠକ୍କୁ ତାହାର ଯାଇ ବାହାର ମାନରେ ଯିବ ଭଞ୍ଜବାସୀ ପଛର ବା ସ୍ୱାର୍ଥ ସିଦ୍ଧି ପାଇଁ, ଅଭାବ ସୁଧାର ଅଭାବ ସହାୟତା ପାଇଁ ଓଡ଼ିଶା ଅପେକ୍ଷା କରେ ତାହାଙ୍କରେ ଅତି ଶୋଚନୀୟ ବିଷୟ ଏବଂ ଏହାର ସମାଧାନ କରିବା ସବୁ ଦାୟରେ ଦେବା ଆବଶ୍ୟକ। କଥା ଭିତରେ ଏତିକି ଯେ ଭଞ୍ଜପୁଅ ଯେପରି କେବଳ ବଡ଼ଥର ଭଲ ଟଙ୍କାର ଓସ୍ତାଧର ମୁକୁଟ ବସରେ ବସେଇ ନ ଥିଲା, ଅଧୁନା ତାର ସ୍ୱେଚ୍ଛାଶ୍ରୟ ନ ଥିଲେ।

ପୂର୍ବ କଥିତ ମହାମାନ୍ୟ ଭଞ୍ଜଦେବ ତାଙ୍କର ବାଣୀ ଯେଉଁ ସ୍ୱରରେ କହି ଉଠନ୍ତି ଯେ ଭଞ୍ଜ ସନ୍ତାନ ତାର ସ୍ୱତ୍ୱ ସ୍ୱାତନ୍ତ୍ର୍ୟ ତାର ବଜାୟ ରଖିବାରେ ଲଢ଼ି-ହୋଇ କରିପାରିବ, ଅଥଚ ଓଡ଼ିଶା ସହିତ, ଅନ୍ୟାନ୍ୟ ପଡ଼ୋଶୀ ଦେଶ ସହିତ ତାଳ ମିଳାଇ ଭଞ୍ଜ ଜାତିର ଉନ୍ନତି ରକ୍ଷା କରିପାରେ। କିନ୍ତୁ ଆମେ ଭଞ୍ଜବାସୀ କହୁଁ ଯେ ଜନତାର ସହିତ ତାଳ ଦେବା ପାଇଁ ବା ଜନତାରେ ମାନୁଷ ହେବା ପାଇଁ ଯଦି ଆମେ ଅଧିକ ହୋଇଛୁ, ବୃତ୍ତିକୁ ଅଭାବ ଯୋଗାଇବା ପାଇଁ, ଭାଗ୍ୟବିଧାତାଙ୍କୁ ଦେବା ଯୋଗାଇବା ପାଇଁ ଓ ଶିକ୍ଷାର୍ଥୀଙ୍କୁ ଉପଯୁକ୍ତ ଭାବରେ ସମ୍ପୂର୍ଣ୍ଣ ଶିକ୍ଷା ଦେବା ପାଇଁ ଯଦି ଅସମର୍ଥ ହୋଇଛନ୍ତି ତାହାହେଲେ ଭଞ୍ଜବାସୀ କେବଳ ସ୍ୱତନ୍ତ୍ର ନା ଯେ ଆମେ ଓଡ଼ିଶା ସହିତ ମିଶିବୁ ନାହିଁ ବା ଯଦି କେହି ସ୍ୱତନ୍ତ୍ର ସେ ଭଞ୍ଜ ବୋଝ ଉଠାଇ ବୋହି ତଥା ବୋଝ ବୋହି। ମାତ୍ର ସାନ୍ତ୍ୱନା ଥିଲା, କ୍ଷୋଭ ଭାବ ଥିଲା ଯେ ମୟୂର ଭଞ୍ଜର ସେ ଶକ୍ତି ଅଛି କି? ଶିକ୍ଷାର୍ଥୀର ବାଡ଼ ମୂଲ୍ୟ ଦେଇ ପାରିବ କି? ଅନ୍ୟାନ୍ୟ ଦେଶ ସହିତ ତାଳ ମିଳାଇ ଚଳି ପାରିବ କି? ଭଞ୍ଜବାସୀ ଶାସନ କରିବାର ଅମର ଧନ ଅଛି ମାତ୍ର ଅଛି ସେତ ଅଛି ସବୁ ଅଛି। ମୟୂରଭଞ୍ଜ ବଂଶ ଜଳ ପାଇବ, ମୟୂରଭଞ୍ଜରେ ସୁନା ଫଳୁଛି ଫଳେ। ଯଦି ଫଳର ଅଭାବ ଓଡ଼ିଆ ଅପେକ୍ଷା ନାହିଁ। ମାତ୍ର ସନ୍ଦେହ ଅଛି ଖଣିରେ। ଧନ ୮ ଅଛି, ତେବେ କେଉଁ ସାହାଯ୍ୟରେ ଆମେ ଅଭାବ ଦୂର କରିବା? ଦୂରଦୃଷ୍ଟି ସମ୍ପନ୍ନ ହୋଇପାରେ କେବଳ ନେତୃସ୍ଥାନୀୟ ବ୍ୟକ୍ତିମାନଙ୍କର ଏ ବିଷୟରେ ମୁଁ ଭାବ ଭବିଷ୍ୟତ ଉପରେ ସେହି ପ୍ରଶ୍ନ ଦମ୍ଭ ଅସ୍ତ୍ର କି ନିର୍ଭର?

ନରଭରତରେ ଥିବା ନଗରୀର ମଣିଷ ଯିଏ ଚିନ୍ତି ନପାରେ ତାର ସେ ନଗରୁ ଆଉ ଲାଭ କଣ? ଆଉ ସେହି ନଗରୁ ଶିଖିବା ପାଇଁ ଦରକାର ଦୂରେ ସମ୍ପୂର୍ଣ୍ଣ ଶିକ୍ଷା ବା ଜ୍ଞାନ। ସେ ଜ୍ଞାନ ମୟୂର ଭଞ୍ଜର ଅଛି କି? ତାର "ଅମର ସବୁ ଅଛି" ବୋଲି କହି ମିଶ୍ରଣ ସମ୍ବନ୍ଧରେ ଲୋକମାନଙ୍କ ମନରେ ବିରୂପ ଭାବର ଦ୍ୱାହିଦେଲ ନାଚ ଭୂମିରେ ଫଳ କଣ? ଯଦି ଏହାହିଁ ଥିଲା, ଆମେ କହୁଁ ମୂର୍ଖଙ୍କ ଟଙ୍କା ଗୁଣ୍ଡି ଅନାହାରରେ ମରିବା ଛଡ଼ା ଆଉ ଯେ ଉପାୟ ଦେଖି ନ ହେବ ତାହା କହି ଯାଇ ପାରେ ନା। ମିଶ୍ରଣ ସମ୍ଭବ ନହେଲେ ଓଡ଼ିଶା ସହିତ ପଡ଼ୋଶୀ ଦେଶ ହିସାବରେ ଯେଉଁ ସମ୍ବନ୍ଧ ରହିବାର କଥା ମୟୂରଭଞ୍ଜର ତାହା ରହିବ। କେବଳ ଓଡ଼ିଶା ହିଁ ଏହି ଉପଦେଶରେ କେହି ମୂର୍ଖଙ୍କ ଦେଇ ପାରେ, ଆଉ କେହି ମଧ୍ୟ ତାର ଉଚିତ ହୋଇପାରେ। କିନ୍ତୁ ତାହା କେବଳ ନିଜର ସୁଖ ପିଲାଙ୍କୁ ଦେବାରେ ଦେଇ ମୟୂରଭଞ୍ଜର ସ୍ୱାର୍ଥ ଦେଖି ପାରିବ କି। ତାର ଓଡ଼ିଶା ନୁହେଁ, ତା ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ପ୍ରଦେଶ ଓ ଦେଶ ମୟୂରଭଞ୍ଜ ମଧ୍ୟ ଯେ କେବେ ବାହାରେ ଦେଖିବ ବା ଦେଖାଇବ ତାହା ନୁହେଁ, ଆଉ ତାହା ଏପରି ବିଶ୍ୱାସ କରିବା? ତେବେ କେଉଁ ଲୋକରେ ମୟୂରଭଞ୍ଜ ଓଡ଼ିଶା ତଥା ଅନ୍ୟାନ୍ୟ ପଡ଼ୋଶୀ ରାଜ୍ୟଠାରୁ ଏକ ଅଲଗା ହେଇ ମିଶ୍ରଣର ପ୍ରତିବାଦ କରୁଛ ବା ପ୍ରତିବାଦର ଚେଷ୍ଟା ଚଳାଇଛ, ତାହା ଅନେକତ କରିବାର କଥା।

ଭଞ୍ଜ ସନ୍ତାନ ଓଡ଼ିଆଙ୍କ ଉପରେ ଅଭିମାନ ଗୁଣାର ଅନ୍ତରରେ ଅନ୍ତରେ। ତେଣୁ ଉପରେ ଏମାନେ ସନ୍ତାନ ସେ। ଏଥିରେ ଦେଖ ଉନ୍ନତ ମାତାର ଶ୍ରୀବୃଦ୍ଧି ସାଧନ କରିବାରେ ଏତେ ଉଦାସୀନ ବାହିଁକି? ଅଭାବ ରାଜତ୍ୱର ଉଜ୍ଜ୍ୱଳ ବା ଯେ ତାର ଲକ୍ଷ୍ୟ ନୁହେଁ ଏହା ବାସ୍ତବ ଯେ କେତେ ଜନ ମନୋବୃତ୍ତିର ପରିଚୟ ତାହା ପ୍ରତିକୂଳ, ମୂଳରୁ ତ ଦୃଷ୍ଟି। ମୟୂରଭଞ୍ଜ ଏ ବିଷୟରେ ଏତେ ପଛରେ ବାହିଁକି? ନେତାଙ୍କର ସ୍ୱାର୍ଥରେ ଯଦି ସମସ୍ତେ ବ୍ୟସ୍ତ ରହନ୍ତି। ତେବେ ଅବର ଜାତି ସ୍ୱାଧୀନତାକୁ ଆମେ କେବେ ଲାଭ ପାଇବା କି? କେବେ ବହୁଦିନରୁ ଦେଶେ ଦେଶେ ବାହ ନ ଉଠିବ କି? ତେଣୁ ପ୍ରତ୍ୟେକ ଭଞ୍ଜ ଅଧିବାସୀ ଯୁବକ ଯୁବତୀଙ୍କୁ, ପ୍ରତ୍ୟେକ ଛାତ୍ର ଛାତ୍ରୀ ବାଳକ ବାଳିକାଙ୍କୁ ଓ ମୋର ଦେଶ ଭାଇମାନଙ୍କୁ ତଥା ଜନସାଧାରଣଙ୍କୁ ଭଞ୍ଜବାସୀ ହିସାବରେ, ଓଡ଼ିଆ ଭାଷୀ ହିସାବରେ ଯଥେଷ୍ଟ ଅନୁରୋଧ ଯେ ସେମାନେ ଅନ୍ତତଃ ବିବେଚନା କରନ୍ତୁ ଯେ ମିଶ୍ରଣ ଦରକାର କି ନା କେଉଁଠି।

କେଉଁ ସ୍ୱାର୍ଥପ୍ରଣୋଦିତ ନେତୃତ୍ୱରେ ବା ସ୍ୱାର୍ଥ ଲୋଭୀ ମାନବର ବଡ଼ପଣରେ ଅମୂଲ୍ୟ ଶାସନ ବଳ ରଚିତ, ପରମ୍ପରାଗତ ହୋଇ ଅସ୍ଥିର ଥିବ ତାହା ନାହିଁ ସତ। କିନ୍ତୁ ସ୍ୱାର୍ଥର ମାଦକତା ଯେ କମି ନାହିଁ! ଶାସନ ବଳ ସହିତ ଦୁର୍ଣ୍ଣ ଲୁଣ୍ଠିତ ହେଲେ ଏ ବୃତ୍ତ ତ ମାମୁଲ ଧରଣର।

ତେଣୁ ମନେ ଥିଲା କଳ୍ପନା ସତ୍ୟର ମୂଳରେ ମୟୂରଭଞ୍ଜ, ବାସ୍ତବରେ ଯେ ସଦା ସ୍ୱତନ୍ତ୍ର ମୂଳରୁ ହୋଇ ରହିବ ଏହା ବାସ୍ତବର ପ୍ରକାଶ ଭବ ଅନ୍ୟ କିଛି ନୁହେଁ ବୋଲି ମୋର ବିଶ୍ୱାସ।

—ରମାନାଥ ସାହୁ

ଡାକ ମୟୂରଭଞ୍ଜ ସ୍ଥ

—※—

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୬୲ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୲ ଅଗ୍ରୀମ ଦେବାକୁ ପଡ଼େ ।

୩ । ଟଙ୍କା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡ଼ର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ପରିଚାଳକ ଡଗର
**ପୋ: ଭଦ୍ରକ** (B. N. Ry.)


## ହାଓଡା କୁଷ୍ଠ କୁଟୀର

# କୁଷ୍ଠ ଧବଳ

[illegible] ମର୍ଦ୍ଦନ [illegible]
ସର୍ବାଙ୍ଗିକ ବା ଅଂଶିକ [illegible] ଏକ୍‌ଜିମା, ସୋରିଅସିସ [illegible] କତ ଓ ଅନ୍ୟାନ୍ୟ ଚର୍ମରୋଗ [illegible] ଅବ୍ୟର୍ଥ [illegible] ଯୋଗ୍ୟ ପ୍ରତିଷ୍ଠାନ ।

[illegible]
ସ୍ଥାନର ଧଳା ଦାଗ [illegible] ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପ ଦିନ ମଧ୍ୟରେ [illegible] ପାଇଁ [illegible] ହୁଏ ।

ରୋଗ ଲକ୍ଷଣ ଜଣାଇ [illegible] ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)
୧ ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା ।
ଶାଖା—୩୬ ନଂ ହ୍ୟାରିସନ ରୋଡ଼, କଲିକତା ।

ନୂତନ ଚିନ୍ତା ଓ ନୂଆକଥା
ନୂତନ ଦୃଷ୍ଟି ଭଙ୍ଗୀନେଇ

## ଫିଙ୍ଗିକୋଷା

[illegible]

ଲେଖକ—'ଡଗର'ର ସୁପରିଚିତ ପ୍ରିୟ
**ଶ୍ରୀ ଦେବ ମହାପାତ୍ର**

ସଂଯୁକ୍ତ ହରିଶ୍ଚନ୍ଦ୍ର ରଙ୍ଗାଳୟର ମୁଦ୍ରଣ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ଶ୍ଳେଷପୂର୍ଣ୍ଣ ଉତ୍କଳ [illegible] ନାୟକର ପ୍ରଶସ୍ତି ସହ ମୂଲ୍ୟ ୦୫ ମାତ୍ର

ଛାପା ଓ ବନ୍ଧାଇର ବିଶେଷତ୍ୱ
ପ୍ରାପ୍ତି ସ୍ଥାନ:—ଉତ୍କଳ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ


Printed & Published by G. C. Mahapatra at the Gopinathpress, Bhadrak 1948.

Digitized by srujanika@gmail.com

REG. No. O. 4.

THE DAGARO.—2-2-48.

ଏକାଦଶ ବର୍ଷ

୧୪ ସଂଖ୍ୟା




ସୋମବାର

ମକର ୨୦ଦିନ

# ମହାପ୍ରୟାଣ



ବନ୍ଦେ ମହାପୁରୁଷ ତେ ଚରଣାରବିନ୍ଦଂ

ମୂଲ୍ୟ ଦୁଇଅଣା

Digitized by srujanika@gmail.com

ଆଖି ପିଛୁଳାରେ

# ମହାତ୍ମାଜୀଙ୍କ ପାର୍ଥିବ ଲୀଳା

୧୮୬୯ । କାଥିଆୱାଡ଼ ପୋରବନ୍ଦରରେ ଆବିର୍ଭାବ ।

୧୮୮୭-୧୮୯୧ । ଇଂଲଣ୍ଡରେ ଆଇନ ଶିକ୍ଷା ।

୧୮୯୩ ୧୯୧୩ । ଦକ୍ଷିଣ ଆଫ୍ରିକାରେ ମୁକ୍ତି ସଂଗ୍ରାମ

୧୯୧୪ । ଭାରତ ପ୍ରତ୍ୟାଗମନ ।

୧୯୧୯-୧୯୨୨ । ଅସହଯୋଗ ଆନ୍ଦୋଳନ ।

୧୯୨୨ । କାରାବରଣ ।

୧୯୨୩ । କାରାମୁକ୍ତି ।

୧୯୨୪ । କଂଗ୍ରେସ ପୁରୋଧା ।

୧୯୩୦ । ଡାଣ୍ଡି ଲବଣ ସତ୍ୟାଗ୍ରହ । ଯାରବାଦା ଜେଲରେ କାରାବାସ ।

୧୯୩୧ । ଗାନ୍ଧୀ-ଇରୱିନ ଚୁକ୍ତି । ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଯୋଗଦାନ ।

୧୯୩୨ । ପୁନାଚୁକ୍ତି

୧୯୩୩ । ହରିଜନ ଆନ୍ଦୋଳନ ନିମନ୍ତେ ଦେଶ ଭ୍ରମଣ । ଏକୋଇଶ ଦିନ ଅନଶନ ।

୧୯୩୪ । କଂଗ୍ରେସରୁ ଅବସର ଗ୍ରହଣ

୧୯୩୯ । ରାଜକୋଟ ଅନଶନ

୧୯୪୨ । ଦେଶକୁ ସ୍ୱାଧୀନତା ପାଇଁ "କର ବା ମର" ନିର୍ଦ୍ଦେଶ। ଆଗା ଖାଁ ପ୍ରାସାଦରେ ଅଟକ ବନ୍ଦୀ ।

୧୯୪୪ । ଗାନ୍ଧୀ-ଜିନ୍ନା ଆଲୋଚନା

୧୯୪୭ । ପୂର୍ବବଙ୍ଗ ଓ କଲିକତାରେ ଶାନ୍ତି ଅଭିଯାନ

୧୯୪୮ । ହିନ୍ଦୁ ମୁସଲମାନ ଏକତା ଓ କଂଗ୍ରେସର ଆତ୍ମଶୁଦ୍ଧି ସକାଶେ ଅନଶନ ଓ ଲୀଳା ସଂବରଣ

ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସଂପାଦକ—ଶ୍ରୀ ବ୍ରଜମୋହନଦାସ

Digitized by srujanika@gmail.com



# ବାପୁଜୀ ! ବାପୁଜୀ !

ବାପୁଜୀ ! ବାପୁଜୀ ! କେତେ ଦୂରେ ଗଲ ଛାଡ଼ିକରି ଏ ଭୁଇଁ,
ସଂସାରରେ ଏବେ କାହାକୁ ଗୁହାରିବୁ ଦୀନ ଅରକ୍ଷିତ ହୋଇ ?
ତମ କଥା ଆମେ ନ ମାନିଲୁ ବୋଲି ଅତି ଅମାନିଆ ପଣେ,
ସେଥିପାଇଁ କି ହେ ଭିନ୍ନ ହୋଇଗଲେ ଅଭିମାନ ବହି ମନେ ?
ବାପୁଜୀ ତମେ ହେ ନ କହିଲେ କଥା ରହିଯିବ ଅନୁତାପ,
କପଟ ଭାବ ହେ ପୋଛିବୁ ଦେହରୁ ଧୋଇ କାଳି ଏହି ପାପ ।
ବାପୁଜୀ ବାପୁଜୀ ଡାକିବାକୁ ଆଉ ନାହିଁ ଏ ଜାତିର ମୁହଁ,
ତଥାପି ହେ ପିତା ତମର କ୍ଷମାରେ କଥା କୁହ କଥା କୁହ ।

ବାପୁଜୀ ବାପୁଜୀ ପ୍ରାଣର ମମତା ଢାଳିଥିଲ ଏ ହାତେ,
ସେଇ ହାତ ଆମେ କଳଙ୍କିତ କଲୁ ତମର ଆତ୍ମା ଘାତେ ।
ମଣିଷକୁ କଲ ବିଶ୍ୱାସ ବୋଲି ମାନବକୁ କଲ ସେବା,
ମଣିଷର ଏଇ ଦୁର୍ବଳ ପୀଠେ ପୂଜାଗଲେ ଦେବ ଦେବା ।
ସେଇ ସେ ଦାନବ ହିଂସ ସାଜି ନେଲା ଆଜି ପ୍ରତିଶୋଧ;
ବାପୁଜୀ ବାପୁଜୀ ସେଥିପାଇଁ କିହେ ତମେକି ବହିଲ କ୍ରୋଧ ?
ଫାଟିଯାଏ ଛାତି ଶୁଖିଯାଏ ଓଠ ଛୁଟିଯାଏ ଆଖି ଲୁହ,
କ୍ଷମା କର ପିତା କ୍ଷମାକର ଦେବ କଥା କୁହ କଥା କୁହ ।

ବାପୁଜୀ ବାପୁଜୀ ମାଗିବୁ ଏଥର ଘେନିବୁ ହେ ତମ କଥା,
ଆଉଥରେ ଖାଲି ସ୍ନେହରେ ଶିଥିଳ ହଲାଇ ଦିଅ ସେ ମଥା ।
ଘୂରିଅଡ଼େ ଘୂରି ଯାଉଛୁ ବିକଟ ଅନ୍ଧାର ଅମା ନିଶି;
ଆଉଥରେ ତମ ଆଖିର ଆଲୋକେ ବାଟଟା ଯାଉ ଦିଶି ।

ଆଉଥରେ ଖାଲି ଗୋଟିଏ ପଦରେ ମନ୍ତ୍ର ଯାଅ ହେ ପଢ଼ି
ଜପ କରି ତାକୁ ଆଣିବୁ ସିଦ୍ଧି ଅମର ମରତ ଗଢ଼ି ।
ଆଉଥରେ ଖାଲି ନୋହିଲେ ବାପୁଜୀ ନ ରହିବ ଏହି ମୋହ,
ବାପୁଜୀ ବାପୁଜୀ—ଶୁଣ ଶୁଣି ବାରେ କଥା କୁହ କଥା କୁହ ।

ବାପୁଜୀ ବାପୁଜୀ ଆଉ ଥରେ ଖାଲି ଟେକି ଧର ତମ ହାତ,
ନହେଲେ ଆଖିପଟରେ ଅସ୍ପୃ ବାର ହୋଇ ଅଙ୍କ ସଂପାତ ।
ବାପୁଜୀ ବାପୁଜୀ ଆଉଥରେ ଖାଲି ତମ ଓଠେ ଫୁଟୁ ହସ,
ନହେଲେ ସାହସରେ ନାଚିଉଠିବୁଁ ଆମେ ପୋଛିଦେବୁ ଅପଯଶ ।
ବାପୁଜୀ ବାପୁଜୀ ଆଉଥରେ ଖାଲି ଉଠୁ ତବ ରାମ ଧୁନି
'ଅଲ୍ଲା' 'ଅଲ୍ଲା' ସହିତରେ ମିଶୁ ଈଶ୍ୱର ନାମ ପୁଣି ।
ଭାଇ ଭାଇ ଭେଦ ନ ରହିବ ଆଉ ନ ବହିବ ଲହୁ ସୁଅ,
ବାପୁଜୀ ବାପୁଜୀ ଆଉ ଥରେ ଖାଲି କଥା କୁହ କଥା କୁହ ।

ବାପୁଜୀ ବାପୁଜୀ ନ ଶୁଣିଲେ ତମେ ହିଂସାର ହେବ ଜୟ,
ସଂସାରେ ହେବ ଘାତକର ବାସ ଘୋଟିଯିବ ଧର୍ମକ୍ଷୟ ।
ଆପଣାର ମଣେ ମଣିଷ ଯାହାକୁ ସେଇ ହେବ ସାତପର,
ସୁଖ ପାଇ ଯାକୁ ଟାଣିବ ସେଥିରେ ପାଲଟିବ ବିଷଧର ।
ବାପୁଜୀ ବାପୁଜୀ ତମେ ହେଲେ ଭିନ୍ନ ଏ ଧରା ହୋଇବ ଜଡ଼,
ହିଂସ୍ର ପଶୁର ଚର ଭୂଇଁ ହେବ ପଡ଼ିବେ ମଣିଷ ମଡ଼ ।
ସେଥିପାଇଁ ଆଜି ଅତି କାତରରେ ଡାକୁଛନ୍ତି ତମ ପୁଅ,
ବାପୁଜୀ ବାପୁଜୀ ଆଉଥରେ ଖାଲି କଥା କୁହ କଥା କୁହ ।

—ନିତ୍ୟାନନ୍ଦ—

Digitized by srujanika@gmail.com

# ବାପୁଜୀ !

ତମରି ନିର୍ଦ୍ଦେଶରେ ଆମେ ଯାହା କରିଛୁ, ସେ ସବୁ ଆଜି ତମରି ସ୍ମୃତିରେ ଉତ୍ସୃଷ୍ଟ ହେଉ !

× × × × × ×

ଆମର ଦୁର୍ବଳ ଚିତ୍ତ ଯେଉଁ ଆମେ ଯାହା ପାରିନାହୁଁ, ସେସବୁ ଆଜି ତମରି ଆଶୀର୍ବାଦରେ ସୁସମ୍ପନ୍ନ ହେଉ !

× × × × × ×

କ୍ଷଣିକ ଏ ସଂସାରରେ ଯାହା କେବଳ ସତ୍ୟ, ନିତ୍ୟ, ସେ ଆଜି ତମରି ଆତ୍ମଦାନରେ ପ୍ରତିଭାତ ହେଉ !

+ + + + + +

ମନୁଷ୍ୟର ମାରଣ ଯଜ୍ଞରେ ମନୁଷ୍ୟ ଯେଉଁ ରକ୍ତ ଆହୁତି ଢାଳିଛି, ସେ ଆଜି ତମରି ରକ୍ତର ପୂର୍ଣ୍ଣାହୁତିରେ ନିର୍ବାପିତ ହେଉ !

+ + + + + +

ଅବିଶ୍ୱାସ ତାର ସମସ୍ତ ବିଭତ୍ସତା ଯେଉଁ ଯେଉଁ ତାଣ୍ଡବ ନୃତ୍ୟ ରଚିଛି, ଆଜି ତମରି ଶେଷ ସ୍ୱର 'ରାମ' ନାମରେ ତାର ଅବସାନ ହେଉ ।

× × × × ×

ହେ ଋଷି, ହେ ଦେବତା, ହେ ପିତା, ମର ମନୁଷ୍ୟକୁ ଅମରତ୍ୱର ପଥ ଦେଖାଅ । ନିର୍ଭୟ ଦିଅ ! ହୃଦୟ ଦିଅ ! ଭାବ ଦିଅ ! କର୍ମ ଦିଅ । ତପ ଦିଅ ! କ୍ଷମା ଦିଅ ! ସଂଯମ ଦିଅ ! ମନୁଷ୍ୟକୁ ଉନ୍ନତ କର ।

× × × × ×

ଅସମ୍ପୂର୍ଣ୍ଣ ସମ୍ପୂର୍ଣ୍ଣ ହେଉ ।

ଓଁ ଶାନ୍ତି ! ଓଁ ଶାନ୍ତି !! ଓଁ ଶାନ୍ତି !!!

Digitized by srujanika@gmail.com

# ଖଣ୍ଡିଏ ଚିଠି

ନ ଶ୍ରୀମତୀ ପାର୍ଲ ବକ

(ନୋବେଲ ପୁରସ୍କାର ପ୍ରାପ୍ତ ମାର୍କିନ ମହିଳା)

ଜାନୁୟାରୀ ୩୧ ତାରିଖ—ପେନସିଲଭାନିଆ—

ଆମେରିକାର ପଲ୍ଲୀଗ୍ରାମରେ ଆମର ଛୋଟ ସୁନ୍ଦର, ଶାନ୍ତ କୁଟୀରଟିରେ ସବୁଦିନ ପରି ଆଜି ଦିନଟି ମଧ୍ୟ ଆରମ୍ଭ ହୋଇଥିଲା । ପିଲାମାନେ ସ୍କୁଲକୁ ଯିବେ ବୋଲି ଆମେ ସକାଳୁ ସକାଳୁ ଉଠୁ । ପ୍ରାତଃଭୋଜନ ପାଇଁ ସମସ୍ତେ ଟେବୁଲ ପାଖରେ ବସି କତଦିନିଆ ଗପ କରୁଚୁ । ବାହାରେ ତୁଷାରର ଧବଳ ଶ୍ରୀ, ଆକାଶର ବର୍ଣ୍ଣ ଧୂସର ହୋଇଥାଏ—ଆକାଶର ରଙ୍ଗ ଦେଖି ପିଲାମାନେ କହୁଥାନ୍ତି ଆହୁରି ତୁଷାର ପାତ ହେବ । ହଠାତ୍ ଘରର କର୍ତ୍ତା ଘର ଭିତରକୁ ପଶି ଆସିଲେ—ତାଙ୍କ ମୁଖ ମଣ୍ଡଳ ଭାବାକ୍ରାନ୍ତ ଓ ଗମ୍ଭୀର । ସେ କହିଲେ "ରେଡ଼ିଓରେ ବର୍ତ୍ତମାନ ଘୋର ଦୁଃଖସମ୍ବାଦ ଶୁଣିଲି ।"

ଆମେ ସମସ୍ତେ ତାଙ୍କ ଆଡ଼କୁ ଚାହିଁଲୁ । ସେ କହିଲେ "ଗାନ୍ଧୀ ଆଉ ନାହାନ୍ତି"

× × ×

ମୁଁ ଭାରତ ବାସୀଙ୍କୁ କହୁଛି—ଏଇ କେତୋଟି ଶବ୍ଦ ହଜାର ହଜାର ମାଇଲ ଦୂରରେ ଥିବା ଗୋଟିଏ ମାର୍କିନ ଗୃହରେ କି ବେଦନା ଆଣି ଦେଇଥିଲା ।

ଆମେ ସବୁ ଠିକ ନାଣି ଭାବରେ ଖବର ଶୁଣିଲୁ । ଏହା ସାଧାରଣ ମୃତ୍ୟୁ ନୁହେଁ । ଗାନ୍ଧୀ ଯେକି ଶାନ୍ତିର ଅବତାର ଯେ କି ତାଙ୍କ ଦେଶବାସୀଙ୍କ ପାଇଁ ଜୀବନ ଉତ୍ସର୍ଗ କରିଥିଲେ, ତାଙ୍କୁ ହତ୍ୟା କରା ହୋଇଛି । ମୋର ଦଶ ବର୍ଷର ପୁଅଟି କାନ୍ଦି ପକେଇ କହିଲା "ମୋର ମନେ ହେଉଛି ମଣିଷ ଯଦି ବନ୍ଧୁକ ତିଆରି କରି ଶିଖି ନଥାନ୍ତା କେତେ ଭଲ ହୋଇଥାନ୍ତା ।"

ଆମୋମାନେ କେହି ଗାନ୍ଧୀଙ୍କୁ ଦେଖି ନାହୁଁ । ଆମେ ଯେତେବେଳେ ଭାରତରେ ଥିଲୁ ସେତେବେଳେ ସେ ଜେଲରେ । କିନ୍ତୁ ଆମେ ସମସ୍ତେ ତାଙ୍କୁ ଜାଣୁ । ପିଲାମାନେ ତାଙ୍କୁ ଏତେ ନଜର କରି ନେଇଥାନ୍ତି ଯେ ସେ ଯେପରି ଆମ ଘରର ଜଣେ । ଆମେ ଜାଣୁ ଯେ ସେ ଦୁନିଆର ବଡ଼ ସାଧୁ ପୁରୁଷ—ସେ ଯାହା ଠିକ୍ ବୋଲି ଭାବନ୍ତି ତାରି ପାଇଁ ପ୍ରାଣ ଦେଇ ଲଢନ୍ତି । ଆମେ ବିଶ୍ୱାସ କରୁ ସେଇ ଠିକ ।

ଆମର ଗପ ଚାଲିଥାଏ ସେ ବଞ୍ଚିଥିଲେ ଭଲ ହୋଇଥାନ୍ତା । କ'ଣ ୍ମଲା ପରେ ଅବସ୍ଥା ହବ କଣ ? ଆମେ ଭାରତ ପାଇଁ ଗର୍ବ କରୁ କାରଣ ଗାନ୍ଧୀ ସେଇ ଦେଶର ଲୋକ—ଆମର ଦୁଃଖ ହୁଏ କାରଣ ଜଣେ ଭାରତବାସୀ ଗାନ୍ଧୀଙ୍କୁ ହତ୍ୟା କଲେ । ତଥାପି ଶେଷରେ ଆମର ଦୈନନ୍ଦିନ କାମରେ ଲାଗିଲୁଁ ।

ଗାନ୍ଧୀଙ୍କ ବିଷୟରେ ଆମେ କେତେ ଖବର ରଖୁ ଏକଥା ତମେ, ଭାରତବାସୀ ଜାଣିଲେ ଆଶ୍ଚର୍ଯ୍ୟ ହେବ । ଜଣେ କୃଷକ ରାସ୍ତାରେ ଯାଉ ଯାଉ ମୋତେ ଦେଖି ହଠାତ୍ କହିଲେ "ସମସ୍ତେ ଭାବୁଚନ୍ତି ଗାନ୍ଧୀ ଜଣେ ମହାତ୍ମା ଥିଲେ । ତାଙ୍କୁ କାହିଁକି ହତ୍ୟା କରାଗଲା ?"

ମୁଁ ଟିକିଏ ମୁଣ୍ଡ ହଲେଇ ଦୀର୍ଘ ନିଶ୍ୱାସ ଛାଡ଼ିଲି ।

ସେ କହିଲେ "ମୋତେ ଲାଗୁଛି ଯିଶୁଙ୍କୁ ଯେମିତି ମାରିଥିଲେ ଗାନ୍ଧୀଙ୍କୁ ସେଇପରି ତାଙ୍କ ଲୋକ ମାରି ପକେଇଲେ"

କଥାଟା ଠିକ୍ । ଯିଶୁଙ୍କ କ୍ରୁଶବିଦ୍ଧ ହେବାର ଘଟଣା ଛଡ଼ା ଅନ୍ୟ କୌଣସି ଘଟଣା ଏହା ସହିତ ତୁଳନା କରାଯାଇ ନପାରେ । ଆମ ଘରେ ଏକା ନୁହେଁ—ଆମେରିକାର ହଜାର ହଜାର ଘରେ—ପୃଥିବୀର ଅସଂଖ୍ୟ ଘରେ ଏଶୋକ ଅନୁଭବ କରୁଛନ୍ତି । ଏଠି ଆମର ଯୁଦ୍ଧ ପାଇଁ ଯେଉଁ ପ୍ରବଳ ଉଦ୍ୟମ ଚାଲିଛି ସେଥିରୁ ଆମେ ରକ୍ଷା ପାଇବା ପାଇଁ ଗାନ୍ଧୀଙ୍କୁ ଆମେ ଚାହିଁ ବସିଥିଲୁଁ । ଆମ ଦେଶର ଖବର କାଗଜ ସବୁ ଏଇ ନୂଆ ସତ୍ୟକୁ ସ୍ୱୀକାର କରୁଛନ୍ତି । ଭାରତରେ ମଧ୍ୟ ଲାଗି ହୋଇଅଛି, ଜାତି ଜାତି ଭିତରେ କଳି ମେଣ୍ଟାଇବା ପାଇଁ ଗାନ୍ଧୀଙ୍କର ଏଯେଉଁ ପ୍ରବଳ ଚେଷ୍ଟା ଚାଲିଛି ତାକୁ ଅନେଇ ବସିଛୁ ।

ଏଇ ସମ୍ବନ୍ଧରେ ଭାରତର ଗୁରୁତ୍ୱ ଅନ୍ୟ ଦେଶ ମାନଙ୍କ ଆଗରେ କେତେ ତାହା ମୁଁ ଜଣେଇ ଦଉଛି । ଆଜିକାର ଭାରତ ସବୁଠାରୁ ମହତ୍ତର । ଭାରତ ଆଜି ସବୁ ଜାତିର ପ୍ରତୀକ । ଚର୍ଚ୍ଚିଲ ଓ ତାଙ୍କର ଭଳିଆ ଲୋକେ କହନ୍ତି ଯେ ସମସ୍ତେ ସ୍ୱାଧୀନ ହେବା ଉଚିତ ନୁହେଁ । ଏମାନଙ୍କ ମତରେ କେତେ ଜଣ ଶକ୍ତିଶାଳୀ ଲୋକ ବାକୀ ସମସ୍ତଙ୍କୁ ଶାସନ କରିବା ଉଚିତ । ଆମକୁ କୁହା ହଉଚି ଯେ କେହି ଜଣେ ଶାସନ ଦଣ୍ଡଧାରୀ ରହିବ । ଆମେ ଯଦି ଶାସିତ ହେବାକୁ ନଚାହୁଁ—ତେବେ ଆମେ ଶାସନ କରିବୁଁ । ଆମେ ଏଥିରେ ବିଶ୍ୱାସ କରୁ ନାହୁଁ । ଆମେ ଚାହୁଁ ପୃଥିବୀ ଏପରି ଭାବରେ ଗଢା ହେଉ ଯେପରି ସମସ୍ତେ ନିଜ ନିଜକୁ ଶାସନ କରି ପାରିବେ ।

ଆମ ପକ୍ଷରେ ଭାରତଟାଇ ଭରସାର ସ୍ଥଳ । ଆମେ ଭାରତର ଖବର ଜାଣିବା ପାଇଁ ଖବର କାଗଜ ପଢୁ । ଚର୍ଚ୍ଚିଲ ଯେଉଁ ରକ୍ତ ସ୍ନାନ କଥା କହିଥିଲେ ସତେ କ'ଣ ଘଟିବ ? ସତେ କଣ ଲୋକେ ତାଙ୍କ କଳି ଆପେ ଆପେ ମେଣ୍ଟାଇ ପାରିବେ ନାହିଁ ? ଯୁଦ୍ଧ କଣ ଏହିପରି ସବୁଦିନେ ଲାଗିଥିବ । ଆମେ ସମସ୍ତେ ଗାନ୍ଧୀଙ୍କ ଉପରେ ଭରସା ରଖିଥିଲୁ । ସେ ଜଣେ ଲୋକ, ଯାହାଙ୍କ ମତରେ ମଣିଷକୁ ବିଶ୍ୱାସ କରିବା ଉଚିତ । ଆମେ ଯେ ସେ ଦୁର୍ବଳ ବଡମାଧାଆ ଲୋକଟିକୁ ଖାଲି ଠାକୁର ଭଳି ପୂଜା କରୁଥିଲୁ ତା' ନୁହେଁ, କିନ୍ତୁ ଆମେ ଜାଣିଥିଲୁ ସେ ମାନବ ଜାତିର ମୂଳ ସତ୍ୟଟିକୁ ଧରି ପାରିଥିଲେ ।

ଗାନ୍ଧୀଙ୍କର ମୃତ୍ୟୁ ଜୟ କି ପରାଜୟ ତାହା ଭାରତ ବାସୀଙ୍କର କହିବାର କଥା । ସେ ଠିକ କଥା କହୁଥିଲେ ବୋଲି ଯେଉଁ ମାନେ ଜାଣିଥିଲେ, ତାଙ୍କ ମୃତ୍ୟୁ ସେମାନଙ୍କ ଭିତରେ ନବଶକ୍ତି ଓ ଦୃଢ଼ତା ଆଣିଦବ; ତେବେ ଏହା ଭାରତ ଓ ଆମ ପକ୍ଷରେ ଶ୍ରେୟସ୍କର କାରଣ ଆମେ ମାନବ ଜାତିକୁ ବିଶ୍ୱାସ କରୁ । ଯଦି ଏଇ ମୃତ୍ୟୁ ପରାଜୟ ଓ ହତୋତ୍ସାହ ଆଣି ଦିଏ ତେବେ ଜାଣିବା ପୃଥିବୀର ମାନବ ଜାତିର ପରାଜୟ ଘଟିଲା ।

ଆଜି ଆମେ ଖାଲି ଏଇ କଥାଇ ଚିନ୍ତା କରୁଛୁ । ଗାନ୍ଧୀଙ୍କର ମୃତ୍ୟୁ ସମ୍ବାଦର ଧକ୍କା ଆମେ ଗର୍ବରେ ସମାଳି ନେଲୁଁ । ଏହାପରେ ଲୋକେ ପରସ୍ପର ମୁହଁ ଚାହାଁ ଚାହିଁ ହେଲେ ଏବଂ କହିଲେ "ନେହେରୁ ଏ ଯାକେ ବଞ୍ଚିଛନ୍ତି—ସବୁଠାରୁ ଖରାପ ହୁଏତ ଘଟିବ ନାହିଁ ।"

ପାଶ୍ଚାତ୍ୟ ଦେଶରେ ଅନ୍ୟ କୌଣସି ଭାରତୀୟଙ୍କ ଠାରୁ ନେହେରୁଙ୍କୁ ଯେ ସମସ୍ତେ ଭଲ କରି ଜାଣନ୍ତି ଖାଲି ଏତିକି ନୁହେଁ, ତାଙ୍କର ଦକ୍ଷତା ଓ ସାଧୁତାକୁ ବିଶ୍ୱାସ କରନ୍ତି । ଯଦି ମତାନ୍ତର ହେବା ଫଳରେ ନେହେରୁ ପଦଚ୍ୟୁତ ହୁଅନ୍ତି ବା ହତୋତ୍ସାହ ହୋଇ ଇସ୍ତଫା ଦେବାକୁ ବାଧ୍ୟ ହୁଅନ୍ତି, ତେବେ ଆମ ଆଗରେ ଭାରତର ସମ୍ମାନ ବହୁତ କମିଯିବ, ଭାରତୀୟ ମାନେ ଏ ଭୁଲ କରିବା ଆଗରୁ ଖୁବ୍ ଚିନ୍ତା କରିବେ । ମୁଁ ଜଣେ ମାର୍କିନ ବାସୀ ଭାବରେ ଏକଥା କହୁନାହିଁ । କିନ୍ତୁ ମୁଁ ଯେତିକି ଜାଣେ ତହିଁରୁ ବୁଝୁଚି ଯେ ଭାରତ କେବଳ ତା ନିଜପାଇଁ ନୁହେଁ, ସାରା ପୃଥିବୀକୁ କେତେବେଳେ ନେତୃତ୍ୱ ଦେଇ ପାରିବ । ଯଦି ଭାରତବାସୀ ଉଗ୍ରପନ୍ଥୀ କ୍ଷୁଦ୍ର ନେତାଙ୍କୁ ଛାଡ଼ି ତାଙ୍କର ଶ୍ରେଷ୍ଠ ନେତାଙ୍କୁ ଗ୍ରହଣ କରନ୍ତି ଭାରତର ଭବିଷ୍ୟତ ଉଜ୍ଜ୍ୱଳ ।

ଏତିକି କହି ମୁଁ ଭାରତବାସୀଙ୍କୁ ଚେତାଇ ଦେବା ସଙ୍ଗେ ସଙ୍ଗେ ଆଶାର ବାଣୀ ଶୁଣାଉଛି ।

Digitized by srujanika@gmail.com



## ମିଛା ମିଛି କଥା !

କିଏ ଯେ କହିବ ସତେ !—ମରିଛନ୍ତି ଗାନ୍ଧି ! !
ମିଛ କଥା !—କିଏ କାହିଁ ଯିବଟି ପରତେ !
ଭୁଲିଯାଇଛ କହ କିଆଁ ତୁଚ୍ଛାଟାରେ କାନ୍ଦ ?
ଦେବତାର ମୃତ୍ୟୁ କରେ ସମ୍ଭବେ ମରତେ !

ଅନ୍ଧ ଜଗତକୁ ଯେହୁ କରିଲେ ଉଦ୍ଧାର
ମରଣ ହାତରୁ ଦେଲ ବୁହିରକ୍ତ ଢାଳି,
କେବେ କେହେଲେ ହୋଇପାରେ ମରଣ କି ତାର !
ଅସମ୍ଭବ କଥା—ମୁଁ ତ ପାରୁ ନାହିଁ ଭାଳି ।

ଯାହାର କରୁଣା ସ୍ରୋତେ ଭାସିଲା ଦୁନିଆ,
କଥା ପଦେ ପଦେ ଯାର କମ୍ପାଇଲା ମସ୍ତା,
ଯାର ଅଶ୍ରୁ ଲିଭାଇଲା କେତେ ତୀବ୍ର ନିଆଁ
ଅନ୍ତର ଦେବତା ହୋଇ ଯାଇଛି ଯେ ରହି,

ସେକି କେବେ ମରି ପାରେ !—ମିଛାମିଛି କଥା,
ଏ ଲାଗି କାହିଁକି ମିଛେ ଏତେ ମୁଣ୍ଡ ବଥା !

**ଲକ୍ଷ୍ମୀକାନ୍ତ ମହାପାତ୍ର**

—*—



ଚଳିଲା କବଳରେ ଅନ୍ତିମ ଶୋଇରେ ମହାତ୍ମାଜୀ

## ନୈବେଦ୍ୟ

ଅନ୍ଧାରକର ଧରଣୀ ବକ୍ଷ ସତ୍ୟ ସାଧକ ଗୁରୁ,
ସୁନ୍ଦର ତୁମ ସତ୍ୟ ସାଧନେ ଚଳିଲ ମର୍ତ୍ତ୍ୟ ଧରୁ !
ଛନ୍ଦିତ ଅଙ୍ଗ ସତ୍ୟ ଧରମ ମିଥ୍ୟା କପଟ ପାଶେ,
ଶ୍ୟାମ-ସୁରଭିତ ଜନନୀ-ବକ୍ଷ ରକ୍ତେ ଉଚ୍ଛଳ ଭାସେ ।
ମୁକ୍ତିଧେ କପର ମାତୃ ବେଦନା ସହ୍ୟ କରିବ ତମେ,
ଦେଶ ବନ୍ଧୁଳ ସେଇଥି ପାଇଁକି ଚଳିଲ ସ୍ୱର୍ଗ ଧାମେ ।
ତୁମର ବିରହେ କାନ୍ଦୁଛି ଅଙ୍କ ଜୀର୍ଣ୍ଣା ବସୁଧା ମାଆ···
ଖଣ୍ଡ-ଗଉରବେ କାନ୍ଦି ଉଠୁଛି ନନ୍ଦିଗିର ବଣ ବାଆ ।
କସ୍ତୁରୀ ସମ ରହୁଛ କେଉଁଠେ କହିଲେ ସବୁ ଏଡ଼ି,
ମୁକ୍ତ କରିଛ ତୁମେହିଁ ତ ଏକା ଜନନୀ-ଚରଣ ବେଡ଼ି ।
କଙ୍କାଳ ଅଙ୍ଗ ଅତଡ଼େ ଡାକୁଛି କେଉଁଠି ବାପୁଜୀ ତମେ,
ଶିଷ୍ଟ ଦଳିତ ଅଛୁବ ଜାତ ତୁମର ଚରଣେ ନମେ ।
ଦୁଃଖୀର ବନ୍ଧୁ ଗଲ ଚାଲିଗଲ ତୁମେ ଦୁଃଖ ବୁଝିବ କିଏ ?
ମଙ୍ଗୁଆଳ ର ବିନା କେଉଁ ସୋତ ଚଳିବ ଜଳଧି ସୁଏ !
ସତ୍ୟ ଧରମ ସନ୍ଧାନେ ସେବେ · ହୋଇଛ ଅମର-ଗାମୀ
ବର୍ଷ ଅଶିଷ ଶାନ୍ତି କନ୍ଦରେ ତମର ଏ ପ୍ରିୟ ଭୂମି !
ଦଳିତ ଚାରଣେ ଅନ୍ତର ଲକ୍ଷ ଅଜାତରେ ଦେଇଁଭାଳ,
ପଦପାରେ ସେକ କୋଟି ଅଜଗ···· ଅଶ୍ରୁ-ଅର୍ଘ୍ୟଥାଳୀ··· ।

**ହେମନ୍ତ କୁମାରୀ**



## ଗାନ୍ଧୀ ମହାତ୍ମାଙ୍କି ମୃତ ?

ଦିଲ୍ଲୀ ଦୁର୍ଗରୁ ଏକାରିତା ଗୋଟି
ବେଦନାପ୍ରସ୍ତୋଭନଯା ଏଶାଳ୍ୟ ବୃତ
ଶତାବ୍ଦୀର ହେ ଦେବତା
ସତେକି ଅତତାୟୀ ହାତେଚତ
ନମ୍ର କଣ୍ଠ ସକଳର ପ୍ରିୟ
ଛାତରେ ମଣିଷ ପିଚାଶ ରଗ୍ନ ଘାତ
ସତୀ ମରଣ ଶାନ୍ତ ସମାଧି
ନୈତିକତାର ତାଜ୍ ଅଲଙ୍କୃତ
ଭାରତବାସୀର ପ୍ରାଣପ୍ରିୟତମ
ଉପୋଷଧନ ଅହେ ଶିରରେ ସତୀ ଫଳି
ପୃଥିବୀ କି କେବେ ଯିବରେ ଫେରତେ
କେବେ ସ୍ୱରଣୀୟ ଭାବିପାରେ ଏହିତଥ୍ୟ
ଅସରେ ଧରଣୀ ଅସ ଫଳ କହ
ମହାମାନବର ସାଗର ଗିରର ବାତ୍ୟା ।

**ଗୋପାଳ ଚନ୍ଦ୍ର ମିଶ୍ର**

—†—

Digitized by srujanika@gmail.com

# ମହାମାନବ ମୋହନଦାସ

"ଯେଉଁ ବେଳେ ଧର୍ମର ଗ୍ଲାନି ହୋଇ ଅଧର୍ମର ଅଭ୍ୟୁତ୍ଥାନ ଘଟେ, ସାଧୁମାନଙ୍କର ପରିତ୍ରାଣ ଦୁଷ୍ଟ ମାନଙ୍କର ବିନାଶ ନିମନ୍ତେ ମୁଁ ରୂପ ପରିଗ୍ରହଣ କରି ଜଗତରେ ଅବତୀର୍ଣ୍ଣ ହୁଏ" ଏହି ବଚନ ସ୍ୱୟଂ ଭଗବାନ ଶ୍ରୀକୃଷ୍ଣଙ୍କର ଶ୍ରୀମୁଖ ନିସୃତ। ଏପରି ହୋଇ ନଥିଲେ ଭଗବାନଙ୍କ ସୃଷ୍ଟିର ବିପର୍ଯ୍ୟୟ ଘଟନ୍ତା। ଯେ ନିମନ୍ତେ ଈଶ୍ୱରୀୟ ଗୁଣର ଅଧିକାରୀ ହୋଇ ଓ ଐଶୀଶକ୍ତି ଧାରଣ କରି ସମୟ ସମୟରେ ଜଣେ ଜଣେ ମହାମାନବ ଜନ୍ମ ଗ୍ରହଣ କରନ୍ତି, ଯାହାଙ୍କର ଆଦର୍ଶ ଓ ପ୍ରେରଣା ସମାଜର ପୁଞ୍ଜିଭୂତ କଳଙ୍କ କାଳିମା ଅପସାରିତ କରି ପତିତ ମାନଙ୍କୁ ସନ୍ମାର୍ଗରେ ପରିଚାଳିତ ଓ ଉନ୍ନୀତ କରାଏ।

ବର୍ତ୍ତମାନ ଯୁଗର ପତିତ ଦଳିତ ଦୁର୍ବଳ ମାନବର ଦୁଃଖ ଦୁର୍ଦ୍ଦଶା ଓ ହାହାକାରର ମୂର୍ତ୍ତ ପ୍ରତୀକ ରୂପେ ଯେଉଁ ମହାମାନବ ପ୍ରକଟ ଲୀଳାରେ ବର୍ତ୍ତମାନ ତାଙ୍କର ନାମ ଶ୍ରୀ ମୋହନ ଦାସ କରମ ଚାନ୍ଦ ଗାନ୍ଧି। ତାଙ୍କଠାରେ ମହାନୁଭବତା ଓ ଅତି ମାନବତ୍ୱ ଦର୍ଶନ କରି ଲୋକେ ତାଙ୍କୁ କେବଳ ମହାତ୍ମା ବୋଲି ଅଭିହିତ କରନ୍ତି।

୧୮୬୯ ଖ୍ରୀଷ୍ଟାବ୍ଦ ଅକ୍ଟୋବର ତା ୨ ରିଖରେ ଗୁଜରାଟ ପ୍ରଦେଶ ଅନ୍ତର୍ଗତ ପୋରବନ୍ଦର ନାମକ ସ୍ଥାନରେ ମହାତ୍ମା ଗାନ୍ଧିଙ୍କର ଜନ୍ମ, ତାଙ୍କର ପିତା କାବା ଗାନ୍ଧି ସେତେବେଳେ ଉକ୍ତ ନଗର ରାଜ୍ୟର ଦେୱାନ। ଗାନ୍ଧିଜୀ ପିତା ମାତାଙ୍କର ସର୍ବ କନିଷ୍ଠ ସନ୍ତାନ।

ପିତା ପୁଣି ରାଜକୋଟ ରାଜ୍ୟର ଦେୱାନ ପଦ ଗ୍ରହଣ କରନ୍ତେ, ଗାନ୍ଧି ପରିବାର ରାଜକୋଟରେ ଅବସ୍ଥାନ କରିବାକୁ ଲାଗିଲେ। ଏହିଠାରେ ଗାନ୍ଧିଙ୍କର ବିଦ୍ୟାରମ୍ଭ ହେଲା। ବିଦ୍ୟାଳୟରେ [illegible] ଜଣେ ମେଧାବୀ ବା ପ୍ରତିଭାଶାଳୀ ଛାତ୍ର ରୂପେ ପରିଗଣିତ ହୋଇ ନଥିଲେ। ବିଶେଷତ ଗଣିତ ପ୍ରତି ତାଙ୍କର ସ୍ୱାଭାବିକ ବିତୃଷ୍ଣା ଥିଲା। ସାଧାରଣ ଭାବରେ ବିଦ୍ୟା ଶିକ୍ଷା କରି ସେ ହାଇସ୍କୁଲ ପାଠ ଶେଷ କଲେ ଓ କାଥିୱାଲ କଲେଜରେ ପ୍ରବେଶ କରିଥିଲେ। ମାତ୍ର ଚଳି ନପାରି ସେଠାରୁ ସେ ବାହାରି ଆସିଲେ।

ତେର ବର୍ଷ ବୟକ୍ରମ କାଳରେ ସେ ଶ୍ରୀମତୀ କସ୍ତୁରବା ନାମ୍ନୀ କନ୍ୟାଙ୍କୁ ବିବାହ କରିଥିଲେ। ୧୮୮୭ ଖ୍ରୀଷ୍ଟାବ୍ଦରେ ଯେତେବେଳେ ସେ ବାରିଷ୍ଟରି ପଢିବା ସକାଶେ ବିଳାତ ଯାତ୍ରା କଲେ, ସେତେବେଳକୁ ତାଙ୍କର ଗୋଟିଏ ପୁତ୍ର ସନ୍ତାନ ଜାତ ହୋଇଥିଲା। ବିଳାତ ଯାତ୍ରା କାଳରେ ଗାନ୍ଧିଙ୍କ ମାତା ତାଙ୍କୁ ଉପଦେଶ ଦେଲେ କି ସେ ଯେପରି ମଦ୍ୟ ଓ ମାଂସ ସ୍ପର୍ଶ ନ କରନ୍ତି। ମହାତ୍ମା ମାତାଙ୍କର ଏ ଆଜ୍ଞା ଆଜୀବନ ଅକ୍ଷରେ ଅକ୍ଷରେ ପାଳନ କରି ଆସି ଅଛନ୍ତି।

ଗାନ୍ଧିଙ୍କ ପିତାମାତା ଉଭୟ ସୁଧର୍ମନିଷ୍ଠ ଓ ଗାନ୍ଧି ପରିବାର ମଧ୍ୟରେ ଧର୍ମଗତ ନୀତି, ନିୟମ, କ୍ରିୟା କଳାପ ଅନୁସୃତ ହେଉଥିଲା। ଏହି ଆବେଷ୍ଟନୀ ମଧ୍ୟରେ ବର୍ଦ୍ଧିତ ହୋଇ ମୋହନ ଦାସଙ୍କ ପ୍ରାଣରେ ବାଲ୍ୟ କାଳରୁ ଧର୍ମ ଭାବ ଓ ସ୍ୱଧର୍ମ ପ୍ରତି ଆସ୍ଥା ଜାଗ୍ରତ ହୋଇଥିଲା। ବିଳାତ ପ୍ରବାସ କାଳରେ ସେ ମାଦାମ ବ୍ଲାଭାସ୍କି ଓ ଶ୍ରୀମତୀ ଆନି-ବେଶାନ୍ତଙ୍କ ସଂସ୍ପର୍ଶରେ ଆସିବାରୁ ହିନ୍ଦୁ ଧର୍ମ ଓ ହିନ୍ଦୁ ଶାସ୍ତ୍ରପ୍ରତି ବେଶି ଅଧିକ ଆକର୍ଷିତ ହେଲେ। ବାରିଷ୍ଟରି ପାସକରି ସେ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ ଓ ରାଜକୋଟରେ ଆଇନ ବ୍ୟବସାୟ ଆରମ୍ଭ କଲେ। କିନ୍ତୁ ଏ ବ୍ୟବସାୟରେ ତାଙ୍କର ମନ ଲାଗିଲା ନାହିଁ। ସତ୍ୟ ଓ ସାରଲ୍ୟର ଅବତାର ଯେଉଁ ପୁରୁଷ, ତାଙ୍କର ଏହି ଜଟିଳ ବେପାର ସୁଖ ଲାଗନ୍ତା ବା କିପରି! ଅନର୍ଗଳ ବକ୍ତୃତା ଦେବାରେ ସେ ନିଜର ଅପାରଗତା ହୃଦୟଙ୍ଗମ କରି ପାରିବା ହେତୁ ଆଇନ ବ୍ୟବସାୟ ପ୍ରତି ତାଙ୍କର ବିତୃଷ୍ଣା ଜାତ ହେଲା।

ଏହି ସମୟରେ ଦକ୍ଷିଣ ଆଫ୍ରିକାରେ ବ୍ୟବସାୟ କରୁଥିବା କେତେକ ମହାଜନ ଆଇନ ଗତ ପରାମର୍ଶ ଦେବା ସକାଶେ ମୋହନ ଦାସଙ୍କୁ ଦକ୍ଷିଣ ଆଫ୍ରିକା ପଠାଇବାର ପ୍ରସ୍ତାବ କରନ୍ତେ, ସେ ତାହା ସାଦରେ ଗ୍ରହଣ କରି ସେହି ଦୂର ଦେଶକୁ ଯାତ୍ରା କଲେ।

ସେଠାରେ ସେ ଯାଇ ଦେଖିଲେ ପ୍ରବାସୀ ଭାରତୀୟ ଗଣ ସେ ଦେଶୀୟ ଶ୍ୱେତାଙ୍ଗମାନଙ୍କ ଦ୍ୱାରା ଅଶେଷ ଅତ୍ୟାଚାର ଓ ଅସମ୍ମାନ ଭୋଗ କରୁଅଛନ୍ତି। ମୋହନ ଦାସଙ୍କ ହୃଦୟ ଏହା ଦେଖି ବ୍ୟଥିତ ହୋଇ ଉଠିଲା। ତହୁଁ ସେ ଭାରତୀୟ ମାନଙ୍କୁ ସଂଘବଦ୍ଧ କରାଇ ଏ ଦରୁର ପ୍ରତିକାର ଚେଷ୍ଟା କଲେ। ମାତ୍ର ବାରମ୍ବାର ବିଫଳ ମନୋରଥ ହେବାରୁ ଶେଷରେ ଏକ ଅଭିନବ ଅସ୍ତ୍ରର ଆବିଷ୍କାର କରି ତାହା ପ୍ରୟୋଗ କଲେ। ସେ ଅସ୍ତ୍ରର ନାମ ନିଷ୍କ୍ରିୟ ପ୍ରତିରୋଧ, ବା ଅହିଂସ-ଆଇନ- ଅମାନ୍ୟ।

ଏହି ଆନ୍ଦୋଳନ ଫଳରେ ମୋହନ ଦାସଙ୍କୁ ବହୁତ ନିର୍ଯାତନ ଓ କାରାବାସ ସହିବାକୁ ପଡିଲେ ମଧ୍ୟ ଶେଷରେ ଭାରତୀୟ ମାନଙ୍କର ଦୁର୍ଦ୍ଦଶା ଅନେକ ପରିମାଣରେ ଲାଘବ ହୋଇଥିଲା। ଗାନ୍ଧିଜୀ ବୁୟର ଓ ଜୁଲୁ ଯୁଦ୍ଧରେ ଇଂରେଜ ପକ୍ଷକୁ ସାହାଯ୍ୟ କରିଥିଲେ।

ଏହାପରେ ଗାନ୍ଧିଜୀ ସ୍ୱଦେଶକୁ ଆସିଲେ। ଦେଶ ହିତୈଷୀ ଭାରତୀୟମାନେ ତାଙ୍କ ଭଳି ଜଣେ ନିଷ୍ଠାପର ଓ ସାହସୀ ନେତାଙ୍କୁ ପାଇ କୋଟି ନିଧି ଲାଭ କଲେ। ଭାରତର ପ୍ରଧାନ ଜାତୀୟ ସଂସ୍ଥା କଂଗ୍ରେସରେ ସେ ଯୋଗ ଦେଲେ ଓ ଆପଣା ପ୍ରତିଭା ଓ ଚରିତ୍ର ବଳରେ ଅଳ୍ପ କାଳ ମଧ୍ୟରେ ନେତୃସ୍ଥାନ ଅଧିକାର କଲେ।

Digitized by srujanika@gmail.com

ଏହି ସମୟରେ ପ୍ରଥମ ମହାଯୁଦ୍ଧ ସଂଘଟିତ ହେଲା । ମହାତ୍ମାଙ୍କ ଉକ୍ତିରେ ବ୍ରିଟିଶର ନ୍ୟାୟ ପକ୍ଷ ଜାଣି ତାଙ୍କୁ ନାନା ପ୍ରକାର ସହାୟତା କରିଥିଲେ । ଚମ୍ପାରଣ ଠାରେ ଦରିଦ୍ର କୃଷୀଙ୍କୁ ସଂଘବଦ୍ଧ କରି ସେ ଯେଉଁ ଆନ୍ଦୋଳନ ଚଳାଇଲେ ତାହା ସାଫଲ୍ୟ ମଣ୍ଡିତ ହେଲା ।

ଏହାପରେ ସେ ଯେଉଁ ଦେଶବ୍ୟାପୀ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କଲେ ତହିଁରେ ଅଶିକ୍ଷିତ ଜନତା ଅହିଂସ ରହି ନ ପାରିବାରୁ ମହାତ୍ମା ତାହା ପ୍ରତ୍ୟାହାର କଲେ ।

ଅମୃତସହର ର ଜାଲିଆନାବାଗ ଠାରେ ନିରୀହ ଓ ନିରସ୍ତ୍ର ଜନତା ଉପରେ ସେନାପତି ଡାୟାରଙ୍କ ଗୁଳିଦ୍ୱାରା ଯେଉଁ ଲୋମହର୍ଷଣ ହତ୍ୟାକାଣ୍ଡ ସଂଘଟିତ ହେଲା ତାହା ପ୍ରଭାବରେ ମହାତ୍ମାଙ୍କ ଅନ୍ତରରେ ଗୋଟିଏ ମନ୍ତ୍ର ପରିବର୍ତ୍ତନ ଘଟିଲା ।

ବ୍ରିଟିସ ସରକାର ଉପରେ ତାଙ୍କର ଚିରପୋଷିତ ଆସ୍ଥା ଓ ବିଶ୍ୱାସ ଟଳି ପଡ଼ିଲା ।

ଏଥି ଉତ୍ତାରୁ ସରକାର ତାଙ୍କୁ ରାଜଦ୍ରୋହ ଅପରାଧରେ କାରାଗାରକୁ ପ୍ରେରଣ କଲେ । କିନ୍ତୁ ସେ ଯେଉଁ ପ୍ରେରଣା ଦେଇ ଯାଇଥିଲେ ତାହା ସମଗ୍ର ଦେଶରେ ଶକ୍ତିଶାଳୀ ହୋଇ ଉଠିଲା । ଅସ୍ପୃଶ୍ୟ ଜାତିର ଲୋକମାନଙ୍କୁ ଉନ୍ନୀତ କରିବା, ହିନ୍ଦୁ ମୁସଲମାନଙ୍କର ମିଳନ କରାଇବା, ଚରଖା ଦ୍ୱାରା ସୂତା କାଟିବା ପ୍ରଭୃତି କର୍ମ ତୀବ୍ର ବେଗରେ ଚାଲିବାକୁ ଲାଗିଲା ।

୧୯୩୦ ଖ୍ରୀଷ୍ଟାବ୍ଦରେ ମହାତ୍ମା ନିଜେ ଅଳ୍ପସଂଖ୍ୟକ ଅନୁଚର ସମଭିବ୍ୟାହାରରେ ଆଇନ ଅମାନ୍ୟ କରି ଲବଣ ମାରିବା ପାଇଁ ଅଭିଯାନ କଲେ । ଏହାର ନାମ ଲବଣ-ସତ୍ୟାଗ୍ରହ । ଏହି ଆନ୍ଦୋଳନ ଦେଶମଯ଼ ବ୍ୟାପି ଗଲା । ଲକ୍ଷାଧିକ ଲୋକ ଏଥିପାଇଁ କାରାବରଣ କଲେ । ଶେଷରେ ବଡ଼ଲାଟଙ୍କ ସହି ଏ ବିଷୟରେ ମୀମାଂସା ହୋଇଗଲା ।

ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ଶକ୍ତିଶାଳୀ ହୋଇ ପଡ଼ିଲା । କଂଗ୍ରେସ ପ୍ରତିନିଧି ପ୍ରଦେଶ ମାନଙ୍କର ମନ୍ତ୍ରୀତ୍ୱ ଗ୍ରହଣ କଲେ । ମାତ୍ର ଦ୍ୱିତୀୟ ମହାସମରର ଆରମ୍ଭରେ କଂଗ୍ରେସ ପୁଣି ଅସହଯୋଗ ଆରମ୍ଭ କଲା । ୧୯୪୨ ମସିହାରେ ମହାତ୍ମା ଗାନ୍ଧିଙ୍କ ନେତୃତ୍ୱରେ କଂଗ୍ରେସ ବ୍ରିଟିଶ ସରକାର ପ୍ରତି ଚରମ ପ୍ରସ୍ତାବ ଆଗତ କଲା କି—ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ଦେବାକୁ ହେବ ଓ ବ୍ରିଟିଶ ଏଦେଶ ପରିତ୍ୟାଗ କରୁ ।

ଏହାର ଫଳରେ ସରକାର ଏକ କାଳରେ ଗାନ୍ଧିଜୀଙ୍କ ସହ ସମସ୍ତ ମୁଖ୍ୟ ନେତାଙ୍କୁ ଗିରଫ୍ତାର କରି କାରାଗାରରେ ନିକ୍ଷେପ କଲେ । ଏଥିରେ ଦେଶମଯ଼ ଘୋରତର ବିକ୍ଷୋଭ ଜାଗି ଉଠିଲା । ବିକ୍ଷିପ୍ତ ଓ ଅସଂଯତ ଜନତା ନାନା ସ୍ଥାନରେ ଆଇନ ଓ ଶୃଙ୍ଖଳା ଭଙ୍ଗ କଲେ । ସରକାର ପକ୍ଷରୁ ଏଥିରେ ପ୍ରତିଶୋଧ ମୂଳକ ପ୍ରତିବିଧାନ ହେଲା । ଉଭୟ ପକ୍ଷରୁ ଅସଂଖ୍ୟ ଲୋକେ ପ୍ରାଣ ହରାଇଲେ ଓ ବହୁସହସ୍ର କାରାବନ୍ଦ ହେଲେ ।

କାରାବାସ କାଳରେ ମହାତ୍ମାଙ୍କର ସହଧର୍ମିଣୀ ପତିବ୍ରତା ଶ୍ରୀମତୀ କସ୍ତୁରୀବାଈଙ୍କର ଦେହାନ୍ତର ଘଟିଲା । ମହାତ୍ମାଜୀ ଦେଶର ଦୁର୍ଦ୍ଦଶା ମୋଚନ ନିମନ୍ତେ ଅନଶନ ଆରମ୍ଭ କଲେ । ଏଥର ତାଙ୍କ ଜୀବନର ଆଶା ନଥିଲା । ମାତ୍ର ଆତ୍ମିକ ଶକ୍ତି ହେତୁ ସେ ଆରୋଗ୍ୟ ଲାଭ କରି ଉଠିଲେ । ସରକାର କିନ୍ତୁ ତାଙ୍କୁ କାରାବାସରୁ ମୁକ୍ତି କରି ଦେଲେ ।

ନୂଆଖାଲିରେ ମୁସଲମାନ ମାନେ ସେଠା ହିନ୍ଦୁମାନଙ୍କ ଉପରେ ଭୀଷଣ ଅତ୍ୟାଚାର କରି ଘରପୋଡ଼ି ଦେବା, ହାଣି ପକାଇବା, ଧର୍ମାନ୍ତର ଗ୍ରହଣ କରାଇବା, ରମଣୀ ମାନଙ୍କୁ ଅପହରଣ କରିବାର ସଂବାଦମାନ ମହାତ୍ମାଜୀ ଆଉ ସ୍ଥିର ହୋଇ ରହି ପାରିଲେ ନାହିଁ । ସେ ନିଜେ ସାଙ୍ଗେ ଏକାକୀ ବଙ୍ଗ ଦେଶକୁ ଯାଇ ପଦବ୍ରଜରେ ବିଧ୍ୱସ୍ତ ଗ୍ରାମ ମାନଙ୍କରେ ବିଚରଣ କରିବାକୁ ଲାଗିଲେ । ତାଙ୍କର ଅଭ୍ୟାନ ଓ ଉପଦେଶ ବଳରେ ନୂଆଖାଲି ଅଞ୍ଚଳ ଶାନ୍ତ ହୋଇ ଆସିଲା ।

ଏହାର ପ୍ରତିକ୍ରିୟା ସ୍ୱରୂପ ବିହାରର ହିନ୍ଦୁଗଣ ସେଠାକାର ମୁସଲମାନଙ୍କ ଉପରେ ଭୟାବହ ଅତ୍ୟାଚାର କଲେ । ମାତ୍ର ନୂଆଖାଲିର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ନଥିବାରୁ ଗାନ୍ଧିଜୀ ବିହାର ଆସିଲେ ନାହିଁ । ଏହି ସମୟରେ ପାକିସ୍ଥାନ ଅନ୍ତର୍ଗତ ପଶ୍ଚିମ ପଞ୍ଜାବରେ ସଂଖ୍ୟାଗୁରୁ ମୁସଲମାନ ମାନେ ସେଠାକାର ସଂଖ୍ୟାଲଘୁ ଶିଖ ଓ ହିନ୍ଦୁଙ୍କ ଉପରେ ଅମାନୁଷିକ ଅତ୍ୟାଚାର ଆରମ୍ଭ କରି ଦେଲେ । ପୂର୍ବ ପଞ୍ଜାବର ଶିଖ ଓ ହିନ୍ଦୁମାନେ ପୂର୍ଣ୍ଣ ମାତ୍ରାରେ ଏହାର ପ୍ରତିଶୋଧ ନେଲେ । ଗାନ୍ଧିଜୀଙ୍କ ଉଦ୍‌ବେଗ ଅସହ୍ୟ । ତଥାପି ସେ ନୂଆଖାଲି ଛାଡ଼ିଲେ ନାହିଁ । କହିଲେ ଗୋଟିଏ ସ୍ଥାନରେ ମୁଁ ହିନ୍ଦୁ ମୁସଲମାନଙ୍କୁ ଏକ କରି ପାରିଲେ, ତାହାର ପ୍ରଭାବ ସର୍ବତ୍ର ପଡ଼ିବ ।

ମାତ୍ର ଏହି ସମୟରେ କଲିକତା ନଗରରେ ପୁଣି ହାଣକାଟର ନିଆଁ ଜଳି ଉଠିଲା । ମହାତ୍ମାଜୀ ମନକୁ ଏହା ଏତେ ବ୍ୟଥିତ କଲା ସେ କଲିକତାରେ ହିନ୍ଦୁ ମୁସଲମାନ ମିଳନ ନ ହେଲେ ପ୍ରାଣପାତ କରିବେ ବୋଲି ପଣ କରି ଅନଶନ ଆରମ୍ଭ କରିଦେଲେ । ଏହାର ଫଳରେ ଅତି ଅଳ୍ପ ସମୟ ମଧ୍ୟରେ ଦଙ୍ଗା ଓ ହାଣକାଟ ନିବୃତ୍ତ ହୋଇଗଲା ।

ସେତେବେଳେ ଏତିକି ବେଳକୁ ଦିଲ୍ଲୀରେ ଏହି ଗୋଳ ଭୀଷଣ ଆକାର ଧାରଣ କଲା । ଗାନ୍ଧିଜୀ କାଳବିଳମ୍ବ ନକରି

ଦିଲ୍ଲୀ ଯାତ୍ରା କଲେ । ସେଠାରେ ତାଙ୍କର ଉପସ୍ଥିତି ପ୍ରାର୍ଥନା ଦ୍ୱାରା ଅବସ୍ଥା ଶାନ୍ତ ପଡ଼ିଲା ସତ୍ୟ ମାତ୍ର ସମ୍ପୂର୍ଣ୍ଣ ରୂପେ ବନ୍ଦ ହୋଇନାହିଁ । ମହାତ୍ମାଜୀ ପ୍ରତିଜ୍ଞା କଲେ କି ଏହା ନ ହେଲେ ସେ ଦିଲ୍ଲୀ ତ୍ୟାଗ କରିବେ ନାହିଁ । ତାଙ୍କର ଉପଦେଶ ଅହିଂସା ମନ୍ତ୍ର ଓ ଭ୍ରାତୃଭାବ ପ୍ରଚାର ଦ୍ୱାରା ସୁଫଳ ମିଳୁନଥିବାର ଦେଖି ସେ ଗତ ଜାନୁଆରୀ ମାସରେ ଉପବାସ କଲେ । ଏହା ଫଳରେ ଦିଲ୍ଲୀରେ ପ୍ରଧାନ ହିନ୍ଦୁ, ଶିଖ ଓ ମୁସଲମାନ ନେତାଗଣ ଗାନ୍ଧିଜୀଙ୍କୁ ସେମାନେ ମିଳିଗଲେ ବୋଲି ଜବାବ ଦେବାରୁ ଗାନ୍ଧିଜୀ ଅନଶନ ତ୍ୟାଗ କଲେ ।

ଏଥର ସେ ଅତି ଦୁର୍ବଳ ହୋଇ ପଡ଼ିଥିଲେ । ଏହି ଦୁର୍ବଳତା ସତ୍ତ୍ୱେ ପାକିସ୍ଥାନ ଯିବାକୁ ତାଙ୍କର ଇଚ୍ଛା ଥିଲା । ପ୍ରଥମେ ସେ ସେବାଗ୍ରାମରେ କିଛିଦିନ ବିଶ୍ରାମ କରିବାର ନିର୍ଣ୍ଣୟ କରି ସାରିଥିଲେ । ମାତ୍ର ଭଗବାନଙ୍କ ଇଚ୍ଛା ଥିଲା ଅନ୍ୟ ପ୍ରକାର । ୧୯୪୮ ମସିହା ଜାନୁଆରୀ ତା ୩୦ ଶୁକ୍ର ଦିନ ସନ୍ଧ୍ୟା ୫ ଟା ବେଳେ ଦେବଦର୍ଶନ ସାରି ସେ ତାଙ୍କ ବାସା ବିଡ଼ଲା ଭବନରୁ ପ୍ରାର୍ଥନା ସଭାକୁ ଆସିଲେ । ସାଙ୍ଗରେ ନାତୁଣୀ ଓ ନାତୁଣୀ ବୋହୂ । ଲୋକ ଗହଳି ମଧ୍ୟରେ ନମସ୍କାରାର୍ଥେ ହାତଯୋଡ଼ି ଯାଉଥିବା ସମୟରେ ଜଣେ ମରହଟ୍ଟା ହିନ୍ଦୁ ଯୁବକ ହଠାତ ଆଗକୁ ଡେଇଁପଡ଼ି ମହାତ୍ମାଜୀଙ୍କୁ ଲକ୍ଷ୍ୟକରି ଘନ ଘନ ତିନି ଥର ପିସ୍ତଲ ଫାୟାର କଲା । ଏ ଗୁଳି ତାଙ୍କର ତଳ ପେଟ ଓ ଛାତିରେ ବାଜିବାରୁ ସେ ଅଜ୍ଞାନ ହୋଇ ବସିଗଲେ । ସେ ସମୟରେ ଥରେ ମାତ୍ର 'ହେ ରାମ' ଧ୍ୱନି ତାଙ୍କ ଶ୍ରୀମୁଖରୁ ନିର୍ଗତ ହେଲା ।

ଏହିଭଳିରେ ସେ ବିଡ଼ଲା ଭବନରୁ ଗତ ହେଲେ । ସେଠାରେ ପ୍ରାୟ କୋଡ଼ିଏ ମିନିଟ ଅଚେତନ ଥାଇ ଭାରତର ଭାଗ୍ୟ ବିଧାତା, ଚାଳିଶ କୋଟି ଭାରତୀୟଙ୍କ ଜୀବନ ଦେବତା, ଭାରତୀୟ ମହାଜାତିର ପିତା ମହାତ୍ମା ଗାନ୍ଧି ନଶ୍ୱର ଦେହକୁ ପରିତ୍ୟାଗ କଲେ ।

ଏହି ଅମୃତମୟ ମୃତ୍ୟୁଦ୍ୱାରା ତାଙ୍କ ଜୀବନ ବ୍ୟାପୀ ସତ୍ୟ ଓ ଅହିଂସା ବ୍ରତରେ ବିପୁଳ ବିଜୟ ଘୋଷିତ ହେଲା ଓ ମହାତ୍ମାଗାନ୍ଧି ଶ୍ରୀକୃଷ୍ଣ, ଯୀଶୁଖ୍ରୀଷ୍ଟ ବୁଦ୍ଧ ସମ୍ମାନାର୍ହ ଶାଶ୍ୱତ ଅବତାର ରୂପରେ ପରିଗଣିତ ହୋଇ ଯୁଗ ଯୁଗକୁ ଅମର ହୋଇଗଲେ ।

ମହାତ୍ମାଜୀଙ୍କର ପ୍ରଧାନ ଗୁଣ ଏହି ଯେ ସେ ସର୍ବଦା ଆତ୍ମବିଶ୍ଳେଷଣ କରୁ ଥାଆନ୍ତି । ପ୍ରତ୍ୟେକ କାର୍ଯ୍ୟରେ ଆପଣାର ଦୋଷ ଥିଲେ ତାହା ବାହାର କରି ଧରି ନିଅନ୍ତି ଓ ମାନସିକ ଓ ଶାରୀରିକ ପ୍ରାୟଶ୍ଚିତ୍ତ ଦ୍ୱାରା ସଂଶୋଧନ କରନ୍ତି । ମାତ୍ର ସବୁ କର୍ମରେ ଈଶ୍ୱରଙ୍କ ଉପରେ ନିର୍ଭର ଥାଏ । ସବୁ କାର୍ଯ୍ୟରେ ଗୀତାର ଉପଦେଶ ମାନି ଈଶ୍ୱରଙ୍କଠାରେ ଆତ୍ମ ସମର୍ପଣ କରନ୍ତି ଏବଂ ଆତ୍ମ ଜିଜ୍ଞାସୁ ହୋଇ ଅନ୍ତର ମଧ୍ୟରେ ଈଶ୍ୱରଙ୍କ ଆଦେଶ ଅନୁସାରେ ଆତ୍ମ ବିନିଯୋଗ କରନ୍ତି । ସେ ଜଣେ ନିଷ୍ଠିତ କର୍ମଯୋଗୀ ହୋଇ ମଧ୍ୟ ସର୍ବଦା ଅନାସକ୍ତ ।

ସତ୍ୟ, ଦୟା, କ୍ଷମା, ଶୌଚ, ଅହିଂସା, ତ୍ୟାଗ, ପ୍ରେମ, ସେବା ପ୍ରଭୃତି ଯେତେ ସଦଗୁଣ ଅଛି, ତାହା କେବଳ ବାକ୍ୟରେ କହି ନୁହେଁ, ଆଚରଣ ଦ୍ୱାରା କାର୍ଯ୍ୟରେ ପରିଣତ କରି ଗାନ୍ଧିଜୀ ଲୋକ ସାଧାରଣ ଆଗରେ ଏହି ଗୁଣ ନିଜସ୍ୱର ଆଦର୍ଶ ସ୍ଥାପନ କରି ଅଛନ୍ତି । ଏଥିପାଇଁ ସେ ମହାମାନବ ।

ସତ୍ୟ, ଅହିଂସା ଓ ସାମ୍ୟ ଏହି ତିନିଗୋଟି ଗାନ୍ଧିଜୀଙ୍କ ଜୀବନର ଲକ୍ଷ୍ୟ । ଏହାର ସାଧନାରେ ସେ ସର୍ବଦା ଜାଗ୍ରତ ଓ ଏହାର ଧର୍ମର ପ୍ରଚାରରେ ସେ ଆତ୍ମୋତ୍ସର୍ଗ କରି ଅଛନ୍ତି । ନୀତି ଓ ଧର୍ମର ଅବନତି ହେଲେ କୌଣସି ବ୍ୟକ୍ତିର ବା ଜାତିର କଲ୍ୟାଣ ହୋଇ ପାରିବ ନାହିଁ ବୋଲି ତାଙ୍କର ଦୃଢ଼ ଧାରଣା । ସେହିହେତୁ ଆତ୍ମିକ ଓ ଆଧ୍ୟାତ୍ମିକ ଉନ୍ନତି ହିଁ ଜାତୀୟ ମୁକ୍ତିର ଏକମାତ୍ର ଉପାୟ ବୋଲି ସେ ସର୍ବଦା ଉପଦେଶ ଦେଇଅଛନ୍ତି । ପ୍ରେମଦ୍ୱାରା ଶତ୍ରୁକୁ ଜୟ କଲେ ସେହି ଜୟ ସ୍ଥାୟୀ ଓ ମଙ୍ଗଳକର ବୋଲି ଶିକ୍ଷା ଦେଇଛନ୍ତି । ପତିତ ମାନଙ୍କୁ ସମାନ ଅଧିକାର ଦେଇ ଆପଣା ଆସନକୁ ଟାଣି ନେବା ତାଙ୍କ ଜୀବନର ବ୍ରତ ଥିଲା ।

ଏହିରୂପ ମହାପ୍ରାଣତା ଯୋଗୁଁ ମହାତ୍ମାଜୀ ଯୁଗାବତାର ରୂପେ ଭାରତର ହୃଦୟ ଅଧିକାର କରି ଅଛନ୍ତି ଓ ସେତିକି ନୁହେଁ, ଜଗତରେ ସର୍ବଶ୍ରେଷ୍ଠ ମାନବ ରୂପେ ପୂଜ୍ୟ ହୋଇ ଅଛନ୍ତି । ଓ ତାଙ୍କର ଗୋଟିଏ ଗୋଟିଏ ବାକ୍ୟ ବେଦବାକ୍ୟ ସ୍ୱରୂପ ଜଗତରେ ସମ୍ମାନିତ ହେଉଅଛି । ମହାତ୍ମାଜୀ ଆଜି କେବେ 'ମହାମନୀଷୀ' ରୂପେ ଯେଉଁ ଆସନ ଅଧିକାର କରି ଅଛନ୍ତି, କେଉଁ ଯୁଗରେ କେହି ଜଣେ ମହାତ୍ମା ତାଙ୍କ ଜୀବଦ୍ଦଶାରେ ଏପରି ଉଚ୍ଚାସନ ଲାଭ କରି ପାରିଥିଲେ ବୋଲି କାହାରିକୁ ଜଣାନାହିଁ ।

Digitized by srujanika@gmail.com

# ରାମଧୂନ ।

ହରେରାମ ହରେରାମ ହରେରାମ ହରେ

\+ × +

ରଘୁପତି ରାଘବ ରାଜା ରାମ,
ପତିତ ପାବନ ସୀତାରାମ ।

\+ ×

ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ,
ନାରାୟଣ ନାରାୟଣ ଜୟ ଗୋପାଳ ହରେ ।

÷ ÷ ÷

ରାମ ରାମ ରାମ ରାମ,
ସୀତାରାମ ରାମ ରାମ ।

× × ×

ଜୟ ରାମ ଜୟ ରାମ,
ଜୟ ଜୟ ରାମ ।
ସୀତାରାମ ଜୟ ରାମ
ଜୟ ଜୟ ରାମ ।

× × +

ଭଜଲେ ଭଜଲେ ସୀତାରାମ
ମଙ୍ଗଲ ମୂରତି ସୁନ୍ଦର ସୁଖ ଧାମ ।

÷ ÷

ରଘୁପତି ରାଘବ ରାଜା ରାମ
ପତିତ ପାବନ ସୀତା ରାମ ।
ଈଶ୍ୱର ଅଲ୍ଲା ତେରା ନାମ;
ସବକୋ ସନ୍ମତି ଦେ ଭଗବାନ ।

\+ × +

# ବୈଷ୍ଣବ ଭଜନ ।

[ ମହାତ୍ମାଙ୍କର ଅତି ପ୍ରିୟ ଭଜନ—ରାଗ—ଖମାଜ—ତ୍ରିମାଳୀ ]

ବୈଷ୍ଣବ ଜନତୋ ତେନେ କହୀଏ, ଯେ ପୀଡ ପରାଇ ଜାଣେ ରେ,
ପରଦୁଃଖେ ଉପକାର କରେ ତୋୟେ, ମନ ଅଭିମାନ ନ ଆଣେ ରେ ।

ସକଳ ଲୋକମାଂ ସହୁନେ ବନ୍ଦେ, ନିନ୍ଦା ନ କରେ କେନୀ ରେ,
ବାଚ କାଛ ମନ ନିଶ୍ଚଳ ରାଖେ, ଧନ ଧନ ଜନନୀ ତେନୀ ରେ ।

ସମଦୃଷ୍ଟିନେ ତୃଷ୍ଣା ତ୍ୟାଗୀ, ପରସ୍ତ୍ରୀ ଜେନେ ମାତ ରେ,
ଜିହ୍ୱା ଥକୀ ଅସତ୍ୟ ନ ବୋଲେ, ପରଧନ ନବ ଝାଲେ ହାଥ ରେ ।

ମୋହ ମାୟା ବ୍ୟାପେ ନହି ଜେନେ ଦୃଢ଼ ବୈରାଗ୍ୟ ଜେନା ମନମାଂ ରେ,
ରାମ ନାମଶୁଁ ତାଳୀ ଲାଗୀ, ସକଳ ତୀରଥ ତେନା ତନମାଂ ରେ ।

ବଣ ଲୋଭୀ ନେ କପଟ ରହିତ ଛେ, କାମ କ୍ରୋଧ ନିବାର୍ଯ୍ୟା ରେ,
ଭଣେ ନରସୈଂୟୋ ତେନୁଂ ଦରସନ କରତାଂ, କୁଳ ଏକୋତେର ତାର୍ଯ୍ୟାଂ ରେ ।

Printed & Published by G. C. Mahapatra at the Gopinathpress, Bhadrak 1948

Digitized by srujanika@gmail.com

# ଶାଶ୍ୱତ-ଭାରତ-ଭାଗ୍ୟ-ବିଧାତା

ଆ
ବି
ର୍ଭା
ବ
୧୮୬୯



ତି
ରୋ
ଭା
ବ
୧୯୪୮

"ଧର୍ମ-ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ"

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ମକର [illegible] ୧୦ [illegible] | ୨୬ଶ ସଂଖ୍ୟା |
|---|---|---|

—ସୂଚି—

ମଜା କଥାନ୍ତ
ବଡ଼ଲୋକଙ୍କ ଘରେ

କାହାଣୀର
ଶୀତାସ୍ତ
ମଜା କବିତାରେ
ନିବେଦନମିଦଂ
କଥା ଓ କଥା, ଚିଠାଉ,
ଭଲଅବସ୍ଥାର ଦେବତା

"DAGARO"

ORISSA'S MOST FOPULAR WEEKLY
of
Light, Lead & Laughter

| Vol XI | Monday. Feb. 9. 1948. | No. 26. |
|---|---|---|

ବାର୍ଷିକ ମୂଲ୍ୟ ଟ ୬୲ ଷାଣ୍ମାସିକ ଟ ୩୲
ଡାକ ସଂସ୍କରଣ ବାର୍ଷିକ ଟ ୧୦୲

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ ୨୲ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୧୷ ଅଗ୍ରୀମ ଦେବାକୁ ପଡ଼େ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାରୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବେ ।

୮ । ଲେଖା, କବିତା, ପ୍ରବନ୍ଧ ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ପରିଚାଳକ ଡଗର
ପୋ: ଭଦ୍ରକ (B. N. Ry.)


ନୂତନ ଛନ୍ଦ ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀ ନେଇ

## ଅଗ୍ନିକୋଣ

ଗାଳ୍ପିକ
ଲେଖକ—'ଡଗର'ର ସୁପରିଚିତ ପ୍ରିୟ
**ଶ୍ରୀ ଦେବ ମହାପାତ୍ର**

ଶ୍ରଦ୍ଧେୟ ହରେକୃଷ୍ଣ ମହତାବଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ଉଲ୍ଲେଖ୍ୟ ତରୁଣ କବି ଗଣ ନାୟକଙ୍କର ପ୍ରଚ୍ଛଦ ସହ ମୂ ୫ ୦ ୧ ମାତ୍ର

ଛପା ଓ ବନ୍ଧାଇର ଚମତ୍କାର
ପ୍ରାପ୍ତିସ୍ଥାନ:—ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ



ଓଡ଼ିଶାର ଉପନ୍ୟାସ ଜଗତରେ ନୂଆ ଯୁଗ ଆରମ୍ଭ କରୁଛି
**ନିତ୍ୟାନନ୍ଦ ବାବୁଙ୍କର**

## ଭୁଲ୍

**ଜୀଅନ୍ତା ମଣିଷ ଓ ଜୀବନର ଲକ୍ଷ୍ୟ**

ବହୁତ ମନର କରୁଣ କାହାଣୀ କହୁଛି
**"ଏଗାରଟା" ଓ "କ୍ଷଣିକା"**
କାବ୍ୟ ଜଗତର ଜୀବନ୍ତ ଗୀତାବଳି
**"ପାଞ୍ଚଜନ୍ୟ"**
ଭାରତର ପ୍ରତି କଣ୍ଠରେ ମୁଖରିତ ହେଉ

( କଟକର ସବୁ ବହି ଦୋକାନରେ ମିଳନ୍ତି )



ସଂପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,    ପରିଚାଳନା ସଂପାଦକ—ଶ୍ରୀ ଗୌରମୋହନ ଦାସ


Digitized by srujanika@gmail.com

୧୧ଶ ବର୍ଷ || (ସନ୍ଦର) ମାଘ ଓ ୨୭ ନ ୧୯୩୮ —ସୋମବାର— ୨।୨।୪୮ || ୫୮ଶ ସଂଖ୍ୟା

## ଘୁଂଘଟ କା ପଟ୍ ଖୋଲ୍ !

ବାପୁଜୀଙ୍କର ଗୋଟିଏ ପ୍ରିୟ ଭଜନ—ମନୁଷ୍ୟ, ତୋର ଓଢଣା ଖୋଲି ଦେ—ତୋର ପ୍ରିୟ ତୋତେ ମିଳିବ ।

ଆମ ଉପରର ଆବରଣଟା ଇ ଆଜି ଆମଠାରୁ ବଡ଼ । ଆବରଣ-ସାର ହୋଇ ଅମେ ରହିଛୁଁ । ଅବରଣର ମୋହଟାଇ ହେଉଛି ଆମର ଲକ୍ଷ୍ୟ ।

ଅବରଣର ଦୋଷ—ଅବରଣର ସ୍ୱରୂପ ଆମକୁ ଦିଶୁନାହିଁ । ଅବରଣ ଅନ୍ୟ ପାର୍ଶ୍ୱରୁ ବହିଷ୍କିଲା ଥରେ ଉପଲବ୍ଧି କଲେ ତେଣିକି ଅବରଣକୁ ଫିଙ୍ଗିଦେବା ସହଜ ହୋଇଯିବ ।

ଅମେ ୪୦ କୋଟି ଭାରତ ବାସୀ । ଆଜି ସ୍ୱୀକାର କରୁଛୁ ଅମେ ପିତୃ ହୀନ । ମନେ ହେଉଛି ଏଟା ଆମ ଅବରଣର ମୋହ । ଗାନ୍ଧୀଜୀ ଏ ଦେଶର ଜନକ ସତ୍ୟ, କିନ୍ତୁ ଗାନ୍ଧିଜୀ ତ ତାଙ୍କ ଦେହଟାକୁ ଦେଶର ସମ୍ପତ୍ତି କରି ରଖିବାପାଇଁ ଅଜସ୍ର ସାଧନା କରି ଅଧି ନଥିଲେ । ଦେହଟାକୁ ସେ ଦେଶର ହିତପାଇଁ ବଳି ଦେବାକୁ 'କର ବା ମର' ପଣ କରିଥିଲେ—ଅମେ ଅତି ପୈଶାଚିକ ଉପାୟରେ ତାଙ୍କର ସେ ବଳିକୁ ସ୍ୱୀକାର କରି ନେଇଛୁଁ । କିନ୍ତୁ ଗାନ୍ଧିଜୀ ଯେଉଁ ସମ୍ପତ୍ତି ଏ ଦେଶକୁ ଦେଇ ଯାଇଛନ୍ତି—ସେ ସମ୍ପତ୍ତିକୁ ମଧ୍ୟ କଣ ଅମେ ଗାନ୍ଧିଜୀଙ୍କ ଦେହ ଅବସାନ ସଙ୍ଗେ ସଙ୍ଗେ ବିସର୍ଜନ ଦେବା ?

ଗାନ୍ଧିଜୀଙ୍କ ଉପରେ ବୋମା ପଡ଼ିବା ବେଳେ ଅମେ ଠିକ୍ ଏହି ସ୍ୱରରେ କହିଥିଲୁ—ଏ ବୋମାଳର ଉନ୍ମତ୍ତତା ପଛଅଡେ ଗୋଟାଏ ମୂର୍ଖ ଓ ଅନ୍ଧ ଜନତାର ସମର୍ଥନ ନଥିଲେ ତାହା ସମ୍ଭବ ହୋଇ ନଥାନ୍ତା । ଏପରିକି ବନ୍ଧୁ କଂଗ୍ରେସ ବାଲା ମଧ୍ୟ ଭାବୁଥିଲେ ଗାନ୍ଧିଜୀ ଦୁର୍ବଳ ହୋଇ ପାକସ୍ତାନକୁ ସମର୍ଥନ କରୁଛନ୍ତି । ଅଜି ଯଦି ଗାନ୍ଧିଜୀଙ୍କ ହତ୍ୟାପାଇଁ

## ସମ୍ପାଦକୀୟ

କେହି ଦାୟୀ ହୋଇଥାଏ ତେବେ ସବୁଠାରୁ ଅଧିକ ଦାୟୀ—ଅମେ—ଦେଶ ସେବୀ—ଗାନ୍ଧିପନ୍ଥୀ—କଂଗ୍ରେସ କର୍ମୀ ।

ଅମରି ଅତ୍ୟାଚାରରେ ଗାନ୍ଧିଜୀ ଜର୍ଜରିତ ହୋଇ ଶେଷରେ କହିଲେ—ଭଗବାନ୍ ମୋତେ ଏଠାରୁ ନେଇଯାଅ । ଭଗବାନ୍ ତାଙ୍କ ଡାକ ଶୁଣିଛନ୍ତି । ଏବଂ ଗାନ୍ଧୀବାଦ ପ୍ରତି ଆମର ଅନାସ୍ଥା ର ଦଣ୍ଡ ସ୍ୱରୂପ ଆଜି ଗାନ୍ଧି ହତ୍ୟାର ଚରମ ପାପ ଲଦି ଦେଇଛନ୍ତି ଆମ ଉପରେ ।

ଏ ପାପର ପ୍ରାୟଶ୍ଚିତ୍ତ କଣ ?

ଅମେ ଆଜି ଦେଶବାସୀଙ୍କୁ ପଚାରୁ, ଗାନ୍ଧିସ୍ମୃତି କଣ ପୁଣି ସ୍ୱର୍ଗଦ୍ୱାରରେ ଏକ ବିରାଟ ସ୍ତମ୍ଭ ସଜାଇବାରେ ସନ୍ନିବେଶିତ କରି ଏ ମହା ପାପର ପ୍ରାୟଶ୍ଚିତ୍ତ କରିହେବ ।

ଗାନ୍ଧିର ଅତ୍ମା ରହିଛି । ଓଡ଼ିଶା—ଦରିଦ୍ର ଓଡ଼ିଶା—ଯେଉଁ ଅରକ୍ଷ ଓଡ଼ିଶାରେ ତାଙ୍କର ଶେଷ ଜୀବନ କଟାଇବେ ବୋଲି ସେ କହିଥିଲେ ମାତ୍ର ଘାତକହାତ—ସେଇ ଓଡ଼ିଶାର ସନ୍ତାନ ଯଦି ଗାନ୍ଧିଜୀଙ୍କ ପବିତ୍ର ସ୍ମୃତିକୁ ସ୍ଥାୟୀ କରିବାକୁ ଚାହାନ୍ତି ତେବେ ପ୍ରତିଜ୍ଞା କରି ଆଜି ସମସ୍ତେ ସୂତା କାଟିବା ଆରମ୍ଭ କରି ଦିଅ !

ଓଡ଼ିଶା ସରକାର—ଓଡ଼ିଶାରୁ ଲାଞ୍ଚ ଭଳ ମୂଳପୋଛ କରିଦିଅ ! ଗାନ୍ଧିର ଦେହକୁ ହତ୍ୟା କରିଛୁଁ ଅମେ—ଗାନ୍ଧିର ଆତ୍ମାକୁ ହତ୍ୟା କରିବାର ପାପ ଅଉ ଆମ ଉପରେ ଲଦି ଦିଅ ନାହିଁ—ରକ୍ଷା କର ରକ୍ଷା କର ଏ ପାପରୁ !

ଓଡ଼ିଶାର ନେତୃ ସ୍ଥାନୀୟ—କ୍ଷମତାଧିକାରୀ ମାନେ— ଦୟାକରି ଦଳଗଣ୍ଡିକୁ—କୁଟଗଣ୍ଡି—ପେଟଗଣ୍ଡି—ସ୍ୱାର୍ଥଗଣ୍ଡି ହାତରୁ ମୁକ୍ତ ରଖ । ମାଆ ଓ ଭଲ ଲୋକ ପାଇଁ ପଥ ସୁଗମ କର । ଦଳବାଦ ଗୋଷ୍ଠୀବାଦକୁ ଧ୍ୱଂସ କର । ମାନ୍ଦ୍ରାଜରେ ପ୍ରକାଶମ୍ ମନ୍ତ୍ରୀମଣ୍ଡଳ ଗଲା । ବଙ୍ଗରେ ଘୋଷ ମନ୍ତ୍ରୀ ମଣ୍ଡଳ ଗଲା । ଓଡ଼ିଶାରେ କୌଣସି ମନ୍ତ୍ରୀମଣ୍ଡଳ ଗାନ୍ଧିବାଦ ଉପରେ ତିଷ୍ଠିବାର ଅଉ ସଂଭାବନା ନାହିଁ ବୋଲି ଯେଉଁ ଅଶଙ୍କା ହେଉଛି ସେ ଅଶଙ୍କା ଦୂର କରିବାପାଇଁ ଓଡ଼ିଶାର କଂଗ୍ରେସ କର୍ମୀ ବଦ୍ଧପରିକର ହୁଅ ।

ସେ ଦିନ କଟକରେ ଯେଉଁ ହିନ୍ଦୁ ମୁସଲମାନ ଭେଦର ଭୟ ଦେଖାଗଲା ତା କେତେଜଣ କଂଗ୍ରେସ କର୍ମୀଙ୍କର ହାତ ଅଛି ବୋଲି ପୁଲିସ ମଧ୍ୟ ସ୍ୱୀକାର କରିବାର ଶୁଣାଯାଏ । ସେଦିନ କଟକର ଗୋଟିଏ ମିଟିଂରେ ଯେଉଁ ହିଂସା ଅଚରଣ ହେଲା ସେଥିପାଇଁ କଂଗ୍ରେସ କର୍ମୀ କେତେକ ଦାୟୀ ବୋଲି ଲୋକ ମୁଖରୁ ଶୁଣାଯାଏ । ସେଇ ହିଂସାର ମନୋଭାବ ଅଜି ଗାନ୍ଧି ହତ୍ୟା ପାଇଁ ଦାୟୀ । ଅଜି ଆମର ଗାନ୍ଧିବାଦୀ ଭାଇମାନେ ପ୍ରକାଶ୍ୟରେ ଲୋକସାଧାରଣଙ୍କଠାରୁ ସେ ଅପରାଧ ପାଇଁ କ୍ଷମା ମାଗିବେ କି ?

ଗାନ୍ଧିଜୀ ବଞ୍ଚିବେ—ଗାନ୍ଧିଜୀଙ୍କି ଅମେ ବଞ୍ଚାଇ ପାରିବା । ଅମେ କଂଗ୍ରେସ ସେବୀ, ଗାନ୍ଧିବାଦୀ ଯଦି ବାହାରର ଘୁଙ୍ଘଟ—ପରଦା ବା ଅବରଣ ଖୋଲି ଦିଅନ୍ତି ତେବେ ଆମର ପ୍ରିୟ ଗାନ୍ଧିଜୀ ଆମକୁ ଅତି ନିର୍ମଳ ଉଜ୍ଜ୍ୱଳ ଭାବରେ ଦେଖା ଦେବେ ।

ଗାନ୍ଧିଜୀ ବଞ୍ଚିବେ—ଅମେ ଅଉଥରେ ଆମର ପିତୃହୀନ ଭାଇମାନଙ୍କର ସହଯୋଗ ଭିକ୍ଷା କରି ଡାକୁଛୁ—ଆସ ସମସ୍ତେ ଏକଜୁଟ ହୋଇ ଅନ୍ତତଃ ଓଡ଼ିଶାରେ ଗାନ୍ଧିବାଦ ଓ ରାମ ରାଜ୍ୟ ପ୍ରତିଷ୍ଠା କରିବା ।

—*—

Digitized by srujanika@gmail.com




ବସ୍ତୁର ଯେଉଁଠି ଅଭାବରେ ଘଟୁଥାଏ ସେଠି ଅନ୍ୟ ବସ୍ତୁର ଦେବା ପାଇଁ କିଛି ନାହିଁ । ଗାନ୍ଧୀଙ୍କ ଅମର ସବୁ ବସ୍ତୁରକୁ ନେଇ ଯାଇଛନ୍ତି । ଅଜି ଦୁନିଆରେ କେବଳ ଗୋଟିଏ ବସ୍ତୁର ଅଛି—ସେ ହେଉଛି ଗାନ୍ଧୀ ବସ୍ତୁର । ଲୋଏ ସଞ୍ଚର ଟୁକା ଟୁକା ହୁଅ ତାର ବହୁତ ଅନୁକରଣ ହୋଇପାରେ । ତଥାପି ତାର ପ୍ରେରଣା ସେଇ ମହାତ୍ମା—ସ୍ୱର୍ଗତ ଆତ୍ମା ।

\+ + +

ଶୋକ ଯେଉଁଠି ବହୁଳତା—ଦୁଃଖ ଯେଉଁଠି ଗଭୀରତା ସେଠି ଦୁଃଖ ସୁଖ ମଧ୍ୟ ଭୁଲିଯାଏ ମଣିଷ । ସେଠି ହସ ଉଠେ—ସେ ବଡ ଭୟଙ୍କର । ଅଜି ଅଜି ହସିବା ହସାଇବା କଥା ମନେ ପଡ଼ୁନାହିଁ । ହସିବାକୁ ଚେଷ୍ଟା କଲ ବେଳେ ଆପଣାକୁ ଭର୍ତ୍ସନା ଦେବା ସାର ହେଉଛି । ଅପଣାକୁ ବଦ୍ରୂପ କରିବାର ଅନ୍ୟନାମ ଅଜି ଉଚ୍ଚତମ ହାସ୍ୟରସ । ଅପଣାକୁ ଅପଣା ଭିତରେ ଖୋଜିବା ହେଉଛି ଗାନ୍ଧୀବାଦ ।

× × ×

ପୃଥିବୀ ବ୍ୟାପି ଶୋକ ଭିତରେ ଗୋଟିଏ ଅଲୌକ ଭଙ୍ଗି ଦେଖାଇଛନ୍ତି । ଶ୍ରୀଯୁକ୍ତ ଚିରଂଜୀବୀ ଜିନ୍ନା । ପରିହାସ କଲେ ହୁଏତ ଗାନ୍ଧୀଜୀଙ୍କର ଆତ୍ମା ସନ୍ତୁଷ୍ଟ ହେବ । ତଥାପି ଏତକ କହୁଛୁଁ—ଗାନ୍ଧୀଜୀଙ୍କୁ ଗୋଟାଏ ହିନ୍ଦୁ ନେତା ହିନ୍ଦୁ ଜାତିର ପ୍ରିୟ ବୋଲିବାରେ ଜିନ୍ନା ଯଦି ବିଶ୍ୱବନ୍ଦ୍ୟ ନେତା ହେବାର ଆଶା ପୋଷଣ କରନ୍ତି ତେବେ ଭଗବାନ ତାଙ୍କର ସେ ଆଶା ପୂରଣ କରନ୍ତୁ । ମାତ୍ର ଗାନ୍ଧୀଜୀ ଅଜି ଛୋଟ ହୋଇ ପାରିବେ ନାହିଁ । ଜିନ୍ନାଙ୍କର ଦୁଃଖ ପ୍ରକାଶରେ ଗାନ୍ଧୀଜୀଙ୍କୁ ଛୋଟ କରି ଦେଖାଇବାର ପ୍ରବୃତ୍ତି ଟା ଜିନ୍ନାଙ୍କର ଛୋଟ ଲୋକ କହିଲେ କଥା ସରିଯିବ ନାହିଁ—ଜିନ୍ନାଙ୍କର ଏକ ନୈରାଶ୍ୟ ବାଦ ସେଥିରୁ ଫୁଟି ବାହାରୁଛି— କାରଣ ସେ ଚାହୁଁଥିଲେ କେବଳ ମୁସଲମାନସଂପ୍ରଦାୟର ନେତା ହେବା ପାଇଁ । କିନ୍ତୁ ଅଜି ବହୁ ମୁସଲମାନ ତାଙ୍କୁ ଛାଡ଼ିଲେଣି ।

ସେ ପକ୍ଷୀ ଉଡ଼େ ଯେତେ ଦୂର—

\+ + +

ବୀରତ୍ୱ ଅନେକ ସମୟରେ ପ୍ରକୃତରେ ମନୁଷ୍ୟ ଭିତରେ ନଥାଏ—ବୀରତ୍ୱ ଦେଖାଇ ହେବା ତୁଚ୍ଛ ପ୍ରଦର୍ଶନୀ ଅନେକ ସମୟରେ କାମ ଦେଖାଏ । ନିରସ୍ତ୍ର ଅସତର୍କ ଗାନ୍ଧୀଜୀଙ୍କୁ ତିନିଠା ଗୁଳିମାରି ହତ୍ୟା କରିବାରେ ବୀରତ୍ୱ ଥାଉ ନ ଥାଉ ବୀର ହିନ୍ଦୁ ଯୁବକ ପ୍ରକୃତ ବୀରତ୍ୱ ଦେଖାଇଲେ ଯେତେବେଳେ ସେ କହିଲେ—"ମୁଁ ଅନୁତପ୍ତ ନୁହେଁ" । ବହୁଙ୍କ ମତରେ ସେ କେବଳ ଉତ୍ତପ୍ତ—ଅନୁତପ୍ତ ନୁହନ୍ତି । ଉତ୍ତାପଟା କମିଯାଉ ।

ଗାନ୍ଧୀଜୀ ବଞ୍ଚିଥିଲେ ହୁଏତ ବୀର ହିନ୍ଦୁ ଯୁବକର ଏକଥା ଶୁଣି କହିଥାନ୍ତେ—ଈଶ୍ୱର କ୍ଷମା କରନ୍ତୁ—କାରଣ ସେ ଯାହା କହୁଛି ତାର ଅର୍ଥ ସେ ବୁଝିନାହିଁ ।

\+ + +

ଭାରତରୁ ଇସଲାମ ଗଲେ ପୃଥିବୀରେ ଅନ୍ୟତ୍ର ରହିବ । କିନ୍ତୁ ଭାରତରୁ ହିନ୍ଦୁଧର୍ମ ଗଲେ ସେ ପୃଥିବୀରୁ ଲୋପ ପାଇଯିବ ବୋଲି ଗାନ୍ଧୀଜୀ କହିଥିଲେ । ଅମ ବୀର ହିନ୍ଦୁମାନେ ଗାନ୍ଧୀଙ୍କୁ ହତ୍ୟା କରି ନାହାନ୍ତି ସେ, ହତ୍ୟା କରିଛନ୍ତି ହିନ୍ଦୁ ଧର୍ମକୁ—ଯାହାକୁ ସେ ମନେ ମନେ ଜୀବିତ ରଖିବାକୁ ଚାହୁଁଥିଲେ ।

\+ + +

ଗାନ୍ଧୀଜୀଙ୍କ କଥା ଶୁଣି ଅନେକ ଲୋକଙ୍କ ହୃଦପିଣ୍ଡର କ୍ରିୟା ବନ୍ଦ ହୋଇ ଯାଇଛି । ଆମେ ଆଶା କରୁ ଗାନ୍ଧୀ ମୃତ ପାଇବା ଲୋକଙ୍କର ହୃତ୍‌ପିଣ୍ଡର କ୍ରିୟା ଚାଲୁ, ସଙ୍ଗେ ସଙ୍ଗେ, ସେଇ କର୍ମପଥରେ ହାତ ଗୋଡ଼ ବି ଚାଲୁ ।

× + ×

କଟକରେ ଜଣେ ବୀର ହିନ୍ଦୁ ଗାନ୍ଧୀଙ୍କ ଫଟୋ ଦେହରେ ଛୁରି ମାରିବାର ଛବି ଅଙ୍କନ କରି ରଖିଥିଲେ । ସେ ଧରା ପଡ଼ିଛନ୍ତି । ନାଥୁରାମ ଠାରୁ ଏ ମହାଶୟ ଆହୁରି ଜଣେ ବଡ ବୀର ପୁଙ୍ଗବ । କାରଣ ଫଟୋକୁ ହତ୍ୟାକରି ଏ ପୌରୁଷ ନେଉଛନ୍ତି । ଧନ୍ୟରେ ହିନ୍ଦୁ ବୀର ।

× ÷ ×

ଆମେରିକାର ପ୍ରସିଦ୍ଧ ଲେଖିକା ପାର୍ଲବକ୍ ଲେଖିଛନ୍ତି ସେ ସେ ଦେଶର ସାନ ପିଲଟିଏ ମଧ୍ୟ ଗାନ୍ଧୀଙ୍କ ହତ୍ୟାକଥା ଶୁଣି କାନ୍ଦିଲା ଓ କହିଲା—ବନ୍ଧୁକ ଅବିଷ୍କାର କରି ନଥିଲେ ଭଲ ହୋଇ ଥାନ୍ତା । ବନ୍ଧୁକ ଅବିଷ୍କାର କରି ନଥିଲେ ମଣିଷ ଯେ ପାଗଳ ଏକଥା ପ୍ରମାଣ କରିଥାନ୍ତା କିଏ । ବନ୍ଧୁକ ଅବିଷ୍କର୍ତ୍ତା ନିଜେ ଜଣେ ବଡ ପାଗଳ ହୋଇଥିବେ । ଖାଲି ବନ୍ଧୁକ ନୁହେଁ, ଅଣବିକ ବୋମାର ଅବିଷ୍କର୍ତ୍ତା ମାନେ ମଧ୍ୟ ଅସ୍ପୃଶ୍ୟ ।

× × +

Digitized by srujanika@gmail.com



# ବଡଲୋକିଆ କାରବାର

ପିଲା ଦିନରୁ ମୋର ବଡଲୋକ ହେବାକୁ ବେଜାଏ ଇଚ୍ଛା—ମାନେ ଗଦା ଗଦା ଟଙ୍କା ପଇସା ଥିବ—ଟନ୍ ଟନ୍ ରେଶମ୍ ସୁଟ୍ ବୁଟରେ କାର ହୁଟେଇ ବୁଲୁଥିବି—ମୋ ପାଖକୁ ଘଣ୍ଟିହେଇ ବସିଥିବ ମୋର ଉମେଦ୍—ଯିବା ଆସିବା ଲୋକେ ଆଁ କରି ଅନେଇ ଥିବେ ଅଉ ଯୋଉମାନେ ବଡ଼ଲୋକ ବୋଲି ଦେଖେଇ ହୁଅନ୍ତି ସେମାନଙ୍କୁ ଗୋଟିଏ ଗୋଟି କରି ଦବେଇବି, ମାନେ ମୋ ଖର୍ଚ୍ଚ ଆଗରେ ଯେମିତି ସେମାନେ ପଛରେ ପଡ଼ିବେ—

ସେମାନେ ତିରିଶ ଟଙ୍କିଆ ଘଡ଼ି ବାନ୍ଧିଲେ ମୁଁ ଚାଳିଶ ଟଙ୍କିଆ ଘଡି ବାନ୍ଧିବି— ସେମାନେ ତିନିଶ ଟଙ୍କିଆ ବାନ୍ଧିଲେ ମୁଁ ଚାରିଶହର ଟଙ୍କିଆ ବାନ୍ଧିବ ମାନେ ସବୁବେଳେ ଉଣ୍ଡି ଚଢ଼ା ଉଣ୍ଡି ଚଢ଼ା—ଇଚ୍ଛାଟି ଭଲ, ପିଲା ଦିନରୁ ଏମିତି ଗୋଟାଏ ବଡ଼ ଇଚ୍ଛା ମନରେ ରହିବାଟା ଗୋଟାଏ ବଡ ଶୁଭ ଲକ୍ଷଣ ବୋଲି ଅନେକ ମତ ଦେଉଥିଲେ ବି କଥା ହେଉଛି ପିଲାଦିନଟା କଟିଗଲା ପରେ ଯୁବାବସ୍ଥାରେ ମଣିଷ ଟିଏ ହୋଇ ଛିଡ଼ା ହେଲା ବେଳକୁ ମୁଁ ଦେଖିଲି ମୁଁ ବଡ଼ ଲୋକ ହୋଇ ଛିଡ଼ା ହୋଇନି, ବରଂ ଟିଏ ହୋଇ ଛିଡ଼ା ହେଉଛି ସେଇଥିପାଇଁ ତିରିଶ ଟଙ୍କିଆ ଘଡ଼ିକଥା ଦୂରେ ଥାଉ ତିନି ଟଙ୍କିଆ ଘଡ଼ିଟିଏ ମଧ୍ୟ ବାନ୍ଧିବାର କ୍ଷମତା ନାହିଁ ।

ମୋ ଜୀବନରେ ଏମିତି କାହିଁକି ହେଲା, ମୁଁ ବଡ଼ ଲୋକ କାହିଁକି ହୋଇ ପାରିଲିନି—ଏଣେ ବଡ଼ ଥିଲେ ହୋଇ ଆପଣମାନେ ଉଦ୍ୟୋଗ ବିଷୟରେ ଯେତେ ମୁଣ୍ଡ ଖେଳଉଛି ଏବଂ ବହୁ ବଡ଼ ଲୋକ ଯେଉଁ ମାନଙ୍କ ସଙ୍ଗେ, ତାଙ୍କ କାର୍ଯ୍ୟ କଳାପ ଲକ୍ଷ କରିଛି ଏମିତିକି ତାଙ୍କ ସହରେ ଘୁରିଲେଣି ସିଏ ଯିଏ ପର୍ଯ୍ୟନ୍ତ ପଶୁଛି ବୁଝିଛି ମୁଁ ଯାହା ଜାଣିଛି ସେମାନଙ୍କର ବଡ଼ଲୋକଙ୍କ ବିଷୟରେ ଯାହା ଅଭିଜ୍ଞତା ସେମାନେ ପ୍ରକୃତରେ ସେମିତି ଉଦ୍ଭଟ ବା ସେମିତି ଚଲାନ୍ତି—ଦେଖିବାକୁ ଗଲେ ଠିକ ତାର ଓଲଟା ମାନେ ବାସ୍ତବରେ ତାଙ୍କ ସଉଅଡ଼େ ବଡ଼ ଲୋକର କାରବାର ଆଏନ ।

ଦ୍ରବ୍ୟ ଯଥା ଯେଉଁମାନେ ସେମାନେ ଟଙ୍କା ଖର୍ଚ୍ଚ କରନ୍ତିନି, ଟଙ୍କା ସଞ୍ଚନ୍ତି ଏବଂ ଟଙ୍କା ବଢ଼େଇ ଜାଣନ୍ତି ତାଛଡ଼ା ଖାଇବା ପିଇବା ବିଷୟରେ ସେମାନେ କଞ୍ଜୁସ ଅଭ ବଳ ଭୁଝିଅ । ଅଟେ ତାଙ୍କଠାରେ ଢେର ଭଲ । ଅଣେ ନିଷ୍ଠୁର ତାଙ୍କ ବିଷୟରେ ଅନେକ ଗପ ଶୁଣିଥିବେ ମୁଁ ଜାଣିବାରେ ପ୍ରାୟ ପଚ ସହରର ଏମିତି ଗୋଟାଏ ଦା ଦଃ। ମାରୁଅଛ ଅଛି ଥାଆନ୍ତି ଯେଉଁମାନେ ଅଭିଳ ବେଳେ ତାଙ୍କ ପାଖରେ ଲୋଟା ଟିଏ ଵମୂଳଟିଏ ଛଡ଼ା ଦଃ। ପାଦୁଲ ଟିଏ ବି ନଥାଏ ଆଉ ପଇସାକର ଛତୁ ଅଉ ଲୋଟାଏ ପାଣି ପିଇ ବର୍ଷ ବେଉଟା ଭିତରେ ସେମାନେ କୋଠା ପରେ କୋଠା ଠିକ୍ କେଉ ଯାଆନ୍ତି । ମୁଁ ପଚାରୁଛି ଅମେ ତା ପାରିବାର ? ପଇସାକର ଛତୁରେ ଅମ ପେଟ ପୁରିବନ ? ପଟସ୍ତାର ବ୍ଲେଡ଼ ବକ୍ରେ ନ ପଡ଼ିଲେ ଅମେ ତ ସଞ୍ଚି ପାରିବାନି ତାଛଡ଼ା ମନେ କରନ୍ତୁ ସଉ ଦ୍ୱାର ସବୁ ଅମେ ଲୋଟା କମ୍ବଳ ଧରି ବିଦେଶକୁ ବାହାରି ପଡ଼ିଲୁ—ଅମକୁ ଛତୁ ପାଇଁ ସେଉ ପଇସା-ଟିଏ ଲେଖାଏଁ ଦେବ କିଏ ? ବିଦେଶରେ ବିଶେଷତଃ ଅଚିହ୍ନା ଜାଗାରେ ସେ ପଇସାଟି କାହା ପାଖରୁ ପାଇବା ? ମନେ କରନ୍ତୁ ଯଦି ବା ଠକେଇ ନେଲେ ଅମୁକ ଠିକଣାରେ ପଇସାଟିଏ ପଣ୍ଡା ରହିଛି ଛତୁ ଖାଇବାକୁ ଏବଂ ଛତୁ ଗୋଳ ପାଣି ପିଇ ରହିଲେ ଦେହ କେତେଦିନ ସେମିତି ଚଳିବ ? ନିଶ୍ଚୟ ଦିନ୍ଟା ଲଗି ଯିବ—ଖାଲି ଛତୁ, ଛତୁ, ଛତୁ—ବଡ ଲୋକ ନ ହେଲେ ନାହିଁ ପଛକେ ଛତୁ ଅପେକ୍ଷା ଅମ ଘରର ଗ୍ରାମରେ ପଖାଳ ଗଣ୍ଡ ଶାଗ ଖାଇବାକୁ ମନ ଡାକେ ବଡ଼ଲୋକର 'ଖ' କଣ୍ଡେକ ପଢ଼ିବା ଅସିବା ନାହିଁ ।

ଅତଏବ ଯୋଉ ଟଙ୍କା କଟେଇବା କଥା କହିଲି ବଡ ଲୋକ ସୁଝାଇ ଟଙ୍କା ବଢ଼ାନ୍ତି ଅନେକ ଉପାୟରେ—ମନେ କରନ୍ତୁ ଅପଣ ବର୍ଷକରେ ଦଶଟି ଯୋଡ଼ା କିଣନ୍ତି, ବଡ ଲୋକଙ୍କ ଅଫିସରେ ଅପଣ ପଇସା ଭଙ୍ଗେଇ ନିଅନ୍ତି କାରଣ ସେମାନଙ୍କ ମତରେ ହଳେ ଯୋତାରେ ତାର ପରମାୟୁ ସରିଯାଏ ସେମାନେ ତା ବଦଳରେ ବୋଡ଼ିଏ ହଳ ଯୋଡା କିଣିବେ ଯଦ୍ୱାରା ଯୋତା ହେଲା ବେଶି ଦିନ ଟେକିବ—ଲୁଗା ପଟା ସେମିତି କର୍ଣ୍ଣବିଦ ଛଅ ଖଣ୍ଡ ଲୁଗା ପରିବର୍ତ୍ତରେ ସେମାନେ ଗୋଟିଏ ସବୁର ଖଣ୍ଡ ଲୁଗା କିଣିଲେ ଲୁଗା ସୁତା ବେଶିଦିନ ଟେକିବ ଅଉ କ ଖର୍ଚ୍ଚା ପଡିବ । ସବୁ ଜିନିଷ ସେହିମିତି ଦେଖି ଯାଆନ୍ତି । ମୋର ଜନ୍ମ ଏମିତି ଖର୍ଚ୍ଚିବାର ଜୋତା ଜଳ ଏ ଲୁଗାପଟା ହଜ ହେବା ପର୍ଯ୍ୟନ୍ତ ପିନ୍ଧୁ ଥିବ—ନ ଚିରିବା ପର୍ଯ୍ୟନ୍ତ ନୂଆ କଣା ହେବ ଯାହାରି ଅର୍ଥ ମୁଁ କେବେ ଅପବ୍ୟୟ କରି ଦେଖାଇ ଦେଇ ପାରୁଥିବେ । ମୁଁ ଯେ ବଡ଼ଲୋକ ନ ହୋଇ ପାରିବି ଏଥିରେ ଆଶ୍ଚର୍ଯ୍ୟ ହେବାର କଣ ଅଛି ? ଅନେକ ବଡ଼ ଲୋକଙ୍କୁ ଦେଖିଛି ସେମାନେ ଯୋଉ ଜାଗାରେ ଖର୍ଚ୍ଚ କରିବା କଥା ଖର୍ଚ୍ଚ କରନ୍ତିନି, ଯଦ୍ୱାରା ଟଙ୍କା ରହିଯାଏ—ଟଙ୍କା ବଢ଼େଇବାର ଗୋଟାଏ ଭଲ ଉପାୟ ସେଇଟା—ମନେ କରନ୍ତୁ ଅପଣ ଜଣକୁ ପାଞ୍ଚ ଟେଙ୍କା ହିସାବରେ ଗାଉଛନ୍ତି ଯଦ୍ୱାରା ଅନେକ ଟଙ୍କା ଖର୍ଚ୍ଚ ହେଉଛି, ଦଃ ନ ନ ଗାଇଲେ କେତେ ଅନେକ ଟଙ୍କା ରହିଲା କି ନାହିଁ ? ମନେ କରନ୍ତୁ ମାଛ ନ ଖାଇଲେ ବା କପଡ଼ ନ ଗାଇଲେ—କେତେ ଟଙ୍କା ଅପଣଙ୍କର ନିଜ ହେଲା ହିସାବ କରନ୍ତୁ । ମନେ କରନ୍ତୁ ଅପଣଙ୍କ ସବୁଦିନ ନଗରରେ ଥରେ ସିନେମା ଦେଖି ଯାଆନ୍ତି ସେ ବାବଦରେ ୫ ଟଙ୍କା ଖର୍ଚ୍ଚ ହୁଏ, ମାସେ ନ ଗଲେ କେତେ ୨୦ ଟଙ୍କା ରହି ଗଲା କି ନାହିଁ ? ଏହିମିତି ଦେଖି ଯାଆନ୍ତୁ ଚଥ, ଚିଅ, ଲୁଗା, ପଟା, ଯାନବାହା ସବୁ କଥାକୁ ଟଙ୍କା ବଢ଼େଇ ହୁଏ—ମୋଟ କଥା ଜୀବନ ମଜାର ଦୃଷ୍ଟି ଥିବା-କରିବାର ଯଦ୍ୱାରା ଚର୍ଚ୍ଚା କରିବା ଜାଗାରେ ଖର୍ଚ୍ଚ କରିବେନି ତାହେଲେ ଟଙ୍କାଟା ରହିଲା ।

ମୁଁ ଜଣେ ଲୋକଠୁ ଶୁଣିଥିଲି ସେ ଜଣା ୨୦ ଟଙ୍କିଆ ଘରେ ରହୁଥିଲେ ମୁଦ୍ଧା ନିଜ ବୁଦ୍ଧି ବଳରେ କେମିତି ଗଲବର୍ଷ ୫୨୧୫୯ ୭୮ ଟଙ୍କା ବଚେଇ ପାରିଥିଲେ ।

Digitized by srujanika@gmail.com

ଏବେ ଟଙ୍କା କେମିତି ବଂଟାଗଲା ଶୁଣନ୍ତୁ—
୧ । ସେ ଘରକୁ ୫୬ ୫୮ ର ସିଗାରେଟ୍ ନ ପିଇ ଜମା ୫୦୮ ର ଖଣ୍ଡ ପିଇଲେ ରହିଲା ଘରକୁ ୫୬୭ ହିସାବରେ ଖର୍ଚ୍ଚ କମିଗଲା— ୫୧୧୨୫
୨ । ସେ ୫୧୨୦୦ ର ଟଙ୍କା ମୂଲ୍ୟ ନ ବଢେଇ ୫୮୦ ର ଲୁଗା କାମିଜ ୩ ଖଣ୍ଡ ବଢେଇ ଘର ଛଡ଼ାଇ ୫୧୫୦ × ୩—୫୨୫୦—୫୮—୫୨୨୨୯
୩ । ସ୍ତ୍ରୀ ପାଇଁ ନୂଆ ଶାଢ଼ୀ କରେଇଲେ—୫୫୦୯
୪ । ସେ ଅଲଗା ୫୯ ଥର ସିନେମା ଦେଖି ଘରକୁ ସେଇଯୋଗୁ ବଞ୍ଚିଲେ ୫୧×୫— ୫୨୦୫୯
୫ । ସିନେମାକୁ ନ ଯିବାରୁ ସ୍ତ୍ରୀ ସର୍ବଦା ରାଗ କରିବାରେ— ୫୧୧୩୫
୬ । ଛୁଟିରେ ବାହିର ନ ଯାଇ ଘରେ ରହିଲେ ସେଇଯୋଗୁ ବାହିର ଖର୍ଚ୍ଚ କମିବାରେ— ୫୫୫୯
୭ । ରଥ ଯାତ୍ରାକୁ ପୁରୀ ଯିବା ବନ୍ଦ କଲେ— ୫୭୯
୮ । ବାଜି ବନ୍ଧିଣା କମିବାରେ ରହିଗଲା—୫୭୨୫

ଏମିତି ମୋଟ— ୫୨୧୯୨୯ ୫୮ ୫

ଏବେ ଶୁଣାଏ ଟଙ୍କା ଭଲ କେତେ ଦ୍ୱାରା ଡାକ ତୁଇ କେତାର କଥା—ସେ ତୁଇ ରହୁଥିଲେ ଏବଂ ସମସ୍ତଙ୍କ ଅପରେ ବାହାଦୁର କରୁଥିଲେ ମଧ୍ୟ ବଳ୍ଲ ଖବରକୁ ଭାଇ ଉପରେ ପରାକ୍ରମ୍ ଟାକ୍ସ ଦେବାକୁ ପଡ଼ିବାରୁ ତାକୁ ବାଧ୍ୟ ହୋଇ ସରକାର ଟଙ୍କା ପଠା-ଇ ଦାବୁ ପଡିଲା । ସେଇଯୋଗୁ ଏଣିକି ଟଙ୍କା ବଂଟେ-ଇବା ଉପରେ ତାର ଜମା ଅସ୍ଥା ନାହିଁ । ବଳ୍ଲ ଆମର ଅସ୍ଥା ରହିବା ଦରକାର । ଏମ ଓଡ଼ିଶାରେ ଜାନା ରକମ ଉପାୟରେ ଲୋକେ ବଡଲୋକ ଓ ପଇସା ବାଲା ହୋଇଚନ୍ତି ବୋଲି ଶୁଣାଯାଏ— କଏ ଦେଖ ପଡ ବଡ଼ ଲୋକ ହେଇଚ ତ କଏ ମନ୍ଦିରେ ପାଇ ବଡ଼ଲୋକ ହେଇଚ କଏ ଗୁଡ଼ ଦ୍ରବ-ବ୍ୟ ଖାଇ ବଡ ଲୋକ ହେଇଚ ଅନେକ ଟେଣ୍ଡର ଦେଇ ବଡ ଲୋକ ହୋଇଚନ୍ତି, କେତେ ସସ୍ତା ବଗ-ଗୁଣ୍ଡ ଦଳେ ପାଠ ପଢି ବଡ଼ଲୋକ ହୋଇଚନ୍ତି, ଅନେକ ପେଟକୁ ମାରି ବଡ଼ ଲୋକ ହୋଇଚନ୍ତି, ଅନେକ ପର ଘଣ୍ଟି ଚପି ବଡ ଲୋକ ହୋଇଚନ୍ତି— ଅବଶ୍ୟ ଯେତେ ଉପାୟରେ ବଡଲୋକ ହେବାର କଥା ଶୁଣା ଅଛ ମୁଁ ମୋ ଜୀବନରେ ସବୁ ଚେଷ୍ଟା କରିଚ ମାତ୍ର ଅନେକ ଦିନ ଧରି ଦିନ ରାତି ଖଟି ଚେଇଁ ବଳ୍ଲ ବଡ଼ ଲୋକ ନ ହୋଇ ବେମାର ହେବା ଯୋଗୁ ସେ ଉପାୟ ଛାଡ଼ିଦେଲି—ତାପରେ ମନ୍ଦି ପାଇ ଦେଇ ପାମ୍ପ ଥିଲା ଓ ଚୁଡ଼ି ପାଇ କମି ହୋଇ-ଥିଲା ତେବେ ବି ବଡଲୋକ ହୋଇ ପାରିଲିନି— କେଳି ବୁଝି ବୁଝି ବାଲିସ ହେବା ସାର ହେଲା ଅଉ ସସ୍ତା ବଗ ଗୁଣ୍ଡ ଦଳେ ଏ ବୟସରେ ପାଠ ପଢ଼ିବା ଦ୍ୱାରୁ ପାଗଳ ବୋଲି ଗଣାଗଲି । ତାପରେ ପେଟକୁ ମାରିବା ଉପାୟ ଅଭ୍ୟାସ କଲି ମାତ୍ର କଥା ଚାକିରୀ ମୁଖ ବନ୍ଧୁଟା ଗୋଟିଏ ଯେତେ ଥିବାର ମାତ୍ର ମୋଟେ ଜମା ଅଛ ସବୁ ପେଟକୁ ମାରି ମାରି ଫେଲ

ମାରିଲି ମୋଟ ଉପରେ ଏଥିକୁ ଉପାୟରେ ମୋର ଅନ୍ତ ଜମା ଖଣ୍ଡୁଆ ନାହିଁ । ଏଇକ୍ଷିଣା ପଇଁଣ୍ଡି କଥା ଉପାୟଟା ବାଡ ଅଛ ମୋତେ ବର୍ତ୍ତମାନ ଯିବ ଦଇଁଭାବ କରାଗାର ଭୁକ୍ତି ବଡାକୁ ଅଡିବ ତାର ଉପରବାଳେ ଉପାୟଟା ପଇଷା କରି ଦେଖିବ ସେ ସୁଯା ପାଉନି ଯାଉଚନ ନାହିଁ !

ଅତଏବ ପୁଣି ମୁଣ୍ଡ ଖର୍ଚ୍ଚ କରି ବଡ଼ଲୋକ ହୁଅନ୍ତି—ମୋର ମନେ ପଡ଼ୁଚ ବାମ ଛତ୍ରାଖଙ୍କ କଥା—ଅନେକ ଦୁଏଠ ତାଙ୍କ କଥା ଶୁଣିଥିବେ— ତାଙ୍କର ଅବସ୍ଥାରେ—ମଲା ପରେ ତାଙ୍କ ଜିଭ-କରୁ ମାଠିଅ ମାଠିଅ ଅସରପି ବାହାରିଥିଲା ·ମୋ ଏଣ୍ଡ ଦରୁଥିଲା ବାମ ଛତ୍ରାଖଙ୍କର ଘଟଣାର 'ପ୍ରଧେ୍ୟ କହି ଦିନର କଥା ଗୋଟିଏ ଗୋଟିଏ ବାହାଣୀ ଲୁଚ—ମୁଁ ଗୋଟିଏ ଦିନର ଘଟଣା କହୁଚ—

ବାମ ଛତ୍ରାଖ ବୁଢ଼ା—ତାଙ୍କର ବୁଢ଼ୀ ଥାଏ ଅଉ ପାଞ୍ଚ ପୁଅ । ଦିନେ ଗାଁରୁ ଗୋଟାଏ ଲୋକ ଲୁକର ଅସିଥିଲା ତାଙ୍କ ଘରର ଖାଇବା ପାଇଁ, ବୁଢ଼ା ସେଦିନ ସବୁ କହିଦେଲେ "ଅଡ ଘରର ଚୂଲି ଲଗେଇବନ ।"

ବୁଢ଼ୀ କହିଲା, "ଯେତ ଜମକୁ ଗାଇ ଭାତ ଦେଇଗଲା ଅଉ ଚୂଲି ଲାଗିବନ କେମିତି ?—ମୁଁ ପଇଟେ ନ ଖାଇବ ପିଲା ଗୁଡ଼ାକ କେମିତି ଓପାସ ରହିବେ ଭଲା ?"

ବୁଢ଼ା କହିଲେ "ସେ କଥା ମୁଁ ଦେଖିବି"

"କେମିତି ଦେଖିବ ଦେଖ" କହି ବୁଢ଼ୀ ମୁହଁ ମୋଡ଼ି ଲୁହ ହୋଇ ବସିଲା—ଘରେ ଲଙ୍କା ବଡ଼ା ବନ୍ଦ ।

ଯଥା ସମୟରେ ସ୍ୟାଣ୍ଡ୍ ଉଦର ଅସିଲା "ମହସା ସମସ୍ତେ ଅସି ସ୍ଥଳେଣି ଅପଣ ବାହାରନ୍ତୁ"

ଛତ୍ରାଖ କହିଲେ "ଅରେ ମୋ ଦଳ୍ଟା ଭଲ ଲାଗୁନ, ଦାନ୍ତ ମଜ୍ଟା ଶଡ଼େଇ ହଉଚ—ମୁଁ ଯାଇ ପାରିବନି—ସୋମନାଥ ଯାଉ"

ସେ କହିଲା, "ସୋମନାଥ ଅସନ୍ତୁ ଅଭ ଅପଣ ବ ଅସନ୍ତୁ"

"ଅରେ ବାପ୍ପା କହିଲି ପରା ମୋ ଦାନ୍ତ ମଜ ଧରିଚ—ମୁଁ କଣ ଖାଇ ପାରିବ ଯେ ଯିବି" କୁ କାଶୀ ନାଥକୁ ନେଇ ଯା"

"କାଶୀନାଥ ଅସନ୍ତୁ ଅଭ ଅପଣ ଅପଣ ବ ଅସନ୍ତୁ"

"କାହିଁକି ମୋ ପାଇଁରେ ଲଗେଇଚୁ ଭଲ ? ବୁଢ଼ାଟାକୁ ଅଲାଭ ବେଳରେ ଡୋଗାଉଚୁ କାହିଁକି ? ମୁଁ ଯାଇ ପାରିବନି ତୁ ଶମ୍ଭୁନାଥକୁ ନେଇଯା"

"ଶମ୍ଭୁନାଥ ଅସନ୍ତୁ ଅଭ ଅପଣ ଅସନ୍ତୁ"

"କହିଲେ ତୁ ତ ବୁଝିବୁନ ମୋର ଦାନ୍ତ ଧରିଚ ଏଣେ ଗୋଡ ଫୁଲ—ଯିବ ଯାକ ସେଇ କେଦାରନାଥ ଯାଉ"

"କେଦାରନାଥ ଅସନ୍ତୁ ଅଭ ଅପଣ ବ ଅସନ୍ତୁ"

"ଅଚ୍ଛା ଡିଲା, ଯଥା ନାହିଁ କରୁଚ ମୁଁ ଯାଇ-ପାରିବନି ତୋର ଏବା ଜଦି ଅସନ୍ତୁ ଅସନ୍ତୁ—ତୁ ତ୍ରୈଲୋ ନାଥକୁ ନେଇଯା ସେଇ ଯାଇ ମୁଁ ଯାଇ ପାରିବନି ।"

"ତ୍ରୈଲୋକ୍ୟନାଥ ଅସନ୍ତୁ ଅଭ ଅପଣ ବ ଅସନ୍ତୁ ।"

ସମସ୍ତଙ୍କୁ ଡକାଯିବା ପରେ ବୁଢ଼ା ଶେଷ ଅଚ୍ଛା ସଲ୍ଲେ ବାହାରିଲ । ପରେ କହିଲେ, "ହଉ ବୁଢ଼ାଟାକୁ ଡୋଗାଉଚ 'ଯଉ ଥିଲ୍ ଚୋର ଜଦି ଯସ୍ତୁ— ଅସରେ ସୋମନାଥ, କାଶୀନାଥ, ଶମ୍ଭୁନାଥ, କେଦାରନାଥ, ତ୍ରୈଲୋନାଥ—ଆ' ବୋଲି କଣ ଗଚ୍ଛତ କେଉଁଣି ସେ ସମସ୍ତଙ୍କୁ ଅଛିବତ ଟାଣି ନେଇ ବସିବ—ଅସ, ବାହାର ।

ବୁଢ଼ା ପାଞ୍ଚ ପୁଅଙ୍କ ସହିତ ଗୋଳରେ ହାଜର ହୋଇଗଲେ ପଙ୍କ ପଡ଼ିଗଲା—ବୁଢ଼ା ପୁଅ ଘରକୁ ବିଦାଣ ଚଢ଼ା ବନ୍ଦି କରିବା ପାଇଁ ଉଲେଣ୍ଟି ଏଇ ବାହାର ପଡ଼ିଲେ—ପରଶା ପରିଣି ଅରମ୍ଭ ହେଲା— ବୁଢ଼ା ଛଅଣ ଟଙ୍କା ପାଟରେ ମାରି ଭଲ ଟଙ୍କା ହାଂଡ଼ିକୁ ଦେଇ ଭିତରେ ସମସ୍ତଙ୍କୁ ଶୁଣେଇ ପଚାରି ଭାବିଲେ—'ଅରେ ସୋମନାଥ, କାଶୀନାଥ, ଶମ୍ଭୁନାଥ, କେଦାରନାଥ ତ୍ରୈଲୋକ୍ୟନାଥ, ତୁମରେ ଡମ ମାଛ ଛତ୍ରରକୁ ମୁଁ କଣ ଦିଏନ ? ଡାଲି ଦିଏନ, ନା ସ୍ୱରଜ ଦିଏନ, ନା ଦଳଦି ଦିଏନ, ନା ଯିର ଦିଏନ, ନା ଧନିଆ ଦିଏନ, ନା ଗରମ ମସଲା ଦିଏନ, ନା କୋଉ କଥା ଦିଏନ ? ତୁମରେ ତା ଦିହୁତ ସ୍ୱଭାବ,'ବାଳ ଯାଚନ ଦେବେ ତା ଜନମରେ ଏମିତି ସ୍ୱାଦ ଥିଲ ? କେବେ ଏମିତି ପରଷଣା ଦେଖିଥିଲ ନା କେବେ ଏମିତି ଅମ୍ବିଳ ଟାଏ ଖାଇଥିଲ ? ଘଟକରୁ ଅଙ୍ଗଟାଏ ଏଟି—ତାକୁ ଅଡ ଟଣେଇ ଦେଇ ପଶ୍ୱରିବା ।"

ଅର୍ଥାତ ବୁଢ଼ୀ ମଧ ବାଡ ରହିଲନ । ସେଇ ବୁଢ଼ା ମାଠିଅ ମାଠିଅ ଅସରପି ଭର୍ତ୍ତି ଯାଉଚ— ଟଙ୍କା ମୂଳା ଭଳି ଯାଉଚ । ମୁଁ ସେଇ ଯୋଗ ପଢ଼ିଉଚ । ଅପଣ ଏବେଟା କରି ପାରିବେ କ ? ନା ମୁଁ ଏବେଟା ପାରିବି ? ମୁଁ କଡ ଲେକ ଯେ ନ ହେଇ ପାରିବ ଏଥରେ ବଡ଼ଏ କଥା କଣ ଅଛ ?

—*—

Digitized by srujanika@gmail.com

# ଶୀକାରୀ

ହରଣୀ ମାୟା ରଚନ୍ତି । କ୍ଳାନ୍ତ ଗ୍ରନ୍ଥ କୁମାରର ଗୀତ ଲକ୍ଷହୀନ ଭାବରେ ଛୁଟିଛି ।—କୁମାର ଆଜି ଅବଶ, କିନ୍ତୁ ପଥ ବାକି ।

ଦେବୀ ତାର ପ୍ରଶ୍ନକୁ ପ୍ରତ୍ୟାଖ୍ୟାନ କରେ, ନିର୍ଜିବ ଭୂଙ୍ଗର ଅହ୍ୱାନ ତାକୁ ଉଚ୍ଛଳା ଭରି ତୋଳିଲେ । କିନ୍ତୁ କୁମାର ଅପେକ୍ଷା କରିବ । ସାରା ଜୀବନ ତାର ପ୍ରତୀକ୍ଷାରେ କାଟି ଦେବ ।

× + ×

## କାହାଣୀ

ତୃଷିତ କୁମାର ଗ୍ଳାଳିଲ ନଦୀ ତୀରକୁ । ପଥ ମଧ୍ୟରେ ପାଦ ବୁଡିଗଲି ତାର ଅଚଳି ଗଲା । ସେହି ଜୀର୍ଣ୍ଣ ମନ୍ଦିର ତଳେ ଅଲୌକ ଶିଖା ତାକୁ ପଥହରା କରି ତୋଳିଲା । କୌତୁହଳ ଜାଗିଲା ମନରେ । କିଛି ଦୂରରେ ଦେବୀର କୁଞ୍ଜ । କୁମାର କରୁଣ ଦୃଷ୍ଟିପାତ କଲା ସେ କୁଞ୍ଜ ଉପରେ, ଅଭ ପ୍ରବେଶ କଲା ମନ୍ଦିର ମଧ୍ୟରେ ।

ଏ କିଏ ? ପୂଜାରିଣୀ ବେଶରେ ଦେବୀ ! କୁମାର ଦେଖିଲା ଶ୍ରୀକୃଷ୍ଣ ଭଳି ମୁଗ୍ଧନର କୃଷ୍ଣ ମୂର୍ତ୍ତି । ହାତରେ ତାର ବେଣୁ । ସତେ ଅବା ସେହି ନିର୍ଜିବ ବେଣୁ ଭିତରୁ ବାହାରି ଅସୁଥିଲା ଅତି କ୍ଷୀଣ ଏକ କରୁଣ ରାଗିଣୀ । କୁମାର ଚମକି ଉଠିଲା । ଦେବୀ ଆରତି କରୁଛି ରକ୍ତ ବସନ ତାର ଭୂଇଁରେ ଲୋଟି ପଡୁଛି । ଦେବୀର ଏ ପରିବର୍ତ୍ତନ ଦେଖି ଚମକି ଉଠିଲା ସେ ।

"କୁମାର ଡାକିଲା, ଦେବୀ ।"

"କୁମାର ଫେରି ଆସିଛ ତୁମେ ?" ସତେଅବା ଯୁଗ ଯୁଗର ସାଧନା ତାର ପୂର୍ଣ୍ଣ ହୋଇଛି । କଣ୍ଠରେ ତାର ଅପୂର୍ବ ଝଙ୍କାର ।

"ଆସିଛି ଦେବୀ । କିନ୍ତୁ ତୁମେ ଆଜି ସତେ କଣ ପୂଜାରିଣୀ ? ତୂଳି ତୁମର କଣ ନୀରବ ? ? ସେଦିନ ପରି କହୁ ଥିଲ, ଏହି ପ୍ରାଣହୀନ ଜଡ଼ ମୂର୍ତ୍ତିକୁ ତୁମେ ତୁମର ତୂଳି ମୁନରେ ଜୀବନ୍ତ କରି ତୋଳିବ ? ମୂକ ଦେବତା ପଦରେ ଅର୍ଘ୍ୟ ତୋଳି ଦେବାକୁ ତମେ ପରା



ପ୍ରସ୍ତୁତ ନଥିଲ ? ? ତୂଳିର ମୁକ୍ତା ଆଜି କଣ ତୁମର ଶେଷ ହୋଇଛି । ନଚେତ ଏ ସାଧନା ଆଜି ତୁମର କାହାପାଇଁ ?"

"ଏ ସାଧନା ତୁମରି ପାଇଁ କୁମାର ।" ଦେବୀର ଆଖିରେ ଲୁହ ।

କୁମାର ଆଶ୍ଚର୍ଯ୍ୟ ହେଲା । ତୂଳିର, ସାଧନା ଆଜି ଦେବୀ ଭୁଲି ଯାଇଛି । ଆଜି ଚେଷ୍ଟାକରୁଛି ମୂକ ପାଷାଣ ଦେବତା ଠାରୁ କଥା ଶୁଣିବାକୁ । ଦେବୀ ନୀରବ ରହିଲା । ଆଉ ଅଜ ନିର୍ଜିବର ଉପାସନା କରିବାକୁ ଦେବୀର ମନ ବଳେନ ।

ସେ ଆଜି ଜଣେ ସାଥୀ ଖୋଜେ । ଆଜି ସେ ଶ୍ରୀକୃଷ୍ଣଙ୍କର ଶ୍ୟାମ ମୂର୍ତ୍ତି ସଙ୍ଗେ ତରୁଣୀ ରାଧିକାର ଅଙ୍ଗଲତା ଜଡାଇ ଦେବାକୁ ଯାଇ ତୂଳି ତା'ର ହାରି ମାନେ । ତରୁଣୀ

## କଥାଟିଏ କହଁ

କୋଳରେ ତାର ଶିଶୁକୁ ଯତ୍ନ ଦେଲା ବେଳେ ତା ଆଖିରେ ଲୁହ ଆସେ । କୁଞ୍ଜ ତଳେ କପୋତ କପୋତୀଙ୍କର ନୀରବ ପ୍ରେମ ଦୃଶ୍ୟ ତା ଅନ୍ତରରେ ବ୍ୟଥା ଦିଏ ।

କୁମାର ପଚାରିଲା "ଦେବୀ ଆଉ ତୁମର ତୂଳି ?"

"ତୂଳି ଆଜି ଅବଶ କୁମାର !"

"ଦେବୀ" ? କୁମାର ଆଖିରେ ଅସରନ୍ତ ପ୍ରଶ୍ନର ଚିହ୍ନ ।

"ନାଁ କୁମାର ଆଉ ମୁଁ ଫେରି ଅସିନ୍ଥ ! ସୃଜନର ଜୀବନ୍ତ ଅହ୍ୱାନ ଆଜି ... ପାଗଳ କରି ତୋଳିଛି । ପ୍ରାଣହୀନ ଚିତ୍ର ପଟରେ ରଙ୍ଗ ଦେବାକୁ ତୂଳି ମୋର ପରାଜୟ ସ୍ୱୀକାର କରିଛି । ଜୀବନଟାକୁ ମୋର ବ୍ୟର୍ଥତାର କଣ୍ଟକ ମଧ୍ୟରେ ଫିଙ୍ଗି ଦିଅନି କୁମାର । ଆଜି ଦେବତା ମୋର ଅନ୍ତରର ଡାକ ଶୁଣିଛି । ତୁମେ ଫେରି ଅସିଛ ।

ଦେବୀର କଣ୍ଠ ଆର୍ଦ୍ର ଅଜ ମିନତି ଭରା ।

"ନାଁ ଦେବୀ ! ତୁମେ ଫେରି ଯାଅ, ଜୀବନର ସାର୍ଥକତା ଚିତ୍ରକ ତୂଳି ମୁନରେ ତୁମରି ଫେରିବ ଅଣ । ମୁଁ ଅପେକ୍ଷା କରି ପାରିବି ।" କୁମାରର ସ୍ୱର ପରିବର୍ତ୍ତିତ ।

ନ

'କୁମାର ନିର୍ଜନର ଉପାସ । ଆଜି ମୋର ଭକ୍ତ ହୋଇ ଉଠିଛି" ଅଜ୍ଞାତ ସ୍ୱରରେ ଦେବୀ କହିଲା ।

"ଦେବୀ"—

ଆବେଗ ଭରା କଣ୍ଠରେ ଦେବୀ କହିଲା "ନାଁ କୁମାର" କଥା ତାର ଅଧା ରହିଗଲା । କୁମାର ଛାତି ଉପରେ ମଥା ରଖି ଅଶ୍ରୁ ଢ଼ାଳିଲା ଦେବୀ, କୁମାର ତାକୁ ତୋଳି ନେଇ ବକ୍ଷ ଉପରକୁ ଅତି ନିବିଡ଼ ଭାବରେ ।

× × , +

ପ୍ରଣୟର ବିଜୟ ହୋଇଛି । ନିର୍ଜିବ ସାଧନା ଦୂରେଇ ଯାଇଛି । ଗତ ପୂର୍ଣ୍ଣିମାର ଜ୍ୟୋତ୍ସ୍ନା ଆଜି ଫେରି ଅସିଛି ଦୁହିଁଙ୍କର ପ୍ରାଣରେ । ଆଖି ଆଗରେ ସୁନ୍ଦର-ସରସ ଭବିଷ୍ୟତ୍ । ସ୍ୱପ୍ନ ସଫଳ । ଜୀବନର ଶତଶତ ସ୍ୱପ୍ନିଳ ମୂହୁର୍ତ୍ତ ପ୍ରତ୍ୟାଶାରେ କାଟି, ଆଜି ବାସ୍ତବର ସ୍ପର୍ଶ ନବୀନ । ଋତୁଙ୍କର ପରଶ ଆଜି ଦେବୀ ଘାଟରେ ଦୋଳି ଦେଇଛି ବେପଥୁର ଚମକ ।

ରଞ୍ଜନ କୁଞ୍ଜ କୁଟୀର ତଳେ ଦେବୀ ବସିଛି ଏକାକୀ । ଅତି ଅପଣାର, ତୂଳିଟି ଆଜି ସେ ବହୁତ ଦିନ ପରେ ଉଠାଇ ଆଣିଛି । ରାଜକୁମାରର ଅନୁରୋଧରେ ଗୋଟାଏ ଛବି ଆଙ୍କିବାକୁ ।

କିନ୍ତୁ ତାର ତୂଳି ଚଳିବାକୁ ନାରାଜ । ହାତ ତାର ଅବଶ । ପ୍ରାଣରେ ଉଦ୍‌ବେଗ । ମନେପଡେ ପ୍ରଥମ ପ୍ରଣୟର ଜୋଛନା ରାତି । ମନେ ପଡେ ରାଜକୁମାରର କୋମଳ ପରଶ । ମନେ ପଡ଼େ ଅନାଗତ ଅତିଥିର ମଧୁର ଦରୋଟି କଥା । କଳ୍ପନା ପରାଜୟ ସ୍ୱୀକାର କରେ । ତୂଳିର ରଙ୍ଗ ଅସ୍ପଷ୍ଟ ହୋଇ ଉଠେ । ଛବି ଆଙ୍କିବା ତାର ଅଧା ରହିଯାଏ ।

ଅତୀତ ମନେପଡ଼େ । ମନେପଡେ ତାର ନିସ୍ତେଜ କୁଞ୍ଜ, ତାର ପ୍ରାଣପ୍ରିୟ ହରିଣ ଶିଶୁର ପଳାୟମାନ ଚାହାଣି । ଶୂନ୍ୟକୁ ଚାହିଁରହେ ଦେବୀ । ସମ୍ମୁଖରେ ବିରାଟ ରାଜ ପ୍ରାସାଦ ।

ପଛରୁ କୁମାର ଡାକେ—"ଛବି ଅଙ୍କିବା ଶେଷ ହୋଇଛି ତ ଦେବୀ ?"—ନାଁ କୁମାର ଛବି ଅଙ୍କିବା ମୋର ଚିର ଦିନ ଅଧା ରହି ଯାଇଛି ।

ଲେଖକ—ଶ୍ରୀ ରାମଚନ୍ଦ୍ର ରଥ

ଅଧିର କଣ୍ଠରେ କୁମାର କହେ—"ସେ ଶକ୍ତି ଆଜି ନାହିଁ ତୁମର ଦେବୀ ?"

"ସେ ଶକ୍ତି ଅତୀତସାଥିରେ ହଜି ଯାଇଛି କୁମାର ଅଜ ସେ ଶକ୍ତିର ବିନାଶ ତୁମର ପ୍ରଣୟ"

କୁମାର ଆଖିରେ ଫୁଟିଉଠେ ଅସରନ୍ତ ପ୍ରଶ୍ନର ଚିହ୍ନ ।

—*—

Digitized by srujanika@gmail.com

# ନିରୁଦ୍ଦେଶର ଉଦ୍ଦେଶ୍ୟରେ



ଗାନ୍ଧୀଜୀଙ୍କର ଶବ-ଶୋଭାଯାତ୍ରା-ଦିଲ୍ଲୀର କିଙ୍ଗସ୍ୱେ

Digitized by srujanika@gmail.com



ଗାନ୍ଧିଜୀଙ୍କର ମର୍ତ୍ତ୍ୟ ଦେହର ଶେଷ ସଂସ୍କାର



ଚିତା ସମ୍ମୁଖରେ ଅମୃତକୌର, ଲର୍ଡ଼ ଓ ଲେଡ଼ି ମାଉଣ୍ଟ ବେଟେନ; ପାମେଲା ମାଉଣ୍ଟ ବେଟେନ, ମୌଲାନା ଆଜାଦ ଓ ଚୀନ ରାଜଦୂତ ।

Digitized by srujanika@gmail.com

# ସ୍ୱର୍ଗତ ମହାତ୍ମା

—୧—

କେ ସାନ୍ତ୍ୱନା ଦେବ କାରେ, କିଏ ଶବ୍ଦମାନ
ଅଛି ଏ ଜଗତେ ଆସ—ଭାରତ କ୍ରନ୍ଦନ।
ଶୁଣି ଥରେ; ଦେଖିଯାଅ ଲୋତକ ଲୁଳିତ
ଭାରତ ଜନନୀ ଦଶା; ମୁକତ ଭାରତ
ମୁଖେ କିପାଁ ନ ହୁଅଇ ସଙ୍ଗୀତ ସମ୍ଭବ
ସଂଗୀତ ବଦଳେ କିମ୍ପାଁ ଉଠେ ଆର୍ତ୍ତରବ।
କିଏ ସେହି କାହା ବଳେ ଏ ଦେଶ ଜୀବନ
ନଦ ନଦୀ ଗିରି ଗୁହା ପୁର ପଲ୍ଲୀ ଗଣ
ପାଇଲେ ଅମୃତସ୍ପର୍ଶ; କାହା କଣ୍ଠ ଧ୍ୱନି
ସାହସ, ପ୍ରେରଣା, ମୁକ୍ତି, ସାନ୍ତ୍ୱନାର ବାଣୀ।
ଦେଉଥିଲା ଏହି ଦେଶେ; କାହିଁ ସେ ଦେବତା
କାହିଁ ସେ ମୁକତି ଦାତା, ଭାରତ ବିଧାତା!

—୨—

ଯୁଗ ଯୁଗାନ୍ତର ବ୍ୟାପି ଦାସତ୍ୱ ବନ୍ଧନ
ଅହିଂସା—ଅସ୍ତ୍ର ବଳେ କରି ଉନ୍ମୋଚନ
ଚିରବାଞ୍ଛିତ ନିଷ୍ପେଷିତ ମରଣ ଉନ୍ମୁଖୀ
ଜାତିକୁ ଜୀବନ ଦେଲ, ହେ ମହାମନସ୍ୱୀ!
କନ୍ଦାକ୍ରୁଣ ଚକ୍ରପାତେ, ପ୍ରବଳ ସଙ୍କଟେ
ଆନନ୍ଦ ଆଧାର ରୂପେ ତୁମେ ଏ ଭାରତେ।
ଥିଲ ସଦା; ହେ ପୁଣ୍ୟାତ୍ମା, ତୁମ ଯୋଗୁଁ ଆଜି
ଦେଶେ, ଦେଶେ, ଖ୍ୟାତ ଶ୍ରୁତ ଏ ଭାରତ ଆଜି।
ଭାରତ ଜନନୀ ସତେ କେଉଁ ପୁଣ୍ୟ ଫଳେ
ପାଇଲା ତୁମ୍ଭଙ୍କୁ ଦେବ କି ଭାଗ୍ୟ ଅବଳେ।
ସତ୍ୟ, ପ୍ରେମ, ନ୍ୟାୟ, କ୍ଷମା ଶାନ୍ତିର ପ୍ରତିମା
ସ୍ୱହସ୍ତେ ବିଦାରି ଦେଇ ବରିଛ କାଳିମା।

—୩—

ଅଛି ଯେବେ ସ୍ୱର୍ଗ; ତବ ତ୍ରିଦିବ ପ୍ରୟାଣେ
ନୋହିବେ ଦୁଃଖିତ ଭଲେ ଭଥି ଦେବ ଗଣେ
ଦେଖି ଏ ଭାରତ ଦଶା; ସ୍ୱାଗତ ସଙ୍ଗୀତ
ଗାଇ ମହାଦରେ ବାଇ ବାଦ୍ୟ, ନହିଁବତ।
ଗଳେ ଦେଇ ପାରିଜାତ ଦେବକନ୍ୟା ଗଣେ
ସ୍ୱସ୍ତିପୁରେ ବନ୍ଧ ନେଇ ଯିବେ ସସମ୍ଭ୍ରମେ।
ହେ ଭାରତ ଭାଗ୍ୟ ଦାତା ସ୍ୱର୍ଗେ ବନ୍ଧୁ ପାଶେ
କୃପାଭିକ୍ଷା ଅହରହ ଭାରତ ସକାଶେ।
କରିବ କି? ଜଣାଇବ ମାନବ ବେଦନା
ନିଷ୍ପେଷିତ ଜନତାର ଦୈନ୍ୟ ନିର୍ପୀଡ଼ନା।
ରାଜ ରାଜେଶ୍ୱର ପଦେ? ତବ ଅର୍ଘ୍ୟ ଫଳେ
ଅବଶ୍ୟ ରାଜିବ ଶାନ୍ତି ଭାରତରେ ହେଲେ।

—୪—

ହତଭାଗା ମୁହିଁ ନଷ୍ଟେ ଏ ଦୀନ ନୟନ
ଭାଗ୍ୟେ ନ ଘଟିଲା ଯେଣୁ ତବ ଦରଶନ।
କେବେ ଅଛିଯାଏ, ତେବେ ତୈଲ ଚିତ୍ର ପଟ
ମାନସେ ମୋହର ଯାହା କରିଛି ପ୍ରକଟ।
ତବ ଛାୟା ତାହା କେବେ ନୁହେ ଲଭିବାର
ସତେ କି ସେ ପ୍ରତିମୂର୍ତ୍ତି ଅମୃତ ଆତ୍ମାର।

—୫—

ଆସ ହିନ୍ଦୁ, ବୌଦ୍ଧ, ଶିଖ, ଜୈନ, ପାରସିକ
ଆସ ହେ ମୁସଲମାନ, ଦରିଦ୍ର ଧନିକ।
ଏ ଯମୁନା କୂଳେ, ଯହିଁ ମହା ମାନବର
ହୋଇଛି ଅନନ୍ତ ଗତି, କିନ୍ତୁ ସେ ଅମର—
ଯୁଗେ ଯୁଗେ, ଶୁଣ ତାଙ୍କ ସାମ୍ୟ 'ମୈତ୍ରୀ' ବାଣୀ
ଯମୁନା ତରଙ୍ଗ ଯାହା ଗାଉଛି ବଖାଣି
ମହାତ୍ମା ଅମୃତ ଗୀତି; ମିଳାଇଣ ତାନ
ଗାଅ ତା ସରବେ ଦେଇ ହୃଦ ମନ ଧ୍ୟାନ।
ସଫଳ କରହେ ଆଜି ତାଙ୍କର ଉଦ୍ଦେଶ୍ୟ
ଯା' ପାଇଁ ଏ ପୁଣ୍ୟ ପ୍ରାଣ ଲଭିଛି ବିନାଶ।

ଲେ—ଜନାର୍ଦ୍ଦନ ପଟେଲ।
ସମ୍ବଲପୁର କଲେଜ।

Digitized by srujanika@gmail.com

# ସିନେମା

ଶ୍ରୀ ଧୀରେନ୍ ଦାଶ

କଲିକତା—

ବମ୍ବେରେ ମି, ଫାଲକେଙ୍କ ଚଳଚିତ୍ର ତିଆରି ଖବର କଲିକତାରେ ପହଞ୍ଚିବା କ୍ଷଣି ଜଣେକ ପାର୍ସୀ ବ୍ୟବସାୟୀ ମି, J. F. Madan ବଙ୍ଗଳାରେ ପ୍ରକାଶ କରିବା ପାଇଁ ଅଗ୍ରସର ହୋଇ ପଡ଼ିଲେ। ୧୯୧୭ ଖ୍ରୀଷ୍ଟାବ୍ଦରେ ତାଙ୍କର ପ୍ରଥମ ଚିତ୍ର 'ନଳ ଦମୟନ୍ତୀ' ପ୍ରକାଶ କରାଗଲା। ସେ ସମୟରେ ଭାରତୀୟ ଅଭିନେତା ନ ମିଳିବାରୁ (କଲିକତାରେ) ବିଦେଶୀୟଙ୍କ ଅଭିନେତୃତ୍ୱରେ ପ୍ରକାଶ କରାଯାଇଥିଲା। Signora ଏବଂ Signora Manelli ଦ୍ୱୟ ନଟ ନଟୀର ଅଭିନୟ କରିଥିଲେ। ଏହି ଚିତ୍ରର Camera man ଥିଲେ ଜ୍ୟୋତିଷ ସରକାର।

ମି, ମଦନଙ୍କ ସଙ୍ଗେ ସଙ୍ଗେ ବଙ୍ଗଳାର ଅନ୍ୟ କେତେକ ବ୍ୟକ୍ତି ଚଳଚିତ୍ର ନିର୍ମାଣରେ ଲାଗି ପଡ଼ିଥିଲେ—ସେମାନଙ୍କ ମଧ୍ୟରେ ଶ୍ରୀଯୁକ୍ତ ଅନାଦିନାଥ ବୋଷ, ନୀତୀଶ ଲାହିର ଏବଂ ଧୀରେନ୍ଦ୍ରନାଥ ଗଙ୍ଗୋପାଧ୍ୟାୟ ପ୍ରଧାନ ଅଟନ୍ତି।

ଭାରତରେ ପ୍ରଥମ ଟୁକିଂ ସିନେମାମାନେ ତମ୍ବୁରେ ଦେଖାଯାଉଥିବା ସମୟଠାରୁ ଶ୍ରୀଯୁକ୍ତ ଅନାଦି ବୋଷ ଚଳଚିତ୍ରରେ ଆକୃଷ୍ଟ ହୋଇ ପଡ଼ିଥିଲେ ଓ ନିଜେ Exhibitor ହିସାବରେ Aurora Cinema Co ତିଆରି କରିଥିଲେ—ତାପରେ ୧୯୧୬ ଖ୍ରୀଷ୍ଟାବ୍ଦରେ ତାଙ୍କର ବନ୍ଧୁ କ୍ୟାମେରାମ୍ୟାନ ଦେବୀଘୋଷଙ୍କ ସାହାଯ୍ୟରେ ସେ ସଂକ୍ଷିପ୍ତ ଚଳଚିତ୍ର ମାନ କରିବା ଆରମ୍ଭ କଲେ। ଏହି ଚଳଚିତ୍ର ଗୁଡ଼ିକ ଥିଏଟର ହେଉଥିବା ସମୟରେ ମଝିରେ କିଛି ସମୟ ଦେଖାଇ ଦିଆଯାଉଥିଲା- 'ରତ୍ନାକର' ନାମକ ନାଟକ ଚାଲୁଥିବା ସମୟରେ ତାଙ୍କର ପ୍ରଥମ ସଂକ୍ଷିପ୍ତ ଚଳଚିତ୍ର 'କଳ୍ପବୃକ୍ଷ' ଦୃଶ୍ୟଟି ଦେଖାଇ ଦିଆଯାଇଥିଲା। ଏହି ଚିତ୍ରଟି ୧୯୧୯ରେ ତିଆରି ହୋଇଥିଲେ ସୁଦ୍ଧା ୧୯୨୧ ଖ୍ରୀଷ୍ଟାବ୍ଦରେ ଅକ୍ଟୋମାସରେ ପ୍ରଥମ ଥର ଲୋକଙ୍କ ସାମନାକୁ ଆସିଲା— ।

୧୯୨୦ ଖ୍ରୀଷ୍ଟାବ୍ଦରେ ଧୀରେନ୍ଦ୍ର ଗଙ୍ଗୋପାଧ୍ୟାୟ ନୀତୀଶ ଲାହିରୀଙ୍କର ସାହାଯ୍ୟରେ 'The Indo-British Co' ଗଢ଼ିଲେ ଏହାର ପ୍ରଥମ ଚିତ୍ର 'England Returned' ୧୯୨୦ରେ ଫେବୃୟାରୀ ୨୭ତାରିଖରେ The Russa Theatreରେ [ବର୍ତ୍ତମାନ 'ପୂର୍ଣ୍ଣ'] ଦେଖାଇ ଦିଆ ଯାଇଥିଲା। ଏହାର ଅଭିନେତା ଥିଲେ ମଦନଙ୍କର କ୍ୟାମେରାମ୍ୟାନ୍ ଜ୍ୟୋତିଷ ସରକାର ଓ ଅଭିନେତ୍ରୀ ସୁଶୀଳା ଦେବୀ ନିର୍ଦ୍ଦେଶକ ଥିଲେ ଗଣେଶ ବୋଷ। ଏହି କମ୍ପାନୀର ୨ୟ ଚିତ୍ର 'ସାଧୁକେ ସନ୍ତାନ' ୧୯୨୨ରେ ପ୍ରକାଶ ହେଲାପରେ କମ୍ପାନୀଟି ଭାଙ୍ଗିଗଲା। ପରେ ଏଇ କମ୍ପାନୀକୁ ଅନ୍-ଭ୍ରେକେଟ ଡ, କେ, ଢେଇ କିଣି ନେଇଥିଲେ ଓ Taj Mahal Co ନାମ ଦେଇଥିଲେ। ଶ୍ରୀଯୁକ୍ତ ଶରତ୍ ଚନ୍ଦ୍ର ଚାଟର୍ଜୀଙ୍କର 'ଅନ୍ଧାରେ ଅଲୋ' ଏହି Coର ପ୍ରଥମ ଚିତ୍ର—ନିର୍ଦ୍ଦେଶକ ଥିଲେ ଶ୍ରୀଯୁକ୍ତ ଶିଶିର କୁମାର ଭାଦୁଡ଼ୀ।

ତାପରେ ୧୯୨୭ ଖ୍ରୀଷ୍ଟାବ୍ଦରେ କଲିକତାରେ 'Indian Kinema Artsର ଗଠିତ ହେଲା ଓ ୧୯୨୭ରେ ପ୍ରଥମ ଚିତ୍ର Incarnation' ପ୍ରକାଶ କରାଗଲା। Camera man ଓ Director ଥିଲେ ନୀତୀନ୍ ବୋଷ। ଏହି କମ୍ପାନୀ ଖୁବ୍ ଖ୍ୟାତି ଅର୍ଜନ କରି ପାରିଥିଲା ଓ ଶେଷରେ Mr. Madanଙ୍କର କଲିକତାରେ ଏକଚ୍ଛତ୍ର ଅଧିକାରକୁ ଦମନ କରିଥିଲା।

Indo-Beitish Film Coର ପତନ ପରେ ଧୀରେନ୍ଦ୍ର ଗଙ୍ଗୋପାଧ୍ୟାୟ ହାଇଦ୍ରାବାଦ (ଦାକ୍ଷିଣାତ୍ୟ) ଯାଇ Lqtus Film Co ଗଢ଼ିଲେ ଓ ତାପରେ ୧୯୨୮ରେ ଫେରି କଲିକତା ଫେରି ଶ୍ରୀଯୁକ୍ତ ଦେବକୀ ବୋଷଙ୍କ ସାହାଯ୍ୟରେ 'British Dominion Films Ltd ଗଢ଼ିଲେ—ଏହି କମ୍ପାନୀର ପ୍ରଥମ ଚିତ୍ର 'Padmini of Chitor ପ୍ରକାଶ କରାଗଲା—ଚିତ୍ରଟି ବହୁ ଖ୍ୟାତି ଅର୍ଜନ କରି ପାରିଲା ବରଂ ସାଧାରଣ ଲୋକଙ୍କ ମଧ୍ୟରେ ଗୋଟାଏ ନିଶା ଆଣିଥିଲା।

ତାପରେ ୧୯୩୦ରେ Mr. B. N. Sircarଙ୍କ ତତ୍ତ୍ୱାବଧାନରେ International Film Craft କମ୍ପାନୀଟି ଗଠିତ ହେଲା—ପରେ ଏହାର ନାମ ୧୯୩୧ଠାରୁ 'New Theatres' ହୋଇଅଛି—ଏହି କମ୍ପାନୀ ବର୍ତ୍ତମାନ ସୁଦ୍ଧା କଲିକତାରେ ସର୍ବୋତ୍କୃଷ୍ଟ ଅଟେ।

ମାନ୍ଦ୍ରାଜ—

୧୯୧୮ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ମାନ୍ଦ୍ରାଜରେ ଚଳଚିତ୍ର ନିର୍ମାଣ କରିବା ବିଷୟରେ କେହି ମୁଣ୍ଡ ଘୂରେଇ ନଥିଲେ। କେବଳ ବମ୍ବେରୁ ଚିତ୍ରମାନ ଯାଇ ସେଠାରେ ଦେଖା ଯାଉଥିଲା। ୧୯୨୮ ଖ୍ରୀଷ୍ଟାବ୍ଦରେ R. Venkiah ତାଙ୍କ ପୁଅ R. Prakashଙ୍କୁ ସିନେମା ବିଷୟ ଶିକ୍ଷା କରିବା ପାଇଁ ଇଂଲଣ୍ଡ ଓ ଆମେରିକା ପଠାଇଥିଲେ। ତିନିବର୍ଷ ପରେ ସେ ଫେରି ୧୯୨୦ ଖ୍ରୀଷ୍ଟାବ୍ଦରେ 'The star of The East film Co' ଗଢ଼ିଲେ—ତାଙ୍କର ପ୍ରଥମ ଚିତ୍ର 'ଭୀଷ୍ମ ପ୍ରତିଜ୍ଞା'।

୧୯୨୯ରେ ହରଭାଇ ଦେଶାଇ ମି, ପୁରୁଷୋତ୍ତମ ଦାଶଙ୍କ ସହିତ ମିଶି ବାଙ୍ଗାଲୋର ଠାରେ ସୂର୍ଯ୍ୟଫିଲ୍ମ କୋ' ଗଢ଼ିଲେ। ଏହି କୋମ୍ପାନୀର ଅନେକ ଗୁଡ଼ିଏ ଚିତ୍ର ପ୍ରକାଶ କରାଯାଇଥିଲା।

ସେହି ବର୍ଷ A. Narayan B. A. "ଜେନେରାଲ ପିକ୍‌ଚର୍ସ କୋର୍ପୋରେସନ୍" ଗଢ଼ିଥିଲେ ଓ ତାପରେ 'Associated Films Ltdରେ ମିଶିଥିଲେ—ଦୁର୍ଭାଗ୍ୟ ବଶରେ ଦୁଇଟି ଯାକ ଭାଙ୍ଗି ଯାଇଥିଲା।

ତାପରେ ଚଳଚିତ୍ର ନିର୍ମାଣର ଗତି ଭାରତରେ ଯେପରି ଦ୍ରୁତଭାବରେ ବଢ଼ି ଚାଲିଲା ତାହା ଗୋଟି ଗୋଟି କରି ଲେଖିବାର କୌଣସି ଆବଶ୍ୟକତା ଅଛି ବୋଲି ମନେ କରୁନି।

ଆସନ୍ତା ସଂଖ୍ୟାରେ 'Studio' (ଷ୍ଟୁଡ଼ିଓ) ଓ ଚଳଚିତ୍ର କିପରି ତିଆରି କରାଯାଏ ଲେଖିବି।

Digitized by srujanika@gmail.com

# ନିବେଦନ ମିଦଂ

### — ଯାହା ଯାଇଚି —

ଏଇ ଟବଗଛ ତଳେ,
ମାଲ୍‌ଗାଡ଼ି ସମ ଆସିଥିଲ ପ୍ରିୟା,
ସେ ଦିନ ସଂଧ୍ୟାବେଳେ ।
ଆଖିରୁ ତୁମର ଝରି ପଡ଼ୁଥିଲା
ଗରମ ଜଳର ଧାର,
ବୁକୁର ବେଦନା ହୃଦ ଛାଟିଥିଲା
ଛଟେ ଗନ୍ଧର ଗାର ।
କବରୀ ଲଟାରୁ ଖସି ଆସୁଥିଲା
ବକୁଳ ଏସେନ୍‌ସ ଗନ୍ଧ
ଲେମ ଥରୁଇ ଗୋ, କେନାଲ୍ ହାଓଆ
ବହୁଥିଲା ମନ୍ଦ ମନ୍ଦ ।
ଅଧରୁ ତୁମର ପାନ ପିକ ପଡ଼ି
ଭିଜିଥିଲା ମୋର ଛାତି,
କଲେଜ୍ ହଷ୍ଟେଲ୍ ନଦେ ଶୋଇଥିଲା
ବନ୍ଧ ଉଠିଥିଲା ରାତି ।
ପ୍ରେୟସୀ ଗୋ, ଆଜି ମନେ ପଡ଼େ ମୋର
ଏଇ ସେ ଗଛର ତଳ,
ଯେଉଁଠି ଭ୍ରମର ବଲତ କୁନ୍ତଳ
ମୁଣ୍ଡିଥିଲ ଗୋ ଜଳ ।
ସେ' ଗଛ ପଚରେ ଆଜ,
ବାଲ୍‌ଟି ଟାଂଗେ ଶିହରଣ ଟେଲେ
ଛାତି ତଳ ପଡ଼େ ଭାଙ୍ଗି ।
ତୁମରି କୁନ୍ତଳ ସମ,
ସତ କହୁଅଛ ଦେଖିନି ଏବେ ବି
କଲେଜ ଜୀବନେ ମମ ।
ସେ' ଦିନ ଯାଇଛି; 'ତାଥ ପରେ ସଖି
କେତେ ଅଂଧାର ରାତେ,
ଆସିଥିଲ ତୁମେ ଢୋଷାର ସ୍ଲିପର୍
ଟର୍ଚ୍ଚଲାଇଟ୍ ହାତେ,
କେନାଲ କୂଳରେ ଗଂଧ-ହାଓଆ ସାଥେ
ଏହି ଟବଗଛ ତଳ,
ଧନ୍ୟ ହୋଇଛି ଛୁଇଁ ଗୋ ତୁମର
ମଖମଲ୍ ଚଟି ତଳ,
ମୋ' ପରି ଛୁଇଁଣ ରାତର କେତେ
ସୌଖିନ ପ୍ରେମିକ ଦଳ ।

### — ଯାହା ଆସିବ —

ଅଥିର ହବନି ପରାଣ ସଜନି,
ଆସିବ ଏପ୍ରିଲ୍ ମାସ,
ତମ ପାଦ ଛୁଇଁ ହସି ଉଠିବ ଗୋ,
କେନାଲ କୂଳରେ ଘାସ ।
ଆସିଥିବ ତମେ ଗାଲହାଡ଼େ ମାରି
ସ୍ନୋ, ସେଣ୍ଟ ଆଉ କ୍ରୀମ୍,
ସେତେବେଳେ ସିନା ସଫଳ ହବ ଗୋ,
ବେଦୁବନ୍ ଦେଖ ଡ୍ରୀମ ।
ତମେ ଆଉ ମୁଁ ଦୁଇଜଣ ହୋଇ
ଖୁଜିବା ପ୍ରଣୟ ଜଳ,
ଧନ୍ୟ ହୋଇବ ଆମକୁ ପାଇ ଗୋ,
ପ୍ରଭାତ ସିନେମା ହଲ୍,
ଘୂରି ଘୂରି ସଖି, କଟକ ହୋଟେଲ୍
ଖାଇବା 'ସ୍ୱଦାଂ ଟି'
ଫ୍ରି ଡ଼ିଷ୍ଟବାଥ୍ ଯୋଗାଇ ଦେବ ଗୋ,
ସାଦରେ ମ୍ୟୁନିସ୍‌ପାଲ୍‌ଟି ।
ତା'ର ପରେ ସଖି; ପବନ ବହିବ
ପରାଣ ଉଠିବ ମାତି,
କେଉଁ ଉଡ଼ାଘରେ ଜମକି ଉଠିବ
ମିଡ୍ ବୈଶାଖ ରାତି ।
ତମ ବଙ୍କା ଓଠେ ରୋମାଣ୍ଟିକ୍ ହସ
ଲିପଷ୍ଟିକ୍ ବୋଳା ଲାଲ୍,
ଆଖିରେ ଥିବ ଗୋ, କ୍ଲାସିକ୍ ଗୃହିଣୀ
ଫୁଲି ଉଠୁଥିବ ଗାଲ ।
ବାଡିଯିବ ସଖି ମିନିଟ୍ ମିନିଟ୍
ଜୀବନଟା ଗୋଟେ ରେଜ୍
ପାଦରେ ଭରିକ ଅଳସ-ଗମନ
ପ୍ରେମର ମଦାଳି ଡ଼ୋଜ
ଜୀବନଟା ଅଜ ଟ୍ରାଜେଡ଼ି ହବନି
ହବ ଗୋ ହେଭେନ୍ଲି ବ୍ଲିସ୍
ସ୍ନୋ-ବୋଳା ଗାଲେ ଦଉଥିବ ସଖି
ନରମ ଗରମ କିସ୍ !
ସଖି ଗୋ,
ନିବେଦନ ମୋର ଏହି ଗୋ ।

ଲେଖକ—ଶ୍ରୀ ଯଦୁନାଥ ଦାଶ ମହାପାତ୍ର ।

Digitized by srujanika@gmail.com

# କଥା ଓ ନଥା

ଫେନ୍ହେଟଙ୍କା ସୁପ୍ରସ୍ତାବ—ଆର୍ଥିକ ଜନକ-ଫଳପ୍ରଦ ଦ୍ୱିବେଦୀଙ୍କ ଶ୍ରୀ ସୁପ୍ରଭା ଦର୍ଶନୀଭୂତ ହୁଅନ୍ତୁ । କୃଷକ ବନ୍ଧୁଗଣ ।

…ଦ୍ୱିବେଦୀଙ୍କ ଶୁଭେଚ୍ଛାର କାଳ ପ୍ରମାଣ?

× × ×

ଏହାପରେ ନାନା ଦୋଷକୁ ହିଁ ଭାଗଗ୍ରସ୍ତ ଆସନରେ ରହିଛି ।—ଇତି କୁଶଳ ସମ୍ପାଦକ

…ଶୁଦ୍ଧ ଅଶୁଦ୍ଧ ସୁଧାଇ ଗାଇବ ନବ-ବାବୁଙ୍କ ଦୋଷ ନ ଘେନିବ

× × ×

'ପ୍ରଜାମିତ୍ର' କେବେ ତ କୌଣସି ରଜା ବା ପୁଞ୍ଜି ପତିଙ୍କ ପାଳରେ ପଡ଼ନାହିଁ ।—ପାଠଣା ରଜାଙ୍କ ପ୍ରଜାମିତ୍ର ।

…ଲୁଚିଛ ନା ଗୋଡ଼ ଦୁଇଟି ଦିଶୁଛି ।

× × ×

'ଡଗର'ରେ କେହି କେହି କାକୋଡ଼ିଆ ଜୁଟି ପେଟରେ ପକାଇ ଥିଲେ—ପ୍ରଜାମିତ୍ର ।

…ଯୁଗଳ ବେଣି ପେଟରେ ପଶନାହିଁ ।

× × ×

ଓଡ଼ିଶାରେ ଦଳଗତ ଶାସନ ଚାଲିଛି—ଆଲୁଅ ସମ୍ପାଦକୀୟ

…ନଳଙ୍ଗୀ ଦଳଗତ ଜଳମଧି ତରଳଂ ଶାସନ

× × ×

ଗଡ଼ିବା ତାର ଲକ୍ଷ୍ୟ—ଭାଙ୍ଗିବାକୁ ସେ ବରୋଧ କରିବ—ମୟୂରଭଞ୍ଜ ଜାଗରଣ

…ଦିଅଁ ଗଡୁ ଗଡୁଁ…

× × ×

ମୟୂରଭଞ୍ଜରେ ସୂତାକଳ— ମୟୂରଭଞ୍ଜ ଜାଗରଣ ସମ୍ବାଦ

ଦସ୍ତ୍ର ଅଭାବେ ସୁନ୍ଦରଂ ଦଦ୍ୟାତ୍

× × ×

ଜାନୁଆରୀ ୨୬ ତାରିଖର ମୂଳବ୍ରତ ଉଦ୍‌ଯାପିତ ହୋଇଛି ୧୫ ତାରିଖ ଦିନ । କାଲୁ ପ୍ରତିମା ବର୍ତ୍ତମାନ ସୁଦ୍ଧା ବିସର୍ଜନ ଦିଆ ଯାଇ ନାହିଁ ।—ପ୍ରଜାତନ୍ତ୍ର ସମ୍ପାଦକୀୟ ।

…ଠାକୁର ଗଲେ ତେଣିକି ପ୍ରଜାତନ୍ତ୍ରର ଖଟୁଲି ପାଳ ପଡ଼ିବ ।

× × ×

ପାଠକମାନେ ଆମପ୍ରତି 'ସହଜ ଶୀଳ' ହେବେ—ପ୍ରଜାତନ୍ତ୍ରର ଆବେଦନ ।

…ବାଢ଼େଇଲେ କାଟିବ ନାହିଁ ।

× × ×

ସହୋଦର ଦେଇଛି ଭାର ସଦାନନ୍ଦ ମନ୍ତ୍ରୀ ମାନେ ଅକୁଣ୍ଠିତ ଚିତ୍ତରେ ବନ୍ଦନ କରନ୍ତୁ—ଇତି ନାୟକ ।

…କୋଷ୍ଠ ମହୋତ୍ସବର ନେହରୁଦିନ ।

× × ×

ଶରଣାଗତ ମାନଙ୍କର ଉଦାସତା ତାଙ୍କର କାଳ ହୋଇଛି—ଇତି ନାୟକ ।

…ଏଣିକି ମାତଲାକୁ ସନ୍ତୋଷ କରିବ କି ?

× × ×

କଂଗ୍ରେସର ଅଧଃପତନ—ନାୟକରେ ।

…ଅଉ ମାନେ ଉର୍ଦ୍ଧ୍ୱକୁ ଗୃହୀତନ୍ତି—ନନ୍ଦୁ ଛପିନା ।

× × ×

ପଟେଲଙ୍କ ଅସଲ ସ୍ୱରୂପ—ମୁକ୍ତିଯୁଦ୍ଧ

…ଦ୍ରୌକ୍ଷା କରାଳାଖ୍ୟ ଚତେ ମୁଖାନ ଦୁଷ୍ପ୍ରେକ୍ଷ୍ୟ କଳାନଳ ସନ୍ନିଭାନ ।

+ + ×

ବିହାର ଗୃହୀଙ୍କ ପ୍ରାଣାନ୍ତ ନଲାଇ—ମୁକ୍ତିଯୁଦ୍ଧ

…ପ୍ରାଣ ଗଲାପରେ ଭୂତ ନଚିଥିବେ ।

× × ×

ପଟେଲଙ୍କ କହିବାର ଅର୍ଥ ଶ୍ରମିକ ମାନଙ୍କ ଦଳନ ଲାଗି ଆମ ସରକାର ସବୁବେଳେ ପ୍ରସ୍ତୁତ ଅଛି—ମୁକ୍ତିଯୁଦ୍ଧ ।

…ମଲ୍ଲୀନାଥ ଟୀକାକାର ଅଛିଲେ

× + ×

ଯେଉଁ ଗରିବ ଦେଶର ମୁଣ୍ଡପ୍ରତି ଆୟ ଛ' ପଇସା ସେ ଦେଶର ଲାଟ ମନ୍ତ୍ରୀମାନେ ମୋଟା ଟଙ୍କା ନେବା ଆଦୌ ଉଚିତ ନୁହେଁ—ଆଶା

…ସେମାନଙ୍କ ମୁଣ୍ଡତ ଗୋଟିଏ ମୁଣ୍ଡ ନୁହେଁ ଏବଂ ସେମାନଙ୍କ ଟଙ୍କାଟା ଅନ୍ୟମାନଙ୍କ ଟଙ୍କାଠାରୁ ମୋଟା ନୁହେଁ—ଏକା ମୋଟ ।

+ + +

ସ୍ୱଳ୍ପ ବେତନ ଭୋଗୀ କର୍ମଚାରୀ ମାନେ ନାନାଆଡ଼ୁ ସଂଘାତ—ମହତାବଙ୍କ ଭାଷଣର ପ୍ରଜାତନ୍ତ୍ରୀ ବିବରଣ ।

…ସ୍ୱଳ୍ପଂ ନବାଧତେ ସ୍ୱଜନ୍ ।

+ + +

ଅଳ୍ପ ବେତନ-ଭୋଗୀ କର୍ମଚାରୀ ମାନେ ଆତ୍ମସମ୍ମାନ ଜ୍ଞାନ ଲାଭ କରନ୍ତୁ—ମହତାବ

…ଯାବତ ନପୂରେ ଉଦର
ତାବତ ଜ୍ଞାନ କାହିଁ ମୋର

+ + +

କୃଷି ପ୍ରଧାନ ମନ୍ତ୍ରୀ ଗାଲଟି [illegible]—ସମ୍ବାଦ

…ଅହେ ଗାଲଟିର,
ତୁମ୍ଭ ଗାଲ୍ଭଜ ଦନ୍ଦୁଣୀ କୋଉ କେତେ

+ + +

ଲୁଗାରୁ କଣ୍ଟ୍ରୋଲ ଉଠିଲା ।—ସମ୍ବାଦ

…ବସ୍ତ୍ର ହରଣ ଯୁଅଙ୍ଗ ସରିବ ?

+ + +

ପ୍ରତି ମାଟ୍ରିକ ବାଲ୍ୟ ବର୍ଷେ ଓ ବିଏ [illegible] ଦୁଇବର୍ଷ ଶିକ୍ଷା କରିବେ—ଆଜାଦ୍

…ବାହୁଣ୍ଡିରୁ ବଣିଜ ଅନୁଆ ନହେଉ

+ + +

ଜାତ ରାଜାମାନଙ୍କୁ ମନ୍ତ୍ରୀମାନଙ୍କ ଶ୍ରଦ୍ଧାଞ୍ଜଳି—ଜନତା ।

ସ୍ୱର୍ଗତଙ୍କ ସ୍ୱର୍ଗୋଦ୍ଧାରକୁ ଶ୍ରଦ୍ଧାଞ୍ଜଳି ସ୍ୱାଭାବିକ

+ + +

ଧର୍ମଘଟ ଭାଙ୍ଗିବ (କୃଷକ)

…ହାଟ ମଝିରେ ହାଣ୍ଡିଭଙ୍ଗ ?

+ + +

ପଶ୍ଚିମ ବଙ୍ଗଳା ମନ୍ତ୍ରୀ ମଣ୍ଡଳର ପରିବର୍ତ୍ତନ (ମାତୃଭୂମି ହେଡ଼ିଂ)

…ପଟ—ପରିବର୍ତ୍ତନ ନୁହେଁତ ?

+ + +

ବିହାର ମନ୍ତ୍ରୀମଣ୍ଡଳ ଉପରେ ଅନାସ୍ଥା ପ୍ରସ୍ତାବ (ସମାଜ ସମ୍ବାଦ)

…ପୁଣ୍ୟଭୂମି ଓଡ଼ିଶାରେ ସେ ଭୟ ନାହିଁ—ଏଯେ ଭକ୍ତର ଦେଶ ।

+ + +

ଓଡ଼ିଶା ସାମ୍ୟ ବାଦୀଦଳ କେଉଁ ଆଡ଼େ ? (ପ୍ରଜାତନ୍ତ୍ର)

…ବାଡ଼ିଆଡ଼େ ?

+ + +

---

## କୁତକୁତ୍

ପୁଅ— ବା ବା, ଦେଖିଛ—କାଲି 'ପ୍ରଜାତନ୍ତ୍ର'ରେ ଯେଉଁ "ଓଡ଼ିଆ ମନ୍ତ୍ରୀଙ୍କ ହତ୍ୟା କରିବାର ଷଡ଼ଯନ୍ତ୍ର" ସମ୍ବାଦ ବାହାରି ଥିଲା ତାହା ଅମୂଳକ ବୋଲି ପ୍ରଧାନ ମନ୍ତ୍ରୀ ପ୍ରତିବାଦ କରିଛନ୍ତି ।

ବାପ—ମାରୁ, ମାର ସେ ବ୍ରାକେଟବର ସବୁ । ଓଡ଼ିଶାରେ ମାଙ୍କଡ଼ ମାରିଲେ ତ ଭଳ-ଟଙ୍କା ମିଳିବ—ମନ୍ତ୍ରୀ ମାରିଲେ କଣ ମିଳିବ ?

× × ×

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜ୍ଞାନର ପରିସର ବଢ଼ାଇବା ଜୀବନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମାଧ୍ୟମରେ ପତ୍ର ବିନିମୟ ଦ୍ୱାରା ବନ୍ଧୁମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହାସ ଦ୍ୱାରା ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

(୧୮ ବର୍ଷରୁ ଊଣା ବାଳକ ବାଳିକା ମାନଙ୍କ ପାଇଁ)

## ମହାତ୍ମା ବିୟୋଗେ

ପ୍ରାଣଠାରୁ ଅଧିକ ସତ୍ୟ ଅହିଂସାରୁ
ଭାବୁଥିଲେ ଯେଉଁ ମହାନ
ଚାଲିଗଲେ ସେ ଆଜି କେଉଁ ଦେଶେ ଆହା
କିଏଁ ତାରୁ କାହିଁ ସନ୍ଧାନ,
ସଂଗ୍ରାମ ପ୍ରତି ଅନ୍ତରେ ତାଙ୍କର
ପୁଣ୍ୟ ଛବି ପ୍ରତି ଫଳିତ,
ଅନ୍ଧ-ଭାରତର ପ୍ରତି ପ୍ରାଣେ ତାଙ୍କ
ସୁପବନ ମଧୁଚରିତ ।
ଗୋଟିଏ ହୋଇ ସେ କୋଟି ପରାଣର
ଲଭିଛନ୍ତି ଭକ୍ତି ପ୍ରଣତି
ଅଭିଶାପ ଫଳେ କେଉଁ ଦେବତା ସେ
ହୋଇଥିଲେ ନର ମୂରତି ।
ଧୂଳି ଧରଣୀରେ ସତ୍ୟ ଅହିଂସାର
ସୁଧା ମନ୍ଦାକିନୀ ବୁହାଇ ।
ଅଦିନେ ଚାଲିଲେ ହେ ଜନ ନାୟକ
ଲୋତକେ ଆମକୁ ଭସାଇ ।
ଘନ ଅନ୍ଧକାର ପଥ ବଣା ହେଲେ
କିଏ ଦେଖାଇବ ଆଲୋକ,
ତୁମକୁ ହରାଇ ହେ ମହାତ୍ମା ଆଜି
ଶୋକେ ମଗ୍ନ ସାରା ଭୂଲୋକ ।

ଶୈଳବାଳା
୧୭ ନମ୍ବର ନାଗବାଳୀ

ସ୍ନେହର ନାଗ ଓ ନାଗୁଣୀଏ,

କଲମ ଚାଲୁ ନାହିଁ । ଛାତିରେ କୋହ ଉଠୁଛି । ଆଖିରେ ପାଣି—ଲେଖିବାକୁ ମନ ବଳୁନାହିଁ । ନିରାଶାର ଭାବ ସାରା ଦେଶରେ ଛାଇ ଯାଇଛି । ବାପୁଜୀ ଆମକୁ ଛାଡ଼ି ଚାଲିଗଲେ ହୁଏତ ଏମିତି ଯାଇଥିଲେ ଆମର ଆଜି ଏତେ କଷ୍ଟ ହୁଅନ୍ତା ନାହିଁ । ଆମ ଦେଶର ଜାତିର ଯେତେବେଳେ ସବୁଠୁ ତାଙ୍କୁ ବେଶି ଲୋଡ଼ା ସେ ଅମର ଦେଶର ଜଣେ ଲୋକ ହାତରେ ପ୍ରାଣ ଦେଲେ । ଆମ ଜାତି ମୁହଁରେ ଚିରଦିନ ପାଇଁ କାଳି ଲେପି ଦେଲା,—ସବୁଦିନ ପାଇଁ ଆମ ମୁହଁ ତଳକୁ ହେଲା ।

ହଁ ଫେର୍ ମନେ ହେଉଛି ଯେ ବାପୁଜୀ ଏମିତି ସାଧାରଣ ମରଣ ମରନ୍ତେ କାହିଁକି ? ତା' ହେଲେ ସେ ଅମର ହୋଇ ପାରନ୍ତେ ନାହିଁ । ଯିଶୁ ଠିକ୍ ଏମିତି ମରଣ ମରିଥିଲେ । ୧୯୧୯ ବର୍ଷ ପୂର୍ବେ ଏଇ ଶୁକ୍ରବାର ଦିନ ଯିଶୁଙ୍କୁ ତାଙ୍କ ଲୋକେ କ୍ରୁଶ ବିଦ୍ଧ କରିଥିଲେ । ବାପୁଜୀ ଅମର ଯୁଗ ଯୁଗାନ୍ତ କାଳ କାଳକୁ ଯିଶୁଙ୍କ ଭଳି ଅମର ହୋଇ ରହି ଗଲେ ।

ଆମେ ତାଙ୍କୁ ହତ୍ୟା କରି ଯେଉଁ ପାପ ଅର୍ଜନ କରିଛୁଁ ତାହା ମୋଚନ ହେବ କେମିତି? ଗୋଟିଏ କେବଳ ଉପାୟ ଅଛି । ସେ ଯେଉଁ ମନ୍ତ୍ର, ଯେଉଁ ବାଣୀର ପ୍ରଚାର କରି ଯାଇଛନ୍ତି ଯେଉଁ ସତ୍ୟ ଓ ଅହିଂସା ବ୍ରତ ନିଜେ ପାଳନ କରି ବାଟ ଦେଖାଇ ଦେଇ ଯାଇ ଅଛନ୍ତି—ଆମେ ଯଦି ତାକୁ ମାନିନେଉ ତାହେଲେ ଆମର ପାପ ଧୋଇ ହୋଇଯିବ । ବାପୁଜୀଙ୍କର ଅମର ଆତ୍ମା ସ୍ୱର୍ଗରୁ ଥାଇ ଆମକୁ ଆଶୀର୍ବାଦ କରିବେ । ପୁଣି ଆମେ ବିଶ୍ୱ ସଭାରେ ମୁଣ୍ଡଟେକି ଆଗୁଆ ହୋଇ ପାରିବା ।

ତମେ ସବୁ ନାଗ ନାଗୁଣୀ ଯେତେ ଅଛ ବାପୁଜୀଙ୍କ ନାମରେ ଶପଥ ନିଅ ଯେ ତମେ କାହାରି ପ୍ରତି ହିଂସା ଭାବ ରଖିବ ନାହିଁ ହିନ୍ଦୁ ମୁସଲମାନ ଭାଇ ଭାଇ ପରି ମଣିବ । ଛୁଆଁ ଅଛୁଆଁ ଭେଦ ଭାବ ରଖିବ ନାହିଁ । ସତ୍ୟକୁ ଛାଡ଼ିବ ନାହିଁ । ତା ହେଲେ ଦେଖିବ ଭାରତ ପୁଣି ସୁନା ହୋଇ ଉଠିବ । ଆଉ ସବୁ ଜାତି ଆମ ପାଖରେ ମୁଣ୍ଡ ନୁଆଁଇବେ ।

ଇତି ତମର
'ଅଜା'

## ଅଜାଙ୍କ ଉତ୍ତର

ଯୁଧିଷ୍ଠିର (୯୬୦) ପାଠାଗାର ସ୍ଥାପନ କରିଛ ଶୁଣି ଖୁସି ହେଲି । ନାମ ରଖ "ବାପୁଜୀ ପାଠାଗାର"—ବାପୁଜୀଙ୍କ ସ୍ମୃତିରେ ତାହା ଉତ୍ସୃଷ୍ଟ ହେଉ ।

ବାର୍ଷିକ ଚାନ୍ଦା ଅର୍ଥାତ ଯେଉଁ ମାନେ ସ୍ଥାୟୀ ନାଗ ନୁହଁନ୍ତି ସେମାନଙ୍କୁ ପ୍ରତିବର୍ଷ ୪୦୬ ଲେଖାଏ ଦେବାକୁ ପଡ଼େ । ସ୍ଥାୟୀ ଚାନ୍ଦା ଏକା ବେଳେକେ ୪୦୪ ଦେଲେ ଆଉ ଚାନ୍ଦା ଦେବାକୁ ପଡ଼େନାହିଁ । ନାଗ ବିଭାଗର ଯେଉଁ ଧରଣର କବିତା ପ୍ରବନ୍ଧ ପ୍ରଭୃତି ପ୍ରକାଶ ପାଉଛି ସେଇ ଧରଣର ପଠାଅ ।

୧୩ ସଂଖ୍ୟା 'ଡଗର'ରେ ଯେ ସାହିତ୍ୟିକ ନାଗ ସଙ୍ଗୀ ଚାହାନ୍ତି ବୋଲି ଜଣାଇ ଥିଲେ ସେ ୯୦୩ ନଂ ନାଗ ସତ୍ୟାନନ୍ଦ ବିଶ୍ୱାଳ ପେଣ୍ଠପାଳ ବାକ୍‌ଦେବୀ ପାଠାଗାର ପୋ: ଚୌଦୁଆର—ଜି: କଟକଙ୍କ ସାଙ୍ଗରେ ପତ୍ର ବିନିମୟ କରନ୍ତୁ ।

ଅନିଲ କୁମାର (୯୫୦) ତମେ ଏକା ସାଙ୍ଗରେ ଚାରୋଟି ପ୍ରଶ୍ନ ପଚାରିଛ—ମୁଁ ପ୍ରତ୍ୟେକ ନାଗକୁ ଥରକେ ଗୋଟିଏ ପ୍ରଶ୍ନ ପଚାରିବାକୁ ନିର୍ଦ୍ଦେଶ ଦେଇଛି ।

(୧) ଭାରତ ଇତିହାସରୁ ଯାହା ଜଣାଯାଏ ଠିକ କେଉଁ ସମୟରେ ବିଜ୍ଞାନର ବିକାଶ ଓ ପତନ ଘଟିଥିଲା କହିହେବ ନାହିଁ । କାରଣ ଦୁଇ ହଜାର ବର୍ଷର ପୂର୍ବରୁ ଆମ ଦେଶର ଇତିହାସ ନାହିଁ କହିଲେ ଚଳେ ।

(୨) ତାନ୍ତ୍ରିକ ବିଦ୍ୟାର ସାହାଯ୍ୟରେ ମୃତକୁ ଜୀବିତ କରୁଥିଲେ ଏହା ଇତିହାସରେ କେଉଁଠି ପାଇଲ ? କେବଳ ପୁରାଣରେ ଏଭଳି ଉପାଖ୍ୟାନ ଦେଖିବାକୁ ମିଳେ ।

(୩) ପୂର୍ବକାଳର ଭାରତର ଇତିହାସ କୌଣସି ଲିଖିତ ଆକାରରେ ମିଳେ ନାହିଁ—କେତେକ ତଥ୍ୟ ଓ ପ୍ରମାଣ ଉପରେ ନିର୍ଭର କରି ଆଜି କାଲିକାର ଐତିହାସିକ ମାନେ ଭାରତର ପୂର୍ବକାଳର ଇତିହାସ ରଚନା କରି ଅଛନ୍ତି ।

(୪) ଏ ପ୍ରଶ୍ନର ଉତ୍ତର ନାଗମାନଙ୍କ ଠାରୁ ମୁଁ ଆଶାକରେ—ପ୍ରଶ୍ନଟି ଏହି:—ପୃଥିବୀରେ ଓ ଭାରତରେ ସବୁଠାରୁ ବଡ଼ ବିଜ୍ଞାନଗାର କେଉଁଠି ଅଛି ଓ ତା'ର ଆନୁମାନିକ ମୂଲ୍ୟ କେତେ ।

—*—

Digitized by srujanika@gmail.com

# ଚିଠିପତ୍ର

ପ୍ରତି ସଂଖ୍ୟା 'ଝଙ୍କାର' ରେ, ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା, ସୂଚନା ( Suggestions ) ପ୍ରଭୃତି 'ଚିଠିପତ୍ର'ରେ ପ୍ରକାଶ ପାଇବ । [illegible]

## ଧାନ ଚାଉଳ ଦର ବୃଦ୍ଧିରେ ପ୍ରବାସୀ ଓଡ଼ିଆ ମହଲରେ ଆତଙ୍କ

ଓଡ଼ିଶା ସରକାର ବର୍ତ୍ତମାନ ଦେଶରେ ଅଭାବ ଅନାଟନ ସମୟରେ ଧାନ ଚାଉଳର ଦର ବୃଦ୍ଧି କରିବା ଫଳରେ କଲିକତା ପ୍ରବାସୀ ଓଡ଼ିଆମାନଙ୍କ ମଧ୍ୟରେ ଚହଲପଡ଼ି ଯାଇଛି—ସମସ୍ତଙ୍କ ମନରେ ଆତଙ୍କ ସୃଷ୍ଟି ହୋଇଛି । ପ୍ରତିଦିନ ଏ ସମ୍ବନ୍ଧରେ ସଭା ସମିତିମାନ ହେଉଛି—ପତ୍ରପତ୍ରିକାମାନଙ୍କରେ ମଧ୍ୟ ଆଲୋଚନା ଚାଲିଛି । ଏପରି କି ଓଡ଼ିଶାର ଚାରିଆଡ଼େ ହାହାକାର ପଡ଼ିଯାଇଛି । ବର୍ତ୍ତମାନ ଅବସ୍ଥାରେ ଦେଖିବାକୁ ଗଲେ ଓଡ଼ିଶାରେ ଅଧିକାଂଶ ଲୋକେ କାଣିଖିଆ—ମଜୁରିଆ । ଯେଉଁମାନଙ୍କର ଜମି ଅଛି ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ଜମିର ପରିମାଣ ଖୁବ୍ ସ୍ୱଳ୍ପ । ସେଥିରୁ ଯାହା ଧାନ ଅମଳ ହୁଏ ତାହା ବର୍ଷଟିଏ ଚଳେନାହିଁ । ସେଥିରେ ଅଭାବ ପଡ଼ିବାରୁ ମଧ୍ୟ ମହାଜନ ଦ୍ୱାରକୁ କରଜ ସୂତ୍ରରେ ଦେଢ଼ିବୃଦ୍ଧି ସୁଧହାରରେ ଧାନ ଆଣିବାକୁ ପଡ଼େ । ସେଥିରେ ପୁଣି ବନ୍ୟା ମରୁଡ଼ି, ଦୁର୍ଭିକ୍ଷ ଓଡ଼ିଶାର ଚିର ସହଚର ହୋଇଛି । ଅଭାବର ତାଡ଼ନାରେ ପଡ଼ି ଆଜି ଲକ୍ଷ ଲକ୍ଷ ଓଡ଼ିଆ କଲିକତା, ରେଙ୍ଗୁନ, ଆସାମ, ଖଡ଼ଗପୁର, ଜେମ୍‌ସେଦପୁର ପ୍ରଭୃତି ସୁଦୂର ପ୍ରବାସରେ କୁଲିଗିରି କରି ମୁଣ୍ଡଝାଳ ତୁଣ୍ଡରେ ମାରି ଧନରାଶି ଖଟିଖଟି ଯାହାକିଛି ଅର୍ଜନ କରୁଛନ୍ତି ତାହାତ ସରକାରଙ୍କର କୋଠ ଭଣ୍ଡାରକୁ ଯାଉଛି—ମହାଜନଙ୍କର ଗନ୍ତାଘରକୁ ଯାଉଛି । ବାକି ଯାହାକିଛି ସେଥିରେ ପେଟପୁରୁନାହିଁ କି ପିନ୍ଧି ଲଦିରୁ ନାହିଁ । ଲୋକେ ଭାବିଥିଲେ ଦୁଇଶହ ବର୍ଷପରେ ବିଦେଶୀ ଶାସନ ଅବସାନ ହୋଇ ଦେଶ ଆଜି ସ୍ୱାଧୀନ ହୋଇଛି—ଗାନ୍ଧିଜୀଙ୍କର ପରିକଳ୍ପିତ ରାମରାଜ୍ୟର ସୁଖ ସମସ୍ତେ ଅନୁଭବ କରିବେ । ଦେଶରେ ଅଭାବ ଅନାଟନ ଆଉ ପଡ଼ିବ ନାହିଁ । ସମସ୍ତେ ହସନ୍ତ ମୁଖରେ ରହିବେ । କିନ୍ତୁ ଆମ ଗୋପାଳପାଳଙ୍କୁ ଫଳ ଠିକ୍ ବିପରୀତ ହୋଇଛି । ଦେଶର ଲକ୍ଷ ଲକ୍ଷ ଗରିବ ମୂଲିଆ କାଣିଖିଆମାନଙ୍କୁ ଧାନ ଚାଉଳ ଦର ବୃଦ୍ଧିରେ ବିଶେଷ ବାଧୁଛି । ଲାଭ ଦେଖାଇ ମୁଷ୍ଟିମେୟ ଧନୀ, ଜମିଦାର ପୁଞ୍ଜିପତିମାନଙ୍କର । ଏପରି ବୃଦ୍ଧି ହେବାଦ୍ୱାରା ଚୋରାବେପାରୀ—ମୁନାଫାଖୋରଙ୍କୁ ବିଶେଷ ପ୍ରଶ୍ରୟ ଦିଆଯାଉଅଛି ଏବଂ ସ୍ୱଳ୍ପଆୟ ବିଶିଷ୍ଟ ଲୋକମାନଙ୍କୁ ପ୍ରକାରାନ୍ତରେ ମାରିଦିଆଯାଉଅଛି । ଏହାର ଯଦି କୌଣସି ଆଶୁପ୍ରତିକାର ନ କରି ସରକାର ଏକଜିଦିଆ ନୀତିରେ ମନଇଚ୍ଛାକାର୍ଯ୍ୟ କରିଯାଆନ୍ତି—ତେବେ ସମଗ୍ର ଓଡ଼ିଶାରେ ମହା ବିପ୍ଳବ ସୃଷ୍ଟି ହେବ ।

ତେଣୁ ଆମ ଲୋକ ପ୍ରତିନିଧି ସରକାରଙ୍କୁ ବିଶେଷ ଅନୁରୋଧ କରାଯାଉଅଛି ଯେ ସେ ନିଜ ମତକୁ ଉପେକ୍ଷା ନ କରି ଦରିଦ୍ର ଜନସାଧାରଣଙ୍କର ହିତ ସାଧନ ପାଇଁ ଗରିବ ଗୃହୀ ମୂଲିଆ ପ୍ରଜାମାନଙ୍କର ମଙ୍ଗଳ ପାଇଁ ଧାନ ଚାଉଳର ଦର ଶସ୍ତା କରି ଦିଅନ୍ତୁ ଏବଂ ସ୍ଥାନେ ସ୍ଥାନେ ସରକାରୀ ଧାନଗୋଲାମାନ ଖୋଲି ଯାଇ ଶସ୍ତା ଦରରେ ଗରିବ ଗୃହୀ ମୂଲିଆ କାଣିଖିଆଙ୍କୁ ଧାନ ଯୋଗାଇ ଦେବାର ବ୍ୟବସ୍ଥା କରନ୍ତୁ । ଯେଉଁ ନିସ୍ୱାର୍ଥପର କର୍ମୀମାନେ ନାନା ଘାତ ପ୍ରତିଘାତ—ନାନା ବାଧା ବିଘ୍ନ ସହି ଦେଶର କୋଟି କୋଟି ନିରନ୍ନ ବୁଭୁକ୍ଷୁ ଦରିଦ୍ର କୃଷକ ଓ ଶ୍ରମିକମାନଙ୍କର ସେବା କରି ଆସୁଛନ୍ତି—ଗାନ୍ଧିଜୀଙ୍କର ପରିକଳ୍ପିତ କୃଷକ-ଶ୍ରମିକ-ପ୍ରଜା ରାଜ ପ୍ରତିଷ୍ଠା କରିବାକୁ ଯାଉଛନ୍ତି—ସେହିମାନଙ୍କୁ ଏ ଦିଗରେ ପ୍ରାଣପାତ ଦୃଢ଼ ଭାବରେ ଆନ୍ଦୋଳନ ଚଳାଇବାକୁ ବିଶେଷ ଅନୁରୋଧ କରାଯାଉଅଛି ।

ଶ୍ରୀ ଅଭୟଚରଣ ନାୟକ, କଲିକତା ।

## ଧାନ ଦର

ଗୋଟିଏ କଥା ମୁଁ ବୁଝୁନି । ମୁଁ ଠିକ ବୁଝୁଛି କି ନାହିଁ [illegible] କି ? ଆପଣ ମତ ଦେଲେ ଏପରି ଅନେକ ଲୋକ [illegible] ।

'ଧାନ ଚାଉଳ ମହଙ୍ଗ ହେଲେ ଆମ ପ୍ରଦେଶରେ ଅଧିକାଂଶ [illegible] ଲୋକ ଲାଭବାନ ହେବେ' ବୋଲି ସରକାର ଠିକ୍ କଲେ ଓ [illegible] ମଧ୍ୟ । [illegible] ଲୋକେ [illegible] ଠାରୁ ଆରମ୍ଭ କରି [illegible] ସବୁ କଲେ । [illegible] ମାଡ଼ି ବସିଛି ଗୁଳି [illegible] । [illegible] ନୀତିର ପ୍ରତିବାଦ କଲେ [illegible] ବିଦ୍ରୂପ ଗୁଳି [illegible] ଛଳ କାମ କରୁଥିବା [illegible] କାଗଜରେ । '[illegible] ଭୁଲ—ଆଟେମ ଠିକ'—ବୋଲି ଏଠା ଲେଖୁଛନ୍ତି ।

ଅଣ୍ଟା ନିରନ୍ତର ଚୋଟ ଖାଇ ଠାରୁ ବଳି ଭଲ ଲୋକ କଣ ଥିବେ, [illegible] ଧାରିବା ? ମହତାବ କଣ ଦେଶର ଅନାସ୍ଥା କରିବା କଥା ଶୁଣୁଛନ୍ତି କି ? ତେବେ ଲୋକଙ୍କ ମତକୁ [illegible] ଏ ଏକଛତ୍ରଶାସନ ଚଳେଇବା ପଛରେ କାହିଁକି ହେଲେ. ଦେଖିବା ଓ ଚାହିଁବାର କଥା ।

[illegible] Power corrupts and absolute power corrupts absolutely' [illegible]

'ପୂର୍ଣ [illegible]' [illegible] ?

'[illegible]' ।

—ସମ୍ପାଦକ

Digitized by srujanika@gmail.com





ଜାଣନ୍ତି କି

ଓଡ଼ିଶାର ଧନ୍ୟ !

'ଓଡ଼ିଶାର ଗୌରବ

ସୁବିଖ୍ୟାତ କୋଣାର୍କ କେମି-
କାଲ ଲାବ ଓ୍ୱାର୍କର ଅବିଷ୍କାର ବିଶ୍ୱକ
ମାର୍କେଟ କେଶତୈଳରେ ; ପ୍ରସ୍ତୁତ
ସୁବାସିତ କେଶତୈଳ
"କାମିନୀ"

ଏହାର ମୃଦୁମନ୍ଦ ସୁରଭି କଳ୍ପିତ
ସ୍ଥାୟୀ ଓ ଅତୀବ ଆମୋଦ
ଦାୟକ । କୁନ୍ତଳର ସୁଗନ୍ଧତା
ବର୍ଦ୍ଧନର ଏହା ଶ୍ରେଷ୍ଠତମ ।

ଆବଶ୍ୟକ ଯେ କୌଣସି
ଦୋକାନରେ ଅନୁସନ୍ଧାନ କରନ୍ତୁ
ନମୁନା ନିମନ୍ତେ ଠିକଣାକୁ ଶୀଘ୍ର ଲେଖନ୍ତୁ
କୋଣାର୍କ କେମିକ୍ୟାଲ

ଏଣ୍ଡ ଫାର୍ମାସିଉଟିକାଲ୍ସ
କଣ୍ଡିଆ

୨୧୯,ଏ ପ୍ରେସନ୍ନ କୁମାର ଠାକୁର ଷ୍ଟ୍ରିଟ, କଲିକତା ।



ହାଉଡ଼ା କୁଷ୍ଟ କୁଟୀର

କୁଷ୍ଠ ଧବଳ

ଚିକିତ୍ସା ...

ଓ ... ସର୍ବପ୍ରକାର ... ବାତରକ୍ତ ଓ ଅସାଧ୍ୟ ଚର୍ମରୋଗ ... ଅବ୍ୟର୍ଥ ଔଷଧ ... ଦେଖି ... ପ୍ରସ୍ତୁତ ।

ଧବଳରେ ... ସ୍ଥାନର ଅନ୍ୟ ରଙ୍ଗ ଦାଗ ପରୋକ୍ଷରେ ... ତାହା ଔଷଧ ବ୍ୟବହାର କଲେ ଅଳ୍ପ ସମୟରେ ... ଭଲ ହୁଏ ।

ରୋଗ ... ଦେଖି ... ଚିଠି ଲେଖନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)

୧ ଠ° ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୬ ହ୍ୟାରିସନ ରୋଡ୍, କଲିକତା



ଆଶ୍ଚର୍ଯ୍ୟ

ଭାଗ୍ୟ ଗଣନା !!

ପ୍ରଶ୍ନ ପ୍ରକାଶ କରିବାର ପ୍ରୟୋଜନ ନାହିଁ ।

କେବଳ ଥରେ ଇଷ୍ଟଦେବଙ୍କୁ ସ୍ମରଣ କରି ୧ ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ଲେଖି ପଠାଇଲେ ... ଭବିଷ୍ୟତ ଓ ବର୍ତ୍ତମାନ ... ତାହା ଲେଖି ପଠାଇବୁ । ... ଜନ୍ମ ... ଠିକଣା ... କାଗଜରେ ମନୋନୀତ ସଂଖ୍ୟା ଓ ... ନାମ ଧାମ ... ଲେଖି ପଠାନ୍ତୁ ।

ଭୃଗୁ ସଂହିତା କାର୍ଯ୍ୟାଳୟ :
C/o ଡ଼ଗର
ପୋ: ଭଦ୍ରକ


Printed & Published by G. C. Mahapatra at the Gopinathpress, Bhadrak 1948.

Digitized by srujanika@gmail.com





ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ

ଉତ୍କଳର ସର୍ବାଧିକ ଲୋକପ୍ରିୟ

ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ହମ୍ବ ଡ଼ଃ ୧ନ ୧୯୫୫ସାଲ | ୨୮ଶ ସଂଖ୍ୟା |
|---|---|---|


—ସୂଚି—


ମଜା କଥାରେ

ଅଭିସାର ପଥେ

କାହାଣୀରେ

ଜୁଆ ଓଜାଡ

ଧାରାବାହିକ ଉପନ୍ୟାସ

'ଇଶାମାମୁଁ'

କଥା ଓ ନଥା, ଗଠାଉ,

ବାଲ୍ୟବନ୍ଧୁର ପ୍ରଭୃତି ।


# "DAGARO"

**ORISSA'S MOST POPULAR WEEKLY**
**of**
**Light, Lead & Laughter**


| Vol XI | Monday, Feb.23. 1948. | No. 28. |
|---|---|---|

ବାର୍ଷିକ ମୂଲ୍ୟ ଟ ୬୲ ଷାଣ୍ମାସିକ ଟ ୩୲

ରାଜ ସଂସ୍କରଣ ବାର୍ଷିକ ଟ ୧୦୲


Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ୪୬୦ ଓ ଷାଣ୍ମାସିକ ମୂଲ୍ୟ ସଡାକ ୨।୩୦ ଅଗ୍ରୀମ ଦେବାକୁ ପଡେ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତି ଖଣ୍ଡ ଡଗର ଦୁଇ ଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମ୍ୟାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନ କଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନ ପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବ ।

୮ । ଲେଖା, କବିତା, ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମ୍ୟାନେଜର ଡଗର
ପୋ: ଭଦ୍ରକ (B.N.Ry)

---


ନୂତନ ଚିନ୍ତା ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀନେଇ

## ପଦ୍ମକୋରି

ବାହାରିଲା

ଲେଖକ—'ଡଗର'ର ସୁପରିଚିତ ପ୍ରିୟ
ଶ୍ରୀ ଦେବ ମହାପାତ୍ର

ସଂଯୁକ୍ତ ହରିଚନ୍ଦ୍ର ବଡାଲଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ବିଶ୍ଲେଷଣ ଉଦ୍ଧୃତ କବି ଗଙ୍ଗାନାୟକଙ୍କର ପ୍ରଶସ୍ତି ସହ ମୂଲ୍ୟ ୦ ମାତ୍ର

ଛପା ଓ ବନ୍ଧାଇର ବିଶେଷତ୍ୱ
ପ୍ରାପ୍ତିସ୍ଥାନ:—ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ

ଓଡ଼ିଶାର ଉପନ୍ୟାସ ଜଗତରେ ନୂଆ ଯୁଗ ଆରମ୍ଭ କରିଛି
ନିତ୍ୟାନନ୍ଦବାବୁଙ୍କର

## ଭୁଲ୍

ନୀଅଳା ମଣିଷ ଓ ଜୀବନର ଲକ୍ଷ୍ୟ

ବିଚିତ୍ର ମନର ବିଚିତ୍ର କାହାଣୀ କହୁଛି
"ଏଗାରଟା" ଓ "କ୍ଷଣିକା"
ଜାତୀୟ ଜୀବନର ଜୀବନ୍ତ ଗୀତାବଳି
"ପାଞ୍ଚଜନ୍ୟ"
ଭାରତର ପ୍ରତି କଣ୍ଠରେ ମୁଖରିତ ହେଉ

( କଟକର ସବୁ ବହି ଦୋକାନରେ ପାଇବେ )


---


ସଂପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,
ପରିଚାଳନା ସଂପାଦକ— ଶ୍ରୀ ରାଧାମୋହନ ଦାସ


Digitized by srujanika@gmail.com

୧୧ଶ ବର୍ଷ ‖ (ଜନ୍ମ) ଫାଲ୍‌ଗୁନ ୫ ଏ ୧୩୫୪ ଡଗର —ସୋମବାର—୧ । ୩ । ୪୮ ‖ ୨୮ ସଂଖ୍ୟା

## ବିସର୍ଜନ ପରେ

ଗାନ୍ଧୀଜୀଙ୍କର ମର ଦେହଟିକୁ ବିସର୍ଜନ ଦିଆଗଲା । ତାର ବହୁ ମୂର୍ତ୍ତି କିନ୍ତୁ ଗାନ୍ଧିଜୀଙ୍କର ଆତ୍ମାକୁ ଅନେ ଧାଡ଼ିଏ କରିବାର ଉଦ୍ୟମ କରି ଆସୁଥିଲା । ଆଜି ଗାନ୍ଧୀଜୀଙ୍କର ଭୌତିକ ଅବସାନ ପରେ ମୂର୍ତ୍ତି ମାନଙ୍କରେ ତାଙ୍କର ଆଧ୍ୟାତ୍ମିକ ରୂପ —ତାଙ୍କର ଅତି-ଭୌତିକ ବା ଅଧି-ଭୌତିକ ଧାରଣାକୁ ଚିରଦିନ ଆମେ ଜଳାଞ୍ଜଳି ଦେବାକୁ ବସିଛୁଁ । କଂଗ୍ରେସ କର୍ମୀ—କଂଗ୍ରେସ ନେତା ଏବଂ ବିଶେଷତଃ ଯେଉଁମାନେ ଶାସନ ବାଗ-ଡୋର ହାତରେ ଧରି ବସିଛନ୍ତି, ସମସ୍ତଙ୍କର ଅବଚରଣ ଆଜି ବଡ଼ ସନ୍ଦେହ ଆଣି ଦେଇଛି । ଗୋଟି ଗୋଟି କରି ବର୍ଣ୍ଣନ କରିବାର ବେଳ ଆସିନି । ଓଡ଼ିଶାର ପରିସ୍ଥିତି ଏ ସ୍ଥଳରେ ଆଲୋଚ୍ୟ ।

ଗାନ୍ଧୀଜୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପାଇଁ ଯେତେ ବକ୍ତୃତା, ବାଣୀ ବାର୍ତ୍ତା ହୋଇଛି ସବୁଥିରେ ଆଧ୍ୟାତ୍ମିକ ପାରିପୂର୍ଣ୍ଣ, ଆଦର୍ଶ ଗାଥା ଶୁଣିବାକୁ ମିଳିଲା । କିନ୍ତୁ ଦୁଃଖର ବିଷୟ ଯେଉଁ ଭୌତିକ ସତ୍ୟ ଉପରେ ବିରାଟ ଅଧ୍ୟାତ୍ମ ଠିଆ ହୋଇଛି ତତ୍‌ପ୍ରତି କାହାର ଦୃଷ୍ଟିପାତ ହୋଇ ନାହିଁ । ହିନ୍ଦୁ ମୁସଲମାନ ଏକତା, ଆଦିବାସୀ ଅଧିବାସୀ ସମତା, ଅହିଂସାତ୍ମକ ସମାଜ, ସମଧର୍ମ, ସ୍ୱଦେଶୀ, ସତ୍ୟ, ଅହିଂସା ଏସବୁ ଆଦର୍ଶକୁ ଏକ ଭୌତିକ ପିଣ୍ଡ ଦେଇ, ଗାନ୍ଧିଜୀ ଏକ ପ୍ରତୀକ ଠିଆ କରିଥିଲେ 'ଚର୍ଖା' ଶୋଷଣ ହୀନ ସମାଜ, ତାଙ୍କ କଳ୍ପିତ ରାମରାଜ୍ୟର ଶକ୍ତିଶାଳୀ ଧୂରୀ ଥିଲା ଚର୍ଖାର ସୂକ୍ଷ୍ମ ଦଣ୍ଡ । କିନ୍ତୁ ଗାନ୍ଧୀ ଶ୍ରାଦ୍ଧ ବାସରରେ ସେ ସମ୍ବନ୍ଧରେ ଗୋଟିଏ ପଦମଧ୍ୟ ଓଡ଼ିଶାର କୌଣସି ମହାମାନ୍ୟ ବ୍ୟକ୍ତିଙ୍କ ମୁଖରୁ ଶୁଣିବାକୁ ପାଇନାହୁଁ ।

## ସମ୍ପାଦକୀୟ

ଖଂଟା ବାନାତ କର୍ମୀ ଭୋଣେଧି ପଦାୟ କଂଗ୍ରେସ ନେତାଙ୍କୁ ସମ୍ବୋଧନ କରି ଉକ୍ତ ନେତାଙ୍କ ମୁଖପତ୍ରରେ ଉଲ୍ଲେଖ କରିଥିଲେ--ସରକାର ମିଲ ବନ୍ଦ କରି ସେ ସ୍ଥାନରେ ଚର୍ଖା କେନ୍ଦ୍ର କରନ୍ତୁ । ତାର ଉତ୍ତର ଆସିଲା-ଯାର ଅର୍ଥ ହେଉ ପରିଦ୍ୱାରା ସ୍କୁଲ୍‌ବାଜି— ସେ ମାଲ ମୋକଦ୍ଦମା କରନ୍ତୁ ତେଣୁ ତାଙ୍କ ସ୍କୁଲ୍‌ବାଜିରେ ନେତା ମହୋଦୟ ଭୁଲିବେ ନାହିଁ ।

### କ୍ଷମାଭିକ୍ଷା

ଗାନ୍ଧିଜୀଙ୍କର ଅନ୍ତର୍ଦ୍ଧାନ ଓ ପରବର୍ତ୍ତୀ ମୂର୍ଚ୍ଛା ପଚାରେ ପ୍ରେସ ବନ୍ଦ ରହିବାରୁ ଗତ ୨୭ । ୨ । ୪୮ ସୋମବାର 'ଡଗର' ପ୍ରକାଶ ପାଇ ପାରି ନାହିଁ । ଅଗାଧରୁ ସହୃଦୟ ପାଠକ ପାଠିକା ମାନେ ଅବିସ୍ମାର ଗୁରୁତ୍ୱ ଦୃଷ୍ଟିରୁ କ୍ଷମା ଦେବେ ।

—ପରିଚାଳନା—

ନେତା ମହୋଦୟ ସ୍କୁଲ୍‌ବାଜି କର୍ମୀଙ୍କଠାରୁ ଅଧିକ ବୁଦ୍ଧିମାନ ହୋଇ ପାରନ୍ତି । କିନ୍ତୁ ଯେଉଁ ଇଚ୍ଛା ଓ ଅଦୂରଦର୍ଶିତାର ବିପୁଳ ପ୍ରଦର୍ଶନ ସେ କଲେ, ତାଙ୍କର ସେହି ମୁହଁ, ସେହି ଲେଖନୀରେ ସେହି କାଗଜରେ ଗାନ୍ଧୀନାମ ଉଚ୍ଚାରଣ କଲେ ବି ତାର କି ପ୍ରଭାବ ପଡ଼ିବ ଦେଶରେ ?

କେବଳ ନେତାଙ୍କ ଦୋଷ ଧରି ଆମେ କର୍ତ୍ତବ୍ୟ ଶେଷ କରୁ ନାହିଁ । ଜନ ସାଧାରଣଙ୍କୁ ଆମେ ପଚାରୁଛୁଁ । ଗାନ୍ଧୀଜୀଙ୍କ ଆଦର୍ଶକୁ ସେମାନେ ମାନୁଛନ୍ତି କି ? ଦୁଃଖାଭିଭୂତ ସମସ୍ତେ । କିନ୍ତୁ ଗାନ୍ଧୀଙ୍କୁ ଭଲପାଇ କେତେ ଜଣ ସୂତା କାଟିଛନ୍ତି ଏହି ଗତ କେତେ ଦିନ ଭିତରେ । ଆମ ଲୋକସଂଖ୍ୟାର କେତେ ଅଂଶ ଆଜି ପ୍ରତ୍ୟହ ସୂତା କାଟିବାକୁ ସ୍ଥିର କରିଛନ୍ତି ? ଆଜି ଆମରି ସରକାର ଯେଉଁ କର ଦେଶ ଆମ ଉପରେ ଲଗାଇ ଚାଲି ଲଦି ଦେଉଛନ୍ତି ତାର ପ୍ରତିବାଦ କରିବାର ସାହସ ଅଛି କି କାହାର ? ତାର ପ୍ରକୃତ ପ୍ରତିବାଦ ହୁଅନ୍ତା ଯଦି ସମସ୍ତେ ସୂତା କାଟି ମିଲ ଲୁଗା ବର୍ଜନ କରି ଦିଅନ୍ତେ । ସରକାର ଯଦି ତଥାପି ମିଲର ପୃଷ୍ଠପୋଷକ ହୁଅନ୍ତେ, ଗରିବର ରକ୍ତ ଭିଜା ଟଙ୍କା ଦାନ କରି, ତେବେ ସେ ସରକାରକୁ ଫିଙ୍ଗିଦେବା ମୁହୂର୍ତ୍ତକର କଥା ହୁଅନ୍ତା ।

ପୂର୍ବ ମନ୍ଦିର ପ୍ରବେଶ ନେଇ ମଧ୍ୟ ଏହି ଅବସ୍ଥା ସୃଷ୍ଟି ହୋଇଛି । ଏଥିରେ ଜନତାର ଯେତିକି ଭୁଲ ସରକାରଙ୍କର ମଧ୍ୟ ସେତିକି ଭୁଲ । ଜନତାର ଅନୁଭୂତ ସରକାରଙ୍କ ମୋହାନ୍ଧତାର ଅନ୍ତର ଗାଢ଼ କରୁଛି । ସମସ୍ତ ଅହିଂସାତ୍ମକ ଦୃଷ୍ଟିରୁ ଦେଖନ୍ତୁ—ଏହି ପ୍ରାର୍ଥନା—

ହରିଜନ ପ୍ରବେଶ—ଏହା କେହି ଦୟା ମନ୍ଦିର ଭିତରକୁ ଏହା ଏକ ମୌଳିକ ଅଧିକାର । ସେ ଅଧିକାରକୁ ଯେଉଁମାନେ ଅପହରଣ କରନ୍ତି ସେମାନଙ୍କର ଶାସ୍ତି ଭଗବାନଙ୍କ ହାତରେ । ଏହା ଅର୍ଥ ନୈତିକ, ଧର୍ମ ନୈତିକ ବା ସାମ୍ପ୍ରଦାୟିକ ଅନ୍ୟାୟ ନୁହେଁ । ଏ ଅନ୍ୟାୟ ଅତୀ ଏକ ସ୍ତରରେ ଏ ଅନ୍ୟାୟର ପ୍ରତିକାର କରିବା ପୂର୍ବ ବଳ ପ୍ରୟୋଗ କରି ପ୍ରତିକାର କରିବା—ତା ପୂର୍ବ ଏକ ଧର୍ମ—ନୀତି—ରହିତ ( secular ) ସରକାରଙ୍କ ପକ୍ଷରେ କେବଳ ଅନ୍ୟାୟ ନୁହେଁ ମାରାତ୍ମକ । ସାଧାରଣ ଏଥିରେ ମନ୍ଦିର ପ୍ରବେଶ କେବଳ ନଥିବା ହୋଇଥିବ । ଜନ ମତ ତାଙ୍କ ପକ୍ଷରେ ଥିଲେ ହୋଇ ବଳ ସରକାର ଅନ୍ତ ଜବରଦସ୍ତି ଯାହା କରିବେ ତାହା ନ୍ୟାୟ ହୋଇ ପାରେ ସେ ଭାବନ୍ତୁ ନେବେ ବଳ ଜବରଦସ୍ତି ହେବ ।

ବଳ କେବଳରେ ହରିଜନ ପ୍ରବେଶାଧିକାର ପକ୍ଷରେ ପ୍ରଚାରର ଯାହା ଜନ ମତ ଥାଏ କେତେକ ପୃଥିବୀର କୌଣସି ଶକ୍ତି ହରିଜନଙ୍କର ପ୍ରବେଶ ଦ୍ୱାର ବନ୍ଦ କରି ପାରିବେ । ତୁଚ୍ଛ ଜନ ଶକ୍ତିର ଉପଲବ୍ଧିରୁ ଜନ ମତ ତୋଳି ନ୍ୟାୟ ସୁବିଧା ଶାନ୍ତିପୂର୍ବକ କାର୍ଯ୍ୟ ନୁହେଁ । ଜନ ମତର ଜନ

**ଲୁଚିବା ପାଇଁ ସୋହେଏ ଉମାଦ୍ ଅଗଣତନ୍ତ୍ର ହସ ଯାଇ ପାରିଥାନ୍ତା । ସମସ୍ତ ଭାରତର ହରିଜନମାନେ ହରିଜନ ପ୍ରବେଶ ଅଧିକାର ପାଇବାକୁ ସକଳ ଜଗନ୍ନାଥ ଦର୍ଶନ କର ପାରନ୍ତେ । ଅବ ଯେଉଁ-ମାନେ କହୁଛନ୍ତି ଯେ ହରିଜନ ମନ୍ଦିରର ଦେହଳି ପ୍ରବେଶ ଲାଭ ଦ୍ୱାରା ତର ପାରିବେ ଶର ମନ୍ଦିର ଦର୍ଶନ କରନ୍ତୁ । ଧାର୍ମିକ ଯେ ଧନ୍ଦାକର ଦର୍ଶନ ନ ପାଇଲେ ଜାତୀୟତା ଏଥର ଦରିଦ୍ର ମାନଙ୍କ ଛାଡ଼ି ଏକ ସଂସ୍କାରର ଫଳାଫଳ ଜଗଣାଥ ଶ୍ରେଣୀ ହର ମନ୍ଦିରର ପରିଚାଳନାର ଦଶ ଦେହର ସେ ମନ୍ଦିରର ଦର ଦାଣ୍ଡ ସୋଗ୍ୟ ବହିବାର ହେବ । ତେଣୁ ରଥ ବଡ଼ ଦାଣ୍ଡ ମାନେ ଦେଉଳରେ ଦର୍ଶନ ସଂବାଧ ଓ ଦାୟିତ୍ୱବୋଧର ପ୍ରବେଶ ଦଳ ଯାଏ ସେ ଦର ଶତାବ୍ଦୀର ସମସ୍ତେ ଦର୍ଶନ କରିବା ଉଚିତ । ଏତାବତା ଏବଂ ଜଗନ୍ନାଥ ମନ୍ଦିରର ଅନ୍ତା ଯେପରି ହରିଜନଙ୍କ ପ୍ରତି ଅନ୍ୟାୟ ଭାବ ଶୂନ୍ୟ ହୋଇ—ତାର ତାହାର ରୂପ ମଧ୍ୟ ସେଇ ଶୂନ୍ୟ ହୋଇ ପଡ଼ିବ । ଏବଂ ଆଜ ଯେଉଁ ସ୍ୱାର୍ଥାନ୍ଧ ମୋହାନ୍ତ ସେବକମାନେ ବାଧା ଦେଉଛନ୍ତି ସେମାନେ ତାଙ୍କର ଉପଯୁକ୍ତ ଶାସ୍ତି ମଧ୍ୟ ପାଇ ଯିବେ । ଜନମତର ଦୃଢ଼ତା ମଧ୍ୟ ପ୍ରକାଶ ପାଇବ ।**

**ହରିଜନ ମାନେ ଅବ ପୂର୍ବର ଶକ୍ତି ପକ୍ଷରେ ଅସ ମନ୍ଦିର ପ୍ରବେଶ କରିବାରେ ସେମାନେ ଜଗନ୍ନାଥଙ୍କ ମନ୍ଦିର ପ୍ରବେଶ ଅଧିକାର ପାଇ ପାରନ୍ତି କିନ୍ତୁ ଜନେ ଥ ବରଜ ଅସୁର—ରସ କେବଳ ଜଗନ୍ନାଥ କର ଦାରୁବ୍ରହ୍ମ ଦେଇଁରେ ମନ ଦାରୁ ବାହ୍ମ ଶୂନ୍ୟ ମୂର୍ତ୍ତି ସେ ।**

ଅବଶ୍ୟ ଏ ପ୍ରସ୍ତାବ ଦେବାର ଅଧିକାର ଆମର ନାହିଁ । କାରଣ ସେହିଭଳି ପରୀକ୍ଷା-ହେଲେହେଁ ଏ ପ୍ରସ୍ତାବକାରୀ କିଏ ଅଧିବଳ ଦେଇଯାଇବେ କି ନାହିଁ ସନ୍ଦେହ । ତଥାପି ଗାନ୍ଧିଜୀଙ୍କର ଜୀବନୀ ଓ ବାଣୀକୁ ଏସ୍ଥଳରେ ପ୍ରୟୋଗକର ଏତିକି କହିହେବ ଯେ ଯେ ପର୍ଯ୍ୟନ୍ତ ଜଣେ ଲୋକ ଜଗନ୍ନାଥ ମନ୍ଦିରରେ ହରିଜନ ପ୍ରବେଶରେ ଆପତ୍ତି ଉଠାଏ ସେ ପର୍ଯ୍ୟନ୍ତ କୌଣସି ହରିଜନ ବୋଲି ମନେ କରୁଥିବା ବା ହରିଜନ ବୋଲାଉଥିବା ବ୍ୟକ୍ତି ମନ୍ଦିର ପ୍ରବେଶ କରିବା ଅନ୍ୟାୟ । ଯଦି କାହାର ସେପରି ଇଚ୍ଛା ଥାଏ ତେବେ ତାର ବଡ଼ ଦାଣ୍ଡରେ ଧାରଣା ଦେଇ ପ୍ରାଣପାତ କରିବା ଉଚିତ । ତାହାଯଦି ସମ୍ଭବ ହୁଅନ୍ତା ତେବେ ପ୍ରକୃତରେ ଆଜି ଦାରୁବ୍ରହ୍ମ ଶୂନ୍ୟ ମନ୍ଦିରରେ ପ୍ରକୃତ ଦାରୁବ୍ରହ୍ମ ପ୍ରତିଷ୍ଠିତ ହୋଇ ଯାଆନ୍ତା ।

କିନ୍ତୁ ତା ନକରି, ସରକାରଙ୍କ ବଳ ଦ୍ୱାରା ମନ୍ଦିର ପ୍ରବେଶ କରିବାଯାହା, କଳା-ପାହାଡ଼ର ମନ୍ଦିର ଧ୍ୱଂସ କରିବା ମଧ୍ୟ ଠିକ୍ ସେହିପରି ଅସଙ୍ଗତ । ହରିଜନମାନେ ବୁଝିବା ଉଚିତ ସେମାନେ ଆଜି ଦୁର୍ବଳ ନୁହନ୍ତି । ସଂଖ୍ୟାଲଘୁ ବା ସରକାର ତାଙ୍କ ପକ୍ଷରେ । ବରଂ ଜନମତ ତାଙ୍କ ପକ୍ଷରେ । କେତେଦିନ ପୂର୍ବେ ଯେଉଁମାନେ ସମାଜରେ ସବଳ ହୋଇ ତାଙ୍କର ନ୍ୟାଯ୍ୟ ଅଧିକାରରୁ ସେମାନଙ୍କୁ ବଞ୍ଚିତ କରିଥିଲେ ସେମାନେ ଆଜି ଦୁର୍ବଳ । ତେଣୁ ଦୁର୍ବଳର ମତ ଅନ୍ୟାୟ ହେଲେ ମଧ୍ୟ ତାକୁ ନିର୍ଦ୍ଦୟ ଭାବରେ ଦଳଦେବା ପୂର୍ବରୁ ବିଚାର କରିବା ଉଚିତ ଏ ଦଳନର ଆବଶ୍ୟକତା କେତେ କରୁଛି । ସମାଜର ସମୂହ କଲ୍ୟାଣ ଦୃଷ୍ଟିରୁ ଜଗନ୍ନାଥ ମନ୍ଦିର ଆଉ କେତେ ଦିନ ହରିଜନଙ୍କ ପାଇଁ ବନ୍ଦ ରହିଥିଲେ ହିନ୍ଦୁଧର୍ମ ଲୋପ ପାଇ ନ ଥାନ୍ତା । କିମ୍ବା ରାଷ୍ଟ୍ର ବିପ୍ଳବର ଆଶଙ୍କା ନଥାନ୍ତା । କ୍ରମେ ଲୋକମତ ଏପରି ସୁନ୍ଦର ଭାବରେ ଗଠିତ ହୋଇଥିଲା ଯାହା ଫଳରେ ବଳେ ବଳେ ହରିଜନ ଓ ଅନହରିଜନ ବର୍ଗର ବିଲୁପ୍ତ ହୋଇ ମନ୍ଦିର ପ୍ରବେଶରେ ସମସ୍ତଙ୍କର ସମାନ ଅଧିକାର ଜାରି ହୋଇ ଆନ୍ତା ଅପେ ଅପେ ।

କିନ୍ତୁ ତା ନ ହୋଇ ଯେଉଁପରି ଭାବରେ ମନ୍ଦିର ପ୍ରବେଶ ହେଲ—ଜନମତ ଦ୍ୱାରା ଦେଇ ଯେପରି ଶକ୍ତି ପ୍ରଦର୍ଶନ ସରକାର ମଧ୍ୟ କଲେ ତାହା ଅନ୍ତତଃ ହିନ୍ଦୁ ହାତରେ ଗାନ୍ଧୀ ହତ୍ୟାପରି ଏ ଆଉ ଏକ ନିର୍ମମ ହତ୍ୟା ବୋଲି ମନେ ହେଉଛି ।

ଜଗନ୍ନାଥ ମନ୍ଦିର ପରିଚାଳନା ମଧ୍ୟ ଠିକ୍ ସେହିପରି ଏକ ଜବରଦସ୍ତି । ପରିଚାଳନା ଯେ ତ୍ରୁଟି ଏଥିରେ ସନ୍ଦେହ ନାହିଁ । ପରିବର୍ତ୍ତନ ଯେ ଜରୁରୀ ଏଥିରେ ସନ୍ଦେହ ନାହିଁ । କିନ୍ତୁ ରାଗରେ ବା କ୍ରୋଧ ପରବଶ ହୋଇ ହଠାତ୍ ଆଜି ଏ ଜବରଦସ୍ତି ଅସୁନ୍ଦର ଦିଶୁଛି । ହିନ୍ଦୁ ସମାଜରେ ପଣ୍ଡା ବା ପୁରୋହିତ ମାନେ ବସି ମନ୍ଦିର ସୁପରିଚାଳନା ପାଇଁ ବନ୍ଦୋବସ୍ତ କରି ପୁରୀ ରାଜାଙ୍କୁ ଜଣାନ୍ତୁ । ସେ ନ ଶୁଣିଲେ ହିନ୍ଦୁ ନେତା ମାନେ ସରକାରଙ୍କୁ ସାହାଯ୍ୟ ପ୍ରାର୍ଥନା କରି ପାରନ୍ତେ ! କିନ୍ତୁ କେଉଁ ଧର୍ମବାଦରହିତ ସରକାର ଏ ଦିଗରେ ଅଗ୍ରସର ହେବା ନିତାନ୍ତ ଅବୈଧ । ଦେବାଳୟ ସମ୍ବନ୍ଧରେ କିଛି ହିନ୍ଦୁ ଜନତା ବା ହିନ୍ଦୁ ପ୍ରତିନିଧି ମାନେ କରିପାରିବେ । ବ୍ୟବସ୍ଥା ସଭା, ଯେଉଁ ବ୍ୟବସ୍ଥା ସଭାରେ ସବୁ ଧର୍ମ ସମ୍ପ୍ରଦାୟର ଲୋକେ ମତ ଦେବେ ସେ ସଭା ହିନ୍ଦୁ ଦେବାଳୟ ସମ୍ବନ୍ଧରେ ମତ ଦେବା ଅନ୍ୟାୟ । ଲୋକେ ତାଙ୍କର ପ୍ରତିନିଧିଙ୍କୁ ନିର୍ବାଚନ କରିଥିଲେ ଦେଶର ଆର୍ଥିକ ଓ ରାଜନୈତିକ ସୁବ୍ୟବସ୍ଥା ପାଇଁ—ଧର୍ମ ଯାଜନ ପାଇଁ ନୁହେଁ । ରାଷ୍ଟ୍ରାଧିନାୟକ ଯେଉଁଠି ଦଣ୍ଡ ଧାରଣ ସଙ୍ଗେ ସଙ୍ଗେ ଧର୍ମାଧିପତି ହେବାର ସ୍ପର୍ଦ୍ଧା ରଖେ ସେଠି ସ୍ୱେଚ୍ଛାଚାର ଶାସନ ଅବଶ୍ୟମ୍ଭାବୀ ।

ଓଡ଼ିଶାରେ ସ୍ୱେଚ୍ଛାଚାର ଶାସନର ଯଥେଷ୍ଟ ପ୍ରମାଣ ମିଳିଲାଣି । ନିକଟରେ ନିରାପତ୍ତା ଆଇନ (ଅର୍ଡିନାନ୍ସ) ହୋଇଛି । ଓଡ଼ିଶାରେ ଶାନ୍ତି ରହିଛି ବୋଲି ଓଡ଼ିଶାର ଗର୍ବ ଥିଲା । ଯେଉଁଠି ସାମ୍ପ୍ରଦାୟିକ ଅଶାନ୍ତି ଭୟ ଅଛି ସେଠି ଏ ଅର୍ଡିନାନ୍ସ ଜାରି ହୋଇଛି । କିନ୍ତୁ ଓଡ଼ିଶାରେ ଏହା ଜାରି କରିବା ଯେ ଏକମାତ୍ର ଅନ୍ୟମତା ବଲମ୍ବୀଙ୍କୁ ଦଳନ କରିବାର ଏକ ଉଦ୍ୟମ ଏଭଳି ସନ୍ଦେହ ସ୍ୱାଭାବିକ । ଏହା ଅତି ସ୍ପଷ୍ଟ, ଓଡ଼ିଶାର ଗୋଟିଏ ପତ୍ରିକା (କେବଳ ମହତାବଙ୍କ ମୁଖପତ୍ର ପ୍ରଜାତନ୍ତ୍ରକୁ ଛାଡ଼ି) ସରକାରଙ୍କ ବର୍ତ୍ତମାନ ପରିଚାଳନାରେ ସନ୍ତୁଷ୍ଟ ନୁହନ୍ତି । ଖବର କାଗଜ ମାନଙ୍କ ଉପରେ ଚଢ଼ାଉ କରିବାର ଏ ଏକ ସହଜ ପନ୍ଥା ବୋଲି ମଧ୍ୟ ମନେ ହେଉଛି ।

ପ୍ରଦେଶର ପ୍ରଧାନମନ୍ତ୍ରୀଙ୍କ ନାନା ସ୍ଥାନରେ ନାନା ପ୍ରକାର ଉକ୍ତିରେ ମଧ୍ୟ ଏ ସନ୍ଦେହକୁ ଦୃଢ଼ୀଭୂତ କରୁଛି । ପ୍ରଜାତନ୍ତ୍ର ପ୍ରକାଶନ ପ୍ରାରମ୍ଭରେ ସେ ଅଳ୍ପ ସଂଖ୍ୟକ ମତକୁ ଜବରଦସ୍ତି ଦଳଦେବା ବିରୋଧରେ ପ୍ରଚାର କରିଥିଲେ । ଏବେ ସେ ବହୁସଂଖ୍ୟକଙ୍କ ମତକୁ ଜବରଦସ୍ତି ଅଳ୍ପସଂଖ୍ୟକ ଲୋକଙ୍କ ଉପରେ ଲଦିଦେବା ପକ୍ଷରେ ମତ ଦେଲେଣି । ସେ ଗାଦିରେ ଥିବାଯାଏଁ ବହୁମତ ତାଙ୍କ ପକ୍ଷରେ ଅଛି ବୋଲି ଭାବୁଛନ୍ତି କାରଣ ତାଙ୍କର 'ଅହଂକାର ଯେ ସେହି କଂଗ୍ରେସ ଓ କଂଗ୍ରେସହିଁ ସେ । 'ଅନ୍ତତଃ ଗାନ୍ଧୀଜୀଙ୍କ ତିରୋଧାନ ପରେ' ସେ ଅତି ବେଶି ଆତ୍ମ ପ୍ରତ୍ୟୟୀ ହୋଇଛନ୍ତି । ସେ ଯାହା କହିବେ ତାହା କଂଗ୍ରେସର ମତ । ତେଣୁ ଲୋକମତ କଂଗ୍ରେସର ସମର୍ଥକ ଥିବାରୁ ତାଙ୍କର କ୍ରିୟା ଓ ଅକ୍ରିୟା ସମସ୍ତକୁ ଲୋକେ ସମର୍ଥନ କରୁଛନ୍ତି ବୋଲି ଧରି ନେଉଛନ୍ତି ।

ଏହିପରି କ୍ରମଶଃ ଗାନ୍ଧୀଜୀଙ୍କ ବିସର୍ଜନ ଚାଲିଛି । ଏହାର ଶେଷ କେଉଁଠି, କିଏ ଜାଣେ ?

Digitized by srujanika@gmail.com

# ଅଭିସାର ପତ୍ର

ପ୍ରତିଦିନ ଝିଅମାନଙ୍କ ବେନାମି ଚିଠି ଆମେ ପାଉଁ । ମୁଁ ପ୍ରତିଦିନ ସେ ଗୁଡ଼ିକୁ ମାଇଡ଼ ଦଏଁ । କଲେଜ ଛୁଟିରେ ସେ ଗୁଡ଼ିକ ଖୋଲି ଛନ୍ଦା ଆଉ ମୁଁ ପଢ଼ି ଆନନ୍ଦ ଉପଭୋଗ କରୁ·········

## ମଜାକଥା

ମୁଁ ପଢୁଥାଏ ଆର୍ଟ୍ସ ଇୟାର ଆର୍ଟସ୍‌ରେ ଆଉ ମୋର ସାନ ଭଉଣୀ ଛନ୍ଦା ସେ ବର୍ଷ ଆଡ଼ମିସନ୍ ନେଇଥାଏ ଫାଷ୍ଟ୍ ଇୟାର ସାଇନ୍‌ସ ରେ । ଆମେ କଲେଜରୁ ରିକ୍‌ସାରେ ଆସି ଘରେ ପହଞ୍ଚିବାର ଅଧଘଣ୍ଟାକ ମଧ୍ୟରେ କାଲୀଚରଣ ଆଉ ଦିବ୍ୟସିଂହ ଆମ ଦାଣ୍ଡରେ ହାଜର ହୁଅନ୍ତି । କ୍ୟାରମ୍ ବାଲ୍ ମିନଟ୍ ଖେଳ ଠାରୁ ଆରମ୍ଭ କରି, ଡ଼ିନର୍ କାବକରେ ଖାଇବା ପର୍ଯ୍ୟନ୍ତ ଏକାନ୍ତ ଧାରାବାହିକ ଭାବରେ କିଛି ଦିନ ଚାଲିଲା···ସେମାନଙ୍କର ବନ୍ଧୁତା ମୋ ସହିତ ବଢ଼ି ଚାଲିଥାଏ । ଏକା କଲେଜରେ ଦୁଇବର୍ଷ ପଢ଼ି ସାରିଲା ପରେ ଶେଷ ବର୍ଷକୁ କାଲୀ ଚରଣର ଆକସ୍ମିକ ବନ୍ଧୁତାର କାରଣ ବୁଝିବାକୁ ମୋତେ ବେଶି ସମୟ ଲାଗି ନଥିଲା·········

···ଦିନେ ଦିନେ ଆମର ଇଂଲିଶ୍ ଲିଟ୍‌ରେଚର ଚର୍ଚ୍ଚା ହୁଏ । ଛନ୍ଦା ମଧ୍ୟ ଦିନେ ଦିନେ ସ୍ୱତଃ ପ୍ରବୃତ୍ତ ହୋଇ ଆମ ଆଲୋଚନାରେ ଭାଗ ନେଇଥାଏ । ଛନ୍ଦାର ଉପସ୍ଥିତି ଦିନ ସାଧାରଣତଃ ଭାରତୀୟ ସ୍ତ୍ରୀ ସମସ୍ୟାର ଆଲୋଚନା ହୁଏ । କାଲୀଚରଣ **Gandhijee to women** ଠାରୁ ଆରମ୍ଭ କରି **Ancient women of India** ପ୍ରଭୃତି ଅନେକ ବହିରୁ କୋଟେସନ୍ ଆଣି ନାନାପ୍ରକାର ଯୁକ୍ତି ଦେଖାଏ । ସାହିତ୍ୟ ଆଲୋଚନା ଦିନ ଲରେନ୍‌ସଙ୍କର **Women in love** ଫ୍ରଷ୍ଟରଙ୍କର **A room with a view** ସଙ୍କର **Arms and the man** ପ୍ରଭୃତି ବଡ଼ ବଡ଼ ଲେଖକଙ୍କର ବହିରୁ ସମାଲୋଚନା କରିବାକୁ କାଲୀଚରଣ ଛାଡ଼େନି···ମା'ଙ୍କ ବାରଣ ସତ୍ତ୍ୱେ, ମୋର ଅନିଚ୍ଛା ସତ୍ତ୍ୱେ ଆମ ତିନିଜଣଙ୍କର ବନ୍ଧୁତା ବଢ଼ି ଚାଲିଥାଏ···କ୍ରମେ କାଲୀଚରଣ ଆଉ ଦିବ୍ୟ ସିଂହର ଆମ ଘରେ ଚାକରଙ୍କ ଠାରୁ ଆରମ୍ଭ କରି, ମୋର ସାନଭାଇ ଭଉଣୀଙ୍କ ସହିତ ମଧ୍ୟ ଘନିଷ୍ଠତା ବଢ଼ିବାକୁ ଲାଗିଲା । ଏତେ ନିକଟତର ସମ୍ପର୍କ ହେଲା ଯେ ମୋର ସାନଭାଇ ଭଉଣୀ ତାକୁ କାଲୀ ଭାଇ ବୋଲି



ଡାକିଲେ । ଅବଶ୍ୟ ତାର ଅନୁପସ୍ଥିତିରେ ସେମାନେ ତାଠାରୁ ସାମୟିକ ଚକୋଲେଟ୍ ପ୍ରଭୃତି କିଛି କିଛି ଲାଞ୍ଚ ପାଉଥିଲେ । କାଲୀ ଚରଣ ବିଜ୍ଞାନ ଛାତ୍ର, ତେଣୁ ଛନ୍ଦା ଅନେକ ସମୟରେ ତାଠାରୁ ବହିପତ୍ର ଆଉ ନୋଟ ଆଣି ପଢ଼େ । ପଢ଼ିସାରି ଫେରେଇ ଦିଏ । ଦିବ୍ୟସିଂହ ଛନ୍ଦାର କ୍ଲାସମେଟ୍ । ଅନେକ ସମୟରେ ସେ ଛନ୍ଦାଠାରୁ ପଢ଼ା ବୁଝେ । ନୋଟ ନିଏ ଆଉ ଦୁହେଁ ସଙ୍ଗ ହୋଇ ବସି କ୍ଲାସ ପଢ଼ା ଚର୍ଚ୍ଚା କରନ୍ତି । କାଲୀଚରଣ ଆଉ ଦିବ୍ୟ ସିଂହର ଚରିତ୍ର ମୋତେ ସମ୍ପୂର୍ଣ୍ଣ ଜଣାଥିଲେ ସୁଦ୍ଧା, ଛନ୍ଦା ଉପରେ ମୋର ପ୍ରଗାଢ଼ ବିଶ୍ୱାସ ଥାଏ, ତେଣୁ ମା' ପସନ୍ଦ ନ କରୁଥିଲେ ସୁଦ୍ଧା ମୁଁ ଏକ ପ୍ରକାର ଦୁହିଁଙ୍କୁ ଛନ୍ଦା ସହିତ ମିଶିବାର ସୁବିଧା ଦେଇଥାଏ···ଅବଶ୍ୟ ଛନ୍ଦା ଉପରେ ମୋର ପ୍ରଗାଢ଼ ଆସ୍ଥା ଥାଏ·········

## ମାଙ୍କଡ଼ ହାତରେ

ସମର୍ ଭେକେସନ୍‌ରୁ କଲେଜ ବନ୍ଦ ଥାଏ ସେତେବେଳେ । ଝାଇସାରି, ମେଳଘରେ ବସି ଛନ୍ଦାର ଅନ୍ତରଙ୍ଗ ବନ୍ଧୁ ଛବି ଦେବୀଙ୍କର ଭାବପୂର୍ଣ୍ଣ କବିତା "ଧୂମକେତୁ" ପଢୁଥାଏ । ସହକାରୀ ଅଫିସରେ ଦେବାପାଇଁ ମୋ ନିକଟକୁ ଛନ୍ଦା ହାତରେ ପଠାଇଥିଲେ······ ଛନ୍ଦା ଆସି ମୋ ପଛଆଡ଼େ ଛିଡ଼ାହୋଇ କହିଲା—"ଭାଇ······କାଲୀଚରଣ ବାବୁଙ୍କୁ ଆମ ଘରକୁ ଆସିବାକୁ ମନା କରିଦେବେ—ମା ପ୍ରଥମରୁ ମନା କରୁଚି ତା ସହିତ ମିଶନାହିଁ···ମୁଁ କେମିଷ୍ଟ୍ରି ବହି ତାଙ୍କୁ ମାଗିଥିଲି ଯେ—ହେଲେ ଦେଖ ତା ମଧ୍ୟରେ ଗୁଣବାନଙ୍କ କୀର୍ତ୍ତି······" ଖଣ୍ଡେ ନେଳଅ ଚିଠ ମୋ ହାତକୁ ବଢ଼ାଇ ଦେଲା—ଖୋଲି ଦେଖିଲି······"କାଳଚରଣ ପ୍ରଥମ ଦର୍ଶନରୁ ଛନ୍ଦାକୁ ପ୍ରେମ କରିଛି······ଛନ୍ଦା କଥା ଭାବ ଭାବ ତାର ଦିନ କଟେ···" ଇତ୍ୟାଦି ଅନେକ କଥା······ଆମ ଦୁଇ ଭାଇ ଭଉଣୀଙ୍କର ହସିଲା ତାଙ୍କ ସାମ୍ନା । ମାଙ୍କୁ ଏ ବିଷୟରେ କିଛି ନ କହିବାର କହି ଏ ନୂତନ ଅଭିଷ୍ଟଧ ସ୍ପେସିମେନକୁ ନେଇ ମାଙ୍କଡ଼ ଦେଖିଲି ।·········

କାଲୀଚରଣ ପ୍ରାୟ ଦୁଇଦିନ ଆମ ଘରକୁ ଆସିଲା ନାହିଁ—ମୋର ମନ ଗଣ୍ଡିରେ ତାକୁ ଭଲ ଭାବରେ ଶିକ୍ଷା ଦେବା ଦାଉ । ସୁତରାଂ ଆଉ କିଛି ଦିନ ବନ୍ଧୁତା ରଖିବା ଉଦ୍ଦେଶ୍ୟରେ ଛନ୍ଦା ନାମରେ ଚିଠି ଲେଖିଲି, ତାର ଆଶାନୁରୂପ ଉତ୍ତର ଦେଲି । କେମିଷ୍ଟ୍ରି ବହିରେ ଚିଠିଟି ପୁରାଇ ଆମ ଚାକର ହାତରେ ତା ନିକଟ ପଠାଇଲି । ତାକୁ ବାରମ୍ବାର କହୁଥାଏ ଯେ "ବଡ଼ ଦିଦି ଦେଇଛନ୍ତି ବୋଲି କହିବୁ"····· ଛାନ୍ଦିଲି ଏ ସବୁ ବିଷୟ କିଛି ଜାଣିବାକୁ ଦେଲିନି······ଚାକରକୁ ଟଙ୍କା ବକ୍‌ସିସ୍ ଦେଇ ଭଲଭାବରେ ଟ୍ରେନିଂ ଦେଲି, କାରଣ ତା' ଉପରେ ମୋ ପ୍ଲାନଟି ବହୁତ ନିର୍ଭର କରୁଥାଏ । ପ୍ରତିଦିନ ଚାକର ଯାଇ ବହି ଫେରାଇ ଦିଏ ଆଉ ଖଣ୍ଡେ ବହି ଆଣେ—ବହି ଭିତରେ ଚିଠି ଥାଏ ବୋଲି ସେ ଜାଣେନି······ମୁଁ ପ୍ରତିଦିନ ଛନ୍ଦା ନାମରେ ଚିଠି ପାଏ ଆଉ ତା ନାଁରେ ଲେଖେ ମଧ୍ୟ - ଆମ ଘରକୁ ଆସିବାକୁ ମନା କରିଥାଏ······

······ଖରାଦିନ ସନ୍ଧ୍ୟାବେଳ । ବାହାରେ ଅସି ପବନ ଖାଉଚି । ମୋର ନୂଆ ଲେଖା 'ପ୍ରଥମ ପ୍ରଣୟ'ର ପ୍ରକାଶ କରିବାକୁ ଉପାୟ ଭାବୁଥାଏ । ବେଳେ ବେଳେ କାଲୀଚରଣକୁ ଉପଯୁକ୍ତ ଶିକ୍ଷା ଦେବା ପାଇଁ ବୁଦ୍ଧି ଖୋଜୁଥାଏ ମଧ୍ୟ·····କାରଣ ସେତେବେଳକୁ ପ୍ରାୟ ୭।୮ ଖଣ୍ଡ ଚିଠି ମୋର ହସ୍ତଗତ ହୋଇଥାଏ ।

ଲେଖକ — ରବୀନ୍ଦ୍ର ନାଥ ସାମଲ

ଏହି ସମୟରେ ଦିବ୍ୟସିଂହର ଚାକର ଛନ୍ଦାର ନୋଟ୍‌ବୁକ୍‌ଟି ଆଣି ଫେରାଇ ଦେବାକୁ ଆସିଲା—ଛନ୍ଦା ସେତେବେଳେ ଛବି ସହିତ ବସି କୋଠା ଉପରେ ଖୁସି ଗପରେ ବ୍ୟସ୍ତ ଥାଏ—ମୁଁ ଖାତାଟି ମାଗିବାରୁ ବାବୁ "ଦିଦିଙ୍କ ଛଡ଼ା ଆଉ କାହାରିକୁ ଦେବୁନି" ବୋଲି ଭାଗଦାନ୍ତ କରି କହିଛନ୍ତି ବୋଲି କହିଲା—ମୋର ଦେଖିବାକୁ ବହୁତ ଆଗ୍ରହ ହେଲା—ସଙ୍ଗେ ସଙ୍ଗେ ଦିଦିଙ୍କୁ ଦେଇ ଦେବି ବୋଲି

ପରପୃଷ୍ଠାରେ ୧ମ ସ୍ତମ୍ଭ ଦେଖନ୍ତୁ

Digitized by srujanika@gmail.com

# ବୁଆ ଓ ଗାନ୍ଧି

ରଘୁନାଥ ଯେତେବେଳେ ତିନୋଟି ଯାକ ତାସ୍ ଦେଖିଦେଲା- ତାର ନିଶ୍ୱାସ ଅଟକି ଗଲା ପରି ଲାଗିଲା । ମୁହୂର୍ତ୍ତକ ପାଇଁ ସେ ତିନୋଟି ତାସ୍ ଉପରେ ଆଖି ବୁଲାଇ ନେଇ ତଳେ ଥୋଇ ଦେଲା । ମହେଶ୍ୱର ଚାହିଁ କରି ପଚାରିଲା—"କିଛି ତୋର ଅଛି ।" ରଘୁ ମନା-କଲା । ମହେଶ୍ୱର ମୁହଁ ଦେଖିଲା । ମହେଶ୍ୱର ଘନ ଘନ ଚିନ୍ତା ଜାଣିବାରେ ଲାଗିଛି—ଆଉ କାଁଚି-ପାନ ଲଣ୍ଠନ ଦ୍ୱାରା ଆଲୋକିତ ଘରଟାକୁ ମଳିନ ଦୁର୍ଗନ୍ଧମୟ ଧୂଆଁରେ ପୂର୍ଣ୍ଣ କରି ଦେଉଛି । 'କେତେ ପକାଉଚୁ?' "ଦିଟଙ୍କା"

## କାହା ।

ମହେଶ୍ୱର କହିଲା । ରଘୁ କିଛି ନ କହି ତାର ଉପରକୁ ଦିଟା ଟଙ୍କା ପକାଇଦେଲା । ତାପରେ ରାଧାଶ୍ୟାମର ପାଳି, ତାପରେ ଭ୍ରମର ତାପରେ ମନୁଆ, ରଘୁନାଥ ଲକ୍ଷ୍ୟ କଲା, ମହେଶ୍ୱର ସମସ୍ତଙ୍କ ମୁହଁକୁ ନିରୀକ୍ଷଣ କରି ଚାହୁଁଛି । ଅସ୍ଥିରତା ତାର ସମସ୍ତ ଭାବ ଭଙ୍ଗୀରେ ଫୁଟି ଉଠୁଛି ।

ରଘୁନାଥ ପାଖକୁ ପୁଣି ଖେଳ ବୁଲି ଆସିଲାଣି । ତାର ସାମନାରେ ଜମାଥିବା ନିଜର ଟଙ୍କା ସବୁ ଅସିଥିଲା । ଅଣ୍ଟାରୁ ସେ ଗାଣ୍ଠିଆ ଖୋଲିଲା ।

...କେତେ ଦାନ ଖେଳ ବୁଲିଲାଣି ତାର ଖିଆଲ ନାହିଁ, କେତେ ଟଙ୍କା ସେ ନିଜେ ଦେଲାଣି ତାର ହିସାବ ନାହିଁ, ସେ ଦେଇ ଚାଲିଚି ।

ମହେଶ୍ୱର ଯେତେବେଳେ କହିଲା—"ଦେଖା" ରଘୁନାଥ ପଚାରିଲା "ଆଉ କିଏ ଅଛି ?" "କେହି ନାହିଁ ।" ରଘୁନାଥ ନିଜର ତିନୋଟା ତାସ୍ ଓଲଟାଇ ପକାଇ ଦେଲା । "ତିନୋଟା ଟିକା" ଚିଡ଼ିଆ, ଟିକର, ନାଲିପାନ । ମହେଶ୍ୱର ଛାତି ଭିତରୁ ଗୋଟାଏ ଦୀର୍ଘ ନିଶ୍ୱାସ ବାହାରି ଆସିଲା । ମୁଣ୍ଡଟା ତଳକୁ ଝୁଙ୍କି ପଡ଼ିଲା, ତାର ଥିଲା ଇସ୍କା । ଫରଚ, ଟିକା, ଚିଡ଼ା, ବିବି । ସେ ପ୍ରାୟ ନବେ ଟଙ୍କା ଖଣ୍ଡେ ଏହି ବାଜିଟାରେ ହାରିଗଲା । ଓଠରୁ ନିଭିଲା ବିଡ଼ିଟା ସେ ଫିଙ୍ଗି ଦେଲା । ସବୁ ଟଙ୍କା ରଘୁନାଥ ଅଣ୍ଟିକୁ ଟାଣି ନେଲା । ଗୋଟାଏ ଅପରି ଅସହ୍ୟ ଆନନ୍ଦରେ ରଘୁନାଥର ଛାତିଟା ଧଡ଼ ପଡ଼ କରି ଉଠୁଥିଲା । ଅଧଘଣ୍ଟା ପରେ ଖେଳ ଭାଙ୍ଗିଲା । ମେଲ୍ ଗାଡ଼ି କଣାଇ କହ୍ନାଇକୁ ଗାଁଟାକୁ ଛାଡି ଅସିଲ ଚାଲିଗଲା, ଖେଳାଳୀ



ମାନେ ଜାଣିଲେ ରାତି ଦୁଇଟା ବାଜିଲାଣି, ନାହିଁ ଏଥର ଘରକୁ ଯିବାକୁ ହେବ । ସମସ୍ତେ ଉଠିଗଲେ ।

ରଘୁନାଥର ଚଳଣି ଭଲ ହୋଇ ନେଲି ଲୁଣର ଦୋକାନ, ମୁଢି ଓ ତାପରେ ଏହି ନଅଣ୍ଟିଆ ଦିନରେ ଲଗାଇ ଚଳଣି କାରବାର ମଧ୍ୟ ସେ କରେ—ଆୟ ମନ୍ଦ ନୁହେଁ । ରାତି ୯ଟା ପରେ ଦୋକାନ ବନ୍ଦ କରି, ଗଣ୍ଡେ ଖାଇ ସେ ଏହି ଆଡ୍ଡାକୁ ବାହାରି ପଡ଼େ । ସେଠାରେ ସେ ଖେଳେ—କେଉଁ ଦିନ ହସି କେଉଁ ଦିନବା ଶେଷ କପର୍ଦ୍ଦକ ହାରିଯାଇ, ଗମ୍ଭୀର ହୋଇ ସେ ଫେରିଆସେ—ଧୀରେ ଧୀରେ କବାଟ ଖୋଲି ଶୋଇପଡ଼େ । ଘରେ ରୁଗ୍‌ଣୀ ସ୍ତ୍ରୀ ଓ ପୁଅ ଆଗରୁ ଶୋଇ ପଡ଼ିଥାନ୍ତି ।

## କଥାଟିଏ କହୁଁ

ଆରଦିନ ସକାଳୁ ପୁଣି ସେ ଉଠେ । ଦୋକାନ ଖୋଲେ । ବ୍ୟବସାୟ ଭିତରେ ବୁଡିଯାଏ ରାତିରେ ଦୋକାନ ବନ୍ଦ କଲା ପର୍ଯ୍ୟନ୍ତ । ସକାଳୁ ସେଦିନ ଉଠିଲା ବେଳକୁ ରଘୁନାଥ ଦେଖିଲା, ପୁଅ ତାର ଗାଧୋଇ ସାରି ଖଣ୍ଡେ ହାଫ୍ ପ୍ୟାଣ୍ଟ ପିନ୍ଧୁଚି । ପୁଅ ଆସି ତା ପାଖରେ ଠିଆ ହେଲା ।

... କଣରେ ବାବୁ ? ରଘୁର ମନ ସେଦିନ ଖୁବ ଖୁସିଥିଲା । ଗତ ରାତିରେ ସେ ଗୋଟାଏ ବାଜିରେ ଜିତିଚି ଦେଢ଼ଶ—ସବୁ ମିଶିଲେ ଅଢ଼େଇଶ ହେବ ।

"କିଛି ପଇସା ଦିଅ ବାପା"

"କଣ କରିବୁ ?"

ଗୁନ୍ଦାପଡ଼ିଆ ଲାଟ ଆଜି ଆସୁଚନ୍ତି ଯେ ଭେଟି ଦିଆଯିବ, ଆମ ସ୍କୁଲ୍ ଦେଖିବେ ।" ଆଉ କିଛି ନକହି ସେ ତକିଆ ତଳୁ ବନ୍ଧାହାତରୁ ଟଙ୍କାଟିଏ କାଢ଼ାଇ ଦେଲା । ଛୋଟବନୁ ଆଶ୍ଚର୍ଯ୍ୟ ହେଲା, ଯେଉଁ ବାପା ସରସ୍ୱତୀ ପୂଜା, ହରିତାଳିକାକୁ ଚାରଣା ପଇସା ଦିଏ ନାହିଁ—ସେ ଦେଲା ଟଙ୍କାଏ । ...

ସ୍କୁଲରେ ବନୁ ଦୌଡି ଚାଲିଗଲା ।

ଦାଣ୍ଡ ପିଣ୍ଡାରେ ରଘୁ ଦାନ୍ତ ଘଷୁ ଘଷୁ ଶୁଣିଲା—ଲାଟ ଆଜି ଆସୁଚନ୍ତି—ଦେଖିଲା ସମସ୍ତେ କାମ ଦାମ ଛାଡ଼ି ଚାଲିଚନ୍ତି ସଭାକୁ ଦେଶୀ ଲାଟ, ସ୍ୱାଧୀନ ଦେଶର ପ୍ରଥମ ଲାଟ ବକ୍ତୃତା ଦେବେ—ଏ ଲାଟ ପ୍ୟାଣ୍ଟ କୋଟ ପିନ୍ଧନ୍ତି ନାହିଁ—ଖଦଡ଼ ସବୁ ଖଦଡ଼ । ଏ ଲାଟ ଜେଲଖାନା ଯାଇଥିଲେ ଗାନ୍ଧି ଦଳରେ—ଦାନ୍ତ କାଠିଟାକୁ ସେ ତରବରରେ ଫୋପାଡି ଚାଲିଲା ।

ସଭା ମଣ୍ଡପ । ଅସୁମାରି ଲୋକ । ଛୋଟ ଗାଁଟାରେ ଏତେ ଲୋକ ଅସିଲେ କୁଆଡ଼ୁ ? ଛୋଟ ଛୋଟ ପିଲାମାନେ ଗାନ୍ଧି ଟୋପି ପିନ୍ଧି ଲାଟ-ସାହେବଙ୍କ ବାଟର ଦୁଇ କଡରେ ଠିଆ ହୋଇଚନ୍ତି । ଚାରିଆଡ଼େ ତିନିରଙ୍ଗୀ ପତାକା ଉଡ଼ୁଚି ।

ଲାଟ ଅସିଲେ । ଫୁଲ ମାଳରେ ତାଙ୍କ ଛାତି ଦିଶୁ ନାହିଁ । ରଘୁନାଥ ଆଶ୍ଚର୍ଯ୍ୟ ହୋଇ ଦେଖିଲା, ତାର ଛୋଟ ବନୁକି ଗେଣ୍ଡୁ ଫୁଲର ଗୋଟିଏ ମାଳ ଲାଟଙ୍କ ବେକରେ ଗଳାଇ ଦେଲା । ଲାଟ ତା ମୁଣ୍ଡରେ ହାତ ବୁଲାଇ ଦେଲେ । ରଘୁନାଥର ଦେହରେ ଗୋଟାଏ କାଁପନ ବିଜୁଳି ଖେଳିଗଲା । ଲୋମ ସବୁ ଠାକୁରି ଉଠିଲା । ଲାଉଡସ୍ପିକର ଯନ୍ତ୍ରରେ ଶୁଭୁଚି—ବନ୍ଦେ ମାତରଂ ଗୀତ—ସମସ୍ତେ ଉଠି ଠିଆ ହେଲେ, ରଘୁନାଥ ମଧ୍ୟ । ତାପରେ ଅଭିନନ୍ଦନ । ତାପରେ ସୂତ୍ର ଯଜ୍ଞ । କେତେଲୋକ ଛାମୁଣ୍ଡିଆ ତଳେ ସୁତା କାଟୁଚନ୍ତି, ଲାଟ ମଧ୍ୟ ମଣ୍ଡପ ଉପରେ ସୁତା କାଟୁଚନ୍ତି । ସତରେ ଲାଟଙ୍କ ଅବସ୍ଥା ଆଜି ଏପରି—ଲାଟ ସାହେବ ସୁତା କାଟୁଛନ୍ତି ଏହି ମଫସଲ ମୂର୍ଖ ଲୋକ ଗୁଡ଼ାକ ସାଙ୍ଗରେ—ଦୁନିଆ ଏହା ଭିତରେ କେତେ ଆଗେଇ ଗଲାଣି । ସେ ଏକୁଟିଆ ବୋଧହୁଏ ପଛରେ ପଡ଼ି ଯାଇଚି । ବନୁ ମଧ୍ୟ ଛୋଟ ତାକୁଡ଼ିରେ ସୁତା କାଟୁଚି—ରଘୁର ଓଠରେ

ଲେଖକ— ଶ୍ରୀ ପରଶୁରାମ ପଟ୍ଟନାୟକ

ହସର ସରୁ ରେଖାଟିଏ ଖେଳିଗଲା । ସୂତା କଟା ସରିଲା । ଲାଟ ସାହେବ ହିନ୍ଦିରେ ବକ୍ତୃତା ଦେଲେ, ମୁଁ ଗୃହୀ ମୂଲିଆର ଚାକର । ମୁଁ ଗରିବ ଲୋକଙ୍କର ପ୍ରତିନିଧି" ତାପରେ ଆଉ ଜଣେ ଉଠି କହିଲେ "ମାନ୍ୟବର—ଲାଟ ଯେଉଁ ସୂତା କାଟିଚନ୍ତି ତା ଏହି ସଭାରେ ନିଲାମ କରାଯିବ । କାଉର ପୁଅ କିଏ ଅଛି

Digitized by srujanika@gmail.com

ଏ ସୁତା କେଉଁ କେଉଁ ନେବ । ସରକାରୀ ଡାକ ଏକାବନ ଟଙ୍କା ।"

ରାଏ ସାହେବ ଦାସବାବୁ ଡାକିଲେ—"କୋଡ଼ିଏ ଟଙ୍କା"

ଭଗବତରାମ ମାଡୁଆଡ଼ି ଡାକିଲେ—"ଏକାବନ ଟଙ୍କା"

ଜନତା ଭିତରୁ କିଏ ଡାକିଲା—"ଶହେ ଏକ ଟଙ୍କା ।"

ରଘୁନାଥ ଆଖିରେ ଦିଶିଲା, ମଣ୍ଡପରେ ଡାକୁଥିବା ଯୁବକ ହାତରେ ସୁତା କେରାକ ଗୁହଁ ପଛେ ଘୁରୁଚନ୍ତି ଟଙ୍କାର ଟିକା । ଚଉଡ଼ା ଠିକଣା, ନାଲିପାନ । ତାର ଅନ୍ତରରେ ଜୁଆଡ଼ି ଜାଗି ଉଠିଲା । ତାର ଅଜାଣତରେ ସେ ଚିତ୍କାର କରି ଉଠିଲା ଟ୧୨୧୯

ରାୟ ସାହେବ ଡାକିଲେ ଟ୧୫୦୯

ଜନତାରୁ ଜଣେ ଘାଟିଲା ଟ୧୫୧୯

ରଘୁନାଥ ଆଉ ସମ୍ଭାଳି ପାରିଲା ନାହିଁ, ବର୍ଷ ବର୍ଷର ଅଭ୍ୟାସ ତାର ରକ୍ତଗତ ହୋଇ ଯାଇଛି । ଆଜି ଯାହା ଯେପରି ଚରମରେ ପହଞ୍ଚିଛି—ଏପାରି ନହେଲେ ସେପାରି । ମନେ ହେଲା, କିରାସିନି ଆଲୁଅରେ ସ୍ୱଳ୍ପାଲୋକିତ କୋଠରୀରେ ଲୁଚିଲୁଚି ତାସର ଜୁଆ ଖେଳ ଏ ନୁହେଁ । ଏ ଜୀବନ ଜାତିର, ଜନତାର । ଏକଥା ରଘୁ କେବେ ଭାବି ନାହିଁ । ଭାବିବାକୁ ଶିଖିନାହିଁ, ବା ଭାବିବାର ବେଳ ମଧ୍ୟ ନାହିଁ ।

ରଘୁ ଚିତ୍କାର କରି ଉଠିଲା—ଟ୧୭୧୯

ରାଏ ସାହେବ—ଟ୧୮୧୯

ନାଁ । ରାଏ ସାହେବଙ୍କର ମୁହଁ ବନ୍ଦ କରିବାକୁ ହେବ । ସମସ୍ତ ସରିଯାଉ ରଘୁ ଭିକାରୀ ହେଉ, ବନୁ ଦାଣ୍ଡରେ ଠିଆ ହେଉ ପଛକେ—

ରଘୁ ଡାକିଲା ଟ୨୦୧୯

ରାଏ ସାହେବ ନୀରବ ରହିଲେ । ରଘୁର ପରିଚିତ ଲୋକମାନେ ଆଶ୍ଚର୍ଯ୍ୟ ହେଲେ । ରଘୁ ନିର୍ବିକାର ଭାବରେ ଠିଆ ହୋଇଛି । ଆଖି ଆଗରେ କେବଳ ହାତକଟା ସୁତା । ଯେଉଁ ସୁତା କେରାକ ପାଇଁ ସେ ସର୍ବସ୍ୱ ପଣ କରିଛି ।

ଟ୨୦୧୯—ଏକ

"ଟ୨୦୧୯—ଦୁଇ । କେତେ ମିନିଟ ପରେ ଟ୨୦୧୯ ତିନ୍ କରତାଳି ଶବ୍ଦରେ ସଭାସ୍ଥଳୀ କମ୍ପି ଉଠିଲା । ବାଳକ ବନୁ କାନ୍ଥ ଲୁଚି ନପାରି ଦୌଡ଼ି ଆସି ବାପାର କାନି ଧରି ଠିଆ ହୋଇ ଗଲା । ରଘୁ ତାକୁ ପାଖକୁ ଆଉଜାଇ ନେଲା ।

ରଘୁ ଯେତେବେଳେ ମନ୍ତ୍ରୀଙ୍କୁ ଦଣ୍ଡବତ କରି ସୁତା କେରାକ ନେଲା ଆଉ ମଇଳା କାମିଜ ପକେଟରୁ ଦୁଇଶ ଏକ ଟଙ୍କା କାଢ଼ି ବଢ଼ାଇ ଦେଲା, ତାର ସେତେବେଳେ ବାହ୍ୟ ଜ୍ଞାନ ନଥିଲା । ଘନ ଘନ ତାଳିମାଡ଼ ତାର କାନ ଦିଶାରେ ପ୍ରବେଶ କରି ପାରିଲା ନାହିଁ । ସଭା ଭଙ୍ଗ ହେଲା ।

ରଘୁ ପୁଅକୁ କାଖେଇ ସୁତା କେରାକ ଧରି ଘରକୁ ଫେରିଲା । ରଘୁ ପଛରେ ମଧ୍ୟ ଛୋଟ ଜନତା ଚାଲିଛି, ରଘୁର ମନେ ହେଉଛି ଏ ସୁତା କେରାକ ଯେପରି ଅଳ୍ପ ଢାର ଗୋଟାଏ ଗଡ଼ ଜିତା, ଜୀବନର ସାର୍ଥକତା । ଗାଁ ଲୋକଙ୍କ ତଣ୍ଟି ଚିପି ଗୁଡ଼ଜଳ ଗ୍ରେଇ ବଜାର କରି ବିଦେଶକୁ ପଠାଇବା କେତେ ଘୃଣ୍ୟ ଆଉ ଟଙ୍କାର ଟିକା ଏହା ତୁଳନାରେ କେତେ ତୁଚ୍ଛ ।

ମହେଶ୍ୱର ଟିକିଏ ପାଖେଇ ଆସି କହିଲା "ରଘୁ ଆଜି ସଅଳ ସଅଳ ଆରମ୍ଭ ହେବ—ଶୀଘ୍ର ଆସିବୁ" ନାଁ ଭାଇ ମତେ ମାଫ କର, ମୁଁ ଆଉ ଯିବି ନାହିଁ ।" ଏତିକ କହି ମହେଶ୍ୱର ଅଡ଼କୁ ନଚାହିଁ ରଘୁ ଘର ଅଡ଼କୁ ଆଗେଇଲା ।

ବାଟ ଟିକିଏ ନିଛାଟିଆ ହେବାରୁ ରଘୁ ବନୁକୁ ପଚାରିଲା, "ବନୁ ତୋତେ ନୂଆ କୁର୍ତ୍ତା କରିଦେବି—ତୁ ସେ ବନ୍ଦେ ମାତରଂ ଗୀତ ଜାଣିଚୁନା ?" ବନୁ ହଁ କରି କାଖରୁ ଓହ୍ଲାଇ ପଡ଼ି କହିଲା—"ହଁ ବାପା"—ବନୁ ତାପରେ ଗାଇଲା—"ବନ୍ଦେ ମାତରଂ ସୁଜଲାଂ, ସୁଫଲାଂ ମଲୟଜ ଶୀତଲାଂ ମାତରଂ—"

ରଘୁ ଆଖିରେ ଏକ ସୁଦୂର ଧ୍ୟାନ ଲୋକର ସୁହାଣୀ । ରଘୁ ଓ ବନୁ ଆଗେଇ ଚାଲିଲେ ।

—*—

( [illegible] ପୃଷ୍ଠା ଉତ୍ତରୁ )

କହି କୌଣସି ପ୍ରକାର ଭୁଲ ଭୁଲ୍ କରି ତା ଠାରୁ ଖାତାଟି ନେଲି—ସରଳ ପିଲାଟି ଦୁନିଆର ଜଟିଳତା ସେ ଜାଣିବ ବୁଝନ୍ତୁ ? ଖାତା ପରେ ପରେ ଗୋଟିଏ ଗୋଲାପି ରଙ୍ଗର ଚିଠିଟି ଦିଦିଙ୍କୁ ଦେବାକୁ ମୋ ହାତକୁ ବଢ଼ାଇ ଦେଲା—ମୁଁ ଘରେ ନେଇ ପଢ଼ି ଯାହା ଦେଖିଲି ମୋର୍ ହାଡ଼ ଜଳି ଉଠିଲା । "ଦିଦି ଉତ୍ତର ଦେଉଛନ୍ତି" ବୋଲି କହି ଶୁକରକୁ ବାହାରେ ଅପେକ୍ଷା କରିବାକୁ କହିଲି । ଚିଠିଟି ପଦ୍ୟରେ ଲେଖା ହୋଇଥାଏ··· ତାର ସାରାଂଶ ଏହି ଯେ "ପ୍ରେମିକ ଶିରୋମଣି ଛନ୍ଦାକୁ ଭାବି ଭାବି ପାଗଳ ହେଲେଣି—ନିକଟରେ ନିଭୃତ ମିଳନ ନ ହେଲେ ସେ ଆତ୍ମହତ୍ୟା କରିବ ।"—ମନେ ମନେ ହସିଲି ଥୋଡ଼ାଏ··· ଘରକୁ ଆସି ସଙ୍ଗେ ସଙ୍ଗେ ଚିଠି ଲେଖିଲି—

ପ୍ରିୟତମ;

ଆପଣ ମୋର ଅନ୍ତରର କଥା ଠିକ ବୁଝିଛନ୍ତି । ଝିଅ ମୁଁ—ଅବଳା··· ସ୍ୱାଧୀନ ହୋଇ ଥିଲେ ସିନା ମୋର ଅନ୍ତରର ବେଦନା ଆପଣଙ୍କୁ ଜଣାନ୍ତି··· ତରତରରେ ଏ ଚିଠିଟି ଲେଖୁଛି···ମୋ ରାଣ, କାଲି ରାତି ୯ଟା ବେ ଆମ ବଗିଚାର ମାଳତୀକୁଞ୍ଜ ନିକଟକୁ ଆସିବେ । ଆପଣଙ୍କ ପଦସ୍ପର୍ଶ ପାଇଲେ ମୋର ନାରୀ ଜନମର ସାର୍ଥକତା ହେବ । ହଁ କାଲି ରାତିବେ ନ···ମା ଛବି ସହିତ ସିନେମା ଦେଖିଯିବେ । ତେଣୁ ଭାଇ ଆଉ ବାପା କେବଳ ଘରେ ରହିବେ । ମୋର ଝିଅ ସାଙ୍ଗ ମୋ ନିକଟରେ ଥିଲେ ବାପା କିମ୍ବା ଭାଇ କେହି ମୋ ନିକଟକୁ ଆସନ୍ତି ନାହିଁ—ସୁତରାଂ ଆପଣ ଯଦି ଝିଅ ବେଶ ହୋଇ ଆସନ୍ତେ ତାହେଲେ ଆମର ସୁବିଧା ହୁଅନ୍ତା······କେହି ଦେଖିଲେ ସୁଦ୍ଧା ସନ୍ଦେହ କରିବେନି—ଆମର ନିରାପଦ ପାଇଁ ଏକଥା କହୁଛି······ନିଶ୍ଚୟ ଆସିବେ । ମୋ ରାଣ ! ହଁ କାଲି ମୋର ଜନ୍ମ ଦିନ । ଭାଇଙ୍କୁ କହି ନବେଇ ପଠାଇବି । ଦିନ ଦୁଇଟାବେଳେ ଆମଘରେ କାଲି ଖାଇବେ । ଆମ ବଗିଚାର ପଶ୍ଚିମ ପାଖ ଗେଟ୍ ମେଲା ଥିବ—ସେଇବାଟେ ଆସିବେ—ଇତି

ଆପଣଙ୍କର ପଦସେବିକା 'ଛନ୍ଦା'

ଛନ୍ଦାକୁ କିଛି ଏ ବିଷୟ କହିଲିନି··· ଶୁକର ମନରେ ବିଶ୍ୱାସ ଜନ୍ମାଇବାକୁ ଛନ୍ଦାକୁ ଡାକି ତା ହାତରେ ଦିବ୍ୟସିଂହ ଶୁକରକୁ ଚିଠିଟି ପଠାଇ ଦେଲି ।

ଆଉ ଗୋଟିଏ ଚିଠି ଠିକ୍ ସେଇପରି ଲେଖି ଆମ ଶୁକର ହାତରେ କାଳୀ ଚରଣ ବହିରେ ପୁରାଇ ତା ନିକଟକୁ ପଠାଇ ଦେଲି···

କାଳୀ ଚରଣ ଆଉ ଦିବ୍ୟ ସିଂହ ମନରେ ପୂର୍ଣ୍ଣ ବିଶ୍ୱାସ ଆଣିବାକୁ ଛନ୍ଦାର ଜନ୍ମ ଦିନ କହି ସେଦିନ ଦୁହିଙ୍କୁ ନିମନ୍ତ୍ରଣ କଲି···ଛନ୍ଦା ବାରମ୍ବାର ଅନୁରୋଧ କରିଛି ବୋଲି ଦୁହିଙ୍କୁ କହିଥାଏ······

ମା'ଙ୍କୁ କହି କିଛି ଖାଇବାର ବନ୍ଦୋବସ୍ତ କଲି । ବାରଟା ବେଳେ ଦୁହେଁ ଆସି ଖାଇପିଇ ଗଲେ । ଛନ୍ଦା ମୋର ଏପରି କାର୍ଯ୍ୟରେ ଆଶ୍ଚର୍ଯ୍ୟ ହେଲେ ସୁଦ୍ଧା—ପରେ ସବୁ କଥା ତାକୁ କହିବି ବୋଲି କହିଥାଏ······

ରାତି ୮ଟା ହେଲା···ପରେ ମୋତେ ଖୋଜିଲେ ଆମ ଦସା ନିକଟ ବୋଠାନି ପ୍ରଫେସରଙ୍କ ଲେଖାକୁ ଭୁଲି ଯାଇଛି ବୋଲି ଛନ୍ଦାକୁ କହି—ବଗିଚାର ଗେଟ ଗୁଡ଼ାକୁ ଖୋଲି ଗୋଟିଏ କୋଣରେ ଲୁଚି ରହିଲି······କ୍ଲୋକ ଘଣ୍ଟାରେ ଠନ୍ ଠନ୍ କରି ୯ଟା ବାଜିଲା···ସତକୁସତ ଜଣେ ସ୍ତ୍ରୀ ଲୋକ ବେଶ ହୋଇ ପ୍ରଥମେ କାଳୀ ଚରଣ ଆସି ଆମ ମାଳତୀକୁଞ୍ଜ ପାଖରେ ଛିଡ଼ା ହେଲା । ଦୁଇ ମିନିଟ ପରେ ଦିବ୍ୟସିଂହ ମଧ୍ୟ ଝିଅ ବେଶରେ ଆସି ପହଞ୍ଚିଲା—ଏସେନ୍ସ ଗନ୍ଧରେ ବଗିଚାଟି ପୂରି ଉଠୁଥାଏ ।···

···ଖୁବ୍ ଶୀଘ୍ର ଯାଇଁ ବଗିଚାର ଗେଟଟି

ଅବଶିଷ୍ଟାଂଶ ୭୨ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

ଭାରତ୍ରି ସଂସ୍ । ତୋନ ଜିଲ୍ଲାପତ୍ତ ମହାନର ବାରବର ଶାସନର ଏକଣ ନିର୍ଦ୍ଦେଶ ବନ୍ଦ ମତ ଲଗୁଛି । ଅବହେ- ଳନ ଅବହେଳନ ହୋଇ ରହୁଛି । ଯେପୁ ହେଉଛି ପରୀକ୍ଷା ସଂରକ୍ଷଣ ନିୟମ ଶାସନର ଭାଷଣ ନହେଲେ । ମାନ- ସ୍ଥାନର ସଶାସନ ସୋଧାରଣ ସମ୍ଭବ ଅଧିକରୁ ଭୁଲିକୁ ସେ ଧନ ନେଉଥିବାର ଭଣା ଯାଉଛି । ବୋଧହୁଏ ସେଥିପାଇଁ ହୁ ଭାରତ ସରକାର ପ୍ରଶାସନ ଯନ୍ତ୍ରରେ ପ୍ରତ୍ୟାରୋପନ କରିଛନ୍ତି । ଏହା ଅସ୍ଥାୟୀ । ଆଶା ଶାସନରୁ କାଟି ପ୍ରାୟ କାଳ ଦିଏ ପୂର୍ଣ୍ଣ ଅନୁପସ୍ଥିତ ଦେଖିବେ ।

× × ×

ସ୍କୁଲମାନଙ୍କରେ ଶୃଙ୍ଖଳା କର ଶିକ୍ଷା ସ୍ତରରୁ । ଅତଏବ ଶିକ୍ଷାନୀତିକୁ ସାହାଯ୍ୟ କରିବାରେ ବୋଧହୁଏ ଡେରି ହୋଇ ଯାଇଛି । ସ୍କୁଲରେ ଏବେ କିଛି କିଛି ନିଜ ନିଜ ଭାଷାର ଭରସା ରହିଛି ବୋଲି ଭଲ ପରିଚୟ ହେଉଛି । ନୂଆ ପଦ ନେଇଥିବା ଲୋକ ମାନଙ୍କର ଆଶା ନିଜ ଭାଷାର ଆଶା ଏବେ ସ୍ଥାପନ ଏବଂ ପାଇଁ ଭଗବାନଙ୍କୁ ଶାନ୍ତି ଦେଇଛନ୍ତି ଏହି ପୂର୍ଣ୍ଣ ମାତ୍ରାରେ ଅନୁମୋଦିତ । ତାରେ ଅନ୍ତ- ସ୍ୱର୍ଗୀୟ ଭାବ ଦେଇଥିବା ତେବେ ଏ ବନ୍ଧୁ ସ୍ୱରୂପର ସମ୍ପୂର୍ଣ୍ଣ ନିର୍ଦ୍ଧାରଣ ଓ ପରିଚୟ ନିଷ୍ପନ୍ନ ହୁଅନ୍ତା ।

× × +

ଓଡ଼ିଶାବାସୀଙ୍କ ପାଇଁ ଆଦ୍ୟ ଏ ଭାବରେ ନିର୍ବାଚନରେ ସଂଗ୍ରାମ ହୋଇ- ଛନ୍ତି ତଥାପି ଓ ସ୍ୱାଧୀନ ମଣ୍ଡଳ ନିର୍ବା- ଚନରେ ଭାଗ ନେଇଥିଲେ । ସେଠାରେ ଜେନେରେଲ ପାର୍ଟିରେ ଗାଦି ମାଡ଼ି ବସିଲେ । ଗତ ୧୨ ବର୍ଷ ଧରି ଏ ଗାଦି- ଟିକୁ ଓ କାଲେଜ ଦଖଲ କରି ଆସୁ- ଥିଲେ । ସେ ପଦ ହିଁ ଦଳକୁ ନେଇ ମନ୍ତ୍ରୀ ମଣ୍ଡଳ ଗଢ଼ିଥିଲେ ତାଙ୍କର ଏଦଶା ହୋଇ ନଥାନ୍ତା । ଓଡ଼ିଶାର ସଂଖ୍ୟା ଗରିଷ୍ଠ ଦଳଙ୍କର ଏଥିରୁ କିଛି ଶିକ୍ଷା କରିବାର ଅଛି କି ?

× × +

ଗାନ୍ଧୀଜୀଙ୍କ ତିରୋଧାନଠାରୁ ସେମାନେ ଆପଣାର ନାମ ଅର୍ଜନର ଉପାୟ ବୋଲି ଧରିନେଲେ ଅନେକେ । ଯିଏ ଯେତେ



ପାରନ୍ତି ଗାନ୍ଧୀ ନାମ ଓ ଫଟୋ, ଦେବତା ଭଜନ ପୂଜନ ତାଙ୍କ ଅନ୍ୟ ନାମ ନେବାକୁ ଲାଗିଲେ । ଅବଶ୍ୟ ଗାନ୍ଧୀଙ୍କୁ ମହାନ କରିବା ମାନେ କି ଜିତେ ସମ୍ମା- ନିତ କରିବା ମାନେ କି ଭଗବାନ କରିବା । କିନ୍ତୁ ସବୁଠୁ କୁତ୍ସିତ କଥା ଯେ ନେତାମାନେ ଏପରି ଭକ୍ତି ଦ୍ୱାରା ଗାନ୍ଧୀଜୀଙ୍କୁ ବଡ଼ କରିଦେଲେ ବୋଲି ମଧ୍ୟ ଭାବିଲେ । ଆମ ଓଡ଼ିଶାର କୌଣସି ନେତାଙ୍କ ନେତୃତ୍ୱ ! [ମୁଖ ପତ୍ରର ବର୍ଣ୍ଣ- ନାକୁ ଦେଖ ] ତାଙ୍କୁ ଗାନ୍ଧୀଙ୍କ ସହ ସମାନ କରିବା ପାଇଁ ସମ୍ବାଦ ପ୍ରକାଶ କରିଲେ ନିଜ ନେତାଙ୍କ ହତ୍ୟା ପାଇଁ ଓଡ଼ିଶାରେ ଆନ୍ଦୋଳନ ଚାଲିଛି ।

× + +

ଗୋଡସେଙ୍କ ଗୋଟିଏ ଗୁଳି ମାରି କେବଳ କୋଟି ଲୋକଙ୍କୁ ବଡ଼ କରି ଦେବାର ଚାହିଁ ପ୍ରତିଷ୍ଠା ଦେଲା ସତେ । ଏମାନଙ୍କ ଗାନ୍ଧୀଯୋଗ୍ୟ ହତ୍ୟାକାରୀ ନାଥୁରାମ ମଧ୍ୟ ଅମର ହୋଇଛନ୍ତି—ଆମ ନେତାଙ୍କ କଥା ଛାଡ଼ ।

× + +

ନାଥୁରାମ ନିଜେ ହୁଏତ ଭାବିବ— ଯଦି ଗାନ୍ଧୀଙ୍କୁ ମାରି ନଥାନ୍ତେ ଗାନ୍ଧୀଜୀ ଅଜା ଦ୍ୱିତୀୟ ଖ୍ରୀଷ୍ଟ ହୋଇ ନଥାନ୍ତେ—ଏବଂ ତାଙ୍କ ଜୀବନ ଠାରୁ ତାଙ୍କ ମୃତ୍ୟୁ ଏତେ ଅଧିକ ଗୌରବମୟ ହୋଇ ନଥାନ୍ତା । ସୁତରାଂ ଗାନ୍ଧୀଙ୍କ ବଡ଼ ଭକ୍ତ ନାଥୁରାମ ତାଙ୍କ ଦେହକୁ ହତ୍ୟାକର । ଆପର ମନେହୁଏ ବାକି ଭେଟେକ ତାଙ୍କ ଅମର ଆତ୍ମାକୁ ହତ୍ୟାକର ଗାନ୍ଧୀଙ୍କୁ ଅଧିକ ବେ କରିବାର ଉଦ୍ୟମରେ ଅଛନ୍ତି । ତଦ୍ୱାରା ସେମାନେ ନିଜେ ନିଜେ ମଧ୍ୟ ଅମର ହୋଇଯିବେ । ତନ୍ମଧ୍ୟରୁ ଆମ ଓଡ଼ିଶା ସରକାରଙ୍କ ନାମ ଉଲ୍ଲେଖ ଯୋଗ୍ୟ ।

+ ÷ +

ନେହେରୁଙ୍କ ଦେହ ତ୍ୟାଗ ହୋଇ ନୀତିରେ ଲେଖା ରହିଛି । କିନ୍ତୁ ଆମ ଓଡ଼ିଶା ସରକାର କରୁଛନ୍ତି ଗେଣ୍ଡ୍ରାନ ରାଜ୍ୟ ସ୍ଥାନରେ ସରକାର ଗୋଟିଏ ଗୋଟିଏ ବସାକୁ ଓ କାଶ୍ମୀର ଭଳି ମୁକ୍ତି ଦିଆଇଲେ । ତାର ଉପରେ ଗାନ୍ଧୀଜୀ- ଙ୍କ ଚିତ୍ର ଟାଙ୍ଗି—ଓ ଧାର ବୃତ୍ତି ମାନ୍ୟ ମନ୍ତ୍ରୀ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ମୂର୍ତ୍ତି ସ୍ଥାପନ ଚାଲିଛି ।

× × +

ମାଳିକାନଙ୍କ ଜମାବନ୍ଦୀ ଓଡ଼ିଶା ସରକାରଙ୍କର ଏହା ଲକ୍ଷ୍ୟ ଥିଲା ନିଜକୁ ଓଡ଼ିଶାର ଅସ୍ପୃଶ୍ୟ ଅବସ୍ଥା ଦେଇଥିଲେ । ଆମର ମନେ ହେଉଛି ଏ ଗାନ୍ଧୀଙ୍କ ଅସ୍ପୃଶ୍ୟ । ଏବଂ ଏହା ଦ୍ୱାରା ଗାନ୍ଧୀଙ୍କର ମର୍ଯ୍ୟାଦା ହେବ ଓ ମହତ୍ତ୍ୱ ଦେଶ ଆଉ ହେବେ ପୃଥିବୀ ଇତିହାସରେ ।

× ÷ +

ଗାନ୍ଧୀଜୀ ଚାହିଁ ପୂର୍ବରୁ କଂଗ୍ରେସ ଅନୁଷ୍ଠାନକୁ ଉଠାଇ ଦେଇ ଏକ ସେବକ ସଂଘ ଗଢ଼ିବା ମାର୍ଗ ଏତ ଉପଦେଶ ଦେଇଥିଲେ । ଭାରତରେ ଆଜି ବଡ଼ କଂଗ୍ରେସ ବାଲା; ବମ୍ବେର କଂଗ୍ରେସ ସମ୍ମିଳନ କଂଗ୍ରେସ ଅନୁଷ୍ଠାନ କମିଟିର ବୈଠକ ମଧ୍ୟ ଏପର ନେତୃତ୍ୱ ଭଳି ହିନ୍ଦୁ ନେତା ଗାନ୍ଧିଜୀଙ୍କ ଉପଦେଶରେ ଆତ୍ମା- ଟାକୁ କଂଗ୍ରେସ ହାତକୁ ନେଇଛି । ଏଥିରୁ ଜଣାଯାଉଛି— ଗାନ୍ଧିଜୀଙ୍କ ଦେହାନ୍ତ ହିବା ପରେ ତାଙ୍କ ନୀତିର ଦେହ ବା ବାହ୍ୟ ରୂପଟାକୁ ବାଦ ଦେଇ ବା ଜାଳି ଦେଇ କେବଳ ଆତ୍ମାପୂଜା ବା ଅଗ୍ନିପୂଜା ଚାଲିବ । ଗାନ୍ଧୀଜୀଙ୍କ ଉପଦେଶର ଏଇ ଆତ୍ମାକୁ ଇଂରେଜୀ Spirit—କୁହା ଯାଇଛି । Spirit [ ସ୍ପିରିଟ୍ ] ଅର୍ଥ ଭୂତମଧ୍ୟ । କେବଳ ଗାନ୍ଧିଙ୍କ ଉପଦେଶର ଭୂତଟାକୁ ଆମେ ଗ୍ରହଣ କରି ନେଲେ ଆମର ଚଳିବ ।

+ + +

ପଟେଲଙ୍କ ମତରେ କଂଗ୍ରେସରେ ଏକ ସ୍ୱେଚ୍ଛା ସେବକ ବାହିନୀ ରହିବେ ଯାହାର ଗୋଟିଏ ଅଂଶ ସରକାରଙ୍କ କାମରେ ମଧ୍ୟ ଲାଗିପାରେ । ଏମାନଙ୍କ ହାତରେ ଅସ୍ତ୍ର ଶସ୍ତ୍ର

Digitized by srujanika@gmail.com

ମଧାରହିବ । ଅହିଂସାହିଁ ଗାନ୍ଧିଜୀଙ୍କ ଉପଦେଶର ଦେହ—ଓ ଅନ୍ୟ ଚିନ୍ତା ତାଙ୍କର ଆତ୍ମା । ତେଣୁ କେବଳ ଅସ୍ଥିର ବ୍ୟବସ୍ଥା ହେଉଛି ମାତ୍ର । ସବୁ ବେସରକାରୀ ଅସ୍ତ୍ର-ଶସ୍ତ୍ର-ଧାରୀ ବାହିନୀକୁ ଉଠାଇ ଦେଇ କେବଳ କଂଗ୍ରେସ ବାହିନୀକୁ ଆଉ ସରକାରୀ ନାମ ଦେଇ ରଖିଲେ ଇଟାଲିର କଳାବାହିନୀ, ଜର୍ମନରେ ଲୁହା ଟୋପିଅଙ୍କ ଭଳି ଏକ ଫାସିଷ୍ଟ ଦଳ ଚଳାଇବାରେ ଗାନ୍ଧୀ ବାପୁଙ୍କ ଅମର ହୋଇ ରହିବେ ! ତାଙ୍କ Spirit—ଆତ୍ମା ଭୂତ ଏଠି ନାଚିବ ।

× ×

ପୁରୀ ମନ୍ଦିରରେ ହରିଜନ ପ୍ରବେଶକୁ ବାଧାଦେଇ କେତେକ ସେବକ ଠେକା ପଥର ଫିଙ୍ଗିଲେ । ମନ୍ଦିର ଭିତରୁ ଠେକା ପଥର ସରିଥିଲେ ଅମାଳ, ଚନ୍ଦ୍ରଭାଗା ନଦୀ ମଗର ନଡ଼ୁ ଆଣି ଫିଙ୍ଗିବେ ବୋଲି ବଲୁଆମାନେ ବଡ଼ ଆଶା ବାନ୍ଧିଥିଲେ । କିନ୍ତୁ ଦଇବ ଏତେ ଭାଗ୍ୟ ସହିଲା ନାହିଁ । ସେଥିକୁ ସେବକମାନେ ଲାଙ୍ଗୁଳ ଜାକିକି ପୁଃ ପଳାୟିତ ସ ଜୀବିତ ହେଲେ । ବଡ଼ ଦେଉଳରେ ହରିଜନ ପଶିଲେ ।

ଜୟ ଜଗନ୍ନାଥ ଜୀଉଙ୍କ ଜୟ ।

× × +

କିନ୍ତୁ ଗୋଟାଏ ଅବିଶ୍ୱସ୍ତ ସୋର୍ସରୁ [ ସୂତ୍ରରୁ ନୁହେଁ ] ସଂବାଦ ପ୍ରକାଶ ଯେ ହରିଜନ ପ୍ରବେଶ ପ୍ରକୃତରେ ହୋଇଛି ମାତ୍ର ଅସ୍ପୃଶ୍ୟ ପ୍ରବେଶ ନୁହେଁ । ପ୍ରକୃତରେ ହରି ଜନ ପ୍ରବେଶ ହୋଇଛି । ହରେକୃଷ୍ଣଙ୍କ ଜନ ଯେ ପୁଲିସ—ତାଙ୍କର ପ୍ରବେଶ ହୋଇଛି । ଅତଏବ

ହରେକୃଷ୍ଣ ସ୍ୱାମୀ ନୟନ ପଥଗାମୀ
ଭବନ୍ତୁ ମେ ।

---

( ମଜାକଥା ୫ମ ପୃଷ୍ଠା ପରରୁ )

ଗୃହ ଫକାଇ ଦେଇ ଶୁକର, ପୁଷ୍ପାଙ୍କ ଆଉ ଛନ୍ଦାକୁ ଡାକ ପକାଇଲି । ବାପା, ବୋଉ, ଛନ୍ଦା ଶୁକର, ପୁଷ୍ପା ଆଉ ସମସ୍ତେ ଲାଇଟ ହେଲା କଣ ବୋଲି ଦେଖିବାକୁ ରୁଣ୍ଡ ହୋଇ ଗଲେ—ଆଲୁଅ ନେଇ ଦୁଇ ବନ୍ଧୁଙ୍କ ମୁହଁରୁ ଲୁଗା କାଢ଼ି ଦେଖାଇ ଦେଲି···"ଦେଖରେ ପିଲେ ! ଏ ହେଉଛନ୍ତି ତୁମର କାଳୀଭାଇ—ଆଉ ଏ ହେଉଛନ୍ତି···ଦିବ୍ୟସିଂହଭାଇ······
···ଅନେକ ଦିନର କଥା···ଆଜିକାଲି ସୁଦ୍ଧା ଅବସର ସମୟରେ ସେ ଚିଠି ଗୁଡ଼ିକ ବାହାରକରି ଛନ୍ଦା ଆଉ ମୁଁ ଆନନ୍ଦ ଉପଭୋଗ କରୁ ।

—*—

# ଦେଉଳ ପ୍ରବେଶ

—୧—

ହେ ପୁରୋହିତେ କେଉଁ ଅଧିକାରେ, କେଉଁ ନୀତି-ଶାସ୍ତ୍ର ଅନୁସରି
କହ ଅବା କେଉଁ ପାପ ବଳେ ମୁକ୍ତି-ମନ୍ତ୍ର ଦେଇଛ ପାସୋରି ।
ପୁଣ୍ୟପଥ ଭୁଲିଯାଇ କିପାଁ ରତ ହୁଅ ଏମନ୍ତ ଧନ୍ଦାରେ
ପଦେ, ପଦେ ଅଘାଉଛ କିପାଁ ସ୍ୱାଧୀନତା—ସଂଗ୍ରାମ—ସଇନେ ।
ଅସମର୍ଥ ହୋଇଲ ହେ ଯେବେ, ଏ ମନ୍ଦିର ସୃଷ୍ଟି ବୁଝିବାରେ
ନ ଜାଣିଲ ପ୍ରତିଷ୍ଠାତା କିବା, ତେବେ ଏ ଉତ୍କଟ ଅନ୍ଧାରେ,
ଶୁଭ୍ର-ଶ୍ୱେତ-ଶିଳାର ସଦନେ, ବସାଇଲ ଦେବତାକୁ ନେଇ
ଅତି ନୀଳ ସେ କୋମଳ ଅଙ୍ଗେ ମଣି-ରତ୍ନ-ଭୂଷଣ ଲଗାଇ ।
କିବା ଜଣା, ନୈବେଦ୍ୟ ସମ୍ଭାରେ ସେ ଦେବତା ଦରଶନ ଆଶେ
କରିଲ ହେ କି ବୃଥା ପ୍ରୟାସ, ଭୁଞ୍ଜ ରହି ଅଜ୍ଞତା-ତମସେ ।
ଏ ଦାରୁଣ ମୂର୍ଖତାର ହେତୁ ଦେଶୁ କଲେ ଦେବତା ପ୍ରୟାଣ,
ଆଜି ଖାଲି ଦେଉଳଲେ, ଦେଉଳଲେ ବିରାଜିତ ଏ କାଷ୍ଠ ପାଷାଣ ।

—୨—

ଭାବିଛକି କେବେ ଥରେ ମନେ; କେତେ ବନ୍ଧୁ, କେତେ ଦେଶଭାଇ
ତବ କ୍ରୂର ବ୍ୟବହାର ଯୋଗୁଁ, ଦୂର ଦେଶେ ଯାଆନ୍ତି ପଳାଇ ।
ଧର୍ମ-ଦତ୍ତ ଭେଦ-ଚକ୍ର ତଳେ ନିତି କେତେ ହୋଇ ନିଷ୍ପେଷିତ
ନିଃସହାୟେ, ଅବଶେଷେ ଆନ ଧର୍ମାନ୍ତରେ ହୁଅନ୍ତି ଦୀକ୍ଷିତ ।
ଦେଶେ ଦେଶେ ତୁମରି ଆଜିକେ ଭ୍ରମ ଯୋଗୁଁ 'କୁଲି' ଆଖ୍ୟା ଘେନି
ଅପମାନ-ଲାଞ୍ଛନା-କବଳେ ନ ଫୁଟଇ କଣ୍ଠୁ କ୍ଷୀଣ ଧ୍ୱନି
ଦୁଃଖ-ସୁଖ ନିବେଦନ ଆଗେ । ଶୁଣି ମନେ ନ ବାଜଇ ଲାଜ ?
ଧିକ ତବ ଯାଗ-ଆରାଧନା, ଧିକ କଳୁଷିତ ଏ ସମାଜ ।
ଶୁଣି ଥରେ ନାହିଁ କହେ ଦିନେ, ଏ ଭାରତ-ଦିଗନ୍ତ-ଭେଦି
ଶୈଳେ, ଶୈଳେ, ସାଗର ତରଙ୍ଗେ, ବୃକ୍ଷେ, ବୃକ୍ଷେ ଶୁଭଇ ଅବଧି
ପ୍ରଗତିର 'ସାମ୍ୟ-ମୈତ୍ରୀ-ମନ୍ତ୍ର'; ଯା ଉଦ୍ଦେଶେ ନବୀନ ଜୀବନେ
ନବ ଆଶେ ଜାଗଇ ଭାରତ, କାହିଁ ଶୁଅ ଉତ୍କଳ ନନ୍ଦନେ ।

—୩—

ଜାଣ କିପାଁ, ଅଦୂର ଅତୀତେ ଏ ଭାରତ-ଶସ୍ୟଶ୍ୟାମା-ପୁଙ୍ଗବ
ଯାର ମେଳେ ତୁମେ ହେ ପଣ୍ଡିତେ, ଦେବ ଭୁଲେ ଯେସନେ ଦାନବ,
ହସି ହସି ବରଜିଲେ ଅହା, ଆତତାୟୀ-ଆୟୁଧ-ଆଘାତ,
ଖୁଦେ, ମନେ, ପ୍ରାସାଦ, ପ୍ରାଙ୍ଗଣେ, ନୁହଇ କି ଆଜି ସେ 'ପୂଜିତ' ।
କହ ସି ସେ ନଥିଲେ ମାନବ ? ନାଥିଲେ କି ଅମୃତ-ସନ୍ତାନ ?
ଜନପଦ ! ଶୁଣାଇଲେ ଧର୍ମ-ନାଦ ନନ୍ଦୀ-ଜାହ୍ନବୀ ବାଣୀ ।
କି ହେତୁ ସେ ନଗଲେ ମନ୍ଦିରେ କରନା କି ବାରେ ତା ସ୍ମରଣ
ଯାର ଗାଥା ଶୁଣନ୍ତେ ଦେବତା ହୋଇଯାନ୍ତି ଲାଜେ ମ୍ରିୟମାଣ,
ସେ ପାପେ ଅପବିତ୍ର ତୁମେ, ଅଶୁଦ୍ଧ ଏ ଦେବତା, ମନ୍ଦିର,
ଅଶୁଦ୍ଧର ନୀଳାଚଳଧାମ, ସେହି ପାଇଁ ଲାଞ୍ଛିତ ଉତ୍କଳ ।
ଜାଣ ତାର କିବା ପ୍ରତିକାର ? ଭାରତର ବିଧାତା-ପ୍ରୟାଣେ,
ଛନ୍ତି ଯାଙ୍କ ପ୍ରତିଚ୍ଛାୟା-ରୂପୀ, ଦେଶେ କେତେ ପ୍ରପୀଡ଼ିତ ଜନେ
ତାଙ୍କୁ ଯେବେ ସମାଜରେ ନେଇ, ନିଜ ଭୁଲେ କରିଅ ଅଧୀନ
ହେଲେ ଏ ଉତ୍କଳର ଅଙ୍ଗୁ ପାପପୀଡ଼ା ହୁଅନ୍ତା ମୋଚନ ।

ଲେଖକ—ଜନାର୍ଦ୍ଦନ ପଟେଲ
ସମ୍ବଲପୁର, କଲେଜ ।

Digitized by srujanika@gmail.com

# ଗାନ୍ଧୀ ବଚନାମୃତ



ଅମ୍ଭା ତୋହର ଅମୃତ-ମୟ
ଅମୋଘ ତପସ୍ ଶକ୍ତି,
ହେ ଭାରତ ବାସୀ ! ଦିଅ ତାର ପରିଚୟ,
ଉଦ୍ଧତ ସାରା ବିଶ୍ୱର ଯେତେ
ଉଦ୍ୟତ ଅସି ପଙ୍‌କ୍ତି
ମଥା ନତ କରି ମାନି ନେବ ପରାଜୟ !

୨

ବଞ୍ଚିବା ପାଇଁ ମାରିବାକୁ ହୁଏ
ଏ ନୋହେ ବୀରର ଉକ୍ତି
ମାରେ ସେହି ଯେହୁ ମରଣରେ ଶଙ୍କିତ,
ନ ମାରି ମରେ ଯେ ପ୍ରକୃତ ବୀର
ମରିବାକୁ ଧରେ ଶକ୍ତି,
ମରଣେ ନକରେ ମାରଣେ କଳଙ୍କିତ ।
ସେହି ଗାଥା ଆଜ ଘୋଷେ ଇତିହାସ
ସ୍ୱର୍ଣ୍ଣ ଲେଖନୀ ଗାରେ,
ମାରଣକୁ ଜୟ କରିଛି ମଣିଷ
ମରଣର ହାତଅରେ ।

୩

ନୃଶଂସ ଅତତାୟୀ
ବାହୁରେ ଶକ୍ତି ନାହିଁ,
ପ୍ରାଣ ସଂଶୟ ସଙ୍କଟ ଯେବେ
ଆସେ କର୍ତ୍ତବ୍ୟ ଦ୍ୱାରେ,
ମଣେ ପଳାୟନ ଶ୍ରେୟ
ଭୀରୁ କାପୁରୁଷ ହେୟ
ବୀର ତା'ରେ କରନାହିଁ ଅପମାନ
ଗୌରବ ଦେଇ ତା'ରେ ।
ଦ୍ୱାର ମୁଖେ ହୋଇ ଉଭା
ନ ମାରି ମରେ ଯେ ଯୁବା
ଯୁଝି ପ୍ରାଣ ପଣେ ଶୁଝେ ତାର ଋଣ
ନମ ସେ ପୁରୁଷକାରେ
ଅନୁଭବାୟି ପୁରୁଷୋତ୍ତମ
ସେ ସର୍ଗ [illegible] ।

[illegible]

ପୋଛୁ ଦେବା ପାଇଁ ନୟନର ଜଳ
ସନ୍ତାନ ଯଦି ଶୋଣିତୋତ୍ସବେ
ଶାଣିତ ହିଂସା ହାଣେ
ମାନୁଛି ତାହାର ଅଛି ଅଧିକାର,
ତଥାପି ବାରଣେ କରି ବାର ବାର
କହିବ—ମାତୃଭକ୍ତ ହେ ବୀର,
ହିଂସା କଣ୍ଟକ ତପ୍ତ ରୁଧିର
ନା' ଦିଅ ମାତାର ସ୍ନାନେ !
ଜନନି ଗୋ ତବ ଲାଞ୍ଛନ ପଣେ
ବାହୁବଳନାଶେ ଯଦି କେବେ ଘଟେ
ସହିବ ମୋ ଦେହ-ମାତୃକା ପରିଚର୍ଯ୍ୟା
ଜନନି ଗୋ ମୋର ସକଳ ଗର୍ବ
ବରଜି କେବଳ ବହିବ ସର୍ବ
ଜନମ ଜନମ ଲଜ୍ଜା ।

୫

ମହାତ୍ମା ! ମହାତ୍ମା ! କିଏ ମୋତେ କହେ,
ମହାତ୍ମା ମୁହିତ ନୋହେ—କେଭେ ନୋହେ,
ଦୀନ—ଅତି ଦୀନ—ସେ ମହତ ନାମ
ଦୁର୍ଦ୍ଦୈବ ଶିରେ ବହେଁ ।
ନୁହେଁ ମୁନିଋଷି ନୁହେଁ ଅବତାର
ନୋହେ ସନ୍ନ୍ୟାସୀ ଧାମୀ,
ଗୃହବାସେ ଏକ ଦେଶ ସେବୀ ଖାଲି
ସତ୍ୟର ସନ୍ଧାନୀ ।
କହେ ମୁହି ନିର୍ଭୀକ,
ସାଧୁ ବେଶେ ମୁଁ ଯେ ନୁହେଁ ରାଜନୈତିକ ।

୬

ରାଜନୈତିକ ବିଚକ୍ଷଣତା
ଥାଏ ଯଦି ମୋହଠାରେ,
ଅଛି ଥିଲେ ଅବା ଅଛି ଥିବ ସେହି
ସତ୍ୟର ଅନୁଶାସନେ ।

ସକଳ ଜ୍ଞାନର ଉତ୍ସ—'ସତ୍ୟ'
କେବଳ ଏତିକ ବୁଝେଁ,
ସକଳ କର୍ମ ଧର୍ମେ ମୋହର
ସତ୍ୟକୁ ଖାଲି ଖୋଜେଁ,
ସତ୍ୟ ସହିତେ ଅହିଂସା ଛଡ଼ା
ଗତି ଅନ୍ତର କାହିଁ ?
ଜନମଧ୍ୟେ ତାର ଜନ୍ମ ଭୂମିର
ମୁକ୍ତି ମୁଁ ଲୋଡ଼େଁ ନାହିଁ ।
ଜାଣେ ମୁହି ଏହା ସତ
ପ୍ରକୃତ ସେହି ମୁକ୍ତି ମାଗିଁକ
ଖୋଲା ନାହିଁ ଆନ ପଥ ।

୭

ମାନବର ସେବା କରି
ପାଇବାକୁ ଲୋଡ଼େଁ ପ୍ରିୟ
ହରିଙ୍କୁ ମୋହର
ତାଙ୍କର ବୈକୁଣ୍ଠ ପୁର
ନିଶ୍ଚିତେ ଜାଣେ ମୁଁ ଏହି
ମାନବ—ଅନ୍ତର ।

୮

ଯେ ଦୁଃଖ ଯେ ନୈରାଶ୍ୟ
ଘୋଟିଆସେ ଦେଖେଁ ନିରନ୍ତରେ,
ଭାଗ୍ୟେ ନିଜେ ଭଗବାନ
ସ୍ଥିର ରହିଛନ୍ତି ମୋ ଅନ୍ତରେ,
ଅନ୍ୟଥା ହରାଇ ଜ୍ଞାନ
ଜାହ୍ନବୀ ସଲିଳେ ମୁହିଁ ଝାସିଆନ୍ତି ପ୍ରାଣ,
ଉନ୍ମାଦ ସମାନ ଏ ପଥରେ ।

୯

ଏ ସକଳ ମାନବ ଗହଳେ,
ଗ୍ରଥିତ ମୁଁ କ୍ଷୁଦ୍ର ଏକ ଅଂଶ ସମ ଚଳେ—
ପୂର୍ଣ୍ଣ, ଏକ ମହା ସତ୍ତ୍ୱ ଦେହେ—
ରହିଁ ମୁହିଁ ଦେଖେ ଅତି ସ୍ନେହେ—
ସମ୍ମୁଖରେ କୋଟି କୋଟି ଦେଶ ବାସୀ ମୋର
ପ୍ରତିବେଶୀ ସୁହୃଦ ସୋଦର ।
ଅସାଡ଼ ଜଡ଼ହି ଦଳ ଦଶା
ଜନ୍ମଭୂମି ଦୁଃଖରେ ବିବଶା
ଛାଡ଼ି କି ପାରେ ତାଙ୍କ ସେବା
ସେହି ମୋର ସର୍ବ ଦେବ ଦେବା
ତାହାଙ୍କୁ ମୁଁ ଛାଡ଼ି ଏହି ମତେ
ନ ଯିବି ମୁଁ ହିମାଳୟ ପଥେ
ଜାଣେ ମୁହିଁ ଜାଣେ ମୋ ଦେବତା
କହିବୈରେ କଥା
ଦେଖା ଦେବେ ତାଙ୍କର ମନ୍ଦିରେ
ମାନବର ଏ ସାଗରର ତୀରେ ।

୧୦

ପରାଜୟ ନାହିଁ ଡରେ
କଠୋର ଆଘାତେ ସେ ମୋହର ଶରୀରେ
ନବ ଉଦ୍ୟମ ଭରେ ।
ନିଜେ ଈଶ୍ୱର ସାରଥି ମୋହର
ସତ୍ୟର ରଥ ପରେ ।

୧୧

ହୋଇ ପାରେ ମୁହିଁ ହେୟ,
ସତ୍ୟ ଯାବତ ଏହି ରସନାରେ
ସ୍ଫୁରୁ ଥିବ ମହା ନିର୍ଭୀକତାରେ
ସ୍ମ [illegible] ସଦା ଅପରାଜେୟ ।

Digitized by srujanika@gmail.com

# ସିନେମା

ଶ୍ରୀ ଧୀରେନ୍ ଦାଶ

ଥିଏଟର ଓ ସିନେମା ପ୍ରୟୋଜକ ଆମୋଦ ଦାୟକ ହେଲେ ମଧ୍ୟ ସିନେମା ଅକ୍ଳେଶରେ ମନ ଉପରେ ପ୍ରଭାବ ଆଣିପାରେ ଯେହେତୁ ଥିଏଟରରେ ଯେଉଁ ଦୃଶ୍ୟଗୁଡ଼ିକ ଦେଖାଇ ଦିଆ ଯାଇପାରେ ନାହିଁ ସିନେମାରେ, ତାହାଖୁବ ଭଲ ଭାବରେ ଦେଖାଇ ଦିଆ ଯାଇ ପାରେ । ମନେ କରନ୍ତୁ ଗୋଟିଏ ଲୋକ ଦୌଡ଼ି ଆସିଲା । ଏଇ 'ଦୌଡ଼ିବାଟା' ଥିଏଟରରେ କଥାରେ ଜଣାଇଲେ ଅନ୍ୟ ଉପାୟ ନାହିଁ, କିନ୍ତୁ ସିନେମାରେ ଦୌଡ଼ିବା ଦୃଶ୍ୟଟି ଦେଖାଇବା ସଙ୍ଗେ ସଙ୍ଗେ କିପରି ଭାବରେ ଦୌଡ଼ୁଛି କିପରି ମୁଖର ଭଙ୍ଗୀ କରୁଛି ଓ କିପରି କ୍ଳାନ୍ତ ହୋଇ ପଡ଼ୁଛି, ସବୁକଥା ଭଲ ଭାବରେ ଦେଖାଇ ଦିଆ ଯାଇ ପାରେ, ମୋଟରେ ସିନେମାର ଚରିତ୍ର ଗୁଡ଼ିକର ପ୍ରତ୍ୟେକ ଭାବ ଭଙ୍ଗୀ ଓ ଅଙ୍ଗ ଚାଳନା ପାଇଁ ଭିନ୍ନ ଭିନ୍ନ ଗୋଟିଏ ଗୋଟିଏ ଦୃଶ୍ୟ ସୃଷ୍ଟି କରାଯାଇ ପାରେ । ବିଷୟଟିର ପ୍ରଥମରୁ ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଚରିତ୍ର ଓ ପ୍ରତ୍ୟେକ ଦୃଶ୍ୟକୁ ଭିନ୍ନ ଭିନ୍ନ ଭାବରେ ଦେଖାଇ ଦିଆଯାଇ ପାରେ ବୋଲି ଏହା ସହଜରେ ହୃଦୟଙ୍ଗମ କରହୁଏ ।

ସିନେମା କେଉଁ ଭାବରେ ତିଆରିହୁଏ ଶୁଣନ୍ତୁ । ପ୍ରଥମେ ବଛା ଯାଏ ଗୋଟିଏ ଗଳ୍ପ, କୌଣସି ଲେଖକଙ୍କର ଲେଖା । ସେଇ ଗଳ୍ପଟି ତା' ପରେ ଚଳଚ୍ଚିତ୍ର ଉପଯୋଗୀ କରିବା ପାଇଁ, ସେ ବିଷୟର ଜଣେ ବିଶେଷଜ୍ଞଙ୍କୁ ଦିଆଯାଏ । ତାଙ୍କୁ Scenerio writter ବା ଚିତ୍ର ନାଟ୍ୟ ଲେଖକ କୁହାଯାଏ । ଚିତ୍ରଟିର ଲମ୍ବା କେତେ ହେବ, ସେ ବିଷୟ ତାହାଙ୍କୁ ଜଣାଇ ଦିଆଯାଏ ଓ ସେହି ଅନୁସାରେ ବିଷୟଟିକୁ ଭିନ୍ନ ଭିନ୍ନ ଦୃଶ୍ୟରେ ସେ ପରିଣତ କରନ୍ତି । ଏହି ଲେଖାଟି ସରିଲେ ପ୍ରକୃତ ସନ୍ଧିସ୍ଥଳ ଆସି ପହଞ୍ଚେ । ନିର୍ଦ୍ଦେଶକ ଗଣ, ଗଳ୍ପ ଲେଖକ, ଚିତ୍ର ନାଟ୍ୟ ଲେଖକ ଓ ଅନ୍ୟ ପ୍ରଧାନ ବ୍ୟକ୍ତି ମାନଙ୍କୁ ନେଇ ବିଷୟଟିର ପ୍ରତ୍ୟେକ ଦୃଶ୍ୟ ବିଷୟରେ ଗମ୍ଭୀର ଆଲୋଚନା କରାଯାଏ । ଚିତ୍ରଟିର ଆରମ୍ଭ ଓ ଶେଷ କିପରି ଭାବରେ ହେବ ଓ କେଉଁ କେଉଁ ଚରିତ୍ର ଗୁଡ଼ିକୁ ବିଶିଷ୍ଟତା ଦିଆଯିବ ତାହା ଠିକ୍ କରାଯାଏ । ପ୍ରକୃତରେ କହିବାକୁ ଗଲେ ସମୁଦାୟ ବିଷୟଟିକୁ ଭାଗ, ଭାଗ, କରି ପୁଣି ଯୋଡ଼ି ଦିଆଯାଏ । ତାପରେ ଦୃଶ୍ୟ ଗୁଡ଼ିକ ଅନୁସାରେ କଥା ଓ ସମ୍ବାଦ ଲେଖାଯାଏ ଓ ନିର୍ଦ୍ଦେଶକଙ୍କ ପରାମର୍ଶାନୁଯାୟୀ କ୍ୟାମେରାମ୍ୟାନ୍ ପ୍ରତ୍ୟେକ ଦୃଶ୍ୟପାଇଁ କିପରି ଭାବରେ କେଉଁ ସ୍ଥାନରେ ଓ କେତେ ଦୂରରେ ଫଟୋ ଗୁଡ଼ିକ ନେବେ ତାହା ଲେଖନ୍ତି—ଏହାକୁ Shooting Script କୁହାଯାଏ ।

ସବୁ ଶେଷରେ ଚିତ୍ର ନିର୍ମାଣ କେତେ ଦିନ ଲାଗିବ ଓ କିପରି ଭାବରେ ହେବ, ତାହା ସବୁ କର୍ମଚାରୀ ମାନଙ୍କୁ ଜଣାଇ ଦିଆଯାଏ । ନିର୍ଦ୍ଦେଶକ ଚିତ୍ରଟି ପାଇଁ ଶ୍ରେଷ୍ଠ ଅଭିନେତା ଓ ଅଭିନେତ୍ରୀ ଗଣଙ୍କୁ ଠିକ କରନ୍ତି । ଭୂମିକା ନିର୍ବାଚକ ବା Casting Director ଛୋଟ ଛୋଟ ଓ ପାର୍ଶ୍ୱ ଅଭିନୟ ପାଇଁ ଲୋକ ଠିକ କରନ୍ତି । ଏମାନଙ୍କୁ 'ଏକ୍ସ୍ଟ୍ରା' କୁହାଯାଏ । କଳା ନିର୍ଦ୍ଦେଶକ ବା Art Director ଦୃଶ୍ୟପଟ Set ଗୁଡ଼ିକ ତିଆରି କରିବାରେ ଲାଗି ପଡ଼ନ୍ତି । ସାଧାରଣତଃ ଦେଖିବାକୁ ଗଲେ "ଷ୍ଟୁଡ଼ିଓ" ରେ ନିମ୍ନଲିଖିତ କର୍ମଚାରୀଗଣ କାମ କରନ୍ତି ।

ନିର୍ଦ୍ଦେଶକ—[Director] ଚିତ୍ରର ପ୍ରକାଶ ବିଷୟରେ ଏ ସମ୍ପୂର୍ଣ୍ଣରୂପେ ଦାୟୀ. ଭଲ ମନ୍ଦ ଏହାଙ୍କର ଉପରେ ନିର୍ଭର କରେ । ସାଧାରଣତଃ "ଷ୍ଟୁଡ଼ିଓ" ବିଷୟକ ପ୍ରତ୍ୟେକ ବିଷୟରେ ଏହାଙ୍କର ଖୁବ୍ ଭଲ ଭାବରେ ଜ୍ଞାନ ଥାଏ ।

ଭୂମିକାନିର୍ବାଚକ—ଚିତ୍ରରେ ଛୋଟ ବଡ଼ ଏବଂ ପାର୍ଶ୍ୱ ଅଭିନୟ ପାଇଁ ସମସ୍ତ ଅଭିନେତା ଅଭିନେତ୍ରୀ, ଠିକ୍ କରନ୍ତି । ସାଧାରଣତଃ ଭାରତୀୟ Studio ମାନଙ୍କରେ ଏଥିପାଇଁ ଅନ୍ୟବ୍ୟକ୍ତି ନଥାଆନ୍ତି । ନିର୍ଦ୍ଦେଶକହିଁ ସବୁ କରିଥାନ୍ତି ।

କଳା ନିର୍ଦ୍ଦେଶକ—ପ୍ରତ୍ୟେକ ଦୃଶ୍ୟପଟ [set] ତିଆରି କରିବା ପାଇଁ ଦାୟୀ । ଗୋଟିଏ ଚିତ୍ର ଭିତରେ ଅନେକ ପ୍ରକାର ଦୃଶ୍ୟ ଆମେ ଦେଖୁ । କେଉଁଠି ପ୍ରକାଣ୍ଡ ସଜ୍ଜିତ କୋଠରୀ ତ କେଉଁଠି ଲୋକ ବହୁଳ ବଜାର ତ ଅନ୍ୟଠାରେ ଖୋଲା ପଡ଼ିଆ । ଏ ଗୁଡ଼ିକ ଦେଖି ମନେ ହୁଏ ଯେପରି ପ୍ରକୃତରେ ଭିନ୍ନ ଭିନ୍ନ ଜାଗାକୁ ଯାଇ ଫଟୋ ସବୁ ନିଆ ଯାଇ ଥାଏ । କିନ୍ତୁ କେତୋଟି ଦୃଶ୍ୟ ଛାଡ଼ିଦେଲେ ସବୁ ଦୃଶ୍ୟ ଗୁଡ଼ିକ 'Studio' ଭିତରେଇ ତିଆରି କରାଯାଇ ଥାଏ । ଚିତ୍ରରେ ପ୍ରତ୍ୟେକ ଦୃଶ୍ୟର ଯେଉଁ ଅଂଶଟି ଆପେ ଦେଖୁ କେବଳ ସେହି ଅଂଶଟି ଅପ୍ରାକୃତିକ ଭାବରେ ଏପରି ଭାବରେ ତିଆରି କରାଯାଇ ଥାଏ, ଯେ ଫଟୋରେ ଅବିକଳ ପ୍ରକୃତ ଭଳି ଜଣାଯାଏ । କଳା ନିର୍ଦ୍ଦେଶକ ଜଣେ ଏପରି ଲୋକ ଯେ କି ଏକାଧାରରେ ଗାଣିତିକ, ଚିତ୍ରକର, ଇଞ୍ଜିନିୟର, ଶିଳ୍ପୀ ଓ କାରିଗର ସବୁ । ଏହାଙ୍କ ତତ୍ତ୍ୱାବଧାନରେ ବଢ଼େଇ, ଚିତ୍ରକର ଓ ଅନ୍ୟ କାରିଗରଗଣ କାମ କରନ୍ତି ।

କ୍ୟାମେରାମ୍ୟାନ୍—ଚିତ୍ରଟିର ଫଟୋଗ୍ରାଫୀ ପାଇଁ ସମ୍ପୂର୍ଣ୍ଣ ଦାୟୀ । ଷ୍ଟୁଡ଼ିଓ ଭିତରେ ଏହାଙ୍କର ମର୍ଯ୍ୟାଦା ଡାଇରେକ୍ଟରଙ୍କ ତଳକୁ । Camera ରୁଅନ୍ତେ, କେତେବେଳେ ମୁଭ୍ କରିବ ସେଇ ହେଉଛି ଚିନ୍ତାର କଥା । ଚିତ୍ରର ମର୍ଯ୍ୟାଦା ଏହାଙ୍କର ପାଇଁ । କେଉଁଠି କେଣି ଆଲୁଅ ଦରକାର କେଉଁଠି କମ୍, ସେ ସବୁ ଠିକ୍ କରନ୍ତି । ଏହାଙ୍କର ଦୁଇଜଣ ସାହାଯ୍ୟକାରୀ ଥାଆନ୍ତି । ଏହାଙ୍କର ଉପଦେଶାନୁଯାୟୀ ବିଦ୍ୟୁତ—ପ୍ରବାହ ପରିଚାଳକଗଣ କାମ କରନ୍ତି ।

ବିଦ୍ୟୁତ ପ୍ରବାହ ପରିଚାଳକ ଓ ସାହାଯ୍ୟକାରୀ ଗଣ—ଆଲୋକ ପାଇଁ ଦାୟୀ ।

ଶବ୍ଦ ଯନ୍ତ୍ରାଧ୍ୟକ୍ଷ—ଶବ୍ଦକୁ ଫିଲ୍ମ୍ ଉପରେ ରେକର୍ଡ଼କରନ୍ତି ।

ଧ୍ୱନି ପରୀକ୍ଷକ—ଶବ୍ଦ ଯନ୍ତ୍ରାଧ୍ୟକ୍ଷଙ୍କ ସହିତ କାମ କରନ୍ତି—ଠିକ ଭାବରେ ଶବ୍ଦ ନିଆ ହୋଇ ପାରୁଛି କି ନା ତାହା ପରୀକ୍ଷା କରନ୍ତି । ପରିଚାଳନା ସହାୟକ ଗଣ Asst. Directors— ଏମାନେ ନିର୍ଦ୍ଦେଶକ ଅଧୀନରେ ଥାଆନ୍ତି ଦୃଶ୍ୟ ପଟ ଗୁଡ଼ିକରେ ଦରକାରୀ ଯାବତୀୟ ସରଞ୍ଜାମ ଠୁଳ କରିବା ଓ ଅଭିନେତା ଅଭିନେତ୍ରୀ ମାନଙ୍କୁ ଏକତ୍ରିତ କରିବା ଇତ୍ୟାଦି ଏମାନଙ୍କର କାମ ।

ଦୃଶ୍ୟ ତତ୍ତ୍ୱାବଧାରକ—କୌଣସି ପରିଚାଳନା ସହାୟକ ଏ କାମ କରନ୍ତି । ପ୍ରତ୍ୟେକ

Digitized by srujanika@gmail.com

ଦୃଶ୍ୟର ପ୍ରାରମ୍ଭ ଏବଂ ଶେଷରେ କେଉଁ ଅଭିନେତା କେଉଁ ଭାବରେ, କେଉଁ ଠାରେ ଥାଆନ୍ତି କପଡ଼ା ପୋଷାକ ପିନ୍ଧିଥାନ୍ତି କିମ୍ବା କଣ କହିଥାନ୍ତି ପ୍ରତ୍ୟେକ କଥା ଭଲ ଭଲ ଭାବରେ ଲେଖିରଖିଲେ ନଚେତ୍ ଛବିରେ ଅନେକ ପ୍ରକାର ଭୁଲ ହୋଇଯାଏ । ଏଇ ଭୁଲ ବର୍ତ୍ତମାନ ଅନେକ ଛବିରେ ଦେଖାଯାଏ ଅଭିନେତା ଗୋଟିଏ ଘରୁ ଆଉ ଗୋଟିଏ ଘରକୁ ଗଲା ପରେ କିମ୍ବା ବାହାରେ ଗଲାବେଳେ ହଠାତ୍ ଦେଖାଯାଏ ପୋଷାକ ବଦଳ ଯାଇଚି, ମୁଣ୍ଡର ବାଳ ଅନ୍ୟପ୍ରକାର କୁଣ୍ଡିଆ ହୋଇଛି ଇତ୍ୟାଦି । ଏଇ ତତ୍ତ୍ୱାବଧାରକମାନେ ଏତେ ଅଳଙ୍କ ଯେ ପୋଷାକର ଭାଙ୍ଗ ପର୍ଯ୍ୟନ୍ତ ଲେଖି ରଖନ୍ତି । ୟୁରୋପ ଓ ଆମେରିକା ପ୍ରଭୃତିରେ ଏଥିପାଇଁ ବାଳିକା ମାନେ ନିଯୁକ୍ତ ଥାଆନ୍ତି ସେମାନଙ୍କୁ **Continuity Girl** କୁହାଯାଏ ।

କାଠତାଳ ବାଦକ ବା **Calp stick boy**—କୌଣସି ଫଟୋଗ୍ରାଫର ସହାୟକ ଏ କାମ କରନ୍ତି—ଅଭିନୟ ଆରମ୍ଭ ପୂର୍ବରୁ ଗୋଟିଏ କାଠତାଳକୁ କ୍ୟାମେରାର ସାମନାରେ ଧରି ଠିଆ ହୋଇ ରହନ୍ତି । ଏହି ପଟା ଉପରେ ଛବିର ନାମ, ତାରିଖ ଓ ଦୃଶ୍ୟ ନମ୍ବର ଇତ୍ୟାଦି ଲେଖାଥାଏ । ନିର୍ଦ୍ଦେଶକଙ୍କ ଉପଦେଶାନୁଯାୟୀ ସେହି ତାଳ ବଜାଇଲେ ଅଭିନୟ ଓ କ୍ୟାମେରାର କାମ ଆରମ୍ଭ ହୁଏ । ଅଭିନୟ ଅନୁସାରେ ଶବ୍ଦ ଓ ଛବିକୁ ସମସାମୟିକ ଭାବରେ ମିଳାଇ ଦେବାପାଇଁ ଏ ସବୁ କରାଯାଇଥାଏ ।

ଉପରୋକ୍ତ କର୍ମଚାରୀ ମାନଙ୍କ ଛଡ଼ା **Beauty Specialist**, ସାଉଣ୍ଡ, ଦର୍ଜି ଡିପାର୍ଟ୍‌ମେଣ୍ଟ, **Developing** ଏବଂ **Printing Staff**, **Sound Truck Driver** ଓ କୁଲି, ପୂଜାରୀ, **Store keeper** ଇତ୍ୟାଦି ମଧ୍ୟ ଷ୍ଟୁଡ଼ିଓ ମଧ୍ୟରେ କାମ କରନ୍ତି ।

ବର୍ତ୍ତମାନ ଷ୍ଟୁଡ଼ିଓ କଥା କହେଁ—

ଏହା ଗୋଟିଏ ପ୍ରକାଣ୍ଡ ଲମ୍ବା ଘର । ଏଥିରେ ସବୁଠାରୁ ଗୁରୁତର ବସ୍ତୁ ହେଉଛି "**Sound proof**" । ଯୋଡ଼ଗୁଡ଼ିକ ମଝିରେ କମ୍ବଳ ଓ ଘାସ ଜାତୀୟ ପଦାର୍ଥ ଦିଆଯାଇ ଏହା ଏପରି ଭାବରେ ତିଆରି କରାଯାଇଥାଏ ଯେ ବାହାରର କୌଣସି ଶବ୍ଦ ଭିତରକୁ ଶୁଭେନାହିଁ । ଏହିହେତୁ ଷ୍ଟୁଡ଼ିଓ ମଧ୍ୟରେ ଝରକା ଆଦି ନଥାଏ । କେବଳ ଗୋଟିଏ କବାଟ ଥାଏ । ଏ କବାଟଟି ଏତେ ପ୍ରକାଣ୍ଡ ଯେ ତିଆରି ହୋଇଥିବା ପ୍ରକାଣ୍ଡ ସେଟ୍ ଗୁଡ଼ିକ ଖୁବ୍ ସହଜରେ ଓ ନିରାପଦରେ ନେବା ଆଣିବା କରାଯାଇ ପାରେ । ଷ୍ଟୁଡ଼ିଓ ଭିତରର ବାୟୁ ମଣ୍ଡଳ ପରିଷ୍କାର ରଖିବା-ପାଇଁ ବିଜୁଳି ପଙ୍ଖା ଆଦି ଲଗାଯାଇଥାଏ ।

ସ୍ୱତନ୍ତ୍ରଭାବରେ ଷ୍ଟୁଡ଼ିଓ କୁ ଲାଗି ଅନ୍ୟ କେତେ ଗୁଡ଼ିଏ ଛୋଟ ଛୋଟ ଘର ଥାଏ । ଏଗୁଡ଼ିକ ହେଉଛି ବଢ଼େଇଶାଳ, ମିସ୍ତ୍ରୀଶାଳ, ଭଣ୍ଡାର ଘର ଇତ୍ୟାଦି । ଯାହାକୁ ଲାଗି ଆଉ ଗୋଟିଏ ଘର ଥାଏ ତାହାକୁ ଇଂରାଜୀରେ **P rojection theatre** କହନ୍ତି ଏଠି ପ୍ରତ୍ୟେକ ଦିନର ଫଟୋ ଗୁଡ଼ିକ ଛପାଯାଇ ଯେତେ ଶୀଘ୍ର ପାରେ ନିର୍ଦ୍ଦେଶକ ଓ ଅନ୍ୟ ପ୍ରଧାନ ବ୍ୟକ୍ତିଙ୍କୁ ଦେଖାଇ ଦିଆଯାଏ । କାରଣ ସେମାନେ ଦେଖି ଠିକ୍ [**O. K.**] ବୋଲି କହିଲେ ସେଟ୍ ଗୁଡ଼ା ଭାଙ୍ଗି ଦିଆଯାଏ ।

ଆଉ ଗୋଟିଏ ଘର ଷ୍ଟୁଡ଼ିଓର ପଛପାଖକୁ ଲାଗିଥାଏ । ଏହା 'ପାୱାର ହାଉସ୍ ।' ଷ୍ଟୁଡ଼ିଓ ର ଦରକାର ଅନୁଯାୟୀ ବୈଦ୍ୟୁତିକ ଶକ୍ତି ଯୋଗାଇ ଦେବାକୁ ଏଇଠି ଯନ୍ତ୍ରମାନ ଥାଏ ।

ତା ପରେ 'କ୍ୟାଣ୍ଟିନ୍' ଭୋଜନାଳୟ କହିବା ଆମ ଭାଷାରେ । **Shooting** [ଫଟୋ ଉତ୍ତୋଳନ] ନଥିବା ସମୟରେ ଏହାକୁ ଗୋଟିଏ ଆଖଡ଼ାଘର କହିବାକୁ ହେବ ।

ବର୍ତ୍ତମାନ ଷ୍ଟୁଡ଼ିଓ ଭିତରର କଥା ।

ପ୍ରଥମ ବ୍ୟକ୍ତି ଯେ କି ପ୍ରତ୍ୟେକ ସମୟରେ ଷ୍ଟୁଡ଼ିଓ ଭିତରେ ଦେଖିବାକୁ ମିଳିବେ ହେଉଛନ୍ତି 'ଆର୍ଟ ଡାଇରେକ୍‌ଟର୍', ସବୁବେଳେ କାର୍ଯ୍ୟବ୍ୟସ୍ତ । ଏ ସେଟ୍ ସେ ସେଟ୍ ଦେଖି ମଝିରେ ମଝିରେ ବଢ଼େଇ ଓ ଚିତ୍ରକାର ମାନଙ୍କୁ ଉପଦେଶ ଦେଇଦେଉଥିବେ । କେଉଁଠାରେ 'କାନ୍ଥ' ସେଟ୍‌ରେ କୁଞ୍ଚ ରହି ଯାଉଛି, କେଉଁଠାରେ ଭଲ ରଙ୍ଗ ନିଖିନି, କେଉଁ ଝରକାର କାଚ ଝୁଲୁଛି, କେଉଁ ଯାତ୍ରାଚ ଗୋଲାପ ବେଳେ ନଇଁ ପଡ଼ୁଛି ଇତ୍ୟାଦି ପ୍ରତି ତାଙ୍କର ଖୁବ୍ ନଜର । ଦିଗ୍ ଦର୍ଶକଙ୍କ ପସନ୍ଦ ଯୋଗ୍ୟ ହେଲେ ସେଟ୍‌ର କାମ ସରେ ।

**Shooting**—

'ସେଟ୍' ପ୍ରସ୍ତୁତ ହୋଇ ସାରିବାପରେ ଆସିଷ୍ଟାଣ୍ଟ- ଡ଼ାଇରେକ୍‌ଟର ମାନେ ଦୃଶ୍ୟଟି ପାଇଁ ଯାବତୀୟ ଆବଶ୍ୟକୀୟ ସରଞ୍ଜାମ ଠିକ କରି ରଖନ୍ତି । **Mak-up- man** ଅଭିନେତା, ଅଭିନେତ୍ରୀମାନଙ୍କର ବେଶ ଓ ପୋଷାକ ଠିକ୍ କରିନଅନ୍ତି । କମ କେତେକ ପ୍ରସ୍ତୁତ ହୋଇ ରହନ୍ତି । କ୍ୟାମେରାମ୍ୟାନ୍ କେଉଁଠାରୁ, କେଉଁ କୋଣରୁ ଫଟୋ ନେବେ ସେ ସବୁ ଦେଖି ନିଅନ୍ତି । **Electrician** କେତେବେଳେ କେଉଁ ଲାଇଟ୍ ଦେବେ ଠିକ କରନ୍ତି । **Sound Engineer** ତାଙ୍କର **Micro phone** କେତେବେଳେ କେଉଁଠାରେ ରହିବ ଦେଖିବେ । ତା' ପରେ 'ସେଟ୍' ଉପରୁ କେବଳ ଅଭିନେତା, ଅଭିନେତ୍ରୀ-ଗଣଙ୍କ ବ୍ୟତୀତ ସମସ୍ତେ ଚାଲିଯାଆନ୍ତି । ତା ପରେ '**Silence**'ର ସଂକେତ ଦିଆଯାଏ ଓ ଷ୍ଟୁଡ଼ିଓର ଦରଜା ବନ୍ଦ କରି ଦିଆଯାଏ । ରିହେର୍ସାଲ ଆରମ୍ଭ ହୁଏ । ଅଭିନେତାଗଣ ଆଗରୁ ପାଠ୍ ମୁଖସ୍ଥ କରି ଥାଆନ୍ତି—କିପରି ଭାବରେ ଅଭିନୟ କରିବେ ନିର୍ଦ୍ଦେଶକ ତାହା ବତେଇ ଦିଅନ୍ତି । ରିହେର୍ସାଲ ହେଉଥିବା ସମୟରେ **Camera man** ଏବଂ **Sound Engineer** ଠିକ୍ ଭାବରେ ସେମାନେ ଯନ୍ତ୍ର ପ୍ରସ୍ତୁତ କରି ନିଅନ୍ତି । ଶବ୍ଦ ପାଇଁ '**O. K.** ସଙ୍କେତ ଦିଆଯାଏ । ଡାଇରେକ୍ଟର '**Go**' ବୋଲି ସଂକେତ ଦିଅନ୍ତି । **Clap stick Boy** ତାଳ ଦେଇ ଦିଏ ଏକ ସଙ୍ଗରେ ଶବ୍ଦ କ୍ୟାମେରା, ଫଟୋ କ୍ୟାମେରା ଓ ଅଭିନୟ ଆରମ୍ଭ ହୁଏ । ଦୃଶ୍ୟଟି ସରିଲେ ଡାଇରେକ୍‌ଟର '**Cut**' ବୋଲି ସଂକେତ ଦିଅନ୍ତି । ସଙ୍ଗେ ସଙ୍ଗେ ଦୁଇଟି ଯାକ ଯନ୍ତ୍ର ବନ୍ଦହୋଇଯାଏ । ଅଭିନୟ ଭଲ ହୋଇ ଥିଲେ ଡାଇରେକ୍‌ଟର '**O. K.**' ବୋଲି କହନ୍ତି । ଶବ୍ଦର **Recording** ଭଲ ହୋଇଥିଲେ **Sound Supervisor** "**O K.**" ସଂକେତ ଦିଅନ୍ତି ଓ ଅନ୍ୟ ଦୃଶ୍ୟ ଗୁଡ଼ିକ ସେହି ଅନୁସାରେ ଆରମ୍ଭ କରାହୁଏ । ଯଦି ସେଥିରେ ଟିକିଏ ମାତ୍ର ଫରକ ହୁଏ ତେବେ ସେହି ଦୃଶ୍ୟକୁ ଆଉଥରେ କରାଯାଏ । ଏହାକୁ **Take No. 2** କହନ୍ତି । ଦୃଶ୍ୟଟି ପ୍ରତ୍ୟେକ ଦିଗରୁ ଭଲ ହେବା ପର୍ଯ୍ୟନ୍ତ ଥର ଥର କରି ଫଟୋ ନିଆହେଉଥାଏ । ଏଇଥି ପାଇଁ ବହୁତ **Film** ମଧ୍ୟ ନଷ୍ଟ କରାଯାଏ ସାଧାରଣତଃ ଗୋଟିଏ ୧୦,୦୦୦ ଫୁଟ୍ ଲମ୍ବା ଛବିପାଇଁ ପ୍ରାୟ ୧୫୦,୦୦୦ ଫୁଟ୍ **Film**ର ଦରକାର ପଡ଼େ ।

ଯେଉଁ ଦୃଶ୍ୟଟି ସିନେମା ହଲରେ ଆମକୁ ଏତେ ସୁନ୍ଦର ଦିଶେ ତାର **Shooting** ଯେ ବିରକ୍ତିଜନକ, ଭାବିଲେ ହସ ମାଡ଼େ କିନ୍ତୁ ଡାଇରେକ୍‌ଟର, ଅଭିନେତା ଓ ଅଭିନେତ୍ରୀ ମାନଙ୍କ ଧୈର୍ଯ୍ୟ ଅବଶ୍ୟ ପ୍ରଶଂସନୀୟ ।

—*—

Digitized by srujanika@gmail.com



# ଝୋଷୋମାମୁଁ

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

[ପୂର୍ବପ୍ରକାଶିତ ଅଂଶରୁ]

ମୁଁ କହିଲି ମାମୁଁଙ୍କ ନ ପାରିଲେ କାହିଁକି ? ଅସୁବିଧାଟା କଣ ହେଲା ? ମାମୁ—ଆରେ ଅସୁବିଧା କଣ ଠିକାରେ ନା ପଢ଼ିଯାନ୍ତି । ଅଭ୍ୟାସ ଥିଲା କରୁଁଥିଲେ ! ହେଲା କଣକି ଗୋଟାଏ ବାଘ ଥରେ ହୋଇ ପଡ଼ିଲା ଅମାନିଆଁ । ବାପା ଜାଣି-ଥିଲେ 'ବାଘ ବାନ୍ଧଣୀ' । ସେଇ ମନ୍ତ୍ର ବଳରେ ବାଘ ଗୁଡ଼ାକୁ ଅଣୁଥିଲେ ବାଲିଭିତରୁ ଅଟପର ବଣରୁ ଧରି । ଦିନେ ସେ ଗୋଟାଏ ନୂଆ ବାଘ ସାଙ୍ଗରେ ଖେଳୁ-ଛନ୍ତି, କିଏ ଗୋଟାଏ ଥିଲା ଯେ ହେଉଁଠି ଦେଲା ଗୁଳି, ଅଜଣା ସମାନ ହୁଏ । ସେଇ ବାଘଟା ଯେ ଚୋଷା ଲୁଳୁଚ ଭଳି ଗୋଡ଼ ଗୁଟେ, ସେ ଗର୍ଜିଉଠି ଧାଇଁଲା ହାଲ୍ଏ କ୍ରୋଧର ବାପାଙ୍କ ବାହାରେ । କୌଣସି ମତେ ସେଦ୍ ଖର୍ଚ୍ଚ ବାପାତ ବାହାର ଅସିଲେ, ଅର୍ଦ୍ଧ ସାଙ୍ଗେ ସାଙ୍ଗେ ଗୁଳି । ଉଜାଟା ଗୁଳି ଖାଇ ତେବେ ଯାଇ ସେ ମଲା । ବାପା ସେଇ ଦିନ ଦେଲେ ସର୍କସ ଛାଡ଼ି । ଯେଉଁଠ ଖବ ଜନ୍ତୁ ବଣରେ ଛାଡ଼ ଦିଆ ଗଲା, ଅବଶ୍ୟ ହାତୀଙ୍କୁ ଛାଡ଼ି । ଏଇ ହେଲା ଆମ ସର୍କସର ଶେଷ । ବାଲକୁଲ ଖତମ । ବାପା କହିଲେ—ଯେତକି ଙ୍ଗୋ ଗଲା ସେତକି ଫଳ ପାଇଲି । ବାସ୍ ।

କୃଷ୍ଣନାଥ କହିଲା, "ଅମେ ଏବେ କରିବା କଣ ? ଗୋଟିଏ କିଛିତ ସ୍ପୃର୍ଦ୍ଧି କରିବାକୁ ପଡ଼ିବ । ଖେଳ ବର୍ଷ ଅମେ କହି ପାରିବା ନାହିଁ ।"

ମାମୁ—ମୁଁ କଣ ମନା କଲି କିଛି କରିବାକୁ । କର, କର, ଗୋଟିଏ କିଛି କର । ହେଉଁଅ ତୁମେ, ହେବାର ସମ୍ବାଦ ବର୍ଷିବା ଠିକ୍ ନୁହେଁ । କିନ୍ତୁ ସର୍କସ, ଥିଏଟରରେ ମାନ୍ତ ଉପରେ ଏ ଜୀବ ଯୌବନକୁ ଅପମାନ ଦିଅ ନା । ମୁକୁନ ଜନ୍ମିବା ଭିତରେ ଉଦ୍ଧାରତାକୁ ଭଲ ବାଟରେ ପଢାଇ ଚଳାଇବାକୁ ଦିଅ—ନେଜେହ ତହା ଅପନ୍ତୁରରେ ପଡ଼ି ନଷ୍ଟ ହୋଇ ଯାଏ ।

ନଖିଅ କହିଲା, "ମାମୁ, ସେ ଯେ ବାଘ ବାନ୍ଧଣୀ କଥା କହିଲ, ମୁଁ କିଛି ବୁଝି ପାରିଲି ନାହିଁ ।"

ମାମୁ—ସେ ଗୋଟାଏ ଜିନିଷ । ଯେ ମନ୍ତ୍ର ବଳରେ ବାଘ ଛେଳି ହୋଇ ରହିଯାଏ ।

ନଖିଅ—ତମେ କଣ ଜାଣିଛ ?

ମାମୁ—ଆମ ଘରର ବିଦ୍ୟା ସିଏ, ଜାଣିବନି ଜାଣିଛ ନ ଜାଣିଲେ ବି ଜାଣିଛି ।

ମାମୁ ଟିକିଏ ଗମ୍ଭୀର ହୋଇ ଯାଇ ମୁହଁରେ ହାମଟିଏ କରି ଟିକିଏ ଅଣି ମାରି ଦେଲେ । ଅବଶ୍ୟ ଗୋଟିଏ ଅଣି । ତାପରେ କହିଲେ, 'ତୁମ୍ଭରେ କଣ ସେ ସର୍କସ ବାଲା ମତେ କାବୁକରି ଧରିଥିଲେ ? ତାଙ୍କର ଗୋଟାଏ ନେପାଳୀ ବାଘ ବଦମାସି କରୁଥିଲା । ବଡ ହଇରାଣରେ ସେ ଯାଇ ବୋଲ ମାନିଲା ।

ନଖିଅ—ବାନ୍ଧଣୀ ମନ୍ତ୍ର କଣ ତାଙ୍କୁ ଶିଖେଇ ଦେଲ ?

ମାମୁ—ତା' କି ହୁଏ । ଗୁରୁର ହୁକୁମ ନାହିଁ ଯେ । ଡାମଟା କରିଦେଲି ତାଙ୍କର । ବାସ୍ ।···ମୋତେ ପୁଣି ଲାଗେଇ ଥିଲେ ସେ ସାଙ୍ଗରେ ଯିବା ପାଇଁ । କହିଲେ ବାଘ ଖେଳ ତୁମେ କରିବ—ମାସକୁ ଦୁଇଶହ ।

ନଖିଅ—ଗଲ ନାହିଁ ?

ମାମୁ—ବାପାଙ୍କର ମନା ଅଛି । ସେ କହି ଯାଇଛନ୍ତି, 'ତମ ଜୀବନରେ କେବେ ଯେପରି ଏ ବିଦ୍ୟାରେ ଉପଜୀବିକା କରି ଗୋପ୍ୟ-ଥରଙ୍କ ପାଖ ନ ପଶ । ନୋହିଲେ···

ମୁ କହିଲି ଅମ କଥା ମୁଁଣି କଣ କରିବା ?

ମାମୁ—ହଁ, ଉମ କଥା । ମୁଁ କହୁଛି ତମେ ମଣିଷ ହୁଅ । ଏତେ ଗୁଡ଼ାଏ ହେଣ୍ଡା ହେଣ୍ଡା ଟୋକା—ତମେ ସବୁ ମଣିଷ ହେଲେ ନ କଣ ପାରନ୍ତ କଣ ! ଲେଉଟାଇ ପକାନ୍ତ ପରା ସାରା ଦୁନିଅକୁ !

ନଖିଅ—ହଉ ଭଲା ଅମକୁ ବତେଇ ଦିଅ—ଅମେ ଚେଷ୍ଟା କରିବୁ ତମେ ଯାହା କହିବ ।

ମାମୁ—ବଳ, ବଳ, ଶକ୍ତି । ଯେ ଦୁର୍ବଳ ସେ ନିଜକୁଣା, ସେ ସମସ୍ତଙ୍କର ଶିକାର । ବଳ କମେଇବାକୁ ହେବ ଏଇ ବାହାଟେ । ତେବେ ଯାଇ ବସ୍ତୁ ପାରିବ । ତେବେ ଯାଇ ବଞ୍ଚି ରହିବ । ତେବେ ଯାଇ ଭୋଗ କରିବ ଏ ମହୀ ମଣ୍ଡଳରେ ।

ଅଜ୍ଞାଠୁ ସବୁ ଲାଗିପଡ ବଳ ଅର୍ଜିବାରେ । ଡସରତ୍ ଡସରତ୍ ।

ନଖିଅ—ଏଥିରେ ବି ଓସ୍ତାଦ ଲୋଡ଼ା ।

ମାମୁ—ସେ ପାଇଁ ଚିନ୍ତା ନାହିଁ । ମୁଁ ଅଛି । ମତେ ବଳିଯାଇ ସାର, ତାପରେ ଅନ୍ୟ ଓସ୍ତାଦ୍ । ସେ କଣ ବଡଲିଇ ପଡ଼ିବ ।

ସମସ୍ତେ ସମସ୍ବରରେ କହି ଉଠିଲେ 'ହଁ, କରିବା' ।

(କ୍ରମଶଃ)

Digitized by srujanika@gmail.com

# କଥା ଓ ନଥା

ଓଡ଼ିଶା ସରକାରଙ୍କ ଝିଙ୍କିଡା ମାର ବନ୍ଦି ଯୋଗିବା ନୀତି—ଅଣାର ଆପତ୍ତି।

…ଶବ ମାରଣ ଶବ ପୋଷେ
ସେ ଶବ ବୈକୁଣ୍ଠରେ ବସେ।

\+ + +

ଓଡ଼ିଶା ସରକାରଙ୍କ ହସ୍ତର ପଦକ୍ଷୁ ଫଦେ—ଜନତା।

…କେବଳ ମଦେ ନୁହେ ହାତେ ହାତେ ବି ଦେଖ।

× × ×

ନାଗରିକ ସ୍ୱାଧୀନତା ଉପରେ ଅଯଥା ହସ୍ତକ୍ଷେପ—ଜନତାର ସତର୍କୀ

…ପଦକ୍ଷେପ କଲେ ଚଲିବତ ?

\+ × ×

ଓଡ଼ିଶା ବିହାର ସହ ରହୁ କହୁ ହସ୍ତର ନାହିଁ—୧୯୫୩ ଅପ୍ରେଲ ୨୩ରେ ମନ୍ତ୍ରୀ ମହତାବ।

…ବରଂ ବିହାରକୁ ଘଷ ବିହାର ଝୁଟ ଦେଲଣି।

\+ + +

ଓଡ଼ିଶା ସହ ରହିଲେ ବିହାର ଓଡ଼ିଶାକୁ ନାନାମତେ ସାହାଯ୍ୟ କରନ୍ତା—ସେଦିନ ମହତାବ।

…ସାହାଯ୍ୟ ଏଥର ମହତାବଙ୍କ ପିଠିରେ ପଡ଼ୁଥିବ।

× + +

ସ୍ୱଳ୍ପ ବେତନ ଶ୍ରେଣୀ ସରକାରୀ କର୍ମଚାରୀ ସମ୍ମିଳନୀ—କୃଷକ ସଂବାଦ।

…ସ୍ୱଳ୍ପ ବେତନ ଶ୍ରେଣୀ ସମ୍ମେଳନୀ ନୁହେଁ ତ ?

\+ × +

ଡାକ୍ତର ଶାରେ ଷଡ଼ଯନ୍ତ୍ରରେ ସମ୍ପୃକ୍ତ—ସଂବାଦ।

…କହିଲି ଯୀବ ଅଙ୍ଗି ଯାଉଛୁରେ।

\+ + +

ସ୍ୱରାଜ ଅନ୍ତମରେ ମୂନଫଖୋ—ସଂବାଦ।

…ଅଦ୍ଭୁତ ଝୋଟ ନମ୍ବର ଠେନ୍ ଭର୍ତ୍ତି ନାଁ ?

× × ×

ସ୍ୱରାଜ୍ୟ ଅନ୍ତରେ ଦରିଦ୍ର ଭୋଜନ ସଂବାଦ।

…ପୂର୍ବରୁ ଜଣ କେବଳ ପୁଞ୍ଜି-ପତିଙ୍କ ଭୋଜନ ହେଉଥିଲା କି ?

\+ × ×

ମହାତ୍ମା ପାଟଣା ପଲ୍ଲୀ ମଙ୍ଗଳ ସମିତି—ଅଲ୍ପ ସମ୍ବାଦ।

…ସେଠି ଖଣ୍ଡାୟୁତ କ୍ଷତ୍ରିୟ କଣ ନାହାନ୍ତି ?

× × +

ବାପୁଜୀ ମୋ ନିକଟରେ ଲେଖିଥିଲେ ଦେବ ଦାସଙ୍କ କଥାର "ସାମାଜିକ" ଅନୁବାଦ।

•• ଦୂରରେ ଅଉ କଣ ଥିଲେକି ?

× + +

ଓଡ଼ିଶାରେ ବଡ଼ଟ ସିମେଣ୍ଟ କାର-ଖାନା—ସଂବାଦ।

…ସରକାର ଓ ପୁଞ୍ଜିପତିଙ୍କ ପ୍ରୀତିକୁ ଯୋଡ଼ ମଜବୁତ କରିବାରେ କାମ ଆସିବ।

× × ×

ହରିଜନଙ୍କ ପାଇଁ ଜଗନ୍ନାଥ ମନ୍ଦିର ଖୋଲା ହେଲା—ସଂବାଦ।

…ଲକ୍ଷ୍ମୀ ଜନଙ୍କ ପାଇଁ କଣ ବନ୍ଦ ?

\+ × ×

"ଅମର ପଥେ ଅମର ଆତ୍ମା" ଶବ ଯାତ୍ରାର ଛବିତଳେ ପ୍ରଜାତନ୍ତ୍ରର ପାଣ୍ଡିତ୍ୟ।

…ଗାନ୍ଧୀଜୀଙ୍କ ଶରୀର ପାଉ ସଙ୍ଗେ ସଙ୍ଗେ ତାଙ୍କ ଆତ୍ମାକୁ ମଧ୍ୟ ପ୍ରଜାତନ୍ତ୍ର ସହଜରେ ମାର ପାରିଛନ୍ତି।

\+ × ×

ଅନ୍ନପୂର୍ଣ୍ଣା ଥିଏଟରରେ ରାଧିକା—

…ପ୍ରୋପ୍ରାଇଟରର କଣ ଚନ୍ଦ୍ରସେଣା ?

[ କ୍ଷମାପ୍ରାର୍ଥୀ ]

× × ×

ଓଡ଼ିଶା ଥିଏଟର୍ସରେ ଫଟାଭୁଲ—

…ଓଡ଼ିଶାଟା ମଧ୍ୟ ଫଟା।

[ କ୍ଷମାପ୍ରାର୍ଥୀ ]

\+ × +

ଚମଡ଼ାର ଟଙ୍କା— ନ୍ୟାସନାଲ ସେଭିଂଶ ସାର୍ଟିଫିକେଟର ବିଜ୍ଞାପନ।

…ଗରିବଙ୍କ ରକ୍ତ ମାଉଁସ ସରିଲା ପରେ ପୁଣି ଚମଡ଼ାରେ ଟଙ୍କା ବଢ଼ିବ ?

[ କ୍ଷମାପ୍ରାର୍ଥୀ ]

\+ + +

ପ୍ରଜାତନ୍ତ୍ରର ନାମଧାରୀ ସଂପାଦକ ଓ କର୍ମକାରୀ ସଂପାଦକ ଭିତରେ ବାଦ ବିବାଦର ଅଭିନୟ--ଇତି ମାତୃଭୂମି ଅଲୋଚନା।

…ଈଶ୍ୱର ଏକ କିନ୍ତୁ "ନାମ୍ନାମକାର ବହୁଧା ନିଜ ସର୍ବ ଶକ୍ତି।" ପ୍ରକୃତ ପୁରୁଷ ଏକ—ରାଧାକୃଷ୍ଣ ଏକ ଓ ନାମଧାରୀ କାର୍ଯ୍ୟକାରୀ ମଧ୍ୟ ଏକ।

× × ×

ସର୍ବ ରୋଗହର ମାତୃଶକ୍ତି—ବିଜ୍ଞାପନ।

…ପିତୃଶକ୍ତିର ବିନା ସଂଯୋଗରେ ?

(କ୍ଷମାର୍ଥୀ)

× + ×

ବାଲେଶ୍ୱର ଟକିଜରେ—ଗୋକୁଳ

…ପରବର୍ତ୍ତୀ ଅକର୍ଷଣ ମେଣ୍ଢାକୁଳ ବୋଧହୁଏ ?

\+ × +

ଓଡ଼ିଶାରେ ସଅସ୍ତ୍ର ପକ୍ଷ—ସଂବାଦ।

…ବ୍ୟସ୍ତ ପକ୍ଷ ମହଲା ମାନଙ୍କର ଅପତ୍ତି ନାହିଁ ?

\+ × +

Digitized by srujanika@gmail.com



## ଉଦ୍ଦେଶ୍ୟ .

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜାତିର ପକ୍ଷରେ ଗଢ଼ାଇବା ଜୀବନର ବିକାଶ ଓ ସର୍ବାଙ୍ଗୀଣ ଉନ୍ନତି ସାଧନା କରିବା । ୨ । 'ଜହର'ର ମାଧ୍ୟମରେ ପତ୍ର ବିନିମୟ ଦ୍ୱାରା ବନ୍ଧୁମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହାସ ତ୍ୟାଗ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ ବର୍ଷରୁ ତଳ ବାଳକ ବାଳିକା ମାନଙ୍କ ପାଇଁ)

ନାଗ ଭାଇ ଭଉଣୀ ମାନେ,

ଆଜି ଆମେ ଆମର ଶ୍ରେଷ୍ଠ ସମ୍ପଦ, ସର୍ବ ଶ୍ରେଷ୍ଠ ଗୌରବ, ରାଷ୍ଟ୍ର ଜନକ ମହାତ୍ମା ଗାନ୍ଧିଜୀ—ଆମର ପ୍ରିୟତମ ବାପୁଜୀଙ୍କୁ ହରେଇଛୁ । କିନ୍ତୁ ଏ ପତ୍ରର ଅବତାରଣା ତାଙ୍କର ଆକସ୍ମିକ ବିୟୋଗରେ—ତାଙ୍କର ଏପରି ଅପ୍ରତ୍ୟାଶିତ କରୁଣତମ ଦୁଃଖମୟ ତିରୋଧାନରେ ଶୋକ ପ୍ରକାଶ ଉଦ୍ଦେଶ୍ୟରେ ନୁହେଁ । ଅନ୍ତରର ତୀବ୍ରତମ ବେଦନାକୁ ଭାଷାରେ ପ୍ରକାଶ କରିବାର କ୍ଷମତା ମୋର ନାହିଁ । କିନ୍ତୁ ଏ ପତ୍ର ମୁଁ ଯେଉଁ ଉଦ୍ଦେଶ୍ୟରେ ଲେଖୁଛି ମୋର ବିଶ୍ୱାସ ତାକୁ ଆପଣ ମାନେ ସଫଳ କରିବେ, ଯଦି ସେଥିରେ କିଛିମାତ୍ର ସତ୍ୟ ଓ ମହତ୍ତ୍ୱ ଥାଏ ।

ବାପୁଜୀଙ୍କର ଏପରି ଆକସ୍ମିକ ବେଦନା ଦାୟକ ପ୍ରୟାଣରେ ଆମେ ବୋଧହୁଏ ଦିଗଭ୍ରାନ୍ତ ହୋଇ ପଡ଼ୁଛୁ । ଶାନ୍ତ ପରିବେଷ୍ଟନୀରେ ବେଶ୍ ଆନନ୍ଦରେ ମଗ୍ନ ଥିଲୁ । ହଠାତ୍ ଗୋଟେ ପ୍ରବଳ ଝଡ଼ ଆସି ସବୁ ଏକାକାର କରି ଦେଇ ଗଲା । ଏହି ଆକସ୍ମିକ ବଜ୍ରାଘାତରେ କେଉଁ ପରିସ୍ଥିତିରେ ଆମେ ଆସି ପହଞ୍ଚିଛୁ ତାହା ଉପଲବ୍ଧି କରିବାର ଶକ୍ତି ନାହିଁ । ଏଇ ଝଡ଼ ଆଗରୁ ଯେଉଁ ଶାନ୍ତ ଅବସ୍ଥା ଦେଖା ଦେଇ ଥିଲା ତାକୁ ଝଡ଼ର ପୂର୍ବ ଲକ୍ଷଣ ବୋଲି ବୁଝି ପାରିନୁ । ବାପୁଜୀ ଉପବାସ ଭଙ୍ଗ କଲେ, ଭାବିଲୁ ଦୁର୍ଯୋଗ କଟିଗଲା । ନିଶ୍ଚିନ୍ତ ହେଲୁ । କିନ୍ତୁ ଗୋଟେ ଛୋଟିଆ ତୋଫାନ ବହିଗଲା କେଇ ଦିନ ପାଇଁ—ପ୍ରାର୍ଥନା ସଭାରେ ବାପୁଜୀଙ୍କ ନିକଟରେ ବୋମା ଫୁଟିଲା । ତା ପରେ ଅକସ୍ମାତ କିଛି ବୁଝିବାକୁ ସମୟ ନଦେଇ କାଳ ବୈଶାଖୀର ତୁଫାନ ଆସି ମୁହୂର୍ତ୍ତକ ଭିତରେ ସମସ୍ତ ଓଲଟ ପାଲଟ କରି ଦେଇ ଗଲା । ପ୍ରଳୟକାଣ୍ଡ ଘଟିଗଲା ସମସ୍ତଙ୍କୁ ସ୍ତମ୍ଭିତ କରିଦେଇ ।

ଯେତେ ମନକୁ ଆଖିଠାରି ଘଟଣାର ସତ୍ୟାସତ୍ୟ ସମ୍ବନ୍ଧରେ ଅବିଶ୍ୱାସ କରିବାକୁ ଚାହୁଁନା କାହିଁକି, ଗତ 'ଶନିବାର' ଓପର ଓଳି ସାଢ଼େ ଚାରିଟା ବେଳେ ଯମୁନା କୂଳରେ ତର୍ପଣ କରି ଆସିବା ପରେ ସ୍ଥିର ନିଶ୍ଚିତ ହେଲି ଯେ ଆମର ବାପୁଜୀଙ୍କୁ ଆଉ ଆମେ ଦେଖିବାକୁ ପାଇବା ନାହିଁ । ସେଦିନ ବେଳୁ ମୋ ମଧ୍ୟରେ ଗୋଟେ ଆଶ୍ଚର୍ଯ୍ୟ ପରିବର୍ତ୍ତନ ଅନୁଭବ କଲି । ନିଜର ହୃଦୟର ଦୁଃଖ, ବେଦନା ଓ ଅନୁତାପ ମଧ୍ୟରେ ସେଦିନ ବେଳୁ ଚାଲିଛି, ଅନ୍ତରରେ ମୋର ଆତ୍ମାନୁସନ୍ଧାନ search of the heart or self ସେହି ବେଦନା ପଛିରେ ମନେ ମନେ ଦୃଢ଼ ପ୍ରତିଜ୍ଞ ହୋଇ ଉଠିଲି, ମନେ ମନେ ସଂକଳ୍ପ କଲି ଯେ ବାପୁଜୀଙ୍କ କାମନା, ତାଙ୍କର ଉଦ୍ଦେଶ୍ୟକୁ ଜୀବନ ଦେଇ ସୁଦ୍ଧା ସଫଳ କରିବାକୁ ପ୍ରାଣପଣ ଚେଷ୍ଟା କରିବି । ଏହା ହେବ ମୋର ଜୀବନର ସାଧନା । ସମସ୍ତ କାମ ଭିତରେ ତାଙ୍କୁ ସ୍ମରଣ କରି ତାଙ୍କର ନୀତିରେ ସଫଳକାମ ହେବାକୁ ଚେଷ୍ଟା କରିବି । ଅନ୍ତର ମଧ୍ୟରେ ପ୍ରକୃତରେ ଗୋଟେ ବିରାଟ ପରିବର୍ତ୍ତନ ଅନୁଭବ କରୁଛି । ମୋର ସ୍ୱଭାବ, ପ୍ରକୃତି, ଆକାଂକ୍ଷା ଓ ଅଭିଳାଷ—ସବୁରି ଭିତରେ ଗୋଟେ ପରିବର୍ତ୍ତନ ଜାଣି ପାରୁଛି ।

ମୋର ମନେହୁଏ, ଆଜି ଆମର ନୈତିକ ଜୀବନରେ ଯେଉଁ ଅବନତି, ସାମାଜିକ ଜୀବନରେ ଯେଉଁ ମିଥ୍ୟା, ଅବିଚାର, ଅତ୍ୟାଚାର, ରାଷ୍ଟ୍ରୀୟ ଜୀବନରେ ଯେଉଁ ଅଶାନ୍ତି ଓ ଅସଙ୍ଗତି, ଆମର ନବଲବ୍ଧ ସ୍ୱାଧୀନତାକୁ ସସମ୍ମାନରେ ରକ୍ଷା କରିବାରେ ଯେଉଁ ଅଯୋଗ୍ୟତା ଓ ଅକ୍ଷମତା—ଏ ସମସ୍ତର ବିରୁଦ୍ଧରେ 'ମହାତ୍ମାଜୀ ପ୍ରାଣପଣେ ଯୁଦ୍ଧ କରି ନିଜକୁ ଅବଶେଷରେ ବଳିଦାନ ଦେଇ ଗଲେ । ତାଙ୍କର ଏଇ ଅକାଳ ବିୟୋଗର କାରଣ କେବଳ ଆମେ । ଏବଂ ମୋର ଏ କର୍ମ ଜୀବନରେ ମଧ୍ୟ ଏଇ ଦୋଷ ଓ ତ୍ରୁଟି ମୁଁ ତୀବ୍ର ଭାବରେ ଅନୁଭବ କରୁଛି ଏବଂ ତାପାଇଁ ମୁଁ ଅନୁତପ୍ତ । ଏହି ଉପଲବ୍ଧି ସାଥେ ସାଥେ ମୋର ଅନ୍ତରର, ମୋର ବ୍ୟକ୍ତିତ୍ୱର ଏଇ ପରିବର୍ତ୍ତନ ଲକ୍ଷ୍ୟ କରୁଛି । ସେଥିପାଇଁ ଆଜି ଠାରୁ ମୋର ଦୃଢ଼ ପ୍ରତିଜ୍ଞା, ଯେ ସବୁ ଅନ୍ୟାୟ ଅତ୍ୟାଚାର ଓ ଅସତ୍ୟ ବିରୁଦ୍ଧରେ ଛିଡ଼ାହୋଇ ସତ୍ୟ ଏବଂ ପ୍ରେମର ପଥରେ ନିଜର ଜୀବନକୁ ଚାଳିତ କରିବି—ପ୍ରତି କାର୍ଯ୍ୟରେ । ଏହା ହେବ ମୋର ବ୍ରତ । ମୋ ଭିତରେ କୌଣସି ମିଥ୍ୟା ପ୍ରବଞ୍ଚନା, କୃତ୍ରିମତା ଓ ଗ୍ଲାନି ରହିବ ନାହିଁ । ଯାହା ନ୍ୟାୟ ଓ ସତ୍ୟ ବୋଲି ଜାଣିବି ତା ପାଇଁ ନିର୍ଭୀକ ଭାବରେ କାମ କରିଯିବି ।—ଯଦି ସମଗ୍ର ଜଗତ ମୋ ବିରୁଦ୍ଧରେ ଯାଏ ତେବେ ବି । ଅବଶ୍ୟ ଆମେ ସଭିଏଁ ଏ ଶପଥ ନାଗବନ୍ଧୁ ହେଲା ବେଳେ ନେଇଛୁ, କିନ୍ତୁ ଯେତେ ଜଣ ଏହାକୁ ସବୁବେଳେ, ଛୋଟରୁ ବଡ଼ କାମଯାଏ, ପ୍ରତି କ୍ଷେତ୍ରରେ ପାଳୁ ? ଅନ୍ତତଃ ମୁଁ ତ ଖୁବ୍ କମ୍ କରିଛି । ଆମ ଦୈନନ୍ଦିନ କାର୍ଯ୍ୟାବଳୀରେ ଯେ ଅଲକ୍ଷିତରେ କେତେ ମିଥ୍ୟା ପଶି ରହିଛି ତା ଆମେ ବୁଝି ପାରୁନା । ମୁଁ ପ୍ରକୃତରେ ଲଜ୍ଜିତ ଓ ଅନୁତପ୍ତ ଯେ ଏ ସଂକଳ୍ପ ମୋର ଆଗେ ଆସିନାହିଁ ବା ଆସିଥିଲେ ମଧ୍ୟ କାର୍ଯ୍ୟରେ ପରିଣତ କରିନାହିଁ । ଗାନ୍ଧିଜୀଙ୍କୁ ହରାଇ ଯେବେ ଏ ଚେତନା, ଏ ଉପଲବ୍ଧି ହେଲା, ତଥାପି ମୋର ବିଶ୍ୱାସ ବାପୁଜୀ ଏଥିରେ ମୋତେ ସ୍ୱର୍ଗରୁ ଆଶୀର୍ବାଦ କରିବେ—ସେ ମୋ ଅନ୍ତରର ଭଗବାନ । ଈଶ୍ୱର ମୋତେ ଶକ୍ତି ଓ ସାହସ ଦିଅନ୍ତୁ ।

ବାପୁଜୀ ଆଜି ନାହାନ୍ତି । ଆଜି ସମଗ୍ର ଜଗତ ଅମା-ନିଶାର ଅନ୍ଧକାରରେ ମଗ୍ନ । ସ୍ୱର୍ଗର ଆଲୋକ ନିଭି ଯାଇଛି । ଯେତେବେଳେ ଲୋକମାନ୍ୟ ତିଳକଙ୍କର ଦେହାନ୍ତ ହୋଇ ଥିଲା, ଗାନ୍ଧିଜୀ କହିଥିଲେ— "Every body feels the absence of his counsels in this hour of crisis in the nation's history." ଆଜି ଗାନ୍ଧିଜୀଙ୍କର ତିରୋଧାନରେ ତାଙ୍କର କଥା ଯେ ତାଙ୍କ ସମ୍ବନ୍ଧରେ କେତେଦୂର ସତ୍ୟ ତା ଆମେ ତୀବ୍ର ଭାବେ ମର୍ମେ ମର୍ମେ ଉପଲବ୍ଧି କରୁଛୁ । ରବୀନ୍ଦ୍ରନାଥ କହିଥିଲେ ଯେ ଆମର ବଡ ଭାଗ୍ୟ ଯେ ଗାନ୍ଧିଜୀ ଯେଉଁ ପବନରେ ନିଶ୍ୱାସ ନେଉଛନ୍ତି ଆମେ ମଧ୍ୟ ସେହି ପବନରେ ନିଶ୍ୱାସ ନେଇ ପାରୁଛୁ । ଏତେ କମ୍ କଥାରେ ଏତେ ବଡ଼ ଶ୍ରଦ୍ଧା ଜ୍ଞାପନ କେହି କରିପାରିଛନ୍ତି କି ନା ଜାଣିନି । ଆଜି ଭାରତ ବାପୁଜୀଙ୍କର ଉପଦେଶର ଅଭାବ ଏବେ ନିବିଡ ବେଦନାଦାୟକଭାବେ ଅନୁଭବ କରିବ ଯାହା ତାର କୌଣସି ସନ୍ତାନ ବିୟୋଗରେ କରିନ । ବାପୁଜୀ କେବଳ ରାଷ୍ଟ୍ର-ଜନକ ଥିଲେ ନାହିଁ । ସେ ଥିଲେ ଆମ ସମସ୍ତଙ୍କର ଆଧ୍ୟାତ୍ମିକ ପିତା [ Spiritual father ] ଓ...

Digitized by srujanika@gmail.com

ନ କୋଳେ ଆମର ମଥା ଉପରେ ଥାଇ ତାଙ୍କ ପବିତ୍ର ଅନ୍ତରର ଅନ୍ତରତମ ପ୍ରଦେଶରେ ଦୃଢ଼ ଭାବେ ଗନ୍ଥା । ସେଥିପାଇଁ ତାଙ୍କର ଅଭାବ ଆଜି ଆମର ଦୈନନ୍ଦିନ ଜୀବନ, ସମାଜିକ ଜୀବନ, ଜାତୀୟ ଜୀବନ—ଜୀବନର ପ୍ରତ୍ୟେକ ପରିସ୍ଥିତିରେ ପ୍ରତି ମୁହୂର୍ତ୍ତରେ ଅତି ତୀବ୍ର ଭାବରେ ଅନୁଭୂତ ହେଉ । ତାଙ୍କୁ ଆମେ କେମିତି ଭାଷାରେ ବର୍ଣ୍ଣନା କରୁନା କାହିଁକି. ସେଥିରେ ଅନ୍ତରର ଓ ଗାମ୍ଭୀର୍ଯ୍ୟରେ ଆମେ ତାଙ୍କ ପ୍ରତି ଶ୍ରଦ୍ଧା ନିବେଦନ କରୁନା କାହିଁକି ସବୁ ତାଙ୍କର ଅନୁପଯୋଗୀ ହୋଇ ରହିଯିବ । କୌଣସି ପ୍ରକାରେ ଆମେ ତାଙ୍କୁ ଠିକ୍ ରୂପେ ବର୍ଣ୍ଣନା କରି ପାରିବା ନାହିଁ ।

କିନ୍ତୁ ବର୍ତ୍ତମାନ ଆଉ ଶୋକ କରିବାର ଅବସର ନାହିଁ । ଏହି ଅଭୂତପୂର୍ବ ଅବନ୍ଧିକ ଦୁର୍ବିପାକରେ ଦୁଃଖ ଶୋକ ଓ ବେଦନାର କାରଣ ଯଥେଷ୍ଟ ଅଛି । କିନ୍ତୁ ସେଥିରେ ଅଭିଭୂତ ହୋଇ ବସି ରହିଲେ ଚଳିବ ନାହିଁ ! ମହାତ୍ମାଙ୍କ ଜୀବିତ ଥିବାବେଳେ ଯାହା କରିଯାଇ ପାରି ନାହାନ୍ତି, ତାଙ୍କ ମୃତ୍ୟୁରେ ତାହା ଯେପରି ଆମେ ସଫଳ କରିପାରୁ । ଏହା ହେବ ଆମର ମୁଖ୍ୟ ସାଧନା । ଆମର ପ୍ରତିଦିନର କର୍ତ୍ତବ୍ୟ ଭିତରେ ତାଙ୍କ ରୂପକୁ ଫୁଟେଇବୁ ଆମେ,—କୌଣସି ଅସତ୍ୟ ଓ ଅନ୍ୟାୟ ଯେପରି ଆମ ମଧ୍ୟରେ ପ୍ରଶ୍ରୟ ପାଇ ନ ପାରେ,—ଆମ କଥା ବାର୍ତ୍ତାରେ ଆଳାପ ଆଲୋଚନାରେ ଆମର କାମରେ ଓ ଚିନ୍ତାଧାରା ଭିତରେ, ଆମ ପ୍ରତ୍ୟେକଙ୍କ ଠାରେ ଯଦି ଏହି ଚେତନା, ଏହି ଆତ୍ମୋପଲବ୍ଧି ଆସେ ତେବେ ଗାନ୍ଧିଜୀ ସ୍ୱର୍ଗରେ ରହି ସେ ସୁଖ ଓ ଶାନ୍ତି ପାଇବେ ଓ ଆମକୁ ଆଶୀର୍ବାଦ କରିବେ, ସେ ବିଷୟରେ ମୁଁ ନିଃସନ୍ଦେହ । କିନ୍ତୁ କାଲି ଆମର ଆଜି ଏହି ଶପଥ ନେଲେ ଚଳିବ ନାହିଁ । ପକ୍ଷାନ୍ତରେ ତାଙ୍କର ତିରୋଧାନରେ ତାଙ୍କୁ ସ୍ମରଣ କରି ଆମେ ଯେଉଁ ଶପଥ ନେଲୁ, ସମସ୍ତ ଜୀବନ ଧରି ସେ ଯାହାପାଇଁ ସଂଗ୍ରାମ କରି ଚାଲିଛନ୍ତି ଏବଂ ଯଉଥିପାଇଁ ସେ ନିଜର ଜୀବନ ଉତ୍ସର୍ଗ କରିଦେଲେ ଅପର ହୋଇଗଲେ, ସେହି କାମକୁ ସଫଳ କରିବାକୁ ଯେପରି ଆମେ ଆଜିଠାରୁ ଲାଗିପଡ଼ିବୁ—ଗୋଟିଏ ମୁହୂର୍ତ୍ତ ନଷ୍ଟ ନକରି, ଏହା ଦ୍ୱାରା ଆମେ ତାଙ୍କୁ ଯଥାର୍ଥ ଶ୍ରଦ୍ଧା ନିବେଦନ କରି ପାରିବୁ—ଆଉ କୌଣସିଥିରେ ନୁହେଁ । ଏଥିରେ ତାଙ୍କର ଅମର ଆତ୍ମା ବେଶ ଶାନ୍ତି ପାଇବ ।

ଗାନ୍ଧିଜୀ ଭଗବାନଙ୍କ କୋଳକୁ ଚାଲିଗଲେ । ତାଙ୍କର ଆତ୍ମା ନିଶ୍ଚୟ ଭଗବାନଙ୍କ ସାଙ୍ଗରେ ମିଳିତ ହୋଇଛି । ସେଥିପାଇଁ ତାଙ୍କ ଆତ୍ମାର ସଦ୍‌ଗତି ପାଇଁ ଯେତେ ଆମେ ପ୍ରାର୍ଥନା କରିବୁ, ତାଠୁଁ ବେଶି ପ୍ରାର୍ଥନା ହେବ ଆଜି ଆମର ସ୍ୱଦେଶ ପାଇ—ସ୍ୱଦେଶର ଉନ୍ନତି ଓ କଲ୍ୟାଣ କାମନାରେ ।

ଆଜି ଆମର ସାଧନା ହେବ ନିଜର ଚରିତ୍ର ଗଠନ କରିବା । ସମସ୍ତ କ୍ଷୁଦ୍ର ସ୍ୱାର୍ଥ, ଗ୍ଲାନି, ଅସତ୍ୟ ଅନ୍ୟାୟ ଓ ଅତ୍ୟାଚାରକୁ ଦମନ କରି, ସକଳ ପାପ ଓ ପ୍ରଲୋଭନ ବିରୁଦ୍ଧରେ ମଥା ଟେକି ଠିଆ ହୋଇ ସତ୍ୟ ପଥରେ, ପ୍ରେମର ପଥରେ, ତ୍ୟାଗର ପଥରେ ଓ ଉନ୍ନତିର ପଥରେ ନିଜକୁ ପରିଚାଳିତ କରିବା । ଗାନ୍ଧିଜୀଙ୍କ ଉପଦେଶ ଆଉ ଆମେ ଶୁଣିବାକୁ ପାଇବା ନାହିଁ, ତାଙ୍କର ତିରୋଧାନରେ ଆଲୁଅ ନିଭି ଯାଇଛି ସତ; କିନ୍ତୁ ତାଙ୍କର ସମଗ୍ର ଜୀବନ ଆମ ଆଖି ଆଗରେ ପଡ଼ି ରହିଛି । ତାଙ୍କ ବାଣୀ ସେ ସମଗ୍ର ଜୀବନର କାର୍ଯ୍ୟକଳାପ ଓ ଉପଦେଶ ମଧ୍ୟରେ ଦେଇ ଯାଇଛନ୍ତି—ତାକୁହିଁ ସ୍ମରଣ କରି ଆମେ ପୁନରାୟ ସେହି ଅନାବିଲ ଅତ୍ୟୁଜ୍ଜ୍ୱଳ ସ୍ୱର୍ଗୀୟ ଆଲୋକ ପ୍ରଜ୍ୱଳିତ କରିବା । ଗାନ୍ଧିଜୀ ଜୀବିତ ଥିବାଯାଏ ଭାରତ ପରିପୂର୍ଣ୍ଣ ଭାବରେ ତାଙ୍କୁ ଚିହ୍ନି ପାରିନି—ଏଥର ପାରିବ । ସମଗ୍ର ଜଗତକୁ ଆତ୍ମାର ଆଲୋକର ସନ୍ଧାନ ଦେବା—ସକଳ ପାପ, କାଳିମା ଓ ଅନ୍ଧକାର ଦୂର କରି । ଜୀବନରେ ଗାନ୍ଧିଜୀ ଥିଲେ ଅମିତ ଶକ୍ତିଶାଳୀ ବିଦ୍ରୋହୀ, ମରଣରେ ହେଲେ ମାନବତାର ପଥ-ପ୍ରଦର୍ଶକ ଆଲୋକ-ଶିଖା । ଏହି ଶିଖା ଯେପରି ଆମ ହୃଦୟରେ ଥାଏ ଚିରଦିନ ଅନିର୍ବାପିତ ।

ନାଗରିକ ଓ ଛାତ୍ରଛାତ୍ରୀ ମାନେ ମୋର ଅନ୍ତରର ସମସ୍ତ କଥା ଏଥିରେ ଲେଖିଦେଲି । ଆମ ଭିତରେ ଯେଉଁ ସବୁ ଦୁର୍ବଳତା ଅଛି ତାକୁ ଦୂର କରିବାକୁ ସମୟ ଲାଗିବ ସତ; କିନ୍ତୁ ଆମର ଯଦି ଆତ୍ମ-ସଂଯମ ଓ ଆତ୍ମ-ବିଶ୍ୱାସ ଥାଏ ତେବେ ସେଠା କିଞ୍ଚିନ୍ମାତ୍ର କଷ୍ଟକର ହେବ ନାହିଁ । ମୋର ମନେହୁଏ ଆମେ ଯଦି ଅନ୍ତରରେ ଶୁଦ୍ଧ ଓ ପବିତ୍ର ନହେଲୁ ସ୍ୱର୍ଗୀୟ ବାପୁଜୀ—ଆମ ଅନ୍ତର ଦେବତାଙ୍କ ପାଖରେ ସମସ୍ତ ଅକପଟରେ ସ୍ୱୀକାର କରି ତାଙ୍କର ଅପୂର୍ଣ୍ଣ କାର୍ଯ୍ୟକୁ ପୁନର୍ବାର ସଫଳ କରିବା ପାଇଁ ହାତରେ ଉଠେଇ ନନେଲୁ, ତେବେ ତାଙ୍କୁ ଆମେ ଶ୍ରଦ୍ଧା ନିବେଦନ କରିବା କପରି ? ସେଥିପାଇ ଆଜି ପ୍ରତ୍ୟେକ ପ୍ରତ୍ୟେକଙ୍କର ଦୋଷ, ତ୍ରୁଟି, ବିଚ୍ୟୁତି ଅନ୍ୟକୁ ଦେଖେଇ ଦେଇ, ତାକୁ ସୁଧାରି ନେବା । ବିଶ୍ୱାସ ଓ ପ୍ରତିଜ୍ଞା ସହକାରେ ଆମେ ଯଦି ଆଗେଇବା ତେବେ ନିଶ୍ଚୟ ସଫଳ କାମ ହେବା । ଆମ ବାପୁଜୀଙ୍କ ମନ୍ତ୍ର ମଥାରେ ନେଇ ଚାଲିବା—

ହୋଇ ପାରେ ହେୟ
ସତ୍ୟ ଯାବତ ମୁଖରେ ରସନାରେ
ତେବେ ମୃ ଅପରା ଜେୟ—
ସତ୍ୟ ପଥରେ ଆମେ ହେବା ଅପରାଜେୟ—ଏହାହିଁ ହେବ ଆମର ସାଧନା !

ବାପୁଜୀ ଆମକୁ ଶକ୍ତି ଓ ସାହସ ଦିଅନ୍ତୁ—ତାଙ୍କ ଚରଣରେ ଶତକୋଟି ପ୍ରଣାମ ।।

ଇତି
ଶ୍ରୀ ସୁଖେନ୍ଦୁ ମୋହନ ଦାସ

—✦—

Digitized by srujanika@gmail.com



# ଚିଠିପତ୍ର

ଷଷ୍ଠ ସଂଖ୍ୟା 'ଉତ୍କଳ' ରେ ପାଠକ ପାଠିକା ମାନଙ୍କର ମତାମତ, ଆଲୋଚନା, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠିପତ୍ର'ରେ ପ୍ରକାଶ ପାଇବ । ଚିଠି ଯଥାସମ୍ଭବ ସଂକ୍ଷିପ୍ତ ହେବା ଦରକାର । କୌଣସି ଚିଠିରେ ପ୍ରେରକଙ୍କ ଦସ୍ତଖତ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ । ଚିଠିର ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିଲା । କୌଣସି ବ୍ୟକ୍ତିଗତ ବିଦ୍ୱେଷ ସମାଲୋଚନାର ବସ୍ତୁ ହେବ ନାହିଁ । ସଂପାଦକ ମଣ୍ଡଳ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି ।—ସମ୍ପାଦନା

ପ୍ରିୟ ସଂପାଦକ ମହାଶୟ—

ମୂର୍ତ୍ତିଙ୍କ ପ୍ରକାଶ କରିବାଲାଗି ଅଛ କ ହାର ସାହାଯ୍ୟ ଦରକାର ପଡ଼ିଲା ନାହିଁ । ସେ ନଗ୍ନ ନଗ୍ନ ପ୍ରକାଶିତ ହୁଅନ୍ତି । ବାପୁଜୀ ସେଥିପାଇଁ ପ୍ରକାଶିତ ହେଉଥିଲେ ଓ ହେଉଥିବେ । ଅମଳିନ ଲୋକ ତାଙ୍କ ସାର୍ଟିଫିକେଟ ଦେବା ଅର୍ଥ ତାଙ୍କ ଅପମାନ ଦେବା । ଖବର କାଗଜରେ ତ ଅସଂଖ୍ୟ ସାର୍ଟିଫିକେଟ ଦିଆ ହେଉଛି । ସ୍ୱାଗ୍ରେ ସାର୍ଟିଫିକେଟ ଦେଇ ସାଜେ ହିନ୍ଦୁ ମହାସଭା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ଲୋକଙ୍କ ହତ୍ୟା କରିବା ଓ ସେ ହତ୍ୟାରେ ଭାଗୀ ହେବା ଗୋଟିଏ ଉପଦେଶ୍ୟ ଦୃଶ୍ୟ ନୁହେଁ କି ? ମୋର ବିଶ୍ୱାସ ହୁଏ ନାଥୁରାମ୍ ବାପୁଜୀଙ୍କ ମାରିନାହିଁ । ମାରିଛନ୍ତି ଏହି ସାର୍ଟିଫିକେଟ ଦେଇ, ହିନ୍ଦୁ ମହାସଭା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ଲୋକଙ୍କ ହତ୍ୟା କରିବା ଓ ହତ୍ୟାରେ ଭାଗୀ ହେବା ଲୋକମାନେ । ଖବର କାଗଜରୁ ଜଣାପଡ଼େ ଯେପରି ହିମାଳୟ ଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମସ୍ତେ ଘୋର ଦୁଃଖୀ, କିନ୍ତୁ ମୋର ମନେ ହୁଏ ଯେଉଁ ପାଞ୍ଚ ଛଅ ଜଣ ମୃତ୍ୟୁ ସମ୍ବାଦ ପାଇଲା କ୍ଷଣି ଠୋ ଠୋ ହୋଇ ହସିଥିଲେ ସେମାନେହିଁ ପ୍ରକୃତରେ ଘୋର ଦୁଃଖିତ ଥିଲେ । ବାପୁଜୀଙ୍କର ମୃତ୍ୟୁ ସମ୍ବାଦରେ ଅସହ୍ୟ ଦୁଃଖରେ ଖବର କାଗଜ ମାନଙ୍କର ମୁଖ କଳା ପଡ଼ି ଯାଇଛି, ମୋର ମନେ ହୁଏ ଏହା ତାହାର ଦେଖାଣିଆ । ଭଲ କରି ହିସାବ ନ୍ୟାୟ ଉଜ୍ଜ୍ୱଳ କରି ଖୋଜିବେ ତେବେ ଦେଖିବେ ଏହି ଖବର କାଗଜ ମାନେ ବାପୁଜୀଙ୍କ ହତ୍ୟାର ପ୍ରବର୍ତ୍ତକ ବା ଅବେଟର୍ । ଏମାନେ ନ ଥିଲେ ୫୦୦ ରୁ ପାଞ୍ଚହଜାର ଲୋକ ବିହାରରେ ମରି ଯାଇଥାନ୍ତେ କି ? ଏମାନେ ବିହାରର ୫୦୦୦ ରୁ ୫୦ ହଜାର ଲୋକ ପୂର୍ବ ପଶ୍ଚିମ ପଞ୍ଜାବରେ ଧ୍ୱଂସ ଲୀଳା କରାଇ ନାହାନ୍ତି କି ? ଏବେ ସୁଦ୍ଧା ଏହି ୫୦ ହଜାରକୁ ଲକ୍ଷ କରିବାକୁ ଚେଷ୍ଟା ଚାଲିଛି । ଆପଣ ତ ଜାଣିଥିବେ ସମ୍ମୁଖ ସଂଗ୍ରାମ ବେଳାର ୩୪ ଟପର ଖବର କାଗଜରେ ହଜାରେ, ଦେଢ଼ ହଜାର ହୋଇଛି । ଦୁଃଖ ଲାଗେ ଏହି ଖବର କାଗଜ ମାନେ କାହାରିକୁ ଦୁଃଖ ଦେଖାଇବା ଲାଗି ବର୍ତ୍ତମାନ ମୁହଁରେ କଳା ବୋଳିଅଛନ୍ତି । ଅଥଚ ଯେଉଁ ଜଣରେ ବାପୁଜୀଙ୍କୁ ଅଦ୍ଭୁତ ଉପାୟରେ ସେହି ଦିଅଁ କୁ ଏହି ଖବର କାଗଜ ମାନେହିଁ ଧୀରେ ଧୀରେ ପଥ ଖୋଲି ଦେଉଥିଲେ । ଏ ଅସ୍ପୃଶ୍ୟ ପ୍ରବଞ୍ଚନା କେତେଦିନ ଚାଲିବ ? ଭଗବାନଙ୍କୁ ପ୍ରାର୍ଥନା କରୁଅଛି—ଏଣିକି ଅସ୍ପୃଶ୍ୟ ରକ୍ଷାର ଚେଷ୍ଟା ହେଲେ ଭଲ । କେତେ କାଗଜ ତ ହଜାରୁ ଲକ୍ଷ ଦେବାକୁ ଆରମ୍ଭ କଲେଣି । କେଉଁ ଗୁଣରେ ଏମାନେ ଜନ୍ମାଠାରୁ କମ୍ ? ବରଂ ବେଶୀ । କିନ୍ତୁ ଅସ୍ପୃଶ୍ୟ ପ୍ରବଞ୍ଚନା କରେନାହିଁ । ଏମାନେ କରନ୍ତି । ଜନ୍ମ ଯାହା ଭାବେ ତାହା କହେ । ଏମାନେ ଗୋଟିଏ କଥା ଭାବନ୍ତି ଆଉ ଗୋଟିଏ କଥା କହନ୍ତି । ଆମମାନଙ୍କର ଉପରେ ହିଁ ବାପୁଜୀଙ୍କ ଯତ୍ନ ବେଶୀ ଥିଲା ଓ ସେଥିପାଇଁ ବୋଲି ମର୍ମରେ ହିଂସାର ଜର୍ଜ୍ଜରିତ । ବାପୁ ସେ ସବୁ ଉପରେ ଉଠି, ଉଚ୍ଚ ଉଚ୍ଚ ଯାହା ଯାହା ଦେଖା ଯାଉଥିଲା ତାହାହିଁ ହେଲା । ଅଶ୍ରୁ ପୋଛି ଦିଅନ୍ତୁ । ଯେପରି ଭାବ ଦେଉଥିଲେ ସେପରି ଭାବ ଦେଇ ଚାଲନ୍ତୁ । ଆପଣଙ୍କ ପତ୍ରିକା ବର୍ତ୍ତମାନ ଧରି ଯାଉନ୍ତୁ ଦିନେ ହେଲେ ଲୋକଙ୍କ କାମରେ ପଡ଼ିବ ।

ଇତି—

ଆପଣଙ୍କର ଚିରସ୍ନେହ

ଭକ୍ତବିନତ ।

—❊—

ଦେଶର ଯୁବ ଯୁବତୀ ମାନେ—

ଜଗତର ଗୌରବ ଭଳି ଅସ୍ତ ହେଲେ ଭାରତର ଜାତିର ପିତା ଅଧିନାୟକ । ତାଙ୍କର ମୃତ ରକ୍ଷା ପାଇଁ ମୁଁ ଜଣେ ନଗଣ୍ୟ ଦେଶବାସୀ ଭୂମିର ରାଜ ହିସାବରେ ଜନ୍ମରେ ଉଦ୍ଦେଶ୍ୟ ବର୍ଣ୍ଣନ ଆଲୋଚନା କରିବାକୁ ଚେଷ୍ଟା ଯଥାର୍ଥ କଠୋର ହୋଇ ଦାବିଦାର କରିବାକୁ ଲିଖିପଢ଼ିଲି ବୋଲି କେତେକ ଅନୁରୋଧ—

୧ । ବାପୁଜୀ ଅହିଂସାର ଅବତାର । ତାଙ୍କୁ ଦେହ ଜଣେ ଘାତକ ହିଂସା ପ୍ରାଣୋଦିତ ହୋଇ ଗୁଳିକରି ହତ୍ୟା କରି ପକାଇଛି । ସେ ଘାତକଙ୍କ ଅପେ ଅଧିଶୀ କ୍ଷମାର ଯୋଗ୍ୟ ହୋଇଥାନ୍ତା ମାତ୍ର ଏଣୁ ବର୍ତ୍ତମାନର ଶାସକଙ୍କ ସରକାର ଜଳର ନୀତି ଓ ଆଦର୍ଶପାଇଁ ତାକୁ କ୍ଷମାଦେବା ଉଚିତ ହେବ ନାହିଁ କି ?

୨ । ଦେଶ ସ୍ୱାଧୀନ ହୋଇଛି, ତାହା ଭିତରେ ଦେଖା ପିତା ଆଉ ନାହାନ୍ତି । ଏଥିର ଦେଶକ ତାଙ୍କର ମହାପ୍ରାଣର ସ୍ମୃତି ରକ୍ଷା ପାଇଁ ଦେଶମଣ୍ଡଳୀକୁ କହିଲାରି ଦେବାକୁ ହେବ । ତାହା ସହ ତାଂକର ଠାରୁ ନବଯୁବକ ଏବଂ ତାହାର ଅବିରତ ସରକାର ଓ ସରକାର ଏଣିକ ଗଣନା ଥିବନ୍ତୁ । ପାର୍ଟି କାର ମାନେ ମଧ୍ୟ ନ ଉଠନ୍ତି ଚଳନ୍ତୁ ।

୩ । ଦେଶର ଦେବତ ମନ୍ଦିର, ସ୍କୁଲ୍ ପ୍ରଭୃତି ଓ ଅନୁଷ୍ଠାନ ସ୍ମୃତିରକ୍ଷାର୍ଥେ ଗଢ଼ି ଉଠିବ । କିନ୍ତୁ ପ୍ରକୃତ ମନ୍ଦିର (ଦେବାଳୟ) ସ୍ଥାପନ ପ୍ରାଣ ପ୍ରତି ହେଉ ପ୍ରତିମା ମହାତ୍ମାଙ୍କ ମହାସ୍ମା ପୂଜା ଆନ୍ଦୋଳନ ହୁଏ । ଏଥିରେ ଜନସାଧାରଣ ମୁକ୍ତିଲାଭ, ସ୍ୱାଧୀନତା ଉପଭୋଗ କରିବେ ।

ଆମ ଓଡ଼ିଶା, ତାଙ୍କର ପ୍ରିୟ ସ୍ଥାନ । ମଧୁ ବାବୁ ଆଦି ଏଠାରେ ଜନ୍ମଲାଭ କରିଥିଲେ । ଏଥିରେ ଗୁରୁତର ପ୍ରସଙ୍ଗ ବି ହୋଇ ପାରିବ । ଏ ଆଦର୍ଶ କାଳକ୍ରମେ ଜଗତ ବ୍ୟାପୀ ଗ୍ରହଣ କରିବେ ନିଶ୍ଚୟ । ଆମ ଦେଶର ଲୋକ ଦାନ ଉଦାରତା ଏଥିପାଇଁ ଦାନ କରିବେ ଦେଶକୁ ଏହା ତୀର୍ଥ ହୋଇ ଉଠିବ ।

ଏହି ଶେଷ କଥାଟିରେ କେତେକ ଲୋକ ଅମତ ହୋଇ ପାରନ୍ତି । କିନ୍ତୁ ମୋର ଅନୁରୋଧ ହିଁ ଏଠି ବଡ଼ ବିବେଚନା କରିବାକୁ । କହିପାରନ୍ତି, ଥିବା ମନ୍ଦିର ବାହାରି ଅନୁଷ୍ଠାନ ଗଢ଼ିବା ଯୁଗରେ ଏ କ ଦ୍ୱାର—କିନ୍ତୁ ସେହି ମନ୍ଦିର ଓ ଏହି ମନ୍ଦିର ଭିତରେ ଢେର ତଫାତ । ଦେବତା ପୂଜା ଓ ବୀର ପୂଜା ଭିତରେ ଭେଦ ଅଛି । ଦେଶର ଏକମାତ୍ର ଗୌରବୋଜ୍ଜ୍ୱଳ—ଶ୍ରେଷ୍ଠ ଜନନାୟକର ଏରୂପ ପୂଜାକରିବା ଅନୁଚିତ ହେବ ନାହିଁ । ଦେବାଳୟ ବୋଲି ପୂଜିବା ଅମର ପରମେଶ୍ୱରଙ୍କ ଅନ୍ୟାୟ ଏପରି କିଛି ନ ପାରେ । ଭୂଷିବା ଉଚିତ ନୁହେଁ ବୋଲି ମଧ୍ୟ ଯୁକ୍ତି ନ ଅଛି ।

ଇତି—

ଆପଣମାନଙ୍କର—

ଶ୍ରୀ ସାରଦାଚରଣ ମହାପାତ୍ର ।

—❊—

Digitized by srujanika@gmail.com

## ହାଉଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

... ସର୍ବଶରୀରବ୍ୟାପୀ ଗଳିତ ବା ସ୍ଫୋଟିତ ପ୍ରଭୃତି ଏକ୍‌ଜିମା, ସୋରାଇସିସ୍ ଦୂଷିତ ଘାଅ ଓ ଅନ୍ୟାନ୍ୟ ଚର୍ମରୋଗର ଆରୋଗ୍ୟର ଏକମାତ୍ର ବିଶ୍ୱସ୍ତ ଯୋଗ୍ୟ ପ୍ରତିଷ୍ଠାନ ।

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ଯାଉ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚର୍ମର ସ୍ୱାଭାବିକ ରଙ୍ଗ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)

୧ ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୬ ନଂ ହାରିସନ ରୋଡ୍, କଲିକତା

ଆଶ୍ଚର୍ଯ୍ୟ

## ଭାଗ୍ୟ ଗଣନା !!

**ପ୍ରଶ୍ନ ପ୍ରକାଶ କରିବାର ପ୍ରୟୋଜନ ନାହିଁ ।**

କେବଳ ନିଜର ଇଷ୍ଟଦେବଙ୍କୁ ସ୍ମରଣ କରି ୧ ଠାରୁ ୧୦୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ଲେଖି ପଠାଇଲେ ଆମ୍ଭେ ପ୍ରାଚୀନ ଭୃଗୁଶାସ୍ତ୍ର ମନ୍ତ୍ର ଦ୍ୱାରା ଆପଣଙ୍କର ଭୂତ ଭବିଷ୍ୟତ ଓ ବର୍ତ୍ତମାନ ଭାଗ୍ୟ ନିର୍ଣ୍ଣୟ କରି ତାହା ଲେଖି ପଠାଇବୁଁ ।

ମାତ୍ର ୫୦୵୮ ମନି ଅର୍ଡ଼ର ଦ୍ୱାରା ନିମ୍ନ ଠିକଣାରେ ପଠାନ୍ତୁ ଓ ସାଦା କାଗଜରେ ମନୋନୀତ ସଂଖ୍ୟା ଓ ନିଜର ନାମ ଧାମ ସ୍ପଷ୍ଟ ଭାବରେ ଲେଖି ଦିଅନ୍ତୁ ।

**ଭୃଗୁସଂହିତା କାର୍ଯ୍ୟାଳୟ**
C/o ଡ଼ଗର
ପୋ: ଭଦ୍ରକ

# ରୂପଭାରତୀ ଲିମିଟେଡ୍
# କଟକ

ମୂଳଧନ—ପାଞ୍ଚଲକ୍ଷ ଟଙ୍କା

[ପ୍ରତି ଅଂଶର ମୂଲ୍ୟ ଟ ୧୦୲ । ଚାରି କିସ୍ତିରେ ଟଙ୍କା ଦେବାକୁ ପଡ଼େ]

ପ୍ରଥମ ଓଡ଼ିଆ ଚିତ୍ର ଅଭିନୀତ ପ୍ରଭୃତିର ସମସ୍ତ ବ୍ୟବସ୍ଥା ହୋଇ ସାରିଲାଣି । ପରିଚାଳକ ବର୍ଗଙ୍କ ନିର୍ଦ୍ଦେଶ ମତେ ମାର୍ଚ୍ଚ ମାସର ପ୍ରଥମ ସପ୍ତାହ ପରେ ଅଉ ସାଧାରଣରେ ଅଂଶ ବିକ୍ରୀ ହେବନାହିଁ ।

ଅଳ୍ପ ଅଂଶପାଇଁ ଆବେଦନ କରନ୍ତୁ ।

**ମ୍ୟାନେଜିଂ ଏଜେଣ୍ଟସ — ଆର୍ଟ ଏଣ୍ଡ ଲେଟରସ୍**

**ପୋ: ବକସ ନଂ ୬୪ କଟକ**

ବିଜ୍ଞାପନ

## ଉତ୍କଳ ସଂଗୀତ ଶିକ୍ଷା ନିକେତନ ।

ସଙ୍ଗୀତ ଶିକ୍ଷା କରିବାର ସୁବର୍ଣ୍ଣ ସୁଯୋଗ ଛାଡ଼ନ୍ତୁ ନାହିଁ । ନିମ୍ନ ଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଠିକଣା

ବିଷ୍ଣୁଚରଣ ପଣ୍ଡା
ନଂ ୧/୭, ମେଛୁଆ ବଜାର
(ବର୍ମନ ଷ୍ଟ୍ରୀଟ)


Printed & Published by G, C. Mahapatra at the Gopinathpress, Bhadrak, 1948.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ହିନ୍ଦୁ ୬୯୮୦ ୧୩୫୫ ସାଲ | ୨୯ଶ ସଂଖ୍ୟା |
|---|---|---|

—ସୂଚୀ—

ମଜା କଥାରେ

ଡେଲୀ ମିଳନ

କାହାଣୀରେ

ଦେବଦୂତ

କଥା ଓ ନଥା, ଠଠାଉ,

ବାଲ୍ୟଅବସ୍ଥାର ପ୍ରତ୍ତଭା।

"DAGARO"

**ORISSA'S MOST POPULAR WEEKLY**
of
Light, Lead & Laughter

| Vol XI | Monday, March. 1. 194୮. | No. 29. |
|---|---|---|

ବାର୍ଷିକ ମୂଲ୍ୟ ଟ ୬ ୧  ଷାଣ୍ମାସିକ ଟ ୩୷
ରାଜ ସଂସ୍କରଣ ବାର୍ଷିକ ଟ ୧୦ ୧

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ ।। ବାର୍ଷିକ ମୂଲ୍ୟ ସଡାକ ୮୵ ଓ ଷାଣ୍ମାସିକ ମୂଲ୍ୟ ସଡାକ ୪୵ ଅଗ୍ରୀମ ଦେବାକୁ ପଡେ ।

୩ । ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତି ଖଣ୍ଡ ଡଗର ଦୁଇ ଅଣାରେ ପାଇପାରିବେ । ବିଶିଷ୍ଟ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମ୍ୟାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନ କଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବ ।

୮ । ଲେଖା, କବିତା, ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମ୍ୟାନେଜର ଡଗର
ପୋ: ଭଦ୍ରକ (B.N.Ry)


ନୂତନ ଚିନ୍ତା ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀ ନେଇ

**ଅଗ୍ନିକୋଣ**

[illegible]

ଲେଖକ—'ଡଗର'ର ସୁପରିଚିତ ପ୍ରିୟ
**ଶ୍ରୀ ଦେବ ମହାପାତ୍ର**

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ଶ୍ଳୋକ ଚରଣ ଦାସ ନାୟକଙ୍କର ପ୍ରଶସ୍ତି ସହ ମୂ ୧୦ ମାତ୍ର

ଛାପା ଓ ବନ୍ଧାଇର ବିଶେଷତ୍ୱ
ପ୍ରାପ୍ତିସ୍ଥାନ—ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ
କଲିକତା ୭

ଓଡ଼ିଶାର ଉପନ୍ୟାସ ଜଗତରେ ନୂଆ ଯୁଗ ଆରମ୍ଭ କରିଛି
**ନିତ୍ୟାନନ୍ଦବାବୁଙ୍କର**

**[illegible]**

**ଜୀଅନ୍ତା ମଣିଷ ଓ ଜୀବନର ଲକ୍ଷ୍ୟ**

ବିଚିତ୍ର ମନର ବିଚିତ୍ର କାହାଣୀ କହୁଛି
**"ଏଗାରଟା" ଓ "କ୍ଷଣିକା"**
ଜାତୀୟ ଜୀବନର ଜୀବନ୍ତ ଚିତ୍ରାବଳୀ

**"ପାଞ୍ଚଜନ୍ୟ"**
ଭାରତର ପ୍ରତି କଣ୍ଠରେ ମୁଖରିତ ହେଉ

( କଟକର ସବୁ ବହି ଦୋକାନରେ ପାଇବେ )



ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସମ୍ପାଦକ— ଶ୍ରୀ ରାଧାମୋହନ ଦାସ


Digitized by srujanika@gmail.com

୧୧ଶ ବର୍ଷ ||(କ୍ରମ) ଫାଲ୍ଗୁନ ୨୮ ନ ୧୩୮୫ —ସୋମବାର—୧ । ୩ । ୪୮ || ୯ ସଂଖ୍ୟା

## କଂଗ୍ରେସର ନବ ବିଧାନ

ଅନେକ ଦିନ ତଳେ—ପାଠକ ମାନଙ୍କର ମନେ ଥିବ—ଉଗରନ ସାପ୍ତାହିକ ଜୀବନ ଆରମ୍ଭରେ—ତାର ଢଳ୍ପର ଧାରରେ ସୂଚନାଦିଆ ଯାଇଥିଲା—କଂଗ୍ରେସ ଅନୁଷ୍ଠାନକୁ କେବଳ ଏକ ରାଜନୈତିକ କ୍ଷମତା ପ୍ରାର୍ଥୀ ଦଳ ରୂପେ ଗଢ଼ିବାର ଦୁର୍ଯୋଗରୁ ରକ୍ଷାକରି ତାକୁ ଭାଙ୍ଗି ଦିଆଯାଉ କିମ୍ବା ତାହା ସମ୍ପୂର୍ଣ୍ଣ ଏକ ଲୋକ ସେବକ ଦଳ ହିସାବରେ ବଞ୍ଚି ରହିବା ପାଇଁ ସୁଯୋଗ ଦେବାକୁ ନବ ବିଧାନ ପ୍ରଣୀତ ହେଉ । ଏହାର କାରଣରେ ଦର୍ଶାଇ ଦିଆଯାଇଥିଲା ଯେ ଦଣ୍ଡନୀତି ବା କ୍ଷମତାର ରାଜନୀତି ଅନୁଷ୍ଠାନ ଭିତରେ ପରସ୍ପର ବିଦ୍ୱେଷ ଓ ଅସାଧୁତାକୁ ପ୍ରଶ୍ରୟ ଦେଇ କଂଗ୍ରେସକୁ ଦୁର୍ବଳ କରୁଛି ।

ଆମର ସୌଭାଗ୍ୟ ଯେ ଗାନ୍ଧୀଜୀଙ୍କର ଶେଷ ଦଲିଲରେ ସେ ଅବିକଳ ସେହି ଭାଷାରେ କଂଗ୍ରେସକୁ ସମାଲୋଚନା କରିଛନ୍ତି । ଏ ଅମ୍ଳ ବିଶ୍ଳେଷଣ ବେଳେ ଗାନ୍ଧୀଜୀଙ୍କ ଉକ୍ତି ଆମର ବିଚାରକୁ ଅମ୍ଳାନ କରି ଦେଇଛି । ଏହା ଗୌରବର କଥା ମଧ୍ୟ ।

କିନ୍ତୁ କଂଗ୍ରେସର ଯେଉଁ ନୂଆ ବିଧାନ ହେଲା ତାହା ଗାନ୍ଧୀଜୀଙ୍କ ଇଚ୍ଛାର ଅନୁରୂପ ନୁହେଁ । ଗାନ୍ଧୀଜୀ କଂଗ୍ରେସକୁ ଭାଙ୍ଗି ଦେଇ ଏକ ଲୋକ ସେବକ ଦଳ ଠିଆ କରାଇବାକୁ ଚାହୁଁଥିଲେ । କାରଣ ସେ ଦେଖିଲେ କଂଗ୍ରେସ ତାର ଅତୀତ ତ୍ୟାଗ ଓ ଲୋକପ୍ରିୟତାର ସୁଯୋଗ ନେଇ କ୍ଷମତା ମୋହଗ୍ରସ୍ତ। ଫଳରେ କ୍ରମେ ଚରିତ୍ର ବଳ ହରାଇଛି । ଏହା ସ୍ୱାଭାବିକ ।

ଯେଉଁମାନେ କଂଗ୍ରେସ ଲୋକ ବୋଲି ପରିଚିତ ସେମାନେ ଦୁର୍ନୀତି ଆଚରଣ କଲେ ମଧ୍ୟ ବ୍ୟକ୍ତିଗତ ହିସାବରେ ସେ ଲୋକ ଚକ୍ଷୁରେ ପତିତ ହେଲେ ମଧ୍ୟ, କଂଗ୍ରେସ ଅନୁଷ୍ଠାନ ଭୁକ୍ତ ବ୍ୟକ୍ତି ହିସାବରେ ସେ ଲୋକ ସମର୍ଥନ ପାଇଯିବେ । ଫଳରେ ଦଣ୍ଡନୀତି ଚାଲିବ । କ୍ଷମତା ଲାଭ ପାଇଁ ଚକ୍ରାନ୍ତ ଚାଲିବ । ଦଳ ଭିତରେ ଦଳ ଓ ଗୋଷ୍ଠୀ ଗଠନ ଚାଲିବ । ସ୍ୱାର୍ଥ ହିଁ ହେବ ଆଦର୍ଶ ।

## ସମ୍ପାଦକୀୟ

ଅଛି ଯେଉଁଥିପାଇଁ କଂଗ୍ରେସକୁ ଭାଙ୍ଗି ଦେଇ ଲୋକ ସେବକ ଦଳ ଗଠନ କରିବା ଉଚିତ । ଏ ଦଳସ୍ଥ ବ୍ୟକ୍ତି ବିଶେଷର ସେବା ହିଁ ତାର ଲୋକପ୍ରିୟତାର ମାପ କାଠି ହେବ । ଲୋକ ସେବକ ଦଳ କେବଳ ଗ୍ରାମକୃଷ୍ଣ ମିଶନ ହୋଇ ରହିବ ବୋଲି କେହି କହୁନାହିଁ । ସେ ରାଜନୀତିରେ ଭାଗନେଉ । କିନ୍ତୁ ତାର ଯୋଗ୍ୟତା ହେବ ଲୋକସେବା ତାର ପ୍ରତିନିଧିତ୍ୱର ମାପ କାଠି ଓ ବଳ କଂଗ୍ରେସ ଅନୁଷ୍ଠାନ ନହୋଇ ଲୋକମତ ହେଉ—ଯେଉଁ ଲୋକଙ୍କର ସେବା ସେ କରୁଥିବ ତାଙ୍କର ମତ ।

ତାହାଛଡ଼ା କଂଗ୍ରେସର ଯେଉଁ ନୀତି ନିର୍ଧାରିତ କରାଯାଇଛି ତାହା ବାସ୍ତବ ପ୍ରସାରଣ କ୍ଷମ ଏବଂ ଅତି ଅନିର୍ଦ୍ଦିଷ୍ଟ । କଂଗ୍ରେସ ରାଜନୈତିକ ସ୍ୱାଧୀନତା ପାଇଛି—ବୈଧ ଓ ନ୍ୟାୟ ସଙ୍ଗତ ଉପାୟ ଅବଲମ୍ବନ କରି ବା ଗାନ୍ଧୀ ନେତୃତ୍ୱରେ ସତ୍ୟାଗ୍ରହ କରି । ଆର୍ଥନୈତିକ ଓ ସାମାଜିକ ସ୍ୱାଧୀନତା ଓ ସାମ୍ୟ ପାଇଁ କେଉଁ ଉପାୟ ଅବଲମ୍ବନ କରାଯିବ କଂଗ୍ରେସ ଅନୁଷ୍ଠାନ ପତ୍ରରେ ତାହା ଉଲ୍ଲେଖ ନାହିଁ । ଫଳରେ କଂଗ୍ରେସ କର୍ମୀମାନେ ଏକ ଦିଗରେ ଖଦୀ ଲୁଗା ନ ପିନ୍ଧି ଅନ୍ୟ ଦିଗରେ କଳା ବଜାରିଆ ହେବାରେ ବାଧା ରହିବ ନାହିଁ—ଏକ ଦିଗରେ ଖଦଡ଼ ପିନ୍ଧି ଅନ୍ୟ ଦିଗରେ ମିଲ୍ ବା ଲୁଟାକାରର ପୃଷ୍ଠ ପୋଷକ ତଥା ଅଂଶିଦାର ହେବାରେ ଆପତ୍ତି ରହିବ ନାହିଁ ଏବଂ ଏକ ଦିଗରେ ଅହିଂସା ସ୍ୱେଚ୍ଛା ସେବକ ବାହିନୀ ଗଢ଼ି ଅନ୍ୟ ଦିଗରେ ଶ୍ରୀଯୁକ୍ତ ପାଟିଲଙ୍କ ଘୋଷଣାନୁରୂପ ସରକାରଙ୍କ ଅସ୍ତ୍ରଧାରୀ ସୈନ୍ୟ ବାହିନୀ ଭିତରେ ପ୍ରବେଶ କରିବା ଅସୁନ୍ଦର ହେବ ନାହିଁ । ଏହିଭଳି ବିରୋଧାଭାସର ସ୍ଥାନ କଂଗ୍ରେସ ବିଧାନରେ ନରହୁ ।

ଟଙ୍କା ଓ ତାଲିମ ସଙ୍ଘ ଆଦିକୁ କଂଗ୍ରେସ ନିଜ ଅନ୍ତର୍ଭୁକ୍ତ କରିବାକୁ ଚାହେଁ । ମାତ୍ର କଂଗ୍ରେସ ଏକ ସମବାୟ ଗଣତନ୍ତ୍ର ସ୍ଥାପନ କରିବାର ଏକମାତ୍ର ଉପାୟ ଶିଳ୍ପର ବିକେନ୍ଦ୍ରୀକରଣ ଉପରେ ଆସ୍ଥା ରଖି ନୀତି ସ୍ଥିର ନକଲେ ତେବେ ଶାସ୍ତ୍ରୀ ଅନୁଷ୍ଠାନକୁ ନିଜ ଭିତରେ ରଖିବା ଅର୍ଥ ହେବ ତାର ସ୍ୱତନ୍ତ୍ର ସତ୍ତା ଓ କର୍ମ ଲୋପକରି ତାଙ୍କୁ ହତ୍ୟା କରିବା ।

## ଏକଚ୍ଛତ୍ର ଶାସନ

ଓଡ଼ିଶାର ଶାସନ ବର୍ତ୍ତମାନ ଏକଚ୍ଛତ୍ର ଶାସନ ଦିଗରେ ଗତି କରୁଛି ବୋଲି ଆମେ ବହୁବାର ସତର୍କ ଦେଇଛୁ । ଏବେ ତାର ଲକ୍ଷଣମାନ ରୂପ ପ୍ରକାଶ ପାଉଛି । ପ୍ରଦେଶର ଅଧିନାୟକଙ୍କ ମୁଖରୁ ଉଚ୍ଚାରିତ ଓ ଘୋଷିତ ନୀତିହିଁ ଆମର ମତକୁ ଦୃଢ଼ କରାଉଛି ।

ଭଦ୍ରକରେ ଏକ ସାଧାରଣ ସଭାରେ ସେ କହିଥିଲେ ସରକାର କୌଣସି ବିଷୟରେ ନିଷ୍ପତ୍ତି କରିବା ପୂର୍ବରୁ ଲୋକେ ତାର ଭଲ ମନ୍ଦ ଆଲୋଚନା କରନ୍ତୁ ପଛେ ସିଦ୍ଧାନ୍ତ ପରେ ଆଉ କେହି କିଛି କହି ପାରିବେ ନାହିଁ । ୨୪ । ୨ । ୪୮ ତାରିଖ ପ୍ରଜାତନ୍ତ୍ର ସମ୍ପାଦକୀୟରେ (ସମ୍ଭବତଃ ମହାତାବ) ଠିକ୍ ସେହି ସ୍ୱର ଫୁଟିଛି—"ସମସ୍ତ ବିଷୟ ଆଲୋଚନା କରିବାର ଅଧିକାର ଓ ସୁବିଧା କଂଗ୍ରେସ ଭିତରେ ଅଛି । କିନ୍ତୁ ସମସ୍ତ ଆଲୋଚନା ପରେ ଯାହା ସ୍ଥିର ହେବ ତା' ବିରୋଧରେ ଆଉ ଯେପରି କଥା ପଦେ ପୁଣି କେହି ନକହନ୍ତି ।"

ବହୁ ସଂଖ୍ୟାରେ ଗୃହୀତ ପ୍ରସ୍ତାବ ବିରୋଧରେ କାର୍ଯ୍ୟ ଅନୁଷ୍ଠାନ କରିବା ଅନ୍ୟାୟ ହୋଇପାରେ—ବିଶୃଙ୍ଖଳା ହୋଇପାରେ । କିନ୍ତୁ ଜଣେ ଲୋକ ଯଦି ବାସ୍ତବରେ ଅଧିକ ସଂଖ୍ୟକଙ୍କ ମତ ଅନ୍ୟାୟ ବିବେଚନା କରେ ତେବେ ତା ବିରୋଧରେ କହିବାର ଅଧିକାର ତାଠାରୁ ନେବା ଏକଚ୍ଛତ୍ରବାଦ ଛଡ଼ା ଅନ୍ୟ କିଛି ନୁହେଁ । କାରଣ ପ୍ରଜାତନ୍ତ୍ର ନୀତି ଅନୁସାରେ ପ୍ରତ୍ୟେକ ଲୋକର ଅଧିକାର ଅଛି ଅନ୍ୟ ଲୋକଙ୍କୁ ବୁଝାଇ ତାର ନିଜ ମତାବଲମ୍ବୀ କରିପାରେ । ସଂଖ୍ୟାଲଘୁ ଦଳର ଅଧିକାର ଅଛି ସଂଖ୍ୟା ଗୁରୁଦଳର ଲୋକଙ୍କୁ ବୁଝାଇ ତାଙ୍କର ମନ ପରିବର୍ତ୍ତନ କରାଇ ପାରେ ସେଥିରେ ବାଧା ଦେବା ଘୋର ଅନ୍ୟାୟ ଏହାକୁ ଯଥେଚ୍ଛାଚାର ବୋଲିଯାଇ ପାରେ । ମାତ୍ର ଗଣତନ୍ତ୍ର ନୀତି କଦାପି ନୁହେଁ ।

—*—

Digitized by srujanika@gmail.com

ନିରାପତ୍ତା ପରିଷଦ୍ ଭାରତ ପ୍ରତିନିଧିଦଳ ପୁଣି ପଣ୍ଡରୀ ବାନ୍ଧି ବାହାରିବେ । ଏଥର ଆଉ କାହାରି କଥା ନଶୁଣି ଦିଧା ସଲକ୍ଷ ଭାରତର ଦାବୀ ପେଶ ହେବ । କାଳିଅଙ୍କ ମତରେ ବଙ୍କା ଅଙ୍ଗୁଳି ନକଲେ ଘିଅ ଜୁଟିବ ନାହିଁ । ତେବେ କଥା ହେଉଛି ଯେଉଁଠି ମୁହଁ ବଙ୍କା ସେଠି ବଙ୍କା ଅଙ୍ଗୁଳି ମଧ୍ୟ କାମ ନକରିପାରେ । ସବୁଠାରୁ ଭଲ ହେଉଛି ତେବେ ଗୋଟେ କରିଦେବା । ନିରାପତ୍ତା ପରିଷଦର ବୈଠକ ଅନ୍ୟ ମାନଙ୍କ ଗୁମର ଝିଦୋରେ ପକାଇ ଦେବା ସଙ୍କୋଚ ପଡ଼ିଲାଣି ।

\+ + +

ଭାରତ ନିରାପତ୍ତା ସଭା ଆଗରେ ଗୋଟିଏ କଥା ଉଠାଇ ଥିଲା—ଆକ୍ରମଣକାରୀମାନେ ପାକସ୍ଥାନ ବାଟେ ଆସି କାହିଁକି କାଶ୍ମୀର ଚଡ଼ାଉ କରିଛନ୍ତି—ପାକିସ୍ଥାନ କାହିଁକି ତାଙ୍କୁ ସାହାଯ୍ୟ କରୁଛି । କିନ୍ତୁ ପାକସ୍ଥାନ ସେ କଥାକୁ ଗୋଳେଇ ଆଉ କଥାସବୁ ଉଠେଇଲା ଭାରତ ଜଦି ପଚାରେ ସେଇ ଗୋଟାକ କଥାକୁ । ଆଉ କଥାକୁ ସେ କାନ ଦେଲା ନାହିଁ । କାରଣ ବିବିଲ ସଭାର ବୁଦ୍ଧିମାନ ସଭ୍ୟମାନେ ମଣ୍ଡିକୁ ଯାଇଦେ । ଏବେ ସେ ଆଶା ବୃଥା । ତେଣୁ ଉଚିତ ହେଉଛି ପାକିସ୍ଥାନର ସବୁ ମଇଳା ଯାଉ ନିରାପତ୍ତା ସଭା ସଭ୍ୟଙ୍କ ନାକ ପାଖରେ ଧରେଇ ଦେବା । ତେଣିକି ସେ ଶୁଙ୍ଘନ୍ତୁ । କିନ୍ତୁ ଭୟ ହେଉଛି ତଥାପି ତାଙ୍କ ନିଦ ଭାଙ୍ଗି ନପାରେ । କାରଣ—

ଚେଇଁ ଶୋଇବ ଯିଏ
ତାକୁ ଉଠାଇବ କିଏ ?

\+ + +

ବ୍ରୁସ ପ୍ରତିନିଧି କାଶ୍ମୀର ସମସ୍ୟା ସେଭଳି ଗାରେବା ରହିବା କାରଣ ବୁଝିହେଉ ଅମେରିକା ଇଂଲଣ୍ଡଙ୍କ ଦୁରଭିସନ୍ଧିକୁ ଫନ୍ଦାରେ ପକାଇବା ବିଷୟରେ ଭାରତର ସଙ୍କୋଚ ଭାବ । ବ୍ରୁସ ମତରେ ଭାରତ ଯଦି ବିଲକୁଲ ଲଙ୍ଗଳା କରି ଅମେରିକା ଇଂଲଣ୍ଡର କୁନ୍ଥ ନୀତିକୁ ପଦାରେ ପକାଇ ଥାନ୍ତା ତେବେ ସେ ପ୍ରତିନିଧି ତାଙ୍କ ପକ୍ଷ ନେଇ ଥାନ୍ତେ । ମାତ୍ର କଥା ହେଉଛି— ଲଙ୍ଗଳା କିଏ କରିବେ କାହା ଆଗରେ ? ତାଙ୍କ ଛଡ଼ା ଆଉ ସମସ୍ତେ ପ୍ରାୟ ଲଙ୍ଗଳା । ଲଙ୍ଗଳାଙ୍କ, ଆଗରେ ଅନ୍ୟକୁ ଲଙ୍ଗଳା କରି କି ଲାଭ ? ସେଥିକୁ ନଜେ ଲଙ୍ଗଳା ହୋଇ ଦୁଃଖ ବାଲୁ ହେବ ।

\+ ÷ ×




କଂଗ୍ରେସର ନୂଆ ସଭାପତି ଚଉଠାର ପୌଲିକ ନୀତିକୁ ମିଶିଲ ଭାରତ କଂଗ୍ରେସ କମିଟି ଗ୍ରହଣ କରି ନେଇଛନ୍ତି । କୁହା ଯାଉଛି ମୋଟା ମୋଟି ଗାନ୍ଧୀଜୀଙ୍କ ଉପଦେଶ ନିଆ ଯାଇଛି । ମାତ୍ର ଏହା ସ୍ପଷ୍ଟ ଯେ ଗାନ୍ଧୀଜୀଙ୍କ ଅସଲ ମନ୍ତ୍ରଟିକୁ ମାରି ଦିଆ ଗଲା—ଅପକା ବାଟରେ । କଂଗ୍ରେସକୁ ଭାଙ୍ଗି ଲୋକ ସେବକ ସଂଘ ଗଢ଼ିବା ପାଇଁ ଗାନ୍ଧୀଜୀ କହିଥିଲେ । ତା ହେଲେ ଆଉ କଂଗ୍ରେସ ନାମକୁ ଦୋହି କଂଗ୍ରେସର ତ୍ୟାଗ ସ୍ୱଣ୍ଣିବଳ ଭୋଗ, କଂଗ୍ରେସ ଶତା କାନି ଲୋକଙ୍କୁ ଭଣ୍ଡି ଖାଇବାର ସୁଯୋଗ ମିଳନ୍ତା ନାହିଁ । ମାତ୍ର ଯେଉଁମାନେ କ୍ଷମତାର ସ୍ୱାଦୁ ଚାଖିଲେଣି ସେମାନେ ଆଉ ତାକୁ ଛାଡ଼ି ପାରିବେ ନାହିଁ । ଗାନ୍ଧୀଜୀନ ଆଉ ନାହାନ୍ତି— ଗାଳି ଦେବାକୁ ବା ଅଙ୍ଗୁଳି ଦେଖେଇ କହିବାକୁ ଯେ—କଂଗ୍ରେସରେ ଦୁର୍ନୀତି ପଶିଲା —ଏଣିକି—କା ଚନ୍ଦା ଶୋଷଣେ ପେଷଣେ । ମ ନାରି ତେର କ୍ଷମତାପ୍ରିୟ ଲୋକଙ୍କୁ ।

÷ ÷ ÷

ମହାତ୍ମାଙ୍କଙ୍କ ଅସ୍ଥି—ବା ଚିତାଭସ୍ମ ବିସର୍ଜନ ପାଇଁ ବହୁ ବଡ଼ ବଡ଼ ଲୋକେ ଯାଇଁ ଶ୍ମଶାନ ମଣ୍ଡଳର ଫଟୋ (ଶବପଠ) ଉଠାଇଲେ —ଏବଂ ସଂବାଦ ପତ୍ରରେ ନାମ ଅଙ୍କିତ କଲେ । ସେତିକି ବେଳେ ଭିତରେ ପରାମର୍ଶ ଚାଲିଥାଏ—ବିପକ୍ଷ ଦଳକୁ ସାବାଡ଼ କରିଦିଅ— ନିପାତ୍ କରିଦିଅ । ଅହୋ ଗାନ୍ଧୀ ପ୍ରୀତି କେଡ଼େ ଜ୍ୱଳନ୍ତ ଉଦାହରଣ ।

÷ ÷ ×

ଆମେ ଓଡ଼ିଶାର ସର୍ବ ସାଧାରଣଙ୍କୁ ଅନୁରୋଧ କରୁଛୁ ଚକ୍ଷି ରଖନ୍ତୁ, ଯେଉଁମାନେ ଗାନ୍ଧୀ ଚିତାଭସ୍ମ ନେଇ ବିସର୍ଜନ କଲେ କେବଳ ସେଇମାନେ ହିଁ ସଚ୍ଚା ଗାନ୍ଧୀ ବାଦୀ । ଭୋଟ ସେଇମାନେ ପାଇବେ । କାରଣ ତାଙ୍କ ଦେହ ପବିତ୍ର ହୋଇ ଯାଇଛି । ସେ ବୈଷ୍ଣବ । ସେ କାର୍ଯ୍ୟରେ ଯାହା କରନ୍ତି ତାକୁ ନଗୃହି ସେ କଥାରେ ଯାହା କରନ୍ତି ତାହାହିଁ ପାଳନ କରନ୍ତୁ ।

\+ ÷ +

ଓଡ଼ିଶାରେ ଗୋଟିଏ ସମ୍ବାଦ ପତ୍ରର ସମ୍ବାଦ ଗୁଳି ଖଟିରୁ ଆସେ କି ଜେଗାଘରୁ ଆସେ ତାହାର ଗବେଷଣା ପାଇଁ ବନ୍ଧୁଆ ସଭା ଏକ ତଥ୍ୟ ନିର୍ଦ୍ଧାରଣୀ କମିଟି ବସେଇଛନ୍ତି । ସମ୍ବାଦ ପତ୍ରଟିରେ ମନ୍ତ୍ରୀହତ୍ୟା ସମ୍ବାଦଠାରୁ ଆରମ୍ଭ କରି 'ନଗର' ସମ୍ପାଦକ ହରିଜନ ମନ୍ଦିରେ ପ୍ରବେଶ ବିରୋଧୀ ବୋଲି ପ୍ରଚାର ଚଳାଇ ଦେଲେ । ଏହାଛଡ଼ା ଅନେକ ଅଦ୍ଭୁତ ସମ୍ବାଦ ମଧ୍ୟ ଏଥିରୁ ବାହାରେ । କାରଣ ନଜେ ଏ ରାଜ୍ୟର କର୍ତ୍ତା ଏ ପତ୍ରର ଜନକ । ତାଙ୍କ ଚରିତ୍ର ଦୋଷ ଏଥିରେ ପ୍ରତିଫଳିତ ହେବା ସ୍ୱାଭାବିକ । ତାଛଡ଼ା ଭଣ୍ଡୁତ ବାଉ୍ ଫୁସୁଫୁସି, ମିଛ, କ୍ୟାନ୍ସେସ ଦଗାବାଜି ଆଜିକାଲି ଜ ଶାସନ ତନ୍ତ୍ରର ଗୁଣ ବିଶେଷ । ଏ ସମ୍ବାଦ ପତ୍ର ସେ ସବୁ ହାସଲ କରିଛନ୍ତି ମଧ୍ୟ । ଅନୁମାନ କରାଯାଏ ଏ ସଂବାଦ ପତ୍ରର ସଂବାଦ ସବୁ ଗୁଳି ଖଟିରୁ ନଆସି ଜେଗାଘରୁ ସୃଷ୍ଟି ହେଉ- ଥିବ । କାରଣ ସଂବାଦ ପତ୍ରରେ ମାନ୍ଦ୍ର ଯୁବକ, ସୁନ୍ଦର ସୁଗୋଲ ମୁଖୀ ତରୁଣ କାର୍ଯ୍ୟ କରିବାର ସଂବାଦ ମିଳୁଛି । ଏମାନେ କ୍ଷୁଦ୍ର କିସଗୋଡ ଠାରୁ ଆରମ୍ଭ କରି ଜେଗା ଘରର ସମସ୍ତ ପ୍ରକ୍ରିୟା ନାୟକର ହାତରେ କରୁ ନଥିଲେ ଏଭଳି ଅଜଗୁବୀ ସଂବାଦ ସୃଷ୍ଟି କରିବା ସମ୍ଭବ ହୁଅନ୍ତା କି ନାହିଁ କିଜାଣି ।

÷ ÷ ÷

କଲେଜ ପିଲାମାନଙ୍କୁ ଶୁଣାଇ ଶ୍ରୀ ମହତାବ କହିଲେ—ଗାନ୍ଧୀଜୀଙ୍କ ବଡ ବଡ଼ ଆଦର୍ଶକୁ ଛାଡ ଛୋଟ ଛୋଟ କଥା କର । ସାବାଶ ଗାନ୍ଧୀ ବାଦୀକା ଚେଲା । ସତ୍ୟ ଅହିଂସା ଛାଡ଼ । ତେବେ ସୂତା କଟାଠାରୁ ଛୋଟ କଥା ଧରିବ କି ନାହିଁ ? ସେଟା ବି ବଡ଼ କଥା ହେଲା ନା ? ତେବେ ଗାନ୍ଧୀଙ୍କ ଭଳି ଲୁଗା ପିନ୍ଧ, ମୁଣ୍ଡ ନଙ୍ଗାକର, ପାଇଜାମା କାଳଠ ଛାଡ଼ ଚଦର ପକାଅ । ଦାନ୍ତକୁ ଭାଙ୍ଗି ଫାଙ୍ଗୁଲା କର । ନା—ତା ବି କରି ହେବ ନାହିଁ । କାରଣ ତରୁଣ-ତରୁଣୀ ନାକ ଟେକିବେ ।

÷ × ÷

ମହତାବଜୀ ସିଦ୍ଧ ରାଜନୀତିକ, ସାହିତ୍ୟିକ କବି, ଗଳ୍ପ ଲେଖକ । ଏହାର ପ୍ରତିବାଦ କେହି କରିବ ନାହିଁ । ସମ୍ଭବତଃ ସେ ଜଣେ ଐତିହାସିକ କି ନୁହେଁ ଏ ବିଷୟରେ ଦ୍ୱିଧାମତ ଥାଇପାରେ ବୋଲି ଆଶଙ୍କା କରି ସେ ପ୍ରତି ସଭାରେ ଏବେ ଘୋଷଣା କରନ୍ତି—ମୁଁ ଐତିହାସିକ । କଲେଜ ଛାତ୍ରଙ୍କୁ ତାଙ୍କ ଇତିହାସ ଶୁଣାଇ ଦେଲେ—ଭାରତରେ ପୂର୍ବରୁ କେବେ ପ୍ରଜାତନ୍ତ୍ର ହୋଇ ନଥିଲା । ସମ୍ଭବତଃ ମହତାବ ପାଣିନୀ, କୌଟିଲ୍ୟ ଆଦିଙ୍କ ଶାସ୍ତ୍ର ଆଉ ଇତିହାସ ବସ୍ତୁ ମୂଳରୁ ନପଢ଼ି ଇତିହାସର ଅଗରୁ ଧରି ମତ ଦେଇ ଦେଲେ ।

÷ × +

# ଚଉଠୀ-ମିଳନ

ଯନ୍ତ୍ରବତ୍ ଉଠି ନିତ୍ୟ କର୍ମ ଶେଷ କରୁ କରୁ କାଲେଜ ଡେରି ହୋଇଯିବ ବୋଲି ମୁଁ ଗାଧରୁ ଉଠି ପଡ଼ୁଥାଏ । ଖାଇସାରି ଅସି ଦାନ୍ତ ଘଷି ସାରିଲା ବେଳକୁ ବି ସିନ୍ଦ୍ରୀ ଆସିଥିବ । କ୍ଲବ୍-କଲେଜ ଧରି ମୁଖମଣ୍ଡଳଟାକୁ ପୁଣି ମସୃଣ କରିବାକୁ ପଡ଼ିବ । ମୋର ନିତ୍ୟ କର୍ମ ପଦ୍ଧତିର ସେଇଟା ହେଉଛି ସବୁଠୁ ଶ୍ରେଷ୍ଠ ଆଉ ଲମ୍ବା ଅଧ୍ୟାୟ । ସେ ଅଧ୍ୟାୟ-ଟାକୁ ଛାଡ଼ିଦେଲେ ଚଳିବନି । କାହିଁକି ନା, ଘରେ ପହଞ୍ଚିବା ବାଦେ ସେଥିପାଇଁ ଆଉ

## ମଜାକଥା

ଅବସର ନଥିବ । ପୁଣି ତାକୁ ନ ଛାଡ଼ିଲେ ଗୋଡ଼ ଛାଡ଼ିଦେବ । ମୁସ୍କିଲ ବ୍ୟାପାର । ବାପା ଲେଖିଛନ୍ତି ଝିଅ ଗାଁ ଦୂରବାଟ । ଘରେ ପହଞ୍ଚିବାକ୍ଷଣି ମଙ୍ଗଳ କୃତ୍ୟ କର୍ମ ବଢ଼ାଇ ଭୋଜନ ବାହାର କରିବାକୁ ହେବ । ଗୋଡ଼ କାମ୍ପା ଦାଢ଼ି—କୌଣସି ଟାକୁ ଛାଡ଼ିବାକୁ ମୁଁ ପ୍ରସ୍ତୁତ ନଥିଲି ।

ଯାହାହେଉ ଟାରେ ହଷ୍ଟେଲ ରୁମ ଭିତରେ ଅଁଲୁଅ ଅସନା ଲୁଗା । ବାରଣ୍ଡା ଲାଇନରେ ହେଲେ ଚଳିଯାନ୍ତା । କିନ୍ତୁ କିଏ ଦେଖି ଦେବନି ଚୁଲୁଲ ଭୟରେ ଆଉ ଘରୁ ଫେରି-ବାକୁ ମନ ହେବନି । ଶେଷରେ ଟିକେ ଅଲୁଅ ମୁହଁରେ ପକାଇ ଖିଅର ହେଲି । ଇଉରେଡି ବ୍ୟାଟେରି ନ ମିଳିଲେ ଯାହା ଅଲୁଅ ହୁଏ । ଅଣ୍ଟ ଗୁଲନା ହ୍ୱାପ ମୁହଁରୁ ଠାଏ ଅଧେ ଛେଦ ପଡ଼ିଗଲା । ଫିଟିକିରି ଖଣ୍ଡ ପାଣିରେ ବୁଡ଼ାଇ ଲଗାଇ ଦେବାକ୍ଷଣି ମୁହଁଟା ଗୁଉଁ-କନା ଜଳି ଉଠିଲା । ବାପ୍‌ରେ ।

ବାପାଙ୍କ ଉପରେ ହଠାତ୍ ରାଗଟା ଚଢ଼ିଗଲା । ବେଳହୁଁ କହୁଛି—"ନା, ସାଇନ୍ସ ପାଠ ମୋ ଦେଇ ହେବନି ।" ସେତେବେଳେ ମୋ କଥା ଶୁଣିଲେ ନାହିଁ । ଆଇ ଏସ ପିଲାଏ ପରୀକ୍ଷା ଦେଇ ଘରେ ଦିନ ହେଲା ବସିଲେଣି । ଆମର ଗୁଲୁଛି ଥିଓରେଟି-କାଲ୍—ପ୍ରାକ୍ଟିକାଲ । ତା' ପଛକୁ ବଗାଦ ହୋଇଗଲା—ପରୀକ୍ଷା ହଲରୁ ଉଠି ବେଞ୍ଚ ଉପରକୁ ଗୁଲ ?"

ବେଞ୍ଚ ଉପର କଥା ଭାବି ମନଟା ଚଞ୍ଚଳ ହୋଇ ଉଠିଲା । ଏମିତି ଚଞ୍ଚଳ ମନରେ ସମ୍ପ୍ରଦାୟ ଆଉ ଏସବୁ, ପରୀକ୍ଷାଟା ଦିଅ ହୋଇ-ଥାଏ । ଫଳାଫଳ ସମ୍ବନ୍ଧରେ କିଏ କେମିତି



ସନ୍ଧାନ ଥାନ୍ତି, ମୁଁ କିନ୍ତୁ ନିଶ୍ଚିନ୍ତ ଥାଏ । କାହିଁକିନା ଦି'ମାସ ଆଗରୁ ବାହାଘର ପାଇଁ ପାନ ବାଛୁ ବାଛୁ ଏଣେ କଲେଜରୁ ବନଗୋ ହେବାଟା ନିଶ୍ଚିତ ହୋଇ ଯାଇଥାଏ ।

ଅପ୍ରତ୍ୟାଶିତ ଭାବରେ ଇଚ୍ଛା ଘଟିଲେ ମଣିଷ ଯେନା ବ୍ୟସ୍ତ ହୁଏ । ମୁଁ ଧୀରେଧୀରେ ପଢ଼ା ପ୍ରେୟସୀଙ୍କୁ ବିଦାୟ ଦେଇ ପୁରୀ ଏକ୍‌ସପ୍ରେସରେ ଖୋଟିଏ ଇଣ୍ଟର କ୍ଲାସ ଡବାରେ ଉଠିଲି ।

ଘରେ ପହଞ୍ଚିବା ମାତ୍ରେ ମଙ୍ଗଳ କୃତ୍ୟ କର୍ମରେ ଯାଇ ବସିଲି । ବାହାଘର ଆୟୋଜନ ଦେଖି ବାପାଙ୍କର ମନ ପରିବର୍ତ୍ତନ ହୋଇ ଥିଲା ପରି ମୋର ମନେ ହେଲା । ସାବକର କଲେଜ ଖର୍ଚ୍ଚ ପଚ୍ଚିଶଟା ଟଙ୍କା ଯେଉଁ ବାପା ଛଅ ମୁଖକରି ପଠାନ୍ତି, ସେଇ ପୁଣି ଏ ସାଜ-

## ମାଙ୍କଡ଼ ହାତରେ

ସଜା ଅଳଙ୍କାର ଲାଗି ପୁଅ ମୁହଁରେ ଟଙ୍କା ଖର୍ଚ୍ଚ କରୁଛନ୍ତି !

ବୋଉକୁ ବାକ ଫଳିବାକୁ ଡର ନ ଥାଏ । ପାଲିଙ୍କିକୁ ଯିବା ଆଗରୁ ମୋ ହାତରେ ଗୁଆ ଅରୁଆ ଗୁଞ୍ଜଳ ଦେଇ କହିଲା—"ବାପ, ବଡ଼ ଖାନ ଦାନ ଘର ତାଙ୍କର । ଖାଲି ତୋର ପାଠ ଶାଠ ଯୋଗୁ ସିନା—ନୋହିଲେ ଅମେ କଣ ତାଙ୍କ ଲକ୍ଷ୍ମୀ ମୁଣ୍ଡ ! ଲୋକେ କାଲେ ନା' ପସନ୍ଦ କରିଦେବେ ବୋଲି ବାପାଙ୍କୁ ଖାଲି ନମିତା ଖରଚ ଆଗଭୁରା ଦି' ହଜାର ଟଙ୍କା ଗଣି ଦେଇଛନ୍ତି । ଟିକିଏ ବଡ଼ପଣ ଦେଖେଇ ଚଳିବୁ । ଯେମିତି କୋଉ କୁଳର ମାନ ହାନି ନପଡ଼େ ।"

ବାପାଙ୍କର ନିର୍ଲୋଭତାର ରହସ୍ୟ ଭେଦକଲି ଏତେବେଳକୁ ।

"କରେ ପୁଅ, ଉପର ଓଠଟା କେମିତି ଖଣ୍ଡିଆ ହେଲା ?" ମିଞ୍ଜି ମିଞ୍ଜି ଦୀପ ଆଲୁଅରେ ବୋଉ ବୋଧେ ଆଗରୁ ଲକ୍ଷ କରିପାରି ନଥିଲା । ଲୁଚିମା ଓଠଟାକୁ ନେଫେଡ ଦେଇ କହିଲି

-"ଇ-ଇ—କି ଅସୁନ୍ଦର ଦିଶୁଛି ମୁହଁଟା ! ଲୋକେ ଦେଖିବାକୁ ଜାଣିଯିବ ପରା !"

କାଟକି ବାରିକ ଉପରେ ଦୋଷଟା ଲଦି ଦେଇ ମୁଁ ପାଲିଙ୍କିରେ ଉଠିଲି ।

ବାନାଘର ସରିଲା । ଆମର ବ୍ରାହ୍ମଣ ଘର ଶଶୁର ଘରେ କୋଇଁ ସାନମଙ୍ଗଳା କଟାଇବା ନିୟମ ନଥି । ଦି' କୁଳର ମାନ ରକ୍ଷି ଚଳିବାକୁ ତାଗିଦା—ଓଠର ଖଣ୍ଡିଆଟା ଲାଗି ବୁଢ଼ୀମାନେ ଟାଟ୍ରା । ମୁଁ ବାଉଳେକ ପଣ କରି ମୁହଁକୁ ରୁମାଲ କାଢ଼ୁ ନ ଥାଏ । ହେଲେ, ଖା ପିଅ କଲା ବେଳେ—କି ସେମିତି ଆଉ ଦେବେ-ହେଲେ—କିନ୍ତୁ ସଞ୍ଜଟା ପତିତେଇ ନେଇ ଶଳା ଶାଳୀମାନେ ଥଟ୍ଟା କଲେ—"ଆଇଁ କି ଯୁଦ୍ଧ ବାଇକରେ ନାଇଁକି ଖୁବ ?"

କି ଅସଭ୍ୟ ଏମାନେ ! ହୁଏତ କ୍ଲବ୍-କଲେଜର ନାମ ଗନ୍ଧ ପର୍ଯ୍ୟନ୍ତ ମାଲୁମ ନଥିବ ! ଅଥଚ ଆମ୍ଭ ବଡ଼ମା ଦର୍ଶାଇ କୋଉଁ ଦାନ୍ତ କାମ୍ପା କୁରାଢ଼ୀରେ ଖିଅର ହେବାର ତର୍ଜମା କରି ଗୁଲୁଛନ୍ତି । ଅନ୍ୟ କାହାର ନହେଲେ ଲଙ୍କା ମରିଚର ସ୍ୱାଦ ପରି ପ୍ରିୟ ଶଳା ଶାଳୀଙ୍କ ଗାଳି ଗୁଲବ ସହି କୌଣସି ଜୋଇଁ ପୁଅ ଶଶୁର ଘରେ ମଜ୍ଜରହିବାକୁ ପସନ୍ଦ କରିବେ ? ସବୁକାଳ, ମୁହଁରେ ରୁମାଲ ଦେଇ ବଡ଼ପଣ ରଖି, ପଡ଼ିରହୁଥାଏ ଖାଲି ସେଇ ଚଉଠି ରାତିର ମିଳନ ଆଶାରେ ।

ଚଉଠୀ ରାତି । ହାଲଦଣ୍ଡା ଘଣ୍ଟାଟା ମୋର ଦିନେ ମେରୁ ସମୟ ଦେଖେଇ ତ ପରଦିନ ଭିନ ଉଇର ସମୟ ନିର୍ଦ୍ଦେଶ କରେ । ସୁଙ୍ଗଝୁଙ୍ଗ ଦର ଥିଲା ସତାକ ସାତ ଟଙ୍କା ବାର ଅଣା ସହରରେ ହୁଇବେଳା ସମୟ ମିଳାଇ ନେବାର ସୁବିଧା ଥାଏ । କିନ୍ତୁ ବର୍ତ୍ତମାନ ମୋର

ଲେଖକ:—ଶ୍ରୀ ଶଶିଭୂଷଣ ମିଶ୍ର

ଅବସ୍ଥିତ ଯେଉଁ ମୁଲକରେ, ସେଠାକୁ ଘଣ୍ଟାଙ୍କର ଏଇ ପ୍ରଥମ ଶୁଭାଗମନ !

ମୋର ସେଇ ପ୍ରାକ-ଯୁଦ୍ଧ-ଗୁଣବାନ (ପ୍ରିଓ୍ୟାର୍‌କ୍ୱାଲିଟି) ଘଣ୍ଟାରେ ରାତି ବାର ବେଳକୁ ମୋତେ ଡାକରା ଆସିଲା । ଘଣ୍ଟାରେ ଅବଶ୍ୟ "ରାତବାର" ବୋଲି କିଛି ନଥିଲା କେବଳ ବାର ବାଜିଥିଲା । ଆଉ ସେତେବେଳେ ରାତି ହୋଇଥିବାରୁ ରାତି ବାର ବୋଲି କହୁଛି ।

( ୧୩୨ ପୃଷ୍ଠା ଦେଖନ୍ତୁ )

# ଦେବଦୂତ

'ଜୟହିନ୍ଦ'

ମୁଣ୍ଡ ଟେକି ଚାହିଁଲି ଉଗ୍ରସେନ—ମୋର ମାଟ୍ରିକ ଜୀବନର ବନ୍ଧୁ। ନେତାର ବେଶ। ବେଶ୍ ଗୋଟାଏ ଖଦଡ଼ ଟୋପି। ଦେହରେ ଜବାହାରଲାଲୀ ଜାକେଟ୍। ବେଦାନ୍ତଶ ମୋଟା ଖଦଡ଼ ଧୋତି। ସବୁ ଇସ୍ତ୍ରୀ। ଗୋଡ଼ରେ ଧଳା କାନ୍‌ଭାସ୍ ଜୋତା। ଉଗ୍ରସେନ ସହିତ ବହୁଦିନ ପରେ ଦେଖା ସାକ୍ଷାତ। ପୁଣି ବେଶଟା ଯେ ନିତାନ୍ତ ବଦଳି ଯାଇଛି। ଏଇଟା ତ ନିହାତି ଲକ୍ଷ୍ୟ କରିବାର ବସ୍ତୁ। ଉଗ୍ରସେନ

## କାହାଣୀ

"ପ୍ରଜାତନ୍ତ୍ର" କାଠିଗୁଡ଼ାକ ଟେବୁଲ ଉପରେ ରଖିଦେଲା।

ମୋ ତୁଣ୍ଡରେ ଆଉ 'ଜୟହିନ୍ଦ' ଧ୍ୱନି ଶୁଣିବାର ବୋଧହୁଏ ଅବସର ପାଇନ। ନଥ୍ କରି ମୋ ପାଖ ଚେୟାର ଉପରେ ବସିପଡ଼ିଲା। କଥା ଆରମ୍ଭ ହେଲା। ମନେହେଉଥାଏ ପଚାରନ୍ତି 'କେମିତି ତୁ ଏ ଅବତାର ଗ୍ରହଣ କଲୁ'। ତାଠାଲିଗଲା ହାତରେ ମନ୍ତ୍ରୀଙ୍କ ମୁଖପତ୍ର 'ତୁମେ' ଡାକଟା ପ୍ରଥମେ ମୁଁ ବାହାର କଲି। ମାଟ୍ରିକ କେରିଅରରେ 'ତୁ' 'ଲୋ' କହୁ ବର୍ତ୍ତମାନ ସେ ଦେଶଭକ୍ତ। ନିଘଞ୍ଚା ଉଗ୍ରଚନ୍ଦ୍ର ସେ କଂସର ପିତା। ଅର୍ଥାତ୍ ସାଦାତ ଉଗ୍ରସେନ ଏପରି ବେଶ ଧରିବା ବାସ୍ତବିକ ଗୋଟାଏ ଲକ୍ଷ୍ୟ କରିବାର ବସ୍ତୁ। ମାଟ୍ରିକରେ ଥରେ ନୁହେଁ ଦିଥରି ନୁହେଁ ଚାରିଥର ଯେତେବେଳେ ୟୁନିଭରସିଟି ଇନ୍‌କୋର କଲା ଭାବିଲି ବୋଧହୁଏ ଅଧମତାରଣ ପନ୍ଥାଟିଏ ବେଶ୍ ଧରି ନେଇଛି। ଯାହା ହେଉ କଥା ଆରମ୍ଭ କଲି, "ବହୁଦିନ ପରେ— ବର୍ତ୍ତମାନ ତୁମେ କେଉଁଠି ?" କଥାରେ ଜୋର ଦେଇ କହିଲା— ଶୁଦ୍ଧଭାଷା— ଭାବିଲି ଲେକ୍‌ଚର ଦେଇ ଦେଇ ମୁଖସ୍ଥ ହୋଇ ଯାଇଥିବ ପରା। "କଣ କରାଯାଏ ଦେଖୁଛତ— ଦେଶର— ଦେଶମାତୃକାର କିଛି ଉପକାର କରିବାପାଇଁ ତାହାର ଆଶାରେ ବାହାରି ପଡ଼ିଲି" ଭାବିଲି ହଁ ପ୍ରଧାନମନ୍ତ୍ରୀଙ୍କ "ପ୍ରଜାତନ୍ତ୍ର" ସାର୍ଟିଫିକେଟ ଖଣ୍ଡିକ ହାସଲ କରି। ମନଭିତରେ ସିନା ଗୁରୁଗୁରୁ ହେଉଥାଏ ତାହାରକୁ ଫୁଟାଇ କହିଲି "ବାସ୍ତବିକ ତୁମର ଏକାର୍ଯ୍ୟରେ ତୁମେ ସାଧୁ, ଆଦର ପାତ୍ର। ସମାଜର ତଥା ଜାତିର ଏତାଦୃଶ କାର୍ଯ୍ୟ କରିବା ଅର୍ଥାତ୍ ତୁମର ଗୌରବ ନେଇ ଆମେ



ଗୌରବାନ୍ୱିତ ହେବା।" ଆରମ୍ଭ କଲା, ବର୍ତ୍ତମାନ ପରା ଦେଶର ଯେଉଁ ପରିସ୍ଥିତି ସେଥିରେ ଭାରତର ନବ ଯୁବକ ବେଶୀ ଦାୟୀ—ଆମେତ ଆଉ ବଳର ବଳଦ ହୋଇ ରହିପାରିବା ନାହିଁ। ଆମର ଶକ୍ତି ଅଛି, ସାମର୍ଥ ଅଛି। ନୃକର ଡାକଦେଲା, "ଗାଡ଼ୋଇବେ ଆସଲୁ ବାବୁଆଣୀ—" "ହଉ ଯା—" ବିଦାୟ ଦେଲି ବୁଝିଲି ଅନ୍ତଃପୁରରୁ ତାଗିଦା ଆସିଛି। କଚେରୀ ଅଛି। କିରାଣୀ ମୁଣ୍ଡ। ଟିକିଏ ଡେରି କରିଦେଲେ ସିଅଟ୍ରେ ସୁପରିଣ୍ଟେଣ୍ଡେଣ୍ଟ ନାଲି ଆଖି ଦେଖାଇ ଯାହା କହିଦବ ତାହା ତୁଣ୍ଡରେ ଧରିହେବ

## କଥାଟିଏ କହୁଁ

ନାହିଁ, ତଳକୁ ବି ମାଡୁଛି ଅସମ୍ଭାଳ। କଣ କରାଯାଏ ମନ୍ତ୍ରୀଙ୍କ ଦୂତ। ଜନ୍ମରୁ ପରା ମନ୍ତ୍ରୀରୁ ମାନିବ ନାହିଁ ପଛେ ତାଙ୍କ ଦଳ ତଳିଆ ମହା-ବଳିଆଙ୍କୁ ଆଗେ ଜୁହାର— କୋଟି କୋଟି ଦଣ୍ଡବତ। ବହୁଦିନ ପରେ ଏକ ଦୁଇକରି ଗୋଲାମୀ ଖଟି— ଦିନରାତି ପରିଶ୍ରମ କରି— ସୁପରିଣ୍ଟେଣ୍ଡେଣ୍ଟଙ୍କ ପିଲାମାନଙ୍କୁ ବିନା ପଇସାରେ ଟିଉସନ୍ କରି ସମୟ ପଡ଼ିଲେ ବଜାର ସଉଦା କରି— ଅଣ୍ଟିଆ ଅଡିଆ ଧାଇଁ— ବର୍ତ୍ତି ବଢ଼ି ହୋଇଛି ମୃ-ଲ-ଶ। ବର୍ତ୍ତମାନ ଯୁଗରେ ଘରେ ପାଞ୍ଚୋଟି ପ୍ରାଣୀ। ମୁଁ ଆଉ ମୋ ସ୍ତ୍ରୀ ଏବଂ ଏ ଭିତରେ ତିନୋଟି ପ୍ରଡକସନ ହୋଇଛନ୍ତି। ମୃଲଶ ଟଙ୍କାରେ ଦୁଇଆ ଯାକର ଖର୍ଚ୍ଚ ମାଡ଼-ପଡ଼େ। ବେଡ଼ ଉପରେ କୋରଡ଼ାପରି ଶ୍ରୀମତୀଙ୍କ ଯେଉଁ ମଧୁର ସମ୍ବର୍ଦ୍ଧନା ଆସେ ମୋ ପରି ମରଦ ଅର୍ଥାତ ମୁଁ ବୋଲି ସହିଯାଏ—କାରଣ ସମ୍ଭବ ଯା ହେଉ ନାକ କାନ ମୋଡ଼ି ସହିଯାଏ। ଦୁଆର ମାଆ ସେ, ଭାରିଟାଣ। ମୁଁ ବଟେର କାନ ମୁଣ୍ଡ ଆଉଁସି ସବୁ ସହିଯାଏ— ଅ ଶା ନୀ ରେ କେ ହୁ ମ ହି ପାରେନା। ଅଶାଥାଏ ଯେମିତ—କୋଉଁଏରୁ ମୃଲଶ ପେଟ ଯଦି କାଆଁଟା ଧରିଲା, "ଭାଇ ଯାହା ହେଉ ତୁମେ ଦେଶ ଦଶର ଉପକାର କଲ, ଆମ ପରି ଜୀବନଠାରୁ ଯା' ହେଉ ମୁକ୍ତ ପାଇଛ।" ଆତ୍ମ ପ୍ରସାଦ ଲାଭକଲା ସେ, "କଣ Production begin କଲଣି" ମୁଁ ହସି ହସି କହିଲି, "ଏଇ ହେଲା ତିନ—ଆଉ ଅଳ୍ପଦିନ ପରେ ଅବଶ୍ୟମ୍ଭାବୀ ବି ■ ସେ ହସି କହିଲା।" "ବାଃ ବେଶତ— ଏ ଭିତରେ ବାପହୋଇ ଗଲଣି ଏଁ" ଟେଁ କରି ହସି ପକାଇଲା। ବର୍ତ୍ତମାନ ଦେବଦୂତ ସେ। ଆଗାତ ଫେରଅଛି ଯଦି ଅନ୍ତତଃ ସପକ୍ଷରେ ଯଦି ଟିକିଏ କହୁ ମୋର ଉଲଟ ପଥଟାକୁ ଆହୁରି ସରଳ-ସହଜ-ସୁନ୍ଦର ମାନେ ବେଶୀ କିଛି ଟଙ୍କା ବୃଦ୍ଧିକରି ଅନ୍ତତଃ ମୋ ପକ୍ଷରେ ନହେଲେ ମୋ ଛୁଆଙ୍କ ମୁହଁରେ ଦିଓଲା ଜଳଖିଆ ତ ଆନ୍ତତଃ ଦେଇ ପାରନ୍ତି। କଥାର ଆସରଟା ଜମେଇ ଦେଲି। ଭାବୁଥାଏଁ ଥରେ କେମିତି କହିବି— ମୋର ଅନ୍ତରର ବେଦନା ଶୁଣାଇ ପାରନ୍ତି। ମାସ ଶେଷ, ଯୁଦ୍ଧଯୋଗୁଁ-ତା ସଙ୍ଗେ ସଙ୍ଗେ ମୋର ଉପ୍ତୀଦନ ହେବୁ ପାନ, ସିଗାରେଟ ପ୍ରଭୃତିରୁ ବିଦାୟ ନିଆ ହୋଇଛି। କଣ କରାଯାଏ— କଣବା କରାଯିବ ବନ୍ଧୁ ଚର୍ଚ୍ଚାଟା କେମିତି କରିବ —ପୁଣି ସେ ମନ୍ତ୍ରୀ ଦୂତ। ପ୍ରତ୍ୟେକ କଥାରେ ଉଗ୍ରସେନର ଉଗ୍ରମୂର୍ତ୍ତିକୁ ପ୍ରଶଂସା କରୁଥାଏ ଯେପରି ଅନ୍ତର ସୌନ୍ଦର୍ଯ୍ୟ ତାଳ। ସେ ଅଟକି ଯାଇ କହିଲା, "ତୁମେ ପରା ଗୌରୀଶଙ୍କର ପାର୍କରେ ଟି ସଭାକୁ ଯାଇଥିଲ।" "କେଉଁ ସଭାକୁ ?" ନଜାଣିଲା ପରି ହସି ରହିଲି। "ସେଇ କମ୍ୟୁନିଷ୍ଟ—ସ୍ୱଳ୍ପ ବେତନଭୋଗୀ— Something bogus" ଆଖିଆଡ଼ୁ ଜୁଳୁଜୁଳିଆ ପୋକ ବାହାରିଗଲା। ସେ ଦିନ

ଲେଖକ—ଯୋଗୀନ୍ଦ୍ର ପଟ୍ଟନାୟକ

କଚେରୀରୁ ଆସୁଥିଲି ବେଳେ ଟିକିଏ ଘୁରି ଆସୁ ଆସୁ ବାଟରେ ଭେଟିଲେ ଏଇ ସବହାରା ଦଳ। ଧରି ବସିଲେ, "ଯିବାକୁ ହେବ ଅଲବତ ଯିବାକୁ ହେବ— ଆମର କଥା ଆମେ ବୁଝିବା।"— ଉଦ୍ଭଟିଆ ଦଳଟା। ଯେଉଁ କଥା କହିଲେ ମୋର ଦିଲଖୁସ୍। ଭାବିଲି ଦୁନିଆଁଟାକୁ ଓଲଟ ପାଲଟ ସତେ କଲେ କି ? ଶୁଣିଗଲି ସଭାରେ ବସି ବହୁତ କଥା— ବହୁତ ଉଚ ଆଶା। ମନ୍ତ୍ରୀଙ୍କ ବିରୁଦ୍ଧରେ ବକ୍ତୃ

Digitized by srujanika@gmail.com

ହେଲା । ଦାୟୀ କେବଳ ଏଇ ଗଭର୍ଣ୍ଣମେଣ୍ଟ— ଶାସନ । ସବୁ କାନ ଡେର ଶୁଣୁଥାଏଁ । ଏ ଭିତରେ ଯେ ମୋ ନାମଟା ଯେ— । ଶୁଣିଲେ କହିଲି, "ଯାଉଥିଲି—ସଙ୍ଗେ ହସି ଦଳତ ଖାଣ—ଅଚ୍ଛା ତୁମେ ଜାଣିଲ କେମିତି ?" ହସି କହିଲି, "ଅଃ ସେ କଣ ଅଛମା—ଯା' ହେଉ ଯିବନି ଆଉ—ମୁଁ କହିଲି, "ମୁଁ କଣ ଯାଉଥିଲି କି ।" କହିଲେ "ବେଶ ଭଲକଥା ହଉ ମୁଁ ଯାଏ ବହୁତ ଦିନପରେ ଦେଖା କରିବାକୁ ଆସିଲି" ପ୍ରଜାତନ୍ତ୍ରଟାକୁ ବାହାର କରି କହିଲି, "ଏଇ ବିଶେଷ ସଂଖ୍ୟାଟାକୁ ନିଅ । ବହୁତ କିଛି ଜିନଷ ସ୍ୱୟଂ ମନ୍ତ୍ରୀଙ୍କ ଲେଖାରୁ କହୁଚ ହୋଇଛି—ବହୁ ବହୁ କଥା—ଦେଶ ବିଦେଶ କଥା ସ୍ଥାନ ପାଇଛି ।" ଭାବିଲି ଯଦି ନନିଏଁ— ଯା' ହେଉ ନେବାକୁ ହେବ ମନ୍ତ୍ରୀ—ମୋର ଭାଗ୍ୟ ବିଧାତା ମାନିବାକୁ ହେବ ନିଶ୍ଚେ । ଆଜି ତା ୩୦ ତାରିଖ ଦୁଇ ତାରିଖରେ ବିଲ୍ ଆସିବ । ଘରେ ପଇସାଟି ନଥିବ ତାହା ସ୍ୱତଃ ସିଦ୍ଧି, କଣ କରାଯାଏ । ଅଡ଼ଗୃହାଣୀରେ ମୂଲ୍ୟଟା ଦେଖିନେଲି ୫ • ।—ଚାରିଅଣା ବିଶେଷ ସଂଖ୍ୟା ।

ମୁହଁଟା ହାଣ୍ଡିପରି କରି ଘରକୁ ପଶିଗଲି । କେମିତିବା ଧାର ବୋଲି କହିବ—ମନାକରି ଦାଗ କୁ ନାହିଁ—ଦରିଦ୍ରତା ତାଠାରୁ ବଳି ବଡ଼ ମୁନିବର ଖୋଦ୍— । ଗୃହିଣୀ ମୋ ଉପରେ ତାନ ଛଡ଼ାଇଲେ. "କଣ ଗାଧୁଆ ପାଧୁଆ ହେବନି କି—ସମୟ ଅଛି" ଛଡ଼ା ହୋଇଗଲି ଗମ୍ଭୀର ହୋଇ, କଣବା କହିବ । କହିଲି, "ଦେଖ କାଠିଟା" "କଣ କରିବ ଟଙ୍କା ବଇଣି କି ?" ତମ ତମ ହେଲେ ସେ । 'ନାହିଁ ହେ ତମେ ବୁଝୁନ ଚାରିଅଣା ପଇସା କହାଉ ଦରକାର ନହେଲେ ନଚଳେ— ଯଦି" "ଟଙ୍କା ବଇଣ । ଦେଖୁଛ ମିନାଟାକୁ ଦୁଧଟୋପେ ଦେଇପାରୁନ ଜର ଡିନି ଦିନ ହେଲାଣି" କଥାଟା ମାନିନେଲି । ମିନାର ଜର ତିନି ଦିନ ହେଲା । ଔଷଧ ଆଣିବାର ସମୟ ଥାଇନାହିଁ । କାମ କାମ, ଘରେ ଚୁଆଧସଠୁ କାଠ କାଟିବା ପର୍ଯ୍ୟନ୍ତ । "ହଇରେ ଦେଇଦିଏ ଭଦ୍ରଲୋକ ପରା ବସିଛି ବାଣ୍ଡରେ—" "ମ—ଭର ଭଦ୍ରଲୋକ—ଦେଖିନାହିଁ—ଚୁଅଟା—" ବନ୍ଦକରିବାର ଚେଷ୍ଟାକର ଶ୍ରୀମତୀଙ୍କ ମୁହଁ ନବନ୍ଦ ହେଲାରୁ ରାଗିବାର ଛଳକଲି । ଗୃହିଣୀ ଗୃହ କାଠିଟା ପକାଇଦେଲେ ରାଗି ଯାଇ "ଯା କରୁଛ ତମେ କର ମୋତେ—" ଇତ୍ୟାଦି ଇତ୍ୟାଦି । ବାକ୍ସର ଗୃହ ଖୋଲୁଛି ମିନା କହିଲା, "ବାବା, ମାମୁ ଦେଇଥିଲା ପଇସା ବାକ୍ସର ଅଛି କି ? ବରଂ ଟିକିଏ ଆଣିଦିବ ।" ଦେଖିଲି ସେଇ ଚାରଣା ପଇସା ମୋର ବାକ୍ସର ସୌନ୍ଦର୍ଯ୍ୟକୁ ଅତିକ୍ରମି କରୁଛି । ନୟନରୁ ଝରିଲାଲୁହ । ଚାରଣା ପଇସା ଦେବଦୂତ ପାଇଁ ଉଗ୍ରସେନ୍ ହାତରେ ଦେଲି ସେ ମୋର ଅଜ୍ଞାତରେ 'ଜୟହିନ୍ଦ' ଶବ୍ଦ ଉଚ୍ଚାରଣ କରି ଚାଲିଗଲା— । ଘରଣୀ କବାଟ କଣରୁ କହି ଉଠିଲେ, "ଠିକ ହେଉଛି— ଆଜି ବଜାରପାଇଁ ପଇସାନାହିଁ—କି ଦୁଧ ଟୋପିକ କିଣିବାପାଇଁ ପଇସା ନାହିଁ" ମର୍ମାହତ ହେଲି ।

—*—

---

ମଜାକଥା ଶଯ୍ୟା ଧୂମ୍ରା ଉତ୍ତାରୁ

ଶୟନ-କକ୍ଷ ମଧ୍ୟରେ ମୋର ପ୍ରବେଶ ମାତ୍ରେ ସହଚରୀମାନେ କନ୍ୟାକୁ ଛାଡ଼ି ପ୍ରସ୍ଥାନ କଲେ । ମୋର ନିର୍ଦ୍ଦେଶକୁ ଅପେକ୍ଷା ନକରି କୌଣସି ଅଜ୍ଞାତ ଦ୍ୱାରପାଳ ଦ୍ୱାର ବନ୍ଦକଲା ।

ବାହାରେ ଫୁସ୍ ଫାସ୍, ଟୁପ୍ ଟାପ୍, କାନ୍ଥ ସେଥିପାଇଁ ଭ୍ରୂକ୍ଷେପ ନଥିଲା ମୋର । ଯାହାଙ୍କର କରୁଣାରୁ ଆଜି ଏପରି ପରିସ୍ଥିତିର ଫଳାଫଳ କଳ୍ପିତ ହୋଇ ପାଇଛି, ଯାହାଙ୍କର ମିଳନକାମୀ ହୋଇ ବ୍ଲୁ-ଜିଲେଟ୍‌ର ତୀକ୍ଷ୍ଣ ଧାରରେ ଅଧରର ରକ୍ତ ଦାନ କରିଛି, ତାଙ୍କୁ ଲଜ୍ଜାବନତ ବଦନରେ ଆଜି ଆଗରେ ପାଇ ମୁଁ ଦୁନିଆଁକୁ ଭୁଲିଗଲି ।

ଭୂଳ ଦୀପଟା ସବୁ କଥାର ସାକ୍ଷୀପରି ଘରର ଗୋଟାଏ କୋଣରେ ଜଳୁଥାଏ। ପ୍ରିୟାଙ୍କ ଲଜ୍ଜ ଛଡ଼ାଇବା ଲାଗି ଦୁଇ ହାତର ଅବାଧ୍ୟତା ଉପଲବ୍ଧି କରି ମୁହଁରୁ ରୁମାଲ କାଢ଼ିଲି । ସାଦରେ ଆଲିଙ୍ଗନ କରି ପ୍ରିୟାଙ୍କୁ ଆପଣା ଦେହକୁ ଆଉଜାଇ ଆଣିଲି । ଦୀପ ଆଲୁଅରେ ତାଙ୍କର ଚମ୍ପକ ଗୌର ଅଙ୍ଗରେ ଲାବଣ୍ୟ ଫୁଟି ଉଠୁଥାଏ । ଅଙ୍ଗିପତ୍ରା ବନ୍ଦ ।

ଝଡ ଭୂଢ଼ରେ ପଦ୍ମ ଦେଖି ମୁଁ ବିସ୍ମିତ ହେଲି । ସେଠାର ବର୍ବର ସମାଜ ଭିତରେ ସିନେମା ଅଭିନେତ୍ରୀର ରୂପସଜ୍ଜା—ଶିପରୀଶା-ସିକ ପ୍ରେମ—କେଶଟରେ ଗୃମେଲି ଅତରର ଗନ୍ଧ—ଆଖିରେ ଲଜ ଆଉ ମୁହଁରେ ସିଲ୍କ ରୁମାଲ ଦେଇ ନୂତନତାର ପରିପାଟୀ ଯେନି ଏ ଦେବକନ୍ୟାର ଆବିର୍ଭାବ ଅବଲୋକନ କରି ମୁଁ ମୁଗ୍ଧ ହେଲି । ମୋର ଅଧର ଥରି ଉଠିଲା । ସଦ୍ୟପ୍ରସ୍ଫୁଟିତ ସରୋଜଟି ପରି ତାଙ୍କର ମୁଖ ମଣ୍ଡଳକୁ ଟେକିଲ ଅଳ୍ପ ଅଳ୍ପ ବହୁ ବଳ ପ୍ରୟୋଗ ପରେ ତାଙ୍କ ମୁହଁରୁ ରୁମାଲ ଘୁଞ୍ଚାଇଲି ।

ସିଲ୍କ ରୁମାଲ ତଳେ ଏଭଳି କା ବିଦ୍‌ଘୁଟ ଦୃଶ୍ୟ । ମୋର ବାହୁ ବନ୍ଧନ ଶିଥିଳହୋଇ-ଗଲା । ସେ ପଡ଼ି ଯାଉ ଯାଉ ଘୁଞ୍ଚି ଠିଆ ହେଲେ ।

"ଏ କଣ ? ତୁମ ମୁହଁଟା ଏପରି ବିକୃତ ଯେ ?" ମୁଁ ଅଙ୍ଗୁଳି ନିର୍ଦ୍ଦେଶ କରି ପଚାରିଲି ।

"ନାଇଁ ମୁଁ ପେଟରେ ଥିଲାବେଳେ ବୋଉ ଚନ୍ଦ୍ର ଗ୍ରହଣକୁ ଚାହିଁ ଦେଇ ଥିଲାଯେ—"

"ଓ ! ଦୋଷଟା ତୁମର ନୁହେଁ ।" ମୁଁ ଗମ୍ଭୀର ହୋଇ ଉତ୍ତର ଦେଲି ।

ଆଉ: ଏପରି ମହାଝାରେ ଫଳର ନିଷ୍ପତ୍ତି ଜଣା ପଡ଼ିଲା । ଦୁଆର ଖୋଲିବାକୁ ଚେଷ୍ଟା କରି ଦେଖିଲି, ଯାଉଁଳ କବାଟ ଦୁଇଟା ବାହାରୁ ବନ୍ଦ ରହିଛି । ପେଟର ତଳୁ ପ୍ରଶ୍ୱାସରୁ ମୋର କଥା ଫୁଟି ବାହାରିଲା— "ହାୟ ପ୍ରେୟସୀ, ତୁମେ ବ ଦୁଇ କୁଳର ମାନ ଲାଗି ଖା ମୁଖରେ ସିଲ୍କ ରୁମାଲର ଆବରଣ ଦିଅ ।"

—*—

Digitized by srujanika@gmail.com

# ପ୍ରାର୍ଥନା

## ସାୟଂ କାଳୀନ ପ୍ରାର୍ଥନା

ଶ୍ଳୋକ

ଯଂ ବ୍ରହ୍ମା ବରୁଣେନ୍ଦ୍ର-ରୁଦ୍ର-ମରୁତଃ
ସ୍ତୁନ୍ୱନ୍ତି ଦିବ୍ୟୈଃ ସ୍ତବୈଃ
ବେଦୈଃ ସାଙ୍ଗ-ପଦ-କ୍ରମୋପନିଷଦୈ
ର୍ଗାୟନ୍ତି ଯଂ ସାମଗାଃ ।
ଧ୍ୟାନାବସ୍ଥିତ-ତଦ୍ ଗତେନ ମନସା
ପଶ୍ୟନ୍ତି ଯଂ ଯୋଗିନୋ
ଯସ୍ୟାନ୍ତଂ ନ ବିଦୁଃ ସୁରାସୁର-ଗଣା
ଦେବାୟ ତସ୍ମୈ ନମଃ

ଟୀକା

ବ୍ରହ୍ମା, ବରୁଣ, ଇନ୍ଦ୍ର, ରୁଦ୍ର, ମରୁତ ଆଦି ଦେବଗଣ ଦିବ୍ୟ ସ୍ତୋତ୍ରଦ୍ୱାରା ଯାହାଙ୍କର ସ୍ତୁତି କରନ୍ତି, ସାମବେଦର ଗାୟକ ମୁନିଗଣ ଯେଉଁ ପରମାତ୍ମାଙ୍କର ବେଦ ପାଠ ପଦ କ୍ରମ ଓ ଉପନିଷଦ ସହିତ ବେଦର ସାହାଯ୍ୟରେ ସ୍ତୁତିଗାନ କରନ୍ତି, ଯୋଗୀ ସମାଧିସ୍ଥ ଅବସ୍ଥାରେ ପରମାତ୍ମାଙ୍କ ଚିନ୍ତାରେ ତଲ୍ଲୀନ ମନ ଦ୍ୱାରା ଯାହାଙ୍କର ଦର୍ଶନ କରନ୍ତି ଏବଂ ଯାହାଙ୍କ ମହିମାର ଶେଷ କେଉଁଠି ତାହା ସୁର କି ଅସୁର କେହି ଜାଣି ପାରି ନାହାନ୍ତି—ସେହି ପରମାତ୍ମାଙ୍କୁ ମୁଁ ନମସ୍କାର କରୁଛି ।

ସମଗ୍ରର ଅନୁବାଦ

ବ୍ରହ୍ମା ବରୁଣେନ୍ଦ୍ର, ରୁଦ୍ର ବାୟୁ ମୁଖେ
ଯାହାଙ୍କ ଦିବ୍ୟ ସ୍ତୁତି
ଗାନ୍ତି ସାମଗାୟୀ ବେଦଦୋପନିଷଦେ
ଯା ପଦାଙ୍ଗ ବିରୁତି
ଧ୍ୟାନ-ମଗ୍ନ ଯୋଗୀ ହୋଇଣ ନିବିଷ୍ଟ
ଦେଖନ୍ତି ମୂର୍ତ୍ତି ଯାର
ସୁର ସୁର ଗଣ ନ ପାନ୍ତି ଯେ ଭେଦ
ହେ ଦେବ ନମସ୍କାର ॥

## ନିତ୍ୟ ପାଠ୍ୟ ଗୀତାଂଶ

ଶ୍ଳୋକ

ଅର୍ଜୁନ ଉବାଚ

ସ୍ଥିତ-ପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବଃ
ସ୍ଥିତ-ଧୀଃ କିଂ ପ୍ରଭାଷେତ,
କିମାସୀତ, ବ୍ରଜେତ କିମ୍ ।

ଟୀକା

ଅର୍ଜୁନ କହିଲେ—ହେ କେଶବ, ସମାଧିସ୍ଥ ସ୍ଥିତପ୍ରଜ୍ଞ କିଏ—ତାର କଥା କିପରି, କେଉଁ ପ୍ରକାର ବସା ଉଠା କିପରି ମୋତେ କହ

ଅନୁବାଦ

କେଶବ, ସ୍ଥିତ ପ୍ରଜ୍ଞର
କହ ହେ କି କି ଲକ୍ଷଣ
ତା' ଭାଷା ତା' ଗତି ମତି
ସମାହିତ ଯେଉଁ ଜନ ।

ଶ୍ରୀ ଭଗବାନ ଉବାଚ

ପ୍ରଜହାତି ଯଦା କାମାନ୍
ସର୍ବାନ୍ ପାର୍ଥ ମନୋ-ଗତାନ୍
ଆତ୍ମନ୍ୟେବାତ୍ମନା ତୁଷ୍ଟଃ
ସ୍ଥିତ ପ୍ରଜ୍ଞସ୍ତଦୋଚ୍ୟତେ ।

ଟୀକା

ଶ୍ରୀ ଭଗବାନ କହିଲେ—ହେ ପାର୍ଥ, ଯେଉଁ ମନୁଷ୍ୟ ମନ ମଧ୍ୟରୁ ସମସ୍ତ କାମ ଅର୍ଥାତ ବାସନାକୁ ତ୍ୟାଗ କରି ଆତ୍ମାଦ୍ୱାରା ଆତ୍ମାରେ ସନ୍ତୁଷ୍ଟ ହୋଇ ରହେ, ସେତେବେଳେ ତାକୁ ସ୍ଥିତପ୍ରଜ୍ଞ ବୋଲି କୁହାଯାଏ ।

ଅନୁବାଦ

ବରଜି ସକଳ କାମ
ରହେ ଯେ ଅସ୍ଥ ସନ୍ତୋଷେ
ସ୍ଥିତପ୍ରଜ୍ଞ ମୁନି ପାର୍ଥ
ତାହାକୁ ଜଗତ ଘୋଷେ ।

ଶ୍ଳୋକ

ଦୁଃଖେଷ୍ୱନୁଦ୍ୱିଗ୍ନ ମନାଃ
ସୁଖେଷୁ ବିଗତ-ସ୍ପୃହଃ
ବୀତ ରାଗ-ଭୟ-କ୍ରୋଧଃ
ସ୍ଥିତଧୀ ମୁନିରୁଚ୍ୟତେ ।

ଟୀକା

ଦୁଃଖରେ ଯାହା ମନରେ ଉଦ୍‌ବିଗ୍ନତା ନାହିଁ ସୁଖରେ ଯାହା'ର ସ୍ପୃହା ବା ଆସକ୍ତି ନାହିଁ, ମମତା ଭୟ କ୍ରୋଧ ଯାହାର ଦୂର ହୋଇଛି ତାହାଙ୍କୁ ସ୍ଥିତ-ପ୍ରଜ୍ଞ ମୁନି କୁହାଯାଏ ।

ଅନୁବାଦ

ସୁଖରେ ନିସ୍ପୃହ ଯେହୁ
ଦୁଃଖରେ ନୋହେ କାତର
ବିଗତଭୟ କ୍ରୋଧାଗତ
ସ୍ଥିତପ୍ରଜ୍ଞ ସେହୁ ନର ।

ଶ୍ଳୋକ

ଯଃ ସର୍ବତ୍ରାନଭିସ୍ନେହ
ସ୍ତତ୍ତତ୍ ପ୍ରାପ୍ୟ ଶୁଭା ଶୁଭମ୍
ନାଭି ନନ୍ଦତି ନ ଦ୍ୱେଷ୍ଟି
ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।

ଟୀକା

ସବୁ ବିଷୟରେ ଯାହାର ମନ ଆସକ୍ତ ହୋଇ ନାହିଁ ଏବଂ ଶୁଭ ବା ଅଶୁଭପ୍ରାପ୍ତିରେ ଯାହାର ମନ ଆନନ୍ଦ ବା ବିଷାଦ ହୁଏ ନାହିଁ, ତାହାର ବୁଦ୍ଧି ସ୍ଥିର ବା ସେହି ସ୍ଥିତପ୍ରଜ୍ଞ ବୋଲି କୁହାଯାଏ ।

ଅନୁବାଦ

ସ୍ଥିତପ୍ରଜ୍ଞ ମୁନି ଥାଏ ସ୍ନେହ ବିବର୍ଜିତ ଭାବେ
ନାହିଁ ତା ହର୍ଷ ବିଷାଦ ଶୁଭ ବା ଅଶୁଭ ଲାଭେ ।

ଶ୍ଳୋକ

ଯଦା ସଂହରତେ ଚାୟଂ କୂର୍ମୋ ଙ୍ଗାନୀବ ସର୍ବଶଃ
ଇନ୍ଦ୍ରିୟାଣି ନ୍ଦ୍ରିୟାର୍ଥେଭ୍ୟଃ
ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।

ଟୀକା

କୂର୍ମ ଯେପରି ନିଜର ହାତ ପାଦ ମୁଣ୍ଡ ଆଦି ଅବୟବକୁ ନିଜ ଭିତରେ ଲୁଚାଇ ଦିଏ । ସେହିପରି ଯେଉଁ ପୁରୁଷ ଶବ୍ଦ ସ୍ପର୍ଶ ଆଦି ବିଷୟରୁ (ଇନ୍ଦ୍ରିୟାର୍ଥ) ନିଜର ଇନ୍ଦ୍ରିୟ ମାନଙ୍କୁ ଫେରାଇ ଆଣିପାରେ ତାର ବୁଦ୍ଧି ସ୍ଥିର—ସେ ସ୍ଥିତପ୍ରଜ୍ଞ ।

ଅନୁବାଦ

କୂର୍ମ ଅଙ୍ଗ କଲା ପ୍ରାୟେ ଇନ୍ଦ୍ରିୟେ ଯେ ପ୍ରତ୍ୟାହାର
କରଇ ବିଷୟ ଭୋଗୁ ସ୍ଥିତପ୍ରଜ୍ଞ ଅଟେ ତାର ।

ଶ୍ଳୋକ

ବିଷୟା ବିନିବର୍ତ୍ତନ୍ତେ ନିରାହାରସ୍ୟ ଦେହିନଃ
ରସବର୍ଜ୍ଜଂ ରସୋଽପ୍ୟସ୍ୟ
ପରଂ ଦୃଷ୍ଟ୍ୱା ନିବର୍ତ୍ତତେ

ଟୀକା

ନିରାହାର ଅର୍ଥାତ ବିଷୟ ତ୍ୟାଗୀ ପୁରୁଷ ମାନଙ୍କର ବିଷୟ ନିବୃତ୍ତି ହେଲେ ହେଁ ରସ ଅର୍ଥାତ ଲାଳସା ସହଜରେ ଯାଏ ନାହିଁ । କିନ୍ତୁ ପରମାତ୍ମାଙ୍କର ସାକ୍ଷାତକାର ହେଲେ ସେ ଲାଳସା ମଧ୍ୟ ଚାଲିଯାଏ । ଅର୍ଥାତ ବିଷୟ ଏବଂ ତାର ରସ ମଧ୍ୟ ଚାଲିଯାଏ ।

ଅନୁବାଦ

ହେଲେହେଁ ବିରତ ଭୋଗୁଁ
ନ ଛୁଟେ ବିଷୟ ମୋହ
ବ୍ରହ୍ମଦର୍ଶନରେ ତାହା
ନିରାହାରୀ କରେ କ୍ଷୟ ।

ଶ୍ଳୋକ

ଯତତୋ ହ୍ୟପି କୌନ୍ତେୟ
ପୁରୁଷସ୍ୟ ବିପଶ୍ଚିତଃ
ଇନ୍ଦ୍ରିୟାଣି ପ୍ରମାଥୀନି
ହରନ୍ତି ପ୍ରସଭଂ ମନଃ

ଟୀକା

ହେ କୁନ୍ତୀ ପୁତ୍ର । ଯେଉଁମାନେ ବେଗର ଇନ୍ଦ୍ରିୟ ଦମନ କରିବାକୁ ପ୍ରବଳ ଯତ୍ନ କରନ୍ତି ସେହି ବିଦ୍ୱାନ ମାନଙ୍କର ମନକୁ ମଧ୍ୟ ଏ ପ୍ରବଳ ଇନ୍ଦ୍ରିୟ ସବୁ ତାଙ୍କର ଇଚ୍ଛା ଅନୁସାରେ ଆକର୍ଷଣ କରି ନିଅନ୍ତି ।

ଅନୁବାଦ

ଯେତେ ସେ କଲେ ହେଁ ଯତ୍ନ
ସଂଯମେ ବିବେକୀଜନ
ଦୁରନ୍ତ ଇନ୍ଦ୍ରିୟ ସର୍ବେ
ବଳେ ତା' ହରନ୍ତି ମନ ।

ଶ୍ଳୋକ

ତାନି ସର୍ବାଣି ସଂଯମ୍ୟ ଯୁକ୍ତ ଆସୀତ ମତ୍ ପରଃ
ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।

ଟୀକା

ତେଣୁ ଏହି ଇନ୍ଦ୍ରିୟ ସବୁକୁ ଦମନ କରି ଯୁକ୍ତ ଅର୍ଥାତ ଯୋଗଯୁକ୍ତ ହୋଇ ଏବଂ ମତ୍ପରାୟଣ ହୋଇ ରହିବା ଉଚିତ । ଏହିପରି ଭାବରେ ଯାହାର ଇନ୍ଦ୍ରିୟ ସ୍ୱାଧୀନ ସେହି ବ୍ୟକ୍ତିର ବୁଦ୍ଧି ସ୍ଥିର ହୁଏ ।

ଅନୁବାଦ

ସେ ସର୍ବ ନିରୋଧି ଯେହୁ
ମୋଠାରେ ସନ୍ନିବେଶିତ
ଇନ୍ଦ୍ରିୟ ଆୟତ୍ତ ଯାର ପ୍ରଜ୍ଞା ତାର ପ୍ରତିଷ୍ଠିତ ।

ଶ୍ଳୋକ

ଧ୍ୟାୟତୋ ବିଷୟାନ୍ ପୁଂସଃ
ସଙ୍ଗସ୍ତେଷୂପଜାୟତେ
ସଙ୍ଗାତ୍ ସଂଜାୟତେ କାମଃ
କାମାତ୍ କ୍ରୋଧୋଽଭିଜାୟତେ ।

Digitized by srujanika@gmail.com

# ପ ଦ୍ୟା ବ ଳି

ଟୀକା

ଯେଉଁ ପୁରୁଷମାନେ ବିଷୟ ଚିନ୍ତା କରନ୍ତି, ସେମାନଙ୍କର ସେହି ସେହି ବିଷୟରେ ଆସକ୍ତି ଜନ୍ମେ ଓ ଆସକ୍ତିରୁ ସେଥିପାଇଁ ଲାଳସା (କାମ) ଜାତ ହୁଏ ପୁଣି ଏହା ନ ମିଳିଲେ କାମରୁ କ୍ରୋଧ ଉତ୍ପନ୍ନ ହୁଏ।

ଅନୁବାଦ

ପୁରୁଷ ବିଷୟ ଧ୍ୟାନୁ ଆସକ୍ତ ହୁଅଇ ଜାତ

ଆସକ୍ତିରୁ ପୁଣି କାମ କାମରୁ କ୍ରୋଧ ସଞ୍ଜାତ

ଶ୍ଳୋକ

କ୍ରୋଧାଦ୍ ଭବତି ସମ୍ମୋହଃ

ସମ୍ମୋହାତ୍ ସ୍ମୃତି-ବିଭ୍ରମ

ସ୍ମୃତି-ଭ୍ରଂଶାତ୍ ବୁଦ୍ଧି-ନାଶୋ

ବୁଦ୍ଧି-ନାଶାତ୍ ପ୍ରଣଶ୍ୟତି,

ଟୀକା

। କ୍ରୋଧରୁ ସମ୍ମୋହ ବା ଅବିବେକତା ଉତ୍ପନ୍ନ ହୁଏ। ସମ୍ମୋହରୁ ସ୍ମୃତି ବିଭ୍ରମ ଏବଂ ସ୍ମୃତି ଭ୍ରଂଶରୁ ବୁଦ୍ଧିନାଶ ଏବଂ ବୁଦ୍ଧି ନାଶରୁ ପୁରୁଷର ସର୍ବସ୍ୱ ନାଶହୁଏ।

ଅନୁବାଦ

କ୍ରୋଧରୁ ଜାତ ସମୋହ ସମୋହୁଁ ସ୍ମୃତି-ବିଭ୍ରମ

ସ୍ମୃତିଭ୍ରମୁ ବୁଦ୍ଧିନାଶ ଜାଣ ସେ ମରଣୋପମ

ଶ୍ଳୋକ

ରାଗ-ଦ୍ୱେଷ-ବିଯୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍

ଆତ୍ମ ବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ।

ଟୀକା

କିନ୍ତୁ ମନର ବଶ୍ୟା ଅର୍ଥାତ୍ ଜିତାତ୍ମନ ଯାହାର ଅନ୍ତଃକରଣ ସେ ପୁରୁଷ ପ୍ରୀତି ଏବଂ ଦ୍ୱେଷ ରହିତ ସ୍ୱାଧୀନ ଇନ୍ଦ୍ରିୟ ମାନଙ୍କ ବିଷୟ ଉପର ଚରୁଥିବା ବେଳେହେଁ ଚିତ୍ତ ପ୍ରସନ୍ନ ରହେ।

ଅନୁବାଦ

ଆସକ୍ତି ବିରାଗହୀନ ଆତ୍ମ ସଂଯମରେ ଯୋଗୀ

ପରମ ପ୍ରସାଦ ପାଏ ହେଲେ ହେଁ ବିଷୟ ଭୋଗୀ।

ଶ୍ଳୋକ

ପ୍ରସାଦେ ସର୍ବ-ଦୁଃଖାନାଂ

ହାନି ରସ୍ୟୋ ପଜାୟତେ

ପ୍ରସନ୍ନ-ଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ଯ୍ୟବତିଷ୍ଠତେ

ଟୀକା

ଚିତ୍ତ ପ୍ରସନ୍ନ ହେବାରୁ ସେ ପୁରୁଷର ସର୍ବ ଦୁଃଖ ପ୍ରଶମିତ ହୁଏ। କାରଣ ଚିତ୍ତ ପ୍ରସନ୍ନତାରୁ ବୁଦ୍ଧି ମଧ୍ୟ ସ୍ଥିର ହୁଏ।

ଅନୁବାଦ

ପରମ ପ୍ରସାଦ ନାଶେ ସର୍ବ ଦୁଃଖ ନିର୍ଯାତନା

ତେଣୁ ତା' ବୁଦ୍ଧି ପ୍ରତିଷ୍ଠ ସଦା ଯେ ପ୍ରସନ୍ନ ମନା।

ଶ୍ଳୋକ

ନାସ୍ତି ବୁଦ୍ଧିର ଯୁକ୍ତସ୍ୟ ନଚାଯୁକ୍ତସ୍ୟ ଭାବନା

ନଚାଭାବୟତଃ ଶାନ୍ତି ରଶାନ୍ତସ୍ୟ କୁତଃ ସୁଖମ୍

ଟୀକା

ଯେଉଁ ପୁରୁଷ ଏହି ସମତ୍ୱ ଯୁକ୍ତ ଅର୍ଥାତ୍ ଯୋଗଯୁକ୍ତ ହୋଇନାହିଁ, ତା ଭିତରେ (ସ୍ଥିର) ବୁଦ୍ଧି ଓ ଭାବନା ଅର୍ଥାତ୍ ଦୃଢ଼ ବୁଦ୍ଧି ରୂପୀ ନିଷ୍ଠା ମଧ୍ୟ ଥାଏ ନାହିଁ। ଯାହାର ଭାବନା ନାହିଁ ତାର ଶାନ୍ତି ନାହିଁ ଏବଂ ଯାହାର ଶାନ୍ତି ନାହିଁ ତାର ସୁଖ କାହୁଁ ମିଳିବ ?

ଅନୁବାଦ

ନଥାଏ ଭାବନା ବୁଦ୍ଧି ଯୋଗେ ଯେ ଅଯୁକ୍ତ ନର

ତେଣୁ ସେ ଅଶାନ୍ତି ଭୋଗେ ସୁଖକାହିଁ ଅଶାନ୍ତର

ଶ୍ଳୋକ

ଇନ୍ଦ୍ରିୟାଣାଂହି ଚରତାଂ ଯନ୍ମନୋଽନୁବିଧୀୟତେ

ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବ ମିବାମ୍ଭସି ।

ଟୀକା

ଯାହାର ମନ (ବିଷୟରେ) ସଂଚରଣ କରୁଥିବା ଇନ୍ଦ୍ରିୟ ମାନଙ୍କର ପଛେ ପଛେ ଯାଏ, ବାୟୁ ଏବଂ ପାଣି ନୌକାକୁ ଟାଣି ନେଲା ପରି ସେ ପୁରୁଷର ବୁଦ୍ଧିକୁ ମଧ୍ୟ ସେ ସେହିପରି ହରଣ କରେ।

ଅନୁବାଦ

ବିଷୟୀ ରତ ଇନ୍ଦ୍ରିୟ ସଙ୍ଗେ ଯା ଭ୍ରମଇ ମନ

ପ୍ରଜ୍ଞା ତା ହରଇ ବାୟୁ ସାଗରେ ନାବ ଯେସନ

ଶ୍ଳୋକ

ତସ୍ମାତ୍ ଯସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ

ଇନ୍ଦ୍ରିୟାଣୀ ନ୍ଦ୍ରିୟାର୍ଥେଭ୍ୟଃ ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା

ଟୀକା

ଅତଏବ ହେ ମହାବାହୋ ଅର୍ଜୁନ ଯାହାର ଇନ୍ଦ୍ରିୟ ବିଷୟ ଭୋଗଠାରୁ ସମ୍ପୂର୍ଣ୍ଣ ନିବୃତ୍ତ ତାର ବୁଦ୍ଧି ସ୍ଥିର।

ଅନୁବାଦ

ତେଣୁ ଅହେ ମହାବାହୋ ଇନ୍ଦ୍ରିୟେ ଯା ବଶସ୍ଥିତ

ବିଷୟ ବିଳାସ ବର୍ଜି ପ୍ରଜ୍ଞା ତାର ପ୍ରତିଷ୍ଠିତ।

ଶ୍ଳୋକ

ଯା ନିଶା ସର୍ବ-ଭୂତାନାଂ ତସ୍ୟାଂ ଜାଗର୍ତ୍ତି ସଂଯମୀ

ଯସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେ

ଟୀକା

ସମସ୍ତଙ୍କ ପକ୍ଷରେ ଯାହା ରାତ୍ରି, ସ୍ଥିତପ୍ରଜ୍ଞ ସେହି ସମୟରେ ଜାଗ୍ରତ ଥାଏ ଏବଂ ଯେଉଁଠି ପ୍ରାଣୀ ସବୁ ଜାଗିଥାନ୍ତି ସେଠି ସେହି ଜ୍ଞାନବାନ୍ ପୁରୁଷ ରାତ୍ରି ମନେକରେ।

ଅନୁବାଦ

ପ୍ରାଣୀଙ୍କି ଯେ ଘୋରରାତି ସଂଯମୀ ଜାଗ୍ରତ ତହିଁ

ଯହିଁରେ ଜାଗ୍ରତ ପ୍ରାଣୀ ମୁନି ତା ରାତୀ ମଣଇ।

ଶ୍ଳୋକ

ଆପୂର୍ଯ୍ୟମାଣମଚଳ-ପ୍ରତିଷ୍ଠଂ

ସମୁଦ୍ରମାପଃ ପ୍ରବିଶନ୍ତି ଯଦ୍ବତ୍

ତଦ୍ବତ୍ କାମା ଯଂ ପ୍ରବିଶନ୍ତି ସର୍ବେ

ସ ଶାନ୍ତିମାପ୍ନୋତି, ନ କାମ-କାମୀ ।

ଟୀକା

ଚତୁର୍ଦ୍ଦିଗରୁ ଜଳ ଆସି ପୂର୍ଣ୍ଣ ହେଉଥିବେ ଯେଉଁ ସମୁଦ୍ରର ପ୍ରତିଷ୍ଠା ଅଚଳ ସେହି ସମୁଦ୍ରରେ ଯେପରି ସବୁ ଜଳ ପ୍ରବେଶ କରେ ସେହିପରି ଯେଉଁ ପୁରୁଷ ମଧ୍ୟରେ ସମସ୍ତ ବିଷୟ ତାର ଶାନ୍ତି ଭଙ୍ଗ ନ କରି ପ୍ରବେଶ କରନ୍ତି ତାହାକୁହିଁ ପ୍ରକୃତ ଶାନ୍ତି ମିଳେ। ବିଷୟ କାମନା କାରୀକୁ ମିଳେ ନାହିଁ।

ଅନୁବାଦ

ସମୁଦ୍ରେ ଯେସନେ ବହୁ ଅମ୍ବୁରାଶି

ପ୍ରବେଶ ସତ୍ତ୍ୱେ ଅଚଳ ପ୍ରତିଷ୍ଠ,

ତେମନ୍ତେ କାମ ଯାଠାରେ ବିଲୁପ୍ତ

ସେ ପାଏ ଶାନ୍ତି, ନୋହେ କାମାବିଷ୍ଟ।

ଶ୍ଳୋକ

ବିହାୟ କାମାନ୍ ଯଃ ସର୍ବାନ୍

ପୁମାଂଶ୍ଚରତି ନିଃସ୍ପୃହଃ

ନିର୍ମମୋ ନିରହଂକାରଃ ସ ଶାନ୍ତି—ମଧିଗଚ୍ଛତି।

ଟୀକା

ଯେଉଁ ପୁରୁଷ ସର୍ବକାମ ଅର୍ଥାତ୍ ସମସ୍ତ ତ୍ୟାଗ କରି ନିସ୍ପୃହ ଭାବରେ ବିଚରଣ କରେ ଏବଂ ଯାହାର ମମତା ଏବଂ ଅହଂକାର ନାହିଁ, ତାକୁ ଶାନ୍ତି ମିଳେ।

ଅନୁବାଦ

ବରଜି କାମନା ରାଜି ନିସ୍ପୃହେ ଯେ ରହୁଥାନ୍ତି

ନିର୍ମମ ନିରହଙ୍କାର ସେହିଟି ଲଭନ୍ତି ଶାନ୍ତି।

ଶ୍ଳୋକ

ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନା ପ୍ରାପ୍ୟ ବିମୁହ୍ୟତି

ସ୍ଥିତ୍ୱାସ୍ୟାମନ୍ତକାଲେଽପି ବ୍ରହ୍ମ ନିର୍ବାଣ ମୃଚ୍ଛତି

ଟୀକା

ହେ ପାର୍ଥ—ଏହାକୁହିଁ ବ୍ରହ୍ମସ୍ଥିତି କୁହାଯାଏ। ତାହାକୁ ପାଇଲେ କେହି ଆଉ ମୋହରେ ପଡ଼େନାହିଁ। ଅନ୍ତକାଳରେ ଏହି ସ୍ଥିତିରେ ରହି ସେ ବ୍ରହ୍ମନିର୍ବାଣ ପାଏ ଅର୍ଥାତ୍ ବ୍ରହ୍ମରେ ଲୀନ ହୋଇ ମୋକ୍ଷ ଲାଭ କରେ।

ଅନୁବାଦ

ଏ ବ୍ରାହ୍ମୀ ପାଏ ଯେ ପାର୍ଥ ନଥାଏ ମୋହ ତାହାର

ଅନ୍ତକାଳେ ନହିଁ ଯାଇ ବ୍ରହ୍ମ ନିର୍ବାଣ ସେ ଲଭେ।

## ଏକାଦଶବ୍ରତ

ଅହିଂସା ସତ୍ୟ ଅସ୍ତେୟ ବ୍ରହ୍ମଚର୍ଯ୍ୟ ଅସଂଗ୍ରହ

ଶରୀରଶ୍ରମ ଅସ୍ୱାଦ ସର୍ବତ୍ର ଭୟ ବର୍ଜନ

ସର୍ବଧର୍ମୀ ସମାନତ୍ୱ ସ୍ୱଦେଶୀ ସ୍ପର୍ଶ ଭାବନା

ହୀଂ ଏକାଦଶ ସେବାବୀଂ ନମ୍ରତ୍ୱେ ବ୍ରତ ନିଶ୍ଚୟା।

(ଏହି ମରାଠୀ ଭାଷାର ଶ୍ଳୋକ ବନୋବାଙ୍କ ରଚିତ—ପ୍ରାତଃ ପ୍ରାର୍ଥନା ଶେଷରେ ପଠିତ ହୁଏ)

ଅନୁବାଦ

ହିଂସା ସତ୍ୟ ଅସ୍ତେୟ ବ୍ରହ୍ମଚର୍ଯ୍ୟ ଅସଂଗ୍ରହ

ଶରୀରଶ୍ରମ ଅସ୍ୱାଦ ସର୍ବତ୍ର ବର୍ଜନ ଭୟ

ସର୍ବଧର୍ମେ ସମାନତ୍ୱ ସ୍ୱଦେଶୀ ସ୍ପର୍ଶଭାବନା

ବ୍ରତ ଏହି ଏକାଦଶ ନମ୍ରତ୍ୱେ ଯହିଁ ପାଳନା।

[ ଅସମାପ୍ତ ]

Digitized by srujanika@gmail.com



# ନୈବେଦ୍ୟ *

## ପ୍ରାଣର ବାପୁଜୀ

ସେ ଦିନ ଶୀତଳ-ସନ୍ଧ୍ୟା
ଆକାଶରେ ବିଜୟର ରଥ
ସ୍ୱାଧୀନ-ଭାରତ ବକ୍ଷେ
ଜାଗିଥିଲା ଦିଲ୍ଲୀ-ରାଜପଥ ।
ଜାଗିଥିଲେ ନର ନାରୀ
ବୃଦ୍ଧ ଶିଶୁ ହିନ୍ଦୁ-ଖ୍ରୀଷ୍ଟିୟାନ,
ଜାଗିଥିଲା ଗଛଲତା
ହିମାଳୟ ଗିରି-ସୁମହାନ ।
ପ୍ରାଣର ବାପୁଜୀ ମୁଖୁ
ଶୁଣିବାକୁ ଦୁଇପଦ କଥା,
ଚାହିଁ ଥିଲା ଭାରତର
କୋଟି କୋଟି ବୁଭୁକ୍ଷୁ ଜନତା ।
ବାପୁଜୀ ପ୍ରଶାନ୍ତ ମୁଖେ
ଥିଲା ହସ ସୁନ୍ଦର-ଉଜ୍ଜ୍ୱଳ,
ଫୁଟିଥିଲା ଶିକାଗୀର
ରକ୍ତବୋଳା-ବକ୍ଷ ଶତଦଳ ।
ସତ୍ୟ ଅଜ ଅହିଂସାର—
ଅବତାର, ବିଶ୍ୱର ଜୀବନେ,
ଫୁଲମାଳ ଦେଲା ମୃତ୍ୟୁ···· ?
ପ୍ରତୀତ ତ ହେଉନାହିଁ ମନେ ।
ପ୍ରାଣର ବାପୁଜୀ ଆମ
ଅମର ସେ ମରଣ-ବିଜୟୀ,
ଆମ୍ଭର ଆଗରେ ଯାହା
ଗଲେ ଭୁଲି ଅମରତ୍ୱ ପାଇ ।

ଲେଖକ—ଶ୍ରୀ ଯଦୁନାଥ ଦାଶ ମହାପାତ୍ର

## ଅଶ୍ରୁ ତର୍ପଣ

ଅହେ ମୁକୁଟ ବିହୀନ ସମ୍ରାଟ !
କିଅ ଦେଖା କାହିଁ ରହିଅଛ ଛପି,
ଫେରି ଅସ ମର ଦେଶେ ଅମର ଧାମରୁ,
ଯେଣୁ କାର୍ଯ୍ୟ ତବ ନୋହିଛ ସମାପ୍ତ ।
ଅହିଂସାର ମହାପଥ ଥିର କଣ୍ଟକିତ,
ଉଦବନା ରୁଦ୍ଧ ଦ୍ୱାର, ଦିଶେ ଅନ୍ଧକାର,
କାହା ଶତ ଚେଷ୍ଟା ( ଉପବାସେ ) ଲଭିବାକୁ
ଇଚ୍ଛାମୃତ୍ୟୁ !
(କହୁ) ଭାବୁଥିଲେ ସୃଷ୍ଟିକର୍ତ୍ତା ଦେବାକୁ ଆଶ୍ରୟ,
ଯେତେ ବୟସ ଭର୍ତ୍ତିଶେ ଲଙ୍ଘି ସ୍ରଷ୍ଟାଦେଶ,
ବରିଲି ମହାଶୟ୍ୟ "ନାଥୁରାମ" ହସ୍ତେ ।
ତବ ବିହୁନେ
ନୁହେ ଶୁଦ୍ଧି ଜଗତର ହେବ ସୁକଲ୍ୟାଣ ?
ଅବା ପ୍ରଳୟ ଲୀଳା ଆରମ୍ଭିଲ ଏଥି ।
ରୋପିଗଲ କାମ୍ନା କନ୍ଦଳର ବୀଜ
ଶ୍ରୀ ତୀର୍ଥ ସ୍ଥାନରେ ଏହା ହୁଏକି ସମ୍ଭବ ?
ଖୋଜି ଆଜି ସାରା ବିଶ୍ୱ ହୁଏ ମୁଁ ହତାଶ
କ ପାଏ 'ବାପୁଜୀ' ବୋଲି ଡାକିବି କାହାରେ,
ହେ ମହା ମାନବ ଖଣେ କ ପାରିଲ ରହି
ଢାଳିବାକୁ ଅହିଂସାର ପୂର୍ଣ୍ଣାହୁତି ଅର୍ଘ୍ୟ ?
ହିଂସାର ବିପକ୍ଷେ ଲଭି କଣ୍ଠୁ ହେ ବିଜୟୀ !
ହିଂସାକ୍ଷେତ୍ରେ ବସିଲି ଅମୂଲ୍ୟ ସମ୍ପଦ ।
ନାହିଁ ଲଭିବ ସ୍ମରଣ ତବ ଅନ୍ତିମ ସମୟ !
ବିଶ୍ୱ ଶାନ୍ତି ହେବ ମାତ୍ର ତ୍ୟଜି ହିଂସା ଦ୍ୱେଷ ।
ନାହିଁ କିଛୁ ଦେବାକୁ ତବ ଶ୍ରୀ ଚରଣ
ଘେନନ୍ତୁ ବିଦାୟ 'ବାପୁ' ଢାଳି ଅଶ୍ରୁ ବିନ୍ଦୁ ।

ଶ୍ରୀ ଜଗନ୍ମୋହନ ଦାସ

## ଅଶ୍ରୁ ତର୍ପଣ ।

ହେ ସତ୍ୟ ସାଧକ ଗୁରୁ !
ହରହେ ତୁମର କାନ୍ଦେ ବିଶ୍ୱବାସୀ
କାନ୍ଦେ ନୀଳ ଗଗନରୁ ।
ସ୍ୱାଧୀନ ଭାରତ ପିତା !
ବିଶ୍ୱ କ ଲଭିଲ ପିତା
ଭାଇରେ ଭାଇରେ ମିଳନ ପ୍ରଚେଷ୍ଟା!
ହୋଇଲା ବୋଲି କି ବୃଥା
ଗଲ ଭୁଲି ବନ୍ଧୁ ଦେଶ,
ତ୍ରିଂଶ କୋଟିର ଆଶା ଭରସାର
ସ୍ଥଳ ହେ ମହା ପୁରୁଷ ।
ହେ ମହା ମାନବ ଗାନ୍ଧି,
ଅନ୍ଧାରେ ହେଉଛୁ ଧନ୍ଦ
ଆଲୋକର ପଥ ଦେଖାଇବ କିଏ ?
ଜୀବଧାରେ ହେଉ ଦ୍ୱନ୍ଦ
ତୁମର ତିରୋଧାନ
ଭାରତ ବାସୀର ହଜାଇ ଦେଇଛି
ବିବେକ ବୁଦ୍ଧି ଜ୍ଞାନ ।
ଶତାବ୍ଦୀର ହେ ଦେବତା
ତବ ଅନ୍ତର୍ଦ୍ଧାନେ ସବୁର ଅନ୍ତର
ଘାରେ ଅହେ ଶାନ୍ତିଦାତା ।
ଦଳିତ ପତିତ ଜାତି
ଦୁଃଖୀ ଜନ ଗଣ ସାଥୀ
ତ୍ରିଂଶ କୋଟି ଭାରତ ବାସୀର
ଫିଟାଇଛ ତୁମେ ଆଖି
ହେ ଗାନ୍ଧି ଯୁଗ ମାନବ,
ପଦପାତେ ଦେନା ଅଶ୍ରୁ ତର୍ପଣ
ଦୀନ ହୀନର ଦେବ !

ଲେ—ଶୁକଦେବ ବ୍ରହ୍ମା

## ତମ ହତ୍ୟାର କାରଣ ।

ସାରା ବିଶ୍ୱର ମଙ୍ଗଳ ପାଇଁ
ଢାଳିଥିଲ ବୋଲି ନୟନ ଲୁହ,
ଅକପଟେ ତମେ ଅଜାଡ଼ିଲ ବୋଲି
ନିଃଶେଷ କରି ବୁକୁର ସ୍ନେହ ।
ଯୁଗ ଯୁଗ ଧରି ମୂକ କଣ୍ଠରେ
ଫୁଟାଇଲ ବୋଲି ଅମୀୟ ଭାଷା
ଅନ୍ଧାରିତ ଏ ଜାତି ଅନ୍ତରେ
ଆଣିଦେଲ ବୋଲି ଆଲୋକ······ଆଶା
ଦେବଦୂତ ! ତାର କଲ୍ୟାଣ ଲାଗି
ପଳେ ପଳେ ତନୁ ପିଷ୍ଟ କରି,
ଲକ୍ଷ କଷଣ ନିର୍ଯ୍ୟାତନାରେ
ନେଇଥିଲ ବୋଲି ସହାସେ ବରି ।
କରାଗଲା କିହେ ହତ୍ୟା ତମକୁ
ହୋଇଲକି ଲେଡା ଅସ୍ଥି ତମ ?
ଏଇ ଯେ ଏକଇ—ଏକଇ ପ୍ରଶ୍ନ
ଜାଗେ ଅଶ୍ରୁଳ କଣ୍ଠେ ମମ ।

ଶ୍ରୀ ଦୁର୍ଗା ଚରଣ ପରିଡା

* ଛୋଟଇ କପୁନ୍ ପାଠକ ଓ ଶିକ୍ଷାୟତନ ମାନଙ୍କ ଭିତର ପ୍ରତିଯୋଗିତା କାର୍ଯ୍ୟରୁ ଛାତ୍ର । କ୍ରମଶଃ 'ନବୀନ'ରେ ପ୍ରକାଶ ପାଇବ —ସମ୍ପାଦକ

Digitized by srujanika@gmail.com

# କଥା ଓ ନଥା

କଲ୍ପନା—ଉଦୟ ଶଙ୍କରଙ୍କ ନୂତନ ପ୍ରଭାତରେ ।

···ସନ୍ଧ୍ୟାରେ ଦେଖାଯାଏ ମାତ୍ର ।

+ × +

କ୍ୟାପିଟାଲ୍‌ରେ—ଗ୍ରନ୍ଥାଳୟ ।

···ଓଡ଼ିଶାର କାପିଟାଲରେ ନୁହେଁ ।

× × ×

ଅନ୍ନପୂର୍ଣ୍ଣା ଥିଏଟର ଗ୍ରନ୍ଥିକା ।

···କଟକରୁ ବିଦାୟ ନେବେ । ପୁଣି କେଉଁ ପ୍ରଭାତରେ—ମିଳିବେ ?

+ + +

ଓଡ଼ିଶା ଥିଏଟର୍‌ରେ ଫଟୋଗ୍ରାଫ଼ ।

···ସେ ପୁଣି ପରିବର୍ତ୍ତିତ ହେଉଛି—କେତେ ଫୁଟ୍ ମାପ ନାହିଁ ।

× + ×

ଦେଶୀ କବଚ—ବିଜ୍ଞାପନ ।

···ସେ କାନ୍ଥ ନେବ ଓ ଚାଉଳ କାଗଜର କାମ କରେ ।

+ × +

କଳିଙ୍ଗ କଳାର ପ୍ରଥମ ଅବଦାନ—ଶାନ୍ତି ।

···କଳିଙ୍ଗ ଯୁଦ୍ଧର ଅବଦାନ ନୁହେଁ ତ ?

× + +

'ଜାଗରଣ'—ନୂଆ ପାକ୍ଷିକ ପତ୍ର ।

···ପୁରୀରେ ପାଦେ— କଟକରେ ପାଦେ

× + ×

ଗାନ୍ଧିଜୀଙ୍କୁ ଅଧିକ ଖଟେଇ ନଥିଲେ—ଇତି ଓଡ଼ିଆ ।

···ଅବ୍ୟାପାରେଷୁ ବ୍ୟାପାରେ—କୀଲୋତ୍ପାଟୀବ ବାନରଃ

+ + +

ଦ୍ୱିବେଦୀଙ୍କ ଦେହ ଦହି ହେଉଛି—ଓଡ଼ିଆ ସମାଲୋଚନା ।

···ମଖନ ବାହାରିବ ବୁଝ !

+ + +

ଜୟପାଳଙ୍କ ପାଠ

ସାରଙ୍ଗ ଧରଙ୍କ ନାଟ—ଓଡ଼ିଆ

···ଓଡ଼ିଶା ରଜାଙ୍କ ଗୃହ

ହୋଇଛି ମୁଁ ତାଙ୍କ ଭାଟ

+ + +

ଲାଡି ଷଣ୍ଢର ଶିଙ୍ଗ ନାହିଁ—ଓଡ଼ିଆ

···ସେତିକି ଯିଏ ଯିବ—ଆ ବଳଦ ମୋଟେ ହଜିବ ।

+ + +

ରାଷ୍ଟ୍ରଧର୍ମ ଉପରେ ହସ୍ତକ୍ଷେପ ନକରୁ—ଅଲ୍ଲୀ ।

···ରାଷ୍ଟ୍ର ଓ ଧର୍ମ ଯେ ଉଭୟେ ଭଗିରେ ତାଙ୍କୁ ଅଲ୍ଲୀ ଦିଅ ପ୍ରଭୋ !

+ + +

ଓଡ଼ିଆ ଶ୍ରମିକ ଉପରେ ମାଡ଼—ଅଲ୍ଲୀ ସମ୍ବାଦ ।

···ତାର ଜନ୍ମଗତ ଦାବୀ ହାସଲ ।

+ × +

ପଟ୍ଟନାୟକଙ୍କ ଜମିଦାର ପ୍ରେମ—କୃଷକ

···ଉଭୟେ ପୁଂଲିଙ୍ଗ ଶବ୍ଦ ।

× × ×

ଓଡ଼ିଶା ସରକାର ସାଧାରଣ ଶାନ୍ତିରକ୍ଷା ଅର୍ଡିନାନ୍‌ସ ରଦ୍ଦ କରନ୍ତୁ—କୃଷକ ।

···ତତଲ ପାଣିରେ ଘର ନ ପୋଡ଼େ ।

× × ×

ତରୁଣ ସାମ୍ୟବାଦୀ ଦଳ—ନୂଆ ଅନୁଷ୍ଠାନ

···ବୃଦ୍ଧୋପି ତରୁଣାୟତେ ।

● × × ×

ମହତାବୀ ଢୋଲ—ମୁକ୍ତଯୁଦ୍ଧ ଗୀତ ।

···ଢୋଲ ଭିତରେ ପୋଲ ।

× × ×

ମନ୍ତ୍ରୀମଣ୍ଡଳ କାହାର ?—ମୁକ୍ତଯୁଦ୍ଧ ପ୍ରଶ୍ନ

···ଯିଏ ମୂଳରେ କୁଅ ବସେଇ ନ ଦିଅନ୍ତି ତାଙ୍କର ।

+ × +

ଗାନ୍ଧୀଙ୍କ ମୃତ୍ୟୁରେ ପ୍ରତିଶୋଧ ନେବାପାଇଁ କମ୍ୟୁନିଷ୍ଟଙ୍କ ପଣ—ମୁକ୍ତଯୁଦ୍ଧ ।

···କେବଳ ସଭା ସମିତିରେ ।

× × ×

ଖଣ୍ଡାୟତ କ୍ଷତ୍ରିୟ ମହାସଭା ମୁଖପତ୍ର—ନାୟକ

···ହାତପତ୍ର ନ ହୋଇ କେବଳ ମୁଖ ପତ୍ରରେ ରହୁ ।

× × ×

କାନ୍ଧ ଉପରେ ମୁଣ୍ଡ ଥିବା ଲୋକ ଏପରି ପ୍ରସ୍ତାବ କରିବ ନାହିଁ—ପ୍ରଜାତନ୍ତ୍ରରେ ମହତାବୀୟ···

···ମହତାବଙ୍କ ବିରୋଧୀ ଦଳଙ୍କ କାନ୍ଧ ଉପରେ ଆଜ ମୁଣ୍ଡ ରହିବ ନାହିଁ । ସାବଧାନ !

× × ×

କେତୋଟି ପ୍ରଶ୍ନର ଉତ୍ତର—ମହତାବୀୟ

···ମହତାବଙ୍କ ତ୍ୟାଗ ଏପରି ବେଶି ଯେ ତାଙ୍କ ଉତ୍ତରରୁ ନାକପାତ ସମସ୍ତେ ଶୁଙ୍ଘୁଛନ୍ତି ।

× × ×

କଂଗ୍ରେସ ବିଧାନ ଗଠନରେ ମହାତ୍ମା-ଗାନ୍ଧୀଙ୍କ ଶତ୍ରୁଙ୍କୁ ଜୋର ଦିଆ ଯାଇଛି—ରଙ୍ଗା ।

···ଅତି ଜୋର ଦେବାରୁ ସେ ଓଲଟି ଗଲାପରି ବୋଧହୁଏ ।

+ + +

ମିଳିତ ଜାତୀୟ କରଣ ନୀତି ଠିକ୍ ମାନ କାହାକୁ କରିବ କାହାକୁ ନ କରିବ ତାର ସୀମା ନିର୍ଦ୍ଧାରଣ କରି ଗାର କାଟିବା କଠିନ—ନେହେରୁ ।

···ଆମ ପ୍ରଦେଶର କଂଗ୍ରେସ ନେତାଙ୍କ ନୀତି ଓ କାର୍ଯ୍ୟର ସୀମାକୁ ଆଦର୍ଶ କରି ଧରି ନିଅନ୍ତୁ ।

+ + +

ରେଳ ବିଭାଗ ତଳ ଶ୍ରେଣୀର ଯାତ୍ରୀଙ୍କ ଆରାମ ପାଇଁ କିଛି କରି ନାହିଁ ।—ଯାତାୟାତ ବିଭାଗ ମନ୍ତ୍ରୀ ମଥାଇ ।

ବେଆରାମ ପାଇଁ ଯଥେଷ୍ଟ କରିଛି ।

+ + +

କଲିକତା ଚଉରଙ୍ଗୀ ନାମ ମହାତ୍ମା ଗାନ୍ଧୀ ରୋଡ୍ ହେବ—ସମ୍ବାଦ ।

···ମହାତ୍ମାଗାନ୍ଧୀ ସବୁଦିନେ ଏକରଙ୍ଗୀ ।

× × ×

ପାକିସ୍ତାନର ଯୁଦ୍ଧ ଖବର ନାହିଁ—ଲଲା ।

···କୋଧ କି ପରନାହିଁ—

ଆମେ ପ୍ରତ୍ୟେକ ଗାନ୍ଧୀଜୀଙ୍କ ମୃତ୍ୟୁପାଇଁ ଦାୟୀ—ଆଜାଦ ।

···କେବଳ ଓଡ଼ିଶାର ମହତାବଙ୍କୁ ଛାଡ଼ ।

+ + +

Digitized by srujanika@gmail.com

**ମଜା କବିତା—**

# ଠଗ ଠମାଳି

ସ୍ୱାଧୀନ ହେଲେ ଉତ୍କଳ କେଶରୀ
ଯାକୋଡ଼ିଅ ଗୁଲେ ମହେରି
ଓଡ଼ିଶା ପୂରେ ଧାନ ଭଙ୍ଗ ଲଣ୍ଡି
ଘୋକେ ହେଲେ କୈ—କଠରି
ଓଡ଼ିଶା ସାଙ୍ଗରେ ଗଡଜାତ ମିଶେ
ଗଡଜାତ ଏବେ ଓଡ଼ିଶା,
ଟଙ୍କୋଏଁ ଏଭ ସଟେଭିକଲାକୁ
ନେବା ପାଇଁ ଝୁରେ ସଢ଼ଗା ।
ନବକୃଷ୍ଣ ବସି କଟକ ସହରେ
ନୂଆ ଯୋଜନାରେ ମାଢଲେ,
ଗଣନାଏ ଏଣେ ପ୍ରବାସି ମହଲେ
ଗୁଡ଼ା ଖାଡ଼ା ଫାନ୍ଦ ପାଢଲେ ।
ନଙ୍ଗଗ୍ରାଜଙ୍କର ମନ୍ଦିରରେ ପୂଜା
ନାଚ ଘଣ୍ଟା ଢୋଲ ବାଜିଲା,
ବନ୍ଦ୍ୟା-ସାଗର ରେ ଓଡ଼ିଆ ପୁଅ ଯେ
ହାବୁଡୁବୁ ଖାଇ ଗାଜିଲ ।
ନିତ୍ୟାନନ୍ଦଙ୍କର ନିରନ୍ଧ ଅନନ୍ଦ
ନଗାଇଲେ ମୁଣ୍ଡ ସାଙ୍ଗିଲା,
ବିଶ୍ୱାସ ରାଏ ଶ୍ୱୋଷ ଦେଖାଇ
ଘରକି ଜନ୍ମିଲେ ବାଜିଲା ।
ବିଛୁଡ଼ିଲେ ଉତ୍କଳ ଅନ୍ଦୋଳନ ପାଇଁ
'ସାକ୍ସି' ଲଢ଼ଲେଣି କମରେ,
"କୃଷକ" ପତ୍ରିକା ସାହାଯ୍ୟରେ ପେଣେ
ଦ୍ୱିବେଦୀ ଯୋଡଲେ ସମର ।
ଗୋଦାବରୀଶ ଅଉ ନୀଳକଣ୍ଠ ଦୁହେଁ
ଟିପରେ ଦଲାନ୍ତି ଖଇନି,
ରଣଜିତ ହେଲେ ଅକାମୀ ମନ୍ତ୍ରୀ
ବୋପରାମ କଲେ ଭୁଲେଣି ।
କଂଗ୍ରେସ ନାଆଁରେ ଦୁହା ଉଠାଇଣ
ନେତା ହେଲେ ରାଧା ଗୋବିନ୍ଦ,
ସ୍ୱାଧୀନ ବଜାରେ କଣ୍ଟ୍ରୋଲ ଉଠିଲା ।
କଳା ବଜାରଙ୍କ ସୁବିଧା ।
ପଙ୍ଗୁବଳେ ଏବେ ମଙ୍ଗ ମୋଡ଼ ଦେଇ
"ନାୟକ" ପକାନ୍ତି ଚହଲ,
ପାରଳା ଖେମୁଣ୍ଡି ଅଣି ମଳ ମଳ
ଲୁହ ଗଡାଇଲେ ବନ୍ଧଳ ।
ଲୋକନାଥ କର 'ଅସାଙ୍ଗ' ବୋବାଳ
ନାହାଁର ଖୋଲିଲେ କୁଳକୁ,
"ପ୍ରଜାତନ୍ତ୍ର" ଏଣି କାମ ଚଳାଇବ
ଥାନ୍ତାକ୍ ଯାହାର ମୂଳକୁ,
ବାଳକୃଷ୍ଣ କରେ 'ଖାକ୍ସି ଲୁଗା' ଧରି
ଦୈନିକ "ଆଶା"କୁ ଡାକନ୍ତି ।
"ନବୀନ" ଓହଳେ ଯେ ଦାକ୍ଷାୟନ ପାଇଁ
କଡଚି ଓଳଟରେ ଛକନ୍ତି,
କମ୍ୟୁନିଷ୍ଟ ଗଣ ନପାଇଲା କିଛି
ମୁକ୍ତି ଯୁଦ୍ଧ ଯେକ ନାଚନ୍ତେ ।
ଗାଡ଼ ଅପ୍ରଷ୍ଟାରେ ହିନ୍ଦ ବାଣୀ କରି
କମଲଙ୍କୁ ବାଲ ବାଛିଲେ,
ଧୁକା ଅଉ ଦୁହେଁ ଦାଳ୍ୟଅ ସଭାରେ
ଟିପାଟିପି ହେଲେ ବଗୁଚି,
କାଅଣ କରିବା ଅବା ନକରିବ
'ଡଗର'କୁ ଆସ ପଚାରି ।

ଲେ:—ଶ୍ରୀ ଦିଗମ୍ବର ଦାସ—

—*—

# ଖାକି ସିଗାରେଟ ପ୍ରିୟେ

ଖାକି ସିଗାରେଟ ପ୍ରିୟେ !
ପ୍ରଣୟୀ ତୁମର କଲେଜ ଜୀବନେ କେତେ ମ୍ଲେଲକରି ଦିଏ
ଧୂସର ତୁମର କଠିଣ ଅଙ୍ଗେ ଚୁମ୍ବନ ଦେବା ଲାଗି,
ବିକ୍ରି—ପରଣେ ଖୋଜି ବୁଲୁଥାଏ ଅଣିବାକୁ ଗୋଟେ ମାଗି ।

ତୁମର ସେବାରେ ଅର୍ଥ ମୋହର ଖର୍ଚ୍ଚ ନ ହୁଏ ବେଶି,
ପକେଟ ମୋର ସର୍ଟ ପଡ଼େନି, ସେଥିପାଇଁ ସଦା ଖୁସି ।
ସିଗାରେଟ୍-ପ୍ରିୟା ପ୍ରଣୟେ ପଡ଼ିଲେ ମନ ତମ ହୁଏ ଖଣ୍ଟା,
ସେ କାଳରେ ତୁମେ କହ କେଉଁ କଥା, କିଏ ଶୁଣାଇବ ଯନ୍ତ୍ରା ।

ଦୂରେ ରହି ମୋର, କଥା କହ ନାହିଁ କରି କେତେ ଅଭିମାନ ,
ଯାହା ହେଲେ ତ ମୁଁ ତୁମରି ପୂଜାରୀ ଭୁଲିବ କି ଥିଲେ ପ୍ରାଣ ?
ଅଳପ-ମୂଲ୍ୟରେ ବାଢ଼ି ଦେଉ ଅଛ, ନିଜର ଯେ ଯଉବନ,
ଯାନ୍ତୁ ହୋଇଥିଲେ ଛାଡ଼ିବା ଅବା ମୁଁ, ତୁମ ମଧୁ—ଆଲିଙ୍ଗନ

ଯାହାଠାରେ ଅଛି ଟଙ୍କା ପଇସା, ସେ ମାଗେ ଗ୍ଲୋ ଓ ସେଜା
ରୂପସି ନଇଲା ହେଲେ ବି ପ୍ରିୟା, ମନ ତ ମୋହୁଛି 'ସେଟ୍' !!!
ତବ ପରସ'ରେ ହସ୍ତି ଯୋଡ଼ା ସନ୍ଧ୍ୟାରେ ଜଡ଼ିତରେ;
ନିକିକ୍ ପରିକେ ପ୍ରମୋକାଦନର ରୁଲ୍ ମୁତନ୍ ଅଛି ଲେଖେ ।

ଧନୀ ଗରିବର ଉପରେ ରହିଛି ସମାନ ତୁମର ଦୟା,
ମୁଁ ଗରିବ କେବେ ଛାଡ଼ ପାରୁ ନାହି, ଭୁଲି ପ୍ରଣୟର ମାୟା ।
ସିଗାରେଟ୍ ଦିଏ ଧନୀରେ ପ୍ରଣୟ, ସାମ୍ୟ ତୁମର ନୀତି,
'ଭାରତ' ମନ୍ଦିର, ବସନ୍ତ ଅଫିସ୍ ଏ ତବ ପ୍ରଣୟେ ଖ୍ୟାତ ।

ନହୁଅନ୍ତେ ତୁମ ମିଳନ ମୁଁ ଗୁହେଁ, ଘଡ଼ିଏ ନଦେଖି ମୁଖ,
ବିରହ-ବେଦନା ଖାଇଁଲାଇ ଦିଏ ସତେକି ମମ ଶ୍ରୀମୁଖ ॥
ସାତ ସମୁଦ୍ରର ସେପାର ନଈ ଲଙ୍ଘି ଅସିଅଛି ସିଗାରେଟ,
କାଲେ କାଲେ କେବେ ତାହାର ସାଥିରେ ଚୁମ୍ବିମାଇ ପାରେ ଭେଟ

ଦେଶୀ ପ୍ରିୟା ଛାଡ଼, ବିଦେଶୀ ପ୍ରିୟାକୁ ନବେଲ୍ଲା କାଏ ଚୁମ୍ବନ,
ଅଳ୍ପ ଅଳ୍ପ କାଳ ପ୍ରେମ୍ କଲେ, ଅରଧାରେ ଯିବ ପ୍ରାଣ ।
ତବ ଗୃହ ଅଛି ମୋର ବସାପାଶେ, ବିରହ ନହେବ କେବେ,

କମେଡ ହିସାବ, ଷ୍ଟାଣ୍ଡାର୍ଡ ସହିବା କାଏ ?
ଖେଣୁ ଗୋ ଧୂସର ଦେହ !
ଧନ୍ୟ କରନଗୋ ଗମା ଦରରେ ତଠକା-ପ୍ରଣୟ ଦେଇ !!!!

ଶ୍ରୀ ପରଶୁରାମ ଶତପଥୀ
ବଲାଙ୍ଗିର ପାଟଣା



Digitized by srujanika@gmail.com



### ଉଦ୍ଦେଶ୍ୟ

୧ । କୈଶୋର ଜୀବନର ପ୍ରାଣରେ ନବଜାଗରଣ ଆଣିବା, ଛାତ୍ର ସମାଜର ଚରିତ୍ରଗଠନ ସେବା ଓ ସ୍ୱାବଲମ୍ବନ ସମ୍ପୂର୍ଣ୍ଣ ସାଧନା କରିବା । ୨ । 'ଡଗର'ର ମାଧ୍ୟମରେ ଦେଶ ବିଦେଶର ଭାବ ବିନିମୟ ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ସେହି ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହସ ଦ୍ୱାରା ଅହିଂସା ସାହାଯ୍ୟରେ ସେମାନଙ୍କ ଉନ୍ନତି କରିବା ।

(୧୮ ବର୍ଷରୁ ତଳେ ବାଳକ ବାଳିକା ମାନଙ୍କ ପାଇଁ)

ସ୍ନେହର ନାତି ନାତୁଣୀଏ,—

ଉପରୋକ୍ତ ଘଟଣାଗୁଡ଼ିକରୁ ତମେମାନେ ଅନେକ କିଛି ଶିକ୍ଷା କରି ପାରିବ ଓ ତମର ଭବିଷ୍ୟତ ଜୀବନ ଗଢ଼ିବାରେ ମଧ୍ୟ ତାହା ସାହାଯ୍ୟ କରିବ । ଲେଖକ ଜଣେ ଶିକ୍ଷା ବିଭାଗୀୟ କର୍ମଚାରୀ ।

ଇତି
ତୁମର
ଅଜା

## ସ୍ୱାଧୀନତାର ଅନ୍ତରାଳରେ

ବିଶ୍ୱବିଦ୍ୟାଳୟର ବିଦ୍ୟାପୀଠରେ ଯେଉଁମାନେ ଅଧ୍ୟୟନ କରୁଥିଲେ ସେମାନଙ୍କ ମଧ୍ୟରୁ ଅତି ଅଧିକ ସଂଖ୍ୟକ ବିଦ୍ୟାର୍ଥୀଙ୍କର ଥିଲା ଉଚ୍ଚ ଆକାଂକ୍ଷା । ଏହି ଆକାଂକ୍ଷା ଯେ ସର୍ବଦା ସ୍ପୃହଣୀୟ—ଏଥିରେ କାହାର ସଂଶୟ ନଥିଲା । ମାତ୍ର ଯେଉଁମାନଙ୍କର ଉକ୍ତ ଆକାଂକ୍ଷା ପଛରେ ସ୍ୱାର୍ଥର ଲାଳସା ଲୁକ୍କାୟିତ ଥିଲା, ସେହି ମାନଙ୍କର ଭବିଷ୍ୟତ କର୍ମ-ଜୀବନରେ ମାନସିକତା କିପରି ପରିସ୍ଫୁଟିତ ହେବ—ଏହା ଥିଲା ଆଲୋଚନାର ବିଷୟ—। ଅଧ୍ୟୟନ ଶେଷ କଲେ କେତେକ ସଫଳ କାମ ହୋଇ ଓ ଆଉ କେତେକ ବିଫଳ ମନୋରଥ ହୋଇ । କେତେକ ସ୍ରୋତର ଅନୁକୂଳରେ ଓ ଆଉ କେତେକ ସ୍ରୋତର ପ୍ରତିକୂଳରେ ପଦ ବିକ୍ଷେପ ଲାଭ କଲେ । ଯେହେତୁ କୌଣସି ନା କୌଣସି ପଦଅଧିକାର ଥିଲା—ପ୍ରାୟ ସମସ୍ତଙ୍କର ଲକ୍ଷ୍ୟ ।

ପରିସ୍ଥିତିର ତାଡ଼ନାରେ ହେଉଥିବା ସ୍ୱାଭାବିକ ମନୋବୃତ୍ତିର ପ୍ରେରଣାରୁ ହେଉ ଯେଉଁ ସଂଖ୍ୟା ଲଘିଷ୍ଠ ଦଳ ଶାନ୍ତ ପୂର୍ଣ୍ଣ ସରଳ ଜୀବନ—ଯାପନ ଲକ୍ଷ୍ୟ ରଖିଥିଲେ ସେମାନଙ୍କ ମଧ୍ୟରେ ରାମଚନ୍ଦ୍ର ମହାପାତ୍ରେ ଥିଲେ ଜଣେ । ଶିକ୍ଷାରେ କୃତକାର୍ଯ୍ୟ ହୋଇ ବାଛି ନେଇଥିଲେ ସେ ଶିକ୍ଷକତା କାମଟିଏ । ରାମବାବୁଙ୍କର ସହପାଠୀ ମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ ବିଭାଗରେ ପଦସ୍ଥ କର୍ମଚାରୀ ହୋଇଥିଲେ । ସମସ୍ତଙ୍କର କର୍ମମୟ ଜୀବନ ମାତ୍ର ରାମ ବାବୁଙ୍କର ସେମାନଙ୍କ ସହିତ ଆଉ ଯୋଗ ଯୋଗ ନଥିଲା । ଯେହେତୁ ତାଙ୍କର କର୍ମ କ୍ଷେତ୍ର ଥିଲା ଗୋଟିଏ ଗୋଟିଏ ସିଧା ସିଧା ଅନ୍ତଃ-କରଣ । ତାଙ୍କୁ ଗଢ଼ିବାରୁ ହେଉଥିଲା ସମ୍ମୁଖ କ୍ଷେତ୍ର ପାଇଁ କର୍ମୀ । ମାତ୍ର ଯେଉଁମାନଙ୍କୁ ତାଲିମ କରି ସେ କର୍ମ କ୍ଷେତ୍ରକୁ ପଠାଉଥିଲେ ସେହିମାନେ ତାଙ୍କର କାର୍ଯ୍ୟ ବିଭାଗର ମୂଲ୍ୟ ସମ୍ବନ୍ଧରେ ନାନାମନ୍ତ୍ର ବାଢ଼ି ବସୁଥିଲେ । ମାତ୍ର ତାଙ୍କର ସେଥିପ୍ରତି ଦୃଷ୍ଟି ବିଶେଷ ନଥାଏ ।

୧୯୪୭ ଅଗଷ୍ଟ ତା ୧୫ ରିଖ ପରେ ସେ ତାଙ୍କର ଶିକ୍ଷକ ଜୀବନରୁ—ସ୍ୱାଧୀନ ରାଜ୍ୟରୁ ନିଜକୁ ଓହରାଇ ନେଇ ବାସ୍ତବ କର୍ମ ରାଜ୍ୟକୁ ମୁହଁ ଦେଖିଲେ—"ଆମ୍ଭେ ଦେଶବାସୀ ଯେଉଁ ଠାକୁ ଅସିଲୁଣି" ଉପରୋକ୍ତ ତିନିଗୋଟି ପ୍ରତ୍ୟକ୍ଷୀଭୂତ ଘଟଣା ତାଙ୍କର ଲକ୍ଷ୍ୟ ବସ୍ତୁ ତାହାଙ୍କୁ ଦେଖାଇ ଦେଲା ।

ତାଙ୍କର ଗୋଟିଏ ପ୍ରିୟ ଛାତ୍ର ଥାନା କର୍ମଚାରୀ ହୋଇ ଆସିଲେ । ସଙ୍ଗୀ କର୍ମଚାରୀ ଭାବରେ ସେ ଦୁହେଁ ରହିଲେ ଏକ ଛୋଟ ସହରରେ । ତାଙ୍କର କାର୍ଯ୍ୟରେ ଗତି ଏକ ଦିଗରେ ଓ ରାମ ବାବୁଙ୍କର ସମ୍ପୂର୍ଣ୍ଣ ବିପରୀତ ଦିଗରେ, ପୋଲିସ କର୍ମଚାରୀ ଶାସକ ଦଳର ଲୋକ—ରାମବାବୁ ସେବକ ଦଳର ଲୋକ । ରାମବାବୁ ତାଙ୍କର ଦୈନନ୍ଦିନ ଜୀବନ ଯାପନରେ କେବେ ହେଲେ ଥାନା କର୍ମଚାରୀଙ୍କ ସାହାଯ୍ୟ ଲୋଡ଼ି ନଥିଲେ । ଥରେ ତାଙ୍କର କର୍ମସ୍ଥାନର ପରିବର୍ତ୍ତନ ସଂକ୍ରାନ୍ତରେ ସେ ତାଙ୍କର ପରିବାର ସହ ଦୂର ସ୍ଥାନକୁ ଯିବାକୁ ପ୍ରସ୍ତୁତ ହେଲେ । ମଟର ବସ୍‌ର ଭିଡ଼ ଦେଖି ସେ ଟିକିଏ ସହାୟହୀନ ମନେକରି ତାଙ୍କର ଉକ୍ତ ଛାତ୍ରର ସାହାଯ୍ୟ ଲୋଡ଼ିଲେ । ସେ ପ୍ରଥମଥର ତାଙ୍କର ପାରିବାରିକ ଅସୁବିଧା ଶୁଣିଲେ, ଦ୍ୱିତୀୟ ଥର ଉକ୍ତ କଥାକୁ ଉଲ୍ଲେଖ କରି ପୂର୍ଣ୍ଣ ସହାୟତାର ପ୍ରତିଶ୍ରୁତି ଦେଲେ । ନିର୍ଦ୍ଧାରିତ ଦିନ ନିର୍ଦ୍ଦିଷ୍ଟ ସମୟରେ ରାମବାବୁ ଯେତେବେଳେ ପ୍ରିୟ ଛାତ୍ରର ସହାୟତା ଉପରେ ନିର୍ଭର କରି ସେଠା ସ୍ଥାନରେ ଅପେକ୍ଷା କରିଲେ ଛାତ୍ର କିମ୍ବା ତାଙ୍କର କୌଣସି ନିମ୍ନ କର୍ମଚାରୀ ତାଙ୍କୁ ସହାୟତା କରିବାକୁ ନଥିଲେ—ବିଦାୟ ଦେବାର ବନ୍ଧୁ କୃତଜ୍ଞତା ଥିଲା ।

ରାମ ବାବୁଙ୍କର ଜଣେ ସହପାଠୀ ପଦସ୍ଥ ମାଜିଷ୍ଟ୍ରେଟ ହୋଇଥିଲେ । ପ୍ରାୟ ୧୫ ବର୍ଷ ପରେ ତାଙ୍କର ଉକ୍ତ ବନ୍ଧୁ ସହିତ ଏକ ନୂଆ ସ୍ଥାନରେ ସାକ୍ଷାତ ହେଲା । ସହପାଠୀ ବନ୍ଧୁ ଆଗ୍ରହରେ କର ମର୍ଦ୍ଦନ କରି କୁଶଳ ସମ୍ବାଦ ପଚାରିଲେ । କିଛି କାଳ ପରେ ରାମବାବୁଙ୍କର ସ୍ଥାନକୁ ସେହି ସହପାଠୀ ବନ୍ଧୁ ମାଜିଷ୍ଟ୍ରେଟ ହୋଇ ଆସିଲେ । ରାମବାବୁ ତାଙ୍କର ନିଜ ନୈତିକ ବିଭାଗରେ ରହିବାରୁ ପ୍ରକାରାନ୍ତରେ ତାଙ୍କର ତଳ କର୍ମଚାରୀ ହୋଇଗଲେ । ପୁଣି ସେହି ସ୍ଥାନରେ ତାଙ୍କର ରାମବାବୁଙ୍କ ସହ ସାକ୍ଷାତ ହେଲା । ସାବଧାନତା ଅବଲମ୍ବନ କରି ସେ ତାଙ୍କର କର ମର୍ଦ୍ଦନ କରିବାକୁ ଅପାରଗ ହୋଇ ପଡ଼ିଲେ । ତାଙ୍କୁ ଏପରି ସଙ୍କୀର୍ଣ୍ଣ ଅବସ୍ଥାରେ ପଡ଼ିଥିବାର ଦେଖି ରାମବାବୁ ମାଜିଷ୍ଟ୍ରେଟଙ୍କର ପଦ ମର୍ଯ୍ୟାଦା ବଜାୟ ରଖିବାରେ ତାହାଙ୍କୁ ଯଥେଷ୍ଟ ସାହାଯ୍ୟ କରି ଦେଲେ ।

ସ୍ମରଣୀୟ ଅଗଷ୍ଟ ପନ୍ଦର ତାରିଖର ଅଳ୍ପ ପୂର୍ବ କାଳର ଗୋଟିଏ ଘଟଣା ରାମ ବାବୁଙ୍କର ମନେ ଆଗରେ ଆସି ନାଚି ଗଲା । ଥରେ ତାଙ୍କର ଜଣେ ବନ୍ଧୁ ଭଦ୍ରକ ଷ୍ଟେସନରୁ ମୁଜଫରପୁର ଯାଉଥିଲେ । ଗାଡ଼ି ଭିଡ଼ ଥିବା ଯୋଗୁ ସେ ଦ୍ୱିତୀୟ ଶ୍ରେଣୀର ଟିକଟ କିଣିଲେ । ମାତ୍ର ଦ୍ୱିତୀୟ ଶ୍ରେଣୀ ଯାତ୍ରୀଙ୍କର ଦୁର୍ବ୍ୟବହାର ଲାଗି ସେ ଗାଡ଼ିରେ ଦୁଇଥର ମାଡ଼ ଖାଇ ପାରିଲେ ନାହିଁ । ଶେଷ ଥର ଗାଡ଼ି ପାଖକୁ ଯାଇ ସେ ଶ୍ରେଣୀର ବସିଥିବା ଜଣେ ମାଡ଼ୱାରୀ ପାନୀଙ୍କୁ ତାଙ୍କ କାମରାରେ ବସିବାକୁ ଅନୁରୋଧ କରିଲେ । ଭଦ୍ରଲୋକଟି ନିଜ ଆସନ ଦେଇ ସେମାନଙ୍କୁ ନିଜ ଆସନ ପାଖରେ ବସାଇଲେ । ବାଟରେ ପାଣି ପାନ ଦେଇ ଆଦର କଲେ—ନିଜେ ବିଶ୍ୱ ଲୋକଙ୍କ ସମ୍ମାନ ଦେଇ ଉକ୍ତ ମାଡ଼ୱାରୀଙ୍କୁ ପ୍ରଣାମ କରିଥିଲେ ।

ହରିବାବୁଙ୍କର ବନ୍ଧୁ ବନ୍ଧୁ ପତ୍ନୀ ଆଦି ଏହି ଭଦ୍ର ଲୋକର ମଧୁର ବ୍ୟବହାରରେ ମୁଗ୍ଧ ହୋଇ ଯାଇଥିଲେ। ହାବଡ଼ା ଷ୍ଟେସନରେ ଗାଡ଼ି ପହଞ୍ଚିଲା । ସମସ୍ତେ ଓହ୍ଲାଇଲେ। ବୋଝୟ ନେବା ପୂର୍ବରୁ, ବନ୍ଧୁ ଏତେ-ଦେବା ସାହାଯ୍ୟ କରିଥିବା—ଭଦ୍ର ଲୋକଙ୍କର ପରିଚୟ ପଚାରିଲେ। ଭଦ୍ରଲୋକ ଶାଶ୍ୱତ ଥାନ୍ତୁ—ଏପରି ସମୟରେ ଦଳେ କୁଲି ଭଦ୍ରଲୋକ ଅତି ଯତ୍ନରେ ମାଳଗୁଡ଼ିକ ନେବାକୁ ବସିଲେ। ପରିଚିତ ଭଦ୍ର ବ୍ୟକ୍ତି ବୋଝୟ ନେବାକୁ ଉଦ୍ୟତ ହୋଇ କହିଲେ—"ମୁଁ ଆପଣଙ୍କ ସେବକ ଦେବଦାସ ଗାନ୍ଧୀ" ବନ୍ଧୁ ହଠାତ୍ ତାଙ୍କର ପାଦ ତଳେ ମଥାଇ କ୍ଷମା ଭିକ୍ଷା କଲେ। ସେ ବିନୀତ ଭାବରେ କହିଲେ—ମୁଁ ମୋର କର୍ତ୍ତବ୍ୟ ମାତ୍ର କରିଛି, "ହ୍ୱାମ୍ ମାନବକତାକୀ ହାଦମେ ନ୍ତ ପହୁଁଚେହେଁ" ଆମ୍ଭେ ମାନବକତାକୁ ସୀମାକୁ କେବଳ ଅଣିଅଛୁଁ ।

ଶ୍ରୀ ଯଦୁନାଥ ଦାଶ
ବି: ଏ: ଡ: ଇଙ୍ଗ

## ନାଗଙ୍କ ଭକ୍ତି ଅର୍ଘ୍ୟ:—

## ଅର୍ଲ୍ଭେ୍ୟା ଚିନ୍ତା

ଅର୍ଦ୍ଧଶିବ ହେ ସାଧକ କେଉଁ ଶୁଭ ଲଗ୍ନେ
ପୂର୍ଣ୍ଣ ଶଶୀ ପରି ଧ୍ୱାନ୍ତ ଭାରତ ଗଗନେ,
ଯୁଗ ଯୁଗ ଧରି କଲ ନୀରବ ସାଧନା
ଦଳିତ ପୀଡ଼ିତ ପାଇଁ ଢାଳି ଅଶ୍ରୁ କଣା ।

୨

ହେ ତପସ୍ୱୀ । ଜୀବନର ମନ୍ତ୍ର ନେଲ ବାଛି,
ଜନନୀ ଓ ଜନ୍ମଭୂମି ସ୍ୱର୍ଗୁ ଗରୀୟସୀ ।
ଶରୀରର ପ୍ରତି ବିନ୍ଦୁ ରକତ ଅକାଡ଼ି
ଜୀବନରେ ଜନ୍ମ ମାଟି ସେବା ଗଲ ବାଢ଼ି ।

୩

ଆଜି ଯେବେ ହେଲା ତବ ଅଭୀଷ୍ଟ ପୂରଣ
ହୋ ବୀର ବିଜୟୀ ଜିଣି ଅହିଂସାର ରଣ ।
ଦ ଭିଜିଲା ଏତେ ବେଗି କେଉଁ ସୁଖ ଆଶେ
ଅମର ବନ୍ଦିତ ସେହି ଈଶ୍ୱରଙ୍କ ପାଶେ ?

୪

ଭାଷା ନାହିଁ ସିନା ମୁଖେ ମୂକ ଭାରତର
ଝାଡ଼େ ଜାନୁ ଗଡ଼ାଇଣ ଅଶ୍ରୁର ନିର୍ଝର ।
ଜାଣୁଅଛୁ ଆଜି ସାରା ବିଶ୍ୱ ତୁମ୍ଭଲାଗି
କେଉଁ ନିଲା ଗୁହେ ତୋ ନିର୍ଗୁଣ ହେ ଯୋଗୀ ।

୫

ହେ ଭାରତ ଭାଗ୍ୟ ବିଧା ଜଳେ ଚିତା ତବ
ଅକାଶ ଚହଟି ଶିଖା ଉଠେ ନବ ନବ
ଭସ୍ମ ହୋଇଯାଏ ତହିଁ ତପୋମୟ ଦେହ
ଝରି ଦିଏ ଭାରତର ବୁକେ ତବ ସ୍ନେହ

୬

କେଉଁ ସରଗର ଶୁଭ ଆମନ୍ତ୍ରଣ ପାଇ
ହେବାକୁ ପଞ୍ଚ ପୁରୋଧା ଗଲ ଏବେ ଧାଇଁ ?
ତବ ବିଚ୍ଛେଦରେ ଚିରଦିନ ହେ ଦେବତା,
ଜଳିବ ଭାରତ ବୁକେ ଏ ଅଲିଭା ଚିତା ।

କୁମାରୀ ଶାରଳା
(୮୧୫) ନାଗବାଳୀ

—*—

### ଅଜାଙ୍କ ଜବାବ

ଶୁକଦେବ (୯୬୮) ବିବାହ ବିଷୟ ନେଇ ନାଗ ମାନଙ୍କର ଚିନ୍ତାକରିବା ଉଚିତ ନୁହେଁ । ତେଣୁ ସେ ପ୍ରଶ୍ନର ଆଲୋଚନା ନାଗ ବିଭାଗରେ ହେବା ଅଶୋଭନୀୟ ।

ଧରଣୀ (୮୮) ସତ୍ୟ ଓ ଅହିଂସା କୁ ଯଦି ନାଗମାନେ ଅନୁସରଣ ନକରନ୍ତି ସେଟା ମୋର ଦୋଷ ନୁହେଁ । ତମମାନଙ୍କୁ ସେଇ ବାଟରେ ଚାଲିବାକୁ ନିର୍ଦ୍ଦେଶ ଦେବା ମୋର କର୍ତ୍ତବ୍ୟ । ତମେମାନେ ଯଦି ନକର, ଠକିବ !

ପଦ୍ୟଟି ମନୋନୀତ ହୋଇ ନାହିଁ ।

ରମାନାରାୟଣ (୮୯୨) ଅବସର ବିନୋଦନ ସବୁ ରହିଛି ସମୟ ଅନୁସାରେ ପ୍ରକାଶ ପାଇବ ।

ନିଲୋଚନ (୯୧୧) ବୈକୁଣ୍ଠ (୯୧୨) ମହାତ୍ମାଙ୍କ ସ୍ମୃତି ବିଷୟରେ ଲେଖିଥିବା ଚିଠି କଥା—ତମେ ସବୁ କେତେ ଲେଖାଏ ଚାନ୍ଦା ଦେବ ଠିକ କର । କଂଗ୍ରେସ ବାପୁଜୀଙ୍କର ସ୍ମୃତି ରକ୍ଷା ପାଇଁ କଣ କରିବେ ତାହା ଅଳ୍ପ ଦିନ ଭିତରେ ଜଣା ପଡ଼ିବ । ସେଥିପାଇଁ ରାଜେନ୍ଦ୍ର ବାବୁଙ୍କ ନେତୃତ୍ୱରେ କମିଟି ବସିଛି । ମୁଁ ତମକୁ ମଧ୍ୟ ନାଗର ଜରିଆରେ ଜଣେଇବି । ପ୍ରଥମେ ଠିକ କର କେତେ ଚାନ୍ଦା ଦେଇ ପାରିବ—ଓ ତମ ଭିତରୁ ମଧ୍ୟ ପ୍ରସ୍ତାବ ମାନ ( Suggestions ) ଆସୁ ।

—*—

### ନୂଆ ନାଗଙ୍କନାମ

(୯୬୧) ଶ୍ୟାମସୁନ୍ଦର ନାୟକ C/o ଇଣ୍ଡିଅନ ଏଲୁମିନିୟମ କୋ: ଏ:ଲ:ଟି:ଡ: । 5, Council House St. Post Pox No 361 Calcutta. (୯୬୨) ନିତ୍ୟାନନ୍ଦ ଦାସ, ୮ମ ଶ୍ରେଣୀ ମନ୍ମଥନାଥ ହାଇସ୍କୁଲ, ପୋ: ପଟାମୁଣ୍ଡାଇ କଟକ । (୯୬୩) ଶିଶିର ରଞ୍ଜନ ପାଣିଗ୍ରାହୀ, ସ୍ୱପ୍ନପୁରୀ, ମିଠାପୁର କଟକ । (୯୬୪) ଭୋଳା-ନାଥ ଦାସ, ସା: ରତୋ ପୋ. ଉଦଳା ମୟୂରଭଞ୍ଜ ଷ୍ଟେଟ । (୯୬୫) ଶଶୀ ଭୂଷଣ ହୋତା, ତୁମୁକ ପୋ. ନାରଗ୍ରାମ ଜି. କରାପୁଟ । (୯୬୬) ଦିବାକର ବସାଲ, ଉତ୍କଳ ସମାଜ ବାଉଁସ ବାଡ଼ିଆ, ପୋ. ବାଉଁଶ ବାଡ଼ିଆ ଜି. ହୁଗୁଳି (ବେଙ୍ଗଲ) । (୯୬୭) ଉଦୟ-ନାଥ ସ୍ୱାଇଁ. ଉପେନ୍ଦ୍ରଭଞ୍ଜ ଉଚ୍ଚ ବିଦ୍ୟାଳୟ, ୧୦ମ ଶ୍ରେଣୀ ଛାତ୍ର ରସଲ କୁଣ୍ଡା ଜି: ଗଞ୍ଜାମ । ୯୬୮ ବାଞ୍ଛାନିଧି ରଥ ସଭ୍ୟ-ଅବସର ବିନୋ-ଦନ ସାହିତ୍ୟ ସମିତି ପୋ ବଲାଙ୍ଗିର—ପାଟଣା ଜିଲ୍ଲା (ଓଡ଼ିଶା) । ୯୬୯, ଜ୍ଞାନେନ୍ଦ୍ର ସ୍ୱାଇଁ ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ୯ମଶ୍ରେଣୀ "ବି" ବିଭାଗ ନୂତନ ଛାତ୍ରା ବାସ ପୋ. ବାରିପଦା ମୟୂରଭଞ୍ଜ ଷ୍ଟେଟ । ୯୭୦ ଶିଶିରକୁମାର ଗଜେନ୍ଦ୍ର ମହାପାତ୍ର, ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ୧୦ମ ଶ୍ରେଣୀ ଛାତ୍ର ପୋ. ବାରିପଦା, ମୟୂରଭଞ୍ଜ ଷ୍ଟେଟ । ୯୭୧ ଦାମୋଦର ମହାପାତ୍ର, ବାରିପଦା ଉଚ୍ଚଇଂରାଜୀ ବିଦ୍ୟାଳୟ ୮ମ ଶ୍ରେଣୀ ଛାତ୍ର, ପୋ. ବାରିପଦା ମୟୂରଭଞ୍ଜ ଷ୍ଟେଟ । ୯୮୧ କେଶବଚନ୍ଦ୍ର ପାଣିଗ୍ରାହୀ, ବାରିପଦା ଉଚ୍ଚଇଂରାଜୀ ବିଦ୍ୟାଳୟ ୧୦ମ ଶ୍ରେଣୀ ପୋ ବାରିପଦା ମୟୂରଭଞ୍ଜ ଷ୍ଟେଟ । ୯୮୩ ସନ୍ତୋଷ କୁମାର ସାନୁ- ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟ ୯ମ ଶ୍ରେଣୀ ପୋ. ବାରିପଦା ମୟୂରଭଞ୍ଜ ଷ୍ଟେଟ । ୯୮୪ ରମେଶଚନ୍ଦ୍ର ଦତ୍ତ, ଗ୍ରାମ—ବେତାପାଳ ପୋ. ବାଲିଆପାଳ ବାଲେଶ୍ୱର । ୯୮୫ ମାଦବ ସାହୁ ଗ୍ରା: ଅମ୍ବାପାଲି ପୋ ସୋହେଲା ଜି: ସମ୍ବଲପୁର । ୯୮୬ କାମପାଲ ସାହୁ, ଆ. ଏ. ଟି ଟ୍ରେ: କ. ପ୍ରା: ସ୍କୁଲ ପୋ: ସୋହେଲା, ଜି: ସମ୍ବଲପୁର । ୯୮୭ ଗୌରଚନ୍ଦ୍ର ଗୌଣ୍ଡିଆ, ଲକ୍ଷ୍ମୀ ହାଇ ଇଂଲିଶ ସ୍କୁଲ ୮ଶ୍ରେଣୀ ଛାତ୍ର ପୋ: ସୋହେଲା ଜି: ସମ୍ବଲପୁର । ୯୮୮ ନବଘନ ସାହୁ, ଟ୍ରେନି ମାଇନର ସ୍କୁଲ ପୋ: ଚିହ୍ନି ଗୋବର୍ଦ୍ଧନ ପୁର, କଟକ । ୯୮୯ କୁମାରୀ ଅନ୍ନପୂର୍ଣ୍ଣା ମହାନ୍ତି, ନବମ ଶ୍ରେଣୀ ଅନୁଗୋଳ ହାଇସ୍କୁଲ, ପୋ: ଅନୁଗୋଳ ଜି: କଟକ । ୯୯୦ ଶ୍ରୀ କାଶୀନାଥ ମିଶ୍ର, ତିଅଡ଼ ସାହି ପୋ: ପୁରୀ ଜି: ପୁରୀ । ୯୯୧ ଶ୍ରୀ ଗଙ୍ଗାଧର ନାଏକ, (ଛାତ୍ର) ବାଗୁଲାଇ ହାଇସ୍କୁଲ ୧୦ମ ଶ୍ରେଣୀ, ପୋ: ବାଗୁଲାଇ ଜି: କଟକ ।

Digitized by srujanika@gmail.com

# ଚିଠି

ପ୍ରତି ସଂଖ୍ୟା 'ଡଙ୍ଗର' ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠି'ରେ ପ୍ରକାଶ ପାଇବ। ଚିଠି ଗୁଡ଼ିକ ଯେତେ ସଂକ୍ଷିପ୍ତ ହେବା ଦରକାର। କୌଣସି ଚିଠିରେ ପ୍ରେରକଙ୍କର ନାମ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ। ଚିଠିର ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିବ। କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ସମାଲୋଚନାର ଉତ୍ତର ହେବ ନାହିଁ। ସଂପାଦକ ମଣ୍ଡଳ ପତ୍ରର ମତାମତ ପାଇଁ ଦାୟୀ ନୁହନ୍ତି।—ସମ୍ପାଦକ।

ମାନନୀୟ 'ଡଙ୍ଗର'ର ସମ୍ପାଦକ ମହୋଦୟ,

ଗତ ତା ୯ ରିଖରେ ପ୍ରକାଶିତ ଡଙ୍ଗର ସଂଖ୍ୟା ପଢ଼ିଲି। ସେଥିରେ ଆପଣ ଯେଉଁ ସବୁ ବିଷୟ ଆଲୋଚନା କରିଥିଲେ ସେ ସମସ୍ତ ବାସ୍ତବ; ଅବାସ୍ତବର ସୀମା ମଧ୍ୟ ସ୍ପର୍ଶ କରି ନଥିଲା। ଓଡ଼ିଶାର ମନ୍ତ୍ରୀମଣ୍ଡଳ ଜନସାଧାରଣଙ୍କର ସମୂହ କଲ୍ୟାଣରେ ଯେ କେତେଦୂର ନିଜକୁ ନିୟୋଜିତ କରିଛନ୍ତି ତାହା ସର୍ବସାଧାରଣଙ୍କୁ ପଚାରିଲେ ସହଜରେ ଜଣାଯିବ। ଓଡ଼ିଶା ଆସେମ୍ବ୍ଲି ଏଣୁ ତେଣୁ କଥାବାର୍ତ୍ତା, ଗପସପରେ ପରିପୂର୍ଣ୍ଣ। ସରକାରି କର୍ମଚାରୀଙ୍କ ଠାରୁ ଆରମ୍ଭ କରି, ରିକ୍ସାବାଲା ଦରଜି ପ୍ରଭୃତି ସ୍ୱାଧୀନ ଶ୍ରମିକ, ଉତ୍କଳର ପୁରପଲ୍ଲୀର ସ୍ଥାନ ସ୍ଥାନ ଗରିବ ପର୍ଯ୍ୟନ୍ତ ଆଜି ଲୋକପ୍ରିୟ ମନ୍ତ୍ରୀମଣ୍ଡଳଙ୍କ ପ୍ରତି କିଏ ସନ୍ତୁଷ୍ଟ ? ଧାନ ଦର ଦାଉରୁ ରକ୍ଷା ପାଇବା ଲାଗି ମାନ୍ୟବର ଖାଦ୍ୟ ମନ୍ତ୍ରୀ ନବକୃଷ୍ଣ ଚୌଧୁରୀ କହିଛନ୍ତି ଦରମା ବଢ଼ାଇବା ଆନ୍ଦୋଳନ କର, ତେବେ ଏ ଦର ବାଧିବ ନାହିଁ। ଏହା କଣ ଠିକ୍ ! ଦେଶର କଲ୍ୟାଣ ଦୃଷ୍ଟିରୁ ଏ ଯୋଜନା କଣ ପ୍ରଯୁଜ୍ୟ। ଗାନ୍ଧିଜୀ ଏବଂ ଭାରତର ପ୍ରସିଦ୍ଧ ଜନନେତା ମାନେ କହିଛନ୍ତି, ଦେଶର କଲ୍ୟାଣ କରିବାକୁ ହେଲେ, ଉତ୍ପାଦନ ବଢ଼ାଇବାକୁ ହେଲେ ଧର୍ମଘଟ ( Strike ) ବନ୍ଦ କରିବାକୁ ହେବ। ଯଦି ଶ୍ରମିକ ମାନଙ୍କର ଦାବିକୁ ମାଲିକ ପୂରଣ ନକରେ ତେବେ ମାନ୍ୟବର ମନ୍ତ୍ରୀଙ୍କ ଉପଦେଶ ଅନୁଯାୟୀ ସେ ଧର୍ମଘଟ କରିବ। ଏଣୁ ଉତ୍ପାଦନ କମିବ, ଦେଶରେ ଅର୍ଥାଭାବ ପଡ଼ିବ। ଫଳରେ ଦେଶର ଉନ୍ନତି ପରିବର୍ତ୍ତେ ଅବନତି ଘଟିବ। ଏଣୁ ମାନ୍ୟବର ମନ୍ତ୍ରୀଙ୍କ ଉପଦେଶ ଯେ କେତେଦୂର ଶିରୋଧାର୍ଯ୍ୟ ତା ସହଜରେ ସର୍ବସାଧାରଣ ଭାବି ପାରିବେ। ମାନ୍ୟବର ମନ୍ତ୍ରୀମାନେ ଏହିପରି ଯେ କେତେ କେତେ ବାଟ ଧରିଲେଣି ତା କିଏ କହି ପାରିବ।

ସେମାନଙ୍କର କାର୍ଯ୍ୟ କଳାପରୁ ଅନୁମାନ ହୁଏ ଯେ ସେମାନଙ୍କର ନୀତି ସମ୍ପୂର୍ଣ୍ଣ ବଦଳି ଯାଇଛି। ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ମଧ୍ୟ ଚୁପ୍ ହୋଇ ରହିଛନ୍ତି। ମନ୍ତ୍ରୀମାନେ ଆସେମ୍ବ୍ଲି ସଭ୍ୟମାନେ ( ୩।୪ ଜଣଙ୍କୁ ଛାଡ଼ିଦେଲେ ) କେବଳ ନିଜର ସ୍ୱାର୍ଥ ଦୃଷ୍ଟିରୁ, ନିଜର କଲ୍ୟାଣ ଦୃଷ୍ଟିରୁ ସମସ୍ତ କାମ କରୁଛନ୍ତି। ଏହି ଧାନ ଦର ଦ୍ୱାରା ବୋଧହୁଏ ସେହିମାନେ ବିଶେଷ ଉପକୃତ ହେବେ।

ଏହିପରି ଧାନଦର ବଢ଼ାଇ ବଢ଼ାଇ ଯଦି ଧାନ ସେର ଦିଟଙ୍କା କରାଯାଏ ତାହେଲେ କୃଷୀରର ଖୁବ୍ ଉପକାର ହେବ। ମାନ୍ୟବର ମନ୍ତ୍ରୀ ମାନଙ୍କର ମତ ସପକ୍ଷରେ ଏହା ନିଶ୍ଚୟ। କିନ୍ତୁ ଅବସ୍ଥା କଣ ପ୍ରକୃତରେ ତାହା ହୋଇ ପାରିବ !—( ମୁଁ ମୋର କ୍ଷୁଦ୍ର ବୁଦ୍ଧିରେ ପଚାରି ପାରେ ) ପୂର୍ବେ ଧାନ ଟଙ୍କାକୁ ୫୦ ସେର ଥିଲା। ଏହି କ୍ଷଣିକା ଟଙ୍କାକୁ ସେ୧୦ର ହେଲା। ( ଦର ନିର୍ଦ୍ଧାରଣ ଫୁଟରୁ ) ତେବେ କଣ କୃଷୀର ଅବସ୍ଥା ୫ ଗୁଣ ସ୍ୱଚ୍ଛଳ ହୋଇଗଲା ? ବରଂ ଯେଉଁ ଅବସ୍ଥାରେ ଥିଲା ତାହା ଠାରୁ ଖରାପ ଅବସ୍ଥାରେ ଆସି ପହଞ୍ଚିଛି। ଏଣୁ ଓଡ଼ିଶା ସରକାରଙ୍କର ଅର୍ଥାତ ଓଡ଼ିଶା ମନ୍ତ୍ରୀ ମଣ୍ଡଳଙ୍କର ଯୁକ୍ତି ଯେ କେତେଦୂର ଭିତ୍ତିହୀନ ଏବଂ ମୂଲ୍ୟହୀନ ଏକଥା ସର୍ବ ସାଧାରଣ ନିଶ୍ଚୟ ସହଜରେ ଅନୁମାନ କରି ପାରିବେ। ଏଣୁ ମନ୍ତ୍ରୀ ମାନଙ୍କର ମନର ଗତି ପରିବର୍ତ୍ତନ ହେବାର ଦରକାର।

ଦୁଇବର୍ଷ ହେଲା ଆସନ ଗାଦିରେ ବସି ଓଡ଼ିଶା ସରକାର କରୁଛନ୍ତି କଣ ? ଭାଗଚାଷ ବିଲ ବହୁଦିନ ହେଲା ଆସେମ୍ବ୍ଲିରେ ପଡ଼ିଲାଣି। ଭାଗଚାଷୀ କଣ ଏହାଦ୍ୱାରା ପ୍ରକୃତରେ ଉପକୃତ ହେଉଛନ୍ତି ? ଜନମତ ଦ୍ୱାରା ଏ କାମ ହେଉଛି ନା ନିଜର ସ୍ୱାର୍ଥ ଦୃଷ୍ଟିରୁ ଏ କାମ ହେଉଛି ? ଏ ମନ୍ତ୍ରୀ ମଣ୍ଡଳ କେବଳ ନିଜ ନାମରେ କଳଙ୍କ ରଚନା କରୁଛନ୍ତି, କଂଗ୍ରେସ ପରି ମହତ ଏବଂ ସାଧୁ ଅନୁଷ୍ଠାନକୁ ମଧ୍ୟ ତଳେ ପକାଇ ଦେଉଛନ୍ତି। ନିଜର ସ୍ୱାର୍ଥ ତ୍ୟାଗ କରିବାକୁ ଏମାନଙ୍କର ବଳବତ୍ତର ଇଚ୍ଛା ନାହିଁ। ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ମଧ୍ୟ ଦେଖି ନ ଦେଖିଲା ପରି ହେଉଛନ୍ତି। ଶାସକଙ୍କର ଏ ପ୍ରକାର କୁଦୃଷ୍ଟି ଦେଖି ସ୍ୱନା କଂଗ୍ରେସ ସେବୀ ସୁରେନ୍ଦ୍ର ନାଥ ଦ୍ୱିବେଦୀ ଏବଂ ମାଳତୀ ଚୌଧୁରୀ ମଧ୍ୟ କଂଗ୍ରେସ ସଭାପତିତ୍ୱ ଏବଂ ସମ୍ପାଦକତ୍ୱ ପଦରୁ ଇସ୍ତଫା ଦେଇଥିଲେ। ଏଣୁ କଂଗ୍ରେସ କମିଟି ଏ ପ୍ରକାର ଏକଛତ୍ର ଏବଂ ସ୍ୱାର୍ଥପରଣୀ ଶାସନ କଳ ଉପରେ [illegible] କଣ୍ଟ୍ରୋଲ ସର୍ବ ସାଧାରଣର ଇଚ୍ଛା ଏବଂ ନିଜେ ଏହି କଥା ନପାରିଲେ କେନ୍ଦ୍ରଙ୍କର ସାହାଯ୍ୟ ନେବା ଦରକାର। ଜନ ସାଧାରଣଙ୍କର କଲ୍ୟାଣ ଦୃଷ୍ଟିରୁ ଏବଂ କଂଗ୍ରେସର ହିତ ଦୃଷ୍ଟିରୁ ଏହା ନିତାନ୍ତ ଦରକାର। ଏ ଶାସନ ଗଣତାନ୍ତ୍ରିକ ନୁହେଁ, ସାମ୍ୟବାଦ ନୁହେଁ, ସଚା ଲଂବେଳ ବାଦ।

ଓଡ଼ିଶାର ଲୋକପ୍ରିୟ ବୋଲାଉ ଥିବା ମନ୍ତ୍ରୀ ମାନଙ୍କୁ ମଧ୍ୟ ବିଶେଷ ଅନୁରୋଧ ଯଦି କଂଗ୍ରେସର କଲ୍ୟାଣ ଚାହାଁନ୍ତି, ଅନୁଷ୍ଠାନକୁ ଉନ୍ନତ କରିବାକୁ ଚାହାଁନ୍ତି ତେବେ ମନୋବୃତ୍ତି ପରିବର୍ତ୍ତନ କରି ନିଜର ସ୍ୱାର୍ଥରେ ଜଳାଞ୍ଜଳି ଦେଇ ଜନସାଧାରଣଙ୍କର ଉନ୍ନତି ଲାଗି ଶାସନ ଚଲାଅ। ନଚେତ୍ ନ ପାରିଲେ ଇସ୍ତଫା ଦେବା ବରଂ ଭଲ। ଗାନ୍ଧିବାଦୀ ହୋଇ, ଗଣତାନ୍ତ୍ରିକ ହୋଇ ସେ ନୀତିର ଦୁର୍ନାମ କରିଅ ନାହିଁ। ମହାତ୍ମା ଗାନ୍ଧିଙ୍କର ଅନଶନର ପ୍ରଧାନ କାରଣ ଆପଣ ମାନଙ୍କ ଭଳି କେତେ ଗୁଡ଼ିଏ ନେତା। ଇତି।

ଶ୍ରୀ ପୀତବାସ

ଚାଳଟେଳି—କଟକ।

—*—

Digitized by srujanika@gmail.com

# ହାଓଡ଼ା କୁଷ୍ଠ କୁଟୀର

## କୁଷ୍ଠ ଧବଳ

୨ ମାତ୍ରା ଏହି ଔଷଧ ସେବନରେ । ପ୍ରବାହିତ ବା ଗଳିତ କୁଷ୍ଠ ଏକ୍‌ଜିମା, ସୋରିଆସିସ୍ ଦଦ୍ରୁ ଆଦି ଓ ଅନ୍ୟାନ୍ୟ ଚର୍ମରୋଗର ଅବ୍ୟର୍ଥ ଏକାନ୍ତ ଔଷଧ ଯୋଗେ ପ୍ରତିକାର ।

ଶ୍ୱେତ କୁଷ୍ଠ ଦେ ୧୨.୫୦ ଶ୍ୱେତ ଧବଳ ଦାଗ ଥାଉ ଅଟାଙ୍କ୍ ସେବନୀୟ ଓ ବାହ୍ୟ ଏଥି ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚଉଦ ଯାଇ ସୁନ୍ଦର ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ନିଅନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୬ ନଂ ହ୍ୟାରିସନ୍ ରୋଡ଼, କଲିକତା

---

ଆଶ୍ଚର୍ଯ୍ୟ

## ଭାଗ୍ୟ ଗଣନା!!

**ପ୍ରଶ୍ନ ପ୍ରକାଶ କରିବାର ପ୍ରୟୋଜନ ନାହିଁ ।**

କେବଳ ନିଜର ଇଷ୍ଟଦେବଙ୍କୁ ସ୍ମରଣ କରି ୧ ଠାରୁ ୧୨୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ଲେଖି ପଠାଇଲେ ଆମ୍ଭେ ତତ୍କାଳ ଭୃଗୁଶାସ୍ତ୍ର ମତର ଦ୍ୱାରା ଆପଣଙ୍କର ଭୂତ ଭବିଷ୍ୟତ ଓ ବର୍ତ୍ତମାନ ବିଷୟ ନିର୍ଣ୍ଣୟ କରି ତାହା ଲେଖି ପଠାଇବୁ ।

ମାତ୍ର ୫୦/୦ ମନିଅର୍ଡର ଦ୍ୱାରା ନିମ୍ନ ଠିକଣାରେ ପଠାନ୍ତୁ ଓ ସାଦା କାଗଜରେ ମନୋନୀତ ସଂଖ୍ୟା ଓ ନିଜର ନାମ ଧାମ ସ୍ପଷ୍ଟ ଅକ୍ଷରରେ ଲେଖି ଦିଅନ୍ତୁ ।

ଭୃଗୁସଂହିତା କାର୍ଯ୍ୟାଳୟ
C/o ଡଗର
ପୋ: ଭଦ୍ରକ

---

## ପରାମର୍ଶ କେନ୍ଦ୍ର

### ଆଉ ଭୟର କାରଣ ନାହିଁ

ମେହ, ଗର୍ମି, ଉପଦଂଶ ଇତ୍ୟାଦିରେ ବର୍ଷ ବର୍ଷ ଭୋଗୁଥିବା ଲୋକେ ନିରାଶ ନହୁଅନ୍ତୁ ରୋଗର ସମସ୍ତ ବିବରଣୀ ସହ **ଡାକ୍ତର ବି, ଦାସ** (ହୋମିଓପାଥ୍) ସିଦ୍ଧହସ୍ତ, ବଣିଆପଟି, ଭଦ୍ରକଙ୍କ ସହିତ ପରାମର୍ଶ କରନ୍ତୁ ।

---

## ବଗ୍-ବୋମା

ମଶା ଓ ଛାରପୋକ ମାରିବାକୁ ଘଣ୍ଟାକ ଭିତରେ ମହୌଷଧ ।
ପ୍ରତି ଫାଇଲ ଟ ୧। ଡା: ମା: ଖର୍ଚ୍ଚ ଅଲଗା ।

Footman. Post Box. 10815.
CALCUTTA.—9.

---

ବିଜ୍ଞାପନ

## ଉତ୍କଳ ସଂଗୀତ ଶିକ୍ଷା ନିକେତନ ।

ସଙ୍ଗୀତ ଶିକ୍ଷା କରିବାର ସୁବର୍ଣ୍ଣ ସୁଯୋଗ ଛାଡ଼ନ୍ତୁ ନାହିଁ । ନିମ୍ନ ଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଠିକଣା

ବସ୍ତ୍ରଚରଣ ପଣ୍ଡା

ନଂ ୧/ବି, ମେଛୁଆ ବଜାର

(ବର୍ମନ ଷ୍ଟ୍ରୀଟ)

---

Printed & Published by G. C. Mahapatra at the Gopinathpress, Bhadrak, 1948.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ଫାଲ୍ଗୁନ ୨୪ ୧୩୫୫ ସାଲ | ୩୦ଶ ସଂଖ୍ୟା |
|---|---|---|

—ସୂଚୀ—

ମଜା କଥାରେ
ବୁଦ୍ଧି ଧୈର୍ଯ୍ୟ

ମଜାଳିଆ ଡାରେ
ଗାର୍ଲସ୍କୁଲ ବସ୍

କାହାଣୀରେ
ତାହାହିଁ ହୁଏ

ଧାରବାହିକ ଉପନ୍ୟାସ
'କଣାମାମୁଁ'

କଥା ଓ ନଥା, ଚିଠାଉ,

ବାଲ୍ୟଅବସ୍ଥାର ଦୁଷ୍ଟତା

"DAGARA"

**ORISSA'S MOST POPULAR WEEKLY**
of
Light, Lead & Laughter

| Vol XI | Monday, March. 8. 1948. | No. 30. |
|---|---|---|

**ବାର୍ଷିକ ମୂଲ୍ୟ ଟ ୬୲** **ଷାଣ୍ମାସିକ ଟ ୩୲**
**ରାଜ ସଂସ୍କରଣ ବାର୍ଷିକ ଟ ୧୦୲**

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ଟ୨୵ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୧। ଅଗ୍ରୀମ ଦେବାକୁ ପଡେ ।

୩ । ମୁଦ୍ରା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତି ଖଣ୍ଡ ଡଗର ଦୁଇ ଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନ କଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନ ପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତା ପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବ ।

୮ । ଲେଖା, କବିତା, ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରକ (B.N.Ry)

---


ନୂତନ ଚିନ୍ତା ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀ ନେଇ

**ପକ୍ଷିକୋଣ**

ଉପନ୍ୟାସ

ଲେଖକ—'ଡଗର'ର ସୁପରିଚିତ ପ୍ରିୟ
**ଶ୍ରୀ ଦେବ ମହାପାତ୍ର**

ସଂଯୁକ୍ତ ହରେକୃଷ୍ଣ ମହତାବଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ବିଶ୍ଳେଷଣ ତରୁଣ କବି ଗଙ୍ଗା ନାୟକଙ୍କର ପ୍ରଶସ୍ତି ସହ ମୂ ୧ ୦ ମାତ୍ର

ଛପା ଓ କାଗଜ ଉତ୍କୃଷ୍ଟ
ପ୍ରାପ୍ତିସ୍ଥାନ:—ଉତ୍କଳ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ

ଓଡ଼ିଶାର ଉପନ୍ୟାସ ଜଗତରେ ନୂଆ ଯୁଗ ଆରମ୍ଭ କରୁଛି
**ନିତ୍ୟାନନ୍ଦବାବୁଙ୍କର**

**ଭୁଲ୍**

**ଜୀଅନ୍ତା ମଣିଷ ଓ ଜୀବନର ଲକ୍ଷ୍ୟ**

ବହୁତ ମନର ବହୁତ କାହାଣୀ କହୁଛି
**"ଏଗାରଟା" ଓ "କ୍ଷଣିକା"**
ଛାତ୍ର ଜୀବନର ଜୀବନ୍ତ ଚିତ୍ରାବଳୀ

**"ପାଞ୍ଚଜନ୍ୟ"**
ଭାରତର ପ୍ରତି କଣ୍ଠରେ ମୁଖରିତ ହେଉ

(କଟକର ସବୁ ବହି ଦୋକାନରେ ପାଇବେ)


---

ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,
ପରିଚାଳନା ସମ୍ପାଦକ— ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

## କେନ୍ଦ୍ର ବଜେଟ

ସ୍ୱାଧୀନ ଭାରତର ନୂଆ ବଜେଟ ଦେଖି ଗର୍ବ କରିବାର କିଛି ପାଇଲୁଁ ନାହିଁ । ପରିସ୍ଥିତି ଯେପରି ସଙ୍କଟାକୁଳ ସେ କ୍ଷେତ୍ରରେ ଏହା କ୍ଷମଣୀୟ ହୋଇପାରେ—ନିନ୍ଦଣୀୟ କହିଲେ ସତ୍ୟର ଅପଲାପ ହେବ ।

କୋଟିପତି ମାନଙ୍କୁ କରଭରରୁ ରିହାଇ ମିଳିଛି । ନ ମିଳିଲେ ଦେଶର ସମୃଦ୍ଧି ଅସମ୍ଭବ । ଏହା ଏକ ବାସ୍ତବ ଅଭିଜ୍ଞତା । କିନ୍ତୁ ଜାତୀୟ ଜୀବନର ଏହା ଯେ ଗୋଟାଏ ବ୍ୟାଧି ସରକାର ବା ଅର୍ଥ ମନ୍ତ୍ରୀଙ୍କ ଘୋଷଣାରେ ତହିଁର ସାମାନ୍ୟ ସୂଚନା ନାହିଁ । ପୁଞ୍ଜିପତି ମାନଙ୍କର ଲାଳନ ସତ୍ତ୍ୱେ ଯଦି ଆସନ୍ତା ବର୍ଷ ଆଶାନୁରୂପ ଶିଳ୍ପ ସମୃଦ୍ଧି ନ ହୁଏ ତେବେ ତାଙ୍କର ଅଧିକ ଦାବୀ ସରକାରଙ୍କୁ ହୁଏତ ବାଧ୍ୟ ହୋଇ ପୂରଣ କରିବାକୁ ହେବ । ଏହିପରି ଚକ୍ର ବୃଦ୍ଧି ହାରରେ ବ୍ୟବସାୟୀ ମାନଙ୍କର ଲାଳସା ପୂର୍ତ୍ତି ହେବ ସିନା ଦେଶର କଲ୍ୟାଣ କେବଳ ସମ୍ଭାବନା ହିଁ ରହିଯିବ ।

ଏ ବ୍ୟାଧିର କାରଣ କେନ୍ଦ୍ରୀଭୂତ ଶିଳ୍ପ । ଶିଳ୍ପର ସାଧନ ସାମଗ୍ରୀ ଯେତେ ଦିନଯାଏଁ ଯନ୍ତ୍ରର ଅଧୀନରେ ଥିବ ସେତେ ଦିନ ଯାଏଁ ଯେତେ ଲୋକ ପ୍ରିୟ ସରକାର ହେଉନ୍ତୁ ପଛକେ ଶିଳ୍ପର ମାଲିକ ପୁଞ୍ଜିପତିମାନେ । ଶେଷ ବିଶ୍ଳେଷଣରେ ରାଷ୍ଟ୍ରାଧିପତି ଓ ତାଙ୍କ ମାମଲତକାର ଅଫିସର ମାନଙ୍କ ଅତୃପ୍ତ ଲାଳସାକୁ ଚରିତାର୍ଥ କରିବାର ଦାୟିତ୍ୱ ହେବ ନିଷ୍ପେଷିତ ଜନ ସାଧାରଣଙ୍କର ।

ବ୍ୟାଧିର ଜନ୍ମ ଉପଲବ୍ଧି କରି କେନ୍ଦ୍ର ସରକାର ତାର ନିରାକରଣ ପାଇଁ ଯଦି ଯତ୍ନଶୀଳ ହେବାର ଲକ୍ଷଣ ବଜେଟ ବା ଜମାଖର୍ଚ୍ଚ ଆଟକଳରେ ସୂଚିତ ଥାନ୍ତା ତେବେ ନବ ଭାରତର ନବୀନ ସରକାରଙ୍କୁ ପୂର୍ଣ୍ଣ ପ୍ରାଣରେ ଅଭିନନ୍ଦନ କରିବାର ସୌଭାଗ୍ୟ ଘଟିଥାନ୍ତା ।

—*—

## ସମ୍ପାଦକୀୟ

### ଓଡ଼ିଶା ବଜେଟ

ଓଡ଼ିଶା ସରକାରଙ୍କ ନୂତନ ବଜେଟରୁ ନିରାଶ ହେବାର କିଛି ନାହିଁ । ପତିତ ଜନର ଯେପରି ପତନର ଭୟ ନଥାଏ ସେହି ପରି ଅସ୍ୱଚ୍ଛନ୍ଦ ଅର୍ଥନୈତିକ ଶକ୍ତି କରି ଓଡ଼ିଶା ଆଜି ନିଶ୍ଚିନ୍ତ । ଅର୍ଥସଚିବ ନିଜେ କହନ୍ତି, ପ୍ରାଦେଶିକ ଆୟର ଅଧିକରୁ ବେଶି କେନ୍ଦ୍ର ସରକାରଙ୍କ ଅବଦାନ । ସୁତରାଂ ଆୟର ଅଧା ଅଧି ଗଠନ ମୂଳକ କାର୍ଯ୍ୟରେ ଲଗାଇ ପାରି ଥିବା ପାଇଁ ବଳେ ପ୍ରଶଂସାକାରୀ ମନ୍ତ୍ରୀଙ୍କ ଠାରୁ କେନ୍ଦ୍ର ସରକାର ହିଁ ବିଶେଷ ଧନ୍ୟବାଦର ପାତ୍ର ହେବେ ।

କେନ୍ଦ୍ର ସରକାରଙ୍କ ବୃତ୍ତି ଛାଡ଼ିଦେଲେ ଗଠନ ମୂଳକ କାର୍ଯ୍ୟ ଅସମ୍ଭବ । କେବଳ ଶାସନ କଳ ଚଳାଇବା କଷ୍ଟକର । ସେଥିରେ ପୁଣି ପ୍ରାଦେଶିକ ଆୟର ଏକ ତୃତୀୟାଂଶ ସରକାରଙ୍କ ଋଣ ସାଉଣା । ମାନ୍ଦ୍ରାଜ ସରକାରଙ୍କ ଭଳି ଏ ପ୍ରଦେଶରେ ନିଶା ନିବାରଣ କଲେ ପ୍ରଦେଶ ଅଉ ପ୍ରଦେଶ ହୋଇ ରହିବ ନାହିଁ ।

ଅର୍ଥ ମନ୍ତ୍ରୀ ତଥାପି ଅଭିନନ୍ଦିତ ହେବେ ତାଙ୍କର ବିଶାଳ ପରିକଳ୍ପନା ପାଇଁ । ବିଭିନ୍ନ ଜନହିତକର ବିଭାଗରେ ସେ ବିଶେଷ ସାବଧାନତାର ସହିତ ଅର୍ଥ ବଣ୍ଟନ କରିଛନ୍ତି । ଅର୍ଥ ଯଥାର୍ଥରେ ନିୟୋଜିତ ହେଲେ ପ୍ରଦେଶର ଆର୍ଥିକ ସ୍ଥିତି ଅପେକ୍ଷାକୃତ ସ୍ୱଚ୍ଛଳ ହେବ, ସନ୍ଦେହ ନାହିଁ ।

ମାତ୍ର ଚିନ୍ତୋଦ୍ଦୀପକ କରିବାର କଥା :—

ଖାଲି ଓଡ଼ିଶା ପ୍ରଦେଶର ବେସାମରିକ ଶାସନ ବିଭାଗର ଖର୍ଚ୍ଚ ଅତି-ବୃଦ୍ଧି ଦିଗରେ ଗତି କରୁଛି । ଗତ ଦଶବର୍ଷ ଭିତରେ ପୋଲିସ ବିଭାଗର ଖର୍ଚ୍ଚ ପ୍ରାୟ ତିନିଗୁଣ ହୋଇଛି । ଅଥଚ ବ୍ରିଟିଶ ଲୋକଙ୍କ ଶାସନର ଟଳମଳ ଅବସ୍ଥା ବେଳେ—୪୨ ସାଲରେ ଦେଢ଼ଗୁଣ ମଧ୍ୟ କରି ନଥିଲେ । ଲୋକ ପ୍ରିୟ ମନ୍ତ୍ରୀମଣ୍ଡଳ ଗଠିତ ହେବା ପରେ ପୁଲିସ ବିଭାଗ ଖର୍ଚ୍ଚ ଦୁଇଗୁଣ ବଢ଼ିଯାଇଛି । ଆମ୍ଭେମାନେ ମୁକ୍ତକଣ୍ଠରେ ସୂଚନା ଦେଉଛୁଁ ଯେ କ୍ରମେ ଶାସନ ଏକଛତ୍ରୀ ଶାସନ ହେବାକୁ ଯାଉଛି—ଏହା ହିଁ ତାର ଯଥେଷ୍ଟ ପ୍ରମାଣ । ସାଧାରଣ ଶାସନରେ ମଧ୍ୟ ଦୁଇଗୁଣ ଖର୍ଚ୍ଚ ବଢ଼ିଛି ।

ବର୍ତ୍ତମାନ ସରକାର କେବଳ ଲୋକପ୍ରିୟ ନୁହନ୍ତି କଂଗ୍ରେସ ସରକାର ମଧ୍ୟ । ମହାତ୍ମାଜୀଙ୍କର ଗଠନ ମୂଳକ କାର୍ଯ୍ୟାବଳୀକୁ କଂଗ୍ରେସ ଗ୍ରହଣ କରିଛି । ସେ ଦିଗରେ ସରକାରଙ୍କର ଉଦ୍ୟମ ଏପରି ନଗଣ୍ୟ ଯେ ନିରାଶାଜନକ କହିଲେ ଚଳେ । ଅଥଚ ମହାତ୍ମାଜୀଙ୍କର ମୃତ୍ୟୁ ହିଁ ବର୍ତ୍ତମାନ ରାଜନୈତିକ ନେତାମାନଙ୍କର ଉଷ୍ଣାପାନ ଠିକା ହୋଇ ରହିଛି ।

ଓଡ଼ିଶା ବଜେଟର ବିଶେଷତ୍ୱ ଯେ ତାହା ନିଅଣ୍ଟିଆ ନୁହେଁ । କିନ୍ତୁ ଗତବର୍ଷ ନିଅଣ୍ଟିଆ ଥିବା ସତ୍ତ୍ୱେ ବଳକା ଟଙ୍କା ହାତରେ ରହି ଯାଇଛି । ତାହାର କାରଣ ଉନ୍ନତି ମୂଳକ ଯୋଜନାରେ ବ୍ୟୟିତ ହୋଇ ପାରିନାହିଁ । ଏ ବଳକା ପାଇଁ ପ୍ରଶଂସା ବା ନିନ୍ଦା ସରକାର ବା ସାଧାରଣ ଯେ ନିଅନ୍ତୁ, ଏ ବର୍ଷ ତାହାର ପୁନରାବୃତ୍ତି ନ ହେଉ । ଏତିକି ପ୍ରାର୍ଥନା ।

ଦୁଃଖର କଥା ଶାସକମାନେ ଶାସନ ଯନ୍ତ୍ରରେ ଯେଉଁଠି ଜଳଜଳି ଲାଗି ଶାସନ କଳ ଓ ଶେଷ ଜନସାଧାରଣଙ୍କୁ ସବୁ ଅକର୍ମଣ୍ୟ କରୁଛି ତହିଁପ୍ରତି ବୈଜ୍ଞାନିକ ଦୃଷ୍ଟିପାତ କରୁନାହାନ୍ତି । ଏ ଦୋଷ ପୂର୍ବ ଶାସନରେ ଥିଲା ଏବଂ ବର୍ତ୍ତମାନ ମଧ୍ୟ ଅଛି । ସେମାନେ ଏଥିକୁ ଆଖିବୁଜି ଅଲକ୍ଷିତ ଧର୍ମରୁ ଆଖିଠାରି ସବୁ ଉନ୍ନତି-କର ଯୋଜନା ବର ଦାଗି ବୋଲି ଥିଲେ; ବର୍ତ୍ତମାନ ସରକାରଙ୍କୁ ଆମେ ବନ୍ଦାନ କହିବା ।

କିନ୍ତୁ ଯେତେଦିନ ଯାଏ ଜନ ସାଧାରଣ ଏ ରାଜ୍ୟର ଭାର ନିଜର ନେଉନାହିଁ, ଉପରେ ଜଣେ ବା ଦୁଇଜଣ ମହାଜନ ବା ତ୍ୟାଗୀ-ପୁଙ୍ଗବ ବସି ଯଦି ଦାତାକର୍ଣ୍ଣ ହେବାର ଗୌରବ ନେବାରେ ବ୍ୟସ୍ତ ରହନ୍ତି, ତେବେ ଅବସ୍ଥାର ପରିବର୍ତ୍ତନ ଅସମ୍ଭବ । ଏହା କର୍କଶ ହେଲେ ମଧ୍ୟ ସତ୍ୟ—ଅପ୍ରିୟ ହେଲେ ମଧ୍ୟ ପଥ୍ୟ ।

—*—

Digitized by srujanika@gmail.com

ସାମ୍ପ୍ରତିକରେ ମନ୍ତ୍ରୀମାନଙ୍କ ଭିଜାଗାପଟ୍ଟଣରେ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତି ଲଗାଯିବା ହେତୁ ତାହାଁର ପ୍ରଭାବ ମନ୍ତ୍ରୀମାନଙ୍କ ଉପରେ ପଡ଼ୁଥିବାର ପ୍ରମାଣ ମିଳୁଛି ! ଏ କଥା ଖବର କାଗଜରୁ ଦେଖି ଜଣେ ସଭ୍ୟ ପ୍ରସ୍ତାବ କଲେ ଯେ ସେକ୍ରେଟେରିଏଟ୍‌ରେ ମନ୍ତ୍ରୀମାନଙ୍କ ଘର ଘରେ ଯଦି ଗାନ୍ଧିଜୀଙ୍କ ଫଟୋ ଟଙ୍ଗା ହୁଅନ୍ତା ତେବେ ମନ୍ତ୍ରୀମାନେ ଗାନ୍ଧି ପ୍ରଭାବିତ ହୁଅନ୍ତେ । ଦେଶରେ ଗାନ୍ଧିବାଦ, ଚରଖା, ଆନ୍ଦୋଳନ ଇତ୍ୟାଦିକି ସରକାର ଏବେ ନେଲେ ହାତକୁ ନଅନ୍ତେ !

+ + +

ଅନ୍ୟଜଣେ ସଭ୍ୟ ସଂଶୋଧନ ପ୍ରସ୍ତାବ ଆଣିଲେ । କହିଲେ, ମନ୍ତ୍ରୀଙ୍କ କଥା ସାଧାରଣ ଲୋକଙ୍କ କଥା ପରି ନୁହେଁ । ସେ ଏତେ ସହଜରେ ବଦଳନ୍ତି ନାହିଁ । ତେଣୁ ଖାଲି ଅଫିସ୍‌ରେ ନୁହେଁ—ଏସେମ୍ବ୍ଲିରେ, ନିଜଘର ବୈଠକ ଖାନାରେ, ଖାଇବା ଘରେ, ଶୋଇବା ଘରେ ଏପରିକି ମୋଟରରେ ମଧ୍ୟ ଯଦି ଗାନ୍ଧି ଫଟୋ ଟଙ୍ଗା ଯାଏ ତେବେ ହେଲେ କେଜାଣି ଗାନ୍ଧି ପ୍ରଭାବ ପଡ଼ିବ—ମନ୍ତ୍ରୀମାନଙ୍କ ମନ ବଦଳିବ—ଚରଖା ଆନ୍ଦୋଳନକୁ ସରକାର ହାତକୁ ନେବେ ।

+ × ×

ସଭାପତି ରୁଲିଂ ଦେଲେ—ଏପରି ପ୍ରଶ୍ନ ଉଠାଇବା ଅବାନ୍ତର । କାରଣ ଏ ମନ୍ତ୍ରୀମଣ୍ଡଳରେ ସେମାନଙ୍କଠାରୁ କୌଣସି ବ୍ୟକ୍ତିତ୍ୱ ବା ପଦାର୍ଥ ଯିଏ ବଡ଼ ହୋଇ ତାଙ୍କୁ ପ୍ରଭାବିତ କରି ପାରିବ ! ଗାନ୍ଧିଜୀଙ୍କ ପଛରେ ଥିଲା ଏ ଦେଶର ଜନମତ । ଆଜି ମନ୍ତ୍ରୀମାନେ ହିଁ ଏ ଦେଶର ସରକାର— ଜନମତ—ନେତା— ଦାତା—କର୍ତ୍ତା—ବକ୍ତା—ଯାହା କହ ସବୁ । ତେଣୁ ମନ୍ତ୍ରୀ ମାନଙ୍କ ସମ୍ବନ୍ଧରେ କୌଣସି ପ୍ରସ୍ତାବ କେହି ଆଣି ପାରିବେ ନାହିଁ—ଆଣିବାର ଅଧିକାର ମଧ୍ୟ କାହାର ନାହିଁ । ଆଣିବାହିଁ ବେଆଇନ୍ । ଅବଶ୍ୟ ମୁଁ ପ୍ରାଦେଶିକ ମନ୍ତ୍ରୀ ମାନଙ୍କୁ ଲକ୍ଷ୍ୟ କରି କହୁଛି ।

+ + +

ତତ୍‌କ୍ଷଣାତ୍ ଅନ୍ୟ ଜଣେ ସଭ୍ୟ ପ୍ରତିବାଦ କରି ଠିଆ ହୋଇଗଲେ । ସଭାପତି



# ହୁକାହୁକା ହୁଆ

କହିଲେ, ଏ ପ୍ରସ୍ତାବ ଉପରେ ଆଉ କିଛି କହିବାକୁ ଦେବି ନାହିଁ । ବକ୍ତା କହିଲେ—ମାନ୍ୟବର ସଭାପତି, ତାହାହେଲେ ଅନ୍ୟଏକ ପ୍ରସ୍ତାବ ଆଗତ କରିବି । ସଭାପତି କହିଲେ ହୁଅ ହୁଅ ହୁକା ହୁଆ ।

+ × +

ବକ୍ତା ପୁଣି ଉଠି ଭାଷିଲେ—ସଭାପତି ମହାଶୟ ! ପ୍ରଶ୍ନ ହେଉଛି, ମନ୍ତ୍ରୀମାନେ ଗାନ୍ଧୀ ମତରେ ବା ଲୋକ ମତରେ ପ୍ରଭାବିତ ହୋଇ ପାରିବାର ଉପାୟ ନଥିବାରୁ ଏ ଅଶାନ୍ତି । ଯେ ହେତୁ ଲୋକମତ ଏକଆଡ଼େ ତ ମନ୍ତ୍ରୀ ମତ ଅନ୍ୟ ଆଡ଼େ । ଏ ଅଡ଼ୁଆକୁ ମେଣ୍ଟାଇବା ପାଇଁ ଗୋଟିଏ ଅତି ସୂକ୍ଷ୍ମ ଉପାୟ ଅଛି—ଏ ସଭା ମୋ ପ୍ରସ୍ତାବ ଗ୍ରହଣ କରିବତ ? ସମସ୍ୱରରେ ଚିତ୍କାର ଉଠିଲା—ହୁକା ହୁକା ହୁଅ

× × +

ବକ୍ତା ଆରମ୍ଭ କଲେ—ଯଦି ମନ୍ତ୍ରୀମାନେ ଗାନ୍ଧିମତ ଓ ଲୋକ ମତରେ ପ୍ରଭାବିତ ନ ହୋଇ ପାରିଲେ ତେବେ ଲୋକମାନେ ମନ୍ତ୍ରୀ ମତରେ ପ୍ରଭାବିତ ହୁଅନ୍ତୁ । ଗାନ୍ଧୀ ପ୍ରଭାବରେ ଏ ଦେଶର ଲୋକ ମଧ୍ୟ ଅତିବେଶି ଜର୍ଜରିତ ହୋଇ ପଡ଼ିଛି । ତେଣୁ ଭୋଗ ପରିବର୍ତ୍ତରେ ତ୍ୟାଗ, ମନୁଷ୍ୟତ୍ୱ ପରିବର୍ତ୍ତେ ସନ୍ନ୍ୟାସୀତ୍ୱ, ମିଲ୍ ପରିବର୍ତ୍ତେ ଚରଖା, ସର୍ଭିସ୍ ପରିବର୍ତ୍ତେ ସେବା ଇତ୍ୟାଦି ଇତ୍ୟାଦି ପଦାର୍ଥ ମାନ—ମନ୍ତ୍ରୀ ମାନଙ୍କଠାରୁ ଜନସାଧାରଣ ଗ୍ରହଣ କରନ୍ତୁ । ତେଣୁ ମନ୍ତ୍ରୀ ପ୍ରଭାବ, ପ୍ରେମ ଓ ପ୍ରୀତିର ହେଉ ଏ ଦେଶରେ ଖେଳାଇବା ପାଇଁ ଏହି ଏହି ପ୍ରସ୍ତାବ ମାନ ଏ ସଭା ପାଶ୍ କରନ୍ତୁ । (୧) ଗାନ୍ଧୀ ସେବା ସଂଘ ଅନୁକରଣରେ ମନ୍ତ୍ରୀ ସେବା ସଂଘ ( ଯାହାଙ୍କ ଅନୁକମ୍ପାରେ ଅଛ ) ଗଠିତ ହେଉ ।

( ୨ ) ଲୋକଙ୍କ ଗାନ୍ଧୀ ଫଟୋ ବଦଳରେ ମନ୍ତ୍ରୀଙ୍କ ଉପରେ କଟକଣା ରଖାଯାଉ ।

( ୩ ) ସୁବର୍ଣ୍ଣ ରଞ୍ଜିତ, ସୁଶୋଭିତ, ସୁଆଲୋକିତ, ସୁନୈତିକାତ୍ମକ, ସୁଆଚରଣ ପରିହିତ ମନ୍ତ୍ରୀ ମାନଙ୍କର ଫଟୋ ଉଠାଇ କୋର୍ଟ, କଚେରୀ, ବାଟ ଘାଟ ବୈଠକ ଖାନା, ଡାକ୍ତର ଖାନା, ଏପରିକି ପାଇଖାନାରେ ମୁଦ୍ଦା ଟଙ୍ଗାଯାଉ ।

[୪] କଂଗ୍ରେସ ପତାକାରେ ଅଶୋକ ଚକ୍ରକୁ ଚରଖାର ପ୍ରତୀକ ବୋଲି ବ୍ୟାଖ୍ୟା ନ କରାଯାଇ ମିଲର ଚକ wheel ବୋଲି କୁହାଯାଉ ।

( ୫ ) 'ରଘୁପତି ରାଘବ.........'

ପରିବର୍ତ୍ତେ 'କୋଟିପତି, ସାହେବ, ମନ୍ତ୍ରୀ ନାମ, ଭଜନା ହୋଇ ଅବ୍ ତେରା କାମ,

ଚରଖା ମିଲ୍‌କା ଏକହି ନାମ

ସବ୍‌କୋ ସନ୍ମତି ଦେ ଭଗବାନ ।

ଘନ ଘନ କରତାଳି ପଡ଼ିଗଲା ।

ସମସ୍ତଙ୍କ ମଙ୍ଗଳ ଆନନ୍ଦରେ ଘୃଣାର ପ୍ରଶ୍ନ ଉଠିଲା । ସବୁ ସଭ୍ୟ ପ୍ରସ୍ତାବଟି ସମର୍ଥନ କଲେ ।

—•—

ବମ୍ବେର କରପୋରେସନ ନିର୍ବାଚନରେ କଂଗ୍ରେସ ଓ ସୋସାଲିଷ୍ଟ ଦଳରେ ଦଳରେ କାଏ ଜିଣିଲା ନିରୂପଣ କରିବା ମୁସ୍କିଲ । କାରଣ ଆଗରୁ କଂଗ୍ରେସ ମୁଖପତ୍ର ବୋଲି ଥିବା ପ୍ରଜାତନ୍ତ୍ର ଲେଖିଲେ କଂଗ୍ରେସର ବିପୁଳ ଜୟ ଏବଂ ସୋସାଲିଷ୍ଟ ମୁଖପତ୍ର କୃଷକରେ ମଧ୍ୟ ବାହାରିଲା—ସୋସାଲିଷ୍ଟଙ୍କ ବିପୁଳ ଜୟ । ସମ୍ବାଦରୁ କାଲିଆ ଜୁଆବ ଖୋଲିଲେ—କମ୍ୟୁନିଷ୍ଟ ଶତକଡ଼ା ଶହେ ସଫଳ ହୋଇଚନ୍ତି, ସୋସାଲିଷ୍ଟ ଶତକଡ଼ା ପଚାଶରୁ ବେଶି, କଂଗ୍ରେସ ଶତକଡ଼ା ପଚିଶରୁ କମ୍ । ଅଥଚ ସଭ୍ୟ ସଂଖ୍ୟା କଂଗ୍ରେସର ବେଶି, ତା ତଳକୁ ସୋସାଲିଷ୍ଟ ତା ତଳକୁ କମ୍ୟୁନିଷ୍ଟ । ଏ ଗୋଳିଆ ଧନ୍ଦାରେ ପାଠକ ପଡ଼ିଛନ୍ତି । ଦଳ ଗୁଡ଼ିକ ସମସ୍ତେ ବିଜୟ ଉତ୍‌ଫୁଲ୍ଲ ।

× + ×

Digitized by srujanika@gmail.com



# ବୁଦ୍ଧି ଫର୍ସ୍ୟ



ବଇଁଶୀ ଭାଇ ଆମ ଝଙ୍କା ଭିତରକୁ ପଶି ଆସି କହିଲେ, "ବୁଝିଲେନା ମାଉସୀ, ମଣିଷର ମୁଣ୍ଡଟାକୁ ହଉଛି ସବୁଠୁ ବଡ଼ ଜିନିଷ"

ମୋ ବୋଉ ହାଣ୍ଡିଶାଳ ଘରୁ ବାହାରି ଆସି କହିଲା, "ହଁରେ ବାପା, ମୁଣ୍ଡଟାଇ ବଡ଼ ଜିନିଷ ମୁଣ୍ଡ ନଥିଲେ ମଣିଷ ପଣିଆ କୋଉ କାମକୁ ? ଆସ ବସ କଟକରୁ କେବେ ଆସିଲ ?"

ମୋ ବୋଉ ବିଛଣା ମଇଳା ପକାଉ ବଇଁଶୀ ଭାଇ ପିଣ୍ଡା ଉପରେ ବସି ପଡ଼ି ପାନ ଡାଲିଆଟା ଟାଣିବାକୁ ବସିଲେ। ବୋଉ କହିଲା,, ଦିଅ ପୁଅ ମୁଁ ଭାଙ୍ଗି ଦଉଛି।"

ବଇଁଶୀ ଭାଇ ମୋ ପିଲା ଦିନର ସ୍କୁଲ ସାଙ୍ଗ ଆଉ ସେଇଥିପାଇଁ ଆମ ଝଙ୍କା ଭିତରକୁ ଅନାୟାସ ପ୍ରବେଶ ଦ୍ୱାର ଉନ୍ମୁକ୍ତ ମିଳିଦିନୁ। କହିଲେ "ଅଣ୍ଡି କଟକରୁ ଫେରିଲି" ତାପରେ ପାନଖଣ୍ଡେ ପାଟିରେ ଜାକି କହିଲେ "ବୁଝିଲେ ମାଉସୀ ମଣିଷର ମୁଣ୍ଡଟା ହଉଛି ସବୁଠୁ ଦାମୀ ସେଇଥିପାଇଁ ତାକୁ ନରମ ତକିଆ ଉପରେ ରଖା-ଯାଏ।"

"ପାଦଟା ବୋଧହୁଏ ସବୁଠୁ ଶସ୍ତା ସେଥିପାଇଁ ଟାଣ ଚମଡ଼ା ଯୋତାରେ ଢଙ୍କାଯାଏ" ମୁଁ ସନ୍ଦେହ କଥାରେ ଯୋଡ଼ି ଦେଲି।

ଅମ ଟିକିଆଇ ପଚାରିଲା, "କାନ୍ଥ ପେଉଁ-ମାନେ ଗୋଡ଼ ତକିଆ କୋଳତକିଆ ଇତ୍ୟାଦି ପାଞ୍ଚ ଛଅଟା ତକିଆ ବ୍ୟବହାର କରନ୍ତି ତାଙ୍କର କଣ ଦାମୀକା ?—ବଇଁଶୀ ଭାଇ କହିଲେ, ତାଙ୍କ ଅଙ୍ଗ ପ୍ରତ୍ୟଙ୍ଗ ସବୁ ଦାମୀକା କାରଣ ବଡ଼ ଲୋକ ନହେଲେ ଏତେ ହେଘାଲେଇରେ କେହି ରାତି ପାହାବେନି ଦିନ ହାତରୁ।" ତା-ପରେ ଟିକିଏ ଦାର୍ଶନିକ ଢଙ୍ଗରେ ସେ କହିଲେ, ଖାଲି ମୁଣ୍ଡ ଥିଲେ ହବନି, ତା ଭିତରେ ଯଦି ମଗଜ ନଥାଏ ?" ମୋ ବୋଉ କହିଲା, "ମଗଜକୁ ପୁଣି ତ ଖର୍ଚ୍ଚ କରି ଜାଣିବା ଦରକାର।" ବଇଁଶୀ ଭାଇ ଟିକିଏ ଚୁପ୍ ମାରି ବସିଗଲେ ତାପରେ ଗୋଟାଏ ବଡ଼ ଦୀର୍ଘ ନିଶ୍ୱାସ ମେଲେଇ ଏବଂ ପୁଣି ଟିକିଏ ପାଟିରେ ପକେଇ, "ମାଉସୀ ଆମେ ସବୁ କହି ହେଲୁନି, ମଗଜ କେମିତି ଖର୍ଚ୍ଚ କରିବାକୁ ହବ ଆମେ ଜାଣିଲୁନି।" ବୋଉ କହିଲା କାହିଁକି ବାପା, "ତମେ କଣ କରନ ? ବି. ଏ. ପାସ କଲ, ସେକ୍ରେଟେରିଏଟ୍ ଚାକିରି କରୁଚ—ତାପରେ ଗୃହିଣୀ ନାଲିକା ଉପରେ ହବ—ବାହା ଥା ହେବ, ଭଲ ବରଟିଏ ପାଇଲ ଗଦାଏ ସୁନା ଟଙ୍କା ପାଇଲ, ଆଉ କଣ କରି ଥାଆନ୍ତ କି ? ତମ ଭଲିଆ ଯୋଗ୍ୟ ପିଲା କେତୋଟି ଅଛନ୍ତି କହିଲ ଦେଖି ?"

ବଇଁଶୀ ଭାଇ କହିଲେ,, "ସେୟା କହୁଚି ମାଉସୀ, ସେକ୍ରେଟେରିଏଟ୍ ଚାକିରି ଆଉ ସୁନା କେଇ ତୋଳା ପାଇ ଆମେ ଭାବିଲୁ ଯେ ଜୀବନର ଉନ୍ନତିର ଚରମ ହୋଇଗଲା କିନ୍ତୁ ଏମିତି ଲୋକ ଅଛନ୍ତି ମାଉସୀ, ଯିଏ ଆମଠାରୁ ହଜାର ଅଯୋଗ୍ୟ ହେଲେ ବି ମୁଣ୍ଡ ଖର୍ଚ୍ଚ କରି ଲକ୍ଷାଧିପତି ହୋଇ ଯାଉଛନ୍ତି "

"ତାଙ୍କ ଭାଗ୍ୟରେ ଅଛି ହୋଇ ତାଙ୍କୁ ମିଳୁଚି ସବୁଥିଙ୍କର ଭାଗ୍ୟ କଣ ସବୁ ବେଳେ ଖୋଲୁଚି ?"—ମୁଁ କହିଲି।

ବଇଁଶୀଭାଇ କହିଲେ "ଭାଗ୍ୟ ଫାଗ୍ୟ ସବୁ ମିଛ କଥା, ମୁଣ୍ଡ ଖର୍ଚ୍ଚ କରିବା ଉପରେ ସବୁ ଭାଗ୍ୟ ନିର୍ଭର କରୁଚି। କଟକରେ ଯାହା ଦେଖି ଆସିଲି ମାଉସୀ ଶୁଣିଲେ ଉପରେ ଧିକ୍କାର ଅସିଗଲା।"

"କଣ ଦେଖିଲ ବଇଁଶୀ ଭାଇ ?"— ମୁଁ ଆଉ ଟିକି ପଚାରିଲି। "ଡେନିସ୍ ପେଟେରୋ (Dennis Peterow)ଙ୍କ ନାଆଁ ଶୁଣିଚ ? "ଶୁଣିଚି ଭଲଅଚ ମନେ ହେଉଚି ଖବର କାଗଜରେ ବାହାରିଥିଲା ବୋଧହୁଏ—ଆଣ୍ଟି କରପ୍‌ସନ୍ ଅଫିସରନା ?"

ବଇଁଶୀ ଭାଇ କହିଲେ "ହଁ ସେଇ—କିଏ ସିଏ କହିଲ ଦେଖି ? "ଆମେ କେମିତି କହିବୁ ? କିଏ କାହିଁ ସାହେବ ହୋଇଥିବେ ନିଶ୍ଚୟ।"

"ସାହେବ ନା ଧାଏନ ! ସିଏ ଅମ ଝିଅଣା ପାହାଙ୍କ ପୁଅ ଗଣେଶ ପାତ୍ର !"

ନାଁ ଆଁଟା ଶୁଣି ଆମେ ଚୁପ୍ ମାରି ବସି-ଗଲୁ, ସବୁ—ଗଣେଶ ପାତ୍ରକୁ ନଜାଣିଚି ଏମିତିକା ଲୋକ ଆମ ଗାଁରେ କେହି ନାହାନ୍ତି—ଫେଲକୋବିରେ ସଚିବ, ଭାରତୀ ପାଠୁ ନଜ ଛତରୁ ବଜାରୁ ନୋକା ଆଉ କେହି ନାହାନ୍ତି—ରଘୁ ଟିକେଟ ହୋଇ ହୋଟେଲ ଓଡ଼ିଶାର ପ୍ରାୟ ଅଧିକାଂଶ ସ୍କୁଲ ବୁଲି ଆସିଚି ମାସ୍ଟର୍‌ମାନଙ୍କ ଚେଷ୍ଟା କରି ଅଶ୍ରୁ ପାତ କରି ପାରୁନି—ବାପ ଗୃହଣ ଟିକିଏ କରିନି—ଓଁକାର ଶାରଦେ ଓଁ କିଏ ଓଁପାଠ ପୁଅର ଯାକିଟି ସୀମା ନାହିଁ ଘର କାନ୍ଥରେ ଚିତ୍ରକୁ ଭୁଲିବା—ସାଇରେ ଦୋଷ ପାଇଁକି ଝିଟିକା ଲାଗିବା—ଇତ୍ୟାଦି ଇତ୍ୟାଦି। ପାଠ ପଢ଼ି ଦୁଇ କଣ, ଦିନ ରାତି ତାରି ଟେନିସ୍ ଖେଳା ଗୁଲି-ଥାଏ ଦେଖିଲ ତାକୁ ଆମେ।

ମୁଁ କହିଲି, ଅସମ୍ଭବ ତାର କି ଯୋଗ୍ୟତା ଅଛି ଯେ ତାକୁ ଆଣ୍ଟି କରପ୍‌ସନ୍ ଅଫିସର କରାଯାଇ ଥିବ।

ବଇଁଶୀ ଭାଇ କହିଲେ "କରପ୍‌ସନ୍ ନୁହେଁ କରି ପାଇଚି ସେଇ ବଳରେ ଗଣେଶ ପାତ୍ର ଆଜି ଅଫିସର୍ ଡେନିସ୍ ପେଟେରୋ— ମସ୍ତବଡ଼ ବଙ୍ଗଳା ନେଇ ରହିଚି, ଉନ୍ନତିଟା

ନାଚେ, ତା ପାଖରେ ଗୃହର ବେହେରା ଅର୍ଦ୍ଦଳୀ, ଖାନସମା ବବୃର୍ଚ୍ଚି ଗଣ୍ଡା ଗଣ୍ଡା— ଯେଉଁ ଲୋକ ତାକୁ ଅଙ୍କପାଏ ହ ହାକର କରୁଥିଲେ ସେଇମାନେ କୋଣେ କୂଟରୁ ସଲାମ ଠୁକୁଛନ୍ତି। ମୁଁ ତା ବଙ୍ଗଲାକୁ ପାଞ୍ଚଥର ଗାଇ ସେ ଆସିଛି ଦେଖେ। କହି ପାରେନି, ନେଇ ଯନା ଅଠଣା ଗୃହଣା କହି ସେ ପାଖରୁ କେଜାଣି କାହିଁକି ଖଣ୍ଡେ ଉଧାର ନେଇଥିବ—ଆଉ ହାକିମି ବୋଲି ହାକିମି ତା ପ୍ରତାପରେ ଅଫିସ ଯାକର ଅମଲା ଯେମିତି ଥରୁଛନ୍ତି, ଯେତେବେଳେ ଡାକିଲା ବଜାର ଚାଲ୍, ଯେତେ ଲକ୍ଷପତି ବାବୁ ହାକିମ ସବୁ ଛେଳି ମୁହଁ ହେଉଛନ୍ତି।

"ସେ ଗୃହକର୍ତ୍ତା କେମିତି ସେ ପାଇଲା କଣ ?" ଆମେ ପଚାରିଲୁ ଚଉଁଶୀ ଭାଇ କହିଲେ, "ଖାଲି ମୁଣ୍ଡ ଖର୍ଚ୍ଚ କରି, ଆଉ କିଛି ନୁହେଁ ଯାହା କହନ୍ତି ମାଉସୀ ବୁଦ୍ଧିର୍ଯସ୍ୟ—ସେୟା। ତା ସଙ୍ଗରେ ବିଦ୍ୟା ନଥିଲେ କଣ ହେଲା ବୁଦ୍ଧି ଜୋରରେ ସେ ମାରିନେଇ ଗଲା—ସେ ଯେତେବେଳେ ମଠର ଛୁଟିରେ ଗୃହ ପାଉଛି ମାଉସୀ ଆପଣା ଉପରେ ଏତେ ଧିକ୍କାର ଆସୁଛି—ଆମ ପାଠପଢ଼ା ଗୃହକୁ ସବୁ ଛି କରି ଦେବାକୁ ମନ ହଉଛି—ବୁଝିଲେ ମାଉସୀ ଯନା ବାହା ହୋଇଛି କଟକରେ ଜଜ୍ ସାହେବ ସାର୍ ଜନାର୍ଦ୍ଦନ ଶଙ୍କର ବେନେର୍ଜିଙ୍କ ଝିଅ ଲୁସିକୁ।"

"ଅଏଁ ? ଚାଲ କଣ ଓଲଟିଗଲାକି ?"

"ଜଜ୍ ସାହେବ ତାଙ୍କର ସମସ୍ତ ସ୍ଥାବର ଅସ୍ଥାବର ସମ୍ପତ୍ତି ଝିଅ ଜୋଇଁଙ୍କ ନାଆଁରେ ଲେଖି ଦେଇଛନ୍ତି—ତାଙ୍କର ଚେଷ୍ଟାରେ ଯନା ଅଳ୍ପ ଅଭିଜ୍ଞ ପସନ୍ ଅଫିସର ହୋଇ ପାରିଛି।"

ବୋଉ କହିଲା, "ଜଜ୍‌ସାହେବଙ୍କ ଝିଅକୁ କଣ ବର ମିଳୁ ନଥିଲା କି, ନା ଯନା ଛଡ଼ା ଆଉ ଗୁଣର ପିଲା ନଥିଲେ ଯେ ତାର ଉପରେ ମୁନ୍ଦା କଲଣି ଚଳାଗଲା ?"

"ସେଇତ ହଉଛି ଧନେଶର ବାହାଦୂରୀ ଏମିତି ଠୋକ ଦେଖି ବାହା ହେଲା ଯେ ଶ୍ୱଶୁର ତ ଶ୍ୱଶୁରର ଧନ ଦଉଲତ କୋଠାବାଡ଼ି ଶୁଣିଲେ ଦାଜର କୌଣସି କଥା ଉଣା ହେଲାନି—ମଣିଷ ଜୀବନରେ ସୁଖ ଆଉ କାହାକୁ କହନ୍ତିକି ?"

"କିନ୍ତୁ ସେମାନଙ୍କୁ ଜୋଇଁ କଲେ କେମିତି କି ?"

"ଜନାଇ ନେମିତ ନହଁଚ ସେଇଠି—କେମିତି କେଜାଣି ଲୁସି ଉପରେ ଆଖି ପକେଇ ଅଳ୍ପ ସବୁକଥା ଆଗରୁ ଯାଞ୍ଚିଥିବ ବୋଧହୁଏ—ମାଠ ନଥିଲେ ପଇସା ଖର୍ଚ୍ଚ କରି ଜାଣିଛି—କଣ କହିବ ମାଉସୀ, ଦିନେ ସେ ଠୋକ ତାଙ୍କ ଦାଣ୍ଡ ବଗିଚାରେ ବୁଲୁଛି ଯନା ସୁବିଧା ଉଣ୍ଡି ଟେନିସ୍ ବଲ୍‌ଟାଏ ଏ ପାଖରୁ ଆଉ ସେପାଖକୁ ଦେଲା ତାଙ୍କ ହତା ଭିତରକୁ କିଛି ସମୟ ପରେ ପହଞ୍ଚିଯାଇ ଖୁବ ସମ୍ମାନ ସହିତ ଠୋକକୁ କହିଲା "କ୍ଷମା କରିବେ ଏଠିକି ଗୋଟାଏ ଟେନିସ୍ ବଲ ଗୁଡ଼ି ଆସିଛନ୍ତି ? ଯନା ହାତରେ ଟେନିସ୍ ର୍‌ୟାକେଟ୍‌ଟାଏ ଧରିଥାଏ।

ଲୁସି କହିଲା "ଓ ସେଇଟା ଆପଣଙ୍କର ସେଠି ମଡ଼ିଛି ନେଇ ଜଲଦି ପଳାନ୍ତୁ ଆପଣ ହତା ଭିତରକୁ ଆସିଛନ୍ତି ଦେଖିଲେ ବାପା ଗୁଳି କରିଦେବେ" ଯନା ବଲଟା ଗୋଟାଇ ଧନ୍ୟବାଦ ଜଣାଇ କହିଲା, "ଆପଣଙ୍କ ହତାର ପାଚେରୀ ଏତେ ଛୋଟ, ଦିନେ ଆମକୁ ନିଶ୍ଚୟ ଗୁଳି ଖାଇବାକୁ ପଡ଼ିବ" ଲୁସି ପଚାରିଲା 'କେଉଁଠି ଖେଳନ୍ତିକି ଆପଣ ?" "ପାଚେରି ଆରପାଖ ପଡ଼ିଆରେ" ଲୁସି କହିଲା "ମୋର ଖେଳିବାକୁ ଭାରି ଇଚ୍ଛା ଯେ ସାଙ୍ଗ ପାଉନି—ଯନା କହିଲା "ଆସନ୍ତୁ କେବେ ଆମ ସାଙ୍ଗରେ ଖେଳିବେ ଅଚ୍ଛା ଯାଉଛି ନମସ୍କାର, ଆଉ ପୁଣି ଥରେ ଧନ୍ୟବାଦ" ତାପରେ କେବେଠୁ କେଜାଣି ଦିନ ଦିନ ଧରି ଲୁସି ଯିବ ଟେନିସ ଖେଳିବା ପାଇଁ ଆଉ ଖେଳିବେ ଯନା ବ କୋଉ କମ୍ କି। କଣ କରିଦ ଯ୍ୟା କାପିଇ ତା ପେଷ୍ଟ ଉଧାର ନେଇ ପିନ୍ଧି, ବୋଉର କଣ ଖଣ୍ଡେ ଦିଖଣ୍ଡ ଗହଣା ଥିଲା ତାକୁ ଗ୍ରେସିକରି ବନ୍ଧକ ସେଇ ଟଙ୍କାରେ ସୁଟ୍ ଜୋତା ଇତ୍ୟାଦି ଦନେଇ ଛାଣ୍ଡି କାଣ୍ଡି ଆଉ ଷ୍ଟାଇଲରେ ଠୋକ ଆଗରେ ଏମିତି ଗୋଟାଏ ଅଭିନୟ କରି ଦେଲା ମାସୁଟାଏ ଭିତରେ ଠୋକ ରହିଲା ତା ହାତ ମୁଠାରେ। ତାପରେ ଠୋକ ମଟର ନେଇ ନଈ କୂଳକୁ ଯିବ ଆଉ ଦିହେଁ ମିଶି ସିନେମା ଦେଖିଯିବେ, ବୁଲିଯିବେ ଇତ୍ୟାଦି ଇତ୍ୟାଦି ଅବଶ୍ୟ ପରେ ଯନା ମାନିଗଲା ଯେ ସେ ନିହାତି ଗରିବ କିନ୍ତୁ ଲୁସିକୁ ପ୍ରାଣଠାରୁ ବେଶି ଭଲପାଏ। ଲୁସିବି ପ୍ରେମରେ ବୁଡ଼ି ସୁଡ଼ି। ଯନା ଯେତେବେଳେ ବାହା ଘରର ପ୍ରସ୍ତାବ ଆଣିଲା ଲୁସି କହିଲା "ମୁଁ ସମ୍ପୂର୍ଣ୍ଣ ରାଜି ଅଛି କିନ୍ତୁ ବାବା ରାଜି ହେବେନି ଆଉ ମୁଁ ବାବାଙ୍କୁ ଏତେ ଡରେ ଯେ ତାଙ୍କ ପାଖରେ ଭରସି ଯାଇ ପାରେନି" ଯନା କହିଲା ତମ ବାବାଙ୍କୁ ରାଜି କରାଇବା ଭାର ମୁଁ ନଉଛି" ଲୁସି ବୋଧହୁଏ ମନେ ମନେ ହସିଥିବ ଯନାର ମୂର୍ଖାମୀ ଦେଖି କାରଣ କାହିଁ କନା ରାଇପ ଭଳିଆ ସାର୍ ବେନେର୍ଜିଙ୍କୁ ଦେଖିଲେ ବଡ଼ହିଁ ବଡ଼ା ତର୍ହିଁ ବଡ଼। ବାଘଥା ପାଳଟି ଯାଆନ୍ତି ଆଉ ସିଂହ ଭଳିଆ ଗୋଟାଏ ଗର୍ଜନ ଶୁଣିଲେ ଲୋକେ ହଗି ମୁତି ଆଣିଏ—ଆଉ ଯନା କହୁଛି ମୁଁ ରାଜି କରେଇବ ! ଲୁସି କହିଲା "ଗଡ଼ ହେଲ୍‌ପ ୟୁ"—

ତାପରେ ଦିନେ ସକାଳ ଉଣ୍ଡି ଯନା ଯାଇ ସାର୍ ବେନେର୍ଜିଙ୍କ ବଙ୍ଗଳାରେ ହାଜର ହେଲା—ସାର୍ ବେନେର୍ଜି ଡ୍ରଇଂରୁମ୍‌ରେ ଖବର କାଗଜ ପଢ଼ୁଥିଲେ—ଯନା ବେହେରା ହାତରେ କାର୍ଡ ପଠାଇଲା—କେତେ ସମୟ ଅପେକ୍ଷା କଲା ପରେ ଡକେଇଲେ। ଗୁଡମର୍ଣ୍ଣିଂ ସାର୍ କହି ଛିଡ଼ା ହେଲା--ବେନେର୍ଜି ପଚାରିଲେ, "କି ଚାଓ" ଯନା ଖୁବ୍ ଦମ୍ଭ ଧରି କହିଲା "ମୁଁ ଆପଣଙ୍କ ସାଙ୍ଗରେ ଦି ମିନିଟ କଥା ହେବାପାଇଁ ଅନୁମତି ଚାହେଁ।

ବାନେର୍ଜି କହିଲେ "ବଲୋ ଫେଲ।"—ବହୁଦିନ ଓଡ଼ିଶାରେ ରହିଥିବା ବେନେର୍ଜି ସାହେବ ଓଡ଼ିଆ ଭାଷାଟା ପୁରା ଆୟତ୍ତ କରି ପାରି ନାହାନ୍ତି।

ଯନା କହିଲା—"ମୁଁ ଆପଣଙ୍କ ଝିଅ ଲୁସିକି ବିବାହ କରିବାକୁ ଇଚ୍ଛା କରେ, ଆପଣଙ୍କ ଅନୁମତି ପାଇଁ ଆସିଛି"

"ଅଁ, କି ବଲ୍ଲେ ?" ସାର୍ ବେନେର୍ଜିଙ୍କ ସ୍ୱରରେ ଘରର ଫର୍ନିଚର ସବୁ ଥରିଲା ଭଳି ଲାଗିଲା।

ଯନା ଖୁବ ଭଲ ପିଲା ଭଳି କହିଲା ନିର୍ଭୟରେ, "ମୁଁ ଆପଣଙ୍କ ଝିଅକୁ ବାହା ହବାକୁ ଇଚ୍ଛାକରେ।"

ସାର୍ ବେନେର୍ଜି ଯେମିତି ସାମନାରେ ଆଉ ଗୋଟାଏ ସିଂହ ଦେଖିଲେ ସେମିତି ମୁହଁ କଲେ—କିଛି ସମୟ ପରେ ଧକାଟା ହଜମ କରି କହିଲେ, "କି କାଯ୍ କରୁଚ ?"

ଯନା କହିଲା ଆପାତତଃ କିଛି କାମ ପାଇନି"

"କଣ ପାସ୍ କରେ ଛ ?"

"ମାଟ୍ରିକ ପର୍ଯ୍ୟନ୍ତ ପଢ଼ିଥିଲି।"

"ବାବା କି କାଯ୍ କରନ୍ତି ?"

(୧୦ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ତାହାହିଁ ହୁଏ

ଅଶୋକ ଚକ୍ର ଚିହ୍ନିତ ତ୍ରୀରଙ୍ଗା ପତାକା ନୀଳବ୍ୟୋମୋପନ୍ତରେ ଅ ପୂର୍ବଶୋଭା ସଂଗ୍ରହ କରି ଉଡ଼ୁଥିମାନ । ଗଗନ ପବନ ସ୍ୱାଧୀନ ଭାରତର ଜୟନାଦରେ ମୁଖରିତ । ଗୃହେ ଗୃହେ ପତାକା ଦିର ଅପୂର୍ବ ସାଜସଜା ମହାମାନବ ଗାନ୍ଧୀ, ପଣ୍ଡିତ ନେହୁରୁ ପ୍ରଭୃତିଙ୍କର ଚିତ୍ର ଫଳକ କୁ ଉର୍ଦ୍ଧ୍ୱକୁ କରି ମାଲଲ ବାମି ଜନଶୋଭାଯାତ୍ରା ମାଡ଼ି ମନ୍ତ୍ରର ଗଡ଼ଗଡ଼ ଭସି ଗୃହଛି ଶ୍ରୀମନ୍ଦର ଅଙ୍କେ । ଶୋଭାଯାତ୍ରାର ଗତି ସହିତ ଗତି ମିଳାଇ ପ୍ରଣୟ



ଦେଇ ସାମ୍ରାଜ୍ୟ ବାଦୀ ଶକ୍ତି ପଳାୟନ କରିଛି । କେତେ ଶହିଦର ରକ୍ତାକ୍ତ ମଥା ଏବ ସ୍ୱାଧୀନ ଦେବୀ ପୀଠରେ ବଳୀ ପଡ଼ ନେଇଛି ।

ଭାରତ ଜାତୀୟତାର ଏ ଅପୂର୍ବ ପରିବର୍ତ୍ତନ ପାଇଁ ସହର ମାନଙ୍କରେ ଆନନ୍ଦର ଧୁମଧାମ ହେଉଛି ।          ×          ×

ସେଦିନ ଗୋଟିଏ ସୁନେଲ୍ ଫଳରେ ଗୃ ଭୋଜିକୁ ନିମନ୍ତ୍ରଣ ମିଳିଥିଲା ସ୍ଥାନୀୟ ମନ୍ତ୍ରୀ ପରିଷଦ ସଭ୍ୟଙ୍କ ଘରୁ । ତରୁଣ ଜୀବନରେ ଜାତୀୟ-

## କାହାଣୀ

ରାସ୍ତାଟିର ଅଭିନବ ସାଜସଜାରେ ସଜ୍ଜିତ ତୋରଣ ଗୁଡ଼ିକ ପ୍ରତି ସଚଳ ଦୃଷ୍ଟି ପାତକର ଗତି କରୁଥାଏ ସାଥୀରେ ମୋର ସ୍ଥାନୀୟ ନେତା, ମନ୍ତ୍ରୀ ପରିଷଦର ସଭ୍ୟ ।

"ବାବୁ ଆଜି ପରା ଆମଦେଶ ସ୍ୱରାଜ ପାଇଛି । ଏଣିକି କଣ ସମସ୍ତଙ୍କୁ ପେଟପୁରା ଖାଇବାକୁ ମିଳିବ ନା ?"

ଜନତାର ଶେଷ ଭାଗରେ ମୋର ତରୁଣ ଭାବବିହ୍ୱଳ ପ୍ରାଣକୁ ଘେନି ଭାରତର ଏହି ଗୌରବମୟ ବିପ୍ଳବରେ ଅଭିଭୂତ ହୋଇ ଗତି କରୁଥିଲି ବେଳେ ପଥପାର୍ଶ୍ୱର 'ଏହି ଜରା ଓ ଦାରିଦ୍ର୍ୟ ପୀଡ଼ିତ ଭିକାରୀଟିର ପ୍ରଶ୍ନର ଉତ୍ତର ଦେବା ପାଇଁ ମୁଁ ପ୍ରସ୍ତୁତ ନଥିଲି । ପ୍ରଶ୍ନ ବିଷୟରେ ସମ୍ୟକ ଚିନ୍ତା କରୁକରୁ ସାଥୀରେ ଯାଉଥିବା ନେତ୍ତୃ ସ୍ଥାନୀୟ ବ୍ୟକ୍ତି ଉତ୍ତର ଦେଲେ —ହିଁ ହିଁ ମାହାତ୍ମା ଗାନ୍ଧୀଙ୍କ ନାମ ଶୁଣିଛତ ? ତାଙ୍କର ସେଇ ଇଚ୍ଛା ସେ କଳ୍ପନା କରିଥିବା ସ୍ୱରାଜ କଣ ଜାଣ ? ସେ ଗୃହାନ୍ତ ସ୍ୱରାଜରେ ପ୍ରତ୍ୟେକ ମାନବର ବଂଚିବାର ଅଧିକାର ଅଛି । ତାଙ୍କର ଲକ୍ଷ୍ୟରେ ସ୍ୱରାଜ ଆସିବ ସେଦିନ ଯେଉଁଦିନ ଭୁମପର ଭାରତର ଶହ ଶହ ନିରନ୍ନ ଜନତା . ଅନ୍ତତଃ ଦୁଇଥର ପେଟପୁରା ଖାଇବାକୁ ପାଇବେ ଦିନକ ଭିତରେ ସେଥିପାଇଁ ଯେ ଯେ ଯୁଗଯୁଗଧର ସଂଗ୍ରାମ ଚଳାଇ ଆସିଛନ୍ତି—"।

ଲୋକଟିର ଶେଷୀଲା ପେଟରେ ଏ ଉତ୍ତର କି ଶାନ୍ତ ସଂଗ୍ରହ କଲା କେଜାଣି ତଥାପି ସେ ଭୂଇଁରୁ ମାଟି ନେଇ ଲଗାଇଥିଲା ମୁଣ୍ଡରେ —ସେଇ ମହାତ୍ମା ଗାନ୍ଧୀଙ୍କର ଉଦ୍ଦେଶ୍ୟରେ ।

ଭାରତ ସ୍ୱାଧୀନତା ପାଇଛି । କଂଗ୍ରେସ ପରି ଶକ୍ତିଶାଳୀ ଜାତିମୁ ଅନୁଷ୍ଠାନ ତଳେ ବର୍ଷ ବର୍ଷ ବ୍ୟାପି ସାଧନା ଓ ସଂଗ୍ରାମ ଫଳରେ ଦେଶର ଲୁପ୍ତ ଗୌରବକୁ ଫେରାଇ

## କଥାଟିଏ କହୁଁ

ତାର ଉଦ୍ରେକ ବଳରେ ମୁଁ ଆଜି ନୁହେଁ ଅତି ଛୋଟ ବେଳୁ କଂଗ୍ରେସ ପାଇଁ କର୍ମକ୍ଷେତ୍ରରେ ଉପସ୍ଥିତ ହୋଇଛି ।— ସେଥିରେ କପଟି ଗୋଟାଏ ସମ୍ମାନର ଗୁପ୍ତ ଲକ୍ଷ୍ୟ ଅଜାଣତରେ ମୋର ହୃଦୟ ରାଜ୍ୟରେ ସ୍ଥାନ ଅଧିକାର କରି ପାରିଛି ।

ନିମନ୍ତ୍ରଣ ରକ୍ଷାକରି ବିଜୁଳି ଆଲୋକ ଧୌତ ଦ୍ୱିତଳ ପ୍ରାସାଦ ସମ୍ମୁଖରେ ମୋର ସାଇକଲଟିକୁ ରଖି ଭିତରକୁ ପଶିଲି । ମୋପରି କେତେକ ଛାତ୍ର କର୍ମୀ ଏବଂ ସହରର ନେତୃ ପରିଷଦ ଅଧିକାଂଶ ସଭ୍ୟ କୁସନ ବେଞ୍ଚ ଗୁଡ଼ିକରେ ଆସୀନ ।

ସାମାନ୍ୟ କେତେକ ରସପୂର୍ଣ୍ଣ ଆଲୋଚନା ପରେ ପାଶ୍ଚାତ୍ୟ ରୀତିରେ ପଡ଼ିଥିବା ମେଜ ସମ୍ମୁଖରେ ଜଳପାନ ପାଇଁ ସମସ୍ତ ପ୍ରସ୍ତୁତ ହେଲୁ ।

ହଠାତ୍ କି ଖଣ୍ଡିଏ ପାଟିରେ ଦେଇ ଗୃହକମ୍ପରୁ ପ୍ଲେଟକୁ ତାକୁଛି ବାହାର ରାସ୍ତାର ଅତି କରୁଣ ଭାଷାରେ ଶୁଣିବାକୁ ମିଳିଲା—"କିଛି ଖାଇନି ବାବୁ, ବୁଢ଼ାଲୋକ ବାବୁ—" ।

ସ୍ୱାଧୀନ ଭାରତରେ ଏପ୍ରଶ୍ନର ସମାଧାନ ପାଇଁ ମତେ ଭାବିବାକୁ ପଡ଼ିଲା କିଛି କ୍ଷଣ । ଅନ୍ୟମାନଙ୍କର ମନ ସେ କରୁଣ ଲଳିତ ସ୍ୱର ପ୍ରତି ଆକୃଷ୍ଟ ହୋଇ ପାରିଥିଲା କି ନା ଜାଣେନା । ଉଦ୍ରତା ଖାତିରରେ ମନକୁ ପ୍ରବଳ ଯନ୍ତ୍ରଣା ସତ୍ତ୍ୱେ ନୀରବ ଭାବରେ ବସି ରହିବାକୁ ହେଲା ।

"—ମାରନ ବାବୁ, ପିଆଜପରଡ଼ୁ ଯାଇନ"—ଅତି ମର୍ମସ୍ପର୍ଶୀ ଭାଷାରେ ଶୁଣିବାକୁ ମିଳିଲା ।

ଗୃହର କୌଣସି ଭୃତ୍ୟର ନିର୍ମମ ପ୍ରହାର ବିରୁଦ୍ଧରେ ସତ୍ୟ ଅନେକ ଅଧୀର ହୋଇ ବୃଦ୍ଧିଟିର ପ୍ରତିବାଦ—ଅନ୍ତର ତଳେ କରି ପାରିଲା ମନକୁ ମୋର । ଏହିତ ନେତୃ ସମାଜ—ଏହାର ଆଗରେ ବୃଦ୍ଧ ଭିକାରୀର ମର୍ମସ୍ପର୍ଶୀ କରୁଣ ବାଣୀ ଆଜି ବ୍ୟର୍ଥତାରେ ପରିଣତ । ଦେଶ ହିତ ସମାଜ ହୋଇ ମଧ୍ୟ ତାର ଭାଷା ପ୍ରତି ଲକ୍ଷ୍ୟ ନାହିଁ ।

ଜଳପାନର ଯଥାବିଧିପରେ ନେତୃଗଣ ଅପସାରିତ ହୋଇଗଲେ । କ୍ଷଣକ ପୂର୍ବରୁ ଯେଉଁ ଭିକାରୀଟିର ସକରୁଣ ସ୍ୱନପାଇଁ କାହାର ମନ ତରଳିଲା ନାହିଁ ପରେରେ ହର୍ଷ ଦେଇ କେହି କେହି ବା ରିକ୍ସାର ନରମ ଆସନ ଉପରେ ଉପବେଶନ କରି ପ୍ରସ୍ଥାନ କଲେ ।

ସେଦିନ ଯେଉଁ ବୃଦ୍ଧ ଭିକ୍ଷୁଟି ମହାମାନବ ଗାନ୍ଧୀଙ୍କର ଆଦର୍ଶବାଦରେ ମଜ୍ଜି ତାଙ୍କର ମହତ୍ତ୍ୱ ଆଦର୍ଶ ପ୍ରତି ମଥା ନୋଇଁ ମନ୍ତ୍ରୀ ପରିଷଦ ସଭ୍ୟଙ୍କଠାରୁ ଉତ୍ତର ପାଇଥିଲା— ସେହି ଭିକାରୀଟି ଆଜି ବସି ରହିଛି ଖାଦ୍ୟର ମୋହ ଏତ ନପାରି ସେହି ସଭ୍ୟଙ୍କ ଦୁଆରେ ବେଶାଘାତ ନିର୍ମମ ପ୍ରହାରକୁ ସହ୍ୟକରି ବାରବୁଲା କୁକୁରଙ୍କ ସହିତ ଅଇଣ୍ଠା ପତ୍ରର ସଂଧାନରେ ।

ଗୃହଟିର ମାଲିକ ହୁଏତ ଭିକ୍ଷୁଟିର ପୁନଃ ପୁନଃ ବିରକ୍ତିକର ଡାକରେ କ୍ରୁଦ୍ଧ ହୋଇ ଭୃତ୍ୟକୁ ବାହାର କରିଦେବା ପାଇଁ ଆଦେଶ କରିଛନ୍ତି ।

ତରୁଣ ମନରେ ମୋର ଭାବନା ରାଜି ଠୁଳ ହୋଇ ଆସିଲା । କାଲି ଯେଉଁମାନେ ଆସନକୁ ଶକ୍ତିଶାଳୀ କରିବା ପାଇଁ ଭିକ୍ଷୁକ ଟିକୁ ମହାତ୍ମା ଗାନ୍ଧୀଙ୍କର ଆଦର୍ଶ ବୁଝାଇ ଉଦବୁଦ୍ଧ କରାଉଥିଲେ—ସେ ଆଜି ସେହି ଭିକାରୀ ପ୍ରତି କି ନିର୍ମମ ବ୍ୟବହାର କରିବାରେ କୁଣ୍ଠା ବୋଧ କରି ନାହାନ୍ତି—ତାହା ମୋର ଅବ୍ୟକ୍ତ ଭାବରାଶିକୁ—ଭାବିବାକୁ ସ୍ଥାନ ଦେଲାନି ।

ବିଦେଶୀ ଶାସକ ବିରୁଦ୍ଧରେ ଯେ ବିଦ୍ରୋହ ମନ୍ତ୍ର ପ୍ରବାହିତ ହୋଇ ଉଠିଥିଲା ତାକୁ ଆସନ ଚ୍ୟୁତ କରିବା ପାଇଁ ସେହି ବିଦ୍ରୋହର ଶିଖା ଲୁହେଇ ଉଠିଲା ମୋର ତରୁଣ ଅନ୍ତରରେ ଭିକ୍ଷୁଟି ପ୍ରତି ଏ ବ୍ୟବହାର ଦେଖି ।

ପ୍ରଶ୍ନ କରିବାକୁ କାହାକୁ ସାହାସ ହେଉ ନଥିଲେ ମଧ୍ୟ ଉତ୍ତର ପାଇଥିଲି ମୋର ବିବେକ ଠାରୁ—"ତାହାହିଁ ହୁଏ"— ।

# ପ୍ରା ର୍ଥ ନା  ପ ଦା ବ ଳି

## ବିଦ୍ୟାମନ୍ଦିର ପ୍ରାର୍ଥନା ।

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ
ସହ ବୀର୍ଯ୍ୟଂ କରବାବହୈ । ତେଜସ୍ୱି ନାବଧୀତମସ୍ତୁ
ମା ବିଦ୍ୱିଷାବହୈ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ

ଟୀକା

ଈଶ୍ୱର ଆମ ଦୁହିଙ୍କୁ ରକ୍ଷା କରନ୍ତୁ । ସେ ଆମ ଦୁହିଙ୍କୁ ପାଳନ କରନ୍ତୁ । ଆମେ ଏକ ସାଙ୍ଗରେ ପୁରୁଷାର୍ଥ କରୁ । ଆମର ମଙ୍ଗଳ ହେଉ--ଆମର ଅଧ୍ୟୟନ ତେଜସ୍ୱୀ ହେଉ । ଆମେ ପରସ୍ପର ଦ୍ୱେଷ ନକରୁ । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

ଅନୁବାଦ

କରନ୍ତୁ ଉଭୟେ ରକ୍ଷା ଜନାର୍ଦ୍ଦନ
ଉଭୟଙ୍କୁ ସେହି କରନ୍ତୁ ପାଳନ ।
ଉଭୟେ ସଙ୍ଗତେ କରୁଁ ପୁରୁଷାର୍ଥ
ହେଉ ଅଧ୍ୟୟନ ତେଜସ୍ୱୀ ଯଥାର୍ଥ ।
ନୋହୁ ପରସ୍ପର ଦ୍ୱେଷ ଅବା ଭ୍ରାନ୍ତ
ସର୍ବେ ହୁଅନ୍ତୁ ଶାନ୍ତ ଶାନ୍ତ ଶାନ୍ତ ।

ଶ୍ଳୋକ

ଓଁ ଅସତୋ ମା ସଦ୍‌ଗମୟ । ତମସୋ
ମା ଜ୍ୟୋତିର୍ଗମୟ, ମୃତ୍ୟୋର୍ମାଽମୃତଂଗମୟ

ଟୀକା

[ ହେ ପ୍ରଭୁ ! ] ମୋତେ ଅସତ୍ୟରୁ ସତ୍ୟକୁ ନେଇଯାଅ ! [ ଅଜ୍ଞାନ ରୂପୀ ] ଅନ୍ଧକାରରୁ [ ଜ୍ଞାନ ରୂପକ ] ଆଲୋକକୁ ନେଇଯାଅ । ମୃତ୍ୟୁରୁ ମୋତେ ଅମୃତ [ ଅମରତା ]କୁ ନେଇଯାଅ !

ଅନୁବାଦ

ଅସତ୍ୟୁଁ ସତ୍ୟକୁ ମୋତେ ନେଇଯାଅ
ତାମସୁଁ ଉଜ୍ଜ୍ୱଳ ଆଲୋକ ଦେଖାଅ,
ମୃତ୍ୟୁରୁ ଅମୃତ ପଥେ ମୋତେ ବାହ !

ଶ୍ଳୋକ

ଯୋଽନ୍ତଃ ପ୍ରବିଶ୍ୟ ମମ ବାଚମିମାଂ ପ୍ରସୁପ୍ତାଂ
ସଂଜୀବୟତ୍ୟଖିଳ-ଶକ୍ତି-ଧରଃ ସ୍ୱଧାମ୍ନା ।
ଅନ୍ୟାଂଶ୍ଚ ହସ୍ତଚରଣଶ୍ରବଣତ୍ୱଗାଦୀନ୍
ପ୍ରାଣାନ୍ନମୋ ଭଗବତେ ପୁରୁଷାୟ ତୁଭ୍ୟମ୍ ।



ଟୀକା

ହେ ସର୍ବଶକ୍ତିମାନ୍ [ଈଶ୍ୱର] ତୁ ମୋ ହୃଦୟରେ ବାସ କରୁଛୁ । ଆପଣା ତେଜ ଦ୍ୱାରା ତୁ ମୋର ସୁପ୍ତ ବାଣୀକୁ ଜାଗ୍ରତ କରୁଛୁ, ମୋର ହସ୍ତ ପଦ ଓ କର୍ଣ୍ଣ ଓ ତ୍ୱକ [ଚମଡ଼ା] ଆଦି ଅବୟବରେ ତୁ ପ୍ରାଣ ସଞ୍ଚାର କରୁଛୁ ହେ ଭଗବାନ୍, ତୋତେ ବାରମ୍ବାର ନମସ୍କାର କରୁଛୁ ।

ଅନୁବାଦ

ଅନ୍ତର୍ବାସୀ ଭଗବାନ୍ ଅଖିଳଶକ୍ତି ଧାରୀ
ସୁପ୍ତ ମୋ ବଚନ ସ୍ଫୁରେ ତେଜରେ ଯାହାର
ପ୍ରାଣ ଯେ ସଞ୍ଚରେ ହସ୍ତ ଶ୍ରୁତ ପାଦ ଚର୍ମେ
ପୁରୁଷ ଉତ୍ତମ ତୋତେ କୋଟି ନମସ୍କାର ।

—*—

## ସ୍ତ୍ରୀମାନଙ୍କ ପ୍ରାର୍ଥନା

ଶ୍ଳୋକ

ଗୋବିନ୍ଦ ଦ୍ୱାରକା ବାସିନ୍ କୃଷ୍ଣ ଗୋପୀଜନ ପ୍ରିୟ
କୌରବୈଃ ପରିଭୂତାଂ ମାଂ
କିଂ ନ ଜାନାସି କେଶବ,,

ଟୀକା

ହେ ଦ୍ୱାରକା ବାସୀ ଗୋବିନ୍ଦ, ହେ ଗୋପୀଜନପ୍ରିୟ କୃଷ୍ଣ, ମୁଁ କୌରବ ଅର୍ଥାତ ମନ୍ଦ ବା ଦୁଷ୍ଟ ବାସନା ଦ୍ୱାରା ପରିବେଷ୍ଟିତ ହୋଇଛି । ହେ କେଶବ ତୋତେ ଏହା କଣ ଜଣା ନାହିଁ ?

ଅନୁବାଦ

ନ ଜାଣ କି ଗୋପୀନାଥ
ଗୋବିନ୍ଦ ଦ୍ୱାରକା ବାସୀ
ବାସନା କୌରବ ଗଣ
ରହିଛନ୍ତି ମୋତେ ଗ୍ରାସି,

ଶ୍ଳୋକ

ହେ ନାଥ ! ହେ ରମାନାଥ !
ବ୍ରଜନାଥାର୍ତ୍ତି ନାଶନ
କୌରବାର୍ଣ୍ଣବମଗ୍ନାଂ ମାମୁଦ୍ଧରସ୍ୱ ଜନାର୍ଦ୍ଦନ ।

ଟୀକା

ହେ ନାଥ, ହେ ରମାନାଥ, ହେ ବ୍ରଜନାଥ, ହେ ଦୁଃଖହାରୀ ଜନାର୍ଦ୍ଦନ, ମୁଁ କୌରବ ରୂପୀ ସମୁଦ୍ରରେ ବୁଡ଼ି ମରୁଛି ତୁ ମୋତେ ଉଦ୍ଧାର କର !

ଅନୁବାଦ

ହେ ନାଥ ହେ ରମାନାଥ ବ୍ରଜଜନାର୍ତ୍ତି ନାଶନ
ବୁଡ଼ିଲି କୌରବାର୍ଣ୍ଣବେ ଉଦ୍ଧର ହେ ଜନାର୍ଦ୍ଦନ

ଶ୍ଳୋକ

କୃଷ୍ଣ କୃଷ୍ଣ ମହାଯୋଗିନ୍
ବିଶ୍ୱାତ୍ମନ୍ ବିଶ୍ୱ-ଭାବନ
ପ୍ରପନ୍ନାଂ ପାହି ଗୋବିନ୍ଦ
କୁରୁ ମଧ୍ୟେ ଽବସୀଦତୀମ୍—

ଟୀକା

ହେ ବିଶ୍ୱାତ୍ମନ୍ ! ହେ ସମଗ୍ର ବିଶ୍ୱର ସୃଷ୍ଟିକର୍ତ୍ତା ଶ୍ରୀକୃଷ୍ଣ, ମୁଁ କୌରବ ମାନଙ୍କ ମଧ୍ୟରେ ପଡ଼ି ନିରାଶ ଓ ନିସହାୟ ହୋଇ ଗଲିଣି । ଏବେ ତୋର ଶରଣ ନେଉଛି, ମୋତେ ରକ୍ଷାକର—ବଞ୍ଚାଅ ।

ଅନୁବାଦ

ହେନାଥ ହେ ରମାନାଥ ବିଶ୍ୱାତ୍ମା ବିଶ୍ୱଭାବନ
କରେଖ ମୁଁ କୁରୁ ମଧ୍ୟେ ଶରଣ ମୋ ଧନ ।

Digitized by srujanika@gmail.com

# ଚାଳିଶ କୋଟିର ଦେବତା ସିଏ

କଥା କହି ବାଟରେ ଥାଆନ୍ତି ଦେବତା,
କଥା କହ ବାରେ ଛଳନା-ଗିରି !
ଯେତେ କି ମୋ' ଜାତି, ମୋ' ଦେଶର ମିତା
ମୂଲଗଲେ ଛାଡି ମରତ-ପୁରୀ !
ଯେତେକ ମୋ' ଦେଶ ସଉଭାଗ୍ୟ ରବି···
ତମ ସାଗରରେ ନଉକା-ବାହି
ଅଗାଧ-ସଲିଳେ ବୁଡି ଗଲେ ଅବା···
ଉଚ୍ଛୁଳି ଉଠିଲା ବିଷାଦ-ନଈ···
କିଏ ଜାଣିଥିଲା ? କାଳ-ବଇଶାଖୀ,
ଅକାଳର ଏଇ ବଜର ପାତ—
ଅଦିନ-ବରଷା, ଝଡ଼ ଅସି ମାତି
ସାରିଦେ ସବୁର ସୁନେଲି-ସାଧ
କଳା—ବଉଦର ପରଦା ଉଠାଲେ,
ଲୁଚିଯିବ ସତେ ଶରଦ-ଶଶୀ—
କିଏ ଜାଣିଲା ? ଅମା-ଅନ୍ଧକାରେ···
ମିଶିଯିବ ଶେଷ ଆଲୋକ-ରଶ୍ମି··· !
ସତ ସାହସର କମନୀୟ-ଗୁଣେ
ଫୁଟାଇଲା ଯିଏଁ ଯେ ପାରିଜାତ—
ଆରତ ଅକୂଳେ ହେଉଥିଲା ଗତି
ଅଭୟେ ଯିଏ ମରମ-ନାଥ—
ଭାଇ ଭୂକେ ଯେବେ ହସି, ହସି···ଭାଇ
କୁପି ଦେଉଥିଲା ଆପଣା-ଛୁରୀ—
ଧରମ ନାମରେ କରମ ଯାହାର
ବନ ଯାଉଥିଲା ନରକ—ପୁରୀ···
କହ କି ପାରିବ କିଏ ସେ' ? ସେ କାଳେ
ଚରମ ତିଆଗୀ କରମ-ବୀର—
ସିଞ୍ଚି ଦେଇ ଶାନ୍ତି, ସମତାର ବାରି,
ରୋଧି ପାରୁଥିଲା ରକତ-ଧାର···
ଆଉକେ ଆସିବ ଫେରି ପୁଣି ସିଏ
ଶୁଣିବାକୁ ବାରେ ଆରତ ଡାକ···?

ମିଳିବକି ସେହି 'ହଜିଲା-ରତନ'
ଖୋଜି ବୁଲିଲେବି ଧରଣୀ-ସାରା ?
ଦେଖାକି ପାଇବ ସେ' ବାରତା ଥରେ ?
ରକତ ପିଆସୀ ହେ ଅତତାୟୀ !
ଏ' କାହାର ମିତା 'ମୁକତି-ସବିତା'
ଅସିବେକି ଅଉ ଅସିବେ ନାହିଁ ?
ମଣ୍ଡିଥିବା ସବୁ ଇତିହାସେ ତୁମ
ଅତୀତ କାଳର ଗରବ—ଗାଥା
ଦେଖିଛ କି ଅବେ ବସି, ନିଅଁ କାହିଁ
ସୁଅ ନେଇଛି ତା' ପିତାର ମଥା···?

\+ + × +

ଏ' ମହା-ପାପର ପ୍ରାୟଶ୍ଚିତ କରି
ଅହେ ଦେଶୁତକ ପୁରାଣକାର !
ଖୋଲି ନେଉ ଯେତେ 'ଧାପର-ପାହାଡ଼'
ବାପୁଜୀ-ବୁକୁର ରକତ ଧାର···
ତାର ଶମନଲେ ଜଳପାଜ ହେଲେ
ସକଳ ଅଶାନ୍ତି, ବିପଦମାନ—
'ଆଦରଶ' ଦେଉ କରମେ ଚେତନା,
ଶରୀରେ ଶକତି ଅପରାଜୀୟ···
ଜଗତ-ବାଇଙ୍କୁ କହିଯାଏ ଶୁଣି
ବିରାଟ ଏ'କାଳ ପରମ-ଗୁରୁ—
"ମାନବାକୁ ପ୍ରିୟ ହୃଦୟ-ବାସନା"
ଅମର-ଆଲୋକେ ନଗରି-ପୁରୁ !
ଭାବ ଭାତି କଥା ନାହିଁ ପଢ଼ି ମଥା,
ସକଳ ଦୋଷେ-ଅଭୟ ଦିଏ—
ତାର 'ପୂଜା-ବେଦୀ' ସବୁର ଅନ୍ତରେ···
'ଚାଳିଶ୍ କୋଟିର ଦେବତା ସିଏ' ।।

ଶ୍ରୀ ଚନ୍ଦ୍ରଧର ରାଉତ

—*—

# ସତ୍ୟର ସାଧନା

ହେ ସତ୍ୟ ସାଧକ ସତ୍ୟ ଉପାସକ
ସତ୍ୟ ମନ୍ତ୍ର ନେଲ ଦୀକ୍ଷା ।
ସତ୍ୟର ସୌରଭ ସତ୍ୟର ଗୌରବ
ଜଗତକୁ ଦେଲ ଶିକ୍ଷା ॥ ୧

ସତ୍ୟ ଦେବତାଙ୍କୁ ହୃଦ ସିଂହାସନେ
ବସାଇଣ ପୂଜ ମନେ ।
ସତ୍ୟ ମହାମନ୍ତ୍ର ଉଚ୍ଚାରି ଗମ୍ଭୀରେ
ପୂଜିଲ ପୁଲକ ପ୍ରାଣେ ॥ ୨

ସତ୍ୟ-ଧୂପ-ଗନ୍ଧ ସତ୍ୟର ଆହୁତି
ସତ୍ୟ ଅର୍ଘ୍ୟ ଦେଲ ଢାଳି ।
ସତ୍ୟ ଉପବନୁ ସତ୍ୟ ପୁଷ୍ପ ତୋଳି
ଦେଲ ସତ୍ୟ ପୁଷ୍ପାଞ୍ଜଳି ॥ ୩

ସତ୍ୟର ପ୍ରଦୀପ ଜାଳିଲ ଅନ୍ତରେ
ମିଥ୍ୟା ତମ ହେଲା ଦୂର ।
ସତ୍ୟ ପ୍ରଭଞ୍ଜନେ ମିଥ୍ୟା ଜାଲମାନ
ଅଚିରେ ହୋଇଲା ଦୂର ॥ ୪

ସତ୍ୟ କର୍ମେ ବରି ସତ୍ୟ ବର୍ମ ଧରି
ଉଭା ହେଲ ଶତ୍ରୁ ପାଶେ ।
ସତ୍ୟର ଗମ୍ଭୀର ହୁଙ୍କାର ନିନାଦେ
ପଳାଇଲେ ସେହୁ ତ୍ରାସେ ॥ ୫

ହେ ମହା ମାନବ ! ଏହିରୂପେ ତୁମ୍ଭେ
କର ସତ୍ୟ ଉପାସନା ।
ସତ୍ୟ ସେବା ଫଳେ ସତ୍ୟ ଶକ୍ତି ବଳେ
ଉଡ଼ାଇଲ ସତ୍ୟ ବାନା ॥ ୬

ଦେଖି ଏ ସାଧନା ମନେ ପଡ଼େ ମମ
ଭାରତ ପୁରାଣ ଗୀର ।
ସତ୍ୟ ସତ୍ୟ ଅବା ଜନ୍ମିଥିଲ ତୁମ୍ଭେ
ଧର୍ମସୁତ ଯୁଧିଷ୍ଠିର ॥ ୭

ଦେଶ ଭାଇ ସର୍ବେ ମିଳି ସମସ୍ୱରେ
ଗାଇବା ସତ୍ୟର ଜୟ ।
ମହତ ଆଦର୍ଶ ରଖିଣ ସମ୍ମୁଖେ
ଦେଶ କାର୍ଯ୍ୟେ ଦେବା ଲୟ ॥ ୮

ଶ୍ରୀ ଅଶୁତୋଷ ବଶା

Digitized by srujanika@gmail.com

# ସିନେମା

ଶ୍ରୀ ଧୀରେନ ଦାଶ

କିଛିଦିନ ପୂର୍ବରୁ ଭାରତ ଗଭର୍ଣ୍ଣମେଣ୍ଟ "ଭାରତରୁ ଚଳଚ୍ଚିତ୍ର ଜଗତର ଇତିହାସ"କୁ ଶୀଘ୍ରରେ ପ୍ରକାଶ କରିବା ପାଇଁ ଚେଷ୍ଟା କରିଥିଲେ। ଶ୍ରୀଯୁକ୍ତ ଫାଲକେଙ୍କ ସମୟରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ଉଲ୍ଲେଖ ଯୋଗ୍ୟ ଘଟଣା ଗୁଡ଼ିକ ଏଥିରେ ପ୍ରକାଶ କରାଯାଇଥାନ୍ତା। ଏ ସମ୍ବନ୍ଧରେ କିନ୍ତୁ [illegible] ଦେଖାଯାଏ ଯେହେତୁ ଚିତ୍ରକୁ କେବଳ ଦୁଇ ହଜାର ଫୁଟ ଲମ୍ବା କରିବାପାଇଁ ଅନୁମତି ଥିଲା। ଭାରତର ଚଳଚ୍ଚିତ୍ର ଜଗତର ଇତିହାସକୁ ଯେତେ ସଂକ୍ଷିପ୍ତ କଲେ ମଧ୍ୟ ଏହା ଦୁଇହଜାର ଫୁଟରେ ଦେଖାଇବା ଗୋଟିଏ ଅସମ୍ଭବ ବ୍ୟାପାର ଅଟେ।

ଗୋଟିଏ କୌତୂହଳର କଥା ଯେ ଇଂଲଣ୍ଡ କିମ୍ବା ଆମେରିକା ଚିତ୍ର ଗୁଡ଼ିକ ସାଧାରଣତଃ ଆଠହଜାର ଫୁଟ ଥିବା ସ୍ଥଳେ ଭାରତୀୟ ଚିତ୍ରଗୁଡ଼ିକ ଯୁଦ୍ଧ ପୂର୍ବରୁ ସାଧାରଣତଃ ତେର କିମ୍ବା ୧୫ ହଜାର ଫୁଟ ପର୍ଯ୍ୟନ୍ତ ଥିଲା। ଯୁଦ୍ଧ ସମୟରେ ସରକାରଙ୍କ ଦ୍ୱାରା ଏଗାର ହଜାର ଫୁଟରୁ ଅଧିକ ହୋଇ ପାରିବ ନାହିଁ ବୋଲି ଆଦେଶ କରାଯାଇ, ପ୍ରତ୍ୟେକ ଚିତ୍ର ପ୍ରଦର୍ଶନ ପୂର୍ବରୁ **New's reel** ଗୁଡ଼ିକର ପ୍ରଦର୍ଶନ ପାଇଁ ବାଧ୍ୟ କରା ହୋଇଥିଲା ଯେହେତୁ ଅଧିକାଂଶ 'ନିଉଜ୍‌ରିଲ୍' ଯୁଦ୍ଧ ସମ୍ବନ୍ଧୀୟ ପ୍ରଚାର ଫିଲ୍ମ। ବର୍ତ୍ତମାନର ଭାରତୀୟ ଚିତ୍ର ଗୁଡ଼ିକରେ ଏଗାର ହଜାର ଫୁଟ୍ ମଧ୍ୟରୁ ପ୍ରାୟ ଦୁଇହଜାର ଫୁଟରୁ ଅଧିକ ପର୍ଯ୍ୟନ୍ତ ଗୀତ ଓ ନାଚ ଥାଏ ଯେହେତୁ ଅଧିକାଂଶ ଚିତ୍ରରେ ପ୍ରାୟ ସାତଟାରୁ କମ୍ ଗୀତ ନ ଥାଏ। 'ନିଉଜ୍‌ରିଲ୍', ଚିତ୍ର ଆଉ କେତେ ବିଜ୍ଞାପନ ପଠ ଦେଇ ଦର୍ଶକ ମାନଙ୍କ ପାଇଁ ପ୍ରାୟ ତିନିଘଣ୍ଟା ପାଇଁ ବେଶ୍ ଖୋରାକ ଯୋଗାଇ ଦିଆଯାଏ।

ଭାରତରେ ପ୍ରଥମ ସିନେମା ମାନ ଦେଖିଲେ ୧୯୨୭ ଖ୍ରୀଷ୍ଟାବ୍ଦରେ ୩୦୯ଟି ସିନେମା ଗୃହ, ୧୯୪୦ରେ ୧୨୬୫ ଓ ୧୯୪୭ରେ ପ୍ରାୟ ୨୦୦୯ଟି ସିନେମା ଗୃହ ଥିଲା। ବର୍ତ୍ତମାନ ମଧ୍ୟ ଭାରତର ଅନେକ ସ୍ଥାନରେ ସିନେମା ଗୃହର ନିର୍ମାଣ କାମ ଚାଲିଅଛି। ସିନେମା ଶିଳ୍ପ ମଧ୍ୟ ଏପରି ଜୋରରେ ଚାଲିଛି ଯେ ସମୟେ ସମୟେ ତିଆରି ପରେ ପ୍ରଦର୍ଶନ ପାଇଁ ଗୃହ ମିଳୁନି। ଏଥିରୁ ପରିଷ୍କାର ଭାବରେ ଜଣାଯାଉଅଛି ଯେ ଭାରତବର୍ଷରେ ସିନେମା ଶିଳ୍ପ ଖୁବ୍ ଦ୍ରୁତ ଗତିରେ ଆଗେଇ ଚାଲିଛି।

ଭାରତରେ ଚିତ୍ରନିର୍ମାଣ ପୂର୍ବରୁ କେବଳ ବିଦେଶୀୟ ଚିତ୍ର ଗୁଡ଼ିକର ପ୍ରଦର୍ଶନ ହେଉଥିଲା। ସେ ସମୟରେ କେବଳ ଶିକ୍ଷିତ ବ୍ୟକ୍ତି ମାନେ ଦର୍ଶକ ଥିଲେ ଯେହେତୁ କେବଳ ଇଂରାଜୀ ଚିତ୍ରମାନ ଆସୁଥିଲା ଓ କେବଳ ଭାରତର ପ୍ରତ୍ୟେକ ବଡ଼ ବଡ଼ ସହର ମାନଙ୍କରେ ପ୍ରଦର୍ଶିତ ହେଉଥିଲା। ବର୍ତ୍ତମାନ ଭାରତୀୟ ଭାଷାମାନଙ୍କରେ ଚିତ୍ର ପ୍ରକାଶ ପାଇବାରୁ ଦର୍ଶକ ସଂଖ୍ୟା ଏପରି ଭାବରେ ବଢ଼ିଛି ଯେ ୧୯୨୭।୨୮ ଖ୍ରୀଷ୍ଟାବ୍ଦର ଗଣନାରୁ ଜଣାଯାଏ ଭାରତୀୟ ସିନେମା ଗୁଡ଼ିକର ଦର୍ଶକ ଅଧିକାଂଶ ନିଜ ମାତୃଭାଷାରେ ମଧ୍ୟ ମୂର୍ଖ ଅଟନ୍ତି। ତା ପରଠାରୁ ଆଜି ପର୍ଯ୍ୟନ୍ତ ଆମର କେତେଦୂର ଉନ୍ନତି ହୋଇଅଛି ତାହାର ସଠିକ୍ ଖବର ଜଣା ଯାଇନାହିଁ।

ଶିଳ୍ପ ହିସାବରେ ଭାରତୀୟ ସିନେମାର ଉନ୍ନତି ଜଣା ପଡ଼ିଲେ ମଧ୍ୟ ବିଦେଶୀୟ ଚିତ୍ର ଜଗତ ଠାରୁ ଏହା ଅନେକ ପଛରେ ପଡ଼ି ଯାଇଅଛି। ଆଦମୀ, ବଡ଼ଦିଦି, ଦେବଦାସ, ବିଦ୍ୟାପତି, ଜିନ୍ଦଗୀ, ପଡୋଶୀ, ସନ୍ତ [illegible]ରାମ, ରାମଶାସ୍ତ୍ରୀ, ନାଗରିକ, ଡାଃ କୋଟ୍‌ନିସ୍, ଧରତୀ କେ ଲାଲ୍ ପ୍ରଭୃତି ଚିତ୍ର ଗୁଡ଼ିକ କେବଳ ଭାରତୀୟ ସିନେମା ଜଗତର ମାଇଲ୍ ଖୁଣ୍ଟ ରୂପେ ରହି ଅଛନ୍ତି। ବର୍ତ୍ତମାନ ଭାରତୀୟ ପ୍ରତ୍ୟେକ ଷ୍ଟୁଡିଓରେ ଯେ ଅବନତି ଘଟିଛି ଏହା କହିବା ବାହୁଲ୍ୟ ମାତ୍ର। 'ପ୍ରଭାତ'ର 'ରାମରାଜ୍ୟ' ଓ 'ଭରତ ମିଳାପ' ପରେ 'ଜିନ୍ଦଗୀ', 'ମିନର୍ଭା'ର 'ପୁକାର' ପରେ 'ଏକ୍ ଦିନ୍‌କା ସୁଲ୍‌ତାନ୍', 'ପ୍ରଭାତ'ର 'ରାମଶାସ୍ତ୍ରୀ' ପରେ 'ଗୋକୁଲ୍' ଏବଂ 'ବମ୍ବେଟକିଜ୍'ର 'ଅଛୁତ୍ କନ୍ୟା', 'ଝୁଲା', 'ବନ୍ଧନ' ପରେ 'ନନ୍ଦିକା', 'ପ୍ରତିମା' ପ୍ରଭୃତି ଚିତ୍ର ମାନଙ୍କର ପ୍ରକାଶିତରୁ ଅବନତି ଛଡ଼ା ଆଉ କଣ କୁହା ଯାଇପାରେ। ଶାନ୍ତାରାମଙ୍କର 'ଡାଃ କୋଟ୍‌ନିସ୍ ଅମର କାହାଣୀ' ପରେ ଯାହା ଶକୁନ୍ତଳା' ଓ 'ପର୍ବତ୍ ପେ ଅପନା ଡେରା'' ପରେ 'ଜୀବନ ଯାତ୍ରା' 'ଅନୋଖି ଦୁନିଆ' ପ୍ରଭୃତି ଚିତ୍ର ଉନ୍ନତିପଥରେ ଚାଲିଲା ବୋଲି ମନେ ହୁଏ ନାହିଁ। କେବଳ କଲିକତାର 'ନିଉ ଥିଏଟର୍ସ୍ ଲିମିଟେଡ୍' (ବଙ୍ଗଳାରେ 'ଉଦୟେର ପଥେ') ପରେ ଅନ୍ୟ ଚିତ୍ର ନିର୍ମାଣ କରି ମଧ୍ୟ ଠିକ ରହିଛି।

ଆମର ଚିତ୍ରଜଗତରେ ଅବନତିର ପ୍ରଧାନ କାରଣ ହେଉଛି ପ୍ରଥମତଃ, ନିର୍ମାତା ମାନେ ଚଳଚ୍ଚିତ୍ର ଜନସାଧାରଣଙ୍କର ହାତକୋସ୍ତ ଏବଂ ଶାସ୍ତ୍ରକ ନଭାବି ବେଶୀ ଭାବନ୍ତି ସେମାନଙ୍କର ବ୍ୟବସାୟ ଭାବରେ। କପର ଚିତ୍ର କେତେ ସମ୍ତାହ ପ୍ରଦର୍ଶିତ ହେଉଛି ଏଥିପ୍ରତି ସେମାନଙ୍କର ନଜର ବେଶି। ଭାରତୀୟ ସିନେମା ଦର୍ଶକ ଅଧିକାଂଶ ସଂଖ୍ୟାରେ ଅର୍ଦ୍ଧଶିକ୍ଷିତ ଥିବାରୁ 'ସେହନାଇ' 'ଘର୍ କି ଲାଜ୍' ଘର ସଂସାର ହଣ୍ଟରୱାଲି, "କିସ୍‌ମତ୍" ପ୍ରଭୃତି ଚିତ୍ର ଗୁଡ଼ିକର 'ରାମଶାସ୍ତ୍ରୀ'' ଡାଃ କୋଟ୍‌ନିସ୍' "ଆଦମୀ" "ସୀତା" ଓ କାଶୀନାଥ ପ୍ରଭୃତି ଚିତ୍ର ଗୁଡ଼ିକ ଅପେକ୍ଷା ବେଶୀ ଲାଭ ହେଉଛି।

ଦ୍ୱିତୀୟତଃ, କଳାକୌଶଳ (**Technic**) ବିଷୟରେ ଭାରତୀୟ ଚଳଚ୍ଚିତ୍ର ବହୁତ ପଛରେ କାରଣ ସେ ବିଷୟରେ ଭାରତରେ ଶିକ୍ଷାର ସୁବିଧା ଖୁବ୍ କମ୍। **Technician** ମାନଙ୍କ ମଧ୍ୟରୁ ଶତକଡ଼ା ନବେ ଜଣ କେବଳ ଦେଖି ଶିଖି କାମ କରି ଥାଆନ୍ତି।

ତୃତୀୟତଃ ସରକାରଙ୍କ ଠାରୁ ଭାରତୀୟ ଚଳଚ୍ଚିତ୍ର ଜଗତ ଖୁବ୍ କମ୍ ସାହାଯ୍ୟ ପାଉଛି। ସିନେମାରୁ ସରକାର ପ୍ରତିବର୍ଷ ଅନେକ ପ୍ରକାରରେ ଟାକ୍ସ ହିସାବରେ ବହୁତ ଟଙ୍କା ନିଅନ୍ତି। ସେଥିରୁ କିଛି ଅଂଶ ଯଦି ଏ ଦିଗରେ ଖର୍ଚ୍ଚ ହୁଅନ୍ତା ତା'ହେଲେ ସିନେମା ଜଗତର ଖୁବ୍ ଉନ୍ନତି ସାଧିତ ହୁଅନ୍ତା। ଗତ ଜାନୁଆରୀ ମାସ ତା ୧୫ ତାରିଖରେ ଦେଲୱାଡ଼ା ଠାରେ 'ଅନ୍ଧ୍ର ନାଟକ କଳା ପରିଷଦର ଉଦ୍‌ଘାଟନ କରି ଭାରତୀୟ ସର୍ବୋତ୍କୃଷ୍ଟ ଦିଗଦର୍ଶକ ଓ ନିର୍ମାତା ଶ୍ରୀଯୁକ୍ତ ଶାନ୍ତାରାମ ଏ ବିଷୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ମାନ୍ଦ୍ରାଜର ଅର୍ଥମନ୍ତ୍ରୀ ଏହାର ଉତ୍ତରରେ ଶୁଭେଚ୍ଛା ପ୍ରକାଶ କରି ସାହାଯ୍ୟ କରିବେ ବୋଲି ଆଶା ଦେଇଛନ୍ତି।

ଶ୍ରୀଯୁକ୍ତ ଶାନ୍ତାରାମ ଏହା ମଧ୍ୟ କହିଥିଲେ ଯେ ଭାରତର ପ୍ରତ୍ୟେକ ସହର ମାନଙ୍କରେ ସରକାର ଓ ମ୍ୟୁନିସିପାଲିଟିଙ୍କ ତତ୍ତ୍ୱାବଧାନରେ ଗୋଟିଏ ଗୋଟିଏ 'କଳା ଭବନ' ରହିବା ଦରକାର। ରଙ୍ଗ ମଞ୍ଚରେ ସାମୟିକ ଅଭିନୟ, ନୃତ୍ୟ ପ୍ରଭୃତି କରାଇ ଭାରତୀୟ କଳାର ଖୁବ୍ ଉନ୍ନତି ସାଧନ କରାଯାଇ ପାରିବ।

ଭାରତୀୟ ସରକାର ଓ ପ୍ରାଦେଶିକ ସରକାର ମାନେ ଏ ବିଷୟରେ ଦୃଷ୍ଟି ଦେଲେ ଆମର ସିନେମା ଜଗତର ଉନ୍ନତି ସୁନିଶ୍ଚିତ ଅଟେ।

—*—

Digitized by srujanika@gmail.com



# କଣାମାମୁଁ

**ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର**

( ପୂର୍ବ ପ୍ରକାଶିତ ଉତ୍ତାରୁ )

ମାଗେ ମାଗେ ଲାଗିଗଲା ବନ୍ଦୋବସ୍ତ । ମାମୁ କହିଲେ "ଆଣ କାଗଜ ପେନ୍‌ସିଲ ।" କୁସୁନିଆ ଭାଇ ଧାଇଁ ଯାଇ କାଗଜ ପେନସିଲ ଆଣିଲା । ମାମୁଁ କହିଲେ ମୋତେ—"ଲେଖି-ନିଅ ମୁଁ ଯାହା କହୁଛି, ତୋ ହାତ ଅକ୍ଷର ଭଲ ।" ଏକଥା କହିବା ମାନେ ଯେ ମାମୁଁଙ୍କ ହସ୍ତାକ୍ଷରଟା ଖରାପ । କିନ୍ତୁ ତାଙ୍କ ଅକ୍ଷରର ଟେଢ଼ାମେଢ଼ା ଦେଖିବାର ଭାଗ୍ୟ କାହାର କେବେ ଘଟିନଥିଲା । ଭଲ ଖରାପର ପ୍ରଶ୍ନ କାଥା ।

ମାମୁଁ ବତେଇଲେ । ମୁଁ ଲେଖିଲି । ମାମୁଁ କହିଲେ, "ଆମର ଏଥିରେ ରହିବ ଅନେକ ପ୍ରକାର ବ୍ୟାୟାମ—ବୁଝିଲ ! ଏଇ ଧର ଆସନ, ମୁଦଗର ବାଡ଼ି ଖେଳ, ଛୁରୀ ଖେଳ, ଢାଲ୍ ତଲବାରି ଖେଳ, କୁସ୍ତି, ଦଣ୍ଡ—ବୈଠକ । କେଉଁଟା ହେଲାରେ ?"

"ସାକୁଟା ।"

"ହଁ—ଆଉ ଗୋଟାଏ କଥା—ଅନୁ-ବିଦ୍ୟା । ଅଠୁଆ ହେଲାନା ?"

"ହଁ"

ନାହିଁ ସାକୁଟା । ଆସନଟା ଅଲଗା ।

"ଜଣେ ଜଣେ ଗୋଟାଏ ନୋହିଲେ ଦି'ଟା ଏକା ଥରକେ ଶିଖିବେ । ତାହାଁରୁ ବେଶି-ହେଲେ ଚଳିବ ନାହିଁ । ଆସନଟା ଉପାଠ ଭିତରୁ ନୁହେଁ । ସମସ୍ତେ ଶିଖିବେ । ଏ ପହିଲୁ ଆରମ୍ଭ ହବ—ଆସନ, ଦଣ୍ଡ—ବୈଠକ, ଆଉ ବାଡ଼ । ବାକି ସବୁ ଆସ୍ତେ ଆସ୍ତେ । ସରଞ୍ଜାମ ଲୋଡ଼ା ସେଥିକୁ ।"

ନନିଆ କହିଲା, "ମାମୁ, ଯାହା ସବୁ କହିଲ, ସେଥିରେ ମନ ତ ଲାଗିବ ନାହିଁ, ଶୁଖିଲା ପାଇଛି ସବୁ ଯାକ ।"

ମାମୁଁ—କଣ କହୁଛ ମ ?

ନନି—ଏଥିରେ ହାର-ଜିତ ଖେଳ ନ ରହିଲେ ମନ ଲାଗିବ କେମିତି ?

ମାମୁଁ—ବୁଦ୍ଧି ଅଛି ଯେ ! ଆଗେ ତାକତ୍ ଅଣ, ତାପରେ ହାରଜିତ୍ ଖୋଜିବ ।

ମୁଁ କହିଲି, "ଜିମ୍‌ନାଷ୍ଟିକ୍‌ଟା ଯୋଡ଼ିବା ।"

ମାମୁଁ—ଛିଃ ଛିଃ ସାହେବୀ କସରତ୍ ! ସେଇ ଇଂରେଜୀ କସରତ ଆମ୍ଭ ଶରୀରକୁ ଅଧିକା ପଙ୍ଗୁଳା ବନେଇ ଦେଇଛି ।

ନନି—ଆମ୍ଭ ଫୁଟ୍‌ବଲଟା ରଖିବାକୁ ହେବ ! ଭାରି ମଜା ।

ମାମୁଁ—ଫୁଟ୍‌ବଲ ! ଆରେ ବାପ୍‌ରେ ! ସେତେ କଲ ଫିରିଙ୍ଗୀର ଘର । ତାପରେ ସେ ମାନ୍ଦ୍ରା ବିଦେଶୀ ଖେଳରେ ଲାଭଠୁଁ କ୍ଷତି ବେଶି । ମନ ହବତ ବାଗୁଡ଼ି ଖେଳ, ଦାଣ୍ଡିଆ ଖେଳ, ଢାଲ ମାଙ୍କୁଡ଼, ମାଣିକୁଆ ସ୍ବାଦ ଖେଳ ।......ଏସବୁରେ ଗୋଟାଏ ଖେଳ ଘର—ଜୀବନଟା ଯାକତ ଲାଗିଛି ଖେଳ, ଖେଳ ଖେଳ ! ଆଉ ପୁଣି କଣ !!

ମାମୁଁ ତାଙ୍କ ପ୍ରକୃତ ଗୁଲିନ୍ ବିକଟାଳ ହସ ହସି ଉଠିଲେ । ସେ ହସରେ ଯେତେକ ଗଛ ପତର ଉଡ଼ିଲେ ଥର । ଗଗନ ପବନ ଉଠିଲା କମ୍ପି । ଆମ କଥା ତା କାଏ ସଗୃହେ ! ପ୍ରତି-ବାଦ କରିବା ଦୂରେ ଥାଉ, ମାଟି ପିଟେଇବାକୁ ଯୁକ୍ତି କାହାର ବାହାର ପାଇଲା ନାହିଁ । ସମସ୍ତେ ଚୁପ୍ ଚାପ୍ ।

ପୁଣି କଥିତ ମେଳରେ ଅରମ୍ଭ ହୋଇଗଲା ଆଖଡ଼ା । ସଙ୍ଗୀତର ତାନା-ନାନା, ତବଲାର ଡେରେକେଟେ ସ୍ଥାନ ଅଧିକାର କଲା ଦଣ୍ଡ କସ-ରତ ।

ମାମୁଁଙ୍କ ଭାଷାରେ ମାଇଚିଆ କାମ ଛାଡ଼ ଆମେ ଠୋକାଏ ଧରିଲୁଁ ଅସଲି ମରଦ-ବୋଇମା ଶକ୍ତି ସ୍ୱରୂପିଣୀ ଦଶ ପ୍ରହରଣ ଧାରିଣୀ ମା ଦୁର୍ଗାଙ୍କ ପାଉରେ ବୀଣା-ପୁସ୍ତକ-ରଞ୍ଜିତ ହସ୍ତା ମା ସରସ୍ୱତୀ ପଳାଇ ଯାଇ ମଧୁବନରେ ଲୁଚିଲେ ।

ପମାଦମ ଚାଲିଲା ଆଖଡ଼ା । ସାଜ ସରଞ୍ଜାମ ଜୁଟୁ ଶସ୍ତା । ବାଉଁଶ ବୁଦାରୁ କେତେ ଖଣ୍ଡ ବାଡ଼କାଟି ଆଣିବାକୁ ବେଶି ସମୟ ବା ଶ୍ରମ ଲାଗିଲା ନାହିଁ । ସକାଳୁ ଦଣ୍ଡ, ବୈଠକ କରିବାକୁ ସମସ୍ତେ ବାଧ୍ୟ (କମ୍‌ପଲସରି) ବେକାର୍ଡେଲ ଲାଠି ଖେଳ ବି । ଓସ୍ତାଦ ସ୍ୱୟଂ କଣାମାମୁଁ ।

ସାରି ଦିନ୍‌ଟାରେ କସରତ କରିଲା ପିଲାଙ୍କର ସ୍ୱାସ୍ଥ୍ୟରେ ବେଶ୍ ଉନ୍ନତି ଦେଖାଗଲା । ସେଇ ହେଉଥାଏ ଆମେ ଜଣେ ଜଣେ ପହିଲମାନ ସ୍ୱାସ୍ଥ୍ୟ ସବୁବେଳେ ବାହୁ ଓ ଛାତିର ପେଶି ଗୁଡ଼ାକ ଫୁଲାଇ ଆର ପ୍ରକାର ପରୀକ୍ଷା କରିବା ଗୋଟାଏ ବଡ଼ କାମ ହୋଇ ପଡ଼ିଲା ।

ଦିନେ ଜଣେ କିଏ କହିଲା—ଏ, ଶୁଖୁଆ ପଖାଳରେ ଯେତିକି ବଳ ହବାର ତେତିକି ହବ ସିନା, ତାହୁଁ ବେଶି ଖୋଜିଲେ ଆସିବ କାହୁଁ ? ମାମୁଁ ଏକଥା ଶୁଣି ଗର୍ଜିଉଠି କହିଲେ "ପୂର୍ବେ ଯେଉଁ ଖଣ୍ଡାୟତ ବୀରମାନେ ମରା ଗୋଦା-ବାଘ ଜୟ କରିଥିଲେ, ସେ କଣ ଘେଉଁ—ଭାଜି ଖାଉଥିଲେ କି ? ଏଇ ପଖାଳ, ଏଇ ପଖାଳ । ଓଡ଼ିଆ ଜାତିର ମା-ଦୁଧ ଏଇ ।

ମାମୁଁଙ୍କ ଉପଦେଶକୁ ଆସ ଅନ୍ତରେ ଯେଉଁମାନେ ମହ୍ନ୍ୟା ହୋଇ ଗୁଡ଼ିଆ ଦୋକାନ ଜଳଖିଆ ଖାଉଥିଲେ, ସେମାନେ ତାହା ଛାଡ଼ିଲେ ଓ ପଖାଳର ଆଶ୍ରା କଲେ । ତେବେ ଯାହା ଦେହରେ ନ ଚଳିଲା ସେ ତାର ଚୁଡ଼ା ମୁଢ଼ୀ ଖାଇବାରେ ବାଧା ନଥାଏ । କାରଣ ଚୁଡ଼ା ମୁଢ଼ି ଖାଣ୍ଟି ଓଡ଼ିଆଣୀ ଦୋହରା । ଏହି-ମତ କସରତ ବଳରେ ପଖାଳ,ଚୁଡ଼ା ଦେହରେ ଚଳିଗଲା । ଦିନ୍ତେ ସାଙ୍ଗେ ସାଙ୍ଗେ ଫୁଟିବି ଉଠିଲା ଦେହି ।

ଆମ ଆଖଡ଼ା ଓ ତାର ଉପାଦେୟତା କ୍ରମେ ସ୍ପଷ୍ଟ ହୋଇ ପଡ଼ିଲା ବୃଦ୍ଧଅଡ଼େ । ଖାଲି ଆମ ଗାଁଆ ବା ସାଇ ନୁହେଁ ପାଖ ଆଖ ଅନ୍ୟ ସାଇର ଟୋକାଏ ବି ଆସି ଯୋଗଦେଲେ ଆଖଡ଼ାରେ । ଦେଖୁ ଦେଖୁ ମାମୁଁଙ୍କର ସାଗ-ରେଦ୍ କ୍ରମେ ବଢ଼ିବାକୁ ଲାଗିଲେ । ଯେତେଣ ସଉକ ସଙ୍ଗୁ ହୋଇଗଲେ, ଦିନେ ପ୍ରସ୍ତାବ ହେଲାକି ଗୋଟାଏ ଫିସ୍ କରିଦେବା ।

ମାମୁଁ କିନ୍ତୁ ଏଥିରେ ଭାରି ଆପତ୍ତି କଲେ । ସେ କହିଲେ. "ତମ ଆଖଡ଼ାରୁ କଣ ଚନ୍ଦା ହବେ ? ପଇସା କଣ ହବ ?" ମୁଁ କହିଲି "ପଇସାଟା ତ ଲୋଡ଼ା ପଡ଼ିଲଣି ମାମୁଁ, ମୁଦ୍‌ଗର କିଣିଛି, ଡମ୍ବେଲ୍, ଛୁରୀ, ଏ ସବୁ ଏଯାକେ ଜୁଟି ହୋଇ ପାରିଲା ନାହିଁ—ଟାସ ପଇସା ମାଗିବାକୁ" ଏଥର ମାମୁଁ ପଡ଼ିଲେ । ଦରକାର ପଡ଼ିଗଲା ପାଇବାକୁ ବୃଦ୍ଧଅଣା ଲେଖାଏଁ ! ତେବେ କେ ଶରବ,. ତାକୁ ଛାଡ଼ ।

[ କ୍ରମଶଃ ]

Digitized by srujanika@gmail.com

# ଗାର୍ଲ୍‌ସ୍କୁଲ୍ ବସ

ଶତ ଯୁବତୀ ମାନସ-ରାଣୀ ତୁ—
ବସିଛି କହିବରେ ଧନ୍ୟ,
କୋଟି ସ୍କୁଲ ଛାତ୍ର ଶୋଚନ୍ତି ଯାର ବୁକେ
କୁହଇ କରେ ସେ ପୁଣ୍ୟ ?
ବାହୁଣିଯିବୁ ଜାନରେ ! ଭାଗ୍ୟବାନ ତୁହି
କେତେ ଦଣ୍ଡଠାରେ ତୁଚ୍ଛ,
ବୃଦ୍ଧଲୋକ ଯେତେ ଆଳସ ଗଢିରେ
କେତେ ସୁନ୍ଦରୀଙ୍କୁ ଧର ।
କଲେଜ ଧାଡିକୁ ବ୍ରଠର ଚଲାଇ
"ଝକ୍ ଝକ୍ ଝକ୍—ଝକ୍—
ନାବାରେ ଥାଉ"—"ବେଲ କେତେ ବେଳ
ବୁଝି ତଳି ଟକ୍ ମକ୍,
ଧଳକୁ ଲପରେ ଲହୁ ଯାଉ ସତେ
ମୁହଁରେ—ରଙ୍ଗ ସତେ—
କିଏ ଶତ ହସ—ସୁନ୍ଦର ଗୃହାଣୀ
ଉଡ଼ିବ ଦିଏ ଧାରେ ।
କହାଡ ମୁରୁଣୀ ହୋଇଲେବି ତୁହ
ଯୁବକ ଦୃଷ୍ଟି ଠାରୁ—

ଶତ ଯୁବତୀର ମୁକ୍ତ ଛନ୍ଦ ଭେଦି
ବହୁଛୁ ହୃଦୟେ ଯେଉ ।
ଏକାଇ ଏଁ ଥର ତୋଳିଥାଏ ଯେତେ
ଶତ ଫୁଲରାଣୀ ମତ—
ନିର୍ଜିବ ପ୍ରେମିକ ! ସେହିପରି କଲୁ
ଶତ ଯୁବତୀରେ ପ୍ରୀତ ।
ଦେଖିଲେ ତୋତେ ମନେ ପଡ଼େ ମୋର
ଦ୍ୱାପର ଯୁଗର କଥା—
ବଂଶୀ ନାଦରେ ଗୋପୀ ନାଚୁଥିଲେ
ତାକ ଧୂନା ଧୂନ ଧୂନ୍ତା ।
କଳିଯୁଗେ ତୁହି କୃଷ୍ଣ ସତେରେ
ବଂଶୀ ବାଜ ପଁ—ପଁଅ—
ଉଚାଟି କଲେ ପ୍ରିୟଜନ ଡାକ
ଧାଆନ୍ତି ସେ ଧଅଁ-ସଅଁ—
ବେଣୀ ଚେଲି ପରଶରେ ଅହା
ଶିହରି ଉଠେ ତୋ ତନୁ—
ଶତ ପ୍ରେୟସୀରେ ବନ୍ଧୁ ଗାଢ ବୁକେ
କି ମୋହନ ମନ୍ତ୍ର ଜାଣୁ ।

ଶତ ଯୁବତୀର ଫୁଟା ଯଉବନ
ଅବୋଧ ତୋହରି ବୁକେ,
ପୁରୁଷର ଭାଗ୍ୟ ବଫଳ ଯେ ଆଶା-
ସଫଳ ଯେ ତୋର ପାଖେ ।
ଶତ ଯୁବତୀର ଅଧର ମାଧୁରୀ
କବଣ୍ଡ ବାଜେରେ ଯହିଁ—
ପୁରୁଷ କେବେ ପରଶ ତାହା
ତୀର୍ଥ କଲୁ ସେହି ।
ସେହି ତୀର୍ଥେ ଆଜି ଅଜାଣତେ ଅହା
ଦେଇଦେଲି ମୋର ପାଦ—
କା କଲି- କି କଲି କର୍ତବ୍ୟରେ ଡାକେ
କଲି ଏକ ଅପରାଧ ।
ଅୟି ଗାର୍ଲ୍‌ସ୍କୁଲ୍ ବାସ୍,
ମାଗୁଛି ମୁଁ ମାଫି—କ୍ଷମିବ ମୋ ଦୋଷ
ରଖିଲିଁ ଏହି ଆଶ—
ଗାର୍ଲ୍‌ସ୍କୁଲ ର ବସ୍

ଲେଖକ—ଶ୍ରୀ ନିରଞ୍ଜନ ତ୍ରିପାଠୀ

—*—

( ମଜାକଥା ୪ପୃଷ୍ଠା ଉତ୍ତରୁ )

"କରାନି କାମ କରନ୍ତି—ଅଳ୍ପଦିନ ପରେ ପେନ୍‌ସନ୍ ପାଇବେ ।"

"କେତେଟଙ୍କା ଦାଇନେ ପାଆନ୍ତି ?"

"ଶହେଟଙ୍କା ମାତ୍ର ।"

"ତୋମାଦେର କିଛୁ ଭୂସମ୍ପତ୍ତି ଅଛେ ?"

ମିନା କହିଲା, ନାହିଁ ଆଜ୍ଞା ଯାହା ଅଛି ସାମାନ୍ୟ ।"

"ଆମର ମେୟେକୁ ବିୟେ କରିବାରୁ ତୋମର କି ଯୋଗ୍ୟତା ଅଛେ ? ଓକେ ପୋଷି ପାରବେ ?"

"ନାହିଁ ଆଜ୍ଞା ପୋଷି ପାରିବିନି"

"ତବେ ଆମାର କାଛକେ ଆସିବାରୁ ଦୁଃସାହସ କରେଛ କେନ ? ତୋମାର ମତ ଛୋଟ ଲୋକଙ୍କୁ ଆମି ମେୟେ କଖନୋ ଦେବନା—ବେରିଏ ଯାଓ"

ଯାଉଛି ଆଜ୍ଞା—ଧନ୍ୟବାଦ, ମୁଁ ଜାଣେ ଆପଣ ନାହିଁ କରିବେ" ମିନା ଫିକିଏ ଯିବାକୁ ପାଦ ବଢେଇବା ବେନେର୍ଜି ସାହେବ କହିଲେ "ଦାଁଡାଓ, କି ବଲ୍‌ଲେ ? ଜାନିକରି ତୁମି ଆସିଥିଲେ ? ଆମାର ସଙ୍ଗେ ଇୟାର୍କି ଖେଳି-ବାକୁ କେନ ଏସେଛିଲେ ବଲ, କି ଚେଲେବେ ?"

ମିନା କହିଲା "ସାର୍ କଥା ହଉଛି ଯେ ଆପଣଙ୍କ ଝିଅ ଲୁସିକୁ ମୁଁ ଏଇକଥା କହିଥିଲି ଯେ ମୁଁ କହାଡ ଗରିବ ସେଇଯୋଗୁ ତାକୁ ପୋଷିବାକୁ ଅସମର୍ଥ ଏବଂ ବାହାହେବାର ଦୁଃସାହାସ କରି ପାରେନା—କାରଣ ତାକୁ ଢେର ଯୋଗ୍ୟ ଧନୀ ପିଲ ମିଳିବେ କିନ୍ତୁ ଲୁସିର ଏକାକଦି ଯେ ସେ ମତେ ବାହା ହବ— ମୁଁ ସେଇ ଯୋଗୁ ଆପଣଙ୍କୁ ପଚାରି ବାକୁ ଆସିଥିଲି—ଆପଣବି ମୋ ମତ ସମର୍ଥନ କଲେ । ମୁଁ ଗଲା ପାଇଗଲି ଏଇକ୍ଷିଣା ବାହାପର ଭାଙ୍ଗିଗଲା ବୋଲି ଲୁସି ମତେ କେବଳ ଦୋଷ ଦେଇ ପାରିବନି—ଯାଉଛି ନମସ୍କାର ।"

ବାନେର୍ଜି ସାହେବ ଆଖି ଆଗରେ କୁଣ୍ଡୁ ଳୁଲିଆ ପୋକ ଦେଖିଲେ—କିଛି ସମୟ ତୁନି ରହି ପୁଣି ଗର୍ଜନ କଲେ "ତୋମାର ଇଏ ମତଲବ ? ଆମାର ମେୟେ ତମଭଳରେ ଲ ଛାଇ ଦେଖେଛେ ବୁଝି ପାରୁନି—ଯଦିଓ ତୋମାର ମତ ବୁଡ଼ବକ୍‌କେ ବିୟେ କରିବାକୁ ମନ କୋରେଛେ ତୁମି ଗୃହଜନ୍ମ କରେ ଓକେ ପାୟେ ଠେଲ୍ ଦେଇ ପାରବେନା ଯେମନ କି ସିଏ ଗୋଟାଏ ମାଟି ବା ପାଥର ! ନା ମୋଶାୟ ନା, କେଉ ପାରବେନା—ଆମାର ମେୟେକୁ ଅବହେଲା କେଉ କରି ପାରବେନା —ପୃଥିବୀରେ ଏମନ୍ ଛାତି କାରୁର୍ ହେଇ ପାରବ ନାୟି—ତୋମାକେ ଅଲବତ୍ ତାକୁ ବିୟେ କରିବାକୁ ପଡ଼ବ—

ମିନା କହିଲା,—"କିନ୍ତୁ ସାର୍—

ବେନେର୍ଜି ସାହେବ କହିଲେ, କିନ୍ତୁ ଫିନ୍ତୁ ନାଇଁ—ତମକୁ ବିୟେ କରିବାକୁଇ ପଡବ—ଆମାର ମେୟେ ସଙ୍ଗେ ଖେଲ ଖେଲି ପାଲେଇ ପାରିବ ନା—ଯଦି ଦରକାର ପଡ଼େ ଆମି ନିଜେ ତମକୁ ଘୋଷାରି କରି ଅନାୟା ବେଦୀରେ ବସାବ—"

ଶେଷକୁ ସେୟା ହେଲା ବେନେର୍ଜି ସାହେବ ମିନାକୁ ଘୋଷାରି କରି ଅନାୟା ବେଦୀରେ ବସେଇ ଲୁସି ସାଙ୍ଗରେ ବାହା କରେଇ ଦେଲେ । ତେବେ ଯାଇ ତାଙ୍କ ରାଗ ଶାନ୍ତ ହେଲା ।

—*—

Digitized by srujanika@gmail.com



### ଉଦ୍ଦେଶ୍ୟ

୧ । ଉତ୍କଳର ଅଶେଷ ପ୍ରାଣଦାୟକ ବାତାବରଣ ମଧ୍ୟରେ, ଜାତିର ଭବିଷ୍ୟତ ନାଗରିକ ଶିଶୁମାନଙ୍କ ଦେହ ଓ ମନର ସର୍ବାଙ୍ଗୀଣ ଉନ୍ନତି ସାଧନା କରିବା । ୨ । 'ଉଜର'ର ମାଧ୍ୟମରେ ଓ ଦେଶର ବାହାରର ଶିଶୁମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି ଶିଶୁମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ତ୍ୟାଗ ଦ୍ୱାରା ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ ବର୍ଷରୁ କମ୍ ବୟସ ବାଳକ ବାଳିକା ମାନଙ୍କ ପାଇଁ)

ସ୍ନେହର ନାତି ଓ ନାତୁଣିଏ,

ମହାତ୍ମା ଗାନ୍ଧିଙ୍କୁ ଶ୍ରଦ୍ଧା ନିବେଦନ କରି ବିଶ୍ୱକବି ରବୀନ୍ଦ୍ର ନାଥ ଯେଉଁ ଲେଖାଟି ଲେଖିଥିଲେ ତାର ଅନୁବାଦ ଦିଆଗଲା ।— ଆଶାକରେ ତମେମାନେ ଏଥିରୁ ଅନେକ କିଛି ଶିଖି ପାରିବ ।

'ଅଜା'

# ମହାତ୍ମା ଗାନ୍ଧୀ

## ( ରବୀନ୍ଦ୍ରନାଥ )

ଯେଉଁମାନେ କ୍ଷଣଜନ୍ମା ଲୋକ ସେମାନେ କେବଳ ବର୍ତ୍ତମାନ କାଳର ନୁହନ୍ତି । ବର୍ତ୍ତମାନର ଭୂମିକା ମଧ୍ୟରେ ଆବଦ୍ଧ କରିବା ଦ୍ୱାରା ସେମାନଙ୍କୁ ଅନେକ ଛୋଟ କରି ଦିଆଯାଏ ଫଳରେ ସୁଦୂରପ୍ରସାରୀ କାଳର ପରିପ୍ରେକ୍ଷିତରେ ଯେଉଁ ଶାଶ୍ୱତ ମୂର୍ତ୍ତି ପ୍ରକାଶ ପାଏ ତାକୁ ଖର୍ବ କରି ଦେଇଥାଉଁ । ଆଶୁ ପ୍ରୟୋଜନକୁ ଆଦର୍ଶ କରି ଆମେ ସେମାନଙ୍କର ମହତ୍ତ୍ୱକୁ ନିଃଶେଷ କରି ବିଚାର କରୁ । ମହାକାଳପଟରେ ଯେଉଁ ଛବି ପ୍ରତିଫଳିତ ହୁଏ, ସେଥିରୁ ପ୍ରାତ୍ୟହିକ ଜୀବନର ଆତ୍ମ ବିରୋଧ ଓ ଆତ୍ମ ଖଣ୍ଡନର ଅନିବାର୍ଯ୍ୟ କୁଟିଳ ଓ ବକ୍ରିମ ରେଖା ଗୁଡ଼ିକ ପୋଛି ଦିଅନ୍ତି । ଯାହା ଆକସ୍ମିକ ଓ କ୍ଷଣ କାଳୀନ ତାକୁ ବିଲୀନ କରି ଦିଅନ୍ତି । ଯେଉଁମାନେ ଅମର ମନୁଷ୍ୟ ସେମାନଙ୍କର ଗୋଟିଏ ସଂହତ ସମ୍ପୂର୍ଣ୍ଣ ମୂର୍ତ୍ତି ସଂସାରରେ ଚିରନ୍ତନ ହୁଏ ।

ଭାରତ ବର୍ଷରେ ଆଜିର ରାଷ୍ଟ୍ର ବିରୋଧ କାଲି ହୁଏତ ନଥିବ । ସାମୟିକ ଅଭିପ୍ରାୟ ସମୟର ସ୍ରୋତରେ ବିଲୁପ୍ତ ହୋଇଯିବ ଆମର ରାଷ୍ଟ୍ରୀୟ ସାଧନା ସଫଳ ହେବାପରେ— ଯେତେବେଳେ ବାହ୍ୟତଃ ଆଉକିଛି ଅଭିଳଷିତ ଆମର ନାହିଁ—ଧରି ନିଅ ପାଉ ଭାରତ ବର୍ଷ ମୁକ୍ତି ଲାଭ କରିଛି— ସେତେବେଳେ ଭାରତର ମୁକ୍ତି ସଙ୍ଗେ ଓ ଆଜିର ଏ ଇତିହାସର କେଉଁ ଅଂଶ ପ୍ରକାଶ ଧୂଳିରେ ଅବଲୁପ୍ତ ହୋଇ ଏହି ଚିହ୍ନ ଲୁପ୍ତ କରି ରହିବ—ତାହାହିଁ ଚିନ୍ତା କରିବାର କଥା । ସେହି ଦିଗରୁ ଦେଖିଲେ, ମହାତ୍ମା ଗାନ୍ଧୀ ଯେ ଆଜି ଆମେ ଯାହାକୁ ନେଇ ଆନନ୍ଦ କରୁଛୁ ତାର ସ୍ଥାନ କେଉଁଠି—ତାର ବିଶିଷ୍ଟତା କେଉଁଠି ? କେବଳ ରାଷ୍ଟ୍ର ନୈତିକ ପ୍ରୟୋଜନ ସିଦ୍ଧିର ମୂଲ୍ୟ ଆରୋପ କରି ତାଙ୍କୁ ଆମର ଦେଖିବା ଉଚିତ ନୁହେଁ, ଯେଉଁ ଦୃଢ଼ ଶକ୍ତି ବଳରେ ସେ ଆଜି ସମଗ୍ର ଭାରତ ବର୍ଷକୁ ପ୍ରବଳ ଭାବରେ ସଚେତନ କରିଛନ୍ତି ସେଇ ଶକ୍ତିର ମହିମାକୁ ଆମେ ଉପଲବ୍ଧି କରିବା ଉଚିତ । ପ୍ରଚଣ୍ଡ ଏଇ ଶକ୍ତି ସମଗ୍ର ଦେଶର ହୃଦୟ ଦ୍ୱାରୀ ଜଡ଼ତ୍ୱର ଅକର୍ମ ଶିଳାକୁ ଯେପରି ଭାବରେ ଆନ୍ଦୋଳିତ କରିଛି, ମନେ ହୁଏ ମାତ୍ର କେତେ ବର୍ଷ ମଧ୍ୟରେ ଭାରତ ବର୍ଷର ଯେପରି ରୂପାନ୍ତର—ଜନ୍ମାନ୍ତର ଘଟିଗଲା । ଏହାଙ୍କର ଆବିର୍ଭାବ ପୂର୍ବେ ଦେଶ ଭୟରେ ଆଚ୍ଛନ୍ନ— ସଙ୍କୋଚରେ ଅଭିଭୂତ ଥିଲା—ସମ୍ବଳ ଥିଲା କେବଳ ଅନ୍ୟର ଅନୁଗ୍ରହ, ଆଶାଥିଲା ଆବେଦନ ନିବେଦନ ପ୍ରତି ମହଲାରେ ଥିଲା ନିଜ ଉପରେ ଆସ୍ଥା-ହୀନତାର ଦୈନ୍ୟ ।

ଭାରତର ବାହାରୁ ଆସିଥିବା ଆଗନ୍ତୁକଙ୍କ ପ୍ରଭାବ ଏ ଦେଶରେ ବଳଶାଳୀ ହେବ, ଅଥଚ ଏ ଦେଶର ଇତିହାସକୁ ଅତିବାହିତ କରି ଯୁଗ ପ୍ରବାହିତ ଭାରତର ପ୍ରାଣଧାରା, ଚିନ୍ତାଧାରା ହେବ ମ୍ଳାନ ମନେହେବ ଯେପରି ତାହାହିଁ ଆକସ୍ମିକ । ଏହାଠାରୁ ଅଧିକ ଦୁର୍ଗତି ଆଉ କଣ ହୋଇପାରେ ? ସେବାଦ୍ୱାରା, ଜ୍ଞାନଦ୍ୱାରା ମୈତ୍ରୀଦ୍ୱାରା, ଦେଶକୁ ଘନିଷ୍ଠ ଭାବେ ଉପଲବ୍ଧିକ କରିବାରେ ବାଧା ଦେବାପାଇଁ ବାସ୍ତବରେ ଆମେ ପରବାସୀ ହୋଇ ପଡ଼ିଛୁ: ଶାସନକର୍ତ୍ତା ମାନଙ୍କର ଶିକ୍ଷା-ପ୍ରଣାଳୀ, ରାଷ୍ଟ୍ର ବ୍ୟବସ୍ଥା, ଚଳଣୀ, ବାଣିଜ୍ୟର ବୈଶିଷ୍ଟ୍ୟ ଯେଉଁ ସେମାନେଇ ଆଜି ମୁଖ୍ୟ ଆଉ ଆମେ ଗୌଣ— ମୋହାଭିଭୂତ ମନରେ ଏହି ଭକ୍ତିର ସ୍ୱୀକୃତ ଅଲକ୍ଷାଳ ଧୂଳି ଦେଇନ୍ତି ଆମମାନଙ୍କୁ ତାମସିକତାରେ ଜଡ଼ ବୁଦ୍ଧି ରଖିଥିଲା । ସ୍ଥାନେ ସ୍ଥାନେ ଲୋକମାନେ ଛିଳକିମ୍ବା ସଦୃଶ ବ୍ୟକ୍ତି ବିଶେଷ ସାହସ ପୂର୍ବକ ଏହି ଜଡ଼ତା ଉପରେ ପ୍ରାଣପଣେ ଆଘାତ କରିଛନ୍ତି ଏବଂ ଆତ୍ମ ଶ୍ରଦ୍ଧାର ଆଦର୍ଶକୁ ଜାଗ୍ରତ କରିବା କାର୍ଯ୍ୟରେ ବ୍ରତୀ ହୋଇଛନ୍ତି । କିନ୍ତୁ ସେଇ ଆଦର୍ଶକୁ କର୍ମ କ୍ଷେତ୍ରରେ ବିପୁଳ ଓ ପ୍ରବଳ ଭାବରେ ପ୍ରୟୋଗ କଲେ ମହାତ୍ମା ଗାନ୍ଧୀ । ଭାରତ ବର୍ଷର ସ୍ୱୀୟ ପ୍ରତିଭାକୁ ଅନ୍ତରେ ଅନ୍ତରେ ଉପଲବ୍ଧି କରି ସେ ଅସାମାନ୍ୟ ତପସ୍ୟା ତେଜରେ ନୂତନ ଯୁଗ ଗଠନ କାର୍ଯ୍ୟରେ ଅବତୀର୍ଣ୍ଣ ହେଲେ । ଆମ ଦେଶରେ ଆତ୍ମ ପ୍ରକାଶର ନିର୍ଭୀକ ଅଭିଯାନ ଏତେଦିନେ ସତ୍ୟଆପ୍ତ ଭାବେ ଆରମ୍ଭ ହେଲା ।

ଆଜିଯାଏ ଆମ୍ଭମାନଙ୍କ ନିଃସାହସ ଉପରେ ଦୁର୍ଗ ଗଢ଼ି ବିଦେଶୀ ବଣିକରାଜ ସାମ୍ରାଜ୍ୟବାଦର ବାଣିଜ୍ୟ ଚଳାଇ ଆସିଛି । ଆମର ଦୁର୍ବଳତା ଆଶ୍ରୟ ଦେଇ ନଥିଲେ ସେ ତାର ଅସ୍ତ୍ର ଶସ୍ତ୍ର ସୈନ୍ୟ ସାମନ୍ତ ଏ ଦେଶରେ ଥାପି ଦେବା ପାଇଁ ଯଥେଷ୍ଟ ସ୍ଥାନ ପାଇ ପାରି ନଥାନ୍ତା । ପରାଭବର ସର୍ବାଧିକ ଉପାଦାନ ଆମେଇ ଯୋଗେଇ ଦେଇଛୁଁ ଆପଣା ଭିତରୁ । ଆମର ଏଇ ଆତ୍ମକୃତ ପରାଭବରୁ ମୁକ୍ତି ଦେଲେ ମହାତ୍ମାଜୀ— ନବବୀର୍ଯ୍ୟାନୁଭୂତିର ବନ୍ୟାଧାର ଭାରତରେ ସେଇ କଲେ ପ୍ରବାହିତ । ବର୍ତ୍ତମାନ ଶାସନ କର୍ତ୍ତାମାନେ ଆମ ସହିତ ରଫା କରିବାକୁ ପ୍ରସ୍ତୁତ ହେଉଛନ୍ତି । କାରଣ ତାଙ୍କର ପରଶାସନତନ୍ତ୍ରର ଗମ୍ଭୀରତମ ଭିତ୍ତି—ଯେଉଁ ଭିତ୍ତି ଆମରି ବୀର୍ଯ୍ୟହୀନତା ଉପରେ ପ୍ରୋଥିତ, ସେଇ ଭିତ୍ତି ଆଜି ହଲିଛି । ଆଜି [illegible] ଅନାୟାସେ ଜଗତ ସଭାରେ ଆମର ସ୍ଥାନ ଦାବୀ କରି ପାରିବୁଁ ।

ତେଣୁ ଆଜି ଆମର ଜାଣିବା ଉଚିତ, ଯେଉଁ ଶକ୍ତି ଆଜି ବିଲାତ ଯାଇ ଗୋଲ-ଟେବୁଲ ବୈଠକରେ ତର୍କ ଯୁକ୍ତି କରୁଛି, ଯେ [illegible] ଓ [illegible] ପ୍ରବୃତ୍ତ କରେ, ସେ ପ୍ରଚଳିତ [illegible] ନୈତିକ [illegible] ମାନଦଣ୍ଡରେ

Digitized by srujanika@gmail.com

ବିଶ୍ୱାସ କରନ୍ତି ବା କେତେବେଳେ ନ କରନ୍ତି —ଏଇ ସବୁ ମତାମତ ଓ କର୍ମ ପ୍ରଣାଳୀ ମଧ୍ୟରେ ଯେପରି ଆମେ ଏଇ ମହା ପୁରୁଷଙ୍କୁ ନିର୍ଦ୍ଧିଷ୍ଟ କରି ନ ଦେଉଁ, ଯେଉଁ ସବୁ ସାମୟିକ ବ୍ୟାପାରରେ ସେ ଜଡ଼ିତ ହୋଇଥିଲେ ତାଙ୍କର ନହି ଥାଇପାରେ ତାଙ୍କୁ ସେହି ତର୍କ ମଧ୍ୟ ଗୁମ୍ଫାରେ—କିନ୍ତୁ ତାହା ବାହ୍ୟ । ସେ ନିଜେ ବାରମ୍ବାର ସ୍ୱୀକାର କରିଛନ୍ତି ତାଙ୍କର ଭ୍ରାନ୍ତି ହୋଇପାରେ କାଳର ପରିବର୍ତ୍ତନରେ ତାଙ୍କୁ ମତ ପରିବର୍ତ୍ତନ କରିବାକୁ ହେଉଛି । କିନ୍ତୁ ଏଇ ଯେ ଅନ୍ତରନିହିତ ନିଷ୍ଠା ଯାହା ତାଙ୍କୁ ଅଚଳ ପ୍ରତିଷ୍ଠ ରୂପେ ରଖିଥାଇଛି, ଏଇ ଯେ ଅପରାଜେୟ ସଂକଳ୍ପ ଶକ୍ତି—କେଉଁଠି ସବୁଠାରେ କବଚ ତୁଲ୍ୟ ଯାହା ତାଙ୍କର ସହଜାତ—ଏଇ ଶକ୍ତିର ପ୍ରକାଶ ହିଁ ମାନବ ଇତିହାସର ଚିରସ୍ଥାୟୀ ସମ୍ପଦ । ପ୍ରୟୋଜନୀୟତାର ସଂସାରରେ ନିତ୍ୟ ପରିବର୍ତ୍ତନର ଧାରା ପ୍ରବାହିତ, କିନ୍ତୁ ସମସ୍ତ ପ୍ରୟୋଜନକୁ ଅତିକ୍ରମ କରି ଯେଉଁ ମହା ଜୀବନର ମହିମା ଆଜି ଆମ ଆଗରେ ଉଦ୍‌ଘାଟିତ ତାକୁ ଯେପରି ଆମେ ଶ୍ରଦ୍ଧାକରି ଶିଖୁଁ ।

ମହାତ୍ମାଜୀଙ୍କର ଏହି ତେଜ ଆଜି ସମସ୍ତ ଦେଶରେ ସଞ୍ଚାରିତ ହୋଇଛି—ଏଇ ତେଜୋଦୀପ୍ତ ସାଧକ ମୂର୍ତ୍ତିରେ ଆମର ମ୍ଳାନତାକୁ ମାର୍ଜନା କରି ଦେଉଛି ସେ ଆମର ମନକୁ ଅଧିକାର କରନ୍ତି । ଅନ୍ୟମାନେ ଭ୍ରମ ତାଙ୍କୁ ଖର୍ବ କରି ନାହିଁ । ସାମୟିକ ଉତ୍ତେଜନା ମଧ୍ୟରେ ଏହି ସ୍ଥାୟୀ ତାଙ୍କର ମନ ଉର୍ଦ୍ଧ୍ୱରେ ପ୍ରମତ୍ତ । ଏବଂ ବିପୁଳ ଚରିତ୍ର ଶକ୍ତିର ଆଧାର ସେ ଯେ, ଆଜି ଆମେ ତାଙ୍କରି ଉଦ୍ଦେଶ୍ୟରେ ନମସ୍କାର କରୁଛୁଁ ।

ପରିଶେଷରେ ମୋର କହିବାର କଥା ଏତିକି ଯେ ପୂର୍ବ ପୁରୁଷର ପୁନରାବୃତ୍ତି କରିବା ମନୁଷ୍ୟ ଧର୍ମ ନୁହେଁ । ଜୀବଜନ୍ତୁ ସେମାନଙ୍କର ଜୀର୍ଣ୍ଣ ଅଭ୍ୟାସର ସୀମାକୁ ନିର୍ଦ୍ଦିଷ୍ଟ ଭାବରେ ଧରି ରଖନ୍ତି, କିନ୍ତୁ ମନୁଷ୍ୟ ଯୁଗେ ଯୁଗେ ନବନବ ସୃଷ୍ଟିରେ ଅନ୍ତ ପ୍ରକାଶ କରେ, ପୁରାତନ ସଂସ୍କାରରେ କେବେ ତାକୁ ବାନ୍ଧି ରଖି ହେବ ନାହିଁ । ମହାତ୍ମାଜୀ ଭାରତବର୍ଷର ବହୁ ଯୁଗ ବ୍ୟାପୀ ଅନ୍ଧତା ମୂଢ଼ ଆଚାରର ବିରୁଦ୍ଧରେ ଯେଉଁ ବିଦ୍ରୋହ ଘୋଷଣା ଗୋଟିଏ ଅଂଶରେ ପ୍ରକାଶିତ କରିଛନ୍ତି ତାକୁ ଚତୁର୍ଦ୍ଦିଗରେ ପ୍ରଜ୍ୱଳିତ କରିବାହିଁ ଆମର ସାଧନା ହେଉ । ଜାତି ଭେଦ, ଧର୍ମ ବିରୋଧ, ମୂଢ଼ ସଂସ୍କାରର ଆବର୍ତ୍ତରେ ଯେତେଦିନ ଯାଏ ଆମ୍ଭେମାନେ ଘୂର୍ଣ୍ଣିତ ହେଉଥିବା ସେତେଦିନ ଯାଏ ଆମକୁ ମୁକ୍ତି ଦେବା ସାଧ୍ୟ କାହାର ଜଗତରେ ଅଛି ? କେବଳ ଭୋଟର ସଂଖ୍ୟା ଏବଂ ପରସ୍ପର ସ୍ୱତନ୍ତ୍ର ଜାତିରୁ ଗିରି କଡ଼ା ହିସାବ ଗଣନା କରି କୌଣସି ଜାତି ଦୁର୍ଗତିରୁ ଉଦ୍ଧାର ପାଇ ନ ପାରେ । ଯେଉଁ ଜାତିର ସାମାଜିକ ଭିତ୍ତି ବାଧାରେ, ବିରୋଧରେ ଶତ ଛିଦ୍ର ହୋଇ ରହିଛି, ଯେଉଁମାନେ ଗଦା ଗଦା ଆବର୍ଜନା ବହି ବୁଲନ୍ତି, ବର୍ଷର ପର ପର ତିଥି ନକ୍ଷତ୍ରରେ ବିଶେଷ କ୍ଷଣରେ ବିଶେଷ ଜଳରେ ପୂରୁଷାନୁକ୍ରମିକ ପାପ ପ୍ରକ୍ଷାଳନ କରିବାକୁ ଦୌଡ଼ନ୍ତି, ଯେଉଁମାନେ ଆତ୍ମ ଶକ୍ତିର ଅବମାନନାକୁ ଆନୁଗତ୍ୟର ନାମ ଦେଇ ଆଦର ର ସହ ପୋଷଣ କରନ୍ତି ସେମାନେ କଦାପି ଯେଉଁ ସାଧନା ଅନ୍ତରର ଓ ବାହାରର ପରଦାସତ୍ୱ ବନ୍ଧନକୁ ଛେଦନ କରି ପାରେ, ଯାହା ଦ୍ୱାରା ସ୍ୱାଧୀନତାର ଦୁରୂହ ଦାୟିତ୍ୱକୁ ସବ ପ୍ରକାର ଶତ୍ରୁହସ୍ତରୁ ଦୃଢ଼ ଶକ୍ତିରେ ରକ୍ଷାକରି ହୁଏ ସେ ସାଧନାକୁ ସ୍ଥାୟୀ ଓ ଗଭୀର ଭାବରେ ବହନ କରି ପାରିବେ ନାହିଁ । ମନେ ରଖିବା ଉଚିତ ବାହାରର ଶତ୍ରୁ ସହିତ ଯୁଦ୍ଧ କରିବା ପାଇଁ ସେପରି ଧର୍ମର ପ୍ରୟୋଜନୀୟତା ନାହିଁ—ନିଜ ଅନ୍ତରର ଶତ୍ରୁ ସହିତ ଯୁଦ୍ଧ କରିବାରେହିଁ ମନୁଷ୍ୟର ଚରମ ପରୀକ୍ଷା । ଆଜି ଆମେ ଯାହାକୁ ଶ୍ରଦ୍ଧା କରୁଛୁଁ ସେଇ ପରୀକ୍ଷାରେ ସେ ଜୟୀ ହୋଇଛନ୍ତି । ତାଙ୍କଠାରୁ ସେହି ଦୁରୂହ ସଂଗ୍ରାମରେ ଜୟୀ ହେବାର ସାଧନା ଯଦି ଦେଶ ଗ୍ରହଣ ନକରେ ତେବେ ଆଜି ଆମର ପ୍ରଶଂସା ବାକ୍ୟ ସମ୍ପୂର୍ଣ୍ଣ ବ୍ୟର୍ଥ ହେବ । ଆମର ସାଧନାର ଆରମ୍ଭ ଆଜି—ଦୁର୍ଗମ ପଥ ଆମର ସମ୍ମୁଖରେ—

—*—

## ଅଜାଙ୍କ ଜବାବ

ତ୍ରିଲୋଚନ [୯୧୧] ବୈକୁଣ୍ଠ [୯୧୨] ନାଗ ସମ୍ମିଳନୀ କଥା ଲେଖିଛ—ମୋର ସେଥିରେ ପୂରା ସମ୍ମତି—କିନ୍ତୁ ତମେ ମାନେ ସଭାକରି ମୋତେ ଡାକିବ । ମୁଁ ଯାଇ ହାଜର ହେବି । ତମ ନାଗଭାଇ ରାମଚନ୍ଦ୍ର ସେ ଦିଗରେ ଅନେକ ଚେଷ୍ଟା କରିଥିଲେ । କିନ୍ତୁ ଅନ୍ୟ ନାଗମାନଙ୍କଠାରୁ ଉତ୍ସାହ ପାଇଲେ ନାହିଁ । ତମର ପ୍ରକୃତ ଅଜାଙ୍କୁ ତମେ ନିଶ୍ଚୟ ଜାଣ ।

ରମାନାଥ (୮୯୦) ତମେ ଯେଉଁ ସବଶେଷ ଅନୁରୋଧଟି କରିଛ ତା ପୂର୍ବରୁ ଜାଣିବାକୁ ଚାହେଁ—ତମେ କୌଣସି ଯୋଜନା କରିଛ କି ନା ? ଯଦି କରିଥାଅ ମୋ ପାଖକୁ ପଠାଅ ।

## ନାଗଙ୍କ ପ୍ରଶ୍ନ

୧—ଗାନ୍ଧିଜୀ ଯେତେବେଳେ ସତ୍ୟବାଦୀରେ (ସାକ୍ଷିଗୋପାଳ)ରେ ଥିଲେ ତାଙ୍କ ପାଖରେ ୪ଜଣ ସ୍ୱେଚ୍ଛାସେବକ ନିଯୁକ୍ତ ଥିଲେ ସେଥି ମଧ୍ୟ ସମାଜ ସଂପାଦକ ଜଣେ—ଅନ୍ୟ ତିନିଜଣ କିଏ ?

[ତ୍ରିଲୋଚନ—୯୧୧]

## ନୂଆ ନାଗଙ୍କ ନାମ

୯୯୨ । ଶ୍ରୀ ହରିହର ଜେନା, ଜେନାପୁର M. E. ସ୍କୁଲ ୬ଷ୍ଠ ଶ୍ରେଣୀ ପୋ: ଜେନାପୁର ଜିଲ୍ଲା କଟକ (ସ୍ଥାୟୀ) । ୯୯୩ । ଶ୍ରୀମତୀ ଚପଳା ସୁନ୍ଦରୀ ଦେବୀ, C/o ଶ୍ରୀ ବଦ୍ୟ ନାଥ ରଥ, (ସ୍ଥାୟୀ) ପଶୁ ଡାକ୍ତର କଟକ । ୯୯୪ । ଶ୍ରୀବସୁ ପ୍ରଧାନ, ବାଣପୁର ଉଚ୍ଚ ଇଂରାଜୀ ବିଦ୍ୟାଳୟ ୮ମ ଶ୍ରେଣୀ ପୋ: ବାଣପୁର ଜି: ପୁରି । ୯୯୫ । ଶ୍ରୀ ଚନ୍ଦ୍ରଶେଖର ସାହୁ C/o ବାଲାଜି ବିହାରି ସାହୁ, ପଦ୍ମପୁର, ଗମ୍ଭାରି ମୁଣ୍ଡା ପୁଂସ ୯୯୬ । ଗୌରାଙ୍ଗ ଚରଣ ସେନାପତି, (ସ୍ଥାୟୀ) ୬୧ ନଂ ରାଜା ନବକୃଷ୍ଣ ଷ୍ଟ୍ରିଟ, ପୋ: ହାଟ ଖୋଲା—କଲିକତା । ୯୯୭ । ଶ୍ରୀ ମୁରଲୀ ଧର ସାମଲ, (ସ୍ଥାୟୀ) ନବମ ଶ୍ରେଣୀ ଶ୍ରୀ ବସନ୍ତ ଉଚ୍ଚ ଇଂରାଜୀ ବିଦ୍ୟାଳୟ, ପୋ: ମାଁଛଡ଼ା ଜିଲ୍ଲା କଟକ । ୯୯୮ । ବସନ୍ତ କୁମାରୀ ସାମନ୍ତରାୟ, (ସ୍ଥାୟୀ) C/o ତାରିଣୀ ଚରଣ ସାମନ୍ତରାୟ, ରାୟ ବାବୁ ସାହି ପୋଷ୍ଟ—ଜୟପୁର ଜିଲ୍ଲା କୋରାପୁଟ । ୯୯୯ । ଭଗବାନ ମହାନ୍ତି, C/o ଯୋଗେନ୍ଦ୍ର ନାଥ ମହାନ୍ତି କରଣୀ ରାଇରଙ୍ଗ ପୁର ହାଇ:ସ୍କୁଲ ପୋ: ରାଇରଙ୍ଗ ପୁର, ମୟୂରଭଞ୍ଜ । ୧୦୦୦ । ସାଧୁ ଚରଣ ଦାସ (ସ୍ଥାୟୀ) ଏଡ଼ତାଳ ମିଇ: ସ୍କୁଲ ୭ମ ଶ୍ରେଣୀ ଛାତ୍ର ପୋ: ଏଡ଼ତାଳ ବାଲେଶ୍ୱର ।

Digitized by srujanika@gmail.com

# ଚିଠିପତ୍ର

ପ୍ରତି ସଂଖ୍ୟା 'ଡଗର' ରେ ପାଠକ ପାଠିକା, ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠିପତ୍ର'ରେ ପ୍ରକାଶ ପାଇବ । ଚିଠି ଯଥାସମ୍ଭବ ଛୋଟ ଓ ସଂକ୍ଷିପ୍ତ ହେବା ଦରକାର । କୌଣସି ଚିଠିରେ ଲେଖକ ଦସ୍ତଖତ ଓ ଠିକଣା ନ ଥିଲେ ତାହା ଅଗ୍ରାହ୍ୟ ହେବ । ଚିଠିର ସଂଶୋଧନ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିବ । କୌଣସି ବ୍ୟକ୍ତିଗତ ଆକ୍ରମଣ ସମାଲୋଚନାର ବସ୍ତୁ ହେବ ନାହିଁ । ସଂପାଦକ ମଣ୍ଡଳ ଏହି ମତାମତ ପାଇଁ ଦାୟୀ ନୁହନ୍ତି ।—ସମ୍ପାଦକ

## ମହାତ୍ମାଙ୍କ ସ୍ମୃତି

ମାନନୀୟ ଡଗର ସମ୍ପାଦକ ମହାଶୟ !

ମହାତ୍ମାମାନବ ବାପୁଜୀଙ୍କର ନଶ୍ୱର ଶରୀର ଧରଣୀ ମାତାବକ୍ଷରେ ବିଲୀନ ହୋଇ ଯାଇଛି ସତ୍ୟ କିନ୍ତୁ ତାଙ୍କର ଶୁଭାଶୀଷ ଆମ ପ୍ରତି ରହିଛି ଓ ରହିବ । ସେ ଯେଉଁ ତ୍ୟାଗ ଓ ସଂଯମ ଧର୍ମରେ ଦୀକ୍ଷିତ ହୋଇ ସତ୍ୟ ଓ ଅହିଂସା ମନ୍ତ୍ରରେ ଅସାଧ୍ୟ ସାଧନା କରିଯାଇ ଅଛନ୍ତି ସେଥିପାଇଁ ତାଙ୍କୁ ସମଗ୍ର ପୃଥିବୀର ଲୋକେ ଯୁଗ ଯୁଗ ଧରି ଦେବତା ରୂପେ ପୂଜା କରିବେ ଏ ଯୁଗ ପ୍ରକୃତରେ ଗାନ୍ଧିଯୁଗ ଓ ସେ ଥିଲେ ଜଣେ ସଜୀବ ଦେବତା ।

ପୁରୀ ଧାମ ଆଜି ଓଡ଼ିଶାର କାହିଁକି ସମଗ୍ର ଭାରତର ସର୍ବ ଶ୍ରେଷ୍ଠ ତୀର୍ଥ ସ୍ଥଳ ରୂପେ ପରିଗଣିତ ହୋଇଅଛି । ସେହି ସର୍ବଜନ ପୂଜ୍ୟ ମହାତ୍ମାଙ୍କର ସ୍ମୃତି ମନ୍ଦିର ଟିଏ ଏହି ପୁରୀ-ଠାରେ ସ୍ଥାପନ କରିବାକୁ ଆମର ପ୍ରାଦେଶିକ ସରକାର ତଥା ଉତ୍କଳ ବାସିଏଁ ଯଥାସାଧ୍ୟ ଉଦ୍ୟମ କରନ୍ତୁ । ଆମେମାନେ ଶ୍ରୀକୃଷ୍ଣ, ଚୈତନ୍ୟ, ଜଗନ୍ନାଥ, ରାମଚନ୍ଦ୍ର, ବୁଦ୍ଧ, ମହମ୍ମଦ ଓ ଯୀଶୁଙ୍କ ପରି ସେହି ବାପୁଜୀଙ୍କୁ ଭକ୍ତିପୂର୍ଣ୍ଣ ଚିତ୍ତରେ ସେବା ଓ ଦର୍ଶନ କରି ଜୀବନକୁ ସାର୍ଥକ କରିବା ।

ଦୀନବନ୍ଧୁ ଚରଣ ନାୟକ

## ଟ୍ରେନିଂ ଶିକ୍ଷା

ମାନନୀୟ ସମ୍ପାଦକ "ଡଗର" ମହୋଦୟ,

ଗତ ସଂଖ୍ୟା (୧୯୪୮ ଜାନୁୟାରି ତା ୧୨ ତାରିଖ ସୋମବାର) ଡଗରରେ ଶ୍ରୀ ବାମଦେବ ପାଣିଗ୍ରାହିଙ୍କ ପତ୍ରଟି ପ୍ରକାଶ ପାଇଛି । ଓଡ଼ିଶା ଶିକ୍ଷା ବିଭାଗରୁ [Letter no 8502 dated Cuttack, the 24th July, 1947 from the Director of Public Instruction Orissa ]. ହାଇସ୍କୁଲ ମାନଙ୍କୁ ଜଣାଇ ଦେଇଛନ୍ତି—"ସ୍କୁଲ୍‌ମାନଙ୍କର ଡ୍ରଇଂ-ଶିକ୍ଷକ ନରଖି ସେମାନଙ୍କ ସ୍ଥାନରେ ସେକେଣ୍ଡେରୀ ଟ୍ରେନିଂ ଶିକ୍ଷକ ରଖାଯାଉ ।" ମୁଁ ଅନେକ ସେକେଣ୍ଡେରୀ ଟ୍ରେନିଂ ଶିକ୍ଷକ ମାନଙ୍କୁ ଦେଖିଛି ସେମାନେ ଗୋଟିଏ ସରଳ ରେଖା ଟାଣି ପାରନ୍ତି ନାହିଁ । କେବଳ ଶତକରା ତିନି ଜଣ କାଟି ପାରିବେ । ପିଲାଙ୍କୁ ଡ୍ରଇଂ ଶିକ୍ଷା ଦେବାପରି ବିଦ୍ୟା ସେମାନଙ୍କର ନାହିଁ କହିଲେ ଚଳେ । ଟ୍ରେନିଂ ବେଳେ ଡ୍ରଇଂ ଶିକ୍ଷା କରିଛନ୍ତି ବୋଲି ଯଦି ଡ୍ରଇଂ ଶିକ୍ଷକ ରୂପେ କାର୍ଯ୍ୟ କରି ପାରିବେ ତେବେ ସ୍କୁଲ ଗୋଟିକେ, ଭାଷା ଶିକ୍ଷକ କାମ କାହିଁକି ନକରି ପାରିବେ । ସେଠାରେ କାହିଁକି କେବଳ ଫିଜିକେଲ ଟ୍ରେନିଂ ଶିକ୍ଷକ, ଭାଷା ଶିକ୍ଷକ ନିଯୁକ୍ତ କରାଯିବ ? ସେମାନେତ ତାହା ଟ୍ରେନିଂ ପାଇଛନ୍ତି ।

ଲୋକେ କହନ୍ତି—ଯେଉଁ ଦେଶରେ ଅର୍ଥ ନାହିଁ ସେଠାରେ ମନୁଷ୍ୟ ନାହିଁ । ପିଲାଙ୍କୁ ପ୍ରକୃତ ଡ୍ରଇଂ ଶିକ୍ଷକଙ୍କ ଦ୍ୱାରା ଚିତ୍ରଶିକ୍ଷା ନଦେଲେ ଗୋଲ ଅକ୍ଷର "୦" ମଧ୍ୟ ଟାଣିବା କଷ୍ଟ ହୋଇ ପଡ଼ିବ । ପିଲାଙ୍କୁ କିଛାନ୍ତ ମାମୁଲି ଧରଣରେ ଯେଉଁ ଥିରେବ ଚିତ୍ରର ଢଙ୍ଗ ଓ ଅନୁପାତ ଠିକ ନଥିବ ସେପରି ଶିକ୍ଷା ଦେଲେ ତାଙ୍କର ଭବିଷ୍ୟତ ଚିତ୍ରଶିକ୍ଷା ଅନ୍ଧକାରମୟ ହେବାର ଅସମ୍ଭବ ନୁହେ । ଆଗାମୀ ବର୍ଷ ନିମନ୍ତେ ଯେଉଁ ନୂତନ ଡ୍ରଇଂ ସିଲେବାସ ତିଆରି ହୋଇଛି ତାହା ଡ୍ରଇଂ ଶିକ୍ଷକଙ୍କ ବିନା ସେକେଣ୍ଡେରୀ ଟ୍ରେନିଂ ଶିକ୍ଷକଙ୍କ ପକ୍ଷରେ ଟାଣିବା ସମ୍ଭବ ନୁହେ । ଓଡ଼ିଶାର ମିଡଲ ସ୍କୁଲ ଠାରୁ ହାଇସ୍କୁଲ ପର୍ଯ୍ୟନ୍ତ ପ୍ରତ୍ୟେକ ସ୍କୁଲରେ ପ୍ରକୃତ ଡ୍ରଇଂ ଶିକ୍ଷକ ନିଯୁକ୍ତ କରି ଅନ୍ୟାନ୍ୟ ପ୍ରଦେଶ ପରି ଚିତ୍ର ଶିକ୍ଷାର ଉନ୍ନତି ଅଭିବୃଦ୍ଧି କରିବା ଉଚିତ । ଇତି ।

ଶ୍ରୀ କେଶବ ମହାରଣା

## ଜମିଦାରି ପ୍ରଥା ଉଚ୍ଛେଦ

ମାନନୀୟ ସମ୍ପାଦକ ମହାଶୟ

ଜମିଦାରୀ ପ୍ରଥା ଓ ଉଚ୍ଛେଦ ସାଧନ ପାଇଁ ଚାରିଆଡ଼େ ପ୍ରସ୍ତାବ ହେଉଛି ଏବଂ ସରକାର ମଧ୍ୟ ଉକ୍ତ ପ୍ରଥା ଉଠାଇ ଦେବାପାଇଁ ଆଇନ ପ୍ରଣୟଣ କରୁଛନ୍ତି । କିନ୍ତୁ ଯେଉଁମାନେ ଘରେ ଲକ୍ଷ ଲକ୍ଷ ଟଙ୍କା ରଖି ଗରିବ ପ୍ରଜାମାନଙ୍କୁ କରଜ ଦେଇ ଅନ୍ୟାୟ ଉପାୟରେ ବହୁତ ସୁଧ ଅଦାୟ କରୁଛନ୍ତି ଏବଂ ଯେଉଁମାନେ ଲକ୍ଷ ଲକ୍ଷ ଟଙ୍କାର ବ୍ୟବସାୟ କରି ବିଶେଷ କଳା ଯୋଗେଇ ନେଇ ନିରୀହ ଲୋକ ମାନଙ୍କ ରକ୍ତ ଶୋଷଣ କରୁଛନ୍ତି, ସେମାନଙ୍କ ପାଇଁ ସରକାର କଅଣ କରୁଛନ୍ତି ? କ୍ଷୁଦ୍ର ବୁଦ୍ଧିରେ ଏ ପ୍ରଶ୍ନଟିର ସମାଧାନ ନ ହେବାରୁ ଆପଣଙ୍କ କାଗଜରେ ଦେଖିବାକୁ ଚେଷ୍ଟା କରୁଛି ମାତ୍ର ।

ଆପଣଙ୍କର

ଅନ୍ନପୂର୍ଣ୍ଣା, ଅନୁଗୋଳ ହାଇସ୍କୁଲ ।

## ହରିଜନ ମନ୍ଦିର ପ୍ରବେଶ

ସମ୍ପାଦକ ମହାଶୟ!

ଯେଉଁ ଦେଶରେ ମହାତ୍ମା ଗାନ୍ଧିଙ୍କି ହତ୍ୟା କରାଗଲା ସେ ଦେଶରେ ଧର୍ମ ହେବା ପାପ ଏବଂ ଦୁଃଖ ଦାୟକ । ବର୍ତ୍ତମାନ ଦେଶରେ ସତ୍ୟ ନ୍ୟାୟ ଓ ଆଇନ୍‌ ବିପଦଗ୍ରସ୍ତ । କେବେ ଭଗବାନ ଏଦେଶ ଲୋକଙ୍କୁ ସୁବୁଦ୍ଧି ଦେବେ କେଜାଣି ? ଆପଣ ମାନେ ଯୁବକ ଅତ୍ୟାଚାର ଅନ୍ୟାୟ ବିରୁଦ୍ଧରେ ଲଢ଼ିବ ଆମର ଯେ ବଳ ନାହିଁ । ଆପଣଙ୍କୁ ଏପତ୍ର ଲେଖିବାର କାରଣ ହେଉଛି ଆପଣଙ୍କର ତା ୨୦ ସମାଜରେ ପୁରୀ ମନ୍ଦିରରେ ହରିଜନ ପ୍ରବେଶ ଲେଖାଟିର ଭାବ ମୋ ଜୀବନରେ ଥରେ ପରୀକ୍ଷା କରି ଫଳ ପାଇଥିଲି । ଏଣୁ ଏ ପତ୍ରରେ ଜଣାଇଲି ଆପଣଙ୍କ ଚିନ୍ତା ମାନଙ୍କୁ ସ୍ଥିର କରିବା ପାଇଁ । ଦଶବର୍ଷ ପୂର୍ବେ ଆମ ଥାନାର ହରିଜନ ଓ ଅନ୍ୟ ଜନଙ୍କ ସଭାରେ ହରିଜନ ମାନଙ୍କହାତରୁ ମୁଁ ପାଣି ପିଇଥିବାରୁ କାକଟପୁର ମଙ୍ଗଳା ଠାକୁରାଣୀଙ୍କ ମନ୍ଦିର ସେବକ ମାନେ ମୋତେ ମଙ୍ଗଳା ଦେଉଳକୁ ଯିବାକୁ ମନା କରିଥିଲେ । ମୁଁ ଦେଉଳକୁ ନଯାଇଁ ଅନ୍ୟ ମୋ ମତ ସମର୍ଥକ ଅସଂଖ୍ୟ ଲୋକଙ୍କୁ ଦେଉଳକୁ ନ ଯିବାପାଇଁ କହିଲି । ସେ ଅସଂଖ୍ୟ ଲୋକ ୪ ବର୍ଷ ଦେଉଳକୁ ନ ଯିବା ଫଳରେ ସେବକଙ୍କର ଆୟରେ କ୍ଷତି ଘଟିଲା । ଏଣୁ ସେମାନେ ଦେଉଳକୁ ଯିବାକୁ ଡାକିଲେ । ମୁଁ ହରିଜନ ନଯାଇଁ ସମର୍ଥକ ମାନଙ୍କୁ ଯିବାକୁ କହିଲି ସେମାନେ ଗଲେ । ଏଣୁ ମୋର ବିଶ୍ୱାସ ଆପଣଙ୍କ ପରାମର୍ଶ ସୁଫଳ ଦେବ ।

ଇତି ।

ଆପଣଙ୍କର

ଶ୍ରୀ ପୂର୍ଣ୍ଣାନନ୍ଦ ସ୍ୱାଇଁ

Digitized by srujanika@gmail.com

REG. No. O. 4. THE DAGARO. — 8-3 48.

## ହାଓଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

[illegible]

ସର୍ବାଙ୍ଗୀଣ ବା ଆଂଶିକ ଫୁଲା ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏହାହିଁ ଏକମାତ୍ର ଯୋଗ୍ୟ ପ୍ରତିଷ୍ଠାନ ।

ଶରୀରର ଧଳା ଦାଗ ଆଦି ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ଓ ପୁସ୍ତକ ନିଅନ୍ତୁ ।

**ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧ନଂ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୬ ନଂ ହାରିସନ ରୋଡ୍, କଲିକତା

---

### ଆଶ୍ଚର୍ଯ୍ୟ

## ଭାଗ୍ୟ ଗଣନା !!

**ପ୍ରଶ୍ନ ପଚାରିବାର ପ୍ରୟୋଜନ ନାହିଁ ।**

କେବଳ ନିଜର ଇଷ୍ଟଦେବଙ୍କୁ ସ୍ମରଣ କରି ୧ ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନରୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ କେରଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା-ବିଜ୍ଞାନ ଶକ୍ତିର ଦ୍ୱାରା ଆପଣଙ୍କର ଭୂତ ଭବିଷ୍ୟତ ଓ ବର୍ତ୍ତମାନ ଗ୍ରହ ନିର୍ଣ୍ଣୟ କରି ଲେଖି ପଠାଇବୁ ।

ମାତ୍ର ୫୦/ ମନିଅର୍ଡର କରି ତତ୍ ସଙ୍ଗେ କୁପନରେ ମନୋନୀତ ସଂଖ୍ୟା ଗୋଟି ଓ ନିଜର ନାମ ଧାମ ପରିଷ୍କାର ଭାବେ ଲେଖି ପଠାନ୍ତୁ ।

**ଭୃଗୁସଂହିତା କାର୍ଯ୍ୟାଳୟ**
Box No. 21.
C/o ଡଗର
ପୋ: ଭଦ୍ରକ

---

## ପରାମର୍ଶ ନେଉନ୍ତୁ

### ଆଉ ଭୟର କାରଣ ନାହିଁ

ମେହ, ଗର୍ମି, ଉପଦଂଶ ଇତ୍ୟାଦିରେ ବର୍ଷ ବର୍ଷ ଭୋଗୁଥିଲେ ଜୀବନକୁ ହେୟ ନ କରି ରୋଗର ସମସ୍ତ ବିବରଣ ସହ **ଡାକ୍ତର ବି, ଦାସ** (ହୋମିଓପାଥ୍) ହିଙ୍ଗୁଳାର, ବଣିଆପଡ଼ି, ମୁଣ୍ଡଙ୍କ ସହିତ ପରାମର୍ଶ କରନ୍ତୁ ।

---

## ବାଗ୍-ବୋମା

ମଶା ଓ ଛାରପୋକ ମିନିଟିକ ଭିତରେ ମରିଯାନ୍ତି ।

ପ୍ରତି ବୋତଲ ଟ ୧। ଡା: ମା: ଖର୍ଚ୍ଚ ଅଲଗା ।

### ସୁବାସିତ

## ଏକ୍‌ସ-ଅଲ୍ ପାଉଡର

ଖାଜ, ପାଞ୍ଚି, ଏକଜିମା ଓ ସବୁ ପ୍ରକାର ଚର୍ମ ରୋଗର ଅବ୍ୟର୍ଥ ମହୌଷଧ । ଗ୍ୟାରେଣ୍ଟି ଦିଆଯାଏ । ପ୍ରତି ମୁଣ୍ଡିଆ ୫୦/ । ଧାରକାରୀ ବିକ୍ରି ପାଇଁ ନମୁନା ମଗାନ୍ତୁ ।

Footman. Post Box. 10815.Calcutta.—9.

---

### ବିଜ୍ଞାପନ

## ଉତ୍କଳ ସଂଗୀତ ଶିକ୍ଷା ନିକେତନ ।

ସଙ୍ଗୀତ ଶିକ୍ଷା କରିବାର ସୁବର୍ଣ୍ଣ ସୁଯୋଗ ଛାଡ଼ନ୍ତୁ ନାହିଁ । ନିମ୍ନ ଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଠିକଣା

ବିଷ୍ଣୁଚରଣ ପାତ୍ର

ନଂ ୧/ବି, ଚୌଧୁରୀ ବଜାର

([illegible] ଷ୍ଟ୍ରୀଟ)

Printed & Published by G. C. Mahapatra at the Gopinathpress, Bhadrak, 1948.




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର


| ଏକାଦଶ ବର୍ଷ | ସୋମବାର<br>ମୀନ ୧ ଦିନ ୧୩୫୫ ସାଲ | ୩୧ଶ ସଂଖ୍ୟା |
|---|---|---|


—ସୂଚି—

ମଜା କଥାରେ
ଗୀତ ଓ ସାହିତ୍ୟ

ମଜାକବିତାରେ
ମଣିମା ଶୁଣିବା ହେଉ......

କାହାଣୀରେ
ଲୁଟିର ଯୁଗ

କଥା ଓ ନଥା, ଗଠାଗ,
ବାଲ୍ୟଅବସ୍ଥାର ପ୍ରଭୃତି।

# "DAGARO"

ORISSA'S MOST POPULAR WEEKLY
of
Light, Lead & Laughter


| Vol XI | Monday. March. 15.1948 | No. 31. |
|---|---|---|

ବାର୍ଷିକ ମୂଲ୍ୟ ଟ. ୭୲ ଷାଣ୍ମାସିକ ଟ ୩୲
ରାଜ ସଂସ୍କରଣ ବାର୍ଷିକ ଟ ୧୦୲


Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ୫୵ ଓ ଷାଣ୍ମାସିକ ମୂଲ୍ୟ ସଡାକ ୨।୵ ଅଗ୍ରୀମ ଦେବାକୁ ପଡେ ।

୩ । ମୂଲ୍ୟ ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତି ଖଣ୍ଡ ଡଗର ଦୁଇ ଅଣାରେ ପାଇ ପାରିବେ । ବିଶିଷ୍ଟ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମ୍ୟାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନ କଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନ ପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବ ।

୮ । ଲେଖା, କବିତା, ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମ୍ୟାନେଜର ଡଗର
ପୋ: ଭଦ୍ରକ (B.N.Ry)

---


ନୂତନ ଚିନ୍ତା ଓ ନୂଆକଥା
ନୂତନ ଦୃଷ୍ଟି ଭଙ୍ଗୀନେଇ

**ଦୃଷ୍ଟିକୋଣ**

ଉପନ୍ୟାସ

ଲେଖକ—'ଡଗର'ର ସୁପରିଚିତ ପ୍ରିୟ
**ଶ୍ରୀ ଦେ ମହାପାତ୍ର**

ସଯୁକ୍ତ ହରିଶ୍ଚନ୍ଦ୍ର ବଡାଲଙ୍କର ମୁଖବନ୍ଧ ଡାକ୍ତର ଲକ୍ଷ୍ମୀକାନ୍ତଙ୍କର ଶ୍ରେଷ୍ଠ ଛବି ଏବଂ ଲେଖକଙ୍କ ନାୟକର ପ୍ରତିକୃତି ସହ ମୂଲ୍ୟ ୧୦ ମାତ୍ର

ଛପା ଓ ବନ୍ଧେଇ ଉତ୍କୃଷ୍ଟ
ପ୍ରାପ୍ତିସ୍ଥାନ:—ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ



ଓଡ଼ିଶାର ଉପନ୍ୟାସ ଜଗତରେ ନୂଆ ଯୁଗ ଆରମ୍ଭ କରିଛି
**ନିତ୍ୟାନନ୍ଦବାବୁଙ୍କର**

**ଭୁଲ୍**

**ଜୀଅନ୍ତା ମଣିଷ ଓ ଜୀବନର ଲକ୍ଷ୍ୟ**

ବିଚିତ୍ର ମନର ବିଚିତ୍ର କାହାଣୀ କହୁଛି
**"ଏଗାରଟା" ଓ "ଷଣ୍ଢା"**
ଜାତୀୟ ଜୀବନର ଜୀବନ୍ତ ଚିତ୍ରାବଳୀ

**"ପାଞ୍ଚଜନ୍ୟ"**
ଭାରତର ପ୍ରତି କଣ୍ଠରେ ମୁଖରିତ ହେଉ

—o—

( କଟକର ସବୁ ବହି ଦୋକାନରେ ପାଇବେ )


---


ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସମ୍ପାଦକ— ଶ୍ରୀ ରାଧାମୋହନ ଦାସ


Digitized by srujanika@gmail.com

## ରଚନାତ୍ମକ କର୍ମୀ ସମ୍ମିଳନ

ବାସ୍ତବରେ ଭାରତର ବର୍ତ୍ତମାନ ଚିନ୍ତାଧାରା ଯୋଡ଼ିଏ ଭାଗରେ ବିଭକ୍ତ— ଯୋଡ଼ିଏ ସ୍ପଷ୍ଟ ବାଦ ବର୍ତ୍ତମାନ ଭାରତକୁ ଦ୍ୱିଧା କରିଛି— ଯୋଡ଼ିଏ ସ୍ୱତନ୍ତ୍ର ବିପରୀତ ପନ୍ଥା ଭାରତ ଆଗରେ ଜାଜ୍ୱଲ୍ୟମାନ । ଆମେ ବାରମ୍ବାର ଏହି ଦୁଇ ବିଭିନ୍ନ ବାଦ—ବିଭିନ୍ନ ଦିଗର ସୂଚନା ଦେଇ ଆସିଛୁଁ । ଭାରତକୁ ଏଇ ଦୁଇଟି ପନ୍ଥାରୁ— ଦୁଇଟି ମାର୍ଗରୁ ଗୋଟିଏ ମାର୍ଗ ବାଛିନେବାକୁ ହେବ । ଏ ଦୁଇଟିର ସାଲିସ ଅସମ୍ଭବ । ଯେ ସାଲିସ କରେ ସେ ଭଣ୍ଡ—ଧର୍ମବକ ।

ଗୋଟିଏ ମନୁଷ୍ୟର ଶକ୍ତି ଅପହରଣକାରୀ ଯନ୍ତ୍ର-ଶିଳ୍ପ-ବାଦ—ପାଶ୍ଚାତ୍ୟ ଦର୍ଶନର ଆଡମ୍ବରକୁ ଆଗରେ ରଖି ମନୁଷ୍ୟର ଦୁର୍ବଳ ପ୍ରବୃତ୍ତିକୁ ଆହ୍ୱାନ କରୁଛି—ତାକୁ ଗୋଲାମ କରିବା ପାଇଁ । ଆଉ ଗୋଟିଏ ବିକେନ୍ଦ୍ରୀଭୂତ ସ୍ୱାବଲମ୍ବନବାଦ—ମନୁଷ୍ୟକୁ ନିଜ ଭାଗ୍ୟର କର୍ତ୍ତାପଦର ଗୌରବ ଦେବାପାଇଁ—ମନୁଷ୍ୟ ଉପରୁ ଆଳସ୍ୟର ଦୁର୍ଭାଗ୍ୟ ଅପସାରଣ କରି ଶ୍ରମର ସାର୍ଥକ ଆନନ୍ଦରୂପୀ ବର ବର୍ଷଣ କରିବା ପାଇଁ ମନୁଷ୍ୟର ଜଡ଼ତା ଉପରେ କଠୋର ଆଘାତକ କହୁଛି—ଉଠ-ଜାଗ— ତୁମର ପ୍ରାପ୍ୟ ହାସଲ କର !

ଦୁଇଟି ବାଦ ଛଡ଼ା ତୃତୀୟ ବାଦ ନାହିଁ । ଗାନ୍ଧୀଜୀ ଲୀଦଢଣାରେ ଭାରତକୁ ଦ୍ୱିତୀୟ ପନ୍ଥାହିଁ ଦର୍ଶାଇ ଦେଇ ଥିଲେ । ଭାରତ ଏକ ପ୍ରକାର ତାକୁ ଅସ୍ୱୀକାର କରିଛି । ଗାନ୍ଧୀଜୀଙ୍କ ସାଧନାର ସଫଳତାକୁ ଗ୍ରାସ କରି ଗାନ୍ଧୀଜୀଙ୍କୁ ହତ୍ୟା କରିଛି ଏ ଦେଶ ଚରମ କୃତଘ୍ନତାରେ । ଦିଲ୍ଲୀ ବିରଲା ବିହାରର ପ୍ରାର୍ଥନା ସଭାରେ ଯାହାଙ୍କର ହତ୍ୟା ହୋଇଛି ସେ ଇସ୍‌ଲାମ ବନ୍ଧୁ ମୋହନ ଦାସ ନୁହନ୍ତି । ହିନ୍ଦୁ ଗଡ଼୍‌ସେ ତାଙ୍କୁ ହତ୍ୟା କରିନାହିଁ । ଭାରତରେ ଆଜି ଯେଉଁ ଶିକ୍ଷିତ ଦଳ ମୂର୍ଖ ସର୍ବସାଧାରଣଙ୍କୁ ଚିରକାଳ ଶୋଷଣ କରିବା ପାଇଁ ଜନତା ହାତରୁ ତାର ଉତ୍ପାଦନର ସାଧନକୁ ଛଡାଇ ଆଣି କେନ୍ଦ୍ରୀଭୂତ କରିବାକୁ ଚାହାନ୍ତି, ସେହି ଶିକ୍ଷିତ ଦଳର ପ୍ରତିନିଧି ନାଥୁରାମ ବିନାୟକ ଆଜି ଖଦଡ଼ଧାରୀ, ଚରଖା ପ୍ରଚାରକ ମହାତ୍ମା ଗାନ୍ଧିଙ୍କୁ ହତ୍ୟା କରିଛି । ଶୋଷକ ବର୍ଗଙ୍କର ଉଦ୍ଦେଶ୍ୟ ସାଧିତ ହୋଇଛି । ନାଥୁରାମ ବିନାୟକ ଗଡ଼୍‌ସେର ଅସମାପ୍ତ କାର୍ଯ୍ୟକୁ ଆଜି ସମ୍ପୂର୍ଣ୍ଣ କରୁଛନ୍ତି ଭାରତର ଶିକ୍ଷିତ ସମାଜ ଦ୍ୱାରା ପରିଚାଳିତ ଯାବତୀୟ ରାଜନୈତିକ ଦଳ—କଂଗ୍ରେସ, ସୋସାଲିଷ୍ଟ, କମ୍ୟୁନିଷ୍ଟ ସମସ୍ତେ । ସମସ୍ତଙ୍କର ଅଭିମୁଖ୍ୟ ଏକ—କେନ୍ଦ୍ରୀଭୂତ ଶିଳ୍ପ—ଯନ୍ତ୍ରୀକରଣ ।

ଦଳ କେବଳ ବ୍ୟକ୍ତିତ୍ୱକୁ ଘେନି; ନୀତି ବା ବାଦକୁ ଘେନି ନୁହେଁ । ଜବାହର, ଜୟପ୍ରକାଶ ଯୋଶୀ—ଏକ ବୃନ୍ତର ତିନୋଟି ପୁଷ୍ପ ସଦୃଶ । ଏମାନେ ନିଜେ ଖୁବ୍ ତ୍ୟାଗୀ, ବୀର, କିନ୍ତୁ ଅବସ୍ଥାର ଦାସ—ଅବସ୍ଥାକୁ ଅତିକ୍ରମ କରିବାର ଶକ୍ତି ନାହିଁ—ମୋହକୁ ଛିନ୍ନ କରିଦେବାର ସାହାସ ନାହିଁ । ଶିକ୍ଷାର ନିଗଡ଼ ଏମାନଙ୍କୁ ନିସତ କରିପକାଇଛି ।

ଖୋଲା ଭାଷାରେ କହିବାକୁ ଗଲେ ଓଡ଼ିଶାରୁ ମହତାବ ଶାସନ ଯାଇ ଦ୍ୱିବେଦୀ ଶାସନ ଆସୁ ବା ଶରତ ଶାସନ ଆସୁ ଏମାଷ୍ଟିରେ ଚଉଦ୍ୱାରରେ ଲୁଗା କଳ ହେବ ହିଁ ହେବ । ମନୁଷ୍ୟକୁ ପଙ୍ଗୁ କରିବାର ଅଭିସନ୍ଧି ସର୍ବଦା ବିଦ୍ୟମାନ । ତା ନହେଲେ ଗୋଟାଏ ମହତାବ ବା ଦ୍ୱିବେଦୀଙ୍କର ଏକଛତ୍ର ଶାସନ ଅସମ୍ଭବ । ପାର୍ଥକ୍ୟ ଏତିକି ହୋଇପାରେ ମହତାବ ହୁଏତ ଏ କଳକାରଖାନାକୁ ତାଙ୍କ ବନ୍ଧୁ ଜୋଜୋଡିଆ ବିରଲା ବା ଝୁନ୍‌ଝୁନ୍‌ବାଲାଙ୍କୁ ଦେବେ ଏବଂ ଦ୍ୱିବେଦୀ ସେ ଅଧିକାର ତାଙ୍କଠାରୁ ଛିନ୍ନ କରି ମୁଖାର୍ଜୀ ଓ ସେନାପତି ହାତରେ ଟେକି ଦେବେ । କିନ୍ତୁ ଜନତାଙ୍କର ଶାସିତ ଏବଂ ଶୋଷିତ ହେବା ଭାଗ୍ୟ ସନାତନ ହୋଇ ରହିବ । ବ୍ୟକ୍ତିତ୍ୱ ଓ ବ୍ୟକ୍ତିର ବିକାଶ ଅସମ୍ଭବ ହୋଇ ଯିବ ।

ଏହି ଅନ୍ଧକାର ଓ ନିରାଶା ଯେତେବେଳେ ଚିନ୍ତାଶୀଳ ବ୍ୟକ୍ତିକୁ ଘାରିଦିଏ ସେତେବେଳେ ଗାନ୍ଧୀଜୀଙ୍କ ପଥ ଅନୁସରଣକାରୀ ମୁଷ୍ଟିମେୟ କେତେକ ରଚନାତ୍ମକ କର୍ମୀ ଏକତ୍ରିତ ହୋଇ ଏଇ କେନ୍ଦ୍ରୀଭୂତ ଶିଳ୍ପର ଖର ସ୍ରୋତ ଆଗରେ ଦୃଢ଼ ଭାବରେ ଛିଡ଼ା ହେବାର ସଂକଳ୍ପ [illegible] ଏବଂ ଉଦ୍ୟମ [illegible] ଆରମ୍ଭ କରୁଛି ।

ଭଗବାନ ଏମାନଙ୍କର ତ୍ୟାଗପୂର୍ଣ୍ଣ ମାର୍ଗରେ ସହାୟକ ହୁଅନ୍ତୁ । ଗାନ୍ଧୀଜୀଙ୍କର ଅମର ଆତ୍ମାର ଅମୃତ ଆଶିଷ ସେମାନଙ୍କ ଶିରରେ ।

ସତ୍ୟର ବିଜୟ ସୁନିଶ୍ଚିତ ।

—*—

## ସାଂବାଦିକ ସମ୍ମିଳନ

କେତେଦିନ ତଳେ ପୁରୀଠାରେ ଓଡ଼ିଶାର ସାଂବାଦିକ ମାନେ ଏକତ୍ର ହୋଇଥିଲେ । ସାଂବାଦିକ ଓ ସଂବାଦ ପତ୍ରର ମର୍ଯ୍ୟାଦା ରକ୍ଷା ସଙ୍ଗେ ସଙ୍ଗେ ସଂବାଦ ପତ୍ର ମାନଙ୍କର ନିମ୍ନ ଆଚରଣ ପ୍ରତି ମଧ୍ୟ ଏ ସଂଘ ଜାଗ୍ରତ ରହିବ ବୋଲି ଏ ସଂଘର ଉଦ୍ଦେଶ୍ୟ ଘୋଷିତ ହୋଇ ଥିଲା । ନିକଟରେ ଏହାର ଅନୁଷ୍ଠାନ ପତ୍ର ରଚନା କରିବା ପାଇଁ ସଭ୍ୟ ମନୋନୀତ ହୋଇଥିଲେ । କିନ୍ତୁ ଦୁଃଖର ବିଷୟ କାର୍ଯ୍ୟ ଆଗେଇ ନାହିଁ ।

ଇତି ମଧ୍ୟରେ ଦୁଇଟି ବିଶେଷ ଘଟଣା ଓଡ଼ିଶା ସଂବାଦ ପତ୍ର ମହଲରେ ଚହଳ ଆଣିଛି । ଓଡ଼ିଶା ସରକାର ନବପନ୍ଥୀ ଆଇନ-ଦ୍ୱାରା ସଂବାଦ ପତ୍ରକୁ ଏକ ଯୁଦ୍ଧ [illegible] ଦେଇଛନ୍ତି । ତଥାପି ସଂବାଦପତ୍ର ମହଲ ନୀରବ ! ହୁଏତ ବର୍ତ୍ତମାନ ପତ୍ରମାନେ ଅଧିପତିଙ୍କ ପ୍ରତି ଆନୁଗତ୍ୟକୁ ବିଶେଷ ମନ୍ତ୍ର ଓ ବରଦ ବସ୍ତୁ ଧରିବେ ।

ଆଉ ଏକ ବିପଦ ପ୍ରତି ସଂବାଦପତ୍ର ମହଲରେ ଖୁବ୍ ବିଚକ୍ଷଣତାର ସହ ଦୃଷ୍ଟି ଦେବା କଥା । କେତେକ ପତ୍ର ସରକାରଙ୍କ ସାହସ ପାଇ ନିତାନ୍ତ ମିଥ୍ୟା ସଂବାଦ ପ୍ରଚାର ସଙ୍ଗେ ସଙ୍ଗେ ସାଂବାଦିକ ନୀତିଶାସ୍ତ୍ରକୁ ଲଙ୍ଘି ଯାଉଛନ୍ତି । ସାଂବାଦିକ ସଂଘ ଏଥିପ୍ରତି ସଜାଗ ହେବା ଉଚିତ ।

ଏ ଦୁଇଟି ଯାକ ବିଷୟ ପ୍ରତି ସାଂବାଦିକ ମାନେ ଦୃଷ୍ଟି ନଦେଲେ ଓଡ଼ିଶାର ସାଂବାଦିକ ସଂଘ ମୃତ ବା ବ୍ୟାଧି-ଗ୍ରସ୍ତ ବୋଲି ବିଚାର- ବାଧ୍ୟହେବା ।

—*—

Digitized by srujanika@gmail.com

ଗାନ୍ଧିଜୀ କଂଗ୍ରେସର ପୁନର୍ଗଠନ ସମ୍ବନ୍ଧରେ ଯେଉଁ ଯୋଜନାର ସୂଚନା ଦେଇଛନ୍ତି ତାହାହିଁ ବର୍ତ୍ତବାର କଥା । କଂଗ୍ରେସର ନୂତନ ବିଧାନ ମଧ୍ୟରେ ଗାନ୍ଧି ଆଦର୍ଶ ପୂର୍ଣ୍ଣ ଭାବରେ—ସର୍ବତୋଭାବରେ ସ୍ଥାନ ପାଇଛି କି ନାହିଁ ତାହାହିଁ ।

ଚିନ୍ତାର ବିଷୟ ଆଉ ଗୋଟିଏ କଥା । ଗଠନ ବିଧାନ ନିୟମ କାନୁନ ଯେତେ କଠିନରୁ କଠିନତର ହେଉନା କାହିଁକି ମନୋବୃତ୍ତିର ପରିବର୍ତ୍ତନ ନହେଲେ ସବୁ ନିଷ୍ଫଳ ହୋଇଯିବ । ଗଠନ ବିଧାନ **constitution** ତ ବାହାରର କଥା । ବାବୁ, କଂଗ୍ରେସରେ ଯେଉଁମାନେ ଗଣ୍ୟମାନ୍ୟ—ଯେଉଁମାନେ ପାଞ୍ଚ ଜଣଙ୍କ ଭିତରେ ଜଣେ ସେମାନେ ବିଷୟ ବୃତ୍ତିର ଗୁରୁତ୍ୱ ଉପଲବ୍ଧି କରୁଛନ୍ତି ତ ! ପାଶ୍ଚାତ୍ୟ ରାଜନୀତିର ଅନୁକରଣରେ କଂଗ୍ରେସ ଭିତରେ ଯେଉଁ ବ୍ୟକ୍ତିଗତ ଦଳସୃଷ୍ଟି, ଷଡ଼ଯନ୍ତ୍ର ଦ୍ୱାରା କୌଶଳ ମାର ପ୍ୟାଞ୍ଚ ନୀତି ଚାଲିଛି ସେସବୁ ବନ୍ଦ ହେବ ତ ? ଗାନ୍ଧି ନିର୍ଦ୍ଦେଶିତ ନିୟମ କାନୁନ ତ ବାହାରର କଥା । ଖଦି ମନୋବୃତ୍ତି **Khadi spirit** ଗାନ୍ଧି ଆଦର୍ଶର ପ୍ରେରଣା, ସେବାରେ ହିଁ ଆନନ୍ଦ ଉପଲବ୍ଧିର ଲିପ୍ସା—କଂଗ୍ରେସ କର୍ମକର୍ତ୍ତା ମାନଙ୍କ ଠେଇଁ ମିଳୁଛି ତ ? ଆଜି କଂଗ୍ରେସହିଁ ଦେଶର ହର୍ତ୍ତା କର୍ତ୍ତା ବିଧାତା । କଂଗ୍ରେସ ଯଦି ନୀତି ଭ୍ରଷ୍ଟ ହୁଏ—ଆମକୁ ହେଲେ କବିଙ୍କ ଭାଷାରେ କହିବାକୁ ହେବ—

କେତେ କହୁଚି ହେ ମଣିଷ, ରକ୍ଷକ ହୋଇଣି ଭକ୍ଷକ ହୋଇଛି କାଳ ତ ହେଲାଣି ଓଲଟା ।

÷ ÷ ÷

ଓଡ଼ିଶାର ନାମ କଳାକୁ—କଳା ପାଇଁ ଏ ଦେଶଟା ପ୍ରସିଦ୍ଧ । ସେଥିପାଇଁ ଗଭର୍ଣ୍ଣର ଜେନେରେଲ ଓଡ଼ିଶାକୁ ଆସିବା ବେଳେ ଉତ୍କୃଷ୍ଟ କଳାର ଗୋଟିଏ ପ୍ରଦର୍ଶନୀ ହୋଇଥିଲା । ସେଇ ପ୍ରଦର୍ଶନୀରେ କମ୍ୟୁନିଷ୍ଟ କଳାବିତ୍‌ ମାନେ ସରକାରଙ୍କ ଶ୍ୱେତପତ୍ର ଅଡ଼ନାସ୍ ବା କଳା ଅଇନରୁ ଏକ କପି ଦାଖଲ କରି ପ୍ରଥମ ପୁରସ୍କାର ପାଇଛନ୍ତି । ପ୍ରଧାନମନ୍ତ୍ରୀ ଗୁପ୍ତ କାମେରାରେ ଶରତ ପଟ୍ଟନାୟକଙ୍କୁ ଏ ପୁରସ୍କାର ଦେଇଥିବେ ପରା ।

\+ \+ \+

ରାଷ୍ଟ୍ରୀୟ ସ୍ୱୟଂ ସେବକ ବାଲାଙ୍କୁ ଧରିବା ପାଇଁ କମ୍ୟୁନିଷ୍ଟ ବାଲାମାନେ ଚକ୍କାର କରୁଥିଲେ—ତେଣୁ ଅଇନ ହେଲା । ଏବେ ଯେତେବେଳେ ନିଜ ପିଠିରେ ପଡ଼ିଲା ସେତେବେଳେ—କି ହେଲାରେ—କହିତ ନୁହଁ ଇ ଭରଣରେ—ଡାକ ଛାଡ଼ୁଛନ୍ତି ।




ତାହାଙ୍କ ବାଲୁଅ ସଭାର ଉତ୍ତର ହେଉଛି—

ଖେଳାଖେଳା ଝଞ୍ଜନା କି ସାହସ କଲୁରେ, ଖଳନାର ଦୋହି କଳା ଆଉନେ ଗୃହଲୁରେ ।

× \+ \+

ତଳ ମଧ୍ୟବିତ୍ତ ଶ୍ରେଣୀଙ୍କ କଥା ନିର୍ବାଚକ ସମିତି ଆଲୋଚନା ବେଳେ ବିବେଚନା କରିବେ ବୋଲି ଅର୍ଥମନ୍ତ୍ରୀ ସତ୍ୟ ଷାମ ଶର୍ମାର ଜବାବ ଦେଇଛନ୍ତି । ଆମେ ବାଲୁଆମାନେ ସେଥିପାଇଁ ବଡ଼ କୃତଜ୍ଞ । କାରଣ ଚିରଦିନ ଏ ଜାତିଟା ତଳ ମଧ୍ୟବିତ୍ତ ଶ୍ରେଣୀର । ଉପର ମଧ୍ୟବିତ୍ତ ଶ୍ରେଣୀର ହୋଇଥିଲେ ଧର୍ମପାଳଙ୍କ କର କୌଣସି ମତେ ଗାଁ ଚୌକିଦାର ନହେଲେ କଣ୍ଟ୍ରୋଲ କମିଟି ସଭାପତି ସେକ୍ରେଟେରୀ ନହେଲେ ମନ୍ତ୍ରୀଙ୍କ ବୁଲିବା ବୁଦ୍ଧା ଚାଲନ ଟିକିଅ ପ୍ରପାଗଣ୍ଡା ଅଫିସର ହୋଇ ପାରିଥାନ୍ତୁ କିମ୍ବା ମନ୍ତ୍ରୀଙ୍କ ପାଖରେ ଆଜ୍ଞା ବୋଲି କହି—ନାମ ବଜାରରେ ବାଣ୍ଡପୁଡ଼ିସି ଚାରି ଟଙ୍କା ଅସୁଲ କରୁଥାନ୍ତୁ । ମାତ୍ର ଏହି ତଳ ମଧ୍ୟବିତ୍ତ ହେବାରୁ କହାଣି ନପାଇଲା ଭାବରେ କେବଳ ପରିଚ୍ଛେଦ ଖୋଜିବୁଲି ଓ ହକ କଥାରେ ହୁଙ୍କା ହୁଙ୍କା ହୁଆ କରିଉଠୁ । କିନ୍ତୁ ଗୋଟିଏ କଥା—ଏ ତଳ ମଧ୍ୟବିତ୍ତ ଶବ୍ଦର ଗୋଷ୍ଠୀଏ ସଜ୍ଞା ନ କରିଦେଲେ ଆମ ଭାଗରେ ଯାହା ପଡ଼ିବ ତାକୁ ନେବା ପୂର୍ବରୁ ମନ୍ତ୍ରୀ ଓ ଏମ୍‌ ଏଲ୍‌ ଏ ମାନେ ନିଜକୁ ତଳ ମଧ୍ୟବିତ୍ତ ବୋଲି କହି ମାରିନେଇ ଯିବେ । ମାରି ନେବା ପାଇଁ ଗୁହ ଖୋଜିବାକୁ ବି ଯେ ବାଜି ତାଙ୍କ ପକ୍ଷରେ ତଳ ମଧ୍ୟବିତ୍ତ ବୋଲାଇବା କିଛି ବିଚିତ୍ର ନୁହେଁ । ବିଶେଷତଃ ରାଜନୀତିରେ ଯେଉଁ ମାନଙ୍କ ଜାତି ତଳିଆ ବା ଅନ୍ତ୍ରର ସେମାନେ ଖାଲି ଏ ସୁବିଧାକୁ ଟାକି ବସିଛନ୍ତି ।

\+ \+ \+

ଜାପାନୀମାନେ ଅଗଷ୍ଟ ଛଅ ତାରିଖ ଦିନ ହିରୋସିମାକୁ ଗୋଟିଏ ଧର୍ମ ସମ୍ମେଳନୀ ଡାକିଛନ୍ତି । ଏହି ଦିନ ଏହି ଠାରେ ସର୍ବ ପ୍ରଥମ ପରମାଣୁ ବୋମା ପଡ଼ିଥିଲା । କିନ୍ତୁ ପ୍ରାଣ ନିର୍ବାଣ ପ୍ରାପ୍ତ ହୋଇ ପରମାଣୁ ହୋଇ ଯାଇଥିଲେ । ଜଣା ଯାଇଛି ଯେ ଜୀବାତ୍ମାକୁ ପରମାତ୍ମା ସହ ଯୋଗ କରିବା ପାଇଁ ପରମାଣୁ ବୋମା ବଡ଼ କାର୍ଯ୍ୟକାରୀ ତେଣୁ ଏଣିକି କେବଳ ଆଧ୍ୟାତ୍ମିକ ଉନ୍ନତି କାର୍ଯ୍ୟରେ ପରମାଣୁ ବୋମା ନିୟୋଜିତ ହେବ ।

\+ \+ \+

ଚେକୋସ୍ଲୋଭାକିଆରେ ପୁଣି କମ୍ୟୁନିଷ୍ଟ ସରକାର ଗଠିତ ହେଲା । ଦକ୍ଷିଣ ପନ୍ଥୀ ମନ୍ତ୍ରୀମାନେ ଇସ୍ତଫା ଦେଲେ । ଏବେ ଶୁଣା ଗଲା ବୈଦେଶିକ ମନ୍ତ୍ରୀ ମାସାରିକ ମନ୍ତ୍ରୀରୁ ଉଅମାର ଅଷ୍ଟ ହତ୍ୟା କରିଛନ୍ତି । ସମ୍ଭବତଃ ଏଠା ମନ୍ତ୍ରୀ ମଣ୍ଡଳର ରୁଷ ପ୍ରୀତି ପ୍ରବଳ ହୋଇଛି ଏବଂ ମାସାରିକ ଷ୍ଟାଲିନଙ୍କୁ ପରଜନ୍ମରେ ପାଇବା ପାଇଁ ଗ୍ରୀଧା କୁଣ୍ଡରେ ଝାସ ଦେବାକୁ ସ୍ଥିର କରି ଯାଉଁ ଯାଉଁ ଭୁଲରେ ଛାତ ଉପରୁ ତଳକୁ ପଡ଼ି ମରି ଯାଇଛନ୍ତି । ଭଗବାନ କରନ୍ତୁ ମାସାରିକଙ୍କୁ ଷ୍ଟାଲିନ ପ୍ରାପ୍ତ ହୁଅନ୍ତୁ ଏବଂ ଚେକୋସ୍ଲୋଭାକିଆକୁ ଭୁଲିଯାଆନ୍ତୁ ।

× × ×

କଲିକତାରେ କମ୍ୟୁନିଷ୍ଟ ମାନଙ୍କର ଦାର୍ଶିକ ହୋଇଗଲା । ସେଥିରେ ପ୍ରଧାନ ଘଟଣା ହେଉଛି ଯେ ଘାଟିଜ୍ମ ମୁଣ୍ଡିଆଲ ପିମ୍ପି ଯୋଶି ଏଥର ଅଧ୍ୟକ୍ଷ ଲଣ୍ଡର ତ ଦେଶର ପର ଡାକୁ ଖାଇଗଲେ । ଟଣ ମୁଦ୍ଧର ପ୍ରବର୍ତ୍ତକ ଯୋଶୀ କୁଅଡ଼େ ବର୍ଷେ ନମ୍ବର ପାଲଟି ଜବାହର ସରକାରଙ୍କ ସହଯୋଗ କରିବାକୁ କହିବାରୁ ତାଙ୍କ ଦଶା ଏଥର ହୋଇଗଲା । ଯୋଶୀ ଦୋଷୀ ପାଲଟି ଗଲେ, ତାଙ୍କ ଜାଗାରେ ଆସିଲେ ଜଣେ ଟଣ ଦେବା । ସେ ଜବାହର ସରକାରଙ୍କୁ ଟଣ ଦେବେ ବା ଟଣ ଡାକ ଦେବା ପରି ଲାଗୁଛି । ବାଲୁଅଙ୍କ ମତରେ ଯୋଶୀ ହୁଅନ୍ତୁ ବା ଟଣଦିବ ହୁଅନ୍ତୁ—ନିର୍ବାଣ ଦୀପରେ ଆଉ ତେଲ ଦେଇ ଲାଭ ନାହିଁ । ଜବାହରଙ୍କୁ ସାହା ହୁଅନ୍ତୁ ବା ନହୁଅନ୍ତୁ କମ୍ୟୁନିଷ୍ଟ ପାର୍ଟି ଭାରତର ଅଳଅ ତଦାରେ । ଟଣଦିବ ମଧ୍ୟ ଆଉ ଠେକି ଧରି ପାରିବେ ନାହିଁ । ନଷ୍ଟସ୍ୟ ନାନ୍ୟା ଗତି ।

\+ \+ \+

Digitized by srujanika@gmail.com



# ଶୀତ ଓ ସାହିତ୍ୟ



ଅନେକ ସମୟରେ ମୋର ମନେହୁଏ ମୋ ସ୍ତ୍ରୀ ଯଦି ମତେ ବାହା ନ ହୋଇ ଆଉ କୌଣସି ଲବ ଫବ୍‌ଙ୍କୁ ବାହା ହୋଇ ଥାଆନ୍ତେ କେଜାଣି ତାଙ୍କ ଜୀବନରେ ସୁଖ ଆସି ଥାଆନ୍ତା କାରଣ ତାଙ୍କ ଆଧୁନିକତା ଆଗରେ ମୋ ଶିକ୍ଷା ଦୀକ୍ଷା କେମିତି ମରହଟି ପୁରୁଣା କାଳିଆ ମନେ ହଉଚି । ମତେ ଲାଗୁଚି ଯେମିତି ମୋ କଥା ବାର୍ତ୍ତାରେ ପ୍ରଗତିର ଗନ୍ଧ ବାଜୁନି । ଅବଶ୍ୟ ମୋର ଦୋଷ ତ୍ରୁଟି କଣ ଜାଣି ନେବାକୁ ମୋର ବାକି ନାହିଁ । ମୋ ସ୍ତ୍ରୀଙ୍କ ଭାଷାରେ ମୋ କଥାର ଚଳଚାଲ ଭିତରେ ଲୁଚିଥିବା ଇନ୍ଦ୍ରଧନୁର ମଞ୍ଜୁଳତା ନାହିଁ । କଥାର ଚଳଚାଲ କଣ ଆଉ ତା ଭିତରେ ଇନ୍ଦ୍ରଧନୁର ମଞ୍ଜୁଳତା କଣ ଥାଏ ବୁଝି ପାରୁନି—ଆପଣ କଣ ବୁଝନ୍ତି ? ବାସ୍ତବିକ ଆଧୁନିକ ସାହିତ୍ୟ ଯେମିତି ଆଗେଇ ଚାଲିଚି ମୁଁ ତା ସହିତ ଜମା ତାଳ ଦେଇ ପାରୁନି କାରଣ ମୋର ସାହିତ୍ୟଜ୍ଞାନ ମଧୁବାବୁଙ୍କ ବର୍ଣ୍ଣବୋଧରୁ ସାହିତ୍ୟ ପ୍ରସଙ୍ଗ ପର୍ଯ୍ୟନ୍ତ । ଅତଏବ ଉର୍ଣ୍ଣୀକୁଳର ଅଙ୍ଗସନାଳ ନବାଦ୍ୱୀପ ଛିଡ଼ିଥିଲା ନଳଟୋପର, ଜନକଲ୍ଲୋଳା ଆଜ ଉତ୍କଳ ନେଉଚନ୍ତି କିନ୍ତୁ ପଢ଼ାଛାଡ଼ ପେଟ ପୋଷିବା ପାଇଁ ସକାଳଠୁ ସଞ୍ଜଯାକେ ପଥ ଝାଡ଼େଣି ଝାଡ଼ିଲା ଦିନଠୁ ବହି ପଢ଼ାର ହେଙ୍ଗାମା ନାହିଁ । ମୁଁ ମାନୁଚି ସେଇଟା ମୋର ମନ୍ଦଭାଗ୍ୟ ଦୋଷ । ମୋ ଭିତରେ ଆମ ଓଡ଼ିଆ ଭାଷାରେ ଯେତେ ଶହ ବା ଯେତେ ହଜାର ନଭେଲ ଛପା ସାରିଣି ମୁଁ କିଛି ଖବର ରଖିନି—ଭାଷା କେମିତି ଆଗେଇ ଯାଉଚି ମୁଁ ଜମା ଦୃଷ୍ଟି ଦେଉନି ! ସେଇଥିପାଇଁ ମତେ ଦଣ୍ଡ ଦେଇ-ବାକୁ ପଡ଼ୁଚି ! ମୋର ନଭେଲ ଲେଖିକା ପତ୍ନୀଙ୍କ ପାଖରେ ପ୍ରତି ମୁହୂର୍ତ୍ତରେ ଅପ୍ରସ୍ତୁତ ହଉଚି । ମତେ ଲାଗୁଚି ଏବେକାର ଓଡ଼ିଆ ଭାଷା ବୁଝିବାପାଇଁ ଯେମିତି ମୁଁ ଶିକ୍ଷିତ ନୁହେଁ, ଏବେକାର ମଣିଷ ହବାପାଇଁ ଯେମିତି ମୁଁ ଯୋଗ୍ୟ ନୁହେଁ, ମୁଁ ଯେମିତି ବହୁ ପଛରେ ପଡ଼ିଚି । ବର୍ତ୍ତମାନ ଏମିତି ଅବସ୍ଥା ହେଉଚି ବୋଧହୁଏ କେବଳ ହିନ୍ଦୁଧର୍ମ ବୋଲି ସ୍ୱାମୀ ଭାବରେ ପଡ଼ି ରହିବାକୁ ମତେ ଅନୁମତି ମିଳଚି ତେବେ କିଏ ଜାଣେ ହଠାତ୍ ମୋ କେବେ ସ୍ୱାମୀ ପଦରୁ ତଡ଼ା ନଖାଇବ । ଭାବିଲା ଏଡ଼ିକି ହଣ୍ଡା ମୁଁ ! ନିଜର ମୂର୍ଖତା ପାଇଁ ଥରେ ଥରେ ଏମିତି ଭୁଲ୍ କରିବସୁଚି ଯୋଉଥିପାଇଁ କମା କ୍ଷମା ମିଳୁନି, କାନ୍ଦିଲେ ବି ନାହିଁ ଗୋଡ଼ ଧରିଲେ ବି ନାହିଁ ।

ଗଲା ମାସର ଘଟଣା । ମୋର ଟିକିଏ ପଢ଼ାକୁ ଟୁର୍ ପଡ଼ିଥାଏ । ଗୃହିଣୀ ବେଡ଼ିଂ ଭିତରେ କମ୍ବଳଟା ଦବାକୁ ଭୁଲି ଯାଇଥିଲେ କାରଣ ସାନ ଝିଅଟା ଦୁଇ କରି ଦେଇଥିଲା ସେଥିରେ ସେଇ ଯୋଗୁ ଧୁଆହେବା ବାକିଥିଲା ଶୁଖୁଥିଲା—ବଡ଼ଣା ବାନ୍ଧିଲା ବେଳେ ମୋର ମନେନାହିଁ ନବାକୁ, ଝିଅଟି ଗୃହିଣୀଙ୍କର ବି ଶୀଆଳି ନଥିବାର କଥା । ଟିକିଏ ମଧ୍ୟରେ ଜଙ୍ଗଲ ଯୋଗୁ ଦିନରେ ସେଠି ସୂର୍ଯ୍ୟ କିରଣ ମଳେନି, ଥଣ୍ଡା ଟିକିଏ ମାରାତ୍ମକ । ରାତିରେ ଉଦ୍ଭେଇ ଜାଲି ବି ରକ୍ଷା ମିଳିଲାନି—ଗୋଟାଏ ଶୀତ ଭିତରେ ମୁଁ କେମିତି ସାମ୍ନା କରିବି ଜାଣେନା । ସେଠୁ ଲୋକ ଗୋଟିଏ ମିଆନ ତାକୁ ନେବା ଆଣିବା କରେ ଥାଉନଥିଲୁ । ମୁଁ ତାହାର ହାତରେ କମ୍ବଳଟା ପଠେଇବା ପାଇଁ ଗୃହିଣୀଙ୍କ ପାଖକୁ ଖଣ୍ଡେ ଚିଟି ପଠେଇଲି ବଡ଼ପୁଅ ମାନେ ୭ ବର୍ଷର ଗୋପାଳ ନାଁରେ ।

ଟିକିରି ପଡ଼ା
୨୧-୧-୫୮

ସ୍ନେହର ଗୋପାଳ,

ଏଠାରେ ଭାରିରେ ଜଙ୍ଗଲି କିନ୍ତୁ ଖୁବ୍ ଶୀତ ହଉଥିବାରୁ କାଲି ରାତିରେ ବଡ଼ କଷ୍ଟ ପାଇଚି । ଆସିଲା ବେଳେ କମ୍ବଳଟା ଆଣିବାକୁ ଭୁଲିଗଲି । ସେଠାରୁ ମିଆନ ଫେରି ଆସିଲା ବେଳେ ତା ହାତରେ କମ୍ବଳଟା ପଠେଇବାକୁ ଭୁଲିବାକୁ ନାହିଁ । ଆଶା କରେ ତୁମେମାନେ ଭଲଥିବ । ଖୁବ୍ ସାବଧାନରେ ଜଗିରହି ରହିଥିବ—ମୁଁ କେବେ ଫେରୁଚି କହି ପାରୁନି । ଆଉ ସବୁ ଭଲ । ସ୍ନେହ ନେବ ।

ତୁମର
ବାପା

ତହିଁ ଆରଦିନ ମିଆନ ଫେରିଲା—କମ୍ବଳ ଆଣି ନ ଥିଲା । ହୁଏତ କୌଣସି ଅସୁବିଧା ବଶତଃ ଗୃହିଣୀ ପଠେଇ ପାରି-ନଥିଲେ କିନ୍ତୁ ଖଣ୍ଡେ ଚିଠି ପଠେଇ ଥିଲେ—ମୁଁ ଉପର ଉପରେ ଖୋଲି ପଢ଼ିଲି । ଲେଖା-ଥିଲା—

ହେ ମୋର ମନ ମନ୍ଦିରର ରାଜ କୁମାର,

ମୋ ପାଖକୁ ଦେବାକୁ ଚାହିଁଥିବା ଲେଖଣୀର ଡେଙ୍ଗା ଧରି ନର୍ତ୍ତକୀ ସଞ୍ଜକୋ ପରି, ମୋ ମନର ସକଳ ସରସ ସମ୍ବାଦ ଉପରୁ ମୋର ଚନ୍ଦ୍ରିକାର ଛୋଟା ପରି ମନେ ପଡ଼ଉଛି ମୋର ପାଉଁଶିଆ ହୋଇଗଲା ଆଜି ଅନେକ ଦିନରେ ନାହିଁ ଆସିଲ ଏମିତିକି ଦୋଷରୁ, ଅନ୍ତରର ପୁଷ୍ପିତ ପୁଲକା ମୋର ମଉଳି । ଗୋଧୂଳିର ପୂର୍ଣ୍ଣିମା ହଜା ଜହ୍ନ ଆବର୍ତ୍ତରେ ବିରହୀ ପ୍ରାଣ ମୋର ଛଟପଟ ହୋଇ ଉଠୁଛି ।

Digitized by srujanika@gmail.com

...ର୍ମ କଙ୍କାଳ ଭିତରେ ଦୁର୍ବିରହ ବିରହ ଦୁଃଖ ନିବିଡ଼ତା ବୁଲିବାକୁ ଚେଷ୍ଟା କରୁଛ କିନ୍ତୁ ବ୍ୟର୍ଥତା ସୃଷ୍ଟି କରୁନ ଲୋତକମୟ ନିର୍ଝର । ମୃତ୍ପର୍ଣ୍ଣ ଅଙ୍ଗ କଣ୍ଟକିତ ହୋଇଛ, ସବୁଜ ଘାସ ଶୁଷ୍କ ହୋଇଛ, ସହସ୍ର ଫଣୀର ବିଷାକ୍ତ ନିଶ୍ୱାସରେ ମନେ ହେଉଛି ରହିଥିବା ବାୟୁ ମଣ୍ଡଳ ବିଷାକ୍ତ ହୋଇଛି—ଝଂକାର କୁଟିଳ ହାଳୁକୀ ଫୁଟି ଉଠୁଛି ଆଜ କଳିକାରୁ ଛିନ୍ନ ଦଳିକା ଦଳିକା ନହ୍ନ । ଉଲ୍ଲତାର ଗହନ ଅନ୍ଧକାର ଭିତରେ ଭୋଗୁଛି ଶତ ବୃଶ୍ଚିକ ଦଂଶନର ପୀଡ଼ନ । ମୋର ଏଇ ଅସ୍ଥିରତାର ଘୋର ନିର୍ଜନ ଦୁଃଖ ଭରା ଦୀର୍ଘଶ୍ୱାସ ଶୁଣି ପାରୁଚକି ପ୍ରିୟ ? ତମର ଅଭାବ କୃଷ୍ଣଛାୟା ଅମାବାସ୍ୟାର ନିବିଡ଼ ଅନ୍ଧକାର ପରି ଘୋଟି ଆସିଛି, ବନ୍ୟାପରି ଫୁଲ ଉଠିଛି ଆଜ ନିର୍ମମ ଦାବାନଳ ପରି ଜଳି ଉଠିଛି । ମୋର ଅଜସ୍ର ଜିଜ୍ଞାସାକୁଳ ଅନ୍ତର ତାର ସମାଧାନ ପାଇଁ ହାହାକାର କରୁଛି । ଲକ୍ଷ ଲକ୍ଷ ଭାବନା ମୂର୍ଚ୍ଛିତ ହୋଇ ଉଠୁଛି କ୍ଷଣେ କ୍ଷଣେ । ମୋର ସମସ୍ତ ସୁଖ ସ୍ୱାଚ୍ଛନ୍ଦ୍ୟକୁ କରାଳର ଗର୍ଭରେ ତଳେ ବିସର୍ଜନ ଦେଇ ଦେଲି ପରି ମନେ ହେଉଛି । ତାରୁଣ୍ୟ ତାର ସତେଜତା ଭିତରେ ଅଙ୍ଗ ମାର୍ଦ୍ଦବ୍ୟ ତାର ବକ୍ରତମ୍ଭରୁ ଦଳାଇ ମୋ ଦେହର ପ୍ରତ୍ୟେକଟି କ୍ଲାନ୍ତିର ପିଚକାରି ମାରି ଦେଇଛି । ମୋ ଯୌବନରେ ବେଗ ଅଛି ଅଥଚ ତାପ ନାହିଁ, ଉଗ୍ରତା ଅଛି ଅଥଚ ଗମ୍ଭୀରତା ନାହିଁ—ଜୀବନର ଅପରାହ୍ନର ଚକ୍ରବାଳ ରେଖା ପରି ମୁଁ ବ୍ୟର୍ଥତାର ଖଣ୍ଡିଆ ଭୂତ । ଦୀର୍ଘଦିନ ଅଦର୍ଶନରେ ମନଟା ଛଟପଟ କରୁଛି —କିନ୍ତୁ ନା ମୁଁ ଅଧୈର୍ଯ୍ୟ ହେବିନି, ସାହାର ପରି ଅଟଳ ହେବି, ହଳାହଳପରି ତୀବ୍ର ହେବି, ମୃତ୍ୟୁ ପରି ନିର୍ମମ ହେବି, ବଜ୍ରପରି କଠୋର ହେବି । କିନ୍ତୁ ବ୍ୟବଧାନର ବାଧା ଲଂଘି ମନ ଉଜାଡ଼ି କଥା କହିବାକୁ ଇଚ୍ଛା ହୁଏ । ତୃଷିତ ପ୍ରାଣ ସାହାରାରେ ବସନ୍ତର ...ସ ଶିକ୍ତ ମୁଞ୍ଜରୀ ଆଣି କେବେ ପ୍ରିୟ ଆସିବ ? ବନ୍ଧୁଭିକ ଲୁଚାଇ ପଠାଇଲି ଏଇ ଅଙ୍ଗୁଳିପିର ମିନତି, ମୋ ତୃଷିତ ମନର ହାହାକାର, ଅଶ୍ରୁର କବିତା ଦୁଃଖର ଛାୟା ଛବି, ଦୀର୍ଘଶ୍ୱାସର ଡାକ ।

ତମରି
ମୁଁ

ଚିଠିଟାର ଅର୍ଥ ଯଦିଓ ଆକ୍ଷରିକ ଭାବରେ ବୁଝି ନପାରିଲି ଏତକ ବେଶ ଜାଣିଲି ଯେ ମୋ ସ୍ତ୍ରୀ ମତେ ଭାରି ଭଲ ପାଆନ୍ତି ଆଉ ମୋ ଲାଗି ଭାରି ବ୍ୟସ୍ତ ହଉଚନ୍ତି କିନ୍ତୁ କମ୍ବଳ କାହିଁକି ନ ପଠାଇଲେ ଯଦି ଗୋଟିଏ ଧାଡ଼ି ଲେଖି ଦେଇ ଥାଆନ୍ତେ ମୋ ମନରୁ ସନ୍ଦେହ ଦୂର ହୋଇ ଥାଆନ୍ତା—କୋଉଥି ପାଇଁ ନ ପଠେଇଲେ ? କଣ ପୁଣି ଓଦା ହୋଇଛି ନା ଅଫିସ ପର୍ଯ୍ୟନ୍ତ ପଠେଇବାକୁ ଲୋକ ମିଳି-ଲେନି ? ମୁଁ ପୁଣି ଚିଠି ଲେଖିଲି ।

ଚିକରପଡ଼ା
୨୨-୪୧-୮

ସ୍ନେହର ଗୋପାଳ,

ତମ ଚିଠି ପାଇଲି—ବ୍ୟସ୍ତ ହବନି । ମୁଁ ଅଳ୍ପଦିନ ଭିତରେ ଫେରିବି—କମ୍ବଳ କାହିଁକି ପଠେଇଲିନି ? ମୋ ପାଖରେ ଅନ୍ୟ କୌଣସି ଘୋଡ଼ିହବା ପାଇଁ ଚାଦର ନାହିଁ—ତଳେ ନଡ଼ା ବିଛାଇ ତା ଉପରେ ସତରଞ୍ଜି ପକାଇ ଶୋଉଛି ବିଛଣା ଚଦରଟା ବହୁତ ପାତଳା ହୋଇଥିବା ଯୋଗୁ ଶୀତ ସମ୍ଭାଳି ହଉନି—ଶୀଘ୍ର କମ୍ବଳ ପଠାଅ ଯେପରି ମୁଁ କାଲି ନିଶ୍ଚୟ ପାଇବି । ସ୍ନେହ ନେବ

ତମର
ବାପା

ପୁଣି ଗୋଟାଏ ରାତି ଶୀତରେ ଥରି ଥରି କଟେଇବା ପରେ ଆରଦିନ ପିଅନ ଡାକ ନେଇ ଆସିଲା କିନ୍ତୁ କମ୍ବଳ ଆଣି ନଥିଲା—ଅବଶ୍ୟ ଗୃହିଣୀଙ୍କ ହାତ ଲେଖା ଖଣ୍ଡେ ଚିଠି ଥିଲା । ଫିଟେଇ ପଢ଼ିଲି,

ହେ ମୋର ଦେବତା,

ଭୁଲି ମନ ମୋର—ତମର ହାତଲେଖା ଲିପି ଦେଖି ମନେ ପଡ଼ିଥିଲା ତମେ, ଆଉ ତମର ସୁରତ ମତେ ବିସ୍ମୃତି ଗର୍ଭକୁ ଠେଲି ନେଇ ପ୍ରତିରୋଧ କରିଥିଲା । ନୂତନ ସୃଷ୍ଟିରେ ଭୁଲି ଯାଇଥିଲି ଦେବାକୁ କମ୍ବଳ—ଅପରାଧ ପାଇଁ କ୍ଷମା ମାଗୁଛି । ଜାଣିଛ ପ୍ରିୟତମ କାଲି ଯେତେବେଳେ ରକ୍ତ ଚନ୍ଦନ ବୋଳି ସୂର୍ଯ୍ୟ ମୁହଁ ଲୁଚେଇ ଦେଲେ ଦୀର୍ଘ କୃଷ୍ଣଜଙ୍ଘା କୋଳରେ ଅସ୍ତ ସୂର୍ଯ୍ୟର ଅବିର ରୋସନାରେ ଜୀବନ୍ୟାସ ପାଇଲି ସନ୍ଧ୍ୟା । ସଦ୍ୟ ଫୁଲର ରେଖଣୀ ପରି ଗାଢ଼ ନୀଳ ଆକାଶରେ ଅଗଣିତ ତାରା ଦୁଧ ଧଉଳା ଛାୟା ପଥର ମଧୁର ବିଭୋଳତାରେ ଗଗନ ଭୁବନ ପ୍ଳାବନ କରି ଆଲୋକର ବନ୍ୟା ଛୁଟିଥିଲା । ସ୍ନିଗ୍ଧ ସନ୍ଧ୍ୟା ବତାସରେ ଯେପରି ତମର ମିଷ୍ଟ ହାସ୍ୟ ମୁଖର ଭଙ୍ଗୀ ନୟନର ମଧୁମୟ ଚାହାଣୀ ଛନ୍ଦ ମତି ଛଳ ଚଞ୍ଚଳ ହୋଇ ଉଠୁଥିଲା ଆଉ ଗଛ ମଠାର ଫାଙ୍କୁ ଫାଙ୍କୁ ତଳ ତଳ କଳା ଆଖି ଦୋଟିନା ସଜଳ କମନୀୟତା ମୋର ସୁପ୍ତମା ଭିତ ଅଙ୍ଗର ତରଙ୍ଗେ ତରଙ୍ଗେ ମାଦକତାର ବନ୍ୟା ସ୍ରୋତ ପରି ତରଳ ହୋଇ ଯାଉ-ଥିଲା । ଅପାର ଭାବନା ମିଳେଇଗଲା ମାଧୁରୀ-ମାର ଗୋଟିଏ ନରମ କୁହେଳି ରଚ । ଜ୍ୟୋତ-ଖେଳା ସୌରଭ ମଦିର ଆକାଶତଳେ ମଲ୍ଲୀ ଆବେଶ ମୂର୍ଚ୍ଛିତ ନିର୍ଜନ କୋଠରୀର ଝରକା ଦେଇ ତୋଫା ରଜତ ଚନ୍ଦ୍ରିକା ଧୋବ ଧଉଳା ଶଯ୍ୟା ଉପରେ ରୂପର କିରଣ ବୁଣି ବିଛୁରି ଦେଇ କଳ୍ପନାର ସୁନେଲୀ ସ୍ୱପ୍ନ ମନ୍ଦିର ପ୍ରେରଣାର ନହବତ ଅଭିନନ୍ଦନ ଉତ୍ସବର ବିଜୟ ଶଙ୍ଖ ବଜାଇ ବିଳାସ ପାଳିତ ସ୍ୱପ୍ନ ମସଗୁଲ୍ ଅମିତବ୍ୟୟୀ ଧନୀକ ପରି ରୋଷଣୀ କରି ଜରତ୍ରଣ୍ଡ ବୁଣି ଚାଲିଥିଲା ।

ଗନ୍ଧମଦିର ଦକ୍ଷିଣା ବତାସ ବାଇକର ନୃତ୍ୟଲ ମତୁଆଲ ମଳୟ, ଅଜସ୍ର ବାୟୁ ମଣ୍ଡଳକୁ ତରଙ୍ଗାୟିତ କରି ଦିଗନ୍ତ ଲୋକ ଆକାଶର ନୀଳିମାକୁ ଛୁଇଁବାକୁ ମୃଦୁଗଞ୍ଜନରେ ମିଷ୍ଟ ସଙ୍ଗୀତର ସପସ୍ତ ମୂର୍ଚ୍ଛନା ନେ , ଓଡଣା-ଦେଇ ଭୁଲ ଭୂଅଧୁଣୀ ପରି ନମ୍ର ଅପାଙ୍ଗ ଚାଣିରେ ସହସ୍ର କଣୋଷ୍ଠ ନାଳତ୍ୟର ଫୁଆର ହୁଟାଇ, ଫୁଲ ଯୌବନା ବିଜନ ସରଣୀର ପ୍ରତ୍ୟେକ ରେଣୁଟିକୁ ଅଭିସାର ବିହ୍ୱଳତାରେ ଧନ୍ୟାକରି, ସବୁଜ ଟପରେ, ଖେତରେ, ପ୍ରାନ୍ତରେ ପ୍ରାନ୍ତରେ ଆଲୋକେ, ଅନ୍ଧାରେ, ଫୁଲେ, ଫୁଲେ ସନେ, ପନେ, ପାହାଡ଼େ ପାହାଡ଼େ, ବନ ବନାନ୍ତେ, ଧୂସର ଧରଣୀ ଉପରେ ଅପାର୍ଥିବ ପୁଲକରେ ଆରତର ଗନ୍ଧ ମଦିର ଉଚ୍ଛ୍ୱାସ ତୋଳି ଅସୀମ ବାୟୁ ମଣ୍ଡଳକୁ ମର୍ମରିତ କରି, ନବ ବସନ୍ତର ଯୁଗଳ ହିଲ୍ଲୋଳରେ ଦିକ୍ ବିଦିକ୍ ପ୍ଳାବନ କରି ପଲ୍ଲବ ଗୁଚ୍ଛ ମୁଖର ଅଧର ସ୍ପର୍ଶରେ ଦିନ୍ନ ମନରେ ରୋମାଞ୍ଚ ଆଣି ଦେଉଥିଲା

ନିର୍ଜନ ଉର୍ବଶୀ ଦ୍ୱାପାରଂ ଅଭିଶାପରେ ବିମୋହନ ହ୍ରିର ହେଲାପରି ତନ୍ଦ୍ରା ବିଜଡ଼ିତ ନୟନ ଦୁଇଟି କେତେବେଳେ ମୁଦି ଯାଇଛି ଜାଣେନି, ନିଷ୍ଠ ଆବେଶ ତଳେ ଲୀନ ହୋଇ ଯାଇଥିଲି ହୁଏତ, ହଠାତ୍ ଲଳିତ ସଙ୍ଗୀତର ମୂର୍ଚ୍ଛନା ଭାସି ଆସିଲା ଆଉ କିଏ ଯେପରି ଅତି ପରଶର ମଧୁର ଆଲୋଡ଼ନ ଦେଇ କହିଲେ "ରାଣୀ !" ଚକିତ ଚଞ୍ଚଳ ହୋଇ ଉଠି ଦେଖିଲି ଅଗଣନ ଦିନର ସାଗରରେ ସୌନ୍ଦର୍ଯ୍ୟର ଜୁଆର ତୋଳି, ଅସୀମ ମଧୁ ସାନ୍ନିଧ୍ୟରୁ ପ୍ରାଣର କୋରକକୁ ମୁଞ୍ଜରିତ କରି ଆଁଖିର ତତ୍ତ୍ୱ ସହସ୍ର, ରଶ୍ମିର ହାସ୍ୟ ଝଲସାଇ

Digitized by srujanika@gmail.com

ଏସିଚ—ତମେ ! ତନୁରେ ଅତୃପ୍ତ ସୌନ୍ଦର୍ଯ୍ୟ ପିପ୍ସି, ନୟନରେ ଅନ୍ଧ ଗାନ୍ତର ଅଞ୍ଜନ ଲାଲ, ଓଠରେ ଦ୍ୱିତୀୟାର ବଙ୍କା ଚନ୍ଦ୍ରପରି ପତଳା ହସ—ଅନ୍ତରେ ଅକୁହା ମୁଗ୍ଧ ଆନନ୍ଦରେ ପରିପ୍ଲୁତ ହୋଇ ଉଠିଲ, ଅଙ୍ଗେ ଅଙ୍ଗେ ଅଫୁରନ୍ତ ଅନନ୍ତ ନୃତ୍ୟ କରି ଉଠିଲ—ଗ୍ରୀଷ୍ମଅଖିର ଘନ ଘନ ମେଲ ହେଲା—ଦେହର ସୁକୋମଳ ନିଶ୍ୱାସର ସୁରଭିତ ମଳୟ ମୋର ଶିରା ପ୍ରତିଶିରାରେ ମଧୁର ଭାବାବେଗ ଆଣି ଦେଲା । କଳନା କଳ ସୌରଭ ସ୍ନିଗ୍ଧ ମୁଗ୍ଧ ମାଧୁରୀରେ ଅପୂର୍ବ ହୋଇ ଉଠିଲା । ଅଜାଣତରେ ମୋ ମୁହଁରେ ଖେଳିଗଲା ବିହ୍ୱଳତାର ନାଦାମୀ ହସ । ପ୍ରେମର ଉଲ୍ଲଗ୍ନ ଜୁଆର ତୋଳି ପ୍ରୀତିଭରା ନୟନରେ ମୋ ଆଡ଼କୁ ଚାହିଁ ଫେରେ କହିଲ, "ରାଣୀ" ! ଅକୁଳ ନୟନ ଠେକି ଆବେଗ ଜଡ଼ିତ କଣ୍ଠରେ କହିଲ, "ରାଜା, କଥାର ଛଳନା ଭିତରେ ମାୟା ଜାଲବୁଣି, ପ୍ରତାରଣା ଅବର୍ତ୍ତ ଭିତରେ ବାନ୍ଧିରଖି, ନିର୍ମମ ଭାବରେ ମୋର ଆଶା ଆକାଂକ୍ଷା ମୂଳରେ ଠୋକର ଦେଇ, ମୋର ପ୍ରୀତି ନିବେଦନକୁ ଉପେକ୍ଷା କରି ଚାଲିଗଲ, କି ନିଠୁର ତମେ ! ମୋର ଯୁବ ଜୀବନ ଅଜସ୍ର ଶୂନ୍ୟତାରେ ଭରି ଉଠିଛି ! ଉନ୍ମନା ମନ ମୁହୂର୍ତ୍ତରେ ଆକୁଳହୋଇ ଉଠୁଛି । ମମତାର ସମସ୍ତ ବନ୍ଧନ ଛେଦି ଛିନ୍ନ କରି ତମେ ସବୁଜ ସ୍ନିଗ୍ଧ ବନ ଚକ୍ରବାଳର ଅନ୍ତରାଳରେ । ତମେ କଣ ସମସ୍ତ ଅନ୍ତର ଜୁଡ଼ି ମତେ ଭଲ ପାଅନା ?

ତମେ ମୋର ଲୀଳାୟିତ ଗତିକୁ ଲୋଭନୀୟ ଆଖିରେ ଚାହିଁ ରହି, ତମର ତୁଷାର-ଶୁଭ୍ର-ବାହୁରେ ମତେ ତମର ସନ୍ନିକଟକୁ ଟାଣିନେଇ, ଚଞ୍ଚଳ ଚିବୁକ ମୋ ବେକରେ ଜଡ଼ାଇ, ବିଦ୍ୟୁତ କଟାକ୍ଷରେ ସହସ୍ର କାମଦେବର ଫୁଲଶର ନଚାଇ କହିଲ "ହେ ମୋର କମନୀୟ ସୁନ୍ଦର ଫୁଲ, ମୁଁ ମୋର ସହସ୍ର ଅନ୍ତର ଜୁଡ଼ି ତମକୁ ଭଲପାଏ ! ମିଳା ମିଶାର ମୋହ ମୋ ପାଖରେ ତେଜ ବେଶି ଗୋ ଶୁଭଙ୍କରୀ । ଚାହିଁ ଦେଖ ତୁଷାର ସ୍ନିଗ୍ଧ ଚନ୍ଦ୍ରମା ତଳେ ତରଙ୍ଗେ ତରଙ୍ଗେ ଜ୍ୟୋସ୍ନାର କି ଅପୂର୍ବ ପଥୁଆର ଆଜି ମୋ ସାମନାରେ ତମେ, ସାଜିଛ ହୁର୍ଦାନ୍ତ ରଥ, ତମର ଲାବଣ୍ୟ ଝରା ଅଙ୍ଗ ବର୍ଣ୍ଣ, ରେଶମୀ କୁନ୍ତଳ, କଳା କଜଳ ଆଖି, କୋଦଣ୍ଡ ଭ୍ରୂଲତା, ଜଳ ଚଳ ଚଞ୍ଚଳ କଳା ଡୋଳା, ସୁନ୍ଦର ନାସିକା, ମଧୁର ଓଠ, କୋମଳ, ଲାବଣ୍ୟ, ସେଫାଳି ଶୁଭ୍ର ଅଙ୍ଗନା, କଙ୍କେଙ୍କଣର ଗୁଞ୍ଜନ ଯୌବନ ମଞ୍ଚମଳ ମଦିରର ମାଦକ ପରିମଳ, ଆସବାଣୀ, ତମର ରୂପ ରାଶିର ଶୀତଳ ଅଞ୍ଜନ ମୋର ସମସ୍ତ ତନୁରେ ଲେପିଦିଅ ମୋର ରୁଦ୍ଧ ଚେତ୍ର ସଞ୍ଚାର ମଧୁ ହୋଇ ଉଠୁ !" ସମସ୍ତ ରାତି ଆମେ ଦୁହେଁ ଫେଣ ଶୁଭ୍ର ଯୌବନର ମାଦକ ସୁରା ପିଇ ସାଧନାର ସୋପାନକୁ ସ୍ୱାଦୁରେ ଭରି ଅନ୍ତରଭରା ସ୍ନେହ ସୋହାଗରେ ଅନ୍ତହୀନ ସନ୍ତରଣ କରୁଥିଲେ ହୁଏତ ହଠାତ୍ ସ୍ୱପ୍ନ କାଳର କଜଳ ମୃଗତୃଷ୍ଣା ରୂପେଲି ପର୍ଦ୍ଦାର ଚଲଚ୍ଚିତ୍ର ପରି ଅପସରି ଗଲା—ଚେଇଁ ଉଠିଲି । ଯେତେବେଳକୁ ପୂର୍ବ ଦିଗ୍‌ବଳୟ କୋଳରୁ ଉଙ୍କିମାରି ମୋ ଝରକା ବାଟେ ସୁନା ପାଣିଆ ପରି ହଳଦୀ କିରଣ ହସାଇ ଦେଉଛି—ଘର ଘଣ୍ଟିଆର ଝଙ୍କାରର ମିଷ୍ଟି ମୂର୍ଚ୍ଛନା ମତେ ବାସ୍ତବ ରାଜ୍ୟକୁ ନେଇ ଆସିଲା । ପନେ ପନେ ପଥୁଟର୍ମିନ୍ ପୂର୍ଣ୍ଣିତ । କାନନେ କାନନେ ଲକ୍ଷ ବିହଗର ନନକ୍ୱଣ ସ୍ୱର ଏସରାଜରେ ସାହାନା-ର ମଧୁର ଆଳାପ ଭାସି ଆସୁଥିଲା । ସ୍ୱଚ୍ଛଳ ଶୋଭିତ ପରାଗ ହୃଦୟରେ ନା ସାନ୍ନିଧ୍ୟରେ ? ପ୍ରେୟସୀ ପାଗଳ ହୃଦୟର ସମସ୍ତ କାହାଣୀ ଲେଖିବାକୁ ଅବକାଶ ନାହିଁ । ପ୍ରେମ ଆର୍ଦ୍ର ମୁହୂର୍ତ୍ତରେ ବିଭୋର ହୋଇ ବସି ରହିଛି ବ୍ରତଗ୍ରହଣୀ ପରି ।

'ତମର
ମୁଁ

ଶଠିର ରସ ଗ୍ରହଣ କରିବାକୁ ମୋ ପେଟରେ ବିଦ୍ୟା ନଥିଲା । ତା ଛଡ଼ା ମୋର ରାଗ ଲକ୍ଷଣ । ମୁଁ ପୂରୁଣା କାଳିଆ ହେଲେ ହେଇ ପାରେ କିନ୍ତୁ କମ୍ବଳ ନପଠାଇ ଗୃହିଣୀ ଯଦି ମନେ କରୁଥିବେ ତାଙ୍କ ଚିଠି ପଢି ମୋ ଶୀତ ପଳେଇବ ତେବେ ସେଇଠି ତାଙ୍କର ଭୁଲ ଧାରଣା ଆଉ ଏମିତିଆ ଭୁଲର କ୍ଷମା ଥାଇ ପାରେନା—ଅନ୍ତତଃ ଗୋଟାଏ ରାତି ଶୀତରେ କଟାଇବାକୁ ପଡିବ ଭାବିଲା କ୍ଷଣି ମୋ ମେରୁଦଣ୍ଡ ଶିତେଇ ଉଠିଲା କାରଣ ରାତିରେ ଦିହ-ହାତ ଏମିତି କାଲୁଆ ହୋଇ ଯାଉଥାଏ ଯେ ଆଙ୍ଗୁଠି ଗୁଡ଼ା ପର୍ଯ୍ୟନ୍ତ ବଙ୍କା କରି ହୁଏନା—ମୁଁ ତଡ଼ାକରି ଶେଷ ଚିଠି ଲେଖିଲି "କାଲିଦି କମ୍ବଳ ପଠାଅ, ତା ନହେଲେ ମୋତେ ନମୋନିଆ ହେଇ ଯିବାର ସମ୍ଭାବନା" ଭାବିଲି ଏଥର ନିଶ୍ଚେ କମ୍ବଳ ଆସିବ । ପିଅନ ଗଲା, ତାର ଅଧିକା ବାଟକୁ ବୃଥା ମୁଁ ଚାହିଁ ରହିଥାଏ ? ତହିଁ ଆରଦିନ ପିଅନ ଆସିଲା ମଥା ସମୟରେ । ମୋ କମ୍ବଳ କାହିଁ ? କମ୍ବଳ ନାହିଁ । ଗୃହିଣୀ ପୁଣି ଥରେ ଚିଠି ଲେଖିଛନ୍ତି । ତେବେ ନିଜର ତ୍ରୁଟି ଦୋଷ ଜଣାଇ କ୍ଷମା ମାଗି ଚିଠି ଖଣ୍ଡେ ଲେଖିବାକୁ ଭୁଲି ନାହାନ୍ତି । ଚିଠିର ନକଲ ଦେବା କୌଣସି ଆବଶ୍ୟକ ମନେ କରୁନା ତେବେ ତା ଭିତରେ "ରୂପ ପିଅସୀ ଆଗରେ କବିଶୀର ନିରଶାର ହଳାହଳ" "ଅନ୍ତର୍ଜାତ ସମାଜର ମାୟାମୃଗ", "ମନମଉଜ ଘୋଡ଼ା" "ପ୍ରଲୟଙ୍କରୀ ଟର୍ପେଡୋ" "ଉଦ୍ଦାମ କାଳିନ୍ଦୀର ଉଚ୍ଛୃଙ୍ଖଳତା," "ବାଦାମି ହସ," "ସଗଜ୍ୟାର କାଳିମା" "ଅଶ୍ଳୀଳ ସୁଷମା" "ଅତୃପ୍ତିର ଅଞ୍ଜନ ପରାଗ", "ଗୌରୀଶଙ୍କର ଶିରି ଶିଖର ଓ ଚିରନ୍ତନ ପ୍ରାର୍ଥୀ," "ସୋପାନ୍ତ ରୋଷୀ ଅନ୍ତର" "ବସୁନ୍ଧରା ବନ୍ଧ୍ୟା ନୁହେଁ," "ମୃଗର ରୂପର ନରମି ଲୁଅଣା "ଦୁଧ ଧଉଳାଣୀ" "ଓଠଖିଆ ହସ" ଇତ୍ୟାଦି ଇତ୍ୟାଦି ବହୁତ ଗୁଡ଼ାଏ ମହାର୍ଘ ସାହିତ୍ୟିକ ବାକ୍ୟ ଲେଖି ହୋଇଥିଲା ଯୋଉଗୁଡ଼ା ଖାଲି ମତେ ଦୁର୍ବୋଧ୍ୟ ଅଉ ନିରର୍ଥକ ମନେ ହେଲା ନୁହେଁ, ଏତେ ଶୀତରେ ବି ମୋର ପିତ୍ତକୁ ଗରମ କରିଦେଲା—ମଣିଷର ଧୈର୍ଯ୍ୟର ତ ଗୋଟାଏ ସୀମା ଅଛି ! ସହ୍ୟ ଶକ୍ତିର ତ ଗୋଟାଏ ସୀମା ରହିଛି ! ଆଧୁନିକ ଭାଷା ବା ନ ଜାଣିଲି; ମୁଁ ତ ଅଉ କାଠ ପଥର ନୁହେଁ । ମତେ ସନ୍ନିପାତ ଧରିଲା । ଗୃହିଣୀଙ୍କ ପାଖକୁ ଚିଠି ଗୃହିଣୀ ମୋ ବେଳ ଖଣ୍ଡେ ଚିଠି ଛାଡ଼ିଲି ।

ଗୋପାଳ,

ମୁଁ କମ୍ବଳ ମାଗି ମାଗି ଥକିଲି । କମ୍ବଳ ପରିବର୍ତ୍ତରେ ତମେ କୁନ୍ତଳଶ୍ରୀର ସ୍ନିଗ୍ଧ ମଦାଳସ କାଞ୍ଚନ କାବେରୀ ବସନ୍ତ ମଲ୍ଲିକା ପ୍ରିୟଦର୍ଶିନୀ ତେଲ ଭାଷାରୁ ଗୁଡ଼ାଏ ପଠେଇଲ । ବର୍ତ୍ତମାନ ଆଉ କମ୍ବଳ ପଠାଇବାର ଦରକାର ନାହିଁ—ମତେ ସନ୍ନିପାତ ଧରିଛି । ମୁଁ ପୁରୁଣା ହୋମ ହସପିଟାଲକୁ ଯିବା ହଉଛି—ସେଠି ସରକାରୀ କମ୍ବଳ ମିଳିବ । ଏହିକ୍ଷଣି ଡାକ୍ତରଙ୍କ ଦ୍ୱାରା ତା ନହେଲେ ଉପର ସମ୍ବଳ ହରିବ ।

ତମର
ବୀଣା

—:—

Digitized by srujanika@gmail.com

# ଛୁଟିର ଯୁଦ୍ଧ

ସ୍ୱରାଜ୍ ମାଟି କେ ଗୁଡ଼ାଏ 'ଦୈନିକ ପ୍ରଜାତନ୍ତ୍ର. ଗାନ୍ଧିଜୀଙ୍କର ଅନଶନ ସଂକଳ୍ପ' । ପକେଟରେ ହାତ ପୂରାଇଲା ସେ । ନା, ପଇସା ଯେ ନାହିଁ; କେବଳ ଅନେକ ରଙ୍ଗର ସୁତାନେଇ ଗୁଡ଼ାଇଥିବା ଦଉଡ଼ି ଅନେକ । ପୁଣି ସେ ଆରମ୍ଭ କରିଦେଇଛି ସେଦିନର ସମ୍ବାଦ ଘୋଷଣା ।

## କାହାଣୀ

ବିନୟ ବଡ଼ ବିହ୍ୱଳ ହୋଇଗଲା । ଗାନ୍ଧିଜୀଙ୍କର ଅନଶନ ମିଳେଇ ଅପୂର୍ବ— ଅନନ୍ତ, ଅଜସ୍ର ଦଉଡ଼ି ଗୁଡ଼ାଇ ଚାଲିଛି ଅନେକ ଦୂର ।

ବନ୍ଧୁ ହେବ, ଖାଦ୍ୟାଭାବ ଜର୍ଜର ଦେହ ଗଢ଼ କରିବାକୁ ପଡ଼ୁଛି ତାକୁ । ଆଜି ସେ ଅନୁଭବ କରୁଛି ମନୁଷ୍ୟଙ୍କର ଗଳ୍ପ କେତେ । ପଞ୍ଜାବରେ ଆଜି ଗୋଟିଏ ତାଳ ପଡ଼ିବାକୁ ହେବ; ଲଗାଡ଼ାର ଶକ୍ତ ଅଜସ୍ର ଅଜସ୍ର କମି ଅସୁସ୍ଥ— ତାର ହୁଏତ ମନ ଅବଶ୍ୟ ।

ହଁ, ଖାଦ୍ୟ— ସେ ତାକୁ ବି ଭୁଲି-ବାକୁ ଚେଷ୍ଟା କରିବ— ଅନ୍ତତଃ ଅନଶନରେ । 'ଗାନ୍ଧିଜୀଙ୍କର ଅନଶନର ପଞ୍ଚମ ଦିବସ' । ଅଦ୍ଭୁତ ଗୋଟିଏ ସ୍ୱରର ଶବ୍ଦ ଭାରି ଭରି ଚାଲିଗଲେ । ବିନୟ ଦୃଷ୍ଟି ଫେରାଇଲା ସେଇଆଡ଼େ ।

ରାସ୍ତା ଉପରେ ଚାଲିଛନ୍ତି ଧାଙ୍ଗଡ଼ ଦଳ— ଦେଶର ସମସ୍ୟା, ଜାତିର ସମସ୍ୟା, ସମାଜର କାନୁନଠାରୁ ଏମାନେ ଅନେକ ଦୂରରେ । ସେମାନେ ହୁଏତ ବୁଝିଥିବେ ମନୁଷ୍ୟଙ୍କର ଗଳ୍ପ କେତେ । କାରଣ ସେମାନଙ୍କର ଅନଶନ— ସୀମାହୀନ, ଅନିର୍ଦ୍ଦିଷ୍ଟ ।

ଯେଉଁଥି ପାଇଁ ଭୁଲି ଯାଉଛି, ତାକୁ ଯିଏ ଯେତେ ଆଦର, ସ୍ନେହ ଆଉ ପ୍ରେମ କରୁଥିବ ।



ବାସନ୍ତୀର ଭୁଲ । ବାସନ୍ତୀ ସଙ୍ଗୀତ— ଛୁଟି କଣ— ଆଉ ମନୁଷ୍ୟ-ତ୍ୱର ଆକର୍ଷଣ କେତେ । ବାସନ୍ତୀ କବିତା ଲେଖେ, ଅରଗାନର ରିଡ଼ ଉପରେ ଅଙ୍ଗୁଳି ଚାଳନା କରେ । ବିନୟ ଶୁଣେ କିନ୍ତୁ ବିନୟ ବୁଝେ— ଯେ ସବୁ କଣ, ବାସନ୍ତୀ ହୁଏତ ବୁଝେନା । ଧନୀର ଝିଅ ସେ । କୋଟି ପତି— ପୁଞ୍ଜି ଯାହାର ଲକ୍ଷ୍ୟ, ଛୁଟି ଯାହାର କେନ୍ଦ୍ର । ବାସନ୍ତୀକୁ ଭୁଲିବାକୁ ଚେଷ୍ଟା କରେ ବିନୟ । ସେ

## କଥାଟିଏ କହୁଁ

ଧନୀର ସନ୍ତାନକୁ ଭଲପାଇ, ତାର ଜୀବନ ହେବ ସୁଖମୟ କିନ୍ତୁ ବିନୟ ସେ ଦରିଦ୍ର— ଛୁଟି ପାଇଁ ତାର ଯୁଦ୍ଧ ଅଜ ଅବସର କାହିଁ— ଜୀବନକୁ ଉପଭୋଗ କରିବାକୁ ?

+ + ×

ହୋଟେଲରୁ ଫେରି ପଡ଼ିଲା କେତେଟା ଅଇଁଠା ପତ୍ର । ଉଚ୍ଛିଷ୍ଟ ପିଲା ଓ ଗୋଟାଏ କୁକୁର— ଦୁହିଁଙ୍କର ଲଢ଼ି ଯାଉଛି ସେଇ ପତ୍ର ପାଇଁ ପ୍ରତିଯୋଗିତା । କୁକୁର-ଟା ରାଗି ଯାଉଛି ଭୀଷଣ, ହୁଏତ ଏଇଥର ଆକ୍ରମଣ କରିବ କିନ୍ତୁ ପିଲାଟା କେମିତି ଧରି ଟାଣୁଛି ପତ୍ର । ପିଲା ଆଉ କୁକୁର ଦୁହିଙ୍କ ଭିତରେ କିଛି ପାର୍ଥକ୍ୟ ଥିଲା ପରି ଜଣା ଯାଉନା । କୁକୁରର ଚୁମ୍ବନପୁଷ୍ଟ ଅସ୍ଥି, ପିଲାର ଚମଡ଼ା ଭେଦ କରି ଫୁଟି ଉଠିଛି କେବଳ ମାତ୍ର ହାଡ଼ । ଦୁହିଁଙ୍କର ଆଖିରେ ଏକା ଆକର୍ଷଣ— ଖାଦ୍ୟ, ଭାତ,

ଛୁଟି । ପିଲାଟା ବୁଝେନା ଏ ପର୍ଯ୍ୟନ୍ତ ମନୁଷ୍ୟ-ତ୍ୱ କେତେ ଆଉ କୁକୁର ବୁଝିବ ବୁଝେନା ପଶୁତ୍ୱର ଗଳ୍ପ ! !

ବିନୟ ଡାକିଲା— ଏଇ, ଏ ଟୋକା, ଆରେ ଆ,— ଦୌଡ଼ି ଆସିଲା ସେ, ହୁଏତ କିଛି ମିଳିଯିବ— ଆଖିରେ ତା'ର ଖାଦ୍ୟର ଆକର୍ଷଣ । ବିନୟ ଖୁଣ୍ଟିଲା, ଭଲକରି ହାତ ପୂରେଇଲା ପକେଟରେ—

ଶ୍ରୀ ଦୁଷ୍ମନ୍ତ କୁମାର ମହାନ୍ତି

କିଛି ନାହିଁ । କିଛିଟା ନା— ପକେଟ ବି ତା'ର ଦୁର୍ବଳ ହୋଇ ପଡ଼ିଛି ଛୁଟିର ଯୁଦ୍ଧରେ । ଆଙ୍ଗୁଠିରୁ ଖୋଲି ଆଣିଲା ମିନାକରା ମୁଦିଟା— ଯେଉଁଟା ସେ ପାଇ-ଥିଲା ବାସନ୍ତୀ ଠାରୁ ଜନ୍ମଦିନର ଉପହାର । ଆଜି ହୁଏତ ମୁଦିଟା କରିବ ଖାଦ୍ୟସଙ୍ଗେ ଯୁଦ୍ଧ । ଫେରେଇଦେବ ସେ ତାକୁ ।

—•—

## ଢୁଢ଼ୁକୁଢ଼ୁ

ପୁଅ— ବାପା ସୁଭାଷ ବୋଷ ତ ଘର ଦୁଆର ଛାଡ଼ି ଛାଇଁଅଡ଼େ ସନ୍ନ୍ୟାସୀ ହୋଇ ଗଲେଣି । ତାଙ୍କୁ ବାପୁଜୀ ନଜରବନ୍ଦୀ ନ କରି ନେତାଜୀ କାହିଁକି କହୁଛନ୍ତି ?

ବାପା— ତାଙ୍କର ମାତାଜୀ ନଥିଲେ ବୋଲି ।

—•—

ଭ୍ରମ

ଗତ ସଂଖ୍ୟାରେ ପ୍ରକାଶ ପାଇଥିବା କାହାଣୀର ଲେଖକଙ୍କ ନାମ ଭୁଲ କ୍ରମେ ପ୍ରକାଶ ପାଇନାହିଁ । ଲେଖକ ହେଉଛନ୍ତି— ଶ୍ରୀ ଜେନାବାସୁଦେବ ପ୍ରସାଦ

—•—

Digitized by srujanika@gmail.com

# ପ୍ରାର୍ଥନା ପଦାବଳି

## ଜରଥୁଷ୍ଟ୍ରୀ ଧର୍ମଗାଥା

ଜହା ଅତ ମୋଇ ବହିଷ୍ଟା
ସ୍ରବା ଓସ୍ତ୍ର ଶୋଥନାସ୍ତ ବରେତ
—ତୁ ବହୁ ମନଂଧନ୍ନା
ଅଷାସ୍ତ ଇସ୍ତୁଦେମ ସ୍ତୁତୋ
ମଜ୍ଦା ଶ୍ରଥା ଅମ୍ନୂସ୍ର ଫେରଷେମ୍
ବସ୍ନା ନଇ ଯୋଏମ୍ ଦାଓ ଅହୁମ୍ ।

ଅନୁବାଦ

ହେ ହୋରମଜ୍ଦ ! ସର୍ବୋତ୍ତମ ଧର୍ମର କଥା ଏବଂ କର୍ମ ସମ୍ବନ୍ଧରେ ମତେ କହ, ଯଦ୍ୱାରା ମୁଁ ଶ୍ରେୟ ପଥରେ ଚାଲି ତୋର ମହିମା ଗାନ କରିପାରିବି । ତୋର ଯେପରି ଇଚ୍ଛା ମୋତେ ସେପରି ଅଭ୍ୟସ୍ତ କର । ମୋ ଜୀବନକୁ ସ୍ୱଚ୍ଛତା ଦାନକର ଏବଂ ମୋତେ ସ୍ୱର୍ଗର ସୁଖ ଦେ ।

## ବୌଦ୍ଧମନ୍ତ୍ର

ନମ୍ୟୋ ହୋରେଙ୍ଗେ କେୟୋ

ଅନୁବାଦ

ସବୁ ବୁଦ୍ଧଙ୍କୁ ନମସ୍କାର ।

## କୁରାନର ଆୟତ—ଫାତିହା

ଅଉଜୁ ବିଲ୍ଲାହି ମିନଶ୍ ଶୈତ୍ୱାନିର୍ ରଜୀମ୍
ବିସ୍ମିଲ୍ଲାହିର୍ ରହ୍ମାନିର୍ ରହୀମ୍ ।
ଅଲ୍ ହମ୍ଦୁ ଲିଲ୍ଲାହି ରବ୍ବିଲ୍ ଆଲମୀନ ।
ଅର୍ ରହ୍ମାନିର୍ ରହୀମି ମାଲିକି
ୟୌମିଦ୍ଦୀନ୍ ।
ଇୟ୍ୟାକ ନଅବୁଦୁ ଓ୍ୱ ଇୟ୍ୟାକ ନସ୍ତଇନ୍ ।
ଇହ୍ଦି ନସ୍ ସିରାତ୍ୱଲ୍ ମୁସ୍ତକୀମ୍ ।
ସିରାତ୍ୱଲ୍ ଲଜୀନ୍ ଅନ୍ ଅମ୍ତ ଅଲୈହିମ୍ ।
ଗୈରିଲ୍ ମଗ୍ ଦୁବି ଅଲୈହିମ୍
ଓ୍ୱ ଲଦ୍ ଦ୍ୱାଲ୍ଲୀନ୍ ।

ଅନୁବାଦ

ମୁଁ ପାପାତ୍ମା ଶୈତାନ କବଳରୁ ରକ୍ଷା ପାଇବାପାଇଁ ପରମାତ୍ମାଙ୍କର ଶରଣ ନେଉଛି ।

ପ୍ରଭୋ ତୋହର ନାମରେ ମୁଁ ସବୁ ଆରମ୍ଭ କରୁଛି । ତୁ ଦୟାର ସାଗର, ତୁ କୃପାଳୁ, ତୁ ସମସ୍ତ ବିଶ୍ୱର ସୃଷ୍ଟିକର୍ତ୍ତା—ମାଲିକ । ଆମେ ତୋହରି ଆରାଧନା କରୁଛୁ—ତୋହର ସହାୟତା ଭିକ୍ଷା କରୁଛୁ । ସବୁ କ୍ଷେତ୍ରରେ ତୁଇ ନ୍ୟାୟ ଦେଉ । ତୁ ଆମକୁ ସିଧାରାସ୍ତା ଦେଖା—ଯେଉଁମାନେ ତୋର କୃପାଦୃଷ୍ଟିରେ ପଡ଼ିଛନ୍ତି ତାଙ୍କର ପଥ ଦେଖା—ଯେଉଁମାନେ ତୋର ପ୍ରସନ୍ନତାର ପାତ୍ର ହୋଇଛନ୍ତି ଏବଂ ବାଟ ଭୁଲିଛନ୍ତି ସେମାନଙ୍କର ପଥ ନ ଦେଖା ।

## ରାମଧୁନ

ରଘୁପତି ରାଘବ ରାଜାରାମ,
ପତିତ ପାବନ ସୀତା ରାମ ।
ମଙ୍ଗଳ ମନ୍ଦିର ରାଜାରାମ,
ପତିତ ପାବନ ସୀତା ରାମ ।
ଶକ୍ତି ଶାନ୍ତି ବିଧାୟକ ରାଜାରାମ,
ପତିତ ପାବନ ସୀତାରାମ ।
ବିଶ୍ୱବିଜୟ ଦାନରତ ରାଜାରାମ,
ପତିତ ପାବନ ସୀତାରାମ ।
ନିର୍ଭୟ କର ପ୍ରଭୁ ରାଜାରାମ,
ପତିତ ପାବନ ସୀତାରାମ ।
ଦୀନ ଦୟାଳ ରାଜାରାମ,
ପତିତ ପାବନ ସୀତାରାମ ।
ରାଜାରାମ ଜୟ ସୀତାରାମ,
ପତିତ ପାବନ ସୀତାରାମ ।
ଈଶ୍ୱର ଅଲ୍ଲା ତେରେ ନାମ,
ସବକୋ ସନ୍ମତି ଦେ ଭଗବାନ ।

—*—

## ଅନ୍ୟାନ୍ୟ ଧୁନ

୧ । ନାରାୟଣ ନାରାୟଣ ଜୟ ଗୋବିନ୍ଦ ହରେ
ନାରାୟଣ ନାରାୟଣ ଜୟ ଗୋପାଳ ହରେ
୨ । ରାଜାରାମ ରାମ ରାମ, ସୀତାରାମ ରାମ ରାମ ।
୩ । ସୀତାରାମ ସୀତାରାମ ସୀତାରାମ ରାମ,
ରାଜାରାମ ରାଜାରାମ ରାଜାରାମ ରାମ ।
୪ । ସୀତାରାମ ଜୟ ଜୟ ରାମ !
ହରେରାମ ରାମ ରାମ ରାମ ॥
୫ । ସିୟ ସ୍ୱାମୀକୀ ଜୟ, ପ୍ୟାରେ ରାଘବକୀ ଜୟ
ବୋଲେହନୁମାନ କୃପାଳକୀ ଜୟ ଜୟ ଜୟ
୬ । ରାମ ରାମ ରାମ ରାମ, ରାମ ରାମ ରାମ ରାମ
୭ । ଜୟରାମ ଜୟରାମ ଜୟ ଜୟ ରାମ
ଶ୍ରୀରାମ ଜୟରାମ ଜୟ ଜୟ ରାମ ।
୮ । ହରେ ରାମ ହରେରାମ ହରେରାମ ହରେ
ଭଜମନ କଟୀଦିନ ପ୍ୟାରେ ।
୯ । ଭଜବା ରାମ ମେଘଶ୍ୟାମ,
ମନା ଅଥବା ହୋ ସୀତାରାମ
ମନା ଅଥବା ହୋ ରାଜାରାମ ।
୧୦ । ସୀତାରାମ ରାଜାରାମ ଭଜରେ ମନା
ଭଜରେ ମନ ଭଜରେ ମନ ଭଜରେ ମନା
୧୧ । ପାବ ନା ରାମା ପତିତ-ପାବନା ରାମା
୧୨ । ରାମକୃଷ୍ଣ ହରି ଗୋପାଳ ମୁରାରି ।
୧୩ । ଗୋପାଳ ରାଧାକୃଷ୍ଣ ଗୋବିନ୍ଦ ଗୋବିନ୍ଦ
ଗୋପାଳ
୧୪ । ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରି,
ହେ ନାଥ ନାରାୟଣ ବାସୁଦେବ ।
୧୫ । ଜୟ ଗୋବିନ୍ଦ ହରି ଗୋବିନ୍ଦ
ଜୟ ଗୋବିନ୍ଦ ରାଧେ ଗୋବିନ୍ଦ
ଜୟ ଗୋପାଳ ରାଧେ ଗୋବିନ୍ଦ ।
୧୬ । ଗୋବିନ୍ଦ ଗୋବିନ୍ଦ ଗୋପାଳ ନାରାୟଣ
୧୭ । ରାଧାକୃଷ୍ଣ ଜୟ କୃଷ୍ଣ ବିହାରୀ
ମୁରଲୀଧର ଗୋବର୍ଦ୍ଧନ ଧାରୀ ।
୧୮ । ନିବୃତ୍ତି ଜ୍ଞାନଦେବ ସୋପାନ ମୁକ୍ତାବାଈ
ଏକନାଥ ନାମଦେବ ତୁକାରାମ
ତୁକାରାମ ତୁକାରାମ ।
୧୯ । ଜ୍ଞାନୋ ବା ମାଉଲୀ ଜ୍ଞାନରାଜ ମାଉଲୀ
ତୁକାରାମ ।

ଭଜନ

'ଗାନ୍ଧୀଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନତୋର
ଓଡ଼ିଆ ଅନୁବାଦ

ସେହିତ ବୈଷ୍ଣବଜନ
ପର ଦୁଃଖେ ଦୁଃଖୀ ହୁଏ ଯାହାରେ,
ପରଦୁଃଖ ଦେଖି ଉପକାର କରୁଥାଏ
ମନେ ନ ବହଇ ଅହଙ୍କାର ରେ ।
ସଭଙ୍କି ବିନୟ ଭାବେ ବନ୍ଦଇ ଯେ ସଦା
ନିନ୍ଦା ନକରେ କେବେ କାହାରି,
ନିର୍ମଳ ଥାଏ ଯାର କାୟମନ ବଚନ
ଧନ୍ୟ ଧନ୍ୟ ଜନନୀ ସେ ତାହାରେ ।
ସଭଙ୍କି ସମାନ ମଣେ କାମନା ଯେବରଜି
ପରନାରୀଠାରେ ଦେଖେ ମାତରେ
ରସନା ଥାଉଁ ଯେ ସତ୍ୟ ବଚନ ନହୁଡ଼େ ରେ
ପରଧନେ ନ ବଢ଼ାଏ ହାତ ରେ ।
ସଂସାରର ମାୟାମୋହ ଛୁଇଁ ନପାରଇ ରେ,
ଦୃଢ଼ ବୈରାଗ୍ୟ ମନେ ବହେ ରେ,
ରାମନାମ ପଦଯୋଡ଼ି ବିଭୋର ଯେ ରହେ ରେ
ସକଳ ତୀରଥ ତାର ଦେହେ ରେ ।
ଲୋଭ କପଟ ଯା ଅନ୍ତର୍ଗତରେ ନଥାଏ
କାମ କ୍ରୋଧ ଆଦି ଯେ ନିବାରରେ
ନରସିଂହ ଭଣେ ଯେ ଦର୍ଶନ କର ତା'
ଭବ ସାଗରରୁ ହେବ ପାର ରେ ।

—*—

Digitized by srujanika@gmail.com

# କଣ୍ଟା ଓ ନଥ

ମୋଟିଏ ବର୍ଷର ବଜେଟ ଅଲୋଚନା କଲ ବେଳେ କୋଳ ଅଧିକ ବ୍ୟୟ ହେବାରୁ ଲୋକେ କିଛି ବୁଝିପାରିବେ ନାହିଁ—ଇଉ ମାତୃଭୂମି।

…ମନ୍ତ୍ରୀଙ୍କ ମୋଟ ସବୁରୁ ବୁଝିହେବନି ?

× + ×

ଲୁଟ ଯାହେବ କାହାର ?—କୃଷକର ପ୍ରଶ୍ନ

…ପ୍ରଥମତଃ ତାଙ୍କ ସ୍ୱୀକର । ତାପରେ—

+ × ÷

ପୋପାଙ୍କୁ ପାଟି କଂଗ୍ରେସ ସହିତ ସମ୍ପର୍କ ତୁହାଉ…କୃଷକରେ

…ବୋଡେ ଲଗାନା ମା ବ୍ରଜବଧୂଲାଟ।

× + ×

କଂଗ୍ରେସ ଦ୍ୱାରା ସାମ୍ୟବାଦ ସମ୍ଭବ କି ? —କୃଷକ

…ଶୁଣିଅଛୁ ଅନ୍ଧର କଥାଏ ତାହାକର ସୁମେରୁ ସମ କର ରେଣୁ।

÷ + +

ବନୋଦ କାନନ୍‌ଗୋଙ୍କ ବିରୁଦ୍ଧରେ ୧୦୭ ଓ ଓ୍ୟାରେଣ୍ଟ ଜାରି—ସଂବାଦ।

…ତୁ ଲଢ଼ି ନାହୁଁ କି ମହାଭାବକୁରେ

÷ ÷ ÷

ସାମ୍ୟବାଦୀ ସମାଜ ଗଢ଼ିବାକୁ କଂଗ୍ରେସ ଛାଡ଼ିଲୁ—ଦ୍ୱିବେଦୀ

…ସାମ୍ୟବାଦୀ ପ୍ରଜାତନ୍ତ୍ର ଗଢ଼—ପଇସା ମିଳିବ।

× + +

ଅସେମ୍ଳିରେ ମନ୍ଦିର ପ୍ରବେଶ ବିଲ୍ ପାସ୍ ହେଲା…ସଂବାଦ

…ନଶୁଅ ଢେଲ—ଯାଉଥା ପେଲ୍।

× × ×

କଂଗ୍ରେସ ପୁଞ୍ଜିପତି, ଜମିଦାର, ପ୍ରତିକ୍ରିୟାଶୀଳ ଲୋକଙ୍କ ନୃତ୍ୟ ମଞ୍ଚ ହେବାର ଅଶଙ୍କା ବିଦ୍ୟମାନ—ଇତି ଅଶା

…ଏ ମନ ପାଞ୍ଚୁଥାଏ ଯାହା କାଳେ ପ୍ରାପତ ହୁଏ ତାହା

× + ×

ଯଦି ମୁଁ ଏ ଜାତିର ନିୟନ୍ତ୍ରା ହୁଅନ୍ତି—ଅଶାର ପ୍ରବନ୍ଧ।

ଅକାଶ କୁସୁମ ଯଦି ହୁଅନ୍ତା।

+ × +

ସିଗାରେଟ ଦୁର୍ଭିକ୍ଷ—ଜନତା ସଂବାଦ

…ମନ୍ତ୍ରୀମାନଙ୍କୁ ବାନ୍ଧିବ।

× × ×

ଲୋକ ଅନୁକରଣ କାରୀ ସାବଧାନ—ବଂଶୀ କରଣ ଯନ୍ତ୍ରର ବିଜ୍ଞାପନ !

…ଠକକୁ ଠକିବା କାଠିକର ପାଠ।

× × ×

ଯେଉଁ ଦେଶର ଲୋକେ ମୁକ୍ତି ଦେଲେ ଝଲପଡ଼ବେ ସେମାନଙ୍କୁ ଶାସନ କରିବାପାଇଁ ପୁଲିଶ ପଡ଼ଜର ସଜବାଜ କାହିଁକି ?—ଜନତାର ପ୍ରଶ୍ନ

…ବିରାଟ ଗାନ୍ଧିବଳେ—

+ + ÷

ଭାଇ ସାବଧାନ !—ନାୟକ ନେତାଉଣୀ

…ପାଣିରେ ନପଶି ଲୁହୁଡ଼ ପହଁରା ଶିଖ !

× × ×

ନିଜାମର ଅତ୍ୟାଚାରୀ ଶାସନ କଳ କ୍ଷୁଣ୍ଣହେଲା—ମୁକ୍ତିଯୁଦ୍ଧର ଚିତ୍କାର।

ପାଟି ଅଫିସ ଉପରେ ?

× + ×

କଲିକତାରେ ଐତିହାସିକ ବିପ୍ଲବୀଙ୍କ ସମାବେଶ—ମୁକ୍ତିଯୁଦ୍ଧ

…ଭୂତ ନା ଅଫିସ ?

+ × ×

ଜଳା ଅଡ଼ନାନସ୍‌ର ପ୍ରତିବାଦ—ମୁକ୍ତିଯୁଦ୍ଧ ସଂବାଦ

…ନାଲି ବିପ୍ଲବୀଙ୍କୁ ସାଜେ

× × +

ଏଭଳି ଅବସ୍ଥାରେ ବଜେଟର ଟିକନିଖି ଖର୍ଚ୍ଚପତ୍ର ବ୍ୟବସ୍ଥା ସଭା ଦୃଷ୍ଟି ଦେବା ଉଚିତ —ସମାଜ ସଂପାଦକୀୟ

…ଦୃଷ୍ଟି ପଡ଼ିଲେ ଅଜୀର୍ଣ୍ଣ ଧରିବ ଯେ !

× + ×

କଂଗ୍ରେସ ଭିତରେ ଥିବା ଅସାଧୁ ବ୍ୟକ୍ତିମାନଙ୍କୁ ନେତାମାନେ ହତୋତ୍ସାହ କରନ୍ତୁ—ପ୍ରଜାତନ୍ତ୍ର

…ଚୋର ଚୋର ଚୋର ହୁଡ଼କଲେ ଛାଡ଼ପାଏ !

+ +

ଓଡ଼ିଶାର କର୍ମଶୂନ୍ୟ ସଂଖ୍ୟା ବୃଦ୍ଧି ଭବିଷ୍ୟତ୍ ଅଶା ଦ୍ୱାରା ନିୟନ୍ତ୍ରିତ—ପ୍ରଜାତନ୍ତ୍ର

…ଗାଛ ମେ କଟହା ଲଟ୍‌ମେ ଢେଲ୍।

+ ÷ +

ଅଇନ କରି ଜବରଦସ୍ତି ମନ୍ଦିରରେ ହରିଜନ ପୁରାଇବା ଉଚିତ ନୁହେଁ—ଲୋକନାଥ ମିଶ୍ର

…ମହାପ୍ରଭୁ କୋପେବର ଦିଅନ୍ତୁ କିନ୍ତୁ ସଦ୍ଭାବ ଦିଅନ୍ତୁ ତପେବର

× + ×

ଏପରି ସୁବିଧାକୁ ଅଉ ଏଠାରେ ବରଦାସ୍ତ କରାଯିବ ନାହିଁ—ଅସେମ୍ଳିରେ ମହତାବ।

…ଜଳକଣ୍ଟା ଉପର କଣ୍ଟା ଦେଇ ମାର।

÷ ÷ ÷

ମନ୍ଦିର ପ୍ରବେଶ ଅଇନ ବିରୋଧୀଙ୍କୁ ମହତାବଙ୍କ କଡ଼ା ଜବାବ—ପ୍ରଜାତନ୍ତ୍ର।

କେତେ ଗୁଣ୍ଡି ଲାଗିଥିଲା ?

÷ ÷ +

ଜାମ୍ମୁ ଏବଂ କାଶ୍ମୀର ସମ୍ବନ୍ଧରେ ଭାରତ ସରକାରଙ୍କର ଧଳା କାଗଜ ବାହାରିଛି—ସମ୍ବାଦ

କଳା ସରକାରଙ୍କର ଧଳା କାଗଜ ?

÷ ÷ ÷

ବଜେଟ ବାହାରିବା ପୂର୍ବରୁ କଥା ଫୁଟି ପଡ଼ିଥିଲା—ଲୁଙ୍ଗୁଡୁଙ୍କ ଅଭିଯୋଗ

ବ୍ୟବସାୟୀ ମାନେ ତାଲ ପକେଇ ଦେଇଥିଲେ ଯେ।

÷ × ÷

ଅଲଓ୍ୱାର ଇତ୍ୟାଦି ରାଜ୍ୟକୁ ନେଇ ମତ୍ସ୍ୟ ଦେଶ ଗଠିତ ହେଉଛି—ସମ୍ବାଦ

…ଗୋଟାଏ ବିରାଡ଼ି ଦେଶ ଦରକାର

÷ ÷ ÷

କରଣ ଶଙ୍କର (ବଙ୍ଗ ମନ୍ତ୍ରୀ) ଘରୋଇ ବିଭାଗ ପାଇଲେ—ସଂବାଦ

…ତାଙ୍କ ସ୍ତ୍ରୀ କଳି କରି ନଥିବେତ ?

÷ ÷ ÷

ଗରିବଙ୍କ ଦୁଖ ମୋଠାରୁ ବଳି କିଏ ବୁଝିବ—ସଖୁରାମ୍ ଚେଟି

…ତୋ ପରି ପ୍ରଭୁ ନାହିଁ ଜଣେ।

÷ ÷ ÷

ଷ୍ଟାଲିନଙ୍କୁ ବର୍ତ୍ତମାନ ହିଟଲରର ଭଲ ବିଗୁଡ଼ିବାରୁ ହେବ—ଲର୍ଡସଭା

…ହିଟଲର ନଟ ସୁଣି ଲାଗିଲାରେ

÷ ÷ ÷

ଅରବ ପାକିସ୍ତାନର ସହାୟତା ଗୃହେଁ—ସଂବାଦ

…ମନ୍ଦ ଅରବେ ?

÷ × +

Digitized by srujanika@gmail.com

# ସିନେମା

**ଶ୍ରୀ ଧୀରେନ ଦାଶ**

## 'କଳ୍ପନା'

ଗତମାସ ତେର ତାରିଖଠାରୁ ବିଖ୍ୟାତ ନୃତ୍ୟ ଶିଳ୍ପୀ ଉଦୟ ଶଙ୍କରଙ୍କର ବହୁଦିନ ପ୍ରତୀକ୍ଷିତ 'କଳ୍ପନା' ଭାରତରେ ନାଇଶହ ସିନେମା ଗୃହରେ ପ୍ରଦର୍ଶିତ ହେଉଛି। ଏକ ସମୟରେ ଏତେ ଗୁଡ଼ିଏ ସ୍ଥାନରେ ଆଜି ସୁଦ୍ଧା କୌଣସି ଚିତ୍ର ପ୍ରଦର୍ଶିତ ହୋଇ ନଥିଲା। ଚିତ୍ରଟି ମାନ୍ଦ୍ରାଜର 'ଜେମିନୀ ଷ୍ଟୁଡ଼ିଓ'ରେ ନିର୍ମିତ। ନିର୍ମାଣ ପାଇଁ ତିନିବର୍ଷ ଧରି ଲାଗିଥିଲା। ଏହି ଚିତ୍ରଟି ନଅ ଲକ୍ଷ ଟଙ୍କାରେ "ଫେଡ଼େରେଟେଡ଼ ଇଣ୍ଡିଆ—ପିକ୍‌ଚରସ୍‌ଙ୍କ ଦ୍ୱାରା ଉତ୍ତର ପଶ୍ଚିମ ଓ ପୂର୍ବ ଭାରତରେ ବିତରଣ ପାଇଁ କିଣା ହୋଇ ଅଛି। ଭାରତୀୟ କୌଣସି ଚିତ୍ର ଏତେ ମୂଲ୍ୟରେ ବିକ୍ରୀ କରାଯାଇ ନଥିଲା। ଚିତ୍ରଟି ଫେବୃଆରୀ ଏକ ତାରିଖଠାରୁ ସବୁ ଜାଗାରେ ପ୍ରଦର୍ଶିତ ହୋଇଥାନ୍ତା କିନ୍ତୁ ରାଷ୍ଟ୍ରପିତା ଗାନ୍ଧୀଜୀଙ୍କ ମୃତ୍ୟୁ ଶୋକ ପାଇଁ ଏହାର ପ୍ରଦର୍ଶନ ତେରଦିନ ପାଇଁ ଘୁଞ୍ଚାଇ ଦିଆ ଯାଇଥିଲା।

ଭାରତୀୟ ସିନେମା ଜଗତରେ 'କଳ୍ପନା' ଯେ ବିଦ୍ରୋହ ଆଣିଛି ଏଥିରେ ସନ୍ଦେହ ନାହିଁ। ବିଷୟବସ୍ତୁଟି ଭାରତୀୟ ଚିତ୍ର ଜଗତ ପାଇଁ ଏକବାରେ ନୂଆ। ଉଦୟ ଶଙ୍କର ଏଥିରେ 'ଡ୍ୟିସ୍‌ନି'ଙ୍କର 'ଫ୍ୟାଣ୍ଟାସି' ସହିତ 'ଗ୍ରୁଲ୍‌ଗୃପ୍‌-କିନ୍‌'ଙ୍କର ବ୍ୟଙ୍ଗ ମଧ୍ୟ ଭରି ଦେଇଛନ୍ତି। କଳାର ପ୍ରଦର୍ଶନ ସହିତ ବର୍ତ୍ତମାନର ମାନବ ସମାଜର ଉନ୍ନତି ପାଇଁ ଅନେକ ଶିକ୍ଷଣୀୟ ପଦାର୍ଥ ମଧ୍ୟ ସେଥିରେ ଦେଇଛନ୍ତି। କଳା ନିପୁଣତା ଦିଗରେ 'କଳ୍ପନା' ଭାରତୀୟ ଚିତ୍ରମାନଙ୍କ ଭିତରେ ନିଶ୍ଚୟ ଉତ୍କୃଷ୍ଟ ହୋଇ ରହିବ।

ବିଷୟଟି .. ଗୋଟିଏ କଳାକାରଙ୍କର ଜୀବନୀ। ଜୀବନର କଠୋର ବାସ୍ତବତା ଭିତରେ ସ୍ୱପ୍ନ କଳ୍ପନା ସଂଗୀତ ଓ ନୃତ୍ୟ ସହିତ କଳାକାରଙ୍କର ଘନିଷ୍ଠ ସମ୍ବନ୍ଧ ରହିଛି।

ବିଷୟ ବସ୍ତୁଟି ଉଦୟ ଶଙ୍କରଙ୍କର ନିଜର ଜୀବନୀ ବୋଲି କିଛିତ ପରିମାଣରେ ଅନୁମାନ କରାଯାଇ ପାରେ।

ଉଦୟଶଙ୍କର ଚିତ୍ରଟିର କେବଳ ନିର୍ମାତା ବା ନିର୍ଦ୍ଦେଶକ ନୁହନ୍ତି, ବିଷୟଟିର ଗଳ୍ପ ମଧ୍ୟ ଏହାଙ୍କର ଲେଖା। ଏହାଛଡ଼ା ନୃତ୍ୟ ନିର୍ଦ୍ଦେଶନ ଓ ବ୍ଲକସେଟ୍ ଗୁଡ଼ିକ ପାଇଁ ମଧ୍ୟ ଏ ଦାୟୀ। ଏତିକିରେ ଉଦୟ ଶଙ୍କର ନିଜେ ସନ୍ତୁଷ୍ଟ ହୋଇ ପାରି ନାହାନ୍ତି, କଳ୍ପନା ପାଇଁ ଯଥେଷ୍ଟ ଖାଦ୍ୟ ଯୋଗାଇବାକୁ ନିଜେ ମଧ୍ୟ ଶ୍ରେଷ୍ଠ ନାୟକ ଅଭିନୟ କରିଛନ୍ତି।

ଚିତ୍ରଟି ଆମୂଳଚୂଳ କେବଳ ନୃତ୍ୟରେ ପୂରି ରହିଛି। ମଣିପୁରୀ, କଥକ ଭଙ୍ଗୀରେ ନବରସ, ତାଣ୍ଡବ, ସାପ, ହୋଲି ଓ ସାନ୍ତାଳ ନୃତ୍ୟ ପ୍ରଭୃତି ଭାରତର ଅଧିକାଂଶ ପ୍ରକାରର ନୃତ୍ୟର ପ୍ରଦର୍ଶନ କରି ଯାଇଅଛି। ଏହାବୋଲି ଏହା ସାଧନା ବୋସଙ୍କ 'ରାଜନର୍ତ୍ତକୀ' ଚିତ୍ରପରି ଗୋଟିଏ ସାମାନ୍ୟ ନୃତ୍ୟ ଚିତ୍ର ବୋଲି ଧରି ଯାଇ ନପାରେ। 'କଳ୍ପନା'ର ନୃତ୍ୟ ଗୁଡ଼ିକରେ କେବଳ ଅଙ୍ଗଭଙ୍ଗୀ ଦ୍ୱାରା ପ୍ରତ୍ୟେକ ପ୍ରକାରର ମନୋଭାବ ପ୍ରକାଶ କରାଯାଇ ଅଛି। ଉଦୟଶଙ୍କର ଭାରତୀୟ ନୃତ୍ୟର ବିଶେଷତ୍ୱ ପ୍ରକାଶ କରି ପାରିଛନ୍ତି।

ଚିତ୍ରଟିର ସଙ୍ଗୀତ ବେଶ ଉଚ୍ଚଧରଣର ହୋଇଛି। ଗୀତ ଗୁଡ଼ିକ ସୁମଧୁର ଓ ଭାବପୂର୍ଣ୍ଣ ଅଟେ। ତାଛଡ଼ା ଆଜିକାଲି ସିନେମାର ଗୀତ ଗୁଡ଼ିକ ପରି ସହଜରେ ଅନୁକରଣୀୟ ନୁହେଁ। ଗୀତ ଗୁଡ଼ିକର ଭାଷା ସାଂସ୍କୃତିକ ଓ ଅର୍ଥ ଅବୋଧ୍ୟ। ଅମଳା ଦେବୀଙ୍କର ଦୁଃଖ ସମୟର ଗୀତ ଟିକିଏ ଅତିରଞ୍ଜିତ ହୋଇ ଯାଇଛି। ଗର୍ବର ବିଷୟ ଯେ ଚିତ୍ରଟିର ସଙ୍ଗୀତ ପାଇଁ କେବଳ ଭାରତୀୟ ବାଦ୍ୟଯନ୍ତ୍ର ମାନଙ୍କ ସାହାଯ୍ୟ ନିଆ ଯାଇଛି। ଏଥିପାଇଁ ସଙ୍ଗୀତ ନିର୍ଦ୍ଦେଶକ ଶ୍ରୀ ବିଷ୍ଣୁଦାସ ଶୀରାଲି ପ୍ରଶଂସାର ପାତ୍ର ଅଟନ୍ତି।

'କଳ୍ପନା'ର ଅଭିନୟ ଉଚ୍ଚଧରଣର କୁହାଯିବ ନାହିଁ। ଉଦୟଶଙ୍କର ଅଭିନେତା ହିସାବରେ ବହୁତ ପଛରେ ପଡ଼ିଛନ୍ତି। ତାଙ୍କର ମୁଖର ଭଙ୍ଗୀ ଓ ଭାବ ନିହାତି ଅପ୍ରାକୃତିକ ହୋଇଛି। ଅମଳା ଦେବୀଙ୍କର ଉମା ଅଭିନୟକୁ ନିଶ୍ଚୟ ପ୍ରଶଂସା କରାଯିବ। ଚିତ୍ରଟିର ଅନ୍ୟ ପ୍ରାୟ ପ୍ରତ୍ୟେକ ଅଭିନୟ ଗୁଡ଼ିକ ଠିକ୍ ରଙ୍ଗମଞ୍ଚର ଅଭିନୟ ପରି ହୋଇଛି।

ସମ୍ପାଦନା—ଚିତ୍ରଟିରେ ଉଦୟଶଙ୍କର ସବୁ କିଛି ଦେଖାଇବାକୁ ଚେଷ୍ଟା କରିଛନ୍ତି। ଏଇ ଚେଷ୍ଟା କରିବାକୁ ଯାଇ ସେ ଦର୍ଶକଙ୍କୁ କୌଣସି ଅଂଶକୁ ପୁରା ଭାବରେ ଦେଖିବାକୁ ଦେଇ ନାହାନ୍ତି। ଏଥିପାଇଁ ସମୟେ ସମୟେ ଦେଖିବାର ଇଚ୍ଛା କମି ଯାଉଛି। ସମ୍ପାଦନା ସମୟରେ ଆଉ ଟିକିଏ ସାବଧାନ ହୋଇଥିଲେ ଭଲ ହୋଇଥାନ୍ତା। ବର୍ତ୍ତମାନ ମଧ୍ୟ ଏହାର ସମ୍ପାଦନ କରି ଅନେକ ଅଦରକାରୀ ଅଂଶ କାଢ଼ିଦେଲେ ଏହା ଆହୁରି ଆଦରର ଯୋଗ୍ୟ ହୋଇ ପାରିବ।

ଶବ୍ଦରେ ଟିକିଏ ତ୍ରୁଟି ଥିବା ଜଣା ପଡ଼ୁଛି ସମୟ ସମୟରେ ସ୍ୱରଗୁଡ଼ିକ ଥରି ଥରି ଶୁଭୁଛି। ଯାହାହେଉ ଏ ତ୍ରୁଟିଟା ଷ୍ଟୁଡ଼ିଓର ଅଟେ।

ଚିତ୍ରଟିର ଫଟୋଗ୍ରାଫୀ ବେଶ ଭଲ ହୋଇଛି। ଉଦୟଶଙ୍କର ନିଜେ ମଧ୍ୟ କେତୋଟି 'ସଟ୍' ନେଇ ନିଜର ବାହାଦୁରୀ ଦେଖାଇଛନ୍ତି।

ଭାଷା ଯଦିଓ ହିନ୍ଦୀ ତଥାପି ଅସମୟରେ ଗୋଟିଏ ଗୀତ ବଙ୍ଗଳାରେ ଯେ କାହିଁକି ବୋଲା ଯାଇଛି କିଛି ବୁଝି ହେଉନି। ଗୋଟିଏ ଦୃଶ୍ୟରେ କେତୋଟି ବଙ୍ଗଳା ଶବ୍ଦ ମଧ୍ୟ ପ୍ରୟୋଗ କରି ଯାଇଛି। ଅନ୍ୟ ଦୃଶ୍ୟରେ ପ୍ରାଦେଶିକତା ଭାବ ଦୂର କରିବାକୁ ଯାଇ ନିଜେ ପୁଣି ବଙ୍ଗାଳୀ ବୋଲି ଦେଖାଇ ନାହାନ୍ତି ତ? ସବୁଠାରୁ ବଡ଼ ଦୋଷ ହେଉଚି 'ଉଚ୍ଚାରଣ'। ବିଶେଷତଃ ଅମଳା ଦେବୀ ଓ ଉଦୟଶଙ୍କରଙ୍କର କଥା ବାର୍ତ୍ତାରୁ ପରିଷ୍କାର ଜଣା ପଡ଼ୁଛି ଯେ ସେମାନେ ଭଲଭାବେ ହିନ୍ଦୀ ଭାଷାକୁ ଉଚ୍ଚାରଣ କରି ପାରନ୍ତି ନାହିଁ।

'କଳ୍ପନା'ର ଦୃଶ୍ୟ ପଟ ଗୁଡ଼ିକ ଖୁବ୍ ଜାକ୍ ଜମକ୍‌ରେ ହୋଇଛି। ସାଜସଜ୍ଜା, ପୋଷାକ, ପରିଚ୍ଛଦ ଗୁଡ଼ିକ ମଧ୍ୟ ଖୁବ୍ ଉଚ୍ଚ ଧରଣର ପ୍ରଶଂସା ଯୋଗ୍ୟ ହୋଇଛି। ଚିତ୍ରଟି ରଙ୍ଗୀନ୍ କରି ଯାଇଥିଲେ ଏହା ନିଶ୍ଚୟ ପୃଥିବୀର ଅନ୍ୟତମ ଶ୍ରେଷ୍ଠ ଚିତ୍ର ହୋଇଥାନ୍ତା।

ଉଦୟଶଙ୍କର ଭାରତୀୟ ସିନେମା ଜଗତ ପାଇଁ 'କଳ୍ପନା'କୁ ଗୋଟିଏ ଆଦର୍ଶ ଦାନ ଦେଇଛନ୍ତି। କଳା ନିପୁଣତା ଦିଗରେ ଏହା ଭାରତୀୟ ଚିତ୍ରମାନଙ୍କ ମଧ୍ୟରେ ନିଶ୍ଚୟ ଉତ୍କୃଷ୍ଟ ହୋଇ ରହିବ କିନ୍ତୁ ଏହାକୁ ଭାରତୀୟ ନୃତ୍ୟ ସମଷ୍ଟିର ଚିତ୍ର ବୋଲି ଧରାଯାଇ ପାରିବ ନାହିଁ ଯେହେତୁ ବିଦେଶ ଖ୍ୟାତ ଓଡ଼ିଶୀକଳାର 'ଛଉନାଚ' ପରି ପ୍ରସିଦ୍ଧ ନୃତ୍ୟର ଭୂମିକା ସୁଦ୍ଧା ଏଥିରେ ନାହିଁ। ଉଦୟଶଙ୍କରଙ୍କର କଳ୍ପନାରେ ଯେତେ କ୍ଷୁଦ୍ର କ୍ଷୁଦ୍ର ତ୍ରୁଟି ଥିଲେ ସୁଦ୍ଧା ଏହା ଆନ୍ତର୍ଜାତିକ ଖ୍ୟାତି ପାଇବ, ଏହା ଆଶା।

—*—

Digitized by srujanika@gmail.com

# ମଣିମା ଶୁଣିବା ହେଉ

[ ୨୭ ବର୍ଷ ପୂର୍ବେ 'ଉଗର୍ଭରେ ଛୁଟୋପୋଇଥିବା 'ଲଟରେଦେନ ମିଥ୍ୟାର ଛନ୍ଦ ]

## ଯାହା ଯାଇଛି

ସେହି ନୀବଗଛ ତଳେ;
ଆଟକିଳି ପରି ଜଳ ସଢ଼ୁଥିଲି
ତମର କୁସୁମ କୋଳେ ।

ନବଗଛ ତଳ ରସିକ ଶେଖର—
ମଉଳି ମଣିକୁ ପାଇ,
ମାନସିଂହଙ୍କର ସତ୍କାରକୁ ଗୋ
ଜନ୍ଦୁଥିଲି ଈର୍ଷା ବହି ।

କଲେଜ ବାଗେ ମୋ ନଦେଇ ଗୋ ପ୍ରିୟ !
ତମେ, ବର୍ଷୀଫୁଲ ମାଲେ,
ବଣୀହାଟ ଛଳୁ କିଣିଆଣି ଯେବେ
ପିନ୍ଧାଇ ଥିଲ ମୋ ଗଳେ ।

ଶ୍ରୀମୁଖରୁ ତବ ଭସି ଆସୁଥିଲା
"ପାଉଡର୍ ସୋପ"ର ଗନ୍ଧ,
ଅଦି ଟଙ୍କାବାଲୁ "ଗୋଲଡ୍ ଏସେନ୍ସ"
ବାସୁଥିଲା ମୃଦୁ ମନ୍ଦ ।

ସେହି ବନ-କୁଞ୍ଜ ତଳେ
ଯାଜକମା ହୋଇ ବାଡ଼ ଧରିଥିଲି
ତମର କୁକୁର ତଳେ ।

ସତେ ପ୍ରିୟ ଆଜି ଭୁଲି ପାରିବ ମୁଁ
ସେଦିନ ଅତୀତ ସ୍ମୃତି,
ମନେପଡ଼େ ଯେବେ ହୃଦ ଭରି ଖାଲି
ଦିନ ରାତି ଯାଏ କଟି ।

(ହାଟ) ହୋଟେଲ୍ ନିତେ ହେଲେ—
'ଷେନ୍‌ହ୍ୱଚ୍' ଯେବେ ଆଣିଥିଲି ମୋର
ଗର୍ଭିଣୀ ହୃଦୟ ତଳେ ।
କଦାମ୍ବ କାଳୀନ କଥା ଯେବେ ଆଜି
ମନେ ପଡ଼ିଯାଏ ସଖା,
ଛାତି ଫାଟିଯାଏ ଝରେଣି ଦୁଃଅରି
ପାଏ ମୁଁ ଦାରୁଣ ବ୍ୟଥା ।

'ଫର୍ଗେଟ୍-ମି-ନଟ୍' ବାନ୍ଧିଦେଇ ଯେବେ
ଚୁଲି ଯାଅ ନୈତ୍ୟ ପର—
'ମିନ୍ ହନ୍ଦର୍—' ନାଇଟ୍‌ଟା ମୁହିଁ
ବିତାଏ ଏକାକୀ ମନ ।

—*—

## ଯାହା ଆସିବ

ଅମ୍ଭ ବନ୍ଧୁଳାର ଦାସ ଚହଟାଇ
ଆସିବ ଫଗୁଣ ସଞ୍ଜ,
ହସି ଉଠିବ ଗୋ · ଫୁଲଅ ଦୁଆରେ
ଅମର ସେ ଗବ କୁଞ୍ଜ ।

ଜାଲ ଜଫ୍ରାଣାର ଗୋଲାପୀ ପ୍ୟାଡରେ
ଲେଖିବ ପ୍ରେମ ଚିଠାଉ,
ଯା ଦେଖି କଲେଜ · ସାଥୀଏ ତମର
ହେବେ ଖାଲି ହାଉ ପାଉ ।

ଆସିବ ଗୋ ଯେବେ ପ୍ରିୟ
ଆଣିବ ମୋ ପାଇଁ ବେନାରସି ଶାଢ଼ୀ
ଟଙ୍କା ହୁଏ ଅଥୟ ।
'ତମେ ଆଉ ମୁଁ··· ମୁଁ ଆଉ ତୁମେ'
"କେଇଡ଼େ ନାଇସ୍ ରୋମାନ୍ସ,
କଠକରୁ ଛାଡି ଟ୍ରେନ୍‌ରେ ଯିବା
ବମ୍ବେ, କଲ୍‌କତା ଦେଶ ।

'ଗ୍ରାଣ୍ଡ ହୋଟେଲ'ରେ ଖାଇ,
ମେଟ୍ରୋ ସିନେମାର ବକ୍‌ସ ସିଟ୍‌ରେ
ବସିବା ପେୟାର ହୋଇ ।
"ମାଇଣ୍ଡ" କରିବ ନାହିଁ,
'ମଡ଼ାର୍ଣ' ପ୍ରିୟା ମୁଁ ଲଜ୍ଜା ନାହିଁ ମୋର
ସବୁ ଖୋଲି ଦେଲି କହି ।

'ଅଲ୍ ଇଣ୍ଡିଆ ଟୁର୍' ଯେବେ ହେବ ସୁର୍
ପ୍ରାଣ ହେବ ପୁଲକିତ,
ଟଙ୍କା ଜୀବନର ଟ୍ରାଜେଡ଼ି କାହାଣୀ
ଛାଏଁ ହେବ ଅସ୍ତମିତ ।

ସେଦେବେଳ ଯିବା "କମ୍ଫର୍ଟ" ହୋଇବ
ଆମର ପ୍ରେମ ଜୀବନ,
'ଲଭ୍' ବାଇକରୁ ଫେରି ଆସି ଦୁହେଁ
'ମ୍ୟାରେଜ'ରେ ଦେବା ମନ ।

ଏତିକି ମୋର ମାଗୁଣି—
ଶୁଣ ଅହେ ପ୍ରିୟ- ପ୍ରେମିକ-ପ୍ରବର-
ରସିକ-ମଉଡ଼-ମଣି ।

ଲେଖକ:—ଶ୍ରୀ ନରେନ୍ଦ୍ର ନାଥ ସାମଲ

—*—

Digitized by srujanika@gmail.com

# ଡ଼ଃ ଷଃ ଙ୍କ ଭାଷା

(ଡ଼ଃ ଷଃ ବର୍ମାର କ୍ଷମତାଚ୍ୟୁତ ପ୍ରଧାନ ମନ୍ତ୍ରୀ —ମୃତ୍ୟୁଦଣ୍ଡ ଦଣ୍ଡିତ ଉଃ ନୁ ହୁନ୍ତି କିମ୍ବା ସଂସ୍କୃତ ଭାଷା ଧାତୁର ପୁଂଲିଙ୍ଗ ରୂପ ନୁହେଁ —ଏ ବିଶେଷ ବ୍ୟକ୍ତିଙ୍କ ପରିଚୟ ସମ୍ବନ୍ଧ ସମୟରେ ଉଚିତ ସ୍ଥାନରେ ଆପଣମାନେ ବନ୍ଧୁର ସହିତ ପାଠକେ—ସଃ ଡଃ)

## ମଙ୍କି ଆସେମ୍ବ୍ଲି

ଆଜିକାଲି ଖବର କାଗଜ ମାନଙ୍କରେ ସ୍କୁଲ କଲେଜ ପିଲାଏ 'ମକ୍' ଆସେମ୍ବ୍ଲି କରୁଛନ୍ତି । ଆପଣମାନେ ଶୁଣୁଥିବେ । ଏ ବାନର ସେନାଙ୍କ ଅନୁକରଣର ମୂଳ ଉଦ୍ଦେଶ୍ୟ ଯେଉଁ ବ୍ୟବସ୍ଥା ସଭା, ତାକୁ କି ଅସେମ୍ବ୍ଲି ବୋଲାଯିବ ତାହା ବହୁ ବିଚାର ପରେ ଆମ୍ଭେ ସ୍ଥିର କଲୁଁ—ଯେ—ତାହାକୁ ମଙ୍କି ( monkey ) ଅସେମ୍ବ୍ଲି ବୋଲାଯାଉ । ଏହାର କାରଣ ଅନେକ । ପ୍ରଥମରେ ଲୋକେ ମାଙ୍କଡ଼ ନହେଲେ ପିଲାଏ ମର୍କଟତ୍ୱ କରି ପାରନ୍ତେ ନାହିଁ କିମ୍ବା ମକ୍ ଏସେମ୍ବ୍ଲି କରନ୍ତେ ନାହିଁ । ଦ୍ୱିତୀୟରେ ଏମାନେ କଲୋନ୍ନାହିଁ ବାନର ବଡ଼ ଅନେକ ଅଭ୍ୟାସମାନଙ୍କ ବ୍ୟବହାର କରନ୍ତି । ତୃତୀୟରେ ଏମାନଙ୍କର ମୁହଁ ଓ ଶରୀରର ରଙ୍ଗ ବଦଳି—କଥା ଓ କାର୍ଯ୍ୟ ବଦଳ । ଚତୁର୍ଥରେ ଏମାନଙ୍କ ଭିତରେ ଯେ ଅନନ୍ତା, ବିରୋଧ ପାଟିଲମାନେ ସେ ଖେଁ ଖେଁ ହୋଇ ଗୋଡ଼ାନ୍ତି—ଯୁକ୍ତ ଯୁକ୍ତାକୁ ଗୋଡ଼ ମୁହଁରେ ବୋଲଦେଉ । ପଞ୍ଚମରେ ଏମାନେ ପରବାଡ଼ରେ ପଶି ଫଳାହାର କରନ୍ତି—ଶୁଦ୍ଧ ନିରାମିଷ ଭୋଜନ । ଷଷ୍ଠରେ ମାଙ୍କଡ଼ ଯେପରି ପାଣିରେ ନିଜମୁହଁ ଦେଖି ଝଗଡ଼ା କରେ ସେହିପରି ଏମାନଙ୍କର ଆପଣାକୁ ଝଗଡ଼ା ହେବାର ବଡ଼ିଲ ମନୋବୃତ୍ତି develop କରେ । ସପ୍ତମରେ ଗତ ବୈଠକ ପ୍ରମାଣ କରିଛି ଯେ ଏମାନଙ୍କର ପ୍ରତିଦ୍ୱନ୍ଦ୍ୱତା ମାଙ୍କଡ଼ଙ୍କ ସହିତ । ଏବଂ ମାଙ୍କଡ଼ ସଂପର୍କରେ ଏଠାରେ ଆଲୋଚନା ଚାଲେ ।

ଜଣେ ସଭ୍ୟା ଅର୍ଥାତ୍ ସ୍ତ୍ରୀ ଜାତିର ସଭ୍ୟ ବଡ଼ ଉଦ୍‌ବେଗର ସହିତ ବଜେଟର ସମାଲୋଚନା କରି କହିଲେ—"ଆଜିକାଲି ଏ ଗଣତନ୍ତ୍ର ଯୁଗରେ ଲୋକପ୍ରିୟ ମନ୍ତ୍ରୀମଣ୍ଡଳ ଶାସନରେ ସ୍ତ୍ରୀ ଓ ପୁରୁଷ ପ୍ରତି ଯେପରି ପକ୍ଷପାତ ବିଚାର କରାଯାଉଛି ତାହା ଅସହ୍ୟ ।"

ଚାରିଆଡ଼ୁ ଉଦ୍‌ବେଗ ପ୍ରକାଶ ପାଇଲା । ସଭ୍ୟା ମହୋଦୟା କହିବାକୁ ଲାଗିଲେ—"ଆମ ସରକାର ଅମଳରେ ଗୋଟିଏ ସ୍ତ୍ରୀ ମାଙ୍କଡ଼ ମାରିଲେ ପଚିଶଟଙ୍କା ଓ ଗୋଟିଏ ପୁରୁଷ ମାଙ୍କଡ଼ ମାରିଲେ ପନ୍ଦରଟଙ୍କା ଦିଆଯାଉଛି । ଏ ପକ୍ଷପାତ ବିଚାର କାହିଁକି ? ଏ ଯୁଗରେ ସ୍ତ୍ରୀ ପୁରୁଷ ମାନଙ୍କର ସମାନ ଦାବୀ । ପୁରୁଷ ମାଙ୍କଡ଼ଙ୍କ ଦାମ କାହିଁକି କମ ହେବ ? ଗୋଟିଏ ଗୋଟିଏ ପୁରୁଷ ମାଙ୍କଡ଼ ଏ ସରକାର ରାଜତ୍ୱରେ ଦଶଟି ସ୍ତ୍ରୀ ମାଙ୍କଡ଼ଙ୍କୁ ଧରି ବୁଲୁଛନ୍ତି—ଖାଲି ବୁଲିଲେ ଥିଲେ ତ କଥା ନଥିଲା—ମାଙ୍କଡ଼ ବଂଶ ବୃଦ୍ଧି କରିବାରେ ଲାଗିଛନ୍ତି ।"

ପୁରୁଷ ସଭ୍ୟ ମହଲରେ ଚାଞ୍ଚଲ୍ୟ ଦେଖାଗଲା । ଜଣେ କହିଲେ—ତେବେ ଅଜ୍ଞାନାନ୍ତ ତ ସବୁ କଥାରେ ହେଉଛି—ଅଜ୍ଞାନାନ୍ତ କରି ଜଣେ ପୁରୁଷ ମାଙ୍କଡ଼ର ବହୁ ସ୍ତ୍ରୀ ବିବାହ ପ୍ରଥା ଲୋପ କରାଯାଉ ।

ଅନ୍ୟଜଣେ କହିଲେ—ଗୋଟିଏ ପୁରୁଷ ମାଙ୍କଡ଼ ଯଦି ଦଶ ସ୍ତ୍ରୀ ମାଙ୍କଡ଼ୀଙ୍କୁ ସମ୍ଭାଳି ପାରୁଛି, ତେବେ ତ ସେଥିପାଇଁ ବାହାଦୁରି ଏବଂ ସରକାର ସମ୍ଭବତଃ ସେହି କାରଣରୁ ପୁରୁଷ ମାଙ୍କଡ଼ଙ୍କ ମୂଲ୍ୟ କମ ଧରିଛନ୍ତି ।

ଅନ୍ୟଜଣେ କହିଲେ—ସଭ୍ୟା ଏହାଦ୍ୱାରା କାହାକୁ ନିନ୍ଦା ଓ କାହାକୁ ପ୍ରଶଂସା କରୁଛନ୍ତି —ସ୍ତ୍ରୀ ମାଙ୍କଡ଼ଙ୍କୁ ନା ପାଗ୍ଳା ପୁରୁଷ ମାଙ୍କଡ଼ଙ୍କୁ ?

ଅନ୍ୟଜଣେ କହିଲେ—ସଭ୍ୟା ପୁରୁଷଙ୍କୁ ହିଂସା କରି ପ୍ରତିଶୋଧ ନେବାକୁ ଚାହାନ୍ତି କାହାକି ?

ସଂପାଦକ ମହୋଦୟ, କେବଳ ଏହି ମାଙ୍କଡ଼ ଆଲୋଚନା ପାଇଁ ଉଚିତ ବ୍ୟବସ୍ଥା ସଭାକୁ 'ମଙ୍କି ସଭା' କହନ୍ତି ନାହିଁ । ଏହାର ଆଲୋଚନାରୁ ଏକାଠି କରାଗଲେ ଭିନ୍ନ ଉପାଦାନ ମାଲ ମସଲା ମିଳିବ ।

ଉଦାହରଣ ସ୍ୱରୂପ ଦିନକରେ ଜଣେ ସଭ୍ୟ ଏକ ଓଜସ୍ୱିନୀ ଓ ଗୁରୁତ୍ୱ ପୂର୍ଣ୍ଣ ଭାଷଣ ଦେଇ, ମଞ୍ଚ ପ୍ରକମ୍ପିତ କରି ମୁଷ୍ଟି ବନ୍ଧକରି ଚିତ୍କାର କରି କହିଲେ—"ସରକାରଙ୍କର ଏ ଅବହେଳାର ମାତ୍ରା ସହ୍ୟ କରିବାର ସୀମା ଅତିକ୍ରମ କରିଯାଉଛି । ଆପଣ ମାନେ ଶୁଣି ଆଶ୍ଚର୍ଯ୍ୟ ହେବେ ଏବଂ ସହଜରେ ବିଶ୍ୱାସ କରି ପାରିବେ ନାହିଁ ଯେ ଏ ସରକାର ଥାଉ ଥାଉଁ ଆମ ଗାଁରେ ଜଣେ ଲୋକକୁ ସାପ କାମୁଡ଼ିଛି । ମୁଁ ଏଥିପ୍ରତି ସରକାରଙ୍କର ତୀବ୍ର ଦୃଷ୍ଟି ଆକର୍ଷଣ କରୁଛି ।"

ଅବଶ୍ୟ ସଭ୍ୟଙ୍କର ଏ ଉକ୍ତିରେ ପ୍ରଥମେ ସଭ୍ୟ ଆସନରୁ ତାଳି ଉଠିଲା । ତାର କାରଣ ପ୍ରଥମେ ସଭ୍ୟଙ୍କର ମାନ୍ତ୍ରିତା ଓ ଦ୍ୱିତୀୟତଃ ମୋହମାରେ କିମ୍ବା ସାପ କାମୁଡ଼େ ମାନ ସାପୁଣୀ ବା ନାଗୁଣୀ କାମୁଡ଼ି ନାହିଁ— ଏଥି ଗୌରବରେ ମଧ୍ୟ ହୋଇପାରେ ।

ଅଉ ଜଣେ ବରିଷ୍ଠ ସଭ୍ୟ— ଗାନ୍ଧୀଙ୍କର ବରିଷ୍ଠ ବଡ଼ା ବୋଲାଉଥିବା— ଗାନ୍ଧୀଙ୍କ ମୁକ୍ତି-ଧାରା—କଳେ ପୁଷ୍ଟି କରି କହିଲେ—ବଜେଟ ଫଜେଟ ମୁଁ ଦେଖିନାହିଁ କି ପଢ଼ିନାହିଁ— କିମ୍ବା ଶୁଣିନାହିଁ । ନୟନ ବଚନେ ମନ ଓ କର୍ଣ୍ଣରେ ଭିନ୍ନ ଦୂରରେ, ବହୁ ଉପରେ ଏ ବଜେଟ, ସେ କେବଳ ଉପଲବ୍ଧିର ବିଷୟ । ତାକୁ ଆକାରରେ ଦେଖିବା ବା ପଢ଼ିବା ଦରକାର ନାହିଁ—ସେ ନିରାକାର ବ୍ରହ୍ମ— ସର୍ବବ୍ୟାପୀ । ଓଃ ଏମିତ ଭଲ, ଏତେ ଭଲ, ଅତି ଭଲ ବଜେଟ ଆଉ ନଥିବ ମହାତ୍ମାଜୀ ଗଲେ । ଭାରତବର୍ଷରେ ଏମିତ ବଜେଟ ହୋଇ ନଥିଲା । ବଜେଟ ତ ଭଲ ହୋଇଛି— ମୋର ପଢ଼ିବା ଦରକାର କଣ ?

ସଭ୍ୟଙ୍କ ବକ୍ତୃତାରୁ ବେଶ ଜଣା ଯାଉଛି ଯେ ହନୁମାନ ଯେପରି ରାମ ଭକ୍ତଥିଲେ ଏ ମହାଶୟ ସେହିପରି ଅର୍ଥମନ୍ତ୍ରୀ ଭକ୍ତ । ରାମ ନାମରେ ଯେପରି ହନୁମାନଙ୍କର ବିଶ୍ୱାସ ଥିଲା ମହାଶୟଙ୍କର ମଧ୍ୟ ସେପରି ବିଶ୍ୱାସ । ତେଣୁ ସହଜେ ଏ ଅସେମ୍ବ୍ଲି ହନୁମାନ ବା Monkey Assembly.

ଡଃ ଷଃ ର ଅନୁରୋଧ ଅନୁସାରେ ଅସେମ୍ବ୍ଲି ବୈଠକରେ ନିମ୍ନଲିଖିତ ବିଷୟର ଆଲୋଚନା ଚାଲିବ—

୧ । ସଭ୍ୟ ପକ୍ଷରୁ— ଆମ ଘରେ ମୋ ସ୍ତ୍ରୀ ସହିତ ସବୁଦିନେ କଳି ଲାଗୁଛି—ସରକାରଙ୍କ ହସ୍ତକ୍ଷେପ ଲୋଡ଼ା ।

୨ । ସଭ୍ୟା ପକ୍ଷରୁ—ଖାଦ୍ୟ ଅଭାବ ସତ୍ତ୍ୱେ ଘରେ ଜନସଂଖ୍ୟା ବୃଦ୍ଧି ପାଉଛି । ପୁଣି ପୁଅ ଅପେକ୍ଷା ଝିଅ ବେଶି ଦେଖାଯାଉଛି । ସରକାର ପ୍ରତିବିଧାନ କରନ୍ତୁ ।

୩ । ସଭ୍ୟ ପକ୍ଷରୁ—ମୋ ବାଡ଼ରୁ ବୋଇତାଳୁ କଖାରୁ ଚୋରି—ଅଧାଳଏ କାଠ ପ୍ରସ୍ତାବ କରୁଛି ପୁଲିସ ବିଭାଗରେ ।

୪ । ସଭ୍ୟା ପକ୍ଷରୁ— ଯେଉଁ ଶାଢ଼ୀଟା ମୋତେ ସେ କିଣିଦେବାକୁ କହିଥିଲେ ତାହା ଦେଇ ନାହାନ୍ତି । ଆସ ବଜେଟରେ ପ୍ରଭଞ୍ଜନ ରହୁ । ଇତ୍ୟାଦି ।

—*—

ଡଃ ଷଃ ଙ୍କ ପରବର୍ତ୍ତୀ ଆକର୍ଷଣ—ଗଣତନ୍ତ୍ର ଶାସନ

Digitized by srujanika@gmail.com



## ଉଦ୍ଦେଶ୍ୟ

୧। ବାଳକର କୋମଳ ପ୍ରାଣରେ ସଦାଚରଣ ଶିଖିବା, ଜ୍ଞାନର ପିପାସା ବଢ଼ାଇବା ଦେଶ ଜାତିର ସେବା ଓ ସର୍ବାଙ୍ଗୀଣ ଉନ୍ନତି ସାଧନା କରିବା। ୨। 'ଡମରୁ'ର ମାଧ୍ୟମରେ ଦେଶବିଦେଶର ଛାତ୍ର ଛାତ୍ରୀମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ସାହସ ଓ ଅହିଂସା ମାଧ୍ୟମରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

(୧୮ ବର୍ଷରୁ କମ୍ ବୟସର ବାଳକ ବାଳିକାମାନଙ୍କ ପାଇଁ)

ସ୍ନେହର ନାତି ନାତୁଣୀମାନେ,

ଗତ ସଂଖ୍ୟାରେ ତୁମ ସଂଖ୍ୟା ୧୦୦୦ ପୂର୍ଣ୍ଣ ହେଲା। ମାତ୍ର ସାଢ଼େ ଦଶବର୍ଷ ଭିତରେ ହଜାରେ ନାତି ହେବା ଅଜାଙ୍କ ପକ୍ଷରେ ଏଡ଼େ କିଛି ଗୌରବର କଥା ନୁହେଁ। ଆଜି ମୁଁ ବୁଝୁଛି ଯେ ମୋର ଆକର୍ଷଣ କରିବାର ଶକ୍ତି ନାହିଁ ବୋଲି—ନାତି ସଂଘ ସତ୍ୟ ସେବା ଓ ସାହସ ପରି ତିନୋଟି ବଡ଼ ଧର୍ମ ଉପରେ ଠିଆ ହୋଇ ମଧ୍ୟ ବଳଶାଳୀ ନୁହେଁ। ଭଗବାନ ଆମ ସମସ୍ତଙ୍କୁ ଏ ପଥରେ ଚାଲିବାକୁ ଶକ୍ତି ଦିଅନ୍ତୁ। ଯେଉଁ ଗାନ୍ଧିଜୀଙ୍କର ଆଦର୍ଶକୁ ନାତି ସଂଘର ବୀଜ ମନ୍ତ୍ର କରାଯାଇ ଥିଲା ତାଙ୍କର ଅମର ଆତ୍ମାର ଆଶିଷ ଆମକୁ ଅଭି-ଷିକ୍ତ କରଉ।

ନାତି ଭାଇ ଭଉଣୀମାନେ—ଆଜି ମୋର ନାତି ନାତୁଣୀଙ୍କୁ ଶରଧାରେ ଭାଇ ବୋଲି ଡାକିବାକୁ ମନ ହେଉଛି—ଗୋଟିଏ କଥା କହିବା ପାଇଁ ମୋତେ ଡର ଲାଗୁଛି ଯେତିକି ଗାନ୍ଧିଜୀଙ୍କ ପରଲୋକ କଥା ମନେ ପଡ଼ିଲେ ଛାତି ସାହସ ବି ହେଉଛି ସେତିକି। ନାତି ନାତୁଣୀମାନେ—ସମସ୍ତେ ଗାନ୍ଧିଜୀଙ୍କୁ ହରାଇ କାନ୍ଦୁଛ—କିନ୍ତୁ ତାଙ୍କୁ ବଞ୍ଚାଇବା ପାଇଁ—ତାଙ୍କ ସ୍ମୃତିକୁ ସ୍ଥାୟୀ କରିବା ପାଇଁ କେହି କେବେ ଭାବିଛ କି? ମୁଁ ଆଜି ତୁମକୁ ଗୋଟିଏ କଥା କହିବି। ସେଇଥିରେ ଏକା ଗାନ୍ଧି ସ୍ମୃତି ଅମର ହୋଇ ପାରିବ। କରିବ? ଗାନ୍ଧିଜୀଙ୍କୁ ବଞ୍ଚେଇବା ପାଇଁ ମୋତେ ତୁମର ୨୪ ଘଣ୍ଟା ସମୟରୁ ୧୫ ମିନିଟ ଦେଇ ପାରିବ? ତୁମର ପ୍ରାର୍ଥନା ପରେ ଏକାମନ୍ତ ହୋଇ ସବୁଦିନେ କରିବାକୁ--ହେବ—କେବଳ ଗାନ୍ଧିଜୀଙ୍କ ପାଇଁ।

ମୁଁ ନିବେଦନ କରୁଛି, ତୁମେ ସମସ୍ତେ ପ୍ରତ୍ୟହ ୧୫ମିନିଟ ସୂତାକାଟ। ଗାନ୍ଧିଜୀଙ୍କ ଅନ୍ତର୍ଧାନ ପରେ ପରେ ତାଙ୍କ ଆଦର୍ଶକୁ ମାରିବା ପାଇଁ ଚାରିଆଡ଼େ ପ୍ରବଳ ଉଦ୍ୟମ ଚାଲିଛି। ଓଡ଼ିଶାରେ ମଧ୍ୟ ଗାନ୍ଧିଜୀ ଚିତା ବିସର୍ଜନ ପରେ ପରେ ... ଗାନ୍ଧି ଭିତ୍ତି। ଗାନ୍ଧିଜୀଙ୍କ ଚର୍ଖା ମରନ୍ତୁ—ବୁଢ଼ାଙ୍କ ପ୍ରମାଣିତ ହୋଇଥିବା ବିଚିତ୍ର ନୁହେଁ। ବିଶେଷତଃ ଗାନ୍ଧୀଙ୍କ ଲୋକ ବୋଲାଉଥିବା ସରକାର ଓ ମନ୍ତ୍ରୀମାନେ ଯେତେବେଳେ ଚର୍ଖାର ପ୍ରମୁଖ କରି ଭୁଲିବେ ସେତେବେଳେ ଗାନ୍ଧିର ଚରଖାକୁ ବଞ୍ଚାଇବ କିଏ? ତୁମେ ନାତି ଭାଇମାନେ ପାରିବ? ଯେଉଁମାନେ ପଣ କରି ସୂତା କାଟିବ ସେମାନଙ୍କ ନାମ ମୋ ପାଖକୁ ପଠାଅ।

ନାତି ସମ୍ମେଳନୀ ମଧ୍ୟ ହେବ। ମୁଁ ତ ଅଥର୍ବ ଲୋକ। ଡମରୁ ସମ୍ପାଦକଙ୍କୁ ତୁମ ପାଖକୁ ପଠାଇବି। ଯେଉଁଠି ଶହେ ଜଣ ନାତି ଏକତ୍ର ହୋଇ ସୂତା କାଟିବାର ପଣ ନେବେ ସେଠିକି ସମ୍ପାଦକେ ଯିବେ ଓ ସେମାନଙ୍କୁ ଉତ୍ସାହ ଦେଇ ଆସିବେ। ସୂତାକଟା ପ୍ରଚାରପାଇଁ ନାତିଛାତ୍ର ଓ ଅନାତି ଛାତ୍ରମାନେ ଗୋଟିଏ ଗୋଟିଏ ଚକ୍ରମଣ୍ଡଳ ଗଢ଼। ତାର ଲକ୍ଷ୍ୟ ମଧ୍ୟ ଏଇ ସତ୍ୟ ସାହସ ଓ ସେବା ହେଉ। ମୁଁ ସମ୍ପାଦକଙ୍କୁ ପଠାଇବି—ଜବାବ ଦେଉଛି।

ତୁମର
ଅଜା

## ନୂଆ ନାତିଙ୍କ ନାମ

୧୦୦୧ କୁଞ୍ଜବିହାରୀ ପ୍ରଧାନ ପୋଃ ଗୁରୁବାହାଲ ଜିଃ ବଲାଙ୍ଗିର ପାଟଣା। ୧୦୦୨ ଗିରୀଶ ଚନ୍ଦ୍ର ଦାସ ଗ୍ରାଃ ପୋଃ ନନ୍ଦନ କଟକ। ୧୦୦୩ ରବୀନ୍ଦ୍ରନାଥ ପଟ୍ଟନାଏକ ରାଇରଙ୍ଗପୁର ଉଃ ଇଃ ବିଦ୍ୟାଳୟ ୮ମ ଶ୍ରେଣୀ ଛାତ୍ର ପୋଃ ରାଇରଙ୍ଗପୁର। ୧୦୦୪ ରତ୍ନାକର ଆଚାର୍ଯ୍ୟ ବାଲେଶ୍ୱର ଜିଲା ସ୍କୁଲ ୮ମଶ୍ରେଣୀ ଛାତ୍ର ପୋଃ ଜିଃ ବାଲେଶ୍ୱର। ୧୦୦୫ ବୃନ୍ଦାବନ ପଟ୍ଟନାଏକ ୧୦ମ ଶ୍ରେଣୀ ବୋର୍ଡ଼ ହାଇସ୍କୁଲ ପୋଃ ଜୟପୁର କୋରାପୁଟ। ୧୦୦୬ ଚନ୍ଦ୍ରଶେଖର ସାହୁ ୮ମ ଶ୍ରେଣୀ ବୋର୍ଡ଼ ହାଇସ୍କୁଲ ପୋଃ ଜୟପୁର କୋରାପୁଟ। ୧୦୦୭ ବନମାଳୀ ପାଣିଗ୍ରାହୀ ବଲାଙ୍ଗିର କଲେଜ ପୋଃ ବଲାଙ୍ଗିର ଜିଃ ପାଟଣା (ଓଡ଼ିଶା) ୧୦୦୮ ମୁରଲୀଧର ସାହୁ ନଂ ୫୫ ବେଣ୍ଟିଙ୍କ ଷ୍ଟ୍ରିଟ କଲିକତା। ୧୦୦୯ ଅମର ପ୍ରସାଦ ଦାସ ମୁସଲିମ ସେମିନେରୀ କଟକ Cl. IX B ୧୦୧୦ ତାରାପଦ ନନ୍ଦ ୧୦ମ ଶ୍ରେଣୀ ଉଚ୍ଚ ଇଃ ବିଦ୍ୟାଳୟ ପୋଃ ସରାଇକେଲା ଜିଃ ସରାଇକେଲା। ୧୦୧୧ ଦିଲୀପକୁମାର ପଟ୍ଟନାୟକ ୧୦ମ ଶ୍ରେଣୀ ଉଃ ଇଃ ବିଦ୍ୟାଳୟ ପୋଃ ସରାଇକେଲା (ସ୍ଥାୟୀ)। ୧୦୧୨ ଭବାନୀଶଙ୍କର ମୁଣ୍ଡ ବ୍ରଜମୋହନ ହାଇସ୍କୁଲ ୧୦ମ ଶ୍ରେଣୀ କଳାହାଣ୍ଡି। ୧୦୧୩ ଗୋପାଳ ପ୍ରସାଦନାଥ ଶର୍ମା C/o ପିତାମ୍ବର ନାଥ ଶର୍ମା ଗ୍ରାଃ ପୋଃ ଇନ୍ଦ୍ରପୁର ଜିଃ କଟକ। (ସ୍ଥାୟୀ) ୧୦୧୪ ମନ୍ମଥ ପାଣିଗ୍ରାହୀ **Asst Teacher Board High School Jeypore Dt. Koraput**।

—*—

## ନାତିବର୍ଗ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ। ମୋର ବୟସ ୧୮ ବର୍ଷରୁ କମ୍। ମୋର ଜନ୍ମ—ତା । । ମସିହା ମୁଁ ସତ୍ୟ ସାହସ ଓ ସେବା ବ୍ରତ ପାଳନ କରିବାକୁ ଯତ୍ନ କରିବି। ଦୟାକରି ନାତିବର୍ଗ ଦଳରେ ମୋ ନାମ ଲେଖାଇ ଦେବେ। ମୁଁ ଏଥିସହ ବାର୍ଷିକ ଚାନ୍ଦା ୮୦/ / ସ୍ଥାୟୀ ଚାନ୍ଦା ୫୦୦ ର ଡାକଟିକଟ ପଠାଇଲି।

ତୁମ ସ୍ନେହର ନାତି/ନାତୁଣୀ

**ଠିକଣା** ____________________

ତାରିଖ ____________________

* ଏହି କୁପନର ନକଲ ସାଦା କାଗଜରେ କରି ପଠାଇଲେ ଚଳିବ।

Digitized by srujanika@gmail.com

# ଚିଠିପତ୍ର

ପ୍ରତି ସଂଖ୍ୟା 'ଡଗର' ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠିପତ୍ର'ରେ ପ୍ରକାଶ ପାଇବ। ଚିଠି ଗୁଡ଼ିକ ଯଥା ସମ୍ଭବ ସଂକ୍ଷିପ୍ତ ହେବା ଦରକାର। କୌଣସି ଚିଠିରେ ପ୍ରେରକଙ୍କ ନାମ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ। ଚିଠିକୁ ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିବ। କୌଣସି ବ୍ୟକ୍ତିଗତ ଆକ୍ଷେପ ସମାଲୋଚନାର ବସ୍ତୁ ହେବ ନାହିଁ। ସଂପାଦକ ମଣ୍ଡଳ ପତ୍ର ମତାମତ ପାଇଁ ଦାୟୀ ନୁହନ୍ତି।—ସମ୍ପାଦକ

## କଂଗ୍ରେସର ମୃତ୍ୟୁ ମାନେ ବାପୁଜୀର ମୃତ୍ୟୁ

ମାନନୀୟ 'ଡଗର'ର ସଂପାଦକ ମହୋଦୟ,

ନମସ୍ତେ !

ଗତ ମାର୍ଚ୍ଚ ତା ୧୫ରେ ପ୍ରକାଶିତ ଡଗର ସଂଖ୍ୟା ପଢ଼ିଲି। ସେଥିରେ ଆପଣ ଯେଉଁ ସବୁ ବିଷୟ ଆଲୋଚନା କରିଛନ୍ତି ତାହା କେତେକ ବାସ୍ତବ ଏବଂ ଅବାସ୍ତବର ସୀମା ସ୍ପର୍ଶ କରୁଛି। ସବୁଠାରୁ "କଂଗ୍ରେସ" ସମ୍ବନ୍ଧରେ ଯେଉଁ ମନ୍ତବ୍ୟ କରିଛନ୍ତି ତାହା ମୋହର ମନଃପୂତ ହେଲାନାହିଁ। ଏହି କଂଗ୍ରେସର ସମ୍ବନ୍ଧରେ କେ-କ ସମାଲୋଚନା ଅନେକ ଆଗରୁ ବାରମ୍ବାର ହୋଇ ଆସୁଅଛି ! ସେହି ଆଲୋଚନା ଗୁଡ଼ିକ ବାସ୍ତବିକ୍ ସମୟ ଉପଯୋଗୀ ହୋଇଥିଲା। କିନ୍ତୁ ଏହିବାର ଯେଉଁ ଆଲୋଚନା ହୋଇଛି ସେଥିରେ ମୁଁ ମନ୍ତବ୍ୟ ନକରି ରହି ପାରୁ ନାହିଁ। କାରଣ ସର୍ବଦା ଗୋଟାଏ ism କୁ ବା ମତବାଦକୁ ଅନ୍ଧ ଭାବରେ ଅନୁସରଣ କରି ଅନ୍ୟ ଦଳର ଗୋଟାଏ ଭଲ କାମକୁ ମଧ୍ୟ ନିନ୍ଦା କରାଯାଇ ନପାରେ। ତାହା ହେଲେ ମୁଁ କହିବାକୁ ବାଧ୍ୟ ହେବି ଏହା ସତ୍ୟର ଅକାଳ କବର। କିନ୍ତୁ ସତ୍ୟକୁ କବର ଦିଆ ଯାଇ ପାରେନା। ତେଣୁ ଏହା ବଳେ ବଳେ ଫୁଟି ଉଠେ। ଏପରି ଅନ୍ଧ ଅନୁସରଣ ବା ସୁବିଧାନୁଯାୟୀ ମତ ପ୍ରକାଶ ଅନ୍ୟ କାହା ପକ୍ଷରେ ସୁନ୍ଦର ହେଲେ ମଧ୍ୟ ସଂପାଦକଙ୍କ ପକ୍ଷରେ ସୁନ୍ଦର ନୁହେଁ। ତାହା ଯଦି ହୁଏ ତାହା ହେଲେ ମୁଁ କହିବି ଏହା ସଂପାଦକୀୟ ବ୍ୟଭିଚାର। ଆପଣ ଗାନ୍ଧୀଜୀଙ୍କର ଶେଷ ଦଲିଲ ସମ୍ବନ୍ଧରେ ଯେଉଁ ମନ୍ତବ୍ୟ କରିଛନ୍ତି ତାହାପଢ଼ି ମୋର ମନେ ହେଲା ଆପଣ ବୋଧହୁଏ ଦଲିଲଟା ସମ୍ପୂର୍ଣ୍ଣ ପଢ଼ି ନାହାନ୍ତି। କେବଳ ସୁବିଧା ବାଦ ମତ ପ୍ରକାଶ ପାଇଁ କେତେକ ଅଂଶ ଉଦ୍ଧୃତ କରିଛନ୍ତି।

ଏହା ସତ୍ୟ ଯେ ଗାନ୍ଧୀଜୀ କହିଥିଲେ, କଂଗ୍ରେସକୁ ନୂତନ ରୂପ ରେଖ ଦେଇ ଲୋକ ସେବାଦଳ ରୂପରେ ଠିଆ କରିବାକୁ, ଯାହାର ଆଦର୍ଶ ହେବ ସାମାଜିକ ଏବଂ ଅର୍ଥ ନୈତିକ ସ୍ୱାଧୀନତା। କିନ୍ତୁ କଂଗ୍ରେସକୁ ଭାଙ୍ଗି ଦେବାକୁ ଯେ ସେ କେଉଁଠାରେ କହିଥିଲେ ତାହାତ ସେ ଦଲିଲରେ ଥିବା ପରି ମନେ ମୋର ହୁଏନା। ବରଂ ଯେତେବେଳେ କେତେକ ନେତା ଏବଂ ପତ୍ର ପତ୍ରିକା କଂଗ୍ରେସର ବୃଥା ରଚନାରେ ମୁଖର ହୋଇ ଉଠିଥିଲେ ଏବଂ କଂଗ୍ରେସକୁ ଭାଙ୍ଗି ଦେବାକୁ ମଧ୍ୟ ମତ ପ୍ରକାଶ କରି ଥିଲେ ସେତେବେଳେ "ବାପୁଜୀ" ତୀବ୍ର ଭାବରେ ଏହାର ସମାଲୋଚନା କରି ଥିଲେ ଏବଂ କହିଥିଲେ "Congress cannot die it can die only with the Nation" କଂଗ୍ରେସ ମରି ପାରେନା, ଏହା ଯଦି ମରେ ତେବେ ଜାତି ସଙ୍ଗରେ ମରିବ। ଆଜି କଂଗ୍ରେସ ଯେ ନିଜ ଆଦର୍ଶ ପଥରୁ ବିଚ୍ୟୁତ ହୋଇ ଏକଚ୍ଛତ୍ର ବାଦ ଧରି କାମ କରୁଛି, ଏହା ସତ। ତେଣୁ ଏହାକୁ ଆଜି ମାତିବାର ପୂର୍ବରୁ ମଧ୍ୟ ଏହା ମନ୍ଦ। ଅବସ୍ଥାକୁ ଆସିଲାଣି। ତେଣୁ ଆଜି ଦରକାର ଏହା ମଧ୍ୟରେ ବିପ୍ଳବ। ଏହି କଂଗ୍ରେସ ମଧ୍ୟରୁ ପ୍ରତ୍ୟେକଟି ସୁବିଧା ବାଦୀ ଏବଂ ପ୍ରତ୍ୟେକଟି ଏକଚ୍ଛତ୍ର ବାଦୀ ଲୋକଙ୍କୁ ଧକ୍କା ମାରି ବାହାର କରି ଦେବାର ଆଜି ସବୁ ଠାରୁ ବେଶି ଦରକାର ହୋଇ ପଡ଼ିଛି। ତାହାହେଲେ ସେହି କଂଗ୍ରେସ, "ବାପୁଜୀର ପ୍ରାଣର କଂଗ୍ରେସ ପୁନର୍ବାର ସ୍ୱର୍ଗତଃ 'ବାପୁଜୀ' ଙ୍କର ଆଦର୍ଶ ଉଜ୍ଜ୍ୱଳ ହୋଇ ଉଠିବ। କିନ୍ତୁ କଂଗ୍ରେସକୁ ଭାଙ୍ଗି ଦେବାର ଅର୍ଥହେବ, ବାପୁଜୀଙ୍କର ମୃତ୍ୟୁ ସଙ୍ଗେ ସଙ୍ଗେ କଂଗ୍ରେସର ମଧ୍ୟ ମୃତ୍ୟୁ", ଯାହା ଚିନ୍ତା କଲେ ଦୁଃଖ ଆସେ। ଏହାର ସଂସ୍କାର ଆବଶ୍ୟକ କିନ୍ତୁ ଭାଙ୍ଗି ଦେଲେ ସଂସ୍କାର ହେବ ନାହିଁ। ଏହାର ମଧ୍ୟରେ ରହି ଏହାକୁ ସଂସ୍କାର କରିବାକୁ ପଡ଼ିବ। କାରଣ ତା ନ ହେଲେ ସେ ଯେ କୌଣସି ଦଳ ନାମରେ ଏହା ପ୍ରତିଷ୍ଠିତ ହେଲେ ମଧ୍ୟ, ଠିକ୍ ଏହି ଏକ 'କଥା' ବିଭିନ୍ନ ସମୟରେ ଏବଂ ବିଭିନ୍ନ ରୂପରେ ଏକ ଭାବରେ ଆସି ସମ୍ମୁଖରେ ଉପସ୍ଥିତ ହେବ। ତେଣୁ ଏହାକୁ ଭାଙ୍ଗିଦେଲେ କିମ୍ବା ଅନ୍ୟ ଦଳକୁ ଏହା ସ୍ଥାନରେ ଠିଆ କଲେ ରକ୍ଷା ନାହିଁ। ମୂଳକଥା ଦରକାର ସଂସ୍କାର। ତାହା କାମରେ ପରିଣତ କରିବେ ଏକମାତ୍ର ଜନ ସାଧାରଣ।

ଆଶାକରେ 'ପ୍ରଜାତନ୍ତ୍ର' ନାମରେ 'ରାଜତନ୍ତ୍ର' ବା 'ଏକତନ୍ତ୍ର' ବା 'ସ୍ୱୈରତନ୍ତ୍ର' କାଗଜ ପରି ସମୟ ଅନୁଯାୟୀ ସୁବିଧା ମତରେ ଲେଖିଯାଇ ଏହି ପତ୍ରିକା (ଡଗର)ର ଗୌରବ କ୍ଷୁଣ୍ଣ କରିବେ ନାହିଁ। କାରଣ ପ୍ରତ୍ୟେକ ଓଡ଼ିଆ ଏହାର ସତ୍ୟତା ଯୋଗୁ ଏହାକୁ ଆଦରର ସହିତ ଗ୍ରହଣ କରେ। ତେଣୁ ଏହାର ଯେଉଁ ଆଦର୍ଶ ଅର୍ଥାତ୍ ସତ୍ୟର ସେବା ତାହା ପ୍ରାଣ ପଣ ରଖିବା ଦରକାର।

ଶ୍ରୀ ନିତ୍ୟାନନ୍ଦ ମିଶ୍ର,

ବଙ୍ଗବାସୀ କଲେଜ,କଲିକତା

( ୧୫ ଫେବୃଆରୀ ଡଗରର ସମ୍ପାଦକୀୟ ସ୍ତମ୍ଭରେ ପଣ୍ଡିତ ନେହେରୁ ଯେଉଁ ମନ୍ତ-ବ୍ୟ ଦାନ କରିଥିଲେ ତାହା ସମ୍ପୂର୍ଣ୍ଣ ହୋଇ ପାରିନାହିଁ। କଂଗ୍ରେସର ଭାଙ୍ଗି ଦେବା ସମ୍ବନ୍ଧରେ ସଂପାଦକୀୟ ମତରୁ ଆମ୍ଭେମାନେ ପାଠକ ମାନଙ୍କ ଅବଗତାର୍ଥେ ପୁନରୁଦ୍ଧାର କରୁଛୁ— ÷ ÷

କଂଗ୍ରେସ ଅନୁଷ୍ଠାନର କେବଳ ଏକ ରାଜ-ନୈତିକ ଶାସନାଧିକାରୀ ଦଳରୂପେ ଗଢ଼ିବାର ସୁଯୋ-ଗକୁ ରକ୍ଷା କରି ତାକୁ ଭାଙ୍ଗି ଦିଆଯାଇ ପାରେ। ତାହା ସଂପୂର୍ଣ୍ଣ ଏକ ନୂତନ—ସେବକ ଦଳ ରୂପରେ ଏହି ଉଦ୍ଦେଶ୍ୟ ସାଧନ ପାଇଁ ... ପ୍ରଣୀତ ହେବ। + +" "ଲୋକସେବକ କଂଗ୍ରେସକୁ ଭାଙ୍ଗି ଲୋକ ସେବକ ଦଳ ଗଠନ 'କରିବା ଉଚିତ।". ସଂ: ସଂ:

## ହାଉଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

ବାତରକ୍ତ ସର୍ବାଙ୍ଗ ସ୍ଫୁଟନତା ଅଙ୍ଗୁଳିବ ବା ଅଂଶିକ ଫୁଲ ଏବଂ ହମା, ଶୋଥଯୁକ୍ତ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଅରୋଗୀର ଏହାହିଁ ଦର୍ପଣ ଯୋଗ୍ୟ ପ୍ରତିଷ୍ଠାନ ।

ନେତ୍ରରେ ଯେ କୌଣସି ସ୍ଥାନର ଧଳା ଦାଗ ଆଦି ଅତ୍ୟାଶ୍ଚର୍ଯ୍ୟ ଶୀଘ୍ରତା ଓ ବାହ୍ୟ ଔଷଧ ବ୍ୟବହାର ଦ୍ୱାରା ଅଳ୍ପଦିନ ମଧ୍ୟରେ ଆରୋଗ୍ୟ ପାଇଁ ଏକମାତ୍ର ସ୍ଥାନ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ଓ ପୁସ୍ତକ ନିଅନ୍ତୁ ।

**ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ** (H. K. K.)

୧୬ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୬ ନଂ ହ୍ୟାରିସନ ରୋଡ୍, କଲିକତା

---

**ଆଶ୍ଚର୍ଯ୍ୟ**

## ଭାଗ୍ୟ ଗଣନା!!

**ପ୍ରଶ୍ନ ପଠାଇବାର ପ୍ରୟୋଜନ ନାହିଁ ।**

କେବଳ ନିଜର ଇଷ୍ଟଦେବଙ୍କୁ ସ୍ମରଣ କରି ୧ ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା-ବିଜ୍ଞାନ ଚକ୍ରର ଦ୍ୱାରା ଆପଣଙ୍କର ଭୂତ ଭବିଷ୍ୟତ ଓ ବର୍ତ୍ତମାନ ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁଁ ।

ମାତ୍ର ଠ୦୵୮ ମନିଅର୍ଡ଼ର କରି ତତ୍ ସଂଲଗ୍ନ କୁପନରେ ମନୋନୀତ ସଂଖ୍ୟା ଗୋଟି ଓ ନିଜର ନାମ ଧାମ ପରିଷ୍କାର ଭାବେ ଲେଖି ପଠାନ୍ତୁ ।

**ଭୃଗୁସଂହିତା କାର୍ଯ୍ୟାଳୟ**
Box No. 21.
C/o ଡଗର
ପୋ: ଭଦ୍ରକ

---

## ପରାମର୍ଶ ନେଉନ୍ତୁ

**ଆଉ ଭୟର କାରଣ ନାହିଁ**

ମେହ, ଗର୍ମି, ଉପଦଂଶ ଇତ୍ୟାଦିରେ ବର୍ଷ ବର୍ଷ ଭୋଗୁଥିବା ସ୍ଥଳେ ଜୀବନକୁ ନଷ୍ଟ ନ କରି ରୋଗର ସମସ୍ତ ବିବରଣ ସହ **ଡାକ୍ତର ବି, ଦାସ** (ହୋମିଓପାଥ୍) ହିନ୍ଦ୍ୱାର, ବଣିଆପଡି, ମୂଷିଙ୍କ ସହିତ ପରାମର୍ଶ କରନ୍ତୁ ।

---

## ବାଗ୍-ବୋମା

ମଶା ଓ ଛାରପୋକ ମିନିଟିକ ଭିତରେ ମରିଯାନ୍ତି ।

ପ୍ରତିବୋତଲ ଟ ୧। ଭି: ପି: ଖର୍ଚ୍ଚ ଅଲଗା ।

**ସୁବାସିତ**

## ଏକ୍‌ସ-ଅଲ୍ ପାଉଡର

ଛଉ, ଯାଦୁ, ଏକଜିମା ଓ ସବୁ ପ୍ରକାର ଚର୍ମ ରୋଗର ଅବ୍ୟର୍ଥ ମହୌଷଧ । ଗ୍ୟାରେଣ୍ଟି ଦିଆଯାଏ । ପ୍ରତି ମୁଣ୍ଡିଆ ଠ୦।୵୮ । ପାଇକାରୀ ବିକ୍ରି ପାଇଁ ନମୁନା ମଗାନ୍ତୁ ।

Footman. Post Box. 10815. Calcutta.—9.

---

**ବିଜ୍ଞାପନ**

## ଉତ୍କଳ ସଂଗୀତ ଶିକ୍ଷା ନିକେତନ ।

ସଙ୍ଗୀତ ଶିକ୍ଷା କରିବାର ସୁବର୍ଣ୍ଣ ସୁଯୋଗ ଛାଡନ୍ତୁ ନାହିଁ । ନିମ୍ନ ଲିଖିତ ଠିକଣାରେ ଅନୁସନ୍ଧାନ କରନ୍ତୁ ।

ଠିକଣା

ବଷ୍ଟଚରଣ ପଣ୍ଡା

ନ ୧/ବି, ମେଛୁଆ ବଜାର

(ବର୍ମନ ଷ୍ଟ୍ରିଟ)

Printed & Published by G. C. Mahapatra at the Gopinathpress, Bhadrak, 1948.

Digitized by srujanika@gmail.com





ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ

ଉତ୍କଳର ସର୍ବାଧିକ ଲୋକପ୍ରିୟ

ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ମୀନ ୯ ୧୦ନ ୧୩୫୫ସାଲ | ୩୨ଶ ସଂଖ୍ୟା |
|---|---|---|


—ସୂଚି—

ମଜ୍ଜା କଥାରେ

ଯୋ ନହିଁ ପୁଚ୍ଛା ଜସ୍‌ବୋ ଭ

ମଜ୍ଜାକବିତାରେ

ସ୍ୱାଧୀନ ପ୍ରେମିକାର ବିରହେ

କାହାଣୀରେ

ପ୍ରାୟଶ୍ଚିତ

କଥା ଓ ନଥା, ଶତାବ୍ଦ,

ବଳଅବସ୍ଥର ଦ୍ୱନ୍ଦ୍ୱ।


"DAGARO"

ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday. March. 22 1948 | No. 32 |
|---|---|---|

ବାର୍ଷିକ ମୂଲ୍ୟ ଟ ୭ ଷାଣ୍ମାସିକ ଟ ୩

ରାଜ ସଂସ୍କରଣ ବାର୍ଷିକ ଟ ୧୦୯


Digitized by srujanika@gmail.com

## ଉତ୍କଳର ଶ୍ରେଷ୍ଠ "ଦାନ !"

କଲିକତା ପ୍ରେସିଡେନ୍‌ସୀ କଲେଜର ଶରୀର ବିଜ୍ଞାନର
ଭୂତପୂର୍ବ ଅଧ୍ୟାପକ

## ଆଚାର୍ଯ୍ୟ ଗିରିଙ୍କ
## ସ୍ନିଗ୍ଧିଆମ୍ନିନ ବା ହୃଦୟନ୍ତ୍ରକ ରସ

ସ୍ନାୟୁ ଭିତରର ଲଳିତ ମଜ୍ଜା ଓ ଏକତ୍ରଭାବରେ ତାହାର କାର୍ଯ୍ୟ ପୂରଣ । କିନ୍ତୁ ନାମର ତାର ଲକ୍ଷଣ ଶକ୍ତିଶାଳୀ ଓ ସେଥିରେ ଖରାପ ଗୁଣ କିଛି ନାହିଁ ଏବଂ ଏହା ଦୁର୍ବଳଙ୍କ ଔଷଧ ଅଭିଜ୍ଞତାର ଅଦ୍ଭୁତ ଦେଖାଇ ନାହିଁ । ସାଧାରଣ କେତେକଙ୍କର ସମ୍ପୂର୍ଣ୍ଣ ଜୀବନ ଶକ୍ତି ଦେଇ ଶରୀର ମେରାମତ । ଏକାବେଳେ ସକାଳେ ଦୁଇ ଥର ନାହିଁ । ପଥ୍ୟାପଥ୍ୟର ବାଛବିଚାର ନାହିଁ ।

## ନିଶୁଲିନ

### ଚର୍ମ ରୋଗର ଅବ୍ୟର୍ଥ ଔଷଧ

ଦାଦ୍ର, କୁଣ୍ଡିଆ ଖାଦ୍ରୁ, ପଦ୍ମଲା, ଗୋଡ଼ଘା ଓ ସମସ୍ତ ପ୍ରକାର ଚର୍ମ ରୋଗ ଅଳ୍ପ ସମୟରେ ନାଶକରି ଚର୍ମକୁ ଦାଗ ନାହିଁ କରେ ।

---

କେଶର ଓ ଦେହର ଏକମାତ୍ର ସମାନଭାବ ସାର ଉପାଦାନରେ ଉତ୍କଳର ଅଦ୍ୱିତୀୟ ପ୍ରସାଧନ ଓ ପ୍ରସାଧନ ସମ୍ଭାର
### ସୁବାସିତ ପୋଷକ ତେଲ

## ସାର୍ଷ୍ଟା

ଦେହ ପୋଷଣ ଏବଂ ମେଦ ନିବାରଣ କରି ଶରୀରକୁ ନିରୋଗ କରେ, ମୁଣ୍ଡ ଫୁଲି, ଶୂଳ, ସଞ୍ଚିତ କଫ, ଆମ ଦୂର କରେ । ଯୁବତୀର ରୂପ ଯୌବନ ବୃଦ୍ଧି; ପୁରୁଷର ଶକ୍ତି । ବାଳକର ମେଧା ଶକ୍ତି ବଢ଼ାଏ, ବୃଦ୍ଧର ଦୃଷ୍ଟି, ନିଦ୍ରାର ଶୀତଳତା ଏବଂ ପ୍ରଫୁଲ୍ଲିତ କରେ । ପ୍ରତିଦିନ, କେଶର, ଭ୍ରମର କାଳିମା, କୁଞ୍ଚିତ କେଶଦାମ ।

## ହେମସୁଧା

ବା NECTORUM.

ସାମଗ୍ରିକ ଦେହର ଅବ୍ୟର୍ଥ ଔଷଧ — ଦ୍ରାବିତ ସ୍ୱର୍ଣ୍ଣରୁ ପ୍ରସ୍ତୁତ । ସ୍ନାୟୁ ପୁଷ୍ଟି, ସ୍ମୃତି ଶକ୍ତି ଓ ଉତ୍ତେଜନା ଆଦିର ପୁନଃ ଜାଗରଣ, କୁଷ୍ଠରୋଗ ଇତ୍ୟାଦି ସମସ୍ତ ପ୍ରକାର ରୋଗ ଉତ୍ପାଦନ ମଧ୍ୟରେ ଆରୋଗ୍ୟ କରେ ।

ତିନି ଟଙ୍କା —
**ବିଜୟଶକ୍ତି ଔଷଧାଳୟ** — [illegible]
[illegible] ।

---

## ହାଉଡ଼ା କୁଷ୍ଠ କୁଟୀର

## କୁଷ୍ଠ ଧବଳ

ଯାହାଙ୍କର ସର୍ବାଙ୍ଗ ଫୁଟିଯାଇଛି ଗଳିତ ବା ଅଂଶିକ ଫୁଲା, ଏକ୍‌ଜିମା, ସୋରିଆସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ଆରୋଗ୍ୟର ଏକମାତ୍ର ବିଶ୍ୱସ୍ତ ଚିକିତ୍ସା ପ୍ରତିଷ୍ଠାନ ।

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୋପ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ଓ ପୁସ୍ତକ ନିଅନ୍ତୁ ।

**ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧୦° ମାଧବ ଘୋଷ ଲେନ୍, ଖୁରୁଟ—ହାଉଡ଼ା
ଶାଖା—୩୬ ନଂ ହାରିସନ ରୋଡ଼, କଲିକତା

---

### ଆଶ୍ଚର୍ଯ୍ୟ

## ଭାଗ୍ୟ ଗଣନା !!

### ପ୍ରଶ୍ନ ପଠାଇବାର ପ୍ରୟୋଜନ ନାହିଁ ।

କେବଳ ନିଜର ଇଷ୍ଟଦେବଙ୍କୁ ସ୍ମରଣ କରି ୧ ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ କେରଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା-ବିଜ୍ଞାନ ଚକ୍ରର ଦ୍ୱାରା ଆପଣଙ୍କର ଭୂତ ଭବିଷ୍ୟତ ଓ ବର୍ତ୍ତମାନ ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ ।

ମାତ୍ର ୫୦ ପଇସା ମନିଅର୍ଡର କରି ତତ୍ ସଂଲଗ୍ନ କୁପନରେ ମନୋନୀତ ସଂଖ୍ୟା ଗୋଟି ଓ ନିଜର ନାମ ଧାମ ପରିଷ୍କାର ଭାବେ ଲେଖି ପଠାନ୍ତୁ ।

**ଭୃଗୁସଂହିତା କାର୍ଯ୍ୟାଳୟ**
Box No. 21.
C/o ହଗଲ
ପୋ: ଖଡ଼ଗ


Digitized by srujanika@gmail.com

୧୧ଶ ବର୍ଷ ||(ମୀନ) ଚୈତ୍ର ୧୦ ଇଂ ୧୩୫୫ —ସୋମବାର—୨୨ । ୩ । ୪୮ । ୧୨ ସଂଖ୍ୟା

## ବୈଦେଶିକ ନୀତି

ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହର ଲାଲ ନେହେରୁ ବୈଦେଶିକ ନୀତି ଘୋଷଣା କରିଛନ୍ତି । ପୃଥିବୀ ବର୍ତ୍ତମାନ ଦୁଇ ବିବଦମାନ ଶିବିରରେ ପରିଣତ ହୋଇଛି । ମଧ୍ୟ ଇଉରୋପକୁ ସାମ୍ୟବାଦୀ ରୁଷ ସମ୍ପୂର୍ଣ୍ଣ ଗ୍ରାସ କରି ସାରିଲାଣି । ନିକଟରେ ଚେକୋସ୍ଲୋଭାକିଆରେ ପୂର୍ଣ୍ଣ କମ୍ୟୁନିଷ୍ଟ ଶାସନ ପ୍ରତିଷ୍ଠିତ ହୋଇଛି ଏବଂ ଏକଦା କମ୍ୟୁନିଷ୍ଟ ବିରୋଧୀ ବୈଦେଶିକ ମନ୍ତ୍ରୀ ମାସାରିକ ସମ୍ଭବତଃ ଅନ୍ତର ପରିବର୍ତ୍ତନକୁ ସ୍ୱାଗତ କରି ନପାରି ଆତ୍ମହତ୍ୟା କରିଛନ୍ତି । ପଶ୍ଚିମ ଇଉରୋପର ବେନେଲକ୍ସ ରାଜ୍ୟପୁଞ୍ଜ ( ବେଲଜିୟମ ହଲାଣ୍ଡ ଓ ଲକ୍ସେମ ବର୍ଗ ) ସହ ଇଂଲଣ୍ଡ ଫ୍ରାନ୍ସ ଓ ଆମେରିକା ଏକ ଚୁକ୍ତି କରି ରୁଷର ସର୍ବଗ୍ରାସୀ ପ୍ରସାରଣ ଆଗରେ ବାଧା ଓ ପ୍ରତିରୋଧ ସୃଷ୍ଟି କରିବାକୁ ଦୃଢ଼ ପରିକର । ପଶ୍ଚିମ ଇଉରୋପର ରାଜ୍ୟ ଗୁଡ଼ିକ ମାର୍ଶାଲ ଯୋଜନା ଅନୁସାରେ ଆମେରିକାର ଖାତକ ରୂପେ ବନ୍ଧା ହୋଇ ରହିଲେ ରୁଷ ବିରୁଦ୍ଧରେ ଏକ ଶକ୍ତିଶାଳୀ ସଂଘ ପ୍ରତିଷ୍ଠିତ ହେବ । ଚୀନରେ ରୁଷ ପ୍ରଣୋଦିତ କମ୍ୟୁନିଷ୍ଟ ଦଳର ବିଜୟ ସଙ୍ଗେ ସଙ୍ଗେ ଆମେରିକା ଚ୍ୟାଙ୍ଗ ସରକାରଙ୍କୁ ମୁକ୍ତ ହସ୍ତରେ ସାହାଯ୍ୟ କରିବାର ବାଟ ଖୋଜୁଛି । ପାଲେଷ୍ଟାଇନ ବିଭାଗ ସଂପର୍କରେ ସମସ୍ତେ ଏକ ମତ ହେଲେହେଁ ଦଣ୍ଡନୀତି (Power politics) କାର୍ଯ୍ୟ ଆଗେଇ ଦେଉନାହିଁ । ଭାରତ ଓ ପାକିସ୍ଥାନର କାଶ୍ମୀର ବିବାଦକୁ ଆପଣା ଆପଣା ସୁବିଧାରେ ଲଗାଇବା ପାଇଁ ଉଭୟ ଦଳ ଚେଷ୍ଟିତ । ରୁଷ୍ ଭାରତ କିମ୍ବା ପାକିସ୍ଥାନ କାହାକୁ ସାହାଯ୍ୟ କରିବ ସ୍ଥିର କରି ନପାରି ନୀରବ ରହୁଛି । ଅଥଚ ଜଣା ପଡ଼ୁଛି ଯେ ରୁଷ୍ ଭାରତ ବିରୁଦ୍ଧରେ କାଶ୍ମୀର ଆକ୍ରମଣକାରୀଙ୍କୁ ସାହାଯ୍ୟ କଲାଣି । ଷ୍ଟାଲିନ-ପ୍ରଭୁଭକ୍ତ ଭାରତୀୟ କମ୍ୟୁନିଷ୍ଟ ମାନେ ହଠାତ୍ କେନ୍ଦ୍ର କଂଗ୍ରେସ ସରକାରଙ୍କୁ ସାହାଯ୍ୟ କରିବାର ମନୋବୃତ୍ତି ପରିହାର କରି ସ୍ପଷ୍ଟ ବିରୋଧ ଆଚରଣ କଲେଣି । ତେଣେ ଆମେରିକା ଓ ଇଂଲଣ୍ଡ ମିଳିତ ଜାତି ସଂଘରେ କାଶ୍ମୀର ଆକ୍ରମଣକୁ ବନ୍ଦ କରିବା ପାଇଁ ଭାରତର ମୌଳିକ ଦାବୀକୁ ଉପେକ୍ଷା କରି ଭାରତ ଓ ପାକିସ୍ଥାନର ବାହ୍ୟ ବିବାଦ ସତ୍ତ୍ୱେ ବଳ ନ ଆଗରେ ଥୋଇବା ଦ୍ୱାରା ପ୍ରକାଶ୍ୟରେ ପାକିସ୍ଥାନକୁ ସାହାଯ୍ୟ କରୁଛନ୍ତି । କାଶ୍ମୀର ପାକିସ୍ଥାନରେ ରହିଲେ ଇଂଲଣ୍ଡ ଆମେରିକା ସେଠାରେ ରୁଷ ବିରୁଦ୍ଧରେ ସନ୍ନାହ କରିବେ । ରୁଷ୍ ମଧ୍ୟ ପାକିସ୍ଥାନକୁ ହାତକରି କାଶ୍ମୀର ଅଞ୍ଚଳରେ କଲେ ବିପଦ ହେଲା ବୋଲି ଚିନ୍ତା କରୁଛି । ଫଳରେ ଉଭୟ ଶିବିରରୁ ପାକିସ୍ଥାନକୁ କବଳିତ କରିବାର ଚେଷ୍ଟା ।

ଏ କ୍ଷେତ୍ରରେ ଭାରତ ନିରପେକ୍ଷ ରହିବ କିମ୍ବା କୌଣସି ଏକ ଶିବିରରେ ଯୋଗ ଦେବ ତାହା ବିଚାର କରିବାର କଥା ।

ପଣ୍ଡିତଜୀ ନିରପେକ୍ଷ ରହିବା ପକ୍ଷରେ । ବିରୋଧ ଉକ୍ତି ଶୁଣାଯାଏ ଯେ ଏହା ବାସ୍ତବବାଦୀ ରାଜନୀତି ନୁହେଁ । ବାସ୍ତବ ହୋଇ ଭାରତକୁ କୌଣସି ନା କୌଣସି ଦଳ ମଧ୍ୟରେ ମିଶିବାକୁ ହେବ । ଆମ ମତରେ ଏ ମନୋବୃତ୍ତି କେବଳ ଭୟରୁ ସୃଷ୍ଟି ହୋଇଛି । ଯେଉଁମାନେ ବିଶ୍ୱାସ କରନ୍ତି ଭାରତ ନିଜେ ଶତ୍ରୁ ବିରୁଦ୍ଧରେ ଠିଆ ହୋଇ ପାରିବ ନାହିଁ ସେମାନେ ଏହିଭଳି ପ୍ରସ୍ତାବ ଦିଅନ୍ତି । କିନ୍ତୁ ପଣ୍ଡିତଜୀଙ୍କ ବିଚାର କୌଣସି ସାମରିକ ଶକ୍ତି ଦିଗରୁ ନୁହେଁ । ସେ ଅତି ବାସ୍ତବବାଦୀ ହିସାବରେ ଦେଖୁଛନ୍ତି ପୃଥିବୀର ଶକ୍ତିଶାଳୀ ଦେଶ ମାନଙ୍କର ଯେଉଁ ଅସ୍ତ୍ରଶସ୍ତ୍ର ରହିଛି, ଭାରତ ପ୍ରତିଯୋଗିତାରେ ଠେଲି ନପାରେ । ତେଣୁ ଭାରତକୁ ତାର ନୈତିକ ବଳ ଉପରେ ଠିଆ ହେବାକୁ ହେବ । ସେଥିପାଇଁ ପଣ୍ଡିତଜୀ ସ୍ପଷ୍ଟ ସୂଚନା ଦେଇଛନ୍ତି ଯେ ଆମ୍ଭେମାନେ ଯେଉଁ ଶକ୍ତି ବଳରେ ବ୍ରିଟିଶ ସାମ୍ରାଜ୍ୟ ବାଦକୁ ତଡ଼ି ଦେଇ ପାରିଲୁ ସେ ଶକ୍ତିକୁ ନିୟୋଜିତ କରିବାକୁ ହେବ । ମହାତ୍ମା ଗାନ୍ଧୀଙ୍କ ନିର୍ଦ୍ଦିଷ୍ଟ ସତ୍ୟ ଏବଂ ନ୍ୟାୟ ଉପରେ ରାଜନୀତି ଅଣିତ କରିବାକୁ ପ୍ରସ୍ତାବ । ସାମାନ୍ୟ ସୁବିଧା ଆଶାରେ ନ୍ୟାୟକୁ ବଳିଦେଇ କୌଣସି ପକ୍ଷକୁ ଆଶ୍ରୟ କରିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ସେ ଜାଣିଛନ୍ତି ଉଭୟ ରୁଷ ଓ ଆମେରିକା ଭ୍ରମ ପଥରେ । ଦୁଇଟି ଅନ୍ୟାୟ ପନ୍ଥା ଭିତରୁ କୌଣସି ଗୋଟିକୁ ସମର୍ଥନ କରିବାର ଅବକାଶ ନାହିଁ । ଯେଉଁ ପକ୍ଷ ବାସ୍ତବିକ ନ୍ୟାୟ ମାର୍ଗରେ ଚାଲିବ—ସେହି ପକ୍ଷକୁ ଆମେ ସେହି ବିଷୟରେ ସମର୍ଥନ କରି ପାରୁ । କିନ୍ତୁ କୌଣସି ଦଳ ଭିତରେ ଆବଦ୍ଧ ହେଲେ ସେ ଦଳର ବଡ ଶକ୍ତିର ନିର୍ଦ୍ଦେଶରେ ସେ ଦଳର ଉଦ୍ଦେଶ୍ୟ ଓ ଅନ୍ୟାୟକୁ ଭାରତ ସମର୍ଥନ କରି ନପାରେ ।

ସେଥିପାଇଁ ପଣ୍ଡିତଜୀଙ୍କର ବୈଦେଶିକ ନୀତି ଆଜି ଅତି ଏକ ଉଚ୍ଚ କୋଟିର ନୀତି ହୋଇ ଉଭା ହୋଇଛି । ସମଗ୍ର ପୃଥିବୀରେ ଭାରତର ବୈଦେଶିକ ନୀତି ଏକ ନୂତନ ଆଦର୍ଶବାଦ ପ୍ରଚାର କରି ପୃଥିବୀକୁ ପ୍ରକୃତ ଶାନ୍ତିର ପଥ ପ୍ରଦର୍ଶନ କରିବ । ପଣ୍ଡିତଜୀ ତାଙ୍କର ଏହି କାର୍ଯ୍ୟ ନୀତିପାଇଁ ଭଗବାନଙ୍କ ଆଶୀର୍ବାଦ ପାଇବେ । ସର୍ବୋପରି ଗାନ୍ଧୀଜୀଙ୍କ ଅମର ଆତ୍ମା ଭାରତକୁ ସେହି ନିର୍ଦ୍ଦେଶ ଦେଉଛି—ଏଥିରେ ସନ୍ଦେହ ନାହିଁ ।

## ସ୍ୱର୍ଗତଃ କୈଳାସ ବାବୁ

ଆମ ମାଲଗିରି କୈଳାସ ବାବୁ ଆମକୁ ଛାଡ଼ି ଚାଲିଗଲେ ! ମଟର ଦୁର୍ଘଟଣାରେ ତାଙ୍କର ପ୍ରାଣ ଗଲା । ଗତ ମାର୍ଚ୍ଚ ତା ୧୯ ରିଖ ଶୁକ୍ର ବାରରେ କୋଡ଼ିଏ ମିନିଟରେ ତାଙ୍କର ଶେଷ ଶ୍ୱାସ ନିର୍ଗତ ହେଲା । ତାଙ୍କର ବୟସ ବ ୭୪ ବର୍ଷ ହୋଇଥିଲା ।

ଜୀବନଟା ତାଙ୍କର ଗୋଟାଏ ଲମ୍ବା ଆଁ ଜୀବନ । ନିଜ ପାଇଁ ସ୍ୱାସ୍ଥ୍ୟରୋଗ୍ୟ ବ୍ୟାଧି ସାଙ୍ଗରେ ସେ ଯେପରି ଅକାତରରେ ଲଢୁଥିଲେ ଦେଶର ମୁକ୍ତି ପାଇଁ ସେ ତାହାଠାରୁ ଅଧିକ ଲଢ଼ିଥିଲେ କାରମଗ । ଏଣୁ ମାଲଗିରି କାହିଁକି—ସମଗ୍ର ଓଡ଼ିଶା ଗଡ଼ଜାତ ପ୍ରଜାମଣ୍ଡଳର ଏ ଯେଉଁ ବିଜୟ ହୋଇଗଲା, ତାର ମୂଳକର୍ତ୍ତା ଓ ନାଟ କାଣ୍ଡିଆ ଥିଲେ କୈଳାସବାବୁ ।

ଦରିଦ୍ରକୁ ଦାନ କରି କରି ସେ ତାଙ୍କର ପିତୃ ଅର୍ଜିତ ଅଗାଧ ଅର୍ଥ ଉଡ଼ାଇ ଦେଇଥିଲେ । ଖାଲି ବିଦ୍ୟାରେ ନୁହେ—ବୁଦ୍ଧି ଓ ବିବେଚନାରେ ତାଙ୍କ ସରି ବ୍ୟକ୍ତି ମିଳିବା ବିରଳ । ତାଙ୍କର ଥଟ୍ଟା, ଠାପରି କରିବା ଯେ ଜଣକେ ନ ହସି ଆମକୁ ହସାଇବାର କ୍ଷମତା ଲୋକ କାହିଁ ଦେଖି ନଥିବ । କୈଳାସ ବାବୁଙ୍କର ସେ ସ୍ନେହ-ମମତା-ପୂର୍ଣ୍ଣ ହସ ହସ ମୁହଁ ଚିରଦିନ ସକାଶେ ଲୁଚିଗଲା । ମାନ ସଂସାର ଛାଡ଼ିବା ପୂର୍ବରୁ ତାଙ୍କର ଆଶା ପୂର୍ଣ୍ଣ ହୋଇ ଯାଇଛି ।

—*—

ଭାରତରେ ନୂଆ ଜାହାଜ ଜଳଜୃଷା ଜଳରେ ଚଳିଲା । ପଣ୍ଡିତ ଜବାହର ଶୁଭ ଦେଲେ । ପଣ୍ଡିତଙ୍କ ଇଚ୍ଛା ଦେଇ ଭାରତର ଯୁବକ ମାନଙ୍କୁ ନାବିକ ହେବା ପାଇଁ ଉପଦେଶ ଦେଲେ । ତାଙ୍କର ଯଦି ବୟସ ଥାଆନ୍ତା ସେ ସ୍ୱୟଂ ଆକାଶରେ ଉଡ଼ି ଥାଆନ୍ତେ କିମ୍ବା ଜଳରେ ବୁଡ଼ିଥାନ୍ତେ । ମାତ୍ର ବୟସ ତାଙ୍କ ସଙ୍ଗେ ବିଶ୍ୱାସ ଘାତକତା କରୁଛି—ସେ ଏବେ ଦିଲ୍ଲୀର ସୁଦୃଢ଼ ସିଂହାସନରେ ବସିଛନ୍ତି ବୋଲି କହିଲେ । ଯୁବକମାନେ ପଣ୍ଡିତଙ୍କ କଥାନୁସାରେ କାମ କରିବାକୁ ପ୍ରସ୍ତୁତ । ସ୍ୱାଧୀନ ଦେଶର ଯୁବକ ଆମେ—ଏଣିକି ଆମେ କେବଳ ଭୂଚର ବା ଗୋଚର ନୋହୁଁ—ଖେଚର ଓ ଜଳଚର ମଧ୍ୟ ବୋଲାଇବୁଁ ।

\+ × +

ଉତ୍କଳ କଳିଙ୍ଗ—ଉତ୍କଳିଙ୍ଗରେ ବିଶାଖା ପାଟଣାଠାରୁ ଆରମ୍ଭ କରି ହରିଶପୁର ମରିଚ ପୁର, ବାଲେଶ୍ୱର ଲଗାଏତ ତାମ୍ରଲିପ୍ତ ବା ତମଲୁକ ଯାଏ ବନ୍ଦର ମାନଙ୍କରେ ଦିନେ ଭାରତୀୟ ଜାହାଜ ବାଣିଜ୍ୟରେ ପ୍ରସିଦ୍ଧି ଲଭିଥିଲା । ସେ ବନ୍ଦର ଭିତରୁ ବିଶାଖା ପାଟଣା ବିଶାଖା ହୋଇ ତାର ସାଙ୍ଗ ଆନ୍ଧ୍ରମାନେ ଠଣା ଠଣି କରୁଛନ୍ତି—ତାମ୍ରଲିପ୍ତରେ ଓଡ଼ିଆ ଭାଷା ମଧ୍ୟ ଲୁପ୍ତ ହୋଇ ବର୍ତ୍ତମାନ ଇନ୍ଦ୍ରଲୁପ୍ତ ବ୍ୟାଧି ବିରାଜମାନ କରୁଛି । ବାକି ବନ୍ଦର ସବୁ ଗଲାଣି—ଗଲାଣି । ତେବେ ପଣ୍ଡିତଙ୍କ ଜଳ-ଯାତ୍ରାକୁ ଉପାଇ କହିଲେ—ଆଜିଠାରୁ ଭାରତୀୟ ନୌଯାନର ଉଷା ହେଲା—ବିଲ୍ ଆଙ୍କ ମତରେ ଏ ଯାତ୍ରାର ଉଷା ବିଶାଖା ପାଟଣାରେ ଓ ସନ୍ଧ୍ୟା କଣ ତମଲୁକରେ ହେଉଥାଉ ସବୁଦିନେ ଦର୍ଶାଉଥିବା ଓଡ଼ିଶା ବନ୍ଦର ମାନଙ୍କରେ ହେବାର ବନ୍ଦୋବସ୍ତ ସରକାର କରନ୍ତୁ ।

× × ×

ଲର୍ଡ ମାଉଣ୍ଟ ବେଟନ, ଇଂଲଣ୍ଡ ରଜାଙ୍କ ପକ୍ଷରୁ ଭାରତ ସରକାର ଓ ଭାରତବାସୀଙ୍କ ପକ୍ଷରୁ ବର୍ମାର ଭୂତପୂର୍ବ ରଜା 'ଥିବ'ଙ୍କ ସିଂହାସନ ଏବେ ଫେରସ୍ତ ଦେଇଛନ୍ତି । ରଜା 'ଥିବ' ବର୍ତ୍ତମାନ 'ଥିଲେ' ବା ... କାଳର ହେଲେଣି—ମାତ୍ର ସିଂହାସନର ... ଉପର୍ଯ୍ୟୁ, ପର୍ଯ୍ୟାୟାଦି ପରେ ପୁଣି ଯଥା ସ୍ଥାନକୁ ଯାଇଛି । ଆଜି ଯେ ରାଜେନ୍ଦ୍ରାସନେ କାଲି ସେ ଫକୀର ହୋଇଛି ଯାନ ଅସନ କେବେ ଫକୀର ହୋଇ ନାହିଁ ! ଅତଏବ ହେ ରାଜେନ୍ଦ୍ରାସନ ଲୋଲୁପୀ ବ୍ୟକ୍ତି ଗଣ, ଆପଣମାନେ ଅବସରରେ ବସିବାକୁ ଇଚ୍ଛା




କରନ୍ତୁ ... ହୋଇଯାନ୍ତୁ—ତେବେ ଅମରତ୍ୱ ପାଇବେ ।

× × ×

ଉଦର ଓ ଅକ୍ଷୟ ବଟର ପୁନରାଗମନୀୟ ହେଲା ମାନ୍ଦ୍ରାଜ ... ସଭାରେ । ଉଦରଟା ଖାଲି ବସି ଖାଉଛି ବୋଲି ଅବୟବମାନେ ବୟକଟ କଲେ । ପେଟରେ ଦାନା ନପଡ଼ିବାରୁ ପୁଣି ସମସ୍ତେ ଉଦରକୁ ପୋଷିଲେ । ସେମିତି ଭାରତର ମୁସଲିମ୍ ଲିଗ ରହିବାର ସ୍ଥିର ହେଲା ମାତ୍ର ସେ କେବଳ ମୁସଲମାନଙ୍କ ସାମାଜିକ ଅର୍ଥନୈତିକ ସାଂସ୍କୃତିକ ଶିକ୍ଷା ଓ ଧାର୍ମିକ ବିଷୟ ପ୍ରତି ଦୃଷ୍ଟି ଦେବ—ମାତ୍ର ରାଜନୀତି ପ୍ରତି ନୁହେଁ । ଶେଷରେ ଏମାନେ ଉଦରକୁ ବୟକଟ କଲାପରି ପୁଣି ରାଜନୀତିକୁ ମଧ୍ୟ ଅନ୍ୟାନ୍ୟ ବିଷୟପାଇଁ ପୁରାଇବାକୁ ବାଧ୍ୟ ହେବେ । ଅଙ୍ଗାର ଶତ ଧୌତେନ ମଳିନତ୍ୱଂ ନଯାତି ।

\+ + +

ଆଲୱାର ପ୍ରଭୃତି କେତେକ ରାଜ୍ୟକୁ ମିଶାଇ ଗୋଟାଏ ମତ୍ସ୍ୟଦେଶ ଗଢ଼ାଯିବାର ପରିକଳ୍ପନା କରାଯାଉଛି । ଏ ଖବର ପାଇ ଓଡ଼ିଶାର ବଡ଼ ଦୁଃଖ ହେଉଥିବ । କାରଣ କଥାରେ କହନ୍ତି ଓଡ଼ିଶାଟା ମତ୍ସ୍ୟ ଦେଶ ଅର୍ଥାତ୍ ମତ୍ସ୍ୟ ଜୀବୀ ଦେଶ—ମାଛ ନଖାଇଲେ ଏଠି ଚଳିବ ନାହିଁ । ବର୍ତ୍ତମାନ ତାର ଦୁର୍ନାମଟା ଅନ୍ୟ ଦେଶ ଉପରେ ପଡ଼ିଲା—ମାଛ ଖାଇ ମଧ୍ୟ ଓଡ଼ିଶା ନିରାମିଷ ଦେଶ । କାରଣ ଏଠି ହିନ୍ଦୁ ମୁସଲମାନ ଦଙ୍ଗା ନାହିଁ । ଶାସକ ମାନେ ଏଠି ବେଶି ଘୁସ ଖାଇ ପାରନ୍ତି ନାହିଁ । ଯାହାବା ଏଠାରେ ହୁଏ ସବୁ ମହାପ୍ରସାଦ—ଜଗନ୍ନାଥଙ୍କ ନାମରେ ହୁଏ । ଏଠି ସେଥିପାଇଁ ନିରାମିଷ ଖେଚୁଡ଼ି ଭୋଗ ମିଳନ୍ତି—ଗରମ ସରବତ ମିଳେ—ରାଜନୀତିକ ଚେୟାର ବା ଦକାଇତ ମିଳନ୍ତି ।

**'ଡଗର'ର ଛୁଟି**

ଦୋଳ ପୂର୍ଣ୍ଣିମା ଉପଲକ୍ଷେ ପ୍ରେସ ଓ ଡଗର ଅଫିସ ୫ ଦିନ ବନ୍ଦ ରହିବ । ତେଣୁ ପରବର୍ତ୍ତୀ ସଂଖ୍ୟା ୨୯ । ୩ । ୪୮ ରେ ପ୍ରକାଶ ନପାଇ ୫ । ୪ ତାରିଖରେ ପ୍ରକାଶ ପାଇବ ।

ଦକ୍ଷିଣ ପୂର୍ବ ଏସିଆ ଯୁବ ସମ୍ମିଳନୀ କଲିକତାରେ ବସିଲା । ଶୁଣାଯାଉଥିଲା—ବାମପନ୍ଥୀ ଲଗୁଆ ଯୁବକଙ୍କୁ ଏଠାରେ ଶିକ୍ଷାର ଚେଷ୍ଟା ଦେବେ । ମାତ୍ର ସଂବାଦରୁ ମିଳିଲା ଯେ ଯୁବକଙ୍କ ମରିଛନ୍ତି । ... କେତେକ ଆହତ ହୋଇଛନ୍ତି । ଏ ସବୁ ବିଶେଷ ଭାବରେ କମ୍ୟୁନିଷ୍ଟ ମାନଙ୍କ ଦ୍ୱାରା ଓ ବାମପନ୍ଥୀ ବୋଲାଉ ଥିବା ବ୍ୟକ୍ତିଙ୍କ ... କୃତିତ୍ୱ ବୋଲି କେତେ ଗୁଡ଼ାଏ ଯୁବକଙ୍କ ଭାଗ୍ୟ ବାମ ହୋଇ ଗଲା । ଏହି ହତ୍ୟାପାଇଁ ସେଠା କଂଗ୍ରେସ ସରକାର ଦାୟୀ ନୁହନ୍ତି । ଏ ଗୋଟିଏ କୁରୁ ପାଣ୍ଡବ ବା ଭାଇ ଭାଇ ଯୁଦ୍ଧ । କ୍ଷମା ଓ ଘୃଣାଙ୍କ କଥାରେ !

\+ + +

ଓଡ଼ିଶାର ସୋସାଲିଷ୍ଟ ମାନେ ତାଙ୍କ ଉପର ସଭାରୁ ସୁପାରିଶ କରିଛନ୍ତି ଯେ କଂଗ୍ରେସରୁ ବାହାରିଯିବା ଉଚିତ । ଆଉ ତ ଗାନ୍ଧୀ ନାହାନ୍ତି ଯେ କଂଗ୍ରେସର ସବୁ ବିଚକ୍ଷଣ ପାନ ଲାଗି ଶିବ ହୋଇ ବର ଦେବେ । ଏଥର କଂଗ୍ରେସ ଶିବଙ୍କ ବରପ୍ରାପ୍ତ ଅସୁର ନିଜ ମୁଣ୍ଡରେ ହାତ ରଖି ଧ୍ୱଂସ ହେବା ସମ୍ଭବ ବୋଲି ସୋସାଲିଷ୍ଟ ବିଗୁରୁ ଛନ୍ତି । ଲୋକେ କିନ୍ତୁ କଂଗ୍ରେସ ସୋସାଲିଷ୍ଟ କଣ ବୁଝିବେ ନାହିଁ—ସେ ବୁଝିବେ ଗାନ୍ଧୀ ଟୋପି କିଏ କେତେ ଦିନ ପିନ୍ଧି ସୋସାଲିଷ୍ଟ ମାନେ ସଫଳତାର ସହିତ ଯଦି ସ୍ୱରାଜ୍ୟ ବଳଶାଳୀ ହୋଇ ପାରିବେ ତେବେ କଂଗ୍ରେସ ଛାଡ଼ିଲେ ବି ଲାଭ—ନ ଛାଡ଼ିଲେ ବି ଲାଭ ।

× + +

ବୁଦ୍ଧିମାନ ଲୋକେ ସ୍ଥାନକାଳ ପାତ୍ର ବିବେଚନା କରି କଥା କହନ୍ତି । ଏକା ପଦାର୍ଥ କେଉଁଠି କାଳି କେଉଁଠି ଧଳା ବୋଲି ସେମାନେ ଘୋଷଣା କରନ୍ତି । ତାଙ୍କୁ ସେଥି-ପାଇଁ ଲୋକେ ମୂର୍ଖ ବୋକା ବୋଲି ଗାଳି ଦେଲେ ମଧ୍ୟ ସେମାନେ ଅଟଳ ଓ ଅଚଳ ହୋଇ ନିଜର ବୋକାମି ଓ ମୂର୍ଖତାକୁ ଜାହିର କରନ୍ତି । ପାକିସ୍ତାନ ସେଇପରି ହାଇଦ୍ରାବାଦର ଗଣଭୋଟ ଚାହେଁ ନାହିଁ—କାଶ୍ମୀରରେ ଗଣ ଭୋଟ ଚାହେଁ—ଜୁନାଗଡ଼ର ଦ୍ୱିତୀୟବାର ଗଣ ଭୋଟ କରାଇବାର ଦାବୀ କରେ । ଦାବୀର ମାତ୍ରା ବୁଦ୍ଧିର ମାତ୍ରା ସାଙ୍ଗରେ ବଢ଼ି ଯାଉଛି । ଶେଷରେ ବୁଦ୍ଧିଟା ବଢ଼ି ବଢ଼ି ମଥାନରେ ନବାକୁ ଏତିକି ପ୍ରାର୍ଥନା ।

× × ×

Digitized by srujanika@gmail.com

# ପ୍ରାୟଶ୍ଚିତ

ଦେଇ ଲକ୍ଷ୍ୟ କରି ଛାଡ଼ିବା । ପଛରେ ଗୃହ ଓ ଗଳ୍ପଲଅ କୋଠାଥିବା ଅଗ୍ନିକୁ ଠିକ୍ ଲକ୍ଷ୍ୟକରି ବମ୍ ମୁଦ୍ଗରକୁ ଫିଙ୍ଗିଦିଏ । ମୋ ଲକ୍ଷ୍ୟ ସାମ୍ନାରେ ବୋମାର ତଳ ଖସି ପଡ଼େ ପାଖଗହ ପାଉଣ୍ଡ ଓ ଯୋଡ଼ା ଯୋଡ଼ା ଥାଏ ମାଇଣ୍ଡ ବମ୍ । ମୋର ଲକ୍ଷ୍ୟ ଅବ୍ୟର୍ଥ । ବମ ଗୁଡ଼ିକ ଅମଳ ଓ ଫଳକୁ ନେଇ ମୁଦ୍ଗର ବଳ ଗଢ଼ରେ ଠିକ ଲକ୍ଷ୍ୟ ସ୍ଥଳ ଉପରେ ଓଲ୍ହାଏ ।

## କାହାଣୀ

ତଳେ ଘର ଉପରେ ଘୂରି ବୁଲୁଥାଏ ଫଳ ଦେଖିବାକୁ । ଠିକ ଲକ୍ଷ୍ୟସ୍ଥଳ ଉପରେ ବମ୍ ଅଦୃଶ୍ୟ ହୋଇଯାଏ । ସେହିସ୍ଥାନରୁ ଉଠେ ପ୍ରଚଣ୍ଡ ଅଗ୍ନି ଶିଖା ଓ ଧୂମ୍ରରାଶି । ଗ୍ରାମ ଗ୍ରାମ ବାଡ଼ି ସମସ୍ତ ଅଦୃଶ୍ୟ କରି ପକାଏ । ହର୍ଷୋଚ୍ଛ୍ୱାସରେ ଶରୀର ରୋମାଞ୍ଚିତ ହୁଏ । କି ଆନନ୍ଦ ! ଏପରି ଆନନ୍ଦ ଜୀବନରେ କେବେହେଁ ପାଇ ନଥିବ । କିନ୍ତୁ ନଳେ ମୋ'ର ଦ୍ୱାରା ସୃଷ୍ଟ ଜ୍ୱଳନ୍ତ ନର୍କ କୁଣ୍ଡରେ ଯେ କେତେ ଶିଶୁ, ବୃଦ୍ଧ ଅଁପଲ-ପ୍ରସବା ସ୍ତ୍ରୀକୁ ଆହୁତି ଦେଲି ତାହା ଭାବିବାକୁ ମୋତେ ସମୟ କାହିଁ ! ଉପରନ୍ତୁ କର୍ମଗୁଣକୁ ନିଦର୍ଶନ ଦେଖାଇବାକୁ ଫଟୋ ଗ୍ରାଫ୍ ନେବା ଲାଗି ବିମାନକୁ ଉପଯୁକ୍ତ ସ୍ଥାନ ଆଡ଼କୁ ନେବାରେ ଓ ଶତ୍ରୁର ପାଇଟର ଉଡ଼ାଜାହାଜ ଓ ଆଣ୍ଟି ଏୟାର କାଫଟ୍ ସେଲ ପ୍ରତି ତୀକ୍ଷ୍ଣ ଦୃଷ୍ଟି ଦେବାରେ ମନ ଗୋଟାଏ ଅଡ଼େ ଟାଣି ହୋଇଯାଏ । ପ୍ରତ୍ୟେକ ଦିନ ନୂଆ ନୂଆ ନର୍କ କୁଣ୍ଡ ଶତ୍ରୁ ରାଜ୍ୟରେ ସୃଷ୍ଟି କରିବା ଅଭ୍ୟାସରେ ପଡ଼ି ଯାଇଥାଏ । କଂସେଲ ନିକଟର ବେଦନା ଜାଣିବ କିଏ ।

÷ ÷ +

ଉଡ଼ାଜାହାଜ ଚାଳନା ବିଶେଷ ଭାବରେ ଶିକ୍ଷା କରିବାକୁ ଯାଇଁ ବିଲାତରେ ଥିବା ବେଳେ ୨ୟ ମହାଯୁଦ୍ଧ ଲାଗିଗଲା । ଏହି ମହା ସମରରେ ରାଜକୀୟ ଉଡ଼ାଜାହାଜ ବାହିନୀରେ ଯୋଗ ଦେଇ ମୁଁ ଥାଏ ଲଣ୍ଡନ ପାଖ କ୍ରଏଡନ୍ ଏରୋ ଡ୍ରୋମ୍‌ରେ । ଜର୍ମାନୀ ରୁଷିଆରେ ଜୀବନ ମରଣ ସଂଗ୍ରାମରେ ଲିପ୍ତ ଥିବାରୁ ପଶ୍ଚିମ ରଣ-କ୍ଷେତ୍ରରେ ଦୃଷ୍ଟି ଦେଇ ପାରୁ ନଥାଏ । ଏହି ସୁଯୋଗ ପାଇ ଆମ୍ଭେମାନେ ଇଂଲିସ୍ ଚ୍ୟାନାଲ୍ ଅତିକ୍ରମ କରି ଜର୍ମାନ ଅଧିକୃତ ଫ୍ରାନ୍ସର ବିସ୍ତୃତ ଅଞ୍ଚଳ ଉପରେ ବୋମା



ବୃଷ୍ଟି କରି ଧ୍ୱଂସ ଲୀଳା ସାଧନ କରିବାରେ ବେଶ୍ ଆନନ୍ଦ ପାଉଥିଲି । ମୁଁ ଦିନେ ହେଲେ ଭାବିବାକୁ ଅବସର ପାଇନି ଯେ ଆମ୍ଭକୃତ ଏହି ବିଭ୍ରାଟ ନରମେଧ ଯଜ୍ଞରେ ଆହୁତି ଦିଆ ହେଉଥିବା ଲୋକଗୁଡ଼ିକ ଜର୍ମାନ୍ ବା ନାତ୍ସୀ ନୁହଁନ୍ତି, ଫ୍ରେଞ୍ଚ୍ । କୋଧାନ୍ଧ, ନିର୍ମମ ପ୍ରତିଶୋଧ କାମୀ ଏୟାର ମାର୍ଶାଲଙ୍କ ଆଦେଶ ଯନ୍ତ୍ରବତ୍ ପାଳନ କରିବାରେ ଅଭ୍ୟସ୍ତ ହୋଇଯାଇଥାଉ ସେଠାରେ ଦୋଷୀ ନିର୍ଦ୍ଦୋଷ ବାଛବାଛି ଅବକାଶ ନଥାଏ । ଅସ୍ୱାଭାବିକ ପ୍ରବୃତ୍ତି ହୃଦୟର ଦେବତା ମୂଳକ ଗୁଣ ସବୁକୁ ନିଷ୍ପେଷିତ କରି ଦେଇ ଥାଏ ।

\+ + +

## କଥାଟିଏ କହୁଁ

ଯେଉଁଦିନ ମୁଁ କିଛି ସମୟ ପାଇଁ ଛୁଟି ପାଇ ମୋର ରୁମର ଡେକ୍ ଚେୟାରରେ ବସି ଗୋଟିଏ ସିଗାରେଟ ଟାଣୁଥିଲି । ହଠାତ୍ ମୋର ଜନ୍ମଭୂମି ବର୍ମାର ପ୍ରୋମ୍ ସହରକୁ ଉଡ଼ ଉଡ଼ ମନେ ପକାଇଲି । ମୋର ପିତା ଭାରତରୁ ବ୍ୟବସାୟ ଉପଲକ୍ଷେ ଯାଇ ପ୍ରୋମ୍‌ରେ ସ୍ଥାୟୀ ଭାବରେ ବସ ବାସ କରି ରହିଥିଲେ । ସେହିଠାରେ ମୋର ଜନ୍ମ । ଘର କଥା ମନେ ପଡ଼ିଯାଇ ହୃଦୟଟା ନରମ ହୋଇ ଆସିଲା । ଧୀରେ ଧୀରେ ଚଉକିରୁ ଉଠି ଟ୍ରଙ୍କରୁ ଗୋଟିଏ ଗ୍ରୁପ୍ ଫଟୋ କାଢ଼ିଲି । ଛଅ ବର୍ଷ ତଳର ଫଟୋ । ମୋର ଲଣ୍ଡନକୁ ଆସିବା ସମୟରେ ନିଆ ହୋଇଥିଲା । କରେଣି କରେଣି ରହିଲି । ମଝିରେ ବାପା ଓ ବୋଉ । ବଡ଼ ପୁଅକୁ ବିଦାୟ ଦେବାର କାତରତା ମୁହଁରେ ପରିଷ୍କାର ଫୁଟି ଉଠିଛି । ବାପା ବୋଉଙ୍କ ସ୍ନେହ ବିଷୟ ଭାବି ମନ ଟିକିଏ ଚଞ୍ଚଳ ହୋଇ ଉଠିଲା । ବାପାଙ୍କ ପାଖରେ ବସିଛି କଲ୍ୟା-

ଣୀ ସାନ ଭଉଣୀ, ଭାଇ ମଧୁ, ଗୁଡ଼ ସାନଅ ମୁହଁରେ ଝିଲ ଖେଳିଅ ଦମ । ହେ ଦକେ ହେଉଥିଲି, କଲେ ମେ ମୋ ବନ୍ଧୁ ଗାଡ଼ିରେ ପକାଏ, ଦେଲେ ହୁଅ ମୋ କୋଟ୍ ପକେଟ୍ ଭିତରେ ଭର୍ତ୍ତିକଲେ, ଯୋଗାରେ ବାଲ୍ କର୍ତ୍ତିକରେ ଓ ଯାବତ ଦୁଷ୍ଟାମି କରେ । ତାକୁ ଦେଖି ଟିକିଏ ହସିଲି । ଭାବିଲି କେଉଁଠିକି ନବଣି । ଆଜି ଦୁଷ୍ଟାମି ଯୋଗହୁଏ ନଥିବ । ବୋଉ ପାଖରେ ବସିଛି ମୁଁ । ଓ ମୋ ପାଖରୁ ଟିକିପାନ ଭାଇ । ସେତେବେଳେ ସେ ଥିଲା ଦଶ ବର୍ଷର । ସବୁବେଳେ ମୋର ପାଖରେ ରହିବାକୁ ଭଲ ପାଉଥିଲା । କପର ଯେ ଛଅ-ବର୍ଷ କାଳ ମୋତେ ଛାଡ଼ି ରହି ପାରିଛି ଭାବି ଆଶ୍ଚର୍ଯ୍ୟ ହେଲି । ଏହି ବର୍ଷ ଛଅବର୍ଷ ଭିତରେ ଆଉଘରୁ ବିଶେଷ କିଛି ଖବର ପାଇନାହିଁ । କେବଳ ଏତିକି ଖବର ପାଇଥିଲି ଯେ ବାପା ବ୍ୟବସାୟରେ କେତେକ ସୁବିଧା ହେବ ବୋଲି ପ୍ରୋମ୍‌ରୁ ଉଠିଯାଇ ରେଙ୍ଗୁନ୍‌ରେ ସ୍ଥାୟୀ ଭାବେ ବସ ବାସ କରି ଅଛନ୍ତି ଓ ରାଜ ପ୍ରାସାଦୋପମ ଗୋଟିଏ ବଡ଼ କୋଠା ମଧ୍ୟ ନୂଆକରି ତିଆରି କରିଛନ୍ତି । ଭାବନାର ଅନ୍ତ ନଥାଏ । କଳ୍ପନା କରୁଥାଏ ଯୁଦ୍ଧ ସରିଲେ ଫେରି ମୁଁ ଯାଇଁ ନୂଆଘରରେ ପହଞ୍ଚିବି । ଟିକି ମୋତେ ବୁଲାଇ କରି ନୂଆ ଘରଟି ଦେଖାଇବ । ଲିଲି କପରି "ଭାଇନା, ମୋ ପାଇଁ କଣଣ ଆଣିଛ ?" ବୋଲି କହି ଅସ୍ଥିର କରି ପକାଇବ । ଏହିପରି ଭାବନାର ମେଲ୍ ଗାଡ଼ି ଦୃଢ଼ ଅବଶ୍ରାନ୍ତ ଭାବରେ—ହେଡ଼—ସେଇ ପ୍ରସ୍ତୁତ ହେବାର ସଙ୍କେତ—ଅନ୍ୟାନ୍ୟ ସଙ୍ଗୀ ମାନଙ୍କ ସହ ଗୋଲ ସ୍କ୍ୱାଡ୍ରନ୍ କେତେକ ସାଥିକୁ—ସେଇ ଦୈନନ୍ଦିନ ନର୍କକୁଣ୍ଡ ସୃଷ୍ଟି କରିବାର ପ୍ରାଥମିକ ଯୋଜନା । ମୋର ସୁନାର ସଂସାରର ଅନନ୍ତ-ଦାୟକ ଭାବନାର ଅନ୍ତ ହେଲା ସେହିଠାରେ ।

× × ×

ନଳିଟିକ—ଶ୍ରୀ ଫକିରଗନ୍ଧ

ଆମ୍ଭମାନଙ୍କୁ ଯେଉଁ 'ମୁହଁ'ରେ ଖବର କାଗଜ ଯୋଗାଇ ଦିଆ ହେଉଥିଲା, ସେଥିରୁ ହେବେ ମୁଁ ଜାଣି ପାରିଲି ଯେ ସୁଦୂର ପ୍ରାଚ୍ୟରେ ଜାପାନ ସମସ୍ତ ବର୍ମା ଦଖଲ କରି ଭାରତ ଉପରକୁ ଗୁରୁତର ବଳରେ ସୃଷ୍ଟି କରିଛି । ବାପା ଚନ୍ଦ୍ର

କରିଥିବେ ଭାବି ମନ ବଡ଼ କଷ୍ଟ ହେଲା । ପର ମୁହୂର୍ତ୍ତରେ ଭାବିଲି ସବୁଠାରେ ଯାହା ହେଉଛି ସେଇଆ ହୋଇଥିବ । ଯୋଗ୍ୟ ସମୟ ସୁବିଧାକୁ ମଲାଇ ଆସିଥିବେ । ବେଶୀ ଚିନ୍ତା ବଢ଼ାଇବା ଦରକାର ନାହିଁ । ଭାବନା ପୁଣି ପରେ ନିଷ୍ଫଳ ଦେଖା ଦେଲା ।

× × ×

ହଠାତ୍ ହାଇଦରାବାଦ ୫୯ ଓ ମାଡ୍ରାସ ୨୨ ସ୍କ୍ୱାଡ୍ରନ୍‌କୁ ସୁଦୂର ପ୍ରାଚ୍ୟ ଯିବାର ଆଦେଶ ହେଲା । ମୁଁ ଥାଏ ହାଇଦରାବାଦ ୫୯ ସ୍କ୍ୱାଡ୍ରନ୍‌ରେ । ବର୍ମାକୁ ଯିବାର ଆଦେଶ ଶୁଣିଲି ଖୁସି ମନ ଉତ୍ଫୁଲ୍ଲ ହୋଇଗଲା । ଭାବିଲି ଏତେଦିନ ପରେ ମାତୃଭୂମିକୁ ଦେଖିବି । ବାପାଙ୍କର ବି ଖବର ପାଇ ପାରିବି ।

\+ + +

ସେ ଦିନ ସନ୍ଧ୍ୟାବେଳେ ଆମର ପ୍ଲେନ୍ ଦଳ ଫାଇଟର୍ ପ୍ରଟେକ୍ସନ ନେଇ ସୁଦୂର ପୂର୍ବକୁ ଯାତ୍ରାକଲା । ଅନ୍ଧାରରେ ଉଡ଼ ଉଡ଼ ଠିକ୍ ରାତି ୩ଟା ବେଳେ କାଇରୋ ଏରୋଡ୍ରମରେ ବିଶ୍ରାମ କରିବା ଓ ପେଟ୍ରୋଲ୍ ଭର୍ତ୍ତି କରିବା ପାଇଁ ଓହ୍ଲାଇଲୁଁ । ବାଟରେ ଶତ୍ରୁ ପ୍ଲେନ୍ ମାନଙ୍କ ସହିତ ମୁହାଁ ମୁହିଁ ହୋଇଥିଲୁ, କିନ୍ତୁ ସ୍ପିଟ୍‌ଫାୟାର୍ ମାନେ ସେମାନଙ୍କୁ ଘଉଡ଼େଇ ଦେଇ ପାରିଥିଲେ । ଏଥିରେ ଆମର ଅବଶ୍ୟ ଘଣ୍ଟାଏ ଡେରି ହୋଇଥିଲା । କାଇରୋଠାରୁ ଛାଡ଼ି ୫ଟାରେ ବାହାରି ସକାଳ ସାଢ଼େ ଏଗାରଟାରେ କରାଚିରେ ପହଞ୍ଚିଲୁ । ବିଶ୍ରାମ କରିବାକୁ ସମୟ ନାହିଁ । ପେଟ୍ରୋଲ୍ ଭର୍ତ୍ତି କରି ପୁଣି ଛାଡ଼ିଲୁ ଦିଲ୍ଲୀ । ଦିଲ୍ଲୀରୁ ସିଧା ମାଣ୍ଡାଲେ । ମାଣ୍ଡାଲେ ଏରୋଡ୍ରାମ୍ ନୂଆ ହୋଇ ଯୁଦ୍ଧ ଲାଗି ତିଆରି ହୋଇଥାଏ । ଏହି ମାଣ୍ଡାଲେ ଏରୋଡ୍ରୋମ ବର୍ମା ପୁନଦର୍ଖଲ ପାଇଁ ଏୟାର୍ ବେସ୍ ହୋଇଥାଏ । ସେଠାରେ ଆସି ଶୁଣିଲୁ ଯେ ଜାପାନୀମାନେ ମଣିପୁରଠାରୁ ହଟି ହଟି ରେଙ୍ଗୁନ ପର୍ଯ୍ୟନ୍ତ ଗଲେଣି । ଜଣା ଯାଉଥିଲା ସେଇଠାରେ ଦୃଢ଼ ପ୍ରତିରୋଧ କରିବେ ।

\+ × +

ରେଙ୍ଗୁନ ସହରରେ ଆକ୍ରମଣ ମୂଳକ ପର୍ଯ୍ୟବେକ୍ଷଣ କାର୍ଯ୍ୟ କରିବା ପାଇଁ ମୋତେ ଆଦେଶ ମିଳିଲା । ବର୍ମାର ଅନେକ ଜାଗା ସହିତ ପରିଚିତ ବୋଲି ମୋତେ କର୍ତ୍ତୃପକ୍ଷ ଏ କାର୍ଯ୍ୟ ପାଇଁ ବାଛି ଥିଲେ । ଇରାବତୀ ଉପରେ ମୋର ବମ୍ବର ଗର୍ଜନ କଲା । ଛାଡ଼ିଲି ରେଙ୍ଗୁନ ଉପକୂଳ । ପ୍ରାୟ ଘଣ୍ଟାକ ପରେ ମୋର ଜନ୍ମସ୍ଥାନ ପ୍ରୋମ୍ ସହର ମୋର ଦୃଷ୍ଟି ଗୋଚର ହେଲା । ଅଲ୍‌ଟିମିଟର୍ ମୁହଁ ଦେଖିଲି । ଦୁଇ ହଜାର ଫୁଟ । ହଜାର ଫୁଟକୁ ବମ୍ବର ନମାଇ ଆଣିଲି । କାହିଁ ସେ ବାଲ୍ୟ ସାଥି ଦର୍ଶ ଭିନ୍ନ ଦୃଶ୍ୟ । ଆକାଶ ପାତାଳ ଫରକ୍ । ଭଙ୍ଗା ରୁଜିଆ କୋଠା ମାଳ ମାଳ । ସବୁ ଲୋକ କ୍ଷମ ହୋଇଥିଲା । ଲୋକ ବାକର ଚିହ୍ନ ନଥାଏ । ବୋଧହୁଏ ଲୁଚି ଯାଇଥିବେ । ମୋଟ ଉପରେ ଗୋଟାଏ ପରିତ୍ୟକ୍ତ ସହର ପରି ଜଣାଗଲା । ପ୍ରତ୍ୟେକ ଗଳି, ପ୍ରତ୍ୟେକ କୋଠା, ପ୍ରତ୍ୟେକ ଜାଗା ସହିତ ପରିଚିତ ଥିଲି । ଯେ ପ୍ରୋମ ସହର ଆଜ କାହିଁ, ତାହିଁ ପାରିଲି ନାହିଁ । ଦୀର୍ଘ ନିଶ୍ୱାସ ଟିଏ ଛାଡ଼ି ଜନ୍ମଭୂମିକୁ ପରିକ୍ରମା ନେଇ ଥିଲି, ଆଜ ଟିକିଏ ବେଶି ଖୋଲି ଦେଲି । ଘୋର ଗର୍ଜନ କରି ବମ୍ବର ପୁଣି ଉପରକୁ ଉଠିଲା । ଅଳ୍ପେ ଅଳ୍ପେ ପ୍ରୋମ୍ ସହର ଅଦୃଶ୍ୟ ହେଲା । ମୋହର ଭାବନା ବି ସେଇଠାରେ ଶେଷ ହେଲା । ଆଉ ଟିକେ ସଚେତ ହେବାକୁ ପଡ଼ିଲା । ଆକାଶ ପଥରେ ରେଙ୍ଗୁନ୍ ସେ ପୋଟେ ଦେଢ଼ଶହ ମାଇଲରୁ କିଛି ବେଶୀ । ଜାପାନୀ ମାନେ ସେଠାରେ ପ୍ରସ୍ତୁତ ହୋଇଥିବେ । କିଛି ମିନିଟ ଭିତରେ ମୋର ବୋମାରୁ ଜାହାଜ ଆଠ ହଜାର ଫୁଟ ଉପରେ ରେଙ୍ଗୁନ ସହର ଉପରେ ଉଡ଼ିଲା । ଶତ୍ରୁର ଫାଇଟର ସେଠାରେ ଦେଖିବାକୁ ମିଳିଲା ନାହିଁ । ଆଣ୍ଟି ଏୟାରକ୍ରାଫ୍‌ଟଗନ୍‌ର ଫାୟାର ନାହିଁ । ଜାପାନୀ କଅଣ ଆଉ ନାହାନ୍ତି କି ? ଜଏଷ୍ଟିକ୍‌କୁ ଆଗକୁ ଅଳ୍ପେ ଅଳ୍ପେ ଠେଲିଲି । ବମ୍ବର ଅଳ୍ପେ ଅଳ୍ପେ ତଳକୁ ଖସିଲା । ରେଙ୍ଗୁନ ସହରର ଗୃହ-ସାଧୋ ସେର ଦେଉଥାଏ । ତଳର ଦୃଶ୍ୟ ଅଳ୍ପେ ଅଳ୍ପେ ଭଲ ଭାବରେ ଦିଶିଲା । ଟେଲିସ୍କୋପ ଦୃଷ୍ଟିରେ ଗୃହ ଅଙ୍କୁ ଚାହିଁ ଥାଏ । ହଠାତ୍ ଗୋଟିଏ ଅଙ୍କୁ ମୋର ଦୃଷ୍ଟି ଆକୃଷ୍ଟ ହେଲା । ଗୋଟିଏ କୋଠା ଉପରେ ଗୋଟିଏ ଇଉନିୟନ୍‌ଜ୍ୟାକ୍ । ପ୍ରଥମେ ନଥିଲା, କିଛି ସମୟ ପରେ ପୁଣି ଚାହିଁଲି ବେଲକୁ ଇଉନିୟନ୍ ଜ୍ୟାକ୍ । କୌଣସି ବ୍ରିଟିଶ ସୈନ୍ୟ ରେଙ୍ଗୁନ୍‌ରେ ଥିବାର ଖବର ବେସ୍‌ରୁ ତ ପାଇନି । ଭାବିଲି ଜାପାନୀଙ୍କର ଫିସାଦ । ପର ପତାକାର ଅନ୍ତରାଳରେ ଆତ୍ମରକ୍ଷା କରିବା । ଏ ମୁହୂର୍ତ୍ତରେ କୈନନ୍ଦିନ ଘଟଣା କହୁଥିଲେ । ଦୃଢ଼ ବିଶ୍ୱାସ ହେଲା ଯେ ସେଇଟା ଜାପାନୀଙ୍କର କୌଣସି ଗୋଟିଏ ଗୁରୁତ୍ୱ ପୂର୍ଣ୍ଣ ଦପ୍ତର । ଇଣ୍ଡେରବାକୁ ଇଉନିୟନ ଜ୍ୟାକ୍‌ର ଆଶ୍ରା ନେଇଛନ୍ତି । ଶର୍ଟ୍ ଶାଟେଁ ସମାଚାରେଙ୍ ଗାଇ ଅନୁସରଣ କଲି, ସ୍ପିଡୋମିଟର୍ ଓ ଅଲ୍‌ଟିମିଟର୍‌କୁ ଦେଖି, ବମ ଲକ୍ଷ୍ୟ କରିବା ଯନ୍ତ୍ରକୁ ଖୋଲିଲି । ଲକ୍ଷ୍ୟ ବୃତ୍ତ ଭିତରେ ଚାହିଁ ଥାଏ । ସେ ଘର ଯେମିତି ବୃତ୍ତ ଭିତରେ ଦିଶିଛି, ବମ୍ ସୁଇଚ୍‌କୁ ଟିପିଦେଲି । ପୋଡ଼ାଏ ଦୁଇଟି ପାଉଣ୍ଡିଆ ଥର ମାରଟ୍ ବମ୍ ସେହି ଘର ଉପରକୁ ଓହ୍ଲାଇଲା । ତାହା ପରେ ଯାହା ହେବାର କଥା ହେଲା । ତେବେ ମୁଁ ଛାଡ଼ି ଆସିଥିଲି ଏୟାର୍ ବାଣ୍ଟ୍ରି ଗନ୍‌ର ଜବାବ ନାହିଁ । ଖାଁ ଖାଁ ଦି ମୁଠା ଗୁଳି ବର୍ଷାରେ ଦମ୍ ପକାଇଲି । ନେଡେ ବି ଜବାବ୍ ନାହିଁ । ଭାବିଲି ଜାପାନୀମାନେ ରେଙ୍ଗୁନ୍‌ରେ ବି ନାହାନ୍ତି । ଅକାରଣରେ ବମ୍ ଗୁଡ଼ାକ ଦେଲି ଭାବି ଟିକିଏ ବ୍ୟସ୍ତ ହେଲି । ସାଙ୍ଗେ ସାଙ୍ଗେ ଫେରିଲି ମାଣ୍ଡାଲେ । କର୍ତ୍ତୃପକ୍ଷଙ୍କୁ ସବୁ ଜଣାଇଲି । ଦୁଇ ଦିନ ପରେ ଭଲଭାବରେ ଜଣାଗଲା ଯେ ଜାପାନୀ ମାନେ କିଛି ଆଗରୁ ରେଙ୍ଗୁନ ଛାଡ଼ି ଯାଇ ଅଛନ୍ତି । ଦୁଇ ସପ୍ତାହ ପରେ ମୁଁ ଅନ୍ୟମାନଙ୍କ ସହ ରେଙ୍ଗୁନ ଏରୋଡ୍ରମ୍‌ରେ ଓହ୍ଲାଇଲି ।

\+ ÷ ÷

ପ୍ରଥମ ଥର ପାଇଁ ଯେତେବେଳେ ମୁଁ ଶୁଣିଲି ଯେ ବାପା ରେଙ୍ଗୁନ୍ ଛାଡ଼ି ନାହାନ୍ତି ସେତେବେଳେ ଅଧୈର୍ଯ୍ୟ ହୋଇଗଲି । ଲୋକ ଖୋଜି ଗୋଟିଏ ପୋଡ଼ା ଭଙ୍ଗା ଥିବା କୋଠା ପାଖରେ ପହଞ୍ଚିଲି । କିଛିରୁ ଓହ୍ଲାଇ ସେହି ଘରା ପାଖରେ ଠିଆ ହୋଇଛି, ହଠାତ୍ ଜଣେ ଦାଢ଼ିଆ, ମଇଳା ମୁଣ୍ଡକୁଟିଆ ଓ ଧବ ଲୁଗା ପିନ୍ଧିଥିବା ଲୋକ "ବୃନ୍ଦ, ବୃନ୍ଦରେ, ଆରେ ମୋ ବୃନ୍ଦ, ଆ, ଆ, ବାପା" କହି ସେହି ଘରା ପାଖରେ ଥିବା ଗୋଟିଏ ଗଳି ଭିତରୁ ଦାହାଣ ମୋ ଆଡ଼କୁ ଦଉଡ଼ି ଆସିଲା । ମୋ ଡାକ ନାଁ ତା ମୁହଁରୁ ଶୁଣି ଅବାକ୍ ହୋଇଗଲି । ଭଲ କରି ତା ମୁହଁକୁ ଚାହିଁଲି । ମୋ ମୁଣ୍ଡ ବୁଲେଇ ଗଲା । ଗୋଡ଼ତଳୁ ମାଟି ଗୁଡ଼ାକ ଦବି ଗଲା ପରି ଜଣାଗଲା । ଆଖିରୁ କୁହୁ କୁହୁ ଲୁହ ଝରିଗଲା । ସର୍ବାଙ୍ଗ ଅବଶ ହୋଇ ଆସିଲା ।

Digitized by srujanika@gmail.com

ଛଲ ପଡ଼ବା ପୂର୍ବରୁ ସେ ତାଙ୍କ ଛାତି ଉପରେ ମୋତେ ଜାକି ଧରି "ମୋ ବୁଲୁ, ମୋ ବୁଲୁ" କହି କାନ୍ଦ ପକାଇଲେ । ତାଙ୍କ ଦେହ ଗୋଟା ଯାକ ଥରୁଥାଏ । ଚିକିଏ ପ୍ରକୃତସ୍ଥ ହୋଇ ମୁଁ କହିଲି "ବାପା, କୋଉ, ... ?" "ସମସ୍ତଙ୍କୁ ହରାଇଛି" କହି ସେ ମୂର୍ଚ୍ଛା ହୋଇ ପଡିଗଲେ ।।ମୋ ଭିତରଅ କଂପିଉଠିଲ ହୃଦୟ ବ ସ୍ପନ୍ଦନ ପଡ଼ଲ । ତାଙ୍କର ଚେତନା ଆସିବା ପରେ ତାଙ୍କୁ ପ୍ରବୋଧ ଦେଲି, "ବାବା ମୁଁ ଫେରି ଆସିଛି, ମୋତେ ଦେଖି ସବୁ ଭୁଲି ଯାଅ । କିଛି ସମୟ ପରେ ପୁଣି ଯାକ ସେହି ଗୃହ ଭିତରକୁ ଯାଇ ବସିଲୁ । ସେ ତାଙ୍କ ଜୀବନର ଦୁଃଖତମ ଅଧ୍ୟାୟ କହି-ବାକୁ ଲାଗିଲେ ।

÷ ÷ ÷

"ସୁବିଧା ହେବ ବୋଲି ପ୍ରୋମ୍‌ରୁ ଆସି ଏଠାରେ ରହିଲି । ତୁ ଆସି ଦେଖିଲେ ଖୁସି ହେବୁ ବୋଲି ମଜଭୁତ କୋଠାଟିଏ ତିଆରି କରାଇ ଥିଲି । ଏ ଗଦାଟା ସେହି କୋଠା । ଗୃହନା ପରି ଶକ୍ତ ପାଖରେ ହାଇଗଣି ନେଉଥିବା ଜାପାନ ଯେ ଏତେ ଶୀଘ୍ର ରେଙ୍ଗୁନ ଅଧିକାର କରିଯିବ ତାହା ମୁଁ କେବଳ ନୁହେଁ ଏଠାରେ ବହୁତ ଲୋକ ବ କଳ୍ପନା କରି ପାରି ନଥିଲେ । ଯେଉଁଦିନ ପ୍ରଥମେ ଜାପାନ ଏଠାରେ ବୋମା ପକାଇଲା ସେ ଦିନର ଦୃଶ୍ୟ ମନେ ପଡ଼ିଲେ ଦେହ ଶିହରି ଉଠେ । ପଠାଲି ପରି ମଣିଷ ଗୁଡ଼ାକ ରାସ୍ତାରେ ଶୋଇ ଗଲେ । ଆମର କୋଠା ସେ ବିପତ୍ତିରୁ ବର୍ତ୍ତି ଯାଇଥିଲା । ଯେଉଁ ଦିନ ମୁଁ ଏଠାରୁ ପଳାଇବା ଲାଗି ସ୍ଥିର କଲି ସେହିଦିନ ସକାଳୁ ଉଠି ଦେଖେତ ରାସ୍ତା ଘାଟରେ ଜାପାନୀ ସୈନ୍ୟ ଚାଲି ସାଲ୍ଲ । ପ୍ରଥମେ ହୋଇଥିବା ଆମ୍ଭମାନଙ୍କର ଆତଙ୍କକୁ ଜାପାନୀ ମାନେ, ସେମା-ନଙ୍କର ନମ୍ର ବ୍ୟବହାର ଦ୍ୱାରା ଦୂର କରି ଦେଇଥିଲେ । ଆମକୁ ଜଣାଇ ଦିଆ ଯାଉ ଥିଲା ଯେ ସେମାନେ ଆମ୍ଭ ମାନଙ୍କୁ କେବଳ ବ୍ରିଟିଶ କବଳରୁ ମୁକ୍ତ କରିବାକୁ ଆସି ଅଛନ୍ତି । ଆମ୍ଭ ମାନଙ୍କ ସହଯୋଗ ନିତାନ୍ତ ଦରକାର । ସେହି ସହଯୋଗ ଫଳରେ ମୁଁ ମୋର ସର୍ବସ୍ୱ ହରାଇଲି । ଏପରିକି ମୋର କୋଠାଟି ସେନା-ପତିଙ୍କ ସୁବିଧା ପାଇଁ ଛାଡ଼ିବାକୁ ବାଧ୍ୟ ହୋଇଥିଲି । ତେବେ ସେମାନେ ଦୟାକରି ଦୋତ ମହଲାର ପାଇଁ ମୋର ଜାଗାରୁ ଖଣ୍ଡିଏ ଛାଡ଼ ଦେଇ ଥିଲେ । ଯାହା ହେଉ ମୁକ୍ତିଦାତା ବୋଧଙ୍କ ଆଗମନ ଓ ଜାପାନୀ ବାହିନୀର ପ୍ରତିଷ୍ଠାରେ ଆମ୍ଭମାନଙ୍କରେ ଟିକିଏ ଅବସ୍ଥା ବଦଳି ଥିଲା । ଜର୍ମାନୀର ପରାଜୟ ପରେ ଜାପାନ ପଛେଇ ପଛେଇ ଯେଉଁଦିନ ରେଙ୍ଗୁନ ଛାଡିଗଲା ସେହିଦିନ ମୁଁ ପୁନର୍ବାର ମୋର କୋଠାରେ ଆସି ରହିଲି । ସ୍ୱାଧୀନ ଦୁଃଖ ନଥା ବୋଧହୁଏ ପାର ହୋଇଗଲା । କିନ୍ତୁ କିଏ ଜାଣିଥିଲା ଯେ ଡଙ୍ଗା ଠିକ କୂଳରେ ପହଞ୍ଚିଲା ବେଳକୁ ବୁଡ଼ି ଯିବ । ସାତଦିନ ଯାଇଛି କି ନାହିଁ ଗୋଟିଏ ଉଡ଼ାଜାହାଜ ଏଠାରେ ଆସି ଉପରେ ଘେରି ଦେଇ ଉଡିଲା । କାହାକିତି ବ୍ରିଟିଶର କାରଣ ଡେଣା ତଳେ ଗୋଲ ଗୋଲ ଚିହ୍ନ ଥିଲା ।"—ବାପା କହିଲେ

÷ ÷ ÷

ମୋର ଛାତି ଧାଉଁ ଧାଉଁ ହୋଇ ପଡ଼ିଲା ।

÷ ÷ ÷

"ମୁଁ ଶୁଣିଲି ଜାଲେ ବୋମା ପକାଇ ଦେବ । ଆଗରୁ ସତର୍କ ହେବା ଉଚିତ । ମିଲି ପିଲଙ୍କୁ ଘର ଭିତରେ ଦେଇ କୋଠା ଉପରକୁ ଗଲି । ଗୋଟିଏ ଇଉନିଅନ୍ ଜ୍ୟାକ୍ ପତକା ଖୁଣ୍ଟର ଦଉଡ଼ିରେ ବାନ୍ଧି ଉପରକୁ ଉଠାଇ ଦେଲି ଏବଂ ତଳକୁ ଓହ୍ଲାଇ ଆସିଲି ।"

÷ ÷ ÷

ମୁଁ ସେତେବେଳକୁ ପଥର ପରି ହୋଇ ଗଲିଣି ।

÷ ÷ ÷

"ମୁଁ ତଳେ ପହଞ୍ଚିଲି କି ନ ପହଞ୍ଚିଛି, ଓଃ କି ପ୍ରକାଣ୍ଡ ଶବ୍ଦ ଓ ତାହା ସଙ୍ଗେ ସଙ୍ଗେ ପ୍ରଳୟ ଅଗ୍ନି । ମୁଁ ପୋଡ଼ି ହୋଇ ଢଳିଲି । ଅସହାୟ ଅବସ୍ଥାରେ ଶୁଣୁଥାଏ ଟୁନୁ ଓ ତୋ ବୋଉର ଗୋଁ ଗୋଁ ଶବ୍ଦ ।"

÷ ÷ ÷

ବାପା, ବାପା, ବୋଲି ଚିତ୍କାର କରି ତାଙ୍କ କୋଳରେ ଗଡ଼ି ପଡିଲି ।

÷ ÷ ÷

"ତାଙ୍କ ବିକଳ ଆର୍ତ୍ତନାଦ କ୍ଷଣେ ଗରେ ଚିନ ପାଇଁ ବନ୍ଦ ହୋଇଗଲା । ଭାଗ୍ୟବତୀ ଲୋ ବୋଧହୁଏ ସେ ଶବ୍ଦରେ ତେଜ ପାଇ ଯାଇଥିଲା । ଓଃ ଜୀଅନ୍ତା ପୋଡ଼ି ହୋଇଗଲେ ସେମାନେ । ମୁଁ ଦ ସେଇ କଥା ମୁହଁରେ ଯାଇ ଥାଅନ୍ତି କିନ୍ତୁ ଅଗ୍‌ସ୍ତାନଙ୍କ ଇଂଲଣ୍ଡ଼ଅର ଦଳ କାହିଁ ଲାଗି ମୋତେ କାଢି ବଞ୍ଚାଇଲେ ତୋତେ ଏକଥା କହିବାକୁ—"

÷ ÷ ÷

ଅର୍ଦ୍ଧ ସ୍ୱରରେ ପାଟି କରି କହିଲି, "ବାପା, ବାପା, ସେ କଥା କୁହ ନାହିଁ ।"

—ସେହିଦିନ ଭାବିଲି, ମୁଁ ଯେପରି କଷ୍ଟ ପାଉଛି, ଠିକ୍ ସେମିତିଆ କଷ୍ଟ କେତେ ଲୋକଙ୍କ ମନରେ ନ ଦେଇଥିବି । ଟୁନୁ, ଲିଲିଙ୍କ ପରି କେତେ ନିର୍ଦ୍ଦୋଷ ବାଳକ ବାଳିକା ହତ୍ୟା ନ କରିଥିବି । ବୋଉପରି କେତେ ସ୍ତ୍ରୀ ଲୋକଙ୍କର ପ୍ରାଣ ନ ନେଇଥିବି । ଧିକ୍ ମୋ ପୁରୁଷତ୍ୱ । ଏହାଥିରେ କଅଣ ସାଧିତ ହେଲା ମୋର ପ୍ରାୟଶ୍ଚିତ୍ତ ।

—*—

## କୁତୁକୁତୁ

ହରି—ମା, ମା, ଟେଙ୍କ ଟେଙ୍କ ପଡିଗଲି, ହାଡ଼ଟା ଖସି ଯାଇଛି ।

ମା—ରଘୁଆ ଡାକ୍ତର ବାବୁଙ୍କୁ ଡାକ ଆଣ ଯା ।

ହରି—ନା ମା, ଡାକ୍ତର ବାବୁ କଣ କରିବେ, ମାଷ୍ଟ୍ରେ କହୁଥିଲେ ପଣ୍ଡେଲ ବୁଥକେ ସବୁ ମିଶାଇ ଦିଅନ୍ତି ।

\+ \+ ×

ନବବିବାହିତା—( ଦୁଃଖ ପୂର୍ଣ୍ଣ ସ୍ୱରରେ) ସେ ଆଉ ମୋତେ ପୂର୍ବ ପରି ଭଲ ପାଉ ନାହାନ୍ତି ।

ବାନ୍ଧବୀ—କେମିତି ଜାଣିଲ ?

ନବବିବାହିତା—ସେ ମୋତେ 'ଶହେ ଜଣରେ ଜଣେ ସୁନ୍ଦରୀ' ବୋଲି କହୁଛନ୍ତି ।

ବାନ୍ଧବୀ—ତେବେତ ଭଲକଥା—ସ୍ତ୍ରୀ କେତେ ଭଲ ପାଅନ୍ତି କୁହତ ?

ନବବିବାହିତା—ନା ତାହାହେବା ଆଗରୁ ମୋତେ ହଜାରରେ ଜଣେ ସୁନ୍ଦରୀ ବୋଲି କହୁଥିଲେ ।

\+ \+ ×

ମାଜିଷ୍ଟ୍ରେଟ—( ବନ୍ଦୀ ଆସାମୀ ପ୍ରତି ) ତମର କିଛି କହିବାର ଅଛି ?

ଆସାମୀ—ହଜୁର ବହୁତ କହିବାର ଅଛି ଧର୍ମାବତାର ସମୟ ମିଳିଲେ ତ ?

ମାଜିଷ୍ଟ୍ରେଟ—ଅଚ୍ଛା ଛମାସ କାରା ।ସ— ହେଲା ତ ?

× \+ \+

Digitized by srujanika@gmail.com

# ଗାନ୍ଧୀ ଚିନ୍ତାର ଧାରା

## ସ୍ୱଦେଶୀ

(୧୯୧୬ ଖ୍ରୀଷ୍ଟାବ୍ଦ ମିସନାରୀ ସମ୍ମିଳନୀରେ ଗାନ୍ଧିଜୀଙ୍କ ଭାଷଣ )

ବହୁତ ଭାବିଚିନ୍ତି ମୁଁ ସ୍ୱଦେଶୀ ଶବ୍ଦର ଗୋଟିଏ ସଂଜ୍ଞା ସ୍ଥିର କରିଛି। ବୋଧହୁଏ ତାହାହିଁ ସ୍ୱଦେଶୀର ସର୍ବୋତ୍କୃଷ୍ଟ ଟୀକା। ସ୍ୱଦେଶୀ ଆମ ଭିତରର ଗୋଟାଏ ପ୍ରେରଣା। ସେ ପ୍ରେରଣା ଆମକୁ ଦୂରର ଦୁରାନ୍ତର ସେମାନଙ୍କୁ ଛାଡ଼ି ଅତି ନିକଟ ଓ ସାମ୍ପ୍ରତିକ ପରିପାର୍ଶ୍ୱର ସେବା ଏବଂ କର୍ମରେ ଆମର ନିୟୋଜନାକୁ ସଂଯତ ଓ ସୀମିତ କରେ। ସେଇପରି ଧର୍ମକଥା ଧରାଯାଉ। ଧର୍ମର ସଂଜ୍ଞା ଆମଠାରୁ ଯାହା ଦାବୀ କରେ ତାହା ପୂରଣ କରିବା ପାଇଁ ମୁଁ ମୋର ପାରମ୍ପରିକ ଧର୍ମ ଭିତରେହିଁ ଆବଦ୍ଧ ରହିବାକୁ ଚାହେଁ। ଏହାହିଁ ମୋର ନିକଟ ତମ ଧର୍ମ ସଂପ୍ରଦାୟର ଧାରା ଓ ପଦ୍ଧତି। ମୁଁ ଯଦି ତହିଁରେ ଦୋଷ ଦେଖେଁ ତେବେ ତାର ସଂସ୍କାର ପାଇଁ ମୁଁ ଧର୍ମର ସେବା କରିବି। ରାଜନୀତି କ୍ଷେତ୍ରରେ ମଧ୍ୟ ମୁଁ ସ୍ଥାନୀୟ ଅନୁଷ୍ଠାନ ଗୁଡ଼ିକୁ ମୋର କାମରେ ଲଗାଇ ତହିଁରେ ଥିବା ନିର୍ଦ୍ଦିଷ୍ଟ ଦୋଷ ଗୁଡ଼ିକୁ ଦୂର କରିବା ଦିଗରେ କାର୍ଯ୍ୟ କରିବି। ଆର୍ଥିକ ସଂସ୍ଥାରେ ସେହିପରି ମୁଁ ମୋର ଅତି ପାଖର ପଡ଼ୋଶୀ ଯେଉଁ ପଦାର୍ଥ ପ୍ରସ୍ତୁତ କରିଥିବ କେବଳ ତାକୁଇ ବ୍ୟବହାର କରିବି ଏବଂ ତହିଁରେ ଯେଉଁଠି ତ୍ରୁଟି ଥିବ ତାହା ଦୂରକରି ତାକୁ ପୂର୍ଣ୍ଣ ଓ ନିଖୁଣ କରିବା ଉଦ୍ଦେଶ୍ୟରେ ତାର ସେବା କରିବି। କେହି କେହି ପଚାରି ପାରନ୍ତି ଯେ ଏ ପ୍ରକାର ସ୍ୱଦେଶୀକୁ କାର୍ଯ୍ୟରେ ପରିଣତ କରିବା ପାଇଁ ପ୍ରଳୟକାଳ ଲାଗିଯିବ। କାରଣ ଆମର ଜୀବଦଶା ଭିତରେ ଏହା ସମ୍ଭବପର ନୁହେଁ। ତେବେ ଆମେ କଣ ସ୍ୱଦେଶୀ ପରିହାର କରିଦେବା ?

ସ୍ୱଦେଶୀର ତିନୋଟି ଶାଖା—ମୁଁ କହୁଛି—ତାର ସଂବନ୍ଧରେ ସଂକ୍ଷେପ ଆଲୋଚନା ହେଉ। ହିନ୍ଦୁଧର୍ମ ଗୋଟିଏ ରକ୍ଷଣଶୀଳ ଧର୍ମ ହୋଇ ରହିଛି। ଏବଂ ସେଥିପାଇଁ ସେ ଏକ ଶକ୍ତିଶାଳୀ ଧର୍ମ। କାରଣ ତାହା ମୂଳରେ ଏଇ ସ୍ୱଦେଶୀର ଭାବ ରହିଛି। ଏହା ବଡ଼ ସହନଶୀଳ ଧର୍ମ କାରଣ ଏହା ଏ ଧର୍ମାନ୍ତର ବ୍ୟକ୍ତିକୁ ସ୍ୱଧର୍ମାନୁମୋଦିତ କରିବାର ଦାବୀ ଦିଏ ନାହିଁ। ଏବଂ ଅତୀତରେ ଏହା ଯେପରି ପ୍ରସାରଣ-କ୍ଷମ ଥିଲା ଆଜି ମଧ୍ୟ ସେହିପରି ରହିଛି। ଲୋକରେ କୁହାଯାଏ ଯେ ହିନ୍ଦୁଧର୍ମ ବୌଦ୍ଧଧର୍ମକୁ ବିତାଡ଼ିତ କରିବାରେ ସଫଳ କାମ ହୋଇଛି। ବାସ୍ତବରେ ହିନ୍ଦୁଧର୍ମ ବୌଦ୍ଧଧର୍ମକୁ ଆପଣାର କରି ନେଇ ପାରିଛି। ସ୍ୱଦେଶୀ ମନୋଭାବ ହେତୁ ଜଣେ ହିନ୍ଦୁ ଧର୍ମାନ୍ତର ଗ୍ରହଣ କରି ପାରେ ନାହିଁ। ତାର ଧର୍ମ ସର୍ବୋତ୍କୃଷ୍ଟ ବୋଲି ଭାବି ସେ ଧର୍ମାନ୍ତର ଗ୍ରହଣ କରେ ନାହିଁ ଏ କଥା ନୁହେଁ—ସେ ତା କରିପାରେ ନାହିଁ, କାରଣ ସେ ଭାବେ ଯେ ତାର ଧର୍ମରେ ସଂସ୍କାର ଆଣି ସେ ତାହାକୁ ପରିପୁଷ୍ଟ କରିପାରେ।

ହିନ୍ଦୁଧର୍ମ ସମ୍ବନ୍ଧରେ ଯାହା କହିଲି ତାହା ପୃଥିବୀର ଅନ୍ୟାନ୍ୟ ଧର୍ମରେ ମଧ୍ୟ ଅଛି ବୋଲି ମୁଁ ଭାବୁଛି—ବିଶେଷ ଭାବରେ ହିନ୍ଦୁଧର୍ମରେ ତାହା ଥିବାରୁ ମୁଁ ଉଲ୍ଲେଖ କଲି। ଏହିଠାରେ ହିଁ ମୁଁ ଯେଉଁ ସିଦ୍ଧାନ୍ତରେ ଉପନୀତ ହେବାକୁ ଯତ୍ନ କରୁଛି ସେହି ତଥ୍ୟ ଆସିଯାଏ। ଭାରତରେ ବହୁ ମିଶନାରୀ ସଂଘମାନ ଅଛନ୍ତି, ଭାରତର ସେମାନେ ଯେଉଁ ଉପକାର କରିଛନ୍ତି ଓ କରୁଛନ୍ତି ସେଥିପାଇଁ ଭାରତ ତାଙ୍କଠାରେ ଋଣୀ ଏବଂ କୃତଜ୍ଞ। ମୁଁ ଯାହା କହିଗଲି ତହିଁରେ ଯଦି ସାରବସ୍ତୁ କିଛି ଥାଏ ତେବେ ସେଇ ସଂଘ ଗୁଡ଼ିକ ଯଦି ତାଙ୍କର ନାନା ଲୋକହିତକର କାର୍ଯ୍ୟ କରୁଥିବା ବେଳେ ଧର୍ମାନ୍ତରରୁ ସ୍ୱଧର୍ମ ଦୀକ୍ଷିତ କରିବା କାର୍ଯ୍ୟରୁ ବିରତ ହୁଅନ୍ତି ତେବେ ସେମାନେ କଣ ଏ ଦେଶର ଅଧିକ ଉପକାର କରିବା ସଙ୍ଗେ ସଙ୍ଗେ ତାଙ୍କର ନିଜ ଧର୍ମ ଖ୍ରୀଷ୍ଟଧର୍ମର ପ୍ରକୃତ ସେବା କରିବେ ନାହିଁ କି ? ମୋର ଆଶା ଆପଣମାନେ ମୋର ଏ କଥାକୁ ଧୃଷ୍ଟତା ବୋଲି ଗ୍ରହଣ କରିବେ ନାହିଁ। ମୁଁ ବଡ଼ ବିନୀତ ନମ୍ର ଭାବରେ କହୁଛି। ଅଧିକନ୍ତୁ ଆପଣମାନଙ୍କର ଅବଧାନକୁ ଆଣିବା ପାଇଁ ମୋର ଦାବି ଅଛି। ମୁଁ ବାଇବଲ ଅଧ୍ୟୟନ କରିବାକୁ ଚେଷ୍ଟା କରିଛି। ମୋର ପୁରାଣମାନଙ୍କ ଭିତରେ ବାଇବଲ ସ୍ଥାନ ପାଇଛି। ଭଗବତ୍ ଗୀତା ମୋର ହୃଦୟକୁ ଯେପରି ଅଧିକାର କରିଛି—ମାଉଣ୍ଟର ଉପଦେଶ (sermon) ମଧ୍ୟ ସେହି ପରି ସମ ଅଧିକାର କରିବା ପାଇଁ ପ୍ରତିଯୋଗିତା କରେ। 'ପ୍ରଭୁ ଆଲୋକ ଦିଅ' ଓ ଅନ୍ୟାନ୍ୟ ସେହି ଶ୍ରେଣୀର ଆବେଗମୟ ଭଜନ କୀର୍ତ୍ତନ ମୁଁ ଭକ୍ତି ଭାବରେ ଗାନ କଲାବେଳେ କୌଣସି ଖ୍ରୀଷ୍ଟାନଠାରୁ ଆପଣାକୁ ନ୍ୟୂନ ମନେ କରେ ନାହିଁ। ମୁଁ ପ୍ରସିଦ୍ଧ ଖ୍ରୀଷ୍ଟ ଧର୍ମ ଯାଜକ ଓ ବହୁ ମିଶନାରୀମାନଙ୍କ ପ୍ରଭାବରେ ପ୍ରଭାବିତ। ମୋ ପୂର୍ବୋକ୍ତ କଥାକୁ ଆପଣମାନେ ଜଣେ ଧର୍ମାନ୍ଧ ହିନ୍ଦୁର ସୂଚନା ବୋଲି ନଦେଇ ଖ୍ରୀଷ୍ଟଧର୍ମ ପ୍ରତି ଅନୁରକ୍ତ ଜଣେ ବିନୀତ ନିରପେକ୍ଷ ଧର୍ମ ସମୁଦାୟର ଛାତ୍ରର ସୂଚନା ବୋଲି ଗ୍ରହଣ କରିବେ। ପ୍ରଭୁଙ୍କର ଯେଉଁ ବାଣୀ—"ଯାଅ ସମଗ୍ର ପୃଥିବୀ ସମକ୍ଷକୁ ଯାଅ !" ଅଛି ସେପରି ସଂକୀର୍ଣ୍ଣ ଭାବରେ ତାର ଟୀକା କରା ନଯାଉ ଏବଂ ତାର ପ୍ରକୃତ ପ୍ରାଣ ଯେପରି ନଷ୍ଟ ନହେଉ।

ମୁଁ ଅଭିଜ୍ଞତାରୁ କହୁଛି— ଆପଣମାନଙ୍କର ଅନେକ ଧର୍ମାନ୍ତର ଦୀକ୍ଷାନାମକୁ ମାନ—ଆପଣ ବୋଧହୁଏ ଅସ୍ୱୀକାର କରିବେ ନାହିଁ। କେଉଁକେ କ୍ଷେତ୍ରରେ ଏହା ହୃଦୟ ସ୍ପର୍ଶ ନକରି ଉଦର ସ୍ପର୍ଶ କରିଥାଏ। ଏବଂ ପ୍ରତ୍ୟେକ କ୍ଷେତ୍ରରେ ଧର୍ମାନ୍ତର ଦୀକ୍ଷା ଯେଉଁ ତ୍ରାସ ଆଣି ଥାଏ ତାହା ପରିହାର କରି ହୁଅନ୍ତା। ମୁଁ ପୁଣି ନିଜର ଅଭିଜ୍ଞତାରୁ କହୁଛି ଯେ ପ୍ରତ୍ୟେକ ମହତ୍ ଧର୍ମର ପୁନର୍ଜନ୍ମ ବା ହୃଦୟ ପରିବର୍ତ୍ତନ ସମ୍ପୂର୍ଣ୍ଣ ସମ୍ଭବ। ମୁଁ ବୁଝୁଛି ମୋର ଏହା ଖଣ୍ଡୀ ଧାରରେ ଚାଲିଲାପରି କଥା। କିନ୍ତୁ ମୋ ବକ୍ତୃତାର ଏହି ଅଂଶ ଶେଷ କରିବା ପୂର୍ବରୁ ମୁଁ କହିବାକୁ ଚାହେଁ ଯେ ବର୍ତ୍ତମାନ ଇଉରୋପରେ ଯେଉଁ ଧର୍ଷଣ ଚାଲିଛି ତାହା ସ୍ପଷ୍ଟ ସୂଚାଇ ଦେଉଛି ଯେ ଶାନ୍ତିର ଦୂତ ନଜାରଥର ପ୍ରଭୁ ଯିଶୁଙ୍କର ବାଣୀ ଆଜି ଇଉରୋପ ହୃଦୟଙ୍ଗମ କରିନାହିଁ—ଏବଂ ସେ ଆଲୋକ ଆଜି ପୂର୍ବ ଭାଗରୁ ହିଁ ବିକଶିତ ହେବାର ଅଛି। ମୋର ଏ ଉକ୍ତି ପାଇଁ ମୁଁ କ୍ଷମା ଚାହେଁ ନାହିଁ।

[ କ୍ରମଶଃ ]

Digitized by srujanika@gmail.com

# ନୈବେଦ୍ୟ

## ସେ

ଯେ ମୁଖଟି ଆଉ ନ ଦିଶିବ ପୁଣି ବାରେ,
ସବୁଦିନ ଲାଗି ଲୁଚି ଗଲା ଅନ୍ଧକାରେ ।
ଇତିହାସ କଥା ହୋଇଗଲା ଆଜି ଯାହା,
ହଜି ଗଲା କେଉଁଣେ ଆଜି ଯା' ଜୀବନ-ରହା ।
ତା' ମୁରତି କାହିଁ ନୟନରେ ଜାଗି ଉଠେ,
ମରମେ ତାଲାଗି ନକତ ମନ୍ଦାର ଫୁଟେ ।
ଗଣ୍ଡାସ୍ରାବୀ ଲୁହ ଝରି ପଡ଼େ ଧାର ଧାର,
କୁଳୁଫଟା କୋହ ଉଛୁଳଇ ବାର ବାର ।
ଅବାହୂତା ପଥେ ସେ ଯେବେ ଯାଇଛି ଚାଲି,
ତା ଲାଗି ମୁଁ କାହିଁ ସଜାଉଛି ପୂଜା ଥାଳି ?
ଧୂପ ନଇବେଦ୍ୟ, ପନିର, ଚନ୍ଦନ ଥୋଇ,
ତା ଲାଗି ମୋ ଚିତ୍ତ ବାଉଳା ଯାଉଛି ହୋଇ !
ଛିଡ଼ିଗଲା ଯେବେ ସେ ଦିନ ତା' ବୀଣା ତାର,
ସେଇ ସୁରେ ପୁଣି ଉଠେ କାହିଁ ହାହାକାର ?
ଅଭୁଲା ଗୀତଟି ତା କଣ୍ଠୁ ଯାଇଛି ସରି,
ସେଇ ତାନେ କାହିଁ ମୋ ଛାତି ଉଠୁଛି ଥରି ?
ତା କଥାର ଜିଅ ଛିଣ୍ଡି ଗଲା ଦିନୁ ମୋର—
ଚରଣ ବାନ୍ଧିଛି ଯାହାର ପୀରତି ଡୋର ।
ଭୂଇଁରେ ପଡ଼ିଛି ଯେ ଫୁଲଟି ଅଲେ ଲୋଟି,
ତା' ମହକେ କାହିଁ ଚହଟିଯାଏ ପୋତ ତୋଟି ।
ଯେ ଫୁଲର ଦେହ ମାଟିରେ ଯାଇଛି ମିଶି,
ତାଲାଗି ଭ୍ରମର ଘୂରେ କାହିଁ ଅହନିଶି ?
ପଶ୍ଚିମରେ ଯେବେ ବୁଡ଼ିଛି ଅରୁଣ ରବି,
ସେଇ ରାଗେ କାଏ ଅଙ୍କୁଚି ଲୋହିତ ଛବି ।
ତା' ପ୍ରଦୀପ ଶିଖା ନିଭି ଗଲା ଆଜି ଯେବେ,
ବଳିତା'ର ଗନ୍ଧ ପୋଡେ କାହିଁ ପ୍ରାଣ ତେବେ ?
ସେ ଯେବେ ପୁଣି ଗୋ ମଉନ ବରତ ନେଇ,
ମୁଦି ଦେଇଛି ତା କରୁଣ ନୟନ ବେନି ।
ତାହାଲାଗି କାହିଁ ଅପଲକ ରହେ ଆଖି,
ଥକେ ନାହିଁ ତୁଣ୍ଡ ବାର ବାର ଡାକି ଡାକି ?
ମୂକ ହୋଇ ସିଏ ମୁଖର କରିଛି ଧରା,
କହେ କିଏ—ଜାଳି ଯାଇଛି ଜଗତ ସାରା ।
କହେ ଆଜି ସିଏ ସାଗର ଗରଭେ ହଜି,
ଅକୂଳ ଅନ୍ଧାରେ ରହିଗଲା କାହିଁ ମଜ୍ଜି !
କୂଳରେ ପଡ଼ିଛି ତାହାର ପୀରତି ନାବ,
ଝଞ୍ଜା ବତାସରେ ସଭିଙ୍କି ଦେବାକୁ ଠାବ ।
ବଳୟରେ ତାର ଗଉରବ ଉଠେ ଝଳି,
ଶ୍ମଶାନ ମାଉଁସ ଗଢ଼ି ବସେ ପ୍ରେମ କଳି ।
ଯମୁନା ପୁଳିନେ ତାହାର ଅରାଧ ରଚି,
ଉଆଁସ ରାତିରେ ସେ ପ୍ରଦୀପ ଯାଇଛି ଖଚି ।
ପ୍ରଳୟର କାନେ ସୃଜନର ଗୀତ ଗାଇ,
ନିଦାଘେ ଯାଇଛି ମଳୟ ବଇଁଶୀ ବାଇ ।
ମରଣ ଗରଭୁଁ ଯେତେ ଆଜି ନୁଆ ରୂପ,
ପ୍ରଳୟର ଦ୍ରୁମ କରିଛି ସେ ଦଳ-ଯୂପ ।

ଗୌରଚନ୍ଦ୍ର

—*—

## ଜନନାୟକ

ଜମି ଉଠେ କଳା ରାତି   ହସି ଉଠେ ଧୂସର ସଂକ୍ରାନ୍ତି,
ଗାଇଲା କେ ସତ୍ୟଶିବ ଦୟା କ୍ଷମା···ଅହିଂସା ଓ ଶାନ୍ତି ।
ମରୁ-ଝଡ଼ ଆନ୍ଦୋଳନେ   ଆସେ ଭାସି କେଉଁ ଦେବଦୂତ,
କନ୍ଦୀଲର ଘୂର କଣ୍ଠେ ସ୍ୱାଧୀନତା ସଂଗ୍ରାମେ ଆହୁତ···;
ଜୀବନର ସ୍ୱାର୍ଥତ୍ୟାଗେ ଗଢ଼ିଗଲା ବର୍ତ୍ତର ପର୍ବ,
ନଗ୍ନ ଅଙ୍ଗେ ନଗ୍ନ ପାଦେ···ସେଯେ ମୁକ୍ତ ଜନତାର ଗର୍ବ ।
ବଣ୍ଟିଥିରେ ନିଃସ୍ୱ ସେଯେ···ବାହୁନେଲା ଏ ଦେଶର ତୃଷା,
ମା[illegible] ଅନ୍ଧ ରାତି ଅମାବାସ୍ୟା ବୁକୁକୁ ନାଉରି ।
ଶୃଙ୍ଖଳ···ହାତେ ଦେଲା ଲକ୍ଷ ବୋମା ବିସ୍ଫୋରକ ବଳ,
କଣ୍ଠରେ ବନ୍ଧନ ସୁର···ଖସେ ଯେବେ କାରାର ଶୃଙ୍ଖଳ ।
ନିର୍ବେଦ ଜନତା ପାଦେ ଛୁଇଁଗଲା ବୈଶାଖୀର ଛନ୍ଦ,
ସନ୍ଧ୍ୟାଟିରେ ବନ୍ଧ୍ୟା ମରୁ ବୁକେ ଦେଲା ମୌସୁମୀର ଗନ୍ଧ ।
ଯୁଦ୍ଧ-ଯାତ୍ରୀ ପୁରୋଭାଗେ ହାତେ ତାର ନଥିଲା ତ ଅସ୍ତ୍ର,
ପଞ୍ଚଜନ୍ୟ ଅହିଂସାର ଫୁଙ୍କି ଗଲା ଅସଂଖ୍ୟ ଅଯୁତ ।
ହସି ହସି ବୁକୁପାତି ବରିନେଲା ଗୋଳି ମୃତ୍ୟୁ-ଫୁଲ,
ବଦାୟୁ ସୂର୍ଯ୍ୟର ସମ ଯାତ୍ରା ଶେଷେ ଉଭିଥିଲ ଉଦଫୁଲ ।
ଦେବାଳୟ ପଦଚିହ୍ନ···ହେଲା ଏବେ ଦିଲ୍ଲୀ ରାଜପଥ,
ଜନତା ସମୁଦ୍ର ଆଜି ତରଙ୍ଗିତ···ବ୍ୟାକୁଳ···ବ୍ୟଥିତ ।
ଯମୁନାର ନୀଳଜଳେ ଜଳିଉଠେ ଶିଖା ଲେଲିହାନ,
ଅମୃତାଙ୍ଗୀ ଅନ୍ଧକାରେ ନିର୍ବାପିତ ମୁକ୍ତି···ଦୀପାୟନ ।
ଶତାବ୍ଦୀର ଶ୍ରେଷ୍ଠ ଫୁଲ···ଏ ମାଟିର ସୁନାର ଫସଲ,
ପ୍ରାଚ୍ୟର ସଭ୍ୟତା ସେଯେ···ପ୍ରଣମଇ ଯୁଗ-ଯାତ୍ରୀ ଦଳ ।

ରାଜଗୁରୁ ଧରଣୀଧର ମହାପାତ୍ର

—*—

Digitized by srujanika@gmail.com

# ଯୋ ନହିଁ ପୁଛ୍ଛା ଉସ୍‌କୋ ଭି

ଅମିୟା— ନାଁ ଟା ବଙ୍ଗଳା । ରୂପଟା ତେଲେଙ୍ଗା ତେଲେଙ୍ଗା ଅର୍ଥାତ ଇମ୍ପୋର୍ଟେଡ ମୁହ ପାତଳା ଦେହ—ବେଶୀ ଲମ୍ବା—ବର୍ଣ୍ଣ ମଧ୍ୟରୁ ଗୋରା ଇତ୍ୟାଦି । ପରିଧାନ ପାର୍ଟୀ ପାର୍ଟୀ—ଅର୍ଥାତ୍ ଦୟୋାଳ—ବୟସ ପ୍ରିଣ୍ଟେଡ୍ ଶାଢ଼ୀ ନୁହେଁ—ବିଳକୁଳ ବୟସ ବାଳୀ । ଅନ୍ତ ଗୁଣ ତାର ସାହେବୀ ସାହେବୀ । ଯାନେ ଇଂରାଜୀ ସେ ଗ୍ରେବେଇ ଗ୍ରେବେଇ ଟେଲିଫୋନ ଗାର୍ଲ ହୋଇ କହେ—ପାଠ ପଢ଼ୁଥାଏ କଲେଜରେ ।

## ମଜାକଥା

ଏକା ସେହି ଗୋଟିଏ ଲୋକ ଲକ୍ଷ୍ମୀ-କୋଟିଏ ଯୁବାଙ୍କର ମନ ଲୋଭେଇଥାଏ । କାଲୁ ନିକଟରେ ତାର ଲେଫେସ୍ ବଦଳେ ଧୂଳିରେ ଶୂନ—ବା ଦୁଇଦଶା—ବା ପାଞ୍ଚରେ-ଗୁରୁପଞ୍ଚା—ଦଶଗୁନେ କୋଡ଼ିଏ ଟି ନବ୍ୟ ଯୁବକ ।

ଗାନ୍ଧୀଜୀଙ୍କ ଭାଷାରେ ଆଧୁନିକା ବାଳିକା ଗୋଟିଏ ଜୁଲ୍‌ଏଟ୍, ଯାହାର ପଚିଶଟି ରୋମିଓ ଥାନ୍ତି—ସେପରି ବାଳିକା ଅମିୟା ନୁହେଁ । କିନ୍ତୁ ମଜା ଦେଖିବା ପାଇଁ ଅମିୟା ସମସ୍ତଙ୍କୁ ବନଶୀ ଥୋପରେ ଠେକେଇ ଥାଏ କିନ୍ତୁ କାହାରିକି ହଠାତ୍ ଦଣ୍ଡାରେ କୋଳାଇବାର ସ୍ପୃହା ନାହିଁ । ପକ୍କା ଫ୍ଲେର୍ଟ୍ ମାନେ ହାରିବା ବାଳୀ ନୁହେଁ । ପ୍ରେମରେ ପଡ଼ି ବୁଡ଼ିବାର ନହେଁ । ତାର ଦେହ ମନ ପ୍ରାଣସବୁ water proof ଓ love proof.

କିନ୍ତୁ କ୍ରମେ ତାର ଅସହ୍ୟ ହେଇପଡ଼ିଲା-ପ୍ରେମର ଅତ୍ୟାଚାର । ୨୦ଟି ପ୍ରେମିକ ପ୍ରତ୍ୟହ ଆସି ପ୍ରଣୟ ଅଳାଡ଼ ବସିଲେ । ତା ଛାତିରେ ଯେ ଏତେ ଗୁଡ଼ାଏ ମିଠା ଧରିପାରୁ ନ ଥାଏ । ମୁହଁ କାଳିଯାଉଥାଏ—ଅଜୀର୍ଣ୍ଣ ହେଲୁଟି ମଧ ଆସିବାକୁ ଲାଗିଲା । ବିବାହ କରିବାକୁ ତାର ଇଚ୍ଛା ନଥିଲା । କିନ୍ତୁ ବୋହିତା ବରଂ ପ୍ରେମ ଜୀବନରେ life insurance ବୋଲି କ୍ରମେ ସେ ବୁଝିଥାଏ ପ୍ରେମର ବିପଦରୁ ରକ୍ଷା ପାଇବା ପାଇଁ ସେ ଗୋଟିଏ ବିବାହ ହେବା ବସିଲା । ସେଇ କୋଡ଼ିଏ ଜଣଙ୍କ ଭିତରୁ ଗୋଟିଏ ସେ ବାଛିବ । କିନ୍ତୁ ସମସ୍ତେ ତା' ସାମ୍ୟବାଦୀ ଆଖିରେ ସମାନ ଦେଖାଯାଉଥିଲେ । କେହି ନାକ ସୁନ୍ଦରରେ ୨ ନମ୍ବର ଅଧିକା ପାଇବ ତ ଆଉ କାନ ସୁନ୍ଦରରେ ଅଧିକା । ଏମିତି ସମସ୍ତେ ପ୍ରାୟ ରୂପ ବିଷୟରେ ସମାନ । କାହାରି ଫେସନ ବେଶି ଓ କାହାରି କଣ୍ଠ ସୁନ୍ଦର—କିଏ କବି । କେହି-ଅନ୍ତ କିଏ ଆର୍ଟିଷ୍ଟ ମାନେ । ଅନ୍ୟ ସବୁଠାରୁ ଏଡ



ମୁସକିଲ ଯେ ସମସ୍ତେ ପ୍ରଣୟ ପ୍ରାର୍ଥନା କଲା ବେଳେ ସମ ସ୍ୱରରେ, ସମ ଛନ୍ଦରେ, ସମଭାଷା, ସମ ଇଙ୍ଗିତରେ ଶୁଆ ଭଳି, ଗ୍ରାମୋଫୋନ ରେକର୍ଡ଼ ଭଳି କହନ୍ତି—ମୁଁ ତମ ପାଇଁ ଜୀବନ ଦେଇ ପାରେ ରାଣୀ ! ଖାଲି ଥରେ କହିଦିଅ ତମେ ମୋତେ ଭଲ ପାଅ !

ଅମ୍ବୁବାଡ଼ରେ ପଶି ଅମିୟା ଶେଷରେ ଠିକ୍ କଲା ଏଇ ପ୍ରାର୍ଥୀମାନଙ୍କୁ ସେ ପରୀକ୍ଷା କରି ନମ୍ବର ଦେବ । ଯାହାର ବେଶି ନମ୍ବର ହେବ ସେଇ ତାର ହାବୀ ପତି ହେବାର ଯୋଗ୍ୟଏକା ।

ବାପା ବୋଉଙ୍କୁ ଅମିୟା ଜଣାଇ ଦେଲା ଆଜଠୁଁ ୨୧ ଦିନପରେ ତାର ବିବାହର ସମୟ ବ୍ୟବସ୍ଥା କରିପାଉ । ବରର ନାମ ସେ ୨୦ ତାରିଖ ଦିନ ରାତିରେ ଘୋଷଣା କରିବ ।

## ମାଙ୍କଡ଼ ହାତରେ

ଏଣେ କୋଡ଼ିଏ ଜଣ ପ୍ରେମିକଙ୍କୁ ସେ ୨୦ ଦିନ ସନ୍ଧ୍ୟାରେ ଆମନ୍ତ୍ରଣ କରି ପ୍ରତ୍ୟେକଙ୍କୁ ଗୋଟିଏ ଗୋଟିଏ ତିଥି ନିର୍ଦ୍ଦିଷ୍ଟ କରି କହିଦେଲା ।

ପ୍ରତିଦିନ ସଂଧ୍ୟାରେ ସେ ଗୋଟିଏ ନୂତନ ପ୍ରେମିକକୁ ନେଇ ଦୂର କେନାଲ କୂଳକୁ ବୁଲି ଯାଏ । କେନାଲର ସେ ପଟରେ ନୀଳକଇଁ ଫୁଟିଥାଏ । ପ୍ରତ୍ୟେକ ପ୍ରେମିକଙ୍କୁ ସେ କହେ—ପ୍ରିୟ, ମୋପାଇଁ ସେ ନୀଳକଇଁ ଆଣିଦେଇ ପାରିବ ?" ପାଣି କାଦୁଅରେ ପଶି କଇଁ ଫୁଲ ଆଣିଦେବାର ଅର୍ଥ ସେଦିନର ସଂଧ୍ୟାରେ ସମସ୍ତ ଆମୋଦକୁ ନଷ୍ଟ କରି ଦେବା ସିନା ! ପ୍ରେମିକମାନେ କୁଣ୍ଠିତ ହୁଅନ୍ତି । ଅମିୟା କହେ—ପ୍ରାଣ ଦେବାପାଇଁ ଯିଏ ପ୍ରସ୍ତୁତ ସେ ସାମାନ୍ୟ ପାଣି କାଦୁଅକୁ ଡରୁଛି ?

ଏମିତି ଗୋଟି ଗୋଟି ହୋଇ ୧୭ଟି ପ୍ରେମିକ ରିଜେକ୍ଟେଡ୍ ହୋଇଗଲେ । ୧୮ ଜଣକ ଚେଷ୍ଟା କରି ମଝି ପାଣିରେ ମୃଣାଳ ନାଳରେ ଛନ୍ଦିହୋଇ ମରୁମରୁ ଅନ୍ୟ ଲୋକେ ରକ୍ଷା କଲେ । ସୁତରାଂ ସେ ମଧ୍ୟ ରିଜେକ୍-ଟେଡ୍ । ୯ ନମ୍ବର ଜଣକ କିନ୍ତୁ ପହଁରି ଯାଇ ପୂ ... ରୁ ନୀଳକଇଁ ଆଣି ଅମିୟାର ନାଲି ଗଣ୍ଡ ପାଖରେ ଧରି ଦେଲା । ଅମିୟା ଖୁସି ହୋଇ କହିଲା—ତମେଇ ମୋର ପତି ହେବାର ଉପଯୁକ୍ତ ।

କିନ୍ତୁ ୨୦ ନମ୍ବର ପ୍ରେମିକଙ୍କୁ ଗୋଟାଏ ସୁଯୋଗ ନଦେଇ ଅମିୟା ଅନ୍ୟାୟ କରିବ । ତେଣୁ ସେ ୨୦ ତାରିଖ ଦିନ ୨୦ ନମ୍ବର ପ୍ରେମିକଙ୍କୁ ନେଇ କେନାଲ କୂଳକୁ ଯାଇଁ ତାର ଟେଷ୍ଟ୍ କ୍ୱେଷ୍ଟନ ପଚାରି ଦେଲା ।

୨୦ ନମ୍ବର ପ୍ରେମିକ କହିଲେ—ପ୍ରିୟେ ତମେ କଣ ଚାହଁ—ସେ ଫୁଲଗୁଡ଼ିକ—ନା ମୋର ପାଣି ପହଁରିବାର କୌଶଳ ଦେଖିବାକୁ ଚାହଁ ?

ଅମିୟା କହିଲା—"ମୁଁ ଜାଣେ ଆପଣ ସ୍ୱିମିଂ ରେସ୍‌ରେ ପାଷ୍ଟ ହୋଇଥିଲେ—ସୁତରାଂ ଆପଣଙ୍କ ପହଁରା ନିପୁଣତା ଦେଖିବାର ଅଭି-ପ୍ରାୟ ନାହିଁ । ଆପଣ ମୋତେ ନୀଳ କଇଁ ଆଣିଦେଲେ ହେଲା—ଶହେରୁ ଶହେ ନମ୍ବର ଦେବାକୁ ରାଜି ଅଛି ।"

"କିନ୍ତୁ—ମୋତେ କିଛି ସମୟ ଦେବାକୁ ହେବ—କାରଣ କଇଁ ଫୁଲ ଆଣି ତମ ଆଗରେ ପାଣି କାଦୁଅରେ ଘାଣ୍ଟି ହୋଇ ଠିଆ ହେଲେ ତମ ରୂପ ଓ ପ୍ରେମର ଅମର୍ଯ୍ୟାଦା ହେବ । ମୁଁ ଏମିତି ଭାବରେ ଫୁଲ ଆଣିବି ଯେପରିକି ମୋ ଦେହରେ ପାଣି କାଦୁଅର ଚିହ୍ନ ମଧ୍ୟ ନଲାଗେ ।"

ଅମିୟା ରାଜି ହେଲା ।

୨୦ ନମ୍ବର ପ୍ରେମିକ ସାଇକଲ ଖଣ୍ଡେ ଧରି କେନାଲ ପାର ହେବାକୁ ବସିଲେ ।

ଅମିୟା ପଚାରିଲା—"ସାଇକେଲରେ କେନାଲ ପାର ?"

ପ୍ରେମିକ ନମ୍ବର ୨୦ କହିଲେ—"ତମେ ଆଖିବୁଜ—ମୁଁ ମ୍ୟାଜିକ କରିଦେବି । ଚାହିଁଲେ ସବୁନଷ୍ଟ ହୋଇଯିବ । ମୁଁ ନଆସିବା ଯାଏ ଆଖି ବୁଜିଥିବ ।"

ଲେଖକ—ଅନାମ

ଅମିୟା ଆଖି ବୁଜିଲା । ୨୦ ନମ୍ବର ପ୍ରେମିକ ସାଇକଲ ଧରି ଚମ୍ପଟ । ସେଠୁ ଅଧ ମାଇଲଏ ବାଟ କେନାଲର ଲକ୍ । ଲକରେ ପାରିହୋଇ ସେ ପଟରେ ପହଞ୍ଚି ପ୍ରେମିକ ରଡ଼ି ଛାଡ଼ିଲା—ଅମିୟା ଆଖି ଖୋଲ !

ଅମିୟା ଆଖି ଖୋଲି ଦେଖିଲା ୨୦ ନମ୍ବର ପ୍ରେମିକ ସେ ପଟରେ ଫୁଲ ତୋଳୁଛି । ଫୁଲତୋଳି ପ୍ରେମିକ କହିଲା—ଏଥର ଆଖି ବୁଜ !

ଅମିୟା ଆଖି ବୁଜିଲା । ପ୍ରେମିକ ଫୁଲ ନେଇ ପୁଣି ସାଇକେଲରେ ଚଢ଼ି ଲାଗିବାକୁ

[୧୯୦ପୃଷ୍ଠା ଦେଖନ୍ତୁ]

Digitized by srujanika@gmail.com

# କଥା ଓ ନଥା

ରୁସିଆର ଦଗାଦାର ରୂପ ଏବେ ବଦାଡ଼ା ଦେଖାଣି—ଇଡ ଲର୍ଡ ସାଲିସବ୍ରୀ ।

···ରୁସିଆ ଗିର୍ଟଜଣା ନଥିଲ ମା, !

× + +

ଜାତୀୟ ସଙ୍ଗୀତରେ ଜୀବନ ଏବଂ ଗାମ୍ଭୀର୍ଯ୍ୟ ଉଭୟ ଥିବା ଦରକାର—ନେହେରୁ ।

···ଅଥଚ ସେଇ ସଙ୍ଗୀତ ଗାଇ ଲୋକେ ଜୀବନ ଓ ଗାମ୍ଭୀର୍ଯ୍ୟ ବଳ ଦେବେ ।

+ + ×

ଷ୍ଟାଲିନ ଓ ଟ୍ରୁମ୍ୟାନଙ୍କ ଭେଟ ନୋହିବ—ସଂବାଦ ।

···ଅସ୍ତ୍ରେ ଅସ୍ତ୍ରେ ହେବେ କୋଲା-କୋଳ ।

× × ×

ଜୁନାଗଡ଼ ନିର୍ବାଚନ ଗୋଟାଏ ଫାର୍ସ—ଜାଫରୁଲ୍ଲା ଖାଁ ।

···ଜୁନାଗଡ଼ ଜିନାଗଡ଼ ଯା ନହେଲା ।

+ ÷ ×

ହାଇଦ୍ରାବାଦର ଇତ୍ତେହାଦ ଦଳର କାରବାର ବିପଦରେ ପକାଇ ଦେବ—ଇଡ ନେହେରୁ ।

···ସେମାନେ ବିପଦ, କି ବିପଦ କମ୍ପା ଟେଲିଫୋନ ?

+ × ÷

ଭାରତ ଓ ଡୋମିନିଅନର ସଂବାଦ ବାହକଙ୍କୁ ଟଙ୍କା ଦେବ ନାହିଁ—ସଂବାଦ ।

···ସେ ଏଣିକି ଥିଏଟର କରିବେ ।

× × +

ଭାଷା ଗୋଳମାଳ ହେବା ପୂର୍ବ ପାକସ୍ଥାନରେ ସାମାନ୍ୟ ଲଟି ମାଡ଼ ହୋଇଛି—ସଂବାଦ

···ଭାଷା ଦାବୀର ନଥିବା ।

× ÷ ÷

ଦକ୍ଷିଣ ଆଫ୍ରିକାରେ ୨୩୨୦୦୦ ଭାରତୀୟ କାରାରୁଦ୍ଧ ହେଲେ ପ୍ରାୟ ଅଛନ୍ତି—ନେଟାଲ କଂଗ୍ରେସ ।

···ଦକ୍ଷିଣ ଆଫ୍ରିକା ଭାରତର ନେହ-କାଶ୍ମୀର ?

+ × ×

ଶାନ୍ତିରେ ବିଶ୍ୱାସ ରଖି ନଚେତ ପୃଥିବୀ ପୁଣି ଯୁଦ୍ଧରେ ବ୍ୟାପୃତ ହେବ—ଟ୍ରୁମ୍ୟାନ ।

···ଓଁ ଶାନ୍ତି ଶାନ୍ତି ଶାନ୍ତି ।

× × ×

ପୃଥିବୀର ଶାନ୍ତି ବର୍ତ୍ତମାନ ଟଲମଲ—ଟ୍ରୁମ୍ୟାନ ।

···କାଣ୍ଡାରୀ ରୁସ ନା ଆମେରିକା

× + ×

ପାକସ୍ଥାନ ବନ୍ଦର ବାଟେ ହିନ୍ଦୁସ୍ଥାନ ଆସିବାରେ ଡେରି ହେଉଛି—ସଂବାଦ ।

···ଲକ୍ଷ୍ମୀ ରହନ୍ତି ନାହିଁ ମନ୍ଦ ମା[illegible] ସ୍ଥାନରେ ।

+ + +

ଭାରତର ଲଗର ଆବଶ୍ୟକତା—ଗାନ୍ଧି ସୁହ୍ରାବର୍ଦ୍ଦୀ ।

···ଅଜାଗଲ ସ୍ତନ ସେବିବା ସମାନ ନାନା କାରର୍ଥକ ।

+ × +

ଭାରତରେ ଭବିଷ୍ୟତ ଉଜ୍ଜ୍ୱଳ—ମାଉଣ୍ଟବେଟେନ ।

··ଅତୀତ ମଧ୍ୟ ଥିଲା । ମାତ୍ର ବାର୍ଦ୍ଧବାର

× +

ଛଅମାସ ଭିତରେ କାଶ୍ମୀର ଅଧିବାସୀମାନଙ୍କ ଡଗ ଦିଆଯିବ—ନଲଲେଜ ସିଂ

···ସେମାନେ ଶୀତରୁ ରକ୍ଷା ପାଇପାରିବେ

+ + ×

ମୁସଲମାନମାନେ ହିନ୍ଦୁ ଅତ୍ୟାଚାର ପାଇଁ ସବୁ ପାକସ୍ଥାନରୁ ପଳାଇ ଆସୁଛନ୍ତି—ସଂବାଦ

···ପାପୀ ଗୁଡ଼ାକ—ପୁଣ୍ୟସ୍ଥାନରେ ରହିପାରିଲେ ନାହିଁ ।

× × ×

ଆମେ ମାଟିଭିତରୁ ରକ୍ତ କାଢ଼ିବା—ଏନ୍ଆର ସରକାର ।

···ରତ୍ନଗର୍ଭା ଧରାର ମାଟି ରକ୍ତ ହେବ !

+ × ×

ଫ୍ରାନ୍ସରେ ପୁଣି ଶ୍ରମିକ ଧର୍ମଘଟ—ସଂବାଦ

···ଜୀବ ତଥାପି ଘରେ ଅଛ ।

× + ×

[illegible] ମହାତ୍ମା ଧର୍ମର ସର୍ବୋଚ୍ଚ ଗାନ୍ଧୀପନ୍ଥୀ [illegible] ନାୟକଙ୍କର ବିବେଚନା ।

···[illegible]ଧିକାରୀଙ୍କର ପ୍ରତାପୀ ଶାନ୍ତିସାମ୍ରାଜ୍ୟ [illegible] ସ୍ଥାନସ୍ଥାନ ହେଉ ନାହିଁ ।

× +

[illegible] ମୁହଁରେ [illegible] ଗାନ୍ଧି ···ତାହାଙ୍କ ନାହିଁ [illegible] ।

× ×

[illegible] ଓ [illegible]—[illegible]

···[illegible] ଭୁଲିଗଲେ ।

× +

[illegible] ମହାତ୍ମାଙ୍କ [illegible] ···[illegible] ରହିଛି ।

+ + +

[illegible] ଅଛନ୍ତି [illegible] ···[illegible]

×

[illegible] ନନ୍ଦର [illegible] ସ୍ଥାନରେ ଆସିନାହିଁ—ମୁଣ୍ଡପନ୍ତ ।

···[illegible] ଅନେକ [illegible] ଘାଟିଘାଟ ନହେଲେ [illegible] ପାଶୀନର ଆସିନାହିଁ ।

+

[illegible] ପ୍ରତିବେଶୀ [illegible] ଯୁଦ୍ଧ [illegible] ପୂର୍ବରେ

···[illegible] ପୋଲାଉ [illegible]

+ +

[illegible]—[illegible] ଲକ୍ଷ [illegible] ···ବଦଳ ।

× + ×

ଢେଙ୍କା ନାଲରେ ଅଶାନ୍ତ—କୃଷ୍ଣଚନ୍ଦ୍ର

···ଅମ୍ବୁବାଚିରେ ଧାନ [illegible] ବାବା

+ × ×

ନାଟର ଗୋବର୍ଦ୍ଧନ କିଏ ?—ଓଡ଼ିଆ

···ବାଟରେ ବସିଛନ୍ତି କିଏ ।

× × +

କଣ୍ଟାବାଡ଼ରେ କଦଳୀ ପତ୍ର—ଓଡ଼ିଆ

···ପବନ ବହିଲେ ରହିଯିବ ।

× + ×

Digitized by srujanika@gmail.com

ମଜାଳିକବିତା:-

# ସ୍ୱାଧୀନ ପ୍ରେମିକାର ବିରହ

୧

ଅଗୋ ଚନ୍ଦ୍ରାନନା,
ଦହଣା ଖାଉଁଲେ କାମେ ଭୁଲିଲେ
ଛୁଆଇ ଅଧର ଅନାବନା ।
ତବ ବିରହରେ ପ୍ରାଣ ଜାଲୁଜାଲୁ
ଭବ ସାଗରରେ ମୁଣ୍ଡ ସାଲୁ ସାଲୁ
ଉଛୁଳା ଯବନେ ମୁକୁଳା ଯୌବନ
ଛୁଏ ମୁଁ ନ ଦେଖି ଆନ ମନା,
ଅଗୋ ଚନ୍ଦ୍ରାନନା ।

ଅଗୋ ଶଶୀ-ହାସି,
ବଇରାଗୀ ସାଜି କାନ୍ଥାବୁଣ୍ଡି ପାଜି,
ହେଲି ତୋହ ପାଇଁ କାଶୀ ବାସୀ ।
ବାବା ବିଶ୍ୱନାଥ ବଂ ବଂ ଭୋଲା
ଧ୍ୟାନେ ରହୁଥାଏ ଓଁକି ମୋ ଝୋଲା,
ଏକା ଚିଲମକେ ଦମ୍ ଉଠିଆସେ
ହଜାରେ ମରଇ କାଶି କାଶି
ଅଗୋ ଶଶୀ-ହାସି ।

—୩—

ଅଗୋ ବିଧୁ-ମୁଖି,
ନଛାଡ଼ିଅ ବେଳେ ତୋ ତନୁଲତାର
ପରଶ ପାଇଲେ ହେବି ସୁଖୀ ।
ସ୍ୱାଧୀନତା ଯୁଗେ କହିଅଛ ବାଧା
ମିଳନ ଏଥର ହେବ ସିଧା ସାଦା,
ଜୟହିନ୍ଦ୍ ରବେ ଉଜ୍ଜ୍ୱଳ କରିବା
ତ୍ରିଶଙ୍କୁ ନିକୁଞ୍ଜେ ପିବା ଚୁକି
ଅଗୋ ବିଧୁ-ମୁଖି ।

—୪—

ଅଗୋ ବିମ୍ବାଧରି,
ଝାଳ ଗମ ଗମ ଛାତି ଦମ ଦମ
ତୋ ଗୁଣ ବାହୁକି ଗଳା ସର ।
ଶୋଭନ୍ତ ଯୁଗେ ଅଭିମାନ ତେଜି
ମାନସ କୁଞ୍ଜେ ମୁଁ ପାଢ଼ିଅଛି ସେଜ
ବେଣୀ ଫୁଲ ଭୁଲ ଟାଣି ଚମକାଇ
ଅଙ୍ଗେ ଢାଳ ଆସି ପ୍ରେମ ଝରି,
ଅଗୋ ବିମ୍ବାଧରି ।

—୫—

ଅଗୋ ଯୋଷାମଣି,
ଚକୋର ସମ ମୋ ନୟନେ ନାଚେ
ଖୋଲିଯାଏ ପୂର୍ବ ସ୍ମୃତି ଖଣି ।
ମୋ କାମନା ସତେ ହେବ ଜିନ୍ଦାବାଦ୍
ଶୁଣିବ ପ୍ରେୟସୀ ମୋର ଆର୍ତ୍ତନାଦ,
ସାଥି କମ୍‌ରେଡ୍ ଯୁଗଳ ମିଳନ
ହେବ କେବେ କହ ରେଖାଗଣି ।
ଅଗୋ ଯୋଷାମଣି ।

—୬—

ଅଗୋ ଅଧୁନିକା,
ପାଉଡ଼ରର ମୁଖେ ଲିପ୍‌ଷ୍ଟିକ ଓଠେ
ହସ ହସ ମୁଖ ଦିଶେ ଫିକା ।
ଭିଡ଼ ଖାଇଲଣି ହଳଦୀ ବାଟୁଆ
"ଅଜନ୍ତା"ରେ ଦେହ ହେଲଣି ଲହୁଆ
ଫେସନ ବେଶକ ସ୍ୱାଧୀନତା ଯୁଗେ
ଅଦଳ ବଦଳେ ହେବ ବିକା,
ଅଗୋ ଅଧୁନିକା ।

—୭—

ଅଗୋ ସୁମାବର,
କର୍ମନଷ୍ଟି ଯୁଗେ ଛାତି ଫୁଲ୍ଲ ଗୁଲ
କେଶ ଗୁଛ ଉଡ଼େ ଫର ଫର ।
କଟାଧଣ୍ଡି ଯୋଡ଼ା ଯୋଭିଲ ଚରଣେ
ଜରଜେଟ୍ ଶାଢ଼ୀ ଅଙ୍ଗ ଆବରଣେ
ତୋ ଶୋଭା ଭଣ୍ଡାରୁ ଉପମା ବାଛିଲେ
ମାଙ୍କଡ଼ପେ ଅସି ହୃଣ୍ଟା କର.
ଅଗୋ ସୁମାବର ।

ଲେଖକ—ଶ୍ରୀ ଦିଗମ୍ବର ଦାଶ ।

Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଜୀବନର ଶୈଶବ ସ୍ତରରେ ଉପଯୋଗୀ ଶିକ୍ଷା, ସେବା ପରସ୍ପର ସହାୟତା ଶୃଙ୍ଖଳା ଶିକ୍ଷା ଓ ସହଯୋଗିତା ଉତ୍କର୍ଷ ସାଧନ କରିବା । ୨ । 'ଜହର'ର ମାଧ୍ୟମରେ ପରସ୍ପର ଦ୍ୱାରା ଶିଶୁମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି ଶିଶୁମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହସ ଦ୍ୱାରା ଅହିଂସା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

(୧୮ବର୍ଷରୁ ତଳ ବାଳକ ବାଳିକା ମାନଙ୍କ ପାଇଁ)

## ସ୍ୱର୍ଗତ ବିନାୟକ

ଗୋଲବର୍ଦ୍ଧନ ମିଲୁଛି ଏ—ନାଗମାନଙ୍କ ଜଣେ ହୋଇ ମଧ୍ୟ ପ୍ରକୃତ ନାଗ ଥିଲେ ସେ । ସତ୍ୟ, ସେବା ଓ ସାହସ ଥିଲା ତାଙ୍କ ଅମଳ । ତାଙ୍କୁ ଛାତ୍ରକଂଗ୍ରେସର ଜଣେ ମୁଖ୍ୟ କର୍ମୀ, ମେଡ଼ିକାଲ ସ୍କୁଲର ସେକ୍ରେଟେରୀ, ରବୀନ୍ଦ୍ର ବାର୍ଷିକ ପତ୍ରିକାର ସମ୍ପାଦକ ରୂପେ ଏବଂ କେତେ ସାଧାରଣ କର୍ମ କ୍ଷେତ୍ରରେ ସମସ୍ତେ ଦେଖିଛନ୍ତି । କିନ୍ତୁ ଯିଏ ତାର ନିକଟ ସମ୍ପର୍କରେ ଆସିଛି ସେ ଜାଣିଛି, ବିନାୟକ-'କାଲୁ' କେଡ଼େ ସ୍ୱାର୍ଥତ୍ୟାଗୀ, ସାହସୀ ଓ ସେବାପରାୟଣ ପିଲା ଥିଲା ।

ଦେଶର ଜଣେ ପୂଜ୍ୟ ଲୋକପ୍ରିୟ ନେତା ନବକୃଷ୍ଣ ଚୌଧୁରୀଙ୍କର ପୁଅ ବୋଲି ତାକୁ ଚିହ୍ନା ଦେଲେ କାଲୁର ବ୍ୟକ୍ତିତ୍ୱ ଢାଙ୍କି ହୋଇଯିବ । ବିନାୟକ ବିନାୟକ—ଯେ ନିଜଗୁଣରେ ଅନେକଙ୍କୁ ଆପଣାର କରିଥିଲା ।

ସେ ଆଉ ନାହିଁ । ନାଗପିଲାମାନେ ତାର ଭଳି ନିର୍ଭୀକ, ସତ୍ୟବାଦୀ, ସେବା ପରାୟଣ ହୋଇଲେ ମାଟି ଧନ୍ୟ ହେବ ।

## ନାଗଙ୍କ ଚିଠି

ସ୍ନେହର ଅଜା,

ମୁଁ ଅନେକ ଦିନରୁ ଏହି ସୂତାକଟା କଥା ଭାବି ଆସୁଥିଲି । ମୁଁ ପ୍ରତିଦିନ ସୂତା କାଟୁଅଛି ଓ ପ୍ରତିଦିନ ମଧ୍ୟ ସୂତା କାଟିବାକୁ ଆଜିଠାରୁ ପଣ କରିନେଲି । ମୋର ନାଗ ଭାଇ ମାନଙ୍କ ମଧ୍ୟରୁ ଅଧିକାଂଶ ଏହା କରିବେ ବୋଲି ମୋର ଆଶା । ଅନେକ ଦିନରୁ ମୁଁ ଏହି ଆଶା ରଖିଥିଲି ଏହି ୩୧ ସଂଖ୍ୟାରେ ବାହାର ହେବାରୁ ମୁଁ ବଡ଼ ଆନନ୍ଦ ଅନୁଭବ କଲି ।

ତୁମର ସ୍ନେହର

ଲମ୍ବୋଦର ଦାଶ

ଅଜା

ଯେତେବେଳେ ପୁରୀମନ୍ଦିରଠାରୁ ଆରମ୍ଭ କରି ସବୁ ମନ୍ଦିର ମାନଙ୍କରେ ହରିଜନମାନେ ପ୍ରବେଶ କରୁଛନ୍ତି ସେତେବେଳେ ବ୍ରାହ୍ମଣ ହେବାର ବିଶେଷତ୍ୱ ଗଲାଣି । ମୋର ବ୍ରାହ୍ମଣ ବୋଲି ଗର୍ବ କରିବାର ବାସନା ନାହିଁ । ବ୍ରାହ୍ମଣତ୍ୱର କାଉଁଠା ବୋହିବାର ବୋକାମୀ କରିବାକୁ ମୋର ଆଉ ବିଶେଷ ଆଶା ନାହିଁ । ହେଲେ ମୋ ନାଁ ଟାକୁ ଉପରରେ ହରିହର ପଣ୍ଡା ପରିବର୍ତ୍ତରେ ହରିହର ରଚନା କରି ହୋଇଛି । ବାପା ଏଇ ପଣ୍ଡା ନାଁ ଟା ଦେବାକୁ ପ୍ରାୟ ୫୦୦ ଟଙ୍କା ଖର୍ଚ୍ଚ କରିଥିଲେ ! ଆପଣ ଦିଂଶା ଏଇସାରେ ମୋର ନୂଆ ନାଁ ଦେଇଯାଉଛନ୍ତି ସିନା ।

ତମ ନାତି

ହରିହର ପଣ୍ଡା

(ପ୍ରକୃତରେ ଯଦି ଏଭଳି ଉପାଧିକି ନାଗ ଗ୍ରହଣ କରନ୍ତେ ତେବେ ତାଙ୍କୁ ବିପ୍ଳବୀ ବୋଲି କହନ୍ତ—ଅଜା )

## ନାଗ ସମ୍ମିଳନୀ

କିନ୍ତୁ ନାଗଙ୍କଠାରୁ ଚିଠି ପାଉଛି ନାଗ ସମ୍ମେଳନୀ ଡାକିବାକୁ । ନାଗମାନେ ବଡ଼ ବିକ୍ଷିପ୍ତ । ସେଥିପାଇଁ ମୋର ଡାକିବାକୁ ଇଚ୍ଛା ହୁଏ ନାହିଁ । ତଥାପି ମୁଁ ସମ୍ମିଳନୀ ଡାକିବି । ଗାନ୍ଧିଜୀଙ୍କ ତିରୋଧାନ ପରେ ସତ୍ୟ, ସେବା, ଓ ସାହସର ବ୍ରତକରି ଯେଉଁ ବାଳକମାନେ ଜୀବନ ଗଠନ କରୁଛନ୍ତି ସେମାନେ ଥରେ ଏକାଠି ହୋଇ କର୍ମପନ୍ଥା ସ୍ଥିର କରନ୍ତୁ । ଏଇ ଖବରୀ ଭିତରେ ସମ୍ମିଳନୀ ହେବ । ଯେଉଁ ଜାଗାରେ ପ୍ରଥମ ଅଭ୍ୟର୍ଥନା ସମିତି ଗଢ଼ାଯାଇ ମୋ ପାଖକୁ ସମ୍ମେଳନ ପାଇଁ ନିମନ୍ତ୍ରଣ ଆସିବ—ସେଇଠି ସମ୍ମିଳନୀ ହେବ । ୭ ଦିନ ଭିତରେ ଜଣା ନାଗମାନେ ଜଣାନ୍ତୁ । ସମୟ ନାହିଁ—

ଅଜା—

## ଅଜାଙ୍କ ଉତ୍ତର

ପ୍ରଫୁଲ୍ଲ—ତମେ ଅଜାକୁ ଏତେ ଭଲପାଅ କାହିଁକି ? କାରଣ, ତମେ ସତ୍ୟ ସାହସ ଓ ସେବାବ୍ରତକୁ ଭଲପାଅ । ତମେ ଏ ତିନିଟିକୁ ଯେତେ ଭଲ ପାଇବ—ଅଜା ତମକୁ ସେତିକି ଭଲ ପାଇବେ । ଅର୍ଥାତ ଭଗବାନ ତମକୁ ସେତିକି ଭଲ ପାଇବେ । ଅଜାବୋଲି କେହି ମଣିଷ ନାହିଁ । ଭଗବାନଙ୍କର ସତ୍ୟ ଧର୍ମହିଁ ଅଜା ।

ତମେ ଅନେକ ପୁଣି ଏ ବଡ ବଡ଼ ପ୍ରଶ୍ନ ପଚାରିଛ । ସବୁ ଉତ୍ତର ଦେଇ ହେବନାହିଁ ଏକାଥରେ । ଥରକେ ଗୋଟିଏ ମାତ୍ର ପ୍ରଶ୍ନ ପଚାରିବାର କଥା ।

ଆତ୍ମା ବୋଲି କିଛି ଜିନିଷ ନାହିଁ । ଅଥଚ ପ୍ରତ୍ୟେକ ଜୀବଙ୍କର ଆତ୍ମା ଅଛି । ସେ ଆତ୍ମା ଏକ । ସେ ଆତ୍ମା ହେଉଛି ସତ୍ୟ । ସତ୍ୟର ରୂପ ନାହିଁ । ସେମିତି ଆତ୍ମାର ରୂପ ନାହିଁ । ତମେ ସତ କହ ଓ ସତ ଆଚରଣ କର ଶିଖ । ଆତ୍ମା ଜଣା ଜାଣି ପାରିବ । ଆନ୍ୟାନ୍ୟ ପ୍ରଶ୍ନ ପରେ ଚିଠି ମାନଙ୍କରେ ଗୋଟି ଗୋଟି କରି ମଗାଇବ ।

ତାରାପଦ (୧୦୧୦) ଗୋଟିଏ ପ୍ରଶ୍ନର ଉତ୍ତର ଦେବ । ଅନ୍ୟ ପ୍ରଶ୍ନ ପରବର୍ତ୍ତୀ ଚିଠି ମାନଙ୍କରେ ମଗାଇବ ।

ଛୋଟ ଭାଇ ସ୍ତ୍ରୀକୁ ଛୁଇଁବା ହିନ୍ଦୁଧର୍ମରେ କେଉଁଠି ମନା ନାହିଁ । ଏହା ଲୋକାଚାର । ଏବଂ ଅତି ଭୁଲ ପ୍ରଥା । ଭାଇ ବିନ୍ଧୁଙ୍କୁ ଛୁଇଁବା ମନା ଥିଲେ ମଧ୍ୟ ତାକୁ ଛୁଇଁ ବାପଦରୁ ଚେଷ୍ଟା କରିବା ଉଚିତ । ମନେରଖ, ଯେଉଁ ଲୋକ ଅନ୍ୟ ଯେ କୌଣସି ନାରୀକୁ ଆପଣାର ମା କିମ୍ବା ଭଉଣୀ ଜ୍ଞାନକରେ ତା ପକ୍ଷରେ କୌଣସି ସ୍ପର୍ଶ କରିବାରେ ବାଧା ନାହିଁ ।

ତ୍ରିଲୋଚନ (୯୧ ) ବିକୁଣ୍ଠ (୯୧୨)—ଗାନ୍ଧୀସ୍ମୃତି ପାଇଁ ସୂତା ଉଠାଇବାର ଭାର ଉଠାଇ ନାଗସଂଘ ନେବନାହିଁ । ସେଥିପାଇଁ ବଡ଼ ଗୋଟିଏ ଜାତୀୟ ଅନୁଷ୍ଠାନ ହୋଇଛି । ଗାନ୍ଧୀଜୀଙ୍କର ପ୍ରକୃତ ସ୍ମୃତିରକ୍ଷା ପାଇଁ ତମେ ପ୍ରତ୍ୟହ ସୂତା କାଟିବାକି ନାହିଁ ଲେଖ ।

ଦିବାକର (୯୭୬) ନାଗ ସମ୍ମେଳନ ଓଡ଼ିଶାରେ ଯେ କୌଣସି ସ୍ଥାନରେ ହେଲେ କେଉଁମାନେ ଯୋଗଦେବେ ଶୀଘ୍ର ମୋ ପାଖକୁ ଲେଖନ୍ତୁ । ସମ୍ମେଳନୀ ବିଷୟରେ ପୂର୍ବରୁ କହିଛି ।

## ପତ୍ର ବିନିମୟ

ଶ୍ରୀ ରମାନାଥ ପଣ୍ଡା ପୋଷ୍ଟମାଷ୍ଟର, ଜଇପାତ୍ରଗୁଡ଼ା, କୋରାପୁଟ,—ସମାଜ ଓ ସାହିତ୍ୟ ବିଷୟ ଆଲୋଚନା ପାଇଁ ନାଗ ସାଥୀ ଚାହାନ୍ତି ।

## ନାଗଙ୍କ ପ୍ରଶ୍ନ

କିମ୍ବା କବିତାଟି କିଏ ଲେଖିଛନ୍ତି ଓ କବି ଅନ୍ତରର କେଉଁ ଭାବ ପ୍ରକାଶ କରିବାକୁ ଯାଇଛନ୍ତି ?—

"ଜୀବନର ପୂଜା ଯେବେ ବ୍ୟର୍ଥ ହେବ
ସେଇ ମୋର ଶ୍ରେୟ,
"ଜନମ ଜନମ ଲାଗି ପୂଜିତ ଟିକ
କରିବ ପାଥେୟ ।"

ରମନାଥ ( ୮୯୨ )

ନାଗଙ୍କ ପ୍ରଶ୍ନର ଉତ୍ତର ଅନ୍ୟ ନାଗମାନେ ... ଦେଲେ ପ୍ରକାଶ ପାଇବ—ଅଜା ଏଥର ଏ ... ର ଦେବେନାହିଁ ।

Digitized by srujanika@gmail.com




ପ୍ରତି ସଂଖ୍ୟା 'ଡଗର' ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠିପତ୍ର'ରେ ପ୍ରକାଶ ପାଇବ। ଚିଠି ସବୁ ଯଥା ସମ୍ଭବ ସଂକ୍ଷିପ୍ତ ହେବା ଉଚିତ। କୌଣସି ଚିଠିର ପ୍ରକାଶ ଦାୟିତ୍ୱ ଓ ଠିକଣା ପତ୍ରରେ ଥିବା ଆବଶ୍ୟକ। ଚିଠି ସଂଶୋଧନ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିବ। କୌଣସି ଅମନୋନୀତ ରଚନା ଫେରସ୍ତ ଦିଆଯାଇ ପାରିବ ନାହିଁ। ସଂପାଦକ ମଣ୍ଡଳୀ ଲେଖକ ମତାମତ ପାଇଁ ଦାୟୀ ନୁହନ୍ତି।—ସମ୍ପାଦକ

## ରେଳ ଭଡ଼ା ବୃଦ୍ଧି ସଙ୍ଗେ ସଙ୍ଗେ ସୁବିଧା ଚାହୁଁ

ସମ୍ପାଦକ ମହୋଦୟ,

ଚଳିତ ବର୍ଷଠାରୁ ଭାରତର ରେଳବାଇ ବିଭାଗ ରେଳଭଡ଼ା ବୃଦ୍ଧି କରିଛନ୍ତି। କିନ୍ତୁ ଯାତ୍ରୀ ମାନଙ୍କର ଯିବା ଆସିବାର ସୁବିଧା ଦିଗରେ ଯେ କାଣ ହୋଇଛି ତାହା ସହଜରେ ଅନୁମେୟ। ବରଂ ବ୍ରିଟିଶଶାସନ ଅମଳରେ ଯେଉଁ ଅସୁବିଧା ଟିକେ ଥିଲା ତାହା ସ୍ୱାଧୀନତା ଆସିବା ପରେ ଆହୁରି ବଢ଼ି ଯାଇଛି। ଗାଡ଼ିର ପରିମାଣ ବୃଦ୍ଧି ପାଉନି ବରଂ ଦିନକୁ ଦିନ ସେବା ସୁବିଧା କମି କମି ଯାଉଛି। ଦଶବର୍ଷ ତଳେ ଭାରତବର୍ଷର ଲୋକ ସଂଖ୍ୟା ଯା ଥିଲା, ଆଜି ତାହା ବଢ଼ି ୪୪ କୋଟିରେ ପରିଣତ ହେଲାଣି। ଏହି ତୁଳନାରେ ଗାଡ଼ିର ସଂଖ୍ୟା ବୃଦ୍ଧି ପାଇବା ଦରକାର। କିନ୍ତୁ କର୍ତ୍ତୃପକ୍ଷ ଏ ବିଷୟରେ ଉଦାସୀନ କାହିଁକି ?

ଗାଡ଼ିର ଭଡ଼ା ଯେଉଁ ପରିମାଣରେ ବୃଦ୍ଧି କରିଗଲା, ସେହି ପରିମାଣରେ ଯାତ୍ରୀ ମାନଙ୍କର ସୁବିଧା କରିବା ଉଚିତ। ମାତ୍ର ଏଥିପ୍ରତି ଅବହେଳା ହେବାରୁ ପ୍ରତ୍ୟେକ ଶ୍ରେଣୀର ଯାତ୍ରୀ ଭିଡ଼ି ହୋଇ ମରୁଛନ୍ତି। ଜଳ ଓ ଆଲୁଅର ଉପଯୁକ୍ତ ସୁବିଧା ହେଉନି—ସେବା ସବୁ ପରିଷ୍କାର ରହୁନି, ଓ ଗାଡ଼ି ଠିକ୍ ସମୟରେ ମଧ୍ୟ ଚଳାଚଳ ହେଉନି। ଲୋକେ ଆଶା କରିଥିଲେ ଜାତୀୟ ସରକାର ପ୍ରତିଷ୍ଠିତ ହେଲେ ଏ ବିଷୟର ଆଶୁ ପ୍ରତିକାର ହେବ। କିନ୍ତୁ ଜାତୀୟ ସରକାର ପ୍ରତିଷ୍ଠା ହେବା ସତ୍ତ୍ୱେ ଏ ପର୍ଯ୍ୟନ୍ତ ଲୋକେ ଅନୁଭବ କଲେଭଳି କିଛି ସୁଖ—ସୁବିଧା ହୋଇନି। ଆମର ଆଶା କର୍ତ୍ତୃପକ୍ଷ ଶୀଘ୍ର ଏଥିପ୍ରତି ଦୃଷ୍ଟି ଦେଉନ୍ତୁ। ଯେଉଁ ପରିମାଣରେ ଭଡ଼ା ମାସୁଲ ବୃଦ୍ଧି କରିଗଲା—ସେହିପରି ଯାତ୍ରୀ ମାନଙ୍କର ଉପଯୁକ୍ତ ସୁଖ-ସୁବିଧା କରନ୍ତୁ।

ଶ୍ରୀ ଶୁକଦେବ ସାହୁ
କଲିକତା

## ଓଡ଼ିଆ ଭାଷାକୁ ହତ୍ୟାର ଉଦ୍ୟମ

ମାନନୀୟ 'ଡଗର' ସଂପାଦକ ମହୋଦୟେଷୁ —

ଓଡ଼ିଆ ଭାଷାର ଉନ୍ନତି ସମ୍ବନ୍ଧେ ନାନା ପ୍ରକାର ଆନ୍ଦୋଳନ ହୋଇ ଆସିଛି ଓ ସେ ଉଦ୍ୟମର ଫଳାଫଳ ମଧ୍ୟ ବହୁ କ୍ଷେତ୍ରରେ ଜୟଯୁକ୍ତ ହୋଇଛି। ଆଜିକୁ ଦଶ ବର୍ଷ ତଳର ଅବସ୍ଥା ଓ ବର୍ତ୍ତମାନ ଅବସ୍ଥା ତୁଳନା କଲେ ଯାହାର ଉପଯୁକ୍ତ ପ୍ରମାଣ ମିଳିବ। ମାତ୍ର ଭାରତର ଗୋଟିଏ ଦାୟିତ୍ୱ ପୂର୍ଣ୍ଣ ଅଥଚ ଜାତୀୟ ଅନୁଷ୍ଠାନ ରୂପେ ପ୍ରତିପନ୍ନ କରୁଥିବା ଗୋଟିଏ ପୁସ୍ତକ ଓଡ଼ିଆ ଭାଷା ଓ ଜାତୀୟତାକୁ କିପରି ନଗଣ୍ୟ ବୋଲି ନିର୍ବିବାଦରେ ପ୍ରଚାର କରି ଆସିଛି ମୁଁ ଆଜି ସେଇ ବିଷୟରେ କିଛି କହିବାକୁ ବାଧ୍ୟ ହେଉଛି।

କଲିକତାରୁ ( ୧୪ କଲେଜ ସ୍କୋୟାର ) ପ୍ରକାଶିତ Hindustan Year Book ଭାରତ ବର୍ଷର ନାନା ଜ୍ଞାତବ୍ୟ ତଥ୍ୟ ପ୍ରତିବର୍ଷ ପ୍ରକାଶ କରେ। ସେଥିରେ ଭାରତୀୟ ସଂବାଦ ପତ୍ର ( Indian Newspaper ) ଶିରୋନାମାରେ ଭାରତର ଯାବତୀୟ ପତ୍ର ପତ୍ରିକାର ନାମ ଥିବା ସ୍ଥଳେ କୌଣସି ଗୋଟିଏ ଓଡ଼ିଆ ପତ୍ରିକାର ଉଲ୍ଲେଖ ସୁଦ୍ଧା ନାହିଁ। ବର୍ତ୍ତମାନ ଭାରତରେ ଓଡ଼ିଆ ଭାଷୀଙ୍କ ସଂଖ୍ୟା ଦେଢ଼ କୋଟିରୁ ବେଶୀ ହୋଇପାରେ ଏବଂ ସିନ୍ଧଭାଷୀ ସଂଖ୍ୟା ପ୍ରାୟ ୪୦ ଲକ୍ଷ। କିନ୍ତୁ ସିନ୍ଧି ଭାଷାରେ ପ୍ରକାଶିତ ପତ୍ରିକା ମାନଙ୍କ ନାମ ଉଲ୍ଲେଖ ହୋଇଥିବା ସ୍ଥଳେ ଗୋଟିଓ ମାତ୍ର ଓଡ଼ିଆ ସାପ୍ତାହିକ କିମ୍ବା ଦୈନିକ ମାସିକ ପତ୍ରିକାର ନାମ ଗନ୍ଧ ସୁଦ୍ଧା ନାହିଁ। କେବଳ ସେତିକି ନୁହେଁ, ଉକ୍ତ ପୁସ୍ତକର ଶେଷ ଅଧ୍ୟାୟରେ ଜୀବିତ ଭାରତୀୟ ଶ୍ରେଷ୍ଠ ବ୍ୟକ୍ତି ମାନଙ୍କର ( Who's who in India ) ଯେଉଁ ଜୀବନୀ ଦିଆ ଯାଇଛି, ତହିଁରେ ଜଣେମାତ୍ର ଉତ୍କଳୀୟ ବ୍ୟକ୍ତିଙ୍କର ପରିଚୟ ଦିଆଯାଇ ନାହିଁ। ଏଇଭଳି ଭ୍ରମାତ୍ମକ ବିଷୟ ଉକ୍ତ ପୁସ୍ତକ ପନ୍ଦର ବର୍ଷ ହେଲା ପ୍ରଚାର କରି ଆସିଛି। ଏଇ ଦୀର୍ଘ ସମୟ ଭିତରେ ସେମାନେ ଏ ଘୋର ପ୍ରମାଦକୁ ସଂଶୋଧନ କରିନାହାନ୍ତି କିମ୍ବା ଓଡ଼ିଶାରୁ କୌଣସି ପ୍ରତିବାଦ ହୋଇନାହିଁ। ଯା' ଦ୍ୱାରା ଜଗତରେ ଓଡ଼ିଆ ଭାଷା ଓ ଜାତୀୟତାର ଅସ୍ତିତ୍ୱ ଉକ୍ତ ପୁସ୍ତକ ସ୍ୱୀକାର କରୁନାହିଁ ବୋଲି ଧରି ନେବାକୁ ହେବ।

ପ୍ରତ୍ୟେକ ଓଡ଼ିଆ ଏ ଅନ୍ୟାୟର ଉପଯୁକ୍ତ ପ୍ରତିବାଦ ଅତିଶୀଘ୍ର ଜଣାନ୍ତୁ ଏବଂ ଉତ୍କଳର ଏ ଘୋର ଜାତୀୟ-କଳଙ୍କ ଦୂର କରନ୍ତୁ। ଇତି।

ଆପଣଙ୍କର
ଶ୍ରୀ ନିର୍ମଳ ଚନ୍ଦ୍ର ଦାସ

ମାନନୀୟ "ଡଗର" ସମ୍ପାଦକ ମହୋଦୟ
ସମୀପେଷୁ।

ମହାଶୟ !

ଓଡ଼ିଶା ସରକାର ଓଡ଼ିଶା ହରିଜନଛାତ୍ରଙ୍କ ପ୍ରତି ଅବହେଳା କରୁଥିବାର ନାନାଦି ପତ୍ର ପତ୍ରିକାରୁ ଜଣା ପଡୁଛି। ଆଜକୁ ଦଶମାସ ତଳେ ଓଡ଼ିଶା ସରକାରଙ୍କର ଇସ୍ତାହାର ଦ୍ୱାରା ପ୍ରକାଶ ହୋଇଥିଲା ଯେ ପ୍ରତ୍ୟେକ ହରିଜନ ଛାତ୍ରଙ୍କୁ ମାସିକ ଓ ବାର୍ଷିକ ସାହାଯ୍ୟ ଟଙ୍କା ସରକାର ପ୍ରଦାନ କରିବେ। ସେ ଟଙ୍କାରେ ଛାତ୍ରମାନେ ପୁସ୍ତକ କ୍ରୟ କରିବେ ଓ ହଷ୍ଟେଲ ଖର୍ଚ୍ଚ କରିବେ। କିନ୍ତୁ ଦୁଃଖର କଥା ଆଜକୁ ଆଠମାସ ହୋଇଗଲେ ସୁଦ୍ଧା ଏ ପର୍ଯ୍ୟନ୍ତ କୌଣସି ଛାତ୍ର ତାଙ୍କର ପ୍ରାପ୍ୟ ପାଇ ପାରିଲେ ନାହିଁ। ଅନେକ ଛାତ୍ର ଭାଇମାନେ ଇନେସ୍ପେକ୍ଟରଙ୍କ ଅଫିସକୁ ଦୌଡ଼ ଦୌଡ଼ ଥକି ଗଲେଣି। ଆଉ ମଧ୍ୟ ପ୍ରଧାନ ମନ୍ତ୍ରୀଙ୍କ ବଙ୍ଗଳା ଭବନଠାରୁ ସର୍କିଟ ହାଉସ୍ ପର୍ଯ୍ୟନ୍ତ ଦୌଡ଼ ଦୌଡ଼ ତାହା ହୋଇ ପାରି ନାହିଁ। ଓଡ଼ିଶା ସରକାରଙ୍କର ମୁଖ୍ୟନେତାଙ୍କର ଆଉ କେତେ ଦିନ ଏହି ମନଭୁଲାଣି ଆଉ ଚକ୍କଣ କଥା ଶୁଣି ଛାତ୍ର ଅସ୍ଥିର ହେବେ ?

ସେପ୍ଟେମ୍ବରଠାରୁ ଇନେସ୍ପେକ୍ଟରର ଅଫିସ ପର୍ଯ୍ୟନ୍ତ ଫାଇଲ ଆସିବାକୁ ପ୍ରାୟ ମା ୭। ମାସ ହେଲଣି—ଇନେସ୍ପେକ୍ଟରର ଅଫିସଠାରୁ ଛାତ୍ର ମାନଙ୍କ ନିକଟକୁ ସାହାଯ୍ୟ ଟଙ୍କା ଆସିବାକୁ ପ୍ରାୟ ବର୍ଷସାରା ବିତିଯାଇ ପାରେ ବୋଲି ଆଶା କରୁ। ଅନ୍ୟାନ୍ୟ ପ୍ରଦେଶରେ ହରିଜନ ଛାତ୍ରଙ୍କ ପ୍ରତି ଯଥେଷ୍ଟ ସାହାଯ୍ୟ ଓ ସୁବିଧା ହେଉଥିଲେ ସୁଦ୍ଧା ଆମ ଓଡ଼ିଶା ସରକାରଙ୍କର ଏ ନୀତି କାହିଁକି ? କାଗଜ କଲମରେ ଓ ସମ୍ବାଦ ପତ୍ରରେ ପ୍ରକାଶ କରି ଆଉ ଭୁଲାଇ ରଖିବେ ବା କେତେଦିନ? ଆଶାକରୁ କର୍ତ୍ତୃପକ୍ଷ ଯଥାଶୀଘ୍ର ଏହାର ସୁବିଚାର କରି ହରିଜନ ଛାତ୍ର ଭାଇ ମାନଙ୍କୁ ସୁଖୀ କରାଇବେ।

ଆପଣଙ୍କର
ଜଣେ ହରିଜନଛାତ୍ର

Digitized by srujanika@gmail.com

## କୁନ୍ତଳ ଶୋଭାର ଗୁପ୍ତ ରହସ୍ୟ

ଫ୍ରାଗ୍ରାଣ୍ଟୋ

# ଭ୍ରେସେଲିନ କେଶ ତୈଳ




ଆଜିକାଲି କେଶ ହିଁ ରମଣୀର ସୌନ୍ଦର୍ଯ୍ୟ ଓ ଗର୍ବ । ତାର କେଶର ଶୋଭା ମନୁଷ୍ୟକୁ ଯେତିକି ମୁଗ୍ଧ କରେ ନାହିଁ—ଏହି କେଶ ତୈଳ ନାରୀର ସୌନ୍ଦର୍ଯ୍ୟ ବୃଦ୍ଧି କରାଏ ।

ଭ୍ରେସେଲିନ ମଧ୍ୟରେ ନାନା ଉପାଦେୟ ମୂଲ୍ୟବାନ ଦ୍ରବ୍ୟ ଥିବାରୁ ଏହା କେଶର ବୃଦ୍ଧି, କେଶର ରଙ୍ଗ ଓ କେଶ ପରିପୋଷଣ ଦୃଢ଼ କରେ ।

ଏହାର ନିୟମିତ ବ୍ୟବହାର ଦ୍ୱାରା ଶୁଭ୍ର ଓ ଅକାଳ ପକ୍ୱ କେଶ ଦୂର ହୁଏ । ଏହା ମସ୍ତିଷ୍କ ଶୀତଳ ଓ ଶାନ୍ତ କରେ । ଖୁସ୍କି ଓ ମୁଣ୍ଡବିନ୍ଧା ଦୂର କରେ ।

**ଉପହାର**

ଛଅ ବୋତଲ ସହ ଗୋଟିଏ ଭ୍ୟାନିଟି ବ୍ୟାଗ ବିନା ମୂଲ୍ୟରେ ଦିଆଯାଏ ।

ପ୍ରସ୍ତୁତ କାରକ

**INDIAN AROMATIC & OVERSEAS TRADERS,**
Fragranto House, Khetwadi Main Road,
BOMBAY.

Agent:—

K. M. Zakaria Esq.,
Pension Lane, Buxi Bazar
CUTTACK.


( ଦ୍ୱାଦଶ ପୃଷ୍ଠା ପରେ ଅବଶିଷ୍ଟାଂଶ )

ଅଥି ଅମିୟା ପାଖରେ ଥାଉଥିଲା । ସେଦିନ ଓଲ୍‌ଡସିଅରଙ୍କ ବଗିଚାରୁ ଗୋଲାପ ଫୁଲଟି ମଧ୍ୟ ସେ ନେଇ ଅମିୟାକୁ କହିଲା—ଅମିୟା ଏ ଫୁଲ କାହା ଦେଲା ଓ ଏ ଫୁଲଟି ଗୋଲାପ ମୋର ।

ଅମିୟା ଆନନ୍ଦରେ ଆତ୍ମହରା ହୋଇ କହିଲା—ତେବେ ତ ମୋର ସ୍ୱାମୀ ।

ସେଦିନ ୨୦ ନମ୍ବର ପ୍ରେମିକକୁ ଭାବୀ ସ୍ୱାମୀ ବୋଲି ଅମିୟା ଘୋଷଣା କରିଦେଲା ।

୧୯ ନମ୍ବର ପ୍ରେମିକ ଏକଥା ସହିପାରିଲା ନାହିଁ । ସେ ବାଦ କରିବା ପାଇଁ ଆସି ଥାଉଥିଲା ।

ଅମିୟା କହିଲା—ନିଶ୍ଚୟ ସ୍ୱାମୀ ହେବା ପାଇଁ ୧୯ ନମ୍ବର ପ୍ରେମିକ ମୋର ୨୦ ନମ୍ବର ଥାଉଛନ୍ତି—କାରଣ ସେ ତୋଳି ନୀଳକଇଁ ଟିଏ ମୋତେ ଆଣିଦେଇ ଅଧିକ ଯୋଗ୍ୟ ବହୁଦାନୁପାତୀ । କିନ୍ତୁ ୨୦ ନମ୍ବର ପ୍ରେମିକ ଯେ ନୀଳକଇଁ ଛଡ଼ା ନାଲି ଗୋଲାପ ମଧ୍ୟ ଆଣିଦେଲେ—ଯୋ ପୁଛା ଉପ୍‌କୋ ତୋ କିଆ—ଯୋ ନହିଁ ପୁଛା ଉପ୍‌କୋ ଭି ଦିଆ—ତେଣୁ ତାଙ୍କୁ ମୁଁ ଶହେରୁ ଶହେ ନମ୍ବର ଦେଇଛି ।

ଆଚ୍ଛା କିନ୍ତୁ ଏ ଯୁକ୍ତି ଗ୍ରହଣୀୟ କିପରି ନାହିଁ । କହିଲେ ମୌଳିକ ବୁଦ୍ଧି ଚାଲିବ ନାହିଁ—ତମକୁ ୧୯ ନମ୍ବରକୁ ବିବାହ କରିବାକୁ ହେବ ।

ଅମିୟା ଜବାବ୍ ଦେଲା—"ହୁଏତ ପାଉଁଥିବା ପୁରୁଷର ଗଣ୍ଡିକାକୁ ବୋଧହୁଏ ଦେଖି ନାହିଁ—ମୁଣ୍ଡର ମଧ୍ୟ କିଛି ଅବଶ୍ୟକତା ଅଛି । ୧୯ ନମ୍ବର ପ୍ରେମିକ ଗଡ ଖୋଳି ଫୁଲ ଆଣିଦେଲେ ସତ କିନ୍ତୁ ତିନି ଖୋଳ ନାହାନ୍ତି । ୨୦ ନମ୍ବର ପ୍ରେମିକ ଉଭୟ ମଥା ଓ ଦେହ ଖଟାଇ ପାରନ୍ତି । ତେଣୁ ସେ ଧାଣିରେ ପଣି କାଦୁଅ ନଦେଇ ଶଶିଙ୍କ ବଗିଚାରୁ ଫୁଲ ଆଣିଦେଲେ । ସୁତରାଂ ସେଇ ମୋର ପ୍ରକୃତ ବନ୍ଧୁ ବର—"

ଆଚ୍ଛା ୨୦ ନମ୍ବର ପ୍ରେମିକଙ୍କ ନାମ ବାହାର କଲେ ।

ସେ ୨୦ ନମ୍ବର ପ୍ରେମିକ ଥିଲା—ସ୍ୱୟଂ ମୁଁ-ଲେଖକ ।

—:*:—

ସମ୍ପାଦକ—ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସମ୍ପାଦକ—ଶ୍ରୀ ଚନ୍ଦ୍ରମୋହନ ଦାସ

Digitized by srujanika@gmail.com

**ପରାମର୍ଶ ନେଉନ୍ତୁ**

**ଆଉ ଭୟର କାରଣ ନାହିଁ**

ମେହ, ଗର୍ମି, ଉପଦଂଶ ଇତ୍ୟାଦିରେ ବର୍ଷ ବର୍ଷ ଭୋଗୁଥିଲେ ଜୀବନକୁ ବିଫଳ ନ କରି ରୋଗର ସାଙ୍ଗ ବିବରଣ ସହ **ଡାକ୍ତର ବି, ଦାସ** ( ହୋମିଓପାଥ୍ ) ହିନ୍ଦୁସ୍ତାର, **ବଣିଅପଡ଼ି,** ପତ୍ନୀଙ୍କ ସହିତ ପରାମର୍ଶ କରନ୍ତୁ ।

**ବାତ୍-ବୋମା**

ମଶା ଓ ଛାରପୋକ ମିନିଟିକ ଭିତରେ ମରଯାନ୍ତି ।

ପ୍ରତିବୋତଲ ୧୷ ଚାରିବୋତଲକୁ ୫୲୦ ଭି: ପି:ରେ ମଗାନ୍ତୁ ।

( ଖର୍ଚ୍ଚା ପଡ଼ିବ ନାହିଁ )

**ସୁଗନ୍ଧ ଯୁକ୍ତ**

**ମହୀସୁର ଫାଷ୍ଟ୍‌ମେନ୍ ଧୂପବତୀ**

୧୦୦ କାଠି ବଣ୍ଡିଲକୁ ୧୲ ୫୦୦ କାଠି ବଣ୍ଡିଲକୁ ୪୲୦

ଭି: ପି:ରେ ମଗାନ୍ତୁ ( ଡାକଖର୍ଚ୍ଚା ପଡ଼େନାହିଁ )

ANUPAM Post Box. 10815.Calcutta.—9.

# ଦେଶ କଣ ଚାହେଁ ?

ଶିଳ୍ପ କୃଷି, ଶିକ୍ଷା ଇତ୍ୟାଦି ସମସ୍ତ କ୍ଷେତ୍ରରେ ଅଧିକରୁ ଅଧିକ କର୍ମନିଷ୍ଠା, ତତ୍ପରତା ଓ କାର୍ଯ୍ୟ ଦକ୍ଷତା—

ଦେଶର ଚାହିଦାକୁ ପୂରଣ କରିବା ପାଇଁ ଆପଣ କଣ କରୁଛନ୍ତି ?

ଆପଣଙ୍କ କର୍ମନିଷ୍ଠ ଓ କାର୍ଯ୍ୟଦକ୍ଷ କର୍ମୀ ଯୋଗାଇବା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜର କାମ ।

କେଉଁ କାର୍ଯ୍ୟ ସକାଶେ କେତେ କର୍ମୀ ଲୋଡ଼ା ନିମ୍ନଲିଖିତ ଠିକଣାକୁ ଲେଖନ୍ତୁ

## ଏମପ୍ଲୟମେଣ୍ଟ ଅଫିସର

### ଗିରିଶ ଭବନ, କାଜିବଜାର

### କଟକ

Printed & Published by G. C. Mahapatra at the Gopinathpress, Bhadrak, 1948.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ମୀନ ୨୪ନ ୧୩୫୫ସାଲ | ୩୩ଶ ସଂଖ୍ୟା |
|---|---|---|

—ସୂଚି—

ମଜା କଥାରେ

ଗୁଳୁହଇ

ମଜାକବିତାରେ

କବିତା ଲେଟେଗ, ସାଟେଢ଼ ତେତ୍ରବ

କଥା ଓ ଗାଥା, ଚିଠାଉ,

ବାଲ୍ୟଅବସ୍ଥାର ଦୁଷ୍ଟତା

"DAGARO"

**ORISSA'S MOST POPULAR WEEKLY**
of
Light, Lead & Laughter

| Vol XI | Monday, April. 5.1948. | No. 33. |
|---|---|---|

ବାର୍ଷିକ ମୂଲ୍ୟ ଟ ୬୲ ଷାଣ୍ମାସିକ ଟ ୩୷
ରାଜ ସଂସ୍କରଣ ବାର୍ଷିକ ଟ ୧୦୲

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧। ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ।

୨। ଏହାର ବାର୍ଷିକ ମୂଲ୍ୟ ସଡାକ ଟ୬୯ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୵ ଅଗ୍ରୀମ ଦେବାକୁ ପଡେ।

୩। ଟଙ୍କା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ।

୪। ଏଜେଣ୍ଟ ମାନଙ୍କ ଠାରୁ ପ୍ରତି ଖଣ୍ଡ ଡଗର ଦୁଇ ଅଣାରେ ପାଇ ପାରିବେ। ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା।

୫। ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ।

୬। ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନ କଲେ ଉତ୍ତର ପାଇବାରେ ଅସୁବିଧା ହୁଏ।

୭। କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନ ପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବ।

୮। ଲେଖା, କବିତା, ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ।

୯। ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର।

ମାନେଜର ଡଗର
ପୋ: ଭଦ୍ରଖ (B.N.Ry)

---

ନୂତନ ଚିନ୍ତା ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀ ନେଇ

## ପକ୍ଷୀକୋଣି

ବାହାରିଛି

ଲେଖକ—'ଡଗର'ର ସୁପରିଚିତ ଶ୍ରୀଯୁକ୍ତ
ଶ୍ରୀ ଦେବ ମହାପାତ୍ର

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ସମାଲୋଚନା ଓ ଲେଖକଙ୍କର ଫଟୋ ସହ ମୂଲ୍ୟ ୧୲୦ ମାତ୍ର

ଛପା ଓ ବନ୍ଧେଇ ଚମତ୍କାର

ପ୍ରାପ୍ତିସ୍ଥାନ:—ଉତ୍କଳ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ

## ପୁରାତନ ଶୂଳରୋଗ ସମୂଳେ ଆରୋଗ୍ୟ

ମୋର ପୁତ୍ରର ଶୂଳରୋଗ ବହୁଦିନ ଧରି ରହି ରହି ବହୁ ଚିକିତ୍ସା କରି ମଧ୍ୟ ହତାଶ ହୋଇ ପଡ଼ିଥିଲୁଁ। ପୁରୀର ସିଦ୍ଧହସ୍ତ **ଡ଼ାକ୍ତର ବି, ଦାସ** (ହୋମିଓପାଥ୍) ସିଂହଦ୍ୱାର, ବଣିଆପଟି, ତାଙ୍କୁ ସଂପୂର୍ଣ୍ଣ ଆରୋଗ୍ୟ କରିଛନ୍ତି। ଇତି

**ଏସ୍, ଏନ, ଦାସ,**
ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ

ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,
ପରିଚାଳନା ସମ୍ପାଦକ— ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

୧୧ଶ ବର୍ଷ ‖(ମୀନ) ଚୈତ୍ର ୨୪ଶ ୧୩୫୫ —ସୋମବାର—୫ । ୪ । ୪୮ ।। ୫୩ ସଂଖ୍ୟା

## ସର୍ବୋଦୟ ସମାଜ

ଓ୍ୱାର୍ଧାଠାରେ ରଚନାତ୍ମକ କର୍ମୀମାନଙ୍କର ମେଳନରେ ସ୍ଥିର ହୋଇଛି—ଗାନ୍ଧୀଜୀଙ୍କ ସିଦ୍ଧାନ୍ତକୁ ମାନୁଥିବା ଲୋକମାନଙ୍କର ଏକ ଭ୍ରାତୃମଣ୍ଡଳ ସର୍ବୋଦୟ ସମାଜ ନାମରେ ପ୍ରତିଷ୍ଠିତ ହେବ । ଏହା ଅତି ଆନନ୍ଦର କଥା । କିନ୍ତୁ ଏହାର ଗଠନରୁ ଆପାତତଃ ଯେପରି ଶିଥିଳ ମନେହୁଏ ସେଥିରେ ଆଶଙ୍କାର ଅବକାଶ ରହିଯାଉଛି ବୋଲି ଭୟ ହେଉଛି ।

ପଥପ୍ରଦର୍ଶକ ଦିବଂଗତ ମହାପୁରୁଷ ମାନଙ୍କର ନିକଟତମ ଅନୁଗାମୀମାନେ ସର୍ବଥା ତାଙ୍କର ଆଦର୍ଶକୁ ଅକ୍ଷୁଣ୍ଣ ରଖିବା ପାଇଁ ଏବଂ ସମାଜକୁ ସେହି ଦିଗରେ ଅଗ୍ରଗାମୀ କରାଇବା ପାଇଁ ଏଭଳି ସଙ୍ଘବଦ୍ଧ ଚେଷ୍ଟା ବହୁବାର କରିଛନ୍ତି । ଦେଖା ଯାଇଛି ସଂଘ କଠିନ ନିୟମ ମଧ୍ୟରେ ଆବଦ୍ଧ ହୋଇ ଯେପରି ରୁଦ୍ଧଶ୍ୱାସ ହୋଇଛି ଗ୍ରନ୍ଥି ଶିଥିଳ କଲେ ମଧ୍ୟ ତଦ୍ରୂପ ଜୀବନ୍ମୃତ ଅବସ୍ଥା ପ୍ରାପ୍ତ ହୋଇଛି । ବୁଦ୍ଧଙ୍କ ଅନ୍ତେ ତାଙ୍କ ସଂଘର ବ୍ରହ୍ମଚାରିଣୀ ମାନଙ୍କ ଭକ୍ଷା ପାନ ମଧ୍ୟରେ ଅବୈଧ ଶିଶୁ ସନ୍ତାନ ଯେପରି ସଂଘର ଶୁଚିତା ବିରୁଦ୍ଧରେ ପ୍ରହାର କରୁଛି, ଚୈତନ୍ୟଙ୍କ ପରବର୍ତ୍ତୀ କାଳରେ ବୈଷ୍ଣବ ଧର୍ମ ସେହିପରି ସହଜିୟା ଧର୍ମରେ ପରିଣତ ହୋଇ ବହୁ ଧର୍ମୀମାନଙ୍କ ଘୃଣ୍ୟ ଆହ୍ୱାନର ସମ୍ମୁଖୀନ ହୋଇଛି । ଦୁଃଖର କଥା, ଗାନ୍ଧୀଜୀଙ୍କ ଜୀବିତାବସ୍ଥାରେ ହିଁ ତାଙ୍କର ତଥାକଥିତ ଅନୁଗାମୀ ମାନେ ଉଭୟ ବୌଦ୍ଧ ସଂଘ ଓ ବୈଷ୍ଣବ ସମ୍ପ୍ରଦାୟର ଉକ୍ତ ଅଭିଜ୍ଞତାକୁ ନୂତନ ପରିସ୍ଥିତିରେ ନୂତନ ଦୃଷ୍ଟାନ୍ତ ବାଢ଼ିବାରେ ପଶ୍ଚାତ୍ପଦ ହୋଇ ନାହାନ୍ତି । ଏକ ଦିଗରେ ରଚନାତ୍ମକ କର୍ମ କ୍ଷେତ୍ରରେ ସତ୍ୟ ଅହିଂସାର ପ୍ରୟୋଗ ଯେପରି ସଂକୀର୍ଣ୍ଣ ବାତାବରଣ ସୃଷ୍ଟି କରୁଛି ଅନ୍ୟ ଦିଗରେ ତହିଁ ଅଧିକ ମାରାତ୍ମକ ହୋଇପଡ଼ୁଛି ସତ୍ୟ ଅହିଂସା ନାମରେ ନିହିତ ହିଂସ୍ର ଓ ଅସୂୟାଧୀମାନଙ୍କର କପଟ ଓ ଶଠ ଅଭିନୟ । ପ୍ରଥମ ଶ୍ରେଣୀର ଲୋକମାନେ ସଂସ୍ଥାର ଅପେକ୍ଷାରେ ଏବଂ ସେମାନଙ୍କର ନେତୃତ୍ୱ ଯେପରି ବଳବତ୍ ସେମାନେ ଅନ୍ତରେ ଆପଣାର ଗାଦିରୁ ଉଠିବାର ଆଶା ପୋଷଣ କରିବା ଅନ୍ୟାୟ ଆକାଂକ୍ଷା ନୁହେଁ । କିନ୍ତୁ ଦ୍ୱିତୀୟ ଗୋଷ୍ଠୀ ଆଜି ନିଜ ଅପ୍ରତିହତ ଏବଂ ପଶୁ ବଳରେ ବଳୀୟାନ । ଗାନ୍ଧୀଜୀଙ୍କ ଚିତା ଭସ୍ମକୁ କଳଙ୍କର କୃଷ୍ଣ ଟୀକା ଅଙ୍କନ କରି ଏମାନେ ରାଜନୀତି, ଓ ଦଳନୀତି (power politics) କ୍ଷେତ୍ରରେ ଏକ ଷଡ଼ଯନ୍ତ୍ର ସୃଷ୍ଟି କରିଛନ୍ତି । ଏମାନେ କେବଳ ରାଜନୈତିକ ଓ ସ୍ୱାର୍ଥନୈତିକ କାରଣରୁ ଶୃଙ୍ଖଳା ଶିଥିଳ ପ୍ରସ୍ତାବିତ ସର୍ବୋଦୟ ସମାଜ ମଧ୍ୟରେ ପ୍ରବେଶ କରି ତାହାକୁ କଳୁଷିତ କରିବାର ପ୍ରଚେଷ୍ଟା ଆଜଠୁଁ ଆରମ୍ଭ କଲେଣି । ସର୍ବୋଦୟ ସମାଜ ଏକ ନିର୍ଦ୍ଦିଷ୍ଟ ସଭ୍ୟ ସମାଜ ନହୋଇ ଉପଦେଷ୍ଟା ସମାଜ ହେବା ଫଳରେ ଏହି ଭଣ୍ଡ ମାନଙ୍କର ପ୍ରବେଶ ପଥକୁ ଅବାଧ କରୁଛି କି ନାହିଁ ତାହା ଭ୍ରାତୃମଣ୍ଡଳ ପୁନର୍ବିଚାର କରନ୍ତୁ ।

ସମାଜର ଉଦ୍ଦେଶ୍ୟ ଓ ଉପାୟ ପରିଷ୍କାର ଭାବରେ ପ୍ରକାଶିତ ହୋଇଛି । ସତ୍ୟ ଅହିଂସା ଉପରେ ପ୍ରତିଷ୍ଠିତ ଶୋଷଣ ହୀନ ସମାଜର ପ୍ରତିଷ୍ଠା ପାଇଁ ରଚନାତ୍ମକ ୨୧ଟି କର୍ମ ଯୋଜନା ଦିଆ ଯାଇଛି । ସତ୍ୟ ଓ ଅହିଂସାତ୍ମକ ସମାଜରେ ବିଶ୍ୱାସ ନରଖି ରଚନାତ୍ମକ କର୍ମ କରିବା ଯେପରି ଭ୍ରମାତ୍ମକ, ରଚନାତ୍ମକ କର୍ମ ଚିନ୍ତାକୁ ଉପେକ୍ଷା କରି ଅହିଂସାତ୍ମକ ସମାଜ ଗଢ଼ିବାର ଆଶା ସେହିପରି ଦୁରୁହ । ବର୍ତ୍ତମାନ କଂଗ୍ରେସ କର୍ମୀ ଓ ସଦସ୍ୟ ନେତାମାନେ ଉଭୟ ସଙ୍କଟରେ ପଡ଼ିଛନ୍ତି । ଉଦ୍ଦେଶ୍ୟ ଏବଂ ଉପାୟ କୌଣସିଥିରେ ବିଶ୍ୱାସ ତାଙ୍କର ନାହିଁ । ସେଥିପାଇଁ ଯେଉଁ ରଚନାତ୍ମକ କର୍ମ ସରକାରୀ ବା କଂଗ୍ରେସ ସୂତ୍ରରୁ ହେଉଛି ତାହା ପ୍ରାଣହୀନ ହୋଇ ଯାଉଛି । ଉଦାହରଣ ସ୍ୱରୂପ ମୌଳିକ ବିଦ୍ୟାଳୟରେ ଅସ୍ପୃଶିକ୍ଷା ଦେବାର ଆୟୋଜନ ଗ୍ରହିବା ଦେଖନ ନୁହେଁ । ଅନ୍ୟ ଦିଗରେ ବିଶ୍ୱାସ କରାଯାଉଛି ଲୁଗାକଲ, ବନସ୍ପତି କଲ ଓ ଅନ୍ୟାନ୍ୟ କଳକାରଖାନା ବସିଲେ ଦେଶର ସମୃଦ୍ଧି ସଙ୍ଗେ ସଙ୍ଗେ ଅହିଂସା ସମାଜର ସମ୍ଭାବନା ସହଜ ହେବ ।

ଦେଶକୁ ଏଭଳି ମାରାତ୍ମକ, ଅଦ୍ଭୁତ ନେତୃତ୍ୱରୁ ରକ୍ଷା କରିବା ପାଇଁ ସର୍ବୋଦୟ ସମାଜ ବୁଦ୍ଧିପରିଚାଳିତ ହେଉ ଏହା ହିଁ ଆମର ଆଶା । ଗାନ୍ଧୀଜୀଙ୍କ ଅତି ନିକଟତମ ଶିଷ୍ୟ ବିନୋବାଜୀ ଆଜି ଦେଶର ଏ ସଂକଟ ସମୟରେ କର୍ଣ୍ଣଧାରିତ୍ୱ ଗ୍ରହଣ କଲେ ଦେଶ ପୁନର୍ବାର ସେହି ଦିଗରେ ଗତି କରିବ ଏ ବିଶ୍ୱାସ ଆମର ଅଛି । ତେଣୁ ଆମେ ଆଶାନ୍ୱିତ ।

—*—

## ଉତ୍କଳ ବିଶ୍ୱ ବିଦ୍ୟାଳୟ

ଉତ୍କଳ ବିଶ୍ୱ ବିଦ୍ୟାଳୟର ପରିଚାଳନାରେ ବାରମ୍ବାର ତ୍ରୁଟି ଦେଖା ଯାଉଛି । କିନ୍ତୁ ଆମ ସରକାର କୌଣସି ପ୍ରତିକାରର ବ୍ୟବସ୍ଥା କରିବା ଭଳି ଜଣା ପଡ଼ୁନାହିଁ ଏବଂ ସେ ଦିଗରେ ନିଶ୍ଚେଷ୍ଟ ରହିଲେ ଚଳେ ! ଏବେ ବିଶ୍ୱ ବିଦ୍ୟାଳୟର ଯେଉଁ ଆଇ: ଏ: ଓ: ଏ ପରୀକ୍ଷା ହୋଇଗଲା ତା'ର ପ୍ରଶ୍ନ ସବୁ ଆଗରୁ ଜଣା ପଡ଼ିଥିଲା ଏପରିକି ସ୍ଥାନେ ସ୍ଥାନେ ପ୍ରଶ୍ନସବୁ ଉଚ୍ଚ ମୂଲ୍ୟରେ ବିକ୍ରି ହେବାର ସମ୍ବାଦ ମିଳୁଛି । ବି: ଏ: ର ସାହିତ୍ୟ ପ୍ରଶ୍ନ ଦୁଇଦିନ ପୂର୍ବରୁ ଆଇ: ଏ ପରୀକ୍ଷାର୍ଥୀଙ୍କ ମଧ୍ୟରେ ବଣ୍ଟା ହୋଇଗଲା—କିନ୍ତୁ କର୍ମକର୍ତ୍ତାମାନେ ନିଜର ଭୁଲ ଜାଣି ପାରି ମୁଦ୍ରିତ ଉକ୍ତ ପ୍ରଶ୍ନମାନ ପ୍ରତ୍ୟାହାର କରିନେଇ ପୁଣି ଦୁଇଦିନ ପରେ ଆଇ: ଏ: ପରୀକ୍ଷାର୍ଥୀ ମାନଙ୍କୁ ଦେଲେ ! ଏପରି ପ୍ରମାଦ ଯଦିଓ ଘଟିଲା—ପରୀକ୍ଷା ଘୁଞ୍ଚାଇ ଦେଇଥିଲେ ଚଳିଥାନ୍ତା —କିନ୍ତୁ ଏହାଦ୍ୱାରା ବିଶ୍ୱ ବିଦ୍ୟାଳୟର କର୍ମକର୍ତ୍ତାମାନଙ୍କର ଅଯୋଗ୍ୟତା ଓ ଅକ୍ଷମତା ପ୍ରକାଶ ପାଇଲା—ଏପରି ବିଭ୍ରାଟ ବଡ ଲଜ୍ଜାକର ବ୍ୟାପାର ଓ ନିନ୍ଦନୀୟ । ବିଶ୍ୱବିଦ୍ୟାଳୟ ପରିଚାଳନାରେ ଯେ ତ୍ରୁଟି ପରିଲକ୍ଷିତ ହୋଇଛି ଏହା ଏକମାତ୍ର ଉଦାହରଣ ନୁହେଁ—ଛାତ୍ର ମାନଙ୍କୁ ପାଠ୍ୟ ପୁସ୍ତକ ଯୋଗାଇବାରେ ମଧ୍ୟ ଅବହେଳା ଦେଖା ଯାଉଛି । ଏପରି ଅବସ୍ଥାରେ ପ୍ରାଦେଶିକ ସରକାରଙ୍କର କଣ କର୍ତ୍ତବ୍ୟ କିଛି ନାହିଁ ? ଯଦି ପ୍ରାଦେଶିକ ସରକାର ଏଥିରେ ହସ୍ତକ୍ଷେପ ନକରନ୍ତି ତା' ହେଲେ ବୁଝିବାକୁ ହେବ ଯେ ସରକାର ମଧ୍ୟ ଏହାକୁ ସମର୍ଥନ କରୁଛନ୍ତି ।

—*—

Digitized by srujanika@gmail.com

ଜର୍ମାନୀ ମାନଙ୍କ ବୈଠକ ଶେଷରୁ ଛାଡ଼ିଯିବା ପୂର୍ବରୁ ସାରା ଭାରତ ଘୂରିବେ ବୋଲି ଜଣାଇ ଦେଇଥିଲେ । ଏହା ମଧ୍ୟରେ ଓଡ଼ିଶା ମଧ୍ୟ ଘୂରି ଗଲେଣି । ବ୍ରିଟିଶ ସ୍ୱାର୍ଥ କେଉଁ ପ୍ରଦେଶରେ କେତେ କେମିତି ସୁରକ୍ଷିତ ହେବ ତାକୁ ମାପିବା ପାଇଁ ସେ ଗୋଟିଏ ଥର୍ମୋମିଟରର ସାଙ୍ଗରେ ଧରି ବୁଲୁ ଥିଲେକି କଣ । ସେହି ତାପ ପରି ମାପକ ଯନ୍ତ୍ର ସାହାଯ୍ୟରେ ସେ ସମ୍ଭବତଃ ଦେଖିଲେ ଯେ ଓଡ଼ିଶାର ଉତ୍ତାପ ବଡ ବେଶି ! ଅନୁନ୍ନତ ଓଡ଼ିଶାକୁ ଶୋଷଣ କରିବା ପାଇଁ କ୍ଷେତ୍ର ବଡ ବ୍ୟାପ୍ତ ଓ ପ୍ରସ୍ତୁତ । ସେଥିପାଇଁ ସେ ଜର୍ମାନୀର ଭଲ ବୁଝାଇ ସମ୍ଭବତଃ ରାଜାଙ୍କ ଜରିଆରେ ଥୋଡ଼ା ସୁବାସିତ କାଞ୍ଚନ କାଦେଶୀ ମାଲିଶ ତେଲ ମହତାବଙ୍କଠାରୁ ପଠାଇଛନ୍ତି କି—ଏ ମନ୍ତ୍ରୀମଣ୍ଡଳ ପୃଥିବୀରେ ଅଦ୍ୱିତୀୟ । ହାଲିଆ ସଭା ଏଥିରେ ମହତାବଙ୍କୁ ବଧାଇ ଜଣାଇବେ କି ନାହିଁ ଜାଣିନାହୁଁ—ମନ୍ତ୍ରୀମାନେ କିନ୍ତୁ ବଧାଇ ଜଣାଇବେ ସ୍ଥିର କରିପାରୁ ନାହାନ୍ତି । ଓଡ଼ିଶା ଉତ୍କଳ ସଂଘ ପରାମର୍ଶ ଦେବେ କି ?

\+ × ×

ରାଜା କେନେଡ଼ି କିନ୍ତୁ ବିଶ୍ୱାସ କଲେ ଯେ ଯାଗାରେ ମଧ୍ୟ ତାଙ୍କ ଅଙ୍କ ଅବଜ୍ଞ କରି ନପାରେ । ମହତାବ ବାସ୍ତବରେ ପୃଥିବୀର ମନ୍ତ୍ରୀମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ । ତେଣୁ ସେ ସଙ୍ଗେ ସଙ୍ଗେ କଳିକତାରୁ ଥାଇ ତାକୁ ଦେଇଛନ୍ତି—ସମୁଦ୍ର ସ୍ଥିର ହୋ—ଓଡ଼ିଶା ବଳ ହୋ—ଓଡ଼ିଶାରେ ଶବର୍ଷ ଭିତରେ କୋଟିଏ କୋଟି ଟଙ୍କା ଖର୍ଚ୍ଚ ହୋଇ ପାଉଣ୍ଡ ବେଠନଙ୍କ ଦେଶ ବିଲତରୁ ବଳଭଦ୍ରଙ୍କ ଆସି ଏଠି ଅଷ୍ଟା ଲୁଗାକଲ ଅଷ୍ଟା ଲୋହ କଲ ଓ ଗୋଟିଏ ଘାସ ସିଅ କଲ ସଙ୍ଗେ ଅନ୍ୟାନ୍ୟ ଅନେକ କଲ ବସି ଗାନ୍ଧିଜୀଙ୍କର ରଚନାତ୍ମକ ସଂଘ ସବୁକୁ ଏକାଠି କରି ଗୋଟିଏ ସର୍ବୋଦୟ ସମାଜ କଲକଲ ଏ ଦେଶରେ ଏକ ମହତାବୋଦୟ (କଲୋଦୟ) କଲ—ସଂଘ ଗଠିତ ହୋଇ ଗାନ୍ଧିଜୀଙ୍କ ଅଭିପ୍ରେତ ଅହିଂସାତ୍ମକ ଶୋଷଣ ହୀନ ସମାଜ ପ୍ରତିଷ୍ଠିତ ହେବ ! ଜୟ ମହାତ୍ମା ମହତାବଙ୍କ ।

\+ × +

ଶୁଣେ ପଣ୍ଡିତ ଜବାହାରଲାଲଙ୍କ ଧାର ଦେଲେଣି ଦେଶରେ କୁଟୀର ଶିଳ୍ପର ପ୍ରସାର ଅଧିକ ହେବ । କଳିଆ ମାନେ ଓଡ଼ିଆ ସାହିତ୍ୟିକ ମାନଙ୍କୁ ଅନୁରୋଧ କରୁଛନ୍ତି ସେମାନେ କୁଟୀର ଶବ୍ଦର ଅର୍ଥଟା ଯୋଗରୁ ନୂଆ କରି ଦେଉନ୍ତୁ । କୁଟୀର ଅର୍ଥ କରଗଲା ଭବନ



ସରକାରୀ କୋଠା ବା ନବାବଙ୍କ ମହଲ ବା ନାକ ଉଡ଼ିଆ, ଜମିଦାର ନବାବଙ୍କ ବାସ ଭବନ ହେଲେ ଅର୍ଥ ଗୌରବ ବାଢ଼ି ରହିବ ।

× + +

ଓଡ଼ିଶା ପୁଲିସ ମାନଙ୍କର ଏକ ସମ୍ମେଳନ ହୋଇ ଯାଇଛି । ପ୍ରଶାନ୍ତ କହନ୍ତି ଯେ ଭାରତ ସ୍ୱାଧୀନ ହେବାରୁ ସେ ଖୁସି । କଥାଟା ତାଙ୍କ ମୁହଁରେ କେଉଁଠି ଟିକିଏ 'ଅଟକେ' ନେଲନାହିଁ । ସେ ସାହାବେଙ୍କ ପୁଲିସ ପ୍ରବର କର ଏ ବାଣୀ ଦୃଷ୍ଟେ ଏଥି ପୂର୍ବରୁ ପୁଲିସ ଅଧିକାରୀଙ୍କୁ ଭୁଲ କରି ଯେତେ ଜାତୀୟ ସାହିତ୍ୟ ଲେଖା ଯାଇଛି ସେଗୁଡ଼ିକ ନଷ୍ଟ ଦହନ କଲି ଭଲ ସେ ମନ୍ତ୍ରୀ ଜାଳି ଦିଅଯାଉ । କମ୍ପା ବେଆଇନ କରି ଦିଅଯାଉ । ତାହେଲେ କଲିଅଙ୍କର ଅନୁମାନ ଏମାନେ ରାଷ୍ଟ୍ରାନୁଗତ ହେବେ । କାଳକ୍ରମେ ଶୃଗାଳ ପୁଣି ଧୂସର ହୋଇ ପାରନ୍ତି ।

\+ × ÷

ତଥାପି କିନ୍ତୁ ଗୋଟିଏ କଥା ସ୍ୱୀକାର କରିଛନ୍ତି ଯେ ଚକ୍ରାନ୍ତ କିମ୍ବା ବା ଯୁଦ୍ଧ ଦ୍ୱାରା ଏ ସ୍ୱାଧୀନତା ଆସିନାହିଁ । ତା ହୋଇଥିଲେ ନାଚ କରିବାର ବାଟ ନଥିବ ଅଳ୍ପ ପାଇ ନଥାନ୍ତେ । ଏ ସତକଥା ପାଇଁ ଆମେ ପ୍ରକାଶ ସ୍ୱାମୀଙ୍କୁ ଧନ୍ୟବାଦ ଦେଉଛୁ । ଆଜ ସ୍ୱାଧୀନତାଟା ଯେ ଶାସକ ଓ ଶାସିତଙ୍କ ଭିତରେ ଆପୋଷ କଥାବାର୍ତ୍ତାରେ ହୋଇଗଲା ସ୍ୱାମୀଙ୍କରେ ବୋଧହୁଏ କିଛି କାରଣ ଥିଲା ନାହିଁ । ସେ କାରଣଟା ସାଧୁତା ଆଉ ସାହସର ସହିତ ସ୍ୱୀକାର କରିଥିଲେ ହୁଏତ ଭାରତୀୟ ପୁଲିସ ଗାନ୍ଧିଜୀଙ୍କ ହତ୍ୟାକୁ ରୋଧ କରି ନପାରିବା କଳଙ୍କ ମୁଣ୍ଡରେ ବହି ନ ଥାନ୍ତା । ସତ୍ୟାଗ୍ରହୀଙ୍କ ମନରେ ଗଲା ପଳା ଯେଉଁ ପୁଲିସ ଅଶ୍ୱଥ, ଅଗ୍ନି, ଅଙ୍କାସ୍ତ୍ର, ଅଦର୍ଶା ଅଦରଦ୍ୱାର ବୁଲୁଥିଲେ, ଅଜ ଶର୍ଟବଜାରରେ ଗେରିବଜାର ଚୁଲୁଥିବାବେଳେରେ ପୁଲିସଙ୍କ କାନଆ ପଣ ଗଲା କୁଆଡ଼େ ? ହନୁ ମେ ବେଳେ ସତକଥା କହେ । କିନ୍ତୁ ଭାରତୀୟ ପୁଲିସଙ୍କ ଧାରୁ ଏମିତି ଯେ ସ୍ୱର୍ଗକୁ ଗଲେ ବି ସତ କହନ୍ତି ନାହିଁ ।

× + ×

ମୋ ଶଙ୍ଖଳା ଉତ୍ସାହାଙ୍କ ସଭା ବସିଥିଲା ବେଳେ ତେବେ ଅପନ୍ଦ୍ରବ୍ୟାଖ୍ୟା କାଗ୍ରୀଙ୍କ ସଭା ବସିଲା । ଉତ୍କଳ ପାଠକ ପଢ଼ିଲୁ ସରକାରଙ୍କ ନୋଟିସ ଉଠେଇଲେ ।

ବ୍ୟବସ୍ଥା ସଭା କୁଅତେ ବସୁଥିଲାସୁଦ୍ଧା ଅଧିକାର ମନ୍ତ୍ରୀ ବା ସରକାରଙ୍କ ଦେଇ ଦେଉଛନ୍ତି ବୋଲି ଅଗନଙ୍କ ଅଭିଯୋଗ । ଏ ମିଥ୍ୟା ଅଭିଯୋଗରେ ପ୍ରତିବାଦ କାରୀ, ଏକଙ୍କ ଉଦ୍ଭାବନୀ ଶ୍ରୀଯୁକ୍ତ ଦୀନବନ୍ଧୁ ସାହୁ—ଏ ଜଦା ଦୀନ ରାଜ ନୈତିକ ବଡ଼ିଙ୍କ ବନ୍ଧୁ ଓ ବର୍ତ୍ତମାନ ରାଜନୈତିକ ଭର୍ତ୍ତାଙ୍କ ବନ୍ଧୁ ଯଦି ସତ କଥାଟା କହି ନଥାନ୍ତେ ତେବେ ଓଡ଼ିଶା ଉତ୍କଳ ଗୁଡ଼ିକୁ ଆମେ ମିଥ୍ୟାଚାରୀ କହୁ ଥାନ୍ତୁ । ସଭା ଶେଷରେ କବି ଦୀନକୃଷ୍ଣ ଦୀନବନ୍ଧୁଙ୍କ ମୁହଁ କବିତା ଲେଖିଥିବେ ସ୍ୱର୍ଣ୍ଣପୁରରେ--

ଦୀନବନ୍ଧୁ କହନ ତବ ଉଚ୍ଚେ ଲେଖନ
ଜୟ ବନ୍ଦ ମହତାବ,
ଚାଳୁଥିବ ହୋଇ ତବ ପୃଷ୍ଠେ ପଡ଼ାଇ
ଭିନ୍ନ ସଂକଳ୍ପୋକ ହୋ ଦୀନବନ୍ଧୁ
ତୁମ୍ଭ ସରତ ପଥ ତୁହି.
କମାଲ ଟେକା ଅଟେ ମୁହଁ
ଲକ୍ଷଣା କରି ଭଲ ମହତ ଯେ ରହିଲ
କହ ମୁଁ କି ଦେବି ତୋ ପାଇଁ ହେ
ଦୀନବନ୍ଧୁ ।

× + ×

ମାଁ ସ୍ତନ ଭାରତଟାକୁ ତାର ପାକିସ୍ତାନ ଭାଇ ଭାଗ ପରେ ଏବେ ଜବାବ ଦେଉଛି ଯେ ତାର ଦେଣା [ liabiities ] ଆଉ କେହି ଭାରତକୁ ଦେଉ ନାହିଁ । କଣ ଘା ହେବ ଜଣେ ମୁସଲମାନ । ସେ ତାଙ୍କ ଭିତରୁ କେବଳ ସେ ସ୍ୱୟଂ ନେଲେ କରିବେ ତା ନ ହେଲେ ହୁଏତ ମୂଳ ଦେଶକୁ ସାଧ୍ୟ କରି ଦେବେ । ଦେଣା ଥିଲେ ତ ଯାଇଁ ମଧ୍ୟ କଥା ଉଠିବ । ମୂଳରୁ ଦେବା କଟାଇ ଦେଲେ ଆଉ ମଧ୍ୟ କଥା ଉଠିବ କମିତ । ମୁସଲମାନମାନେ ବାଣ୍ଟି କରନ୍ତୁ ମହମ୍ମଦ ଥିଲେ ନେମ ପୟଗମ୍ବର । କିନ୍ତୁ ଆଉ ଜଣେ ପୟଗମ୍ବର ନାହାନ୍ତି ପୁଣି ସେ ସେହି ମହମ୍ମଦ—ଅଲି ଓ କିନ୍ତୁ ହୁଏ ସ୍ୱର୍ଗ ଅଧିକ ବୋଧହୁଏ ଅବର୍ଗର ହୋଇଛନ୍ତି ତେବେ କେବେ ଶୋଧ କରି ପାରନ୍ତି । × × ×

Digitized by srujanika@gmail.com



# ଗୁରୁଭାଇ

ପ୍ରିୟ ଭକ୍ତ ବୃନ୍ଦ,

ଆମର ବହୁକାଳର ଅଭ୍ୟସ୍ତ, ପ୍ରଚଳିତ ଓ ସର୍ବଜନ ପ୍ରଶଂସିତ ଗୁରୁଭାଇ ଧର୍ମର ମହିମା ଆପଣମାନଙ୍କୁ ଅବିଦିତ ନାହିଁ । ତଥାପି ନୂତନ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଆମର ଗୁରୁଭାଇ ଧର୍ମ ବିଷୟରେ କିଞ୍ଚିତ ଆଭାସ ଦେବା ।

ଗୁରୁଭାଇ କହିଲେ ଆମ୍ଭେମାନେ କଣ ବୁଝୁଁ ?—(୧) ଗୁରୁ ବିଶେଷ, (୨) ଧର୍ମ ବିଶେଷ ଓ (୩) ଦଳ ବିଶେଷ । ଗୁରୁ ବିଶେଷର ଅର୍ଥ ଯେଉଁ ଗୁରୁ ତାଙ୍କର ଶିଷ୍ୟ ମାନଙ୍କ ମଧ୍ୟରେ ଭ୍ରାତୃଭାବ ଆଣନ୍ତି । ଧର୍ମ ବିଷୟରେ ଅର୍ଥ ମୋକ୍ଷ ଲାଭ କରିବା ପାଇଁ ଗୁରୁଙ୍କଦ୍ୱାରା ସ୍ଥାପିତ ଓ ପ୍ରଦର୍ଶିତ ଗୋଟିଏ ମାର୍ଗ । ଦଳ ବିଶେଷର ଅର୍ଥ ନିଜର ମଙ୍ଗଳ ପାଇଁ ସାଧାରଣଙ୍କଠାରୁ ବିଚ୍ଛିନ୍ନ ବା ପୃଥକ ଭାବରେ ଗୋଟିଏ ନିର୍ଦ୍ଦିଷ୍ଟ ପରସ୍ପର ମଧ୍ୟରେ ଆବଦ୍ଧ ରହିବା । ଉପରୋକ୍ତ ଅର୍ଥବ୍ୟତୀତ ଗୁରୁଭାଇର ଅନ୍ୟ ଏକ ଅର୍ଥ ଅଛି ଯଦ୍ୱାରା ଗୁରୁଭାଇର ପ୍ରକୃତ ତାତ୍ପର୍ଯ୍ୟ ବୁଝାଯାଏ । ବହୁ ବର୍ଷ ପୂର୍ବରୁ ମୂର୍ଖ ମାନବ ମାନଙ୍କୁ ଜ୍ଞାନ ଦାନ କରିବା ପାଇଁ ଯେତେବେଳେ ଶ୍ରୀ ଶ୍ରୀ ଫକ୍କାନନ୍ଦଙ୍କର ଆବିର୍ଭାବ ହେଲା ସେତେବେଳେ ଶ୍ରୀ ଶ୍ରୀ ଠକ୍କାନନ୍ଦ ତାଙ୍କର ପ୍ରଥମ ଶିଷ୍ୟତ୍ୱ ଗ୍ରହଣ କଲେ । କାଳକ୍ରମେ ଠକ୍କାନନ୍ଦ ମଧ୍ୟ ଗୁରୁରେ ପରିଣତ ହେଲେ । ବର୍ତ୍ତମାନରୁ ଶ୍ରୀ ଶ୍ରୀ ଫକ୍କାନନ୍ଦ ଏବଂ ଠକ୍କାନନ୍ଦ ଦୁହେଁ ଯୁଗଳ ଗୁରୁ ରୂପରେ ସର୍ବସାଧାରଣଙ୍କୁ ମୋକ୍ଷ-ପଦ ପ୍ରାପ୍ତିର ମାର୍ଗ ପ୍ରଦର୍ଶିତ କରୁଅଛନ୍ତି । ଗୁରୁଦ୍ୱୟଙ୍କୁ ଅନେକେ ଦୁଇ ଭାଇ ବୋଲି ଭ୍ରମ କରୁଥିବାହେତୁ ଗୁରୁଭାଇ ଶବ୍ଦର ଉତ୍ପତ୍ତି ।

ଆପଣମାନେ ଜାଣନ୍ତି ମୋକ୍ଷଲାଭ କରିବା ମନୁଷ୍ୟ ଜୀବନର ଏକମାତ୍ର ଲକ୍ଷ୍ୟ କାରଣ ସମସ୍ତଙ୍କୁ ଦିନେନାହେଲେ ମୃତ୍ୟୁ ମୁଖରେ ପତିତ ହେବାକୁ ହେବ । ମୃତ୍ୟୁ ପରେ କିପରି ସଦ୍‌ଗତି ଲାଭ କରିବା ତାହା ଆମର ଦିନ ଥାଉଁ ଥାଉଁ ଭାବିବା ଆବଶ୍ୟକ । ଓଡ଼ିଆ ମାନେ ଚିରଦିନ ମୂର୍ଖଥିଲେ, ଏ ପର୍ଯ୍ୟନ୍ତ ମଧ୍ୟ ମୂର୍ଖ ଅଛନ୍ତି । ସେମାନଙ୍କର ମୂର୍ଖତା ଦୂର କରିବା ପାଇଁ ବହୁ ମହାପୁରୁଷ ବହୁବାର ବିଦେଶରୁ ଆସି ଜ୍ଞାନାଲୋକ ଦେଇ ଅଛନ୍ତି । ପ୍ରଥମେ ଚୈତନ୍ୟ ଦେବ ଆସିଲେ । ତାଙ୍କ ଆଗରେ ଉତ୍କଳୀୟ ସହ୍ୟ ହେଲା ନାହିଁ । ତେଣୁ ଖଣ୍ଡା ତରୁଆଲ ପରିବର୍ତ୍ତରେ ଲୋକ-ମାନଙ୍କୁ ଖୋଳ କରତାଳ ଦେଇ ନାମ ସଂକୀର୍ତ୍ତନ ଶିଖାଇ ମୋକ୍ଷ ପ୍ରାପ୍ତ କରାଇଲେ । କିନ୍ତୁ ସମସ୍ତେ ସଂକୀର୍ତ୍ତନିଆ ହେବାଦ୍ୱାରା ଲୋକଙ୍କ ମଧ୍ୟରେ ଏକତା ଭାଙ୍ଗିଗଲା । ଧର୍ମ ବିଷୟରେ ଏକତା ରହିବା ଆଦୌ ଭଲ ନୁହେ କାରଣ ବହୁତ ଲୋକରେ ମୁକ୍ତିକର ମୂଲ୍ୟ ହୁଏ ନାହିଁ । ଉଦାହରଣ ସ୍ୱରୂପ ଗୋଟିଏ ଶ୍ରେଣୀରେ ବହୁତ ଛାତ୍ର ପଢୁଛନ୍ତି କିନ୍ତୁ ଜଣେ ମାତ୍ର ଶିକ୍ଷକ । ସେଥିଯୋଗୁଁ ସମସ୍ତ ଛାତ୍ରମାନେ ବ୍ୟକ୍ତିଗତ ଭାବରେ ଶିକ୍ଷକ-ର ଦୃଷ୍ଟି ଆକର୍ଷଣ କରି ପାରନ୍ତି ନାହିଁ ଏବଂ ସେଥିସକାଶେ ଅଳ୍ପ କେତେକଙ୍କ ବ୍ୟତୀତ ସମସ୍ତେ ପାରଦର୍ଶିତା ଲାଭ କରି ପାରନ୍ତି ନାହିଁ ଯଦ୍ୱାରା ସ୍ୱତନ୍ତ୍ର ଭାବରେ ଶିକ୍ଷା ପାଇବା-ପାଇଁ ଗୃହ ଶିକ୍ଷକର ଆବଶ୍ୟକତା ପଡେ । ସେହିପରି ଜଣେ ଗୁରୁ ଥିବାହେତୁ ସାଧାରଣଙ୍କ ମୋକ୍ଷ ପ୍ରାପ୍ତିରେ ଅସୁବିଧା ହେବ ଦେଖି ଧର୍ମକୁ ଭାଗ ଭାଗ କରାଗଲା ଏବଂ ସଂକୀର୍ତ୍ତନ ହେଲେ ସୁଦ୍ଧା ତା ମଧ୍ୟରେ ଚୈତନ୍ୟପନ୍ଥୀ, ରାଧାରମଣ ପନ୍ଥୀ, ଗୌର ନିତାଇ ପନ୍ଥୀ, ଖୋଳ କରତାଳ ପନ୍ଥୀ, ଝାଞ୍ଜ ମୃଦଙ୍ଗ ପନ୍ଥୀ, ହରିବୋଲିଆ ପନ୍ଥୀ, କଣ୍ଠିମାଳିଆ ପନ୍ଥୀ, ତୁଳସୀ ମାଳିଆ ପନ୍ଥୀ, ଚଟା ଚୈତନ ପନ୍ଥୀ, କୃଷ୍ଣ ଭାବ ପନ୍ଥୀ, ରାଧାଭାବ ପନ୍ଥୀ, ଇତ୍ୟାଦି ଇତ୍ୟାଦି ବହୁ ପନ୍ଥା ସୃଷ୍ଟି କରାଗଲା ଏବଂ ବହୁ ମହାପୁରୁଷଙ୍କର ଆବିର୍ଭାବ ଓ ତିରୋଭାବ ହେଲା । ଆମ୍ଭେମାନେ ମଧ୍ୟ ବଙ୍ଗବାସୀ । ଆମର ଶ୍ରୀ ଶ୍ରୀ ଫକ୍କାନନ୍ଦ ଓ ଠକ୍କାନନ୍ଦଙ୍କର ଆବିର୍ଭାବ ହୋଇଥିଲା ବିହାର ଓଡ଼ିଶା ଏକତ୍ର ଥିବା ସମୟରେ ଏବଂ ଆମର ମୋକ୍ଷ ପ୍ରାପ୍ତ ପ୍ରଣାଳୀ ଆମ୍ଭବ୍ୟତୀତ ଅନ୍ୟ କେହି ଜାଣନ୍ତି ନାହିଁ । ଅତେ ତାହା ଭାରତ ଗଭର୍ଣ୍ମେଣ୍ଟଙ୍କ ଦ୍ୱାରା ରେଜିଷ୍ଟ୍ରି କରାଇ କିଛି କାଳରୁ ଚଳାଇ ଆସୁଅଛୁ ।

ଆମର ଧର୍ମର ବିଶେଷତ୍ୱ ଏହିଯେ ଆମ୍ଭେମାନେ ଗୁରୁଙ୍କ ବ୍ୟତୀତ ଅନ୍ୟ କାହାରିକୁ ବିଶ୍ୱାସ କରୁନାହୁଁ । ଆମ ମତରେ ଗୁରୁ ସର୍ବେସର୍ବା, ଗୁରୁଙ୍କ ବ୍ୟତୀତ ଆମ୍ଭେମାନେ କାହାରିକୁ ମାନୁନାହୁଁ । ଆମ୍ଭେମାନେ ଭଗ-ବାନଙ୍କୁ ମଧ୍ୟ ବିଶ୍ୱାସ କରୁନାହୁଁ କାରଣ ବହୁ ଶାସ୍ତ୍ର ଅଧ୍ୟୟନ କରି ଆମ୍ଭେମାନେ ଏହି ସିଦ୍ଧାନ୍ତରେ ଉପନୀତ ହୋଇ ଅଛୁଁ ଯେ ଭଗବାନ ବୋଲି କେହି ନାହିଁ ପ୍ରମାଣ ସ୍ୱରୂପ ମୁଁ ଯଦି ଆପଣ ମାନଙ୍କୁ ପରୁଚେ ମତେ ଭଗବାନଙ୍କୁ ଦେଖାଇ ଦିଅ ତା ହେଲେ କେହି ଭଗବାନଙ୍କୁ ଦେଖାଇ ପାରିବେ ନାହିଁ । ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କଲେ ସୁଦ୍ଧା କେହି ଭଗବାନଙ୍କୁ ଦେଖାଇ ପାରିବେ ନାହିଁ । କିନ୍ତୁ ଆପଣମାନେ ଯଦି ଗୁରୁଙ୍କୁ ଦେଖିବାକୁ ଚାହାନ୍ତି ଅକ୍ଳେଶରେ ମୁଁ ଦେଖାଇ ଦେଇ ପାରିବି ଏବଂ ସାମାନ୍ୟ ଖର୍ଚ୍ଚରେ ମଧ୍ୟ ।

Digitized by srujanika@gmail.com

ଧର୍ମ ବିଷୟରେ କୌଣସି ତର୍କ କରିବା ଉଚିତ ନୁହେ ଅନ୍ଧ ବିଶ୍ୱାସ ରହିବା ଉଚିତ—ଆମ୍ଭେମାନେ ଏକ କଷ୍ଟ ଭାବରେ ଅନ୍ଧ ବିଶ୍ୱାସରେ ଗୁରୁଙ୍କୁ ଭଗବାନ ବୋଲି ଭାବୁ ଏବଂ ଭଗବାନ ଭାବି ସେବା କରୁ—ଆମ୍ଭମାନଙ୍କ ଧର୍ମ ଗ୍ରହଣ କଲେ ଆପଣମାନଙ୍କୁ ଅନ୍ଧ ହେବାକୁ ପଡ଼ିବ ଅର୍ଥାତ ଅନ୍ଧ ବିଶ୍ୱାସ କରିବାକୁ ହେବ । ଭକ୍ତ ମାନଙ୍କ ମଧ୍ୟରେ ଭାଇ ଭାଇ ଭାବ ରହିବ ବା ଭାଇ ଭଉଣୀ ଭାବ ରହିବ । ପ୍ରାଦେଶିକତା ଭାବ ଦୂର ହୋଇଯିବ ଅର୍ଥାତ ଆପଣମାନେ ଓଡ଼ିଆ ହୁଅନ୍ତୁ, ବଙ୍ଗାଳୀ ହୁଅନ୍ତୁ, ବିହାରୀ ହୁଅନ୍ତୁ, ମାନ୍ଦ୍ରାଜି, ଗୁଜରାଟି, ମରହଟି, ଅସାମୀ ଯାହା ହୁଅନ୍ତୁ ପଛକେ ପ୍ରତ୍ୟେକ ପ୍ରତ୍ୟେକଙ୍କୁ ଭାଇ ଆଖିରେ ଦେଖିବେ ଉଦ୍‌ବ୍ୟକ୍ତିତ ସମାଜରେ ଅପରଙ୍କର ଆସନ ଯେତେ ଉଚ୍ଚରେ ହେଉ ପଛକେ ଏବଂ ଅନ୍ୟର ଆସନ ଯେତେ ତଳରେ ହେଉ ପଛକେ ପରସ୍ପରକୁ ଭାଇ ବୋଲି ଭାବିବାକୁ ହେବ । ଅନେକଙ୍କୁ ଜଣେ ଅଫିସ ସୁପରିଣ୍ଟେଣ୍ଡେଣ୍ଟ ଆଉ ଜଣେ ଅଫିସ ଦପ୍ତରୀ—ସେମାନେ ଯଦି ଗୁରୁଭାଇ ହୋଇ ଥାଆନ୍ତି ତେବେ ତାଙ୍କ ଭିତରେ ଭାଇ ଭାଇ ଆତ୍ମୀୟତା ରହିବା ଏମନ୍ତକି ପରସ୍ପରେ ଯୁଦ୍ଧ କଳହ କୋଳାହଳ ମଧ୍ୟ ଲୋପ । ଏହାଦ୍ୱାରା ଆପଣମାନେ ଦେଖି ପାରିବେ ଯେ ଅତୁଳ ଗାନ୍ଧିମହାତ୍ମା ଯେଉଁ ପ୍ରାଦେଶିକତା ଦୂର କରିବା ବିଷୟରେ କହୁଥିଲେ ଓ ସମାଜସେବୀ ମାନେ ଯେଉଁ ଏକା ଆସନର ସ୍ୱପ୍ନ ଦେଉଛନ୍ତି ଆମ୍ଭର ଗୁରୁଭାଇ ତାହା ବାସ୍ତବ ରୂପରୁ କାର୍ଯ୍ୟରେ ପରିଣତ କରି ଆସୁଛନ୍ତି । ଆମ୍ଭେମାନେ କିନ୍ତୁ ରାଜନୀତିର ଧାର ଧାରୁନାହିଁ କାରଣ ବର୍ତ୍ତମାନ ଯେପରି ଦଙ୍ଗା ହଙ୍ଗାମ, ଗଣ୍ଡଗୋଳ ହୋଉଛି ସବୁ ରାଜନୀତି। ଯୋଗୁଁ ସେଥି ଯୋଗୁଁ ପଙ୍କରେ ପଶିବା ଠାରୁ ପାଦ ପ୍ରକ୍ଷାଳନ କରିବା ଆମ୍ଭମାନଙ୍କର ଶାନ୍ତି ବୃଦ୍ଧି ଅଟେ । ଭାରତ ସ୍ୱାଧୀନ ହେଲେ ବା ପରାଧୀନ ହେଲେ ଆମ୍ଭର କିଛି ଯାଏ ଆସେ ନାହିଁ କାରଣ ଏହାଦ୍ୱାରା ଭକ୍ତି ମାର୍ଗର କି ଉପକାର ସାଧିତ ହେବ ? ପ୍ରକାଶ ଥାଉକି ମହାତ୍ମା ଗାନ୍ଧିଙ୍କର ହରିଜନ ପ୍ରେମ ଅସ୍ପୃଶ୍ୟତା ଦୂରୀକରଣ ଇତ୍ୟାଦି ଆମ୍ଭେମାନେ ପସନ୍ଦ କରୁନାହୁଁ କାରଣ ମ୍ଳେଚ୍ଛମାନେ ଓ ହରିଜନ ମାନେ ଅତ୍ୟନ୍ତ ଅପରିଷ୍କାର । ଅବର୍ଜନା ମଧ୍ୟରେ ଥାଆନ୍ତି—ମୋକ୍ଷ ପ୍ରାପ୍ତ ପାଇଁ ଦେବତା ରହିପାରିବ କିପରି ? ଏକଥା କଳ୍ପନା ମାତ୍ର !

ଗୁରୁଭାଇ ଧର୍ମ ଗ୍ରହଣ କଲେ କି କି ଉପକାର ହେବ ?

ଆମ୍ଭର ଧର୍ମ ଗ୍ରହଣ କଲେ ଯେତେ ଉପକାର ହେବ ତାହା କଥାରେ ବର୍ଣ୍ଣନା କରି ହେବ ନାହିଁ । ମନେ କରନ୍ତୁ ଜଣେ ବେକାର ଅଛି ତାହାକୁ ଦୀକ୍ଷା ନେବା ମାତ୍ରେକେ ଚାକିରି ଦିଆଯିବ କାରଣ ଆମ୍ଭର ଗୁରୁଭାଇ ଭକ୍ତମାନେ ଗଭର୍ଣ୍ଣମେଣ୍ଟର ପ୍ରତ୍ୟେକ ବିଭାଗରେ ଉଚ୍ଚପଦରେ କାର୍ଯ୍ୟ କରୁଅଛନ୍ତି । ଶିକ୍ଷା ବିଭାଗ, ବାଣିଜ୍ୟ ମିସ୍ତ୍ରୀ ବିଭାଗ, ଜଙ୍ଗଲ ବିଭାଗ, ରାଜସ୍ୱ ବିଭାଗ, କୃଷି ବିଭାଗ ଇତ୍ୟାଦି ଇତ୍ୟାଦି ଯାବତୀୟ ବିଭାଗରେ ବଡ ବଡ କର୍ତ୍ତା ହୋଇ ବସିଛନ୍ତି—ଦୀକ୍ଷା ନେବା ସଙ୍ଗେ ସଙ୍ଗେ ଚାକିରି ମିଳିବ । ଗୁରୁଙ୍କ ପୂଜା ପାଇଁ ମାସିକ ବେତନରୁ ଯଥାସମ୍ଭବ ଦାନ କୃପା ପଠାଇଦେଲେ ହେଲା ଅର୍ଥାତ ୫୦ ଦେଇପାରନ୍ତି ବା ୫୦୦ ଦେଇ ପାରନ୍ତି ନିଜର କ୍ଷମତାନୁଯାୟୀ । ଆପଣମାନେ ଶୁଣିଲେ ଆଶ୍ଚର୍ଯ୍ୟ ଯେ ଏପରି ଗୋଟିଏ ଗୋଟିଏ ବିଭାଗ ଅଛି ଯେଉଁଠାରେ ଆମ୍ଭର ଭକ୍ତମାନେ ପରସ୍ପରଙ୍କୁ ସାହାଯ୍ୟ କରିବା ଦ୍ୱାରା ଚାକିରି ସବୁ ଏକଚାଟିଆ କରି ନେଇଛନ୍ତି ଏବଂ ଗୁରୁଭାଇଙ୍କ ବ୍ୟତୀତ ଅନ୍ୟର ସେଠାରେ ସ୍ଥାନ ନାହିଁ—ଏହାଦ୍ୱାରା ଆମ୍ଭର ଭକ୍ତ ମାନଙ୍କର ଚାକିରି ପାଇବାରେ କୌଣସି ସନ୍ଦେହ ରହି ନପାରେ । ଅନ୍ୟାନ୍ୟ ଉପକାର ମଧ୍ୟରେ କୌଣସି ଗୁରୁଭାଇଙ୍କୁ କନ୍ୟାଦାୟରୁ ମୁକ୍ତ କଲେ ଅକ୍ଳେଶରେ ଚାକିରି ମିଳି ପାରିବ ଦେବ୍ୟତୀତ ଧନ ସମ୍ପତ୍ତି ଅନେକ ମାର୍ଗ ପ୍ରଦର୍ଶିତ ହୋଇଥାଏ ଯଥା ଯୋଗା ପିଇବେ ନାହିଁ, ମତ୍ସ୍ୟ ମାଂସ ଆହାର କରିବେ ନାହିଁ, ସିନେମା ଥିଏଟର ଦେଖିବେ ନାହିଁ ଧନ ଅପବ୍ୟୟ କରିବେ ନାହିଁ ମୂଲ୍ୟବାନ ପୋଷାକ ପରିଚ୍ଛଦ ପିନ୍ଧିବେ ନାହିଁ ଇତ୍ୟାଦି ଇତ୍ୟାଦି । ସଂକ୍ଷେପ ମହାସଙ୍ଘ ଅନ୍ୟତ୍ର—ଭକ୍ତମାନଙ୍କୁ ସବଳ ହେବାପାଇଁ ଶିକ୍ଷା ଦିଆଯାଏ ଯଦ୍ୱାରା ସମାଜରେ ସେମାନେ ସମ୍ମାନର ସହିତ ଜୀବିକା ନିର୍ବାହ କରି ଅନାୟାସରେ ଦିନାତିପାତ କରନ୍ତି । ବର୍ଷକରେ ଅନେକଥର ଆମ୍ଭର ଶ୍ରୀ ଶ୍ରୀ ଠାକୁରଙ୍କ ଆନନ୍ଦଙ୍କ ଠାରେ ଉତ୍ସବର ଆୟୋଜନ କରା ହୋଇଯାଏ—ସ୍ତ୍ରୀ ପୁରୁଷ ସମସ୍ତଙ୍କ ପାଇଁ ରହିବାର ବନ୍ଦୋବସ୍ତ ହୋଇଥାଏ । ଭକ୍ତମାନେ ଗୁରୁ ଭାଇଙ୍କର ପଦସେବା କରିବାର ଅବସର ପାଆନ୍ତି । ଗୁରୁଙ୍କ ଶ୍ରୀମୁଖରୁ ଜ୍ଞାନ ଓ ଭକ୍ତିରସପୂର୍ଣ୍ଣ ଉପଦେଶ ଶୁଣିବାର ସୌଭାଗ୍ୟ ପାଆନ୍ତି—ଭକ୍ତ ଗୁରୁଭାଇ ମାନେ ଏହି ମିଳନ ଦିନକୁ ପ୍ରତୀକ୍ଷା କରି ଥାଆନ୍ତି ।

ସାବଧାନ ! ସାବଧାନ ! ସାବଧାନ !

ଆମ୍ଭର ଧର୍ମର ବିବିଧ ଉପକାର, ଆମୋଦ ପ୍ରମୋଦ ଏବଂ ବହୁଳ ପ୍ରଚାର ଦେଖି କେତେକ ବିଶ୍ୱାସ ଘାତକ ଜୁଆଚୋର ମାନେ ଅସଦ ଅଭିପ୍ରାୟରେ ବିରାଡ଼ି ଆଖିବୁଜି ଦୁଧ ପିଇବା ପ୍ରାୟ ଚତୁର ବୁଦ୍ଧିରେ ଆମ୍ଭର ଗୁରୁଭାଇ ଧର୍ମ ତତ୍ତ୍ୱ ପୁସ୍ତକ ମାନଙ୍କରେ ସାମାନ୍ୟ ପରିବର୍ତ୍ତନ କରି ଅମୁକ ଧର୍ମ ନାମ ଦେଇ ଧର୍ମର 'ଧ' ଅକ୍ଷର ନଜାଣି ଅଯାଣ୍ଡ଼ୁକ ଗଣ୍ଡ ମୂର୍ଖ ମାନେ ଗୁରୁ ସାଜି ସରଳମତି ଭକ୍ତ ମାନଙ୍କୁ ଠକାଇବାକୁ ଦୁଃସାହସରେ ପ୍ରବୃତ୍ତ ହୋଇ ଅଛନ୍ତି । ତେଣୁ ସାବଧାନ ! କର୍ଣ୍ଣ ମନ୍ତ୍ରର ଭେଦା ଭେଦରେ ଭକ୍ତ ମାନଙ୍କର ମୋକ୍ଷ ପାଇବା ନପାଇବା ନିର୍ଭର କରୁଛି । ତେଣୁ ଏମାନଙ୍କର ଅନୁମାନିକ ନକଲି ଧର୍ମ ଗ୍ରହଣ କରି ହାଣ କୋରଡ଼ି ଗୋଡ଼କୁ ଆଣିବେ ନାହିଁ । ଆମ୍ଭର ଗୁରୁଭାଇ ନାମ ପଢି ବା ଶୁଣି ଧର୍ମ ଗ୍ରହଣ ନକଲେ ଠକାମିରେ ପଡ଼ିବେ । ଭଣ୍ଡ ମାନଙ୍କ ଭଣ୍ଡାମିରୁ ସତର୍କ ହୁଅନ୍ତୁ ।

ବୁଦ୍ଧିମାନ ଭକ୍ତ ବୃନ୍ଦ—

ବର୍ତ୍ତମାନ ଏତିକି ମନେ ରଖନ୍ତୁ ଯେଉଁ ସବୁ ଧର୍ମରେ ଗୁରୁଭାଇଙ୍କ ନାମ ଶୁଣିବାକୁ ନମିଳିବ ତାହା ସବୁ ନକଲି ଧର୍ମ ଅଟେ ।

ପ୍ରମାଣ

ଆମ୍ଭର ଧର୍ମ ଯେ ପ୍ରକୃତରେ ସବୁ ଧର୍ମ ବନ୍ଧୁ ଲୋକଙ୍କର କଲ୍ୟାଣ ସାଧନ କରୁଛି ତାହା ନିମ୍ନୋଦ୍ଧୃତ କତିପୟ ପ୍ରଶଂସା ପତ୍ରରୁ ପ୍ରମାଣିତ ହେବ ! ଆମ୍ଭେମାନେ ପ୍ରତ୍ୟେକ ଦିନ ଏହିପରି ବହୁପତ୍ର ଆମ୍ଭର ଭକ୍ତ ମାନଙ୍କ ଠାରୁ ପାଉଅଛୁଁ । ଯଦି ଏ ବିଷୟରେ କାହାର ସନ୍ଦେହ ହୁଏ ତେବେ ଆମ୍ଭର ମଠରେ ଉପସ୍ଥିତ ହେଲେ ଆମ୍ଭେ ତାହାଙ୍କୁ ଭକ୍ତମାନଙ୍କ ସ୍ୱହସ୍ତ ଲିଖିତ ଚିଠି ଦେଖାଇ ଦେବୁଁ ।

ବାଣିଜ୍ୟମିସ୍ତ୍ରୀ ଇଞ୍ଜିନିୟର ବଡ଼ ଅଫିସର ଶ୍ରୀଯୁକ୍ତ ସାହେବ କ୍ଷିପ୍ର ଚରଣ ସେନ୍ ଏମ. ଏ. ଲେଖିଛନ୍ତି—

"ମୁଁ ମୋ ଅଫିସର ହେଡ଼କ୍ଳର୍କ ଏକାଉଣ୍ଟେଣ୍ଟ ଓ କେତେକ କିରାଣୀଙ୍କୁ ନେଇ ଗୋଟିଏ ଗୁରୁଭାଇ ଦଳ ଗଢ଼ିଛି—ପ୍ରତିଦିନ ସନ୍ଧ୍ୟାରେ

Digitized by srujanika@gmail.com

ଆମର ସମିତର ବାହେ ଅଫିସରେ ନୂଆ ଲୋକ ଦେବା ବା କାହାକୁ ବଦଳି କରିବା ଏହି ସମିତର ଇଚ୍ଛାନୁସାରେ ହୋଇଥାଏ—ଶୁଣି ଖୁସି ହେବେ ଯେ ଅକ୍ଳାନ୍ତ ଚେଷ୍ଟାରେ ମୁଁ ମୋର ଅଫିସରେ ଥିବା ଅନ୍ୟ ସମସ୍ତ ଧର୍ମାବଲମ୍ବୀ ଲୋକ ମାନଙ୍କୁ ଗୁକରୀରୁ ବରଖାସ୍ତ କରି କେବଳ ଆମର ଗୁରୁଭାଇ ମାନଙ୍କୁ ନିଯୁକ୍ତ କରିଛି ମୋ ଚେଷ୍ଟାରେ ବହୁ କିରାଣି ଦସ୍ତଖତ ପ୍ରଭୃତି ଗୁରୁଭାଇ ଧର୍ମ ଗ୍ରହଣ କରିଛନ୍ତି ।

× × ×

ଶିକ୍ଷା ବିଭାଗର ଜଣେ କିରାଣି ନନ୍ଦକିଶୋର ପଟ୍ଟନାୟକ ଲେଖିଛନ୍ତି—

"ମୁଁ ଗୁରୁଭାଇ ଧର୍ମ ଗ୍ରହଣ ନକରିବାରୁ ବହୁ ହିନସ୍ତା ହଉଛି କାରଣ ମୋ ଅଫିସର ସମସ୍ତ ହାକିମ ହୁକୁମା ଗୁରୁଭାଇ—ମୁଁ ଗୁରୁଭାଇ ନ ହୋଇଥିବା ହେତୁ ମୋତେ ବର୍ଷକରେ ଧାଆଁର ବଦଳି ହୋଇ ଯିବାକୁ ପଡ଼ୁଛି—ମୁଁ ଗୃହସ୍ଥ ମଣିଷ ସ୍ତ୍ରୀ ପିଲାପିଲି ଛଅଟି ପନ ଧରି ଥରେ ଥରେ ବଦଳି ହେବା ଦ୍ୱାରା ଜୀବନରେ କଷ୍ଟ କରିପାରୁ ନାହିଁ—ଋଣ ଗ୍ରସ୍ତ ହୋଇ ପଡ଼ୁଛି—ମୁଁ ଶୀଘ୍ର ଗୁରୁଭାଇ ହେବାକୁ ଇଚ୍ଛା କରେ ।

\+ + +

ଜଣେ ଗୁରୁଭଉଣୀ ଶ୍ରୀମତୀ ନଳିନୀ ଦେବୀ ଲେଖିଛନ୍ତି—

"ଏଥି ସହିତ ଆମର ମାସିକ ଚାନ୍ଦା ୫୨୦ଙ୍କା ପଠାଇଲି ଗ୍ରହଣ କରିବେ । ଶୁଣି ଖୁସି ହେବେ ଯେ ବିବାହର ବର୍ଷେ ଭିତରେ ଆମର କୌଣସି ସନ୍ତାନ ହୋଇନାହିଁ—ଭାରତର ଜନସଂଖ୍ୟା ବେଶି । ଅଧିକ ସନ୍ତାନ ହେବା ଦ୍ୱାରା ଦେଶରେ ଦାରିଦ୍ର ମହର୍ଘ ଓ ଜୀବନ ଆନନ୍ଦରେ ଉପଭୋଗ କରିହେବ ନାହିଁ—ଆପଣଙ୍କର ଚରଣାମୃତର ଗୁଣ ଅପାର କାରଣ ମୋର କିମ୍ବା ଆମର ଗୁରୁ ଭଉଣୀ ମାନଙ୍କର କାହାରି ବିବାହ ପରେ ଏ ପର୍ଯ୍ୟନ୍ତ କୌଣସି ସନ୍ତାନ ହୋଇନାହିଁ ଯଦ୍ଦ୍ୱାରା ପିଲାପିଲିର ଝଞ୍ଜଟ ନଥିବା ହେତୁ ଆମ୍ଭେମାନେ ମହା ଆନନ୍ଦରେ ଦିନ ଅତିପାତ କରୁଅଛୁ । ସ୍ତ୍ରୀ ଲୋକର ଯାହା କାମ୍ୟ ଅର୍ଥାତ ଦାମୀ ଶାଢ଼ୀ ଏବଂ ଗହଣା ପ୍ରସ୍ତୁତ କରିବାକୁ ଆମ ହାତରେ ଯଥେଷ୍ଟ ରହୁଛି ।

\+ × +

ଜଙ୍ଗଲ ବିଭାଗର ହେଡ଼ କ୍ଲର୍କ ଆନନ୍ଦ ମହାନ୍ତି ଲେଖିଛନ୍ତି—

"ବହୁବର୍ଷ ତଳେ ଏକଥା ଥିଲା ସମୟରୁ ମୁଁ ଗୁରୁଭାଇ ଧର୍ମ ଗ୍ରହଣ କରିଛି—ସେତେବେଳେ ମୁଁ ସାମାନ୍ୟ କିରାଣି ଥିଲି ବର୍ତ୍ତମାନ ଗୁରୁଙ୍କ ଦୟାରୁ ହେଡ଼କ୍ଲର୍କ ହୋଇଅଛି । ସେତେବେଳେ ମୋର ରହିବାକୁ ବାସ ନଥିଲା ବର୍ତ୍ତମାନ ଗୋଟିଏ ପକ୍କା କୋଠା କରିଛି—କପରି ଶୁଣିବେ ? ଯଦି କେହି ଗୁରୁଭାଇ ନହୋଇ ମୋ ଅଫିସରେ ଚାକିରି ପାଇବାକୁ ଇଚ୍ଛା କରନ୍ତି ତେବେ ଗୁରୁଙ୍କ ଚାନ୍ଦା ବାବଦରେ ମୁଁ ତାଙ୍କ ପାଖରୁ ବହୁତ ଟଙ୍କା ଆଦାୟ କରିନିଏ—ମନେ କରନ୍ତୁ ଭବଗ୍ରାହୀ ବାବୁଙ୍କ ଠାରୁ ତିନି ଶହ ଟଙ୍କା ନେଲି ଶଶୀ ବାବୁଙ୍କ ପାଖରୁ ୨ ଶହ ନେଲି ବା ନାରଣ ବାବୁଙ୍କ ପାଖରୁ ପାଞ୍ଚଶହ ନେଲି ତାହା ବର୍ଷକୁ କେତେ ହଜାର ହୋଇଯାଏ ଯଦି ସେମାନେ ପରେ ଗୁରୁଭାଇ ହେଲେ ତେବେ ତାଙ୍କର ଚାକିରି ରହେ ତା ନହେଲେ ଚାକିରିରୁ ବାହାର କରି ଦିଆଯାଏ—ଏପରି ଆଦାୟ କରି ଯାଇଥିବା ଟଙ୍କା ଗୁରୁଙ୍କ ପାଖକୁ ପଠାଇବାର କିଛି ଆବଶ୍ୟକତା ଦେଖେନାହିଁ କାରଣ ମୋର ମାସିକ ଚାନ୍ଦା ୫ ଟଙ୍କା ତ ଦିଆ ଯାଉଛି, ତାଛଡ଼ା ଆମର ଗୁରୁ କିଛି ଦରିଦ୍ର ନୁହନ୍ତି—ଏହା ବ୍ୟତୀତ ସମସ୍ତ ଫରେଷ୍ଟଗାର୍ଡ, ଫରେଷ୍ଟର ଡେପୁଟି ରେଞ୍ଜର ଇତ୍ୟାଦିଙ୍କ ଠାରୁ ଚାନ୍ଦା ବାବଦରେ ଗୃହଜଳ ଡାଲି ଠାରୁ ଆରମ୍ଭ କରି ଟଙ୍କା ପଇସା ପର୍ଯ୍ୟନ୍ତ ମାସିକ ଆଦାୟ କରିନିଏ—ମୋର ବିଶ୍ୱାସ ଯଦି ଗୁରୁଙ୍କ ଉପରେ ମୋର ପ୍ରକୃତ ବିଶ୍ୱାସ ଥିବ ଅଳ୍ପ ଦିନ ମଧ୍ୟରେ ଆହୁରି ଅନେକ କୋଠା ଛିଡ଼ା କରିବି—ଜୟଗୁରୁ ?

ରାଜସ୍ୱ ବିଭାଗର ବିଷ୍ଣୁଦାସ ଲେଖିଛନ୍ତି—

ମୋର ପିତା ବହୁଦିନରୁ ଗୁରୁଭାଇ [illegible] କରିଛନ୍ତି ସେଥି ସକାଶେ ମୁଁ ବ[illegible] ରୁ ପିତା ମାତାଙ୍କ ସହିତ ଗୁରୁଙ୍କର [illegible] ର ନାନା ଉତ୍ସବରେ ଯୋଗଦାନ [illegible]—ମଠରେ ଅନେକ ଦିନ ରହିବାର ସୁଯୋଗ ପାଇଅଛି ଓ ମଠର ସଭ୍ୟ ମାନଙ୍କ ସହିତ ମୋର ପରିଚୟ ଅଛି—ଗତ ସପ୍ତାହରେ ମୁଁ କୌଣସି କାର୍ଯ୍ୟ ଉପଲକ୍ଷରେ ମଠକୁ ଯାଇଥିଲି—ମୋର ଶରୀର ଖରାପ ଥିବାରୁ ଏବଂ ପ୍ରାୟ ରାତି ହୋଇଥିବାରୁ ମୁଁ ସନ୍ଧ୍ୟା ବେଳେ ସେଠାରେ ରହିବା ପାଇଁ ମଠର ଜଣେ ସଭ୍ୟଙ୍କୁ ଅନୁରୋଧ କରିଥିଲି—ମଠରେ ଆଶ୍ରୟ ନେବା ଉଦ୍ଦେଶ୍ୟରେ ମୁଁ ମଠାଧ୍ୟକ୍ଷଙ୍କ ପାଖରେ ପହଞ୍ଚି ଥିଲି—ସେ ମୋତେ ଚିହ୍ନି ଥିଲେ ମଧ୍ୟ ମୋ ସହିତ ମୋର ପିତାମାତା ନଥିବା ହେତୁ ମୋର ରେଜିଷ୍ଟ୍ରି ନମ୍ବର ପଚାରି ଥିଲେ—ମୁଁ କହିପାରି ନଥିଲି କାରଣ ରେଜିଷ୍ଟ୍ରି ନମ୍ବର ମୋର ପିତାଙ୍କୁ ଜଣା, ମୋର ମନେ ନଥିଲା—ସେଥିପାଇଁ ମୋର ରେଜିଷ୍ଟରରେ ନାମ ନାହିଁ ବୋଲି ମୋତେ ମଠରୁ ତଡ଼ି ଦିଆ ହୋଇଥିଲା—ମୁଁ ଅସୁସ୍ଥ ଅବସ୍ଥାରେ ମଠରୁ ବାହାରି ବହୁତ ଦୁଃଖରେ ଅନ୍ୟତ୍ର ଆଶ୍ରୟ ନେଇଥିଲି—ସେତେବେଳେ ମୋର ରାଗ ହୋଇଥିଲା କିନ୍ତୁ ବର୍ତ୍ତମାନ ବୁଝୁଛି ସେମାନେ ମଠରେ ସ୍ଥାନ ନ ଦେଇ ଉଚିତ କରିଛନ୍ତି, କାରଣ ଗୁରୁଭାଇଙ୍କ ମଠ ଗୁରୁଭାଇଙ୍କ ପାଇଁ ବୋଲି ଅନ୍ୟର ସେଠାରେ ସ୍ଥାନ ନାହିଁ—ନମ୍ବର ମନେ ନ ରଖିବା ମୋର ଅକ୍ଷମଣୀୟ ଅପରାଧ ମୋର ଦଣ୍ଡ ପାଇବା ଅବଶ୍ୟ ଉଚିତ—ବର୍ତ୍ତମାନ ମୋର ଦୃଢ଼ ବିଶ୍ୱାସ ଯେ କୌଣସି ଦେବ ଲୋକ ଠକାମି କରି ମଠରେ ପଶି ପାରିବ ନାହିଁ ।

\+ × ×

ମେଡ଼ିକାଲ ବିଭାଗର କିରାଣି ଗୁରୁଚରଣ ସାହୁ ଲେଖିଛନ୍ତି—

"ଗତ ମାସରେ ଅଲ. ଏ ପରୀକ୍ଷାରେ ଅକୃତକାର୍ଯ୍ୟ ହେବା ଯୋଗୁ ଭବିଷ୍ୟତ ମୋ ନିକଟରେ ଅନ୍ଧକାର ମୟ ହୋଇଥିଲା—ଶ୍ରୀଗୁରୁଙ୍କ ଦୟାରୁ ହଠାତ୍ ସ୍ଥାନୀୟ ଡାକ୍ତର ନଟବର ବାବୁଙ୍କର ମୋ ଉପରେ କୃପା ଦୃଷ୍ଟି ପଡ଼ିଲା—ତାଙ୍କର କନ୍ୟାକୁ ବିବାହ କଲେ ମୋତେ କାର୍ଯ୍ୟ ମିଳିବ ବୋଲି ପ୍ରତିଶ୍ରୁତି ଦେଲେ—ବର୍ତ୍ତମାନ ମୁଁ ଡାକ୍ତରଖାନାରେ ୬୦ ଟଙ୍କାର କିରାଣି କାର୍ଯ୍ୟ ପାଇଅଛି ଓ ତାଙ୍କର କନ୍ୟାକୁ ବିବାହ କରିଅଛି—ମୁଁ ଗୁରୁଭାଇ ଧର୍ମ ମଧ ଗ୍ରହଣ କରିଅଛି—ମୋର ସନ୍ତାନ ହେବ ନାହିଁ ବୋଲି ପ୍ରଥମେ ଦୁଃଖ ହେଉଥିଲା କାରଣ ମୋ ପିତା ମାତାଙ୍କର ମୁଁ ଏକ ମାତ୍ର ପୁତ୍ର—ଭବିଷ୍ୟତରେ ବଂଶ ଲୋପ ହେବ ବୋଲି ଦୁଃଖ ହେଉଥିଲା କିନ୍ତୁ ଗୁରୁ କହୁ ପ୍ରସ୍ତୁତ ପଡ଼ି ମୋର ଦୁଃଖ ଦୂର ହୋଇଛି—କାରଣ

Digitized by srujanika@gmail.com

ସନ୍ତାନର ଅଶା ସନ୍ନ୍ୟାସୀ ମାନଙ୍କର ଗୋଟିଏ ଆଶ୍ରମ ମାତ୍ର । ଏହା ମଠ ମାଲିକଙ୍କ ହେଲେ ତାଙ୍କର କୌଣସି ଅବଶ୍ୟ କର୍ତ୍ତବ୍ୟ—ମୁଁ ମନରୁ ବାସନା ଦୂର କରି ବର୍ତ୍ତମାନ ଜୀବନ ଯାପନ କରୁଛି । ଏଥିରୁ ସେ ସମୟରେ ଅନେକ ଭୁଲ ଭ୍ରାନ୍ତି ଗୋଟିଏ ହୋଇଅଛି ।"

\+ ÷ ×

ପୋଲିସ ସବ୍ ଇନସ୍ପେକ୍ଟର ଲେଖିଛନ୍ତି:—

"ମୋର ଜୀବନର ଘଟଣା ସବୁ ଖୁବ୍ ଅଦ୍ଭୁତ—ମୁଁ ପାଞ୍ଚଥର ଗୁରୁଭାଇ ଧର୍ମ ଗ୍ରହଣ କରିଛି ପାଞ୍ଚଥର ଛାଡ଼ିଛି । ବର୍ତ୍ତମାନ ଷଷ୍ଠଥର ପାଇଁ ପୁଣି ଗୁରୁ ଧର୍ମରେ ଭର୍ତ୍ତି ହୋଇଛି— ଖୁବ୍ ପିଲ ଦିନୁ ମୋର ସ୍ତ୍ରୀଙ୍କର କାଳ ହୋଇଗଲା—ଗୁରୁଭାଇ ଧର୍ମ ଗ୍ରହଣ କରିବା ଦ୍ୱାରା ସ୍ତ୍ରୀର ଅଭାବ କଷ୍ଟ ମୁଁ ବୋଧ କଲି ନାହିଁ କାରଣ ମଠରେ ଅନ୍ୟାନ୍ୟ ସ୍ତ୍ରୀ ପୁରୁଷ ମିଳି ମିଶି ସଂକୀର୍ତ୍ତନ କଲାବେଳେ ମୁଁ ସମସ୍ତ ଯୁବତୀ କନ୍ୟାଙ୍କ ଉପରେ ଲକ୍ଷ୍ୟ ରଖିଥାଏ । ମଠରେ ପୁଲିନ ବାବୁଙ୍କ ଝିଅ ସହିତ ପ୍ରଥମେ ମୋର ପ୍ରେମ ହେଲା ଏବଂ ତାହା ବହୁଦିନ ସ୍ଥାୟୀ ହୋଇଥିଲା ପରେ ଅନ୍ୟାନ୍ୟ ଅନେକ ଯୁବତୀଙ୍କ ସହିତ ମୋର ପ୍ରେମ ହୋଇଅଛି—ମୁଁ ମଠରେ ସନ୍ନ୍ୟାସୀ ସାଜିଥିଲେ ସୁଦ୍ଧା ବାହାରେ ମାଛ ମାଂସ ଖାଇବାରେ କୌଣସି ଆପତ୍ତି ଦେଖେ ନାହିଁ—ତେବେ ମାଛ ମାଂସ ମଦ ଇତ୍ୟାଦି ଖାଇଥିବା ହେତୁ ଅନେକ ଲୋକଙ୍କ ସନ୍ଦେହ କରି ନପାରି ମୋ ନାଆଁରେ ଗୁରୁଙ୍କ ଆଗରେ ଲାଗି କହି ମୋତେ ଧର୍ମରୁ ଛାଡ଼ ଦେଲେ— ମୁଁ ଗୁରୁଭାଇ ସାଜି ଅମଳ ହାକିମ ହାକିମାଙ୍କୁ ଧରିଲି ଏବଂ ହାତ ମୁଠାରେ ରଖି ପ୍ରଥମେ ପ୍ରଥମେ ଖୁବ୍ ଉନ୍ନତି କରିଥିଲି କିନ୍ତୁ ଗୁଡ଼ା ପ୍ରକୃତି ନ ପାଇବାରୁ ତଡ଼ା ଖାଇଥିଲି । ତେବେ ଜୀବନରେ ମୁଁ ଉନ୍ନତି ଦେଖିଛି ଅବନତି ଦେଖିଛି, ଗୁରୁଙ୍କର ଥରକୁ ଥର ତଳକୁ ଖସିଛି ପୁଣି ଉପରକୁ ଉଠିଛି—ଗୁରୁଭାଇ ନାଆଁରେ ସମସ୍ତ ପ୍ରକାର ମଜା କରିଛି ଗୁରୁଭାଇଙ୍କ ଆଖିରେ ଧୂଳି ଦେଇଛି—ତେବେ ବର୍ତ୍ତମାନ ମୋର ପରିବର୍ତ୍ତନ ଆସିଛି—କାରଣ ସାହେବ ସହିତ କଥା କହିବାରୁ ମତେ ଇନସ୍ପେକ୍ଟର ପଦରୁ ସବ୍ ଇନସ୍ପେକ୍ଟର ପଦକୁ ଠେଲି ଦିଆ ହୋଇଛି—ସେଥିପାଇଁ ମୁଁ ପୁଣି ଗୁରୁଭାଇ ହେବାକୁ ଗଲି ନେଇ ପୁଣି ଥରେ ଗୁରୁଭାଇ ହୋଇଛି—ବର୍ତ୍ତମାନ ମୋ ମନରେ ପ୍ରକୃତ ଭକ୍ତି ଜନ୍ମିଛି— ଗୁରୁଙ୍କୁ ଗୁରୁଭାଇଙ୍କୁ ତୋଷ କରିବା ପାଇଁ ମୁଁ ନିଜର ଜୀବନ ବିସର୍ଜନ କରିବାକୁ ପ୍ରସ୍ତୁତ ଅଛି—ଜୀବନରେ ଗୁରୁ ଧର୍ମ ବ୍ୟତୀତ ଅନ୍ୟ କିଛି ସାନ୍ତ୍ୱନା ଆଣି ଦେବ ନାହିଁ—ଜୟ ଜୟ ଜୟ ଗୁରୁ—ତୁମେହି ଏକମାତ୍ର ଭରସା ।"

\+ + ×

ଭକ୍ତଗୁରୁଭାଇ ମାନଙ୍କ ପାଖରୁ ଆମ୍ଭେମାନେ ଯେଉଁ ଶତ ଶତ ପ୍ରସଂଶା ପତ୍ର ପାଉଛୁ ତାହା ସମସ୍ତ ଏଠାରେ ପ୍ରକାଶ କରିବା ସମ୍ଭବ ପର ନୁହେଁ । ଅଧିକ କହିବା ବାହୁଲ୍ୟ ମାତ୍ର ।

ଅନୁରୋଧ:—

ଆପଣମାନେ ଯଦି ଜୀବନରେ ମୋକ୍ଷ ପଦର ଆଶା ରଖନ୍ତି

ଯଦି ନିଜର ଉନ୍ନତି ଓ ମଙ୍ଗଳ ଚାହାନ୍ତି
ଯଦି ଚାକିରି ପାଇବାକୁ ଚାହାନ୍ତି
ଯଦି ସ୍ତ୍ରୀ ଲାଭ କରିବାକୁ ଚାହାନ୍ତି
ଯଦି ସନ୍ତାନ ନିରୋଧ କରିବାକୁ ଚାହାନ୍ତି
ଯଦି ଧନ ସଞ୍ଚୟ କରିବାକୁ ଚାହାନ୍ତି
ଯଦି ଭକ୍ତ ରୂପରେ ସମ୍ମାନ ପାଇବାକୁ ଚାହାନ୍ତି
ଯଦି ଉତ୍ସବରେ ଆନନ୍ଦରେ ଜାଗିବାକୁ ଚାହାନ୍ତି

ତେବେ ଡେରି ନକରି ଶୀଘ୍ର ଗୁରୁ ଧର୍ମରେ ଭର୍ତ୍ତି ହୁଅନ୍ତୁ । ବିଶେଷ ବିବରଣୀ ପାଇଁ ନିମ୍ନଲିଖିତ ଠିକଣାରେ ଫେରନ୍ତା ଡାକ ଟିକଟ ସହିତ ପତ୍ର ଲେଖନ୍ତୁ ।

ପ୍ରକାଶ ଥାଉକି—ଗୁରୁ ଧର୍ମର ନିୟମାବଳୀ ଗୁରୁତତ୍ତ୍ୱ ପୁସ୍ତକାବଳୀ ଉତ୍କଳ ଭାଷା, ହିନ୍ଦି ଭାଷା, ବଙ୍ଗଳା ଭାଷା, ତେଲଗୁ ଭାଷା, ଇଂରାଜୀ ଭାଷା, ଗୁଜୁରାଟି ଭାଷା, ମରହଟ୍ଟୀ ଭାଷା, ଓ କାନାଡ଼ ଭାଷାରେ ଛାପା ହୋଇ ଅଛି । ଯେଉଁ ଭକ୍ତଙ୍କୁ ଯେଉଁ ପୁସ୍ତକ ଆବଶ୍ୟକ ଥିବ ତାହା ଅର୍ଡର ଦେବା ସମୟରେ [illegible] ନାମ ଦେଲେ ସେହି ଭାଷାର ପୁସ୍ତକ ପଠାଯିବ *

ଏକମାତ୍ର ଠିକଣା.
ଶ୍ରୀ ଶଠାନନ୍ଦ ସ୍ୱାମୀ
ସେକ୍ରେଟେରୀ
ଶ୍ରୀ ଶ୍ରୀ ଠକ୍କା ଓ ଠକ୍କାନନ୍ଦ ମଠ
ଅନ୍ଧାର ମୁଲକ, ଓଡ଼ିଶା

—*—

* ଏହି ଧର୍ମ ଏବଂ ସମସ୍ତ ଚରିତ୍ର କାଳ୍ପନିକ—କୌଣସି ଧର୍ମକୁ ବା ବ୍ୟକ୍ତି ବିଶେଷକୁ ନିନ୍ଦା କରିବା ମୋର ଅଭିପ୍ରାୟ ନୁହେଁ— ଲେଖକ ।

କବିତା—

## ଦୁଇପଦ

ଅଗାଧ ଅଜ୍ଞାନ ତଳେ ଫୁଟିଥାଏ
ହେମ କମଳର କଳିକା,
ଅଜ୍ଞ ମଣିଷର ଗୌରବ କୁଟୀରେ
ଫୁଟି ଅଛି ଅଛି ବାଳିକା ।
କମଳର ର ସେ ସଉରଭ ଧୂପ
ବାଳିକାର ଘନ ଯୌବନ,
ଭାବନ କେଦାର ହୁଏ ସୁରଭିତ
କପୋଳର ଧୀର ଚୁମ୍ବନ ।

× × ×

ମଧୁପିଅ ମଧୁମାଛି ସମ ଏ ପୁରୁଷ
ବାଳିକା ଗଣ୍ଡରେ ନିତି ପାଅଇ ପିୟୂଷ ।

× × ×

ଦୁଇଟି କୁସୁମ ଦୁଇଟି ବିହଗ
ଜଳ ବେଣୀଧାର ଦୁଇଟି,
ଫୁଲ କହେ ମୋତେ ଭୋଗ ହେ ଭ୍ରମର
ପ ଶରବନ୍ଧ କାଏ ଅଛି ।

ଲେଖକ ଗୋପାଳଚନ୍ଦ୍ର ମିଶ୍ର

—✦—

## କୁଟୁକୁଟ

ଜଜ୍ [ ଚୋର ପ୍ରତି ]—ତମକୁ ଏକମାସ ସଶ୍ରମ କାରାଦଣ୍ଡ ଦିଆଗଲା । ତୁମର କିଛି କହିବାର ଅଛି ।

ଚୋର—ହଜୁର, ଘରେ ଅନ୍ନକଷ୍ଟ, ଦୟାକରି ଏକବର୍ଷ କରି ଦିଅନ୍ତୁ ।

( ଚୋଧର )

—✦—

Digitized by srujanika@gmail.com

# ନୈବେଦ୍ୟ

## ଗାନ୍ଧି

ଲେଖକ—ଶ୍ରୀ ମୃ[illegible]କାନ୍ତ ରାୟ

ଦଧୀଚି ସମାନ ପଲ ପଲ କରି ଜୀବନ ଦେଲ ଯେ ଢାଳି,
ସୁପ୍ତ ଦେଶକୁ ଜଗାଇଲ ଯେହ୍ନେ ମୁକ୍ତି ମଶାଲ ଜାଳି ।
ମୂକଶ କୋଟିର କଣ୍ଠେ ଯେ ଦେଲ ମୁକ୍ତି ସଙ୍ଗୀତ ସ୍ୱର,
ଅଶୀ—କୋଟି କାନ ମନ୍ତ୍ରିଲ ଯାହାର ବଜ୍ର-ଗମ୍ଭୀର ଭେରୀ ।
ନଗ୍ନ ଫକୀର ସାଜିଲ ଯିଏ ରେ ଅମର ଦୈନ୍ୟ ଦେଖି,
ଦୁଃଖେ ଆମର ଲୁହ ଉଛୁଳର ନେଲା ଯା ବିଶାଳ ଆଖି ।
ଶତ୍ରୁରେ ଯେହ୍ନେ ମିତେ ଦଇଲ ସତ୍ୟ ଅହିଂସା ବଳେ,
ବୃଦ୍ଧ ବୟସେ ହରଷେ ଚଳିଲ ରୁଦ୍ଧ କାରାର ତଳେ ।
ଯଜ୍ଞଦିନେ ଋଷି ପାଳିଥିଲ ଯେହ୍ନେ ସୁଖେ ଦେଇ ଜଳାଞ୍ଜଳି,
ନିକ୍ଷେ ତାହାର ନରାଧମ କେହ୍ନେ ଚଳାଇଲୁ ତୁରେ ଗୁଳି ?
କୁଳାଙ୍ଗାର ! କୁଳାଙ୍ଗାର !!
ଅପକର୍ମେ ତୋର ବିଶ୍ୱ ଦୁଆରେ ନଇଁବ ମୋ ଜାତି ଶିର !

\+ + × ×

କୋଟିନିଧି ସେ ରେ ମୂକଶ କୋଟିର ମୁକୁଟ ବିହୀନ ରଜା,
ମହାମାନବ ସେ, ଦେଶେ ଦେଶେ ନିତ ହୁଅଇ ତାହାର ପୂଜା ।
ପିଷ୍ଟ ଦଳିତ କାନନ କାନେ ତାର ଅମୃତ ବାଣୀ ବାଜେ,
କୋଟି କୋଟି ଜନ ଅନ୍ତରେ ତାର ମୋହନ ମୂର୍ତ୍ତି ରାଜେ ।
ସେନାପତି ସେ ରେ ଲକ୍ଷ ବୀରର ଲକ୍ଷ ନୟନ ମଣି
ଆଲୋକେ ତାହାର ଉଜ୍ଜଳ ଦେଶ ଉଜ୍ଜ୍ୱଳ ଏ ଧରଣୀ ।
କର୍ଣ୍ଣ-ଧାର ସେ ପାରିକଲ୍ପ ଦେଶେ ଦମ୍ଭେ ଚଳାଇ ତରୀ
ବିଶ୍ୱ ଜନତା ନୟନୁ ତା ଲାଗି ଲୋତକ ପଡ଼ଇ ଝରି ।
ମୁଗ୍ଧ ଧରଣୀ-ମୃତ୍ୟୁ-କାତର କରଇ ତା ଗୁଣ ଗାନ,
ମୃତ୍ୟୁ ତାହାର ଜୀବନଠୁଁ ବଳି ମହୀୟାନ ଗରୀୟାନ ।
କୁଳାଙ୍ଗାର ! କୁଳାଙ୍ଗାର !!
ଗୁଳି ଗ୍ରୀଷ୍ମେ ତାର ଜୀବନ ନେବାରେ ବୃଥାରେ ପ୍ରୟାସ ତୋର !

## ବୁଲା ଫକୀର

ଲେଖକ—ନରସିଂହ ମିଶ୍ର

ବାପୁଜି, ବାପୁଜି, ବାପୁଜି ତମେ ହେ
ଅହିଂସା ପଥର ଯାତ୍ରୀ
ସଂସାରର ଭୁଲେ ଗଢ଼ିଥିଲ ଲେଖି
ପୁହାଇଛ ଅମା ରାତ୍ରୀ
ବିଶ୍ୱର ହାତେ ଅର୍ପିଛ ଯେଉଁ
ଅହିଂସା ସତ୍ୟ ଅସ୍ତ୍ର,
ତାର-ପ୍ରତିଦାନେ ଦର୍ପିତେ ହିଂସ୍ର
ଜପିଛି ଶୋଣିତ ମନ୍ତ୍ର
ଭାଙ୍ଗ ତମର ସତ୍ୟ-ବେଦିକା
ଧ୍ୱଂସ ଆୟୁଧ ଆଣି
ରଚିଛି ହିଂସ୍ର ଧ୍ୱଂସର ଲୀଳା
"ଅହିଂସା ବିଶ୍ୱ ବାଣୀ"
ମାନବ ନୁହଇ ଦାନବ ଅଟେ ସେ
ଶୋଣିତେ ତାର ତୃପ୍ତି
ଲକ୍ଷ ଉତୁଳା ଉକଟର ଦାନେ
ରଚିଛି ଅମର ସ୍ମୃତି
ନା ଅଟେ ସେ ଅଟେ ଶୋଣିତ ବିନ୍ଦୁ
ସତ୍ୟ-ଅହିଂସା ଧାର
ପ୍ଲାବନ କରୁଛି ଧରଣୀ ବକ୍ଷ
ଅନ୍ଧ ତମସା ଘୋର
ମଳିନ ମଳିନ ବାପୁଜି ଅମର
ଯାଉଛି ଅରୁଣ ପାଶେ
ଧଉଡ଼ କରିବ ତରୁଣ ଧରଣୀ
ଶାନ୍ତିର ମରକତେ
ଦେବ ଦରବାରେ ଯାଉଛି ଫକୀର
ସୁପ୍ତନ ଭାରତ ପଥ
ଆସିବେ ମୁକ୍ତିପ୍ର, ବାପୁଜୀ ଅମର
ଅଶେଷ ଦେବେ ତାଳ ।

## ବାପୁଜୀ ।

ଲେଖକ—ଶ୍ରୀ କେଶବ ବେହେରା

ବାପୁଜି ! ତୁମରି ଅକାଳ ପ୍ରୟାଣ ମ ଆଜି
ଅନ୍ଧ ବିଶ୍ୱ ନୀରବରେ ସହେ ଭାଜି ।
ଭାଗ୍ୟ ବିଧାତା ଥିଲ ବୋଲି ଭାରତର,
ଅହିଂସା ମନ୍ତ୍ରେ ମୋହୁଥିଲ ଯେତେ ନର,
ଜନନୀ ମୁଖେ ତୋଳିଲ ନେହ-ବାସ,
ସ୍ୱାଧୀନ ବ୍ରତରେ ଥିଲ ବଳ ମୁକ୍ତାହାସ ।
ଦେଇଗଲ ଏକା ମହାସମ୍ମାନ ତୁମେ,
ଧର୍ମବୀର ହେ ଆଜି ଏ ବିଶ୍ୱଭୂମେ ।
ପର ପାଇଁ ତୁମେ ରଖିଥିଲ ସିନା ପ୍ରାଣ,
ଦୁଃଖୀ, ରଙ୍କୀ, ପାପୀ କରିବାକୁ ତ୍ରାଣ ।
ତେଣୁ ହିଂସାର ଅଙ୍କ,
ଦୁଃଖେ ଲାଞ୍ଛନେ ସମ୍ଭଳ ନର
ହୃଦୟୁ ପଡ଼ଇ ଭଙ୍ଗ ।
ଦେଶ ଦଶ ପାଇଁ କରିଲା କର୍ମୋଦ୍ୟମ,
ଦୈନ୍ୟ ପୀଡ଼ନେ କଷ୍ଟ ନ ଥିଲା ମନ,
ସରଳୋଜ୍ଜ୍ୱଳରେ ଫୁଟି ଉଠୁଥିଲ ତବ
ସତ୍ୟର ସେହି ଜ୍ୟୋତି ରେ ଅଭିନବ
ନିରଅଛ କେତେ ଅନ୍ଧାରୀ କାରାଗାର
ସହି ଲାଞ୍ଛନା, ପୀଡ଼ନ, ଅତ୍ୟାଚାର
ନ ଥିଲ ତଥାପି କ୍ଷୁବ୍ଧ
କ୍ଷମା, ସୁନ୍ଦର ହାସ-ବଦନେ
ଫୁଟି ଉଠୁଥିଲ ତୁମ ।
ହାରିଛି ବାପୁଜୀ ତୁମକୁ ଯେଣୁ ଏ ଦେଶ,
ସୁଖ-ସୌଭାଗ୍ୟ ହୋଇଛି ତାହାର ଶେଷ ।
ଗୌରବ-ରବି ଆଜି ତା ଅସ୍ତମିତ,
ହିଂସାରେ ଆଜି ବୁଡ଼ିଛି ତା ଉପରିତ ।
ଦୁର୍ଦ୍ଦିନ ଅଙ୍କ ଧକାଇ ଅସେୟ ଗୃହେଁ ।
ରହିଅଛି ତାକୁ ଟିକି ଗୋଳି ଦେବାପାଇଁ
ପାପୀ ଏ ଭୋଗୁଛି ପାପର ଯେ ପ୍ରାୟଶ୍ଚିତ ।
ବିଶ୍ୱଚକ୍ଷେ ମୃତ ସେ, ହୋଇ ଜୀବିତ ।
ହନ୍ତାରେ ଯେଣୁ କ୍ଷମିଅଛ କ୍ଷମାଧାର,
ମରିନାହଁ ତୁମେ ଅମର ରହିଲ ଚିର ।
ଡେଙ୍କିଅଛ ସିନା ମାଟିରୁ ଏ କଳେବର,
ଅନ୍ତରୁ ଆମ ହେବନାହିଁ ହେ ଅନ୍ତର
ଯାଇନାହିଁ ତୁମେ ଚାଲି ।
ଦେଶ ଦଶ ପ୍ରାଣେ ସତ୍ୟ-ଅହିଂସା
ଦୀପାଳୀ ଦେଇଛ ଜାଳି ।

Digitized by srujanika@gmail.com

# କୈଳାଶ ବିୟୋଗେ



ନିଦାରୁଣ ଏହି ବାରତା
ଛାତି ଫଟାଇ ଦିଏ,
'କଇଳାସ ନାହିଁ' ବୋଲିକି
ପ୍ରତ୍ୟେ କରିବ କିଏ !
ଯେଉଁ ମୁଣ୍ଡ ଲାଗି ରାଜାଏ
ଦେଲେ ଭଣ୍ଡାର ଖୋଲି ।
କିଏ ଜାଣିଥିଲା ସେ ମୁଣ୍ଡ
ଅପେ ଖସିବ ବୋଲି !
କେତେ ବ୍ୟାଧି ଯାର ଠାଣିକି
ଛୁଇଁ ପାରିଲେ ନାହିଁ ।
ଅପେ ଚାଲିଯାଇ ସେପ୍ରାଣ
ଉଡ଼ି ଗଲାଟି କାହିଁ !
ସଂସାରେ କର୍ମ ସରିଲା—
ତେଣୁ ଗଲାକି ଚାଲି,
ଲକ୍ଷ ପ୍ରାଣ ପ୍ରେମ ବାରତେ
ଯାର ହେଉଛି ଖାଲି ।
ଦୀନ ଦୁଃଖୀ ଲାଗି ତୁମର
ମୁଠା ଥିଲା ମୁକତ,
ପର ଉପକାର ସକାଶେ
କେତେ ହେଲ ବ୍ୟୟିତ ।
ଅନ୍ଧାର ମୁଲକେ ଜାଳିଲ
ତୁମେ ପହିଲି ଦୀପ ।
ସେହି ଶିଖା ବଢ଼ି ହୋଇଲା
ଦାବ-ଅନଳ ରୂପ ।

ସେହି ଅନଳର ଝଲସେ
ପଳାଇଲା ଅନ୍ଧାର
ଯୁଗ ଯୁଗ ଜମା କଲୁଷ
ପୋଡ଼ି ହୋଇଲା ଛାର ।
ସାରା ଝାଡ଼ଖଣ୍ଡ ମୁଲକ
ମୁକ୍ତି ଦେବତା ତୁମେ,
ମୁକୁଟ ବିହୀନ ସମ୍ରାଟ
ଗଡ଼ଜାତର ତୁମେ ।
ଭୁଲିବ ତୁମର ଅପନା
କେବେ ଯାଉନ ଜଣା,
ଗଡ଼ଜାତ ନୁହେଁ,—ଓଡ଼ିଶା-
ଯାକ ହେଉଛି ଦଣା ।
ତୁମ ବଦନେ ସବୁ ଗଳ୍ପକ
ରସ-କୌତୁକ ଝର
ତୁମ ବଦନେ ଶୁଣି ଟପ୍ପାକ
ପ୍ରୀତି-ଅମୃତ-ସର !
କୈଳାସ ବିହୀନ ଜଗତେ
ମନ ବଳୁଣି ଆଉ
ଜୀଇ ରହିବାକୁ,—ଦୀନନାଥ
ସବ ହୃଦରେ ଯାଉ ।
ତୋତେ ଲଭି ସୁରପୁରର
ସଖ୍ୟ ଉଠିବ ଜମି ।
କ୍ଷଣିକ ବିଦାୟ ମାଗୁଛି
ତୋର ଚରଣ ନମି ॥

ଶ୍ରୀ ଲକ୍ଷ୍ମୀକାନ୍ତ ମହାପାତ୍ର

Digitized by srujanika@gmail.com

ମଜା କବିତା:—

# କବିତା ଲେଖେ

**ଶ୍ରୀ ଦେବରାଜ ମିଶ୍ର**

ନୀରବ କୁଟୀର କୋଣେ ବସି ମୁହିଁ
କବିତା ଲେଖେ
ଭାବନା ସାଗରେ ବୁଲି ବୁଲି କେତେ
ସ୍ୱପନ ଦେଖେ
ସାଗର ସମାନ ତାହା ଅନନ୍ତ
ମାତ୍ର ବୁଲୁଥାଏ ଦିଗ ଦିଗନ୍ତ
ନୀଳ ଆକାଶର ବିହଙ୍ଗ ସମ
ମୁକୁଳା ବେକେ ।
ନୀରବ କୁଟୀର କୋଣେ ବସି ମୁହିଁ
କବିତା ଲେଖେ ।
କବିତା ଲେଖାରେ ନାହିଁ ବାହାଦୁରୀ
କଣିକେ ମୋର
ଦେହି ଶିଖି ଲେଖି ଦିଏ ଖାଲି ମୁଁ ଯେ
ଭୁଷାଳ ଈଶ୍ୱର
ଛନ୍ଦ ସାଗରେ ନାହିଁ ଅଧିକାର
ପ୍ରେୟସୀ ଯୋଗାଏଁ ପୂଜା ଉପଚାର
ସ୍ୱପନ ଦେବତା ପୂଜେ ମୁଁ କରତ
ମନ୍ଦିର ଭେଳ ।
କବିତା ଲେଖାରେ ନାହିଁ ବାହାଦୁରୀ
କଣିକେ ମୋର ।
ପଥ ଭୁଲିଯିବ ବୋଲି ପ୍ରିୟା ମୋର
ଥାଏ ମୋ ପାଶେ
କହିଦିଏ ସବୁ କବାଳ ଧିରେ
କୋମଳ ଭାଷେ
ଚୁହିଁ ଚୁହିଁ ତାକୁ ମୁହିଁ ଭାସିଯାଏ
ଦରିଆ ମଝିରେ ନଉକା ପରାଏ
ଭାସି ଭାସି ପୁଣି ଲାଗି ଯାଏ କୂଳେ
ତାହାର ଆଶେ
ପଥଭୁଲ ଯିବ ବୋଲି ପ୍ରିୟା ମୋର
ଥାଏ ମୋ ପାଶେ ।
ଜଗତ ହାତରୁ ପାଇ ଥାଏ ଯାହା
ତାହାର ଦାନ
ଜଗତକୁ ପୁଣି ଦେଇଥାଏ ଯାହା
ତାହାର ଗାନ
ଲଜ୍ଜାବତୀଟି ନୋଇଁ ଦେଇ ମଥା
ଅନ୍ତରେ ମୋର କହୁଥାଏ କଥା
ତାହାର ସେନେହେ ଦୁନିଆ ଭିତରେ
ମୋର ଏ ଠାଣ
ଜଗତ ହାତରୁ ପାଇଥାଏ ଯାହା
ତାହାର ଦାନ ।

—*—

# ସାଦା ଚଉଦ୍ଦର

**ଶ୍ରୀ ପଦ୍ମଲୋଚନ ଦେ**

(ସ୍ୱର୍ଗୀୟ ସତ୍ୟେନ୍ଦ୍ର ନାଥ ଦତ୍ତଙ୍କ
ବଙ୍ଗଳା କବିତାର ସ୍ୱାଧୀନ ଅନୁବାଦ)

ଦୂରଦେଶୁ ଆଜି ସଖିଗୋ ! ତୁମକୁ କହୁଛି ମନର କଥା
ନୂଆ କଥା ଆଜି ଲେଖିବାକୁ ନାହିଁ, ଲେଖୁଛି ହୃଦୟ-ବ୍ୟଥା ।
ଭାବୁଛି ଆଜି ମୁଁ ରହିଛି କେଉଁଠି ତୁମେ ଅଛ କେତେ ଦୂରେ
କାହିଁ ଏ କଟକ ?—ତୁମେ ରହିଅଛ କାହିଁ ସୁଦୂର ପୁରେ !
ଭାବି ପାରୁ ନାହିଁ କିସ ଭାବୁଅଛ କରୁଛ ଏଖିଣି କିସ,
କାହା ସଙ୍ଗେ ଅବା କଥା କହୁଅଛ ପିନ୍ଧି କେଉଁ ନୂଆ ବେଶ ।
ଇଚ୍ଛା ହୁଏ ଆଜି ପବନ ବେଗରେ ପାରନ୍ତିକି ତହିଁ ଯାଇ
କିସ କରୁଅଛ ଏକାନ୍ତେ ଦୂରେ ରହି ଦେଖନ୍ତି ଗୋପନେ ଚୁହିଁ ।
ଇଚ୍ଛାହୁଏ ଆଜି ଶୁଣିବାକୁ ତୁମ ବଚନ ସୋହାଗ ଭରା
ଇଚ୍ଛାହୁଏ—ରହିଛି ଏ—ଇଚ୍ଛାହୁଏ; ଇଚ୍ଛା ଆକଳଣି ପରା ।
ଇଚ୍ଛାହୁଏ କେତେ—ତା ଲେଖିବା ?
(କାହିଁକି) ତୁମେ କହିବ ତା' ବାଦେ
କାଗଜ କାଲିରେ ଲେଖିବାକୁ ମୁଁ ବସିଯାଇଅଛି ଏବେ ।
ଯଦି ତୁମେ ସଖି ! ଏଇଟୁକୁ ଚାଲିକୁ ନ ପଢିବ ଦିନ ବେଳେ
ତେବେ ଦେଖି ଦେଲ,—ଲେଖିଦେଲାକୁ ଯେ
ଧାରିବାରି ମନ ବଳେ ।
ଇଚ୍ଛା ହୁଏ ମୋ, କାନ୍ଥ, ଅଭିସଖି ! ପଢ଼ନା ଏ ଦୁ ଅଭ
ଚିଠିରେ ମୋହର ଠିକ୍ ଏହିଠାରେ ଯାହେ ଚଉଦ୍ଦର ଥାଉ;
ଅନୁରୋଧ ମୋର, ଏହିଠାରେ ମନା ବନ୍ଦକର ଦିନ ବେଳେ
ବାକି ଯା' ରହିଲା ପଢିବ ତାହାକୁ ବସି ନିଶାନ୍ଦେ ବେଳେ ।
ନିଅ ଶେଷେ ଯେବେ ଶୋଇବାକୁ ଯାଅ କାଳନ୍ତି କାଳୀ ଘରେ
ଏକା ଏକା ଖୋଲି ପଢିବା ଚିଠିଟି ପକାଇ କାନ୍ଥଣା ପରେ ।
ନୀରବ ରାତିରେ ସେ ଗୋପନ ଘରେ କେଣାଏଁ ତୁମର ପାଦେ
କେବଳ ଗୋଟିଏ ଚୁମ୍ବନ ମାଗି ପରାଣ ମୋହର କାନ୍ଦେ ।
ଦିଅ ଦିଅ ସଖି ଚୁମ୍ବନଟିଏ ମୋର ଏ ଚିଠି ଉପରେ
ପ୍ରଦୀପ ହୁଏତ ହସି ଉଠୁଥିବ ନିରେଖି ଦିଅଗୋ ଦୂରେ ।
ଦିଅ ଯଦି ସଖି ଚୁମ୍ବନ ଏକ ଆଶା ମେଣ୍ଟାଇବ ମୋର
ପବନ ବେଗରେ ନିଅ ନିଅ ନେବ ଆବ ବେଶ ସନ୍ଦେଶ ।
ସପନ ଆସିବ ତୁମର ବେଶରେ ତୁମରି ସୋହାଗ ନେଇ
ସାରା ରାତି ମୋର ମୁହେଁ ବହିଯିବ ମୁଦିଲେ ନୟନ ବେଳା ।
ଏ ଦୂର ବିଦେଶ ସେତିକି କେବଳ ଜୀବନେ ଲେଖା ମୋହର
ଚିଠି ମଝିରେ ଲେଖିଦେଲି ସଖି ! ତେଣୁ ଯାତେ ଚଉଦ୍ଦର ।

—*—

Digitized by srujanika@gmail.com




ଜଗତବନ୍ଦ୍ୟ ବାପୁଜୀ ଆଜି ଆଉ ନାହାନ୍ତି । ବାପୁଜୀଙ୍କର ମୃତ୍ୟୁ ସାରା-ଜଗତକୁ ଶୋକ ସାଗରରେ ଭସାଇ ଦେଇଛି । ବାପୁଜୀ ଯୁଗେ ନିଜର ଅବତାର ଥିଲେ । ଅହିଂସା, ସତ୍ୟ ଓ ପରୋପକାର ନୀତି ସେ ଜଗତକୁ ଶିଖାଇ ଯାଇଛନ୍ତି । ଅହିଂସା ନୀତିରେ ସେ ଭାରତରୁ ବ୍ରିଟିଶ ବଣିକ ସାମ୍ରାଜ୍ୟବାଦୀଙ୍କୁ ତଡ଼ି ଭାରତର ସାଧୀନତା ଫେରାଇ ଆଣିଛନ୍ତି । ବାପୁଜୀଙ୍କ ନଶ୍ୱର ଦେହ ଜଗତରୁ ଚାଲି ଯାଇଛି ସତ୍ୟ କିନ୍ତୁ ତାଙ୍କର ଆତ୍ମା ଚିରକାଳ ଅମର ହୋଇ ରହିବ । ଜଗତ ଥିବା ପର୍ଯ୍ୟନ୍ତ ବାପୁଜୀଙ୍କ ନାମ ଓ ନୀତି ପ୍ରତ୍ୟେକ ମାନବର ହୃଦୟରେ ପ୍ରତିଧ୍ୱନିତ ହେଉଥିବ ।

ଗାନ୍ଧିଜୀଙ୍କର ମୃତ୍ୟୁ ଭାରତୀୟ ସିନେମା ଜଗତକୁ ସବୁଠାରୁ ବେଶୀ ଆଘାତ ଆଣି ଦେଇଛି କାରଣ ଭାରତୀୟ ସିନେମା ଜଗତ ଗାନ୍ଧିଜୀଙ୍କୁ ସନ୍ତୁଷ୍ଟ କରି ପାରିନାହିଁ । ଗାନ୍ଧିଜୀ ଭାରତୀୟ ସିନେମା ଶିଳ୍ପକୁ ପସନ୍ଦ କରୁ ନଥିଲେ ସେ ହେତୁ ଭାରତୀୟ ସିନେମା କିଛି ଧରିବାର ନୁହେଁ ଓ ଏହା ଭାରତରେ ତାର ଉପଯୁକ୍ତ ଶ୍ରେଣୀକୁ ଆସି ପାରି ନାହିଁ । ତା ଛଡ଼ା ଭାରତୀୟ ସିନେମା ଗୁଡ଼ିକ ଦ୍ୱାରା ଜନସାଧାରଣଙ୍କର ଲାଭ ଅପେକ୍ଷା ବେଶୀ କ୍ଷତି ହୋଇଛି । ଗାନ୍ଧିଜୀଙ୍କର ଏ ମତ କୌଣସି ଦିଗରୁ ଭୁଲ ନୁହେଁ ଏହା ଭାରତୀୟ ସିନେମାଜଗତ ସ୍ୱୀକାର କରେ

ଗାନ୍ଧିଜୀଙ୍କ ଦାର୍ଶନିକ ନୀତି ସବୁକୁ ସିନେମା ଜଗତ ଜୋର ଭାବେ ମାନି ନ ପାରିଲେହେଁ ଗାନ୍ଧିଜୀଙ୍କ ନାମରେ ଭାରତୀୟ ସିନେମା ଜଗତ ଖୁବ ଲାଭ ଉଠାଇଛି । ଗାନ୍ଧିଜୀଙ୍କ ଫଟୋ, ଚଳଚ୍ଚିତ୍ର ଓ ନାମର ସଂସ୍କରଣ କରି ସିନେମା ଜଗତ ବ୍ୟବସାୟ ଚଳାଇ ପାରିଛି । ଅଧିକାଂଶ ଚିତ୍ରରେ ନାମକୁ ମାତ୍ର ଗାନ୍ଧିଜୀଙ୍କ ନୀତି ଅସ୍ପୃଶ୍ୟତା, ହରିଜନ ବେଦଭାବ, ଓ ଅହିଂସା ପ୍ରଭୃତି ଦେଖାଇ ଚିତ୍ରର ଖୁବ୍ କାଟତି କରି ପାରିଛନ୍ତି ।

ଗାନ୍ଧିଜୀଙ୍କ ମୃତ୍ୟୁ ଖବର ପାଇବା ମାତ୍ରେ ସାରା ଭାରତର ପ୍ରତ୍ୟେକ ସିନେମା ଗୃହରେ ପ୍ରଦର୍ଶନ ବନ୍ଦ ହୋଇ ଯାଇଥିଲା ଓ ବମ୍ବେ, କଲିକତା, ଦିଲ୍ଲୀ, ମାନ୍ଦ୍ରାଜ ଏବଂ ଅନ୍ୟାନ୍ୟ ଅନେକ ସ୍ଥାନରେ ଅଧିକାଂଶ ସିନେମା ଗୃହରେ ୧୩ ଦିନ ପର୍ଯ୍ୟନ୍ତ ହରତାଳ ପାଳନ କରା ଯାଇଥିଲା । ପାକିସ୍ଥାନରେ ମଧ୍ୟ କରାଚି ଲାହୋର ପ୍ରଭୃତିରେ ସିନେମା ଗୃହ ମାନଙ୍କରେ ହର୍ତାଳ ପାଳନ କରାଯାଇ ଥିଲା । ପ୍ରତ୍ୟେକ ସ୍ଥାନରେ ସିନେମା କମିଟି ମାନଙ୍କରେ ସଭା ମାନ କରାଯାଇ ଘୋର ଦୁଃଖ ପ୍ରକାଶ କରାଯାଇ ଥିଲା । ଏବଂ ଗାନ୍ଧିଜୀଙ୍କ ନୀତିକୁ ଅନୁସରଣ କରିବା ଲାଗି ଶପଥ କରାଯାଇ ଥିଲା । ଗାନ୍ଧିଜୀଙ୍କ ମୃତ୍ୟୁର ଦିନେ ପରେ ଇଣ୍ଡିଆନ୍ ପିପଲ୍‌ସ୍ ଥିଏଟର୍‌ସ୍ ଦ୍ୱାରା ଗୋଟିଏ ସଭା ହୋଇଥିଲା । ଏଥିରେ ଭାରତୀୟ ସର୍ବଶ୍ରେଷ୍ଠ ଅଭିନେତ୍ରୀ ଶ୍ରୀମତୀ ଦୁର୍ଗା ଖୋଟେ ସଭାପତିତ୍ୱ କରିଥିଲେ ଓ ପୃଥ୍ୱୀରାଜ, ଅବାସ୍, ବଲରାଜ୍ ପ୍ରଭୃତି ବକ୍ତାମାନେ ଭାଷଣ ଦେଇ ଗାନ୍ଧିଜୀଙ୍କ ନୀତି ଗୁଡ଼ିକ ବଜାୟ ରଖିବା ପାଇଁ ଭାରତର ଲେଖକ ଓ ଅଭିନେତା ମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ଔପନ୍ୟାସିକ ଓ ‘ଅଟଗ ବଢ଼ୋ’ ଚିତ୍ରର ଲେଖକ ଶ୍ରୀଯୁକ୍ତ ସାନେ ଗୁରୁଜୀ ଏକୋଇଶ ଦିନପାଇଁ ଅନଶନ କରିଥିଲେ । ସ୍ୱାମ୍ବର, ଅଗଷ୍ଟରେ ସେ ପଣ୍ଢରପୁର ଠାରେ ହରିଜନଙ୍କ ମନ୍ଦିର ପ୍ରବେଶ ପାଇଁ ଅନଶନ କରି ସଫଳ ହୋଇ ମହାତ୍ମା ଗାନ୍ଧିଙ୍କର ଶୁଭେଚ୍ଛାର ପାତ୍ର ହୋଇଥିଲେ ।

ଗାନ୍ଧିଜୀଙ୍କ ହତ୍ୟା ଖବର ପାଇ କୋହ୍ଲାପୁରରେ ଏକ ବିରାଟ ଜନତା ‘ପ୍ରଭାକର ପିକଚର୍‌ସ୍” ଷ୍ଟୁଡ଼ିଓକୁ ପୋଡ଼ି ପାଉଁଶ କରିଦେଇ ଥିଲେ ଯେହେତୁ ଏହା ସେଠାର ହିନ୍ଦୁ ମହାସଭାର ସଭାପତି ଭି.ଜି. ପେଣ୍ଢାରକରଙ୍କର ନିଜର ଥିଲା । ଏ ଘଟଣାରେ ଭାଲଜି ନିଜେ ମଧ୍ୟ ଖୁବ୍ ଗୁରୁତର ଭାବରେ ଆଘାତ ପାଇଥିଲେ ।

ଗାନ୍ଧିଜୀଙ୍କ ହତ୍ୟାନୁସନ୍ଧାନରେ ସମ୍ପର୍କ ଅଛି ଜାଣି ବମ୍ବେର ପୋଲିସ୍ ‘ସିରିନ୍ ଫରହ୍’ର ନିର୍ଦ୍ଦେଶକ ପ୍ରହ୍ଲାଦ ଦତ୍ତଙ୍କୁ ଆରେଷ୍ଟ କରି ଅଛନ୍ତି । ପୋଲିସହାତରୁ ଖସିଯିବାରୁ ଏ ଦୁଇଥର ଚେଷ୍ଟା କରି ମଧ୍ୟ ଧରାପଡ଼ିଅଛନ୍ତି । ଏହାଙ୍କ ସହିତ ଯାଙ୍କ ସହରର ହରବନ ସିଂ ଓ ଜନୈକ ଅଭିନେତା ବଲରାଜ୍ ମହେନ୍ଦ୍ରାଙ୍କୁ ମଧ୍ୟ ଆରେଷ୍ଟ କରାଯାଇ ଅଛି ।

Digitized by srujanika@gmail.com

ଗାନ୍ଧୀଜୀଙ୍କ ହତ୍ୟାକାଣ୍ଡ 'ପାଗଲ ଗୋଡ୍‌ସେ'ର ବିଚାର ଦ୍ୱିତୀୟ ଖଣ୍ଡରେ ଦେଖାଯାଇଅଛି । ଶୁଣାଯାଏ ଏହି ଖଣ୍ଡକୁ ଚଳଚ୍ଚିତ୍ର କରାଯିବ ।

ଗାନ୍ଧୀଜୀ ସିନେମାର ଅପ୍ରିୟ ଥିଲେ । ତାଙ୍କର ଜୀବନରେ ସେ କେବଳ ଦୁଇଟି ଛବି ଦେଖିଥିଲେ । "ମିସନ୍ ଟୁ ମସ୍କୋ" ଓ 'ରାମରାଜ୍ୟ ।" ଏହି ଚିତ୍ରଦ୍ୱୟର କେବଳ କେତୋଟି ବାଛା ଅଂଶ ନେହେରୁଙ୍କ ଅନୁରୋଧରେ ଗାନ୍ଧିଜୀଙ୍କୁ ତାଙ୍କର ପତ୍ର କୁଡ଼ିଆ ଭିତରେ ଦେଖାଇ ଦିଆଯାଇଥିଲା ।

ଗାନ୍ଧିଜୀଙ୍କ ମୃତ୍ୟୁ ପରେ 'ଶ୍ରଦ୍ଧା' ଓ 'ବାପୁଜୀଙ୍କ ଅନ୍ତିମ ଯାତ୍ରା' ନାମକ ଦୁଇଟି ଛବି ବମ୍ବେର ମୋତ୍‌ଧ୍ୱାନେ ଲିମିଟେଡ଼ ଓ ଦିଲ୍ଲୀର ଇଷ୍ଟର୍ଣ୍ଣ ଫିଲ୍ମ ଦ୍ୱାରା ନିର୍ମିତ ହୋଇ ବର୍ତ୍ତମାନ ଭାରତର ଅଧିକାଂଶ ସ୍ଥାନରେ ସିନେମା ଗୃହରେ ପ୍ରଦର୍ଶିତ ହେଉଅଛି । ଏହା ଇଂଲଣ୍ଡରେ ମଧ୍ୟ ପ୍ରଦର୍ଶିତ ହୋଇଅଛି । 'ଶ୍ରଦ୍ଧା'ର ଗୋଟିଏ ରଙ୍ଗୀନ ଚିତ୍ର ମଧ୍ୟ ଆମେରିକାରେ ପ୍ରଦର୍ଶିତ ହେବା ପାଇଁ ପଠାହୋଇଅଛି । ଭାରତୀୟ ସମ୍ବାଦଚିତ୍ର ଆମେରିକାରେ ପ୍ରଦର୍ଶିତ ହେବା ଏହା ପ୍ରଥମ ଅଟେ ।

ବର୍ତ୍ତମାନ ଭାରତରେ ଓ ବିଦେଶରେ ଗାନ୍ଧିଜୀଙ୍କ ଜୀବନ ଚରିତକୁ ଚଳଚ୍ଚିତ୍ରରେ ପ୍ରକାଶ କରିବାର ପ୍ରସ୍ତାବ ଚାଲିଅଛି । ହଲାଣ୍ଡର 'ଇଣ୍ଡୋ ବ୍ରିଟିଶ ଫିଲ୍ମ ପ୍ରଡକ୍‌ସନ୍ କମ୍ପାନୀ ଏଥିପାଇଁ ସେଠାରେ କାର୍ଯ୍ୟ କରୁଥିବା ଏକମାତ୍ର ଭାରତୀୟ ମିଃ ସେନ୍‌ଙ୍କୁ ଗତ ଫେବ୍ରୁଆରୀ ୧୪ ତାରିଖରେ ଭାରତକୁ ପଠାଇଛନ୍ତି । ଛବିଟି ପ୍ରକାଶ କରିବା ପୂର୍ବରୁ ସେ ଗାନ୍ଧୀଜୀଙ୍କ ପୁତ୍ର ଦେବଦାସ ଗାନ୍ଧୀ ଓ ଅନ୍ୟାନ୍ୟ ନେତାମାନଙ୍କର ପରାମର୍ଶ ନେଉଛନ୍ତି ।

ଗାନ୍ଧିଜୀଙ୍କ ଜୀବନୀକୁ ଛବିରେ ପ୍ରକାଶ କରିବା ଗୋଟିଏ କଠିଣ ବ୍ୟାପାର ହେଲେ ସୁଦ୍ଧା ବେଶୀ ଅସୁବିଧା ପଡ଼ିବ ନାହିଁ ଯେହେତୁ ଗାନ୍ଧିଜୀଙ୍କ ବଞ୍ଚିଥିବା ସମୟରେ 'ଏ, ଆଇ, ସି. ସି. ସଭା, 'ଜେନମୁଭ' ଓ 'ନୂଆଁଖାଲି ଯାତ୍ରା' ପ୍ରଭୃତି ଅନେକ ଛୋଟ ଛୋଟ ଛବି ଉଠାହୋଇ ସାରିଛି । ଗାନ୍ଧିଜୀଙ୍କ ପ୍ରାର୍ଥନାସଭାର ବକ୍ତୃତା, ଗୀତାପାଠ, ଓ ଉପଦେଶ ମାନଙ୍କର ଅନେକ ରେକର୍ଡ ମଧ୍ୟ 'ଅଲ୍ ଇଣ୍ଡିଆ ରେଡ଼ିଓ' କର୍ତ୍ତୃପକ୍ଷଙ୍କ ପାଖରେ ଅଛି । ଏତଦ୍ଭିନ୍ନ ଫଟୋଗ୍ରାଫର ମାନଙ୍କ ନିକଟରୁ ମଧ୍ୟ ଅନେକ ପ୍ରକାର ଛବି ମିଳିବ । ଉପରୋକ୍ତ ଛବି ଓ ରେକର୍ଡ ମାନଙ୍କ ସାହାଯ୍ୟରେ ନିଶ୍ଚୟ ଗୋଟିଏ ଉତ୍କୃଷ୍ଟ ଛବି ହୋଇପାରିବ । ଏଥିନିମନ୍ତେ ସରକାର ମଧ୍ୟ ସାହାଯ୍ୟ କରିବେ, କିନ୍ତୁ ଏଥିପାଇଁ ଖୁବ୍ ସୁଦକ୍ଷ ନିର୍ଦ୍ଦେଶକ ଓ ଅଭିନେତା ଦରକାର । ଭାରତୀୟ ସିନେମା ଜଗତ ଓ ସରକାରଙ୍କ ତରଫରୁ ଏହି ଛବିଟିର ନିର୍ମାଣ ଭାର 'ଡ଼ାକ୍ତର କୋଟନିସ୍'ର ନିର୍ଦ୍ଦେଶକ ଓ ନିର୍ମାତା ଶ୍ରୀଯୁକ୍ତ ଵି, ଶାନ୍ତାରାମଙ୍କୁ ଦିଆଯାଇଅଛି । ସେ ଚିତ୍ରଟିର ଦୃଶ୍ୟ ସମ୍ବନ୍ଧରେ ନିର୍ମାଣ କରିବେ ଆଶା କରାଯାଏ । ବର୍ତ୍ତମାନ ସେ ଏ ବିଷୟରେ ଖୁବ୍ ଚିନ୍ତା ଓ ଗବେଷଣା କରୁଅଛନ୍ତି ।

ଭାରତୀୟ ସିନେମା ଜଗତ ବାପୁଜୀଙ୍କୁ ବଞ୍ଚିଥିବା ସମୟରେ ଖୁସି କରି ପାରିନାହିଁ । ବର୍ତ୍ତମାନ ଗାନ୍ଧିଜୀଙ୍କ ନୀତି ଅନୁସରଣ କରି ସତ୍ୟ, ଅହିଂସା ଓ ପ୍ରେମକୁ ପ୍ରଚାର କରି ତାଙ୍କର ଅମର ଆତ୍ମାକୁ ତୃପ୍ତି କରିବେ, ଏହା ଆଶା କରାଯାଏ ।

—:—

## ସତ୍ୟହିଁ ଭଗବାନ

## ତାଙ୍କୁ ପାଇବାର ଏକମାତ୍ର ପଥ—ପ୍ରେମ ।

ମହାତ୍ମାଜୀ ଏହି ସତ୍ୟ ନିଜ ଜୀବନରେ କେବଳ ଉପଲବ୍ଧି କରି ନଥିଲେ—ଆମ ଜାତୀୟ ଜୀବନ ଏହାରି ଉପରେ ଗଢ଼ିବା ପାଇଁ ଆଜୀବନ ସାଧନା କରିଥିଲେ ।

ତାଙ୍କର ଆଦର୍ଶ, ଉପଦେଶ ଓ ମନ୍ତ୍ରକୁ ରକ୍ଷା କରିବା ପାଇଁ "ଗ.ଦ୍ଧି ଜ.ତୀୟ ସ୍ମୃତି ପାଣ୍ଠିକୁ ଦାନ କରନ୍ତୁ ।"



### ଉଦ୍ଦେଶ୍ୟ

୧ । ଉତ୍କଳର [illegible] ଶକ୍ତି, [illegible] ଦେଶରେ [illegible] ଓ [illegible] ସାଧନା କରିବା । ୨ । 'ଉତ୍କଳ'ର [illegible] ସୌହାର୍ଦ୍ଦ୍ୟ [illegible] । ୩ । ସଂସ୍କୃତି ଓ ସାହିତ୍ୟ [illegible] ଅନୁସରଣ କରିବା । ୪ । ସତ୍ୟ, ସେବା [illegible] ସେମାନଙ୍କ [illegible] କରିବା ।

([illegible])

## ସହିଦ୍ ଜୀବନୀ (୧୬)

### ବକ୍ଷିଡାକୁଆ

[illegible] ନୟାଗଡ଼ରେ ଗୋଟିଏ ପାହାଡ଼ିଆ ଜଙ୍ଗଲ ପ୍ରଦେଶରେ କୁଣଡ଼ୀ ନାମରେ ଗୋଟିଏ ଛୋଟ ଗାଁ, ସେ ଗାଁରେ ବକ୍ଷିଡାକୁଆ ନାମରେ ଜଣେ ଯୁବକ ଥିଲେ ।

୧୯୪୨ ମସିହା ଆନ୍ଦୋଳନ ସେତେବେଳକୁ ନୟାଗଡ଼ରେ କଂଗ୍ରେସର ପୂର୍ଣ୍ଣ ପ୍ରଭାବ ପଡ଼ିଯାଇଥିଲା । ସମସ୍ତେ ଜାତୀୟ ପତାକା ଧରି ମହାତ୍ମାଙ୍କ ନାମରେ ଜୟଧ୍ୱନି କରି ସ୍ୱାଧୀନତା ହାସଲ ନିମିତ୍ତ ବାହାରି ପଡ଼ିଥିଲେ । କୁଣଡ଼ୀ ସେଥିରୁ ବାଦ ନୁହେଁ । ବକ୍ଷିଡାକୁଆ ବୀର ଭାବରେ ବାହାରି ପଡ଼ିଲେ ଦେଶ ଓ ଦଶପାଇଁ ଜୀବନ ଦେବାକୁ । ସେ ସମସ୍ତଙ୍କର ନେତା ରୂପେ ନିର୍ବାଚିତ ହେଲେ । ଆଗରେ ଚାଲିଥାନ୍ତି ସେ, ଆଉ ପଛରେ ତାଙ୍କର ହଜାର ହଜାର ଲୋକ ।

ସେ ଯେତେବେଳେ ଯାଇ ନିକଟସ୍ଥ ଥାନା ନୂଆଗାଁରେ ପହଞ୍ଚିଲେ, ସେତେବେଳେ ପୁଲିସର କଡ଼ା ଅଚଳକୁ ନଜରରେ ଥାନା ଘେରାଉ କଲେ । ପୁଲିସର ଧମକ ଆଉ ୧୪୪ ଧାରାକୁ ମାନିଲେ ନାହିଁ । ସେ ଆଗରେ ଶାନ୍ତଭାବରେ ଠିଆହୋଇ ଉଚ୍ଚ ସ୍ୱରରେ ମାର୍ଚ୍ଚ କରୁଥାନ୍ତି, ମହାତ୍ମା ଗାନ୍ଧୀଙ୍କ ଜୟ, ହଜାର ହଜାର କଣ୍ଠ ତାଙ୍କର ସ୍ୱରରେ ସ୍ୱର ମିଳାଇ ଜୟଗାନ କରୁଥାନ୍ତି ।

ଏହି ସମୟରେ "ଗୁଡ଼ୁମ୍" ଏକ ଶବ୍ଦ ସମସ୍ତଙ୍କ କାନ ଅଟକା ଫଟାଇଦେଲା । ତାପରେ ପୁଣି ଥରେ ସେଇ ଆୱାଜ । ଲୋକମାନେ ଅସ୍ଥିର ହୋଇ ଥାନା ଆଡ଼କୁ ଚାହାଁଇ ଅଧୀର ହୋଇ ପଡ଼ିଲେ । ବକ୍ଷି ସେମାନଙ୍କୁ ଏପରି ଅଧୀର ହେବାର ଦେଖି ଉଚ୍ଚ ପାଟିରେ କହି ଉଠିଲେ "ଗୁଳି ମାରୁଛେ ନେଇ ଡରିଗୋ" ସମସ୍ତେ ସେପରି କହିଲେ । ଠିକ୍ ଏହି ସମୟରେ ପୁଣି ଥରେ ବନ୍ଧୁକର "ଗୁଡ଼ୁମ୍" ଶବ୍ଦ ହେଲା, ସେହିକ୍ଷଣି ଆସି ବସିଲା ବକ୍ଷି ଡାକୁଆଙ୍କ ପେଟରେ । ବକ୍ଷିଡାକୁଆ ତଳେ ପଡ଼ିଲେ, ଜନତା ସମ୍ମୁଖରେ ଶଳାମୂଳ କଲେ । ବକ୍ଷିଡାକୁଆ ସେତେବେଳକୁ ମରି ନଥାନ୍ତି, ତଳେ ପଡ଼ି ଛଟପଟ ହେଉଥାନ୍ତି । ମଝିରେ ମଝିରେ "ମହାତ୍ମା ଗାନ୍ଧୀଙ୍କ ଜୟ" କହୁଥାନ୍ତି । ଏହି ସମୟରେ ପୁଲିସ ଆସି ତାଙ୍କ ଉପରେ ନିର୍ମମ ଭାବରେ ମାରିଲେ ଆଉ ବନ୍ଧୁକର କୁନ୍ଦ ମାରୁଥାନ୍ତି କିନ୍ତୁ ସେ ହସି ହସି ମହାତ୍ମାଙ୍କର ଜୟଗାନ କରୁଥାନ୍ତି । ଯେତେବେଳେ ତାଙ୍କୁ ଚୂଡ଼ା ଦଳା କରିଦେଲେ ସେତେବେଳେ ସେ 'ମହାତ୍ମା ଗାନ୍ଧୀଙ୍କ' ଏତିକି କହୁଛନ୍ତି ସାଙ୍ଗେ ସାଙ୍ଗେ ପ୍ରାଣବାୟୁ ଉଡ଼ିଗଲା ।

ଯେ ବୀର ସହିଦ ଆଜି ମରି ନାହାନ୍ତି, ପୃଥିବୀରେ ସେ ଆଜି ଅମର, ସେହି ବୀର ସହିଦଙ୍କୁ ମୋର ନମସ୍କାର । ଜୟହିନ୍ଦ୍ ।

ଧନେଶ୍ୱର (୮୨୯)

### ଅଜାଙ୍କ ଉତ୍ତର

ରମାନାଥ (୮୯୬) ତମେ ପ୍ରତିଦିନ ୧୦ ମିନିଟ୍ ସୂତା କାଟିବାକୁ ଯେଉଁ ଶପଥ ନେଇଛ ଶୁଣି ଖୁସି ହେଲି । ସମର ନାଗ ଭାଇ ଭଉଣୀଙ୍କୁ ସମ୍ବୋଧନ କରି ଯେଉଁ ଚିଠି ଲେଖିଛ ତାହା ପ୍ରକାଶ କରିବାର ସମ୍ଭବ ପର ନୁହେଁ । ତମର ଉଦାହରଣ ସବୁ ନାଗଙ୍କ ମନରେ ଉତ୍ସାହ ଆଣିବ ।

ଲମ୍ବୋଦର (୯୪୯) ଗଞ୍ଜାମ ନାଗଙ୍କ ହିସାବ ମାଗିଛ । ବାଛି ବାହାର କରିବା ମୋ ପକ୍ଷରେ କଷ୍ଟକର । ଏଠି ସବୁ ମୋ ଜଣଅରେ ପଠାଇପାର ।

ହିମ୍ଭେଟନ (୯୧୨) ସୂତା କାଟିବା ଶପଥ ନେଇଛ ଶୁଣି ଖୁସି ହେଲି ।

ଗଦାଧର (୧୦୧୬) ନାଗ ସମ୍ମିଳନୀ କେଉଁଠି ହେବ ତାହା ସ୍ଥିର କରିବେ ନାଗମାନେ । ଯେଉଁ ସ୍ଥାନରେ ନାଗମାନେ ଅଭ୍ୟର୍ଥନା କମିଟି ଗଢ଼ି ସମ୍ମିଳନୀକୁ ଡାକିବେ ସେଇଠି ହେବ । ତମେ ସୂତା କାଟିବାକୁ ଶପଥ ନେଇଛ ଶୁଣି ଖୁସି ହେଲି ।

ଅନନ୍ତକୁମାର (୧୦୬) କୈଳାସ ବାବୁଙ୍କର ମୃତ୍ୟୁ ହେଲା ଗୋଟିଏ ଦୁର୍ଘଟଣା ଜନିତ । ଚନ୍ଦ୍ରମଣି ମିଶ୍ର ସେଥିରେ ମୂଳକ ଥିଲେ, ସେ ଦୋଷି କି ନା ସେ କଥା ପୋଲିସ ଅନୁସନ୍ଧାନ କରିବାର କଥା—ଆମେ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ଅନୁଚିତ । ସେ ବଡ଼ ବଡ଼ଆ ମାନଙ୍କ ସଙ୍ଗେ ଅମର ମୁଣ୍ଡ ଖେଳେଇ ଲାଭ ! ଜାଣିଛ ଯେ ପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଶାସ୍ତ୍ରରେ ବାଧା ନାହିଁ

ଗୌରାଙ୍ଗ (୯୯୬) ପ୍ରତ୍ୟେହ ସୂତା କାଟୁଛ ଶୁଣି ଖୁସି ହେଲି ।

କ୍ଷୀରୋଦ ଚନ୍ଦ୍ର ମହାପାତ୍ର ( ଜାମସେଦପୁର ) ଯାହା ସତ୍ୟ ତାହା ସବୁବେଳେ ସତ୍ୟ—ସତ୍ୟର ପ୍ରଚୁର ମିଥ୍ୟାଚାର ହୋଇପାରେ । ନାହିଁ ସତ କାମ କରିବାକୁ ଯାଇ ମିଥ୍ୟାର ଆଶ୍ରୟ ନେବା ପାପ ଓ ଅନ୍ୟାୟ । ସତ୍ୟରେ ମିଥ୍ୟାର ସ୍ଥାନ ନାହିଁ । ସତପାଇଁ ପ୍ରଥମେ ମିଛ କହିଲେ ତମର ନୈତିକ ବଳର ଅବନତି ଘଟିଲା ତମେ ଆଉ ଆଗେଇ ଯାଇବ ନାହିଁ । ଅତଏବ ସତପାଇଁ ପ୍ରଥମେ ମିଛ କହିବ ନାହିଁ ।

ଧନେଶ୍ୱର—( ) ତମେ ସୂତା କାଟିବା ଶପଥ ନେଇଛ ଶୁଣି ଖୁସି ହେଲି । ଭଦ୍ରକରେ ନାଗ ସମ୍ମିଳନୀ ହେବାପାଇଁ ପ୍ରସ୍ତାବ ଦେଇଛ । ଭଦ୍ରକ ଖରା ଦିନରେ ଭାରି ଗରମ । ପୁରୀ କିମ୍ବା କୌଣସି ଥଣ୍ଡା ଜାଗାରେ ହେଲେ ଭଲ ହେବ ।

—•—

### ନୂଆ ନାଗଙ୍କ ନାମ

୧୦୦୮ ମୁରଲୀଧର ସାହୁ ନଂ ୫ [illegible] ଷ୍ଟ୍ରିଟ୍ କଲିକତା । ୧୦୦୯ ଅମର ପ୍ରସାଦ ଦାସ ମୁସଲିମ ସେମିନେରୀ [illegible] Cl IXB ୧୦୧୦ ଜାନ୍‌ଦ ନନ୍ଦ ୧୦ମ ଶ୍ରେଣୀ ଉଃ ଇଃ ବିଦ୍ୟାଳୟ ପୋଃ ସର୍ତ୍ତେଭଲା ଜିଃ ଫର୍ତ୍ତିଭଲା । ୧୦୧୧ ଜିତେନ୍ଦ୍ର କୁମାର ପଟ୍ଟନାୟକ [ସ୍ଥାୟୀ] ୧୦ମ ଶ୍ରେଣୀ ଉଃ ଇଃ ବିଦ୍ୟାଳୟ ପୋଃ ସର୍ତ୍ତେଭଲା ।

Digitized by srujanika@gmail.com

# ଚିଠିପତ୍ର

ପ୍ରତି ସଂଖ୍ୟା 'ଉତ୍କଳ'ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା, ସୂଚନା ( Suggestions ) ପ୍ରଭୃତି 'ଚିଠିପତ୍ର'ରେ ପ୍ରକାଶ ପାଇବ। ଚିଠି ଯେତେ ଦୂର ସମ୍ଭବ ସଂକ୍ଷିପ୍ତ ହେବା ଦରକାର। କୌଣସି ଚିଠିରେ ପ୍ରେରକଙ୍କ ନାମ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ। ଚିଠିର ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିଲା। କୌଣସି ବ୍ୟକ୍ତିଗତ ଅଭିଯୋଗ ଥିବା ଚିଠି ପ୍ରକାଶ ହେବ ନାହିଁ। ସଂପାଦକ ପତ୍ରଲେଖକଙ୍କର ମତାମତ ପାଇଁ ଦାୟୀ ନୁହନ୍ତି।—ସମ୍ପାଦକ

## ଓଡ଼ିଶାରେ 'ଆଣ୍ଟି କରପସନ ଆଇନ୍' ଜାରି ହେଉ

ପଶ୍ଚିମ ବଙ୍ଗ ସରକାର ଶାସନ ବିଭାଗରୁ ଦୁର୍ନୀତି ନିବାରଣ ନିମନ୍ତେ 'ଆଣ୍ଟି କରପ୍‌ସନ ଆଇନ' ଜାରି କରିଛନ୍ତି। ଏଥି ନିମନ୍ତେ ଖୋଲାଯାଇଥିବା ଦପ୍ତର ମାନଙ୍କରେ କାର୍ଯ୍ୟକ୍ଷେତ୍ର ସଫଳତା ସହିତ ଚାଲିଲାଣି। ଓଡ଼ିଶା ସରକାର ନିରାପତ୍ତା ଆଇନ ଜାରୀକଲାବେଳେ ଯେଉଁ ବିରୋଧୀ ଦଳମାନେ ମାଡ଼ି ଭଣ୍ଡ କରୁଥିଲେ ସେମାନେ ଲୋକସ୍ୱାର୍ଥ ଦୃଷ୍ଟିରୁ 'ଆଣ୍ଟି କରପ୍‌ସନ' ବିଲ୍ ଓଡ଼ିଶାରେ ଧାର୍ଯ୍ୟ କରିବା ନିମନ୍ତେ ସରକାରଙ୍କୁ ଚାପ ଦେବା ଉଚିତ ନୁହେଁ କି? ନିରାପତ୍ତା ଆଇନ ଜାରୀ ହେବା ଦ୍ୱାରା ଅନ୍ୟ ଅଂଚଳରେ ଯାହାହେଉ ନୂତନ ଅଂଚଳ (ଗଡ଼ଜାତ) ରେ ବିଶେଷ ସୁଫଳ ମିଳିଛି। ଗଡ଼ଜାତରେ ମିଶ୍ରଣ ବିରୋଧୀ ଯେଉଁ ରାଜଦଲାଲ ମାନେ କାମ କରୁଥିଲେ ଏବଂ ଯେଉଁମାନେ ସାମ୍ପ୍ରଦାୟିକ ଜାତିଗତ ଭେଦଭାବ ସୃଷ୍ଟିକରି ଆଦିବାସୀ ପ୍ରଭୃତି ଜାତିଗତ ଦଳଦ୍ୱାରା ରାଜନୈତିକ ଉଦ୍ଦେଶ୍ୟ ସାଧନ ଦିଗରେ ବାହାରିଥିଲେ ସେମାନଙ୍କୁ ନିରାପତ୍ତା ଆଇନ ଠିକଣା ବାଟ ଦେଖାଇଛି। କିନ୍ତୁ ବାସ୍ତବ କଥା ଦେଖିଲେ ଖାଲି ନିରାପତ୍ତା ଆଇନ ଜାରୀକରି ସରକାରଙ୍କର କାର୍ଯ୍ୟଶେଷ ହେଉନାହିଁ। ଗଡ଼ଜାତରେ ଯେଉଁ ନିରୀହ ଅଜ୍ଞ ସଂଖ୍ୟାଧିକ ଆଦିବାସୀ ହରିଜନ ମାନେ ଅଛନ୍ତି ବା ଗଡ଼ଜାତର ସାଧାରଣ ପ୍ରଜାମାନେ ଶହ ଶହ ବର୍ଷ ଧରି ରାଜାର ପୃଷ୍ଠପୋଷକତାରେ ଗଠିତ ଏଡ଼ା ଫନ୍ଦି ଅମଲାତନ୍ତ୍ର ଦୁର୍ନୀତି ଶାସନ ତଳେ ପେଶି ହେଉଛନ୍ତି। ଏବେ ଶାସନ ବଦଳି ଥିଲେ ସୁଦ୍ଧା ଅମଲାତନ୍ତ୍ରର ମନୋବୃତ୍ତି ବଦଳି ନାହିଁ। ଏବେ ମଧ୍ୟ ଗଡ଼ଜାତରେ ଲାଞ୍ଚ, ଜୁଆଚୋରି ଓ ଘୁସ୍‌ଖୋରି ଚାଲିଛି। ଶହ ଶହ ବର୍ଷହେଲା ଲାଞ୍ଚ ଜୁଆଚୋରି ଘୁସ୍‌ଖୋରି ଓ ଅମଲାତନ୍ତ୍ରର କଳାଶାସନ ତଳେ ପେଶି ହେଉଥିବା 'ଅନ୍ଧାର ମୁଲକ' ଗଡ଼ଜାତର ପ୍ରଜାଏ ଆମକୁ ପ୍ରଶ୍ନ କରୁଛନ୍ତି—'କହୋ ରାଜା ଗଲା ଦୂର ହେଲା। ଏ ସବୁ ଲାଞ୍ଚ ଦୁର୍ନୀତି ଶାସନରୁ ନିସ୍ତାର କେଉଁଠି?' ଏପରି କ୍ଷେତ୍ରରେ ମୁଁ ଗଡ଼ଜାତ କର୍ମୀଭାବେ ସରକାରଙ୍କ ଠାରେ ଦାବୀ କରୁଛି ଯେ ସରକାର 'ଦୁର୍ନୀତି ନିବାରଣ ଆଇନ' ଜାରୀ କରନ୍ତୁ। ନିରାପତ୍ତା ଆଇନ ଦଳରେ ଯେଉଁ ଦେଶଦ୍ରୋହୀଙ୍କ ମୁଖରେ ଚାବୁକ ପଡ଼ିଛି ସେମାନେ ପୁଣି ସୁର ବଦଳାଇ ପ୍ରଜାମାନଙ୍କୁ କହିବେ—'ଦେଖ ଆମେ ଆମର ନାଗରିକ ଅଧିକାର ଏବଂ ପ୍ରଜାଙ୍କ ଅନ୍ୟାୟ ଅତ୍ୟାଚାର ବିରୋଧରେ କହିବାକୁ ଗଲାବେଳେ ସରକାର ମାଡ଼ି ବସାଉଛନ୍ତି। ପ୍ରଜାଏ ତାଙ୍କ କଥାରେ ଭୁଲିବେ ନାହିଁ, ଯଦି ସରକାର ପ୍ରଜାଙ୍କ ମନକଥା ବୁଝି ଦୁର୍ନୀତି ଶୋଷଣର ଜୁଆଳି ସେମାନଙ୍କ କାନ୍ଧରୁ ଓହ୍ଲାଇ ଦିଅନ୍ତି। ତେବେ ଯାଇଁ ସିନା ଗଡ଼ଜାତରେ ଯୁଗ ଯୁଗର ସ୍ୱପ୍ନ ସଫଳହେବ—ତେବେ ଯାଇସିନା ଗଡ଼ଜାତରେ ଗଣତନ୍ତ୍ର କାଏମ୍ ହେବ।

ଶେଷରେ ମୋର ଓଡ଼ିଶା ସରକାରଙ୍କୁ ଅନୁରୋଧ ଯେ ସରକାର ଆକାଶ ମୁଲକର ଲକ୍ଷ ନିରନ୍ନ ମୂର୍ଖ ଗାଉଁଲି ଆଦିବାସୀ ଏବଂ ଜନ ସାଧାରଣଙ୍କ ଯଥାର୍ଥ ସୁରକ୍ଷା ପାଇଁ ନେଇ ନିରାପତ୍ତା ଆଇନର ପରିପୂରକ ଆଣ୍ଟି କରପସନ୍ ଆଇନ୍ ଧାର୍ଯ୍ୟ କରନ୍ତୁ।

ରଜନୀ କାନ୍ତ ଦାସ
କଳାହାଣ୍ଡି ପରାମର୍ଶ ଦାତା କମିଟିର ସଦସ୍ୟ

## ପରୀକ୍ଷାରେ ପ୍ରଶ୍ନ ବିଭ୍ରାଟ

ସମ୍ପାଦକ ମହାଶୟ,

ଜନ୍ମ ଗଛକୁ ବାହୁନିବା ମୂଳରୁ ମାହାଚ ପାହାଚ ପରି ଏବର୍ଷ ବିଶ୍ୱବିଦ୍ୟାଳୟର ପ୍ରାୟ ସମସ୍ତ ମାଟ୍ରିକ ପ୍ରଶ୍ନ ପରୀକ୍ଷା ପୂର୍ବରୁ ଜଣା ପଡ଼ିଗଲା। ଆଇ. ଏ ଓ ବି. ଏ. ର ପ୍ରଶ୍ନ ଗୁଡ଼ ମଧ୍ୟ ପୁଣି ଆଗରୁ ଜଣା ପଡ଼ିଗଲା। ଆଜିର ମାତୃଭୂମିରୁ ଦେଖିଲି ଯେ ଓଡ଼ିଆ ପ୍ରଶ୍ନ ପରୀକ୍ଷା ପୂର୍ବ ଦିନ ଛାପାପାଇଁ ବିଭିନ୍ନ କେନ୍ଦ୍ରକୁ ସ୍ପେଶାଲ ଅଫିସର ମାନଙ୍କ ଦ୍ୱାରା ପଠାଗଲା। କିନ୍ତୁ ସେବି Leak out ରୁ ଛାଡ଼ ପାଇଲାନି। କାରଣ ତା ୮-୩-୪୯ ର ଦ୍ୱିତୀୟ ଅର୍ଦ୍ଧରେ ବି. ଏ. ର ଓଡ଼ିଆ ପ୍ରଥମ ପ୍ରଶ୍ନ ଥିଲା। କୌଣସିନା କୌଣସି କାରଣରୁ କଟକ ମହିଳା କଲେଜର ବି. ଏ. ଛାତ୍ରୀ ମାନଙ୍କୁ ଆଇ. ଏ. ର ଓଡ଼ିଆ ପ୍ରଥମ ପ୍ରଶ୍ନ ବାଣ୍ଟି ଦିଆଗଲା। ପରୀକ୍ଷାର୍ଥୀ ମାନେ ପ୍ରଶ୍ନ ପଢ଼ିସାରି ତ୍ରୁଟି ଦର୍ଶାଇ ଦେବାରୁ ଆଇ. ଏ. ପ୍ରଶ୍ନ ଫେରାଇ ନେଇ ବି. ଏ ର ପ୍ରଶ୍ନ ଦିଆଗଲା। ଆଇ. ଏ. ର ଓଡ଼ିଆ ପ୍ରଥମ ପ୍ରଶ୍ନ ତହିଁ ଆର ଦିନ ଥିବାରୁ I. A. ଝିଅଙ୍କ ପାଇଁ ସୁବିଧା ହୋଇଗଲା। ତା ୮ ଦିନ ସନ୍ଧ୍ୟାରେ ଏକଥା ସହରରେ ପ୍ରଚାର ହୋଇଗଲା ଓ ତା ୯ ଦିନ ସକାଳେ ସହରର କେତେକ ସ୍ଥାନରେ ଉକ୍ତ ଓଡ଼ିଆ ପ୍ରଶ୍ନର ନକଲ ମିଳି ଯାଇଥିଲା। ଆମ୍ଭେମାନେ ଆଶା କରିଥିଲୁ ପ୍ରାୟ ପରୀକ୍ଷା ବନ୍ଦ ହୋଇଯିବ। କିନ୍ତୁ ପରୀକ୍ଷା ହେଲା ଓ ପ୍ରଶ୍ନ ମିଳେଇବାରୁ ତାହା ଅବିକଳ ସହରରେ ମିଳି ଯାଇଥିବା ନକଲ ସଙ୍ଗେ ମିଳିଗଲା। ଏଥିପାଇଁ ଦାୟୀ କିଏ?

ତାଛଡ଼ା ପ୍ରଶ୍ନରେ ଯେ ଏତେ ଭୁଲ ଥାଏ ତା ବିଶ୍ୱବିଦ୍ୟାଳୟ ପ୍ରଶ୍ନରୁ ଆଶା କରାଯାଏ ନାହିଁ। ମାର୍ଚ୍ଚ ଏ ବର୍ଷର B. A. (Pass) ର ଇଂରେଜୀ ପ୍ରଶ୍ନ କିମ୍ଭୂତ କିମାକାର। ଏ ସବୁ ଆମ ବିଶ୍ୱ ବିଦ୍ୟାଳୟ ପକ୍ଷରେ ଶୋଭନୀୟ କି? ଇତି।

ଜଣେ ଛାତ୍ର।

## ଲୁଗା ଦର

ପ୍ରିୟ ସଂପାଦକ ମହାଶୟ,

ଓଡ଼ିଶାରେ ଲୁଗା ଉପରେ ମୁନାଫା କଳାଗୋରା ଦିନକୁଦିନ ବଢ଼ି ଚାଲିଲା। ଆମକୁ ଲୁଗା ଯୋଡ଼ା ପ୍ରତି ୫୦୯ ଠାରୁ ଆରମ୍ଭ କରି ୬୦୯ ପର୍ଯ୍ୟନ୍ତ retail price ରୁ ଅଧିକ କଳାଗୋରାଇ ଦେବାକୁ ପଡ଼ୁଛି। ଆଉ ଗଳି ଉପରେ କେତେଥର କଳାଗୋରାଇ ନେଲେଣି। ଲୋକପ୍ରିୟ ସରକାର ଜନ ସାଧାରଣଙ୍କର ଏ ଦୁର୍ଗତି ପ୍ରତି ସରକାର ଦୃଷ୍ଟି ଦେବେ କି?

ସରକାର election ବେଳେ ଜମିଦାରୀ ପ୍ରଥା ଉଠାଇବା ଓ ଅନ୍ୟାନ୍ୟ ସାର୍ବ ପ୍ରୋଗ୍ରାମ ମାନ ପ୍ରଚାର କରି ବର୍ତ୍ତମାନ ଜମିଦାରୀ ପ୍ରଥା ଉଠାଇବାକୁ ଯୋଜନା ନକରିବା ବଡ଼ କ୍ଷୋଭର ବିଷୟ। ଅନ୍ୟ ପ୍ରଦେଶ ସଙ୍ଗେ ସମ୍ପର୍କ ହେବା ଆଗରୁ ଓ କଳାଗୋରାଙ୍କୁ ଧରି କଟକ ଛକରେ ମାନ୍ୟବର ମନ୍ତ୍ରୀମାନେ ଜନତାର ଗହଳିରେ ଗୁଳି କରି ଦଣ୍ଡ ଦେବା କାଏମ କରିଥିଲେ। ଏ ସ୍ଥଳରେ ଯଦି ଲୋକ ପ୍ରତିନିଧି ସରକାର ଦୃଷ୍ଟି ନଦିଅନ୍ତି ତେବେ ଆମର ଏ ବ୍ୟବସ୍ଥା ସରକାର ଉପରେ ବିଶ୍ୱାସ ରହିବ ନାହିଁ। ଇତି। ଆପଣଙ୍କର

ସଚ୍ଚିଦାନନ୍ଦ ସ୍ୱାମୀ, କଟକ

Digitized by srujanika@gmail.com




## ଜାଣନ୍ତିକି

**ଓଡ଼ିଶାର ଧନ !**

**ଓଡ଼ିଶାର ଗୌରବ**

ସୁବିଖ୍ୟାତ କୋଣାର୍କ କେମିକାଲର ଅଭିନବ ଆବିଷ୍କାର ବନ୍ଧୁ ନାରିକେଳ ତେଲରେ ପ୍ରସ୍ତୁତ —

ସୁବାସିତ କେଶତୈଳ

**“କାମିନୀ”**

କେଶର ସ୍ନିଗ୍ଧତା ବୃଦ୍ଧି ଏବଂ ମସ୍ତିଷ୍କ ଶୀତଳ ରଖିବାରେ ସର୍ବୋତ୍ତମ ।

ନିକଟସ୍ଥ ଯେ କୌଣସି ଦୋକାନରେ ଅନୁସନ୍ଧାନ କରନ୍ତୁ କିମ୍ବା ନିମ୍ନ ଠିକଣାରୁ ଚିଠି ଲେଖନ୍ତୁ ।

କୋଣାର୍କ କେମିକାଲ

ଏଜେଣ୍ଟ

କେନ୍ଦ୍ରା

୨୧୨ ବଜାର ଷ୍ଟ୍ରୀଟ, କଲିକତା।

---

## ହାଉଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

ଡାକ୍ତରଙ୍କ ମତରେ କୁଷ୍ଠ ଦ୍ୱାରା ଆକ୍ରାନ୍ତ ବା ଅଂଶିକ ଫୁଲା, ଏକ୍‌ଜିମା, ଶୋଥ ଓ ଅନ୍ୟାନ୍ୟ ଚର୍ମରୋଗର ଏହାହିଁ ଫଳପ୍ରଦ ଔଷଧ ପ୍ରସ୍ତୁତ ।

ସେହିପରି ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ଲେପ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଉପଶମ ପାଇଁ ଫଳପ୍ରଦ ହେବ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

**ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧୨୦ ମାଧବ ଘୋଷ ଲେନ, ଖୁରୁଟ—ହାଓଡ଼ା
ଶାଖା—୩୭ ନଂ ହରିଶନ ରୋଡ଼, କଲିକତା

---

## ଆଶ୍ଚର୍ଯ୍ୟ

# ଭାଗ୍ୟ ଗଣନା !!

**ପ୍ରଶ୍ନ ପଚାରିବାର ପ୍ରୟୋଜନ ନାହିଁ ।**

କେବଳ ନିଜର ଇଷ୍ଟଦେବଙ୍କୁ ସ୍ମରଣ କରି ୧ ଠାରୁ ୧୨୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ଫଳିତ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା-ବନ୍ଧନ ଚକ୍ରର ଦ୍ୱାରା ଆପଣଙ୍କର ଭୂତ ଭବିଷ୍ୟତ ଓ ବର୍ତ୍ତମାନ ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁ ।

ମାତ୍ର ୫୦୧୦ ମନିଅର୍ଡର କରି ତାର୍ ସଙ୍ଗେ କୁପନରେ ମନୋନୀତ ସଂଖ୍ୟା ଗୋଟି ଓ ନିଜର ନାମ ଧାମ ପରିଷ୍କାର ଭାବେ ଲେଖି ପଠାନ୍ତୁ ।

**ଭୃଗୁସଂହିତା କାର୍ଯ୍ୟାଳୟ**
Box No. 21.
C/o ଡ଼ଗର
ପୋ: ଭଦ୍ରକ

Printed & Published by G. C. Mahapatra at the Gopinathpress, Bhadrak, 1948.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ମୀନ [illegible] ୧୩୫୫ ସାଲ | ୩୪ଶ ସଂଖ୍ୟା |
|---|---|---|

—ଦୃଶ୍ୟ—

ମଜା କଥାରେ

[illegible]

କାର୍ଟୁନରେ

ମନ ଅଙ୍କାରେ

ମଜାଳିଆ ଛବିରେ

[illegible]

କଥା ଓ ନଥା, ଶାଠାଳି,

ଗଳ୍ପ ଅବସ୍ଥର ପ୍ରଭୃତି।

# "DAGARO"

**ORISSA'S MOST POPULAR WEEKLY**
**of**
**Light, Lead & Laughter**

| Vol XI | Monday, April. 12.1948. | No. 34. |
|---|---|---|

**ବାର୍ଷିକ ମୂଲ୍ୟ ଟ ୭୲**          **ଷାଣ୍ମାସିକ ଟ ୩୲**
**ରାଜ ସଂସ୍କରଣ ବାର୍ଷିକ ଟ ୧୦୲**

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧। ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ।

୨। ଏହାର ବାର୍ଷିକ ମୂଲ୍ୟ ସଡାକ ଟ୨୯' ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୲ ଅଗ୍ରିମ ଦେବାକୁ ପଡେ।

୩। ଚାନ୍ଦା ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ।

୪। ଏଜେଣ୍ଟ ମାନଙ୍କ ଠାରୁ ପ୍ରତି ଖଣ୍ଡ ଡଗର ଦୁଇ ଅଣାରେ ପାଇ ପାରିବେ। ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା।

୫। ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ।

୬। ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନକଲେ ଉତ୍ତର ପାଇବାରେ ଅସୁବିଧା ହୁଏ।

୭। କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର୍ଯ୍ୟ ଡଗର ଅଫିସ କରିବ।

୮। ଲେଖା, କବିତା, ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ।

୯। ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର।

ମାନେଜର ଡଗର
ପୋ: ଭଦ୍ରକ (B.N.Ry)

---

ନୂତନ ଚିନ୍ତା ଓ ନୂଆ କଥା
ନୂତନ ଦୃଷ୍ଟି ଭଙ୍ଗୀ ନେଇ

## ଦୃଷ୍ଟିକୋଣ

**[illegible]**

ଲେଖକ—'ଡଗର'ର ସୁପରିଚିତ ପ୍ରିୟ

**ଶ୍ରୀ ଦେବ ମହାପାତ୍ର**

ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ମୁଖବନ୍ଧ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ବନ୍ଦେପଦ୍ମା ଉଦ୍ଧୃତ ଓ ଡଃ ନାୟକଙ୍କର ପ୍ରଶସ୍ତି ସହ ମୂ ୧୦ ମାତ୍ର

ଛାପା ଓ ବନ୍ଧେଇ ଚମତ୍କାର

ପ୍ରାପ୍ତିସ୍ଥାନ:—ଓଡ଼ିଆ ଲେଖକ ସହଯୋଗ ସମିତି ଲିମିଟେଡ
ବାଲୁବଜାର କଟକ

---

## ପୁରାତନ ଶୂଳରୋଗ ସମୂଳେ ଆରୋଗ୍ୟ

ମୋର ପୁତ୍ରଙ୍କର ଶୂଳରୋଗ ବହୁଦିନ ଧରି ରହି ରହି ବହୁ ଚିକିତ୍ସା କରି ମଧ୍ୟ ହତାଶ ହୋଇ ପଡ଼ିଥିଲୁଁ। ପୁରୀର ସିଦ୍ଧହସ୍ତ **ଡ଼ାକ୍ତର ବି, ଦାସ** (ହୋମିଓପାଥ୍) ସିଦ୍ଧଦ୍ୱାର, ବଣିଆସାହି, ତାଙ୍କୁ ସଂପୂର୍ଣ୍ଣ ଚିରାରୋଗ୍ୟ କରାଇଛନ୍ତି।

**ଏସ୍, ଏନ, ଦାସ,**
ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ

---

ସଂପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,
ପରିଚାଳନା ସଂପାଦକ— ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com

## ଆଇନ ବ୍ୟବସାୟୀ ସମ୍ମିଳନୀ

ଓଡ଼ିଶାର ଆଇନ ବ୍ୟବସାୟୀ ମାନଙ୍କର ସମ୍ମିଳନୀ ହୋଇଯାଇଛି । Lawyersର ଅର୍ଥ ଅମେ ଆଇନ ବ୍ୟବସାୟୀ ଧରୁଛୁ । ଆଇନଙ୍କ କେବଳ ଶତ୍ରୁପକ୍ଷ ଏବଂ ବ୍ୟବସ୍ଥାପକମାନଙ୍କୁ ଧରୁନାହୁଁ । ଆଇନ ବ୍ୟବସାୟୀଙ୍କ ମଧ୍ୟରେ ଓକିଲଙ୍କ ଜଜଙ୍କ ବା ମୋକ୍ତାରଙ୍କ ଏବଂ ମାଉଣ୍ଟଙ୍କୁ ଅନ୍ତର୍ଭୁକ୍ତ କରିବାର ଇଚ୍ଛା ଥିଲେହେଁ ଅମ୍ଭେମାନେ ତାହା ନଗଣ୍ୟ ବୋଲି ଗ୍ରହଣ କରି ନେଉଛୁ ।

ସମ୍ମେଳନୀ ସଫଳକାମ ହୋଇଛି । ବର୍ତ୍ତମାନ ଆଇନ ବ୍ୟବସାୟ ଯେଉଁ ଛାଞ୍ଚରେ ଗଢ଼ା ତାହାର ଚତୁର୍ଦ୍ଦିଗ ଭିତରେ ଓକିଲର ଆଇନଜ୍ଞ ମାନେ ଯେଉଁ ସ୍ପଷ୍ଟ ବାଦାନୁବାଦ ପରିଚୟ ଦେଇଛନ୍ତି ତାହା ପ୍ରମାଣିତ କରୁଛି ଯେ ନିତାନ୍ତ ଅସ୍ୱାଭାବିକ ପରିସ୍ଥିତି ମଧ୍ୟରେ ମଧ୍ୟ ଏ ଜାତିର କଲ୍ୟାଣ କଥା କହି ଉଠିବା ହିଁ ଉଚିତ ।

ବ୍ୟବସ୍ଥା ସଭାର ନିୟମଗୃହୀ ଆଇନ ବିରୋଧରେ ଆଇନକୁଶଳୀ ମାନଙ୍କର ପ୍ରତିବାଦକୁ କେବଳ ଅତି ଦାୟିତ୍ୱହୀନ ବ୍ୟକ୍ତିଗଣ ଏବଂ ନିର୍ଲଜ୍ଜ ସରକାର ପ୍ରତିକାର ନକରି ନୀରବରେ ରହିପାରେ । ଯଦି ବର୍ତ୍ତମାନର ସରକାର କେବଳ ଆଇନ ଓ କଚୁଆଲୀ (police) ଶୃଙ୍ଖଳା ଉପରେ ଛିଡ଼ି ନଥାନ୍ତି ତେବେ ଆଇନ ଟୀକାକାର ( Lawyers ) ମାନଙ୍କ ଆକ୍ଷେପକୁ ଭ୍ରୂକ୍ଷେପ ନକରିବାରେ ଭୟ ନଥିଲା । ବର୍ତ୍ତମାନ ବିଧାନରେ ବିଧିବଦ୍ଧ ସରକାର ନାମକୁ ମାତ୍ର ଲୋକପ୍ରତିନିଧି । କାରଣ ତାହା ସ୍ଥାୟୀ କର୍ମଗୃହୀ ସଂଘ ଓ ପୁଲିସ ବଳ ଉପରେ ପ୍ରତିଷ୍ଠିତ— ପ୍ରକୃତ ଲୋକପ୍ରିୟତା ଉପରେ ନୁହେଁ । ଲୋକେ ଯଦି ଅଙ୍କ କର୍ମଗୃହୀ ଗୋଷ୍ଠୀଙ୍କ ଲୋପ କରିବାକୁ କହନ୍ତି ସରକାର ତା କରିପାରିବେ ନାହିଁ କିମ୍ବା ସରକାର କାଗଜପତ୍ର ଆଇନକୁ ଭଙ୍ଗ କରି ଲୋକମତ ସନ୍ତୋଷ କରିବାକୁ ସାହସ କରିବେ ନାହିଁ ।

ଏହି ହେଲା ଏକ ଅସ୍ୱାଭାବିକ ସରକାରୀ କଳର ଦୁଇବାହୁବଳ ଆଇନ ଓ ଶୃଙ୍ଖଳା । ଏବଂ ଆଇନର ଉଦ୍‌ଗାତା ବା ଟୀକାକାର ଓକିଲ ସଂଘ । ଗାନ୍ଧୀଜୀଙ୍କ ଭାଷାରେ ସରକାର ଗୃହୀ ଅଦାଲତ ଏବଂ ଅଦାଲତର ଗୃହୀ ଓକିଲ । ତାର ପ୍ରମାଣ ଉକ୍ତ ସମ୍ମେଳନୀର ସ୍ୱାଗତ ସମିତିର ସଭାପତିଙ୍କ ଭାଷଣ । ଗ୍ରାମ ପଞ୍ଚାୟତ ଆଇନର ତ୍ରୁଟି ନଦେଖାଇ ସେ ଯେପରି ନିର୍ଲଜ୍ଜ ଭାବରେ ବିରୋଧ କରିଛନ୍ତି ଏହିଁରୁ ଗାନ୍ଧୀଜୀଙ୍କ ଉକ୍ତ ସ୍ୱତଃ ପ୍ରମାଣିତ ହୁଏ ଯେ—"ଓକିଲ ମାନେ ଅନ୍ୟର ଦୁଃଖ ଦୂର କରିବାକୁ ଉତ୍କଣ୍ଠିତ କରନ୍ତି ନାହିଁ—ଉତ୍କଣ୍ଠିତ କରନ୍ତି ନିଜର ପକେଟ ପୂର୍ଣ୍ଣ କରିବାକୁ ।"

---

**ଗାନ୍ଧୀଜୀ ବଞ୍ଚିବେ ।**

କେବଳ ରଚନାତ୍ମକ କର୍ମରେ ହିଁ

ତାଙ୍କର

ଜୀବନ୍ୟାସ ମନ୍ତ୍ର ରହିଛି ।

**ଗାନ୍ଧୀ-ସ୍ମୃତି-ପାଣ୍ଠି ପାଇଁ**

**ଦାନ କରନ୍ତୁ**

---

ଲୁହାପାଏ, ମହାତ୍ମା ଗାନ୍ଧି ପ୍ରକୃତ ବିପ୍ଳବୀ ନେତା ଓକିଲ ଥିଲେ । ଗାନ୍ଧୀଜୀ ନିଜେ ତାର ଉତ୍ତର ଦେଇଛନ୍ତି— କଂଗ୍ରେସ ଆନ୍ଦୋଳନ ପାଇଁ ଓକିଲ ମାନେ ଅଳ୍ପାଧିକେ ପ୍ରଶଂସା ଯୋଗ୍ୟ ମାତ୍ର ଓକିଲ ତ ମନୁଷ୍ୟ— ଏବଂ ଅଳ୍ପ ବେଶି ମହତ୍ତ୍ୱ ପ୍ରତ୍ୟେକ ମନୁଷ୍ୟ ମଧ୍ୟରେ ମିଳେ । ଓକିଲ ମାନେ ଯେଉଁ ଭଲ କାମ କରିଛନ୍ତି ତାହା ଓକିଲ ହିସାବରେ କରି ନାହାନ୍ତି—ମନୁଷ୍ୟ ହିସାବରେ ହିଁ କରିଛନ୍ତି । (ହିନ୍ଦ ସ୍ୱରାଜ)

ଗାନ୍ଧୀଜୀ ସ୍ପଷ୍ଟ ଭାଷାରେ କହିଛନ୍ତି— "ମୋର ଏହା ନିଶ୍ଚିତ ମତ ଯେ ଓକିଲ ମାନେ ହିଁ ସ୍ୱରାଜ୍ୟ ଗୋଲାମି ସାରରେ ଆଣି କରିଛନ୍ତି ।" ଏହାହିଁ ଅମ୍ଭମାନଙ୍କର ଦୃଢ଼ ମତ । ଇଂରାଜୀ ଅମଳରେ ଓକିଲ ମାନେ ଇଂରାଜୀ କଳର ଗୃହୀ ଥିଲେ—ବର୍ତ୍ତମାନ ଦେଶୀ ଶିକ୍ଷିତ ଓ ଧନିକ ସ୍ୱାର୍ଥର ବର୍ଗଙ୍କ ପରିଚାଳିତ ସରକାରଙ୍କର ଅସ୍ତ୍ର ହୋଇ ରହିଛନ୍ତି ଓ ରହିବେ ।

ଆଇନ ଓ ବିଚାରର ବର୍ତ୍ତମାନ ସତ୍ୟ ଏବଂ ନ୍ୟାୟ ଉପରେ ପ୍ରତିଷ୍ଠିତ ନୁହେଁ । ତାହା ଟୀକା ଏବଂ ବିଭିନ୍ନ ବ୍ୟାଖ୍ୟାର କୌଶଳ ପୂର୍ଣ୍ଣ ଉପସ୍ଥାପନ ଉପରେ ନିର୍ଭର କରୁଛି । ସତ୍ୟ ଓ ନ୍ୟାୟର ପଥ ସରଳ—ତାହାର ବହୁବ୍ୟାଖ୍ୟା ଅସମ୍ଭବ । ସମୟର ପରିବର୍ତ୍ତନ କ୍ରମେ ସତ୍ୟର ବାହ୍ୟିକ ରୀତି ବଦଳି ପାରେ ମାତ୍ର ସତ୍ୟ ବଦଳି ପାରେନାହିଁ । ଦେଶର ଯେଉଁମାନେ କେବଳ ସତ୍ୟବାନ ନ୍ୟାୟବାନ ସେହିମାନେ ହିଁ ସର୍ବୋତ୍କୃଷ୍ଟ ଓକିଲ ଓ ଜଜ୍ ।

ବର୍ତ୍ତମାନ ହାଇକୋର୍ଟ ଓ ଅଧୀନସ୍ଥ ଓକିଲ ସଂଘ ଏକ ସହର ସଭ୍ୟତାର ପ୍ରତୀକ । ଯେଉଁ ସହର ମଫସଲର ଶୋଷଣ ଉପରେ ପ୍ରତିଷ୍ଠିତ ହୋଇ ଆଧୁନିକ ସମାଜରେ ସଭ୍ୟତାର ମାନଦଣ୍ଡ ରୂପେ ଠିଆ ହୋଇଛି— ଓକିଲ ମାନେ ସେଇ ସଭ୍ୟତାର ପୁରୋଧା । ଏ ସଭ୍ୟତା ଏକ ଗୋଲାମୀ ଏବଂ ବନ୍ଧବାଧା ସଭ୍ୟତା । ଏ ସଭ୍ୟତା ଏବଂ ତାର ବାହକ ଓକିଲ ଶ୍ରେଣୀ ଦେଶରୁ ଲୋପ ନହେବା ଯାଏଁ ପ୍ରଜା ସାଧାରଣ ପ୍ରକୃତ ପଞ୍ଚାୟତ ରାଜ ବା ରାମରାଜ୍ୟ ପାଇବା ଅସମ୍ଭବ ।

ଆଜି ଗାନ୍ଧୀ ଯୁଗର ପ୍ରାରମ୍ଭିକ କାଳରେ ଭାରତକୁ ଏକ ନୂଆ ସଭ୍ୟତାର ପୀଠ ରୂପେ ପରିଗଣିତ କରିବା ପାଇଁ ବୁଦ୍ଧିଜୀବୀ ଓକିଲ ବନ୍ଧୁମାନେ ବଶିଷ୍ଠ ଋଷି ବଶିଷ୍ଠ ନାରଣ ଯଜ୍ଞ କଳାପରି ନିଜର ବିଲୋପ ସାଧନ କରିବାରେ ନିଜର ସଦବୁଦ୍ଧି ବିନିଯୋଗ କରନ୍ତୁ ଏହାହିଁ ଆମର ସୁବିବେଚିତ ମତ ।

—*—

Digitized by srujanika@gmail.com




ବଙ୍ଗଳାରେ ସର୍ବପ୍ରଥମେ କମ୍ୟୁନିଷ୍ଟ ଷ୍ଟ୍ରାଇକ ଆରମ୍ଭ ହୋଇଗଲା । ଶୁଣାଯାଉଛି ଅନ୍ଧ୍ରପ୍ରଦେଶରେ ନାକାଟ୍ରରେ ହେବ । ଶୁଣାଯାଉ ହେଲାଣି । ବମ୍ବେରେ ମଧ୍ୟ ଅଳ୍ପବେଗ ହୋଇ ଗଲା । ମାତ୍ର ଅତି ଦୁଃଖର କଥା ଯେ ଓଡ଼ିଶା ଏ ଉଦ୍ୟମରେ ପଛକୁ ପଡ଼ିଗଲା । ଲୋକେ ପୁଣି ପ୍ରବାଦ ରଖିବେ ଦେଖା ଶିଖା ଓଡ଼ିଶା । କମ୍ୟୁନିଷ୍ଟ ପାର୍ଟିକୁ ଏଠି ବେଆଇନ ନକରି ମହାତ୍ମାଙ୍କ ଆସେମ୍ବ୍ଲି ନର୍ଥ୍ରର ବାଣୀ ଅନୁସାରେ ଯଦି ଏମାନଙ୍କୁ ଗ୍ରେଟ ଡକେଇତରେ ପକେଇ ଦିଆ ଯାଇଥାନ୍ତା ତେବେ କେଉଁ ଦିନୁ ଏ ରୋଗର ବୀଜାଣୁ ମରନ୍ତାଣି । ଆମର ମନେ ହୁଏ ଏଠିକା କମ୍ୟୁନିଷ୍ଟ ଗୁଡ଼ାକ ଏତେ ତଦାନା ଓ ଅଡ଼େକା ଯେ ହାତ ଦେଲେ ହାତ ଗନ୍ଧେଇବ ।

× + ×

ତଥାପି ବିଜୟ ଦାସଙ୍କ ନାମରେ ବିଜୟୀ ହୋଇଥିବାରୁ ଓଡ଼ିଶା ସରକାର ସହ୍ୟ କରି ନପାରି ତାଙ୍କ ଉପରେ ବିଜୟ ହାସଲ କରିଛନ୍ତି । କିନ୍ତୁ ବିଲୁଅଙ୍କ ବିଗ୍ରହରେ ପଡ଼ିଥିବା ଜନମାନଙ୍କୁ ପତିତ ଉଦ୍ଧାର କର୍ତ୍ତା ମହତାବ ଏଭଳି ପୀଡ଼ିବା ଉଚିତ ନୁହେଁ । କମ୍ୟୁନିଷ୍ଟ ସାଥିମାନଙ୍କୁ ଆମର ଉପଦେଶ ସେମାନେ ଏଥର ପତିତ ପାବନଙ୍କ ଉପରେ ମହାପ୍ରଭୁଙ୍କ ପାଖକୁ ଶରଣାଗତ ଡେପୁଟେସନ ପଠାଇ ପ୍ରାର୍ଥନା ବୋଲନ୍ତୁ—

ପତିତ ଜନଙ୍କୁ ଉଦ୍ଧାରିବାପାଇଁ
ଉଡ଼ାଇ ଅଛ ପତାକା
ବାନ୍ଧ ଠେଙ୍ଗା ଏବେ ଗୃହୁଁ ଗୃହୁଁ ଭ୍ରମେ
ବମତି କରୁଛ ଏକା—
—ମହାପ୍ରଭୁହେ ।

+ × +

କମ୍ୟୁନିଷ୍ଟମାନେ କାନ୍ଥ ଭିତ୍ତିରେ ବିପ୍ଳବ ମନ୍ତ୍ରରୁ ବଳ ଦେଲେଣି । ଶୁଣାଯାଉଥିଲା ସେମାନେ ସୈନ୍ୟ ବାହିନୀ, ନୌବାହିନୀ, ବୈମାନିକ ଅଦିରେ ଆପଣା ଲୋକ ଛିଡ଼ିବର ଦେଉଛନ୍ତି । ଦରକାର ବେଳେ ସେମାନେ ବିପ୍ଳବ କାମ କରିବେ । ସବୁ ସବୁ କେନ୍ଦ୍ର ସରକାରଙ୍କ ଅଧୀନରେ କେତେକ ନୌସେନା କଲିକତାରେ ଧର୍ମଘଟ କରିଛନ୍ତି । ପଣ୍ଡିତ ନେହରୁଙ୍କ ସାବଧାନ ଓ ସର୍ଦ୍ଦାରଙ୍କ ସତର୍କ ଏମାନେଁ ବାୟୁ ସରକାର ବିରୋଧରେ ଯୁଦ୍ଧ ଘୋଷଣା କରିଦେଲେ । ଏହା ମୂଳରେ ମଧ୍ୟ ସେଇ କମ୍ୟୁନିଷ୍ଟଙ୍କ ହାତ । ଅଧର୍ମକୁ ଧର୍ମ ନାମ ଦେବାରେ ଅତି ପ୍ରୀତିକୁ ଖୋଲ ସ୍ୱାଧୀନ କରି ହିଂସାକୁ ଗୋପନ ଓ ଅହିଂସା କରିବାରେ ଏମାନେ ସିଦ୍ଧହସ୍ତ ଓ ବୁଦ୍ଧିବାଦୀ । ତେଣୁ ଏ ସବୁ ତାଙ୍କୁ ସୁହାଏ । ସେ ଯାହା ହେଉ ବିଲୁଅମାନେ ଆଜି ଆମର ସାଥୀମାନଙ୍କୁ ପଚାରୁଛନ୍ତି—

କହଇ ସାଥି ଅହେ ମୋ ବୋଲ କର
କଂଗ୍ରେସ ନେଇ ଏବେ କର ବିଗ୍ରହ ରେ
କେତେ ଦିନକୁ ମନ ବାନ୍ଧିବୁ ଆଉ
କି ଲୋଭ ସିଦ୍ଧି ନାହିଁ ଏଧର୍ମ ପାଇଁ ରେ
ଦାଉସ୍ୱା ସାଥି ।

+ + +

କେହି କେହ କହନ୍ତି କମ୍ୟୁନିଷ୍ଟଙ୍କ ପରେ ସୋସାଲିଷ୍ଟଙ୍କ ଉପରେ ଚକ୍ର ପଡ଼ିବ । କିନ୍ତୁ ଯେଉଁ ତଥାକଥିତ କଂଗ୍ରେସବାଲା ମାନେ ଗାନ୍ଧି-କବଚ ବାନ୍ଧି ସବୁ ଗର୍ଦ୍ଦଭତ୍, ଅତ୍ମସାତ୍, ସ୍ୱାର୍ଥସାତ୍ କରୁଛନ୍ତି, ତାଙ୍କୁ ଅନୁକରଣ ଭଲଭାବରେ କରି ଯଦି ସୋସାଲିଷ୍ଟ ମାନେ ବଣିଆ ଗାନ୍ଧିଭକ୍ତ ବୋଲି ବୋଲାଇ ପାରନ୍ତି ତେବେ ସେମାନେ ସରକାରୀ କଂଗ୍ରେସ ବାଲାଙ୍କ କୋପରୁ ରକ୍ଷା ପାଇଯିବେ । ଭୂତ ଦେଖିଲେ ଯେମିତି ରାମ ନାମ ନେଲେ ଭୂତ ପ୍ରେତ ଭୟ ଦୂରଭୂତ ହୁଏ, ସରକାରୀ ତଥା କଥିତ କଂଗ୍ରେସ ବାଲାଙ୍କୁ ଦେଖିଲେ ସେହିପରି ଗାନ୍ଧି ନାମ ଗ୍ରହଣ କଲେଣି ସେ ଭୂତ ଭୟ ଦୂରୀଭୂତ ହେବ—ଏହା ପ୍ରମାଣ ଓ ଅନୁଭବସିଦ୍ଧ । ତେଣୁ ସୋସାଲିଷ୍ଟ ଭାଇ ମାନଙ୍କୁ ଆମର ଅନୁରୋଧ ସେମାନେ ସବୁବେଳେ ଗାନ୍ଧି ନାମ ଧରନ୍ତୁ—

ଗାନ୍ଧିନାମ ଧରନେ ସୋସିଆ ସାଧୁଜନ
ନ ଧରିଲେ ଦଣ୍ଡିବ ଯେ ଓ୍ୟାରେଣ୍ଟ ଶମନ ।
ଗାନ୍ଧି ନାମ ନ ଧଇଲେ କର୍ମନିଷ୍ଠୀଗଣ
ଅକାଳେ ଅଥୁର ସେହୁ ହାରିଲେ ପରାଣ ।

× × ×

ପଣ୍ଡିତ ଜବାହର ଲାଲ ଏବେ କହୁଛନ୍ତି ଯେ ଜାତୀୟ ଶିଳ୍ପ ଛଡ଼ା ଭାରତରେ ଗତ୍ୟନ୍ତର ନାହିଁ । ଦାଣ୍ଡିରେ ବାପ ଥିଲେ ପୁଅ ଝିଙ୍କାଏ ବାଉଳା ଧରିଥାଏ । ବାପ ଅନ୍ତେ ତାନ୍ତରେ ମଲେ ସେ ବଳେଇ ଶିଖେ । ଗାନ୍ଧିକଥା ଯେତେବେଳେ ହିନା ଗଲଙ୍ଗଥିଲି । ଏବେ ଯେତେବେଳେ କାଳୁ ଅମେରିକା ଓ ଇଂଲଣ୍ଡ ନିରାଶ କରିବାକୁ ବସିଲେଣି ସେତେବେଳେ ନାମ କଥା ମନେ ପଡୁଛି—

ମରନ୍ତେ ନାଶିବୁ ବାଣ୍ଡି ଏ ଯେତେ କାଳକୁ
କାଳ ସେହୁ ହେବ ବାପୁ ମରଣ ବେଳକୁ ।

× + ×

କିନ୍ତୁ ଓଡ଼ିଶାରେ ଖୁବ କଳ ଗୁଳିବ—ଜଙ୍ଗଲ ଯାଗାରେ ଟ୍ରାକ୍ଟର ଆସିବ, ଡିଆ ଯାଗାରେ ଘାସ ଘିଅ ହେବ, ଚରଖା ଜାଗାରେ ଲୁଗାକଳ ବସିବ, ଖୋଳକଳ ହେବ, ନାଠ କଳ ହେବ କେତେ କଣ କଳ ବସିଯିବ । ଏ କଳ ଗାନ୍ଧିଜୀଙ୍କର ଜୟଗାନ କରିବ କି ମହତାବ ଜାଜୋଡିଆ, ଚଉଳା ଝୁନ ଝୁନ ବାଲାଙ୍କ ଜୟଗାନ କରିବ ସେ କଥା ଭାବୀ କାଳ ଉତ୍ତର ଦେବ । ବିଲୁଅ ମାନେ ମାନ ଗୀତ ଗାଉଛନ୍ତି—

ଚଉଦ୍ୱାର ଯିବା ଗୃହରେ ଭାଇ
ଝିଙ୍କ କାଟିବା ତିଳରେ ଚଢ଼ି ।
ଦେଖି ମହାନଦୀ ମେଳରେ
ନେବା ହରେକୃଷ୍ଣ ନାମରେ
ଲୁଗା କଳ ଖୋଳ କଳ ଘିଅ କଳ
ପୁଣି ହୀରାକୁଦ ଡାମରେ
ହରେକୃଷ୍ଣ ପଦ ଧରରେ
ଓଡ଼ିଶା ଦେଖିତ ହୋଇବ ଅମର
ଭୁବନରେ ଈଶ୍ୱରରେ

+ + +

ଯେଉଁଠି କିଛି ଇତ୍ୟାଦି ବନ୍ଦାହେବ ସେଠି ଲୋକଙ୍କୁ ଆଇନ ବଳରେ ଖୁଆଇବା ପାଇଁ ଆଇନ ହୋଇଛି । ବିଲୁଅ ସଭା ଏହାକୁ ସର୍ବ ସମ୍ମତି କ୍ରମେ ଅନୁମୋଦନ କରୁଛି—ମାତ୍ର ଗୋଟାଏ କଥା—ବାଲେଶ୍ୱର ଜିଲ୍ଲାରେ ଲୋକ ସଂଖ୍ୟା କମି ଯାଉଛି । ଜନବୃଦ୍ଧି ପାଇଁ ଏଠାରେ ସରକାର ସେହିପରି ଗୋଟାଏ ବାଧ୍ୟତା ମୂଳକ ପ୍ରଜନନ ପ୍ରକ୍ରିୟା ଆଇନ କଲେ ବାଲେଶ୍ୱର-ର ମୃତ୍ୟୁ ସମ୍ରାଟ, ସାମ୍ରାଜ୍ଞୀ ଅନ୍ୟ ମଧ୍ୟ ପାଇଯିବେ

× × +

ରୁଷିଆ କହୁଛି ପାଲଷ୍ଟିନ ଭାଗ ଗୃହୀତ ପ୍ରସ୍ତାବକୁ ଅମେରିକା ନିଜ ସ୍ୱାର୍ଥରୁ ଭାଙ୍ଗୁଛି । ହେଲେ ମଧ୍ୟ ରୁଷ ଅମେରିକା ସ୍ୱାର୍ଥ ତ ଏକ । ସେଥିପାଇଁ ଝଗଡ଼ା ଲାଗିଲେଣି କିଆଁ । ଯଦି ଏକ ହେବାରେ ବାଧା ଥାଏ ତେବେ ଗୋଟାଏ ହିଟଲରର ନୂଆ ମୂର୍ତ୍ତି ଠିଆ କରାଇ ସମସ୍ତେ—ମାର ମାର ହିଟଲରଆକୁ ମାର ଚିତ୍କାର କରି ପୁଣି ଏକ୍ ହୋଇ ପାଆନ୍ତୁ । ବିଲୁଅ ସଭାର ଏହି ସତ୍ ପରାମର୍ଶ ।

+ + ×

Digitized by srujanika@gmail.com

# ଲଭ ପ୍ଲାନିଂ

ହତାଶ ପ୍ରେମିକ ସେ······ତୃଣାଗ୍ରୁ- ନଭେନା "ଡିସାପଏଣ୍ଟେଡ୍ ଲଭର୍···"

·· ମଫସଲର ଶାନ୍ତିମୟ ଜୀବନ ମାରିଦେଇ, ଯେତେବେଳେ ସହରର କଲେଜ ଜୀବନରେ ପାଦ ଦେଲା— ଅଧୁନିକା, ସଭ୍ୟମାର୍ଜିତା, ଲେଡ଼ି ଷ୍ଟୁଡେଣ୍ଟ୍‌ଙ୍କର ମୂଲଚଳଣି ଆଉ ନିତି ବଦଳା (daily changed) ବେଶ ଭୂଷା, ତା ମନରେ ଏକ ଅଭିନବ ଭାବନା ସୃଷ୍ଟି କଲା—ଯାହାଫଳରେ କି ତାର ଯୁବକ ପ୍ରାଣ, ଲେଡ଼ି ଷ୍ଟୁଡେଣ୍ଟ୍‌ଙ୍କ ସହିତ ପ୍ରେମ କରିବାକୁ ନାଚି ଉଠିଲା······

## ମଜାକଥା

ଆଜି ସେ ବି. ଏ. ଫାଇନାଲ, ଶ୍ରେଣୀର ଛାତ୍ର । ୩ବର୍ଷ କଲେଜଜୀବନରେ ଛାତ୍ରୀଙ୍କ ସହିତ ମିଶିବାକୁ କମ୍ ଚେଷ୍ଟା କରିନି ସେ··· ରାତି ରାତି ବସି ପ୍ରେମ କବିତା ଲେଖି, କଲେଜ ମାଗାଜିନ୍ ଠାରୁ ଆରମ୍ଭ କରି ଅନେକ ପତ୍ରିକାକୁ ପଠାଇଛି···ଉଦ୍ଦେଶ୍ୟ ତାର କବିତା ପ୍ରକାଶ ହେଲେ, ଛାତ୍ରୀ ମହଲରେ ପ୍ରେମିକ ଶିରୋମଣି ଭାବରେ ପରିଚିତ ହେବ— ବକ୍ତୃତା ଦେବାର ଶକ୍ତି ନ ଥିଲେ ମଧ୍ୟ, ଛାତ୍ରୀଙ୍କ ଦୃଷ୍ଟିପଥାରୂଢ଼ ହେବାପାଇଁ କଲେଜ ୟୁନିୟନ୍‌ରୁ ଆରମ୍ଭ କରି ଡିବେଟିଂ ସୋସାଇଟି ପର୍ଯ୍ୟନ୍ତ ଅନେକ ମିଟିଂରେ ଥରି ଥରି ୨।୩ ମିନଟ୍ ପର୍ଯ୍ୟନ୍ତ କହିବାର ଦେଖାଯାଇଛି । କଲେଜରେ 'ପ୍ରମିନେଣ୍ଟ୍' ହେବାପାଇଁ ଗାନ୍ଧିଟୋପି, ଜବାହାର ଫତେଇ ସହ, ପ୍ରାଚ୍ୟ ଏବଂ ପାଶ୍ଚାତ୍ୟର ଅନେକ 'ପିକ୍ୟୁଲିଆର ଡ୍ରେସ୍' ପିନ୍ଧିବାକୁ ଭୁଲିନି ସେ···ଅବଶ୍ୟ ଅନେକ ସମୟରେ ତାର ଡ୍ରେସ୍ ତାଲି ଗୁଡ଼ିଲର ସମିଶ୍ରଣରେ ଖେଚୁଡ଼ିର ଅବସ୍ଥା ମଧ୍ୟ ପାଇଛି । ମୁହଁକୁ ପ୍ରସିଦ୍ଧ କରିବାପାଇଁ 'ଭାନିସିଂ କ୍ରୀମ୍' 'ହାଜଲିନ୍ ସ୍ନୋ' ଏବଂ 'ଇଭିନିଂ ଇନ୍- ପାରିସ୍'ର ସାହାଯ୍ୟ ମଧ୍ୟ ନେଇଛି । ଜଣେ ଇଂରାଜୀ ଔପନ୍ୟାସିକଙ୍କ ଲେଖାରେ 'ନିଶ ନଥିବା ଯୁବକର ଚୁମ୍ବନ ଅଲଣା' ଅର୍ଥାତ୍ "To take a kiss from a young man without moustache is just like taking an egg without salt" ପଢ଼ିବା ଦିନଠୁଁ ପରୀକ୍ଷାଧୀନ ଭାବରେ ନିଶଠୁଁ ଆରମ୍ଭ କରି, ହିଟଲରୀ ନିଶ ପର୍ଯ୍ୟନ୍ତ ଅନେକ ପ୍ରକାରର ନିଶ ମଧ୍ୟ ରଖିଛି, କିନ୍ତୁ



ହାୟ—ହାୟ—ସବୁ ବୃଥା···ବୃଥା ତାର ପ୍ରେମିକ ଜୀବନ···ହତାଶ ପ୍ରେମିକ ସେ···

୦ ବର୍ଷ ପରେ ସୁରେଶ୍ ଦେଖିଲା, ଅନେକ ଦିନ ପରେ ମୁଦ୍ଧା, ତାର ପ୍ରେମମୟ ଜୀବନର ପ୍ରଥମ ଅଧ୍ୟାୟ ଆରମ୍ଭ ହୋଇ ପାରିନି···ତା ମନରେ ଗୋଟିଏ ନୂଆ ପ୍ଲାନ ଫୁଟିଲା । ସେ ଭାବିଲା ବିଂଶ ଶତାବ୍ଦୀରେ "କନ୍‌ଷ୍ଟ୍ରକ୍‌ଟିଭ୍" ଯୋଜନାରେ ଫଳ ନାହିଁ । କଂଗ୍ରେସର କନ୍‌ଷ୍ଟ୍ରକ୍‌ଟିଭ୍ ରାଜନୀତି ଫେଲ ନ ମାରିଲେ ମୁସ୍‌ଲିମ୍ ଲିଗ୍‌ର ଡେଷ୍ଟ୍ରକ୍- ଟିଭ୍ ରାଜନୀତି ପରି ଆଶୁ ଫଳପ୍ରଦ ନୁହେ । [ଅବଶ୍ୟ ଭବିଷ୍ୟତ ଦୂରଦୃଷ୍ଟିର ପ୍ରଭାବ ରାଜନୀତିଜ୍ଞମାନେ ଠିକ୍ କରିବେ] 'ଉପେ ବର ନଟେଡ୍ କୋପେ ବର' ଏହାକୁ ମୂଳ- ମନ୍ତ୍ର କରି, ସୁରେଶ୍ ସରକାରଙ୍କର 'ପୋଷ୍ଟ- ୱାର ପ୍ଲାନିଂ' କାର୍ଯ୍ୟକାରୀ ହେଉଥିବା ବେଳେ ନିଜର "ଲଭପ୍ଲାନିଂ"ର "ଡେଷ୍ଟ୍ରକ୍‌ଟିଭ୍"

## ମାଙ୍କଡ଼ ହାତରେ

ଯୋଜନା ଆରମ୍ଭ କରିଦେଲା ·····ଫଳରେ ଦେଖାଗଲା ଯେ କଲେଜ ବ୍ଲାକ୍‌ବୋର୍ଡ଼ ଠାରୁ ଆରମ୍ଭ କରି ଲେଡିଜ୍ କମନ୍-ରୁମ୍‌ର କବାଟରେ ମଧ୍ୟ ନାନା ପ୍ରକାର ବ୍ୟଙ୍ଗ ଚିତ୍ର ଆଉ ବ୍ୟଙ୍ଗ କବିତା ପରିପୂର୍ଣ୍ଣ । ଦିନେ ଦିନେ ଲେଡ଼ି ଷ୍ଟୁଡେଣ୍ଟଙ୍କ ସିଟରେ ନାଲିକାଳି ଆଉ ପାନ- ପିକ ମଧ୍ୟ ପଡ଼ିଲା (ରାଧା କୃଷ୍ଣଙ୍କର ହୋଲି ଖେଲ ଯେପରି ନ ଭାବନ୍ତି) ଅଧ୍ୟାପକଙ୍କ ଅନୁ- ପସ୍ଥିତିରେ ଛାତ୍ରୀଙ୍କ ପଛଆଡ଼ୁ ଶୁନ୍‌ଫଟକା ମଧ୍ୟ ପ୍ରୟୋଗ କରାଗଲା···କିନ୍ତୁ ସେ ସବୁ ବୃଥା···

······ସୁରେଶ ହତୋତ୍ସାହ ହେଲାନି । ବିଂଶ ଶତାବ୍ଦୀର 'ଆଟମିକ୍' ଯୁଗର ଉଚ୍ଚ ଶିକ୍ଷିତ, ଉଦୀୟମାନ ଯୁବକ ସେ···କଲେଜ ଛାତ୍ରୀଙ୍କର ଚକ୍ଷୁଶୂଳ, ଛାତ୍ର ମହଲର ସୁଇଟ୍- କ୍ରିମ୍, ଫୁଲସ୍‌ଫାକ୍‌ଟେରୀ [Fools factory] ର ପ୍ରହେଳିକା—ଅସାମାନ୍ୟ ସୌନ୍ଦର୍ଯ୍ୟ

ର ଅଧିକାରିଣୀ ଶାନ୍ତା ଦେବୀଙ୍କ ଠାରେ ତାର 'ପ୍ଲାନିଂ' କାର୍ଯ୍ୟକାରୀ କରିବାର ପାଇଁ ନୂଆ ପ୍ରେରଣାରେ ଲାଗିପଡ଼ିଲା । ସୁରେଶ କୌଶଳ କରି ଶାନ୍ତାଦେବୀଙ୍କ ଗୃହର ଠାରୁ ତାଙ୍କର ଟିଫିନ୍ ଆଣି କ୍ରମାଗତ ଏକ ସପ୍ତାହ ପର୍ଯ୍ୟନ୍ତ ଖତମ କରିବାରେ ଲାଗିଲା । ତାର କେତେଜଣ କ୍ଲାସ୍‌ମେଟ୍ ତାକୁ ଏଥିରେ ସାହାଯ୍ୟ କରିବାକୁ ଛାଡ଼ିନି ନାହିଁ ମଧ୍ୟ । ୪ଟା ବେଳକୁ ଶୂନ୍ୟ ଟିଫିନ୍‌କାରିୟରଟା ଫେରସ୍ତ ହୁଏ ଲେଡ଼ିଜ କମନ୍‌ରୁମ୍‌ର ଚପରାଶି ଭୁଲମଣି ହାତରେ··· କ୍ଷମା କରିବେ ପାଠକ ପାଠିକା—"ଶୂନ୍ୟ— ଟିଫିନ୍‌କାରିୟର୍" ଲେଖି ଭୁଲ କରିଦେଲି । ହଁ 'ଟିଫିନ୍‌କାରିୟର୍'ରେ ଖଣ୍ଡେ ଖଣ୍ଡେ ଛୋଟ କାଗଜ ଥାଏ ଯେଉଁଥିରେ କି ଲେଖା ଥାଏ "ଥାଙ୍କ୍‌ସ୍ ଭେରିମଚ୍ ଫର ଦି ଅନ୍‌ଲାଇକ୍ ଏଣ୍ଟରଟେନ୍‌ମେଣ୍ଟ" "ପ୍ଲିଜଡୋଣ୍ଟ ଟାଇଣ୍ଡ ଦି ଟ୍ରବଲ" "ଖାଲି ପେଟ ଆପଣଙ୍କର ଆଜିକାର ଭୋଜି ସକାଶେ ବହୁତ ବହୁତ ମେହେରବାନ କରୁଛି" ଇତ୍ୟାଦି ଅନେକ କିଛି······

×　　×　　+

"ମିଷ୍ଟର ପଟ୍ଟନାୟକ" ଶାନ୍ତାଦେବୀ ମଣି ହରା ଫଣି ସଦୃଶ କହି ଉଠିଲେ । ଭୋକରେ ତାଙ୍କର ପେଟ ଜଳୁଥାଏ ସବୁଦିନ ପରି ସେଦିନ ମଧ୍ୟ ତାଙ୍କର ଟିଫିନ୍ ଖତମ୍ ହୋଇ ଥାଏ—ତେବେ ସେଦିନ ଆଉ ଗୋଟିଏ ନୂଆ 'ପ୍ଲାନ' ଥିଲା—ତାହା ହେଉଛି ଟିଫିନ୍‌କାରି- ୟେର୍‌ଟି ମଧ୍ୟ କଲେଜ ଛାତ୍ରଙ୍କ ମଧ୍ୟରେ ସଙ୍କୋଚ ଭାବରେ ନିଲାମ ହୋଇ ଯାଉଥାଏ । ଶୁଣାଯାଏ ଯେ ତା ଆରଦିନ ନିଲାମ ଗ୍ରହଣ କର୍ତ୍ତା ସ୍ୱତଃପ୍ରବୃତ୍ତ ହୋଇ ଟିଫିନ୍‌କାରିୟେର୍‌ଟି ଫେରସ୍ତ ଦେଇଥିଲେ·····

ଲେଖକ—ଶ୍ରୀ ଗଜେନ୍ଦ୍ରନାଥ ସାମଲ

···"ମଣି—ଶାନ୍ତାଦେବୀ" ସୁରେଶ ଦେଖିଲା ତା'ର ଯୋଜନା ଠିକ୍ କାମ କରିଛି···

"ମୋର ସାଇକେଲ୍ କିଣ କଲେ ?"

"ଆପଣଙ୍କର···କିନ୍ତୁ···ଏଇଟା ମୋର ସାଇକେଲ୍" ସୁରେଶ ନିଜର ସାଇକେଲ ବଢ଼ାଇ ଦେଖାଇଲା ।

"ହଁ ସେଇଟା ଆପଣଙ୍କର, ମୁଁ ଜାଣେ କିନ୍ତୁ ମୋ ସାଇକେଲ୍ କଣ ହେଲା ? ଦେଖନ୍ତୁ

Digitized by srujanika@gmail.com

ଏସବୁ ମୁଁ ପସନ୍ଦ କରେନା···ଟିଫିନ୍ ଖାଇଲେ···ଟିଫିନ୍ କାରିୟର୍ କିଏ ନଲେ···ସାଇକେଲ କିଏ କଲେ ?"

ଏହି ସମୟରେ ଚପରାଶି ସାଇକେଲ ଆଣି ମହାଶୟ କହିଲା—"ଦିଦି-ସାଇକେଲ ଆଣିଲି— ପାଇଖାନା ବାଟରେ କିଏ ରଖିଥିଲା···କିଛି ନଷ୍ଟ ହୋଇ ଯାଇଛି ସବୁ···ଟାୟାର କାଟି ଦେଇ ଚକରୁ କିଏ ପମ୍ପ ବାହାର କରି ଦେଇଛି···"

ଶାନ୍ତାଦେବୀ ସାଇକେଲ୍ କଥାରେ···ସୁରେଶକୁ ଥରେ ଚାହିଁ, ଚପରାଶି ଠାରୁ ସାଇକେଲ ନେଇ ଚାଲିଗଲେ। ସୁରେଶ, ଶାନ୍ତାଦେବୀଙ୍କ ସହିତ କଥାବାର୍ତ୍ତା—ସୌଭାଗ୍ୟରୁ ବଞ୍ଚିତ ହୋଇ ହତାଶ ପ୍ରାଣରେ ଫେରିଆସି କବିତା ଲେଖି ବସିଲା···"ଦେଲ ଯେବେ ଆଶା, ଅଭାଗୀ ପ୍ରାଣେ··· ଦେଲ କାହିଁକି··· ନେଲ କାହିଁକି···" ଏଇଠାପରେ ତାଙ୍କ ବେନାମୀ ଚିଠିରେ ପଠା ହୋଇଛି କି ନା ଭଗବାନ ଜାଣନ୍ତି······

\+ × ÷

ଠିକ୍ ଦୁଇମାସ ପରେ—

ଶାନ୍ତାଦେବୀ ସାଇକେଲରେ ୪ଟା ବେଳେ ଘରକୁ ଫେରୁଥାନ୍ତି···ସୁରେଶ ଦେଖି ଖୁବ୍ ଜୋରରେ ସାଇକେଲ ଚଳାଇ ତାଙ୍କ ସାଙ୍ଗ ଧରିଲା···ସଙ୍ଗେ ସଙ୍ଗେ ପଚାରି ବସିଲା "ଆଚ୍ଛା ଶାନ୍ତାଦେବୀ ! କାଲି ଟ୍ୟୁଟୋରିଆଲ୍‌ରେ ଟେନିସନ୍‌ଙ୍କ ପ୍ରବନ୍ଧ ପଢ଼ା ଯିବନା··· ସେକ୍‌ସ୍‌ପିଅରଙ୍କ ନାଟକ ପଢ଼ାଯିବ ?"

ଶାନ୍ତାଦେବୀ—ଏପରି ଅବସ୍ଥା ପାଇଁ ମୋଟେ ପ୍ରସ୍ତୁତ ନଥିଲେ—ନ କହିଲେ ନ ଚଳେ—କାରଣ ସେ ଜାଣନ୍ତି ସୁରେଶ ଛାଡ଼ିବା ପିଲା ନୁହଁନ୍ତି···ବରଂ ନ କହିଲେ ଭଲ ଅବସ୍ଥାର ସମ୍ମୁଖୀନ ହେବାକୁ ପଡ଼ି ପାରେ···ତେଣୁ ସେ ବାଧ୍ୟ ହୋଇ କହିଲେ "ମୁଁ ଜାଣେନା, ତେବେ ଅଶ୍ରୁ କହୁଥିଲା ଯେ— ସେକ୍‌ସପିଅର ପଢ଼ାଯିବ ବୋଲି···"ଶାନ୍ତା ଦେବୀ ଚାଲିଥାନ୍ତି ଆଗରେ ସୁରେଶ ଠିକ ତାଙ୍କ ପଛେ ପଛେ ସାଇକେଲ ଚଳେଇଥାଏ··· ବାଟରେ ସୁରେଶର ବସା ପାଖରେ ସେ ହଠାତ୍ ଆଗକୁ ଯାଇ ଓହ୍ଲାଇ ପଡ଼ି ଏପରି ଭାବରେ ସାଇକେଲ ଧରି ଛିଡ଼ା ହେଲା ଯେ ଶାନ୍ତାଦେବୀ ବାଧ୍ୟ ହେଲେ ସାଇକେଲରୁ ଓହ୍ଲାଇବା ପାଇଁ···ସୁରେଶ ସିଲ୍‌କଟାଇ ଜମାଲ ଭାବ ଦେଇ କହିଲା "ଆସନ୍ତୁନା ଆଜି ଆମ ବସାରେ ଚା ଖାଇ ଯିବେ······

"ନାଁ ଡେରି ହେଲାଣି— ନୁଆବୋଉ ଚାହିଁଥିବେ···ଆଜି ଆମର 'ଜନ୍ମଦିନ୍' ଦେଖି ଯିବାର ଅଛି···ତୋତେ କ୍ଷମା କରନ୍ତୁ··· ଅନୁରୋଧ ରକ୍ଷା ପାରୁନି···" ଶାନ୍ତାଦେବୀ ମୁରୁକି ମୁରୁକି ହସି କହିଲେ।

"ତା ହେଲେ ଚାଲନ୍ତୁ···ଆପଣଙ୍କ ଘରେ ଆଜି ଚା ଖାଇବା···ଜନ୍ମଦିନ୍ ଦେଖିବା। ଆମ··"

ସୁରେଶ କହିଲା ହସି ହସି କା।

ଶାନ୍ତାଦେବୀ ନାହିଁ କରି ପାରିଲେନି··· କ୍ଷଣକାଳ ଚୁପ୍‌ରହି, କଣଭାବି କହିଲେ "ହଉ ଆସନ୍ତୁ—" ଶାନ୍ତାଦେବୀ ଚାଲିଲେ ଆଗେ ଆଗେ···ସୁରେଶ ଚାଲିଲା ପଛେ ପଛେ··· ଠିକ୍ ଯେପରି ପ୍ରଭୁ ଭକ୍ତ କୁକୁରଟି ତା'ର ମୁନିବର ପଛେ ପଛେ ଗୋଡ଼ାଏ···ସୁରେଶର ମହାନନ୍ଦ ଆଜି- ତାର 'ଲେଭ୍‌ପ୍ଲାନ୍'। ପୁରାପୁରି କାର୍ଯ୍ୟକାରୀ ହେବା ଉପରେ·····

\+ + +

ସୁରେଶ ତଳ ମହଲରେ ବସିଥାଏ- ଶାନ୍ତାଦେବୀ ଉପରକୁ ଯାଇଁ ନୁଆବୋଉଙ୍କ କାନରେ କଣ ଚୁପ୍ କରି କହି, ଶାଢ଼ୀବଦଳେଇ, ନୁଆବୋଉଙ୍କର ସବାସାନ ଛଟୋଟି ପିଲାଙ୍କୁ ଧରି ତଳକୁ ଆସି କହିଲେ···

"ଏକ୍‌ସ କ୍ୟୁଜ୍, ମି ପଟ୍ଟନାୟକ। ଡେରି ହୋଇଗଲା ଆସୁ ଆସୁ···ପିଲ୍ ପିଲ ନେଞ୍ଜର ଥିବାସ୍ତ୍ରୀଲୋକଙ୍କୁ ସବୁବେଳେ ସମୟ ଅଭାବ···"

"ପିଲ୍ ପିଲ ନେଞ୍ଜର !···କାହାର ?" ସୁରେଶ୍ ଆଶ୍ଚର୍ଯ୍ୟ ହୋଇ ପଚାରିଲା। ତା'ର ମନଟା ହଠାତ୍ କାହିଁକି ଫିକା ପଡ଼ିଗଲା। ଭାବିଲା-ସେ ସ୍ୱପ୍ନ ଦେଖୁନାହିଁ ତ ?···

"ମୋର, ଆଉ କାହାର ହେବ ?" ଶାନ୍ତାଦେବୀ ହସିହସି କହିଲେ-ସବାସାନ ପିଲାଟି କୋଳରେ ଥାଏ ଏହି ସମୟରେ ନୁଆବୋଉ ଙ୍କୁ ଆଣି ମହାଶୟବାବୁ, ଶାନ୍ତାଦେବୀ ପ୍ରଥମେ ଇଣ୍ଟ୍ରୋ ଡିଉସ୍ (introduce) କରିବାକୁ ଯାଇଁ କହିଲେ···"ଏ ହେଉଛନ୍ତି ମୋର ନୁଆବୋଉ ଶ୍ରୀମତୀ ଅନସୂୟା ଦେବୀ···" ଆଉ ନୁଆବୋଉଙ୍କ ଆଡ଼କୁ ଅନାଇ କହିଲେ "ଏ ବାବୁ ହେଉଛନ୍ତି ମୋର କ୍ଲାସ୍‌ମେଟ୍ ମିଷ୍ଟର ସୁରେଶ ପଟ୍ଟନାୟକ···ପଡ଼ାପଢ଼ି କରିବାର କେବେ ମୁଁ ଏ ବାବୁଙ୍କୁ ଦେଖିକି ···ଲେଖି ଷ୍ଟୁଡେଣ୍ଟ ଦେଖିଲେ ତ ସାଇକେଲ୍ ଧରି ଛୁଟିଲେ ପଛେ ପଛେ··· ଆଜି କାହିଁ ବୋଲା ବନିଗଲେ ମିଷ୍ଟର ପଟ୍ଟନାୟକ··· ଛୋଟିଆଙ୍କ ପଛରେ ଆସି, ପୁଅଟି ଅଙ୍କ ମା'ଙ୍କ ସଙ୍ଗରେ ପଢ଼ାଇଲେ···ହେଇ ଦେଖନ୍ତୁ··· ଏ ମୋର ବଡ଼ପୁଅ ବୁଲୁ···ଏ ହେଉଛି ମଝିଆଁ ପୁଅ କନି···ଆଉ ଏ ହେଉଛି ସବା ସାନଝିଅ ମିନି···ଆଚ୍ଛା। କୁହନ୍ତୁ ତ ଏପରି ଧକା କେବେ ପାଇଥିଲେ ?" ଶାନ୍ତା ଦେବୀ ହସୁଥାନ୍ତି···ନୁଆବୋଉ ହସୁଥାନ୍ତି ମଧ··· ସୁରେଶ୍ ମନଟା ଦିଫାଲହୋଇ ଯାଉଥାଏ··· ସେ 'ସିରପ୍' ଖାଇ ସତେ ଯେପରି କୁଇନାଇନ୍ ସଲଫେଟ୍‌ର ସ୍ୱାଦୁ ଅନୁଭବ କରୁଥାଏ···

"ହଁ, ଶୀଘ୍ର ଚା' ଖାଅନ୍ତୁ-ଜନ୍ମଦିନ୍ ଦେଖିଯିବା ପରା" ଶାନ୍ତା ଦେବୀ କହିଲେ। ସୁରେଶର ମୁଣ୍ଡଟା ଘୁରି ଯାଉଥାଏ-ତା କାନ ପାଖରେ ଶୁଭଯାଉଥାଏ ଖାଲି "ଏ ମୋର ବଡ଼ପୁଅ ବୁଲୁ···ଏ ହେଉଛି ମଝିଆଁ କନି··· ସେ, ଶାନ୍ତାଦେବୀଙ୍କ ଚା' ଖିଆ କଥା ଶୁଣି, ଚମକିପଡ଼ି ଚା' କପ୍‌କୁ ପାଟିରେ ପୁରେଇ ଢୋକେ ଚା-ପାଟିରେ ହଠାତ୍ ପୁରେଇ ଦେବାରୁ ପାଟି ପୋଡ଼ିଗଲା···ସେ ଲଣ୍ଡଭଣ୍ଡ ହୋଇ ପଡ଼ିଲା···

ନୁଆବୋଉ କହି ଉଠିଲେ "ହଁ ହସିଆରରେମିଅନ୍ତୁ ସୁରେଶବାବୁ···ଭୁଲି ଯାଉଛନ୍ତି କି···ଏ ଥଣ୍ଡା ସରବତ୍ ନୁହେଁ··· ଗରମ ଚା···" ଶାନ୍ତାଦେବୀ-ନୁଆବୋଉ ମୁରୁକି ମୁରୁକି ହସିଲେ।

ସୁରେଶ୍ ବଡ ଲଜ୍ଜିତ ହୋଇଗଲା···ପ୍ରେମ କରିବାକୁ ଆସି ଏପରି ଧକା ପାଇବ ବୋଲି ସ୍ୱପ୍ନରେ ସୁଦ୍ଧା ଭାବି ନଥିଲା··· ତାରସବୁ ଶ୍ରମ ବୃଥା ହେଲା— ଅକାରଣରେ ପିଲାପିଲାର ମା'ସହିତ। ଏଣେ ଯେମିତି ଟେବୁଲ ପକାରେ ଚା' ଉପରେ ପିଇ, ସିଗାରେଟ୍ କେସ୍‌ରୁ ଗୋଟିଏ ସିଗାରେଟ୍‌ରେ ଅଗ୍ନି ସଂଯୋଗ କରି "କ୍ଷମା କରିବେ। ଆପଣଙ୍କୁ ବହୁତ କଷ୍ଟ ଦେଲି·· ଦେହଟା ଭଲ ଲାଗୁନି··· ମୁଁ ଯାଉଛି" କହି ରୋଗୀ-ହସଟାଏ ହସିଦେଇ ସାଇକେଲ୍ ଧରି ଛୁଟିଲେ ବସାଆଡ଼େ··· ଶାନ୍ତାଦେବୀ ଆଉ ନୁଆବୋଉଙ୍କର ଅଟ୍ଟହାସ ଖୁବ ଜୋରରେ ଶୁଥିଲାଏ ପଛଆଡ଼ୁ···ତା କାନ ପାଖରେ ଶୁଭଯାଉ ଥାଏ···"ଏ ମୋ

(୧୧ଶ ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ମନ ଅଂଧାରେ

ପିଲାଏ ଅନନ୍ଦରେ ତାଳି ମାରନ୍ତି । ସେ ଅନ୍ଧର କୋରରେ ନାଚି ଗୁଲନ୍ତି, ନାଚି ନାଚି ମୂଲରେ ଗଡ଼ିଗଲା । ତା ଗୁଡ଼ବାଟେ ଧୂଳି ବାଲ୍ୟା ଖେଳାଇ ସେବ ଠୋ ଠୋ ହୋଇ ହସିଲା ମସିଆ ଦାନ୍ତଗୁଡ଼ିକ ଦେଖାଇ । ଏମିତି ସବୁଦିନେ ସେ ନାଚେ, ହସେ—ହରେକ ରକମର ସ୍ୱର ବେସ୍ୱରା ଗୀତ ଗାଏ । କେତେବେଳେ କେମିତି ଏଇପିଲା ପ୍ରତି ମନନ୍ତ ମନ ସେ ବାନ୍ଧିନିଏ । ପିଲାଏ ହସନ୍ତି—ତାଳି ମାରନ୍ତି । ବଡ଼ ମଣିଷ ଟିକିଏ ଚିଆ ହୋଇ ହସିଦେଇ ଚାଲି ଯାଆନ୍ତି ।

## କାହାଣୀ

ସେ ଯେ କେଉଁ ଦିନଠୁ ଏହି ଗାଁ କାହାଣୀ ତାର ଇତିହାସ ସେ ଜାଣେନା କି ଆଉକେହି ଜାଣେନା । ଗୋପାଳଜୀ ମଠର ସେଇ ବଡ଼ ବରଗଛ ତଳ ତାର ଅଶ୍ରୟସ୍ଥଳ । ସେଠି ସେ ତାର ଛିଣ୍ଡା ନେକଡ଼ା ଦି ଚାରିଖଣ କଳା ପକେଇ ଦେଇ ପଡ଼ିଥାଏ । ଖାଇବା ପିଇବା ପ୍ରତି ତାର ନଜର ଥାଏନା କି କଳା କପଡ଼ା ପ୍ରତି ତାର ନଜର ଥାଏନା । ମଠକୁ ଭୋଗବାଗ ନେଇ ଲୋକେ ଆସନ୍ତି । ଗଲାବେଳେ ତାକୁ ଅଳ୍ପ ଅଳ୍ପ ଦେଇ ଯାଆନ୍ତି । ସେତିକିରେ ତାର ଚଳିଯାଏ । କେଉଁ ଦିନ କେମିତି ମନ ହେଲେ ସେ ପାଖ ଗାଁ ବଳାସୁନ୍ଦରୀଙ୍କ କେଳିଖଳ ପୁରକୁ ପଳାଏ—ଦାଣ୍ଡରେ ନାଚି ନାଚି ଗୀତ ଗାଏ । କାର ଦୟାହେଲେ କିଛି ଖାଇବାକୁ ଦିଏ । ଖାଇଲା ବେଳେ ସେ ମୁଣ୍ଡ ହଲାଇ ଆଖି ବୁଲାଇ ଏମିତି ବାଗରେ ଖାଏ ଯେ ସମସ୍ତଙ୍କ ସେ ରାଜା କି ବାଦଶାହା । ତାର ନାମ ସତରେ ସେ କଣ ତା ଆଜଯାଏ କେହି ବୁଝି ନାହାନ୍ତି । ପିଲାଏ ତାକୁ ଡାକନ୍ତି ବାଇଆ । ସମସ୍ତେ ବି ଡାକନ୍ତି ସେଇ ବାଇଆ ।

ଦିନେ ଗାଁର ଜମିଦାର ଆସିଥିଲେ ଦର୍ଶନକୁ । ସାଙ୍ଗରେ କେତେ ଲୋକ ବାଗ ପିଲିପିଲି । ବାଇଆ ସେଦିନ ସେମିତି ନାଚୁଥିଲା—ପିଲାଏ ବି ତାଳି ମାରି ହସୁଥିଲେ । ଜମିଦାର କିନ୍ତୁ ବାଇଆକୁ ଦେଖି ହସିଲେ ନାହିଁ । ତାର ବେଶ ଭୂଷା, ହାବ ଭାବ ତାଙ୍କ ମନରେ ଅନନ୍ଦ ନଦେଇ ଆଣିଥିଲା ରାଗ—ଅପମାନ । ସେ ହାତର ବାଙ୍କୁଲାବେତ ବାଡ଼ିରେ କଷିକରି ବାଇଆକୁ ଦି, ଗୁଡ଼ ପାହାର ଦେଲେ ।



ଅଉ କହିଲେ "ମୂର୍ଖ କରି ନଗୋଲାଇ । ଲଙ୍ଗୋପଟା ଦେହରେ ନାହିଁ ଏଥିରେ ପୁଣି ନାଚ ? ଯା ଭଲକରି ଲଙ୍ଗୋପଟା ପିନ୍ଧି ।" ଝୁଂ ଝୁଂ ହୋଇ ବାଇଆ ଶକଲରେ ଚିତ୍କାର କଲା । ଚିତ୍କାର କରି କରି ସେଇ ବରଗଛ ମୂଳକୁ ଦୌଡ଼ି ପଳାଇଗଲା । ଗୁଡ଼ିଆଡ଼େ ଖେଳଗଲା ହସର ପୂର୍ଣ୍ଣିଅ ଲୁଆର । କିନ୍ତୁ ହସି ପାରିଲା ନାହିଁ କଣେ । ଆଖିରେ ତାର ଲୁହ ଜମିଲା—ଅନ୍ତର ତାର ବାନ୍ଧନା ଉଠିଲା । ଯେ ଯୁଆଡ଼େ ଗଲେ, ରମା ଝାଲ ତାର ଆଡ଼କୁ ଚାହିଁ ରହିଲା ଏକ ଅଣରେ । ମାତ୍ରିରୁ ନାହାର ବାହାରିଲା ପଦ୍ଧତିଏ କଥା "ଆହା" ତାପରେ ସେ ଗୁଲଗଲା ତାର ଘରଭିତରକୁ ।

## କଥାଟିଏ କହୁଁ

ମଠ ପାଖ ଅଟାରେ ଘରହାର ଆଉ ନାହିଁ । ମଠର ସ୍ଥାୟୀ ବାସିନ୍ଦା ପୂଜାହାରୀ ଅଜ ଏ ସାଗଲା । ପୂଜାହାରୀର ଗୋଟିଏ ବୋଲ ଝିଅ ରମା, ବୟସ ତାର ଷୋଳଶ କି କୋଡ଼ିଏ । ଯୌବନର ଢଳଢଳ ତେଜ ତାର ଅଙ୍ଗେ ଅଙ୍ଗେ କିଏ ଭଙ୍ଗି ଥିଲା ଉଦ୍‌ଫୁଲ ହୋଇ—ରୂପର ଲାବଣ୍ୟ ଲକ୍ଷ୍ମୀ ପାଇଥିଲା ତା ଦେହରେ ପ୍ରତି ଜାଗାରେ । ମୁଖ ମଣ୍ଡଳରେ ତାର ପଦ୍ମର ପରି ହଳଦ ଦାସ—ଓଠରେ ଟୋଲରଡ଼ କୋମଳ ଲତାଦଳ—ମେଘ ଡ୍ୟୁରୁ ଆଖି—ଇଙ୍ଗେଲା ଅଧର, ସୁନ୍ଦର-ସବୁ ଖାଲି ଚମତ୍କାର, ତା ଯୌବନ ଭିତରେ ନଥିଲା ଅବେଗ—ନଥିଲା ଚଞ୍ଚଳତା, ସେଇ ଆଖିରେ ତାର ସବଦା ଟଳ ଟଳ ହେଉଥିଲା ଲୁହ—ମୁହଁରେ ମଳିଥିଲା ବର୍ଷଣ ବାଦଲର ବଦଲିଆ ଛାଏ । ହାତରୁ ନାର ହଜିଥିଲା କାଚ—ମଥାରୁ ଲିଭିଥିଲା ସିନ୍ଦୁର ଚିରଦିନ ପାଇଁ । ସେ ଥିଲା ପରମ ଶୁଦ୍ଧ ଚାନ୍ଦଣୀ । ଗୋପାଳଜୀଙ୍କ ସେବାରେ ବାପ ମାଙ୍କ ସେବାରେ ସେ ଜୀବନକୁ ସେ ଖଟେଇ ଦେଇଥିଲା ।

ବାଇଆକୁ ସବୁଦିନ ଦେଖେ । ଅଜି କି ଜାଣିଁ ତାର ମାୟା ବଢ଼ିଗଲା—ଶ୍ରାବଣ ଝରି ମନରେ ଅସେ ଲୋହ । ଦୋହଲି ପ୍ରକୃତିର ଚଞ୍ଚଳରେ ବାନ୍ଧନା ଉଠେ । ଆଜ ତା ମନ୍ତି ପ୍ରଶ୍ନ ଅସେ ଏ ବାଇଆ କିଏ ? [illegible] କେଉଁଠି ? କିନ୍ତୁ ପ୍ରଶ୍ନ ରହେ [illegible]—ମନ ଅନ୍ଧାରରେ ଲୁଚେ ବିଚାରୀ ।

ବାଇଆ ପ୍ରତି ତାର ପ୍ରାଣ ଉଚ୍ଛୁଳି ଉଠେ ଅନୁରାଗ । ମଠରୁ ଯାଏ ସନ୍ଧ୍ୟାରେ ସେ କିଛି କିଛି ଭୋଗ ନେଇ ତାକୁ ଦେଇ ଅସେ । କେତେ କଥା ପଚାରିବାକୁ ମନ ହୁଏ କିନ୍ତୁ ପାରି ନାହିଁ ମାରେ—ମୁଣ୍ଡ ନୁଆଇଁଲା ହୁଏ—ମୁହଁ ହୁଏ ଗୋଲ ମାଲିଆ । ସେ ଫେରିଆସେ ଫେରି ଅସେ । ଘରରେ ତାକୁ ଭଲ ଲାଗେନା । ଶୀତରେ ଯୋଡ଼ ପାଡ଼ ହୋଇ ନୋଇଥିଲା ବେଳେ ତା ଆଖି ଆଗରେ ନାଚେ ସେଇ ବରଗଛ ତଳର ନିରାଶ୍ରୟ ବାଇଆ । ଗୁଡ଼ିଆଡ଼େ କଳା କଟି କଟି ଅନ୍ଧାର—କାଲକା ଥିରି କାଲୁଆ ପବନ । ସେଇ କାଲୁଆ ପବନରେ ଥରି ଉଠୁଥି ବାଇଆର ଫୁକୁଳା ପଞ୍ଜରା ଦେହ । ରମା ଉଠିବସେ—ଆଖିରୁ ତାର ଲୁହ ପୋଛି ଗୋଟାଏ ପଣତରେ ନାଆଁ କାଳି ବାଇଆ ପାଖକୁ ପଠାଇ ଦିଏ ।

ବାଇଆ କଥା ସେ ଯେତେ ବୁଝେ ଅଉ କେହି ବୁଝି ପାରେନା । ତା ବୁକୁରେ ପାଗଳର ବ୍ୟଥା ମେରୁର ତୁଷାର ପରି ଜମାଟ ବାନ୍ଧି ରହିଥିଲା । ସେ ବେଶୀ ଦିନର କଥା ନୁହଁ । ରମା ତାର ଶାଶୁ ଘରକୁ ହସଖୁସିରେ ଯାଇ ଥିଲା । ସେଠି ବି ବଡ଼ ଅନନ୍ଦରେ ଦିନ ତାର

ଲେ:—ଶ୍ରୀ ରାଜକିଶୋର ପହାନ୍ତି

ପାଣି ସ୍ରୋତ ପରି ବହି ଯାଉଥିଲା । ସ୍ୱାମୀର ପାଦରେ ମଥା ଦେଇ ସେ ପାଉଥିଲା ସ୍ୱର୍ଗ—ଧରିଥିଲା—ସୁନ୍ଦର—ଦେଖିଲା ନନ୍ଦନ ବନ । କିନ୍ତୁ ଦିନ ତାର ସବୁଦିନ ସେପରି ନହିଁଲା । ବର୍ଷକ ପରେ; ସେ ମୋଟେ ଶାଶୁ ଘରକୁ ଯିବାର ବର୍ଷକ ପରେ ତାର ସ୍ୱାମୀ ହେଲେ ପାଗଳ । ଯେତେ ଔଷଧ ପତ୍ର କଲେ କଣା ଭଲ ହେଲେନି ବରଂ ଦିନକୁ ଦିନ ପାଗଳାମି ବଢ଼ି ଗୁଲିଲା । ସମସ୍ତଙ୍କୁ ଗାଲିମାଡ଼ ବେଖାତିର କଥା । ମନକୁ ମନ ସେ ହସନ୍ତି, କାନ୍ଦନ୍ତି, ନାଚନ୍ତି । ରମାର ଆଖିରୁ ଲୁହ ଗଳୁଥାଏ ।

Digitized by srujanika@gmail.com

ସେ ସବୁବେଳେ ପ୍ରାଣ ଖଟାଇ ସ୍ୱାମୀଙ୍କର ସେବା ଶୁଶ୍ରୂଷା କରି କୃତାର୍ଥ ପାଉଥିବା ଭଲ-କରି । ତା ବଦଳରେ ମାରଗୋଧ ପାଉ, ଗାଳି, ଅପମାନ । ଦିନେ ତାର ସ୍ୱାମୀ କାହାକୁ କିଛି ନକହି ଘରଛାଡ଼ି କୁଆଡ଼େ ପଳାଇଲେ । ଗଲେ ଯେ ଆଉ ଫେରିଲେ ନାହିଁ । ଶାଶୁ ଆଜ ସେ ମଣ୍ଡ ଦେଖି କାନ୍ଦନ୍ତି । ଆଖି ଫୁଲିଲା ବେଳେ । ପରେ—ମୁଣ୍ଡ ଫୁଲିଲା ଗୁଆ ପରି । ଗୁରୁଆଡେ ଖୋଜାଗଲା । ଆଜ ସେ ମିଳି-ଲେ । ଫେରିଲେନି । କିଛିଦିନ ପରେ ଖବର ମିଳିଲା ସ୍ୱାମୀ ତାର ବାଟରେ ପଡ଼ି ମରିଗଲେ । ସେଇଠୁ ରମା ହାତରୁ କାଚ ବାହାରିଲା—ମଥାରୁ ସିନ୍ଦୂର ଲିଭିଲା । ସେଇ ଦିନଠୁ ପାଗଳ ପ୍ରତି ତା'ର ସ୍ନେହ ସୁହାଗ । ସେଦିନ ବେଲବୁଡ଼ାକୁ ରମା ଭାଲକରି ଭୋଗ ଆଉ ଖଣ୍ଡେ ଭଲ ଲୁଗା ନେଇ ବାଇଆକୁ ଦେଲା । ବାଇଆ ସବୁଦିନ ମତ ହାତ ପତେଇ ଆନନ୍ଦରେ ନେଲା । ହୃଦୟ ଭେଦୀ ଦୀର୍ଘ ନିଃଶ୍ୱାସ ଛାଡ଼ି ରମା ଗଲା ଘରକୁ ।

ପାଗଳ ହଁ । କରି ରମା ଆଡ଼େ ଚାହିଁ ରହିଥିଲା । ଆଜ ତାର ମୁଣ୍ଡ ଭିତରେ ଗୋଟାଏ ଝଡ଼ ତୋଫାନ ଉଠିଛି । ଦିନେ ତାର ମନେ ସବୁକଥା ଠିକ ନଷ୍ଟ ହୋଇ ରହିଥିଲା । ଆଜି କିନ୍ତୁ ମୁଣ୍ଡ କିଛି ଧରି ପାରୁନି—ମନରେ କିଛି ନାହିଁ । ତଥାପି ତା ଆଖି ଆଗରେ କେତେ କଥାର ଚଳଚିତ୍ର ସୃଷ୍ଟି ହେଲା । ମୁଣ୍ଡ ଭିତରେ ପାଶୋରା, ଅପାଶୋରାର ଲୁଚ-କାଳି ଖେଳ ଚାଲିଲା ।

ସେ ଥିଲା ଏକ ଗରିବ ଘରର ପୁଅ । ମା କୋଳରେ ଦିନଦିନୁ ବଢ଼ି ଆସିଥିଲା—ମାର ସ୍ନେହରେ ସବୁଦିନ ବୁଡ଼ି ରହିଥିଲା । ସେ ପାଠ ପଢୁଥିଲା—ପାଶକଲା ମାଟ୍ରିକୁଲେସନ । ମାର ହୃଦୟ ତାର ନାଚି ଉଠିଲା ଆନନ୍ଦରେ—ଭବିଷ୍ୟତର ସ୍ୱପ୍ନେଇ ଛବି ଆଖି ଆଗରେ ଭାସିଗଲା କେତେ ଆଶା ଦେଇ । ପୁଅ ଏଥରକ ଚାକିରି କରି—ଘରଦ୍ୱାର କରିବ —ମଣିଷ ହେବ, ଭଲରେ ଏଥରକ ଦିନ କଟିବ ତାର । ପୁଅ ଆଗ ବଡ଼ ହେଲା—ସ୍ତ୍ରୀ ତାର ଥିଲା ସୁନ୍ଦରୀ, ସଦ୍‌ଗୁଣୀ । ତାର ଆଗମନରେ ବାଇଆର ଭଙ୍ଗା କୁଡ଼ିଆରେ ଫୁଟିଥିଲା ପଦ୍ମ—ହସିଥିଲା ଚନ୍ଦ୍ର । ଗୋଧୂଳି—ଅଶୀଖ ତାଲ ଥିଲା ବାନ୍ଧି ଆକାଶରେ ଫୁଲ । ତାର ସାହାଗ ବୁକୁରେ ଫୁଟିଥିଲା ମହା ଜଣାର ଶାନ୍ତିଧାରା—ଦେହର ଅଙ୍ଗେ ଅଙ୍ଗେ ଘେର ଯାଉଥିଲା ଯୌବନର ମହୁଆ ବାସ । ସେ ଭୁଲି ଯାଇ-ଥିଲା ତାର ଅଭାବ, ଅଭିଯୋଗ—ବ୍ୟର୍ଥ ଜୀବନର ଶତ ନିର୍ଯାତନା, ଲାଞ୍ଛନା । ତା ପରେ ସେ ବାହାରିଲା ଚାକିରି କରି । ଓଡ଼ିଶାର ପ୍ରତ୍ୟେକ ସହର ବଜାରରେ ଗଲା ବୁଲି ବୁଲି ତାର ଗୋଡ଼ ଫୁଲିଲା ବେଙ୍ଗପରି । ତଥାପି ଆଶା ମେଣ୍ଟିଲାନି । ଶେଷକୁ ମୁଣ୍ଡ ଓଜନ କରି ସେ ଫେରିଥିଲା ଘରକୁ । ବୋଉ କଥା ମନେ ପଡ଼ି ଆଖିରେ ତାର ଲୁହ ଜକେଇଲା—ସ୍ତ୍ରୀ କଥା ଦେହରେ ତାର ଉଠିଲା ଲୁହା କଣ୍ଟା ଫୋଡ଼ିଲା । ତାପରେ ସେ ହେଲା ପାଗଳ । କାହାକୁ ଚିହ୍ନିଲାନି—କାହା କଥା ଶୁଣିଲାନି । ଶେଷକୁ ଘର ଛାଡ଼ିଲା—ବାଟରେ ପଡ଼ିଲା । ଆକାଶ ତଳ ହେଲା ତାର ଆଶ୍ରୟ ସ୍ଥଳୀ । ଦିନେ ବାଟରେ ଦେଖାହେଲେ ଜଣେ ସାଧୁ । ସେ ସାଧୁଙ୍କ ସଙ୍ଗେ ଆସିଲା । କାହା ସଙ୍ଗରେ ଯେ ଏଠାକୁ ଆସିଲା ଆଜି ମନେ ତାର ସେ କଥା ନାହିଁ ! ସେଇ ଦିନଠୁ ସେ ଏଇଠି ।

ସେତେ ବେଳକୁ ରାତି ଅଧ—ଚାରି ଆଡ଼େ ମୁହଁ ଲୁଚା ଅନ୍ଧକାର । ପୌଷର କାଲୁଆ ପବନ ମନ ଖୁସିରେ ମାଡ଼ି ଚାଲିଛି । ବାଇଆ ଆଖି ଠେକ ଚାହିଁଲା । ପାଖରେ ତାର ରମା—ମୁଣ୍ଡ ପାଖରେ ନିଆଁ ପଞ୍ଚମ କଲେଇ-ବାରେ ବ୍ୟସ୍ତ [illegible] ଜଳୁଥିଲା ନିଆଁର ନାଲି ଶିଖାରେ ତାର ମୁହଁ ଉଷାପରି ଝଟକି ଉଠୁଛି —ପବନରେ ମଥାର କୃଷ୍ଣ କେଶରାଶି ଏଣେ ତେଣେ ଉଡ଼ି ବୁଲୁଛି । ବଡ଼ ବଡ଼ ଆଖି ଦିଓଟି ସ୍ଥିର—ଅଚଞ୍ଚଳ, ପାଗଳର ଭାବନା ଗୋଳମାଳ ହୋଇଗଲା । ସେ ଚାହିଁ ରହିଲା ଏକ ଆଖିରେ ତେମାର ମୁହଁକୁ—ତାର ଆଖି ଦିଓଟିକୁ । କିଏ ଏ ରମଣୀ ? କାହିଁକି ମୋ ପାଇଁ ଆର ଏତେ ଭାବନା ? ସବୁଦିନ ମୋତେ ଦିଅଁ ଖାଇବାକୁ ଦେଇ ନ ଗଲେ କାହିଁକି ସ୍ତ୍ରୀ ମନ ଖୁସି ହୁଏ ନାହିଁ ।" ସମସ୍ତେ—ହଁ ପରୁଚବ ଆଜି ସବୁକଥା । ପାଗଳ ଖାଲି ଭାବି ଚାଲିଲା ରମା ଆଡ଼େ ଚାହିଁ ରହି ।

ରମା ଦେଖିଲା ପାଗଳ ଦେହରେ ନାହିଁ ଲୁଗା । ସେ ଯେଉଁ ଲୁଗା ଖଣ୍ଡ ଦେଇଥିଲା ସେ ଖଣ୍ଡ ପଡ଼ିଛି ସେପିଠି ଗଛ ମୂଳେ । ସେ ଉଠିପଡ଼ି ସେ ଲୁଗା ଖଣ୍ଡିକ ଆଣି ପାଗଳ ଦେହରେ ଭଲକରି ଘୋଡେଇ ଦେଲା । ନିଆଁକୁ ଆଉ ଟିକିଏ ମାଡ଼ିକ ଦୁଆରି ନେଲା । ତାପରେ ସେ ଉଠିଲା ଘରକୁ ଯିବାକୁ । ପାଗଳ ସେପିଠି ଚାହିଁ ରହି କହିଲା, "ଦୟା କରି ଯଦି ଆସିଛ ତେବେ ଟିକିଏ ବସ ।" ରମା ଦେହରେ ଚମକ ଲାଗିଲା । ସେ ଦେଖିଲା ପାଗଳ ଏକ ଆଖିରେ ତାର ମୁହଁକୁ ଅନାଇଁ ରହିଛି । ଦେହରେ ତାର କମ୍ପ ଚାଲିଗଲା । ସେ କିଛି ନ କହି ବଡ଼ ଜୋରରେ ପଦାଆଡ଼େ ଚାଲିଲା । ପାଗଳ ତାର ପଛେ ପଛେ ଚାଲିଲା । "ତୁମର କିଛି କହିବାର—ଖାଲି ଶୁଣ ମୋର କେତେ ପଦ କଥା" କହି ପଛ ପଛେ ସେ ଚାଲିଥିଲା । । ରମା ଶରବିଦ୍ଧ ହରିଣୀ ପରି ଖାଲି ଆଗକୁ ମାଡ଼ି ଚାଲିଥାଏ । "ଶୁଣ, କେତେଦିନ ପରେ ମୋର କଥା ଟିକିଏ ଶୁଣ । ହଁ ଶୁଣିବାକୁ ହେବ ତୁମକୁ ଏକା" କହି ପାଗଳ ତାର ଆଉ ପାଖରେ ଲାଗିଗଲା । ରମା ଭୟରେ ପଡ଼ିଗଲା । ସାରା ଦେହଟା ତାର ଥରି ଥରି ପର ଖାଲି ଥରୁଥାଏ । ପାଗଳ ତାର ହାତ ଦିଟା ଧରି ଉଠେଇ ଦେଇ ତା ଆଡ଼େ ବଡ଼ ବଡ଼ ଆଖିରେ ଚାହିଁ ରହିଲା । ରମା ତାର ଗଳାକୁ ଆଦରରେ ବାନ୍ଧିଲା । ପାଗଳ ଆଜ ଗଲାନି—ପଥର ପରି ଠିଆ ହୋଇ ରହିଲା ସେଇଠି ।

ପାଗଳ ଫେରିଲା ଗଛ ମୂଳକୁ ଗୋଟାଏ ବୁକୁଥରା ଦୀର୍ଘ ନିଃଶ୍ୱାସ ଛାଡ଼ି । ସେ ଭାବିଲା ନାହିଁ—ଭବିଷ୍ୟତର ଭାବନା । ତା ବ୍ୟର୍ଥ ଜୀବନର ବ୍ୟଥା ଉପରେ ଆଜି କାହାର ସହସା ବ୍ୟର୍ଥ ପ୍ରେମର ବେଦନା ତା ହୃଦୟକୁ ଚୂରମାର କରିଦେଲା । କି ପ୍ରେମ ତାକୁ ଆଜି ଅନ୍ଧକାର । କାହିଁକି ତାର ଜ୍ଞାନ ଅସମୟ ବେଳାରେ ଫେରି ଆସିଲା ? କେଉଁ ବଡ଼ ସର୍ବନାଶ ବା ସେ ଆଜି ନକଲା ? ଏ ଯେଉଁ ରମଣୀ ତାର ନିସଂଗ ଜୀବନରେ ଦୟା ସେବା ଦେଇ ତାକୁ ବଞ୍ଚେଇ ଦେଇଥିଲା ତା ପାଖରେ କାହିଁକି ସେ ବର୍ବର ଭାବେ ପ୍ରେମ ନିବେଦନ କଲା ? ହାୟ କାହିଁକି ତାକୁ ଆଜି ଏ କୁବୁଦ୍ଧି ଘୋଟିଲା ! ! ! କିପରି ଆଉ ସେ ତା ପାଖରେ ମୁହଁ ଦେଖାଇବ ? ରମା କଣ ସତେ ତା ପାଖକୁ ଆସିବ ଆଉ ତାର ମନରେ ଆଶା ଦେଇ ବଞ୍ଚାଇ ରଖିବ ? ପାଗଳ ଆଖିରୁ ଖାଲି ଲୁହ ବହିଲା । + + +

ତା ଆରଦିନ ସମସ୍ତେ ଦେଖିଲେ ବାଇଆର ଦେହ ସେଇ ବରଗଛ ଡାଳରେ ଝୁଲି ପଡ଼ିଛି । ତାର ଗୋଡ଼ତଳେ ସେଇ ପୁରୁଣା ମଇଳା ଛିଣ୍ଡାକନା—ଗଳାରେ ରମା ଦେଇଥିବା ଭଲ ଲୁଗା ଖଣ୍ଡିକ । ଯେ ଦେଖିଲା ସେ ଆହା ଆହା କଲା । ରମା ମୁହଁରେ ହାତ ଦେଇ କାନ୍ଦି ଉଠିଲା । ଆଖିରୁ ଲୁହ ଢାଳି ସେ କମ୍ପିତ ସ୍ୱରରେ କହିଲା, ହାୟ, ମୁଁ ଅଭାଗିନୀ କାହିଁକି ସେ ଭଲ ଲୁଗା ଖଣ୍ଡିକ ଦେଲି ! ଲୁଗା ଖଣ୍ଡ ବିନା ତାକୁ ଏ ପ୍ରାଣ ବଞ୍ଚେଇ ଦେଲା ! ! !

Digitized by srujanika@gmail.com

# ଗାନ୍ଧୀ ବିଶ୍ୱର ଧାରା

## ସ୍ୱଦେଶୀ

( ପୂର୍ବ ପ୍ରକାଶିତ ଭାଗରୁ )

ମୁଁ ଧର୍ମ ତାତ୍ତ୍ୱିକ ବିଷୟରେ ଆପଣମାନଙ୍କ ସହାୟତା କାମନା କରେଁ । ଆପଣମାନେ ତାର ବୈଶିଷ୍ଟ୍ୟ ଦୃଷ୍ଟିରୁ ତାହା ଦାନ କରିବେ । କିନ୍ତୁ ମୁଁ ରାଜନୈତିକ ବିଷୟରେ ମଧ୍ୟ ସେହି ପ୍ରାର୍ଥନା କରିବାକୁ ସାହସ କରୁଛି । ରାଜନୀତି ସହିତ ଧର୍ମର କୌଣସି ସମ୍ପର୍କ ନାହିଁ—ଏଭଳି କଥାରେ ମୋର ଆଦୌ ବିଶ୍ୱାସ ନାହିଁ । ଧର୍ମ ବିନା ରାଜନୀତି ଗୋଟାଏ ଶବ ସଦୃଶ—ତାହା କେବଳ ସମାଧିସ୍ଥ ହେବାର ଯୋଗ୍ୟ । ଘଟନା କ୍ଷେତ୍ରରେ ଆପଣମାନେ ଆପଣମାନଙ୍କ ନୀରବ ରୀତିରେ ରାଜନୀତିକୁ ଅଳ୍ପ ପ୍ରଭାବିତ କରନ୍ତି ନାହିଁ । ମୋର ମନେ ହୁଏ, ଯଦି ଧର୍ମରୁ ରାଜନୀତିକୁ ସ୍ୱତନ୍ତ୍ର କରିବାର ଆଜି ଯେପରି ଉଦ୍ୟମ ଚାଲି ଆସିଛି ସେପରି ଉଦ୍ୟମ ଯଦି ହୋଇ ନଥାନ୍ତା ତେବେ ଆଜି ରାଜନୀତିରେ ଯେଉଁ ଅଧୋଗତି ଅନେକ ସମୟରେ ଦେଖାଯାଏ ତାହା ସମ୍ଭବ ହୋଇ ନଥାନ୍ତା । ଆଜି ଦେଶର ରାଜନୈତିକ ପରିସ୍ଥିତି ସୁଖଦ ବୋଲି କେହି ବିଚାରୁ ନାହିଁ । ସ୍ୱଦେଶୀ ମନୋବୃତ୍ତିକୁ ଅନୁସରଣ କରି ମୁଁ ଦେଖୁଛି ଗ୍ରାମ ପଞ୍ଚାୟତ ଓ ସ୍ଥାନୀୟ ଅନୁଷ୍ଠାନ ଗୁଡିକ ମୋତେ ଅଭିଭୂତ କରିଦିଏ । ଭାରତ ବାସ୍ତବରେ ଗୋଟିଏ ସ୍ୱାୟତ୍ତ ଶାସିତ ଦେଶ । ସେଥିପାଇଁ ସେ ଆଜିଯାଏ ଏତେ ଝଞ୍ଜା ସହି ଠିଆ ହୋଇଛି । ରାଜା ବା ରାଜଦୂତ ସେ ସ୍ୱଦେଶୀ ହୁଅନ୍ତୁ ବା ବିଦେଶୀ ହୁଅନ୍ତୁ କେବଳ କର ଆଦାୟ କରିବା ଛଡ଼ା ଜନସାଧାରଣଙ୍କୁ ଅନ୍ୟ କୌଣସି ପ୍ରକାରେ ସ୍ପର୍ଶ ମଧ୍ୟ କରିପାରି ନାହାନ୍ତି । ଜନ ସାଧାରଣ ମଧ୍ୟ ଗୋବିନ୍ଦଙ୍କ ମାଲ ଗୋବିନ୍ଦଙ୍କ ଭଣ୍ଡାରକୁ ଦେଇସାରେ ଅନ୍ୟାନ୍ୟ ବିଷୟରେ ନିଜ ସ୍ୱାଧୀନ ଇଚ୍ଛାନୁସାରେ କାର୍ଯ୍ୟ କରୁଥିବାର ଦେଖାଯାନ୍ତି । ଏଇ ବିରାଟ ଜାତି ବା ବର୍ଣ୍ଣ ଅନୁଷ୍ଠାନ କେବଳ ଧର୍ମକୁ ଧରି ରହିନାହିଁ—ରାଜନୀତିର ମଧ୍ୟ ସେବା କରିଛି । ଗ୍ରାମବାସୀମାନେ ତାଙ୍କର ଅଭ୍ୟନ୍ତରୀଣ ସମସ୍ତ ବିଷୟ ଜାତି ପ୍ରଥା ସାହାଯ୍ୟରେ ପରିଚାଳନା କରୁଥିଲେ ଏବଂ ତାହାରି ସାହାଯ୍ୟରେ କେତେକ ଶାସକମାନଙ୍କର ଯାବତୀୟ ଅତ୍ୟାଚାରର ସମ୍ମୁଖୀନ ହେଉଥିଲେ । ଯେଉଁ ଜାତି ବର୍ଣ୍ଣ ପ୍ରଥାର ପ୍ରଚଳନ ଫଳରେ ଅଦ୍ଭୁତ ବ୍ୟବସ୍ଥାପିକା ଶକ୍ତି ଉଦ୍ଭବ କରିବାରେ ସକ୍ଷମ, ତାହାକୁ ଅସ୍ୱୀକାର କରିବା ସମ୍ଭବ ନୁହେଁ । ଗତବର୍ଷ କୁମ୍ଭମେଳାରେ କୌଣସି ବାହ୍ୟିକ ଉଦ୍ୟମ ବିନା ଲକ୍ଷାଧିକ ଯାତ୍ରୀଙ୍କର ଅଭାବ ଯେଉଁ ଅନୁଷ୍ଠାନ ପୂରଣ କରି ପାରୁଥିଲା ତାହା ଯେ କେତେ ସୁକୁଶଳ ଓ ବିଚକ୍ଷଣ ସେ କଥା ଦେଖିଲେ ଲୋକ ସ୍ପଷ୍ଟ ବୁଝି ପାରିବ । ତେଣୁ ଆମର ବ୍ୟବସ୍ଥା କରିବାର ଶକ୍ତି ନାହିଁ ବୋଲି କହିବା ଗୋଟାଏ ଫେସନ ହୋଇଛି । ଯେଉଁମାନେ ନୂଆ ରୀତି ନୀତିରେ ବଢ଼ି ଆସିଥିଲେ, ସେମାନଙ୍କ ପକ୍ଷରେ ଏହା ସତ୍ୟ ବୋଲି ବୋଧ ହୁଏ । ସ୍ୱଦେଶୀ ମନୋଭାବକୁ ମାରାତ୍ମକ ଭାବରେ ବିଦାୟ ଦେଇଥିବାରୁ ଆମକୁ ଅସୀମ ବାଧାର ସମ୍ମୁଖୀନ ହେବାକୁ ପଡୁଛି । ଆମେ ଶିକ୍ଷିତ ଗୋଷ୍ଠୀର ଯେତେ ଲୋକ ଗୋଟାଏ ବିଦେଶୀ ଭାଷାର ସାହାଯ୍ୟରେ ଆମର ଶିକ୍ଷା ପାଇଛୁଁ । ଫଳରେ ଜନସାଧାରଣଙ୍କ ଉପରେ ଆମର କୌଣସି କର୍ତ୍ତୃତ୍ୱ ନାହିଁ । ଆମେ ଜନ ସାଧାରଣଙ୍କ ପ୍ରତିନିଧିତ୍ୱ କରିବାକୁ ଚାହୁଁ ସେମାନେ ମଧ୍ୟ ଇଂରେଜୀ ଅଫିସର ମାନଙ୍କୁ ଯେପରି ମାନନ୍ତି ଆମକୁ ତାଠାରୁ ସାମାନ୍ୟ ଅଧିକ ମାତ୍ରାରେ ଆମ୍ଭମାନଙ୍କୁ ଗଣନା କରନ୍ତି ନାହିଁ । ଇଂରେଜୀ ଅଫିସର କିମ୍ବା ଇଂରାଜୀ ଶିକ୍ଷିତ ଭଦ୍ର ଲୋକଙ୍କ ଭିତରୁ କାହାରି ନିକଟରେ ତାଙ୍କର ହୃଦୟ ଉନ୍ମୁକ୍ତ ନୁହେଁ । ତାଙ୍କର ଆକାଂକ୍ଷା ଆମର ଆକାଂକ୍ଷା ନୁହେଁ, ଫଳରେ ତାଙ୍କ ଆମ ଭିତରେ ଏକ ବିରାଟ ବ୍ୟବଧାନ, ସୁତରାଂ ବ୍ୟବସ୍ଥା କରିବାର ଶକ୍ତି ଯେ ଆମର ନାହିଁ ତା ନୁହେଁ । ଦକ୍ଷିଣ ଆଫ୍ରିକାରେ ଆପଣ ଦେଖିବେ ଯେ ଜନସାଧାରଣ ଏବଂ ତାଙ୍କ ପ୍ରତିନିଧିଙ୍କ ମଧ୍ୟରେ ସଂଯୋଗର ଅଭାବ ପରିଲକ୍ଷିତ ହୁଏ । ଗତ ପଚାଶ ବର୍ଷ ଭିତରେ ଆମେ ଯଦି ଆମର ମାତୃଭାଷା ସାହାଯ୍ୟରେ ଶିକ୍ଷା ପ୍ରାପ୍ତ ହୋଇ ଥାନ୍ତୁ ତାହାହେଲେ ଆମର ଭାଇଭଉଣୀ, ଆମର ଗୁରୁଜନ ଏବଂ ଚାକରାଣୀ ପ୍ରତିବେଶୀମାନେ ଆମ ଜ୍ଞାନର ଭାଗୀଦାର ହୋଇ ପାରିଥାନ୍ତେ । ଜଣେ ବୋଷ କିମ୍ବା ଜଣେ ରାୟଙ୍କର ଆବିଷ୍କାର ରାମାୟଣ ଏବଂ ମହାଭାରତ ଭଳି ପ୍ରତି ଗୃହରେ ଅମୂଲ୍ୟ ସମ୍ପତ୍ତି ହୋଇ ଥାନ୍ତା । ଜନସାଧାରଣଙ୍କ ପକ୍ଷରେ ସେସବୁ ଆବିଷ୍କାର କୌଣସି ବିଦେଶୀ ଅବିଷ୍କାରକ ଦ୍ୱାରା ଆବିଷ୍କୃତ ହୋଇ ପ୍ରାୟ ମନେ ହୁଏ । ଶିକ୍ଷାର ପ୍ରତ୍ୟେକ ଶାଖାରେ ଯେବେ ମାତୃଭାଷା ଅଧ୍ୟୟନର ମାଧ୍ୟମ ହୋଇଥାନ୍ତା—ମୁଁ ଦୃଢ଼ କରି କହିପାରେ ଯେ ସେ ସବୁ ଅଦ୍ଭୁତ ଭାବରେ ସମୃଦ୍ଧ ହୋଇ ଯାଇ ଥାନ୍ତେ । ଗ୍ରାମ୍ୟ ସ୍ୱାସ୍ଥ୍ୟ ରକ୍ଷା ଇତ୍ୟାଦି ସମସ୍ୟା କିଛି ପୂର୍ବରୁ ସମାଧାନ ହୋଇ ସାରି ଥାନ୍ତା । ଗ୍ରାମ୍ୟ ପଞ୍ଚାୟତ ଗୁଡିକ ଆଜି ତାର ନିଜର ବିଶିଷ୍ଟ ଉପାୟରେ ଗୋଟାଏ ଜୀବନ୍ତ ଶକ୍ତି ହୋଇଥାନ୍ତା ଏବଂ ଭାରତ ଆଜି ତାର ନିଜର ଆବଶ୍ୟକତା ଅନୁରୂପ ସ୍ୱାୟତ୍ତ ଶାସନ ଉପଭୋଗ କରିବା ସଙ୍ଗେ ସଙ୍ଗେ ନିଜର ପୁଣ୍ୟ ଭୂମି ଉପରେ ସୁଶୃଙ୍ଖଳ ଭାବରେ ନିହତ ହେବାର ଅପମାନ ଜନକ ଅଭିଜ୍ଞତାରୁ ସେ ରକ୍ଷା ପାଇପାରି ଥାନ୍ତା । ସଂଶୋଧନ କରିବାର ବେଳ ଏବେବି ଯାଇନି । ଆଜି କୌଣସି ଅନୁଷ୍ଠାନ ଏ ଦିଗରେ ଯାହା ସାହାଯ୍ୟ କରି ପାରିବେ ନାହିଁ, ଇଚ୍ଛା କଲେ ଆପଣ ତାହା ପାରନ୍ତେ ।

ବର୍ତ୍ତମାନ ସ୍ୱଦେଶୀର ଶେଷ ଦିଗ ସ୍ୱୀକୃତ କରିବା । ଜନ ସାଧାରଣଙ୍କର ଆଜି ଯେ ଚରମ ଦାରିଦ୍ର୍ୟ ରହିଛି ଅର୍ଥ ନୈତିକ ଏବଂ ଶିଳ୍ପାନୁଗତ ଜୀବନରେ ସ୍ୱଦେଶୀ ମନୋଭାବର ଦାରୁଣ ଅଭାବହିଁ ତାହାର ମୁଖ୍ୟ ହେତୁ । ଯଦି ଭାରତ ବାହାରୁ ଆଜି କୌଣସି ବାଣିଜ୍ୟ ପଣ୍ୟ ଆସୁ ନଥାନ୍ତା ତେବେ ଆଜି ଏ ଦେଶରେ ଦୁଧ ଓ ମହୁ ବହୁଥାନ୍ତା । କିନ୍ତୁ ତାହା ହେବାର ନୁହେଁ । ଆମେ ବଡ଼ ଲୋଭୀ ଏବଂ ଇଂଲଣ୍ଡ ମଧ୍ୟ ତଦନୁରୂପ । ଇଂଲଣ୍ଡ ଏବଂ ଭାରତ ମଧ୍ୟରେ ସମ୍ବନ୍ଧ ଗୋଟାଏ ସ୍ପଷ୍ଟ ଭ୍ରାନ୍ତି ଉପରେ ପ୍ରତିଷ୍ଠିତ । କିନ୍ତୁ ସେ ଆଜି ଭୁଲରେ ଭାରତ ବର୍ଷରେ ଅବସ୍ଥାନ କରୁନାହିଁ । ତାହାର ଏହା ଘୋଷିତ ନୀତି ଯେ ଭାରତ ତାର ନିଜ ଲୋକଙ୍କ ପାଇଁ ଗଚ୍ଛିତ ରହିବ । ଏହା ଯଦି ସତ୍ୟ ହୁଏ ତେବେ ଲଙ୍କାସାୟାର ଏ ଦେଶରୁ ଦୂର ହୋଇଯିବା ଉଚିତ । ଏବଂ ଯଦି ସ୍ୱଦେଶୀବାଦ ଗୋଟିଏ ମୌଳିକ ତଥ୍ୟ ହୋଇଥାଏ ତେବେ ଲଙ୍କାସାୟାର କ୍ଷତିରେ ଅପରାଧୀ ଗଲେ ମଧ୍ୟ ତାହା ଅନ୍ୟାୟ ହେବ ନାହିଁ । ଆମେ ସ୍ୱାମୀଙ୍କ ଭାବରେ ସାମନା ଚଳକ ଏଣିପାରିବେ ।

# କଥା ଓ ନଥା

ହାଇଦରାବାଦରେ ଅହେଙ୍କତା—ସଂବାଦ ।

···ଅନୈକ୍ୟମତ ହୋଇ ନାହିଁ ତ ?

\+ × ×

ତୃତୀୟ ମହାଯୁଦ୍ଧ ପାଇଁ ଅପେରଚାର ସଙ୍କେତ ହେବ—ଟ୍ରୁମାନ ।

···ପ୍ରଭୁ ମିଶନାରୀ ମଣ୍ଡଳୀକୁ ଛୁପିଥା ପନ୍ଥାର ସାଥି ଦେଲେରେ ।

× + ×

ଟ୍ରୁମାନଙ୍କ ଘୋଷଣା ଫଳରେ ଭାରତର ଅର୍ଥନୀତିର ଅମୂଳ ପରିବର୍ତ୍ତନ ଘଟିବ—ସମ୍ମୁଖମ୍ ଚେଟୀ ।

···ଗଛ ଉପରେ ଟଙ୍କା ନ ଫଳି ଗଛ ମୂଳରେ ଫଳିବଟି ?

× × +

ବସ୍ତର ରାଜ୍ୟକୁ ଶାସନ ବିଭାଗରୁ ଅଲଗା କରିବା ବିଷୟରେ ସରକାରଙ୍କ କୌଣସି ମତ ନାହିଁ—କାନନଗୋ ।

···ଅନିତ୍ୟ ସଂସାର—ନଳିନୀ—ଦଳଗତ ଜଳମପି ତରଳମ୍ ।

\+ + ×

କଟକ ବେତାର କେନ୍ଦ୍ର—ଅନୁଷ୍ଠାନିକ ନାମ ।

···ସର୍କିଟ ହାଉସ ପାଖରୁ ବିତରିତ ।

\+ × ×

ମାନ୍ଦ୍ରାଜରେ ଥିବା ଓଡ଼ିଆ ଅଞ୍ଚଳ ପାଇଁ ଓଡ଼ିଶା ଅସେମ୍ବ୍ଲିରେ ଦାବି—ସଂବାଦ ।

···ଘର କୋଣରେ···ଅଣେ ଅଣ ଦାବିକର ମିଶିଯାଏ ।

× × +

ନାରୀ ହରଣକାରୀଙ୍କୁ କଠିନ ଦଣ୍ଡ ଦିଆଯିବ ବୋଲି ପାକିସ୍ଥାନ ଓ ଭାରତ ଠିକ କରିଛନ୍ତି—ସଂବାଦ ।

···ସୀତା ହରଣ, ସୁଭଦ୍ରା ହରଣ, ସତ୍ୟଭାମା ହରଣ, ଚନ୍ଦ୍ରାବତୀ ହରଣ, ଆଉ ପୁଥିଙ୍କ କିଅଇନ ହେବ ?

× + +

ସାଧାରଣ ଶାନ୍ତି ରକ୍ଷା ଆଇନ ଧାର୍ଯ୍ୟ ହେଲା—ଓଡ଼ିଶା ଅଲ ସବୁ ସଂବାଦ--

···ଶାନ୍ତିର ଶିଆ ଅଇନ ହେଲା ।

\+ ÷ ×

ମୌଳିକ ଶିକ୍ଷା ଯୋଜନା ପ୍ରାଥମିକ ଶିକ୍ଷା ପାଇଁ ସରକାର ଗ୍ରହଣ କରିଛନ୍ତି—ଉତ୍ର, ଶିକ୍ଷାମନ୍ତ୍ରୀ ।

·· ତୁ ନାଥ ଧାତ୍ରୀ ଅଛ ତେ
ବୁଝିବାକୁ ତ ଲାଗରେ ।

× × +

ସମ ବାପୁ ନୁହନ୍ତି ଜନ୍ମଦିନ ବଢ଼ାଇବାକୁ ବ୍ୟାକୁଳ—କାନନଗୋ ।

···ବୁ ଛେତ୍ରେନ ପ୍ରତ୍ୟକ୍ଷ ?

\+ × ×

ଦେଲଭିନ ଶିତକାଳୀନ ଯନ୍ତ୍ର ଶିକ୍ଷା ଗ୍ରହଣ—ସଂବାଦ ।

··ପ୍ରାସ୍ତ୍ରିକାଳକୁ ତରଳି ଯିବ ନାହିଁ ତ ?

× × +

ବଂଶୀ ସବୁ ଅନେକ ଅଦାଳତର ସମୟ ହରଣ କଲା—ଉତ୍କଳ ସଂଘ

···ପିନଲ କୋଡରେ ଦଫା ଲଗାଇ ଦିଅ ।

\+ + ×

ବ୍ରହ୍ମ ପୁରରେ ନିର୍ଭୁଷଣ ଶାନ୍ତି ସବୁ—ସଂବାଦ ।

···କଟକରେ ତାଙ୍କ ଦାପୁଦ କାଙ୍ଗୋଡ଼ିଆ ତ ପ୍ରତ୍ୟକ୍ଷ ଶଣିଙ୍କ ଶାନ୍ତି କରିଛନ୍ତି ।

\+ + ×

ସରକାରୀ ଶାସନ କଳରେ କମିଉନିଷ୍ଟ ପଶିଲେ—ସଂବାଦ ।

···ଢୋଲ ଭିତରେ ମୂଷା ପଶିଲେ ।

× + +

ଶୋଷଣର ସୀମା କେଉଁଠାରେ ? ସମାଜ ସମ୍ପାଦକୀୟ ।

···ପୁଞ୍ଜିପତି ଓ ମନ୍ତ୍ରୀଙ୍କ ଟେଲିଫୋନ ମନ୍ଦିରେ ।

× + +

ଯେ କୌଣସି ଉପାୟରେ ଉତ୍ପାଦନ ବୃଦ୍ଧି କରିବା ଆମର ମତ ।—ଓଡ଼ିଶାର, ଶିଳ୍ପ ମନ୍ତ୍ରୀ ।

···ଉପାଦନ ଚାଲୁଥିବ, ତାଙ୍କର ଅପାଦନଟି ଚାଲୁଥିବ ।

× + +

ସୁତରାଂ ଦେଶ ବାହାରୁ ପୁଞ୍ଜିପତି ଆସିଲେ ଆମେ ଦ୍ୱିଧା କରିବୁ ନାହିଁ—ଶିଳ୍ପ ମନ୍ତ୍ରୀ କାନନଗୋ

···ନିଟଲ ନିଳେଜକୁ ଭାଗ୍ୟଶୀ ଯୋଗ··· ।

\+ + ×

ଓଡ଼ିଶା ଥିଏଟର୍ସ ନେକ୍ରୁମାଟି—ବିଜ୍ଞାପନ ।

···ନେତ୍ରାପ୍ରାଣେଟରଙ୍କ ବଥ ଅଚନରସନ ହୋଇ ଥିଲା କି ?

× × ×

ଆମର ରାଜ୍ୟ ସ୍ୱାନ୍ତି ତ—ଶେଖ ଅବଦୁଲ୍ଲା ।

···କ୍ଷଣାଙ୍କ ପରୋକ୍ଷ ମଧ୍ୟ ।

\+ + +

ଫଡ଼ିକଲା ଟେଉଥି ବିଷୟରେ ଆଲୋଚନା ପାଇଁ ସର୍ଦ୍ଦାର ପଟେଲ ପ୍ରଧାନ ମନ୍ତ୍ରୀଙ୍କୁ ଡାକିଛନ୍ତି—ସଂବାଦ ।

···ପ୍ରଧାନ ମନ୍ତ୍ରୀ ମୁହଁରେ ଷଟେଇ ଭଲା ମାରିଯିବ କି ?

\+ + +

ମହାଶ୍ୱରରେ ରାଜା ରହିବେ ବୋଲି ସେଠା କଂଗ୍ରେସ ଠିକ କରିଛି—ସଂବାଦ ।

···ମହାତ୍ମା ଦେବତା ହେଂସା ନର ତୁରୋଣି ତପୁନ୍ତ ।

× ÷ ×

ଶ୍ରୀ ଦୀନବନ୍ଧୁ ସାହୁ [ କଟକ ଓକିଲ ]ଙ୍କ ପ୍ରତିବାଦ—ସମାଜ ଦେଖି ଲଇନ ।

···ସେ ଆଉ ଦୀନବନ୍ଧୁ ରହିବେ ନାହିଁ ।

× × ×

ଗାନ୍ଧିଜୀଙ୍କ ପ୍ରଦର୍ଶିତ ପନ୍ଥା ନିଷ୍ଠାର ସହିତ ଅନୁସରଣ କର—ଶ୍ରୀ ବିନୋବା ଭାବେ ।

···ଓଡ଼ିଶା ସରକାରଙ୍କ ବ୍ୟାପାର ଲଗୁଅଛି ।

\+ ÷ +

ପ୍ରଧାନ ମନ୍ତ୍ରୀଙ୍କ ଆଦର୍ଶକୁ ଭାରତରେ ପରିଣତ କରିବା—ସମ୍ମୁଖମ ଚେଟ୍ଟି ।

···ତେଣୁ ଯୋର ପ୍ରଭୁ ମୁଁ ତାଙ୍କ ନେଇଁ । [ ଦାସୀ ]

÷ × +

ଶ୍ରୀ ନିଯୋଗୀ କେନ୍ଦ୍ରରୁ ଇସ୍ତଫା ଦେବେ—ସଂବାଦ ।

ବାନସ୍ଥାଗୀ ହେବେ ?

\+ × +

Digitized by srujanika@gmail.com

ମଜା କବିତା:—

## ହାୟ୍ ସିଗାରେଟ୍ ବଢ଼ିଗଲା ତୋର ଦାମ

ଭାରତ ପାର୍ଲିମେଣ୍ଟ
ଅର୍ଥ-ସଚିବ ଚଳିତ ବର୍ଷର ପେଶ୍ କଲେ ବଜେଟ୍ ।
'ଟୋବାକୋ' ଉପରେ 'ଡିଉଟି' ଚଢ଼ିବ ଶୁଣିଲେ ଶ୍ରୀ ସମ୍ପୂର୍ଣ୍ଣମ୍,
ବୃଥା ନ ପାରୁଣୁ ହାୟ୍ ସିଗ୍ରେଟ୍ ବଢ଼ିଗଲା ତୋର ଦାମ୍ ।
ଯୁକ୍ତି ବାଢ଼ିଲେ ଅର୍ଥ-ସଚିବ ଏମା ବଡ଼ଲୋକ ନିଶା,
ଦେଖିଲେ ନାହିଁ ତ କ୍ଷମା ହୋଇଛି ଆଜି ଗଣ ତନ୍ତ୍ରର ଦଶା ।
ସିଗାରେଟ୍ ଖାଏ ଅମଲା ଓକିଲ ଖାଏ ସମ୍ବାଦ-ଦାତା,
ସିଗାରେଟ୍ ବିନା ସଂପାଦକଙ୍କ ନୁଇଁବେନି ନୋଟ ଖାତା ।
ଲେଖକ ଭାବୁକ, କବି ସଇନିକ, ଛାତ୍ରଙ୍କ କଥା ଛାଡ଼,
କମ୍ରେଡ଼ଙ୍କର ସବୁଠାରୁ ବଳି ବେଶି ଏ ନିଶାରେ ମାଡ଼ ।
ସିଗ୍ରେଟ୍ ଖାଏ ବେକାର ଛାତ୍ର, ଖାଏ ସାଧୁ ନାଗରିକ,
ମୋଟ ଉପରେ ସିଗ୍ରେଟ୍ ଆଜି ପ୍ରଗତିର ପ୍ରତୀକ ।
ସବୁ ଦଳ ସବୁ ଗୋଷ୍ଠୀର ଏଇ ସମୂହ ସ୍ୱାର୍ଥ ନାଶ,
କରି ନାହାନ୍ତିକି ଅର୍ଥ-ସଚିବ କରାଇ ବଜେଟ ପାଶ ।
ଉଇଲ୍ସ—କମ୍ପାନି-ଏଜେଣ୍ଟ ମିଷ୍ଟାର ଦତ୍ତ-ମଜୁମଦାର
କହିଲେ ସେଦିନ—କଟକ ସହରେ ସିଗ୍ରେଟ୍- ବିକ୍ରୀ-ହାର ।
ପାଞ୍ଚ ବରଷେ ପନ୍ଦର ଗୁଣ ବଢ଼ିଛି—ଯେବେ ଏ କଥା,
ସତ ହୋଇଥାଏ, ଗଣତନ୍ତ୍ରର କଟିଛି ଯାଇଛି ମଥା ।
ସବୁଥିଁ ଠାରୁ ହୋଇଥିଲା ବେଶି ଲୋକପ୍ରିୟ ଯେଉଁ ଧୂଆଁ,
ଏ ଦେଶର ଲୋକପ୍ରିୟ ସରକାର ତା ମୁହେଁ ଦେଇଛି ଶଆଁ ।
ଏ ଅନୀତି ବରଦାସ୍ତ,
କରିବ ପାରିବ ଲୋକ-ଭୋଟେ-ଗଢ଼ା ଭାରତ ଯୁକ୍ତରାଷ୍ଟ୍ର,
ଯେ ଜାତି ତାହାର ମର୍ଦ୍ଦା ମାନବଙ୍କୁ କରିପାରେ ହେଲେ ବଧ,
ସେ ଆଜି ଜରୁର୍ କରିବ ଏହାର ସକ୍ରିୟ ପ୍ରତିରୋଧ ।
ଭାରତର କୋଟି ସିଗ୍ରେଟ୍-ସେବୀ ହୋଇ ଆଜି ଏକ-ସ୍ୱର,
ବଜ୍ର-ନିନାଦେ ସ୍ଲୋଗାନ୍ ଛାଡ଼ ହେ—କମୁ ସିଗ୍ରେଟ୍ ଦର ।
ଆସ କମ୍ୟୁନିଷ୍ଟ, ରାଷ୍ଟ୍ରୀୟ-ସଂଘ, ନିଅବାରେ ନେତୃତ୍ୱ,
ଏ ଦେଶ ଉପରୁ ଏ ସରକାରରୁ ଘୁଞ୍ଚାଅ କର୍ତ୍ତୃତ୍ୱ ।
( ହେ ) ଧୂମ୍ର—ପାୟୀର ଦଳ,
ଧର୍ମ ଘଟର ଧମକେ ଅଚଳ କରାଅ ଶାସନ କଳ ।
ଗୃହଜଳର ଦର ବଢ଼ିଥିଲା ବେଳେ ଦେଖାଇ ଥିଲ ଯେ ଖେଳ,
ସିଗ୍ରେଟ୍ ଲାଗି ଆସିଅଛି ଆଜି ଆଉଥରେ ସେଇ ବେଳ ।
ଜନତାର ଦାବି ହାସଲ ପାଇଁ ହେ ବଜାଅ ପାଞ୍ଚଜନ୍ୟ
ସିଗ୍ରେଟ୍ ଦର କମାଇ କର ଏ ଦେଶ ଓ ଜାତିକୁ ଧନ୍ୟ ।
ଦୂର ହେଉ ଅବସାଦ,
ଫୁଟି ଉଠୁ କୋଟି ବିପ୍ଳବୀ ମୁହେଁ—ସିଗ୍ରେଟ୍ ଜିନ୍ଦାବାଦ ॥

ଲେ:— ଶ୍ରୀ ଗୋପାଳ ହୋତରାୟ

—※—

କବିତା—

## ଜୀନ୍ନା

ଜନମେ ଦେଖିଛ ଜୀନ୍ନା;
ସେ' ଦିନର ନୂଆ ସୂର୍ଯ୍ୟୋଦୟ,
ମୁକ୍ତିର ଆରମ୍ଭ ଯାମେ
ଭାରତର ଅମର ବିଜୟ ।
କରିଛ ସ୍ୱାକ୍ଷର ତମେ,
ମୁକ୍ତିର ଇସ୍ତାହାର-ବୁକେ ।
ତଥାପି ଜଳାଅ ନାହିଁ
ଏ' ଦେଶର କୋଟି ହିନ୍ଦୁ ମୁଖେ ?
ଜାଣିଛ ଜାଣିଛ ତମେ,
ହିନ୍ଦୁ ହୃଦ ଲୋହିତ ନିକଷ,
ପୁରାତନ ଯୁଗେ କେତେ
ଭଜାଇଛ ମାଗଧ-ସୈନିକ ।
ଶୁଣିଛ ବାଦଶା' ଯୁଗେ
ମମତାଜ କବରରେ ଭେଟି ।
ଦେଇଥିଲେ କୋଟିହିନ୍ଦୁ
ନିଜ ଲହୁ ବୁକୁତଳ କାଟି ।
ସେଇ ବୀର ହିନ୍ଦୁ ରକ୍ତେ
ଯୁଗ-ଯୁଗ ଇସ୍ଲାମ ମାନ,
ଆଜି କି ହେ ରକ୍ତେ ତମେ
ଦେଉଅଛ ତା'ର ପ୍ରତିଦାନ ?
ଲୋହିତ ଏ' ଦେଶବକ୍ଷ
ଜଳେ ଚିତା ଶମଶାନେ ଘୋର ।
ମାଡ଼ି ଆସେ ଅଂଧକାର,
ଭୟଙ୍କର, ମହା ଭୟଙ୍କର ।
"ହାୟ-ହାୟ" ଶବ୍ଦେ ଖାଲି
ମୁଖରିତ ଦେଶବକ୍ଷ ସାରା ।
ବନ୍ଦ କର, ବନ୍ଦ କର—
ଏବେ ଜୀନ୍ନା, ଧ୍ୱଂସର ଇସାରା ।
ପାକିସ୍ତାନ ଦେବତା ହେ;
ଗୃହ୍ନିଁ ଟଙ୍କ ରକ୍ତର ଅଛି ?
ରକ୍ତ ଲୋଭେ-ମାଂସ ଲୋଭେ
ଧରିଅଛ ଧ୍ୱଂସର ମୂରତି ?
ମୁକ୍ତିର ଆରଂଭ ଯାମେ
ବନ୍ଦକର ହିଂସ୍ର ବର୍ବରତା,
ଗାଇଯାଅ—"ହିନ୍ଦୁସ୍ଥାନ—
ପାକିସ୍ଥାନ" ଜୟ ଦୁଇମାତା ।
ତେବେ ଯାଇଁ ଜୀନ୍ନା ତମ—
ନାମପଟରେ ଫୁଟିବ ମହତ୍ତ୍ୱ,
ଦେବତାର ରୂପେ ତମେ—
ଯିବ ପାଇ ଚିର ଅମରତ୍ୱ ।

ଲେ:—ଯଦୁନାଥ ଦାସ ମହାପାତ୍ର ।

Digitized by srujanika@gmail.com




## 'ଜୟଦେବ' ଓଡ଼ିଆ ନୁହନ୍ତି ?

ଗତ କେତେ ଦିନ ତଳେ କଟକର 'ମାଜେଷ୍ଟିକ' ସିନେମାହଲରେ 'ଗୀତ-ଗୋବିନ୍ଦ' ଶବ୍ଦଚିତ୍ର ମୁକ୍ତିଲାଭ କଲା—ବିଖ୍ୟାତ ଶବ୍ଦଚିତ୍ର ଶିଳ୍ପୀ କାନୁ ଦେଶାଇଙ୍କର ଏହା ପ୍ରଥମ ଅବଦାନ ।

ଶବ୍ଦଚିତ୍ରଟି ଏହିପରି—

ପୁରୀ ମନ୍ଦିରରେ ଆରତି ହେଉଛି ଓ ଦେବଦାସୀ ଗଣ ନୃତ୍ୟ କରୁଛନ୍ତି । ଆରତି ପରେ ଲୋକଙ୍କ ଭିଡ଼ କମିଗଲା ଓ ଭୀଷଣ ବର୍ଷା ହେଲା । ବର୍ଷା ହେଲେ ଆଶ୍ରୟ ନେବାପାଇଁ ଜୟଦେବ ମନ୍ଦିର ଭିତରକୁ ପଶି ଆସିଲେ, ସେ ସମୟରେ ସେଠାରେ ବଡ଼ପଣ୍ଡା ଓ ତାଙ୍କର ଝିଅ ପଦ୍ମା ଉପସ୍ଥିତ ଥିଲେ । ବଡପଣ୍ଡା ବଡ ଚିନ୍ତିତ ଜଣାପଡୁଥିଲେ କାରଣ ରାଜମନ୍ତ୍ରୀଙ୍କ ଆଦେଶ ଥିଲା ଯେ ତାଙ୍କ ଝିଅ ଦେବଦାସୀ ହେବାକୁ ବାଧ୍ୟ—ଜୟଦେବ ପଦ୍ମାଙ୍କୁ ଦେଖିବା ମାତ୍ରେ ପରସ୍ପର ପରସ୍ପର ପ୍ରତି ଆକୃଷ୍ଟ ହୋଇ ପଡ଼ିଲେ ଓ ତାଙ୍କ ମଧ୍ୟରେ ପ୍ରେମ ଜାତ ହୋଇଥିଲା । ଏହାଦେଖି ବଡ଼ପଣ୍ଡା ଆଶ୍ୱସ୍ତ ହେଲେ ଓ ଜୟଦେବଙ୍କୁ ନିଜଘରେ ରଖିଲେ । ରାଜମନ୍ତ୍ରୀ ଏଥିରେ ଅଧିକ ରାଗିଗଲେ ଓ ବଡ଼ପଣ୍ଡାଙ୍କୁ ତାଙ୍କ ଦୋଷ ପାଇଁ ଗୋଇଠିଲେ ଚୋଇ ମାରି ଦେବାକୁ ଆଦେଶ ଦେଲେ । ଠିକ୍ ସମୟରେ ଜୟଦେବ ମର୍ମାହତ ହୋଇ ରଥର ସମ୍ମୁଖରେ 'ଦଶାବ-ତାର' ଗାନ କଲେ । ଗୀତର ସଙ୍ଗେ ସଙ୍ଗେ ଜଗନ୍ନାଥ ମଧ୍ୟ ତାଙ୍କର ଅବତାର ମାନ ଦେଖାଇଲେ । ଏହି ଦୃଶ୍ୟ ଦେଖି ବଡପଣ୍ଡା ମୂର୍ଚ୍ଛା ଗଲେ ଓ ପ୍ରାଣ ତ୍ୟାଗ କଲେ । ତା ପରେ ଜୟଦେବ ଓ ପଦ୍ମାଙ୍କୁ ମନ୍ତ୍ରୀଙ୍କ କଠିନ ଆଦେଶରେ ରାଜ୍ୟଛାଡ଼ି ଚାଲି ଯିବାକୁ ପଡ଼ିଲା ଓ ଜୟଦେବ ପଦ୍ମାଙ୍କୁ ନେଇ ନିଜର ଜନ୍ମସ୍ଥାନ ବଙ୍ଗ ପ୍ରଦେଶର ନବଦ୍ୱୀପସ୍ଥିତ 'କେନ୍ଦୁଲି' ଗ୍ରାମକୁ ଫେରି ଆସିଲେ । କିନ୍ତୁ ସେଠାରେ ତାଙ୍କୁ ଭୂମିସ୍ପର୍ଶ କରିବାକୁ ମନା କରାଗଲା । ସେମାନେ ଯାଇ ରାଜ୍ୟ ବାହାରେ ହରିଜନ ମାନଙ୍କ ଗାଁ ପାଖରେ ଘର କୁଡ଼ିଆ କରି ରହିଲେ ଓ 'କୃଷ୍ଣପ୍ରେମ'ର ପ୍ରଚାର କରିବା ଆରମ୍ଭ କଲେ । କ୍ରମେ ଜୟଦେବ ଖ୍ୟାତି ବଢିବାକୁ ଲାଗିଲା ଓ ବଙ୍ଗାଧିପତି ଲକ୍ଷ୍ମଣ ସେନ୍ ତାଙ୍କୁ ଫେରାଇ ଆଣିବାକୁ ଚେଷ୍ଟାକଲେ । ମନ୍ତ୍ରୀଙ୍କ ଷଡ଼ଯନ୍ତ୍ର ଫଳରେ ଜୟଦେବ ଅନ୍ଧ ହେଲେ ଓ ପଦ୍ମାଙ୍କୁ ଦସ୍ୟୁମାନେ ନେଇ ଯାଇଥିଲେ । ପରେ ରାଜାଙ୍କ ସୈନ୍ୟ ଗଣ ଏମାନଙ୍କୁ ପାଇ ଫେରାଇ ଆଣିଲେ । ଜୟଦେବ ବଙ୍ଗାଧି-ପତି, ଲକ୍ଷ୍ମଣ ସେନଙ୍କ ଦରବାରରେ 'ରାଜକବି' ହୋଇ ରହିଲେ ଓ 'ଗୀତ ଗୋବିନ୍ଦ' ଲେଖା ଆରମ୍ଭ କଲେ । ପଦ୍ମାଙ୍କ ପ୍ରେରଣାରେ ଲେଖାର ଗତି ବଢିଚାଲିଲା । ଜୟଦେବଙ୍କ ଅସୀମ ଶକ୍ତି ଦେଖି ବଙ୍ଗାଧିପତି ଲକ୍ଷ୍ମଣ ସେନଙ୍କ କନ୍ୟାଙ୍କର କବିଙ୍କପ୍ରତି ପ୍ରେମଭାବ ଜାତ ହୋଇଥିଲା, କିନ୍ତୁ ପରେ ସେ ନିରାଶ ହୋଇ ଥିଲେ ।

ଜୟଦେବ 'ଗୀତ ଗୋବିନ୍ଦ' ସମାପ୍ତି ସଙ୍ଗେ ସଙ୍ଗେ ରାଜାଙ୍କ 'ଗୀତ ଗୋବିନ୍ଦ'ର ମଧ୍ୟ ଲେଖା ସରିଥିଲା କିନ୍ତୁ ପରି ଶେଷରେ ଜୟଦେବଙ୍କ ଗୀତ ଗୋବିନ୍ଦ ଉତ୍କୃଷ୍ଟ ଓ ପ୍ରକୃତ ବୋଲି ସ୍ୱୟଂ ଜଗନ୍ନାଥ ତାହା ଗ୍ରହଣ କଲେ । ଜୟଦେବଙ୍କ କବିତା ଲେଖିବା ସଙ୍ଗେ ସଙ୍ଗେ ଆଉ ଅନେକ ଦୈବୀ ଶକ୍ତି ମାନ ମଧ୍ୟଥିଲା । କବିତା ଦ୍ୱାରା ଦୁର୍ଭିକ୍ଷ ସମୟରେ ବର୍ଷା କରାଇ ପାରି ଥିଲେ ଓ ପଦ୍ମାଙ୍କ ମୃତ ଶରୀରରେ ଜୀବନ ଆଣାଇ ପାରିଥିଲେ ।

ଶବ୍ଦଚିତ୍ରଟିର ଆରମ୍ଭରେ ପୁରୀମନ୍ଦିରର ଓ ରଥଯାତ୍ରାର ପ୍ରକୃତ ଦୃଶ୍ୟ ଗୁଡ଼ିଏ ଦେଖି ଖୁବ୍ ଭଲ ଲାଗିଲା କିନ୍ତୁ ପରେ ପୁରୀମନ୍ଦିର ଭିତରର ଓ ରଥଯାତ୍ରାର ଦୃଶ୍ୟଗୁଡ଼ିକ 'ସେଟ୍'ରେ କରାଯାଇ ଥିବାରୁ ଦେଶୀ ଆକର୍ଷଣ ଆଣାଇ ପାରିଲାନାହିଁ । ମନ୍ଦିରର ଭିତରର ଦୃଶ୍ୟଗୁଡ଼ିକ ଯଦିଓ ଖୁବ୍ ସୁନ୍ଦର କାରୁକାର୍ଯରେ ପୂର୍ଣ୍ଣ କରା ଯାଇଛି ତଥାପି ସେ ଗୁଡ଼ିକ ପ୍ରାଚୀନ ଉତ୍କଳୀୟ କଳା ବା ପୁରୀ ମନ୍ଦିର ଭିତରର ପ୍ରକୃତ ଚିତ୍ର ପରି ନୁହେଁ ।

ରଥର 'ସେଟ୍'ଟି ଆଦୌ ଭଲ ହୋଇ-ନାହିଁ ଯେହେତୁ ତାହା ଖୁବ୍ ଛୋଟ ଦେଖା ଯାଉଅଛି । ତା ଛଡା ରଥର ପ୍ରକୃତ ସାଜସଜ୍ଜା ନାହିଁ । ରଥ ଆଗର ସିଡ଼ିଟା ଠିକ୍ କୋଠା ମରାମତି ସମୟର ବାଉଁଶ ଭାଡ଼ି ପରି ଦିଶୁଛି ।

ତା ପରେ ମୂର୍ତ୍ତି । ପୁରୀମନ୍ଦିରର ପ୍ରକୃତ ମୂର୍ତ୍ତି ବିଷୟରେ ନିର୍ମାତାଙ୍କର ଧାରଣା ଅଛି କି ନା ଜଣା ପଡ଼ୁନାହିଁ, ଯେହେତୁ ଚିତ୍ରସ୍ଥିତ

ନିର୍ମାତା— କାନୁ ଦେଶାଇ ।
ନିର୍ଦ୍ଦେଶକ— ରାମଚନ୍ଦ୍ର ଠାକୁର ।
କଳା ନିର୍ଦ୍ଦେଶକ— କାନୁ ଦେଶାଇ ।
ଧ୍ୱନି— ଇନ୍ଦ୍ରବାଦନ ଦେଶାଇ ।
ଫଟୋଗ୍ରାଫୀ— ନାନ୍ଦିରଭାଇ ଭଟ୍ଟ ।
ସଙ୍ଗୀତ— ପଣ୍ଡିତ ଇନ୍ଦ୍ର ଏବଂ ବାଲମ୍ ।
କଥା ଓ ସମ୍ବାଦ— "ସାଗର ପାଣି" ।
ସଙ୍ଗୀତ ପରିଚାଳନା—ଜ୍ଞାନ ଦତ୍ତ
ନୃତ୍ୟ ପରିଚାଳନା— ସଚୀନ୍ ଶଙ୍କର ।
ନିର୍ମାଣ ପରିଚାଳକ—ଶାନ୍ତିଲାଲ ଉପାଧ୍ୟା

—ଭୂମିକାରେ—

ପ୍ରେମ ଅଦିବ, ଲୀଲା ଦେଶାଇ, ସୁଲୋଚନା ଚାଟାର୍ଜ୍ଜି, ଡେଭିଡ୍ ଭଗବାନ ଦାସ ପ୍ରଭୃତି ।

Digitized by srujanika@gmail.com

ମୂର୍ତ୍ତି ଗୁଡ଼ିକ ଠିକ୍ କରିବାରେ ଏଣ୍ଣ ଛୋଟ ଛୋଟ ହୋଇଛି ।

ପ୍ରାୟ ସମୁଦାୟ ବିଷୟଟି ଓଡ଼ିଶା ଭିତରେ ଘଟଣା—କିନ୍ତୁ ନିର୍ମାତାଙ୍କର ସେ ବିଷୟରେ ବେଶୀ ଦୃଷ୍ଟି ଥିଲା ପରି ଜଣା ପଡ଼ିଲାନି । ଓଡ଼ିଶାର ଗ୍ରାମ୍ୟଦୃଶ୍ୟ, ଓଡ଼ିଆ ଗୃହଲକ୍ଷଣ ପ୍ରଭୃତି ଓଡ଼ିଶୀ ପ୍ରକାରରେ ଦେଖାଇ ଥିଲେ ଅଧିକ ଭଲ ହୋଇଥାନ୍ତା ।

ନିର୍ମାତା ମହାଶୟ ଓଡ଼ିଶାରେ ରାଜରାଣୀୟ ବଳଦଗାଡ଼ି କେଉଁଠୁ ପାଇଲେ କେଜାଣି ?

ନିର୍ମାତା ମହାଶୟ ଟ୍ରିକ୍ ଚେଷ୍ଟାକର ଚିତ୍ରଟିକୁ ସଫଳ କରାଇବାକୁ ଚେଷ୍ଟା କରିଛନ୍ତି । ଚିତ୍ରଟି ସଙ୍ଗୀତ ଓ କଳା ବିଷୟରେ ଉଚ୍ଚ ଧରଣର ମଧ୍ୟ ହୋଇଛି, କିନ୍ତୁ ପ୍ରତ୍ୟେକ ଦୃଶ୍ୟର ଅଧିକାଂଶ ସମୟରେ କାନୁଦେଵୀଙ୍କ ଚିତ୍ର ନିପୁଣତା ଦେଖାଇବା ପାଇଁ କ୍ୟାମେରା ଘୁରିଯାଇ ଥିବାରୁ ବିଷୟଟିର କ୍ରମଉପରେ ଖୁବ୍ ବାଧା ଆସିଛି । ପ୍ରେମ ଅଦିବଙ୍କର 'ଜୟଦେବ' ଅଭିନୟ ଓ ତେଭେଡ଼ଙ୍କର ରାଜମନ୍ତ୍ରୀ ଅଭିନୟ ଟିକିଏ ମାତ୍ରା ଧରଣର ହୋଇଛି—ପଦ୍ମା ପାର୍ଟ କରିବାକୁ ଯାଇ ସେ ଅଭିନୟ ସରସତା ଆଣି ପାରିଥିଲେ ଭଲ ହୋଇଥାନ୍ତା । ଚିତ୍ରଟିରେ ଜୟଦେବଙ୍କ ଅନ୍ତରଙ୍ଗ ବନ୍ଧୁ ପରାଶରଙ୍କୁ କେବଳ ମୁହୂର୍ତ୍ତ ପାଇଁ ଦେଖିବାକୁ ମିଳିଲା । ପରାଶରଙ୍କ ଚରିତ୍ରକୁ ଅଭିନୟ ଟିକିଏ ଗଭୀରତା ଦେଇ ଥିଲେ ଭଲ ହୋଇଥାନ୍ତା ।

ଫଟୋଗ୍ରାଫୀ ମନୋହର । ଗୋଟିଏ ଦୃଶ୍ୟରେ ରାଜକେମା ଦୌଡ଼ି ଆସିବା ବେଳକୁ ଗୋଟିଏ ପାହାଚ ଯୋରରେ ହଲି ଯିବାର ପରିଷ୍କାର ଭାବରେ ଜଣା ପଡ଼ୁଛି । ଏ ଭୁଲଟାକୁ ସହଜରେ ସଜାଡ଼ି ହୋଇଥାନ୍ତା ।

ଭିଏ ଗଲ୍ପ ଚିତ୍ରର କଥା—ଚିତ୍ରଶିଳ୍ପୀ ହିସାବରେ କାନୁଦେଵୀ ଜନସାଧାରଣଙ୍କର ଖୁବ୍ ହିତସାଧନ କରିଛନ୍ତି । ଜୟଦେବଙ୍କ ଜୀବନୀ ଦେଖାଇବା ସଙ୍ଗେ ସଙ୍ଗେ ଆଧ୍ୟାତ୍ମିକ ଓ ସାମାଜିକ ଉନ୍ନତିର ପ୍ରଚୁର କରାଇଛନ୍ତି । କୃଷ୍ଣ ପ୍ରେମ ଓ ହରିଜନ ସ୍ପର୍ଶ ଶିଖାଇଛନ୍ତି

କିନ୍ତୁ ଜୟଦେବଙ୍କୁ 'ବଙ୍ଗାଳୀ' ବୋଲି ଦେଖାଇ ଭୁଲ୍ କରି ନାହାନ୍ତି କି ? କେତେଦିନ ଆଗରୁ ଠିକ୍ ସେହିପରି 'ଜୟଦେବ' ନାମରେ ଗୋଟିଏ ବଙ୍ଗଳା ଚିତ୍ର ମଧ୍ୟ ପ୍ରକାଶ କରାଯାଇ ଥିଲା । ଏଥିରୁ ପରିଷ୍କାର ଭାବରେ ଜଣା ପଡ଼ୁଛି ଯେ କାନୁଦେଵୀଙ୍କୁ ବିଷୟବସ୍ତୁ ପ୍ରସ୍ତୁତ କରିବାରୁ କୌଣସି ବଙ୍ଗାଳୀ ଭଦ୍ରଲୋକ ନିଶ୍ଚୟ ସାହାଯ୍ୟ କରିଛନ୍ତି । ଦେଶର ଏପରି ରାଜ-ନୈତିକ ଦୁଃସ୍ଥିତିରେ ପ୍ରାଦେଶିକ ଭାବ ବଢ଼ାଇବାରେ ଏ ଚିତ୍ରଟି ଖୁବ୍ ସାହାଯ୍ୟ କରିବନି କି ?

ଜୟଦେବଙ୍କ ଜୀବନୀ ଚରିତ ଭକ୍ତି ରସାତ୍ମକ ହେଲେ ମଧ୍ୟ ଐତିହାସିକ । ଜୟଦେବ ଯେ ଓଡ଼ିଆ, କେନ୍ଦୁଲି ଗାଁ ଯେ ପୁରୀ ଜିଲ୍ଲାରେ ବର୍ତ୍ତମାନ ସୁଦ୍ଧା ଅଛି ଏ ବିଷୟରେ କୌଣସି ଓଡ଼ିଆକୁ ଚିହ୍ନାଇବାକୁ ଦରକାର ନାହିଁ ।

ବୈଦେଶୀକ ଚିତ୍ରନିର୍ମାତା ମାନେ କୌଣସି ଚିତ୍ରର ପ୍ରକାଶ ପୂର୍ବରୁ ତାହାର ବିଷୟବସ୍ତୁ ଯୋଗାଡ଼ କରିବା ପାଇଁ ପ୍ରତ୍ୟେକ ପ୍ରକାର କଷ୍ଟସ୍ୱୀକାର କରୁଥିଲେହେଁ ଆମର ଭାରତୀୟ ନିର୍ମାତା ମାନେ ସେ ବିଷୟକୁ ଉପେକ୍ଷା କରୁଛନ୍ତି, ଅତି ଦୁଃଖର କଥା । ଇତିହାସକୁ ଭୁଲ ଭାବରେ ପ୍ରକାଶ ନକରି ଦର୍ଶକମାନଙ୍କୁ ଅନ୍ଧ କରି ଦେଉନାହାନ୍ତି କି ? ବର୍ତ୍ତମାନ ସଭ୍ୟ ଜଗତ ଚଳଚ୍ଚିତ୍ରକୁ 'ଶିକ୍ଷା'ର ପ୍ରଧାନ ପ୍ରଣାଳୀ କରୁଥିବା ସମୟରେ ନିର୍ମାତା ମହାଶୟ ନିଜର ଗୋଟିଏ ଉଦାହରଣ ଦେଲେନି କି ?

ଜୟଦେବ ଯେ ଓଡ଼ିଆ ଏଥିା ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି । ନାଭାଜୀ ରଚିତ 'ଭକ୍ତମାଳା'ର ପଦ୍ୟାଂଶଟି ତାହାର ଗୋଟିଏ ପ୍ରମାଣ ।

ଜଗନ୍ନାଥ ପୁରୀ ପ୍ରାନ୍ତେ
ଦେଶେ ଚୈବୋତ୍କଳାଭିଧେ ।
କେନ୍ଦୁବିଲ୍ୱ ଇତି ଖ୍ୟାତଃ
ଗ୍ରାମୋ ବ୍ରାହ୍ମଣ ସଂକୁଳଃ ।
ତତ୍ରୋତ୍କଲୋ ଦ୍ୱିଜୋ ଜାତୋ
ଜୟଦେବ ଇତିଶ୍ରୁତଃ ।

[illegible]

ପୁରୁଷୋତ୍ତମ ମୁଣ୍ଡକାର ।
(ଭକ୍ତମାଳା ଗ୍ରନ୍ଥ)

ମୁଁ ଏ ବିଷୟରେ ଆପଣଙ୍କ ପତ୍ରିକା ମାନଙ୍କୁ ଲେଖୁଛି । କୌଣସି ପାଠକ ପାଠିକା ପ୍ରମାଣ ସହ 'ଜୟଦେବଙ୍କ ଜୀବନ ଚରିତ' 'ଝଙ୍କାର' ସମ୍ପାଦକଙ୍କ ନିକଟରେ ପଠାଇ ଜନତାକୁ ସତ୍ୟ ଜଣାଇବେ କି ?

(ଝଙ୍କାର ଗୃଷ୍ମ ଉତ୍ତରୁ)

ବାଳୁଆ ଭୂଇଁ ... ଏ ଚନ୍ଦ୍ରଓଳ ପଦ୍ମଅପୂଅ...”

ସୁରେଶ ବାଟରେ ଆସି ଦେଖେ ଯେ କେତେ କେଳେ ସିଗାରେଟ୍ ଗୁଳା ମନ୍ଦ-ଛାର ସିଲ୍କ ଟାଇଠାରୁ ଅଧେ ଅଭି... ଅଦି ପଞ୍ଜାବୀଠାରୁ ଅଧେ ଛୋଡ଼ ଯାଇଛି... ସେ ଏକା ମୁହାଁ ହୋଇ ଦିଶା ଅଢ଼କୁ ଛୁଟିଲା · କାଫିଠାରୁ ସିନେମା ଓଡ଼ିଆ ରେକର୍ଡ଼ଟା ସେତେବେଳେ ବାଜି ଉଠିଲା "ସେକ ସହଜେ ମିଳିବା ଧନରେ ...

ଅଭିଦିନେ ସୁରେଶ ଶାନ୍ତା ଦେବୀଙ୍କ ସଙ୍ଗରେ ଏଗିନ... ତାର ସବୁ ପରିଶ୍ରମ ବୃଥା ଯେ ବର୍ତ୍ତମାନ ହତାଶ... କିନ୍ତୁ ସେ ଆଧୁନିକ ଯୁଗର ଯୁବକମାନ ( yong man ) ଛାତ୍ର କିମ୍ବା ହତାଶ ହେଲା ତା କାରବାର ନାହିଁ... ଅଜି ସୁଦ୍ଧା ଗର୍ବ କରି କହେ ସେ· 'ଦିନେ ହେଲେ ତା' ଲଭ୍ ପ୍ଲାନ୍‌ଟା କାର୍ଯ୍ୟ-କାରୀ ଲଗିବ—ଅବଶ୍ୟ ନୂଆ ପ୍ରକାର ଯୋଜନା ଦେଇ । ତାର ହତାଶ ଜୀବନକୁ ଧରସ କରିବା ପାଇଁ—ଆଧୁନିକ୍ ଯୁଗର ମାନ ରଖିବା ପାଇଁ ପାଠକ ପାଠିକାଙ୍କ ଠାରୁ ସତ୍ୟ ଧାଇଡ୍ ସାଇଣ୍ଟିଫିକ୍ ଯୋଜନା C/o ସମ୍ପାଦକ ଝଙ୍କାର କିମ୍ବା ହତାଶ ପ୍ରେମିକ ତା ଉଦାପଏଣ୍ଡେଡ଼ ଲଭର୍... ଫୁଲସ ପାରାଡାଇଜ ( fools paradise ) ଠିକଣାରେ ଉପଯୁକ୍ତ ପୁରସ୍କାର ସହିତ, ସାଦରେ ଗ୍ରହଣ କରାଯିବ... ।

—*—

( ବି: ଦ୍ର:—ବିଷୟ ବସ୍ତୁ ସମ୍ପୂର୍ଣ୍ଣ କାଳ୍ପନିକ, ଅଣାବନ୍ତୁ ପାଠ ପାଠିକା ନିଜର ପ୍ରତିବିମ୍ବ ଦେଖି ଚମକ ଦେବେ )

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ଜାତୀୟତାବୋଧ ଜଗାଇବା, ଉଦାର ପରିସର ବଢ଼ାଇବା ଶିଶୁମାନଙ୍କର ଦୈହିକ ଓ ସର୍ବାଙ୍ଗୀଣ ଉନ୍ନତି ସାଧନା କରିବା । ୨ । 'ଉତ୍କଳ'ର ମଧ୍ୟଦେଇ ଦେଶବିଦେଶର ଶିଶୁ ଓ ଛାତ୍ରମାନଙ୍କ ମଧ୍ୟରେ ମୈତ୍ରୀ ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହାସ ଦ୍ୱାରା ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ଉଣା ବାଳକ ବାଳିକା ମାନଙ୍କ ପାଇଁ)

## ସହୀଦ ଜୀବନୀ (୧୭)

### ୰ ବିଶ୍ୱନାଥ ଦାସ

ଆଜି ଭାରତବାସୀ ଭାଇମାନେ ସ୍ୱାଧୀନତା ଗୌରବରେ ମଣ୍ଡିତ ହୋଇଛନ୍ତି । ଆଜି ଭାରତ ଜନନୀ ମଥାରେ ସ୍ୱାଧୀନତା ଟୀକା ଶୋଭାପାଉଛି ଭାରତରେ ଆଜି ତ୍ରିରଙ୍ଗ ପତାକା ଉଡ଼ୁଛି । ଏହି ସ୍ୱାଧୀନତା ପାଇଁ ଯେତେ ଲୋକ ପ୍ରାଣ ଦେଇଥିଲେ ତାଙ୍କ ମଧ୍ୟରୁ ବିଶ୍ୱନାଥ ଦାସ ଜଣେ ।

କଟକର ଅଦୂରରେ ପଡ଼ିଆଁ ବଛଦା ନାମକ ଏକ ଗ୍ରାମ ଅଛି । ୰ ବିଶ୍ୱନାଥ ଦାସ ସେହି ଗାଁରେ ଗୋଟିଏ କରଣ ବଂଶରେ ଖ୍ରୀଃ ୧୮୯୦ ରେ ଜନ୍ମ ଗ୍ରହଣ କରିଥିଲେ । ସେହି ପଡ଼ିଆଁ ବଛଦାର ପାଣି ପବନ ନେଇ ତାଙ୍କ ଶରୀର ଗଠିତ ହୋଇଥିଲା । ତାଙ୍କର ମନ ୨୦ ବର୍ଷରୁ କଂଗ୍ରେସ ଆଡ଼କୁ ଢଳି ଥିଲା । ତାଙ୍କର ଅଗାଧ ଦେଶପ୍ରେମ ଥିଲା ଯାହା ଦ୍ୱାରା ସେ ସମସ୍ତଙ୍କ ସଙ୍ଗେ ମିଳି ମିଶି ଚଳିପାରୁ ଥିଲେ । ଶୁଣାଯାଏ ସେ କଂଗ୍ରେସରେ ଯୋଗ ଦେଲା ଦିନୁ ଦିନେ ହେଲେ କଳ ଲୁଗା ବ୍ୟବହାର କରି ନଥିଲେ ।

ତାଙ୍କର ୨୭ ବର୍ଷ ବେଳେ ତାଙ୍କର ପିତା ଇହଧାମ ତ୍ୟାଗ କରି ଚାଲିଯାଇ ଥିଲେ । ତାଙ୍କର ସ୍ୱତନ୍ତ୍ର ବ୍ୟକ୍ତିଗତ କୌଣସି ବ୍ୟବସାୟ ନଥିଲା । ଚାଷରେ ତାଙ୍କର କୁଟୁମ୍ବ କାଳାତିପାତ କରୁଥିଲେ ।

ତାଙ୍କର ଘରକୁ ତାଙ୍କର ଭାର୍ଯ୍ୟା, ପୁଅଟିଏ ଓ ଝିଅ ୩ ଗୋଟି ଥିଲେ । ସେ ଲବଣ ସତ୍ୟାଗ୍ରହରେ ଯୋଗ ଦେଇ ୬ ମାସ କାରାବରଣ କରିଥିଲେ । ସେ ସର୍ବଦା ଦେଶ ସେବା କରିବାକୁ ଜୀବନରେ ପବିତ୍ର ମନେ କରୁଥିଲେ ।

ପଡ଼ିଆଁ ବଛଦାରେ ସେତେବେଳେ ଶିକ୍ଷିତ ଶ୍ରେଣୀର ଲୋକ ଦେଖା ଯାଉନ୍ତି ନାହିଁ । କେବଳ ବିଶ୍ୱନାଥ ଦାସ ତାଙ୍କ ସାଥିରେ ସଦାସର୍ବଦା ଲାଗି ତାଙ୍କୁ ଗଠନ କରୁଥାନ୍ତି ।

୧୯୪୨ ମସିହା ଅଗଷ୍ଟ ଆନ୍ଦୋଳନ ସମୟରେ ସେହିସାଲ ସେପ୍ଟେମ୍ବର ମାସ ଇରମରେ ଗୁଳିକାଣ୍ଡ ହୋଇଥିଲା । ସେ ଅନ୍ୟ ମାନଙ୍କ ସହିତ ଶୋଭାଯାତ୍ରା ଏବଂ ଇରମ ଜନତାର ସମାବେଶ ସ୍ଥଳରେ ଉପସ୍ଥିତ ହୋଇ ସଭାରେ ଯୋଗ ଦେଇଥିଲେ ।

ସଭା ହେଉଥିବା ସମୟରେ D. S. P. କୁଞ୍ଜ ବିହାରୀ ପଣ୍ଡା ସେଦିନ ବ୍ରିଟିଶ ସୈନ୍ୟ ଓ ଅଧିକ ବନ୍ଧୁକଧାରୀ ପୋଲିସଙ୍କ ସହିତ ସେହି ସ୍ଥାନରେ ପହଞ୍ଚିଲେ । ପହଞ୍ଚି ଜନତାଙ୍କ ଉପରେ ଗୁଳି ଚଳାଇବା ପାଇଁ ପୋଲିସଙ୍କୁ ଆଦେଶ ଦେଲେ । ତାଙ୍କ ଆଦେଶ ଅନୁଯାୟୀ ପୋଲିସ ମାନେ ଅତର୍କିତ ଭାବରେ ଜନତା ଉପରେ ଗୁଳି ବର୍ଷଣ କଲେ ।

ଏତିକି ବେଳେ ୰ ବିଶ୍ୱନାଥ ଦାସ ଗୁଳି ଯାଉଥିବା ସମୟରେ ଜଣେ ପୋଲିସର ହାବୁଡ଼ରେ ପଡ଼ିଲେ; ସେ ଡର ନଯାଇ ପୋଲିସଙ୍କୁ କହିଲେ । "ହଁ ଏଥର ନକଲେ ଗୁଳିରେ ବୋଲି ଦେଶ ଦେବ କପଟ ?" ଏହା ଶୁଣି ପୋଲିସ ବିଶ୍ୱନାଥଙ୍କୁ ଗୁଳି ଚଳାଇଲା । ଏହି ଗୁଳି ଆଘାତରେ ତାଙ୍କର ପ୍ରାଣବାୟୁ ଉଡ଼ିଗଲା । ମଲା ବେଳକୁ ତାଙ୍କର ବୟସ ଥିଲା ୫୨ ।

ଶ୍ରୀ ଜଗନ୍ନାଥ ଦାସ

## ଆଶାୟୀ

ସୁଖକୁ ପାଇବା ଲୋଡ଼ୁଥାଏ ସଦା ମନ,
ସୁଖେ ବିକଶିତ ହୁଏ ନାହିଁତ ଜୀବନ ।
ଦୁଃଖ ବିପଦର ଉତ୍ତାଣି ବିପଦ ବାଧା,
ଅଗୁଳେ କମର ସତତ ଜୀବନ ନାଆ—
ସହିଷ୍ଣୁତା-ସତ୍ୟ-ଅହିଂସା ସମ୍ପଦ ଲଭି,
ତାହିଁ ସିନା ହୁଏ ନର—ପ୍ରାଣି ଗଉରବୀ ।

\+ × +

ଦୁଃଖକୁ ମୋହର ହୃଦୟ ନକରେ ଭୀତ,
ସତ୍ୟ-ଅହିଂସା ମୋ ସାଥୀ ହୋଇଥାନ୍ତୁ ନିତ
ସାହସ ଶକ୍ତି ମୋ ହୃଦୟେ ଆଶାର ବତୀ,
ମୋ ପ୍ରଭୁ-ଚରଣେ ରହି ଥାଉ ମୋର ମତି

## ସଂସାର

ସଂସାର-ସାଗରେ ବିପଦର
ଢେଉ ଖେଳିବ,
ଦୁଃଖ—ବିଳାସରେ ଜୀବନ—
ନଉକା ଥରିବ ।
ଅଶ୍ରୁ କୁହେଳିକା ଲୋତକ
ଢାଳିବ ରଜନୀ,
ନଟିହେଲେ ବିଡ଼ାଳ ଦେଖିଛି
ଅପଘର୍ଷ ଭଙ୍ଗୀ ।
କ୍ଷଣିକ ହେଲେବି ଖେଳନା
ତୁମରି ଜୀବନ,
ଭୁଲିବ ନାହିଁଟି ସତ୍ୟ ଅମୃତ
ମହା ବଚନ ।
ସତ୍ୟ—ସଂଗ୍ରାମରେ ଜୀବନ—
ମଞ୍ଜିବା ସଙ୍ଗାତ,
ଚଳିବୁ ମୂଳକେ ସୁଜୀବନ—
ଗୀତ ବଜାଇ ।
ସେଦିନ ତୋ ଆଶା—ଫଳ,
ମିଳନ ବନ୍ଧୁ—ବନ୍ଧନ,
ଫୁଟାଇବ ନିଜେ ଧନ୍ୟ
ହେବ ତୋର ଜୀବନ ।

ଶୈଳବାଳା
୧୭ ନମ୍ବର ନାଗବନ୍ଧୁ

Digitized by srujanika@gmail.com

# ଚିଠିପତ୍ର

ଏହି ସଂଖ୍ୟାରୁ 'ଡଗର' ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠିପତ୍ରରେ' ପ୍ରକାଶ ପାଇବ । ଚିଠି ସବୁ ଯଥା ସଂକ୍ଷିପ୍ତ ହେବା ଦରକାର । କୌଣସି ଚିଠିରେ ଦିଆଯାଇଥିବା ମତାମତ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ । ଚିଠି ସଂଶୋଧନ କରିବାର କ୍ଷମତା ସଂପାଦକମଣ୍ଡଳୀଙ୍କ ରହିଲା । କୌଣସି ଚିଠିରେ ପ୍ରକାଶିତ ଉଦ୍ଦେଶ୍ୟ ସମ୍ପାଦକମଣ୍ଡଳୀର ସମ୍ପର୍କ ନାହିଁ । ସଂପାଦକ ମଣ୍ଡଳୀ ଏହାର ମତାମତ ପାଇଁ ଦାୟୀ ନୁହନ୍ତି ।—ସମ୍ପାଦକ

## ଓଡ଼ିଶା ସରକାରଙ୍କର ଦୃଷ୍ଟି ପଡ଼ିବକି ?

ବର୍ତ୍ତମାନ ଓଡ଼ିଶାର ଜନ ସାଧାରଣ ଆଶା କରିଥିଲେ ଯେ ସମସ୍ତ ଜିନଷ ଉପରୁ କଣ୍ଟ୍ରୋଲ ଉଠିଗଲେ ଆମ୍ଭେମାନେ ସୁବିଧାରେ ପାଇ ପାରିବୁ । ଓଡ଼ିଶା କେବଳ ନୁହେଁ ସାରା ଭାରତ ।କିନ୍ତୁ ଫଳତଃ କାର୍ଯ୍ୟରେ ଦେଖାଗଲା ଯେ କଣ୍ଟ୍ରୋଲ ଉଠିଗଲା ପରେ ବଜାରରେ ଚଢ଼ା ଦରରେ ପ୍ରତ୍ୟେକ ଜିନଷ କିଣିବାକୁ ହେଲା—ସେଥିରେ ବେପାରି ଓ ପୁଞ୍ଜିପତି ମାନେ ନିର୍ଭୟରେ ଓ ଅବାଧରେ ଚଢ଼ା ଦରରେ ହଜ. ହଜାର ଉପରେ କ୍ରୟ ବିକ୍ରୟ କଲେ—ଏଠାରେ ଏତିକି କୁହା ଯାଉଛି ଯେ ଆମ ଓଡ଼ିଶା ସରକାର ଯଦିଓ ଆଗରୁ ଜାଣନ୍ତି ବର୍ତ୍ତମାନ ବଜାରରେ ବେଶି ଭାବରେ ଦ୍ରବ୍ୟ ନାହିଁ ।

କଣ୍ଟ୍ରୋଲ ଜିନଷ ମାନଙ୍କରୁ କଣ୍ଟ୍ରୋଲ ପ୍ରଥା ଉଠାଇ ଦେଲେ ଭଲକଲେ—କିନ୍ତୁ ମାଲ ଆସିବା ପାଇଁ କଣ ବ୍ୟବସ୍ଥା କରିଛନ୍ତି—ଯଦି ବ୍ୟବସ୍ଥା ଥାଏ ବେପାରି ମାନେ ଆଣୁ ନାହାନ୍ତି କାହିଁକି ? ବର୍ତ୍ତମାନ ଏ ଗୁପ୍ତ ବଜାର ଓ କର ବୃଦ୍ଧି କପରି ମୋଚନ ହେବ ତାହା ଏ ଗଣତନ୍ତ୍ର ଯୁଗରେ ସାଧାରଣରେ ପ୍ରକାଶ କରିବେକି ? ଓଡ଼ିଶାର ବ୍ୟବସ୍ଥାପକ ସଭ୍ୟମାନଙ୍କର ଦୃଷ୍ଟି ଆକର୍ଷିତ ହେବନି ?

ଶ୍ରୀ ଗଣେଶ୍ୱର ଦାସ, ଯୋବ୍ରା
ଆଜାଦହିନ୍ଦ ସେବାସଂଘ
କଟକ

ପ୍ରିୟ ସଂପାଦକ ମହୋଦୟ,

ଛଅଗୋଟି ଜିଲ୍ଲା ନେଇ ଯେଉଁ ଓଡ଼ିଶା ପ୍ରଦେଶ ଗଠିତ ହୋଇଛି ତନ୍ମଧ୍ୟରୁ କୋରାପୁଟ ଜିଲ୍ଲା ବିସ୍ତୀର୍ଣ୍ଣ ପ୍ରାୟ ଏଗାର ହଜାର ବର୍ଗ ମାଇଲ ଅର୍ଥାତ ଓଡ଼ିଶାର ୨/୩ ଅଂଶ । ଏହା ଅନୁନ୍ନତ ଅଞ୍ଚଳ ବୋଲି ପୂର୍ବ ସରକାର ହସ୍ତ ମୁଦି ମାହାଲ କରିରଖି ଥିଲେ । ଏଥିର ଅଧିବାସୀ ସର୍ବସାଧାରଣତଃ ଆଦିମ ଓ ଅଶିକ୍ଷିତ ଅନୁନ୍ନତ ଜାତିସମୂହ, ପାଣି ଇତ୍ୟାଦି, ଅତି ପ୍ରାଚୀନ କାଳରୁ ଏମାନେ ଓଡ଼ିଆ ଏବଂ ଭାଷା, ସଭ୍ୟତା, ସଂସ୍କୃତି ପ୍ରଭୃତିର ଓଡ଼ିଆଙ୍କ ସହ ଘନିଷ୍ଠ ସଂପର୍କ ଏ ମାନଙ୍କର ରହି ଆସିଛି । ଏହି ଜିଲ୍ଲା ମାନ୍ଦ୍ରାଜ ଅଧୀନରେ ଯେତେବେଳେ ରହିଥାଏ ସେ ସମୟରେ ଏହାର ଶିକ୍ଷା ବା ଅଭ୍ୟୁଦୟର ପରିକଳ୍ପନା ସ୍ୱପ୍ନରେ ସୁଦ୍ଧା ଦେଖା ଦେଇ ନଥିଲା ।

ସାଧାରଣତଃ ରକ୍ତ ଶୋଷକ ଅଣଓଡ଼ିଆଙ୍କ ଦ୍ୱାରା ଶାସିତ ହୋଇ ଏମାନେ ଆଜି ଉନ୍ନତି ଦିଗରେ ପାଦ ବଢ଼ାଇ ନାହାନ୍ତି, ସୌଭାଗ୍ୟ ବଶତଃ ଓଡ଼ିଶା—ସରକାର ଦୀର୍ଘ ଦାର ବର୍ଷଧରି ଯୋଗ ସୂତ୍ରରେ ଆବଦ୍ଧ ରହିଥିଲେ ହେଁ ଯୁଦ୍ଧ ଓ ଭିତରର ଅବ୍ୟବସ୍ଥା ହେତୁ ଏହି ଜିଲ୍ଲାର କୌଣସି ଉନ୍ନତି ହୋଇ ପାରିନାହିଁ । ବର୍ତ୍ତମାନ ଓଡ଼ିଶା ସରକାର ଯେଉଁ ନୀତିସବୁ ଧାର୍ଯ୍ୟ କରିବାକୁ ବସି ଅଛନ୍ତି ସେ ସବୁ ଏହି ଜିଲ୍ଲା ସହ ଖାପ ଖାଇବକି ନାହିଁ ଏହାର ମୀମାଂସା କରାଯିବା ଦରକାର । ଏଥିର ଅଧିବାସୀ ଦଶଲକ୍ଷପ୍ରଜା, ବର୍ତ୍ତମାନ ବାରଲକ୍ଷ ହୋଇ ପାରନ୍ତି । ଏମାନଙ୍କ ମଧ୍ୟରୁ ଶତକଡ଼ା ପଚାଶ ଆଦିମ ଅଧିବାସୀ ଓ ଅନୁନ୍ନତ ଜାତିକୁ ବାଦ ଦେଲେ ପଞ୍ଚବିଂଶ ଭାଗ ଓଡ଼ିଆ ଓ ଅବଶିଷ୍ଟ ଭାଗ ତେଲଗୁ ମୁସଲମାନ ଖ୍ରୀଷ୍ଟିୟାନ ପ୍ରଭୃତି । ଏହି ପଞ୍ଚବିଂଶ ଭାଗ ଓଡ଼ିଆଙ୍କ ମଧ୍ୟରେ ଅଧିକାଂଶ ଅଶିକ୍ଷିତ କାରଣ ଯେଉଁ ସମୟରେ କି ଏହି ଜିଲ୍ଲା ମାନ୍ଦ୍ରାଜରେ ଥିଲା ସେତେବେଳେ ଏମାନଙ୍କ ଶିକ୍ଷାପାଇଁ କେବଳ 'ହାଇସ୍କୁଲ' ଟିଏ ଥିଲା—ଜୟପୁରରେ ମାତ୍ର. ତେଣୁ ଶିକ୍ଷିତ ହେବା ଏହି ଓଡ଼ିଆଙ୍କ ଭାଗ୍ୟରେ ଘଟି ନଥିଲା ଆର୍ଥିକ ଦୁରବସ୍ଥା ଯୋଗୁଁ । ସୁତରାଂ ଏହିଜାତି ଉଚ୍ଚଶିକ୍ଷା ଆଲୋକରେ—ଆଲୋକିତ ହେବା ସୁବିଧାରୁ ବାଧ୍ୟ ହୋଇ ବଞ୍ଚିତ ରହି ପାରମ୍ପରିକ କୃଷି କାର୍ଯ୍ୟରେ ବ୍ୟାପୃତ ରହିଲା । ଓଡ଼ିଶା ପ୍ରଦେଶ ହେବାପରେ ଉକ୍ତ ଜିଲ୍ଲାରେ ପାଞ୍ଚଗୋଟି ହାଇସ୍କୁଲ ସଙ୍ଗେ ସଙ୍ଗେ କଲେଜ ପ୍ରଭୃତି ଶିକ୍ଷାନୁଷ୍ଠାନ ପ୍ରତିଷ୍ଠିତ—ହୋଇଥିଲେ ମଧ୍ୟ କଦାପି ଅଶିକ୍ଷିତ ଏ ଅଞ୍ଚଳର ଓଡ଼ିଆ ଓ ଅଧିବାସୀ ଉଚ୍ଚଶିକ୍ଷିତ ହେବା—ଲାଗି ସମୟ ଅବଶ୍ୟ ଦରକାର । ଏପରି ଅବସ୍ଥାରେ ଜିଲ୍ଲା ଓ ୟୁନିଅନ ପ୍ରଭୃତି ନିର୍ବାଚନରେ—ୟୁନିଅନରେ ବାର୍ଷିକ ଟ ୧୨ ଅଥବା ଖଜଣାର ଟ ୨ ଦେଉଥିବା ନଥିବା ମାଟ୍ରିକ ବା ତଦୁର୍ଦ୍ଧ ଶିକ୍ଷିତ ଲୋକେହିଁ ଭୋଟର କ୍ଷମତା ପାଇ ପାରିବା କଥା ସରକାର ସାବ୍ୟସ୍ତ ଠିକ କରି ଅଛନ୍ତି—ତାହା ଯଥାଶୀଘ୍ର ପରିବର୍ତ୍ତନ କରିନେବା ଦରକାର । ଏହି ଜିଲ୍ଲାରେ ଏପରି ଅଧିକାଂଶ ଓଡ଼ିଆ ଏବଂ ଆଦିମ ଅଧିବାସୀ ଅଛନ୍ତି ଯେଉଁମାନେ କି ନିତାନ୍ତ ଅଶିକ୍ଷିତ । ଜମିଜାଡ ଶୂନ୍ୟ ଅଥଚ ପରର ଜମି ଚାଷ କରି ଦିଅନ୍ତି । ଆଉ କେତେ ୟୁନିଅନ କର ବାର୍ଷିକ ଚାରିଅଣା ମଧ୍ୟ ବାନ୍ଧନ୍ତି । ତେବେ ସରକାରଙ୍କ ପୂର୍ବୋକ୍ତ ନୀତିରେ ଅବଶ୍ୟ ଶତକଡ଼ା ୯୫ ପନ୍ତାନବେ ଭାଗ ଏ ମାନଙ୍କୁ ଭୋଟ ଦେବା କ୍ଷମତାରୁ ବଞ୍ଚିତ ହେବାକୁ ପଡ଼ିବ ।

ଓଡ଼ିଶା ସରକାର ଯଦି ବାସ୍ତବରେ ଓଡ଼ିଆଙ୍କର ଓ ଓଡ଼ିଶା ପ୍ରଦେଶର ହିତ ଚାହାନ୍ତି ତେବେ ଅନ୍ୟାନ୍ୟ ଜିଲ୍ଲା ସହ କୋରାପୁଟକୁ ନ ମିଶାଇ ଏଥିଲାଗି ସ୍ୱତନ୍ତ୍ର ନିୟମ ଧାର୍ଯ୍ୟ କରନ୍ତୁ ଯେ କୋରାପୁଟରେ ଯେଉଁମାନେ କି ୟୁନିଅନ କର ଚାରିଅଣା ବା ଦୁଇଅଣା ଯାହାହେଉ ବାନ୍ଧନ୍ତି ସେମାନେ ଭୋଟ ଦେବା କ୍ଷମତା ପାଇ ପାରିବେ ।

ଏହି ଜିଲ୍ଲାଲାଗି ଏକଲବାଟ ଦେଖିବା ସରକାରଙ୍କ ନୀତି ବିରୁଦ୍ଧ ମଧ୍ୟ ନୁହେଁ । ସମସ୍ତ ବିଷୟ ନେଇ ପୂର୍ବରୁ ଧାରାବାହିକ ଭାବେ କୋରାପୁଟର କେତେ କେତେ ନିୟମ ଅନ୍ୟଜିଲ୍ଲା ଠାରୁ ଏବେ ମଧ୍ୟ ଅଲଗା ରହିଛି । ଏଥି ପୂର୍ବରୁ ପ୍ରତ୍ୟେକ ସରକାର ଉକ୍ତ ଅଞ୍ଚଳକୁ ଅନୁନ୍ନତ ଓ ଅଶିକ୍ଷିତ ବୋଲି ଘୋଷଣା କରି ଆସୁଛନ୍ତି । ଅଶିକ୍ଷିତ ଓ ଅନୁନ୍ନତଙ୍କୁ ଶିକ୍ଷିତ କରିବାକୁ ବା ଉନ୍ନତ ବାଟକୁ ଆଣିବାକୁ ହେଲେ ଅନ୍ୟଙ୍କ ତୁଳନାରେ ସେମାନଙ୍କୁ କିଛି ସୁବିଧା ଦେବା ସରକାରଙ୍କ ନୀତି ନୁହେଁ କି ?

କବିରାଜ ଶ୍ରୀ ହରିବନ୍ଧୁ ରଥ ଶର୍ମା
ସଂପାଦକ କଂଗ୍ରେସ ପ୍ରାଇମେରୀ କମିଟି
ଗୁଣପୁର, (କୋରାପୁଟ) ।

Digitized by srujanika@gmail.com

## ଉତ୍କଳର ଶ୍ରେଷ୍ଠ "ଦାନ !"

କଲିକତା ପ୍ରେସିଡେନ୍ସୀ କଲେଜର ଶରୀର ବିଜ୍ଞାନର ଭୂତପୂର୍ବ ଅଧ୍ୟାପକ

**ଆଚାର୍ଯ୍ୟ ଗିରିଙ୍କ ଆବିଷ୍କୃତ ଜୀବନୀଶକ୍ତି ବର୍ଦ୍ଧକ ରସ**

ଏହା ଭାରତର ଜଡ଼ି ବୁଟି ଓ ଏଲୋପେଥିକ ଔଷଧ ଦ୍ୱାରା ପ୍ରସ୍ତୁତ । ... ଏହା ସେବନ କଲେ ... ଅଜୀର୍ଣ୍ଣ ... ନାହିଁ । ... ଅଭାବ ନାହିଁ ।

## ଦାଦ୍ରୁଜିତ୍

### ଚର୍ମ ରୋଗର ଅବ୍ୟର୍ଥ ଔଷଧ

କାଛୁ, କୁଣ୍ଡିଆ, ଦାଦ୍ରୁ, ପଚିଲା, ପାଣି ଘା ଓ ସମସ୍ତ ପ୍ରକାର ଚର୍ମ ରୋଗ ଅଳ୍ପ ସମୟରେ ନାଶକରି ଚର୍ମକୁ ଦାଗ ... ।

ବିଳାସ ଓ ଭୋଗର ଏକାଧାରରେ ସମାବେଶ ପାଇଁ ଯେତେବେଳେ
ଉତ୍କଳର ଅଦ୍ୱିତୀୟ ପ୍ରସାଧନ ଓ କେଶପ୍ରସାଧନ ସମ୍ଭାର

### ସୁବାସିତ ସୌରଭ ତେଲ

## ସାର୍ଥିକା

ଦେହ ପୋଷଣ ଏବଂ ... କେଶ ... ଶକ୍ତିଶାଳୀ, ... ଉତ୍ପନ୍ନ କରେ । ... ପରିଷ୍କାର, କୋମଳ, ... ।

## ସ୍ନେହସୁଧା

NECTORUM.

... ଔଷଧ — ... ପ୍ରସ୍ତୁତ ... ଏହା ... ।

... ଠିକଣା —

**ବିଜୟଶକ୍ତି ଔଷଧାଳୟ** — ...

## ହାଓଡ଼ା କୁଷ୍ଠ କୁଟୀରର

# କୁଷ୍ଠ ଧ୍ୱଂସକ

ଯାହାଙ୍କର ସର୍ବାଙ୍ଗ ... ବା ... ଓ ଅନ୍ୟାନ୍ୟ ଚର୍ମରୋଗ ... ଭରସାର ଏକମାତ୍ର ... ।

ସେମାନେ ଯେ କୌଣସି ... ଏହାର ... ଔଷଧ ବ୍ୟବହାର କଲେ ... ମଧ୍ୟରେ ... ପାଇଁ ... ।

ରୋଗ ଲକ୍ଷଣ ... ବ୍ୟବସ୍ଥା ପତ୍ର ... କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)

୧୬° ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୬ ନଂ ହ୍ୟାରିସନ ରୋଡ଼, କଲିକତା

### ଆଶ୍ଚର୍ଯ୍ୟ

# ଭାଗ୍ୟ ଗଣନା !

### ପ୍ରଶ୍ନ ପଠାଇବାର ପ୍ରୟୋଜନ ନାହିଁ ।

କେବଳ ... ୧ ରୁ ୧୬୦ ... ଯେ କୌଣସି ... ମନକୁ ଆସିବ ତାହା ... ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା-ବିଜ୍ଞାନ ... ଭୂତ ... ଓ ବର୍ତ୍ତମାନ ... ଲେଖି ... ।

ମାତ୍ର ... ସହିତ ... ମନୋନୀତ ସଂଖ୍ୟା ଗୋଟି ଓ ନିଜର ନାମ ଠିକଣା ... ଲେଖି ପଠାନ୍ତୁ ।

ଭୃଗୁ ସଂହିତା କାର୍ଯ୍ୟାଳୟ
Box No. 21.
C/o ଡଗର
ପୋ: ଭଦ୍ରକ

Printed & Published by G. C. Mahapatra at the Gopinathpress, Bhadrak, 1948.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ମେଷ ୧୪ନ ୧୩୫୫ସାଲ | ୩୫ଶ ସଂଖ୍ୟା |
|---|---|---|

— ସୂଚୀ —

ମଜା କଥାରେ

ପଦଦ୍ୱୀପର ପୁତ୍ର ଦ୍ୱୀପକ

କାହାଣୀରେ

ଚିଲ୍କା ଓ ସ୍ୱପ୍ନ

ମଜାକବିତାରେ

ଲେଡ଼ିଜ୍ କମନ୍ ରୁମ୍

କଥା ଓ ଜଥା, ଗତାଗ,

ଖାଲୁଅବଗୁର ଚିତ୍ର।

"DAGARO"

ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday, April. 26.1948. | No. 35 |
|---|---|---|

ବାର୍ଷିକ ମୂଲ୍ୟ ଟ ୭୲ ଷାଣ୍ମାସିକ ଟ ୩୷
ରାଜ ସଂସ୍କରଣ ବାର୍ଷିକ ଟ ୧୦୲

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏଥିର ବାର୍ଷିକ ମୂଲ୍ୟ ସଡାକ ଟ ୬୦ ଓ ଷାଣ୍ମାସିକ ମୂଲ୍ୟ ସଡାକ ଟ ୩୦ ଅଗ୍ରୀମ ଦେବାକୁ ପଡେ ।

୩ । ଚନ୍ଦା ପଠାଇଲା ବେଳେ ଗ୍ରାହକମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତି ଖଣ୍ଡ ଡଗର ଦୁଇ ଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନ କଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । ଯେକୌଣସି ଗ୍ରାହକ 'ଡଗର'ର ଯେକୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବ ।

୮ । ଲେଖା, ଚିଠା, ଚିଠି ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରଖ (B N.Ry)


## ହାୱଡ଼ା କୁଷ୍ଠ କୁଟୀର

## କୁଷ୍ଠ ଧବଳ

ଭାରତର ସର୍ବଶ୍ରେଷ୍ଠ ଚିକିତ୍ସା ପ୍ରକାଶିତ ଓ ସଂପ୍ରତି ଚୂର୍ଣ୍ଣ ଏକ୍‌ଜିମା, ସୋରିୟସିସ୍ ଦୁଷ୍ଟ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ଅବ୍ୟର୍ଥ ଔଷଧ ଯୋଗୀ ପରୀକ୍ଷିତ ।

ସେତେବେଳେ ଯେ କୌଣସି ପ୍ରକାର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ସପ୍ତାହ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ଏବଂ ପୁସ୍ତକ ନିଅନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ
(H. K. K.)

୧୨° ମାଧବ ଘୋଷ ଲେନ୍, ଖୁରୁଟ—ହାୱଡ଼ା
ଶାଖା—୩୭ ନଂ ହାରିସନ ରୋଡ, କଲିକତା

ଆଶ୍ଚର୍ଯ୍ୟ

## ଭାଗ୍ୟ ଗଣନା !!

### ପ୍ରଶ୍ନ ପଚାରିବାର ପ୍ରୟୋଜନ ନାହିଁ ।

କେବଳ ଆପଣ ଇଷ୍ଟଦେବଙ୍କୁ ସ୍ମରଣ କରି ୧ ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବିଶାଳ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା-ବିଜ୍ଞାନ ଯନ୍ତ୍ରର ଦ୍ୱାରା ଆପଣଙ୍କର ଭୂତ ଭବିଷ୍ୟତ ଓ ବର୍ତ୍ତମାନ ସତ୍ୟ ନିର୍ଣ୍ଣୟ କରି ଲେଖି ପଠାଉଛୁଁ ।

ମାତ୍ର ୫ ୧୯ ମନିଅର୍ଡର କରି ତାର୍ ସଂଲଗ୍ନ କୁପନରେ ମନୋନୀତ ସଂଖ୍ୟା ଗୋଟି ଓ ନିଜର ନାମ ଧାମ ପରିଷ୍କାର ଭାବେ ଲେଖି ପଠାନ୍ତୁ ।

ଭୃଗୁ ସଂହିତା କାର୍ଯ୍ୟାଳୟ
Box No. 21.
C/o ଡଗର
ପୋ: ଭଦ୍ରଖ


[redacted]— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,
ପରିଚାଳନା ସମ୍ପାଦକ— ଶ୍ରୀ ଗୌରମୋହନ ଦାସ

Digitized by srujanika@gmail.com

## ଶିଳ୍ପନୀତି

ନିକଟରେ ଭାରତ ସରକାରଙ୍କର ଶିଳ୍ପନୀତି ଘୋଷିତ ହୋଇଛି । ଜାତୀୟ ଶିଳ୍ପକୁ ଚାରି ଭାଗରେ ଭାଗ କରାଯାଇଛି । କେନ୍ଦ୍ର ଶାସନ ପରିଚାଳିତ ଶିଳ୍ପ, କେନ୍ଦ୍ର ଓ ପ୍ରଦେଶ ପରିଚାଳିତ ଶିଳ୍ପ ଏବଂ ବ୍ୟକ୍ତି ବା ସମବାୟ ସମିତି ପରିଚାଳିତ ଶିଳ୍ପ ତଥା କୁଟୀର ଶିଳ୍ପ । ପ୍ରଥମ ଦୁଇ ଭାଗର ଶିଳ୍ପକୁ ଜାତୀୟ ଧନ ବୋଲାଯିବ । ତୃତୀୟ ଶିଳ୍ପ ବ୍ୟକ୍ତିଗତ ବା ଦଳଗତ ପୁଞ୍ଜିର ଉଦ୍ୟୋଗ ଉପରେ ପ୍ରତିଷ୍ଠିତ । ଫଳ ଭୋଗ କରିବ ପୁଞ୍ଜିପତି—ବ୍ୟକ୍ତିଗତ ବା ସମବାୟଗତ ଭାବରେ । ଦେଶର ପ୍ରତିପତ୍ତିଶାଳୀମାନେ ଉଭୟ ସ୍ଥଳରେ ଲାଭବାନ ହେବେ । ସାମ୍ୟବାଦୀ ନୀତିରୁ ନହେଉ, ଜାତୀୟ ଶିଳ୍ପ ସମିତିର ସୁପାରିଶ ହେଉ ନହେଉ ଏହା ସର୍ବବାଦୀ ସମ୍ମତ ଏବଂ ଜନ ସଭ୍ୟତାର ପ୍ରୟୋଗାଗାରରେ ବୈଜ୍ଞାନିକମାନେ ସମସ୍ତ ଶିଳ୍ପକୁ ଜାତୀୟ ଧନ କରିବା ପାଇଁ ଶାସନ କଳ ଦ୍ୱାରା ପରିଚାଳନା କରିବା ଅଧିକ ଆଧୁନିକ ପ୍ରଣାଳୀ ବୋଲି ବିବେଚନା କରୁଛନ୍ତି । ଭାରତ ସରକାର ତାହା ଅସ୍ୱୀକାର କରୁ ନଥିଲେହେଁ ବର୍ତ୍ତମାନ ସଙ୍କଟ କାଳରେ ସେ ବ୍ୟକ୍ତିଗତ ସମ୍ପତ୍ତିର ବିକାଶ ଉପରେ ଅଧିକ ଉତ୍ପାଦନର ଆଶା ସ୍ଥାପନ କରିବାକୁ ବାଧ୍ୟ । ଏହା ଜାତୀୟ ସରକାରର ପରାଜୟ ନୁହେଁ ତଦପେକ୍ଷା ଅଧିକ ପରାଜୟ ଏ ଦେଶର—ସ୍ୱାର୍ଥ ମୂର୍ତ୍ତି ଦେଶବାସୀଙ୍କର । ଆମେ ଆମ ପାଇଁ ବଞ୍ଚୁଁ—ଜାତି ପାଇଁ ନୁହେଁ, ଯୁଦ୍ଧ ପ୍ରାରମ୍ଭରେ ଇଂଲଣ୍ଡ ଜାତୀୟ ସରକାର ... ଭୂତରେ ଥାଇ ମଧ୍ୟ ପ୍ରଧାନ ଶିଳ୍ପ ଗୁଡ଼ିକ ଏକାଧିକ ଜାତୀୟ ସମ୍ପଦ କରିପାରିଲା । କାଶ୍ମୀର ହାଇଦ୍ରାବାଦ ଓ ପାକିସ୍ଥାନ ପରିସ୍ଥିତି ଦେଖିମଧ୍ୟ ଆମ ଦେଶର ମାଲିକ ଓ ମୂଲିଆ କେହି ଚେତୁ ନାହାନ୍ତି । ମାଲିକ ଯେପରି ନିଜ ସ୍ୱାର୍ଥକୁ ଲାଗି ଲାଭଖୋର ଛାଡ଼ି ପାରୁ ନାହିଁ ମୂଲିଆ ସେହିପରି କେବଳ ନିଜସ୍ୱାର୍ଥ ଦାବିରେ ଧର୍ମଘଟ କରି ବାସ୍ତବ କ୍ଷେତ୍ରରେ ଉତ୍ପାଦନକୁ କମାଇବାରେ ଲାଗିଛି । ଏହାର ପ୍ରତିକାର କେଉଁଠି ?

ପ୍ରଥମ ଦୁଇ ଶ୍ରେଣୀର ଶିଳ୍ପକୁ Heavy Industries ବା ଗୁରୁଶିଳ୍ପ କୁହାଯାଏ, ସେ ସବୁର ସରକାରୀ ନିୟନ୍ତ୍ରଣ ହିଁ ସର୍ବୋତ୍କୃଷ୍ଟ । କିନ୍ତୁ ଅନ୍ୟାନ୍ୟ ଲଘୁ ଶିଳ୍ପର ଭାଗ୍ୟକୁ ପ୍ରତିପତ୍ତିଶାଳୀ ବ୍ୟକ୍ତି ବା କମ୍ପାନୀ ହାତରେ ଦେବା ଉଚିତ କି ନାହିଁ ବିଚାର କରିବା ଉଚିତ । ବିପଦ ସମୟରେ ପରିଚାଳନା ଏମାନଙ୍କ ହାତରେ ରହିଲେ ଶାନ୍ତି ସମୟରେ ଏମାନେ ଏତେ ଶକ୍ତିଶାଳୀ ହୋଇ ଯିବେ ଯେ ଶାସନ ଯନ୍ତ୍ର ଯେତେ ଗଣତନ୍ତ୍ରୀୟ ଜନମତ ପ୍ରତିଷ୍ଠିତ ହେଉପଛେ ଏମାନଙ୍କ ନିର୍ଦ୍ଦେଶରେହିଁ ଚାଲିବ । ଆମେରିକାରେ ତାହାହିଁ ହେଉଛି—ଏବଂ ରୁଷିଆରେ ଠିକ୍ ସେଇକଥା—ଅନ୍ୟ ରୂପରେ ।

> **କ୍ଷମା**
>
> ମୁଦ୍ରା ଯନ୍ତ୍ରର କାର୍ଯ୍ୟକାରିତାରେ ବ୍ୟତିକ୍ରମ ଘଟିବାରୁ ଗତ ସପ୍ତାହ ତା ୧୯ । ୪ । ୪୮ ରିଖରେ 'ଡଗର' ପ୍ରକାଶ ହୋଇ ନାହିଁ ।
>
> ଆଶାକରୁଁ ସହୃଦୟ ପାଠକ ପାଠିକାମାନେ ଅବସ୍ଥା ଦୃଷ୍ଟିରୁ କ୍ଷମା ଦେବେ ।
>
> —ପରିଚାଳନା

ବର୍ତ୍ତମାନ ଅବସ୍ଥାରେ ଏହି ଲଘୁ ଶିଳ୍ପକୁ ଜାତୀୟ ସମ୍ପତ୍ତି ନକରିବା ମୂଳରେ ବ୍ୟକ୍ତିଗତ ଉଦ୍ୟମକୁ ଉତ୍ସାହ ଦିଆଯାଉଛି—ସ୍ୱାର୍ଥଭାବକୁ ଉତ୍ତେଜିତ କରାଯାଉଛି – ବ୍ୟକ୍ତିଗତ ପ୍ରତିଯୋଗିତାକୁ ପ୍ରଶ୍ରୟ ଦିଆ ଯାଉଛି । ଏହାର ଚରମ କେଉଁଠି ? ଦଶବର୍ଷ ବା ପାଞ୍ଚବର୍ଷ ପରେ ଅବସ୍ଥା ଦେଖି ସରକାର ହାତକୁ ନେବେ କହିବା ବାହୁଲ୍ୟ ମାତ୍ର ।

ବ୍ୟକ୍ତିଗତ ସ୍ୱାର୍ଥକୁ ସଂଯତ କରି ତାକୁ ସମୂହ କଲ୍ୟାଣରେ ନିୟୋଜିତ କରିବାର ଧାରାକୁ ସ୍ୱୀକାର ନକଲେ ଏ ଲୋଭଲିପ୍ସା ଅଧିକ ପ୍ରଜ୍ଜ୍ୱଳିତ ହେବ । ଏ ଲୋଭଲିପ୍ସାକୁ ସଂଯତ କରିବାର ଉପାୟ ଲଘୁଶିଳ୍ପ କ୍ଷେତ୍ରରେ ଯନ୍ତ୍ର ବିସ୍ତାର ମୁଖ ବନ୍ଦ କରିବା ।

ସେଥିପାଇଁ ପଣ୍ଡିତ ଜବାହର ଲାଲଙ୍କ କୁଟୀରଶିଳ୍ପ ପ୍ରତି ଅଧିକ ଦୃଷ୍ଟି ପଡ଼ିଥିବାର ସଂବାଦ ଅତି ଉତ୍ସାହଦାୟୀ । ଅବଶ୍ୟ ଓଡ଼ିଶା ଓ ଅନ୍ୟ କେତେକ ପ୍ରାଦେଶିକ ସରକାର ଲଘୁ ଶିଳ୍ପ କ୍ଷେତ୍ରରେ କୁଟୀର ଶିଳ୍ପର ସଂପ୍ରସାରଣା ପ୍ରତି ସନ୍ଦିଗ୍ଧ । କ୍ଷୁଦ୍ର ଓଡ଼ିଶା ବର୍ତ୍ତମାନ ଅମ୍ବରଚରଖା ଯନ୍ତ୍ର ଶିଳ୍ପ ଉପରେ ଗ୍ରହଣ କରିଛି । ଏହାର ପରିଣାମ ଅତି ଭୀଷଣ । ଏହା ଏକାଧିକ ଶାସନର ଉଦ୍ଘାଟନ—ଗାନ୍ଧୀବାଦୀ ସଦସ୍ୟର ମାର୍ଜ୍ଜିତ ନୁହେଁ ।

ପଣ୍ଡିତଜୀ ବାଧ୍ୟତା ମୂଳକ କୁଟୀର ଶିଳ୍ପର ସୂଚନା ଦେଇଛନ୍ତି । ବାଧ୍ୟତା ମୂଳକ ପ୍ରକ୍ରିୟାକୁ ଆମେ ସର୍ବଦା ସମର୍ଥନ ନ କଲେହେଁ ପରିସ୍ଥିତି ବିଶେଷରେ ପୀଡ଼ାହୀନ ପ୍ରବର୍ତ୍ତନର ଆବଶ୍ୟକତାକୁ ଅଳ୍ପ ଅନସ୍ୱୀକାର ମାନି ନିଆଯାଇ ପାରେ । ବାଧ୍ୟତା ମୂଳକ ବା ଆଇନଦ୍ୱାରା ଜବରଦସ୍ତ କରି ଲୋକଙ୍କୁ କୁଟୀର ଶିଳ୍ପୀ ଅନ୍ତର୍ମୁଖୀ କରିବା ପୀଡ଼ାମୂଳକ । ବାଧ୍ୟତା ମୂଳକ ବ୍ୟବସ୍ଥାର ଅନ୍ୟ ଏକ ଉପାୟ ମଧ୍ୟ ଅଛି । ଯାହା ଆଇନ ଦ୍ୱାରା ହେଲେହେଁ ଦଣ୍ଡଦାୟୀ ନୁହେଁ । ବରଂ ତାହା ବଞ୍ଚନାକାରୀ । ଉଦାହରଣ ସ୍ୱରୂପ ଯଦି ଜଣେ ପ୍ରତ୍ୟକ୍ଷ ଶକ୍ତିଶାଳୀ ସୂତା ନକାଟେ ବା କୌଣସି ହସ୍ତଶିଳ୍ପ ଉତ୍ପାଦନ ନକରେ ତାକୁ ଛମାସ ସଶ୍ରମ କାରାଦଣ୍ଡ ହେବ । ଏହା ଉତ୍ପୀଡ଼ନ ମୂଳକ ବ୍ୟବସ୍ଥା । ତା' ନକରି ଯଦି ଆଇନ ହୁଏ ଯେ ଯେଉଁ ବ୍ୟକ୍ତି ସମାଜରେ କୌଣସି ଆବଶ୍ୟକୀୟ ଶିଳ୍ପ ଉତ୍ପାଦନ ନକରି କେବଳ ଉତ୍ପାଦନ କରେ ତାର ଦାୟିତ୍ୱ ସରକାର ନେବେ ନାହିଁ -ସେ ଚାକିରି ପାଇବ ନାହିଁ-ସେ ବିଦ୍ୟାଳୟରେ ଅଧ୍ୟୟନ କରିପାରିବ ନାହିଁ—ସରକାର ତାକୁ କୃଷି ଓ ଶିଳ୍ପରେ ଉନ୍ନତି-କର ଯୋଜନାର ସୁଯୋଗ ନେବାପାଇଁ ସୁବିଧା ଦେବେ ନାହିଁ । ଏହାକୁ ବଞ୍ଚନା-ମୂଳ ବାଧ୍ୟତାମୂଳକ ବିଧାନ କୁହାଯାଇ ପାରେ—ଉତ୍ପୀଡ଼କ ନୁହେଁ ।

ଆମ ମତରେ ଅତି ଶୀଘ୍ର ଏଭଳି ଆଇନ ଆଇନ ସଭାରେ ଗୃହୀତ ହେବା ଉଚିତ ।

ଶିଳ୍ପ ବିକେନ୍ଦ୍ରିତ ନହେଲେ ମୁନାଫାଖୋର ବନ୍ଦ ହେବ ନାହିଁ—ମୁନାଫା ଖୋର ବନ୍ଦ ନହେଲେ ଜାତୀୟ ଭାବ ଚିରଦିନ ସ୍ୱାର୍ଥ ଆଗରେ ବଳି ପଡୁଥିବ । ଏହା ନିଃ ସନ୍ଦେହ ।

କେନ୍ଦ୍ର ସରକାରଙ୍କ ଶିଳ୍ପନୀତିରେ କୁଟୀର ଶିଳ୍ପର ସ୍ଥାନ ବଡ଼ ସଂକୀର୍ଣ୍ଣ । ତାହା ବିଶ୍ୱାସ ଉପରେ ପ୍ରତିଷ୍ଠିତ ନୁହେଁ—ଯନ୍ତ୍ରଶିଳ୍ପ ସମ୍ଭବ ନହେଲେ କୁଟୀର ଶିଳ୍ପର ଆଶ୍ରୟ ନେବା ମନୋବୃତ୍ତି ଅନୁଗମନ ମନୋବୃତ୍ତି ନୁହେଁ । ଏହାଦ୍ୱାରା କୁଟୀର ଶିଳ୍ପ ଉତ୍ସାହ ପାଇବ ନାହିଁ । ଅବସ୍ଥାରେ ପଡ଼ି ଲୋକେ କୁଟୀର ଶିଳ୍ପ ଗ୍ରହଣ କରି ପାରନ୍ତି । କିନ୍ତୁ ତାହା ବିଶ୍ୱାସ ଉପରେ ପ୍ରତିଷ୍ଠିତ ନ ହେଲେ ପୁଣି ଯନ୍ତ୍ର ଆଗରେ ସେ ଦିନେ ମଥା ନଇଁ ଦେବ ।

—•—

Digitized by srujanika@gmail.com

ନିଜାମ ହାଇଦରାବାଦରେ ଏକ ଦକ୍ଷିଣ ପାକିସ୍ଥାନ ଗଢିବେ ବୋଲି ଷଡଯନ୍ତ୍ର କରୁଛନ୍ତି । କାଶ୍ମୀରକୁ ମିଶାଇ ଉତ୍ତର ପାକିସ୍ଥାନ—ପୂର୍ବବଙ୍ଗରେ ଆସାମକୁ ମିଶାଇ ପୂର୍ବ ପାକିସ୍ଥାନ ଜୁନାଗଡରେ ଅନ୍ୟାନ୍ୟ କାଥିଆ ବାଡ଼ ରାଜ୍ୟକୁ ନେଇ ପଶ୍ଚିମ ପାକିସ୍ଥାନ ଆଉ ହାଇଦରାବାଦରେ ଦକ୍ଷିଣ ପାକିସ୍ଥାନ —ଏମନ୍ତେ ଚାରି ଦିଗକୁ ରାଜ୍ୟ ବିସ୍ତାର କରି ଦେବେ । ତା ପରେ ଦିଗ ସରିଗଲେ ଊର୍ଦ୍ଧ୍ୱ ଓ ଅଧଃକୁ ମଧ୍ୟ ପାକିସ୍ଥାନକୁ ପେଷଣ କରି ନ ପାରିଲେ ନିଜେ ଉପରେ ଥିବା (ଊର୍ଦ୍ଧ୍ୱ) ଜାହାନ୍ନମ (ନର୍କ)କୁ ଯାଇ ଶରୀରକୁ କବର (ଅଧଃ) ଦେଇ ଶାହାଦାତ୍ ପ୍ରାପ୍ତ ହେବାର ବ୍ୟବସ୍ଥା ମଧ୍ୟ ସେ କରୁଥିବେ ବୋଲି ବିଲୁଆ ସଭାର ଆଶା ।

× + +

ହାଇଦରାବାଦର ଇତ୍ତେହାଦୁଲ ମୁସଲମିନର ସଭାପତି କହୁଛନ୍ତି ଇସଲାମର ପ୍ରଭୁତ୍ୱ ସର୍ବତୋ ଭାବେ ପ୍ରତିଷ୍ଠିତ ନହେବା ଯାଏଁ ହାଇଦରାବାଦର ମୁସଲମାନ ମାନେ ଉନ୍ମୁକ୍ତ ତରବାରୀକୁ କୋଷବଦ୍ଧ କରି ପାରିବେ ନାହିଁ । ବାସ୍ତବରେ—ହୁଏତ ସେ ନିଜର କୋଷ ବନ୍ଦ କରିବେ ନଚେତ୍ ନିଜ ବେକରେ ନିଜେ ଚଳାଇ ଦେବେ ନଚେତ୍ ଭାରତର ଉଭୟ ହିନ୍ଦୁ ମୁସଲମାନ ମିଳିତ ଶକ୍ତିର ପାଦତଳେ ସମର୍ପଣ କରିଦେବେ । ଯା ଛଡ଼ା ଉପାୟାନ୍ତର ନାହିଁ ।

+ + +

ନିଜାମଙ୍କ ଗୋଲାମମାନେ ହିନ୍ଦୁ ମୁସଲମାନ ଭେଦ ସୃଷ୍ଟି କରିବା ପାଇଁ ପ୍ରଚାର କରୁଛନ୍ତି ଯେ ହିନ୍ଦୁମାନେ ପଥର ମାଙ୍କଡ଼ ପୂଜା କରନ୍ତି । ବିଲୁଆ ସଭା ମତରେ କେବଳ ହିନ୍ଦୁ କାହିଁକି ଭାରତର ହିନ୍ଦୁ ମୁସଲମାନ ପାର୍ସି ଶିଖ୍ ସମସ୍ତେତ ମାଙ୍କଡ ପରିବର୍ତ୍ତେ ନିଜାମଙ୍କୁ ପୂଜା କରିବେ । ନିଜାମ ନିଶ୍ଚିନ୍ତ ଥାନ୍ତୁ । + + ×

ଆହୁରି କୁହା ଯାଇଛି ଯେ ହିନ୍ଦୁ ମାନେ ଗୋବର ଗୋରୁ ମୁତ ଖାଆନ୍ତି—ସେ କି ଶାସନ କରିବେ । ନିଜାମ ଓ ତାଙ୍କ ବାଜି ମାନେ ଗୋବର ଓ ଗୋମୂତ୍ରକୁ ଅଲଗା କରି ଖାଆନ୍ତି ନାହିଁ । ସେମାନେ ଗୋଟା ଗୋଟା ଗୋରୁ ଗର୍ଭରେ ପକାଇ ଦିଅନ୍ତି—ତା ସାଙ୍ଗରେ ଗୋବର ଗୋମୂତ୍ରଟା ଧରି ପଡ଼େ ନାହିଁ । × × +




ଖବରରୁ ପ୍ରକାଶ ପାଇଛି ଯେ ବର୍ଷକେ ପୃଥିବୀର ଜନସଂଖ୍ୟା ଦୁଇକୋଟି ହାରରେ ବଢ଼ି ଚାଲିଚନ୍ତି । ତେଣୁ ଖାଦ୍ୟ ସମସ୍ୟା ବଢି ଚାଲିଛି । ବର୍ତ୍ତମାନ ଦୁଇଗୁଣ ଖାଦ୍ୟ ନବଢ଼ାଇଲେ ମଣିଷ ଅଧିଆ ମରିବେ । ବିଲୁଆ ସଭା ଆତଙ୍କର ସହ ଏ ସମ୍ବାଦ ପଢୁଛି । ମାନ ପୃଥିବୀର ଗଢରୁ ଦେଖାଯାଏ ମଣିଷ ଅଧିଆ ମରିବେ ପଛେ ମାଇପେ ଅବୋଧ ହୋଇ ମରିବେ ନାହିଁ କିମ୍ବା ମିଣିମେ ଅବନ୍ଧା ହୋଇ ମରିବେ ନାହିଁ । ସରକାର ସବୁ ଭଲ ଏଣିକି ଜନ୍ମ ନିରୋଧ ପ୍ରଚାର ଛାଡ଼ି ଜନ୍ମ ବିରୋଧ ପ୍ରଚାର କରନ୍ତେ । ଡାକ୍ତର ମାନେ ଯେପରି ରୋଗ ବ୍ୟାଧି ଓ ମରଣ ସାଙ୍ଗରେ ଲଢୁଛନ୍ତି—ତା ନ କରି ଜନ୍ମ ଓ ଗର୍ଭ ସଞ୍ଚାର ବିରୁଦ୍ଧରେ ଭଲ ଲଢନ୍ତେ । ଅବଶ୍ୟ ବହୁ କର୍ଣ୍ଣ ଓ ଭଗିରଥ ଜନ୍ମ ହେବାର ସୌଭାଗ୍ୟ ଦେଶର ଘଟନ୍ତା । × × ×

ବଙ୍ଗଳାଟ ଚକ୍ରବର୍ତ୍ତୀ ରାଜ ଗୋପାଳ ଅଗ୍ରୀସ ପୁରୀକୁ ଆସି ପୁରୀର ସାଗରରେ ବିମୁଗ୍ଧ ଓ ବିଦଗ୍ଧ ହୋଇ ଯାଇଛନ୍ତି । ବୋଧହୁଏ ପୁରୀରେ ଜର୍ମାନଙ୍କର ସହୃଦ ରାଜାଙ୍କ ଭଲ ଭାବରେ ପରିଚିତ ହୋଇ ନାହାନ୍ତି । ପୁରୀରେ ସବୁଠାରୁ ଦେଶୀ ସାରଲ୍ୟର ପ୍ରତୀକ—ମାଙ୍କଡ଼ ମାହାରୀ ଓ ମହନ୍ତ । କେଉଁ କବି ଥରେ ସାଗରରେ ମୁଗ୍ଧ ହୋଇ ଲେଖି ଥିଲେ—

ମଚ୍ଛ ମୁଖା ମହନ୍ତ ମାଛ
ମାଙ୍କଡ଼ ମାହାରୀ ଏଠି କରଛ—
ତିନି ମକାର ନୁହେଁ—୬ 'ମ'କାର

× + ×

ଜଣେ ପ୍ରଫେସର ଏହି ପୁରୀରେ ପ୍ରେମରେ ପଚ ପଚ ହୋଇ ଏସିଡ ପିଚ୍କାରୀରେ ହୋରି ଖେଳି ଗଲେ । ଯେଉଁ ନାରୀ ତାଙ୍କ ଉପରକୁ ଏସିଡ ବର୍ଷଣ କଲେ ତାଙ୍କ ଛାତିକି ଧନ୍ୟ କହିବା । ପ୍ରଫେସରଙ୍କ ମଦନ ଦଗ୍ଧ ନକରି ଅଙ୍ଗ ଓ ଅଙ୍ଗୀକୁ ଦହନ କରିବାରେ ଅବା କେଉଁ ଫଳ । ତଥାପି ଏ ଗୀତ ଋତିମଧ ଜାଣି ନ ଥିବେ । ପ୍ରଫେସର ଏ ଖେଳକୁ ଜନମ ଜନମ ଭୁଲି ପାରିବେ ନାହିଁ—ଗାଉଥିବେ

ଜନମ ଜନମ ହାମ ରୂପ ନିହାରନୁ
ନୟନ ନା ତିରପିତ ଭେଲ ।
ଲାଖ ଲାଖ ଯୁଗ ପୋଡ଼ା ଦାଗ ଦାଗିନୁ
ହିୟା ମୋର ଜୁଡ଼ନ ନା ଗେଲ ।

× + +

ଭାରତ ପାଇଁ ଦେଶ ରକ୍ଷା ବାହିନୀ ଗଠିତ ହେବ । ସୈନ୍ୟ ସଂଗ୍ରହ ପାଇଁ ଆଠଟି ଅଞ୍ଚଳ ଭିତରୁ ବିହାର ଓଡ଼ିଶା ଗୋଟାଏ ଅଞ୍ଚଳ । ଏଥର ବୀର ଓଡ଼ିଆମାନେ ବୀରତ୍ୱ ପ୍ରଦର୍ଶନ କରିବା ପାଇଁ ଲାଙ୍ଗୁଳ ଜାକିଧିଂ ଗୃହ ଗଛାମି ନ କଲେ ରକ୍ଷା । ଐତିହାସିକ ମହତାବଙ୍କ ମତରେ ଶ୍ରୀ ଚୈତନ୍ୟ ଆମକୁ ମାଇଚିଆ କରିଦେଲେ, ବିଲୁଆ ସଭାର ଆଶା ଶ୍ରୀ ହରେକୃଷ୍ଣ ଓଡ଼ିଶାକୁ ଅଣ୍ଡିରା ଚଣ୍ଡିଆ କରି ଦେଇ ପାରିବେ ।

ଯେଉଁ ଖଣ୍ଡାୟତ ପଦାତିକ ବାହିନୀ ଓଡ଼ିଶାରେ ବିନା ମେଘେ ବଜ୍ର ଗର୍ଜନ ସୃଷ୍ଟି କରୁଛନ୍ତି ସେମାନେ ଓଡ଼ିଶାର କଂଗ୍ରେସ ସରକାରର ଆକ୍ରମଣ ଅଭିପ୍ରାୟ ପଛକୁ ପକାଇ ଏଥର ସିଧା ସମର ସେନାକୁ ପଞ୍ଝ ହଣ୍ଡିଆର ହେଲେ ଡାଡାଣ ପଣ ବୁଝା ପଡ଼ନ୍ତା । + + +

ଲୁଗାରୁ ଅଳକୁଳ କଣ୍ଟ୍ରୋଲ ଉଠିଯିବା କଥା ହେଲାଣି । ଆମେ ବିଲୁଆ ମାନେ ସବୁଦିନେ ଲୁଗାରୁ କଣ୍ଟ୍ରୋଲ ଉଠିବା ପକ୍ଷରେ । ଆମର ତ କୋଉଦିନେ କଣ୍ଟ୍ରୋଲ ନ ଥାଏ । ଏବେ ଓଡ଼ିଶାର ଯୁବକ ଯୁବତୀ ମାନେ ନିଶ୍ଚିନ୍ତ ହୁଅନ୍ତୁ—ଆଉ କେହି ଲୁଗା ପିନ୍ଧି ରହିବେ ନାହିଁ । ଦୁଃଖ ଏତିକି ଯେ ଓଡ଼ିଶା କଟନ ମିଲସ୍ ଓ ତାର ପୃଷ୍ଠପୋଷକ ଓଡ଼ିଶା ସରକାର ଏ ସୌଭାଗ୍ୟରେ ଭାଗୀ ହୋଇ ପାରିବେ ନାହିଁ—ସମ୍ଭବତଃ ।

+ × +

ହିନ୍ଦୁ ଆଇନ ପରିବର୍ତ୍ତିତ ହୋଇ ନୂଆ ବ୍ୟବସ୍ଥା ହେବ । ଆଇନ ବର୍ତ୍ତମାନ ଭାରତ ପାର୍ଲିମେଣ୍ଟରୁ ସେଲେକ୍ଟ କମିଟି ହାତକୁ ଯାଇଛି । ଏହା ଫଳରେ ବିପ୍ଳବାତ୍ମକ ପରିବର୍ତ୍ତନ ହେବ । ସବୁଠାରୁ ଦୁଃଖର କଥା ଯେ ମିଣିପେ ଆଉ ଏକାଧିକ ପତ୍ନୀ ବିବାହ କରିପାରିବେ ନାହିଁ । ଆମ ମତରେ ବିଲୁଆ ସଭ୍ୟତାନୁଯାୟୀ ଯଦି ସ୍ତ୍ରୀ ମାନଙ୍କୁ ମଧ୍ୟ ଅନ୍ୟାନ୍ୟ ବିଷୟରେ ଅର୍ଥାତ୍ ପିତା ମାତାଙ୍କ ସମ୍ପତ୍ତି ପାଇବା ବିଷୟରେ ଯେପରି ପୁରୁଷଙ୍କ ସହ ସମାନ କରା ଯାଇଛି ସେହିପରି ବହୁପତି କରିବାର ସାମ୍ୟ ଅଧିକାର ଦିଆଯାଉ । ଅଧି କାଳରୁ ଅନୁଲ ନ କରି—ଜନ୍ମଗତ ଦାବିଟାତ ପୂରଣ କଲେ ଦୁନିଆର ମଙ୍ଗଳ ହେବ । ନାରୀମାନେ ଅଧିକ ଖୁସି ହେବେ । + × ×

Digitized by srujanika@gmail.com

# ପତ୍ରଦ୍ୱାରା ପୁତ୍ରପ୍ରାପ୍ତି

ଭଗବାନ ବଡ଼ ଅବିଚାରକ । ମଣିଷ ଯାହା ଚାହେଁ, ସେ ପାଏନାହିଁ—ଯାହା ନଚାହେଁ ସେଥିରୁ ମେଣ୍ଟାଏ ଲେଖା ହାଉଯାଉ ହୁଏ । ଏ ଉଦାହରଣ ମୁଁ କେତେ ଦେବି । ମୋର ବନ୍ଧୁ ରମେଶ ବଚରା ମାଇପ ମାଇପ ହୋଇ ଅଜାଏ ବାଉଳା ହୋଇ ପଡ଼ିଲା । ମଲେ ବ୍ରହ୍ମରାକ୍ଷସ ହେବ କି ଓଥରା ହେବ । ଅଥଚ ମୋର କି ଦୁର୍ଭାଗ୍ୟ ପଣ ପଣ ଝିଅ ମହୁମାଛି ଭଳି ମୋତେ ଘେରି ଗଲେ । ଆଖୁବାଡ଼ରେ ପଶିଲା ପରି ହେଲି । ଶେଷରେ କଠୋର କରି ବର୍ତ୍ତମାନର ଶ୍ରୀମତୀଙ୍କ ପାଣି ଗ୍ରହଣ କଲି ।

## ମଜା କଥା

ସେଥିପାଇଁ ସେ କହନ୍ତି ଖୁଣ୍ଟା ଦେଇ ଯେ ଇଚ୍ଛାରୁ କରିନଥିଲେ ଆମର ଏ ଭାଗ୍ୟ ହୋଇ ନଥାନ୍ତା । ଭାଗ୍ୟଟା ସୌଭାଗ୍ୟ କି ଦୁର୍ଭାଗ୍ୟ କହୁଛି ସେ କଥା । ହଁ ସତ କଥା, ଏଠି ଆମ ଗରିବ ଗୁରୁବାଙ୍କ କଥା ପଡ଼ିଛି କାହିଁକି —ବଡ଼ ବଡ଼ ରାଜନୀତିଜ୍ଞଙ୍କ କଥା ଦେଖ— ନେତାଙ୍କ କଥା ଦେଖ । ଯୁବକ ସୁଭାଷଙ୍କୁ କନ୍ୟା ମିଳିଲା ନାହିଁ । ବିହାରର ଜଣେ କମ୍ୟୁନିଷ୍ଟ ନେତା ଦୁଃଖରେ ସ୍ୱାମୀହୋଇ ସହଜରେ ଆନନ୍ଦ ମିଳିଲା ବୋଲି ଅଙ୍ଗୁର କୋଳିକୁ ଖଟା ଖଟା ରଡ଼ି ଛାଡ଼ିଲେ । କିନ୍ତୁ ମାଇପକୁ ତେଜ୍ୟା କରି ଦେବା ସତ୍ତ୍ୱେ କାମିନୀ କାଞ୍ଚନକୁ ଗୋଡ଼ ମାଟି ମଣିବା ସତ୍ତ୍ୱେ ଏମିତି ନେତା ଓଡ଼ିଶାରେ ମଧ୍ୟ ମିଳିବେ ଯାହାଙ୍କ ପାଖରେ କାମିନୀ କାଞ୍ଚନରେ ଅଭାବ ନାହିଁ ।

ବିବାହ ମୋର ହେଲା । ମୋ ବନ୍ଧୁ ଚନ୍ଦ୍ର ମଧ୍ୟ ବିବାହ କଲା । ଏକ ସାଙ୍ଗରେ ବିବାହ କଲୁ । ଚନ୍ଦ୍ର ବଡ଼ ହାକିମ—ମାସକୁ ତିନିଶହ ସୃଷ୍ଟିଗ ଦରମା ପାଏ—୧୦ଟା ପିଲା ତା ମାଇପ ସମାଳି ବାକୁ ରାଜି କିନ୍ତୁ ଦଶ ବର୍ଷ ଭିତରେ ଗୋଟିଏ ବାଳକ ମଧ୍ୟ ତା ଭାଗ୍ୟ ପ୍ରସବ କଲା ନାହିଁ । ଅଉ ମୁଁ ଦରିଦ୍ର କିରାଣୀ—ମାସରେ ୫୦ ଟଙ୍କା ଦରମା—ଭତ୍ତା ମିଶିଲେ କଷ୍ଟ ଅଧିକା ଏଥିରେ ଏ ଘର ଛଅଟି ସେ ଘର ଛଅ ହିସାବ ବି ନୁହେଁ ୧୦ ବର୍ଷ ଭିତରେ ୧୨ଟି ପୁତ୍ରକନ୍ୟା—ଦଶ ଦଶା ଶହେ ମାସ— ୧୨ ଦଶା ବାଗଶହେ ମାସରୁ ବାକି ୨୦ ମାସରେ ୨ଟା ବଳକା—ଠିକ ଦଶ ମାସରେ ଗୋଟିଏ ନର ମୁଣ୍ଡ ଘର ଭିତରେ ପ୍ରବେଶ— ସେଥି ମଧ୍ୟରୁ ମାତ୍ର ଛଅଟିଙ୍କର ପ୍ରସ୍ଥାନ



ହୋଇଛି ! ବାକି ଦଶୋଟି ବଦ୍ୟମାନ । ବର୍ତ୍ତମାନ ଅଉ ଏକ ଆବିର୍ଭାବର ଅପେକ୍ଷାରେ ! ସ୍ତ୍ରୀଙ୍କର ୪୫ ବର୍ଷ ହେବାକୁ ଅଉର ପନ୍ଦର ବର୍ଷ ବାକି । ଅଉ ଉଭୟଙ୍କ ବୟସ ମିଶି ଶହେ ବର୍ଷରୁ ଊର୍ଦ୍ଧ୍ୱ ହେବାକୁ ଅଉର କେତେ ବର୍ଷ ବାକି ପଡ଼ିଛି । ଡାକ୍ତର କହନ୍ତି ଏ ଦୁଇ କଥାରୁ କଥେ ନ ହେଲେ ଜନ୍ମ ନିରୋଧ ଅସମ୍ଭବ । ଜନ୍ମ ନିରୋଧର ବୈଜ୍ଞାନିକ ଉପାୟ ବିଫଳ ହେଲାଣି । ଅଉ ପନ୍ଦର ବର୍ଷ ଭିତରେ ଯଦି ପନ୍ଦରଟି ସନ୍ତାନ ସନ୍ତତି ହୁଅନ୍ତି ତେବେ ଏ ଗରିବ ମୁଣ୍ଡ ଗଡ଼ିଯିବ । ମୁଁ ଭଗବାନଙ୍କୁ ଡାକେ ହେ ଭଗବାନ, ରକ୍ଷା-କରି ଏ ଦୁଃଖରୁ ପ୍ରତି ସନ୍ତାନର ଜନ୍ମ ବେଳେ ମୁଁ ଗାନ୍ଧୀଜୀଙ୍କ ବ୍ରହ୍ମଚର୍ଯ୍ୟ ବ୍ରତ ଗ୍ରହଣ କରିବାକୁ ପଣ କରେ—ଅନ୍ତତଃ ସ୍ତ୍ରୀର ପ୍ରସବ ବେଦନା ଦେଖି ମୋର ପ୍ରସବ ସନ୍ୟାସ

## ମାଙ୍କଡ଼ ହାତରେ

ହୁଏ— ମୁଁ ସତ୍ୟ କରେ ସ୍ତ୍ରୀକୁ ଅଉ ଏ କଷ୍ଟରେ କଷ୍ଟିନୀ ହେବାକୁ ଦେବି ନାହିଁ । କାନ୍ଥରେ ମୋଟା କରି ଲେଖିବି ହୁଏ ନାହିଁ— ପିଲା ଗୁଡ଼ାକ ପାଠ ପଢ଼ିଲେଣି । ତା' ପୂର୍ବକୁ ବର୍ଷେ ଲେଖିଥିଲି—ଭୁଲ୍‌ରେ ଭବିଷ୍ୟତ କାଳ ହେଇଗଲା—"ବ୍ରହ୍ମଚର୍ଯ୍ୟ ପାଳନ କରିବି ।" ଲେଖିଦେଲି । ପ୍ରତିଦିନ ତାକୁ ପଢ଼େ । 'କରୁଛି' ନ ହୋଇ 'କରିବ' ହୋଇ ଯିବାର ଭୁଲ୍‌ଟା ମଧ୍ୟ ମୋ ଆଖିରେ ପଡ଼େ ନାହିଁ । ଶଙ୍କର ଭୁଲ୍ କି ନା ! ସ୍ତ୍ରୀ ପାଠୋଇ ହୋଇଲେ ମଧ୍ୟ ସେ ଭୁଲ୍ ଦର୍ଶାଇ ଦିଅନ୍ତି ନାହିଁ—ପଢ଼ି ଭୁଲି । ଫଳରେ ଏମିତି ଏମିତି ଛଅୋଟି ସନ୍ତାନ ପ୍ରସବ ପରେ ଦିନେ ମୋର ଭୁଲ୍ ମୁଁ ବୁଝି ପାରିଲି । ସଙ୍ଗେ ସଙ୍ଗେ ସେ ମଠୋକୁ ଉଠାଇ ଲେଖିଦେଲି—ଅଉ ମୋ ସ୍ତ୍ରୀ ଜନ୍ମ କରିବ ନାହିଁ—ମୁଁ ବ୍ରହ୍ମଚର୍ଯ୍ୟ ପାଳନ କରୁଛି ।"

ମାତ୍ର ଗୃହିଣୀ ତାକୁ ହଟାଇ ପକାଇଲେ —ମୋର ପ୍ରଥମ ସନ୍ତାନଟି ସେତେବେଳେ ବିଦ୍ୟାଭ୍ୟାସ କଲାଣି । ସତୀ ମନ୍ତ୍ରୀ ହୋଇ ସେ ପତିର ଭୁଲ ଦର୍ଶାଇବାର କାରଣ ପାଠକେ ବୁଝନ୍ତୁ । ମାତ୍ର ସେ କାରଣ ଦର୍ଶାଇଲେ ଯେ ସେ ପଢ଼ିଲେକ୍ତା ହେଲେହେଁ ଜନନୀ ସନ୍ତାନର ମାତା ହୃଦୟରେ ସେ ଭୁଲ ଦର୍ଶାଇଛନ୍ତି ।

ସେ ଦିନ କ୍ୟୋଟିଶ ଛାଡ଼ିକି ଦେଖି ଗଲି—ତୋଟରେ ଶାହାନା ଗଛକୁ ଯେଣି ୫ଟି ବିବାହ—ଭରତ ପାର୍ଲିମେଣ୍ଟରେ ଆଇନ ପାସ ହେଉଛି ଏକାଧିକ ପତ୍ନୀ ନାସ୍ତି— ତେବେ ତ ବିୟୋଗ ନିଶ୍ଚିତ । ପତ୍ନୀ ନ ଚାହିଁଲେ ମୋତେ ଭଗବାନ ହକନାକେ ପତ୍ନୀ ଦେବେ । ଆଇନ ଓ ସରକାର ମଧ୍ୟ କରୁପାୟୁ ।

ସେଥିପାଇଁ ଦୁଃଖିତ ନଥିଲି—କିନ୍ତୁ ଏ ସନ୍ତାନ ଉପଦ୍ରବ ମୋତେ ଘାରି ଦେଲା । ଦିନେ ପତ୍ନୀଙ୍କ ପାଖରେ ପ୍ରସ୍ତାବ କଲି— ସଜନୀ, ଏଥର ବାପ ଘରକୁ କିଛି ଦିନ ପାଇଁ ଚାଲିଯାଅ—ଏ ଧାରା ବନ୍ଦ ହେଉ ।

ସ ଗ୍ରାମ୍ୟ ସତୀ ନାସ୍ତି କରନ୍ତି ନାହିଁ । ସେ ବାପ ଘରକୁ ଗଲେ । ମୁଁ ବିରହରେ ଡକାଅ କାଳ କାଟିଲି ।

ଦିନେ ହଠାତ୍ 'ଡଗର'ର ବିଜ୍ଞାପନର ଦେଖିଲି ପତ୍ରଦ୍ୱାରା ପୁତ୍ର ପ୍ରାପ୍ତି । ମୋ ଛାତି ଥରି ଉଠିଲା । ବିଜ୍ଞାପନର ହେଡଲାଇନ୍ ଦେଖି ଅଉ ବସ୍ତୁ ପଢ଼ିବାର ସାହାସ ଓ ଧୈର୍ଯ୍ୟ ରହିଲା ନାହିଁ । ସେଇ ଦିନଠୁଁ ସ୍ତ୍ରୀ ପାଖକୁ ଚିଠିପତ୍ର ବନ୍ଦ ହେଲା । କାଳେ ପତ୍ର ଦ୍ୱାରା ପୁତ୍ର ହୋଇଯିବ ।

ଲେ:—ଅନାମ

ସେ ଗୃହିଣୀ ଆମର ପତ୍ର ଦେବାକୁ ଲାଗିଲେ । ମୋର ମନା କରିବାର ଉପାୟ ନାହିଁ ତାଙ୍କର ଚିଠିଦେଲେ ମୋ [illegible] ହେବା ଦେୟ ଅଛି କି ନାହିଁ ସେ ବିଷୟରେ ବେଳେ ବେଳେ ସେ ଏ ହାସ୍ୟାସ୍ପଦ ସନ୍ଦେହ [illegible] । ତେବେ ବିଜ୍ଞାପନକୁ ଖୋଲି ପଢ଼ିବା [illegible] । କିନ୍ତୁ ବିଜ୍ଞପ୍ତି—ଶୁଣି ଲେଖିଦିଅ ।

[illegible] ଛାଡ଼ିଛି । ପ୍ରଥମେ ସମ୍ମାନିତ ଖଣ୍ଡେ [illegible] ଅଛି । କ୍ରମେ ଖଣ୍ଡେ [illegible]

[ ୧୧ ପୃଷ୍ଠା ଦେଖନ୍ତୁ ]

Digitized by srujanika@gmail.com

# ଶିଳ୍ପୀ ଓ ସ୍ୱପ୍ନ

ଜଳଘାଟରେ ବସନ୍ତର ସନ୍ଧ୍ୟା ସନ୍ଧ୍ୟା ଆଉ ଦୁଇଟି ଭଉଣୀ ।

ସୁକାନ୍ତ ଭାବନ୍ତି "ସେଥିରେ ମୋର ତୃପ୍ତି ।" ହୁଏତ ଅନ୍ୟ କେହି ଭାବି ପାରନ୍ତି ତୂଳୀ ଆଉ ବର୍ଣ୍ଣ ଦୁନିଆରେ ସୁଲଭ । ଆଉ ସେମାନଙ୍କ ସଂମିଶ୍ରଣରେ ଫୁଟିଥିବା ଛବିଟା ମଧ୍ୟ ଅନ୍ତର ସୁଲଭ । ମାତ୍ର କେହି କେବେ ଭାବି ଥାଆନ୍ତି କି ଛବିର ମୂଳପଟେ ଥାଏ ଗୋଟାଏ ଚିରଦିନ ରୂପ ବ୍ୟାକୁଳ ପ୍ରାଣର ସ୍ୱପ୍ନ । ଦୁନିଆରେ ତ ତାହାହେଲେ ସମସ୍ତେ ଚୈତ୍ର ପବନ ସ୍ପର୍ଶରେ ଶତ ଶତ ଚମ୍ପା ଫୁଲ ଫୁଟିଲା ପରି ଶିଳ୍ପୀ ରୂପରେ ଫୁଟି ପଡ଼ନ୍ତେ ।

## କାହାଣୀ

ଆକ୍ରେ ନଦୀର ଫେନିଲ ସ୍ରୋତରେ ଯେତେ ବୁଦ୍‌ବୁଦ୍ ଉଠେ ସେତିକି ଶିଳ୍ପି ବୋଧେ ଧରଣୀ ବକ୍ଷରେ ପ୍ରତିଦିନ ଆବିର୍ଭୂତ ହୁଅନ୍ତେ ମାତ୍ର ତୂଳୀ ବର୍ଣ୍ଣ ଛବିର ବାହାର ରୂପରେଟି । ଛବିର ପ୍ରାଣ ହେଉଛି ଶିଳ୍ପୀର ନୈସର୍ଗିକ ଗୁଣ । ସୁକାନ୍ତ ଠିକ ଶିଳ୍ପୀ ଦୃଷ୍ଟିରୁ କହିଥାଏ "ଗଢିବାରେହିଁ ତୃପ୍ତି । ସୃଷ୍ଟି କରିବାରେ ସନ୍ତୋଷ ।"

ପଲ୍ଲୀର ନିଭୃତ କୁଞ୍ଜଘନ କୁଟୀରରେ ତରୁଣ ଶିଳ୍ପୀ ସୁକାନ୍ତର ଦିନ ଗୁଡିକ ଅତି ଶାନ୍ତ ସୁଖରେ କଟିଯାଉ ଥାଏ ।

ସୁକାନ୍ତର ଚରିତ୍ର ଠିକ ପୁଷମାସିଆ ଧୂସର ସନ୍ଧ୍ୟା ତଳେ ଫୁଟି ଆସୁଥିବା ନୀଳାକାଶର ତାରକା ସଦୃଶ । ସେ ଧରାଦିଏ, ଧରା ଦିଏ ନାହିଁ । ଅନେକ ଦିନ ଧରି ସୁକାନ୍ତ ମେଘ ଚନ୍ଦ୍ର । କୌମୁଦୀ ଭ୍ରମର ଫୁଲ ମଧ୍ୟରେ ବୁଡ଼ି ରହି ଛବି ଅଙ୍କୁଥାଏ, ମାତ୍ର ଦିନେ ହେଲେ ସେ ଛବିର ବ୍ୟବସାୟ କରିନାହିଁ କି କେବେ ବାଧ୍ୟ ହୋଇ ଛବି ଅଙ୍କିନାହିଁ । ତାର ମତରେ "ଗଢ଼ିବାରେ ଯେଉଁ ତୃପ୍ତି ତାହା ଅର୍ଥ ଦେଇ ପାରି ନଥାଏ ଯାହା ପ୍ରାଣର ସ୍ୱପ୍ନ ତାହା ଅପୂର୍ବ ତୃପ୍ତି ଦିଏ ।"

ବସନ୍ତର ଗୋଟିଏ ଫୁଲ ଫୁଲିଆ ସଂଧ୍ୟା । ମଳୟ ଗୋଧୂଳି ଶ୍ରୀର ଅଭିନୟ ଚାଲିଛି । ଆକାଶରେ ଜହ୍ନ ଉଠିନାହିଁ ।

ଜଳଘାଟରେ ଦୁଇଟି ଭଉଣୀ ।

ସୁକାନ୍ତ ଅନୁପ୍ରାଣିତ । ଦୁଇଟି ଭଉଣୀ, ବଡ଼ଟିର ନାମ ଅନ୍ନପୂର୍ଣ୍ଣା । ସାନଟିର ନାମ ଚପଳା । ସେମାନଙ୍କର ବାପ ଜଣେ ସାଧା-



ରଣ କୃଷକ । ପ୍ରତିଦିନ ସକାଳ ସଞ୍ଜରେ ସେମାନେ ନଦୀରୁ ପୋଖରୀରୁ ପାଣିଆଣନ୍ତି । ସୁକାନ୍ତର ଶିଳ୍ପୀ ପ୍ରାଣରେ କାହାର ମୃଦୁ ସ୍ପର୍ଶ ବାଜିଛି ।

ଦିନ ଚାଲି ଯାଉଛି ରାତି ଆସୁଛି । ଅନ୍ନ-ପୂର୍ଣ୍ଣା ଜଳଘାଟରୁ କଳସୀରେ ଜଳ ଧରି ଉପରକୁ ଉଠି ଆସୁଛି, ତାର ଗୋଟିଏ ପାଦ ଉପର ପାହାଚରେ । ତାର କଳସୀଟି ଜଳ-ପୂର୍ଣ୍ଣ । ଆଉ ଚପଳା ପାଣି ଆଣିବାକୁ ଯାଉଛି । ଗୋଟିଏ ପାଦ ତଳ ପାହାଚରେ । କଳସୀଟି ଶୂନ୍ୟ ।

ଅନ୍ନପୂର୍ଣ୍ଣା ଯୁବତୀ, ସେ ଯୌବନର ସାନୁଦେଶ ସ୍ପର୍ଶରେ ଉପସିକ୍ତ ହୋଇ ସାରିଛି ।

## କଥାଟିଏ କହେଁ

କଞ୍ଚୁଳ କେଶ । ଲାବଣ୍ୟ ତା ତନୁ ଲତା ଉପରେ ହାତ ବୁଲାଇ ଆଣିଛି । ଫଗୁଣର ବଉଳ ସୁରଭି ସିକ୍ତ ରାତିରେ ସେ ପୂର୍ଣ୍ଣ କୁନ୍ତଳ ସଜାଇଛି । ଆଉ ଚପଳା ଅବିକଶିତା । ଅବିକଶିତା ହେଲେହେଁ ବିକାଶ ମୁଖୀ । ଯୌବନ ଆସିନାହିଁ । ଫଗୁଣ ତାକୁ ମତାଇ ନାହିଁ । ତାର ନୀଳ ଭସାଣିଆ ନୟନରେ ଆକାଙ୍କ୍ଷା ଭରା ଗୃହିଣୀ ହେବା ପଡିବାକୁ ଉଦ୍ୟତ । ଅନ୍ନପୂର୍ଣ୍ଣାର ବର୍ଣ୍ଣ ଖୁବ୍ ଗୋରା । ସେ ପିନ୍ଧିଥିବା ଶାଢ଼ୀ ଧଡ଼ରେ କେବଳ ବକଚ କୁସୁମର ଛବି । ମାତ୍ର ଚପଳାର ବର୍ଣ୍ଣ ଶ୍ୟାମଳ । ସେ ପିନ୍ଧିଥିବା ଶାଢ଼ୀ ସୀମାରେ କେବଳ ନଦୀତ କଳକାର 'ଶ୍ରେଣୀ । ଠିକ ବଡ ଭଉଣୀ ଜୀବନରେ ସବୁ ପାଇସାରି ବର୍ତ୍ତମାନ ହଜେଇବାକୁ ଯାଉଛି । ଆଉ ସାନ ଭଉଣୀ ପ୍ରତ୍ୟେକ ଗୌରବ ପାଇବାକୁ ଯାଉଛି ।

ଆଉ ମଧ୍ୟ ଠିକ ସମୟରେ ସନ୍ଧ୍ୟା ମଳୟର ସ୍ରୋତ ବହି ଯାଉଛି । ଫଳରେ ଅନ୍ନପୂର୍ଣ୍ଣାର ବୁକୁ ଉପରୁ ଶାଢ଼ୀ ଉଡ଼ ଯାଇଛି । ଆଉ ଚପଳାର ଅନ୍ତର ମାତ୍ର ଥରେ କମ୍ପିତ ହୋଇ ଯାଇଛି ।

ସୂର୍ଯ୍ୟର ବିଦାୟ ସୂର୍ଯ୍ୟର ଅସ୍ତ । ଆଉ ଜ୍ୟୋତ୍ସ୍ନାର ଆବିର୍ଭାବ ।

ଏଇତ ଯଥେଷ୍ଟ । ଦୁଇଟି କଳସୀରେ ଦୁଇଟି କଳନା, ଯୌବନର ବିଦାୟ । ଜୀବ-ନର ସ୍ୱପ୍ନ ଶେଷ ପୁଣି ଯୌବନର ଶୁଭାଗମନ ଓ ସ୍ୱପ୍ନର ପ୍ରାରମ୍ଭ ।

ଏଇତକ ସୁକାନ୍ତକୁ ଆତ୍ମହରା କରିଦେଲା ।

ଏହାପରେ ସୁକାନ୍ତ ଗୋଟିଏ ମନୋଜ୍ଞ ଛବି ଆଙ୍କି ସାରିଛି । ପ୍ରତ୍ୟକ୍ଷ ଅନୁଭୂତି ସହିତ ପ୍ରାଣ କଳନା ମିଶ୍ରିତ ହୋଇ ଏକ ଅଭିନବ ଅନବଦ୍ୟ ଆର୍ଟ ଗଢ଼ି ହୋଇ ସାରିଛି । ସୁକା-ନ୍ତର ଆର୍ଟ ସୁନ୍ଦର ଚିତ୍ରରେ ଗୋଟାଏ ଢେଉ ଖେଳିଗଲା । ଲାଳିତ୍ୟ ପରିପାଟୀ କୋମଳତା ଆଉ ବର୍ଣ୍ଣଛଟା ପ୍ରତ୍ୟେକରେ ଛବିଟି ଜୀବନ୍ତ ହୋଇଛି ଜଳଘାଟର ଦୁଇ ଭଉଣୀକୁ କେନ୍ଦ୍ର କରି ।

ମାତ୍ର ଆଶ୍ଚର୍ଯ୍ୟର କଥା ଯେ ସୁକାନ୍ତ ଅର୍ଥ ପାଇବାଟାକୁ ସେତେ ବାଞ୍ଛା ବୋଲି ଭାବି ନଥାଏ । ସେ କହେ "ମଣିଷର ଗୋଟାଏ ନବୀକରଣ ପ୍ରବୃତ୍ତି ଅଛି । ଆଉ ସେହି ନୂଆ କରି ଗଢିବାରେ ଥାଏ ତୃପ୍ତି ।" ଏହି ତୃପ୍ତି ଅନ୍ୟ କେଉଁ ପଦାର୍ଥରେ ନାହିଁ ।

ସୁକାନ୍ତ ଛବିଟିକୁ ବୁକୁରେ ଚାପିଧରେ ।

ଅନେକେ ତାହା ଦେଖି ଦେଖି ପ୍ରଶଂସା କରିଛନ୍ତି । ଅନେକେ ସେଥିରେ ଉଜ୍ଜ୍ୱଳ ପ୍ରତିଭାର ସଂକେତ ପାଇଛନ୍ତି ।

ଗୋଟାଏ ଆର୍ଟିଷ୍ଟ ଦୁଇଟି ଜୀବନର ଗୋଟିଏ ସନ୍ଧିସ୍ଥଳକୁ ଅବିକଳ ଫୁଟାଇ ପାରିଛି । ଛବିଟିକୁ ଦେଖିଲେ ମନେହୁଏ ସତେ ଯେପରି ଯୌବନ ବିରହଧରି ଫେରି ଯାଉଛି ଆଉ ଚକ୍ରବାଳର ଏକ ପାର୍ଶ୍ୱରୁ ପୁଣି ଚନ୍ଦ୍ରିକା ଉଚ୍ଛୁରିତ ହୋଇ ଯାଉଛି ।

ଲେ:—ଗୋପାଳଚନ୍ଦ୍ର, ମିଶ୍ର ବି. ଏ. (ଅନର୍ସ)

ମାତ୍ର ସୁକାନ୍ତ ଆର୍ଟଟିକୁ ବିକିଲା ନାହିଁ ।

କେତେକ ବର୍ଷ ପରେ ବସନ୍ତର ବଉଳରେ ମଞ୍ଜରୀ ସୁଖି ଯାଇଛି । ଅବସ୍ଥା ଚକ୍ରରେ ସୁକାନ୍ତ ସେହି ଆର୍ଟଟିକୁ ବିକିବାକୁ ଇଚ୍ଛା ପ୍ରକାଶ କଲା ।

ଅନେକ ପସନ୍ଦ କଲେ । ଅନେକ ହଜାର ଟଙ୍କାରେ କିଣି ନେବେ ବୋଲି ଇଚ୍ଛା ପ୍ରକାଶ କଲେ ।

Digitized by srujanika@gmail.com

ନବଗ୍ରହ ଶିଖରେ ବସି ଗୌରୀ ପୁଚ୍ଛନ୍ତି ଶଙ୍କରଙ୍କୁ, "ହେ ଦେବ—ଏ ସମ୍ବତ୍ସରରେ ଉତ୍କଳ ଖଣ୍ଡର ଫଳାଫଳ ଶୁଭାଶୁଭ ବର୍ଣ୍ଣନା କରନ୍ତୁ ।

ଶଙ୍କର କହିଲେ ହେ ଦେବୀ ଶୁଣ:—

ଉତ୍କଳ ଖଣ୍ଡରେ ବର୍ତ୍ତମାନ ଭୋଗ ହେଉଛି କଂଗ୍ରେସାବ୍ଦ ୧୨—ମହତାବାବ୍ଦ ୩—୪ । ଏ ସମ୍ବତ୍ସରର ନାମ ମହାକାଳ । ଯୁଗର ନାମ ଏକତ୍ରୀ କରଣ । ଏହା ଓଡ଼ିଶା ସହିତ ଗଡ଼ଜାତର ଏକତ୍ରୀ କରଣ କରାଇଲା-- ରାଜା ସହିତ ପ୍ରଜାର ଏକତ୍ରୀ କରଣ ଓ ସ୍ୱାମୀ ସହିତ ସ୍ତ୍ରୀ ର ଏକତ୍ରୀ କରଣ କରାଇଲା । ମେଘ ମାନଙ୍କର ନାମ—କାଳମେଘ ବିଦ୍ୟୁତଙ୍କର ନାମ—ଚପଳା । ସମୁଦ୍ରଙ୍କ ନାମ କାଳାମ୍ବୁ । ବାୟୁଙ୍କ ନାମ—ତପ୍ତଶ୍ୱାସୀ । ବ୍ରହ୍ମାଙ୍କ ନାମ—ଅପରତାଗ୍ରସ୍ତ । ବିଷ୍ଣୁଙ୍କ ନାମ—ବାଳକ ବତ୍ସଳ । ଲକ୍ଷ୍ମୀଙ୍କ ନାମ ସୁଭଦ୍ରା । ଶିବଙ୍କ ନାମ—ସର୍ବଗ୍ରାସୀ । ଇନ୍ଦ୍ରଙ୍କ ନାମ—ପ୍ରଜାତନ୍ତ୍ରୀ । ଶଚୀଙ୍କ ନାମ—ମିହାଣୀ । ଅଷ୍ଟ ଦିକ୍‌ପାଳଙ୍କର ନାମ ଯଥା—ବୀରେନ୍ଦ୍ର, ଭୈରବ, ନୀଳମଣି, ରାଜୁ, କହ୍ନେଇ, ସୁଧୀର ମାୟାଧର, ମୁରଲୀ ।

ଏ ସମ୍ବତ୍ସରରେ ରାଜାଙ୍କ ନାମ ଗାନ୍ଧିବାଦ ପଞ୍ଚ ମନ୍ତ୍ରୀଙ୍କ ନାମ ଯଥା—ମହତାବ ସ୍ୱେଚ୍ଛାଚାରୀ, ନିତ୍ୟାନନ୍ଦ—ଅନୁଗାମୀ, ଲିଙ୍ଗରାଜ—ଶନୈଃପନ୍ଥୀ, ରାଧାକୃଷ୍ଣ—କପଟବ୍ୟୂହ, ରଣଜିତ—ଅଦିବାସୀ, କର୍ମର ନାମ--ଘାସକୁଦ, ଜଳଭଣ୍ଡାର ଓ ରାଜଧାନୀ ସ୍ଥାପନା, କରଣ ର ନାମ—ମନ୍ଥର-ଗତି, ଧର୍ମର ନାମ—ପ୍ରବଞ୍ଚନା, ପ୍ରେମର ନାମ ସ୍ୱାର୍ଥପ୍ରେମ । ସତ୍ୟର ନାମ "ପ୍ରଜାତନ୍ତ୍ର" ମନ୍ତ୍ରର ନାମ ହରେକୃଷ୍ଣ, ବ୍ରତର ନାମ ରାଜନୀତି—ନୀତିର ନାମ—ଭେଦ ନୀତି । ଭେକର ନାମ—ଖଦଡ଼ । ଦେବାଳୟର ନାମ—ସର୍କିଟ ଭବନ । ସ୍ୱର୍ଗର ନାମ—ବନ୍ଧାଶିବାଗ୍ । ମର୍ତ୍ତ୍ୟର ନାମ—ସ୍ୱରାଜ ଆଶ୍ରମ, ପାତାଳର ନାମ—କଲେଜଗଳି ।

ଏ ସମ୍ବତ୍ସରରେ ରାଜା କାଠକୁ ଫଳଂ ଚରଖା 'ପ୍ରକୃତ' ମନ୍ତ୍ରୀ—ମହାତପା—ଘଣ୍ଟ ଶିଳ୍ପର ପ୍ରସାରଣ ମୁକ୍ତୋହ୍ଲିତ ମୋଛ ପଣ୍ଡିତେ ଫଳଂ ନାଶ ପ୍ରାପ୍ତ । କାରଣ—



ମଦନ ପଣ୍ଡ ନାୟକ—ଫଳଂ—ମହତାବୀଦଳର ବୃଦ୍ଧି କରଣ ଓ ଚକ୍ର ସୃଜନ । ଡ଼ଟର—ଚିନ୍ତାମଣି—ଫଳଂ ବିଶ୍ୱାସ ଘାତକତା, ପରନ୍ତୁ ଧାନବନ୍ଧୁ— ଫଳଂ ପ୍ରଭୁଭକ୍ତି ଓ ଯଶୋଗାନ ।

ଅଥଃ—ଭାଗ ସଂଖ୍ୟା

ବର୍ଷା—୧୦ ଭାଗ ବାୟୁ—୯ ଭାଗ, ଅଗ୍ନି ଭୟ—୫୫ ଭାଗ, ଚୋର ଭୟ—୭ ଭାଗ, ରୋଗ—୧୫୫ ଭାଗ, ଔଷଧ—୪୫ ଭାଗ, ଅନ୍ନ—୩ ଭାଗ, ଦୁରାଗ୍ରହ—୫ ଭାଗ, ବ୍ୟଭିଚାର—୧୩ ଭାଗ, ଅତ୍ୟାଚାର—୧୮, ସଦାଚାର—୩ ଭାଗ, ଅନାଚାର—୧୭ ଭାଗ, ପାପ—୧୪ ଭାଗ, ପୁଣ୍ୟ—୩ ଭାଗ, ଜନ୍ମ—୧୩ ଭାଗ, ମୃତ୍ୟୁ—୧୧ ଭାଗ, ସତ୍ୟ—୩୫ ଭାଗ, ମିଥ୍ୟା—୨୧୫ ଭାଗ, ( କମ୍ୟୁନିଷ୍ଟ—୧୧ ଭାଗ କଂଗ୍ରେସ—୯ ଭାଗ, ଓଙ୍କଳ—୧୫ ଭାଗ ) ଲଞ୍ଚ—୧୭୫୧, ( କଂଗ୍ରେସିଅ—୯୫ ଭାଗ, କମ୍ୟୁନିଷ୍ଟ—୫ ଭାଗ, ଅମଲା—୩ ଭାଗ । )

ଏ ବର୍ଷ ଆରମ୍ଭରୁ ଅଡ଼କ ରହିବ ମହତାବଙ୍କ ହାତରେ ଫଳରେ ଯୋଜନା ଓ ପରିକଳ୍ପନାମାନ କଷ୍ଟର୍ କାର୍ଯ୍ୟକାରୀ ହୋଇବ । ଏ ଯୋଜନା ବା ପରିକଳ୍ପନାର କାର୍ଯ୍ୟ କାରଖାରୁ ବେଶୀ ଭାଗ ମୁନାଫା ଉଠାଇବେ ପୂର୍ବ ବିଭାଗୀୟ କର୍ମକର୍ତ୍ତା ମାନେ ।

ଏ ସମ୍ବତ୍ସରରେ କଂଗ୍ରେସର ପ୍ରତିପତ୍ତି ହ୍ରାସ ପାଇବ—କଂଗ୍ରେସ ଭିତରେ କ୍ଷମତା ଲାଳସା ଭୁଅଗ୍ରେସୀ, ଦଗାବାଜ, ବୁଦ୍ଧି ପାଇବ—ରାମା, ଶାମା, ଦାମା, ନିଜକୁ ନେତା ବୋଲାଇ ପ୍ରତିପତ୍ତି ବଢ଼ାଇବାକୁ ଚେଷ୍ଟା କରିବେ, ଲୋକଙ୍କୁ ଶୋଷଣ କରିବେ ଫଳରେ କଂଗ୍ରେସ ପ୍ରତି ଲୋକ ସାଧାରଣଙ୍କର ଆସ୍ଥା କମିଯିବ ।

ସାମ୍ୟବାଦୀ ଦଳ କଂଗ୍ରେସରୁ ବହିଷ୍କୃତ ହୋଇ ଦେଶକୁ ନୂଆ ମାର୍ଗରେ ଚାଲିବା ପାଇଁ ନିର୍ଦ୍ଦେଶ ଦେବେ । ତହୁଁ ଲୋକଙ୍କର ପ୍ରିୟ ହୋଇବେ । ସେମାନଙ୍କର ପ୍ରତିପତ୍ତି ଦିନୁଦିନ ବଢ଼ିବ ଓ ତାଙ୍କ ପକ୍ଷରେ ଜନମତ ରହିବ ।

ଏ ସମ୍ବତ୍ସରରେ ମହତାବଙ୍କ କୋଷ୍ଠିରେ ପଦନ୍ନୋତିର ସମ୍ଭାବନା ଲେଖୁଛି—କିନ୍ତୁ ମହତାବ ଉତ୍କଳ ଖଣ୍ଡର ଏକଚ୍ଛତ୍ର ଅଧିକାର ଛାଡ଼ି ପଦୋନ୍ନୋତି ଗ୍ରହଣ କରିବେ ନାହିଁ । ତହୁଁ ବିଶ୍ୱନାଥଙ୍କ ଭାଗ୍ୟରେ ଚିକା ଛିଣ୍ଡିବାର ସମ୍ଭାବନା ।

ପ୍ରବାସୀ ଓଡ଼ିଆ ମହଲରେ ବହୁଳ ପ୍ରଚାର ସତ୍ତ୍ୱେ ମହତାବୀ ମନ୍ତ୍ରୀ ମଣ୍ଡଳର ସୁନାମରେ ବାଧା ଜନ୍ମିବ । ବିଶ୍ୱନାଥ ପ୍ରବାସୀ ମହଲରୁ ଅପଯଶ ପାଇବେ । ଉତ୍କଳ ଭବନ ନିର୍ମାଣ ସୁଦୂର ପରାହତ ହୋଇବ । ପ୍ରବାସୀ ଓଡ଼ିଆଙ୍କର ଏ ମନ୍ତ୍ରୀ ମଣ୍ଡଳ ଉପରୁ ଆସ୍ଥା କମିଯିବ ।

ନବ ମିଶ୍ରିତ ଗଡ଼ଜାତ ଅଞ୍ଚଳକୁ ନେଇ ରାଜାମାନଙ୍କର ସ୍ୱତନ୍ତ୍ର ରାଷ୍ଟ୍ର ସଂଗଠନର ଉଦ୍ୟମ ପଣ୍ଡ ହୋଇବ । କୁଚଟୀ ରାଜା ମାନଙ୍କର ଷଡ଼ଯନ୍ତ୍ର ଧରା ପଡ଼ିଯିବ । ଏହି ନବ ମିଶ୍ରିତ ଅଞ୍ଚଳରେ ସାରଙ୍ଗଧର ଓ ସାମ୍ୟବାଦୀ ସୁରେନ୍ଦ୍ରଙ୍କର ଖ୍ୟାତି ଦିନୁ ଦିନ ବଢ଼ିବ ।

ଏ ସମ୍ବତ୍ସରରେ ସ୍ୱଳ୍ପ ଜଳବୃଷ୍ଟି ଓ ଶସ୍ୟ ହାନୀ ହୋଇବ । ରବି ସହ ଯୁକ୍ତ ରବି ଶନି ଓ କେତୁ ମଙ୍ଗଳ ଯୁକ୍ତ ହୋଇ ଥିବାରୁ—ଉତ୍କଳ ଖଣ୍ଡରେ ଅଣଓଡ଼ିଆଙ୍କର ପ୍ରଭୁତ୍ୱ ବଢ଼ିବ । ମହତାବଙ୍କ ସେବାକାରୀ ମାନଙ୍କର ଭାଗ୍ୟରେ ଶିକା ଛିଡ଼ିବ । କଂଗ୍ରେସ ଭିତରେ ଦୁଇଦଳ ସୃଷ୍ଟି ଯୋଗ ଲେଖୁଛି—ଏକ ସ୍ୱତନ୍ତ୍ର ମହତାବୀ ଦଳ ଓ ଅନ୍ୟ ସାଧାରଣ କଂଗ୍ରେସୀ ଦଳ । ଫଳାଫଳ ଅଶୁଭ । ଇତି ନବବର୍ଷର ପାଞ୍ଜି ସମାପ୍ତ ।

—*—

## କୁଟୁ କୁଟୁ

ପିଲା—ବାପା ଲାଟ ସାହେବ ଯେଉଁଠିକି ଯାଉଛନ୍ତି ସେଠିଁ ସଭା କରି ପଛୁଆ ବାଟୁଛନ୍ତି କିନ୍ତୁ ମନ୍ତ୍ରୀମାନେ ତ କାହିଁ ସେମିତି କରୁ ନାହାନ୍ତି ।

ବାପା—ମନ୍ତ୍ରୀ ମାନଙ୍କର ସମୟ ବଡ଼ ଅଭାବ । ଠିକେ ଠିକେ କି କେତେ କାହୁଁ ଥିବେ । ସେଥିଲାଗି ଏକା ଥରକେ ତାଙ୍କ ଦ୍ୱାରରେ ସୁନା ଦଳ ବସେଇ ଦେଉଛନ୍ତି ପରା ।

× × ×

Digitized by srujanika@gmail.com

# ମିସ୍ ଏମ୍ ହୋଲ୍‌କାର୍

ଶ୍ରୀ ବିନୋଦ ଚନ୍ଦ୍ର ନାୟକ ଏମ୍ ଏ

—୧—

ଶୀତର ସନ୍ଧ୍ୟା  ହୃଦୟ ଅଥିର  ଚନ୍ଦ୍ର ଉଠୁଛି ଦୂରେ
ନିକଟ ନୈସନେ  କୁଳରମଣୀ କେ  ଗାଉଛି ମାମୁଲି ସୁରେ ।
ଜଳଙ୍ଗଲେ ବସି  ଏକାକୀ ରୂପସି-  ବଧୂ କେ ବାସନ ମାଜେ
ବାହୁବନ୍ଧକାରେ  ଶୃଙ୍ଖଳା ହୀନ  କାଚ ଚୁଡ଼ି ଝୁଣୁଝୁଣୁ ବାଜେ ।
ଏମନ ସମୟେ  ତୁମେ ଯେ ଆସିଲ…  ଛୋଟ ଟିପୟ୍‌ର ଧାରେ
ବସି ମୁହିଁ ଥିଲି  ବ୍ୟସ୍ତ ନିଜର  ବିଛଣା ସଜାଇବାରେ ।
ପଡ଼ୋଶୀ ଘରର  ଟଗର ଗଛ ପରେ  ବାଳିକା ଫୁଲର ସଙ୍ଗ
ଗନ୍ଧ ଆକୁଳ  ବିବ୍ରତ ମତେ  କରୁଥିଲା ମନ ଭଙ୍ଗ ।
ଏମନ ସମୟେ  ତୁମେ ଯେ ଆସିଲ…  ବାହାର ଜଗତ ଛବି—
ଓ ଏ ମହାନ୍ ଭାବୁକତା ମୋର
ଥାଉ ଅବା ମୁଲତବି ।

—୨—

ଖୁବ୍ ଭଲ ହେଲା  ତୁମେ ଯେ ଆସିଲ !  ତୁମରେ ନେଇ ଏଠାରେ
ଏମନ ନିରୋଳା  ସମୟେ ଅନେକ  କିଛି କରି ଯାଇ ପାରେ
ଆଣି ଦୁଇଟିର  ଭୁବନ ମୋହିନୀ-  ଛବିଟି ବା କାମେରାରେ
ଅଥବା ଓଠରେ  ଦୁଷ୍ଟ ହସଟି  ବନ୍ଦିନୀ କରି ପାରେଁ ।…
କିନ୍ତୁ କିଛି ମୁଁ  କରି ନ ଥିଲିତ;  ତୁମେ ପ୍ରିୟ ଆସିଥିଲ:
ଏଇ ଆନନ୍ଦେ  ବିଭୋର ଚିତ୍ତ  ଅଶ୍ରୁ ଆଣିଥିଲ—
ହୋଇ ଥିଲା ସେଇ  ସାୟାହ୍ନ ବେଳା ।  ଦୁଇଜଣ ମୁହାଁ ମୁହିଁ
ନୀରବ ମଧୁର  କୂଜନ ରେ ଖାଲି  ସୁଖିଥିଲେ ଖୁବ୍ ହୋଇ !

—୩—

ତୁମେ ଆସିଥିଲ  ଚ୍ୟାଂ-ଟିୟେନ୍-ଇର*  କେତୋଟି କିତାବ ମାଗି
କିନ୍ତୁ ଭୁବନ-  ମୋହିନୀ ବେଶକୁ  ସଜାଯାଏ ସେଥି ଲାଗି ।
କବରୀ ସଜାଡ଼ି  ପରିପାଟି କରି  ହାୟାସିନ୍ଥ୍ ଫୁଲ ଦିଅ
ସୀମନ୍ତ ତଟେ  ହାସୁନ୍-ଇ-ହେନାର ବିଲେପନ କମନୀୟ,
ଉଚ୍ଚକୁଚର  ବନ୍ଧନୀ ପରେ  ଅଲସ ବାମରୁ ଛାଡ଼
ନିବିଡ଼ ଭାବରେ  ଲାଗି ରହି ଥିଲା  କ୍ରେପ୍-ଡି-ଚାଇନା - ଶାଢ଼ୀ ।
ଜାପାନୀ ସ୍ତରର  ହେଜଲିଟ ବ୍ୟାଗଟି  କରି ସରୋରୁହ ଧାରେ:
ଏମନ୍ତ ବେଶେ  ଆସିବାକୁ ହୁଏ  କିତାବଟି ମାଗିବାରେ !

—୪—

କେତେ ଥର କ୍ଲାସେ ଦେଖିଛି ତୁମରେ ସହଜ ସୁବୋଧ ଅତି
ସମ୍ଭ୍ରମ ଆଣି  ନମ୍ର ଶୃଙ୍ଗାଣୀନମ୍ର ମଜନାବତୀ ।
ଶରଦ ମଲ୍ଲୀ  ବକୁଳ ଗୁରୁ  ଲଜ୍ଜା ଅନତ ଗୁରୁ
ବାମନ ପରି ମୁଁ  ନଭ ଚନ୍ଦ୍ରରେ  ଜୁହାର କରିଛି ଦୂରୁ ।
ମନେ ପଡ଼େ କେବେ  କୁଟିଳ ପ୍ରଶ୍ନେ  ବିମୂଢ଼ କରିଛ ମୋତେ
ସ୍ତମ୍ଭିତ ତନୁ  ମୁଗ୍ଧ ଏ ମନ  ବିବ୍ରତ ଅନୁବ୍ରତେ ।
ନିଜର ଦୈନ୍ୟେ  ବସନେ ଓ ଅଙ୍ଗ- ରଙ୍ଗେ ତୁମ ଆଗେ ଛିଡ଼ା
ହୋଇବାରେ କେତେ ଥର ବାଜୁଛି  ପାଇଛି ଗଭୀର ବ୍ରୀଡ଼ା ।
ତେବେ ତୁମେ କିପାଁ  ସେ ଦିନ ଦୁଆରେ ଆସିଲ ଦିବସ ଶେଷେ,
ଆସିଥିଲ ପୁଣି  ରାଣୀ ବେଶେ ଅଭିଭୁବନ ମୋହିନୀ ବେଶେ ।

—୫—

ଅତି ପ୍ରଗଲ୍‌ଭ  କାନେ କାନେ ମୋର କହିଲ ତୁମେ କି କଥା
ବୁକେ ଲାଗିଥିଲା  ସୁଖର ସମାନ  ଦାରୁଣ ମଧୁର ବ୍ୟଥା ।
ଘାଟଘାଡ଼ୀ ଅବା  ପରିଗ୍ରହ ପଣେ  ଦେଲ ପଥରର ଶିରେ
ବନ୍ଦାଇଲ ବା  ତାଳ ସେ ଲଗନେ  ସୁନାର କଳସୀ ନୀରେ !
ପଥର ମଣି  କାଂଚନେ ଭରି  ଦେଲ ବା ସୁନାର ଥାଳି,
ଅଜ୍ଞ କି ଲେଖିବ  କାଯେ ଛାଡି ଗଲ  ଲୋକେ ଲୋକେଦେବେ ଗାଳି ।
କାହିଁକି ଆସିଲ  କି ଛଳନା କରି  ବୁଝି ନେଲି ଅବଶେଷେ
ବୁଝିବ ନେଲଯେ  ଆସିଥିଲ କିପାଁ  ଭୁବନ ମୋହିନୀ ବେଶେ ।

—୬—

କେତେବେଳୁ କିଭ ଗଳିଣି ଚନ୍ଦ୍ର  ଗିରି ଶୃଙ୍ଗର ପାରେ
କେଲ ଘଣ୍ଟାରେ  ଗୋଟାଏ ବାଜିଲା  ନିରୋଳା ଅନ୍ଧାରରେ;
ତୁମେ ଫେରି ଥିଲ  ଖାଲି ସଂକୋଚେ  ବିଦାୟ ଟି ବି ନ ମାଗି,
ଅଶ୍ରୁ ବୃଥା…  ଏଇ ଆଣି ଧାରେ  ନିଦ୍ରା ନ ଥିଲା ଲାଗି ।
ତୁମରି କେଶର  ଢିଲା ଟିଲପିତ  ବିଛଣାର ଲଘୁବାସ
ସେ ଦିନ ବାସନା  ଝିଙ୍କର ଶବ୍ଦେ  ରଚିଲା ମତ୍ତ ସ୍ୱପ୍ନ ।
ଆଜି ଜୀବନର  ସଂଗ୍ରାମେ ମୁହିଁ  ପରିକ୍ଳାନ୍ତ ପଥ ଗୃହୀ
କେତେ ସଂଧ୍ୟାରେ ବସି ଯେବେ ପୋଛେଁ ଭାଲୁଁରୁ ସ୍ୱେଦ ବାରି,
ତୁମେ ମନେ ପଡ଼  ଆଉ ମନେ ପଡ଼େ  ଅଶ୍ରୁର ସରୋବରେ
ନିମେଷକ ଲାଗି  ମାନସ ପଦ୍ମ  ଫୁଟିଥିଲା ନିଜକରେ ।
ଅନେକ ଦିନର  ପୁରୁଣା ସେ କଥା…, ହେ ସହପାଠିନୀ ମୋର
ଆଜିବି ତୁମର  ମନେ ପଡ଼ ସବୁ  ଜଗାଏ ଚିତ୍ତ ଲୋର !
ମନେ କି ପଡ଼ଇ  ସେଇ ଆସିବାର  ଏକଦା ସଂଧ୍ୟାଶେଷେ
ଏକ ଅଭାଗାର  ଘନୁ ଭିକ୍ଷାରେ  ଭୁବନ ମୋହିନୀ ବେଶେ ।

---

* ଚ୍ୟାଂ ଟିୟେନ୍‌ଙ୍କ ଜନ୍ମ ୧୯୦୬ ସାଲ । ଆଧୁନିକ ଚୀନାଛାତ୍ର ଏବଂ ବୁଦ୍ଧିଜୀବୀ ସମ୍ପ୍ରଦାୟ ଉପରେ ତାଙ୍କ ପ୍ରଭାବ ଖୁବ୍ ବେଶୀ । ଗଳ୍ପ ଉପନ୍ୟାସ ଏବଂ କିଶୋର ସାହିତ୍ୟରେ କେତୋଟି ବହି ନେଇ ତାଙ୍କ ଗ୍ରନ୍ଥ ସଂଖ୍ୟା ପ୍ରାୟ ୩୦ । ତାଙ୍କ ଲେଖାରେ ପାଶ୍ଚାତ୍ୟ ପ୍ରଭାବ କିଂଚିତ୍ ସ୍ପଷ୍ଟ । ବର୍ତ୍ତମାନ ଚୀନା ସାହିତ୍ୟରେ ସେ ଜଣେ ସବ୍ୟସାଚୀ । ଲେଖକ—

Digitized by srujanika@gmail.com

# ଗାନ୍ଧୀ ଚିନ୍ତାର ଧାରା

## ସ୍ୱଦେଶୀ

ହାତ ତନ୍ତ ଅତି ମୃତ ଅବସ୍ଥାରେ। ଗତବର୍ଷ ବୁଲିବା ବେଳେ ମୁଁ ବହୁ ତନ୍ତୀଙ୍କୁ ଦେଖା କରିଛି, ଏମାନେ ଓ ଏମାନଙ୍କର ବହୁ-ପରିବାର ଏକଦା ଏଇ ସାଧୁ ଉନ୍ନତ ବ୍ୟବସାୟରୁ ବଞ୍ଚିତହେଲେ, ଶୁଣିଲେ ହୃଦୟ ବ୍ୟଥିତ ହୁଏ। ଆମେ ଯଦି ସ୍ୱଦେଶୀ ଧର୍ମ ଗ୍ରହଣ କରୁ, ତେବେ ପ୍ରଥମେ ଆମର ପ୍ରତିବେଶୀଙ୍କର ଜୀବନବୃତ୍ତି ର ଅଭାବ ଦୃଷ୍ଟିରେ ଆମର ଅବଶ୍ୟକତା ତୁଲାଇ ଯାଇବା ଭଲ ପଡୋଶୀଙ୍କୁ ଦେଖି ସେ ଯଦି ତୁଲାଇବାର ଶିକ୍ଷା ପାଇ ନ ଥାନ୍ତି ତେବେ ତାଙ୍କୁ ଶିକ୍ଷା ଦେବା ଆମ୍ଭମାନଙ୍କର କର୍ତ୍ତବ୍ୟ ହୋଇଯିବ। ତାପରେ ଦେଖିବେ ଭାରତର ପ୍ରତ୍ୟେକ ଗ୍ରାମ ଗୋଟିଏ ଆତ୍ମ ନିର୍ଭରଶୀଳ ସ୍ୱୟଂସଂସ୍ଥା ହୋଇ ଉଠିଛି। କେବଳ ଯେଉଁ ଦ୍ରବ୍ୟର ସ୍ଥାନୀୟ ଉତ୍ପନ୍ନ ଅସମ୍ଭବ ସେହି ଦ୍ରବ୍ୟ ନିକଟବର୍ତ୍ତୀ ଗ୍ରାମମାନଙ୍କର ବଦଳ ପ୍ରଥାରେ ଅଣାଯାଇପାରେ। ଏସବୁ ନିର୍ବୋଧ ଯୁକ୍ତି ମନେ ହୋଇପାରେ। କିନ୍ତୁ ଏ ଭାରତ ଗୋଟିଏ ନିର୍ବୋଧ ଦେଶ ବୋଲି ବୋଲାଯାଇପାରେ। ଶୋଷରେ ମଣିଷର ଛାତି ଫାଟି ଯାଉଛି। କିନ୍ତୁ ସେ ଜଣେ ଦୟାଳୁ ମୁସଲମାନଠୁଁ ପାଣି ପିଇବ ନାହିଁ। ହଜାର ହଜାର ହିନ୍ଦୁ ମୁସଲମାନଠାରୁ ପାଣିପିଇବାଠାରୁ ମରିବାକୁ ଶ୍ରେୟ ମନେ କରିବେ। ଏଇ ନିର୍ବୋଧ ଲୋକଙ୍କୁ ଯଦି ବୁଝାଇ ଦିଆ ଯାଏ ଯେ କେବଳ ଭାରତ ଉତ୍ପନ୍ନ ଖାଦ୍ୟ ଓ ଭାରତପ୍ରସ୍ତୁତ ପରିଧାନ ଧର୍ମତଃ ଗ୍ରହଣୀୟ ତେବେ ସେମାନେ ଭାରତୀୟ ଖାଦ୍ୟ ପରିଧେୟ ବ୍ୟତୀତ ଅନ୍ୟ ଖାଦ୍ୟ ପେୟକୁ ସହଜରେ ବର୍ଜନ କରିଦେବେ। ଜର୍ଜନ ସାହେବ ଗୃ ପାନ ପ୍ରବର୍ତ୍ତନକଲେ। ସେଇ ଉତ୍କଟ ମାଦକ ବର୍ତ୍ତମାନ ତାଙ୍କୁ ଅକାନ୍ତ କରୁଣି। ଅସଂଖ୍ୟ ଲୋକଙ୍କର ଅଗ୍ନିମାନ୍ଦ୍ୟର କାରଣ ହୋଇ ଏଇ ମାଦକ ଗରିବ ଦେଶବାସୀଙ୍କର ପରିମିତ ଆୟ ଉପରେ କର ଧାର୍ଯ୍ୟ କଲଣି। ନର୍ମ୍ମ ହାଉଞ୍ଜ ଅଭ ସ୍ୱଦେଶୀ ସଭ୍ୟତାର ପ୍ରତିଷ୍ଠାକରି ଦେଇ ପାରିଲେ ସମଗ୍ର ଦେଶ ବିଦେଶୀଦ୍ରବ୍ୟ ବର୍ଜନ କରି ଦେବ। ଭଗବତଗୀତାରେ ଗୋଟିଏ ଶ୍ଳୋକାର୍ଥ ହେଉଛି ସାଧାରଣ ଲୋକ ଶ୍ରେଷ୍ଠ ଲୋକମାନଙ୍କର ଆଚରଣକୁ ଅନୁସରଣ କରନ୍ତି। ଯଦି ସମାଜର ଚିନ୍ତାଶୀଳ ଲୋକେ ସ୍ୱଦେଶୀ ପଣ ଗ୍ରହଣ କରନ୍ତି ଏ ଅବସ୍ଥା ଦୂର ହୋଇଯିବ। ଅବଶ୍ୟ ପ୍ରଥମରେ ବହୁ ଅସୁବିଧା ହୋଇପାରେ। ମାନବର ଜୀବନ ବିକାଶରେ କୌଣସି ଦିଗରେ ଅନ୍ୟଙ୍କର ହସ୍ତକ୍ଷେପକୁ ମୁଁ ଘୃଣା କରେ। ତଥାପି ତାହାକୁ ଅଳ୍ପ ମନ୍ଦ ବୋଲି ଯାଇପାରେ। କିନ୍ତୁ ବିଦେଶୀ ପଦାର୍ଥ ଉପରେ କଠିଣ କର ଧାର୍ଯ୍ୟ କରିବାକୁ ମୁଁ ମନ୍ଦ୍ୟକରିବ, ସ୍ୱାଗତ କରିବି ଏବଂ ତା ପକ୍ଷରେ ଯୁକ୍ତି ବାଢ଼ିବି। ନେଟାଲ ଏକ ବ୍ରିଟିଶ ଉପନିବେଶ। କିନ୍ତୁ ଅନ୍ୟ ଏକ ବ୍ରିଟିଶ ଉପନିବେଶ ମରିସସରୁ ଗୁଡ଼ ଆମଦାନୀ ଉପରେ କର ବସାଇ ନିଜର ଗୁଡ଼ ଶିଳ୍ପର ସଂରକ୍ଷଣ କଲା। ଭାରତ ଉପରେ ଜବରଦସ୍ତି ଅବାଧ ବାଣିଜ୍ୟର ଦୁର୍ଭାବ ବିସ୍ତାର କରି ଇଂଲଣ୍ଡ ପାପ କରିଛି। ଇଂଲଣ୍ଡ ପକ୍ଷରେ ଏହା ଖାଦ୍ୟ ହୋଇପାରେ କିନ୍ତୁ ଏ ଦେଶ ପକ୍ଷରେ ତା ବିଷ ସଦୃଶ।

କୁହା ଯାଉଛି—ଅର୍ଥନୈତିକ ଜୀବନରେ ଭାରତ ସ୍ୱଦେଶୀ ଗ୍ରହଣ କରିପାରି ନପାରେ। ଯେଉଁମାନେ ଏ ଆପତ୍ତି ଉଠାନ୍ତି ସେମାନେ ସ୍ୱଦେଶୀକୁ ଜୀବନରବ୍ରତ ରୂପେ ଗ୍ରହଣ କରନ୍ତି ନାହିଁ। ସେମାନଙ୍କ ଦୃଷ୍ଟିରେ ସ୍ୱଦେଶୀ ଏକ ଜାତୀୟ ଭାବ। ଏବଂ ଏ ଭାବ ଯେତେବେଳେ ଆତ୍ମ-ବଞ୍ଚନାରେ ପରିଣତହୁଏ ସେତେବେଳେ ତାହାବର୍ଜନୀୟ। ଏଠାରେ କିନ୍ତୁ ସ୍ୱଦେଶୀ ଏକ ଧାର୍ମିକ ଅନୁବନ୍ଧ। ଶାରୀରିକ ଅସ୍ୱାଚ୍ଛନ୍ଦ୍ୟକୁ ଖାତିର ନକରି ପାଳନ କରିବାକୁ ହେବ। ଏହା ପାଳନ ଫଳରେ ଯଦି ଗୋଟିଏ ପିନ୍ ବା ଛୁଞ୍ଚି ମଧ୍ୟ ଭାରତରେ ପ୍ରସ୍ତୁତ ନୁହେଁ ବୋଲି ବର୍ଜନ କରାଯିବାରେ ଆତଙ୍କିତ ହେବାର ନାହିଁ। ଅତି ଯାହା ଅନାବଶ୍ୟକୀୟ ମନେହୁଏ ସେପରି ଚିଜ୍‌ଚିଜ୍‌ପଦାର୍ଥ ବ୍ୟବହାର ନକରି ଚଳିପାରିବାର କୌଶଳ ସ୍ୱଦେଶୀବାଦୀର ଶିଖିଥିବା ଉଚିତ। ଅଧିକନ୍ତୁ ଯେମାନେ ଅସମ୍ଭବ ବୋଲି ସ୍ୱଦେଶୀକୁ ପରିହାର କରନ୍ତି ସେମାନଙ୍କର ବୁଝିବା ଉଚିତ ଯେ ସ୍ୱଦେଶୀ ଏକ ଲକ୍ଷ୍ୟ। ସେ ଲକ୍ଷ୍ୟରେ ପହଞ୍ଚିବାକୁ ଉଦ୍ୟମ ଆବଶ୍ୟକ। ଯଦି ଆମେ ଅଳ୍ପ କେତେ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରୁ ଏବଂ ଯାହା ସ୍ୱଦେଶରେ ପ୍ରସ୍ତୁତ ହୋଇ ପାରୁନାହିଁ ତାହା ବିଦେଶରୁ ଆଣି ବ୍ୟବହାର କରୁଁ ତେବେ ତାହା ମଧ୍ୟ ସ୍ୱଦେଶୀ ଲକ୍ଷ୍ୟ ଦିଗରେ ଅଗ୍ରଗମନ ବୋଲି ବିଚାରିବା ଉଚିତ।

ସ୍ୱଦେଶୀ ବିରୁଦ୍ଧରେ ଆଉ ଏକ ଆପତ୍ତି ବିଚାର କରିବାକୁ ରହିଲା। ଆପତ୍ତିକାରୀମାନେ କହନ୍ତି ଏହା ଏକ ସ୍ୱାର୍ଥାନ୍ୱେଷୀତ। ସଭ୍ୟ ଜଗତର ନୈତିକ ଅନୁମୋଦନ ଏଥିରେ ନାହିଁ। ସ୍ୱଦେଶୀ ପାଳନର ଅର୍ଥ ତାଙ୍କ ପକ୍ଷରେ ଅସଭ୍ୟତା ଯୁଗକୁ ପ୍ରତ୍ୟାବର୍ତ୍ତନ। ମୁଁ ଏହାର ସମ୍ୟକ ଆଲୋଚନା ଏଠାରୁ କରୁନାହିଁ। କିନ୍ତୁ ମୁଁ କହିବି ଯେ ପ୍ରେମ ଏବଂ ଅହିଂସାର ପୋଷକ ଯଦି କୌଣସି ନୀତି ଥାଏ ତେବେ ତାହା ହେଉଛି ଏଇ ସ୍ୱଦେଶୀ। ମୁଁ ମୋ ନିଜ ପରିବାରର ସେବା କରିପାରୁ ନାହିଁ ଅଥଚ ସମଗ୍ର ଭାରତର ସେବା କରିବାକୁ ଉଦ୍ୟତ। ଏହା ମୋର ଧୃଷ୍ଟତା। ଉଚିତ ହେଉଛି ମୋର ସେବାକୁ ମୋର ପରିବାର ଉପରେ ନ୍ୟସ୍ତ କରି ତାହାର ଭିତରେ ସା... ଜାତିର ବା ସାରା ମନୁଷ୍ୟ ଜାତିର ସେବା କରୁଛି ବୋଲି ବିଚାରିବା। ଏହାହିଁ ଶାନ୍ତ... ଏବଂ ଏହାହିଁ ପ୍ରେମ। କାର୍ଯ୍ୟର ଉଦ୍ଦେଶ୍ୟ ଦୃଷ୍ଟିରୁ କୌଣସି କର୍ମର ଭଲ ମନ୍ଦ ବିଚାର କରାଯିବ। ଅନ୍ୟମାନଙ୍କର ଅବଜ୍ଞାକୁ ... ମୋର ପରିବାରର ସେବା ମୁଁ କରିପାରେ। ଉଦାହରଣ ସ୍ୱରୂପ ମୁଁ ଗୋଟିଏ ... ଲୋକଙ୍କଠୁ ଟଙ୍କା ଉଧାର ଦେଇ ଆଦାୟ କଲି ନିଜେ ଧନୀ ହୋଇ ମୋ ପରିବାରର ... ଦାବୀ ପୂରଣ କରିବା ଲାଗି। ... କ୍ଷେତ୍ରରେ ମୁଁ ବାସ୍ତ... ପରିବାରର ... ସେବା କରି ପାରିଲି ନାହିଁ। ଅନ୍ୟ ଦିଗରେ ମୁଁ ଭାବିପାରେ ଯେ ... ମୋ ଉପରେ ଯେଉଁ ମାନବ ... ସେମାନଙ୍କ ଭରଣ ପୋଷଣ ... ହାତ ଗୋଡ ଦେଇଛନ୍ତି। ଫଳରେ ... ଜୀବନ ସରଳ ହୋଇଯିବ। ... ମାନଙ୍କ ସଂସ୍ପର୍ଶରେ ମୁଁ ... ନଙ୍କ ଜୀବନ ମଧ୍ୟ ସରଳ ହୋଇଯିବ ... କ୍ଷେତ୍ରରେ ମୁଁ ଅନ୍ୟର ଅନିଷ୍ଟ ... ପରିବାରର ସେବା କରିବି। ଯଦି ... ଏହିଭଳି ଜୀବନ ... ଏକ ଆଦର୍ଶ ରାଷ୍ଟ୍ର ହୋଇଯିବ। ... ବେଳେକେ ... ପାରିବେ ନାହିଁ। କିନ୍ତୁ ଆମେ ...

(ପରପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# —ଦେବତା ବାପୁଜୀ—

କୁମାରୀ ସରସ୍ୱତୀ ରାଓ

କିଏ ଭରିଗଲା ହସ—ମାଟିର ଏ କରୁଣ କ୍ରନ୍ଦନେ ?
କିଏ ରଞ୍ଜିଗଲା ଏଇ ମୃତ୍ୟୁହୀନ ଆଲୋକ ମଣ୍ଡଳ
ଆକାଶ ପୃଥ୍ୱୀ ବେଗୁ ସାନ୍ଦ୍ର ଏ ତମିରେ ?
କୋଟି କୋଟି ଜୀବନର ମର୍ମନୁଦ ଆକୁଳ ଲୋତକେ
କେ ଜାଳିଲା ଅମର ଦୀପନ,—
ଦେଖିଲଣି ?

…ନିଖିଳ ମଣିଷ ବୁକୁ ବେଦନାରେ କିଏ
ଭରେ ଆଜ ଭବ ଭାବ ଅଶେଷର ଡାକ, ଶୁଣିପାର ?
ଅପଣା ଶୋଣିତରେ ଲେଖି ଉଜତର ପ୍ରେମ—ଇସ୍ତାହାର
କିଏ ସେହି ମହାକାଳ ଜୟୀ
ଡେଇଁଯାଏ ମୃତ୍ୟୁରଥେ ଲକ୍ଷ ଲକ୍ଷ ବର୍ଷର ପାହାଡ଼,
ଯୁଗ ଯୁଗ ଗହନ ବନସ୍ତ,
ଅଦଳ ବଦଳ ଭରା ବିପୁଳ ସାଗର,
ପଥେ ପଥେ ଅଟଳ ବିଜୁରି ?
ନିହାତ୍ ଯେ ଧର୍ମୀଜନ
ମଣିଷର ମରମରୁ ଉଜପାରେ ଅସ୍ତ୍ର ?

ଧୂଳିର ଧରଣୀ ତଳେ ମଣିଷ ସେ.
ଦେବତାଠୁ ତଥାପି ମହାନ ।
ମୁକ୍ତିର ଅଗ୍ରଦୂତ—ଅହିଂସା ଓ ସତ୍ୟର ପତାକ
ଥିଲା ଏଇ ଅନାଗତ ସୀମାତୀତ କାଳର ଲଲାଟେ
ଗଢ଼ିଯାଏ ମୁକ୍ତିର ଲକ୍ଷ ମୀଗଚିତ୍ର ,
କୋଣାର୍କର ବୁନିଅଦେ ସଂଖ୍ୟାହୀନ ଶାନ୍ତିର ଦେଉଳ
ମଣିଷର ହୃଦୟେ ହୃଦୟେ ।

ହେ ବାପୁଜୀ, ଏ ଜାତିର ଶ୍ରେଷ୍ଠ ଅବଦାନ ।
ତମେ ଯେବେ ମରିପାର, ଏଇ ଜାତି ବଞ୍ଚିବ କେମନେ?
ହୁଏତ ତମର ଦେହ ନାହିଁ ଏଇ ଧୂଳିର ସଂସାରେ,
କିନ୍ତୁ ତମ ଆତ୍ମା ଆଜି ଭରି ବୁଲେ ବସନ୍ତ ସଞ୍ଚାର
ମଣିଷର ମରମରେ ଦେବାଲାଗି ଦେବତ୍ୱ - ସ୍ପନ୍ଦନ ।
ତମର ଅହିଂସା ଆଜ ସତ୍ୟବାଣୀ ବେଦ ମନ୍ତ୍ରସମ
ଭାରତରେ କଲା ଆଜି ତୀର୍ଥ ।

ହେ ଅମର, ହେ ଅମୃତ !
ଜଗତ ଏ ମୃତ୍ୟୁ ଆଜି ସୀମାହୀନ କାଳର ଶଗରେ
ତମନାମେ ଜୀବାତ୍ମାର ସନାତନ ଶ୍ରେଷ୍ଠ ଅନୁଷ୍ଠାନ ।
ଏଇ ମୃତ୍ୟୁ ଜଗତ ଅମୃତ ।
…ସମସ୍ତେ ଯୁଏ ଯୁଏ ହବ ତମେ ବିରାଟ ବିରାଟ ।

କଥାତ କହୁଛ ବାପୁ, ପ୍ରତିଧ୍ୱନି ଖେଳଇ ଅନ୍ତରେ,
ଦୃଷ୍ଟି ସାମନାରେ ଏଇ ନାଚୁଛି ତ ତମ ହସ ମୁହଁ…
ମଲେନି ତ ଯୀଶୁଖ୍ରୀଷ୍ଟ,
ତମେ କେବେ ମରିପାର ବାପୁ ?

ତମେ କେବେ ମର୍ତ୍ତ୍ୟଜନ, ଏଇଥିଛି ନ ମନେ ଯେସନ
ଦିଅ ବାପୁ ଆଶୀର୍ବାଦ, ପଥେ ପଥେ ଦେଖାଅ ଆଲୋକ
ଅନୁସରି ତମରି ପଦାଙ୍କ
ହେଉ ଏ ପତିତ ଦେଶ ସୁବର୍ଣ୍ଣ ଭାରତ ।

—*—

( ବଟୁର ଧାର ପୂର୍ବପୃଷ୍ଠା ଉତ୍ତାରୁ )

ଏହାର ସତ୍ୟତା ଉପଲବ୍ଧି କରୁଛୁଁ, ଆମେ ଯଦି ଜୀବନରେ ତାହାକୁ ଆଚରଣ କରୁଁ ତେବେ ଆମେ ସହଜରେ ସେହି ଶୁଭଦିନର ଆଗମନକୁ ତ୍ୱରାନ୍ୱିତ କରି ପାରିବା ଏବଂ ଆଶା ମଧ୍ୟ କରି ପାରିବା । ଜୀବନର ଏହି ଯୋଜନାରେ ଯଦିଓ ଏହା ଦେଖାଯିବ ଯେ ମୁଁ ଅନ୍ୟାନ୍ୟ ଦେଶକୁ ଛାଡ଼ି କେବଳ ଭାରତର ସେବା କରୁଛି, ଏହା ମଧ୍ୟ ନିଶ୍ଚିତ ଯେ ମୁଁ ଅନ୍ୟ ଦେଶର କ୍ଷତି କରୁନାହିଁ । ମୋର ଦେଶାତ୍ମକ ବୋଧ ଉଭୟ—ପର୍ଯ୍ୟାପ୍ତ ଓ ବ୍ୟାପ୍ତ । ମୁଁ ନିଜର ମାତୃଭୂମିର ସେବାରେ ମୋର ଦୃଷ୍ଟି ନିବଦ୍ଧ କରିବା ଅର୍ଥରେ ମୋର ଦେଶ ପ୍ରେମକୁ ପର୍ଯ୍ୟାପ୍ତ ବୋଲି କହି ପାରେ । କିନ୍ତୁ ମୋର ଜନ୍ମ ଭୂମିର ସେବା ପ୍ରତିଯୋଗିତା ବା ପ୍ରତିଦ୍ୱନ୍ଦ୍ୱିତା ଧରଣର ନ ହୋଇ ଥିବାରୁ ତାହା ବ୍ୟାପ୍ତ ମଧ୍ୟ ।

[illegible]

non in ଏହା ଏକ ଆଇନ ମାତ୍ର ନୁହେଁ—ଜୀବନର ଏକ ବଡ଼ ଧର୍ମ । ପ୍ରେମ ବା ଅହିଂସା ପାଳନର ବୃକ୍ଷ ଏ । ଆପଣମାନେ ଏକ ମହତ ଧର୍ମର ଅଧ୍ୟକ୍ଷ । ଆପଣମାନେହିଁ ପ୍ରଚାର ଏବଂ ଆଚରଣରେ ଦର୍ଶାଇ ପାରିବେ ଯେ—ହିଂସା ଉପରେ ପ୍ରତିଷ୍ଠିତ ଦେଶାତ୍ମବୋଧ ମାରାତ୍ମକ ଏବଂ ପ୍ରେମ ଉପରେ ପ୍ରତିଷ୍ଠିତ ଦେଶାତ୍ମବୋଧ ଜୀବନଦାତା ।

—*—

Digitized by srujanika@gmail.com

**ମଜା କବିତା:—**

# ଲେଡିଜ୍ କମନ୍ ରୁମ୍

ଶ୍ରୀ ଅଖିଳ ମୋହନ ପଟ୍ଟନାୟକ

ଗପରେ ସିନା ଖାଲି, ପଢ଼ି ମୁଁ ଯାହାଥିଲି
ରାଣୀଙ୍କ ହଂସପୁର କଥା,
ଜାଣିକି ଥିଲି କେବେ, ଆଖିରେ ପଡ଼ିବ ଏବେ
ହୃଦୟେ ଦେବ ଏତେ ବ୍ୟଥା ।

ଗପରେ ପଢ଼ି ଖାଲି ଭାବିନା ସୁଏ ଚଳି
ସ୍ୱର୍ଗ କଳ୍ପନା ରଚେ ମୁଁ,
ଆଖିରେ ଦେଖି, ଦେଖି ନଆସେ ଗୋ ତୃପତି
ମନରେ କେତେ ଛନ୍ଦ ଆଙ୍କେ ମୁଁ ।
ଦରବ ସିନା ମନ୍ଦ ହୋଇଲା
ମନରେ ଅସେ ମୋର ଇଚ୍ଛା ବାରବାର
ହୋଇକି ଥାନ୍ତି ହେଲେ ଅବଳା ।

ରମ୍ଭା କିଏ ଶଚୀ ମେନକା ଉର୍ବଶୀ
ଏକାକୁ ବଳି ଆନ ଦିଶଇ,
ଗତି କାହାର ଶ୍ଳଥ, ସରୁ କାହାର ଭୂରୁ
ଉରୁ କା' ରମ୍ଭା ତରୁ ଜିଣଇ ।
ଲଜ୍ଜା ଶୀଳା କେହୁ ଅନରେ ଚାହିଁ ଚାହିଁ
ନୁଆଁଇ ଆଣେ ଭୀରୁ ନୟନ,
ଭାଙ୍ଗେ ଆଖିପତା, ଇନ୍ଦ୍ରଧନୁ ଜିତା
ଲଳନା ଲୋଭୁଛକ ଶୟନ ।

ହଂସ ଗତି କିଏ ଚାଲଇ,
ଅଳସ ମନ୍ଥର, ଚାଲେ କାମିନୀ ବର
କଟୀ ଗତିକୁ ଅବା ଜିଣଇ ।
-ନଳିନୀ କଳିକାର ବଦନ ସୁନ୍ଦର
ମଥାରେ କଳାଟିପା ଦେଇଛି,
କବ ମୁଁ ଭାବେ ମନେ, ପଦ୍ମ ଫୁଲ ଭ୍ରମେ
ଚପଳ ମଧୁପ କି ଚୁମୁଛି ।

ଆଉ କେ ସଖୀ ବାଣୀ, ବୀଣାର ଭାଷା ଜିଣି
କହେ ଦିଏ ହାଣି ଦରଦ,
ଦୀର୍ଘ କାହା ବେଣୀ ଚରମ ଛୁଇଁଲାଣି
ମୋଡେ ଝେଟୁଛି ଅବା ଉରଗ ।
ଗୁରୁ ଜଘନ କେଉଁ ସଖୀର,
କଳା କବରୀ କାର ଖସୁଛି ବାରବାର
ଛଇଳା ହେଲାଣି ସେ ଅଧୀର ।
ଚଞ୍ଚଳ ଆଉ କିଏ ଛଟକେ ଚାହିଁ ଦିଏ
ଶଙ୍ଖ ଧବଳ ଗ୍ରୀବା ଫେରାଇ,

ଚପଳ ଆଖି ଦୁଇ କଡ଼ାଡ଼ା ଯାଏ ଗାଇ
ରକ୍ତ କପୋଳ ଦୁଇ ଥରାଇ,
ମଉନୀ ଆଉ କିଏ, ଗୁପତ କଥା ଚାହେଁ
ଭୀରୁ ଅଧରେ ଧୀରେ ହସଇ ।
କୃଷ୍ଣ ବରଣୀ କିଏ ବାହାରେ ଦୋଷ ଦିଏ
ନୟନୁ ନୀର ଖାଲି ଝରାଏ ।
କହଗୋ ବନ୍ଧୁ କେଡ଼େ ନିଠୁର,
ରୂପସୀ ମେଳେ ଦେଲା ଏମନ ରୂପ କଳା
ବିଧାତା କୃଷ୍ଣା ମଣା ପରା ଏ ।

କଲେଜ ବେଳ ହେଲା ରମ୍ୟ ସବୁ ବାଳା
କେତେ ଧୀର ପଦେ ଚଳନ୍ତି,
କିଏ କାହାକୁ ଡାକେ କାହେଁ କିଏ ଦେଖେ
ଏକାକୁ ଆନ ଯେସେ ବଳନ୍ତି ।
ସବୁରି କରେ ବହି, ପଥେ କେ ଡାକେ ରହି
ଆନ ରମଣୀ ହସି ହକାରେ,
କାଲି ଡାକିଲି କେତେ ଶୁଣିଲୁ ନାହିଁ ମୋତେ,
ଗଲୁ ଚାଲିଚାଲି ଆଗରେ ।
କାହିଁକି ରହୁଛୁ ମଉନୀ,
ନୀର ଆଣିବା ଛଳେ ଯମୁନା କେହୁ ଗଲେ
ସାଥିରେ ନିଏ କାହେଁ ସଜନୀ ।
ହଜିକା ସାଥୀ ମେଳ ହସର କଲରୋଳ
ନାଶି ମହଲ ପଡ଼େ ଉଛୁଳି,
ତରୁଣ ଛାତି ତଳେ କାମନା ନିଆଁ ଜଳେ
ତୃପ୍ତି ହେଲେ ତ ଯିବ ଚହଲି ।
ସାଧବ ବୋହୂ ପରି ଅଳ୍ପ ଲାଜ କରି
କେ କେଉଁ ତରୁଣକୁ ଅନାଏ,
କିବା ସବୁଜ ପତ୍ରୀ ବ୍ରୀଡ଼ାରେ ଥରି ଥରି
ଘୂମନ୍ତ ଆଖି ଦୁଇ ମେଲାଏ ।
ସବୁରି ଆଖିତଳେ ଦିଶୁଛି,
କାହାର ମନେ କିଏ ରାଜକୁମାର ପ୍ରାୟ,
କେଉଁ ତରୁଣ ରୂପ ନେଇଛି,
କେ କା'ରେ ଥଟ୍ଟାକରେ ଦ୍ରାକ୍ଷାପେ ଆଖିଠାରେ
ଦେଖାଏ ସତୀ ସୀତା ବସିଛି,
ନିଦରେ ଆଖି ଦୁଇ ଅସୁଛି ଶୋଇ ଶୋଇ
କାଲି ଯାମିନୀ ନିଦ ନୋହିଛି ।
କିଏ ସେ କାରେ ପୁଣି ଗେଞ୍ଜେଇ କହେ ରାଣୀ
ଦୁଷ୍ଟ ଏ କଲେଜ ମିଳାଏ,

ଟିକିଏ କଥା ଶୁଣି ଖିଅରୁ ଖିଅ ଟାଣି
କଥାକୁ କରନ୍ତି ସେ କଥାଏ ।
ମୁହଁରୁ ମୁହଁ ହସ ଚହଲେ,
କହ୍ନବିୟସୀ କିଏ ଅଟ୍ଟ କରିଦିଏ
ବାହାରେ ଶୁଣିବେଟି ଯିବାଏ ।
ଆଉ କେ କହେ ସଖୀ ଜାଣିଛୁ ସେଦିନକି
ପାଦ ମୋ ଖସିଗଲା ସିଡ଼ିରେ,
ତାକୁଇ ମୂଳ କରି ଗଳ୍ପ ପଡ଼େ ଝରି
ସେ ପୁଣି କାଗଜରେ ବାହାରେ ।
ସବୁରି ପାଦ ଖସେ ଲେଖୁନତ କିଏ ସେ
କଲେଜ କହେ ଅନ ଷୋଡ଼ଶୀ,
ଜାଣିଛୁ ଜାଣିଛୁ ଲୋ ହଂସଗତି ତୋର
କଥାର ହୁଅଯାଏ ପଟାନ୍ତି ।
କାହାର କେତେ ପାଦ ଖସେନି
ହଂସଗତି ପାଦ ଖସିଲେ ପରମାଦ
ଏକଥା କବ କିଏ ଜାଣିନ ?
ସମୟ ଗତି ଚକ ଚାଲିଛି ଅବିରତ
ଘଣ୍ଟା ବାଜି ଉଠେ ଚମକି,
ଯାହାର ଯେତେ କଥା ଚପଳ ମୁଖରତା
ନିମିଷେ ଯାଏ ସବୁ ଥମକି ।
ଅଳସେ ଉଠି ରଖି ଉଠନ୍ତି ସବୁ ସଖୀ
ଆପଣା ତନୁ କିଏ ପରଖେ ।
କିଏସେ ଖାତା ଖୋଲେ କିଏ କବରୀ ସାଜେ,
ଆନ ଓଢ଼ଣା କିଏ ନିରେଖେ ।
ହଜିଛି କାନଫୁଲ କାହାର,
ତଳକୁ ମୁଖ କରି ଖୋଜୁଛି ସୁନ୍ଦରୀ
ସମୟ ହୋଇଯାଏ ଅଧାର ।
ଏବାଠି ଦଳକର ମରାଳୀ ଯୂଥ ପରି
ସବନେ ଯାଆନ୍ତି ପଢ଼ିବାକୁ,
ତରୁଣ ରୂପପାୟୀ ଅନାଏ ଚାହିଁ ଚାହିଁ
ବକ୍ଷ ତଳେ ଉଠେ ଗୁମରି ।
ଆବଣୀ ପରେ ଆଖି ଥାପିଛି କେ ମିନାକ୍ଷୀ
ଅଳସ କାର ଗୁରୁ ଚରଣ,
ଆଉ କେ ବାରେ ବାରେ ବସନ ଟାଣି ଧରେ
ଦେଖେ ଫାନ୍ଦ ବେନି ନୟନ ।
କେ ଅନ କାନେ କିଶ କହଇ,
କଅଁଳ ଦୁଇ ଓଠେ ହସର ଢେଉ ଛୁଟେ
ଯୁବାର ଆଖି ଲାଗି ରହଇ ।

—*—

Digitized by srujanika@gmail.com

ନିବନ୍ଧ

# ଜନନେତା ଜବାହରଲାଲ

ଶ୍ରୀ ଦେବେନ୍ଦ୍ର କୁମାର ଦାସ

ଯେଉଁ ଦିନ୍ତୁ ଦେଶ ସ୍ୱାଧୀନତା ପଥରେ ସ୍ୱୃଷ୍ଟି ରହିଛି ଓ ନିଜର କୃଷ୍ଟି ଓ ସଭ୍ୟତା ବୃଦ୍ଧି କରିବାକୁ ଲାଗିଛି ସେ ଦିନୁ ଦେଶରେ ନେତୃତ୍ୱ ଏପରି ଲୋକର ମୁଣ୍ଡରେ ପଡ଼ିଛି ଯାହାର ଦୂରଦୃଷ୍ଟି ଅଛି, ଯେ ଜନତାକୁ ଉଦାର ଦୃଷ୍ଟିରେ ଦେଖିପାରେ, ନିଜ ଲୋକର ଦୋଷ ଗୁଣର ପରିମାଣ କରିପାରେ ଏବଂ ଜଗତର ତୁଳନାରେ ନିଜଦେଶର ଉନ୍ନତିର ଗତି ନିରୂପଣ କରିପାରେ, ତାଙ୍କର ମନ ଓ ଆତ୍ମାର ଶକ୍ତି ଉପରେ ଓ ତାଙ୍କ ବାହୁବଳର ସଚଳତା ଉପରେ ତାଙ୍କ ଦେଶବାସୀର ଭବିଷ୍ୟତ ନିର୍ଭର କରେ । ଏପରି ବ୍ୟକ୍ତି ଯେତେ ମହାନ ହେବେ ତାଙ୍କ ଉପରେ ନ୍ୟସ୍ତ ଉନ୍ନତି ଓ ସମୃଦ୍ଧି ସେତେ ସୁନିଶ୍ଚିତ ହେବ । ଏହା ଏକ ପ୍ରତିଷ୍ଠିତ ସତ୍ୟ ଏବଂ ଜଗତର ସମସ୍ତ ସଭ୍ୟ ଦେଶର ଇତିହାସରେ ଏହା ଦେଖିବାକୁ ମିଳେ । ଏପରି ବ୍ୟକ୍ତିର ସହକର୍ମୀମାନେ ଅଭିଜ୍ଞ; କର୍ମଠ ଓ ବାସ୍ତବବାଦୀ ହୋଇଥିଲେ, ସେମାନଙ୍କର ସକ୍ଷମ ସାହାଯ୍ୟରେ ଓ ଦେଶବାସୀର ପୂର୍ଣ୍ଣ ସମର୍ଥନରେ ଏପରି ବ୍ୟକ୍ତି ଏକ ଜାତି ଗଠନ କରିପାରେ ଯାହା ସଭ୍ୟ ଜଗତରେ ଯେ କୌଣସି ଜାତିର ସମକକ୍ଷ ହୋଇପାରିବ । ଏହିପରି ବ୍ୟକ୍ତି ହେଉଛନ୍ତି ଆମର ନେତା ପଣ୍ଡିତ ଜବାହରଲାଲ ନେହେରୁ ଏବଂ ତାଙ୍କ ପାଇଁ ଆମେ ଗର୍ବ ଅନୁଭବ କରୁ ।

ଅଳକାର ବଡ଼ଲାଟ ଲର୍ଡ଼ ସାର୍ ତେଜବାହାଦୂର ସପ୍ରୁ ବାରିଷ୍ଟର ଜବାହରଲାଲଙ୍କୁ ନିଜ ସଙ୍ଗରେ ସଭା ସମିତିକୁ ନେଇ ଯାଉଥିଲେ । ତାଙ୍କର ଇଚ୍ଛା ଯେ ଜବାହର ବଢୁଆ ସଭାରେ ବି ପାଞ୍ଚଟା ଦଶଟା କଥା କହୁ । ଅଳ୍ପକାଳ ମଧ୍ୟରେ ସେ ବୁଝିଲେ ଯେ ବୃଥା ଚେଷ୍ଟା ଜବାହରଙ୍କ ପ୍ରାଣରେ ସ୍ପନ୍ଦନ ନାହିଁ । ଚିତ୍ତରଞ୍ଜନ ଦାସ ଥରେ ଦୁଃଖକରି କହିଥିଲେ, ଜବାହରର ଶୋଣିତ ବରଫ-ଶୀତଳ; ତାତେ ନାହିଁ । ନୂଆଖାଲିର ପୈଶାଚିକ ତାଣ୍ଡବ ଓ ବିହାରର ହତ୍ୟାକାଣ୍ଡର ଅନତିକାଳରେ ଦାଙ୍ଗାଗ୍ରସ୍ତ ସ୍ଥାନ ପରିଦର୍ଶନରେ ଲୋକେ ନିର୍ବାକ, ନିର୍ବିକାର, ନିଷ୍ପନ୍ଦ ଓ ନିର୍ବିଘ୍ନରେ ଦେଖିଥିଲେ । ଏହା କ'ଣ ଶୀତଳ ଶୋଣିତର ଲକ୍ଷଣ ନା, ଅହଙ୍କାରିକ ମହାମାନବର ମୂର୍ତ୍ତିମନ୍ତ ରୂପ ? ସେହି ଜବାହରଲାଲ ମହାନ ଆଠଟା ପାରୁ ରାତି ବାରଟା ପର୍ଯ୍ୟନ୍ତ ବାରଗୋଟି ସଭାରେ ଲକ୍ଷ ଲକ୍ଷ ଦେଶବାସୀଙ୍କୁ ସେମାନଙ୍କର ମନର କଥା କହି କ୍ଳାନ୍ତ ମଧ୍ୟ ହେଉ ନଥିଲେ । ଏ କ'ଣ ପ୍ରାଣର ସ୍ପନ୍ଦନର ପରିଚୟ ନୁହେଁ କି ?

ଶାନ୍ତ, ସ୍ନିଗ୍ଧ, ପ୍ରିୟଦର୍ଶନ ଓ ଶୀତଳ-ଶୋଣିତ ଜବାହରଙ୍କ ଅଭ୍ୟନ୍ତରରେ ଯେ ଅଶାନ୍ତ, କ୍ଷୁବ୍ଧ ଓ ଅଗ୍ନିମୟ ଜବାହର ସୁପ୍ତ ତାହାର ପରିଚୟ ମୁଁ ୧୯୩୭ ସାଲରେ କଟକ ଟାଉନହଲ ପଡ଼ିଆରେ ହୋଇଥିବା ସଭାରେ ପାଇଛି । ନୂତନ ପ୍ରଦେଶ ଓଡ଼ିଶାର ମାତ୍ର ଜନ୍ମ ହୋଇଥାଏ । ସମସ୍ତଙ୍କର ମୁଣ୍ଡ ଗୁଳାଉଥାଏ ରାଜଧାନୀ କେଉଁଠାରେ ହେବ । କେହି କହେ କଟକରେ ହେଉ, କେହି କହେ ପୁରୀରେ ହେଉ, କେହି କହେ ରଙ୍ଗେଇଲୁଣ୍ଡାରେ ହେଉ, କେହିବା କହେ ବାଲେଶ୍ୱରରେ ହେଉ । ଏହି ରାଜଧାନୀ ସମ୍ପର୍କରେ ପ୍ରଶ୍ନ ପଚାରିବାରେ ପଣ୍ଡିତଜୀ କହିଲେ, ଆମ ଆଗରେ ବହୁତ ବଡ଼ ବଡ଼ ସମସ୍ୟା ଥାଉଁ ଥାଉଁ ଆମର ଏହି ସାମାନ୍ୟ କଥା ନେଇ ମୁଣ୍ଡ ବୁଲାଇବା ବର୍ତ୍ତମାନ ପରିସ୍ଥିତିରେ ଠିକ ନୁହେଁ । ମୋର ଜିଲ୍ଲା ଏଲାହାବାଦ ମୋ ପ୍ରଦେଶର ଦିନେ ରାଜଧାନୀଥିଲା, କିନ୍ତୁ ସରକାର ତାକୁ ଧୀରେ ଧୀରେ ଲକ୍ଷ୍ନୌକୁ ଉଠାଇନେଲେ; ଆମେ ସେଥିରେ ବିଚଳିତ ହୋଇନାହୁଁ । ଏହାପରେ ଜଣେ ବିକୃତ ମସ୍ତିଷ୍କ ବ୍ୟକ୍ତି କୌଣସି ଅସଙ୍ଗତ ପ୍ରଶ୍ନ ପଚାରି ସଭାରେ ଗୋଳମାଳ କରିବାକୁ ଛିଡ଼ା ହୋଇଥିଲା । ତାକୁ ଆସନ ଗ୍ରହଣ କରିବାପାଇଁ ବା ସଭାସ୍ଥଳ ପରିତ୍ୟାଗ କରିବା ପାଇଁ ଯେଉଁ କଠୋର ସ୍ୱରରେ ପଣ୍ଡିତଜୀ ଆଦେଶ ଦେଇଥିଲେ ତାହା ଦେଖି ଆମେ ସମସ୍ତେ ଆଶ୍ଚର୍ଯ୍ୟ ହୋଇଥିଲୁଁ ।

ପଣ୍ଡିତଜୀଙ୍କର ଗୋଟିଏ ବିଶେଷତ୍ୱ ଯେ ତାଙ୍କ ଭାଷଣ ଓ ବିବୃତିରେ ଯେଉଁ ଆନ୍ତରିକତା ଓ ଅକପଟତା ପ୍ରକାଶ ପାଏ ତାହା ଅନ୍ୟଠାରେ ଅଳ୍ପ ଦେଖାଯାଏ । ଭାଷଣ ଓ ବିବୃତି ପଢ଼ିଲେ ମନେହୁଏ ସେ ମୋପରି ଜନତାର ନେତାରୂପେ, ଜନତାର ଚିନ୍ତାଧାରାକୁ ଭାଷାର ରୂପଦେଇ ପ୍ରକାଶ କରୁଛନ୍ତି । ଜନତା ତାକୁ ଯେତେ ପଢ଼ୁଥାଏ ବା ଶୁଣୁଥାଏ ତାହାର ପଢ଼ିବାର ବା ଶୁଣିବାର ଆଗ୍ରହ ସେତେ ବଢ଼ି ଯାଉଥାଏ । ସେଥିପାଇଁ ବିଦ୍ରୋହ ୧ ମାରୁଣା କଲିକତାରେ ଅଗ୍ନିପ୍ରକାଶ ପରେ ଦିଲ୍ଲୀ ଯିବା ପଥରେ ଏଲାହାବାଦରେ କହିଥିଲେ, "ଦେଶର କ୍ୟାପ୍‌ଟେନ ପଟେଲ ଯଦି କୌଣସି ନିଷ୍ପତ୍ତିକୁ ମାନିବାକୁ କହନ୍ତି ତାହାହେଲେ ତାଙ୍କୁ ଅସ୍ୱୀକାର କରିବାର ସାହସ କେହି ନାହିଁ । ଜନସାଧାରଣର ପ୍ରକୃତ ନେତା ନେହେରୁ ଯଦି କୌଣସି କାର୍ଯ୍ୟ କରିବାକୁ ଆଦେଶ ଦିଅନ୍ତି ତେବେ ତାଙ୍କର ବୁଦ୍ଧି ଓ ଅକପଟତାକୁ ସନ୍ଦେହ କରନାହିଁ ।"

ଶିକ୍ଷାନୁଷ୍ଠାନ ଓ ବିଶ୍ୱବିଦ୍ୟାଳୟମାନଙ୍କରେ ଯେଉଁ ଜବାହରଙ୍କର ଉପସ୍ଥିତି ଅବାଞ୍ଛନୀୟ ବୋଲି ଦିନେ ପରିଗଣିତ ହେଉଥିଲା ସେହି ଜନନେତାଙ୍କୁ ବିଶ୍ୱବିଦ୍ୟାଳୟମାନେ ଅନାରେରି ଡ଼. ଏସ୍ ସି ଉପାଧିରେ ଭୂଷିତ କରି ନିଜ ନିଜକୁ ଗୌରବାନ୍ୱିତ କରିଅଛନ୍ତି । ଏହି ଉପାଧି ପାଇଁ ଜବାହରଲାଲଜୀ କହିଥିଲେ, ଏ ଉପାଧିମାନ ବିଦ୍ୟା ଦ୍ୱାରା ଅର୍ଜନ କରିବାକୁ ହୁଏ; କିନ୍ତୁ ବିଦ୍ୟାଦ୍ୱାରା ମୁଁ ଏହାକୁ ଅର୍ଜନ କରି ନଥିବାରୁ ମୁଁ ଏ ଉପାଧି ବ୍ୟବହାର କରିବି ନାହିଁ । ମଧ୍ୟବର୍ତ୍ତୀ—କାଳୀନ ସରକାରରେ ଜବାହରଲାଲ ଭାଇସ-ପ୍ରେସିଡେଣ୍ଟ ହିସାବରେ ଯୋଗ ଦେଲା ପରେ ସେ ସାଧାରଣଙ୍କୁ ଜଣାଇ ଦେଇଥିଲେ ଯେ 'ମାନ୍ୟବର' ଶବ୍ଦ ସେ ଗ୍ରହଣ କରିବେ ନାହିଁ କାରଣ ସେ ଜନସାଧାରଣ ମଧ୍ୟରୁ ଜଣେ । ଏହିପରି ସାମାନ୍ୟ ସାମାନ୍ୟ କଥାରେ ମଧ୍ୟ ସେ ଜନ ସାଧାରଣ ଠାରେ ପ୍ରିୟ ।

୧୯୪୭ ସାଲର ଅଗଷ୍ଟ ପନ୍ଦର ତାରିଖ ପରେ ପଞ୍ଜାବ ସାମ୍ପ୍ରଦାୟିକ କଳହ ଓ ହତ୍ୟା କାଣ୍ଡରେ ବିଧ୍ୱସ୍ତ ହେଲା । ଲୋକମାନେ ଧନ, ଜନ, ଗୃହ, ବିଷୟ ଓ ସମ୍ପତ୍ତି ସବୁ ହରାଇ ଆଶ୍ରୟ ପ୍ରାର୍ଥୀରୂପେ ଆସି ପହଞ୍ଚିଲେ ସେମାନେ ନେତାଙ୍କ ଦ୍ୱାର ଦେଶରେ । ସେ ଓ ତାଙ୍କର ସେକ୍ରେଟେରୀ ଅକ୍ଳାନ୍ତ ପରିଶ୍ରମ କରି ସେମାନଙ୍କର ସମସ୍ତ ତଥ୍ୟ ସଂଗ୍ରହ ଓ ଆଶ୍ରୟର ବନ୍ଦୋବସ୍ତ ସକାଳୁ ସନ୍ଧ୍ୟାଯାଏ ଏପରି ଭାବରେ କରିଥିଲେ ଯେ ସମସ୍ତେ ସେମାନଙ୍କର ବିଶ୍ୱାସ ତାଙ୍କ ଠାରେ ଅର୍ପଣ କରି ଦେଇଥିଲେ ।

Digitized by srujanika@gmail.com

ପଞ୍ଜାବର ହତ୍ୟାକାଣ୍ଡ ଓ ଲୋକ ଅଦଳ ବଦଳ ପରେ କେତେକ ଆଜ ଆମ ନେତାଙ୍କ ଉପରେ ଅଦୂରଦୃଷ୍ଟିତାର ଦୋଷାରୋପ କରୁଛନ୍ତି । ସେମାନେ ଦୁଃଖ ଶୋକରେ ଅଭିଭୂତ ହୋଇ ଏମନ୍ତ କରୁଛନ୍ତି ସତ କଥା । ହିଟଲର ଓ ଷ୍ଟାଲିନ ମଧ୍ୟରେ ଅନାକ୍ରମଣ [ Non-aggression ] ଚୁକ୍ତି ହେବାର କିଛିଦିନ କାଳ ପରେ, ଅତର୍କିତ ଭାବରେ ହିଟଲର ଯେତେବେଳେ ରୁଷିଆ ଉପରେ ପ୍ରବଳ ବନ୍ୟା ପରି ମାଡ଼ ଆସିଥିଲା ସେତେବେଳେ ରୁଷମାନେ, ସେମାନଙ୍କର ଜୀବନ ମରଣର ସନ୍ଧିକ୍ଷଣରେ—ଷ୍ଟାଲିନଙ୍କର ଦୂରଦୃଷ୍ଟି ଅଭାବ ବୋଲି ନିନ୍ଦା ନକରି ଅଣ୍ଟାଭିଡ଼ି ଏକଜୁଟ ହୋଇ ଶତ୍ରୁର ବିରୁଦ୍ଧରେ ଛିଡ଼ା ହୋଇ ଷ୍ଟାଲିନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ପ୍ରଦାନ କରିଥିଲେ । ଆଜ ଏହି ପରୀକ୍ଷା ଓ ଦୁଃସହ ଯନ୍ତ୍ରଣାର ଦିନରେ ଆମର ନେତା ଜବାହରଲାଲ ଅନୁଭବ କରନ୍ତୁ ଯେ ତାଙ୍କ ପଛରେ ତିରିଶ କୋଟି ବା ତତୋଧିକ ଲୋକର ଶକ୍ତି ରହିଅଛି । ତାଙ୍କ ପରି ବ୍ୟକ୍ତିର ଆବଶ୍ୟକତା ଭାରତରେ ଆଜ ଯେପରି ଅଛି, ଆଉ କେବେ ସେପରି ନଥିଲା । ତାଙ୍କ ଆଦର୍ଶରୁ ତିଳେ ମାତ୍ର ବିଚ୍ୟୁତ ନ ହୋଇ ସେ ଯେ ଅବସ୍ଥାର ସମ୍ମୁଖୀନ ହୋଇ ପାରିଛନ୍ତି ସେଥିପାଇଁ ଆମେ ଗର୍ବ ଅନୁଭବ କରୁଅଛୁଁ । ଭାରତ ସମ୍ପର୍କରେ ତାଙ୍କର ଦୃଷ୍ଟି ବିଶୁଦ୍ଧ ହୋଇଥିବାରୁ ଆମ୍ଭମାନଙ୍କର ପୂର୍ଣ୍ଣ ସାହାଯ୍ୟ ତାଙ୍କର ପ୍ରାପ୍ୟ ।

ସେ କହିଛନ୍ତି, ଭାରତ ବିଶ୍ୱର ନେତୃତ୍ୱର ଅଧିକାରୀ । ଭାରତର ଅପରିମିତ ଧନରତ୍ନ ଅପରିମେୟ ତାହାର ଜନବଳ ଓ ମନୋବଳ । ନିର୍ଲୋଭ, ନିଷ୍କାମ ତାହାର ଚରିତ୍ର ବଳ । ବିଶ୍ୱ ନେତୃତ୍ୱର ଅଧିକାର କେବଳ ଭାରତର ହିଁ ଅଛି । ସେ ନେତୃତ୍ୱ ଯୁଦ୍ଧ ବିଗ୍ରହର ନେତୃତ୍ୱ ନୁହେଁ, ଅନ୍ୟର ସ୍ୱାଧୀନତା ହରଣ ମଧ୍ୟ ନୁହେଁ, ବିଦ୍ୱେଷର ବାଣୀ ଭାରତର ନୁହେଁ ! ଭାରତ ବର୍ଷ ପ୍ରେମ ବିନିମୟରେ ପୃଥିବୀର ପ୍ରେମ ଅର୍ଜନ କରିବ ଏହାହିଁ ତାହାର କାମ୍ୟ ।

ଆଜି ଜବାହର ଜୀବନର ୫୯ ତମ ଜନ୍ମ ଦିବସରେ ତାଙ୍କର ଗୁଣଗାନ କରିବାକୁ ବସି ଗୋଟିଏ କଥା କେବଳ ମନେ ପଡ଼ୁଛି ଇତିହାସରେ ଚିରଜୀବୀ ଏହି ଚରିତ୍ରନାୟକଙ୍କୁ ଜାତି-ଧର୍ମ-ବର୍ଣ୍ଣ-ସମ୍ପ୍ରଦାୟ-ନିର୍ବିଶେଷରେ ଭାରତବର୍ଷ ଶ୍ରଦ୍ଧାର ସ୍ୱର୍ଣ୍ଣ-ସିଂହାସନରେ ଅଧିଷ୍ଠିତ କରିଅଛି; ତାଙ୍କର ଜୀବନ କ'ଣ ଇତିହାସର ବିବର୍ତ୍ତନ ନୁହେଁ ? ଶ୍ରୀ ଭଗବାନ ଯେଉଁ ଦିନ ଗୀତା ରଚନା କରିଥିଲେ, ଶ୍ରୋତାରୂପେ ପାର୍ଥଙ୍କୁ ଜନ୍ମ ଗ୍ରହଣ କରିବାକୁ ହୋଇଥିଲା—ଏହା ଇତିହାସ । ଭଗବାନ ଶ୍ରୀ ରାମକୃଷ୍ଣ ଦେବଙ୍କର ମୁକ୍ତିମାର୍ଗ ସାର୍ଥକ କରିବା ପାଇଁ ନରେନ୍ଦ୍ର ନାଥଙ୍କୁ ବିବେକାନନ୍ଦ ରୂପ ଧାରଣ କରିବାକୁ ହୋଇଥିଲା—ଏହା ମଧ୍ୟ ଇତିହାସ । ଅବିଭକ୍ତ ଓ ଅବାଞ୍ଛିତ ଭାରତରେ ସ୍ୱାଧୀନତାର ଯୁଦ୍ଧ ରଥରେ ଗାନ୍ଧୀର ସାରଥ୍ୟ କରିବାକୁ ହୋଇଛି ଜବାହରଲାଲଙ୍କୁ—ଏହା ମଧ୍ୟ ପ୍ରତ୍ୟକ୍ଷ ଇତିହାସ । ପୁଣି ଏହି ଇତିହାସର ପ୍ରୟୋଜନରେହିଁ ଜୀବନ ଧାରଣ । ଜବାହରଲାଲ କେବଳ ଭାରତ ବର୍ଷର ଇତିହାସକୁ ନୁହେଁ, ପୃଥିବୀର ଇତିହାସକୁ ନିଜର ଜୀବନୋପକରଣ ଦ୍ୱାରା ସୁସମୃଦ୍ଧ ଓ ସଞ୍ଜୀବିତ କରି ଅଛନ୍ତି ଏହା ମଧ୍ୟ ଇତିହାସ । ଜୟହିନ୍ଦ୍ ।

—*—

( ମଜାକଥା ୫ମ ପୃଷ୍ଠା ଉତ୍ତାରୁ )

ଦୁଇଖଣ୍ଡ ହେଲା । ଏବେ ପ୍ରତିଦିନ ଖଣ୍ଡେ । ଦିନକୁ ଦୁଇଖଣ୍ଡ ଯେଉଁଦିନ ହେଲା ସେଦିନ ମୁଁ ଅସ୍ଥିର ହୋଇଗଲି । ସେ ବୋଧହୁଏ ସକାଳେ ଥରେ ସଞ୍ଜେ ଥରେ ଚିଠି ଲେଖନ୍ତି । ଆମ ଭଦ୍ରକ ପୋଷ୍ଟ ଅଫିସ କଟକ କିମ୍ବା ବୃନ୍ଦାବନ ନୁହେଁ—ଦିନରେ ଥରେ ଡେଲିଭରି—ଆମ ପତ୍ନୀଙ୍କ ସହ ପ୍ରତିଯୋଗିତାର ପ୍ରୟାସୀ ନୁହନ୍ତି । ତେଣୁ ଦିନରେ ଥରେ ଡାକ ମିଳେ ଓ ଦୁଇଖଣ୍ଡ ଚିଠି—ପତ୍ନୀଙ୍କ ହସ୍ତାକ୍ଷର ।

ପ୍ରତ୍ୟେକ ଚିଠିର ସାରମର୍ମ—ତମ ବିନା ଦିନ ଯାଉ ନାହିଁ—ସବୁ ବିଷ ଲାଗୁଛି ମଳୟ ଝାଞ୍ଜିପରି—ଚନ୍ଦ୍ର କିରଣ ଅଗ୍ନି ପରି—ପଦ୍ମ ପାଖୁଡ଼ା ବିଛୁଆତିପରି ଇତ୍ୟାଦି ଇତ୍ୟାଦି କାବ୍ୟ ବର୍ଣ୍ଣନା । ବିରହିଣୀ ନାୟିକାର ସମସ୍ତ ସାତ୍ତ୍ୱିକ ଭାବ ପ୍ରକାଶ ପାଉଛି । ତଥାପି ମୁଁ ନୀରବ ରହିଥାଏଁ । ଯେଉଁଦିନ ସେ ଲେଖିଲେ—ତମେ ଆସି ମୋତେ ନେଇ ନଗଲେ ମୁଁ ପ୍ରାଣ ହାରିଦେବି ସେଦିନ ମୁଁ ନିରୁପାୟ । ବାଧ୍ୟହୋଇ ବାପଘରୁ ସ୍ତ୍ରୀଗୃହ ପ୍ରସ୍ଥାନ ।

ଏଥର ମଧ୍ୟ ଯଥା ସମୟରେ ସ୍ତ୍ରୀଙ୍କର ପ୍ରସବ ବେଦନା । ଦୁଇମାସ ଭିତର ମଧ୍ୟ ହେଲା ନାହିଁ । ମୁଁ ଅଧୈର୍ଯ୍ୟ ହେଲି—ପତ୍ର ନଦେଇ ପୁଅ ଲଭ ? ଭାର୍ଯ୍ୟା ପ୍ରତି ମନରେ ଟିକିଏ ସନ୍ଦେହ ହେଲା । କାଲି ମନେ ପଡ଼ିଲା ବିଜ୍ଞାପନ ପଢ଼ିବା ପୂର୍ବରୁ ତ ମୁଁ ପତ୍ର ଦେଇଥିଲି—ତା ଫଳରେ କିଛି—ହୋଇ ଯାଇ ନାହିଁ ତ ।

ଏଥର ବିଜ୍ଞାପନଟା ଭଲକରି ପଢ଼ିଦେଖିଲି—ଭିଷକ ରତ୍ନ ଶ୍ରୀ ଧାରଗର୍ଗ ବନ୍ଧୁ ଭୁବନେଶ୍ୱରଙ୍କ ଅବ୍ୟର୍ଥ ଔଷଧ—କେବଳ ପତ୍ରରେ ସମସ୍ତ ରୋଗର ଲକ୍ଷଣ ଲେଖିଦେଲେ ଔଷଧ ପଠାଇ ବନ୍ଧ୍ୟା ଦୋଷ ଦୂରୀଭୂତ କରିବେ । ତଳେ ସାର୍ଟିଫିକେଟ ଦେଖିଲି—ବନ୍ଧୁ ଚନ୍ଦ୍ର ନେମୁଟି ମାଜିଷ୍ଟ୍ରେଟଙ୍କ ସ୍ୱାକ୍ଷର ।

ସଙ୍ଗେ ସଙ୍ଗେ ମୁଁ ମଧ୍ୟ ଗୋଟିଏ ସାର୍ଟିଫିକେଟ ଲେଖି କବିରାଜଙ୍କୁ ପଠାଇ ଦେଲି—ଆପଣଙ୍କ ବିଜ୍ଞାପନ ପଢ଼ିବା ପୂର୍ବରୁ ମୁଁ ଯେଉଁ ପତ୍ର ପତ୍ନୀଙ୍କ ଠାକୁ ପଠାଇ ଥିଲି ତାହାର ଦୃଷ୍ଟ ଫଳ ପାଇଛି । ଔଷଧ ନ ଖାଇ ମଧ୍ୟ ସନ୍ତାନ ଲାଭ ହୋଇଛି ।

ପ୍ରସୂତିର ସନ୍ତାନ ଜନ୍ମ ହେଲା । ଧାଈ କହିଲା—ଆଠ ମାସର ଛୁଆଟିଏ । ଚରିତ୍ର ଦୁଃଖରେ ପତ୍ନୀ ଗନ୍ଧରେଇ ପକେଇଛନ୍ତି । ମୁଁ ନିଶ୍ଚିନ୍ତ ହେଲି । ସାର୍ଟିଫିକେଟ କାଲି ପୋଷ୍ଟ ହୋଇ ଯାଇଛି ।

—*—

(କାହାଣୀ ୪ର୍ଥ ପୃଷ୍ଠା ଉତ୍ତାରୁ)

ଗୁଣ ଚିହ୍ନେ ଗୁଣିଆ ।

ଜଣେ କେହି କବି । ସେ ଏହି ଆର୍ଟିଷ୍ଟକୁ ଦେଖି ମୁଗ୍ଧ ହୋଇଗଲେ । ତାଙ୍କର ପ୍ରବଳ ବାସନା ।

ମନଜାଗ୍ରତ ହେଲା ସେ ଏହି ଆର୍ଟିଷ୍ଟକୁ କିଣିନେବେ । ମାତ୍ର ଏବେ ଅର୍ଥର ଅଭାବ ।

ତେବେ କବି ହତାଶ ହୋଇ ନାହାନ୍ତି ।

ଶେଷରେ କବି ଆର୍ଟିଷ୍ଟ ସୁକାନ୍ତ ସହିତ ସାକ୍ଷାତ କରିଛନ୍ତି । ସୁକାନ୍ତ କବିଙ୍କୁ ଯଥାର୍ଥ ସମ୍ମାନ ଦେଲା । କବି କହିଲେ "ସୁକାନ୍ତ ତୁମେ କିଣ ତୁମକୁ ଭଲପାଇ ନିଜକୁ ବଜାରରେ ବିକିଦେବି, ମୁଁ ଏଇ ଏକଶହ ଟଙ୍କା ଦେଉଛି । ତୁମେ କଷ୍ଟେ ମଷ୍ଟେ ଚଳୁଥିଲ ହୁଅ ଏବଂ ଆର୍ଟିଷ୍ଟକୁ ମଧ୍ୟ ନିଜ ପାଖରେ ରଖ ।"

ସୁକାନ୍ତ ବୁଝାଇବାକୁ ଚେଷ୍ଟାକଲା । ମାତ୍ର କବି ତା ପୂର୍ବରୁ ସମସ୍ତ କଳ୍ପନା କରି ନେଲେ ।

ସୁକାନ୍ତ କହେ କବି କହନ୍ତି "ଗଢ଼ିବାରେ ସିନା ତୃପ୍ତି, ସୃଷ୍ଟି କରିବାରେ ସିନା ସୌନ୍ଦର୍ଯ୍ୟ ।"

ସୁକାନ୍ତ ଆର୍ଟିଷ୍ଟକୁ ନିଜ କୁଟୀର ବକ୍ଷରେ ସଜାଇ ଦେଇଛି । ସ୍ୱପ୍ନ ଆଉ କଳ୍ପନା ବ୍ୟବସାୟୀ ବଜାରରେ ବ୍ୟର୍ଥ ହୁଏ ।

—*—

Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜୀବନର ସର୍ବତ୍ର ବଢ଼ାଇବା ଜୀବନର କୋଣ ଓ ସର୍ବାଙ୍ଗୀଣ ଉତ୍କର୍ଷ ସାଧନା କରିବା। ୨। 'ଜହର'ର ମଧ୍ୟସ୍ଥତାରେ ପ୍ରାନ୍ତ ପ୍ରାନ୍ତର ଭଉଣୀମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭୂମି ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ସାହାସ ଓ ସର୍ବାଙ୍ଗୀଣ ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

(୧୮ ବର୍ଷରୁ ଊଣା ବାଳକ ବାଳିକା ମାନଙ୍କ ପାଇଁ)

### ଅଜାଙ୍କ ଉତ୍ତର

ବୈକୁଣ୍ଠ ଓ ନିଲ୍ଲୋଚନ ( ୯୧୨ ଓ ୯୧୧ )—ଡାକ୍ତର ସଂଘ ଗଢ଼ିବା ଉଦ୍ୟମ ଅତି ସାଧୁ। ମୁଁ ବଡ ଖୁସି। ସଂଘର ନାମ ସେବା ସଂଘ ଦିଅ। ଗାନ୍ଧୀଙ୍କର ନାମ କିମ୍ବା ସ୍ଥାନୀୟ କୌଣସି ସହୃଦଙ୍କ ନାମ ସେବା ସଂଘ ପୂର୍ବରୁ ଦେଲେ ଭଲ ହେବ। ଲୋକଙ୍କୁ ସତ୍ୟ ସାହସ ଓ ସେବା ମାର୍ଗରେ ଚଳାଇବା, କୁଟୀର ଶିଳ୍ପର ଉନ୍ନତି ବିଧାନ, ରାସ୍ତାଘାଟ ପରିଷ୍କାର ଓ ମରାମତି ତଥା ଲୋକମାନଙ୍କ ଭିତରେ ଐକ୍ୟସ୍ଥାପନ ଆଦି କାମ କରିବା ସଂଘର ଉଦ୍ଦେଶ୍ୟ ରହିବ। ଅତି ମହତ୍ କାର୍ଯ୍ୟ। ଭଗବାନ କରନ୍ତୁ ସଫଳ-କାମ ହୁଅ। କେତେ ଜଣ ସୂତା କାଟିବାକୁ ପଣ ନେଇଛ ଲେଖ।

ଦିବାକର ( ୯୭୬ ) ମଦ ଗଞ୍ଜା ଓ ବେଶ୍ୟା ପ୍ରଥା ପୃଥିବୀରୁ ଲୋପ ପାଇବା ଠିକ୍। କିନ୍ତୁ ଜବରଦସ୍ତି ଆଇନ ଦ୍ୱାରା ଲୋପ କଲେ ଗୁପ୍ତ କାରବାର ଚାଲିବ। ମଣିଷ ଶିକ୍ଷା ଓ ସଂଯମରେ ଏହାକୁ ସ୍ଥାୟୀ କରିପାରେ।

ନିମ୍ବୋଦର ( ୭୯୦ ) କେବଳ ଲାଇବ୍ରେରୀ ସଭ୍ୟଙ୍କୁହିଁ ବହି ଦେବ ଓ ସଭ୍ୟମାନେ ମଧ୍ୟ ତାଙ୍କ ନାମରେ ଟ୧୮ ଡିପୋଜିଟ ଦେଇଥିବେ। ବହି ଫେରାଇ ନଦେଲେ ଟଙ୍କା ବାଜ୍ୟାପ୍ତ ହେବ। ଏହି ସୂତ୍ରରେ ଲାଇବ୍ରେରୀ ଚଳାଅ।

ଅନଳ ( ୯୩୬ ) ପୁଣି ଏକାଥରେ ଗୁଡ଼ାଏ ପ୍ରଶ୍ନ ପଚାରିଲ, ଗୋଟି ଗୋଟି କରି ଉତ୍ତର। ପ୍ରଥମ ପ୍ରଶ୍ନର ଉତ୍ତର—ନଅଖଣ୍ଡ ସଂବାଦ ଦେବେ। ଓଡ଼ିଆରେ ଶ୍ରେଷ୍ଠ ଲେଖକ ସ୍ଥିର କରିବା ଜଣକର କାମ ନୁହେଁ। କମଣ୍ଡ ନଅପାଇ ପାରେ। କଣ୍ଟ୍ରୋଲ ଉଠି ଗଲେ ଅବସ୍ଥା ଭଲ ହେବ। ମହାତ୍ମାଙ୍କ ମହାପ୍ରୟାଣ ପରେ ଦେଶର ଅରାଜକତା ହେଲେ ଲୋକେ ଦାୟୀ—ନେତା ନୁହନ୍ତି।

ରାଧାମଣି ( ୯୨୧ ) ଯେଉଁମାନେ ସୂତା କାଟିବାର ପଣ କରିଛ ସେମାନେ ପ୍ରତିମାସ ଷ୍ଟେଟମେଣ୍ଟ ମୋ ପାଖକୁ ପଠାଇବା ପ୍ରସ୍ତାବ ଭଲ ମାତ୍ର ମୁଁ ଏ ଜଞ୍ଜାଳ ମୁଣ୍ଡାଇ ପାରିବ ନାହିଁ। ବରଂ ଯେଉଁମାନେ ପଣ ନେଇ କାଟି ନାହାନ୍ତି ସେମାନେ ଦୁଃଖ ପ୍ରକାଶ କରି ମୋତେ ଜଣାଇବା ଭଲ।

ବୈକୁଣ୍ଠ ଓ ନିଲ୍ଲୋଚନ— ଅରଟ ଅଭାବରେ ବର୍ତ୍ତମାନ ତକଲିରେ କାଟ। ଯେଉଁମାନେ ସୂତା କାଟିବାର ପଣ ନେଇଛ ସେମାନେ ସେ ପଣ ଲେଖି ମୋ ପାଖକୁ ପଠାଅ। ତମେ ୫୦ ଜଣ ଛାତ୍ର ପଣ ନେଲା ପରେ ମୁଁ ଡଗର ସମ୍ପାଦକଙ୍କୁ ଦୁଇ ଟିକେଟ ପଠାଇବି— ପରାମର୍ଶ ଦେବାକୁ।

ଜ୍ଞାନେନ୍ଦ୍ର ଦ୍ୱାସ [୯୭୮] ରାମଚନ୍ଦ୍ର ପାଢ଼ୀଙ୍କ ଠିକଣା— ପୋ: ନାରାୟଣ ପାଟଣା, କୋରାପୁଟ।

ରବୀନ୍ଦ୍ର—ତମର ନମ୍ବର କାହିଁ ? ତମେ ମୋର ସ୍ନେହ ସବୁବେଳେ ପାଇବ। ଭଗବାନଙ୍କୁ ପ୍ରାର୍ଥନାକର—"ଭଗବାନ ସମସ୍ତଙ୍କର ଭଲ କର।" ତାହେଲେ ତମେ ସମସ୍ତଙ୍କର ସ୍ନେହ ପାଇବ। ତମ ପଦ୍ୟ ଲଗୁରୀ ଧୀନ।

ଶିଶିର [ ୯୭୩ ] ଡଗର ଅଫିସରେ ଜ୍ୟୋତିଷ ନାହାନ୍ତି। ମୁଁ ନିଜେ ଜଣେ ଠକ ଜ୍ୟୋତିଷ। ଗାନ୍ଧୀଙ୍କ ଶୁକ୍ରବାରରେ ମଲେ— କୈଳାସ ବାବୁ ଓ ବିନାୟକ ମଧ୍ୟ ଶୁକ୍ରବାରରେ ମରିବାର କାରଣ ଶୁକ୍ର ହେଉଛନ୍ତି ଅସୁର ଗୁରୁ। କଂଗ୍ରେସବାଲା ଦେବତା।

ଲମ୍ବୋଦର (୯୪୯) ଇଂରାଜୀରେ କୋରାନ ଅଛି— କଲିକତାର କୌଣସି ବଡ ବହି ଦୋକାନ କିମ୍ବା ବମ୍ବେର ବହି ଦୋକାନୀ ତାରାପରୱାଲାଙ୍କଠୁ ମଗାଇ ପଢ। ମୋର ଲିଖିତ ବହି ନାହିଁ। ନିତ୍ୟାନନ୍ଦ ମହାପାତ୍ରଙ୍କର ଭୁଲ, ପାଞ୍ଚଜନ୍ୟ, ଜୀବନର ଲକ୍ଷ୍ୟ, ଜୀଅନ୍ତା ମଣିଷ ଛଡ଼ା, ମରମ, ଏଗାରଟା ଓ ଘଣିକା ମଧ୍ୟ ଅଛି ବୋଲି ଜଣାଯାଏ।

### ନାଗଙ୍କ ଉତ୍ତର

ପୃଥିବୀରେ ସବୁଠାରୁ ବଡ଼ ବାଣ୍ଡନଗାର ଦୁଇଟି—ଗୋଟିଏ କାଲିଫର୍ଣିଅ (ଆମେରିକା) ଓ କେଭେଣ୍ଡିସ୍ (ଇଂଲଣ୍ଡ)

ଭାରତୀୟ ବଡ଼ ବାଣ୍ଡନାଗାର—ପୁନା ଠାରେ ଅବସ୍ଥିତ। ଶ୍ରୀ ନିଲ୍ଲୋଚନ ମିଶ୍ର—୯୧୧

୩୨ ସଂଖ୍ୟା ଡଗର ନାଗ ପ୍ରଶ୍ନର ଉତ୍ତର ଲେଖାଟିର ଲେଖକ ନିତ୍ୟାନନ୍ଦ ମହାପାତ୍ର—ମରମ ନାମକ ପୁସ୍ତକରେ ପ୍ରକାଶିତ। ମନୁଷ୍ୟ ନିଜ ଇପ୍ସିତ କାମନାରେ ସଫଳତା ଲାଭକଲେ, ଇପ୍ସିତକୁ ଭୁଲିଯାଏ। ବିଫଳତାରେ ଇପ୍ସିତବସ୍ତୁ ଜୀବନଯାକ ମନ ଭିତରେ ସ୍ଥାନ ଅଧିକାର କରେ। ଏହାହିଁ ତାର ମର୍ମ—

ନିଲ୍ଲୋଚନ—ବୈକୁଣ୍ଠ।

### ନାଗଙ୍କ ପ୍ରଶ୍ନ

୧। ଓଡ଼ିଶାର ସର୍ବ ପୁରାତନ ପତ୍ରିକା କିଏ ? [ନାଗମାନେ ଉତ୍ତର ଦେବେ]

=ନିଲ୍ଲୋଚନ

୨। ସୂର୍ଯ୍ୟ ଚନ୍ଦ୍ର ଉଦୟ ବା ଅସ୍ତ ସମୟରେ ବଡ଼ ଓ ଆକାଶ ମଝିରେ ଛୋଟ କାହିଁକି ଦେଖାଯାନ୍ତି ? ଅନଳ।

### ନାଗଙ୍କ ପ୍ରତିଜ୍ଞା

ଅଜା !

ଆପଣଙ୍କ ୩୧ଶ ସଂଖ୍ୟା ଡଗରରେ ଆମ୍ଭମାନଙ୍କ ପ୍ରତି ଯେଉଁ ସଦୁପଦେଶ ପ୍ରଦାନ କରିଛନ୍ତି ତାହା ପଢ଼ି ମୁଁ ଜଣେ ନାରୀ ହିସାବରେ ଉକ୍ତ ପ୍ରସ୍ତାବକୁ ଅତି ଆଗ୍ରହରେ ଗ୍ରହଣ କରୁଛି। ମୁଁ ଆସନ୍ତା ତା୨୦।୩।୪୮ରିଖ ବୁଧବାରଠାରୁ ମହାପୁରୁଷ ମହାତ୍ମାଙ୍କ ସ୍ମୃତି ଉଦ୍ଦେଶ୍ୟରେ ପ୍ରତ୍ୟହ ୧୫ ମିନିଟ ସୂତା କାଟିବି

ଆପଣଙ୍କର

ଶ୍ରୀମତୀ ରାଧାମଣି ରାଉତ ନାଗ ନ:୯୨୧

ଅଜା !

ଆପଣଙ୍କ ଉପଦେଶମାନ ୩୧ଶ ସଂଖ୍ୟାରେ ଦେଖିଲୁଁ। ବାସ୍ତବିକ ଶ୍ରେଷ୍ଠ ପନ୍ଥା ବାପୁଜୀଙ୍କ ସ୍ମୃତି ରକ୍ଷା କରିବା ଆମ ସମସ୍ତଙ୍କର ଉଚିତ। ମୁଁ ପ୍ରତିଜ୍ଞା କରୁଛି ଯେ ପ୍ରତ୍ୟହ ତାଙ୍କର ସ୍ମୃତି ରକ୍ଷାପାଇଁ ୨୦ ମିନିଟ ଲେଖାଏ ସୂତା କାଟିବି।

ଶ୍ରୀ ଜ୍ଞାନେନ୍ଦ୍ର ଦ୍ୱାସ [୯୭୮]

ଅଜା !

ଗତ ଡଗରରେ [୩୧ଶ ସଂଖ୍ୟା] ପ୍ରକାଶିତ ଆପଣଙ୍କ ଲେଖାଟି ପଢ଼ି ବିଶେଷ ଆନନ୍ଦିତ ହେଲୁ ଆମ୍ଭେମାନେ। ହବାର କଥା। ଗାନ୍ଧିଜୀଙ୍କ କଳ୍ପିତ ରାମରାଜ୍ୟ ଅଣିବାରେ ଆମେ ଅଂଶ ଗ୍ରହଣ କରିବାକୁ ଯାଉଛୁଁ ସଙ୍ଗେ ସଙ୍ଗେ ବାପୁଜୀଙ୍କୁ ଆମର ହୃଦୟ ପଟରେ ଅମର କରି ରଖିବା ପାଇଁ ଅରଟ ଅଭାବରେ ଆମ୍ଭେମାନେ ତକଲିରେ ପ୍ରତ୍ୟହ ୫ ମିନିଟ କରି ସୂତା କାଟିବାକୁ ଶପଥ ନେଲୁ। ନାଗ ନାଥ

ନିଲ୍ଲୋଚନ (୯୧୧) ବୈକୁଣ୍ଠ (୯୧୨)

Digitized by srujanika@gmail.com

# ଚିଠି

ପ୍ରତି ସଂଖ୍ୟା 'ଜଗତ'ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ବା ( Suggestions ) ଇତ୍ୟାଦି 'ଚିଠି'ରେ ପ୍ରକାଶ ପାଏ । ଚିଠିଗୁଡ଼ିକ ଯଥା ସମ୍ଭବ ସଂକ୍ଷିପ୍ତ ହେବା ଦରକାର । କୌଣସି ଚିଠିରେ ଲିପି ଅସ୍ପଷ୍ଟ ବା ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ । ଚିଠି ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀର ରହିଲା । କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ପ୍ରଣୋଦିତ ଲେଖାର ସ୍ଥାନ ହେବ ନାହିଁ । ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି ।—ସମ୍ପାଦକ

ମାନନୀୟ,

ଜଗତ ସମ୍ପାଦକ ମହାଶୟ ନମସ୍ତେ
ଆପଣଙ୍କର ପ୍ର. ତାଙ୍କ ୧୦.୩।

ଜଗତ ମୋ ହାତରେ ପଡ଼େ । ପଢ଼ି ଓ ସେ ସମସ୍ତ କଥା ଶୁଣି ନେଇ ମୋ ମନ ମଧ୍ୟରେ ଆଲୋଚନା ଚାଲିଥାଏ ଅନେକ ଦିନ । ମାତ୍ର କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରେ ନା—ଯେହେତୁ ଯେତେ ଭାବେ, ମନର ସନ୍ଦେହ ସେତିକି ଦ୍ୱିଗୁଣିତ ହୋଇ ବଢ଼ିଯାଏ । କାରଣ ଅତୀତ ଆଧୁନିକ ସାହିତ୍ୟକୁ ନେଇ । ଏମିତି କିଛି କୌଣସି ଜଗତ ମୁଁ ପାଇନି ଯେଉଁଥିରେ ଆମ ଆଧୁନିକ କବି ଓ ଲେଖକ ମାନେ ପ୍ରେମ ବର୍ଣ୍ଣନା ଲେଖା ଲେଖି ନାହାନ୍ତି । ମୋତେ ଜଣାପଡ଼ୁଛି ଯେପରି ପ୍ରେମହିଁ ଆଧୁନିକ ଓଡ଼ିଆ ସାହିତ୍ୟର କଥା ବସ୍ତୁ ହୋଇ ପଡ଼ିଛି । ସେମାନେ ଓଡ଼ିଆ ସାହିତ୍ୟର ଉନ୍ନତି କରିବାକୁ ଯାଇ ତାର ଅବନତିର ମାର୍ଗ ଯେ ମୁକ୍ତ କରୁଛନ୍ତି, ଏହା ହୁଏତ ସେମାନେ ଚିନ୍ତି ନାହାନ୍ତି । ଏମିତିଆ ପ୍ରେମ ପୂର୍ଣ୍ଣ କବିତା ବା କାହାଣୀ ଲେଖି ନିଜକୁ ଜଣେ ବିଶିଷ୍ଟ ଲେଖକ ବୋଲି ପରିଚୟ ଦେବା ଅପେକ୍ଷା, ଅଧିକ ଭଲ ହୁଅନ୍ତା ଯଦି ସେମାନେ ନିଜ ନିଜର ପୋଷାକରେ ସଙ୍କେତ ସ୍ୱରୂପ ବଡ଼ ବଡ଼ ଅକ୍ଷରରେ ଲେଖି ଦିଅନ୍ତେ, "ଆମେ କବି" "ଆମେ ଲେଖକ" ଆଉ କହି ବୁଲନ୍ତେ ହେ ସଭ୍ୟଗଣ ! ଆମକୁ ଆଦରେ ଅନାଅ । ଆମେ ଯେଉଁ ପ୍ରେମ ରସ ବାଢ଼ି ଦେଉଛୁ, ତାହାକୁ ଆଦରେ ପାନ କର । ଆମର ଭାଇ ଭଉଣୀମାନେ ଆମଠୁ ପ୍ରେମ ଶିଖନ୍ତୁ ।

ଆବଶ୍ୟ ବାସ୍ତବ ପ୍ରେମ ଏ [illegible] । ଏ ହେଉଛି ଅବାସ୍ତବ ପ୍ରେମ । ଏ [illegible] ଯାହାରେ [illegible] ଜୀବନ [illegible] ଧନ ସମ୍ପତ୍ତି ସବୁଥାଉ । [illegible] ଆଉ କାମନା ।"

ମୁଁ ବୁଝି ପାରୁନି ଯେ ଲେଖାକୁ ଆପଣ ମଧ୍ୟ ସ୍ଥାନ ଦେବା କି ଆପଣଙ୍କ ଉଚିତ ? ଆପଣ କହି ପାରନ୍ତି ଏମିତିଆ ଲେଖା [illegible] କରି ସେମାନେ କେଉଁ ଉପକାର [illegible] ସାହିତ୍ୟର କଲ୍ୟାଣ କରୁଛନ୍ତି [illegible] । ଉତ୍ତର ଦେଇ ପାରିବେ କେବେ କି ।—

ଆପଣଙ୍କର ଉତ୍ତରକୁ ଅପେକ୍ଷା କରିଲି ।

ଇତି
ଆପଣଙ୍କର
ବୈଦ୍ୟ [illegible]

ପ—

[ ଅଧ ଉତ୍ତରଦାୟକ କବିତା [illegible] ପତ୍ରିକାରେ ପ୍ରେମ କବିତା [illegible] ଲେଖନ୍ତି । ଅଧିକାଂଶ କବିତା ସମୀକ୍ଷା ଅବଲମ୍ବନ କଲେ ପ୍ରକାଶ ପାଇବା ଯୋଗ୍ୟ ନୁହେଁ । ଯେଉଁ କବି ଉଦ୍ଦାମ ଯୌବନରେ ଅଧିବାସର ଭାବ କବିତା ଛନ୍ଦରେ ପ୍ରକାଶ କରିବାକୁ ସକ୍ଷମ ସେ କବି ଜେ ପ୍ରୌଢ଼ତ୍ୱର ପରିଚୟ ଲାଭକର ସମସ୍ତ କଟମ ଅନ୍ୟାନ୍ୟ ଭାବ ପ୍ରକାଶନରେ ଅଧିକ କ୍ଷମତା ଓ ପଟୁ ହେବେ—ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ । ସବୁବେଳେ ଲୋକ ଏକଦଗ ଦର୍ଶୀ ହୋଇ ନପାରେ'ବା ଏକ ପ୍ରକାର ଭାବ—ପ୍ରବଣତାର ବଶବର୍ତ୍ତୀ ହୋଇ [illegible] । ଏହି ସ୍ତ୍ରୀ,ର 'କବିତା [illegible] [illegible] ଅବତାରଣା କରିବା [illegible] ଅନ୍ୟାନ୍ୟ ପରିବେଶ [illegible] କରି ପାରନ୍ତି—ଏଥି [illegible] ଅନୁସନ୍ଧାନ [illegible] ୧୪ [illegible] ]

## ଚିତ୍ରଶିକ୍ଷା

ଶ୍ରୀମାନ 'ଜଗତ' ସମ୍ପାଦକ,

[illegible] 'ଜଗତ' [illegible] [illegible] [illegible] [illegible] [illegible] ଅନ୍ୟାନ୍ୟ [illegible] [illegible] [illegible] । [illegible] ଚିତ୍ରଶିଳ୍ପ [illegible] [illegible] ଚିତ୍ରକଳା [illegible] [illegible] ଚିତ୍ର [illegible] । [illegible] ସାହିତ୍ୟରେ [illegible] ନାହିଁ । ତେଣୁ [illegible] ମହାପ୍ରାଣମାନେ [illegible] ଚିତ୍ର ବିଦ୍ୟାକୁ ସଂସାର ଜାତ ହୋଇଅଛି ।

ବର୍ତ୍ତମାନ ଜଗତ ଶିଳ୍ପକୁ ପ୍ରଥମ ସ୍ଥାନ ଦେଇ ନେଇଛି, ଶିଳ୍ପର ପ୍ରଧାନ ଅଙ୍ଗ ଚିତ୍ର ।

ଏଣୁ ପର କେତେକ ବାଳକ ବାଳିକା ଓଡ଼ିଶାର ପ୍ରତ୍ୟେକ ସ୍କୁଲରେ ଶିକ୍ଷା ଦେବା ଠାରୁ ମାଟ୍ରିକ ପର୍ଯ୍ୟନ୍ତ ଉପଯୁକ୍ତ ତ୍ରିବର୍ଣ୍ଣ ଶିକ୍ଷକ ମାନଙ୍କୁ ନିଯୁକ୍ତ କରି ବାଧ୍ୟତା ମୂଳକ ଚିତ୍ର ଶିକ୍ଷା ଦେବା ଉଚିତ ।

ଇତି
ଶ୍ରୀ ତ୍ରିଲୋଚନ ମହାରଣା
ପୁରୁଷୋତ୍ତମ ପୁର

Digitized by srujanika@gmail.com

# କଟକ ପବ୍ଲିଶିଂ ହାଉସ

ପ୍ରକାଶିତ ନିମ୍ନଲିଖିତ ପୁସ୍ତକମାନ ୧୯୪୮-୪୯ ମସିହାରେ ଓଡ଼ିଶା ଓ ଓଡ଼ିଶାରେ ନୂଆ ମିଶିଥିବା ଗଡ଼ଜାତ ଜିଲ୍ଲାମାନଙ୍କର ସ୍କୁଲମାନଙ୍କରେ ପାଠ୍ୟପୁସ୍ତକ ରୂପେ ବ୍ୟବହୃତ ହେବାପାଇଁ ଓଡ଼ିଶାର ଶିକ୍ଷା ବିଭାଗୀୟ ଡିରେକ୍ଟର ମହୋଦୟ ୧୬-୩-୪୮ ତାରିଖରେ ୧ ନମ୍ବର ନୋଟିସରେ ମଞ୍ଜୁର କରିଛନ୍ତି ।

ଶ୍ରୀ ରାମଚନ୍ଦ୍ର ... ଏ, ବି, ଇଡ଼, ଙ୍କ ପ୍ରଣୀତ

## ସାହିତ୍ୟ ସୋପାନ

୨ୟ ଭାଗ ୨ୟ, ସଂସ୍କରଣ—୨ୟ ଶ୍ରେଣୀ ଟ ୦ ।

୨ୟ ଭାଗ—୩ୟ ଶ୍ରେଣୀ ଟ ୦ ।

୩ୟ ଭାଗ—୪ର୍ଥ ଶ୍ରେଣୀ ଟ ୦ ।/

ଶ୍ରୀ ନୃପେନ୍ଦ୍ର ପ୍ରସାଦ ମହାନ୍ତି ବି, ଏ, ବି, ଇଡ଼,ଙ୍କ ପ୍ରଣୀତ

## ସାହିତ୍ୟ ମୁକୁଳ

୧ମ ଭାଗ—୨ୟ ଶ୍ରେଣୀ ଟ ୦ ।

୨ୟ ଭାଗ—୩ୟ ଶ୍ରେଣୀ ଟ ୦ ।

ଶ୍ରୀ ରାମଚନ୍ଦ୍ର ମହାପାତ୍ର ଏମ୍, ଏ, ଏଲ୍ ଟି, ଶ୍ରୀ ହରିହର ଶତପଥୀ, ଶ୍ରୀ କାଶୀନାଥ ମିଶ୍ର, ଓ ଶ୍ରୀ ନବଘନ ରଥଙ୍କ ପ୍ରଣୀତ

## ପାଠତରଙ୍ଗ

୧ମ ଭାଗ—(ଅତିରିକ୍ତ) ୪ର୍ଥ ଶ୍ରେଣୀ ଟ ୦ ।/

୨ୟ ଭାଗ ୨ୟ, ସଂସ୍କରଣ—୫ମ ଶ୍ରେଣୀ ଟ ୦ ।/

## ଭୌଗୋଳିକ ପଠ

୧ମ ଭାଗ—୪ର୍ଥ ଟ ୦ ।/

୨ୟ ଭାଗ ୨ୟ, ସଂସ୍କରଣ—୫ମ ଶ୍ରେଣୀ ଟ ୦ ।/

ମଣ୍ଡିତ ହରେକୃଷ୍ଣ ଦାଶଙ୍କ ପ୍ରଣୀତ

## ଇତିହାସ ସହଚର

୧ମ ଭାଗ—୪ର୍ଥ ଶ୍ରେଣୀ ଟ ୦ ।/

୨ୟ ଭାଗ—୫ମ ଶ୍ରେଣୀ ଟ ୦ ।/

ଶ୍ରୀ ରାଜକିଶୋର ପଟ୍ଟନାୟକ କବିଭୂଷଣଙ୍କ ପ୍ରଣୀତ

## ସହଜପାଠ

୧ମ ଭାଗ—୨ୟ ଶ୍ରେଣୀ ଟ ୦ ।

୨ୟ ଭାଗ—୩ୟ ଶ୍ରେଣୀ ଟ ୦ ।

ସତ୍ୟବାଦୀ ଶ୍ୟାମ ସୁନ୍ଦର ଏମ୍, ଏ, ବି, ଇଡ଼,ଙ୍କ ପ୍ରଣୀତ

## ଉଚ୍ଚ ଗଣିତ

( ୨ୟ, ସଂସ୍କରଣ )

୪ର୍ଥ ଓ ୫ମ ଶ୍ରେଣୀ ଟ ୦ ।/

ଶ୍ରୀ ଜଗନ୍ନାଥ ତ୍ରିପାଠୀ ବି,ଏ, ବି, ଟି,ଙ୍କ ପ୍ରଣୀତ

## ଭୂଗୋଳ ସହଚର

୨ୟ ଭାଗ—୫ମ ଶ୍ରେଣୀ ଟ ୦ ।/

: ପ୍ରାପ୍ତିସ୍ଥାନ : —

କଟକ ପବ୍ଲିସିଂ ହାଉସ

କଟକ

ମୌଲବୀ ଲତିଫୁଲ୍ଲା ଅଲ୍ଲି ବି, ଏ ଏଲ୍ ଟିଙ୍କ ପ୍ରଣୀତ

## ଗଣିତ ସୋପାନ

୧ମ ଭାଗ—୧ମ ଖଣ୍ଡ ୨ୟ ଶ୍ରେଣୀ ଟ ୦ ।

୧ମ ଭାଗ—୨ୟ ଖଣ୍ଡ ୩ୟ ଶ୍ରେଣୀ ଟ ୦ ।

୨ୟ ଭାଗ—୪ର୍ଥ ଓ ୫ମ ଶ୍ରେଣୀ ଟ ୦ ।

ଶ୍ରୀ ଉପେନ୍ଦ୍ରନାଥ ଦାଶଙ୍କ ପ୍ରଣୀତ

## ବାଳ ସହଚର

( ଅତିରିକ୍ତ )

୧ମ ଭାଗ—୨ୟ ଶ୍ରେଣୀ ଟ ୦

୨ୟ ଭାଗ—୩ୟ ଶ୍ରେଣୀ ଟ ୦ ।।

ପଣ୍ଡିତ ଗୋଦାବରୀଶ ମିଶ୍ର ଏମ୍, ଏ, ବି, ଟିଙ୍କ ପ୍ରଣୀତ

## ପାଠମାଳା

୨ୟ ଭାଗ—୩ୟ ଶ୍ରେଣୀ ଟ ୦ ।

ଶ୍ରୀ କୃଷ୍ଣଚନ୍ଦ୍ର କରଙ୍କ ପ୍ରଣୀତ

## ସାହିତ୍ୟ ପରିଚୟ

( ଅତିରିକ୍ତ )

୨ୟ ଭାଗ—୩ୟ ଶ୍ରେଣୀ ଟ ୦ ।

ପଣ୍ଡିତ ଶ୍ରୀ ନୀଳକଣ୍ଠ ଦାଶ ଏମ୍, ଏ,ଙ୍କ ପ୍ରଣୀତ

## ସରସ ପାଠ

୧ମ ଭାଗ ୨ୟ, ସଂସ୍କରଣ—୨ୟ ଶ୍ରେଣୀ ଟ ୦ ।



Printed & Published by G. C. Mahapatra at the Gopinathpress, Bhadrak, 1948.

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

ଏକାଦଶ ବର୍ଷ | ସୋମବାର ମେଷ ୨୭ ନ ୧୩୫୫ ସାଲ | ୩୬,୩୭ ସଂଖ୍ୟା

— ସୂଚୀ —

ମଜା କଥାରେ
ଡାକ୍ତରଙ୍କ ଘରେ ନିମନ୍ତ୍ରଣ ।

କାହାଣୀରେ
ଭଲ ଘଣ୍ଟ

ମହାକବିତାରେ
ମୁଁ ଏବେ କଂଗ୍ରେସ ହେବି ବା ପଞ୍ଚମନ୍ତ୍ରୀ ହେବି

ସିନେମା, ନାଟକ,
ଚଳଅବସ୍ଥାର ପ୍ରଭୃତି ।

# "DAGARO"

ORISSA'S MOST POPULAR WEEKLY
of
Light, Lead & Laughter

Vol XI | Monday, May 10, 1945. | No. 36.37

ବାର୍ଷିକ ମୂଲ୍ୟ ଟ ୬ ଷାଣ୍ମାସିକ ଟ ୩
ରାଜ ସଂସ୍କରଣ ବାର୍ଷିକ ଟ ୧୦

Digitized by srujanika@gmail.com

# ସାପ୍ତାହିକ ଡଗରର ନିୟମାବଳୀ

୧ । ସାପ୍ତାହିକ 'ଡଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏଥିର ବାର୍ଷିକ ମୂଲ୍ୟ ସଡାକ ୪୬° ଓ ଷାଣ୍ମାସିକ ମୂଲ୍ୟ ସଡାକ ୨ ୩୫ ଅଗ୍ରୀମ ଦେବାକୁ ପଡେ ।

୩ । ମୂଲ୍ୟ ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାର ଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଡଗର ଦୁଇ ଅଣାରେ ପାଇ ପାରିବେ । ବିଶେଷ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମାନେଜର 'ଡଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନ କଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଡଗର'ର କୌଣସି ସଂଖ୍ୟା ନ ପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଡଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଡଗର ଅଫିସ କରିବ ।

୮ । ଲେଖା, କବିତା, ପ୍ରଭୃତି ପରିଚାଳନା ସଂପାଦକ ଡଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛା ଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମାନେଜର ଡଗର
ପୋ: ଭଦ୍ରକ (B N Ry)

# ନିବେଦନ

ଭଦ୍ରକରେ ପ୍ରସ୍ତାବିତ କଲେଜର କାମ ଆରମ୍ଭ ହୋଇ ସାରିଛି । ଆସନ୍ତା ଜୁଲାଇ ମାସରେ ପ୍ରଥମ ବାର୍ଷିକ କଲାର କ୍ଲାସ ଖୋଲିଯିବ । ପ୍ରଥମେ ଅସ୍ଥାୟୀ ଭାବରେ ଏହା ଉତ୍କଳ ବିଶ୍ୱବିଦ୍ୟାଳୟର ହେବ । ଛାତ୍ରାବାସ ପାଇଁ ପକ୍କା କୋଠା କଣା ହୋଇ ସାରିଛି । ଗତ ମାସ ଭିତରେ ଅନ୍ୟୂନ ୨୦,୦୦୦ (କୋଡ଼ିଏ ହଜାର) ଟଙ୍କା କଲେଜ ପାଣ୍ଠି ପାଇଁ ମଞ୍ଜୁର ଅଛି ଜଣାଇଲେ ଚିନ୍ତାହିତ ଅନୁମତି ନେବେ । ଉଦାର ହୃଦୟ ଦେଶହିତୈଷୀ ଓ ପ୍ରବାସୀ ଉତ୍କଳବାସୀ ମାନଙ୍କୁ ନିବେଦନ ସେମାନେ ଯଥାଶକ୍ତି ସାହାଯ୍ୟ କରି ଦେଶକୁ ଯୋଗ୍ୟ ଦାନରେ ଋଣୀ କରନ୍ତୁ । ଇତି

ନିବେଦକ—

ଶ୍ରୀ ନରେନ୍ଦ୍ର ପ୍ରସାଦ ଦାସ ଓକିଲ, ସେକ୍ରେଟାରୀ ପ୍ରସ୍ତାବିତ ଭଦ୍ରକ କଲେଜ
ପୋ: ଭଦ୍ରକ ( ବି: ଏନ: ଆର )

Digitized by srujanika@gmail.com

## ନିରାପତ୍ତା ସଭା ଓ କାଶ୍ମୀର

କାଶ୍ମୀର ଉପରେ ପାର୍ବତୀୟ ଜାତିର ଆକ୍ରମଣ ସଂକ୍ରାନ୍ତରେ ପାକିସ୍ଥାନର ଦାୟିତ୍ୱ ଘେନି ଭାରତର ଅଭିଯୋଗ ଦୀର୍ଘ ଚାରିମାସ ପରେ ନିରାପତ୍ତା ସଭା ମୀମାଂସା କରିଛନ୍ତି । ଏ ନିଷ୍ପତ୍ତି ଭାରତ ସପକ୍ଷରେ ହେଉ ବିପକ୍ଷରେ ହେଉ ଭାରତ ଯେତେବେଳେ ନିରାପତ୍ତା ସଭାକୁ ମଧ୍ୟସ୍ଥ ମାନି ନେଇଛି ସେତେବେଳେ ନ୍ୟାୟତଃ ଓ ଧର୍ମତଃ ତାର ଆଦେଶକୁ ମାନିବାକୁ ବାଧ୍ୟ । ନହେଲେ ଦୁନିଆରେ ମଧ୍ୟସ୍ଥ ଦ୍ୱାରା ଶାନ୍ତି ସ୍ଥାପନ ଅସମ୍ଭବ ହୋଇ ପଡ଼ିବ । କାରଣ ଦୁଇ ପକ୍ଷରୁ ସମୟରେ ଉଭୟ ପକ୍ଷ କିମ୍ବା ଅନ୍ତତଃ ପକ୍ଷେ ଗୋଟିଏ ପକ୍ଷର କ୍ଷତି ହେବ ହିଁ ହେବ । କ୍ଷତି ହେବା ନହେବା ଉପରେ ଯଦି ନିଷ୍ପତ୍ତିକୁ ଗ୍ରାହ୍ୟ ବା ଅଗ୍ରାହ୍ୟ କରିବା ନିର୍ଭର କରେ ତେବେ ନ୍ୟାୟ ସଂଗତ ମଧ୍ୟସ୍ଥତାର ପ୍ରଶ୍ନ ଉଠାଇବା ଅଯଥା । ସେଥିପାଇଁ କେବଳ ମୌଳିକ ନୀତି ଦୃଷ୍ଟିରୁ ପନ୍ଥାନ୍ତର ଗ୍ରହଣ କରିବା ବର୍ତ୍ତମାନ କ୍ଷେତ୍ରରେ ଯୁକ୍ତି ସଂଗତ ମନେହୁଏ ।

ନିରାପତ୍ତା ସଭାର ନିଷ୍ପତ୍ତିରେ କେତେକ ମୌଳିକ ଭ୍ରାନ୍ତି ଓ ପ୍ରମାଦ ରହିଛି । ଭାରତକୁ ବାଦୀ ଓ ପାକିସ୍ଥାନକୁ ବିବାଦୀ କରି ପାକିସ୍ଥାନକୁ ଅଭିଯୁକ୍ତ କରିବା କିମ୍ବା ଦୋଷ ମୁକ୍ତ କରିବାର ଅଧିକାର ସଭାର ସଂପୂର୍ଣ୍ଣ ଥିଲା । କିନ୍ତୁ ନିରାପତ୍ତା ସଭା ଉଭୟଙ୍କୁ ଦୋଷୀ ସାବ୍ୟସ୍ତ କରି ନିଷ୍ପତ୍ତି ଦେଇଛନ୍ତି ଏବଂ ସଙ୍ଗେ ସଙ୍ଗେ କାଶ୍ମୀର-ଭାରତ ଓ ପାକିସ୍ଥାନ ଉଭୟ ପକ୍ଷର ଦୋଷୀ ଦଳଙ୍କୁ ଶାସନ ଭାର ଗ୍ରହଣ କରିବାକୁ ଆଦେଶ ଦେଇଛନ୍ତି । ଉଭୟ ପକ୍ଷ ଦୋଷୀ ହେଲେ ମଧ୍ୟସ୍ଥ ନିଜେ ଶାସନ ଭାର ହାତକୁ ନେଇ ଅଧିକ ସଂଖ୍ୟକ ଲୋକମତପୁଷ୍ଟ ଦଳ ହାତରେ ଦେଶର ଭବିଷ୍ୟତକୁ ଛାଡ଼ିଦେବା ଉଚିତ । ଭାରତ ଓ ପାକିସ୍ଥାନ ଉଭୟେ ଦୋଷୀ ଥିବା ସ୍ଥଳେ କାଶ୍ମୀର, ଭାରତ କିମ୍ବା ପାକିସ୍ଥାନରେ ମିଶିବାର ପ୍ରଶ୍ନ ନ ଉଠାଇ ସେଥିପାଇଁ ଗଣ ଭୋଟ ନନେଇ, କେଉଁ ଦଳ କାଶ୍ମୀର ଶାସନ କରିବ ସେଥିପାଇଁ ... ବା ନିର୍ବାଚନ କରିବା ... ସେପରିକି ... କରିବାର ଅର୍ଥ ନିରାପତ୍ତା ... ନିଷ୍ପତ୍ତିକୁ ମଧ୍ୟ ସନ୍ଦେହ କରିଛନ୍ତି । ନିଜର ଦୁର୍ବଳତା ମଧ୍ୟ ପ୍ରକାଶ କରିଛନ୍ତି । ଏ ଅନିଷ୍ପତ୍ତିର କାରଣ ଦଣ୍ଡ ନୀତି ବା Power politics । ଅର୍ଥାତ୍ ଆମେରିକା ଦଳହିଁ ନିରାପତ୍ତା ସଭାରେ ବଳବାନ୍ । ଏ ସେହି ମାନଙ୍କର ନିଷ୍ପତ୍ତି । ରୁଷ୍ ବିରୁଦ୍ଧରେ ଗ୍ରୀସଠାରୁ କାଶ୍ମୀରର ଗିଲଗିଟ୍ ଯାଏଁ ଏକ ସାମୂଖ୍ୟ କରିବାର ଅଭିପ୍ରାୟ ଘେନି ଆଙ୍ଗ୍ଲୋ ଆମେରିକା ପାକିସ୍ଥାନ କିମ୍ବା ଭାରତ କାହାକୁ ଅପ୍ରିୟ କରିବାକୁ ଚାହେଁ ନାହିଁ । ପୁଣି ଜଣକର ପ୍ରିୟ ହେବା ଅର୍ଥ ଅନ୍ୟର ଅପ୍ରିୟ ହେବା ସ୍ୱାଭାବିକ ।

ନିରାପତ୍ତା ସଭାର ଏ ବର୍ଣ୍ଣ ଓ ରୂପ ଦେଖି ଭାରତ ତାହାର ଅଭିଯୋଗ ଉଠାଇ ଆଣିବା ଉଚିତ ଥିଲା । ଏବଂ ବର୍ତ୍ତମାନ ନିରାପତ୍ତା ସଭାକୁ ବର୍ଜନ କରିବା ଭାରତ ପକ୍ଷରେ ନ୍ୟାୟ ସଂଗତ ହେଲାଣି । ରାଜନୀତି ଭୁଲ୍ ନହୋଇ ପାରେ । ଏ ନିଷ୍ପତ୍ତିକୁ ଅସ୍ୱୀକାର କରି ପୁଣି ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାରେ ସହଯୋଗ କରିବା ଅସମ୍ଭବ ।

କାଶ୍ମୀରର ମୁଖ୍ୟଦଳ ଏ ନିଷ୍ପତ୍ତିକୁ ଅଗ୍ରାହ୍ୟ କରି ସାରିଲେଣି । ଏ କ୍ଷେତ୍ରରେ ଭାରତ ନିରାପତ୍ତା ସଭାର ନିଷ୍ପତ୍ତିକୁ ମାନିନେଲେ ବା ବିରୋଧ ନ କରିବା ଉଚିତ ମନେ କଲେ ମଧ୍ୟ ନ୍ୟାୟ ଦୃଷ୍ଟିରୁ କାଶ୍ମୀରର ଲୋକମତ ବିରୋଧରେ ଯାଇ ନପାରେ । ନିରାପତ୍ତା ସଭା ଭାରତକୁ ଦୋଷୀ ସାବ୍ୟସ୍ତ କରିଛି । ପାକିସ୍ଥାନକୁ ମଧ୍ୟ । ସୁତରାଂ ଭାରତ ଓ ପାକିସ୍ଥାନ ନିରାପତ୍ତା ସଭାର ନିଷ୍ପତ୍ତିକୁ ମାନନ୍ତୁ ବା ନ ମାନନ୍ତୁ କାଶ୍ମୀରର ଗ୍ରହଣ କରିବା ବା ନ କରିବା ଉପରେ ବର୍ତ୍ତମାନ ସଭାର ନିଷ୍ପତ୍ତି କାର୍ଯ୍ୟକାରୀ ହେବା ନହେବା ନିର୍ଭର କରେ । ନିରାପତ୍ତା ସଭାର ଅଧିକାର ନାହିଁ ଯେ ସେ ବର୍ତ୍ତମାନ କାଶ୍ମୀରର ସରକାର ଓ ତାର ମୁଖ୍ୟ ରାଜନୈତିକ ଦଳର ସରକାର ଗଠନର ଦାବୀକୁ ଅସ୍ୱୀକାର କରିବ । ଅସ୍ୱୀକାର କଲେ ମଧ୍ୟ ସାଧାରଣ ନିର୍ବାଚନ ହେବା ଆବଶ୍ୟକ କିନ୍ତୁ ଭାରତ ବା ପାକିସ୍ଥାନରେ ଯୋଗ ଦେବା ନଦେବା ଘେନି ଜନମତ ସଂଗ୍ରହର ପ୍ରଶ୍ନ ଉଠି ନପାରେ ।

କାଶ୍ମୀରର ଜନମତ ଦୃଷ୍ଟିରୁ ଭାରତର କର୍ତ୍ତବ୍ୟ ବର୍ତ୍ତମାନ ସୁସ୍ପଷ୍ଟ । ଅଭିଯୁକ୍ତ ଓ ଦୋଷୀ ସାବ୍ୟସ୍ତ ହୋଇ ଭାରତ ନିରାପତ୍ତା ସଭାର ନିଷ୍ପତ୍ତିକୁ ଅନୁକୂଳ କାଶ୍ମୀର ଉପରେ ଜବରଦସ୍ତି ଲଦି ଦେଇ ନପାରେ କିମ୍ବା ସଭାର ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାର ଦାୟିତ୍ୱ ମଧ୍ୟ ଅଭିଯୁକ୍ତ ଭାରତର ନାହିଁ । ଭାରତୀୟ ସୈନ୍ୟ କାଶ୍ମୀରର ଆହ୍ୱାନରେ ଯାଇଛି— ନିରାପତ୍ତା ସଭାର ନିର୍ଦ୍ଦେଶରେ ନୁହେଁ । କାଶ୍ମୀର ଯେତେଦିନ ଚାହିଁବ ଭାରତୀୟ ସୈନ୍ୟ ସେଠାରେ ରହିବେ ।

ଏହାହିଁ ଧର୍ମ । ସମସ୍ତ ସଂସାର ବିରୁଦ୍ଧ ଭାବ ଦେଖାଇଲେ ମଧ୍ୟ ଭାରତ ଅଟଳ ରହିବ ।

—*—

## ଉତ୍କଳ କଂଗ୍ରେସର ନାତିନୀତି

ଉତ୍କଳ କଂଗ୍ରେସର ସଭାପତି ଏକ ଆଦେଶ ଜାରି କରିଛନ୍ତି ଯେ କୌଣସି କଂଗ୍ରେସ ଲୋକ ସାମ୍ୟବାଦୀ ଦଳରେ ଯୋଗ ଦେଇ ପାରିବେ ନାହିଁ । ଦେଲେ, ଶୃଙ୍ଖଳା ଭଙ୍ଗ ଶାସ୍ତି ବିଧାନ କରାଯିବ । ଓଡ଼ିଶା ସରକାର ଯେପରି ଜନମତ ଦବାଇବା ପାଇଁ ଆଇନ କରି କଂଗ୍ରେସ ଅନୁଷ୍ଠାନ ପ୍ରତି ସର୍ବ ସାଧାରଣଙ୍କର ଘୃଣା ଭାବ ଜାଗ୍ରତ କରୁଛନ୍ତି ଓଡ଼ିଶା କଂଗ୍ରେସ ମଧ୍ୟ ତଦନୁରୂପ କାର୍ଯ୍ୟରେ ଧୃଷ୍ଟତା ଦେଖାଇଲେଣି । ମନେ ହେଉଛି ବ୍ରିଟିଶ ଶାସନର ଯଥେଚ୍ଛାଚାରିତାରେ ଏକଦା ଜର୍ଜରିତ ନେତାମାନେ ଆଜି ଶାସନ ଦଣ୍ଡ ଧରି ବ୍ରିଟିଶଙ୍କ ଅନୁକରଣରେ ନିଜ ଲୋକଙ୍କ ଉପରେ ପ୍ରତିଶୋଧ ନେଉଛନ୍ତି । ଆମେ ସ୍ପଷ୍ଟ ସୂଚାଇ ଦେବାକୁ ଚାହୁଁ ଯେ ନିଜର ଦୁର୍ବଳତାକୁ ଘୋଡାଇବା ପଥ ଏ ନୁହେଁ । ଏ ଅତି ମାରାତ୍ମକ—ଆତ୍ମ-ଘାତୀ ପନ୍ଥା । କଂଗ୍ରେସକୁ ଜେଲଖାନା କରି ବନ୍ଦୀ କରିବାର ବାସନା ମହତାବ ବା ନନ୍ଦବାବୁଙ୍କ ପକ୍ଷରେ ଧୃଷ୍ଟତା: ସେ ଯେତେବଡ଼ ନୃଶଂସ ଶକ୍ତିଶାଳୀ ହୋଇଥାନ୍ତୁ ବା ଓ୍ୱାର୍ଡର ହୁଅନ୍ତୁ ପଛେ । ସାମ୍ୟବାଦୀ ମାନଙ୍କୁ ବୁଝାଇ କଂଗ୍ରେସ ଅନୁଷ୍ଠାନ ଭିତରକୁ ଆଣିବାର ସୁବିଧା ଜହରଲାଲଙ୍କୁ ନଦେବା ଯେପରି ଅନ୍ୟାୟ ସାମ୍ୟବାଦୀ ଦଳ ଭିତରକୁ କଂଗ୍ରେସ କର୍ମୀ ମାନଙ୍କୁ ବୁଝାଇ ଆଣିବାର ସୁବିଧା ନମ୍ବୁ ପ୍ରକାଶଙ୍କୁ ନଦେବା ମଧ୍ୟ ସେହିପରି ଅନ୍ୟାୟ । ଏହା ଗଣତନ୍ତ୍ର ବିରୋଧୀ । ନନ୍ଦବାବୁ କଂଗ୍ରେସ କର୍ମୀ ମାନଙ୍କୁ ଅନ୍ଧକରି କଂଗ୍ରେସକୁ ସେବକ ସଂଘ କରି ପାରିବେ କି ? ଏ ନୀତି ଫଳରେ କଂଗ୍ରେସର ଯଦି ମୃତ୍ୟୁ ହୁଏ ତେବେ ସେଥିପାଇଁ ନନ୍ଦ ବାବୁ ଏବଂ ତାଙ୍କ ରାଜନୈତିକ ପଥ-ପ୍ରଦର୍ଶକ ମହତାବ ହିଁ ଦାୟୀ ହେବେ ।

—*—

Digitized by srujanika@gmail.com

# କଥା ଓ କଥା

[illegible] କଥାବାର୍ତ୍ତା [illegible] —ସମ୍ବାଦ [illegible] ।

···[illegible] —[illegible] ସ୍ୱର୍ଗରେ ଘଟିଗଲେ [illegible] ହୋଇଛି ।

× × ×

[illegible] ବର୍ତ୍ତମାନ [illegible] ଅଙ୍କୁ [illegible] —ଜାପହ୍ରୁଲ୍ଲ ।

···ଚନ୍ଦ୍ରାବଳୀନାଥ ବୋଲି ଗତବରେ ରାଧାଦାସୀ କି ନ ଠାରବ କି ?

× + ×

ହାଇଦ୍ରାବାଦକୁ ସ୍ୱାଧୀନ ଡୋମିନିୟନ ରୂପେ ସ୍ୱୀକାର କରିବାପାଇଁ ବ୍ରିଟେନ ନିଜାମଙ୍କ କାକୁତିକୁ ଶୁଣିବାକୁ ନାରାଜ ହେଲେ —ସମ୍ବାଦ

···ଯଥା ଇଚ୍ଛା ତଥା ଜେନେରାଲ ଲମ୍ପଟୋ

ମହ୍ ପ୍ରାଣନାଥଙ୍କ ଏଡ଼ ନାପରଃ

+ × ×

ଭାରତ ଅମ୍ଳା ଶୂନ୍ୟ ହୋଇ ବସିଛି— ସ୍ୱାଧୀକୃଷ୍ଣନ୍

···ଜବ ପରମ ସମାଚାର ।

× × ×

ଗାନ୍ଧୀଜୀଙ୍କୁ ଯେଉଁମାନେ ପୂର୍ବରୁ ଅନୁସରଣ କରୁଥିଲେ ବର୍ତ୍ତମାନ ସ୍ୱାଧୀନତା ପରେ ସେ ତାହା ବର୍ଜ୍ଜନ କଲେଣି—ରାଜେନ୍ଦ୍ର ପ୍ରସାଦ

···ସ୍ୱର୍ଗ ପ୍ରାପ୍ତି ହୋଇଗିବ ପେ !

÷ + ÷

ଆମ ଦେଶର ସମସ୍ତ ସମସ୍ୟାର ସମାଧାନ ବଞ୍ଚନ କରିବ—ନେହେରୁ

···ବଙ୍କଣା ପଣ୍ଡିତ କହୁଥିଲେ, ସବୁ ବଞ୍ଚନ-ପ୍ରେମିକ ନାମ ରହିଲା ।

× + ×

ଭାରତ ଏକ ଶାନ୍ତି ପ୍ରିୟ ଦେଶ— ଅୟାଙ୍ଗାର ।

···କଣିହ ଧେଣୁଅ ସାପ ?

× + ×

କାଶ୍ମୀରର ହିନ୍ଦୁ ଅଞ୍ଚଳରେ ଭାରତୀୟ ସୈନ୍ୟ ଓ ମୁସଲମ ଅଞ୍ଚଳରେ ପାକିସ୍ତାନ ସୈନ୍ୟ ରହନ୍ତୁ—ଜାଫରୁଲ୍ଲାଙ୍କ ପ୍ରସ୍ତାବ

···ଘରର କେହି ନୁହେଁ—ପୀଢ଼ାରେ ଦୁଆ ବସେଇ ନଦିଏ

× × ×

[illegible] —[illegible]

[illegible]

÷ ÷ ÷

ହାଇଦ୍ରାବାଦ [illegible] ଧୈର୍ଯ୍ୟ ଶେଷ ସୀମାରେ ପହଞ୍ଚିଲାଣି—ନେହେରୁ

···ଧର ଧୈର୍ଯ୍ୟ ଦେଲେ ସାନ୍ତ୍ୱନା

ଅଛ ସେହି ମହାଧନ ସେ ମହାପୂର୍ଣ୍ଣ ଚେତନ—

÷ ÷ ÷

କମ୍ୟୁନିଷ୍ଟ ଓ ରେଡ଼ିଓ ବେପାରୀମାନେ ପ୍ରତି-କ୍ରିୟାଶୀଳ—ନେହେରୁ

···କଂଗ୍ରେସ ବୋଧହୁଏ ପ୍ରଗତିକାରକ' ଦଳ ।

÷ ÷ ÷

ଅନୁନ୍ନତ ଜାତିର ଲୋକେ ଏକ ତୃତୀୟ ରାଜନୈତିକ ଦଳ ଗଢ଼ିବେ—ଅମ୍ବେଦକାର ।

···ଅମ୍ବେଦକାର ଏବେ ଦିତୀୟ ପକ୍ଷ ଗ୍ରହଣ କରିଥିବାରୁ ତୃତୀୟ ପକ୍ଷ ହେବା ସ୍ୱାଭାବିକ ।

÷ ÷ ÷

କଲିକତାରେ ପ୍ଲେଗ ରୋଗ—ସମ୍ବାଦ

···ମନ୍ତ୍ରୀମଣ୍ଡଳକୁ ଘାରିଛି ।

÷ ÷ +

ପାରସରେ ଇଉରୋପୀୟ ସାମ୍ୟବାଦ ସମ୍ମେଳନୀ ଫାସିଷ୍ଟବାଦ ଓ କମ୍ୟୁନିଷ୍ଟ ବାଦ ବିରୁଦ୍ଧରେ ଅଭିଯାନ କରିବାର ସଂକଳ୍ପ— ସମ୍ବାଦ

···"ତୃତୀୟବର୍ଗ" ନିଜ ଉପରକୁ ଓଲଟି ନଆସୁ ।

÷ ÷ ÷

ଫରୱାର୍ଡ଼ ବ୍ଲକ ପଞ୍ଚାୟତ ଗିରଫ—ସମ୍ବାଦ

···ନିଆଁ ଟିଲଲେ ପାଉଁଶ ହଟିବା ସାର

÷ ÷ ÷

ଓଡ଼ିଶା ଷ୍ଟେଟ ବ୍ୟବସ୍ଥା ସଭାର ପ୍ରଥମ ଅଧିବେଶନ ହେଲା—ସମ୍ବାଦ

···ଶ୍ରୀ ଗଣେଶାୟ ନମଃ

÷ ÷ ÷

ନାଗମାନେ ସାମ୍ପ୍ରଦାୟିକତା କଫକୁ ଲୋପ କରିପାରିବେ—ନେହେରୁ ।

···ପ୍ରେମ ବଳରେ ।

+ × +

[illegible] ୨୦ ଘଣ୍ଟାରେ ଉଠିବା ଓ ହାଇଦ୍ରାବାଦ ୭ ଦିନରେ ଦଖଲ ହେବ— ଲୋହିଆ—

···ଅଲ୍ପଦିନ ଓ ଆଶ୍ଚର୍ଯ୍ୟ ଜନକ ପ୍ରଦ ।

÷ ÷ ÷

ଯେଉଁ ନନ୍ଦବାବୁ ଷମାମାଗି ଜେଲରୁ ଖଲାସ ହୋଇ ଥିଲେ ସେ ପୁଣି ସୋସାଲିଷ୍ଟ ପାର୍ଟିରେ ଯୋଗ ଦିଅନ୍ତାହିଁ ବୋଲି ଲୋକଙ୍କୁ ଧମକ ଦେବାର ମୁହଁ ରଖିଛନ୍ତି—ଦ୍ୱିବେଦୀ ।

···ନନ୍ଦ ବାବୁଙ୍କର ମୁହଁ ଠାଣ— ଦ୍ୱିବେଦୀଙ୍କର ମୁହଁ ବାଣ ।

÷ × ÷

ଜବାହରଲାଲ ମହାଭାରତର ଭୀଷ୍ମଙ୍କ ପରି ସୋସାଲିଷ୍ଟ ପାଣ୍ଡବମାନଙ୍କ ଶତ୍ରୁ କାମନା କରନ୍ତି—ଲୋହିଆ

···ସେଥିପାଇଁ ସୋସାଲିଷ୍ଟ ମାନେ ତାଙ୍କ ପାଇଁ ଶର ଶଯ୍ୟା କରୁଛନ୍ତି କି ?

+ × +

---


## ସ୍ତ୍ରୀ ରୋଗ ପାଇଁ

# ଚନ୍ଦ୍ରକଳା ରେଚନୀ

**ପରୀକ୍ଷା କରନ୍ତୁ**

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଆଦୌ ହାନି କାରକ ନୁହେଁ—ମୂଲ୍ୟ ୫ ୪ । ଡାକ ଖର୍ଚ୍ଚ— ୫ ୦ ୯

## ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟି କାରକ

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳ ପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା, ଅଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାର ଦୂରୀଭୂତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ୫୨୯ [illegible] —୫୦୯ ଅତିରିକ୍ତ । ୫୦୦ଙ୍କ ଔଷଧ ଗ୍ୟାରେଣ୍ଟି ଯୁକ୍ତ ହୋଇ ପଠାଯାଏ ।

Kaviraj,
M. KAVYATIRTHA, (D.G.)
70, Cornwallis St., Calcutta


Digitized by srujanika@gmail.com

# ଡାକ୍ତରଙ୍କ ଘରେ ନିମନ୍ତ୍ରଣ

ଆପଣ ଅନେକ ଥର ନିମନ୍ତ୍ରଣ ଖାଇଥିବେ । କିନ୍ତୁ କେବେ ଡାକ୍ତରଙ୍କ ଘରେ ନିମନ୍ତ୍ରଣ ଖାଇବାର ସୁଯୋଗ ଆପଣଙ୍କ ଜୀବନରେ ଘଟିଛି କି ? ଯଦି ବା ଘଟିଥିବ ସେ ଏମିତି ଡାକ୍ତର ହୋଇଥିବେ—ଖାଦ୍ୟ ଡାକ୍ତର ନୁହନ୍ତି—ମୁଁ ଯେଉଁ ଡାକ୍ତରଙ୍କ କଥା କହୁଛି ସେ ଜଣେ ଖାଦ୍ୟ ଡାକ୍ତର—ଅର୍ଥାତ ଖାଦ୍ୟ ସମ୍ବନ୍ଧରେ ଅନେକ ବହି ଲେଖିଛନ୍ତି । କେବଳ ଛାପା ବାକି—ହଁ କେଉଁ ଯୋଗ୍ୟ ସ୍କୁଲରେ ନ ଭବନ୍ତୁ ମୁଁ ଯେଉଁଠାର ଲୋକ ସେହିଠାର ଡାକ୍ତରଙ୍କ କଥା କହୁଛି ।

## ମଜାର !

ଡାକ୍ତରବାବୁ ନୂଆ କରି ଆମ ଏଠାକୁ ଆସିଥାନ୍ତି । ତାଙ୍କ ସାଙ୍ଗରେ ମୋର ବେଶ ବନ୍ଧୁତା ଜମି ଉଠିଲା । ଦୈବ ଦୁର୍ବିପାକରୁ କା ସୁବିପାକରୁ ତାହା କେବଳ ସେଇ ଦୈବ ହିଁ ଜଣା ।

ମୋ ସାଙ୍ଗେ ବନ୍ଧୁତ୍ୱ ହେଉଁ ହେଉଁ ତାଙ୍କ ଘର ସାଙ୍ଗରେ ଆମ ଘରର ମଧ୍ୟ ବନ୍ଧୁତା ହୋଇଗଲା । ଦି ଦିନେ ଗୃହିଣୀ ତାଙ୍କ ପିଲା ପିଲା ଆମ ଘରକୁ ଆସନ୍ତି ଓ ଆମ ପିଲା ପିଲା ତାଙ୍କ ଘରକୁ ବୁଲି ଯାଆନ୍ତି । ଏମିତିକ ଆମ ବାଗରେ ଶାଗ ହେଉ ଏ ହେଲେ ତାଙ୍କ ଘରକୁ ଯାଏ—ତାଙ୍କ ବାଗରେ ମାଗଣ ଖଣ୍ଡାଏ ମଧ୍ୟ ଆମ ଘରେ ହାଜର । ଏ ବନ୍ଧୁତା ଫଳରେ ଲାଭବାନ ହେଉଥିଲେ ବେଶି ଆମ ଘର । କାରଣ କାହାର ଦେହ ସା ବେମାର ହେଲେ ଏମିତିକ କେହି ଛିଙ୍କେ ବି କଲେ ଜାଣିଲେ ଡାକ୍ତର ଆସନ୍ତି—ଆମକୁ ଫିସ ଦବାକୁ ପଡ଼େ ନାହିଁ । ମୁଁ ପହିଲୁ ଥରେ ଦିଥର ନେଇ ଟଙ୍କା ଯାଚିଥିଲି କିନ୍ତୁ ଡାକ୍ତର ବଡ଼ ଭଦ୍ରଲୋକ—ସେ କଣ ନିଅନ୍ତେ—ପୁଣି ଏତେ ଘନିଷ୍ଠତା ଯେଉଁଠି । ମୁଁ ଯେତେବେଳେ ଟଙ୍କା ଯାଚେଁ ମୋର କିନ୍ତୁ ଟଙ୍କା ଉପରେ ଷୋଳଅଣା ମମତା ଥାଏ— ମୋର ଭାଇଲି ଫୋର୍ସ ହେଉ ବା ତା ତାଙ୍କର ଭଦ୍ରାମିରୁ ହେଉ ଟଙ୍କା ଯେଉଁଠି ଯାଇ ଥାଏ ସେଇଠିକି ଫେରି ଆସେ ।

ମୋର ତାଙ୍କର ଏତେ ବନ୍ଧୁତା ହୋଇ ଗଲା ଯେ ଗୋଟେ କଥାରେ କହିବାକୁ ଗଲେ



ଡାକ୍ତର ବାବୁ ହେଲେ ମୋର ବନ୍ଧୁ, ଉପଦେଷ୍ଟା—ଓ ପଥପ୍ରଦର୍ଶକ ଅର୍ଥାତ ଯାହାକୁ ଇଂରାଜୀରେ କହନ୍ତି ଫ୍ରେଣ୍ଡ, ଫିଲୋଜଫର ଏଣ୍ଡ ଗାଇଡ୍ । ବନ୍ଧୁ ଏଇ ହିସାବରେ ଯେ ସେ ଆମ ଘରକୁ ଆସିଲେ ଫିସ ନିଅନ୍ତି ନାହିଁ—ଅଥଚ ତାଙ୍କ ସାଇକେଲଟା ଖରାପ ହେଲେ ମୁଁ ମୋ ସାଇକେଲଟା ଦିନେ ଦି ଦିନ ପାଇଁ ବ୍ୟବହାର କରିବାକୁ ଦିଏଁ—ଯେଉଁଠି ଦେଣ ନେଣର ପ୍ରଶ୍ନ ନାହିଁ—ସେଠି ବନ୍ଧୁତାଟା ଜମେ ବେଶ ଓ ସ୍ଥାୟୀ ହୁଏ ମଧ୍ୟ ।

## ମାଙ୍କଡ଼ ହାତରେ

ଉପଦେଷ୍ଟା ଏଇ ହିସାବରେ ଯେ ଅଧିକାଂଶ ସମୟ ସେ ମୋତେ ଏବଂ ମୋ ପିଲା ମାନଙ୍କୁ କହନ୍ତି ଲମ୍ବ ପାଇଜାମା ବା ପ୍ୟାଣ୍ଟ ଓ ପୁରାହାତ ଜାମା ପିନ୍ଧ, ଏମିତିକି ଖରା ଦିନରେ ମଧ୍ୟ; ମୁହଁରେ ନେଟ୍ କାନର ମୁଖୋସ୍ ବ୍ୟବହାର କର ରାତିରେ ଦସ୍ତାନା ପିନ୍ଧ—ଅଉ ଯୋଡ଼ା ମୌଜା ତ ରହିଛି ସ୍ତ୍ରୀଲୋକ ମାନଙ୍କୁ ବୋରଖା ପିନ୍ଧାଅ—ତା ହେଲେ ମାଲେରିଆ ହେବ ନାହିଁ । ସକାଳୁ ଉଠି ଗଜା ମୁଗ ଖାଅ, ଭାତ ପରିବର୍ତ୍ତେ ପଖାଳ ଖାଅ ସାରୁ ପୋଇ ଶାଗ—ଏମିତି କେତେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଶିକ୍ଷା ଉପଦେଶ ଦିଅନ୍ତି ଯାହାକି ଆଧୁନିକ ରୁଚି ଓ ଚଳଣି ପକ୍ଷରେ ଏକଦମ୍ ବେଖାପ । ପଥ ପ୍ରଦର୍ଶକ ଏଇ ହିସାବରେ ଯେ, ଅଫିସ କ୍ଲବରୁ ଫେରିବା ବେଳେ ମୋର ଯଦି କେଉଁ ଦିନ ଟର୍ଚ୍ଚ ନ ଥାଏ ସେ ତାଙ୍କ ଟର୍ଚ୍ଚ ମାରି ବାଟ ଦେଖାନ୍ତି ଓ ଆମ ଫାଟକ ପର୍ଯ୍ୟନ୍ତ ଆସି ଛାଡ଼ି ଦେଇ ଯାନ୍ତି ।

\+ × ×

ଆପଣ ଜାଣିଥିବେ ଏଇ … ? … ଠାରେ ଅବାଧ ଗତି ସବୁ ଅଛି । ସେ ଯଦି ଆପଣଙ୍କ ଘରକୁ ଆସିଲେତ ଆପଣଙ୍କର … ନନେଇ ଛାଡ଼ିବେ ନାହିଁ । ଆପଣଙ୍କର … ହିସାବରେ କେତେ ଥର, ପାଣି ନାଡ଼ୁଅ ଦିନରେ କେତେ ଥର ପରୀକ୍ଷା ହୁଏ, ପାଇଖାନା କେମିତି ପରିଷ୍କାର ରହିଛି, ଏଇ ଯେମିତି ଯେତେ ସବୁ ଟିକିନିଖି ଖବର ଯାହାର ଖବର ହୁଏତ ଆପଣ ନିଜେ ରଖନ୍ତି ନାହିଁ; ମୋର ବନ୍ଧୁ ଡାକ୍ତର ମଧ୍ୟ ଏଇଭଳି ଧାରଣାର କଥା ତାଠୁ ୧୦ ଗୁଣୀ ବେଶୀ । ସେଇଥିପାଇଁ ମୁଁ ତାଙ୍କ ବେଶୀ ଆମ ଘରକୁ ଡାକେ ନାହିଁ । ଏମିତି ଘନିଷ୍ଠ ପଡ଼ୋଶୀ ହେଲେ ହେଁ ସିଧା ବାସରେ ନିମନ୍ତ୍ରଣ କରେ ଖାଇବା ଲାଗି । ସେ ବ ମଧ୍ୟ ମୋତେ କେବେ କେବେ ଡାକନ୍ତି ତାଙ୍କ ଘରେ ବସି ଅମର ଗୁଲ୍ଲେ ଖାଇଗାଧି ଚର୍ଚ୍ଚା । ନହେଲେ ସ୍ୱାସ୍ଥ୍ୟ ବିଷୟରେ ଗବେଷଣା—ମୁଁ ସ୍ୱାସ୍ଥ୍ୟ ବିଷୟରେ ସେତେ ଇଣ୍ଟରେଷ୍ଟେଡ ନ ହେଲେ ମଧ୍ୟ ମନୋଯୋଗ ଦେଇ ତାଙ୍କ କଥା ପିଇଗଲା ଭଳି ଶୁଣିଯାଏ ।

ଥରେ ତାଙ୍କ ଘରୁ ଆସି ଆମ ସମସ୍ତଙ୍କୁ ଖାଇବା ଲାଗି ଡାକ ନେଇଗଲେ । ଡାକ୍ତର ବାବୁ ମଧ୍ୟ ମୋତେ ନିଜେ ଆସି କହିଗଲେ ତାଙ୍କ ଘରେ ନିମନ୍ତ୍ରଣ ରକ୍ଷା କରିବା ଲାଗି ।

ସେଦିନ ଡାକ୍ତର ବାବୁଙ୍କ ଘରେ ମୁଁ ଆଉ ୨।୩ ଜଣ ନିମନ୍ତ୍ରିତ ତାଙ୍କର ଆତ୍ମୀୟ ଓ ଡାକ୍ତର ବାବୁ ନିଜେ ଖାଇ ବସିଲୁ ।

ପୂଜାରୀ ଆଣି ଅନ ଖାଇବା ଦେଇଗଲା । ପ୍ରଥମେ ଡାକ୍ତର ବାବୁ କହିଲେ— ବଲଡ଼ ବାଇଟଣର ସୁପ୍ ଅର୍ଥାତ୍ ନିର୍ଯାସ ଖାଇ ନିଅନ୍ତୁ । ସେଠା ଦେଉଛ ଏପିଟାଇଜର—ଅର୍ଥାତ୍ କ୍ଷୁଧା କାରକ—ସେତକ ପିଇ ଦେଖିଲି ସେଥିରେ ଲୁଣ ହଳଦୀ ଛଡ଼ା କଛି

ନକ୍ସାଚିତ୍ର—ପ୍ରିୟଦର୍ଶୀ

ପଡ଼ ନାହିଁ । ସ୍ୱାଦୁ ଛାଡ଼ନ୍ତୁ—ଡାକ୍ତରଙ୍କ ଘରେ ଅତିଥି ରୂପେ ସେତକ ଖାଇବାକୁ ହେଲା—ତାପରେ ଡାକ୍ତର ତାଙ୍କର ଖାଦ୍ୟ ସମ୍ବନ୍ଧୀୟ ବକ୍ତୃତା ଆରମ୍ଭ କଲେ । କହିଲେ "ଏଇ ଦେଖନ୍ତୁ, ଆପଣଙ୍କୁ ଯେ ସବୁ ଖାଦ୍ୟ ଦିଆ ହୋଇଛି—ଅର୍ଥାତ ମୋଟା କଣୁଚା ଚାଉଳର ଭାତ, ବିରି ଡାଲି, ସାରୁ ବାଇଗଣ ସନ୍ତୁଳା, ଶାଗ, ଏଥିରେ ଆପଣଙ୍କ ଶରୀର ପାଇଁ ଯେତିକ କାଲୋରିଜ୍ ଦରକାର ସେତିକ ଏ ଖାଦ୍ୟରେ ଅଛି । ଆପଣ—ଏହାକୁ ଖାଇଲେ ଆପଣଙ୍କ ଦେହ ମୋଟେ ଖରାପ ହେବ ନାହିଁ । ଏହା ଆପଣଙ୍କ ପାଇଁ ମୋ ପାଇଁ ବା ଆମ

(ପରପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଗାନ୍ଧୀ ଚିନ୍ତାର ଧାରା

## ସ୍ୱଦେଶୀର ସ୍ୱରୂପ

ବାସ୍ତବରେ ଭାରତ ଆଜି ଯେଉଁ ସଂସ୍କାର ଅପେକ୍ଷାରେ ସେ ସଂସ୍କାର ହେଉଛି ସ୍ୱଦେଶୀ—ଯଥାର୍ଥ ସ୍ୱଦେଶୀ ଭାବ । ଆମର ଅନ୍ନ ସମସ୍ୟା ସରକାର ଚଳାଇବା ନୁହେଁ—ନିଜେ ନିଜର ପେଟ ପୂରାଇବା ଓ ନିଜେ-ନିଜକୁ ଲୁଗା ପିନ୍ଧାଇବା ହେଉଛି ଭାରତର ସମସ୍ୟା । ୧୯୧୮ ରେ ୬୦ କୋଟି ଟଙ୍କା ଲୁଗା କିଣିବା ପାଇଁ ଭାରତରୁ ବାହାରକୁ ପଠାଉଛୁ । ଆମେ ଯଦି ଏମିତି ବିଦେଶୀ ଲୁଗା କିଣି ଚାଲିଥାଉଁ, ତେବେ ଫଳ ହେବ, ଆମେ ଆମ ଦେଶର କାଟାଳୀ ଓ ବୁଣାଳୀଙ୍କଠୁଁ ସେତିକି ଟଙ୍କା ଛଡ଼ାଇ ନେଇ ତା ବଦଳରେ ତାଙ୍କୁ କୌଣସି କାମ ନଦେଇ ତାଙ୍କୁ ତାଙ୍କର ଏହି ପ୍ରାପ୍ୟରୁ ବଞ୍ଚିତ କରିବା । ଶତକଡ଼ା ଦଶ ଜଣ ଲୋକ ଏ ଦେଶରେ ଅଧା ଆହାର ପାଆନ୍ତି ଏବଂ ବାକି ଲୋକଙ୍କ ଭିତରୁ ଅଧିକାଂଶ ପୂର୍ଣ୍ଣଗ୍ରାସ ପାଆନ୍ତି ନାହିଁ । ଯାହାର ଆଖି ଅଛି, ସେ ନିଜେ ଦେଖୁ ମଧ୍ୟବିତ୍ତ ଶ୍ରେଣୀର ଲୋକେ ପୂର୍ଣ୍ଣଗ୍ରାସ ପାଉ ନାହାନ୍ତି ଏବଂ ଆମର ଶିଶୁପିଲାଙ୍କ ପାଇଁ ଯଥେଷ୍ଟ ଦୁଧ ବି ମିଳୁନାହିଁ । ଯେଉଁ 'ସଂସ୍କାର ଯୋଜନା' କରାଯାଉଛି ତାହା ଯେତେ ଉଦାର ହେଉ ପଛେ ନିକଟ ଭବିଷ୍ୟତରେ ତଦ୍ୱାରା ସମସ୍ୟାର ସମାଧାନ ସମ୍ଭବ ନୁହେଁ । କିନ୍ତୁ ସ୍ୱଦେଶୀ ତାହା ଏହି ମୁହୂର୍ତ୍ତରେ ହିଁ ସମାଧାନ କରିପାରିବ ।

ପଞ୍ଜାବ ଏ ସମାଧାନକୁ ଅଧିକ ପରିଷ୍କାର କରି ଦେଖାଇ ଦେଇଛି । ଭଗବାନଙ୍କୁ ଧନ୍ୟବାଦ, ପଞ୍ଜାବରେ ସ୍ୱଦେଶୀ ମାନେ ଆଜି ମଧ୍ୟ ତାଙ୍କର ନୂଲେ ଅଙ୍ଗୁଳି ଭୁଲିକୁ ହରାଇ ନାହାନ୍ତି । ବାହାନ ସମସ୍ତେ ସୂତା କାଟିବାର କଳା ଜାଣନ୍ତି । ସେମାନେ ବନ୍ଧୁ ଗୁଜରାଟୀ ମହିଳା ମାନଙ୍କ ପରି ତାଙ୍କ ଚରଖାକୁ ଜାଳି ଦେଇ ନାହାନ୍ତି । ବୁଢ଼ୀ ମେଣ୍ଢାଙ୍କ ମୋ କୋଳକୁ ଯେତେବେଳେ ସେମାନେ ଫେରି ଦିଅନ୍ତି ସେତେବେଳେ ମୁଁ ବଡ଼ ଆନନ୍ଦ ଉପଲବ୍ଧି କରେ । ସୂତା କାଟିବାକୁ ତାଙ୍କୁ ସମୟ ମିଳେବୋଲି ସେ ମାନନ୍ତି । ସେମାନେ କହନ୍ତି ଯେ କଳକଟା ସୂତାର ଲୁଗାଠାରୁ ହାତକଟା ସୂତାର ଲୁଗା ତେର ଭଲ । ଆମ ପୂର୍ବପୁରୁଷ-ମାନେ ଅତି ଅଳ୍ପ ଉଦ୍ୟମରେ ନିଜର ଆଚ୍ଛାଦନ ପ୍ରସ୍ତୁତ କରି ପାରୁଥିଲେ ଓ ସ୍ୱାଚ୍ଛନ୍ଦ୍ୟ ଭୋଗ କରୁଥିଲେ । ବିଦେଶୀ ପଣ୍ୟ ତାଙ୍କୁ କିଣିବାକୁ ପଡୁନଥିଲା ।

ସମୟ ଥାଉଁ ଥାଉଁ ଆମେ ଯଦି ସତର୍କ ନହେଉଁ ତେବେ ଏହି ସୁନ୍ଦର ଏବଂ ସରଳ କାରୁକାର୍ଯ୍ୟ ଅଚିରେ ଲୋପ ପାଇଯିବାର ଭୟ ରହିଛି । ଏହାର ଉପଯୋଗିତା ଓ ପ୍ରସାରିର ସମ୍ଭାବନା ପଞ୍ଜାବ ପ୍ରମାଣ କରୁଛି । କିନ୍ତୁ ତାହା ମଧ୍ୟ ଶିଥିଳ ହୋଇ ଆସିଲାଣି । ପ୍ରତିବର୍ଷ ହାତ କଟା ସୂତାର ଉତ୍ପନ୍ନ କମିବାରେ ଲାଗି-ଲାଣି । ତାହାର ଅର୍ଥ ଆମ ଘର ମାନଙ୍କରେ ଅଧିକ ଦାରିଦ୍ର୍ୟ ପ୍ରବେଶ କରିଛି ଏବଂ ଆଳସ୍ୟର ମାତ୍ରା ବଢ଼ିଛି । ଯେଉଁ ନାରୀମାନେ ସୂତା କଟା ବନ୍ଦ କରି ଦେଲେଣି ସେମାନେ ସେ ସମୟକୁ ଅନ୍ୟ କୌଣସି ଭଲ କାମରେ ଲଗାଉ ନାହାନ୍ତି । କେବଳ ଗପ ସପରେ ସମୟ କାଟୁଛି ।

—*—

ଓଡ଼ିଶା ସରକାର ଗାନ୍ଧୀଜୀଙ୍କର ଏହି ଦୁଇଟି କଥା ମନେ ରଖିବେକି ?—

୧ । ଆମର ଅନ୍ନ ସମସ୍ୟା ସରକାର ଚଳାଇବା ନୁହେଁ—ନିଜେ ନିଜର ପେଟ ପୂରାଇବା ଓ ନିଜକୁ ଲୁଗା ପିନ୍ଧାଇବା ।

୨ । ଯେଉଁ 'ସଂସ୍କାର ଯୋଜନା' (ଲୁଗା କଳ ବସାଇ) କରାଯାଉଛି ତାହା ଯେତେ ଉଦାର ହେଉନା ପଛେ ନିକଟ ଭବିଷ୍ୟତରେ ତଦ୍ୱାରା (ବସ୍ତ୍ର) ସମସ୍ୟାର ସମାଧାନ ସମ୍ଭବ ନୁହେଁ । ( )

—*—

(ମଜାକଥା ପୂର୍ବପୃଷ୍ଠା ଉତ୍ତାରୁ)

ଓଡ଼ିଆ ଜାତି ପାଇଁ balanced diet— ଅନ୍ୟ କଥାରେ କହିବାକୁ ଗଲେ ଜାତୀୟ ଖାଦ୍ୟ ।

ଯାହାହେଉ ଏହିପରି ଜାତୀୟ ଭାବରେ ଅନୁପ୍ରାଣିତ ହୋଇ ଖାଇବାକୁ ଲାଗିଲୁ । ଖାଉ ଖାଉ ଆମେ ସବୁ ନିମନ୍ତ୍ରିତ ଯାକ ସମସ୍ତଙ୍କୁ ସମସ୍ତେ ଅନାଉ ଥାଉଁ । କିନ୍ତୁ କେହି କିଛି କହୁ ନଥାଉ । ଯା ହେଉ ସମସ୍ତେ ଅଧା ସଧା କରି ଖାଇ ଉଠିଲୁ ।

ହାତ ଧୋଇ ପାନ ଖଣ୍ଡେ ନେଇସାରି ମୁଁ କହିଲି 'ଡାକ୍ତର ବାବୁ ଏ ଖାଦ୍ୟ ଜାତୀୟ ସତ କିନ୍ତୁ ଆମେ ସବୁ ଏପରି ଗଢ଼ା ହେଲୁଣି ଯେ ଏହିପରି କିଛି ଦିନ ଖାଇଲେ ଏ ଖାଦ୍ୟ ଗୁଡ଼ିକ ପେଟରେ ବିଜାତୀୟ ଭାବ ଧାରଣ କରିବ । ମୁଁ ସେଥିପାଇଁ କହୁଛି ଯଦି ଆପଣଙ୍କ ବହିଟା ପ୍ରେସକୁ ଯାଇ ନଥାଏ ତାହା ନାମ ଆଗରେ 'ବି' ଉପସର୍ଗ ଯୋଗ କରନ୍ତୁ ।

ସମସ୍ତେ ହସି ଉଠିଲେ ।

ମୁଁ ସେଇ ଦିନୁ ଆଉ କୌଣସି ଡାକ୍ତରଙ୍କ ଘରେ ନିମନ୍ତ୍ରଣ ଖାଇବାକୁ ଯାଇନାହିଁ ।

—*—


## ବିଜ୍ଞାପନ

ମୟୂରଭଞ୍ଜର ମହାରାଜାଙ୍କର ଶୁଭ ଜନ୍ମବାସର ଉପଲକ୍ଷରେ ଜନ୍ମୋତ୍ସବ ସମିତି ଓଡ଼ିଆରେ ଶ୍ରେଷ୍ଠ ନାଟକ ଲେଖକଙ୍କୁ ଶହେ ଟଙ୍କା ପୁରସ୍କାର ଦେବାର ଘୋଷଣା କରିଛନ୍ତି । ଏହି ପୁରସ୍କାର ପାଇଁ ପ୍ରେରିତ ନାଟକ ସମ୍ପୂର୍ଣ୍ଣ ମୌଳିକ ଏବଂ ଅଭିନୟୋପଯୋଗୀ ହେବା ଆବଶ୍ୟକ । ପୂର୍ବରୁ ପ୍ରକାଶିତ ବା ଅଭିନୀତ ନାଟକ ଗ୍ରହଣୀୟ ହେବ ନାହିଁ ।

ଚଳିତ ବର୍ଷ ପୁରସ୍କାର ପ୍ରତିଯୋଗିତା ପାଇଁ ପ୍ରେରିତ ନାଟକ ଆସନ୍ତା ୧୫ ତାରିଖ ସୁଦ୍ଧା ଜନ୍ମୋତ୍ସବ ସମିତିର ସମ୍ପାଦକ ଗ୍ରହଣ କରିବେ ।

ବାରିପଦା
ତା ୧-୬-୪୮

ଶ୍ରୀ ଗୌରମୋହନ ମହାପାତ୍ର
ସମ୍ପାଦକ
ଜନ୍ମୋତ୍ସବ ସମିତି ।


Digitized by srujanika@gmail.com

# କାଳ ଘଣ୍ଟି

ଗୋପାଳ ମୋର ପିଲା ଦିନର ପଢା ସାଙ୍ଗ । କଲେଜ ଛାଡ଼ି ସେ ଗୃହଗଲା ମେଡ଼ିକାଲ ଓ ମୁଁ ଗଲି ଲ' କଲେଜକୁ । ମୁଁ ଦୁଇ ବର୍ଷ ପରେ ଓକିଲାତି ଆରମ୍ଭ କଲି । ତାକୁ ଡ଼ାକ୍ତରୀ ଦବା ପାଇଁ ଆଉ ଛ' ବର୍ଷ ଲଗିଲା । କିନ୍ତୁ ଆମର ସାଙ୍ଗ ହେଲା କେବେ ଛାଡ଼ି ଯାଇନାହିଁ ।

## କାହାଣୀ

ମୁଁ କଚେରୀରୁ ଫେରି ଦାଣ୍ଡ ବାରଣ୍ଡାରେ ବସିଥାଏଁ । ଗୋପାଳ ତା'ର କାରରୁ ଲେଉ-ଟାଣି ପେଲବାଟ ହୋଇ ଆସେ । ବସି ଘଣ୍ଟାଏ ଦଣ୍ଡେ ଦୁହିଁଅଁ ଗପ ସପ ହେଉଁ । ଆପଣାର ଦୁଃଖ ସୁଖ ପଡ଼େ । ଯୁ' ଅସେ ସିଗାରେଟ୍ ଜଳେ । ତା' ପରେ ସେ ଯାଏ ତା ଘରକୁ । ଏହା ହୁଏ ପ୍ରାୟ ପ୍ରତିଦିନ । ଗୋପାଳକୁ ଅପେକ୍ଷା କରିବା ମୋର ଗୋଟିଏ ଅଭ୍ୟାସ ହୋଇ ଯାଇଥିଲା ।

ଦିନେ—ସେଦିନ ଶନିବାର ମନେ ଅଛି—ଗୋପାଳ ଆସିଲା । କଥାବାର୍ତ୍ତା ସରିଲା, ସୁ' ଆସି ଯାଏ । ହଠାତ୍ ଗୋପାଳ କହିଲା - 'ଓଃ ମନେ ଥିବାକୁ ତୋତେ ପୁଣି ଗୋଟିଏ ଜିନିଷ ଦେଖିବାକୁ ।' ଏହା କହି ସେ ପକେଟରୁ ଘଣ୍ଟାଏ ବାହାର କରି ଦେଖାଇଲା ।

ସେ ଘଣ୍ଟାଟା ସାଙ୍ଗରେ ଆମ ସମସ୍ତଙ୍କର ବହୁ ଦିନର ପରିଚୟ । ଘଣ୍ଟାଟି ଉଅନ ସତ, କିନ୍ତୁ ଆକାରରେ ଗୋଟିଏ ଛୋଟ ଟାଇମ୍-ପିସ୍ ଭଳି । ଉପରେ କଲେଇ ବାର ପଣ ଉଡ଼ିଯାଇ କାହିଁଅ ଧରି ଗଲାଣି । ତଥାପି ସେ ଘଣ୍ଟାକୁ ସେ ଛାଡେ ନାହିଁ । କେଉଁ କାଳରୁ ଯେ ଘଣ୍ଟା ତା ପକେଟରେ ବାସ କରୁଛି ତାର ଠିକଣା ନାହିଁ । ଘଣ୍ଟା ବୋଧ-ହୁଏ ଭିକ୍ଟୋରିଆ ଯୁଗର କି ତା' ପୂର୍ବର । ଏହି ଅଭୁତ, ଅସୁନ୍ଦର ଘଣ୍ଟା ପାଇଁ ଆମେ ବନ୍ଧୁମାନେ କେତେ ଯେ ଥଟ୍ଟା କରୁ ଗୋପାଳକୁ ତାର ସୀମା ନାହିଁ । ଗୋପାଳ କିଛି କହେ ନାହିଁ; ଟିକିଏ ହସିଦିଏ । ଅଧିକନ୍ତୁ ବାରେ ଗୋପାଳ କାହାଠାରୁ ଊଣା ନୁହେ— କେବଳ ଏହି ଘଣ୍ଟାକୁ ଛାଡ଼ ।

ହଁ, ଘଣ୍ଟାକୁ ବୁଝିଁ ଦେଇ ଗୋପାଳ କାଠ କାଠ ହୋଇ ରହିଗଲା ଦେଖିଲି । ବୁଝିଁ ବୁଝିଁ ତାର ମୁହଁ ଏପରି ଶୁଖି ଗଲା ଯେ



ସତେକି ତା ଦେହରୁ ଟୋପାଏ ରକ୍ତ ଏକା ଥରକେ କିଏ ଶୋଷି ନେଇ ଗଲା । କହିବାକୁ ନିସ୍ତବ୍ଧ ।

ମୁଁ କହିଲି, 'କଣ ହେଲା ? ତୋ ଦେହ ଖରାପ ଲାଗୁଛି ? ନା, କଣ ଗୋଟାଏ ଖରାପ କଥା ମନରେ ପଡ଼ିଗଲା ?"

ଗୋପାଳ ନିରୁତ୍ତର । ଘଣ୍ଟାକୁ ହାତରେ ଧରି କାଠ ପରି ପଥର ହୋଇ ରହିଥାଏ । ଆଖି ଯୋଡ଼ାକ ଘଣ୍ଟା ଉପରେ ।

## କଥାଟିଏ କହେଁ,

କେତେବେଳକେ ଘଣ୍ଟାକୁ କାନ ପାଖକୁ ନେଇ ଶୁଣିଲା ଓ ନାମରେ ପକେଟରେ ରଖିଦେଲା ।

ମୁଁ ପଚାରିଲି-"କଥାଟା କଣ ମ ?"

ଗୋପାଳ—ଏଇ ଘଣ୍ଟା ।......ବନ୍ଦ ହୋଇ ଯାଇଛି ।

ତା କଥାରେ ଛେଦ ନଥିଲା ।

'ମୁଁ କହିଲି—'ହଁ ତ—ସେଇ ତୋର ପ୍ରିୟ ଘଣ୍ଟା । ହେଲା କଣ ?"

ଗୋପାଳ ମୋର ପଚାରୁ ଅଗ୍ରାହ୍ୟ କରି କହିଲା,—

"ଏଇ ଘଣ୍ଟାକୁ ତୁମେ ସବୁ ଦେଖୁଛ ଅନେକ ଦିନରୁ । କେତେ ଥଟ୍ଟା ପରିହାସ ବି କରିଛ ଯାହା ପାଇଁ । କିନ୍ତୁ ଏ ଘଣ୍ଟାର ଗୋଟିଏ ଅଦ୍ଭୁତ ଇତିହାସ ଅଛି । ସେଥିପାଇଁ ମୁଁ ଯାହାକୁ ଛାଡ଼ ପାରେ ନା ।" ଆଖି ଯୋଡ଼କରେ ତାର ଲୁହ ଜକେଇ ଆସୁଥିଲା ।

ଛେଦ ଟୋକ ପୁଣି ସେ କହିଲା, 'ଘଣ୍ଟା ଥିଲା ମୋ ପେଳେ ବାପାଙ୍କର । ଏ ଘଣ୍ଟାର ଗୋଟିଏ ଗୁଣ ଯେ ଏହା କେବେ ବନ୍ଦ ହୁଏ ନାହିଁ । ଅଛ ପର୍ଯ୍ୟନ୍ତ ଘଣ୍ଟାଘର ଦୋକାନ ଦର୍ଶନ ଏହା ଭାଗ୍ୟରେ ଘଟିନାହିଁ କେବେ । ଯେତେବେଳେ ବନ୍ଦ ହୁଏ, ପୁଣି ଆପଣାଛାଏଁ ଚାଲେ । କିନ୍ତୁ ଯେତେବେଳେ ବନ୍ଦ ହୁଏ,...'

ଏତିକ କହି ଗୋପାଳ ଥମକ ରହିଗଲା ।

"କଣ ହୁଏ ?" ମୁଁ କହିଲି ।

'ଗୋଟାଏ ବଳି ଖାଏ—ନର ବଳି !"

'ଦୁର୍' ମୁଁ ତାଚ୍ଛଲ୍ୟରେ ହସି ଉଠିଲି । ଘଣ୍ଟାଟାର ଗତି ସାଙ୍ଗରେ ମନୁଷ୍ୟ ଜୀବନର ସମ୍ବନ୍ଧ ?

'ଅଛି । କି ସମ୍ବନ୍ଧ ତାହା ଈଶ୍ୱର ବା ଶୟତାନ କହିଦେଇ ପାରିବେ ନାହିଁ । କିନ୍ତୁ ଅଛି । ତୁ ବିଶ୍ୱାସ କର ବା ନ କର ରହିଛି ଗୋଟିଏ କଣ ।'

'ଅନ୍ଧ ବିଶ୍ୱାସ । ଯୁଗ'ର ଝିମିତ ! ଆଧୁନିକ ଉଚ୍ଚ ଶିକ୍ଷିତ ପୁଣି ବୈଜ୍ଞାନିକ ଡାକ୍ତର ହୋଇ ତୁ ଏଗୁଡ଼ାକ ବିଶ୍ୱାସ କରୁ !'

'ନ କରି ଉପାୟ ନାହିଁ, ସାକ୍ଷାତ ପ୍ରମାଣ ଆଗରେ......'

'କି ପ୍ରମାଣ ?'

'ଶୁଣ୍ ତେବେ ।......ଏ ଘଣ୍ଟାର ଜୀବଦ୍ଦଶାରେ ଏଥି ପୂର୍ବରୁ ଏହି ତିନିଥର ବନ୍ଦ ହୋଇଛି । ଏଇଟା ଚତୁର୍ଥ ଥର ।

'ପ୍ରଥମ ଥର ଯେତେବେଳେ ବନ୍ଦ ହେଲା, ସେ ଗୋଟିଏ ଅଦ୍ଭୁତ ଘଟଣା । ମୋ ଗୋସେଇଁ-ବାପା ଥିଲେ ଡାକ୍ତର । ତାଙ୍କର ଦୋକାନ ଥିଲା ଗ୍ରାମରେ, ଦିନେ ଗଛରୁ ପଡ଼ି ହେଉ ବା ଛାତରୁ ପଡ଼ି ହେଉ ଗୋଟିଏ ପିଲାର ମୁଣ୍ଡରେ ଜଖମ ହୋଇ ଯାଇଥିଲା । ଅବିଶ୍ରାନ୍ତ ରକ୍ତ-ସ୍ରାବ ହେଉଥାଏ । ପିଲାଟାକୁ ନେଇ ଅସିଲେ ଡାକ୍ତର ଖାନାକୁ । ଗୋସେଇଁ ବାପା ଡାକ୍ତର ଖାନାରେ ନଥିଲେ । ରୋଗୀ ଦେଖିବା ପାଇଁ ବାହାରକୁ ଯାଇଥିଲେ । କମ୍ପାଉଣ୍ଡର ଥିଲା । ସେ ଅନେକ ଚେଷ୍ଟା କଲା ମାତ୍ର ରକ୍ତ-ସ୍ରାବ ବନ୍ଦ କରି ପାରିଲା ନାହିଁ । ସ୍ତ୍ରୀ ଲୋକଟି ପୁଅର ଜୀବନ ଆଶଙ୍କାରେ ବ୍ୟାକୁଳ ହେଉଥାଏ । କିନ୍ତୁ ଉପାୟ ନାହିଁ । ସେ କାଳରେ ଏତେ ଡାକ୍ତର ନ ଥିଲେ । କଟକ-ରେ ଅଜ ଡାକ୍ତର ଖାନାଏ ନଥିଲା ।

ଲେ:— ଲକ୍ଷ୍ମୀକାନ୍ତ ମହାପାତ୍ର

'କମ୍ପାଉଣ୍ଡର କହୁଥାଏନ୍ତି, ଡାକ୍ତର ବାବୁ ନିଶ୍ଚୟ ୧୦ଟା ବେଳେ ଅସିବେ । ସେ କେବେ ଡେରି କରନ୍ତି ନାହିଁ । ସେ ଆସିଲେ ରକ୍ତ ନିଶ୍ଚୟ ବନ୍ଦ କରିଦେବେ । ସ୍ତ୍ରୀ ଲୋକଟି ସେହି ଆଶାରେ ଅପେକ୍ଷା କରି ଥାଏ । ଦଶ ବାଜିଲା,

Digitized by srujanika@gmail.com

ସାଢେ ଦଶ ବାଜିଲା, ଏଗାରଟା ବାଜିଗଲା, ସାଢେ ଏଗାରଟା ବେଳକୁ ଡାକ୍ତର ବାବୁ ଆସି ପହଞ୍ଚିଲେ । ରକ୍ତ ଯାଇ ଯାଇ ପିଲାଟିର ଶେଷ ଅବସ୍ଥା । ଡାକ୍ତର ରକ୍ତ ବନ୍ଦ କରିଦେଲେ; ପିଲାଟି ବଞ୍ଚିଲା ନାହିଁ ।

'ପିଲାର ମା ମୁଣ୍ଡ ବାଡେଇ ଦେଲା । ଡାକ୍ତର ତାକୁ ଅନେକ ପ୍ରକାର ପ୍ରବୋଧିଲେ । କିନ୍ତୁ ମାର ପ୍ରାଣ ସେଥିରେ ବୁଝିଲା ନାହିଁ । ଡାକ୍ତର କହିଲେ, 'ଦେଖ ମା, ମୁଁ ରୋଜ ୧୦ଟାରେ ଆସେ । କେବେ ବ୍ୟତିକ୍ରମ ହୁଏ ନାହିଁ ଏ ନିୟମର । କିନ୍ତୁ ଆଜି ମୋ ଘଣ୍ଟା ୧ଟା ବେଳୁ ବନ୍ଦ ହୋଇ ଯାଇଛି ମୋ ବେଖାଲରେ । ଘଡ଼ି ବନ୍ଦହୋଇଛି ବୋଲି ମୁଁ ଜାଣିଲି ଏଗାରଟାରେ । ଜାଣିଲି ମାନେ ଧାଇଁଛି । ତୁମ ପୁଅକୁ ରକ୍ଷା କରି ପାରିଲି ନାହିଁ । ୧୦ଟାରେ ଆସିଥିଲେ ବୋଧହୁଏ ବଞ୍ଚିଯାଇଥାନ୍ତା । ଏଥିରୁ ବୁଝୁଛ, ଏଥିରେ ମଣିଷର ଅପୂର୍ବ ନାହିଁ । ଈଶ୍ୱରଙ୍କର ଇଚ୍ଛା ।

'ଘଣ୍ଟା ସେତେବେଳକୁ ଅପେ ଅପେ ଚାଲିଲାଣି ।

'ସ୍ତ୍ରୀ ଲୋକଟି ଆଶ୍ୱସ୍ତ ହେଲା ନାହିଁ । ସେତେବେଳେ ସେ ପାଗଳ । ସେ କହିଲା, "ଡାକ୍ତର ବାବୁ, ତୁମ ଘଡ଼ି ମୋ ପୁଅକୁ ମାରିଛି ଜାଣିଲି । ଏ ଘଡ଼ି ମଣିଷ ଖିଆ ଘଡ଼ି । ମୁଁ ଅଭିଶାପ ଦେଉଛି ଯେତେବେଳେ ଏ ଘଡ଼ି ବନ୍ଦ ହେବ, ମୋ ବଂଶର ସେ କର୍ତ୍ତା ବ୍ୟକ୍ତି ମରିଯିବ ।"

'ମୋ ଗୋସେଇଁ ବାପା ଡାକ୍ତର ଲୋକ । ଅଭିଶାପରେ ବିଶ୍ୱାସ କଲେ ନାହିଁ । ଅବଶ୍ୟ ସେ ଭାବିଲେ ସ୍ତ୍ରୀ ଲୋକଟା ଅନ୍ଧ ଶୋକରେ ପାଗଳ ଅବସ୍ଥାରେ ଏହା କହି ଯାଇଛି ଏଥିରେ ମୂଲ୍ୟ କଣ !

'କେତେ ବର୍ଷ ବିତିଗଲା । କ୍ରମେ ସେ ଦିନର ଘଟଣା ତାଙ୍କ ମନରୁ ଲିଭି ମଧ୍ୟ ଗଲା । ଦିନେ ସକାଳୁ ଉଠି ସେ ଦେଖିଲେ ଯେ ଘଡ଼ିଟା ବନ୍ଦ ହୋଇ ଯାଇଛି । ତତ୍କ୍ଷଣାତ୍ ସେଇ ପୂର୍ବ ସ୍ମୃତି ତାଙ୍କ ମନରେ ଉଦୟ ହେଲା । ବୈଜ୍ଞାନିକ ଲୋକ, ସେ ଉଡ଼ାଇ ଦେବାକୁ ଯେ ଚେଷ୍ଟା ନ କରିଥିବେ ତାହା ନୁହେଁ । ତଥାପି କଥାଟା ତାଙ୍କ ଛାତି ଉପରେ ଓଜନିଆ ପଥର ମାଡ଼ି ବସିଲା । ଅନ୍ଧ ବିଶ୍ୱାସର ଲକ୍ଷଣ ଏଇ ।

'ସେ ନିତ୍ୟ କର୍ମ ସାରି ଲୁଗାପଟା ପିନ୍ଧି ଦୋତାଲା ଉପରୁ ଓହ୍ଲାଇ ଆସୁଥିଲେ,—ସିଡ଼ିରେ ତାଙ୍କର ଗୋଡ଼ ଖସିଗଲା । ଗଡ଼ି ପଡି ତଳେ ପଡିଗଲେ । ଦେଖିଲା ବେଳକୁ ସବୁ ଶେଷ । ଆଶ୍ଚର୍ଯ୍ୟ କଥା ଏଇ ଯେ ଘଡ଼ିଟା ତାଙ୍କ ପକେଟରେ ଅଛି ଓ ସ୍ୱାଭାବିକ ଚାଲୁଛି ।

'ଗୋସେଇଁ ବାପାଙ୍କ ଅନ୍ତେ ମୋର ବାପା ସେ ଘଡ଼ିର ମାଲିକ ହେଲେ । ଘଡ଼ିର ସମ୍ବନ୍ଧରେ ସବୁ କଥା ସେ ବି ଜାଣିଥିଲେ । ସେଥିପାଇଁ ଘଡ଼ିକୁ ସେ କେବେ ହେଲେ ଅନ୍ତର କରୁ ନଥିଲେ । ଏ ଘଡ଼ିଠାରୁ ଅଧିକ ମୂଲ୍ୟବାନ ପଦାର୍ଥ ବୋଧହୁଏ ତାଙ୍କର ଆଉ କିଛି ନଥିଲା ।

'ସେ ବଡ଼ ଭୋରରୁ ପ୍ରତିଦିନ ଉଠନ୍ତି । ଦିନେ ସାତଟା ବାଜିଲା, ତଥାପି ସେ ଶଯ୍ୟା ଛାଡିଲେ ନାହିଁ । ମୁଁ ଉଠାଇ ଦେବା ପାଇଁ ତାଙ୍କ ଶେଯ ପାଖକୁ ଯାଇ ଦେଖେ ଯେ—ସେ ଆଉ ନାହାନ୍ତି । ମୃତ ଶରୀରଟା ପଡ଼ିଛି । ଟେବୁଲ ଉପରେ ଘଡ଼ି ଥିଲା । ଦେଖିଲି ରାତି ବାରଟା ବେଳୁ ବନ୍ଦ । ମୁଁ ଘଣ୍ଟାକୁ ଉଠାଇ ନେଇ କାନ ପାଖରେ ଧରିଲି । ସ୍ୱାଭାବିକ ଟକ୍ ଟକ୍ ହୋଇ ଚାଲୁଛି ।

'ବାପା ଥିଲେ ପରିବାରର କର୍ତ୍ତା । ଘଡ଼ି ବନ୍ଦ ହେବା ସାଙ୍ଗେ ସାଙ୍ଗେ ତାଙ୍କର ଜୀବନ ଦୀପ ଲିଭିଗଲା । ବର୍ତ୍ତମାନ ମୁଁ ଏ ଘଡ଼ିର ମାଲିକ ଓ ପରିବାରର କର୍ତ୍ତା । ଅତଏବ ଏଥରକାର ପାଳି ମୋହରି !'

ଏତିକି କାହି ସାରିଲା ପରେ ମୁଁ ଦେଖିଲି ଯେ ଗୋପାଳ ଦେହରୁ ଝର ଝର ହୋଇ ଝାଳ ବହି ଯାଉଛି । ମୁଁ ତା ପିଠିରେ ହାତ ମାରି କହିଲି—"ପାଗଳ ହେଲୁ । ଏ ଗୋଟାଏ ଅସମ୍ଭବ କଥା ।" ତା ହାତରୁ ଘଣ୍ଟାକୁ ନେଇ ଗୋଟାଏ କଲମ ତରାସ ଛୁରିଦ୍ୱାରା ପଛପଟ ଖୋଲି ପକାଇଲି । ଘଡ଼ିର କଳକବ୍ଜା ବିଷୟ ମୋତେ କିଛି କିଛି ମାଲୁମ ଥିଲା । ମୁଁ ପରୀକ୍ଷା କରି ଦେଖିଲି ଘଡ଼ିଟାର କିଛି ବେଦୁରସ୍ତ ନାହିଁ । ଯେତେ ହଲେଇଲି ମୂଳରୁ ଚାଲିଲା ନାହିଁ । ବିରକ୍ତ ହୋଇ ଘଣ୍ଟା ଫେରାଇ ଦେଇ କହିଲି, "ବୁଝିଲୁ ଗୋପାଳ, ଏ ଗୋଟେ ମାନସିକ ଫଳ । ପୁରୁଣା ଘଣ୍ଟା କେତେବେଳେ ବନ୍ଦ ହେବ ତାର ଠିକଣା ନାହିଁ । କିନ୍ତୁ ତୋ ଗୋସେଇଁ ବାପାଙ୍କ ମୃତ୍ୟୁ ସହିତ ଏହାର ଯେଉଁ ସମ୍ବନ୍ଧ ଥିଲା, ସେକଥା ତୋ ବାପାଙ୍କୁ ଜଣା ଥିବାରୁ, ଘଡ଼ି ଯେତେବେଳେ ରାତିରେ ବନ୍ଦ ହୋଇଗଲା, ତାଙ୍କର ମାନସିକ ଦୁର୍ବଳତା ଆସିଗଲା । ସେହି ବିଶ୍ୱାସର ପ୍ରାବଲ୍ୟରେ ତାଙ୍କର ହାର୍ଟଫେଲ୍ କରିଗଲା ।...ତୋର ସେପରି ହେବାର କୌଣସି କାରଣ ନାହିଁ ।"

ଗୋପାଳ କହିଲା, "ହଁ, ତୋ ଯୁକ୍ତି ଖୁବ୍ ବୈଜ୍ଞାନିକ ସମ୍ମତ; ମୁଁ ବି ସେଇକଥା ଭାବୁଛି; ହେଲେ ସେଇ ଦୁର୍ବଳତା ତ ମୋତେ ବି ଅଧିକାର କରି ବସିଲାଣି ।" ଏହା କହି ସେ ଗୋଟାଏ ଶୁଖିଲା ହସ ହସି ଦେଲା । ମୋ ମନେ ହେଲା ଯେପରି ମଲା ମଣିଷର ହସ ।

ଗୋପାଳ ତତ୍କ୍ଷଣାତ୍ ଉଠି ପଡି ବନ୍ଦ ଘଣ୍ଟା ପକେଟରେ ରଖିଦେଲା ଓ ଯିବାକୁ ବାହାରିଲା । ମୁଁ କହିଲି,—"ଚା ଖାଇବୁ ନାହିଁ ?"

"ନା, ଇଚ୍ଛା ନାହିଁ ।" ସେ ଉତ୍ତର ଦେଲା ।

ତାର ମନର ଅବସ୍ଥା ଦେଖି ମୁଁ ଆଉ ବଳେଇଲି ନାହିଁ ।

ସେ ଚାଲିଗଲା । ରାସ୍ତା ଉପରେ ସେ ଚାଲିଥାଏ, ମୁଁ ତାହାର ଆଡକୁ ଚାହିଁଥାଏ, ମୁହଁରେ ଯୁକ୍ତି କରୁଥିଲେ ମଧ୍ୟ ମୋ ମନଟା ବି କିମିତିକା ଦବିଯାଇ ଥାଏ ଓ ଗୋଟିଏ ଅବୋଧ୍ୟ ଭୟ ଓ ଦୁର୍ଭାବନା ମୋ ଅନ୍ତରାତ୍ମାକୁ ଘାରି ଦେଉଥାଏ । ଘଡ଼ିଟା ଅପେ କିମିତି ବନ୍ଦ ହେଲା ଓ ଅପେ ବା କାହିଁକି ଚାଲେ ସେଇକଥାର କୌଣସି ଗୋଟାଏ ମନ ବୋଧିଆ ମୀମାଂସା କରି ନ ପାରି ମନରେ କିପରି ଗୋଟାଏ ଅସ୍ୱସ୍ତି ଅନୁଭବ କରୁଥାଏଁ ମୁଁ ।

ଗୋପାଳ ସେତେବେଳକୁ ରାସ୍ତାରେ ଖଣ୍ଡେ ଦୂର ଆଗେଇ ଗଲାଣି । କିନ୍ତୁ ମୋ ଦୃଷ୍ଟିର ଅନ୍ତରାଳକୁ ଯାଇନାହିଁ, ହଠାତ୍ ଗୋଟାଏ ମିଲିଟାରି ଲରି ମୋଡ଼ରୁ ସାଁ କରି ଚାଲି ଆସିଲା । ଗୋପାଳ ପଛରେ ବ୍ରେକ ମାରିଲା । ବ୍ରେକର ଶବ୍ଦ ମୋ କାନରେ ବାଜିଲା । ମୋ ଆଖି ବୁଜି ହୋଇ ପଡ଼ିଲା । ଆଖି ପିଛୁଡ଼ାକେ ଲରିର ଧକ୍କାରେ ଗୋପାଳର ଦେହ ଛିଟିକି ପଡ଼ିଲା ଖଣ୍ଡେ ଦୂରରେ ।

ମୁଁ ଧାଇଁଗଲି । ଗୋପାଳ ରକ୍ତାକ୍ତ କଳେବରରେ ରାସ୍ତା ଉପରେ ପଡ଼ିଥାଏ । ପାଖକୁ ଯାଇ ଦେଖିଲି—ଶେଷ ।

ଗହଳି ପଡ଼ିଗଲା, ଦୁଇ ତିନିହାତ ଛଡ଼ାରେ ତାର ଘଡ଼ିଟା ପକେଟରୁ ଛିଟିକି ଯାଇ ପଡିଛି । ମୁଁ ଯାଇ ଘଣ୍ଟାକୁ ଟେକି ଆଣିଲି । କାନପାଖେ ଆଣିବାର ପ୍ରୟୋଜନ ନଥିଲା । ଏତେବଡ ଘଣ୍ଟା ଚାଲିବାର ଟକ୍ ଟକ୍ ଶବ୍ଦ ପରିଷ୍କାର ଭାବରେ ଶୁଣା ଯାଉଥିଲା ।

ମୋ ଘରେ ମୁଁ ଯେତେବେଳେ ଘଡ଼ିଟାକୁ ପରୀକ୍ଷା କରୁଥିଲି—ଦେଖିଛି ବିଲକୁଲ୍ ବନ୍ଦ । ଅପେ ଚାଲିଲା କିମିତି ! କଣ ହେଲା !!

—*—

Digitized by srujanika@gmail.com

## 'ମୁଁ ଏବେ କଂଗ୍ରେସ ହେବି'

ଲେଖକ- **ନାରାୟଣ**

ବାବାରେ ! ବାବା !
କେମିତ ଏମିତ ଧାଠ ଉତୁରକ୍ତ, ମୁଁ ତ ହେଉଛି କାବା ।
ପାଞ୍ଚବର୍ଷ ପରେ ଏନ୍ଟ୍ରାନ୍ସ ଖଣ୍ଡି
ପାସ କରି ସାର ( ଖାଲି) ବୋହୁଛି ଗଣ୍ଡି ।

ସକାଳୁ ଧରି ମୁଁ ସମାଜ ଖଣ୍ଡି,
'wanted' ସବୁକୁ ଯାଏ ଦରାଣ୍ଡି ।
କେବେ କେବେ ଖଣ୍ଡେ Application
ଏଣେ ତେଣେ ଦେଇ ଅସେ ବନ୍ଧନ ।

କେତେ ସୁଖ ସୌଧ ଗଢି ମୁଁ ବସେ
ଚାକିରି କରିବ, ଟଙ୍କା ଅରଜିବ,
ମନେ ମନେ ମୁଁ ଯେ କେତେ ନହସେ ।
ମାସେ ପକ୍ଷେ ଯାଏ ହସି ହସିକା
ଉତ୍ତର ନ ଅସେ ବସି ବସିକା ।

ସୁଖ ସୌଧ ମୋର ଭୁଷୁଡ଼ି ପଡେ,
କାନ୍ଦ କାନ୍ଦ ମୋର ଦିନ ଯେ ଗଡ଼େ ।
ଭାବେ ବସି—ମୁହିଁ ହୋଇଲେ ଗାନ୍ଧୀ
ଖଦଡ଼ ଧୋତିରୁ ଖଣ୍ଡିଏ ପିନ୍ଧି,

ଏତେ ହୁନମାନ ନୋହନ୍ତ କେବେ ।
ଲୁଚିଛି ଖଦଡ଼ ପିନ୍ଧିବ ଏବେ,
ଗାନ୍ଧି-ଟୋପି ମୁହ ଚଢାଇ ମାଥେ
କନା ଥଳଟାଏ ଝୁଲାଇ ହାତେ,

ମନ୍ତ୍ରୀଙ୍କ ପାଖକୁ ଦିଅର ଗଲେ,
ସବୁ କାମ ମୋର ହାସଲ ହେଲେ ।
ମନ୍ତ୍ରୀ ମହାଶୟ ପ୍ରସନ୍ନ ହୋଇ,
କହୁବେ କ 'ବର' ମାଗ ଗୋସାଇଁ ।

ମୁଁ ଯାହା ମାଗିବ ସଙ୍ଗେ ସଙ୍ଗେ ତା'
'ତଥାସ୍ତୁ' ଭଣିବେ ମନ୍ତ୍ରୀ ମହତା ।
କ ପରବା ଯଦି ଏତେ ସୁବିଧା,
ଏତେ କାଳ ସତେ କାଟିଲି ବୃଥା ।

ଦୀର୍ଘଜୀବୀ ହେଉ ( ଏ ) ମନ୍ତ୍ରୀ ମଣ୍ଡଳ,
ଦୁଃଖୀଙ୍କ ଦୁର୍ଦଶା ଯାଉ ସକଳ ।

—*—

## ପାଟମନ୍ତ୍ରୀ ହେବି…

ଲେ— **ଶ୍ରୀ ଯଦୁନାଥ ଦାଶ ମହାପାତ୍ର**

[ କ ]

ପାଟ ମନ୍ତ୍ରୀ ମୁହିଁରେ ହେବ
ଗାନ୍ଧିଜ ମନ୍ତ୍ର ବଢେଇ ଦେବ
ଦେଶସାରା ନକେଇ ଦେବ ଲାଂଗୁଳୀ ଦାସ ଚେଲା;
ନିଗେଇ ଦେବ ଯାରା ମୂଳକେ ବସ୍ତ୍ର ହରଣ ପାଲା ।

[ ଖ ]

ବଢ଼େଇ ଦେବ ଗୁଡ଼ର ଦର
…ସାବାସୀ ଦେବେ ମୁନାଫାଖୋର
ଦିନସାରା ଖଟି-ଖଟି, ଅଫିସ କାମ କରି
ରାତିରେ କେତେ ସ୍ୱପ୍ନ-ସ୍ୱର୍ଗ ଦେଖି ମୁଁ ହାକିମ ।

[ ଗ ]

ମାଡୁଆଳୀ-ବଣିକ ସଙ୍ଘ
ଛାଡ ଧର୍ମ ସଙ୍ଗେ ସଙ୍ଗ;
ଖୁଚୁରା ବ୍ୟବସାୟୀ ସଙ୍ଘ ଅଉ ନାରୀ ସଙ୍ଘ
ସଭାସ୍ଥଳରେ ଫୁଲମାଳ ମୋହର ନାବୀ ବାବା !

[ ଘ ]

ପ୍ରଦେଶ ସାରା ଗସ୍ତ କରି
କରି ଦେବ ମୁଁ ହୁକୁମ ଜାରି
ଯାହାର ଯାହା ଅସୁବିଧା କହିବେ ଅସି ମତେ
ପିଲା-ଛୁଆ, ନାରୀ, ବୃଦ୍ଧ, ଯୁବକ ସମସ୍ତେ ।

[ ଙ ]

ହାତରେ ଖଣ୍ଡେ କାଗଜ ରଖି
ହାତ ସଫେଇ ଦେଖେଇ ଦେବ
ଅଲେଖିବ ଘୋଷଣା-ବଗଧାରୀ ଦାମ
ପ୍ରଦେଶରେ ହବରେ ମୋର କଟିଅ ଗୋଟେ ନାମ ।

[ ଚ ]

'କେଟଣ୍ଡ' ପଦ ନେବି ମୁଁ ମାରି
ଖଦ୍ଦର ଲୋକେ ଝୁରି ମରିବେ
ବଢେଇ ଦେବ ସାରା ଦେଶରେ ... ଅଭାବ
ପାଟମନ୍ତ୍ରୀ ନଷ୍ଟେ ହେବ୍-ଭାଗ୍ୟ ହେଲେ ବାଦ ।

—*—

Digitized by srujanika@gmail.com

# —ସିନେମା—

ଶ୍ରୀ ଧୀରେନ୍ ଦାଶ

ପୂର୍ବରୁ ଗୋଟିଏ ସଂଖ୍ୟାରେ ଚଳଚ୍ଚିତ୍ର କିପରି ଭାବରେ ନିର୍ମାଣ କରାଯାଏ ସେ ବିଷୟ ଲେଖିଥିଲି । ଫଟୋ ଉତ୍ତୋଳନ ପରଠାରୁ ଛବିଟି ଦର୍ଶକଙ୍କ ସାମନାକୁ ଆସିବା ମଧ୍ୟରେ କି ଅବସ୍ଥା ଅତିକ୍ରମ କରି ଆସେ ଏ ସଂଖ୍ୟାରେ ତାହା ଲେଖୁଛି ।

ପୂର୍ବରୁ କହିଛି ଯେ ଫଟୋ ଉତ୍ତୋଳନ ସଙ୍ଗେ ସଙ୍ଗେ ଶବ୍ଦ କ୍ୟାମେରାରେ ମଧ୍ୟ ଶବ୍ଦର ରେକର୍ଡ କରି ଯାଉଥାଏ । କେବଳ ଗୀତ, ପାର୍ଶ୍ୱ ସଂଗୀତ ପ୍ରଭୃତି ପୂର୍ବରୁ ରେକର୍ଡ କରି ହୋଇଥାଏ ଓ ସୁଟିଂ ସମୟରେ ତାହା ବଜାଯାଇ ସେଇ ଅନୁସାରେ ଅଭିନୟ କରି ଫଟୋ ନିଆଯାଇ ଥାଏ । ସମୁଦାୟ ଛବିଟିର ସୁଟିଂ ପରେ ଛବିଟିର ଭୂମିକା ଓ ଉତ୍ସର୍ଗ ପ୍ରଭୃତିର ଫଟୋ ଯୋଡ଼ି ଦିଆ ଯାଏ । ସବୁ ଶେଷ ହୋଇଗଲେ ଶବ୍ଦ ଫିଲ୍ମ୍ ଓ ଫଟୋ ଫିଲ୍ମ୍ ଦୁଇଟି ଏକାଠି କରାଯାଇ ଗୋଟିଏ original କରାଯାଏ ଓ ସେଇଥିରୁ ଇଚ୍ଛା ମୁତାବକ କପି ସବୁ କରାଯାଏ ।

ଛବିଟିରେ ଦୃଶ୍ୟ ପରେ ଦୃଶ୍ୟ ଆମେ ସିନେମା ହଲରେ ଯେପରି ଦେଖୁ ସେହିପରି ଭାବରେ ଫଟୋ ନିଆଯାଇ ନଥାଏ କାରଣ ତାହା ଅସୁବିଧା ଜନକ । ମନେ କରନ୍ତୁ ଗୋଟିଏ ଲୋକ ନିଜ ଘରୁ ବାହାରି ଅନ୍ୟ ଜଣକ ଘରକୁ ଗଲା । ଏହି ଅଭିନୟଟି ପାଇଁ ପ୍ରଥମେ ଆମେ ତାର ନିଜ ଘର ଦେଖୁ । ତାପରେ ସେ ଘରୁ ବାହାରେ, ରାସ୍ତାରେ ଚାଲେ, କେଉଁଠି ଝାଡ଼ ପ୍ରଭୃତିରେ ବସେ, ଅନ୍ୟ ଜାଗାରେ ପହଞ୍ଚେ, ଫେରି ଚାଲେ ବାଟରେ ଅନେକ କଥା ଦେଖେ ଓ ଅନ୍ୟ ଜଣକ ଘରେ ପହଞ୍ଚେ ଏବଂ ଘର ଭିତରେ ପଶେ ଇତ୍ୟାଦି । ପୂର୍ବରୁ କହିଛି ଯେ ସିନେମାରେ ପ୍ରତ୍ୟେକ ଭାଗଟି ଗୋଟିଏ ଗୋଟିଏ ଦୃଶ୍ୟ ବୋଲି ଧରି ଯାଇଥାଏ, ଅତଏବ ଲୋକ ଘରୁ ବାହାରି ଅନ୍ୟ ଜଣକ ଘରକୁ ଯିବା ଭିତରେ ପ୍ରତ୍ୟେକ ଦୃଶ୍ୟଟି ପାଇଁ ଭିନ୍ନ ଭିନ୍ନ ସ୍ଥାନ କିମ୍ବା ଦୃଶ୍ୟ ପଟ, ସରଞ୍ଜାମ ଆଦିର ଦରକାର ପଡ଼େ । ଯଦି କ୍ରମାନ୍ୱୟରେ ତା ପରେ ତା ପରର ଫଟୋ ନିଆ ହେଉଥାନ୍ତା ତାହେଲେ ସମୟ ବେଶୀ ନିଅନ୍ତା ଓ ଖର୍ଚ୍ଚ ମଧ୍ୟ ବହୁତ ହୁଅନ୍ତା । ତେଣୁ ସମୁଦାୟ ଛବିଟିରେ ଗୋଟିଏ ସ୍ଥାନ କିମ୍ବା ଦୃଶ୍ୟପଟରେ ଯେତେ ଗୁଡ଼ିଏ ଦୃଶ୍ୟ ଥାଏ କେବଳ ସେଇ ଗୁଡ଼ାକର ଏକ ସମୟରେ ଫଟୋ ନିଆଯାଏ । ଏହିପରି ଭାବରେ ସମୁଦାୟ ଛବିଟିର ସୁଟିଂ ସରିଗଲେ ତାକୁ ଫେରି ସଜାଡ଼ି ଦିଆଯାଏ । ଏଇ ସଜାଡ଼ିବା କାମଟି ପାଇଁ ଜଣେ ଖୁବ୍ ସୁଦକ୍ଷ ବ୍ୟକ୍ତି ଦରକାର ହୋଇଥାନ୍ତି । ତାଙ୍କୁ ସମ୍ପାଦକ କୁହାଯାଏ । ସମ୍ପାଦକଙ୍କର ସୁଟିଂ ସରିଗଲେ ଯେ କାମ ପଡ଼େ ଏହା ନୁହେଁ, ଛବିଟିର ପ୍ରତ୍ୟେକ ଦୃଶ୍ୟର ଫଟୋ ଉତ୍ତୋଳନ ସମୟରେ ସେ ଉପସ୍ଥିତ ରହିଥାନ୍ତି ଓ ଗୋଟିଏ ଖାତାରେ ପ୍ରତ୍ୟେକ Take ର ବିଷୟରେ ଲେଖି ନେଇଥାନ୍ତି । କେଉଁ Take ନିହାତି ଖରାପ, କେଉଁଟି ଅଳ୍ପ ଭଲ ଓ କେଉଁଟି ଉତ୍କୃଷ୍ଟ ବୋଲି ଗ୍ରହଣ କରାଯାଇ ଅଛି ତାହାର ସେ ହିସାବ ରଖିଥାନ୍ତି । ସୁଟିଂ ପରେ ସମୁଦାୟ ଛବିଟି ତାଙ୍କର ହସ୍ତଗତ କରାଯାଏ ଓ ସେ ତାଙ୍କର ପ୍ରକୃତ କାମ ଆରମ୍ଭ କରନ୍ତି । ମୋଟା ମୋଟି ତାଙ୍କର କାମଟି କାଟିବା, ଯୋଡ଼ିବା କାମ ଓ ପ୍ରଧାନ ଅସ୍ତ୍ର ହେଉଛି କଇଁଚି ଓ ଅଠା । ଫିଲମ୍ଟିକୁ ଦୃଶ୍ୟ ଅନୁସାରେ ଟିକିଟିକି କାଟି ଫେରି ଦୃଶ୍ୟ-ଗୁଡ଼ିକୁ କ୍ରମାନ୍ୱୟ ଭାବରେ ଯୋଡ଼ି ଦିଅନ୍ତି । ଏଇ କାଟିବା ଯୋଡ଼ିବା କାମଟି ଯେତେ ସହଜ ବୋଲି ମନେ ହୁଏ ତାହା ନୁହେଁ । ଏଥିରେ ମସ୍ତିଷ୍କର ଖୁବ୍ ପ୍ରୟୋଜନ ହୁଏ । ସମୟେ ସମୟେ ଦେଖାଯାଏ ଉତ୍କୃଷ୍ଟ take ଟି ମଧ୍ୟ କଥାରେ ଠିକ୍ ଖାପ୍ ଖାଉନି ସେ ସ୍ଥଳରେ ସମ୍ପାଦକ ଅନ୍ୟ take ଗୁଡ଼ିକ ମଧ୍ୟରୁ ବାଛିଥାନ୍ତି । ଅନେକ ଛବିରେ ଆମେ ଜଙ୍ଗଲ, ପାହାଡ଼ ପ୍ରଭୃତିର କୌଣସି ଅସାମୟିକ ଦୃଶ୍ୟ ଦେଖୁ କିମ୍ବା କୌଣସି ବଡ଼ ବଡ଼ ଲୋକ ମେଳା ପ୍ରଭୃତିର ଦୃଶ୍ୟ ଦେଖୁଁ । ଏଗୁଡ଼ିକର ଫଟୋ କୌଣସି ନିର୍ଦ୍ଦିଷ୍ଟ ଛବିପାଇଁ ଯଦି ନିଆ ହେଉଥାନ୍ତା ତା'ହେଲେ ଖୁବ୍ ଖର୍ଚ୍ଚ ପଡ଼ୁଥାନ୍ତା । ସେହିପରି ଦୃଶ୍ୟ ଗୁଡ଼ିକ ଅନ୍ୟ ସ୍ଥାନରୁ ସାଧାରଣ ଆଣାଯାଇ ଅବଶ୍ୟକ ସ୍ଥଳରେ ଭର୍ତ୍ତି କରାଯାଉଥାଏ । ଏହିପରି ଅସାମୟିକ ଛବି-ଗୁଡ଼ିକ ଅନେକ କମ୍ପାନୀ ସଂଗ୍ରହ କରି ରଖିଥାନ୍ତି । ଏହାକୁ 'ଫିଲ୍ମ୍ ଲାଇବ୍ରେରୀ' କୁହାଯାଏ ଓ ଯେ କୌଣସି ଛବିରେ ଏପରି ଦୃଶ୍ୟର ଦରକାର ପଡ଼େ ତାହା ଭଡ଼ାରେ ନିଆ ଯାଇଥାଏ । ଏଇଥିପାଇଁ ଅନେକ ଭିନ୍ନ ଭିନ୍ନ ଛବିରେ ଅନେକ ସମୟରେ ଏକା ରକମର ଦୃଶ୍ୟ ଆମେ ଦେଖିବାକୁ ପାଉଁ । ଅନେକ ସମୟରେ ଏପରି ଅସାମୟିକ ଦୃଶ୍ୟ ମଧ୍ୟରେ ନିର୍ଦ୍ଦିଷ୍ଟ ଛବିର ଅଭିନୟ ଆମେ ଦେଖୁ ଅର୍ଥାତ "ଗୋଟିଏ ଗଛ ମୂଳରୁ ସାପଟିଏ ଓହ୍ଲାଇ ଗୋଟିଏ ଲୋକକୁ କାମୁଡ଼ିଲା ଓ ଲୋକଟି ତଳେ ପଡ଼ିଗଲା" ଏପରି ଦୃଶ୍ୟ ବଡ଼ ରହସ୍ୟଜନକ ବୋଧହୁଏ । କିନ୍ତୁ ଏହା କେବଳ ସମ୍ପାଦକଙ୍କ କୌଶଳ । ଅସାମୟିକ ଦୃଶ୍ୟଟିରୁ କିଛି ଅଂଶ ଏ ପାଖେ ଓ ସେ ପାଖେ ଦେଇ ମଝିରେ ଅଭିନୟର ଦୃଶ୍ୟକୁ ଏପରି ଭାବରେ ଭର୍ତ୍ତିକରି ଦିଆଯାଇଥାଏ ତାହା ପ୍ରକୃତ ବୋଲି ଜଣାପଡ଼େ । କୌଣସି କୌଣସି ଛବିରେ ଅଭିନୟ ସମୟରେ ଅଭିନେତା, ଅଭିନେତ୍ରୀ କିମ୍ବା ଦୃଶ୍ୟପଟର କୌଣସି ନିର୍ଦ୍ଦିଷ୍ଟ ଅଂଶକୁ ଆମେ ଖୁବ୍ ବଡ଼ ଭାବରେ ଦେଖୁ— ଅର୍ଥାତ ଗୋଟିଏ ଲୋକ କାନ୍ଦୁଛି; ଆମେ ଲୋକଟିର କାନ୍ଦିବାର ଅଭିନୟ ଦେଖୁ । ଏହି ଅଭିନୟଟି ଆମ ମନ ଉପରେ ଯେତେ ପ୍ରଭାବ ନ ଆଣେ ଯଦି ଆମେ କାନ୍ଦିବାର ଅଭିନୟ ମଧ୍ୟରେ ଗୋଟିଏ ଦୃଶ୍ୟରେ କେବଳ ଦୁଇଟି ଆଖିରୁ ଲୁହ ଗଡ଼ି ପଡ଼ୁଥିବାର ଦେଖୁ, ତାହା ଆମ ମନ ଉପରେ ଖୁବ୍ ସହଜରେ ପ୍ରଭାବ ଆଣେ । ଏହି ପ୍ରକାର ଫଟୋ ଗୁଡ଼ିକ ଖୁବ୍ ନିକଟରୁ ନିଆ ଯାଇଥାଏ । ଅଭିନୟ ସମୟରେ ଏହାର ଫଟୋ ନେବା ଖୁବ୍ ସହଜ ଓ ସୁବିଧା ଜନକ ନୁହେଁ ସେଥିପାଇଁ ଏହା ଅନ୍ୟ ସମୟରେ ନିଆ ଯାଇଥାଏ ଓ ସମ୍ପାଦକ ତାହାକୁ ଅବଶ୍ୟକ ସ୍ଥଳରେ ଯୋଡ଼ି ଦିଅନ୍ତି ।

ମୋଟରେ ସମ୍ପାଦକ ଛବିଟିକୁ ନିର୍ଦ୍ଦିଷ୍ଟ ଲମ୍ବାର ଫିଲ୍ମ୍ ମଧ୍ୟରେ ସୁନ୍ଦର ଓ ସୁବୋଧ ଭାବରେ ଠିକ୍ କ୍ରମରେ ପକାଇ ଦିଅନ୍ତି ।

ଛବିଟିର ନିର୍ମାଣ ଏହିପରି ଭାବରେ ସରେ । କିନ୍ତୁ ନିର୍ମାଣର ଠିକ୍ ପରେ ପରେ ଜନସାଧାରଣଙ୍କ ସାମନାକୁ ଆସି ପାରେନାହିଁ । ଏହା ଜନସାଧାରଣରେ ପ୍ରଦର୍ଶିତ ହେବା ପାଇଁ ସରକାରଙ୍କ ତରଫରୁ ଗୋଟିଏ ମଞ୍ଜୁର ପତ୍ରର ଦରକାର ପଡ଼େ । ଛବିଟିକୁ ମଞ୍ଜୁର କରିବା ପାଇଁ ସରକାରଙ୍କ ତରଫରୁ ଗୋଟିଏ Board of Censors ଥାଏ ଓ ସେଥିରେ କେତେ ଗୁଡ଼ିଏ କର୍ମଚାରୀ କାର୍ଯ୍ୟ କରନ୍ତି । ଏହି ବୋର୍ଡ ଛବିଟିକୁ ତନ୍ନ ତନ୍ନ ଭାବରେ ମୂଳରୁ ଶେଷ ପର୍ଯ୍ୟନ୍ତ ଦେଖନ୍ତି । ଯଦି କୌଣସି ଅଂଶ ସରକାରଙ୍କର ନୀତି ବିରୁଦ୍ଧ ଜନସାଧାରଣଙ୍କର ଅହିତକାରକ କିମ୍ବା କୌଣସି ପ୍ରକାରରେ ଅନ୍ୟାୟ ମୂଳକ ଥାଏ ତେବେ ଛବିଟିକୁ ପ୍ରଦର୍ଶିତ ହେବାପାଇଁ ମଞ୍ଜୁର କରାଯାଏ ନାହିଁ ଓ ଏପରି ଛବି ଦର୍ଶକଙ୍କ ସାମନାକୁ ଆସି ପାରେନାହିଁ । ବୈଦେଶିକ ଛବି ଗୁଡ଼ିକ ମଧ୍ୟ ପ୍ରଦର୍ଶନ ପାଇଁ ଏହି ବୋର୍ଡର ଅନୁମତି ନେଇଥାନ୍ତି ।

(କ୍ରମଶଃ)

Digitized by srujanika@gmail.com

କଟକରେ ଓ କଟକ ଲଗାଁଣ୍ଡ଼ ଓଡ଼ିଶାରେ ବଡ଼ ଲୁଗା ଚହଲପଡ଼ିଯାଇଛି । ଓଡ଼ିଶାରୁ ଅସିବା ଲୁଗା କୋଟା ସବୁ ପାକିସ୍ଥାନ ସୀମାନ୍ତ ପ୍ରଦେଶକୁ ଚାଲାଣୀ ହେଇ ଯାଉଛି । କେନ୍ଦ୍ର ସରକାର ଓ ଓଡ଼ିଶା ସରକାର ଉଭୟେ ଗୁହାଁ ଜଳକା ଗାଡ଼ ଧରି ବସିଛନ୍ତି । ନବ ବାବୁ ତ ନାହାନ୍ତି । ଏଣିକି ମହତାବଙ୍କୁ କହିଲେ-ସେ କହିବେ ଏ ବିଷୟରେ ମୋର ନୀତି—

ଦେଖିଥିବୁ କହିବୁ ନାହିଁ
ଉଠାଇଥିବୁ ମାରିବୁ ନାହିଁ ।

ଫଳରେ ଗୃହଙ୍କ ଲୋକେ ମାଗୋଟି ଖାଇ-ଯିବେ । ଅନ୍ତ କିଛି କିଛି ଉଚ୍ଛିଷ୍ଟ ସରକାରୀ ସତ୍ତାଧୀଶଙ୍କୁ ଉତ୍ଥାସ୍ୱରୂପ ମିଳିପାରେ ।

\+ × +

ଓଡ଼ିଶା ଲୁଗା ସବୁ ପାକିସ୍ଥାନ ସୀମାନ୍ତ ବଙ୍ଗ ଓ ପଞ୍ଜାବ ରାସ୍ତାରେ ହରଣଚାଲ କାହିଁକି ହେଉଛି ତାର କାରଣ ବଳୁଆ ସଭ୍ୟ ବେଶ୍ ବୁଝିପାରିଛନ୍ତି । ଓଡ଼ିଶାରେ ହିନ୍ଦୁ ମୁସଲମାନ ପ୍ରେମଟା ନିକିଏ ପ୍ରଖର ହୋଇଯାଉଥିବାରୁ ତାର ଉକାଣି ସ୍ରୋତରେ ଲୁଗାସବୁ ଉପରକୁ ଉଠିଯାଉଛି ।

\+ + +

ଗାନ୍ଧୀଜୀଙ୍କର ପରମ ଭକ୍ତ ମିଲମାଲିକ ମାନେ ଯେ ସିଧା ସରପଟ ଓଡ଼ିଶା ଲୁଗାକୁ ପାକିସ୍ଥାନ ଚାଲାଣ କରୁଛନ୍ତି ତାର କାରଣ ମଧ୍ୟ ସହଜରେ ବୁଝା ପଡ଼ୁଛି । ମିଲମାଲିକମାନଙ୍କ ଭିତରେ ସାମ୍ପ୍ରଦାୟିକତାର ଗନ୍ଧ ନାହିଁ । ଗାନ୍ଧୀଜୀଙ୍କ ଦେହତ୍ୟାଗ ପରଠାରୁ ସେ ମାନଙ୍କରୁ ପୂର୍ଣ୍ଣ ମାତ୍ରାରେ ସାମ୍ପ୍ରଦାୟିକତାକୁ ଦୂର କରି ଦେଇଛନ୍ତି । ହୁଏତ ମାରୁଆଡ଼ି ବଣିକ ସଂଘ ସର୍ବ ପ୍ରଥମେ ପ୍ରସ୍ତାବ କରି ତାଙ୍କ ମାରୁଆଡ଼ି ନାମ ପରିବର୍ତ୍ତେ ବାବୁଆର ନାମ ଦେଇଥିବେ ।

\+ × ×

ଅନ୍ତଃ ଡୋମିନିୟନ ଅର୍ଥାତ ଭାରତ ଓ ପାକିସ୍ଥାନର ଟିଲ୍ଲି ମହିଳାରେ ସ୍ଥିର ହେଲା ଯେ ଉଭୟ ସରକାର ପଲାତକ ପ୍ରଭୃତି ବିରୁଦ୍ଧରେ ଲଢ଼ିବେ ଇତ୍ୟାଦି ଇତ୍ୟାଦି । ଭାରତ ତାହା ନିଃସନ୍ଦେହରେ ପାଳିବ । କାରଣ ସେ ଜାଣେ ମନେ ମାଦାତ୍ ନାଥୀ କା ଦାନ୍ । କିନ୍ତୁ ପାକିସ୍ଥାନ ନିତି—ଯାଣିର ଗାର । କଥା ଓ କଥାର ମୂଲ୍ୟ କେବେ ଦିଅନ୍ତି ନାହିଁ—ସେ ସବୁବେଳେ-କାମର ମୂଲ୍ୟ ବା direct action ର ମୂଲ୍ୟ ଦେଇପାରନ୍ତି । ସେଥିପା




ଇସ୍କୁଲ ଘରେ 'ସର୍ବଦା ସତ୍ୟ କହିବ' ମଟୋ ଟଙ୍ଗା ହେଉଥିବା ସ୍କୁଲ କଲେଜ ପିଲାଏ ସମୟ ସମୟରେ କୃଷ୍ଣଚନ୍ଦ୍ରଙ୍କ ବ୍ରହ୍ମଚର୍ଯ୍ୟ ବହି ପଢ଼ିଲେ ପର ଭାରତ ପାକିସ୍ଥାନ ଚୁକ୍ତିଟା ଜନାଙ୍କ ଅଫିସରେ ମଟୋ ରୂପେ କିମ୍ବା ପୁସ୍ତକ ରୂପେ ନିଶ୍ଚୟ ସ୍ଥାନପାଇବ ।

\+ × +

ଜାଜପୁରରେ କୌଣସି ସଭାରେ ଶୁଭମୂର୍ତ୍ତି କାଟଜୁଙ୍କ କହିଥିବାର ପ୍ରକାଶ ଯେ ଓଡ଼ିଶାକୁ ଦେଖି ମାଉଣ୍ଟବେଟନ କହିଲେ—ମୋର ବର୍ତ୍ତମାନ ଶ୍ରେଷ୍ଠ କାମନା ଓଡ଼ିଶା ଲାଟ ହେବା । କଥାଟା ଚମତ୍କାର । ଏବଂ ବଡ ସୁସ୍ପଷ୍ଟ । ଗୋଟାଏ ଦର୍ଶନ କହେ ଯାବତ୍ ଜନନଂ ତାବନ୍ମରଣଂ-ଭାବ ଜନନୀ ଜଠରେ ଶୟନମ୍—ଇହସଂସାରେ ଖଳୁ ଦୁସ୍ତର ଦୋଷ—କଥମିହ ମାନବ ତବ ସନ୍ତୋଷଃ ।— ଅଉ ଏକ ଦର୍ଶନ କହେ—ଦୁର୍ଲଭ ମାନବ ଜନ୍ମ । ଏକ ଦର୍ଶନ କହେ ଜରାବ୍ୟାଧିଯୁକ୍ତ ଏ ମନୁଷ୍ୟ ଶରୀର ପାପମୟ—ସୁତରାଂ ଏ ଜନ୍ମ ନିଷ୍ଫଳ, ନିର୍ବାଣ ଲୋଡ଼ା—ମୁକ୍ତି ଲୋଡ଼ା । ଆମ ବୈଷ୍ଣବ ଦର୍ଶନ କହେ—ମମ ଜନ୍ମନି-ଜନ୍ମନୀଶ୍ୱରେ ଭବତାଦ୍ଭକ୍ତି ରହୈତୁକୀ ତ୍ୱୟି— ଭଗବତ ଭକ୍ତି ପାଇଁ ଜନ୍ମ ଜନ୍ମାନ୍ତର ହେଲେ ମଧ୍ୟ ଦୁଃଖ ନାହିଁ । କିଏ କହେ ସତ୍ୟ ତ୍ରେତା ଦ୍ୱାପର ଓ କଳି ଭିତରୁ କଳିରେ ଧର୍ମ ସତ୍ତ୍ୱମାନଙ୍କରେ ରହିଛି—ଚତୁଷ୍ପାଦରୁ ତିନିପାଦ-ଯାଇଛି—ତ୍ରିପାଦହୀନ ଦ୍ୱିଜୋୟେଭ୍ୟୁ ସତ୍ତ୍ୱମାନେଣ ଛନ୍ତି । ଅଥଚ ବୈଷ୍ଣବ ଦର୍ଶନ କହେ— କଳିଯୁଗ ଶ୍ରେଷ୍ଠ ଯୁଗ କାରଣ ଭଗବାନ ଏ ଯୁଗରେ ନାମଧର୍ମ ପ୍ରଚାର କରିଛନ୍ତି । ସେହିପରି ଓଡ଼ିଶାକୁ ଗୋଟାଏ ଦର୍ଶନ ନେ କିଏ କମିନ୍ତ ଦେଖୁଛି—ମାଉଣ୍ଟ ବେଟନ କାନ୍ଦି ପୂର୍ବ ଜନ୍ମରେ ନାମ ହରେ ନାମ କହି କଳି ଯୁଗକୁ ସାର ଯୁଗ ଓ ଉତ୍କଳକୁ ନାମର ଶ୍ରେଷ୍ଠ ସ୍ଥାନ କହି-ଏହା ନର୍କକୁ ମଧ୍ୟ ସ୍ୱର୍ଗସ୍ଥାନ କରିଛନ୍ତି । ଯାହା ଯଦି ହରେର୍ନାମ ଜପ କରିବାକୁ ସୁବିଧା ମିଳେ ତେବେ ସେ ଜନ୍ମ ଜନ୍ମାନ୍ତରରେ ଏଠି ଲାଟ-ସାହେବି କରିପାରନ୍ତି । ବୈଷ୍ଣବଦର୍ଶନ କହେ

ଦେବତା ମାନେ ମଧ୍ୟ ଭଗବାନ୍ ପ୍ରେମ ଆସ୍ୱାଦନ ପାଇଁ ମନୁଷ୍ୟ ଜନ୍ମ ନିଅନ୍ତି । ତେଣୁ ହରଚନ୍ଦ୍ର କଣ୍ଟଲାଟ ସେଇ ପ୍ରେମରେ ମତ୍ତ ହୋଇ ଓଡ଼ିଶା ଛୋଟ ଲାଟ ହେବା ବିଚିତ୍ର ନୁହେଁ ।

× + +

ଓଡ଼ିଶା ମନ୍ତ୍ରୀ ମଣ୍ଡଳରୁ ହରେକୃଷ୍ଣଙ୍କୁ ଏକ କୃଷ୍ଣ ଅନ୍ତର ପଡ଼ିଲେ । ଗୋପି ଗୋଟିକୁ କୃଷ୍ଣ ଗୋଟିଏ ଥିଲେ । ଆମର ବିଶ୍ୱାସ ମନ୍ତ୍ରୀ ସଭା ଗୋପିମାନଙ୍କ ମନଜାଣି ଅଉ ଗୋଟିଏ କୃଷ୍ଣ ଶୀଘ୍ର ଆମଦାନୀ କରିବେ । ରାଜ-କୃଷ୍ଣ ତ ଅଛନ୍ତି—ଅସୁବିଧା କଣ ?

× × ×

ଭାରତ ପାକିସ୍ଥାନ ଚୁକ୍ତି ନାମାରେ କହୁଛି ଅଛି ଯେ କୌଣସି ଡୋମିନିୟନ ଭାରତ ପାକିସ୍ଥାନ ପୁନର୍ମିଶ୍ରଣ ପ୍ରଚାର କରିପାରିବ ନାହିଁ । ପ୍ର+ଚାର ସିନା ବନ୍ଦ—କିନ୍ତୁ ଏ ସମ୍ପର୍କରେ ଦୁର+ଚାର, ଅପ+ଚାର, ଦୁ+ ଚାର, ଅ+ଚାର, ସ୍ୱେଚ୍ଛା+ଚାର, ଅନା+ ଚାର ତ ଚାଲିପାରେ । ସେଥିକୁ କେବଳ ପାକିସ୍ଥାନରେ ପ୍ରଚଳନ କଲେ ଚଳିବ ।

× × ×

ଓଡ଼ିଶାରେ ଶିଶି ମନାଇ ପାଳି ସବୁଦିନେ ଲାଗି ଅଛି । ଗଡ଼ଜାତର କେତେକ ନେତା ଯେ ଏବ ଯୁଗର ଶିଶି ମନାଇ ସାଜିବେ ଏଥିରେ ଆଶ୍ଚର୍ଯ୍ୟ ହବାର କିଛି ନାହିଁ । ଆମ ମତରେ ଏଇ ନେତାଙ୍କୁ ସବୁ ଧରି ଆଣି ତାଙ୍କ କପାଳରେ 'ଶିଶି ମନାଇ'ର ଛାପ ବୋଲି ଚେକା ଦେଇ ଛାଡ଼ି ଦିଆଯାଉ । ଏମାନଙ୍କ ଫିଲ୍ମଷ୍ଟିଲ୍ସଙ୍କ ଦେହରେ ବି ସେଇ ମାର୍କା ମାରି ଦିଆଯାଉ । ଲୋକେ ଚିହ୍ନିବେ—ସବୁ ଦିନକୁ ଚିହ୍ନି ଥିବେ । ଏମାନେ କଳା ପାହାଡ଼କୁ ତାଙ୍କ ଅଣୁଛନ୍ତି ଦେଶକୁ । ହୋଇ ପାରେ ସେଠିକୁ ଓଡ଼ିଆର ମୁଣ୍ଡ କାଟ କରିଦେବେ । ଅତ-ଶେଷରେ ପୁଣି ହୁଏତ ଓଡ଼ିଆର ପ୍ରବଚନ ହେବ—

ଅଲି ବାହାରୀ ଯାଉ, ଲାଙ୍ଗୀ ଗଡ଼ଜାତ ଯାଉ
ମିଳିଲ ଦାନାପାଣି ପାଣି
"ହେ ପ୍ରେମ୍ ମାରି ନ ପଡ଼ିଲେ
ଶ୍ରୀ ହରେକୃଷ୍ଣଙ୍କ ବାଣୀ

\+ × +

ମହତାବଙ୍କ ବହି ନିଷ୍ଠାର ଏକା ଗୋଟି ମଧ୍ୟ ଲେଖି ନାହିଁ । ଏଇ ବହିକୁ ପଢ଼ି ଅଧ ଦେଶନାଥ ଦାସେ ଗାଇଥିଲେ—

ହୁ ଜାଣି ପ୍ରଭୁ ଧାଇଁଲି
ଧୁଞ୍ଚିଗଲି ସୁନା ପାଇଁ ।

× ×

Digitized by srujanika@gmail.com

କାଙ୍ଗ୍ରେସକୁ ଯିଏ ରକ୍ଷା କରୁଛନ୍ତି ଅଜି ସିଏ କାଙ୍ଗ୍ରେସ ଧ୍ୱଂସ କରୁଛନ୍ତି ସେ ଉତ୍କଳୀୟ ଜାତୀ ପଣ୍ଡିତମାନେ ବୋଲି ନବପତ୍ର ସବ ଦେଖାଇଛନ୍ତି ! ଜଣେ ରକ୍ଷା କର୍ତ୍ତା ହେଇ ଅନେକଜଣେ ଧ୍ୱଂସ କର୍ତ୍ତା ହେଉ । ବାକି ଏ ଦଳର ଜନ୍ମଦାତା ନବପତ୍ର ସବର ଅଙ୍ଗଲେ ଅନେକେ ସେ ବ୍ରହ୍ମା ହୋଇ ଅଦ୍ଭୁତ ଜନନ ସୃଷ୍ଟି କରୁଛନ୍ତି ।

× × +

ଓଡ଼ିଶାରେ କଂଗ୍ରେସ ସଭାପତି ଦାସ ନନ୍ଦ କିଶୋର ଏବଂ କଂଗ୍ରେସ ନବପତ୍ର ସଭା ଗତି ଘୋଷଣା କରିଛନ୍ତି ଯେ କୌଣସି କଂଗ୍ରେସ ଲୋକ ସାମ୍ୟବାଦୀ ସଭାରେ ଯୋଗ ଦେଇ ପାରିବେ ନାହିଁ । ଏଣିକି ଯୋଗଟା କେବଳ କଂଗ୍ରେସ ଦଳରେ ଅଉ ବିଯୋଗଟା ସାମ୍ୟବାଦୀ ଦଳରେ । କିନ୍ତୁ ତା ପରେ ହରଣଟା କଂଗ୍ରେସ ଦଳରେ, ପରେ ଗୁଣନଟା ସାମ୍ୟବାଦୀ ଦଳରେ ହେବାର ଭୟ ଅଛି ଯେ । ତାର ପ୍ରମାଣ ନନ୍ଦ ବାବୁଙ୍କ ନିଷ୍ପତ୍ତି । ଅପଣା ହସ୍ତେ କିଏ ଛେଦି କେମ୍ପଣି ଧାରେ ପ୍ରତିବାଦ ?

+ × +

କଂଗ୍ରେସ ଅନୁଷ୍ଠାନକୁ ଗୋଟାଏ ଜେଲ କରି ତା ଭିତରେ କଂଗ୍ରେସ ବାଲାଙ୍କୁ ରଖି ନନ୍ଦବାବୁ କଂଗ୍ରେସକୁ ବଞ୍ଚେଇ ରଖିବାକୁ ଚାହାନ୍ତି । ବିଚରା ଅଣ ନଣ୍ଡାର୍ଦ୍ଦୀ ହୋଇ ମରିଯିବେ । ଏ ଧାପ ଫେମକୁ ଲକ୍ଷ୍ୟ କରି ହେ "ଦାଅଚ ନନ୍ଦ କିଶୋର !" କିଶୋରଙ୍କୁ ସିଂହ—ନନ୍ଦଙ୍କୁ ମଧ୍ୟ ଦିଅ । ଓଡ଼ିଶା କଂଗ୍ରେସର ସଭାପତି ପଦ ସିନା ରହିବେ । କିନ୍ତୁ ସରୀସୃପଙ୍କୁ ଦୁଗ୍ଧପୋଷ୍ୟ ବା mammal କହିବା ଯାହା ନନ୍ଦ ବାବୁଙ୍କୁ କଂଗ୍ରେସ ସଭାପତି କହିବା ସେଇଆ ହେବ । ବଲ୍ଲଭ ସାହାର ଅନୁରୋଧ ନନ୍ଦବାବୁ ନିଜ ବୁଦ୍ଧିରେ ଘାସ କାଟନ୍ତୁ ମାତ୍ର ପର ବୁଦ୍ଧିରେ ଘୋଡ଼ା ଚଢ଼ନ୍ତୁ ନାହିଁ । କେତେ କଷ୍ଟରେ ଶାସନ ଅଧାପ୍ରିୟମ ପଦକୁ ଯାଇଛନ୍ତି ସେ କଥା ସ୍ୱୟଂ ଚତୁର୍ଦ୍ଧା ମୂର୍ତ୍ତି ବାବା ହରେକୃଷ୍ଣ ଜାଣିଥିବେ ଏବେ ଯଦି ଓଡ଼ିଶା ସଭାରେ ପୁଣି ଦାଉକୁ ଛାଡ଼ିବାକୁ ପଡ଼େ ।

× × ×

ଅମର ମନେହୁଏ ନନ୍ଦବାବୁ ଏଠାରେ ଭୁଲ ଅନୁବାଦରେ ପଡ଼ିଛନ୍ତି । ସେ ବୋଧହୁଏ ଡିକ୍ସନାରିରେ ଭଲ ଛାତ୍ର ଥିବା ବେଳେ To take part ର ଓଡ଼ିଆ retranslation କରିଥିଲେ—ଯୋଗ ଦେବା । ମୁଁ ଅଉ ଗୋଟିଏ ଶବ୍ଦ ଅଧି ମନେ ହୁଏ—attend—ତାର ଅନୁବାଦ ମଧ୍ୟ ହେଉଛି ଯୋଗ ଦେବା । ନନ୍ଦ ବାବୁ କେବଳ ସେଇ ଯୋଗ ଦେବା ଟାକୁ ଜାଣିଛନ୍ତି । ଓଡ଼ିଆ ଭାଷା ଭିତରେ 'ଭାଗନେବା' ଗୋଟିଏ ଶବ୍ଦ ଅଛି ପ୍ରବେଶ କରିଛି ସେ ଖବର ହୁଏତ ଦିଲ୍ଲୀ ଓ ସୋରୋ ଭିତରେ କୌଣସି ସ୍ଥାନରେ ପ୍ରବେଶ ପଥ ପାଇନାହିଁ । ଯଦି ଏ ଆଶଙ୍କା ସତ୍ୟ ହୋଇ ଥାଏ ତେବେ ନନ୍ଦ ବାବୁ କ୍ଷମଣୀୟ । ଅମେ ମାନୁଛୁ କଂଗ୍ରେସ ବାଲା ହୋଇ ସାମ୍ୟବାଦ ସଭାରେ ଭାଗନେବା ( Take part ) ଅନ୍ୟାୟ କିନ୍ତୁ ଭଗବାନ ମଙ୍ଗଳ କରନ୍ତୁ ରାମନାମ ନ ଧରିବାର ପାପ—ସାମ୍ୟବାଦ ନାମ ଶୁଣିବା ସାମ୍ୟବାଦୀ ସଭା ଦେଖିବା ବା ଯଦି ପାପ ହୁଏ ତେବେ ଓଡ଼ିଶାଟା ପୁଣି ପାପପୁର ହେବାର ଭୟ ଅଛି !

× × ×

ନିଖିଳ ଭାରତ କଂଗ୍ରେସ କମିଟିରେ ନୂଆ ବିଧାନ ଗୃହୀତ ହେଲା । ଗାନ୍ଧୀଙ୍କ ଇଚ୍ଛା ଲୋକ ସେବକ ଦଳ ଅଜନ୍ମ ଗଠିତ ହେଲା ନାହିଁ ଟିକିଏ ସଙ୍କୋଚ କଂଗ୍ରେସ ବାଲାଏ ଛାଞ୍ଚରେ ଢାଳିହେଲେ ପକୃତରେ । ଗାନ୍ଧୀଜୀ ଥିଲେ ଗୃହୀ ଥିଲେ ଏ ହେଲା ଅଜ୍ଞା—ଗାନ୍ଧୀଜୀ ଗୋରୁ କଳ୍ପନା କରିଥିଲେ, ଏ ହେଲା ମଇଁଷି । ଗାନ୍ଧୀଜୀ ହରିଣ ଗୃହୀ ଥିଲେ—ଏ ହେଲା ଛେଳି । ଗାନ୍ଧୀଜୀଙ୍କ ବାଘ—କଂଗ୍ରେସ ବିରାଡ଼ି । ଗାନ୍ଧୀଜୀଙ୍କର ବ୍ରହ୍ମା ସର୍ଜନାରୁ ଅମେ କହୁଁ ଏ ନବବିଧାନ ବିଶ୍ୱାମିତ୍ର ସୃଷ୍ଟି ।

× + ×

ଖାଲି ସାମ୍ୟବାଦୀ ନୁହନ୍ତି—ଅସ୍ତେ ଅସ୍ତେ ଅନେକ ଲୋକ କଂଗ୍ରେସରୁ ଫାଟି ପଳାଉଛନ୍ତି । କଂଗ୍ରେସ ଭିତରେ ଦୁର୍ନୀତି ପଶିଛି ସନ୍ଦେହ ନାହିଁ ! ମାତ୍ର ତାକୁ ସୁଧାରିବାର ଚେଷ୍ଟା ନ କରି ତାକୁ ନ୍ୟାୟ ଉପରେ ପ୍ରତିଷ୍ଠିତ ନ କରି, ବଳଶାଳୀ ନକରି ଖସି ପଳାଇବା ପଳାତକ escapist —ମନୋବୃତ୍ତି । ସାମ୍ୟବାଦୀଙ୍କର ଏଇଠି ପରିଚୟ । କିନ୍ତୁ ସେ କଣ କରିବେ । ସାମ୍ୟବାଦୀ ମାନେ ଅପଣାକୁ ସନ୍ନ୍ୟାସୀନେ ଶିକ୍ଷାଦ୍ୱୀ ବୋଲି ବୋଲଉ ଥାନ୍ତି । କଂଗ୍ରେସ ଭିତରେ ଯେତେବେଳେ ଶୀକାର ଲଗାଇ ଅପିଲା ସେତେବେଳେ ଭାର ଛୋର୍ ରେ ପୋଷାଙ୍କ ଦେଖାଇଛି ।

× - × +

ବଙ୍ଗଳାରେ ବିଧାନଙ୍କ ମନ୍ତ୍ରୀ ମଣ୍ଡଳକୁ ମଧ୍ୟ ପ୍ଲେଗ ବ୍ୟାଧି ଧରିଲାଣି । ଏହାର ପ୍ରତିକାର ମୂଷା ମାରଣ । ବିଧାନ କଣ ପୁନ-ମୂଷିକୋ ଭବ ହେବେ ? ବିଧାନ ପୁଣି ରୋଗର ବିଧାନର ବିଧାନ କଲେ ମନୁଷ୍ୟର ଅଧିକ ଉପକାର ହେବ ।

+ ÷ ×

ଗୋଟାଏ ଶ୍ରେଣୀର ଲୋକଥାନ୍ତି ଯେମାନେ ଗଲ୍ପ ବହିର ପଢ଼ିଲେ ତିନିଥର ହସନ୍ତି । ପ୍ରଥମ ଥର କିଛି ବୁଝି ନ ପାରିଲେ ମଧ୍ୟ ହସିବାକୁ ହେବ ବୋଲି ହସନ୍ତି, ଦ୍ୱିତୀୟ ଥର ବୁଝି ନ ପାରି ବୁଝିଲି ବୋଲି ମନେ କରି ହସନ୍ତି ଏବଂ ତୃତୀୟ ଥର ଯାଇଁ ଠିକ୍ କଥା ଠଉରେଇ ହସନ୍ତି । ଅମ ଓଡ଼ିଶା ସରକାରୀ ନେତାମାନେ ଠିକ୍ ଏହି ଶ୍ରେଣୀର ଲୋକ । ଅଦୌ ନହସିବା ଲୋକଠାରୁ ତିନିଥର ହସିବା ଲୋକ ଭଲ—କାରଣ better late than never । କେହି କେହି କହନ୍ତି—ଏକା ଥରକେ ଯେ ବୁଝି ହସେ ତାର ତ ଥରକେ ସରିଯାଏ—ଏକଲ ବୋକା ଲୋକ ଯେ ତିନିଥର ହସନ୍ତି ବରଂ ସେ ଗଳ୍ପ ବହିରର ଯଥେଷ୍ଟ ସମ୍ମାନ କରନ୍ତି ।

+ + +

ନିକଟରେ ଓଡ଼ିଶା ସରକାର କାଶୀ ବୃନ୍ଦାବନରୁ ପଣ୍ଡିତ ଅଣାଇ ଭାରି ଏକ ନୂଆ କଥା କଲେ ବୋଲି ହସିଲେ । ଗୃହ ଅନ୍ତଃ ପ୍ରତିବାଦ ହେଲା ଯେ ଓଡ଼ିଶାରେ କଣ ପଣ୍ଡିତ ନାହାନ୍ତି ? ସେଇଠୁ ଉତ୍କଳର ଙ୍କ ପୁଷ୍ଟିରୁ ବ୍ରାହ୍ମଣ ନିମନ୍ତ୍ରଣ କରି ଏଇଥର ଠିକ୍ ନୂଆ କରୁଛୁ ବୋଲି ପୁଣିଥରେ ହସିଲେ । ସବା ଶେଷଥର ନିଜେ ଏକ ଧର୍ମବାଦ ରହିତ ସରକାରର ହିନ୍ଦୁ ପଣ୍ଡିତ ମାନଙ୍କ ଦ୍ୱାରା ଶୁଦ୍ଧ ହେବା ତଥ୍ୟ ଅନ୍ୟାୟ ବୋଲି ଠିକ୍ ବୁଝିଥିଲା ବୃଦ୍ଧିସାର ପଣ୍ଡିତ ମାନଙ୍କ ଅବାଗରୁ ବଦଳରେ ସ୍ୱସ୍ଥାନଂ ଗଚ୍ଛ କରି ଶେଷଥର ପାଇଁ ଯେଉଁ ହସ ହସିଲେ ତାହା ଡେରରେ ହେଲେମଧ୍ୟ ଅଦୌ ନହସିବାଠାରୁ ତେର୍ ଭଲ । Better late than never +

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ଜାତୀୟତାର ଭାବନା ସୃଷ୍ଟି କରିବା, ଯଦ୍ଦ୍ୱାରା ସେମାନେ ଦେଶ ଓ ସମାଜର ଉନ୍ନତି ସାଧନା କରିବେ । ୨ । ଉତ୍କଳୀୟ କିଶୋରମାନଙ୍କ ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହସ ଓ ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ଊଣା ବାଳକ ବାଳିକା ମାନଙ୍କ ପାଇଁ)

## ସିମ୍‌କୋର ସହୀଦ

ପୃଥିବୀରେ ଏପରି ଅନେକ ବ୍ୟକ୍ତିବିଶେଷ ବା ଲୋକଅଛନ୍ତି ଯେଉଁମାନେ ପ୍ରକୃତରେ ନୀରବକର୍ମୀ ଅଥଚ ସେମାନଙ୍କର ନାମପର୍ଯ୍ୟନ୍ତ ଆମେ ଜାଣିବାକୁ ପାଇନାହୁଁ କିମ୍ବା ସେମାନଙ୍କ ଜୀବନୀ ସମ୍ବନ୍ଧେ ଇତିହାସ ଆଜିସୁଦ୍ଧା ମୌନବ୍ରତାବଲମ୍ବୀ । ମୁଁ ଏପରି ଅନେକ ବ୍ୟକ୍ତିଙ୍କର ନାମ ଏଠାରେ ଉଲ୍ଲେଖ କରିବି, ଯାହାକୁ କି ଆମେ ଚିରଦିନ ସକାଶେ ମନରୁ ଅନ୍ତରକରିରଖିଥାଉଁ ଏବଂ ଜଗତ୍ ମଧ୍ୟ ତାଙ୍କର ଜୀବନ୍ତ-ଜ୍ୱଳନ୍ତ-କୀର୍ତ୍ତି ଗୁଡ଼ ପୋଡ଼ି-ପକାଇ ଭସ୍ମରେ ପରିଣତ କରିଦେଇଅଛି ।

ଗାଂଗପୁର ଅନ୍ତର୍ଗତ ନାଗରା ଜମିଦାରୀସ୍ଥ "ସିମକୋ-ହତ୍ୟାକାଣ୍ଡ" ଏହାର ପ୍ରକୃଷ୍ଟ ଉଦାହରଣ । ଛୋଟନାଗପୁରରୁ ଆରମ୍ଭ କରି ସିଂହଭୂମ, ରାଞ୍ଚି ଓ ନାଗରା ପର୍ଯ୍ୟନ୍ତ ଅନେକ ଆଦିବାସୀ ଅଛନ୍ତି । ସେମାନେ ଅନେକାଂଶରେ କୋଲ୍ହ, ମୁଣ୍ଡା ଓ ଉରାଂ ଜାତିର ଲୋକ ଏବଂ କେତେକ ଖ୍ରୀଷ୍ଟିଆନ୍ ଧର୍ମରେ ଦୀକ୍ଷିତ । ଅବହମାନକାଳରୁ ସେମାନେ ସେଠାରେ ବସତି ସ୍ଥାପନ କରି ରହି ଆସିଅଛନ୍ତି । ପ୍ରାୟ ଅଧିକାଂଶ "ଆଦିବାସୀ" ନାମରେ ପରିଚିତ । ଯେତେବେଳେ ଗତ '୧୯୪୨ରେ 'ନୂତନ ସେଟଲମେଣ୍ଟ' ହୁଏ, ପ୍ରଥମେ ଏହି ଆଦିବାସୀମାନେ ପ୍ରତିବାଦ ଆରମ୍ଭ କଲେ । ତାହାର କାରଣ-ଅନ୍ୟାୟ ଭାବରେ ରାଜସ୍ୱବୃଦ୍ଧି । କପଟ—ଅର୍ଥାତ୍ ଉନ୍ନତ ଜମିକୁ ଅନୁନ୍ନତ ରଖିବା ଏବଂ ଅନୁନ୍ନତ ଓ ଅନୁର୍ବର ଜମିସବୁ ଉନ୍ନତ ରୂପେ ପରିଚିତ କରାଇ ରାଜସ୍ୱର ବୃଦ୍ଧି ସହିତ ଜମିର ଆକାର ପ୍ରକାରରେ ଘୋରପରିବର୍ତ୍ତନ ଆଣିଲେ । ଏମାନଙ୍କର ଶତ ପ୍ରତିବାଦ ସତ୍ତ୍ୱେ ରାଜଦରବାରରେ ସୁବିଚାର ତଥା ପ୍ରକୃତ-ପ୍ରତିକାର ହୋଇ ପାରିଲାନାହିଁ । ଖଜଣା ଛାଡ଼ତ ଅତିଦୂରରକଥା ବରଂ ଅଧିକ ବୃଦ୍ଧି-ପ୍ରାପ୍ତହେବାକୁ ବସିଲା । ସୁତରାଂ ପ୍ରଜାଗଣ ଅତ୍ୟଧିକ ଉତ୍ୟକ୍ତ ତଥା ପୂର୍ବରୁ ବେଶୀ ବିରକ୍ତ ହୋଇ ସର୍ବତ୍ର ପ୍ରତିବାଦ-ସଭାସମୂହ ଆରମ୍ଭ କଲେ । ନେଳିବାନ୍ଧ ଜଙ୍ଗଲ ମାନଠାରୁ ଅଧିକାରକରିବାକୁ ବସିଲେ । ସେମାନଙ୍କର ପ୍ରସ୍ତାବ ଥିଲା, ଜମିସବୁ ନିଜେ ବା ଆପଣାର ପୂର୍ବ-ପୁରୁଷ ହାତରେ ଗଛକାଟି ତିଆରିକରିଅଛନ୍ତି ଏଣୁ ତାହା ତାଙ୍କ "ଖୁଣ୍ଟିକଟା" ଜମି ଯଥା ଖୁଦଦନ୍ତ କିମ୍ବା ସ୍ୱହସ୍ତ ଶ୍ରେଣିଭୁକ୍ତ । ଏଣୁ ପ୍ରକୃତରେ ସେମାନେ ଜମିର ମାଲିକ, ହକ-ଦାର ଏବଂ ସ୍ୱତ୍ୱଭୋଗୀ ଅଟନ୍ତି । ତାହାତାଙ୍କଠାରୁ ଛଡ଼ାଇନେବା କିମ୍ବା ଅନୁଚିତ ରୂପେ ଖଜଣା-ବୃଦ୍ଧିକରିବା ନ୍ୟାୟତଃ ଓ ଧର୍ମତଃ ଘୋର ଅନ୍ୟାୟ ଏବଂ ଅବିଚାର ଅଟେ ।

ରାଞ୍ଚିର ବିଖ୍ୟାତ୍ ଆଦିବାସୀ ଜୟପାଲ ସିଂହଙ୍କ ନେତୃତ୍ୱରେ ସେମାନେ ସର୍ବପ୍ରଥମ ଆନ୍ଦୋଳନଆରମ୍ଭ କରିଥିଲେ । ତାହା ସେତେ-ବେଳର ଖୋରଧାର ପାଇକବିଦ୍ରୋହ କିମ୍ବା ବଉଦର କନ୍ଧମେଳି ଠାରୁ ମଧ୍ୟ ଭୟାନକ ହୋଇ ଉଠିଥିଲା । ସମସ୍ତେ ଧନୁଶର ବର୍ଚ୍ଛା ଧରି ନିଜ ନିଜ ଜମି ମାନଙ୍କରେ ଜଗି ରହିଲେ । ବୃକ୍ଷୋପରେ ଶୟନ କରୁଥିଲେ । ପେଟ ଆଗରେ ଆପଣାର ତୁଚ୍ଛାପ୍ରାଣକୁ ବଳିଦାନ ଦେବାକୁ ତିଳେମାତ୍ର କୁଣ୍ଠିତ ହେଉ ନଥିଲେ ।

ସ୍ଥାନୀୟ କର୍ତ୍ତୃପକ୍ଷଗଣ ନାନାପ୍ରକାର ଦମନ ନୀତି ଚଳାଇବାକୁ ମଧ୍ୟ ପଛଘୁଞ୍ଚାଦେଲେ ନାହିଁ । ସେମାନେ ଭାବିଥିଲେ ଯେ, ରାଜନୀତିର ଚାରିନୀତିଭିତରୁ ତୃତୀୟ ନୀତି ଦ୍ୱାରାହିଁ କାର୍ଯ୍ୟ କାମହାସଲ ହୋଇ ପାରିବ । ଏଣୁସେମାନେ ଦଣ୍ଡଦ୍ୱାରା ଉପସ୍ଥିତ ଜନତାକୁ ଚିରକାଳ ଦବାଇ ଦେବାପାଇଁ ଏବେ ବଦ୍ଧପରି-କର ହୋଇ ଉଠିଥିଲେ । କିନ୍ତୁ ଫଳ ହେଲା ଓଲଟା । ଆନ୍ଦୋଳନ ଦବିନଯାଇ ବରଂବୃଦ୍ଧି-ପ୍ରାପ୍ତହେବାକୁ ବସିଲା ।

୧୯୪୨ ଅଗଷ୍ଟ ଆନ୍ଦୋଳନ ପରେ ପରେ ଫେବୃଆରୀ ମାସରେ ଏ ବିରାଟ ଓ ଭୀଷଣ-ହତ୍ୟାକାଣ୍ଡ ଘଟିଲା ସିମ୍‌କୋରେ ୨୦୦୦ ଲୋକଙ୍କୁ ନେଇ ବିରାଟ ସଭାହୋଇଥାଏ, ନେତୃତ୍ୱନେଇଥାନ୍ତି ସ୍ଥାନୀୟ ଆଦିବାସୀ ନିର୍ମଳ ମୁଣ୍ଡା । ଗୋଟାଏ ବରଗଛ ଉପରେ ଏକ ବଡ଼ଧରଣର ଢୋଲ ରଖାହୋଇଥାଏ । ତାକୁ ବଜାଇବାକୁ ଅନ୍ତର ଅସଂଖ୍ୟ ଧନୁଶରଧାରୀ ଆଦିବାସୀ ମଧ୍ୟ ଆସି ଜମା ହୋଇଗଲେ । ଏପରି ସମୟରେ ହଠାତ୍ ଆସି ପହଞ୍ଚିଗଲେ ଅସଂଖ୍ୟ ବନ୍ଧୁକଧାରୀ ବ୍ରିଟିଶର ଦଲାଲ ରାଜସୈନ୍ୟ ଗଣ ଓ ବ୍ରିଟିଶ—ମିଲିଟାରୀ ଫୋର୍ସ । ତା ସଙ୍ଗରେ ଆସିଷ୍ଟାଣ୍ଟ ପୋଲିଟିକେଲ ଏଜେଣ୍ଟ ମଧ୍ୟ ସଦଳ ବଳରେ ହାଜର । ତତ୍‌କ୍ଷଣାତ୍ ଅତି ଆକସ୍ମିକ ଭାବରେ ବନ୍ଧୁକ ଗର୍ଜି ଉଠିଲା, କିନ୍ତୁ କେବଳ ଶୂନ୍ୟ ରେ । ଲୋକଙ୍କୁ ଘଉଡ଼ାଇବା ପାଇଁ ଆଗରୁ ଏ ଧମକ । ସୁତରାଂ କେତେକ ଇତସ୍ତତଃ ଭାବରେ ପଳାୟନ କଲେ । ଏହି ଅବସରରେ ସେନାପତି ନିର୍ମଳମୁଣ୍ଡାଙ୍କୁ ଲୁଚାଇବା ଉଦ୍ଦେଶ୍ୟରେ ଗୋଟାଏ ପୁଞ୍ଜୁଗ ଉପରେ ନେଇ ରଖିଲେ, ସାମନା ଦରଜାରେ ତାଙ୍କର ଦୁଇ ଝିଅ ଯାଉଣା ଧରି ଜଗି ରହିଥାନ୍ତି । ଶତ୍ରୁ ପକ୍ଷ ତାହାଙ୍କୁହିଁ କେବଳ ଖୋଜୁଥାନ୍ତି । ହାରିଥାନ୍ତି ତାଙ୍କୁ ନେଇଗଲେ ସବୁଶେଷ ହୋଇ-ଯିବ । ଯାହାଙ୍କୁ ଦେଖିଲେ ସମ୍ଭବତଃ ନିର୍ମଳ ମୁଣ୍ଡା କିଏ ? ସମସ୍ତଙ୍କ ମୁହଁରୁ ସେହି ଏକ ମାତ୍ର ଉତ୍ତର—"ମୁଁ ନିର୍ମଳ ମୁଣ୍ଡା" ଏପରି ସମୟରେ ଦେଶର ଦୁର୍ଯୋଗ ବଶତଃ ହେଉ ବା ନିଜର ଦୁର୍ଭାଗ୍ୟରୁ ହେଉ ଜଣେ ଲୋକ ଅତର୍କିତ ରୂପେ ହଠାତ୍ ପ୍ରବେଶ କରି ଆପଣାର ତରବାରି ଠିକ ଆସିଷ୍ଟାଣ୍ଟ ପୋଲି-ଟିକାଲ ମୁଣ୍ଡ ଉପରକୁ ଉଠାଇଥିଲେ । ମାତ୍ର ଦୈବ କୃପା ବଳରୁ ସେ ରକ୍ଷା ପାଇଗଲେ କାରଣ ତାଙ୍କର ଦେହରକ୍ଷୀ ଅତତାୟୀକୁ ସଙ୍ଗେ ସଙ୍ଗେ ଟେକି ଧରି ପକା-ଇଲେ । ସାଙ୍ଗେ ସାଙ୍ଗେ ହୁକୁମ ହେଲା—ଫାୟାର କର, ଖୋଦ ସାହେବଙ୍କ ମୁହଁରୁ । ବ୍ରିଟିଶ ସୈନ୍ୟ ଫୌଜ ନିଜର ଶିକ୍ଷା ଅନୁଯାୟୀ

( ଅବଶିଷ୍ଟାଂଶ ପରପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ବହିପତ୍ର

ବାନ୍ଧା—ଶ୍ରୀ କୃଷ୍ଣବିହାରୀ ଦାସ—ଛୋଟ କାବ୍ୟ । ମୂଲ୍ୟ ଆଠଅଣା । ଜୟପୁର ମହାରାଜା ଶ୍ରୀ ବିକ୍ରମ ଦେବ ବର୍ମାଙ୍କ ଅନୁକୂଲ୍ୟରେ ପ୍ରକାଶିତ । ବାନ୍ଧାର ଜଳ ପ୍ରପାତର ଦୃଶ୍ୟରେ ମୁଗ୍ଧ ହୋଇ କବି ଲେଖିଛନ୍ତି । ସୁନ୍ଦର ସରଳ ଛନ୍ଦରେ ଭାଷାର କବିତା । ସ୍ଥଳ ସ୍ଥଳେ ସ୍ଥଳେ ଆଧୁନିକତାର ସ୍ପର୍ଶ ଅଛି । ବାସ୍ତବ ଜଗତକୁ ଖସି ଆସିଛି—କଳ୍ପନା ଓ ବାସ୍ତବର ଗୋଟିଏ ମିଳନ କ୍ଷେତ୍ର ସୃଷ୍ଟି କରିବା ପାଇଁ । ଛନ୍ଦରେ ପ୍ରଥମ ଦୁଇଟି ଧାଡ଼ିରେ ସାମାନ୍ୟ ଅଶୁଦ୍ଧି ଅଛି । ପ୍ରବାହକୁ ବାଧାଦେଇ ଶବ୍ଦକୁ ଖଣ୍ଡ କରିଯାଇ ପାରେ—ଛନ୍ଦକୁ ନୁହେଁ ।

ପ୍ରତ୍ୟାଗମନ—ଶ୍ରୀ କେଶବ ମହାରଣା । ମେଘନାଦର ଲଙ୍କାକାଣ୍ଡ ଅଷ୍ଟମୂରେ ଲିଖିତ ଅନୁବାଦ କାବ୍ୟ । କବି ଉପଧା ପ୍ରତି ଦୃଷ୍ଟି ଦେଇ ନାହାନ୍ତି । ମେଘନାଦର ଓଡ଼ିଆ ଅନୁବାଦ ଯେ ଆବଶ୍ୟକ ଏଥିରେ ସନ୍ଦେହ ନାହିଁ । ମୂଲ୍ୟ—ଟ ୦।୵

ଅଜାଦ୍ ହିନ୍ଦ୍—ଶ୍ରୀ ଉପେନ୍ଦ୍ର କୁମାର ସଭତପଥୀ ମୂଲ୍ୟ ଟ ୦ ୵୵ । କେତେ ଗୁଡ଼ିଏ ଜାତୀୟ ଭାବ ଉଦ୍ଦୀପକ କବିତା । ଏ ଧରଣର କବିତା ଆମ ଦେଶରେ ଅଭାବ ନାହିଁ । ଲେଖକଙ୍କର ଚେଷ୍ଟା ସାଧୁ ।

କଥାପଞ୍ଚକ—ଶ୍ରୀ ଗୋପାଳଚନ୍ଦ୍ର କର—ପ୍ରକାଶକ—ସାରସ୍ୱତ ଭଣ୍ଡାର—ମୂଲ୍ୟ ଟ ୦।୵ । ୫ଟି ଗଳ୍ପ ପିଲାଙ୍କ ପାଇଁ । ପ୍ରଥମ ଗଳ୍ପଟି ଚିତ୍ତା-କର୍ଷକ । ଭାଷା ସ୍ଥଳେ ସ୍ଥଳେ ପିଲାଙ୍କ ଉପଯୋଗୀ ହୋଇ ପାରିନାହିଁ ।

ମୃତ୍ୟୁମୁଖେ ଦେବତା— ଗାନ୍ଧୀଜୀଙ୍କ ଅବସାନରେ ସମ୍ପୃକ୍ତ ନାନା ବିବରଣୀ ସମ୍ବଳିତ ପୁସ୍ତକ—ସଂଗ୍ରାହକ ଶ୍ରୀ ଚନ୍ଦ୍ରମଣି ଦାସ—ପ୍ରକାଶକ ସାରସ୍ୱତ ଭଣ୍ଡାର । ମୂଲ୍ୟ—ଟ ୧୲—ମଲାଟ ବାହାର—ବହୁଚିତ୍ର ସମ୍ବଳିତ । ଚନ୍ଦ୍ରମଣି ବାବୁଙ୍କର ଏ ନୂଆ ଉଦ୍ୟମ ପ୍ରଶଂସା ଯୋଗ୍ୟ ।

ପ୍ରାପ୍ତିସ୍ୱୀକାର—ସରସ୍ୱତୀ ଶ୍ରୀ ଦାମୋଦର ମିଶ୍ର କାବ୍ୟ ବ୍ୟାକରଣ ପୁରାଣ ସ୍ମୃତି ତୀର୍ଥଙ୍କଠାରୁ ତାଙ୍କ ରଚିତ ନିମ୍ନ ଲିଖିତ ସଂସ୍କୃତ ଓ ଓଡ଼ିଆ ପୁସ୍ତକ ପାଇ ଧନ୍ୟବାଦ ଜଣାଉଛୁଁ । ଭାରତବର୍ଷ ଚରିତମ୍, କବିତାର୍କ ମାଳା, ସୁଖ ସିଦ୍ଧିପ୍ରଦ ପଞ୍ଚାନନ ମେଳା, ପଦ୍ମାମୃତ ଓ ସଂଗୀତ ରତ୍ନ ।

ଶ୍ରୀଯୁକ୍ତ ମଧୁସୂଦନ ଦାସ, ସୋରଙ୍କଠାରୁ ୰ ବାବାଜୀ ଚରଣ ଦାସଙ୍କ ରଚିତ ନିମ୍ନ ଲିଖିତ ପୁସ୍ତକ ପାଇ କୃତଜ୍ଞତା ଜଣାଉଛୁଁ—ଶ୍ରୀ ଶ୍ରୀ ଚୈତନ୍ୟ ଚରିତାମୃତ— ଆଦିଲୀଳା— ମଧ୍ୟଲୀଳା ଓ ଅନ୍ତ୍ୟଲୀଳା ଓ ବ୍ରଜବିହାର ।

ଉଦୟ—ଓଡ଼ିଆ ଲେଖକ ସହ-ଯୋଗ ସମିତି ପକ୍ଷରୁ ପ୍ରକାଶିତ ଗଳ୍ପ ପତ୍ରିକା ଏଥର ମାସିକ ଆକାରରେ ବାହାରିଛି । ପ୍ରଥମଟି ଗାନ୍ଧୀ ସଂଖ୍ୟା । ଅନେକ ସ୍ମୃତି ଚିତ୍ର ଆଲେଖ୍ୟରେ ପରିପୂର୍ଣ୍ଣ । ବହୁଚିତ୍ର ସମ୍ବଳିତ ମଧ୍ୟ । *ପତ୍ରିକାଟି ୨ୟ ବର୍ଷରେ ପଦାର୍ପଣ କଲା ।* ଏଣିକି ଏହା ଗଳ୍ପ ସର୍ବସ୍ୱ ନହୋଇ ନାନାବିଧ ଲେଖାରେ ପରିପୂର୍ଣ୍ଣ ହେବ ବୋଲି ସମ୍ପାଦକ କହନ୍ତି । ଆମେ ସ୍ୱାଗତ କରୁଛୁଁ—ଏ ଉଦ୍ୟମକୁ ।

ଜୀବନ ପ୍ରେମ—ଶ୍ରୀ ଲାଲ ମୋହନ ପଟ୍ଟନାୟକ । ପ୍ରକାଶକ ଷ୍ଟୁଡେଣ୍ଟସ୍ ଷ୍ଟୋର—ଟ ୦।—ଙ୍କ ଠାରୁ ୫ ପର୍ଯ୍ୟନ୍ତ କେତେକ ଭକ୍ତି ରସାତ୍ମକ ସଙ୍ଗୀତ । ରଚନା ବଡ଼ ମଧୁର । ଭାବ ବାସ୍ତବିକ ଅନ୍ତରର । ଭାଷା ଅଳଙ୍କୃତ ରୂପ ଦେଇଛି । କଠିନ ଶବ୍ଦର ଟୀକା ସରଳ ଓ ସୁଖ ପାଠ୍ୟ କରିଛି ପୁସ୍ତକକୁ । ଜୀବନର ସଙ୍ଗୀତ ଏ । କିନ୍ତୁ ପ୍ରେମ ନାମ ଯଥାର୍ଥ ହୋଇନାହିଁ । ପ୍ରେମ ଏକ ପ୍ରକାର ଗୀତ ନାଟ୍ୟକୁ ବୁଝାଯାଏ ।

---

( ପୂର୍ବପୃଷ୍ଠା ଉତ୍ତାରୁ )

ବା ରଣ କୌଶଳ ଅନୁଯାୟୀ ଜଙ୍ଗଲମାନଙ୍କରେ ଯୋଇ ରହିଲେ । ପରେ ଅନବରତ ଗୁଳି ଚଳିଲା । ପ୍ରାୟ ୫୦୦ ସଶସ୍ତ୍ର ଆଦିବାସୀ ଏଇ କୃତ୍ରିମ ଓ ଆକସ୍ମିକ ଯୁଦ୍ଧରେ ଭୂପତିତ ହୋଇ ପଡ଼ିଲେ ଏବଂ ୬୦୦ ପର୍ଯ୍ୟନ୍ତ ସାଙ୍ଗେ ସାଙ୍ଗେ ନିହତ ହେଲେ । ସେମାନଙ୍କୁ ମାଛି, ମଶା ପରି ଟ୍ରକରେ ବୁହା ହେଲା । ସାଙ୍ଗେ ସାଙ୍ଗେ ଗାଡ଼ ଖୋଳିଲା । ଗୋଟିଏ ଦୁଇଟା ନୁହେଁ ଦଶ ବାର ପଚାଶ ଗାଡ଼ । ସମସ୍ତଙ୍କୁ ନେଇ ଦଶ୍ରା ଲାଇମ୍‌ଷ୍ଟୋନ ସ୍ଥିତ ଜଳନ୍ତା—ଅଗ୍ନି କୁଣ୍ଡରେ ନିକ୍ଷେପ କରି ଦିଆଗଲା । ସବୁଠାରୁ ବଳି ବଡ଼ ମର୍ମନ୍ତୁଦ ଘଟଣା ଏହି ଯେ, ନିର୍ମଳ ମୁଣ୍ଡାକୁ ଜଣିଥିବା ତାଙ୍କର କନ୍ୟାଦ୍ୱୟଙ୍କ ପେଟରେ ସଙ୍ଗୀନ ଭୁଷି ଦେଇ ମାରିଥିଲେ । ସେତେବେଳେ ହେଁ ଅ ...ଛନ୍ତି ନିର୍ଭୟରେ ଉତ୍ତର ଦେଇଥିଲେ—ଆମେ ପଥ ଛାଡ଼ିବୁ ନାହିଁ ଏଠାରେ ମରି ଯିବୁଁ ପଛକେ । ଠିକ ୧୨ ବର୍ଷର ଶିଶୁ ବାଳକୋଚିତ ପରି ନିର୍ଭର ଜବାବ, ବଜ୍ର କଠୋରବାଣୀ ।

—*—

## ପାଠାଗାର ଆନ୍ଦୋଳନ

ନଂ ୯୦ ପ୍ରାଣବଲ୍ଲଭ ପାଠାଗାର—ବୀର ଜନାର୍ଦ୍ଦନପୁର ଶାସନ । ଆନନ୍ଦପୁର । ପ୍ରତିଷ୍ଠା ୧୯୪୩ । ପରିଚାଳକ— ଶ୍ରୀ ବୃନ୍ଦାବନ ମହାପାତ୍ର । ପୁସ୍ତକ ସଂଖ୍ୟା ୮୫୦ ।

ନଂ ୯୧ ବିଶ୍ୱବନ୍ଧୁ ପାଠାଗାର, କାଳିଆ-ବାଙ୍କ— କଟକ । ପ୍ରେସିଡେଣ୍ଟ—ଅନିଲ କୁମାର ଗୁପ୍ତ । ପୁସ୍ତକ ସଂଖ୍ୟା— ୫୩୬ ।

ନଂ ୯୨ ଯୁବକସଂଘ ଲାଇବ୍ରେରୀ—ନରପୁର ପ୍ରତିଷ୍ଠା ୧୯୪୮ । ପ୍ରତିଷ୍ଠାତା ଶ୍ରୀ ନଟବର ସାହୁ ପୁସ୍ତକ ସଂଖ୍ୟା ୫୦୦ ।

ନଂ ୯୩ ସରସ୍ୱତୀ ପୁସ୍ତକାଗାର—ବାହା-ବଳପୁର, ରେମୁଣା—ପ୍ରତିଷ୍ଠା ୧୯୩୮ । ପରି-ଚାଳକ ଶ୍ରୀ ଈଶ୍ୱର ଚରଣ ଦାସ ।

ନଂ ୯୪ ତରୁଣ ସଂଘ ପାଠାଗାର, ଜଗତ-ପୁର, କଟକ । ତରୁଣ ସଂଘଦ୍ୱାରା ପରିଚାଳିତ । ସଭ୍ୟ ସଂଖ୍ୟା ୫୦ । ପୁସ୍ତକ ସଂଖ୍ୟା ୪୦୦ ।

ନଂ ୯୫ କୃଷକ ପାଠାଗାର— ନଡ଼ିଆପୁର, ପୋ: ଚନ୍ଦୀ ଗୋବର୍ଦ୍ଧନପୁର— କଟକ । ପ୍ରତିଷ୍ଠାତା ଶ୍ରୀ ନଟବର ସାହୁ । ପୁସ୍ତକ ସଂଖ୍ୟା ୩୮୦ ।

ନଂ ୯୬ ଲାବଣ୍ୟ ପୁସ୍ତକାଗାର—ହେମା-ଦେବପୁର । ପୋ: ଚନ୍ଦୀ ଗୋବର୍ଦ୍ଧନପୁର, କଟକ— ପ୍ରତିଷ୍ଠାତା ଶ୍ରୀ ଭଗବାନ ହୋତା— ପୁସ୍ତକ ସଂଖ୍ୟା ୪୬୫ ।

ନଂ ୯୭ ହରିଶ୍ଚନ୍ଦ୍ର ପାଠାଗାର, ପଦାଗାଁ, ପୋ: ଖଣ୍ଡାପଡ଼ା । ପ୍ରତିଷ୍ଠା ୧୯୪୮ । ପ୍ରତିଷ୍ଠାତା ମଧୁସୂଦନ ଦାସ ପଟ୍ଟନାୟକ । ପୁସ୍ତକ ସଂଖ୍ୟା ୫୦୦ରୁ ଉର୍ଦ୍ଧ୍ୱ ।

Digitized by srujanika@gmail.com

# ଡାକ

ପ୍ରତି ସଂଖ୍ୟା 'ଡଗର' ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ସୂଚନା (Suggestions) ପ୍ରଭୃତି 'ଡାକ'ରେ ପ୍ରକାଶ ପାଇବ। ଚିଠି ଯଥାସମ୍ଭବ ସଂକ୍ଷିପ୍ତ ହେବା ଦରକାର। କୌଣସି ଚିଠିରେ ଲେଖକଙ୍କ ନାମ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ। ଚିଠିର ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀଙ୍କର ରହିବ। କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ସମାଲୋଚନାର ସ୍ଥାନ ହେବ ନାହିଁ। ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି।—ସମ୍ପାଦକ

## ବିଶ୍ୱ ବିଦ୍ୟାଳୟ

ମହାଶୟ,

ଗତ ମାଟ୍ରିକ୍ ପ୍ରଭୃତି ପରୀକ୍ଷା ପୂର୍ବରୁ କପଟ ପ୍ରଶ୍ନ ବିଭ୍ରାଟ ଘଟି ଦାଣ୍ଡରେ ହାଟରେ ବିକ୍ରୀ ହେଲା ସେ ବିଷୟରେ ଅଉ କିଛି କହିବା ଉଚିତ ନୁହେଁ। ମାତ୍ର କାହା ଅସାଧୁତାରୁ ଶିଶୁ ବିଶ୍ୱବିଦ୍ୟାଳୟ ଏ କଳଙ୍କ କିଣିଲା ତାହାର ବା କି ପ୍ରତିକାର ହୋଇଛି ଏହା ସର୍ବ ସାଧାରଣ ଜାଣିବା ଉଚିତ। ଏହା ବ୍ୟତୀତ ପାଠ୍ୟପୁସ୍ତକ ବିଭ୍ରାଟ ଅଧିକତର ନିନ୍ଦନୀୟ। ଏକ ସମୟରେ ତ ବହି ମିଳୁ ନାହିଁ। ଯାହା ବା ମିଳୁଛି ତହିଁରେ ଦୋଷ ବହୁତ। ଓଡିଆ ପଦ୍ୟ "କବିତା ପ୍ରବେଶ" ବହିଖଣ୍ଡିକ ପ୍ରାଚୀନ ଓ ଆଧୁନିକ କବି ମାନଙ୍କର କେତେଗୁଡ଼ିଏ କବିତାର ସଙ୍କଳନ। ଏ ବହିଖଣ୍ଡିକର ପ୍ରତ୍ୟେକ ପୃଷ୍ଠାରେ ବର୍ଣ୍ଣଶୁଦ୍ଧି, ବାନାନ ତ୍ରୁଟି, ମୁଦ୍ରଣ ପ୍ରମାଦ 'ପାଣି' ସ୍ଥଳରେ 'ଗଣି' 'କାନ୍ଦି' ସ୍ଥଳରେ 'କାଲି' ଆଦି ଏତେ ଅକ୍ଷମଣୀୟ ଭ୍ରମ ରହିଛି ଯେ ମୂଳ ଗ୍ରନ୍ଥକୁ ନ ଦେଖିଲେ ଏ ଭୁଲ୍ ଧରିବା ସହଜ ନୁହେଁ। ବହି ବାହାରିବା ସଙ୍ଗେ ସଙ୍ଗେ ଏ ତ୍ରୁଟିଗୁଡ଼ିକର ଶୀଘ୍ର ସଂଶୋଧନ ପାଇଁ ମୁଁ ରେଜିଷ୍ଟ୍ରାରଙ୍କ ପାଖକୁ ପତ୍ର ଦେଇ ଧନ୍ୟବାଦ ସହ ଉତ୍ତର ପାଇଲି "କେତେକ ଏକ୍ସପର୍ଟ ଏଥିପାଇଁ ନିଯୁକ୍ତ ଅଛନ୍ତି, ଦ୍ୱିତୀୟ ସଂସ୍କରଣରୁ ସଂଶୋଧିତ ହୋଇଯିବ"। ଏଥିରେ "ଏକସ୍ପର୍ଟ" ନିଯୁକ୍ତିର କିଛି କାରଣ ନାହିଁ। ମୂଳ ବହିକୁ ମିଳାଇ ସହଜରେ ଭୁଲଯାକ ସଂଶୋଧନ କରି ଯାଇ ପାରଥାନ୍ତା। ପ୍ରାୟ ଦୁଇବର୍ଷ ଶେଷ ହେବା ଉପରେ। ମାତ୍ର ସଂଶୋଧନ କାମ କେତେଦୂର ଗଲା ଭଗବାନ ଜାଣନ୍ତି।

ପୁଣି ଓଡ଼ିଆ ମାଧ୍ୟମରେ ହାଇସ୍କୁଲ ମାନଙ୍କରେ ଶିକ୍ଷାଦିଆ ଯାଉଛି। ଓଡ଼ିଆରେ ବହୁସବୁ ପଢ଼ା ହେଉଛି। ମାତ୍ର ପରୀକ୍ଷା ବେଳେ ପ୍ରଶ୍ନ ଏପରିକି ଓଡ଼ିଆ ସାହିତ୍ୟ ପ୍ରଶ୍ନ ମଧ୍ୟ ଇଂରାଜୀରେ ନ ପଡ଼ିଲେ ହେବନାହିଁ। ଫଳରେ ପରୀକ୍ଷାର୍ଥୀ ମାନେ ଅନେକ ସ୍ଥଳରେ ଇଂରାଜୀ ପ୍ରଦତ୍ତ ପ୍ରଶ୍ନର ଉଦ୍ଦେଶ୍ୟ ବୁଝି ନପାରି ଅକୃତକାର୍ଯ୍ୟ ହେଉଅଛନ୍ତି। ଭାଷା ଓ ଜାତି ପ୍ରତି ଏହା ଏକ କଳଙ୍କ ନୁହେଁକି ? ଓଡ଼ିଆ ଭାଷାରେ କଣ ପ୍ରଶ୍ନ ପ୍ରସ୍ତୁତ ହେଲେ କିଛି ମାନହାନି ଘଟିବକି ? ଏଥିପାଇଁ ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଶିକ୍ଷକମାନେ ଆପତ୍ତି କରନ୍ତୁ। ସତ୍ୱର ଏ ଗର୍ହିତ ପ୍ରଥା ଲୋପ କରିବା ଉଚିତ। ପ୍ରାଶ୍ନିକ ଓ ପରୀକ୍ଷକ ନିଯୁକ୍ତିରେ ବିଶ୍ୱବିଦ୍ୟାଳୟ କି ନିରପେକ୍ଷ ନୀତି ଅବଲମ୍ବନ କରନ୍ତି ତାହା ସେ ଜାଣନ୍ତି। ପ୍ରତିବର୍ଷ ପ୍ରତ୍ୟେକ ହାଇସ୍କୁଲରୁ ମାଟ୍ରିକ୍ ଶ୍ରେଣୀରେ ପଢ଼ାଉଥିବା ଶିକ୍ଷକ ମାନଙ୍କର ନାମ ବିଶ୍ୱ ବିଦ୍ୟାଳୟ ମଗାଇଥାନ୍ତି। ସବୁ ସ୍କୁଲରୁ ଉପଯୁକ୍ତ ବ୍ୟକ୍ତିଙ୍କର ନିର୍ବାଚନ ହୋଇ ପ୍ରଶ୍ନକର୍ତ୍ତା ଓ ପରୀକ୍ଷକ ନିଯୁକ୍ତି କରାଯାଇ ଥାଏକି ? ନା ଏଥିପାଇଁ ଧରା-ବନ୍ଧା କେତେଜଣ ଅଛନ୍ତି ? ବିଶ୍ୱବିଦ୍ୟାଳୟର ଆନୁଷ୍ଠାନିକ ଅଙ୍ଗ "ସିଣ୍ଡିକେଟ୍" 'ସିନେଟ୍' "ଏକାଡ଼େମିକ୍ କାଉନ୍‌ସିଲ୍" 'ରେଜିଷ୍ଟ୍ରାର' 'ସହକାରୀ ରେଜିଷ୍ଟ୍ରାର' ଇତ୍ୟାଦି ଥାଉ ଥାଉ ଏପରି ତ୍ରୁଟି ଘଟୁଛି କାହିଁକି ? ଏଥିପାଇଁ ଦାୟୀ କିଏ ?

{ ଶ୍ରୀ ବାମଦେବ ମିଶ୍ର
ହୁଳଙ୍ଗ

—*—

## ପତ୍ର ଲେଖକଙ୍କ ପ୍ରତି

ମନ ମୋହନ ଦାଶ-(ନୂଆବଜାର ବାଲେଶ୍ୱର) ଆପଣଙ୍କ ପତ୍ରଟି ଅଭିଯୋଗମୂଳକ ଓ ବ୍ୟକ୍ତି ବିଶେଷ ସେଥିରେ ସଂଯୁକ୍ତ। କୌଣସି ଦୈନିକ କାଗଜକୁ ପଠାନ୍ତୁ। 'ଡଗର' ରେ ପ୍ରକାଶ ଯୋଗ୍ୟ ନୁହେଁ।

ଅମୂଲ୍ୟପତି-(ଷ୍ଟେ. ଭିକଳା) ଆପଣଙ୍କ ପତ୍ରଟି ଅତି ଦୀର୍ଘ, ପ୍ରକାଶ କରି ପାରିଲୁ ନାହିଁ- କୌଣସି ଦୈନିକ ବା ଅର୍ଦ୍ଧ ସାପ୍ତାହିକ କାଗଜକୁ ପଠାନ୍ତୁ।

କେତେକ ଜଣିଅ—ନାମ ଓ ଠିକଣା ନଥିବାରୁ ପତ୍ର ପ୍ରକାଶ ପାଇଲା ନାହିଁ।

## ଓଡ଼ିଆ ବେତାର

'ଡଗର'ର ସମ୍ପାଦକ ମହାଶୟ,

ନମସ୍ତେ।

ଭାରତ ସରକାରଙ୍କର ପ୍ରଚାର ବିଭାଗର ଦିଲ୍ଲୀ ବେତାର କେନ୍ଦ୍ରରୁ ଦେଶବାସୀଙ୍କୁ ନିଜ-ନିଜ ମାତୃଭାଷାରେ ଦୈନିକ ଖବର ଶୁଣାଇବା ପାଇଁ ପ୍ରାୟ ପ୍ରତ୍ୟେକ ପ୍ରଦେଶରୁ ଏକାଧିକ କର୍ମଚାରୀ ନିଯୁକ୍ତ ଅଛନ୍ତି। ଓଡ଼ିଆ ଭାଷାପାଇଁ ମଧ୍ୟ ଦୁଇଜଣ କର୍ମଚାରୀ ଅଛନ୍ତି। ଅନ୍ୟଭାଷା ଗୁଡ଼ିକରେ ଯେତେଥର ଖବର ଶୁଣିଲେ ମଧ୍ୟ ଏକପ୍ରକାର ଶୁଭୁଛି କିନ୍ତୁ ଓଡ଼ିଆ- ଭାଷାରେ ଭିନ୍ନ କର୍ମଚାରୀଙ୍କ ଅନୁସାରେ ଭାଷାମଧ୍ୟ ଭିନ୍ନ ପ୍ରକାରର ଶୁଭୁଛି ଅର୍ଥାତ ଜଣେ କର୍ମଚାରୀ ପଢ଼ିବା ସମୟରେ ପୂରା ବଙ୍ଗାଳୀ ହୁଳଗୁ ଆଦି ଲଗାଇ ପଢ଼ୁଛନ୍ତି ଓ ଅନ୍ୟଜଣଙ୍କ ପୁରା ଓଡ଼ିଆ 'ଅ' କାରାନ୍ତରେ ପଢ଼ୁଛନ୍ତି। ମୋର ଜଣେ ଅଣଓଡ଼ିଆ ବନ୍ଧୁ ଅନେକ ଥର ମୋ ସହିତ ଓଡ଼ିଆ ଖବର ଶୁଣି ଶୁଣି ହଠାତ୍ ଦିନେ ମତେ କହିଲେ "ଆପଣଙ୍କର ଭାଷା କଣ ଦୁଇଟା ?"। ବନ୍ଧୁଙ୍କ ଏପ୍ରଶ୍ନରେ ମୁଁ ଆମର ପ୍ରକୃତ ଦୋଷଟା ବୁଝି ପାରିଲି।

ମୁଁ ମାନୁଛି, ପ୍ରଦେଶ ଭିତରେ ସ୍ଥାନ ନେଇ ଭାଷାର ପ୍ରଭେଦ ଦେଖାଯାଏ। କିନ୍ତୁ ସଂଖ୍ୟାଧିକ ଜନସାଧାରଣଙ୍କୁ ନେଇ ଭାଷାଟାକୁ ସୁବିଧା ପାଇଁ ଗୋଟିଏ ଗୀତରେ ପକାଇ ଦିଆଯାଇଥାଏ ଯେଉଁଥିରେ କି ବହିପତ୍ର, ଖବର କାଗଜ ଇତ୍ୟାଦି ଚଳେ। ଭାଷାଟା ଏକ ଥିବା ସମୟରେ ଉଚ୍ଚାରଣରେ ପ୍ରଭେଦ କାହିଁକି ଯେ ହେବ ମୁଁ ଭାବିପାରୁନାହିଁ। ଆମ ଭାଷାରେ କଣ ନିର୍ଦ୍ଦିଷ୍ଟ ଉଚ୍ଚାରଣ ନାହିଁ ? ଉପରୋକ୍ତ କର୍ମଚାରୀମାନଙ୍କର ନିଯୁକ୍ତି ସମୟରେ ସେମାନଙ୍କର ଉଚ୍ଚାରଣର [illegible] ପରୀକ୍ଷା ନିଆଯାଇଥିବ [illegible] ଦୁଇ ଭିନ୍ନ ପ୍ରକାର ଉଚ୍ଚାରଣ [illegible] କର କଣ ପ୍ରାଦେଶିକ [illegible] ଉଚ୍ଚାରଣ ଦେଖାଇବା କରୁଛନ୍ତି ଏହା ପଚାରୁଛି।

ଶ୍ରୀ ଧୀରେନ୍ଦ୍ର ଦାଶ
(ବମ୍ବେ)

Digitized by srujanika@gmail.com




## ଜାଣନ୍ତି କି

**ଓଡ଼ିଶାର ଧନ !**

**ଓଡ଼ିଶାର ଗୌରବ**

ସୁପ୍ରସିଦ୍ଧ କୋଣାର୍କ କେମିକ୍ୟାଲର ଅଭିନବ ଅବିଷ୍କାର ବୈଜ୍ଞାନିକ ଲାବୋରେଟରୀରେ ପ୍ରସ୍ତୁତ—

ପ୍ରବାହିତ ହେଉଛି

**"କାମିନୀ"**

ଏହାର ମୃଦୁ ମନ୍ଦ ସୁରଭି ବହୁକ୍ଷଣ ସ୍ଥାୟୀ ଓ ଅତ୍ୟନ୍ତ ଆରାମ ଦାୟକ । କୁନ୍ତଳର ସଘନତା ବର୍ଦ୍ଧନର ଏହା ଶ୍ରେଷ୍ଠତମ ।

ନିକଟସ୍ଥ ଯେ କୌଣସି ଦୋକାନରେ ଅନୁସନ୍ଧାନ କରନ୍ତୁ କିମ୍ବା ନିମ୍ନ ଠିକଣାକୁ ଚିଠି ଲେଖନ୍ତୁ ।

କୋଣାର୍କ କେମିକ୍ୟାଲ
୯ ରଭଟି ପଡ଼କର୍
ଷ୍ଟେସ୍ପା

୨୧୦,ଏ ପ୍ରେଗୁଡ ବଡାଲ ଷ୍ଟ୍ରୀଟ, କଲିକତା ।

---

## ମୃତ୍ୟୁଞ୍ଜୟ କୁଷ୍ଠ କୁଟୀର

# କୁଷ୍ଠ ଧବଳ

ଗଳିତ କୁଷ୍ଠ ମର୍ଦ୍ଦନ ସ୍ପର୍ଶହୀନତା ଶରୀରରେ ଲାଲ ଦାଗ ଫୁଟି ଏଟେମା, ସୋରିଆସିସ୍ ଦାଦ ଖଜୁ ବାତରକ୍ତ ଚର୍ମରୋଗ ଅରୋଗ୍ୟ ଏକମାତ୍ର ଔଷଧ ଯୋଗୀ ପ୍ରଯୁକ୍ତ ।

ସେଥିରେ ଯେ କୌଣସି ସ୍ଥାନର ଧଳା ଦାଗ ସାଙ୍ଗ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ଲାଗିବା ଔଷଧ ବ୍ୟବହାର କଲେ ଅଳ୍ପ ଦିନ ମଧ୍ୟରେ ଚମଡ଼ାର ସାଧାରଣ ରଙ୍ଗ ହୁଏ ।

ରୋଗ ବିବରଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ
(H. K. K.)

୧୮ ମାଧବ ଘୋଷ ଲେନ, ଖୁରୁଟ—ହାଓଡ଼ା
ଶାଖା—୩୭ ନଂ ହାରିସନ ରୋଡ଼, କଲିକତା

---

## ଆଶ୍ଚର୍ଯ୍ୟ

# ଭାଗ୍ୟ ଗଣନା !!

**ପ୍ରଶ୍ନ ପଠାଇବାର ପ୍ରୟୋଜନ ନାହିଁ**

କେବଳ ଆପଣଙ୍କ ଇଚ୍ଛାନୁସାରେ ସ୍ମରଣ କରି ୧ ଠାରୁ ୧୨୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନରୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ଗୋଲ ଭୃଗୁଶାସ୍ତ୍ର ସାହାଯ୍ୟରେ ସଂଖ୍ୟା-ବନ୍ଧନ ଚକ୍ରର ଦ୍ୱାରା ଆପଣଙ୍କର ଭୂତ ଭବିଷ୍ୟତ ... ଫଳାଫଳ ନିର୍ଣ୍ଣୟ କରି ଲେଖି ପଠାଇବୁ ।

ମାତ୍ର ୦ ୧୧ ମନିଅର୍ଡର ଦର ଡାକ ଟିକଟ ରୂପରେ ମନୋନୀତ ସଂଖ୍ୟା ଗୋଟି ଓ ନିଜର ନାମ ଧାମ ପରିଷ୍କାର ଭାବେ ଲେଖି ପଠାନ୍ତୁ ।

ଭୃଗୁ ସଂହିତା କାର୍ଯ୍ୟାଳୟ
Box No. 21.
C/o ଡ଼ଗର
ପୋ: ଭଦ୍ରକ

---

ପ୍ରକାଶକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର

ପରିଚାଳନା ସମ୍ପାଦକ— ଶ୍ରୀ ଗୌରମୋହନ ଦାସ

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଓଡ଼ିଶାର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର


| | | |
|---|---|---|
| ଏକାଦଶ ବର୍ଷ | ସୋମବାର<br>ବୃଷ ୪ ନ ୧୯୫୫ସାଲ | ୩୮ ସଂଖ୍ୟା |


—ସୂଚୀ—


କାଶ୍ମୀରରେ

ଅଭିନ୍

ମଙ୍ଗଳବାରଭାରେ

ବ୍ରିଟିଶ୍ ବାହୁଡ଼ା!

ସଂଯୋଡ଼ା

ଗାନ୍ଧୀ ଚକ୍ରଧାରୀ

ସିନେମା, ଶତାଜ,

ବାଲଅବସ୍ଥର ପଦ୍ଧତି।



"DAGARO"

**ORISSA'S MOST POPULAR WEEKLY**
of
Light, Lead & Laughter

| | | |
|---|---|---|
| Vol XI | Monday, May 17, 1948. | No. 38 |

ବାର୍ଷିକ ମୂଲ୍ୟ ଟ ୬୲ ଷାଣ୍ମାସିକ ଟ ୩୲
ରାଜ ସ୍ୱ ସଂସ୍କରଣ ବାର୍ଷିକ ଟ ୧୦୲


Digitized by srujanika@gmail.com

ଅପୂର୍ବ ସୁଯୋଗ                    ହବଲ୍ ଚାର୍ଜ୍

## ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।

ଆମ ଦେଶର ବିଦ୍ୱାନ ଓ ଅନୁଭବୀ ଯୋଗ୍ୟ ଛାତ୍ର କମ୍ ନାହାନ୍ତି । ବର୍ତ୍ତମାନ ଆୟୁର୍ବେଦ ସମ୍ପ୍ରୀୟ ଶିକ୍ଷାରେ ଗଣ୍ୟ । ଗାନ୍ଧିଜୀ ଓ ନେହରୁଙ୍କ ମତ ସ୍ୱଦେଶୀ ଔଷଧ ବ୍ୟବହାର କର ଓ ଶିକ୍ଷା କର । ଯେଉଁମାନେ କଲେଜରେ ନ ପଢ଼ି ପାରିବେ ସେମାନେ ଘରେ ଥାଇ ଚାର୍ଜଦେଇ ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ଦେଇ ପାରିବେ ଓ ଗଭର୍ଣ୍ଣମେଣ୍ଟ ରେଜିଷ୍ଟାର୍ଡ କଲେଜରୁ ଡିପ୍ଲୋମା ପାଇପାରିବେ । ଆଜି ଚିଠି ଲେଖନ୍ତୁ । ଔଷଧ ବାକ୍ସର ମୂଲ୍ୟ ୧୯୫୲ । ଏଡ୍‌ଭାନ୍‌ସ ୫୧୯ ପଠାଇଲେ ଭିଃ ପିଃ ରେ ପଠାଯିବ ।

ନିମ୍ନ ଲିଖିତ ଛାତ୍ରଗଣ ଆୟୁର୍ବେଦ ପରୀକ୍ଷାରେ "ବରଙ୍ଗାଚେନ୍ଦ୍ର"ରୁ ପାଶକରି ଡିପ୍ଲୋମା ପାଇଛନ୍ତି ।

୧— ଶ୍ରୀ ଗଜେନ୍ଦ୍ର ନାଏକ (ଗାଙ୍ଗପୁର) ଆୟୁର୍ବେଦ ଶାସ୍ତ୍ରୀ
୨— ଶ୍ରୀ ବାମନ ଚରଣ ଦାସ (ବଣାଇଗଡ଼) ବୈଦ୍ୟରାଜ
୩— ଶ୍ରୀ ଭଗିରଥି ମହାପାତ୍ର (ମୟୂରଭଞ୍ଜ ଷ୍ଟେଟ) ବୈଦ୍ୟରାଜ
୪— ଶ୍ରୀ ମୃତ୍ୟୁଞ୍ଜୟ ପଣ୍ଡା (କଟକ) ବୈଦ୍ୟରତ୍ନ
୫— ଶ୍ରୀ ଭାସ୍କର ବେହେରା (ବାଲେଶ୍ୱର) ବୈଦ୍ୟରାଜ

ଠିକଣା—କବିରାଜ, **ଶ୍ରୀ ନାରାୟଣଚନ୍ଦ୍ର ବେହେରା**
ବୈଦ୍ୟରତ୍ନ ଆୟୁର୍ବେଦ ବିଶାରଦ M.N.M.B.
**ବିରଜା ଔଷଧାଳୟ, ପୋଃ ବଣାଇଗଡ଼ ( ଓଡ଼ିଶା )**

**ସ୍ତ୍ରୀ ରୋଗ ପାଇଁ**

## ଋତୁସ୍ରାବୀ ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହେଉ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଆଦୌ ହାନିକାରକ ନୁହେଁ—ମୂଲ୍ୟ ୫୲ । ଡାକ ଖର୍ଚ୍ଚ—୫୦ ।

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟି କାରକ**

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳ ପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟୁବିକ ଦୁର୍ବଳତା, ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାର ବିଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—୫୨୲—ଡାକଖର୍ଚ୍ଚ—୫୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରାଣ୍ଟି ଯୁକ୍ତ ହୋଇ ପଠାଯାଏ ।

Kaviraj,
**M. KAVYATIRTHA. (D.G.)**
**70, Cornwallis St., Caloutta**

# ନିବେଦନ

ଭଦ୍ରକରେ ପ୍ରସ୍ତାବିତ କଲେଜର କାମ ଆରମ୍ଭ ହୋଇ ସାରିଛି । ଆସନ୍ତା ଜୁଲାଇ ମାସରେ ପ୍ରଥମ ବାର୍ଷିକ କଳାର କ୍ଲାସ ଖୋଲି ଯିବ । ପ୍ରଥମତଃ ଅସ୍ଥାୟୀ ଭାବରେ ଏହା ଭଦ୍ରକ ହାଇସ୍କୁଲରେ ହେବ । ଛାତ୍ରାବାସ ପାଇଁ ପକ୍କା କୋଠା କିଣା ହୋଇ ସାରିଛି । ଜୁନ ମାସ ଭିତରେ ଅନ୍ୟୂନ ୨୦,୦୦ (କୋଡ଼ିଏ ହଜାର) ଟଙ୍କା କଲେଜ ପାଣ୍ଠିପାଇଁ ମହଜୁଦ ଅଛି ଜଣାଇଲେ କର୍ତ୍ତୃପକ୍ଷ ଅନୁମତି ଦେବେ । ଭଦ୍ରକ ସବ୍‌ଡିଭିଜନରେ ଅଧିବାସୀ ଓ ପ୍ରବାସୀ ଭଦ୍ରକ ବାସୀ ଭାଇମାନଙ୍କୁ ନିବେଦନ ସେମାନେ ଯଥାଶକ୍ତି ସାହାଯ୍ୟ କରି ଭଦ୍ରକର ଶିକ୍ଷା ଦିଗରେ ଅଗ୍ରଣୀ କରନ୍ତୁ । ଇତି

**ନିବେଦକ—**

ଶ୍ରୀ ନରେନ୍ଦ୍ର ପ୍ରସାଦ ଦାସ ଓକିଲ, ସେକ୍ରେଟେରୀ ପ୍ରସ୍ତାବିତ ଭଦ୍ରକ କଲେଜ
ପୋଃ ଭଦ୍ରକ ( ବିଃ ଏନ୍‌ଃ ଆର୍ )

Printed & published by G.C. Mohapatra at the Gopinath Press, Bhadrak 1948.

Digitized by srujanika@gmail.com

## ଓଡ଼ିଶା କଂଗ୍ରେସ

ନିକଟରେ ଉତ୍କଳ ପ୍ରାନ୍ତୀୟ କଂଗ୍ରେସର ଗୋଟିଏ ବୈଠକ ହୋଇ ଓଡ଼ିଶାରେ କଂଗ୍ରେସର ପୁନର୍ଗଠନ ବିଷୟ ଆଲୋଚନା କରାଗଲା। ଓଡ଼ିଶାରେ କଂଗ୍ରେସ ଅନୁଷ୍ଠାନର ଯେ ପୁନର୍ଗଠନ ନିତାନ୍ତ ଅବଶ୍ୟକ ଏହା ସତ୍ୟର ପ୍ରମାଣ ପୁନର୍ଗଠନର ପରିକଳ୍ପନା ନିଜେ। ଅନ୍ୟ ପ୍ରଦେଶ ସମ୍ବନ୍ଧରେ ସୁସ୍ପଷ୍ଟ ଅଭିଜ୍ଞତା ନଥିବାରୁ ଏ ସ୍ଥଳରେ ଆମ୍ଭେମାନେ ଉତ୍କଳ କଂଗ୍ରେସ କଥାହିଁ ବିଚାର କରୁଛୁଁ। ଉତ୍କଳ କଂଗ୍ରେସ ଆଜି କାହାକୁ ନେଇ? ଯେଉଁମାନେ ୧୯୪୨ରେ ବ୍ରିଟିଶ ସରକାର ବିରୁଦ୍ଧରେ ପ୍ରାଣ ମୂର୍ଚ୍ଛା ସଂଗ୍ରାମ ଚଳାଇଥିଲେ ସେମାନଙ୍କ ଭିତରୁ ଅଧିକାଂଶ ଆଜି କଂଗ୍ରେସର ବାହାରେ—ସୋସାଲିଷ୍ଟ ଦଳଭୁକ୍ତ। ଯେଉଁ କେତେକ ଅନାଷ୍ଟି-ବିପ୍ଳବୀ ଯୁବକ କଂଗ୍ରେସରେ ଅଛନ୍ତି ସେମାନଙ୍କ ଭିତରୁ ଅଧିକାଂଶ କୌଣସି ନା କୌଣସି ସ୍ୱାର୍ଥରେ କଂଗ୍ରେସ ସହ ଜଡ଼ିତ। ସୁତରାଂ ତାଙ୍କ ଯୌବନ ସୁଲଭ କର୍ମ ପ୍ରେରଣାରୁ କଂଗ୍ରେସ ଲାଭବାନ ନୁହେଁ। ବରଂ ସ୍ୱାର୍ଥ ପର୍ଯ୍ୟୁକ୍ତିତ ନୀତଦ୍ୱାରେ କଂଗ୍ରେସ ଦୁର୍ବଳ। ଏମାନଙ୍କ ଛଡ଼ା ଯେଉଁମାନେ ଗାନ୍ଧିଜୀଙ୍କ ସହ ପୂର୍ଣ୍ଣ ଭାବରେ ଚାଲିବାରେ ପ୍ରୟାସୀ ଏବଂ ଯେଉଁମାନଙ୍କର ନୈତିକ ବଳଅତି ପ୍ରତ୍ୟକ୍ଷ ନହେଲେ ହେଁ ପରୋକ୍ଷରେ କଂଗ୍ରେସକୁ ଏକ ଦୃଢ଼ ଭିତ୍ତି ଉପରେ ପ୍ରତିଷ୍ଠିତ କରିଥିଲା ସେମାନେ ମଧ୍ୟ ଦୂରରେ। ତାର ମୁଖ୍ୟ କାରଣ କଂଗ୍ରେସ (ଉତ୍କଳ)ର ବର୍ତ୍ତମାନ ନୈତିକତା-ବିହୀନ ନେତୃତ୍ୱ, ଗୋଷ୍ଠୀବାଦ କ୍ଷୁଦ୍ର ଦଳ ସର୍ଜୀ ନେତୃତ୍ୱ ଗଠନ ମୂଳକ କର୍ମୀମାନଙ୍କ ସମ୍ମୁଖରେ ସଳଖ ଭାବରେ ଠିଆ ହେବାର ସାହସ କରେ ନାହିଁ—ସଙ୍କୁଚିତ ହୋଇଯାଏ ସଂଗଠନ କର୍ମୀଙ୍କ ସାମନାରେ। ଫଳରେ ବର୍ତ୍ତମାନ କଂଗ୍ରେସ କହିଲେ କେତେକ ବେତନଭୋଗୀ ଆସେମ୍ବ୍ଲି ସଭ୍ୟ—ଡିଃ ଏଃ ଶ୍ରେଣୀ ଜିଲ୍ଲା ବୋର୍ଡ଼ ସଭ୍ୟ ଓ ୪୫୯ ଟଙ୍କାର ଚାକର ପ୍ରଚାରକ ପ୍ରପାଗାଣ୍ଡା କର୍ମୀ। ଧରିବାକୁ ଗଲେ ଏହି ପ୍ରଚାରକ ବା ପ୍ରପାଗାଣ୍ଡା କର୍ମୀହିଁ ଅଛନ୍ତି କଂଗ୍ରେସର ମେରୁଦଣ୍ଡ। ଆସେମ୍ବ୍ଲି ସଭ୍ୟ ଓ ଜିଲ୍ଲା ବୋର୍ଡ଼ ସଭ୍ୟଙ୍କର ଜନସାଧାରଣଙ୍କ ସହ ବ୍ୟକ୍ତିଗତ ସମ୍ପର୍କ ଥାଏ। ଆବଶ୍ୟକ ହେଲେ ସଭା ସମିତିରେ ବକ୍ତୃତା ଦେବା ଛଡ଼ା ଏମାନଙ୍କର ଅନ୍ୟ କିଛି କାମ ନାହିଁ। ସୁତରାଂ ଏମାନଙ୍କ ଦ୍ୱାରା କଂଗ୍ରେସ ବଳବାନ ହେବା ଅସମ୍ଭବ। ପ୍ରପାଗାଣ୍ଡା କର୍ମୀମାନେ ମଧ୍ୟ ଅର୍ଥର ଦାସ। ଭବିଷ୍ୟତ ଭୋଟ ପାଇଁ ଏମାନେ କାମରେ ଆସି ପାରନ୍ତି ନଚେତ୍ ଏମାନଙ୍କର ଅନ୍ୟ ଉପାଦେୟତା ଅପ୍ରମାଣିତ। ଏହି ପଙ୍ଗୁ ଦଳ ଉପରେ ନେତୃତ୍ୱ କରୁଛନ୍ତି—୧୯୪୨ରେ ଯେଉଁମାନେ ନେତା ଭାବରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଆନ୍ଦୋଳନ ପୂର୍ବରୁ ଧରା ହୋଇ ଆରାମରେ 'କ' ଶ୍ରେଣୀ ବନ୍ଦୀ ରୂପେ ରହି ବାହାରେ ଥିବା କର୍ମୀମାନଙ୍କର କେବଳ ଦୋଷ ବିଚାର କରୁଥାନ୍ତି ସେହିମାନେ। ଏମାନଙ୍କର ଯେପରି ଶାରୀରିକ ସ୍ଥବିରତା ଅଛି—ମାନସିକ ସ୍ଥବିରତା ତତୋଧିକ। ଗୋଟାଏ ମନ୍ତ୍ରୀ ଗାଦି ଧରି ଏମାନେ ଆଗକୁ ବଢ଼ିବାକୁ ଚାହୁଁ ନାହାନ୍ତି। ସବୁବେଳେ ନେତୃତ୍ୱ ଯିବାର ଆତଙ୍କ ତାଙ୍କୁ ଗ୍ରାସ କରି ବସିଛି। ନେତୃତ୍ୱକୁ ସ୍ଥାୟୀ କରିବା ପାଇଁ ନାନା କୁଟ-ନୀତି ଅନୀତିର ଆଶ୍ରୟ ନିଆ ହେଉଛି। ଏଭଳି ପରିସ୍ଥିତିରେ ମହତାବଙ୍କର ସର୍ବୋଦୟ ସଂଘ ଏକ ପ୍ରାକୃତିକ ପ୍ରଜନନ। କଂଗ୍ରେସ ଭିତରେ ଥିବା ଉତ୍ସାହୀ ଯୁବକ ମାନଙ୍କୁ ଭୁଲାଇବା ପାଇଁ କେବଳ ଅର୍ଥ ଓ କ୍ଷମତାର ଲୋଭ ପର୍ଯ୍ୟାପ୍ତ ନୁହେଁ। ସମସ୍ତେ ଅର୍ଥ କ୍ଷମତା ପାଇଁ ଲାଳାୟିତ ନୁହନ୍ତି। ଅନେକେ ହୁଏତ ଆଦର୍ଶ ପାଇଁ କ୍ଷମତା ଓ ଅର୍ଥକୁ ଅକ୍ଳେଶରେ ବଳି ଦେଇ ପାରନ୍ତି। ସେମାନଙ୍କୁ ଭୁଲେଇବାପାଇଁ ବଡ଼ ଆଦର୍ଶ ଆଣି ଆଗରେ ଥୋଇ ଦେଲେ ବୈପ୍ଳବ ବିଗ୍ରହର ମୁଷ୍ଟିକ ମାନଙ୍କୁ ବାରଣସୀ ନେବାର ପନ୍ଥା ସରଳ ହୋଇଯିବ।

ପ୍ରଶ୍ନ ଉଠୁଛି, ତେବେ ଏ ଗ୍ଲାନିରୁ ମୁକ୍ତି ପାଇବାର ଉପାୟ କଣ? କଂଗ୍ରେସର ଦୋଷ କେବଳ ଦେଖାଇ ଦେଲେ ଚଳିବ ନାହିଁ। କଂଗ୍ରେସକୁ ବଞ୍ଚାଇବାର ପନ୍ଥା ବାହାର କରିବାକୁ ହେବ। ଆମ ମତରେ ଓଡ଼ିଶା କଂଗ୍ରେସର ଆମୂଳଚୂଳ ବଦଳି ନଗଲେ କଂଗ୍ରେସ ବଞ୍ଚିବା ଅସମ୍ଭବ—ବଞ୍ଚିବାର ଆବଶ୍ୟକତା ମଧ୍ୟ ନାହିଁ। ଅସନ୍ତା ଭୋଟ ଲଢ଼େଇରେ କଂଗ୍ରେସର ସରକାରୀ ଗାଦିକୁ ଦୃଢ଼ ରଖିବା ପାଇଁ ଯଦି କଂଗ୍ରେସ ସଂଗଠନକୁ ପୁନର୍ଗଠନ କରାଯାଏ ତେବେ ଗୋଟିଏ ନୁହେଁ ବହୁ ସର୍ବୋଦୟ ସଂଘ ଗଠିତ ହେବ। ତାକୁ କେହି ରୋକି ପାରିବ ନାହିଁ। କିନ୍ତୁ ଯଦି ଗାନ୍ଧିଜୀଙ୍କ ଆଦର୍ଶକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଉତ୍କଳ କଂଗ୍ରେସର ପୁନର୍ଗଠନ ହୁଏ ତେବେ ମନ୍ତ୍ରୀତ୍ୱ ବା ସରକାରୀ ପଦଗ୍ରହଣ ଏକ ଗୌଣ କର୍ମ ହେବା ଉଚିତ ଏବଂ ରଚନାତ୍ମକ କର୍ମର ପ୍ରସାରଣ ଦୃଷ୍ଟିରୁ ଆବଶ୍ୟକ ମନେ ହେଲେ କଂଗ୍ରେସ ନିର୍ବାଚନ ପ୍ରତିଦ୍ୱନ୍ଦିତା ମଧ୍ୟ ଅପଚରା ତ୍ୟାଗ କରି ଦେବା ଅନ୍ୟାୟ ହେବ ନାହିଁ। ସେବକର ସେବା ହିଁ କଂଗ୍ରେସର ପଦପାଇଁ ଯୋଗ୍ୟ କରିବ। କଂଗ୍ରେସ ସେବକ ନିଜର ସ୍ୱଚ୍ଛତାର ଦ୍ରଷ୍ଟା ନୁହନ୍ତୁ—ଏହାହିଁ କାମ୍ୟ।

### ବାପୁଙ୍କ ବିଳାପ!

"ମୋ କଥା ଆଜି ଆଉ ରହୁନାହିଁ। ମୋ କଥା ରହୁ ଥାନ୍ତା ତ ପଞ୍ଜାବ ହତ୍ୟାକାଣ୍ଡ ହୋଇ ନଥାନ୍ତା। ବିହାର ବା ନୁଆଖାଲିରେ ରକ୍ତ-ନଦୀ ବହି ନଥାନ୍ତା। ମୁଁ ବଡ଼ କ୍ଷୁଦ୍ର। ହଁ, ଦିନେ ଭାରତବର୍ଷରେ ମୁଁ ଖୁବ୍ ବଡ଼ ମଣିଷ ହୋଇଥିଲି। ସେତେବେଳେ ମୋ କଥା ସମସ୍ତେ ମାନୁଥିଲେ। ଆଜି କଂଗ୍ରେସ ମୋ କଥା ମାନୁନାହିଁ କି ହିନ୍ଦୁ ମୁସଲମାନ କେହି ମାନୁନାହାନ୍ତି। ମୁଁ ତ ଆଜି କେବଳ ଅରଣ୍ୟ ରୋଦନ କରୁଛି। ଆପଣମାନେ ମୋତେ ଛାଡ଼ି ଦେଇ ପାରନ୍ତି। ଈଶ୍ୱର କିନ୍ତୁ ମୋତେ ତ୍ୟାଗ କରିବେ ନାହିଁ। ସେ ନିଜର ଭକ୍ତକୁ ପରଖ କରି ନିଅନ୍ତି। ସେ ଯଥାର୍ଥରେ ମୋ କଥା ଶୁଣିବେ। ସେଇ ଈଶ୍ୱର ଯଦି ଆପଣଙ୍କ ହୃଦୟରେ ବିରାଜ କରନ୍ତି ତେବେ ସେ ଯେପରି କରାଇବେ ଆପଣମାନେ ସେହିପରି କରିବେ।—୧—୪—୧୯୪୭।"

\+ × ×

ଆପଣାର ପିତାଙ୍କ ମନରେ ଏ କଷ୍ଟ ଦେଇଥିବା ଯୋଗୁ ଭାରତବାସୀ ଆଜି ପ୍ରାୟଶ୍ଚିତ୍ତ ଚରଖା ସ୍ୱରୂପ ଧରନ୍ତୁ ଏବଂ ଗାନ୍ଧୀ ସ୍ମୃତି ପାଣ୍ଠିକୁ ଯଥା ସାଧ୍ୟ ସାହାଯ୍ୟ କରନ୍ତୁ।

—ସମ୍ପାଦକ

Digitized by srujanika@gmail.com

# ସଂପାଦକ ଓ ସଂପାଦକୀ

କମ୍ୟୁନିଷ୍ଟ ମାନେ ଦିନେ ଲମ୍ବା ଚଉଡ଼ା କଥା କହୁଥିଲେ ସୋସ୍ୱାଲିଷ୍ଟ ମାନେ ମଧ୍ୟ ସେଇଆର ଆଜିକାଲି କହୁଛନ୍ତି—ମହତାବୀ ପ୍ରଜାତନ୍ତ୍ରର ସଂପାଦକୀୟ

…କେବଳ ମହତାବ୍ଙ୍କ ମାନେ 'ମୋଟ' କଥା କହୁଛନ୍ତି—କଥାକୁ ମାଛି ବା ମିଶାଇ ?

× × +

ପ୍ରାଦେଶିକ ସରକାର ମାନେ [ ଜଳ ସେଚନ ଅଧିକ ଆବଶ୍ୟକ ] ଜାଣନ୍ତି କିନ୍ତୁ କରୁଛନ୍ତି ବୋଲି ମନେ ହେଉ ନାହିଁ—ସମାଜ ସଂପାଦକୀୟ

…ମୂଳରେ ବିନା ସେଚନ ହେଉ ନାହିଁ— ମାତ୍ର ଉପରେ ସେଚନ ହେଉଛି ।

× × +

ଓଡ଼ିଶା ଲୋକଙ୍କର ଶ୍ରେଷ୍ଠ ମାଲ୍ ସ୍ଥଳଣୀ·· ସମାଜ ସଂବାଦ

…ନାଆଁ ତ ଦାଣ୍ଡରେ ପଡ଼ି ହାଟରେ ବିକୁଛି ।

× × ×

ପ୍ରଦେଶରେ ବର୍ତ୍ତମାନ ଯେଉଁ ସାମ୍ପ୍ରଦାୟିକ ଝାଞ୍ଜି ବହୁଛି ତାକୁ ରୋକା ହେବ ନାହିଁ—ଢାଙ୍କୋଡ଼ୀସ୍ଥ ଅଗ୍ରଣୀ ସଂପାଦକୀୟ ।

…ମାଣ୍ଡୁଅ ଭଙ୍ଗେଜ୍ ଅପରେସନ ହେବଟି ଥଗ ।

× + +

ନେତାଙ୍କ ମାଙ୍କଡ଼ ଚିତ ଓ ମହତାବଙ୍କ କ୍ଷମା ପ୍ରାର୍ଥନା—ଜନତା ଉଦ୍ଧାରର ଉଦ୍ଭବ

…ମହତାବଙ୍କ ଏ ପାଖ ଉଥ ସେପାଖ

× × +

ଭାରତ ଶାସନ ବିଧାନ ଠାର ୨୧୨ ଦଫାରେ ସଦ୍ୟ ସଂଶୋଧନ ଅଣାଗଲେ ପାରେ ସମାଧାନ ସରଳ ସୁଗମ ହବ—ଜନତାର ସଂପାଦକୀୟ

…ଦଫାର ରଫା ହେବ କି ?

× + ×

ବିଗତ ୨୦୦ ବର୍ଷ ହେଲା ଗୋଲାମର ପରିଚର୍ଯ୍ୟା ନଷ୍ଟ ହୋଇଛି— [illegible] ସଂପାଦକୀୟ

…ଶଣ୍ଢାଠାରୁ ଦଳପତି ବଳ ବେଶୀ ପଡ଼ୁ ? ଏବେ ସେହି ଗାଈ ଧର ପରମ ଗତି ମିଳୁ ।

× × ×

ଯେତେ ଦଳ ଯେତେ ମାନଙ୍କର 'ହରେକୃଷ୍ଣ ହରେରାମ ନାମ' ଜପିବାର ମନ୍ତ୍ର —ନାସ୍ତିକ ଅବେଚନା [ ବନ୍ଦ୍ରୁପାଦ ]

·· କେବଳ ପ୍ରଥମ ସ୍ତୁତି ଅନ୍ତରରେ ଭକ୍ତି ।

+ × +

ଓଡ଼ିଶା ଗଡ଼ଜାତର ଗଣ୍ଡଗୋଳ ପାଇଁ କେନ୍ଦ୍ର ସରକାରଙ୍କ ଗଡ଼ଜାତ ନୀତିରେ ବୈଷମ୍ୟ ହିଁ ଦାୟୀ—କୃଷକ

…ସେଥିପାଇଁ ପରା ସାମ୍ୟବାଦୀ ମାତିଛନ୍ତି ?

× + ×

ଆମ ଦେଶ ସ୍ୱାଧୀନ ହେବାରେ ଆଜିକୁ ହେଲା ସାଢ଼େ ଅଠମାସ—କଲିକତା ଅଲ୍ଲଅ

…ଦଶମାସ ହେଇ ନାହିଁ କି ?

× + ×

ସରକାର ଜମିର ଉତ୍ପାଦନ ଓ ବଣ୍ଟନ ହାତକୁ ନେଇ ଭଲ୍ ସଂଶୋଧନ କରନ୍ତୁ—ଢାଙ୍କୋଡ଼ିଅଙ୍କ ନବ ଓଡ଼ିଶା

…Who quotes the scripture ? ଲଙ୍କାରେ ରାମ ନାମ ?

+ + +

ଜନତା—ଜନାର୍ଦ୍ଦନଙ୍କ ନୂତନ ଆଶୀର୍ବାଦ କାମନା କରେ—ପ୍ରଜାଶକ୍ତି ।

ଯେଉଁ ଜନନେତାଙ୍କ ବିମର୍ଦ୍ଦନକୁ ସମ୍ଭାଳି ପାରିବତ ? + +

ଓଡ଼ିଶା ଗଡ଼ଜାତ ଜେନେସ୍ୱର ଗଢ଼ିବାର ପାଲୋପି ଅମଳୁ ଚାଲୁଛି ନାହିଁକି ?—ମୟୂରଭଞ୍ଜ ଜାଗରଣ

…ବିନାଶ କାଳେ ବିପରୀତ ବୁଦ୍ଧି ।

+ + ×

ଭୁନାଆର ରାଜପଥରେ ମଜଦୁର ପଟୁଆର—ମୁକ୍ତପତ୍ର ।

…କମ୍ୟୁନିଷ୍ଟ— ପଥରେ ରାଜାଙ୍କର ପଟୁଆର ?

÷ × ×

ଜନପଦମାନଙ୍କରେ ଗ୍ରେବ ବଜାର—ମୁକ୍ତପତ୍ର ।

…ଲୋଭୀ ପ୍ରେମଠାରୁ ଅଳ୍ପ ମାଗମକ୍ ।

÷ + ÷

ଗଣତନ୍ତ୍ର ଆସିବ କାହିଁ ? —'ଓଡ଼ିଆ'ର ପ୍ରଶ୍ନ ।

…ପ୍ରଜାତନ୍ତ୍ର ଅଫିସରୁ ।

× + +

ଓଡ଼ିଶା ରାଜଧାନୀ ଓ ପାରଳା ମହାରାଜା—ଓଡ଼ିଆ

ଗାନ୍ଧୀବାଦ ଓ ବିରଲା ।

+ × ×

---

## ! କୁତୁ କୁତୁ

ହାକିମ—ନାରୀ ଆସାମୀଙ୍କୁ—'ତୁମର ସ୍ୱାମୀଙ୍କ ନାମ କଣ ?"

ନାରୀ ଆସାମୀ—ଶୁକୁ ବାପ ।

+ + ×

ମହେଶ—ଏ ଦୁଇଟା ପ୍ରାଚୀନ ବସ୍ତୁ କଣ କଣ ପାଇଁ ମିଳିଲା ?

ବୃନ୍ଦାବନ—ଗୋଟିଏ ସ୍ମରଣ ପାଇଁ ଅନ୍ୟଟି କଣଟି—?

× × ×

ବିଚାରକ—(ଆସାମୀ ପ୍ରତି) ତୁମେ କଣ ଆସାମୀ ?

ଆସାମୀ—ଆଜ୍ଞା ମୁଁ ଓଡ଼ିଆ

+ × +

ପଣ୍ଡିତ—ଆରେ ଦେଖ ଶୁକ୍ରା, ଧର୍ମ ଛାଡ଼ି ଚାର୍ ଅଣ୍ଡାପାଣି ଗୁଡ଼ାକ କାହିଁକି ପିଉଛୁ ?

ଶୁକ୍ରା—ପଣ୍ଡିତେ, ଦେଖୁ ନାହାନ୍ତି ପେଟରେ ଚରା ନିଆଁ ଲାଗିଛି । ହେଲେ ଦେଖନ୍ତୁ ପାଣିର କପରେ ଧୂଆଁ ବାହାରୁଛି ?

—+—

Digitized by srujanika@gmail.com

ଦର୍ଶନ-କାର ମାନେ କହନ୍ତି ସୃଷ୍ଟି ଓ ସ୍ରଷ୍ଟା ମଧ୍ୟରେ ପାର୍ଥକ୍ୟ ନାହିଁ । ନାମ ଓ ବ୍ରହ୍ମ ଭିତରେ ପାର୍ଥକ୍ୟ ନାହିଁ । ବସ୍ତୁ ଓ ତାର ଗୁଣ ଭିତରେ ବିଭେଦ ନାହିଁ । ଅଗ୍ନି ଓ ଅଗ୍ନିର ତାପ ଏକ ବସ୍ତୁ । କିନ୍ତୁ ଇଂଲଣ୍ଡ-ରେ ବୈଦେଶିକ ମନ୍ତ୍ରୀ ବେଭିନ କହନ୍ତି ଯେ କମିଉନିଜମ୍ ବା କମିଉନିଷ୍ଟଙ୍କ ଧର୍ମ ସାଙ୍ଗରେ କଥା ନପଡ଼ି ରୁସିଆ ସାଙ୍ଗରେ ପଡିଲେ ମିଳାମିଶା ହୋଇଯାନ୍ତା । ରୁସିଆ କମିଉନିଷ୍ଟ ଆଦର୍ଶବାଦ ନ ଛାଡିଲେ ଇଂଲଣ୍ଡର ତା ସହିତ ମିଳାମିଶା ଅସମ୍ଭବ । ଅର୍ଥାତ୍ ନିଆଁ ଯଦି ତାର ତାପ ଛାଡ଼ିଦିଏ ତେବେ ସମସ୍ତେ ନିଆଁ ଗିଳା ହୋଇପାରିବେ, କେବଳ ଇଂଲଣ୍ଡ କାହିଁକି ? ମାଟି ବରୁଡ଼ିଆ ସାପକୁ ସମସ୍ତେ ଖେଳାଇ ଧରନ୍ତି ।

\+ \+ \+

ଇଟାଲି ଗଣ ଭୋଟରୁ ଜଣାଗଲା ଯେ ସେଠି ହାରଂ ହାରଂ ପ୍ରବଳ ସମରଂ ଦାରୁ-ଭୂତୋ କମ୍ୟୁନିଷ୍ଟାଃ । କମିଉନିଷ୍ଟମାନେ ଚଡ଼୍ ମାଡ଼ ଖାଇଲେ ସତ କିନ୍ତୁ ତାଙ୍କ ଦଳ ଦୁର୍ବଳ ହୋଇଥିବା ବିଶେଷ ଜଣାଗଲା ନାହିଁ । ଏବେ ଇଟାଲି ମାର୍ଶାଲ ଯୋଜନାରେ ପଶି ପଶ୍ଚିମ ଗଣତନ୍ତ୍ର ସହିତ ଏକା ନାବରେ ଗୋଡ ଦେବ କି ନାହିଁ ସେଇଟା ଦେଖିବା କଥା । ଆମେରିକା ଇଂଲଣ୍ଡ ଟ୍ରିଏଷ୍ଟି ଫେରାଇ ଦେବାର ଲୋଭ ଦେଖାଇଲେ ମଧ୍ୟ ଇଟାଲି ଏବେ କି ସିଧା ସରପଟ କୌଣସି ପକ୍ଷ ନନେଇ ଏମିତି ଚେତେଦିନ ଯାଉଛି, ଯାହା କିଛି କିଛି ଧନ ମିଳୁଛି ମିଳୁଥାଉ । ଏତେ ଶସ୍ତାରେ କାହିଁକି ସେ ମାନ ମହତ ବିକିବ । ଲାଡୁ ଯିବ ପେଟ ପୂରିବ ନାହିଁ କାହିଁକି ? ଯଦି ଲାଡୁ ଯିବତ ପାଉ—ପେଟ ପୂରୁ । ପ୍ରେମିକ ରୁସିଆ ବଡ ବେପରୁଆ । ବିଶେଷ ଉପହାର ଯାଚି ମନ ଭୋଳାଇ ପାରୁନାହିଁ । ଡୋଲାର ଭାଗ୍ୟ ୨ଟି ଯାକ ହୋଇଥିବାପରେ ଯାହା ହେଲା ପୁଣି ଯଦି ସେଇ ଅବସ୍ଥା । ଆସେ ତେବେ ଯେଉଁ ପକ୍ଷ ଜିତିବ ସେ କହିବ—

ଯେତିକି ଅମ୍ଭେ ଯେତେ କହିଲୁରେ
ଶୁଣିଲୁ ନାହିଁ କାଳା ପହିଲୁରେ ।

\+ \+ \+

ମାଷ୍ଟରମାନେ ଶାନ୍ତିର ଅଗ୍ରଦୂତ ବୋଲି ହାଇଦ୍ରାବାଦ ପ୍ରଧାନମନ୍ତ୍ରୀ ଲଇକ ଅଲି ଅବିଷ୍କାର କରିଛନ୍ତି । ୨୬୦୦୦ ଅବଧାନଙ୍କୁ ନେଇ ସେ ଖଣ୍ଡ ଦିନରେ ଶାନ୍ତି ଅଭିଯାନ



ଆରମ୍ଭ କରିଦେବେ । ତାଙ୍କ ଶାନ୍ତି ଅଭିଯାନର ଉଦାହରଣ ଓ ଅଧିକ ଦେବାକୁ ବାକି ନାହିଁ । ଶେଷରେ ନିଜେ ରଜାକାର ନେତା ରଜଭି ସେ ଶାନ୍ତି ଅଭିଯାନୀଙ୍କୁ ବାଣୀ ଶୁଣାଇ ଦେଲେ ଯେ—ଛାତ୍ର ମାନଙ୍କ ଭିତରେ ରଜାକାର ମନୋଭାବ ଭର୍ତ୍ତି କରିଦିଅ । ବୋଧହୁଏ ରଜଭି ଏଥିପାଇଁ ରଜାକାର ମନୋ ଭାବକୁ ଇଞ୍ଜେକସନ ଦେବାର ବ୍ୟବସ୍ଥା କରି ପାରିବେଣି । ରଜାକାର ମନୋଭାବ ଯେ ଶାନ୍ତିର ମନୋଭାବ ଏକଥା ଯିଏ ରଜାକାରଙ୍କ ହାତରେ ମରିଛି ତା ଭୂତ କହିବ, ଯେ ବଞ୍ଚିଛି ତା ପ୍ରେତ କହିବ । ହାଇଦ୍ରାବାଦର ଏ ଯେଉଁ ଶାନ୍ତି ତାକୁ ଦେଖି ନିଜାମ ଓ ତାଙ୍କ ଲଗାମ୍ ଧାରୀ ରଜଭିଙ୍କୁ ବାଳୁଆମାନେ ଅଣ୍ଟ ପୂଜା କରି କହିବେ—

ଯା ଦେବୀଃ ହାଇଦ୍ରାବାଦେ
ଶାନ୍ତି ରୂପେଣ ସଂସ୍ଥିତାଃ
ନମସ୍ତସ୍ୟୈଃ ନମସ୍ତସ୍ୟୈଃ
ନମସ୍ତସ୍ୟୈଃ ନମୋନମଃ

\+ \+ \+

ଦେଶରେ ଶାନ୍ତି ସ୍ଥାପନା ପୂର୍ଣ୍ଣ ଭାବରେ କରିବା ପାଇଁ ଅଶାନ୍ତିର ସବୁ ଯାକ କାରଣ ରାଜ୍ୟରୁ ଅପସାରିତ କରିବାକୁ ହାଇଦ୍ରା-ବାଦ ନିଜାମ ସ୍ଥିର କରିଛନ୍ତି ଯେ କାମିନୀ କାଞ୍ଚନ ସବୁ ଅଶାନ୍ତିର କାରଣ । ହାଇଦ୍ରାବାଦ ସହରେ କାଞ୍ଚନ ପାଇଁ ଯୁଝୁଥିବା ଲୋକ୍ୟାତ । ଶୁଣାଯାଏ ନିଜାମ ତାଙ୍କର ୧୦୦୦ ସ୍ତ୍ରୀ ଓ ଯୁବରାଜ କରିବାକୁ ଡମାନ୍ତି ଦେବେ । ଯାଗ ବନ୍ଧା ହେବ ରାଜା ଉଭୟଙ୍କ ମୁଣ୍ଡରେ । ପତ୍ନୀ କେବେଶି ପୁତ୍ର ପାଣେ—ଅଥବା ତାଙ୍କ ସନ୍ୟାସେ ସିନା ଓଡ଼ିଆ ଶାସ୍ତ୍ର—ନିଜାମଙ୍କ ଶାସ୍ତ୍ରରେ ବୋଧହୁଏ ଅଛି—ପତ୍ନୀଙ୍କି ବାନ୍ଧ ଦାନ ଘଣେ ଚଳନ୍ତି ବରାତୀ ପ୍ରବାସେ ।

\+ × +

ଲୁଗାଦର କମିଯିବାରୁ ମିଲମାଲିକ ମାନେ ବଡ ବେଶି ଲାଭ କରୁଛନ୍ତି । ଏକଥାଟା ଭାରତ ସରକାରଙ୍କ ଅଗୋଚରରେ ଲୁଚାଇ ନାହିଁ । ସେଥିପାଇଁ ଟାରିଫ ବୋର୍ଡ ଯେଉଁ ଲୁଗାଦର ଧାର୍ଯ୍ୟ କରିଦେବେ—ତା ଉପରେ ଅଧିକା ଲାଭଟା ସରକାର ମିଲମାଲିକ ମାନଙ୍କଠାରୁ ଛଡ଼ାଇ ନେବେ । ଗଲା—ସରିଗଲା—ଏତ ବଡ଼ କୁଳ ପରସ୍ତ୍ରୀ, ବ୍ରହ୍ମସ୍ୱ, ଧର୍ମସ୍ୱ ଅପ-ହରଣ । ଆମ ମିଲମାଲିକମାନେ ଏଥର ଭଗବାନଙ୍କ ପାଖରେ ନାଲିସ କରନ୍ତୁ । ସେ ଯେଉଁ ଅର୍ଥ କେବଳ ଧର୍ମପାଇଁ ସଞ୍ଚୟ କରୁଥିଲେ—ଧର୍ମଶାଳା କରିବା ପାଇଁ ସାଇତି ରଖୁଥିଲେ—ତାକୁ ନେହେରୁ ସରକାର କଲକାରଖାନା ନେଇ ଯାଉଛନ୍ତି । ଏ ଅନ୍ୟାୟ କଳିକାଳ ବୋଲି ସିନା ହେଉଛି—ଅଉ ଧରଣୀ ଫାଟି ନଯାଉ ମିଲ୍ ମାଲିକଙ୍କ ଛାତି ଫାଟୁଛି ।

ଯୁଗତ ଓଲଟିଗଲା—କାହାକୁ କହିବ ? ପାପ—ପାପ—ଗୃହ ଆଜେ ପାପ ଘୋଟିଛି । ସମସ୍ତଙ୍କି ପାପ ଘୋଟିଲାଣି । ମିଲ୍ ମାଲିକଙ୍କୁ ବି ଘୋଟିଥିବ । କିନ୍ତୁ ତଫାତ୍ ଏତିକି ଯେ ସମସ୍ତେ ପାପ ସାଗରେ ବୁଡ଼ିମରୁଛନ୍ତି—ମିଲ ମାଲିକ-ମାନେ ପାପ ସାଗରରେ ପହଁରିବାର ଉପାୟ ଜାଣନ୍ତି ।

\+ \+ \+

ଶୁଣାଯାଏ କ୍ୱାଦେ ଆଜାମ ଜିନାଙ୍କୁ ସୀମାନ୍ତରେ ତାଙ୍କର ଭକ୍ତ ମାନେ ରାଇଫଲ ରିଭଲଭର, ଛୁରୀ, ଉପହାର ଦେଉଥିଲେ —ତା ସାଙ୍ଗରେ ଯୋଡା ( ଅବର୍ଣ୍ଣ୍ୟ ରୂପନ୍ତ ) ମଧ୍ୟ ଦେଇଥିଲେ । ଅର୍ଥାତ ଯୁଦ୍ଧ କରିବାର ସମସ୍ତ ଉପକରଣ ତାଙ୍କୁ ମିଳିଥିଲା । ପୂର୍ବ ପାକିସ୍ତାନରେ ତାଙ୍କୁ ଗୋଟିଏ ରୂପାର ଡାହାଜ ଉପହାର ଦିଆଗଲା । ଅର୍ଥାତ୍ ଜଳ ଅଭିଯାନ-ର ବ୍ୟବସ୍ଥା । ବାକି ଶୂନ୍ୟ ବା ସ୍ୱର୍ଗ ଅଭିଯାନର ବ୍ୟବସ୍ଥା କେଉଁଠି ହେଉଛି—ସେ ଉପହାର କିଏ ଓ କିପରି ଭାବେ ଦେବ ସେଇକ ଜାଣିବା ପାଇଁ ଲୋକମାନେ ବ୍ୟାକୁଳ । କେହି ନ-ଦେଲେ ବାଳୁଆମାନେ ଉପରକୁ ମିନାର ବାଟ କଢାଇ ଦେଇ ପାରିବେ—ବନା ଫିସ୍‌ରେ ।

× × ×

ପାକିସ୍ତାନ ଓ କାଶ୍ମୀର ଭାରତ ଭୁକ୍ତ ହେଉଁ ଯାଇ କାଶ୍ମୀର ଖବର କାଗଜ ଅଗ୍ରାହ୍ୟ କଲେ । କିନ୍ତୁ ପାକିସ୍ତାନର ସାର ଜଫରୁଲ୍ଲା କଣ୍ଠତିରେ ଖୁସି ମଧ୍ୟ ହୋଇଛନ୍ତି । ତାଙ୍କର ଖବରକାଗଜ ସବୁ କାଶ୍ମୀରରେ ସର୍ବ ଜାତୀୟ ମନ୍ତ୍ରୀମଣ୍ଡଳ ଗଠନର ଯେଉଁ ନିର୍ଦ୍ଦେଶ ଦେଉ-ଛନ୍ତି ତାପଛରେ ତାର ମତଲବ ବୋଧ

Digitized by srujanika@gmail.com

କହନ୍ତି—ଯେ ମନ୍ତ୍ରୀମଣ୍ଡଳରେ ପାକିସ୍ତାନରେ ମିଶିବା ପକ୍ଷ ଓ ଭାରତରେ ମିଶିବା ପକ୍ଷର ଲୋକେ ଏମିତି ହେବେ ଯେ ଗୋଟାଏ ଅଦଳୀୟ ସରକାର ହେଲାପରି ହେବ ଅର୍ଥାତ୍ ଦୁଇ ପକ୍ଷର neutralisation—ବା ନପୁଂସକତା ପ୍ରକାଶ ପାଇବ । ସମସ୍ତେ ନପୁଂସକ ମାନ ଏହା କଲା ଓ ଜାଫରୁଲ୍ଲା ଖୁସି ହୋଇ ରହିବେ ।

× + +

କାଗଜପତ୍ର ଉପରେ କଣ୍ଟ୍ରିବିଉ ଅନୁସାରେ ଠାଏ ଅଟକର ଜାଫରୁଲ୍ଲା ଖୁସି ହେଉଛନ୍ତି ଯେ ବର୍ତ୍ତମାନ ଯାହାର ସୈନ୍ୟ ଯେଉଁଠି ଅଛନ୍ତି ଆଜି ଅଗସ୍ଟରୁ ନଯାଇ ସେଇଠି ରହିବେ—ଶ୍ରେଷ୍ଠ ଶେଷ ପର୍ଯ୍ୟନ୍ତ । ଅର୍ଥାତ୍ କାଶ୍ମୀର ଭିତରେ ପାକିସ୍ତାନର ଆକ୍ରମଣ କାରୀ ସୈନ୍ୟ ରହିବେ । ଅର୍ଥାତ୍ ଭାରତର ମୂଳ ଅଭିଯୋଗ ରହିଲା ନାହିଁ । ମନେ ହେଉଛି ଏତ କାଗଜପତ୍ର ସବୁ କଣ୍ଟ୍ରିବିଉଟ୍—ଜାଫରୁଲ୍ଲା ଓ କଳାଙ୍କୁ ଯୌତୁକ—ଦହେଜ ।

× × ×

ଓଡ଼ିଶା କଂଗ୍ରେସକୁ ପୁନର୍ଗଠନ କରିବା ଉଦ୍ଦେଶ୍ୟରେ ଯେଉଁ ସଭା ହୋଇଥିଲା ତାହାର ସଂକ୍ଷେପସାର ସମାଜରେ ପ୍ରକାଶ ପାଇଛି । ସଂବାଦ ମିଥ୍ୟା ବୋଲି କୌଣସି ପ୍ରତିବାଦ ବାହାରିନାହିଁ । ତେଣୁ ତାହା ସତ୍ୟ ବୋଲି ଧରାଯାଉ । ଉଲ୍ଲେଖ ଆମେ ଗତ ସଂଖ୍ୟାରେ ଦାଶ ନନ୍ଦ କଶୋରଙ୍କ ଗବୃନ୍ଦର ଯେଉଁ ସମାଲୋଚନା କରିଥିଲେ ତାହାକୁ ସମର୍ଥନ କର ନବାକୁ କେମନ୍ତେ କହିଲେ—ସଭାପତିଙ୍କର ଏମନ୍ତ ବନ୍ଧୁ କଂଗ୍ରେସକୁ ଅପ୍ରିୟ କରୁଛି । କିନ୍ତୁ ବଳ୍ଲଭଙ୍କ ମତରେ ଏହା କଂଗ୍ରେସକୁ ପ୍ରିୟରୁ ପ୍ରିୟତର ଓ ପ୍ରିୟତରରୁ ପ୍ରିୟତମ ପ୍ରତ୍ୟୟ କରି ଗୃହୁଛି । କାରଣ ପ୍ରେମଟା ଯେତେ ଏକନଷ୍ଠ ବା ଏକ-ମୁଖିଆ ହୁଏ ସେତେ ଗାଢ ହୁଏ । ଶେଷରେ ତାହା ଈଶ୍ୱରଙ୍କ ବା ସ୍ୱର୍ଗୀୟ ପ୍ରେମରେ ପରିଣତ ହୋଇ ମନୁଷ୍ୟକୁ ମୁକ୍ତିମାର୍ଗ ଦେଖାଏ । ମହତାବଙ୍କ ଭକ୍ତ ସଙ୍ଗ ସେହିପରି କଂଗ୍ରେସକୁ ଅଧିକ ଲୋକଙ୍କ ଭିତରେ ପୁରୁଷ ପ୍ରେମକୁ କେନ୍ଦ୍ରିତ କରିବ ମହତାବ ଓ ତାଙ୍କ ଭକ୍ତଙ୍କ ଠାରେ ସକେନ୍ଦ୍ର କରିବ ମହତାବଙ୍କର ପ୍ରିୟତମ ହେଲେ କଂଗ୍ରେସ ବଳେ ବଳେ ସ୍ୱର୍ଗୀୟ ବା ସ୍ୱର୍ଗତ ହୋଇ ମୁକ୍ତ ମାର୍ଗ ଧରିବ ଏଥିରେ ସନ୍ଦେହ ନାହିଁ ।

+ × ×

କେତେକ କଟକ କଂଗ୍ରେସ ନେତା ଆମ ଶାନ୍ତେଶ୍ୱରୀ ମହଲାଙ୍କ ପ୍ରାଦୁର୍ଭାବକୁ ହିଂସା କୋରି ଲୁଅନ୍ତେ କହନ୍ତେ—ମହତାବ ଆମକୁ ନ ପଗୁର ସବୁକଥା କହୁଥାଉଛନ୍ତି । କହୋ ଆମ ମହତାବେ ତମକୁ ଏତେ ସବୁ କଥାରେ ପଗୁରିବେ କଅଁ—ତମେ ତାଙ୍କର ସାହୁ ସେ ନମର ଖାତକ-ନା କେତେ ଖାଟିଏ ଖାଉଛନ୍ତି? ଭାରି ବଡ଼ି ହେଲି କଥା କହନ୍ତି ଏ ଜିଲ୍ଲାଗତ ମନୋବୃତ୍ତିପନ୍ନ ଲୋକ ଗୁଡ଼ାକ । ମହତାବ ଆଜି ଜିଲ୍ଲା ଭିତରେ ନାହାନ୍ତି—ତାଙ୍କର ତ ରାଷ୍ଟ୍ରାନୁଗତ ପ୍ରାଣ । ସେ ରାଷ୍ଟ୍ରର ଜହର, ପଟେଲ ମାଉଣ୍ଟବେଟେନଙ୍କୁ ଛାଡ଼ି ଦେଇ ଯେଉଁ ପଚରି ପଗୁରିଛନ୍ତି ସେଇ ପଚରା ହେଲେ ସମସ୍ତଙ୍କୁ ପଚରା ହେଲା । ଯେଉଁ ଈଶ୍ୱରଙ୍କୁ ପୂଜିଲେ ସବୁ ଦେବ ଦେବୀ ବାଧ୍ୟରେ ତୃପ୍ତରେ ସନ୍ତୋଷ ହେବେ ସେ ସେଇ ଦେବ-ଦେବୀଙ୍କୁ ମୂଳ୍ୟା କରି ଶିଖିଛନ୍ତି—ଯେବେ ସେ ଭଲ ବୋଲି କହିଲେ—ତମକୁ ଏ ପଗୁରେ ହୋ ।

+ + +

କଂଗ୍ରେସ ଭିତରେ ଗୋଟାଏ ଛୋଟା ଦଳ ଗଢ଼ା ହୋଇଛି ବୋଲି ମହତାବଙ୍କୁ କେହି କେହି ଦୋଷ ଦେଉଛନ୍ତି । କ୍ଷମତା ମଦ ଏମିତି ଯେ ସେଥିରେ କୃତ୍ରୋଧ ତରୁଣାୟିତେ । ମହତାବ ଯେ କଳେ ଛୋଟା ତରୁଣ—ତାର ପ୍ରମାଣ ଯଦି ଅଭଦ୍ରକାଶୀ ମାନେ ଗୁହାନ୍ତି ତେବେ ସେ ପ୍ରତ୍ୟକ୍ଷ ପ୍ରମାଣ ନ ଦେଖାଇବେ କଅଁ ! ଛୋଟାର ଧର୍ମ ସେ ଛୋଟାକୁ ଚିଳାଇ ପାରେ । ସେଥିକୁ କଂଗ୍ରେସ ଭିତରେ ଦଳ ଗଢ଼ିବା ବୋଲିବା ଦଳ ଗଠନ ବୋଲି କୁହାଯାଇ ନପାରେ । ଏହା ମହତାବଙ୍କ ବିରୋଧ ଅର୍ଥାତ୍ ଦେଶ ଦ୍ରୋହୀମାନଙ୍କୁ ଦଳିବା ପାଇଁ ଏକ ପ୍ରତିକ୍ରିୟା ମାତ୍ର । ଏଥିରେ ସବୁ ଅନ୍ୟାୟ ପାପ ଦଳା ହୋଇ ପାଉଁଶ ହୋଇ ଯାଏ । କେବଳ ଏହାକୁ ଶୁଦ୍ଧ ସଭ୍ୟ ଅନୁଭବ କରିବାକୁ ଶକ୍ତିଗ୍ରାହକ ଲୋଡ଼ା ।

+ × +

କଂଗ୍ରେସର ଆଜି ପୁନର୍ଗଠନ ଦରକାର ନାହିଁ । ଗାନ୍ଧୀଙ୍କ ଜନ୍ମ ଭୂମିକୁ ଧରି ଯେଉଁ ଦିନ ରକ୍ଷା କରି ଯେଉଁ ମୂର୍ତ୍ତି ଯେଉଁ ଦିନ ତଳେ କଣ୍ଟକ ପଡ଼େ ହେବ । ଦେଖାଯାଉ କେଉଁ ଦେଶଦ୍ରୋହୀ ଦଳ କଂଗ୍ରେସ ଚଉକରେ ଠିଆ ହେବେ । ଗାନ୍ଧୀଙ୍କ ସେବକ ଗୋପବନ୍ଧୁ ଚୌଧୁରୀ କରି ନାହାନ୍ତି ବା ସୁରେନ୍ଦ୍ର ଦ୍ୱିବେଦୀ କରି ନାହାନ୍ତି । ସୁତରାଂ ଗାନ୍ଧୀଙ୍କ ଉତ୍ତରାଧିକାରୀ ସେ ହୋଇ ନପାରନ୍ତି ତାଙ୍କ କଥା କେହି ଶୁଣିବେ ନାହିଁ । ଯେ ଗାନ୍ଧୀ ଭସ୍ମ ଧରିଛି ସେହି କଂଗ୍ରେସ । ସେ ଥିବା ଯାକେ କଂଗ୍ରେସ ଅଛି । ତାରି ମୂଳରେ ପାଣି ଦେଲେ କଂଗ୍ରେସ ବଞ୍ଚିବ । ଅତଏବ ହେ ମୂର୍ଖ ଓଡ଼ିଆ—ମୂର୍ଖ କଂଗ୍ରେସ ବାଲା—ତୁମେ ମାନେ ବିଶ୍ୱାସ କର—ମହତାବ ହିଁ ଉତ୍କଳର କଂଗ୍ରେସ—କଂଗ୍ରେସ ହିଁ ମହତାବ । ଯେଉଁ ଚଉଦ୍ୱାର ଲୁଟାକଳ ହିଁ ମହତାବ ଓ ମହାତାବ ହିଁ କଂଗ୍ରେସ ଅତଏବ ଯେଉଁ ଦୁଇ ବସ୍ତୁ କୌଣସି ବସ୍ତୁ ସଙ୍ଗେ ସମାନ ସେ ବସ୍ତୁ ପରସ୍ପର ସମାନ ସୂତ୍ରରେ କଂଗ୍ରେସ ହି ଚଉଦ୍ୱାର ଲୁଟାକଳ । କଂଗ୍ରେସର ପୁନର୍ଗଠନ ଆପେ ହେବ ସବୁ । ଚଉଦ୍ୱାରକୁ ମୁହଁ—ଜଳୁଚି କ ମୁହଁ—କଂଗ୍ରେସର ପୁନର୍ଗଠନ ହେଉଛି—କଂଗ୍ରେସକୁ ଶ୍ରଦ୍ଧାଞ୍ଜଳି ଦିଅ ହେଉଛି—ଯାହାକୁ କଥା ଓଡ଼ିଆରେ କହନ୍ତି "ତିରିଶ ।"

+ × +

ପାକିସ୍ତାନ ଓ ଭାରତ ମଧ୍ୟରେ କାଶ୍ମୀର ପକ୍ଷ କବାଧରେ କଥା ଅଣା ହେବ ବୋଲି ଉଭୟ ଡୋମିନିୟନ ଭିତରେ ଯୁଦ୍ଧ ହେବ । ଯଦି ପାକିସ୍ତାନକୁ କେହି ସୁନା ନେଇ ପାରିବେ ନାହିଁ ବୋଲି ଆଶା ଛାଡ଼ି ଦେଲେ । ତାର କାରଣ ହେଉଛି ଜିନ୍ନାଙ୍କର ଆଖିର ସୁନା କାଟିନେଇ ଗଲେ ସେ କେବଳ ମାତ୍ର ପୁଅଟିଏ ହୋଇ ରହିବେ ବିନା । ସେଥିପାଇଁ ବୋଧହୁଏ ସେ ସୁନାକୁ ଗୃହିଣୀ ବନ୍ଧ କରି ଦେଉଛନ୍ତି ।

—•—

Digitized by srujanika@gmail.com

# ଆରେନ୍

ଘସ୍, ଘସ୍, ଘସ୍ । ଘସ୍ ଘସ୍ ଘସ୍ ଘସ୍ ଘସ୍, ଘସ୍ । ସେଦିନ ଦାସିଆର ଖୁରୁପୀ ବିଜୁଳି ବେଗରେ ଚାଲିଥାଏ । ଛିଣ୍ଡା ଗଞ୍ଜିଆ ଟାଏ ପିନ୍ଧିଛି, ଛିଣ୍ଡା କନିଆ ଅଉ ଗୋଟାଏ ମୁଣ୍ଡରେ ବାନ୍ଧିଛି । ଉପରେ ଠାଇଁ ଠାଇଁ ଖରା । ପିଠିଟା ସେମିତି ମେଲା ପଡ଼ିଛି । ଖରା ତାର କଅଣ କରିବ । ସେ କଣ ବାବୁଭୟା ହୋଇଛି । ଖରା ସାଙ୍ଗେ ବନ୍ଧୁତା ବାନ୍ଧି ଜୀବନରେ ବାର ପଣ କାଟିଲାଣି ।

## କାହାଣୀ

ଝାଳରେ ସପ୍ ସପ୍ ହୋଇ ଗଲାଣି । ତାର କିନ୍ତୁ ଖୁରୁପୀ ଚାଲିଛି । କେବଳ ମଝିରେ ମଝିରେ ବାଁ ନେଡ଼ରେ ଝାଳ ପୋଛିବାକୁ ଓ ପିଠିରେ ଥିବା ଯାଦୁ ଗଲ୍ କଲା ବେଳେ କ୍ଷଣେକ ହବାକୁ ଖୁରୁପୀ ବନ୍ଦ ହୁଏ । ଯନ୍ତ୍ର ପରି ତା ହାତ, ଗୋଡ଼, ଖୁରୁପୀ, ଯେ ଯାହା କାମରେ ଲାଗି ଥାନ୍ତି । ତା ମନ କିନ୍ତୁ ଘାସ ଉପରେ ନାହିଁ । ମନ ଯାଇଁ ବଡ଼ ଡାକ୍ତର ଖାନାରେ ପୁଅ ପଡ଼ିଛି ବେମାର । ଆଜି ମେହେନ୍ତରର ବାବୁଙ୍କ ପାଉଣିଆ ଟଙ୍କାଟି ନଦେଲେ ନଚଳେ । କାଲିକି ଦେବ, ପରଦିନ ଦେବ କହି ଆଜିଯାଏ ଟାଳ୍ ଟୁଳ୍ କରି ଆସିଥିଲା । ଆଉ ଟାଳ୍ ଟୁଳ୍ ସାଡ଼କୁ ଚାଲିଲା ନାହିଁ । ମେହେନ୍ତର ବାବୁ ସଫା ଶୁଣେଇ ଦେଲା—"ଅରେ ରଖମ, ପାଉଣିଆ ନଦେଲେ ସବୁ ରୋଗୀଙ୍କୁ ଯେମିତି ଦେଖୁଛୁ, ତୋ ପୁଅକୁ ସେମିତି ଦେଖିବ ।" ମୂର୍ଖ ହେଲେ କଅଣ ହେବ, ଦାସିଆ ତାର ପ୍ରଚ୍ଛନ୍ନ ଧମକ ବୁଝି-ପାରିଲା । ଷାଠିଏ, ସତୁରି ରୋଗୀରେ ଗୋଟିଏ ମେହେନ୍ତର ସମୟ ବାଣ୍ଟି ସମସ୍ତଙ୍କ କଥା ଶୁଣିଲା ବେଳକୁ କଥା ଶେଷ । ତା ପୁଅର ଅଭାଗିଆ ଝାଡ଼ା, ଠିକ୍ ସମୟରେ ବେଡ଼୍ପ୍ୟାନ୍ ନଦେଲେ ଛଟ୍‌ପଟ୍ ହୋଇଯିବ । ସେହିଦିନ କିଛି ଦବ ବୋଲି ଠିକ୍ କଲା । ଘାସରୁ କେଉଁଦିନ ଟଙ୍କାଏ, କେଉଁଦିନ ପାଞ୍ଚସିକା, ହାରାହାରି ଟଙ୍କାଟିଏ ହୁଏ । କଚୁଆନ୍ ମାନଙ୍କୁ ଦସ୍ତୁରୀ ଦେବାରେ ଚାରି-ଅଣା ଯାଏ । ଘର ଖର୍ଚ୍ଚକୁ ମୋଟ ଉପରେ ଦଶ, ବାରଅଣା ବଳେ । ସେତକ କେବଳ ଚାଉଳରେ ହୋହୋଲ୍ ଯାଏ । ପୁଅ ପଡ଼ିଲା ଦିନୁ ଗୋଟାଏ ପଟା ପାଇଲା ତ ବଞ୍ଚି



ନାହିଁ । ସେଥିରେ ପୁଣି ଗୋଟାଏ ଟଙ୍କା ମେହେନ୍ତର ବାବୁଙ୍କୁ ଦେବାକୁ ହେବ । କାଟୁଥିବା ଘାସର ଦୁଇଗୁଣ ନକାଟିଲେ ଚଳିବ କିମିତି ? ସେଥି ଲାଗି ବିଜୁଳି ପରି ଖୁରୁପୀ ଚାଲିଥାଏ ସେଦିନ । ଜଣା ଯାଉଥାଏ ସତେ କି ଧରଣୀ ମାତାକୁ ପୁରାପୁରି ଖିଅର କରି ପକାଇବ । ହଠାତ୍ ଖିଆଲ୍ ପଶିଲା, "ଅରେ ଘାସକୁ ତ ଝାଡ଼ ନାହିଁ ।" ଦୋ-କାନିଆରେ ଘାସ ସବୁ ଗଡ଼େଇ ଧୂଳି ଝାଡ଼ି ଦେଲା

## କଥାଟିଏ କହୁଁ

ଓ ଏକାଠି ଜମାକରି ଦେଲା । ଘାସ ଗଦା-ଟାକୁ ଚାହିଁ ଅନ୍ଦାଜ କଲା "ହଅମ ଦୁଇଟଙ୍କା ହୋଇଯିବ ।" ପୁଳା ପୁଳା କରିନେଇ ଗୋଟିଏ ପୋଖରୀ କୂଳରେ ଜମାକଲା । ଘାସକୁ ଧୋଇ ଧାଇ ବିଡ଼ା ବାନ୍ଧି ଦେଲା । ସବୁଯାକ ବିଡ଼ା ଏକାଠି ବାନ୍ଧି ଗୋଟାଏ ବଡ଼ ବିଡ଼ା କଲା । ଉଠେଇଲା ବେଳକୁ ଆଉ ପାରିଲା ନାହିଁ । "ହେ ଶନିଆ ଭାଇ, ହେ ଶନିଆ ଭାଇ, ଏ ଭାଇ ଟିକିଏ ମୁଣ୍ଡକୁ ଉଠେଇ ଦେଲୁ"—"ଉଃ, ବାପ୍ରେ, ହଇରେ ଦାସିଆ ଏଡ଼େ ବୋଝ ତୁ କେମିତି ନେବୁ, ଜୀବନଟାକୁ ଏତେ କଷ୍ଟ ଦେଇ ପଇସା କଅଣ କରିବୁ କହୁରେ ।"—"ହେଃ ଆମର ଫେର୍ ଗୋଟାଏ ଜୀବନ, ତାକୁ ଫେର୍ ଗୋଟାଏ କଷ୍ଟ ।" ଓଠଟା ଅଢ଼େଇ ହୋଇ ଯାଇ ଦାନ୍ତ ଟିକିଏ ଦିଶିଲା ସେଇଟା ହସ କି ଆଉ କଅଣ କିଏ କହିବ । ସେଇବାର ବୋଝ ମୁଣ୍ଡାଇ ଟଳି ଟଳିକା ଛନପେଟିଆ ମାରୁଆଡ଼ ବାବୁଙ୍କ ଅସ୍ତାବଲ ପାଖରେ ପହଞ୍ଚିଲା । ଦୁମ୍କିର ବୋଝଟା ପକେଇ ଦେଇ ବିଡ଼ା ଫିଟେଇ ବାକୁ ଯାଉଛି, ଦାମା କଚୁଆନ୍ ପଦ୍ମ ତୋଳାରେ ସାପ ଫଡ଼୍ କରି ବାହାରିଲା ପରି କୁଅଡ଼ୁ ବାହାରି ପଡ଼ି କହିଲା "ଅବେ ଶାଳା କାଲି ଶଳା ଦସ୍ତୁରୀ ନଦେଇ ଶଳା ଖସି ପଳେଇଥିଲୁ, ଆଜି ଶଳା ଆଗ ଦସ୍ତୁରୀ ଥୋ, ତା ପରେ ଶଳା ବନ୍ଧା ଖୋଲିବୁ ।"—"ହେ ଦାମ୍ଭାଇ, ଏମିତି କିଁସେଇ ହେଲେ ଚଳିବ । ମୋ ପୁଅଟା ହାସ୍ପାତାଲରେ ପଡ଼ିଛି, ପଇସାର ଭାରି ଦରକାର । ଅଉ ଦିନେ ଦିଦିନ ଯାଉ ଏକା ବେଳେକେ ସବୁ ଦେଇଦେବି ।"—"ଯା, ଯାଅବେ ଶଳା, ଖାଲି ଶଳା ମୁହଁ ବଢ଼ି କଥା କହୁଛୁ । ହଇରେ ଶଳା ମୁଁ କିଁସେଇ, ନା ଶଳା ତୁ କିଁସେଇ, ଶଳା ହକ୍ ମୋ ଦସ୍ତୁରୀ କାଲିଠୁଁ ଦେଇନୁ, ଶଳା ପୁଣି ମୁହଁ ବଢ଼ି ବଢ଼ି କଥା କହୁଛି । ଶଳା କହୁଛି ମୁଁ କିଁସେଇ"—"ଅରେ କଥା କହୁ କହୁ ଶଳା କହୁଛୁ । ହଇରେ ତୋର ହକ୍ କଅଣ । ମୁଁ ତ ମରି ପଡ଼ି ଘାସ କାଟିଲି, ତୁ କଅଣ କରିଥିଲୁକି, ତୁଚ୍ଛାଟାରେ ମୋଠୁଁ ଦସ୍ତୁରୀ ନେଉଛୁ । ଏତେ କହିଲେ ସୁଦ୍ଧା ଦିନେ ଓଳିଏ ସବର କରିପାରୁ ନାହୁଁ । ମୁଁ କୋଉ ନାହିଁ କରୁଛି ଦବାକୁ !"—"ହୁଁ ତୁଚ୍ଛାଟାରେ ଦସ୍ତୁରୀ ଦେଉଛୁ ? ଅଚ୍ଛା-ହଉ ତୁ ଘାସ କେମିତି ଦବୁ ଦେ!"—"ଅରେ ଯାଅମ କେତେ ଡର ଦେଖଉଛୁମ । ବାବୁଙ୍କୁ ଘାସ ଦେଖାଇ ତାଙ୍କଠୁ ଦାମ ମୁଁ ନେଇ ଯିବିନ, ତୋ ଗଣ୍ଡ ଧମକାଣି ଅଉ କାହା ଆଗେ ଦେଖେଇବୁ"—"ହଉ ଯା, ଯା"—

\+ \+ ×

"ବାବୁ ଟିକିଏ କାହାକୁ ପଠାନ୍ତୁ ଘାସ ଦେଖିନବ । ଅଉଦାମ ଦିଅନ୍ତୁ"—"ନାହିଁ

ଲେଖକ—ସଭୁସ୍ୱାନନ୍ଦ

ଶାଳା ତୁ ବଡ଼ା ହାରାମୀ ଅଛୁ । ହାମର ଦାମ୍ କହୁଥିଲା ତୁ ଦୁବ ଘାସୋରେ ମୁଥା ଘାସୋ ମିଶାଇ ଦେଉଚୁ । ହାମର୍ ଘଡ଼ା ଇସ୍କୋ ନ ଖାଇ କଣ୍ଢା ପରି ହୋଇଗଲା । ଅଗର୍ ହାମେ ରୋଜ୍ ରୋଜ୍ ଅଧା ରୁପୟା ଗଣୁଛୁ । ହାମା ହାମର୍ ଦୁସ୍ରା ଧାଙ୍ଗାରୁ ଘାସୋ ଆଣିବ । ତୁ ଶାଲା ଏତ୍‌ନା ବେଇମାନ୍, ଖାନା ଜିନିସରେ ଖରାବ୍ ମିଶାଉଛୁ । ଶାଲା ଏଠୁଁ ନିକାଲ୍ ଜଲ୍‌ଦି ନିକାଲ୍"—ଦାସିଆ ଆଖିରୁ ଚୁଳୁ ଚୁଳିଆ ପୋକ ବାହାରି ଗଲା, ମୁଣ୍ଡ ବୁଲେଇ ଦେଲା କାନଟା ଭେଁ, ଭେଁ କଲା । ତାକୁ ଆଉ କିଛି ଶୁଭୁ ନଥାଏ କି ଦିଶୁ-

Digitized by srujanika@gmail.com

ନଥାଏ କେବଳ ଶୁଭୁଥାଏ ତା' ମୁହଁରୁ ଅବୁଝା ହାକ "ହେ ମେହେନ୍ତ୍ରର ବାବୁ ଟିକିଏ ଜାଗା ଦିଅ ଆଉ ରହି ପାରିବି ନାହିଁ"...ଆଉ ମେହେନ୍ତ୍ରର ବାବୁଙ୍କ କଡ଼ା ଜବାବ୍—"ଅରେ ରହସ୍ୟ ସମସ୍ତଙ୍କ କଥା ବୁଝିବ ନା ଏକା ତୋର କଥା ବୁଝୁଥିବ। ତୁ କଅଣ ମୋତେ ଦେଇ ପକଉଛୁକି।"—ଗୋଟିଏ ବୋଠୋଇ ପାଦାଘାତରେ ମୁଣ୍ଡକୁ ବୋହଁ ଉଠାଇ ଟଳ ଟଳକା ଦୁର୍‌ବଳ ଲଗୁଆ ଜାଗାକୁ ଯାଉଁ ଯାଉଁ ଅଜାଣତରେ ତାର ପାଟିରୁ ବାହାରି ପଡ଼ିଲା—"ମେହେନ୍ତ୍ରର ବାବୁ, ଆଜି ମୁଁ ଜିତେ ଦେବି, ଆଜି ମୁଁ ଜିତେ ଦେବି।" କେତେଜଣ ବାକ୍ୟଟି ଶୁଣି ହୋ ହୋ ହୋଇ ହସିଉଠି କହିଲେ "ଲୋକଟା ହଦ୍ ପାଗଳ—"

+ + +

ଓକିଲ ବାବୁ ବ ତାର ଲଗୁଆ, ତାଙ୍କୁ ଦେଖିଲା ପଣି କହିଲା "ବାବୁ, ଛନପେଟିଆ ମାରୁଆଡ଼ ବାବୁ ମୋ ବେକରେ ଅଜ କୁସ ଦେଇ ଦେଲେ"—"ଛନ ପେଟିଆ ମାରୁଆଡ଼ କିଏରେ।" ହରି ମୋହରର ସେଠି ବସିଥିଲା ବୁଝେଇ ଦେଲା—"ବାବୁ ଆପଣ ଜାଣି ନାହାନ୍ତି ସେ ବଜ୍‌ରଙ୍ଗ ମାରୁଆଡ଼। ତା ପେଟଟା ଏତେ ବଡ ଯେ ସିଅର ପଡ଼ ଥାକ ଥାକ ହୋଇ ପାଇଛି। ଛଅ ପେଟଟା ଗୋଟା ଉଦର ତ ତା ଉପରକୁ ବଳ ହୋଇ ଯାଇ ଆଉ ଗୋଟିଏ ପେଟ ବଳିଆ ଦିଶୁଛି। ତା ଉପରକୁ ସେମିତି ଆଉ ବ ଗୋଟିଏ, ସର୍ବେକ ଛଅଟାପେଟ। ଲୋକେ ସେଇଥି ଲାଗି ଛନ ପେଟିଆ ମାରୁଆଡ଼ ବୋଲି ଡାକନ୍ତି।" ଓକିଲ ବାବୁ ହସି ସାରି ସବୁ ବିଷୟ ବାହିଆ ଠାରୁ ବୁଝି କହିଲେ "ଦଶଟା ଟଙ୍କା ଦେ ମୁଁ ତାକୁ ପାଣି ପେଇ ଦେବି।" ସେଠୁବ ବାହିଆ ଫେରିଲା। ସବୁ ଲଗୁଆଙ୍କ ପାଖରୁ ଅସିଲା। ଓଲଟି ଲଗୁଆ ପଇସାରୁ ବ କେତେ ଛାଗା ମିଳିଲା ନାହିଁ ପଇସା ପାଖରେ ନଥିଲା ବୋଲି। ଘୋଡ଼ା ଗାଡ଼ି ଯେଉଁମାନେ ଚଢ଼ନ୍ତି ସେମାନଙ୍କ ପାଖରେ କଅଣ ସବୁ ବେଳେ ପଇସା ଥାଏ ? ବହୁକା ଘାସ ବ କାଟି ପାରିଲା ନାହିଁ। ଯାଇଛି ସୁନା ପରି ପଥର। ଯାହାହେଉ ଭାଗ୍ୟକୁ ଘଡ଼ାଗାଡ଼ି ବାଲା ମନୁଆ ହାତୁଡେ ପଡ଼ିଲା। ଘାସିଆଠାରୁ ସବୁ ଶୁଣି ଘାସଚଳ ଘୋଡ଼ାଙ୍କ ପାଇଁ ରଖି ଟଙ୍କାଟିଏ ଦେଲା।— +

"ମେହେନ୍ତ୍ରର ବାବୁ ଆଜିକୁ ମୋ ପୁଅ ଲାଗିବ।"—"ହଁ, ହଁ, ଦେଖିବ, ଅଚ୍ଛା ତୁ ଟିକିଏ ଡାକ୍ତର ବାବୁଙ୍କ ପାଖକୁ ଯା ମୁଣ୍ଡିଆ ମାର ପଚାରିବୁ, ପୁଅର ହାଲ୍ କପର ଓ କଅଣ କରିବାକୁ ହେବ। ତା ପଛକୁ ମୁଁ ତ ଅଛି। ହେଇ ଡାକ୍ତର ବାବୁ ଆସୁଛନ୍ତି. ମନ୍ଦିର, ମୁଁ ଟିକିଏ ଆସୁ ଅସୁଛି"—

× × ×

"ଅରେ ଗୋଡ଼ଛାଡ଼, କଣ ହୋଇଛି କହ।"—"ବାବୁ ମୋ ପୁଅକୁ ଭଲକରି ଦିଅନ୍ତୁ। ସେହି ଏକାମୋର ଭରସା।"—"ଅରେ ଖରାପ୍ ଜିନିଷ ସବୁ ଖାଇ ଏ ରୋଗ ହୋଇଛି। ଲିଭ୍‌ର ତାର ଏକଦମ୍ ଯାଇଛି"—"ବାବୁ ବଜାର ଜିନିଷ କଣି ଖାଇବାକୁ ଆମର ପଇସା କାହିଁ। ତା ଦିହ ଖରାପ ହେଲାରୁ ମୁଁ ତ ବରାବର ଯାଇ ଛନପେଟିଆ ମାରୁଆଡ଼ ବାବୁଙ୍କ ମିଲ୍‌ରୁ ଅଟା ଅଣି ରୁଟି ତିଆରି କରି ଖାକୁ ଦେଉଥିଲି।"—"ଅରେ ତୁ ଯାହାକୁ ଭାବୁଛୁ ଅଟା ସେଥିରେ ଅଛି ତେନ୍ତୁଳି ମଞ୍ଜି ଓ ପଥର ଚୂନା। ଯାହାକୁ ଭାବୁଛୁ ଘିଅ ତା ଭିତରେ ଅଛି ଗୋଡ଼, ଗୋବର। ଯାହାକୁ ଭାବୁଛୁ ତେଲ ତହିଁରେ ଅଛି. ଗଧ. ଘୋଡ଼ା, କୁକୁରର ଚର୍ବି। ସେ ଗୁଡ଼ାକ ଖାଦ୍ୟ ନୁହେଁ ବିଷ, ବିଷ, ତୋ ପୁଅ ଦେହରେ ସେ ଗୁଡ଼ାକ ଚଳନ୍ତି। ଆଗରୁ ହେଲେ ଅଣି ଥାଆନ୍ତୁ। ଅଚ୍ଛା ଔଷଧଟା ବଜାରରୁ କଣିଆଣ, ତୋ ପୁଅକୁ ଇନ୍‌ଜେକ୍‌ସନ୍ ଦେବି। ଏ ଔଷଧ ଡାକ୍ତର ଖାନାରେ ଦିଆହୁଏ ନାହିଁ।"—"ବାବୁ କେତେ ଦାମ୍ ହେବ"—"ଚାରି ପାଞ୍ଚ ଟଙ୍କା ହେବ ବୋଧ-ହୁଏ।" ବାହିଆ ମୁଣ୍ଡ ଘୂରିଗଲା। ମନେ ମନେ ଭାବିଲା "ବଡ଼ ଡାକ୍ତର ଖାନା ବ ବଡ଼ ଲୋକଙ୍କ ପାଇଁ। ବଡ଼ ଲୋକଙ୍କ ପାଇଁ ଦୋ ମହଲା କୋଠା, ବିଜୁଳି ପଙ୍ଖା, ନେନେ ନ ଦେଖିବା ଗଡି। ଫି ଶ୍ରେଣୀ ପିଲ୍ଲା ଦଲେ ଡ଼କର, ନର୍ସ, ମେହେନ୍ତ୍ରର, କଲବାଲା, ରେଡ଼ଓ, ପଥି ପୁଥା କଥାତ ଛାଡ଼, ଏସବୁ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉ ନଥିବ, ଅଉ ମଇଳା ମୁଣ୍ଡିଅଙ୍କ ପାଇଁ ୪। ୫ ଟଙ୍କାର ଔଷଧ ବ ନାହିଁ। ନଥିଲେ ବା କଣି ପାରିବ ନାହିଁ। ବଡ଼ ମୁଣ୍ଡିଅଙ୍କ କଅଣ ଔଷଧ କଣା ହେଉ ନାହିଁ ?" ହଠାତ୍ ଡାକ୍ତର ବାବୁଙ୍କ ପାଟି ଶୁଣି ଚମକି ପଡ଼ିଲା। ତା ଭାବନା ଭାଙ୍ଗି ଗଲା। ଶୁଣିଲା ଡାକ୍ତର ବାବୁ କହୁଛନ୍ତି, "କରେ ଔଷଧ ଅଣିବୁ ନା ତେ. ୬ ଚକୋଯା ଚାଲି ଗଲବ"—ପୁଣି ଭାବନାରେ ବୁଲିଗଲା "ଟଙ୍କା କୋଉଠୁ ଅଣିବ। ଡାକ୍ତର ଖାନା ଔଷଧରେ କଣ ପୁଅ ଭଲ ହେବ। ପୁଅ ଯଦି—ଓଃ" ଚଳ ବଲେଇ ଉଠିଲା—"କାମ ଯେତେ-ବେଳେ ନକରି ପାରିବ ମୋକଥା ବୁଝିବ କିଏ"—"ଅରେ କିଏ ଅଛରେ, ଏଇଟା ପାଗଲାଟାଏ ଯାକୁ ଏଠାରୁ ବାହା କରିଦିଅ"-କହିବା ସଙ୍ଗେ ସଙ୍ଗେ କାର୍ଯ୍ୟ। ସେ ସବୁ ବଡ଼ ଡାକ୍ତର ଖାନା, ସେଠି ବିଦ୍ୟୁତ ଗତି କବା ଛାର—××—ପଇସା ପାଇଁ ଦାୟୀ ବାଲୁଆ ପରି ଆଡ଼େ ସାଡ଼େ ବାହିଆ ବୁଲିଲା। ପଇସା କଣ ଏଠି ସେଠି ପଡ଼ିଛି ? ପୁଅଟିବ ତାର ବଞ୍ଚିଲା ନାହିଁ। କଣି କରି ଔଷଧ ଦେଇଥିଲେ ଅବା କଣ ହୋଇଥାନ୍ତା। ଭୟର ସମ୍ଭାବନାରେ ଯେତେ ଭୟର ଉଦ୍ରେକ ହୁଏ। ଭୟର ଉପସ୍ଥିତରେ ତାହା ହୁଏ ନାହିଁ। ପୁଅ ମରିବା ଆଗରୁ ହିନା ବାହିଆ ଦକ୍‌ଦକ୍ ହେଉଥିଲା। ପୁଅ ମଲା ପରେ ପଥର ହୋଇଗଲା। ଭାବ ନସିଲା "ମୋ ପୁଅକୁ ମାରିଲା କିଏ ଛନ ପେଟିଆ ବାବୁଙ୍କ ମିଲ୍‌ର ଅଟା ଗୁଡ଼ାକ କଣ ବିଷ ?" ତାକୁ ପୁଣି ଶୁଭିଲା ଡାକ୍ତର ବାବୁଙ୍କ କଥା—"ଅରେ ତୁ ଯାହାକୁ ଭାବୁଛୁ ଅଟା ସେଥିରେ ଅଛି ତେନ୍ତୁଳି ମଞ୍ଜି ଓ ପଥରର ଚୂନା।"—ବିଦ୍ୟୁତ ସ୍ଫୁଲିଙ୍ଗ ହେଲେ ଯେପରି ଚତୁର୍ଦ୍ଦିଗରେ ଥିବା ଅନ୍ଧକାର ମିଳେଇଯାଏ, ଡାକ୍ତରଙ୍କ କଥା ମନେ ପଡ଼ି ଯିବାରୁ ଛନ ପେଟିଆ ବାବୁଙ୍କ ଅସ୍ତାବଲ ପାଖରେ ଥିବା ଗୋଟାଏ କୋଠରୀର ଅନ୍ଧାର ତା ଅଖି ଆଗରେ ଧୀରେ ଧୀରେ ମିଳେଇ ଗଲା। ସେ ସଫା ଦେଖିଲା ଥାକ ଥାକ ହୋଇ ଥୁଆ ହୋଇଛି ତେନ୍ତୁଳି ମଞ୍ଜି ଓ ସାବୁନ୍ ପଥରର ବସ୍ତା। ଆଗରୁ ଯେ ଦେଖି ନଥିଲା ତାନୁହେଁ। ସେ ଭାବ ଥିଲା ଯେ ଇଞ୍ଜିନ୍ ଫିଞ୍ଜିନ୍‌ରେ ବୋଧହୁଏ ଏ ଗୁଡ଼ାକ ଲାଗେ। ସେ କାହିଁକି ଟିକିଏ ଭାବିବ ଯେ ଖାଇବା ଜିନିଷରେ ଏ ଗୁଡ଼ାକ ମିଶେ ବୋଲି। ଛନ ପେଟିଆ ମାରୁଆଡ଼ର ଅସ୍ପଷ୍ଟ ମୂର୍ତ୍ତି ତା ଆଗରେ ଠିଆ ହେଲା। ତାକୁ ପଚାରିଲା—"ହଇବେ,

Digitized by srujanika@gmail.com

ଭୁଜ ମଣିଷ ଖାଉ ବା ଜନଙ୍ଗରେ ଦୁସରୁ ଜନଙ୍ଗ ମିଶାଇ ମଣିଷ ମାରୁଛନ୍ତି, ଆଉ ଘୋଡ଼ା ଖାଇବା ଦୂବ ଘାସରେ ମୁଥା ଘାସ ଟିକିଏ ମିଶିଗଲା ବୋଲି ଜୀବନ ଛାଡ଼ି ଯାଉଥିଲା କାହିଁକି ? ଅଧେ ଶଳା ଜାଣିନ୍ତି ଢୋଉ ଲାଗି ମୋପୁଅ ମରୁଛି । ଡାକ୍ତରବାବୁ ନିଜେ କହୁଛନ୍ତି”— ଦାନ୍ତ କଡ଼ମଡ଼ କରି ଉଠିଲା । ମାଂସ ପେଶୀରେ ରକ୍ତ ଫିଟ୍ ଫିଟ୍ ହୋଇ ଗଲା । ଛନ ପେଟିଆକୁ ପ୍ରକୃତରେ ଆଗରେ ଦେଖିଥିଲେ ଗ୍ରେଫେଇ ଦେଇ ଥାଆନ୍ତା । ସ୍ଥିର କଲା “ନା, ଏହାର ନିଶ୍ଚେ ବଦଳା ନେବ” ଅଳି ଗୁପ୍ ଚୁପ୍‌ରେ ପୁଲିସ୍‌କୁ ନେଇ ସେ ଘର ଦେଖାଇ ଦେଲା । ସବୁ ବସ୍ତା ସହିତ ଛନ ପେଟିଆ ବାବୁ ଗୃହଲେ ଥାନାକୁ । ଦାସିଆ ଲୁଚି ଲୁଚି ସବୁ ଦେଖିଲା । ଛନପେଟିଆ ହାତରେ ହାତକଡ଼ି ନ ଦେଖି ତାର ଅବଶୋଷ ହୋଇଗଲା । ଭାବିଲା—“ଗରିବଟାଏ ହୋଇଥିଲେ ହାତକଡ଼ି, ଗୋଡ଼କଡ଼ି, ଅଣ୍ଟାରେ ଦଉଡ଼ିଲଗି ରାସ୍ତାରେ ଘୋଷଡ଼ାହୋଇ ଯାଇ ଥାଆନ୍ତା । ବଡ଼ଲୋକ ବୋଲି ଶଳାକୁ ଗାଡ଼ିରେ ବସେଇ ନ ମଉଳଣକରି ନଉଅଛନ୍ତି । ପାହାହଉ ଶଳା ଧରା ତ ପଡ଼ିଛି”—

× + +

କିଛିଦିନ ପରେ ରଘୁଆଠାରୁ ଦାସିଆ ଯେତେ ବେଳେ ଶୁଣିଲା ଯେ ଛନ ପେଟିଆ କଅଣ ଆଇନ୍ ପଇଣ୍ଟ ଦେଖାଇ ଖଲାସ ହୋଇଗଲା ସେତେବେଳେ ସେ ଥକାହୋଇ ବସିଗଲା ପଚାରିଲା-“ରଘୁଆ ସେ’ ଆଇନ୍ ଗୁଡାକ କେମିତିଆ କରେ ?”—“ଆରେ ପଇସା କେତେ ଆଇନ୍‌କୁ ଗଦ ସୁଙ୍ଘାଇ ଦଉଛି, ଆଉ ଏଇଥି ପଚାରୁଛୁ କଅଣ । ଛନପେଟିଆ ପାଖରେ କଅଣ ପଇସା ନାହିଁ ।”—“ସେ ସବୁ ବଡ଼ଲୋକିଆ ଆଇନ୍, ସେଥିରେ ଛନପେଟିଆ ସାହାଡ଼ ହେବ ନାହିଁ । ତାକୁ ଦରକାର ଜଙ୍ଗଲି ଆଇନ୍ । ଯେ କୌଣସି ବାଟେ ମୁଁ ବଦଲା ନେବ ।”—“ଉଁ ଃ ମୁଣ୍ଡରେ ପକ୍ଷୀ ନାହିଁବେ, ଶିଳ ଶିଳପୁଅ ଗଗନେ ଉଡ଼ୁଛି, ଶିମୁଳୀ ଭୂଲା କହୁଛି ମୋତେ ରଖ ।”—ଦାସିଆ କିନ୍ତୁ ରଘୁଆର ଏହି କଥାକୁ ଧ୍ୟାନ ଦେଲନାହିଁ । ସୁଯୋଗ ଖୋଜି ବୁଲୁଥାଏ ।—ଘାସ କାଟିବା ଛାଡ଼ି କୁଲ୍‌ଫୀ ବରଫ ବେପାର କଲା । ବରଫକୁ ଛେଚି ଗୁଣ୍ଡାକରି ଗୋଟିଏ କାଠି ଅଗରେ ଚପି ଚୁପି ଗୋଲ କରି ଚକ୍‌-କାଇ ଦିଏ, ଟିକିଏ ନାଲିଆ ମିଠା ପାଣି ଉପରେ ଢାଳିଦିଏ, ଅଠକା ଫଲ ପରି ବଡ଼ ମୁନ୍ଦର ଦେଖା ଦିଏଶ । ପିଲାଙ୍କର ଭାରି ଆଦର । ଦାସିଆର ବ ବେଶ୍ ଦିପଇସା ହଉଥାଏ ଘାସ ବେପାରଠୁଁ ବେଶୀ । ତେବେ ମୁଦ୍ଧା ତା ମନ ଭଲ ନଥାଏ । ଖାଲି ସବୁବେଳେ କଅଣ ଖୋଜିଲା । ଖୋଜିଲା ପରି ହେଉଥାଏ । ସତେକି କଅଣ ଗୋଟାଏ ଜିନଷ ପାଉନି । ଦିନେ ବରଫ ଗାଡ଼ି ଠେଲି ଠେଲିକା ଖରାବେଳେ ଯାଉଛି । ହଠାତ୍ କାହାକୁ ଦେଖି ତାର ଭାବ ଏକାବେଳେକେ ପରିବର୍ତ୍ତିତ ହୋଇଗଲା । “ଅରେ ଏହିତ ଛନ ପେଟିଆ ପୁଅ ।” ଗୋଡ଼ ଅଡ଼ୁ ରୁମ ଠାକୁର ଉଠିଲା । ଅସ୍ତେ ଅସ୍ତେ ଯାଇଁ ପାଖରେ କହିଲି, “ହୁଆବାବୁ, କୁଲ୍‌ପୀ ବରଫ ଖାଇବନି” —“ଅରେ ହୁ ଦାସୋ କାହିଁ । ଥିଲୁବେ, ଘାସ ବୁଣିନ ଦୌଡ଼ୁ, ହାଁ, ହାଁ, ମୁଟେକେ ବରଫ ଭାଙ୍ଗି କରି ଦେ”—“ହଉବାବୁ ଏହି ଛାଇ ଜାଗାକୁ ଆସ, ଭଲ କରି ଛଅରି କରି ଦେବ ।” ଏହା କହି ଗାଡ଼ିକୁ ଟିକିଏ ଛାଇ ଥିବା ଫର୍ଚା ଜାଗାକୁ ନେଲା । ପିଲାଟି ପଛେ ପଛେ ପାଇ ସେଠି ଠିଆ ହେଲା । ଦାସିଆ ବରଫକୁ ଛେଚି କାଠି ଅଗରେ ବାନ୍ଧିଲା, ଆଡ଼କୁ ସାଡ଼କୁ ଚାହିଁଲା । ପିଲାଟି କହିଲା “ସେ ନାଲି ପାଣି ଦେବୁନୁ ।”—“ଏବେ ତୁମେ ହଉଚ ମୋର ପୁରୁଣା ଖାଉଚ, ସମସ୍ତଙ୍କୁ ଯୋ ଉ ପାଣି ଦଉଛି ତୁମକୁ କଅଣ ସେଇ ପାଣି ଦେବ । ଏହାକହି ଗୋଟିଏ ଶିଶିକୁ ସନ୍ଧି ଭିତରୁ କାଢ଼ିଲା । ସେ ମୁଣ୍ଡା ଉପରେ ଭଡ଼ି, ପିଲା ହାତକୁ ଦେଇ, ଠେଲା ଗାଡ଼ିକୁ ଛାଡ଼ି, “ବାବୁ ଟିକିଏ ରହିଁଥାଆ, ମୁଁ ପିସାବ କରି ଆସୁଛି ” କହି ଦଉଡ଼ି ପଳେଇଲା । ପିଲାଟା ଦି ଚାରିଥର ଚୁଚୁମିଛି କି ନାହିଁ ଅ, ଅ, ହୋଇ ତଳେ ପଡ଼ିଗଲା । ସେ କଅଣ ଦାସିଆ ପୁଅ ଯେ ମଲାବେଳେ କାହା ବାଟ ବ ଜାଣିବେ ନାହିଁ । ସେ ହୋଡ଼ପଲ୍ଲି ଦି ଚାରିଟା ମିଲ୍‌ର ମାଲିକ ରାୟ ବାହାଦୁର, ଶେଠ୍ ଶ୍ରୀ ବଜରଙ୍ଗ ଚୌଖାନ, କାଇଜର ଇହିନ୍, ଏମ୍‌ ଏଲ୍‌ଏ, ଶିଶୁ ମଙ୍ଗଳ ସଭାପତି, ରିଲିଫ୍ କମିଟିର ସେକ୍ରେଟେରୀ, ଲୋକ ସେବା ସମିତିର ଉପ-ସଭାପତି ଓ ଆଉ କେତେ କଅଣଙ୍କର ମୁଅ । ପହିରଟା ଉଠିଲା ପଡ଼ିଲା । ଝରେ କାଗଜରେ କେତେ ଶୋକ କେତେ ଗୀତ ବାହାରିଲା—

× × +

ମୁନ୍‌ଶୀ ଯେତେବେଳେ ହାତକଡ଼ି ଗୋଡ଼କଡ଼ି ଓ ଅଣ୍ଟା ଦଉଡ଼ି ଦେଇ ରାସ୍ତାରେ ଘୋଷାଡ଼ିଲା, ଦାସିଆ କହିଲା—“ତେବେ ଏମିତି କାହିଁକି ନଉଛ, ମୋତେ ସେମିତି ଗାଡ଼ିରେ ବସେଇ ନିଅ, ନମଉରଣ କଲାପରି ଠିକ୍ ଛନ ପେଟିଆକୁ ଯେମିତି ନେଇଥିଲ” ! ସିପାହୀ ବୁଟ୍ ଯୋଡାରେ ଏକ ଚଉକସ୍ ଗୋଇଠା ଦେଇ କହିଲା, “ଏଇ ନମସ୍କରଣ ନେ ଆଉ ଚାଲ୍ ।” ଆଉ ଗୋଟାଏ ଗୋଇଠା ଉଠେଇଲାରୁ ଭଲ ଟୋକାଟି ପରି ଚାଲି ଚାଲି ଗଲା । କଚେରୀରେ ଖୁବ୍ ଦିନ ଗଲା । ଯାବଦ ଜୀବନ କାରାବାସ ରାୟ ଦିଆଗଲା । ଫାସି ହୋଇ ଥାଆନ୍ତା, କିନ୍ତୁ ହାକିମଙ୍କର ଟିକିଏ ସନ୍ଦେହ ହେଲା ଯେ ଅସାମୀର ମୁଣ୍ଡରେ ଟିକିଏ ପାଗଳାମୀର ଛିଟା ଅଛି । ନହେଲେ ଖୋଦ ହାକିମଙ୍କୁ ଦାସିଆ ପଚାରନ୍ତା “ବାବୁ, ଛନ ପେଟିଆ ଜାଣି ଶୁଣି ଶହ ଶହ ପିଲାଙ୍କ ବଳି, ବଡ଼ ମଣିଷଙ୍କୁ ବ ଖାଇଲା ଜନିଷରେ ବିଷ ଦେଇ ମାରୁଛି । ତେବେ ଖୁଦ୍ଧା ଆଇନ ତାକୁ କାବୁ କରି ପାରିଲା ନାହିଁ । ଓଲଟା ସେ ପଇସାରେ ଆଇନକୁ କାବୁ କରି ଦେଲା ! ଆଉ ମୁଁ ଛନପେଟିଆକୁ କାବୁ କରି ଦେଲି ବୋଲି ଆଇନ ଓଲଟା ମତେ ବାନ୍ଧୁଛି । ବାବୁ ଏଇଟା କେମିତିଆ ଆଇନ ?”

---

## କୁତୁକୁତୁ

ବାପା—ଭାଲି ହାଟକୁ ଯେଉଁ ବର୍ଷା ଜଣେ କହୁଥ ? କୁଆ ଛୁଆ ତ ଉଡ଼ିଲେ ?

ଝୁନା—ନନା ଅଜି ସକାଳେ ଯେଉଁ ଛୋଟ କୁଆଟା ଆମ ଗୁଳରେ ବସିଥେଲା ସେଇଟା ଜଣେ ଖେଉ ଅସିଛି ।

× + ×

ବାପା—ଆରେ ଚେ ଲଙ୍ଗୀକୁ ମଇଲା ଭରନା ଝୁଲୁ । ମୋତେ ସେ ଲଗାଟା ଭାରି ଭଲ ଲାଗେ ।

ଝୁଲୁ—ତମେ ଜଣ ସବୁଦିନ ଚସ ଲଗାକୁ ଖାଅ ବାପା ? + × +

Digitized by srujanika@gmail.com

# —ସିନେମା—

ଶ୍ରୀ ଧୀରେନ୍ ଦାଶ

ବର୍ତ୍ତମାନ "ଭାରତୀୟ ଫିଲ୍ମ୍ ସେନ୍‌ସାର୍ସ" ବିଷୟରେ କିଛି ଲେଖେଁ ।

ଭାରତରେ ଏହିପ୍ରକାର 'ବୋର୍ଡ଼' ବମ୍ବେ, କଲିକତା, ମାନ୍ଦ୍ରାଜ, ପଞ୍ଜାବ, ମଧ୍ୟ ପ୍ରଦେଶ ଏବଂ ବେହାର ପ୍ରଭୃତି ସ୍ଥାନ ମାନଙ୍କରେ ଅଛି । ସ୍ଥାନୀୟ ଜନସାଧାରଣଙ୍କ ପାଇଁ ନିୟମ ଅନୁଯାୟୀ କେଉଁ ପ୍ରକାର ଚିତ୍ର ଖରାପ ତାହା ଏମାନେ ଠିକ୍ କରନ୍ତି । ଗତ କିଛିଦିନ ପୂର୍ବରୁ ୧୯୩୬ରେ ବମ୍ବେରେ ମଞ୍ଜୁର ହୋଇ ଥିବା 'ରାଜପୁତାଣୀ' ଚିତ୍ରଟିକୁ ମଧ୍ୟ ପ୍ରଦେଶର ସରକାର ନାମଞ୍ଜୁର କରିଛନ୍ତି । ୧୯୪୪ରେ ମଞ୍ଜୁର ହୋଇଥିବା 'ବର୍ମାର ରାଣୀ' ଚିତ୍ରଟି ମାନ୍ଦ୍ରାଜ ସରକାର ବନ୍ଦ କରି ଦେଇଛନ୍ତି ଓ ବମ୍ବେର ସରକାର ପୂର୍ବରୁ ନାମଞ୍ଜୁର ହୋଇଥିବା 'ଅଗୋବତୋ' ଚିତ୍ରଟିକୁ ପୁଣିମଞ୍ଜୁର କରିଛନ୍ତି । ବ୍ରିଟିଶ ସରକାରଙ୍କ ସମୟରେ ଭାରତୀୟ ଏତେ ଗୁଡ଼ିଏ 'ସେନ୍‌ସାର୍ ବୋର୍ଡ଼' ମଧ୍ୟରୁ କେଉଁଟି ଯେ ପ୍ରକୃତ ଦକ୍ଷତା ସହକାରେ ଓ ବିଶ୍ୱସ୍ତ ଭୃତ୍ୟ ରୂପେ କାର୍ଯ୍ୟ କରି ନାହାନ୍ତି ଏହା କୁହାଯାଇ ପାରିବ ନାହିଁ । ସାମ୍ରାଜ୍ୟବାଦୀଙ୍କ ନିୟମ ଭିତରେ ବାନ୍ଧି ହୋଇ ଏହି ବୋର୍ଡ଼ ଗୁଡ଼ିକ ଜନସାଧାରଣଙ୍କୁ ଅନ୍ଧ କରି ଦେଇ ଅଛନ୍ତି । ସେ ସମୟରେ କୌଣସି ଚିତ୍ରରେ 'ଧନୀ ଓ ଗରିବର ମିଳନ' 'ରାଜାର ବିରୁଦ୍ଧରେ ପ୍ରଜାଙ୍କର ବିଦ୍ରୋହ' ପ୍ରଭୃତି ଦୃଶ୍ୟମାନ ଥିଲେ ତାହା ଅଗ୍ରାହ୍ୟ କରାଯାଇଅଛି । ଏପରିକି କୌଣସି ଚିତ୍ର ଭିତରେ କଂଗ୍ରେସ ପତାକା, ଭାରତର ମାନଚିତ୍ର, ଗାନ୍ଧିଜୀ କିମ୍ବା ଜହରଲାଲଙ୍କର ଫଟୋ ମାନ ଥିଲେ ସେ ଅଂଶକୁ ଅନ୍ୟାୟ ମୂଳକ ବୋଲି କାଟି ଦିଆ ଯାଇଛି । କିନ୍ତୁ ଭାରତୀୟଙ୍କ ବିରୁଦ୍ଧରେ ପ୍ରତ୍ୟେକ ପ୍ରକାର ବୈଦେଶିକ ଚିତ୍ରଗୁଡ଼ିକୁ ପ୍ରଦର୍ଶନ ପାଇଁ ଅନୁମତି ମିଳିଛି । ଭାରତୀୟମାନେ ଅସଭ୍ୟ ଓ ଅନାର୍ଯ୍ୟ ବୋଲି ବର୍ଣ୍ଣନା ଥିବା ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇ ପାରିଛି ଓ ଭାରତୀୟ ଜନସାଧାରଣଙ୍କର ନୈତିକ ଅବନତି ପାଇଁ ଯଥେଷ୍ଟ ଉପାଦାନ ଯୋଗାଉଥିବାର ଚିତ୍ର ମଧ୍ୟ ପ୍ରଦର୍ଶିତ ହୋଇଛି । ଏଇଥିପାଇଁ ଭାରତୀୟ ନିର୍ମାତାମାନେ ଜନସାଧାରଣଙ୍କ ହିତକାରୀ ଚିତ୍ର କରିବା ପାଇଁ ପଛଘୁଞ୍ଚା ଦେଇଛନ୍ତି ଓ ଆମର ସମାଜ ଭିତରେ କଦର୍ଯ୍ୟତା ଭର୍ତ୍ତି କରିବା ପାଇଁ ପ୍ରତ୍ୟେକ ପ୍ରକାରର ଖରାପ ଚିତ୍ର ପ୍ରକାଶ କରି ହୋଇଛି । ବର୍ତ୍ତମାନ ଅବଶ୍ୟ ସେ ଅବସ୍ଥା ନାହିଁ କିନ୍ତୁ ତଥାପି ପ୍ରାଦେଶିକ ବୋର୍ଡ ଗୁଡ଼ିକ ଖୁବ୍ ପଛରେ ପଡ଼ି ଯାଇଛନ୍ତି । ବର୍ତ୍ତମାନ ସୁଦ୍ଧା ସମାଜ ଓ ଜାତିର ଅହିତକାରୀ ଅନେକ ଚିତ୍ର ପ୍ରକାଶ ପାଉଛି । ଦେଖାଯାଉଛି ପ୍ରାଦେଶିକ ବୋର୍ଡ ମାନଙ୍କ ମଧ୍ୟରେ ଗୋଟିଏ ସ୍ଥାନରେ ଗୋଟିଏ ନାମଞ୍ଜୁର ଚିତ୍ର ଅନ୍ୟ ପ୍ରଦେଶର ବୋର୍ଡ଼ ମଞ୍ଜୁର କରିଛନ୍ତି । ଏହାଦ୍ୱାରା ଅହିତକାରୀ ଚିତ୍ରର ନିର୍ମାତାମାନଙ୍କୁ ମଞ୍ଜୁର ପାଇଁ ଖୁବ ସୁବିଧା ମିଳି ଯାଉଛି ଓ ବିଶେଷତଃ ବୈଦେଶିକ ଚିତ୍ର ବିତରଣକାରୀମାନଙ୍କୁ ବେଶୀ ସୁବିଧା ମିଳି ଯାଉଛି । କିଛିଦିନ ପୂର୍ବରୁ 'କଲିକତା' ନାମକ ଗୋଟିଏ ବୈଦେଶିକ ଚିତ୍ର ବମ୍ବେ ପ୍ରଦେଶରେ ନାମଞ୍ଜୁର ହୋଇଥିବା ସତ୍ତ୍ୱେ 'ବେଙ୍ଗଲ୍ ବୋର୍ଡ଼ ଅଫ୍ ସେନ୍‌ସାରସ୍‌ଙ୍କ' ଦ୍ୱାରା ମଞ୍ଜୁର ହୋଇଥିଲା । ଥରେ ଗୋଟିଏ ପ୍ରଦେଶରେ ଗ୍ରହଣ କରାଗଲେ ଅକ୍ଳେଶରେ ଅନ୍ୟ ପ୍ରଦେଶ ଗୁଡ଼ିକରେ ମଧ୍ୟ ପ୍ରଦର୍ଶିତ ହୋଇ ପାରିବ ଯେହେତୁ ଦୁଇ ପ୍ରଦେଶର ବୋର୍ଡ ଅଫ ସେନ୍‌ସାରସ୍‌ଙ୍କ ମଧ୍ୟରେ ବିବାଦଟା ସମ୍ଭବପର ନୁହେଁ ଓ ସୁନ୍ଦର ନୁହେଁ ।

ଭାରତୀୟ ଅଧିକାଂଶ ଚିତ୍ରରେ 'ସେହିନାଇ' ଚିତ୍ରର 'ଯବାନୀକୀ ରେଲ୍ ଚଲି ଯାଏରେ' ଭଳି କଦର୍ଯ୍ୟ ଗୀତମାନ ଶୁଣିବାକୁ ମିଳେ ଓ ଖୁବ୍ ଅଳ୍ପ ଦିନ ମଧ୍ୟରେ ଏ ପ୍ରକାର ଗୀତ ରାସ୍ତାଘାଟ ସବୁ ଠାରେ ଶୁଣିବାକୁ ମିଳେ ଯେହେତୁ ଜନସାଧାରଣ ଭଲ କଣ୍ଠସ୍ୱରରେ ଯେତେ ଆକୃଷ୍ଟ ନହୋଇ ଥାନ୍ତି ଝଃରପଠା ଦ୍ୱାରା ତାଠାରୁ ବହୁ ଗୁଣରେ ଆକୃଷ୍ଟ ହୋଇ ପଡ଼ନ୍ତି । 'ଜୁଗ୍‌ନୁ' ନାମକ ଚିତ୍ରରେ ଗୋଟିଏ କଲେଜ ବାଳିକାର ଅର୍ଦ୍ଧ ନଗ୍ନ ନୃତ୍ୟ ସହିତ 'ଲୁଟ୍ ଯୌବନୀ ଫିର୍ ନହିଁ ଆନୀ' ଗୀତଟି ଭାରତରେ କେଉଁ କଲେଜରେ ଯେ ସମ୍ଭବ ତାହା ମନେ ହୁଏ ନାହିଁ । ଏ ପ୍ରକାର ଗୀତ କିମ୍ବା କଦର୍ଯ୍ୟ ଅଭିନୟ ଥିବା ଦୃଶ୍ୟ ଗୁଡ଼ିକ ଉପରେ ଯେ 'ସେନ୍‌ସାରସ୍' ମଞ୍ଜୁର କରନ୍ତି, ଜଣା ପଡ଼େ ନାହିଁ । ଏହା ଯେ ଜନସାଧାରଣଙ୍କୁ ଅବନତ କରାଏ ଓ ନୈତିକତା ଉପରେ ବାଧା ଆଣେ ଏହା କହିବା ବାହୁଲ୍ୟ । ଏପରି ଦୃଶ୍ୟ କିମ୍ବା ଅଭିନୟ ଗୁଡ଼ିକ ଦର୍ଶକଙ୍କ ସାମନାକୁ ଆଣିବା ଉଚିତ ନୁହେଁ । ବର୍ତ୍ତମାନ ଭାରତରେ ଏହି 'ସେନ୍‌ସାରସ୍' ପାଇଁ ବଡ଼ ଚହଳ ପଡ଼ି ଯାଇଅଛି ଓ ପ୍ରାଦେଶିକ ବୋର୍ଡ ଗୁଡ଼ିକ ବର୍ତ୍ତମାନ ଏହାର ଉନ୍ନତି ପାଇଁ ଚେଷ୍ଟା କରୁଅଛନ୍ତି । 'ଫିଲ୍ମ୍ ଇଣ୍ଡିଆ' ନାମକ ସିନେମା ମେଗାଜିନର ସମ୍ପାଦକ ଏ ବିଷୟରେ ସରକାରଙ୍କର ଦୃଷ୍ଟି ଖୁବ୍ ଜୋର ଭାବେ ଆକର୍ଷଣ କରାଇଥିଲେ ଓ କେତୋଟି ସଂଖ୍ୟାରେ ଅନେକ ନିର୍ଦ୍ଦିଷ୍ଟ ଚିତ୍ରରୁ କେଉଁ କେଉଁ ଅଂଶ କାଟି ଦିଆଯିବା ଦରକାର ତାହା ଦର୍ଶାଇଥିଲେ । ତାଙ୍କର ଏଇ ଚେଷ୍ଟା ଏକ ପ୍ରକାର ସୁଫଳ ଦେଇଛି ଓ ବମ୍ବେର ଘରୋଇ ବିଭାଗ ମନ୍ତ୍ରୀ ପୂର୍ବରୁ ମଞ୍ଜୁର ହୋଇ ଥିବା ଅନେକ ଗୁଡ଼ିଏ ଚିତ୍ରକୁ ୧୯୪୬ରେ ଆଉଥରେ 'ସେନ୍‌ସାର୍' କରି ଅନେକ ଅଂଶ କାଟି ଦେଇଛନ୍ତି । ଏହା ଫଳରେ 'ଦଶ ବଜେ' 'ରତନ' 'ବଙ୍ଗେ—କା—ଖେଲ୍' 'ମହାରାଣା ପ୍ରତାପ' 'ସାଲଗିରା' 'କିସମତ୍' 'ହାମଜୋଲି' 'ଦୋସ୍ତୀ' ପ୍ରଭୃତି ଆହୁରି ଅନେକ ଚିତ୍ର କିଛି କିଛି ଅଂଶ ହରାଇଛନ୍ତି ।

ଭାରତୀୟ 'ବୋର୍ଡ଼ ଅଫ ସେନ୍‌ସାରସ୍‌'ଙ୍କ ଦାୟିତ୍ୱ ଖୁବ ବେଶୀ । ସ୍ୱାଧୀନ ଭାରତରେ ଜନସାଧାରଣଙ୍କର ନୈତିକ ଅବନତି ଓ ଉନ୍ନତି ଏମାନଙ୍କର ଦ୍ୱାରା ସହଜ । ଏ ସ୍ଥଳେ ଏମାନଙ୍କର କାର୍ଯ୍ୟ-କୁଶଳତା କେବଳ ବାଞ୍ଛନୀୟ ।

ବର୍ତ୍ତମାନ ଭାରତରେ କେବଳ କଲିକତା ବମ୍ବେ ଓ ମାନ୍ଦ୍ରାଜ ପ୍ରଦେଶର 'ବୋର୍ଡ଼ ଅଫ୍ ସେନ୍‌ସାର୍ସ୍' କାର୍ଯ୍ୟକାରୀ ଅଛନ୍ତି । ଗୋଟିଏ ଦେଶ ଭିତରେ ଏତେ ଗୁଡ଼ିଏ 'ବୋର୍ଡ଼' ରହିବା ଦ୍ୱାରା କେବଳ ବିବାଦର ସୃଷ୍ଟି କରାଯାଉଛି । ଖବର ଜଣାଯାଏ ନିକଟରେ ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁ ପାର୍ଲିଆମେଣ୍ଟରେ ବକ୍ତୃତା ଦେଇ କହିଛନ୍ତି ଯେ ଗୋଟିଏ ଦେଶ ଭିତରେ ଏତେଗୁଡ଼ିଏ 'ସେନ୍‌ସାର୍ସ୍ ବୋର୍ଡ଼ର' କିଛି ପ୍ରୟୋଜନତା ନାହିଁ । ସେଥିପାଇଁ ସରକାରଙ୍କ ତରଫରୁ କେବଳ ଗୋଟିଏ ମୁଖ୍ୟ 'ସେନ୍‌ସାର୍ ବୋର୍ଡ଼' କରାଯିବ, ଯେ କି ସବୁ ବୋର୍ଡ଼ ଗୁଡ଼ିକର କାର୍ଯ୍ୟ କରିବ । ଏହି 'ବୋର୍ଡ'ଟି ପାଇଁ ନୂତନ ନିୟମାବଳୀ ତିଆରି କରାହେଉଅଛି ଓ ଖୁବ୍ ନିକଟରେ ଏହା ଭାରତରେ କାର୍ଯ୍ୟକାରୀ ହେବ ।

ଏହି ସରକାରୀ 'Central Board of censors' ର ସଫଳତା ଆଶା କରାଯାଏ ।

—*—

Digitized by srujanika@gmail.com

# ଲୁପ୍ତ ସଭ୍ୟତା

ଲେଖକ — ଶ୍ରୀ ନିହାର ଗାଞ୍ଜ ଗ୍...

ଆମ୍ଭେମାନେ ଆଜିକାଲି ସଭ୍ୟ ବୋଲି ଦାବୀ କରୁଛୁଁ । ଆମ୍ଭମାନଙ୍କ ଭଳି ଲୁଗା ପିନ୍ଧା, ଖେଳା, ସୁଖ ସ୍ୱାଚ୍ଛନ୍ଦ୍ୟରେ ଜୀବନ ଯାପନ କରିବାକୁ ଯେଉଁମାନେ ଅକ୍ଷମ ତାଙ୍କୁ ଅସଭ୍ୟ ବୋଲି ଘୃଣା କରୁଛୁଁ । ସଭ୍ୟତା କିନ୍ତୁ ବହୁଯୁଗ ଧରି ପୃଥିବୀର ବହୁକ୍ଷେତ୍ରରେ ଭିନ୍ନ ରୂପରେ ଗଢି ଉଠି ଅଛି । ବହୁ ରୂପାନ୍ତର ମଧ୍ୟ ଦେଇ ବର୍ତ୍ତମାନ ସଭ୍ୟତାରେ ପରିଣତ ହୋଇଛି । ବହୁ ଆଦର୍ଶ ଦ୍ୱାରା ଅନୁପ୍ରାଣିତ ହୋଇ ନାନା ପ୍ରକାର ପରିବର୍ତ୍ତନ ମଧ୍ୟ ଦେଇ ଅଗ୍ରଗତି କରିଛି । ଏଣୁ ସଭ୍ୟତାର ଇତିହାସ ଦେଖା ଆମ୍ଭମାନଙ୍କ ପକ୍ଷରେ ପ୍ରୟୋଜନ ହୋଇପଡ଼େ । ଆମ୍ଭେମାନେ ସଭ୍ୟତାର ଅଗ୍ରଗତିକୁ ତିନି ଗୋଟି ବିଭାଗରେ ବିଭକ୍ତ କରୁ (୧) ମନୁଷ୍ୟ କ୍ରମଶଃ ନାନା ପ୍ରକାର ଅସ୍ତ୍ର ଶସ୍ତ୍ରର ଉଦ୍ଭାବନ କରି ବିଷମ ଶକ୍ତିର ଅଧିକାରୀ ହୋଇ ପାରିଅଛି । ପ୍ରଥମେ ପଥର ନିର୍ମିତ ଅସ୍ତ୍ରର ବ୍ୟବହାରରୁ ଆରମ୍ଭ କରି କ୍ରମଶଃ ପରମାଣୁ ବୋମାର ବ୍ୟବହାର ଦ୍ୱାରା ମନୁଷ୍ୟ ନିଜର ମାରଣ ଶକ୍ତିକୁ ବହୁଗୁଣରେ ବଢ଼ାଇ ପାରିଅଛି ଓ ପୃଥିବୀ ମଧ୍ୟରେ ନିଜର ଅଖଣ୍ଡ କ୍ଷମତା ବିସ୍ତୃତ କରି ପାରିଅଛି । ସଭ୍ୟତାର ପରିମାଣ କିନ୍ତୁ ଏହି ମାରକ ଶକ୍ତିର ବିକାଶ ଦ୍ୱାରା ପରିମାପ କରିବା ଅନୁଚିତ ଓ ତାର ଅଗ୍ରଗତି ମଧ୍ୟ ଏହି ଶକ୍ତିର ବିକାଶ ଦ୍ୱାରା ସୂଚିତ ହୋଇ ପାରେ ନାହିଁ । (୨) ମନୁଷ୍ୟର ଚିନ୍ତାଧାରା ନାନା ପ୍ରକାରେ ବିକଶିତ ହୋଇଅଛି । ସେ ନିଜର ଜ୍ଞାନର ପରିସର ବୃଦ୍ଧି କରି ପାରିଅଛି । ଜଡ଼ ଜଗତର ସୃଷ୍ଟି ତତ୍ତ୍ୱର ସମ୍ୟକ୍ ପରିଚୟ ଲାଭ କରିପାରିଅଛି । ପ୍ରକୃତିର ଅନ୍ତର୍ନିହିତ ଶକ୍ତି ଓ ଗୁପ୍ତରତ୍ନମାନଙ୍କୁ ସମ୍ୟକ୍ ବ୍ୟବହାର କରି ନିଜର ସୁଖ ସମୃଦ୍ଧି, ସ୍ୱାଚ୍ଛନ୍ଦ୍ୟକୁ ବଢାଇ ପାରିଅଛି । ପ୍ରକୃତିକୁ ଅନୁକରଣ କରି ପ୍ରକୃତିକୁ ବଶୀଭୂତ କରି ନିଜର ସ୍ୱାଚ୍ଛନ୍ଦ୍ୟ ବୃଦ୍ଧି କରିବା ଦ୍ୱାରା ମନୁଷ୍ୟର ସଭ୍ୟତା ବୃଦ୍ଧି ପ୍ରାପ୍ତ ହୋଇଅଛି । ପ୍ରକୃତି ପରାଜିତ ହୋଇ ନିଜର ସମସ୍ତ ସମ୍ପତ୍ତି ମନୁଷ୍ୟର ଭୋଗ ନିମନ୍ତେ ଉନ୍ମୁକ୍ତ କରି ଦେଇଅଛି । ପ୍ରକୃତିର ନିଜସ୍ୱ କେତେକ ଅସ୍ତ୍ରଥିଲା, କାଳଗତ ସ୍ଥାନଗତ ବ୍ୟବଧାନଦ୍ୱାରା ପ୍ରକୃତି ମନୁଷ୍ୟକୁ ନାନା ଭାବରେ କଷ୍ଟ ଗ୍ରସ୍ତ କରୁଥିଲା; ରୋଗର ଉତ୍ପତ୍ତିଦ୍ୱାରା, ପଦାର୍ଥର ବିନାଶ ଦ୍ୱାରା, ପାହାଡ଼ ପର୍ବତ ନଦୀ ସମୁଦ୍ରର ବ୍ୟବଧାନ ଦ୍ୱାରା ମନୁଷ୍ୟକୁ ଆୟତ୍ତ କରିବାକୁ ଓ ମନୁଷ୍ୟ ଜୀବନକୁ ପଦେ ପଦେ ବିପନ୍ନ ଓ ବିପର୍ଯ୍ୟସ୍ତ କରିବା ନିମନ୍ତେ ପ୍ରକୃତି ଯଥାସାଧ୍ୟ ଚେଷ୍ଟା କରିଥିଲା କିନ୍ତୁ ମନୁଷ୍ୟ ଫଟୋଗ୍ରାଫଦ୍ୱାରା କାୟାର ଛାୟାକୁ ଚିରସ୍ଥାୟୀ କରୁଅଛି, ଗ୍ରାମଫୋନ ଦ୍ୱାରା ବାକ୍ୟକୁ ଚିରସ୍ଥାୟୀ କରୁଅଛି, ଔଷଧ ଦ୍ୱାରା ରୋଗକୁ ଆୟତ୍ତ କରୁଅଛି ଓ ନାନା ଯାନର ଉଦ୍ଭାବନ କରି ପ୍ରକୃତିଗତ ବାଧାକୁ ଲଙ୍ଘନ କରି ପାରୁଅଛି । ମନୁଷ୍ୟ ସଭ୍ୟତାର ଏହା ଗୋଟିଏ ଧାରା ବୋଲି ଗଣିତ ହୋଇ ପାରେ [ ୩ ] କିନ୍ତୁ ମନୁଷ୍ୟ ଜଡ଼ ଜଗତର ଜୟରେ ନିଶ୍ଚିନ୍ତ ହୋଇ ନାହିଁ । ସେ ଯଥାସାଧ୍ୟ ଭଗବାନଙ୍କ ସାନ୍ନିଧ୍ୟ ଲାଭ କରିବାକୁ ସଚେଷ୍ଟ ହୋଇଅଛି ଓ ଏହା ଦ୍ୱାରା ତାହାର ଜୀବନ ନାନା ଭାବରେ ଉନ୍ନତ ହୋଇଅଛି । ଅତୀନ୍ଦ୍ରିୟ ଜଗତର ସଂସ୍ପର୍ଶରେ ଆସିବା ନିମନ୍ତେ ନାନା ଅବସ୍ଥାକୁ ଆଶ୍ରୟ କରି ନାନା ପ୍ରକାର ଧର୍ମର ଦ୍ୱାହିଦେଇ ନୂତନ ଭାବମୟ ଜଗତର ସୃଷ୍ଟି କରିବାରେ ପ୍ରୟାସୀ ହୋଇଅଛି ଓ ଏହାଦ୍ୱାରା ତାହାର ଅନ୍ତର୍ନିହିତ ଶକ୍ତି ନାନା ପ୍ରକାରେ ମାର୍ଜିତ ଓ ଉନ୍ନତ ହୋଇ ତାକୁ ସାଧାରଣ ପଶୁଠାରୁ ଖାଦ୍ୟାନ୍ୱେଷୀ ମାନଙ୍କଠାରୁ ପୃଥକ କରିପାରିଅଛି ।

ସଭ୍ୟତା—ବିକାଶର ଇତିହାସ ଆଲୋଚନା କରିବାକୁ ହେଲେ ଏହି ତିନିଗୋଟି ଧାରାପ୍ରତି ଲକ୍ଷ୍ୟ ରଖିବାକୁ ହେବ, ମାତ୍ର ଲୁପ୍ତ ସଭ୍ୟତାର ଆଲୋଚନା ବେଳେ ଆମ୍ଭେମାନେ ଅଗ୍ରଗତିର ପ୍ରକାର ଭେଦ ପ୍ରତି ଲକ୍ଷ୍ୟ ନରଖି କେବଳ ସଭ୍ୟତାର ଅଗ୍ରଗତି ସମ୍ବନ୍ଧରେ ଯେଉଁ ସବୁ ସଭ୍ୟତା କାଳ କ୍ରମେ ଲୟ ଖାଇ ଯାଇଅଛି କେବଳ ସାମାନ୍ୟରେ ତାହାର ପରିଚୟ ଦେବାହିଁ ସମ୍ଭବପର ହେବ । ଜଗତରେ ସଭ୍ୟତାର ପ୍ରଥମ ଅବସ୍ଥାରେ ଯେଉଁ ଚିହ୍ନ ଆମ୍ଭେମାନେ ପାଉଁ ତାହା ମଧ୍ୟରେ ଆମ୍ଭେମାନେ ଦେଖୁ ଯେ ପ୍ରଧାନତଃ ନଦୀକୁ ଆଶ୍ରୟ କରି ସଭ୍ୟତା ଗଢ଼ି ଉଠିଥିଲା । ଅତି ପ୍ରାଚୀନ କାଳରେ ଟାଇଗ୍ରିସ ନଦୀ କୂଳରେ ... ସୁମେର ସଭ୍ୟତାର ପରିଚୟ ମିଳେ । ନୀଳ ନଦୀକୁ ଆଶ୍ରୟ କରି ଇଜିପ୍ତ ସଭ୍ୟତାର ପରିଚୟ ମିଳେ । ସିନ୍ଧୁ ନଦୀକୁ ଆଶ୍ରୟ କରି ... ଭାରତରେ ଏକ ପ୍ରାଚୀନ ... ପରିଚୟ ... ଆମ୍ଭେମାନେ ପାଇଥାଉଁ ।

ସିନ୍ଧୁ ନଦୀର କୂଳରେ ଯେଉଁ ସଭ୍ୟତା ଗଢି ଉଠିଥିଲା ତାହାର ପରିଚୟ ଆମେମାନେ ପାଉଁ ମହେଞ୍ଜୋଦାରୋ, ହରପ୍ପାରେ ଓ ଅନ୍ୟାନ୍ୟ ଲୁପ୍ତ ... ମାନଙ୍କରେ । ଅନ୍ତତଃ ୮୦୦୦ ବର୍ଷ ପୂର୍ବରୁ ଏହି ସବୁ ସ୍ଥାନରେ ସମୃଦ୍ଧ ନାଗରିକ ଜୀବନର ସୂଚନା ବର୍ତ୍ତମାନ ମଧ୍ୟ ଅବଶିଷ୍ଟ ହୋଇ ଅଛି । ଏଠାର ବାସିନ୍ଦା ମାନେ ଆନନ୍ଦମୟ ଜୀବନ ଯାପନ କରୁଥିଲେ । ଇଟାର ନିର୍ମିତ ଗୃହରେ ରହୁଥିଲେ; ଗୌଟିବାଟାରେ ସ୍ନାନ କରୁଥିଲେ, ପ୍ରଶସ୍ତ ରାଜପଥରେ ବିଚରଣ କରୁଥିଲେ ଓ ସହରର ଆବର୍ଜନା ପ୍ରଭୃତିର ଅପସାରଣ ନିମନ୍ତେ ସୁନ୍ଦର ବ୍ୟବସ୍ଥା କରିଥିଲେ । ବର୍ତ୍ତମାନ ନାଗରିକ ଜୀବନରେ ଅପରିହାର୍ଯ୍ୟ ନାନା ଅଂଶ ସେମାନଙ୍କ ପରିକଳ୍ପିତ ସହର ମାନଙ୍କରେ ଦେଖାଯାଏ । କିନ୍ତୁ ଏମାନଙ୍କର ସଭ୍ୟତା ପୂର୍ବ କଥିତ ସୁମେର ସଭ୍ୟତା ସହିତ ସମ୍ପୃକ୍ତ। ସୁମେର ସଭ୍ୟତା ଅତି ପ୍ରାଚୀନ; ଆର୍ଯ୍ୟମାନେ ଏହି ଦେଶ ମଧ୍ୟ ଦେଇ ଭାରତକୁ ଆସିବା ସମୟରେ ସେହି ସଭ୍ୟତା ପ୍ରାୟ ଲୁପ୍ତ ହୋଇ ଆସିଥିଲା । ସେଠାର ଲୋକେ ସେ ସମୟରେ ଅସୁର ବୋଲି ପରିଚିତ ଥିଲେ ଓ ଏହି ଅସୁର ମାନଙ୍କ ସହିତ ଯୁଦ୍ଧ ଆର୍ଯ୍ୟମାନଙ୍କର ସାହିତ୍ୟରେ ଚିରସ୍ଥାୟୀ ଆସନ ଲାଭ କରିପାରି ଅଛି । ଅସୁର ସଭ୍ୟତାର ପତନ ସମୟରେ ଆର୍ଯ୍ୟମାନଙ୍କ ... ସେମାନଙ୍କର ପୁନ ... ତାଙ୍କର ପରାଜୟ ଘଟିଥିଲା । ଏହା ମନେ ହେଲେ ସେଠାର...

[ ପର ପୃଷ୍ଠା ଦେଖନ୍ତୁ ]

Digitized by srujanika@gmail.com

# ଗାନ୍ଧୀ ଚିନ୍ତାର ଧାରା
## ୨

### ସ୍ୱଦେଶୀ ମନୋବୃତ୍ତି :

ସ୍ୱଦେଶୀ ଆନ୍ଦୋଳନ ଆଜି ମୃତ ହେଉ, ଏହା କହିଲେ ମିଥ୍ୟା ହେବ ନାହିଁ। ସ୍ୱରାଜ ଯେ ସମ୍ପୂର୍ଣ୍ଣ ଭାବରେ ଶୁଦ୍ଧ ସ୍ୱଦେଶୀ ଭାବ ଦ୍ୱାରା ମିଳିପାରେ ଏହା ଆମେ ଉପଲବ୍ଧି କରି ପାରୁ ନାହୁଁ। ଆମର ଯଦି ଆମ ନିଜର ମାତୃଭାଷା ପ୍ରତି ଭକ୍ତି ନଥାଏ, ଆମେ ଯଦି ଆମ ନିଜର ପରିଚ୍ଛଦକୁ ନାପସନ୍ଦ କରୁ, ଆମ ପୋଷାକ ଠାରୁ ଅନ୍ୟ [illegible] ଯଦି ଆମ ପକ୍ଷରେ ଲଜ୍ଜା ଜନକ ହୁଏ, ଆମ ଖାଦ୍ୟ ଯଦି ଆମକୁ ଅରୁଚିକର ହୁଏ, ଆମର ଜଳବାୟୁ ଯଦି ଆମ ପକ୍ଷରେ ସ୍ୱାସ୍ଥ୍ୟକର ମନେ ନହୁଏ, ଆମର ଲୋକ ଯଦି ଆମ ସଙ୍ଗ ମିଶିବାକୁ ଅଯୋଗ୍ୟ ଅସଭ୍ୟ ମନେ ହୁଅନ୍ତି, ଆମ ସଭ୍ୟତା ତ୍ରୁଟିପୂର୍ଣ୍ଣ ଏବଂ ବୈଦେଶିକ ସଭ୍ୟତା ଆଦର୍ଶ ବୋଲି ଯଦି ବୋଧ କରୁ, [illegible] ଭାବରେ କହୁ ଗଲେ ଯଦି ପ୍ରତ୍ୟେକ ଦେଶୀ ଜିନିଷ ମନ୍ଦ ଓ ପ୍ରତ୍ୟେକ ବିଦେଶୀ ପଦାର୍ଥ ଭଲ ବୋଲି ଆମକୁ ଲାଗେ, ମୁଁ ବୁଝି ପାରୁ ନାହିଁ ଆମ ପାଇଁ ସ୍ୱଦେଶୀ ଅର୍ଥ କଣ ହୋଇ ପାରିବ। ଯେ କୌଣସି ସାମଗ୍ରୀ ଯଦି ବିଦେଶୀ ହେବା କାରଣରୁ ହିଁ ଗ୍ରହଣୀୟ ବିବେଚିତ ହୁଏ ତେବେ ନାସ୍ତିକ ଭାବ ଓ ବିଦେଶାଧୀନରେ ବନ୍ଧନ ରହିବାର ଆବଶ୍ୟକତା ହେବ। କାରଣ ସ୍ୱଦେଶୀ ସଭ୍ୟତା ଉପରେ ଆମର ଏ ପର୍ଯ୍ୟନ୍ତ ଅନ୍ଧ ଭକ୍ତି ହୋଇ ନାହିଁ। ମୋତେ ବୋଧ ହେଉଛି ପ୍ରଥମ ସ୍ୱରାଜ କଣ ବୁଝିବା ପୂର୍ବରୁ ଆମର କେବଳ ସ୍ୱଦେଶୀ ପ୍ରୀତି ନୁହେଁ ସ୍ୱଦେଶୀ ପ୍ରତି ଉଦ୍ଦାମ ପ୍ରେମ ହେବା ଆବଶ୍ୟକ। ଆମର ପ୍ରତ୍ୟେକ ଦ୍ରବ୍ୟରେ ସ୍ୱଦେଶୀ ମାର୍କା ମାରିବା ଉଚିତ। ଯାହା ଦେଶୀ ତାହା ନିରାପଦ—ଏହି ଧାରଣା ଉପରେ ସ୍ୱରାଜ୍ୟ ଠିଆ ହେବ। ଏ ମତ ଯଦି ନିର୍ଭୁଲ ହୋଇଥାଏ ତେବେ ସ୍ୱଦେଶୀ ଆନ୍ଦୋଳନ ଜୋର ସୋରରେ ଚାଲିବା ଉଚିତ। ଯେଉଁ ଦେଶ ସ୍ୱଦେଶୀ ଆନ୍ଦୋଳନ କରିଛି ସେ ଜାଣିଛି ସ୍ୱଦେଶୀ ଭାବର ମୂଲ୍ୟ କେତେ। ସ୍କଟଲାଣ୍ଡର ଉପତ୍ୟକା ବାସୀମାନେ ଜୀବନ ସଙ୍କଟମୟରେ ମଧ୍ୟ ତାଙ୍କ ପରିଚ୍ଛଦ ବ୍ୟବହାର କରନ୍ତି। ଆମେ ତାଙ୍କୁ ପରିହାସ କରି କହୁଁ ପେଟିକୋଟ ବାହିନୀ। କିନ୍ତୁ ସେଇ ପେଟିକୋଟରେ ଯେଉଁ ଶକ୍ତି ରହିଛି ସାରା ପୃଥିବୀ ଆଜି ତାହା ସ୍ୱୀକାର କରେ। ପେଟିକୋଟ ଏକ ସୁବିଧା ଜନକ ପୋଷାକ ନହେଲେ ମଧ୍ୟ ଏବଂ ଶତ୍ରୁର ସହଜ ଲକ୍ଷ୍ୟ ସ୍ଥଳ ହେବାର ଭୟ ଥିଲେ ମଧ୍ୟ ସେମାନେ ତାହା ବର୍ଜନ କରିନପାରନ୍ତି। ଏ ଯୁକ୍ତି ଦ୍ୱାରା ମୁଁ କହୁ ନାହିଁ ଯେ ଆମେ ଆମର ଦୋଷକୁ ମଧ୍ୟ ଜାବୁଡ଼ି ଧରି ବସିବା, ମୋର କହିବାର କଥା ହେଉଛି ଆମର ଜାତୀୟ ପଦାର୍ଥ ଅନ୍ୟ ଦ୍ରବ୍ୟ ତୁଳନାରେ ଅଳ୍ପ ସୁବିଧା ଜନକ ହେଲେ ମଧ୍ୟ ଗ୍ରହଣ କରିବା ଉଚିତ ଏବଂ ବିଦେଶୀ ପଦାର୍ଥ ଆମ ଦ୍ରବ୍ୟ ଠାରୁ ଅଧିକ ସୁଖକର ହେଲେ ମଧ୍ୟ ତାହା ବର୍ଜନୀୟ। ଆମ ସଭ୍ୟତାରେ ଯାହା ଅଭାବ ରହିଛି ତାହା ଆମର ଚେଷ୍ଟାରେ ପୂର୍ଣ୍ଣ ହେବ। ମୋର ଆଶା ସ୍ୱଦେଶୀ ଭାବ ଏ ସଭାର ଉପସ୍ଥିତ ପ୍ରତ୍ୟେକ ବ୍ୟକ୍ତିର ଚିତ୍ତକୁ ପ୍ରଭାବିତ କରିବ ଏବଂ ବହୁ ଅସୁବିଧା ଓ ବାଧା ସତ୍ତ୍ୱେ ଆମେ ସ୍ୱଦେଶୀ ବ୍ରତ ପାଳନ କରି ପାରିବା। ତାହାହେଲେ ସ୍ୱରାଜ୍ୟ ସହଜରେ ଆସିବ।

—*—

( ନିବନ୍ଧ ପୂର୍ବ ପୃଷ୍ଠା ଉତ୍ତାରୁ )

ଆଜିଠାରୁ ୧୦୦୦ ବର୍ଷ ପୂର୍ବରେ ସଭ୍ୟତା ର ଶେଷ ପ୍ରାନ୍ତରେ ସ୍ୱଚନା ମିଳେ। ଏହି ଅଞ୍ଚଳର ସଭ୍ୟତା ପୂର୍ବରୁ ଗୃଲ୍ଡିଅନ, ବାବିଲୋନିଅନ, ହିଟାଇଟ ସଭ୍ୟତା ଶତ୍ରୁତ ଗଢ଼ିକରି ସହସ୍ର ସହସ୍ର ବର୍ଷ ପୃଥିବୀରେ ବ୍ୟାପ୍ତ ଥିଲା ଓ ସେମାନଙ୍କ ପୂର୍ବରୁ ସୁମେର ସଭ୍ୟତାର ପରିଚୟ ମିଳୁଥିବାରୁ ସୁମେର ସଭ୍ୟତାର ଅତି ପ୍ରାଚୀନତ୍ୱ ସ୍ୱୀକୃତ ହୋଇ ପାରେ। ସୁମେର ସଭ୍ୟତାର ଯେଉଁ ପରିଚୟ ଆମ୍ଭେମାନେ ବର୍ତ୍ତମାନ ପାଉଁ ସେଥିରୁ ଦେଖୁ ଯେ ସେ ସମୟରେ ମାଟିର ଫାଲିରେ ଲେଖି ତାକୁ ନିଆଁରେ ସୁଖାଇ କହୁପତ୍ର ଲେଖା ଯାଉଥିଲା। ଓ ଏ ପରି ମାଟିର ଫାଳକ ପ୍ରାୟ ଏକ ସହସ୍ର ଆବିଷ୍କୃତ ହୋଇଛି। ବର୍ତ୍ତମାନ ତାହାର ପାଠୋଦ୍ଧାର କରି ସୁମେରର ଯେଉଁ ଠାଇମାନ ଆବିଷ୍କୃତ ଆମ୍ଭେମାନେ ଦେଖୁ ଯେ ସୁମେରର ଗୋଟିଏ ବିସ୍ତୀର୍ଣ୍ଣ ମହାଫିସ ଖାନା ବା Record office ଥିଲା ଓ ଏଠାରେ ଅନ୍ୟ ଦେଶ ମାନଙ୍କ ସହିତ ଯୁଦ୍ଧ ବିଗ୍ରହର ସନ୍ଧି ପତ୍ର ମାନଙ୍କର ଲିପି ପରିଶେଷ ସଂଗ୍ରହ କରି ରଖା ଯାଉଥିଲା। ସଭ୍ୟତାର କେତେ ଉଚ୍ଚ ସ୍ତରରେ ଉଠିଲେ ଏହିପରି ମହାଫିସ ଖାନା ବା ସଂଗ୍ରହାଗାର ସଂକଳିତ ହୋଇପାରେ ତାହା ସହଜରେ ଅନୁମେୟ।

ସୁମେର ସଭ୍ୟତାର ପ୍ରାୟ ସମସାମୟିକ କାଳରେ ଇଜିପ୍ଟ ଦେଶୀୟ ସଭ୍ୟତା ନୀଳ ନଦୀର କୂଳରେ ଗଢ଼ି ଉଠିଥିଲା। ଏହି ସଭ୍ୟତା ମଧ୍ୟ ଅତି ପ୍ରାଚୀନ। ୧୦୦୦୦ ବର୍ଷ ଧରି ଏହି ସଭ୍ୟତା ପ୍ରଚଳିତ ଥିଲା ଓ ବର୍ତ୍ତମାନ ମଧ୍ୟ ମୃତ ଦେହର ସଂସ୍କାର ଜନିତ ଅବଲୁପ୍ତ ଆମ୍ଭମାନଙ୍କ ମନରେ ବିସ୍ମୟ ଜାତ କରାଏ। ଇଜିପ୍ଟ ସଭ୍ୟତାର ପ୍ରଥମ ଅବସ୍ଥାରେ ଫିନିସୀୟମାନେ ଲିପି ଆବିଷ୍କାର କରିଥିଲେ ଓ ସେହି ଲିପି ବର୍ତ୍ତମାନ ମଧ୍ୟ ନାନା ଦେଶ ପ୍ରଚଳିତ ଲିପିର ମୂଳ ସୂତ୍ର ବୋଲି ପରିଗଣିତ। ଏପରିକି ଆମ୍ଭମାନଙ୍କର ଭାରତୀୟ ବ୍ରାହ୍ମୀ ଲିପି ମଧ୍ୟ ଯେ ବହୁ ପରିମାଣରେ ଫିନିସୀୟ ଲିପି ସହିତ ସମ୍ପୃକ୍ତ ବୋଲି କାହାରି କାହାରି ମତ। ଏକ ସମୟରେ ସିନ୍ଧୁ ଠାରୁ ପଶ୍ଚିମରେ ନୀଳ ନଦୀ ପର୍ଯ୍ୟନ୍ତ ଏକ ଅଖଣ୍ଡ ସଭ୍ୟତାର ଅସ୍ତିତ୍ୱ ଥିଲା। ତାହା ମଧ୍ୟ କ୍ରମେ କ୍ରମେ ଆବିଷ୍କୃତ ହେଉଅଛି ଓ ଆମ୍ଭେମାନେ କ୍ରମଶଃ ଏହି ନିର୍ଦ୍ଦିଷ୍ଟ ଲୁପ୍ତ ସଭ୍ୟତାର ନାନା ପରିଚୟ ପାଉଅଛୁଁ। (କ୍ରମଶଃ)

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର ଶିଶୁମାନଙ୍କ ମନରେ ଜାତୀୟତା ଭାବ ଜାଗ୍ରତ କରିବା, ଭାରତ ପ୍ରତି ଅନୁରାଗ ଓ ସାର୍ବଭୌମ ଉତ୍କର୍ଷ ସାଧନା କରିବା । ୨ । 'ମେଳ'ର ମଧ୍ୟଦେଇ ଶିଶୁମାନଙ୍କ ମଧ୍ୟରେ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା, ସାହସ ଦ୍ୱାରା ଅହିଂସା ସାହାଯ୍ୟରେ ସେମାନଙ୍କୁ ଦେଶ ସେବା ।

(୧୮ବର୍ଷରୁ ଉର୍ଦ୍ଧ୍ୱ ବାଳକ ବାଳିକା ମାନଙ୍କ ପାଇଁ)

ସ୍ନେହର ନାଗ ନାଗୁଣିଏ,
ଅଜ ଅଜାଙ୍କର ଅଦେଶ—
'ସେବା' ସଂବନ୍ଧରେ ଲେଖା ପଠାଅ ! ସତ୍ୟ ସମ୍ବନ୍ଧରେ ଲେଖା ପ୍ରତିଯୋଗିତା ସରିଛି । ୨୫ ତାରିଖ ଭିତରେ ସମ୍ପ୍ରେ ସେବା ସମ୍ବନ୍ଧରେ ୧୫ଧାଡ଼ି ଭିତରେ ଲେଖା ଲେଖି ପଠାଇଦିଅ । ···ଅଜା

### ଅଜାଙ୍କ ଉତ୍ତର

ଧନଞ୍ଜୟ—ଯେଉଁ ନାଗ ଯେଉଁ ସମୟରେ ବାର୍ଷିକ ଚୂନ୍ଦା ଦେଇଥିବ ସେ ପୁଣି ଠିକ ସେହି ସମୟରେ ବର୍ଷକ ପରେ ଚୂନ୍ଦା ଦେବେ । ମାତ୍ର କୌଣସି ନାଗ ତା କରୁ-ନାହାନ୍ତି ।

ଗୋପାଳ [୧୧୧] ଲେଖା ମନୋନୀତ ହୋଇନାହିଁ ।

ତ୍ରିଲୋଚନ+ବୈକୁଣ୍ଠ [୯୧୧+୯୧୨] ନାଗଙ୍କ ପ୍ରଶ୍ନର ଉତ୍ତର ଅଜା ଯଦି ଜାଣିଥିବେ ତେବେ ତ ଦେବେ । ବ୍ୟକ୍ତିଗତ ଜୀବନରେ ସତ୍ୟ ସେବା ସାହସ ଅଚରଣ ବେଳେ ନାନା ପ୍ରଶ୍ନ ଉଠିଲେ ତାହାର ସମାଧାନ କରି ପାରିବ ମାତ୍ର ସବୁ ଜ୍ଞାନବିଜ୍ଞାନର ଉତ୍ତର ଦେବା ସମ୍ଭବ ନୁହେଁ । ତଥାପି ଚେଷ୍ଟା କରିବି । ନାଗମାନେ ଶିକ୍ଷକଙ୍କୁ ପଚାରି ଉତ୍ତର ଦିଅନ୍ତୁ । ବାହାର ଲୋକେ ଅଦୌ ଦେବେନାହିଁ ।

### ପାଠାଗାର ଆନ୍ଦୋଳନ

[୯୮] ଦାମୋଦର ସାହିତ୍ୟ ମନ୍ଦିର—ପ୍ରତିଷ୍ଠା—୧୯୩୮—ଅଧ୍ୟକ୍ଷ ଶ୍ରୀ ଦିଗମ୍ବର ମିଶ୍ର ପୁସ୍ତକ ସଂଖ୍ୟା ୨୯୦ ସ୍ୱର୍ଗୀୟ ଦାମୋଦର ମିଶ୍ର ଶର୍ମା କାବ୍ୟ ବ୍ୟାକରଣ ତୀର୍ଥଙ୍କ ସ୍ମୃତିରେ ପ୍ରତିଷ୍ଠିତ ।

(୯୯) ଦୁର୍ଗା ଲାଇବ୍ରେରୀ, ନଂ ୬୧, ରଜା ନବକୃଷ୍ଣ ଷ୍ଟ୍ରୀଟ କଲିକତା । ପ୍ରତିଷ୍ଠା ୧୯୪୮—ପ୍ରତିଷ୍ଠାତା—ଗୌରାଙ୍ଗ ଚରଣ ସେନାପତି । ସଭ୍ୟ ସଂଖ୍ୟା ୪୦—ବହି ସଂଖ୍ୟା ୧୦୦ [ଗୌରାଙ୍ଗ ୯୯୬]

[୧୦୦] ପ୍ରାଣ ବଲ୍ଲଭ ପାଠାଗାର—ଜନାର୍ଦ୍ଦନ ପୁର ଶାସନ, ଅନନ୍ତପୁର—ପ୍ରତିଷ୍ଠା ୧୯୪୮—ପରିଚାଳକ ଶ୍ରୀ ବୃନ୍ଦାବନ ମହାପାତ୍ର ପ୍ରଭାତୀ ସାହିତ୍ୟ ପରିଷଦର ଅନୁକୂଲ୍ୟରେ ଗଠିତ । ହସ୍ତଲିଖିତ ତ୍ରୈମାସିକ ପତ୍ର ଜନ୍ମଭୂମି ବାହାରେ । ପୁସ୍ତକ ସଂଖ୍ୟା ୫୦୦ ।

### ଲେଖା ସାଙ୍ଗ

ବିନୟ କୁମାର—୯୫୧—ଗଳ୍ପ, କବିତା ଲେଖାଳୀ ଲେଖାସାଙ୍ଗ ଚାହାନ୍ତି ।

### ସୂତାକଟା ପ୍ରତିଜ୍ଞା

ଅଜା, ଆପଣ ପ୍ରତ୍ୟହ ୧୫ ମିନିଟ ସୂତା କାଟିବାକୁ କହିଛନ୍ତି । ମୁଁ ତାହା ପାଳନ କରିବି । ସ୍ନେହର ବିନୟକୁମାର [୯୫୧]

### ସାଧାରଣ ଜ୍ଞାନ

ପ୍ରଶ୍ନ (୧) ବାଳ୍ୟ ବିବାହ ବିରୋଧ ଆଇନ ବା ଶାରଦା ଅଇନ କେବେ ପ୍ରଚଳିତ ହୋଇଥିଲା ଓ କିଏ ତାହାର ପ୍ରଚଳକ ଥିଲେ ।

ଉତ୍ତର—୧୯୩୦ ସାଲର ଏପ୍ରିଲ ପହିଲା ଠାରୁ ଏହା ପ୍ରଚଳିତ ହୋଇଛି ଓ ପ୍ରଚଳକ ଶ୍ରୀ ହର ବିଲାସ ଶାରଦା ।

ପ୍ରଶ୍ନ (୨) ବର୍ତ୍ତମାନ କଂଗ୍ରେସର ପ୍ରେସି-ଡେଣ୍ଟ କିଏ ?

ଉତ୍ତର—[କ] ବର୍ତ୍ତମାନ ସଭାପତି ଡାକ୍ତର ରାଜେନ୍ଦ୍ର ପ୍ରସାଦ ଥିଲେ—ଅଚାର୍ଯ୍ୟ କୃପାଳନୀ ।

ପ୍ରଶ୍ନ (୩) ଭାରତ ଜାତୀୟ କଂଗ୍ରେସ କେବେ ଓ କାହାର ସଭାପତିତ୍ୱରେ ପ୍ରଥମରେ ଗଠିତ ହେଲା ।

ଉତ୍ତର—[କ] ୧୮୮୫ ସାଲରେ [ଖ] ଉମେଶଚନ୍ଦ୍ର ବନ୍ଦୋପାଧ୍ୟାୟ ।

ପ୍ରଶ୍ନ (୪) କେଉଁ ଦେଶରେ ସ୍ୱାମୀ ସ୍ତ୍ରୀକୁ ଅନ୍ୟ ପୁରୁଷ ପାଖରେ ବନ୍ଧକ ଦେଇ ଟଙ୍କା କରଜ ଅଣୁଥିଲା ।

ଉତ୍ତର—ସ୍ପାର୍ଟା ଦେଶରେ ।

ଶ୍ରୀ ପରଶୁରାମ ଶତପଥୀ (୬୬୫)

ସ୍ନେହର ନାଗ ନଗୁଣିଏ,—ଶ୍ରୀମୁକ୍ତ ବାଞ୍ଛାନିଧି ପଣ୍ଡା, ଖଜଗ୍ରାମ ହାଇସ୍କୁଲର ଶିକ୍ଷକ ଏହ ଗୀତ ଏଥର ପଠାଇଛନ୍ତି । —ଅଜା—

ଯୋଦପୁରର ଅନୁପ ହାଜ

### ଶ୍ରେଷ୍ଠଦାନ*

ଗାନ୍ଧିଜୀ ଅବହେଲେ,
ରେଲ ଷ୍ଟେସନେ ବାହୁଡ଼ ଗଲେ ସେ
ଘନ ଜନତା ମେଳେ ।
ବିସ୍ମୟ ହୋଇ ଗୃହଲ୍ଲ ଜନତା—
ଏକଇ ବୁଢ଼ୀ ନାରୀ,
ଦର୍ଶନ ଅଶେ ଲଉଡ଼ି ହସ୍ତେ
ଚଷୁ ବୁହାଇ ବାରି
କିଛି ଏହ ଏସ୍ତେ ପକାଇ
ଅଜ୍ଞଳୀ ବୁଢ଼ୀ ବୁଢେ,
କେଉଁଠାରେ ରହିଛ, କି ହେଲରେହାୟ !
କରୁଣାର ବାଣୀ ଫୁଟେ ।
ଦଦା ବୁଢ଼ୀ ଅ ଡୋହୋଇ
ଗାନ୍ଧୀ ବୁଡାର ପାଖେ,
ଅନ୍ତର ତାରେ ପଡ଼ିବ ଉଠେ
ମହାତ୍ମା ଶୁଭଣିସେ ।
ଭଣିଲା ବୁଢ଼ୀ, "ବାଳ୍ୟ କାଳୁଁ ମୁଁ
ଶୁଣିଥିଲି ତୋର ନାମ,
ମଣିଷ ଦେହରେ ଦେବତା ଅଛି,
ଗାନ୍ଧି ହେ ଭଗବାନ ।
ଯୌବନ ଗଲା, ଜରା ଯେ ଗ୍ରାସିଲା
ନପାଇଲି ତେବେ ଦେଖା,
ବିଶ୍ୱାସ ଥିଲା, ଅବଶ୍ୟ ଦିନେ
ଭେଟିବି ମୁଁ ତୋତେ ଏକା
ଅଖିମୋ ଫୁଟିଲା, ବିଶ୍ୱାସ ଗଲା—
ନାହିଁ ଏବ ଦରଶନ,
ଏତେ ଦିନେ ଅଜ ଭେଟି ଯେ ପାଇଲି
ଛୁଇଁବ ଖାଲି ତୋ ତନୁ ।
ଦରଶନ ତୃଷା ମେଣ୍ଟିବ ମୋର
ହାତ ପରଶିଲେ,
ଯୁଗେ ଯୁଗେ ତୋର କୀର୍ତ୍ତି ବସିକୁ
ଜନ୍ମ ଭୂମିର କୋଳେ ।
ଅନାଥା ବୁଢ଼ୀ ବାହାର କାଢ଼ି
କ ଦେଇ ପୁଞ୍ଜିବା ତୋଡେ

ସାର ଜୀବନର ସଂଚିତ ଧନ
　　ଦେଲ ମୁଁ ତୋହରି ହାତେ ।'
ବିସ୍ମୟ ଭରେ ଚାହିଁଲେ ବାପୁଜୀ
　　ରୌପ୍ୟ ଅଧୁଲିଟିଏ,
ଏକେ ମନ କରେ ତାଙ୍କର ହାତେ
　　ସ୍ୱର୍ଗ ନିଧି ବା କି ସେ ?
ସ୍ନେହାବେଶେ ବାପୁ ବୋଇଲେ 'ଜନନି,
　　ଧନ୍ୟ ଗୋ ଏକା ତୁମେ
ଧନ୍ୟ ତୋହର ଏ ମହତ ଦାନ
　　ଧନ୍ୟ ତୁ ଧରା ଧାମେ ।
ପ୍ରତିଦାନ ତୋର ଦାନର ଦେବାକୁ
　　ନାହିଁତ କିଛି ହେଁ ମୋର
ନଇଁ ଆସେ ମଥା ପାଦ ତଳେ ତବ
　　ଜନନି ଆଶିଷ କର ।'
ଚକିତ ଚକ୍ଷେ ଚାହିଁଲ ଜନତା,
　　ପୁଲକ ଉଚ୍ଛ୍ୱାସ ରବେ
ଜୟ ଜୟ ବାଣୀ ଗୁରୁ ଗମ୍ଭୀରେ
　　ଗୁମରି ଉଠିଲା ନଭେ

* ମହାତ୍ମା ଗାନ୍ଧି ସୋଦପୁର ଆଶ୍ରମରେ ଥିବା ସମୟରେ ଏ ସତ ଘଟଣାଟି ଘଟିଥିଲା ।
—ଲେଖକ ।

## ତୁମେ ଯା'କୁ କହ —

ତୁମେ ଯା'କୁ କହ ରଜତ-ଜ୍ୟୋଛନା
　　ସ୍ନିଗ୍ଧ-ଶୀତଳ-ମଧୁ-ସ୍ରୁତ,
ମୋ ପାଖେ ପାଲଟେ ବୈଶାଖୀ ଖର
　　ରୌଦ୍ର ତାପେ ଯା' ଦହେ ଛାତି ।।
ତୁମେ ଯାକୁ କହ ଚଇତ ସକାଳ—
　　ବକୁଳ, ତମାଳ ବାସ ଭରା,
ମୁଁ କହେଁ, ମୋ ପାଇଁ ନୁହେ କେବେ, ତାହା
　　ବିଳାସୀ ବିଳାସ-ସୁଧା-ଝରା ।।
ତୁମେ ଯହିଁ ଦେଖ ଶ୍ୟାମଳ ଘାସର
　　ସ୍ନିଗ୍ଧ ଧରଣୀ ମୃଦୁହାସ,
ମୁଁ ଦେଖେଁ ତହିଁରେ କଙ୍କାଳ ମାଳ
　　ଅର୍ଦ୍ଧଜନର ଶୋକୋଚ୍ଛ୍ୱାସ ।।
ତୁମେ ଯାକୁ କହ ନୀହାର-ମୁକ୍ତା
　　ଦୁର୍ବାଦଳର ଶୋହେ ଶିରେ,
ମୁଁ ଭାବେଁ ନୁହେ ତା' ନୀହାରକଣା; ଝରା—
　　କୋଟି ଦଳିତର ଅଶ୍ରୁ ନୀରେ ।।
ତୁମେ ଯହିଁ ଯାଅ, ଦେଖ ପଥେ ତୁମ—
　　ଅନନ୍ଦ ହାଟ ହସ ମେଳା,
ମୁଁ ଦେଖେଁ ମୋ ପଥେ 'ଉଗ୍ର ସାହାରା'—
　　ପୈଶାଚିକର ଯହିଁ ଖେଳା ।।
ତୁମେ ଗଢ ସିନା ଆଶାର ମିନାର
　　(ଯେଣୁ) ବିଳାସ-ଜୀବନ ଅଭିଳାଷୀ
(ମୋର) ଧାନ-କଳପନା ଜୀବନ୍ତ ହୁଏ !
　　କରୁଣା-ସାଗରେ ଭାସି ଭାସି ।।
ତୁମେ କହ ଦେଖ ସୁଖର ସପନ
　　ହେ ସୁଖ ରାଇଜ ଅଭିସାରୀ
ତୁମେ ଦେଖଁ ଦୂର···ସୁଖ ପଥେ; ମୁଁ ଯେ
　　ଦୁର୍ଗମପଥ ପଥବାସୀ !!

ବିନୟ କୁମାର ପଣ୍ଡା ।
ନା:ନ: ୯୫୧

—*—

## "ନୀରବ ସୈନିକ"

ଜଳିଛିତ ଏହି ଦେଶ ବକ୍ଷେ
　　ରକ୍ତମୟ କେତେ ଚିତାନଳ,
ବହିଛିତ ହୃଦୟ ଶୋଣିତ
　　ସିନ୍ଦୂଜ୍ଜ୍ୱଳ କରଣ ପାଟଳ !
ମର୍ଦ୍ଦିତ ଏ ଜାତିର ମସ୍ତକ
　　ସହି ଶତ ଲାଞ୍ଛନା ଦୁଃସହ,
ଅନ୍ତରର ଫୁଲକଢ଼ି କେତେ
　　ନଫୁଟୁଣୁ ଝଡ଼େ ଅଦରନ୍ଧ !
ତଥାପିତ ମରିନାହିଁ ଜାତି,
　　କ୍ଲାନ୍ତହୋଇ ପଡ଼ିଛି ଘୁମାଇ,
ଅଗ୍ନିକଣା ରହିଛି ଜାଗ୍ରତ,
　　ଫୁଙ୍କିଦେଲେ ଉଠିବସେ ଚେଇଁ ।
ସେହି ଅଗ୍ନି ଜଳାଇବା ଲାଗି,
　　ହେ ଜାତିର "ନୀରବ ସୈନିକ",
ଶୁଣ ଥରେ ଆସିଲାଣି ଡାକ,
　　ବୀରଦର୍ପେ ଟେକ ମଥା ଟେକ !
ତରୁଣର ପ୍ରାଣନୁହେ ଆଜି
　　ନିର୍ଜ୍ଜୀବର "ମୃତ୍ୟୁନିଶା" ଶବ,
କ୍ଷଣେମାତ୍ର ଜାଗିଉଠୁ ସେହି,
　　ଦେଖାଇବ ତେଜ ଅଭିନବ !
ରହିଛକି ନୀରବ ଅନ୍ତରେ,
　　ଅଛିନାହିଁ ଦେଶର ଡାକରା,
ଜାଗହୋଇ ମେଲିଅ ନୟନ,
　　ଭାଙ୍ଗିଦିଅ ଲୁହାର ପିଞ୍ଜରା !
ଦୃପ୍ତରାଗେ ରଞ୍ଜିତ ନୟନ,
　　ଫିଙ୍ଗିଦିଅ ଅହେ ବୀର୍ଯ୍ୟବାନ,
ଆସ ଆସ ଉଠିଆସ ବେଗେ,
　　କର ଏହି ବନ୍ଧନ ମୋଚନ !
ଏ ଜାତିର ଗଉରବ ଛବି—
　　ପଡୁନାହିଁ ନଜର ତୁମର,
ଜନନୀର କରୁଣ କ୍ରନ୍ଦନ,
　　ଶୁଭୁନାହିଁ···ହେଲ କି ପଥର !
ସକାତରେ ଚାହିଁଛି ଜନନୀ,
　　କେତେ ଆଶା ଧରି ତୁମ୍ଭପରେ,
ତଥାପିହେ ନୀରବ ସୈନିକ,
　　ଜଳୁନାହିଁ ଅଗ୍ନି ହୃଦୟରେ !
ବଞ୍ଚାଅ ଏ ଜାତିର ଜୀବନ,
　　ଏହିତ ଦାବୀ ତୁମ୍ଭ ପାଶେ,
ତୁମ୍ଭେ ଯେବେ ହୋଇବ ଅକ୍ଷମ
　　ଏହି ଜାତି ମରିଯିବ ଶେଷେ !
ଏତିକିରେ ତୁମର କରମେ,
　　ଏତିକିରେ ତୁମର ସାଧନା,
ଆଉକିଛି ତୁମ୍ଭଠାରୁ ଜାତି
　　ପାଇବାକୁ ଇଚ୍ଛେନା ଇଚ୍ଛେନା !
ହେ ସୈନିକ ରହନା ନୀରବେ,
　　ନିଦ୍ରା ତେଜ ଉଠିଆସ ହସ,
ଚରାଚର ସରବେ ଜାଗ୍ରତ,
　　ଜାଗିଲାଣି ସାରା ବସୁନ୍ଧରା !

ଲେଖକ—ଶ୍ରୀ ଶଶି ଭୂଷଣ ହୋତା (୯୨୫)

## ଅବସର ବିନୋଦନ

ଚାରି ବର୍ଣ୍ଣେ ଗଢ଼ା ମୋ ଭାଇ ନାମ
ସ୍ୱରଗ ଭୁବନ ତା ବାସସ୍ଥାନ ।
ପ୍ରଥମ ଦ୍ୱିତୀୟ ବର୍ଣ୍ଣ ମିଶିଲେ
ମାନବର ପୂଜ୍ୟ ବୁଝାଏ ଭଲେ ।
ଶେଷ ଦୁଇ ବର୍ଣ୍ଣ ହୋଇଲେ ଯୋଡ଼ା
କୋଠା ଉପରରେ ହୁଅଇ ଯୋଡ଼ା ।
ଦ୍ୱିତୀୟ ତୃତୀୟ ହେଲେ ମିଳନ;
ଖାଇ ଦେବା ପାଇଁ କରିବେ ମନ ।
ଚତୁର୍ଥ ଦ୍ୱିତୀୟ ମିଶିଲେ ଯେବେ
ଶସ୍ୟ ବିଶେଷକୁ ବୁଝାଏ ତେବେ ।
ଚତୁର୍ଥ ତୃତୀୟ ମିଶିଲେ ଯାହା
ଶେଷ କାଳେ ନର ଲଭଇ ତାହା ।
କଏ କହି ଦେବ ନାମ ତାହାର ?
କହି ନପାରିଲେ ମୋତେ ପଚର ।

ଅନ୍ନପୂର୍ଣ୍ଣା

୨୫ । ୫ । ୪୮ ଭିତରେ ପଠାଇବ ।

## ନୂଆ ନାଗଙ୍କ ନାମ

୧୦୧୨—ଭବାନୀ ଶଙ୍କର ମୁଣ୍ଡ ବ୍ରଜ ମୋହନ ହା: ଇ: ସ୍କୁଲ ୧୦ମ ଶ୍ରେଣୀ କଳାହାଣ୍ଡି । ୧୦୧୩ ଗୋପାଳ ପ୍ରସାଦ ନାଥ ଶର୍ମା C/o ମୀତାମ୍ବର ନାଥ ଶର୍ମା ଗ୍ରା. ପୋ. ଇନ୍ଦୁପୁର ଜି. କଟକ ।

Digitized by srujanika@gmail.com

## ଚିଠାଉ

ପ୍ରତି ସଂଖ୍ୟା 'ଡଗର'ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା, ସୂଚନା ( Suggestions ) ପ୍ରଭୃତି 'ଚିଠାଉ'ରେ ପ୍ରକାଶ ପାଇବ। ଚିଠି ଯଥାସମ୍ଭବ ଖୁବ ସଂକ୍ଷିପ୍ତ ହେବା ଦରକାର। କୌଣସି ଚିଠିରେ ଠିକ୍ ଦସ୍ତଖତ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ। ଚିଠିର ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀଙ୍କର ରହିଲା। କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ସମାଲୋଚନାର ଉତ୍ତର ହେବ ନାହିଁ। ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି।—ସମ୍ପାଦକ

### ପତ୍ର, ପତ୍ରିକାରେ ଚିତ୍ର।

ମହାଶୟ,

ଏହି ଓଡ଼ିଶା ପ୍ରଦେଶରେ ଅନେକ ପତ୍ର ପତ୍ରିକା ପ୍ରକାଶ ପାଇ ସେଥିରୁ କେତେ ଲୁପ୍ତ ହୋଇ ଯାଇଛି। ଆଜି ଯେତେକ ଅଛି, ସେଥିରୁ କେତେ ମଧ୍ୟ କେବଳ ନାମ ମାତ୍ର ଚଳି ରହିଅଛି। ସେ ଗୁଡ଼ିକ ଉଠି ଯାଇବ କି ନାହିଁ ସନ୍ଦେହ। ଏପରି ହୁଏ ପରିଚାଳନାର ଦୋଷରୁ। ଆଉ କେତେ ସ୍ଥାନରେ ହୁଏ ଗ୍ରାହକର ଅଭାବରୁ।

ପଡ଼ୋଶୀ ଦେଶ ମାନଙ୍କର କାଗଜ ତୁଳନାରେ ଓଡ଼ିଶାର କାଗଜରେ ଅନେକ ଅଭାବ ରହିଛି। ସବୁଠାରୁ ବଡ଼ ଅଭାବ ଚିତ୍ର। ପଡ଼ୋଶୀ କାଗଜ ଗୁଡ଼ିକରେ ଭିତରେ ଯାହା ଥାଉ ନା କାହିଁକି, ବାହାରକୁ ଏପରି ଭାବରେ ଚିତ୍ର ରଖିଥାନ୍ତି, ଯାହା ଦେଖି ସମସ୍ତେ କାଗଜ କିଣିବାର ଲୋଭକୁ ଏଡ଼ି ଦେଇ ପାରନ୍ତି ନାହିଁ। ପ୍ରତି ସଂଖ୍ୟାରେ ନୂତନ ଧରଣର ଚିତ୍ର। ଯେଉଁ ଚିତ୍ର ଥରେ ପ୍ରକାଶ ପାଇ ଥାଏ, ସେ ଚିତ୍ର ଆଉ କେବେ ପ୍ରକାଶ ପାଏ ନାହିଁ। ଏ ଦେଶରେ ସେପରି କାହିଁ ? ଲୋକଙ୍କ ମନକୁ ଟାଣି ନେବା ପାଇଁ ଗୋଟିଏ ପ୍ରଧାନ ଅସ୍ତ୍ର ହେଉଛି ଚିତ୍ର।

କୌଣସି ପତ୍ର ପତ୍ରିକା ଯଦି ଏଥି ପ୍ରତି ଦୃଷ୍ଟି ଦିଅନ୍ତେ, ଓଡ଼ିଶା ପୁଅ ଝିଅ ମାନେ ନିଜର କଳା ଚାତୁରୀ ଦେଖାଇବା ପାଇଁ ଚିତ୍ର ଗୁଡ଼ିକ ଲେଖି ଜନ ମନକୁ କାଗଜ ପ୍ରତି ଆକୃଷ୍ଟ କରାଇ ପାରନ୍ତେ।

ଶ୍ରୀ କେଶବ ମହାରଣା

### ପ୍ରାଦେଶିକତା।

ମାନନୀୟ 'ଡଗର' ସମ୍ପାଦକ ମହାଶୟ,

ସ୍ୱାଧୀନ ଭାରତରେ ପ୍ରାଦେଶିକତାର ସ୍ଥାନହିଁ ନାହିଁ। ଭାଷାଗତ ସଂକୀର୍ଣ୍ଣତା ନାହିଁ ବୋଲି ନେତୃସ୍ଥାନୀୟ ବ୍ୟକ୍ତିମାନେ ବ୍ୟକ୍ତ କରି ଆସୁଥିବା ସ୍ଥଳେ ଆଜିକାଲି ସାରା ଭାରତରେ ପ୍ରାଦେଶିକତାର ନିଆଁ ହୁ ହୁ ହୋଇ ଜଳିବାର ଦେଖାଗଲାଣି। କର୍ଣ୍ଣାଟ ଚାହୁଁଛି ଅଲଗା ପ୍ରଦେଶ କରିବ, ରାଜପୁତାନାର ଗଡ଼ଜାତ ସବୁ ମିଶି ଅଲଗା ପ୍ରଦେଶ କଲେ, ଓଡ଼ିଶା ସରକାର ଗଡ଼ଜାତ ବିଜୟ କରି ବିଜେତାନାମ ପାଇଲେ। କୋରାପୁଟ ଜୟପୁର ଇତ୍ୟାଦିକୁ ଆନ୍ଧ୍ରମାନେ ନିଜ ମଧ୍ୟକୁ ନେବାକୁ ପ୍ରବୃତ୍ତ କରୁଛନ୍ତି। ଏଣେ ସିଂହଭୂମ ଜିଲ୍ଲାକୁ ଓଡ଼ିଶା ଭିତରକୁ ଆଣିବା ପାଇଁ ଅକୂଳ ମରଣ ଡାକ ଓଡ଼ିଆ ଜାତି ଦେଉଛି—

ବାଣିଜ୍ୟରେ ସଂସ୍କୃତିରେ ପ୍ରାଦେଶିକତାର ସଂକୀର୍ଣ୍ଣତା ରଖିବା ଉଚିତ ନୁହେଁ ବୋଲି ଉତ୍କଳ କେଶରୀ ଦେଶଗୌରବ ଓଡ଼ିଶାର ପ୍ରଧାନ ମନ୍ତ୍ରୀ ମାନ୍ୟବର ହରେକୃଷ୍ଣ ମହତାବ ଅନେକ ଥର କହିଥିବାର ଆମେ ଶୁଣିଛୁଁ। କିନ୍ତୁ ଏ ରାଜ୍ୟ ବିସ୍ତାର ବେଳେ ମୁଣ୍ଡ ଏପରି ଘୂରି ଯାଉଛି କାହିଁକି। ସ୍ୱାଧୀନ ଭାରତରେ ଯେ ଯେଉଁଠି ରହିବ ସେ ଓଡ଼ିଆ ହେଉ, ବିହାରୀ ହେଉ, ପଞ୍ଜାବୀ ହେଉ, ବଙ୍ଗାଳି ହେଉ ବା ତେଲଗୁ ହେଉ ସମସ୍ତଙ୍କର ସମାନ ଅଧିକାର ପାଇବାର ଆଶା କରାଯାଏ। ଖାଲି ଦୁଶ୍ଚିନ୍ତା କେବଳ ସ୍କୁଲ, କଲେଜ, ପାଠପଢ଼ା ଏବଂ ଚାକିରିରେ। କିନ୍ତୁ ଏହା ମଧ୍ୟ ଏତେ ବଡ଼ କଥା ନୁହେ। ଯେଉଁଠି ଓଡ଼ିଆମାନେ ବେଶୀ ସଂଖ୍ୟାରେ ରହିବେ, ସେ ସ୍ଥାନର ସ୍ୱାଧୀନ ସରକାର ନିଶ୍ଚୟ ପ୍ରଜାଙ୍କର ଶିକ୍ଷା ପ୍ରତି ନଜର ଦେବେ ଏବଂ ଦେବା ଉଚିତ।

ଜୋର ଜବରଦସ୍ତି ମିଥ୍ୟା ପ୍ରଚାର କରି କୌଣସି ଜିଲ୍ଲା ବା ରାଜ୍ୟକୁ ଅନ୍ତର୍ଭୁକ୍ତ କରିବା ବାଟକୁ କେହି ପସନ୍ଦ କରିବେ ନାହିଁ ଏବଂ ଏତଦ୍ୱାରା ପ୍ରାଦେଶିକତାର ମୋହ ବେଶୀ ବଢ଼ୁଛି ମାତ୍ର।

ଏ ସବୁ ଦେଖି ଓଡ଼ିଶାର ଅନେକ ଗଡ଼ଜାତର ପ୍ରଜାମାନେ ଏବେ ପ୍ରଚାର କରୁଥିବାର ଶୁଣା ଯାଉଛି ଯେ ଓଡ଼ିଶାର ସବୁ ଗଡ଼ଜାତ ମିଳି ରାଜପୁତାନା ଷ୍ଟେଟ ଇଉନିୟନ ଭଳି ସ୍ୱତନ୍ତ୍ର ଇଉନିୟନ ଏବେ ଗଢ଼ିବେ ଏବଂ ପ୍ରାଦେଶିକତା ମୋହ ଓ ରାଜୁତିରୁ ପରିତ୍ରାଣ ପାଇବେ।

ଆଗରୁ କଂଗ୍ରେସ ଯେବେ ଗଡ଼ଜାତ ପ୍ରଜା ମାନଙ୍କ ମଧ୍ୟରେ ରାଜନୈତିକ ଚେତନା, ସଂଗଠନ ଜୋର ସୋରରେ ଚଳାଇ ପ୍ରଜାମାନଙ୍କୁ ତାଙ୍କ ସହ ଆଣେଇ ନେଇ ଥାଆନ୍ତେ, ତେବେ ଆଜି ଏଭଳି ମନୋବୃତ୍ତି ପ୍ରକାଶ ପାଇ ନ ଥାନ୍ତା। ଅବଶ୍ୟ ଆମର ନେତା ମହତାବ ଓଡ଼ିଶା ଷ୍ଟେଟ ଇନ୍‌କ୍ୱାଏରି କମିଟି ସମୟରୁ ଗଡ଼ଜାତ ମିଶ୍ରଣର ପ୍ରସ୍ତାବ ଉଠାଇ ଆସି ଅଛନ୍ତି। କିନ୍ତୁ କଂଗ୍ରେସ କଣ ନୀତି ଧରିଛି ?

ଆଜି ଭାଷା ଦ୍ୱେଷ ଭୁଲିଯାଇ ଯିଏ ଯେଉଁଠି ରହିଛନ୍ତି ଏବଂ ଯିଏ ଯେତିକି ପାଇଛନ୍ତି ତହିଁରେ ସନ୍ତୁଷ୍ଟ ହୋଇ ପରସ୍ପର ମୈତ୍ରୀ ଭାବରେ ମହା ଭାରତର ଗଠନ କଳ୍ପନା କର। ଆବଶ୍ୟକ, ଏଥିରେହିଁ କେବଳ ଆମେ ସ୍ୱାଧୀନତା ରକ୍ଷା କରି ପାରିବୁ। ଏବଂ ଆଗକୁ ଗଢ଼ିକରି ପାରିବୁଁ। ଭାରତ ଆମର ଦେଶ, ରାଷ୍ଟ୍ରଭାଷା ଆମର ଭାଷା ଇଂରାଜୀ ଆମର ଭାଷା ନୁହେଁ, ଏବଂ ଭାରତୀୟ ଆମ୍ଭ ମାନଙ୍କର ଜାତି ଏପରି ମନୋଭାବ ନହେଲେ ଏହି ସଂକଟାପନ୍ନ ଦୁନିଆରେ ଆଗେଇ ପାରିବୁଁ ନାହିଁ। ଇତି।

ଶ୍ରୀ ନଗେନ୍ଦ୍ରନାଥ ଦାଶ
ବୈଜନାଠୀ

Digitized by srujanika@gmail.com

ଉତ୍କଳର ଶ୍ରେଷ୍ଠ "ଦାନ !"

କଲିକତା ପ୍ରେସିଡେନ୍ସି କଲେଜର ଶରୀର ବିଜ୍ଞାନର
ଭୂତପୂର୍ବ ଅଧ୍ୟାପକ

ଆୟୁର୍ବେଦୀୟ ହାଇଡ୍ରୋଥେରାପି ବା ଜୀବନ୍ତକ ରସ

ଏହା ଭାରତରେ ... ଏକମାତ୍ର ... ଦ୍ୱାରା ପ୍ରସ୍ତୁତ । ... ନାଇନ ... ଅଛୁ ... ଓ ଏଥିରେ ... ନାହିଁ
ଏଣେ ... ପର୍ଯ୍ୟନ୍ତ ଅବସ୍ଥିତ ... ନାହିଁ ! ... ଶରୀର ଫେରିଆସେ । ଏକବର୍ଷ ସ୍ଥା । ପଥ୍ୟାପଥ୍ୟର ବିଚାର ନାହିଁ ।

...ମ ରୋଗର ଅବ୍ୟର୍ଥ ଔ...

ଦାଦୁ, କୁଣ୍ଡିଆ ..., ...,
ପ୍ରକାର ... ରୋଗ ... ନିଶେଷ କରେ ।

ସ୍ୱାଉଡା...

କୁଷ୍ଠ ... ବଳ

... ଯେ କୌଣସି ... ଦାଗ ... ଶେତକୁଷ୍ଠ ଓ ...
...ମା, ... ଓ ... ଯୋଗ୍ୟ ପ୍ରତିଷ୍ଠାନ ।
... ନାହିଁ ।

ପ୍ରିଷ୍ଟମ୍ପା — ...

H K.)

... ମାଧବ ଘୋଷ ଲେନ, କଲିକତା—...
...— ... ନଂ ହରସନ ରୋଡ ...

ପ୍ରକାଶକ — ଶ୍ରୀ ...

ବିଳାସ ଓ ଭେଷଜ ଏକାଧାରରେ ସମାବେଶ ସାରା ଜଗତଠାରେ
ଉତ୍କଳର ଅଦ୍ୱିତୀୟ ପ୍ରସାଧନ ଓ ପ୍ରଶୋଧନ ସମ୍ଭାର
ସୁବାସିତ ପୋଷିଷ ତେଲ

ସାର୍ଷିପା

ଦେହ ପୋଷଣ ଏବଂ ମେଦ ଶୋଷଣ କରି ନିର୍ମାଣକରେ,
ଶକ୍ତିଶାଳୀ, ସୁଦୃଢ଼, ସୁଗ୍ରଥିତ ପେଶୀ, ଉତ୍ପନ୍ନ କରେ ।
ସୁକୋମଳ, କାନ୍ତିଯୁକ୍ତ, ସୁନ୍ଦର ତ୍ୱକ୍; ସୁନିର୍ମିତକରେ ।
ବାସନାର ଲୀଳା ଶୃଙ୍ଗ ଚେନ ମନୋହର, ସ୍ଫୀତ, ନିଟୋଳ
ପୀନପୟୋଧର ଏବଂ ପ୍ରଲମ୍ବିତ କରେ ।
ସିଁଥିକଣ୍ଟ, କୋମଳ, ଭ୍ରମର ନିନ୍ଦିତ, କୁଞ୍ଚିତ କେଶଦାମ ।

ହୈମସୁଧା

ବା NECTORUM.

ପ୍ରମେହ ରୋଗରେ ଅବ୍ୟର୍ଥ ଔଷଧ—ଦ୍ରାବିତ ସ୍ୱର୍ଣ୍ଣରୁ ପ୍ରସ୍ତୁତ
ଏହା ପ୍ରମେହ, ସ୍ନାୟବିକ ଦୌର୍ବଲ୍ୟ ଓ ତଜ୍ଜନିତ ଯାବତୀୟ
...ର୍ଶ, ସ୍ୱପ୍ନଦୋଷ ଇତ୍ୟାଦି ସମସ୍ତ ପ୍ରକାର ରୋଗ ଅଳ୍ପଦିନ
...ରେ ଆରୋଗ୍ୟ କରେ ।

ପ୍ରାପ୍ତିସ୍ଥାନ—
ବିଜୟଶକ୍ତି ଔଷଧାଳୟ— ରସାୟନ ବିଭାଗ
ବାଲେଶ୍ୱର ।

ପୁରାତନ ଶୂଳରୋଗ ସମୂଳେ ଆରୋଗ୍ୟ

...ମୋର ପ୍ରିୟତମାର ଶୂଳରୋଗ ବହୁଦିନ ଧରି ବହୁ ଚିକିତ୍ସା କରି ମଧ୍ୟ ... ପଡ଼ିଥିଲା । ପୁରୀର
... ଡାକ୍ତର ବି, ଦାସ ... ସିଂହଦ୍ୱାର,
...ପଡ଼ି, ତାଙ୍କୁ ସମ୍ପୂର୍ଣ୍ଣ ଆରୋଗ୍ୟ କରିଛନ୍ତି ।
ଏସ୍, ଏନ, ଦାସ,
...

ପରିଚାଳନା ସମ୍ପାଦକ— ଶ୍ରୀ ...ମୋହନ ଦାସ

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| | | |
|---|---|---|
| ଏକାଦଶ ବର୍ଷ | ସୋମବାର<br>ବୃଷ ୧୧ନ ୧୩୫୫ ସାଲ | ୩୯ ସଂଖ୍ୟା |


—ସୂଚି—

ମଜାକଥାରେ

ଶିଳ୍ପ ଓ ସାହିତ୍ୟ

କାହାଣୀରେ

ବିଭ୍ରାଟ

ମଜାଳବଢାରେ

ବ୍ରିଟିଶ୍ ବାହୁଡ଼ା!

ସଂପାଡ଼କା

ଗାନ୍ଧୀ ବକ୍ସରଧାର

ସିନେମା, ଚଟାଉ,

ବାଲଅବସ୍ଥର ସଦ୍ଭଳା


"DAGARO"

**ORISSA'S MOST POPULAR WEEKLY**
of
Light, Lead & Laughter

| | | |
|---|---|---|
| Vol XI | Monday, May 24, 1948 | No. 39 |

ବାର୍ଷିକ ମୂଲ୍ୟ ଟ ୭୲ ଷାଣ୍ମାସିକ ଟ ୩୲

ରାଜ ସଂସ୍କରଣ ବାର୍ଷିକ ଟ ୧୦୲


Digitized by srujanika@gmail.com

ଅପୂର୍ବ ସୁଯୋଗ ହରାନ୍ତୁ ନାହିଁ

## ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।

ଆମ ଦେଶର ବିଦ୍ୱାନ ଓ ଅନୁଭବୀ ଯୋଗ୍ୟ ଛାତ୍ର କମ୍ ନାହାନ୍ତି । ବର୍ତ୍ତମାନ ଆୟୁର୍ବେଦ ରାଷ୍ଟ୍ରୀୟ ଚିକିତ୍ସାରେ ଗଣ୍ୟ । ଗାନ୍ଧିଜୀ ଓ ନେହେରୁଙ୍କ ମତ ସ୍ୱଦେଶୀ ଔଷଧ ବ୍ୟବହାର କର ଓ ଚିକିତ୍ସା କର ।। ଯେଉଁମାନେ କଲେଜରେ ନ ପଢ଼ି ପାରିବେ ସେମାନେ ଘରେ ଥାଇ କାର୍ଯ୍ୟକର ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ଦେଇ ପାରିବେ ଓ ଗଭର୍ଣ୍ଣମେଣ୍ଟ ରେଜିଷ୍ଟ୍ରାର୍ଡ କଲେଜରୁ ଡିପ୍ଲୋମା ପାଇପାରିବେ । ଆଜି ଚିଠି ଲେଖନ୍ତୁ । ଔଷଧ ବାକ୍ସର ମୂଲ୍ୟ ଟ ୧୫।୰ । ଏଡ଼ଭାନ୍ସ ଟ ୩୯ ପଠାଇଲେ ଭିଃ ପିଃ ରେ ପଠାଯିବ ।

ନିମ୍ନ ଲିଖିତ ଛାତ୍ରଗଣ ଆୟୁର୍ବେଦ ପରୀକ୍ଷାରେ "ବିରଜା କଲେଜ"ରୁ ପାଶକରି ଡିପ୍ଲୋମା ପାଇଛନ୍ତି ।

୧— ଶ୍ରୀ ଗଜେନ୍ଦ୍ର ନାଏକ (ଗାଙ୍ଗପୁର) ଆୟୁର୍ବେଦ ଶାସ୍ତ୍ରୀ
୨— ଶ୍ରୀ ବାମନ ଚରଣ ଦାସ (ବଣାଇଗଡ଼) ବୈଦ୍ୟରାଜ
୩— ଶ୍ରୀ ଭଗିରଥି ମହାପାତ୍ର (ମୟୂରଭଞ୍ଜ ଷ୍ଟେଟ) ବୈଦ୍ୟରାଜ
୪— ଶ୍ରୀ ମୃତ୍ୟୁଞ୍ଜୟ ପଣ୍ଡା (କଟକ) ବୈଦ୍ୟରତ୍ନ
୫— ଶ୍ରୀ ଭାସ୍କର ବେହେରା (ବାଲେଶ୍ୱର) ବୈଦ୍ୟରାଜ

ଠିକଣା—କବିରାଜ, **ଶ୍ରୀ ନାରାୟଣଚନ୍ଦ୍ର ବେହେରା**
ବୈଦ୍ୟରତ୍ନ ଆୟୁର୍ବେଦ ବିଶାରଦ M.N.M.B.
**ବିରଜା ଔଷଧାଳୟ, ପୋଃ ବଣାଇଗଡ଼ ( ଓଡ଼ିଶା )**



ସ୍ତ୍ରୀ ରୋଗ ପାଇ

## ରତ୍ନମଞ୍ଜରୀ ପିଲ୍ସ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହେଉ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଆଦୌ ହାନି କାରକ ନୁହେଁ ମୂଲ୍ୟ ଟ ୪ । ଡାକ ଖର୍ଚ୍ଚ—ଟ ୦।୰

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟି କାରକ**

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳ ପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟୁବିକ ଦୁର୍ବଳତା, ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାର ଦୂରୀଭୂତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ଟ ୨।୰—ଡାକଖର୍ଚ୍ଚ—ଟ ୦।୰ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରାଣ୍ଟି ଯୁକ୍ତ ହୋଇ ପଠାଯାଏ ।

KJM. KAVYATIRTHA.(D.G.)
70, Cornwallis St., Calcutta.


# ନିବେଦନ

ଭଦ୍ରକରେ ପ୍ରସ୍ତାବିତ କଲେଜର କାମ ଆରମ୍ଭ ହୋଇ ସାରିଛି । ଆସନ୍ତା ଜୁଲାଇ ମାସରେ ପ୍ରଥମ ବାର୍ଷିକ କଳାର କ୍ଲାସ ଖୋଲା ଯିବ । ପ୍ରଥମତଃ ଅସ୍ଥାୟୀ ଭାବରେ ଏହା ଭଦ୍ରକ ହାଇସ୍କୁଲରେ ହେବ । ଛାତ୍ରାବାସ ପାଇଁ ପକ୍କା କୋଠା କଣା ହୋଇ ସାରିଛି । ଜନ ମାସ ଭିତରେ ଅନ୍ୟୁନ ୨୦, ୦୦ (କୋଡ଼ିଏ ହଜାର) ଟଙ୍କା କଲେଜ ପାଣ୍ଠି ପାଇଁ ମହଜୁଦ ଅଛି ଜଣାଇଲେ କର୍ତ୍ତୃପକ୍ଷ ଅନୁମତି ଦେବେ । ଭଦ୍ରକ ସବଡ଼ିଭିଜନରେ ଅଧିବାସୀ ଓ ପ୍ରବାସୀ ଭଦ୍ରକ ବାସୀ ଭାଇମାନଙ୍କୁ ନିବେଦନ ସେମାନେ ଯଥାଶକ୍ତି ସାହାଯ୍ୟ କରି ଭଦ୍ରକର ଶିକ୍ଷା ଦିଗରେ ଅଗ୍ରଣୀ କରନ୍ତୁ । ଇତି

**ନିବେଦକ—**

ଶ୍ରୀ ନରେନ୍ଦ୍ର ପ୍ରସାଦ ଦାସ ଉକିଲ, ସେକ୍ରେଟେରୀ ପ୍ରସ୍ତାବିତ ଭଦ୍ରକ କଲେଜ
ପୋ: ଭଦ୍ରକ ( ବି: ଏନ: ଆର )


Printed & published by G.C. Mohapatra at the Gopinath Press, Bhadrak 1948.



Digitized by srujanika@gmail.com

## ସରାଇକଳା

ସରାଇକଳା ଏବଂ ଖରସୁଆଁ ବିହାର ସରକାରଙ୍କ ଶାସନ ଅଧୀନରେ ଅଯାଚିତଭାବେ ରହିଛି । ଓଡ଼ିଶା ଅଧୀନକୁ ଆସିବା ବେଳେ ବିହାରୀମାନେ ଅଦିବାସୀ ମାନଙ୍କୁ ଯେପରି ମତାଇ ଶାସନ ବିରୁଦ୍ଧରେ ହିଂସ୍ର ଆକ୍ରମଣ କରିଥିଲେ ତାହା ସ୍ପୃହଣୀୟ ନହେଲେ ହେଁ ପ୍ରତିବାଦ ଜଣାଇବାର ଥିଲା ଏକ ଅବୈଧ ପନ୍ଥା । ଫଳତଃ ସେଥିପାଇଁ ଘଟିଥିବା ଗୁଳିକାଣ୍ଡ ଓଡ଼ିଶା ସରକାରଙ୍କ ଶାସନ ଅକ୍ଷମତା ପ୍ରମାଣ କରି କେନ୍ଦ୍ର ସରକାରଙ୍କୁ ଏଭଳି ନିଷ୍ପତ୍ତିରେ ଉପନୀତ କରାଇଛି । କିନ୍ତୁ ବିହାର ସହିତ ସରାଇକଳା ମିଶିବାରେ ଉପସ୍ଥ ଓଡ଼ିଆ ମାନେ ଅଦିବାସୀଙ୍କ ସଙ୍ଗରେ ଯେନ ନ୍ୟାୟ ସଙ୍ଗତ ଭାବରେ ପ୍ରତିବାଦ ଜଣାଇବା ଦୂରେ ଥାଉ ନଚେତ କିମ୍ବା ଏ ପ୍ରଦେଶର ଓଡ଼ିଆ ବୀରମାନେ ସାମାନ୍ୟ ଜିଭ ବାଡ଼ୀ କରିଛନ୍ତି କି ନାହିଁ ସନ୍ଦେହ । ଏ ଶାନ୍ତିପ୍ରିୟ ଜାତିର ସହିଷ୍ଣୁତାର ପ୍ରତୀକ ଏକ ପ୍ରାଦେଶିକ ସରକାର ମଧ୍ୟ ଏ ବିଷୟରେ ନୀରବ ରହିଛନ୍ତି ଓ ରହି ଆସିଛନ୍ତି । ଏ ନିଷ୍ପତ୍ତିକୁ ମାନିନେବା ପାଇଁ ସରକାରୀ ମୁଖପତ୍ରର ମୁଖ୍ୟଲେଖ (leader) ରେ ନିର୍ଦ୍ଦେଶ, ସମ୍ବାଦ ପ୍ରକାଶ ବହୁ ପୂର୍ବରୁ ଦିଆ ହୋଇ ସାରିଥିଲା । ମହତାବ ଯେପରି ଏକଥା ପୂର୍ବରୁ ଜାଣିଥିଲେ । ଆପେ ସେ ବିଚଳିତ ହୋଇ ନାହାନ୍ତି । ମନେ ହେଉଛି ଯେପରି ଭାଗ୍ୟକୁ ଆଦରି ହାତ ଛାଡ଼ି ଦେଇ ବସିବା ଛଡ଼ା ଉପାୟାନ୍ତର ନାହିଁ ।

ବର୍ତ୍ତମାନ ପ୍ରତିକାର ବେଳ ଆସିଛି । ସରାଇକଳା ଖରସୁଆ ଗଲେ ଅଧିକ ଆଉ ଯାଇଛି । ବଙ୍ଗାଳୀ ନେତାମାନେ ଓଡ଼ିଶାରୁ ନେବାକୁ ଦାବି କରୁଛନ୍ତି । ଆନ୍ଧ୍ରମାନେ ଗଞ୍ଜାମ କୋରାପୁଟର ଅଂଶ ନେଇ ପାରନ୍ତି । ଭୁଭୁମା ଅପେକ୍ଷା ଦେଇ ପାରନ୍ତି । କାଣୁ କାଣୁ ଦେଶ ଓ ସମ୍ପଦର ଅଂଶ ଆନରେ କେତେକ ଓଡ଼ିଆ କ୍ଷେତ୍ର ଅନ୍ୟ ପ୍ରଦେଶକୁ ଚାଲିଗଲେ । ଆମ ନେତାମାନଙ୍କ ଦୃଷ୍ଟିକୁ ସବୁ ଯେପରି ଜଣା ପଡୁନାହିଁ । ବିହାର ସରକାର ବହୁଦିନରୁ ସରାଇକଳା ଖରସୁଆ ନେବାକୁ ଚେଷ୍ଟା କଲେ—ତାଙ୍କ ସରକାର ଦାବୀ କଲେ—କିନ୍ତୁ ଆମ ସରକାର ସଂଖ୍ୟାଲଘିଷ୍ଠ ନାମରେ କ୍ଷୁଦ୍ର ପ୍ରାଦେଶିକତାର ଧ୍ୱଂସ ସାଧନ ଛଳନାରେ ନିଜ କାପୁରୁଷପଣ ଏବଂ କ୍ଷୁଦ୍ର ନେତୃତ୍ୱର ସ୍ୱାର୍ଥକୁ ଲୁଚାଇ ରଖି ଅଯଥା ପୌରୁଷ ନେଇ ଆତ୍ମ ପ୍ରସାଦ ଲାଭ କଲେ । ଏବେ ମଧ୍ୟ ଜଳ ଜଳ ହୋଇ ଦିଶୁଛି—ସରାଇକଳା ଓ ଖରସୁଆ ସଙ୍ଗେ ସଙ୍ଗେ ଅନ୍ୟାନ୍ୟ ଗଡ଼ଜାତରେ ମଧ୍ୟ ବିଚ୍ଛିନ୍ନ ହେବାର ଆନ୍ଦୋଳନ ଚେଇଁ ଉଠିବ । ପୁଣି ଗଡ଼ଜାତ ୟୁନିୟନର ଗଠନ ଦିଗରେ ଜନମତ ସୃଷ୍ଟି ହେଲେ ତାକୁ ଅସ୍ୱାଭାବିକ ବୋଲି କୁହାଯାଇ ପାରିବ ନାହିଁ । କାରଣ ଗଡ଼ଜାତର ଓଡ଼ିଆ ଓ ଆଦିବାସୀଙ୍କର ରକ୍ତ ହୁଏତ ସରାଇକଳା ଓ ଖରସୁଆର ଓଡ଼ିଆ

> ସ୍ୱର୍ଗତ ଆତ୍ମା ଜଗବନ୍ଧୁଙ୍କ ଉଦ୍ଦେଶ୍ୟରେ
> ଉଗର
> ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ

ରକ୍ତକୁ ଡାକିଦେବ । ସେତେବେଳେ ହୁଏତ ଯେଉଁ ପ୍ରଦେଶର ପ୍ରଧାନ ମନ୍ତ୍ରୀ ଆଦିବାସୀ ଅଞ୍ଚଳରେ ଛୋଟନାଗପୁର ଓଡ଼ିଶା ସହିତ ମିଶାଇବାର ଚେଷ୍ଟାକୁ ଷଡ଼ଯନ୍ତ୍ର ବୋଲି ବାଣୀ ପ୍ରଦାନ କରିଥିଲେ ସେହି ଓଡ଼ିଶା ଠାରୁ ଦୂରରେ ରହିବାକୁ ଗଡ଼ଜାତର ଲୋକେ ଚିତ୍କାର କରିବେ । ଯାହା ଗୋଷ୍ଠୀଏ ଲୋକଙ୍କ ସ୍ୱାର୍ଥରେ ଅନ୍ୟମାନଙ୍କର ତାହାହିଁ ହୁଏତ ସ୍ୱାଭାବିକ ଲୋକଙ୍କ ପକ୍ଷରେ ହିତକର ବୋଲି ମନେ ହେବ । ପରିଣାମ ପ୍ରକୃତରେ ଅନୁମାନ କରିବା ଅସମ୍ଭବ । ହୁଏତ ଓଡ଼ିଆ ଜାତି ଏକ ଦୁର୍ବଳ ଜାତି ହୋଇ ଚିରଦିନ ଅନ୍ଧକାରରେ ରହିବ ଏବଂ ଶେଷରେ କୌଣସି ଉପକୂଳ ପ୍ରଦେଶ ସହିତ ମିଶିଯିବ କିମ୍ବା ଗଡ଼ଜାତ ଇଉନିୟନ ସହ ପରିବେଶରେ ଏକତ୍ର ହୋଇ ବିରାଟ ଉତ୍କଳ କିମ୍ବା ଝାଡ଼ଖଣ୍ଡ ନାମରେ ଆଦିବାସୀ ଖଣ୍ଡରେ ପରିଣତ ହେବ । ପ୍ରଥମ ପରିଣାମ ଭୟାବହ । ଦ୍ୱିତୀୟ ପରିଣାମ ଶ୍ଳାଘ୍ୟ, କାରଣ ଆଦିବାସୀ ଏବଂ ଓଡ଼ିଆ ସଭ୍ୟତାର ସଂମିଶ୍ରଣରେ ଏକ ନୂତନ ବଳଶାଳୀ ଜାତି ଗଢ଼ି ଉଠିବ । ଅଖଣ୍ଡ ବିଶାଳ ଉତ୍କଳ ସମ୍ଭବ ନ ହେଲେ ବିଶାଳ ଝାଡ଼ଖଣ୍ଡ ହେଉ ଏବଂ ଏହି ମାଟିର ମଣିଷ ତାର ଯୋଗ୍ୟ ଆସନ ପାଉ ।

ବର୍ତ୍ତମାନ ଦେଶର ନେତାମାନେ ନିଜର ଭ୍ରମପ୍ରମାଦ ନିରପେକ୍ଷ ଦୃଷ୍ଟିପାତ କରନ୍ତୁ । ଆଦିବାସୀ ଅଞ୍ଚଳ ମିଶ୍ରଣ ବିଷୟରେ ମହତାବ ଯେଉଁ ବକ୍ତୃତା ଦେଇଥିଲେ ଆଜି ତାହା ସାଧାରଣରେ ମୁକ୍ତ କଣ୍ଠରେ ପ୍ରତ୍ୟାହାର କରି ଆଦିବାସୀଙ୍କ ଠାରେ କ୍ଷମାପ୍ରାର୍ଥନା କରନ୍ତୁ । ସରାଇକଳାର ଗୁଳିକାଣ୍ଡ ପାଇଁ ବସ୍ତୁତଃ ବିହାରୀ ଉତ୍ତେଜନାକାରୀ ଦାୟୀ ହେଲେହେଁ—ବହୁ ଅଦିବାସୀଙ୍କର ମୃତ୍ୟୁକୁ ଏଡ଼ାଇ ନପାରିବାର ଅକ୍ଷମତାପାଇଁ ପ୍ରାୟଶ୍ଚିତ୍ତ ସ୍ୱରୂପ ଏ ଦେଶର ପ୍ରଧାନ ମନ୍ତ୍ରୀ ମନ୍ତ୍ରୀତ୍ୱର କୈଳାସ ସିଂହାସନତ୍ୟାଗ କରି ଆଦିବାସୀଙ୍କ ଦ୍ୱାରେ ଦ୍ୱାରେ ଗଳଦ୍ ବସ୍ତ୍ରରେ ବୁଲନ୍ତୁ । ଆଜି ଦମନ ଆଇନ ଜାରି କରି ଲୋକମତର କଣ୍ଠରୋଧ କରିବା ଦ୍ୱାରା କଂଗ୍ରେସ ଓ କଂଗ୍ରେସ ସରକାରର ସୁନାମରେ କଳଙ୍କ ଲେପିବା ସଙ୍ଗେ ସଙ୍ଗେ ଓଡ଼ିଆ ଓ ଆଦିବାସୀ, ମୋଗଲ ବନ୍ଦୀ ଓ ଗଡ଼ଜାତର ସ୍ୱାତନ୍ତ୍ର୍ୟ ଭାବକୁ ଦୃଢ଼ କରାଯାଉଛି ବୋଲି ସରକାର ସେ ଆଇନ ଶୀଘ୍ର ପ୍ରତ୍ୟାହାର କରି ପ୍ରେମ ଓ ସେବା ବଳରେ ହୃଦୟ ଜୟ କରିବା ପାଇଁ ଚେଷ୍ଟା କରନ୍ତୁ । ଓଡ଼ିଆ ଅଫିସରମାନେ ଗଡ଼ଜାତର ଯେଉଁ ଉଦ୍ଧତ ଶାସନ ଚଳାଉଛନ୍ତି ତାହା ବନ୍ଦ କରିବାପାଇଁ ସ୍ୱାୟତ୍ତ ଶାସନ ଅନୁଷ୍ଠାନରେ ପରାମର୍ଶଦାତା କମିଟି ଗଢ଼ିଯାଉ ।

ସରାଇକଳା ଓ ଖରସୁଆଁ ଯିବା ଅର୍ଥ ମହତାବ ମନ୍ତ୍ରୀମଣ୍ଡଳର ପରାଜୟ । ମହତାବ ଯଦି ଦାୟୀ ହୋଇଥାନ୍ତି ଓ ନିଜ ଧାରାରେ ଗଣତନ୍ତ୍ରର ପକ୍ଷପାତୀ ହୋଇଥାନ୍ତି ତେବେ ସେ ଏଥରେ ଇସ୍ତଫା ଦିଅନ୍ତୁ ଏବଂ ଅନ୍ୟ କୌଣସି ପ୍ରାଦେଶିକ କଂଗ୍ରେସ ନେତା ଶାସନ ଭାର ନେଇ ଯଦି ସମ୍ଭବ ହୁଏ ତେବେ ଅନ୍ୟ ରାଜନୈତିକ ଦଳମାନଙ୍କ ସହଯୋଗରେ କାର୍ଯ୍ୟ ସମର୍ଥନରେ ମନ୍ତ୍ରୀମଣ୍ଡଳ ଗଠନ କରି ଜାତୀୟ କର୍ମ ଯୋଜନା ଦେଶ ସମକ୍ଷରେ ରଖନ୍ତୁ ।

(ମହେନ୍ଦ୍ର ... ... )

Digitized by srujanika@gmail.com

# ବଡ଼ ମୁହଁରେ ଛୋଟର ଜବାବ

ମୁଁ ଏକା ଭଷା ଆଜି ଯବୁ କାହୁଁଅ—ଅମ୍ବେଦକର ।

···ତମ ମୁହଁ କିନ୍ତୁ ମୋଟା ।

× × +

ଅସ୍ଥାୟୀ ସମୟ ପାଇଁ ୫ ବର୍ଷ ଯାଏ ଇଂରାଜୀ ଶିକ୍ଷା ମାଧ୍ୟମ ରହିବ—ସଂବାଦ

···ଇଲେଧ୍ୱଜ୍ ପଞ୍ଚ ବର୍ଷାଣି ।

× × ×

ରାଜାଜୀ ଦିଲ୍ଲୀରେ ବଡ଼ଲାଟ ହେବେ—ସଂବାଦ ।

···ଏଣିକି ତାଙ୍କୁ ସମ୍ରାଟଙ୍କ କୁହାଯାଉ ।

× + ×

ଆମେ ନିଜର ଅଧିକାର ବଳରେ ବର୍ଦ୍ଧନ ଦଖଲ କରିଛୁ—ବେରନ ।

···ଜନ୍ମଗତ ଅଧିକାର ନା ମୃତ୍ୟୁଗତ ଅଧିକାର ?

+ + ×

ପାକିସ୍ଥାନ ଭାରତ ଭିତରେ ଡାକମାସୁଲ ପୁଣି ଅଧପର ହେବ—ସଂବାଦ ।

···ପ୍ରେମ ପତ୍ରର ମୂଲ୍ୟ କମିଗଲା ।

× × ×

ହଲାଣ୍ଡରେ ସଶସ୍ତ୍ର ବିଦ୍ରୋହ ସମ୍ଭାବନା—ସଂବାଦ ।

···ଓଲନ୍ଦାଜ ଗୋଲନ୍ଦାଜ ହେବେ ।

+ + ×

ପୂର୍ବ ପଞ୍ଜାବ ପଶ୍ଚିମ ପଞ୍ଜାବକୁ କେନାଲ ପାଣି ନେବାର ପାରି ହେଲା—ସଂବାଦ ।

···ପୋଖରୀ ପାଣି ପୋଗାଇବ ନାହିଁ ?

× ÷ ×

ଚୀନାର ନୂଆ ଶାସନ ବିଧାନଗତ ନୂଆ ଗଣତାନ୍ତ୍ରିକ ସଙ୍କୋଚ ପ୍ରମୁଖ ଚ୍ୟାଙ୍ଗ କାଇ ସେକ ହେବେ—ସଂବାଦ ।

···କାଶ୍ମୀର ନେଇ ମଝି ନଈରେ ନାଙ୍ଗଣି !

× + +

ରୁଷ—ଆମେରିକାର ପତ୍ର ଦ୍ୱୈଧର ମୀମାଂସା ପାଇଁ ଆମେରିକାର ଦ୍ୱାର ଉନ୍ମୁକ୍ତ—ରୁଷରେ ମାର୍କିନ ରାଜଦୂତ ସ୍ମିଥ ।

···ସାହାଣ ମେଲା ଭିତରେ ପଶିବା କାଠିକର ପାଠ ।

+ × +

କାଶ୍ମୀର ନେହେରୁ ନେହେରୁ ବୋଲି ପାଗଳ—ସଂବାଦ ।

···ଜନା ସେଥିପାଇଁ ସେଠି ପାଗଳା ଗାରଦ କରିବାକୁ ବସିଛନ୍ତି ।

+ × ×

ମୁସଲମାନେ ଭାରତ ଇଉନିୟନର ବିଶ୍ୱସ୍ତ ଭକ୍ତ ହୋଇ ରହିବେ—ଲିଗ ସଭାପତି ଇସମାଇଲ ।

···ସେ ନିଜେ କିନ୍ତୁ ମାଲ ଧରନ୍ତୁ ଆଗ ।

× + ×

ଲିଗ୍ ବ୍ୟକ୍ତିଗତ ସ୍ୱାଧୀନତାକୁ ସ୍ୱୀକାର କରେ ନା—ଗଫୁର ଖାଁ ।

···ଦଳଗତ ସ୍ୱାଧୀନତାକୁ କରେ ।

× ÷ ×

ଅସାଧାରଣ ସମୟରେ ସାଧାରଣ ନାଗରିକ ସ୍ୱାଧୀନତାରେ ହସ୍ତକ୍ଷେପ କରିବାକୁ ପଡ଼ୁଛି—ଗାଡଗିଲ ।

···ସାଧାରଣ ସମୟରେ ନାଗରିକମାନେ ଅସାଧାରଣ ସ୍ୱାଧୀନତା ପାଇଥାନ୍ତି କି ?

+ × ×

ପ୍ରତିଷ୍ଠାପକଙ୍କ ମଧ୍ୟରେ ରବୀନ୍ଦ୍ର ନାଥ ଗୋଟିଏ ସମୁଜ୍ଜ୍ୱଳ ତାରକା—ହରଣ ଶଙ୍କର ରାୟ ।

···ରବିରୁ ତାରା ଯାଏ ଖସି ଆସିଲେ ?

÷ + ×

ଆମେରିକା ନୀତିରେ ପରିବର୍ତ୍ତନ ଘଟି ନାହିଁ—ଟ୍ରୁମାନ ।

···ଯାହା ଘଟୁଛି ସେ କେବଳ ନାସାଂସି ଘର୍ଣ୍ଣନ ଯଥା ବିଧାୟୁ···

+ + +

ଆମେରିକା ରୁଷ ମଧ୍ୟରେ ଗୁପ୍ତ ଚିଠି ପତ୍ର ପ୍ରକାଶ କରିବା ଦ୍ୱାରା ରୁଷ ବିଶ୍ୱାସ ଘାତକତା କରିଛି—ରୁଷରେ ମାର୍କିନ ପ୍ରତିନିଧି ସ୍ମିଥ୍ସ ।

···ସସେମେରା ଲେଖିଦିଅ କାଭରେ ।

+ + +

ଇଂଲଣ୍ଡର କମନୱେଲ୍ଥ ଓ ମୁକ୍ତ ଇଉରୋପ ମିଶି ଏକ ତୃତୀୟ ବୃହତ ଶକ୍ତି ଗଠିତ ହେଉ—ସ୍ମଟସ ସାହେବ ।

···କିନ୍ତୁ ଶୀତ୍କବ ଦ୍ୱିଶୀୟୁ ।

× + ×

ଉତ୍କଳ ସମ୍ମିଳନୀ ଷଡ଼ଚୈକଲା ଆନ୍ଦୋଳନରେ ସାହାଯ୍ୟ ଦେବାକୁ ରାଜି ଥିଲା—ମହତାବ ସରକାର ମନା କଲେ—ନବକିଶୋର ।

···ଏକା ହରିଅ ବନ୍ଧଣ ପଲ ।

× × +

ଓଡ଼ିଶା ପ୍ରତିନିଧି ଦଳ ମେନନଙ୍କ ଆଗେ କହିବାର ୪ ଦିନ ପୂର୍ବେ ମହତାବ ଯାଇ କଥାବାର୍ତ୍ତା ସାରି ଆସିଥିଲେ । ଆମକୁ କାହିଁକି ଯେ ପଠାଗଲା ବୁଝା ଗଲା ନାହିଁ—ପ୍ରତିନିଧି ବ୍ରଜବନ୍ଧୁ ଦାସ ।

···ଅନେଇ ବନେଇ ବନ୍ଦରକାଣିର ।

+ × ×

---

ସମ୍ପାଦକୀୟ ପୂର୍ବ ପୃଷ୍ଠା ଉତ୍ତାରୁ

ଆମେ ସ୍ପଷ୍ଟଭାବରେ କହୁଛୁ, ବର୍ତ୍ତମାନ ଓଡ଼ିଆ ଜାତି ପକ୍ଷରେ ଏକ ଘୋର ସଙ୍କଟ ବେଳ । ମହତାବଙ୍କର ଦୁର୍ବଳ ନେତୃତ୍ୱରେ ଓଡ଼ିଆ ଜାତି ଆଜି ଯାହା ହରାଇଲା ତାହା ଆଉ କେବେ ପାଇ ପାରିବ ନାହିଁ । ଭୂଜୁମ୍ବା ଯାଉଛି—ମୟୂରଭଞ୍ଜ ଯାଉଛି—ଷଡ଼ଚୈକଲା ଖରସୁଆଁ ଗଲା ଏହିଠାରେହିଁ ଏ ଦୁଃଖାନ୍ତ ନାଟିକାରେ ଯବନିକା ହେଉ ।

ବର୍ତ୍ତମାନ ଏପରି ଏକ ନୂତନ ଶକ୍ତିଶାଳୀ ମନ୍ତ୍ରୀମଣ୍ଡଳ ହେଉ ଯେଉଁ ମନ୍ତ୍ରୀମଣ୍ଡଳ କି ଓଡ଼ିଆ ଜାତିର ନ୍ୟାଯ୍ୟ ସ୍ୱାର୍ଥ ପାଇଁ ଏବଂ ଓଡ଼ିଆ ଜାତିପ୍ରତି ଅନ୍ୟାୟ ଆଚରଣର ପ୍ରତିବାଦ କରି ଭାରତ ୟୁନିଅନରୁ ସ୍ୱତନ୍ତ୍ର ହେବାର ଆବଶ୍ୟକତା ଉପସ୍ଥିତ ହେଲେ ସଙ୍କୁଚିତ ହେବ ନାହିଁ । ଓଡ଼ିଶା ଶକ୍ତିଶାଳୀ ହେଲେ ଭାରତ ଶକ୍ତିଶାଳୀ ହେବ । ଦୁର୍ବଳ ଓଡ଼ିଶା ଭାରତର ଦୁଷ୍ଟବ୍ରଣ ହେବ ଏବଂ ନିଜେ ଭାରତର ସୁସ୍ଥ ଶରୀରରେ ଏକ ଘୃଣ୍ୟ ବ୍ୟାଧି ରୂପରେ ତାର ପ୍ରାପ୍ୟ ଘୃଣା ଓ ଲାଞ୍ଛନାର ହତଭାଗ୍ୟ ଅଧିକାରୀ ହୋଇ ରହିବ ।

ଷଡ଼ଚୈକଲା ଓ ଖରସୁଆଁ ସମ୍ବନ୍ଧରେ ନିଷ୍ପତ୍ତି ବିରୁଦ୍ଧରେ ଓଡ଼ିଶାରେ ପ୍ରବଳ ଜନମତ ସୃଷ୍ଟି ହୋଇଛି ବୋଲି ଭାରତ ସରକାରଙ୍କୁ ଜଣାଇବାର ପ୍ରକୃଷ୍ଟ ଉପାୟ ହେଉଛି—ମହତାବଙ୍କର ଇସ୍ତଫା ଦେବା । ଯଦି ପ୍ରତିବାଦ କରି ମନ୍ତ୍ରୀତ୍ୱ ଛାଡ଼ିବାରେ ତାଙ୍କର ସତ୍ସାହସ ନଥାଏ ତେବେ ଅନ୍ତତଃ ଲୋକମତକୁ ସରକାରଙ୍କର ଏ ନିଷ୍ପତ୍ତି ପକ୍ଷରେ ନାହିଁ ଏଥିପାଇଁ ସେ ଇସ୍ତଫା ଦିଅନ୍ତୁ । କେନ୍ଦ୍ର ସରକାରକୁ ଆମର ନୈତିକ ବଳ ଦେଖାଇବା ଉଚିତ । ମହତାବ ଯଦି ଗାଦୀ ଲୋଭରେ ବସିଯାନ୍ତି ତେବେ ଦେଶର ଦୁର୍ଭାଗ୍ୟ କୋଟି ଗୁଣେ ବଢ଼ିଯିବ । ଓଡ଼ିଆ ଜାତି ଦୁର୍ବଳ ବୋଲି ଚିରଦିନ ବିବେଚିତ ହେଉଥିବ ।

—*—

Digitized by srujanika@gmail.com




ରୁସ ଅମେରିକା ବିବାଦ ବେଳୁ ବେଳ
ଘନେଇ ଅସିବାରୁ ଡଗର ଗାଇଲା—

ବାବୁ ଷିଡରେ ସ୍ପିଡ ହେଲା ପ୍ରବଳ
ଇଂଲଣ୍ଡ ଅମେରିକା
ଚଳାଇଲା କଣା ବିକା
ସେ ଦିହଙ୍କ ଦେଖା ଶିଖା
ଅଳ୍ପପାରୁ ରୁସ ଝୋକା
ପଶ୍ଚିମ ଜର୍ମନୀ ଶିକା
ଅଟିକା ବେହେଡୀ ଢେକା
ଅମେରିକା ଭଲେ ଲେଖା
ତା ଦେଖି ରୁସିଆ ଏବେ ମୋହୁଛି କଳ
ଷିଡକୁ ସ୍ପିଡ ( ବାବୁ ) ହେଲା ପ୍ରବଳ

× × ×

ଭାରତରେ ମଧ୍ୟ ହାଇଦ୍ରାବାଦ ଭାରତ, ପାକିସ୍ତାନ ଭାରତ ମଧ୍ୟରେ ଲମ୍ବେ ଲମ୍ବେ । ଡଗର ପୁଣି ଧରିଲା—

ଭାରତ ହାଇଦ୍ରାବାଦ
ଲଗାଇ ଦେଲେ ବିବାଦ
ପାକିସ୍ତାନ କରେ ଗାଦ
କାଶ୍ମିର ଯେ ବରବାଦ
କାଢ଼ି ଫଧ ବଡ଼ ବେଧ
ଲଗାଇ ଦେଉଛି ଭେଦ
ଡଗର କରଇ ଖେଦ କର୍ମ ଅବଳ
ଷିଡକୁ ସ୍ପିଡ ବାବୁ ହେଲା ପ୍ରବଳ

÷ × +

ଓଡ଼ିଶା ବିହାର ଭିତରେ ଷଡ଼ୈକଳା ଓ ଗଞ୍ଜସୁଆଁ ନେଇ ଗୋଳ ଉଠିଲା । ଷଡ଼ୈକଳା ବିହାରକୁ ଗଲା । ତା ଶୁଣି ଡଗର ପୁଣି ଗାଇଲା—

ଷଡ଼ୈକଳା ଖରସୁଆଁ
ସତେ କିବା ମୂଷା ଛୁଆ
ବିହାରୀ ପୁଣି ଓଡ଼ିଆ
ଜଗିଥିଲେ ଦୁଇ ଭୁଆ
ଓଡ଼ିଶା ତ ଛୁଆ ଛୁଆ
ବିହାର ଖାଇ ଛଡ଼ୁଆ
ତାକୁ ଛାଡେ ହୁହା ହୁହା
ଓଡ଼ିଶା ଖାଉଛି ମୁଆଁ
ହୁକା ହୁକା ହୁକା ହୁଆ
କ୍ଷପର ବଲ୍ଲଭ ନନା ଅଙ୍ଗୁର ଫଳ ।
ଷିଡକୁ ସ୍ପିଡ ବାବୁ ହେଲା ପ୍ରବଳ ।

× × +

ଅମେରିକା ରୁସ ଭିତରେ ମନ ଫଟା ଫଟି ହେଇ ରୁଠା ରୁଠି ଓ ହାଉ ଉଠା ଉଠିଯାଏ କଥା ଦେବାରୁ ରୁସରେ ଥିବା ମାର୍କିନ ରାଜଦୂତ ସ୍ମିଥ ସାହେବ ରୁସ ବୈଦେଶିକ ମନ୍ତ୍ରୀ ମୋଲୋଟୋଭ୍‌ଙ୍କ ନିକଟକୁ ଅ ମୁଲତବି ରଖି ଗୋଟାଏ ଅପୋଷ କଥା ଭାଷା ଚଳାଇବା ପାଇଁ ଲେଖିଲେ—ମୋଲୋଟୋ ସ୍ୱୀକାର ହେଲେ । କିନ୍ତୁ ପରେ ଖବର ପାଇଲା କଳକଳିଆ ମୁଲତବି ନ ହୋଇ କଥା ବାର୍ତ୍ତା ଟାଇ ମୁଲତବୀ ରହିଗଲା ।

× × ×

କଥାବାର୍ତ୍ତା ଫସର ଫାଟି ଯିବା ପୂର୍ବରୁ କଥା ଭାଷା ଶୁଣିଲା ମାନେ ପ୍ୟାରି ଷ୍ଟକ ଅକ୍‌ସଚେଞ୍ଜ ଓ ଗ୍ରେସ ବଜାରରେ ଡଲାର ମୁଦ୍ରା ଦର ପଡ଼ିଗଲା । ଏଥିରୁ ସ୍ପଷ୍ଟ ଜଣାଗଲା ଯେ ଏ କଥା ବାର୍ତ୍ତାର ମୂଲ୍ୟ ଅତି ଅଳ୍ପ । ବର୍ତ୍ତମାନ ଶହାର କଲେ ଏପରି କଥା ବାର୍ତ୍ତାର ମୂଲ୍ୟ କିଛି ହେବ ନାହିଁ । ଅତଏବ ବଲ୍ଲଭ ଙ୍କର ଉପଦେଶ ଏବେ କଥା ବାର୍ତ୍ତା ଗ୍ରେସ ବଜାରରେ ଗୁଲ୍ଲ । ତେବେ ଯାଇଁ ତାର ମୂଲ୍ୟ ହେବ ।

× × ×

ସତରୁ ସତ ଅମେରିକା ରାଜ ଦୂତ କହୁଛନ୍ତି ଏ କଥାଭାଷାଟା ଗୁପ୍ତରେ ରହିଥିଲା— ଅର୍ଥାତ୍‌ ଗ୍ରେସ ବଜାରରେ ଗୁଲୁଥିଲା । ରୁସିଆ ତାକୁ ପ୍ରକାଶ କରିବା ଦ୍ୱାରା ଖୋଲା ବଜାର ହୋଇ କଥା ଭଣ୍ଡୁର ହୋଇଗଲା । ବଲ୍ଲଭ ବିଗୁର କରି କହୁଛନ୍ତି କି ସେ ମଥରେ କଳା ଅଛି—କଳା ଧୋଇଲେ ଦେବାରୁ ସମ୍ଭବ ।

× × ×

ପାଲେଷ୍ଟାଇନରେ ଆରବ ଇହୁଦୀ ଯୁଦ୍ଧ କ୍ଷଣକ ପାଇଁ ବିଷମ ହୋଇଥିଲା । କିନ୍ତୁ ୧୫ ତାରିଖ ପରେ ବ୍ରିଟେନ ପାଲେଷ୍ଟାଇନ ଛାଡ଼ିବା କ୍ଷଣି ଇହୁଦୀମାନେ ସ୍ୱତନ୍ତ୍ର ରାଷ୍ଟ୍ର ଘୋଷଣା କରିବା ଫଳରେ ଫଳ ଯା ହେଲା ତା ମା ଭୂମଧ୍ୟ ସାଗର ଜାଣନ୍ତି । ଏହି ଝିଙ୍କିଟିରୁ ମହାଭାରତ ହେବ କି ? କିନ୍ତୁ ଗୋଟିଏ ସୁଖର କଥା : ଯେ ଆରବ ଓ ଇହୁ-ଦୀ ଙ୍କ ମଧ୍ୟରେ ଗୋଟିଏ ଚୁକ୍ତି ହୋଇଛି ଯେ ତୀର୍ଥ ଜେରୁସେଲମକୁ କେହି ଆକ୍ରମଣ କରି ପାରିବେ ନାହିଁ । ଅତଏବ ଏହା କେବଳ ଆଶ୍ରୟ-ପ୍ରାର୍ଥୀଙ୍କ ଶରଣ ରକ୍ଷଣ ସ୍ଥାନ ହେବ । ଅତଏବ ଅସହାୟଙ୍କ ଶରଣ ରକ୍ଷଣ ଦାନା ଏହି ତୀର୍ଥ ଭୂମିରେ ଉଠିବ । ବଲ୍ଲଭଙ୍କ ଜଳ ସିନ୍ଧୁ ଉରୁଅଙ୍କର ଏତିକି ଆଶ୍ରୟ ନ ରହିଲେ ଧର୍ମ ପୁଣି କେଉଁଠି ଆଶ୍ରାନେବ । ଶେଷରେ ମଣିଷ ସ୍ୱର୍ଗରେ ଆଶା ନେଉ ନାଚେତ୍‌ ଜେରୁସେଲମରେ । ଏକା କଥା ।

× + ×

ମିଳିତ ଜାତି ସଂଘ ତତ୍ତ୍ୱାବଧାନରେ ଅମେରିକା ଶାସିତ ଦକ୍ଷିଣ କୋରିଆରେ ନୂଆ ନିର୍ବାଚନ ହୋଇଛି । ଏହି ପ୍ରଥମ ନିର୍ବାଚନରେ ନିର୍ବାଚନ ଦେବୀ ବନ୍ଧୁ ନରମୁଣ୍ଡ ବଳି ଖାଇଛନ୍ତି । କୋରିଆ ତ କୋରିଆ ନୁହେଁ—ନଡ଼ିଆ କୋରା । ଏଥିପାଇଁ ରୁସ ଅମେରିକ ଦୁଇଟି ଛୁଆ କଳି ଲଗିଛନ୍ତି । ମିଳିତ ଜାତି ସଂଘ କହୁଛି—ଶୋଇଲା ପୁଅର ଭାଗ ନାହିଁ । ଦେଖାଯାଉ ରୁସ ଓ ଅମେରିକା ଭିତରେ କିଏ କେତେ ଗୁହାଳ୍ପା ଓ ଜାଗତା । କମିଉନିଷ୍ଟମାନେ ବଡ଼ ଗୋଳ ଲଗେଇ ଦେଇ ଗୋଳିଆ ପାଲଟିଲେ ଏ ଖେଳରେ ।

× × ×

କାଶ୍ମୀରରେ ସ୍ୱାଧୀନତା ଦିବସ ପାଳିତ ହୋଇ ଯାଇଛି । ନେହେରୁ ଓ ଅବଦୁଲ୍ଲାଙ୍କୁ ବିପୁଳ ଉତ୍ସାହରେ ଲୋକେ ସ୍ୱାଗତ କଲେ । ଶୁଣାଗଲା ନେହରୁ ଓ ଅବଦୁଲ୍ଲାଙ୍କୁ ନିଆଁ ଭିତରେ ଉଡ଼ାଣି ପଚାରି କରି ନିଆଗଲା । କାଶ୍ମୀର ଜାତୀୟ ସମ୍ମିଳନୀ ଦଳବାଲା ଉପରେ ଉପରେ ଉଠି ଗୁଜିଲେ । କିନ୍ତୁ ହାୟ ହାୟ ହାୟ କଲା । ତମର ମୁସ୍‌ଲିମ ଲିଗ୍‌, ତମେ, ଓ ତମ ଅଜାଦ କାଶ୍ମୀର ସରକାରଙ୍କ ନାଆ—ତଳକୁ ଭାସି ଯାଉଛି । ଏଥର ତମ ବ୍ରିଟିଶ ପ୍ରଭୁଙ୍କୁ ଡାକ—ଭାସିଗଲା ଭବ ଜଳେ ନାବ ଦିଅ ତୂଳକୁ—ପାକିସ୍ତାନ ରକ୍ଷାବାନା ଆଉ କେତେ ବେଳକୁ ।

× × ×

ହାଇଦ୍ରାବାଦ ନିଜାମଙ୍କ ସହ ଭାରତ ଓ ହାଇଦ୍ରାବାଦ ଗଣ୍ଡ ଗୋଳ ତୁଟାଇବା ପାଇଁ କଥା ଭାଷା ହେବାରୁ ମାଉଣ୍ଟ ବେଟନ ଡାକି ଥିଲେ । ନିଜାମ ଯେ କେବଳ ଜାଣ୍ଡି କଲେ ତା ନୁହେଁ—ବୋଇଲେ—ହାମ ନହି

Digitized by srujanika@gmail.com

ଯାଏନା—ତୁମ୍ପ ଅର୍ଥ । ନିଜାଙ୍କ ଚିଠିରେ ଫର ଲଗି ଲାଥି ଏବ ମନେ ନେଉଛ । ସେ ହେବୁଁ ଦେଲି ମୁଣ ଏକା କାଠ ନେଇ ଅନ୍ଧାରରେ ଉଡ଼ୁଛ । ତେଣୁ ସେ ନୂଆ ଦେବଙ୍କ ଅଗ୍ନି ଶିଖାକୁ ଲେଭ କରୁଛ ଅଧିକାର କରିବା ପାଇଁ । କିନ୍ତୁ ସାଧୁ ସାବଧାନ—

ଅନଳେ ଯେସନେ ପତଙ୍ଗ
ପଡ଼ନ୍ତି ହୋଇ ଉଦବେଗ
ସେସନେ ନିଜାମ ଦହଜ
ହେଲେଟି ହର୍ଣ୍ଣିବ ଦହବ ।

× × ×

ସ୍ୱାଧୀନତା ଦେବେ କବି ଓଡ଼ିଶାର ଅନେକ ସ୍ଥାନରୁ ମହତାବ କହୁଛନ୍ତି—ସ୍ୱାଧୀନତା ପରେ ଅଜ୍ଞ ଅନୋଳନର ସ୍ଥାନ ନାହିଁ । ଏଣିକି ଜମ ସରକାର ଯେତେଯାହା ଅନ୍ୟାୟ କରନ୍ତି ତାର ପ୍ରତିବାଦ ମଧ୍ୟ ହେବ ନାହିଁ । ବାସ୍ତବିକ ଯେଉଁବେଳେ ନିଜେ ଗଦି ଦେଇ ବସାଇଛନ୍ତି ସେତେବେଳେ—ଅଫଣା ହଟ୍ଟେ କିସ୍ତ କିଛି ନ ଅଛୁ ତାର ପ୍ରତିବାଦ ?

\+ \+ \+

କିନ୍ତୁ ଗୋଟାଏ କଥା—ଏ ସ୍ୱାଧୀନତା ମେଣ୍ଟୋଳା ଏକା ଯେ ମହତାବ ମାଡ଼ି ବସିଛନ୍ତି । ତାଙ୍କ ପ୍ରସାଦ କଣିକାଏ ଦେଶବାସୀ ପାଇଲେ କୃତାର୍ଥ ହୁଅନ୍ତେ । ତାଙ୍କ ପ୍ରସାଦ ତାଙ୍କ ମହାନ୍ତ ପଣ୍ଡା ପଢ଼ିହାରୀ, ସେବକ ପୂଜକ ମାନେ ପାଉଛନ୍ତି ଖାଲି ବସି ବସି କିନ୍ତୁ ଏ ଓପବାସୀ ଅଣାଯ୍ତୀ ମେଣ୍ଢା ପ୍ରଜା ଗୁଡ଼ାକ ଯେ କାତର ହୋଇ ଅନେଇ ରହିଲେ । ଏ ମଠର ଗୃହାନ୍ତ ନାହିଁ—ଅସନ ଗୃହାନ୍ତ ନାହିଁ—ଚସମା ଗୃହାନ୍ତ ନାହିଁ—ଯେଣୁ କୋଠ ପିଣ୍ଡାକୁ ମାଗନ୍ତ ନାହ—ଏ ଗୃହାନ୍ତ ମୁଠିଏ ଦାନା । ଖଣ୍ଡିଏ କନା । ସେଇ ତାଙ୍କର ସ୍ୱାଧୀନତା । ସେ କେଉଁଠି ? କେଉଁ ଗାଡରେ—ନା ଚୁଲିରେ ? ମହତାବ ତାଙ୍କ ସରକାରୀ କୋଠୀରେ କମ୍ୱା ବହାସି ବାଗରେ କେଉଁଠି ଗୃହ ପକାଇ ରଖିଛନ୍ତି କି ? ଥିଲେ ପଠାଇ ଦେବେ ଅଣାକରୁ ?

\+ ÷ ×

ଫଟେଇକଳା ଖରସୁଆଁ କୁଡ ଓଡ଼ିଶା ହାତରୁ ଗଲ ; ବର୍ତ୍ତମାନ ମହତାବ କହୁଛନ୍ତି ସେ ଦା ତାଙ୍କ ମୁଖପତ୍ର—(ମୁଖ ପତ୍ରର ଅର୍ଥ ପାନ ଦୋକତା ବୋଲି କେହ ଯେପରି ଅମଳପାଣି ମନେ ନକରନ୍ତି ) ଜଣଅଛେ—though vanquished still argues ମାଡ଼ଖାଇ ମଧ୍ୟ ଭର ମାରିଲ ବାଲ ବୋଲି କହିବା ଗାତରେ

କହୁଛନ୍ତି—ଫଟେଇକଳା ହୋଇ ନେଇଗାଲେ—ଭାରତ ସରକାର ନେଉଛି । ପିଲାଏ କଇଁତ ପଡ଼ଲେ—ଢେଙ୍କି ପଡ଼ଲ ବୋଲି ସାନ୍ତ୍ୱନା ଦେଲ ପରି ଆମ ପ୍ରଧାନ ମନ୍ତ୍ରୀ ଏ ଶୃଙ୍ଖଳ ସାନ୍ତ୍ୱନା ଦେଲେ ଲାଭ ମିଳିବ ନାହିଁ—ଅଧିକ ଉପହାସ କରୁଥିବା ହେତୁ ବାଧା ବଢ଼ିବା । ଘଇଡା ପଛେ ମଲୁ ସଜବୁଣୀ ରଣ୍ଡ ହେଉ—ଫଟେଇକଳା ଖରସୁଆଁ ଯାଉ—ଚହାର ନଯାଉ । ଏଥିରେ ଆମର ବଡ଼ ଗୌରବ । ବେହୁଅଙ୍କ ସେଠି ବଥ ଉଠିଲେ ବେହୁଆ କହନ୍ତି ଛାଇ ।

× × ×

ମୂଳରୁ ମହତାବ ସରକାରଙ୍କର ଗାଡ ଆମକୁ ଫଟେଇକଳା ଖରସୁଆଁରୁ ବଞ୍ଚିତ କରିଛି ତା ବୋଲି ଓଡ଼ିଆ ପୁଏ ଶୋଇ ପଡ଼ିବାର ଅଭ୍ୟାସଟା ଯେପରି ମୃଣି ଥରେ ପକ୍କା କାର ନ କଅନ୍ତି । ବର୍ତ୍ତମାନ ସମସ୍ତେ ଲାଗିପଡ଼ ଗଡ଼ଜାତରେ ଆଦିବାସୀଙ୍କ ସେବା କଲେ ଓଡ଼ିଆ ଆଦିବାସୀଙ୍କର ସୌହାର୍ଦ୍ଦ୍ୟ ବଢ଼ିବ । ତାହାର ଉପରେ ଓଡ଼ିଶା ଭବିଷ୍ୟତ ରହିଛି । ମହତାବଙ୍କ ଆଦିବାସୀ-ଅଙ୍କେ ଓ ଜୟପାଲସିଂ କାଲେ ମନ୍ତ୍ରୀତ୍ୱ ମାଗିନେବେ ଏ କଳୁଆ ଭୟ ଓଡ଼ିଶାକୁ ବୃହତ୍ତର ଓ ମହତ୍ତର କରିବ ନାହିଁ । ମହତାବ ପଛେ ନିଜ କାରସାଦରେ ଗର୍ବ ଅନୁଭବ କରୁଥାନ୍ତୁ—ପ୍ରଜାଙ୍କ ପ୍ରଶସ୍ତି ଗାଉ ଥାଉ—ସେ ଯୁଗ ଯୁଗକୁ ପୂଜା ପାନ୍ତୁ କିନ୍ତୁ ଓଡ଼ିଆ ଯୁବକ ଅଳ୍ପ ଟିକିଏ ଚେଇଁବା ଦରକାର । ଜଙ୍ଗଲ କେଶରୀ ବସାଇ ଜଙ୍ଗଲୀମାନେ ମୃଗ ହରିଣ ହୋଇ ନ ବୁଲନ୍ତୁ । ନିଜେ ଗୋଟାଏ ଗୋଟାଏ କେଶରୀ ହୋଇ ବାହାରି ପଡ଼ନ୍ତୁ । ନହେଲେ ଭବିଷ୍ୟତ ଓଡ଼ିଶାର ଇତିହାସ କେବଳ ଜଣକୁ ଲକ୍ଷ୍ୟ କରି ନୁହେଁ—ଆମ ସମସ୍ତଙ୍କୁ ହାତ ଦେଖାଇ କହିବ—କୁଳ ବୁଡ଼ାଇ ବେଲକୁ ଘୋଡ଼ାମୁହାଁ । ପୁଅ ଜନ୍ମ ହୋଇଥିଲେ ।

\+ × +

ଦକ୍ଷିଣ ବାଲେଶ୍ୱର ନିର୍ବାଚନ ମଣ୍ଡଳୀ ପାଇଁ—ଶ୍ରୀଯୁକ୍ତ ମହତାବ ତାଙ୍କ ପାର୍ଷଦ ନୀଳମଣିଙ୍କୁ ଆସେମ୍ବ୍ଲି ସଭ୍ୟ ପଦ ଦେଇ ଆଉ ଯେଉଁ ଭିତରି କଥା ପ୍ରକାଶ କରନ୍ତୁ ନ କରନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ବର୍ତ୍ତମାନ ବାଲେଶ୍ୱର ଜିଲ୍ଲାର ଯେତୋଟି ପ୍ରତିନିଧି ଅଛନ୍ତି ତାଙ୍କ ଭିତରେ ନୀଳମଣି ଏରଣ୍ଡୋପି ଦ୍ରୁମାୟତେ ହେବେ । ତେଣୁ ଆମେ ତାଙ୍କୁ ବଧାଇ ଜଣାଉଛୁଁ ।

\+ ÷ ×

ଏଠାରେ ଭଲିଆ ସତ୍ୟ ଆମ ଜିଲ୍ଲା ସେକ୍ରେଟେରୀ ଗୋକୁଳ ବାବୁଙ୍କ ପାଇଁ ଶୋକ ପ୍ରକାଶ ନକରି ରହିପାରୁ ନାହୁଁ । ଏ ସଭ୍ୟ ପଦଟା ତାଙ୍କର ମୌରସୀ ଉତ୍ତରାଧିକାରୀ ସୂତ୍ରେ ପ୍ରାପ୍ତ ହେବାର କଥା । ପ୍ରଥମେ ନନ୍ଦବାବୁ ଏ ଅଞ୍ଚଳରେ ପ୍ରତିନିଧି ଥିଲେ । ତାଙ୍କର ଉତ୍ତରାଧିକାରୀ ହେଲେ ତାଙ୍କ ଭଣେଇ କୈଳାସ ବାବୁ । ତାଙ୍କ ଉତ୍ତରାଧିକାରୀ ଯଦି କୈଳାସ ବାବୁଙ୍କ ଜୁଆଁଇଁ ହୋଇଥାନ୍ତେ ତେବେ ଉତ୍ତରାଧିକାରଟା ଘର ଭିତରେ ରହିଥାନ୍ତା—ଏବଂ ଦିନେ ନା ଦିନେ ଓଡ଼ିଶା ଅସେମ୍ବ୍ଲି ଇତିହାସ ପଢ଼ାଇଲା ବେଳେ ଶିକ୍ଷକ ଛାତ୍ରଙ୍କୁ ପଚାରିଥାନ୍ତା—

ଶଶୁର ଯୋଗୁଁ ଶଳା ଭଣେଇ
ଏକ ଫଡ଼ା ପିଠା ଖାଇଲେ କାହିଁ ?

÷ + ×

ଫଟେଇକଳା ଖରସୁଆ ବିହାରକୁ ଯିବ ବୋଲି ପ୍ରଥମେ ଯେତେବେଳେ ସମ୍ବାଦ ବାହାରିଲା—ତାହା ମିଥ୍ୟା ବୋଲି ଏକ ଦିଗରେ ଓଡ଼ିଶା ସରକାର ଇସ୍ତାହାର ଦେଉଥିବା ବେଳେ ଅନ୍ୟ ଦିଗରେ ଶ୍ରୀ ମହତାବ ତାଙ୍କର କେତେକ ବନ୍ଧୁଙ୍କ ପାଖକୁ ତାଙ୍କ କର୍ମର ସଫେଇ ଲେଖି ଚିଠି ବିତରଣ କରିଛନ୍ତି । ସେଥିରୁ ବୁଝାଯାଏ ଯେ ଶେଷ ସଠିକ ସମ୍ବାଦ ବାହାରିବା ଆଗରୁ ମହତାବ ଏ କଥା ଜାଣି ମଧ୍ୟ ତାଙ୍କ କାଗଜରେ ଲୁଚେଇ ରଖୁଥିଲେ । ଶୁଣା ଯାଉଛି ଭଦ୍ରକରେ ଜଣେ କାହା ପାଖକୁ ମହତାବ ଚିଠି ଲେଖିଛନ୍ତି ଯେ ଏ ସମ୍ବାଦର ପ୍ରତିକ୍ରିୟା ଲକ୍ଷକର ଏବଂ ଉତ୍ତେଜନାରେ ପାଣି ପକାଅ । ଏ ସମ୍ବାଦର ସତ କେତେ ମିଛ କେତେ ଆମ ସଭା ଆଗରେ ଉପସ୍ଥାପିତ ହୋଇ ନାହିଁ । ମାତ୍ର ମୋଟ ଉପରେ ମହତାବଙ୍କ ଫଟେଇକଳା ଦିବାରେ ଯେତେ ବିଚଳିତ ନୁହଁନ୍ତି—ତାଙ୍କ ସରକାର ଉପରେ କି ପ୍ରତିକ୍ରିୟା ହେଲା—ତାଙ୍କ ମନ୍ତ୍ରୀତ୍ୱ ରହିବ କି ନାହିଁ ଏ ଚିନ୍ତାରେ ଅଧିକ ବିଚଳିତ । ଆମେ ମହତାବଙ୍କୁ ଭରସା ଦେଇ କହୁଛୁଁ ଯେ ଲୋକ ନ ଚାହିଁବା ସତ୍ତ୍ୱେ ଏବଂ ଅପ୍ରିୟ ହେବା ସତ୍ତ୍ୱେ ଇଂରାଜ ସରକାର ୨ ଶହ ବର୍ଷ ରାଜତ୍ୱ କରିଥିଲେ—ମହତାବ ଆଉ ଦୁଇଶହ ବର୍ଷ ଅଧିକା ଶାସନ କରି ପାରିବେ । ଦଲଗଡ଼ା ଦଲଗଡ଼ା ତ ଚାଲିଛି । କା ଚନ୍ତା ଫଟେଇକଳା ଗଲେ ନଗଲେ ।

\+ + +

Digitized by srujanika@gmail.com

# ଶାଳା ଓ ସାହିତ୍ୟ

ବଡ଼ କୃତଜ୍ଞ ଜାତି ଓଡ଼ିଆ । ଯାହା କିଛି ଓଡ଼ିଆ ବା ଉତ୍କଳ ( ଓଡ଼ିଆର ବିଶେଷଣ ) ସେ ସବୁ ଅନ୍ୟ ମାନଙ୍କର ଅବଦାନ । ଏ କଥା ସ୍ୱୀକାର ନକରିବା ହିଁ ଅନ୍ୟାୟ । ଆଜି ପ୍ରଦେଶ ବାହାରୁ ବିଶେଷଜ୍ଞ ମାନେ ଆସି ଆମକୁ ମଣି କରିଦେଉଛନ୍ତି—ଏ କଥାଟା ଶହ ଶହ ବର୍ଷ ପରେ ମଧ୍ୟ ଦେଶ ସ୍ୱୀକାର କରିବ ହିଁ କରିବ ।

## ମଜାକଥା

ଗଙ୍ଗ ବଂଶୀୟ ରାଜା ଓଡ଼ିଆ ନୁହନ୍ତି—ଗଙ୍ଗା କୂଳର ବଙ୍ଗାଳି । ଏକଥା ଆଜି ଓଡ଼ିଆ ସ୍ୱୀକାର ନକରି ନାହିଁ । ତେଲଙ୍ଗା ମୁକୁନ୍ଦ ଦେବଙ୍କ ପୂର୍ବ ସନ୍ତାନବେ ମୂଳପୁରୁଷ ଯେ ତେଲଙ୍ଗା ଏକଥା ଆଜି ଓଡ଼ିଶାସେନ୍‌ହେଟେରିଏନ୍ କ'ଣ ମାନୁ ନାହିଁ ? ଚୈତନଙ୍କ ପୂର୍ବ ପୁରୁଷ ବଙ୍ଗାଳୀ—ଜୟଦେବଙ୍କ ପିତୃ ପୁରୁଷ ବଙ୍ଗାଳୀ—ଜଗନ୍ନାଥ ଦାସ ବଙ୍ଗାଳୀ କାରଣ ତାଙ୍କ ଭାଗବତରେ 'ଖାଇତେ' 'ଯାଇତେ' କଥା ଅଛି ଓ ମେଦିନୀ ପୁରରେ ବଙ୍ଗଳାକ୍ଷରରେ ଭାଗବତ ଛପା ହୋଇଛି—ଏକଥା ଆଜି ଅସ୍ୱୀକାର କରିହେବ ନାହିଁ । ଲାଙ୍ଗୁଳା ନରସିଂହ ଦେବ ମଧ୍ୟ ବଙ୍ଗାଳୀ କାରଣ ବଙ୍ଗାଳୀଙ୍କ ପୂର୍ବ ପୁରୁଷଙ୍କର ଲାଙ୍ଗୁଳ ଥିଲା—ତେଣୁ କୋଣାର୍କ ତିଆରି କରିଛନ୍ତି ବଙ୍ଗାଳୀ । ଶଙ୍କର ଦାକ୍ଷିଣାତ୍ୟ ବ୍ରାହ୍ମଣ ଥିଲେ । ସୁତରାଂ ଓଡ଼ିଶାର ଶିବପୂଜା ତେଲୁଗୁ ଓ ତାମିଲ ମାନେ ପ୍ରବର୍ତ୍ତନ କରିଥିଲେ । ଅତଏବ ଶିବ ଲିଙ୍ଗ ଲିଙ୍ଗରାଜଙ୍କ ସ୍ଥାନରେ ଯେଉଁ ରାଜଧାନୀ ହେବ ସେଥିରେ ଦାକ୍ଷିଣାତ୍ୟର ପ୍ରଭାବ ରହିବା ଉଚିତ । ଏହାହିଁ ଓଡ଼ିଆର କୃତଜ୍ଞତା ।

ଏବେ କଥା ଛାଡ଼ିଦିଅ । ବର୍ତ୍ତମାନ ଓଡ଼ିଶା ଯେ ସାଂସ୍କୃତିକ ପ୍ରଗତି ପାଇଁ ବଙ୍ଗଳା ଠାରେ ଋଣୀ ଏହା ଅସ୍ୱୀକାର କରିହେବ ନାହିଁ । ଓଡ଼ିଆ ଅକୃତଜ୍ଞ ନୁହେଁ କିମ୍ବା ଏ ମାଟିଟା ଅକୃତଜ୍ଞ ନୁହେଁ । କୃତଜ୍ଞତାର ଦାଗ ଚିର ଦିନପାଇଁ ଏ ମାଟି ତା ବକ୍ଷରେ ବହିଛି ଓ ବହିବ ।

ଏହା ଇତିହାସ ସିଦ୍ଧ ଯେ ଓଡ଼ିଆ ଭାଷା ଯେତେ ବେଳେ ଲୁପ୍ତପ୍ରାୟ, ଏ ଦେଶର କେତେକ ଉଦାର ବଙ୍ଗବାସୀ ମହାତ୍ମା ଅବତାର ଧରି ବେଦ୍ ଉଦ୍ଧାର କରିଥିଲେ, ଏ ମାଟି ତାର କୃତଜ୍ଞତା ଚିରଦିନ ପାଇଁ ସ୍ୱୀକାର କରିବ ।



ଉଦାହରଣ ସ୍ୱରୂପ—ଗୌରୀଶଙ୍କର ଓ ରାମଶଙ୍କରଙ୍କ ବଂଶଧର ମାନେ ପୂର୍ବ ବଙ୍ଗ ଭାଷାରେ ଓଡ଼ିଆ ପ୍ରଚାର କରୁଛନ୍ତି ( ଅଧ୍ୟାପକ ଗିରିଜାଶଙ୍କର ଅର୍ଥ ପ୍ରୟୋଗ )—ରାଧାନାଥଙ୍କ ବଂଶଧର ମାନେ ପୂର୍ବ ବଙ୍ଗ ବିଶ୍ୱ ବିଦ୍ୟାଳୟରେ କୃତଜ୍ଞ ଦେଖାଇ ଓଡ଼ିଶାର ମର୍ଯ୍ୟାଦା ରଖୁଛନ୍ତି ମଧୁସୂଦନଙ୍କ ଘରେ ବଙ୍ଗଭାଷାର ଗୁଞ୍ଜରଣ ଓ ବାହାରେ ବଙ୍ଗାକ୍ଷରର ମଧୁସ୍ମିତରେ ମୋହର ବିଶ୍ୱନାଥଙ୍କ ଉତ୍କଳ ସାହିତ୍ୟ ଘରେ—କିଜାଣି କଅଣ ? ଫକୀର ମୋହନଙ୍କ ପରିଜ ମାନେ ଆଜି ଆମ୍ଭକୁ ବୋଲାଇବାକୁ ସାହସ କରିବେ କି ନାହିଁ କିଜାଣି !

## ମାଙ୍କଡ଼ ହାତରେ

ରାଜନୀତି କଥା କହିବି ନାହିଁ । ସାହିତ୍ୟ କ୍ଷେତ୍ରରୁ ବ୍ୟାଧିଟା ରାଜନୀତିକୁ ବ୍ୟାପୁଛି । ସାହିତ୍ୟ ରାଜନୀତିର ଅଗ୍ରଦୂତ ତେଣୁ ନବ ବାବୁଙ୍କ ସ୍ଥୀ ବା ଗୋପବାବୁଙ୍କ ବନ୍ଧୁ କେଉଁ ପ୍ରଦେଶର ତାହା ବିଚାର କରିବାର ବେଳ ଆସି ନାହିଁ ।

କିନ୍ତୁ ଏ କଥା ସତ୍ୟ ଯେ ସାହିତ୍ୟ କ୍ଷେତ୍ରରେ ବଙ୍ଗ ପ୍ରଭାବଟା ଅତି ବେଶି ପଡ଼ି ଯାଇଛି । ଏହାର କାରଣ ଗବେଷଣା କରିବାର ବେଳ ଆସି ଗଲାଣି । ଅତଏବ ମୋର ଏ ଗୌ+ଏଷଣା ପ୍ରତି ପାଠକେ ଅବଧାନ ହୁଅନ୍ତୁ ।

କିଛିଲୋକ କହନ୍ତି ଯେ ଉତ୍ତମ ସ୍ତ୍ରୀ ବା ନାରୀ ଲୋଭରେ ତଦ୍ୱାରା ଓଡ଼ିଆମାନେ କ୍ରମେ ବଙ୍ଗ ପ୍ରଦେଶ ପ୍ରତି ଢଳି ପଡ଼ୁଛନ୍ତି । କିନ୍ତୁ ମୁଁ ମୋର କେତେକ ବନ୍ଧୁମାନଙ୍କ ଅବାଧ୍ୟ ଦନ୍ତକଥାରୁ ଶୁଣିଛି—ଏହାଙ୍କ ବାସ୍ତବିକ କୌଣସି ଜାତ ଧ୍ୟାନବିନ ବୃତ୍ତି ଏପରିକି ମାନବିକ ପ୍ରେମର ବଶବର୍ତ୍ତୀ ହୋଇ ମଧ୍ୟ ବଙ୍ଗ ବାଳିକାଙ୍କୁ ବିଭା ହେବା କାହାରି । ସେମାନେ କହନ୍ତି ରବୀନ୍ଦ୍ରଙ୍କ ସାହିତ୍ୟରେ ମୁଗ୍ଧ ହୋଇ ସେମାନେ କେବଳ ବଙ୍ଗ ସାହିତ୍ୟ ପ୍ରତି ଅନୁରାଗ ପ୍ରଦର୍ଶନର ନିଦର୍ଶନ ସ୍ୱରୂପ ବଙ୍ଗବଧୂ ବର୍ଣ୍ଣନ ଚର୍ଚ୍ଚାରେ ରତ ହୋଇ ପଡ଼ିଥିଲେ ।

ଏହି ସୂତ୍ର ବା ଶିଅଳଠାରୁ ଯେବେ ମୁଁ ବିଚାର କରି ଦେଖିଲି ଯେଉଁମାନେ ଓଡ଼ିଆ ସାହିତ୍ୟର ସ୍ରଷ୍ଟା ସେମାନଙ୍କ ବଂଶଧର ମାନେ ରବୀନ୍ଦ୍ର ସାହିତ୍ୟ ରସ ଗ୍ରହଣ କରିବା ପୂର୍ବରୁ ଯେ ବଙ୍ଗଦେଶ ନାରୀଙ୍କର ଅଙ୍ଗବନ୍ତ ପରିଷ୍କାର ଭାବ ସଙ୍କଳନ କରିବାକୁ ମଙ୍ଗି ଗଲେ ତା ମୂଳରେ ସେହିପରି ଗୋଟାଏ କିଛି ମହତ କାମନା ଥିବ ।

ପରିଶେଷରେ ଏହି ତାତ୍ପର୍ଯ୍ୟ ଓ ନିଷ୍କର୍ଷରେ ମୁଁ ଉପନୀତ ହେଲି ଯେ ଏମାନେ ବାସ୍ତବିକ କୌଣସି ଜାତ କାମ ପ୍ରବୃତ୍ତି ଦ୍ୱାରା ପରିଚାଳିତ ହୋଇ ନାହାନ୍ତି କିମ୍ବା ଉଚ୍ଚ ପ୍ରେମ ପ୍ରବୃତ୍ତି ଦ୍ୱାରା ଉଦ୍‌ବୁଦ୍ଧ ହୋଇ ଏପରି କରି ନାହାନ୍ତି । ସେମାନେ ସେମାନଙ୍କ ପୂର୍ବ ପୁରୁଷଙ୍କର ଓଡ଼ିଆ ସାହିତ୍ୟକୁ ଅମର ଦାନର ପରମ୍ପରା ରକ୍ଷା-କରିବା ମାନସରେ ହି ଏହି ବଙ୍ଗ ନାରୀ ମାନଙ୍କୁ ଅଙ୍ଗର ପ୍ରତ୍ୟଙ୍ଗ କରିଛନ୍ତି ମାତ୍ର—ବାଧ୍ୟ ହୋଇ ସାହିତ୍ୟର ସେବା ଉଦ୍ଦେଶ୍ୟରେ ।

ପାଠକେ ପଚାରି ପାରନ୍ତି—ଏମାନଙ୍କର ଓଡ଼ିଆ ସାହିତ୍ୟକୁ ଏପରି କି ବିଶେଷ ଉଲ୍ଲେଖ ଯୋଗ ଦାନ ଅଛି ।

ବାସ୍ତବିକ ଉପରକୁ ଦେଖିଲେ ସେପରି କିଛି ନାହିଁ । କିନ୍ତୁ ଓଡ଼ିଆ ଜାତିର ପ୍ରାଣ ଭିତରକୁ—ଓଡ଼ିଶାର ଗାଁ ଗହଳୀର ହୃଦୟକୁ ଯେଉଁଠି ସ୍ପନ୍ଦନ ହେଉଛି ସେଠିକି ଯାଇ ଦେଖନ୍ତୁ ଏମାନଙ୍କର ଏ ଦାନକୁ ଯେଉଁ

ଶେଷ— ଅଂଶ

ଦାନ ତାର ଋଣ ସହିତରେ ଶୁଝି ହେବ ନାହିଁ । ଯେପରି 'ଶଳା'ର କନ୍ୟା-ଅର୍ପଣ ଦାନ ଭୁଲିବାର ନୁହେଁ ସେହିପରି ଏ ଦାନ ମଧ୍ୟ ଶୁଝିବାର ନୁହେଁ ।

ଆପଣ ମାନେ ଜାଣିଥିବେ ଓଡ଼ିଆ ସାହିତ୍ୟରେ ପୂର୍ବରୁ ଶଳା ବୋଲି ଗୋଟିଏ ଶବ୍ଦ ଥିଲା । ମାତ୍ର କ୍ରମେ ଆପଣ ଦେଖିଥିବେ ଶଳା ଶବ୍ଦଟା 'ଶାଳ'ରେ ପରିଣତ ହେଲାଣି । ଏହାହିଁ ଏଇ ମହତ୍ ସାହିତ୍ୟିକ ସୂତ୍ର

Digitized by srujanika@gmail.com

# ବିଭ୍ରାଟ

ଅଜ୍ଞ ମୁକୁନ୍ଦପୁର ଜମିଦାରଙ୍କ ଝିଅ ତାହା ଲଗ୍ନ । ବୈରବାଗ ପଡ଼ିଆ ଉପରେ ମଣ୍ଡ ହେଳ ଉଠିଛି ଗୋଟେ ମଞ୍ଚ । ତାର ଉପରେ ବସିଛନ୍ତି ନାଲି, ନେଳି, ରଙ୍ଗିନ ପୋଷ୍ଟ କୁରୁତା ପିନ୍ଧା ଭଦ୍ର ହେଠୋପି ଦିଅ କହେଙ୍କା ବାଜା ବାଲ । କେତେ କସମର ବାଜା ବଜାଉଛନ୍ତି । କେତେ ଢଙ୍ଗର ଗଳାଗାତ ! ଆଖ ପାଖ ଜନ ଗ୍ରହ ହେଁ ଗାଁର ବୁଢା ବୁଢି ପିଲ ପିଲ ସଭିଏ ଅର୍ଦ୍ଧ ଷେଠି ରଣ୍ଡ । ଜ୍ଜାଏ କେତେ ପ୍ରକାରରେ କଥାବାର୍ତ୍ତା

## କାହାଣୀ

ଝୁଣ୍ଟଉଛନ୍ତି । ସଂନାଳ ଦାଦାର ଦୂତ ବିଶ୍ୱାସ ଯେ ଗଲ ଶ୍ରାବଣ ମାସ, ସେ ଯେଉଁ ଗୋଟାଏ ବଡ ପର୍ବ ହୋଇଥିଲ ସେଉଥିରେ କଟକରେ ତାଙ୍କ ସବୁଅତେଡ଼



## ଚଆଟି ଏ ବର୍ଷ

ଯତ୍ରା, ଧ୍ୱଂଗ, ମେଳା କରିବାକୁ ଟିବିନ ଦେଇଥିଲେ ସେଇଥି ଲଟି ପଚ୍ଛିମ ନାଡ ଚଂଦ୍ରଦାର ଏମାନଙ୍କୁ ଈଶା- ହୋଇଛି । ଅଜ୍ଞ, ବୁଢ଼ଇଡେ ସଙ୍କାରଜା । ଜେଠ ରଙ୍ଗମର ଆନ୍ଧିଅ । ଖାଲି ଭିଲାଟ୍ରା ବାଇଟଣୀ, ଟୋଲପି, ସାଗୁଅ, ଅଦ କେନଥ ଢଙ୍ଗମଙ । ସବୁ ଅଡେଉ

ଘେ,—ଘେ । କେତେ ସବୁ ଥିତେ ଖାଲି ପିବା-ଅର୍ପିବା, ଉଦବେଟ, ଉଚ୍ଛଳ ଓ ଉଚ୍ଛ୍ୱାସ । କେହ କାହା ଜୀବନ କାଳ ମଧ୍ୟରେ କେବେ ଏମିତି ଅୟୋଜନ ଦେଖି ନଥିଲ । ଜମିଦାର ବାବୁ ଧନ୍ୟ ! ଧନ୍ୟ ! ନ ହେଲେ କି ଛିହାଣିଅ ପରଗଣ ବଣ୍ଡ ଗାଁର ମୁକୁଟହୀନ ରାଜା !

ସନ୍ଧ୍ୟା ଘନାଇ ଆସି ରାତି ହେଲା— ସୁରଅଡେ ହରିତେଇ ପଡ଼ଗଲା,—

—ହେଇ, ହେଇ, ବନ ଆସିଲା !

## ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ।

—ଦେଖନ୍ତୁ ଧରନ୍ତୁ ରେଟଣୀର ଅଲ୍ଲଅ !

—ବୋକାଟେ ଗା କଣ, ଶୁବୁନା ବାଣ ଟଙ୍କାରଣ !

( ମଜାକଥା ପରମ୍ପରା ଉତ୍ତରୁ )

ମାନଙ୍କର ଓଡ଼ିଆ ଭାଷାକୁ ସୁମହତ ଦାନ । ଆମେ ଓଡିଆମାନେ ଶଳା ପାଇଥିଲୁ କିନ୍ତୁ 'ଶାଳ' ପାଇ ନଥିଲୁ । ଯେଉଁ ଦିନଠାରୁ ଓଡ଼ିଆମାନେ ବଙ୍ଗାଳୁଣୀ ବିବାହ କଲେ ସେହିଦିନଠୁଁ ଏ 'ଶାଳ' ଶବ୍ଦ ଉତ୍କଳବାଣୀ ପାଣିଙ୍କ ଭଣ୍ଡାରରେ ଅମୂଲ୍ୟ ରତ୍ନ ହୋଇ ରହିଛି । ସେହି ଦିନଠାରୁ ଓଡିଆ ମୁକ୍ତ କଣ୍ଠରେ ଗାଇ ପାରିଛି—

ଅକାଶନ୍ତି ବଡ ଶାଳ—

ଶାଳ ବଡ଼ ପୃଥିବୀ ଅପେକ୍ଷା

ସାହିତ୍ୟରେ ଏହି ଶାଳ ଶବ୍ଦ ପ୍ରବେଶ ଦେଇ ସାହିତ୍ୟରେ ଯେ କେତେ ସୁବିଧା ତାହା ପାଠକ ମାନେ ଭବିଷ୍ୟତରେ ବୁଝି ପାରିବେ । କିନ୍ତୁ ମୋ ଜୀବନରେ ମୁଁ ଯେଉଁ କେତୋଟି ସାମାନ୍ୟ ଉପକାର ପାଇଛି ତାହା ଠିକେ ଠିକେ କହୁଯାଏଁ ।

ଏକଥା ସମସ୍ତେ ଜାଣନ୍ତି ଯେ 'ବନ୍ଧୁର ମଧ୍ୟେ ଶାଳ ।' ଏହି ବଙ୍ଗଳା ପ୍ରବଚନ ଶଳାଙ୍କୁ ଖୁବ ମଧୁରତର କରି ଓଡିଆ ସାହିତ୍ୟର ଶବଦଶକ୍ତିକୁ ଅଧିକ ପୁଷ୍ଟ କରିଛି । ସ୍ତ୍ରୀ ଯେତେବେଳେ ବାପଘରକୁ ଯାଏ କିମ୍ବା ଆପଣଙ୍କର ବନ୍ଧୁଙ୍କ ସହ ସିନେମା ଥିଏଟରକୁ ଯାଏ ସେତେବେଳେ ଦେଖିବେ ସ୍ତ୍ରୀର ନିର୍ଜୀବ ଫଟୋ କା ହାତ କାମ ବା ସୁରୁଖୁଆ ଚିଠିଠାରୁ ଲଠା ଭେଇ ବେଶି ମଧୁର ଏବଂ କାମିକା ମ । ପ୍ରିୟ ବନ୍ଧୁର ଅଭାବରେ ପ୍ରିୟର ନିକଟତମ ବନ୍ଧୁ ... ର ମଧୁର ସେ ଉଟପାଦ୍ୟକୁ ପ୍ରମାଣ କରିବାକୁ ହେଲେ ଘରେ ଗୋଟିଏ ଶଳା ବା ଶାଳା ରଖିବାକୁ ପଡେ ।

ଶାଳାଶବ୍ଦ କ୍ରମେ ଆପଣଙ୍କର ଏପରି ପ୍ରିୟ ହୋଇ ପଡ଼ିବ ଯେ ଆପଣ ଦେଖିବେ— ଜୀବନରେ ଶାଳର ଭଗ୍ନୀଠାରୁ ଶାଳର ଅବଶ୍ୟକତା ହିଁ ବେଶି ।

ମନେ କରନ୍ତୁ ଆପଣଙ୍କୁ ବହୁ ଭୋକ ଲାଗିଛି । ଆପଣ ଦେଖିବେ ଜୀବନଂ ସନ୍ତୁଠୁ ବିଡ଼ ଶାଳ ଆପଣଙ୍କ ପାଖରେ ଆପଣଙ୍କୁ ସାହାଯ୍ୟ ଦେବାକୁ ପ୍ରସ୍ତୁତ—ସେ ହେଉଛି 'ପାକଶାଳ ।'

ଶଳା ଶବ୍ଦ ଶାଳରେ ପରିଣତ ନହେଇ ଥିଲେ—ବୋଷଣାଳା ଏପରି ମଧୁର ହୋଇ ନଥାନ୍ତା ।

ଧରନ୍ତୁ ଆପଣଙ୍କୁ କୌଣସି ପ୍ରକାରେ ଦୁଧ ମିଳୁ ନାହିଁ । ଜଣେ ଡାକ୍ତର ବ୍ୟବସ୍ଥା କରୁଛି ଦୁଧ ଖାଅ—ଅଧିକ ଉତ୍ପାଦନ କର— ଅଥଚ ଓ ଟ୍ରେନ ପିଲାଗୁଡିକ ପାଇଁ ପୁଣି ଦୁଧର ଅଭାବ । ସ୍ତ୍ରୀର ଥନରେ ମଧ ଦୁଧ ନାହିଁ । ସେ ସ୍ଥଳରେ ଆପଣ ଦେଖିବେ ସ୍ତ୍ରୀଠାରୁ ମଧ ଅଧିକ ଉପକାରୀ—'ଗୋଶାଳ ।'

ମନେ କରନ୍ତୁ ଆପଣ ବିଦେଶ ଯାଇଛନ୍ତି ଆପଣଙ୍କ ସ୍ତ୍ରୀ ବା ଶଳା ସଙ୍ଗରେ ଥାଆନ୍ତୁ ବା ନଥାନ୍ତୁ—ଆପଣଙ୍କ ଶ୍ୱଶୁର ଘର ତ ଆଉ ସବୁ ପୁଣ୍ୟ କ୍ଷେତ୍ରରେ ବା ଗାଁଗାଡୁଳରେ ନୁହେଁ ଆପଣ ଦେଖିବେ ଆପଣଙ୍କ ଶ୍ୱଶୁର ଘରଠାରୁ ବି ଅଧିକ ଅଭ୍ୟର୍ଥନାକାରୀ ରୂପେ ଠିଆ ହେବ—'ଧର୍ମଶାଳା ।'

ଏହି ସବୁ ଦୃଷ୍ଟିରୁ ଓଡ଼ିଆ ପାଠକ ମାନେ ବୁଝିଥିବେ ସାହିତ୍ୟରେ ଶାଳ ଶବ୍ଦ କିପରି ବହୁରୂପୀ ଓ ବହୁବ୍ୟାପୀ । ଶାଳୀ ଅବଶ୍ୟ ଓଡ଼ିଆରେ ପୂର୍ବରୁ ସେହିପରି ଗୁଣବାଚକ ହୋଇ-ରୂପ-ଶାଳୀ ଗୁଣ-ଶାଳୀ ଶକ୍ତି-ଶାଳୀ ରୂପେ ଥିଲା ମାତ୍ର ବଙ୍ଗଳା ସହ ବୈବାହିକ ସମ୍ପର୍କରେ ନ ଆସିଥିଲେ ଓଡିଆ ସାହିତ୍ୟ 'ଶାଳ' ଭଳି ଏକ ପ୍ରକାଣ୍ଡ ଶବ୍ଦ ଦ୍ୱାରା ପୁଷ୍ଟି ହେବା ସୌଭାଗ୍ୟରୁ ବଞ୍ଚିତ ହୋଇଥାନ୍ତା ।

ମୋର ବିଶ୍ୱାସ ଏହି ଶାଳ ଶବ୍ଦ କ୍ରମେ ସାହିତ୍ୟରୁ ରାଜନୈତିକ କ୍ଷେତ୍ରକୁ ମଧ୍ୟ ପ୍ରସାର ଲାଭ କରିବ । ପୂଜ୍ୟ ଗାନ୍ଧିଜୀ ବଂଶର ପଦାଙ୍କ ଅନୁସରଣ କରିବା ପାଇଁ ଏ ଦେଶର ଯୁବକ ମାନେ ମୋପରି ପଶ୍ଚାତ୍‌ପଦ ନ ହୁଅନ୍ତି ।

କ୍ରମେ ରାଜନୈତିକ ଦଳ ବୃଦ୍ଧି ଯେଉଁ ପରିମାଣରେ ମୃତକଙ୍କ ଓ ମତାନ୍ତର ସଙ୍ଗେ ସଙ୍ଗେ ମନାନ୍ତର ଯେପରି ବଢୁଛି ଖୁବ୍ ନିକଟରେ ରାଜନୀତି କ୍ଷେତ୍ରରେ ଏହି ଶାଳ ଶବ୍ଦର ପ୍ରବର୍ତ୍ତକ ଗାନ୍ଧିଜୀଙ୍କର ପ୍ୟାର- ବାହା ଚର୍ଖାର ଗଣ୍ଡ-ଚକ୍ର ଠାରୁ ଯେ ଅଧିକ ଦ୍ରୁତଗାମୀ ହେବ ଏଥିରେ ସନ୍ଦେହ କରିବାର କିଛି ନାହିଁ ।

—*—

Digitized by srujanika@gmail.com

—ସନ୍ତୋଷ, କେତେ ଦୂରରୁ ବୈଷ୍ଣବୀ ଦେଖାଯାଉଛି ମ !

ଅଟ୍ଟେ ଅଟ୍ଟେ ବାଣ, ବୈଷ୍ଣବୀ ପାଖେଇ ଆସିଲା । ଛୋଟ ଗାଁ ଟିର ବୁକୁ ଚିରି ଯେଉଁ ନାଳ କର୍କଟା ରାସ୍ତା ନଈ ଭିତରେ ପଶି ନିଛି ଛୋଟା ବାଟେ ଆନ ଗାଁ କୁ ଚାଲି ଯାଇଛି, ସେହିଠି ଅଳ୍ପ ଖାଲ ଭିତର ଉଠିଲା ।

—ବାବାରେ କେତେ ମଟର !

—କେତେ ସୁନ୍ଦର ରଥ ପରି ସଜା ହୋଇଛି ମ !

—ଡାକ୍ତର ଅଲ୍ଲୁଅ ସାଥିରେ ଆସିଛନ୍ତି !

—କେତେ ରକମର ବାଜା !

—କେତେ ରକମର ବାଣ ।

—କେତେ ଲୋକ ! ଭଟକ ଆଜି କଣ ଲାଗିଛି କଣ ?

—ଆଜି ଛଅ ସବୁ

ଖାଲ ଛାତି ଭିତରେ ଗୋଟାଏ ଅନ୍ଦୋଳନ । ଅପୂର୍ବ-ଆମୋଦ-ଆନନ୍ଦର ଅନ୍ଦୋଳନ ।

ଏ ଆନନ୍ଦର ପ୍ରତିଧ୍ୱନି ବାଜିଉଠିଲା କନ୍ୟାଘରେ ଶଙ୍ଖ, ହୁଳହୁଳି, ଘଣ୍ଟା, ଭୁର ଭେଣ୍ଡି, କଣ୍ଠକା ବାଜା, ବ୍ରାହ୍ମଣଙ୍କ ମନ୍ତ୍ର ଭର୍ତ୍ତିମାନଙ୍କର ନିଃ ପୁନଃ ଅହ୍ବାନ ଓ ସତର୍କ ବାଣୀ—ସ୍ତ୍ରୀ ମାନଙ୍କର କାତର କୃନ୍ଦନ—ବାପନ କ୍ରନ୍ଦନର କ୍ଷଣ କ୍ଷଣ—କନ୍ଦଣା—ସାନ୍ତ୍ୱନା—ହର୍ଷ… …
ଏମିତି କେତେ କଣ ?

\+ ÷ ×

ଗଲା କେତେ ଦିନ ହେବ ଶାନ୍ତାକୁ ଖଇ-ଫୁଟା ଜର । କୁଆଁସପୁରର ବଇଦ ଆସିଥିଲା କହିଲା, ଜାନା ଆଜ ପୁନେଇ । ଜର ଟିକେ ବଢିବ । ଚିନ୍ତା କରନ୍ତୁ ନାହିଁ । ନିଜ ଦେହର ଟିକେ ହେପାଜତ କର ଚେଷ୍ଟା କରିବା ଛୁଆଟା କୌଣସି ପ୍ରକାର ଠାକ ଯାଏ ! ନହେଲେ ଭୂତ, ପଇନା, ରଘୁ ଅଙ୍କପରି ମିଳେଇ ଯିବ । ଭୁଅ ହେଇଗଲା, ତାହାଙ୍କ ଗଲା କେହି ଠେର ପାରବେ ନାହିଁ । କଛି ଦିନ ପରେ ହୁଏତ ଲୋକେ ଭୁଲିଯିବେ । ନହେଲେ ଯିଏ ମନେ ରଖିବାକୁ ଚେଷ୍ଟା କରିବ ସେ ହଳ ପଲ ଛିଣ୍ଡା ନେକଲା ପିନ୍ଧି ହାତରେ ଭଙ୍ଗା ହାଣ୍ଡି ଟାଏ ଧରି ଗାଁ ଗାଁ 'ପବନା, ପବନା' ଡାକ ବୁଲିବ । ପଛରୁ ପିଲାମାନେ ତେଲା ମାରବେ ଢେପ ପକାଇବେ ସ୍ତ୍ରୀ ଲୋକମାନେ "ହରି ପାଗଳା, ହରି ପାଗଳା "ଅଇଲା" ବୋଲି ପାଟି କରି କବାଟ ବନ୍ଦ କରବେ ।

ତା'ର ଆଜ ଗୋଟିଏ ଭଉଣୀ ସର । ଆଜ ଜମିଦାର ଘର ବାହା—ବୋଲ'-ହାକ କରବ ବୋଲି ଯାଇଛୁ । ଆଜ ଦିନଟା କେବେ ଖାଇବାକୁ ମିଳିଯିବ । ଗଲ ହସ୍ତାଟା ଯାକ ଜାନା କାହାକୁ ଯାଇନ । କେବିତ ବା ଯିବ ? ଘରେ ସବୁ ରୋଗୀ, ଦେଖିବାକୁ ଆଉ ଅଛି କିଏ ? ସର, ସେ ତ କାଳିକା ମିଲଷ୍ଟା । ମାମୁଘର, ସର ର ସେ ବର୍ଷ କୁଆଁର ପୁନେଇ ଲାଗି ଯେଉଁ ଢନସୁକା ପଇସା ପଠେଇଥିଲେ ତାକୁ ଠଣାରେ ସଞ୍ଚି କରି ରଖାଯାଇଥିଲା ବୋଲି ତ ଆଜ ଶାନ୍ତା ଲାଗି ଔଷଧ ପାଉ କଣା ଯାଉଛି । ଆଉ ଆସିବ କେଉଁଠୁ ? ସେଥି ଲାଗି ଗଲ ଦି ତିନ ଦିନ ହେବ ସବୁ ଜାନା ଉପାସ ।

ସର ବାବୁଘର ଗଲ ବେଳକୁ କହି ଯାଇଥିଲା, ଦିନାର, ମୁଁ ସାନ୍ତାଣିଙ୍କଠୁ କିଛି ମାଗି ରଖିଥିବି, ତୁ ଆସି ନେଇଯିବୁ ।

—ହୋ ସାନ୍ତାଣିଟା ପରା ଭରି ଚନ୍-ଚଡା, ତାକୁ କିପରି ମାଗିବୁ ?

—"କୁକୁର, ଗୁଡାକ ପରା, ଆସିଲା କ ନାହିଁ—ସାନ୍ତାଣୀ ଗଣ୍ଡେ ଖାଇବାକୁ ଦେବ ? ଆରମ୍ଭ କରି ଦେଲ !" ଏଇଅ କହି ଦିଅଟା ଖୁନ୍ଦା ଧକାଇବ । ଅଭକଣ କରିବ ? ସେମାନେ ବଡ଼ଲୋକ, ମିଜାସ ବଡ଼ । ଆମେ ଗରିବ ଆମର ମାନ ଅଭିମାନ ଗୋଟେ କଣ ?

ଖବର ଯେତେବେଳେ ମଥା ଉପରେ ପଡ଼ିଲା ଜାନା ଜମିଦାର ଘରେ ପହଞ୍ଚିଲା—ଦେହଟା ଖୁବ୍ ଅବଶ—ଉପାସ, ରାତି ଅନିଦ୍ରା ଚିନ୍ତାରେ ଥରେ ବର ଆଡକୁ ଅନାଇ ଦେଇ ସିଧା ପଣି ଗଲା ଖଞ୍ଜା ଭିତରକୁ ।

ବରର ରୂପ ନା ମନରେ ଅଜାଣତରେ ପଶି ଗଲା । କିଛି ଭାବ ପାରିଲା ନାହିଁ । କେବେ କିବେ ଅସ୍ୱସ୍ତି ବୋଧ କଲା—ପରେ ଭାବିଲା ନା କିଏ ଖବରେ ଚଳ ବୁଲି କରିଛ ନା ସେଥିଲାଗି । ଦୁଆର ମୁଁହରେ ସର ଅପେକ୍ଷା କରୁଥିଲା ଜାନାକୁ ଦେଖି ସେ ଜାନ ଭିତରକୁ ଯାଇ ହାତରେ ଠୁଙ୍ଗାଟାଏ କଣ ନେଇ ଆସିଲା । ଜାନା ଦେଖିଲା ତା ଭିତରେ କେତେ ଖଣ୍ଡ ପୁରୀ, କିଛି ଖିରି ଆଉ ଟିକେ ତରକାରି—ଜାନା କହିଲା—ତୁ ଖାଇନୁ ନାହିଁ ?

—ନା, ଘରେ, ମୁଁ ଏଠି ଖାଇବି ଯେ ! ଜାନାଇ ବର ଦେଖିଲୁ କି ନା ?

ମଥା ସୁହାଁ ଜାନା କହିଲା, ହୁଁ ।

—ଖୁବ ସାଠ ସହିତ କି କାଳେ ମନେକ ପାନ୍—ଖୁବ ବଡ଼ ଲୋକ ନା ? ଏ କୋଉଁ ମଟର ସବୁ ଦେଖୁନୁ, ଏଗୁଡ଼ା ତାଙ୍କର ନିଜର । ତୁ ଶୁଣିନୁ ନା ? ଆମ ବାବୁ କହୁଛନ୍ତି ଯେ ଆଉ ତାଙ୍କ କିଏ ନାଁରେ ସବୁ ଜମି ବାଡ଼ ଲେଖି ଦେବେ । ତାଙ୍କରତ ଆଉ କେହି ନାହିଁ—କିନ୍ତୁ ବରପକ୍ଷ ନାରାଜ ସେଥିଲାଗି ଆମ ବାବୁଙ୍କର ଭାରି ଚିନ୍ତା । କନ୍ୟାଘ ଘରେ ବସି ଛନ୍ତି !…ସର ସ୍ୱର ବଦଳାଇ ହଠାତ୍ ମନେ ପଡ଼ିଗଲା ପରି କହିଲା, ଆଚ୍ଛା ଅଚ୍ଛା ତୁ ଚାଲି ଯା, ଶାନ୍ତା ଘରେ ଏକା । ଜାନା ଟିକେ ଅସ୍ୱାଭାବିକ ଭାବରେ ଚଞ୍ଚଳ ହୋଇ ଉଠିଲା—ଏ କଥା ଶୁଣି କଣ ତା ମନରେ ଅନୁଶୋଚନା ହୋଇଗଲା—ଠିକ ଜିଅ ପାଉନାହିଁ ଯେମିତି—କିଛି ବାଟ ଅପେଇ ଯାଇଛି, ଝୁଣ୍ଟି ପଡ଼ିଲା—ହାତରୁ ଠୁଙ୍ଗାଟି ତଳେ ପଡିଗଲା । ପୁରି ଗୁଡାକ ଖେଳେଇ ହୋଇ ତଳେ ପଡ଼ିଗଲା—ଖିରି ତରକାରୀ ଗାଳି ହୋଇଗଲା—ପଛରୁ ଜଣେ କହିଲା, ଖାଲି ବୋକାଟା ! ଖଣ୍ଡେ ପୁରୀ ଉଠେଇ ଝାଡ଼ୁ ଝାଡ଼ୁ ଗୋଟାଏ କୁକୁର ତା ହାତରୁ ସେ ପୁରିରୁ ଖଣ୍ଡେ କାମୁଡ଼ ନେଇ ଗଲା ଗଲା । ଆଉ ଖଣ୍ଡ ସେ ଝଟ କରି ପାଟିରେ ପୁରେଇ ଦେଲା—ସେ ଲୋକଟି ପୁଣି କହିଲା—ଟଲା ଏଟା ମଣିଷ ନା କଣ ?

—*—

Digitized by srujanika@gmail.com

# —ସିନେମା—

ଶ୍ରୀ ଧୀରେନ୍ ଦାଶ ।

୧୯୪୭ ମସିହା ଅଗଷ୍ଟ ପନ୍ଦର ତାରିଖଠାରୁ ଭାରତବର୍ଷ ସ୍ୱାଧୀନତା ପାଇଛି । ଦେଶ ଓ ଦେଶବାସୀଙ୍କ ସହିତ ଭାରତୀୟ ସିନେମା-ଜଗତ ମଧ୍ୟ ସାମ୍ରାଜ୍ୟବାଦୀଙ୍କ କବଳରୁ ମୁକ୍ତ ପାଇଛି ଓ ତାହାଁ ସଙ୍ଗେ ସଙ୍ଗେ ଦୁଇଭାଗରେ ବିଭକ୍ତ ମଧ୍ୟ ହୋଇଛି । ଏ ପ୍ରବନ୍ଧରେ ପାକିସ୍ଥାନର ସିନେମାଜଗତ କଥା କିଛି ଲେଖେଁ ।

ପାକିସ୍ଥାନର ଜନ୍ମ ପୂର୍ବରୁ ଭାରତୀୟ ମୁସ୍‌ଲିମ୍ ନିର୍ମାତା ମଜହର ଖାଁ, କର୍‌ଦାର୍ ଓ ନଜିର୍ ଶକା ପ୍ରଭୃତି ଥରେ ଥରେ ପାକିସ୍ଥାନର ରାଜଧାନୀରେ ବୁଲିଅସିଥିଲେ । ପାକିସ୍ଥାନର ସୃଷ୍ଟି ପରେ ପରେ ଅନେକ ମୁସଲମାନ ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ ଓ ସିନେମାଗୃହ ପରିଚାଳକ ପ୍ରଭୃତି ପାକିସ୍ଥାନକୁ ଚାଲିଯାଇଅଛନ୍ତି । ଅନେକେ ନିଜର ବ୍ୟବସାୟର ସୁବିଧା ପାଇଁ ଓ କେହି କେହି ନିଜକୁ ବିପଦରୁ ରକ୍ଷା କରିବାପାଇଁ ଭାରତ ଛାଡିଛନ୍ତି । ଶୁଣାଯାଏ ଅନେକ ସିନେମାନିର୍ମାତା ଓ ଅଭିନେତା, ଅଭିନେତ୍ରୀ ପ୍ରଭୃତି ପାକିସ୍ଥାନକୁ ଯାଇ ହଠାତ୍ ଧନୀ ହୋଇଯାଇଛନ୍ତି । ନିର୍ମାତା ଓ ନିର୍ଦ୍ଦେଶକ କର୍‌ଦାର୍, ମେହବୁବ୍ ଓ ନାଜିର ପ୍ରଭୃତି ବ୍ୟକ୍ତି ମାନେ ହିନ୍ଦୁମାନେ ଛାଡି ଆସିଥିବା ବହୁତ ସମ୍ପତ୍ତି କିଣିଛନ୍ତି । ନିର୍ମାତା କର୍‌ଦାର କରାଚିରେ ଗୋଟିଏ ବଡ଼ କୋଠା କିଣି ରହିଲେଣି ଓ ଶୁଣାଯାଏ ଅଭିନେତ୍ରୀ ଖୁର୍‌ସିଦ୍, ନୁର୍‌ଜାହାନ୍ ପ୍ରଭୃତିମଧ୍ୟ କୋଠା ସବୁ କିଣିଛନ୍ତି ।

ସାଲିମାର ପିକ୍‌ଚର୍‌ସ୍‌ର ନିର୍ମାତା **W. Z. Ahmed** ତାଙ୍କର ଲଣ୍ଡାର ମାନଙ୍କୁ ନେଇକରି ପାକିସ୍ଥାନ ଚାଲିଯାଇଛନ୍ତି । ଅଭିନେତ୍ରୀ ନୀନା ମଧ୍ୟ ତାଙ୍କ ସଙ୍ଗରେ ଯାଇଛନ୍ତି ।

ଅଭିନେତ୍ରୀ ବୀଣା ମଧ୍ୟ ନିଜକୁ ରାଣୀଭାବରୁ ରକ୍ଷାକରିବା ପାଇଁ ସୁବିଧା ପାଇ ବମ୍ବେରୁ ପାକିସ୍ଥାନକୁ ଚାଲିଯାଇଛନ୍ତି-ଫଳରେ ବମ୍ବେରେ ଥିବା ତାଙ୍କର ସମ୍ପତ୍ତି ନିଲାମ୍ ହୋଇଯାଇଛି ।

ଅଭିନେତା ହିମାଲୟୱାଲା ତାଙ୍କର ବଦ୍‌ନାମ ଯୋଗୁଁ କରାଚୀ ଯାଇଥିଲେ କିନ୍ତୁ ସେଠାରେ ମଧ୍ୟ ତାଙ୍କର ବଦ୍‌ପ୍ରକୃତି ଯୋଗୁ ପୋଲିସ୍‌ଙ୍କ ଆଦେଶରେ ସେ କରାଚୀ ଛାଡିଛନ୍ତି । ବର୍ତ୍ତମାନ ସେ ଲାହୋରରେ ।

ଅଲନାସୀର, କର୍ଣ୍ଣାର, ରଙ୍ଗା, ବଶିର୍, ଇସମାଇଲ୍, ଶାମୀମ୍, ରାଗିଣୀ, ଅଖ୍‌ତାରୀ, ସାଲିମ୍ ପ୍ରଭୃତି ଅଭିନେତା ଅଭିନେତ୍ରୀଗଣ ମଧ୍ୟ ପାକିସ୍ଥାନ ଚାଲିଯାଇଅଛନ୍ତି ।

ନିର୍ମାତା ନାଜିରଙ୍କ ସହିତ ଅଭିନେତ୍ରୀ ସ୍ୱର୍ଣ୍ଣଲତା ପାକିସ୍ତାନ ଚାଲିଯାଇଥିଲେ କିନ୍ତୁ ସ୍ୱର୍ଣ୍ଣଲତା ବମ୍ବେକୁ ଫେରି ଆସିଛନ୍ତି ।

ଅଭିନେତ୍ରୀ ମୀନା ମଧ୍ୟ ପାକିସ୍ଥାନକୁ ଯାଇ ଫେରି ଫେରି ଆସିଛନ୍ତି ।

ବ୍ୟଙ୍ଗାଭିନେତା ଭାରତୀୟ ଗୋପ ମଧ୍ୟ ବର୍ତ୍ତମାନ ପାକିସ୍ଥାନରେ ଅଛନ୍ତି । ହାସ୍ୟ-ରସାଭିନେତା ଦୁର୍ଗାମୋଟାଙ୍କର ଏଗାର ଫେବ୍ରୁୟାରୀ ମାସରେ ଜଲନ୍ଧର ଠାରେ ମୃତ୍ୟୁ ହୋଇଯାଇଛି ।

ଅଭିନେତା ଗୁଲାମ୍ ମହମ୍ମଦ କରାଚି ଯାଇ କାମ ନପାଇ ଫେର ବମ୍ବେକୁ ଫେରି ଆସିଛନ୍ତି ।

ବର୍ତ୍ତମାନ ଭାରତରେ ମଜହର ଖାଁ କେବଳ ପ୍ରସିଦ୍ଧ ମୁସଲିମ୍ ନିର୍ମାତା ଯେ କି ତାଙ୍କର ହିନ୍ଦୁ ସ୍ତ୍ରୀଙ୍କୁ ଛାଡ଼ି ପାକିସ୍ଥାନ ଯାଇ-ନାହାନ୍ତି ।

ସିରାଜ୍ଅଲି ହାକିମ୍ ବମ୍ବେରୁ ଏକବାରେ ଯାଇ ଲାହୋରରେ ପଞ୍ଚୋଲିଙ୍କ ସହିତ ମିଶି ଚିତ୍ର ନିର୍ମାଣ କରିବେ ଶୁଣାଯାଏ-ସେ ତାଙ୍କର ସବୁ ପ୍ରକାର ସରଞ୍ଜାମ ଓ କର୍ମଚାରୀଗଣଙ୍କୁ ନେଇ ଯିବେ ।

ଜଣାଯାଇଛି ଯେ ଲାହୋରରେ ଗୋଟିଏ ନୂଆ ଷ୍ଟୁଡ଼ିଓ ତିଆରି ହୋଇଛି । 'ଜେନେରାଲ୍ ମୋସନ୍ ପିକଚର୍‌ସ୍ ଲିମିଟେଡ୍' ନାମକ ଗୋଟିଏ ନୂଆ କମ୍ପାନୀ ତରଫରୁ ଅଖ୍‌ତାର୍ ହୋସେନ୍‌ଙ୍କର ତତ୍ତ୍ୱାବଧାନରେ ଏହା ତିଆରି ହୋଇଛି । ପ୍ରଥମ ଚିତ୍ର ପାଇଁ ମଧ୍ୟ ଯୋଗାଡ଼ ସରିଲାଣି । ଏହି ଷ୍ଟୁଡ଼ିଓଟି ଭଡ଼ାରେ ମଧ୍ୟ ଦିଆଯିବ ।

ପଶ୍ଚିମ ପଞ୍ଜାବ ସରକାର ସୌକତ୍ ହୁସେନ୍ ଓ ନିର୍ଦ୍ଦେଶକ ଫଜଲିଙ୍କ ନାମରେ ଲାହୋରର 'ରିଜ୍' ସିନେମାଟିକୁ ପ୍ରଦର୍ଶନ ପାଇଁ ଛାଡ଼ିଦେଇଛନ୍ତି ।

ସି, ଆର, ଗୁଲାଟୀ ବର୍ତ୍ତମାନ ଲାହୋରର 'ନିଶାତ୍' ଥିଏଟାରର୍‌ର ମୁଖ୍ୟ ପରିଚାଳକ ଭାବେ ରହିଛନ୍ତି ।

ଜଣାଯାଇଛି ଯେ ସୌକତ ହୁସେନ୍ ନୂଆ ନିର୍ମାତା ହିସାବରେ ନିର୍ମାତା ପଞ୍ଚୋଲିଙ୍କ ଷ୍ଟୁଡ଼ିଓରେ ଚିତ୍ର ନିର୍ମାଣ କରିବେ । ତାଙ୍କର ପ୍ରଥମ ଚିତ୍ର ହେବ 'ନାଗୀନା' ଓ ଏଥିରେ ନୁରଜାହାନ୍ ଶ୍ରେଷ୍ଠନଟୀର ଅଭିନୟ କରିବେ ।

ଶୁଣାଯାଏ ପଞ୍ଚୋଲିଙ୍କ ପାଇଁ ଦେଓ୍ୱାନ୍ ସର୍ଦାରିଲାଲ ଗୋଟିଏ ଚିତ୍ର ନିର୍ମାଣ କରୁଛନ୍ତି । ଏଥିର ଶ୍ରେଷ୍ଠ ନଟୀର ଅଭିନୟ କରିବେ ଶ୍ରୀମତୀ ଆଶା ପୋସ୍‌ଲେ ।

ପାକିସ୍ଥାନରେ ଚଳଚ୍ଚିତ୍ରପାଇଁ ନିର୍ମାତା, ନିର୍ଦ୍ଦେଶକ, ଅଭିନେତା ଓ ଅଭିନେତ୍ରୀ ଅନେକ ସଂଖ୍ୟାରେ ଥିଲେ ମଧ୍ୟ ଚିତ୍ର ନିର୍ମାଣପାଇଁ ବହୁତ ପ୍ରକାର ଅସୁବିଧା ପଡ଼ୁଅଛି କାରଣ ପାକିସ୍ଥାନରେ ଚଳଚ୍ଚିତ୍ର ପାଇଁ **Sound recordist** ଓ **Cenematographer** ପ୍ରଭୃତି ମୁଖ୍ୟ **Technicians** ପ୍ରାୟ ନାହାନ୍ତି ଯେଉଁମାନଙ୍କ ଉପରେ କି ଚଳଚ୍ଚିତ୍ର ନିର୍ମାଣ ପୂର୍ଣ୍ଣଭାବରେ ନିର୍ଭର କରେ । ଏ ପ୍ରକାର ଅସୁବିଧା ନିର୍ମାତା ଓ ନିର୍ଦ୍ଦେଶକ ଦଲ୍‌ସୁଖ୍ ପଞ୍ଚୋଲିଙ୍କ ସମ୍ମୁଖରେ ମଧ୍ୟ ପଡ଼ୁଛି । ସେ ଯୁଦ୍ଧ ଭିତରେ ବମ୍ବେକୁ ଆସି ତାଙ୍କ ଷ୍ଟୁଡ଼ିଓ ପାଇଁ **Technician** ଙ୍କ ଖୋଜାରେ ଲାଗି ପଡ଼ିଛନ୍ତି ।

ପାକିସ୍ଥାନରେ ସିନେମା ନିର୍ମାଣରେ ବହୁତ ଅସୁବିଧା ପଡ଼ୁଥିବାରୁ ଶିକ୍ଷିତ ଓ ସଙ୍ଗୀତ ନିର୍ଦ୍ଦେଶକ ଖୁରସୀଦ୍ ଅନ୍‌ଓ୍ୱାର ବର୍ତ୍ତମାନ ଗୋଟିଏ ହୋଟେଲ୍ ଖୋଲିବାକୁ ବାଧ୍ୟହୋଇଅଛନ୍ତି ।

ପାକିସ୍ଥାନର ସୃଷ୍ଟି ପାଇଁ ଭାରତର ସିନେମା ଜଗତର କୌଣସି ପ୍ରକାର କ୍ଷତି ହୋଇନ ବରଂ ପାକିସ୍ଥାନର କ୍ଷତି ବେଶୀ ହୋଇଛି । ବିଭାଗ ପୂର୍ବରୁ ଭାରତରେ ବମ୍ବେ, କଲିକତା, ମାନ୍ଦ୍ରାସ୍ ଓ ଲାହୋର ପ୍ରଭୃତି ଚାରୋଟି ପ୍ରଧାନ ଚଳଚ୍ଚିତ୍ର ନିର୍ମାଣର ସ୍ଥଳ ଥିଲା । ବର୍ତ୍ତମାନ କେବଳ ଲାହୋରକୁ ବାଦ ଦେଇ ଅନ୍ୟ ତିନୋଟି

[ଅବଶିଷ୍ଟାଂଶ ୧୨ ପୃଷ୍ଠା ଦେଖନ୍ତୁ ]

Digitized by srujanika@gmail.com

# ଗାନ୍ଧୀ ବିଗ୍ରହ ଧାରା

୨

ଶ୍ରଦ୍ଧାନନ୍ଦଙ୍କ ମୃତ୍ୟୁ, ତାଙ୍କ ତ୍ୟାଗର ପୂର୍ଣ୍ଣ ଅଦ୍ଭୁତ—ଏବଂ ବଳିଷ୍ଠ ଅଗ୍ରଦୂତ। (ଡିସେମ୍ବର ୪, '୧୯୪୮-ଶ୍ରୀ ଅରଥରେ ମୁରଙ୍କୁ ଗାନ୍ଧୀଜୀଙ୍କ ପତ୍ରରୁ ଉଦ୍ଧାର)

\+ × ×

ଯେଉଁ ସଂସ୍କାରକ ତାର ମୁଣ୍ଡକୁ ବଳି ନଦେଇଛି ସେ ସଂସ୍କାରକ ସଂସ୍କାରକ ନୁହେଁ। ତେଣୁ ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କ ହତ୍ୟାରେ କୌଣସି ଆକସ୍ମିକ ଘଟିଥିବାର ଲାଗୁନାହିଁ।

ସ୍ୱାମୀଜୀ ବାକ୍ୟବୀର ନଥିଲେ—ଥିଲେ କର୍ମବୀର। ସେ ଥିଲେ ଯୋଦ୍ଧା। ଯୋଦ୍ଧା କେବେ ରୋଗଶେଯରେ ମରିବାକୁ ଚାହେଁନାହିଁ—ସେ ରଣ କ୍ଷେତ୍ରରେ ମରିବାକୁ ଚାହେଁ।

ସ୍ୱାମୀଜୀଙ୍କ ସମ୍ବନ୍ଧରେ ଆମେ ବିଶେଷ କିଛି ଜାଣୁନା। ତଥାପି ମୁଁ ତାଙ୍କୁ ଯେତିକି ଜାଣିଛି—ସେଥିରୁ ମୁଁ ବୁଝେଁ ଯେ ଯେଉଁମାନେ ଭୁଲ୍ କରୁଛନ୍ତି ବୋଲି ନଜାଣି ଭୁଲ୍ କରନ୍ତି ସେମାନଙ୍କୁ କ୍ଷମା ଦେବାପାଇଁ ସେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ। ଗୀତା ଭାଷାରେ ସେଥିପାଇଁ ତାଙ୍କର ଏ ଅବସାନରେ ମୁଁ କହିବି—ସୁଖିନୋ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମିଦୃଶଂ।

...ମୁଁ ତେଣୁ ତାଙ୍କ ମୃତ୍ୟୁରେ ଦୁଃଖ କରିବି ନାହିଁ। ତାଙ୍କୁ ଏବଂ ତାଙ୍କର ସୌଭାଗ୍ୟ ପ୍ରତି ମୋର ଈର୍ଷା ହେଉଛି। କାରଣ ସେ ସ୍ୱର୍ଗତ ହେଲେହେଁ ଅଦ୍ୟାପି ଜୀବିତ। ସେ ତାଙ୍କର ବିରାଟ ଶରୀର ନେଇ ଯେତେବେଳେ ଆମ ଭିତରେ ବିଚରଣ କରୁଥିଲେ ସେତେବେଳଠାରୁ ବର୍ତ୍ତମାନ ସେ ଅଧିକ ସତ୍ୟ ଓ ଜୀବନ୍ତହୋଇ ରହିଛନ୍ତି।...

ଜଣେ ବ୍ୟକ୍ତିବିଶେଷର ଦୋଷକୁ ତାର ସମଗ୍ର ଗୋଷ୍ଠୀଉପରେ ଲଦି ଦେବା ଅନ୍ୟାୟ। ପ୍ରତିଶୋଧର ଭାବ ମନରେ ପୋଷଣ କରିବା ପାପ।

ମୁଁ ଶ୍ରଦ୍ଧାନନ୍ଦଙ୍କ ଘାତକ ଅବଦୁଲ ରସିଦ ପାଇଁ ସଫେଇ କରିବାକୁ ଚାହେଁ।... କି ପ୍ରରୋଚନାରେ ସେ ଏହା କଲା ସେଥିରୁ ମୋର ଯାଏ ଆସେ ନା। ସେଠା ଆମର ଦୋଷ।

ଖବରକାଗଜ ବାଲାମାନେ ଚଳନ୍ତି ବସନ୍ତିକା ସଦୃଶ ହୋଇଯାଇଛନ୍ତି। ସେ ମିଥ୍ୟା ଏବଂ ଦୁର୍ବିପାକର ଖବର ଜାହିର କରି ବୁଲୁଛନ୍ତି। ସାଧାରଣ ପାଠକର ମନକୁ ଅସନ୍ଦିଗ୍ଧ ଏବଂ ଅନେକ ସ୍ଥାନରେ ସୁଗ୍ରାହୀ (receptive) ଦେଖି ସେ ତାର ସମସ୍ତ ଭାଷାର କୋଷକୁ ନିଃଶେଷ କରି ଯେତେ ଯେ ତା ଭିତରେ ପ୍ରବେଶ କରାଇଦିଏ। ଗୁପ୍ତ ଏବଂ ଜାତୀୟସଚେତ ଅପପ୍ରଚାର ତାହାର ବନ୍ଧିକା ବିସ୍ତାର କରିଛି—ଅବାଧ ଏବଂ ନିର୍ଲଜ୍ଜ ଭାବରେ। ତେଣୁ ଅବଦୁଲ ରସିଦକୁ ମୁଁ ଯେଉଁ ବ୍ୟାଧି ଗ୍ରାସ କରିଥିଲା ସେଥିପାଇଁ ଆମେ—ଏଇ ଶିକ୍ଷିତ ଓ ଅର୍ଦ୍ଧଶିକ୍ଷିତ ଲୋକହିଁ ଦାୟୀ।

ହୁଏତ ଏ ଆଶା ଦୁରାଶା ହୋଇପାରେ କିନ୍ତୁ ସ୍ୱାମୀଜୀଙ୍କର ମହତ୍ତ୍ୱ ଆମ୍ଭମାନଙ୍କ ଭିତରେ ସେ ଆଶା ସଞ୍ଚାର କରୁଛି—ତାଙ୍କର ରକ୍ତହିଁ ଆମର ପାପକୁ ଧୌତ କରିଦେବ। ଆମର ହୃଦୟକୁ ନିର୍ମଳ କରି ମାନବ-ଗୋଷ୍ଠୀର ଦୁଇଟି ବିରାଟ ବିଭାଗକୁ ସଂଯୋଗ କରିଦେବ। (ୟଙ୍ଗ ଇଣ୍ଡିଆ ୩୦ ଡିସେମ୍ବର ୧୯୨୬ ରେ)

\+ + +

ସ୍ୱାମୀ ଶ୍ରଦ୍ଧାନନ୍ଦଙ୍କର ସ୍ମୃତି ଯଦି ବାସ୍ତବରେ ଆପଣମାନଙ୍କର ପ୍ରିୟ ହୋଇ ଥାଏ ତେବେ ଆଜି ପରସ୍ପର ଭିତରେ ଥିବା ଘୃଣା ଓ ଅସୂୟାର ବାତାବରଣକୁ ନିଷ୍କାସନ କରିବାରେ ସାହାଯ୍ୟ କରିବା ଉଚିତ। ଯେଉଁ କାଗଜସବୁ ଘୃଣା ଉଦ୍ରେକକର ମିଥ୍ୟା ପ୍ରଚାର କରୁଛନ୍ତି ସେ କାଗଜକୁ ବାସନ୍ଦ କର। ମୁଁ ନିଃସନ୍ଦିଗ୍ଧରୂପେ କହିବି ଯେ ଆଜି ଯଦି ଶତକଡ଼ା ୯୦ କାଗଜ ବନ୍ଦ ହୋଇ ଯାଏ ତେବେ ଭାରତର କୌଣସି କ୍ଷତି ହେବ ନାହିଁ ବର୍ତ୍ତମାନ ଆପଣମାନେ ବୁଝି ପାରିବେ ବୋଧହୁଏ—ମୁଁ ଅବଦୁଲ ରସିଦକୁ କାହିଁକି ଭାଇ ବୋଲି କହୁଛି। ମୁଁ ପୁଣି ମଧ୍ୟ ତାକୁ ସେଇ ସମ୍ବୋଧନ କରିବି। ସ୍ୱାମୀଜୀଙ୍କ ହତ୍ୟାରେ ସେ ଅପରାଧୀବୋଲି ମଧ୍ୟ ମୁଁ ତାକୁ ଦୋଷାରୋପ କରିପାରିବି ନାହିଁ। ଯେଉଁମାନେ ପରସ୍ପର ପ୍ରତି ବିଦ୍ୱେଷ ଭାବକୁ ଉଦ୍ଦୀପନ କରିଛନ୍ତି ସେଇମାନେହିଁ ପ୍ରକୃତ ଅପରାଧୀ।

ଅତେ ହିନ୍ଦୁ; ଆମକୁ ଶୀଘ୍ର କହିବ—ନିରାପଦ ହେବାପାଇଁ—ବ୍ରାହ୍ମଣ ଓ ଚଣ୍ଡାଳ କୁକୁର ଓ ଗାଈ ସମସ୍ତଙ୍କ ପ୍ରତି ଆମକୁ ସମଭାବ ହେବାକୁ ପଡ଼ିବ।

ଏ କାନ୍ଦିବାର ବା ଦୁଃଖ କରିବାର ବେଳ ନୁହେଁ। ଆଜ ଆମ୍ଭମାନଙ୍କର ହୃଦୟରେ ସତ୍ସାହସର ବର୍ତ୍ତିକା ପ୍ରଜ୍ୱଳିତ କରିବା ପାଇଁ ଶୁଭମୁହୂର୍ତ୍ତ ଉପସ୍ଥିତ। ଦୁଃଖରେ ଅଶ୍ରୁ ବିସର୍ଜନ ନକରି ନିଜେ ଆମେ ଆଜ ଶ୍ରଦ୍ଧାନନ୍ଦଙ୍କର ସେହି ବୀରତ୍ୱ ଏବଂ ଅଲୌକିକ ରଶ୍ମିର ଜାଲ ଦେଇ ଆମମାନଙ୍କର ହୃଦୟକୁ ଉଦ୍ଭାସିତ କରିନେବା। (ଗୌହାଟି କଂଗ୍ରେସ ୧୯୨୬-ବକ୍ତୃତାରୁ)

—※—

## ସ୍ୱଦେଶୀରେ ସ୍ୱରାଜ

(୩୮ ସଂଖ୍ୟାରେ ପ୍ରକାଶ ପରବର୍ତ୍ତୀ)

ଏ ବ୍ୟାଧିର (ଅଳସୁଆଁରେ ସମୟ ବରବାଦ କରିବା) ଅବ୍ୟାହତି ପାଇବାପାଇଁ କିଛି କରିବାକୁ ହେବ। ଯଦି ପ୍ରତ୍ୟେକ ଶିକ୍ଷିତ ଭାରତୀୟ ତାର ପ୍ରାଥମିକ କର୍ତ୍ତବ୍ୟ ବୁଝେ ତେବେ ସେ ବିନାଦ୍ୱିଧାରେ ତା ଘରର ନାରୀମାନଙ୍କୁ ଚରଖା ଯୋଗାଇ ଦେଇ ସୂତା କଟା ଶିଖିବାର ବ୍ୟବସ୍ଥା କରିଦେବା ଉଚିତ। କୋଟି କୋଟି ଗଜ ସୂତା ପ୍ର[illegible] ନିୟମିତ ଭାବରେ ଉତ୍ପନ୍ନ ହୋଇ ପାର[illegible] ଏବଂ ପ୍ରତ୍ୟେକ ଶିକ୍ଷିତ ଭାରତୀୟ ଯଦି ସୂତାର ଲୁଗା ପିନ୍ଧିବାକୁ ସ୍ଥିର କରନ୍ତି ତେବେ ସେ ଭାରତର ଏକମାତ୍ର କୁଟୀର ଶିଳ୍ପର ପୁନର୍ଗଠନରେ ସାହାଯ୍ୟ କରିପାରିବ।

କୁଟୀର ଶିଳ୍ପ ବ୍ୟତୀରେକେ ଭାରତର କୃଷୀର ଭାଗ୍ୟ କଦାପି ଫେରି ନପାରେ। ଜମିର ଉତ୍ପନ୍ନ ଦ୍ରବ୍ୟରେ ସେ ନିଜର ଭରଣ ପୋଷଣ କରିପାରିବ ନାହିଁ। କୃଷକଙ୍କୁ ତାର ଗୋଟାଏ ସହାୟକ ଶିଳ୍ପ ବା ପରିପୋଷକ ଶିଳ୍ପ ଆବଶ୍ୟକ। ଚରଖା ସେ ଦୃଷ୍ଟିରୁ ଅତି ସହଜ, ଶସ୍ତା ଓ ସୁନ୍ଦର ଶିଳ୍ପ।

ମୁଁ ଜାଣେ ଏଥିପାଇଁ ମାନସିକ ଦୃଷ୍ଟିଭଙ୍ଗୀର ଆବଶ୍ୟକ। ଆମେ ଯେଉଁ ମନରେ ଆଜି କୁଟୀର ଶିଳ୍ପକୁ ଦେଖୁଛୁ ସେମାନଙ୍କ

[ ପରପୃଷ୍ଠା ଦେଖନ୍ତୁ। ].

Digitized by srujanika@gmail.com

**ମଜା କବିତା...**

## --ବ୍ରିଟିଶ୍ ବାହୁଡ଼ା—

ଶ୍ରୀ ଗଦାଧର ପାଢ଼ୀ

ସ୍ୱରାଜ ଆସିବ-ଆସିବ ସ୍ୱରାଜ କୈସେ କା ଦିଲ୍ଲୀ ଲଣ୍ଡନ୍
ସବୁଏଁ ଦୂରରୁ ପାଉଲେ ହାତ 'ଲର୍ଡ' ନେଲସ କଲୁ ଲଣ୍ଡନ୍ ।

ବ୍ରିଟିଶ୍ ବାହୁଡ଼ା ପାଇଁ ଲାଗିଗଲା ଖାନସାମା, ବବୁର୍ଚ୍ଚି ଦେଇ
କୁର୍ନିସ କରି ଇଂରେଜ୍ ପାଖେ "କ୍ୟା ଦିୟା" ଛାଡ଼େ ହୁରା
"ପାକିସ୍ତାନ୍ ଦିୟା—ଜାଡେ ରହ ବେଟା ମଜ୍‌କର ଅବଶୋଷ
ବହାଦୁରକା ସେ ସାରା ଦୁନିଆ ହେଇଯୌ ବାତ କର ଶୋର୍ ।"

ଚର୍ଚ୍ଚିଲ ବୃଦ୍ଧ ହ ତକୁ ବାହେର କମାଇଲା ପାର୍ଲିଆମେଣ୍ଟ
ଆଟଲି ଅନେକ ପରାମର୍ଶ କରି କରାଇଲେ ଏଗ୍ରିମେଣ୍ଟ ।
ବ୍ରିଟିଶ୍ ଜାତର ବୁଢ଼ା ଚର୍ଚ୍ଚିଲ ଭାରତରେ ମାଟି ଗୁଣ୍ଡ
କାଢ଼ିଲା ବୁଝାଇ ଭିଜା ଇଂଜେକସେନ୍ ମେଡିକାଲ ସାଇନସ ଠପେ ।

ସନ ଫୁଲନିଆ ହଇଁହାଏ ହସି ହିନ୍ଦୁ ଜାତର ପାଇଁ
ଭାରତ ବକ୍ଷ ଚଡ଼ାକରିଇଲା ବେଲୁବ୍ ବନାଇ ଦେଇ ।

ରାଜା, ଜମିଦାର, ଲଣ୍ଡନ୍ ପାକ ଚଢ଼ମାଉ ହୋଇ ପଡ଼େ
ବ୍ରିଟିଶ୍ ଚାହର ଯଶ କାଟିବାକୁ ପଟେଲ ଦ୍ରୋହ ପଢ଼େ ।
ନାଜ, ଫାସିଷ୍ଟ ଜାତକୁ ମିଶାଇ କଜାମ୍ ହାଇଦ୍ରାବାଦ୍
ଲୁରୁଙ୍ଗ ଦେଇ ପଟେଲ ଜୋରଜା କରିଦେଲ କିସ୍ମିମାତ୍ ।
ଇଙ୍ଗିତ୍ ଦେଇ ବ୍ରିଟିଶ୍ ଜାତକୁ ବଢ଼ କଲା ସେଇଁ ଗୃହ

ଦୁନିଆ ଜାଣିଲା ବନ୍ଦ ଯାଇଛି ସେ ପାକିସ୍ତାନ୍ ବଡ଼ ଲାଟ ।
ଲାଟ୍ ପତ୍ନୀ ଇସଲାମ୍ ତେଣୁ ପାକିସ୍ତାନ୍ ସ୍ୱାର୍ଥ ପାଇଁ

ଭାରତ ଲୋକଙ୍କ ରକ୍ତ ନେବାକୁ ଶିବତାଣ୍ଡବରେ ବାଇ ।

ନାଦିର ସାହର୍ କଲଙ୍କି କୃପାଣ, ଚେଙ୍ଗିଜ୍ ଖାଁ ର ଛୁରୀ
ଭାରତ ଦୁହରୁ କଲକ୍ତା ଓଟାରେ 'ଅଲ୍ଲାହୋ ଅକ୍—'ପଢ଼ି ।

ଅମୃତ ସରର ସୁନାର ମନ୍ଦିରେ ଦୁସ୍‌ମନର ଏ ଡ଼ାକ୍
'ପଞ୍ଜାବ ହୋଗା କବର ସ୍ଥାନ୍' ଶିଖ୍ କହେ ଦେୈସା ବାତ୍ ।
କାଶ୍ମୀର ଦେଶର ବରଫ ତଳକା ଉପତ୍ୟକା ଅଜ ଥରେ
ବୃଦ୍ଧ, ମହାଦ୍, ଶିଷ୍ୟ ମାନଙ୍କ ହିଂସା ତରବାରି ଖେଳେ ।

—*—

## "ଅରସିକ-କବିପ୍ରିୟା"

( ଶ୍ରୀ ଚକ୍ରଧର ରାଉତ )

ଅରସିକ-କବି ପ୍ରିୟା—

ହେ ସନ୍ଧ୍ୟାପାଠିକା ! ଶ୍ରୁତି-ମନୋରମା ସୁଦର୍ଶ ବରଣୀୟା !
ତୁମର ସାଦର ନରମ-ପରଶେ ଗଳଇ ପ୍ରଣୟ-ଧାର...
ତରୁଣ-ପବଣ-ଧୂସର ଉପରେ... ଝରାଇଛ ପ୍ରୀତି-ରସ...
ଲାଳାୟିତ-ଗନ୍ଧ, ଗୃହିଣୀ-ଛଟକ, କବରୀ-କୁସୁମ ଗନ୍ଧ—
ଅଗଣିତ ଛାତ୍ର ତରୁଣ ଛାତ୍ରେ କରିଛ ପାଗଳ, ଅନ୍ଧ
ଅବହେଳା ତୁମ କେନ୍ଦ୍ରଥର ସଖି: ପ୍ରଣୟେ ଦେଇଛ—କବିର
କଲେଜ୍ ମେଟ୍, କରନ୍ତ ନୋଟ୍ 'ଡ଼ସାପଏଁ ନୈଡ଼୍-ଲାଇବ୍ର'
ଜାଣି,-ନ ଜାଣି ତା' ନକ୍ଷ'କ ସମ ଧାଇଁଛ ଭ୍ରମର ପିନ୍ଧା—
ଅୟି ଅଧୁନିକା ! ସ୍ୱାଧୀନ-ପ୍ରେମିକା ଶୁଣି,-ନଶୁଣିକା' ଛ' ଛା'
ଉର୍ଦ୍ଧ୍ୱଶୀ ଅକାଶ-ତଳେ...
'ମାନସି-ଯୁଗ' ସହକାର ତଳ-ସ୍ୱପ୍ନ ଦେଖିଛ ଭୋଳେ !
ଅରସିକ-ଜନ ପ୍ରିୟେ !
ହାଇହିଲ୍ ସୁ' ଖୁରାରେ ତୁମର ଶତ ଚୁଂବନ ଦିଏ !
ବହୁବାର ସଖି ! ଓଡ଼ିଆକ୍ଲାସେ ପ୍ରଣୟ-କବିତା' ଶୁଣି—
ହସରେ ତୁମର ଚନ୍ଦ୍ର ଉଇଁଛ ରୂପେଲ-ଝରଣା-ବୁଣି !
ତରୁଣ-ଅଧ୍ୟାପକ—
ଛାତ୍ର ଗୃହିଣୀରେ ଗୃହଁ ଦେଇ ଥରେ ହସ୍ତେ କଅଇଡ଼ୋକ...
ସାକ୍ଷୀ ଥିବେ ସଖି ! ଟେବୁଲ, ଚେୟାର 'ଗୃହଅଙ୍ଗ' ହୋଇବେ
କହିବୁ କଏ ? ହାଇଡ଼ ହାଣଇ ନରମ-ବୁକୁର ତଳେ...
ତୁମର ବରଦେ ପ୍ରିୟା:—
ଅଜ, ଭାଲୁଙ୍କର ମୋତେ ମାଡ଼ିଅସିଲଣି ଛଟପଟ ହୁଏ ହିଅ ।
ତେଣୁ କଙ୍କାଳ-ଦେହ:—
ମୁଗଧ କର ଗୋ ! ଅଧର-ମଦ୍ୟ ଦେଇ ।।

—*—

(ବିଗୃହ ଧାରା ପୂର୍ବ ପୃଷ୍ଠା ଉତ୍ତାରୁ)

ଓଲଟ ପାଲଟ କରି ନୂଆ ପ୍ରକାରରେ ଦେଶ ଗଢ଼ିବାକୁ ହେବ । ଏହାହିଁ ବିପ୍ଳବ । ଏହି ପରିବର୍ତ୍ତନ ଏକ ଶାନ୍ତ ବିପ୍ଳବ ବୋଲି ମୁଁ କହେଁ ଯେ ସ୍ୱଦେଶୀ ଦ୍ୱାରା ହିଁ ସ୍ୱରାଜ ହାସଲ କରିହେବ । ଯେଉଁ କାରଣ ପ୍ରତିବର୍ଷ ୭୦ କୋଟି ଟଙ୍କାର ଅପ ବ୍ୟୟକୁ ବନ୍ଦ କରି ଉକ୍ତ ଧନକୁ ଘରେ ଘରେ କଙ୍କାଳଙ୍କ ଓ ଭୁଖାଳଙ୍କ ହାତରେ ଧରିଦିଏ ସେ ଜାତି ଏମନ୍ତ ଏକ ଶିଳ୍ପ ଓ ସଂଗଠନ ଶକ୍ତି ହାସଲ କରିବ ଯାହା ଫଳରେ ତାର ସର୍ବ ପ୍ରକାର ଉନ୍ନତି ଓ ପୁଷ୍ଟି ନିମନ୍ତେ ସମସ୍ତ ଆବଶ୍ୟକ ସେ ପୂରଣ କରିବ ହିଁ କରିବ ।

ଅନେକ ହସ୍ତାରକ ସ୍ୱପ୍ନ ଦେଖନ୍ତି, ସ୍ୱତନ୍ତ୍ର—ଅପେକ୍ଷାକର ଦେଶ ସ୍ୱାୟତ୍ତ ଶାସନ ପାଇଯାଉ; ମୁଁ ଭାରତର ଶିଳ୍ପକୁ ସହଜରେ ରକ୍ଷାକରି ପାରିବ । ଅମ ମାଇଦନ୍ ସୂତା କାଟିବାକୁ ପଡ଼ିବ ନାହିଁ କିମ୍ବା ତନ୍ତୀଙ୍କୁ ଲୁଗା ବୁଣିବାର କଷ୍ଟ ଉଠାଇ ବାକୁ ପଡିବ ନାହିଁ । ଚିନ୍ତାଶୀଳ ଲୋକମାନେ ମଧ୍ୟ ସତକୁ ସତ ଏ କଥା କହୁଛନ୍ତି । ମୁଁ ସାହସର ସହିତ କହି ପାରେ ଯେ ଏ ପ୍ରସ୍ତାବ ମୂଳରେ ଏକ ନୈରାଶ୍ୟ ପକ୍ଷାଘାତ ବା ଅପରିଷ୍କାର୍ତ୍ତ ରହିଛି । ଏହା ଅତି ଭ୍ରାନ୍ତ ମୂଳକ ଏବଂ ମିଥ୍ୟାମତ ବା ମୋହରୁ ଜାତ । ରକ୍ଷା ମୂଳକ ଶୁଳ୍କ ପାଇଁ ଭାରତ ଗୃହହିଁ ବସି ରହି ନପାରେ । ଏବଂ ଶୁଳ୍କ ବା କର ଦ୍ୱାରା ବିଦେଶୀ ଶିଳ୍ପ ମୁହଁରେ ଭାରତ ଶିଳ୍ପକୁ ରକ୍ଷା କରିବା ଫଳରେ ଲୁଗା ପଟାର ଦରଦାମ କମିଯିବ ନାହିଁ । ଦ୍ୱିତୀୟରେ କେବଳ ରକ୍ଷା ଶୁଳ୍କ ଦ୍ୱାରା ଭୋକିଲା ଲୋକଙ୍କର ଦୁଃଖ ଯିବ ନାହିଁ । ତାଙ୍କର ଅରଟ ତାଙ୍କୁ ଫେରାଇଦିଅ । ସେ ତାହା-ସାହାଯ୍ୟରେ ତାଙ୍କ ଅୟରେ କିଛି ଅଧିକ ଅର୍ଜନ ମିଶାନ୍ତୁ । ତାହେବ ଲ ଯାଇଁ ତାଙ୍କ ପ୍ରକୃତ ସାହାଯ୍ୟ କରିଯାଇପାରେ । ତେଣୁ ଅମେ ରକ୍ଷାଶୁଳ୍କ ବସାଉଁ ନବସାଉଁ ଆମକୁ ତଥାପି ସୂତାକଟା ଶିଳ୍ପକୁ ପୁନରୁଦ୍ଧାର କରିବାକୁ ପଡିବ ଓ ତନ୍ତବୁଣାକୁ ଉତ୍ସାହ ଦେବାକୁ ହେବ ।

ଯୁଦ୍ଧ ଯେତେବେଳେ ଲାଗିଗଲା ସେତେବେଳେ ଇଂଲଣ୍ଡ ଓ ଅମେରିକାରେ ଯେତେ ଲୋକ ମିଳିଲେ ସମସ୍ତଙ୍କୁ ନୌବନ୍ଦର ଓ ଜାହାଜ ତିଆରି କାମରେ ଲଗେଇ ଦିଆଗଲା । ସେମାନେ ଆଶ୍ଚର୍ଯ୍ୟ ଭାବରେ ଅତି ଚଞ୍ଚଳ ତାହା ତିଆରିକରିଦେଲେ । ମୋ ଇଚ୍ଛାରେ ଯଦି ସବୁକିଛିଅନ୍ତା ତେବେ ମୁଁ ପ୍ରତ୍ୟେକ ଭାରତୀୟକୁ ସୂତାକଟା ଓ ଲୁଗାବୁଣା ଶିଖାଇ ଦିନରେ କେତେ ଘଣ୍ଟା । ତାହା କରିବାକୁ ବାଧ୍ୟ କରନ୍ତି । ମୁଁ ଅଗ ସ୍କୁଲ କଲେଜରେ ଏକଥା କରନ୍ତି । କାରଣ ଏ ଗୁଡ଼ିକ ସଦ୍ୟ ସଂଗଠିତ ଅନୁଷ୍ଠାନ ।

ଲୁଗା କଳକୁ ଶହେଗୁଣ ବଢ଼େଇ ଦେଲେ ଦୁଃଖ ଯିବନାହିଁ —ସମସ୍ୟାସମାଧାନ ହେବନାହିଁ । ଏ ବିଦେଶୀଶୋଷଣକୁ ବନ୍ଦ କରିବା-ପାଇଁ କଳକୁ ଅନେକଦିନ ଲାଗିବ ଏବଂ କଳ କଦାପି ୭୦ କୋଟି ଟଙ୍କା ଆମଘରେ ଘରେବାଣ୍ଟି ଦେଇ ପାରିବନାହିଁ । କଳ କେବଳ ଧନ ଓ ଶ୍ରମକୁ ଗୋଟିଏ ଜାଗାରେ କୁହେଇ ବା କେନ୍ଦ୍ରୀଭୂତ କରିଦେବ । ଫଳରେ ସମସ୍ୟା ଅଧିକ କଠିନ ହୋଇଯିବ ।

—*—

Digitized by srujanika@gmail.com



### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ଜାତୀୟତାର ଉନ୍ମେଷ କରିବା, ଭାରତ ପରି ମହାନ ଦେଶର ସନ୍ତାନଙ୍କର ଜ୍ଞାନ ଓ ସର୍ବାଙ୍ଗୀଣ ଉନ୍ନତି ସାଧନ କରିବା । ୨ । 'ଜହର'ର ମଧ୍ୟସ୍ଥତାରେ ଏକେଶ୍ୱର ଦ୍ୱାରା ଉତ୍କଳ ମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହାସ ତ୍ୟାଗ ଅହିଂସା, ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ ବର୍ଷରୁ ନ୍ୟୁନ ବାଳକ ବାଳିକା ମାନଙ୍କ ପାଇଁ)

## ବ୍ରିଟିସ୍ ମିଉଜିୟମ୍,

ଇଂଲଣ୍ଡସ୍ଥ ବିଖ୍ୟାତ ବ୍ରିଟିସ୍ ମିଉଜିୟମ୍ ପୃଥିବୀର ବୃହତ୍ତମ ପୁସ୍ତକାଗାର । ଦ୍ୱିତୀୟ ମହାସମର ସମୟରେ ଏହାର ପଠନାଗାରର କେତେକ ଅଂଶ ବୋମା ବର୍ଷଣ ଫଳରେ ଭାଙ୍ଗି ଯାଇଥିଲା କିନ୍ତୁ ବର୍ତ୍ତମାନ ତାହାର ନବୀକରଣ ଓ ଜୀର୍ଣ୍ଣ ସଂସ୍କରଣ କରି ସେହି ବିଖ୍ୟାତ ପାଠାଗାରଟିକୁ ପୁନର୍ବାର ଜନ ସାଧାରଣଙ୍କ ବ୍ୟବହାର ନିମିତ୍ତ ଖୋଲାଯାଇ ଅଛି । ୫୫ ମାଇଲ ଦୀର୍ଘ ବହି ଥାକରେ ପ୍ରାୟ ୫୦ ଲକ୍ଷ ପୁସ୍ତକ ସୁସଜ୍ଜିତ ଭାବରେ ରଖା ହୋଇଅଛି । ବ୍ରିଟିସ୍ ମିଉଜିୟମ୍‌ର ପଠନାଗାରରେ ପଢ଼ିବା ପାଇଁ ଟିକଟ୍ ପାଇଥିବା ଯେ କୌଣସି ଲୋକ ଏହି ବିରାଟ ପୁସ୍ତକ ରାଶିକୁ ବ୍ୟବହାର କରିପାରେ । ଟିକଟ୍ ମିଳେ ବିନାମୂଲ୍ୟରେ । ପ୍ରକୃତ ପଢ଼ିବାର ଇଚ୍ଛାଥିବା ପାଠକ ପକ୍ଷରେ ଏହିପରି ଖଣ୍ଡେ ଟିକଟ୍ ପାଇବାର ବିଶେଷ କଷ୍ଟକର କଥା ନୁହେଁ ।

ଏହି ପାଠାଗାରଟି ଗମ୍ବୁଜ ଥିବା ଗୋଟିଏ ବିରାଟ ଗୋଲାକାର ହଲ୍ । ପଢ଼ିବା ଲାଗି ଅସଂଖ୍ୟ ଆଲୋକ, ମେଜ୍ ଏ ଆରାମ ଦାୟକ ବସିବା ସ୍ଥାନର ଆୟୋଜନ ଅଛି । (Reference) ପୁସ୍ତକ ( ଅଭିଧାନ ) ପୂର୍ଣ୍ଣ ବୃତ୍ତାକାର ଗୃହର କେନ୍ଦ୍ରରେ ପାଠକମାନଙ୍କୁ ଗଣନାର୍ଥ ବ୍ୟବହୃତ ଧାତୁଖଣ୍ଡ (Counter) ଦ୍ୱାରା ପୁସ୍ତକ ଦିଆଯାଏ । ଏହି ପୁସ୍ତକାଗାର ରେ ହିଁ ଜଣେ ପୃଥିବୀର ଯେ କୌଣସି ବିଷୟରେ ଜାଣିବାକୁ ଇଚ୍ଛାକଲେ ଯଥେଷ୍ଟ ଜାଣି ପାରେ କିନ୍ତୁ ପୁସ୍ତକାଗାରର ଏହା ବହୁଅଂଶ ମାତ୍ର । ଭିତରେ ଜଗତର ସବୁ ଅଂଶରୁ ଜୀବିତ ଓ ମୃତ, ପ୍ରତ୍ୟେକ ଭାଷାର ଅମୂଲ୍ୟ ସାହିତ୍ୟ ମାନ ସଂଗୃହୀତ ହୋଇ ଏଠାରେ ସୁରକ୍ଷିତ ଅଛି । ପୁସ୍ତକ ଆଦାନ ପ୍ରଦାନ ନିମିତ୍ତ ଲିଫଟ୍, ଟ୍ରଲି ଓ ଅନ୍ୟାନ୍ୟ ଅନେକ ପ୍ରକାର ଆଧୁନିକ ଯନ୍ତ୍ରର ବ୍ୟବସ୍ଥା ମଧ୍ୟ କରାହୋଇଅଛି ।

ପ୍ରାୟ ୧୦୦ ବର୍ଷ ପୂର୍ବେ Copy rights Act ନାମକ ଏକ ଆଇନ ପାର୍ଲିଆମେଣ୍ଟରେ ଗୃହୀତ ହୋଇଥିଲା । ଏହାଦ୍ୱାରା କେହି କୌଣସି ଛାପା ବହି, ସଂଗୀତ ପୁସ୍ତକ ବା ଭୌଗୋଳିକ ମାନଚିତ୍ର ପ୍ରକାଶ କଲେ ବ୍ରିଟିସ୍ ମିଉଜିୟମ୍‌କୁ ଖଣ୍ଡିଏ ନକଲ ପଠାଇବା ପାଇଁ ବାଧ୍ୟ ହେଉଥିଲା । ଏହି ଶତାବ୍ଦୀ ମଧ୍ୟରେ ପର୍ବତ ପ୍ରମାଣେ ପ୍ରକାଶିତ ପୁସ୍ତକ ସଂଗୃହୀତ ହୋଇଅଛି । କିନ୍ତୁ ତନ୍ମଧ୍ୟରୁ ଅଧିକାଂଶ କୌଣସି ସାହିତ୍ୟ ବା ଜ୍ଞାତବ୍ୟ ବିଷୟ ଶୂନ୍ୟ । ଦ୍ୱିତୀୟ ମହାସମର ସମୟରେ ଯୁଦ୍ଧୋପକରଣ ପ୍ରସ୍ତୁତ କରୁଥିବା କାରଖାନା ସବୁ ଦେଶର ବେଦରକାରୀ କାଗଜାତ୍ ସଂଗ୍ରହ କରୁଥିବା ବେଳେ ମିଉଜିୟମ୍‌ରେ ସଂଗୃହୀତ ବହୁତ ଅନାବଶ୍ୟକ ସାହିତ୍ୟ ଗୁଡ଼ିକୁ କାଗଜ କଲକୁ ପଠାଯାଇଥିଲା । ବ୍ରିଟିସ୍ ମିଉଜିୟମ୍ ରେ ପୁସ୍ତକ ସ୍ଥାନ ପାଇବା ସମ୍ମାନ ଜନକ ମନେ କରି ଅନେକ ବିଦେଶୀୟ ପ୍ରକାଶକ ମୂଲ୍ୟବାନ ପୁସ୍ତକର ଗୋଟିଏ ନକଲ ଏଠାକୁ ପଠାଉ ଥିଲେ ମଧ୍ୟ ମିଉଜିୟମ୍‌ର ଡାଇରେକ୍ଟର ଅନ୍ୟାନ୍ୟ ଦେଶରୁ ପୁସ୍ତକାଗାର ନିମିତ୍ତ ଅଜସ୍ର ପୁସ୍ତକ କ୍ରୟ କରନ୍ତି । ଅଦ୍ୟାବଧି ମୁଦ୍ରିତ ସବୁ ପୁସ୍ତକ ଏଠାରେ ନ ମିଳିଲେ ମଧ୍ୟ ଜଗତରେ ପ୍ରକାଶିତ ମୂଲ୍ୟବାନ ସାହିତ୍ୟ ଓ ଅନ୍ୟାନ୍ୟ ସମସ୍ତ Refereuce book ମାନ ଏଠାରେ ରଖାଯାଇଅଛି ।

ଯୁଦ୍ଧ ସମୟରେ କେତେକ ଜର୍ମାନ ଅଗ୍ନେୟ ବୋମା ବ୍ରିଟିସ ମିଉଜିୟମ୍‌ର ଅଣ ପାଖରେ ପଡ଼ି ବହୁତ ଗ୍ରନ୍ଥ ଓ ଇତିହାସ ପଠନାଗାରଟି ନଷ୍ଟ କରିଦେଇ ଥିଲା । ବର୍ତ୍ତମାନ କେବଳ ବଡ଼ ପାଠାଗାର (reading room)ର ଜୀର୍ଣ୍ଣ ସଂସ୍କରଣ ପାଠକ ମାନଙ୍କ ବ୍ୟବହାର ନିମିତ୍ତ କରାଯାଇଅଛି । ମୂଲ୍ୟବାନ ଗ୍ରନ୍ଥମାନ—ଅତି ମୂଲ୍ୟବାନ ପୁସ୍ତକମାନ ଯୁଦ୍ଧ ଆରମ୍ଭରୁ ନିରାପଦ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା । ତନ୍ମଧ୍ୟସ୍ଥ ପ୍ରସିଦ୍ଧ ହସ୍ତଲିପି ଗୁଡ଼ିକର ମୂଲ୍ୟ ୫୬୦୦୦ ପାଉଣ୍ଡ । "Codex Sinaiticus", "Thomas Kempis" ଙ୍କର "De Imitation" ର ୧୫୦୦ ଖଣ୍ଡ ବିରଳ ସଂସ୍କରଣ, ୧୪୭୦ ଖ୍ରୀଷ୍ଟାବ୍ଦରେ Paris' Sarbonne ଙ୍କ ନିମିତ୍ତ ପ୍ରଥମ ମୁଦ୍ରିତ କେତେଖଣ୍ଡି ପୁସ୍ତକ ଦ୍ୱାଦଶ ଶତାବ୍ଦୀର ଗୋଟିଏ ଇଂରାଜୀ ଜପମାଳା ସାକ୍ସନ୍ ରାଜାମାନଙ୍କ ଦତ୍ତ କେତେକ ସନନ୍ଦ ( ସ୍ୱର୍ଣ୍ଣାକ୍ଷରରେ ଲିଖିତ ) Ilias ଓ Odesey ର ପାଣ୍ଡୁଲିପିର ନକଲ ଆରିଷ୍ଟଟଲ ଦ୍ୱାରା Papires ଉପରେ ଲିଖିତ On the Constitute of Atrens ର ନକଲ, ୨୬୦୦ ରୁ ଅଧିକ Papirus ଉପରେ ଲିଖିତ ଗ୍ରୀକ୍ ଓ ଲାଟିନ୍ ପାଣ୍ଡୁଲିପି ମାନ, ଏହି ପୁସ୍ତକାଗାରର ବହୁ ପୁରାତନ ଦଲିଲ, ଇଜିପ୍ଟର ରାଜା Amenphotep III ଙ୍କ ଦ୍ୱାରା ଖ୍ରୀଷ୍ଟ ପୂର୍ବ ୧୪୦୦ ରେ ଲିଖିତ ଏକ ପତ୍ର ଏହି ମିଉଜିୟମ୍‌ର ଅନ୍ତର୍ଭୁକ୍ତ ।

ଏହି ସବୁ ପ୍ରାଚୀନ ଗ୍ରନ୍ଥ ବ୍ୟତୀତ ବହୁ ଆଧୁନିକ ପୁସ୍ତକ ଏଠାରେ ଅଛି । ଏହି ପୁସ୍ତକାଗାର ଉନ୍ମୋଚନ କରା ଯାଇଥିଲା ୧୭୫୯ ମସିହାର ଜାନୁୟାରୀ ମାସରେ । ପୁସ୍ତକାଳୟ ବହି ଗୁଡ଼ିକ ପ୍ରଧାନତଃ ଦୁଇଜଣଙ୍କ ଦ୍ୱାରା ସଂଗୃହୀତ ହୋଇଥିଲା ! ବିଭିନ୍ନ କାରଣ ଯୋଗୁଁ ଏମାନେ ବିଭିନ୍ନ ସମୟରେ London Tower ରେ ବନ୍ଦୀ ହୋଇଥିଲେ। Sir Robert Cotton ନାମକ ଜଣେ ସୁବିଦିତ ତତ୍ତ୍ୱବିତ୍‌ଙ୍କ ପୁସ୍ତକାଗାରାଧ୍ୟକ୍ଷ ( Librarian ) ଜଣେ ପାଠକଙ୍କୁ ଖଣ୍ଡିଏ ରାଜନୈତିକ ପୁସ୍ତକ ଅଧ୍ୟୟନ ପାଇଁ ଦେଇ ଥିବାରୁ Robert Cotton ଙ୍କୁ ବନ୍ଦୀ କରା ଯାଇଥିଲା । ଦ୍ୱିତୀୟ ବନ୍ଦୀ ହେଉଛନ୍ତି ବିଖ୍ୟାତ ଲେଖକ ପୋପ୍, ସୁଇଫ୍‌ଟଙ୍କ ଅନ୍ତରଙ୍ଗ ବନ୍ଧୁ ଓ ଅକ୍ସଫୋର୍ଡ୍‌ର ପ୍ରଥମ ଆର୍ଲ୍ ଦେଶପ୍ରେମୀ ରବର୍ଟ ହାର୍ଲେ ।

Digitized by srujanika@gmail.com

୧୮ମ ହେନେରୀଙ୍କ ଠାରୁ ଆରମ୍ଭ କରି ପରବର୍ତ୍ତୀ ସମସ୍ତ ଇଂରେଜ ରାଜାମାନେ ଏହା ପାଇଁ ବହୁ ପୁସ୍ତକ ସଂଗ୍ରହ କରିଥିଲେ। ଲୋକେ କୌଣସି ମୂଲ୍ୟବାନ ଗ୍ରନ୍ଥ ବା ସମସ୍ତ ପୁସ୍ତକାଗାରକୁ ବ୍ରିଟିଶ୍ ମିଉଜିୟମ୍‌କୁ ଦାନ, ବିକ୍ରି ବା ଉପହାର ଦେଉଥିଲେ। ଉଲ୍ଲେଖ ଯୋଗ୍ୟ ବିଷୟ ଏହି ଯେ ବିଗତ ୨୦୦ ବର୍ଷ ଧରି ଇଂରେଜ ବା ବିଦେଶୀୟ ପଣ୍ଡିତ, ରାଜନୀତିଜ୍ଞ, ଦାର୍ଶନିକ ଓ ଲେଖକ ମାନଙ୍କ ଏହି ପାଠାଗାର ମୁଖ୍ୟ ପ୍ରଣୟନ [illegible] ଗବେଷଣାର ସ୍ଥଳ ଥିଲା।

ବିଖ୍ୟାତ ଐତିହାସିକ ସାର୍ ୱାଲଟର ସ୍କଟ୍ ଓ ପ୍ରସିଦ୍ଧ ପ୍ରାଣୀତତ୍ତ୍ୱବିତ୍ ଚାର୍ଲସ୍ ଡାରଉଇନ୍ ଏଠାରେ କାର୍ଯ୍ୟ କରୁଥିଲେ। ଥୋମାସ୍ କାର୍ଲାଇଲ୍ ଏଠାରେ ଇତିହାସ ଗବେଷଣା କରୁଥିଲେ। ଜର୍ମାନୀର ନିର୍ବାସିତ ସାମ୍ୟବାଦୀ ନେତା ଏଡ଼ୱାର୍ଡ଼ ଲସ୍କର୍ [ Edward Lasker ] ଏହି ପଠନା-ଗାରକୁ ଆସିଥିବା ବର୍ଷ ହଙ୍ଗେରୀର ବିଦ୍ରୋହୀ Ludwing Kossuth [ଯେ କି ଅଗଲୁକ ପୁସ୍ତକରେ ହଙ୍ଗେରୀର ଭୂତପୂର୍ବ ରାଜା ବୋଲି ବର୍ଣ୍ଣନା କରିଥିଲେ] ଏଠାକୁ ଆସିଥିଲେ, ଆଇଯାକ୍ ଡ଼ିସ୍‌ରେଲି [Isac Disraeli] ୧୦ ବର୍ଷ ଧରି ଗବେଷଣା କରି "Curiosities of Literature" ନାମକ ପୁସ୍ତକ ଲେଖିବା ପାଇଁ ଉପାଦାନ ଏହିଠାରୁ ସଂଗ୍ରହ କରିଥିଲେ। ତାଙ୍କ ପୁତ୍ର Benjamin Disraeli ୧୬ ବର୍ଷ ସମୟରେ ପିତାଙ୍କ ସଙ୍ଗେ ବ୍ରିଟିଶ୍ ମିଉଜିୟମ୍‌କୁ ଆସିଥିଲେ। ବେଞ୍ଜାମିନ ପରେ ଜଣେ ବିଖ୍ୟାତ ନେତା ହୋଇ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ ପର୍ଯ୍ୟନ୍ତ ହୋଇଥିଲେ। ଗ୍ଲାଡ଼ଷ୍ଟୋନ ମଧ୍ୟ ଏହି ପଠନାଗାରକୁ ବ୍ୟବହାର କରୁଥିଲେ। ପ୍ରାୟ ଲର୍ଡ଼ ବେକନସ୍ ଫିଲ୍ଡ଼ଙ୍କ ( ଡ଼ିସ୍‌ରେଲିଙ୍କ ପରବର୍ତ୍ତୀ ନାମ ) ତାଙ୍କ ଉଦ୍‌ଘାଟିତ ରାଜ-ନୈତିକ ପ୍ରତିଦ୍ୱନ୍ଦୀ ଗ୍ଲାଡ଼ଷ୍ଟୋନଙ୍କ ସହିତ ଏହିଠାରେ ପ୍ରଥମ ସାକ୍ଷାତ ହୋଇଥିଲା। ଚାର୍ଲସ୍ ଡିକେନସ୍, ଡ଼େଭିଡ଼ ହ୍ୟୁମ ବ୍ରାଉନିଙ୍ଗ ଇରଭିଙ୍ଗ, ରସ୍‌କିନ୍, ଥେକରି, ମେକଲେ ଓ ମେରେଡ଼ିଥ୍ ପ୍ରଭୃତି ୧୯ଶ ଶତାବ୍ଦୀର ଅଧିକାଂଶ ସାହିତ୍ୟିକ କବି ଓ ଲେଖକ ଏଠାକୁ ଅଧ୍ୟୟନ ନିମିତ୍ତ ଆସୁଥିଲେ।

ଅନୁବାଦକ

ଶ୍ରୀ ପ୍ରଶାନ୍ତ କୁମାର ଦତ୍ତ।

—*—

## ନାଗବ ପ୍ରଶ୍ନ

ପୂର୍ବ ପ୍ରଶ୍ନର ଉତ୍ତର

ଓଡ଼ିଶାର ସର୍ବ ପ୍ରଥମ ପତ୍ରିକା ସମ୍ଭବତଃ ବିଜୁଳି ଓ ଇନ୍ଦ୍ରଧନୁ।—ପାର୍ଥ

ଆକାଶର କିଛିଦୂର ଧୂଳି ପଟଳ ଥାଏ। ଉଦୟ ଓ ଅସ୍ତ ବେଳରେ ସୂର୍ଯ୍ୟଚନ୍ଦ୍ର ବଡ଼ ଦେଖା ଯିବାର କାରଣ; ଦିଗ୍‌ବଳୟ ଆଡ଼େ ଏହି ଧୂଳିପଟଳର ଦୂରତ୍ୱ ବେଶି ଏବଂ ଠିକ ଊର୍ଦ୍ଧ୍ୱରେ ଦୂରତ୍ୱ ଅଳ୍ପ—ଅର୍ଚ୍ଚି।

[ ନିବନ୍ଧ ପୂର୍ବ ପ୍ରକାଶିତ ଉତ୍ତରରୁ ]

ଏ ସଭ୍ୟତା ବାସ୍ତବରେ କିନ୍ତୁ ଲୁପ୍ତ ନୁହେଁ। କାରଣ ଏହି ସଭ୍ୟତାର ଧାରା ଅନୁସରଣ କରି ଆମ୍ଭେମାନେ ବର୍ତ୍ତମାନ ସଭ୍ୟତାର ରୂପରେଖ ପାଇପାରୁଁ। କାଳର [illegible] ଦ୍ୱାରା ପରମାର୍ଜିତ ହୋଇ ଏହି [illegible] ମାନ ଆମ୍ଭମାନଙ୍କ ମଧ୍ୟରେ [illegible] ହୋଇ ଅଛି। କିନ୍ତୁ ତହିଁ ପୂର୍ବରୁ ଏସିଆ ମହା ଦେଶରେ ଯେଉଁ ସଭ୍ୟତା ଥିଲା ତାହାର ରୂପ ରେଖ ବର୍ତ୍ତମାନ ପାଇବା ଜଟିଳ ହୋଇ ପଡ଼ିଅଛି। ଏ ସୂତ୍ରରୁ ଆମ୍ଭେ-ମାନେ ବାସ୍ତବରେ [illegible] ସଭ୍ୟତା ଆଖ୍ୟା ଦେଇପାରୁଁ। [illegible] ସାଇବେରିଆର ତୃଷାର ପ୍ରାନ୍ତରରେ ଅନ୍ୟୂନ ୧୫୦୦୦ ବର୍ଷ ପୂର୍ବର ସଭ୍ୟତା ଅବଶିଷ୍ଟ [illegible] ହୋଇଅଛି, ରୁଷିଆ ମଧ୍ୟ ଦେଇ ଏହି ସଭ୍ୟତା ଆମେରିକାରେ ପ୍ରବେଶ କରି ଏକ ଦିଗରେ [illegible] ସଭ୍ୟତାରେ ପରିଣତ ହୋଇ ବର୍ତ୍ତମାନ ଲୁପ୍ତ ହୋଇ ଯାଇଅଛି। ଅନ୍ୟ ଦିଗରେ ପ୍ରଶାନ୍ତ ମହା-ସାଗରର ଦ୍ୱୀପ ମାନଙ୍କ ମଧ୍ୟରେ ମଧ୍ୟ ଏହି ସଭ୍ୟତାର କ୍ଷୀଣଚିହ୍ନ ଅବଶିଷ୍ଟ ହୋଇଅଛି। ଆମ୍ଭମାନଙ୍କ ମଧ୍ୟରେ ବର୍ତ୍ତମାନ ଯେଉଁ ଶବର, କୋଲ୍ହ ମୁଣ୍ଡା ସାନ୍ତାଳ ମାନେ ଅଛନ୍ତି ଏ ମାନଙ୍କର ପୂର୍ବ ପୁରୁଷ ମାନଙ୍କ ଦ୍ୱାରା ଏହି ସଭ୍ୟତା [illegible] କରିଥିଲା, ଏହା ଆମ୍ଭ ମାନଙ୍କର [illegible] କିନ୍ତୁ ତାଙ୍କ ଦ୍ୱାରା ଏହାର ଧାରାବାହିକ ବସ୍ତୁ [illegible] ଗର୍ଭରେ ଲୀନ ହୋଇ ଯାଇଅଛି। କେବଳ ଏହି ସଭ୍ୟତାର କ୍ଷୀଣ ପରିଚୟ ବର୍ତ୍ତମାନ ମଧ୍ୟ ଆମ୍ଭ ମାନଙ୍କର ଭାଷାର ଅତି ପ୍ରାଚୀନ ଶବ୍ଦ ମାନଙ୍କରେ ମିଳେ ଓ ଏହି ଶବ୍ଦମାନଙ୍କୁ ଆମ୍ଭେମାନେ ଦେଶଜ ଶବ୍ଦ ବୋଲି ଅଭିହିତ କରିଥାଉଁ ଯଥା:—ଜଙ୍ଗଲ, ଲିଙ୍ଗ, ଯୋର, ନାଇଗଣ, ଗଣ୍ଡି, ମୁଣ୍ଡ ବା ଝାଙ୍ଗିଆ ପ୍ରଭୃତି। ଅବଶ୍ୟ ଏହି ଦେଶର ଶବ୍ଦ ମାନଙ୍କ ମଧ୍ୟରୁ ପୁଣି କେତେକ ସଂସ୍କୃତ ଅନୁବାଦ କରିଅଛି କିନ୍ତୁ ଏହି ଶବ୍ଦ ମାନଙ୍କର ପରିଚୟ ବର୍ତ୍ତମାନ ଅଷ୍ଟ୍ରେଲିଆ ଓ ରୁମାନିଆ ବା ହାଓ୍ୱାଇ ଦ୍ୱୀପ ପୁଞ୍ଜରେ ଥିବା ଆଦିବାସୀ ମାନଙ୍କ ବ୍ୟବହୃତ ଭାଷାରୁ [illegible] ମିଳେ।

ଲୁପ୍ତ ସଭ୍ୟତା ବାସ୍ତବରେ ଲୁପ୍ତ ନୁହେଁ। ଆମ୍ଭମାନଙ୍କର ଶିରା ପ୍ରଶିରା ମଧ୍ୟରେ ଏହି ସଭ୍ୟତାର ଧାରା [illegible], ଅମ୍ଭ ମାନଙ୍କର ଜ୍ଞାନ ଚକ୍ଷୁର ଅଗୋଚର [illegible]ରେ ଏହାର ବୀଜ [illegible] ହିତ। କାଳର ପ୍ରବାହରେ କେଉଁଠି କେଉଁଠି ଧାରା କ୍ଷୀଣ ହୋଇ ଯାଇ ଅବଲୁପ୍ତ ହୋଇଯାଇ ଅଛି କିନ୍ତୁ ପ୍ରବାହ [illegible] ଧାରା ଅବ୍ୟାହତ ହୋଇ ରହି-ଅଛି। [illegible] ସଭ୍ୟତାର ଗତିକୁ ଅନୁସରଣ କଲେ ଆ[illegible] ନାନା ମୂଳ ଧାରା, ନାନା ଲୁପ୍ତ ପ୍ରବାହ, ନାନା ସ୍ରୋତର ପରିଚୟ ପାଇ କିନ୍ତୁ [illegible] ମୁଗ୍ଧ ହୋଇଥାଉଁ।

—*—

[ ସିନେମା ପୂର୍ବ ପୃଷ୍ଠା ଉତ୍ତରରୁ ]

ଭାରତ ଭିତରେ। ବିଭାଗ ପୂର୍ବରୁ ଭାରତୀୟ ଚିତ୍ରମାନ ଯେଉଁ ଯେଉଁ ସ୍ଥାନରେ ବିତରଣ ହୋଇ ପାରୁଥିଲା ବର୍ତ୍ତମାନ ତା ଭିତରୁ କେବଳ ସିନ୍ଧ, ପଶ୍ଚିମ ପଞ୍ଜାବ ଓ ପୂର୍ବ ବଙ୍ଗ ଛାଡ଼ିଦେଲେ ଅନ୍ୟ ସବୁସ୍ଥାନରେ ଏହା ସୁବିଧାରେ ବିତରଣ ହୋଇପାରିବ କିନ୍ତୁ ପାକିସ୍ଥାନରେ ବର୍ତ୍ତମାନ କର୍ମକ୍ଷମ ଷ୍ଟୁଡ଼ିଓ ଗୋଟିଏ ଓ ନିର୍ମାଣ କରିବା ପାଇଁ ମଧ୍ୟ Technician ନାହାନ୍ତି ଯାହାବା ଚିତ୍ର ନିର୍ମାଣ ହେବ ତାହା ଲୋକସଂଖ୍ୟା ଓ ସିନେମାଗୃହ ହିସା-ବରେ ଖୁବ୍ କମ୍ ହେବ। ଏଥିରୁ ସହଜରେ ଅନୁମାନ କରାଯାଇ ପାରେ ଯେ ପାକିସ୍ଥାନର ସିନେମା ଜଗତର ଉନ୍ନତି ନ ହୋଇ ଥିବା ପର୍ଯ୍ୟନ୍ତ ଏହା ନିଶ୍ଚୟ ଭାରତର ସାହାଯ୍ୟ ଲୋଡ଼ିବ।

ଭାରତୀୟ ଚଳଚିତ୍ର ଜଗତ କେବଳ ହିନ୍ଦୁ କିମ୍ବା ମୁସଲମାନ ମାନଙ୍କ ପାଇଁ ନଥିଲା କିମ୍ବା ବର୍ତ୍ତମାନ ନୁହେଁ। ଏଥିରେ ସମସ୍ତଙ୍କର ସମାନ ଅଧିକାର [illegible]। ସିନେମା ଗୃହରେ ଜାତିଧର୍ମ [illegible] ଆମୋଦ କରନ୍ତି। ପ୍ରତ୍ୟେକ ପ୍ରକାର ଆମୋଦ ପ୍ରଣାଳୀ ଗୁଡ଼ିକହିଁ ଏକତା ପାଇଁ ଏକ ପ୍ରଧାନ ଉପାୟ। ଭାର-ତୀୟ ଚଳଚିତ୍ର ଜଗତ [illegible] ବିଭକ୍ତ ହୋଇଯାଇଛି ସତ୍ୟ କିନ୍ତୁ ଏହାହିଁ ଦୁଇ ଦେଶ ମଧ୍ୟରେ [illegible] ଖୁବ ବୁଝାଇବା ପାଇଁ ଖୁବ୍ ସାହାଯ୍ୟ କରିବ। ଆମେରିକା ଓ ଇଂଲଣ୍ଡର ଚଳଚିତ୍ର ଜଗତ ମଧ୍ୟରେ ଯେପରି ଘନିଷ୍ଠତା ରହିଛି ବର୍ତ୍ତମାନ [illegible]ସ୍ଥାନ ଓ ଭାରତର ଚଳଚିତ୍ର ଜଗତରେ [illegible] ପ୍ରକାର ସମ୍ବନ୍ଧ ବାଞ୍ଛନୀୟ।

Digitized by srujanika@gmail.com

# ଚିଠି

ପ୍ରତି ସଂଖ୍ୟା 'ଡଗର' ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠିରେ' ପ୍ରକାଶ ପାଇବ। ଚିଠି ଗୁଡ଼ିକ ଯଥା ସଂକ୍ଷିପ୍ତ ହେବା ଦରକାର। କୌଣସି ଚିଠିରେ ଠିକ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ। ଚିଠିର ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀଙ୍କର ରହିବ। କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ସମାଲୋଚନାର ସ୍ଥାନ ହେବ ନାହିଁ। ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି।—ସମ୍ପାଦକ

## ବଙ୍ଗର ଅଯଥା ଦାବୀ

ମହାଶୟ,

୧୫ ତାରିଖ ମେ' ଅମୃତ ବଜାର ପତ୍ରିକାରେ ଜଣେ ଭଦ୍ରଲୋକ ସରାଇକଳା ଓ ଖରସୁଆଁ ବଙ୍ଗଳାର ବୋଲି ପ୍ରମାଣ କରିବାକୁ ଯାଇ ପ୍ରମାଣ ଦେଇ ଅଛନ୍ତି କି (୧) ଜଣେ ଭୂତପୂର୍ବ ରାଜା ଭଲ ବଙ୍ଗଭାଷା ଜାଣିଥିଲେ ଓ ଲେଖି ପାରୁଥିଲେ। (୨) ସରାଇକଳାରେ ପୃଥିବୀ ବିଖ୍ୟାତ ଛଉନାଚ ଅଛି ଓ ଝୁମୁର୍ ଗୀତ ଅଛି। ଏହି ଦୁଇଟି ସାକ୍ଷ୍ୟ ଉପରେ ସେ ବେଶୀ ନିର୍ଭର କରୁଥିବାର ଜଣାଯାଏ କାରଣ ଆଉ ଯାହା ଲେଖିଛନ୍ତି ତାହା ବିତଣ୍ଡା ଯୁକ୍ତି ପରି ଜଣାଯାଏ।

ପ୍ରଥମ ଯୁକ୍ତିରୁ ଜଣାପଡୁଛି ଯେ ସାରା ଓଡ଼ିଶାଟା ବି ତାଙ୍କର କାରଣ ଶ୍ରୀ ମହତାବ ଭଲ ବଙ୍ଗଳା ଜାଣନ୍ତି ଓ କହି ଲେଖି ପାରନ୍ତି। ଦ୍ୱିତୀୟ ଯୁକ୍ତି କଡ଼ା ହୋଇଛି, ବୋଧହୁଏ ହରେନ୍ ଘୋଷ୍ ସରାଇକଳା ଛଉ ନାଚକୁ ନେଇ ଭାରତ ବାହାରେ ବୁଲିବାକୁ ଯାଇଥିଲେ ଓ ପ୍ରାଚ୍ୟ ନୃତ୍ୟ କଳାବିତ୍ ଉଦୟ ଶଙ୍କର ବୋଧହୁଏ ବଙ୍ଗାଳୀ। ଏହାଛଡ଼ା ଅନ୍ୟ କୌଣସି କାରଣ ହୋଇ ନପାରେ କାରଣ ବଙ୍ଗର କୌଣସି ଜାଗାରେ ଛଉ ନାଚର ପ୍ରଚଳନ ନାହିଁ। ଅନ୍ୟ ପକ୍ଷରେ ମୟୂରଭଞ୍ଜ, କେଉଁଝର, ଓ ଅନୁଗୁଳ କେତେ ଓଡ଼ିଶା ଗଡ଼ଜାତରେ ହିଁ କେବଳ ଏହା ପ୍ରଚଳିତ ଅଛି। ଏହି ନୃତ୍ୟ ସହିତ କେତେକାଂଶରେ ସାମଞ୍ଜସ୍ୟ ଥିବା ଓଡ଼ିଶୀ ନୃତ୍ୟ ଓଡ଼ିଶାର ସବୁଆଡ଼େ ବିଛେଇ ହୋଇ ଯାଉଅଛି। ବଙ୍ଗରେ ଯାହା କିଛି ପ୍ରାଚ୍ୟ ନୃତ୍ୟ କଳାର ପ୍ରଚଳନ ଅଛି ତାହା କେବଳ ଉଦୟ ଶଙ୍କରଙ୍କର ନୃତ୍ୟ କଳାର ଆବିର୍ଭାବ ପରେ। କିନ୍ତୁ ଉଦୟ ଶଙ୍କରଙ୍କର ଆବିର୍ଭାବ ଢେର ଢେର ଆଗରୁ ଓଡ଼ିଶାରେ ଛଉନାଚ ଓ ଓଡ଼ିଶୀ ନାଚ ରହିଛି। ଦ୍ୱିତୀୟ ଯୁକ୍ତିର ବିଷୟ ବର୍ତ୍ତମାନ ଧରାଯାଉ। ଛଉନାଚର ପ୍ରଚାର ପାଇଁ ହରେନ୍ ଘୋଷ୍ ସାହାଯ୍ୟ କରି ଅଛନ୍ତି ଠିକ୍ ଯୋଗେଶ ଚନ୍ଦ୍ର ଘୋଷ୍ ସିଦ୍ଧାନ୍ତ ଦର୍ପଣର ପ୍ରଚାରରେ ସାହାଯ୍ୟ କଲାପରି। ଯୁଁ ନବାବ ଷଣ୍ଡମଣ୍ଡାଣ୍ଟା ଛଉଣି ବଙ୍ଗର। ଛଉନାଚ ଓ ଝୁମୁର୍ ଗୀତ ପାଇଁ ସରାଇକଳା ଦାବି କରିବା ଅସଙ୍ଗତ। ଉକ୍ତ ଭଦ୍ରଲୋକ ମଧ୍ୟ ଲେଖି ଅଛନ୍ତି। "ଏହା ଭଲକରି ଜାଣିସୁଦ୍ଧା ବିହାର ଓ ଓଡ଼ିଶା ସରକାର ମାନେ ସରାଇକଳା ଖରସୁଆଁକୁ ନେବାକୁ ହମ ହମ ହେଉ ଅଛନ୍ତି. କେନ୍ଦ୍ର ସରକାର ମାନଙ୍କର କେବେ ଏ ରାଜ୍ୟ ଲୋଲୁପ ଦୃଷ୍ଟିର ଅନ୍ତ ହେବ କେଜାଣି।" ଓଡ଼ିଶା ବିରୁଦ୍ଧରେ ବଙ୍ଗ କାଗଜ ମାନଙ୍କ ପ୍ରଚାର କିଛି ନୂଆ ନୁହେଁ। ହିନ୍ଦୁ ମୁସଲମାନ ଦଙ୍ଗା ଗୋଳ ବେଳେ [illegible] ତାର କରି ପଠାଇଲ "ଓଡ଼ିଆ ଗୁଣ୍ଡାଙ୍କ ମଙ୍ଗୁଆ, ଝରୁଆ, ମାଇଲା ଇତ୍ୟାଦି," ପୂର୍ବରେ ସାମାନ୍ୟ ଗୋଟିଏ ବ୍ୟକ୍ତିଗତ ଘଟଣାକୁ ବଙ୍ଗ କାଗଜ ମାନେ ଏପରି ବଢ଼ାଇ ଚଢ଼ାଇ ଲେଖିଲେ ଯେ ଗରିବ ଓଡ଼ିଆ ଗୁଡ଼ାକ ବଙ୍ଗଳାରେ ଡାଇରେକ୍ଟ ଆକ୍ସନ୍‌ର ବାଲ୍ ବାଲ୍ ହୋଇଗଲେ। ଓଡ଼ିଶାର ଗର୍ବ କରିବା ଉଚିତ ଯେ ସେହି ସମୟରେ କୌଣସି ଜଣେ ହେଲେ ବଙ୍ଗାଳୀ ପ୍ରତି ଶୋଧ ମୂଳକ ଦୁର୍ବ୍ୟବହାର ପାଇ ନାହାନ୍ତି। ସରାଇକଳା ଖରସୁଆଁ ଘଟଣାରେ ଜଣେ ଧମକ ଦେଇ ପାରି ଅଛନ୍ତି "ବଙ୍ଗର ପ୍ରେସ୍ ଅସୀମ ଶକ୍ତିଶାଳୀ ବୋଲି ଓଡ଼ିଶା ଜାଣିବା ଉଚିତ୍" ବୋଧହୁଏ ଦ ଗୁଣ୍ଡା ପରମାଣୁ ବୋମା ରଖି ଅଛନ୍ତି। ୧୯୪୬ ସହର ହୀନଖ୍ୟାତି ସୀମା ଭାଗ୍ୟ ନ ପାଇଲେ ହେଲା। ବଙ୍ଗ ପତ୍ରିକା ମାନଙ୍କୁ ଆମର ଅନୁରୋଧ, ଯାହା ହବାର ହୋଇ ଯାଇଛି, ଆଉ ଅଶ୍ଳୀଳ ଭାଷା ପ୍ରୟୋଗ କରି କିଛି ଲାଭ ହେବ ନାହିଁ। ଓଡ଼ିଶା ପ୍ରତି ସେ ପୁରୁଣା ମନୋବୃତ୍ତି ଆଉ ଚଳିବ ନାହିଁ। ଓଡ଼ିଶା ଖୁବ୍ ଚେଷ୍ଟା କରୁଛି ଭୁଲିବାକୁ ନାବାଳକ ସମୟର କଥା ସବୁ। ବଙ୍ଗ ଅଭିଭାବକ ଥିଲ ବେଳେ ସବୁ ଭଲ ଜମୀଦାରୀ ତାଙ୍କ ମାଡ଼ି ବସିଲ। ମେଦିନୀପୁର ବଙ୍ଗର ସାମିଲ୍ ହୋଇଗଲା। ଓଡ଼ିଆ ଭାଷାକୁ ଲୋପ କରିବା ପାଇଁ ଯଥେଷ୍ଟ ଚେଷ୍ଟା ଚାଲିଥିଲା। ଓଡ଼ିଶାର ଜାତୀୟ ଜୀବନର ବହୁ କ୍ଷତି କରିଯାଇଛି। ଓଡ଼ିଶାର ସେବା କରିବାକୁ ଆସି ବହୁ ବଙ୍ଗୀୟ ସରକାରୀ କର୍ମଚାରୀ ଓଡ଼ିଶାର ସ୍ୱାର୍ଥ ବହୁ ଭାବରେ କ୍ଷୁଣ୍ଣ କରି ନେଇ ଅଛନ୍ତି। ଇତର ପଣିଆ ଏତେ ଚରମ ହୋଇ ଯାଇଛି ଯେ ଓଡ଼ିଶାର ହୃତ୍‌ପିଣ୍ଡ କଟକ ପୁରୀ ସହରରେ ବହୁ ଜମିଦାରୀ ବଙ୍ଗୀୟ, "ହଟ୍ ଶାଲା ଉଡ଼େ, ଶାଲା କା ବାଚ୍ଚା ଉଡ଼" ଇତ୍ୟାଦି ସାର୍ଟିଫିକେଟ୍ ଦେଇ ଆସି ଅଛନ୍ତି। ନିରପେକ୍ଷ ଯେ କୌଣସି ବଙ୍ଗୀୟ ଏହା ସ୍ୱୀକାର କରିବେ। ଆହୁରି ବିଷୟ ଯେ ଆଜି କାଲି ମଧ୍ୟ କେତେ ଜଣଙ୍କ ମୁହଁରୁ ଏହା ଶୁଣା ଯାଉଛି। ସବୁ ବାଧା ବିଘ୍ନ ଏଡ଼ି ଓଡ଼ିଆ ଜାତି ଆଜି ବଢ଼ୁଛି। ଏଣିକି କୁତ୍ସା ରଟନା କଲେ ନିଜର କ୍ଷତି। ପ୍ରତ୍ୟେକ ଓଡ଼ିଆ ଆଜି ସଚେତନ। ସମାଲୋଚନା କରିବାର ଅଧିକାର ସମସ୍ତଙ୍କର ଅଛି କିନ୍ତୁ ତାହା ବିଷୟ ବସ୍ତୁରେ ସୀମାବଦ୍ଧ ହେବା ଉଚିତ୍। "ଆମେ ସିଂହଭୂମ ଚାହୁଁ"। ବଙ୍ଗ ପ୍ରେସ ମନେ ରଖିବା ଉଚିତ ଯେ ସେ ବଙ୍ଗରେ କେବଳ ଶକ୍ତିଶାଳୀ, ଓଡ଼ିଶାରେ ତାର ଶକ୍ତି କିଛି କାମ ଦେଖାଇବ ନାହିଁ। ଏ କାଦୁଅ ଫୋପାଡ଼ା କାମ ଯେତେ ଶୀଘ୍ର ବନ୍ଦ ହୁଏ ତାହା ଉଭୟଙ୍କ ପକ୍ଷେ ସେତେ ଭଲ, କାରଣ ଓଡ଼ିଆ ବଙ୍ଗାଳୀଙ୍କ ଭିତରେ ଯେତେ ଘନିଷ୍ଠ ସମ୍ପର୍କ ଓ ସୌହାର୍ଦ୍ଦ୍ୟ ରହିଛି ତାହା ଅନ୍ୟ କୌଣସି ଜାତି ଭିତରେ ନାହିଁ। ଏ ବନ୍ଧନ ମଧ୍ୟ ଅଧିକ ଘନିଷ୍ଠ ହେବା ଉଚିତ୍। ସରାଇକଳା ଖରସୁଆଁ ବଙ୍ଗ ମାନ ବିହାରର ବଙ୍ଗ ପାଟିତୁଣ୍ଡ କରି ଓଡ଼ିଶାକୁ ଚିଡ଼େଇଲେ କ୍ଷତି କାହାର ?

ଆପଣଙ୍କର

ଫକୀରାନନ୍ଦ

—।—

Digitized by srujanika@gmail.com

## କୁନ୍ତଳ ଶୋଭାର ଗୁପ୍ତ ରହସ୍ୟ

ଫ୍ରାଗାଣ୍ଟୋ

# ବ୍ରେନୋଲିନ କେଶ ତୈଳ



ଚଞ୍ଚଳ କେଶହିଁ ରମଣୀର ଗୌରବ ଓ ଶ୍ରୀ । ତାର କେଶର ଶୋଭା ମନୁଷ୍ୟଙ୍କୁ କେବଳ ମୁଗ୍ଧ କରେ ନାହିଁ—ଏହି କେଶ ଦ୍ୱାରା ନାରୀର ସୌନ୍ଦର୍ଯ୍ୟ ଦ୍ୱିଗୁଣ କରାଯାଏ ।

ବ୍ରେନୋଲିନ ମଧ୍ୟରେ ନାନା ଉପାଦେୟ ଦ୍ରବ୍ୟ ମିଳିଥିବା ହେତୁ ଏହା ଏପରି ଉତ୍କୃଷ୍ଟ କେଶ ବର୍ଦ୍ଧକ ଓ କେଶ ପରିପୋଷକ ରୂପେ ବିଖ୍ୟାତ !

ଏହାର ନିୟମିତ ବ୍ୟବହାରରେ ସୁନ୍ଦର ଓ ଘନ କଳା କେଶ ବୃଦ୍ଧି ହୁଏ, ଏହା ମସ୍ତିଷ୍କ ଶୀତଳ ଓ ଶାନ୍ତ କରେ । କେଶ ପତନ ଓ ଚର୍ମ ରୋଗ ଦୂର କରେ ।

**ଉପହାର**

ପ୍ରତି ବୋତଲ ସଙ୍ଗେ ଗୋଟିଏ ରଙ୍ଗିନ ପାନିଆ ଓ ଫିତା ବିନା ମୂଲ୍ୟରେ ଦିଆଯାଏ ।

ପ୍ରସ୍ତୁତ କାରକ

INDIAN OVERSEAS AROMA TRADERS,
Fragrantto House, Khetwadi Main Road,
BOMBAY—4

Agent— K. M. Zakaria Esq, Pension Lane, Buxi Bazar
CUTTACK.

---

## ହାଓଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

ଡାକ୍ତରଙ୍କ ସର୍ବଶକ୍ତିସମ୍ପନ୍ନତା ସର୍ବାଙ୍ଗିକ ବା ଅଂଶିକ ଫୁଲା ଏକ୍‌ଜିମା, ସୋରିଆସିସ୍ ଦଦ୍ରୁ ଖଜ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକାହିଁ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

ଯେପରିବି ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୋପ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)

୧ନଂ ମାଧବ ଘୋଷ ଲେନ, ଖୁରୁଟ—ହାଓଡ଼ା ।
ଶାଖା—୩୬ ନଂ ହରିସନ ରୋଡ, କଲିକତା ।

---

## ପୁରାତନ ଶୂଳରୋଗ ସମୂଳେ ଆରୋଗ୍ୟ

ମୋର ପ୍ରଭୁବର ଶୂଳରୋଗ ବହୁଦିନ ଧରି ବହୁ ବହୁ ବହୁ ଟଙ୍କା ଖର୍ଚ୍ଚ କରି ମଧ୍ୟ ହତାଶ ହୋଇ ପଡ଼ିଥିଲେ । ପ୍ରବୀଣ ସିଦ୍ଧହସ୍ତ **ଡାକ୍ତର ବି, ଦାସ** [ ହୋମିଓପାଥ ] ସିଂହଦ୍ୱାର, ବଣିଆପଟି, ତାଙ୍କୁ ସଂପୂର୍ଣ୍ଣ ଆରୋଗ୍ୟ କରିଛନ୍ତି ।

**ଏସ୍, ଏନ, ଦାସ,**
ଟ୍ରେଜାରୀ ସୁପରିଣ୍ଟେଣ୍ଡେଣ୍ଟ

---

ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସମ୍ପାଦକ— ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ବୃଷ ୨୫ଦିନ ୧୩୫୫ ସାଲ | ୪୦।୪୧ସଂଖ୍ୟା |
|---|---|---|

—ସୂଚି—

ମଣାକଥାରେ

ସିଙ୍ଘଲନ

ମଣାକବିତାରେ

ଦ୍ରୌପଦୀ ଅଛି କାନ୍ଦେ, ପ୍ରଜାତନ୍ତ୍ର ତଳେ

ନିବନ୍ଧ

ଗାନ୍ଧୀ ଚକ୍ରଧାରୀ

ଚିଠାଉ,

ଜଲଅବାଗୁର ସ୍ମୃତି।

"DAGARO"

ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday, June, 7. 1948. | No. 40.41 |
|---|---|---|

ବାର୍ଷିକ ମୂଲ୍ୟ ଟ ୬୲ ଷାଣ୍ମାସିକ ଟ ୩୲
ରାଜ ସଂସ୍କରଣ ବାର୍ଷିକ ଟ ୧୦୲

Digitized by srujanika@gmail.com

ଅମୂଲ୍ୟ ସୁଯୋଗ ହରାନ୍ତୁ ନାହିଁ

## ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।

ଆମ ଦେଶର ବିଦ୍ୱାନ ଓ ଅନୁଭବୀ ଯୋଗ୍ୟ ଛାତ୍ର କମ୍ ନାହାନ୍ତି । ବର୍ତ୍ତମାନ ଆୟୁର୍ବେଦ ରାଷ୍ଟ୍ରୀୟ ଚିକିତ୍ସାରେ ଗଣ୍ୟ । ଗାନ୍ଧିଜୀ ଓ ନେହରୁଙ୍କ ମତ ସ୍ୱଦେଶୀ ଔଷଧ ବ୍ୟବହାର କର ଓ ଶିକ୍ଷା କର । ଯେଉଁମାନେ କଲେଜରେ ନ ପଢ଼ି ପାରିବେ ସେମାନେ ଘରେ ଥାଇ ବାର୍ଷିକର ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ଦେଇ ପାରିବେ ଓ ଗଭର୍ଣ୍ଣମେଣ୍ଟ ରେଜେଷ୍ଟ୍ରାର୍ଡ କଲେଜରୁ ଡିପ୍ଲୋମା ପାଇପାରିବେ । ଆଜି ଚିଠି ଲେଖନ୍ତୁ । ଔଷଧ ବାକ୍ସର ମୂଲ୍ୟ ଟ୧୫୲ । ଏଡ଼ଭାନ୍‌ସ ଟ୨ ପଠାଇଲେ ଭିଃ ପିଃ ରେ ଯାଇପାରିବ ।

ନିମ୍ନ ଲିଖିତ ଛାତ୍ରଗଣ ଆୟୁର୍ବେଦ ପରୀକ୍ଷାରେ "ବରଣ୍ୟଭେଦ"ରୁ ପାଶକରି ଡିପ୍ଲୋମା ପାଇଛନ୍ତି :

୧— ଶ୍ରୀ ଗଜେନ୍ଦ୍ର ନାୟକ (ଗାଙ୍ଗପୁର) ଆୟୁର୍ବେଦ ଶାସ୍ତ୍ରୀ
୨— ଶ୍ରୀ ବାମନ ଚରଣ ଦାସ (ବଣାଇଗଡ଼) ବୈଦ୍ୟରତ୍ନ
୩— ଶ୍ରୀ ଭଗିରଥି ମହାପାତ୍ର (ମୟୂରଭଞ୍ଜ ଷ୍ଟେଟ) ବୈଦ୍ୟରାଜ
୪— ଶ୍ରୀ ମୃତ୍ୟୁଞ୍ଜୟ ପଣ୍ଡା (କଟକ) ବୈଦ୍ୟରତ୍ନ
୫— ଶ୍ରୀ ଭାସ୍କର ବେହେରା (ବାଲେଶ୍ୱର) ବୈଦ୍ୟରତ୍ନ

ଠିକଣା—କବିରାଜ, **ଶ୍ରୀ ନାରାୟଣଚନ୍ଦ୍ର ବେହେରା**
ବୈଦ୍ୟରତ୍ନ ଆୟୁର୍ବେଦ ବିଶାରଦ M.N.M.B.
**ବିରଜା ଔଷଧାଳୟ, ପୋଃ ବଣାଇଗଡ଼ ( ଓଡ଼ିଶା )**

**ସ୍ତ୍ରୀ ରୋଗ ପାଇଁ**

## ଋତୁକୀରେଚନା

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଛେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଅଦୌ ହାନିକାରକ ନୁହେଁ ମୂଲ୍ୟ ଟ ୪ । ଡାକ ଖର୍ଚ୍ଚ—ଟ୦।୵

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟିକାରକ**

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳ ପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା, ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାର ବିଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ—ଟ୨୲—ଡାକଖର୍ଚ୍ଚ—ଟ୦।୵ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତ ହୋଇ ପଠାଯାଏ ।

Kj.M. KAVYATIRTHA.(D.G.)
70, Cornwallis St., Calcutta.


# ନିବେଦନ

ଭଦ୍ରକରେ ପ୍ରସ୍ତାବିତ କଲେଜର କାର୍ଯ୍ୟ ଆରମ୍ଭ ହୋଇ ସାରିଛି । ଆସନ୍ତା ଜୁଲାଇ ମାସରେ ପ୍ରଥମ ବାର୍ଷିକ କଳାର କ୍ଲାସ ଖୋଲିଯିବ । ପ୍ରଥମତଃ ଅସ୍ଥାୟୀ ଭାବରେ ଏହା ଭଦ୍ରକ ହାଇସ୍କୁଲରେ ହେବ । ଛାତ୍ରାବାସ ପାଇଁ ପକ୍କା କୋଠା କିଣା ହୋଇ ସାରିଛି । ଛଅ ମାସ ଭିତରେ ଅନ୍ୟୂନ ୨୦, ୦୦ (କୋଡ଼ିଏ ହଜାର) ଟଙ୍କା କଲେଜ ପାଣ୍ଠି ପାଇଁ ମହଜୁଦ ଅଛି ଜଣାଇଲେ କର୍ତ୍ତୃପକ୍ଷ ଅନୁମତି ଦେବେ । ଭଦ୍ରକ ସବଡିଭିଜନରେ ଅଧିବାସୀ ଓ ପ୍ରବାସୀ ଭଦ୍ରକ ବାସୀ ଭାଇମାନଙ୍କୁ ନିବେଦନ ସେମାନେ ଯଥାଶକ୍ତି ସାହାଯ୍ୟ କରି ଭଦ୍ରକକୁ ଶିକ୍ଷା ଦିଗରେ ଅଗ୍ରଣୀ କରନ୍ତୁ । ଇତି

**ନିବେଦକ -**

ଶ୍ରୀ ନରେନ୍ଦ୍ର ପ୍ରସାଦ ଦାସ ଓକିଲ, ସେକ୍ରେଟେରୀ ପ୍ରସ୍ତାବିତ ଭଦ୍ରକ କଲେଜ
ପୋଃ ଭଦ୍ରକ ( ବି: ଏନ: ଆର )

Printed & published by G.C. Mohapatra at the Gopinath Press, Bhadrak 1948.

Digitized by srujanika@gmail.com

## ପାଲେଷ୍ଟାଇନ

ପନ୍ଦର ତାରିଖ ମଇରେ ବ୍ରିଟିଶ ତାରି କର୍ତ୍ତୃତ୍ୱ ଅପସାରଣ କଲାପରେ ଇହୁଦୀ ରାଷ୍ଟ୍ର ଇସ୍ରାଏଲ ଜନ୍ମଗ୍ରହଣ କରେ । ଇହୁଦୀ ବିରୋଧୀ ଆରବ ଜାତୀୟତା ଏହାକୁ ସହ୍ୟ କରିପାରିଲା ନାହିଁ । ସମସ୍ତ ଆରବ ଜାତି, ଚତୁର୍ଦ୍ଦିଗରୁ ନବଜାତ ରାଷ୍ଟ୍ରକୁ ଆକ୍ରମଣକଲା । ଇହୁଦୀମାନେ ବୀରତ୍ୱର ସହିତ ନିଜ ରାଷ୍ଟ୍ରକୁ ରକ୍ଷା କରୁଛନ୍ତି । କିନ୍ତୁ କ୍ରମେ କ୍ଷମତାରୁ ବାହାର ହୋଇ ପଡ଼ୁଛି । ମିଶର ପରି ଶକ୍ତିଶାଳୀ ରାଷ୍ଟ୍ରମଧ୍ୟ ତା ବିରୁଦ୍ଧରେ । ଇସ୍ରାଇଲ ପକ୍ଷରେ କେହିନାହିଁ । ତାକୁ ଅସ୍ତ୍ରଶସ୍ତ୍ର ଯୋଗାଇବା ମଧ୍ୟ ଅନ୍ୟ ବିଶିଷ୍ଟ ରାଷ୍ଟ୍ରମାନେ ବେଆଇନ କରିଛନ୍ତି । ଯୁକ୍ତରାଷ୍ଟ୍ର ଓ ରୁସ ନବରାଷ୍ଟ୍ରକୁ ସ୍ୱୀକାର କରିଛନ୍ତି ସତ୍ୟ ମାତ୍ର ସାହାଯ୍ୟ କରି ନାହାନ୍ତି । ବ୍ରିଟେନ ଏ ଯାଏ ଇସ୍ରାଏଲକୁ ସ୍ୱତନ୍ତ୍ରରାଷ୍ଟ୍ରରୂପେ ଗ୍ରହଣ କରିନାହିଁ । ମିଳିତ ଜାତି ସଂଘ ଯୁଦ୍ଧବିରତି ଆଦେଶ ଦେଇ ଫଳ ପାଇ ନାହାନ୍ତି । ଆରବ ଆକ୍ରମଣର ବିରାମ ନାହିଁ । ଆରବ ଆକ୍ରମଣ ପୃଥିବୀଶାନ୍ତିରେ ବ୍ୟାଘାତ ଆଣିବ ବୋଲି ଆମେରିକାର ପ୍ରସ୍ତାବକୁ ପ୍ରତିଦ୍ୱନ୍ଦ୍ୱୀ ରୁସ ସମର୍ଥନ କଲା—କିନ୍ତୁ ବ୍ରିଟେନ ଓ ଅନ୍ୟମାନେ ସମର୍ଥନ କଲେ ନାହିଁ । ଦେଖାଯାଉଛି ମିଳିତ ଜାତି ସଂଘ ଉପରେ ହୁଏତ ବ୍ରିଟେନର କର୍ତ୍ତୃତ୍ୱ ବେଶି—କିମ୍ବା ଆମେରିକାର ଏହା ଗୋଟାଏ ଚାଲ୍ । ଭାରତ ମଧ୍ୟ ଏହି ନବରାଷ୍ଟ୍ରକୁ ସ୍ୱୀକାର କରିବା ବିଷୟରେ ନିଶ୍ଚିତ ନୀତି ଗ୍ରହଣ କରିପାରିନାହିଁ । ଭାରତ ନିଜେ ଏକ ନବଜାତ ରାଷ୍ଟ୍ର; ତା ପକ୍ଷରେ ସହସା ହଠାତ୍ କୌଣସି ନୀତି ଗ୍ରହଣ ନ କରିବା ନୀତି ଶ୍ଳାଘ୍ୟ । କିନ୍ତୁ ଏ ରାଷ୍ଟ୍ରକୁ ସ୍ୱୀକାର କରିବା ଫଳରେ ଦୁଇଟି କଥା ଆସେ ... ହେଉ—ଇହୁଦୀ ରାଷ୍ଟ୍ରର ଏ ... ଅବସ୍ଥା ... ଅଧିକାର ଅଛି କି ନାହିଁ ? ... ଆରବମାନଙ୍କ ଆକ୍ରମଣ ଅନ୍ୟାୟ ... । ... ମାନେ ... ଘୋଷଣା ... ଉପରୁ ... —ମିଶର ... ଯୋଗାଇ ... ପାଲେଷ୍ଟାଇନର ଭବିଷ୍ୟତ ଶାସନ ସଂପର୍କ ... ମଧ୍ୟ ଏକ ଅନ୍ତରାୟ । ପାଲେଷ୍ଟାଇନର ଆରବ ଓ ଇହୁଦୀ ... ସ୍ୱାଧୀନ ... । ... ଯାହା ... ଦୁଇ ... ସ୍ୱାଧୀନ ... —ସ୍ୱାଧୀନ ସମସ୍ୟା ପାଇଁ ସ୍ୱାଧୀନ ... ଉପରେ ... ସମ୍ପୂର୍ଣ୍ଣ ଦାୟିତ୍ୱ ଦେବା ... ପନ୍ଥା । ... ପାଲେଷ୍ଟାଇନ ... ସମର୍ଥନ ... । ଏହା ଧର୍ମନୀତି । ଭାରତ ଧର୍ମନୀତି ... ମାନଙ୍କର ପନ୍ଥାକୁ ଅନୁସରଣ ... ସ୍ୱାଧୀନ ଭାବରେ ସମସ୍ୟାର ସମାଧାନ ହେବ । ... ମାନଙ୍କ ... ଏକ ... ଓ ... ପାଇଁ ... । ... ସମ୍ବାଦ ... ଏ ... ଏକ ... । ... ପୂର୍ବ ... ନିଜ ... ସମାଧାନ ... ଭାବରେ ... ନିକଟ ଓ ସଂପର୍କିତ ... ହେବ ।

—*—

## କୃପାଳିନୀଙ୍କ ଚେତାବଣୀ

କଂଗ୍ରେସ ନେତାମାନେ ମନେ କରୁଛନ୍ତି ଯେ ସେମାନେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିବା ହେତୁ ସେମାନେ କ୍ଷମତା ଓ ମର୍ଯ୍ୟାଦାର ଅଧିକାରୀ । ... ଲେଖା ଅଛି ପୁଣ୍ୟ କର୍ମ ଫଳରେ ମନୁଷ୍ୟ ସ୍ୱର୍ଗଲାଭ କରେ । ମାତ୍ର ... ଏବଂ ପୁଣ୍ୟ କ୍ଷୀଣ ହୋଇଗଲେ ପୁନଶ୍ଚ ମର୍ତ୍ତ୍ୟକୁ ଫେରି ଆସେ । କଂଗ୍ରେସ ମନ୍ତ୍ରୀମାନେ ଅତୀତର ସତ୍କର୍ମ ଫଳରେ ବର୍ତ୍ତମାନ କ୍ଷମତା ଓ ପଦ ପାଇଛନ୍ତି । ଏବଂ ସେଥିପାଇଁ ... ଭବିଷ୍ୟତରେ ତାଙ୍କର ପତନ ଅବଶ୍ୟ ।—କୃପାଳିନୀ

—*—

## ହାଇଦରାବାଦ

ଭାରତର ହାଇଦରାବାଦ ... ନୀତି ହାଇଦ୍ରାବାଦ ଦୁର୍ବଳତା ... । ନିଜର ... ଅତ୍ୟାଚାର ... —... ସଙ୍ଗ ... ଯୁଦ୍ଧ ସରଞ୍ଜାମ ... ହାଇଦ୍ରାବାଦ ... । ... ଏବଂ ଅବାଧ ଭାବରେ ... ଧର୍ମ ... ଯୋଗାଣ ... । ... ସୀମା ... । ହାଇଦ୍ରାବାଦ ... ସୀମାର ... । ... ବର୍ତ୍ତମାନ ହାଇଦ୍ରାବାଦକୁ ... ଦେବା ଆବଶ୍ୟକ । ... ମୁସଲମାନ ... ଏବଂ ... ଅତ୍ୟାଚାର ... । ମୁସଲମାନଙ୍କର ... ସୁରକ୍ଷିତ ହେବାର ... । ... ଓ ... କ୍ଷମତା ମଧ୍ୟ ସୁରକ୍ଷିତ ହେବ । ସମସ୍ତ ଭାରତ

—*—

## ଧାନ ଦର

ସରକାରଙ୍କ ଧାନଦର ... ଧାନ ... ଉଚ୍ଚ ମୂଲ୍ୟରେ ... । ଏଥିଯୋଗୁଁ ... ସରକାରଙ୍କ ... ସରକାର ... ଏ ସଂବନ୍ଧରେ ... ଏବଂ ... ଆଲୋଚନା କରିଥିଲେ । ଧାନ ଏ ... ଓ ପ୍ରଧାନ ଖାଦ୍ୟ ( Staple food ) ... । ଏଥିର ... ଅନ୍ୟାନ୍ୟ ... । ... ଧାନ ... ଅନ୍ୟାନ୍ୟ ... ଦର ... । ଏହା ... ଏବଂ ବର୍ତ୍ତମାନ ... । ... ସରକାର ... ସ୍ୱୀକାର କରିବେ ନାହିଁ । ... ସ୍ୱୀକାର କରିଛ । ... ସରକାର ... ଧାନ ... ଅଥଚ ... ସରକାରଙ୍କ ... । ... ସରକାରଙ୍କ ... ଧାନ ... ମୁନାଫା ... । ... ଧାନ ... । ... ସରକାର ... ।

—*—

Digitized by srujanika@gmail.com

# ଉଷଙ୍କ ଭାଷ୍ୟ

## ଗଣ୍ଡତନ୍ତ୍ର ଶାସନ

ଗଣ୍ଡତନ୍ତ୍ର ଶାସନ ବିଷୟରେ ମୁଁ ଯେଉଁ ନୂଆ ଶିକ୍ଷା ପାଇଛି ତା ଆଜି ଲେଖୁଛି। ମୁଁ ଥରେ ଗୋଟିଏ ସ୍କୁଲକୁ ଯାଇଥିଲି। ଦେଖିଲି ଛାତ୍ର ଏକାଠି ବସି କୌଣସି ଖଣ୍ଡିଏ ସମ୍ବାଦପତ୍ର ପଢ଼ୁଥିଲେ। ସେଥିରେ ଠାଏ ଲେଖାଥିଲା "ଗଣ୍ଡତନ୍ତ୍ର ଶାସନ"। ମୁଁ ବୁଝି ନେଲି "ଗଣତନ୍ତ୍ର ଶାସନ" ଛାପାଖାନାର କମ୍ପୋଜିଟରର ଦୟାରୁ 'ଗଣ୍ଡତନ୍ତ୍ର ଶାସନ' ହୋଇଛି; କିନ୍ତୁ ପରେ ଶିକ୍ଷକଙ୍କ ଅର୍ଥ ଅର୍ଥାନ୍ତରକୁ ମୋର ସେ ସନ୍ଦେହ ଦୂର ହେଲା। ଏହି ଗଣ୍ଡତନ୍ତ୍ର ଶବ୍ଦକୁ ନେଇ ପିଲାଙ୍କ ମଧ୍ୟରେ ବାଦ ମସ ମର ଯାଏ ଗଲା। ଦଳେ କହିଲେ ଏହା ଗଣତନ୍ତ୍ର ହେବ; ଆଉ ଦଳେ କହିଲେ—ନା, ଗଣ୍ଡତନ୍ତ୍ର ହିଁ ଠିକ୍। ଉଭୟ ଦଳ ଶିକ୍ଷକଙ୍କ ପାଖକୁ କଳି ସମାଧାନ କରିବାକୁ ଗଲେ।

ଶିକ୍ଷକ ଧୀର ସ୍ଥିର ଭାବରେ ଉଭୟ ପକ୍ଷଙ୍କ କଥାଶୁଣି ରାୟ ଦେଲେ ଗଣ୍ଡତନ୍ତ୍ର ଶାସନ ହିଁ ଠିକ୍। ସେ କହିଲେ—

ଗଣତନ୍ତ୍ର ଯେପରି ଗୋଟାଏ ମାଢ ଉପରେ ପ୍ରତିଷ୍ଠିତ ଗଣ୍ଡତନ୍ତ୍ର ବି ଗୋଟାଏ ମାଢ ଉପରେ ଗଢ଼ା ଶାସନତନ୍ତ୍ର ହୋଇଥିବ। ମୋର ଯେତେ ଦୂର ବିଶ୍ୱାସ ଆଜି କାଲି ଯୁଗର ଶାସନକୁ ଗଣ୍ଡତନ୍ତ୍ର ଶାସନ କୁହାଯାଏ ତୁମେ ତ ସେଦିନ ପଢ଼ିଛ। ଆମ ଦେଶର ପ୍ରଧାନ ଐତିହାସିକ, ପ୍ରଧାନ ମନ୍ତ୍ରୀ ଓଡ଼ିଶାର ପ୍ରଧାନ ସ୍କୁଲରେ ଭାଷଣ ଦେଇ ଜୋରରେ କହିଛନ୍ତି କି ଆମ ଦେଶରେ ଆଗରୁ ରାଜତନ୍ତ୍ର ଶାସନ ଥିଲା। ରାଜତନ୍ତ୍ର ଶାସନ ବ୍ୟତୀତ ଆଉ କୌଣସି ପ୍ରକାର ଶାସନରେ ଆମେ ଅଭ୍ୟସ୍ତ ନୋହୁ। ରାଜତନ୍ତ୍ର ଶାସନ ଗଣ, ଗଣ୍ଡତନ୍ତ୍ର ଶାସନ କିପରି ତାହା ଠିକ୍ ରୂପେ ଠଉରେଇବାର ଆବଶ୍ୟକତା ଆମର ନାହିଁ ତଥାପି ବ୍ୟାକରଣ ଗତ ପ୍ରତ୍ୟୟାଦି ଲଗାଇ ଦେଖିଲେ ଗଣ୍ଡତନ୍ତ୍ର ଶାସନ ବୋଲି ଯେ ଏକ ପ୍ରକାର ଶାସନ ଅଛି ଓ ଯେତେଦୂର ସମ୍ଭବ ତାହା ବର୍ତ୍ତମାନ ଯୁଗର ଶାସନ ଏଥିରେ କୌଣସି ସନ୍ଦେହ ରହେନାହିଁ।

ଏହା କହି ଶିକ୍ଷକ ଗୋଟି ଗୋଟି କରି ବୁଝାଇ ଦେଲେ—

୧—ଗଣ୍ଡ ଅର୍ଥ ଗଞ୍ଜର ପାଣି ଥିବା ପୋଖରୀ, ନଈ ପ୍ରଭୃତି। ତା ଉପରଟି ଚହଟ ଚିକ୍କଣ ଓ ଧୀର ସ୍ଥିର; କିନ୍ତୁ ଭିତରଟା ଏପରି ମାରାତ୍ମକ ଯେ, ଯେ ଥରେ ତା ମଧ୍ୟକୁ ଯିବ ଆଉ ଆସି ପାରିବ ନାହିଁ। ସେଇଠାରେ ହିଁ ବୁଡ଼ି ମରିବ। ସେଠାକୁ ଯିବାଟା ଖୁବ୍ ସହଜ ମାତ୍ର ଆସିବାଟା ତତୋଧିକ କଷ୍ଟକର। ସେହିପରି ଯେଉଁ ଶାସନର ଉପରଟା ଧୀର ଓ ଭିତରଟା ଭୀଷଣ ମାରାତ୍ମକ ତାକୁ ଗଣ୍ଡତନ୍ତ୍ର ନିଶ୍ଚୟ କୁହାଯିବ।

୨—'ଗଣ୍ଡ' ଶବ୍ଦ ବିଶେଷଣରେ ହୁଏ; ଯଥା—ଗଣ୍ଡମୂର୍ଖ। ଏହି ଶ୍ରେଣୀର ଲୋକ ସଂଖ୍ୟା ଅଳ୍ପ, କହନ୍ତି ବେଶି। ଯେଉଁ ଶାସନ ଏଭଳି ଲୋକଙ୍କ ଦ୍ୱାରା ଚାଲେ ତାକୁ ଗଣ୍ଡତନ୍ତ୍ର ଶାସନ କହିବା ଅସମ୍ଭବ ନୁହେଁ।

୩—ଗଣ୍ଡର ଆଉ ଗୋଟିଏ ଅର୍ଥ ଗାଲ। ଯାହାର କି ସୃଷ୍ଟି କେବଳ ଚଟକଣା ଖାଇବା ପାଇଁ। ଯେତେ ଚଟକଣା ଖାଇଲେ ମଧ୍ୟ କାହାର ଗଣ୍ଡର କିଛି କ୍ଷତି ହେବାର ଦେଖାଯାଏ ନାହିଁ; ବରଂ ସାମୟିକ ଫୁଲି ଉଠିଥାଏ। ଅପମାନ ପାଇ ଫୁଲି ଉଠିବା ନିର୍ଲଜ୍ଜର ସ୍ୱଭାବ। ତେଣୁ ଗଣ୍ଡଟା ନିର୍ଲଜ ବୋଲି ସମସ୍ତେ କହିଥାନ୍ତି। ତେବେ ଏହି ଶ୍ରେଣୀର ଶାସନର ନାମ ଗଣ୍ଡତନ୍ତ୍ର ବା କାହିଁକି ନ ହେବ।

୪—ଗଣ୍ଡରେ ଆକାର ହେଲେ ଗଣ୍ଡା ହୁଏ। ଗଣ୍ଡା ଏପରି ଗୋଟିଏ ଜନ୍ତୁ, ଯାହା ଦେହକୁ କି କୌଣସି ଗୁଳି ଗୋଳା ଭେଦ କରିପାରେ ନାହିଁ; କାରଣ ତା ଦେହର ଚମ ଅତି ବହଳ। ସେହିପରି ଯେଉଁ ଶାସନର ମୁହଁ ଓ ଚମ ଅତି ବହଳ ସେ ଶାସନ ତ ଗଣ୍ଡତନ୍ତ୍ର ଶାସନ।

୫—ଗଣ୍ଡରେ ଇକାର ଲଗାଇ ଗଣ୍ଡି କରାଯାଏ। ଗୋଟିଏ ଗଣ୍ଡିର ଅର୍ଥ ଜୀବ ଦେହର ଅଧମାଙ୍ଗ ଅର୍ଥାତ ମୁଣ୍ଡ ବିହୀନ ଶରୀର। ଯେଉଁ ଦେଶରେ ଶାସନ ଏହିପରି ମୁଣ୍ଡ ବିହୀନ ଶାସନ କର୍ତ୍ତାଙ୍କ ଦ୍ୱାରା ପରିଚାଳିତ ତାକୁ ଗଣ୍ଡତନ୍ତ୍ର ନ କହିବା କାହିଁକି?

୬—ଆଉ ଗୋଟିଏ ଗଣ୍ଡିର ଅର୍ଥ ଏକ ପ୍ରକାର ଅଚଣ୍ଟା କାଠ ଗଡ଼, ତା ଉପରେ ଧୋବା ସବୁ ପ୍ରକାର ମଇଳା ଲୁଗା ବାଡ଼େଇ ସଫା କରେ। ସେ କାଠ ଉପରେ ଯେତିକି ମଇଳା ଲୁଗାର ପାହାର ବସେ, ମଇଳା ଲୁଗା ସଫା ହେବା ସଙ୍ଗେ ସଙ୍ଗେ ସେ କାଠ ସେତିକି ମଇଳା ହେଉଥାଏ ଓ ସେଇଥିରେ ଫୁଲୁଥାଏ। ମଇଳାରେ ବୁଡ଼ି ରହିଥିବା ଓ ଅନ୍ୟକୁ ସଫା ରହିବା ପାଇଁ ନିର୍ଦ୍ଦେଶ ଉପଦେଶ ଦେଉଥିବା ଶାସନ କର୍ତ୍ତାଙ୍କ ଶାସନର ନାମ ଗଣ୍ଡତନ୍ତ୍ର ଶାସନ।

ଗଣ୍ଡରୁ ଗୁଣ୍ଡା ହୁଏ। ଗୁଣ୍ଡା ଅର୍ଥାତ ଆଜିକାଲି ସ୍ପଷ୍ଟ। ଗୁଣ୍ଡା ରାଜତ୍ୱ ଯେଉଁଠି ଚାଲେ ତାକୁ ଗୁଣ୍ଡା ରାଜତ୍ୱ ବା ଗଣ୍ଡତନ୍ତ୍ର ଶାସନ ବୋଲି କୁହାଯିବ।

ଗଣତନ୍ତ୍ର ଶାସନକୁ ଇଂରାଜୀରେ ଡ଼େମୋକ୍ରାସି କହନ୍ତି। ସେହିପରି ଏ ଗଣ୍ଡତନ୍ତ୍ର ଶାସନର ମଧ୍ୟ ଇଂରାଜୀ ନାମ ଥିବ। ମୋର ବିଶ୍ୱାସ ତାହା ଡମ୍ଭକ୍ରାସି।

'ଗଣ୍ଡ' ଏହି ଦୁଇଟି ଅକ୍ଷରରେ ଯେତେ ଆକାର ଇକାର ଦେଇ ଶବ୍ଦ ଗଢ଼ିଲେ ଓ ତାକୁ ଯେ କୌଣସି ପ୍ରକାର ଅର୍ଥ କଲେ ସେଥିରୁ ଗଣ୍ଡତନ୍ତ୍ର ଶାସନର ସ୍ୱରୂପ ଫୁଟି ଉଠିବ। ମାତ୍ର ଏହି ଛ'ଟି ଯୁକ୍ତିହିଁ ଯଥେଷ୍ଟ। କାରଣ ଛଅ ସଂଖ୍ୟାର ଗୁରୁତ୍ୱ ଅତି ବେଶି। ଓଡ଼ିଶାରେ ଆଗରୁ ଛଅଟି ଜିଲ୍ଲା ଥିଲା, ପରେ ଯେଉଁ ଜିଲ୍ଲା ସବୁ ମିଶିଲା ତାର ସଂଖ୍ୟା ଛଅ। ଓଡ଼ିଶାର ଭାଗ୍ୟ ବିଧାତା ଛ ମୂର୍ତ୍ତି।

ଶିକ୍ଷକଙ୍କ ଏ ଅର୍ଥ ଅର୍ଥାନ୍ତରରୁ ମୋ ଆଖି ଖୋଲିଗଲା।

—*—

Digitized by srujanika@gmail.com

ଷଢେଇକଲା ବହାରକୁ ଗଲ୍ପ ପଦେ ଓଡ଼ଶା-ବାଣ ଜଣାଣରୁ ପଦେ ଅଧେ ବୋଲ୍ପ ହେବାର ବିଧାନ ଏମନ୍ତେ ହୋଇଛି—

ହସ୍ତ ଧର ବଦନ          ଭେ ଅବ ଲୋଚନ
କେଉଁ ଓଡ଼ିଆ ସ୍ଥାନ ଜନ
ଢାହୁଛ ଢର ହୋଇ   ଢର ଯୋଡ଼େ ଜଣାଇ
ବିହାର ବାଗ ସନ୍ନିଧାନ ହେ
ମହାପ୍ରଭୁ !
ଢୃପା ପରକାଢନ୍ତୀ ହୋଇ
ଢଲମାଲଢ ଜନ ଢହିଁ
ଢରୁଣା ଢଲନାହିଁ ଢପାଁ ହେ ଧନଗାସ୍ଥ
ଢହ ମୁଁ ବଶଦ ମଣଇଁ ହେ

÷ ÷ ÷

ଢେଇଥିଲ ଶ୍ରବଣ          ଢୁଢ଼ୁମା ପରହାଣ
ଡାଢଲ୍ ମାନେ ଅଧେହେଲ
ହୋଲା ଗୋଚରେ ଥାଇ  ଡାଢଲେ ନଶୁଣଇ
ଫୁସ୍ ଫୁସ କଥାରେ ଭୁଲିଲହେ
ମହାପ୍ରଭୁ !
ଡାଢ ବାଜୁଛି ଜଗତରେ
ଡାଢଲେ ନ ଶୁଣୁଛ ବାରେ
ଡଙ୍ଗାଇଲ କ ମୋର୍    ବିପତ୍ତି ଦେଖି ଘୋର
ହେଣୁ ବା ନ ଶୁଣ  କର୍ଣରେ

÷ ÷ ÷

ମହା···ଅନ୍ତର      ଢରଟଲ ହେଁ  ମୋହର
ତୁମ୍ଭ ବିହୁନୁ ଅନ ନାହିଁ
ମିହଧୃତ ମିହାଣୀ          ମହତା ଚନ୍ତାମଣି
ଗାଲ ନଳନୀ ପ୍ରାପ୍ତ ହୋଇ
ମୋରେ ଯେବେ ଦୟା ନୋହିବ
ମୋ ଜୀବ କ୍ଷଣେ ନରହିବ
ମହତ କର କହୁ        ଢଳାପୋଢେଇ ସହୁ
ସବୁର ଫଳୟ ରହିବ !

÷ ÷ ÷

ବିଶେଷ ଗଡ଼ଜାତ         ରଜାଙ୍କୁ ମାର ଜାତ
ଇଙ୍ଗତ ମାନବେ ଅଣିଲ
ବିଶେଷ ନେତାଙ୍କର          ବର କରଣ ଦୁର
ପବନ ପ୍ରଧାନେ ଛଣିଲ ହେ
ମହାପ୍ରଭୁ
ବାଇଶ ଗଡ଼ୁଁ ହାହକାର
ବିହାର ସଙ୍କଟୁ ଉଦ୍ଧାର
ବିଶେଷେ ଖରସୁଆଁ      ଷଢ଼ାଇ କଳାଧୁଆଁ—
ଦାଣରୁ ଆଶା ବଢ଼େ ମୋର ହେ

÷ ÷ ÷

ଶିଷ୍ୟ ବାରେନ୍ଦ୍ର ସଙ୍କୁ       ନପାନ୍ତି ଭକ୍ତ ଭକ୍ତୁ
ମୁଖାର୍ଜୀ ମିଶ୍ର ଅଦିଗଣ




ସେବେ ଯେଉଁ ସମୟରେ  କୋଟି ଅଂଶ ଲକ୍ଷରେ
ମୁଁ ମିହ ପଣେ କ ଭଜନ
ହେ ମହାପ୍ରଭୁ
ସବୁ ଭରସା ଅଛି ଏଣୁ
ସରବୋଦୟ ବନ୍ଧୁ ଯେଣୁ
ଶୁଣିଅଛି ଅତ୍ତୁର          କଥାଏ ଚାହ ଭର
ଏମେଲେ କର ଗାଲମଣୁ

+ + +

ହୃଦୟେ ଅଛି ମୋର        ସ୍ଥାବରୁଦ ସାଗର
ତରଙ୍ଗ ତୁମ୍ଭ ମହିମାରୁ
ହେଉ ଅଛି ହଣୟେ        ଖରସୁଆଁ ଶ୍ରବଣେ
ଭାଙ୍ଗିଲ  ଅମହାଣ ମେରୁ
ହୋଇଲ ଢର୍ମ ତ ଢଇର
ହୃଦୟେ ଥିଲ ଏତେ ସର
ହେବୁ  ଢର୍ମରେ  ତୁମ୍ଭେ ଟେକ ଦେଇ ଅଦମ୍ୟେ
ସୁଢେନ୍ଦ୍ର ମେନଢଙ୍କୁ  ଧର

+ × +

କ୍ଷମା ସାଗର ବୋଲ     ଛାମୁରେ ସିନା ମୁହିଁ
ଜଣାଉ ଅଛି ଏଣୁବାରେ
ଖଣେ ହେ ମୋହମନ    ନରହେ ତୁମ୍ଭ ଧ୍ୟାନ
ଗୁଣଗାୟକ ମାନଙ୍କରେ
ଯୋଉ ଯେବେ ମନେ ନୁହନ୍ତା
କ୍ଷଣେ ହେ ନାମ କେ ଜପନ୍ତା
ଛାର ବଲ୍ଲଅ ନନା        ଢର୍ମା ଅତରଛନା
କଂଗ୍ରେସ ସାଗରେ ତରନ୍ତା ?

× × ×

ଓଡିଆ ଅଫିସର ମାନେ ଷଢ଼େଇ କଳାରୁ ଢାହ ଢାହ ଫେରିବା ବେଳେ ବିହାରମାନେ "ଢଠଢ ଗୁଶୋ"—"ଢଠଢ ଗୁଗୋ" ବୋଲି ଚିତ୍କାର କରୁଥାନ୍ତି । ତା ସାଙ୍ଗରେ 'ମହତାବସ୍ଥ ଜୟ' ମଧ୍ୟ ତାଙ୍କର ତୁଣ୍ଡରୁ ଉତ୍ପୁଳି ପଡୁଥାଏ । ବାସ୍ତବିକ ବିହାରି ମାନଙ୍କ ପରି କୃତଜ୍ଞ ଜାତ ଦୁନିଆରେ ବିରଳ । ସେ ଅଢ ନଢଟରେ ହୃଏତ ଷଢ଼େଇକଲା ଖରସୁଆଁରେ ମହତାବଙ୍କର ଷ୍ଟେଚୁ ବା ପ୍ରତିମୂର୍ତ୍ତି ତୋଳି ଦେଇ ଲେଖିଦେବେ—ନବ୍ୟ ଷଢ଼େଇ କଳାର ଜନ୍ମ ଦାତା ଶ୍ରୀ ମହତାବ—

ଜନ୍ମ—
ମୃତ୍ୟୁ—ନାହିଁ   +   ÷

ହୋଷ ଦ୍ରଷ୍ଟାମାନେ କହୁଛନ୍ତି—ମହତାବ କାଣିଶୁଣି ଷଢ଼େଇକଳା ଖରସୁଆଁକୁ ବିହାର ହାତରେ ବଢ଼େଇ ଦେଇ ଅସିଲେ । ସେ କେବଳ ଅଢ଼େଇ ଦିନକୁ ବଢେଇ ଘଇତା ହୋଇ ରହିଥିଲେ । ତାପରେ ଯଥା ସ୍ଥାନରେ ମଢେଇ ଦେଇ ଓଡ଼ଶାରେ ଖେଳ କରୁଛନ୍ତି ଦ୍ୱିଇଠା ଗଳଗଳ ଅଉ ବାଇଶ ଢେଇଶଠା ଗଡ଼ଜାତ ଅଛି । ସେ ମସ୍ତବଡ଼ ପ୍ରଦେଶ । ଘର ପୋଡ଼ରୁ ଯାହା ମିଳିଲ୍ ତେର୍ ।

ବଲ୍ଲଅଙ୍କ ମତରେ ମହତାବ ଜାଣିଶୁଣି ଷଢେଇ କଳାକୁ ଦେଇ ନାହାନ୍ତି, ଜାଣିଶୁଣି ସୁରଗୁଜା ବସ୍ତର ଛାଡ଼ି ନାହାନ୍ତି, ଜାଣିଶୁଣି ମୟୁର ଭଞ୍ଜକୁ ଚଢେଇ ଚଗୁଲେଇ ବିଦା ଦେଇ ନାହାନ୍ତି, ଜାଣିଶୁଣି ଅଦିବାସୀ ନେତାଙ୍କୁ ଧିକ୍କାରି ଛୋଟ ନାଗପୁର ଓଡ଼ଶା ସହ ମିଶିବାରେ ଅଶଙ୍କା ପ୍ରକାଶ କରି ନାହାନ୍ତି, ଜାଣିଶୁଣି ଢୁଢ଼ୁମାରୁ ଅଧେ ଅନ୍ଧ୍ରକୁ ପାଣି ଟେକି ଦେଇ ନାହାନ୍ତି—ଏସବୁ ତାଙ୍କ ଅଜାଣତରେ ହୋଇଛି । କେବଳ—ଜାଣିଶୁଣି ଗୋଟାଏ କଥା କରିଛନ୍ତି—ପଠାଉଙ୍କ ଲେଖାନୁସାରେ—ସେ ଜାଣିଶୁଣି କେବଳ ବଇଁଶି ବଜେଇ ଛନ୍ତି—ଯେତେବେଳେ ଓଡ଼ଶା ଭାସିଯାଉଛି—ରୋମ ଜଳଗଲ ବେଳେ ନରୋ କେନ୍ଦ୍ରା ବଜାଇଲା ପରି । ସେ ଜାଣିଶୁଣି ବିହାରି ବାଗରୁ ସ୍ୱର ଧରିଛନ୍ତି—

ମେଘ ବରଷୁଛି          ଟୁପୁରୁ ଟୁପୁରୁ
କେଶର ମାଇଲ ଗଙ୍ଗା
ସାରୁଗଛ ମୂଳେ          ବେଙ୍ଗଟିଏ ବସି
ଅପେ ବୋଲଉଛି ରଙ୍ଗା

+ × ×

ଅମେ ଅଗରୁ କହିଥିଲୁ, ସିଂହଭୂମ ଯଦି ଓଡ଼ଶାକୁ ନ ଅସେ ତେବେ ସେଥିପାଇଁ ମୟୂରଭଞ୍ଜ ଦାୟୀ ହେବ । ଷଢେଇକଳା ଖରସୁଆଁ ଯିବାର ଯେ ଗୋଟାଏ କାରଣ ମୟୂର ଭଞ୍ଜର ଏକଚେଟିଆ ଜିଦ ଏଥିରେ ଅଉ ସନ୍ଦେହ ନାହିଁ । ଓଡ଼ିଆମାନେ ଏବେ ମୟୂରଭଞ୍ଜ ମୁହଁରେ ଥୁଥୁ କରୁଛନ୍ତି । କିନ୍ତୁ ଅମ ନୂଆ ମତରେ ମୟୂରଭଞ୍ଜ ଯାହା କରିଛି ଠିକ୍ କରିଛି । ସେ ବିଚରା ମୟୂର ଜାତି । ସିଂହ ଭୂମିରେ ମିଶିଲେ ବଞ୍ଚିବନି ? ତାର କାମ ମେଘ ଦେଖିଲେ ନାଚିବା—ଅପଣା ପକ୍ଷୀକୁ ମେଲିବା । ଯେମିତି ପୃଥିବୀରେ ରଜା ସେ । ମୟୂରଭଞ୍ଜର ମନ୍ତ୍ରୀମାନେ ସେମିତି ପୃଥିବୀରେ ଜଣେ ଜଣେ ବଡ଼ରଜା ବୋଲି ମନେ କରି ନେଇଥାନ୍ତି । 'ଉଗର' ମୟୂରଭଞ୍ଜର ଏହି

Digitized by srujanika@gmail.com

ନାଟୁଆ ମାନଙ୍କ ମୁହଁର ଗୋଟାଏ ପାଖରେ ଚୂନ ଗୋଟାଏ ପାଖରେ କଳା ଲଗେଇ ଦେଇ ଭଲ ଢୋଲ ବଜାଇବାକୁ ମନ କରୁଛି । ମନ୍ତ୍ରିମଣ୍ଡଳ ମନ୍ତ୍ରୀ ଶରତ ଦାସେ ବୋଧହୁଏ କହୁଥିବେ—ମୁଁ ତ ଏକେ ଚନ୍ଦ୍ର—ମୋ ଦେହରେ ତ ସବୁଦିନେ କଳା ବା କଳଙ୍କ ରହୁଛି । ମୋର ଡର କେଉଁଥିବ ?

× + ×

ଷଢେଇ କଳା ପାଇଁ ଯେତେ ସବୁ ହରତାଳ ହେଲା ତାକୁ ବନ୍ଦ କରିବା ପାଇଁ ମହତାବୀ ଲଉଡ଼ିଆ ଗୁଣ୍ଡାମାନେ ଲାଗିଯିବାର ସମ୍ବାଦ ଆସିଛି । କାରଣ ପ୍ରାଦେଶିକ କଂଗ୍ରେସ ସଭାପତି ନିଜେ ଷଢେଇକଳା ଯିବାରେ ପ୍ରତିବାଦ କରିଥିବାରୁ ଜଣାଯାଉଛି କଂଗ୍ରେସ କେବେ ସଭା ସମିତି ବନ୍ଦ କରି ନାହାନ୍ତି । ଅତଏବ ଅନ୍ୟ ସଭା ସମିତିରେ ମହତାବୀ ଗୁଣ୍ଡା ଯେପରି ଲାଗିଯାଇଥିଲେ ଏଥିରେ ମଧ୍ୟ ସେଇପରି ବୀରେନ୍ଦ୍ର ବରମାନେ ଲୋକଙ୍କୁ ଧର ଧର ମାର ମାର କରିଥିବେ । ମାତ୍ର ଏଥିରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ । ଷଢେଇକଳା । ଯାଉଛୁ ତ ଜୋର ଜବର ଦସ୍ତି । ଷଢେଇକଳା ପୁଣି ବିହାରରେ ଶରଦିନ ରହିବାର ବାଟ ଟା ମଧ୍ୟ ମହତାବ ଜୋର ଜବରଦସ୍ତି କରିଇ ପାରନ୍ତି—ସେ ଓଡ଼ିଆଙ୍କ ନାଡ ଛପି ଜାଣିଛନ୍ତି— ଓଡ଼ିଆସେ ଦାଢ଼ା ନେହିଁ—ଦନା ମାନ୍‌ସେ ଦେତା ନେହିଁ ।

+ + +

ଗୋଟାଏ ମୁହଁରେ ଶ୍ରୀ ମହତାବ ପ୍ରାଦେଶିକତା ଛାଡ଼ ବୋଲି କହୁଛନ୍ତି ଆଉ ମୁହଁରେ ପୁଣି ହିନ୍ଦଭୂମି ପାଇଁ ଲଢ଼ ବୋଲି କହୁଛନ୍ତି । ଗୋଟାଏ ମୁହଁରେ ଛୋଟ ନାଗପୁର ଓଡ଼ିଶାରେ ମିଶିଲେ ଓଡ଼ିଶାର ସର୍ବନାଶ ହେବ କହୁଛନ୍ତି—ଆଉ ମୁହଁରେ ପୁଣି ଆଦିବାସୀ ଉନ୍ନତିପାଇଁ ଆଦିବାସୀ ମନ୍ତ୍ରୀ ନେଉଛନ୍ତି । ଗୋଟାଏ ମୁହଁରେ ଗାନ୍ଧୀଙ୍କ ଜୟ ବୋଲୁ—ଆଉ ମୁହଁରେ ଚକ୍ରଧାର ଲଗା ଯାଉଛି—ଏହା ବିଲକୁଲ ଡଗର ଗାଡ । କାରଣ ଡଗରର ଗୋଟାଏ ଗାଲରେ ଚୂନ ଆଉ ଗାଲରେ କଳା । ଗୋଟାଏ ମୁହଁରେ ଜୟ ଆଉ ମୁହଁରେ ଜମୁନା । ଗୋଟାଏ ଫାଲ ପାଟଟା ଅନ୍ୟଫାଲ ଲଣ୍ଡର ।

× × ×

ଜାପାନ ପ୍ରତିନିଧି ମାନଙ୍କୁ ପଣ୍ଡିତ ନେହେରୁ କହିଲେ—ଜାପାନ ଓ ଭାରତ ଭିତରେ ଅର୍ଥନୈତିକ ଓ ସାଂସ୍କୃତିକ ବନ୍ଧନ (ties) ଆବଶ୍ୟକ । କିନ୍ତୁ ଜାପାନ ପ୍ରତିନିଧି ଚାହାନ୍ତି ଭାରତରୁ ତୁଳା । ସେ କେବଳ ତୁଳା ଓ ସୂତାର ବନ୍ଧନ ଚାହାନ୍ତି । ଅଶାକୁଆ ସୂତାର ବନ୍ଧନ ହେଲେ ମନ୍ଦ ହୁଅନ୍ତା ନାହିଁ ।

× + +

ଦକ୍ଷିଣ ଭାରତର ମେଥଡ଼ିଷ୍ଟ ଚର୍ଚ୍ଚ ବାଲାଙ୍କ ମତ ଯେ ମଣିଷଙ୍କର ଭିନ୍ନ ଭିନ୍ନ ଗୋଷ୍ଠୀ ମଧ୍ୟରେ ମିଳାମିଶା ହେବା ଅନୁଚିତ । ଅର୍ଥାତ୍ କଳାଧଳା ଓ ଧଳାକଳା ମିଶିବା ଅବୈଧ । ଆମମତରେ କଳା ସହ ଧଳା ନମିଶୁ ବା ଧଳା ସହ କଳା ନମିଶୁ କିନ୍ତୁ ଧବଳୀ ସହ କଳା ମିଶୁ ଓ କାଳୀ ସହ ଧବଳ ମିଶୁ ।

× + +

କୌଣସି ଭଦ୍ର ବ୍ୟକ୍ତି ପ୍ରସ୍ତାବ କରିଛନ୍ତି ଯେ ରାଜେନ୍ଦ୍ରପ୍ରସାଦ ସଭାପତିତ୍ୱ ଛାଡ଼ି କେବଳ ମହାତ୍ମା ଗାନ୍ଧୀଙ୍କ ପ୍ରାର୍ଥନାଠା ମୁଣ୍ଡେଇ ନିଅନ୍ତୁ । ଇଂରାଜୀରେ କଥା ଅଛି ପ୍ରାର୍ଥନାରେ ଅନେକ ଅସମ୍ଭବ ସମ୍ଭବ ହୋଇପାରେ । କିନ୍ତୁ ଆମ ମତରେ ସଭାପତିତ୍ୱ ବା ମନ୍ତ୍ରୀତ୍ୱ ଈଶ୍ୱର ପ୍ରାର୍ଥନାରେ ହୁଏ ନାହିଁ—ଓଡ଼ିଶାରେ ଅନ୍ତତଃ, ମହତାବ ପ୍ରାର୍ଥନାରେ ନନ୍ଦବାବୁ ଓ ଗଦାଧରବାବୁ କଂଗ୍ରେସ କମିଟିର ସଭାପତି ଓ ସେକ୍ରେଟେରୀ ହୁଅନ୍ତି । ବରହା ମନ୍ତ୍ରୀ ହୁଅନ୍ତି ଓ ମାଳମଣି ଏମ୍ ଏଲ୍ ଏ ହୁଅନ୍ତି ।

+ + ×

ଜନୈକ ସ୍ୱାମୀଙ୍କ ଆଗରେ ଶ୍ରୀଯୁକ୍ତ ମହତାବ ଜାତି ଧର୍ମର ବଖାଣ କରି କହିଛନ୍ତି ବର୍ତ୍ତମାନ ସାଧାରଣଙ୍କର ନୈତିକ ଚରିତ୍ର କଉଠିକେ ଆଉ ରକ୍ଷା ନାହିଁ । ଆମେ ବି ଠିକ୍ ସେଇ କଥା କହୁଅଛୁଁ । କେବଳ ଶାସକମାନେ ସେ ଜାତି ଓ ଧର୍ମାଧର୍ମ ଅଦିକଥା ସେବକଙ୍କ ଉପରେ ମଢେଇଦେଇ ନିଜେ—ନିଶ୍ଚିନ୍ତ ହୋଇ ବସିଯାନ୍ତୁ । ଧର୍ମ ପାଳନ୍ତୁ ପ୍ରଜା, ଓ ପ୍ରଜା ପାଳନ୍ତୁ ରଜା । ରଜାଙ୍କର ଧର୍ମ ନାହିଁ—କାରଣ Secular ବା ଧର୍ମହୀନ ସରକାର ଯେ ଆମର ।

× + +

ଜଣେ ପାର୍ସି ଡାକ୍ତର ମତ ଦେଇଛନ୍ତି ଯେ ପ୍ରେମଶିକ୍ଷା ପାଇଁ ଗୋଟିଏ କଲେଜ ପ୍ରତିଷ୍ଠା ହେବା ଦରକାର । ଏବଂ ଏଠୁ ପାସ କଲାପରେ—ବା ବିବାହର ଦଶବର୍ଷ ପରେ ପୁଣି refresher ବା ସ୍ମାରକ ପାଠ ପଢ଼ିବା ଉଚିତ । ବାସ୍ତବିକ ଏପରି ହେଲେ ଆଉ ବାହୁଅ ପୁଅ ଝିଅ ରହନ୍ତେ ନାହିଁ । କଲେଜରୁ ପାସ କରିବାର ସାର୍ଟିଫିକେଟ ବିବାହ । ଏବଂ ପରେ ଯେପରି ଛାଡ଼ପତ୍ର ନହୁଏ ସେଥିପାଇଁ ରିଫ୍ରେଶର ବା ସ୍ମାରକ କୋର୍ସ ପଢ଼ା ଯାଆନ୍ତା । ବିଲୁଅ ସଭା ଡଗର ଓ ପ୍ରଜାତନ୍ତ୍ରର ସମ୍ପାଦକମାନଙ୍କୁ ଏ ବିଦ୍ୟାଧ୍ୟୟନ ପାଇଁ ଅନୁରୋଧ କରୁଛି । ଯଦି ସେମାନେ ନିଜେ ସମ୍ପାଦକୀୟ ନଲେଖି ଅନ୍ୟଦ୍ୱାରା ସମ୍ପାଦକୀୟ ପ୍ରକାଶ କରୁ ଥାନ୍ତି ତେବେ ସେଇ ଗୋପନୀୟ ସମ୍ପାଦକ refresher ବା ସ୍ମାରକ ଶିକ୍ଷା ନେଲେ ନେଇ ପାରନ୍ତି ।

× × ×

ଜଣେ ପାଠକ ପଚାରିଛନ୍ତି ଯେ କିଛିଦିନ ତଳେ ଉତ୍କଳପ୍ରାଦେଶିକ କଂଗ୍ରେସ କମିଟିର ସମ୍ପାଦକ ସୋରେଠାରେ ସାରା ଓଡ଼ିଶାର କଂଗ୍ରେସକର୍ମୀ ମାନଙ୍କୁ ଗଠନମୂଳକ କର୍ମଦ୍ୱାରା କଂଗ୍ରେସକୁ ବଳବାନ କରିବା ପାଇଁ ଯେଉଁ ସଭା ଡାକିଥିଲେ ତାହାର ପ୍ରତିବାଦ କଂଗ୍ରେସ କମିଟିର ସମ୍ପାଦକ କାହିଁକି କଲେ ? ଆମ ଧାରଣାରେ ନନ୍ଦବାବୁ ଦାସ—ଏବଂ ଗଦାଧରେ ହେଉଛନ୍ତି ଦତ୍ତ । ମହତାବଙ୍କ ଠାରେ-କଏ ଦାସ କଏ ଦତ୍ତ । ଦତ୍ତ ପଦାର୍ଥପ୍ରତି ମହତାବଙ୍କର ଅଧିକ ମମତା ଥିବ । ସେଥିପାଇଁ ମହତାବ ତଥା ଗଦାଧର କେହି ସେ ସଭାରେ ଯୋଗଦେଇ ନାହାନ୍ତି ।

+ + +

ପ୍ରଜାତନ୍ତ୍ର ଲେଖିଛନ୍ତି ଝିଟିପିଟି ବିଲୁଅ କୁକୁର ମାନେ ଖରାପ ଜିନିଷ ଖାଆନ୍ତି । ସେମାନଙ୍କ ଠାରୁ ଲେଖିବା ଶିକ୍ଷାକରିବାର ଅଛି ଇତ୍ୟାଦି । ଏ କଥାର ଉତ୍ତର ଆମ୍ଭେ ମାନେ ଝିଟିପିଟିଙ୍କୁ ଅନୁସନ୍ଧାନ କରି ଏକ ମିଳିତ ଷ୍ଟେଟମେଣ୍ଟରେ ପ୍ରକାଶ କରିବାର ବାସନା ରହିଲା । ବର୍ତ୍ତମାନ ଏତିକି କୁହାଯାଇ ପାରେ ଯେ ବିଲୁଅ ଶାସକ ମାନଙ୍କର ଦୋଷ ବାହାର କରି ଲେଖେ—କିନ୍ତୁ ମାଲିକ ମାନଙ୍କ ଗୁହ ଖାଏ ନାହିଁ । ସମାଜର ଝିଟିପିଟି ଓ ଡଗରେ ବିଲୁଅଙ୍କୁ ଛାଡ଼ିଦେଲେ ବାକି କୁକୁର ଯେଉଁଠି ମିଲ୍‌ମାଲିକଙ୍କ ଗୁହ ଖାଆନ୍ତି ତାହାର ସନ୍ଧାନ ପ୍ରଜାତନ୍ତ୍ର ପାଇଥିବେ । କିନ୍ତୁ ଆପଣା ଆଡ଼କୁ ଅଙ୍ଗୁଳି ଯାଏ ନାହିଁ ।

× × ×

Digitized by srujanika@gmail.com

# ରାଜ୍ୟ ଲାଭ

ଆଜିକାଲି ରେଲ ମଟର ହବା ଦ୍ୱାରା ଗୋଟାଏ ବଡ଼ ସୁବିଧା ହୋଇଚି ଆମକୁ ଆଉ ଦୂର କେଉଁଠିକୁ ଗୁଳିକରି ଯିବାକୁ ପଡ଼ୁନି । ସେଇ ଯୋଗୁ ଗୁଲି ଗୁଲି କ୍ଲାନ୍ତ ହବାକୁ ପଡ଼ୁନି କିମ୍ୱା କ୍ଲାନ୍ତ ହୋଇ ଗଛ ମୂଳେ ଶୋଇବାକୁ ପଡ଼ୁନି—ତା ଛଡ଼ା ରେଲ ମଟର ଇତ୍ୟାଦିରେ ହାତୀ ମାନଙ୍କର ଯିବାର ଅର୍ଡର ନାହିଁ ଯୋଉଥିପାଇଁ ଆମର ଅଧିକ ଆନନ୍ଦ ହବାର

## ମଜାକଥା

କଥା । ମନେ କରନ୍ତୁ ଆଜ ଯଦି ହାତୀମାନେ ଆମ ମେଳରେ ବସି ଯାଉ ଥାଆନ୍ତେ ତେବେ ଖାଲି ଯେ ଥାନ ଅଭାବ ହେଲେ ଅଧିକ ଥାନ ନଅଣ୍ଟିଆ ପଡ଼ନ୍ତା ତା ନୁହେ, ଆମେ ଯେ ହାତୀ ମାନଙ୍କ ସ୍ପର୍ଶରୁ ଦୂରରେ ରହୁଚେ ତା ଆଉ ହୋଇ ପାରନ୍ତାନି । ତାଛଡ଼ା ରେଲ ମଟର ହେବାକାରେ ଉଚ୍ଛାଭୂତ ଅର୍ଥଭ୍ରଷ୍ଟ ହୋଇ ଅଛେ । ମନେ କରନ୍ତୁ ଏବେ ହୋଇଗଲା, ତା ହେଲେ ?

ହାତୀଙ୍କୁ ଯେ ମୋ ଡର ତା ନୁହେ, ନବ ହୋଇଗଲେ ଯେ ହାତୀ ଆମକୁ ଚକଟି ପକେଇବ ସେମିତିଅ ବ ଡର ମୋର ନାହିଁ—ମୋର ପ୍ରକୃତ ଡର ହଉଚି ସୁନା କଲଣିକ । ଦୂର ଦେଶକୁ ଗଲାବେଳେ କ୍ଲାନ୍ତ ହୋଇ ଗଛମୂଳେ ଶୋଇଲେ ହାତୀ ଅସି ସୁନା କଲଣି ଡାଳବା ଆମ ଦେଶରେ ନୂଆ କଥା ନୁହେ—ଆଉ ହାତୀ କଲଣି ଡାଳଲେ ଲୋକେ ଧରନେଇ ଗାଦିରେ ବସେଇ ରଜା କରିଦେବା ମଧ୍ୟ ନୂଆ କଥା ନୁହେ—ସବୁ ପୁରୁଣା କଥା—ଅନେକ ସେମିତି ରଜା ହୋଇଛନ୍ତି—ମୋର କିନ୍ତୁ ରଜା ହବାକୁ ଜମାରୁ ଇଚ୍ଛାନାହିଁ । ସେଇ ଯୋଗୁ ସୁନାକଲଣି ଓ ହାତୀ ଦିହିଁଙ୍କି ମନେ ମନେ ବରାବର ଭୟ କରୁ ଅଛି—ଆପଣ କଳ୍ପନା କରନ୍ତୁ ଆମେ ଆମର କାମରେ ଯାଉଚୁ, ଟିକିଏ ହାଲିଆ ହୋଇ ବାଟରେ ଶୋଇ ପଡ଼ିଲୁ, ଯୁ। ଭିତରେ ଯଦି ଗୋଟାଏ ହାତୀ ଅସି ସୁନା କଲଣିରେ କଲଣିଏ ପାଣି ଢାଳି ଆମ ଜାମା ଲୁଗା ପଟା ଛନ୍ଦେଇ ଦବ ଆଉ ସେମିତି ଓଦା ସଡସଡ଼ ଅବସ୍ଥାରେ ଆମେ ଗାଦିକୁ ଟଣା ହୋଇ ରଜା କରାଯିବୁ ତେବେ କାହାକୁ ଭଲ ଲାଗିବ କହିଲେ ଦେଖି ? ମଚେ ଓଦା ନକରି ଶୁଖିଲା ଶୁଖିଲା ଟାଣିଲେ ବ ମୁଁ ଯିବନି । ପିଲା



ଦିନେ ଅଜ୍ଞାନ ଅବସ୍ଥାରେ କେତେଥର ଗଲେ ଯାଇଥାନ୍ତି ଆଜିକାଲି ଯିବନି—ମୋର କେତେଗୁଡ଼ାଏ ନିଜର ଘରୋଇ କାରଣ ରହୁଚି ଯୋଉଥିପାଇଁ ଯିବନି । ଅବଶ୍ୟ ଏ କଥାଟା ମୁଁ ଏମିତି ଉପର ଠାଉରିଆ ଭାବରେ କହୁନି । ମୁଁ ବେଶ ଭାବିଚିନ୍ତି କହୁଚି—ଗଲା ଦେଢ଼ ମାସ କି ଦିମାସ ହେଲାଣି ମୁଁ ଏଇ କଥା ଗୁଡ଼େଇ ଗୁଡ଼େଇ ହୋଇ ଭାବୁଚି ଯେ, "କଣ କରିବ ?" "କଣ କରିବ ?" "ମତେ ହାତୀ ସୁନାକଲଣି ଢାଳିଲେ ମୁଁ କଣ କରିବ ?" କେତେବେଳେ ଭାବେ ଯାଉଚି ରଜା ହୋଇ ଯିବ କଣ ଭାସି ଯିବ ବା, କିନ୍ତୁ ରଜାଙ୍କ ଢଙ୍ଗ ଢାଙ୍ଗ ଗୁଲିଚରଣ କଥା ଭାବିଲେ ମନ ଛାଡ଼ି ଯାଏ । ମୁଁ ଯାହା ଦେଖୁଚି ବାସ୍ତବିକ ରଜା ହବା ମୋ ଧାତୁରେ ଯିବନି ।

## ମାଙ୍କଡ଼ ହାତରେ

କାହିଁକି ମୋ ଧାତୁରେ ଯିବନି କହୁଚି ଶୁଣନ୍ତୁ—ପ୍ରଥମେ ଦେଖନ୍ତୁ ଦିନସାରା ଚବିଶ ଘଣ୍ଟା ଶହେ କି କିଏ ଓଜନର ଢୋଲା ଓଜନର ସୁନା ରୁପା ଥିବା କୌଣସି ଧାତୁର ମୁକୁଟ ପିନ୍ଧିବା କଣ ସହଜ କଥା ? ଆପଣ କହି ପାରନ୍ତି ସହଜ କିନ୍ତୁ ମୁଁ ଆମ ଇସ୍କୁଲ ଥିଏଟରରେ ପାର୍ଟ ନେଇ ଦେଖିଚି ସେଥିରୁ ଟୁଡ ଏ ପିନ୍ଧିବା ବଡ଼ ହଇରାଣ କଥା—ଓଜନ ଯେମିତିଅ, ଝାଲବି ସେମିତି ବାହାରେ । କେମିତି ତଳକୁ ମାଡ଼ ମାଡ଼ ପକେଇଲା ଭଳିଆ ଲାଗେ । ତା ଛଡ଼ା ମୁକୁଟ ତଳେ ଯେଉଁ ପରଚୁଲା ପିନ୍ଧାଯାଏ ସେ କାହା ନା କାହା ବାଳ, କୌଣସି ମଲା ମଣିଷ ଦାଳରୁ ତିଆରି କରାଯାଇ ଥାଏ—ଭାରି ଦୁର୍ଗନ୍ଧ କରେ । ବାସନା ତେଲ ଦେଇ ଲୁଣ୍ଡେଇ ରଖିଲେ ବ ଗନ୍ଧ ଯାଏନି—ଭାରି କଣ୍ଟ୍ କଣ୍ଟ୍ କରି ଲୁଣ୍ଡେଇହୁଏ ମଧ୍ୟ । ଆଉ ମୁହଁରେ ବହଳିଆ କରି ରେ ପେଉଁ ପେଣ୍ଟିଂ କରାଯାଏ, ନଅ ତେଲ ଦେଇ ଘଣ୍ଟାଏ ଦିଘଷ୍ଟା ନ ଘଷିଲେ [illegible] ପେଣ୍ଟିଂ [illegible]—ଏଗୁଡ଼ାକୁ ଦେଖି କାହାର ଲୋଭ ନ ହେବ କହନ୍ତୁ ! [illegible] ଲୋକ ଦେଖିବ ଯଦି ମୋଟେ କାଢ଼ି ପଡ଼ିଲା ଭଳିଆ ଗୋଟିଏ ଛୋଟ ମୋଟା ରଜା ମରିଲେ ମରିଲେ ଜାମ୍ବୁଳେ ବା [illegible] ଅଣ୍ଡାଳୀ ନିଶ ପବନରେ ଉଡ଼ [illegible] ସେ ତେଣେ ପରଚୁଲା ଟେକି ମୁଣ୍ଡ ଲୁଣ୍ଡେଇଲେ କିମ୍ୱା ଉଡ଼ନ୍ତା ନିଶକୁ ଆଣି ଯଥା ସ୍ଥାନରେ ଚେପି ଧରିବାକୁ ଚେଷ୍ଟାକଲେ ରଜା ଭଳିଆ ଅଭ ପୋଜ୍ ଦେଇ ହୁଏନି ଓ ପାର୍ଟ ମଧ୍ୟ ମନେ ପଡ଼େନି ସେତେବେଳେ । ରଜାଙ୍କ ମତ ପୋଜ୍‌ରେ ବସିବା, ଗୁଲିବା, କଥା କହିବା, ହସିବା ଏବଂ ସଙ୍ଗେ ସଙ୍ଗେ ଡ୍ରେସିଂ ପେଣ୍ଟିଂ ଉପରେ ଲକ୍ଷ୍ୟ ରଖିବା ଇତ୍ୟାଦି କଥା ଏକ ସମୟରେ ଏତେକଥା ମୋଦ୍ୱାରା ହେବେ ହୋଇ ପାରିନି ଏବଂ ହେଇ ପାରିବନି ମଧ୍ୟ ରଜାଙ୍କ ପୋଷାକ ବ ମତେ ଓଜନ ଲାଗେ—ମଖମଲର ବହଳିଆ ବେକଚିପା ପୋଷାକ ପିନ୍ଧିଲେ ମୋ ନିଶ୍ୱାସ ରୁନ୍ଧି ହୋଇଯାଏ ତା ଦିହରେ ଜରି ଚୁମୁକିର କାରୁକାର୍ଯ୍ୟ ବସି ଯାଇ ଥାଏ, ଦିହରେ ଯେଉଁଠି ଲାଗେ ଗୁଣ୍ଡି ହୋଇ ଯାଏ । ତାଛଡା ଖଣ୍ଡା ତରୁଆଲ ଓ ଆଉ ସାଜ ସରଞ୍ଜାମ ତ ରହୁଚି ! ମୁଁ କହୁଚି ଏତେ ଝିକ୍‌ଦାଣିକୁ ଯିବାକୁ ମନ ଡାକିବନି ? ଖାଲି ବେଶ ପୋଷାକ କଥା ନୁହେ ରଜାଙ୍କ ଜୀବନରେ କଣ ଏମିତି ଅଛି ଯେ ରଜା ହବାକୁ ମନ ସକସକ ହବ ମୁଁ ଦେଖୁନିତ ! ମୁଁ ଆମ ଗଡ଼ଜାତ ରଜାଙ୍କଠୁ ଆରମ୍ଭ କରି ସମ୍ରାଟ ଜର୍ଜଙ୍କ କଥା ମଧ୍ୟ ଭାବି ଦେଖିଚି ଆଉ ତାଙ୍କ ମାନଙ୍କ କଥା ଭାବିକରି ମୋର ରଜା ହବାକୁ ମୋଟେ ମନନାହିଁ—ଦେଖନ୍ତୁ ତାଙ୍କ ଜୀବନରେ ଗୁପ୍ତ କଥା ବୋଲି କିଛି ରହିବନି—ସେ ବସିଲେ କେମିତି ଉଠିଲେ କେମିତି, ପହଁରିଲେ କମିତି, କୁକୁରଙ୍କ

ଲେଖକ—ଦେବ ମହାପାତ୍ର

ସାଙ୍ଗରେ ଖେଳିଲେ କେମିତି, ଘୋଡାରେ ବସିଲେ କେମିତି ଇତ୍ୟାଦି କଥା ଦୁନିଆ ଯାକ ଲୋକ ଜାଣିବେ—ଦୁନିଆ ଯାକ ତାଙ୍କ ଫଟ ଦେଖିବେ—ଆମ ଜୀବନରେ ଗୁପ୍ତକଥା ବୋଲି ଯଦି କିଛି ନ ରହିଲା ତେବେ ଆଉ ରଜାପଣିଆ କୋଉ କାମରୁ ? ତା ଛଡା ଗୋଟାଏ ଲୋକ ଖଣ୍ଡା ତରୁଆଲ ବା ବନ୍ଧୁକ

Digitized by srujanika@gmail.com

# ଝଗର



ଧରି ଚବିଶ ଘଣ୍ଟା ଜଗିରହିଥିବ ରଜାଙ୍କୁ, ହିକିଏ ଘୁଞ୍ଚି ସେ ପାରିବେ ନାହିଁ, ଅନ୍ୟ କାହା ସାଙ୍ଗରେ ଦୁଃଖ ସୁଖ ହେବା ତ ଆଉ ହେଇ ପାରିବନି—ବଡ଼ିଗାର୍ଡ ଆଡ଼ର ଆଢୁଆଲକୁ ଯିବନି—କାହାରି ସାଙ୍ଗରେ କିଛି ଦୁଃଖ ସୁଖ ହେବାର ବାଟ ନାହିଁ—ଜଣେ ଦିଜଣ ଲୋକ ବରାବର ଆଖି ଦେଇ ଜଗିଥିବେ, ସବୁ କଥା ଠିକ ନକଲ କରି ଶୁଣୁଥିବେ। ମୋର ତ ଏକଥା ସତ୍ୟ ହେବନି କେବେ, ମୁଁ ରଜା ନା ଜେଲର କଏଦୀ ଯେ ମତେ ହଇରାଣ କରି ଗୋଟାଏ ସିପେହି ପହରା ଦେଉଥିବ? ତାପରେ ତାଙ୍କ ଘର ଆଉ କଥା ଦେଖନ୍ତୁ। ତାଙ୍କ ସ୍ତ୍ରୀ ଯାହା ହାତ ଧରି ବାହାହେଇଚନ୍ତି ତା ଉପରେ ବି ଅଧିକାର ଖଟିବନି—ଦୁଇଜଣ ଅଲଗା ଅଲଗା ହୋଇ ରହିବେ—ଆପଣା ସ୍ତ୍ରୀକୁ ଦେଖା କରିବାକୁ ହେଲେ ଅନୁମତି ନବାକୁ ପଡ଼ିବ—ସେ ତାଙ୍କ ପ୍ରାଇଭେଟ ସେକ୍ରେଟେରୀକୁ କହିବେ ସିଏ ଗୋଟାଏ ଦାସୀ ପଠେଇ ରାଣୀଙ୍କ ଦାସୀ ଦ୍ୱାରା ରାଣୀଙ୍କ ପାଖରୁ ଅନୁମତି ମାଗିବେ ଯେ ମହାରାଜା ଦେଖା କରିବାକୁ ଇଚ୍ଛା କରନ୍ତି—ରାଣୀ ଯଦି କହିବେ ନାହିଁ, ମତେ ଏଇକ୍ଷଣି ସମୟ ନାହିଁ, ମହାରାଜାଙ୍କ ରଜା ପଣିଆ ରହିଲା କୋଉଠି? ତାଙ୍କ ମୁହଁଟି ଏତିକିଟିଏ ହୋଇଯିବ ନିନା!! ତା ଅପେକ୍ଷା ଆମ ମାନଙ୍କ ଘରେ ତ ହଜାର ଗୁଣେ ଭଲ। ଆମେ ଦିନରାତି ଯୋଉ ମୁହୂର୍ତ୍ତରେ ଚାହିଁଲୁ ଆମ ମହାରାଣୀଙ୍କି ଅଙ୍ଗୁଠି ଅଗରେ ନଚେଇ ପାରିବୁ, ଉଠ କହିଲେ ଉଠିବ ବସ କହିଲେ ବସିବ। ରଜାଙ୍କ ପିଲାପିଲି କଥା ଦେଖନ୍ତୁ। ସେମାନେ ବଢ଼ିବେ ଦାସୀ ଆଉ ଆୟା ମାନଙ୍କ ହାତ—ବାପ ମା ସିଏ ଜନ୍ମ ଦେଲେ ସେମାନଙ୍କୁ ପିଲାଙ୍କ ଛାଇ ମାଡ଼ିବାକୁ ଦିଆ ଯିବନି—ସେମାନେ ପିଲାଙ୍କ ଦେହେର ଧ ଦେଖିବେ ନାହିଁ—ଆୟାଦ୍ୱାରା ମାତୃତ୍ୱ ପିତୃତ୍ୱର କଣ ବିକାଶ ହେବ!! ଆପଣାର ପିଲା ତାକୁ ଟିକିଏ କାଖେଇ ଚୁମ୍ବା କରିବା, ଜହ୍ନମାମୁଁ ଦେଖାଇବା, ଖିଆ ବେଳରେ ସାହାଯ୍ୟ କରିବା ତାହେଇ ପାରିବନି। ପିଲାମାନେ ସବୁବେଳେ ରହିବେ ଦୂରରେ। ଦାସୀ ପୋଇଲିଙ୍କ ଦ୍ୱାରା ବଢ଼ିବେ ହୋଷ୍ଟେଲ ଯେଉଁ ଅଦର୍ଶ ଟ୍ରେନିଂ ପାଇବେ ଚାହାନ୍ତୁ—ତାଛଡ଼ା ଦିନେ ହେଲେ ବି ବାପ ହୋଇ କର୍ତ୍ତୃତ୍ୱକରି ପିଲାଙ୍କୁ ଚଟକଣାଟାଏ ମାରିବାର ବାଟ ନାହିଁ! ଏଇସବୁ କଥା ଦେଖିଲେ ରଜା ହେବା କଣ ବା!

ରଜାଙ୍କ ଖାଇବା ପିଇବା କଥା ଦେଖନ୍ତୁ—ତାଙ୍କ ଖାଇବା ପିଇବା କଥା ନେଇକରି ତ ମୋର ମନ ବେଶି ଚିନ୍ତା ପାଉଚି—ଆମର ଶାସ୍ତ୍ରରେ ଅଛି ଆପରୁଚି ଖାନା ଅର୍ଥାତ୍ ଖିଆ ପିଆଟା ଆପଣାର ରୁଚି ଅନୁସାରେ ହେବା ଦରକାର କିନ୍ତୁ ରଜାଙ୍କର ତା ହୁଏକି? ରଜାଙ୍କର ଜଣେ କର୍ମଚାରୀ ରହିଚି ଏଥିପାଇଁ ସିଏକି ସକାଳ ସନ୍ଧ୍ୟା କେତେବେଳେ ରଜା କଣ ଖାଇବେ ସାତ ଦିନ ଆଗରୁ ରୁଟିନ୍ ତିଆରି କରି ରଖିବ। ମନେ କରନ୍ତୁ ମଙ୍ଗଳବାର ରାତିରେ ମାଛଝୋଳ ଲେଖା ହୋଇଚି ଆପଣ ଆଉ ମାଛ ଭଜା ଖଣ୍ଡିଏ ଖୋଜିଲେ ପାଇବେ ନାହିଁ। ମାଛ ଭଜା ଖଣ୍ଡିଏ ଖାଇବା ପାଇଁ ରୁଟିନ୍ ଅନୁଯାୟୀ କୋଉଦିନ କେତେବେଳେ ମାଛଭଜା ଲେଖା ଅଛି ସେଇ ଦିନକୁ ଚାହିଁ ବସିବାକୁ ପଡ଼ିବ—ତାଛଡ଼ା ରଜାମାନେ ପୁଣି ଖାଇବା ଆଗରୁ ତାଙ୍କ ଭାତ ତରକାରୀ ଡାକ୍ତର ମାନେ ପରଖିଲେ ଆମି ଚୁଖିକରି ଖାଇବେ—ତାଙ୍କର ଅଇଣ୍ଠା ଖାଇବେ ରଜା। ବ୍ରାହ୍ମଣଘର ପିଲା ହୋଇକରି ମତେ ଯଦି ଅଇଣ୍ଠା ଖାଇବାକୁ ପଡ଼ିଲା ତେବେ ମୋର ରଜା ନହେଲା। ଖାଇବା କଥାରେ ଅନ୍ତତଃ ନକଳ ତ କିଛି ସ୍ୱାଧୀନତା ଦରକାର—ମନଇଚ୍ଛା ଯଦି କିଛି ଖାଇ ନ ପାରିଲୁ ରଜା ହେଲୁ କଣ? ମନେ କରନ୍ତୁ ଆଜି ଆମର ଦହି ପଖାଳ ଖାଇବାକୁ ମନ ହେଲା ବା କାକରା ପିଠା ଏଣ୍ଡୁରି ପିଠା ଖାଇବାକୁ ମନ ହେଲା ବା ରାତି ଲଙ୍କାଟିଏ ଖାଇବାକୁ ମନ ହେଲା, ମନେ କରନ୍ତୁ ଚିଙ୍ଗୁଡ଼ି ମାଛ ଭଜା ଖାଇବାକୁ ମନ ଡାକିଲା କିମ୍ବା ଇଚ୍ଛା ହେଲା ଡାଲି ସଜ ଖାଇବା ବା—ପଇଡଟିଏ ଭାଙ୍ଗି ପିଇବା ବା ଟିକିଏ ପୋଦନା ଚଟଣି ଖାଇବା କିମ୍ବା ଦିନ୍ଟା ଗରମ ମୁଢ଼ି ଗେହୁଁବେଇବ ରଜା ହେଲେ ଆଉ ତା ହବକି? ଆଗରୁ ଟିକିଏବି ଚାଖିବାକୁ ଦିଅ ଯିବନି, ଲିଷ୍ଟରେ ନଥିଲେ କିମ୍ବା ଡାକ୍ତର ନ ଚାଖିଲେ!!

ରଜାଙ୍କ ଚିଠି ପତ୍ର ବି ଦେଖନ୍ତୁ—ରଜା ଦୂରକୁ ଯାଇଚନ୍ତି ରାଣୀ ପ୍ରେମ ଗଦ୍ ଗଦ୍ ହୋଇ ବିରହ ଧୂମ୍ପା ପ୍ରେମ ଚିଠାଉ ଲେଖିଚନ୍ତି—ତାକୁ ପ୍ରଥମେ ପଢ଼ିବେ ସେକ୍ରେଟେରୀ ତାପରେ ପଢ଼ିବେ ରଜା—ରଜାଙ୍କ ପାଖକୁ ଯେତେ କାଗଜ ଚିଠି ପତ୍ର ଆସିବ ପଢ଼ିଲେ ଯେନ୍ସର କରାହବ ତାପରେ ରଜାଙ୍କ ହାତକୁ ଆସିବ—ତାଙ୍କର ଗୁପ୍ତ କଥା ବୋଲି ଯେମିତି କିଛି ନାହିଁ। 'ମୋ ଚିଠି କାହିଁକି ଖୋଲିଲ ବୋଲି ସେଥି ରାଗି ପାରିବେନି କାହାରି ଉପରେ। ତାଛଡ଼ା ଛୋଟ ବଡ଼ ସମସ୍ତ ଘରୋଇ ବିଷୟରେ ବି ପାର୍ଲିଆମେଣ୍ଟର ଅନୁମତି ନବାକୁ ପଡ଼ିବ। ରଜା ଘର ପୁଅ ଝିଅ ବାହାହେଲେ ବି ପାର୍ଲିଆମେଣ୍ଟ ନାମଞ୍ଜୁର କଲେ ବାହାଘର ହବନି—ରଜା ପୁଅର ଜଣକ ସାଙ୍ଗରେ ପ୍ରେମ ହୋଇଗଲା ସେ ତାକୁ ବାହା ହବାକୁ ଚାହିଁଲେ ପାରିବନି—ସବୁ କଥାରେ ଯଦି ପର ଅଧୀନରେ ରହିଲ ତାହେଲେ ରଜା ହୋଇ ବଡ଼ ପଣିଆ କଣ ରହିଲା? ଆମର ଯେମିତି ପ୍ରେମ ହୋଇଯାଉ ଆମେ ଟୋକୀକି ନେଇ ଆସାମ କି ରେଙ୍ଗୁନ ପଳେଇ ଯାଇ ମାରୁଚେ—ବାପା ଘରୁ ବାହାର କରି ଦେଲେବି ଜବରଦସ୍ତ ଟୋକୀକୁ ବାହା ହୋଇ ଭିକ ମାଗି ପାରୁଚେ। ରଜା ହେଲେ ତା ସବୁ ହୋଇ ପାରିବନି।

ରଜାଙ୍କର ବେଶ ପୋଷାକ ବଦଳେଇବା କଥା ପଥ୍ୟ ମତେ ପୋଷେଇବନି—ଘଣ୍ଟା ଦେଖି ଟାଇମ ଅନୁସାରେ ଘଣ୍ଟାକୁ ଘଣ୍ଟା ମୁଁ ତ ବେଶ ବଦଳେଇ ପାରିବନି—ସକାଳୁ ଉଠି ଦାନ୍ତ ଘଷିବା ପାଇଁ ବାଥରୁମକୁ ଯିବାକୁ ଗୋଟାଏ ପୋଷାକ, ଚା ଖାଇବା ପାଇଁ ଆଉ ଗୋଟାଏ ପୋଷାକ—ସକାଳୁ ବୁଲିବାକୁ ବାହାରିଲେ ତ ଗୋଟାଏ ପୋଷାକ ଘୋଡ଼ା ଘୋଡ଼ାରେ ଚଢ଼ିବେ ଆଉ ଗୋଟାଏ ପୋଷାକ ଗାଧୋଇ ଗଲେ ଗୋଟାଏ ପୋଷାକ ତ ପିନ୍ଧିରିବାକୁ ହେଲେ ଆଉ ଗୋଟାଏ। ଦରବାରକୁ ଗଲେ ଯୋଉ ପୋଷାକ ଅନ୍ୟ କୌଣସି ମିଟିଂ ବା ପ୍ରଦର୍ଶନୀକୁ ଗଲେ ତାକୁ ପାଲଟି ଆଉ ଗୋଟାଏ—ଫୁଟବଲ ଖେଳିବାକୁ ଗୋଟାଏ ପୋଷାକ ତ ସିନେମା ଦେଖି

Digitized by srujanika@gmail.com

ଯିବାକୁ ଆଉ ଗୋଟାଏ । ଡିନର୍ ଖାଇବାକୁ ଆଉ ଗୋଟାଏ—ପୁଣି ମିଲ୍‌ଟାରୀ, ନେଭି ଏଅର ଫୋର୍ସ ପ୍ରଭୃତି ଭିନ୍ନ ଭିନ୍ନ ସୈନ୍ୟ ପରିଦର୍ଶନ କରିଗଲା ବେଳକୁ ଭିନ୍ନ ଭିନ୍ନ ପୋଷାକ—ମଣିଷ ଦିନଯାକ ଯଦି ଖାଲି ପୋଷାକ ବଦଳ କରୁଥିବ ତା ହେଲେ କାମ କଣ କରିବ ? ଫୁରସତ ମିଳିବ କେତେ ବେଳେ ? ତା ଛଡ଼ା ଏତେ କଟକଣାରେ ଛ ଦୋ ଦେଇ ଚଳି ହବନି—ଏତେ ରୁଟିନ୍ ଦେଖି ବେଶ ବଦଳେଇବ କିଏ ? ତା ଛଡ଼ା ମନେ କରନ୍ତୁ ଖରାଦିନ ହୋଇଛି ବେଳାଏ ଗରମ ହଉଛି କେବଳ ଗେଞ୍ଜି ଖଣ୍ଡେ ପିନ୍ଧି ବା କିମ୍ବା ଗେଞ୍ଜି ଖଣ୍ଡ କାଢ଼ି ଦେଇ ଖୋଲା ଦିହରେ ଧପ ଖଣ୍ଡିଏ ପାରି ଦେଲେ ଗଡ଼ ପଡ଼ ହବା, ରଜା ହେଲେ ଆଉ ତା ହବନି ? ମନଇଚ୍ଛା ଖାଇବା କଥା ଯେମିତି ହୋଇ ପାରିବନି ମନଇଚ୍ଛା ପିନ୍ଧିବା କଥା ବି ସେମିତି ହୋଇ ପାରିବନି ।

ତା ପରେ ପାର୍ଟ ପଡ଼ିବା କଥା—ଅବଶ୍ୟ ସେ ସମୟରେ ସ୍କୁଲ୍ ଥିଏଟର ତୁଳନାରେ ଅନେକଟା ସୁବିଧା ହବ—ଥିଏଟରରେ ଅନେକ ଗୁଡ଼ାଏ ପାର୍ଟ ମୁଖସ୍ଥ କରିବାକୁ ପଡ଼ୁଥିଲା—ମୁଖସ୍ଥ ନକରି ଖାଲି ପ୍ରମ୍ପଟିଂ ଉପରେ ଭରସା ରଖିଲେ ଅନେକ ସମୟରେ ଅପଦସ୍ତ ହବାକୁ ପଡ଼ୁଥିଲା—ବର୍ତ୍ତମାନ ଆଉ ମୁଖସ୍ଥ କରିବାକୁ ପଡ଼ିବନି ସେ ଗୋଟାଏ ସୁବିଧା—କେତେବେଳେ କଣ କଣ କୋଉଠି କହିବାକୁ ହବ ସେକ୍ରେଟାରୀ ମାନେ ପାଠ ଲେଖିଦେବେ, ସଭାରେ କାଗଜ ଦେଖି ପାର୍ଟଟା ପଢ଼ିଦେଲେ ବି ଚଳିବ । ତେବେ ପାର୍ଲିଆମେଣ୍ଟ ନା କୁଛ ବଡ଼ ସଭା ସମିତି ମାନଙ୍କରେ ବହୁତ ବଡ଼ ବଡ଼ ଲୋକମାନଙ୍କ ମଝିରେ ରଜା ଭଳିଆ ଛିଡ଼ା ହୋଇ ଭାଷଣଟା ପଢ଼ିଲା ବେଳକୁ ମୁହଁରୁ ଭାଷା ବାହାରିବ କି ନାହିଁ ସେଇଟା ବିଚାର କରିବାର କଥା କାରଣ ବହୁତ ମଣିଷଙ୍କ ମେଳକୁ ଯିବାକୁ, ସ୍କୁଲରେ ରେସି-ଟେସନ ବୋଲିଲା ବେଳକୁ ବା କ୍ଲାସରେ ଉଠିବା ବେଳେ ଏବଂ ଥିଏଟରରେ ପାର୍ଟ କଲା ବେଳକୁ ଉପରକୁ ନ ଦିଶିଲେ ବି ଭିତରେ ଭିତରେ ମୁଁ ଗୋଟିପଣେ ଥରେଁ, ପାର୍ଟ ଅଠା ହୋଇ ଯାଏ କାରଣ ମୁଁ ଟିକିଏ ନର୍ଭସ ଧରଣର ମଣିଷ । ମିଟିଂ, ବକ୍ତୃତା, ଭାଷଣ, ପରିଦର୍ଶନ ଏତେ ଅଡ଼ୁଆ ହୋଇ ପାରିବନି ? ଏଇ ସବୁ ନାନା କାରଣରୁ ମୋର ରଜା ହେବାକୁ ଜମାରୁ ଇଚ୍ଛା ନାହିଁ । ଖାଇବା, ପିନ୍ଧିବା ଚଳାଚଳଣ ସବୁ କଥାରେ ଯଦି ନିଜର ନିଜସ୍ୱ ହରେଇଲି ଆଉ ପରାଧୀନ ହେଲି ତା ହେଲେ ରଜା ହେବାର ଲାଭ କଣ ହେଲା ? ନିଜର ସ୍ୱାଧୀନ ଇଚ୍ଛା ହରେଇ ପର ଇଚ୍ଛା ଅନୁସାରେ ଚାଲନ୍ତି ହେଲେ ଆମର ସ୍ୱାଧୀନତା ରହିଲା କେମିତି ? ମୁଁ ସେଇଯୋଗୁ ମନରେ ଦୃଢ଼କରି ସ୍ଥିର କରିଛି ଯେ ମୋତେ ଯଦି କେବେ ଦେବାକୁ ସୁନା କଳଶି ଢାଳି ଦିଏ ତେବେ ମୁଁ ସଫା ନାହିଁ କରି ଦେବି ରଜା ହବାକୁ । ଯଦି ତେବେ ସୁଦ୍ଧା ଜୋର କରି ମତେ ରାଜ୍ୟ ଭାର ଦିଆଯାଏ ତେବେ ସାଙ୍ଗେ ସାଙ୍ଗେ ଭାରତ ସାଙ୍ଗରେ ମିଶେଇ ଦବା ପାଇଁ ସର୍ଦ୍ଦାର ପଟେଲଙ୍କ ପାଖକୁ ଟେଲିଗ୍ରାମ କରିବି ଆଉ ଅନୁରୋଧ କରିବି ଯେ ମତେ ରାଜ୍ୟର ରଜା ନ କରି ମୋର ବର୍ତ୍ତମାନର ସେଇ ଚାକିରୀ ଗୁଡ଼ିକରେ ଦରମାଟା ଟିକିଏ ବଢ଼େଇ ଦିଅନ୍ତୁ । ତା ଛଡ଼ା ଅନ୍ୟ ଉପାୟ କିଛି ଦେଖୁନି । ରଜାହବା ଅପେକ୍ଷା ବର୍ତ୍ତମାନରୁ ମୋର ଦରମାଟା ଟିକିଏ ବଢ଼ିଗଲେ ମୋ ପାଇଁ ବିଶେଷ ସୁବିଧାହେବ ଆଉ ମନକି ବି ଖୁସି ରହିବ ।

ହଁ, ତେବେ ଗୋଟାଏ କଥା ବିଷୟରେ ମୁଁ ଟିକିଏ ଜାଣିବାକୁ ଇଚ୍ଛା କରେ । ରଜା-ହେଲେ ଏତେ କେତେଟି ଖୋସାମଦିଆ ମିଳିବେ ? ସେମାନେ ଦିନରାତି ମୋ ପାଖରେ ଥାଇ ମତେ ଖୋସାମଦ କରିବେ କି ନାହିଁ ? ତା ଛଡ଼ା ଆଗକାଳର ରଜା ବା ବାଦଶାହଙ୍କ ପରି ମୋର ଯେତେଜଣ ରାଣୀ ବିବାହ କରିବାର ଅଧିକାର ଅଛି କି ନାହିଁ ? ଯଦି ଥାଏ ତେବେ ମୋର ବିଶ୍ୱାସ ସେଇ ଯେତେଜଣଙ୍କ ଖାଇବା ପିଇବା ଖର୍ଚ୍ଚ ଶାଢ଼ୀ ଗହଣା ଇତ୍ୟାଦି ଖର୍ଚ୍ଚ ବୋଧହୁଏ ଷ୍ଟେଟରୁ ମିଳିବ । ବୋଧହୁଏ ତାଙ୍କର ଚଳାଚଳ ପାଇଁ ମତେ କୌଣସି ମୁଣ୍ଡଖର୍ଚ୍ଚ କରିବାକୁ ପଡ଼ିବନି । ଯଦି ତାହା ହୋଇଥାଏ ବର୍ତ୍ତମାନ ସ୍ୱଭାବର ତଥା ମୋ ସ୍ତ୍ରୀ ବା ପାଟରାଣୀଙ୍କୁ ଛାଡ଼ିଦେଲେ ବାକି ଅନେଶ୍ୱତ ଜଣଙ୍କ ଉଆସ ପାଟରାଣୀଙ୍କ ଉଆସ ପାଖରୁ ଦୂରରେ ରହିଥିବ କିନା ? ମୁଁ ସେମାନଙ୍କ ସାଙ୍ଗରେ କଥାବାର୍ତ୍ତା ହେଲା-ବେଳେ ବା ତାଙ୍କ ଆଗେ ରହିଁଲେ ପାଟରାଣୀ ଜାଣି ପାରିବେ କି ନାହିଁ ? ମୋର ବିଶ୍ୱାସ ସେ ବିଷୟରେ ନିଶ୍ଚୟ କିଛି ବନ୍ଦୋବସ୍ତ ରହି-ଥିବ ତା ନହେଲେ ରଜାମାନେ ଘର ଚଳେଇ-ପାରନ୍ତେ କେମିତି ? ବର୍ତ୍ତମାନ ଆଉ ଗୋଟାଏ ଭାବିବାର କଥା ସେ ଅନେଶ୍ୱତ ଜଣଙ୍କୁ ବାଛିବାର ଭାର କାହା ଉପରେ ରହିବ ? ମୁଁ ନିଜେ ସେ ଭାର ନବାକୁ ଚାହେଁନି କାରଣ ଗୋଟିକୁ ବାଛି ନାହିଁ ମୁଁ ନାକେଦମ ହେଉଛି ଅନେଶ୍ୱତ କଥା ଛାଡ଼ନ୍ତୁ । ମୁଁ ରଜା ହେଲା ବେଳକୁ ଆଗରୁ ସେମାନେ ବଛାହୋଇ ଉଆସରେ ରହିଥିଲେ ମୋ ପକ୍ଷେ ସୁବିଧା ହବ-ସେମାନଙ୍କୁ ଥରେ ଥର କରି ବାହା ନ ହୋଇ ଗୋଟାଏ ବଡ଼ ବେଦୀରେ ସମସ୍ତଙ୍କୁ ଏକାଠି ବସେଇ ଥରକରେ ବାହାଘରର କାମ ତୁଟେଇ ଦବାଟା ମୁଁ ପସନ୍ଦ କରିବି । ମୁଁ ମୋର ଗୋଟିଏ ରାଣୀକୁ ନେଇ ପାରିଉଠୁନି । ବାକି ଅନେଶ୍ୱତ ଜଣ ବାହା ହେଲେ ଯେ ସମ୍ଭାଳିପାରିବି ସେକଥା କହୁନି ତେବେ ରଜାହୋଇ ନିଜର ସ୍ୱାଧୀନ-ତା ହରଉଛି ଯେତେବେଳେ, ଉଲଟକରି ନ ହରେଇବି କାହିଁ ? ସେଇଯୋଗୁ ମୁଁ ଆଗରୁ କହି ରଖୁଛି ପୋଷାକକୁ ହାତ ଅଥବା ପୂର୍ବରୁ ଅନେଶ୍ୱତ ରାଣୀ ଯେପରି ସଜଡ଼ା ହୋଇଥିବେ । ତା ନହେଲେ ମୁଁ ରଜା ହେବିନି ଜମା । ବର୍ତ୍ତମାନ ସ୍ୱଭାବର କଥା ହାତ ମିଳିବେ କୋଉଠି !!

—*—

## କୁତୁ କୁତୁ

ବାପା ଭଉଁକେ—ଅରେ ବାପୁ ! ଏତେ-ବେଳେ ଯାଏ କେଉଁଠି ଥିଲୁ ।

ପପୁ—ମାମୁଁଭାଇ ସଙ୍ଗରେ

ବାପା—ମାମୁଁ କେଉଁଠି ଥିଲା

ପପୁ—ମୋ ସଙ୍ଗରେ

ବାପା—ତୁମେ ଦୁହେଁ କେଉଁଠି ଥିଲ ରେ ?

ପପୁ—ଏକା ସଙ୍ଗରେ ।

—※—

Digitized by srujanika@gmail.com

ନିବନ୍ଧ

# ଚାଉଳରୁ ଖ ଜୀବନିକାର କ୍ଷୟ

( Loss of vitamin B. from Rice )

ଶ୍ରୀ କିଷନ କାନନଗୋ —

ମାନ୍ଦ୍ରାଜର କୁନୁରସ୍ଥ ଡ, ଏକ୍ରୋୟଡ୍‌ଙ୍କ ତତ୍ତ୍ୱାବଧାନରେ କୁନୁର କେନ୍ଦ୍ରରେ ହୋଇଥିବା ଖାଦ୍ୟସାର ବିଷୟକ ଗବେଷଣାରୁ ଜଣାଯାଇଛି ଯେ ଚାଉଳ ତିଆରି ହେବା ସମୟରେ ପ୍ରତ୍ୟେକ କଣ୍ଡାରେ (polishing) ଧାନରୁ 'ଖ' ଜୀବନିକା ବହୁ ପରିମାଣରେ କ୍ଷୟ ହେଉଛି କିନ୍ତୁ ଏହା ମଧ୍ୟ ଦେଖାଯାଇଛି ଯେ ଯଦି ଧାନ ଅଗରୁ ସିଝା ବା ଉଷୁମ ହୋଇଥାଏ, ତଦ୍ୱାରା ଏହି ଜୀବନିକାର କେତେକାଂଶ ଚାଉଳର ଉପରେ ଥିବା ଖୋଳପାରୁ (Germ and pericarp) ସିଝିବା ଅବସ୍ଥାରେ ଚାଉଳ ଭିତରକୁ ଯାଏ ତେଣୁ ପରେ କଣ୍ଡାହେବା ସମୟରେ ପୂର୍ବୋକ୍ତ ଉପାୟାବଲମ୍ବନ ଦ୍ୱାରା ଉକ୍ତ ଜୀବନିକା କେତେକ ପରିମାଣରେ ଚାଉଳ ଭିତରେ ସଞ୍ଚିତ କରି ଯାଇଥାଏ ଏବଂ ସାମାନ୍ୟ କେତେକାଂଶରେ ଏହାର କ୍ଷୟ ଘଟିଥାଏ ।

ସୁତରାଂ ଆମର ଏହି ପ୍ରଧାନ ଖାଦ୍ୟ ଉଷୁମ ନ ହୋଇ କଳକୁ ପଠାଗଲେ 'ଖ' ଜୀବନିକାର କ୍ଷୟ ଘଟିଥାଏ । ତେଣୁ ସେହି ଚାଉଳକୁ ଖାଇଲେ ସୋଥ ବା ବେରିବେରି (Beriberi) ଜାତୀୟ ବେମାରିରେ ପ୍ରାୟ ସମସ୍ତେ ଆକ୍ରାନ୍ତ ହୁଅନ୍ତି ।

ଏହା ଛଡା ମଧ୍ୟ ଚାଉଳରେ ଉପସ୍ଥିତ ଅନେକ ଖାଦ୍ୟସାର ପାଣିରେ ସହଜରେ ମିଳାଇ ଯାଉଥିବାରୁ ଚାଉଳ ଧୁଆ ପାଣି ଓ ପେଜରେ ଅନେକ ଖାଦ୍ୟ ସାରର କ୍ଷୟ ଘଟି ଥାଏ । ସାଧାରଣତଃ ଏଥିରେ ଉଦ୍ଦୀପନା ଶକ୍ତି ଛେନାଜାତୀୟ ଖାଦ୍ୟ ଲୁହା, 'ଖ' ଜୀବନିକା ନିକୋଟିନିକ୍ ଏସିଡ଼ ବୋଲି ଏକ ରସାୟନିକ ଦ୍ରବ୍ୟ (Necotinic acid) ଓ କ୍ୟାଲସିଅମ୍ ଓ ଫସ୍‌ଫୋରସ୍ ପରି ଧାତୁଜ ଦ୍ରବ୍ୟ (Calcium and Phosphorous)ର କ୍ଷୟ ବହୁଳ ପରିମାଣରେ ଘଟିଥାଏ । ନିମ୍ନରେ ଏହି କ୍ଷୟର ଏକ ତାଲିକା ଦିଆଗଲା ।

ଉଦ୍ଦୀପନା ଶକ୍ତି—୧୫ %

ଛେନା ଜାତୀୟ ଖାଦ୍ୟ—୧୦ %

ଲୁହା—୭୫%

କ୍ୟାଲସିଅମ୍ ଓ ଫସ୍‌ଫୋରସ୍ } ୫୦ %

'ଖ' ଜୀବନିକା ଓ ନିକୋଟିନିକ୍ ଏସିଡ୍ } ୪୦-୫୦%

ସାଧାରଣତଃ ଆମ୍ଭେମାନେ ଉଷୁନା ଚାଉଳ ଖାଉଁ । ଦୈନନ୍ଦିନ ରନ୍ଧନ ପ୍ରଣାଳୀରେ ଭାତ ରନ୍ଧା ହେବା ପରେ ଆମେ ଯେଉଁ ପେଜ ଗାଳି ଦେଉଁ ତା ଫଳରେ ଖାଦ୍ୟସାରର କି ପରିମାଣରେ କ୍ଷୟ ଘଟୁଛି ତାହା ଏସ୍. ବାନାର୍ଜି ଗବେଷଣା କରୁଥିଲେ । ସେ ତାଙ୍କ ବିବରଣୀରେ ସ୍ପଷ୍ଟ ଭାବରେ କହିଛନ୍ତି କି ଅରୁଆ ଚାଉଳ ଭାତ ଅପେକ୍ଷା ଉଷୁନା ଚାଉଳ ଭାତରେ ଖାଦ୍ୟସାରର କମ କ୍ଷୟ ଘଟିଥାଏ । ତାଙ୍କ ବିବରଣୀରେ ଦିଆ ହୋଇଥିବା ତାଲିକା ନିମ୍ନରେ ଦିଆଗଲା ।

| କ୍ଷୟ | କ୍ଷୟର ପରିମାଣ |
|---|---|
| ଛେନାଜାତୀୟ ଖାଦ୍ୟ | ୩୭ %— |
| ଲୁହା | ୪୭ %— |
| କ୍ୟାଲସିଅମ୍ | ୧୮ %— |

ସୁତରାଂ ଉପର୍ଯ୍ୟୁକ୍ତ ତାଲିକାର ବିଶ୍ଳେଷଣରୁ ଆମ୍ଭେମାନେ ଦୁଇଟି ବିଷୟ ପାଉଁ ।—

(୧) ଅରୁଆ ଚାଉଳ ଅପେକ୍ଷା ଉଷୁନା ଚାଉଳ ପୁଷ୍ଟିକର ଯେଣୁ ଖାଦ୍ୟସାରର କ୍ଷୟ ଅନେକ ପରିମାଣରେ କମ ଘଟିଥାଏ ।

(୨) ଅଧିକାଂଶ ଭାରତୀୟଙ୍କର ସାଧାରଣ ଦୈନିକ ଖାଦ୍ୟରେ ବହୁ ଖାଦ୍ୟସାର ଅଭାବ ଥାଏ । ତେଣୁ ଯଦି ପେଜ ନିଷ୍କାସନ କରିଦିଆଯାଏ ତେବେ ଅଭାବ ଅଧିକ ବଢିଯିବ । ତେଣୁ ପେଜ ଗାଳିବା ଉଚିତ ନୁହେ । ଏବଂ ସ୍ୱାସ୍ଥ୍ୟଗତ ଦୃଷ୍ଟିରୁ ପ୍ରତ୍ୟେକେ ଖାଉ ମରି ଭାତ ଖାଇବା ଉଚିତ ।

—*—

## କୁଟୁ କୁଟୁ

ହାକିମ ଚୋର ପ୍ରତି ରାଗି କହିଲେ "ଥରେ ଯେଉଁ ଘୋଡ଼ା ଚୋରିକରି ନେଲୁ ତାକୁ କଣ କଲୁ ?"

ଚୋର—ସେ ଘୋଡ଼ା ଓ ମୋର ଘୋଡ଼ା ଘୋଡ଼ା ବିକିକରି ଥାଳି ପଟେ କିଣିଲି ।

\+ ×

ଯୁଦ୍ଧ ଲାଗିଥିବା ସ୍ଥଳେ ଅନ୍ୟ ଜଣେ କରି ଅମାନୁଷିକ ଅତ୍ୟାଚାର କଲେ । ଗୋଟିଏ ଘୋ ଷ୍ଟାଲିନଙ୍କୁ ଗୋଳି ଦବା ଅପରାଧରେ ଜଣେ ସେନାପତିଙ୍କ ଆଗକୁ ଅଣାଗଲା । ସେନାପତି କହିଲେ—ମୁଁ ତୋତେ ଗୁଳି କରିଦେବି । ସେ କହିଲା—ହଜୁରେ ମୋ ପିଲାମାନେ ଉପାସ ମରିଯିବେ । ମୋତେ ବଞ୍ଚାଇଦିଅ—ମାର ନାହିଁ । ସେନାପତି କହିଲେ—ତୁ ଯଦି କହିଦେବୁ ମୋର କେଉଁ ଆଖିଟା କଣା ଓ କେଉଁ ଆଖି ଭଲ ତେବେ ମୁଁ ତୋତେ ଛାଡ଼ିଦେବି । ଓ ଲୋକ ବୁଝି ବୁଝି କହିଲା—ଡାହାଣ ଆଖି । ସେନାପତି ଆଶ୍ଚର୍ଯ୍ୟ ହେଲେ ସେ ଲୋକ ଠିକ କହିଦେଇଛି । ସେ ପଚାରିଲେ—ତୁ କିପରି ଜାଣିଲୁ ? ଲୋକ କହିଲା—ଏତ ଅତି ସହଜ କଥା । ଆପଣ ଯେଉଁ ଆଖିରେ-ମୁଁ କେଉଁଠି ସାମାନ୍ୟ ସହାନୁଭୂତିଭାବ ଦେଖିଲି । ନିଶ୍ଚୟ କାଚ ଆଖି ହୋଇଥିବ ବୋଲି ମୁଁ ଠିକ୍ କରି ନେଲି । ଭଲ, ବାହାନାର ପ୍ରାକୃତିକ ଆଖିରେ ସହାନୁଭୂତି କାହୁଁ ଆସିବ ? ×

Digitized by srujanika@gmail.com

# ଗାନ୍ଧୀ ବିଚାର ଧାରା

## ସ୍ୱଦେଶୀ

ମଙ୍ଗଳବାର ତେର ତାରିଖରେ ଜାତୀୟ ସପ୍ତାହ ସାଙ୍ଗ ହେଲା । ସବୁ ଦିଗରୁ ଦେଖିବାକୁ ଗଲେ ହିନ୍ଦୁ ମୁସଲମାନ ଏକତା ଏବଂ ବ୍ରିଟିଶ୍ ଆଇନକୁ ରଦ୍ଦ କରିବାର ସଂକଳ୍ପ ତଥା ସତ୍ୟାଗ୍ରହ ଭାବର ଏହା ଏକ ଉଲ୍ଲେଖ ଯୋଗ୍ୟ ପ୍ରଦର୍ଶନୀ । ଏଥର ବକ୍ତୃତା ମାନ ଆଗ ଠାରୁ ଅଧିକ ଶାନ୍ତିପୂର୍ଣ୍ଣ ନମ୍ର ଏବଂ ଯୁକ୍ତି ସଂଗତ ହୋଇଛି । ଆଜି ଯେତେ ଯାଗାରୁ ଖବର ମିଳିଛି ସେଥିରୁ ଜଣା ଯାଉଛି କୌଣସି ସଭାରେ ବିଶୃଙ୍ଖଳା ଘଟିନାହିଁ ।

ସବୁ ହେଲା କିନ୍ତୁ ସ୍ୱଦେଶୀ ଭୁଲି ଗଲା । ସତ୍ୟାଗ୍ରହ ଭାବ ଓ କାର୍ଯ୍ୟରୁ କଣ ସ୍ୱଦେଶୀ ସମ୍ଭୂତ ନୁହେଁ ? ନିଃସନ୍ଦେହରେ ସତ୍ୟାଗ୍ରହ ଭାବ ଓ କାର୍ଯ୍ୟରୁ ସ୍ୱଦେଶୀର ଜନ୍ମ । ଏବଂ ସ୍ୱଦେଶୀର କାର୍ଯ୍ୟ ସବୁଠାରୁ ଅଧିକ ଗଠନମୂଳକ । ବକ୍ତୃତାରେ ଏ କାର୍ଯ୍ୟ ସରେ ନାହିଁ । ନିଦା କାମରେ ହିଁ ଏ କାର୍ଯ୍ୟର ବିକାଶ । ଖାଲି ବକ୍ତୃତା ଓ ପ୍ରଦର୍ଶନୀରେ ୬୦ କୋଟି ଟଙ୍କା ବଞ୍ଚେଇ ହେବ ନାହିଁ । ଅଥଚ ଏହି ବାର୍ଷିକ ଧନ ଅପଚୟକୁ ବନ୍ଦ କରିବାକୁ ଚାହିଁ ସ୍ୱଦେଶୀର ପରିସର ଅତ୍ୟନ୍ତ ବ୍ୟାପ୍ତ । ଭାରତୀୟ ମାତୃତ୍ୱର ସମ୍ମାନ ଏହି ସ୍ୱଦେଶୀ ଉପରେହିଁ ନ୍ୟସ୍ତ । କଳ କାରଖାନାର ଶିଳ୍ପ ସହିତ ଯେ ସଂସ୍ପର୍ଶରେ ଆସିଛନ୍ତି ସେମାନେ ଜାଣନ୍ତି ଯେ କାରଖାନାରେ କାମ କରୁଥିବା ମହିଳା ମାନେ କପଟ ପ୍ରଲୋଭନ ଓ ବିପଦର କବଳରେ ଅରକ୍ଷିତ ହୋଇ ଥାନ୍ତି । ସେପରି ହେବା ଅନ୍ୟାୟ । ପରେ କାମ ନଥାଇ ବହୁ ନାରୀ ରାସ୍ତା ମରାମତି କାମରେ ଖଟନ୍ତି । ଯେଉଁମାନେ ଏ ପରିଶ୍ରମର କଠିନତା ବୁଝନ୍ତି ସେମାନେ ଜାଣିବେ ଏ କାମ କରୁଥିବା ସ୍ତ୍ରୀଲୋକ ମାନଙ୍କୁ କି ବିପଦର ସମ୍ମୁଖୀନ ହେବାକୁ ପଡ଼େ । ତାଙ୍କୁ ଚରଖା ଯୋଗାଇ ଦିଅ— ଦେଖିବ କୌଣସି ନାରୀ ଚରଖା ଛଡ଼ା ଅନ୍ୟ ପେଶା ଖୋଜିବ ନାହିଁ । ସ୍ୱଦେଶୀ ଅର୍ଥ କୃଷିକୁ ଛାଡ଼, ମନୁଷ୍ୟର ଏକ ଦ୍ୱିତୀୟ ବୃତ୍ତି ବା ପେଶାରୁ ଆୟ ହୋଇଥିବା ଧନର ସମୀକରଣ ବା ସମାନ ବଣ୍ଟନ । ଏହା କୃଷି ବ୍ୟବସାୟକୁ ସମ୍ପୂର୍ଣ୍ଣ କରେ ଏବଂ ଆପେ ଆପେ ଆମର କ୍ରମବର୍ଦ୍ଧମାନ ଦାରିଦ୍ର୍ୟ ସମସ୍ୟାକୁ ସମାଧାନ କରିବା ଦିଗରେ ଯାନ୍ତ୍ରିକ ସାହାଯ୍ୟ ଦିଏ ।

ଏଣୁ ସ୍ୱଦେଶୀ ଆମର ବାସ୍ତବରେ କାମଧେନୁ ସ୍ୱରୂପ । ଏହା ଆମର ସବୁ ଅଭାବକୁ ପୂରଣ କରି ଆମ ଜୀବନର ବହୁ ସମସ୍ୟାର ସମାଧାନ କରେ । ଯେଉଁ ପେଶା ଆମର ସମ୍ମାନ ରକ୍ଷା କରିବା ସଙ୍ଗେ ସଙ୍ଗେ ଆମର ଜୀବିକା ମଧ୍ୟ ଦିଏ ସେ ପେଶା ଆମର ଧାର୍ମିକ ଅନୁଷ୍ଠାନ ଓ କର୍ତ୍ତବ୍ୟ ।

କିନ୍ତୁ ଏତେ ବିଶାଳ ସିଦ୍ଧି ହାସଲ କିପରି କରିବା ? ଏହାର ଉତ୍ତର ଅତି ସରଳ । ଯେଉଁମାନେ ଏହି ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରୁଛନ୍ତି ସେମାନେ ନିମ୍ନ ଲିଖିତ ସମସ୍ତ ନିର୍ଦ୍ଦେଶ କିମ୍ବା ଅନ୍ତତଃ ତହିଁରୁ ଗୋଟିଏ ବିଷୟକୁ ଧରି କାର୍ଯ୍ୟ କରି ପାଆନ୍ତୁ ।

୧ । ସ୍ତ୍ରୀ ହେଉନ୍ତୁ ବା ପୁରୁଷ ହେଉନ୍ତୁ ନିଜେ ସୂତା କାଟି ଶିଖ । ଅର୍ଥ ଆବଶ୍ୟକ ଥିଲେ ଏ କାମର ମୂଲ୍ୟ ନେଇପାର କିମ୍ବା ପ୍ରତ୍ୟହ ଏଇ ଏକଘଣ୍ଟା ଶ୍ରମକୁ ଜାତିର କଲ୍ୟାଣ ପାଇଁ ଦାନ କର ।

୨ । ମନର ପରିବର୍ତ୍ତନ ପାଇଁ ହେଉ ବା ଜୀବିକା ପାଇଁ ହେଉ ଲୁଗା ବୁଣି ଶିଖ ।

୩ । ବର୍ତ୍ତମାନ ଚରଖା ଓ ତନ୍ତର ଉନ୍ନତି କର ଏବଂ ଯଦି ଧନୀ ହୋଇ ଥାଅ ତେବେ ଏଭଳି ଉନ୍ନତ ଧରଣର ଚରଖା ତନ୍ତ ଯେଉଁମାନେ କରିବେ ସେମାନଙ୍କୁ ଦାନ କର ।

୪ । ସ୍ୱଦେଶୀର ବ୍ୟବହାର ପାଇଁ ପ୍ରତିଜ୍ଞା କର ଏବଂ ହାତ ବୁଣା ଓ ହାତ କଟାକୁ ଆଦର କର ।

୫ । ବନ୍ଧୁ ବାନ୍ଧବଙ୍କ ମଧ୍ୟରେ ଏହି ଖଦା ପ୍ରଚଳନ କରାଅ ଏବଂ ବିଶ୍ୱାସ କର ଯେ ଆମର ଗରିବ ଭଉଣୀ ମାନେ ଯେଉଁ ସୂତା ବା ଖଦା ପ୍ରସ୍ତୁତ କରିଛନ୍ତି ସେଥିରେ ଅଧିକ ମାନବିକତା ଏବଂ ଅଧିକ କଳା ନିହିତ ଅଛି ।

୬ । ତମେ ଯଦି ସନ୍ତାନର ମାତା ହୋଇଥାଅ ତେବେ ତମର ଛୁଆ ପିଲାଙ୍କୁ ଏକ ପରିଚ୍ଛନ୍ନ ଜାତୀୟ କୃଷ୍ଟିର ଶିକ୍ଷା ଦିଅ ଏବଂ ଯେଉଁ ଖଦା ଲକ୍ଷ ଲୋକଙ୍କୁ ସହଜରେ ମିଳିବ ଏବଂ ସହଜରେ ପ୍ରସ୍ତୁତ ହୋଇ ପାରିବ ସେହି ସୁନ୍ଦର ଶରୀର ପୋଷାକ ତାଙ୍କୁ ପିନ୍ଧିବାକୁ ଦିଅ ।

ଅତଏବ ସ୍ୱଦେଶୀର ଅର୍ଥ ହେଉଛି ଗୋଟିଏ ନିର୍ଦ୍ଦୋଷ ଅନୁଷ୍ଠାନ ଗଠନ କରିବା । ଯେଉଁ ଅନୁଷ୍ଠାନର ପ୍ରତ୍ୟେକ ଅଙ୍ଗ ଅନ୍ୟ ଅଂଶ ସହିତ ଏକ ତାଳରେ କାର୍ଯ୍ୟ କରିବ । ଆମେ ଯଦି ଏହା ଭଳି ଏକ ଅନୁଷ୍ଠାନ ଗଠନ କରି ପାରିବା ତେବେ କେବଳ ସ୍ୱଦେଶୀର ସୁଫଳ ଯେ ଫଳିବ ତା ନୁହେଁ—ସ୍ୱତଃ ଆମ୍ଭମାନଙ୍କର ଏହି କାର୍ଯ୍ୟକର୍ମର ସ୍ୱାଭାବିକ ଭାବରେ ଆମର ସ୍ୱରାଜ ମଧ୍ୟ ଆସିଯିବ ।

—*—

## ବାପୁଜୀ ବକ୍ଷୁ ରକ୍ତ ଝରେ ।

ରାସ୍ତାର ଧୂଳିପରେ,
ମହା ମାନବର ବକ୍ଷ ଭିଜାଇ ରକ୍ତର ନିର୍ଝର ଝରେ
ବିଶ୍ୱକୁ ଆଜି ନିଃସ୍ୱ କରି ସେ କ୍ଷଣରେ ହେଲା ଲୀନ,
ନଶ୍ୱର ତନୁ ଧୂଳିଶେଯେ ଲୋଟେ ନମ୍ର ଓ
ଅଛି ଲୀନ ।
ଶେଷ ନିଦ୍ରାରେ ଶୋଇଲା ସିଏରେ ଗୃହହୀନ
ଆଜି ଥରେ,
ରାସ୍ତାର ଧୂଳି ପରେ ।

÷ ÷ +

ବୃଦ୍ଧ ସାଧକ ସିଦ୍ଧ,
ରକ୍ତ ଲୋଲୁପୀ ବିଦ୍ୱେଷୀ କେଉଁ ବିଷାକ୍ତ ଗୁଳି ବିଦ୍ଧ ।
ତାହାର ପାଇଁ ତ ଢାଳିଥିଲ ଅଙ୍ଗୁ ପ୍ରତି ରକ୍ତର
କଣା,
ଶୃଗାଳ ମୂଢ଼ ଭୁଲିଗଲା ଜୀବ ଏଇପାର ବୁଝାମଣା
ପୁଣ୍ୟ ଦେହେକି ଗୁଳି ଚଳାଇ ପିଶାଚ ସେ
ମହାକ୍ରୁଦ୍ଧ,
ସନ୍ନ୍ୟାସୀ କୁଳବୃଦ୍ଧ ।

× + ÷

ବାପୁହେ ସ୍ୱର୍ଗବାସୀ
ପିତୃହରା ଏ ଏସନ୍ତାନ ଗଣେ ମାଗଇ
ଆଶିଷରାଶି ।
ଅହିଂସା ମନ୍ତ୍ରେ ଦୀକ୍ଷିତ କଲ ସେହିତ ତମର
ଶିକ୍ଷା,
ଲକ୍ଷ୍ୟ ଆମର ସଂଯତ ରହୁ ଏତିକି ମାତ୍ର ଭିକ୍ଷା
ଧ୍ୟାନ ଜନନୀର ଅଶ୍ରୁ ନୟନ ଲୁହ ପୋଛି ଦିଅ
ଆସି,
ବାପୁହେ ସ୍ୱର୍ଗବାସୀ ।

—*—

ଶ୍ରୀ ଶିବବ୍ରତ ଦାସ

Digitized by srujanika@gmail.com

ମଞ୍ଚା କବିତା -

## ଦ୍ରୌପଦୀ ଆଜି କାନ୍ଦେ

ହାୟ ହାୟ ଓଡାରକଲା ହାୟ ମୋର ବାପ ଶରସୁଅଁ,
ଛ'ମାସର ଶିଶୁ ଦୁହେଁ କାନ୍ଦୁଥିଲ କୋଳେ କୁଅଁ କୁଅଁ ।
କେଡ଼େ ସାଧ ଥିଲା ମୋର ପଶଶଟି ପୁଅ କୋଳେ ଧରି,
ଚର ହଳ ଭୃଗିନାରେ ମୁହିଁ, ହୃଦ ଅକ ଉଠିଥାନ୍ତା ଭରି ।
ଏହାପରି ଛାଡଗଲେ ସିଂହଭୂମି ଧଲଭୂମି ଦିନେ,
କାନ୍ଦି କାନ୍ଦି କେତେ ଲୁହ ଗଡ଼ାଇଲି ମୁଁ ଡାକର ଶନେ ।
କାଲେ କାଲେ ମୋର ସଙ୍ଗେ ସଉତୁଣୀ ସାଧୁଅଛି ବାଦ,
ମୋ' ଦୁଃଖରେ ମୁହିଁ ଅଛି କଲି କବା ତାରେ ଅପରାଧ ?
ମନ୍ଦଭାଗୀ ହରେକୃଷ୍ଣ ହାମ୍ବଡ଼ା ଗାଢ ଧରି ମନେ,
ପଠାଇଲେ କେଁପିକରେ—ସାନଭାଇ—ଛୋଟ ବୃଦ୍ଧି ପଣେ ।
ଏକ କୃଷ୍ଣ ବୋଲି ବାବା ଚରକାଳ ଅସିଥିଲି ଶୁଣି,
ଗହ ଟେହ କୃଷ୍ଣ ହେଲେ ଏବେ ମରେ ମୁହିଁ ତାହା ଗୁଣି ।
ଯେ ଶ୍ରୀକୃଷ୍ଣ ହରେ କୃଷ୍ଣ ଏହି, ହୃଦେ ମୋର ଦେଲେ ଚପଟ୍ଧଳା ।
ବେଣୀକୃଷ୍ଣ ବସି ଅବା କାହିଁ ନାପମୁଲେ ହୋଇଥିଲେ ସଖ !
ପାଞ୍ଚପଢ ଥିଲେ ଅଗ ଏବେ ହେଲେ ମୋର ସାତପଢ,
ତେବେ ବ ମୋ ଅଭିମନ୍ୟୁ କାହିଁ ଗଲୁ କହରେ ସମ୍ପର୍ହି !
ଦ୍ୱାପରରେ ବିବସନ କରୁଁ ଦୁଃଶାସନ କୁରୁ ସଭାତଳେ,
କୋଟି ବସ୍ତ୍ର ଦେଇ କୃଷ୍ଣ, ପ୍ରଭୁ ନାମ ରହିଲା ଭୂତଳେ ।
ଭୀମସେନ ପଣକରି ଉପାଡିଲେ ଦୁଃଶାସନ ବାହୁ,
ସାତପଢ ଅଛ ଏବେ ଜଣେ କି ହେବ ନ ସାଧୁବ ଦାଉ ?
ବାରବାର ବିବସନା ହୁଏ ଏବେ ସପତ୍ନୀ ହାତେ,
କିଏ ଅଛ ଭୀମସେନ ଅସ, କାଳେବର ଗଦା ଧରି ହାତେ !
ଜଳ ଜଳ ଚାହୁଁ ଅଛ କିସ ଅହେ ନିଟଟକ ନିତ୍ୟାନନ୍ଦ,
ହେ ପବନ କଟିଲେଶ, ଦେଖା କୃଷ୍ଣ କବା କଲି ମନ୍ଦ ।
ବଡ଼ ବଡ଼ କଥା କହ ଏବେ ବେଳେ ବୁଦ୍ଧି ହେଲା ବଣା,
ରେବରମ୍ଭହା ! ତୁମେ ସବୁ ସବୁକଥା ଏବେ ଗଲା ଜଣା ।
ଝିନ୍ଦ୍ର ମୋର କେନ୍ଦ୍ର ବନ୍ଧୁ କହୁଥାନ୍ତା ଶିବ ପ୍ରଣିଧରେ,
କି କଲି କି କଲି ତୁମେ ମିଶାଇଲି ମହା ପାରବାରେ !
ସତେ କି ସେ ସାଗରକୁ ମୋ ପୁଅକୁ ଅଣିବ ମୁଁ ଠାଣି,
ସଉତୁଣୀ ଶତ୍ରୁ ହୋଇ ମୋ କୋଳରେ ଗ୍ରେଚ୍ଛ ଦେଲା ହାଣି ।
ବାପରେ ମୟୂର ଭଞ୍ଜ ଧଳ ଧର ବାହା ମୋର ଧର,
ପିଲାଙ୍କ ଅଭାବ ଦେଖି କୋଳ ମୋର ନହୁଅ ଅନ୍ତର ।
ବୃଦ୍ଧି ପିଲୁ ଯେବେ ଧନ ସଉତୁଣୀ ଯମ ଅଛି ଠାବି,
କାଲ ବାଜ ସେହି ମୋର ଶୂନ୍ୟେ ଶୂନ୍ୟେ ମାରିନେବ ଝାଙ୍କି ।
କାହାକୁ କହିବ ଅବା ନିଜ ଲାଜ ନିଜ ଘର କଥା,
ଏତେ ଏତେ ପଡ଼ ମୋର, ଛିଃ ଛିଃ, ଦଳେ ପୋଡିଦେଲା ମଥା ।
ନ ଅଣିଲେ ପୁଏ ମୋର, କର ଦେଲେ ମନ ମୋର ଫିକା,
ଅଭିଶାପ ଦେବ ମାଥେ ବାନ୍ଧିଥିବ କଳଙ୍କର ଟୀକା !

ଶ୍ରୀ ପରଶୁରାମ ମୁଣ୍ଡ ।

—*—

## ପ୍ରଜାତନ୍ତ୍ରର ତଳେ

ଅନ୍ଧାରି ମୂଳକେ ଅଲୁଅ ଜାଳି ଲ
ଗଡ଼ଜାତ ହେଲା ମୁକ୍ତ,
କଳଙ୍କ କେଶରୀ ସମର ଅହ୍ୱାନେ
ଓଡ଼ିଆ ହେଲା ଜାଗ୍ରତ ।
ପ୍ରଜାତନ୍ତ୍ରର ତଳେ

ଶତ ଶତାବ୍ଦୀର ରାଜୁତ୍ବା ଶାସନ ଲୁପ୍ତ ହୋଇଲା ହେଲେ ।
ନେତାଏ କହିଲେ ଗଡ଼ଜାତୀ ତୁମେ
ନ କରିବ ମଠ ଅଉ,
ପ୍ରଦେଶରେ ମିଶି ମତ କର ବ୍ୟକ୍ତ
ପାର୍ଥକ୍ୟ ଅଉ ନ ରହୁ ।
ପ୍ରଜାତନ୍ତ୍ରର ତଳେ

(ଏବେ) ମୁଖ ତବ ସିନା ସିଲକ ହୋଇଛ ନୂଆ ଅର୍ଡ଼ିନାନ୍ସ ବଳେ
ପାଞ୍ଚଜଣ ସଙ୍ଗେ ଏକାଠି ରହିବା
କମି ସୌଭାଗ୍ୟର କଥା,
ତୁମ ଲାଭ ପାଇଁ ଅଣିଅଛୁ ଅମେ
ଗୃହଭଙ୍ଗରେ ମହାର୍ଘତା ।
ଅପେକ୍ଷା କରିବ ତୁମେ

ସବୁଥର କଣ ଲୁଗା ବୃଦ୍ଧିପିବ ପାକିସ୍ଥାନ ଆଉ ଭ୍ରମେ ?
ରାଜା ଗଲେ ବୋଲି ନହୁଁରିବ ତୁମେ
ଯୋଗାଇ ଅଛୁଁ ଶାସକ,
ଏକଛତ୍ର ତୁମ ନରପତି ପାରୁ
କେଉଁ ଗୁଣେ ସେହି ନିକ ?
ତୁମର ସୁବିଧା ପାଇଁ

ତୁମ ଅଦୃଶ୍ୟରେ ଶାସନ ଚଳାନ୍ତ ଅନନ୍ତ ଶୟନେ ରହି ।
ଗଡ଼ଜାତ ବାସୀ ସାନବଡ଼ା ମାନେ
ଶୁଣ ଅମ ନିବେଦନ,
ଅମ ମୁଣ୍ଡ ଅଉ ଗରମ ନକର
କରନା ହେ ଅନ୍ଦୋଳନ ।
ପ୍ରଜାତନ୍ତ୍ରର ତଳେ,

ଅସୁବିଧା ହେଲେ ଅନ୍ୟ ପ୍ରଦେଶରେ ଛାଡ଼ିବୁ ତୁମରେ ବଳେ ।

ଶ୍ରୀଯୁକ୍ତ ବଳଭଦ୍ର ମହାପାତ୍ର

କଳାହାଣ୍ଡି ।

—*—

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । କୋମଳମତି କିଶୋର ପ୍ରାଣରେ ନବଜାଗରଣ ଆଣିବା, ଛାତ୍ରର ପଢ଼ାପଢ଼ି ବଢ଼ାଇବା । ସେମାନଙ୍କର ବିକାଶ ଓ ସର୍ବାଙ୍ଗୀଣ ଉନ୍ନତି ସାଧନା କରିବା । ୨ । 'ଜହର'ର ମାଧ୍ୟମରେ ଶିଶୁମାନଙ୍କ ଦ୍ୱାରା ବନ୍ଧୁମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହାସ ଦ୍ୱାରା ଅହିଂସା, ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ତଳେ ବାଳକ ବାଳିକା ମାନଙ୍କ ପାଇଁ)

## ସେବା

—ପ୍ରବନ୍ଧ ପ୍ରତିଯୋଗିତା—
( ପ୍ରଥମ ସ୍ଥାନ ପ୍ରାପ୍ତ ରଚନା )

ମନୁଷ୍ୟର ଏକ୍ଷଣଭଙ୍ଗୁର ଜୀବନ ସ୍ୱପ୍ନମୟ କଳ୍ପନା-ପ୍ରସୂତ ନୁହେଁ, ରହସ୍ୟମୟୀ ଗଦ୍ୟନୁହେଁ—କିମ୍ବା ବହୁଦର୍ଶୀ କବିଙ୍କର କାଳ୍ପନିକ ସୌନ୍ଦର୍ଯ୍ୟର ଅପୂର୍ବ ବିଭବ ନୁହେଁ ।

ଏହା ଏକ ବାସ୍ତବତାର ପ୍ରତିମୂର୍ତ୍ତି । ସେବା କିମ୍ବା କର୍ମମଧ୍ୟଦେଇ ଜୀବନର ସୌନ୍ଦର୍ଯ୍ୟ ପ୍ରସ୍ଫୁଟିତ ହୁଏ ଏବଂ ଏହାର ସୌରଭ ମହକି ଉଠେ—। ଏହି ସେବା ଦୁଇପ୍ରକାର ହୋଇପାରେ:—ସ୍ୱାର୍ଥଜଡ଼ିତ ଏବଂ ସ୍ୱାର୍ଥହୀନ; ଲୋକସେବା କିମ୍ବା ଦେଶ ସେବା କରି ମନୁଷ୍ୟ ମହାମାନ୍ୟ ବିଶ୍ୱ ପୂଜ୍ୟ ମହାତ୍ମା ଗାନ୍ଧିଙ୍କ ପରି ବଡ଼ ହୋଇ ପାରନ୍ତି । ଲୋକସେବାରେ—ପ୍ରକୃତ ଶାନ୍ତି ଓ ଆନନ୍ଦ ମିଳେ । ସ୍ୱାର୍ଥଜଡ଼ିତ ସେବା କରି କ୍ଷଣିକ ଆନନ୍ଦ ମିଳେ ମାତ୍ର ଏଥିରେ ଲୋକ ଆଶାର ମରୀଚିକା ପଛରେ ଧାଏଁ । କିନ୍ତୁ ଲୋକ ସେବା ସ୍ୱାର୍ଥଜଡ଼ିତ ନୁହେଁ । ଏହାର ମନୁଷ୍ୟ ଜୀବନ ଉପରେ ଅଶେଷ ପ୍ରଭାବ ପଡ଼େ । ଏହି ନିଃସ୍ୱାର୍ଥ ସେବା ଲୋକକୁ ଚିର ଶାନ୍ତି ଦିଏ । ଏହି ସେବା ଦ୍ୱାରା ମନୁଷ୍ୟର ସଙ୍କୀର୍ଣ୍ଣ ମନୋଭାବ ଦୂର ହୁଏ । ଜୀବନର ପରିସର ବଢ଼େ, ହୃଦୟରେ ଅବିଳତା ରହେନା । ଦୃଷ୍ଟିକୋଣ, ପରିବର୍ଦ୍ଧିତ ହୁଏ । ମନୁଷ୍ୟ ତାର କର୍ତ୍ତବ୍ୟମୟ ଓ କଣ୍ଟକାକୀର୍ଣ୍ଣ ଜୀବନ ପଥରେ ଗତି କରୁଥିଲେ ଏହି ଲୋକ ସେବା କିମ୍ବା ଦେଶ ସେବାରେ ରତ ରହି ନିଜର ନୈତିକ, ଆଧ୍ୟାତ୍ମିକ, ଓ ସାମାଜିକ ଜୀବନର ସର୍ବାଙ୍ଗୀନ ଉନ୍ନତି ସାଧନ କରି କଳେବରର ତଥା ମାନବିକତାର ବିକାଶ ସାଧନ କରିବାହିଁ ଶ୍ରେୟ ।

ଶ୍ରୀମତୀ ପ୍ରତିମାକୁମାରୀ ତ୍ରିପାଠୀ
ନା: ବ: ୮ ୧୬

—•—

## ସେବା

[ ୨ୟ ସ୍ଥାନ ପ୍ରାପ୍ତ ରଚନା ]

ମନୁଷ୍ୟକୁ ସମାଜ ବଦ୍ଧ ଜୀବନ ଯାପନ କରିବାକୁ ହେଲେ ପରସ୍ପରର ସୁଖ ଦୁଃଖରେ ଭାଗୀ ହେବାକୁ ହେବ । ଅର୍ଥାତ୍ ତା ପରର ଅଭାବ ମୋଚନ ପାଇଁ ତାହାର ଦୈନ୍ୟରେ ନିଜର ସୁଖକୁ ଅମ୍ଳାନ ଦେଇ ନିସ୍ୱାର୍ଥ ଭାବରେ ଉପକାର କରିବାର ନାମ 'ସେବା'

ସେଥିପାଇଁ ଯଥାର୍ଥରେ ଆର୍ଯ୍ୟ ଋଷିମାନେ କହିଛନ୍ତି 'ପରୋପକାରାୟ ସ୍ୱର୍ଗାୟ ।' ବୁଭୁକ୍ଷୁକୁ ସାହାଯ୍ୟ କରିବା, ରୁଗ୍ଣଙ୍କୁ ଚିକିତ୍ସା କରିବା, ନଗ୍ନ ଅସହାୟକୁ ଅଙ୍ଗାଚ୍ଛାଦନ ଭୂଷଣ ଦେବା ବ୍ୟକ୍ତି ବିଶେଷ ଠାରୁ ଆରମ୍ଭ କରି ସାରା ସମାଜର ଅଧୋଗତିକୁ ବାରଣ କରି ଗଠନ କରିବାହିଁ ପ୍ରକୃତ ସେବାର ପରିଚାୟକ । ଆଦି ମନୁଷ୍ୟ ହୃଦୟରେ ଭଗବାନ ଏହି ସେବାର ଭାବ ବପନ କରି ନଥିଲେ କୌଣସି ଗୋଷ୍ଠୀ, ସମାଜ ଦେଶ ବା ବ୍ୟକ୍ତି ବିଶେଷ ବଞ୍ଚି ରହିବା ଅସମ୍ଭବ ହୋଇଥାନ୍ତା । ଏହି 'ସେବା' ମାନବ କାହିଁକି ଇତର ଜୀବଠାରେ ମଧ୍ୟ ଲକ୍ଷିତ ହୁଏ । ସାମାନ୍ୟ ପିପିଲିକା ଠାରୁ ଅତିକାୟ ହସ୍ତୀ ପର୍ଯ୍ୟନ୍ତ ସମସ୍ତେ ନିଜ ନିଜର ଗୋଷ୍ଠୀ ମଧ୍ୟରେ ଅଭାବ ଅସୁବିଧା ବେଳେ ପରସ୍ପର ସାହାଯ୍ୟଶୀଳ ହେବାରେ ବ୍ୟସ୍ତ । ସମାଜକୁ ଗଠିତ କରିବା ପାଇଁ ବହୁ ବୀର ସେମାନଙ୍କ ଜୀବନ ସେଥିପାଇଁ ଉତ୍ସର୍ଗ କରି ଅଛନ୍ତି । ସେମାନଙ୍କର ସ୍ଥାନ ସମାଜର ଅତି ଉଚ୍ଚରେ । ସମାଜରେ ପୂଜ୍ୟ, ଜନପ୍ରିୟ, ବରେଣ୍ୟ ନେତୃ-ସ୍ଥାନୀୟ ପ୍ରକୃତରେ ସେହି ମାନେ । 'ସେବା'ଠାରେ ଅବିଳତା ନାହିଁ । ଏହା ସ୍ୱଚ୍ଛ, ପବିତ୍ର—ହୃଦୟକୁ ଅପୂର୍ବ ଆନନ୍ଦ ଧାରାରେ ପ୍ଲାବିତ କରେ—ନିଜର ଚିନ୍ତା ଓ ଆଦର୍ଶର ଧାରାକୁ ଉନ୍ନତ ଓ ବହିର୍ମୁଖୀ କରିଦିଏ । ଅବଶ୍ୟ ସେବକ ହେବା ପାଇଁ ଯଥେଷ୍ଟ ତ୍ୟାଗ କଷ୍ଟ ସ୍ୱୀକାର କରିବାକୁ ପଡ଼େ । ମାତ୍ର ଏହାର ପରିଣତି ସୁଖମୟ—ଗଠନ ମୂଳକ । ଗାନ୍ଧି, ଯିଶୁ, ତିଳକ, ବୁଦ୍ଧ, ଗୋପବନ୍ଧୁ ପ୍ରମୁଖ ସମାଜର ସେବା ପାଇଁ ନିଜର ପ୍ରାଣଟିକୁ ଭେଟି ଯେପରି ଦାନ କରି ଯାଇଛନ୍ତି ! ସେବା ଦାନ ଦିଏ—ଗ୍ରହଣ ନାହିଁ । ଖ୍ରୀଷ୍ଟ, ନିତ୍ୟାନନ୍ଦୀ ଗଣ । ପୃଥିବୀର ଶ୍ରେଷ୍ଠ ସେବା ଉପାସକଗଣ ମାନବ ସମାଜକୁ ଯେଉଁ ମହାମନ୍ତ୍ର ଦୀକ୍ଷା ଦେଇ ତାହାକୁ ସଞ୍ଜୀବିତ କରିଛନ୍ତି ସମସ୍ତେ ଜୀବନକୁ ସେଥିରେ ଉତ୍ସର୍ଗ କର । ସମସ୍ତ କ୍ଲିଷ୍ଟତା ଧ୍ୱଂସ ହେଉ । ଭ୍ରାତୃତ୍ୱ, ପ୍ରେମ ସୌହାର୍ଦ୍ଦ୍ୟ ଦ୍ୱାରା ଧରା ସ୍ୱର୍ଗରେ ପରିଣତ ହେଉ ।

ଶ୍ରୀ ଗଦାଧର ଦାଶ [୮୩୦]

—*—

## ଅବସର ବିନୋଦନ ନଂ ୨

ଅବନା ମୋ ନାମ ତିନି ଅକ୍ଷର;
ମୁଁ ଥିଲେ ଲୋକର ନ ଥାଏ ଡର
ମୋର ପାଇଁ କେତେ ଘରଭଙ୍ଗାଇ,
ସେଥିପାଇଁ ମୋତେ ଭଗାର କହି ।
ଖୋଜାଇବା ଇଚ୍ଛା ହେଲେ ପ୍ରବଳ,
ଦ୍ୱିତୀୟ ତୃତୀୟ କରିଦେ ତଳ ।
ଲୋପକରିଦେଲେ ମଝିଅକ୍ଷର,
ଦୁଇଅରେ ତା'ର ବେଶି ଆଦର ।
ଆଉ ଏକ ଅର୍ଥ ବସିଲେଧରି;
ତା'କୁ ନହୋଇଣ ନଯା' ବାହାରି ।
ତୃତୀୟ ଅକ୍ଷର ଲୋପ କରିଲେ,
ସେହି ଶବ୍ଦ ଅଟେ ବଡ଼ ଫସାରେ ।
ପୁଣି ଅନ୍ୟ ଅର୍ଥ ଧରି ବସିଲେ,
'ସାଥି' ଅର୍ଥଟି ଯେ ଆସଇଚଳେ ।
ତୃତୀୟ ପ୍ରଥମ ଦେଲେ ମିଶାଇ,
ସାର ବୋଲି ତାକୁ ସୁସ୍ୱରେ କହି ।
ଦ୍ୱିତୀୟ ପ୍ରଥମ ଦିଅର ଯୋଡ଼ି,
ନାଗ ଭାଇ କେଣି ନ ହୁଅ ଖୁସି ।
କସ ନାମ ମୋ'ର କୁହିଦେ ଖୁଣି,
(ତାର) ଅର୍ଥଟି ସଙ୍ଗରେ ଦେବ ପଠାଇ ।

ବ୍ରଜକିଶୋର ପରିଡ଼ା

—*—

Digitized by srujanika@gmail.com

## ଲୀଳା

ତରୁ ବୋଲେ ଫୁଲ ହସୁଥିଲା
ତାର ସୁବାସ,
ନଥିଲା ତା ପ୍ରାଣେ ବେଦନା
ନଥିଲା ପରଶ ।
ସରେଜଙ୍କ ବଧୂ ଧରମ
ତାହାର ହସିବା……
ସମୀର-ଦୋଳାରେ ଦୋଳି
ଖେଳି ବାସ ଛାଡ଼ିବା ।
ଅଣିବାକୁ ତାର ସରସ—
ଗବନେ ବିଷାଦ,
ବନ୍ଧୁଡ଼ା ନୁହେଁ ତ ରଚନ୍ତି
ମଧୁପ ଏ ଫାନ୍ଦ ।
ଭୁଲିଯାଇ ତାରେ ଚଳିଲ୍
କୁ ଦୂରେ—ସୁଦୂରେ,
ଛୋଟେ ଭ୍ରମ ତାର ମରଣ
ହଁସେ ଅଧରେ ।
…ଧୂଳି ଧୂସରିତ ଦୁହା-ଶେଯେ
କେତେ ହୋଇଲ୍,
ତଥାପି ମଧୁପ ହୃଦେ ତୋର
.ଦୟା ନୋହିଲା ।
କେ ବୁଝିବ ପ୍ରଭୁ ତବେ
ବିଧାନ ଚୁମ୍ବର,
ପାଷାଣ ପର୍ବତ ବୋଲେ
ସତେକଣ ନିର୍ଝର ।
ତୁମରି ଧ୍ୟାନରେ ବୁଡ଼ିଥାଉ
ମୋର ପରାଣ,
ପୂଣ୍ୟ କରେ ପ୍ରଭୁ ଦିଅ
ସଦା ତୁମେ କଲ୍ୟାଣ ।

—*—

ଶୈଳବାଳା
୧୬ ନମ୍ବର ନାଗବୃନ୍ଦ

### ଫଳାଫଳ

ନିମ୍ନ ଲିଖିତ ନାତି ନାତୁଣୀ ମାନେ ପ୍ରଥମ ହୋଇଛନ୍ତି:—୧ ଚନ୍ଦ୍ରଶେଖର ( ? ) ୨ ଗୌରାଙ୍ଗ ( ୯୯୬ ) ୩ ସୋମନାଥ ( ୮୯୭ ) ୪ ବୈକୁଣ୍ଠ [ ୯୧୨ ] ୫ ହିରଣ୍ମୟ ( ୯୧୧ ) ୬ ଜଗନ୍ନାଥ [ ୯୦୮ ] ୭ ( ନିୟ ( ୯୫୧ ) ୮ ଦିବାକର ( ୯୬୬ ) ଶୀଳ ( ୯୦୨ ) ୧୦ ସାରୋଜ ( ୮୩୫ ) ।

# ଉତ୍ତର

ହଜାରରୁ ଅଧିକ ନାଗଙ୍କ ଭିତରୁ ମୋଟେ ଦଶ ଜଣ ସୂତା କାଟିବା କେତେ ଲଜ୍ଜାର କଥା:—ଅଜା

—*—

## ନାଗଙ୍କ ପ୍ରଶ୍ନ

୧ । ପରମାଣୁ ବୋମାର ଉଦ୍ଭାବକ କିଏ ଓ ଏହାର ପ୍ରଥମ ଗବେଷଣା କେନ୍ଦ୍ର କେଉଁଠାରେ ?

୨ । ଓଡ଼ିଶା ରଜା ମାନଙ୍କର ବାର୍ଷିକ ଉକ୍ତର ପରିମାଣ କେତେ ?

୩ । ପାଞ୍ଚ ବର୍ଷ ବୟସରେ ମାତୃତ୍ୱ ଲାଭ କରିଥିବା ବାଳିକାର ନାମ ଓ ବାସସ୍ଥାନ ।

୪ । ଏ ପର୍ଯ୍ୟନ୍ତ ଚାଲୁଥିବା ପୃଥିବୀର ପୁରାତନ ସମ୍ବାଦ ପତ୍ରର ନାମ ଓ ତାହା କେଉଁ ଦେଶର ?

୫ । ୧୯୪୭ ଗଣନାନୁଯାୟୀ ପୃଥିବୀର ବସ୍, କାର ଓ ଟ୍ରକର ସଂଖ୍ୟା କେତେ ?

—*—

## ନୂଆ ନାଗଙ୍କ ନାମ ।

୧୦୧୪ ମନ୍ମଥ ପାଣିଗ୍ରାହୀ Board High School Jeypore ଜୟପୁର Dt— Koraput. କୋରାପୁଟ । ( ସ୍ଥାୟୀ ) ୧୦୧୫ ରମାକାନ୍ତ ମହାପାତ୍ର ୯ମ ଶ୍ରେଣୀ ବ୍ରଜମୋହନ ହାଃ ଇଃ ସ୍କୁଲ ପୋ: ଭବାନ ପାଟଣା କଳାହାଣ୍ଡି । ୧୦୧୬ ଶ୍ରୀ ଗଦାଧର ପଣ୍ଡା C/o B. Pat naik, Engineer P. O. କେଉଁଝରଗଡ଼ କେଉଁଝର । ୧୦୧୭ ଶ୍ରୀମତୀ ତ୍ରିବେଣୀ ଦେବ ମିଶନ ହାଃ ଇଃ ସ୍କୁଲ Cl. VIII P.O. କେଉଁଝର ଗଡ଼ କେଉଁଝର । ୧୦୧୦ ଶ୍ରୀମତୀ ରମା ପ୍ରସନ୍ନା ପଟ୍ଟନାୟକ C/o ରାଧାଶ୍ୟାମ ପଟ୍ଟନାଏକ ବଳରାମ ପୁର ଡାଳଗଡ଼ ପୋ: ଜଗନ୍ନାଥପୁର ଜି: କଟକ । ୧୦୧୯ ମାୟାଧର ସାହୁ ମୁ: ହଣ୍ଡି ପାଟଣା ପୋ: ଧର୍ମଶାଳା ଜି: କଟକ ୧୦୨୦ ନରସିଂହ ମିଶ୍ର ସେକ୍ରେଟାରୀ ମେଗା କନ୍ କ୍ଲବ ପୋ: ଅନୁଗୁଳ ଅନୁଗୁଳ ହାଃ ଇଃ ସ୍କୁଲ, କଟକ । ୧୦୨୧ ଅକ୍ଷୟ କୁମାର ପ୍ରଧାନ ୮ମ ଶ୍ରେଣୀ ଛାତ୍ର ଏଡ଼ଭ ଇଂ ଇଂ ବିଦ୍ୟାଳୟ ପୋ: ବାଉଦବାଜ, ଫୁଲବାଣୀ-ଜିଲ୍ଲା ୧୦୨୨ ସୋମନାଥ ମିଶ୍ର ନବମ ଶ୍ରେଣୀ ବାଉଦ ଇଂ ଇଂ ବିଦ୍ୟାଳୟ ପୋ: ବାଉଦ-ରାଜ—ଫୁଲବାଣୀ-ଜିଲ୍ଲା । ୧୦୨୩ ବ୍ରଜ କିଶୋର ପରିଡ଼ା ଯାଜପୁର ଇଂ ଇଂ ବିଦ୍ୟାଳୟ ଯାଜପୁର । ୧୦୨୪ ଶରତ୍ ନାରାୟଣ ପ୍ରଧାନ୍ ୨ୟ ବର୍ଷ ବାଣିଜ୍ୟ ରେଭେନସା କଲେଜ କଟକ । (ସ୍ଥାୟୀ) ୧୦୨୫ ନିତ୍ୟାନନ୍ଦ ପାଢ଼ୀ ଗ୍ରାମ ଦେଉଳ ପଦର ପୋ: ମେରୋ, ପାଟଣା ଜିଲ୍ଲା । (ସ୍ଥାୟୀ) । ୧୦୨୬ ଗିରିଧାରୀ ଚରଣ ମିଶ୍ର C/o Ralli Bros Limited Finance Department 16 Hear Street P. O. Box no 148 Cal cutta 1 ୧୦୨୭ ଜୟନାରାୟଣ ପଣ୍ଡି ଗ୍ରାମ—ଶ୍ରୀମଣ୍ଡଳ ଶାସନ ପୋ: ଉଦଳା ମୟୂରଭଞ୍ଜ (ସ୍ଥାୟୀ) । ୧୦୨୮ ଶ୍ରୀ ଶାନ୍ତକୁମାର ବେହେରା ଗ୍ରାମ ମାଳହଣ୍ଡି ମୋରଡ଼ା ମୟୂରଭଞ୍ଜ [ସ୍ଥାୟୀ] । ୧୦୨୯ ଜଗନ୍ନାଥ ପାଣ୍ଡିଆ ସାଃ ବଡ଼େଉଅ ପୋ ବାରିପଦା ମୟୂରଭଞ୍ଜ (ସ୍ଥାୟୀ) ।

—*—

### ନାଗବନ୍ଧୁ କୁପନ୍

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୋର ଜନ୍ମ—ତା । । ମସିହା ମୁଁ ସତ୍ୟ ସାହସ ଓ ସେବା ବ୍ରତ ପାଳନ କରିବାକୁ ଯତ୍ନ କରିବି । ଦୟାକରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ $\frac{\text{ବାର୍ଷିକ ଚାନ୍ଦା ୦ ୮}}{\text{ସ୍ଥାୟୀ ଚାନ୍ଦା ୨ ୦ ୪}}$ ର ଡାକ-ଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଠିକଣା ____________

ତାରିଖ ____________

* ଏହି କୁପନର ନକଲ ଆବା କାଗଜରେ କଟି ପଠାଇଲେ ଚଳେ ।

Digitized by srujanika@gmail.com



ପ୍ରତି ସଂଖ୍ୟା 'ଝଙ୍କାର'ରେ ପାଠକ ପାଠିକା ମାନଙ୍କର ମତାମତ, ଆଲୋଚନା, ସମାଲୋଚନା ସୂଚନା ( Suggestions ) ପ୍ରଭୃତି '[illegible]'ରେ ପ୍ରକାଶ ପାଇବ। ଚିଠି ଗୁଡ଼ିକ ଯଥା ସଂକ୍ଷିପ୍ତ ହେବା ଦରକାର। କୌଣସି ଚିଠିରେ ନିଜ ବକ୍ତବ୍ୟ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ। ଚିଠି ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀଙ୍କର ରହିଲା। କୌଣସି ଅମନୋନୀତ ରଚନା ସମାଲୋଚନାର ସ୍ଥାନ ହେବ ନାହିଁ। ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି।—ସମ୍ପାଦକ।

## ଆମ ଓଡ଼ିଆ ପତ୍ର ପତ୍ରିକାଙ୍କ ଦାୟିତ୍ୱ

ପ୍ରିୟ ମହାଶୟ,

ଆମ ଓଡ଼ିଶାରେ ଯେଉଁ କେତୋଟି ପତ୍ର ପତ୍ରିକା ପ୍ରକାଶ ପାଏ ସେ ଗୁଡ଼ିକର ଗତିବିଧି ଦେଖି ଦୁଃଖ ଲାଗେ। ନିୟମିତ ଭାବେ ପ୍ରକାଶ କରିବା ଯୋଜନା ଆଗରୁ ଠିକ୍ ନକରି ଗ୍ରାହକ ମାନଙ୍କଠାରୁ ଅଗ୍ରୀମ ନେଇ ନିୟମିତ ଭାବେ ପତ୍ର ପତ୍ରିକା ନ ପଠାଇ ଦୀର୍ଘକାଳ ଯାଏ ଚୁପ୍ ଚାପ୍ ରହୁ ଥିବାରୁ, ଏଣେ ଗ୍ରାହକ ସବୁବେଳେ ଡାକ ଘରକୁ ଗୃହଁ ନିରାଶରେ ଫେରୁଥିବାରୁ ମନରେ ବଡ଼ କଷ୍ଟ ହୁଏ। ଏ ବିଶୃଙ୍ଖଳତାକୁ ଭାଙ୍ଗିବା ପାଇଁ ପରିଚାଳକମାନେ କଣ ଯତ୍ନବାନ ହେବେ ନାହିଁ। କେତେକ ପତ୍ରିକା ନମ୍ବରେ ଅଧେ ପ୍ରକାଶ ପାଉଛି ଅମ୍ଭେ ଦୁଇ ତିନି ନମ୍ବର ମାତ୍ର ପାଇଲୁ, ତାପରେ ଦୁଇମାସ ହେଲା ଦର୍ଶନ ନାହିଁ। ପତ୍ର ପତ୍ରିକା ମାନଙ୍କର ଏହା କଣ ଉଚିତ ବ୍ୟବହାର ? ଯଦି କୌଣସି କାରଣରୁ ବନ୍ଦ ହେବ ତେବେ ଗ୍ରାହକ ମାନଙ୍କୁ ଜଣାଇ ଦେବା କଣ ଉଚିତ ହେବ ନାହିଁ ? ଆପଣଙ୍କ 'ଝଙ୍କାର'ର ପ୍ରକାଶ ପାଇଁ ଆପଣ ଯେଉଁ ସବୁ ନିୟମ ଶୃଙ୍ଖଳା ମାନନ୍ତି ଇତରମାନେ କଣ ତା' ପାରିବେ ନାହିଁ ? ଇତି

ଆପଣଙ୍କର

ଶ୍ରୀ ସାରଦା ଚରଣ ମହାପାତ୍ର

ଗଞ୍ଜାମ

## ଚଳଚ୍ଚିତ୍ର

ମହାଶୟ,

ଅନ୍ୟାନ୍ୟ ପ୍ରଦେଶ ଅପେକ୍ଷା ଓଡ଼ିଶାରେ ପ୍ରାକୃତିକ ଦୃଶ୍ୟାବଳୀ ବିଶେଷ ପରିମାଣରେ ଅଛି। ଏହି ସବୁ ସୁନ୍ଦର ଓ ମନୋହର ଦୃଶ୍ୟାବଳୀକୁ ନେଇ ଚଳଚ୍ଚିତ୍ର ତିଆରି କରିବା ବେଶ ସୁବିଧା ଅଛି। ମନୁଷ୍ୟର ଜ୍ଞାନ ଦିଗରେ ଚଳଚ୍ଚିତ୍ର ଗୋଟିଏ ଆଦର୍ଶ। ଯେଉଁ ଦ୍ୱାରା ଦେଶର ଜାତିର ଉନ୍ନତି ଦିଗରେ ପ୍ରଚୁର ହୁଏ ଓ ଅନେକ କଥା ଜାଣିବାକୁ ମିଳେ। ଯାହା ଦେଖିବାକୁ ମିଳେ ଓ ଶିଖିହୁଏ ତାହା ବ୍ୟକ୍ତିଗତ ଅନୁସନ୍ଧାନ କିମ୍ବା ଗବେଷଣା ଦ୍ୱାରା ଜାଣିବା ଠାରୁ ଅଧିକ।

ଆଧୁନିକ ଓ ଉତ୍କୃଷ୍ଟ ଧରଣର ଓଡ଼ିଆ କଥାଚିତ୍ର ତିଆରି କରିବା ବର୍ତ୍ତମାନ ନିତାନ୍ତ ଦରକାର।

ଅନ୍ୟାନ୍ୟ ପ୍ରଦେଶ ତୁଳନାରେ ଦେଖିବାକୁ ଗଲେ ଓଡ଼ିଶା ଚଳଚ୍ଚିତ୍ର ତିଆରି କରିବା ପାଇଁ ପଛରେ ପଡ଼ିଥିବା ଜଣାଯାଏ। ତେଣୁ ବର୍ତ୍ତମାନ ଓଡ଼ିଶାରେ ଯେଉଁ ଅନୁଷ୍ଠାନମାନ କଥାଚିତ୍ର ତିଆରି କରିବାକୁ ଯାଉଛନ୍ତି ସେମାନଙ୍କୁ ଦେଶର ସମସ୍ତେ ବିଶେଷ ସାହାଯ୍ୟ ଦେବା ଆବଶ୍ୟକ।

ଚଳଚ୍ଚିତ୍ର ଅନୁଷ୍ଠାନମାନ ନିର୍ମାଣ ହେବା ଦ୍ୱାରା ଓଡ଼ିଶାର ଅନେକ ନର ନାରୀ ଅଭିନେତା, ଅଭିନେତ୍ରୀ ଓ ଅନ୍ୟାନ୍ୟ ଭାବରେ ରହି ଜୀବନ ଯାପନ କରି ପାରିବେ। ଦେଶରେ ଶିଳ୍ପ ଶିକ୍ଷା, ସଂଗୀତ କୃଷି ଇତ୍ୟାଦି ଦିଗରେ ପ୍ରଚୁର ଓ ଅଭିବୃଦ୍ଧି ହେବ।

ଭବିଷ୍ୟତରେ ଓଡ଼ିଶାରେ ଯେଉଁ ଷ୍ଟୁଡ଼ିଓ ବା ଚଳଚ୍ଚିତ୍ର ନିର୍ମାଣ କାରଖାନା ତିଆରି କରିବା ପାଇଁ କଳ୍ପନା କରାଯାଉଛି ତାହା ଚିଲିକା ତୀରରେ ଥିବା ରମ୍ଭା ଓ ହୁମା ମଧ୍ୟରେ ପ୍ରତିଷ୍ଠିତ ହେଲେ ଚିତ୍ର ଉଠାଇବା ଦିଗରେ ଓ ବ୍ୟବସାୟ ଦିଗରେ ବିଶେଷ ସୁବିଧା ହୋଇ ପାରିବ।

ଶ୍ରୀ କେଶବ ମହାରଣା,

ମଞ୍ଜୁଷା,

## ପ୍ରାଇମେରୀ ଶିକ୍ଷା ପ୍ରଣାଳୀ

ମାନନୀୟ ଝଙ୍କାର ସଂପାଦକ ମହାଶୟ,

ପ୍ରାଇମେରୀ ଶିକ୍ଷାର ଉନ୍ନତି ପାଇଁ ଶିକ୍ଷକ ମାନଙ୍କ ଦରମା ଆଉ ବୃଦ୍ଧି ପାଉଛି, ଅନେକ ଶିକ୍ଷକଙ୍କୁ ଟ୍ରେନିଂ କରାଇ ଦିଆଯାଉଛି କିନ୍ତୁ ତା ଦ୍ୱାରା ଛାତ୍ରର ଯେ କି ଉନ୍ନତି ଦେଖାଯାଉଛି ସେ କଥା ଶିକ୍ଷା ବିଭାଗ ଜାଣିଥିଲେ ଜାଣିଥିବେ। ଟ୍ରେନିଂ ସ୍କୁଲରେ ଯେଉଁ ପ୍ରଣାଳୀ ଅନୁସରଣ କରିବାକୁ ଶିଖନ୍ତି ଅସଲରେ ତାହା ଶତକଡ଼ା ୨।୩ କାର୍ଯ୍ୟରେ ପରିଣତ ହୁଏ ନାହିଁ। ଏହାର କାରଣ ଶିକ୍ଷକ ମାନଙ୍କ ମଧ୍ୟରୁ କେତେ କହନ୍ତି ଟ୍ରେନିଂ ମେଥଡ୍ ଅନୁସାରେ ପଢାଇବାକୁ ପଇସା ଦେଉଛି କିଏ? ଆଉ କେତେଜଣ କହନ୍ତି ଉପକରଣର ଅଭାବ, ଯଦି ଉପକରଣ ଯୋଗାଇ ଦିଆ ନ ଯିବ ସେମାନଙ୍କୁ ଟ୍ରେନିଂ ଦେଇ ଲାଭ କଣ? ଦରମା ୧୭।୧୦ ରୁ ୨୨।୩୦ ହେଲା ଆଉ କେତେ ହେଲେ ଟ୍ରେନିଂ ମେଥଡ୍ ଅନୁସାରେ ଶିକ୍ଷା ଦିଆଯିବ? ସ୍କୁଲର ଛାତ୍ର ସଂଖ୍ୟା ମଧ୍ୟ ବୃଦ୍ଧି ପାଉ ନାହିଁ ଗାଁ ଗାଁ ରେ ସ୍କୁଲ ଥିଲେ ମଧ୍ୟ ଓଡ଼ିଆ ଅଞ୍ଚଳର ଚାଟଶାଳୀ ଗୁଡ଼ିକ ଲୋପ ପାଉନାହିଁ। ଯେଉଁଠି ଅଦମ ସ୍କୁଲର ପାଠ ସୀମା ଭାଗବତ ପଢ଼ିବାକୁ ପାର ହୋଇ ନାହିଁ। ଅଥଚ ଏଠା ଗାଁ ଲୋକେ ମାସକୁ ୧୦।୫ ଦେଇ ତାଙ୍କର ପିଲାଙ୍କୁ ଚାଟଶାଳୀକୁ ପଠାନ୍ତି କିନ୍ତୁ ବିନା ବେତନରେ ସ୍କୁଲକୁ ଛାଡ଼ନ୍ତି ନାହିଁ। ଗୋଟାଏ ଗୋଟାଏ ଚାଟଶାଳୀର ଛାତ୍ର ସଂଖ୍ୟା ଅଧିକାଂଶ ସ୍କୁଲ ଛାତ୍ର ସଂଖ୍ୟାଠାରୁ ଖୁବ ବେଶୀ ଏ ଗୁଡ଼ିକ ତିଷ୍ଠି ରହିବାର ଆବଶ୍ୟକ କଣ? ଏ ଚାଟଶାଳୀ ଗୁଡ଼ିକ ଲୋପ କାହିଁକି ନ ହେଉଛି? ପ୍ରାଇମେରୀ ଶିକ୍ଷା ବାଧ୍ୟତାମୂଳକ କାହିଁକି ନ ହେଉଛି? ଶିକ୍ଷକ ମାନେ ଟ୍ରେନିଂ ମତି ସେ ପ୍ରଣାଳୀ ଗୁଡ଼ିକ ଅବଲମ୍ବନ କରୁ ନାହାନ୍ତି କାହିଁକି? ଶିକ୍ଷା ବିଭାଗ ତଥା ସରକାର ଏ ଗୁଡ଼ିକ ପ୍ରତି ଦୃଷ୍ଟି ଦେବେ କି?

କାଳିଦାସପୁର } ଶ୍ରୀ ବୃନ୍ଦାବନ ଦଣ୍ଡ

ବେଲଡ଼ା, ବାଲେଶ୍ୱର }

Digitized by srujanika@gmail.com




ଜାଣନ୍ତିକି

**ଓଡ଼ିଶାର ଧନ ।**

**ଓଡ଼ିଶାରି ଗୌରବ**

ସୁବିଖ୍ୟାତ କୋଣାର୍କ କେମିକ୍ୟାଲର ଅଭିନବ ଆବିଷ୍କାର ବିଶୁଦ୍ଧ ନାରିକେଳ ତୈଳରେ ପ୍ରସ୍ତୁତ—

ସୁବାସିତ କେଶତୈଳ

ଏହାର ମୃଦୁମଧୁର ସୁରଭି ବହୁକ୍ଷଣ ସ୍ଥାୟୀ ଓ ଅତ୍ୟନ୍ତ ଆମୋଦ ଦାୟକ । କୁନ୍ତଳର ସ୍ନିଗ୍ଧତା ବର୍ଦ୍ଧନର ଏହା ଶ୍ରେଷ୍ଠତମ ।

ନିକଟସ୍ଥ ଯେ କୌଣସି ଦୋକାନରେ ଅନୁସନ୍ଧାନ କରନ୍ତୁ କିମ୍ବା ନିମ୍ନ ଠିକଣାକୁ ଚିଠି ଲେଖନ୍ତୁ ।

**(କୋଣାର୍କ କେମିକ୍ୟାଲ)**
**(ଏଣ୍ଡ ବିଉଟି ପ୍ରଡକ୍ଟସ୍)**

୨୧୧,ଏ ପ୍ରେମଚାନ୍ଦ ବଡ଼ାଲ ଷ୍ଟ୍ରୀଟ, କଲିକତା

ହାୱଡ଼ା କୁଷ୍ଠ କୁଟୀର

**କୁଷ୍ଠ    ଧବଳ**

ବାତରକ୍ତ ସର୍ବାଙ୍ଗସ୍ଫୀତତା ଅସାଡ଼ିତ ବା ଅଂଶିତ ଚିହ୍ନ ଏକଜିମା, ସୋରିଆସିସ୍ ଦୁଷ୍ଟ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ 'ଶ୍ୱିତ୍ର' ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୋପ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧୦ ନଂ ମାଧବ ଘୋଷ ଲେନ, ଖୁରୁଟ—ହାୱଡ଼ା
ଶାଖା—୩୬ ନଂ ହାରିସନ ରୋଡ୍, କଲିକତା

ପୁରାତନ ଶୂଳରୋଗ ସମୂଳେ ଆରୋଗ୍ୟ

ମୋର ପ୍ରତୁବାର ଶୂଳରୋଗ ବହୁଦିନ ଧରି ବହୁ ବହୁ ବିଜ୍ଞ ଚିକିତ୍ସା କରି ମଧ୍ୟ ହତାଶ ହୋଇ ପଡ଼ିଥିଲି । ପ୍ରବୀଣ ସିଦ୍ଧହସ୍ତ **ଡାକ୍ତର ବି, ଦାସ** [ ହୋମିଓପାଥ ] ସିଂହଦ୍ୱାର, ବଣିଆପଟି, ତାଙ୍କୁ ସଂପୂର୍ଣ୍ଣ ଆରୋଗ୍ୟ କରିଛନ୍ତି ।

**ଏସ୍, ଏନ, ଦାସ,**
ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ


ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,    ପରିଚାଳକ ସମ୍ପାଦକ— ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>୩୧ଶେ ଜ୍ୟେଷ୍ଠ ୧୩୫୫ ସାଲ | ୪୨ ସଂଖ୍ୟା |
|---|---|---|

—ସୂଚୀ—

ମଞ୍ଚାଳଥାରେ
ଭାରତରେ ଏବେ ଅସିଛି ଦିନ

ମଞ୍ଚାଳଣ୍ଡାରେ
ଛଦ ଉତ୍ତର ହେବାକୁ ସ୍ପୃହ

ଗାନ୍ଧୀ ଶତ୍ରୁବଧାଗ୍ନି
ହାର୍ଡୱାର ଖବର
ଜଲଅବସ୍ଥର ପ୍ରଭୃତି

# "DAGARO"

**ORISSA'S MOST POPULAR WEEKLY**
of
Light, Lead & Laughter

| Vol XI | Monday, June, 14 1948. | No. 42 |
|---|---|---|

ବାର୍ଷିକ ମୂଲ୍ୟ ଟ ୭॥ ଷାଣ୍ମାସିକ ଟ ୪॥
ରାଜ ସଂସ୍କରଣ ବାର୍ଷିକ ଟ ୧୦॥

Digitized by srujanika@gmail.com

## ଜ୍ୱରର ଶ୍ରେଷ୍ଠ "ଦାନ !"

କଲିକତା [illegible] କଲେଜର ଗର୍ବର ଶଙ୍କର
[illegible] ଆୟାମଭ

ଜ୍ୱରାନ୍ତକ ରସ

ଏହା ଭାରତର [illegible] ମୂଳ ଓ [illegible] ଦ୍ୱାରା [illegible] ପ୍ରସ୍ତୁତ । [illegible] ଠାରୁ ଛଅଗୁଣ ଶକ୍ତିଶାଳୀ ଓ ଏଥିରେ [illegible] ଗୁଣ କିଛି ନାହିଁ [illegible] ଆଜିପର୍ଯ୍ୟନ୍ତ ଅବସ୍ଥିତ [illegible] ନାହିଁ । [illegible] ସମ୍ପୂର୍ଣ୍ଣ ଜ୍ୱର ଛାଡ଼ [illegible] । [illegible] ଜ୍ୱର ଆସେ ନାହିଁ । [illegible] ନାହିଁ ।

ଚର୍ମ ରୋଗର ଅବ୍ୟର୍ଥ ଔଷଧ

ଦାଦୁ, କୁଣ୍ଡିଆ ଖାଜୁ, ମଇଳା, ପାଣ୍ଡୁ ଘା ଓ ସମସ୍ତ ପ୍ରକାର ଚର୍ମ ରୋଗ ଅଳ୍ପ ସମୟ ଭିତରେ ନାଶ କରି ଚର୍ମକୁ [illegible] ।

[illegible] ଉତ୍କଳର [illegible] ସମ୍ବାଦ
ସୁବାସିତ [illegible]

ଦେହ ପୋଷଣ [illegible] ର, ଶକ୍ତିଶାଳୀ, [illegible] ଭିତରେ । ବାସନାର [illegible] ପ୍ରୀତିପ୍ରଦ [illegible] ଏବଂ [illegible] !
[illegible] ।

NECTORUM.

ପ୍ରମେହ [illegible] ପ୍ରସ୍ତୁତ ଏହା ପ୍ରମେହ, [illegible] ସମସ୍ତ ପ୍ରକାର ରୋଗ ଅଳ୍ପଦିନ ମଧ୍ୟରେ [illegible] ।

[illegible]—
ବିଜୟଶଙ୍କର ଔଷଧାଳୟ— [illegible]

## କୁଷ୍ଠ ଧବଳ

[illegible] ସମସ୍ତ ପ୍ରକାର [illegible] ପ୍ରତ୍ୟାଖ୍ୟାତ ରୋଗୀମାନେ [illegible] ଔଷଧ ବ୍ୟବହାର କଲେ [illegible] ମଧ୍ୟରେ [illegible] ।

[illegible] ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)
[illegible]
[illegible]

## ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।

[illegible] ଆୟୁର୍ବେଦ [illegible] । [illegible] ।

[illegible] , ଶ୍ରୀ ନାରାୟଣଚନ୍ଦ୍ର ବେହେରା
M. N. M. B.
ବିରଜା ଔଷଧାଳୟ, ପୋଃ ବଣାଇଗଡ଼ (ଓଡ଼ିଶା)



ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,

ସହକାରୀ ସମ୍ପାଦକ— ଶ୍ରୀ [illegible] ଦାସ


Digitized by srujanika@gmail.com

## ପ୍ରାଦେଶିକତା ବନାମ ଜାତୀୟତା

ସ୍ୱାଧୀନତା ପରେ ଭାରତର ପ୍ରାଦେଶିକ ସୀମା ନେଇ ଯେଉଁ ଅନ୍ତଃପ୍ରାଦେଶିକ ତିକ୍ତ ଭାବ ସୃଷ୍ଟି ହୋଇଛି ତାହା ସମଗ୍ର ଭାରତ ପକ୍ଷରେ ଅମଙ୍ଗଳର ସୂଚନା । ଏହି ମର୍ମରେ ପଣ୍ଡିତ ନେହେରୁ ଓ କଂଗ୍ରେସ ସଭାପତିଙ୍କ ଠାରୁ ଆରମ୍ଭ କରି ମହତାବଙ୍କ ପର୍ଯ୍ୟନ୍ତ ତାର ସ୍ୱରରେ ଚିତ୍କାର କରୁଛନ୍ତି । ଏହା ଅତି ସତ୍ୟ ହେଲେ ମଧ୍ୟ ଏ ଉକ୍ତି ମଧ୍ୟରେ ଏକ ବିରାଟ ଅସଂଗତି ରହିଛି । ଆମ୍ଭେମାନେ ଏହା ପୂର୍ବରୁ ବର୍ଣ୍ଣାଇ ଥିଲୁ । ପରିସ୍ଥିତି କ୍ରମେ ପୁଣି ଆଲୋଚନା ହେଉ ।

ଜାତୀୟତାବାଦୀମାନେ ଭାରତ ଗୋଟାଏ ଜାତି ଏବଂ ଗାନ୍ଧିଜୀ ତାର ଜନକ ବୋଲି ଗାନ୍ଧିଜୀଙ୍କ ନାମକୁ ଅଣ୍ଡା ଓଟେଇ କରିବାକୁ ଛାଡ଼ୁ ନାହାନ୍ତି । କିନ୍ତୁ ସେମାନେ ଭୁଲି ଯାଉଛନ୍ତି ଯେ ଗାନ୍ଧିଜୀ ଯେଉଁ ନୀତି ଉପରେ ଜାତୀୟତାର ସୌଧ ଗଢ଼ିଥିଲେ ସେ ନୀତିକୁ ଜଳାଞ୍ଜଳି ଦେବା ଫଳରେ ହିଁ ଶଙ୍କର ଓ ନେହେରୁଙ୍କ ଆଖି ଆଗରେ ଭାରତ ପାକିସ୍ତାନ ଓ ଭାରତୀୟ ଦୁଇ ଜାତିରେ ବିଭକ୍ତ ହୋଇଛି । ସେ ଉତ୍କଟ ଜାତୀୟତା, ଧର୍ମକୁ ଜାତିଆଖ୍ୟା ଦେଇ ଯେଉଁ ସର୍ବନାଶ କରିଛି, ଭାଷାକୁ ମଧ୍ୟ ସେଇ ଉତ୍କଟତା ଅଣିଦେବା ବିଚିତ୍ର ନୁହେଁ — ବରଂ ଏହା ସ୍ୱାଭାବିକ ଓ ପ୍ରାକୃତିକ ପର୍ଯ୍ୟାୟ ।

ଗାନ୍ଧିଜୀଙ୍କ ଜାତୀୟତାବାଦ କେନ୍ଦ୍ରୀଭୂତ କ୍ଷମତା ଓ ଶିଳ୍ପର କଳ୍ପନା କରି ନଥିଲା । ଗାନ୍ଧିଜୀଙ୍କର ଜାତୀୟତାବାଦ ସମଷ୍ଟିର ସ୍ୱାର୍ଥ ନାମରେ ଏକ ଅଧିକାରୀ ବଳବାନ ଗୋଷ୍ଠୀର ଶୋଷଣ ଓ ପୋଷଣର ଦୃଢ଼ତର କରି ବ୍ୟକ୍ତିର ବିନାଶକୁ ସମର୍ଥନ କରୁନଥିଲା । ବିରାଟ ଭାରତର ପ୍ରତି ଗ୍ରାମ—ପ୍ରତିଗ୍ରାମର ପ୍ରତ୍ୟେକ ନର ନାରୀର ସ୍ୱାଧୀନତା, ସ୍ୱାଚ୍ଛନ୍ଦ୍ୟର ସ୍ୱପ୍ନ ଦେଖୁଥିଲା ଗାନ୍ଧିଜୀଙ୍କର ଅନବଦ୍ୟ - ବିକେନ୍ଦ୍ରୀକରଣ, ଆଜିର ନେତୃତ୍ୱ ତାର ଛାୟା ସ୍ପର୍ଶ ପଧ୍ୟ କରେ ନାହିଁ । ନୂତନ ଗଠନ-ତନ୍ତ୍ରରେ ପ୍ରଦେଶ ମାନଙ୍କୁ ରାଷ୍ଟ୍ର ଆଖ୍ୟା ଦିଆଯାଉଛି—କିନ୍ତୁ ସେ ରାଷ୍ଟ୍ର ଯଦି ତାର ଇଚ୍ଛାନୁସାରେ ଯୁକ୍ତ ରାଷ୍ଟ୍ରରେ ପ୍ରବେଶ ଓ ପ୍ରସ୍ଥାନ (secede) ର ଅଧିକାର ନପାଏ ତେବେ ଶାସନର କେନ୍ଦ୍ରୀ କରଣ ଫଳରେ ପ୍ରଦେଶର ସ୍ୱାଧୀନତା କ୍ଷୁଣ୍ଣ ହେବ । ଶିଳ୍ପୋନ୍ନତି ନାମରେ ଯେଉଁ ଯନ୍ତ୍ର ରାକ୍ଷସର ପ୍ରତିଷ୍ଠା ଆଜି ମହା ଭାରତୀୟ ନେତାମାନେ ମହା ସମାରୋହରେ କରିଯାଉଛନ୍ତି ତାର ପରିଣାମ ପ୍ରାଦେଶିକତାର ବିଷଠାରୁ ଅଧିକ ଉତ୍କଟ ହେବ—ପ୍ରଦେଶ ଭିତରେ ମଧ୍ୟ ଦିନେ ଏକ ମହାବିଦ୍ରୋହ ବହ୍ନି ଶିଖା ଜଳି ଉଠିବ—ଜନତା ଭବିଷ୍ୟତରେ ନହେଉ—ଦିନେ ନା ଦିନେ କର୍ମଦକ୍ଷ ମନୁଷ୍ୟ ତାର ଶ୍ରମ ଶକ୍ତିର ଅପହରଣକାରୀ ଯନ୍ତ୍ର ବିରୁଦ୍ଧରେ ଠିଆ ହେବ ।

> ### 'ଡଗର'ର ଛୁଟି
>
> ରଜ ପର୍ବ ସକାଶେ ପ୍ରେସ ବନ୍ଦ ରହିଥିବାରୁ 'ଡଗର' ୨୧ । ୫ । ୪୮ ରେ ପ୍ରକାଶ ନପାଇ ପରବର୍ତ୍ତୀ ସଂଖ୍ୟା ୨୮ । ୫ । ୪୮ ତାରିଖ ସେ ପ୍ରକାଶ ପାଇବ—
>
> ପରିଚାଳନା

ବ୍ୟକ୍ତିର ସ୍ୱାଧୀନତାହିଁ ସମାଜ ସ୍ୱାଧୀନତାର ପ୍ରତୀକ—ଭିତ୍ତି । ପ୍ରକୃତପକ୍ଷରେ ସ୍ୱାଧୀନତା ଶାସକର ସ୍ୱାଧୀନତାର ଅନ୍ୟନାମ ସ୍ୱେଚ୍ଛାଚାରିତା—ନିରଙ୍କୁଶବାଦ । ତାହା ତଳେ ଲକ୍ଷ ପ୍ରକାର ସ୍ୱାଧୀନ ବୃତ୍ତି ଲୁପ୍ତ ହୋଇଯାଏ । ଯଦି ବ୍ୟକ୍ତିକୁ ଦୁର୍ବଳ କରି, ହୀନ କରି ରାଷ୍ଟ୍ର ବା ଶାସନର ଗୌରବରେ ଗର୍ବିତ ହେବାର ଶିକ୍ଷା ଦିଆଯାଏ ତେବେ ସେ ରାଷ୍ଟ୍ରର ପତନ ଅନିବାର୍ଯ୍ୟ । ଉତ୍କଳକୁ ଦୁର୍ବଳ କରି, ଉତ୍କଳର ଦୁର୍ବଳ ପରିସ୍ଥିତିର ସୁଯୋଗ ନେଇ ଯଦି ତାର ଅଙ୍ଗ ଛଡ଼େଇକଳା ଖରସୁଆ ସୁରଗୁଜା ଓ ବସ୍ତରକୁ କାଟିନିଆଯାଏ ଗୋଟାଏ ମେନନ ବା ପଟେଲଙ୍କ ଆଙ୍ଗୁଠିରେ, ତେବେ ଭାରତର ଜାତୀୟତାବାଦ ସ୍ୱକପ୍ରବଣତା ଓଡ଼ିଶାରେ କଦାପି ଟେକିପାରିବ ନାହିଁ । ଆମେ ମାନୁଛୁ, ସଂଯୁକ୍ତ ଭାରତର ବିରାଟ ସମସ୍ୟା ଆଜି କାଶ୍ମୀର ହାଇଦରାବାଦ । କିନ୍ତୁ ଭାରତର କେନ୍ଦ୍ର ସରକାର ଆଜି ଯଦି ଅପଦସ୍ଥ ସନ୍ତପ୍ତ ବାଳ୍ୟା-ପୀଡ଼ିତ ଉତ୍କଳବାସୀଙ୍କୁ ଶତଶତ ସଂଖ୍ୟାରେ କାଶ୍ମୀର ହାଇଦ୍ରାବାଦ ରଣାଙ୍ଗନରେ ବଳି ହେବାର ଦେଖିବାକୁ ନପାନ୍ତି ତେବେ ବିସ୍ମିତ ହେବାର କାରଣ ନାହିଁ ବରଂ ତାକୁ ସେ ସୌଭାଗ୍ୟରୁ ବଞ୍ଚିତ କରିଥିବା ପାଇଁ କେନ୍ଦ୍ର ବଡ଼େ ଅନୁତପ୍ତ ହେବେ ।

ସେଥିପାଇଁ ଆମେ ଆଜି ଆମର ନେତା ମହତାବଙ୍କୁ ସ୍ପଷ୍ଟ ସ୍ୱରରେ କହୁଛୁ—ହେ ମହତାବ—ଓଡ଼ିଶାରେ ଉଦୟ ଆଜି ମହା ଭାରତୀୟ ଭାବରେ ପ୍ରଚାର କରିବାର ଆବଶ୍ୟକତା ନାହିଁ । ମହାଭାରତୀୟ ଭାବ ଜଗନ୍ନାଥ ଦେଶକୁ ଶିକ୍ଷା ଦେବାର ଯୋଗ୍ୟତା ସ୍ୱାଭାବର ଅନ୍ୟ କୌଣସି ପ୍ରଦେଶର ନାହିଁ । ଆପଣଙ୍କର ମଧ୍ୟ ନାହିଁ । ଯାଆନ୍ତୁ ଆପଣ, ମହାଭାରତୀୟ ଭାବ ପ୍ରଚାର କରିବେ—ବିହାରରେ—ବଙ୍ଗରେ —ଆନ୍ଧ୍ରରେ—ମଧ୍ୟ ପ୍ରଦେଶରେ । ଗୋଟାଏ ବୃତ୍ତିଷ୍ଟ କାନ୍ଧ ଆଗରେ ଦାନର ମାହାତ୍ମ୍ୟ ବର୍ଣ୍ଣନା କରିବାର ଅଧିକାର କିଏ ଦେଇ ଆପଣଙ୍କୁ ? ଶରବିଦ୍ଧ ବନ୍ଧ ହୋଇ ଅଛୁଥିବା ଏ ପ୍ରଦେଶକୁ ପୁନର୍ଗଠନ ଯୋଜନା କରି ଯେଉଁ ସାହସରେ ଆପଣ ଗୌରବାନ୍ୱିତ ମଣିବାକୁ ଶିକ୍ଷା ଦେଉଛନ୍ତି ଆପଣ ?

ଆମେ ଆଜି ପ୍ରାଦେଶିକତା ହିଁ ଚାହୁଁ । ଆମର ଏହି ପ୍ରାଦେଶିକତା ହିଁ ସୁପ୍ତ ଓଡ଼ିଆକୁ ପ୍ରକୃତ ମୁକ୍ତ ଆଣିଦେବ । ଆମର ପ୍ରାଦେଶିକତା ବିହାର ବଙ୍ଗ ଓ ଆନ୍ଧ୍ର ପ୍ରାଦେଶିକତା ପରି ଆକ୍ରମଣ-କାରୀ ପ୍ରାଦେଶିକତା ନୁହେଁ— ଏହା ଆତ୍ମରକ୍ଷଣ କାରୀ ପ୍ରାଦେଶିକତା । ବିଚ୍ଛିନ୍ନ ଉତ୍କଳ ଯଦି ସଂଯୁକ୍ତ ହୋଇ ଭାରତର ଏକ ବଳଶାଳୀ ଅଂଶ ରୂପେ ଆତ୍ମରକ୍ଷାରେ ସମର୍ଥ ନ ହୁଏ ତେବେ ଭାରତର ଜାତୀୟତା ଏକ ଦିବାସ୍ୱପ୍ନ ହୋଇ ରହିବ ହିଁ ରହିବ ।

ଭାରତର ଜାତୀୟତା ଯଦି ଏକ ବଳିଷ୍ଠ ଉତ୍କଳକୁ ଭାରତ ରକ୍ଷା ପାଇଁ ଦାନ ମାଗେ ତେବେ ଗୋଟାଏ ଛଡ଼େଇକଳା ବା ଖରସୁଆଁ ନୁହେଁ—ସମଗ୍ର ଦେଶକୁ ଭାରତର ମୁକ୍ତି ପାଇଁ ଆମେ ବଳିଦାନ ଦେଇପାରୁଁ—କିନ୍ତୁ ପରିଜନସ୍ୱ ଭାବ ଦେଇ ଉତ୍କଳକୁ ସ୍ୱାଧୀନତା ସଂଗ୍ରାମ ପାଇଁ ଅଧିନ କରିବା ଭାରତର ମୂର୍ଖତା । ଲୋଲୁପୀ ପଡ଼ୋଶୀ ପ୍ରଦେଶର ଲୋଭ ଆଗରେ ଆତ୍ମ-ସମର୍ପଣ କରିବାର କାମୁରୁଷତାକୁ ମହା-ଭାରତୀୟ ଜାତୀୟତା ଆଖ୍ୟା ଯେ ଦିଏ ସେ ଭଣ୍ଡ—ସେ ଦେଶର ନେତା ନୁହେଁ—ଘାତକ । ଦୁର୍ବଳର ଅହିଂସା ଅହିଂସା ନୁହେଁ—ବରଂ ହିଂସ୍ରର ହିଂସାକୁ ଅଧିକ ଉତ୍ସାହ ଦିଏ । ଦୁର୍ବଳ ବନ୍ଧିତ, ପରମୁଖାପେକ୍ଷୀ ଉତ୍କଳର ମହାଭାରତୀୟ ଭାବ ପ୍ରକୃତ ଜାତୀୟତାର ଦ୍ୟୋତକ ନହୋଇ ବରଂ ବିହାର ବଙ୍ଗ ଆନ୍ଧ୍ରମାନଙ୍କର ଲୋଭକୁ ଅଧିକ ଉତ୍ତେଜିତ କରିବ ।

—•—

Digitized by srujanika@gmail.com

# ଡାରେ ଡାରେ ତାନା ନାନା

## ସଂପାଦକ ଜବାବ

ସମାଜ—ଅନେକଙ୍କ ବ୍ରୁସ ଗ୍ରେଟେନ ମଲ ୧୫ ତାରିଖ ଅଗଷ୍ଟ ନେଗୋସିଏ ଜାହ୍ନୁଆରୀରେ ପଦୁଥିଲେ ତେବେ ଦେଶ ଶତ୍ରୁ ଓ ଭକ୍ତ ଭାବ ବୃଦ୍ଧି ବ, ମୁଥିବା ବଦଳି ଭାଲ ନଥାନ୍ତା ।

...ହାଇରେ ବଦଳି ହୋଇଥାନ୍ତା ଖାଇଥାନ୍ତି ।

\+ × +

ମହତାବ ପ୍ରଜାତନ୍ତ୍ର—ଯେଉଁ ସବୁ ଉପାୟ ଅବଲମ୍ବନ କଲେ ଲୋକଙ୍କ ମନ ଖୋଲା ପ୍ରତି ଅନୁଷ୍ଠ ହେବ ତାହାର ବ୍ୟବସ୍ଥା ଦେଖା ଦେଇ କରନ୍ତୁ । [ ମନ୍ତ୍ରୀ ମଣ୍ଡଳ ନୁହେଁ ? ]

...ଲୋକଙ୍କ ମନ ଖୋଲା ପ୍ରତି ଅନୁଷ୍ଠ ହେଲେ ପୁଣି ଦେଶଦ୍ରୋହୀଙ୍କୁ ବଦାଯିବାର ଯାଏଁ ବ୍ୟାପି ଥିବା ଖବର ପଥରେ ଖୋଲି ଯିବାର ଉପାୟ ଅଛି କି ।

\+ × +

ଜନତା— ମହତାବ ସରକାର କଲ୍ପନେ କାହାର ପ୍ରଧାନ ମନ୍ତ୍ରୀ ପଦ ପାଇଁ ଯଦି ଓଡ଼ିଶାକୁ ବଞ୍ଚା ଦେବାନ୍ତି ।

...ଭିକ୍ଷା ମୁଦ୍ରା ଦେଲକୁ ଉତ୍ତ ବାକିବ ।

× × +

ମୟୂରଭଞ୍ଜ କାରେଣ—ମୟୁରଭଞ୍ଜ ଶାସନରେ ମୟୁରଭଞ୍ଜ ଲୋକଙ୍କ ସ୍ଥାନ ନାହିଁ ।

...ଭାଲ ଥିବତ ?

× × +

ମଃ ଜାଃ— ବୋବାର ଷଡ଼ ନାହିଁ ।

...ସମ ମିତ୍ର ଧ୍ୱପକ୍ଷଯୋ ।

× + ×

ଓଡ଼ିଶା ପାନ୍ଥ—ପାଟଳାର ମହାରଜା ଓଡ଼ିଶାର ଗଭର୍ଣ୍ଣର [illegible] ପଦନ୍ତ୍ର [illegible] ହେବେ । [illegible] ପ୍ରଦେଶ [illegible] ବୋ[illegible] [illegible] ଇତ୍ୟାଦ ।

...ଥମ୍ଭ ଗଛରେ ଅମ୍ବଭାଙ୍ଗ ଫଳିବ ।

\+ × +

ଥରଭରବର—ମହାନଦୀ ଯୋଜନା ବା ଥାର୍ଡ଼ କ୍ଲାସ ଗାଡ଼ିରେ ପଙ୍ଖା ଦେବା ଠାରୁ ଅମଲଙ୍କ ସ୍ୱଭାବ ସ୍ୱାଧୀନ ଓ ଶାସନକୁ ମଜବୁତ କରିବା ବେଶୀ ଦରକାର ହୋଇ ଗଲଣି ।

...ଅବଭରବର ଗୃହି କଲଣି ।

\+ × ×

ବ୍ରହ୍ମପୁର ଓଡ଼ିଆ— ନେହେରୁ, ହରକାଙ୍କ ଶୋଚନୀୟ ଅପମୃତ୍ୟୁ ।

...ତାଙ୍କ ଭୂତ ଓଡ଼ିଆକୁ ମାଡ଼ ବସିଛନ୍ତି ?

\+ + +

ସୋସାଲିଷ୍ଟ ଚ୍ଛପକ— ଅର୍ଥ ଲୋଲୁପୀ ପୁଞ୍ଜିପତିଙ୍କର ଘୃଣ୍ୟ ମନୋବୃତ୍ତି—ଗାନ୍ଧୀ ସ୍ମୃତି ପାଇଁ ସାହାଯ୍ୟ ଲାଗି ସତ ।

...ସ୍ୱର୍ଗରେ ଜାଗା ଦଲୁ ମୋଟେ ସ୍ୱଭାବ ଛାଡ଼ିବ ନେମନ୍ତେ ।

÷ × ×

ଜନତା—ମହତାବ ଶୁଣିବେ କି ?

ବଧିର ନୁହଁ କି କହ ବୋଲେ ହଟନ କୃଷ୍ଣ ବାବୁ, ସୁଣିଛୁ କଲେଇ ଗଲା କଲେ ତେଣ ଭକ୍ତ, କାଣ ତଂବ ପେ ଶ୍ରୀକଣ୍ଠ ଆସଙ୍କ ଚେଷ୍ଟାରେ କରୁ ମହତାବ ମହାତ ନୋବ ଷିଟେ ଛି ଜାଲା ।

× × +

## ମହାଜନ ଜବାବ

ସ୍ୱଦେଶ— ଏନ ଦୃଷ୍ଟି [ vision[ ମଣ୍ଡପ ଜାଗ ସମୟ ନ ଦଳ ନାହିଁ ।

...ନୂତନ ମାଦେଶଙ୍କର ଅମଳିଣ ଦୃଷ୍ଟି ରଖାଯାଉଛି ।

× +

ଦେଶ— ମନ୍ତ୍ରୀପଦ ଦେଇ ଥାର ସୁବିଧା ମିଳୁ ନାହିଁ ।

...ଲକ୍ଷ୍ମୀପୂରୀ ହେବାର ସୁବିଧା ମିଳିବ ?

× × ×

ଜନଗଣ—ମୁଁ ନଗର ମଧ୍ୟ ଆସ୍ୱାଦନ କରିଛି ।

ଜାଗଲମ ବଧୂ—ମୁଁ ଦେଶ ତାର ମଧ୍ୟ ନୟୃତନ ଗୌରବ ଭାଷା ।

\+ + +

କାରଣ ଶଙ୍କର— ଜମିଭଳିଙ୍କ ଠାରୁ ଦୂରରେ ରହି ତାଙ୍କୁ ନିଃସଙ୍ଗ କରଦଅ ।

...କିନ୍ତୁ ଥମ ସାଥିଙ୍କ ଗାଉ ର ସମକ ବନ୍ଧୁତା Companionate Comradeship

× × ×

ସୁନ୍ଦର ଉଦ୍ୟାନ କାଶ୍ମୀରକୁ ଯେ କୌଣସି ମତେ ରକ୍ଷା କରିବାକୁ ହେବ—ଅଜାଦ ।

.. ତାହେଲେ ପ୍ରେମ ମଧ୍ୟ ବଢ଼ିବ । ଫଳରେ ହିଂସା ବଦ୍ଧୁଚିତ ହେବ ।

\+ × ×

ବହାର ସେକ୍ରେଟେରୀ ମୋଟେ ୪ । ୫ ପଦ କଥା କହୁଥିଲେ ।

...ଅଲ୍ପଭାଷୀ—ବହୁଗ୍ରାସୀ ।

× + +

ବହାସିମାନେ ଖବର କାଗଜ ଓ ରେଡ଼ିଓ ମଧ୍ୟ ଅଧିକାର କରି ମିଥ୍ୟା ପ୍ରଚାର କଲେ—ବ୍ରଜବନ୍ଧୁ ।

...ମହତାବଙ୍କ ଅଣ୍ଡାକୁ ଅଧିକାର କରି ନାହାନ୍ତି ?

× + ×

ସବୁ କଥା ଲେଖା ଟେବୁଲରେ ସ୍ଥିର ହୋଇଥିଲା—ଗୋଦାବରୀଶ ମିଶ୍ର ।

.. ଓଡ଼ିଶାର ଅର୍ଥ ମନ୍ତ୍ରୀଙ୍କର ପରମ ମହତ୍ତ୍ୱ ରକ୍ଷା କରିଥିବେ କୁଏତ ।

\+ × +

ସ୍ୱାଧୀନ ଲୋକମତକୁ ନଜର କରିବାରେ ଯାହାର ଧନ ଓ କୌଶଳ ନାହିଁ ସେ ଯଥାର୍ଥରେ ଅଯୋଗ୍ୟ—ନୀଳକଣ୍ଠ ଦାସ ।

...ହୁଲ ହୁଡ଼ଙ୍କ ବେଲକୁ ଘୋଡ଼ାମୁହାଁ ଜନମ ହୁଏନ୍ତି ।

\+ + ×

Digitized by srujanika@gmail.com

ପାଲେଷ୍ଟାଇନ ନାଆଁ ଦିନୁଦିନୁ ନୂଆ ରୂପ ନେଉଛି । ନିରାପତ୍ତା ସଭା ୨୪ଘଣ୍ଟା ଭିତରେ ଯୁଦ୍ଧ ବନ୍ଦ କରିବାକୁ କହିଲେ । ଆରବ ଓ ଇହୁଦୀ ଉଭୟ ପକ୍ଷ ହଁ ଭରିଲେ । କିନ୍ତୁ କର୍ମରେ ଦେଖାଗଲା ଆରବ ଓ ଇହୁଦୀ କେହି ଥକିବା ବାଲା ବା ଥକି ପାଇ ବିଶ୍ରାମ ନେବା ବାଲା ନୁହନ୍ତି । ଅବିଶ୍ରାନ୍ତ କର୍ମ କରିବା ହିଁ ତାଙ୍କର ଧର୍ମ । ଏହି ଅକ୍ଳାନ୍ତ ପରିଶ୍ରମ ପାଇଁ ନିରାପତ୍ତା ସଭା ପୁରସ୍କାର ଦେଉ ଉଭୟ ପକ୍ଷଙ୍କୁ ।

\+ + +

ଇହୁଦୀଙ୍କ ପୁଣ୍ୟ ପୀଠ ଜେରୁଜେଲମରେ ପଶି ଆରବମାନେ ନିଆଁ ଲଗେଇ ଦେଉଛନ୍ତି—ସ୍ୱାସ୍ଥ୍ୟ କାରଣରୁ । ବାସ୍ତବିକ ଦୁନିଆରେ ବାସ୍ତୁହରା କେବଳ ଅନର୍ଥର କାରଣ ନୁହେଁ-ରୋଗର କାରଣ ମଧ୍ୟ । ମୁକ୍ତ ଆକାଶ ତଳେ ଇହୁଦୀମାନେ ବାସ କଲେ ନିରୋଗ ହୋଇ ଅଧିକ ସ୍ୱାସ୍ଥ୍ୟ ଭୋଗ କରିବେ ଓ ବଳୀୟାନ ହୋଇ ଅଧିକ ଯୁଦ୍ଧ କରିପାରିବେ । ଆରବଙ୍କର ଇହୁଦିଙ୍କୁ ଏ ଏକ ପ୍ରକାର ବଦାନ ।

\+ × ×

ପୁଣି କରସ୍ଥାନ ମ୍ୟୁନିସିପାଲର କର୍ମକର୍ତ୍ତାମାନେ କହନ୍ତି ଯେ ଇହୁଦୀମାନେ ମସଜିଦ ଓ ଧର୍ମସ୍ଥାନ ପାଇଲେ ଧ୍ୱଂସ କରିଦେଉଛନ୍ତି । ଏହାର ଅର୍ଥ ବାଲୁଅଙ୍କ ମତରେ ଇହୁଦୀମାନେ ଧର୍ମମନ୍ଦିର ନାଶ କରି ଲୋକଙ୍କୁ ସନ୍ନ୍ୟାସୀ ହେବାପାଇଁ ବାଧ୍ୟ କରୁଛନ୍ତି ଏବଂ ଆରବମାନେ ଘରଦ୍ୱାର ଧ୍ୱଂସ କରି ଲୋକଙ୍କୁ ସଂସାର ତ୍ୟାଗୀ ବଇରାଗୀ ହେବାକୁ ବାଧ୍ୟ କରୁଛନ୍ତି । ଆରବ ଓ ଇହୁଦୀଙ୍କର ପ୍ରକୃତ ଯୁଦ୍ଧ ତେବେ ଏହି ନୀତିଗତ । ଏଥିରେ ବ୍ୟକ୍ତିଗତ ଜାତିଗତ କିମ୍ବା ସମ୍ପ୍ରଦାୟଗତ କିଛି ନାହିଁ ।

\+ × ÷

୨୪ଘଣ୍ଟା ମଧ୍ୟରେ କୌଣସି ପକ୍ଷ ଗୁଳିଫୁଟା ବନ୍ଦ ନକଲେ ୭ମଧାରା ଅନୁସାରେ ନିରାପତ୍ତାସଭା ଇକୋନମିକ୍ ଆକସନ୍ ବା ପ୍ରତ୍ୟକ୍ଷ କର୍ମ ବା ଦେଖିଲା ବାମ କରିଦେବ ବୋଲି ଧମକ ଦେଲେ । ବାଲୁଅଙ୍କ ମତରେ ଏ ସହିତ ଆହୁରି ନିରାପତ୍ତା ସଭା ଯୋଗ କରିଥାନ୍ତେ—ଯଦି ଉଭୟ ପକ୍ଷ ଗୁଳି ମରା ବନ୍ଦ ନ କରନ୍ତି ତେବେ ସେ ଅପ୍ରତ୍ୟକ୍ଷ କର୍ମ—ବା ଇଣ୍ଡିରେକ୍ଟ୍ ଆକସନ କରିଦେବେ । ସେଥିପାଇଁ ୭ମଧାରାର ଏକ ଉପଧାରା ପ୍ରଣୟନ ମଧ୍ୟ କରାଯାଇ ପାରେ । ନଚେତ୍ ୭ ଧାରାର




ସେଇଭଳି ଅର୍ଥ ମଧ୍ୟ କରାଯାଇ ପାରେ । କାଶ୍ମୀର ସମସ୍ୟାବେଳେ ଯେଉଁ ଅର୍ଥ—ଜୁନାଗଡ଼ ବେଳେ ସେଇ ଅର୍ଥ—ହ୍ୟଦ୍ରାବାଦ ବେଳେ ଯେଉଁ ଅର୍ଥ—ପାଲେଷ୍ଟାଇନ ବେଳେ ସେଇ ଅର୍ଥ—ସବୁ ଗୋଟିଏ ଧାରାରୁ ସମ୍ଭୂତ । ନିରାପତ୍ତା ସଭାର ମହିମା ଧନ୍ୟ ।

\+ + +

କାଶ୍ମୀର କମିସନ ଯେ କେବଳ କାଶ୍ମୀର ସମାସ୍ୟା ବୁଝିବେ ତା ନୁହେଁ—ଯୋ ପୁଛା ଉସକୋ କରେଙ୍ଗେ ଯୋ ନହିଁ ପୁଛା ଉସକୋ ଭୀ କରେଙ୍ଗେ ନୀତିରେ ଜୁନାଗଡ଼, ନିରପତ୍ତ୍ୟା, ଏବଂ ଭାରତ ପାକିସ୍ଥାନ ଚୁକ୍ତି ସମ୍ପର୍କରେ ମଧ୍ୟ ସମାଧାନ କରିବେ ବୋଲି ନିରାପତ୍ତା ସଭା ଅଖିର ଫରଅ ଜାରିକଲେ । ପଣ୍ଡିତ ନେହେରୁ ଏହାର ପ୍ରତିବାଦ ମଧ୍ୟ କରିଛନ୍ତି । ନିରାପତ୍ତା ସଭା ବୋଧହୁଏ ସିଧା ଏହାର ଉତ୍ତର ଦେବେ—ତମକୁ ଏଠିକି ଆସିବାକୁ କିଏ କହିଥିଲା ? ଆପଣାହସ୍ତେ ଜିହ୍ୱାଛେଦି—ସେ ଅଭିଯୋଗର ପ୍ରତିବାଦ । ପାକିସ୍ଥାନ ହୁଏତ ମୁହଁରେ ଲୁଗାଦେଇ ହସୁଥିବ—ଦାଏ ଯାଇଥିଲେ ପଣ୍ଡିତ ।

× + ×

ଭାରତରେ ଅନ୍ତରପ୍ରାନ୍ତ ଯେତେ ବଢ଼ୁଛି ସେତିକି ଅନ୍ତର୍ଜାତୀୟ ଅନୁଷ୍ଠାନମାନ ବଢ଼ି ଚାଲିଛି । ପୁଣି ମିଳିତ ଜାତି ସଂଘର ନିର୍ଦ୍ଦେଶରେ ଅସିଆ ଖଣ୍ଡର ଅର୍ଥନୈତିକ ସମ୍ମିଳନୀ ଗ୍ରୀଷ୍ମାବାସ ଉଟି ବା ଉଟକାମଣ୍ଡରେ ବସିଛି । ବୋଧହୁଏ ଅର୍ଥନୀତିଟା ଗରମାଗରମ ସମସ୍ୟା ହେଲେ ମଧ୍ୟ ତାହା ଥଣ୍ଡାମଥାରେ ବିଚାରକର ହେବା କାରଣ ଏ ବ୍ୟବସ୍ଥା ସୁଚତୁରାର ସହ କରା ଯାଇଛି ।

\+ + +

ସେ ସମ୍ମେଳନୀର ସଭାପତି ମାଥାଇ କହିଲେ—ଇକୋନ୍ ଫ୍ (ସମ୍ମେଳନୀ ତାକ ନାମ ଯଥା ଓଡ଼ିଆରେ ନାରାୟଣ ପ୍ରସାଦର ନାମ ନେଇ) ଆଇନ, ଉଚ୍ଚକୋଟ ବା ବିଧାନ ନୀତିର ଧାର ଧାରେ ନାହିଁ । ଏ କେବଳ ଅର୍ଥନୀତି ଘେନି ବିଚାର କରିବ । ବାଲୁଅ ସଭା ଅନୁରୋଧ କରୁଛି, ଧର୍ମନୀତି କହିବାରେ ତ ବାଧା ନାହିଁ ; ତେବେ ସେଥିରୁ କିଛି ଦିନ ହିଁରେ

ମିଶାଇ ଦେଲେ ମନ୍ଦହୁଅନ୍ତା ନାହିଁ । ସମସ୍ତେ ମହାପ୍ରସାଦ ସେବାକରି ଶେଷକୁ ବଦାହେଇ ଯାଆନ୍ତେ ।

× × ×

ହ୍ୟଦ୍ରାବାଦକୁ ସନ୍ଧ୍ୟା ଗ୍ରହଣ କରିବା କଥା ନେଇ ରୁସ ପ୍ରତିନିଧି ନଭିକୋ ଓ ଅମେରିକା ପ୍ରତିନିଧି ଗ୍ରାଡ଼ିଙ୍କ ଭିତରେ ବେଶ୍ ବଚସା ହୋଇଗଲା । ହ୍ୟଦ୍ରାବାଦ ସଂକ୍ରାନ୍ତରେ ରୁସର ସ୍ୱାର୍ଥ ଅଛି ବୋଲି ରୁସ ପ୍ରତିନିଧି କହିବାରୁ ଗ୍ରାଡ଼ି କହିଲେ ନେପାଳ ସ୍ୱାର୍ଥରେ ଅମେରିକାର ସ୍ୱାର୍ଥ ମଧ୍ୟ ଜଡ଼ିତ । ଏବଂ ସେ ଅମେରିକାର ଭାରତଦୂତ କେବଳ ନୁହନ୍ତି ଅମେରିକାର ନେପାଳଦୂତ ମଧ୍ୟ । ନଭିକୋ ତାର ଜବାବ ଦେଲେ—ସେ ଅମେରିକାର ଗ୍ରୀସ ଦୂତ ମଧ୍ୟ ବୋଲି ଏବେ କେଲେ ଯାଏ କହିନାହାନ୍ତି । ବାଲୁଅ ସଭା ମତରେ ଉଭୟେ ନଭିକୋ ଓ ଗ୍ରାଡ ଆମ ଦେଶରେ ଅମେରିକା ରୁସର ଦୂତ ନୁହନ୍ତି । —ଭୂତ ।

× × ×

ଏ ବର୍ଷ ଅନେକ ପୁରୁଣା ପୁରୁଣା ରଥୀମାନେ ଭୂଇଁରେ ଗଡ଼ ପଡ଼ୁଛନ୍ତି । ଅସ୍ତ୍ରାର ସଣ୍ଡର ଡ଼ିକେଲେସଙ୍କ ଗତେ ଦକ୍ଷିଣ ଅଫ୍ରିକାର ବୃଦ୍ଧ ସ୍ମଟ୍ସ୍ ସାହେବ ମଧ୍ୟ ଗାଦିଚ୍ୟୁତ ହୋଇଛନ୍ତି । ସ୍ମଟ୍‌ସ୍ ସାହେବ ଭାରତୀୟଙ୍କୁ ଘୃଣା କରୁ କରୁ ନିଜକୁ ଘୃଣା କରି ଶିଖିଲେ ବୋଧହୁଏ / ସ୍ମଟ୍‌ସଙ୍କ ଅବସ୍ଥା ଦେଖି ବାଲୁଅ ସଭା ଭାବୁଛି ।

ବେଙ୍ଗ ବୋଲେ ବେଙ୍ଗୁଲିଲେ—ମସ୍ତ କ୍ଷଣ କ୍ଷଣକେ ଆନ ।

× + +

ସ୍ମଟ୍‌ସଙ୍କ ଜାଗାରେ ଜାତୀୟ ଦଳ ନେତା ମାଲନ ପ୍ରଧାନ ମନ୍ତ୍ରୀ ହୋଇଛନ୍ତି ଏବଂ ଅଫ୍ରିକାର କଳାମାନେ ତାଙ୍କୁ ସମର୍ଥନ କରୁଛନ୍ତି । ତଥାପି ମାଲନ କହନ୍ତି—କଳା ଗୋରା ମିଶାମିଶି ଠିକ ନୁହେଁ । ନ ମିଶିବାରେ ଗୋରାଙ୍କର ଅଧିକ ମର୍ଯ୍ୟାଦା ରହିବ । ଉଭୟ ସ୍ୱତନ୍ତ୍ର ରହିବାରେ ଉଭୟଙ୍କ ମଙ୍ଗଳ । ମାଲନ ବୋଧହୁଏ ବୈଜ୍ଞାନିକ । ତାଙ୍କ ମତରେ ମଣିଷ ଜାତିର ଗୋରା କଳା ବିଦ୍ୟୁତ ଶକ୍ତିର ନାସ୍ତି [ negative ] ଓ ଅସ୍ତି [Positive ] ଶକ୍ତି ଭଳି—ଦୁହେଁ ଭଲ ଅଥଚ ମିଶିଲେ ଅନେକ ଦାହ କରନ୍ତି ।

× × ×

ହାଇଦ୍ରାବାଦ ନିଜାମିଟା ଅତକୁ ଲଜ୍ଜାର ଦେଖା ଯାଉଛି । କିନ୍ତୁ ସଭବର ସଭର

Digitized by srujanika@gmail.com

କହୁଛନ୍ତି—ନୋ ଯୁଦ୍ଧେ ସୂଚ୍ୟଗ୍ର ପରିମିତ ଭୂମିଦାନ ଅସମ୍ଭବ । ସ୍ୱଜନ ଯେଉଁ କପଟ-ପାଶା ଖେଳ ଖେଳିଛନ୍ତି ଫଳରେ ତାଙ୍କ ଦଳର ଉରୁ ଭଙ୍ଗ ସୁନିଶ୍ଚିତ । କଳାମ ଶେଷରୁ ରକ୍ତ ନଦୀ ପାର ହେବାକୁ ସ୍ୱଜନଙ୍କ ଶେଷରୁ ଅଗ୍ରସର କରିବା ଛଡ଼ା ଗତ୍ୟନ୍ତର ନାହିଁ ।

× × ×

ଏ ଯୁଗର ହଲ୍ଲ କଣ୍ଟ୍ରୋଲ ହେଉଛି କଣ୍ଟ୍ରୋଲ—ଛାଡ଼ିଲେ ନ ହେଉଛି ଛାଡ଼ି ନ ଛାଡ଼ିଲେ ପ୍ରାଣ ଅଳ୍ପ ରହିବ ନାହିଁ । ଏ ବିଷୟରେ ପଣ୍ଡିତ ନେହେରୁ ଯେତେ ଚିତ୍କାର କରନ୍ତୁ ପଛେ ବାଡ଼ ସବୁ ଖଦେଣିଅ ନ ଛାଡ଼ିବାଯାଏ ଅବସ୍ଥା ସୁଧୁରିବ ନାହିଁ ।

+ + ×

ବଲାଙ୍ଗିରରେ ଛାତ୍ରମାନଙ୍କୁ ମହତାବ ଉଦ୍‌ବୋଧନ ଦେଇ କହିଛନ୍ତି ଯେ ତିନି ପ୍ରକାର ନେତା ଅଛନ୍ତି । ଗୋଟିଏ ଖବର କାଗଜରେ ନାମ ଦେବା ନେତା, ଗୋଟିଏ ଲୋକଙ୍କ ସାଙ୍ଗରେ ବୁଲୁଥିବା ନେତା—ଆଉ ଗୋଟିଏ ଲୋକଙ୍କୁ ଚଳେଇ ଥିବା ନେତା । ମାତ୍ର ଚତୁର୍ଥ ଶ୍ରେଣୀର ନେତା ଏ ଅଛନ୍ତି ଯାହାଙ୍କୁ ମହତାବ ନାମ ଦେଇ ପାରି ନାହାନ୍ତି । ଏମାନେ ଲୋକଙ୍କ ସାଙ୍ଗରେ ବା ପଛରେ ନଥାନ୍ତି କିମ୍ବା ଲୋକଙ୍କୁ ନିଜ ପଛରେ ନେଇ ମଧ୍ୟ ଯାଆନ୍ତି ନାହିଁ । ଇଂଲଣ୍ଡରେ ତିନି ଶ୍ରେଣୀର ନେତାଙ୍କୁ ଟେଲର ଦୃଷ୍ଟିରୁ ନିର୍ଦ୍ଦେଶ କରି ଯାଉଛି—ପ୍ରଥମ ଶ୍ରେଣୀର ନେତାମାନେ ଜନ୍ମ ନେତା ହୋଇ ଜନ୍ମିଥାନ୍ତି—୨ୟ ଶ୍ରେଣୀର ନେତାମାନେ ନିଜ ଗୁଣରେ ନେତା ହୁଅନ୍ତି ଆଉ ୩ୟ ଶ୍ରେଣୀର ନେତା ମାନଙ୍କ ଉପରେ ଜବରଦସ୍ତି ନେତୃତ୍ୱ ଲଦି ଦିଆ ଯାଇଥାଏ । ଆମର ମୁଖ୍ୟ ବର୍ଣ୍ଣିତ ଚତୁର୍ଥ ଶ୍ରେଣୀ ଓ ଇଂରାଜୀଙ୍କ ତୃତୀୟ ଶ୍ରେଣୀ ନେତାଙ୍କ ଭିତରେ ସମୟରେ ସମୟରେ ମିଳନ ସମ୍ଭବ । ଏହି ଶ୍ରେଣୀର ନେତାଙ୍କ ନାମ ମହତାବ ଉଲ୍ଲେଖ କରିଥିଲେ ଅନ୍ତତଃ ଯେଉଁ ମନ୍ତ୍ରୀ ଜନ ସୁମାରି କଲାବେଳେ ନିଜକୁ ଛାଡ଼ି ଅନ୍ୟ ମାନଙ୍କୁ ସୁମାରି କରୁଥିଲେ, ସେ ମନ୍ତ୍ରୀ ହେବାର ଅପବାଦ କେହି ମହତାବଙ୍କ ମୁଣ୍ଡରେ ଲଦିବାକୁ କେହି ସାହସ କରନ୍ତେ ନାହିଁ ।

÷ ÷ ×

ଓଡ଼ିଶା ସରକାରଙ୍କର ବର୍ତ୍ତମାନ ସିମେଣ୍ଟ [illegible] ଅବିଶ୍ୟକ । ଥିବ ପର [illegible] । [illegible]

ଡାକ୍ତର ଆପତ୍ତି କରିଛନ୍ତି ଯେ P. W. D. ବା ପଞ୍ଜାବ ୱେଲଫେୟାର ଡିପାର୍ଟମେଣ୍ଟରେ ବହୁତ ସିମେଣ୍ଟ ନଷ୍ଟ ହେଉଛି ଅଥଚ ଲୋକେ ପାଉ ନାହାନ୍ତି । ମାତ୍ର ସେଠିକି ସିମେଣ୍ଟ ନଷ୍ଟ ହୁଏ ନାହିଁ—ସରକାରୀ କର୍ମଚାରୀ ଓ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ କାରବାର ପାଇଁ ଅଣ୍ଡର ଗ୍ରାଉଣ୍ଡ ସୁଡଙ୍ଗ କଟା ହେବାରେ ସେ ସିମେଣ୍ଟ ଲାଗେ । ପୁଣି ସିମେଣ୍ଟ କଣ୍ଟ୍ରୋଲ ଅଫିସରେ ଲୋକେ ସ୍ୱଇବନ୍ଧୁ ଗୃହରଙ୍କ ନାମରେ ବିନା ଧାରରେ ଦରଖାସ୍ତ ଦେଇ ସିମେଣ୍ଟ ପାଉଛନ୍ତି ଅଥଚ ବର୍ଷ ବର୍ଷ ଧରି ଲୋକେ ବଡ଼ମଡ଼େ ଜଜ ଚେୟାରମ୍ୟାନ ବଡ଼ ହାକିମଙ୍କ ସୁପାରିସ ଦେଇ ଦରଖାସ୍ତ କରି ରହି ବସିଛନ୍ତି । ଏପରି ଦୃଷ୍ଟାନ୍ତ ଆମ ନିକଟକୁ ଆସିଛି । ଆମେ କହୁଁ, ଆରେ ବାବୁ ଚଡ଼ ଅଫିସରେ ଯେଉଁ ମେଣ୍ଟ ସେଠି ଏ ମେଣ୍ଟ ବମେଣ୍ଟ ଯାଇଁ ସିମେଣ୍ଟରେ ଉଠିଲାଣି । ଏଣେ ଲୋକଙ୍କର ନିଅଣ୍ଟ ହେଲେ କଏ ପଚାରେ । ଖଣ୍ଟିଙ୍କ ବଣ୍ଟନରେ—ଲିଖନ ଲାଗେ ନାହିଁ—ସବୁ ଅନ୍ଧାରେ—ଅନ୍ଧାରେ ।

÷ ÷ +

ଷଡ଼େଇକଳା ଖରସୁଆଁ ପ୍ରଶ୍ନରେ ଓଡ଼ିଶା ବ୍ୟବସ୍ଥା ସଭା ମନ୍ତ୍ରୀମଣ୍ଡଳଙ୍କ ବିରୁଦ୍ଧରେ ଅବିଶ୍ୱାସ ପ୍ରସ୍ତାବ ଆଣିନୁ ବୋଲି ଗୃହଅନ୍ତେ ଦାବି ଶୁଭିଲା । ଜଣେ ଭଦ୍ରଲୋକ କହିଲେ—ବାବୁ ଲାଟ ସଭାର ଅଧେ ଲୋକତ ମୂର୍ଖ—ଏ ବୁଦ୍ଧି କଣ ତାଙ୍କୁ ଦିଶୁଛି ? ସେ ଜାଣି ନଥିଲେ ଯେ ଉପସ୍ଥିତ ଭଦ୍ର ଲୋକଙ୍କ ଭିତରୁ ଜଣେ ଲାଟ ସଭା ସଭ୍ୟ ଥିଲେ । ହଠାତ୍ ଉଠିପଡ଼ି ପ୍ରତିବାଦ କରିବାରୁ ପୂର୍ବ ଭଦ୍ରଲୋକ ଜଣକ କହିଲେ—ମୁଁ ମୋର କଥା ଫେରାଇ ନେଉଛି ଏବଂ ଆପଣଙ୍କମାନଙ୍କ ଆଗରେ ମାଫି ମାଗି କହୁଛି ଯେ—ଓଡ଼ିଶା ବ୍ୟବସ୍ଥା ସଭାର ଅଧେ ଲୋକ ମୂର୍ଖ ନୁହନ୍ତି ।

+ ÷ +

ଆଉ ଜଣେ କହିଲେ ମୁଁ ଜାଣେ ଓଡ଼ିଶା ବ୍ୟବସ୍ଥା ସଭାରେ ମନ୍ତ୍ରୀଙ୍କ ଛଡ଼ା ବାକି ସବୁ ଗୁଡ଼ିକ ମେଣ୍ଢାପଲ ।

ଜଣେ ମନ୍ତ୍ରୀ ଏ କଥାର ପ୍ରତିବାଦ କରିବାରୁ ସେ ଭଦ୍ରଲୋକ ମଧ୍ୟ ପ୍ରତ୍ୟାହାର କରି କହିଲେ—ଓଡ଼ିଶା ବ୍ୟବସ୍ଥା ସଭାରେ କୌଣସି ସଭ୍ୟ ମେଣ୍ଢା ନୁହଁନ୍ତି । ମନ୍ତ୍ରୀ ତ ମନ୍ତ୍ରୀ—ସେ ମେଣ୍ଢା ନୁହଁନ୍ତି ।

÷ ÷ +

ପୁରୀର କୌଣସି ସଭାରେ ମହତାବଙ୍କ ବକ୍ତୃତା ଘରୁ ପ୍ରକାଶ ପାଇଲା ଯେ—ଖୋସ୍ କରି ପଣ୍ଡିତ ନେହେରୁ ଓଡ଼ିଶା ଆସିଥିବା ବେଳେ ଷଡ଼େଇକଳା ଓ ଖରସୁଆଁ ବିହାରକୁ ଯାଉ ବୋଲି ବ୍ୟାପକ ଭାବରେ ମହତାବଙ୍କ କହିଥିଲେ ବୋଲି ମହତାବ କୌଣସି ଗୁହ୍ୟ-ଲୋକଙ୍କ ପାଖେ କହିଥିଲେ । ଜଣେ ଭଦ୍ରଲୋକ କହିଲେ— ଏ କଥା ମହତାବ ଲୁଚାଉଥିଲେ କାହିଁକି ? ଏକଥା ନିତାନ୍ତ ମିଛ ହୋଇଥିବ । କିନ୍ତୁ ମହାଦେବଙ୍କ କଣ୍ଠରେ ଗଙ୍ଗା ଲୁଚି ମଧ୍ୟ ଲୁଚି ନ ପାରିଲା ପରି ଏକଥା ସେମିତି ଫୁଟି ବାହାରିଲା । ମହତାବଙ୍କର ତ ଜଟା ନାହିଁ—ଏକଥା ଫୁଟାଇବା ବାଲା ମହତାବଙ୍କ ବାଳରୁ ବାହାରି ଏ କଥା କହୁଥିବେ ।

+ + ×

କଲିକତା ଭାଇମାନେ ଷଡ଼େଇକଳା ଯେଉଁ ବଡ଼ ଉଦ୍ୟୋକ୍ତା ହୋଇ ମହତାବଙ୍କ ନିନ୍ଦା କଲେ । କିନ୍ତୁ ସଭାରେ ମଣିଷ ନିଜ ମାଉଁସ ଖାଇଲା ପରି—ଶଙ୍ଖ ମୋ ଡାବିଆରେ ଖିର ଖାଇଲେ ଓ ମୁଁ ଶଙ୍ଖ ଗିନାରେ ଗୁଡ଼ ଖାଇଲେ ଯେପରି ସୁନ୍ଦର ଦିଶିବ, କଲିକତିଆ ଭାଇମାନେ ସେହିଭଳି ସୌନ୍ଦର୍ଯ୍ୟର ଆକର୍ଷଣରେ ଟାଣି ହୋଇ ମହତାବଙ୍କୁ ଛାଡ଼ି ପଦ ଦେବା ସଙ୍ଗେ ସଙ୍ଗେ ବିଖ୍ୟାତ—ସୁଖ୍ୟାତ—ଗୋଦାବରୀଶଙ୍କୁ ନେତୃତ୍ୱ ନେବା ପାଇଁ ବରଣ ମାଳା ଲମ୍ବେଇ ଦେଲେ । ୧୯୪୨ ମସିହାର ଅଗଷ୍ଟ ପାରଳା ମନ୍ତ୍ରୀମଣ୍ଡଳରୁ ପାରଳା ରଜା ଯେବେ କଂଗ୍ରେସ ଭୋଟ ପାଇଲେ, ଗୋଦାବରୀଶ କଣ ଏହିଟିଅ ନିଅଁରେ ହଗି ଥିଲେ କି ? ସେ ମଧ୍ୟ ଗୋଟାଏ ସ୍ଥାନ ପାଇବା ଉଚିତ । ଏ ଦେଶରେ ନିମକ-ହାରାମ ଜାଗିରିଟା ଚିରନ୍ତନ ପ୍ରଥା ହୋଇ-ଗଲା ପରି ଲାଗୁଛି । ଆମେ ଧନ୍ୟ ଧନ୍ୟ ଦେଉଛୁ କଲିକତିଆ ଭାଇଙ୍କୁ ସେ ଏତେ ବୁଦ୍ଧି ଓ ବିଚକ୍ଷଣତାରେ ଗୋଟାଏ ପ୍ରଥାକୁ ସ୍ଥାୟୀ କରିବା ପାଇଁ ଏତେ ବଡ଼ ଆୟୋଜନ କଲେ । ବାସ୍, ତାପରେ ସବୁ ହାବେଳି ବାଣ ପରି ଅଣ୍ଡା ମଣ୍ଡୁଚି । ଗୋଦାବରୀଶ ବାଣାଘାଟରେ ବାଣ [illegible]ରେ ଯାଇଁ ବେଣା ଉପାଡ଼ିବେ ।

× ÷

Digitized by srujanika@gmail.com

# ଭାଇରେ ଏବେ ଅସିଛି ଦିନ

ମୁଁ ନିବସ୍ଥ ଶରୀରେ ବସି ଭାବୁଥାଏ । ଏକ-ପକ୍ଷରେ ଦେବ୍ ଓ କଟଲେଟ୍—ଅପରପକ୍ଷରେ ରସ ମଲାଇ ଓ ସନ୍ଦେଶ— କିଏ କାହାର ? କିଏ କେତେ ନମ୍ବର ପାଇବ ପରୀକ୍ଷାରେ ?

ପାର୍ଟି ସରିଲାଣି । ସମସ୍ତେ ଠିଆ ହୋଇ ପରସ୍ପର ମଧ୍ୟରେ ବିଶ୍ରମ୍ଭାଳାପ ଚଳାଇଛନ୍ତି । କୌଣସି ମହଲାଙ୍କ ଦକ୍ଷ ପକ୍ଷକୁ ଅଶ୍ରଦ୍ଧା କରି ଅସନ୍ତୁଷ୍ଟ ହେବାର ଭାଗ୍ୟ ଯେଉଁ କେତେକ କ୍ୱଚିତ୍ ବଶିଷ୍ଟ ବ୍ୟକ୍ତିଙ୍କର ଘଟିଥିଲା ସେମାନେ ଅପନ ତ୍ୟାଗ ନକରିବାର ଲୋଭ ଏପାବତ ସମ୍ବରଣ କରି ପାରି ନାହାନ୍ତି ।

## ମଜା କଥା

ହଠାତ୍ ନିଆଁ ଲାଗିଗଲା । ମୋତେ ଜଣାନାହିଁ । ମୁଁ ନିବସ୍ଥ ଶରୀରେ ଭାବୁଛି—ବରଂ ଓଜନ କରୁଛି—ରସ ମଲାଇ—କଟଲେଟ୍—ସନ୍ଦେଶ କେକ୍—କିଏ ଗରୁ କିଏ ହାଲୁକା । ଏମିତି ଅସମୟରେ କ ନିଆଁ ଲାଗିଲା ।

କାହାର ଘରେ ନିଆଁ ଲାଗିନାହିଁ—କିମ୍ବା ଓଡ଼ିଶା ସେକ୍ରେଟାରିଏଟ୍‌ରେ ନିଆଁ ଲାଗିନାହିଁ ଯେ ଫାୟାର ବ୍ରିଗେଡର ଅବଶ୍ୟକତା ହେବ । ଏ ଷଟେଇକଲା ଖରସୁଆଁର ନିଆଁ ନୁହେଁ । ଦେଶର ଶାସକ ମାନଙ୍କର ମୁହଁରେ ମଧ୍ୟ ନିଆଁ ଲାଗିନାହିଁ ଯେ ପାଣି ଅଭାବରେ ସମସ୍ତେ ଥୁ ଥୁ କରି ନିଆଁ ଲିଭାଇ ଦେବେ । କିମ୍ବା ଏ ୧୯୨ ର ବିଲାତି ଲୁଗା ସ୍ତୁପରେ ନିଆଁ ଲାଗିବାର ପୁନରାବୃତ୍ତି ନୁହେଁ ଯେ ସ୍ୱେଚ୍ଛା ସେବକ ମାନେ (ସ୍ୱେଚ୍ଛା ସେବକ ମାନେ କ୍ଷମା କରିବେ—ତାଙ୍କ ବିଷୟ ଉଲ୍ଲେଖ ଯୋଗ୍ୟ ନହେବାର କାରଣ ସେମାନେ ଆଜି ଯେପରି କମିନଷ୍ଟ ଦଳରେ ଯୋଗ ଦେବା ଫଳରେ ସ୍ୱେଚ୍ଛା ସେବାର ସୁବିଧା ପାଇ ଆପଣାକୁ ରାଜନୈତିକ ରଙ୍ଗମଞ୍ଚରେ ଅବତୀର୍ଣ୍ଣ କରାଇ ପାରିଛନ୍ତି ସେତେବେଳେ ସେମାନଙ୍କର ମାମାଉସୀ ମାନେ ସେତେ ଫରୁଆର୍ଡ ଲେଡ଼ି ହୋଇ ନଥିଲେ । ) ଗାଇ ବୁଲିବାର ଶୁଣା ଯାଉ—ଭାଇରେ ଏବେ ଅସିଛି ଦିନ—ବିଲାତି ବସନ କର ଦହନ, କହୁଛନ୍ତି ମହାତ୍ମା ମୋହନ, ଏଥିରେ କଥାଟି ଅଛି ଗହନ—ଦେଖ ଯୋତ କ ଅଣ ବହନ—ଇତ୍ୟାଦି ।



ମୋର ମନେ ହୁଏ ଏ ନିଆଁ ଲଗାକୁ ଦେଖି—ନିଆଁ ଲଗା ନୁହେଁ, ନିଆଁ ଲଗିବାକୁ ଦେଖି କବି ନିଶ୍ଚୟ ଯେ ଦିନ ଗାଇଥାନ୍ତେ—

ଭାଇରେ ଏବେ ଅସିଛି ଦିନ  
ଖଦଡ଼ ବସନ କର ଦହନ  
କହୁଛନ୍ତି ମହାଡାବ ମୋହନ  
ଏଥିରେ ରହିଛି କଥା ଗହନ  
ଚଉ ଦୁଆରରୁ ଅଣ ବହନ ।  
ଇତ୍ୟାଦି

ଏବଂ ହାସ୍ୟ ନୁହେଁ—ପ୍ରକୃତରେ ନିଆଁ ଲାଗିଲା ଖଦଡ଼ରେ—ମୋ'ର ପିନ୍ଧିଲା ଖଦି—କଲାପୋଡ଼ େଦେଇ ସୁତା କିଣି ଟଙ୍କାକେ ଗୁଣ୍ଡିଏ ହିସାବରେ ଖଦୀ ଭଣ୍ଡାରରେ ସଉଥ

## ମାଙ୍କଡ଼ ହାତରେ

ପୁରୁଷ ରୂପେ ସୁତା ଓ ଖଦି ଦର ଟଙ୍କ ନେଇ ଯେଉଁ ଲୁଗାଟି କିଣିଥିଲି—ସେଇ ଲୁଗାର କୁଞ୍ଚ କାନର ମୋଡ଼ ଭିତରୁ ଝିକିମିକି ପଥର ଲୁଗାରେ ଘଷିହେଲା ପରି ମୋ ଗୋଡ଼ରେ ଖଦଡ଼ ଦଗ୍ଧିହୋଇ ନିଆଁ ବାହାରିଲା କଣ—ଲୁଗା ପୋଡ଼ା ପୋଡ଼ା ଗନ୍ଧ ଉଠିଲା । ମୋର କିନ୍ତୁ ଦୋଷ ନାହିଁ । ଟି ପାର୍ଟି ସରିଗଲାଣି । କଂଗ୍ରେସ ଦାଳ ପିନ୍ଧିଥା ଧାରୀମାନେ କେବଳ ସିଗାରେଟ ପରେ ସିଗାରେଟ ଉଡ଼ାଇ ଚାଲିଛନ୍ତି । ଯେହେତୁ ମାଦକ ଦ୍ରବ୍ୟ ନୁହେଁ । ଗାନ୍ଧି ମହାତ୍ମା ଆଗରୁ କଂଗ୍ରେସ ବାଲାଙ୍କୁ କହିଥିଲେ—ମାଦକ ସେ ବ ନ ନିଷେଧ—କଂଗ୍ରେସ କେବଳ ସଂକ୍ଷେପରେ ତାକୁ ମଦ୍ୟପାନ ନିଷେଧ ବୋଲି ବିଲାତି ବସନର 'ବନ୍ ଫାୟାର' ବା ଦିହୁଡ଼ି ଜାଳିବା ବଦଳରେ ବେଲାତି ସିଗାରେଟର ଦିହୁଡ଼ି ଜଳା ଧରିଛି । ବିଲାତି ବସ୍ତ୍ରର ଧ୍ୱଂସ ସାଧନ ହେଉଛି । ସେଥିପାଇଁ ସ୍ୱଦେଶୀ ପ୍ରୀତି ସଫଳତା ପ୍ରମାଣ କଲେ କଂଗ୍ରେସର ନେତା ବା ମନ୍ତ୍ରୀ ପାହିଆ ମିଳେ ବୋଲି ଏ ହୋମ ଆହୁତି ଦିଆଯାଉଛି । ସମସ୍ତେ ଗଳ୍ପରେ ମଜଗୁଲ । ଅଧଲାଂଶଙ୍କ ମୁଣ୍ଡରେ ଷଡ଼େଇକଲା ଓ ଖରସୁଆଁ । ସମସ୍ତେ କହୁଛନ୍ତି ପ୍ରଧାନ ମନ୍ତ୍ରୀ ଶ୍ରୀ ହରେକୃଷ୍ଣ ଲୁଗା ଦେଇଛନ୍ତି । ଆପଣା ଲୋକ ପଠାଇ ପ୍ରଚାର କରିଛନ୍ତି । ଛୋଟନାଗପୁର ଓଡ଼ିଆ ସହ ମିଶିଲେ ଓଡ଼ିଶା ଓ ଓଡ଼ିଆ ଜାତି ଲୋପ ପାଇଯିବ ବୋଲି ... ଓଡ଼ିଆମାନଙ୍କୁ ଉଦ୍‌ବୁଦ୍ଧ କରିଛନ୍ତି... ମାନଙ୍କୁ ଡାକୁ ବୋଲି କହି, ... ଉତ୍ତେଜିତ ମନ୍ତ୍ରଣାକୁ ... କରିଛନ୍ତି । ଶ୍ରୀମତୀ ମାଳତୀ ଚୌଧୁରୀ ... ଷଡ଼େଇକଲା ଖରସୁଆଁର ଆଦିବାସୀ ମା... ମା ବୋଲି କହି ପୂଜା କରିବାର ... ଓ ତଥା ମାତୃତ୍ୱର ଅବମାନନୀ ଉପଲବ୍ଧି କରି ତାକୁ ଦ୍ୱିତୀୟଥର ସଂଘଟିତ ହେବା ... ଉତ୍ସାହ ଦେଇ ନାହାନ୍ତି ଏବଂ ମାଳତୀଦେବୀ କର ଏ ସ୍ୱପ୍ନଦୋ ହେତୁ ... ଏ ସମ୍ବନ୍ଧରେ ସତ୍ପରାମର୍ଶ ... ଜଣନାହାନ୍ତି । କିଏ କହୁଛି—କାଳୁ ଦେଶରେ ... ପଡ଼ିଯାଇଛି । ଅନ୍ୟଜଣେ ଉତ୍ତର ଦେଉଛି—ସେ ଗୁଡ଼ାକ ଖାଲି ଦୁଇର ସର ଦୁଇଥିବେ—ହାତ ଗୁଡ଼ଥିବ । ସେମାନେ ... କରିବେ ନା ଷଡ଼େଇକଲା ଯିବେ ? ଦେଶର ଦରବାର ସଲଲେ ପ୍ରଧାନ ମନ୍ତ୍ରୀ ମନ୍ତ୍ରୀ ... ଛାଡ଼ି କଟେ ଷଡ଼େଇକଲା ଖରସୁଆଁରେ ପ୍ରଚାର କରିବେ । ଆଉ ଡେରି ନାହିଁ । ... ବାହାରିଲେ ପ୍ରାୟ । ଏଥର ସମାଳ ... ସମାଳ । ଲାଗିଲାଣି ଯୁଦ୍ଧ ଲାଗିଲା ।

ମୋର କିନ୍ତୁ ଲୁଗାରେ ନିଆଁ ଲାଗିଛି । ମୋ ପାଖଲୋକେ ପୋଡ଼ା ଗନ୍ଧ ବାରି କହୁଛନ୍ତି—କେଉଁଠି ନିଆଁ ଲାଗିଲା—କେଉଁଠି ନିଆଁ ଲାଗିଲା । ମୁଁ ଠିଆ ହୋଇ ଭାବୁଥିଲି—ସନ୍ଦେଶ ... କେକ୍—କଟଲେଟ୍ ଓ ରସମଲାଇ ।

---

କେମିତି ...

କେତେକ ... ମାଲ ହେଲା । ... ଲାଗି ଅସିଲାଣି । ... ର ଗୁଣ ହୁଏ— ...

ମୁଁ ... ଛାତ୍ର ହୋଇଥିବା ... ଭଳି ଅକାଶକୁ ... ସ୍ୱଦେଶ ... ଷଡ଼େଇକଲା—

# ଝଗଡ଼



ବଙ୍ଗାଳୀ ଓ ତେଲେଙ୍ଗାଣୀ ନାୟିକା ଦୁଇଟିଙ୍କ ଉଡଲୁ କଏ ସରସ—ତାଙ୍କୁ ଉଦ୍ଦେଶ୍ୟ କରି କହିଲି—"କେଉଁଠି ନିଆଁ ଲାଗିଛି ?"

"ହଁ ଲାଗିଛି । ତମର ଲୁଗାର କୁଞ୍ଚ କାନରେ, ମୁଁ ଆଗରୁ ତମକୁ କହି ଦେଇଥାନ୍ତି କିନ୍ତୁ ତମର ଧ୍ୟାନ ଭଗ୍ନ କରିବାକୁ ଇଚ୍ଛା ହେଲାନାହିଁ । ଅଭଦ୍ରତା ହୁଅନ୍ତା ।"

"ଅଚ୍ଛା ଅଚ୍ଛା ବେଶ୍ କରିଛନ୍ତି-ଆପଣ ବାସ୍ତବିକ ବଡ଼ ଭଦ୍ର—ହେଁ କଣ ହେଲା କହିଲେ ?"

"ଦୋଷଟା ହେଉଛି ମୋର । ମୁଁ ସିଗାରେଟଟା ଖାଇ ପକାଇ ଦେଲି । ସେ ଆପଣଙ୍କ କୁଞ୍ଚକାନରେ ପଡ଼ି ଅଟକିଗଲା ।"

ମୁଁ ଅନେଇ ଦେଖିଲି—ମୋର କୁଞ୍ଚରୁ ନିଆଁ ବାହାରୁଛି । ରାଜନୈତିକମାନଙ୍କର କୁଟ କାଢର କୁଣ୍ଡଳି ଭଳି ମଣ୍ଡଳ ସୃଷ୍ଟି କରି ସାରିଲାଣି । ଯୁବକ କହୁଥାନ୍ତି—ମୋର ଇଚ୍ଛା ହେଉଛି—ମୁଁ ନିଆଁଟା ଲିଭାଇ ଦିଅନ୍ତି । କାରଣ କେତେକାଂଶରେ ଏ ନିଆଁ ଲାଗିବାରେ ମୁଁ-ଦାୟୀ । କିନ୍ତୁ କଣ କରିବି ମୋତେ ବର୍ତ୍ତମାନ ଚାଲିଯିବାକୁ ହେବ । ମନ୍ତ୍ରୀ ଚାଲି-ଯିବେ । ମୁଁ ତାଙ୍କ ସାଙ୍ଗରେ ନଗଲେ ସେ ବଡ଼ ଅସୁବିଧାରେ ପଡ଼ିଯିବେ । ଅଚ୍ଛା ନମସ୍କାର ।"

ଭଦ୍ରଯୁବକ ଚାଲିଗଲେ । ମୁଁ ଜାଣେ ସେ ଜଣେ ମନ୍ତ୍ରୀଙ୍କ ଚେଲା । ମନ୍ତ୍ରୀଙ୍କ ପଛେ ପଛେ ଥାନ୍ତି । ମନ୍ତ୍ରୀଙ୍କୁ ଟଙ୍କା କରଜ ଆଣି ମାଡ୍ରାଜ ଜିଇଁ ଦିଅନ୍ତି । ମନ୍ତ୍ରୀଙ୍କ ନାରେ ମାରପିଟି ଖାନ୍ତି । ସେ ବଡ଼ ବ୍ୟସ୍ତ ଥାନ୍ତି ସବୁବେଳେ । ସିଗାରେଟ ବରାବର ଲାଗିଥାଏ ।

ସମସ୍ତେ ପ୍ରାୟ ଗୋଟିଏ ଗୋଟିଏ ଖସି ଯାଉଛନ୍ତି । ଏକୁଟିଆ ମୁଁ ନପଯୌ ନଟଗ୍ରୌ— ମୋ ଲୁଗାରେ ପୁଣି ଖଦଡରେ ନିଆଁ ଲାଗିଛି । ଏତେବଡ଼ ଗୁରୁତର ବ୍ୟାପାର, କାହାର ଦୃଷ୍ଟି ଆକର୍ଷିତ ହେଉନାହିଁ । ଜଣେ ମନ୍ତ୍ରୀଙ୍କ ଆଖି ପଡ଼ିଲା । ସେ ଦୌଡ଼ିଆସି କହିଲେ—"ନିଆଁ—ନିଆଁ—ଆଃ— ବଡ ଦୁଃଖର କଥା— ବଡ଼ କ୍ଷୋଭର କଥା— ନିଆଁ ଲାଗିଗଲା ? କିମିତି ଲାଗିଲା— କାହାଁକି ଲାଗିଲା— କିଏ ଲଗାଇଲା କେଉଁଠି ଲାଗିଲା— କେଉଁଥିରୁ ଲାଗିଲା— କେତେବେଳେ ଲାଗିଲା—କିପାଇଁ ଲାଗିଲା— କାହାର ଲାଗିଲା ଏବଂ କିପରି ଲିଭିବ— କାହା ଦ୍ୱାରା ଲିଭିବ— କେଉଁଥିରେ ଲିଭିବ— କେଉଁଠୁ ଲିଭିବା ଆରମ୍ଭ ହେବ— କେଉଁଠୁ ସରିବ ଏ ସବୁ ବିଷୟରେ ଆପଣ ଟିକିଏ ଅନୁସନ୍ଧାନକରି ଦେଖନ୍ତୁ—ମୋର ବଡ଼କାମ-ଟାଏ ଅଛି । ବେଳ ହୋଇଗଲା— ଅଚ୍ଛା— ଅଚ୍ଛା— Don't be afraid—ଭୟକର-ନାହିଁ—ସବୁ ଠିକ୍ ହୋଇଯିବ । This my Government. ଏ ସରକାର ଅଧୀନରେ ଯାହା ହୋଇପାରେ ତା କରାଯିବ— ପ୍ରଥମେ ଯୋଜନା ଆବଶ୍ୟକ—ଯୋଜନା—ଯୋଜନା ବୁଝିଲ—ଯୋଜନା କର !"

ବିଜୁଳିବେଗରେ ସେ ଚାଲିଗଲେ । ମନେ-ହେଲା ମୋ ଲୁଗାରେ ହାଇଡ୍ରୋ ବିଜୁଳି ଯୋଜନା— ଆରମ୍ଭ ହୋଇଛି— ପଣ୍ଡିତଜୀ ପ୍ରାରମ୍ଭିକ ଭାଷଣ ଦେଇଗଲେ ଅବା ।

ମୁଁ କିନ୍ତୁ ମନ୍ତ୍ରୀଙ୍କ ଏ ସହାନୁଭୂତି ଓ ଉଦ୍‌ବେଗରେ କୃତକୃତ୍ୟ ହୋଇଗଲି । ତାଙ୍କ ପ୍ରତି ଭକ୍ତି ଓ ପ୍ରେମ ବଢ଼ିଗଲା । ବାସ୍ତବିକ ଆମ ଓଡ଼ିଆ ମନ୍ତ୍ରୀମାନେ ଓଡ଼ିଆଙ୍କ ଦୁଃଖକୁ ଯେମିତି ବୁଝନ୍ତି ସେମିତି ଆଉ କେହି ବୁଝୁଥିବେ କି ନା ସନ୍ଦେହ ?

କିନ୍ତୁ ଏଥିପାଇଁ କୃତଜ୍ଞତା ଜ୍ଞାପନର ବେଳ କିମ୍ବା ସଂପାଦକଙ୍କୁ ପତ୍ର ଲେଖିବାର ସୁଯୋଗ ନଥିଲା । ବର୍ତ୍ତମାନ ମୋ ଶବ ସତ୍କାର ପାଇଁ ପାଦାଗ୍ନି ଦିଆଗଲାଣି—ଆପଣାକୁ ରକ୍ଷା କରିବାକୁ ହେବ ।

ସମସ୍ତେ ପ୍ରାୟ ଚାଲିଗଲେଣି । ମୁଁ ଉପାୟ ନପାଇ ରାସ୍ତା ଉପରକୁ ଦୌଡ଼ିଗଲି । ଲୋକେ ନିଆଁ ନିଆଁ କହି ଜମା ହୋଇଗଲେ । ଯେମିତି ଷଡ଼େଇକଲା ଓ ଖରସୁଆଁ ବିହାରକୁ ଚାଲିଯାଉଛି । ହୋ-ହଲ୍ଲା ପଡ଼ିଗଲା । ସମସ୍ତେ ଥକାକାବା ହୋଇ ଠିଆ ହୋଇଛନ୍ତି । ପଚରା ପଚରି ହେଉଛନ୍ତି—"କିମିତି ଲାଗିଲା, କିଏ ଲଗାଇଲା ନିନ୍ଦାବାଦକର । ଏ ନିଆଁ ସରକାର ଲଗା-ଇଛି । ସରକାରୀଲୋକ ଲଗାଇଛନ୍ତି । ପ୍ରଧାନ ମନ୍ତ୍ରୀ ଏ ନିଆଁକଥା ଆଗରୁ ଜାଣିଥିଲେ । ପଣ୍ଡିତ ଜବାହରଲାଲ ଆସିବାବେଳେ ମଧ୍ୟ ଏ ନିଆଁ ଲାଗିବ ବୋଲି ସୂଚନା ଦେଇଥିଲେ । ମନ୍ତ୍ରୀଙ୍କ କାଗଜରେ ମଧ୍ୟ ବାହାରିଥିଲା ଏଭଳି ନିଆଁ ଲାଗିଗଲେ ସହିଯିବ—କ୍ଷମାଦେବ କାରଣ ଅସହଯୋଗୀ ହେଲେ ଭାରତର ଇଉନିୟନ ଦୁର୍ବଳ ହେବ । ଅତଏବ ସରକାର ମୁର୍ଦ୍ଦାବାଦ— ଖଦଡ଼ ଧାରୀ ପୋଡ଼ା ଲୁଗା କାଙ୍ଗ୍ରେସୀ ଜିନ୍ଦାବାଦ । ସରକାର ଇସ୍ତଫା ଦିଅନ୍ତୁ । ଭାରତ ଇଉନିୟନ୍-ରୁ ଅଲଗା ହୋଇ ଯାଉ । ଆମ ଦେଶରେ ଲୋକଙ୍କ ଲୁଗାରେ ନିଆଁ ଲାଗୁଛି । ଏହାର ବିଚାର ହେଉନାହିଁ ।"

ଅଦ୍ଭୁତ ଓଳଟ୍ରିଙ୍ଗା ଢେଙ୍ଗଟିଙ୍ଗା ଗୋଳଫ୍ରିଙ୍ଗା ଭାଷାରେ ବକ୍ତୃତାମାନ ଚାଲିଲା । କିନ୍ତୁ ମଣିଷ କଥାରେ ମୋ ଲୁଗାରୁ ନିଆଁ ଗଲାନାହିଁ । କ୍ରମେ କ୍ରମେ ଜୋନ୍ ଅଫ୍ ଆର୍କ ହେବା ଭଳି ଅବସ୍ଥା ଆସିଲା—ବା ରାଜପୁତ ରମଣୀଙ୍କର ଜହର ବ୍ରତ ପାଳନର ଅନୁଭୂତି ହେବାର ସୁଯୋଗ ମିଳିଲା । ଆଜି ଇଂରାଜୀ ସରକାର ଥିଲେ ହୁଏତ ସତୀଦାହ ପ୍ରଥା ବିରୋଧ ଆଇନ ବଳରେ ମୋତେ ରକ୍ଷା କରି ଥାନ୍ତେ— ନହେଲେ ସୀତା ହୋଇଥିଲେ ଅବା ଅଗ୍ନି ପରୀକ୍ଷାରୁ ବର୍ତ୍ତି ଆସନ୍ତି । କିନ୍ତୁ ମୋତେ ତ ସେ ନିଆଁ ଖାଣ୍ଡବ ବନ ଖାଇଲା ପରି ଗ୍ରାସ-କରି ବସିଲା ।

ମୋର ଗୋଟାଏ କଡରେ ମାରୱାଡ଼ୀ ଲୁଗା ଦୋକାନ । ତା କଡ଼ରୁ ଗୋଟାଏ କ୍ୟାବିନ । ମାରୁଆଡ଼ି ମୋତେ ଦେଖି କହିଲା —ବାବୁ ଆପକୁ ଲୁଗା ଦରକାର ଅଛି ଲେକିନ୍ ବିଲକୁଲ କପଡ଼ା ନାହିଁ ।" ତା ପରେ ମୋ କାନ ପାଖକୁ ଆସି କହିଲା—"ଗୋଟା ଦାରଟଙ୍କ—କଳା ପୋଟେଇ ନାଇ—ଅଭି କଣ୍ଟ୍ରୋଲ ଉଠିଗଲାନ ।"

ମୁଁ ପଚାରିଲି—"କଲୁଗା ? ଖଦିକି ?"

"ନାହିଁ ବାବୁ ଖଦଡ ନାହିଁକେ ଅସଲି କପଡ଼ା ସାଢ଼େସାତ୍ ଗୁଣ୍ଡି ହାର ମଇନା ହାତ କଟାଇ ସୂତ୍ ଦେବୋ ତ କପଡ଼ା ମିଳିବ । ନହିଁ ତୋ ନାହିଁ ?"

ମୁଁ ନିରୁପାୟ ହୋଇ ଚାହିଁଲି—କ୍ୟାବିନ ଦାଣ୍ଡ ପିଲାଟା କହୁଛି—"ବାବୁ ଆଉ ଗୋଟାଏ ଚେଆର ଆପଣଙ୍କ ପାଇଁ ରଖିଛୁ—କାହାରିକୁ -ବସିବାକୁ ଦେଉନାହିଁ—ମୋତେ କିଛି ବକସିସ୍ ମିଳୁ ?"

ମୁଁ ଆଉ ସମ୍ଭାଳି ନପାରି କହିଲି— "ବାବୁ ଗିଲାସେ ଜଳ ଦିଅ ଆଗ— ମୁଁ ନିଆଁ ଲିଭାଏଁ ।"

ପିଲାଟା କହିଲା—"ମୁଁ ତ ପାଣି ଦେବାକୁ ନାହିଁ । ମୁଁ କେବଳ ରସଗୋଲା

**ମଜା କବିତା**

# ଯଦି ଲିଡର ହେବାକୁ ଚାହଁ

ଯଦି ଲିଡର ହେବାକୁ ଚାହଁ
ଖଦି ଧଳ ଗାନ୍ଧି ଟୋପି ପିନ୍ଧି ସାର
ବ୍ଲାକ ମାର୍କେଟିଅର ହୁଅ ।
ଜିଭର ଲଗାମ କରିଦେଇ ଢିଲା
କରୁ ଥାଅ କଥା ଯେତେ ଖାଡ ପାରା ।
ଅପରକୁ ସୂତା କାଟିବାକୁ କହ,
ନିଜେ ଧାସପିଠୁ ଥାଅ,
ଯଦି ଲିଡର ହେବାକୁ ଚାହଁ ।
'ଘୋଷ ଖୋରି ବନ୍ଦ' ଡାକ ମାରି ମାରି,
ନିଜ ହାତ କଥ ଶକଣିଅ କରି ।
ନିଶା ନିବାରଣ ଉପଦେଶ ଦେଇ
ନିଜେ ସିଗାରେଟ ପିଅ,
ଯଦି ଲିଡର ହେବାକୁ ଚାହଁ ।
ବଡ ବଡ଼ ଗାନ୍ଧି ସଭ କଥା କୁହ
ନିଜ ଲୋକ ପାଇଁ ଲାଇସେନ୍ସ ଥୁଅ
ବଗାଲରେ ଶାଣ ଦିଅ ଖୁସି ଡାକ
ଘୁମ ଘୁମ ରହି ଯାଅ,
ଯଦି ଲିଡର ହେବାକୁ ଚାହଁ ।

'ଜୟ ଗାନ୍ଧି' ବୋଲି ଡାକ ଛେକ ଛେକ
ହରିଜନ ଦେଖି ଛୁଇଁ ନାକ ଟେକ,
ନିମନ୍ତ୍ରଣ ନାମ ଶୁଣିଲା ମାତ୍ରକେ
ଲୁଣ ପାଣି ପିଇ ନିଅ,
ଯଦି ଲିଡର ହେବାକୁ ଚାହଁ ।
ଅନ୍ନ ଦେବା ପାଇଁ ଉଠାଇବା ଚାନ୍ଦା,
ମାରି ନିଅ ଧୀରେ ଫାନ୍ଦ ଏକ ଫନ୍ଦା
ମଞ୍ଚିରେ ମଞ୍ଚରେ ସମ୍ମାନ କରି
ବକ୍ତିମା ଝାଡ଼ି ଦିଅ
ଯଦି ଲିଡର ହେବାକୁ ଚାହଁ ।
ହାଇସ୍କୁଲ କମ୍ପା ମାଇନର ସ୍କୁଲ
ବସାଇବା ପାଇଁ କର ହୁଲସ୍ଥୁଲ
ବଡ଼ ବଡ ନେତା ମାନଙ୍କ ପଛରେ
ହେଣ୍ଡ ବେଗ୍ ଧରି ଧାଅଁ,
ଯଦି ଲିଡର ହେବାକୁ ଚାହଁ ।

—*—

ଲେଖକ—ଶ୍ରୀସ ଚନ୍ଦ୍ରାସ୍ତ ମଣ୍ଡଳ ।

( ମଜାକଥା ପୂର୍ବପୃଷ୍ଠା ଉତ୍ତାରୁ )

ସନ୍ଦେଶ ସିଙ୍ଗାଡ଼ା ଅଲୁଦମ ଚା କଫି ପରେ— ଆପଣ ମ୍ୟାନେଜରଙ୍କ ପାଖକୁ ଯାଆନ୍ତୁ ସେ ପାଣିର ବ୍ୟବସ୍ଥା କରିବେ । ପାଣି ବଡ଼ ମହରଗ । କଳାପୋଡେଇ ଦେବାକୁ ପଡୁଛି । ଏଠି ଝ ଜଳ ପାଣି କି ନଳ ପାଣି ନାହିଁ—ସବୁ କୂଅ ପୋଖରୀ ପାଣି ।

ମୁଁ ଅପେକ୍ଷା ନ କରି ମ୍ୟାନେଜରଙ୍କ ପାଖକୁ ଦୌଡ଼ିଲି । ମ୍ୟାନେଜରଙ୍କ ଆଗରେ ଠିଆ ହେଲା ମାତ୍ରେ—ନମସ୍କାର କରି ସେ ଆରମ୍ଭ କଲେ—ମୁଁ ଜାଣେ ଆପଣ ବଡ଼ ବ୍ୟସ୍ତ—ଆପଣ କ୍ଲାନ୍ତ—ଚିନ୍ତାଗ୍ରସ୍ତ । ଆମର ଚା ପାନ କଲେ ମାନସିକ ଚିନ୍ତା ଦୂର କରେ—ଦେହର ଉତ୍ତାପ ବଢ଼ିଥିଲେ କମାଇ ଦିଏ—ଥରେ ଚା ଏକ୍ କାପ—ଏବେ ଦେହରେ ଶୋଷୁଥିଲେ ପ୍ରାକୃତିକ ତାପ ଆନୟନ କରେ । ଆମର ବ୍ୟାବିନ ଚା ପାନ କରି ପ୍ରଧାନ ମନ୍ତ୍ରୀ ସାର୍ଟିଫିକେଟ ଦେଇଛନ୍ତି । ହିନ୍ଦୁ ମୁସଲମାନ ଗୋଳମାଳ ସମୟରେ ଆମର ଚା ପାନ କରି ହିନ୍ଦୁମାନେ ଆତ୍ମରକ୍ଷା କରିଛନ୍ତି । ଗୁଣ୍ଡାମାନଙ୍କ ବଢିବା ବେଳେ ମୂର୍ଖ ପ୍ରତିବାଦ କାରୀଙ୍କୁ ଦବାଇବା ପାଇଁ ଡେଭୁଲି ଚେମ୍ବର ମଧ୍ୟ ଏହି ଚା ପାନ କରି ଥିବା ହେତୁ ସମର୍ଥ ହେଲେ । ଏହି ଚା ପାନ କଲେ କଳାପୋଢିଆ ଗୁଣ୍ଡା ମଧ୍ୟ କଂଗ୍ରେସ ବାଲା ହୋଇପାରେ—ମନ୍ତ୍ରୀଙ୍କ ବନ୍ଧୁ ହୋଇ ପାରେ—ଅନ୍ତରଙ୍ଗ ପାର୍ଶଦ ହୋଇପାରେ । ଆପଣ ଏହି ଚା ପାନ କରନ୍ତୁ ।

ପିଲାଟି ଚା ଆଣିଦେଲା । ମୁଁ କହିଲି— ମୋର ଚା ଦରକାର ନାହିଁ—ପାଣି ପାଣି— ପାଣି । ସେତେବେଳକୁ ତୃଷ୍ଣାରେ ଅଧିକରୁ ବେଶୀ ଜଳ ଗଲିଣି । ମ୍ୟାନେଜର ମାନିବାକୁ ନାହିଁ । ନିଜେ ଗରମ ଚା କପଟାକୁ ଧରି ମୋ ଓଠ ପାଖରେ ଲଗାଇ—ଖାଆନ୍ତୁ ବୋଲି ପେମିଥ ଭାବରେ ଜିଦ୍ କଲେ ମୁଁ ବୁଝି ପାରିଲି ନାହିଁ, ଚା ମୁଁ ଖାଇବି କି ଚା ମୋତେ ଖାଇବ । ହଠାତ୍ ମ୍ୟାନେଜରଙ୍କ ପଛଅଡେ କିଏ ଧକ୍କା ଦେଇ ଦେଲା । ଚା ଯାକ ସବୁ ମୋ ମୁହଁରେ ଉଡ଼ି ହୋଇଗଲା । ଚା ଏନା ଲାଗିବାରୁ ମୁଁ ଚିତ୍କାର କରି ଉଠିଲି ଓ ଅତିରିକ୍ତରେ ମୂର୍ଚ୍ଛା ପଡ଼ିଗଲି ।

ସେଇ ମୁହଁରେ ଲଗାରେ ଲାଗିଥିବା ନର୍ଥଟା ପ୍ରକୃତରେ ଲିଭିଗଲା ।

ମ୍ୟାନେଜର ମୋତେ କ୍ଷମା ମାଗିବେ କଣ—ମୁଁ ଓଲଟି ତାଙ୍କୁ ଧନ୍ୟବାଦ ଦେଇ ବସିଲି । ସେ କହିଲେ ଅତିଥିରେ ଅନ୍ତି । ଆପଣ କଫିର ମାହାତ୍ମ୍ୟ ଦେଖି ଗଲେ । ଏ ଚା କଲିକତା ବା ବଙ୍ଗ ଦେଶ ଆମଦାନୀ । କାପ୍ ତେଲଙ୍ଗୀ ଆମଦାନୀ ହେଉଛି କଫି । ଆପଣ ଏହାର ମାହାତ୍ମ୍ୟ ଓଡ଼ିଶା ସେକ୍ରେଟେରିଏଟ ଓ ଖୁଦ୍ ଆମ ମନ୍ତ୍ରୀଙ୍କ ଠାରୁ ଶୁଣି ପାରିବେ । ଆମର ଏ ସରକାରୀ ରେକର୍ଡ଼ କଥା ଚା କଫି ଭାଲ ପ୍ରମାଣିତ ହେଲେ ଶହେ ଟଙ୍କା ପୁରସ୍କାର ।

ମୁଁ ପଡ ମଣି ଅସିଛି । ବାସ୍ତବରେ ଏ ଚା ଦ୍ୱାରା ବୋଧହୁଏ ଆମ ସରକାର ସେକେଣ୍ଡ ହଗାଇ ମୁଲକ ଦେଶର ନର୍ଥକୁ ନିଭାଇ ପାରୁଥିବେ । ସେଥିପାଇ ଚେଷ୍ଟା କରି ଦେଉଛନ୍ତି । ମୁଁ ମନେ ମନେ ସେଇଦିନୁ ଗୀତ ଗାଏଁ—

ସଭରେ ଏବେ ଅଫିସ୍ କିନ
ସମସ୍ତେ କରନ୍ତି ଚାହାକୁ ପାନ
ଏ ଚାହା ଲାଗିଏ ଅଗ୍ନି ବହନ
ସମସ୍ତେ କରନ୍ତି ଚାହାକୁ ପାନ
ଚଳିବ ଫସାଇ କଲି ଶାସନ ।
ସଭରେ ଏବେ ଅଫିସ୍ କିନ

—*—

Digitized by srujanika@gmail.com

# ଗାନ୍ଧୀ ବିଚାର ଧାରା

### ଖଦଡ଼ ପରିଧାନ

ସ୍ୱଦେଶୀ ଆନ୍ଦୋଳନ ଜୋର, ଭାରତରେ ଚଳିଛି । ହିନ୍ଦୁ ମୁସଲମାନ ସମସ୍ତେ ଉତ୍ସାହ ସହକାରେ ଏହାକୁ ଗ୍ରହଣ କରୁଛନ୍ତି । ବର୍ତ୍ତମାନ ସ୍ୱଦେଶୀର ସଫଳତା ନିମନ୍ତେ ସର୍ବୋତ୍କୃଷ୍ଟ ପନ୍ଥା ଖଣି ବ୍ୟବହାର କରିବା ଉଚିତ । ସ୍ୱଦେଶୀର ପକ୍ଷପାତୀ ଆମେ ସମସ୍ତେ ଜାଣେ ଯେ ଆମର ଅଭାବ ପୂରଣ ପାଇଁ ଯେତେ ଲୁଗା ଦରକାର ଆମେ ତାହା ନିର୍ମାଣ କରୁନାହୁଁ । ତେଣୁ ଅନେକେ କେବଳ ମିଲ୍ ଲୁଗା [illegible] ଅଟେ ସ୍ୱଦେଶୀମାନଙ୍କର ସାହାଯ୍ୟ ବା ଅବ-ଲମ୍ବନ ଉପରେ ଆମେ ସେମାନଙ୍କୁ ବଞ୍ଚିତ କରୁଁ କିମ୍ବା ଅନ୍ୟ ପ୍ରକାର ମିଲ୍ ଲୁଗାର [illegible] ସମ୍ମାନ ଦେଉଁ । ସେଥିପାଇଁ ସ୍ୱଦେଶୀକୁ ଉତ୍ସାହିତ କରିବାର ଏକ-ମାତ୍ର ଉପାୟ ହେଉଛି ଅଧିକ ଖଦଡ଼ ପ୍ରସ୍ତୁତ କରିବା । ମିଲ୍‌ରୁ ବର୍ଷାକାଳର ଛତୁଭଳି ସଙ୍ଗେ ସଙ୍ଗେ ଫୁଟି ଉଠିବା ନାହିଁ । ତେଣୁ ଆମକୁ ହାତକଟା ଓ ହାତବୁଣା ଲୁଗାର ଆଶ୍ରୟ ନେବାକୁ ପଡ଼ିବ । ସୂତାର ଦର ଆଜି ଯେତେ ବଢ଼ିଛି ଆଗରୁ କେବେ ସେପରି ହୋଇ ନଥିଲା । ସୂତା ଓ ଲୁଗାରୁ ମିଲମାନେ ଅତ୍ୟଧିକ ମୁନାଫା ନେଉଛନ୍ତି । ହାତରେ ସୂତା କଟା ହେଲେ ସୂତା ଓ ଲୁଗା ଉତ୍ପାଦନରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ତାର ଦରକୁ ମଧ୍ୟ ଖସାଇଦେବ ।

ଏହା ପରେ ପ୍ରଶ୍ନ ଉଠିବ—ଆମେ କିପରି ସୂତା କାଟିବା ଓ ଲୁଗା ବୁଣିବା । ଯଦି ପ୍ରମାଣ ସହ ଶିଖିବାର ଉପଯୁକ୍ତ ଅବଧାନ ରୂପେ ପରିଗଣିତ ହୋଇ-ଯାଏ—ତେବେ ମୁଁ ନିଜ ଅଭିଜ୍ଞତାରୁ କହୁଛି—ଖଦିରେ [illegible] ଭରିଦେଇ ହେବ । ଲୁଗାକୁ [illegible] ପଶ୍ଚିମ ଭାରତରେ ଖଦଡ଼ ବୋଲି କହନ୍ତି । ବମ୍ବେରେ ଖଦୀ କହନ୍ତି । ସରଳାଙ୍କୁ ଧନ୍ୟ କହିବା ଯେ ସେ ଏହି ଖଦଡ଼କୁ ଶାଢ଼ୀ ରୂପେ ବ୍ୟବହାର କରୁଛନ୍ତି । ତାଙ୍କ ବିବେଚନାରେ ଜାତୀୟ ସପ୍ତାହରେ ଖଦଡ଼ ଶାଢ଼ୀ ଓ ବ୍ଲାଉଜ ପିନ୍ଧିବା ଦ୍ୱାରା ସେ ଭଲ ଭାବରେ ଆମ ପ୍ରଚାର କରି ପାରିବେ । ଏବଂ ତାହାହିଁ ସେ କଲେ । ସେ ଭୋଜି ମାନଙ୍କରେ ଏହି ଖଦଡ ପିନ୍ଧି ଯୋଗ ଦେଲେ । ଲୋକମାନେ ବିଗୃହିଥିଲେ ଏହା ଅସମ୍ଭବ । ତାଙ୍କର ଧାରଣା ଥିଲା ଯେ ଯେଉଁ ସ୍ତ୍ରୀ ଲୋକ ସିଲ୍କ ବା ଢାକାଇ ମିହି ମୁସଲିନ୍ ଶାଢ଼ୀ ଛଡ଼ା ଜୀବନରେ ଆଉ କିଛି ପିନ୍ଧି ନାହିଁ ସେ ସମ୍ଭବତଃ ଖଦଡର ଭାର ସହି ପାରିବ ନାହିଁ । ସେ ଧାରଣାକୁ ଭ୍ରାନ୍ତ ପ୍ରମାଣିତ କରି ଦେଲେ ଏବଂ ସେ ତାଙ୍କର ସିଲ୍କ ସୁନ୍ଦର ଶାଢ଼ୀ ପିନ୍ଧି ଯେପରି ସୁନ୍ଦର ଦେଖା ଯାଉଥିଲେ ବା କର୍ମଠ ମନେହେଉ ଥିଲେ ଖଦଡ ପିନ୍ଧି ତାଠାରୁ କୌଣସି ଗୁଣରେ କମ ଶୋଭାକାର ଓ ଚଞ୍ଚଳ ଦେଖାଗଲେ

---

**ଗାନ୍ଧୀ ଜାତୀୟ ସ୍ମାରକ**
**ନିଧିକୁ**
ଅପଣ ମାନଙ୍କର ପ୍ରଥାଟିକୁ
**ଦାନ କରି**
ଜାତିର ସେବା ରକ୍ଷା କରନ୍ତୁ

—*—

---

ନାହିଁ । କବିଗୁରୁ ରବୀନ୍ଦ୍ରନାଥ ତାଙ୍କୁ ଦେଖି ଏହିପରି ଭାବରେ ତାଙ୍କୁ ଆଶୀର୍ବାଦ କରିଥିଲେ —"ତମକୁ ଯଦି ଅଡ଼ୁଆ ଲଗୁ ନଥାଏ ତମେ ଯେ କୌଣସି ସ୍ଥାନକୁ ଯେ କୌଣସି ପାର୍ଟିକୁ ଏ ଲୁଗା ପିନ୍ଧିଯାଅ, ତମକୁ ବେଶ ମାନିବ ।" ମୋର ଏ ଘଟନା ଗୋଟିଏ ଉଲ୍ଲେଖ କରି-ବାର ଉଦ୍ଦେଶ୍ୟ ଯେ ଭାରତର ଦୁଇଜଣ ଶ୍ରେଷ୍ଠ କଳାକାର ଖଦଡ଼ରେ କୌଣସି ପ୍ରକାର ଅକଳା ବା ଅସୌନ୍ଦର୍ଯ୍ୟ ପାଇ ନଥିଲେ । ଆଜି ଏହି ଖଦି ଓ ଦେଶୀ ଲୁଗାକୁ ମୁଁ ଭାରତର କୃଷ୍ଟି ସମାଜ ମଧ୍ୟରେ ପ୍ରବେଶ କରାଇବାକୁ ଚାହେଁ । କାରଣ ସ୍ୱଦେଶୀ ଆନ୍ଦୋଳନର ସଫଳତା ତାହାରି ଉପରେ ନିର୍ଭର କରୁଛି—ବିଶେଷତଃ ତାର ଏହି ବାଲ୍ୟାବସ୍ଥାରେ ।

ମୋ ପକ୍ଷରେ ଢାକାର ମୁସଲିନ ଠାରୁ ଖଦଡ଼ ଅଧିକ କମନୀୟ— କାରଣ ଖଦଡ଼ର ସେହିପରି ସ୍ୱଚ୍ଛ ରହୁଛି । ଯିଏ ସ୍ୱେଚ୍ଛାରେ ଶୋଷିଲା, ଖଦଡ଼ ଆଜ ତାକୁଇ ପୋଷି ରଖିଛି । ଯେଉଁ ନାରୀ ଲଜ୍ଜିତ ଏବଂ ଘୃଣିତ ଜୀବନରୁ ଉଦ୍ଧାର ପାଇ ଅଛିଚନ୍ତି, ଅଥବା ଯେଉଁ ନାରୀ ବାହାରକୁ ଖଣ୍ଡିଏ ଖଣ୍ଡି ଯିବିବ ନାହିଁ, ଅଥଚ ଘରେ କୋଢ଼ୀ ହୋଇ ପରସ୍ପର ମଧ୍ୟରେ କଳି କରୁଛନ୍ତି, ଖଦଡ଼ ଆଜ ତାଙ୍କୁଇ ପରିପୋଷଣ କରୁଛି । ସେଥିପାଇଁ ଖଦଡ଼ରେ ଆଜ ଅସ୍ପୃଶ୍ୟ ବିରାଜମାନ । ତା ର ବ୍ୟତିକ୍ରମ—ବିଶେଷତ୍ୱ ତାକୁ ଘେରି ରହୁଛି । ଯେ ଖଦଡ଼ ପିନ୍ଧିବ ସେ ଇଚ୍ଛାକଲେ ଖଦଡ଼ ପ୍ରସ୍ତୁତର ପ୍ରତ୍ୟେକ ଅବସ୍ଥାକୁ ଅନୁସନ୍ଧାନ କରି ସେହି ସେହି ଅବସ୍ଥାର ଶିଳ୍ପୀ ମାନଙ୍କର ସ୍ୱତ୍ୱ ବୁଝିପାରିବ । ଯଦି ଆମର ରୁଚି ହୀନ, ଅଧଃପତିତ ହୋଇ ନଥାଏ, ଆମେ ଖରିଦିକେ ମଧ୍ୟ ମିଲରେ ନଷ୍ଟ ହୋଇଯାଉଥିବା କାଲିକୋଠାରୁ ଖଦଡ଼କୁ ଅଧିକ ପସନ୍ଦ କରିବା । ଯେଉଁମାନେ ଖଦଡ଼ ବ୍ୟବହାର କଲେଣି ସେଇମାନେ ହିଁ ମୋ କଥାର ସତ୍ୟାସତ୍ୟକୁ ପ୍ରମାଣ ଦେବେ ।

—*—

### ଅସାର ସଂସାର

୩୦ ଜାନୁଆରୀ ଦିନ ଗାନ୍ଧୀଜୀଙ୍କର ଦେହାବସାନ-ବେଳ । ୨୯ ତାରିଖ ଦିନ ରାତିରେ ଗାନ୍ଧୀଜୀ ସାମାନ୍ୟ ବ୍ୟାୟାମ ସାରି ବିଛଣାରେ ଶୋଇଲେ । ଶ୍ରୀମତୀ ମନୁ ଦେଈ ଗାନ୍ଧୀ ତାଙ୍କ ଦେହରେ ମାଲିସ କରି ଦେଉଥାନ୍ତି, ଗାନ୍ଧୀଜୀ କହିଲେ—ମୁଁ ଆଜ ବଡ଼ ବିଚଳିତ ହୋଇ ପଡ଼ୁଛି । ତଥାପି ଏଇ ଭ୍ରଷ୍ଟପ୍ରିୟତା ମଧ୍ୟରେ ମୋତେ ଶାନ୍ତିର ସନ୍ଧାନ ନେବାକୁ ହେବ । ଏ ଦୁନିଆ ତ ଦୁ ଦିନର ଖେଳ ।

"ହୈ ବହାରେ ବାଗ ଦୁନିଆ ଚନ୍ଦରୋଜ ଦେଖ୍ ଲୋ ଇସକା ତମାସା ଚନ୍ଦରୋଜ"—ସଂସାରର ଏହି ଶୋଭା ଉପବନ ମାତ୍ର ଦୁଇଦିନ ପାଇଁ । ତାର ଏହି ପ୍ରଦର୍ଶନୀକୁ ଦୁଇଦିନ ଦେଖିନିଅ ]

( ହରିଜନରୁ )

Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଉତ୍କଳର ଶିଶୁର ପ୍ରାଣରେ ଜାତୀୟଜାଗରଣ ଆଣିବା, ଓଡ଼ିଆ ପିଲାଙ୍କର ଚରିତ୍ର ଗଠନ, ଉତ୍ତମ ଭାଷାରେ ଲେଖିବା ଓ ସ୍ୱାଧୀନ ଚିନ୍ତା କରିବା ସାଧନା ଶିଖିବା। ୨। 'ଜହ୍ନମାମୁଁ'ର ମଧ୍ୟସ୍ଥତାରେ ଏକଦେଶୀୟ ଦ୍ୱାରା ଭାଇଭଉଣୀମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୩। ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା। ୪। ସତ୍ୟ, ସେବା ସାହାସ ଦ୍ୱାରା ଅହିଂସା, ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା।

( ୧୯୬୫ରୁ ଦିଶା ଠାରେ ବାହାରି ମାନଙ୍କ ପାଇଁ )

### ସେବା

ଯେବେ ଈଶ୍ୱରଙ୍କର ଅରାଧନା କରିବାକୁ ଜୀବନରେ ସମୟ ବା ସଂସାର ଜଞ୍ଜାଳ ମଧ୍ୟରେ ବେଳେ ବେଳେ ହରିନାମ ଜପ କରନ୍ତି। କେହି ଅରଣ୍ୟକୁ ବା କେହି ଦେବାଳୟକୁ ଈଶ୍ୱର ଅରାଧନାର ଉପଯୁକ୍ତ ପୀଠ ବୋଲି ଭାବନ୍ତି। କୃପଣ ଅତ୍ୟାଚାରୀ ଦୁଃଖୀ ଦରିଦ୍ରଙ୍କର ରକ୍ତ ଶୋଷଣ କରି ଭାବେ ଯେ କେତେ ସମୟ ଈଶ୍ୱର ଅରାଧନା କରି ନିସ୍ତୃତି ଲାଭ କରିବ। କିନ୍ତୁ ବାସ୍ତବରେ ତାହା ନୁହେଁ। କଥାରେ ଅଛି "ପଞ୍ଚ ରୂପରେ ହରି।" ଯେ ଏହି ପଞ୍ଚ ପରମେଶ୍ୱରଙ୍କର ସେବା କରି ନଜାଣେ ତାହାର ଈଶ୍ୱର ଅରାଧନାରେ ଅଧିକାର ନାହିଁ। ଈଶ୍ୱର ଅରାଧନା ସବାଶେ ଅନ୍ତରର ପବିତ୍ରତା ଦରକାର, ସେଥିପାଇଁ ହୃଦୟକୁ ଅବିରତ ଅଗ୍ନି ପରୀକ୍ଷାରେ ପରୀକ୍ଷିତ କରିବ। ଦୁଃଖୀ ଉପାସୀ ରୁଗ୍ଣ ରୂପରେ ଈଶ୍ୱର ଲୋକର ଦ୍ୱାରସ୍ଥ ହୁଅନ୍ତି। ଗୌତମ ବୁଦ୍ଧ ଜୀବନରେ ଦିନେ ହେଲେ ଈଶ୍ୱର ଅରାଧନା କରି ନାହାନ୍ତି। ସେ ଭାବୁଥିଲେ କୋଟି କୋଟି ବିପନ୍ନ ମାନବଙ୍କ ସେବା କରିବା ହିଁ ତାଙ୍କର କର୍ତ୍ତବ୍ୟ ଓ ସେହି ମାନବ ସେବାରେ ରାଜ୍ୟର ଅତୁଳ ସମ୍ପଦ ରାଜ ସିଂହାସନ ଓ ଜୀବନ ଅର୍ପଣ ଦେଇଥିଲେ। ଏହି ପ୍ରକାର ମାନବ ସେବାରେ ଯେ ସେ କେବଳ ଈଶ୍ୱର ସେବା କରିଥିଲେ ତାହା ନୁହେଁ ଅଥଚ ସେ ନିଜେ ଈଶ୍ୱର ହୋଇଛନ୍ତି।

ବାପୁଜୀ ମଧ୍ୟ ଠିକ ସେହିକଥା କହୁଥିଲେ। ସେ ଅନେକ ଜାଗାରେ କହିଛନ୍ତି ମୁଁ କେବଳ ଲୋକ ସେବା ପାଇଁ ଜନ୍ମ ହୋଇଛି। ଏବଂ ସେ ଏହି ଉକ୍ତିର ଯଥାର୍ଥ ପ୍ରମାଣ ଦେଇଛନ୍ତି।

ବାସ୍ତବିକ ସେବା ଅତି ପବିତ୍ର ଜିନିଷ। ପ୍ରକୃତ ମନ ପ୍ରାଣ ଦେଇ ଲୋକ ସେବା କଲେ ମନରେ ଯେଉଁ ଆନନ୍ଦ ଜାତ ହୁଏ ତାହା କେବଳ ଅନୁଭବୀ ବୁଝି ପାରିବେ। ଲୋକ ସେବା କଲେ ଯେ ଈଶ୍ୱର ସେବା ହୁଏ ତାହା ପ୍ରକୃତ ସତ୍ୟ କଥା। ଏହି କଥା ଅନେକ ବଡ଼ ବଡ଼ ଲୋକଙ୍କର ଜୀବନୀରୁ ମିଳେ। ତେଣୁ ସମସ୍ତଙ୍କୁ ଈଶ୍ୱରଙ୍କର କୃପା ପାତ୍ର ହେବାକୁ ହେଲେ ଲୋକ ସେବା ଦରକାର।

—*—

ଲେଖକ—ଶରେନ୍ଦ୍ର ଦାସ

ନାଗ ( ୯୬୨ )

### ସେବା

ଜୀବନ ଫୁଲର ବିକାଶ ଲାଗି ଯେପରି ପ୍ରକାର ସାଧନା ଅବଶ୍ୟକ— ସେବା ହେଉଛି ସେମାନଙ୍କ ଅନ୍ୟତମ। ଜୀବନ—ନଦୀରେ ସତ୍ୟ ମଧ୍ୟ ସାଧନାର ସ୍ରୋତ ବହିବା ପାଇଁ ପଥ ପରିଷ୍କୃତ କରିଦିଏ ନିଷ୍କାମ ସେବା, ସେ। ସତ୍ୟର ଅନ୍ୟରୂପ। ଏହି ଦୁଇ ଉପାଦାନର ବିନା ମିଳନରେ ଜୀବନ—ଫୁଲର ବିକାଶ ଅସମ୍ଭବ।

ସୃଜନର ରେଣୁ ରେଣୁ ଭେଦି ଯେଉଁ ସତ୍ୟର ପରମେଶ ବହି ଅସିଛି—ସେବାର ଅନୁଶୀଳନରେ ତାହା ପାଉଛି ନବୀନ ରୂପ।

ନୀଳ ନୀଳ ଆକାଶରେ ସୂର୍ଯ୍ୟ ଉଠେ— ସୃଜନର ମହା ସଙ୍ଗୀତ ଗାଇ ଗାଇ ସତ୍ୟର ତାଳେ ତାଳେ ସେହି ନିଷ୍କାମ ସେବାର ଆଦର୍ଶ ନେଇ।

ନିଷ୍କାମ ସେବା ଜୀବନକୁ ମହତ୍ କରେ। ସୃଜନର ଯାହା କିଛି ବଡ଼ ଯାହା କିଛି ସୁନ୍ଦର ଓ ମହନୀୟ—ସମସ୍ତ ଏହି ସେବାର ସଂସର୍ଗରେ। ପୃଥିବୀର ମହାପୁରୁଷଙ୍କର ଜୀବନୀରୁ ଜଣାଯାଏ—ପ୍ରତ୍ୟେକେ ନିଜ ନିଜର ସେବାଦର୍ଶ ଦ୍ୱାରା ମହତ୍ ହୋଇ ପାରିଛନ୍ତି।

ଅନ୍ୟ କଥା ଦୂରେ ଥାଉ—ଏ ଯୁଗର ଶ୍ରେଷ୍ଠ ମହାପୁରୁଷ ମହାତ୍ମା ଗାନ୍ଧୀଙ୍କର ଜୀବନ-ଫୁଲରେ ସେହି ସେବାର ସୌରଭ ଦିଗ ଦିଗନ୍ତ ମହକାଇ ଦେଇଛି।

ସେବା ସତ୍ୟ ଓ ଅହିଂସା। ବିଶ୍ୱପ୍ରେମ-ଧାରାର ଅବିରତ ପ୍ରବାହ ସେବା ଦ୍ୱାରା ସମ୍ଭବ।

ଲେଖକ—ପ୍ରଫୁଲ୍ଲଚନ୍ଦ୍ର ପଟ୍ଟନାୟକ

ନାଗନମ୍ବର ୮୫୧

—*—

### ଅବସର ବିନୋଦନ ୮

ମୁଁ ଛଅଟି ଅକ୍ଷରେ ନାମ ମୋର ଗଢ଼ା
ପାଞ୍ଚଅ କରେ ପାଳନ,
ଶେଷ ଦୁଇ ବର୍ଣ୍ଣ କାଟିଦେଲେ ତହୁଁ
ଯାଚିଲୁ କହିବ ଜାଳ।
ପ୍ରଥମ ଚତୁର୍ଥ ମିଶାଇଣ ଦେଲେ
ବଡ଼ ଖାଦ୍ୟ ସେ କରଇ,
ତୃତୀୟ ପ୍ରଥମ ଏକାଠି ରହିଲେ—
ପୁଣି ମୁଦ ପାଲଟଇ।
ତୃତୀୟ ଚତୁର୍ଥ କରଗଲ ମୂଳେ
ନାହିଁ ହୋଇ ଯାଏ ଅଣସ୍ତ,
ଅର୍ଥ କହିଦେଲେ ନାଗ ଭାଇ। କିନ୍ତୁ
ଅର୍ଥ ନ ହେବ ଦୋଷସ୍ତ।

ଶ୍ରୀ ଗଙ୍ଗାଧର ଦାଶ ୮୩୦

—*—

୩୦।୭।୪୮ ତାରିଖ ପୂର୍ବରୁ ଉତ୍ତର ଦିଅ ଗତ ୭ ନମ୍ବର ଅବସର ବିନୋଦନର ଉତ୍ତର—'ସହଜ।'

* *

ପ୍ରତିଜ୍ଞାବାଣୀ ନଂ ୧୧

ଅଜା,

ଅପଣ କହିଛନ୍ତି ପ୍ରତିଦିନ ୧୫ ମିନିଟ ସୂତା କାଟିବା ପାଇଁ। ମୁଁ ଅଜିଠାରୁ ପ୍ରତିଜ୍ଞା କରୁଛି ନିଶ୍ଚୟ ପ୍ରତ୍ୟହ ୧୫ ମିନିଟ୍ ସୂତା କାଟିବି। ଇତି।

ସ୍ନେହର ଗଙ୍ଗାଧର
( ୯୩୦ )

**ନାଗଙ୍କ ଉତ୍ତର**:— ( ... ପ୍ରଶ୍ନ )

୧। J. Robert Openheimar—Los-alams ( N. A. )
୨। ୫ ୧୬୨୯୩୦୦ ବା
* ୩। Linamedin.— Peru ( S. America )
୪। Pinki Paw—China.
୫। ୪୨/୮୭୮

---

* Linamedina ର ଜନ୍ମ ୧୯୩୩ ସେପ୍ଟେମ୍ବର ୨୩। ୩୨ ବର୍ଷୀୟା ସେ ମାସ ୧୪ ରେ ଗୋଟିଏ ପୁତ୍ର ସନ୍ତାନର ଜନନୀ।

Digitized by srujanika@gmail.com

REG. No. O. 4.

(ଖବର ସୂତ୍ର ଦେଶର ବୃଟିଶ ବାର୍ତ୍ତାରୁ ସଂଗୃହୀତ । ପାଠକମାନେ ଏ ସୂତ୍ରରୁ ବାର୍ତ୍ତାକୁ ସ୍ୱବେ ଗ୍ରହଣ କର ବାର୍ତ୍ତାର ସ୍ୱବେ ବିଶ୍ୱାସର ଜନ୍ମଦେବେ ।)

ମହତାବ ଫର୍ଚ୍ଚେବଲା ଖରସୁଥିବ ସ୍ୱଳରେ ଦେଇ ଅବି ନିଜ ଖବର କାଗଜ ପ୍ରଜାତନ୍ତ୍ରରେ ଯେଉଁ ମୁହଁ ଲୁଚାଉ ଦେଖେଇ-ଛନ୍ତି—ତାର କାରଣ ଜଣା ପଡ଼ୁଛି ଯେ ସେମାନ୍ ତାଙ୍କୁ ଯେଉଁ ମମତ ଦେଇଥିଲେ ତାର ଟଙ୍କ ପୁରା ପୁରି ଛାଡ ନଥିଲ ।

× + ×

୭ ତାରିଖ ମେ'ରେ ବେତାର ସଂବାଦରୁ ଫର୍ଚ୍ଚେବଲା ଖରସୁଆଁ ଦକ୍ଷାରକୁ ଗଲ ବୋଲି ଜଣାଯିବାରୁ ଫର୍ଚ୍ଚେବଲା ଅନ୍ତର୍ନିକଗ୍ରେସରେ ଏ ସଂବାଦର ସତ୍ୟାସତ୍ୟ ଜାଣିବା ପାଇଁ ତାର କରଥିଲେ । ତାର ଜବାବରେ ମହତାବଙ୍କ ସ୍ତ୍ରୋର ଉତ୍ତର ଦେଲେ କ ଦୁଇଟି କ୍ଷୁଦ୍ର ଗଡଜାତ ବୃଲଗଲ ବୋଲି ଲବ୍ତ ଦୁଃଖ-କାହିଁ—ରେଡ଼ିଓ ସଂବାଦ ସତ୍ୟ ହୋଇ-ପାରେ । (Dont worry over loosing two petty states, Radio news may be true) ଫଳ୍ପ ଏଣେ ପ୍ରଜାତନ୍ତ୍ର ଗାଲ୍ ମାରୁଥାଏ ଫର୍ଚ୍ଚେବଲା ଯାଇନାହିଁ ବୋଲି ।

+ × +

ନବ ମିଶ୍ରିତ ଗଡଜାତ ଅଞ୍ଚଳରେ ସବ୍‌ଡିଭିଜନାଲ ଅଫିସର ସୁଧୀର ଘୋଷ ତାଙ୍କ ନିଜ ପ୍ରଚୁର ଚନ୍ଦା—ପ୍ରଜାତନ୍ତ୍ର ଓ ସର୍ବୋଦୟ କିଣିବାର ପ୍ରସ୍ତାବ କରବେ ବୋଲି ଏକ ବେ-ସରକାରୀ ଇସ୍ତାହାର ଦ୍ୱାରା ଜଣାଇ ଦିଆ-ଯାଉଛି ।

+ ÷ ×

ଶୁଣି ଜଣା ପଡ଼ୁଛି ଜଣେ କଂଗ୍ରେସ କାର୍ଯ୍ୟ କର୍ତ୍ତା ଦରମାର ଶତକଡ଼ା ୫୦ ଭାଗ 'ପ୍ରଜାତନ୍ତ୍ର'କୁ ଦେବେ ବୋଲି ଚୁକ୍ତି ବନ୍ଦ ହେବାରୁ ତାଙ୍କୁ ଉଚ୍ଚ ଦରମାରେ ପ୍ରଚୁର ବଗିଚ ଗୃହଟି ମିଳିଛି ।

+ × +

ମଫସଲରେ ୫୬୫୯ ଦରମାରେ ପ୍ରଚୁର ପାଇଁ ଯେଉଁ କର୍ମୀମାନଙ୍କୁ ନିଯୁକ୍ତ କରାଯାଇଛି ସେମାନେ ଓଡ଼ିଶା ସରକାରଙ୍କର ଗାଇବେ ଓ ମହତାବ ଓ ପ୍ରଜାତନ୍ତ୍ରର ଗୁଣ ଗାଇବେ ବୋଲି ତାଙ୍କ ଦରମାଟା ଓଡ଼ିଶା ସର୍ବୋଦୟଙ୍କ



ଫାଇନାନ୍ସ ଡିପାର୍ଟମେଣ୍ଟର "ନମକହାରାମୀ କର୍ତ୍ତ" ଦେଲେ ସର୍ଟ ପଢ଼ନ୍ତୁ ।

+ ×

ଗାଲମର୍ଗୀ ସ୍କୁଲ୍‌ର ଓ ବାରେନ୍ ମିଶ୍ରଙ୍କ ଅପମାନ ହେବାରୁ ଗାଲମର୍ଗୀକୁ ଏମ୍. ଏଲ୍. ଏ. କରାଗଲ ଓ ସେ ପ୍ରଜାତନ୍ତ୍ରରୁ ଛୁଟି ପାଇଲେ ।

× ÷ ×

ବାଲେଶ୍ୱର କଲେକ୍ଟରର ସଗଣ ମିଶ୍ର ଙ୍କ ବେସରକାରୀ ମନ୍ତ୍ରଣା ଦାତା ରୂପେ ପ୍ରଜାତନ୍ତ୍ରର ପ୍ରତିନିଧି ଜଯୃନ୍ତ ଘୋଷଙ୍କୁ ନିଯୁକ୍ତ କରାଗିବ ।

+ + ×

ଜଣାଯାଉଛି ନନ୍ଦକିଶୋର ଦାସ ମହତାବଙ୍କର ସବୁ କଥାରେ ଠେକା ହୋଇ ରହି ନ ପାରବାରୁ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ।

× × ×

ଏକ ସରକାରୀ ଖବର କାଗଜରେ ଯେଉଁମାନେ ମୋଟାଟଙ୍କା ଦେଇ ଅଂଶ ଖରିଦ କରିଥିଲେ ସେମାନଙ୍କୁ ଜଣାଇ ଦିଆ ଯାଉଛି ଯେ ଏହା ଅଜ ଲିମିଟେଡ୍ କମ୍ପାନୀ ନ ହୋଇ ଅନଲିମିଟେଡ୍ କମ୍ପାନୀ (unlimited) ହେଲା ।

× + ×

ସର୍ବୋଦୟ ସଂଘ ଓ ପ୍ରଜାତନ୍ତ୍ରକୁ ଅଠିକ ସାହାଯ୍ୟ କରିବା ଲାଗି କଟକର ବଡ ବଡ ବଦାନ୍ୟଶୀଳ ବ୍ୟବସାୟୀ ତତ୍ପର ହୋଇ ପଡ଼ିଛନ୍ତି ଓ ବାରେନ ମିଶ୍ରଙ୍କ କଥାରେ ବଦ୍ଧପରିକର ହୋଇଛନ୍ତି । ମିଶ୍ର ମହାଶୟ ହେଁ ଗୁଡ଼ଦ ଯାଅଁକର ସ୍ଥିର କରିବେ ।

÷ × ÷

ଜଣେ ମନ୍ତ୍ରୀ କାଳୋଡ଼ୁଆଙ୍କ କଥାରେ ଏଥର କାହର ଗାଡ଼ ଚଢ଼ିବାର ସୌଭାଗ୍ୟବାନ ହୋଇଛନ୍ତି ? ବୋଲି ଖବରଟା କାଳୋଡ଼ୁଆଙ୍କୁ ପଚରାଯିବାରେ ସେ କହିଛନ୍ତି "ରଥିକ ଫାଇଲ ସେ କେଉଁଠି ଲୁଚାରେ ରଖିଦେଇଛନ୍ତି ତାହା ନ ଦେଖିଲେ କହି ପାରିବେ ନାହିଁ ।

× ÷ ×

ହରେକୃଷ୍ଣ ଘୋଷ ବାଇକଙ୍କ ଅଶ୍ରମ ରହିବାର ସ୍ୱାସ୍ଥ୍ୟ ସ୍ଥଳେ କାହର ବ୍ୟକ୍ତିଗତ ସମ୍ପତ୍ତି କରିନେଇ ଛନ୍ତି ବୋଲି ଯେଉଁ ସେବକସଙ୍ଘ ଯେଉଁ ଆନ୍ଦୋଳନ ଚଳାଇଛନ୍ତି—ମହତାବ ସରକାର ତାହା ବେଆଇନ ଘୋଷଣା କରବେ ବୋଲି ସ୍ଥିର କରୁଛନ୍ତି ।

+ ÷ +

ସର୍ଦ୍ଦାର ସୁରେନ୍ଦ୍ର ଚଉଡ଼ ଥାନା ରାଜ-ନୈତିକ ସମ୍ମିଳନୀରେ ବକ୍ତୃତା ଛଳରେ 'ପ୍ରଜାତନ୍ତ୍ର'ର ସୁପ୍ରାଶଂସ କର ତାକୁ ପଢ଼ିବାକୁ ଓ 'ସମାଜ' ମିଛ ଲେଖେ ବୋଲି କହିବାରୁ ସେ ଅଞ୍ଚଳର ଲୋକେ ସର୍ଦ୍ଦାର ସୁରେନ୍ଦ୍ରଙ୍କୁ ସତ୍ୟବାଦୀ ଆଖ୍ୟା ଦେଇଛନ୍ତି ।

÷ × ÷

ବାଲେଶ୍ୱରର ସିଭିଲ ସର୍ଜନ ସାମ୍ୟବାଦୀ ପ୍ରଚାର କରୁଛନ୍ତି ବୋଲି ପ୍ରଜାତନ୍ତ୍ର ପ୍ରତିନିଧି ଜଯୃନ୍ତ ଘୋଷ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ କହିବାରୁ ଜିଲ୍ଲା ମାଜିଷ୍ଟ୍ରେଟ ତାହା ରିପୋର୍ଟ କରିଲେ ତାଙ୍କର ବଦଳୀ କଟକକୁ ହୋଇଯାଇଛି ।

÷ × ÷

ହାକିମ ହୁକୁମାଙ୍କ ବଦଳୀ ପ୍ରମୋସନ ଜନପରମେସନ ପ୍ରଭୃତି ନିମ୍ନଲିଖିତ ବ୍ୟକ୍ତିମାନଙ୍କ ସୁପାରିଶରେ ହୋଇ ପାରିବ ବୋଲି ମନ୍ତ୍ରୀସଭା ସମ୍ମତିଦାର ସ୍ଥିର କରିବେ ।—ବାଲେଶ୍ୱରରେ—ଜଯୃନ୍ତ ଘୋଷ, କଟକରେ ବାରେନ ମିଶ୍ର—ପୁରୀରେ—ଗଙ୍ଗାଧର ମହାପାତ୍ର । ଅନ୍ୟାନ୍ୟ ଜିଲ୍ଲାର ନାମ ପରେ ପ୍ରକାଶ ପାଇବ ।

+ ÷ +

Printed & published by G.C. Mohapatra at the Gopinath Press, Bhadrak 1948

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ମିଥୁନ ୧୪ଦିନ ୧୩୫୫ ସାଲ | ୪୩ ସଂଖ୍ୟା |
|---|---|---|

—ସୂଚୀ—

ମଜାକଥାରେ
ହଜା ଖୋଜା ବିଭାଗ
କାହାଣୀରେ
ତୃପ୍ତି
ମଜାଭଣ୍ଡାରେ
ଭଲଅଣି ଯାଇ ଢାଲ୍ ଓ ମହତାବ ମୁଦ୍ଗର

ଗାନ୍ଧୀ ବସ୍ତ୍ରଧାରୀ
ତାରେ ତାରେ ତାନା ନାନା
ଶଲଅବସ୍ଥର ଛକ୍କଡ଼ା

# "DAGARO"

**ORISSA'S MOST POPULAR WEEKLY**
**of**
**Light, Lead & Laughter**

| Vol XI | Monday, June, 28 1948. | No. 43 |
|---|---|---|

ବାର୍ଷିକ ମୂଲ୍ୟ ଟ ୭୲ ଷାଣ୍ମାସିକ ଟ ୪୲
ରାଜ ସଂସ୍କରଣ ବାର୍ଷିକ ଟ ୧୦୲

Digitized by srujanika@gmail.com

## ସାପ୍ତାହିକ ଉଗରର ନିୟମାବଳୀ

୧ । ସାପ୍ତାହିକ 'ଉଗର' ପ୍ରତି ସୋମବାର ଦିନ ପ୍ରକାଶ ପାଏ ।

୨ । ଏହାର ବାର୍ଷିକ ମୂଲ୍ୟ ସଡାକ ୫୬୯ ଓ ଷାଣ୍ମାସିକ ମୂଲ୍ୟ ସଡାକ ୩୦ଶ୍ୟ ଅଗ୍ରୀମ ଦେବାକୁ ପଡ଼େ ।

୩ । ମୂଲ୍ୟ ପଠାଇଲା ବେଳେ ଗ୍ରାହକ ମାନଙ୍କୁ ଅନୁରୋଧ ସେମାନେ ମନିଅର୍ଡର କୁପନରେ ନିଜ ନାମ, ଠିକଣା ପରିଷ୍କାରଭାବରେ ଲେଖିବେ ।

୪ । ଏଜେଣ୍ଟ ମାନଙ୍କ ଠାରୁ ପ୍ରତିଖଣ୍ଡ ଉଗର ଦୁଇ ଅଣାରେ ପାଇ ପାରିବେ ।ବିଶିଷ୍ଟ ସଂଖ୍ୟାର ମୂଲ୍ୟ ଅଲଗା ।

୫ । ବିଜ୍ଞାପନର ଦର ପାଇଁ ମ୍ୟାନେଜର 'ଉଗର'ଙ୍କ ଠାକୁ ଲେଖି ବୁଝିବାକୁ ହେବ ।

୬ । ଗ୍ରାହକମାନେ ଚିଠିପତ୍ର ଲେଖିଲା ବେଳେ ନିଜର ଗ୍ରାହକ ନମ୍ବର ଉଲ୍ଲେଖ ନାହିଁଲେ ଉତ୍ତର ପାଇବାରେ ଅସୁବିଧା ହୁଏ ।

୭ । କୌଣସି ଗ୍ରାହକ 'ଉଗର'ର କୌଣସି ସଂଖ୍ୟା ନପାଇଲେ ପ୍ରଥମେ ପୋଷ୍ଟଅଫିସରେ ଅନୁସନ୍ଧାନ କରି ତାପରେ 'ଉଗର' ଅଫିସକୁ ଜଣାଇଲେ ତାର ବିହିତ ପ୍ରତିକାର ଉଗର ଅଫିସ କରିବ ।

୮ । ଲେଖା, କବିତା, ପ୍ରଭୃତି ପରିଗ୍ରହଣ ସଂପାଦକ ଉଗର ଠିକଣାରେ ପଠାଇବାକୁ ହେବ ।

୯ । ଲେଖା ଫେରି ପାଇବାକୁ ଇଚ୍ଛାଥିଲେ ଉପଯୁକ୍ତ ଡାକଟିକଟ ଥିବା ଦରକାର ।

ମ୍ୟାନେଜର ଉଗର
ପୋ: ଭଦ୍ରକ (B.N.Ry)

---

## 'ଉଗର'ର ନିବେଦନ

# "ଗାନ୍ଧୀ ଜାତୀୟ ସ୍ମାରକ ନିଧି"କୁ

ଆପଣଙ୍କର ଯଥା ଶକ୍ତି ଦାନ କରି

ବାପୁଜୀଙ୍କର ସ୍ମୃତିକୁ ଜୀବିତ ରଖନ୍ତୁ ।

Printed & published by G. C. Mohapatra at the Gopinath Press, Bhadrak 1948.

Digitized by srujanika@gmail.com

## ଖଦୀ ସମସ୍ୟା

କଂଗ୍ରେସର ନୂଆ ଗଠନ ମଣ୍ଡଳ [ Constitution ] ରେ ଖଦୀକୁ ଶେଷ ଦଳମାନର ଛାମୁରେ ନ ରଖାଇ ଚେତଡ଼ିକ ମାତ୍ରାର ଖୋଜିପଡ଼ିଲେ, ପ୍ରେସିଡେଣ୍ଟର ନରହାଇ ପ୍ରତିଷ୍ଠାରେ ଖୋଜାଯାଉଛି କଂଗ୍ରେସ ପଞ୍ଚାୟତର ସଭ୍ୟମାନେ ବାଧ୍ୟତା ମୂଳକ ଖଦୀ ବ୍ୟବହାର କରିବାର ବାଧ୍ୟ_ ଖଦୀ ପ୍ରସାର ପାଇଁ କାଟିଥିବା ପରସର ବଢ଼ାଇ ଦେଇଛି, ଏଥିରେ ସନ୍ଦେହ ନାହିଁ । ସେହି ଦୃଷ୍ଟିରୁ ନିଖିଳ ଭାରତ ଚରଖା ସଂଘ ଖଦୀ କ୍ରେତା ନମ୍ବରର ସୂତା ପ୍ରମାଣ ଦେବା ବାଧ୍ୟରୁ ହଟାଇ ଦେଇ ଖଦୀ ପିନ୍ଧିବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା ଦ୍ୱାରା ଖଦଡ଼ଧାରୀ ମାନଙ୍କର ସୂତା ନ କାଟି ସ୍ୱେଚ୍ଛା ସୂତା ଦ୍ୱାରା ଖଦୀ କିଣିବାର ଦୁର୍ନୀତିକୁ ଲୋପ କରିଛନ୍ତି ବୋଲି ହୁଏତ ବହୁତ ଥିବେ । କିନ୍ତୁ ଚିନ୍ତା କରି ଦେଖିଲେ ବୁଝାଯିବ ଯେ ବରଂ ଲୋକଙ୍କର ମାନସିକ ଦୁର୍ନୀତିକୁ ଏହା ଦ୍ୱାରା ଜାଣି ଶୁଣି ଘୋଡ଼ାଇ ଦିଆଗଲା । ଖଦୀର ମୂଳନୀତି ହେଲା ଖଦୀ ସମ୍ବନ୍ଧରେ ପ୍ରତ୍ୟେକ ଲୋକ ସ୍ୱାବଲମ୍ବୀ ହେବା । ଏହା ଗାନ୍ଧୀ କଳ୍ପିତ ସ୍ୱାଧୀନତା, ଗ୍ରାମ ରାଜ୍ୟ ଓ ଅହିଂସ ସମାଜର ମୂଳ ଭିତ୍ତି । ଯେଉଁମାନେ ଏଥିରେ ବିଶ୍ୱାସ ନକରି କେବଳ କଂଗ୍ରେସ କ୍ଷମତାରେ ଅଛୁ ବୋଲି ଖଦଡ଼ ଧାରଣ କରନ୍ତି ସେମାନଙ୍କର ଖଦୀ ପିନ୍ଧିବା ଦ୍ୱାରା ଅହିଂସ ସମାଜ ଗଠନ କଦାପି ଅଟେଇବ ନାହିଁ । ମୂଳ ଦୋଷ ଦେଲେ ଏମାନେ ଯେପରି ସୂତା ନ କାଟି କିଣା ସୂତାରେ କାମ ଚଳାଇବାର ମନୋବୃତ୍ତି ରଖି ଥିଲେ ଏବେ ମଧ୍ୟ ସେ ମନୋ... ହେବ । ଏହି ଦିଗରେ ଏମାନେ ଅଭ୍ୟସ୍ତ ନହ ଘରେ ସୂତା କାଟନ୍ତୁ । ଅତଏବ ଖଦଡ଼ର ଓ ମନୋଭାବର ବହୁ ଶ୍ରେଣୀ ଓ ଉପ ଶ୍ରେଣୀ ବାହାରି ରହିଛି ଏବଂ ନିଜ ହାତ ସୂତା ପ୍ରମାଣ ଉଠାଇ ଦେବାଟା ଯୁକ୍ତ ଅନ୍ତ ବାସ୍ତବ । ଅତଏବ ଖଦଡ଼ଙ୍କର ମହତ୍ତ୍ୱର ପଥ ଅନ୍ୟ ଏକ ବର୍ଦ୍ଧିଷ୍ଣୁ ପରିମାଣ ମୂଲ୍ୟ ଦ ବାସ୍ତୁ ଯେଉଁ ଗାନ୍ଧୀଙ୍କ ଅହିଂସ ସମାଜର ନାଗରିକ ଦେବାର ଥିଲା ସେମାନେ ନ ହେବା ଲୋକ—ଯନ୍ତ୍ର ରୂପରେ ସେମାନେ କେବଳ ଗଣ୍ଡରେ ଅଛନ୍ତି । ସମାଜର ଅଧିକ ଜନୈକ—ଅନ୍ୟ ଅନୁଭାବୀ ହିଁ ଏକ ବାହାର ବାହ୍ୟ ଚର୍ଚ୍ଚା । ଏମୁନ ବହୁ । ଏହା ସ୍ୱୀକାର କରିବାର ସାକ୍ଷ୍ୟ ଅନ ନାୟକ ମାନଙ୍କ ନାହିଁ । ସେଥିପାଇଁ ଖଦୀ ଖଦୀ ମଣ୍ଡଳ ଯେଉଁ ସ୍ୱାବଲମ୍ବୀ ଲକ୍ଷ୍ୟ କରିଛନ୍ତି ତାର ସାଥି କରିବାକୁ ମୋଟେ ମନ କେଉ ଓଡ଼ିଶାର ଅନ୍ଧତାର ନାୟକ ମାନଙ୍କ ଭୁଲିବାର କଥା ନାହିଁ । ବରଂ ଖବର ଗ୍ରାମରେ ସ୍ୱାଧୀନ ଭାରତରେ ଯେ ବର୍ଷ—ସମ ତା ଠିକ ଅପଣାର ଉଠାଇବା ବାକି ନ ରହୁ ଯେ ବିଭିନ୍ନ ସେ ହେବ । ଖଦୀ ମଣ୍ଡଳ ଏହା ଦୃଷ୍ଟିରୁ ଦେଖିଲେ ମଙ୍ଗଳ ହବ ଦେଖନ୍ତୁ । ଖଦୀକୁ ଏକ ବ୍ୟାପକ ଓ ଭାରତୀୟ ଦେଶ କଳା ଉଠାଇବା ପରେ ବଞ୍ଚି ଦେବ ଏବ ବଳେ ସେମାନେ ଚଳିବାରେ ଲଗ ବଳରେ ଅଂଶ ଗ୍ରହଣ କରିବା ଶ୍ରେୟସ୍କର । ଯେଉଁମାନେ ଖଦୀ ମଣ୍ଡଳର ସଭ୍ୟ ନାହାନ୍ତି ଯଥାର୍ଥତା ହୃଦୟଙ୍ଗମ ନ କରିବେ ସେମାନେ ବରଂ ଚରଖାରେ ମିଳିବ ମୋଟା ଖଦଡ଼ ନେଇ ଦେବା ପାଇଁ ଅଗ୍ରସର ହେବ ପାରନ୍ତି । ନିଜେ ସୂତା ନ କାଟି ଖଦଡ଼ ପିନ୍ଧିବା ଯାହା ଭାବନ୍ତି ଖଦଡ଼ ତା ମିଳି ଖଦଡ଼ ପ୍ରସ୍ତୁତ କରି ଖଦଡ଼ ପିନ୍ଧିବା ଉଚିତ୍ ହେବନି ।

ଗାନ୍ଧିଜିଙ୍କ ଦେହାବସାନ ପରେ ମଧ୍ୟରେ ଏକ ନିର୍ଦ୍ଦିଷ୍ଟ ସଂଖ୍ୟକ ସ୍ୱାବଲମ୍ବୀ ଖଦୀ ପିନ୍ଧାଳି ତିଆରି କରିବାର ଲକ୍ଷ୍ୟରେ ଖଦୀ ମଣ୍ଡଳ ଯେଉଁ ଆହ୍ୱାନ କରିଛନ୍ତି ତାହା ନ୍ୟାୟ ଓ ସୁଚିନ୍ତିତ । ଦେଶ ମାତ୍ରକ ୭½ ବର୍ଷ ସୂତା ଦେବାର କଥା ପରବର୍ତ୍ତେ ସ୍ୱାବଲମ୍ବୀ ମାନଙ୍କ ଅଭାବରେ ଅନ୍ୟାୟ ବର୍ଷ ସୂତା ଦେବାର କଥା କାହିଁକି ହେବ ।

—✻—

## ଓଡ଼ିଶା ସରକାର ଓ ଖଦୀ

ଖଦୀ ପ୍ରସାର ପାଇଁ ଓଡ଼ିଶା ସରକାର ଜନତାରେ ୧୪ ଯୋଜନା କରିଛନ୍ତି । ଆମ୍ଭେମାନେ ଏ ଯୋଜନା ପାଇଁ ଓଡ଼ିଶା ସରକାରଙ୍କ ଏବଂ କର୍ତ୍ତୃପକ୍ଷ ଉପଯୁକ୍ତ ମନ୍ତ୍ରୀ ମହୋଦୟ ଗାନ୍ଧିତରାଙ୍କୁ ଧନ୍ୟବାଦ ଜଣାଉଛୁ । ପ୍ରସ୍ତୁତ କାରଖାନା ତାଙ୍କ ପରିଚାଳନାରେ ଶୁଦ୍ଧ ଭାବରେ ବେଳେ ଉତ୍ତରାଧିକାରୀ ଏହାର ରାଜନୀତିଜ୍ଞ ସ୍ୱାଧୀନ କରିଛନ୍ତି । ଏଥିରେ ସଂଘର ମତ ସହିତ ଏହାର ଉଦ୍ଦେଶ୍ୟ ଏପରି । ଚରଖା ସଂଘର ଖଦୀ ଏକ ମୂଳ ନୈତିକତା ଉପରେ ପ୍ରତିଷ୍ଠିତ ।

ଚରଖା ସଂଘର କଥା, ଖଦୀ ଅହିଂସ ସମାଜର ମୂଳ ଭିତ୍ତି ହେଉ । ସରକାରଙ୍କ ଉଦ୍ଦେଶ୍ୟ କେବଳ ଲୋକମାନ ବୃଥା । ଲକ୍ଷ୍ୟ ଭିନ୍ନ । ଦୁଇ ପନ୍ଥା ଏକ । ଚରଖାରୁ ଉଦ୍ଦେଶ୍ୟ ଗ୍ରହଣ କରିଛନ୍ତି । ଚରଖା ସଂଘ ଲୋକଙ୍କ ମୌଳିକ ଧାର ମତଭେଦ ପ୍ରକାଶ କରିଛନ୍ତି । ସରକାରଙ୍କର ମତ ଉପରେ ଦୋଷ ନାହିଁ । ଦେଶ ବ୍ୟବସାୟ ସୂତ୍ର ସେ ଗ୍ରହଣ କରୁଛନ୍ତି । ଅମର ଉଦ୍ୟୋଗ ଲକ୍ଷ୍ୟ ଦେବା ହେଉ, ପନ୍ଥା ଯଦି ଅମର ମହତ୍ ହୁଏ ତେବେ ଲକ୍ଷ୍ୟ ଅବାଧ୍ ଉଭ କଳ୍ପିତ ହେଲେ ହେ ପରିଶେଷରେ ସାଧକକୁ ଆଘାତ କରିବେ । ତାଳ ଧାରଣ ହୋଇଥାରେ, 'ସମ ଗ୍ରାମ' ଠାରୁ 'ମଗ୍ନ ମଗ୍ନ' କହିବା ଦ୍ୱାରା ଭୋଳକର ଦାନ୍ତ ଜୋର ପାଉଥିଲେ । ଓଡ଼ିଶା ସରକାରଙ୍କ ଖଦୀ ଯୋଜନା ଓଡ଼ିଶାର ମଙ୍ଗଳ କରିବାରେ ଯଥେଷ୍ଟ ସମ୍ଭାବନା ଅଛି ।

କିନ୍ତୁ ଅଶଙ୍କା ଅଛି ଏହି ସ୍ଥାନରେ । ବାଲ୍ମୀକିଙ୍କ 'ମଗ୍ନ ମଗ୍ନ' କହିବାରେ ଯଥା ଯୋଗ୍ୟ ଦଶା ଥିଲା । ସେ ବମ୍ଭାରୁଦ୍ଧି ଯୋଗ କରିଥିଲେ । ଉତ୍ତମ ଦସ୍ୟୁବୃତ୍ତି ଓ ମଗ୍ନ ନାମ ଏକ ସଙ୍ଗରେ ସାଧନା କରିବାର ସୁଯୋଗ ପାଇବ ନଥିଲା । ଓଡ଼ିଶା ସରକାର ଯଦି ଏ ଖଦୀ ଯୋଜନାରେ ସେହି କଥା ଦେଖାନ୍ତି ତେବେ ମଙ୍ଗଳ ସୁନିଶ୍ଚିତ ।

ମାତ୍ର ମାଡାଲର ନଣ୍ଡା ତୋଷଣ କଲିତା ଦେବା ହେଉ କଂଗ୍ରେସର ଯୋଗାଜନରେ ଉଦ୍ଦାର ପ୍ରଦର୍ଶନ କରିବା ଯାହା—ଉଣା ବଳରେ ଉଦ୍ୟୋଗ ଉଣ୍ଡ ଉଣା ବଳକୁ ଅଧିକ ସାହାଯ୍ୟ ଦେଇ ଚରଖା ଓ ଖଦୀ ପ୍ରସାର କରିବାର ମନ୍ତ୍ର ରହିଥାଏ ସ୍ୱାଭାବିକ ନୁହେଁ । ସରକାର ଏ ବ୍ୟବସାୟ ଉପସ୍ଥିତ ହୋଇ ରକ୍ଷା କରନ୍ତୁ । ତାହେଲେ ଦୃଷ୍ଟିରୁ ମଧ୍ୟ ଖଦୀର ସମୀକରଣ ଅଭାବ ଲକ୍ଷ୍ୟ ବୋଲି ଭଳ କରି ସ୍ମରଣ ମାତ୍ର ।

କାରଣ ବେକାର ତାବଜନ୍ମ ଦୃଷ୍ଟିରୁ ମିଳ ଅପେକ୍ଷା ଚରଖା ଠିଆ ହେବା କଠିନ । ଖଦୀ ମୂଳରେ ସେଥିପାଇଁ ମନ୍ତ୍ର ଓ ନମ୍ରତାର ଅପେକ୍ଷାକୃତ ସବୁଠାରୁ ବେଶୀ । ସେଥିପାଇଁ ଚରଖା ସଂଘର ନୈତିକ ଦୃଷ୍ଟିଭଙ୍ଗୀକୁ ଆମ୍ଭେମାନେ ସର୍ବଥା ସମର୍ଥନ କରୁଥାଉ ।

—✻—

Digitized by srujanika@gmail.com

# ସେ ପ୍ରୀତିକି ଜୁହାର ହେଉଛି ବାରବାର

(ପ୍ରେମିକ ଓ ପ୍ରେମିକାଙ୍କ ମଧ୍ୟରେ ଯେଉଁ ଭାଷା ବିନିମୟ ହୁଏ ତାହା ମହାଭାରତରେ ମଧ୍ୟ ଅସମ୍ପୂର୍ଣ୍ଣ। ତଥାପି କେତୋଟି ଏଠାରେ ଉଲ୍ଲେଖ କରି ତାର ବ୍ୟର୍ଥତା ପ୍ରତିପାଦନ କରିବାକୁ ଚେଷ୍ଟା କରାହୋଇଛି।)

—*—

"ମୁଁ ତୁମକୁ ଚିରଦିନ ଭଲ ପାଇବି।"

···କିନ୍ତୁ ବାକିଟା ଆଉ କାହାକୁ ପାଇବ?

\+ ÷ +

ସୁଖରେ ଦୁଃଖରେ ମୁଁ ତୁମର ଛାୟା ପରି ହୋଇ ଥିବି।

···ମେଘୁଆ ପାଗରେ ପୁଣି କେଉଁଠିକୁ ଯିବ!

× × ×

ହାୟ, ଏ ମଧୁ ରାତ୍ରି ନ ପାହାନ୍ତା କି—

···କେଶି ରାତି ହେଲେ ପୁଣି କିଏ ମାଡ଼ିବ ଯେ।

× × ×

ମୁଁ କଦାପି ଅନ୍ୟ କାହାକୁ ଭଲ ପାଇ ନପାରେ।

···ଆପଣାକୁ ଛାଡ଼ି।

\+ + +

ତମ ବିହୁନେ ମୁଁ ପ୍ରାଣ ହରାଇ ଦେବି।

···ଅଉ କେହି ଖୋଜି ପାଇବ। ଯିବ କୁଆଡ଼େ?

\+ × +

ତମ ଛବି ଚିରଦିନ ହୃଦୟ ଭିତରେ ଅଙ୍କି ହୋଇ ରହିବ

···ଟେବୁଲ ଉପରେ ଅଉ ଯେଉଁ କାଳିକାର ଫଟୋ—ସେଠା ହୃଦୟ ବାହାରେ ରହିଛି।

\+ × ×

ମୁଁ ଯୁଗକ ପରେ ତମକୁ ଗୃହଁ ବସିଛି।

···ପାଇଲେ ମାଣିପରି ଫିଙ୍ଗିଦେବାକୁ—ଡାତଜା, ହେଁ ତ?

× + +

ଆମେ ଦୁହେଁ ଯଦି ବାହାହେବାକୁ ଠିକ୍ କରିବା ଦୁନିଆରେ କେହି ବାଧା ଦେଇ ପାରିବ ନାହିଁ।

···"ଆମେ" ଟା ପ୍ରଥମ ପୁରୁଷ—ପୁଣି ବ୍ୟାକରଣରେ ଦ୍ୱିତୀୟ ଓ ତୃତୀୟ ପୁରୁଷ ଅଛି। ବାଧା ସେଥିପାଇଁ ଆସିବ ସଜନୀ—ସେତେବେଳେ ତମେ ପ୍ରଥମ ପୁରୁଷ ହୁଇ ବଚନ ନହୋଇ ପ୍ରଥମ ସ୍ତ୍ରୀ ତୃତୀୟ ପୁରୁଷ ବଚନରେ ରହିବ।

\+ + +

"ସଖି ତମର ଖଣ୍ଡିଏ ଫଟୋ ମୋତେ ଦେବ?" "ମୋତେ କଣ ଏମିତ ତମେ ମନେ ରଖି ପାରିବ ନାହିଁ? ତେବେ ତମେ କ ଭଲ ପାଅ?"

"ପାରିବ। ମାତ୍ର କଥା କଣ କି—ତମେ ଅଉ କଣକୁ ଭଲ ପାଇବା ବେଳେ ଏ ଫଟୋଟା ଅନ୍ତତଃ ମୋତେ ଭଲ ପାଇବ ତ।"

\+ × +

ତମ ଅଭାବରେ ମୋତେ କ୍ଷଣ କ୍ଷଣ ଯୁଗ ଯୁଗ ପରି ଲାଗୁଛି।

···ତମେ ଦିନ କେଇଟାରେ ବୁଢ଼ୀ ହୋଇ ଯିବଣି ତ?

× ÷ ×

"କହିବୁ ତୁ ଅରେ ପକ୍ଷୀ
ଥାଉ ମୋତେ ମନ ରଖି"
···"ତମର ସେ ମଧୁ ସ୍ମୃତି
ଘେନିଯାଏ ପକ୍ଷୀ ଦୃଷ୍ଟି"

\+ + +

"ତମର ଜନ୍ମ ଦିନରେ ଉପହାର ସ୍ୱରୂପ ଶହେ ଟଙ୍କାର ଚେକ ଓ ଶହେଟି ଚୁମ୍ବନର ଚିଠି ପଠାଇଲି।"

"ଚେକ୍‌ଟି ବ୍ୟାଙ୍କ ମେନେଜର ଭଙ୍ଗେଇ ଟଙ୍କା ଶହେଟି ଦେଲେ—ଶହେଟି ଚୁମ୍ବନ ମଧ୍ୟ।

× ÷ ×

ତମର ଚିଠି ନପାଇ ମୋତେ ଅମୃତ ମଧ୍ୟ ବିଷ ପରି ଲାଗୁଛି।

ବିଷଟାକୁ ତମେ ନ ଖାଇ ମୋ ପାଖକୁ ପଠେଇ ଦିଅ।

× + ×

ତମକୁ ବିଭା ନହେଲେ ମୋର ଜୀବନ ନଷ୍ଟ ହୋଇ ଯିବ।

ବିଭାହେଲେ ଭ୍ରଷ୍ଟ ହେବାର ଭୟ ଅଛି।

× + ×

ତମକୁ ନପାଇଲେ ମୋର ଭବିଷ୍ୟତ ସୁଖ ସ୍ୱପ୍ନ ଭାଙ୍ଗି ଯିବ।

···ନପାଇବାଟାଇ ତେବେ ସତ୍ୟ।

÷ ÷ ÷

ବାପା ମା ରାଜି ହେଉ ନାହାନ୍ତି ବୋଲି ମୁଁ ତମକୁ ବାହା ହେଇ ପାରୁ ନାହିଁ। ତା ବୋଲି ଭଲ ପାଇବାଟା କୁଆଡ଼େ ଯିବ ନା?

···ଜଣକୁ ବାହା ହେଇ ଅଉ ଜଣକୁ ଭଲ ପାଇଲେ ବାପା ମା'ଙ୍କ କଥା ବି ରହିବ ନିଜ କଥାବି ରହିବ।

÷ × +

"ମୋତେ ତମ ଦେହର ଭୂଷଣ କରିରଖ"
···"ମୋର ଅଭ୍ୟାସ ପୁରୁଣା ଗହଣାକୁ ଭାଙ୍ଗି ମୁଁ ପ୍ରତିଦିନ ନୁଆ ଗହଣା କରେଁ।"

× + ×

ସାରା ରାତି ତମ ପାଇଁ ଜାଗର ଜାଳି ବସିଛି।

···ସେତ ଅନ୍ଧାରରେ ଅଛେ।

---

## ତାଟରେ ଡ଼ାଟରେ ତାନା ନାନା

ଇତିହାସ, ଭୂଗୋଳ, ଭାଷା ଓ ସଂସ୍କୃତି ଦୃଷ୍ଟିରୁ ଦେଖିଲେ ଷଡ଼େଇକଳା ଓ ଖରସୁଆଁ ଓଡ଼ିଆ ଅଞ୍ଚଳ—ସମ୍ବାଦ।

···ଜ୍ୟାମିତି, ବୀଜଗଣିତ ଓ ଇଂରାଜୀ ଦୃଷ୍ଟିରୁ ବିହାରୀ ଅଞ୍ଚଳ।

÷ × +

ମିଲ ମାଲିକ ମାନେ ମୁନାଫା ବଜାର କରୁଛନ୍ତି ବୋଲି ମିଲ ମାଲିକ ସ୍ୱୀକାର କଲେ—"ଆଶା" ସମ୍ବାଦ ଶିରୋନାମା।

···ଦୋଷୀ ଦୋଷ ସ୍ୱୀକାର କଲେ ମଧ୍ୟ ତାହା ତା ବିରୁଦ୍ଧରେ ଦୁର୍ବଳ ପ୍ରମାଣ ବୋଲି ଆଇନ କହେ।

÷ ÷ ÷

ଉତ୍କଳ ବିଶ୍ୱ ବିଦ୍ୟାଳୟର ଭିତର କଥା—ପ୍ରଜାତନ୍ତ୍ର ସମ୍ବାଦ ଶିରୋନାମା।

···ଘର ଭିତର ଦେଖ କି ନାରଖାର।

÷ + +

ପାଙ୍ଗା ସ୍ଥାନରେ ଖଦି ଅଭିଯାନ—"ନୟୁରଭଞ୍ଜ"ର ସମ୍ବାଦ ଶିରୋନାମା।

···ଲଙ୍କାରେ ହରି ଶବଦ

× + ×

ସରକାର ଷଡ଼େଇକଳା ଓ ଖରସୁଆଁରେ ସାମ, ଦାନ, ଭେଦ, ଦଣ୍ଡ ନୀତି ପ୍ରୟୋଗ କରିଛନ୍ତି—ପ୍ରଜାତନ୍ତ୍ର ସମ୍ପାଦକୀୟ।

···ପାଇଛନ୍ତି ଧର୍ମ, ଅର୍ଥ, କାମ, ମୋକ୍ଷ ଚତୁର୍ବର୍ଗ

× + ×

ଗ୍ରୀସ୍‌ରେ ବର୍ତ୍ତମାନ ଗଣତାନ୍ତ୍ରିକ ଗ୍ରୀକ୍ ମାନଙ୍କର ବ୍ୟାପକ ହତ୍ୟା ଚାଲିଛି—ସମ୍ବାଦ

ଗଣତନ୍ତ୍ର—"ମୋତେ ମାରନା, ମୁଁ ମଲଣି।"

× × ×

ଶ୍ରମଜୀବୀ ମାନଙ୍କ ମତରେହିଁ ସର୍ବନ୍ତ ଶାସନ ଚାଲିବ—ମହତାବଙ୍କ ଉଡ଼ିଶା ଭାଷଣର ପ୍ରଜାତନ୍ତ୍ର ଶିରୋନାମା

···କାଗଜ ହେବ ବଳ ବାଡ଼ି, କଲମ ହେବ ଲଙ୍ଗଳ।

(ଅନୁକୂଳ ଚନ୍ଦ୍ର ନାୟକ ବାରିପଦା)

÷ + +

Digitized by srujanika@gmail.com

ଉଟକାମଣ୍ଡ ବା ଉଟିରେ ଏସିଆ ଏବଂ ସୁଦୂର ପ୍ରାଚ୍ୟର ଅର୍ଥନୈତିକ ବା ଏକାଫ୍ ସମ୍ମେଳନର ସମ୍ମିଳିତ ଜାତିପୁଞ୍ଜ ପକ୍ଷରୁ ପ୍ରଥମ ଅଧିବେଶନ ବାରଦିନ ବ୍ୟାପି ହୋଇଗଲା । ଯାହାଙ୍କର ଦୁଅପିଲା-ବନ୍ତଲ ନାହିଁ ସେ ମା ବାପ ପିଲାଙ୍କ ଭଲ ନାମକୁ ଏମିତି ନାସନା କରି ଡାକନ୍ତି । ଅଥଚ ସେଇ ନାମ ପଛରେ ଅଶେଷ ଗରିମା ଲୁଚି ଥାଏ । ସେମିତି ଏସିଆ ଓ ସୁଦୂର ପ୍ରାଚ୍ୟର ଅର୍ଥନୈତିକ ସମ୍ମେଳନୀର ନାମ ଏକାଫ ତଥା ଉଟକାମଣ୍ଡର ନାମ ଉଟି ହୋଇଥିବାରୁ ଅଟାଟହା ଅଶୁଭ ହେଲେହେଁ ଭବିଷ୍ୟତରେ ଶୁଭଶକୁନ ଦେଖା ଯାଉଛି । ଫଲେନ ପରିଚୀୟତେ ।

÷ ÷ ×

ମନେ ହୁଏ ଏକାଫ୍ ଡାକ ନାମ ଟା ମୂଳ ସମ୍ମିଳନୀ ନାମଠାରୁ ଅଧିକ ପ୍ରସିଦ୍ଧି ଲାଭ କରିଛି । ଯେମିତି ଏ ଦେଶରେ ସିଭିଲ ଇଣ୍ଟେଲିଜେନ୍ସ ଡିପାର୍ଟମେଣ୍ଟ ' [ ଗୋଏନ୍ଦା ବିଭାଗ ] ନାମଠାରୁ ସି. ଆଇ. ଡି ଅଧିକ ପ୍ରସିଦ୍ଧ, ପବ୍ଲିକ ଉଇମେନ ଡିପାର୍ଟମେଣ୍ଟ ଠାରୁ ପି. ଡବଲ୍‌ଉଡ଼ ( ପଞ୍ଜାବ ଓ୍ୱେଲ ଫେଅର. ଫଲ୍ଣ୍ଡର ଉଇଦାଉଟ ଫେଞ୍ଚର, ପ୍ରିମିୟରସ ଓ୍ୱେଲଥ ଗିଭିଂ ଡିପାର୍ଟମେଣ୍ଟ ଆଦି ମଧ୍ୟ ଅଛି ) ସେହିପରି ଏକାଫ ନାମରେ ପ୍ରସିଦ୍ଧ ।

× × ÷

କୌଣସି ଜଡ଼ା ଯୁଗଳ ବିବାହ ପରେ ବରକନ୍ୟା ବାଟରେ ଯାଉଁ ଯାଉଁ କନ୍ୟା ପଚାରିଲା—ବି' (ବର) ଏ କେ [ କେଉଁ ] ଫ ( ଫଳ ? )—ବର ତାର ଉତ୍ତର ଦେଲା—ଏ—ବ—ଫ । ବୋଧହୁଏ ବାଳିକାର ଦୁରସ୍ତି ଭାଷା 'ଏ କେ ଫ'ରୁ ବାଳିକା ଏସିଆ ଅର୍ଥ ନୈତିକ ସମ୍ମେଳନୀର ନାମ କରଣ ହୋଇଛି—ଏକାଫ ।

× ÷ ÷

ଓଡ଼ିଆ ହିନ୍ଦୁର ମୃତ୍ୟୁ ପରେ ଦଶାହ ବ୍ରତପାଳନ କରି ପୁଣି ଏକାଦଶରେ ଜାତି ଭୋଜନ ଓ ଦ୍ୱାଦଶରେ ବ୍ରାହ୍ମଣ ଭୋଜନ ହୁଏ । ସେହିପରି ଏ କେଫର ଅଧିବେଶନ ଦ୍ୱାଦଶାହ ହୋଇବାରୁ ଏହାର ସ୍ୱର୍ଗ ପ୍ରାପ୍ତିର ଆଶଙ୍କା କେହି ଯେପରି ନ କରନ୍ତି । ଏହାର ଦ୍ୱିତୀୟ ଅଧିବେଶନ ଆସନ୍ତା ଅପ୍ରେଲରେ ଲୁଇନାରେ ହେବ ।

÷ ÷ ÷



ପଣ୍ଡିତ ନେହେରୁ ଏହାର ଉଦ୍‌ଘାଟନ କରି କହିଲେ—ଅଧିବେଶନ ଆଦୌ ନ ହେବା ଠାରୁ ହେବାଟାଇ ବଡ଼ କଥା । କିନ୍ତୁ ପଣ୍ଡିତମାନେ "ଅଜାତମୃତ ମୂର୍ଖାଣା ବରମାଦୌ ନଚାନ୍ତିକମ୍ କହନ୍ତି ।"

÷ ÷ ÷

ସଙ୍କଳିତ ଶବ୍ଦ ପୁଞ୍ଜର ଛଦ୍ମଛାୟା ତଳେ ଏ ସମ୍ମେଳନୀ ଯଦି କିଛି କରେ ତେବେ ବାଂଝ ପିଲା ପ୍ରସବ କଲା ଭଳି ଯୁଗ ଯୁଗକୁ ନାମ ରହିଯିବ ! ଭଗବାନ କରନ୍ତୁ—ସେ ତ ଅପୁତ୍ରିକକୁ ପୁଅ ଦିଅନ୍ତି—ଖୋଲକୁ ବୁଡ଼ାନ୍ତି—ପଥରକୁ ଭସାନ୍ତି । ତେଣୁ ବାଲୁଅ ସଭା ଏକାଫ ଅଧିବେଶନ ଉପଲକ୍ଷରେ ଗାଇବି—

ହରିବୋଲ ଭାଇ ଗୋବିନ୍ଦ ବୋଲ,
ଭସିଲା ପଥର ବୁଡ଼ିଲା ଖୋଲ ।

+ ÷ +

ଅୟୁର ଲଣ୍ଡର ଅଧୁନା ବୈଦେଶିକମନ୍ତ୍ରୀ ଡ଼ଭେଲେର୍ ଭାରତରେ ପଦାର୍ପଣ କରି ଚାଲି ଯାଇଛନ୍ତି । ସେ କହିଛନ୍ତି ଭାରତକୁ ଅୟାର ଲଣ୍ଡ ଭୁଲିବ ନାହିଁ କି ଅୟାର ଲଣ୍ଡକୁ ଭାରତ ଭୁଲିବ ନାହିଁ । ବାସ୍ତବିକ କବି ଗାଇଛନ୍ତି ପରି—

କେତେ ଦୂରେ ଚନ୍ଦ୍ର କେତେଦୂରେ
କୁମୁଦିନୀ
ପ୍ରୀତି ଅଭେଦ ତାଙ୍କର,
ଯେତେ ଦୂରେ ଥିଲେ ଯେ ଯାହାର ସେ ତାହାର

+ ÷ +

ପ୍ୟାରିସରେ ଏସିଆ ଆଫ୍ରିକା ଓ ଇଉରୋପର ଜନ ସାଧାରଣଙ୍କ ଅଧିବେଶନ ହୋଇଛି । ଏଥିରେ ଅସାଧାରଣ ପ୍ରତିନିଧି ମାନେ ଯୋଗ ଦେଇଛନ୍ତି । ଭାରତରୁ ସୋସାଲିଷ୍ଟ ନେତା ବିହାରୀ ଶ୍ରୀ ଫୁଲନ ପ୍ରସାଦ ବର୍ମା ଅଭିଯାତ୍ରୀ ହୋଇଛନ୍ତି ।

ସେଠାରେ ବକ୍ତୃତା ଛଳରେ ଶ୍ରୀ ଫୁଲନ୍‌ଙ୍କ କିଛି ଫଳ ଆଶାରେ କହିଛନ୍ତି—ଯେ ଆମେରିକା ଓ ରୁଷିଆ ଏଇ ଦୁଇ ଗୋଷ୍ଠୀ ମଝିରେ ଏ କଂଗ୍ରେସ ଏକ ତୃତୀୟ ଗୋଷ୍ଠୀ ହୋଇ ବିବାଦ ବା ଯୁଦ୍ଧ ମଝିରେ ବ୍ୟବଧାନ ହବ ତଥା ପ୍ରେମ ଓ ଶାନ୍ତି ମଝିରେ ଯୋଗ ସଦୃଶ କାମ କରିବ । ଆମର ଏକଥା ଶୁଣି ଭୟ ହେଉଛି । ତନ୍ତ୍ରୀ କଣ୍ଠା ପରି ଆମ ଏଇ କଂଗ୍ରେସ ଏପାଖ ସେପାଖ ହୋଇ ଶେଷରେ ନ କହୁ—

"ମୋତେ ଏପାଖ ସେପାଖ କାଟୁନାହିଁ ହରି !"

+ + ÷

ଓଡ଼ିଶାର ଲାଟ ଆସଫ ଅଲି ହେଲେ; ଭୂତପୂର୍ବ ଲାଟ କାଟଜୁ ପଶ୍ଚିମ ବଙ୍ଗ ଲାଟ ହେଲେ ଓ ପଶ୍ଚିମ ବଙ୍ଗ ଲାଟ ଚକ୍ରବର୍ତ୍ତୀ ରାଜା ଜୀ—ଦିଲ୍ଲୀଶ୍ୱରୋବା ଜଗଦୀଶ୍ୱରୋବା ହୋଇ ଭାରତର ବଡ଼ଲାଟ ହେଲେ । ବିଦାୟ ବେଳେ କାଟଜୁ କହିଲେ—ମୋଠୁଁ ଆସଫ ଅଲି ଭଲ—ରାଜାଜୀ କହିଲେ ମୋଠୁ କାଟଜୁ ଭଲ—ଏବଂ ମୋଠୁ ରାଜାଜୀ ଭଲ ବୋଲି ମଧ୍ୟ ଶେଷରେ ମାଉଣ୍ଟବେଟନ୍ କହିଲେ । ବ୍ୟାକରଣରେ ତର, ତମ, ଏଭଳି ଦୁଇଟି ପ୍ରତ୍ୟୟ ଅଛି । ଏଣିକି ଅଧିକ ତାରତମ୍ୟ ଫୁଟାଇବା ପାଇଁ ତରତମ, ତତମ ଆଦି ନୂଆ ପ୍ରତ୍ୟୟ ମାନ ହେବା ଦରକାର ।

÷ ÷ ÷

ଭାରତ ସରକାର ଠିକ୍ କରିଛନ୍ତି ଏଣିକି ସରକାରୀ ଚିଠି ତଳେ ଇତି "ଭବଦୀୟ ଅତି ବାଧ୍ୟ ସେବକ" ପରିବର୍ତ୍ତେ କେବଳ 'ଆପଣଙ୍କର ବିଶ୍ୱସ୍ତ' ବୋଲି ଲେଖା ଯିବ । ସେହିପରି ମହାଶୟ ବଦଳରେ ବନ୍ଧୁ ବୋଲି ଲେଖିବା ଉଚିତ । ଏବଂ ସ୍ତ୍ରୀ ଲିଙ୍ଗରେ ମହାଶୟେ ! ବା ପ୍ରିୟା ମହାଶୟେ ଲେଖିବା ବଦଳରେ ବନ୍ଧୁ, ବାନ୍ଧବୀ ବା ପ୍ରିୟବନ୍ଧୁ, ପ୍ରିୟା ବାନ୍ଧବୀରେ ଲେଖିବା ପ୍ରଥା ଚଳିବ ।

÷ ÷ ÷

ପୂର୍ବରୁ ଏହି ଭବଦୀୟ ଅତି ବାଧ୍ୟ ସେବକ ଏତେ ମାମୁଲି ହୋଇଥିଲା ଯେ ସେବକ "ଭବଦୀୟ ଅତି ଇତ୍ୟାଦି" କରି ଲେଖା ସାଙ୍ଗ କରି ଦେଉଥିଲେ । ଏପରିକି ମନରେ ଭୃତ୍ୟଭାବ ନଥାଇ ମଧ୍ୟ ଲୋକେ ବାଧ୍ୟ ହୋଇ ଭୃତ୍ୟ ବୋଲି ମାନି ନେଉଥିଲେ । ଏଣିକି ବିଶ୍ୱସ୍ତତାଟା ସେମିତି ମାମୁଲି ଲୋକ ଦେଖାଣିଆ ହେଲେ ସ୍ତ୍ରୀ ପୁରୁଷଙ୍କ ମଧ୍ୟରେ ଝଗଡ଼ାର ବେଶୀ ଆଶଙ୍କା ତାହାଙ୍କ ମନେ ହେଉଛି ।

÷ ÷ ÷

Digitized by srujanika@gmail.com

ହାଇଦ୍ରାବାଦ ସହିତ ଭାରତର କଥା ବାର୍ତ୍ତା କେତେଦିନ ଧରି ଚାଲିବା ପରେ ଭାରତ ସରକାର ଯେଉଁ ଶେଷ ସିଦ୍ଧାନ୍ତ ହାଇଦ୍ରାବାଦ ପ୍ରତିନିଧିଙ୍କ ସହ ମିଳି ସ୍ଥିର କଲେ ତାକୁ ନିଜାମ ଗ୍ରହଣ କଲେ ନାହିଁ । ସେହେତୁ କହନ୍ତି—ଆମେ ଚରମ ସୀମା ଯାଏ ଗଲୁ । ନିଜାମ ମଧ୍ୟ ଚରମ ସୀମା ଯାଏ ଯାଇଥିବେ ବୋଲି ଆମର ବିଶ୍ୱାସ—ପାନ ଦିଗଟା ଭଳି । ତେଣୁ ବ୍ୟବଧାନ ସୃଷ୍ଟି ହେଲା ।

× ÷ ×

ନିଜାମ ପ୍ରସ୍ତାବ ଗ୍ରହଣ ନକରିବା ଫଳରେ ଭାରତ ବର୍ତ୍ତମାନ ଅର୍ଥ-ନୈତିକ ବୟକଟ ବା ବାସନ୍ଧ ଆରମ୍ଭ କରିଦେବ । ଜିନିଷ ପତ୍ର ଦେଣ-ନେଣ ହେବ ନାହିଁ । ଫଳରେ ଅନର୍ଥ ଘଟିବାର ଆଶଙ୍କା । ନିଜାମ ଗ୍ରହଣ ନକଲେ ଶେଷକୁ ନିଜାମଙ୍କ ମୁଖ ଚନ୍ଦ୍ରରେ ଗ୍ରହଣ ଲାଗିବ ସିନା । ମରଣକାଳେ ବିପରୀତ ବୁଦ୍ଧି ।

+ + ÷

ଶ୍ରୀଯୁକ୍ତ କାଟଜୁ ଏକ ବିଦାୟ କାଳୀନ ଭାଷଣରେ କହିଲେ—ଗଭର୍ଣ୍ଣର ଦେଶର ଗୋଟିଏ ଦୀନ ବ୍ୟକ୍ତି ଯାହାଙ୍କର କି ପ୍ରତ୍ୟେକ ଦୀନ ଦେଶ ବାସୀର ଗୃହସ୍ଥାଳୀକୁ ଯାଇ ସୁଖ ଦୁଃଖରେ ଭାଗୀ ହେବା କର୍ତ୍ତବ୍ୟ ।

କଥାଟା ସତ । ମାତ୍ର ତାଙ୍କ ଶାଗ ଭାତ—ବା ଓଡ଼ିଆ ଖାଦ୍ୟରେ ଭାଗ ବସିଲେ ସମସ୍ୟା ସାଂଘାତିକ ହୋଇଯିବ ।

÷ + +

ମାଉଣ୍ଟ ବେଟନଙ୍କୁ ବିଦାୟ ଦେଇ ଆମ କେନ୍ଦ୍ରୀୟ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ଯେଉଁ ବିଦାୟ ବାଣୀ ଦେଇଛନ୍ତି ତା ମାମୁଲି ନ ହୋଇ ଅତି ଆନ୍ତରିକ ବୋଲି କାଗଜ ଉଲ୍ଲେଖ କରିଛନ୍ତି । ଏବଂ ଲର୍ଡ଼ ମାଉଣ୍ଟ ବେଟନ ସେ ଆନ୍ତରିକତାରେ ଭାବ ପ୍ରବଣ ହୋଇ ପଡ଼ି ସେ ଧନ୍ୟବାଦର ଉତ୍ତର ଦେଇଛନ୍ତି ! ଭଗବାନ କରନ୍ତୁ ଭାରତରୁ ଧନବାଦ ଲୋପ ହୋଇ ଧନ୍ୟବାଦ ପ୍ରତିଷ୍ଠିତ ହେଉ ।

÷ ÷ ÷

ଗଞ୍ଜାମ ଟେକରିଡ଼ାରେ କମ୍ୟୁନିଷ୍ଟ ବୀର ମାନେ ପୁଲିସ ଆସିବାର ଦେଖି ସର୍ବାଦୌ ନାରୀ [ Ladies first ] ନୀତିରେ ଆଗରେ ସ୍ତ୍ରୀ ଓ ପିଲା ମାନଙ୍କୁ ଠିଆ କରି ଦେଇ ଯେଉଁ ପୌରୁଷ ଦେଖାଇଛନ୍ତି ସେଥିପାଇଁ ବିଲୁଆ ସଂଘ ତାଙ୍କୁ ବୀରଶିରୋମଣି ଉପାଧିରେ ଭୂଷିତ କରିବାକୁ ସ୍ଥିର କରିଛି । ଉତ୍କଳ ବାସୀଙ୍କର ସହୃଦୟ ସମର୍ଥନ ଲୋଡ଼ା ।

÷ ÷ ÷

ଗୋଦାବରୀଶ ମିଶ୍ରେ ମହତାବଙ୍କ ମନ୍ତ୍ରୀ ମଣ୍ଡଳକୁ ପତନ କରିବା ପାଇଁ ଯେପରି ପ୍ରାଣାନ୍ତକ ଚେଷ୍ଟା କରୁଛନ୍ତି ମହତାବ ମଧ୍ୟ ସବୁ ଦିଗରେ ୧୯୪୨ର ଗୋଦାବରୀଶ ମନ୍ତ୍ରୀ ମଣ୍ଡଳକୁ ବଳି ଯିବାର ଭୀଷଣ ପ୍ରଚେଷ୍ଟା କରିବାରେ ଅଛନ୍ତି । ସେତେବେଳେ ଗୋଦାବରୀଶ ମନ୍ତ୍ରୀମଣ୍ଡଳ ଯେଉଁ ଯେଉଁ ପୁଲିସ ଅଫିସରଙ୍କ ବଳରେ ଇତିହାସ ସୃଷ୍ଟି କରିଥିଲେ ଏବେ ମହତାବ ସେହି ପୋଲିସଙ୍କ ବଳରେ ଷଢ଼େଇକଲା ଓ ଟେକରିଡ଼ାର ଇତିହାସ ସୃଷ୍ଟି କରିଛନ୍ତି । ଗୋଦାବରୀଶ ବାବୁ ଦେଶ ଓ କଂଗ୍ରେସ ମୁହଁରେ ଯେତିକି କାଳି ଲଗାଇଥିଲେ ମହତାବ ତହୁଁ ଅଧିକ କାଳି ଦେଶ ଓ କଂଗ୍ରେସ ମୁହଁରେ ଲଗାଇବା ପାଇଁ ମହାପ୍ରସାଦ ଛୁଇଁ ନିୟମ କରିଛନ୍ତି ବୋଲି ଶୁଣାଯାଏ ।

÷ ÷ ÷

ଟେକରିଡ଼ାରେ ଯେଉଁମାନେ ପ୍ରାଣ ଦେଇଛନ୍ତି ସେମାନେ ସହିଦତ୍ୱ ପାଇବେ କି ନାହିଁ ସେ ବିଷୟରେ ଦ୍ୱିମତ ହେବାର ଦେଖାଯାଉଛି । ବିଲୁଆ ବସ୍ତ୍ରରର ପ୍ରସ୍ତାବ, ଯେଉଁ ମହତାବୀ ସଂଘ ବାଲା ମାନେ ଗାନ୍ଧୀ ଜୟନ୍ତୀ ନାମ କହି ସହିଦ ସଂଘ ପାଣ୍ଠି ଆଦାୟ କରିଥିଲେ ସେମାନେ ସହଜରେ ଏହାର ନିଷ୍ପତ୍ତି କରି ଦେଇ ପାରିବେ ।

× ÷ ×

ଶ୍ରୀଯୁକ୍ତ ଅଇନଷ୍ଟାଇନ ଭାରତକୁ ଏକ ବାର୍ତ୍ତାଦେଇ କହିଛନ୍ତି ଯେ ନବ୍ୟ ପ୍ରଣାଳୀରେ ଟ୍ରାକ୍‌ଟର ଆଦି ସାହାଯ୍ୟରେ ଚାଷ କରିବା ଓ ଜମିରେ ରାସାୟନିକ ଖତ ଦେବା ମାରାତ୍ମକ ଅତଏବ ଭାରତବାସୀ ଏହା ଯେପରି କଦାପି ନ କରନ୍ତି । କିନ୍ତୁ ଓଡ଼ିଶା ସରକାର ଟ୍ରାକ୍-ଟରରେ କୃଷି ଉନ୍ନତ କରିବା ପାଇଁ ପ୍ରଚୁର ପଣ ବାନ୍ଧିଛନ୍ତି ଏବଂ ରାସାୟନିକ ଖତ ବା ଆମୋନିଆ ସଲଫେଟ୍ ଅଧିକ ଭାବରେ ପ୍ରଚୁର ହେବାର ଯୋଜନା କରୁଛନ୍ତି । ଜମିରେ ଆମୋନିଆ ସଲଫେଟ ଯେତେ ଅଧିକ ଦିଆଯିବ—କଟକରେ ଖବର କାଗଜ ପ୍ରଚୁର ଓ ପ୍ରକାଶ ସେତେ ଅଧିକ ହୋଇ ପାରିବ ବୋଲି ସରକାର ଆଶା କରୁଛନ୍ତି । ଜମି ପଡ଼ିଯାଉ କିନ୍ତୁ ଖବର କାଗଜ ଥିଲେ ପେଟ ଓ ମଥା ସବୁ ପୂରିଯିବ ।

× × ×

କାଟଜୁ ସାହେବ ନିଜକୁ ଓଡ଼ିଶା ବାସୀ ବୋଲି କହି ମହତ୍ତ୍ୱ ଦେଖାଇଛନ୍ତି । ସେ ଯେ କେବଳ ପୁରୀରେ ଘର କରିଛନ୍ତି ବୋଲି ପୁରୀ ଆସିବେ ତା ନୁହେଁ—ଓଡ଼ିଶାର ଗାଁ ଗହଳିରେ ଭବିଷ୍ୟତରେ ବୁଲିବେ ବୋଲି ଆଶା ପୋଷଣ କରୁଛନ୍ତି । ଜଗନ୍ନାଥ କେବଳ ପୁରୀରେ ନାହାନ୍ତି, ଓଡ଼ିଶା ଗାଁ ଗହଳରେ ମଧ୍ୟ ଅଛନ୍ତି—ଠାକୁର ଭଲେ ବରିକୋଳି—ଓଡ଼ିଶା ଜଗନ୍ନାଥ ବା କୈଳାସ ନାଥ ।

+ × ×

ଡ଼କ୍‌ଟର କାଟଜୁଙ୍କୁ ଶୁଭ ବିଦାୟ ଦେବା ସଙ୍ଗେ ସଙ୍ଗେ ଆମ୍ଭେମାନେ ଶ୍ରୀଯୁକ୍ତ ଆସଫ ଅଲିଙ୍କୁ ଅଭିନନ୍ଦନ ଓ ସ୍ୱାଗତ ଜଣାଉଛୁଁ । ସ୍ୱାଗତ ଜଣାଇବା ଦ୍ୱାରା ଆଶା କରାଯାଏ ପ୍ରଥମେ ଡ଼ଗରର ଅସ୍ଥାନ—ଭଦ୍ରକକୁ ଆସି ସେ କଣ୍ଟିତ ଶିରଣୀ ପାନ କରିଯିବେ ।

× + ÷

ଶ୍ରୀଯୁକ୍ତ କାଟଜୁ ଏ ପ୍ରଦେଶରେ ଅପ୍ରବାସୀ ଥିଲେ ଶ୍ରୀ ଆସଫ ଅଲୀଙ୍କ ପତ୍ନୀଙ୍କ ନାମ ଅରୁଣା ହୋଇ ଥିବାରୁ ସେ ଅରଣୀ ହେଲେ । ଅତଏବ ଓଡ଼ିଶାର ଲୋକ ମାନଙ୍କୁ ଲକ୍ଷ୍ୟ କରି ବୋଧହୁଏ ଧର୍ମବକରୂପରେ ଯୁଧିଷ୍ଠିରଙ୍କୁ କହିଥିଲେ—ସଃ ବାରିଚର ମୋଦତେ ।

× × ÷

ବାଲେଶ୍ୱରରେ ଲୁଗା ଅଭାବ ପାଇଁ ସାଧାରଣ ସଭା କରିବାକୁ ଲାଇସେନ୍‌ସ ମିଳୁ ନାହିଁ—୧୪୪ ବସୁଛି, କଟକରେ ମନ୍ତ୍ରୀଙ୍କ ପାଖିଆ ଓ ଚଳିଆ ଲୋକେ ଲୁଗା ନାରେ ଗୁଣ୍ଡାମି କି ପୋଲିସ ମୁରୁକି ହସା ଦଉଛି । ବୋଧହୁଏ ବାଲେଶ୍ୱରରେ ସରକାର ଲଜ୍ଜା ନିବାରଣ କରୁଛନ୍ତି ଏବଂ କଟକରେ ଦାଣ୍ଡରେ ପଡ ହାଟରେ ଗଡ଼ୁଛି । ସେଥିପାଇଁ ବଙ୍ଗଳାରେ ପ୍ରବାଦ ଅଛି—ଯାହା ମୁହଁକୁ ଲାଜ ନାହିଁ—ତାକୁ ମୁଁ ଡରେ ।

× ÷ ×

Digitized by srujanika@gmail.com

# ତୃପ୍ତି



ଅଗରେ ଲମ୍ବି ପାଇଛି ରାସ୍ତା, କାହିଁ କେତେଦୂର ! ଦୁଇ ପାଖରେ ଉଚ୍ଚ ଅଟ୍ଟାଳିକା ସେଇଠି ଯାଇ ଜମା ହୋଇଛି ଦୁନିଆ ଯାକର ଝାଳ. ଲହୁ ସବୁ ! କାଠ, ପଥର ଇଟାଚୂନର ଅଟ୍ଟାଳିକା, ଆଜି ତା ମଧ୍ୟରେ ଅସଂଖ୍ୟ ମଣିଷର ରକ୍ତ, ଝାଳ, ପରିଶ୍ରମ ଜମାଟ ବାନ୍ଧିଛି । ମଲୟ ଆଶ୍ଚର୍ଯ୍ୟ ହୋଇ ଚାହିଁ ରହିଲା ସେଇ ଅଟ୍ଟାଳିକା ଆଡେ । ପାଖ କୋଠାଘରୁ ଭାସି ଆସୁଛି ସୁସ୍ୱାଦୁ ମାଂସ ଝୋଳର ଗନ୍ଧ, ତାର

## କାହାଣୀ

ଭିତରେ କେମିତି ରହିଯାଇଛି ମଣିଷ ମାଂସର ତୃପ୍ତିକର ବାସନା; ସେଇ ଗନ୍ଧରେ ମଲୟର ଭୋକ ମରି ଆସୁଥିଲା ଅସ୍ତେ ଅସ୍ତେ । ଦୀର୍ଘ ସାତବର୍ଷ ଧରି ରାସ୍ତାର ଏଇ ଅଂଶରେ ସେ ଯାଇଛି ଅନେକ ଥର, କିନ୍ତୁ କେଉଁ ଦିନ ସେ କଣ ଆବିଷ୍କାର କରିଥିଲା ଏଇ ମାଂସ ଝୋଳର ଗନ୍ଧ ଭିତରେ ଲୁଚି ରହିଛି କେଉଁଠି ମଣିଷ ମାଂସର ବାସନା ? ଆଜି ଅନେକ ଦିନ ପରେ ପବନରେ ଭାସିଛି ଏଇ ଗନ୍ଧ ।

ଉପରୁ ଭାସି ଆସୁଛି ରେଡ଼ିଓର ସଙ୍ଗୀତ । କରୁଣ, ତରୁଣୀ କଂଠର କରୁଣ ଅଥଚ ମଧୁର ସଙ୍ଗୀତର କଂପନ ଲହରୀ—ଆକାଶର ଇଥରରୁ ସଂଗ୍ରହ କରିଛି ସେଇ କଳ···ଯନ୍ତ୍ରର ରେଡ଼ିଓ ଶୁଷ୍କ କାଠ, ଲୁହା, କାଚ—ଗଢ଼ାହୋଇ ରେଡ଼ିଓ ସୃଷ୍ଟି କରୁଛି କଂପନ ମଧୁର କରୁଣ ସଙ୍ଗୀତ । ନା, କାହିଁ ? ସଙ୍ଗୀତର ମାଧୁର୍ଯ୍ୟ କାହିଁ ? ସଙ୍ଗୀତର କରୁଣତା କାହିଁ ? ?

ପେଟ ଭିତରେ ଭୋକ; ଦେହ, ହାଡ଼, ରକ୍ତ ମାଂସ, ମାଂସ ପେଶୀ—ସବୁ ଜଡ଼ ହୋଇ ଯାଇଛି ! କେଉଁ ଆଡ଼େ ଗଲାଣି ତାର ଗତିର ହିଲ୍ଲୋଳ, ପଞ୍ଚାୟୁମାନ ଗତିର ଦେଶରୁ କାହିଁ ? ?

ଆଗରୁ ଆସି ପଡ଼ିଲା ମଟରର ତୀବ୍ର ଆଲୋକ !

ମଲୟ ରାସ୍ତା କଡ଼କୁ ଆଗେଇ ଗଲା । ମଣିଷକୁ ମାନିବାକୁ ହେବ ଯାନ୍ତ୍ରିକ ସଭ୍ୟତାର ହୁକୁମ, ମଣିଷକୁ ସମ୍ମାନ ଦେବାକୁ ହେବ ଯନ୍ତ୍ରରୁ ଉଦ୍ଭବ ଯନ୍ତ୍ର ମାନଙ୍କୁ ! ମଣିଷ ଦିନକୁ ଦିନ ଛୋଟ ହୋଇ ଆସୁଛି ଯେପରି !

ନୟନାର ଶାଢ଼ୀ ନାହିଁ ଶରି ଆସିଲଣି ! ଅନେକ ଦିନ ହେଲା କିଣା ହୋଇ ନାହିଁ ତା ପାଇଁ କିଛି । ବାହାରକୁ ଯିବାପାଇଁ ଲୁଗା ନାହିଁ—ଶରୀଲୁଗା ପିନ୍ଧି କିପରି ଯିବ ସେ ? ନୟନା ଯେ ତିରିଶ ଟଙ୍କିଆ କିରାଣୀର ସ୍ତ୍ରୀ ! ଲୁଗା ଭିତରେ ଲୁଚି କରି ଚାଲେ ବି ବାହାରେ ଅସଂଖ୍ୟ ଶିକ୍ଷିତ, ସଭ୍ୟ, ଲୋଲୁପ ଆଖି ଆସି ପଡ଼େ ତା ଉପରେ । କିରାଣୀର ସ୍ତ୍ରୀ ପାଖରେ ଯେମିତି ରହିଛି ଦୁନିଆ ଯାକର ଯୌବନ ! ନୟନାର ପୁଣି ଯୌବନ ଅଛି ? କ୍ଷୁଧା ଓ ଅଭାବ କଣ ବାକି ରଖିଛି କିଛି ଯୌବନର ? ହୁଏତ ତିରିଶ ଟଙ୍କିଆ କିରାଣୀ ସ୍ତ୍ରୀର ଯୌବନ, ନଥିଲେବି ଶସ୍ତା !

## କଥାଟିଏ କହୁଁ

ନୟନାର ଭଉଣୀ ମୁକ୍ତା, ବେଶ ଆନନ୍ଦରେ ଅଛି । ସ୍ୱାମୀ ବ୍ୟବସାୟ କରି ଲକ୍ଷ ଲକ୍ଷ ଟଙ୍କା ଜମା କରିଛି । ତାର ଅଭାବ କଣ ? ଆଉ ନୟନା, ତିରିଶ ଟଙ୍କାର ନୟନା ! ଭୁଲ୍, ଭୁଲ୍, ତିରିଶ ଟଙ୍କାର କିରାଣୀ ସ୍ତ୍ରୀର ନାମ ହେବା ଉଚିତ ଥିଲା—'ଅଭି ନୟନା—'

ମୁକ୍ତା ପୁଅର ଏକୋଇଶା । ଖଣ୍ଡେ ଚିଠି ଦେଇଛି ଯିବାପାଇଁ ସେଦିନ । ସମୟ ଅଭାବରୁ ନିଜେ ଆସି ପାରିନି । ତାପରେ ଲକ୍ଷେ ଟଙ୍କା ଆସିପାରେ ତିରିଶ ଟଙ୍କା ପାଖକୁ ?

ନୟନାର ଏକାନ୍ତ ଜିଦ୍ ସେ ଯିବ ମୁକ୍ତା ପୁଅର ଏକୋଇଶାକୁ । ଅନେକ ଦିନହେଲା ତା ଆଦରର ଭଉଣୀ ପାଖକୁ ଯାଇ ପାରି ନାହିଁ । ସେଥିପାଇଁ ବ୍ୟାକୁଳ ହୋଇ ଉଠିଛି ସେ । କେମିତି ଯିବ ସେ, ଖଣ୍ଡେ ଶୁଦ୍ଧା ଭଲ ଲୁଗା ନାହିଁ ।

ଗୃହଟଙ୍କା—କେତେ ବର୍ଷର ସଂଚୟ ! କ୍ଷୁଧାର ଦାବୀକୁ ଅବହେଳା କରି ଟଙ୍କ ଯାଇଛି ପଇସାପରେ ପଇସା···ଗୃହଟଙ୍କା । ସେତିକିରେ ଖଣ୍ଡେ ଶାଢ଼ୀ ଆସିବ । ସେଥିରୁ ବଳିଲେ, ପୁଅ ପାଇଁ ଖଣ୍ଡେ ଜାମା ।

ଆଗରେ ଶ୍ୟାମଳର ଦୋକାନ । ଶ୍ୟାମଳ ତା ସଙ୍ଗେ ପଢୁଥିଲା । ପଢ଼ା ଛାଡ଼ି ଦେଇ ଲୁଗା ଦୋକାନ ଖୋଲିଛି ।

ମଲୟ ଶ୍ୟାମଳର ଦୋକାନ ଭିତରକୁ ପଶିଗଲା । ଶ୍ୟାମଳ ଦୁଇପଟେ ଦୁଇଟା ବଡ଼ ମାଣ୍ଡି ରଖି ବସିଛି । ଉପରେ ବିଦ୍ୟୁତର ପଙ୍ଖା, ତୀବ୍ର ବିଦ୍ୟୁତ୍ ଆଲୋକ । ମଲୟର ଆଖି ତାର ତୀବ୍ରତାରେ ବନ୍ଦ ହୋଇ ଆସିଲା ।

'ନମସ୍କାର'

'ନମସ୍ତେ—ଆପଣ ? ଆପଣଙ୍କୁ ତ କେଉଁଠି ଦେଖିଲା ଭଳି ମନେ ହଉଛି—' ଶ୍ୟାମଳ ଖବର କାଗଜ ଆଡ଼େ ମୁହଁ ଟେକି ମଲୟ ଆଡ଼େ ଚାହିଁଲା

'ଆଜ୍ଞା, ଆପଣ ଆଉ ମୁଁ ଏକା ସଙ୍ଗରେ ପଢୁଥିଲେ, ମୋ ନାଁ ମଲୟ ।'

'ଓଃ—ବୁଝିଲି, ମଲୟ ବାବୁ । ଦିନ୍ଦିନି ଦେଖେ ପଢିଲି ଯାଙ୍କ ଯାଉଛନ୍ତି ମୁଣି ଆସିଚନ୍ତି—ସେମାନଙ୍କ ସଙ୍ଗେ ବି କେତେ ବର୍ଷ ମୋଟେ ଦେଖାହୁଏନି—ହଠାତ୍ ଚିହ୍ନିବା ଟିକିଏ ମୁସ୍କିଲ—ଏ ରାମା, ସିଗ୍ରେଟ୍ ଦିଟା ଆଣିଲୁ—'

'ଧନ୍ୟବାଦ୍ ସିଗାରେଟ କି ପାନ ଖାଏନି—'

'କୁଆଡ଼େ ଆସିଗଲେ ?'

'ନାହିଁ—ଏଇ ଖଣ୍ଡେ ଲୁଗା କିଣିବା ପାଇଁ ଆସିଥିଲି ।'

'ଧୋତି ନେବେନା ?'

'ନା ଆଜ୍ଞା ଶାଢ଼ୀ ।'

'କଣ ବନାରସୀ, ଜର୍ଜେଟ୍, ସିଲ୍କ୍,

ଶ୍ରୀ ଯତୀନ୍ଦ୍ର କୁମାର ଦାସ

ମଠା ?'

'ନାଇଁ ସାଧା ସୂତାର ଶାଢ଼ୀ—'

'ଏ—ଦେଖାଉ ଶାଢ଼ୀ ।'

ମଲୟ ଦେଖିଲା କେତେ ପ୍ରକାର ଶାଢ଼ୀ । ଉପରେ ଦାମ ଚଢ଼ିଛି ଦୁଇଟାରୁ ସାତଟଙ୍କା ଆଠଟଙ୍କା—

ଆଠଟଙ୍କାର ଶାଢ଼ୀ ଖଣ୍ଡେ ବାଛି ମଲୟ କହିଲା

'ଏଇ ହେଲେ ଚଳିବ, ବୋହାଏ ଦିଅନ୍ତୁ ।'

[illegible] ଦେଖା କଳା ନେବାକୁ ପଡ଼ିବ ।

(ଅବଶିଷ୍ଟାଂଶ ... ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ସିନେମା

ଶ୍ରୀ ଧୀରେନ୍ଦ୍ର ଦାସ

## ଓଡ଼ିଆ ଚଳଚ୍ଚିତ୍ର

ବଡ ଦୁଃଖର ବିଷୟ ଯେ ଭାରତର ଅନ୍ୟ ପ୍ରଦେଶଗୁଡ଼ିକରେ ସିନେମା ଶିଳ୍ପ ଖୁବ୍ ଆଗେଇ ଯାଇଥିଲେହେଁ ଓଡ଼ିଶାରେ ଏହାର ଉନ୍ନତି ପ୍ରାୟ ହୋଇନି । ଭାରତୀୟ ପ୍ରାୟ ପ୍ରତ୍ୟେକ ଭାଷାରେ ଚଳଚ୍ଚିତ୍ର ତିଆରି ହୋଇ-ସାରିଛି କିନ୍ତୁ ଓଡ଼ିଆ ଭାଷାରେ ନାହିଁ । ଆମର ଦରିଦ୍ରତା ଓ ଆମର ମନୋବୃତ୍ତି ହିଁ ଏହାର ପ୍ରଧାନ କାରଣ ହୋଇ ପଡ଼ିଛି । କଥାଚିତ୍ର ଯେଉଁଥିକି ବର୍ତ୍ତମାନ ସଭ୍ୟ ଜଗତରେ ପ୍ରଧାନ ଶିକ୍ଷାର ପ୍ରଣାଳୀ, ଓଡ଼ିଶାରେ ତାର ଅଭାବ ଏହାଠାରୁ, ମନସ୍ତାପର ବିଷୟ କଣ ହୋଇପାରେ । ସଭ୍ୟ ଜଗତରେ ଅନ୍ୟ ପ୍ରଦେଶ ଗୁଡ଼ିକ ସଙ୍ଗେ ପାଦ ମିଳାଇ ଚାଲିବା ପାଇଁ ଚଳଚ୍ଚିତ୍ରର ନିହାତି ଆବଶ୍ୟକ । କାରଣ ଏହା ସଂଖ୍ୟାଗରିଷ୍ଠ ଗରିବ ଶ୍ରେଣୀ ଲୋକଙ୍କ ପାଇଁ ପ୍ରଧାନ ଆମୋଦ ଓ ଶିକ୍ଷାର ଉପାୟ ।

ଓଡ଼ିଆ ଭାଷାରେ ଚଳଚ୍ଚିତ୍ରର ଅଭାବଟା ଖୁବ୍ ଜୋରରେ ଅନୁଭବ କରାଯାଇ ପାରୁଛି । ଏହାର ଅଭାବରେ ବଙ୍ଗଳା, ହିନ୍ଦି ଓ ତେଲୁଗୁ ଚିତ୍ରଗୁଡ଼ିକର [ ଭଲ ହେଉ କିମ୍ବା ଖରାପ ହେଉ ] ଓଡ଼ିଶାରେ ଖୁବ୍ ଭଲ ଭାବରେ କାଟତି ହେଉଛି। ବ୍ୟବସାୟ ହିସାବରେ ଅନ୍ୟ ପ୍ରଦେଶର ସିନେମା କମ୍ପାନୀ ମାନେ ପଇସା ଛାଣି ନେଉଥିବା ସ୍ଥଳେ କୌଣସି ଓଡ଼ିଆ ଏ ବିଷୟରେ ମୁଣ୍ଡ ପୂରାଇ ନାହାନ୍ତି ।

ଓଡ଼ିଶାରେ ସିନେମା ପ୍ରଦର୍ଶିତ ହେବା ପାଇଁ ଗୃହ ମଧ୍ୟ ଖୁବ୍ କମ୍ ଅଛି । ଅନେକ ଟାଉନରେ ସିନେମା ଗୃହ ଆଦୌ ନାହିଁ । ଯାହା ବା ଦୁଇ ତିନୋଟି ଟୁରିଂସିନେମା ଅଛି ତାହା ସମୁଦାୟ ଓଡ଼ିଶା ପାଇଁ ଯଥେଷ୍ଟ ନୁହେଁ । ଓଡ଼ିଶାରେ ବର୍ତ୍ତମାନ ସୁଦ୍ଧା ଅନେକ ସ୍ଥାନ ଅଛି ଯେଉଁଠିକାର ଲୋକେ ସିନେମା କଣ ଜାଣନ୍ତିନାହିଁ । ଓଡ଼ିଆ ସିନେମାର ଅଭାବଟା କୌଣସି ମଫସଲ ଜାଗାକୁ ଟୁରିଂ-ସିନେମା ଯାଇଥିବା ସମୟରେ ଖୁବ୍ ଭଲ-ଭାବରେ ଅନୁଭବ କରି ହୁଏ । ଲୋକଙ୍କ ପାଇଁ ଏହା ଏକ ବିରାଟ, ଆଶ୍ଚର୍ଯ୍ୟ ଓ ଅପ୍ରତ୍ୟା-ଶିତ ବସ୍ତୁ ହୋଇଯାଏ । ଗାଁ କୋଣମାନଙ୍କରୁ ଦଶବାର କୋଶ ଦୂର ବାଟରୁ ବଳଦଗାଡ଼ି ପ୍ରଭୃତି ନେଇ ବୃଦ୍ଧାବୃଦ୍ଧଙ୍କ ସହିତ ଦୁଇ ତିନି-ଦିନ ଆଗରୁ ପହଞ୍ଚି ସିନେମାର ଦୁଇଅଣିଆ ଖେଳକୁ ଦେଖି ଆସନ୍ତି । ଯେଉଁ ଜାଗାରେ କ୍ୟାମ୍ପ ପଡ଼େ ତାହା ଗୋଟିଏ ବଡ଼ ମେଳାର ସ୍ଥାନ ହୋଇଯାଏ । ଅନେକ ସିନେମା ଦେଖି ଛବି କପଡ଼ା ଚାଲି ବୁଲି କରୁଛି ଓ କଥା କହୁଛି ଦେଖି ଯେ କେତେ ଆଶ୍ଚର୍ଯ୍ୟ ହୁଅନ୍ତି ତାହା ନୁହେଁ, ସେମାନଙ୍କୁ ଗୋଟିଏ ସ୍ୱପ୍ନପୁରୀକୁ ଆସି ଫେରି-ଗଲାଭଳି ଲାଗେ । ଡାଇନାମାର ଶବ୍ଦ, ବଡ଼ ତମ୍ବୁ, ବିଜୁଳି ଆଲୁଅ ପ୍ରଭୃତି ସବୁ ସେମାନଙ୍କ ପାଇଁ ଗୋଟିଏ ଗୋଟିଏ ଆଶ୍ଚର୍ଯ୍ୟର ଜିନିଷ । ଦେଖାଯାଇଛି ଲୋକେ ଏତେ ଆଶ୍ଚର୍ଯ୍ୟ ହୋଇ ପଡ଼ନ୍ତି ଯେ ଆଶ୍ଚର୍ଯ୍ୟକାରୀ ପ୍ରୋପାଇଟରଙ୍କୁ ଆସି ଦଣ୍ଡବତ କରିଯାଆନ୍ତି । ଏତେ ଆଶ୍ଚର୍ଯ୍ୟ ହୋଇସୁଦ୍ଧା ବିଷୟ ବସ୍ତୁ କଣ ଥିଲା ଅନେକେ ବୁଝିପାରି ନଥାନ୍ତି କାରଣ ବଙ୍ଗଳା, ହିନ୍ଦି ପ୍ରଭୃତି ଭାଷାଗୁଡ଼ିକ ସବୁ ସେମାନଙ୍କ ପାଇଁ ଅବୋଧ । ଅନେକସ୍ଥଳରେ ଟୁରିଂସିନେମାର କର୍ତ୍ତୃପକ୍ଷ ଦର୍ଶକ ମାନଙ୍କୁ ବୁଝାଇବା ପାଇଁ ଜଣେ ଜଣେ ଲୋକ ନିଯୁକ୍ତ କରିଥାନ୍ତି ଯେଉଁ ମାନେ କି "ଇଏ ରାମଚନ୍ଦ୍ର, ଭଗବାନ ଆସିଲେ, ମୁଣ୍ଡିଆ ମାର" ଇତ୍ୟାଦି ସରଳ, ସୁନ୍ଦର ଭାବରେ ବୁଝାଉଥାନ୍ତି । ଏପରି ଘଟଣା ଗୁଡ଼ିକ ଯେ କିପରି ଲଜ୍ଜାର ବିଷୟ କହିବା ବାହୁଲ୍ୟ । ଓଡ଼ିଆ ଭାଷାରେ ଚଳ-ଚ୍ଚିତ୍ର ଥିଲେ ଅନ୍ତତଃ ଏତିକି ହେଉ ନ ଥାନ୍ତା ।

ଏ ପର୍ଯ୍ୟନ୍ତ ସୁଦ୍ଧା ଓଡ଼ିଆ ଭାଷାରେ ଗୋଟିଏ ପୁରା କଥାଚିତ୍ର 'ସୀତା ବିବାହ' ପ୍ରକାଶ ହୋଇଛି । ଓଡ଼ିଶାରେ ଖୁବ୍ କମ ଲୋକ ମିଳିବେ ଯେ କି ଏ ଚିତ୍ର ଦେଖି ନାହାନ୍ତି । ପ୍ରାୟ ୧୫ ବର୍ଷ ପୂର୍ବରୁ ଏ ଚିତ୍ରଟି ଓଡ଼ିଶାର ବିଖ୍ୟାତ ନାଟ୍ୟକାର ଶ୍ରୀଯୁକ୍ତ ମୋହନ ଗୋସ୍ୱାମୀଙ୍କ ତତ୍ତ୍ୱାବଧାନରେ କଲିକତାରୁ ଏହା ନିର୍ମିତ ହୋଇ ଥିଲା । ଚିତ୍ରଟି ଯଦିଓ ଭଲ ନୁହେଁ ତଥାପି ବର୍ତ୍ତମାନ ଚିତ୍ରଟିର ନିର୍ଦ୍ଦେଶକ କିମ୍ବା କଳାକାର ମାନଙ୍କର ସମାଲୋଚନା କରିବାର ଆବଶ୍ୟକତା ମୋଟେ ନାହିଁ । ଓଡ଼ିଶାର ଅଧିକାଂଶ ସ୍ଥାନରେ ଏହା ସପ୍ତାହ ସପ୍ତାହ ଧରି ପ୍ରଦର୍ଶିତ ହୋଇଛି । ମେଳା, ଯାତ୍ରା ପ୍ରଭୃତି ସମୟରେ ଦିନ ରାତି ଚବିଶ ଘଣ୍ଟା ଧରି ଏ ଚିତ୍ର ପ୍ରଦର୍ଶିତ ହୋଇଛି । ଦୁଇ ଘଣ୍ଟାର ଖେଳ ଠାରୁ ଆରମ୍ଭ କରି ପଚିଶ ମିନିଟ୍‌ର ଖେଳ ମଧ୍ୟ ହୋଇ ସାରିଛି । ଅନେକ ମଫସଲରେ ସିନେମା କହିଲେ 'ସୀତା ବିବାହ' ବୁଝନ୍ତି ଶୁଣିଲେ ପାଠକମାନେ ନିଶ୍ଚୟ ଆଶ୍ଚର୍ଯ୍ୟ ହେବେ ।

ଏହି ଚିତ୍ରଟିର ତିଆରି ପରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ନାମ ଲୋପ ହୋଇଛି । କେଉଁଥି ପାଇଁ ଯେ ଅନ୍ୟ ଚିତ୍ର ପ୍ରକାଶ ପାଇନି କିମ୍ବା କେହି ଚେଷ୍ଟା କରି ନାହାନ୍ତି ତାର ପ୍ରକୃତ କାରଣ ବୁଝା ପଡ଼ୁ ନାହିଁ । ଏହି ଚିତ୍ରଟି ଖରାପ ହୋଇଛି ବୋଲି ଯେ ଅନ୍ୟ ଚିତ୍ର ତିଆରି କରିବାରେ କେହି ସାହାଯ୍ୟ କରି ନାହାନ୍ତି ତାହା ମନେ କରି-ଯାଇ ପାରୁନି । କାରଣ ଓଡ଼ିଶାରେ ଏହି ଚିତ୍ରଟିର କାଟତି ଦେଖି ସହଜରେ ଅନୁମାନ କରାଯାଇ ପାରୁଛି ଯେ ଅର୍ଥଦାତା ତାଙ୍କର ମୂଳ ସୁଧ ସହ ଲାଭ ମଧ୍ୟ ପାଇ ସାରିଛନ୍ତି । ତାଛଡ଼ା ମଧ୍ୟ ଅନ୍ୟ କୌଣସି ଭାଷାରେ ହୋଇଥିବା ପ୍ରଥମ ଚିତ୍ରଟି ଖୁବ୍ ଭଲ ହୋଇ ନାହିଁ । 'ସୀତା ବିବାହ' ଚିତ୍ରଟି ସହିତ ସେଇ ସମୟରେ ବଙ୍ଗଳା ଓ ହିନ୍ଦି ଚିତ୍ରର ତୁଳନା କଲେ 'ସୀତା ବିବାହ' ଅପେକ୍ଷା ଅନେକ ଖରାପ ଚିତ୍ର ବାହାରିବ । ଏଇ ଚିତ୍ର-ଟିର ପ୍ରକାଶ ପରେ ଅନ୍ୟ ଚିତ୍ର ପାଇଁ ନିଶ୍ଚୟ କୌଣସି ବ୍ୟକ୍ତି ସେ ଦିଗରେ ଚେଷ୍ଟା ମଧ୍ୟ କରି ନାହାନ୍ତି । ଚଳଚ୍ଚିତ୍ରଟିଏ ତିଆରି ପାଇଁ ଯେପରି ଏକତା, ସହଯୋଗ ଓ ଧନ ଦରକାର ଓଡ଼ିଶାରେ ତାର ଅଭାବଟାକୁ ମୂଳ କାରଣ କରାଯାଇ ପାରେ ।

ଏଇ ଚିତ୍ରଟି ପରେ 'ଜନ୍ମ ମାଟି' ଓ 'ନବକ' ନାମରେ ଦୁଇଟି ପ୍ରଚାର ବିଭାଗୀୟ ଚିତ୍ର ଗତ ତିନି ଚାରି ବର୍ଷ ପୂର୍ବରୁ ଓଡ଼ିଶାର ବିଖ୍ୟାତ ନାଟ୍ୟକାର କବିଚନ୍ଦ୍ର ଶ୍ରୀଯୁକ୍ତ କାଳୀଚରଣ ପଟ୍ଟନାୟକ ନାଟ୍ୟାଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ପ୍ରକାଶ ପାଇଛି । ଏ ଚିତ୍ର ଦୁଇଟି ଯଦିଓ ଭଲ ହୋଇନି ତଥାପି ନୂଆ ନିର୍ମାତା, ନୂଆ ଅଭିନେତା ଅଭିନେତ୍ରୀ ଓ

Digitized by srujanika@gmail.com

ନୂଆ ଦିଗ୍‌ଦର୍ଶନ ଇତ୍ୟାଦି ଦୃଷ୍ଟିରୁ କୌଣସି ପ୍ରକାରରେ ଏହା ଉପରେ ଦୋଷାରୋପ କରାଯାଇ ନ ପାରେ । ବରଂ ଓଡ଼ିଆ ଚଳଚ୍ଚିତ୍ର ଜଗତ ଯେ ଦିନେ ଖୁବ ଉଚ୍ଚ ସ୍ତରକୁ ଉଠି ପାରିବ ଏଥିରୁ ସୂଚନା ମିଳୁଛି ।

ଏତିକି ମାତ୍ର ମୋଟା ମୋଟି ଚିତ୍ର ଯାହାକି ଓଡ଼ିଆ ଭାଷାରେ ବର୍ତ୍ତମାନ ସୁଦ୍ଧା ପ୍ରସ୍ତୁତ ହୋଇଛି ।

ଗତ କେତେ ବର୍ଷ ଭିତରେ ହଠାତ୍ ଓଡ଼ିଶା ଭିତରେ ଚଳଚ୍ଚିତ୍ର ତିଆରି କରିବା ପାଇଁ ଖୁବ ଝୁଙ୍କ୍ ଦେଖା ଯାଇଛି ବଡ଼ ସୁଖର ବିଷୟ । "ଓଡ଼ିଶା ମୁଭିଟୋନ୍ ଲିମିଟେଡ୍" "ଉତ୍କଳ ଟକିଜ୍" ଓ "ଓଡ଼ିଶା ଥିଏଟାର୍ସ" ପ୍ରଭୃତି ନାମ ଥାଇ କେତେ ଗୁଡ଼ିଏ କମ୍ପାନୀର ଅନେକ ପ୍ରକାରର ବିଜ୍ଞାପନ ଓଡ଼ିଶାର ପତ୍ର ପତ୍ରିକା ମାନଙ୍କରୁ ଆମେ ଜାଣି ପାରୁଛୁ । କିନ୍ତୁ କେହି ଏ ପର୍ଯ୍ୟନ୍ତ ସଫଳ ହୋଇ ପାରି ନାହାନ୍ତି । ସେ କମ୍ପାନୀ ଗୁଡ଼ିକ ଚଳଚ୍ଚିତ୍ର ତିଆରି ଦିଗରେ କେତେ ଦୂର ପ୍ରବୃତ୍ତିରେ ଗତି କରିଛନ୍ତି ତାର ଖବର ମଧ୍ୟ ଜଣା ପଡ଼ୁନି । ଏମାନେ ପ୍ରସ୍ତୁତ ହେବାରେ ଯେତେଦିନ ନିଅନ୍ତୁ ଆମର ଚିନ୍ତା ନାହିଁ କାରଣ ଆମର ଧୈର୍ଯ୍ୟ ଖୁବ ବେଶୀ । ଆମେ ଖୁବ୍ ଅପେକ୍ଷା କରିଛୁ ଓ କରି ପାରିବୁ କିନ୍ତୁ ସୁଫଳ ମିଳିଲେ ହେଲା ।

ଖୁବ୍ ଆନନ୍ଦର ବିଷୟ ଯେ ଓଡ଼ିଶାର ଆଉ ଗୋଟିଏ ଚଳଚ୍ଚିତ୍ର କମ୍ପାନୀ 'ରୂପ ଭାରତୀ ଲିମିଟେଡ଼' ନାମରେ ପ୍ରକାଶ ପାଇଛି । ଏହାର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲାଣି । ଗତ ଅପ୍ରେଲ ମାସ ୧୬ ତାରିଖରେ ପ୍ରଧାନ ମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ହରେକୃଷ୍ଣ ମହତାବଙ୍କର ସଭାପତିତ୍ୱରେ ଏହାର ପ୍ରଥମ ଅବଦାନ "ଶ୍ରୀ ଜଗନ୍ନାଥ" ଚିତ୍ରଟିର ମହରତ୍ ଉତ୍ସବ ପାଳନ କରା ହୋଇଥିଲା । ଚିତ୍ରଟି ଅକ୍‌ଟୋବର ମାସ ମଧ୍ୟରେ ସମ୍ପୂର୍ଣ୍ଣ ହୋଇ ପାରିବ ବୋଲି ଏହାର କର୍ତ୍ତୃପକ୍ଷ ଆଶା ଦେଉଛନ୍ତି । ଓଡ଼ିଶାର ପ୍ରଥମ ଚଳଚ୍ଚିତ୍ର ଅନୁଷ୍ଠାନର ପ୍ରଥମ ଅବଦାନ ରୂପେ ଓ ସମୟ ଅନୁସାରେ "ଶ୍ରୀଜଗନ୍ନାଥ" ବିଷୟଟି ଖୁବ୍ ମନୋପଯୋଗୀ ହୋଇ ଅଛି । ଓଡ଼ିଶାରେ ଷ୍ଟୁଡ଼ିଓ ନଥିବା ହେତୁ ଏ ଚିତ୍ରଟି କଲିକତାରେ ନିର୍ମାଣ କରା ହେଉଛି ।

ଏହି ଉପରୋକ୍ତ କମ୍ପାନୀଟି ତାଙ୍କର ପ୍ରଥମ ଅବଦାନ ସଙ୍ଗେ ସଙ୍ଗେ 'ଓଡ଼ିଶାର ଗୌରବ' ନାମକ ଅନେକ ଗୁଡ଼ିଏ ଛୋଟ ଛୋଟ ସମ୍ବାଦ ଚିତ୍ର ମଧ୍ୟ ପ୍ରକାଶ କରୁଛନ୍ତି । ଏହାର କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଗଲାଣି । ଗତ ଅପ୍ରେଲ ୧୫ ତାରିଖ ଦିନ ଭାରତର ପ୍ରଧାନ ମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହେରୁଙ୍କ ଉପସ୍ଥିତିରେ ଭୁବନେଶ୍ୱରଠାରେ ହୋଇଥିବା ଓଡ଼ିଶାର ନୂତନ ରାଜଧାନୀର ମୂଳଦୁଆ ପ୍ରସ୍ତରର ଫଟୋ ନିଆ ସରିଛି । ଏ ପ୍ରକାର ଚିତ୍ର ଗୁଡ଼ିକ ସାବଧାନ ସହକାରେ ଭଲ ଭାବରେ ପ୍ରକାଶ କରାଗଲେ ଏହା ନିଶ୍ଚୟ ଓଡ଼ିଶା ବାହାରର ଲୋକଙ୍କୁ ଓଡ଼ିଶା ବିଷୟକ ବହୁ ଜ୍ଞାନ ଆଣି ଦେବ ।

ଓଡ଼ିଆ ଚଳଚ୍ଚିତ୍ରର ପ୍ରଥମ ଅନୁଷ୍ଠାନ ହିସାବରେ 'ରୂପ ଭାରତୀ'ର କର୍ତ୍ତୃପକ୍ଷ ନିଶ୍ଚୟ ପ୍ରତ୍ୟେକ ଓଡ଼ିଆଙ୍କର ଶୁଭେଚ୍ଛା ଓ ଧନ୍ୟବାଦର ପାତ୍ର ଅଟନ୍ତି ।

ଆମେ ଏହାର ସଫଳତା ଓ ଦୀର୍ଘ ଜୀବନ ଆଶା କରୁ ।

—✝—

(କାହାଣୀର ୫ ପୃଷ୍ଠା ଉତ୍ତାରୁ)

'ପନ୍ଦରଗଜ କଣ କରିବ ?'

ମଳୟ ନମସ୍କାର ଟିଏ ପକାଇ ପାହାଚ ତଳକୁ ଓହ୍ଲାଇ ଆସିଲା । ଏ ଶ୍ୟାମଳ ଆଗର ଶ୍ୟାମଳ ନୁହେଁ, ଲକ୍ଷପତି ଶ୍ୟାମଳ ଦାସ ।

ଆଉ ଗୋଟାଏ ଲୁଗା ଦୋକାନକୁ ଉଠିଲା ମଳୟ ।

'ଶାଢ଼ୀ ଅଛି ?'

'ହଁ, ଅଛି ବାବୁ, ଶାଢ଼ୀ ମିଳେଗା, ହରେକ କିସମର,—'

'ଦେଖ—'

'ଏଇ ନିଅ—ଗୋଟା ଛ'ଟଙ୍କା—'

'ଉପରେ ଲେଖାଯାଇଚି ଯୋଡା ଛ'ଟଙ୍କା ଆଠଣା—'

'କଣ୍ଟ୍ରୋଲ ନାହିଁ ବାବୁ, ନବ ଯଦି ନିଅ—'

ମଳୟ ତଳକୁ ଓହ୍ଲାଇ ଆସି ଉପରକୁ ଅନାଇଲା ।

ନାଲି ଓ ନେଳୀ ବିଜୁଳି ଆଲୁଅରେ ଏନାମେଲ୍ ସାଇନ୍ ବୋର୍ଡ—ଇଂରାଜୀ, ଦେବନାଗରୀରେ ଲେଖାଯାଇଚି "ସେଠ୍ ବିଶ୍ୱନ୍ ଦୟାଲ—' ମଳୟ ଚା । ଉପରକୁ ଚାହିଁଲା ଦୁଇ ମହଲା, ତିନି ମହଲା, ଅଦ୍ଭୁତ ଉପରକୁ ଅନାଇଲା—କୋଠା ଯେମିତି ବଢି ଯାଇଚି, ଆଉ ବଢୁଛି ଖୁବ୍ ଜୋରରେ ଆକାଶ ଉପରକୁ । ଏ ବଢିବାର ଶେଷ ନାହିଁ । ନୟନାର ଯୌବନ, ରକ୍ତ, ମାଂସ, ମଣିଷର ଝାଳ, ଲହୁ, ଲୁହ ନେଇ ଦିନକୁ ଦିନ ବଢି ଚାଲିଚି । ମଳୟର ଆଖି ଫେରି ଆସିଲା ଦୋକାନ ଭିତରକୁ—ସେଠ ବିଶୁନ୍ ଦୟାଲଙ୍କର ପୃଥୁଳ ଶରୀର ଉପରକୁ । ସେଠ ବିଶୁନ୍ ଦୟାଲ୍ ହୁକାଠାରୁ ଖୁବ୍ ଜୋରରେ ଟାଣୁଚନ୍ତି । ଇଲେକ୍‌ଟ୍ରିକ୍ ଫ୍ୟାନ୍ ଘୂରି ଚାଲିଚି, ବିଦ୍ୟୁତ ଆଲୋକ ପଡ଼ିଚି ଉଜ୍ଜ୍ୱଳ ଭାବରେ ।

ମଳୟ ଫେରିଲା ସେଇ ବସ୍ତିର ଡିଟ୍‌ଦିଅ ରାସ୍ତାଉଟରକୁ ।

କଳା କିରୋସିନ୍ ଆଲୋକ ଆସି ପଡ଼ିଚି ନୟନାର ଶୀର୍ଣ୍ଣ ପାଂଶୁଳ ଦେହ ଉପରେ । ପାଖରେ ପଡ଼ିଚି ଛୁଞ୍ଚି, ସୂତା, ଚିରା କାମିଜ, ଲମ୍ବା ଶାଢ଼ୀ ଖାଲି ଚିରା ଓ ପୁରୁଣା ।

ଅବସାଦରେ ଆଖି ତା'ର ବନ୍ଦ ହୋଇ ଯାଇଚି । ନୟନାର ମଇଳା ଛିଣ୍ଡା ଲୁଗା ଉପରେ ଲଣ୍ଠନର ନିଷ୍ପ୍ରଭ ଆଲୋକ ତେର୍ଛା ଭାବରେ ପଡ଼ିଚି । ମୁହଁ ଉପରେ ଅସଲ ବାର୍ଦ୍ଧକ୍ୟର ଛାୟା, ମୁହଁର ହନୁ, ଆଖି ତଳର ଗଭୀର କଳା ଛାୟା ଅସ୍ପଷ୍ଟ ଆଲୋକରେ ସ୍ପଷ୍ଟ ରୂପେ ବାରି ହୋଇ ଯାଉଚି । ନୟନାର ଏଇ ଦେହ ଭିତରେ କାହିଁ ସେଇ ଯୌବନ ଯାହାକୁ ବାହାର ଦୁନିଆର ସଭ୍ୟ, ଶିକ୍ଷିତ ଆଖି ଗୃହେଁ ? ?

ଅବସାଦରେ ମଳୟର ଆଖିବି ବନ୍ଦ ହୋଇ ଆସୁଥିଲା ।

ହଠାତ୍ ଉଠିଲା ନୟନା ।

ମଳୟ ତା ଆଗରେ ନିସହାୟ ଭାବରେ ସେମିତି ଠିଆ ହୋଇ ରହିଲା ।

—*—

Digitized by srujanika@gmail.com

# ଗାନ୍ଧୀ ଚିନ୍ତର ଧାରା

## ଚର୍ଖାର ସଂଗୀତ

ଭାରତର ଏକ ଅତି ପୁରାତନ ଯନ୍ତ୍ରର ମଧୁମୟ ସଂଗୀତ ପୁଣି ଥରେ ସମାଜର ଚତୁର୍ଦ୍ଦିଗରେ ଗୁଞ୍ଜିତ ହେବାକୁ ଲାଗିଲାଣି—ଧୀରେ କିନ୍ତୁ ନିଶ୍ଚିତ ଭାବରେ । ପଣ୍ଡିତ ମାଳବ୍ୟଙ୍କ ଭଳି ବ୍ୟକ୍ତି କହୁଥିଲେ ଯେତେବେଳେଯାଏ ରାଣୀ ମହାରାଣୀ ମାନେ ସମଗ୍ର ଜାତି ପାଇଁ ସୂତା କାଟି ନଯୋଗାଇଛନ୍ତି-ରାଣୀ ଏବଂ ମହାରାଣୀମାନେ ଜାତିର ବସ୍ତ୍ର ନିର୍ମାଣ କରିବା ପାଇଁ ତନ୍ତ ଆଗରେ ନ ବସିଛନ୍ତି ସେତେବେଳ ପର୍ଯ୍ୟନ୍ତ ତାଙ୍କର ସନ୍ତୋଷ ନାହିଁ । ଆଉରଙ୍ଗଜେବଙ୍କ ଆଦର୍ଶ ତାଙ୍କ ଆଗରେ ଥିଲା । ଆଉରଙ୍ଗଜେବ୍ ନିଜର ଟୋପି ନିଜେ ତିଆରି କରୁଥିଲେ । ତାଙ୍କଠାରୁ ବଳି ଆଉ ଜଣେ ସମ୍ରାଟ ନିଜେ ଜଣେ ତନ୍ତୀ ଥିଲେ ଏବଂ ତାଙ୍କର ସେହି କଳାକୁ ସେ କାବ୍ୟର ଲାଳିତ୍ୟ ଦେହରେ ଅମର କରି ଯାଇଛନ୍ତି—ସେ ହେଉଛନ୍ତି କବୀର । ୟୁରୋପର ରାଣୀମାନେ—ଯେତେବେଳେ ୟୁରୋପ ସଇତାନର ପାଲରେ ପଡି ନଥିଲା ସେତେବେଳେ ସୂତା କାଟୁଥିଲେ ଏବଂ ସୂତା କଟାକୁ ଗୋଟାଏ ଉଦାର ପ୍ରେରଣା ମନେକରୁଥିଲେ । ଇଂରାଜୀର ଦୁଇଟି ଶବ୍ଦ ସ୍ପିନଷ୍ଟର ଓ ୱାଇଫ୍—(କୁମାରୀ ଓ ସ୍ତ୍ରୀ) ସ୍ପିନିଂ ଓ ଉଇଭିଂ ବା ସୂତାକଟା ଓ ଲୁଗାବୁଣା ପୁରାତନ କଳାର ସମ୍ମାନକୁ ସୁପ୍ରମାଣିତ କରେ । ସ୍ପିନିଂ [ସୂତାକଟା]ରୁ ସ୍ପିନଷ୍ଟର୍ (କୁମାରୀ) ଓ ଉଇଭିଂ (ଲୁଗାବୁଣା)-ରୁ ୱାଇଫ (ସ୍ତ୍ରୀ) ଶବ୍ଦ ସମ୍ଭୂତ । ଇଂରାଜୀରେ ପ୍ରବାଦ ଅଛି—**When Adam delved & Eve span, who was then a gentle man**

କର୍ଷଣ ଯେବେ କରିଲା ଆଦିମ ନର
କାର୍ପାସୁଁ ସୂତା କାଟିଲା ନାରୀର ହାତ,
କିଏ ଥିଲା ତେବେ ଭଦ୍ର ଉପାଧିଧର
କିଏ ଥିଲା ବଡ଼ କିଏ ଥିଲା ଅଭିଜାତ ?

ମଧ୍ୟ ଆମକୁ ସେଇ କଥା ମନେ କରାଇଦିଏ । ଭାରତର ରାଜନ୍ୟମଣ୍ଡଳୀକୁ ପଣ୍ଡିତଜୀ ଆମ ଦେଶର ଏ ପୁରାତନ ପ୍ରେରଣାରେ ଉଦ୍‌ବୁଦ୍ଧ କରିବାର ଆଶା ରଖନ୍ତୁ । ଏ ଦେଶର ଉନ୍ନତି ଓ ପ୍ରକୃତ ସ୍ୱରାଜ ଚରଖାଝଙ୍କାର ମଧ୍ୟରେ ନାହିଁ । ଭାରତର ଘରେ ଘରେ ଚର୍ଖାର ମଧୁର ଗୁଞ୍ଜନ ପୁଣି ଝଙ୍କୃତ ହୋଇଉଠୁ—ସେଥିରେ ହିଁ ତାର ଉନ୍ନତି ଏବଂ ପ୍ରକୃତ ସ୍ୱାଧୀନତା ରହିଛି । ହାରମୋନିୟମ୍, କନସର୍ଟିନା ବା ଅକଡ଼ିଅନ ଆଦି ବାଦ୍ୟ ଯନ୍ତ୍ରର ବେଙ୍ଗ୍ ରାଗଠାରୁ ଚରଖା ବହୁଗୁଣରେ ସୁନ୍ଦର ଲଳିତ ସଙ୍ଗୀତ ସୃଷ୍ଟି କରେ ।

ପଣ୍ଡିତଜୀ ତାଙ୍କର ଅନନୁ-କରଣୀୟ ଦାକ୍ଷିଣ୍ୟ ସହକାରେ ଭାରତର ସମ୍ଭ୍ରାନ୍ତ ସଜ୍ଜନମାନଙ୍କୁ ଚର୍ଖା ଚାଳନା କରିବା ପାଇଁ ପ୍ରବର୍ତ୍ତାଉଥିବା ବେଳେ ସେଇ ସମ୍ଭ୍ରାନ୍ତ ବଂଶର ଜଣେ ସଦସ୍ୟା ଶ୍ରୀମତୀ ସରଳାଦେବୀ ଚୌଧୁରାଣୀ ନିଜେ ସେଇ କଳା ଶିକ୍ଷାକରି ସେ ଆନ୍ଦୋଳନରେ ନିଜର ଦେହ ମନକୁ ନିୟୋଜିତ କରି ଦେଇ ପାରିଲେଣି । ତାଙ୍କଠାରୁ ଓ ଅନ୍ୟାନ୍ୟଙ୍କଠାରୁ ଯେପରି ଶୁଣାଯାଏ ସ୍ୱଦେଶୀ ତାଙ୍କର ଏକ ଆବେଶ ତୁଲ୍ୟ ହୋଇ ରହିଲାଣି । ତାଙ୍କ କହିବାନୁସାରେ ତାଙ୍କୁ ମସଲିନ ଶାଢୀ ପିନ୍ଧିବାକୁ ବି ଅଶ୍ୱସ୍ତି ଲାଗୁଛି ଏବଂ ଖଦ୍ଦିକିନରେ ମଧ୍ୟ ଖଦଡ ପିନ୍ଧି ସେ ସନ୍ତୋଷ ପାଉଛନ୍ତି । ତାଙ୍କର ଜିହ୍ୱା ଯେତେ ସ୍ୱଦେଶୀ ପ୍ରଚାର ନ କରୁଛି ତାଙ୍କର ଖଦଡ ଶାଢ଼ୀ ଦ୍ୱାରା ତତୋଧିକ ପ୍ରଚାର ହୋଇ ପାରୁଛି । ସେ ଅମୃତ ସରରେ ଲୁଧିଆନା ଏବଂ ଅନ୍ୟତ୍ର ଲୋକମାନଙ୍କୁ ସ୍ୱଦେଶୀ ସମ୍ବନ୍ଧରେ କହିଛନ୍ତି । ଅମୃତସରରେ ତାଙ୍କର ଚର୍ଖା ସମିତିରେ ଶ୍ରୀମତୀ ରତନ ଚନ୍ଦ ଶ୍ରୀମତୀ ବୁଗା ଚୌଧୁରୀ ଏବଂ ବିଖ୍ୟାତା ରତନ ଦେବୀଙ୍କୁ ସଭ୍ୟା କରି ପାରିଛନ୍ତି । ଯେଉଁ ରତନ ଦେବୀ, ୩୦ ଅପ୍ରେଲର ସେଇ ଭୀଷଣ ରାତିରେ ଜେନେରେଲ ଡାୟରଙ୍କ ସାନ୍ଧ୍ୟ ଆଇନ ବା **Curfew order** କୁ ଅମାନ୍ୟ କରି ଶହ ଶହ ମୃତ ଏବଂ ମୁମୂର୍ଷୁ ନର ନାରୀଙ୍କ ମଧ୍ୟରେ ନିଜର ମୃତ ସ୍ୱାମୀର ମଥାକୁ କୋଳରେ ଧରି ଏକାକୀ ବସି ରହିଥିଲେ—ଏ ସେଇ—ରତନ ଦେବୀ । ଏହି ମହିଳାମାନଙ୍କୁ ମୁଁ ମୋର ବଧାଇ ଜଣାଇବାକୁ ଉତ୍ସାହିତ ହୋଇଛି । ସେମାନେ ଏଇ ଚର୍ଖା ଚକର ମଧୁର ସଙ୍ଗୀତରେ ସାନ୍ତ୍ୱନା ପାଆନ୍ତୁ—ଏବଂ ସେମାନେ ଯେ ତଦ୍ୱାରା ଏକ ଜାତୀୟ କାର୍ଯ୍ୟ କରୁଛନ୍ତି ଏ ଚିନ୍ତା ସେମାନଙ୍କୁ ଶାନ୍ତି ଦେଉ । ମୋର ଆଶା ଅମୃତ ସହରର ଅନ୍ୟାନ୍ୟ ମହିଳାମାନେ ସରଳା ଦେବୀଙ୍କୁ ସାହାଯ୍ୟ କରିବେ ଏବଂ ସେଠାରେ ପୁରୁଷମାନେ ସେମାନଙ୍କର କର୍ତ୍ତବ୍ୟ ପ୍ରତି ସାବହିତ ରହିବେ ।

ପାଠକ ମାନେ ଅବଗତ ଅଛନ୍ତି ଯେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଘରେ ଗୃହିଣୀ ମାନେ ସୂତାକାଟି ଆରମ୍ଭ କଲେଣି । ଡାକ୍ତର ଶ୍ରୀମତୀ ମାବେକାବାଇ ଭାଦ୍ର ମଧ୍ୟ ସେମାନଙ୍କ ଭିତରେ । ସେ ନିଜେ ସୂତା କାଟିବା ଶିକ୍ଷା କରି ସେବା ସଦନରେ ପ୍ରଚଳନ କରିବାକୁ ଯତ୍ନପର । ଜାଞ୍ଜିରାର ବେଗମ ସାହେବା ଏବଂ ଜେମା ଶ୍ରୀମତୀ ଅତିଆ ବେଗମ୍ ରେହମନ ଏ କଳା ଶିକ୍ଷା ପାଇଁ ଚେଷ୍ଟା କରୁଛନ୍ତି । ମୋର ବିଶ୍ୱାସ ଏଇ ଭଦ୍ରା ମହିଳାମାନେ ସୂତାକାଟି ଶିଖି ତାଙ୍କର ଦୈନନ୍ଦିନ ସୂତାକୁ ଜାତି ପାଇଁ ଧର୍ମାନୁଷ୍ଠାନ କିମ୍ବା ସଦ୍‌ଗୁଣ ଦାନ କରିବେ ।

ମୁଁ ଜାଣେ ଅନେକ ବନ୍ଧୁ ଚର୍ଖାର ଏଇ ପୁନରାବୃତ୍ତିକୁ ହସୁଛନ୍ତି । ସେମାନେ ମୋତେ ସ୍ମରଣ ଓ ସାବଧାନ କରାଇ ଦେବାକୁ ଚାହାନ୍ତି ଯେ ଆଜିର ଏ ମିଲ୍ ଯୁଗରେ—ସିଲାଇ କଳ ଟାଇପରାଇଟର ଯୁଗରେ ଏଇ ଅସଭ୍ୟ ଅସଂସ୍କୃତ ଚର୍ଖାର ପ୍ରଚଳନରେ କୃତକାର୍ଯ୍ୟ ହେବାର ଆଶା ରଖିବା କେବଳ ଏକ ପାଗଳ ପକ୍ଷରେହିଁ ସମ୍ଭବ । ଏଇ ବନ୍ଧୁମାନେ ଭୁଲି ଯାଆନ୍ତି ଯେ ଛୁଞ୍ଚି ତାର ନିଜ ସ୍ଥାନରେ ସିଲାଇ କଳକୁ ଅଧିକ୍ଷିତ କରାଇ ନାହିଁ । କିମ୍ବା ଟାଇପରାଇଟର ସତ୍ତ୍ୱେ ହାତ ତାର କୌଶଳକୁ ହରାଇ ଦେଇ ନାହିଁ । ହୋଟେଲ ଥିବା ସତ୍ତ୍ୱେ—ଘରେ ରୋଷେଇ ଶାଳା ଅଛି । ମିଲ୍ ସତ୍ତ୍ୱେ ଚରଖା ଯେ କାହିଁକି ନ ରହିବ ତାର କୌଣସି କାରଣ ନାହିଁ । ପ୍ରକୃତରେ ଦେଖିବାକୁ ଗଲେ ଟାଇପରାଇଟର ବା ସିଲାଇକଳ ଖୋଲିଯିବ କିନ୍ତୁ ଛୁଞ୍ଚି ବା ପରକଲମ ଲୁଅଢ଼େ ଯିବ ନାହିଁ । ମିଲର ଧ୍ୱଂସ ସମ୍ଭବ । କିନ୍ତୁ ଚର୍ଖା ଏକ ଜାତୀୟ ଆବଶ୍ୟକତା । ସନ୍ଦିଗ୍ଧ-ଚେତାମାନଙ୍କୁ ମୁଁ କହୁଛି—ଯେଉଁ ଘରେ ଆଜି ପୁଣି ଚର୍ଖା ଲୋକଙ୍କ ପରିମିତ ଆୟକୁ ବୃଦ୍ଧି କରି ବସିଲାଣି ସେଇ ଘରର ବାସିନ୍ଦାକୁ ଯାଇଁ ପଚାରନ୍ତୁ ଚର୍ଖା ତାଙ୍କ ଘରକୁ ଆନନ୍ଦ ଫେରାଇ ଆଣି ପାରିଛି କି ନାହିଁ ।

( ପର ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ହଜା ଖୋଜା ବିଭାଗ

ସଂପାଦକ ମହାଶୟ—ଇଂ ରେଜ ସଂବାଦପତ୍ର ମାନଙ୍କର lost & found ବୋଲି ଗୋଟିଏ ବିଜ୍ଞପ୍ତି ବିଭାଗ ଥାଏ। ଓଡ଼ିଆରେ କହିବା କ୍ୱଚିତ୍ ସଂବାଦ ସୂତ୍ରରେ ତାହା ପ୍ରକାଶ ପାଇଥାଏ। କିନ୍ତୁ ଓଡ଼ିଶାର ଅଗ୍ରଗନ୍ତି ପେପର ଅଗ୍ରେ ଧାବନ୍ତି ଧାବନ୍ତି ସେଥିରେ ସମ୍ବାଦପତ୍ରମାନେ ଏ ଦିଗରେ ଦୃଷ୍ଟି କ୍ଷେପ ନ କଲେ ଅନ୍ୟାୟ ହେବ। ମୋର ଆଶା ଓ ବିଶ୍ୱାସ ଆପଣ ମୋ ଜୀବନର ଗୋଟିଏ ବିଶେଷ ଘଟଣା ଶୁଣିଲେ ଆପଣଙ୍କ ଡ଼ଗରରେ ଜିଷ୍ଟୟ ଏହି lost & found ବା ହଜା ଖୋ'ଜା ବିଭାଗଟି ଖୋଲିବେ--ଅବଶ୍ୟ ଏହାପରେ matrimonial ବା ଘଟସୂତ୍ର ବିଭାଗ ଖୋଲିବା ଦରକାର ହେବ। ମାତ୍ର ତତ୍ ପୂର୍ବରୁ ହଜା ଖୋଜା ବିଭାଗ ଦରକାର।

## ମଜାକଥା

ଦିନକର ଘଟଣା। ତାପୂର୍ବରୁ ମୋ ପରିଚୟଟା ଦିଏଁ। ମୁଁ ବି. ଏ. ପାସ୍ କରି ସେକ୍ରେଟେରିଏଟ କିରାଣିଗିରି ପାଇଁ ଉମେଦାର ଥିଲାରୁ ଛଅ ବର୍ଷ ହେଲା—Waiting list ବା ଅପେକ୍ଷାକର ତାଲିକାରେ ମୋ ନାମ ରହିଛି। ଗୃହକର୍ତ୍ରୀ ପାଇଁ ମୁଁ ଯେତେ ବ୍ୟାକୁଳ ନୁହେଁ ବିବାହ ପାଇଁ ମୋର ଅନୁଲତା ତୃକଶପ୍ରେମୀ କରିଛି। ବିବାହଟାକୁ ଘଟସୂତ୍ର ବିଭାଗ ଧରିଲେ—ଗୃହକର୍ତ୍ରୀଟାକୁ ଆପଣ ହଜା ଖୋଜା ବିଭାଗ ମଧ୍ୟ ଧରି ପାରନ୍ତି—କାରଣ ଏଟା ବିବାହର ଅଗ୍ରଦୂତ।

ମଝିରେ ମଝିରେ ଧାର କରି ସିନେମା ଯାଏ। ଉଦ୍ଦେଶ୍ୟ ସିନେମା ଦେଖା ନୁହେଁ ସିନେମା ଯେଉଁମାନେ ଦେଖନ୍ତି ତାଙ୍କୁଇ ଦେଖା। ତାଙ୍କ ଭିତରେ କେବଳ ଲଳିତ ଲିଙ୍ଗ (fair sex)ର ଶ୍ରେଣୀହିଁ ଲକ୍ଷ୍ୟସ୍ଥଳୀ ବୋଲି ଫିଟାଇ କହିବାକୁ ହେବନାହିଁ। ଅବଶ୍ୟ ସମୟ ସମୟରେ ପେଟା ମାରୁଆଡ଼ି ଓ ମାରୁଆଡ଼ିଙ୍କ ପୋଷା ମନ୍ତ୍ରୀ, ଏମ୍, ଏଲ, ଏ, ସଂପାଦକ ମାନେ ନୂଆ ନୂଆ ଫଟିଏଇଟ ମଡେଲ ଗାଡ଼ି ଚଢ଼ି ଆସିଲା ବେଳେ ଆଖିଟା ହଠାତ୍ ପଡ଼େ। ମାତ୍ର ସେମାନେ ଯେ ଲଳିତ ଲିଙ୍ଗର ଜନ୍ତୁ ନୁହନ୍ତି ଏହାର ପ୍ରମାଣ ହାଜରୀ ସାହେବ ସହଜରେ ଦେଇ ପାରିବେ। ଶୁଣା-



ଯାଏ ସେ ବଡପରୀକ୍ଷା ନିପୁଣ—ସେଥିପାଇଁ ସ୍ୱାସ୍ଥ୍ୟ ବିଭାଗର ବଡ଼ କର୍ତ୍ତା ହୋଇଥିବେ।

ଦିନେ ସିନେମା ଦେଖି ଯିବାବେଳେ ବସ୍ ରୁ ଉଠୁଛି—ମୋ ପୂର୍ବରୁ ଜଣେ ଲଳିତ ଲିଙ୍ଗର ମନୁଷ୍ୟାବକ ଉଠୁ ଉଠୁ ପଡିଯିବା ବେଳେ ମୁଁ ଧରିନେଲି ପଛରୁ ଥାଇ। କଣ୍ଡକ୍ଟର ପଇସା ମାଗିଲା ବେଳେ ସେ ଭ୍ୟାନିଟି ବ୍ୟାଗଟା କୁ ବୃଥା ଅଣ୍ଡାଳ ହେବା ବେଳେ ମୁଁ ମୋର ଉଧାର କରି ପଇସାରୁ ଛଅ ଅଣା କାଢ଼ି ଦେଲି—ଯାହାର ମୂଲ୍ୟ ଗୋଟିଏ ଥେଙ୍କଇଉ ବା ଧନ୍ୟବାଦ।

ସିନେମା ହଲ ଆସିବା ପୂର୍ବରୁ ମୁଁ କହିଲି—ଆପଣ ପଡ଼ଯାଉଥିବା ବେଳେ ବ୍ୟାଗ ମୁହଁଟା ଖୋଲିଯାଇ ନୋଟ ଖଣ୍ଡ ପଡ଼ିଗଲା ବୋଧହୁଏ ? ସେ ଉତ୍ତର ଦେଲେ—'ବୋଧହୁଏ।'

## ମାଙ୍କଡ଼ ହାତରେ

ମୁଁ ପୁଣି କହିଲି—ସମ୍ଭବତଃ ସେ ନୋଟ ଖଣ୍ଡ ଉଡ଼ିଯାଇ ମୋ ପକେଟରେ ରହି ଯାଇଛି—କାରଣ ମୁଁ ପଛରେ ଥିଲି—ଓ ଏବେ ଦେଖୁଛି ପାଞ୍ଚ ଟଙ୍କାର ନୋଟ ଟାଏ ମୋ ପାଖରେ ବଳକା।

"ଅସମ୍ଭବ ନୁହେଁ" ସେ ଉତ୍ତର କଲେ।

ସିନେମା ପାଖରେ ମୁଁ ଓହ୍ଲାଇଲି। ସେ ମଧ। ମୁଁ ପଚାରିଲି ଆପଣଙ୍କ ପାଇଁ ଟିକଟ ଆଣିବି ?

'ଆଣି ପାରନ୍ତି'—ତାଙ୍କର ଉତ୍ତର।

ସିନେମା ଦେଖିଲି, ସତ କଥା କହିବାକୁ ଗଲେ ମୁଁ ତାଙ୍କ ଭିତରେ ସିନେମାର ରୂପେଲି ପର୍ଦ୍ଦା ଖୋଜି ପାଇଥିଲି ଓ ସେ ମୋ ଭିତରେ।

ସିନେମା ଦେଖିସାରି ବାହାରକୁ ଯାଇ ପଚାରିଲି—ଆପଣଙ୍କୁ ଘରେ ଛାଡ଼ିଦେଇ ଆସିବି ?

'ନାହିଁ—ଧନ୍ୟବାଦ।'

ସେତିକି ବେଳେ ବସ ଆସିଲା। ସେ ବସରେ ଉଠି ଚାଲିଗଲେ। ମାତ୍ର ଯିବାବେଳେ ତାଙ୍କର ଗୋଟିଏ ଗୋଡରୁ ଯୋତା ଖସି ପଡିଲା। ସେ ଯୋତା ଯୋଡ଼ା ରଖି କହିଲେ—ମୁଁ ଶୁଣିଲି ମାତ୍ର କଣ୍ଡକ୍ଟର ବସ୍ ଅଟକାଇଲେ ଜିଙ୍ଗର ଲଳିତ ଶବ୍ଦରେ ତଥାପି ନ ଯାଇ ସରଳ ଚାଲିଲି— ଜୋରରେ।

ଭଦ୍ର ମହିଳା ବା ଭଦ୍ର ବାଳିକାଙ୍କ ଠିକଣା ନ ଜାଣି ମୁଁ ବଡ଼ ଦୁଃଖିତ ଓ ବ୍ୟଥିତରେ ଥାଏଁ। ଦିନେ ମନକୁ ଗୋଟିଏ ଜଣ ଆସିଲା ହେଜାଣି—ଗୋଟିଏ ଇଂରାଜୀ ଖବର କାଗଜର ହଜା ଖୋଜା ବିଭାଗରେ ଲେଖି-ଦେଲି—'ସ୍ତ୍ରୀ ହଜିଯାଇଛନ୍ତି।'

ଗଣ୍ଡସ୍ତ ଗଣ୍ଡ ବାନ୍ଧି ବାପ ଘରକୁ ଯିବା ବାଟରେ ହଜି ଯାଇଥିବାରୁ ତାଙ୍କର କୌଣସି ସନ୍ଧାନ ସେ ରଖିନାହାନ୍ତି। କେବଳ ମଟରରୁ ଓହ୍ଲାଇବା ବେଳେ ତାଙ୍କର ପୁରୁଣା ଯୋତାରୁ ପଟେ ଖସି ପଡିଛି। ଯେଉଁ ନାରୀର ପାଦକୁ ଏ ଯୋତା ହେବ, ସେଇ ମୋର ସ୍ତ୍ରୀ—ମୋର ଘର ଏତେ ନମ୍ବର ଅମୁକ ଗଳିରେ ଅନୁସନ୍ଧାନ କରନ୍ତୁ। ୫୦୦ ଟଙ୍କା ପୁରସ୍କାର। ଇତି।

—ବୃନ୍ଦାବନ

ଠିକ୍ ସେଇଦିନ ଆଉ ଗୋଟିଏ ବିଜ୍ଞାପନ ଦେଖିଲି—'ଯୋତା ମିଳିଛି'।

କୌଣସି ଭଦ୍ର ମହିଳାଙ୍କର ଗୋଟିଏ ଗୋଡର ଯୋତା ମିଳିଛି। ସେ ଯଦି ତାଙ୍କ ଗୋଡର ଅନ୍ୟ ଯୋତା ପଟକ କାହା ହାତରେ ପଠାଇ ଦିଅନ୍ତି ତେବେ ଅନ୍ୟ ପଟକ ତେଉସହ ମିଶାଇ ଫେରାଇ ଦେବାକୁ ବାଧ୍ୟ ରହିଲି। ଇତି।

—ଲକ୍ଷ୍ମୀଦେବୀ।

ବିଜ୍ଞାପନ ପଢି ସଙ୍ଗେ ସଙ୍ଗେ ମୁଁ ସେହି ଠିକଣାରେ ପତ୍ର ଲେଖିଲି—

ଲେଖକ—ଅନାମ

ପ୍ରିୟ ବାନ୍ଧବୀ (ବନ୍ଧୁର ଜଣି )

ମୋ ସ୍ତ୍ରୀଙ୍କର ଯୋତା ପଟେ ହଜିଛି ଦୟା କରି ପଠାଇ ଦେଲେ ବାଧିତ ହେବି—ଇତି।

—ବୃନ୍ଦାବନ

ତହିଁ ଆର ଦିନ ମୁଁ ପତ୍ର ଖଣ୍ଡେ ଲେଖି ପାଇଲି—

ପ୍ରିୟ ବନ୍ଧୁ, ଆପଣଙ୍କ ସ୍ତ୍ରୀଙ୍କ ଥିବା ଯୋତା ପଟକ ଦୟାକରି ଆଣି ଆପଣଙ୍କୁ ଅନ୍ୟ ଯୋତା ଦିଆଯିବ।

—ଲକ୍ଷ୍ମୀଦେବୀ।

Digitized by srujanika@gmail.com

ଓଡ଼ିଶାର ସର୍ବୋଦୟ ସମାଜ ନିକଟରେ ମହତାବଙ୍କ ଟେଲେଗ୍ରାମ ଅନୁମତି ପତ୍ର ଦ୍ୱାରା ଜଣାଇ ଦେବେ ଯେ ଓଡ଼ିଶାରେ ଯେଉଁମାନେ ବେଲାଗୋଟିଏ ମାଡ଼ୁଆରିଙ୍କ ଠାରୁ ବାର୍ଷିକ ଟଙ୍କା ଆଦାୟ କରି ନ ପାରିବେ ସେମାନେ ଜୋର ଜବରଦସ୍ତି କରି ଲୁଗା ଦୋକାନକୁ ନିଜ ଲୁଗା ହସ୍ତାନ୍ତରିତ ନ କରିବା ଯାଏ ସର୍ବୋଦୟ ନାମକୁ ବ୍ୟବହାର କରି କୌଣସି ଅନୁଷ୍ଠାନ ଗଢି ପାରିବେ ନାହିଁ କିମ୍ବା ତାର ସଭ୍ୟ ହୋଇ ପାରିବେ ନାହିଁ ।

+ × +

କଟକ ବିହାରବାଗ ସନ୍ନିକଟ ବି: ପି: [ B. P. ] ଅସୋସିଏସନ ନାମକ ଏକ ନବ ସଂଘ ଗଠିତ ହୋଇଛି । ଏହାର ଇଂରାଜୀ ଅର୍ଥ ବଟାପେଲ୍ସ ସଂଘ । ଯିଏ ଉପରେ ରହିବେ ତାଙ୍କୁ ବଟରେ ତେଲ ଦେଇ ବଳଦାକୁ ପେଲ ଦେବା ବ୍ୟକ୍ତି ଏଥିରେ ସଭ୍ୟ ହୋଇ ପାରିବେ । ଯେଉଁମାନେ ଏହାର ସଭ୍ୟ ହେବେ ସେମାନେ ପ୍ରଧାନ ମନ୍ତ୍ରୀଙ୍କ ଘଣ୍ଟ ତଳେ ରହିବେ । ଯେଉଁମାନେ ଏଥିରୁ ଅକ୍ଷମ—ସେମାନେ ନିତ୍ୟ ମଦନ ବାବୁଙ୍କ ଆନନ୍ଦ ମୋଦକ ଖାଇବାର ସ୍ଥିର ହୋଇଛି ।

+ + ×

ବାଲେଶ୍ୱରର କଲେକ୍ଟରମାନଙ୍କ କଲେକ୍ଟରଣୀମାନେ ଲୁଗା ଦୋକାନ ମାନ ସ୍ୱାମୀ ତରଫ ପରି ଦର୍ଶନ କରି ପାରିବେ ଓ ୫୨ ଯୋଡ଼ ବା ୮୪ ଖଣ୍ଡ ଭିତରୁ ଯେଉଁ ସଂଖ୍ୟା ଅଳ୍ପ ହେବ ସେ ସଂଖ୍ୟକ ଲୁଗା ବା ଶାଢୀ ବିନା ଦରରେ ଆଣି ପାରିବେ ବୋଲି ସରକାରୀ ଆଦେଶ ଶୀଘ୍ର ଜାରି ହେବ । ବା ହୋଇଥିବ ଏବଂ ଏ ଆଇନ ଖିଲାପ କୌଣସି ସଭା ସମିତି ହେଲେ ତାହାକୁ ଲାଇସେନ୍‌ସ ମିଳି ପାରିବ ନାହିଁ ।

+ × +



ଶ୍ରୀଯୁକ୍ତ ବୈଦ୍ୟନାଥ ଦାସ ହେତୁ ଜମିରେ ପ୍ରଜାଙ୍କ ହକ, ଗିଣ୍ଡୁ, କାଠ ଆଦି ଆଇନ କରିଥିବାରୁ ବର୍ତ୍ତମାନ ସରକାର ସେ ଆଇନକୁ ବେଆଇନ ଦୃଷ୍ଟିରେ ଦେଖି ବେଆଇନ ଅମାନ୍ୟକାରୀ ଜମିଦାର ମାନଙ୍କୁ ପୁଲିସ ସାହାଯ୍ୟ ଦେବା ବିଧି ଘୋଷିତ ହେବା ନ୍ୟାୟ ସଂଗତ ବୋଲି ଗଞ୍ଜାମରେ ଜନମତ । ଏବଂ ପୋଲିସ ଏ ସଂକ୍ରାନ୍ତରେ ମଣିପରୁ କୁକୁର କହି ବାଡ଼େଇବା ଗତରେ [Give the dog a bad name & kill it]—ପ୍ରଜାଙ୍କୁ କମ୍ୟୁନିଷ୍ଟ କହି ଗୁଳି କରିବାର ସାଭିଉଣୀଙ୍କ ଇଜ୍ଜତ ନେବାର ଅଧିକାର ପୁଲିସର ରହିଲେ ଲୋକେ ସାଧୁ ବାଦ ଦେବା ପାଇଁ ସ୍ଥିର ହୋଇଛି ।

+ × ×

ନିହାତ୍ର ର ଅର୍ଥ ଚକ ବା କୁଠାଘରର ଅନ୍ତ ବା ଶେଷ । ଏହିଭଳି ଠିକା ଓଡ଼ିଶା ଓଡ଼ିକଲ ସଂଘ ନୂଆ ଓଡ଼ିଶା ହାଇକୋର୍ଟ ଅଟଗ ପେଶ କରି ଗୃହୀତ କରି ନେବେ ଏବଂ ଫଳରେ ସବଜନମ୍ନ ଟେପରସୀ ନିଯୋଗଠାରୁ ହାଇକୋର୍ଟ ଜଜ୍ ପଦ ପୂରଣ ପର୍ଯ୍ୟନ୍ତ ଏହି ଅର୍ଥରେ ଏ ଶବ୍ଦ କାର୍ଯ୍ୟକାରୀ ହେଲେ ତାହା ଆଉ ଗର୍ହିତ ହେବାର ସଂଭାବନା ନାହିଁ ବୋଲି ମୋହରର ସଂଘରେ ପ୍ରସ୍ତାବ ପାସ୍ ହୋଇଯିବ ।

+ + ×

ଯେଉଁ ପୁଲିସ ଅତ୍ୟାଚାର ଓ ଗୁଳି ହୋଇଛି ସେ ସମ୍ବନ୍ଧରେ ଗାନ୍ଧୀଜୀଙ୍କର ସୋମବାର ପାଳନ ବା ମୌନବ୍ରତ ଗ୍ରହଣ କଲେ ସରକାରଙ୍କ ପାପର ପ୍ରାୟଶ୍ଚିତ ତଥା ନାରୀ ଧର୍ଷଣ ଅପମାନ ବିମୋଚନ ହେବ ବୋଲି ଉତ୍କଳର ନାରୀ ନେତ୍ରୀ ମାନେ ଏକ ପ୍ରସ୍ତାବ ଗ୍ରହଣ କରିବେ ବୋଲି ଶ୍ରୀମତୀ ଲକ୍ଷ୍ମୀ ବାଈ ସୀତା ଦେବୀ ପ୍ରଭୃତି କଠକ ନାରୀ ମାନଙ୍କୁ ଉଦ୍‌ବୋଧନ ଦେବା ପୂର୍ବରୁ ମହତାବଙ୍କର ବ୍ରହ୍ମପୁର ଓ ଅସିକା ଯାତ୍ରା ପର୍ବ ହୋଇ ସାରିଥିବ ବୋଲି କଲିକତା ପାଣିପାଗ ଅଫିସରୁ ପ୍ରକାଶ ।

× ÷ ×

ଇନ୍ଦୁପୁରରେ ଏକ ସାଧାରଣ ସଭାରେ କୌଣସି କୌଣସି କଂଗ୍ରେସ କର୍ମୀ ମହତାବଙ୍କୁ ପ୍ରଶ୍ନକଲେ, ମହତାବ କେତେ ଲକ୍ଷ ଟଙ୍କା ଖାଇ ସଫେଇ କଲା ଓ ଖରସୁଆଁକୁ ବିହାର ହାତରେ ଦେବାର ଗୁଜବ କଣ ସତ୍ୟ । ମହତାବ ତାର ସ୍ପଷ୍ଟ ଉତ୍ତର ଦେଇଛନ୍ତି ଯେ ସେ କଦଳୀ କେବେ ଖାଆନ୍ତି ନାହିଁ ।

+ ⊦ +

ପଞ୍ଜାବ ଉଏଲ ଫେଆର ଡିପାର୍ଟମେଣ୍ଟର କୌଣସି ଡେ ହାକିମ ୩୬ ହଜାର ଟଙ୍କା ଘୃଷ ଖାଇ ଧରାପଡଥିବାରୁ ତାଙ୍କୁ ହ୍ୱଣ୍ଡା ଉପାଧି ଦିଆଯିବ ବୋଲି ପ୍ରିମିୟର୍ସ ଉଏଲଥ ଗିଭିଂ ବିଭାଗରେ ପ୍ରସ୍ତାବ ଗୃହୀତ ହୋଇ ଗଲାଣି ।

× × +

( ମଜାକଥାର ଅବଶିଷ୍ଟାଂଶ )

ଟେ ପାଇ ମୁଁ ସଙ୍ଗେ ସଙ୍ଗେ ବାହାରିଲି । ମାତ୍ର ମଝିରେ ପୁଲିସ ଇନ୍‌ସ୍‌ପେକ୍ଟର ଗଗନ ବାବୁ ଆସି ବାଧା ଦେଲେ । ସେ କହିଲେ—ବାବୁ, ଆପଣଙ୍କ ସ୍ତ୍ରୀଙ୍କ ସଂଧାନ ପାଇଛି—୫୦୦୦ ଟଙ୍କା ବାହାର କରନ୍ତୁ । ପାଖରେ ଟଙ୍କା ନ ଥିଲା—ମୁଁ ଚୁକ୍ତିନାମା ଲେଖିଦେଲି କହିଲି—ମୋ ସ୍ତ୍ରୀ ମିଳିଲେ ଆପଣଙ୍କୁ ୫୦୦୦ ଟଙ୍କା ଦେବାକୁ ବାଧ ହେଲି । ଗଗନ ବାବୁ ଆଉ ତିନି ଗୁପ୍ତଚର କନ୍‌ଷ୍ଟେବଲଙ୍କୁ ... ସେମାନଙ୍କୁ ଓ ... ଟେ—ସେ ଯୋଡାଟାକୁ ମୋ ପାଖରୁ ନେଇ ଇନ୍ଦୁଦେବୀଙ୍କ ଘରେ ହାଜର ।

ପୁଲିସ ଭଦ୍ରମହିଳାଙ୍କୁ ପଚାରିଲେ—ଏ ଯୋଡା ଆପଣଙ୍କର ?

ନାଗୃତ ହୋଇ ସେ କହିଲେ—ହଁ

ଭଦ୍ର ମହିଳାଙ୍କ ପାଖରୁ ଯୋଡା ଆଣି ପୁଲିସ ମୋତେ ପଚାରିଲେ—ଏ ଯୋଡା ଆପଣଙ୍କ ସ୍ତ୍ରୀର ?

ମୁଁ ବାଧ ହୋଇ କହିଲି—ହଁ

ତା ପରେ ଯାହା ହେଲା ସେ କଥା, ସଂପାଦକ ଆପଣେ ସହଜେ ବୁଝି ପାରିଥିବେ । ତାପରେ ଇଣ୍ଟେସ୍ତ ହଦଭଗରେ ଆମର ବିଷ୍ଣୁଘର ଯୋ...ତ ହେଲା ।

ରୂପବ୍ରତ ମଧୁବ୍ରତ କଲ୍ପତରୁ ଆମେ ଦୁଇଜଣ ଯୋଡାଭରଣରେ ମଧୁବ୍ରତ ଚଲୁ ।

ମୁଁ କହିଲି—ଯାହା ହେଉ ମୁଁ ମୋ ସ୍ତ୍ରୀକୁ ଖୋଜି ପାରିଲି—ବନ୍ଧୁକଣ୍ଠରେ ସେ କହିଲେ—ଯାହାହେଉ ମୁଁ ମୋ ଯୋଡାକୁ ଖୋଜି ପାଇଛି—ଅତି ସହଜରେ ।

ମୁଁ କିନ୍ତୁ ଏକଥା ନିଶ୍ଚୟ କରି କହିପାରେ ପୁରୁଷ କଦାପି ସ୍ତ୍ରୀ ମାନଙ୍କର ପଦ ଯୋଡାକୁ ସରି ନୁହନ୍ତି ।

ଅତଏବ ସଂପାଦକ ମହାଶୟ ଏଣିକି ହଜା ଖୋଜା ବିଭାଗ ଖୋଲନ୍ତୁ—ଆପଣଙ୍କ ଦଶା ମଧ୍ୟ ଫେରିବ ।

Digitized by srujanika@gmail.com

# ମୋହ [ତାପ] ମୁଦ୍‌ଗର

ମୁଢ ଜହୀହ ଖରସ୍ରୋତା ତୃଷ୍ଣାଂ
କୁରୁ ତନୁବୁଦ୍ଧେ ମନସି ବିତୃଷ୍ଣାଂ
ଯଲ୍ଲଭ ସେ ଷଡଙ୍କଲ୍ଲୋ ପାତ୍ରଂ
ବିତ୍ତଂ ତେନ ବିନୋଦୟ ଚିତ୍ତମ୍ ।

କା ତବ ଭୂଷା କଃ ପ୍ରଦେଶଃ
ଭାରତୋଽୟଂ ବେଶ-ଅଶେଷଃ
କସ୍ୟ ତ୍ୱଂ ବା କୁତଃ ଆୟାତଃ
ଚିନ୍ତୟ ଶଙ୍କର-ବର୍ଣ୍ଣଂ ଭ୍ରାତଃ

ମାକୁରୁ ହିଷ୍ଟିର ନଭେଲ ଗର୍ବଂ
ହରତି ନିମେଷାତ୍ 'ସ୍କୋର' ସର୍ବଂ
ମିଥ୍ୟାମୟ ମିଦ 'ରଚନା' ହିତ୍ୱା
'ପ୍ରଜାତନ୍ତ୍ର' ପ୍ରବିଶାଶୁ ବିଦିତ୍ୱା ।

'କଣ୍ଟେ' 'ମଣି' ବଡ ପ୍ରେମଂ ତରଳଂ
ଅଥ ମନ୍ତ୍ରୀତ୍ୱମତିଶୟ ଚପଳଂ
କ୍ଷଣମିହ ବୀରେନ୍+ବିଜୁ ରେଖା
ପଲ୍‌ଟିକ୍ସ ତରଣେ ହୂଲଗନ ନୌକା ।

ଯାବନ୍ 'ମହତ ନିବାସ' ବାସଃ
ତାବନ୍ 'କେରଳା' 'ସର୍କିଟ' ଗ୍ରାସଃ
ଇତି ଇହ କେନ୍ଦ୍ରେ ଷ୍ଟୁଂଟର ଦୋଷଃ
କଥମିହତାପ ତବ ସନ୍ତୋଷଃ ?

ଗଜପତି ଦାସଃ ବିଶ୍ୱନାଥଃ
ଦିନଯାମିନ୍ୟୋ ଯାତାୟାତଃ
କାଳଂ ଛିନ୍ଦତି ମନ୍ତ୍ରୀତ୍ୟାଯୂଃ
ତଦପି ନ ମୁଞ୍ଚ ତ୍ୟାଗାବାୟୁଃ ।

କର୍ମେନକ୍ଷ୍ମୈଃ 'ବିଗିଡ଼ତ'ମୁଣ୍ଡଂ
ବିଳକାତ 'ସୋସାଲ୍‌ଷ୍ଟୈଃ' ଭୁଣ୍ଡଂ
ଉତ୍କଳସମ୍ମେଳନଧୃତ ଦଣ୍ଡଂ
ତଦପି ନ ମୁଞ୍ଚତ୍ୟାଶା ଭଣ୍ଡଂ

ସରକାଟ ମନ୍ଦିର ମୋଟର ବାସଃ
ହାଓ୍ୟାଇ ଫେସନ୍ ଖଦଡ଼ବାସଃ
ସର୍ବ ପରିଗ୍ରହ ସତ୍ୟତ୍ୟାଗଃ
କସ୍ୟ ସୁଖଂ ନ କରୋତି ବିରାଗଃ

ଚିନ୍ତାମଣି ବି.ସି. ମୁଖାର୍ଜ୍ଜୀୟୌ
ଭବତୁ ସମ ମିତ ଶତ୍ରୁ ଦ୍ୱୟୌ
ଭବ ସମଚିତ୍ତଃ ସ୍ୱୀ ବାଳତ୍ୱଂ
ବାଞ୍ଛସ୍ୟଚିରାତ୍ ଯଦି ମନ୍ତ୍ରୀତ୍ୱମ୍

ଷଷ୍ଟକଳାଞ୍ଚଳ ବସ୍ତର କ୍ଷୁଦ୍ରାଃ
ଯଦ୍‌ଗତଃ ଡ଼ୁଡ଼ୁମା ପ୍ରାପ୍ରେମୁଦ୍ରା—
ନତ୍ୱଂ ନାହଂ ଦାସ୍ୟୀ ଲୋକଃ
ସ୍ତଦପି କିମର୍ଥଂ କ୍ରିୟତେ ଶୋକ

ବଙ୍ଗବିହାରକେନ୍ଦ୍ରୈକୋ ବସ୍ତୁଃ
ବ୍ୟର୍ଥଂ କୁପ୍ୟତି ଯଃ ଅସହିଷ୍ଣୁଃ
ସର୍ବଂ ପଶ୍ୟାତ୍ମନ୍ୟାତ୍ମାନଂ
ସର୍ବତ୍ରୋତ୍ସୃଜ ଭେଦଜ୍ଞାନଂ

ବାଳସ୍ତାବତ୍ 'ଡଗରା'ସକ୍ତଃ
ତରୁଣ ସ୍ତାବତ୍ 'କୃଷକେ'ରକ୍ତଃ
ବୃଦ୍ଧ'ସମାଜ ପାଠେ ମଗ୍ନଃ'
'ପରିଜାତନ୍ତ୍ରେ' କୋଽପି ନମଗ୍ନଃ

ପୁଞ୍ଜିପତ୍ୟର୍ଥଂ ଭବତୁ ନିତ୍ୟଂ
ନଭତ୍ ପାତକ ଲେଶ ସତ୍ୟଂ
ମିନ୍ହାନ୍ ଦଲନେ ଶତ୍ରୁନ୍ ପ୍ରୀତି
ସର୍ବନ୍ତେ ତବ କଥିତା ନୀତି ।

ଯାବନ୍ମନ୍ତ୍ରୀଗ୍ରସନଶକ୍ତଃ
ତାବନ୍ ସ୍ତାବକ ତବ ଅନୁରକ୍ତଃ
ତଦନୁଚ ମନ୍ତ୍ରୀବିହୀନ ଦେହେ
ବାର୍ତ୍ତା କୋଽପୀ ନ ପୃଚ୍ଛତି ଗେହେ

କଂଗ୍ରେସ ବା ସୋସେଲିଷ୍ଟଂ
ତ୍ୱକ୍ତ୍ୱା କୁରୁ ସର୍ବୋଦୟ ମିଷ୍ଟଂ
ଅମୃସ୍ୱାର୍ଥ-ବିହୀନାଃ ମୂଢ଼ା
ତେ ପଚ୍ୟନ୍ତେ କଟକ ନଗୁଡ଼ାଃ

ଷୋଡ଼ଶ ପଙ୍କ୍ତି କାଭିରେଷଃ
ଉଡ୍ରାଣାଂ କଥିତୋଭ୍ୟୁପଦେଶଃ
ଯେଷାଂ ନୈବ କରୋତି ବିବେକଂ
ନସ୍ୱିଜନୀତି ତେଷାଂ ତେକଂ ।

ଫତୁରାନନ୍ଦ

# ଜଳ ଅଣି ଯାଉ କାଲ୍

ଜଳ ଅଣି ଯାଉ କାଲ୍ କଳକୂଅ ଠାରୁ,
ଫଳ ପାଇଲୁ ଅନାଇରେ ସଙ୍ଗାତ ସେ ପାଇଖାନାରୁ ରେ ।
ଅଡ଼ ଗୃହାଣୀରେ ଥରେ ଯାହା ମୁଁ ଦେଖିଲି,
ଦମ ଦମ ହେଲା ଛାତିରେ ସଙ୍ଗାତ ଲାଜେ ସରି ଗଲି ରେ ।
ତାଙ୍କୁ କଳସି ଓହ୍ଲାଇ ରଖିବାର ବେଳେ,
ଗୁଳ ପାଖେ ଘେରି ଗଲେରେ ସଙ୍ଗାତ ଆସି ବଲେ ବାଲେ ରେ ।
କଥା କହିବା ଛଳରେ ମାଗିଲେ ସେ ଜଳ,
ବଢ଼ାଇବା ପାଇଁ କର ରେ ସଙ୍ଗାତ ନ ଥିଲା ମୋ ବଳ ରେ ।
ମଜନରେ ଠିଆ ହୋଇ ରଙ୍ଗ ଦେଖୁଥିଲି,
ତାଙ୍କ ଭିତରୁ ଜଣକୁ ରେ ସଙ୍ଗାତ ଭଲ ପାଇଗଲି ରେ ।
ମୁଁ ନ ଜାଣେ ସେହୁ ମୋତେ ପାଅନ୍ତି କି ଭଲ,
ଦେଖି ଅଖି ହେଉଥାଏରେ ସଙ୍ଗାତ ଲହ-ଢଳଢଳ ରେ ।

ଚଢ଼ି କୂଅ ଉପରକୁ ଚାହିଲି ମୁଁ ଜଳ,
ଅଂଗ ମୋର ଥରୁଥାଏ ରେ ସଙ୍ଗାତ ଲାଜେ ଜଡ଼ସଡ ରେ ।
ଦଶା ମୋର ହେଲା କସ ନ ଜାଣିଲି ମୁହିଁ,
କଳସି ପଡ଼ିଲା ଖସି ରେ ସଙ୍ଗାତ ଫେରେ ଗୃହଁ ବୃହଁ ରେ ।
ଅସି ପୁଣି ଅଲ୍ପ ଦୂରେ ଓଗାଳିଲେ ପଥ,
ଲେଜଟେନା ଛାଡ଼ ମୋର ଗୋ ସଙ୍ଗାତ କହିବାକୁ ସତ ରେ ।
ନ ଯିବ ପାଣିକି କେବେ ଧରି ନେବେ ପାଣି,
ମନେ ପଡ଼ଗଲେ ସେ କଥାରେ ସଙ୍ଗାତ ବୁକୁ ହୁଏ ହାଣି ରେ ।
ମୋ ରୂପ ମୋତେ ଗୋ ସଖି କରିଛି ଏସନ,
ରୂପ ରହେ ନାହିଁ, କଥା ରେ ସଙ୍ଗାତ ରହେ ସବୁଦିନ ରେ ।

ମାଷ୍ଟର୍-ତ୍ରିପାଠୀ

Digitized by srujanika@gmail.com



## ଉଦ୍ଦେଶ୍ୟ

୧। ଉତ୍କଳର କିଶୋର ପ୍ରାଣରେ ଜାତୀୟଭାବ ଉଦ୍ଦୀପନା, ଆତ୍ମ ଗୌରବ ଜାଗ୍ରତ କରିବା। ୨। 'ଜହ୍ନମାମୁଁ'ର ମାଧ୍ୟମରେ ତରୁଣମାନଙ୍କ ମନରେ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା। ୩। ସ୍ୱଦେଶ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା। ୪। ସାହିତ୍ୟ, ସେବା ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା। ସାହାଯ୍ୟ ଦ୍ୱାରା ଅହିଂସା ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା।

(୧୮ବର୍ଷରୁ ଊଣା ବାଳକ ବାଳିକା ମାନଙ୍କ ପାଇଁ)

## ବନାୟକ

ଦୁନିଆ ଦୁଆରେ ଉଠିଅଛି ରବ
"ବିନାୟକ ଆଜି ଧରାରେ ନାହିଁ
ଅକାଳ ମରଣ ପଣିହାରୀ ଫଣୀ ।
ସହସା ତାହାକୁ ନେଇଛି ଖାଇ"।
ସତ୍ୟବର୍ମ ଭୂଷଣ ଯାହାର
ନିର୍ଭୀକ ଯେହ୍ନୁ ସରଳ ମତି
ଧର୍ମର ଲାଗି ଧରାକୁ ଜନମି ଯେ
ତୁଚ୍ଛ କରେ ଯେ ସହଜେ ଅତି,
ସାହସ ଯାହାର ଅପରୂପ ଧନୁ
ସାଧୁତା ଯାହାର ତୀକ୍ଷ୍ଣ ଶର,
ଅନ୍ତର ଯାର ଶକ୍ତି ତୂଣୀର
ରଣ କୌଶଳ ଯାହାର ଖର,
ମରଣ କି କେବେ କରିବ ସାହସ
ପଣିବାକୁ ପାଶେ ହୋଇବ ସଜ
ଭରମ ରେ ସିନା ଦୁନିଆ ଭାସୁଚି
ମିଥ୍ୟା କୁହେଳି ଉପରେ ଆଜି !
ହଁ, ମାନୁଚି ମୁଁ ଯାଇଛି ସେ ଦୂରେ
ଛାଡ଼ି ଅଛି ତାର ଜନମ ଭୂଇଁ,
ପାଇଲା ଯେଦେଶ ସରାଗ ବାରତା
ସେ ଦେଶ ମାତିଲେ ଗଲ୍ପିଣୀ ଉଇଁ
ଯୁଗ ଯୁଗ ଧରି ମଣ୍ଡିତ ସେ ଦେଶ
ବୁଡ଼ି ଅଛି ଘୋର ଅନ୍ଧକାରେ,
କାତର ମିନତି ନାୟକେ ଏଡ଼ି
ଚଳିଲା ସହସା ହରଷ ଭରେ
ପ୍ରଗତି ଥରେ ସ୍ୱର୍ଗ ଦେଶ ଛାଡ଼ି
ପ୍ରଗତି ପଥେ ଦୁନିଆ ସାରା
ତମସା ଜଡ଼ିତ ସେଦେଶ ଗଗନ
ଆଲୋକ ଦେବ ସେ ଯାଇଛି ପରା
ସେଦେଶ ଯୁବକେ ପ୍ରେରଣା ଦେବ ସେ
ସାହସ ଦେବ ସେ ମରଣ ଦଳେ,
ନବ ଜାଗରଣେ ମତ୍ତ ଅଳସ ହୋଇ
ହସିବ ସେ ଦେଶ ହରଷ ଭରେ ।
ଆମ ଦେଶ ଜାତି ଗୌରବ ବାଣୀ
ସେଦେଶ ଗଗନ ପବନ ଭରି,
ମନ୍ଦ୍ରମଧୁରେ ଝଙ୍କରିବ ପରା
ଅଭିନବ ଏକ ଛନ୍ଦ ଧରି ।
ବିଶ୍ୱ ସେଦିନ ଚକିତ ନୟନେ
ଦୃଷ୍ଟି ଫେରାଇ ଓଡ଼ିଶା ଧାରେ,
ଢାଳିଦେବ କେତେ ପ୍ରଶଂସା ଗୀତ
ପଡ଼ୋଶୀ ଭୂଇଁରେ ହଂସା-ନୀରେ ।
ବିନାୟକ ଆମ ଦୀପ୍ତ ଦୀପକ
ଜାଳିଦେଇ ଦୀପ ଲକ୍ଷ-ଶତ,
ନବୀନ ସାହସେ ନବ ତେଜେ ପୁଣି
ଫେରି ଆସିବ ସେ ଚପଳା ବତ
ହେ ଦେଶ ଯୁବକେ ନାୟକ ବନ୍ଧୁନେ
ହୁଅନା ଅଧୀର ହୁଅନା ବଣା
ଖରତରେ ତୁମେ ଆଗେଇ ଚାଲହେ
ପଥ ତାର ପରା ତୁମ୍ଭକୁ ଜଣା ।

ଶ୍ରୀ ଦେବରାଜ ମିଶ୍ର

—*—

## ଅବସର ବିନୋଦନ ୯

ତିନୋଟି ବର୍ଣ୍ଣରେ ମୋ ଦେହ ଗଢ଼ା
ଗଢ଼ିବାକୁ ମୋତେ କି ବାଜ ଲୋଡ଼ା,
କେତେ ଜାତ ମୋର ନାହିଁ କଳନା
କାହିଁ କାଠ ଲୁହା କାହିଁ ବା ସୁନା,
ଅନ୍ଧାର, ଦ୍ୱାରର ସମ ଅଗୃହ୍ୟ,
ମନୁଷ୍ୟର ବଡ଼ ମୁଁ ଉପକାରୀ,
ଉତ୍ସାହ ଦିଏ ମୁଁ କବି ଲେଖକେ
କେହି ବା ଆଦରେ ଧରଇ ବୁକେ,
ତିନି ଅକ୍ଷର ମୋ ଅବନା ସବୁ
କିସ ମୋ ନାମ ଟି କହଲ ବାବୁ—
ପ୍ରକାଶ ଅଭିକ, ଏହି ଅବସର ବିନୋଦ ଟି ମୋର ନିଜ କଳ୍ପିତ,—

ସ୍ନେହର ନାତି ଦିବାକର
ନାଗ ନଂ ୯୨୭

ଏହି ଅବସର ବିନୋଦନର ଉତ୍ତର ୧୦।୭-।୪୮ ସୁଦ୍ଧା ପଠାଇବା ଦରକାର ।

—*—

## ନାଗଙ୍କ ଉତ୍ତର

ଗଗ୍ରାଧର-(୯୩୦) ତମର ପ୍ରଶ୍ନଟିର ନାହିଁ । ମିଳିଥିଲେ ଉତ୍ତର ପାଇଥାନ୍ତ ।

—*—

## ନାଗଙ୍କ ଚିଠି

ଗତ ତା ୧୭।୫।୪୮ ର 'ଜହ୍ନମାମୁଁ'ରେ ଶ୍ରୀ ଶଶିଭୂଷଣ ହୋତା (୯୨୫) ଙ୍କର 'ଗୌରବ ସୈନିକ' କବିତା ପଢ଼ିଲି । ମାତ୍ର ଏ' କବିତା ତାଙ୍କର ଲେଖା ନୁହେଁ । କବିତାର ଲେଖକ ହେଉଛନ୍ତି ଶ୍ରୀଯୁକ୍ତ ଯଦୁନାଥ ଦାଶ ମହାପାତ୍ର ଏବଂ ଏହି କବିତାଟି ପୂର୍ବରୁ ଆପଣଙ୍କ ୧୦ମ ବର୍ଷ ୨ୟ ସଂଖ୍ୟା (୧୬।୭।୪୭)ର 'ଜହ୍ନମାମୁଁ'ରେ ପ୍ରକାଶ ପାଇଛି । ଆପଣ ସେଇ ୧୬।୭।୪୭ ର ସଂଖ୍ୟା 'ଜହ୍ନମାମୁଁ' ଦେଖନ୍ତୁ । ନାଗମାନେ ଏପରି କରିବା ଉଚିତ କି ? ଇତି

ଆପଣଙ୍କର
ଶ୍ରୀମତୀ ମଞ୍ଜୁଶ୍ରୀ ଦେବୀ
ବାଲେଶ୍ୱର ।

ନାଗମାନଙ୍କ ପକ୍ଷରେ ଏପରି ଦୋଷ ଅକ୍ଷମଣୀୟ । ଯେଉଁ ନାଗ ଏପରି କରିଛନ୍ତି ସେ ସମସ୍ତଙ୍କ ଆଗରେ ଦୃଶ୍ୟ ଓ ନିଜେ କ୍ଷମା ଭିକ୍ଷା କରନ୍ତୁ ।

ଅଜା

—*—

## ନୂଆ ନାଗଙ୍କ ନାମ

୧୦୩୦ ରବୀନ୍ଦ୍ର ନାଥ ଦାସ, ପ୍ରଦୀପ ନିବାସ, ବାରିପଦା ଉ: ଇ: ବିଦ୍ୟାଳୟ ପୋ: ବାରିପଦା ମୟୂରଭଞ୍ଜ ।୧୦୩୧। ବଳରାମ ମିଶ୍ର ୧୦ମ ଶ୍ରେଣୀ- ଛାତ୍ର ବୋର୍ଡ ହାଇସ୍କୁଲ, ଜୟପୁର ୧୦୩୨ । ଗଜେନ୍ଦ୍ର ପ୍ରସାଦ ଷଡ଼ଙ୍ଗୀ ସତ୍ୟପଥ ହା: ଇ: ଟୁଲ ଛାତ୍ର କଂଗ୍ରେସ, ପୋ: ବୃନ୍ଦାବାଲ ୧୦୩୩ ଶରତ୍ ଚନ୍ଦ୍ର ନାୟକ ମୁ: ମହାକାଳ ପଡ଼ା ପୋ: ବେଣୀ ପୁର ଜି: କଟକ, ୧୦୩୪ ଗଙ୍ଗାଧର ବିଦ୍ୟାର୍ଥୀ ୭ମ ଶ୍ରେଣୀ ଉ: ଇ: ବିଦ୍ୟାଳୟ ପୋ: ଜୟପୁର ଜି: କୋରାପୁଟ [ସ୍ଥାୟୀ] ୧୦୩୫ କୁମାରୀ ହିମାଂଶୁ ତେଜ ୯ମ ଶ୍ରେଣୀ "ଖ"ବିଭାଗ ଅନୁଗୁଳ ଉ: ଇଂରାଜୀ ବିଦ୍ୟାଳୟ, ପୋ ଅନୁଗୁଳ ଜି: ଢେଙ୍କାନାଳ ୧୦୩୬ ଗୌରାଙ୍ଗ ପ୍ରଶାନ୍ତ କୁମାର ମହାପାତ୍ର C/O ଶ୍ରୀ ଭଗୀରଥି ଦାସ, ଅମଲା ପଡ଼ା ପୋ: ଅନୁଗୁଳ, ଜି: କଟକ

Digitized by srujanika@gmail.com

# ଚିଠାଳ

ପ୍ରତି ସଂଖ୍ୟା 'ଡଗର' ରେ ପାଠକ ପାଠିକା ମାନଙ୍କର ମତାମତ, ଅଭିଯୋଗ, ସମାଲୋଚନା ସୂଚନା (Suggestions) ପ୍ରଭୃତି 'ଚିଠାଳ' ରେ ପ୍ରକାଶ ପାଇବ । ଚିଠି ଯଥାସମ୍ଭବ ସଂକ୍ଷିପ୍ତ ହେବା ଦରକାର । କୌଣସି ଚିଠିରେ ନିଜ ଦସ୍ତଖତ ଓ ଠିକଣା ନଥିଲେ ତାହା ଅଗ୍ରାହ୍ୟ ହେବ । ଚିଠିର ସଂଶୋଧନ କରିବାର କ୍ଷମତା ସଂପାଦକମଣ୍ଡଳୀଙ୍କର ରହିବ । କୌଣସି ବ୍ୟକ୍ତିଗତ ଉଦ୍ଦେଶ୍ୟ ସମାଲୋଚନାର ସ୍ଥାନ ହେବ ନାହିଁ । ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି ।—ସମ୍ପାଦକ

## ମୟୂରଭଞ୍ଜ ମିଶ୍ରଣ

ଡଗର ସମ୍ପାଦକ ମହାଶୟ,—

ସାଦରେ ନମସ୍ତେ । ପ୍ରଜାତନ୍ତ୍ରରେ 'ମୟୂରଭଂଜର ନିବେଦନ' ଏବଂ ମୟୂରଭଂଜ ଶୀର୍ଷକ ଲେଖା ଦୁଇଟି ଆପଣ ନିଶ୍ଚୟ ପଢ଼ିଥିବେ । ସବୁ ଗଡ଼ଜାତ ମିଶିଗଲା-ମୟୂରଭଂଜ କାହିଁକି ନ ମିଶିଲା କିମ୍ବା ନ ମିଶୁଛି କାହିଁକି ଏ ପ୍ରଶ୍ନ ଓଡ଼ିଶାର ପ୍ରତ୍ୟେକ ନେତୃସ୍ଥାନୀୟଙ୍କ ମସ୍ତିଷ୍କରେ ଯେ ଜାଗ୍ରତ ନ ହୋଇ ଥିବ ତାହା ନୁହେଁ । ଏହି ମର୍ମେ ମଧ୍ୟ ଦିନେ ଆପଣଙ୍କ ଡଗରରେ ପ୍ରକାଶ ପାଇଥିଲା ଏକ ଦଉଡ଼ିଆ ପାଣ, ଓଡ଼ିଶା ଦଉଡ଼ ଛାଡ଼ିଗଲା ତ ବଙ୍ଗଳା ଦଉଡ଼ ଠାଣ' । ପ୍ରକୃତରେ କ'ଣ ତାହା ହୋଇଛି ? ଭାରତର ସମସ୍ତ ଗଡ଼ଜାତ ଗୁଡ଼ିକ ପ୍ରଦେଶ ସଙ୍ଗେ ମିଶିଯିବା ସ୍ଥଳେ ମୟୂରଭଂଜ ଆଜି ସ୍ୱତନ୍ତ୍ର । ଏଥିରେ କ'ଣ ପ୍ରତ୍ୟେକ ଓଡ଼ିଆଙ୍କର ଗର୍ବ କରିବାର କିଛି ନାହିଁ ? ଆଜି ଗୋଟିଏ ଓଡ଼ିଆ ରାଜ୍ୟ ଯେ ସ୍ୱତନ୍ତ୍ର ରହି ଅନ୍ୟାନ୍ୟ ପଡ଼ୋଶୀ ପ୍ରଦେଶ-ମାନଙ୍କ ଭଳି ସମାନ ଅଧିକାର ପାଇ ସ୍ୱାଧୀନ ଭାରତରେ ମଥାଟେକି ରହିଛି ଏହା କ'ଣ ଓଡ଼ିଶା ପ୍ରଦେଶ ପକ୍ଷରେ ଗୋଟିଏ ଗୌରବର ବିଷୟ ନୁହେଁ ? ମୟୂରଭଂଜ ତଥା ଓଡ଼ିଶାର ଏଭଳି ଗୌରବରେ ଭାରତର ଅନ୍ୟାନ୍ୟ ପଡ଼ୋଶୀ ପ୍ରଦେଶ ମାନଙ୍କର ବୈରଭାବ ଜାଗ୍ରତ ହେବାର କଥା କିନ୍ତୁ ସେମାନେ ଭାତୃଭାବ ସ୍ଥାପନ କରିବା ସ୍ଥଳେ ଆଜି ଓଡ଼ିଶା ସରକାର ଏବଂ ଓଡ଼ିଶାର ନେତୃସ୍ଥାନୀୟ ଲୋକମାନଙ୍କର ଏ ବିଦ୍ୱେଷ ଭାବ କାହିଁକି ? ମୟୂରଭଂଜ ସ୍ୱତନ୍ତ୍ର ରହିଛି ଏବଂ ରହିବ । ଏହାର ମିଶ୍ରଣ ସମ୍ପର୍କରେ ଯଦି କୌଣସି ଦିନ ଭଂଜଭୂମିର ଅଧିବାସୀ ମାନଙ୍କର ମନରେ କାର୍ଯ୍ୟକରେ ଏହା ଯେ ଓଡ଼ିଶାରେ ନ ମିଶିବ ଏହା ନୁହେଁ ; ଅବଶ୍ୟ ଭଗବାନ୍ ଏହା ନକରନ୍ତୁ ।

ଆଜି ଓଡ଼ିଶା ସରକାରଙ୍କ ଆଖିରେ ଧୂଳିଦେଇ ବିହାର ସଙ୍ଗେ ଷଡ଼େଇକଳା ଏବଂ ଖରସୁଆଁ ଯେ ମିଶିଗଲା ଏଥିପାଇଁ ମୟୂରଭଂଜ ଦାୟୀ ନା ଓଡ଼ିଶା ସରକାର ଦାୟୀ ? ନାଚ ନ ଜାଣି, ଅଗଣାର ଦୋଷ ଏ ନୀତିରେ ସରକାର ରୂପ ବଦଳାଇବାକୁ ବସିଛନ୍ତି । ମୟୂରଭଂଜ ବିହୁନେ ମାଆ ଆଜି ଛିନ୍ନମସ୍ତା-ଏ କଥା କହି ସବୁଦିନ ପାଇଁ ନେତୃତ୍ୱ ବଜାୟ ରଖିବାର ଏ ଛଳନା କାହିଁକି ? ଆଜି ଆମ ଓଡ଼ିଶା ସରକାରଙ୍କ ଉଦାହରଣ ଯୋଗୁଁ ଷଡ଼େଇକଳା ଓ ଖରସୁଆଁରେ ଯେ ଓଡ଼ିଆ ଜାତିକୁ ବିରୁକ ଖାଇବାକୁ ପଡ଼ୁଛି ଏହା ପ୍ରତ୍ୟେକ ଓଡ଼ିଆ ବୁଝିପାରି ସରକାରଙ୍କୁ ବିଦ୍ରୂପକରି ତାଙ୍କର ଇଙ୍ଗିତ୍ ପଦାରେ ପକାଇବାକୁ ବହାରିଲା ବେଳକୁ ସରକାର ସେମାନଙ୍କର ମତିଗତି ଓ ଚନ୍ଦ୍ରାଧାସଙ୍କୁ ଷଡ଼େଇକଳା ଏବଂ ଖରସୁଆଁ ପରିବର୍ତ୍ତେ ମୟୂରଭଂଜରେ ନିଯୁକ୍ତ କରିବାକୁ ଚାହାଁନ୍ତି କାହିଁକି ?

ମୟୂରଭଂଜ ସ୍ୱତନ୍ତ୍ର ରହିଛି । ଏ ବିଷୟରେ ଅଧିକ ଭାବ ମଥା ଖରାପ କରିବା ଅପେକ୍ଷା ଷଡ଼େଇକଳା ଓ ଖରସୁଆଁ ପୁନଶ୍ଚ ଓଡ଼ିଶାକୁ କିପରି ଆସିବ ଏବଂ ଓଡ଼ିଆ ଜାତି ତଥା ଓଡ଼ିଶା ପ୍ରଦେଶର ଇଜ୍ଜତ୍ କିପରି ରକ୍ଷା ହେବ ବର୍ତ୍ତମାନ୍ ପରିସ୍ଥିତିରେ ଏହା ଭାବିବା ପ୍ରତ୍ୟେକ ବୁଦ୍ଧିମାନ ଓଡ଼ିଆର କର୍ତ୍ତବ୍ୟ । ତାହା ନ କରି 'ଜାଗିଉଠ-ମୟୂରଭଂଜକୁ ଓଡ଼ିଶା ସଙ୍ଗେ ମିଶାଅ' ପ୍ରଭୃତି କହି ମନ୍ତ୍ରୀମଣ୍ଡଳକୁ କମ୍ପାଇବାରେ ଲାଭ କ'ଣ ? ଓଡ଼ିଆ ଜାତି ଯଦି ଜାଗିବାକୁ ଚାହେଁ ସେ ଆଜି ଷଡ଼େଇକଳା ଏବଂ ଖରସୁଆଁରେ ଜାଗୁ ! 'ମୟୂରଭଂଜ ବିହୁନେ ମାଆ ଆଜି ଛିନ୍ନମସ୍ତା' ଏ କଥା କହି ଷଡ଼େଇକଳା ଓ ଖରସୁଆଁକୁ ମିଶ୍ରଣ ଯଜ୍ଞରେ ଆହୁତି ଦେଇ ସରକାର ମୟୂରଭଂଜ ପାଇଁ ସମସ୍ତ ବଳ ଓ ବୁଦ୍ଧି ଖର୍ଚ୍ଚ କରି ଛିନ୍ନମସ୍ତା ମାଆଙ୍କୁ ପୂର୍ଣ୍ଣାଙ୍ଗୀ କରିବାର ଯେଉଁ ଆଶା ପୋଷଣ କରିଛନ୍ତି ତାହା ବଡ଼ କ୍ଷୋଭ ଏବଂ ପରିତାପର ବିଷୟ । ଷଡ଼େଇକଳା ଏବଂ ଖରସୁଆଁ ଯିବା ସତ୍ତ୍ୱେ ମୟୂରଭଂଜ ମିଶିଲେ ମାଆ କ'ଣ ପୂର୍ଣ୍ଣାଙ୍ଗୀ ହେବ ? ଡଗର ଦରିଆରେ ଆପଣଙ୍କର ମତାମତ ଆଶାରେ ରହିଲି ।

ଶ୍ରୀ ଗଦାଧର ପାତ୍ରୀ
ରାଇରଙ୍ଗପୁର

(ମତ ଯଥାସମୟରେ ପ୍ରକାଶ ପାଇବ—ସଂ: ଡ:)

## ଚିତ୍ର ଯୋଜନା

(ଡଗର ସମ୍ପାଦକ ମହାଶୟ ନମସ୍କାର)

ଡଗରର ସମ୍ପାଦକତ୍ୱ ସାଥେ ସାଥେ ଆପଣ ଯେଉଁ ମହତ୍ତର କାର୍ଯ୍ୟଟି ଅର୍ଥାତ 'ନାଗବାସୁ' ପ୍ରତିପାଦନ କରିଛନ୍ତି ସେଥିପାଇଁ ମୁଁ ମୋର ଅନ୍ତରର କୃତଜ୍ଞତାରୁ ଆପଣଙ୍କୁ ଧନ୍ୟବାଦ ନଦେଇ ରହି ପାରୁ ନାହିଁ । ଆଜି ଯେ, ଡଗର ଶିକ୍ଷିତ ସମାଜର ତଥା ସର୍ବସାଧାରଣଙ୍କର ପ୍ରିୟ ହୋଇ ପାରିଛି ତାହା କହିବା ବାହୁଲ୍ୟ ମାତ୍ର । ଆପଣ ଜାଣନ୍ତି—ଉତ୍କଳର ପ୍ରାୟ ଅଧିକାଂଶ ପତ୍ର ପତ୍ରିକା ସଚିତ୍ର ନୁହେଁ । ଯାହା କିଛି ଅଛି ଖୁବ୍ କମ୍ । ଉତ୍କଳର ଯେ କୌଣସି କାର୍ଯ୍ୟପ୍ରତି ଦୃଷ୍ଟି ଦିଅନ୍ତୁ ନା କାହିଁକି ତାର ଅବନତି ଛଡ଼ା ଉନ୍ନତି ସାଧିତ ହୋଇ ପାରୁ ନାହିଁ । କିନ୍ତୁ ଆଜି ଯେ ଆପଣ ଜଣେ—ସବୁ ସାହିତ୍ୟସେବୀ ହିସାବରେ ଉତ୍କଳର ଶିକ୍ଷିତ ସମାଜକୁ ଲକ୍ଷିତ ଉତ୍କଳ ସାହିତ୍ୟର ସେବା ପାଇଁ ଆହ୍ୱାନ କରିଛନ୍ତି ଏହାଠାରୁ ବଳି ଆଉ ମହତ୍ତର କାର୍ଯ୍ୟ ନାହିଁ । ଏହି ହିସାବରେ ଆପଣ ଯଦି 'ଡଗର' ପତ୍ରିକାଟିକୁ ସଚିତ୍ର କରି ଉତ୍କଳର ଚିତ୍ର କଳା ପ୍ରେମିମାନଙ୍କୁ ଆହ୍ୱାନ କରି ଚିତ୍ରର ଉନ୍ନତି ପାଇଁ ନବନବପ୍ରେରଣା ଦିଅନ୍ତେ ତା ହେଲେ ଚିତ୍ର ଶିଳ୍ପର ଅଶେଷ ଉନ୍ନତି ସାଧିତ ହୁଅନ୍ତା ।"

ଶ୍ରୀ ଗୋପୀନାଥ ପଟ୍ଟନାୟକ
ହିଞ୍ଜିଳି କାଟୁ ହାଇସ୍କୁଲ, ଗଞ୍ଜାମ

—*—

Digitized by srujanika@gmail.com

## ପୁରାତନ ଶୁକ୍ରରୋଗ ସମୂଳେ ଆରୋଗ୍ୟ

ମୋର ପୁତ୍ରଙ୍କର [illegible] ବହୁଦିନ ଧରି ଚିକିତ୍ସା କରି ମଧ୍ୟ ହତାଶ ହୋଇ ପଡ଼ିଥିଲୁ । ପରେ ସିଦ୍ଧହସ୍ତ **ଡାକ୍ତର ବି, ଦାସ** [ ହୋମିଓପାଥ ] ଙ୍କଦ୍ୱାରା, ବଣିଅପଟି, ଏଙ୍କୁ ସଂପୂର୍ଣ୍ଣ ଆରୋଗ୍ୟ କରିଛନ୍ତି ।

**ଏସ୍, ଏନ, ଦାସ,**
ଅବକାଶ ପ୍ରାପ୍ତ [illegible]

---

ଆଶ୍ଚର୍ଯ୍ୟ

## ଭାଗ୍ୟ ଗଣନା !!

### ପ୍ରଶ୍ନ ପଚାରିବାର ପ୍ରୟୋଜନ ନାହିଁ ।

ନିଜର ଇଷ୍ଟଦେବଙ୍କୁ ସ୍ମରଣ କରି ୧ ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଆମ୍ଭେ ବାଳ ଜ୍ୟୋତିଷଶାସ୍ତ୍ର ସାହାଯ୍ୟରେ ସଂଖ୍ୟା-ରଞ୍ଜନ ଚକ୍ର ଦ୍ୱାରା ଆପଣଙ୍କର ଭୂତ ଭବିଷ୍ୟତ ଓ ବର୍ତ୍ତମାନ ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଉଛୁଁ ।

ମାତ୍ର ୧୧ ମନିଅର୍ଡର କରି ତତ୍ ସଲଗ୍ନ କୁପନରେ ମନୋନୀତ ସଂଖ୍ୟା ଗୋଟି ଓ ନିଜର ନାମ ଧାମ ପରିଷ୍କାର ଭାବେ ଲେଖି ପଠାନ୍ତୁ ।

**ଭୃଗୁସଂହିତା କାର୍ଯ୍ୟାଳୟ**
Box No. 21.
C/o ଡ଼ଗର ପୋ: ଭଦ୍ରକ

---

ସ୍ତ୍ରୀ ରୋଗ ପାଇ

## ଚନ୍ଦ୍ରିକା ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇ ପଡ଼ିଲେ ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ । ଔଷଧର କ୍ରିୟା ଆଦୌ ହାନିକାରକ ନୁହେଁ ମୂଲ୍ୟ ୪ । ଡାକ ଖର୍ଚ୍ଚ—।୦/୦

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟି କାରକ**

## ମଦନ-ବିଲାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳ ପ୍ରଦାନ କରେ । ସମସ୍ତ ପ୍ରକାର ସ୍ନାୟୁବିକ ଦୁର୍ବଳତା, ଆଳସ୍ୟ, କ୍ଷୁଧାହାନି, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାର ବିଦୂରିତ ହୁଏ । ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ । ମୂଲ୍ୟ— ୨॥—ଡାକଖର୍ଚ୍ଚ—।୦/୦ ଅତିରିକ୍ତ ।

ପ୍ରତ୍ୟେକ ଔଷଧ ଗ୍ୟାରଣ୍ଟି ଯୁକ୍ତ ହୋଇ ପଠାଯାଏ ।

Kj. M. KAVYATIRTHA. (D.G.)
70, Cornwallis St., Calcutta.

---

## ହାୱଡ଼ା କୁଷ୍ଠ କୁଟୀର

## କୁଷ୍ଠ ଧବଳ

ବାତରକ୍ତ ସ୍ପର୍ଶଶକ୍ତିହୀନତା, ସର୍ବାଙ୍ଗିକ ବା ଆଂଶିକ ଫୁଲା ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗାଦି ଆରୋଗ୍ୟର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚର୍ମବର୍ଣ୍ଣ ପାଇଁ ଉନ୍ନତ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ଓ ପୁସ୍ତକ ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—**ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)
୧୦° ମାଧବ ଘୋଷ ଲେନ୍, ଖୁରୁଟ—ହାୱଡ଼ା
ଶାଖା—୩୬ ନଂ ହାରିସନ ରୋଡ଼, କଲିକତା

---

ଅପୂର୍ବ ସୁଯୋଗ ହରାନ୍ତୁ ନାହିଁ

## ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।

ଆମ ଦେଶର ବିଦ୍ୱାନ୍ ଓ ଅନୁଭବୀ ଯୋଗ୍ୟ ଛାତ୍ର କମ୍ ନାହାନ୍ତି । ବର୍ତ୍ତମାନ ଆୟୁର୍ବେଦ ରାଷ୍ଟ୍ରୀୟ ଚିକିତ୍ସାରେ ଗଣ୍ୟ । ଗାନ୍ଧିଜୀ ଓ ନେହୁରଙ୍କ ମତ ସ୍ୱଦେଶୀ ଔଷଧ ବ୍ୟବହାର କର ଓ ଚିକିତ୍ସା କର । ଯେଉଁମାନେ କଲେଜରେ ନ ପଢ଼ି ପାରିବେ ସେମାନେ ଘରେ ଥାଇ କାର୍ମିଛେଦ ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ଦେଇ ପାରିବେ ଓ ଗଭର୍ଣ୍ଣମେଣ୍ଟ ରେଜିଷ୍ଟାର୍ଡ କଲେଜରୁ ଡିପ୍ଲୋମା ପାଇପାରିବେ । ଆଜି ଚିଠି ଲେଖନ୍ତୁ । ଔଷଧ ତାଲିକାର ମୂଲ୍ୟ ।୧୫/୦ । ଏଡ଼ଭାନସ ।୧୯ ପଠାଇଲେ ଭି: ପି: ରେ ପଠାଯିବ ।

ଠିକଣା— କବିରାଜ, **ଶ୍ରୀ ନାରାୟଣଚନ୍ଦ୍ର ବେହେରା**
ବୈଦ୍ୟରତ୍ନ ଆୟୁର୍ବେଦ ବିଶାରଦ M.N.M.B.
**ବିରଜା ଔଷଧାଳୟ, ପୋଃ ବଣାଇଗଡ଼ (ଓଡ଼ିଶା)**


ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର,

ପରିଚାଳନା ସମ୍ପାଦକ— ଶ୍ରୀ ସତ୍ୟମୋହନ ଦାସ

Digitized by srujanika@gmail.com





ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ମିଥୁନ ୨୨ଦିନ ୧୩୫୫ସାଲ | ୪୪ସଂଖ୍ୟା |
|---|---|---|


—ସୂଚୀ—

ମଜାକଥାରେ

ସିଗାରେଟ୍

କାହାଣୀରେ

କ୍ଷୁଧା

ମଜାକବିତାରେ

ଭଞ୍ଜ ପୁରେ ବ୍ରହ୍ମ କବି ଓ ପି ଡବ୍ଲୁ ଡି

ଗାନ୍ଧୀ ବକ୍ତୃରଧାର

ଡାରେ ଡାରେ ଡାନା ନାନା

ଶଲଅବଗ୍ରର ପ୍ରଭୃତି


"DAGARO"

ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday, July, 5 1948. | No. 44 |
|---|---|---|

ବାର୍ଷିକ ମୂଲ୍ୟ ଟ ୭୲ ଷାଣ୍ମାସିକ ଟ [illegible]
ରାଜ ସଂସ୍କରଣ ବାର୍ଷିକ ଟ ୧୦୲


Digitized by srujanika@gmail.com

## ପୁରାତନ ଶୂଳରୋଗ ସମୂଳେ ଆରୋଗ୍ୟ

ମୋର ପୁତ୍ରଙ୍କର ଶୂଳରୋଗ ବହୁଦିନ ଧରି ରହିଥିବାରୁ ବହୁ ଚିକିତ୍ସା କରି ମଧ୍ୟ ହତାଶ ହୋଇ ପଡ଼ିଥିଲି । ସୁତରାଂ ସିଦ୍ଧହସ୍ତ **ଡାକ୍ତର ବି, ଦାସ** [ ହୋମିଓପାଥ୍ ] ସିଂହଦ୍ୱାର, ବଣିଆପଟି, ତାଙ୍କୁ ସଂପୂର୍ଣ୍ଣ ନିରୋଗ କରିଛନ୍ତି ।

**ଏସ୍, ଏନ, ଦାସ,**
ଅବସରପ୍ରାପ୍ତ ସବ୍‌ଇନ୍‌ସପେକ୍ଟର

---

ଆଶ୍ଚର୍ଯ୍ୟ

## ଭାଗ୍ୟ ଗଣନା !!

**ପ୍ରଶ୍ନ ପଚାରିବାର ପ୍ରୟୋଜନ ନାହିଁ ।**

କେବଳ ନିଜର ଇଷ୍ଟଦେବଙ୍କୁ ସ୍ମରଣ କରି ୧ ଠାରୁ ୧୬୦ ପର୍ଯ୍ୟନ୍ତ ଯେ କୌଣସି ଗୋଟିଏ ସଂଖ୍ୟା ମନକୁ ଆସିବ ତାହା ଲେଖି ପଠାଇଲେ ଅମ୍ଭେ ବଙ୍ଗାଳ ଜ୍ୟୋତିଷଶାସ୍ତ୍ର ସାହାଯ୍ୟରେ ସଂଖ୍ୟା ବିଜ୍ଞାନ ଚକ୍ରର ଦ୍ୱାରା ଆପଣଙ୍କର ଭୂତ ଭବିଷ୍ୟତ ଓ ବର୍ତ୍ତମାନ ଭାଗ୍ୟ ନିର୍ଣ୍ଣୟ କରି ଲେଖି ପଠାଇବୁଁ ।

ମାତ୍ର ୦।୯ ମନିଅର୍ଡର କରି ତତ୍ ସଂଲଗ୍ନ କୁପନରେ ମନୋନୀତ ସଂଖ୍ୟା ଗୋଟି ଓ ନିଜର ନାମ ଧାମ ପରିଷ୍କାର ଭାବେ ଲେଖି ପଠାନ୍ତୁ ।

**ଭୃଗୁସଂହିତା କାର୍ଯ୍ୟାଳୟ**
Box No. 21.
C/o ଡଗର ପୋ: ଭଦ୍ରକ

---

ଓଡ଼ିଶାର ଉପନ୍ୟାସ ଜଗତରେ ନୂଆ ଯୁଗ ଅ

**ନିତ୍ୟାନନ୍ଦ ବାବୁଙ୍କର**

## ଭୁଲ୍

**ଜୀଅନ୍ତା ମଣିଷ ଓ ଜୀବନର ଲକ୍ଷ୍ୟ**

ବହୁ ମନର ବହୁ କାହାଣୀ କହୁଛି

**“ଏଗାରଟା” ଓ “କ୍ଷଣିକା”**

ଜାତୀୟ ଜୀବନର ଜୀବନ୍ତ ଗୀତାବଳି

**“ପାଞ୍ଚଜନ୍ୟ”**

ଭାରତର ପ୍ରତି କଣ୍ଠରେ ମୁଖରିତ ହେଉ

( କଟକର ସବୁ ବହି ଦୋକାନରେ ପାଇବେ )


---

## ‘ଡଗର’ର ନିବେଦନ

# “ଗାନ୍ଧୀ ଜାତୀୟ ସ୍ମାରକ ନିଧି”କୁ

**ଆପଣଙ୍କର ଯଥା ଶକ୍ତି ଦାନ କରି**

ବାପୁଜୀଙ୍କର ସ୍ମୃତିକୁ ଜୀବିତ ରଖନ୍ତୁ ।

**Printed & published by G. C. Mohapatra at the Gopinath Press, Bhadrak 1948.**

Digitized by srujanika@gmail.com

## ମୟୂରଭଞ୍ଜ

କାଶ୍ମୀରରେ ଭାରତ ସରକାର ନେହେରୁଙ୍କ ଅନୁରୋଧରେ ସେଠାକାର ରକ୍ଷା ଭାର ମୁଣ୍ଡେଇ ଥିଲେ ମଧ୍ୟ ତାଙ୍କ କାର୍ଯ୍ୟ ମୂଳରେ ଜାତୀୟ ନେତାମାନଙ୍କର ସମର୍ଥନ ଥିବାର ଜଣା ଯାଇଥିଲା । ଏବଂ ଅବଦୁଲ୍ଲାଙ୍କ ଝଲସ ସଙ୍ଗେ ସଙ୍ଗେ ତାହା କାର୍ଯ୍ୟତଃ ଦେଖା ଯାଇଥିଲା । କିନ୍ତୁ ହାଇଦ୍ରାବାଦରେ ସେ ନିଜାମଙ୍କ ସହ ସଂପର୍କ ରଖିବାରେ ପରିସ୍ଥିତି ଗୁରୁତର ହୋଇଛି । ଯେଉଁଠି ଭାରତ ସରକାର ସିଧା ରାଜାମାନଙ୍କ ସହ ସମ୍ପର୍କରେ ଅସିଛନ୍ତି ସେଠି ସେ ଶପଦର ସମ୍ପୂର୍ଣ୍ଣହୀନ ହୋଇଛନ୍ତି ଏବଂ ହେବା ସ୍ୱାଭାବିକ । ଓଡ଼ିଶାରେ ଆଜି ଗଡ଼ଜାତରେ ଯେଉଁ ଗଣ୍ଡଗୋଳ ସୃଷ୍ଟି ହୋଇଛି —ଯେଉଁଥି ପାଇଁ କାଗଜପତ୍ର ଆଇନର ତାଣ୍ଡବ ଚାଲିଛି—ସେ ସମ୍ବନ୍ଧରେ ଖବର କାଗଜର ମଧ୍ୟ ମୁଖ ବନ୍ଦ କରାଯାଇଛି—ଏ ଦୁଃଶାସନର ଅବାହକ ଭାରତ ସରକାର ଓ ତାଙ୍କ ପରାମର୍ଶଦାତା ଓଡ଼ିଶା ସରକାର ନିଜେ । ସ୍ପଷ୍ଟ କଥାରେ ପଟେଲ ଓ ମହତାବ । ଏକ ଦିଗରେ ପ୍ରଜାଙ୍କୁ କରଦରାଜ୍ୟର ପ୍ରକୃତ ଶାସକ ବୋଲି ସ୍ୱୀକାର ନ କରି ପ୍ରଜା ନେତାଙ୍କୁ ଉପେକ୍ଷା କରି—ସ୍ୱୈର ଖଣ୍ଡ ବୋଲି ଗାଳିଦେଇ ରାଜାମାନଙ୍କଠୁଁ ଲେଖେଇ ନେବା ଦ୍ୱାରା ରାଜକର୍ତ୍ତୃତ୍ୱ ହିଁ ସ୍ୱୀକାର କରାଗଲା । ରାଜାମାନଙ୍କୁ କ୍ଳୀବ କରାଗଲେ ମଧ୍ୟ ସେମାନେ ପୁଣି ସଂଗଠିତ ହେବାର ସାହସ ପାଇଲେ । କୁହାଯାଇ ପାରେ ଯେ ଭାରତ ସରକାରଙ୍କ ଏ ନୀତି ମୂଳରେ ପ୍ରଜାଙ୍କର ସମର୍ଥନ ଥିଲା । ଭାରତ ସରକାର ପ୍ରଜାଙ୍କର ମୁଖପାତ୍ର ହିସାବରେ ରଜାଙ୍କଠୁ ଲେଖେଇ ନେଲେ । ଏବଂ ଧରନିଅଁାଉ ଯେ ଗଡ଼ଜାତ ପ୍ରଜା ନେତାଙ୍କୁ ତାକୁ କହିବା ଦ୍ୱାରା ପଟେଲ ମହତାବଙ୍କର ପିଲାଳିଆମି ହୋଇଛି ବା ସଚେତନ ପ୍ରକାଶ ପାଇଛି । କିନ୍ତୁ ରାଜାମାନଙ୍କଠୁଁ ଯେଉଁ ଭଳି ଧମକ ଦେଖାଇ କାର୍ଯ୍ୟ ହାସଲ କରାଗଲା, କାର୍ଯ୍ୟଟା ଭୁଲଗତ ହେଲେ ମଧ୍ୟ ପନ୍ଥାଟାକୁ ଭୁଲଗତ ବୋଲିବା ବେଳେ ମନରେ ଖଟକା ଲାଗେ । ରାଜାମାନେ ଯଦି ପ୍ରଜାମାନଙ୍କ ହାତକୁ ବାଧ୍ୟ ହୋଇ କ୍ଷମତା ଦେଇ ଥାନ୍ତେ ଏବଂ ପ୍ରଜାମାନେ ମିଳିଗଲେ ଆଠଗଡ଼ ପରି ପ୍ରସ୍ତାବକର ଓଡ଼ିଶା ସହ ମିଶି ଥାନ୍ତେ ତେବେ ଆଜିର ଅପ୍ରୀତିକର ପରିସ୍ଥିତି ଅଟେଦୌ ହୋଇ ନଥାନ୍ତା । କ୍ଷୁଦ୍ର କ୍ଷୁଦ୍ର ରାଜ୍ୟ ମୟୂରଭଞ୍ଜ ପରି ସ୍ୱତନ୍ତ୍ର ରହିବାର ସାହସ କରି ପାରନ୍ତେ ନାହିଁ । ମୟୂରଭଞ୍ଜ ବଡ ରାଜ୍ୟ ହୋଇ ମଧ୍ୟ ବେଶିଦିନ ସ୍ୱତନ୍ତ୍ର ରହିବା ଅସମ୍ଭବ । ମାନ ମୟୂରଭଞ୍ଜର ପ୍ରଜାସଭା ଯେତେ ବେଳେ ଓଡ଼ିଶା ସହିତ ମିଶିବାକୁ ସ୍ଥିର କରିବ, ସେ ମିଶ୍ରଣ ବିଳମ୍ବ ହେଲେହେଁ ଯେତେ ଦୃଢ଼ ହେବ—ଅନ୍ୟ ଗଡ଼ଜାତର ମିଶ୍ରଣ ସେପରି ଦୃଢ଼ ହୋଇ ପାରିବ ନାହିଁ । ତାର ପ୍ରମାଣ ଘଟିଚାଲିଛି ଓ ଘଟୁଥିବ । ପ୍ରଜାକୁ ଅସ୍ୱୀକାର କରି ରାଜାକୁ ସ୍ୱୀକାର କରିବା ଯୋଗୁଁ ଘଟିଥିଲା ଯେ କେତେକ ପ୍ରଜାପ୍ରତିନିଧି ରାଜାଙ୍କ ପକ୍ଷ ସମର୍ଥନ କରି ଇଷ୍ଟାବନ୍ତ ମିର୍ଜାପୁରରେ ମୁଣ୍ଡି ନେଲେ । ଭାରତ ସରକାର ଯଦି ପ୍ରଜାଙ୍କୁ ସମର୍ଥନ କରି ରଜାଙ୍କୁ ଅନଧିକାରୀ ବୋଲି ଗଣ୍ୟ କରିଥାନ୍ତେ ତେବେ ବିହାର ସରକାର ଘଟିଥିଲା ରାଜାଙ୍କ ସହ ସନ୍ଧି କରିବାକୁ ସାହାସ କରି ନଥାନ୍ତେ ।

ମୟୂର ଭଞ୍ଜରେ ଏଭଳି ପରିସ୍ଥିତି ହୋଇ ନାହିଁ । ମୟୂର ଭଞ୍ଜର ପ୍ରଜା ନେତାମାନେ ଙ୍ଗ ବିହାର ବା ଜୟପାଳ ସିଂହଙ୍କ ଆକ୍ରମଣରୁ ନିଜକୁ ରକ୍ଷା କରିଛନ୍ତି । ମୟୂରଭଞ୍ଜର ରାଜା ମେନନଙ୍କ ଧମକକୁ ଖାତିର ନକରି ପ୍ରଜା ପ୍ରତିନିଧିଙ୍କ ଦାବୀକୁ ସମ୍ମାନ ଦେବା ଦ୍ୱାରା ଐତିହାସିକ ବିପ୍ଳବର ପନ୍ଥା ଦେଖାଇଛନ୍ତି । ମୟୁର ଭଞ୍ଜର ପ୍ରକୃତ ନେତା ଆଜି ସୁନାରାମ ଓ ଶରତ ମୟୂର ଭଞ୍ଜର ସଂସ୍କୃତି, ଓ ସ୍ୱାଧୀନତାକୁ ଅବ୍ୟାହତ ରଖିଛନ୍ତି । ଏ ଦୂରଦୃଷ୍ଟି ସମ୍ପନ୍ନ ନେତାମାନେ ଅଚିରେ ଅନୁଭବ କରିବେ ଯେ ମୟୂରଭଞ୍ଜର କୃଷ୍ଟି ଓ ସ୍ୱାଧୀନତା ଉତ୍କଳର କୃଷ୍ଟି ଓ ସ୍ୱାଧୀନତା ଠାରୁ ବିଚ୍ଛିନ୍ନ ନୁହେଁ । ଶବର ସଭ୍ୟତାର ପ୍ରତୀକ ଜଗନ୍ନାଥଙ୍କର ଏ ଦେଶ ଏକ ଏବଂ ଅବିଭାଜ୍ୟ । ଏହା ହେବହିଁ ହେବ । ରକ୍ତ ରକ୍ତକୁ ଡାକିବ । ଭଞ୍ଜ ଭୂମି ଉତ୍କଳ ମାତାର କୋଳରେ ସଦା ସାତ କରି ଚିରଦିନ ବିଚ୍ଛିନ୍ନ ରହି ପାରିବ ନାହିଁ । ରହିବା ଅସମ୍ଭବ—ଅପ୍ରାକୃତିକ ।

ସେଥିପାଇଁ ଆଜି ଆମ୍ଭେମାନେ ମୟୂରଭଞ୍ଜର ଯୁଗପୋଯୋଗୀ ରାଜା ଓ ପ୍ରଜା ପ୍ରତିନିଧି ସୁନାରାମ ଓ ଶରତଙ୍କୁ ଉତ୍କଳର ପରିସ୍ଥିତି ପ୍ରତି ଆଜଥରେ ତାଙ୍କର ଦୂରଦୃଷ୍ଟି ନିକ୍ଷେପ କରିବାକୁ ଅନୁରୋଧ କରୁଛୁ । ସୁନାରାମ ଓ ଶରତ ଆଜି ସମଗ୍ର ଓଡ଼ିଶାର ନେତୃତ୍ୱ ନିଅନ୍ତୁ । ଓଡ଼ିଆ ଓ ତଥା-କଥିତ ଅଦିବାସୀଙ୍କର ଐକ୍ୟ ସ୍ଥାପନା କରିବାର ଯଦି କାହାର କ୍ଷମତା ଥାଏ ତେବେ ତାହା ଆପଣ ମାନଙ୍କର ଅଛି । ଆପଣମାନେହିଁ ଆଜି ଛୋଟ ନାଗପୁର ସମେତ ସମସ୍ତ ଅଦିବାସୀ ଭୂମି ସହ ସମଗ୍ର ଉତ୍କଳକୁ ଏକ କରି ଗୋଟାଏ ବିରାଟ ଜଗନ୍ନାଥ ଦେଶ ଗଢି ପାରିବେ । ଯେଉଁ ନେତା ମାନେ ଛୋଟ ନାଗପୁର ଓଡ଼ିଶାକୁ ଆସିଲେ ଅଦିବାସୀ ବହୁଳ ପ୍ରଦେଶ ହେବା ଦ୍ୱାରା ଓଡ଼ିଶା ଉଚ୍ଛନ୍ନ ହେବ ବୋଲି ଚିହ୍ନାର କରୁଛନ୍ତି ଅଦିବାସୀଙ୍କୁ ଶୋଷନ କରିବାର ଅଧିକାର ତାଙ୍କର ନାହିଁ । ଅପଣ ଦୁଇ ନେତା ଆଜି ସମଗ୍ର ଉତ୍କଳର ବାଗ୍ ଡୋର ହାତରେ ନିଅନ୍ତୁ । ଅଦିବାସୀ ବିଦ୍ୱେଷୀ ଓଡ଼ିଆ ନେତା ମହତାବ ଓ ଓଡ଼ିଆ ବିଦ୍ୱେଷୀ ଜୟପାଳ ସିଂହଙ୍କର ସ୍ଥାନ ଲିଆକତଙ୍କର ସ୍ଥାନ ସଙ୍ଗେ ସମାନ ହୋଇ ଯାଉ । ଉପର ଆଜି ବିନୀତ ପ୍ରାର୍ଥନା କରୁଛି ଅପଣ ଦୁହେଁ ଓଡ଼ିଶାକୁ ନୂଆ ନେତୃତ୍ୱ ଦିଅନ୍ତୁ ।

ମୟୂରଭଞ୍ଜର ମହାରାଜା ପ୍ରତାପଚନ୍ଦ୍ରଙ୍କୁ ଅଜି ରାମଚନ୍ଦ୍ରଙ୍କର ଯୋଗ୍ୟ ଦାୟାଦ ରୂପେ ଆମ୍ଭେମାନେ ସଂବୋଧନ କରି ରକ୍ଷା କରୁଛୁ, ଓଡ଼ିଶାର ପୁରାତନ ମନୋବୃତ୍ତି-ସମ୍ପନ୍ନ ଦୁର୍ଗତ ରାଜା ମାନଙ୍କୁ ନୂତନ ପନ୍ଥା ଦେଖାନ୍ତୁ । ରାଜତ୍ୱ ଯାଇଛି । ଆଜି ଭଗବାନ ପ୍ରଜାଙ୍କ ସଙ୍ଗେ ଏକ ହୋଇ ଭଗବତ୍ ସେବା କରି-ବାର ସୁଯୋଗ ସେମାନଙ୍କୁ ଦେଇଛନ୍ତି । ଆପଣଙ୍କ ନେତୃତ୍ୱରେ ସେମାନେ ଅନ୍ଧକାରୀର

(ପର ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com

# ଯାହା ସେ କହିଲେ ତାହା ସତ ବୋଲି ହେବକି ?

ଫ୍ରେଡ଼ା ଏରବାର ଛଳେ ବଳ କୌଶଳେ ସମସ୍ତ ପ୍ରକାର ନ୍ୟାଯ୍ୟୋଚିତ ବିରୋଧକୁ ମଥା ଟେକି ଦେଉନାହାନ୍ତି—କୃଷକ ।

ଟୋଦିଙ୍ଗ ଗୋଡ଼ ହୋଇ କୋଡ଼ ଥିବେ ମଧ୍ୟ ।

× × ×

କୌଣସି ନିରପେକ୍ଷ ଐତିହାସିକ ମହତାବ ମନ୍ତ୍ରୀ ମଣ୍ଡଳକୁ କୃତ୍ରିମ ବୋଲି ଅଭିହିତ କରିବ—ଜନତା

…ସେମାନଙ୍କ କୃତ୍ରିମ ମୁଖକ ବୋଲି ଅଭି 'ନନ୍ଦନ' କରିବେ ।

+ × +

କଂଗ୍ରେସ ସରକାରରେ ବିଶ୍ୱାସକର—ମୁକ୍ତିପୁଚ୍ଛ ।

…କମିଉନିଷ୍ଟ ପାର୍ଟିର ଦୁର୍ବଳତାର ଫଳ ।

× + +

ଗଞ୍ଜାମ ଜଲ୍ଲରେ ଶ୍ରୋଘୃତ ମନଙ୍କ ମଧ୍ୟରେ ଅପୂର୍ବ ଜାଗରଣ—ନାୟକ

ମନ୍ତ୍ରିମଣ୍ଡଳ ସୂର୍ଯ୍ୟ ଉଦୟ ହେଉଥିବେ

× × +

ଅନ୍ଧଙ୍କ ଷଡ଼ଯନ୍ତ୍ର—ନନ୍ଦନ ।

…ଅପଣି ସନ୍ତ୍ରଯନ୍ତ ହାଡରେ ବାନ୍ଧନ୍ତୁ ।

ଯଦୁପତେଃ କ୍ୱଗତା-ମଥୁରା ପୁରୀ ?—ସମାଜ

…ମହତାବେ କ୍ୱଗତା—ଛଟୈବିଲା ?

+ + +

ହାଯୁତା ଲେଡ଼ା—ପ୍ରଜାତନ୍ତ୍ର ।

…ଏକମାତ୍ର ମହତାବଙ୍କର ନିଜ ଅଖିଳ ଅଙ୍ଗୁଳା ଯାଏ ।ବିଧାଇ ।

+ × +

ବିଜ୍ଞାଜୀଙ୍କ ବଡଲାଟ ହେବାରେ ମୁଁ ଅନନ୍ଦିତ—ବିଜୀଭ

…ନାମ ସଙ୍ଗେ ନାମର ମେଳ ଥିବାରୁ ।

× × +

ଆମେ ସବୁ ସମସ୍ୟା ସହଯୋଗ ବଳରେ ସମାଧାନ କରିବୁ—ରାଜାଜୀ

…କିନ୍ତୁ ଦରେ ଏଇ ସହଯୋଗ ପରଟାରୁ ହ ସମସ୍ୟା ଅରମ୍ଭ ହୁଏ ।

+ × +

ନିଜାମ ଲୋକଙ୍କ ସହ ଆଉ କଥା ଭାର୍ତ୍ତା ହେବନାହିଁ—ନେହେରୁ

…ନିଜାମ ଯଦି କହନ୍ତି—ସ୍ୱକ ଚରଣ ଖଣ୍ଡନଂ—ମମ ଶିରସି ମଣ୍ଡନଂ

+ + +

ଉତ୍ପାଦନ ଭାଇଙ୍କୁ ସେବା କର—କାଟଜୁ

…ଧନଜନ ଗୋପଲକ୍ଷ୍ମୀ ପ୍ରାପ୍ତି ହେବ

× × +

ସର୍ଦ୍ଦାରଙ୍କ କାମ ଯେତେ କ୍ରୁର ହୃଦୟ ସେତେ କ୍ରୁର ନୁହେଁ—ମାଉଣ୍ଟ ବେଟନ

…ହୀରାରେ ବନ୍ଧା ଛୁରୀ ?

+ + +

ଲାଲ କୁର୍ତ୍ତା ଦଳ ଗରିବଙ୍କ ପାଇଁ କାମ କରିବେ ହିଁ କରିବେ—ଖାଁ ସାହେବ

…ଧନୀଏ ତେବେ ଲାଲକୁର୍ତ୍ତା ପିନ୍ଧିବେ ।

+ + ×

ମୁଁ ଭାବିନଥିଲି ଯେ ଦେନ ମନ୍ତ୍ରୀ ମଣ୍ଡଳର ପ୍ରସ୍ତାବ ମୋତେ ଡରାଇ ଦେବ । ଅନ୍ୟ ପ୍ରକୃତରେ ତାହାହିଁ ଘଟିଛି—ମାଉଣ୍ଟ ବେଟନ

…ନିଆଁ ପାଟନେ ଘିଅ

× × ×

ଭାରତର ପଛଆଡ଼େ ବୃହତ୍ ଇତିହାସ ଓ ଆଗରେ ମଧ୍ୟ ବୃହତ୍ ଇତିହାସ—ମାଉଣ୍ଟ

…ମଝିରେ ଭରମ ଓ ଅନମ

× — ×

ଏ ବର୍ଷ ଓଡ଼ିଶାରୁ ଅଧିକ ଧାନ ଯିବ ।—ସଂବାଦ

…ଦୁଃଖ ଅଧିକ ଆସିବ ।

× × ×

Cars park here—ବିଜ୍ଞପ୍ତି

…ଗାଡ଼ି ବଟିଶୁ ହେଲେ ବିପତ୍ତି ।

+ × +

ଅସମ ତେଷ୍ଟାର୍ କାହାକୁ କୁହାଯାଏ ?—ଛାତ୍ର

…ଯେଉଁଥିରୁ ଉଠିବାକୁ କଷ୍ଟ ଲାଗେ

+ + +

ବିଦେଶକୁ ଚନ ବନ୍ଧାଣୀ ହେବାର ଅଦେଶ ଭାରତ ସରକାର ଦେଲେ—ସଂବାଦ

…ସମ୍ପର୍କ ମଧୁମୟ ହେବ

+ × +

ସାମ୍ୟବାଦୀଙ୍କ ଉପଦ୍ରବ—ମହତାବୀ ପତ୍ରର ଶିରୋନାମା ।

…ବାଘ ଉପଦ୍ରବ ଠାରୁ ବଳି ।

× + ×

(ସମ୍ପାଦକୀୟ ପୂର୍ବ ପୃଷ୍ଠା ଉତ୍ତାରୁ)

ଅବଶେଷ ଏବଂ ବାସ୍ତବରେ କଳଙ୍କର ମୁକୁଟ ରାଜ ଉପାଧି ପରିତ୍ୟାଗ କରି ଅଜ ବିରାଟ ଉତ୍କଳରାଜ୍ୟ ଗଢ଼ିବାରେ ନେତୃତ୍ୱ ଦିଅନ୍ତୁ । ରାଜାମାନେ ତାଙ୍କର ରାଜତ୍ୱ ଓ ଆଧିପତ୍ୟ ବଜାୟ ରଖିବା ପାଇଁ ଇୟୁନିୟନ ଚକ୍ରାନ୍ତ ବୋଲି କେହି ଯେପରି ଅଭ ଦୁର୍ନାମ କରିବାର ସୁଯୋଗ ନପାଏ । ଉତ୍କଳରୁ ଅଲଗା ହୋଇ ଇଉନିୟନ ଗଢ଼ିବାର ପ୍ରୟାସ ନକରି ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳ, ସରାଇକେଲା ଖରସୁଆଁ ବସ୍ତରର ସୁରୁଗୁଜାକୁ ଉତ୍କଳ ସହ ମିଶାଇବା ପାଇଁ ରାଜପ୍ରମୁଖ ବା ରାଜକର୍ତ୍ତୃତ୍ୱହୀନ ଏକ ନୂତନ ଇଉନିୟନ ଗଢ଼ି ସମଗ୍ର ଉତ୍କଳକୁ ତା ସହିତ ମିଶିବାପାଇଁ ଇଉନିୟନର ପ୍ରଜାମାନେ ଓଡ଼ିଶାର ପ୍ରଜାଙ୍କୁ ଆହ୍ୱାନ କରନ୍ତୁ । ଅନ୍ୟାନ୍ୟ ଗଡ଼ଜାତ ଇଉନିୟନ ପରି ରାଜପ୍ରମୁଖର ସ୍ଥାନ ନରହୁ । ପ୍ରଜା ମନୋନୀତ ଶାସକ ବା ଗଭର୍ଣ୍ଣର ହିଁ ଏ ଇଉନିୟନର ମୁଖ୍ୟ ରୂପେ ଏକ ନୂତନ ସଭ୍ୟତା ନୂତନ ରାଷ୍ଟ୍ରର ପ୍ରତୀକ ହେବାର ଗୌରବରେ ଗୌରବାନ୍ୱିତ ହେଉନ୍ତୁ! ଓଡ଼ିଶା ସହ ଗଡ଼ଜାତ ମିଶିବାର ପ୍ରଶ୍ନ ନ ଉଠି ଗଡଜାତ ସହ ଓଡ଼ିଶା ମିଶିବାର ପ୍ରଶ୍ନ ଉଠୁ । କଟକ ଭୁବନେଶ୍ୱର ରାଜଧାନୀ ପରିବର୍ତ୍ତେ ବସ୍ତର ନବୋଳ୍ପଳର ମଧ୍ୟ ସ୍ଥଳୀ କୌଣସି ସ୍ଥାନରୁ ଶାସନର ନିର୍ଦ୍ଦେଶ ଆସୁ । ଦେଶ ଆଜି ଆପଣଙ୍କଠାରୁ ଏହି ନେତୃତ୍ୱ ଆଶା କରେ । ଚିରଦିନ ପାଇଁ ଆପଣ ଉତ୍କଳ ଓ ଜନ୍ମଭୂମିକୁ ଗୌରବୋଜ୍ଜ୍ୱଳ କରି ଅକ୍ଷୟ କୀର୍ତ୍ତି ରଖିଯିବେ ।

—*—

Digitized by srujanika@gmail.com

ପୁଣି ଥରେ ଶ୍ରୀଯୁକ୍ତ ଆସଫ ଅଲ୍ଲିଙ୍କି ଆମ୍ଭେମାନେ ଆମମାନଙ୍କ ମଝିରେ ସ୍ୱାଗତ ଜଣାଉଛୁଁ । କିନ୍ତୁ ହେ ହିଜ୍ ଏକ୍ସେଲେନ୍ସି, ଶୁଭ୍ରମୂର୍ତ୍ତି ବା ଖାଁଟି ମୂଲ୍ୟ ସବୁ ଆପଣ ସବୁଦିନେ ସତ୍ ପରାମର୍ଶ ଦାତା ହିସାବରେ ଗ୍ରହଣ କରନ୍ତୁ । ଶାଲ୍ୟଅଙ୍କ ପରିହାସ ଓ ବିଦ୍ରୂପ ତଳେ ସତ୍ୟ ଥାଏ । ତାହା କେବଳ ମିଥ୍ୟାର ଚଷମା ପିନ୍ଧିଲେ ସ୍ପଷ୍ଟ ଦେଖାଯାଏ । କାରଣ ସାଧାରଣତଃ ଲୋକଙ୍କ ଆଖିରେ କାହାଲ ରୋଗ ଥାଇ ସତ୍ୟରୁ ମିଥ୍ୟା ରୂପେ ଦେଖାଉ ଥାଏ । ମିଥ୍ୟା ଚଷମା ପିନ୍ଧିଲେ ସମେ ମନେ—ଏମିତିଆ ଧିମେଲିବସ ବା ବିଷସ୍ୟ ବିଷମୌଷଧମ୍—ବା—ଦୁଇଟି ନାସ୍ତି ବାଚକ ଶବ୍ଦ ଗୋଟିଏ ଅସ୍ତି ବାଚକ ଅର୍ଥ ବୁଝାଇବା ନୀତିରେ—ଅଥବା ଦୁଇଟି ବିୟୋଗ ଗୋଟିଏ ଯୋଗରେ ପର୍ଯ୍ୟବସିତ କରିବା ନୀତିରେ ସବୁ ଠିକ୍ ଠିକ୍ ଦେଖାଯିବ ।

\+ ÷ ÷

ଆମେ ହିଜ୍ ଏକ୍ସେଲେନ୍ସିଙ୍କ ସତର୍କତା ଗୋଟିଏ ଚେତାବଣୀ ଦେଉଛୁଁ । ଓଡ଼ିଶାଟା ଏକ ଅନୁର୍ବର ଦେଶ । ଅବଶ୍ୟ ସ୍ୱାସ୍ଥ୍ୟବିଜ୍ଞାନରେ ବିଜ୍ଞାନ ସାହାଯ୍ୟରେ ଯଦି ଜମି ଭୂମି ଓ ତତ୍ସଙ୍ଗେ ଗାଈ ଓ ନାରୀମାନେ ମଧ୍ୟ ଉର୍ବର ହୁଅନ୍ତି ତେବେ ଆମ୍ଭେମାନେ ପ୍ରୀତ ହେବୁ । କିନ୍ତୁ ବସ୍ତୁତ ଦେଖା ଯାଉଛି ଏ ରାଜ୍ୟରେ ଯିଏ ପ୍ରଧାନ ମନ୍ତ୍ରୀ ହେବେ ବା ଲାଟ ହେବେ ସେମାନେ ହୁଏତ ବିପତ୍ନୀକ କିମ୍ବା ଅପୁତ୍ରିକ ହୋଇଥିବେ । ନଚେତ୍ ଏ ଅନୁର୍ବର ଦେଶର ମନ୍ତ୍ରୀ ବା ଲାଟ ହେବାକୁ ଅଭାଜନ । ମାତ୍ର ଭଗବାନ କରନ୍ତୁ ଆପଣ ସର୍ବ ପ୍ରଥମ ଏ ଧାରାକୁ ଯେପରି ଖଣ୍ଡନ କରିବେ । ଏ କନଭେନସନ ତୁମେ ଓଡ଼ିଶାର ନୀରସ କରିଦେବ ଯେ !

× × +

ଅବଶ୍ୟ ବର୍ତ୍ତମାନ ଓଡ଼ିଶା ସରକାର ଅତିବେଶି କେନ୍ଦ୍ର ଭକ୍ତ ହୋଇ ଥିବାରୁ—କେନ୍ଦ୍ରପ୍ରାଣ ହୋଇଥିବାରୁ ଏବଂ କେନ୍ଦ୍ର ବର-ପୁତ୍ର ହେବା କାରଣରୁ ଏପରି ସୌଭାଗ୍ୟ ଆମ ପ୍ରଦେଶର ମନ୍ତ୍ରୀ ଲାଟଙ୍କର ହେବା ସ୍ୱାଭାବିକ । କାରଣ କେନ୍ଦ୍ରକୁ ଆଦର୍ଶ କରି ଆମେ ଚାଲିଛୁଁ । ପଣ୍ଡିତ ନେହେରୁ ବିପତ୍ନୀକ, ଆମ ରାଜାଜୀ ମଧ୍ୟ ବିପତ୍ନୀକ । ତେଣୁ ଆସଫ ଅଲ୍ଲି ଓ ମହତାବ ଅପୁତ୍ରିକ ହେବାରେ ବୈଚିତ୍ର ନାହିଁ । କିନ୍ତୁ ଆଶା ଅଛି, କେନ୍ଦ୍ରର




ଗଲେ ଦେଖା ଯାଉଛି ନୃତ୍ୟୋମି ଜନୁଶ୍ରା-ଯ୍ୟରେ । ଅମ୍ବେଦକାର ଓ ଗାଡ଼ଗିଲଙ୍କ ଦଶା ଯଦି ପଣ୍ଡିତ ନେହେରୁ ଓ ରାଜାଜୀଙ୍କର ଘଟେ—ତେବେ ହେ ବ୍ରହ୍ମାଣ୍ଡ କର୍ତ୍ତା ବ୍ରହ୍ମା, ତୁମର ପ୍ରଜାପତି ନାମ ସାର୍ଥକ ହେବ ।

\+ × +

ଆସଫ ଅଲି, କାଟଜୁ ଓ ରାଜାଜୀ ଯେପରି ପରସ୍ପରରେ ଗୁଣ କୀର୍ତ୍ତନ କଲେ, ତଗଲ ଲୋକେ ମନେ କରି ପାରନ୍ତି ଯେ ଏମାନେ ପରସ୍ପର ପ୍ରଶଂସା କାରଣୀ ସମିତିର ବିଶିଷ୍ଟ ସଭ୍ୟ । ମାତ୍ର ସବୁଠାରୁ ଦ୍ରଷ୍ଟବ୍ୟ ଓ ଶ୍ରୋତବ୍ୟ ଯେ ପ୍ରତ୍ୟେକଙ୍କର ବିନୀତଭାବ ପ୍ରଦର୍ଶନରେ ପ୍ରତିଯୋଗିତା । ଶ୍ରୀ ଚୈତନ୍ୟଙ୍କ ଭକ୍ତ ଏମାନଙ୍କ ରଚ୍ଛି । ଏବେ ଚୈତନ୍ୟଙ୍କ ଶିକ୍ଷାଷ୍ଟକକୁ ବଦଳାଇ ଆମେ ଗାଇବା—

ତୃଣାଦପି ସୁନୀଚେନ
　　　　ତରୋରିବ ସହିଷ୍ଣୁନା
ଅମାନିନା ମାନଦେନ
　　　　କୀର୍ତ୍ତନୀୟ ଗବର୍ନରଃ

\+ + ×

"କୋଣସି ପରି ରାଜ୍ୟର ଦେବତା—ଆପଣଙ୍କୁ ସୌନ୍ଦର୍ଯ୍ୟ ଦେଇଥିଲେ, ସୁମତି ଦେଇ ଥିଲେ, ଗାମ୍ଭୀର୍ଯ୍ୟ, ସୌନ୍ଦର୍ଯ୍ୟ ଓ ବୀର୍ଯ୍ୟ ଦେଇ-ଥିଲେ—ହେ ମହତୀ ନାରୀ, ତୁମ୍ଭେ ଯେଉଁ-ଠିକି ଯିବ ସେ ମହତ୍ ହେବ । ଏ ସବୁଠାରୁ ଅଦ୍ଭୁତ ବଡ଼ ଗୁଣ—ତୁମର ମାନବିକ ମୂର୍ତ୍ତି-ମୂର୍ଚ୍ଛନା ମନୁଷ୍ୟ ପ୍ରତି ନମ୍ରତା ପ୍ରେମ—ତୁମେ ଆଶା ଓ ସାହସ ଦେଇଛ ।"

ପାଠକେ ଏହାକୁ ଅନ୍ୟ କିଛି ଭାବିବେ ନାହିଁ । ଏହା ଲେଡ଼ି ମାଉଣ୍ଟ ବେଟନଙ୍କୁ ପଣ୍ଡିତ ଜବାହରଙ୍କର ପ୍ରଶସ୍ତି—ବିଦାୟ ସଭାରେ ।

ଆମର ମନେହୁଏ କବି ଅଭିମନ୍ୟୁ ଏହା ଏମନ୍ତେ ପ୍ରକାଶ କରିଥାନ୍ତେ—

　　ବିଷ୍ଣୁ କାନ୍ତ ସାର ପୀୟୂଷେ ବୋଳି
　　ବିଧି ବନାଇଛି ଶୋଭା ମିଳିଲା
　　କଳ୍ପନାରେ ଗୋଲ ମ୍ଲେଚ୍ଛେ କଲା
　　ବଚନ ହେମ ରସାଣେ ଖାଣିଲା
　　ନିତ୍ୟ ଲାବଣ୍ୟ ନୀରେ ଏ
　　ବୁଡ଼ାଇ ଥୋଇ କୌଣସି କରିଛି
　　ପରି ମୋହନ ମଣ୍ଡଳେ ଯେ
　　ବିଶିଷ ଲକ୍ଷଣା ଗୁଣ ନମ୍ରତା
　　ବିଡ଼ମ୍ବ ଯନ୍ତ୍ରୀ ମତି ପ୍ରବୀଣା
　　ବିଧି ଅଷ୍ଟ ଦଶ ଅଲଙ୍କାରର
　　ବାମ ବିଭେମ୍ଭା ବିଶେଷ ବିର୍ମୀର
　　ବିଶେଷ କୃପା କଥାନ୍ତେ
　　ବିରାଜୀ ମାନବିକ ପ୍ରେମ ଭଣ୍ଡାର
　　ଶୋଭ ପ୍ରଭୃ ବରଧନା ଯେ
　　ବିଶେଷ ମାନବ ଶାସ୍ତ୍ର କୁଶଳା
　　ବାରକଥିରୁ ଗମ୍ଭୀର ଛଳା
　　ବାଳା ସୁଧା ସ୍ୱାଦୁ ଭାଷୀଯେ
　　ଦରପରସନ୍ତାନନୀ ଆହ୍ଲାଦିନୀ
　　ମନ୍ଦ ହସକ ସୁହାସୀ ଯେ

\+ × +

ଶ୍ରୀଯୁକ୍ତ ଚର୍ଚ୍ଚିଲ ଚିରୁ ବହୁଦିନ କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଏବେ ଚେଇଁ ଉଠି କହିଲେ—ହାଇଦ୍ରାବାଦ ଭାରତ ବିବାଦରେ ବ୍ରିଟିଶ ସରକାର ମଧ୍ୟସ୍ଥତା ରୂପେ ତାଙ୍କର ସେବା (Service) ଦାନ କରନ୍ତୁ । ଉପର ହାର୍ଦ୍ଦିକ ଧନ୍ୟବାଦ ଦେଉଛୁ ଆମ ଚର୍ଚ୍ଚିଲଙ୍କୁ କିନ୍ତୁ ଡର ହେଉଛି ତାଙ୍କ ସେବା ଦେଇଁ ଦେଇଁ ଯଦି ତମେ ପୁଣି ସେବା କରି ଦେଇ ନସ ? ତମ ଚକ୍ଷୁରେ ହାତ ସମୁଦ୍ର ରହିଛି । ସେ ମହାର୍ଘ ବସ୍ତୁ ଦିର୍ଘଦିନରୁ ରକ୍ଷାକର ଆମକୁ ।

× + ×

ରାଜାଜୀଙ୍କର ଭିତଲାଟ ହେବା ଦ୍ୱାରା ପାକିସ୍ତାନ ଜନ୍ମ ଖୁସି । ହାଇଦ୍ରାବାଦ ମଧ୍ୟ ଖୁସି । ଆଉ ଯେଉଁ କାରଣରୁ ହେଉ ନହେଉ ରାଜାଜୀ ଓ ଜିନ୍ନାଙ୍କ ଉଭୟେ ଭାରତୀୟ ହୋଇଥିବାରୁ ପାକିସ୍ତାନ ଖୁସି ହେବାର କଥା । କିନ୍ତୁ ମଜାକ ଏତିକି ଯେ ରାଜାଜୀ ଭାରତୀୟ ହୋଇ ଭାରତର ବଡ଼ ଲାଟ, ଜିନ୍ନା ପାକିସ୍ତାନୀ ନହୋଇ ପାକିସ୍ତାନର ଲାଟ । ଜଣେ ଧାର୍ମିକାରେ ଉନ୍ନତ ଆଉ ଜଣେ ପରକାୟା ଉନ୍ନତ । ଏହାଛଡ଼ା ଦୁହିଙ୍କ ମଧ୍ୟରେ ଅନେକ ଅମେଳ ରହିଛି । ଜିନ୍ନା ଗୋରା—ରାଜାଜୀ କଳା । ଜିନ୍ନା, ଗୋରା, ରାଜାଜୀ କଳା । ଜିନ୍ନାଙ୍କର ସ୍ତ୍ରୀ ନାହିଁ ରାଜାଜୀଙ୍କର ଭଉଣୀ—ସେ ପୁଣି କଳା । ଜିନ୍ନା ଧାରିହବ ବେଶ ଟାଉଜର—ରାଜାଜୀ ଧୋତି ଚଦର ନିତିଦିନ । ଜିନ୍ନାଙ୍କର ଅଲବାଟ ଚେଶ, ରାଜାଜୀ ମୁଣ୍ଡିତ । ଏ ଅମେଳ ଛଡ଼ା ମେଳ ଅଛି ଅନେକ । ଉଭୟେ ଚନୁ ପାତଳ । ଜିନ୍ନାଙ୍କର ନେକଟାଇ ରାଜାଜୀ-

Digitized by srujanika@gmail.com

କର ଦେଉ । ସବୋପର ଜଳାଙ୍ଗୀ ଓ ରଜାକାର ଉଦ୍ଭବ୍ୟେ ପାକସ୍ଥାନ ସମ୍ବନ୍ଧରେ ଏକମତ ହୋଇଥିଲେ ।

\+ × +

କେନ୍ଦ୍ରରେ ଅମ ଅର୍ଥ ମନ୍ତ୍ରୀ ସନ୍ମୁଖମ୍ ବମ୍ବଇ ହୋଇ ଫେର ଅସିଲ ପର ଲାଗୁଛି । ସେ ଏବେ ମାସେ ହେବ ବଲାତ ଅର୍ଥ ସଚିବ ଷ୍ଟାଫୋର୍ଡଙ୍କୁ ଗୋଡ଼େଇ ଗୋଡ଼େଇ କହୁଛନ୍ତି ଯାହା ଷ୍ଟାଫୋର୍ଡ ଯେତକ ହାତେଇ ଛନ୍ତି ସେତକ ଅଉ ବାହାରବାପର ଲକ୍ଷଣ ନାହିଁ । ଏହିଭଳି ଅବସ୍ଥାରେ ଅମ ମତରେ ମାସେ ପନ୍ଦର ଦିନ କାହିଁକି ପନ୍ଦର ବର୍ଷ ସେଠି ସନ୍ମୁଖମ୍ ଷ୍ଟାଫୋର୍ଡଙ୍କ ଘରେ ଯଦି କୁଣିଅ ହୋଇ ରହନ୍ତି ତେବେ ଠିକ୍ । ବାବଦକୁ କିଛିତ ହେଲେ ମିଳିପିବ । ନଚେତ୍ ଷ୍ଟାଫୋର୍ଡଙ୍କୁ ଭରତରେ ଦେବାକୁ ଥାଉକରେ ଛାଡ଼ିଦେଲେ ଓଲଟି ହାତରୁ ଖାଇ ଦୋହଳା ଆଗରେ ଦଉଡ଼ିବା ସାର ହେବ । ବଲାତ ସରକାର ଯାହା ହେଉ ଏ ଅର୍ଥକୁ ମାଡ଼ିବସି ଅନର୍ଥ ଦେବାକୁ ସର୍ବଦା ରାଜି ।

× ÷ +

ଶ୍ରୀଯୁକ୍ତ ମହତାବଙ୍କୁ ପୁରୀ ଜିଲ୍ଲାରେ କୌଣସି ମିଟିଂରେ ଲୋକେ ଗୁଡ଼େଇ ତୁଡ଼େଇ ପଚାରିଲେ, ଛୋଟ ନାଗପୁର ଓଡ଼ିଶାରେ ମିଶିଲେ ଓଡ଼ିଶା ଉଚ୍ଛନ୍ନ ଯିବ ବୋଲି ଆପଣ କାହିଁକି କହିଲେ ? ତାର ଉତ୍ତର ହେଲା— ସେ ବ୍ୟକ୍ତିଗତ ମତ । ତାପରେ ତାଙ୍କ କ୍ୟାବିନାଟ ଯେତେବେଳେ କେନ୍ଦ୍ରକୁ ସ୍ମାରକ ଦେଲେ ସେତେବେଳେ ସମଷ୍ଟିଗତ ମତ ଦେଲେ ଛୋଟ ନାଗପୁର ଅସୁ । ଏମିତି ବ୍ୟକ୍ତି ସମଷ୍ଟିର ଦ୍ୱନ୍ଦ୍ୱ ସବୁଦିନେ ଚାଲି ଅସିଛି । ଅମେ ଶୁଣୁଛୁ କମ୍ୟୁନିଷ୍ଟ ମାନେ ଏହି ବ୍ୟଷ୍ଟି ଓ ସମଷ୍ଟିର ଗୋଟାଏ ସୂକ୍ଷ୍ମ ସମାଧାନ କରିଛନ୍ତି । ଜଣେ କମ୍ୟୁନିଷ୍ଟ ବିଭା ହେଲେ । ସେ କହିଲେ— ଏ ସ୍ତ୍ରୀ ମୋର— ଏଠା ମୋର ବ୍ୟଷ୍ଟିଗତ ମତ । ମାତ୍ର ପୁଣି ସମଷ୍ଟି ସ୍ତରକୁ ଅସିଗଲେ— ଏ ସ୍ତ୍ରୀ ସମଷ୍ଟିର— ବା ପାର୍ଟିର— ଏଠା ମୋର ସମଷ୍ଟିଗତ ମତ । ଶ୍ରୀ ରାମକୃଷ୍ଣ ପତିଙ୍କ ଜାଗାରେ ଏଥର ଶ୍ରୀ ମହତାବ କମ୍ୟୁନିଷ୍ଟ ପାର୍ଟିର ସମ୍ପାଦକ ହେବାର ସମ୍ଭାବନା । ପତ୍ର ଉପାଧି ମିଳିବ ।

× + ×

ଜଣେ ପତ୍ର. ପ୍ରେରକ ପଚାରିଛନ୍ତି ବାଲେଶ୍ୱରରେ ଫ୍ୟାସି କବିଙ୍କ ଶ୍ରାଦ୍ଧ ଦିବସ ପାଳନରେ ଏତେ ଅଳ୍ପ ଲୋକ କାହିଁକି ଅସିଥିଲେ । ଅମ୍ଭେମାନେ ତାର କାରଣ ଅନୁସନ୍ଧାନ କରି ଲୋକମତରୁ ଜାଣିଲୁ ଯେ ବାଲେଶ୍ୱରର ମହତାବ ଭକ୍ତ କଂଗ୍ରେସ ବାଲାମାନେ ବୟ୍‌କଟ କରିଥିବାରୁ ଲୋକେ ନେତା ଅନୁଗମନ କରିଲେ ଏଭଳି ଅବସ୍ଥା ହେଲା । ମହତାବ ଭକ୍ତଙ୍କ ବୟ୍‌କଟର କାରଣ— ଫକୀର ମୋହନ ଜଣେ ପୁରୁଣା କାଳିଆ ରାଜନୀତିଜ୍ଞ, ସାହିତ୍ୟିକ, ଲେଖକ, ଐତିହାସିକ ଓ କବି ଥିଲେ । ମହତାବ ପୁରୁଣାକୁ ଘୃଣା କରନ୍ତି । ଏବଂ ବର୍ତ୍ତମାନ ସେ ଜଣେ ନିଜେ ଏକାଧାରରେ ଫକୀରଙ୍କ ସବୁ ଦାୟାଦ ରୂପେ ସାହିତ୍ୟିକ, ଐତିହାସିକ, କବି, ଲେଖକ, ସାମ୍ବାଦିକ ଓ ରାଜନୀତିଜ୍ଞ । ଏହାଛଡ଼ା ଏ ସଭାରେ ସୋସାଲିଷ୍ଟ ଯୋଗ ଦେଇଥିବାରୁ ମହତାବୀ କଂଗ୍ରେସ ପ୍ରତିବାଦ କରି ରହିଗଲେ । କିନ୍ତୁ ଏ ଲୋକମତ ସତ୍ୟ ହେଉ ମିଥ୍ୟା ହେଉ ଅମ ମତରେ ଏ ଶ୍ରାଦ୍ଧଟା ଫକୀର ମୋହନଙ୍କର ଗୋଟାଏ ଅତ୍ୟାଚାର । ସେ ଜିନା ଥିଲୁଟିଏ ମରି ହଇରାଣ ହେଲେ— ଅମକୁ ଯେ ପ୍ରତିବର୍ଷ ଏମିତି ଟଣାଟଣି କରି ହଇରାଣ କରୁଛନ୍ତି ବାଲେଶ୍ୱର ବାସୀ ତାହାର ପ୍ରତିବାଦ କରି ଏକ ବଡ ସଭା କରିବେ ବୋଲି ଆଶା ।

× + ×

ଅଉ ଜଣେ ପତ୍ର ପ୍ରେରକ ପଚାରିଛନ୍ତି ଏ ଶ୍ରାଦ୍ଧ ସଭା ସଂବନ୍ଧରେ ବିଭିନ୍ନ ସଂବାଦ ପତ୍ରରେ ସଂବାଦ ଫରକ ପଡ଼ିଲା କାହିଁକି । ଗୋଟିକରେ ସଭାପତିଙ୍କ ନାମ ଓ ବକ୍ତୃତା ବାହାରିଛି । କିନ୍ତୁ ଅନ୍ୟଟିରେ ତାର ଗନ୍ଧ ବି ନାହିଁ । ତେବେ କଣ ସଭାପତି କେହି ନଥିଲେ ?

ବଲ୍ଲଅ ସଭା ସଭାପତିଙ୍କ ସମ୍ବନ୍ଧରେ ସଠିକ ଖବର ଜାଣନ୍ତି ନାହିଁ । ସଭାପତି କେହି ହୋଇଥିଲେ ହୁଏତ କେତେକ ସମ୍ବାଦ ପତ୍ରଙ୍କ ଦୃଷ୍ଟି ଅଗୋଚର ହେବାର ସହଜ ଭାଗ୍ୟ ଘଟିଥାନ୍ତା । ହୋଇ ପାରେ ଯେ କୌଣସି କୌଣସି କାଗଜ ନାମ ପ୍ରକାଶ ନକରି ପ୍ରକାଶ କରିବେ—

କୃଷ୍ଣନାମ ଅଜଠାରୁ ମୋ
ଶ୍ରବଣେ ନଶୁଣାଇବନି କେହି ଗୋ

× × ×

ଶୁଣାଯାଉଛି ଭଦ୍ରକ ଷ୍ଟେସନରେ କେତେକ କୋମାଇଟ ପଥର ଦିନେ ରବିବାର ରାତି ଅଧରେ ଠିକ୍ ଚୁନାରେ ପରିଣତ ହୋଇଗଲା । ସଙ୍ଗେ ସଙ୍ଗେ ମାଲିକ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଖବର ଦେଇଥିବେ ନିଶ୍ଚୟ । ସରକାର ଏହାର ସତ୍ୟାସତ୍ୟ ତଦନ୍ତ କରନ୍ତୁ । କେତେ ପଥର ଚୁନା ହୋଇଛି ଓ କେଉଁ କେଉଁଠିକି ତାହା ଗତି କରିଛି ।

\+ + ÷

ଗଡ଼ଜାତରେ ପ୍ରଜାନେତା ମାନଙ୍କର ଗିରଫ ବା ଅଟକବନ୍ଦୀ ହେବାର ପ୍ରତିବାଦ ଗଡଜାତ କର୍ମୀ ସମ୍ମିଳନୀରେ ଗୃହୀତ ହେବା ସମ୍ବାଦର ପରବର୍ତ୍ତୀ ସଂବାଦ ହେଉଛି, ମୋଗଲ ବନ୍ଦୀରେ ଯେପରି ପ୍ରଚାରକ ଚାକିରି ପାଇଁ କଂଗ୍ରେସ କର୍ମୀମାନଙ୍କୁ ନିଯୁକ୍ତ କରି ଯାଇଛି, ଗଡଜାତରେ ମଧ୍ୟ ସେହିପରି କର୍ମୀମାନଙ୍କୁ ନିଯୁକ୍ତ ମହତାବ କରିବେ ।

ଲୁହାର ଶିକୁଳି ପରିବର୍ତ୍ତେ ମହତାବ ଯେ ରୂପାର ଶିକୁଳି ବ୍ୟବସ୍ଥା କରୁଛନ୍ତି ଅମର ବିଶ୍ୱାସ କର୍ମୀମାନଙ୍କର ଅଉ ଆପତ୍ତି ରହିବ ନାହିଁ ।

÷ + ÷

ପାଲେଷ୍ଟିନ ସଂବାଦରୁ ପ୍ରକାଶ ଇହୁଦୀ ମାନଙ୍କର ଦୁଇଦଳ ନିଜ ନିଜ ଭିତରେ ଲଢ଼େଇ କରିଛନ୍ତି । ବାସ୍ତବିକ— ନିଜେ ସ୍ୱେ ନିଜର ବୈରୀ ଇନ୍ଦ୍ରିୟେ ଯା ନୁହନ୍ତି ଅଯତ୍ତ । ଇହୁଦୀ ମାନେ ଆପଣା ଇନ୍ଦ୍ରିୟକୁ ଅୟତ୍ତ କରିବା ପାଇଁ ଆପଣା ବିରୁଦ୍ଧରେ ଯୁଦ୍ଧ କରୁଛନ୍ତି ସେଟା ତାଙ୍କର ଅଭ୍ୟାସ । ପ୍ରଭୁ ଯିଶୁ ଇହୁଦୀ ଥିଲେ । ଏହି ଇହୁଦୀ ମାନେ ତାଙ୍କୁ ହତ୍ୟା କରିଥିଲେ । ଅମ ଓଡ଼ିଶା ସରକାର ମଧ୍ୟ ସେଇ ଇନ୍ଦ୍ରିକୁ ଜବତ କରିବା ପାଇଁ ଓଡ଼ିଆଙ୍କ ବିରୁଦ୍ଧରେ ଲଢ଼ିବାକୁ ଠିକ କରିଥିବେ ।

÷ ÷ ×

Digitized by srujanika@gmail.com



# ସିଗାରେଟ୍



ସ୍କୁ'ଭିତରେ ଡଗରେ 'ସିଗାରେଟ ପ୍ରିୟା' 'ସିଗାରେଟ ପ୍ରିୟା' |ସିଗାରେଟ.ପ୍ରିୟ ଇତ୍ୟାଦି ଯେତେସବୁ ଲେଖା କବାଟ ଇତ୍ୟାଦି ବାହାରିଲାଣି, ପଢ଼ିକରି ମୋର ମନ ହେଲାଣି ସିଗାରେଟ ପ୍ରିୟା କରିବାକୁ ଆଉ ହରଦମ ପ୍ରିୟା ଓଠରେ ଓଠ ମିଶେଇ ବାକୁ । (ଓଠ ବୋଲି କହୁଚି କାହିଁକନା ସିଗାରେଟ ପ୍ରିୟା-ର ଯେଉଁ ଅଂଶଟା ଆମେ ଓଠରେ ଚୁମୁ ସେଇଟା ନିଶ୍ଚୟ ପ୍ରିୟାର ଓଠ ହୋଇଥିବ ନା ନୁହେଁ ? ଯଦି ନ ହୋଇଥାଏ ତେବେ ସେଇଟା ପ୍ରିୟାଙ୍କର କଣ ?) ଅବଶ୍ୟ ସ୍କୁର ଅର୍ଥ ନୁହେଁ ଯେ ପ୍ରିୟା ଓଠରେ ଓଠ ମିଶେ-ଇବା କଥା ମୁଁ ଆଗରୁ ଭାବିନି ବା ସିଗାରେଟ ଟଣା କଥା ବହୁ ପୂର୍ବରୁ ଚିନ୍ତା କରିନି । ଦେଖି-ବାକୁ ଗଲେ ସିଗାରେଟ ଟଣା ଆଡକୁ ମୋର ମନ ବଳିଲାଣି ଖୁବ ଛୁଆଦିନୁ । ତେବେ ସେତେବେଳେ ଆରମ୍ଭହେଲା କାଠି ଟଣା ଦ୍ୱାରା । ତାପରେ ଅଳ୍ପେ ଅଳ୍ପେ ବଡହେବା ପରେ ପେନ୍‌ସିଲ ଟଣା ଚକ୍‌ଖଡ଼ି ଟଣା ଶିଖିଲି । ଆହୁରି ଟିକିଏ ବଡହେବା ପରେ ଥରେ ଦିଆଲି ଅମାବାସ୍ୟା ବେଳକୁ କାଇଁଶିଆ କାଠି ଟଣା ଶିଖିଲି । ସେଇ ବୋଧହୁଏ ମୋର ପ୍ରଥମ ଟଣା ଯୋଉଥିରେ ସିଗାରେଟ ଅର୍ଥାତ୍ କାଇଁଶିଆ କାଟିରେ ନିଆଁ ଲଗାଇ ଧୂଆଁ ଟାଣିଲି ଓ କାଢ଼ିଲି । ତାପରେ ଆହୁରି ଅନେକ ଥର ସିଗାରେଟ୍ ମାନେ କାଇଁଶିଆ ଟାଣିଚି । ତେବେ ପ୍ରକୃତରେ ସର୍ବପ୍ରଥମ ସିଗାରେଟ ହାତରେ ପଡ଼ିଲା ମାଟ୍ରିକ ପଢିଲା ବର୍ଷ ମୋ ସାଙ୍ଗ ସୁହାସ ତା ବାପାଙ୍କ ଡ଼ବାରୁ ଗୋଟାଏ ଚୋରେଇ କରି ଆଣିଥିଲା, ଆମେ ତିନିଗୁଟିଜଣ ସାଙ୍ଗ ଗୋଟାଏ ନିଛାଟିଆ ଜାଗାକୁ ଯାଇ ଗୋଟାଏ ବଡ଼ ପଥର କଡ଼ରେ ଲୁଚି ସେଇ ସିଗାରେଟଟିକୁ ସମସ୍ତେ ମିଶି ଗୋଟାଏ ଗୋଟାଏ ଦମ୍ ଟାଣିଥିଲୁ । ଖୁବ ମଜା ହେଲା ଅବଶ୍ୟ । ତେବେ ମୋର କେମିତି ମୁଣ୍ଡଟା ଧରିନେଲା । ନାକବାଟେ ଧୂଆଁ ବାହାରିଲା ଆଉ ଦି-ଆଖିରୁ ଚ ପାଣିଗଡ଼ିଲା ଆଉ କାଶି କାଶି ବେଦମ ହୋଇଗଲି । ତାପରେ ଆହୁରି ଅନେକଥର ସାଙ୍ଗମେଳରେ ଚେଷ୍ଟା କରିଚି କିନ୍ତୁ ହୁଏନି, କାଶି କାଶି ଅଣାଏତ ହୋଇପଡ଼େ, ଟାଣିପାରେନି- ସେଇ ସ୍କୁଲ୍‌ଦିନଠୁ ଆଜିପର୍ଯ୍ୟନ୍ତ ସ୍କୁଲ ଭିତରେ ଆଉ ଯେ ସିଗାରେଟ ଟାଣିନି ଏମିତି କଥା ନୁହେଁ, ଅନେକଥର ଟାଣିଚି ମାନେ ଟାଣିବାକୁ ଚେଷ୍ଟା କରିଚି କିନ୍ତୁ ଦୁଃଖର କଥା ଆଜଯାଏ ସିଗାରେଟ ଖିଆ ଅଭ୍ୟାସ କରି ପାରିଲିନି । ଆଜିକାଲି ଦୁନିଆର ଗତି ବା ରଙ୍ଗଢଙ୍ଗ ଯେମିତି ଦେଖୁଚି ମୋର ଚେଷ୍ଟା ପରେ ଚେଷ୍ଟା ଚଳେଇ ଅଧ୍ୟବସାୟ ଦ୍ୱାରା ଯେତେ ଶୀଘ୍ର ସମ୍ଭବ ସିଗାରେଟଟା ଅଭ୍ୟାସ କରିନେବା ଦରକାର । ଏଣେ ମନ ଡାକୁଚି ଚେଷ୍ଟାରେ କ'ଣ ହେଲା ନାହିଁ ତେବେ ଚ ହେଇ ପାରୁନି । ମୁଁ ଯାହା ଦେଖୁଚି ମୋର ଶରୀରର ଗଠନ ଏମିତି ଭାବରେ ଯେ ସିଗା-ରେଟ ଟାଣିଲେ ଧୂଆଁ ଗୁଡ଼ାକ ବରାବର ସିଧା-ଯାଇ ମୋର ଆଖିରେ ପଶେ ଆଉ ସେଇ ଯୋଗୁ ଆଖିଯୋଡେ ଓ ଆଖିରୁ ପାଣି ବାହାରେ । ମୁଁ ଅନେଇ ପାରେନି । ବୋଧହୁଏ ଆନ୍ୟମାନଙ୍କ ତୁଳନାରେ ମୋ ଆଖିଗୁଡାକ ଟିକିଏ ପଦାକୁ ବାହାରି ଆସିଚି କିମ୍ବା ମୋ ଆଖିରେ ଏମିତି କିଛି ପଦାର୍ଥ ଅଛି ଯାହା ଧୂଆଁ ପଡିରେ ଚୁମ୍ବ-କର କାର୍ଯ୍ୟ କରେ । ତାଛଡ଼ା କାହିଁକି କେଜାଣି ମୁଁ ପାଟିବାଟେ ଧୂଆଁ ଛାଡ଼ିବା ପୂର୍ବରୁ ଧୂଆଁ-ଗୁଡ଼ାକ ସବୁ ମନକୁ ମନ ନାକବାଟେ ବାହାରି ଆସେ ଯୋଉଥିପାଇଁ ନାକ ଭିତରଟା ଜଳେ । ପାଟି ନାକ ଭିତରେ ଧୂଆଁ ପାଇଁ କୌଣସି ଚେକବନ୍ଧ ନଥିବ ବୋଧହୁଏ । ସବୁଠୁ ବେଶି କଷ୍ଟହୁଏ କାଶ ଯୋଗୁ । ଆପଣ କଣ କହିବେ କି ମୋ ତଣ୍ଟିରେ କିଛି ଦୋଷ ରହିଚି ? ସିଗା-ରେଟ ଟାଣିବାର ମୋହିନିଆ ଜାଣିବାର ମୁଁ ତ ଦୁନିଆରେ ଆଉ କାହାରିକୁ ଦେଖିନି । କଣ କରିବ ସେସ୍ୟା ଲାଗୁଚି । ସିଗାରେଟ୍ ନ ଟାଣି ସାଙ୍ଗ ମେଳ ଭଦ୍ର ସମାଜରେ ଏମିତି ଭାବରେ ଅପ୍ରସ୍ତୁତ ହଉଚି ଆଉ ମନମୁଣ୍ଡିଆ ବୋଲି ଗଣାଯାଉଚି ସେଇଟା ବନ୍ଦ କରିବା ନିହାତି ଦରକାର । ସମସ୍ତେ ଷ୍ଟାଇଲ ଉପରେ ଟାଣୁଥିବେ · ମଝିରେ ମୁଁ ଯେମିତି ବାଛି ହେଇ ପଡେ ମତେ କେମିତି ଲଜ୍ଜ୍ୟା ଲାଗେ । ବାସ୍ତବିକ ସିଗାରେଟ୍ ଯେଉଁ ଷ୍ଟାଇଲରେ ଟଣା ଯାଏ ଆଉ ଯେଉଁ କାଇଦାରେ ମୁହଁରୁ ଧୂଆଁ ଛଡ଼ା ଯାଏ ସେଇ ପନ୍ଥର ବା ପୋଜ୍‌ଟା ମୋ ମନରେ ବେଶି ଥକି ହୋଇ ରହିଚି । ସେଇଥିପାଇଁ ମୋର ସିଗାରେଟ ଅଭ୍ୟାସ କରିବାପାଇଁ ବିଶେଷ ଇଚ୍ଛା । ମୁଁ ଟାଣିବାକୁ ବସିଲେ ମତେ କିନ୍ତୁ ଠିକ ପୋଜ ଦେଇ ଆସୁନାହିଁ । ଦି ଓଠର ଠିକ ମଝିରେ ନରହିଲେ ସିଗାରେଟ ମୋ ଓଠରେ ରହେନି ଏପିଟେ କିନ୍ତୁ ପୋଜରେ ରଖିବାକୁ ହେଲେ ବାଁ କଡ଼ ବା ଡାହାଣକଡ଼ ଆଡେ ବଙ୍କେଇ କରି ରଖିବା ଦରକାର । ମୁଁ ଯେମିତି କଲେ ଜମାରୁ ଧୂଆଁ ଓଟାରି ପାରେନି ତାପରେ ସିଗାରେଟ ଓଠରେ

Digitized by srujanika@gmail.com

# କଥା ଓ ବ୍ୟଥା

"ଇତିହାସରୁ ଶିକ୍ଷା ନେବା ଦେଶ ନେତା-ମାନଙ୍କର ସୋଭାଗ୍ୟ ପୂର୍ବକୃତ ନନ୍ଦନ"—ଉକ୍ତ ଡକ୍ଟର ଶ୍ୟାମା ପ୍ରସାଦ ମୁଖାର୍ଜ୍ଜି ।

...କିନ୍ତୁ ଇତିହାସର ପୁନଃ ପୁନଃ ଆବୃତ୍ତି ନ କଲେ ମନ ଉଦାଯାଉରେ ଯାଏ ଅସମ୍ଭବ ।

× × ×

"ଉନ୍ନତିର ବାର୍ତ୍ତ ଦେ ହାପେଥାନ ଏବେ ରାଜ୍ୟ ମଧ୍ୟ"—ଉକ୍ତ ଶ୍ରୀମତୀ ନାଇଡୁ ।

...କଥା ଏବଂ କାମର ଯୋଗରେ କାର୍ଯ୍ୟସିଦ୍ଧି ହେବ ନାହିଁ ?

× × ×

"ଅନ୍ନହୀନ କାଙ୍ଗାଳ ମାନଙ୍କ ଜନ୍ୟ ଉତ୍ପାଦନରେ କୌଣସି ପ୍ରକାର ଦରଦସ୍ତୁର କରିବା ଠିକ୍ ନୁହେଁ"—ଉକ୍ତ ଗାନ୍ଧିଜୀ ।

...ତେବେ ମାଲକୁ ପୁଣି ମୁଫତ୍ ?

÷ × +

"କଂଗ୍ରେସରେ ମିଶିବା ପାଇଁ ମୁସଲମାନ ମାନେ ତତ୍ପର ହୋଇ ରହ !"ସୁହ୍ରାବର୍ଦ୍ଦି ।

...ତତ୍ପର ହେବ ?

× × ×

"ଭାରତରେ ଦୁଇଟି ଜାତିର ଲଢ଼ାଇ ଚାଲିଛି—" ଅବଦୁଲ ।

...କିନ୍ତୁ ମରୁଛନ୍ତି ମଣିଷ, ଜାତି ନୁହେଁ ।

+ + +

ଚଳାଚଳ ମାନେ ହେଲେ କଳା ଜାତି—ବିନୋବା ।

...କେବେ ଗୋରା ହୋଇ ଯିବେ ତ ?

+ × ×

ସାମ୍ପ୍ରଦାୟିକ ଅନୁଷ୍ଠାନର ସ୍ଥାନ ଆଉ ଭାରତରେ ନାହିଁ—ପ୍ରସାଦ ।

...ଯାହା ନାହିଁ ଭାରତରେ ତାହା ନାହିଁ ଭାରତେ ।

× + +

ହଣା କଟାରୁ ବୁଝାଗଲା ଯେ ହିନ୍ଦୁ ଓ ମୁସଲମାନ ସ୍ୱାଧୀନତାର ପ୍ରକୃତ ଅର୍ଥ ବୁଝି ନାହାନ୍ତି—ଇବ୍ରାହିମ ।

...ସ୍ୱାଧୀନତାର ଅନର୍ଥ ଖାଲି ବୁଝି ଥିଲେ ।

× + +

"ମୋର ଯେତେ ବୟସ ଏବଂ ବୃଦ୍ଧତା ଥାଉ ମୁଁ ଜଣେ ଖେଳ ପ୍ରତିଯୋଗୀ ଭାବରେ ଭଲ ଥାନ୍ତି—" ନେହେରୁ ।

...ମୁଁ ରେ ବାପୁ ରେ ହାତ ଗୋଡ଼ରୁ ଜଣା ପଡୁଛି ।

×

ଗାନ୍ଧି ଶାନ୍ତିସେନା ଗଢ଼ିଲେ ଦୃଶ୍ୟ ନ ହେବା ପାଇଁ ଯୋଗ ଦେବା ଗୋଟିଏ ଶକ୍ତ—ମହତାବ ।

...ସେମାନେ ଅଦୃଶ୍ୟରେ ଯୋଗ ଦେଇ ଥିବେ ଯେ ।

+ + +

ଚାଷ ସୁତ ଗାଁ ଲୋକଙ୍କୁ ଜଳ ନ ଦେବା ପାଇଁ ଶିକ୍ଷା ଦେବେ—ଗାନ୍ଧିଜୀ ।

...ଏହି ଅନେକ ଲୋକ ମଳ—ଅବଶ୍ୟ ଉପୁଜିଲ ଜଳ ।

+ + ×

ଭାରତରେ ଆଦର୍ଶଗତ ( war of ideologies ) ଯୁଦ୍ଧ ଚାଲିଛି—ଉକ୍ତ ପ୍ରଜା-ତନ୍ତ୍ର ଗତ ସ୍ୱତନ୍ତ୍ରବାଦ ।

...ଶୁଦ୍ଧ ଅଶୁଦ୍ଧ ପୁରୁଷ ଥାଇବ । ଲେଖକ ଭାରତ ଦେଶ ନ ଦେଖିବ ।

× × ×

ମାଦ୍ୟକର ମହତାବଙ୍କୁ ବଣିକ ସଂଘ [ ମାରୁଆଡ଼ି ସଙ୍ଘ ]ର ସଂବର୍ଦ୍ଧନା—ପ୍ରଜା-ତନ୍ତ୍ର ସମ୍ବାଦ ।

...ବଣିକ ମୋହ ।

× × +

ଦାରିଦ୍ର୍ୟର ସେବା ଓ ମାନବମୈତ୍ରୀ ପ୍ରତିଷ୍ଠା—ପ୍ରଜାତନ୍ତ୍ରର ଭାଷା ।

...ଆଦର୍ଶର ସେବା ।

+ × +

ଦଶକ ତଡ଼ଣ ଘଣ୍ଟା ପରିବର୍ତ୍ତେ ୧୬ଘଣ୍ଟା କାମ କରନ୍ତୁ—ପ୍ରଜାତନ୍ତ୍ର ସଂପାଦକୀୟ ।

...ନଯାଉ କାମବାମାନ ମୁଫତ୍ଭୋ-ଗେନ ସାମ୍ୟତ ।

+ + +

ରେଲ ବାଟରେ ଓଡ଼ିଶାର ସ୍ଥାନ—ସମାଜ ସମ୍ପାଦକୀୟ ।

...ମାଲଗାଡ଼ିରେ ।

× + +

ଖାଦ୍ୟ ସମସ୍ୟା—ସମାଜ, ସମ୍ପାଦକୀୟ ।

...କେମନ ସମସ୍ୟା ହୋଇଛି ଆସି ଏଠି ଠାକରେ ।

+ × +

ରାଜତନ୍ତ୍ର ଯାଇଛି ଏଥର ଦଳ ତନ୍ତ୍ର ଯାଉ—ଉକ୍ତ ଜନତା ।

...ଅଚଳ ତନ୍ତ୍ର ଯାଇଛି ଏଥର ଚଳ ତନ୍ତ୍ର ଓ ଅଚଳ ତନ୍ତ୍ର ଯାଉ ।

+ × ×

ରାଜମାନଙ୍କ ଇସ୍ତଫାରୁ ସରକାର ଲୋଭୁଛନ୍ତି କାହିଁକି ?—ଜନତାର ପ୍ରଶ୍ନ ।

...ସରକାରଙ୍କ ସମର୍ଥକ ତାଙ୍କ ସ୍ୱାର୍ଥ ଲୋଭାଚ୍ଛନ୍ନ ହୋଇ ଥିବାରୁ ।

÷ ÷ ÷

ପ୍ରଶ୍ନ ପେଞ୍ଚ—କୃଷକର କେତେ ବସ୍ତ୍ର ।

...ଭଲ—ଭଲ—

+ × +.

ଦେଶୀରାଜ୍ୟରେ ପଞ୍ଚାୟତ ଶାସନ କାଏମ କର—କୃଷକ ।

...ପାଞ୍ଚ ମୁଣ୍ଡରେ ହଣ, ତେଣୁ ହର ଅଦ୍ଭୁତ ଶାସନ ହେବ ।

+ × +

ଓଡ଼ିଶାରୁ ରାଜତନ୍ତ୍ର ଲୋପ—କୃଷକରେ ଅଶୋକ ମେହେତା ।

...ଗୋଷ୍ଠିତନ୍ତ୍ର କେବେ ଲୋପ ହେବ ।

+ × +

ପଶ୍ଚିମ ବଙ୍ଗଳାରେ କଡ଼ା ଆଇନ—ମୁକ୍ତିଯୁଦ୍ଧ ।

– କଳା ସରକାର ତ ।

+ + ×

ରାଜାମାନେ ମୋଟା ଭତ୍ତା ଓ ଅଗାଧ ସମ୍ପତ୍ତିର ମାଲିକ ହେଲେ—ମୁକ୍ତିଯୁଦ୍ଧ ।

...ଅଳିକ ବାଳକ—ଫାଟା ସିଂହାସନର ମାଲିକ ।

+ + ×

ଗୋବିନ୍ଦ ପ୍ରଧାନଙ୍କ ସହ ୧୨ ଜଣ ଗିରଫ—ମୁକ୍ତିଯୁଦ୍ଧ ସମ୍ବାଦ ।

...ସେମାନେ କଣ ଅପ୍ରଧାନ ?

× × +

ଖଣ୍ଡାୟତ କ୍ଷତ୍ରିୟ ଜାତିର ଲକ୍ଷ୍ୟ—ଉକ୍ତି ନାୟକ ।

...କେବଳ ଖଣ୍ଡା ପୂଜା କରିବ ।

× + +

Digitized by srujanika@gmail.com

# କଲେଜ ଛୁଟି ପରେ........

······ଦେବକଙ୍କ ପିରିଅଡ୍ ଥାଏ ସେ ଦିନ ଲଜିକ୍ । ଚଣ୍ଡି, ସନ୍ତୋଷ ଆଜି ଗୋଟାଏ ପ୍ରକୃତ ସାଙ୍ଗ ନହୋଇ ଯଥା ଗୋବିନ୍ଦର ରୁମକୁ ଗଲୁ । ଚଣ୍ଡି, ସନ୍ତୋଷ ପାଖୁ ଦରଖାସ୍ତିଆ ଯିବାଟାରେଟା ନେଇ ଯଥା ଗୋବିନ୍ଦର ଖଟ ଉପରେ ବସି ପଡ଼ି କହିଲା 'ଅବର-ଶରୀର !

## ମଜାକଥା

କାଲି ମିସ୍ ରୀତା ରାଏଙ୍କ ସହିତ-ଟା ଆଳାପଟା ହୋଇଗଲା । ବାସ୍ତବିକ ଯଥା— ତୁ ବିଶ୍ୱାସ କରିବୁନି···ମୁଁ କିନ୍ତୁ କାଲି ମିସ୍ ରୀତା ରାଏଙ୍କ ହୃଦୟଟା ଛୁଡି ଭଳି ନେଇ ଦେଖିଲି—କେମିଷ୍ଟ୍ରି—ମଣ୍ଟେରନ୍ ଆଉ ପ୍ରାକ୍ଟିକାଲ ଆଫ୍ଟରନୁନ୍ ମଧ୍ୟ·····

ଯଥା ଥାଉ' ନେଇ ନେଇ ଅଭିଧାନ ଘେଷା-ରେଖଟା ଉପରୁ ନେଇ ସମ୍ବରଣ କରି ନ ପାରି ଅଭ୍ୟାସରେ ପୂର୍ବ ଲମ୍ବା ଚମ୍ପକଟାଏ ଦେଇ କହିଲା— "ଆରେ ଯା...ଆମ୍ବ ବଗିଚାଟା ମଧ୍ୟରେ ଯଦି କେହି 'ଏଟଚେକ୍' ଭାଙ୍ଗିଥାଏ—ତା ହେଲେ ସେ ଦେଖନ୍ତୁ ନିଅ, ଶୁଣୁ, ଫଟୋଗ୍ରାଫ । ଅନ୍ୟ ସମସ୍ତ କଥା ତାଙ୍କରେ ତାଙ୍କର ଉପର ହୃଦୟର ଖବରନ୍ତ ମୁଁ ପାଇଛି—ପ୍ରତି ନ···ରେ ଉଠ ଅଭ୍ୟାସ ବ୍ୟାଗରେ ଥାଉଛନ୍ତି ଭାବି ଅଭିଧାନ । ସେ ତାହା ଦେଖି ଦେଖନ୍ତୁ ସଙ୍ଗେ ସଙ୍ଗେ ମୋ ଦରଖାସ୍ତ ପଠାଇ ଦେଇ ଥିଲେ·········"

"ଏଇ ଯାହାଡ଼େ ଯଥା—ପ୍ରଫେସର୍ ଦାସ୍ଙ୍କ ନିଜ ମିସ୍ ରୀତା ରାଏଙ୍କ ପରି ଏତେ ନେଇ ଦାମ ଟାଏ ଦେଇ କରି ପାରି ନାହାନ୍ତି ।" ସନ୍ତୋଷ ହଠାତ୍ ଯଥା ବଖାଣରେ ତାହା ଦେଇ କହିବାକୁ ଆରମ୍ଭ କଲା ।

"ମିସ୍ ରୀତା ରାଏଙ୍କ ଅର୍ଥାତ୍ "ହରସ୍ୱରନ୍ ଅଫ୍ ଦ କଲେଜ"ଙ୍କ କଥା ଶୁଣି ଅମ ଚ' ଉଠିଲା ଚାହିଁ ଲେଖକ ଅଧି ଏଡ଼ାଇଦେଲେ ସନ୍ତୋଷ ଅଡ଼ିକୁ ଘୁରିଗଲା········ମୁଁ ତାଙ୍କ କଥା ଅଧକୁ ଜାଣି ଥିଲେ ମଧ୍ୟ ଜାଣିବାର ଇଚ୍ଛା କରି ତାହାକୁ ଜୋର ଦେଇ କହିଲି, "ତ ଜାଣେନି କଲେଜର ଯେଉଁ ରୀତା ରାଏଙ୍କ ଉଠୁଥିଲେ...ସେଇ ଦା······"

"ଆରେ ଖଲ୍ ! ତ ସେଇ ରୀତା ରାଏ । ଏ ବର୍ଷ ଆମ କଲେଜର ଫାଷ୍ଟଇୟାରରେ ଭର୍ତ୍ତି ହୋଇଛନ୍ତି ଆଉ 'ହରସ୍ୱରନ୍ ଅଫ୍ ଦ କଲେଜ' ପଦବୀଟା ମଧ୍ୟ ପାଇ ସାରିଲେଣି········ ସନ୍ତୋଷ ଉପର ଗୋଟିଏ ଉଦ୍ଧ ଅନୁଭବ କରି କହିବାକୁ ଆରମ୍ଭ କଲା—



"ରୀତା ଦେବୀଙ୍କ ଗ୍ରାମର ସ୍କୁଲ ଉପରେ ନଜର ଦେଇ ମୋଟା ଦେହ ଗଲା । ତାଙ୍କ ସହିତ ଅଙ୍କକୁ ଦେଖି ପରସ୍ପରା ଭାବ୍ ଭଳି ଗ୍ରାମରେ ଥାଏ । କଥାର ସତ୍ୟକୁ ପରଖାଇ ଦେଖାଇ ମୁଁ କହିଲି—"ଆରେ ସେ କଥା ଏଠି ଯାହାର ଚର୍ଚ୍ଚା କରିବା ଠିକ୍ ନୁହେଁ—'ଲେଟ୍ ଦ ଦ ଏ ଟପ୍ ଅଫ ଦ କଲେଜ୍ ହେବେ ।"

ଏଥି ମଧ୍ୟରେ ରୀତା ଦେବୀଙ୍କର ଗ୍ରାମ ଆଉ ଅମ କଲେଜରେ ଯୋଗ ଦେଇ ସାରିଲେଣି ବୋଲି ମୋ କଥା ଏଇ ବୁଝି ନାହାନ୍ତି ।

ଚଣ୍ଡି ଜଣ୍ ସ୍କୁଲ୍······ଦାଦଲ୍ ଟପ୍ ଯୁଦ୍ଧ ହେବଗାଲେ ସେ ଏଇ ସବୁଠାରୁ ବଡ଼ କୃତି, ଗ୍ରାମ ସଙ୍ଗେ ସଙ୍ଗେ ଆରମ୍ଭ କରିଦେବ ।

## ମାଙ୍କଡ଼ ଡ୍ରାଇଭରେ

"ଟ୍ଟୁ ଗୁଡ଼"......ବଟେ ଯେତେ ସେ ଅନେକ ଏଇ ଉତ୍ସାହ—ବର୍ତ୍ତମାନ ପୂର୍ଣ୍ଣ କହିବାରେ ଲାଗିଲେ——

······"ତାପା ତାଙ୍କ ଘରେ ନଥିଲେ । ପ୍ରିୟେମା ଦେବୀ ଯାଇଥାନ୍ତି—ଟେନିସ ଖେଳାକୁ ପାଇଁ ଟେଲିଫୋନ ବାଜେଇ ଦେଇ ଦେଲି ଯାହା ସବ ଙ୍କ ତାହାଙ୍କ ନାମଟା ଆଉ ତାଙ୍କର ନମ୍ବର ୬୬୭ (ମୋହନ ପେଣ୍ଟର ହିଲ୍ ସ୍) ଟା ମୋ ଅଧ ଅଭ୍ୟାସ ପ୍ରଥମେ । ମୁଁ ଅଗଚ୍ଛ ଭାଙ୍ଗିଲି ସେ ତାଙ୍କ ଦାଦା, ଘଣ୍ଟାରେ ଦଶ ନଥାନ୍ତି, ଦୁଇଟରେ ଥାନ୍ତି । ବୁଦ୍ଧି ଖାଟିଁ ସେଠା ସ୍ୱରେ ଗଭୀର ଫୋନରେ ଆଳାପଟା ସହିତ ହୋଇ ଗଲାଗଲା । ମୁଁ ଉପରକୁ ଯଉ କହିଲି——

"ତାରେଲ......ଓଟେଲ ପେଣ୍ଟର୍ ହିଲ୍ସ ।"

"ଉମ୍ମର ଫ୍ରେଣ୍ଡ" ବୋଲି କଥା କହିଲ ଗଲ ଶୁଣିଲ ।

'ଓଟେଲ୍ ସେକେରନ୍ ହିଲ୍ସ' ହେଉ ବଡ଼ ପାଣ୍ଡରେ କହିଲ ଉଚ୍ଚାରଣା ଜାତ ଗାଇଲେ ଥାଏ ।

ଉପରେ ପରେ ମିସ୍ ଉଟା ଚବ ଅଭି ଫୋନ ପାଖରେ ଦାଉଲ ।

ଅନୁମାନରେ ପୂର୍ବ ଉଚ୍ଛ୍ୱସା ପହିଲ ଚଣ୍ଡିର କଥା ସୁଣାଇ ଶୁଣୁଥାଇ । ମୁଁ ସେତେବେଳକୁ ପୂର୍ବ ଉତ୍କଣ୍ଠିତ ହୋଇ ପଡ଼ୁଥାଏ ତାପର ପାଣିଟା ଏପରି ହେଲା ଶୁଣିବା ପାଇଁ·····

'ତୁ' ତା ଜଣେ କଣ ହେଲ' ମୁଁ ପଚାରିଲି ।

ତାପରେ ଏହାର ଉପକ୍ରମ ଅବାଧ ପ୍ରବାହ—ଟ୍ରେଟାଇଟାନ ଭାଷା କଥା—ଲଟରୀପତ୍ର କଲେଜ ମିଲନର ନେଇ ଷ୍ଟୁଡେଣ୍ଟର ଫଟ ବାଦ୍ୟାଙ୍କ ପଠାଇ ଉତ୍ସବ ହେଲ ଉଦ୍ଧତ କଥା. ଚଣ୍ଡି ବଡ଼ ସୁକଥାଏ......ସେଥିରେ ଅମ କଲେଜ ଦଲେଜ ପ୍ରେସିଡେଣ୍ଟ ଗୋପାଳ ବାବୁ ଚଣ୍ଡି କଥା ଉଠେ-ମଠା ମତ ଦେବାକୁ ଯାଉଥିଲେ—ତାଠ ଦେ କଣ ଦୁଇଟା ଘଣ୍ଟା ଟେଲ୍ ଟେଲିଫୋନରେ ତାହ ଉଠିଲ । ସେତେବେଳେ ଟିକେଟ୍ ଓଲଟ୍ ହେଲ......ଏପ ଲୁଗରେ ଦ୍ୱାରଗ ତାଳାପରେ । ମୁଁ ମୋର ଉଡ଼ା ଟେବଲଟାକୁ ଗୋଟେଇ ପୁରୁଷ ଯଥା ଯଥା ସୁନେଇ ଦାଂସର ଟ୍ରେଟାଇନଲ୍ ଭାଷାକୁ...

ଭଟା ଦେଖ ଅମର ଗ୍ରାମ । ଗ୍ରାମ ବାବୁ ଉଠେଇ ତାଙ୍କ ବଦାନ୍ୟକୁ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଅମ କଲେଜର ଅଛିଥାନ୍ତି । ତାଙ୍କର ନାମଟା କଲେଜ ସାରା ଜଣେ ଉଡ଼ିଥାଏ । ସେ ଟ୍ୟୁଟାଇଥାନ ଭାଷାରେ ଯେତେ ଗ୍ରୀଷ୍ମକାଳ ଦାନ୍ତମା ଦୁଇଥାଇବାରେ ଲାଗିଥାନ୍ତି । ମୋ ମନ ଉତ୍କଣ୍ଠ ଉଠାଇ ଦେଲା । ଭଟା ଦେବୀଙ୍କ ସହିତ ଟେକ ଫୋନରେ ଚଣ୍ଡିର ଦେଖାଇଦେଲ୍ ଆଳାପଟା ମୋ ଅଙ୍ଗ ଅଟଳ ଦାତ ଥାଏ———

······ଭଟା ଦେବୀଙ୍କ ଅଭିରୁ ଉତ୍ତର ସୂଚିତ ସେତେବେଳେ ମୋ ଅବସ୍ଥା ସେ ଗଡ଼ ମୃଗର ଦେଖାଗଲେ । ତାଙ୍କର ପାଗଳା ଦାନ୍ତ ଅଧରଟା, ଗାଲିର ମହାକାଳ ଫଳର ଲେଖାକୁ ଅବ୍ଧୁଲ କିଛି ଦେଖାଇଲ······ଗଡ଼ାଇ ଉଭୟ ଘଟେଣ ଘଣ୍ଟାର ପାଉଣ୍ଡ ଏଟେଇପ୍ ଅମ୍ବା ଗଦଳରେ ଅମ ଗୋଟେ ରୁମ୍କୁ ମନ୍ଦାକ ଦେଉଥାଏ·····ଭଟା ଦେବୀଙ୍କ ପହିଲ ଅଳାପ କରିବାକୁ ମୋର ମନଟା ଡୁଡ୍ ନାହି ଉଠିଲେ.......

ଲେ: -ଶ୍ରୀ ଗଜେନ୍ଦ୍ରନାଥ ସାମଲ

ସେଥିରେ ଚଣ୍ଡିର ସ୍ୱାଗଟା ଦେଇ ଉପଯୁକ୍ତ ହୋଇ ଗଲା । ......ଫୋନରେ ଗଡ଼ ମୃଗର ଗ୍ରହେ ଅଳାପ······ଅର୍ଥାତ୍ "ଲଭ୍ ଆଟ୍ ଦ ଫାଷ୍ଟ ସାଇଟ" ନୁହେଁ—ତାଙ୍କ ଭାଷାରେ ତାଙ୍କର ମୋର ଦେଖା ଥିଲ ସବୁ ଅଛି ହୋଇ ଯାଇଥାଏ । ତାଙ୍କ 'ଲଭ୍ ଉଇଦାଉଟ୍ ସାଇଟ୍' (love without sight) କହିଲେ 'ଟ୍ରାଜେ-ଡାଲ' ମୁଁ ହେଲ ହୋଇ ଯିବ । ଅତ ତାଙ୍କ ଉଚ୍ଚାରଣରେ ଏବୁ କଥା ସମ୍ଭବ । ମୁଁ ଟା ତାହାଙ୍କ ସଙ୍ଗ ଉଷ୍ଣତାର ଅଭାବ ଅଭିଜ୍ଞତା ତା ରୁମାଲ ହୋଇ ଉହଁଚାତାକୁ ······ ଦୂରା କରି ସାରି ଘଟେ ଦୂମାଲ ହୋଇ ଯିବାର ସମ୍ଭବ । ······ଯୁଦ୍ଧ ଖଣ୍ଡ ଦେଖାରେ ଅର୍ଥାତ ବଙ୍ଗଳର ଶ୍ରେଷ୍ଠ ଅଭିନେତ୍ରୀ ଟେକ୍ନିକାଲ ସାହାଯ୍ୟ

( ୧୮ ପୃଷ୍ଠା ଦେଖନ୍ତୁ ।

# ଡଗର

ଧରି ହାତ ହଲାଇ ହଲାଇ ସିଗାରେଟ ଟାଣିବା ଏବଂ ସେଥିପାଇଁ ଓଠରେ ଜଳନ୍ତା ସିଗାରେଟ ଥାଇ କଥାବାର୍ତ୍ତା କରିବା ମୋର ଏକାନ୍ତ ବେଶି ଶିଖିବାର ଇଚ୍ଛା। କିନ୍ତୁ ମୋଦ୍ୱାରା ହୋଇ ପାରୁନି। ହାତ ଛାଡ଼ି ଦେଇ କେବଳ ଓଠରେ ସିଗାରେଟ ଧରି ରହିହୁଏନି। ଖସି-ପଡ଼ିଲା ପରି ଲାଗୁଛି ଆଉ କଥାବାର୍ତ୍ତା କଲେ ପାଟିରେ କଦଳୀ ପୂରେଇ କଥା କହିଲେ ଯେମିତି ଶୁଭିବ ସେମିତି ଶୁଭୁଛି। କେତେଦିନ ଅଭ୍ୟାସ କଲେ ଆସି ପିବ କହିପାରୁନି। ମୋର ବନ୍ଧୁ ରବିନ୍ଦ୍ରବାବୁ ଯିଏକି ବରାବର ମତେ ସିଗା-ରେଟ ଖାଇବାପାଇଁ ଉତ୍ସାହ ଦେଇ ଆସୁଛନ୍ତି କହନ୍ତି ଯେ ଅଳ୍ପ କେତେଦିନ ଅଭ୍ୟାସରେ ପଡ଼ିଗଲେ ସିଗାରେଟ ଉପରେ କଣ୍ଟ୍ରୋଲ ଆସିଯିବ। ଦେଖାଯାଉ ବର୍ତ୍ତମାନ ଖାଲି କାଶଟା ନଛାଡ଼ୁଅନ୍ତା ଆଉ ଆଖିନାକରୁ ପାଣି ନବାହା-ରନ୍ତା କି !

ମୋର ସିଗାରେଟ ଟଣା ଶିଖିବାର ଆଉ ଗୋଟାଏ ବଡ଼ କାରଣ ହେଉଛି ଘରଅଡ଼ୁ ଚାପ ପଡ଼ୁଛି। ଆମ ଘରଣୀ କୋଉ ନଭେ-ଲରେ ପଢ଼ିଥିଲେ କେଜାଣି ଯେ ଝିଅମାନଙ୍କୁ ପୁଅଙ୍କର ସିଗାରେଟ ଟଣା ଦେଖି ଭଲଲାଗେ ସେବେଦିନୁ ତାଙ୍କୁ ବେଶ୍ ଲାଗିଲା। ତାଛଡ଼ା "ହାଉଆରେ ଦାମୀ ସିଗାରେଟ ଧୂଆଁର ଖୁସ୍ବୁ" "ସିଗାରେଟ ଧୂଆଁର କୁଣ୍ଡଳୀ" "ପୁରୁଷ ଓଠର ଟବାକୋ ଗନ୍ଧ" "ପରିଚିତ ଧୂଆଁ" "ପରିଚିତ ବ୍ରାଣ୍ଡ ସିଗାରେଟ ଗନ୍ଧରୁ ପ୍ରଣୟୀର ଉପସ୍ଥିତି" "ସିଲଭର ଏସ୍ ଟ୍ରେ" ଇତ୍ୟାଦି ଲେଖା ତାଙ୍କ ମନରେ ଖୁବ୍ ଦାଗ ଆଙ୍କିଛି। ସେଥିପାଇଁ ମୋର ସିଗାରେଟ ଖିଆ ସାଙ୍ଗମାନଙ୍କ ପ୍ରଶଂସା ଆଉ ସେମାନଙ୍କ ଘର କେତେ ପରିଷ୍କାର ପରିଚ୍ଛନ୍ନ ମୋ ଆଗରେ ଅନେକ ଥର କହିଲେଣି—ତାଙ୍କ ଇଚ୍ଛା ମୁଁ ବିଡ଼ିଆ ଛାଡ଼ି ବର୍ତ୍ତମାନ ସିଗାରେଟ ଧରେଁ। ମୋର ଚେଲପରି ବରାବର ପାନଖାଇ ପାଟି ପାଲୁ ପାଲୁ କରିବା ସିଏ ପସନ୍ଦ କରନ୍ତିନି। ତାଛଡ଼ା ପଚ୍ ପଚ୍ କରି ଯୋଉଠି ନା ସେଇଠି ପିକ ପକେଇବାଟାକୁ ସିଏ ଘୃଣା କରନ୍ତି। ସେଇଦୋଷରୁ କୁଆଡେ ଆମଘର ଏତେ ଅସଜା। ମୁଁ ତାଙ୍କୁ କହେ ଯେ ମୁଁ କଣ କରିବି, ମୋର କଣ ସିଗାରେଟ ଟାଣି-ବାକୁ ଇଚ୍ଛା ନାହିଁ ନା ଚେଷ୍ଟାରେ ମୋର ତ୍ରୁଟି ଅଛି ! ସିଗାରେଟ ପାଟିରେ ଦେଇ ବେଳକୁ କଣ ଶରଦି ଘୋଟିଗଲା ପରି ଆଖି ନାକରୁ ପାଣି ବାହାରିବା ଦ୍ୱାରା ଆଉ କାଶ ହେବା ଯୋଗୁ ସିନା ମୁଁ ଖାଇପାରୁନି। ଆଉ ଓଠରୁ ଟବାକୋ ଗନ୍ଧ କଥା, ମୁଁ ଯେଉଁ ଗୁଣ୍ଡି ଖାଏ ସେଥିରୁ କଣ ଟବାକୋ ବା ଧୂଆଁ ପତ୍ରର ଗନ୍ଧ ମୋ ଓଠରୁ ପାଆନ୍ତି ? ସିଏ କହନ୍ତି ଯେ କାହିଁ ଚୂଆ ପିଆ ଲାଗିଥିବା ଧୂଆଁପତ୍ର ଗୁଣ୍ଡିର ଦୁର୍ଗନ୍ଧ, ଆଉ କାହିଁ ଭର୍ଜିନିଆ ଟବାକୋର ସୁଗନ୍ଧ !! ତାଙ୍କ ମତରେ ଗୁଣ୍ଡି ଖିଆଟା ବର୍ବରତାର ପରିଚାୟକ କିନ୍ତୁ ସିଗାରେଟ ଖିଆଟା ସଭ୍ୟତାର ନିଦର୍ଶନ ଅବଶ୍ୟ ଏ କଥାଟା ମତେ ମାନି ନେବାକୁ ପଡ଼େ କାହିଁକିନା ଖାଲି ତାଙ୍କଠୁଁ ନୁହେଁ ମୁଁ ଅନେକ ବଡ଼ ଲୋକଙ୍କଠୁ ଶୁଣିଛି ଯେ ଧୂଆଁପତ୍ରଟା ଯେତେ ରକମ ବ୍ୟବହାର କରି-ଯାଏ ଏବଂ ଯେତେ ପ୍ରକାରର ଧୂଆଁ ଟଣା ଯାଏ ସବୁଠାରୁ ସିଗାରେଟ ପିଅଦ୍ୱାରା ବେଶି ସଭ୍ୟତା ବୁଝାପଡ଼େ ଆଉ ରୁଚିଟି ବେଶ ପରିଷ୍କାର ସଫାସୁତରା ଲାଗେ—କାରଣ ଧୂଆଁ ପତ୍ରର ଗୁଣ୍ଡି, ଚୂନଦୋକ୍ତା ନାସ ଗୁଡ଼ାଖୁ ଇତ୍ୟାଦି କଦର୍ଯ୍ୟ ମହରଟି ଅଭ୍ୟାସ ଯାହା ଦିନରେ ପ୍ରଗାଢ଼ର ଗନ୍ଧ ବାଜନ୍ତି। ତାପରେ ଧୂଆଁ ହିସାବରେ ବିଡ଼ି, ସିଗାର୍, ସିଗାରେଟ୍, ପାଇପ, ହୁକ୍କା ଚିଲମ, ଇତ୍ୟାଦି ଗୋଟି ଗୋଟି ଯଦି ଦେଖିବାକୁ ପିବା ବଡ଼ କଥା ତ ନ କହିବା ଭଲ କାରଣ ତଦ୍ୱାରା ଦରିଦ୍ର ରୁଚି ବୁଝା ପଡେ—ହୁକ୍କାରେ ସେମିତି ବାର ପଧ୍ର କରିବାକୁ ପଡ଼େ ଆଉ ପକେଟରେ ପୁରେଇ ନେବା ଆଣିବା ସୁବିଧା ଜନକ ନୁହେଁ —ଚିଲମରେ ଗଞ୍ଜା, ଚରସ ପ୍ରଭୃତି ଟାଣିବା ନିଶା ଭିତରେ ଗଲା—ଚୁରୁଟ୍ ବା ସିଗାର ଟାଣିଲେ ପାଟି ବେଶି ଗନ୍ଧାଏ ଆଉ ପାଇପ୍ ବରାବର ସଫା ନଥିଲେ ପାଟିରୁ ଛେପ ବାହାରେ ଭୀଷଣ ଆଉ ଗନ୍ଧ ବି କରେ— ଏଇସବୁ ବିଚାର କଲେ ସିଗାରେଟ ଉଦ୍ଭାବନ ଦ୍ୱାରା ମଣିଷର ରୁଚି ଆଉ ସଭ୍ୟତା କେମିତି ଆଗେଇ ଯାଇଛି ବୁଝିବାକୁ ବାକି ରହିବ ନାହିଁ। ବାସ୍ତବିକ ଧୂଆଁପତ୍ର ଓ ଧୂମ୍ରପାନ ଇତିହାସରେ ସିଗାରେଟ ଚିରଦିନ ସର୍ବୋତ୍ତମ ବିଜୟସ୍ତମ୍ଭ ହୋଇ ରହିବ। ସିଗାରେଟର ଶୁଭ୍ରତା, କମନୀୟତା, ଗୋଲ ଗୋଲ ପତଳା ପତଳା ଚେହେରା ଆଉ ଖାଣ୍ଟି ଭର୍ଜିନିଆ ଧୂଆଁ ପତ୍ରର ପବିତ୍ରତା ଦେଖିଲେ ଯେ କେହି ମୁଗ୍ଧ ହୋଇଯିବ। ତା'ଛଡ଼ା ଜନ ସାଧାରଣଙ୍କ ରୁଚି ଅନୁଯାୟୀ ମୋଟା, ସରୁ ବେଶି କଡ଼ା, କମ୍ କଡ଼ା, ମଝି ମଝିକା, ସୋଲ୍ଡକ ଦିଆ ଫୁଲ ଦିଆ ଇତ୍ୟାଦି ବହୁତ ରକମର ମନ ମାଫିକ ସିଗାରେଟ ମିଳୁଛି ଏବଂ ଇଚ୍ଛାକଲେ ଆପେ ସିଗାରେଟ ବନେଇ ବନେଇ ଖାଇବାର ଉପାଦାନ ମଧ୍ୟ ମିଳି ପାରୁଛି—ଏଇ ବିରାଟ ବ୍ୟାପକତା ଓ ସର୍ବତ୍ର ସିଗାରେଟର ଆଦର ଦେଖିଲେ ଆମେ ଯଦି ସିଗାରେଟ ଆଦର ନକରୁ ତେବେ ଦୁନିଆର ପ୍ରଗତି ତୁଳନାରେ ଆମେ କେତେ ପଛରେ ପଡ଼ିଚୁ ବୁଝା ଯାଉନାହିଁ ? ଆମେ ଯଦି ନିଜର ଉନ୍ନତି ଚାହୁଁ ବା ଦେଶର ଉନ୍ନତି ଚାହୁଁ ତେବେ ଦୁନିଆ ସହିତ ତାଳ ଦେଇ ଆମର ପାଦ ପକେଇବା ଦରକାର।

ମୁଁ ଯାହା ଶୁଣିଛି ଦୁନିଆର ସବୁ ବଡ଼ ବଡ଼ ଲୋକମାନେ ସିଗାରେଟ ପିଅନ୍ତି—ବଡ଼ ବଡ଼ ଲେଖକ, ରାଜନୀତିଜ୍ଞ, କବି, ଚିତ୍ରକର ବୈଜ୍ଞାନିକ ଦାର୍ଶନିକ ଇତ୍ୟାଦିଙ୍କର ସିଗାରେଟ ଅଭ୍ୟାସ ଅଛି ଏପରିକି ମହାତ୍ମା ଗାନ୍ଧୀ, ମହାତ୍ମା ଗାନ୍ଧୀ ନୁହନ୍ତି ଜହରଲାଲ ମୌଲାନା ଆଜାଦ ପ୍ରଭୃତି ନେତା ମାନେ ସିଗାରେଟ ନ ଖାଇଲେ ଚଳି ପାରିବେନି। ଯୁଦ୍ଧବେଳେ ଶୁଣୁଥିଲି ମିଳିତ ଶକ୍ତି ଅର୍ଥାତ ଚର୍ଚ୍ଚିଲ, ଷ୍ଟାଲିନ, ରୁଜଭେଲ୍ଟ, ତ୍ରିମୂର୍ତ୍ତି ଧୂମ୍ରପାନ କରୁଥିବାରୁ ଦୁନିଆରେ କପରି ଶାନ୍ତି ଓ କଲ୍ୟାଣ ପ୍ରତୀକ ଥିଲେ ଆଉ ହିଟଲର, ମୁସୋଲିନି, ଟୋଜୋ ପ୍ରଭୃତି ଧୂମ୍ରପାନ ନକରୁଥିବାରୁ ଦୁନିଆରେ କିପରି ଅମଙ୍ଗଳ ଓ ଅଶାନ୍ତି ଆଣିଥିଲେ। ସେମାନେ ସିଗାରେଟ ନ ଖାଉଥିବା ହେତୁ କେମିତି ଶାସ୍ତି ପାଇଲେ କାହାରିକି ଅଜଣା ନାହିଁ। ସିଗାରେଟ କାହିଁକି ଖାଆନ୍ତି ଓ କଣ ଉପକାର ହୁଏ ଖାଇଲେ ଏ ବିଷୟରେ ଅନେକ ଅନେକ କଥା କହନ୍ତି—ମୋଟ ଉପରେ ନିକୋଟିନ ଛାତି ଭିତରକୁ ଯିବାରୁ କଲିଜା କଳା ହୋଇଯାଏ ଓ ସ୍ନାୟୁ ଗୁଡ଼ାକ ଦୁର୍ବଳ ହୋଇଯାଏ ତଦ୍ୱାରା ବରାବର ସିଗା-ରେଟ ଖାଇ ସ୍ନାୟୁ ଗୁଡିକୁ ଚଞ୍ଚଳ କରିବାର ଆବଶ୍ୟକତା ପଡେ ଯଦ୍ୱାରା ମନରେ ସ୍ଫୁର୍ତ୍ତି ଆସେ। ସିଗାରେଟ ଖାଇଲେ ମନର ଭାବନା ସବୁ ମନ ଭିତରେ ଦେଖା ନଦେଇ ଧୂଆଁର କୁଣ୍ଡଳୀ ଭିତରେ ସ୍ପଷ୍ଟ ହୋଇ ଦେଖା ଦିଅନ୍ତି ବୋଲି କବି ଲେଖକ ମାନେ ବେଶି ସିଗାରେଟ ଖାଆନ୍ତି ବୋଲି ଶୁଣା ଅଛି। ତାଛଡ଼ା ଖାଲି ବସିବା ଅପେକ୍ଷା ସିଗାରେଟ ବାହାର କରି ଜଳେଇ ଧୂଆଁ ଛାଡ଼ିଲେ କିଛି ନା କିଛି କାମରେ ବ୍ୟସ୍ତ ରହିବାକୁ ପଡ଼ିଲା ଯଦ୍ୱାରା ସମୟ ବେଶ୍ କଟିଯାଏ। ସିଗାରେଟ ଅଭ୍ୟାସ କରିବାଦ୍ୱାରା ଅଜଣା ଲୋକ ସହିତ ମଧ୍ୟ ଅଳ୍ପକରେ ବନ୍ଧୁତା ହୋଇଯାଏ ଆଉ

Digitized by srujanika@gmail.com

ଭଉଁସେଲ ମାଗିବା ବାହାନାରେ ସେ କାହାର ସହିତ କଥା ଆରମ୍ଭ କରି ହୁଏ। ସିଗାରେଟ ଖିଆଳି ମାନଙ୍କ ଭିତରେ ଖୁବ୍ ଶୀଘ୍ର ଦୋସ୍ତି ହୋଇଥାଏ। ମୁଁ ଦେଖିଛି ସିଗାରେଟ ଯଦି ଠିକ ଯୋଗରେ ଧରି ଗମ୍ଭୀର ଭାବରେ ଟଣାଯାଏ ତା ହେଲେ ସହଜରେ ନିଜର ଗୁରୁତ୍ୱ ଗାମ୍ଭୀର୍ଯ୍ୟ ବଶିଷ୍ଟତା ପ୍ରକଟିତ ହୋଇ ପାରେ ଯେମିତିକି ଦୁନିଆରେ ଜଣେ କେହି ବଶିଷ୍ଟ ବ୍ୟକ୍ତି ଏବଂ ଅନେକ ସମୟରେ ବଡ଼ ଲୋକ ବୋଲି ମଧ୍ୟ ମନେ ହୋଇଥାଏ। ମୋର ସିଗାରେଟ ଅଭ୍ୟାସ କରିବା ଇଚ୍ଛା ପଛରେ ଏଇ ଆକାଂକ୍ଷାଟି ବେଶି ରହିଛି ଯେ ମତେ ଯେମିତି ଜଣେ କେହି ବଶିଷ୍ଟ ବ୍ୟକ୍ତି ବୋଲି ସମସ୍ତେ ଭାବିବେ ଆଉ ମୋର ସିଗାରେଟ ଟଣାର କାଇଦା ଦେଖି ଲୋକେ ବଲ ବଲ କରି ମୋ ଆଡ଼େ ଅନେଇ ରହିବେ ଆଁ କରି। ଏ ପର୍ଯ୍ୟନ୍ତ ଠିକ ଭାବରେ ଟାଣି ପାରୁ ନ ଥିବାରୁ ମୋ ସିଗାରେଟ ଟଣା କାହାରି ଉପରେ ପ୍ରଭାବ ବିସ୍ତାର କରି ନାହିଁ। ତେବେ ବି ନେହେଲେ ନିଶ୍ଚୟ କରିବି। ବର୍ତ୍ତମାନ ମୁଁ ସିଗାରେଟ ଟାଣିଲେ କେହି ମୋ ପ୍ରତି ଲକ୍ଷ୍ୟ କରୁ ନାହାନ୍ତି। ତାଙ୍କୁ କଣ ଅସମ୍ଭବ ଲାଗୁଛି କେଜାଣି ଅନେକ ତ ମୁହଁ ବୁଲେଇ ଦଉଛନ୍ତି ଆଉ ବିଶେଷତଃ ଝିଅମାନେ ଏବଂ ଟୋକୀ ମାନେ କାହିଁକି ଯେ ମୋ ସିଗାରେଟ ଟଣା ଦେଖି ଚମୁକା ଚମୁକି ଠାରି ଠାରି ହୋଇ ଆପଣା ଭିତରେ ମୁରୁକି ମୁରୁକି ହସନ୍ତି ବୁଝି ପାରେନା। ବୋଧହୁଏ ମୋର କାଶ ଥରକୁ ଥର ସିଗାରେଟ ତଳକୁ ଖସି ପଡ଼ୁଥିବା ଓ ଗୋଟେଇ ଆଣୁଥିବା ଲକ୍ଷ୍ୟ କରି ହସୁଥାଇ ପାରନ୍ତି। ମୁଁ ମୋର ବନ୍ଧୁ ମେଳରେ ସିଗାରେଟ ଖିଆ ଆଲୋଚନା ବେଳେ ଶୁଣିଛି ଯିଏ ଯେତେ ବେଶି ସିଗାରେଟ ଖାଏ ବୋଲି ଜଣା ଯାଏ ତାର ସେତିକି ବାହାଦୂରି ଜଣା ପଡ଼େ। ମନେ କରନ୍ତୁ ଜଣେ ଦିନକୁ ଗୋଟାଏ ପ୍ୟାକେଟ ଟାଣିଲେ ଆଉ ଜଣେ ଯଦି ଦୁଇପ୍ୟାକେଟ ଟାଣେ ତେବେ ତାକୁ ଉଚ୍ଚ ଆସନ ଦିଆଯିବ। ସେଇଯୋଗୁଁ ଯିଏ ଦିନକୁ ଗୋଟାଏ ଡବା ଟାଣେ ତାର ଆସନ ସବୁଠୁ ଉଚ୍ଚରେ ଜଣା ହେବ। ତାଛଡ଼ା କେତେ ଦାମୀ ସିଗାରେଟ ପିଉଛି ସେଇଟା ମଧ୍ୟ ବିବେଚନା କରାଯାଏ। ଆମ ରବନ୍ ବାବୁ ସମସ୍ତଙ୍କୁ ଟପନ୍ତି କାରଣ ସେ ଦିନକୁ ପ୍ରାୟ ଦୁଇଡବା ସିଗାରେଟ ଖତମ କରନ୍ତି। ଯାହାର ମାନେ ପ୍ରାୟ ସାଢ଼େ ଟଙ୍କାର ସିଗାରେଟ। ରବନ୍ ବାବୁ ହଉଚନ୍ତି ଯାହାକୁ କହନ୍ତି ଚେନ୍ ସ୍ମୋକର। ତାଙ୍କର ସିଗାରେଟ ଲଗାଇବାକୁ ଭଉଁସିଲ ଦରକାର ପଡ଼େନା ସେ ସିଗାରେଟରୁ ଗୋଟାଏ ପରେ ଗୋଟାଏ ଧରାଇ ପିଉ ଥାଆନ୍ତି ଅନବରତ। ମୁଁ ସିଗାରେଟ ଅଭ୍ୟାସ କଲେ ସେମିତି ଶିଖିବି ଭାବଚି—ସେଥିପାଇଁ ଆମ ଘରପାଢ଼ ବଢ଼ା ପକେଟବାଲୁ ପଡ଼ିଲେ ମଡ଼ୁ ପଡ଼ିଲେ, ସେ ନହେଲେ ଦିନକୁ ଅଣାକର ପାନ ଗୁଆ ମଣ୍ଡି ଖେନା ଚଳେ ଯାଉଚି ସାଢ଼େ ଟଙ୍କା ମତେ ଦବ କିଏ? ରବନ୍ ବାବୁଙ୍କ ସ୍ତ୍ରୀ ଗ୍ରାଜୁଏଟ ହେଲେ ମୁଁ ଯାହା ଦେଖୁଚି ଆମ ଘରଣୀଙ୍କ ତୁଳନାରେ ସଞ୍ଚୟ ଶିଖି ନାହାନ୍ତି। ରବନ୍ ବାବୁଙ୍କ ସିଗାରେଟ ଖିଆ ପ୍ରତି ତାଙ୍କର ବେଳାଏ ରାଗ—ତାଙ୍କ ସାଙ୍ଗରେ ଭେଟ ହେଲେ ଦିନରାତି ସିଗାରେଟ ଖିଆର କୁପରିଣାମ ବିଷୟରେ ଲେକ୍ଚର ଦିଅନ୍ତି—ଘରଯାକ ଖଣ୍ଡିଆ ସିଗାରେଟ ଆଉ ଧୂଆଁ ପାଉଁଶ ଦେଖି ଦେଖି ସଫା କରି କରି ସେ ବ୍ୟତିବ୍ୟସ୍ତ ହୋଇ ପଡ଼ନ୍ତିଣି—ମୁଁ ସିଗାରେଟ ଖାଏନା ବୋଲି ମୋ ପ୍ରଶଂସା ତାଙ୍କ ଆଗରେ ଶୁଣିବେ କେତେ! ମତେ ବିସ୍ମୟ ଲାଗନ୍ତି ଯେ ମୁଁ କେମିତି ଚେଷ୍ଟା କରି ନାହିଁ ବୋଲି ରବନ୍ ବାବୁଙ୍କ ସିଗାରେଟ ଖିଆ ଛଡ଼େଇବି—ମୁଁ ସିଗାରେଟ ଟାଣିଆ ପସନ୍ଦ କରୁଥିଲି ବେଳେ ମୁଁ ବା କଣ କହି ଅଭ୍ୟାସ ଛଡ଼େଇବି। ଦିନେ ତାଙ୍କ ସ୍ତ୍ରୀ ସିଗାରେଟର ଅପକାରିତା ବିଷୟରେ ମତେ ଏମିତି ବୁଝେଇ ଦେଲେ ଯେ କିଛି ସମୟ ପାଇଁ ବାସ୍ତବିକ ମୋ ମନରେ ଧାରଣା ହୋଇଗଲା ସିଗାରେଟ ଖାଇବା ଖରାପ। ସେ କହିଲେ ଯଦି ଦିନକୁ ସାଢ଼େଟା ଟଙ୍କା। ରଖା ଯାଆନ୍ତା ତେବେ ମାସକୁ ପ୍ରାୟ ୧୧୦ ଟଙ୍କା ରହନ୍ତା। ବର୍ଷକୁ ପ୍ରାୟ ଟ ୨୫୨୦୯ ବଞ୍ଚି ଯାଆନ୍ତା ଆଉ ବ ତିନବର୍ଷ ଭିତରେ ଗୋଟାଏ ଭଲ ପକ୍କା କୋଠା ତୋଳାଯାଇ ପାରନ୍ତା। ବାସ୍ତବିକ ତାଙ୍କ କଥା କେତେ ସତ ଭାବି ଭାବି ମୁଁ ଘରକୁ ଆସିଲି ବେଳେ ଦେଖିଲି ହାକିମ ପଡ଼ାରେ ସେଇ ଯୋ ନୂଆ କୋଠାଟା ତିଆରି ହୋଇଛି ତାର ସାମନାରେ ଜଣେ ମୋଟା ଲୁଦ୍ଲେକ ଛଡ଼ା ହୋଇ ଗୋଟାଏ ମୋଟା ଚୁରୁଟ ଟାଣୁଚନ୍ତି। ତାଙ୍କୁ କିଛିଏ ଉପଦେଶ ଦେବା ବାହାନାରେ ମୁଁ ଯାଇ ପହଞ୍ଚି କହିଲି, ଆଜ୍ଞା କ୍ଷମା କରିବେ ଆପଣ ଏଇ ଯୋଉ ଚୁରୁଟ ପିଉଚନ୍ତି ତାର ଦାମ୍ କେତେ ହେବ? ସେ ମୁହଁ ବିରକ୍ତେଇ ମତେ ଅଡ଼େଇ ଦବାକୁ ବସିଥିଲେ; ମୁଁ କହିଲି, କିଛି ଭାବିବେନି। ମୁଁ ଆପଣଙ୍କ ଭଲ ପାଇଁ କିଛି କହିବାକୁ ଚାହେଁ ବୋଲି ପଚାରୁଚି—ସେ ମତେ କୃପା ଦୃଷ୍ଟିରେ ଚାହିଁ କହିଲେ, ବାରଣା ଗୋଟି।

"ଆପଣ ଦିନକୁ ଏମିତି କେତୋଟି ଚୁରୁଟ ଖାଆନ୍ତି?"

"ପ୍ରାୟ ପଚିଶ ଛବିଶ ଖଣ୍ଡ ହବ।"

"ଆଏଁ, ଛବିଶ ଖଣ୍ଡ ବାରଣା ହିସାବରେ ଯାହାର ମାନେ ପନ୍ଦର ଆଉ ସାଢ଼େ ଅଧେ ମାନେ ପ୍ରାୟ ଟ ୨୨ର ଚୁରୁଟ ଆପଣ ଦିନକୁ ଉଡ଼େଇ ଦଉଚନ୍ତି?"

"ହଁ"

"ଯାହାର ଅର୍ଥ ବାଇଶ ଗୁଣି ତିରିଶ ମାନେ ପ୍ରାୟ ସାଢ଼େ ଛଶ ଟଙ୍କାର ଚୁରୁଟ ଆପଣ ମାସକୁ ପିଅନ୍ତି?"

"ସେୟା ହବ ବୋଧହୁଏ।"

ମୁଁ କହିଲି, "ବୁଝିଲେ ମହାଶୟ, ଆପଣ ଯଦି ଚୁରୁଟ ଛାଡ଼ି ଦିଅନ୍ତେ ବର୍ଷେ ଗୋଟାକ ଭିତରେ ଆପଣ ଏ ଯେଉଁ ଦେଖୁଚନ୍ତି ଦୋମହଲା ନୂଆ କୋଠା ସେମିତି କୋଠାଟିଏ ତୋଳେଇ ପାରନ୍ତେ।"

ସେ ମତେ ପଚାରିଲେ, ଆପଣ ଚୁରୁଟ ଖାଆନ୍ତି?

ମୁଁ କହିଲି, ଚୁରୁଟ ସିଗାରେଟ କିଛି ମୋର ଅଭ୍ୟାସ ନାହିଁ। ସେଥିରୁ ପଚାରିଲେ ଏ କୋଠାଟି କଣ ଆପଣଙ୍କର?

ମୁଁ କହିଲି "ନାହିଁ।"

ସେ କହିଲେ "ଏ କୋଠାଟି କିନ୍ତୁ ମୋର।"

ତାଙ୍କୁ ଆଉ ଉପଦେଶ ଦେବା ଉଚିତ ନଭାବି ମୁଁ ସେଠୁ ଖସିଲି। ମୁଁ ତେବେ ତାଙ୍କ ସହିତ ଆଲାପରୁ ମୁଁ ଯେଉଁ ନୀତି ଶିକ୍ଷା ପାଇଲି, ଏଇକ୍ଷଣି ସିଗାରେଟଟା ତାଙ୍କ ମତ ଅଭ୍ୟାସ କରି ସିଗାରେଟ କ୍ରିୟା କରିବା ଚେଷ୍ଟାରେ ଲାଗି ପଡ଼ିଚି—ମାତ୍ର। ପାଇଟା। ଟେଣିବାକୁ ହବ ହବନା ବେପାର୍ଟ। ପାଖ ଜଳେଇବାକୁ ହବ ସେଇଟା ମୋର ଭୁଲ୍ ହୋଇ ଯାଉଛି। ସନ୍ଧ୍ୟାଦିନ ଖଣ୍ଡିଏ ସିଗାରେଟ ଟାଣିଥିଲି କାଶ ହବା ଯୋଗୁ ଅଧାଯାଏ ସେଇଟି ଟାଣି ପାରିଲି ନାହିଁ—ଅନେକ ଥର ଜଳେଇ ଲହେଇ ସେଇଟି ମୁହଁରୁ ମୁକୁଳି ହେଇ ଏ ପର୍ଯ୍ୟନ୍ତ ପକେଟରେ ପଡ଼ିଚି। କେମିତି ସରେଇବି ବୁଦ୍ଧି ଦିଶୁନି। ଲଗେଇଲାକ୍ଷଣି କାଶି କାଶି ଅନ୍ତନାଡ଼ି ବାହାରି ଆସିଲା ପରି ଲାଗୁଚି। ପିଅନ୍ତା ପଣି ଆଖିରେ ପଡ଼ିଲା ପରି ଅଣ୍ଟିରୋଡ଼ି ଦି ଧାର ଲୁହ ବାହାରି ପଡ଼ୁଚି। ସେଥିପାଇଁ ହତାଶ ହବାକୁ ପଡ଼ୁଚି। ସିଗାରେଟ ଖିଆ କଣ ମୋର ଅଭ୍ୟାସ ହେଇ ପାରିବ ନାହିଁ? ମୁଁ କଣ କରିବି? ଆପଣ କଣ କହୁଚନ୍ତି? ସମସ୍ତେ ସିଗାରେଟ କ୍ରିୟା କରୁଚନ୍ତି ମୁଁ ବି ସିଗାରେଟ କ୍ରିୟା କଲେ କଣ ଭଗବାନଙ୍କର ଅଭିପ୍ରେତ ନୁହେଁ? କାହିଁକି ମତେ ଏମିତି ଦୁଃଖ ଦେଉଚନ୍ତି? ମୋର ତ ଅଧ୍ୟବସାୟରେ ତ୍ରୁଟି ନାହିଁ। ଯାହା ହେଉ, ମୁଁ ଯାବତ୍ପର୍ଯ୍ୟନ୍ତ ଚେଷ୍ଟା କରିବ ଯଦି ନିହାତି ଦେଖିଲି ଯେ ଭଗବାନଙ୍କର ଇଚ୍ଛାନୁହେଁ ମୁଁ ସିଗାରେଟ କ୍ରିୟା ଓଠରେ ଓଂ ନମଃ ଖାଇବି ଆଉ ସେଇ ଚକ୍ର ମାଉଁସ ଦଣିତ କ୍ରିୟାର ଓଠରେ ଓଠ ମିଶାଇ ସନ୍ତୁଷ୍ଟ ରହିବା ମୋ ଅଦୃଷ୍ଟରେ ଲେଖା ହୋଇଚି ତେବେ ବାଧ୍ୟ ହୋଇ ସେତିକିରେ ସନ୍ତୁଷ୍ଟ ରହିବି ତା ଛଡ଼ା ଅନ୍ୟ ଉପାୟ କିଛି ଦେଖୁନି।

—*—

Digitized by srujanika@gmail.com

# ମଜା କବିତା

## ଭଞ୍ଜ ଯୁଗର ବିରହୀ କବି

ଦିନେ ହୋଇଥିଲା ଘୋର ବରଷା-ବୃଷ୍ଟେ ]

—୧—

ଦିନେ ହୋଇଥିଲା ବାଦଲା ପାଗ,
ମୋ ଗର୍ଦ୍ଦଭ କଣ୍ଠୁଁ ଖେଳିଲା ରାଗ ।
ଗାଇଲି ଆନନ୍ଦେ ଭଞ୍ଜ ସଙ୍ଗୀତ,
ନୟନେ ନୟନ ମାରି ଇଙ୍ଗିତ ।
ଝିଡ଼ିକିର ଫାଙ୍କେ, ଝିଡ଼ିକିର ଫାଙ୍କେ ଯେ,
ଚାହିଁ ଦେଇ ବାଲା ଓଢ଼ଣା ଟାଙ୍କେ ଯେ ।

—୨—

ସେ ଗୋରୀ ଗୃହିଣୀ ମରମ ଜାଣେ,
ଫୁଲ ଶର କିବା ମଦନ ହାଣେ ।
କଳ କଳ ବହେ ଶୀତଳ ବାଆ,
ଗଳ ଦନ୍ତୀ-ଥରେ ମୋ ଅଢ଼େ ଚାହାଁ ।
ଏଥକ ମାଗୁଣି, ଏଥକ ମାଗୁଣି ଯେ,
ହୁରାଡ଼ ଲେଚନୀ ମୋଟୁଲା ମୁଣି ଯେ ।

—୩—

ହାଣ୍ଡି କଳା ଜିଣେ ତୋ ତନୁ ଲତା,
ନାଣ୍ଡି ସୁଣ୍ଡେ ଶୋହେ ବଙ୍କୁଲ ସୁନ୍ଦା ।
ବରଗୁଡ଼ ଛାଞ୍ଚ ପୁଚୁଙ୍ଗ ଗାଞ୍ଚୀ,
ବାନ୍ଧୁଣୀ ଦେଙ୍ଗଲୁ ଦାନ୍ଦେ ତୋ ଚୁଳ ।
ତୋନାକ ନଳରେ, ତୋନାକ ନଳରେ ଯେ
ସିଙ୍ଗାଣିର ଧାର ପଡଇ ଗଳି ଯେ ।

—୪—

ତୋ ନାକ ଧଡରେ ଗୋଖରୁ ଗୁଳ,
ଲୋଭେ ଚାହଁକର ସଜାଏ ଭୁଲ ।
ହୁମ୍ପ ବସା ଧଡ ସରୁ କଙ୍କାଳୀ,
ଓଡଅଣି ପିଢା ଖେମଣା ଗୁଲ ।
ନୋଥ ମାଛି ଦଣ୍ଡୀ, ନୋଥ ମାଛି ଦଣ୍ଡି ଯେ,
ଶୋଭା ବଢ଼ାଏ ତୋ ନାସିକା ମଣ୍ଡି ଯେ ।

—୫—

ପାନ ପିକ ବୋଳା ନାଲି ଅଧର,
ଚୁମ୍ବନରେ ବଡେ ପ୍ରୀତି କଦର ।
କଖାରୁ ଫୁଲର ମୁଚୁକି ଗନ୍ଧ,
ପାରଡ଼ା ପୋକର ରାଗିଣୀ ଛନ୍ଦ ।
କାଠଯୋଡ଼ କୂଳେ, କାଠଯୋଡ କୂଳେ ଯେ,
ମିଳନ ଚାନ୍ଦ ମେଣ୍ଟିଗଛ ମୂଳେ ଯେ ।

—୬—

ତୋପାଇଁ କରୁଛି ମୁଁ ଫରିଆଦ,
ଶୁଣିବନାକି ଗୋ ମୋ ଆର୍ତ୍ତନାଦ ।
ତୁମ ବିରହେ ମୁଁ ପାଗଳ ହେବି,
ଅବା ଦୁବଗଛେ ଦଉଡ଼ି ଦେବି ।
ତୋ କରୁଣା ବାରି, ତୋ କରୁଣା ବାରି ଯେ,
ପୂର୍ଣ୍ଣ ବନ୍ଦୁ ଗାଳ ଭଣା ନ କରି ଯେ ।

—୭—

ମେଘ ଘଡ଼ଘଡ଼ ବିଜୁ ଚମକେ,
ଅମା ଅନ୍ଧକାରେ ଜୁଅ ଦମକେ ।
ମଦିରା ସୁବାସ ମୋ ଓଠ ପୁଟେ,
ପ୍ରେମ ବାର୍ତ୍ତା ଯେନ ହାକୁଡ଼ି ଛୁଟେ ।
ଅଁ ଗୋ ରମାବର, ଅଁ ଗୋ ରମା ବର ଯେ,
କଣା ଜନେ ଆଉ ନହେବ ମର ଯେ ।

—୮—

ଲକ୍ଷେ ବେଲପତ୍ର ଶିବ ଶିରରେ—
ତୋର ପୂଜିବ ଦିବା ନିଶିରେ ।
ହେବି ତୋ ପାଇଁ ମୁଁ ହରତାଳ,
ମନ୍ଦିର ସଙ୍ଗେ ବଜାଇ କର୍ତ୍ତାଳ ।
ସତ୍ୟାଗ୍ରହ ଲାଗି, ସତ୍ୟାଗ୍ରହ ଲାଗି ଯେ,
ହୋଇବ ତୋ ପାଇଁ ମୁଁ ସର୍ବ ତ୍ୟାଗୀ ଯେ ।

—୯—

ମୁକୁଳା ମୋର ଏ ହୃଦ ପିଞ୍ଜରି,
ଅସ ପାକିସ୍ଥାନୀ କଣା ମଞ୍ଜରୀ ।
ଜିନ୍ନା ସାହେବଙ୍କ ଫକୀର ଜାଛ
ନ ଅଣିବ ପ୍ରାଣେ ଏ ସ୍ଥାନେ ଇଚ୍ଛ ।
ଶୁଦ୍ଧ ହିନ୍ଦୁସ୍ଥାନ, ଶୁଦ୍ଧ ହିନ୍ଦୁସ୍ଥାନ ଯେ,
ଭୟ ନାହିଁ ନୁହେଁ ଏ ପାକିସ୍ଥାନ ଯେ ।

—*—

ଲେଖକ—ଶ୍ରୀ ଦିଗମ୍ବର ଦାସ

## ପି. ଡବ୍ଲ୍ୟୁ-ଡି

ଆଜା ବସିଥିଲେ ମୁଣ୍ଡେ ହାତ ଦେଇ
ସଜନା ଛାଇର ଉହାଡ଼େ
ନାତିଏ ପୁଚ୍ଛିଲେ 'ପୁଟୁଳି ପଡର
ଗୋଟେଇଲ ଅଜା କୁଆଡ଼େ ?'
ଅଜାଙ୍କ ଆଖିରୁ ଝରି ପଡେ ଲୁହ
ପୋଛନ୍ତି ଶୁଖିଲା ନେଡ଼ରେ,
କହିଲେ 'ଏଦେଶ ଭଲ ଥିଲା ସିନା
ବନ୍ଧା ଥିଲା ଯେବେ ବେଡିରେ ।
'ହେଣ୍ଡ୍ରା' ମୁକ୍ତିକର ହଣ୍ଡା ଶାସନରେ
ନ କରିବ ଆଉ ଗୃହସ୍ତି
'ବାପା ଅଜା ସାତ- ମୁଦ୍ଦୁପ ନାନ୍ଦାଏ
ଯେତେ ଶୁଣେ ଛ ଚାକର ।
'ଖୁଲ ଜାତ ପୁଣି ଗୃହସ୍ତି କରିବ ।
ବଡ଼ ପଣେ ମନ ବଳିବ ।
'ଅପେଣ୍ଟି କୋଠିରେ ନାଶ ଶୁଙ୍ଘିଲେ କି
ହେଣ୍ଡ୍ରାଙ୍କ ଅସ୍ଥାନ ଠଲିବ ?
'କହ ନାତିଏ,
'ଭଲ ଭାଗ୍ୟରେ କି କେବେ ଜାତ ଏ ?
'ଆମ ମନ୍ତ୍ରୀଙ୍କର ଦାଟିରେ ସଡକ
ଅଣ ଦାଣ୍ଡିଆ ଏ ଓଡ଼ିଆ
'ଗୃହସ୍ତି କରିବା ସହଜ କି ନାତି
ନତୋଷିଲେ ବଡ଼ ବଡ଼ିଆ ।
'ମୂରୁଖ ଓଡ଼ିଆ କିଜାଣେ ? ନାକହେ
ହକୁର. ବଦିଏ ସଲାମି,
'ପଞ୍ଜାବୀ ଅସିଣ ଦାଢ଼ି ହଲାଇଲେ
ଶିଖାଇବ ଯାଇ ଗୋଲାମି,
'ନାତି ଛକଥା'
'ପଞ୍ଜାବ ଉଏଲ ଫେଆର ପାଇଁକି
ଦାଢ଼ି, କଙ୍ଗୀ, ବାଲା ରଖଥା' !
'ନ ପାରିଲି ସାଜ 'ବୁଢ଼ାକାଳେ ସିନା
ନଶୁଣିଲା କେହି ଗୁହାରି,
'ହାରି ହୃଦ ଯାଉ ପୋଚରି ପଛକେ
ଓଡ ଭୂଲ ଯାଉ ବାହାରି !
'ନାତିଏ ମୋହର ଡାକ ଶୁଣାଇବ ?
ବୁଢ଼ା କାଳେ ଏପେ ଲୋଡକ,
'ବଦାରିବ ସତେ ଓଡ଼ ସଜନୀତ,
ସନି ଜଟିଲ ପେନ୍ସେ ବଡକ ?''

'ନାତିଏ କହିଲେ— 'ମୂରୁଖ ସିନାହେ
ଛାଡ଼ଦେଲ ମୁଖୁ ଆହାର
'ଗୃହସ୍ତି କରିଲେ ଶୁଣିବାକୁ ପଡ଼େ
ଅଭିମାନ ହେଲେ ବାହାର ।
'କିଏ ସେ ଶୁଣିବ ? ଶାସନ କଳର
ବାପ ମାଆ ଆଉ ଅଛି କି ?
'ଆଖି ଝରାଇଲେ ଧାଇଁ ଆସି ସତେ
କିଏ ନେବ ଲୁହ ପୋଛିକି ?
'ବୃଥା ବୋବାଳି
('ସାର) ଶାସନ ତ ଗଲା ହୁଗୁଳି ।'

ଶ୍ରୀ ବଜୟାନନ୍ଦ ତ୍ରିପାଠୀ

—*—

Digitized by srujanika@gmail.com

# କ୍ଷୁଧା



ସ୍ୱପ୍ନ ଦେଖୁଥିଲା ସେ—

ନାପୁଙ୍ଗଙ୍କର ଚରଖାର ଗତି ବନ୍ଦ ହୋଇଯାଇଚି, ଚକ ବୁଲୁନି, ସୂତାର ଖିଅ ନାହିଁ—ଚରଖା ଉପରେ ମାଡ଼ି ଯାଇଚି ଗୋଟାଏ ପ୍ରକାଣ୍ଡ ମାଙ୍କଡ଼ସାର ଜାଲ—ଚକ ବୁଲୁନି !

ବନସ୍ପତିର ନିଦ ଭାଙ୍ଗିଗଲା ।

ଲୁଗାକଲର ଘଣ୍ଟା ବାଜି ଉଠିଚି । ତାର ପ୍ରକାଣ୍ଡ ଚିମିନିରୁ କାଳିଆ କାଳିଆ ଝଣ୍ଟା ଧୂଆଁ ଆକାଶଟାକୁ ଗ୍ରାସ କରି ଗ୍ରାସି ଯାଉଚି ।

## କାହାଣୀ

ସେପାଖରେ ଭୋରର ସୂର୍ଯ୍ୟ, ଚୌଦ୍ୱାରର ମାଟିରେ ତା'ର ପ୍ରଥମ ଝଲକା ଶ୍ରମିକ ବସ୍ତିଟା ଧୀରେ ଧୀରେ ଖାଲି ହୋଇ ଆସିଲା ।

ଝରକା ବାଟେ ଚାହିଁ ରହିଚି ବନସ୍ପତି— ଯାନ୍ତ୍ରିକ ଦାନବର ଏ ଅବତାରକୁ; ମଣିଷର ରକ୍ତମାଂସ ପାଣି କରି ଯିଏ ସୃଷ୍ଟି କରୁଚି ଚକ୍ଚକିଆ ମର୍ସିରାଇଜ୍ଡ୍ !!

ଶ୍ରମିକର ମାଂସ ଭିତରୁ ଉଙ୍କି ମାରି ଦେଖାଯାଉଚି ସ୍କେଲିଟନ୍—ହାଡ଼; ଖାଲି ହାଡ଼ । କାରଖାନାରୁ ଫେରୁଥିବା ପଞ୍ଝାଏ ହତଭାଗା । ମୁଣ୍ଡ ସବୁ ଛାତି ଆଡ଼କୁ ନଇଁ ଆସିଚି; ମୁଣ୍ଡ ଆଉ ଆଖିର ଭ୍ରୁ ଉପରେ ଲାଗିରହିଚି—ଗଭୀର ଥକାଣିର ଅବସାଦ ଓ ଭୋକର ଆବରଣ !

ହଳଦିଆ ସହରର ଛକରେ ଲୋକର ଭିଡ଼ ବଢ଼ି ଚାଲିଛି । କାଗଜ, ଛାତି, ଫେରିୱାଲା, ଓକିଲ, ନେତା ଓ ମଠର ସବୁ ତା'ର ଭିତରେ ହଜି ଯାଉଛନ୍ତି । ବନସ୍ପତିର ଇଣ୍ଟରଭିଉ ସରି ଯାଇଚି ; ମନୋନୀତ ହୋଇ ପାରିନି ସିଏ । କାରଣ ବନସ୍ପତି ଓଡ଼ିଆ କିନ୍ତୁ ତାଙ୍କର ଦରକାର—ଓଡ଼ିଶାର ନୁହେଁ ଓଡ଼ିଆ ବାହାରର ଲୋକ !

ତା'ର ପାଖ ଦେଇ ଘଷି ହୋଇ ଚାଲିଗଲା ନୂଆ ମଡେଲର କାର । ଭିତରେ ବସି-ରହିଚି—ସୁରେନ୍ଦ୍ର । ଖୁବ୍ ଉପରକୁ ଉଠିଚି ସିଏ । ମିଲର ପାର୍ଟନର, ଖଦଡ଼ ପିନ୍ଧେ, ହଠାତ୍ ନେତା ମଧ୍ୟ । ଅନେଇ ରହିଲା

## କଥାଟଏ କହୁଁ

ସେଇ ଆଡ଼େ ବନସ୍ପତି । ମଠର ପଛ ପଟ ନାଚି ନାଚି ଲୁଚିଗଲା ।

ମନଭିତରେ ତା'ର ପ୍ରଶ୍ନ ଉଠିଚି ଜୀବନର ଲକ୍ଷ୍ୟ କଣ ? ଖୋଜି ପାଉନି ଉତ୍ତର, କାରଣ ପ୍ରଶ୍ନଠାରୁ ଉତ୍ତର ଅଧିକ ଜଟିଳ । ଯୁଗ ଭିତରେ ଫୁଟ୍ ପାଥରେ ଆଗେଇ ଆସିଚି ଅନେକ ଦୂର । କିନ୍ତୁ ଯିବ କେଉଁଆଡ଼େ—ଲକ୍ଷ୍ୟହୀନ, ବେକାର ।

ରାସ୍ତାର ଛକ ଉପରେ ବେଢେଇବାଲେ ଠିଆ ହୋଇଚି ପ୍ରକାଣ୍ଡ ଏବ ବିଜ୍ଞାପନ । ଦୃଷ୍ଟି ଫେରେଇଲା "ଜାତୀୟ ସଞ୍ଚୟ ପତ୍ର ଗ୍ରହଣ କରନ୍ତୁ—ସଞ୍ଚୟ କରନ୍ତୁ" । କଣ ସଞ୍ଚିବ ସେ, କଣବା ସଞ୍ଚିବେ ତିରିଶ ଟଙ୍କିଆ କିରାଣି ଆଉ ଏଇ ଲୁଗାକଲର ଶ୍ରମିକ ?—ଯେଉଁ-ମାନଙ୍କର ଆୟ ଓ ବ୍ୟୟ ସମାନ ।

× × ×

ଯୁଗ ଭିତରେ କ୍ଷୁଧାର ଆଧିକ୍ୟ ବଢି ଯାଉଚି ତା'ର । ପାକେଟଟା ଏବେ ଶୂନ୍ୟ । ସାମ୍ନାରେ ହୋଟେଲ—ଅନ୍ଧାରରେ ଫେରି-ୱାଲାର ଗୁଳିଗୋଳା—ନେତାଙ୍କର ଉଦ୍ୟାନ ଭୋଜି । ଏ ସବୁ ଅନୁଭବ କରୁଚି ସିଏ ହାଡ଼େ ହାଡ଼େ । ପଇସା ତା'ର ନାହିଁ ।

ଶ୍ରୀ ଦୁଷ୍ମନ୍ତ କୁମାର ମହାନ୍ତି

ସନ୍ଧ୍ୟା ହୋଇ ଯାଇଚି । କାଠଯୋଡ଼ିର ନବ ନିର୍ମିତ ସେତୁ, ତାର ଉପରେ ଶୋଇଛି ବନସ୍ପତି—ଦୃଷ୍ଟି ତାର ଅନନ୍ତ ନଭ ମଣ୍ଡଳ ଆଡ଼େ । ଆକାଶର ଅସଂଖ୍ୟ ତାରକା ଆଉ କାଠଯୋଡ଼ିର ଶୀତଳ ପରଶରେ ଭୁଲିବାକୁ ଚେଷ୍ଟା କରୁଚି କ୍ଷୁଧା । ଜାଙ୍କର ଶବ୍ଦ ପରେ ବନ୍ଦ ଧୀରେ ଧୀରେ ଖସି ଆସୁଚି; ଆଖିରେ ତାର ତନ୍ଦ୍ରା ।

—*—

# ସ୍ୱପ୍ନର ଭାରତ ଓ ଦିଲ୍ଲୀ

ପ୍ରଭାତର ବୁକୁ ଚିରି, ଦିଗ ପ୍ରାନ୍ତେ ଉଠି ନାହିଁ ଖର ।
ଦିଲ୍ଲୀର ଆକାଶ ତଳେ ଲିଭିଆସେ କ୍ଷୀଣ ମ୍ଳାନ ତର ।
ପଥ ଧାରେ ଲୋକର ଗହଳି,
ଏବେ ବି ତ ଭାଙ୍ଗି ନାହିଁ । ତନ୍ଦ୍ରା ମଗ୍ନ ରାଜପଥ ଧୂଳି ।
ମନ୍ଦାକ୍ରାନ୍ତ କରି ଶିଟୁ ଯଥା ଛୁଟିଆସେ—ଛୁଟିଆସେ
କାହା 'ଲିମୋସିନ' ?
ଅଜସ୍ର ଅପରିଜ୍ଞାତ ଗତିମାନ ଲୁହାର ମେସିନ ।
କିଏ ତା ଚାଳକ ?
ଲକ୍ଷପତି କେଉଁ ଏକ ଧନୀର ବାଳକ—
ଗତ ରାତି ପ୍ରଥମ ପ୍ରହରେ,
ହ୍ୱିସ୍କି କ ସାମ୍ପେନ୍ କିଛି ଛୁଇଁ ଛୁଇଁ ନଧର ଅଧରେ
ସାନ କାଫି ହୋଟେଲର କକ୍ଷେ
ପଡ଼ିଥିଲା ଆଖି 'ତା'ର' ବକ୍ଷେ,
ରୂପର ଜୁଆର ଅଙ୍ଗେ, ନଗରର ନାଗରୀ ଶୋଭନା,
ଜୀବନର ମୂଲ୍ୟ ଯାର ଦେଣା ଓ ପାଉଣା ।
ତା' ପରେ ସାମାନ୍ୟ କଥା—
ଥରେ କିମ୍ବା ଦୁଇଥର 'ପେଗ୍' ବିନିମୟ,
ରାତିର ଅଂଧାର କାଟି ଛୁଟିଗଲା 'ଲିମୋସିନ' ଦୂର ଦିଗ୍‌ବଳୟ ।
'କୋଠଲା' କି 'କୁତବ' ଅଂଚଳେ, କାଲିରାତି ଉଠିଥିଲା ମାତି,
ସକାଳୁ ଫେରୁଛି ଗାଡ଼ି, କ୍ଷିପ୍ର ଠାରୁ କ୍ଷିପ୍ରତର ଗତି······
ଧନୀର ଦୁର୍ବଳ ହାତେ ଷ୍ଟିଅରିଂ ରହିଛି ଅଟଳ,
ପାଖେ ସେଇ ରୂପର ନାଗରୀ—ଏବେ ହତ ନିଶାରେ ବିହ୍ୱଳ ।
ଆଖି ତଳେ କାଳିମା କଳା ଦାଗ,
ଅଧା ଲିଭା ମୁହଁ ଯାକ କ୍ରିମ୍'ର ପରାଗ···
କାଲି ଫଗ ସପତ୍ନ ମଣ୍ଡିତ ଲିପ୍‌ଷ୍ଟିକ ପଡ଼ିଅଛି ଫିକା—
ସିଲ୍‌କ ବ୍ଲାଉଜର ତଳୁ ପ୍ରସ୍ଫୁଟିତ ଚେକ୍'ର ସେ ଲେଖା-···।
ରେଖାପ୍ଳାବିତ ରାଜପଥ କୋଣ ଭାଙ୍ଗି ଛୁଟିଗଲା,-ଛୁଟିଗଲା ଦୂରେ
'ଲିମୋସିନ୍'
ଦୂରୁ ଖାଲି ଶୁଣାଯାଏ ମୁଖରିତ ଅସ୍ପଷ୍ଟ ମେସିନ୍ ।
ସପନର ତାଳ ତଳେ ଗଡ଼ା ହୁଏ ଯେ ଭାରତ କଳଙ୍କ ଚିହ୍ନାନ;
ସେ' ଭାରତ ଆତ୍ମା ଦିଲ୍ଲୀ, ଘୃଣ୍ୟ ସ୍ଥାନ ଏଇ କଥା ଦେଖେ
ନିତି ଦିନ
ଏଇ ଯେବେ ଭାରତର ଭାଗ୍ୟ,
ଅଶ୍ରୁଚାଳି ନାହିଁ ଦୁଃଖ, ନାହିଁ କ୍ଷୁଧା, ନାହିଁରେ ଦୁର୍ଭାଗ୍ୟ ।
'ନେ—'କୁସୁମ'

Digitized by srujanika@gmail.com

# ଗାନ୍ଧୀ ବିଶ୍ବର ଧାରା

## 'ଗାନ୍ଧୀଜୀଙ୍କର ଶେଷ ସାକ୍ଷାତ କାଳୀନ ଉକ୍ତି

( ବ୍ରିଟିଶ ସାମ୍ବାଦିକ ମାର୍ଟିନଙ୍କ ସହ )

ଭାରତର ସ୍ୱାଧୀନତା ସଂଗ୍ରାମ ଅହିଂସାର ଚରମ ପ୍ରୟୋଗ ଅର୍ଥରେ ଅହିଂସାତ୍ମକ ନଥିଲା । ଯଦି ସବଳର ଅହିଂସା ଆମ ଆନ୍ଦୋଳନ ମୂଳରେ ରହି ଥାଆନ୍ତା ତେବେ ଏବେ ଯେଉଁ ହତ୍ୟା ସଂଘଟିତ ହୋଇଛି ତାହାଁର ସମ୍ଭବ ହୋଇ ନଥାନ୍ତା । ମୁଁ ନୁଆ-ଖାଲି ତୀର୍ଥ ଯାତ୍ରା ବେଳେ ଏହା ଅନୁଭବ କଲି, ସେଦିନୁ ମୁଁ ସମସ୍ତଙ୍କୁ ଏକଥା ବୁଝାଉଛି । ସ୍ୱାଧୀନତା ସଂଗ୍ରାମରେ ଯେଉଁ ଅହିଂସା କାର୍ଯ୍ୟ କରୁଥିଲା, ତାହା ଏକ ଦରକାରୀ ଜବରଦସ୍ତି ଅହିଂସା ଅର୍ଥାତ ଗୋରା ଲୋକଙ୍କ ସହ ଲଢ଼ିବା ପାଇଁ ଲୋକଙ୍କ ହାତରେ ସୈନ୍ୟ ବଳ ବା ବାହୁବଳ ନ ଥିବାରୁ ଅନନ୍ୟୋପାୟ ହୋଇ ଲୋକେ ଅହିଂସାର ଆଶ୍ରୟ ନେଇଥିଲେ ।

ଦକ୍ଷିଣ ଆଫ୍ରିକାରେ ଜଣେ କୋଡପତି ମୋର ପରିଚୟ ଦେଲେ ଯେ ମୁଁ ଜଣେ ନିଷ୍କ୍ରିୟ ପ୍ରତିରୋଧୀ ଏବଂ ଦୁର୍ବଳ । କାରଣ ସେଠା ଭାରତୀୟମାନେ ଭୂମିଶୂନ୍ୟ ଓ ଅଧିକାର-ହୀନ ପ୍ରଜା । ମୁଁ ସେ ଉକ୍ତିର ବିରୋଧ କରିଥିଲି । ଏବଂ କହିଥିଲି ଅସଲ ନିଷ୍କ୍ରିୟ ପ୍ରତିରୋଧକୁ ଦୁର୍ବଳର ଅସ୍ତ୍ର ବୋଲିବା ଅନ୍ୟାୟ । ପ୍ରଭୁ ଯିଶୁ ଥିଲେ ନିଷ୍କ୍ରିୟ ବିରୋଧୀ ମାନଙ୍କର ମହୃତ ମଣି । ତାଙ୍କୁ କିଏ କେବେ ଦୁର୍ବଳ ବୋଲି କହି ପାରିବ ? ଲୋକେ ଭୁଲି ଯାଆନ୍ତି ଯେ ଅହିଂସ ଲୋକର ଏକମାତ୍ର ବଳ ଆତ୍ମବଳ—ସବଳର ଅସ୍ତ୍ର । ଆପଣ କହୁଛନ୍ତି ଯେ ଅନେକ ଅହିଂସାକୁ ଏକ ସୁନ୍ଦର ରାଜ-ନୈତିକ ବିରୋଧାସ୍ତ୍ର ମନେ କରନ୍ତି ମାତ୍ର କାର୍ଯ୍ୟ କ୍ଷେତ୍ରରେ ଏ ଅହିଂସା କିପରି କାର୍ଯ୍ୟ-କାରୀ ହେବ ? ବା ହିଟଲରଙ୍କ ବିରୁଦ୍ଧରେ କିପରି ପ୍ରୟୋଗ କରି ହେବ ? କାରଣ ହିଟଲର ବିରୋଧୀ ମାନଙ୍କୁ ହତ୍ୟା କରି ସବୁ ବିରୋଧ ଲୋପ କରିଥିଲା । ଆପଣଙ୍କ କଥା ବୁଝିଲି (ଅଳ୍ପ ହସି ) ମାତ୍ର ମୋ ହାତରେ ବର୍ତ୍ତମାନ ସରକାର ନାହିଁ—ସେଥିପାଇଁ ମୁଁ ତାଙ୍କର ନୀତି ପରିଚାଳିତ କରିପାରୁ ନାହିଁ । ବର୍ତ୍ତମାନ ସରକାରର କର୍ତ୍ତାମାନେ ଅହିଂସାରେ ବିଶ୍ୱାସ କରନ୍ତି ବୋଲି ମୁଁ ବିଶ୍ବାସ କରେ ନାହିଁ । ମୌଲାନା ସାହେବ ତ ସ୍ପଷ୍ଟ କହି-ଥିଲେ—ଆମେ କ୍ଷମତା ହାସଲ କଲାପରେ ଅହିଂସା ବଳରେ କ୍ଷମତାକୁ ରକ୍ଷା କରି ପାରିବା ନାହିଁ । ସେ କଥା ଶୁଣି ମୋତେ ହସ ମାଡ଼ିଲା । ଟଲଷ୍ଟୟଙ୍କ ଗଳ୍ପର ନିର୍ବୋଧ ଆଇଭାନଙ୍କ କଥା ମନେ ଅଛି ? ହିନ୍ଦୁ ଶାସ୍ତ୍ରରେ ସେଭଳି ବହୁ ଚରିତ୍ର ପାଇବେ । ଆଇଭାନ ରାଜା ହେଲା ପରେ ମଧ୍ୟ ଅହିଂସ ହୋଇ ରହିଲେ । ପ୍ରକୃତ ଅହିଂସ ବ୍ୟକ୍ତିର କ୍ଷମତା ନିଜ ହାତରେ ସଂଗ୍ରହ ନଥାଏ । ସେ ଯେଉଁ ଲୋକଙ୍କର ସେବା କରେ ତାଙ୍କଠାରୁ ସେ କ୍ଷମତା ଆହରଣ କରେ । ସେଭଳି ବ୍ୟକ୍ତି ବା ସରକାର ଏକ ଅହିଂସ ବାହିନୀ ଗଠନ କରିବା ସମ୍ପୂର୍ଣ୍ଣ ସମ୍ଭବ । ସେ ସ୍ଥଳରେ ଭୋଟର ମାନେ ନିଜେ କହିବେ—ଆମେ ଆମର ଆତ୍ମରକ୍ଷା ପାଇଁ ସୈନ୍ୟ ବଳ ଦରକାର କରୁନା ।

ଗୋଟାଏ ଅହିଂସ ବାହିନୀ ସର୍ବବିଧ ଅନ୍ୟାୟ ବା ଆକ୍ରମଣ ବିରୁଦ୍ଧରେ ଲଢ଼ିବ—ଅବଶ୍ୟ ନିର୍ମଳ ନିଷ୍କଳଙ୍କ ଉପାୟର ଅହିଂସା ଅର୍ଥ ଏହା ନୁହେଁ ଯେ ଶତ୍ରୁ ବିରୁଦ୍ଧରେ ଆଦୌ ଯୁଦ୍ଧ କରିବ ନାହିଁ । କିନ୍ତୁ ଶତ୍ରୁର ଅର୍ଥ ବୁଝିବାକୁ ହେବ ମଣିଷର ଅକର୍ମ ବା ଅନ୍ୟାୟ—ଅନ୍ୟାୟକାରୀ ମନୁଷ୍ୟ ନିଜେ ଶତ୍ରୁ ନୁହେଁ ।

—*—

## ଉକ୍ତି

(ଗାନ୍ଧୀ ବିଶ୍ବର ଧାରା ପୂର୍ବ ପ୍ରକାଶିତ ଉକ୍ତିରୁ)

ଈଶ୍ବରଙ୍କୁ ଧନ୍ୟବାଦ ଶ୍ରୀରେବା ଶଙ୍କର ଜଗଜୀବନ ଭଳି ଚର୍ଖାର ଉଦ୍ଭାବକଙ୍କୁ ଯେଉଁ ପୁରସ୍କାର ଦେବା ପାଇଁ ଘୋଷଣା କରିଥିଲେ ତାହା ଫଳବତ୍ତ ହେବାର ଆଶା ଦେଖା ଗଲାଣି । ଅଳ୍ପଦିନ ଭିତରେ ଭାରତ ଏକ ଅଭିନବ ଚର୍ଖାର ଅଧିକାରୀ ହେବ । ଏହା ଦକ୍ଷିଣାତ୍ୟର ଏକ କୌଶଳୀ କାରିଗର ଅଦ୍ଭୁତ ଉଦ୍ଭାବନର ଫଳ । ଅତି ସାଧାରଣ ଉପାଦାନରେ ଏ ଚର୍ଖା ତିଆରି । ଏଥିରେ ଅଳିଆ ନାହିଁ । ଏ ଚର୍ଖା ଶସ୍ତା ହେବ ଏବଂ ସହଜରେ ମରାମତି କରିହେବ । ସାଧାରଣ ଚର୍ଖା ଠାରୁ ଏ ବେଶୀ ସୂତା ଦେବ ଏବଂ ପାଞ୍ଚ ବର୍ଷର ପୁଅ ଝିଅ ସେଥିରେ କାଟି ପାରିବେ ।

ଏ ନୂଆ ମେସିନ ଯେପରି ଦାବୀ କରୁଛି ସେହିପରି କାର୍ଯ୍ୟ କରୁ ବା ନ କରୁ ସେ ଅଲଗା କଥା । କିନ୍ତୁ ମୁଁ ସୁନିଶ୍ଚିତ ଯେ ହାତକଟା ଓ ହାତ ବୁଣା ଶିଳ୍ପର ପୁନରୁଦ୍ଧାର ଭାରତର ଆର୍ଥିକ ଏବଂ ନୈତିକ ପୁନର୍ଜୀବନ ଆଣି ଦେବାରେ ପ୍ରଭୂତ ସାହାଯ୍ୟ କରିବ । ଭାରତର କୋଟି କୋଟି ନରନାରୀ କୃଷି ସହିତ ଏକ ସହକାରୀ ଶିଳ୍ପର ଅଧିକାରୀ ହେବା ଉଚିତ । କେତେବର୍ଷ ପୂର୍ବେ ଚର୍ଖା—ଚର୍ଖାହିଁ ସେଇ ଗୃହ ଶିଳ୍ପ ଥିଲା । ଯଦି ଏଇ କୋଟି କୋଟି ନର ନାରୀଙ୍କୁ ଉପବାସ ଭୟରୁ ରକ୍ଷା କରିବାକୁ ହୁଏ ସୂତା କଟାର ପୁନରୁଦ୍ଧାର କରିବା ପାଇଁ ସେମାନଙ୍କୁ କ୍ଷମ କରିଦେବା ଉଚିତ ଏବଂ ପ୍ରତି ଗାମ ତାର ନିଜର ତନ୍ତୀକୁ ପୋଷଣ କରିବା ଉଚିତ ।

ୟଂ ଇଣ୍ଡିଆ—୨୧—୭—୨୦

—*—

Digitized by srujanika@gmail.com

ନିବନ୍ଧ

# ଭାରତୀୟ ନୃତ୍ୟକଳା ଓ ସମ୍ବଲପୁରୀ ନାଚ

ଲେଖକ—ଶ୍ରୀ ଶଙ୍କର ପ୍ରସାଦ ପୁରୋହିତ

ପୂର୍ବ କାଳରୁ ମନୁଷ୍ୟ ଓ ପ୍ରକୃତି ଜଡ଼ିତ । ପୂର୍ଣ୍ଣମୀର ରଜତ ଜ୍ୟୋତ୍ସ୍ନା ପୃଥିବୀରେ ବିଛେଇ ପଡ଼ିଲେ-ମନୁଷ୍ୟ ସ୍ୱତଃ ଆନନ୍ଦାଭିଭୂତ ହୋଇ ପଡ଼େ । ମନୁଷ୍ୟ ଅଶିକ୍ଷିତ ଥିଲାବେଳେ ନିଜ ମନୋଭାବବ୍ୟକ୍ତ କରି ତାର ନୃତ୍ୟ ଛଳରେ ଆନନ୍ଦ ଅନୁଭବ କରୁଥିଲା । ତାର ଉଦାହରଣ କନ୍ଧ ପଲ୍ଲୀର ଜଂଗଲୀ ନାଚ । ଏଣୁ ମନୁଷ୍ୟର ଅପୂର୍ଣ୍ଣ ଉପଲବ୍ଧିର ତର ଆକାଂକ୍ଷା ନେଇ ନୃତ୍ୟ, ଗୀତ, ଶିଳ୍ପ, ଚିତ୍ରକଳା ପ୍ରଭୃତିର ସୃଷ୍ଟି ହୋଇଛି । ନୃତ୍ୟକଳାର ଜନ୍ମ କେବେ ? ଏହାର ଧାରାବାହିକ ଇତିହାସ ଜଣା ଯାଏ ନାହିଁ । କିନ୍ତୁ ଏ' ରକମ ଯୁଗ ଯୁଗ ଧରି ଦେଶକାଳ ଭେଦ ଅନୁଯାୟୀ ଅଳ୍ପେ ଅଳ୍ପେ ମନୁଷ୍ୟର ବୁଦ୍ଧି ଶକ୍ତି, ରୁଚି, ସୌନ୍ଦର୍ଯ୍ୟ-ବୋଧ ଇତ୍ୟାଦିର ପରିବର୍ତ୍ତନ ଘଟିଅଛି ଏବଂ ଏହା ସଙ୍ଗେ ସଙ୍ଗେ ଭିନ୍ନ ଭିନ୍ନ ଦେଶରେ ନାନା କିସମର ନୃତ୍ୟ ସୃଷ୍ଟି ହୋଇ ବିକାଶ ଲାଭ କରିଛି । ନୃତ୍ୟକଳା ଜାତୀୟ ଜୀବନରେ ଗୋଟିଏ ବିଶିଷ୍ଟ ଶକ୍ତିରୂପେ ସ୍ଥାନ ଲାଭ କରିଛି ।

ଭାରତବର୍ଷରେ ପ୍ରଥମେ ଆର୍ଯ୍ୟ ସଭ୍ୟତା ପ୍ରଭାବ ବିସ୍ତାର କରି ପାରିଥିଲା । ସେହି ପ୍ରାଚୀନ ସଭ୍ୟତାରେ ମଧ୍ୟ ନୃତ୍ୟ ଏକ ବିଶିଷ୍ଟ ସ୍ଥାନ ଅଧିକାର କରିଥିଲା । ଧର୍ମ ଓ ନୃତ୍ୟଉତ୍ସବ ଏକ ଅଙ୍ଗ ସ୍ୱରୂପ ଥିଲା । ଋକ, ସାମ, ଯଜୁ, ଅଥର୍ବ ଏହିଗୁଡ଼ିକ ବେଦରୁ ନୃତ୍ୟ, ଗୀତ ରସର ଆଭାସ ମିଳେ । ପ୍ରାଚୀନ ଭାରତୀୟ ନୃତ୍ୟାବଳୀକୁ ନୃତ୍ୟକାର ମାନେ ଦୁଇ ଭାଗରେ ବିଭକ୍ତ କରିଛନ୍ତି, ଯଥା-(୧) ମୂକ ନୃତ୍ୟ (୨) ଗୀତ ମୁଖ ନୃତ୍ୟ । ସେ କାଳରେ ବାଦ୍ୟଯନ୍ତ୍ର କିମ୍ବା ଗୀତ ଗାଇବାର ରୀତି ନ ଥିଲା । କେବଳ ମୂକ ହୋଇ ନୃତ୍ୟ କରିବାର ନାମ ମୂକନୃତ୍ୟ ବୋଲି ବିଦିତ । ଏହା ପରେ ପରେ ମୁଖର ନୃତ୍ୟର ଆରମ୍ଭ ହୋଇଥିଲା । ମୁଖର ନୃତ୍ୟ ଅର୍ଥାତ୍ ତାଣ୍ଡବ ନୃତ୍ୟ, ଲାସ୍ୟ ନୃତ୍ୟ ଇତ୍ୟାଦି । ପଣ୍ଡିତ ମାନେ କହନ୍ତି ଏହି ସମସ୍ତରୁ ନାନା ପ୍ରକାର ନୃତ୍ୟ ଭରତ ଋଷିଙ୍କ ଦ୍ୱାରା ମର୍ତ୍ତ୍ୟରେ ପ୍ରବର୍ତ୍ତିତ ହୋଇଥିଲା । ନୃତ୍ୟ କଳାର ଉନ୍ନତିର ଅବଦାନ ଥିଲେ ମୁଖ୍ୟ ଅବଦାନ ଭରତ ଋଷିଙ୍କ ରଚିତ “ନାଟ୍ୟ ଶାସ୍ତ୍ର” କୁ ପ୍ରାଚୀନ ନୃତ୍ୟ କଳାର ପ୍ରମାଣ ସ୍ୱରୂପ ଧରି ଯାଇଛି । ଇନ୍ଦ୍ରଭବନରେ ଅପ୍ସରା ମାନଙ୍କ ନୃତ୍ୟ କଥା ପୁରାଣରୁ ମିଳେ । ଦୁଇ ହଜାର ବର୍ଷ ପୂର୍ବେ ଚାଣକ୍ୟ ବା କୌଟିଲ୍ୟଙ୍କ ଦ୍ୱାରା ରଚିତ “ଅର୍ଥ ଶାସ୍ତ୍ର” ରେ ନର୍ତ୍ତକ ନର୍ତ୍ତକୀର ଉଲ୍ଲେଖ ଅଛି । ଐତିହାସିକ ତଥା ପଣ୍ଡିତ ମାନଙ୍କ ମତରେ-ବୌଦ୍ଧ ଯୁଗରେ ମଧ୍ୟ ନାନା ପ୍ରକାର ନୃତ୍ୟକଳାର ପ୍ରଚଳନ ଥିଲା ।

ସମୟର ଗତି ଅନୁଯାୟୀ ଆଜି ଭାରତର ସଂସ୍କୃତି ଓ ସଭ୍ୟତାର ମଧ୍ୟରେ ଦେଖାଯାଉଛି ପାର୍ଥକ୍ୟ ପରିଲକ୍ଷିତ ହୁଏନାହିଁ । ସାମାଜିକ ଓ ପାରମାର୍ଥିକ ଅବସ୍ଥା ମନୁଷ୍ୟକୁ ବାନ୍ଧିଦିଏ । ଭାରତର ପ୍ରଦେଶ ମାନଙ୍କରେ ସାମାଜିକ ଓ ପାରମାର୍ଥିକ ଭେଦ ଭାବ ଦେଖାଯାଏ ।—ଏଣୁ ଭିନ୍ନ ଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ନୃତ୍ୟର ପ୍ରଚଳନ ଦେଖାଯାଉଛି । ଭାରତୀୟ ନୃତ୍ୟ କଳା ମଧ୍ୟରେ ମାଲବାରର “କଥାକଳି ନାଚ,” ଦକ୍ଷିଣ ଭାରତର “ଦେବଦାସୀ ନାଚ,” ଆସାମର “ମଣିପୁରୀ ନୃତ୍ୟ,” ଗୁଜୁରାଟ ପ୍ରଦେଶର ‘ଗରବାନୃତ୍ୟ,’ ଓଡ଼ିଶାସ୍ଥ ସରାଇକେଲାର ‘ଛଉ ନୃତ୍ୟ,’ [illegible] ‘ଘଣ୍ଟୁ ନୃତ୍ୟ,’ ବୀରଭୂମ୍ ଜିଲ୍ଲାର ‘ସାନ୍ତାଳ ନୃତ୍ୟ’ ପ୍ରଭୃତି ବିଖ୍ୟାତି ଲାଭ କରିପାରିଛି ।

## କଥାକଳି ନୃତ୍ୟ

ଏହି ନୃତ୍ୟ ମାଲବାର ଉପକୂଳରେ ବେଶୀ ପରିମାଣରେ ଦେଖାଯାଏ । ଅତୀତ ଯୁଗର ଜାଭା, ବାଲି, ଶ୍ୟାମ ପ୍ରଭୃତି ଭାରତୀୟ ଦ୍ୱୀପପୁଞ୍ଜରେ କଥାକଳି ନୃତ୍ୟ ପ୍ରଭାବ ବିସ୍ତାର କରିଥିଲା । କଥାକଳି ନୃତ୍ୟର ପ୍ରଧାନ ସମ୍ପଦ ରାମାୟଣ ଓ ମହାଭାରତର ଧର୍ମ୍ୟ କାହାଣୀ ।

## ଦେବଦାସୀ ନୃତ୍ୟ

ଏହା ହିନ୍ଦୁ ଧର୍ମର କଥାବସ୍ତୁ ଉପରେ ପ୍ରତିଷ୍ଠିତ । ଦେବଦାସୀ ଅର୍ଥାତ୍-ଦେବତାଙ୍କ ଦାସୀ ଏଣୁ ଏ' ନୃତ୍ୟରେ ଦେବତାଙ୍କ ପୂଜା, ସେବାର ଅଙ୍ଗଭଙ୍ଗୀ ଦେଖାହୁଏ ।

## ସାନ୍ତାଳୀ ନୃତ୍ୟ

ବୀରଭୂମ୍ ଜିଲ୍ଲାରେ ବିଶେଷ ପରିମାଣରେ ଦେଖାଯାଏ । ଏହା ବୃତ୍ତାକାରରେ ଠିଆ ହୋଇ କରାଯାଏ । ଏହାର ବାଦ୍ୟଯନ୍ତ୍ର ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ।

## ଛଉନାଚ

ଓଡ଼ିଶାସ୍ଥ ସରାଇକେଲା ଏହି ନୃତ୍ୟ ପାଇଁ ସମଗ୍ର ଭାରତ ତଥା ପୃଥିବୀ ବିଖ୍ୟାତ । ସ୍ୱର୍ଗତ ନୃତ୍ୟଶିଳ୍ପୀ ସୁରେନ୍ଦ୍ର ନାରାୟଣ ସିଂହ ଦେଓ ଏହି ନୃତ୍ୟରେ ଗଡଜାତ ରାଜ ମହାରାଜାଙ୍କ ମୁରବିବର ପାଇଥିଲେ । ନୃତ୍ୟକାରଗଣ ଲଣ୍ଡନ, ଆମେରିକା, ପ୍ୟାରିସ୍ ଯାଇ ଭାରତୀୟ ନୃତ୍ୟକଳାର ଆଦର୍ଶ ଓ ମହତ୍ତ୍ୱ ପ୍ରଚାର କରିଛନ୍ତି । ସ୍ୱର୍ଗତ ନୃତ୍ୟଶିଳ୍ପୀ ସୁରେନ୍ଦ୍ରଙ୍କ ମୟୂର ନୃତ୍ୟ ପ୍ରଭୃତି ପ୍ରାଣସ୍ପର୍ଶୀ ଓ ମନୋମୁଗ୍ଧକର ।

ଭାରତୀୟ ନୃତ୍ୟକଳା ଧର୍ମ ଉପରେ ପ୍ରତିଷ୍ଠିତ । ଶିବ, କୃଷ୍ଣଙ୍କର କଥାବସ୍ତୁ ଭାରତର ପ୍ରତ୍ୟେକ ନୃତ୍ୟରେ ମୂର୍ତ୍ତି ଉଠିଛି । କୃଷ୍ଣ ଓ ଗୋପୀମାନଙ୍କ ଅନ୍ତରର ପ୍ରେମ, ରାଧା କୃଷ୍ଣଙ୍କ ମଧୁର ପ୍ରେମ ଓ ଲୀଳା, ଦୁର୍ଗା କାଳୀ ପ୍ରଭୃତି ନୃତ୍ୟ ରୂପେ ଦେଖାଯାଏ । (ଲେଖକ ଏହି ନିବନ୍ଧ ଲେଖିବା ସମୟରେ ହିନ୍ଦି, ବଙ୍ଗଳା ଇଂରାଜୀ ଓ ଓଡ଼ିଆ ପତ୍ରିକା ମାନଙ୍କର ସାହାଯ୍ୟ ନେଇଛନ୍ତି ।)

## ସମ୍ବଲପୁରୀ ନାଚ

ସମ୍ବଲପୁରୀ ନାଚ ସମ୍ବନ୍ଧରେ ଶ୍ରୀଯୁକ୍ତ ବାପୁଭୂଷଣ ଗୁରୁ, ପ୍ରଥମ ବର୍ଷ ‘ଝଙ୍କାର’ ରେ ଉଦାହରଣ ସହିତ ସ୍ୱରୂପ ବର୍ଣ୍ଣନା କରିଛନ୍ତି । ଶ୍ରୀଯୁକ୍ତ ଅମୃତଦାସ ମିଶ୍ର, ଶ୍ରୀଯୁକ୍ତ ନାରାୟଣ ମହାନ୍ତି, ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ବେହେରା ପ୍ରଭୃତି ଲେଖକ ବୃନ୍ଦ ‘ଝଙ୍କାର’ ଓ ଅନ୍ୟ ପତ୍ରିକା ଗୁଡ଼ିକରେ ମଧ୍ୟ ଆଲୋଚନା କରି ସାରିଛନ୍ତି । କେବଳ ମାତ୍ର ଲେଖକ ସମ୍ବଲପୁର ନାଚ ଓ ଗୀତର କ୍ଷୀଣ ଆଭାସ ଦେଉଛି ।

ସଂସ୍କୃତି ଓ ପାରମାର୍ଥିକ ଅବସ୍ଥା ଅନୁଯାୟୀ ଭିନ୍ନ ଭିନ୍ନ ନୃତ୍ୟ ସୃଷ୍ଟି । ସମ୍ବଲପୁର ଜିଲ୍ଲା ଜଙ୍ଗଲ ପୂର୍ଣ୍ଣ ଓ ଏହାର ଗୋଷ୍ଠୀ ଭିନ୍ନ ରକମର ଏଣୁ ସମ୍ବଲପୁର ଅଞ୍ଚଳରେ ଭିନ୍ନ ରକମର ନାଚ ଦେଖାଯାଏ ।

## କର୍ମା ନାଚ

‘କର୍ମା ଦେବତା’ ଙ୍କ ଆରାଧନା କରି ଆଦିବାସୀ ମାନେ “ମାନ୍ଦଲ” ଧରି ନୃତ୍ୟ କରନ୍ତି । ନୃତ୍ୟକାର ମାନେ ମଧ୍ୟ ଗୀତ ଗାଆନ୍ତି । କର୍ମ ଦେବତାଙ୍କ ସମ୍ମୁଖରେ ନୃତ୍ୟ କରନ୍ତି । କର୍ମା ଗୀତ ମନ ମୁଗ୍ଧକର ଅଟେ ।

## ଘୁମୁରା ନାଚ

ଘୁମୁରା ବାଦ୍ୟଯନ୍ତ୍ର ଧରି ବୃତ୍ତାକାରରେ ଏ ନାଚ କରାଯାଏ । ମହିଳା ଗଣ ନାଚନ୍ତି । ନୃତ୍ୟକାର ମାନେ ସଙ୍ଗୀତ ରଚନା କରିଥାନ୍ତି । ଏ ନାଚର ଗୀତ ପ୍ରେମ ଓ ପୌରାଣିକ ଗାଥା ପୂର୍ଣ୍ଣ ।

## ରସରକେଳି ନାଚ

ଓ ମାଳ, ବୈଶାଖ, ଜଳ ଯାତ୍ରା ପ୍ରଭୃତି ସମୟରେ ଯୁବକ ମାନଙ୍କ ଦ୍ୱାରା ଏ ନାଚ ହୁଏ । ନାଚର ଗୀତ ଯୁବକ ପ୍ରେମ ରସ ପୂର୍ଣ୍ଣ । ଯୁବକ ଯୁବତୀ, ଗୀତ ଛଳରେ ପ୍ରେମର ଆଦାନ ପ୍ରଦାନ କରନ୍ତି । ମାଏଲ୍ ଜୋଡ଼ି, ଡାଲଖାଇ ପ୍ରଭୃତି ନାନାବିଧ ନୃତ୍ୟକଳା ସମ୍ବଲପୁର ଅଞ୍ଚଳରେ ଦେଖାଯାଏ ।

ଓଡ଼ିଶାରେ ଷ୍ଟୁଡ଼ିଓ ଅର୍ଥାତ୍ ଚଳଚ୍ଚିତ୍ରର ଅଭାବ ଯୋଗୁଁ ଓଡ଼ିଶାର ନୃତ୍ୟକଳା ଅନ୍ୟ ପ୍ରଦେଶ କିମ୍ବା ବିଦେଶରେ ପ୍ରଚାର ପାଇନାହିଁ । ମୁଁ ଭରସା କରେ ଓଡ଼ିଶାରେ ‘ରୂପଶ୍ରୀ ଫିଲ୍ମ କମ୍ପାନୀ’ ଓ ଅନ୍ୟ ଚଳଚ୍ଚିତ୍ର ପ୍ରତିଷ୍ଠାନ ମାନେ ଏହି ଦିଗରେ ମନ ପ୍ରାଣ ଦେଇଛନ୍ତି । ଏହା ଦ୍ୱାରା ଆମ ଦେଶର ନୃତ୍ୟକଳା ନୂଆ ଭାବରେ ଲାଭ କରିବ ସନ୍ଦେହ ନାହିଁ । ଲେଖକ ଭଗବାନଙ୍କ ପାଖରେ ପ୍ରାର୍ଥନା କରୁଛି ଓଡ଼ିଶାର ଏ' ସାଂସ୍କୃତିକ ସମ୍ପଦ ଉନ୍ନତି ପଥରେ ପୁଷ୍ଟ ଲାଭ କରୁ ।

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ଜାତିର ଗୌରବ ବଢ଼ାଇବା । ଶିଶୁମନର କୋମଳ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମାଧ୍ୟମରେ ସ୍ବଦେଶମନ୍ତ୍ର ଦ୍ବାରା ଭାଇଭଉଣୀମାନଙ୍କ ମଧ୍ୟରେ ସ୍ନେହ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭୂମି ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ଓ ଦୁଃସ୍ଥ ସେବା ଅହିଂସା, ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

(୧୮ବର୍ଷରୁ ନ୍ୟୁନ ବାଳକ ବାଳିକା ମାନଙ୍କ ପାଇଁ)

ନାଗଙ୍କ କଲମରୁ —

### କଂକାଳ

ଦଳିତ ପିଷ୍ଟ କଂକାଳ ଜାଳେ
ନଗ୍ନ—ଭୂମିରେ ଶତ ଟୁକ୍ରା
ଦଗ୍‌ଧ କରିବ ଅଗ୍ନିର ଜାଳା
ସନ୍ତାପ ଶର ଯିବ ଭୁଲି ।
କ୍ରନ୍‌ଦନ—ତାଳେ, ଗାଇବ ଧୀରେ ସେ
ମୃତ୍ୟୁ ଗାଇବ ମଧୁ ଗୀତ,
ତୋଳିବ ଅର୍ଦ୍ଧ ଅସ୍ଥି ମାଳାର
ରକ୍ତ-ଯେ ପିଏ--ତାରନାଥ ।
ଦୈନ୍ୟ ଜୀବନ ଉପହାର ଏତ
ମାନବ ଶୋଣିତ ଅଭିଳାଷୀ,
ଦେଖାଅ ତବ ପଦ୍ମଣ ତୃଷ୍ଣା
ଉଷ୍ଣ ଶୋଣିତ—ସୁଏ ଭାସି ।
ରକ୍ତପାୟୀ ହେ ! ଗଢ଼ ପିରାମିଡ଼
ମାନବ ଅସ୍ଥି କଙ୍କାଳେ,
ବାଟି ଦିଅ କହେ ମାନବ୍ ଶୋଣିତ
ନବ ଅଭ୍ୟୁଥାନ ସତ୍‌କାରେ ।
କମ୍ପିତ ଅସିର ତୀକ୍ଷ୍ଣ ଧାରେ କି ?
ତୋଳିଦିଅ ତବ ପ୍ରତିଦାନ,
ଦଗ୍‌ଧ ଶ୍ମଶାନେ ମର୍ମର ଉଠେ—
ଶୋଣିତ ଗାଉଛ୍ ଜୟଗାନ ।
ଶୁଭ୍ର ସମ୍ବଳ ମାଢ଼ାର ବକ୍ଷେ
କଂକାଳ ସାଜି ଅଛ ଘାରେ,
ପେଷଣ ଚକ୍ରେ କମ୍ପେଣ୍ଡିତ କି ?
ବୀର-ବିକ୍ରମ ଅଛ ଧୀରେ ।
କା'ର ମୁଁଖେ ଲାଗେ ମୃତ୍ୟୁ କାଳିମା
କେ ଅଟେ ମରଣ ଅଭିଳାଷୀ,
କେ ରଚେ ସ୍ୱପନେ ସ୍ୱପ୍ନର୍ ଡାକ
ଜୀବନର ଦକ୍ଷେ ହୁସି ମାରି

ଶ୍ରୀ ନରସିଂହ ମିଶ୍ର
ନାଗ ନ ୧୦୨୦

### ସାଧାରଣ ଜ୍ଞାନ

୧ ପୃଥିବୀର ସର୍ବ ପ୍ରଥମ ଦୈନିକ ସମ୍ବାଦ ପତ୍ରର ନାମ "ଅକ୍ତ୍ରାଡ୍ଡାୟୁର୍ଣ୍ଣ ।"

୨ । ପୃଥିବୀର ସମ୍ବାଦ ପତ୍ରର ଶତକଡ଼ା ୫୦ ଭାଗ ଇଂରାଜୀରେ ଛାପା ହୁଏ ।

୩ । ଆମ ମାନଙ୍କ ଶରୀରର ତାପ ସାଧାରଣତଃ ଭୋର ୫ଟାରେ ସବୁଠାରୁ କମ ଏବଂ ସଂନ୍ଧ୍ୟା ୬ଟାରେ ସବୁଠାରୁ ବେଶୀ ହୁଏ ।

୪ । ପୃଥିବୀରେ ମଧ୍ୟ ଆମେରିକାର ଡ଼ାକଘର ସବୁଠାରୁ ବେଶୀ ଏବଂ ସଂଖ୍ୟା ପ୍ରାୟ ୪୦ ହଜାର ହେବ ।

୫ । ପୃଥିବୀର ଏକ ଘଣ୍ଟାରେ ୫ ହଜାର ୪ ଶହ ଲୋକ ଜନ୍ମ ଗ୍ରହଣ କରନ୍ତି ଏବଂ ୨୩୦ ଜଣ ମାତ୍ର ଯାନ୍ତି ।

୬ । ଆଫ୍ରିକାରେ ୨୫ ହଜାର ହାତୀ ଦାନ୍ତ ପାଇଁ ହତ୍ୟା କରା ହୁଏ ।

୭ । ୧୯୦୭ ସାଲେ ରୁଷିୟାର ଶିକ୍ଷିତଙ୍କ ସଂଖ୍ୟା ଥିଲା ଶତକଡ଼ା ୩୩ ଜଣ ଏବଂ ୧୯୪୧ ରେ ସେଠି ଜଣେ ଅଶିକ୍ଷିତ ନାହାନ୍ତି ।

୮ । ସାତ ବର୍ଷରେ ଗୋଟିଏ ଗୋଟି ପୋକ ପ୍ରାୟ ୫୦୦ ଡ଼ିମ ଦିଏ ।

୯ । ଏକ ଧାରଣ୍ଡ ରେଶମ ସୂତା ପାଇଁ ୧୬ ହଜାର ଗୋଟି ପୋକ ଦରକାର ।

୧୦ । ମଙ୍ଗୋଲିୟାନ ମାନେ କଦାପି ପାଣି ପିଅନ୍ତି ନାହିଁ ଏବଂ ଶୋଷ ଲାଗିଲେ ଦୁଗ୍ଧପାନ କରନ୍ତି । ଇତି ।

ସଂଗ୍ରାହକ
ଶ୍ରୀ ଗଙ୍ଗାଧର ଦାସ

—*—

### ନାଗଙ୍କ ଚିଠାଉ

ଅଜା !

ଜୀବନରେ ମୁଁ ୧୯ଟି ଜାନୁୟାରୀ ଭୋଗ କରିଛି । କିନ୍ତୁ ଏ ବର୍ଷର ଜାନୁୟାରୀ ୩୧ ତାରିଖ ଶୁକ୍ରବାର କେବଳ ମୋ ମନରେ କାହିଁକି ସମସ୍ତ ଭାରତୀୟ ମାନଙ୍କ ହୃଦୟରେ ଗୋଟିଏ ଦାରୁଣ ଦୁଃଖର ରେଖା ପକାଇ ଦେଇଛି ଯାହାକି ଚିର କାଳ ଲିଭିବା ଅସମ୍ଭବ, ସେହି ମହାମାନବ ମହାତ୍ମା ଗାନ୍ଧୀଙ୍କର ସ୍ମୃତିକୁ ଅମର ରଖିବାକୁ ଆପଣ ଯେଉଁ ମହତ୍‌ ଉପାୟ ଘୋଷଣ କରିଛନ୍ତି ସେଥିପାଇଁ ସମସ୍ତ ନାଗ ଭାଇ ଓ ଭଉଣୀ ମାନଙ୍କ ତରଫରୁ ମୁଁ ଆପଣଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । କାଲି ଠାରୁ ମୁଁ ମୋର ୪ । ୫ ଜଣ ବନ୍ଧୁଙ୍କୁ ନେଇ ଦିନକୁ ୧୫ ମିନିଟ ଲେଖା ସୂତା କାଟିବି ।—

ଇତି
ସ୍ନେହର
ଦିବାକର ୯୭୨
( ସୂତା କଣ୍ଠାଲୀ ନାଗ ନଂ ୧୧ )

### ଅବସର ବିନୋଦନ ନଂ ୧୦

ଗୃଳ୍ପକ ପ୍ରଶ୍ନ

ଦିନେ କ, ଖ, ଗ, ଘ, ଙ, ଚ, ଛ, ଜ, ଓ ଝ, ଲେମ୍ବୁ ନେଇ ହାଟକୁ ଯାଇଥିଲେ । ହାଟରେ ଲେମ୍ବୁ ଶସ୍ତା ହୋଇ ଥିବାରୁ ଜଣେ ଲୋକ ଆସି, ନିର୍ଦ୍ଦିଷ୍ଟ ଦରରେ ପ୍ରତ୍ୟେକଙ୍କ ଠାରୁ ପୂର୍ଣ୍ଣ ପଇସାରେ ସମସ୍ତ ଲେମ୍ବୁ ନେଲା ଏବଂ ଯାହା ବଳକା ରହିଲା ତାକୁ ଛାଡ଼ି ଦେଲା ଅର୍ଥାତ୍‌ ନେଲା ନାହିଁ । ସେ ଲୋକଟି ଲେମ୍ବୁ ନେଇ ଯିବା ପରେ ସେମାନଙ୍କ ପାଖ ରେ ଯାହା ଲେମ୍ବୁ ବାକି ରହିଲା, ଶେଷରେ ସେମାନେ ପଇସାରେ ଗୋଟିଏ ଲେଖାଏ ବିକ୍ରୀକଲେ । ହାଟରୁ ଫେରିବା ବେଳେ ଦେଖିଲେ ଯେ ପ୍ରତ୍ୟେକଙ୍କର ପଇସା ସମାନ । ତେବେ ସେ ଲୋକଟି ପଇସାରେ କେତୋଟି କରି ଲେମ୍ବୁ ନେଇଥିଲା ।

ଶ୍ରୀ ନିତ୍ୟାନନ୍ଦ କିଶୋର ରାୟ
(୯୪୭)

ଉତ୍ତର ୧୬ । ୭ । ସୁନ୍ଦା ଅସିବ ।

୮ ନମ୍ବର ଅବସର ବିନୋଦନର ଉତ୍ତର କନ୍ଦମୂଳ ।

### ପାଠାଗାର ଆନ୍ଦୋଳନ

୧୦୧—ସ୍ୱର୍ଣ୍ଣପ୍ରଭା ପୁସ୍ତିକାଗାର ଅକ୍ଷାଳପଙ୍କ—ବାଲେଶ୍ୱର— ସ୍ଥାପନା ୧୯୪୮ । ପରିଚାଳକ ଶ୍ରୀ ଗଙ୍ଗାଧର ଦାଶ । ସଂପାଦକ— ଶ୍ରୀ ପ୍ରସନ୍ନ କୁମାର ଦାଶ । ପୁସ୍ତକ ସଂଖ୍ୟା ୧୬୦ । ନାଗ ନଂ ୯୩୦

୧୦୨— ଉତ୍କଳ କଳା ମନ୍ଦିର ସୋନପୁରରାଜ— ବଲାଙ୍ଗିର । ସ୍ଥାପନା ୧୯୪୪ । ପୁସ୍ତକ ସଂଖ୍ୟା ୩୫୦୦୦ । ସଭ୍ୟ ସଂଖ୍ୟା, ୨୦୦ ଏବଂ ସହକାରୀ ପୁସ୍ତକ ସଂଘ ଓ ରାୟ ସାହେବ ବ୍ୟର୍ଥ ଆଗ୍ରହ ।—[୫୦୬]

—*—

Digitized by srujanika@gmail.com

# ଚିଠିପତ୍ର

ପ୍ରତି ସଂଖ୍ୟା 'ଡଗର' ରେ ପାଠକ ପାଠିକା ମାନଙ୍କର ମତାମତ, ଆଲୋଚନା, ସମାଲୋଚନା ସୂଚନା ( Suggestions ) ପ୍ରଭୃତି 'ଚିଠିପତ୍ର' ରେ ପ୍ରକାଶ ପାଉଛି । ଚିଠି ଖୁବ୍ ଛୋଟ ଓ ସଂକ୍ଷିପ୍ତ ହେବା ଦରକାର । କୌଣସି ଚିଠିରେ ବ୍ୟକ୍ତିଗତ ଓ ଦଳଗତ ବିଦ୍ୱେଷ ଥିଲେ ତାହା ଅଗ୍ରାହ୍ୟ ହେବ । ଚିଠି ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀଙ୍କ ହାତରେ । କୌଣସି ବ୍ୟକ୍ତିଗତ ବିଦ୍ୱେଷ ସମାଲୋଚନାର ଉତ୍ତର ଦିଆଯିବ ନାହିଁ । ସଂପାଦକ ମଣ୍ଡଳୀ ଚିଠିର ମତାମତ ପାଇଁ ଦାୟୀ ନୁହନ୍ତି ।—ସଂପାଦକ

## ଷଢ଼େଇକଳା ଖରସୁଆଁ ସମ୍ବନ୍ଧେ ମୋର ବିଚାର।

ଷଢ଼େଇକଳା ଖରସୁଆଁ ଭାରତ ସରକାରଙ୍କର ପକ୍ଷପାତିତା ଯୋଗୁଁ ଓଡ଼ିଶା ସୀମାରୁ ଯାଇ ବିହାରରେ ମିଶିଲା । ଏଥିଯୋଗୁଁ ଏଠାକାର ଲୋକ ପ୍ରତିନିଧି ମୂଳକ ମନ୍ତ୍ରୀମଣ୍ଡଳ ବହୁ ପରିମାଣରେ ଦାୟୀ ଅଟନ୍ତି ଏବଂ କଂଗ୍ରେସ ଅନୁଷ୍ଠାନ ମଧ୍ୟ ସେହି ପରିମାଣରେ ଦାୟୀ । ଭାରତ ସରକାରର ଏପରି ଅନୀତି ଓ ଅବିଚାରରେ ଆଜି ପ୍ରତି ଓଡ଼ିଆ ଅତି ମର୍ମାହତ । ଆଜି ପ୍ରତ୍ୟେକ ଓଡ଼ିଆର କଂଗ୍ରେସ ଅନୁଷ୍ଠାନ ଏବଂ କଂଗ୍ରେସ ଗଠିତ ପ୍ରାଦେଶିକ ସରକାର ଉପରୁ ବିଶ୍ୱାସ ଓ ଭରସା ତୁଟି ଯାଉଛି । ଏବଂ ସରକାର ଲୋକମତ ଉପରେ ଗଠିତ ଏକଥା ଭୁଲିଲେ ଲୋକଙ୍କ ପ୍ରତି ଘୋର ବିଶ୍ୱାସ ଘାତକତା କରାଯିବ । ମହାତ୍ମା ଗାନ୍ଧୀ ଏବଂ ନିଖିଳ ଭାରତ କଂଗ୍ରେସ କମିଟିଙ୍କର ପ୍ରସ୍ତାବ ଏବଂ ନିର୍ଦ୍ଦେଶ ଥିଲା ଭାଷା ଓ ସଂସ୍କୃତି ସୂତ୍ରରେ ପ୍ରତି ପ୍ରଦେଶର ସୀମା ନିର୍ଦ୍ଦେଶ କରିବା । ଯେତେବେଳେ ଓଡ଼ିଶା ଗଡ଼ଜାତ ଓଡ଼ିଶାରେ ମିଶିଲା, ସେତେବେଳେ ସେହି ଦୃଷ୍ଟିରୁ ପ୍ରତି ବିଷୟ ବିଚାର ହେବା ଉଚିତ ଥିଲା । ଭାରତ ସରକାର ଷଢ଼େଇକଳା ଖରସୁଆଁ ଭଳି ଖାଣ୍ଟି ଓଡ଼ିଆ ରାଜ୍ୟକୁ ବିହାର ସହ ପ୍ରବଞ୍ଚନା ପୂର୍ବକ ମିଶାଇ ଅନ୍ୟାୟ ଓ ଅସତ୍ୟର ଶେଷସୀମା ଲଙ୍ଘନ କରିଗଲେ । ଓଡ଼ିଶା ପ୍ରାଦେଶିକ ସରକାର ଭାରତ ସରକାର ଏବଂ ବିହାର ସରକାରର ଏପରି ଅନୀତିକୁ ପ୍ରକାଶ୍ୟ ଭାବରେ ବିରୋଧ କରିବା ଏବଂ ଏ ସମ୍ପର୍କରେ ଓଡ଼ିଶା ସରକାରଙ୍କର କାର୍ଯ୍ୟନୀତି ଜନସାଧାରଣଙ୍କୁ ଜଣାଇଦେବା ଉଚିତ ଥିଲା । କିନ୍ତୁ ଏହା ନ କରିବା ଦ୍ୱାରା ଓଡ଼ିଶା ସରକାର ଓଡ଼ିଶା ଜନସା-ଧାରଣଙ୍କ ପ୍ରତି ବିଶ୍ୱାସ ଘାତକତା କରି ଜନସାଧାରଣଙ୍କ ସ୍ୱାର୍ଥକୁ ପଛରୁ ଛୁରୀ ମାରିଛନ୍ତି । ଲୋକ ପ୍ରତିନିଧି କଂଗ୍ରେସ ସରକାରଙ୍କର ନିଜର କିଛିମାତ୍ର ଆତ୍ମସମ୍ମାନ ବୋଧ ଯଦି ଥାଏ ତେବେ ଏ ଅନ୍ୟାୟର ପ୍ରତିବାଦ ରୂପେ ଓଡ଼ିଶା ବିଧାନ ସଭାର ସଭ୍ୟ, ଓଡ଼ିଶା ବ୍ୟବସ୍ଥାପକ ସଭାର ସଭ୍ୟ, ଓ ମନ୍ତ୍ରୀମାନେ ସମସ୍ତେ ଅତି ତୁରନ୍ତ ଭାରତ ସରକାରଙ୍କୁ ଏ ସମ୍ପର୍କରେ ଗୋଟିଏ ଚରମ ପତ୍ର ଦେଇ ସଭ୍ୟ ଓ ମନ୍ତ୍ରୀ ଗାଦିରୁ ଇସ୍ତଫା ଦେଇ ଚାଲି ଆସିବା ଉଚିତ ଓ ଏହା ନ୍ୟାୟସଙ୍ଗତ ହେବ ।—ପ୍ରଜାତନ୍ତ୍ର ବା ଗଣତନ୍ତ୍ର ସରକାର ଓ ଲୋକ ପ୍ରତିନିଧିଙ୍କର ସମ୍ମାନ ନୈତିକ ଦୃଷ୍ଟିରୁ ରହିବ ।

ଉତ୍କଳ ମହିଳା ସମ୍ମିଳନୀ ମଧ୍ୟ ମନ୍ତ୍ରୀ ଓ ବିବ୍ୟବସ୍ଥା ସଭା ମେମ୍ବର ତଥା ବିଧାନ ସଭା ମେମ୍ବର ମାନଙ୍କୁ ପଦ ତ୍ୟାଗ କରି ଭାରତ ସରକାରଙ୍କ ଉପରେ ଷଢ଼େଇକଳା ଅନ୍ୟାୟ ସମ୍ପର୍କରେ ଚାପ ପକାଇବାକୁ ପ୍ରସ୍ତାବ କରିଛନ୍ତି ଓ ତାହା ଯଥା ସ୍ଥାନକୁ ପଠାଇ ଦିଆ ଯାଇଛି ।

ସରଳା ଦେବୀ

## ଭାଷା ବିଭ୍ରାଟ

'ଡଗର'ର ସମ୍ପାଦକ ମହାଶୟ,

ନମସ୍ତେ,

ଭାରତ ସ୍ୱାଧୀନତା ଲାଭ କଲା ପରେ ଆମ ସର୍କାର ଭାରତରୁ ଇଂରାଜୀ ଭାଷାକୁ ଲୋପ କରିବା ଉଦ୍ଦେଶ୍ୟରେ ତାକୁ ରାଜ ଭାଷା ପଦରୁ ବିଦାୟ ଦେଇ ତା' ସ୍ଥାନରେ ହିନ୍ଦୀକୁ ରାଜଭାଷା କଲେ । କିନ୍ତୁ ଗତ ଦଶମାସ ହେଲା ଦେଖା ଯାଉଛି ଇଂରାଜୀ ଭାଷାର ବ୍ୟବହାର ପୂର୍ବ ପରି ଅକ୍ଷୁର୍ଣ୍ଣ ରହିଛି । ଲୋକେ ଚିଠି ପତ୍ରାଦିର ଶିରୋନାମା ହିନ୍ଦୀରେ ନ ଲେଖି ଇଂରାଜୀରେ ଲେଖୁଛନ୍ତି । ଏବଂ କଥା କହିବା କହୁଁ ଇଂରାଜୀ ବ୍ୟବହାର କରୁଛନ୍ତି । ବିଶେଷତଃ ପତ୍ର ପତ୍ରିକାରେ ଅଧିକ ସଂଖ୍ୟାରେ ଇଂରାଜୀ ଦେଖା ଯାଉଛି । ଦୁଃଖର କଥା ଏହି ଯେ ଆମର ଓଡ଼ିଶାରେ ଓଡ଼ିଆ ବ୍ୟବହାର ନହୋଇ କିମ୍ବା ରାଜଭାଷା ହିନ୍ଦୀ ବ୍ୟବହାର ନହୋଇ ଇଂରାଜୀ ବ୍ୟବହାର କରାଯାଉଛି । ଏ ବିଷୟ କ'ଣ ଆମର ଲୋକପ୍ରିୟ ସର୍କାର ଜାଣୁ ନାହାନ୍ତି ?

ଶ୍ରୀ ପୀତାମ୍ବର ମିଶ୍ରଶର୍ମା ।

ରାଜ-କନକା ପଦ୍ମନାଭପୋଲ

—*—

## ତରୁଣଙ୍କ ପରିଷଦ

ସମ୍ପାଦକ ମହାଶୟ,

ଆପଣଙ୍କ ଲୋକପ୍ରିୟ ପତ୍ରିକା ଜରିଆରେ ଉତ୍କଳର କିଶୋର ପ୍ରାଣରେ ନବ ଜାଗରଣ ଆଣିବା ପାଇଁ ଯେଉଁ "ନାଗବନ୍ଧୁ" ବିଭାଗ ଖୋଲିଛନ୍ତି ତାହାର ଉଦ୍ଦେଶ୍ୟ ଯେ ଖୁବ୍ ମହତ ଏହା ପ୍ରତ୍ୟେକ ମୁକ୍ତ କଣ୍ଠରେ ସ୍ୱୀକାର କରିବେ । କିନ୍ତୁ ୧୮ ବର୍ଷ ପରେ ପ୍ରତ୍ୟେକ ନାଗ ଭାଇ ଓ ଭଉଣୀମାନେ ତାଙ୍କର ପ୍ରିୟ ଅଜାଙ୍କୁ ହରାଇ [ସଂବନ୍ଧ ରଖିବାର ସୁଯୋଗ ନପାଇ ] କିପରି ଯେ ଦୁଃଖ ଅନୁଭବ କରନ୍ତି ତାହା ମୁଁ ଅନେକ ନାଗ ଭାଇ ଓ ଭଉଣୀ ମାନଙ୍କଠାରୁ ଶୁଣିଛି । ଉତ୍କଳର ଯୁବ ଶକ୍ତି [ ୧୮ ବର୍ଷରୁ ଊର୍ଦ୍ଧ୍ୱ ] ଏବଂ ୧୮ ବର୍ଷ ପର୍ଯ୍ୟନ୍ତ ହୋଇ ଆସିଥିବା ନାଗବନ୍ଧୁମାନେ, ଡଗରର ମଧ୍ୟସ୍ଥତାରେ ନାଗ ବିଭାଗର ଅନୁରୂପ କିନ୍ତୁ ତାଠାରୁ ଟିକେ ଉଚ୍ଚ ଧରଣର ଆଲୋଚନା କରିବାର କଣ ହକ୍‌ଦାର ନୁହନ୍ତି ? ଭାରତରେ All India youth society ଏବଂ ଏସିଆ ଓ ୟୁରୋପ ପ୍ରଭୃତିରେ "Caravan society" ପ୍ରଭୃତି ବିଭିନ୍ନ ପ୍ରକାରର ପରିଷଦ ଥିଲେ ସୁଦ୍ଧା—ଆମ ଓଡ଼ିଶାରେ ଯୁବକ ଶକ୍ତି ପାଇଁ କୌଣସି ପ୍ରକାରର ଆଦର୍ଶ ସମିତି ନାହିଁ କହିଲେ ଚଳେ । ଥିଲେ ସୁଦ୍ଧା ତାହା ଖୁବ୍ ସୀମାବଦ୍ଧ ଏବଂ ନେତୃତ୍ୱର ଅଭାବ ବିଶେଷ ଭାବରେ ପରି ଲକ୍ଷିତ ହୁଏ । ନାଗରିକ ପରିଷଦ ବା ଏହି ଶ୍ରେଣୀୟ କିଛି ନାମ ଦେଇ ଡଗରର— ସୁପରିଚିତ ଅଜାଙ୍କ ଜରିଆରେ ୧୮ ବର୍ଷରୁ ଊର୍ଦ୍ଧ୍ୱ ବିଶାଳ ଉତ୍କଳର ଭାଇ ଓ ଭଉଣୀ ମାନଙ୍କ ପାଇଁ ଗୋଟିଏ ପରିଷଦ ଗଢିଲେ କିପରି ହୁଅନ୍ତା ? ଆଜୀବନ ସଭ୍ୟ ଏବଂ ବାର୍ଷିକ ସଭ୍ୟମାନଙ୍କୁ—ପରିଷଦ ସଭ୍ୟ ରୂପେ କିଛି କିଛି ନିର୍ଦ୍ଦିଷ୍ଟ ମୂଲ୍ୟ ଅବଶ୍ୟ ଦେବାକୁ ହେବ ।

ଆଶାକରେ ଏ ବିଷୟର ଗୁରୁତ୍ୱ ଦୃଷ୍ଟିରୁ ଖୁବ୍ ଶୀଘ୍ର କାମ ଆରମ୍ଭ କରିଦେବେ । ଇତି

ଶ୍ରୀ ଗଜେନ୍ଦ୍ର ନାଥ ସାମଲ

ଏ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ ଯୋଜନା ନିମନ୍ତ୍ରଣ କରୁଛୁ—ସଃ ଡଃ

Digitized by srujanika@gmail.com

କୁନ୍ତଳ ଶୋଭାର ଗୁପ୍ତ ରହସ୍ୟ

ଫ୍ରାଗାଣ୍ଟୋ

# ବ୍ରେଜୋଲିନ କେଶ ତୈଳ




ଚିରକାଳ କେଶ ହିଁ ରମଣୀର ଗୌରବ ଓ ଶ୍ରୀ । ତାର କେଶରେ ଶୋଭା ମନୁଷ୍ୟଙ୍କୁ କେବଳ ମୁଗ୍ଧ କରେ ନାହିଁ—ଏହି କେଶ ଦ୍ୱାରା ନାରୀର ସୌନ୍ଦର୍ଯ୍ୟ ବର୍ଦ୍ଧିତ କରାଯାଏ ।

ବ୍ରେଜୋଲିନ ମଧ୍ୟରେ ନାନା ଉପାଦେୟ ମୂଲ ମୂଲ୍ୟବାନ ଥିବା ଯୋଗୁଁ ଏହା ଏପରି ଉଲ୍ଲେଖ୍ୟ କେଶ ବର୍ଦ୍ଧକ ଓ କେଶ ପରିପୋଷକ ରୂପେ ଖ୍ୟାତ ।

ଏହାର ନିୟମିତ ବ୍ୟବହାରରେ ସୁନ୍ଦର ଓ ଚିକ୍କଣ କେଶ ବୃଦ୍ଧି ହୁଏ, ଏହା ମସ୍ତିଷ୍କ ଶୀତଳ ଓ ଶାନ୍ତ କରେ । କେଶ ପତନ ଓ ଚର୍ମ ରୋଗ ଦୂର କରେ ।

**ଉପହାର**

ପ୍ରତି ବୋତଲ ସହ ଗୋଟିଏ ... ଓ ଫିତା ବିନା ମୂଲ୍ୟ ଦିଆଯାଏ ।

ପ୍ରସ୍ତୁତ କାରକ

INDIAN OVERSEAS AROMA TRADERS,
Fragrantto House, Khetwadi Main Road,
BOMBAY—4

Agent— K. M. Zakaria Esq, Pension Lane, Bu xBazar
CUTTACK.



ହାଓଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

ବାତରକ୍ତ ସର୍ବଶରୀରରେ ସର୍ବାଙ୍ଗିକ ବା ଅଂଶିକ ଫୁଲ ଏକ୍‌ଜିମା, ସୋରାଇସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ଅବ୍ୟର୍ଥ ଏହାହିଁ ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

... ସେଥିରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ଲେପନ ଓ ଖାଇବା ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୋପ ହୁଏ ।

ରୋଗ ଲକ୍ଷଣ ଜଣାଇ ଚିଠି ଲେଖି ବ୍ୟବସ୍ଥା ଓ ଔଷଧ ଗ୍ରହଣ କରନ୍ତୁ ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ (H. K. K.)

୧୦° ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା

ଶାଖା—୩୬ ନଂ ହାରିସନ ରୋଡ୍, କଲିକତା



ଅପୂର୍ବ ସୁଯୋଗ ହରାନ୍ତୁ ନାହିଁ

## ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।

ଆମ ଦେଶର ବିଦ୍ୱାନ ଓ ଅନୁଭବୀ ଯୋଗ୍ୟ ଛାତ୍ର କମ୍ ନାହାନ୍ତି । ବର୍ତ୍ତମାନ ଆୟୁର୍ବେଦ ରାଷ୍ଟ୍ରୀୟ ସରକାରରେ ଗଣ୍ୟ । ଡାକ୍ତରୀ ଓ ହକିମୀରଙ୍କ ମତ ସ୍ୱଦେଶୀ ଔଷଧ ବ୍ୟବହାର କର ଓ ... । ଯେଉଁମାନେ କଲେଜରେ ନ ପଢ଼ି ... ଘରେ ଥାଇ ବାର୍ଷିକ ଆୟୁର୍ବେଦ ଶିକ୍ଷା ଓ ... ମାଧ୍ୟମରେ ଓ ଗଭର୍ଣ୍ଣମେଣ୍ଟ ରେଜିଷ୍ଟ୍ରାର୍ଡ ... ପାଇପାରିବେ । ଆଜି ଚିଠି ଲେଖନ୍ତୁ । ... ମୂଲ୍ୟ ୧୦/ । ... ୧୦୯ ... ।

... ଶ୍ରୀ ନାରାୟଣଚନ୍ଦ୍ର ବେହେରା

... M.N.M.B.

ବୈଦ୍ୟ ଔଷଧାଳୟ, ପୋଃ ବଣାଇଗଡ଼ (ଓଡ଼ିଶା)


ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସମ୍ପାଦକ— ଶ୍ରୀ ରାଧାମୋହନ ଦାସ

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସବାଧିକ ଲୋକପ୍ରିୟ
ସପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର<br>ମିଥୁନ ୨୯ଦିନ ୧୩୫୫ସାଲ | ୪୫ସଂଖ୍ୟା |
|---|---|---|

—ସୂଚି—

ମଜାକଥାରେ
କଲେଜ-ଲଭ
କାହାଣୀରେ
ଗୁଣ୍ଡୁଲ
ମଜାକବିତାରେ
ଏମ୍, ଏଲ୍, ଏ,

[ଟୋକୀ] ଚକ୍ରଧାରୀ
ତାରେ ତାରେ ତାନା ନାନା
ଗଳ୍ପଅବସ୍ଥାର ପଦ୍ଧତି।

# "DAGARO"

ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday, July, 12 1948. | No. 45 |
|---|---|---|

ବାର୍ଷିକ ମୂଲ୍ୟ ଟ ୬୲ ଷାଣ୍ମାସିକ ଟ ୩୲
ରାଜ ସଂସ୍କରଣ ବାର୍ଷିକ ୧୦୲

Digitized by srujanika@gmail.com




ଜାଣନ୍ତିକି

**ଓଡ଼ିଶାର ଧନ**

**ଓଡ଼ିଶାର ଗୌରବ**

ସୁପ୍ରସିଦ୍ଧ କୋଣାର୍କ କେମିକ୍ୟାଲର ସମସ୍ତ ପ୍ରକାର ବାସ୍ତ ନାରିକେଳ ତୈଳ ମଧ୍ୟରେ—

ସୁବାସିତ ତ ତୈଳ

ଏହାର ମୃଦୁମଧୁର ସୁରଭି କେଶ ଶୁଦ୍ଧି ଓ ଚିତ୍ତ ଆମୋଦ ଦାୟକ । କୁନ୍ତଳର ସୁନ୍ଦରତା ବଢ଼ାଇବା ଏହାର ବୈଶିଷ୍ଟ୍ୟ ।

ନିକଟସ୍ଥ ଯେ କୌଣସି ଦୋକାନରେ ଅନୁସନ୍ଧାନ କରନ୍ତୁ କିମ୍ବା ନିମ୍ନ ଠିକଣାରୁ ଚିଠି ଲେଖନ୍ତୁ ।

**କୋଣାର୍କ କେମିକ୍ୟାଲ**
**ଏଣ୍ଡ ବିଉଟି ପ୍ରଡକ୍ସ୍**

୭୧,ଏ ପ୍ରେମଚାନ୍ଦ ବଡ଼ାଲ ଷ୍ଟ୍ରୀଟ, କଲିକତା

---

## ହାଓଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

ଭାରତର ସର୍ବଶ୍ରେଷ୍ଠ କୁଷ୍ଠନତା ସର୍ବାଙ୍ଗିକ ବା ଅଂଶିକ ଦେହ ଏକ୍‌ଜିମା, ହୋରିନସିଙ୍ଗ ବୃଦ୍ଧିର ଓ ଅନ୍ୟାନ୍ୟ ଚର୍ମରୋଗାଦ ଚିକିତ୍ସାର ଏକମାତ୍ର ନିର୍ଭର ଯୋଗ୍ୟ ପ୍ରତିଷ୍ଠାନ ।

ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ଆମ୍ଭ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ଲାଗା ଔଷଧ ବ୍ୟବହାର କଲେ ଅଳ୍ପ ଦିନ ମଧ୍ୟରେ ଚିରଦିନ ପାଇଁ ଲୋପ ହୁଏ ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ ।

**ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
(H. K. K.)

୧୬ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୬ ନଂ ହାରିସନ ରୋଡ୍, କଲିକତା

---

ଅପୂର୍ବ ସୁଯୋଗ                ହରାନ୍ତୁ ନାହିଁ

## ଆୟୁର୍ବେଦ ଶିକ୍ଷା ଓ ପରୀକ୍ଷା ।

…ଅନ୍ୟାୟ ଯଦି ସଂକ୍ରମଣ କରେ ?

\+ ÷ ÷

ନିଜାମ ତାଙ୍କ ସୁନିଶ୍ଚିତ ଭବିଷ୍ୟତ ଦେଖି ଗାରୁନାହାନ୍ତି—ଗଜକଣ୍ଠ !

…ସେ ମାଙ୍କଡ଼ କିଅଁସି ନହନ୍ତି !

× × ÷

ରାଜଗୋପାଳାଚାରୀ ଦୂରଦ୍ରଷ୍ଟା ସମ୍ମାନ ଲୋକ—ରାଜଭ !

…କଳା ଚଷମା ପିନ୍ଧିବାରୁ !

× + ÷

ଭାରତର ପ୍ରଦେଶ ଗୁଡ଼ିକ ଗୋଟିଏ ହାରରେ ଖଚିତ ମୁକ୍ତାଭଳି—କାଠକୁ !

…ମାଙ୍କଡ଼ ବେକରେ ?

÷ ÷ ÷

ମୁଁ ପଚିଶ ବର୍ଷରେ ରାଜନୀତିରୁ ବିଦାୟ ନେବି—ବିଜୟ ଲକ୍ଷ୍ମୀ !

…ଜାତଯୌବନ ପଚିଶବର୍ଷିଣୀ !

× × ×

ନିଜ ଗୋଡ଼ରେ ନିଜେ ଠିଆ ହୁଅ—ନାୟକ !

…କିନ୍ତୁ ନିଜ ଚମଡ଼ାରେ ଯୋତା ନ ପିନ୍ଧି ପର ଚମଡ଼ାର ସଦୁପଯୋଗ କର !

÷ ÷ ÷

ଭାରତର ରାଜପଥେ ଗୃହୀ ମୂଲ୍ୟର ରକ୍ତଗଙ୍ଗା—ମୁକ୍ତିଯୁଦ୍ଧ !

…କମ୍ୟୁନିଷ୍ଟ ନେତା ଦୁର୍ଯୋଧନ ହୋଇ ସନ୍ତରଣ କରୁଛନ୍ତି !

÷ × ÷

କାଶ୍ମୀର କମିଶନ ଫେରିଯାଅ—ମୁକ୍ତିଯୁଦ୍ଧ !

…ପାଞ୍ଚ ଅଫିସକୁ ?

× + ×

"ପୃଥିବୀ ଆଜି ଗାନ୍ଧୀଙ୍କୁ ସମ୍ମାନ କରୁଛନ୍ତି !"—ଆସଫ ଅଲି

…ଓଡ଼ିଶା ମନ୍ତ୍ରୀ ଗାନ୍ଧୀଜୀଙ୍କୁ ସମ୍ମାନ କରୁଛନ୍ତି !

\+ ÷ ×

"ଜମିଦାରୀ ଉଠିବାକୁ ଦଶବର୍ଷ ଲାଗିବ"—ମହତାବ !

…ସ୍ୱଦେଶୀ ବ୍ରତ ଜମିଦାରଶ୍ରେଣୀ-ମାନେ କରୁଥିବେ !

Digitized by srujanika@gmail.com

ଖବର ବାହାରିଛି ଓଡ଼ିଶା ସରକାରଙ୍କର ପାରକର୍ କାଲି ଖରଚ ହୋଇଛି—ଛବିଶ ହଜାର ଟଙ୍କାର । ଛବିଶ ହଜାର ଟଙ୍କାରେ ଅନ୍ଦାଜ କୋଡିଏ ହଜାର ଦୁଆତ କିଣା ହୋଇଥିବ । ଏତିକ କାଳି ଢାଳି ଦେଇଥିଲେ କାଠଯୋଡ଼ି ପାଣି ବି ବୋଧେ କଳା ହୋଇଯିବ । ତେବେ ଗୋଟିଏ ଆଶାର କଥା ଯେ ଆମ ସରକାରି କର୍ମଚାରୀ ଢେର ବେଜାୟ କାମ କରୁଛନ୍ତି । କଲମ କେତୋଟା ଚଳୁଛି । ସେତିକ ଜଣ ଥିଲେ ହିସାବ ଠିକ୍ ମିଳନ୍ତା ଅବଶ୍ୟ । ଆମ ମନେ ହେଉଛି ଏ କାଳିରେ ଖାଲି ଲେଖା ହୁଏ ନାହିଁ—ଅମଲା ମାନଙ୍କ ଗାଲରେବି ଲଗାହୁଏ । ଏଥିପାଇଁ ଚୂନର ହିସାବଟା ଦେଇଥିଲେ ଭଲ ହୋଇ ଥାଆନ୍ତା ପରା । ଯାହାହେଉ ଏଣିକି ଓଡ଼ିଶାକୁ ଗରିବ ଦେଶ ବୋଲି ଯେ କହିବ, ତା ମୁହଁରେ କାଳି !

× + +

ମହତାବେ ଏଥର ଅସେମ୍ବ୍ଲିରେ ଏକ ବ୍ରହ୍ମଅସ୍ତ୍ର ଛାଡ଼ି ତାଙ୍କ ବିପକ୍ଷ ଦଳକୁ ଏକାବେଳେ ବିଧ୍ୱସ୍ତ, ବିପର୍ଯ୍ୟସ୍ତ, କରି ଦେଇଛନ୍ତି । କିନ୍ତୁ ବିଳୁପ୍ତ କରି ପାରି ନାହାନ୍ତି । କାରଣ କଣ୍ଟଦାସେ ଓ ମଙ୍ଗରାଜେ ଟଙ୍କା ନିଆ କଥା ଅସ୍ୱୀକାର କରି ପ୍ରକାଶ୍ୟରେ ପ୍ରମାଣ ଦେବା ପାଇଁ ରଣରଙ୍ଗ Challenge ଦେଲେଣି । ମହତାବେ ଅସେମ୍ବ୍ଲି ଦୁର୍ଗର ପରିଖା ଜହାଜରେ ଥାଇ ଏ ବାଣ ନିକ୍ଷେପ କରି ଥିବାରୁ ପ୍ରତିପକ୍ଷ ମାନଙ୍କର ତାହା କର୍ତ୍ତନ କରିବାର ଉପାୟ ନାହିଁ । ଆମର ବିଶ୍ୱାସ ଉକ୍ତ ଲୋକଗଣ, ଝିଙ୍ଗାବୀର ମହତାବ ଏ ହୁମରଡ଼ି ଶୁଣି ଭୁଲି ରହି ପାରିବେ ନାହିଁ । ବ୍ୟାସ ସରୋବରରୁ ବାହାରି ଅସି 'ଯୁଦ୍ଧଂ ଦେହି' କରିବେ । କବି ବାଞ୍ଛାନିଧି ଥିଲେ ଗାଇଥାନ୍ତେ ପରା—

ପାଲି ଲଗିଲାରେ···ଦେଶ ଜାଗିଲାରେ··

× × ×

ରଜାମାନଙ୍କ ଠାଉଁ ଯେଉଁ ବଡ଼ବଡ଼ିଆ ମାନେ ବଡ଼ଟଙ୍କା ଖାଇଛନ୍ତି, ମହତାବଙ୍କା—ତାଙ୍କ ନାଆଁ ପ୍ରକାଶ କରି କହିଲେ କି ଏମାନଙ୍କ ଛଡ଼ା ଆହୁରି ଅନେକ ଛୋଟ ଟଙ୍କାଖିଆ ଛୋଟ ଛୋଟିଆବି ଅଛନ୍ତି । ମାତ୍ର ତାଙ୍କ ନାଆଁ ପ୍ରକାଶ କରିବାକୁ ନାରାଜି ହେଲେ । ବିଲୁଆ ସଭାର ସଭାପତି ଏହା ଶୁଣି ବୋଇଲେ—ହୁକେ ହୋ—ସବୁର କର ହୋ—ଦରକାର ପଡ଼ିଲେ 'ଠୋ' !

× × +




ମହତାବଙ୍କା କହୁଛନ୍ତି କି କେତେକ ବେପାରୀଙ୍କ ଠାରୁ ଏ ମାନେ ସରକାର ହେଲେ ମନଇଚ୍ଛା ଟଙ୍କା ଆଣି ପାରିବେ ବୋଲି ଖବର ଅଛି । ତାଙ୍କ ନାଆଁ କହୁଅ ବୋଲି ପଚାରନ୍ତେ ମହତାବଙ୍କା ଉତ୍ତର ଦେଲେ କି—ତାଙ୍କ ନାମ କହାଇ ଫଳ ନାହିଁ କାରଣ ଆମେବି ତାଙ୍କଠାରୁ ଟଙ୍କା ଆଣିଥାଉଁ । ଏହାଶୁଣି ବିଲୁଆ ସଭାପତି ବୋଇଲେ—ହୁକୋ—ହୁଆ—ତେବେ ତୁତ ମୁହଁରେ ମୁଁ ତ ମୁହଁରେ·········

× ÷ +

କଟକୀ ଡଳିଆ ଅମଲାଙ୍କର ଏବେ ପାଳି ପଡ଼ିଛି । ମହରଗ ବଜାରରେ ଅଳ୍ପ ଦରମା ଲୁଣ୍ଠ ଓ ପେଟକୁ ନଅଣ୍ଟ ହେବାରୁ ସେମାନେ ମେଣ୍ଟ ବାନ୍ଧି ଧର୍ମଘଟ କରିବାକୁ ମନ କରିଛନ୍ତି । ହାତରେ "ଭେକଲ" ଟଣି ବାନ୍ଧି ଏଣିକି ବୁଲିଲେ । ଏହି ମାନ ମାରିବାରେ ଫଳ କେତେ ଫଳିବ ତାହା ଖୋଦା ଜାଣନ୍ତି । ଦରଦୀ ଆତ୍ମୀୟ ପାଖରେ ହିନା ମାନ ମରିଯାଏ । ଏ ମାନର ମର୍ଯ୍ୟାଦା ମନ୍ତ୍ରୀ ମାହାତ୍ମ ବୁଝିଲେତ !

ଆମେ ସେଥିପାଇଁ ପରାମର୍ଶ ଦେଉଛୁଁ କି ଅମଲା ଭାଇମାନେ କିଛିଦିନ ପାଇଁ ବ୍ରହ୍ମଚର୍ଯ୍ୟ ବ୍ରତ ଧାରଣ କରନ୍ତୁ । ( ଅବଶ୍ୟ ଗୃହିଣୀ ମାନଙ୍କ ଅନୁମତିରେ ) ଓ ଗୃହାଶ୍ରମ ପାଳନ କରି କିଛିଦିନ ସବୁର କରନ୍ତୁ । ସବୁର ଗଛରେ ମେଉଆ ଫଳେ । ବର୍ତ୍ତମାନ ସରକାର କେନ୍ଦୁଝରେ ଜଗୋର ଖର୍ଚ୍ଚରେ ବ୍ୟସ୍ତ ହୋଇ ପଡ଼ିଛନ୍ତି । ରାଜଧାନୀଟା ତିଆରି ହୋଇଗଲେ ସେମାନଙ୍କୁ ବହୁତ ମାହାର୍ଘ ମିଳିବ । କୋଇଲାରୁ ପେଟ୍ରୋଲ ବାହାରି ପଡ଼ିଲେ କିରାସିନିର ଅଭାବ ରହିବ ନାହିଁ । ଲୁଗା କଲଟା ଖୋଲି ହୋଇଗଲେ ଘରଣୀଙ୍କ ଶାଢ଼ୀ ଦୁର୍ଭିକ୍ଷ ମେଣ୍ଟିବ । ଆଉ ଶେଷରେ ମହାନଦୀ ବନ୍ଧ । ଏହି ବନ୍ଧ ପଡ଼ିଗଲା ମାତ୍ରେ ମହାନଦୀରେ ପାଣି ନ ବହି ଦୁଧ ଓ ମହୁର ସୁଅ ବୋହିବ । ଆଉ ଭାବନା କଣ ! ସିର୍ଫ୍, ଥୋଡ଼େ ସବୁର୍ !

+ + +

ମିଣିପେ ସାବଧାନ ! ତୁମ କଥା ସରିଲା । ଭାରତ ସରକାର ଠିକ୍ କଲେଣି ଏଣିକି ଶାସନ ବିଭାଗ, ପୋଲିସ ବିଭାଗ ଅଦିରେ ମାଇପେ ପଶିବେ । ସରୋଜିନୀ ନାଇଡୁ ଲାଟ ହୋଇ ପାରିଲେ, ବିଜୟଲକ୍ଷ୍ମୀ ରୁଷ ଦୂତ ହେଲେ, ଅମୃତକଉର ମନ୍ତ୍ରୀ ପାଗ ବାନ୍ଧିଲେ, ତେବେ ଆମ ପୁଣ୍ଡି, କୁନି, ପାଟ, ଚେମୀ ଆଦି କାହିଁକି ବା ପୋଲିସ ହାକିମ ହୋଇ ନ ପାରିବେ ! ଘର ଭିତରେ ତ ମାଇପଙ୍କ ଦାପଟରେ ମିଣିପେ ଡରୁଛନ୍ତି । କେବଳ ଘରକୁ ଆସି ଯାହା ଅରାମ ମିଳୁଥିଲା, ତାହା ବି ଗଲା । ଘରେ ବାହାରେ ମାଇପଙ୍କ ଶାସନ ହୁକୁମ ଏଣିକି ସହିବାକୁ ପଡ଼ିବ । ତାଙ୍କ ରାଜ୍ୟ ଏଣିକି ଗୃହଅଧ୍ୟକ୍ଷ ବ୍ୟାପିବ । ଅତେବ ଚୁମ୍ ଚୁନି ଚୁନି କରି ପରାମର୍ଶ ଦେଉଛୁଁ [ ମାଇପେ ଶୁଣିଲେ ଚୁଟି ମୁଠି ରହିବ ନାହିଁ ] ଅଜରୁ ଅବେଳ ମିଣିପ ଗଣ 'ନରଖିଆ' ସମିତି ସବୁ ଗଢି ପକାନ୍ତୁ । ତାହା ନ କଲେ ପଛେ ପସ୍ତାଇବାକୁ ପଡ଼ିବଟି !

÷ ÷ ×

ମାସାସେଟରୁ ଖବର ଅସିଛି ଯେ କୌଣସି ମାଆ ଘରେ ଜେଗା ନ ହେବାରୁ ତାର କୁକୁରର ଅସୁବିଧା ହେବ ବୋଲି ପିଲାମାନଙ୍କୁ ହୋଷ୍ଟେଲକୁ ପଠାଇ ଦେଲେ ଓଡ଼ିଶା ମନ୍ତ୍ରୀମଣ୍ଡଳରେ ଜାଗା ନହେବାରୁ ସରାଇକଳା ଖରସୁଆ ଛୋଟନାଗପୁରକୁ ଓଡ଼ିଶା ବାହାର କରିନେଲେ ବା ନ ଅଣିଲେ ଖୁବ୍ ଭଲ । କିନ୍ତୁ ଏ ଘରେ କୁକୁର ମଧ୍ୟ ରହିବାକୁ ମିଳୁ ନାହାନ୍ତି । ବିଶ୍ୱାସ ରାୟଙ୍କ ପରି ମଣିଷ ବା ରହନ୍ତେ କମିତି ! ନବବାବୁଙ୍କ ପରି ଦେବତା ବା ରହିବେ କାହିଁ ।

+ × ÷

ଓଡ଼ିଶା ବାହାରେ ଥିବା ଓଡ଼ିଆଭାଷୀଙ୍କୁ ମାତୃଭାଷାରେ ଶିକ୍ଷା ଦେବାର ବନ୍ଦୋବସ୍ତ କରିଛନ୍ତି ନାହିଁ । ମାନ୍ଦ୍ରାଜର ଦଶ ଲକ୍ଷ ଓଡ଼ିଆଙ୍କ ପାଇଁ ଯାହା ବା ଥିଲା, ତାହା ଏବେ ଉଠିଗଲା । କିନ୍ତୁ ଆମ ଓଡ଼ିଶା ସରକାର ଏଠିକାର ମୁଷ୍ଟିମେୟ ବଙ୍ଗାଳୀ ଓ ତେଲଗୁଙ୍କୁ ତାଙ୍କ ମାତୃଭାଷାରେ ଶିକ୍ଷା ଦେବାର ସୁବିଧା ଦେଇଛନ୍ତି । ଏଥିପାଇଁ "ସମାଜ" ଓଡ଼ିଶା ସରକାରଙ୍କ ଉପରେ ତୀବ୍ର କଟାକ୍ଷ ପାତ କରିଛନ୍ତି ।

Digitized by srujanika@gmail.com

ଇଟୋ ଶେରିଙ୍କଙ୍କ ବୋଲି ସମସ୍ତେ କାହିଁକି କରନ୍ତେ ? ବିଶେଷତଃ ଏକତା ସାମ୍ୟ ମୈତ୍ରୀର ଦେବତା ଜଗନ୍ନାଥଙ୍କ ଦେଶ । ଏଠିକା ଲୋକେ ଉଦାର୍ ମହତ୍ । ପ୍ରତିଶୋଧ ନେବା ଜାଣନ୍ତି । କ୍ଷୁଦ୍ର ପ୍ରାଦେଶିକତା ଛାଡ଼ି ସମସ୍ତିଙ୍କ ପ୍ରତି ସ୍ନେହ ପ୍ରେମ ଓ ଭ୍ରାତୃଭାବ ଦେଖାଇବା ଓଡ଼ିଆର ଧର୍ମ । ଏତିକି କଥା ସମାଜ ବୁଝି ପାରୁ ନାହାନ୍ତି । ଏଥିର ପୁରସ୍କାର ଦିନେ ହେଲେ ମିଳିବ । ହେଲାଣି ଲୋକେ ମହତାବଙ୍କଙ୍କ ଜୟ ଜୟକାର କରୁଛନ୍ତି । ଅନ୍ଧ୍ର ବଙ୍ଗ ଉପାଧି ଦେଉଛି । ଏହା କଣ ଓଡ଼ିଆଙ୍କ ଗୌରବ ନୁହେଁ ?

× × ×

ବର୍ଲିନ ଆକାଶ ମାଡ଼ିବ ନାହିଁ ବୋଲି ରୁସ ସାବଧାନୀ ଶୁଣାଇଲା ଇଂଲଣ୍ଡ ଆମେରିକା ଫ୍ରାନ୍ସକୁ । ସେ ତିନିହେଁ ପୁଣି ସାବଧାନ କଲେ—ଆମ ସ୍ୱାଧିକାର ବଜେଇ ଥିବୁ । ପୁଣି ରୁସିଆ ଫେର ଥରେ ଅବଧାନୀ ଶୁଣାଇ ଦେଲାଣି ତମ ଦାୟିତ୍ୱରେ ଆସ—ମାଡ଼ ହେଲେ ଦୋଷ ଧରିବ ନାହିଁ ।

**ଅଣ ନାହିଁ—କାନ ନାହିଁ**
**ଯା ଦେହରେ ବାଜିବ ଦୋଷ ନାହିଁ ।**

× × ×

ପାଟନାରେ ତୃତୀବର୍ଷର ମିଲ-ଭାରତ ଇତିହାସ କହୁଯାଉଛି । କିନ୍ତୁ ଓଡ଼ିଶାର ୪୫ ବର୍ଷର ତରୁଣ ମହତାବ ଉତ୍କଳ ଇତିହାସ ଗାଇଗଲେ । ୧୧ ବର୍ଷର ଡଗର 'ଇତି' ବଦଳରେ 'ପରି' ପ୍ରୟୋଗ କରି ଶିଖିଛି—ମର୍ କୁଛ୍ କାମ୍ କା ନହିଁ ।

\+ + +

ବମ୍ବେଇରେ ଗୋଟିଏ ମାଙ୍କଡ଼ ତା ମିଲ ମାଲିକ ଉପାସରେ ପ୍ରାଣ ଦେଇ ଦେଲା । ସତେଇ କଲା ଓ ଖରସୁଆଁ ଦୁଇଟି ମିଲକୁ ହରାଇ ଆମ ନେତାଏ ବାଡ୍ ଫ୍ରସି କରି କରି ପ୍ରାଣ ଦେବାକୁ ପଣ କରିଛନ୍ତି । ମାତା ଓ ନେତା ନାମ ସାର୍ଥକ ହେଉ ।

× × +

ଗାନ୍ଧୀ ଚେଲା ମଶ୍ରୁବାଲା ଠାଏ କଂଗ୍ରେସ ନେତାଙ୍କୁ ଲକ୍ଷ୍ୟ କରି କହୁଛନ୍ତି—ମିଲଦିନେ ତାଙ୍କୁ କଏ କହୁଥିଲେ—ଏ ନେତା ଗୁଡ଼ାକ କଥା ଗୋଟେ କାମ ଗୋଟେ—ଏ ଗୁଡ଼ାକ ମିଛୁଆ । ମଶ୍ରୁବାଲା ସେତେବେଳେ ବିଶ୍ୱାସ କରୁ ନ ଥିଲେ । ଏବେ ତାଙ୍କର ସେ ବିଶ୍ୱାସ ଜନ୍ମିଛି । ନେତା ମାନଙ୍କର କଳା ପୋଡେଇ ମଇଲାରେ ଯେତେ ବିଶ୍ୱାସ ତାଠୁଁ ମଧ୍ଯ ଅଧିକ ବିଶ୍ୱାସ ମଶ୍ରୁଆଲାଙ୍କର ହୋଇଥିବ ।

× × ÷

କଟକ ବୃନ୍ଦାବନୀ ଚୌକ ଛକପାଖ ପ୍ରତିଷ୍ଠିତ ନିତୀଦେଲା ମ୍ୟଧର ସମ୍ପାଦକ ଏକ ପତିବାଦ ପଠାଇଛନ୍ତି ତାଙ୍କ ସମ୍ବନ୍ଧରେ ସମାଲୋଚନା ଭୁଲ । ସେ ନେତାଙ୍କ ବଟା କା ନ ଯେଲ୍ ଦେଶର ଅଲୋକ ପାଇଁ ବଟା ତା ଛଡ଼ା ଅନ୍ୟାନ୍ୟ ଅନେକ କଥା ଲେଖି ଛନ୍ତି । ମାନ ମହତାବଙ୍କୁ ଗୁରୁକରି ପ୍ରଜା ତନ୍ତ୍ରରେ ତାଙ୍କ ଆଦର୍ଶ ଦେଖି ଆମେ ସ୍ଥିର କରିଛୁ ଯେ ଲୋକଙ୍କ ନାଁରେ ମିଛ କଥା ଛପାଇ ତାର ପ୍ରତିବାଦ ମିଛ ପାଇଁ କରେ ଆଧୁନିକ ସାମ୍ବାଦିକତା । ତେଣୁ ଆମେ ଦୁଃଖର ସହ ଜଣାଉଛୁଁ ଯେ ବଃ ପ୍ରେଃ ସଂର ସମୁଦାୟ ଛପାଇ ନପାରୁ । ତେବେ ତାଙ୍କର ଗୋଟିଏ ଉପଦେଶ ଆମେ ନିଜେ ଗ୍ରହଣ କରି ଦେଶ ବାସୀଙ୍କି ମଧ୍ୟ ଗ୍ରହଣ କରିବାକୁ ସୁପାରିସ କରୁଛୁଁ । କଥାଟି ହେଉଛି—ଏକାଳିକା ପରିତ୍ୟଜ୍ୟ ଉଦ୍ଦେଶ୍ୟ ବିଜୟୀ ଭବ ।

\+ ÷ +

ଶ୍ରୀଯୁକ୍ତ ଆସଫ ଅଲି ପୁଞ୍ଜିପତି ବା ବଣିକ ସଭାରେ ଧର୍ମପାରାୟଣ କରି କହିଛନ୍ତି ଯେ ବେଶି ମୁନାଫା ନେବା ଅନ୍ୟାୟ । ଲାଟ ସାହେବଙ୍କୁ ଆମେ କହୁଁ—ବେଶି ମୁନାଫାରେ ମଧ୍ୟ ଆମର ଆପତ୍ତି ନାହିଁ । କିନ୍ତୁ ଏଇ ମୁନାଫା ସାଙ୍ଗର ଆଉ ଶବ୍ଦ ଯଦି ବଣିକଙ୍କ ଠାରୁ ଆରମ୍ଭ କରି ମାଣିକଙ୍କ ଯାଏ ଛାଡ଼ି ଦିଅନ୍ତେ ତେବେ ଦେଶ ସୁନା ହୁଅନ୍ତା । ସେ ଶବ୍ଦଟି ହେଉଛି 'ଖୋର' । ମୁନାଫା ଖୋର, ଲାଞ୍ଚ ଖୋର, ପାଞ୍ଚ ଖୋର, ମିଛ ଖୋର, ଘୁଷ ଖୋର, ଇତ୍ୟାଦି ଯେଉଁ ପାଇଁ ଅଳି ଘରେ ଘରେ ବିଶେଷତଃ ସରକାରୀ କୋଠି ମାନଙ୍କରେ ପ୍ରବେଶ କରିଛି ତା' ବଡ଼ ଭୟାନକ । ସେଇ ଖୋର ଶବ୍ଦଟା ଛାଡ଼ିଲେ—ଅମଲା ମାନେବି ଦରମା ଖୋର ଛାଡ଼ି ଦିଅନ୍ତେ ।

× + ÷

ପାକିସ୍ତାନ ଓ୍ୟାଜିରସ୍ତାନ ଉପରେ ବମ୍ ପକାଇଛି । ଅସ୍ଥାନ ଉପରେ ଅସ୍ଥାନ ପକାଇଛି । ଜିନ୍ନା ସାହେବ ମସ୍ତାନ ହୋଇ ଖାସ୍ତା ଖାଉଥିବେ । ଧସ୍ତା ଧସ୍ତି, ଦସ୍ତା ଦସ୍ତିର ବସ୍ତା ଏଥିକି ଶସ୍ତା ହୋଇ ଯାଇଥିବ । ଇସ୍ତୁ ଜିନ୍ନାଜୀ ।

\+ + +

ଶ୍ରୀଯୁକ୍ତ ଛୋଟଲଟୀ ସରୋଜିନୀଙ୍କର ଆସେମ୍ବ୍ଲିର ହଲରେ ହାର ଯୋଡ଼ ଛିଡ଼ି ହଜି ଯାଇଛି । ଏକଆଧା ମିଉନିସିପାଲଟି ଘୋଷଣା କଲେ ଯେ ସରୋଜିନୀଙ୍କ ହାରର ଯୋଡ଼ ଛିଡ଼ି ଯାଇଛି, ସରୋଜିନୀ ଦେବୀ କିନ୍ତୁ ହସି ହସି କହୁଥିବେ—ଯୋଡ଼ ନୁହେ ହାର ଛିଡ଼ି ଯାଇଛି ।

÷ + ÷

କଟକର ବଡ଼ା-ଚେଲା-ସଂଘ ଭଳି ବାଲେଶ୍ୱରରେ ଏକ "ଦାଦା—ଦିଦି" ସଂଘ ଗଢ଼ା ଯାଇଛି ବୋଲି ଖବର ପାଇଲୁ । ଏ ସଂଘର କର୍ତ୍ତା ହେଉଛନ୍ତି ଆମାଦେର ଶଚୀଶଦା, ତାଙ୍କର ସହକାରୀ ହେଉଛନ୍ତି 'ଜୟନ୍ତ ଦା' ଖୋଦ୍ ବୀରେନ୍ ଦା କଟକରୁ ଆସି ଏ ସଂଘର ଶୁଭ ଦେଇଥିଲେ । ବାଲେଶ୍ୱର ବଙ୍ଗଳା ଦେଶକୁ ଲାଗି ଥିବାରୁ ଏ ସଂଘର ନାମ କରଣ ଏପରି ହୋଇଛି । ଏ ସଂଘର ଉଦ୍ଦେଶ୍ୟ ହେଉଛି ବାଲେଶ୍ୱର ବାସୀଙ୍କ ହୃଦୟରେ 'ଦାଦା—ଦିଦି'ର ଭାବ ଜାଗ୍ରତ କରାଇ ସମଗ୍ର ଉତ୍କଳକୁ ପ୍ରଭାବିତ କରାଇବା । ଏହାଦ୍ୱାରା ଘୃଣ୍ୟ ଓ ସଂକୀର୍ଣ୍ଣ ପ୍ରାଦେଶିକତା ଦୂର ହୋଇଯିବ । ଆମ ବଲ୍‌ଅ ସଭା ଏପରି ଏକ ସଂଘକୁ ହାର୍ଦ୍ଦିକ ସ୍ୱାଗତ ଜଣାଉଛି । ଆମେ ବାଲେଶ୍ୱର ବାସୀ ହାକିମ, ହାକିମାଣୀ, କିରାଣି, କିରାଣିଆଣୀ, ଓକିଲ—ଓକିଲାଣୀ, ପିଅନ ପିଅନାଣୀ, ଚପରାସୀ, ଚପରାସିଆଣୀଙ୍କୁ ଅନୁରୋଧ କରୁଛୁ ସେମାନେ ଏ ସଂଘରେ ଯୋଗଦେଲେ ଦେଖିବେ ସେମାନଙ୍କ ଭିତରେ ଭାଇ—ଭଉଣୀର ଭାବ ଶୀଘ୍ର ଖେଳିଯିବ । ଆଉ ଉଚ୍ଚ ନୀଚ କେହି ରହିବେ ନାହିଁ । ଏପରିକି ସ୍ୱାମୀ ସ୍ତ୍ରୀ ମଧ୍ୟରେ ଯେଉଁ ଅଡୁଆ ସମ୍ବନ୍ଧ ତାହା ମଧ୍ୟ ତୁଟି ଯିବ—ସମସ୍ତେ ଦାଦା—ଦିଦି ପ୍ରେମ ରସ ଆସ୍ୱାଦନ କରିବେ ।

\+ + ×

Digitized by srujanika@gmail.com

# ଶଠେ ଶାଠ୍ୟଂ

ଲେଖକ—ଅନାମ

ସମସ୍ତେ କହୁଛନ୍ତି ଗଲା ଯୁଦ୍ଧରେ ବହୁତ ମଣିଷ ମଲେ। ଏମିତିକି ଏ ଭାରତରେ ଯୁଦ୍ଧ ଲାଗି ନଥିଲେ ମଧ୍ୟ ମାଛି ମଶା ପରି ଲୋକେ ମରିବାକୁ ଲାଗିଲେ। କିନ୍ତୁ ମୁଁ ଯୁଦ୍ଧ ଫେରନ୍ତା ଜଣେ ଯୁବକ ଦେଖୁଛି—ଯଉଁ ମଣିଷ ଗୁଡ଼ା ଯୁଦ୍ଧରେ ମରିଥିଲେ, ସେ ଗୁଡ଼ାକ ପୁଣି ଜୀବନ ପାଇ ଏଠିକି ଆସିଛନ୍ତି। ଏଠିକା ଲୋକେ ତାଙ୍କୁ ମରିବା ପାଇଁ ଯୁଦ୍ଧକୁ ପଠେଇଥିଲେ ବୋଲି ତାଙ୍କ ଭୂତ ସବୁ ରାଗରେ ଏ ଲୋକଙ୍କୁ ଖାଇବା ପାଇଁ ଆସିଛନ୍ତି। ମନେ ହେଉଛି ଗ୍ରେସ ବଜାରୀ, କଳାପୋଡଆ, ମିଲ୍ ମାଲିକ ଆଉ ଯଉଁ ଦଳ ଶାସନ କରୁଛନ୍ତି ସମସ୍ତେ ସେଇ ଗଲା ଯୁଦ୍ଧରେ ମଲା ମଣିଷଙ୍କ ଭୂତ। କିନ୍ତୁ ଗୋଟିଏ ଲୋକ ଗଲା ଯୁଦ୍ଧରେ ମଲା—ଯାହାର ଭୂତ ପ୍ରେତ କିଛି ଦେଖିବାକୁ ମିଳୁ-ନାହିଁ। ସେ ମୋର ବନ୍ଧୁ "ସତ୍ୟ"—ବା ସତ। ସେ ମରିଯାଇ 'ସତ'ଟାକୁ ଏ କଳିଯୁଗରେ ପାଳନ କରିବାର ଭାର ମୋର ଉପରେ ଦେଇ ଯାଇଛି। ଏ ଥର ସଂସାରରେ ସେ ଦରବ ଆଉ କେଉଁଠି ଦେଖିବାକୁ ପାଇବେ ନାହିଁ।

ମୋର ଗୋଟିଏ ମାମୁଁ। ପିଲା ଦିନରୁ ଏଇ ମାମୁଁ ଘରେ ମୁଁ ମଣିଷ। ଦୁନିଆରେ ସେ ଜଣେ ସତ୍ୟବାଦୀ ପୁରୁଷ ବୋଲି ଖ୍ୟାତି ଅଛି। ମାତ୍ର ଯୁଦ୍ଧ ପରେ ସତ୍ୟଟା ମୋ ପାଖକୁ ଆସିଥିଲେବି, ତାଙ୍କ ପାଖକୁ ଅନେକ ଖଦଡ଼ଧାରୀ ଦଉଡ଼ଧାପଡ଼ କରୁଛନ୍ତି ବୋଲି ସେ ତାଙ୍କ ପୂର୍ବ କୀର୍ତ୍ତିକୁ ବଜାୟ ରଖି ପାରିଛନ୍ତି। ସବୁ ଟି ପାର୍ଟିରେ ସେ ଆଗ। ସବୁ ମିଲ୍‌ରେ ଡିରେକ୍ଟର ହେବାକୁ ସେ ବାଘ। ସବୁ ବେପାରର ତଳେ ତଳେ ସମସ୍ତଙ୍କୁ ସାହାଯ୍ୟ ଦେବା ତାଙ୍କର ଧର୍ମ—ନିତାନ୍ତ ନିରପେକ୍ଷ—ନିସ୍ୱାର୍ଥ ଭାବରେ ସେ ଯେପରି ସରକାରୀ ଅମଲା ଓ ମନ୍ତ୍ରୀମାନଙ୍କୁ ସାହାଯ୍ୟ କରନ୍ତି କଳା-ପୋଡଆ ମାଡ଼ୁଆଳଙ୍କୁ ମଧ୍ୟ ତଦ୍ରୁପ। ସାହାଯ୍ୟେ ଭଲ ମନ୍ଦ ଚାହିଁ—ଯେ ସ୍ଥାନେ ଯେମନ୍ତେ ମିଳଇ। ଦୁସ୍ଥ ଦେଖିଲେବି ମାମୁଁଙ୍କର ଦୟାର୍ଦ୍ର ହୃଦୟ ତରଳିଯାଏ।

ଯୁଦ୍ଧ ପୂର୍ବରୁ ମାମୁଁଙ୍କ ଅବସ୍ଥା ଖରାପ ନଥିଲା। କିନ୍ତୁ ଯୁଦ୍ଧ ପରେ ଅତି ଭଲ ହୋଇଛି—କେବଳ ତାଙ୍କର ଏଇ ଖଦଡ଼ ବା କଂଗ୍ରେସ ନିଷ୍ଠା ଯୋଗୁଁ। ତା ନ ହୋଇ ଥିଲେ ଯୁଦ୍ଧରୁ ଫେରି ମୁଁ କେଉଁଠିକି ଯାଇଥାନ୍ତି ବା କାହାର ହୋଇଥାନ୍ତି?

ଯୁଦ୍ଧରୁ ଫେରି ବହୁଦିନ ଏମ୍‌ପ୍ଲୟମେଣ୍ଟ ଏକ୍ସଚେଞ୍ଜକୁ ଗଲିଣି। କିନ୍ତୁ ମୋ ଯୋଗ୍ୟ ଚାକିରି ସେମାନେ ଖୋଜି ପାଉ ନାହାନ୍ତି। ତେଣୁ ମୁଁ ବର୍ତ୍ତମାନ ସତ୍ ଉପାୟରେ ଅର୍ଥାତ୍ କିଛି ନକରି ମାମୁଁଙ୍କର ଚାଲେ କେତେବେଳେ କିଛି ଅସତ୍ ଅର୍ଜନ ଥିବ, ତାକୁ କେବଳ ଧ୍ୱଂସ କରିବାରେ ଲାଗିଛି। ମାତ୍ର ମୋ ସିନା ପୂରିଲା—ବାକି କେତେ ଗୁଡ଼ାଏ ନଠ ଖଠ ଯେ ମଣିଷର ଅଛି ସେଥିକୁ ଏବେ ଉପାୟ! ମୋତେ ଯେ ଚିହ୍ନିଛନ୍ତି ସେମାନେ ଜାଣିଥିବେ ଯେ ମୁଁ କିଏ ସତ୍ ପ୍ରକୃତିର ଲୋକ—ରଜ ବା ତମ ମୋଠି ନଥାଏ। ମୋର ଗଣ ହେଉଛି ଦେବ ଗଣ। ଅରଜୀ ସହ କୋଷ୍ଠୀ ଦେବା ବେଳେ ନାହାକ କହୁଛି। ଫଳରେ



ମାଙ୍କଡ ହାତରେ

ସୁର ମାନଙ୍କାସ୍ତି ସୁର ବା ଦେବତା ମାନଙ୍କ ସହ ସମ୍ପର୍କଟା ମୋର ଥାଏ। ଅଗ୍ନିଙ୍କୁ ମୁଁ ପାଇପରେ ରଖେଁ। ଇନ୍ଦ୍ରଙ୍କୁ ମୁଁ ବୋତଲରେ ଧରିଛି। ସରସ୍ୱତୀ ମୋ ଗୋଲାପି କାଗଜସ୍ଥ ପ୍ରେମ ପତ୍ରରେ ବନ୍ଦୀ। ଗଣେଶ ତ ଫାଉଣ୍ଟେନ ପେନ ଅଗରେ। ସୂର୍ଯ୍ୟ ମୋ ଚସମାରେ। ଚନ୍ଦ୍ର ମୋ ବୋତାମରେ ଇତ୍ୟାଦି ଅଛନ୍ତି। ଏଥିଯୋଗୁଁ ବହୁ ସୋସାଇଟି ଗାର୍ଲଙ୍କ ସହ ମୋର ଘନିଷ୍ଠ ପରିଚୟ। ଏମାନଙ୍କ ମଧ୍ୟରୁ ମୋର ଅନେକ ଗାର୍ଲ ଫ୍ରେଣ୍ଡ—ବଡ଼ ଲୋକଙ୍କ ପାଠ ପଢ଼ୁଆ ଝିଅ। ସବୁ ଟିପାର୍ଟିରେ ଏମାନଙ୍କ ମଧ୍ୟରୁ ଅନେକ ଯୋଗ ଦିଅନ୍ତି।

ଆମ ମାମୁଁଙ୍କର ସବୁଠାରୁ ଭଲ ଗୁଣ—ସେ ଭଦ୍ରତାରେ ଚୂଡ଼ାନ୍ତ—ଓ ଲୋକଙ୍କୁ ଆପ୍ୟାୟିତ କରିବାରେ ଚରମ। ବିଶେଷତଃ ନାରୀ ଜାତି ପ୍ରତି ତାଙ୍କର ଶ୍ରଦ୍ଧା ଅଦମ୍ୟ। ଯେଦିନ ଚଉଧୁରୀ ବଜାର କେବିନରେ ଦୈବାତ୍ ମାମୁଁ ଓ ମୋର ଭେଟ। ଦୁହେଁ ଦୁହିଁଙ୍କୁ ନ ଦେଖିବା ଅବସ୍ଥାରେ ଗଲାବେଳେ ଜଣେ ଯୁବତୀ—ନର୍ସ—ସେଇ କେବିନରୁ ଖାଇସାରି ଗଲେ। ମାମୁଁ ଭଣଜା ଉଭୟଙ୍କର ଗୃଧ୍ର ଚକ୍ଷୁ ପାଇଁ ଛଟପଟ ହେଉଥିଲା। ନର୍ସ କିନ୍ତୁ ମୋତେ ନମସ୍କାର କରି ଚାଲି-ଗଲେ। ମୁଁ କିନ୍ତୁ ପ୍ରତି ନମସ୍କାର କଲି ନାହିଁ। ମାମୁ ଏଥର ନଧର ଧର ଭାବରେ ଅସ୍ଥିର। ଆଉ ଭଣଜାକୁ ଛାଡ଼ିଦେବାର ଉପାୟ ନାହିଁ। ପଚାରିଲେ—ସେ କିଏ?

"ମୋର ଗାର୍ଲ ଫ୍ରେଣ୍ଡ।"

"ବେଶ ଭଲ ଝିଅଟିଏ।"

"ଯୁଦ୍ଧରେ ନର୍ସ ଥିଲା—ସେଇଟ୍ ଆମର ସାଙ୍ଗ, ଖୁବ୍ ଭଲ ପଢ଼େ।"

"କିନ୍ତୁ ତୁ ବଡ଼ ଅଭଦ୍ର—ସେ ନମସ୍କାର କଲା—ତୁ ପ୍ରତି ନମସ୍କାର ମଧ୍ୟ କଲୁନାହିଁ—ତୁ ମୋର ନାମ ବୁଡ଼ାଇଲୁ—ମୋ ଭଣଜା ବୋଲି କେଉଁଠି ପରିଚୟ ଦେଲେ ମୋର କଳଙ୍କ।"

"ମାମୁଁ, ଖାତକ କେବେ ସାହୁକୁ ପ୍ରତି ନମସ୍କାର କରିବାକୁ ସୁଯୋଗ ପାଏ?"

"ଖାତକ? କିଏ?"

"ମୁଁ?"

"କେମିତି?"

"ଗଲା ଯୁଦ୍ଧରେ ଗୋଟାଏ ମରୁ ଉପରେ ଉଡ଼ାଜାହାଜ ଖସି ପଡ଼ିଲା। ସବୁ ଲୋକ ମଲେ—କେବଳ ଆମେ ଦୁଇ ଯାତ୍ରୀ ବଞ୍ଚି-ଗଲୁ। ଭାଗ୍ୟେ ଉଡ଼ା ଜାହାଜରେ ଖାଦ୍ୟ ଜଳ ଥିଲା, ରକ୍ଷା ହୋଇଗଲୁ। ଆମେ ପତାକା ଉଡ଼ାଇ ସେଠି ଦିନେ ନୁହେଁ ଅଧେ ନୁହେଁ—ମାସ ମାସ ରହିଗଲୁଁ। ଦୁଇଜଣ ବସି କେବଳ ତାସ ଖେଳୁଁ ବାଜିରେ। ସବୁବେଳେ ସେ ଜିତନ୍ତି। ହେଉଁ ହେଉଁ ମୋ ଉପରେ ତାଙ୍କର ହଜାରେ ଟଙ୍କା ବାକି ରହିଛି। ଆମେ ଯେତେବେଳେ ସେଠୁ ଆସିଲୁ—ଆମକୁ ରେସକ୍ୟୁ କରିନେଲେ। ସେତେବେଳେ ମୁଁ ତାଙ୍କୁ ଖଣ୍ଡିଏ ହାଣ୍ଡନୋଟ କରିଦେଇ ଆସିଛି ହଜାରେ ଟଙ୍କାର।"

"ତାହିଁ, ମୋତେ ସେକଥା କହୁନାହୁଁ? ଅଚ୍ଛା—ତୁ ତାଙ୍କୁ ଆଜି ଡ଼ାକି ଦେ—ମୁଁ ଗୋଟାଏ ସେଟେଲମେଣ୍ଟ କରିବି। ମୋର

(ପର ପୃଷ୍ଠା ଦେଖନ୍ତୁ)

Digitized by srujanika@gmail.com




**ଓଡ଼ିଆ ସାହିତ୍ୟର କ୍ରମ ପରିଣାମ**—ପଣ୍ଡିତ ନୀଳକଣ୍ଠ ଦାସ—ନବଭାରତ ଗ୍ରନ୍ଥାଳୟ—ପ୍ରଥମ ସଂସ୍କରଣ—ପୃ ୨୨୦ ଖ୍ରୀ—ମୂଲ୍ୟ ତିନିଟଙ୍କା ।

ଓଡ଼ିଆ ସାହିତ୍ୟର ବିବର୍ତ୍ତନ ମୂଳକ କ୍ରମ ପରିଣତି ପ୍ରକଟାଇବା ପାଇଁ ପଣ୍ଡିତ ନୀଳକଣ୍ଠ ଯେ ଓଡ଼ିଶାରେ ଯୋଗ୍ୟତମ ପୁରୁଷ ଏଥିରେ ଦ୍ୱୈମତ୍ୟ ନାହିଁ । ତାଙ୍କର ବହୁମୁଖୀ ଜ୍ଞାନ ଓ ଗବେଷଣା ସର୍ବଜନ ବିଦିତ । ଏହି ବିଷୟ ଘେନି ସେ ଯେଉଁ ବିରାଟ ଗ୍ରନ୍ଥ ଲେଖିବାରେ ଉଦ୍‌ଯୋଗୀ ହୋଇଛନ୍ତି ଏ ଗ୍ରନ୍ଥଟି ତାର ପ୍ରଥମ ଭାଗ ବା ଉପକ୍ରମଣିକା କହିଲେ ଚଳେ । ଗୋଟିଏ ସାହିତ୍ୟର ବିକାଶ ଓ ବିବୃତି ବିଷୟରେ ଲେଖିବାକୁ ଗଲେ ତାର ଆତ୍ମା ଓ ସ୍ୱରୂପକୁ ଆଗ ଧରିବା ଦରକାର । ସାହିତ୍ୟ ଗୋଟିଏ ଜାତିର ପ୍ରାଣ ଲୀଳାର ପ୍ରତିଚ୍ଛବି ସେଥିପାଇଁ ପଣ୍ଡିତଜୀ ପ୍ରଥମ ଭାଗରେ ଓଡ଼ିଆ ଜାତିର ମୌଳିକ ସତ୍ତା, ଜାତି, ଓ ବୈଶିଷ୍ଟ୍ୟ ନିର୍ଦ୍ଧାରଣ କରିବାରେ ଯତ୍ନବାନ ହୋଇ ଅଛନ୍ତି । କିନ୍ତୁ ମନେ ହୁଏ ଲେଖକଙ୍କର ଏ ସମ୍ବନ୍ଧରେ ଏତେ କଥା କହିବାର ଅଛି ଯେ, ତାହା ସେ ଏକା ଥରକେ ଉଦ୍‌ଗାର ଓ ସଂଯମ କରିବାକୁ ଯାଇ ମୂଳ ବିଶେଷରେ ଜଟିଳ କରି ପକାଇଛନ୍ତି । ଲେଖକଙ୍କର ପାଣ୍ଡିତ୍ୟ ଓ ମୌଳିକ ଚିନ୍ତାଧାରା ପାଠକଙ୍କୁ ଚମତ୍କୃତ କରିଦିଏ । ଓଡ଼ିଶାର ବୈଷ୍ଣବ ଧର୍ମ ସମ୍ବନ୍ଧରେ ତାଙ୍କର ମନ୍ତବ୍ୟ ନୂତନ ହେଲେ ମଧ୍ୟ ଗୌଡ଼ୀୟ ବୈଷ୍ଣବ ଧର୍ମ ବା ଚୈତନ୍ୟ ଧର୍ମ ପ୍ରତି ତାଙ୍କର କଟାକ୍ଷ ଅନେକଙ୍କ ମନରେ ବିକ୍ଷୋଭ ଆଣିବାର ସମ୍ଭାବନା । ଜ୍ଞାନ ପିପାସୁ ମାନଙ୍କ ପକ୍ଷରେ ଏ ଗ୍ରନ୍ଥଟି ଅତି ଉପାଦେୟ ।

**ମାୟାମୃଗ**—ଶ୍ରୀ ବସନ୍ତ କୁମାର ମହାନ୍ତି—ସାରସ୍ୱତ ଭଣ୍ଡାର—ପୃଷ୍ଠା ୭୨—ମୂଲ୍ୟ ଏକଟଙ୍କା । ଏଥିରେ ଲେଖକଙ୍କ ରଚିତ ତେର ଗୋଟି ଗଳ୍ପ ରହିଛି । ନବୀନ ଲେଖକ କ୍ଷୁଦ୍ରଗଳ୍ପ ରଚନାରେ ଚମତ୍କାର କଳା କୌଶଳ ଦେଖାଇ ଉତ୍କଳ ସାହିତ୍ୟିକ ମଣ୍ଡଳରେ ଖ୍ୟାତି ଅର୍ଜ୍ଜନ କରିଛନ୍ତି । ଗଳ୍ପ ଗୁଡ଼ିକର ଭାଷା ଯେପରି ମନୋରମ ତାର ରଚନା କଳା ବା ଟେକ୍‌ନିକ୍ ସେହିପରି ମୌଳିକ । ଲେଖକଙ୍କଠାରୁ ଆମ ସାହିତ୍ୟକୁ ଏହିପରି ଅମୂଲ୍ୟ ଦାନ ଆମ୍ଭେମାନେ କାମନା କରୁଁ ।

**ଶାଁଗହଳେ**—ଶ୍ରୀ ସତ୍ୟାନନ୍ଦ ଚମ୍ପତି ରାୟ—ଷ୍ଟୁଡେଣ୍ଟସ୍ ଷ୍ଟୋର—ପୃ ୬୭ ଖ୍ରୀ—ମୂଲ୍ୟ ବାରଅଣା । ଲେଖକ ନବୀନ; ହେଲେ, ତାଙ୍କ କବିତା ଗୁଡ଼ିକରେ ଯେଉଁ ଅନ୍ତର୍ଦୃଷ୍ଟି ଓ ପ୍ରବୀଣତାର ପରିଚୟ ଦେଇ ଅଛନ୍ତି ତାହା ପ୍ରଶଂସନୀୟ । ନଅଗୋଟି କବିତାରେ ମଫସଲ ଗାଆଁର ଯେଉଁ ବିଶ୍ୱସ୍ତ ଚିତ୍ର ସେ କବିତା ଛନ୍ଦରେ ଫୁଟାଇ ଛନ୍ତି ତାହା ଦେଖି ଆମର ଆଶା କବି ଅଭ୍ୟାସ ରଖିଲେ ଦିନେ ସାହିତ୍ୟ କ୍ଷେତ୍ରରେ ଉଚ୍ଚ ସ୍ଥାନ ଲାଭ କରି ପାରିବେ ।

**ବିଧବା**—ଶ୍ରୀ କେଶବ ମହାରଣା—ସାଧନା ପାଠାଗାର ବ୍ରହ୍ମପୁର—ପୃଷ୍ଠା ୨୪—ମୂଲ୍ୟ ଦୁଇଅଣା । ଏହା ଖଣ୍ଡିଏ ଗଦ୍ୟ କବିତା ପୁସ୍ତକ । ନାରୀର ବୈଧବ୍ୟକୁ ଲକ୍ଷ୍ୟକରି ଭାବୋଚ୍ଛ୍ୱାସରେ ଦରଦୀ କବି ଏହା ଲେଖିଛନ୍ତି । ଭାଷାରେ ଅନେକ ଅଶୁଦ୍ଧ ଶବ୍ଦ ବିଦ୍ୟମାନ । ବହୁତ ମୁଦ୍ରାଦୋଷ ରହିଛି କବି କିନ୍ତୁ କୌଣସି ସମାଧାନରେ ପହଞ୍ଚି ନ ପାରି ପଳାୟନ ପନ୍ଥା ଅନୁସରଣ କରି 'ହାୟ ହାୟ'ରେ କବିତା ଶେଷ କରିଛନ୍ତି ।

**ମଣିଚକା**—ଲେଖକ ରସାନନ୍ଦ ସାହୁ । 'ଡଗର'ର ପାଠକ ପାଠିକା ମାନଙ୍କ ମାଖରେ ରସାନନ୍ଦ ବାବୁ ସୁପରିଚିତ । ଉପନ୍ୟାସ ଜଗତରେ ସେ ନବାଗତ ହେଲେହେଁ ତାଙ୍କର ପ୍ରଥମ ଉଦ୍ୟମ ସଫଳ ହୋଇଛି । ଉପନ୍ୟାସଟି ସରଳ ଓ ପ୍ରାଞ୍ଜଳ ଲେଖା । ଚରିତ୍ର ଚିତ୍ରଣ ଗୁଡ଼ିକ ବେଶ ହୋଇଛି । ମୋଟ ଉପରେ ଏହା ସାଧାରଣଙ୍କର ପ୍ରିୟ ଉପନ୍ୟାସ ମଧ୍ୟରେ ସ୍ଥାନ ପାଇବ । ଲେଖକଙ୍କର ଉତ୍ତରୋତ୍ତର ଉନ୍ନତି କାମନା କରୁଁ

**ଅଶ୍ରୁ ତର୍ପଣ**—ଜନାବ ମହମ୍ମଦ ମକବୁଲ ଖାଁ. ପୁଲିସ ଇନ୍‌ସପେକ୍‌ଟର—ପୃଷ୍ଠା ୮ ମୂଲ୍ୟ ଦଶପଇସା । ପ୍ରେସର ନାମ, ପ୍ରକାଶକର ନାମ ବା ମୁଦ୍ରଣ ସନ ନାହିଁ । ଏହା ଜୈନେକ ଶ୍ରୀ ରାଗରେ ରଚିତ ଖଣ୍ଡିଏ ପଦ୍ୟ ପୁସ୍ତିକା । କବି ଜଣେ ମୁସଲମାନ ପୁଣି ପୁଲିସ ବାଲା ହୋଇ ଯେ ଓଡ଼ିଆ ସାହିତ୍ୟ ପ୍ରତି ଶ୍ରଦ୍ଧାବାନ ଏହା ଅତି ପ୍ରଶଂସାର । କଥା ମହାତ୍ମା ଗାନ୍ଧିଙ୍କ ତିରୋଭାବରେ ଶୋକାକୁଳ ହୋଇ ଅଶ୍ରୁ ତର୍ପଣ କରି ଅଛନ୍ତି । ଭାଷା ସରଳ ଓ ସାବଲୀଳ । ପୁସ୍ତିକାର ବହୁଳ ପ୍ରଚାର କାମନା କରୁଁ ।

---

( ମଜାକଥା ପୂର୍ବ ପୃଷ୍ଠା ଉତ୍ତାରୁ )

ଭଣଜା ହୋଇ ବଜାରରେ ଧାରତା ହେବା ଠିକ୍ ନୁହେଁ ।" କହି ମାମୁଁ ଚାଲିଗଲେ । ମାମୁଁଙ୍କ ଦୁର୍ବଳ ସ୍ଥଳଟା ମୋତେ ଜଣା । ବାସ୍ତବିକ ଆତ୍ମସମ୍ମାନଜ୍ଞାନ ତାଙ୍କର ବଡ ବେଶୀ । ମୁଁ ସଙ୍ଗେ ସଙ୍ଗେ ଶ୍ରୀମତୀ ନର୍ସଙ୍କ ପାଖକୁ ଗଲି । ସେ କଫିଦ୍ୱାରା ଆପ୍ୟାୟିତ କରିବା ପରେ ମୁଁ ତାଙ୍କୁ ସଙ୍ଗେ ସଙ୍ଗେ ଖଣ୍ଡେ ହାଣ୍ଡନୋଟ କରିଦେଇ ଆସିଲି । ଏବଂ କହିଲି, ଟଙ୍କା ମିଳିଲେ ଆମର ଅଧେ ଅଧେ ।

ଭଦ୍ର ମହିଳା ସେଦିନ ପ୍ରସ୍ତାବ ଅନୁସାରେ ଖୁବ୍ ସଜବାଜ ହୋଇ ମାମୁଙ୍କ ପାଖକୁ ଗଲେ । ମାମୁଁ ତାଙ୍କ ସହିତ କଥା ବାର୍ତ୍ତା କରୁଥାନ୍ତି । ମୁଁ ଉହାଡରେ ରହି ଶୁଣୁ ଥାଏଁ । ମାମୁଁ ପଚାରିଲେ—ମୋ ଭଣଜା ଆପଣଙ୍କଠୁଁ ହଜାରେ ଟଙ୍କା ଧାର ଆଣିଛି ?

"ଆଜ୍ଞା ହଁ ।"

"ହାଣ୍ଡ ନୋଟ ଅଛି ?"

"ଆଜ୍ଞା ହଁ ।"

"କାହିଁ ଦେଖେଁ ।"

ନର୍ସ ହାଣ୍ଡନୋଟଟି ଚୁପ୍ ଚାପ୍ ବଢ଼ାଇ ଦେଲା । ମାମୁଁ ଭଲ ଭଲ କରି ଦେଖି ଦସ୍ତଖତ ଶୁଦ୍ଧି ବାରିଲା ପରେ ସବୁ ଚିରାନ୍ତି ଧରି ନେଲେ କଣ—କହିଲେ—ଲଜ୍ଜାର କଥା ଏତେଦିନ ଯାଏ ଆପଣଙ୍କ ଟଙ୍କା ଦିଆଯାଇ ପାରିନାହିଁ । ଏ ସବୁ ଧାର ଉଧାର ହାଣ୍ଡନୋଟକୁ ମୁଁ ପସନ୍ଦ କରେ ନାହିଁ ।

କହୁଁ କହୁଁ ହାଣ୍ଡନୋଟଟିକୁ ସେ ଛିଡ଼ାଇ ଟିକି ଟିକି କରି ଫିଙ୍ଗି ଦେଲେ ।

—*—

Digitized by srujanika@gmail.com

# ଭଲପାଇବାର ସ୍ୱପ୍ନ

ଶ୍ରୀ ପଠାଣି ପଟ୍ଟନାୟକ

…ପ୍ରତିଦିନ ତାର ଗନ୍ଧ ପଥର ଯାତ୍ରୀ ହୁଏ ମୁଁ । ଦେଖାହୁଏ ଖୁବ୍ ନୀରବରେ । ଏକାକୀ ସେ ଗୃହଯାଏ ପ୍ରଭାତର ପାଣ୍ଡୁର ଆକାଶରେ ଚପଳାର ଆଲୋକ ସୃଷ୍ଟି କରି— ସତେ ଯେପରି ଅଖି ମୋର ଝଲକି ଉଠେ । ଗୃହେଁ ରହେ । ଅଖି କାହିଁକି ଫେରିବାକୁ ହୃଣା ପ୍ରକାଶ କରେ । ସ୍ୱପ୍ନରେ ବାସ୍ତବତାର ସଞ୍ଚାର କରି ପୁଣି ପ୍ରକୃତିସ୍ଥ ହୋଇ ଫେରିବାକୁ ଚେଷ୍ଟା କରେ—ଏମିତି ହୋଇ ଗୃହଯାଏ ଦିନ ଗୁଡ଼ିକ ।

…ପାହାନ୍ତିଆ ତାରାଟା ଆକାଶରେ ଦିକ୍ ଦିକ୍ ହୋଇ ଜଳିଉଠେ । ମୁହଁରେ ତାର ପ୍ରାଣ ଭରୁଲା ହସ । ପାହାନ୍ତିଆ ଅନ୍ଧାରର ସୂକ୍ଷ୍ମ ପରଦା ଭିତରେ ଆଲୋକ ଟିକିଏ ଝାପସା । ପ୍ରଭାତର ପତଳା ଆଲୋକରେ—ସେ ଗୃହଯାଏ ପୋଖରୀ କୂଳକୁ । କେତେ କୁଳବଧୂ ଆଉ ମୁହଁ ଲାଜୁଆ କୁମାରୀ ଗୁଡ଼ାଏ ବେଲଉଣ୍ଡି ଏକ କଡ଼କିଆ ପୋଟଶୀ ଛୁଟରେ ତର ତର ହୋଇ ନିଜର ଗାଧୁଆ ଶେଷ କରିଦିଅନ୍ତି ।

ଆଲୋକ ଯେପରି ଏମାନଙ୍କର ଶତ୍ରୁ । ପୁରୁଷ ଗୁଡ଼ାକ ଯେପରି କମିତ ଅଡ଼ୁଆ ଅଡ଼ୁଆ ଲାଗନ୍ତି । କଦବା କେତେବେଳେ ଉତ୍ତର ହୋଇଗଲେ ବାଟ ଅଡେଇ ଘଣ୍ଟର ଆବରଣରେ ରକ୍ଷା ପାଇ ଯାଆନ୍ତି ।

ନିତିଦିନିଆ ଅଭ୍ୟାସ ମଧ୍ୟରେ ମୁହଁ ଅନ୍ଧାର ଥାଇ ଗାଧେଇ ପଡ଼ିବା ମୋର ଅଭ୍ୟାସ । ବିଶେଷତଃ ପରୀକ୍ଷାର ଘନଘଟା ମଧ୍ୟରେ ସମୟଟା ଏତେ ଜରୁରୀ ହୋଇ ପଡ଼ିଛି ଯେ—ମନେହୁଏ, ଯେପରି ସବୁ କାମକୁ ଟିକିଏ ଟିକିଏ କଲାଇ ପକାଇ ଗୁଡ଼ାଏ ପଢ଼ିଦିବି ।

"ବସନ୍ତ" । ପୋଖରୀର ଅନତି ଦୂରରେ ପ୍ରଧାନ ରାସ୍ତାର ଏକ କଡରେ ତାର ଘର । ସେ କଣେଇ । ପୁଣି ରୂପସୀ । ବର୍ତ୍ତୁଳ ଗଠନ ମଧ୍ୟରେ ସାରା ଅଙ୍ଗରେ କପରି ଗୋଟିଏ ମାଧୁରୀ ଖେଳି ବୁଲୁଥାଏ । ରଜତ ଜ୍ୟୋସ୍ନାର ଶେଷ ଚୁମ୍ବନ ଝରିପଡେ ତାର ସାରା ଅଙ୍ଗରେ—ପ୍ରକୃତିର ଅନବଦ୍ୟ ଦାନ— ଆଲୋକ ବୁଣି ବୁଣି ଗୃହଯାଏ ।

ଅନ୍ଧାରର ଝାପ୍‌ସା ଆଲୋକ ମଧରେ ତାର ସୌନ୍ଦର୍ଯ୍ୟ ମାଧୁରୀ ନିରୀକ୍ଷଣ କରିବା ମୋର ନିତିଦିନର ସୁଯୋଗ । ବାସ୍ତବବାଦୀ ମୁଁ ନୁହେଁ । କଳ୍ପନାର ଆଶ୍ରୟ ନେଇ କେବଳ ସ୍ୱପ୍ନର ଗୋଟିଏ ମାନସୀ ଗଢ଼ିବା ମୋର ପ୍ରକୃତି । କଳ୍ପନାର ତାଜମହଲ ମଧ୍ୟରେ କେଉଁ ପଥ ସଉଦାଗର କାଉଁରୀ ପରଶେ କେତେ କଣ ହଜିଯାଏ—ଖୋଜି ପାଏ ନାହିଁ ।

'ବସନ୍ତ' କଣେଇ ହେଲେହେଁ ଯୌବନର ଦୀପ୍ତି ସୁସ୍ପଷ୍ଟ । ଅଧରରେ ରକ୍ତରାଗର କାନ୍ତି ଉକୁଟି ଉଠେ । ଅଳ୍ପ ଲମ୍ବିତ ରୁକ୍ଷ କେଶଗୁଚ୍ଛ ମୁକୁଳିତ । ହରିଣୀ ଶିଶୁପରି ବେପରୁଆ ଜୀବନ ନେଇ ସେ ଗୃହଯାଏ ପୋଖରୀ କୂଳକୁ । ପୁରୁଷ ଦର୍ଶନର ଆଶଂକା ହିଁ ତାର ନଥାଏ । ବଳିଷ୍ଠ ବାହୁଳତାର ଗୃଳନ ଯୌବନର ଧୃଷ୍ଟାମି ଅଙ୍ଗଗୃଳନର ଗୋଟିଏ ଶୁଭ୍ର ସଙ୍କେତ ।



## କଥାଟିଏ କହୁଁ

ବେଳେ ବେଳେ ଅଯାଚିତ ଦୁଇଚକ୍ଷୁର ମିଳନ ହୋଇଯାଏ— ତାର ଫେରିଲା ବାଟରେ । ଓଦା ପଣତଟା ସାରା ଅଙ୍ଗରେ ଜଡ଼ିଯାଇ ଥାଏ ଶୁଭ୍ର ଶରତର ଶେଫାଳୀ ପରି—ତାର ଅଧରର କ୍ଷୀଣ ହସଟିଏ ଖୁବ୍ ସୁନ୍ଦର ଦିଶେ । ପୋଟଳ ଚିରା ଆଖି ଦୁଇଟିରେ ଭାବର ପ୍ରକାଶ ଯଥେଷ୍ଟ ।

…ଅନ୍ଧାରର ପାତଳା ପରଦା ଭିତରେ ସେ ନିତିଦିନ ଛପିଯାଏ—ଚେଷ୍ଟା କରେବି । ଅଖିଟା ମୋର ଅମାନିଆ ହୋଇ ଶେଷ ପର୍ଯ୍ୟନ୍ତ ଲକ୍ଷ୍ୟକରେ—କାହିଁକି । ତାହା ଆଜଯାଏଁ ଖୋଜିପାଇନି ।

ତେବେବି ଗୋଟିଏ ଅସ୍ପଷ୍ଟ ଦେଖା— ଖୁବ୍ ଅଳ୍ପ ସମୟ ପାଇଁ ହେଲେହେଁ କପରି ଗୋଟିଏ ଆକର୍ଷଣ ସୃଷ୍ଟି କରେ—ସ୍ୱତଃ ମନଟା ସ୍ନେହଳ ଏବଂ ବିହ୍ୱଳିତ । ପ୍ରଭାତର ଏହି କ୍ଷୁଦ୍ର ମିଳନ ମୁହୂର୍ତ୍ତଟା ଖୁବ୍ ରମଣୀୟ ଓ ପ୍ରୀତିଦାୟକ । "Heard songs are sweet, but those unheard ones sweeter still." ଅବର୍ତ୍ତମାନରେ ହିଁ ଗୋଟିଏ ମଧୁର ସ୍ମୃତିର ଉତ୍ପତ୍ତି ହୋଇଉଠେ ।

ରେଳ ଗାଡିର ଚକ ପରି ଘୂରି ଘୂରି ଗୃହଯାଏ ଦିନଗୁଡ଼ିକ । ମନଟା ନହେଲେବି ଖୁବ୍ ଚଞ୍ଚଳ ଗାଧୋଇ ଯିବାର ପ୍ରବଳ ବାସନା ଏଡ଼ି ହୁଏନି । କାହିଁକି ଏ ଆକର୍ଷଣ—ତୃପ୍ତି ମଧ ତୃଟି ହୁଏ ନାହିଁ । ଅଭିଳାଷ ବି ନାହିଁ —ପ୍ରଣୟୀ ପ୍ରଣୟିନୀର ସମ୍ପର୍କ ହୁଏତ ସେଠାରେ ନଥାଏ । ସ୍ନେହ ସୌହାର୍ଦ୍ଦ୍ୟର ଖିଅଲିଭ ଉଠେନି । କେବଳ ଦେଖାଦେଖି— ଶିଳୀ ସୁଯୋଗରେ ଅଖିଅଗରେ ନିଙ୍ଗିଡ଼ି କଳ୍ପିତବସ୍ତୁ ଅନୁଧ୍ୟାନ କରେପରି । କଳ୍ପନାରେ ସ୍ୱପ୍ନର ସଗ୍ରହ କରି କେବଳ ମୁଗ୍ଧ ହେବା ଜୀବନର ବିଶେଷତ୍ୱ—ମୁଁ ଭାବେ । ପ୍ରାପ୍ତ ଅପ୍ରାପ୍ତର ସ୍ଥାନ ସେଠାରେ ନାହିଁ—ଠିକ୍ ଦର୍ଶକର ଚକ୍ଷୁରେ ଆକାଶର ତାରକା କମ୍ବା ଶୁଭ୍ର ଗୃହଦାୀ ପରି । ଦୂର ପର୍ବତ ଦୂରବନ୍ଧୁ ସୁନ୍ଦର ଦିଶେ । ଚନ୍ଦ୍ରକାନ୍ତ କାହାର ହୃଦୟ ଆକର୍ଷଣ ନକରେ—ତାର କାରଣ ସେ ଏତେ ଦୂରରେ ଏବଂ ମାନବର ଅପ୍ରାପ୍ତ ବୋଲିତ ।

…ମୁଁ ବି ଉପଭୋଗ କରେ ଠିକ୍ ସେହିମିତି— ନିକଟରେ ଥାଇବି ଖୁବ୍ ଦୂରରେ । ସେଇଥି ପାଇଁ ତ ସେ କଳ୍ପନା ବିଳାସର ସୁମୋହନ ପ୍ରତିମୂର୍ତ୍ତି । କବି କଳ୍ପନାରେ—"ସୁଖଠାରୁ ସୁଖ ଆଶାରେ ସୁଖ ଅଧିକ"

÷ × +

ବସନ୍ତର ସୌରଭ ଧରିତ୍ରୀରୁ ଅପସରି ଗ୍ରୀଷ୍ମର ଝାଞ୍ଜଣତା ପ୍ରଭାବ ପକାଇବାକୁ ଉଦ୍ୟତ । ପୁଣି ଆସିଛି ପରୀକ୍ଷା । କର୍ତ୍ତବ୍ୟର ଅନୁରୋଧରେ, ଅନୁରୋଧରେ ନୁହେଁ—କେଉଁ ଅଜଣା ସ୍ନେହ ଓ ଆକର୍ଷଣରେ ମୁଁ ଧାଉଁଚି ମୁହଁ ଅନ୍ଧାରୁ ନିତିଦିନ ପୋଖରୀ କୂଳକୁ—କାଳେ ଦେଖା ନହେବ ।

ବହୁଦିନ ଧରି ଆଉ ଦେଖା ହୋଇନି !

ଆଉ 'ବସନ୍ତ' ଆସିନି । ଦିନେ ଗଲା, ଦୁଇଦିନ ଗଲା, ତଥାପି ତାର ଦର୍ଶନ ନାହିଁ । ମନଟା ମୋର ଚିନ୍ତା ହୋଇ ଉଠିଲା । କାହିଁକି କେଜାଣି ସେହି କ୍ଷଣିକ ସାକ୍ଷାତରେ କି ମାଧୁରୀ ଏବଂ ଜୀବନରେ କେଉଁ ଗୋପନ ସତ୍ୟ ନିହିତ ଥିଲା ତାହା ଜାଣିବାର ଅବକାଶ ଖୁବ୍ କମ୍ ତେବେ ମନଟା କପରି ଅଡୁଆ ଅଡୁଆ ଲାଗୁଥାଏ

( ପରପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# କଲେଜ ଝିଅ

( ଅନୁକରଣ )

( ମାନସିଂହଙ୍କର ସାଧବ ଝିଅ ଢଙ୍ଗରେ । )

ଲେଖକ:—ଶ୍ରୀ ଶିବବ୍ରତ ଦାସ

ଶକ୍‌ସା ବାବୁରେ ଶକ୍‌ସା ବାବୁ,
କହୁ ନାହୁଁ କାହିଁ ତରୁଣୀ ଗଲ୍ପରେ ତରୁଣୀ ଗଳ୍ପ ?
କଲେଜ୍ ବାବୁ ମୁଁ ସଉକିନ୍ ଅଛି ଦୁନିଆ ଜାଣେ,
ସବୁବେଳେ ମୋର ଦରକାର ଅଟେ ଯୁବତୀ ଜଣେ ।
କେଉଁ ଦୁଃଖେ ଅଛ ତୋ ପାଖେ ନେହୁରା ହଉଚି ଭଲ,
ଶକ୍‌ସା ବାବୁ ।
ହାତରେ ହାତ—ହାଇରେ ହାଇ,
ତରୁଣୀ ଅସିଲେ ଚଷମା ନାକରେ ଚଷମା ନାଇ ।
ବଳା ଫିତୁରରେ ରଙ୍ଗିଗଲା ତାର ଝଲପା ଛାପ,
ନ—ଇଞ୍ଚ୍ କଞ୍ଚ ଅଧିକା ହୋଇବ ନେଇଛି ମାପ ।
ଅଳପ ବୁଝେଇ ପାଦଟି ପକାଏ କଜଳ ଗୋଷ୍ଠି,
ଅତି ଗୃହିଣୀରେ ତରୁଣ ହୃଦୟେ ମରଇ କୁସ୍ତି ।
ଅକାରଣେ ଆଜି ତୋ ପାଖରେ ବାବୁ ବଜନ ମୁହିଁ,
ଗୋଟି ଗୋଟି କଥା କହ ଦରଜରେ ହୃଦୟ ଦୁହିଁ ।
ଟୋଟର ଗାଡ଼ିରେ ଚେଞ୍ଜନା ଯାଏ ସେ କଲେଜୁଁ ଫେରି,
ମୋ'ହପର କେତେ ଝେଙ୍କିଙ୍କ ଆଖି ପକାଏ ଘେରି ।
ତାଳୁଠାରୁ ତାର ତଳପା ଯାଏ,
ହ୍ୟାଣ୍ଡ୍‌ରେବ କାହିଁ ଛାଡ଼େନା ଠାଏ ।
ବଳା ମଚ ମଚ ଗଡ଼ି ପରେ ଅସି ରଖଇ ତନୁ,
ସାଇକଲ ସିଟୁଁ ନଇଁ ମୁଁ ଦେଖଇ ଯେସନେ ହନୁ ।
ଶକ୍‌ସା ବାବୁରେ, ଶକ୍‌ସା ବାବୁ,
କହ କେମନ୍ତେ ତାକୁ ଭୁଲିବ ଭଲ ?

ଦେଇ ନେଏ ଚିଠି ନେଳଅ ଲଫାପା ଭିତରେ ଅଛି,
ରସ କୁଟ୍‌ନାଟ୍ କଥା ସବୁ ଯେତେ ଲେଖିଛି ବାଛି ।
କାଲି ଗୁଡ ସାରି ଉପର ଜାଲ ମୁଁ ଶଚ୍ଛଣା ପାଖେ,
ଲେଖିଅଛି ତାକ ସ୍ପାଇଟିଂ ପେଡ୍ ସଜ୍ଜିଛି ଥାକେ ।
"ଇଭନିଂ ପ୍ୟାଲ" ଡ଼ାକିଛି ତହିଁରେ,
ଯାଆରେ ନେଇ ।
ଅସିବ ଯେବେ ମୋ ରାଜ କୁମାରୀ,
ଟେନୁ ଟଳ ମଳ ନାତନ୍ମ ଭଙ୍ଗ ।
ସିଟ୍ ପରେ ନେଇ ତାକୁ ଥୋଇବୁ,
ବୁଝିଲୁ ବାବୁ ?
ସେଦିନ ବାବୁରେ ଦେଇଥିଲି ତୋତେ ଯେଉଁ ଚିଠିକ,
ସଜନୀକ ମୋର ଚୁପ୍ କରି ନେଇ ଦେଇଚୁ ଟିକ ?
ଯ୍ୟା'ଠଉଁ ବେଶୀ ଢାଳିଥିଲି ତହିଁ ମନର କଥା,
ଅତର ଶିଶିବ ହୋଇ ଯାଇଥିଲା ସେଦିନ ଅଧା ।
କଅଣ କହିଲା ସଜନୀ ମୋହର ଚିଠିକ ପାଇ ?
ନକ୍ସେ ମରଗରେ ବୁକୁପରେ ତାର ଥିବରେ ଥୋଇ ।
ଏଁ ! ସେଇ ଚିଠି ତୋର ମାଇପ ଚୁଲିରେ ଦେଇଛି ଜାଳି
ଯଉଁଥିରେ ଏତେ ପ୍ରେମ ଓ ଅତର ଥିଲି ମୁଁ ଢାଳି !
ହାଇବେ ଶଳା, ଶକ୍‌ସା ବାବୁ ।
କପାଳେ ଇଆ ମୋ ଲେଖିବ ଥିଲା !

—*—

(କାହାଣୀ ପୂର୍ବ ପୃଷ୍ଠା ଉତ୍ତାରୁ)

ପାଦଟା ଆଜି ଚଞ୍ଚଳହୋଇ ଉଠିଲା ନାହିଁ—ନୀରବ ଛନ୍ଦହୀନ ଜୀବନଟା ପୁଣି ଗତିହୀନ ହେବାକୁ ଚେଷ୍ଟିତ ।

ହେଲେହେଁ ଜୀବନଟା କାହାର ଚିରଦିନ ଫୁଲ ସେଜ ହୋଇ ପଡ଼ିରହେନା ପରିବର୍ତ୍ତନ ଦୁନିଆର ନିୟମ । ସୁଖ ପଛରେ ଦୁଃଖ ବରାବର ଘୂରିବୁଲେ—ସୁଯୋଗ ଦେଖି ଆକ୍ରମଣ କରେ ନନ୍ଦନର ପାରିଜାତ ମଧ୍ୟ ବାଲୁକା ମରୁ ପ୍ରାନ୍ତରରେ ପରିଣତ ହେବା ବିଚିତ୍ର ନୁହେଁ । ସେଥିରେ ଚମକିତ ହେବାର କଣ ଅଛି । ଏଇ ଅଦିନିଆ ସାକ୍ଷାତ—ଅନ୍ଧାର ର ଝାପ୍‌ସା ଆଲୋକ ଭିତରେ କେବଳ ଗୋଟିଏ ଛାୟାର ସୌନ୍ଦର୍ଯ୍ୟ ଉପଭୋଗ — ତଥାପି ଏତେ ଆକର୍ଷଣ ବିଶ୍ୱାସ କରି ହୁଏ ନା ନିଜକୁ

+ × +

ଦିନ ଯାଏ ରାତିଆସେ । କର୍ମମୟ ଜୀବନରେ କେତେ ଅବାଧ୍ୟ ଛିନ୍ନ ହୋଇଯାଏ ତାର ଇୟତ୍ତା ନାହିଁ । ଅବଶ ମନଟା ଆପେ ଆପେ ଠାଣି ହୋଇଯାଏ । କର୍ମମୟ ଜୀବନର କେତେ ଅଭିଜ୍ଞତା ପାଥେୟ ହୋଇଯାଏ—ଅନ୍ୟର ସୁଖ ସୋହାଗ ଦେଖିବାକୁ ବେଳ ମିଳେନାହିଁ ।

···ଅଲ୍ କେତୋଟି ବର୍ଷ ଗଲା ଯାଇଛି କାଲିପରି—ପରୀକ୍ଷା ପରେ ପୁଣି ଅସିତ ପରୀକ୍ଷା । ଜୀବନଟା ଯାକ ତାକୁ ଛାଡ଼ିବା ଯେପରି ସୃଷ୍ଟିର ଉଦ୍ଦେଶ୍ୟ ନୁହେଁ । ସେଇଥି ପାଇଁ ଦିନପରେ ଦିନ କେତେ ପୁରୁଣା କଥା ଭୁଲି ହୋଇଯାଏ ।

କେଉଁ ପରିଚିତ କଂଠରେ ବିଦାୟ କାଳୀନ କାନ୍ଦଣା ମୋର ଅନ୍ତରର ସୂକ୍ଷ୍ମ ତନ୍ତ୍ରୀଟି ବାରମ୍ବାର ଥରାଇ ଦେଇ ଇଥର ରେ ମିଳାଇ ଯିବାକୁ ବସିଲା···

ଆଜି 'ବସନ୍ତ'ର ବିଭାଘର ! ବହୁଦିନ ପାଇଁ ଯିଏ ଆପେ ସ୍ମୃତିରେ ପରିଣତ ହୋଇ ଥିଲା ପୁଣି କଳ୍ପନାର ସ୍ୱପ୍ନିଳ ତେଜ ମଧ୍ୟରେ ସ୍ମୃତିରେ ପରିଣତ ହେଲା । ଅତୀତର ଛିନ୍ନ ଭାବନା ଗୁଡ଼ିକୁ ପୁଣି ସଜାଡ଼ ନେବାକୁ ପଡ଼ିଲା ।

ଆଗରେ ବହୁଥା ମେଘ ହୋଇ ପଡ଼ି ଥାଏ—ଆଜି ମୁଁ ଭାବୁଛି ପୁଣି ସେଇ ଦିନର କଥା—ଯେଉଁଥି ପାଇଁ ମନୁଷ୍ୟ ଗଢ଼ିବାକେ—ଆକର୍ଷଣ ପ୍ରତିଆକର୍ଷଣରେ ଆନ୍ଦୋଳିତ ହୁଏ···ସଂଯତ ହୃଦୟରେ ପୁଣି ଭାବନାର ତରଙ୍ଗ ।

ଭଲପାଇବାଟା ଖୁବ୍ ଅଳ୍ପ ସମୟପାଇଁ ଆସି ମୁହୂର୍ତ୍ତକରେ ଚାଲିଯାଏ—ତଥାପି ମନୁଷ୍ୟ ଗଢ଼ିଚାଲେ ନୂଆ ଦୁନିଆ—ନୂଆ ବନ୍ଧୁତା । ପୁରାତନ ନିକଟରେ ନୂତନ ଆତ୍ମ ପ୍ରକାଶ କରେ—ପୁଣି ଛପେ । ଭଲ ପାଇବାଟା ପାଣିପରି ଆସି ଥାଏ ସତ—ପବନପରି ଖୁବ୍ ସରଳ ଭାବରେ ମିଳାଇଯାଏ···।

ତଥାପି ମୁଁ ଭାବୁଚି ସେଇ ପୁରୁଣା ଅସ୍ପଷ୍ଟ ସ୍ମୃତି ମୁଣ୍ଡକ—ଭଲପାଇବାର ଶେଷ କେଉଁଠି ?

କେତେ ଫୁଲ ଝରି ନୂଆ ରୂପ ଧରିଲାଣି—କେତେ ପରିବର୍ତ୍ତନ ନେଇ ଜଗତ ପ୍ରବାହିତ ।

ତାରି ଭିତରେ ମୁଁ ଯେପରି ନିଛାଟିଆ ଜୀବନ ଠାକୁ ନେଇ ପଡ଼ିରହିଚି ସବୁ ସମ୍ପର୍କ ତୁଟି ଯାଇଚି—ସରସତା ନାହିଁ । ଦୁନିଆଟା ଯେମିତି ମୋତେ ପଛରେ ପକାଇ ମାଡ଼ିଚାଲିଛି ଧୀରେ—ଅସ୍ତେ ।

—*—

Digitized by srujanika@gmail.com

ନିବନ୍ଧ

# ଶାସନ ଭିତରେ ଓ ଶାସନ ବାହାରେ କଂଗ୍ରେସର ଅବସ୍ଥା ।

( ହରିଜନ ସମ୍ପାଦକୀୟ )

ଲେ—ଶ୍ରୀ ମସ୍ରୁୱାଲା—

[ ଯେଉଁମାନେ ଗତ କେତେ ମାସର ହରିଜନ ସମ୍ପାଦକୀୟ ମନ୍ତବ୍ୟ ପଢୁଥିବେ ସେମାନଙ୍କୁ ବିନୀତ ଅନୁରୋଧ ହରିଜନର ବର୍ତ୍ତମାନ ସମ୍ପାଦକୀୟ ପ୍ରତି ଅବଧାନ କରିବା ହେବେ । ବର୍ତ୍ତମାନ ଓଡ଼ିଶାର କଂଗ୍ରେସ ସରକାର ଓ ସରକାରଙ୍କ ବାହାରେ ଥିବା କେତେକ କଂଗ୍ରେସ ବାଲାଙ୍କର ଉପରେ ପ୍ରତି କଟାକ୍ଷ ଏହା ଫଳରେ ସଫଳ ହେବ ବୋଲି ଆମର ଆଶା —ସ: ଉ: ।]

ମୁଁ ଗୁଜୁରାଟରେ ଦେଖୁଛି କଂଗ୍ରେସ ସରକାର ବାହାର କଂଗ୍ରେସ ମଧ୍ୟରେ ସଦ୍‌ଭାବ ଆଦୌ ନାହିଁ । ଯେଉଁମାନେ କଂଗ୍ରେସ ଅନୁଷ୍ଠାନର କର୍ମକର୍ତ୍ତା ତାଙ୍କ ଭିତରେ ଓ ବାହାର କର୍ମୀଙ୍କ ମଧ୍ୟରେ ମଧ୍ୟ ତଦ୍ରୂପ । ପ୍ରତ୍ୟେକ ପ୍ରତ୍ୟେକ ପ୍ରତି ଈର୍ଷାନ୍ୱିତ ।

ଏହାଙ୍କୁ ଛାଡ଼ି ଆଉ ଦୁଇ ଶ୍ରେଣୀର କଂଗ୍ରେସ ଲୋକ ଅଛନ୍ତି । ଗୋଟିଏ ଶ୍ରେଣୀର ଲୋକେ ସ୍ୱାଧୀନତା ପାଇବା ଏବଂ ଦେଶରେ ନ୍ୟାୟ ଓ ନିର୍ମଳ ଶାସନ ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ ତାଙ୍କର ବୟସ ବେଳେ ଭକ୍ତି ଓ ନିସ୍ୱାର୍ଥ ସହ କଂଗ୍ରେସର ସେବା କରି ଆସିଛନ୍ତି । ଆଜି ସ୍ୱାଧୀନତା ତାଙ୍କୁ ଆନନ୍ଦ ଓ ଶାନ୍ତି ଦେବା ପରିବର୍ତ୍ତେ ତାଙ୍କୁ ଅସୁଖୀ ଓ ନିରୁତ୍ସାହିତ କରିଛି । କାରଣ ସେମାନେ ଅନୁଭବ କରୁଛନ୍ତି ଯେ ଯେଉଁ କଂଗ୍ରେସ ଅନୁଷ୍ଠାନକୁ ସେମାନେ ନିଜ ହାତରେ ମଜବୁତ କରି ଗଢ଼ିଥିଲେ ସେଇ କଂଗ୍ରେସ ଆଜି କ୍ଷମତା ଲାଭ ପରେ ଲୋକଙ୍କୁ ଠକୁଛି ଏବଂ ନିଜର ନୈତିକ ପତନ ହେତୁ ସେ ଯେଉଁ ମହତ୍ ଆଦର୍ଶ ଘୋଷଣା କରିଥିଲା ତାହା କାର୍ଯ୍ୟକାରୀ କରୁନାହିଁ । ସେମାନେ ସନ୍ଦେହ ନୟନରେ ଦେଖୁଛନ୍ତି ଆଜି ବ୍ୟକ୍ତିଗତ ସ୍ୱାର୍ଥସିଦ୍ଧି ଓ ରାଜନୀତି କ୍ଷମତା ଉଦ୍ଦେଶ୍ୟରେ ଗୋଷ୍ଠୀ ଗଠନ ପାଇଁ କଂଗ୍ରେସ ଆଜି କେତେକଙ୍କର ହାତବାରିସି ହୋଇଛି । ସେମାନେ ନିଜେ ଅଛ ସର୍ବମୁଁ ଦର୍ମୀ ନଥିଲେ ମଧ୍ୟ ସେମାନେ ଚରିତ୍ରଗତ ଅନ୍ୟାୟ ଓ ପାପର ଉପରୁ ଦେଖି ଶାନ୍ତିରେ ବସିପାରୁ ନାହାନ୍ତି । ଏ ଶ୍ରେଣୀର ଲୋକଙ୍କୁ ସ୍ୱାଗତ ... ଏ ଶ୍ରେଣୀର ଲୋକ ହେଉଛି ସାଧାରଣ ... ତାର କୌଣସି ଦଳ ବା ଗୋଷ୍ଠୀ ସହିତ ସମ୍ପର୍କ ନାହିଁ । ସେମାନେ—ଭଲ ମନୋଭାବ—ସରକାରର ଉଦ୍ଦେଶ୍ୟ, ତାର ଅଫିସରମାନଙ୍କର ଶୁଦ୍ଧ ଶୁଣାଣି, ଏବଂ ତାର ଅଧିକ ସୁବିଧା ଦେଲେ ଭଲ ନିଷ୍ପକ୍ଷ ଓ ସୁଶୃଙ୍ଖଳ ଶାସନ । କିନ୍ତୁ ଦୁଃଖର କଥା ଯେ ଏମାନଙ୍କ ଦୃଷ୍ଟିରେ ଉଲଟା କଥା ହେଉଛି ଆଜ ଏମ ଅବସ୍ଥା ଖରାପ ଦଳକୁ ଗତି କରୁଛି । କେତେକ ଲୋକ ଅଛନ୍ତି ଯାହାଙ୍କୁ ସଇସାରେ କିଣି ନେବା ସମ୍ଭବ ହେବ ନାହିଁ । କିନ୍ତୁ ଯାହାଙ୍କୁ ପ୍ରଭାବିତ କରାଯିବ ଏମିତି ଲୋକ ଅନେକ ଅଛି । ଏକଥାକୁ ଉଡ଼ାଇ ଦେବା ଭଲ ଯୁକ୍ତ ସରକାର ଉଚ୍ଚ ପଦସ୍ଥ ଲୋକେ ଦେଖାଇ ପାରନ୍ତି କିନ୍ତୁ ଅସନ୍ତୁଷ୍ଟ ଜନସାଧାରଣଙ୍କ ପକ୍ଷରେ ଏହା ଯଥେଷ୍ଟ ସାନ୍ତ୍ୱନା ନୁହେଁ । ଫଳରେ ଦିନକୁ ଦିନ କଂଗ୍ରେସର ନାମ କ୍ରମେ ଅପ୍ରତିଷ୍ଠିତ ହଉଛି ।

ମୋର ମନେହୁଏ ଏ ପରିସ୍ଥିତିକୁ ସମସ୍ତେ ସ୍ୱୀକାର କରିବେ । ଏକଥା କହିବାର ଉଦ୍ଦେଶ୍ୟ ଏହି ଲଜ୍ଜାକର ଅବସ୍ଥାର କାରଣ ଖୋଜି ତାର ସମାଧାନ କରିବା । କଂଗ୍ରେସ କର୍ମୀ ଓ କଂଗ୍ରେସ ସରକାର ମଧ୍ୟରେ ଯେଉଁ ଈର୍ଷା ଭାବ ଦେଖାଯାଉଛି ତାର କାରଣ ମୋ ମତରେ ଯାହା ଦିଶୁଛି ତାହା ହେଉଛି—

ସରକାରୀ କ୍ଷମତା ବା ଅଫିସ ଗ୍ରହଣ କରିବା କ୍ଷମତାପ୍ରାପ୍ତ ବ୍ୟକ୍ତି ପକ୍ଷରେ ଗୋଟାଏ ଗୁରୁ ନ ହୋଇ ଲୋଭର ଜିନିଷ ହୋଇ ଠିଆ ହୋଇଛି—ଉଭୟ ଅର୍ଥ ଓ ସମ୍ମାନ ଦୃଷ୍ଟିରୁ ସେ ଲୋଭନୀୟ । ସରକାରରେ ଯେ କୌଣସି ପଦ ବା ଅସନ କିମ୍ବା ସରକାରୀ କମିଟି ପଦ ଅଧିକାରୀଙ୍କୁ ଦରମା ହିସାବରେ ବା ଅନ୍ୟ ଭତ୍ତା ହିସାବରେ କିଛି ଦେଉଛି କିମ୍ବା ଅନ୍ୟର କୌଣସି ଉପକାର କରିପାରିବାରେ କ୍ଷମତା, ସୁବିଧା ଦେବାର କ୍ଷମତା କିମ୍ବା ସେ ନିଜେ ନିଜ ପାଇଁ ଯାହା ଅନ୍ୟ ଉପାୟରେ କରିନପାରୁଛି ତାହା ଅନ୍ୟ ଦ୍ୱାରା କରାଇ ନେବାର ଶକ୍ତି ତାକୁ ତାର ପଦ ଆଣିଦେଇଛି । କିନ୍ତୁ ଏ ସବୁପାଇଁ ତାର ଯେଉଁ ଦାମ ତାହା ଅତି ନାଲିବା ଏବଂ ଅର୍ଥର କଥା ଏହି ଯେ ଯେଉଁ ବାଦ୍ଧ୍ୟ ଯେତେବେଳେ ଯେ ସବୁ ପୂରଣ କରିବାରେ କଂଗ୍ରେସ ସରକାରଙ୍କ ଅମଳରେ ମଧ୍ୟ ସେପରି ନୀତିର ବଳରେ ଜାତି ଓ ସମ୍ପ୍ରଦାୟର ବିଚାର କରାଯାଉଛି । ଏପରି ଭାବରେ ପ୍ରାର୍ଥୀ ମନୋନୟନରେ, ମନ୍ତ୍ରୀ ନିଯୁକ୍ତିରେ, ଏପରିକି ଛୋଟ ଛୋଟ ଅସ୍ଥାୟୀ କମିଟିରେ ମଧ୍ୟ ସମ୍ପ୍ରଦାୟ, ଗୋଷ୍ଠୀ, ଅଞ୍ଚଳ ଦୃଷ୍ଟିରୁ ବିଚାର କରୁଛନ୍ତି—ଯୋଗ୍ୟତାର ବିଚାର ନାହିଁ । ଏପରି ହେବାର କାରଣ ଦଳ ସଂଗଠନ ଏବେ ଭାଙ୍ଗି ସ୍ଥଳେ ଏବଂ ପ୍ରତ୍ୟେକ ଅସନ ଗୋଟାଏ ସୁବିଧା ସବୁଶ ହୋଇଛି । ଫଳରେ ଏମାନେ ଅତି ଅଳ୍ପ ଲୋକ ଅଛନ୍ତି ଯେ ନ ପଦ ପ୍ରାର୍ଥୀ ନାହିଁ । ଯେଉଁମାନେ ଅସନ ନ ପାଇଥିଲେ ମଧ୍ୟ ଅସନ୍ତୋଷ ପୂର୍ଣ୍ଣ ଖଲାସରେ କାମ କରିବାକୁ ଚାହାନ୍ତି ସେମାନେ ମଧ୍ୟ ଅଦୃଷ୍ଟ ଅସନ୍ତୁଷ୍ଟ ଦଳରେ ପରିଣତ ହେଉଛନ୍ତି । ସରକାରୀ ପଦ ନପାଇ ସେମାନେ କଂଗ୍ରେସ କମିଟିର କାର୍ଯ୍ୟକାରୀ ଅନୁଷ୍ଠାନରେ ପଦ ନେଇ ଅନୁଷ୍ଠାନ ଦ୍ୱାରା କଂଗ୍ରେସ ମନ୍ତ୍ରୀମଣ୍ଡଳରେ ପ୍ରତିଦ୍ୱନ୍ଦ୍ୱୀ ହେଉଛନ୍ତି । ଫଳରେ ଏକ ଦ୍ୱୈତ ଶାସନ ଚାଲିଛି । କଂଗ୍ରେସ କମିଟି ମନ୍ତ୍ରୀମଣ୍ଡଳକୁ ଅଧୀନ ବା ସମାଲୋଚନା କରିବାକୁ ଚାହାନ୍ତି, ମନ୍ତ୍ରୀମଣ୍ଡଳ ତାର ସ୍ୱାଧୀନତା ଓ କ୍ଷମତାକୁ କମିଟିର ହସ୍ତକ୍ଷେପରୁ ମୁକ୍ତ ରଖିବାକୁ ଚାହାନ୍ତି ।

ଏହିପରି ଭାବରେ କଂଗ୍ରେସ କମିଟି ମଧ୍ୟ କ୍ଷମତାର ଆସନ ହୋଇ ପଡ଼ିଛି । ତେଣୁ ଯାହାର ରାଜନୈତିକ ଉଚ୍ଚାକାଂକ୍ଷା ଅଛି ସେ ଏହି କମିଟିରେ ପଶିବାକୁ ଚାହେଁ । କିନ୍ତୁ ସେଠି ମଧ୍ୟ ପ୍ରାର୍ଥୀଙ୍କଠାରୁ ଆସନସଂଖ୍ୟା ଅଳ୍ପ ଥିବାରୁ କଂଗ୍ରେସ ମଧ୍ୟରେ ଗୋଷ୍ଠୀ ଗଠନ ଚାଲିଛି । ଏ ଗୋଷ୍ଠୀଗୁଡ଼ିକ କୌଣସି ଆଦର୍ଶ ଉପରେ ଗଢ଼ା ନ ହୋଇ ଦୁଇ କିମ୍ବା ନେତାଙ୍କପ୍ରତି ଆନୁଗତ୍ୟ ଉପରେ ଗଢ଼ୁଛି । କାରଣ ନୂଆ ଗଠନ ତନ୍ତ୍ର ଅନୁସାରେ ମତବାଦ ବା ଆଦର୍ଶ ଉପରେ କୌଣସି ପୃଥକ ଦଳ କଂଗ୍ରେସ ଭିତରେ ରହିବାର ନୁହେଁ । ତା'ର ଫଳରେ ସୋସାଲିଷ୍ଟମାନେ ଅଲଗା ହୋଇଗଲେ । ତେଣୁ କେବଳ ଜଣେ ଜଣେ ନେତାଙ୍କ ସପକ୍ଷରେ ଅନୁଗତ ଦଳ ଛଡ଼ା ଅନ୍ୟ ଦଳର ସ୍ଥାନ କଂଗ୍ରେସରେ ନାହିଁ । ସେ ଯାହା ହେଉ ବର୍ତ୍ତମାନ କଂଗ୍ରେସ ଅଲଗା ଗୋଟିଏ ଅଶୃଙ୍ଖଳ ସଂଘର୍ଷ ସଂସ୍ଥା ରୂପରେ ଲୋକଙ୍କ ଆଗରେ ଠିଆ ହୋଇ ରହିବ ନାହିଁ । ସବୁଠି କ୍ଷମତା ପାଇଁ ଗୋଷ୍ଠୀ ଚାଲୁଥିବାରେ ଗୋଟିଏ ବିରୋଧୀ ଗୋଷ୍ଠୀ ରହିଛି । ବିଭିନ୍ନ ମତ ଓ ପନ୍ଥାର ରାଜନୈତିକ ଦଳମାନଙ୍କ ମଧ୍ୟରେ ଯେପରି ମନୋମାଳିନ୍ୟ ନାହିଁ—ଏହି ଦଳୀୟ ଗୋଷ୍ଠୀ ମଧ୍ୟରେ ତାହା ଅତି ବେଶୀ ବହୁଗୁଣରେ ରହୁଛି । ଫଳରେ କରୁଥିବାରେ ବ୍ୟକ୍ତିଗତ ଈର୍ଷା ପ୍ରଭୃତି ଦ୍ୱାରା ଏ ଦଳ ସବୁ ଲୋକଙ୍କ ଚକ୍ଷୁରେ କଂଗ୍ରେସର ସମ୍ମାନକୁ କ୍ଷତି କରୁଛନ୍ତି । କ୍ଷମତା ଯେଉଁ ଦଳ ହାତରେ, ଅଛି ସେ ଅପର ଦଳକୁ ଦବାଇବା ପାଇଁ ସୁବିଧା ପାଇବା ମାତ୍ରେ ଗଣତାନ୍ତ୍ରିକ ଶାସ୍ତି ବିଧାନ କରୁଛି । ଏ ଅବସ୍ଥା କୌଣସି ସଂସ୍ଥାର ମୃତ୍ୟୁ ସମ୍ମୁଖ ଅବସ୍ଥା । କଂଗ୍ରେସ ଯଦି ତାର ଅସ୍ତିତ୍ୱ ବଜାୟ ରଖି ଜାତିକୁ ସେବା କରିବା କିମ୍ବା ବଞ୍ଚାଇବାକୁ ଚାହେଁ ତେବେ ତାକୁ ଏହି ଗୋଷ୍ଠୀଗତ ରାଜନୀତି ପୂର୍ଣ୍ଣ ରୂପରେ ହଟାଇବାକୁ ହେବ । [କ୍ରମଶଃ]

Digitized by srujanika@gmail.com

# ଭଙ୍ଗି ଚାହାଁ ଏ

ଲେ – ଶ୍ରୀ ରାଜକିଶୋର ମହାନ୍ତି

## ଗରିବ

ଅନ୍ନପୂର୍ଣ୍ଣା 'ଏ' ଗ୍ରୁପରେ ବର୍ତ୍ତମାନ 'ଗରିବ' ନାଟକ ଚାଲିଛି । ସହରଅଡେ ବଡ ବଡ ଅକ୍ଷରରେ ପ୍ରଚାରିତ ଲେଖା ଦିଆହୋଇ ବିଜ୍ଞାପନ ମରାଯାଇଛି । କିନ୍ତୁ ନାଟକଟି ଦେଖିଲେ ଖାଲି ଟଙ୍କାର ଶ୍ରାଦ୍ଧ ସାର ହୁଏ । ଏହାକୁ ପ୍ରକୃତରେ ଗୋଟିଏ ନାଟକ ନ କହି କେତେକ ଦୃଶ୍ୟର ସମାବେଶ (Variety show) କହିଲେ ଅଦୌ ଭୁଲ ହେବନି ।

ଦେଶ, ଜାତି ଓ ସମାଜକୁ ଲେଖକ-କାରର ଦାନ ଅନ୍ୟ କାହାରି ଦାନ ଠାରୁ କଦାପି କମ ନୁହେଁ, କିନ୍ତୁ ଏଥିରେ ନାଟ୍ୟକାର ସମାଜ ଆଗରେ କିଛି ନୂଆ କଥା ବାଢ଼ିଛନ୍ତି ବୋଲି ମନେ ହୁଏ ନା । 'ଗରିବ'ର ଭାବ (idea) ଏହା ପୂର୍ବରୁ କବିଚନ୍ଦ୍ର କାଳିଚରଣଙ୍କ 'ରକ୍ତମାଟି' ଓ ନିଜେ ନାଟ୍ୟକାରଙ୍କ 'ଈଶ୍ୱର'ରେ ଫୁଟି ଉଠିଛି । ତଥାପି ସେଇ ଗୋଟାଏ କଥାକୁ ଖାଲି ଦିନକୁ ଦିନ ଫେଣେଇବାର ମୂଲ୍ୟ କଣ ?

ଗରିବ କଳମୁଣ୍ଡିଆ ଉପରେ ପୁଞ୍ଜିପତି ଖାମିନ୍ଦର ନାଲି ଆଖି—ହାକୁଆ ଚିଟିରେ ତାର ବୁଦ୍ଧିର କର୍କଶ ପାହାର । ନିହୁ ଲହୁ ଢାଳି ପେଟ ପାଟି ମାରି ଖାମିନ୍ଦର ପୁଞ୍ଜି ବଢାଇବାରେ ସେ ମନ ପ୍ରାଣ ଢାଳିଦିଏ କିନ୍ତୁ ମାଲିକର ତା ଉପରେ ଦୟା ହୁଏନି— ଶୁଦ୍ଧି ଦୃଷ୍ଟି ପଡେନି । ଶେଷଦିନ ନାଲିଆଖି ତଳେ ମନୁଷ୍ୟତ୍ୱକୁ ବଳି ନ ଦେଇ ତା ବିରୁଦ୍ଧରେ ମଜଦୁର ଦଳ କରନ୍ତି ବିପ୍ଳବ । ଶେଷରେ ଶେଷକୁ ସେମାନେ ବିଜୟ ହାସଲ କରନ୍ତି । ଏଇ ବିଷୟ ବସ୍ତୁକୁ ନେଇ 'ଗରିବ' ନାଟକ ଲେଖା । କିନ୍ତୁ ମଜଦୁର ରାଜ ଗଢିବାକୁ ଯାଇ ନାଟ୍ୟକାର ବହୁତ ଅସୁନ୍ଦର, ଅବାସ୍ତବ କଥା ଆମ ଆଖି ଆଗରେ ବାଢିଛନ୍ତି । ନାଟକର ଶେଷରେ ମଜଦୁରଗଣ ଦୁନିଆବାଲାଙ୍କୁ ଡାକ କହୁଛନ୍ତି ଯେ ସେମାନେ ଏକ "ସପନ ରାଇଜ" ଗଢିବେ । ଏ କଥାଟା ଯେପରି ହାସ୍ୟାସ୍ପଦ ସେପରି ବି ଅବାସ୍ତବ । ଚାଷୀ, ମୂଲିଆ, କୁଲି, ମଜଦୁର—ଯେଉଁ ବାସ୍ତବ ଜୀବନରେ ବହୁତ ଠୋକର ଖାଇ ଯାଇଛନ୍ତି—ଦାରିଦ୍ର୍ୟ ସହିତ ଯେଉଁମାନଙ୍କ ଜୀବନ ସବୁବେଳେ ଜଡ଼ିତ ସେତେବେଳେ ସେମାନେ ସପନର ଏକ ରଙ୍ଗିନ ଝିଲମିଲ ରାଜ ଗଢିବେ ବା କିପରି ? ଗୋଟିଏ ବାସ୍ତବ ଦୁନିଆ ଗଢିବା ସେମାନଙ୍କ ପାଖେ ନିହାତି ଉଚିତ ଥିଲା ।

ମିଷ୍ଟର ଚଉଧୁରୀଙ୍କୁ ମଜଦୁରଗଣ ଟଳାଇ ପାରନାହାନ୍ତି । ସେ ନିଜେ ନିଜେ ଓଲଟି ଯାଉଛନ୍ତି । ତାଙ୍କୁ ଗୃହ କଳକାରେଗ ଧରିଛି । ସୁରିଆ ଓ ନଟବରଙ୍କ ନେତୃତ୍ୱରେ ମଜଦୁରଗଣ ବିପ୍ଳବ କରିବେ ବୋଲି ଶପଥ ନେଇଥିଲେ । କିନ୍ତୁ ସେଇ ନଟ୍ଟୁବାବୁ ହୋଇ ଗୁଳି ଖାଇଥିଲା ବେଳେ ମଜଦୁରଗଣ ଖାଲି ହାତ କରତାଳି ଦେଇ ଅଉ କିଛି କାହିଁ କଲେନାହିଁ ?

ଏହିପରି ଦୃଶ୍ୟରେ ବି ସେଇପରି ଅନେକ ଅମଙ୍ଗଳକର ଅବାସ୍ତବ କଥା ଦେଖାଯାଏ ।

ମିଷ୍ଟର ଚୌଧୁରୀ ସମସ୍ତ ଅମଙ୍ଗଳ ଅସୁନ୍ଦର କଥା ଜାଣି ଶୁଣି ମ୍ୟାନେଜର ସହିତ ନିଜର ଏକମାତ୍ର କନ୍ୟାକୁ ଅବାଧ ମିଳା ମିଶା କରିବାକୁ ଛାଡିଦେଇଛନ୍ତି ଓ ତା ସହିତ ମ୍ୟାନେଜରକୁ ବିବାହ ଦେବାକୁ ବି ଠିକ୍ କରିଛନ୍ତି । କନ୍ୟା ତାଙ୍କର ମ୍ୟାନେଜରକୁ ବିବାହ ହେବାକୁ ମନା କରିବାରୁ ତା ଉପରେ ଚୌଧୁରୀ ରାଗିଛନ୍ତି ଓ ତାର ପ୍ରତିଶୋଧ ନେବାକୁ ବି ଶପଥ କରିଛନ୍ତି । ମିସେସ୍ ଚୌଧୁରୀଙ୍କୁ ବି ବିନୋଦ ସହିତ ମିଳା ମିଶା ସୁଯୋଗ ଦେଇଛନ୍ତି । ବିନୋଦ ଗୋଟାଏ ଡାକ୍ତର ବେଶ ସାଜି ତାଙ୍କୁ ନିର୍ଧୂମ ଠକିଛି । ଏହା ଯେପରି ହାସ୍ୟାସ୍ପଦ ସେପରି ବି ଅବାସ୍ତବ । ଅତ୍ୟାଚାରୀ ମ୍ୟାନେଜର ତାଙ୍କ ଝିଅ, ବୋହୂଙ୍କର ଇଜ୍ଜତକୁ ପଦରେ ଦଳିଥିଲେ ବି ଉପାସୀ ମଜଦୁର ମୁହଁରୁ ଦାନା ଛଡାଇଥିଲେ ବି ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ସେ ଅଟଳ ରହିଛି । ଜୀବନରେ ତାର କୌଣସି ଶାସ୍ତି ଦିଆଯାଇନି । ଗୋଟାଏ ମଣିଷ ମାରୁ ଅପରାଧରେ ବି ସେ ଗୋଟାଏ ପୁଲିସର ଆଖି ଆଗକୁ ଆସିନାହିଁ । ନାଟକ ବା ଦୃଶ୍ୟ କାବ୍ୟରେ ଦର୍ଶକମାନଙ୍କ ଆଗରେ ଅତ୍ୟାଚାରୀକୁ ଶାସ୍ତି ଦିଆଯିବାର ବ୍ୟବସ୍ଥା ହୋଇଥାଏ, ତା ହେଲେ ଦର୍ଶକଗଣ ଯେପରି ଶିକ୍ଷା ଲାଭ କରନ୍ତି ସେପରି ବି ନିଜ ନିଜର ଲୁଚଣକୁ ଭୁଲିଯିବାର ଚେଷ୍ଟା କରନ୍ତି ।

ସୁରିଆ ତାର ଭାଇ ଭଉଣୀଙ୍କୁ ଅତି ଭଲ ପାଉଥିଲା । ସେମାନଙ୍କ ଆଖିର ଲୁହ ପୋଛିବାପାଇଁ ସେ ଚିମିନିର କଳା ଧୂଆଁ ତଳେ ନିଜର ହାଡ଼ ମାଂସ ପାଣି ଫଟାଇ ଦେଇଥିଲା । ସେଥିକୁ କିନ୍ତୁ ସେ ଧନିକର ବିଳାସ ତଳେ ମୁଣ୍ଡ ଗୁଞ୍ଜି ଭାଇ ଭଉଣୀକୁ ଭୁଲିଛି । ମାଲ ଚନ୍ଦନ ଦୃଶ୍ୟରେ ବି ସେପରି ନିହାତି ଅବାସ୍ତବ, ଅସୁନ୍ଦର କଥା ଦେଖାଯାଏ । ତା ଆଖିର କୌଣସି ମୂଲ୍ୟ ଦିଆଯାଇନାହିଁ । ସୁରିଆକୁ ସେ ଜୀବନ ଦେଇ ଭଲ ପାଉଥିଲା ଆଉ ସୁରିଆ ବି ଠିକ୍ ତାକୁ ସେପରି ଭଲ ପାଉଥିଲା । ଦୁଇଟା ପ୍ରାଣ ଏକାକାର ହୋଇଯିବାକୁ ସବୁବେଳେ ବ୍ୟଗ୍ର ହୋଇଛନ୍ତି କିନ୍ତୁ ଶେଷକୁ ନାଟ୍ୟକାର ଖାଲି ଗୋଟାଏ ପୋଷର ପୁତୁଳ ସୃଷ୍ଟି କରିଛନ୍ତି । ନାୟିକା ସେ କେବଳ ଭୋଗ ବିଳାସର ସୌଖୀନ ଜୀବ କରି ରଖିଛନ୍ତି । ତ୍ୟାଗ, ତପସ୍ୟା ସାଧନା ଭିତର ଦେଇ ନାୟିକା, ନାଟ୍ୟକାର ମହୀୟସୀ କରିପାରିନାହାନ୍ତି । ମାଲ ସୁରିଆକୁ ଭଲ ପାଏ ବୋଲି ନିର୍ଲଜ ଭାବରେ ବାପ ଭାଇଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କ ଆଗରେ କହିବୁଲୁଛି । ଗୋବରୀକୁ ଗୋଟାଏ ଅଦ୍ଭୁତ ଜୀବ କରି ଛାଡିଛନ୍ତି । ଶେଷକଥା ବିଷୟବସ୍ତୁଟିର ସମାଧାନ ନାଟ୍ୟକାର ସେପରି କିଛି କରିପାରିନାହାନ୍ତି ।

ତାପରେ ଭାଷାଟା ନିହାତି ଖେଚଡ଼ି । ବର୍ତ୍ତମାନ ଜାତୀୟ ସାହିତ୍ୟ ଗଢିବାରେ ସମସ୍ତେ ଲାଗି ପଡ଼ିଥିବା ବେଳେ ନାଟ୍ୟକାର ଜବରଦସ୍ତି ଓଡ଼ିଆ ସାହିତ୍ୟରେ ଇଂରାଜୀ ଓ ବଙ୍ଗଳାକୁ ଉଚ୍ଚ ସ୍ଥାନ ଦେଇଛନ୍ତି । ଏପରିକି ଓଡ଼ିଆ ନାଟକରେ ବି ବଙ୍ଗଳା ଇଂରାଜୀ ସଂଗୀତ ବୋଲାଯାଇଛି । ଏଇଟା କେଉଁ ଆଦର୍ଶ ବା ଶିକ୍ଷା କିଛି ବୁଝାଯାଏନି । ମାତୃଭାଷାରେ ଶିକ୍ଷା ଦିଆଯିବାର ବ୍ୟବସ୍ଥା ବଡ଼ ଜୋର ସୋରରେ ଚାଲିଥିବାବେଳେ ନାଟ୍ୟକାରଙ୍କର ଏ ଅଯଥା ପ୍ରୟାସ କାହିଁକି ? ଅବଶ୍ୟ ବାସ୍ତବତା ଦୃଷ୍ଟିରୁ ସ୍ଥାନେ ସ୍ଥାନେ ଅନ୍ୟ ଭାଷାର କିଛି ଶବ୍ଦ ଦିଆଯାଇପାରେ । କିନ୍ତୁ ଅଭିନେତା ଓ ଅଭିନେତ୍ରୀଙ୍କ ମୁହଁରେ ଲମ୍ବା ଲମ୍ବା ବିଦେଶୀ ବାକ୍ୟ ଦିଆଯିବାର ମୂଲ୍ୟ କଣ ? ଏପରିକି ଗୋବରୀ ପରି କୁଲି ମୁହଁରେ ବି ଲମ୍ବା ଇଂରାଜୀ ବାକ୍ୟ ଦେବାକୁ ନାଟ୍ୟକାର ପଛେଇ ନାହାନ୍ତି । ସବୁଦିଗରୁ ବିଚାର କରି ଦେଖିଲେ ଜଣାଯାଏ ଯେ "ଗରିବ" ନାଟକ ହିସାବରେ ସଫଳ କି ମର୍ଯ୍ୟାଦା କିଛି ପାଏନି । ନୂତନ ଅଭିନେତା ଓ ଓ ଅଭିନେତ୍ରୀଗଣ ନାଟକଟିକୁ ଅବଶ୍ୟ ଯଥାଶକ୍ତି ରୂପ ଦେଇ ପାରିଛନ୍ତି ।

—*—

Digitized by srujanika@gmail.com



### ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ଜାତୀୟଚେତନା ଜଗାଇବା, ଶିଶୁ ସାହିତ୍ୟ ବଢ଼ାଇବା । ଚରିତ୍ର ଗଠନ ଓ ସ୍ୱାସ୍ଥ୍ୟ ଉନ୍ନତି ସାଧନ କରିବା । ୨ । 'ଉଦଳ'ର ମାଧ୍ୟମରେ ଶିଶୁମାନଙ୍କ ଭାବ ବିନିମୟ ମଧ୍ୟରେ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭୂମି ଓ ସାହିତ୍ୟ ପ୍ରତି ଶିଶୁମାନଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହସ ଓ ସତ୍ ଚିନ୍ତା ସାଧନାରେ ସେମାନଙ୍କୁ ଉଦ୍ବୁଦ୍ଧ କରିବା ।

(୧୮ ବର୍ଷରୁ ଊଣା ବାଳକ ବାଳିକା ମାନଙ୍କ ପାଇଁ)

## ବ୍ରିଗେଡ଼ିଅର ଉସମାନ

"ମୁଁ ଯାଉଛି—କିନ୍ତୁ ମୋର ଭୂମି ପାଇଁ ଆମେ ଲଢ଼ୁଛୁ ସେ ଭୂମି ଯେପରି ଶତ୍ରୁର କବଳକବଳିତ ନହୁଏ ।"—ଏହି ହେଉଛି ବ୍ରିଗେଡିଅର ଉସମାନଙ୍କର ଶେଷ ବାଣୀ । କାଶ୍ମୀର ଯୁଦ୍ଧରେ ସେନାପତି—କାଶ୍ମୀର ରକ୍ଷା ପର୍ବର ନଉଶେରା ଓ ଝାନଗରର ଯୁଦ୍ଧର ବିଜେତା ବୀର ଉସମାନ ଆଜି ଆଉ ନାହାନ୍ତି । ଯୁଦ୍ଧଭୂମିରେ ନିହତ ହୋଇ ସେ ସ୍ୱର୍ଗାରୋହଣ କରିଛନ୍ତି—ହତ୍ୱା ବା ପ୍ରାପ୍ସ୍ୟସେ ସ୍ୱର୍ଗଂ । ଶତ୍ରୁ ଅଜାଦ କାଶ୍ମୀର ସରକାର—ପାକିସ୍ଥାନର କୀଟା ମୁଣ୍ଡ ସରକାର ତାଙ୍କର ମଥାପାଇଁ ୫୦୦୦୦୦ଟ ପୁରସ୍କାର ଘୋଷଣା କରିଥିଲା । ଆଜି ଏ ଦେଶର ଶହୀଦଙ୍କୁ ସେ ବରଣ କରି ନେଇଛି । ପ୍ରାଣୀର ଅନ୍ତିମ ବାଣୀ ମରଣ କାଳରେ ଜଣା ଯାଇଛି—ତାଙ୍କର ସେ ଶେଷ ବାକ୍ୟ ପ୍ରତ୍ୟେକ ଭାରତବାସୀ ପକ୍ଷରେ ସତ୍ୟ ପାଇଁ ନ୍ୟାୟ ପାଇଁ ଦେଶ ପାଇଁ ଯୁଦ୍ଧ କଲାବେଳେ ମନ୍ତ୍ରବାଣୀ ହୋଇ ରହିବ ।

୩୬ ବର୍ଷର ଯୁବକ ଉସମାନ—ମୁସଲମାନ । ହିନ୍ଦୁ ମୁସଲମାନ ଦୁଇ ଜାତି ମତର ଘୋର ବିରୋଧୀ । ହିନ୍ଦୁ ମୁସଲମାନ ଶିଖ ଖ୍ରୀଷ୍ଟାନ ସବୁ ଧର୍ମର ସୈନ୍ୟମାନେ ତାଙ୍କୁ ଆପଣାର ପ୍ରିୟ ଉସ୍‌ମାନ ବୋଲି କହୁଥିଲେ । ସେ ଗର୍ବରେ ଗର୍ବିତ ଉସ୍‌ମାନଙ୍କର ଶରୀର ବକ୍ଷ ଆଜି ଶତ୍ରୁର ଗୁଳିକୁ ଛିନ୍ନ କରି କହୁଛି—ଗୋଟାଏ ଉସମାନର ଛାତିକି ଭାଙ୍ଗି ଏ ଦେଶର ଶହ ଶହ କୋଟି କୋଟି ଉସମାନଙ୍କର ଛାତି ଭାଙ୍ଗି ପାରିବ ନାହିଁ ! ଭାରତମାତା କୋଳରେ ଆଜି ଶହ ଶହ ଲକ୍ଷ ଲକ୍ଷ ଅସଂଖ୍ୟ ଉସମାନ—ପାକିସ୍ତାନର ଏପରି କୋଟି କୋଟି ୨୫ ପାଉଣ୍ଡିଆ ବମ୍ ଆଗରେ ପ୍ରାଣଦେଇ ଦେଖାଇ ଦେବେ—ଏ ଦେଶର ହିନ୍ଦୁ ମୁସଲମାନ ଏକ—ଏକ ଦେଶ ମାତୃକାର ସନ୍ତାନ । ପାକିସ୍ତାନର ଗୁଳିରେ ଏ ପ୍ରେମରେ ବନ୍ଧା ହୃଦୟ ଭିନ୍ନ ହେବା ଅସମ୍ଭବ ।

ଏ ଦେଶର ହିନ୍ଦୁ ମୁସଲମାନ ଯୁବକ ଆଗରେ ଉସମାନ ଚିରଦିନ ଆଦର୍ଶ ହୋଇ ରହିବେ । ତାଙ୍କର ସରଳ, ନିର୍ମଳ ଜୀବନ, ଯୋଦ୍ଧା ଓ ସଂଗ୍ରାମ ସମ୍ପର୍କର ଅନୁକରଣୀୟ । ସେନାପତି ଉଦାର, ଶ୍ରେଷ୍ଠ ଯୋଦ୍ଧା, ଧୀର, ନମ୍ର, ଦେଶଭକ୍ତ—ସୈନ୍ୟ ବିଭାଗରେ ଥାଇ ସେ ଅସାଧାରଣ ଜୀବନ ସଂଯତ—କୁମାର, ନିରାମିଷାଶୀ, କୌଣସି ପ୍ରକାର ନିଶା ଅଭ୍ୟାସରୁ ମୁକ୍ତ ଥାଇ ଅତି ସରଳ ହୋଇଲେହେଁ—ତାଙ୍କର ଆଦର୍ଶ ଅନୁସାରେ ଏ ଦେଶରେ ବହୁ ଉସମାନ ସୃଷ୍ଟି କରିବ କି କରିବ ।

ଯୁକ୍ତ ପ୍ରଦେଶରେ ଆଜମଗଡ଼ରେ ୩୬ ବର୍ଷ ତଳେ ତାଙ୍କର ଜନ୍ମ । ୨୧ ବର୍ଷ ବୟସରେ ସେ ସେଣ୍ଡହର୍ଷ୍ଟ ସାମରିକ କଲେଜରେ ଶିକ୍ଷାଲାଭ କରି କୃତିତ୍ୱ ଦେଖାଇଥିଲେ । ଭାରତର ପଶ୍ଚିମ ସୀମାନ୍ତ ରଣ ପ୍ରାଙ୍ଗଣରେ ସେ ବହୁ ସ୍ଥଳରେ ବୀରତ୍ୱ ଦେଖାଇ ୧୯୪୧ ରେ ମେଜର ହୋଇଥିଲେ । ଏବଂ ଜାପାନ ବିରୁଦ୍ଧରେ ପୂର୍ବ ରଣାଙ୍ଗନରେ ଯୁଦ୍ଧ କରିଥିଲେ । ୧୯୪୭ ରେ ଧମୀ ରେଜିମେଣ୍ଟରେ ସେ ୫୦ଯୁ କମାଣ୍ଡାର ହୋଇଥିଲେ । ଭାରତର ଦୁର୍ଭାଗ୍ୟ ଭାଗବଣ୍ଟାବେଳେ ସେ ମୁଲତାନରୁ ହିନ୍ଦୁ ଓ ମୁସଲମାନ ଶରଣାର୍ଥୀଙ୍କୁ ରକ୍ଷା କରି ସମସ୍ତଙ୍କର ଅଶେଷ ଆଶୀର୍ବାଦ ପାଇଛନ୍ତି । କାଶ୍ମୀର ଯୁଦ୍ଧରେ ତାଙ୍କର ବୀରତ୍ୱ ଗାଥା—ଦେଶର ସର୍ବତ୍ର ମୁଖରିତ । ହୋଇଛି ପଣ୍ଡିତ ନେହେରୁ, ସର୍ଦ୍ଦାର ପଟେଲ ଉଚ୍ଛ୍ୱସିତ ଭାଷାରେ ତାଙ୍କ ପ୍ରଶଂସା କରିଥିଲେ ।

ଉସମାନ ଯାଇଛନ୍ତି । ସତ୍ୟପାଇଁ ନ୍ୟାୟପାଇଁ ଦେଶପାଇଁ ଜୀବନ ଦେବାର ଭାର ସେ ଦେଇଛନ୍ତି—ଏ ଦେଶର ଏକପ୍ରାଣ ହିନ୍ଦୁ, ମୁସଲମାନ ଭାଇମାନଙ୍କ ଉପରେ ।

**ଜୟ ହିନ୍ଦ୍ ଜୟ ଉସମାନ ।**

## ଅବସର ବିନୋଦନ ନଂ ୧୦

କିନୋହି ଆମର ଅନେକ ସେହି,
ପଢ଼ିଦେଲେ ଶୁଣା ଯିବ ବୁଝାଇ ।
ପ୍ରଥମ ଅକ୍ଷର ଲୋପ କରିଣ,
ପଢ଼ିଲେ ଶିବଙ୍କୁ ବୁଝାଏ ଜାଣ ।
ଦ୍ୱିତୀୟ ଅକ୍ଷର ଲୋପ କରିଲେ,
କିଛି ବୁଝାଇ ଦେବ ସେ ବଳେ ।
ଦ୍ୱିତୀୟ ତୃତୀୟ ଓଲଟି ପଢ଼,
ଗୁଣିନ ପାରିବୁ ରହିବ ଗୋଡ଼ ।
ପ୍ରଥମ ତୃତୀୟ କାଟିଲେ ଲୋପ,
ସତେ ମଜେ ଦେଇ ଦେବ ଜବାବ ।
କୁହ ନାଗଭୁଇ କଣ ନାମ ଏହି,
ଜୟ ହିନ୍ଦ 'ଶିତା' ବଦା ମାଗଇ ।

ଶ୍ରୀ ପୀତାମ୍ବର ମିଶ୍ର ଶର୍ମା

୧୫-୮-୪୮ ତାରିଖ ଭିତରେ ଉତ୍ତର ପଠାଅ ।

୧୧ ନମ୍ବର ଅବସର ବିନୋଦନର ଉତ୍ତର—'ସୁଖାକର'— ୧୦୦୨, ୧୦୦୩, ୮୦୨କ ଉତ୍ତର ଠିକ୍ ।

—*—

୭୬ ପୃଷ୍ଠାରେ ପ୍ରକାଶିତ

### ଚାଲାକି ପ୍ରଶ୍ନର ଉତ୍ତର

ସେ ଲୋକଟି ପଇସାରେ ୧୧୬ କଇଁ କିଣିଥିଲା ।

ସେ କ, ତାକୁ ପଇସାଟର ନେଲା ଏବଂ ୯ ଟି କଇଁରୁ ତାହାକୁ ଛାଡଦେଇ ଚାଲିଗଲା । ସେହିପରି ୫ ତାକୁ ପୁର ପଇସାର କଇଁଲା ୯ ଟି କଇଁରୁ ତାକୁ ନେଲା ନାହିଁ । ଏହିପରି ଭାବରେ ସେ କ, ଖ, ଗ, ଘ, ଙ, ଚ, ଛ ଓ ଜ ତାରୁ ଯଥାକ୍ରମେ ୧, ୨, ୩, ୪, ୫, ୬, ୭, ୮, ଓ ୯ ପଇସାର କୋଳି ନେଲା । ସେ ଦେବା ପରେ ସେମାନଙ୍କ ପାଖରେ ଯାହା ରହିଲା ସେମାନେ ସେଗୁଡ଼ିକୁ ପଇସାରେ ଗୋଟିଏ ଲେଖାଏଁ ବିକ୍ରୀ କଲେ । ତେଣୁ ପ୍ରତ୍ୟେକଙ୍କର ପଇସା ସମାନ ହେଲା ।

୧୦୨୩, ୧୦୦୫, ଓ ୨୦୦୩ ଙ୍କ ଉତ୍ତର ଠିକ୍ ।

Digitized by srujanika@gmail.com

# ଉଗାର



## ଅଜାଙ୍କ ଉତ୍ତର

ବୈଦ୍ୟନାଥ— ପୁରାତନ ନାଗମାନଙ୍କର ସଂଘ ବା ଜାତୀୟ ସମାଜ ସମ୍ବନ୍ଧରେ ସମ୍ପାଦକ ଯଥା ସାଧ୍ୟ ସାହାଯ୍ୟ କରିବେ । ସୁନ୍ଦର ନାମ ଗୋଟିଏ ବାଛିବାକୁ ହେବ । କିନ୍ତୁ ଏ ସମ୍ବନ୍ଧରେ କେତେକ ଯୁବକ ବାହାରି ପଡ଼ । ପ୍ରଧାନ ସ୍ଥାନ ମାନଙ୍କରେ ଆଗେ ଛୋଟ ଛୋଟ ସଂସଦ ଗଢ଼ । ମୋର ମନେହୁଏ ଉଗରର ମୂଳମନ୍ତ୍ର—ସତ୍ୟ ସେବା ଓ ସାହସକୁ ଧରି ଗାନ୍ଧୀ କଳ୍ପିତ ସମାଜ ଗଠନ ଦିଗରେ ଯେଉଁ ଯୁବକ ମାନେ ଏକଜୁଟ ହେବେ ସେମାନଙ୍କୁ ନେଇ ସଂସଦ ଗଢ଼ାହେଉ । ଉଗରରେ କେବଳ ଗୋଟିଏ ସ୍ତମ୍ଭ । ନୁହେଁ—ସାରା ଉଗରକୁ ତାଙ୍କର ମୁଖପତ୍ର କରି ଦେବାରେ ସମ୍ପାଦକଙ୍କର ଆପତ୍ତି ନାହିଁ ।

ବ୍ରଜ ( ୧୦୨୩ )—ତମେ ଖଦଡ଼ ଲୁଗାର କାର୍ଡ ପାଇଁ ଶ୍ରୀ ଭକ୍ତବତ୍ସଳ ବ୍ୟାସ, ବାଣୀଶ୍ରମ, ପୋ: ଭଦ୍ରକଙ୍କୁ ଲେଖ । ତମେ ମାସକୁ ୭୨ ଗୁଣ୍ଡି ସୂତା କାଟ ବୋଲି ପ୍ରମାଣ ଦେବାକୁ ହେବ ।

ଦିବାକର [ ୯୭୨ ]—ମନୁଷ୍ୟର ସମାନ ଅଧିକାର ଅର୍ଥ ନୁହେଁ ଅନଧିକାର ଚର୍ଚ୍ଚା ବା ଆଚରଣ କରିବା । ଯାହାର କ୍ଷମତା ଯେତିକି ସେ ତଦନୁଯାୟୀ କାର୍ଯ୍ୟ କରିବ ଏବଂ ସମାଜର ଅମଙ୍ଗଳ ନହେବା ଭଳି କାମ କରିବାକୁ ତାକୁ ସ୍ୱାଧୀନତା ମିଳିବ । ମାତ୍ର ଅନଧିକାର ଚର୍ଚ୍ଚା ଦୂଷଣୀୟ ।

ଶିଶିର [ ୧୦୦୨ ] ଯେଉଁ କଂଗ୍ରେସ ବାଲାମାନେ ଟୋପି ପିନ୍ଧୁଛନ୍ତି ସେମାନେ ଗାନ୍ଧୀଙ୍କ ଦେଖା ଶିଖା ତା କରୁନାହାନ୍ତି । ସେଟା ଗୋଟାଏ ଫେସନ ହେବାକୁ ଯାଉଛି ।

ବଦ୍ରୀନାରାୟଣ ( ୧୦୪୩ ) ବ୍ୟାକରଣ ଅନୁସାରେ 'ଦାତ୍ୟତା ଭକ୍ତ' ଭୁଲ । କାରଣ ଦୃଢ଼ର ବିଶେଷ୍ୟ ଦାର୍ଢ୍ୟ, ପୁଣି ବିଶେଷଣାତ୍ମକ 'ତା' ପ୍ରତ୍ୟୟର ଅବଶ୍ୟକତା ନାହିଁ । କିନ୍ତୁ ପ୍ରଚଳିତ ଭାଷାକୁ ଗ୍ରହଣ କରିବାକୁହିଁ ପଡ଼ିବ ।

—ଜି—

## ସୂତ୍ର ଯଜ୍ଞ

କଟାଳି ନମ୍ବର ୧୨—ବ୍ରଜକିଶୋର ପରିଡ଼ା—୧୦୨୩

କଟାଳି ନଂ ୧୩—ଗିରୀଶଚନ୍ଦ୍ର ଦାସ ( ୧୦୮୨ )

—*—

## ସାଧାରଣ ଜ୍ଞାନ

୧—S. O. S. କଣ ?

୨ । ସୁନା ତରଳାଇବା ପାଇଁ କେତେ ଉତ୍ତାପ ଦରକାର ?

୩। ଅସ୍ତ୍ର ଚିକିତ୍ସାରେ କ୍ଲୋରଫର୍ମ ବ୍ୟବହାର କାହା ଦ୍ୱାରା ପ୍ରବର୍ତ୍ତିତ ହେଲା ?

୪ । Standard time କାହାକୁ କହନ୍ତି ?

୫ । କୁକୁର ଦେହରୁ ଝାଳ ବହେ କି ?

୬ । କେଉଁ ଦେଶର ବିରାଡ଼ିକୁ ଲୋକେ ପୂଜା କରନ୍ତି ?

୭ । ସର୍ବକାଳ ସନ୍ତରଣରେ ପୃଥିବୀରେ କିଏ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିଲେ ? ଓ କେତେ ସମୟ ?

୮ । ଭାରତୀୟ କଂଗ୍ରେସର ପ୍ରଥମ ପ୍ରେସିଡେଣ୍ଟ କିଏ ?

### ଉତ୍ତର

୧ । ସମୁଦ୍ରରେ ହଠାତ୍ କୌଣସି ବିପଦ ଉପସ୍ଥିତ ହେଲେ ଜାହାଜର ବିପଦ ଜଣାଇବାର ସଙ୍କେତ ।

୨। ୧୦୬୦° ସେଣ୍ଟିଗ୍ରେଡ୍ ଉତ୍ତାପ ।

୩ । ଜେମସ୍ ସିମ୍ପସନ୍

୪ । କଲିକତା ସମୟର ୨୪ ମିନିଟ ଊଣାରେ ଯେଉଁ ସମୟ ଭାରତରେ ଚଳେ ।

୫ । ନା, ଏହାର ଝାଳ ଜିଭରୁ ବହେ ।

୬ । ଇଜିପ୍ଟ ଦେଶରେ ।

୭ । ରବୀନ୍ଦ୍ର ଚଟ୍ଟୋପାଧ୍ୟାୟ । ୧୯ ଘଣ୍ଟା ୨ ମିନିଟ

୮ । ଉମେଶ ଚନ୍ଦ୍ର ବନ୍ଦୋପାଧ୍ୟାୟ (୧୮୮୫)

(ଶ୍ରୀ ଜ୍ଞାନେନ୍ଦ୍ର ଦାଶ ୯୬୮)

## ନୂଆ ନାଗଙ୍କ ନାମ

୧୦୪୨ ବଦ୍ରୀ ନାରାୟଣ ସିଂହ C/o ନରେନ୍ଦ୍ର କୁମାର ସିଂହ ରାମବାଗ ହାଇ ଇଂ ସ୍କୁଲ ୧୧ ଶ ଶ୍ରେଣୀ । ୧୦୪୪ ବିଜୟ କୁମାର ଦାସ ବାଲେଶ୍ୱର ଜିଲ୍ଲା ସ୍କୁଲ ଏକାଦଶ ଶ୍ରେଣୀ ( ସ୍ଥାୟୀ ) । ୧୦୪୫ ବିନୋଦ ରାଉତରାୟ ଶାଳେପୁର ହାଇସ୍କୁଲର ଛାତ୍ର ପୋ: ସାଲେପୁର ଜି: କଟକ । ୧୦୪୬ ଊର୍ମିଳା କୁମାରୀ ରାଉତରାୟ C/o କୁଞ୍ଜ ବିହାରୀ ରାଉତରାୟ କାଳିକା ପୁର ପୋ: ମୁକୁନ୍ଦହାଟ ଶାସନ ଜି: କଟକ । ୧୦୪୭ ଶ୍ରୀ ଗୋପୀନାଥ ପଟ୍ଟନାୟକ ହିଞ୍ଜିଳିକାଟୁ ହାଇସ୍କୁଲ ପୋ: ହିଞ୍ଜିଳିକାଟୁ ଜି: ଗଞ୍ଜାମ । ୧୦୪୮ ଶ୍ରୀ ଅମୂଲ୍ୟ କୁମାର ପଣ୍ଡା ବାରିପଦା ଉ: ଇଂ ସ୍କୁଲ ୯ମ ଶ୍ରେଣୀ ( କ ) ପୋ: ବାରିପଦା ମୟୂରଭଞ୍ଜ ଷ୍ଟେଟ ( ସ୍ଥାୟୀ ) । ୧୦୪୯ ଚିତ୍ତରଞ୍ଜନ ଦାସ, ବାରିପଦା ୯ମ ଶ୍ରେଣୀର ଛାତ୍ର ନୂତନ ଛାତ୍ରାବାସ ଅଷ୍ଟମ ପ୍ରକୋଷ୍ଠ । ୧୦୫୦ କୁମାର ହରେକୃଷ୍ଣ ନାୟକ ଗ୍ରାମ ଓ ପୋ: ଜଗତପୁର ମଂସାହିଗଳି ପୋ: ଜଗତପୁର କଟକ ।

### ନାଗବନ୍ଧୁ କୁପନ

ମୁଁ ଜଣେ ନାତି/ନାତୁଣୀ ହେବାକୁ ଚାହେଁ । ମୋର ବୟସ ୧୮ ବର୍ଷରୁ କମ୍ । ମୋର ଜନ୍ମ—ତା । । ମସିହା ମୁଁ ସତ୍ୟ ସାହାସ ସେବା ଓ ଅହିଂସା ପାଳନ କରିବାକୁ ଯତ୍ନ କରିବି । ଦୟା କରି ନାଗବନ୍ଧୁ ଦଳରେ ମୋ ନାମ ଲେଖାଇ ଦେବେ । ମୁଁ ଏଥିସହ

ବାର୍ଷିକ ଚାନ୍ଦା ୦ ୦ ୮
ସ୍ଥାୟୀ ଚାନ୍ଦା ୦ ୦ ୪ .ର ଡାକଟିକଟ ପଠାଇଲି ।

ତୁମ ସ୍ନେହର ନାତି/ନାତୁଣୀ

ଠିକଣା ____________________

ତାରିଖ ____________________

* ଏହି କୁପନ ନକଲ ସାଦା କାଗଜରେ କରି ପଠାଇଲେ ଚଳିବ ।

Digitized by srujanika@gmail.com

# ଚିଠିପତ୍ର

## ନୀଳଗିରି ଓ ଅନ୍ୟାନ୍ୟ ଗଡ଼ଜାତ ଶାସନ

ମାନନୀୟ ସଂପାଦକ ମହାଶୟ,

ଆଜି କାଲିର ପ୍ରଧାନ ନେତା ଓ ଶାସନ ଭାର ପ୍ରାପ୍ତ କର୍ମକର୍ତ୍ତାମାନେ ଲୋକ ସାଧାରଣଙ୍କର ପ୍ରକୃତ ମନୋଭାବକୁ ଗୁପ୍ତି ଦେଇ ନାନାଦି ଅମୂଳକ ଅସାର ପ୍ରଚାର ମୂଳେ ଦେଶର ନିଃସହ ଲୋକସାଧାରଣଙ୍କୁ ଯେପରି ଭ୍ରାନ୍ତ ପ୍ରତାରିତ କରୁଛନ୍ତି ତାହାର ବିଷମୟ ପରିଣାମ ସର୍ବସାଧାରଣଙ୍କୁ ଦିନେ ଅବଶ୍ୟ ଭୋଗିବାକୁ ପଡ଼ିବ । ଓଡ଼ିଶାର ସମୂହସ୍ୱାର୍ଥ ଦୃଷ୍ଟିରୁ ଓଡ଼ିଶା ଗଡ଼ଜାତ ମାନଙ୍କର ହିତକାମୀ ମାନ୍ୟଗଣ୍ୟ ବ୍ୟକ୍ତିମାନେ ନିମ୍ନଲିଖିତ ବିଷୟ ଜାଣିପାରିଲେ ଦେଶର ବିଶେଷ ଉପକାର ହେବ । ତେଣୁ ଅନୁରୋଧ ଆପଣଙ୍କ 'ଡଗର'ରେ ଏହା ପ୍ରକାଶ କରି ବାଧିତ କରିବେ ।

ତା ୨୪ । ୬ । ୪୮ ରିଖର ଟୋଭନ୍ତି ସମ୍ବାଦ ପତ୍ରରେ ଶ୍ରୀଯୁକ୍ତ ସୁଧୀରଚନ୍ଦ୍ର ଘୋଷଙ୍କର ନୀଳଗିରି ଗସ୍ତ ସମ୍ବନ୍ଧେ କେତେକ ସମ୍ବାଦ ପ୍ରକାଶ ପାଇଛି । ଅନେକ ଗାଁ ବୁଲିବା, ଭିନ୍ନ ଭିନ୍ନ ଗାଁରେ ସଭା, ଅତୀତ ଅତ୍ୟାଚାରର କରୁଣ କାହାଣୀ, ଆଦିବାସୀମାନେ କଂଗ୍ରେସ ପଛରେ ଅଛନ୍ତି ଇତ୍ୟାଦି ଉଲ୍ଲେଖ ଅଛି । କେଉଁ କେଉଁ ଗାଁ ବୁଲିଥିଲେ, କେଉଁ ଲୋକଠାରୁ କାହାଣୀ ଶୁଣିଲେ ଏହା ପ୍ରକାଶ କରିଥିଲେ କଥାଟା ସାଧାରଣଙ୍କୁ ବିଶେଷତଃ ନୀଳଗିରି ପ୍ରଜାଙ୍କୁ ପରିଷ୍କାର ହୋଇଥାନ୍ତା । ନୀଳଗିରିରେ ଜମିଦାରିବା ପୁଞ୍ଜିପତି ନଥିଲେ କି ନାହାନ୍ତି । ଏପରିସ୍ଥଳେ ସୁଧୀରବାବୁଙ୍କର ତତ୍‌ସମ୍ବନ୍ଧୀୟ ଭାଷଣ ଲୋକେ ହାସ୍ୟାସ୍ପଦ ମନେ କରୁଛନ୍ତି । ଯାହାହେଉ ସୁଧୀରବାବୁଙ୍କ ପ୍ରକାଶିତ ସମ୍ବାଦରେ ନୀଳଗିରି ପ୍ରଜାଙ୍କର ବର୍ତ୍ତମାନଙ୍କ ଅବସ୍ଥା ରଅଦୌ ଲେଶ ନାହିଁ । ଅପରନ୍ତୁ ତଦ୍ୱାରା ଓଡ଼ିଶାର ସାଧାରଣଙ୍କ ମନରେ ସମ୍ପୂର୍ଣ୍ଣ ଭ୍ରାନ୍ତ ଧାରଣା ଉପୁଜିବ ।

ସ୍ୱାଧୀନ ଯୁଗର କର୍ମଗୃହୀମାନେ ଭିନ୍ନ ଦୃଷ୍ଟିକୋଣରେ ପ୍ରତ୍ୟେକ ବିଷୟ ଦେଖିବା ଉଚିତ । ଅର୍ଥାତ୍—ଲୋକହିତ ଦୃଷ୍ଟିରୁ ଲୋକ ସେବା ହିସାବରେ କର୍ମଗୃହୀ ମାନଙ୍କର ପ୍ରତ୍ୟେକ କାର୍ଯ୍ୟ ନିୟନ୍ତ୍ରିତ ହେବା ଉଚିତ । କର୍ମଗୃହୀମାନେ ସର୍ବାଦୌ ବର୍ତ୍ତମାନର ବାସ୍ତବ ଘଟଣା ଓ ଅବସ୍ଥା ପ୍ରତି ଧ୍ୟାନ ଦେବା ଏକାନ୍ତ ଦରକାର । ଓଡ଼ିଶା ସରକାରଙ୍କ ପରିଚାଳନାରେ ନୀଳଗିରି ପ୍ରଜାମାନେ ଯେ କେତେଦିନ ରହିଲେ ସେହି ସମୟ ମଧ୍ୟରେ ପ୍ରଜାମାନଙ୍କର ସୁବିଧା ଅସୁବିଧା କଅଣ ଘଟିଛି—ସେମାନେ ପୂର୍ବାପେକ୍ଷା ଶାନ୍ତି ସୁଖରେ ଅଛନ୍ତି କି ନା ଏଥିପ୍ରତି ସୁଧୀର ବାବୁଙ୍କର ବିଶେଷ ଲକ୍ଷ୍ୟ ଦେବାର ଥିଲା । ତଦ୍ରୂପ ଲକ୍ଷ୍ୟ ଦେଇଥିଲେ ସେ ସହଜେ ବୁଝି ପାରିଥାନ୍ତେ ଯେ ଓଡ଼ିଶା ସରକାର ନୀଳଗିରି ଶାସନଭାର ଗ୍ରହଣ କଲା ପରେ ନୀଳଗିରିର ସାଧାରଣ ଅଜ୍ଞତାରେ, ଜନମତ ଉପେକ୍ଷା କରି, ସାଧାରଣ ସ୍ୱାର୍ଥ ବିରୁଦ୍ଧେ ନାନାଦି ପରିବର୍ତ୍ତନ ମୂଳେ ଯେପରି ଶାସନ ଚାଲିଛି ସେଥିରେ ଲୋକସାଧାରଣଙ୍କର ଆତଙ୍କ ଓ ଅସନ୍ତୋଷ ପୂର୍ବାପେକ୍ଷା ଦଶଗୁଣ ବୃଦ୍ଧି ପାଇଛି । ନିଃସହ ପ୍ରଜାଙ୍କର ସ୍ୱାର୍ଥ ଓ ସ୍ୱାଧୀନତାକୁ ପଦଦଳିତ କରି କେତେକ ସ୍ୱାର୍ଥ ଭୋଗୀ ତଥାକଥିତ ନେତା (ଦଲାଲ)ଙ୍କ ସାହାଯ୍ୟରେ ଏଠି ଯେଉଁ ଶାସନ ଚାଲିଛି ତାହା ଫଳରେ ପ୍ରଜାମାନଙ୍କ ମଧ୍ୟରେ ଯେଉଁ ଚାଞ୍ଚଲ୍ୟ ଓ ଅଶାନ୍ତି ସୃଷ୍ଟି ହୋଇଛି ତାହା ଓଡ଼ିଶା ତଥା ଗଡ଼ଜାତ ମାନଙ୍କର ପ୍ରକୃତ ହିତୈଷୀମାନେ ଯଥାଯଥ ଜାଣି ଶୀଘ୍ର ସମାଧାନର ପ୍ରୟାସୀ ନହେଲେ ନୀଳଗିରିର ଗରିବ ପ୍ରଜାମାନେ ଚିରଦିନ ପାଇଁ ନିଷ୍ପେଷଣ ହେବେ ।

ନୀଳଗିରିର ବର୍ତ୍ତମାନ ପ୍ରଜାମଣ୍ଡଳ ସଭା ଓ ସରକାରଙ୍କର ପରାମର୍ଶଦାତା କମିଟିର ସଭ୍ୟମାନେ ଯଥାର୍ଥ ଲୋକ ପ୍ରତିନିଧି ନୁହଁନ୍ତି । ସେମାନଙ୍କ ଠାରୁ ସଠିକ ସମ୍ବାଦ ମିଳିବା ସନ୍ଦେହ ଜନକ । ତେଣୁ ସେମାନଙ୍କର ସମ୍ବାଦ ତା ପ୍ରଚାର ଦ୍ୱାରା ଓଡ଼ିଶାର ସାଧାରଣ ପରିଚାଳିତ ନ ହୋଇ ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ । ଇତି ମଧ୍ୟରେ ପ୍ରଜାମାନଙ୍କର କେତେକ ଆପତ୍ତି ମାନ୍ୟବର ପ୍ରଧାନ ମନ୍ତ୍ରୀଙ୍କ ନିକଟକୁ ତାରଯୋଗେ ପଠା ଯାଇଛି ।

ନୀଳଗିରିର ସମଗ୍ର ଅଞ୍ଚଳରେ ସଭା ସମିତି ସମ୍ବନ୍ଧେ ନିଷେଧାଜ୍ଞା ଅନିର୍ଦ୍ଦିଷ୍ଟ କାଳ ପାଇଁ ଜାରି କରା ଯାଇଛି । ତଦ୍ୱାରା ଲୋକମାନଙ୍କ ମତକୁ ଜବରଦସ୍ତି ଦାବି ରଖା ଯାଇଛି—ଏଣେ ସାଧାରଣଙ୍କ ସ୍ୱାର୍ଥ ବିରୁଦ୍ଧେ ନାନାଦି ପରିବର୍ତ୍ତନ ଚାଲିଛି । ଏ ଶାସନକୁ କତନ୍ତ୍ର—ଗଣତନ୍ତ୍ର ବା ଜୁଲମତନ୍ତ୍ର କୁହାଯିବ ଏହା ସାଧାରଣ ହୃଦୟଙ୍ଗମ କରିବା ଉଚିତ । ଇତି ।

ଶ୍ରୀ ତୈଲଙ୍ଗ ନାଥ ଦେ ବି.ଏସ୍‌ସି, ବିଏଲ୍‌:
ପୋଃ ରାଜନୀଳଗିରି ।

—*—

## ଓଡ଼ିଆ ଭାଷାର ବିପତ୍ତି

ପ୍ରିୟ ସଂପାଦକ ମହାଶୟ !

ସମ୍ବାଦ ପତ୍ର ମାନଙ୍କରୁ ପ୍ରକାଶ ଯେ, ମାନ୍ୟବର ମହତାବ ବାବୁଙ୍କର କୋରାପୁଟ ଗସ୍ତର ଜୟପୁର ବୋର୍ଡ଼ ହାଇସ୍କୁଲ ପରିଦର୍ଶନ ବେଳେ ସେଠାରେ ପ୍ରଚଳିତ ଓଡ଼ିଆ ଓ ତେଲୁଗୁ ଛାତ୍ରଙ୍କ ପାଇଁ ପୃଥକ ଶ୍ରେଣୀ ବିଭାଗକୁ ସମାଲୋଚନା କରି ଉଭୟ ଭାଷା ଭାଷୀ ଛାତ୍ରଙ୍କୁ ଏକାଠି କରି ଶିକ୍ଷା ମାଧ୍ୟମ ଇଂରାଜୀ କରିବାକୁ ମତ ଦେଇଛନ୍ତି । ଭାରତର ସ୍ୱାଧୀନତା ହାସଲ ପରେ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟ ନିଜ ନିଜ ପ୍ରାଦେଶିକ ମାତୃଭାଷାକୁ ଶିକ୍ଷା ମାଧ୍ୟମ ରୂପେ ପ୍ରଚଳିତ କରିବାକୁ ଯାଉଥିବା ସ୍ଥଳେ, ଭାରତ ସରକାରଙ୍କର ଏଭଳି ସ୍ପଷ୍ଟ ନୀତି ଘୋଷିତ ହୋଇଥିବା ସ୍ଥଳେ ଜଣେ ପ୍ରଧାନ ମନ୍ତ୍ରୀଙ୍କ ମୁହଁରୁ ଏଭଳି ଯୁକ୍ତି ବାହାରିବା ଯେଉଁଭଳି ଆଶ୍ଚର୍ଯ୍ୟ ଜନକ, ସେଭଳି ଦୁଃଖ ଓ କ୍ଷୋଭର ବିଷୟ ତଥା ପ୍ରାଦେଶିକ ସ୍ୱାର୍ଥପକ୍ଷେ ଘୋର କ୍ଷତି କାରକ ।

ଏକେତ ଓଡ଼ିଶାର ତଥାକଥିତ ଲୋକପ୍ରିୟ ସରକାର ଏହି ଜିଲ୍ଲାରେ ଲୋକମତର ଭୀଷଣ ପ୍ରତିରୋଧ ସତ୍ତ୍ୱେ ଓଡ଼ିଆ ଓ ତେଲୁଗୁ ଉଭୟ ଭାଷାକୁ କଚେରୀ ଭାଷା କରି ରଖିଛନ୍ତି । ଏଣେ କୋରାପୁଟ ଜିଲ୍ଲାବୋର୍ଡ଼ ଗୋଟିଏ ପ୍ରସ୍ତାବ ଗ୍ରହଣ କରିଛନ୍ତି ଯେ, ଏକ ଭାଷା ଭାଷୀ ସେକେଣ୍ଡାରୀ ଶିକ୍ଷକ ମାନେ ଅନ୍ୟ ଭାଷାର ପରୀକ୍ଷା ଉତ୍ତୀର୍ଣ୍ଣ ନ ହେଲେ ସେମାନଙ୍କୁ ସ୍ଥାୟୀ କରାଯିବ ନାହିଁ । ଏହି ଜିଲ୍ଲା ଓଡ଼ିଶାରେ ଥିବାସତ୍ତ୍ୱେ ଓଡ଼ିଆ ଶିକ୍ଷକମାନଙ୍କୁ ତେଲୁଗୁ ଟେଷ୍ଟ ପାସ୍ କରିବାକୁ ବାଧ୍ୟ କରାଯାଉଥିବା ବଡ଼ ପରିତାପର ବିଷୟ ।

ମହାକ୍ରାନ୍ତ୍ୟୁତ ନାମରେ ସଂଖ୍ୟାଲଘିଷ୍ଠଙ୍କ ସ୍ୱାର୍ଥ ରକ୍ଷା କଲେ କି ଚାକିରୀ ସମାସ୍ୟାରେ, କି ଭାଷା ସମାସ୍ୟାରେ, କି ଶୁଲ୍କର ବାହାରରେ, କି ପ୍ରଦେଶ ବାହାରକୁ ଚାଉଳ ରପ୍ତାନି କରିବାରେ ସବୁ ଦିଗରେ ଆମର ବର୍ତ୍ତମାନ ସର୍କାର ଓଡ଼ିଆଙ୍କ ସ୍ୱାର୍ଥ ବଳି ଦେଇଛନ୍ତି ଓ ଦେଉଛନ୍ତି ।

ଯଦି ଆମର ପଡ଼ୋଶୀ ସରକାରମାନେ ଓଡ଼ିଆଙ୍କୁ ସେହି ସୁବିଧା ଦେଉଥାନ୍ତେ ତାହା ହେଲେ କିଛି କହିବାର ନଥିଲା । କିନ୍ତୁ ଆମର ପଡ଼ୋଶୀ ସରକାରମାନେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଏକାବେଳେକେ ମୂଳୋତ୍ପାଟନ କରିବା ନୀତି ଯାହା ଧରିଛନ୍ତି, ସେଥିରେ ଆମର ପ୍ରବାସୀ ଲକ୍ଷ ଲକ୍ଷ ଓଡ଼ିଆ ଭାଇଙ୍କର ଦଶା ଯେ କଣ ହେବ କହିହେବ ନାହିଁ ।

କୋରାପୁଟ ଓ ଗଞ୍ଜାମ ଆନ୍ଧ୍ରପ୍ରଦେଶକୁ ଗଲାପରି ବୋଲି ଯେଉଁ ଚନରବ ଶୁଣାଯାଉଛି, ମାନ୍ୟବର ମହତାବଙ୍କର ଏହି ଉକ୍ତି ସେ ଆଶଙ୍କା ଅଧିକ ଦୃଢ଼ୀଭୂତ କରି ଦେଉଛି । ଯଦି ଆମ ସରକାରଙ୍କର ଏହି ନୀତି ହୁଏ, ତାହା ହେଲେ କୋରାପୁଟ ବାସୀ ଓ ଓଡ଼ିଆଙ୍କୁ ବାଧ୍ୟହୋଇ ଆନ୍ଧ୍ର ବୋଲି ପରିଚୟ ଦେବାରେ ବୋଧହୁଏ ଆଉ ବିଳମ୍ବ ନାହିଁ ।

ପୁଣି ପ୍ରକାଶ ଯେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ମାନ୍ୟବର ମହତାବଙ୍କୁ ଡ଼ାକ୍ତର ଉପାଧି ଦେବାକୁ ଯାଉଛନ୍ତି । ନୂତନ ଆନ୍ଧ୍ର ପ୍ରଦେଶକୁ, ଗଞ୍ଜାମ ଓ କୋରାପୁଟ ଜିଲ୍ଲା ଟାଣିନେବାକୁ ଏ ଗୋଟିଏ ସୁନ୍ଦର ନୂତନ ଚାଲି ନୁହେଁତ ?

ଇତି

ଜୟପୁର
୧୦ । ୭ । ୪୮

ଆପଣଙ୍କର
ଶ୍ରୀ ଅଗାଧୁ ମିଶ୍ର

—*—

Digitized by srujanika@gmail.com

## ଉତ୍କଳର ଶ୍ରେଷ୍ଠ "ଦାନ !"

କଲିକତା ଆୟୁର୍ବେଦୀୟ କଲେଜର ଗବେଷଣା ରସାୟନର
ଅଭୂତପୂର୍ବ ଅବଦାନ

**ଆୟୁର୍ବେଦୀୟ ମୁଣ୍ଡିଲ୍ ଫାର୍ମେସିର ଜ୍ୱରାନ୍ତକ ରସ**

ଏହା ଭାରତର ନିଜସ୍ୱ ଫଳ ଓ ଚେରମୂଳରୁ ତିଆରି ପ୍ରସ୍ତୁତ। କୁଇନାଇନ ଠାରୁ ଶତଗୁଣ ଶକ୍ତିଶାଳୀ ଓ ଏଥିରେ ଖରାପ ଗୁଣ କିଛି ନାହିଁ ଏଭଳି ବଡ଼ ଜ୍ୱରନାଶକ ଔଷଧ ଅଦ୍ୟାବଧି ଆବିଷ୍କୃତ ହୋଇ ନାହିଁ ! ସାତଟି ଟିକିକାରେ ସମ୍ପୂର୍ଣ୍ଣ ଜ୍ୱର ଛାଡ଼ି ଯାଇଥାଏ। ଏକ ବର୍ଷ ସଦାଚେ ଜ୍ୱର ଆସେ ନାହିଁ। ପଥ୍ୟାପଥ୍ୟର ବାଛବିଚାର ନାହିଁ।

**କୁଷ୍ଠଲୀନ**

### ଚର୍ମ ରୋଗର ଅବ୍ୟର୍ଥ ଔଷଧ

ଦାଦୁ, କୁଣ୍ଡିଆ, ଖାଦ୍ଦୁ, ଖଉଜା, ପାଚିଲା ଓ ସମସ୍ତ ପ୍ରକାର ଚର୍ମ ରୋଗ ଅଳ୍ପ ସମୟରେ ନାଶ କରି ଚର୍ମକୁ ଦାଗ ନିର୍ଦ୍ଦୋଷ କରେ।

କେଶ ଓ ମସ୍ତିଷ୍କର ପରିପୋଷକ ସାର୍ବଜନୀନ ସମାଦୃତ ସାରା ଜଗତଠାରେ
ଆଧୁନିକର ଅଦ୍ୱିତୀୟ ପ୍ରସାଧନ ଓ ପରିଶୋଧନ ସମ୍ଭାର
ସୁବାସିତ ପୋଷକ ତେଲ

**ସାର୍ଥିକା**

ଚୋଖି ଚେତନା ଏବଂ ମେଧା ଶକ୍ତି ବଢ଼ାଏ,
ସ୍ନାୟୁ ସୁସ୍ଥ, ସବଳ ପେଶୀ, ଉଜ୍ଜ୍ୱଳ ଚେହେରା।
ସୁନ୍ଦର ଓ ସ୍ୱାସ୍ଥ୍ୟପ୍ରଦ, ସୁଗନ୍ଧିତ ତୈଳ।
ବାଳରେ ଲଗାଇଲେ କେଶ ମନୋହର, ସ୍ନିଗ୍ଧ, କୋମଳ
ଓ ମସ୍ତିଷ୍କକୁ ଶୀତଳ ଏବଂ ପ୍ରଫୁଲ୍ଲିତ କରେ !
ଚିକ୍କଣ, କୋମଳ, ଭ୍ରମର କୃଷ୍ଣ, ଚମତ୍କାର ଦାମ।

**ନୈମସୁଧା**

ବା NECTORUM.

ପ୍ରମେହ ରୋଗର ଅବ୍ୟର୍ଥ ଔଷଧ—ଦ୍ରାବିତ ସ୍ୱର୍ଣ୍ଣରୁ ପ୍ରସ୍ତୁତ
ଏହା ପ୍ରମେହ, ଶୁକ୍ର ତାରଲ୍ୟ ଓ ତଜ୍ଜନିତ ଯାବତୀୟ ଉପସର୍ଗ, ସ୍ୱପ୍ନଦୋଷ ଇତ୍ୟାଦି ସମସ୍ତ ପ୍ରକାର ରୋଗ ଅଳ୍ପଦିନ ମଧ୍ୟରେ ଆରୋଗ୍ୟ କରେ।

ସନ୍ଧାନ—
**ଜୟଶକ୍ତି ଔଷଧାଳୟ**— ରସାୟନ ବିଭାଗ
ବାଲେଶ୍ୱର।

## ହ୍ୱାଉଡ଼ା କୁଷ୍ଠ କୁଟୀର

**କୁଷ୍ଠ ଧବଳ**

ଗଳିତ ବା ଅଗଳିତ ଯେ କୌଣସି ପ୍ରକାର କୁଷ୍ଠ, ଏକଜିମା, ସୋରାଇସିସ୍ ଦାଦ ଖଉ ଓ ଅନ୍ୟାନ୍ୟ ଚର୍ମରୋଗର ଚିକିତ୍ସାର ଏକମାତ୍ର ନିର୍ଭରଯୋଗ୍ୟ ପ୍ରତିଷ୍ଠାନ।

ଦେହରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ବାହ୍ୟ ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚିରଦିନ ପାଇଁ ଲୁପ୍ତ ହେବ।

ରୋଗ ଲକ୍ଷଣ ଜଣାଇ ବିନା ମୂଲ୍ୟରେ ବ୍ୟବସ୍ଥା ପତ୍ର ଗ୍ରହଣ କରନ୍ତୁ।

ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ
(H. K. K.)
୧୦ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୭ ନଂ ହାରିସନ ରୋଡ୍, କଲିକତା

## ଜାଣି ରଖନ୍ତୁ

ଦୀର୍ଘକାଳ ସ୍ଥାୟୀ ପୁରାତନ ଶୂଳବେଦନା ସହ (Gastric ulcer) 'ପାକାଶୟ-କ୍ଷତ' ବହୁ ବଡ଼ ବଡ଼ ଏଲୋପାଥିକ ଚିକିତ୍ସକଙ୍କ ଦ୍ୱାରା ଦୀର୍ଘକାଳ ଚିକିତ୍ସିତ ହୋଇ ଶେଷରେ ନାସ୍ତିବାଣୀ ଶୁଣାଇ ଦେଲେ। ଅମ୍ଳ, ବମନ, ଅଗ୍ନିମାନ୍ଦ୍ୟ ମୋତେ ଅସ୍ଥିଚର୍ମସାର କରି ପକାଇଥିଲା।

ଶେଷରେ ପୁରୀର ସିଦ୍ଧହସ୍ତ ଡାକ୍ତର, ବି: ଦାସ ହୋମିଓପାଥ୍, ସିଂହଦ୍ୱାର, ବଣିଆସାହି, ମୋତେ ଅଳ୍ପଦିନ ଚିକିତ୍ସାରେ ସମ୍ପୂର୍ଣ୍ଣ ରୋଗମୁକ୍ତ କରାଇପାରିଛନ୍ତି। ମୋର ଆଶା, ଓଡ଼ିଶାର ସେ ଭବିଷ୍ୟତରେ ମୋପରି କେତେ ଲୋକଙ୍କର ମଙ୍ଗଳ କରି ପାରିବେ।

ଆର, ଷଡ଼ଙ୍ଗୀ
ଓଭରସିଅର
ଡି: ବୋର୍ଡ, ଖୋର୍ଦ୍ଧା

Printed &published by G. C. Mohapatra at the Gopinath Press, Bhadrak 1948

Digitized by srujanika@gmail.com




ଆନନ୍ଦ, ଆଲୋକ ଓ ଅଗ୍ରଗତିର ପ୍ରତୀକ
ଉତ୍କଳର ସର୍ବାଧିକ ଲୋକପ୍ରିୟ
ସାପ୍ତାହିକ ପତ୍ର

| ଏକାଦଶ ବର୍ଷ | ସୋମବାର କର୍କଟ ୨୬ନ ୧୯୫୫ସାଲ | ୪୮ସଂଖ୍ୟା |
|---|---|---|

—ସୂଚି—

ମଲ୍ଲେ ମା

ପ୍ରସଙ୍ଗ ଅନୁଭୂତ

ଦାର୍ଶନିକ

ଗ୍ରୁଜନ

ମଞ୍ଜାଙ୍କ ଦ୍ୱାରେ

ଭୂତକୋଠିରୁ ଚିଠି

କବିତା

ତାରେ ତାରେ ତାନା ନାନା

ଗଳ୍ପ ଅଙ୍କ ଗୁରୁ ପ୍ରଶ୍ନ !

"ଦଗରାମ୍ବ"
ORISSA'S MOST POPULAR WEEKLY
of
Light, Lead & Laughter

| Vol XI | Monday, August 9 1948. | No. 48 |
|---|---|---|

ବାର୍ଷିକ ମୂଲ୍ୟ ଟ ୬୲     ଷାଣ୍ମାସିକ ଟ ୩୲
ରାଜ ସଂସ୍କରଣ ବାର୍ଷିକ ୧୦୲

Digitized by srujanika@gmail.com

# ସେବା ଓ ଶୁଭେଚ୍ଛା ସଂଘ

## SERVICE & GOODWILL MISSION

ପ୍ରେସିଡେଣ୍ଟ—
ଡାକ୍ତର ବିଧାନଚନ୍ଦ୍ର ରାୟ

ଜେନେରେଲ ସେକ୍ରେଟାରୀ—
ଶ୍ରୀ ଅଚ୍ୟୁତାନନ୍ଦ ଚକ୍ରବର୍ତ୍ତୀ

ସେକ୍ରେଟାରୀ କଟକ ଶାଖା—
ଶ୍ରୀ ଲକ୍ଷ୍ମଣ ଦେବ ପାଣିଗ୍ରାହୀ

ହେଡ ଅଫିସ—
୩୪ A B, ଶଶୀଭୂଷଣ ଦେ ଷ୍ଟ୍ରିଟ,
କଲିକତା

କଟକ ଶାଖା
ପୋଃ ଚଉଳିଆ ଗଞ୍ଜ
କଟକ

ପ୍ରିୟ ଛାତ୍ର ବୃନ୍ଦ, !

ଉଠ, ଜାଗ, ଅଗେଇ ଆସ । କାମଟି ଯେପରି ସହଜ ସେପରି କଠିନ । ଏହା ଗଠନ ମୂଳକ କର୍ମ । ଛାତ୍ରମାନେ କେବେ ପଛେଇ ନାହାନ୍ତି, କେବେ ବିଫଳ ହୋଇ ନାହାନ୍ତି । ସ୍ୱଦେଶୀ, ଅସହଯୋଗ ଓ ଶାନ୍ତ ଚେଷ୍ଟା ଆନ୍ଦୋଳନ ମାନଙ୍କରେ ତୁମ୍ଭେମାନେ ପ୍ରଶଂସନୀୟ କାର୍ଯ୍ୟ କରିଅଛ । ସମସ୍ତ ବୃହତ ଆନ୍ଦୋଳନରେ ତୁମ୍ଭେମାନେହିଁ ନିଷ୍ଠିତ ମେରୁଦଣ୍ଡ ସ୍ୱରୂପ ହୋଇଅଛ । ଆଜ ତୁମ୍ଭେମାନେ ଅଗ୍ରଣୀ ହୋଇ ବାହାରି ପଡ । ନେତାଜୀ ଯାଇଛନ୍ତି । ମହାତ୍ମାଜୀ ଚାଲିଗଲେ । ତୁମ୍ଭମାନଙ୍କୁ ହିଁ ପ୍ରମାଣ କରିବାକୁ ହେବ କି ସେମାନେ ତୁମ୍ଭମାନଙ୍କ ମଧ୍ୟରେ ଜୀବିତ ଅଛନ୍ତି । ସେମାନଙ୍କର ଅପୂର୍ଣ୍ଣ ଆଦର୍ଶକୁ ତୁମ୍ଭ ଜୀବନରେ ଅନୁଭବ କର ।

ସାମ୍ପ୍ରଦାୟିକତା ଓ କ୍ଷୁଦ୍ର ପ୍ରାଦେଶିକତା ବିରୁଦ୍ଧରେ ଅଭିଯାନ କରିବା ପାଇଁ ପଣ୍ଡିତ ନେହେରୁ ଡାକ ଦେଲେଣି । ପ୍ରଥମଟିର ଫଳରେ ଯୁଗର ଶ୍ରେଷ୍ଠ ମାନବ ନିହତ ହେଲେ । ଦ୍ୱିତୀୟ ଫଳ କଣ ହେବ ତାହା କେହି ଜାଣନ୍ତି ନାହିଁ । ଏହା ନିଶ୍ଚିତ ଯେ ପରୋକ୍ଷରେ ତୁଫାନ ଜମି ଉଠୁଛି । ହୁଏତ ଅଳ୍ପ କାଳ ମଧ୍ୟରେ ଏହା ଆକସ୍ମିକ ପ୍ରଳୟ ତାଣ୍ଡବ ରୂପରେ ପ୍ରକାଶ ପାଇବ ।

ଏହି ଦୁରବସ୍ଥାକୁ ସମ୍ଭାଳି ପାରିବେ କେବଳ ଛାତ୍ରବୃନ୍ଦ । କାରଣ ତାଙ୍କର ହୃଦୟ ସଂସାର ବିଷୟରେ କଳୁଷିତ ନୁହେଁ । "ସେବା ଓ ଶୁଭେଚ୍ଛା ସଙ୍ଘ" ଯେଉଁ କର୍ମ ଯୋଜନା ପ୍ରକାଶ କରିଅଛି ତାହା ମୁକ୍ତ ପ୍ରାଣରେ ବିସ୍ତାର କରିବା ପାଇଁ ଆମ୍ଭେମାନେ ଛାତ୍ରମାନଙ୍କୁ ଆହ୍ୱାନ କରୁଛୁ । ଶାନ୍ତ ବିଷୟରେ ଗଭୀର ଚିନ୍ତା କର, କାରଣ ଚିନ୍ତା ମଧ୍ୟରେ କର୍ମର ବୀଜ ନିହିତ ଥାଏ । ଆମ୍ଭମାନଙ୍କ ସହ ମିଳିମିଶି ଚିନ୍ତା ଓ କାର୍ଯ୍ୟ କରିବାକୁ ତୁମ୍ଭମାନଙ୍କୁ ଆହ୍ୱାନ କରୁଅଛୁଁ । ଆମ୍ଭ କର୍ମରେ ଯାହା ମଙ୍ଗଳକର ତାହା ଗ୍ରହଣ କର । ଆଉ ଆମ୍ଭର ଯାହା ଅଭାବ ଥିବ ତାହା ପୂର୍ଣ୍ଣ କର । ତୁମ୍ଭଙ୍କୁ ଡାକୁଛୁ ବୋଲି ତୁମ୍ଭେମାନେ ବିସ୍ମିତ ହୁଅନାହିଁ । ଗଭୀର ଧୈର୍ଯ୍ୟ ସହକାରେ ଏହି ସୁଚିନ୍ତିତ ଗଠନ ମୂଳକ କର୍ମ ପନ୍ଥାକୁ ଗ୍ରହଣ କର, କାରଣ ଅନେକ ବଡ଼ ବଡ଼ ରାଜନୈତିକ ନେତା ଶହ ଯୋଜନା, ପରିପତ୍ର ଓ ବିଜ୍ଞାପନାତ୍ମକ ପ୍ରଚାର ଉଦ୍ଭାବନ କରିବାରେ ବ୍ୟସ୍ତ ଅଛନ୍ତି । ଏହା କହିବା ବାହୁଲ୍ୟ ନୁହେଁ ଯେ ଭବିଷ୍ୟତ ତୁମ୍ଭମାନଙ୍କ ହାତରେ । ରଚନାତ୍ମକ ନେତୃତ୍ୱ ତୁମ୍ଭେହିଁ ଗ୍ରହଣ କର । ତୁମ୍ଭର ସ୍ୱପ୍ନକୁ ବାସ୍ତବରେ ପରିଣତ କରି ସାଫଲ୍ୟ ଲାଭ କରିବା ତୁମ୍ଭର କର୍ମ ।

ସମ୍ପାଦକ— ଶ୍ରୀ ନିତ୍ୟାନନ୍ଦ ମହାପାତ୍ର, ପରିଚାଳନା ସମ୍ପାଦକ— ଗୋପମୋହନ ଦାସ

Digitized by srujanika@gmail.com

## ଅମଲା ଓ ସରକାର

ଯେତେବେଳେ ମନ୍ତ୍ରୀମାନେ ମୁଦ୍ରାସ୍ଫୀତି ଦୃଷ୍ଟିରୁ ନଜର ଦେଇ ୫୦୦ରୁ ହଜାରରେ ଦେଢ଼ ହଜାର କଲେ ସାଧୁ ନୈତିକତା ଦୃଷ୍ଟିରୁ ତାଙ୍କର ଉଚିତ ଥିଲା ଯେ ପ୍ରତ୍ୟେକ ଅଧସ୍ତନ କର୍ମଚାରୀର ଦୁଇଗୁଣ ପାରିଶ୍ରମିକ ଦାବି ଅପରିହାର୍ଯ୍ୟ ହେବ । ଦରମା ନିର୍ଦ୍ଧାରଣକାରୀ କମିଟି ଯାହା ସୁପାରିସ କରନ୍ତୁ ଅଥବା ସରକାରୀ ଅମଲା ସଂଘ ଯାହା ଦାବି କରନ୍ତୁ ବର୍ତ୍ତମାନ ଜିନିଷ ପତ୍ରର ଦର ପୂର୍ବାପେକ୍ଷା ଚାରିଗୁଣ ବଢ଼ିବା ବେଳେ ମନ୍ତ୍ରୀମାନେ ପୂର୍ବ ବେତନର ଦୁଇଗୁଣ ବା ତିନିଗୁଣ ନେବା ଅନ୍ୟାୟ ନୁହେଁ କିମ୍ବା ଅମଲା ମାନେ ସେହି ପରିମାଣରେ ଦାବି କରିବା ମଧ୍ୟ ଅନ୍ୟାୟ ନୁହେଁ ।

ଏ ନ୍ୟାୟ ଅନ୍ୟାୟ ଯୁକ୍ତି ବାହାରେ ଆଉ ଏକ କଥାର ଅବତାରଣା ରହିଛି । ତାହା ହେଉଛି ନୈତିକ ବରଂ ଧାର୍ମିକ ସ୍ତରର । ସେ କଥାର ମୂଳ ତ୍ୟାଗ ଓ ସେବା ଉପରେ ପ୍ରତିଷ୍ଠିତ । ଏ ଦେଶର ଜନସାଧାରଣ ଯେଉଁ ସ୍ତରରେ ଅଛନ୍ତି, ଜନ ସାଧାରଣଙ୍କ ସେବକ-ମାନେ ତାଠାରୁ କେତେ ଉପରେ ରହିବା ଉଚିତ ତାହା ନିଜେ ସେବକ ମାନେ ଠିକ କରି ନିଅନ୍ତୁ । ଆମେ ବୁଝୁଁ ଯେ ସରକାରୀ ଅମଲା ମାନେ ଦୁଷ୍ଟ । କିନ୍ତୁ ଜନ ସାଧାରଣ ତାଙ୍କଠାରୁ ମୁକ୍ତ ନୁହେଁ ତାହା କଥାର ନହେଲେ ସେମାନେ ଶୋଷଣ ଅନ୍ୟାୟ ଏବଂ ଜଘନ୍ୟ ପାପ କରନ୍ତେ । ଯାହାର ସେବକ ବୋଲି ସେମାନେ ପରିଚିତ ତାଙ୍କଠାରୁ ଅଧିକ ଆରାମ ଏବଂ ଅବସରରେ କାଳ କଟାଇଲେ ସେବା ବ୍ରତ ବା ସେବା ମନୋବୃତ୍ତି ରହେ ନାହିଁ । ବ୍ରିଟିଶ ସରକାର ଅମଳରେ ନାମକୁ ମାତ୍ର ସେବକ ବୋଲାଇ ପ୍ରକୃତରେ ମାଲିକ ହୋଇ ଯେପରି ଏହି ଅମଲାମାନେ ଥିଲେ ସେହିପରି ଏବେ ଉଚ୍ଚ ଶାସକ ଗୋଷ୍ଠୀର ଅଂଶ ରୂପେ ସେମାନେ ଛୋଟ ଛୋଟ ବାଦଶାହ ହୋଇ ରହି ପାରନ୍ତି କିନ୍ତୁ ସେବକ ହୋଇ ପାରିବେ ନାହିଁ ।

ଆମର ଲୋକ ପ୍ରତିନିଧି ସରକାରର କଂଗ୍ରେସ ମନ୍ତ୍ରୀ ମାନେ ମଧ୍ୟ ଏ କଥାକୁ କଥାର ସୀମାକୁ ଆଣନ୍ତୁ । ଯେଉଁ ମାନେ ଅନାହାର ବିନା ଦେଶର ସ୍ୱାଧୀନତା ପାଇଁ ପ୍ରାଣ ପଣ କରି ଲଢ଼ୁଥିଲେ, ଯେଉଁମାନେ ତ୍ୟାଗର ପ୍ରତିମୂର୍ତ୍ତି ବୋଲି ଦେଶରେ ପୂଜିତ, ସେମାନେ ଯଦି ମୂଳ ଦରମାର ୨ ଗୁଣ ବା ୩ ଗୁଣ ବେତନ ଛଡ଼ା ଅନ୍ୟାନ୍ୟ ବନ୍ଦୋବସ୍ତ ଗର୍ତ୍ତ ରାଜବାଡ଼ରୁ ନ ନେଇ ଚଳି ନପାରନ୍ତି ତେବେ ଯେଉଁ ଅମଲା ମାନେ କେବଳ ପେଟ ପୋଷିବା ପାଇଁ ବିଦେଶୀ ସରକାରର ନୌକରି ଯନ୍ତ୍ରକୁ ଚଳାଇବା ଉଦ୍ଦେଶ୍ୟରେ ନିଜର ନୀତି, ଧର୍ମ, ଦେଶ ପ୍ରୀତିକୁ ଜଳାଞ୍ଜଳି ଦେଇ ସ୍ୱୀକାର କରି ଥିଲେ ସେମାନଙ୍କଠାରୁ ତ୍ୟାଗ ଆଶା କରିବା ମୂର୍ଖତା ହେବ ନାହିଁ କି ? ଅମଲାତନ୍ତ୍ର ଶାସନର ପ୍ରତିଷ୍ଠା ତ୍ୟାଗ ଓ ସେବା ପାଇଁ ନୁହେଁ । ଏ କଥା ଆମର ମୁଖ୍ୟ ମନ୍ତ୍ରୀମାନେ ପୂର୍ବରୁ ବୁଝି ନ ଥିଲେ ଆଜି ବୁଝନ୍ତୁ । ଆମ ମନ୍ତ୍ରୀମାନେ ଗତ ଦୁଇ ବର୍ଷ ଶାସନରେ ରହି କେବଳ ଅମଲା ତନ୍ତ୍ରକୁ ହିଁ ଦୃଢ଼କରି ଆସିଛନ୍ତି । ଆଜି ଯଦି ଏହି ଅମଲାତନ୍ତ୍ର ତାଙ୍କୁ ଧୋକା ଦିଏ ତେବେ ବିସ୍ମିତ ହେବାର କିଛି ନାହିଁ ।

ସଙ୍ଗେ ସଙ୍ଗେ ଏକଥା ମଧ୍ୟ ଆମେ ଜାଣୁ ଯେ ଏହି ଅମଲମାନଙ୍କର ଲଢ଼ିବାର ଶକ୍ତି ନାହିଁ— ଲଢ଼ିବା ଅସମ୍ଭବ । କେବଳ ଅର୍ଥନୀତି ବା ପେଟକୁ ଭିତ୍ତି କରି କୌଣସି ଆନ୍ଦୋଳନ ଛିଡ଼ିବା ଅସମ୍ଭବ । ଅମଲା ମାନଙ୍କର ନୈତିକ ବଳର ଏକାନ୍ତ ଅଭାବ । ତେଣୁ ସେମାନେ ଏକଜୁଟ ହୋଇ କୌଣସି ଫଳପ୍ରଦ କାମ କରି ପାରିବେ ନାହିଁ—କରିବା ଅସମ୍ଭବ । ଯଦି ଏକଜୁଟ ହୋଇ ଏମାନେ ଧର୍ମଘଟ କରନ୍ତି ତେବେ ସେ ଦୁର୍ବୁଦ୍ଧି ଫଳରେ ଶାସନର ଯେଉଁ ବିଶୃଙ୍ଖଳା ଜନିତ ବିଭ୍ରାଟ ଦେଶରେ ହେବ ତାର କୁପରିଣାମ ଦେଶବାସୀଙ୍କ ସହ ସେମାନେ ମଧ୍ୟ ଭୋଗିବେ । କାରଣ ସେ ଦେଶରୁ ବାହାର ନୁହନ୍ତି ।

କିନ୍ତୁ ଅମଲଙ୍କର ଏହି ନୈତିକତାହୀନ ଦୁର୍ବଳ ସଙ୍ଗଠନକୁ ଭରସା କରି ଯଦି କୌଣସି ସରକାର ଆପଣାକୁ ସୁପ୍ରତିଷ୍ଠିତ ଓ ବଳଶାଳୀ ମନେ କରେ ତେବେ ସେ ଦିନେ ନା ଦିନେ ଅକସ୍ମାତ ଭୂପତିତ ପଡ଼ିବ । ସରକାର ବା ମନ୍ତ୍ରୀମଣ୍ଡଳ ଅମଲାଙ୍କୁ ଦବାଇ ଦେଇ ଦେଶରେ ସୁଶାସନ ପ୍ରତିଷ୍ଠା କରିବାର ଆଶା ଯେପରି କରନ୍ତୁ ।

## ନୂଆ ହାଇକୋର୍ଟ

ଓଡ଼ିଶାରେ ନୂଆ ହାଇକୋର୍ଟ ସ୍ଥାପିତ ହେଲା । ଅନେକଙ୍କ ମନରେ ଧାରଣା ଯେ ଦେଶରେ ଗୋଟାଏ ମୂଳ ପରିବର୍ତ୍ତନ ହୋଇଯାଇଛି । କିନ୍ତୁ ଆମ ମତରେ ଏହାଦ୍ୱାରା ଓଡ଼ିଶାର ବା ଓଡ଼ିଆର ଭାଗ୍ୟରେ କୌଣସି ପରିବର୍ତ୍ତନ ଘଟି ନାହିଁ ବା ଘଟିବ ନାହିଁ । କେତେକ ଆଇନ ଗତ ଶିକ୍ଷାର ଟୀକାକାର ସେମାନଙ୍କ ଆଇନ ବା ଶିକ୍ଷା ପରିଚାଳନାର କସରତ ଓ ବାହା ଦେଖାଇବାର ଅଧିକ ସୁଯୋଗ ପାଇବା ଛଡ଼ା ଏଥିରୁ ଅଧିକ କିଛି ନ୍ୟାୟ ସମ୍ଭବ ହେବ ନାହିଁ । ହାଇକୋର୍ଟର ଭିତ୍ତି ବାର ବା ଓକିଲ ସଭା । ଏକଥା ସମସ୍ତେ ସ୍ୱୀକାର କରିଛନ୍ତି । କିନ୍ତୁ ବାର ବିଶେଷ ଓକିଲ ଯାହା ସ୍ୱାର୍ଥ—ଓକିଲଙ୍କ ଏକ ଏପରି ବ୍ୟବସାୟ ଯାହାକି କେବଳ ମିଥ୍ୟାର ପ୍ରତିଯୋଗିତାକୁ ଆଧାର କରି ରହିଛି । ଅର୍ଥାତ୍ ବର୍ତ୍ତମାନ ସମାଜରେ ସତ୍ୟର ପରମାତ୍ମ ଯନ୍ତ୍ର । ହାଇକୋର୍ଟର କଥାର ନ୍ୟାୟ ହେଉ ଅନ୍ୟାୟ ହେଉ ତାହା ବଡ଼ ଅର୍ଥ ବିନ୍ୟାସ ତଳେ ସତ୍ୟ ସୂର୍ଯ୍ୟର ଦାରୁଣ ତାପରୁ ମୁକ୍ତ ।—ଠିକ ହାଇକୋର୍ଟ ଇନ୍‌ସାଫ ଛତ୍ରର ଆଢ଼ୁଆଳ ପରି । ବର୍ତ୍ତମାନର ହାଇକୋର୍ଟ ଏ ଦେଶର ନୈତିକ ଓ ଧାର୍ମିକ ଜୀବନ ଉପରେ ପ୍ରଭାବ ପକାଇବା ଅସମ୍ଭବ । ପୂର୍ବର [illegible] ସରକାର ସାମାଜିକ ପଦ୍ଧତିକୁ ଉଦ୍ଧାର କରିବା ପାଇଁ ପୂର୍ବର ସୁସ୍ଥ ପୋଷକଧାରେ ଗୌରବୋଜ୍ଜ୍ୱଳ ହାଇକୋର୍ଟ ଅତି ଅସମର୍ଥ ।

## ଦୂଷିତ ରାଜନୀତି

ଏ ପ୍ରଦେଶରେ ରାଜନୀତି ଅତି କଳୁଷିତ ହେବାର ସୂଚନା ମିଳୁଛି । ଶ୍ରୀଯୁକ୍ତ ମହତାବ ବ୍ୟବସ୍ଥା ସଭାରେ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ନାମରେ ଦାରୁଣ ଅଭିଯୋଗ ଆଣିଛନ୍ତି । ଏ ଅଭିଯୁକ୍ତଙ୍କ ମଧ୍ୟରୁ କେତେକଙ୍କର ଅତୀତ କ୍ରିୟାକଳାପ ଅସନ୍ତୋଷ ଥିବାରୁ ମହତାବଙ୍କ ବାକ୍ୟ ସତ୍ୟ ବୋଲି ସହଜ ଭାବରେ ଜଣାପଡ଼ିବ । ସଙ୍ଗେ ସଙ୍ଗେ ଶ୍ରୀ ମହତାବଙ୍କର ସତ୍ୟବାଦିତା ସମ୍ବନ୍ଧରେ ଦେଶର ଯେଉଁ ନିର୍ମମ ଅଭିଜ୍ଞତା ରହିଛି ତାହା ଦୂର କରିବାକୁ ଅକାଟ୍ୟ ପ୍ରମାଣ ମହତାବ ଦର୍ଶାଇବାକୁ ପଶ୍ଚାତ୍‌ପଦ । ବ୍ୟବସ୍ଥା ସଭାର ଯେ କୌଣସି ସଦସ୍ୟଙ୍କର ପ୍ରତିବାଦ ବା ପ୍ରତିକାର ସାଧାରଣ ବକ୍ତୃତା-ମଞ୍ଚରେ କରି ହେବ ନାହିଁ । ସୁତରାଂ ବ୍ୟବସ୍ଥା ସଭାରେ ଭାଷଣ ଦେଇ ବ୍ୟବସ୍ଥା ସଭା ବାହାରେ ଥିବା ବାହାରକୁ କଳଙ୍କିତ କରିବା ଅନ୍ୟାୟ, ଅଧର୍ମ ଓ ଭୀରୁତାର । ଏପରି ଅଭିଯୋଗ ଉତ୍ଥାପନ କରିଲେ ନିରପେକ୍ଷ ସଭାପତି ବା ବାଚସ୍ପତି ମାରବ ରହି ତାଙ୍କ ମହତ କର୍ତ୍ତବ୍ୟରେ ଯେଉଁ ଅବହେଳା କରୁଛନ୍ତି ତାହା ଓଡ଼ିଶା ବ୍ୟବସ୍ଥା ପରିଷଦ କାର୍ଯ୍ୟ ବିବରଣୀରେ ଏକ କାଳିମାମୟ ଅଧ୍ୟାୟ ହୋଇ ରହିବ । ଅଭିଯୁକ୍ତ ବ୍ୟକ୍ତି ମାନେ ବ୍ୟବସ୍ଥା ସଭା ବାହାରେ ଏ ଅଭିଯୋଗ ଆଣିବା ପାଇଁ ସଚୋଚକ ମହତାବଙ୍କୁ ଆହ୍ୱାନ କଲେ ମଧ୍ୟ ମହତାବ ନୀରବ । ଦ୍ରୁତ ମାପରେ ପରେ ଘଟିଲା ଓ ଗରମୁଆ ବର୍ଷିବ କଳଙ୍କ ଗାଥାକୁ ଲୁଚାଇବା ଦଶରେ ମହତାବଙ୍କ ଏହା ଅଷ୍ଟାଳନ ବୋଲି ଯେଉଁ ଅନେକ ଆଜି ଜନ ମନରେ ଜାଗୁଛି ତାହା ବହୁରତ ସ୍ୱାଭାବିକ, ଯଦି ମହତାବ ଏହି ଉତ୍ଥାପିତ ଦୁରଭିସନ୍ଧି ମାନଙ୍କ ସମ୍ବନ୍ଧରେ ପ୍ରକାଶ୍ୟ ଅଭିଯୋଗ ଆଣନ୍ତି । ତାହା ହେଲେ ରାଜନୀତି କ୍ଷେତ୍ରରୁ ଦୂଷିତ ବାତାବରଣ ବହୁ ଅଂଶରେ ଅପସାରିତ ହେବାର ସମ୍ଭାବନା ।

Digitized by srujanika@gmail.com




ଇଂରାଜୀରେ ଗୋଟିଏ କଥନ ଅଛି, ଯାହାର ଅର୍ଥ—"ମହମ୍ମଦ ଯେବେ ପର୍ବତ ପାଖକୁ ନ ଆଇଲେ, ତେବେ ପର୍ବତ ମହମ୍ମଦଙ୍କ ପାଖକୁ ଆସୁ।" ଅତି ବଡ ନିଜାମ ସାହେବଙ୍କ କଥା ଏଇକ୍ଷଣି ସେଇଭଳିଆ ହେଲାଣି। ସାକ୍ଷାତ୍ କଥାଭାଷା ହେବା ପାଇଁ ବଡ଼ଲାଟ୍ ମାଉଣ୍ଟବାଟେନ ଯେତେବେଳେ ନିଜାମଙ୍କୁ ଦିଲ୍ଲୀ ଆସିବା ପାଇଁ ନିମନ୍ତ୍ରଣ କଲେ, ନିଜାମ ତାହା ନାକଚ କରି ଓଲଟିପଟ ବଡ଼ଲାଟଙ୍କୁ ଡାକିଲେ ହାଇଦ୍ରାବାଦ। ଯେତେହେଲେ ନିଜାମ ଜଣେ ରାଜା ଓ ବଡ଼ଲାଟ ଯେତେବଡ ହୁଅନ୍ତୁ ଜଣେ ରାଜକର୍ମଚାରୀ। ତାଙ୍କ ମୁକୁଟର ସମ୍ମାନ ଦିଲ୍ଲୀ ଆସିବାକୁ ନିଜାମଙ୍କୁ ବାଧାଦେଲା ସେତେବେଳେ, ତଥାପି ମାଉଣ୍ଟବାଟେନ ଥିଲେ ଇଂଲଣ୍ଡ ରାଜାଙ୍କ ଭାଇ ଓ ପ୍ରତିନିଧି।

ଏବେ ନିଜାମଙ୍କ ବାଢନ ଯେନ ସାରମିର୍ଜାଇସମାଇଲ ଦିଲ୍ଲୀ ଆସିଥିଲେ ମିଳାମିଶା କରିବା ପାଇଁ। ଦିଲ୍ଲୀର ବର୍ତ୍ତମାନ କର୍ତ୍ତା ତାଙ୍କୁ ଉତ୍ତର ଦେଲେ କି—କଥାଭାଷା କରିବାକୁ ହେଲେ ସ୍ୱୟଂ ନିଜାମ ଆସନ୍ତୁ ଦିଲ୍ଲୀ। ଏବେ ଦେଖାଯାଉ ମହମ୍ମଦ ପର୍ବତଠାକୁ ଯାଉଛନ୍ତି କି ପର୍ବତ ମହମ୍ମଦଙ୍କଠାକୁ ଯାଉଛି।

÷ ÷ ÷

ଏବେ ବିଲାତ ପାର୍ଲିମେଣ୍ଟରେ କିଛି ଆଟଲି ଭାରତ ପକ୍ଷ ଧରି ଓ ଚର୍ଚ୍ଚିଲ ହାଇଦ୍ରାବାଦ ପକ୍ଷ ଧରି ପଟ୍ଟାଏ ଅଳା-ଯୁଦ୍ଧ ଲଗି ଧୂଳି ଉଡ଼ାଇ ଦେଲେ। ସେଥିରେ ନିଜାମ ସାହେବ ଯେତିକି ଖୁସ୍ ଭାରତବାସୀଙ୍କ ଖୁସି ତହିଁ ଊଣା ନୁହେଁ। କିନ୍ତୁ ବସ୍ତୁର ଦେଖିବାକୁ ଗଲେ ଏ ଯୁଦ୍ଧଟା ଯେ ରାମଲୀଳା ଯାତ୍ରାର ରାମ—ରାବଣ ଯୁଦ୍ଧ ଏହା ଆଉ କେହି ବୁଝନ୍ତୁ ବା ନ ବୁଝନ୍ତୁ, ବିଲୁଆ ବୁଦ୍ଧିକି ନିର୍ଭୁଲ ବୁଝା ପଡ଼ୁଛି। ଯେତେ ମତାନ୍ତର ଥାଉ ପଛକେ ଦୁହେଁ ଯାକ ଗୋଟାଏ ବିଷୟରେ ଏକମତ ଯେ ବ୍ରିଟିଶ ଛାଡ଼ି ଆସିଲା ପରଠାରୁ ହାଇଦ୍ରାବାଦ ସ୍ୱାଧୀନ। ଏହି କୀଟ ମୃତ ବକ ସ୍ୱାଧୀନ ଆଉ ନୁହେଁ କିଏ! ପ୍ରତି ପ୍ରଜା ଯେତେବେଳେ ସ୍ୱାଧୀନ ରଜା ବା ନୋହିବେ କିଆଁ! ସ୍ୱାଧୀନତାର ଯୁଗ ଯେ! ବିଲୁଆ ପଡି ଗାଇଲେ—

"ଭିତରେ ଭିତରେ ସଲ ସୁତର
ଉପରେ ଉପରେ କଳା;
ଭିତରେ ଭିତରେ ମଖା ମଣି
ଉପରେ ଛଡାଏ ମଳ।

÷ ÷ ÷

ବୀର ମଙ୍ଗରାଜ ନାୟକରେ ଗର୍ଜନ ଛାଡ଼ନ୍ତି କି—ମହତାବ କଟକ ଯୋଡ଼ ଶୋଇଲେ ବି ପ—ମ (ଅର୍ଥାତ ପଦ୍ମମଣି-ମଙ୍ଗରାଜ) ତାଙ୍କ ସଙ୍ଗକେ ଛାଡ଼ିବ ନାହିଁ। ମଙ୍ଗରାଜେ ଖଣ୍ଡାୟତ ଓ କ୍ଷେତ୍ରୀ ହେଲେ ମହତାବ କି ଊଣା ନୁହଁନ୍ତି. ସେ ବି ରାଜପୁତ୍ କ୍ଷେତ୍ରୀ। କ୍ଷେତ୍ରୀ କ୍ଷେତ୍ରୀ ମଧ୍ୟରେ ଲଢେଇରେ ଦେଖଣାହାରୀଙ୍କୁ ମଜା ମିଳନ୍ତା ବହୁତ। ମାତ୍ର ମହାବୀର ମହତାବେ ତ ଏ ଲଢେଇରେ ଉତ୍ତରିବେ ବୋଲି ମନେ ହେଉନାହିଁ। କାରଣ ସେ ହେଉଛନ୍ତି ହ—ମ (ହରେକୃଷ୍ଣ ମହତାବ)। ପ—ମ ଙ୍କ ନିକଟରେ ସେ ବୃଦ୍ଧାଙ୍ଗୁଳି ଦେଖାଇ ଦେଇ ହୁଏତ କହିବେ— ହ—ମ! ଏତେବଡ଼ିଆ ଲଢେଇଟା ପାଣି ଫାଟି ଯିବ, ଏତିକି ବିଲୁଅଙ୍କର ଦୁଃଖ।

÷ ÷ ÷

ଏକା ଗ୍ରେଟକେତ ସବୁ ରଜା ଗଲେ; ଶେଷକୁ ଯଉଁ ଜଣକ ଜଗନ୍ନାଥଙ୍କ ଚଳଅର ଭୃଙ୍ଗ ଅଣ୍ଡାକରି ନିଜକୁ ରଜା ବୋଲଉଥିଲେ, ସେ ବି ସିଂହାସନ ଛାଡି ଚେୟାର ଅଣ୍ଡା-କଲେ। ବାକି ରହିଛି ଏକା ମୟୂରଭଞ୍ଜ। ଏବେ ଏହି ମୟୂରଭଞ୍ଜକୁ ଓଡ଼ିଶା ସାମିଲ କରିବା ପାଇଁ ଭିତରେ ବାହାରେ ଧୂମାକୁହା ଲାଗିଛି। ମୟୂରଭଞ୍ଜ ଗଲେ ତେଣିକି ଆମ ଭବିଷ୍ୟତର ପିଲାଏ 'ରଜା' କି ଜିନିଷ ଜାଣୁ ତାହା ଗବେଷଣା କରି କିଏ କହିବ, ତାଙ୍କର ଥିଲା ଷାଠିଏ ହାତ ଲାଙ୍ଗୁଡ଼, କିଏ କହିବ ଥିଲା ଛଅଟା ଶିଙ୍ଗ। ଏଣୁ ଆମେ କହୁଁ ରଜାକୁଳରେ ବଂଶ ଦବାକୁ ଗୋଟିଏ ହେଲେ ବଞ୍ଚିଥାଉ! କେତେବେଳେ ଦଇବ ବଢେଇବାକୁ ବାଟିକାରେ ପୁଞ୍ଜି ଦବାକୁ ବଳକେ ରଜାର ଖୋଜା ପଡ଼ିପାରେ।

÷ ÷ ÷

ଭଳିଆ ଅମଳ ଗୁଡ଼ିକ ପେଟବିକଳିଆ ହୋଇ ବାଉଳିଆ ଭଳିଆ ମାଡିଛନ୍ତି। ଏଥିରେ ପୁଣି ଗଙ୍ଗାଜଳିଆ, କଅଁଗିଳିଆ, ଅରଦଳିଆ ଯାକ ପଛରୁ ଠେଲୁଛନ୍ତି। ବଡ଼ ଅସନାଟା ବେଳ ଆସି ପହଞ୍ଚିଛି। ଆମେ କହୁଁ, ହୋ ଭଳିଆ ଅମଳ. ତମେ ତ ସବୁଦିନେ ହଳିଆ, କୃଷ୍ଣାର୍ପଣ— ତେଲିଆକୁ ତମର ମୁରବୀ। ତେଲିଆ ମୁଣ୍ଡରେ ତେଲ ଦବା ପ୍ରକୃତିର ନିୟମ। ଆପଣା ମୁଣ୍ଡକୁ ବଳି ଦାବି କରି କାଳିଆ ହେବାର କି ଫଳ? ବଳିଆ ହାକିମଙ୍କର ଓଳିଆ ବଢ଼ିବାର କଥା, ବଢୁଛି। ଥଳିଆ ପୂରିବାର କଥା ପୂରୁଛି। ତା ନୋହିଲେ ମଠର ଖରଚ ତୁଲେଇବ କିମିତି,— ଲାଇଫଇନସିଓର ପ୍ରିମିଅମ୍ ଆସିବ କୁଆଡୁ, କୋଠା ଛପର ଠିକା ଦବ କିଏସେ? ତୁମର ତ ସେ ବାଳମତ୍ ନାହିଁ। ପେଟକୁ ଗଣ୍ଡିଏ ଦାନା, ପିଠିକୁ ଖଣ୍ଡିଏ କନା ହେଲେ ଚଳିଲା। ଏଥିପାଇଁ ଏତେ ବୋବାଳି କିଆଁ? ସେତିକ ପୁଣି ହଜିବଟି! ଯେତିକି ସୁରଖୁରରେ ମିଳିଲା ସେତିକି ଭଲ।

÷ ÷ ÷

ଓଡ଼ିଶାରେ ସ୍କୁଲ କଲେଜ ଯେତିକି ବଢୁଛି ପିଲେବି ସେତିକି ବଢିବାରେ ଲାଗିଛନ୍ତି। ତା ସାଙ୍ଗେ ସାଙ୍ଗେ ତତୋଧିକ ବଢିବାରେ ଲାଗିଛି, ଜାମା, ଚପଲ, ଚଷମା, ବନ୍ଧା ଘଡି, ଖୋସା କଲମ, ଅଣ୍ଡର ଉଆର, ଆରସି, ପାନିଆ, ସାବୁନ, ସିଗାରେଟ। ଏହିପରି ବଢି ବଢି ଦିନେ ଦେଶର ସବୁ ଲୋକ ହୋଇଯିବେ ହାକିମ, କିରାଣୀ, ମୁନସି, ଡାକ୍ତର, ଓଭରସିଅର, ମାଷ୍ଟର, ଗ୍ରୋମୋରଫୁଡ଼ କଣ୍ଟ୍ରୋଲ, ପ୍ରୋପାଗଣ୍ଡା ଅଫିସର। ଯେଉଁ ଦିନ ଏହା ହେବ, ସେଦିନ ଯିବ ଦେଶର ଦୁଃଖ। ଲଙ୍ଗଳ ମୁଠିରେ ହାତ ଦବାକୁ କେହି ନଥିବେ; ଚଷା ଗୃହୀର ଦେଶ ଆମର ପାଲଟି ଯିବ ଶିଲ୍ଟର ମୁଲକ। ସମସ୍ତେ ହୋଇଯିବେ ସଭ୍ୟ, ବାବୁ, ଆର୍ଟିଷ୍ଟ। କିନ୍ତୁ ସେ ଦିନଟା କେତେଦୂର?

÷ ÷ ÷

( ୧୨ ପୃଷ୍ଠା ଦେଖନ୍ତୁ )

Digitized by srujanika@gmail.com

# ପ୍ରତ୍ୟକ୍ଷ ଅନୁଭୂତି



ଲଳିତ କୃଷ୍ଣ ଜଣେ ଲେଖକ—ଫ୍ରିଲାନ୍ସର ବା ସ୍ୱାଧୀନ ବୃତ୍ତିଧାରୀ ଲେଖକ—ସ୍ୱଇଚ୍ଛାରେ ଲେଖେ ତାହାର ବରାତ୍‌ରେ ସେ ଲେଖେ ନାହିଁ—ଅର୍ଥାତ୍ ସମାଜର ପ୍ରକୃତ ନାୟକ ନାୟିକାଙ୍କ ପ୍ରତ୍ୟକ୍ଷ ଦର୍ଶନର ଶିକ୍ଷା ନେଇ ଲେଖିବା ଦ୍ୱାରା ସେ ମୁକ୍ତ ସ୍ୱାଧୀନ ବୃତ୍ତିଶୀଳ ଲେଖକ ହୋଇନାହିଁ । ନାୟକ ନାୟିକାଙ୍କର ବରାଦ୍‌ରେ ଲେଖେନା । ଅତ ରଛିକ୍—ଁ ବାବୁ ନାୟକ ନାୟିକାଙ୍କଠାରୁ ତାର ଶିଖିବାର କିଛି ନାହିଁ । ସେ ଲେଖେ ପନ ପନ୍ତିକାର

## ମଜାକଥା

ସଂପାଦକ ବା ବହି ଦୋକାନୀଙ୍କର ବରାଦ ଅନୁସାରେ—ଅତ ସ୍ୱାଧୀନ ଭାବରେ ସଂପାଦକଙ୍କ ନିର୍ଦ୍ଦେଶ ନାଁ ଓ ସ୍ୱାଧୀନ ଭାବରେ ବହି ଦୋକାନଙ୍କ ଯୋଗା ମଧ୍ୟ ଧରେ—ତେଣୁ ସେ ସ୍ୱାଧୀନ । କଲିକତା ମନ 'ମୋହନପୁସ୍ତକାଳୟର ପ୍ରକାଶନ 'ପାଇଁ ବହି ଲେଖେ ପୁଣି କଟକ ଟ୍ରେଡ଼ିଂ ଓ ଷ୍ଟୁଡେଣ୍ଟ୍ସ ଷ୍ଟୋର ପାଇଁ ବି ବହି ଲେଖେ । କିନ୍ତୁ ସ୍ୱାଧୀନ ଭାବରେ ସେ ବେପାରୀ ମାନଙ୍କ କଥାରେ ଲେଖେ । ଗଣତନ୍ତ୍ରର ଉତ୍ସବର ସଂଖ୍ୟା ପାଇଁ ବି ଲେଖେ ଅଉ ହାହାକାର ମାସିକ ପାଇଁ ବି ଲେଖେ । କିନ୍ତୁ ସ୍ୱାଧୀନ ଭାବରେ ସେ ସଂପାଦକଙ୍କ ନିର୍ଦ୍ଦେଶ ଅନୁସାରେ ଲେଖେ । 'ବାବାରେ ଅଲଅ' ସେଇ ଲେଖେ—'କଲେଜ ଝିଅ' ସେଇ ଲେଖେ 'ପାଠ ମଞ୍ଜରୀ' ବି ସେଇ ଲେଖେ । କଟକ ବାସୀ ରୂପେ ସେ ଖବର କାଗଜରେ ଅବିର୍ଭାବ ହୋଇ—ରସଚନ୍ଦ୍ର—କାର୍ତ୍ତିଚନ୍ଦ୍ର— ନାମ ନିଏ ପୁଣି କୁମାର ଶ୍ରୀମାନ୍ ଲଳିତ ଚନ୍ଦ୍ର ବି ସେଇ ହୁଏ । କିନ୍ତୁ ସବୁ ସ୍ୱାଧୀନ ଭାବରେ—ସ୍ୱାଧୀନ ତେଢେଇଟି ମୁଦ୍ରା ପାଇଁ । ତେବେ କୌଣସି କାଗଜରେ ସେ ବିନା ପଇସାରେ ଲେଖିବାର କାରଣ—ଭବିଷ୍ୟତ ସତଚାଲୀ ଦ୍ରୁଣ୍ଡି ବର୍ଷଣର ଆଶା ବା ପୁରସ୍କାର ପତ୍ର ପତ୍ରିକାରେ ନାମ ବାହାରିବାରେ କୌଣସି କୌଣସି ଲୁମାଶଙ୍କ ଅଖି ଗୋଚର ହେବାର ଅଭିଲାଷ ମଧ୍ୟ ଥାଏ ।

କିନ୍ତୁ ଦୁଃଖର କଥା ଓଡ଼ିଶାରେ ଗୋଟିଏ କାଗଜ ଅଛି ଯେ କି ସର୍ବାପେକ୍ଷା ଲୋକପ୍ରିୟ ହେବା ଭାବଶୀଳ ଗର୍ବରେ ତାର ଲେଖାକୁ ଖାତର କରେ ନାହିଁ । ବାରମ୍ବାର ଲେଖା ଫେରାଇ ହତାଶ ହୋଇ ଶେଷରେ ସେ ସଂପାଦକଙ୍କୁ ଯୋଗ ଚିଠି ଲେଖିଲ—

## ମାଙ୍କଡ ହାତରେ

ସଂପାଦକ ମହାଶୟ, ଅପଣ ଜାଣନ୍ତି ମୁଁ ଉତ୍କଳର ଜଣେ ଶ୍ରେଷ୍ଠ ଜଣା ଶୁଣା ଲେଖକ । ମୋର 'ଦେବଦୂତର ଭାଇ ବୋଉ ସ୍ୱର୍ଗ' ହଜାର ହଜାର ସଂଖ୍ୟାରେ ବିକ୍ରୀ ହୋଇ ଶେଷରେ ମହାତ୍ମାଙ୍କ ସଭାପତିତ୍ୱରେ ବସିଥିବା କଲିକତା ପ୍ରବାସୀ ସମ୍ମିଳନୀ ପ୍ରଦର୍ଶନୀରେ ଏକ ଶ୍ରେଷ୍ଠ ସ୍ଥାନ ଲାଭ କରିପାରିଛି । ମୋର 'କଲେଜଝିଅ' ବହି ଅଳ୍ପ ଦିନ ପୂର୍ବରୁ ବହୁ ବିଜ୍ଞାନର ରଜନୀର ସାଥୀ ସଙ୍ଗୀ ହୋଇଛି । ମୋର 'ପାଠ ପ୍ରସଙ୍ଗ' ହଜାର ହଜାର ସଂଖ୍ୟାରେ ବିକ୍ରି ହୋଇ ପାଠ୍ୟ ପୁସ୍ତକ ଗଗନରେ ଏପରି ଜ୍ୟୋତି ବିକାଶ କରିଛି ଯେ ମୋର ଅଖି ଝଲସି ଯାଇ ଅନ୍ଧ ହୋଇ ଯାଇଛି ଏବଂ ପ୍ରକାଶକ ମାନେ ୨୦ ହଜାର ଛାପିଲେ ସତ୍ତ୍ୱେ ମୋ ଅଖିରେ ମାତ୍ର ଦୁଇ ହଜାର ଧରା ପଡ଼ୁଛି । ଏ ପୁସ୍ତକର ଲଭ୍ୟାଂଶ ଦ୍ୱାରା ଟେକ୍‌ସ୍‌ଟବୁକ କମିଟିର ସଭ୍ୟଙ୍କ ଟାର୍ ଅରମ୍ଭ କରି ବହି ବିକ୍ରେତାର ମୂଲ୍ୟ ଛଡ଼ା 'ମାତ୍ର' ବାବଦକୁ ଟଙ୍କାର ଅନାଏ ହିସାବରେ ବିକ୍ରେତାଙ୍କ ମୁହଁକୁ ଚେଲ୍ୟ କରିଛି । ମୋର ଇତିହାସ ପୁସ୍ତକ ମୋତେ ନିକଟରେ ଉତ୍କଳ ଉପାଧିରେ ଭୂଷିତ କରିବ । ମୋର କାବ୍ୟ ପୁସ୍ତକର ଟୀକା ଲେଖି ଅର୍ଦ୍ଧବାବୁ ଶୀଘ୍ର ସାହିତ୍ୟ ଦେଶର ଲେଖାମାନ ପଦ ପାଇବେ । ମୋର ସଂବାଦ ପତ୍ରର ଲେଖା ଏକ କିମ୍ବଦନ୍ତୀ ସ୍ୱରୂପ ସାତ କୋଟି ମାନବରେ ଅଚିରେ ସ୍ଥାନ ପାଇବ । ଅତଏବ ମୋର ଇଚ୍ଛା ଅପଣ ଏଥି ସହ ପ୍ରେରିତ ଲେଖାକୁ ଅପଣଙ୍କ କାଗଜରେ ପ୍ରକାଶ କରି କାଗଜର ଲୋକପ୍ରିୟତା ଓ ପ୍ରସାରରେ ପ୍ରକୃତ ସାହାଯ୍ୟ କରିବାରେ ହେଳା ନ କରନ୍ତୁ ।

ଚିଠି ପାଇ ସଂପାଦକେ ଉତ୍ତର ଦେଲେ—ମହାଶୟ, ସାହିତ୍ୟର ସବୁ ଦିଗରେ ଅପଣଙ୍କର କୃତିତ୍ୱ ଓ ପ୍ରତିଭା ଜଗତ ବିଖ୍ୟାତ ହୋଇଛି । ଅମ୍ଭେ ତାହା ସ୍ୱୀକାର କରୁଁ । ମାତ୍ର ଅପଣଙ୍କ ପ୍ରେମ କାହାଣୀ ଗୁଡ଼ିକ ବଡ଼ ନୀରସ ଶୁଷ୍କ ହୋଇ ଯାଉଛି—ହାଇଫେନ ବା ବ୍ରେକେଟ ଭଳି । ରସପୂର୍ଣ୍ଣ କରିବାକୁ ହେଲେ ନାରୀ ପ୍ରେମର ପ୍ରତ୍ୟକ୍ଷ ଅନୁଭୂତ ହେବା ଉଚିତ । ମନେ ହେଉଛି ଅପଣଙ୍କର ସେ ଦିଗରେ ଅଭିଜ୍ଞତା !ଅଳ୍ପ । ଅପଣଙ୍କ ସହାନୁଭୂତି ବିଶେଷ ଭାବରେ ସମାଜର ବାଳକ

## ଅନାମ

ମାନଙ୍କର ଚରିତ୍ର ଗଠନ ଦିଗରେ ଗତି କରିଥିବାରୁ ନାରୀ ମହଲରେ ତାର ଅଦର ହୋଇ ପାରିବ ନାହିଁ । ଅପଣ ଅଭିଜ୍ଞତା ପ୍ରସୂତ ନାରୀ ନରଙ୍କର ପ୍ରେମ କାହାଣୀ ଲେଖିଲେ ଅଚିରେ ଅମ୍ଭେମାନେ ସ୍ଥାନ ଦେବୁଁ ଓ ତାହା ନାରୀ ମହଲରେ ଅପଣଙ୍କର ସୁନାମ ସଙ୍ଗେ ସଙ୍ଗେ !ଅମର ସୁନାମରେ ଯଥେଷ୍ଟ ସାହାଯ୍ୟ କରିବ ।

Digitized by srujanika@gmail.com

୪—ମଜାକଥା

ମଡ଼ୁଛି ଗାଇ ଗାନ ଲଳିତ କୃଷ୍ଣ ଅତି ଅଶାନ୍ତି ହୋଇ ପଡ଼ିଲେ । ନିରାଶ ହେବାର ପାତ୍ର ସେ ନୁହନ୍ତି । ଶାନ୍ତିନଗରେ ସେ ନିରାଶ ହେବେ ହୋଇ ନାହାନ୍ତି । ନାରୀ ପ୍ରେମ ଦାନରେ ଚେଷ୍ଟା କରିଥିଲେ ତାଙ୍କର ରୂପ ଯୌବନ ଓ ଅମାୟିକ ଅନେକ 'ଦମ୍ପତି' ଦେଲାପରେ ବନ୍ଧୁ ଶେଷକ୍ଷେତ୍ରରେ ବିଜୟୀ ଉପାଧି ପାଇପାର ଥାନ୍ତେ । 'ମାନ୍ଚେଷ୍ଟର ଟେଙ୍କିନ ଷ୍ଟ୍ରୀଟ୍' ନାମ ଉଠିଯାଇ 'ଲଳିତକୃଷ୍ଣ ଷ୍ଟ୍ରୀଟ' ବୋଲି ଜଗତ୍ ବିଖ୍ୟାତ ହେବେ ସୃଷ୍ଟି ହୋଇ ଯାଇଥାନ୍ତା ।

ବନ୍ଧୁ ଭାବିଚାନ୍ତ ଲଳିତକୃଷ୍ଣ ଠିକ୍ କଲେ ଅଗ ସେ ଅଭିଜ୍ଞତାଟା ସମ୍ପାଦକଙ୍କ ଅଡ଼ୁ ଆରମ୍ଭ କରିବେ । ସମ୍ପାଦକଙ୍କର ଗୋଟିଏ ସୁନ୍ଦରୀ କନ୍ୟା ଅଛନ୍ତି । ଅବିବାହିତା । କଲେଜ ପାଠ ପଢନ୍ତି । ଏଣେ ଚାକିରି ପାଇଁ ବିଶେଷ ବ୍ୟସ୍ତ । ବନ୍ଧୁ ବଡ଼ ବଡ଼ ଅଫିସରଙ୍କଠାରୁ ଆରମ୍ଭ କରି ମନ୍ତ୍ରୀମାନଙ୍କର ସୁନଜରରେ ଅଛନ୍ତି ମଧ୍ୟ ! ଚାକିରି ପାଇବା ତାର କଷ୍ଟ ନୁହେଁ । ଲେଖକ ହିସାବ୍‌ରେ ସେ ଯଦି ତାର ପ୍ରଣୟ ପ୍ରାର୍ଥୀ ହୁଏ ତେବେ ହୁଏତ ପ୍ରତ୍ୟାଖିତ ହେବ ନାହିଁ ।

ଅନୁମାନଟା ତାର ନିତାନ୍ତ ଅମୂଳକ ନୁହେଁ । ମନେହେଲା ସମ୍ପାଦକଙ୍କ କନ୍ୟା ଶ୍ରୀମତୀ ଲଳିତା ଯେପରି ଥୋପ ଗିଳିବା ପାଇଁ ଆଁ କରି ବସିଥିଲି । ବଂଶୀ ପଡିବା ମାତ୍ରେ ଧରିଛି । କେବଳ ଖାଇଁଟା ଏପରି ମାରିବା ଦରକାର ଯେପରି ଖସି ନଯାଏ ।

ରୋମାନ୍‌ସଟା ବଡ ବିଚିତ୍ର ଢଙ୍ଗରେ ଆରମ୍ଭ । କୌଣସି କାଗଜର ସାପ୍ତାହିକ ସଂଖ୍ୟାରେ ଲଳିତା ନାମରେ ଗୋଟିଏ କବିତା କୁମାର ଲଳିତ ପ୍ରକାଶ କରି ଶ୍ରୀମତୀ ଲଳିତାଙ୍କୁ ପଠେଇଦେଲେ । ସ୍ନେହର କୁମାରୀ ଲଳିତାଦେବୀ, ଜଣେ ବନ୍ଧୁ ମୋର ଲଳିତା ନାମକ କବିତାର ସମାଲୋଚନା କରି ପ୍ରତିବାଦ ଜଣାଇଛନ୍ତି ଯେ ତାହା ଅଶ୍ଳୀଳ ହୋଇଛି । କାରଣ ଉତ୍କଳ-ବିଖ୍ୟାତ ଜଣେ ସମ୍ପାଦକଙ୍କ କନ୍ୟା ନାମରେ ମୁଁ କଳଙ୍କ ଲେପିଛି । ମୁଁ ସତ କହୁଛି—କବିତା ମୋର କଳ୍ପନା-ଆପଣଙ୍କ ନାମ ତାହା ସହ ଜଡିତ କରିବାର ଉଦ୍ଦେଶ୍ୟ ମୋର ନଥିଲା । ମୁଁ ଆପଣଙ୍କ ନାମ ମଧ୍ୟ ଜାଣି ନଥିଲି । ଯେଉଁଥିପାଇଁ ଆପଣ ଯଦି ଆଘାତ ପାଇଥାନ୍ତି ତେବେ ମୁଁ ଅତିଶୟ ଦୁଃଖିତହେବି ଏବଂ ମୋତେ ମଧ୍ୟ ଆଘାତ ଲାଗିବ । ମୋତେ ଏ ପ୍ରଶ୍ନର ଉତ୍ତର ଦେବା ନଯାଏଁ ମୁଁ କଷ୍ଟିନ୍ତ ହୋଇପାରୁନାହିଁ । ମୋତେ ନିଶ୍ଚୟ କ୍ଷମା କରିବେ ବୋଲି ମୋର କାହିଁକି ବିଶ୍ୱାସ ହେଉଛି । ବିଶେଷତଃ ଏହି କେତୋଟି ପଦପାଇଁ ମୁଁ ବଡ଼ ଦୁଃଖିତ—ଅଥଚ ତାହାହିଁ କବିତାର ଶ୍ରେଷ୍ଠ ସମ୍ପଦ ।

"ଲଳିତ ମୋହର ଗଲେ ଲଳିତତାହାର କରି,
"ତତପରେ ବାଢ଼ିଲା ଯେବେ ଅମୃତ ଅଧର ଝର
"ସେଦିନ ଜାଣିଲି ସେ ମୋ ଜନମ ଜନମ ସାଥି
"ଯେଯାହା ଜଗତେ ବନ୍ଧୁ ନେବତାକୁ ବୁଝିପାରି ।"

ଏହାମୋର କଳ୍ପନା ମାତ୍ର । ଆପଣ ନିଜ ଅଡକୁ ଏହା ଟାଣିନେବେନାହିଁ । ଯଦି ଟାଣି-ଥାନ୍ତି ତେବେ ହାଣିଦେଲା ପରି ଲାଗିବ । ଆପଣ ଜାଣି ଶୁଣି ନୀରବ ରହିବେ ନାହିଁ । ସଣଦେଇ ରହିଲି ।

ଉତ୍ତର ତାର ମିଳିଲା—ଆପଣ ଦୁଃଖ କରିବେ ନାହିଁ । ମୁଁ ଆଘାତ ପାଇ ନାହିଁ । କାରଣ ଭଗବାନଙ୍କର ଯାହା ଇଚ୍ଛା ତାହା ହେଲା । ମନୁଷ୍ୟର ସେଥିରେ ହାତ ନାହିଁ । ଆପଣ ଦରକାର ମନେ କଲେ ଏଇ ଲୋକ-ହାତରେ ଚିଠି ଦେବେ । ପୋଷ୍ଟରେ ଦେଲେ ଅନ୍ୟମାନେ ପଢ଼ିପାରନ୍ତି । ପଢିବାରେ କ୍ଷତି ନାହିଁ କିନ୍ତୁ ଆଜିକାଲି ଦୁନିଆଟା ଖରାପ । କାଲେ କିଏ କଣ ଭାବିବ । ଆମର ସମ୍ପର୍କ ଖରାପ ନୁହେଁ । ନିଛକ ବନ୍ଧୁତା । ଇତି

ତା ପରେ ଚାଲିଲା ପତ୍ର ବିନିମୟ । ହେଉ ହେଉଁ ଗଭୀର ପ୍ରେମ । ହଠାତ୍ ଦିନେ ସମ୍ବାଦ ମିଳିଲା ସମ୍ପାଦକଙ୍କ ଝିଅ ହଠାତ୍ ସହରରୁ ହରଣଚାଲି ।

ତହିଁ ଆରଦିନ ସମ୍ପାଦକଙ୍କ ନାମରେ ଗୋଟିଏ ଗଳ୍ପ ଆସିଲା—ନାୟକ ନାୟିକା ଦୁହେଁ ଅତିରିକ୍ତ ପ୍ରେମ ବଶତଃ ଅସମ୍ଭାଳ ହୋଇ କଳିକତାରେ ବିବାହ ରେଜିଷ୍ଟ୍ରି କରିଦେଲେ କାରଣ କେଉଁ ପକ୍ଷର ବାପ ମା ରାଜି ନଥିଲେ ।—ଗଳ୍ପର ନାମ ଆଦର୍ଶ ପ୍ରେମ ।

ସମ୍ପାଦକ ସେଇଦିନ ତାଙ୍କ କାଗଜରେ ସେଇ ଗଳ୍ପ ଟିକୁ ସ୍ଥାନ ନ ଦେଇ ରହି ପାରିଲେ ନାହିଁ । ଏତେ ଚମତ୍କାର ଗଳ୍ପ ।

କିନ୍ତୁ ଏ ମଜାକଥାର ଲେଖକ କହି ପାରିବ ନାହିଁ—ଲେଖକ ଲଳିତ କୃଷ୍ଣଙ୍କର ଗଳ୍ପ ତାଙ୍କ କାଗଜରେ ସ୍ଥାନପାଇଥିଲା କିମ୍ବା ଜାମାତା ଲଳିତଙ୍କର ଗଳ୍ପକୁ ସେ ସ୍ଥାନଦେଲେ ପଇସା ପଡ଼ିବ ନାହିଁ ବୋଲି—ଏ ବିଷୟରେ ଗବେଷଣା ଚାଲିବା ଆବଶ୍ୟକ—।

( ପ୍ରକାଶ ଥାଉକି ଡଗର ସମ୍ପାଦକଙ୍କର ମୂଳକୁ ମାଇପ ନାହିଁ—ସଂ ଡ଼ଃ )

—*—

## କୁତୁ କୁତୁ

ନବପରିଣୀତା—ମୁଁ ଜାଣିଥିବା ବୋକା ବୋଲି ତମକୁ ବାହା ହେଲି ।

ସ୍ୱାମୀ—ତମ ପ୍ରେମରେ ମୁଁ ଏତେ ଦୂର ଅନ୍ଧ ହୋଇଯାଇଥିଲି ଯେ ତମ ବୋକାମି ମୋ ଆଖିକୁ ଯେତେ-ବେଳେ ଦିଶିଲା ନାହିଁ ।

\+ \+ \+

ପୁଅ—"ମା, ମୁଁ ସ୍କୁଲରେ ସବୁଠାରୁ ବାଧ ଛାତ୍ର ହିସାବରେ ମୁକ୍ତସ୍ଥାନ ପାଇଛି ।"

ମା—"ବାପର ପୁଅ ତୁ ।"

\+ \+ ×

କୁମ—"ତୁ ରବିକି ଦେଖିଲେ; ଏମିତି ଦାନ୍ତ ନେଫୁଡ଼ି କାହିଁକି—ସେ ଖସିଯିବେ ଯେ ।"

ହେମ—"ମୋ ଦାନ୍ତ ଭାରି ସୁନ୍ଦର ବୋଲି ସେ ନିଜେ କହିଛି ।"

\+ \+ \+

"ପ୍ରିୟ, ବିଦାୟ ଯେ ଦେବାକୁ ହେବ ବର୍ତ୍ତମାନ ।"

"ମୁଁ କି ତମକୁ ଛାଡ଼ି ଯାଇ ପାରେ ।

"ନିଶ୍ଚୟ ପାରିବ—ଷ୍ଟେସନକୁ ଘୋଡ଼ାଗାଡ଼ି ମିଳେ ।"

\+ × ×

ଡ଼ା—'ତମ ଦେହର ଉତ୍ତାପ କିପରି ?"

ରୋଗୀ—"ଭାରି ଗରମ ।"

ଡ଼ା—"ତମ ସ୍ତ୍ରୀ କିପରି ଅଛନ୍ତି ?"

ରୋଗୀ—"ଭାରି ଗରମ ।" \+ \+

ପୋଷ୍ଟ ଅଫିସରେ ଶ୍ରୀମତୀ ଓ ଶ୍ରୀଯୁକ୍ତ ଖଣ୍ଡିଏ ଚିଠି ଛାଡ଼ିଆସିଥିଲେ । ପୋଷ୍ଟ ପିଅନ କହିଲା—ଆଜ୍ଞା ଆପଣଙ୍କର ଛାଡ଼ପତ୍ର ଖଣ୍ଡ...।

× \+ ×

Digitized by srujanika@gmail.com

# ଭୁତକୋଠିକୁ ଚିଠି

( ହନୁମାନ ବ୍ରହ୍ମଚାରୀ ବି. ଏ. (ଅଂଶ) )

ଭୁତକୋଠି । ସଢ଼ ସାଢ଼େ ସାତ୍ ।
ତାରିଖଟା··· [କେତେହେବ ମନୁ ନାହିଁ ପାଶୋର ହଠାତ୍)
ବୋଧହୁଏ—] ଉରଶ ଜୁଲାଇ
ପ୍ରିୟ୍ ଭୁତ ଭାଇ,
ଗୃହିଁ ଚାହୁଁ ଜାଣିବାକୁ ଏ ବର୍ଷର କଲେଜୀୟ
ମୋର ଇତିହାସ;
କ୍ଲାସରେ ପଢ଼ାପଢ଼ି ମନେନୁହେଁ—ସୁନ୍ଦର, ଯଥା ଦୀର୍ଘଶ୍ୱାସ । .
(1) ଅଧ୍ୟାପକ 'K କଉବ୍' ପଢ଼ାନ୍ତି ଯା'
ଗମ୍ଭୀରଅ-ଖାଣ୍ଟି ଅଜ ବେଶ୍,
ଅଧ୍ୟାପକ R² (ସ୍ନିଗ୍ଧ ଏକ ଭଙ୍ଗୀର Palace)—
ପଢ଼ାନ୍ତି ଯା' ଚମତ୍କାର, romantic
ବେଶୀ କୁହୁଁ, ଭଙ୍ଗୀର ମାଧ୍ୟମେ;
ଅଧ୍ୟାପକ କେ. ମିଶ୍ରଙ୍କ ପଢ଼ା Plus କଣ୍ଠସ୍ୱର ଶତପ୍ରାଣ ରମେ
ଅଧ୍ୟାପକ K. B. T. ଙ୍କ ପଢ଼ା ଭଲ ହେଲେ ବି ଶୁଣିନି;
ଅଗରୁ ଚଳିନ ଥିଲେ, ଯାହାହଉ କଏ କଏ
ଅମେ ଏମ୍. ଏ. ପିଲ୍—
ଏଣିକି ସେ ଚାଲିଲେଣି ଗୃହିଁ ଗୃହିଁ ଅମ ମୁହଁ ଖାସ୍,
(2) [ ଯେହେତୁ ଅମର ଏଠା (ଜାଣିଚୁ ତ)
ବ୍ରହ୍ମଚାରୀ Class]
ମଝିରେ ଷ୍ଟେସନ୍,
ସେ ପଟେ କଲେଜ, ଅଜ ଏ ପଟେ
ଅମ୍ବ, ବର, ଝାଉଁ, ଫାସିବନ ।
ଏ ବନରେ ମଶା ଅଜ ମାଛିଙ୍କର ଚଳେ ନିତ୍ୟବାସ,
ଅଛୁ ପୁଣି ଗୌଡ଼ୀୟ ବା ଉତ୍କଳୀୟ ବୈଷ୍ଣବଙ୍କ ବୈକୁଣ୍ଠ ନିବାସ,
[3] ଏବେ ତାହା ଭୁତକୋଠି ( ଦିନେ ଯହିଁ
ଧାଉଁଥିବା ରେଲ୍ଗାଡ଼ି ମେଲ୍ ଓ ଫିମେଲ୍ ?)
ଓରଫେ ମୟୂରଭଞ୍ଜ—କୋଠା, ସେହି ଅମର ହଷ୍ଟେଲ
ଏ ହଷ୍ଟେଲରେ ଅଧ୍ୟାପକ ଜେ. କେ. ମିଶ୍ର
Superintendent.
ପିଲାଙ୍କର ବନ୍ଧୁକ agent.
Bohemian ଅଇନ୍ ଓ ଏମ୍. ଏ. ଛାତ୍ରଯୂଥ
ନିତ୍ୟବାସେ ମଙ୍ଗଲେ ମୁରବୀଏ ସନ୍ଧ୍ୟାରେ ନାଚିବେ ବହୁତ,
ତେଣୁ ହେଲ D. D. T. ସିଞ୍ଚନ
କିନ୍ତୁ ମଶା ମାଛି ପ୍ରୀତି—ବଗାନୁଗା ବଢ଼ିଗଲେ ମହଣ ମହଣ ।
ମାଲ ଗୋଦାମରୁ ନାଇ ଷ୍ଟେସନ ପର୍ଯ୍ୟନ୍ତ
ସଣ୍ଟିଂ ଅଟକାଇ ପଥେ କରେ ଅତି ଘମାଣ୍ଡ ବକ୍ରତ;
ଇଞ୍ଜିନର ଧୂଆଁ ଦେଖି ବିବାହିତ କେତେ କବି—କସମ୍ର ସାଥୀ
ଜଳପନ୍ତି ମେଘ, ମେଘ ମେଘଦୂତ,
ଯହିଁ ପୁଣି ପ୍ରିୟା ଅଜ ରାତି ।

ପ୍ରିୟାସ୍ଥାନେ ଜଳନେ ବି ଦି' ଜଳନ ଦୀର୍ଘଶ୍ୱାସ ମାର
କଥରତ୍ ବେ- ଚର ଛାତିକି ବିସ୍ତାର
(4) Casual basis ରେ ଅମ ଭଗା ବାଚ୍ଲାର୍ ସଂଘ
ସାଥୀପ୍ରିୟା ବୃନ୍ଦେ କରେ ଅନୁସନ୍ଧ ପ୍ରିୟଂବୃ—ପ୍ରସ୍ତାବ
ଚଳନ୍ତି ବଡ଼ ଅଲ୍ପ ଦେବେ ଦେବେ ବୋଲି ସରକାର
ପ୍ରତିଦିନ ଖବରକାଗଜ 'ଏକମାତ୍ର ସାତଦିନ ପରେ' ବାରମ୍ବାର ।
ହୋଇଚ ଯା ପାଣିର ସ୍ୱବସ୍ଥା,
କଲେଜେ ସ୍ନାହାନ ନୁଏ, ଏଠି ସବୁ ଦେଉଛନ୍ତିଲେଣି ନାହିଁ—
(ଯେହେତୁ ପିଇବା ପାଣି ନାହିଁ,) ଦୁଃଖ ନ କରିବ ଭାଇ,
ପ୍ରତିରାତି meal ପରେ ଯୂଥ ଯୂଥ ଷ୍ଟେସନକୁ ପିଇବାକୁ ଯାଇ
(5) ଫେରୁ ଫେରୁ ବାଜି ଯାଏ ତେର୍
ଷ୍ଟେଅର୍ କେସେ ଝୁଣ୍ଣା ଝୁଣ୍ଣି, ପଙ୍ଖା ପନ୍,
ମଶାଙ୍କର ଗୁଞ୍ଜନ ଓଗେର୍ ।
Boundary ଅରପାଖେ ପୋଲିସ୍ ଲାଇନେ
ଭୋରହାରେ ଡାକା ପୁମ୍ପ ବାଜେ ସବୁ ଦିନେ
Military police ପ୍ୟାରେଡ୍ ।
[6] ଦର୍ଶୀ ପ୍ର-ାମ କରେ ଅଧ୍ୟାନଦେ ରୁମେ ତା'ର ବେଡ୍—
"ନୈଷାଦଣ୍ଡି କରେଛେନ୍ ପାଲଙ୍କନ୍ୟ ଗନ୍ଧେ ମାଛ ଦାନ୍,
ହାରମାନ ବିନ୍ଦୁ ଜନ୍ୟ ଯେ ବାଲବ ମୁଚେ ଦେବ ଜାନ୍
ଉତ୍କଳୀୟ ବୈଷ୍ଣବେର କନ୍ଦନ ଜିନି, ଜାନେନା କେମନ୍
Post-war style ତେ ବିଧାନରେ କିଷ୍ଟେ ଚୁମ୍ବନ ।
ଚେତ ନତିନାଶେ ଗୃହି ଭଟ୍ଟେଚ୍ ସୁନ୍ଦେଶ
ଭଙ୍ଗି ଦିବେ କାଚ ଅଲିମାରୀ;
ଅମି ବନେ ଭଲେ Secretary,
Seminar ନାମ ଭୁମି ହାସ୍ ଓଗୋ ପ୍ରିୟା Semi—ନାରୀ ।"
ତା'ର ଏଇ ଦଶା,—ନେଇ Special ବଙ୍ଗଭାଷା,
ବୈଷ୍ଣବ ଦର୍ଶନ,
ଲାବଣ୍ୟବତୀଙ୍କ କରେ ସପନରେ ନିପଶ୍ଚିତ ଅଜସ୍ର ଚୁମ୍ବନ ।
ପ୍ରାଚୀନ ସାହିତ୍ୟେ ଯେତେ ନାୟିକା ତା ପ୍ରିୟା;
ସ୍ୱାସ୍ଥ୍ୟ ତାର ନିହାତ୍ ଧଡ଼ିଅ ।
କାଲୀନର୍ସ ସାଥେ ହୁଏ gate ପାଖେ daily ମୁଲାକାତ୍,
ଅଜ କିନ୍ତୁ ମୁଖେ ତାର ଦେଖିଲି ମୁଁ ନାଲିବର୍ଣ୍ଣ ଉଚ୍ଛ୍ୱାସ ହଠାତ୍,
ଉଭଟ beauty spot ଶୋଭେ ଠିକି ଅଣାଏ ସ୍ପନ୍ଦନ,
କର୍କଶ ଦାଂସଲ ଗାଲେ ହଂସ୍, ଏକ philosophy
କରଇ ଗୁଞ୍ଜନ ।
ମୋର ବାହାଘର ଅଛି ଛଅବର୍ଷ ମାତ୍ର ମୁଲ୍ତବୀ,
ଦେଉନାହିଁ ଅଲିମନ୍ୟାଲ ବି ।
ବର୍ଜେନ୍ ପାଇବ ବୋଧେ ମାସେ ପରେ ପିତାର ସମ୍ମାନ ।
ଇତିଦବୁ । ତୋର ହନୁମାନ୍ ।

---

Foot Note—(1) Kକଉବ୍ $= K^3 =$ K. K. K. ସେପର $R^2 =$ R. R ( R. ସ୍ୱାମୀ ) (2) ବ୍ରହ୍ମଚାରୀ class=ଯେଉଁ କ୍ଲାସରେ ଝିଅନଥାନ୍ତି (3) ଫିମେଲ୍=ପାସେଞ୍ଜର ଗାଡ଼ି ।

(4) ବାଚ୍ଲର୍ ସଂଘ=Bachelors' society [5] ବାରଡେର୍=B. N. Rର ପ୍ରସ୍ତାବ ଯୋଗେ ଏ ଅଭ୍ୟାସ ।

[6] Room ଓ bed ରଚ ମୀ ସ୍ୱବନ୍ଧ— ରୁମେ, ବେଡେ ।

Digitized by srujanika@gmail.com

# କଥାଚିତ୍ର

ଲେଖକ— ଶ୍ରୀ ବ୍ରହ୍ମାନନ୍ଦ ପଣ୍ଡା

ସମ୍ବାଦ ପତ୍ର, ବେତାର ଓ କଥାଚିତ୍ର— ଏହି ତିନିଗୋଟି ଅଭିବ୍ୟକ୍ତି ମାଧ୍ୟମ ଉପରେ ନିର୍ଭର କରି ବିଂଶ ଶତାବ୍ଦୀର ସମାଜ ବିକାଶ ପଥରେ ପାଦ ବଢ଼େଇଛି । ଦ୍ୱିତୀୟ ମହାସମରର ଅବସାନ ପରେ ଏହି ମାଧ୍ୟମ ମାନଙ୍କର ପ୍ରକୃତ ଶକ୍ତି ଉପଲବ୍ଧି କରି ପୃଥିବୀର ପ୍ରତ୍ୟେକ ସରକାର ଏମାନଙ୍କ ଉପରେ ଆପଣାର କର୍ତ୍ତୃତ୍ୱ ପ୍ରତିଷ୍ଠା କରିବା ପାଇଁ ଅତି ବ୍ୟାକୁଳ । ଏହି ମାଧ୍ୟମ ମାନଙ୍କୁ ଗୋଟିଏ ଦ୍ୱିଧାର ବିଶିଷ୍ଟ ଅସ୍ତ୍ର ସଙ୍ଗେ ତୁଳନା କରାଯାଇ ପାରେ । କ୍ଷମତାନ୍ଧ ରାଜନୀତିଜ୍ଞଙ୍କ ଇଙ୍ଗିତରେ ଏହା ଜନମତ ଓ ଜନ ମଙ୍ଗଳ ବିରୁଦ୍ଧରେ ଯେପରି କାର୍ଯ୍ୟକରି ପାରେ ଉପଯୁକ୍ତ ହାତରେ ଏହା ସେହିପରି ଜନତାକୁ ସବୁ ଦିଗରେ ଉନ୍ନତ ମଧ୍ୟ କରିପାରେ । ସୁତରାଂ ଏହି ତିନିଗୋଟି ମାଧ୍ୟମର ଗୋଟିଏ ସଂପ୍ରସାରିତ କ୍ଷେତ୍ର ଭିତରେ ଏହି ଯୁଗର ପ୍ରଗତି ଚଳଣୀଳ । ଆଧୁନିକ ମାନବର ଦୈନନ୍ଦିନ ଜୀବନକୁ ସରସ ଓ ସମୃଦ୍ଧ କରିବାକୁ ହେଲେ ସମ୍ବାଦ ପତ୍ର, ବେତାର ଓ କଥାଚିତ୍ର ଅପରିହାର୍ଯ୍ୟ । ଆଧୁନିକ ମାନବ ନିଜକୁ ଅଭିବ୍ୟକ୍ତ କରିବା ପାଇଁ ଓ ଅନ୍ୟଙ୍କ ଅଭିବ୍ୟକ୍ତିକୁ ଶୁଣାଣି ଦେବାପାଇଁ ଯେଉଁ ଆତୁରତା ପ୍ରକାଶ କରିଥାଏ, ତାହା ତାହାର ଭୋଜନ ଓ ପ୍ରଜନନ ପ୍ରବୃତ୍ତି ଠାରୁ କିଛି କମ୍ ନୁହେଁ । ଏହି ପ୍ରବନ୍ଧରେ ମୋର ଆଲୋଚନା କଥାଚିତ୍ର ଭିତରେ ସୀମାବଦ୍ଧ ।

କର୍ମମୟ ଜୀବନର ବିଶ୍ରାନ୍ତ ମୁହୂର୍ତ୍ତ ଗୁଡ଼ିକୁ ଶିକ୍ଷଣୀୟ ଭାବରେ ସଙ୍ଗୀତମଦିର, ନୃତ୍ୟ ମୁଖର ଓ ସର୍ବୋପରି ପ୍ରମୋଦପୂର୍ଣ୍ଣ କରିବା ଉଦ୍ୟମରେ ଯୁଗ ଯୁଗର ସାଧନା ଓ ପ୍ରଗତି ଭିତରେ ବହୁ ବାଧା ବିଘ୍ନ ଓ ପ୍ରତିବନ୍ଧକ ଲଙ୍ଘନ କରି କଥାଚିତ୍ର ଆଜି ଅଭିବ୍ୟକ୍ତିର ଗୋଟିଏ ପ୍ରଧାନ ମାଧ୍ୟମ ହୋଇ ଠିଆ ହୋଇ ପାରିଛି । ପୃଥିବୀର ଅଗ୍ରଗାମୀ ଦେଶ ମାନଙ୍କ ମଧ୍ୟରେ ରୁଷ, ଆମେରିକା, ଫ୍ରାନ୍ସ ଓ ଇଂଲଣ୍ଡର ସରକାରମାନେ ଏହି ମାଧ୍ୟମର ବୈଶିଷ୍ଟ୍ୟ ଉପଲବ୍ଧି କରି, ଏହାର ଉତ୍ତରୋତ୍ତର ଉନ୍ନତି କଳ୍ପନାରେ ଯୋଜନା ପ୍ରସ୍ତୁତ କରି ଦେଶର ପ୍ରତିଷ୍ଠିତ ଶିଳ୍ପ ସଂସ୍ଥା ମାନଙ୍କ ସଙ୍ଗେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରୁଛନ୍ତି । ଭାରତ ସରକାର ଏହି ଦିଗରେ ଏ ପର୍ଯ୍ୟନ୍ତ ଉଦାସୀନ । ବରଂ କଠୋର ସେନ୍ସର ଓ ଅଗଣତନ୍ତ୍ରୀୟ ଭାବେ Entertainment tax ବୃଦ୍ଧି କରି ଦେଶର ଏହି ବର୍ଦ୍ଧନଶୀଳ ଶିଳ୍ପଟିକୁ ପଙ୍ଗୁ କରିବାକୁ ବସିଛନ୍ତି । ଭାରତରେ ଏହି ଶିଳ୍ପର ବିଶିଷ୍ଟତା ଏହି ଯେ ଏଥିରେ ବିଦେଶୀ ମୂଳଧନ କେବେହେଲେ ଖଟାଯାଇ ନାହିଁ । ନିତାନ୍ତ ଲଜ୍ଜା ଓ କ୍ଷୋଭର ବିଷୟ, ବମ୍ବେର ମାନ୍ୟବର ମୋରାର୍ଜୀ ଦେଶାଇ ଜଣେ ଚଳଚ୍ଚିତ୍ର ସମ୍ବାଦ ଦାତାଙ୍କୁ ଦର୍ଶନ ଦେଇ ଭାରତୀୟ ଚଳଚ୍ଚିତ୍ର ଶିଳ୍ପର ପ୍ରସାର ସମ୍ବନ୍ଧେ ଆଲୋଚନା କରୁ କରୁ କହିଲେ, "I am ashamed whenever I see an Indian picture" ତାଙ୍କର ଏହି ଅଦ୍ଭୁତ ଉକ୍ତି ବିରୁଦ୍ଧରେ I.M.P.P.A. ବା Indian Motion Picture Producers Association ଖଡ୍ଗହସ୍ତ ହୋଇ ଉଠିଲେ ଭାରତ ସାରା ଆନ୍ଦୋଳନ ତଥା ପ୍ରତିବାଦର ସମ୍ମୁଖୀନ ହେବାର ନୈତିକ ସାହସ ମାନ୍ୟବର ମୋରାର୍ଜୀଙ୍କର ନଥିଲା ପରିଶେଷରେ—I am misrepresented କହି ସେ ନିଜକୁ ବଞ୍ଚାଇ ନେଲେ । ସରକାର ପାଖରୁ ଚଳଚ୍ଚିତ୍ର ଶିଳ୍ପ ଏମିତି ସାହାଯ୍ୟକ ମନୋଭାବ ଆଶା କରେନା । ଏହାର ତୁଳନାରେ ସରକାରୀ ଉଦାସୀନତା ବରଂ ଶ୍ରେୟସ୍କର ।

ଆଜିର ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ଭିତରେ ଗଳଦ ଯେ ରହିଛି ମୁଁ ମୁକ୍ତ କଣ୍ଠରେ ସ୍ୱୀକାର କରେଁ । ଅନେକ ସମୟରେ କେବଳ ବ୍ୟବସାୟ ଦୃଷ୍ଟି କୋଣରୁ ଛବିଟିକୁ Box office Hit କରିବାକୁ ଯାଇ, ସାଧାରଣ ଅଶିକ୍ଷିତ ଜନତାର ନିମ୍ନରୁଚି ଓ Sex appeal ଉପରେ ଦୃଷ୍ଟି ନିବଦ୍ଧ ରଖି ଅନେକ ଛବିରେ ଭାରତୀୟ କଳା ଓ ସଂସ୍କୃତିକୁ ନିର୍ମମ ଭାବରେ ହତ୍ୟା କରାଯାଇଛି । ଦୁନିଆଳି ଜୀବନ ଉପରେ ଦୃଷ୍ଟି ଦେଇ ଦେଖିଲେ ଅଧିକାଂଶ ଭାରତୀୟ ଛବିରେ ଅସ୍ୱାଭାବିକତା ରହି ଗଲାଣି । ଅବିନଶ୍ୱର ମୂଳନୀତି—କାଳ ସ୍ଥାନ ଓ ପାତ୍ର ( Time place and action ) ଉପରେ ଦୃଷ୍ଟି ନକରି ଦିଆ ଯାଉଛି । ଏଥିପାଇଁ ଦାୟୀ କେତେକଟା ଧନଲୋଲୁପ ଆଦର୍ଶହୀନ ପ୍ରଯୋଜକ । ଭାରତ ମାଟିରେ ଚଳଚ୍ଚିତ୍ର ଶିଳ୍ପର ଉତ୍ପତ୍ତି ଯେପରି ଭାବରେ ହୋଇଛି, ତାର ଭିତର ଦେଇ ଦେଖିଲେ ଏମାନଙ୍କର ଦୋଷ ଲାଘବ ମଧ୍ୟ କରିହେବ । ସେ ବିଷୟ ପରେ । ଏହିପରି ବାତାବରଣ ଭିତରେ ମଧ୍ୟ "ରାମରାଜ୍ୟ" "ଭରତ ମିଲାପ" "ଶକୁନ୍ତଳା" "ପରବତ୍ ପେ ଅପନା ଡେରା" "ସେଷ୍ଠ", "କଞ୍ଜୀର", "ଜୀବନ", "ଉଦୟେର ପଥେ", "ରାମେର ସୁମତି", "ରତନ", "କଲ୍ପନା", ବା "ବୁଠ୍ ନସ୍", "ମୀରା", "ବୀନତ୍", "ନାସିଁଶି", "ଶିକାୟତ୍", "ମୈଁ ଅ ଘର୍ ଅ ଯା", "ରାମଯୋଷୀ", "ବାଦଲ୍", "ଗୁଲଷନ୍", ଓ "ନାଇଟ୍" ପରି କେତେକ ଉଚ୍ଚ ଦରର ଛବି ମଧ୍ୟ ସମ୍ଭବ ହୋଇଛି । ଏଥି ଭିତରୁ କେତେକ କଳା ଓ କେତେକ ଟେକ୍ନିକ୍ ଦୃଷ୍ଟିରୁ ଉତ୍କୃଷ୍ଟ ହୋଇଛି । ଛବିର ଏହି ଦରଣୀରେ କେତେକଜଣ ବିଶେଷଜ୍ଞଙ୍କ ଚଳଚ୍ଚିତ୍ର ଶିଳ୍ପର ପ୍ରସାର କାମନାରେ ନିଷ୍ଠା, ସହାନୁଭୂତି, ଆନ୍ତରିକତା ଓ ଧୈର୍ଯ୍ୟର ପରିଚୟ ମିଳେ । କେତେ ଗୋଟା ଛବି ଏପରି କଦର୍ଯ୍ୟ ରୁଚି ବିଶିଷ୍ଟ ଯେ ନିଜର ଅବିବାହିତା ଭଉଣୀ ଓ କେତେକ କ୍ଷେତ୍ରରେ ନିଜର ସ୍ତ୍ରୀକୁ ନେଇ ମଧ୍ୟ ସେହି ସବୁ ଛବି ଦେଖିବା ସମ୍ଭବ ନୁହେଁ । ଶିଳ୍ପର ଏହି ସବୁ ଦୋଷ ସୁଧାରିବାକୁ ହେଲେ ସରକାରଙ୍କ ହସ୍ତକ୍ଷେପଣ ନିତାନ୍ତ ପ୍ରୟୋଜନ । କିନ୍ତୁ ଏହା ଗଠନ ମୂଳକ ହେବା ଉଚିତ । ତାହା ହେଲେହେଁ ଜନ ମତ ଓ ଜନରୁଚିକୁ ସଭ୍ୟ ଓ ଶ୍ଳୀଳ କରିବା ସହଜ ହେବ ।

Digitized by srujanika@gmail.com

ଚଳଚ୍ଚିତ୍ର କଳା ଓ ଶିଳ୍ପର ଗୋଟିଏ ଚରମ ସମାବେଶ । ତାହା ଅନ୍ୟ କୌଣସି ଶିଳ୍ପ ପକ୍ଷରେ ସମ୍ଭବପର ନୁହେଁ । ଅନ୍ୟ କୌଣସି ଶିଳ୍ପ କ୍ଳାନ୍ତ, କ୍ଷିପ୍ତ ଓ Over—strained ଆଧୁନିକ ମାନବକୁ ମାନସିକ ସୁସ୍ଥତା ଦେବାରେ ସମର୍ଥ ନୁହେ । ସୁତରାଂ ସମାଜ ମଙ୍ଗଳ ଦିଗରେ ବ୍ୟବହୃତ ନକରି ଚଳଚ୍ଚିତ୍ରକୁ କେବଳ ବିଳାସର ଉପାଦାନ କହି ଉପେକ୍ଷା କରିଦେବା ଉଚିତ ହେବନାହିଁ । ରୁଷ, ଆମେରିକା, ଇଂଲଣ୍ଡ ଓ ଫ୍ରାନ୍ସରେ Film ଓ ବେତାର ବିଭାଗ କୃଷି ସ୍ୱାସ୍ଥ୍ୟ, ବାଣିଜ୍ୟ, ଭ୍ରମଣ, ପୌରନୀତି ଇତ୍ୟାଦି ନାନାପ୍ରକାରର Documentary Films ଓ Educational Short, 16 m.m. ନେଗେଟିଭ୍‌ରେ ପ୍ରସ୍ତୁତ କରି ଗଠନମୂଳକ କାର୍ଯ୍ୟକ୍ରମର ଅଙ୍ଗୀଭୂତ କରିଛନ୍ତି । ଶିଶୁ ଶିକ୍ଷା ସମ୍ବନ୍ଧେ ମଧ୍ୟ ସେମାନେ କଥାଚିତ୍ରକୁ ପୂର୍ବରୁ କାର୍ଯ୍ୟକାରୀ କରାଇ ସାରିଲେଣି । ପୃଥିବୀର ଯେଉଁ ସବୁ ଦେଶ କଥାଚିତ୍ର ମାଧ୍ୟମକୁ ଶିଶୁ ଶିକ୍ଷାରେ ବିନିଯୋଗ କରନ୍ତି, ସେମାନଙ୍କ ଭିତରେ ରୁଷ, ଆମେରିକା ଓ ଇଂଲଣ୍ଡ ପ୍ରଥମ ଶ୍ରେଣୀର । ଭାରତ ସବୁ ଦେଶ ପଛରେ ପଡ଼ିଛି ।

ଲଣ୍ଡନରେ ଶ୍ରୀମତୀ ମେଫିଲ୍‌ଡ୍ ପ୍ରଥମେ ଏହି ଦିଗରେ ଗବେଷଣା କରନ୍ତି । ତାଙ୍କର ଦୁଇଗୋଟି ଛବି—"Sercets of Nature" ଓ "Secrets of Life"—ବହୁକାଳ ପର୍ଯ୍ୟନ୍ତ ଦର୍ଶକଙ୍କ ମନରେ ସଫଳତାର ସହିତ ଗାଢ ରେଖାପାତ କରିଥିଲା । ୧୯୨୬ ରେ ଶ୍ରୀମତୀ ମେଫିଲ୍‌ଡ୍ British Instructional Filmରେ ନିଯୁକ୍ତ ହେଇ ଶିକ୍ଷାମାଧ୍ୟମରେ କଥାଚିତ୍ରକୁ ବ୍ୟବହୃତ କରିବା ସାଧନାରେ ଲାଗିପଡନ୍ତି । ଇଂଲଣ୍ଡରେ" Animated Diagrams for Instructional Films"ର ସେ ପ୍ରଦର୍ଶିକା, ଏଥିସମ୍ବନ୍ଧେ ଗବେଷଣା ପାଇଁ ସେ ୧୯୩୦ ରେ British Gaumont ନାମକ ଚିତ୍ର ପ୍ରତିଷ୍ଠାନରେ ଯୋଗଦାନ କରନ୍ତି । ବର୍ତ୍ତମାନ ସେ ଓ J. Authur Rank ଙ୍କ ନବ ପ୍ରତିଷ୍ଠିତ "Childrens Entertainment Films Ltd." ର ପ୍ରଧାନ ଅଧ୍ୟକ୍ଷା ।

ରୁଷ ଓ ଆମେରିକାରେ ଦ୍ୱିବିଧ ଛବି ପ୍ରସ୍ତୁତ କରାଯାଏ । ଗୋଟିଏ କେବଳ ଶିକ୍ଷା ଓ ଅନ୍ୟଟି ନିର୍ଦ୍ଦୋଷ ପ୍ରମୋଦ ସମ୍ବନ୍ଧୀୟ । ଆମେରିକା କିଣ୍ଡରଗାର୍ଟେନ ଅଧ୍ୟକ୍ଷ ଓ ହଲିଉଡ୍ କର୍ତ୍ତାଙ୍କ ସହଯୋଗରେ ଏହି ସବୁ ଚିତ୍ରପ୍ରସ୍ତୁତ ହୁଏ । ଶିଶୁ ବିନୋଦ ଦିଗରେ ପୃଥିବୀରେ ପ୍ରଥମ ସ୍ଥାନ ଅଧିକାର କରିବା ଲାଗି ଆମେରିକା ଶ୍ରୀମାନ ଓ୍ୱାଲ୍ଟ ଡିସ୍‌ନେଙ୍କ ପାଖରେ ଚିରଋଣୀ । ତାଙ୍କର କୃତ "Micky Mouse", "Goofy" ଓ "Donald Duck" ପୃଥିବୀର ଶିଶୁ ସମାଜକୁ ଆକୃଷ୍ଟ କରିଚି । ଏହି cartoon ଛବି କ୍ଷେତ୍ରରେ ଅନେକ ପ୍ରତିଦ୍ୱନ୍ଦୀ ପ୍ରବେଶ କଲେଣି । ତଥାପି ଓ୍ୱାଲ୍ଟ ଡିସ୍‌ନେଙ୍କ ସ୍ଥାନ ଓ ପ୍ରତିଷ୍ଠା କ୍ଷୁଣ୍ଣ ହୋଇ ନାହିଁ । Instructional Films ରେ ମଧ୍ୟ ଆମେରିକା ଦିନକୁ ଦିନ ଅଗ୍ରଗତି କରି ଚାଲିଚି । ହଲିଉଡ୍‌ର " The story of Dr. Craver" ନାମକ ଗୋଟିଏ ଛବିରେ ଆମେରିକାର ସର୍ବ ଶ୍ରେଷ୍ଠ କୃଷି ବୈଜ୍ଞାନିକ, Dr. Craver ଙ୍କ ଜୀବନୀ ଦର୍ଶାଯାଇଚି । Dr. Craver ଜାତିରେ ନିଗ୍ରୋ ଥିଲେ । ଗୋଟାଏ Eastern Private School ରେ ଏହି ଚିତ୍ର ପ୍ରଦର୍ଶିତ ହେଲା ପରେ ସେଠାର ଗୋରା ଛାତ୍ର ଏତେଦୂର ପ୍ରଭାବିତ ହୋଇ ପଡ଼ିଲେ ଯେ ସେମାନେ ଆନ୍ଦୋଳନ କରି ସ୍କୁଲର ଦ୍ୱାର ନିଗ୍ରୋ ଛାତ୍ରଙ୍କ ପାଇଁ ମୁକ୍ତ କରି ଦେଲେ ।

କ୍ଲାସ୍‌ରୁମ୍‌ରେ projector ବ୍ୟବହାର ସଫଳ କରିବା ପାଇଁ ଆମେରିକାରେ ଗତ ୩୦ ବର୍ଷ ଧରି ଅକ୍ଳାନ୍ତ ଚେଷ୍ଟା ଚାଲିଚି । ଆମେରିକାର Public School ମାନଙ୍କରେ ୧୯୨୬ ସୁଦ୍ଧା ୪୮୫ଟି Projector ବ୍ୟବହୃତ କରାହୋଇଥିଲା । ବର୍ତ୍ତମାନ ତାର ସଂଖ୍ୟା ପ୍ରାୟ ୩୫୦୦ । ଦେଶର ସ୍କୁଲ ସଂଖ୍ୟାର ଶତକଡ଼ା ୭୨ ଭାଗରେ ବର୍ତ୍ତମାନ Audio-visual Education ବା କଥାଚିତ୍ର ମାଧ୍ୟମରେ ଶିକ୍ଷା ଦେବାର ବ୍ୟବସ୍ଥା କରାଯାଇଛି । ନେବ୍ରାସ୍କା ଷ୍ଟେଟରେ ହାଇସ୍କୁଲ ସଂଖ୍ୟା ପ୍ରାୟ ୫୦୦ । ସେଥିରୁ ୧୬୦ ଗୋଟି ସ୍କୁଲରେ ପ୍ରତ୍ୟେକରେ ୧୦୦ରୁ କମ ପିଲା ପଢନ୍ତି । କେଉଁ ସ୍କୁଲରେ ହେଲେ ୩ଜଣରୁ ଅଧିକ ଶିକ୍ଷକ ନାହାନ୍ତି । ସବୁ ବିଷୟରେ Audio-visual system ଦ୍ୱାରା ଶିକ୍ଷା ଦିଆଯାଉଛି ।

ସମାଜ ମଙ୍ଗଳ ନିମନ୍ତେ କଥାଚିତ୍ରକୁ ମିଳିତ ଭାବରେ ବ୍ୟବହୃତ କରିବା ଲାଗି United Nations ବିଭିନ୍ନ ଦେଶ ଜରିଆରେ କେତେଗୋଟି ଚିତ୍ର ପ୍ରସ୍ତୁତ କରିବାର ବ୍ୟବସ୍ଥା ଗ୍ରହଣ କରିଛନ୍ତି । ଏହି ନିର୍ମାଣର ଭାର କେତେଗୋଟି ବିଶେଷଜ୍ଞ ଏଜେନ୍‌ସି ଉପରେ ଦିଆଯାଇଛି । ଯଥା— 1 United Nations Educational Scientific and Cultural Organisation, 2. The International Labour Office, 3. The Food and Agricultural Organisation, 4. The International Refugee Organisation ଓ 5. the World Health Organisation ଇତ୍ୟାଦି । United Nations Charterରେ ଥିବା ଲକ୍ଷ୍ୟ ଗୁଡ଼ିକୁ କାର୍ଯ୍ୟକାରୀ କରିବାପାଇଁ ଏହି ପ୍ରଚେଷ୍ଟା ଉପରୋକ୍ତ ବିଶେଷଜ୍ଞ ଏଜେନ୍‌ସି ମାନଙ୍କ କାର୍ଯ୍ୟ ସମୀକ୍ଷଣ କରିବା ପାଇଁ ପ୍ରତ୍ୟେକ ବିଭାଗରୁ ନିର୍ଦ୍ଦିଷ୍ଟ ସଂଖ୍ୟାରେ ସଭ୍ୟ ନେଇ ଗୋଟିଏ ପରିଚାଳନା କମିଟି ଗଢାଯାଇଛି । ଏହି U.N. Film Board ବର୍ତ୍ତମାନ ପାଞ୍ଚ ଗୋଟି ଛବି ପ୍ରସ୍ତୁତ କରି ସାରିଲେଣି । 1. "The Peoples Charter",ର ଦୁଇ ରିଲର ଛବି । ଏଥିରେ U.N.ର ଉତ୍ପତ୍ତି ବିଷୟ ଦର୍ଶାଯାଇଛି । ପ୍ରସ୍ତୁତ କରିଛନ୍ତି U. N. ର Films and Visual Information ବିଭାଗ । 2. "Search Light on the [illegible]ons", ତିନି ରିଲ୍‌ର ଛବି । ଏଥିରେ ପୃଥିବୀରେ ଶାନ୍ତିସ୍ଥାପନର ପନ୍ଥା

Digitized by srujanika@gmail.com

କର୍ତ୍ତୃତ୍ୱ ହୋଇଛି । "First step", ଗୋଟିଏ ଶିଳ୍ପର ଛବି । United Nations Social Affairs Commission ପାଇଁ ପ୍ରସ୍ତୁତ କରିଚନ୍ତି ଶ୍ରୀମାନ ଫ୍ରେଡେରିକ୍ ହାଉସ । ଏହା Social Affairs Commissionର କାର୍ଯ୍ୟ ଉପର ଗୋଟି ଛବିର ପ୍ରଥମ । ଏହି ଛବିଟି ପୃଥିବୀର ଅଠଗୋଟି ଭାଷାରେ ପ୍ରସ୍ତୁତ କରାଯାଇଛି ।

୪। "Maps We Live By", ଦୁଇ ରିଲର ଛବି । ଏଥିରେ ପୃଥିବୀର ସୀମା ସମସ୍ୟାର ସମାଧାନ କଳନା କରାଯାଇଛି । U. N. ର films and Visual Information ବିଭାଗ ପାଇଁ National Film Board of Canada ପ୍ରସ୍ତୁତ କରିଚନ୍ତି ।

୫। "Clearing the way", ଦୁଇ ରିଲର ଛବି । U. N. Head Quarters Planning Office ପାଇଁ ପ୍ରସ୍ତୁତ କରିଚନ୍ତି film Unit of the United Nation film and visual information Division. ଏହି ବ୍ୟତୀତ ଅନ୍ୟ ୧୧ଟି ଛବି ପୃଥିବୀର ବିଭିନ୍ନ ୯ଗୋଟି ଦେଶରେ ନିର୍ମାଣ କରାଯାଇଛି ।

୧। The world fight against illiteracy, ମେକ୍ସିକୋରେ ।

୨। The Uinited Nations in Action, ଫୋଲଣ୍ଡରେ ।

୩। Young ideas, ଚେକୋସ୍ଲୋଭାକିଆରେ ।

୪। Common Grond, ଇଂଲଣ୍ଡରେ

୫। Juvevile Delinquency, ବେଲଜିଅମ୍‌ରେ ।

୬। In Every Port, ନେଦରଲେଣ୍ଡସ୍‌ରେ ।

୭। In the Long Run, ସୁଇସ୍‌ଏରେ ।

୮। The Eternal Fight, ଫ୍ରାନ୍ସରେ ।

୯। Light Houses, ଫ୍ରାନ୍ସରେ ।

୧୦। What is the U. N. ଫ୍ରାନ୍ସରେ ।

୧୧। Mother, ବ୍ରିଟେନରେ ।

ଅଧିକନ୍ତୁ ତିନଗୋଟି ଛବି U. N. Department of Social Affairs ପାଇଁ ଭାରତରେ ନିର୍ମାଣ ହେଉଛି ।

୧। Mother, ଦୁଇରିଲ୍ ୨। Child, ଦୁଇରିଲ୍ । ୩। Community, ଗୋଟିଏ ରିଲ । ଏହି ସବୁ ଛବି ଭାରତ ସାଗ୍ ସାମାଜିକ ମଙ୍ଗଳ ସମିତି ପାଇଁ କର୍ମୀ ସଂଗ୍ରହ କରିବାରେ ବ୍ୟବହୃତ ହେବ ।

ଦ୍ୱିତୀୟ ମହାସମର ବିଧ୍ୱସ୍ତ ଫ୍ରାନ୍ସ ବହୁବାଧା ଘାତ ପ୍ରତିଘାତ ଭିତର ଦେଇ ନିଜ ଦେଶର ଚଳଚ୍ଚିତ୍ର ଶିଳ୍ପକୁ ବଞ୍ଚାଇ ଆଣିଛି । ବର୍ତ୍ତମାନ ପେରିସରେ ୩୦ଲକ୍ଷ ଟଙ୍କାରେ Red Cross ନାମକ ଗୋଟିଏ ଛବିର ନିର୍ମାଣ ଚାଲିଛି । ଏଥିରେ ଗୋଟିଏ Street setting ରେ କେବଳ ଦେଡ଼ଲକ୍ଷ ଟଙ୍କା ଖରଚ ହେଉଛି । ଏହି ଛବିଟି ୧୯୪୮ରେ ପୃଥିବୀର ସର୍ବଶ୍ରେଷ୍ଠ ବିବେଚିତ ହେବ ବୋଲି ଆଶା କରା ଯାଉଛି । ଇଟାଲୀରେ ମଧ୍ୟ ନଷ୍ଟ ଶିଳ୍ପକୁ ପୁଷ୍ଟ କରିବାପାଇଁ ପ୍ରବଳ ଚେଷ୍ଟା ଚାଲିଛି । ରୋମ୍, ମିଲାନ୍ ଓ ଭେନିସ୍‌ର କେତୋଟି ଛବି—Open City, Shoe Shine, To live in peace, ଓ Furia, ଆମେରିକା ରଜତ ପଟରେ ପ୍ରସିଦ୍ଧି ଲାଭ କରିଛି । ବର୍ତ୍ତମାନ ସ୍ପେନ୍‌ର ଗୋଟିଏ ବଳିଷ୍ଠ ଛବି ପ୍ରତିଷ୍ଠାନ ଶ୍ରୀମାନ ଭିକ୍ଟର୍ ହୁଗୋଙ୍କ Los Miseralbles, ନିର୍ମାଣ କରୁଛନ୍ତି ।

ରାଜନୀତିଜ୍ଞଙ୍କ ମତ ଯାହା ହେଉନା କାହିଁକି ମୋର ବିଶ୍ୱାସ ମତ ଯୁଦ୍ଧ ଫଳରେ ଭାରତ ବିଶେଷ ରୂପେ ଲାଭବାନ ହୋଇଛି । ଯୁଦ୍ଧ କାଳୀନ ମୁଦ୍ରାସ୍ଫୀତି ଅବସ୍ଥାରେ ଭାରତୀୟ ଚଳଚ୍ଚିତ୍ର ଶିଳ୍ପ ବହୁତ ନୂତନ ପୁଞ୍ଜିପତିଙ୍କୁ ଆକର୍ଷିତ କରିଥିଲା । ଏଥିରୁ କେତେ ଯୁଦ୍ଧ ଶେଷ ଛ ମାସ ଭିତରେ ଷ୍ଟେଜରୁ ଅପସାରିତ ହେଲେ । କେତେ ୪୬ । ୪୭ ଗଣ୍ଡଗୋଳ ଭିତରେ ସର୍ବସ୍ୱାନ୍ତ ହେଲେ । ତଥାପି କେତେକ ଆଦର୍ଶବାଦୀ ପରିଚାଳକ ଓ ଦୂରଦୃଷ୍ଟିସଂପନ୍ନ ପ୍ରଯୋଜକଙ୍କ କଠୋର ପରିଶ୍ରମ ଫଳରେ ଶିଳ୍ପର ମର୍ଯ୍ୟାଦା ଧୂଳିସାତ୍ ହୋଇ ପାରିନି । ବର୍ତ୍ତମାନ ଭାରତରେ ଏହି ଶିଳ୍ପର ପ୍ରସାର ଲାଗି ସରକାର Film Banks ଖୋଲି ନୂଆ ନୂଆ ପ୍ରଯୋଜକ ମାନଙ୍କୁ ସାହାଯ୍ୟ କରିବା ଦରକାର ।

ଓଡ଼ିଶାରେ 'ସୀତା ବିବାହ' ପରେ ଆଉ Feature Film ହୋଇ ନାହିଁ । ତତ୍କାଳୀନ ଓଡ଼ିଶା ସରକାରଙ୍କ ପ୍ରଚାର ବିଭାଗ ଦ୍ୱାରା ନିର୍ମିତ 'ଜନ୍ମ ମାଟି' ଓ "ହାବ'ଛ" ସମ୍ବନ୍ଧେ ଆଲୋଚନା ନ କରିବାହିଁ ଭଲ । ବର୍ତ୍ତମାନ ପ୍ରଦେଶର ବିଭିନ୍ନ ସ୍ଥାନରେ ଦୁଇ ତିନ ଗୋଟି ଅନୁଷ୍ଠାନ ମୁଣ୍ଡ ଟେକି ଉଠୁଛି ସରକାର ଏମାନଙ୍କ ସଙ୍ଗେ ପୂର୍ଣ୍ଣ ପ୍ରାଣରେ ସହଯୋଗ କରିବା ଦରକାର । ପ୍ରଚାର ବିଭାଗ ଜରିଆରେ ଯେଉଁ ସବୁ shorts ଏଣିକି ପ୍ରସ୍ତୁତ କରିବ, ସେଥି ସମ୍ବନ୍ଧେ ପରାମର୍ଶ ଦେବା ପାଇଁ ପ୍ରଦେଶର ଚଳଚ୍ଚିତ୍ର ବିଶେଷଜ୍ଞ ଓ ଶିଳ୍ପପ୍ରିୟ ମାନଙ୍କୁ ନେଇ ଗୋଟାଏ ପରାମର୍ଶ ଦାତା କମିଟି ଗଠନ କଲେ Shorts ଗୁଡ଼ିକ ଉଚ୍ଚ ଦରର ହୋଇ ପାରିବ । ଏହା ନକରି ଯଦି କେବଳ ବ୍ୟକ୍ତି ବିଶେଷ ଓ ଅନୁଷ୍ଠାନ ବିଶେଷ ହାତରେ ଛାଡ଼ି ଦିଆଯାଏ, ତେବେ ସେସବୁ ଛବି ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ Central film Libranyକୁ ନପଠାଇବା ଉଚିତ । ଆମେ ଯେ ଏତେ ପଛରେ, ଅନ୍ତତଃ ବାହାରଲୋକେ ନଜାଣନ୍ତୁ ।

ଅନ୍ୟ ସମୟରେ ଆଗାମୀ ଦଶବର୍ଷ ଭିତରେ ଓଡ଼ିଆ ଚଳଚ୍ଚିତ୍ରର ସମୃଦ୍ଧି ଓ ବିପତ୍ତି ସମ୍ବନ୍ଧରେ ଆଲୋଚନା କରିବ ।

—*—

Digitized by srujanika@gmail.com

# ଚାକିରୀ

ବସନ୍ତର ଉନ୍ମାଦିଆ-ସ୍ନିଗ୍ଧ ଯୌବନ ଶ୍ରୀ ସେଦିନବେଳକୁ ଲହରୀ ଖେଳୁଥିଲା ପ୍ରକୃତିର ପ୍ରତି ଅଙ୍ଗରେ—

ଜ୍ୟୋତ୍ସ୍ନା-ଭରା ପୁଲକ ଯାମିନୀ······

ଦୁଇ ବର୍ଷର "ମାଣିକ" ଶିଶୁଟି ମୋର ସେତେବେଳକୁ ଶୋଇ ପଡ଼ିଥିଲା ମା' ପାଖକୁ ଲାଗି···

ଠିକ୍ ଠିକ୍ ନାକ ପୁଡ଼ା ଦୁଇଟି ସ୍ୱାଧୀନ ପ୍ରାଣ ନେଇ ଗୁମୁରି ଉଠୁଥିଲା···

ନିଜ ଖଟରୁ ଉଠି ତାଙ୍କ ଖଟ ପାଖକୁ ଆସିଲି···

କାନ୍ଥରେ ଟଙ୍ଗା ହୋଇ ଜଳୁଥିବା ବତୀଟି ତେଜିଲି···

## କାହାଣୀ

'ରାଣୀ' ମୋର ସେତେବେଳେ ବୋଧହୁଏ ଛାଇନିଦରେ କେତେ ଅସମାପ୍ତ ସ୍ୱପ୍ନରେ ବିଭୋର ଥିଲା···

ମଶାରି ଏ ପାଖରେ ଠିଆ ହୋଇ ନଇଁ ପଡ଼ିଲି—ତା' କାନ ପାଖରେ କହିଲି···

ନାଁ—ନାଁ—ଅସ୍ପଷ୍ଟ ଖୁବ୍ ଅ-ସ୍ପଷ୍ଟ ଡ଼ାକିଲି—"ରା···ଣୀ···"

ଟେବୁଲ ଉପରେ ଘଡ଼ି ଜଣେଇ ଦେଲା—ରାତି ଦୁଇଟା···

ରାଣୀ ଅଳସ ହସି କଡ଼ ଲେଉଟେଇଲା···

ପଚାରିଲି—ଶୋଇ ନ ଥିଲ କି ?

ସେ କହିଲା—ଛାଇ ନିଦରେ ସ୍ୱପ୍ନ ଦେଖୁ-ଥିଲି—

ପଚାରିଲି—କଣ ?

'ସେ ମଶାରି ବାହାରକୁ ଗୋଡ଼ ଦୁଇଟି ଲମ୍ବାଇ ଦେଇ ଉଠି ବସିଲା···ଶିଶୁକୁ ଆଉଜେଇଲା-ତାକୁ କଡ଼େଇ ଶୋଇ ଦେଲା···

କପାଳ ଉପରେ ପଡ଼ିଥିବା ଅଳସ ବାଳ କେରକ କାନରେ ଖୋସି ଦେଲା···ଆଖି ଉପରେ ହାତର ଦୁଇଟି ଆଙ୍ଗୁଳି ଟିକିଏ ବୁଲାଇ ଆଣି କହିଲା—କେତେ କ'ଣ···

ମୁଁ ପଚାରିଲି—ପିଲା ଉଠିବ ନା ତ ?

ସେ ମୁଣ୍ଡ ହଲେଇଲା···ହସିଲା···

ଘର କବାଟ ଖୋଲି ଦୁହେଁ ଆସି ଅଗଣାରେ ଠିଆହେଲୁ । ରାଣୀକୁ ଛାତି ପାଖକୁ ଆଉଜାଇ ଆଣି ତା' ମୁହଁ ଟେକି ଅନାଇଲି···



ଆଖିରେ ତା'ର ସେତେବେଳକୁ ଲହରୀ ଖେଳୁଥିଲା ଆଦିମ ଯୁଗର ଇତିହାସ···

ଯୌବନର ଉତାଳ ମଦିରା—ଅତି ଅକପଟ ସ୍ୱଚ୍ଛଳତା ··

\+ \+ \+

ପାହାନ୍ତି ପହରର କାକର-ଭିଜା ପବନ ତଳେ ରାଣୀର ଆଖିପତା ମୁଦି ମୁଦି ଆସୁଥିଲା···

"ମାଣିକଟି" ମୋର ନିଦରୁ ଉଠି ଡାକିଲା—ମା'···ମା'···

ମୁଁ କହିଲି—ଯାଅ···ବାବୁ ଉଠିଲାଣି ।···

ଅମ୍ଳାନ ବଦନରେ···ସ୍ମିମିତ, ଅଳସ କେଶଗୁଚ୍ଛାକୁ ଦୁଇ ହାତରେ ଟେକି ମୁଣ୍ଡ ପଛପଟେ ଗୁଡ଼ାଇ ଦେଇ···ବିଶୃଙ୍ଖଳ ବସ୍ତ୍ରକୁ ସଜାଡ଼ି ନେଇ ମୋ ପାଖରୁ ଉଠିଗଲା××××ମୋ ମୁହଁକୁ ଟିକିଏ ବୁଲି ଅନାଇବାକୁ ତା'ର ସମୟ ନ ଥିଲା ସେତେବେଳେ···

## କଥାଟିଏ କହେଁ

ନିଦ-ଅଳସ ଆଖି ନେଇ ବଳଷ୍ଟ ମନ ମୋର ଅଲୋଡ଼ିତ ହୋଇ ଉଠିଲା—ଗର୍ବରେ—"ମୋର ରାଣୀ"—'ବାବୁ'ର ମା'—

ଆଉ, 'ବାବୁ' ଆମର"··

ସକାଳ ହେଲା···

ବାଳ ସୂର୍ଯ୍ୟର କନକ-କିରଣ ଲଟା ପତ୍ରରେ ଉଷ୍ମ ସ୍ପନ୍ଦନ ଆଣିଦେଲା···ମୁଁ ସକାଳର ନିତ୍ୟକର୍ମ ସାରି ଗୃହକାର୍ଯ୍ୟ ପାଇଁ ସଜ ହବାକୁ ଉଠିଲି—

ରାଣୀ ଆସି ଖବର ଦେଲା ବାହାରେ କିଏ ଡାକୁଛି—

ମୁଁ କହିଲି—ଏତେ ସକାଳୁ ପୁଣି କିଏ !

ଗଲି ————

ସାହେବ (ଦେଶୀ) ହୁକୁମ ଦେଇଚନ୍ତି ଆଜ ମୋତେ ଯିବାକୁ ହବ ଅନ୍ୟ ସ୍ଥାନକୁ । ଅନିର୍ଦ୍ଦିଷ୍ଟ ସମୟ ପାଇଁ···ସରକାରୀ କାମରେ;

ସ୍ତବ୍ଧ ହୋଇ ଉଠିଲା ଜୀବନଟା ।···

ଗତ ଦିନର ସୁଖରେ ଯେଉଁ ଆନନ୍ଦ ଟିକିକ ସଞ୍ଚୟ କରିଥିଲି ଜୀବନର ଶାନ୍ତି ପାଇଁ, ସେ ଟିକିକ ଉଭେଇ ଗଲା· ·ଇମିତି ଆଘାତ ମୋର ଏ ଦୁଇ ବର୍ଷ ବୈବାହିକ ଜୀବନରେ ଅନେକ ଥର ପାଇଛି···କିନ୍ତୁ ଏଥର କାହିଁକି ଯେ ଆଘାତ ବେଶୀ ଅନୁଭବ କଲି—ମନ ମୋର ବିଦ୍ରୋହୀ ହୋଇ ଉଠିଲା ଗତ ଯାମିନୀ ଗୁଡ଼ିକର ଘନ କଲେବର ଉପରେ—ମନେ-ହେଲା ଗୃହକାର୍ଯ୍ୟ କରି ନିଜକୁ ହରେଇଛୁ···

ତା' ଉପରେ ଯଦି ପ୍ରୀତି-ବନ୍ଧନର ସ୍ୱତନ୍ତ୍ରତା ହରାଉ, ସ୍ୱାଧୀନତା ହରାଉ ତେବେ ସ୍ୱାଧୀନତାର ଅର୍ଥ କଣ ??···ଏକେତ ଗୃହକାର୍ଯ୍ୟ ଅର୍ଜିତ ଧନ କୋଉ କୂଳକୁ ଅଣ୍ଟେନା···ସବୁବେଳେ ହାକିମଙ୍କର 'ଘର—ଗୃହର' ଉତ୍ସବକାଳ ସଙ୍ଗେ 'ଗୁଡ୍‌ମର୍ଣ୍ଣିଂ'—ଏ ସବୁଯାକ ବଜାୟ ରଖିବା ଓ ସହିବା ସତ୍ତ୍ୱେ ଯଦି ଗୃହକାର୍ଯ୍ୟ ବେଢ଼ୀ ହାକିମର କାରାଗୃହ ସୃଷ୍ଟି କରି ଆମକୁ କାରାରୁଦ୍ଧ କରେ ତେବେ ସଂସାରରେ ଆମର କର୍ତ୍ତବ୍ୟ କଣ ?? ଅତି ଆଦରର ପୁଅ ଝିଅ ମଣିଷ ହେବେ କପରି !!

ରାଣୀ ଦାନ୍ତକାଠି ପାଟିରେ ପୁରାଇ ପଚାରିଲା—

କିଏ ଆସିଥିଲା କି?···

ମୁଁ ଗମ୍ଭୀର ଗଳାରେ କହିଲି—ଆଜି ମୋତେ କଲିକତା ଯିବାକୁ ହବ, ସରକାରୀ କାମରେ—

ତା' ମୁଖ ମଣ୍ଡଳର ରକ୍ତିମ ଆଭା ନିମିଷକରେ ଫିକା ପଡ଼ି ଆସିଲା···

ଦୀର୍ଘ ନିଶ୍ୱାସ ମାରି କହିଲା—ତାକୁ ମସି ଟିକିରୁ ଆସିଲି······

ଲେଖା— ଶ୍ରୀ ନାରାୟଣ ଆନନ୍ଦ ମହାନ୍ତି ।

—ପେଟର ଦାଉ ରାଣୀ···

ସେ ମୁହଁ ତଳକୁ କରି ଭୂଇଁରେ ଗାର ଟାଣିଲା···

ଗଭୀର ଦୀର୍ଘଶ୍ୱାସ ମୋର କଠିନ ଛାତିଟାକୁ ଦୋହଲାଇ ଦେଲା···

ବାବୁ ହସି ହସି ଡାକିଲା—ବାପା···

ମୋ ପିଠିରେ ନାଉ ହୋଇ ଡାକିଲା ବା—ପା···

ତାକୁ କୋଳକୁ ନେଇ ରାଣୀକୁ କହିଲି—ପାର୍ଟଟା ଆଣ ଦେଖି···

[ ପରପୃଷ୍ଠା ଦେଖନ୍ତୁ ]

Digitized by srujanika@gmail.com

# ଡାଟରେ ଡାଟରେ ଟାନା ନାନା

"ଅଲ୍ଲା ଶଗୁର କରୁଛନ୍ତି"—ସମ୍ବର୍ଦ୍ଧି

…ନା, ଛଳା ?

× × +

"ବନ୍ଧୁକ ମୁନରେ ଦେଶକୁ ଶାସନ କରି-ହେବ ନାହିଁ ।"—ମହାତାବ

…ପିସ୍ତଲ କଡ଼ରେ ହେବ ।

× + ×

ଗାନ୍ଧୀଜୀଙ୍କ କଳ୍ପିତ ପଞ୍ଚାୟତ ସରକାର ମୂଳଦୂଆ ପକେଇ—ନବକୃଷ୍ଣ ।

…ସଙ୍ଗୋମପ୍ଳ ଫଣ ।

× × ×

ନିର୍ବାଚନ ଦୃଷ୍ଟିରୁ କାମକରିବା ଭୁଲ—ବନମାଳୀ

…ନିର୍ବାଚନ ଦୃଷ୍ଟିରୁ ତ କରୁଛ ଆପଣେ

+ × +

ହାଇଦରାବାଦର ଜୁନାଗଡ ଅବସ୍ଥା ହେବ—ପଟେଲ ।

…ଏଥର ବ୍ୟବସ୍ଥା ହେଉ

× + +

ଯେଉଁ ସ୍ୱାଧୀନତା ପାଇଁ ଆମେ ଲଢ଼ିଥିଲୁ ସେ ସ୍ୱାଧୀନତା ଆମକୁ ମିଳି ନାହିଁ—ଜୟ-ପ୍ରକାଶ

…କାଞ୍ଚନ ବୃହିଁ କାଚ ପାଇଲୁଁ ?

+ × ×

ଆମେ ଛଡ଼ ଭଣ୍ଟା ନରେନ୍ଦ୍ର ମଣ୍ଡଳ—ଅବାନ୍ତ ।

…ଆମ୍ବାଦ ହବା ନରେନ୍ଦ୍ର ସମ୍ବର୍ଦ୍ଧୀ

× + ×

"ସ୍ୱାଧୀନତା ସଂଗ୍ରାମରେ ସଳାଙ୍ଗ ଯୋଗଦା ସୈନ୍ୟ !"—ନେହେରୁ ।

.. ସେଥିପାଇଁ ସଙ୍ଗାମାର୍କା ଢେଲ ଲଗା ସବୁ ଯୋଗଦା କି ?

+ + +

ଦେଶ ବନ୍ଧୁ କୁକୁ ସମସ୍ୟାର ସମ୍ପୂର୍ଣ୍ଣ ହୋଇଥିଲା, ହୋଇଛି, ହେବ ।—ନେହେରୁ

…ତ୍ରିକାଳଜ୍ଞ !

× × +

ସ୍କୁଲ୍‌ଫି ହାର ଆଉ କମିବ ନାହିଁ—ଚେଷ୍ଟ

…ଜ୍ୱର ତ ଆଉ ଚଢ଼ିବ ନାହିଁ ।

+ + ×

କଟକ ଘୋଡ଼ା ଶୋଇଲେ ଯଃ ମଃ ମନ୍ତ୍ରୀଙ୍କୁ ନଛାଡେ—ଯଦୁମଣି ମଙ୍ଗରାଜ ।

…ଏମ ମା ସାତ ଭଉଣୀ ପୁଣି କିଏ ?

× + +

ଶ୍ରୀଯୁକ୍ତ ଯଦୁମଣି ନାୟୀମାନଙ୍କୁ ( ବାଳି ପାଠଣାରେ ) ମୁଗ୍ଧ କରିଥିଲେ ।—ନାୟକ

…ରୂପରେ ନା ଯୌବନରେ ?

× + ×

ଜନ୍ ଗୁରପଟେ ସୁନା ବଛାଇ ଦେଲେ ଗାଧପିଏ ସେ ସବୁବେଳେ ମଠ—ମୟୂର ଭଞ୍ଜ

…ଗଙ୍ଗାଜଳ ଫୁଟିଲେ ମଧ୍ୟ ଶରତ୍ ଯେ ସେ ସବୁବେଳେ ଶରତ୍—ବସନ୍ତ ନୁହେଁ ।

× × ×

କାଗଜପତ୍ର ଓ ସ୍ୱାଧୀନତା—ଅବଜଗବର

…ମେଣ୍ଢାବାଲ ଓ ଲଡ଼ାଢେଲ

× + ×

ମାନ୍ଦ୍ରାଜର ବୋକାମି—ନଇଁ ଓଡ଼ିଶା

…ବୋକା ଲୋକେ ବୁଝନ୍ତି ।

+ × +

ନାଲ ଯେତେ ଯେତେ ବାଜଇ ଘାରା ଗୋଟିକ ଉପରେ ଗୋଟିଏ ଚଗ—ସମାଜ

…ପିତଳ ଖଣ୍ଡି କ ହଜିଲା

ବଡ଼ବନ୍ଧୁ…ମିଳିଲା

+ × +

ଏମାନଙ୍କର (ମିଲ ମାଲିକ) ଯଦି ଶ୍ରେଣୀ ହିସାବରେ ମୃତ୍ୟୁ ଘଟେ ତେବେ ସୁଦ୍ଧାକେହ ଆହା ବୋଲି କହିବ ନାହିଁ ।—ପ୍ରଜାତନ୍ତ୍ର

…କୃଷ୍ଣନାମ ଅଛଠାରୁ ମୋ ଶ୍ରବଣେ ନଶୁଣାଇବଟି କେହି ଗୋ ।

× × ×

---

(କାହାଣୀର ଅବଶିଷ୍ଟାଂଶ)

"କ ଖାଇ ଯିବ ବୁଆଢ଼େ ?"

"ସାହେବ ପାଖକୁ"—

"କାହିଁକି ?"

"ବୃହସ୍ତି କରି କମ୍ବେଣ୍ଟ ପର ରହିବା ମୁଁ ଆଉ ପସନ୍ଦ କରି ପାରୁନି…ଦେଶ ପାଇଁ ପ୍ରିୟ ବନ୍ଧନ ତୁଟାଇ ସରକାରର ହୁକୁମ ତାଲିମ ନ କରି କାରା ବରଣ କରିବା ଠାରୁ, ସରକାରୀ ବୃହସ୍ତି ବେଡ଼ୀ ପିନ୍ଧି ହାକିମର କାଚ ଗୃହରେ କାରାରୁଦ୍ଧ ହବା ବେଶୀ କଷ୍ଟଦାୟକ । ସ୍ୱାଧୀନତା ନାମରେ ଯେଉଁମାନେ ହୁକୁମର କାରାଗୃହ ସୃଷ୍ଟି କରି ଲୋକ ଆଖିର ଅନ୍ତରାଳରେ ବଡବା ପେଟ ବୃହସ୍ତିଅରୁ ତା'ର ପ୍ରିୟା-ପ୍ରୀତି-ମମତା-ବନ୍ଧନରୁ ଦୂରକୁ ନେଇ-ଯାଇ ନିଜର ସବୁ ବନ୍ଧନକୁ ଚୂଲ କରି ଧରି ବସି ଥାଆନ୍ତି ସେମାନଙ୍କ ଠାରୁ ଜଗନ୍ୟ ଜାନୁଆର ନିଶ୍ଚିତ କଦାପି ହୋଇ ପାରେନା…

ସିଣୀ ହେଲିକା ହୋଇ ଅନେଇ ରହିଲା…

ମୁଁ ଟିକି ମାଲ୍ଲ ବାହାର ପଡ଼ିଲି—

× × ×

—ମୁଁ ଯାଇ ପାରିବନି…

—କାହିଁକି ?

—ଘରେ କେହି ନାହାନ୍ତି ଆଉ—

—ଯିବାକୁ ହବ…

—ମୁଁ କାଲି ଟୁର୍‌ରୁ ଆସିଛି ; ଆଉ ଜଣେ ଗଲେ କାମ ଚଳିଯିବ· ·

—ଆପଣଙ୍କ କଥାରେ ମୁଁ ଚଳି ପାରେନା । ଅର୍ଡ଼ର ମୁଁ କାନ୍‌ସେଲ୍ ( ରଦ୍ଦ ) କରି ପାରିବ ନି…

ଲେଉଟିଲି ଭରି ଛାତି ନେଇ…

ସିଂସୀ ପଚାରିଲା—କ'ଣ ହେଲା ?

କହିଲି—ଯିବ । ବୃହସ୍ତି କରିଛି ।

ଆମର ମନ୍ତ୍ରୀ ହେଉଛନ୍ତି ଆମର ଲୋକ… ଟିକିଏ ସର୍ଦ୍ଦି ହେଲେ ଗୁରୁତ୍ୱ ପୂର୍ଣ୍ଣ ଅଧିବେଶନ ମଧ୍ୟ ବନ୍ଦ ହୋଇ ଯାଉଛି…ସାହେବ ହେଉଛନ୍ତି ଆମରି ଲୋକ··ପ୍ରକୃତ ସାହେବ-ମାନେ ଗଲାପରେ ସେମାନଙ୍କର ଚରଗୋଲାମ-ର ସାହେବୀ ନିଶା ନୟନ ଯୋଗୀର ପୋକ ପରି ଆଜି ନର୍ଦ୍ଦମାରେ ପଡ଼ି ବୁଲୁଛି…ଆମେ ସେମାନଙ୍କର ପାଦର ଧୂଳି…ସେମାନେ ଅମର ଦେବତା ! ! !

ବଙ୍କା ହସ ମୋର ଅଧର ପ୍ରାନ୍ତରେ ଖେଳିଗଲା…ଆଖି ତଳେ ଉଙ୍କି ମାରିଲା ରୁଦ୍ଧ ହାହାକାର ଅବୋଧ କୋହ….

+ + +

ଟ୍ରେନରେ ଯାଉଥିଲି ବେଳେ ଆଖି ଆଗରେ ନାଚି ଯାଉଥିଲା ଦୁଇଟି ପବନ ଚଳା-ଆଖି ଆଉ ଯୋଡ଼ିଏ ମୋଟା ଲୁହଧାର—…

ଏବଂ—

ମନ ପରଦାରେ ଗୁମୁରି ଉଠୁଥିଲା ଦରୋଟି ଡାକ—ବା—ପା—

ଆଉ—

ସ୍ୱାଧୀନ ଭାରତ ଭୂଇଁ ଉପରେ ଭରି ଇଞ୍ଜିନ୍‌ଟା ଗର୍ଜନ କରି ଦର୍ପରେ ଟାଣି ନଉ-ଥିଲା ମୋ ପରି ଅନେକଙ୍କୁ ଦୂରରୁ ଦୂରକୁ ସ୍ୱାଧୀନ ସରକାରର—ବେଢ଼ୀ ପିନ୍ଧାଇ…

ହସିଲି… କାନ୍ଦିଲିନି… ଭାବିଲି…

ସ୍ୱାଧୀନ ଆମେ…ଆମେ ସୁଖୀ… ବୃହସ୍ତି ଅମର…ଆମେ ବୃହସ୍ତିଅ…

—▪—

Digitized by srujanika@gmail.com



## ଉଦ୍ଦେଶ୍ୟ

୧ । ଉତ୍କଳର କିଶୋର ପ୍ରାଣରେ ନବଜାଗରଣ ଆଣିବା, ସେମାନଙ୍କ ପଠନର ବଢ଼ାଇବା ଜୀବନର ବିକାଶ ଓ ସର୍ବାଙ୍ଗୀନ ଉତ୍କର୍ଷ ସାଧନା କରିବା । ୨ । 'ଡଗର'ର ମାଧ୍ୟମରେ [illegible] ଦ୍ୱାରା [illegible] ମଧ୍ୟରେ ପ୍ରେମ ପ୍ରୀତି ଓ ସୌହାର୍ଦ୍ଦ୍ୟ ବଢ଼ାଇବା । ୩ । ମାତୃଭାଷା ଓ ସାହିତ୍ୟ ପ୍ରତି କିଶୋରଙ୍କର ଅନୁରାଗ ବଢ଼ାଇବା । ୪ । ସତ୍ୟ, ସେବା ସାହସ ଦ୍ୱାରା [illegible] ସାଧନାରେ ସେମାନଙ୍କୁ ଉଦ୍‌ବୁଦ୍ଧ କରିବା ।

('୧୮ ବର୍ଷ ତଳ ବାଳକ ବାଳିକା ମାନଙ୍କ ପାଇଁ)

ନାଗ ନାଗୁଣୀ ମାନେ ।

ଏହି ସଂଖ୍ୟାରେ ଏ ବର୍ଷ ଶେଷ ହେଲା । ଡଗର ପୁଣି ପାକ୍ଷିକ ହେଉଛି । ଗତ ୧୧ବର୍ଷର ଅନୁଭୂତିରୁ ଜଣାଗଲା ଯେ ଡଗରର ନାଗମାନଙ୍କ ଭିତରେ ଅନେକ କେବଳ ନାମଟା ଛପା ଅକ୍ଷରରେ ଦେଖିବାକୁ ନାଗ ହୁଅନ୍ତି । କାମ କରନ୍ତି ନାହିଁ । ସେଥିପାଇଁ ସ୍ଥାୟୀ ଓ ଅସ୍ଥାୟୀ ନାଗ ଏପରି ଦୁଇଟି ଶ୍ରେଣୀରୁ ଅସ୍ଥାୟୀ ନାଗମାନେ ପ୍ରତିବର୍ଷ ୦·୭ ଫିସ ଦେବାର କଥା ଥିଲେ ମଧ୍ୟ ନାମ ବାହାରି ଗଲାପରେ ଆଉ ଅଜା କିଏ ନାତି କିଏ । କୌଣସି ନାଗ ବର୍ଷକୁ ବର୍ଷ ନାଗଚାନ୍ଦା ଦିଅନ୍ତି ନାହିଁ । ଅଥଚ ନାଗ ହୋଇଥାନ୍ତି ଜୀବନଯାକ । ଏସବୁ ଦେଖି ମୁଁ ନୂଆ ବର୍ଷରେ ଏଇ ନୂଆ ନିୟମ କଲି ଯେ ଏଣିକି ଅସ୍ଥାୟୀ ବା ବାର୍ଷିକିଆ ନାଗ ଶ୍ରେଣୀ ଉଠିଯିବ । ସମସ୍ତେ ସ୍ଥାୟୀ ନାଗ ହେବେ । । ଯିଏ ୦·୭ ଡାକଟିକଟ ପଠାଇ—ସତ୍ୟ ସାହସ ଓ ସେବା ବ୍ରତ ପାଳିବାକୁ ପଣ କରିବ ସେ ୧୮ବର୍ଷପାର ନହେବା ଯାଏ ନାଗ ହୋଇ ରହିବ । ଏଣିକି ସ୍ଥାୟୀ ନାଗ ଚାନ୍ଦା ୦·୫ ଆଉ ରହିବ ନାହିଁ ।

ଡମରୁ ଅଜା ।

—*—

## ନାଗଙ୍କ ଚିଠି

ସ୍ନେହର ନାଗ ଭାଇ ଭଉଣୀ ମାନେ—

ଜୟହିନ୍ଦ୍

ଆଜିକାଲି ବୋଲି ଲେଖିବି ବୁଝିପାରୁ ନାହିଁ । ଲେଖିବାକୁ ଲାଜ ଲାଗୁଛି । ଆମ ସଂଖ୍ୟା ବର୍ତ୍ତମାନ ୧୦୦୦ ରୁ ଢେର ବେଶି । କିନ୍ତୁ କେବଳ-ମାତ୍ର ସଂଖ୍ୟା ଗରିଷ୍ଠ ହେବା ବ୍ୟତୀତ ଆଉ କିଛି କାମ ହୋଇ ପାରୁନି ଆମଦେଇ । ଆମ ଭିତରୁ କେତେକ ନାଗଭାଇ କେବଳ ନାମଟା ତାଙ୍କର ଛପା ଅକ୍ଷରରେ ଦେଖିବାକୁ ୨ଅଣାର ଡାକ ଟିକଟ ଅଜାଙ୍କ ପାଖକୁ ପଠାଇଦେଇ ନାମଟି ପର ସଂଖ୍ୟାରେ ଦେଖି ନିଶ୍ଚିନ୍ତ । କିନ୍ତୁ ପ୍ରକୃତରେ ସେ କ'ଣ ତାଙ୍କର ପ୍ରତିଜ୍ଞାନୁଯାୟୀ କାର୍ଯ୍ୟ କରୁଛନ୍ତି ? ଏହା ବାସ୍ତବିକ ବଡ଼ ଦୁଃଖର ବିଷୟ ।

କିଛିଦିନ ତଳେ ଧନେଶ୍ୱର, ନିର୍ମ୍ମୋଚନ ବୈକୁଣ୍ଠ ପ୍ରଭୃତି ନାଗ ଭାଇମାନେ "ନାଗ ସମ୍ମିଳନୀ, ନାଗ ସମ୍ମିଳନୀ" ବୋଲି ରଡ଼ି ଛାଡ଼ିଲେ । କିନ୍ତୁ ଅନ୍ୟ ନାଗ ବା ନାଗ ବାଳୀଙ୍କ ଠୁଁ କିଛି ଉତ୍ତର ମିଳିଲାନି ତାଙ୍କୁ । ଏହା କ'ଣ ଲଜ୍ଜାର କଥାନୁହେଁ ?

ଅଜାବୁଢ଼ା ସବୁ ସଂଖ୍ୟା ଡଗରରେ ବିଶ୍ୱ-ପିତା, ମହାତ୍ମା ଗାନ୍ଧିଙ୍କର ସ୍ମୃତି ରକ୍ଷା ପାଇଁ "ସୂତାକାଟ, ସୂତାକାଟ" ବୋଲି ହୁରିଛାଡ଼ି ବେଦମ୍ । କିନ୍ତୁ ପ୍ରତିଜ୍ଞା ଦେଇସାରିଲାରୁ ଆଜିଯାଏ ହୋଇଛନ୍ତି ପ୍ରତିଜ୍ଞାକାରୀ ମୋଟେ ୧୩ ଜଣ । ଯେଉଁ ବିଶ୍ୱମାନବଙ୍କ ଅଭାବରେ ଆଜି ସମଗ୍ର ଜଗତ ଅମା-ନିଶାର ଅନ୍ଧକାରରେ ବୁଡ଼ି ରହିଛି, ଯେଉଁ ଶହୀଦ, ଦେଶ ପାଇଁ, ଜାତିପାଇଁ, ହସି ହସି ପ୍ରାଣ ଦେଇଛନ୍ତି ତାଙ୍କପାଇଁ ଆମେ ଏତିକି କାମ କରିପାରିବାନି ? ୨୪ ଘଣ୍ଟା ମଧ୍ୟରୁ ଆମେ ଖେଳି ବୁଲିକେତେ ସମୟ କଟାଇ ଦେଉଁ କିନ୍ତୁ ବିଶ୍ୱ ପିତାଙ୍କ ସ୍ମୃତି ରକ୍ଷା ପାଇଁ ୧୫ ମିନିଟ୍ ଦେଇ ପାରିବାନି ? ଗାନ୍ଧିଜୀଙ୍କର ତିରୋଧାନ ପରେ ପରେ ତାଙ୍କ ଆଦର୍ଶକୁ ମାରିବାକୁ ଗୁରୁଅଡ଼େ ଚାଲିଛି ପ୍ରବଳ ଉଦ୍ୟମ । ଓଡ଼ିଶାରେ ଲାଗି କଳର ଚିମିନିରୁ ଧୂଆଁ ବାହାରି ଆକାଶ ଅନ୍ଧକାର କରିଦେବ । ବାପୁଜୀଙ୍କର ଚରଖା ଅତି ପୁରୁଣା । ତେଣୁ ଏ "ବିଜ୍ଞାନ" ବା "ନବ" ଯୁଗରେ ତାର ସ୍ଥାୟୀତ୍ୱ ରହିବତ ? ବିଶେଷତଃ ଗାନ୍ଧୀବାଦୀ ହୋଇଥିବା ନେତାମାନେ ଯେତେବେଳେ କଳର ପ୍ରଚୁର କରି ଚାଲିବେ ସେତେବେଳେ ଚରଖାକୁ ବଞ୍ଚାଇବ କିଏ ? ଆମେ ! ଆମର ନାଗବନ୍ଧୁ ଭାଇମାନେ ସେଥିପାଇଁ ତିଆରି ଅଛନ୍ତିତ ?

ସେଥିପାଇଁ ମୁଁ ଆପଣମାନଙ୍କୁ ଅନୁରୋଧ କରେଁ ଅଜାଙ୍କର "ପ୍ରକୃ ଢୋଲା"ର ଅସଦ୍ ବ୍ୟବହାର କରନ୍ତୁ ନାହିଁ । ସମସ୍ତେ ନିମିତ୍ତ ସୂତାକାଟିବାକୁ ପ୍ରତିଜ୍ଞା ଗ୍ରହଣ କରନ୍ତୁ ଓ ନାଗବନ୍ଧୁ ସମ୍ମିଳନୀ ପାଇଁ ଲାଗି ପଡ଼ନ୍ତୁ ।

ଜୟହିନ୍ଦ୍ ।

ତୁମର—ସ୍ନେହର ନାଗଭାଇ—

ଶ୍ରୀ ଗଜେନ୍ଦ୍ର ଦାସ ·

(୧୭୦୮)

ନାଗ କଲମରୁ

## ଉତ୍କଳ ମଣି

ଉତ୍କଳ-ଅମ୍ବର-ଅମର-ଭାସ୍କର
ବାଣ୍ଟି ବାଣ୍ଟି ତବ କିରଣ ରାଶି,
ଗାଢ଼ ତମସ୍ ଉତ୍କଳ-ଧରାରେ
ସମୁଜ୍ଜ୍ୱଳ ଭାବ ଯାଉ ବିକଶି !
ପ୍ରତି ଓଡ଼ିଆର କଅଁଳ-ମନରୁ
ହେଉ ବେଗେ ଦୂର ଦୁଃଖର ଛାୟା,
ହସାଲେଇ-ଫୁଟି ମୁଖ ମଣ୍ଡଳେ ତା
ଛାଡ଼ୁ ସେ ଅଚିରେ ଯନ୍ତ୍ରଣମାୟା !
ଜାଣି ନିଏ ଯେହ୍ନେ ମାଆ-ମଥା-ମଣି
ସେ ବନ୍ଦାଗ୍ରମଠ ପାଇଛି ଦୂରେ,
ରହିବାକୁ ଶିଖୁ ଓଡ଼ିଆ ସନ୍ତାନ
ଏକ ହୋଇ ତବ ସୁଆଶିଷରେ ।
ବଙ୍ଗଳା ମାନ୍ଦ୍ରାଜ ଲାଳସା ବାରୁଦେ
ସାଉ ଶିଖୁ ଏବେ ସଇନ ସାଜ,
ଓଡ଼ିଆ ଜାତିର ମେରୁ ଦଣ୍ଡ ଗଢ଼ୁ
ନ ପଡ଼ିବ ଯାହା ସହଜେ ଭାଜି ।
ଯାହାଙ୍କର ସେବା କରି କରି ଦେବ
ସାଙ୍ଗ କରିଥିଲ ପାର୍ଥିବ ଲୀଳା,
ସେହି ରଙ୍କ ଦୁଃଖୀ, ଦୀନ, ଗରିବଙ୍କ
ଦେଖିବାକୁ ଦେବ ମୁଖ ଝାଉଁଳା ?
ଜାତି ପିତା ତୁମେ, ସେ ଅମର ଧାମେ
ଦିଅ ଦିଅ ଦେବ ଆଶିଷ ବାଣୀ,
ଦୂରୁ ତାର ଦୁଃଖ, ଫୁଲୁ ତାର ବୁକ
ଉତ୍କଳ ମଣିହେ ଏହି ମାଗୁଣି ।

ଶ୍ରୀ ବୈକୁଣ୍ଠ ନାଥ ମି ·

—*—

Digitized by srujanika@gmail.com

**ଭୂତନାଥ**—ତମେ ନାଗବନ୍ଧୁ ହୋଇ ନାହଁ କୂପନ ସହିତଙ୍କ ଫିସ୍ ସହ ପ୍ରତିଜ୍ଞା ପତ୍ର ପଠାଅ ।

## ନାଗଙ୍କ ପ୍ରଶ୍ନ

୧—ପୃଥିବୀର ସେବ ପ୍ରଥମଜୀବର ନାମ ।
୨—ଓଡ଼ିଶାର ସ୍ୱପ୍ନକବି
୩—ଓଡ଼ିଶାର ସର୍ବ ପ୍ରଥମ ପତ୍ରିକାରନାମ
୪—କଳା ପାଇଁ କଳା ନା ଜୀବନପାଇଁ-କଳା
୫— କଳା କଣ ।
( ନାଗମାନେ ଉତ୍ତର ଦିଅନ୍ତୁ । )

ବିନୟ ୯୫୧

—*—

### ଅବସର ବିନୋଦନ ନଂ ୧୩

ପାଞ୍ଚ ଅକ୍ଷରରେ ନାମ ମୋହର,
ଧନୀ ବଣିକର ଅଟେଁ କୁଅଁର ।
ପ୍ରଥମ ଦ୍ୱିତୀୟ ତୃତୀୟ ମିଳି,
ଉକାର ଛେଦେ ମୁଁ ନାଙ୍କ ଅଳି ।
ଚତୁର୍ଥ ତୃତୀୟ ଦ୍ୱିତୀୟ ରଖ,
ଉକାର ଛେଦରେ ବାସ ମହକ ।
ତୃତୀୟ ଅକ୍ଷର ଉକାର ଛେଦେ,
ବରଜକ୍ତ ସାଧୁ ଜନେ ତା’ ଖେଦେ ।
ପ୍ରଥମ ପଞ୍ଚମ ଭୂମକୁ ଖଣ୍ଡେ,
ତୃତୀୟ ଦ୍ୱିତୀୟ ନଦୀର ତଟେ ।
ଏକ ଗୃହ ପାଞ୍ଚ ନଗର ନାମ
ଗୃହ ଏବେ ଜାନ ଜନ୍ତୁଙ୍କ ଧାମ ।
ଚତୁର୍ଥ ଦ୍ୱିତୀୟ କଲେ ସଂଯୋଗ,
ଥିବ ଯାର ତାର ମୁକ୍ତିକ ଭୋଗ ।
ଚତୁର୍ଥ ପଞ୍ଚମ ଥୋଇବ ପାଶେ,
ଯାଏ ସେହି କନ୍ୟା ପାଇବା ଆଶେ ।
ପ୍ରଥମ ପାଖରେ ଦ୍ୱିତୀୟ ସାଜ,
ତହିଁ ସେନା ଥାଏ ବ୍ୟାଧର କାର୍ଯ୍ୟ ।
ଚତୁର୍ଥର ଆଦ୍ୟପାନ୍ତେ ପଞ୍ଚମ,
ବୃକ୍ଷ କ୍ଷୀର ଯହିଁ କାହ୍ନତ କାମ ।
ପ୍ରଥମ ଅକ୍ଷର ଏକକ ଘରେ,
ସବୁଠାରୁ ଦର ଅଧିକ କରେ ।
ପ୍ରଥମ ଚତୁର୍ଥ ଅଟଇ ନୂଆ,
ଉତ୍ତର ଦେବଟି ହେନାଗ ଭୁଆ—

ଦେବେନ୍ଦ୍ର

୨୫ । ୮ ଭିତରେ ଉତ୍ତର ଆସୁ ।

୧୨ ନମ୍ବର ଅବସର ବିନୋଦର ଉତ୍ତର ‘ମୋହର’—ଠିକ ଉତ୍ତର ଦେଇଛନ୍ତି—ତ୍ରିଲୋଚନ ( ୯୧୧ ) ବୈକୁଣ୍ଠ ( ୯୧୨ ) ବଳବୀର ସିଂହ ( ୧୦୩୮ ) ଭୂତନାଥ (?) ହରେକୃଷ୍ଣ ( ୧୦୫୦ ) ବିନୟ ( ୯୫୧ ) ପଦ୍ମନାଭ (୫୯୮) ରାମଚନ୍ଦ୍ର [୫୧୨]

—*—

### ଅଜାଙ୍କ ଜବାବ

ଶାନ୍ତକୁମାର—ତମ ନମ୍ବର—୧୦୨୮
ଜମ୍ବୁଚନ୍ଦ୍ର—ତମ ନମ୍ବର— ୧୦୨୭
ତ୍ରିଲୋଚନ ( ୯୧୧ ) ଅବସର ବିନୋଦନରେ ଯେଉଁ ବନାନ୍ ଭୁଲ୍ ରହି ଅର୍ଥ ବଦଳାଉଛି ବୋଲି ତମେ ଆପତ୍ତି ଉଠାଉଛ ମୁଁ ତାହା ଜାଣି ଶୁଣି କ୍ଷମା କରୁଛି । କାରଣ ଗୋଟିଏ କଥାର ଅନ୍ୟ ଅର୍ଥ କଲାବେଳେ ଏଭଳି ବନାନ ପ୍ରମାଦ ପୁରୁଣା କବି ମାନଙ୍କ କାବ୍ୟରେ ମିଳେ । କେବଳ ଆନନ୍ଦ ପାଇବା ପାଇଁ ଅବସର ବିନୋଦନ । ନାଗମାନେ ବନାନ ଭୁଲ୍ ବୁଝି ପାରି ମଧ୍ୟ ଉତ୍ତର ଠିକ କରିବା ଉଚିତ ।

ନରସିଂହ ( ୧୦୨୦ ) ତମ ( ୪୫ ସଂଖ୍ୟାରେ ) ପ୍ରଶ୍ନର ଉତ୍ତର ତମର ରାମ ଭାଇ ( ୫୧୨ ) ନିମ୍ନ ମତେ ଦେଇଛନ୍ତି—(୧) ମହାତ୍ମାଜୀଙ୍କୁ ରାମ,କୃଷ୍ଣଙ୍କ ଭଳି ପୂଜା କରିବା ଅନୁଚିତ—କାରଣ ସେ ନିଜେ ସେକଥା କହିଚନ୍ତି । (୨) ରାମପ୍ରସାଦ ସିଂହ ଶ୍ରେଷ୍ଠ ରାଷ୍ଟ୍ରକବି (୩) କଂଗ୍ରେସର ଲକ୍ଷ୍ୟ ଥିଲା ସ୍ୱାଧୀନତା । (୪) ସ୍ୱାଧୀନତା ଅର୍ଥ ସମସ୍ତେ ମୁଠେ ଖାଇ ପିନ୍ଧି ପିନ୍ଧିବେ । (୫) କଂଗ୍ରେସକୁ ଧନୀଙ୍କର କ୍ରୀଡ଼ା ପୁତ୍ତଳ ହେବାର ଦେଖି ନାନା ଦଳ-ସୃଷ୍ଟି ହେଲେ (୬) ଅନ୍ୟ ଦଳର ଲକ୍ଷ୍ୟ ଶାନ୍ତି ଓ ସୁଖ ସ୍ଥାପନ । ( ପ୍ରଥମ ଉତ୍ତର ଛଡ଼ା ଅନ୍ୟ ଉତ୍ତର ସହିତ ମୁଁ ଆଦୌ ଏକମତ ନୁହେଁ— ) ଅଜା ।

—*—

[ ବିଲୁଆ ଦାନ୍ତର ୨ ପୃଷ୍ଠା ଉତ୍ତାରୁ । ]

ନଳାରେ ନଳା ମିଶି କହନ୍ତି ଆମେ ସ୍ୱର୍ଗସୁଖ ଭୋଗ କରୁଛୁଁ । ସେଥିପାଇଁ ବାହାରକୁ ଆସି ଭଲ ହାଓଆ ଖାଇବାଟା ତାଙ୍କ ପକ୍ଷରେ ନର୍କ ଭୋଗ ।

କୂଅର ବେଙ୍ଗ କହେ ପୃଥିବୀଟା ଗୋଲ—କୂଅଟା ଯେହେତୁ ଗୋଲ ସେହେତୁ କୂଅଟା ବି ପୃଥିବୀ । ସେ କୂଅର ରଜା ତେଣୁ ପୃଥିବୀର ରଜା ।

ମୟୂର ଭଞ୍ଜର ଶରତ ବାବୁ ସେମିତି ଜଣେ ପୃଥିବୀର ରଜା ଓ ସ୍ୱର୍ଗରେ ଇନ୍ଦ୍ର । ଓଡ଼ିଶାରେ ନମିଳିବା ଦ୍ୱାବି ସେ ଯେଉଁ ଚରିତର କମ୍ପାପରତା ଦେଖାଇଛନ୍ତି ତାହା ବାସ୍ତବିକ ଇତିହାସରେ ବିରଳ । ଆମେ ତାଙ୍କୁ ବଧାଇ ଦେଉଛୁଁ ।

\+ \+ \+

ଉତ୍କଳ ସାହିତ୍ୟ ସମାଜ ତରଫରୁ ବିଶ୍ୱବିଦ୍ୟାଳୟ ସଭ୍ୟ ବଛା ନେଇ ପ୍ରତି-ଦ୍ୱନ୍ଦିତା ଚାଲିଛି । ପକ୍ଷକରେ ସରଳା ଦେବୀ—ଆଉ ପକ୍ଷରେ ଚନ୍ଦ୍ର ଶେଖର । ପକ୍ଷରେ ଶାରଳା ସରସ୍ୱତୀ—ଅନ୍ୟ ପକ୍ଷରେ ଗଣେଶ ଗଜଦନ୍ତ । ଗଣେଶ ଶଶିଭୂଷଣ ମହାଦେବଙ୍କ ଜଗତ ଗୃହପଟେ ବୁଲି ପୃଥିବୀ ଘୁରି ଆସିଲେ ବୋଲି ଲୋକଙ୍କୁ ଶଢ଼ା କାଟିବାକୁ ବସିଛନ୍ତି । ହାତରେ ଲେଖନୀ ତାଳପତ୍ର ଧରି ବ୍ରହ୍ମାଙ୍କ ଠାରୁ ଇନ୍‌ଟେସନ ନେବା ପରିବର୍ତ୍ତେ ନିଜେ ବ୍ରହ୍ମା ହୋଇ ସେ ଯେଉଁ ବିଭ୍ରାଟ କରୁଛନ୍ତି ସେଥିରେ ଉତ୍କଳ ସାହିତ୍ୟ ସମାଜରେ ଆଗରେ କଂଗ୍ରେସ ସାହିତ୍ୟ ପାର୍ଟି, ସୋସାଲିଷ୍ଟ ସାହିତ୍ୟ ପାର୍ଟି, କମିନିଷ୍ଟ ସାହିତ୍ୟ ପାର୍ଟି, ଚନ୍ଦ୍ରିଷ୍ଟ ସାହିତ୍ୟ ପାର୍ଟି, କରିଷ୍ଟ ସାହିତ୍ୟ ପାର୍ଟି, ପାଣିଗ୍ରାହିଷ୍ଟ ସାହିତ୍ୟ ପାର୍ଟି ମାନସିଂହିଷ୍ଟ ସାହିତ୍ୟ ପାର୍ଟି, ସାରଳିଷ୍ଟ ସାହିତ୍ୟ ପାର୍ଟି ଆଦି ଦଳ ଗଢ଼ାହେଲେ ଯାଇଁ ସାହିତ୍ୟର ଉଦ୍ଧାର ହେବ ।

× × ×

Digitized by srujanika@gmail.com

ଝଙ୍କାର

ଧୂମସଂଶା 'ଝଙ୍କାର' ଆଗ୍ରହ ପାଠକ ପାଠିକା ମାନଙ୍କର ମତାମତ, ଆଲୋଚନା, ସମାଲୋଚନା, ସୂଚନା ( Suggestions ) ପ୍ରଭୃତି 'ଝଙ୍କାର'ରେ ସ୍ଥାନ ପାଇବ । ଏଠି ସେମାନେ ସଂକ୍ଷିପ୍ତ ଲେଖା ପଠାଇବେ । କୌଣସି ବିଷୟରେ ଥିବା ବକ୍ତବ୍ୟ ଓ ଠିକଣା ନ ଥିଲେ ତାହା ପ୍ରକାଶ ହେବ । ଲେଖାର ସଂକ୍ଷେପ କରିବାର କ୍ଷମତା ସଂପାଦକମଣ୍ଡଳୀଙ୍କର ରହିଲା । କୌଣସି ବ୍ୟକ୍ତିଗତ ଆକ୍ଷେପ ସମାଲୋଚନା ସ୍ଥାନ ପାଇବ ନାହିଁ । ସଂପାଦକ ପତ୍ରଲେଖକଙ୍କ ମତାମତ ପାଇଁ ଦାୟୀ ନୁହନ୍ତି ।—ସମ୍ପାଦକ ।

## ଗଡ଼ଜାତରେ ଶିକ୍ଷାର ଅବସ୍ଥା

ସଂପାଦକ ମହାଶୟ—

୧ ଜାନୁଆରୀ ଠାରୁ ଗଡ଼ଜାତ ସବୁ ଓଡ଼ିଶାରେ ମିଶିଲା । ବୃହତ୍ତର ଉତ୍କଳ ଗଠିତ ହେଲା ବୋଲି ସାରା ଓଡ଼ିଶା ଯାକ ହୁରି ପଡ଼ିଲା । ବଡ ବଡ଼ ବିଷୟ ସବୁ ଖବର କାଗଜରେ ବାହାରିଲା । ବଡ ବଡ ଆଶା ଦିଆଗଲା । କିନ୍ତୁ ୭ ମାସ ପରେ ସୁଦ୍ଧା ଆଜି ଏ ଗଡଜାତରେ କି ଉନ୍ନତି ହେଲାଣି—ଏଥିପ୍ରତି ଟିକିଏ ମନ୍ତ୍ରୀମାନଙ୍କର ନଜର ପଡ଼ୁଛି କି ?

ନୀଳଗିରି ଭଳି ଗୋଟିଏ ଗଡଜାତ ଯାହାକି ଗଡଜାତ ମିଶ୍ରଣର ଅଗୁଆ ହୋଇଥିଲା—ସେଇଠିକାର ଗୋଟିଏ ଖବର ଶୁଣିବେ କି ? ଏଠିକାର ପ୍ରତିଷ୍ଠିତ ହାଇସ୍କୁଲଟି ଆଜି ଭାଙ୍ଗିବା ଉପରେ । ମନ୍ତ୍ରୀ ଆସିଲେ, ଲାଟ ଆସିଲେ ସମସ୍ତେ ବଡ଼ ବଡ ବକ୍ତୃତା ଦେଇ ଗଲେ ହାଇସ୍କୁଲକୁ ସୁଦୃଢ କରିବାକୁ । କିନ୍ତୁ ଆଜି ୬ ଜଣ ଶିକ୍ଷକ ଅଭାବ । ହେଡ଼ମାଷ୍ଟରଙ୍କୁ ଛାଡ଼ିଦେଲେ ଗ୍ରାଜୁଏଟ ବୋଲି କେହି ନାହାନ୍ତି । ଘର ତିଆରି ହେବ ବୋଲି ୭ ମାସ ଗଲା । କିନ୍ତୁ ଆଜି ବି ଘରର ଦେଖା ଦର୍ଶନ ନାହିଁ । ବର୍ତ୍ତମାନ ଚତୁର୍ଥ ଶ୍ରେଣୀ ପ୍ରେଜେଣ୍ଟ ପଢ଼ା ବନ୍ଦ ହୋଇ ଯାଉଛି । ପଞ୍ଚମ ଶ୍ରେଣୀରେ ଘର ଅଭାବରୁ ଏଡ଼ିସନାଲ କ୍ଲାସ ବନ୍ଦ ହୋଇ ଯାଇଛି । ହେଡ଼ମାଷ୍ଟରଙ୍କୁ କହିଲେ ସେ କହୁଛନ୍ତି ଯେ ସେ ଶିକ୍ଷାମନ୍ତ୍ରୀଙ୍କୁ ଦେଇ ଦେଇ ଥକିଲେଣି । ଏପରି ଅବସ୍ଥାରେ ହାଇସ୍କୁଲ ପଢ଼ା ରହିଛି । କଂଗ୍ରେସ ସରକାରଙ୍କର ବାହୁ ଛାୟା ତଳେ ଯେ ଏମିତି ଘଟଣା ଘଟୁଛି ସେଥିପ୍ରତି ସମ୍ପୃକ୍ତଙ୍କର ବିଶେଷତଃ ମନ୍ତ୍ରୀଙ୍କର ନଜର ପଡ଼ିବ କି ? । ଇତି ।

ଶ୍ରୀ ନବକିଶୋର ଦାସ

—*—

## ସରକାରି ଚାକିରି

ମାନନୀୟ ସଂପାଦକ ମହାଶୟ—

ଆଜିକାଲି ବେକାରମାନଙ୍କୁ ଚାକିରି ଯୋଗାଇବାରେ ଯେଉଁ ସବୁ ପ୍ରଣାଳୀ ଅବଲମ୍ବନ କରାହେଉଛି ତାହା ଏକ ପ୍ରହସନ ମନେହୁଏ । କୌଣସି କୌଣସି ଅଫିସରେ ଚାକିରି ଖାଲି ହେବା ବିଜ୍ଞାପନ ଖବର କାଗଜରେ ବାହାରିବା ପୂର୍ବରୁ ପ୍ରାର୍ଥୀ ନିର୍ବାଚନ ସରିଥାଏ, କିନ୍ତୁ ଲୋକ ଦେଖାଣିଆରୁ ବିଜ୍ଞାପନ ଦେଇ ସମସ୍ତ ପ୍ରାର୍ଥୀଙ୍କୁ Interview (ସାକ୍ଷାତ) କୁ ଡକାଯାଏ । ଯେଉଁ ପାଇଁ ମେଟ୍ରିକ ବା ଅଳ୍ପ ଶ୍ରେଣୀ ପାସ୍‌ବାଲାଙ୍କୁ ନିଆ ନ ଯିବ ତାଙ୍କୁ ମଧ୍ୟ ନିର୍ବାଚନ ପାଇଁ ଡକାଯାଏ । Interview ବେଳେ "ମିଲିଟେରୀରେ Join କର" ଉପଦେଶ ଦିଆଯାଏ । କୌଣସି ବିଭାଗ ପାଇଁ ମେଡ଼ିକେଲ ସାର୍ଟିଫିକେଟ୍ ଦରଖାସ୍ତ ଫର୍ମ ଇତ୍ୟାଦି ପ୍ରାର୍ଥୀଙ୍କ ଠାରୁ ପାଇ ଅଯଥା କାହିଁକି Interviewକୁ ଡକାଯାଏ । ଦରଖାସ୍ତ ଫର୍ମ ଓ ମେଡ଼ିକାଲ ସାର୍ଟିଫିକେଟ୍‌ର ଯଦି ମୂଲ୍ୟ ନାହିଁ ତେବେ ତାହା କାହିଁକି ପ୍ରଚଳନ କରାହେଉଛି ? ଯେଉଁ ଟ୍ରେନିଂ ବା ଚାକିରି ପାଇଁ ୧୬ ଜଣ ନେବାର କଥା ସେଠିକି ୨୪୦ ଜଣ ଯାକ କର୍ତ୍ତୃପକ୍ଷଙ୍କ ଦ୍ୱାରା ଡକା ହୋଇ । ଭଲ ଯୋଗ୍ୟତା ବିଶିଷ୍ଟ ଓ ସ୍ୱାସ୍ଥ୍ୟବାନ (ଯେଉଁଠି ଯାହା ଦରକାର) ପ୍ରାର୍ଥୀଙ୍କ ମଧ୍ୟରୁ ୫୦ । ୧୦୦ ଜଣ ଡାକିଲେ କଣ ହୁଅନ୍ତା ନାହିଁ ? ମନେହୁଏ ଫର୍ମ ଓ ସାର୍ଟିଫିକେଟ୍ ନ ଦେଖି ପ୍ରାର୍ଥୀମାନଙ୍କୁ ଡାକି ଦିଆଯାଏ । ଅଧିକନ୍ତୁ ମଧ୍ୟ ଯେଉଁ ପାଇଁ I.Sc, ବା ମେଟ୍ରିକୁଲେଟଙ୍କୁ ଦରକାର ସେଠି ଗ୍ରାଜୁଏଟଙ୍କୁ କାହିଁକି ସୁବିଧା ଦିଆଯାଏ ? ଯେଉଁମାନେ ଟଙ୍କା ପଇସା ସାରି ବେକାର ହୋଇ ବସିଛନ୍ତି, ପାପର ପ୍ରାୟଶ୍ଚିତ୍ତ ସ୍ୱରୂପ ସେମାନଙ୍କୁ Interview କୁ ଡାକି ଖର୍ଚ୍ଚାନ୍ତ କରାହୁଏ ନା କଣ ? କର୍ତ୍ତୃପକ୍ଷମାନେ ଅବସ୍ଥାନୁଯାଇ ବସ୍ତୁର ବ୍ୟବସ୍ଥା କରିବେ ବୋଲି ଆଶା । । ଇତି ।

ଶ୍ରୀ ବୃନ୍ଦାବନ ଚନ୍ଦ୍ର ପଣ୍ଡା

—*—

## ଓଡ଼ିଆ ପତ୍ରିକା ଓ ପାଠକମାନଙ୍କ ପ୍ରତି

ମାନନୀୟ ଝଙ୍କାର ସଂପାଦକ ମହାଶୟ—

ବର୍ତ୍ତମାନ ଠକାମୀ ଓ ମିଥ୍ୟାବାଦର ବହୁଳ ପ୍ରଭାବ ସମାଜର ପ୍ରତ୍ୟେକ ବିଭାଗକୁ ଏପରି ଦଂଶନ କରିଛି ଯେ, ସମସ୍ତ ସମୟରେ ନିତ୍ୟନୈମିତ୍ତିକ କିମ୍ବା କାର୍ଯ୍ୟପରେ ବାଧା ଆସିଲାଣି । ସତ୍ୟ ମିଥ୍ୟା ଉଭୟର ସନ୍ଧିସ୍ଥଳରେ ରହି ଆମେ ବେଳେ ବେଳେ ଆମର ଏକାନ୍ତ ବିଶ୍ୱସ୍ତକୁ ମଧ୍ୟ ସନ୍ଦେହ କରିବାକୁ ବାଧ୍ୟ ହେଉଛୁ । ଆଜି ସେହିଭଳି ଗୋଟିଏ ସମସ୍ୟା ପ୍ରତି ପ୍ରତ୍ୟେକ ଚିନ୍ତାଶୀଳଙ୍କ ଦୃଷ୍ଟି ଆକର୍ଷଣ କରୁଛି ।

କେତେକ ସ୍ୱାର୍ଥପର ବିଜ୍ଞାପନ ଦାତା ସେମାନଙ୍କ ବିଜ୍ଞାପନରେ ସାମାନ୍ୟ ଅପକୌଶଳ କରି ସରଳ ଦେଶବାସୀ ମାନଙ୍କୁ ଠକାଇବାରେ ଲାଗିଛନ୍ତି । 'ଅଳ୍ପ ଖରଚ କରନ୍ତୁ ବହୁତ ପାଇବେ' 'ମାଗଣା ମିଳି ପାରିବ' ଇତ୍ୟାଦି ଏହିଭଳି କେତୋଟି ଆଡ଼ମ୍ବର ପୂର୍ଣ୍ଣ ବିଜ୍ଞାପନ ସେମାନଙ୍କର ଅସ୍ତ୍ର । ଅନ୍ୟ କ୍ଷେତ୍ରରେ ଦେଶାତ୍ମବୋଧ ଥିବା ସତ୍ତ୍ୱେ କେତେକ ପତ୍ରପତ୍ରିକା ଏ ଭଳି ମନଲୋଭା ବିଜ୍ଞାପନ ପାଇଁ ନିଜକୁ ସଂକୁଚିତ ନ କରି ପ୍ରଶ୍ରୟ ଦେବା ବାସ୍ତବିକ ଦୁଃଖର ବିଷୟ । ଏହାଦ୍ୱାରା ଦେଶର ନୈତିକ ଅଧଃପତନ କେତେ ହେଉଛି ତାହା ପ୍ରଣିଧାନ ଯୋଗ୍ୟ । ଓଡ଼ିଶା ବାହାରେ ଏହି ଭଣ୍ଡ ବ୍ୟବସାୟୀମାନଙ୍କୁ ପେଣ୍ଠ ନ ମିଳିବାରୁ ଶେଷରେ ସରଳ ନିରୀହ ଓଡ଼ିଆ ଠାରୁ ସେମାନେ ରକ୍ତ ଶୋଷଣ କରିବାକୁ ଲାଗିଛନ୍ତି ନିର୍ଦ୍ଦୟରେ ।

ସ୍ୱାଧୀନ ଦେଶର ପ୍ରତ୍ୟେକ ଓଡ଼ିଆ ପତ୍ର ପତ୍ରିକାଙ୍କର ଏ ଦିଗରେ ବିଶେଷ କର୍ତ୍ତବ୍ୟ ରହିଛି । ସାମାନ୍ୟ ବ୍ୟକ୍ତିଗତ ଲାଭ ଯଦି ଦେଶର ସମୁହ ନୈତିକ ଅଧଃପତନର କାରଣ ହୁଏ, ତାହା ପ୍ରଶଂସନୀୟ କି ! ଲୋକ ଭୁଲିଲା ପରି କୌଣସି ବିଜ୍ଞାପନ ପ୍ରକାଶ ପୂର୍ବରୁ ସତ୍ୟତାର ଅନୁସନ୍ଧାନ କରିବାକୁ ଏକାନ୍ତ ନିବେଦନ । ସାଧାରଣ ପାଠକ ପାଠିକା ମାନଙ୍କୁ ଅନୁରୋଧ, ସେମାନେ ଏଥିପ୍ରତି ଦୃଷ୍ଟି ଦେବେ କି ?

। ଇତି ।

ଶ୍ରୀ ନିର୍ମଳଚନ୍ଦ୍ର ସାହୁ

—*—

Digitized by srujanika@gmail.com

REG. No. 04.

# କେଶବର୍ଦ୍ଧନ କେଶ ତୈଳ



ଚିରକାଳରୁ କେଶହିଁ ରମଣୀର ଗୌରବ ଓ ମୋର କେଶର ଶୋଭା ମନୁଷ୍ୟଙ୍କୁ ଚକିତ କରେ ନାହିଁ—ଏହି କେଶ ପ୍ରତି ମୋର ଦୃଷ୍ଟି ଆକୃଷ୍ଟ କରାଯାଏ।

କେଶବର୍ଦ୍ଧନ ସମ୍ପର୍କରେ ନାନା ଉପାଦେୟ ମୂଲ୍ୟବାନ ଥିବା ହେତୁ ଏହା ଏକ କେଶ ବର୍ଦ୍ଧକ ଓ କେଶ ପରିପୋଷକ ହୋଇଅଛି।

ଏହାର ନିୟମିତ ବ୍ୟବହାରରେ କେଶ ବୃଦ୍ଧି ହୁଏ, ଏହା ମସ୍ତିଷ୍କ ଶୀତଳ ଓ ଶାନ୍ତ କରେ। କେଶ ପତନ ଓ ଚର୍ମ ରୋଗ ଦୂର କରେ।

**ଉପହାର**

ପ୍ରତି ବୋତଲ ସହ ଗୋଟିଏ ଚିରୁଣୀ ଏବଂ ଫିତା ବିନା ମୂଲ୍ୟରେ ଦିଆଯାଏ।

ପ୍ରସ୍ତୁତକାରକ

**INDIAN OVERSEAS AROMA TRADERS,**
**Fragrantto House, Khetwadi Main Road,**
**BOMBAY—4**

Agent— K. M. Zakaria Esq, Pension Lane, Buxi Bazar
CUTTACK.

---

ସ୍ତ୍ରୀ ରୋଗ ପାଇଁ

# ଋତୁମ୍ବରୀ ରେଚନୀ

ପରୀକ୍ଷା କରନ୍ତୁ

ଯେ କୌଣସି କାରଣରୁ ବନ୍ଦ ହୋଇଥିଲେ ସେବନ କରିବାର ୨୪ ଘଣ୍ଟା ମଧ୍ୟରେ ନିଶ୍ଚୟ ପ୍ରାକୃତିକ ସ୍ରାବ ହେବ। ଔଷଧର କିଛି ଅପକାରୀ ପ୍ରଭାବ ନାହିଁ। ମୂଲ୍ୟ ୨୮। ଡାକ ଖର୍ଚ୍ଚ—୧୦୫

**ଦେହ ଏବଂ ମନର ପ୍ରସିଦ୍ଧ ପୁଷ୍ଟି କାରକ**

## ମଦନ-ବିଳାସ ରସାୟନ

ମାତ୍ର ୭ ଦିନ ଏହି ଅଦ୍ଭୁତ ଔଷଧ ବ୍ୟବହାର କଲେ ଆଶ୍ଚର୍ଯ୍ୟ ଜନକ ଫଳ ପ୍ରଦାନ କରେ। ସମସ୍ତ ପ୍ରକାର ସ୍ନାୟବିକ ଦୁର୍ବଳତା, ଆଳସ୍ୟ, କ୍ଷୁଧାହୀନ, ଅନିଦ୍ରା ଏବଂ ଅନ୍ୟାନ୍ୟ ବିକାରି ବିଦୂରିତ ହୁଏ। ଦାମ୍ପତ୍ୟ ଜୀବନ ପକ୍ଷରେ ଏହା ଅମୂଲ୍ୟ ବର ସଦୃଶ। ମୂଲ୍ୟ—୧୨୫—ଡାକଖର୍ଚ୍ଚ—୧୦୫ ଅତିରିକ୍ତ।

ପ୍ରତ୍ୟେକ ଔଷଧ ଗ୍ୟାରେଣ୍ଟି ଯୁକ୍ତ ହୋଇ ପଠାଯାଏ।

M. KAVYATIRTH G
)
70, Cornwallis St., Calcutta.

---

ହାଉଡ଼ା କୁଷ୍ଠ କୁଟୀର

# କୁଷ୍ଠ ଧବଳ

ଗାତ୍ରରେ ନାନା ବର୍ଣ୍ଣର ଦାଗ ଫୁଲା, ଅଙ୍ଗ ବିକୃତି, ଏକଜିମା, ସୋରିଆସିସ୍ ଦୂଷିତ କ୍ଷତ ଓ ଅନ୍ୟାନ୍ୟ ଚର୍ମରୋଗର ଅତ୍ୟନ୍ତ ଶୀଘ୍ର ଆରୋଗ୍ୟ ପାଇଁ ପ୍ରତିଷ୍ଠାନ। ଶରୀରରେ ଯେ କୌଣସି ସ୍ଥାନର ଧଳା ଦାଗ ପାଇଁ ଅତ୍ୟାଶ୍ଚର୍ଯ୍ୟ ସେବନୀୟ ଓ ଲଗାଇବା ଔଷଧ ବ୍ୟବହାର କଲେ ଅଳ୍ପଦିନ ମଧ୍ୟରେ ଚର୍ମର ରଙ୍ଗ ସ୍ୱାଭାବିକ ହୁଏ।

ରୋଗ ଲକ୍ଷଣ ଲେଖି ବିନା ମୂଲ୍ୟରେ ବ୍ୟବସ୍ଥା ଓ ପୁସ୍ତକ ନିଅନ୍ତୁ।

**ପ୍ରତିଷ୍ଠାତା—ପଣ୍ଡିତ ରାମପ୍ରାଣ ଶର୍ମା କବିରାଜ**
H. K. K.)

୧୦ ମାଧବ ଘୋଷ ଲେନ୍, ଖୁରୁଟ—ହାଓଡ଼ା
ଶାଖା—୩୭ ନଂ ହ୍ୟାରିସନ ରୋଡ଼, କଲିକତା

---

## ଜାଣି ରଖନ୍ତୁ

ଦୀର୍ଘକାଳ ସ୍ଥାୟୀ ପୁରାତନ ଶୂଳରୋଗ ସହ (Gastric ulcer) 'ପାକାଶୟ-କ୍ଷତ' ବହୁ ବଡ଼ ବଡ଼ ଏଲୋପାଥିକ ଚିକିତ୍ସକଙ୍କ ଦ୍ୱାରା ଦୀର୍ଘକାଳ ଚିକିତ୍ସିତ ହୋଇ ଶେଷରେ ନାସ୍ତିବାଣୀ ଶୁଣାଇ ଦେଲେ। ଅମ୍ଳ, ବମନ, ଅଗ୍ନିମାନ୍ଦ୍ୟ ମୋତେ ଅସ୍ଥିକଙ୍କାଳ ସାର କରି ପକାଇଥିଲା।

ଶେଷରେ ପୁରୀର ସିଦ୍ଧହସ୍ତ ଡାକ୍ତର, ବି: ଦାସ ହୋମିଓପାଥ, ସିଦ୍ଧହସ୍ତ, ମଣିଅପ୍ତି, ମୋତେ ଅଳ୍ପଦିନ ଚିକିତ୍ସାରେ ସମ୍ପୂର୍ଣ୍ଣ ରୋଗମୁକ୍ତ କରିଦେଇଛନ୍ତି। ମୋର ଆଶା, ଓଡ଼ିଶାର ସେ ଭବିଷ୍ୟତରେ ମୋପରି କେତେ ଲୋକଙ୍କର ମଙ୍ଗଳ କରି ପାରିବେ।

ଆର, ଖଡ଼ଙ୍ଗୀ
ଓଭରସିଅର
ଡ: ଖୋର୍ଦ୍ଧା, ଖୋର୍ଦ୍ଧା

Printed &published by G C. Mohapatra at the Gopinath Press, Bhadrak 1948.

Digitized by srujanika@gmail.com